# ବାଳକୃଷ୍ଣ
# ଗ୍ରନ୍ଥାବଳୀ

# ବାଳକୃଷ୍ଣ ଗ୍ରନ୍ଥାବଳୀ

ଶ୍ରୀ ବାଳକୃଷ୍ଣ ମହାନ୍ତି

ପ୍ରଥମ ଖଣ୍ଡ

ଗାନ୍ଧୀ ଷ୍ଟୁଡେଣ୍ଟସ୍ ଷ୍ଟୋର୍

[illegible]
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ-୨

[illegible]
[illegible]

[illegible]

[illegible]

[illegible]

BALAKRUSHNA GRANTHABALI

Works of
Balakrusna Mohaty

First Edition
1971

Publisher
*Sri Anant Misra*
*Cuttack Students' Store*
Balubazar ; Cuttack-2

PRICE
Bound-Rs. 35·00
Unbound-Rs. 25·00



ସ୍ୱର୍ଗତ ନାଟ୍ୟକାର ବାଳକୃଷ୍ଣ ମହାନ୍ତି

ଜନ୍ମ—୧୯୦୦ ମସିହା

ମୃତ୍ୟୁ—ମାର୍ଚ୍ଚ ୩୦, ୧୯୬୮

# ବାଳକୃଷ୍ଣ ରଚନା

ପଲାଶୋଳ—କଟକ ଜିଲ୍ଲାର ଜଗତସିଂହପୁର ସବ୍‌ଡିଭିଜନଠାରୁ ଉତ୍ତରକୁ ଛଅମାଇଲ ବାହାରେ ଏ ଗୋଟିଏ ଛୋଟ ଗାଆଁ । ମହେଶ୍ୱର ମହାନ୍ତି ଓ ଦିବାକର ମହାନ୍ତି ନାମରେ ଦୁଇଭାଇଙ୍କ ଘର ଏହି ପଲାଶୋଳ ଗାଆଁରେ । ଅବସ୍ଥା ସେତେ ଭଲ ନୁହେଁ ଏହି ପରିବାରର । ବଡ଼ଭାଇ ମହେଶ୍ୱର ଗାଆଁରେ ଗୋଟିଏ ଚାଟଶାଳୀର ଅବଧାନ, ଆଉ ଦିବାକର ଅମୀନ । ରୋଜଗାର ସେତେ ବେଶି ନୁହେଁ, ଏଇଥିରେ ଆପଣା ଛୋଟ ସଂସାରର ଗୁଜରାଣ ମେଣ୍ଟାଇ ସୁଖେ ଦୁଃଖେ ଦିନ ଗମାଇ ନିଅନ୍ତି ।

୧୯୦୦ ମସିହା ମାଘ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ ଦିବାକରଙ୍କର ସାତମାସିଆ ପୁଅଟିଏ ଜନ୍ମ ହେଲା । ପିଲାଟିର ମାଆଙ୍କ ନାମ ଲାବଣ୍ୟବତୀ । ସାତ ମାସର ହେଲେ ମଧ୍ୟ ଶିଶୁଟି ନିତାନ୍ତ ଦୁର୍ବଳ ହୋଇ ନ ଥିଲା । ବେଶ୍ ଗୁଲୁଗୁଲିଆ ହସ ହସ ମୁହଁ ତା'ର । ବାପ, ବଡ଼ବାପ, ସାଇ ପଡ଼ୋଶୀ ସଭିଏଁ ଭାରି ଖୁସି ହେଲେ । ଜ୍ୟୋତିଷ ଜାତକ ଗଣି ପୋଷ୍ଟି ନାଆଁ ରଖିଲେ ଦୋଳଗୋବିନ୍ଦ । ବାପ ମା' ଡାକିବାର ନାଆଁ ଦେଲେ ବାଳକୃଷ୍ଣ ।

ଦିନ ଗଡ଼ି ଚାଲିଲା, ବାଳକୃଷ୍ଣଙ୍କର ବୟସ ହେଲା ପାଞ୍ଚ ବର୍ଷ । ଗାଆଁ ଅବଧାନ ବାଞ୍ଛାନିଧି ନାୟକ ତାଙ୍କୁ ଖଡ଼ି ଛୁଆଁଇଲେ । ଚାଟଶାଳୀ ପଢ଼ା ପରେ ଜଗତସିଂହପୁର ମାଇନର ସ୍କୁଲରେ କିଛିଦିନ ପଢ଼ିଲେ ସେ । ବାଳକୃଷ୍ଣଙ୍କ ଜନ୍ମ ପରେ ତାଙ୍କ ପିତାଙ୍କର ଉନ୍ନତି ହେଲା । ସେ ବାଳକୃଷ୍ଣଙ୍କ ଜନ୍ମବେଳକୁ ହୁଗୁଳି ଜିଲ୍ଲା ନିବାସୀ ଜମିଦାର ରମେଶଚନ୍ଦ୍ର ମଣ୍ଡଳଙ୍କର ଅମୀନ ଥିଲେ । ବାଲେଶ୍ୱର ଜିଲ୍ଲା ବାସୁଦେବପୁର ଇଲାକାଟି ଥିଲା ମଣ୍ଡଳଙ୍କ ଜମିଦାରୀ । ଦିବାକରଙ୍କ କାର୍ଯ୍ୟରେ ଖୁସି ହୋଇ ମଣ୍ଡଳ ତାଙ୍କୁ ଏହି ଇଲାକାର ତହସିଲଦାରରୂପେ ମୁକରର କଲେ । ତହସିଲଦାର ଦିବାକର ପୁଅକୁ ବାସୁଦେବପୁରରେ ପଢ଼ାଇବାକୁ ନେଲେ ।

ବାଳକୃଷ୍ଣ ବାସୁଦେବପୁର ମାଇନର ସ୍କୁଲରେ ପଢ଼ିଲେ । ନିକଟରେ ଇରମର ବିଖ୍ୟାତ ଜମିଦାର ପାତ୍ରଙ୍କର ଉଆସ । ପାତ୍ର ଜଣେ 'ନାଟ୍ୟ ରସିକ' । ସେ ବଙ୍ଗଳାରୁ ଯାତ୍ରାଦଳ ଆଣାଇ ଉଆସରେ ଯାତ୍ରା କରନ୍ତି । ଯାତ୍ରା ରାତିତକ ବାଳକୃଷ୍ଣଙ୍କ ଆଖିକି ଆଉ ନିଦ ନ ଥାଏ । ସେ ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବସି ଯାତ୍ରା ଦେଖନ୍ତି । ରାତି ଅନିଦ୍ରା ହେବାଦ୍ୱାରା ଦିନରେ ଢୁଳ ଲାଗେ । କ୍ଲାସରେ ମଧ୍ୟ ଢୁଳାନ୍ତି । ଶିକ୍ଷକ ବାଞ୍ଛାନିଧି ମହାନ୍ତିଙ୍କ ତାଡ଼ନାରେ, ସେ ପଢ଼ାରେ ହେଳା କରୁନାହାନ୍ତି ବୋଲି କହନ୍ତି । ବାଳକୃଷ୍ଣଙ୍କର ଲୀଳା ସୁଆଙ୍ଗ ପ୍ରତି ଆକର୍ଷଣ ଏହିଠାରୁ ବଢ଼େ । ସେ ବାସୁଦେବପୁର ସ୍କୁଲରୁ ମାଇନର ପାଶ୍ କଲେ ।

ଦୁର୍ଗାପୂଜା ସମୟରେ ଦିବାକର ମହାନ୍ତି ପୁଅକୁ ସାଥିରେ ନେଇ ଗାଆଁକୁ ଆସନ୍ତି । ପୂଜାବେଳେ ଗାଆଁରେ ସୁଆଙ୍ଗ ହୁଏ । ଏ କଳା ସୁଆଙ୍ଗର ରୀତି ସେତେବେଳେ ବଡ଼ ନିକୃଷ୍ଟ ଧରଣର ଥିଲା । ନା ଭାଷା, ନା ସ୍ୱର, ନା ବେଶ ପୋଷାକ, ନା ଅଭିନୟ—କେଉଁ ଦିଗରୁ ହେଲେ ସେ ଯୁଗର ନିକୃଷ୍ଟତା କହି ହୋଇଯାଏ ନାହିଁ । ଗାଆଁରେ ଦିନେ କଂସ ବଧ ସୁଆଙ୍ଗ ହେଉଥିବାବେଳେ ଦୂତ ଆସି ରାଜା କଂସାସୁରକୁ ନାରଦଙ୍କ ଆସିବା ସମ୍ବାଦ ଦେଇ ଗାଇଲା—

ଏହି ତ ଜଟିଆ ବୁଢ଼ା, ହାତେ କରେ ଖଡ଼ା
କାଲି ସଞ୍ଜବେଳେ- ବସି ହିଡ଼ ମୂଳେ
ତାଡ଼ୁଣ ଥିଲା କଙ୍କଡ଼ା ………ଇତ୍ୟାଦି ।
—ଏଇ ହେଲା ଗୋଟିଏ ନମୁନା ।

—ବଡ଼ ବାଧିଲା ବାଳକୃଷ୍ଣଙ୍କୁ ଏ ଗୀତ—ଏ ରସ ପରଷା—ଏ ଢଙ୍ଗ ରଙ୍ଗ । ସେ ତାଙ୍କ ଦେଖିଥିବା ବଙ୍ଗଳା ଯାତ୍ରା ସହିତ ଏହାକୁ ତୁଳନା କରି ଖାଲି ବିକଳ ହୋଇ ପଡ଼ିଲେ ।

ଏହାପରେ ବାଳକୃଷ୍ଣ କଟକ ଯାଇ ଏକାଡେମୀ ସ୍କୁଲରେ ପାଠ ପଢ଼ିଲେ । ୧୯୧୭ ରେ ତାଙ୍କର ବାହାଘର ହେଲା ମାତ୍ର ପନ୍ଦର ବର୍ଷ ବୟସରେ, ପତ୍ନୀ ନିଶାମଣିଙ୍କର ବୟସ ସେତେବେଳକୁ ବାର ବର୍ଷ ।

ବାଳକୃଷ୍ଣ ସେତେବେଳକୁ ନବମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥାଆନ୍ତି । ମାଆ ଲାବଣ୍ୟ ମହାନ୍ତି ପୁଅକୁ କଟକ ପଠାଇବାର ଯୋଗାଡ଼ କରି, ତାଙ୍କର ଚଳଣୀ ଜିନିଷ ପତ୍ର ଭାରରେ ପଠାଇଲେ । ପୁଅକୁ କିଛି ଟଙ୍କା ଦେଲେ, ଭାରୁଆ କଟକ ଗଲା ନେଇ, ବାଳକୃଷ୍ଣ କିନ୍ତୁ କଟକ ନ ଯାଇ ଜଗତସିଂହପୁର ତରତଙ୍ଗ ଗାଆଁକୁ ଚାଲିଲେ ସଙ୍ଗୀତରେ ମାତିବାକୁ । ଭାରୁଆ କଟକରୁ ଭାର ଫେରାଇ ବାହୁଡ଼ିଲା । ବାଳକୃଷ୍ଣଙ୍କର ପାଠରେ ଏଇଠୁ ଡୋର ବନ୍ଧା ହେଲା । ସେ ସୁଜଙ୍ଗ ଗ୍ରାମର ମହାଶ୍ରୀ ବାସୁଦେବ ମହାପାତ୍ର, ଦୁର୍ଗାଚରଣ ସାହୁ ଓ ନୃସିଂହଚରଣ ଦାସ ପ୍ରଭୃତିଙ୍କ ସହିତ ମିଶି ସେଠାରେ ଥିଏଟରରେ ଅଂଶ ଗ୍ରହଣ କଲେ ।

କିଛିଦିନ ପରେ ସେଠାରୁ ଆସି ବାପ ପୁଅଙ୍କର ଘରେ ଭେଟ ହେଲା । ପାଠ ନ ପଢ଼ିବାରୁ ବାପା ପୁଅଙ୍କ ପ୍ରତି ସନ୍ତୁଷ୍ଟ ନଥାନ୍ତି । ବାପାଙ୍କ ସହିତ କେତେକ ଆଲୋଚନା ପରେ ପାଞ୍ଚଶହ ଟଙ୍କା ଧରି ହଜାରିବାଗରେ ଶ୍ରୀ ବାସୁଦେବ ମହାନ୍ତିଙ୍କ ସହିତ ମିଶି ଗୋଟିଏ ତେଜରାତି ବା ଭୁଷା ଦୋକାନ ଦେଲେ ବାଳକୃଷ୍ଣ । ମାତ୍ର ବ୍ୟବସାୟରେ ଅପାରଗ କବି କ୍ଷତି ସହି ନିଜ ଗ୍ରାମକୁ ଲେଉଟି ଆସିଲେ ।

ଗ୍ରାମରେ ସେତେବେଳେ ଗୋଟିଏ କୀର୍ତ୍ତନ ଆଖଡ଼ା ଦଳ ଥାଏ । ବାଳକୃଷ୍ଣ ଏହି ଦଳରେ ବାଏକ ( ବାଦକ ) ରୂପେ ଯୋଗଦେଲେ । ପଳାଶୋଳ ମଠରେ ସେ ବେଳର ଅଧିକାରୀ କୃତ୍ତିବାସ ଦାସଙ୍କ ସହିତ ତାଙ୍କର ମତାନ୍ତର ଘଟିଲା । ତହୁଁ ବାଳକୃଷ୍ଣ ଜିଦ୍ ଧରି, ପୁରୀ ଯାଇ ରାଧାକାନ୍ତ ମଠ ମହନ୍ତଙ୍କଠାରୁ କୀର୍ତ୍ତନ ଖଣତା ଓ ପତାକା ଆଣିଲେ ; କିନ୍ତୁ ବୃନ୍ଦାବନୀ ମାତାଙ୍କ ସହିତ କୀର୍ତ୍ତନ କରୁଥିବାବେଳେ ଖୋଳଟି ଭାଙ୍ଗିଯିବାରୁ ଘରକୁ ବାହୁଡ଼ି ଆସିଲେ ।

ଦୁର୍ଗାପୂଜାକୁ ପଳାଶୋଳ ଗ୍ରାମରେ ଯାତ୍ରା ହୁଏ । ଏଥିପାଇଁ ବାହାରୁ ଲୀଳାସୁଆଙ୍ଗ ଦଳ ଅଣାଯିବା ପରେ ନାନା ଅସୁବିଧା ଦେଖିଲେ ବାଳକୃଷ୍ଣ । ତହୁଁ ଏହି ବର୍ଷ—ସନ ୧୯୨୦ କୁମାର ପୂର୍ଣ୍ଣିମୀ ଦିନ ଭୋକ ଉପାସରେ ରହି ମଧ୍ୟ ଗୋଟିଏ ସ୍ୱତନ୍ତ୍ରଦଳ ଗଢ଼ି ବସିଲେ ସେ । ପ୍ରଥମ ଦଳରେ ଶିକ୍ଷାର୍ଥୀରୂପେ ଯୋଗ ଦେଲେ ଶ୍ରୀ ପ୍ରାଣକୃଷ୍ଣ ସ୍ୱାଇଁ ପ୍ରମୁଖ କେତେଜଣ ବାଳକ । ୧୯୨୧ ମସିହାରେ ଫଳସୁଧା ମୌଜାରେ ଏହିଦଳ ଗଢ଼ା ହେଲା । ନାମ ରଖାଗଲା "ଜୟଦୁର୍ଗା ନାଟ୍ୟ ମଣ୍ଡଳୀ" । ପଳାଶୋଳ ମଠରୁ ଘନ-ଗର୍ଜନ ନାମକ ଏକ ବାଦ୍ୟଯନ୍ତ୍ର ଏବଂ ଶ୍ରୀ ବ୍ରଜସୁନ୍ଦର ମହାନ୍ତିଙ୍କଠାରୁ ଖଣ୍ଡିଏ ବେହେଲା ପାଇ ବାଳକୃଷ୍ଣ ଏହି ଦଳ ଗଢ଼ିଲେ । କହିବାକୁ ହେବ ଯେ, ସାଇ ଯାହାରୁ ଏ ସଙ୍ଗଠନ ଅନୁକୂଳ ହେଲା ।

ପାଠ ପଢ଼ିଲାବେଳେ 'ବିଜୟ ବସନ୍ତ' ନାମକ ଖଣ୍ଡିଏ ଲୀଳା ସେ ଲେଖିଥିଲେ । ଅଧା ଭଳ ପାଆ ହୋଇଥିବା ରଚନାଟିକୁ ବିରକ୍ତ ହୋଇ ତାଙ୍କର ଦାଦା ବାସୁଦେବ ମହାନ୍ତି ଚିରିଚୁରି ନଷ୍ଟକରି ଦେଇଥିଲେ । କବି ତାଙ୍କ ଲୀଳାଦଳ ଆରମ୍ଭ କରି ପୁଣି ସେହି ଦରପାସୋରା 'ବିଜୟ-ବସନ୍ତ' ରଚନାକୁ ପୂରଣ କଲେ ଏବଂ ଏଇଟି ହେଲା ତାଙ୍କ ନବଗଠିତ ଦଳର ପ୍ରଥମ ଗୀତାଭିନୟ ।

ଏହାପରେ 'ମୋହନ ସୁନ୍ଦର' ଓ 'ଅମର ବିଳାସ' ପ୍ରଭୃତି ଗୀତାଭିନୟମାନ ବହୁ ଦୁଃଖ କଷ୍ଟ ସହି ଲେଖି ଦଳର ପିଲାମାନଙ୍କୁ ଶିକ୍ଷା ଦେଇଥିଲେ ସେ ।

କବି ଜାତିରେ କରଣ । ଦଳଗଡ଼ି ଲୀଳା ସୁଆଙ୍ଗ ବା ଗୀତାଭିନୟ ଦେଖାଇବା କୁଳର ମାନସମ୍ଭ୍ରମ ଦୃଷ୍ଟିରୁ ଅଶୋଭନୀୟ ବୋଲି ଲୋକେ ତାଙ୍କୁ ଘୃଣା ଦୃଷ୍ଟିରେ ଦେଖିଲେ । କବି କିନ୍ତୁ ଏଥିପ୍ରତି ଭ୍ରୂକ୍ଷେପ ନ କରି ନିଜ ବାଟରେ ଚାଲିଲେ । ପ୍ରଥମେ ପ୍ରଥମେ କେତେକ ସ୍ଥଳରେ କବିଙ୍କ ଗୀତାଭିନୟକୁ ଲୋକେ ପସନ୍ଦ କଲେନାହିଁ । ପରେ ସେ ଖ୍ୟାତି ଅର୍ଜନ କରିଥିଲେ । ସେତେବେଳେ ଦଳଲାଗି ପୋଷାକପତ୍ର ତିଆରି କରିବାର ଅବସ୍ଥା ନ ଥିଲା ତାଙ୍କର । ଏପରି କି ଗଇଁଠା ପାଉଁଶକୁ ପାଉଡରର ରୂପେ ବ୍ୟବହାର କରାଇଥିଲେ । କଟକ ଯାଇ ନୀଳମଣି ମହାନ୍ତିଙ୍କ ବସାରେ ରହି ସାଧାରଣ କନା ଓ ଜରି କିଣି ହାତେ ହାତେ କିଛି ପୋଷାକ ତିଆରି କଲେ । ତାଙ୍କର ଖ୍ୟାତି ଦେଖି କ୍ରମେ ଲୋକଙ୍କ ମନରୁ ତାଙ୍କ ପ୍ରତି ଘୃଣାଭାବ ଊଣା ହୋଇଆସିଲା । କବି ଲେଖିଲେ, 'ସୁଶୀଳ ମାଳତୀ', 'ବାଣା ପରାଜୟ' ପ୍ରଭୃତି ଗୀତାଭିନୟ । କ୍ରମେ ଏଗୁଡ଼ିକ ଲୋକ-ମନୋରଞ୍ଜକ ହେଲା ଏବଂ ବିଭିନ୍ନ ସ୍ଥାନରେ ଗୀତାଭିନୟ ଦେଖାଇ କବି ଟିକିଏ ପ୍ରଶଂସା ଅର୍ଜନକଲେ ।

୧୯୨୩ ମସିହାରେ କବି ଲେଖିଲେ 'ଅମର ବିଳାସ' । ଏଇ ଲେଖା ଏବଂ ଶିକ୍ଷା ଚାଲିଥିବାବେଳେ ହଠାତ୍ କବିଙ୍କର ରଚନାରେ ବାଧା ପଡ଼ିଗଲା । ବହିଟି ପୂରଣ କରିବାକୁ ପଦ ଫୁଟିଲା ନାହିଁ । ଠିକ୍ ଏତିକିବେଳେ କବିଙ୍କର ବଡ଼ପୁଅ 'ଅମର' ପିତାମାତାଙ୍କୁ ଶୋକସାଗରରେ ଭସାଇ ଇହଧାମରୁ ଚାଲିଗଲା । ଭାଙ୍ଗିପଡ଼ିଲେ ବାଳକୃଷ୍ଣ ଏ ଆଘାତରେ; କିନ୍ତୁ କିଛିଦିନ ପରେ ଏ ଦୁଃଖ ସତେ ଯେପରି ତାଙ୍କର ଦେହ ସହିଗଲା । ସେ ପୁଣି ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଲେ । 'ଅମର ବିଳାସ' ଲେଖା ପୂର୍ଣ୍ଣକଲେ । ଏଇ ଅମର ବିଳାସ ଗୀତିନାଟ୍ୟଟି ତାଙ୍କ ଜୀବନର ଆଲୋକକୁ ଟେକିଦେଲା । ଏତିକିବେଳେ ସେ କେତେଖଣ୍ଡ ବାଦ୍ୟଯନ୍ତ୍ର ଆଣିପାରିଲେ । ଦଳର ଖ୍ୟାତି ବଢ଼ିଲା ।

କଟକ ଯିବାକୁ ମନସ୍ଥ କଲେ କବି । ଚନ୍ଦନଯାତ୍ରା ସମୟରେ କଟକ ମ୍ୟୁନିସିପାଲ୍ଟି ନିକଟରେ ଅଭିନୟ ପ୍ରଦର୍ଶନର ସୁଯୋଗ ପାଇଲେ । ଏଥି ପୂର୍ବରୁ ସେ କାଠଗଡ଼ା ସାହିରେ ଅଭିନୟ ଦେଖାଇ ଲୋକମୁଖରୁ ପ୍ରଶଂସା ଅର୍ଜନ କରିଥାଆନ୍ତି । ଏହାରି ଫଳରେ ସେ ଚନ୍ଦନ ଯାତ୍ରାରେ ଅଭିନୟ ଦେଖାଇବାକୁ ଡାକରା ପାଇଲେ । ଏତିକିବେଳେ ଦରଘାବଜାରର ସ୍ୱର୍ଗୀୟ ମହେନ୍ଦ୍ରଲାଲ ମିଶ୍ର ତାଙ୍କୁ ଭେଟି ତାଙ୍କ ଲେଖାଗୁଡ଼ିକ ବ୍ରଜେନ୍ଦ୍ର ପ୍ରେସ୍‌ରେ ଛପାଇବା ପ୍ରସ୍ତାବ ଦେଲେ । କଥା ହେଲା – ଛପାଖର୍ଚ୍ଚ ବାଦ୍‌ଦେଇ ବାକି ବହିର ବିକ୍ରୟ ଲବ୍ଧ ଧନକୁ ଦୁହେଁ ଅଧା ଅଧା ବାଣ୍ଟିନେବେ ।

ମ୍ୟୁନିସିପାଲ୍ଟିରେ ଲୀଳା ପ୍ରଦର୍ଶନ କରୁଥିବାବେଳେ ହଠାତ୍ ଜଣେ କବି ବୈଷ୍ଣବପାଣି ଅପରିଚିତାବସ୍ଥାରେ ତାଙ୍କୁ ଭେଟି ବହିତକ ଅରୁଣୋଦୟ ପ୍ରେସ୍‌ରେ ଛପାଇବା ପ୍ରସ୍ତାବ ଦେଲେ । ବାଳକୃଷ୍ଣ ଏଥି ପୂର୍ବରୁ ମହେନ୍ଦ୍ର ମିଶ୍ରଙ୍କ ସହିତ କଥା ହୋଇ ସାରିଥିବାର କହିଲେ । କବି ପାଣି କିଛି ନ କହି ଫେରିଗଲେ । ପରେ ପରେ ପାଣି କବିଙ୍କର 'ନାଟୁଆ ମହାନ୍ତ' ଛପାହେଲା । ମହେନ୍ଦ୍ର ମିଶ୍ରେ ଏ ବହିଟି ନେଇ ପଳାଶୋଳରେ ବାଳକୃଷ୍ଣଙ୍କୁ ଦେଖାଇବାରୁ ସେ ସଙ୍ଗେ ସଙ୍ଗେ 'ପାଣି ଧୋବଣୀ' ପ୍ରହସନ ଲେଖି ଅଭିନୀତ କରାଇଲେ । ଏହିପରି ଭାବରେ ଦୁଇ ଗୀତାଭିନୟକାରଙ୍କର ପ୍ରଥମ ବିବାଦ ଘଟେ । ପରେ ଅବଶ୍ୟ ଦୁହେଁ ମିଶି ଯାଇଥିଲେ । ୧୯୨୫ ରୁ ୧୯୩୦ ମସିହା ମଧ୍ୟରେ କବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଦଳର ଅଭିନୟ ପ୍ରଦର୍ଶନଦ୍ୱାରା ବହୁ ସମ୍ମାନ ଲାଭ କରିଥିଲେ । ଏହି ସମୟରେ କବି ମହାନ୍ତିଙ୍କର ଗୋଟିଏ ଅତ୍ୟନ୍ତ ଲୋକପ୍ରିୟ ଗୀତ ହେଲା—

"ରଜ ସଜ ବାଜ ମଉଜକୁ (ଆଜ)—
ଝିପି ଝିପି ବର୍ଷା ପାରି ଦେଲାରେ ।"

ବହୁ ଜନ କଣ୍ଠରୁ ଏ ଗୀତଟି ଏବେ ସୁଦ୍ଧା ଶୁଣାଯାଏ । ଗୀତଟିକୁ କବି ରଜ ସମୟରେ ବାଗସାହି ( କଟକ ଜିଲ୍ଲା ) ରେ ଗୀତାଭିନୟବେଳେ ହଠାତ୍ ବର୍ଷା ପ୍ରତିବନ୍ଧକ ହେବାରୁ ଲେଖିଥିଲେ ।

ଏଇ ବର୍ଷମାନଙ୍କ ଭିତରେ କବି ମହାନ୍ତି ଗୁଡ଼ିଏ ଗୀତାଭିନୟ ଲେଖିଥିଲେ । ଏଥି ମଧ୍ୟରୁ 'କେଦାରଗୌରୀ' ଲେଖିବାବେଳେ କବି ଭୁବନେଶ୍ୱର କେଦାରଗୌରୀ କୁଣ୍ଡ ନିକଟରେ ତିନିଦିନ ଯାବତ ଅଖିଆ ଅପିଆ ରହି ବହିଟି ସାରି ଦଳର ଛାତ୍ରମାନଙ୍କୁ ଶିଖାଇଥିଲେ ।

କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଚନ୍ଦ୍ରଧରପୁର, ଝାରସୁଗୁଡ଼ା, ଷଡ଼େଇକଳା ଇତ୍ୟାଦି ଇତ୍ୟାଦି ବହୁ ଖ୍ୟାତ ଅଖ୍ୟାତ ପୁରପଲ୍ଲୀରେ ବିଶେଷ ସମାଦର ଲାଭକରି କବି ୧୯୩୨ ମସିହାବେଳକୁ ବଙ୍ଗଦେଶକୁ ବାହାରିଲେ ।

କଲିକତାରେ ତାଙ୍କ ଲୀଳା ପ୍ରଦର୍ଶନର ସମ୍ମାନ, ସମାଜର ସୀମା ଲଙ୍ଘି ଗଲା । କଲିକତାବାସୀଙ୍କର ଓଡ଼ିଆ ଲୀଳାଦଳ ପ୍ରତି ପୂର୍ବରୁ ଥିବା ଭିନ୍ନ ତାଚ୍ଛଲ୍ୟ ଭାବ ଏକାବେଳେ ପରିବର୍ତ୍ତିତ ହୋଇଗଲା । କଲିକତାରେ ଶ୍ରୀ ଜୟଦୁର୍ଗା ନାଟ୍ୟ ମଣ୍ଡଳୀ, ମାଳାଚନ୍ଦନ, କେଦାରଗୌରୀ, ଗୁପ୍ତମନ୍ତ୍ର ଓ ହରିଶ୍ଚନ୍ଦ୍ର ଇତ୍ୟାଦି ଗୀତାଭିନୟ ଦେଖି ଲୋକେ ଏପରି ମନ୍ତ୍ରମୁଗ୍ଧ ହୋଇଗଲେ ଯେ, ଦଳ ଦଳ ହୋଇ କବିଙ୍କୁ ଦର୍ଶନ କରିବାକୁ ଭିଡ଼ ବାନ୍ଧିଲେ । ସେ ଏହି ସମୟରେ ଦଳର ପିଲାମାନଙ୍କୁ ବଙ୍ଗଳା ନାଟକମାନ ଦେଖାଇବାକୁ ନେଇ ଯାଇଥିଲେ ଏବଂ ଅଭିନୟର ବିଶେଷତ୍ୱ ଶିକ୍ଷା ଦେଉଥିଲେ । ହୁଗୁଳି ଜିଲ୍ଲାସ୍ଥ ଚୁଞ୍ଚୁଡ଼ାର ତଦାନୀନ୍ତନ ଜମିଦାର ଶ୍ରୀ ରମେଶଚନ୍ଦ୍ର ମଣ୍ଡଳ କବିଙ୍କ ଦଳର ଲୀଳାଭିନୟ ଦେଖି ଉଚ୍ଛ୍ୱସିତ କଣ୍ଠରେ ଓଡ଼ିଆମାନଙ୍କର କୃତିତ୍ୱକୁ ପ୍ରଶଂସା କରିଥିଲେ । ସେତେବେଳର 'ଅମୃତବଜାର' ପ୍ରଭୃତି ବିଶିଷ୍ଟ ବଙ୍ଗଳା ପତ୍ରପତ୍ରିକାମାନଙ୍କରେ କବିଙ୍କର ତଥା, ଗୀତାଭିନୟର ଭୂୟସୀ ପ୍ରଶଂସା ଲେଖମାନ ପ୍ରକାଶିତ ହୋଇଥିଲା । କଲିକତା ରହଣୀବେଳେ ମହାନ୍ତି କବି ଲଳିତା ବିଦ୍ୟାପତି, ଶକୁନ୍ତଳା, ଗୁପ୍ତମନ୍ତ୍ର, ଅରିଧ୍ୱଂସ ଏବଂ ଆଉ କେତେଗୋଟି ଗୀତାଭିନୟ ଲେଖିଥିଲେ ।

କଲିକତାରେ କବି ଲୀଳା-ପ୍ରଦର୍ଶନ ପରିବର୍ତ୍ତେ ମଞ୍ଚ-ନାଟକ ଅଭିନୟର ପ୍ରୟାସୀ ହୋଇ ଗୁଡ଼ିଏ ସିନ୍‌ସିନେରୀ ପ୍ରସ୍ତୁତ କରାଇଲେ ଏବଂ କେତେଖଣ୍ଡି ସ୍ୱଲିଖିତ ନାଟକ ମଞ୍ଚସ୍ଥ କଲେ । ଏ ପରିବର୍ତ୍ତନ ଶୁଭଙ୍କର ହୋଇନାହିଁ ।

୧୯୩୩ ରେ କଲିକତାରେ ମଞ୍ଚାଭିନୟ ପ୍ରଦର୍ଶନ କରିବାକୁ ସ୍ଥିର କଲାବେଳେ କବି ଗୋଟିଏ ଅଷ୍ଟପ୍ରହରୀ ଅନୁଷ୍ଠାନ କରି ବହୁ ଓଡ଼ିଆ ଏବଂ ବଙ୍ଗାଳୀମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏହିଠାରେ ଦେବଦାସ ବ୍ରହ୍ମଚାରୀଙ୍କ ସହିତ କବିଙ୍କର ସାକ୍ଷାତ ହେଲା । ସାଧକ ଦେବଦାସ ପ୍ରଥମେ ଶିକ୍ଷକତା କରୁଥିଲେ, ପରେ ବୈରାଗ୍ୟଜାତ ହେବାରୁ ସିଦ୍ଧି ଲାଭ କରିଥିଲେ । ତାଙ୍କର ନିବାସ ଯଶୋର ଜିଲ୍ଲାରେ । କବି ତାଙ୍କ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କଠାରୁ ନାମ ଗ୍ରହଣ କଲେ ପରେ କବିଙ୍କ ସହିତ ତାଙ୍କ ସହଧର୍ମିଣୀ ଓ ପ୍ରିୟଶିଷ୍ୟ ଶ୍ରୀ ପ୍ରାଣକୃଷ୍ଣ ସ୍ୱାଇଁ ମଧ୍ୟ ସାଧକଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । କବି ବାଳକୃଷ୍ଣଙ୍କ ଜୀବନରେ ଏହିକାଳ ଏକ ଉଲ୍ଲେଖନୀୟ ଘଟଣା ।

ଏହା ପରେ ପରେ ଓଡ଼ିଶାରେ ବାଳକୃଷ୍ଣ କଳାକାରର ଦୁର୍ଦ୍ଦଶା ଭୋଗିଲେ । ତାଙ୍କର ଆଶା ଥିଲା ଏକ ଆଦର୍ଶ ନାଟକଦଳ ଗଢ଼ିବେ । ସ୍ଥାନ, କାଳ, ପାତ୍ର ପ୍ରତି ସବିଶେଷ ଦୃଷ୍ଟି ନ ଦେଇ ସେ ସ୍ୱପ୍ନ ବିଳାସରେ ମାତି ଉଠିଲେ । ଫଳରେ ତାଙ୍କୁ ନାନା ଅଭାବ ଭିତରେ ଗତି କରିବାକୁ ପଡ଼ିଲା; କିନ୍ତୁ ସବୁ ଅଭାବ, ଅନଟନ, ଦୁଃଖ, କଷ୍ଟ ସତ୍ତ୍ୱେ ଧୈର୍ଯ୍ୟ ହାରି ନ ପଡ଼ି କଳାସାଧନାରେ ଆଗେଇ ଚାଲିଥିଲେ ।

କଲିକତାରୁ ଫେରି ପୁଣି ଓଡ଼ିଶାର ଆଠମଲ୍ଲିକ ଓ କଳାହାଣ୍ଡି ପ୍ରଭୃତି ତଦାନୀନ୍ତନ ଗଡ଼ଜାତକୁ ଦଳ ନେଇ ଯାଇଥିଲେ । ଭବାନୀପାଟଣାରେ ରାଜନଗ୍ରହ ଭୋଗି କବିଙ୍କ ଦଳଟି ଛିନ୍ନଛତ୍ର ହୋଇପଡ଼ିଲା । ଏପରିକି ଶେଷରେ ଦଳର ଯନ୍ତ୍ର ଓ ପୋଷାକପତ୍ର ମଧ୍ୟ ହରାଇ ବସିଲେ । ଦଳଟି ଏହି ଆଘାତରେ ଚୂର୍ଣ୍ଣୀଭୂତ ହେଲା ।

ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍‌ର ମ୍ୟାନେଜର ଶ୍ରୀ ବାଉରିବନ୍ଧୁ ମହାନ୍ତିଙ୍କ ସହିତ ଏଥି ପୂର୍ବରୁ ଦଳ ଯୋଗ ସମ୍ପର୍କ ଥିଲା । ସେ ଏହି ଦୁର୍ଦ୍ଦିନରେ ଅତ୍ୟନ୍ତ ସହାୟକ ହେଲେ ।

ପୁଣି ଦୁଇବର୍ଷ ପରେ ମହାନ୍ତି କବି କିଶୋର ସଂଘ 'ଜୟଦୁର୍ଗା ନାଟ୍ୟମଣ୍ଡଳୀ' ନାମରେ ଗୋଟିଏ ଦଳ ଗଢ଼ିଥିଲେ । ଏ ଦଳଟି ମଧ୍ୟ ଅଳ୍ପକାଳ ମଧ୍ୟରେ ବିଲୟ ଭଜିଲା । ଏହି ଦଳ ଚାଲୁ ରହିଥିବାବେଳେ ସେ କେତୋଟି ନୂଆ ଗୀତାଭିନୟ ଲେଖିଥିଲେ । ସେଗୁଡ଼ିକ ହେଲା-ବିଜୟ ବୈଜୟନ୍ତୀ, ସଇତାନ ରୁକ୍ମାଙ୍ଗ, ପରଶୁରାମ ଏବଂ ହିଟଲରାସୁର ବଧ ଇତ୍ୟାଦି ।


ଏହି ଦଳଭଙ୍ଗ ପରେ ପୁଣି କବି ନିଜ ଗ୍ରାମରେ ନାରାୟଣୀ ଠାକୁରାଣୀଙ୍କ ମନ୍ଦିରରେ ଏକ ନାଟକଦଳ ଗଢ଼ିଲେ । ଏଥିରେ ଅଧିକାଂଶ କୃତ୍ତିବାସ ଦାସ, ଧ୍ରୁବଚରଣ ପାତ୍ର ଓ ନୃସିଂହ ମହାନ୍ତି ପ୍ରମୁଖ କବିଙ୍କୁ ନାନାମତେ ସାହାଯ୍ୟ ଦେଇଥିଲେ । ମାତ୍ର ଅଳ୍ପ କେତେକ ବର୍ଷ ପରେ ଏ ଦଳ ମଧ୍ୟ ଭାଙ୍ଗିଗଲା ।

ଶେଷରେ ୧୯୫୦ ମସିହାରେ ତାଙ୍କର ଉଠାପଡ଼ା ଜୀବନର ଗଢ଼ିଥିବା ଦଳ ଯୋଗ ପାଣିକୁଦ ଯାଇ ଫେରିବାପରେ କଳାଜୀବନର ଯବନିକା ପତନ ହେଲା ।

ଦୁର୍ଦ୍ଦିନର ଏହିଠାରେ ଆରମ୍ଭ । ଯତ୍‌ସାମାନ୍ୟ ଜମିବାଡ଼ିର ଆୟରେ ବର୍ଷକର ଚଳଣି ମଧ୍ୟ ସୁରୁ-ଖୁରୁରେ ମେଣ୍ଟି ପାରିଲାନାହିଁ ।

ବହୁ ଚେଷ୍ଟାରେ କେନ୍ଦ୍ର ସରକାରଙ୍କଠାରୁ ୧୯୫୪ ମସିହାଠାରୁ ମାସିକ ଦେଢ଼ଶହ ଟଙ୍କା ଦୁଃସ୍ଥ କଳାକାର ଭତ୍ତାରୂପେ ସାହାଯ୍ୟ ପାଇ ୧୯୫୮ ମସିହା ମାର୍ଚ୍ଚ ମାସ ତିରିଶି ତାରିଖ ରବିବାର ରାତି ଆଠ ଘଣ୍ଟା ସମୟରେ କବି ବାଳକୃଷ୍ଣ ମହାନ୍ତି ଶେଷ ନିଃଶ୍ୱାସ ତ୍ୟାଗକଲେ । ଭତ୍ତା ବନ୍ଦ ହୋଇଗଲା ।

ସେ ବହୁ ଗୀତିନାଟ୍ୟ ଲେଖିଛନ୍ତି ଓ ଶିକ୍ଷା ଦେଇଛନ୍ତି । ଗ୍ରନ୍ଥାବଳୀର ଦ୍ୱିତୀୟ ଖଣ୍ଡରେ ଅବଶିଷ୍ଟ ରଚନାଗୁଡ଼ିକର ପ୍ରକାଶ ଅପେକ୍ଷା କରୁଛି ।



# ଦୁଇ ପଦ

ସ୍ୱର୍ଗତ ଗଣକବି ବୈଷ୍ଣବ ପାଣିଙ୍କର ସମସାମୟିକ ନାଟ୍ୟକାର ସ୍ୱର୍ଗତ ବାଳକୃଷ୍ଣ ମହାନ୍ତି । ନାଟ୍ୟକାର ବାଳକୃଷ୍ଣ ମହାନ୍ତି ପ୍ରତ୍ୟୁତ୍ପନ୍ନମତି ପ୍ରତିଭା-ସମ୍ପନ୍ନ କବି ଥିଲେ । ଯେ କୌଣସି ପରିସ୍ଥିତିରେ ଏବଂ ଯେ କୌଣସି ସମୟରେ ସେ ଯାତ୍ରା ଦଳ ଉପଯୋଗୀ ଗୀତିନାଟ୍ୟମାନ ପ୍ରଣୟନ କରି ପାରୁଥିଲେ । ବୈଷ୍ଣବ ପାଣିଙ୍କ ଭଳି ତାଙ୍କର ପ୍ରତିଭା ମଧ୍ୟ ଊଣା ନ ଥିଲା । ତେଣୁ ପ୍ରାୟ ଏକା ସମୟରେ ଓଡ଼ିଶାରେ ଉଭୟ ନାଟ୍ୟକାର ସୁନାମ ଅର୍ଜନ କରି ଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ସୁପରିଚିତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଶାର ଲବ୍ଧପ୍ରତିଷ୍ଠ ନାଟ୍ୟକାର । ତାଙ୍କର ଅନୁରୋଧ ଏବଂ ନିର୍ଦ୍ଦେଶରେ ସ୍ୱର୍ଗତ ବାଳକୃଷ୍ଣ ମହାନ୍ତିଙ୍କ ଲେଖାଗୁଡ଼ିକୁ ଏକତ୍ରିତ କରି ଗ୍ରନ୍ଥାବଳୀ ଆକାରରେ ପରିବେଷଣ କରିବାକୁ ଯାଉଛୁ । ଏହି ଗ୍ରନ୍ଥାବଳୀ ପାଇଁ ସମସ୍ତ ଲେଖା ସଂଗ୍ରହ କରିବାଠାରୁ ଗ୍ରନ୍ଥାବଳୀର ପ୍ରୁଫ୍ ସଂଶୋଧନ ଭଳି ଶ୍ରମ-ସାପେକ୍ଷ କାର୍ଯ୍ୟ ମଧ୍ୟ କବିଚନ୍ଦ୍ର ଏ ବୟସରେ କରି ପାରିଛନ୍ତି—ତେଣୁ, ତାଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ପ୍ରକାଶକ ଭାବରେ, ଏହି ଅନୁଷ୍ଠାନ ବିଗତ କୋଡ଼ିଏ ବର୍ଷ ମଧ୍ୟରେ ଅନ୍ୟାନ୍ୟ ଉପାଦେୟ ଗ୍ରନ୍ଥ ଛଡ଼ା ଲବ୍ଧ ପ୍ରତିଷ୍ଠ ସାହିତ୍ୟିକମାନଙ୍କର ରଚନାବଳୀକୁ ଏକତ୍ର କରି ଅବଧି ପନ୍ଦର ଖଣ୍ଡି ଗ୍ରନ୍ଥାବଳୀ ପ୍ରକାଶ କରିବାକୁ ସକ୍ଷମ ହୋଇଛି ।

ଏଥିପାଇଁ ଯେଉଁ ବନ୍ଧୁବର୍ଗ, ପାଠକ ପାଠିକା, ସାହିତ୍ୟିକ-ସଜ୍ଜନ ମଣ୍ଡଳୀ ଏହି ଅନୁଷ୍ଠାନକୁ ସ୍ନେହ ଓ ସହାନୁଭୂତି ପ୍ରଦର୍ଶନ କରିଆସୁଛନ୍ତି, ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା ପାଇଁ ସେହି ଦୟାମୟ ପରମେଶ୍ୱରଙ୍କ ନିକଟରେ ବିନମ୍ର ନିବେଦନ କରୁଛି ।

ପରିଶେଷରେ, ଉକ୍ତ ଗ୍ରନ୍ଥାବଳୀର ମୁଦ୍ରଣ ଦାୟିତ୍ୱ ଶ୍ରୀ ସତ୍ୟନାରାୟଣ ପ୍ରେସର ଶ୍ରୀମାନ୍ ବସନ୍ତକୁମାର ଦାଶ ଯତ୍ନର ସହିତ ସମ୍ପାଦନ କରିଥିବାରୁ ଧନ୍ୟବାଦ ଜଣାଉଛି ।

କଟକ, କୁମାର ପୂର୍ଣ୍ଣିମୀ<br>୧୪ । ୧୦ । ୭୦

**ଅନନ୍ତ ମିଶ୍ର**

# ନାଟକ ସୂଚୀ

| ବିଷୟ | | | ପୃଷ୍ଠା |
|---|---|---|---|
| ୧ । | ଅମର ବିଳାସ | ... | ୧ |
| ୨ । | ସୁଦାମା ଦାରିଦ୍ର୍ୟ ଭଞ୍ଜନ | ... | ୨୫ |
| ୩ । | ବାଣା ପରାଜୟ-ହରିହର ଭେଟ | ... | ୪୯ |
| ୪ । | କାଞ୍ଚନବାଳା ଗୀତାଭିନୟ | ... | ୮୧ |
| ୫ । | ଦାନବୀର ରାଜା ହରିଶ୍ଚନ୍ଦ୍ର | ... | ୧୧୭ |
| ୬ । | ସୁଶୀଳ-ମାଳତୀ | ... | ୧୪୨ |
| ୭ । | ବସନ୍ତ-ମଲ୍ଲିକା | ... | ୧୭୫ |
| ୮ । | ଇରାନ୍‌ର ରାଣୀ | ... | ୨୦୩ |
| ୯ । | ରୁକ୍ମିଣୀ ପରିଣୟ | ... | ୨୪୧ |
| ୧୦ । | ଘଟୋତ୍କଚ | ... | ୨୫୯ |
| ୧୧ । | ଖାଣ୍ଡବ ଦହନ | ... | ୨୯୧ |
| ୧୨ । | ଶ୍ରୀରାମ ବନଗମନ | ... | ୩୧୧ |
| ୧୩ । | କୁମୁଦ-କେଦାର | ... | ୩୩୩ |
| ୧୪ । | ଗୁପ୍ତ ମନ୍ତ୍ର | ... | ୩୬୧ |
| ୧୫ । | ନିର୍ମଳ-ପ୍ରଭା | ... | ୪୧୫ |
| ୧୬ । | ଚତୁରା ଚମ୍ପାଫୁଲ | ... | ୪୩୯ |
| ୧୭ । | ପାଣି ଧୋବଣୀ ଫାର୍ଶ | ... | ୪୬୧ |

# ଅମର ବିଳାସ

# ଅମର ବିଳାସ

## ଗୀତାଭିନୟ

( ବନ୍ଦନା )

ଶାରଦେ ବରଦେ ବନ୍ଦେ ମା,
ଉତ୍କଳ ବାସିନୀ, ନମୋ ବୀଣାପାଣି,
ବନ୍ଦୁ ଭକ୍ତଗଣ ସଙ୍ଗେ ମା । ଘୋଷା ।

ବିପଦ ଭଞ୍ଜନୀ କରୁଣାଦାୟିନୀ
ଜଗତ-ଜନନୀ ଦୁର୍ଗତି ନାଶିନୀ
ଶ୍ୱେତ ପଦ୍ମାସନା କମଳା ରୂପିଣୀ
ସୁଧାଂଶୁ ମୁଖପଦ୍ମ ନନ୍ଦେ ମା । ୧ ।

କୀର୍ତ୍ତି ଯଶୋଗାନ, ଗାଏ ତ୍ରିଭୁବନ
ବାଗ୍‌ବାଦିନୀ ନାମ ବହିଛ ଆପଣ
ବାଳକୃଷ୍ଣ ଦୀନ ମୂଢ଼ ଅଜ୍ଞାଧମ,
ଆଶ୍ରା ମାଗେ ପଦ୍ମପାଦେ ମା । ୨ ।

## ପ୍ରସ୍ତାବନା

( ନଟୀର ଗୀତ ଗାଇ ଗାଇ ପ୍ରବେଶ )

ଏ ଘନ କାଳରେ ଘନ ବିଜୁଳିରେ,
ଛନକା ଲାଗୁଛି କାନ୍ତ କାହାପୁରେ ରହିଲେ । ଘୋଷା ।
ଅବା କେଉଁ ରସିକା ରସ ଆଦରେ,
ଛନ୍ଦ ପକାଇଛି କିବା ପ୍ରେମ ଫାନ୍ଦରେ ।
ମନ୍ଦ ବିଧାତାରେ ଛନ୍ଦ କଲୁ ମୋରେ;
ମୋ ହୃଦ ରତନ ଧନ କାହା ମନ ମୋହିଲେ । ୧ ।
ମନ୍ମଥଜ୍ୱାଳା ରେ ସହି ନୋହେ କହି ରେ,
ବିଅର୍ଥ ହେଲାଣି ନବଯୁବା ଦେହ ରେ ।
କେ ଚିତ୍ତକୁ ମୋହେ ରେ କାନ୍ତ ବିନା ମହୀରେ
ବାଳାମଣି କହେ ମୋ ହୃଦକୁ ଦହିରେ । ୨ ।

ନଟ—( ପ୍ରବେଶି ) ଆହା ! ଲୀଳାମୟଙ୍କର କି ଅଦ୍ଭୁତ ଲୀଳା, କେତେବେଳେ ସେ କାହାକୁ ହସାଇ ପାରନ୍ତି, କାହାକୁ କନ୍ଦାଇ ପାରନ୍ତି, ତାହା ବୁଝିବାର ଶକ୍ତି କାହାର ? ଯାହାର ମାୟାରଜ୍ଜୁରେ ଛପନକୋଟି ଜୀବଜନ୍ତୁ ବନ୍ଦୀ ହୋଇ ଅହରହ କ୍ରୀଡ଼ା ନର୍ତ୍ତନ ପୁତ୍ତଳିକା ପରି ଆବଦ୍ଧ, ଆଜ ସେହି ଜଗନ୍ନିୟନ୍ତା ଜଗଦୀଶ୍ୱରଙ୍କ କୃପାରୁ ଯେ କି ନିମନ୍ତେ ଏଠାରେ କେତେଗୁଡ଼ିଏ ବିଦ୍ୟୋତ୍ସାହୀ ବିଦ୍ୱାନନଙ୍କ ସମାଗମ ଦେଖି ଏ ସାମାନ୍ୟ ପ୍ରାଣରେ କାହିଁକି ଏପରି ଭୟର ଉଦ୍ରେକ ହେଉଛି, ସେହି ବିପଦବାରଣ, ଲଜ୍ଜା ନିବାରଣ, ଅଧମ ତାରଣ ଗରୁଡ଼ାସନ ହିଁ ଏ ବିପଦାର୍ଣ୍ଣବରୁ ପାରଉତାର କରିବେ ।

ନଟୀ—ନାଥ; ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ, ଭୟ ଯେଉଁଠାରେ—ଜୟ ସେହିଠାରେ ।

ନଟ—ପ୍ରିୟେ, ଚନ୍ଦ୍ରକୁ ଚକୋର ଯୁହିଁଲାପରି କି ନିମନ୍ତେ ଏହି ଚକୋରରୂପୀ ସୁଧୀ ଦର୍ଶକବୃନ୍ଦ ତୁମ ମୁଖଚନ୍ଦ୍ରକୁ ନିରବରେ ଅନାଇଁ ରହିଛନ୍ତି ?

ନଟୀ—ନାଥ, ନ ଜାଣ କି ସବୁଦିନେ ନୂଆ ନୂଆ ଦ୍ରବ୍ୟ ଆଦର ଲୋକଙ୍କର । ସେ ନିମନ୍ତେ ଆସିଛନ୍ତି ଏଥି ଦେଖିବାକୁ ତବ ମନମୁଗ୍ଧକର ନବ ବିରଚିତ ସେହି ଔପନ୍ୟାସିକ 'ଅମର ବିଳାସ' ଗୀତାଭିନୟ ।

ନଟ—ପ୍ରିୟତମେ, ଯେଉଁଠାରେ ଏତେ ସୁବିଜ୍ଞ ପଣ୍ଡିତ ମଣ୍ଡଳୀ ବିରାଜିତ ସେଠାରେ ମୋ ଏହି କ୍ଷୁଦ୍ରଲେଖନୀ ଯେ କେତେଦୂର କାର୍ଯ୍ୟକାରୀ ହୋଇ ଉଠିବ ଏହା ଭାବି ହୃଦୟ ବାତାହତ ରମ୍ଭାପତ୍ର ସଦୃଶ ବିକମ୍ପିତ ହେଉଅଛି । ହେ ବିବୁଧଗଣ ! "ଅନନ୍ତପାରଂ କିଲ ଶବ୍ଦଶାସ୍ତ୍ରଂ, ସ୍ୱଳ୍ପଂ ତଥାୟୁର୍ବହବଶ୍ଚ ବିଘ୍ନାଃ, ଯତ୍ସାରଭୂତଂ ତଦୁପାସନୀୟଂ ହଂସୋ ଯଥା କ୍ଷୀରମିବାମ୍ବୁ ମଧ୍ୟାତ୍" ଅର୍ଥାତ୍ ଆପଣମାନେ, ହଂସ କ୍ଷୀର ମଧ୍ୟରୁ ସାରାଂଶ ଗ୍ରହଣକରି ନୀରକୁ ଦୂରକୁ ଫିଙ୍ଗିଲାପରି ଦୋଷା-ଦୋଷ ଗ୍ରହଣ ନ କରି କେବଳ ଗୁଣପ୍ରତି ଲକ୍ଷ୍ୟ ରଖି କ୍ଷମା ଓ ସହାନୁଭୂତି ପ୍ରକାଶ କଲେ ଅଧୀନ ଆପଣାକୁ ଧନ୍ୟ ମନେ କରିବ ।

—*—

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

( ରାଜଦରବାର )

( ରାଜା ଦୁଷ୍ମନ୍ତ ସିଂହ ଓ ମନ୍ତ୍ରୀ )

ମନ୍ତ୍ରୀ—ମହାରାଜ ! ଆପଣ ତ ପ୍ରତିଦିନ ସଭାକୁ ଆସନ୍ତି ଆପଣଙ୍କ ମନଟା ଖୁବ୍ ଆନନ୍ଦିତ ଥାଏ, ମାତ୍ର ଆଜ କାହିଁକି ଏପରି ବିରସ ବଦନ ଦେଖା-ଯାଉଛନ୍ତି, କାରଣ କଣ କହନ୍ତୁ ?

ରାଜା— ଗୀତ ( ଏ ମାୟାସଂସାରେ ବୃଥା )
କର୍ମ ମୋର ଏଡ଼େ ନାରଖାର ରେ ମନ୍ତ୍ରୀବର ।
ମରମ ବେଦନା କେ'ବା କରିବ ଗୋଚର । ଘୋଷା ।

ମନ୍ତ୍ରିନ୍ ! ବାହାର କଥା ସମସ୍ତେ ଜାଣିପାରନ୍ତି,
କିନ୍ତୁ ଅନ୍ତର କଥା କେ ଜାଣିବ, କା'ର ସାଧ୍ୟଅଛି ।

ମନ୍ତ୍ରୀ—ପ୍ରକାଶ କଲେ ନିଶ୍ଚୟ ଜାଣିପାରିବୁଁ ।

ରାଜା—ଗୀତ

ପ୍ରିୟା ମୋ ଅନ୍ତର ବିନ୍ଦୁ    କ୍ଷୀଣ ହୋଇଲାଣି ଇନ୍ଦୁ
ପାଶୋର ନ ଯାଏ ମନୁ କିସ ପ୍ରତିକାର ରେ । ୧ ।

ମନ୍ତ୍ରିନ୍ ! ପ୍ରେୟସୀ ମୋର ଜନ୍ମାନ୍ତରରେ ପରଲୋକ ଗମନକଲେ, କିନ୍ତୁ ମୋତେ ବଡ଼ ବିହଗଞ୍ଜରେ ପକାଇଗଲେ ।

ମନ୍ତ୍ରୀ—ମହାରାଜ ! ସାମାନ୍ୟ ସ୍ତ୍ରୀଟୀ ଲାଗି ଏତେ ଚିନ୍ତା !

ରାଜା—                    ଗୀତ

ଗୃହକୁ ଗୃହିଣୀ ଯିନା    ବିଷ୍ଣୁ କରନ୍ତି ଘଟଣା
ଆଉ କି ଘରକରଣା ଦୁଃଖ ପାରାବାର ରେ । ୨ ।

ମନ୍ତ୍ରିନ୍ ! ଗୃହକୁ ଗୃହିଣୀ ନ ହେଲେ ସେ ଘରରେ କିଛି ସୁଖ ନାହିଁ ।

ମନ୍ତ୍ରୀ—ମହାରାଜ ! ବିବାହ କରିବାକୁ ଯେବେ ଆପଣଙ୍କର ଏକାନ୍ତ ଇଚ୍ଛା ତେବେ କହନ୍ତୁ ଆମ୍ଭେମାନେ ତା'ର ବନ୍ଦୋବସ୍ତ କରିବୁ ।

ରାଜା—ମନ୍ତ୍ରିନ୍ ! ମୋର ସମୟ ଆଉ ନାହିଁ ।

( ଗୀତ )

ଅଣାଅ କୁମରେ ମୋର    ଯେବା ହେବ ଗୁଣାକର
ଦେବି ଏ ବିଷୟ ଭାର ବୁଝି ଉତପର ରେ । ୩ ।

ମନ୍ତ୍ରୀନ୍ ! ବାହାନ, ତୋଫାନ, ଅମର—ଏ ତିନିପୁତ୍ରଙ୍କୁ ଡକାଅ । ସେମାନଙ୍କ ମଧ୍ୟରୁ ଯେ ଉପଯୁକ୍ତ ହେବ, ତାକୁ ଏ ରାଜଗାଦି ଦେଇ ମୁଁ ସନ୍ନ୍ୟାସୀ ହୋଇଯିବି ।

ମନ୍ତ୍ରୀ—ମହାରାଜ ! ଆପଣ କାହାକୁ ଉପଯୁକ୍ତ ମନେ କରନ୍ତନ୍ତି ?

ରାଜା—ମୋର କି ବିବେଚନା; ତୁମ୍ଭ ପାଞ୍ଚଜଣଙ୍କ ବିବେଚନାରେ ଯେ ଯୋଗ୍ୟ, ମୋର ସେହି । ମୁଁ ପିତା ବୋଲି ଯାହାକୁ ଇଚ୍ଛା ତାକୁ ରାଜଗାଦି ଦେଇ ନ ପାରେ ।

( ଗୀତ )

ବାସେ ଆଉ ନାହିଁ ଆଶା    ଦୀନବନ୍ଧୁ ହିଁ ଭରସା
ବାଳକୃଷ୍ଣ କରେ ଆଶା ତେଜିବି ସଂସାର ରେ । ୪ ।

ମନ୍ତ୍ରିନ୍ ! ପିଲାମାନେ ବର୍ତ୍ତମାନ ବିଦ୍ୟାଭବନରେ ଥିବେ ଡକାଇଦିଅ । ମୁଁ ସେମାନଙ୍କ ମଧ୍ୟରୁ ଯେ ଉପଯୁକ୍ତ ତାକୁ ରାଜଗାଦି ଦେଇ ସନ୍ନ୍ୟାସ ଧର୍ମ ଗ୍ରହଣ କରିବି ।    ( ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

ବିଦ୍ୟାଳୟ

ବିଦ୍ୟାଗୁରୁ—କାହିଁ ଶିକ୍ଷା ଭବନରେ କେହି ତ ଦେଖାନାହାନ୍ତି, ଏ ଗୁଣ୍ଡାଙ୍କର ପଢ଼ିବାରେ ଆଦୌ ଇଚ୍ଛା ନାହିଁ । ଆସନ୍ତୁ କେତେବେଳେ ଆସିବେ, ଆମ୍ଭ ହାରମା ଗଣ୍ଡାକରେ ତ ମଳି ଧୂଳି ନାହିଁ, ଏ ଏତେ ଉଚ୍ଚରରେ ଆସିଲେ କେତେ, ସଅଳରେ ଆସିଲେ କେତେ ?

(ବାହାନ ତୋଫାନଙ୍କର କଥୋପକଥନ ହୋଇ ଆସିବା)

ବାହାନ—ତୋଫାନ ! ଜାଣ କିଛି ପିତାଙ୍କ ଉଦ୍ଦେଶ୍ୟ ?

ତୋଫାନ—ନା, ଭାଇ ନ ଜାଣେ ମୁଁ କିଛି ।

ବାହାନ—କାଲି ପ୍ରାତଃ ଯୌବରାଜ୍ୟେ ଅଭିଷିକ୍ତ ହେବ ରେ ଅମର ।

ତୋଫାନ—ସେ ତ ଆପଣାର ଭାଇ ସେଥିରେ କ୍ଷତି କଣ ?

ବାହାନ—ଭାଇ । ଜ୍ୟେଷ୍ଠ ପୁତ୍ର ହୋଇ ଆମ୍ଭେ କନିଷ୍ଠର ହେବୁ ଅନୁଗତ ? କି ଲଜ୍ଜାର କଥା । ଅତ୍ୟାଶ୍ଚର୍ଯ୍ୟ ପିତା ସ୍ନେହବଶେ ଦେଉଛନ୍ତି ଅମରେ ରାଜଗାଦି ସମ୍ପ୍ରତି କିନ୍ତୁ ଜାଣରେ ତୋଫାନ ଥିବାଯାଏ ତରବାରି ହସ୍ତେ, ସିଂହବଂଶ ପୁତ୍ର କେହି ନ ହେବେଟି ପଶ୍ଚାତ୍ପଦ, ଏଥୁ ଚାଲ ତେବେ ଗୁରୁ ସଙ୍ଗେ କରିବା ପ୍ରସ୍ତାବ ।

(ବିଦ୍ୟା ଭବନେ ପ୍ରବେଶ ଓ ଗୁରୁଙ୍କୁ ପ୍ରଣାମ)

ଗୁରୁ—ଏଥିରେ ଆମ୍ଭେ କୃତାର୍ଥ ହୋଇଗଲୁ ! ତୁମ୍ଭ-ମାନଙ୍କର ଏତେ ବିଳମ୍ବ କାହିଁକି ? ଆଉ ଏପରି ଚଙ୍ଗ ଚଙ୍ଗ ହେଉଛ କାହିଁକି ?

ବାହାନ—ଗୁରୁଦେବ ! ସେହିପରି ବିପଦ ଉପସ୍ଥିତ ହୋଇଛି, ଆଉ ମଧ୍ୟ କେତେ କଥା ଆପଣଙ୍କୁ ପଚାରିବାକୁ ଅଛି ।

ଗୁରୁ—କି କଥା ?

ବାହାନ—ଗୀତ (ହେ ଜୀବଧନ-ବୃତ୍ତେ)

ହେ ଗୁରୁଦେବ ! କହନ୍ତୁ ଏଥିରେ ଭେଦ । ଘୋଷା ।

ପିତା କରିଛନ୍ତି ସତ୍ୟ, ରାଜ୍ୟରୁ ହେବେ ବଞ୍ଚିତ;
ଯେ ହୋଇବ ଉପଯୁକ୍ତ ଅର୍ପିବେ ସମ୍ପଦ । ୧ ।

ଗୁରୁଦେବ ! ପିତା ସତ୍ୟ କରିଛନ୍ତି ଆମ୍ଭ ତିନଭାଇ ମଧ୍ୟରୁ ଯେ କି ଉପଯୁକ୍ତ ହେବ ତାକୁ ରାଜଗାଦି ଦେଇ ସନ୍ନ୍ୟାସୀ ହୋଇଯିବେ ।

ଗୁରୁ—ସେ ତ ଭଲ ବିଚାର, ଆଚ୍ଛା ମୋତେ କଣ ପଚାରୁଛ ପଚାର ।

ବାହାନ—(ଗୀତ)

ତୁମ୍ଭ ବିଚାରରେ କେବା, ଉପଯୁକ୍ତ ହେବ ଅବା;
ସଦୟ ହୋଇ କହିବା ଯିବ ମନୁ ଖେଦ । ୨ ।

ଗୁରୁଦେବ ! ଆପଣଙ୍କର ବିଚାରରେ ଆମ୍ଭ ତିନ ଜଣଙ୍କ ମଧ୍ୟରେ କେ ଉପଯୁକ୍ତ ?

ଗୁରୁ—ଆରେ; ତୁଳସୀ ଯେ ଦୁଇପତ୍ରରୁ ବାସେ, ଚନ୍ଦୁଆଡି ଦୁଇପତ୍ରରୁ ଗନ୍ଧ ହୁଏ; ତେବେ ଅମରଟି ଉପଯୁକ୍ତ, ସେ ରାଜଗାଦି ପାଇବା ସମ୍ଭବ ।

ବାହାନ—(ଗୀତ)

ଆମ୍ଭେ ହୋଇ ଜ୍ୟେଷ୍ଠ ପୁତ୍ର, ଅନୁସରିବୁ କନିଷ୍ଠ;
ଏ କଥା ନୁହେ ଉଚିତ ଘଟିବ ପ୍ରମାଦ । ୩

ଗୁରୁଦେବ ! ଆମ୍ଭେମାନେ ଜ୍ୟେଷ୍ଠ ହୋଇ କନିଷ୍ଠର ପଦତଳେ ଖଟିବୁ, ଏ କଥା କେବେ ହେବ ନାହିଁ, ବରଂ ଅନର୍ଥ ଲାଗିବା କଥା ।

ଗୁରୁ—ସେ ଯାହା ହେଉ ତୁମ୍ଭେ ଦୁହେଁ ଅଯୋଗ୍ୟ ।

ବାହାନ—(ଗୀତ)

ଆମ୍ଭରେ ସପକ୍ଷ ହେଲେ ଧନରତ୍ନ ଦେବୁ ଭଲେ;
ଅମର ବିନାଶ କଲେ ତୁଟିବ ଆପଦ । ୪ ।

ଗୁରୁଦେବ ! ଆପଣ ଟିକେ ସାହାଯ୍ୟ ହେଲେ ଅମରକୁ ଆମ୍ଭେ ଗୁପ୍ତ ଭାବରେ ହତ୍ୟାକରି ପାରିବୁ ।

ଗୁରୁ—କଣ ହେଲା ? ଅମରକୁ ମାରିଦେବ, ମୂର୍ଖ ! ସେ ବୁଦ୍ଧି କର ନାହିଁ ।

ବାହାନ—ଗୁରୁଦେବ ! ଯଦି ଏ କଥାରେ ଆପଣ ସମ୍ମତି ନ ଦିଅନ୍ତି ତେବେ ଆପଣଙ୍କର ଓ ଅମରର ମୁଣ୍ଡକାଟି ନଷ୍ଟ କରିବୁ; ମୁଁ ଭଲରେ କହୁଛି, ଯଦି କିଛି ଅର୍ଥ ପାଇବାର ଆଶା ତେବେ ଯେତେ ମାଗିବେ ବର୍ତ୍ତମାନ ଦେଇ ପାରିବୁ ।

ଗୁରୁ—(ସ୍ୱଗତଃ) ବାବାରେ ବାବା, ଅମର ସଙ୍ଗରେ ଆମ୍ଭର ମଧ୍ୟ ପ୍ରାଣ ଯୋଗ; କଣ କରିବା ? ଯାହା ହେଉ ତାଙ୍କର ଭାଇରେ ଭାଇରେ ମରାମରି ହେଲେ କେତେ, ହଣାହଣି ହେଲେ କେତେ ? ଆମର କଅଣ ଯାଏ, ଯଦି ଏ ବଡ଼ ଦୁହିଁଙ୍କ ସପକ୍ଷ ହେବା ତେବେ ଯଥେଷ୍ଟ ଅର୍ଥ ମିଳିବ, ବ୍ରାହ୍ମଣୀ ଓ ଆମ୍ଭେ କିଛିଦିନ ସୁଖରେ ବଞ୍ଚିବା, (ପ୍ରକାଶ୍ୟେ) ହେଉ ହେଲା ବାହାନ ! ଆମ୍ଭେ ପ୍ରାଣ ଯାଗାକୁ ଯିବୁନାହିଁ ।

ବାହାନ—(ଗୀତ)

ତୁମ୍ଭେ ନ କଲେ ପ୍ରକଟ, ନ ପଡ଼ିପାରେ ସଙ୍କଟ,
କହେ ହୀନ ବାଳକୃଷ୍ଣ ପଡ଼ିଲା ପ୍ରମାଦ । ୫ ।

ଗୁରୁଦେବ ! ହେଇ ଅମର ଆସିଲା ପରା ।

( ଅମର ପ୍ରବେଶ, ଗୁରୁ ଓ ଜ୍ୟେଷ୍ଠ ଭ୍ରାତଙ୍କୁ ଅଭିବାଦନ )

ଗୁରୁ—କିରେ ବଗୁଲିଆ, ତୋର ଆଜି ଏତେ ଡେରି କିଆଁ ?

ଅମର—ଗୁରୁଦେବ ! ଆଜି ମୋର ଅନେକ ବିଳମ୍ବ ହୋଇଗଲା, କ୍ଷମା ଦିଅନ୍ତୁ ଅନ୍ୟଦିନେ ବିଳମ୍ବ ହେଲେ ଦଣ୍ଡନୀୟ ହେବି ।

ଗୁରୁ—ଆଚ୍ଛା, ତୁମ୍ଭେମାନଙ୍କୁ ଗୋଟିଏ କଥା କହିବାକୁ ଅଛି ।

ଅମର—କି କଥା ଗୁରୁଦେବ ।

ଗୁରୁ—ଆଜି ଏକାଦଶୀ, କିଛି ଫଳମୂଳ ଜଙ୍ଗଲରୁ ଆଣିଲେ ମୁଁ ପାରଣା କରିବି ।

ଅମର—ଗୁରୁ ! ଭାଇମାନେ ଯିବେ ତ ?

ଗୁରୁ—ବାହାନ, ତୋପାନ ! ତୁମ୍ଭେମାନେ ଯିବ ତ ?

ବାହାନ—ଗୁରୁଦେବ ! ଆପଣଙ୍କ ଆଜ୍ଞା ଆମ୍ଭେମାନେ କଣ ଅବଜ୍ଞା କରିପାରୁଁ, ଚାଲ ଅମର । (ସମସ୍ତେ ପ୍ରସ୍ଥାନ)

ଗୁରୁ—ଆରେ ଧନ ତ ହାତରେ ପଡ଼ିଲାନାହିଁ; ଏ ମାରିଯାଇଲେ ମୋତେ ଧନ ଦେବେ ନାହିଁ । ଆଉ କଣ ପଛେ ପଛେ ଯିବି ? ନା, କାଳେ ସେମାନେ ଧରା ପଡ଼ନ୍ତି, ମୁଁ ସଙ୍ଗରେ ଥିଲେ ୧ମ ମୁଦାଲା; ମୁଁ ଯିବି ନାହିଁ ।

## ତୃତୀୟ ଦୃଶ୍ୟ

ବନପଥ

ଅମର—ଭାଇ, ଦେଖିଲ ଅନେକ ପକ୍ୱଫଳ ଏହି ସ୍ଥାନରେ ଅଛି । ଆପଣ ଫଳ ତୋଳନ୍ତୁ ମୁଁ ଟିକିଏ ବିଶ୍ରାମ ନେଇ ଆପଣଙ୍କ ସହିତ ଯୋଗ ଦେବି ।

ବାହନ—ତୋଫାନ ! ଦେଖୁଛୁନା ଆମେ ଫଳ ତୋଳିବୁ ସେ ଶ୍ରମ ହରିବ । ଏ ମୂର୍ଖ ତ ରାଜଗାଦି ନ ଦେଖଣୁ ଏତେ ଦମାକ୍, ସିଂହାସନକୁ ଗଲେ କଣ ନ କରିବ ?

ଅମର—ଭାଇ, ମୁଁ କଣ କହିଲି କି ଆପଣ ଏତେ ବିରକ୍ତ ହେଉଛନ୍ତି ?

ବାହନ ମୂର୍ଖ ! ଫଳ ତୋଳିବାକୁ ଆସିଛୁ ? ତୋର ଜୀବନର ଫଳଟି ଆଜି ଆମ୍ଭେ ତୋଳିବୁ !

ଅମର—ଭାଇ, ମୋର ଅପରାଧ କଣ ? ମୋତେ ବିନାଦୋଷରେ ବିନାଶିବ କାହିଁକି ?

ତୋଫାନ—ମୂର୍ଖ ! ବଞ୍ଚିଲେ ଦିନେ ତୁହି ହେବୁ ଆମ୍ଭ କାଳ, ଥିବାଯାଏ ପିଣ୍ଡରେ ପରାଣ ତୋହର, ନାହିଁ ଆମ୍ଭ କର୍ମେ ଏହି ରାଜ ସିଂହାସନ ।

ବାହାନ—ମୂଖ ! ପିତା ସତ୍ୟ କରିଛନ୍ତି ତୋତେ ସିଂହାସନରେ ବସାଇବେ ।

ଅମର—ନା ଭାଇ, ଏ କି ଅନ୍ୟାୟ କଥା, ଆପଣ ଜ୍ୟେଷ୍ଠଭ୍ରାତ । ଆପଣ ସିଂହାସନରେ ନ ବସି ମୁଁ ବା କପରି ବସିବି ?

ବାହାନ—ତୋଫାନ ! ଧର ଶୀଘ୍ର [ଅମର ପ୍ରତି] ଇଷ୍ଟ ଚନ୍ଦ୍ରାକର ଦୁଷ୍ଟ ଥରେ ।

ଅମର—ଗୀତ

( ହାମସେ ନ ବେ ଲେନା ମହାରାଜ—ବୃତ୍ତେ )

ସହୋଦର ପରକର କାହିଁକି ?
ମୁଁ ପର ତୁମ୍ଭ କଙ୍କର; କ୍ଷମା ମୋତେ କର ପାର
ଛାର ଏ ଐଶ୍ୱର୍ଯ୍ୟ ପାଇଁକି । ଘୋଷା ।

ଭାଇ । ସାମାନ୍ୟ ସମ୍ପଦ ପାଇଁ ମୋର ଜୀବନ ନେବ ? ମୁଁ ପିତାଙ୍କୁ କହି ଆପଣଙ୍କୁ ସିଂହାସନରେ ବସାଇବି, ଏହା ମୋର ନିବାର ସତ୍ୟ ।

ବାହାନ—ମୂର୍ଖ ! ପିତା ସତ୍ୟ କରିଛନ୍ତି ତୋତେ ସିଂହାସନ ଦେବେ ।

ଅମର—(ଗୀତ)

ସମ୍ପଦେ ନାହିଁ ଆଶା, ଦିଅ ଚରଣେ ଆଶ୍ରା,
ସହାୟ ଆଶା ଭରସା ନ ତୁଟା ଭାଇ ।
କାଲେ ହେଲେ ନିରାଶା, ଉଡ଼ିଗଲା ମୋ ହଂସା
ହଂସା ଖୋଜି ନାହିଁଟି ।୨

ଭାଇ ! ନାହିଁ ଆଶା ସମ୍ପଦେ ମୋହର, କର୍ମେ ଯାହା ଦିବି ଅଛି ଲଭି ତା ନିଶ୍ଚେ ଭୋଗିବ ମାନବ । ପୁଣି ଜୀବନଟା ନୁହେ ଚିରସ୍ଥାୟୀ, କିନ୍ତୁ ସମ୍ପଦଟା ଚିରଦିନ ଥିଆ, ଅମର ହୁଅନ୍ତା ଯେବେ ମାନବ ଏ ଭବେ, ଦୃଢ଼କରି କହନ୍ତା ସେ ସମ୍ପଦ ମୋହର । ଭାଇ ! କୁହି ଅବୁଝା ହେଉଛ ତୁମେ ? ମୁହିଁ ତବ ଅନୁଗତ ଭୃତ୍ୟ, କ୍ଷମା ଦିଅ ମୋରେ, ଦୋଷୀ ହୋଇଛି ଅଜ୍ଞାନେ ।

ବାହନ—କି କ୍ଷମା ଗୃହ୍ଣ ମୂର୍ଖ ।

ଅମର—( ଗୀତ )

ପ୍ରାଣେ ନ ମାର ଭାଇ କେଉଣେ ଯିବି ପଳାଇ
କେତେହେଁ ବିଦ୍ରୋହୀ ହୋଇ ରହିବି ତୁମ୍ଭପାଇଁ
ବାଳକୃଷ୍ଣ କହଇ ତୁମ୍ଭଙ୍କୁ ଇଷ୍ଟହାହି
କଷ୍ଟ ମନେ କାହିଁକି ।

ଭାଇ ! ପ୍ରାଣଭିକ୍ଷା ଦିଅ ଏ ଅଧୀନେ, ଲୋଡ଼ା ନାହିଁ ରାଜଗାଦି ମୋର । ଭିକ୍ଷାଝୁଲି ବହିଲେ ପୋଷିବ ମୋ ପେଟ । ମୋ ଲାଗି ଘଟିବ ଯେବେ ରାଜ୍ୟରେ ବିପ୍ଳବ ଅନ୍ୟଦେଶେ ପଳାଇବି ନିଶ୍ଚେ ସତ୍ୟ ସତ୍ୟ !

ତୋଫାନ ଭାଇ—ଦୁଃଖବେଳ କଥା ସୁଖବେଳେ ଆଏନା କାହାର ।

—*—

ବାହନ ଗୀତ ( ତାଳ ଖେମଟା )
ଭଣ୍ଡା ଭଣ୍ଡି କଥା ଧାଡ଼ି ଛାଡ଼ି ଭଣ୍ଡ
ଖଣ୍ଡ ଖଣ୍ଡ ହେବୁରେ ।
ଅଣ୍ଡା ହୋଇ ତୁହି ଭେଣ୍ଡାଙ୍କ ଉଦରେ
ଦଣ୍ଡକରେ ଯିବୁରେ । ପଦ ।
ମେଣ୍ଢା ପଶୁ ପରି ତୋ ଷଣ୍ଢାରେ ଆଜ
ଖଣ୍ଡା ଦେବୁ ହଣ୍ଡାରେ ।
ଚଣ୍ଡାଳଆ ବୁଦ୍ଧି ଦେଇଛୁରେ ବନ୍ଧି
ଥଣ୍ଡା କରି ଦେବୁରେ । ୧ ।

ମୂର୍ଖ ସେ ଭଣ୍ଡାଭଣ୍ଡି କଥା ରଖିଦେ । ମେଣ୍ଢାକୁ ଯେପରି ଦେବୀଙ୍କ ନିକଟରେ ବୋଦା କରା ହୁଏ, ତୋତେ ଆଜି ଏ ବନଦେବୀଙ୍କ ନିକଟରେ ସେହିପରି ବୋଦା ଦେବ ।

(ଗୀତ)—
ଗୁଣ୍ଡାକରି ତୋର ମଥାରେ,
ଛୁଣ୍ଡାଇବୁ ମନ୍ଦୁଚନ୍ଦ୍ରାରେ
ବାଳକୃଷ୍ଣ ବୋଲେ ବ୍ରହ୍ମାଣ୍ଡେ ତୁ ଥିଲେ
ପକାଇବୁ ରେ କାରୁରେ ।

ତୋପାନ ଆଉ ଡେରି କାହିଁକି ? ବିଳମ୍ବରେ
ଘଟିପାରେ ବାଧା ।

ଅମର ଗୀତ— (ରାଗ ଶଙ୍କରାଭରଣ)
ଦୟାନିଧି ଦୟା ପଦ ନାହିଁ କି ତୁମର
କାତରେ ଡାକିଲେ କମ୍ପା ନ ଶୁଣ କର୍ଣ୍ଣରେ,
ପ୍ରାଣ ମୋର ଚାଲି ଛାଡ଼ି
ଏ ବିପଦ ବେଳେ ପ୍ରଭୁ ନ ଆସ ଦଉଡ଼ି । ୨ ।

ପ୍ରଭୁ ଅଗାଧ ଜଳେ ଦ୍ୱିରଦ ଡାକିବା ସମୟେ ପଶାଖେଳ ଭଳି ଲକ୍ଷ୍ମୀ ପାଶୁଁ ଚକ୍ରେ ନକ୍ର କରିଥିଲ ବଧ, କିନ୍ତୁ ଏ ହତଭାଗା ଡାକ କମ୍ପା ଶୁଣୁ ନାହିଁ କର୍ଣ୍ଣେ ।

( ଗୀତ )
ଅଖିଳ ବ୍ରହ୍ମାଣ୍ଡ କର୍ତ୍ତା ପ୍ରଭୁ ଅନ୍ତର୍ଯ୍ୟାମୀ
ମୋ ଅନ୍ତର ବେଦନା କି ନ ପାରୁଛ ଜାଣି
ପଦ୍ମପାଦେ ଦିଅ ସ୍ଥାନ ।
ଏ ଭବ କଷ୍ଟରୁ ମୋତେ କର ପରିତ୍ରାଣ । ୨ ।

ପ୍ରଭୁ ! ଜଗତର ଅନ୍ତର ବେଦନା ଜାଣିପାରୁଛନ୍ତି, କିନ୍ତୁ ଏ ହତଭାଗାର ଅନ୍ତର କଥା ଜାଣିପାରୁ ନାହାନ୍ତି ।

ବାହନ—ମୂର୍ଖ ! ଭାବିଛୁ ଭଗବାନ ରକ୍ଷା କରିବେ ?

ଅମର—(ଗୀତ)
କି ଛାର ସମ୍ପଦ ପାଇଁ ନିଅ ମୋ ଜୀବନ
ଏଥିକୁ ସାକ୍ଷୀ ମୋହର ଲକ୍ଷ୍ମୀ ନାରାୟଣ,
ବାଳକୃଷ୍ଣ କଲା ଚିନ୍ତା,
ସମ୍ପଦେ ବିପଦେ ମୋତେ ନ ପକାଅ ଧାନ୍ଦା । ୪ ।

ଭାଇ ! ମାରିବତ ହିଁ କିନ୍ତୁ ଏତକ କଥା ମୋର ମନେ ରଖିବାକୁ ହେବ, ଯେବେ ଏ ପୋଡ଼ା ଭାଗ୍ୟରେ ରାଜସିଂହାସନ ଅଧିକାର ଜଗଦୀଶ୍ୱର ଦେଇଥାନ୍ତି, ଆପଣ ମୋତେ ମାରି ଶ୍ୱାନ ଶୃଗାଳ ମୁଖରେ ଦେଲେ ସୁଦ୍ଧା ଅସ୍ଥିମାନ ଯେବେ ଶୃଗାଳ ବିଷ୍ଠାରେ ଥାଏ, ତେବେ ସେ ଅସ୍ଥି ଦିନେ ନିଶ୍ଚୟ ରାଜଗାଦି ଭୋଗ କରିବ । ପୁଣି ଯଦି ଆପଣଙ୍କ ଭାଗ୍ୟରେ ଦାସତ୍ୱ ସ୍ୱୀକାର କରିବାକୁ ଥାଏ ତେବେ ଆପଣ ଦିନେହେଲେ ମୋ ନିକଟରେ ଦାସତ୍ୱ ସ୍ୱୀକାର କରିବେ ଏଥିରେ ଅଣୁମାନ ସନ୍ଦେହ ନାହିଁ । ଈଶ୍ୱର ତୁମ୍ଭଙ୍କୁ ପରମାୟୁ ଦିଅନ୍ତୁ । ( ଅମରକୁ ହାଣିବା ଅଭିନୟ )

---

## ଚତୁର୍ଥ ଦୃଶ୍ୟ

( କକ୍ଷ )

( ରାଜା, ବିଦ୍ୟାଗୁରୁ, ବାହନ ଓ ତୋପାନ )

ରାଜା—ବାହାନ, ତୁମ୍ଭମାନଙ୍କର ମୁଖ ଏପରି ବିରସ ଦେଖା ହେଉଛି କାହିଁକି ? ମୁଁ ତ କିଛି ବୁଝି ପାରୁନାହିଁ ।

ବାହନ—ଗୀତ ( ତାଳ—ଛପକା )
କି କହିବି ପିଅର ହେ ପ୍ରିୟପୁତ୍ର ଗଲାଣି,
ଅମର ଅମରପୁରେ ଧାତା ସ୍ଥାନ ଦେଲାଣି । ଘୋଷା ।

ପିତଃ, ଅମର ଏ ଦୁର୍ଭାଗାମାନଙ୍କ ସଙ୍ଗ ଛାଡ଼ି ସ୍ୱର୍ଗ-ଧାମରେ ନିଶ୍ଚିନ୍ତରେ ବସିଲାଣି ।

ରାଜା—କଣ ହେଲା, ଅମର କୁଆଡ଼େ ଗଲା ? ଗୁରୁଦେବ !

ଗୁରୁ—ମହାରାଜ ! ହେ ହେ ହୁ ହୁ ।

ବାହାନ— (ଗୀତ)

ଏ ଦୁର୍ଭାଗା ସଙ୍ଗ ଛାଡ଼ି ସିଂହମୁଖେ ଗଲାପଡ଼ି,
ଶ୍ରୀମୁଖ କମଳ କଡ଼ି ଲୋପ କାହିଁ କଲଣି । ୧ ।
ପିତଃ ! ସ୍କୁଲକୁ ଯିବା ସମୟରେ ଅମର ସିଂହ ମୁଖରେ ପତିତ ହେଲା ।

ରାଜା—କଣ ହେଲା, ଅମର ସିଂହ ମୁଖରେ ପତିତ ହେଲା ?

ବାହାନ—ଅମର କଣ ଆଉ ନାହିଁ ?

ବାହ ନ—(ଗୀତ)

କରିଥିଲୁ ଦୃଢ଼ ଆଶା ଅମର ହେବ ଭରସା
ବାଳକୃଷ୍ଣ ବୋଲେ ଦଶା ମନ୍ଦ ହେଲା ଏକ୍ଷଣି ।
ପିତଃ । ଆମ୍ଭେମାନେ ଭରସା କରିଥିଲୁ ଅମର ଆମ୍ଭର ସାହା ପକ୍ଷ ଭରସା ହେବ ବୋଲି, କିନ୍ତୁ ବିଧାତା ସେକଥା ବେଶିକାଳ ରଖିଲା ନାହିଁ ।

ରାଜା—ଗୁରୁଦେବ ! ସତେ ଅମର କଣ ଆଉ ନାହିଁ ?
ମୋର ସ୍ନେହର ଅମର ଆଉ କଣ ନାହିଁ ।

ଗୀତ—( କୀର୍ତ୍ତନ ସ୍ୱର )

କହ ଗୁରୁ କହ ମୋତେ ବୁଦ୍ଧି ଦିଶୁନାହିଁ ରେ ।
ଅମର ବିହୁନେ ପ୍ରାଣ ଧରି କାହିଁ ପାଇଁ ରେ,
ଆଉ କି କରିବି, ଅମର ବିହୁନେ ପ୍ରାଣ ଦେବି । ୧ ।
ଗୁରୁଦେବ ! ଅମର ନିଶ୍ଚିନ୍ତରେ ସ୍ୱର୍ଗବାସ କଲା ।
ଏ ଅଭାଗା ପିତାକୁ ସଙ୍ଗେ ନ ନେଲା କାହିଁକି ?

ଗୁରୁ—ମହାରାଜ ! ଆଉ ଭାବିଲେ କଣ ହେବ, ମଲାପୁଅ କି ବାହୁଡ଼ି ଆସିବ ।

ରାଜା—ଗୀତ

ସର୍ବଗୁଣେ ଅଳଂକୃତ ହୋଇ ହୋଇଲା ନିଶ୍ଚିନ୍ତ
ଆଉ କେବା ସାମରଥ ନ ଦିଶଇ କାହିଁରେ ।
କହ ଯିବି କାହିଁ, ଅମରକୁ ସତେ ଦେଖିବିଇଁ । ୨ ।
ଗୁରୁଦେବ । ଅମର କେତେ ଗୁଡ଼ାଏ ପଢ଼ି ନଥିଲା ? ତାର କେତେ ବୁଦ୍ଧି, ସେ କ୍ଷଣକ ମଧ୍ୟରେ କୁଆଡ଼େ ପଳାଇଗଲା !

ଗୁରୁ—ମହାରାଜ ! ମୋ ପେଟରେ ଯେତେ ବିଦ୍ୟା ଥିଲା ସେ କେଇଟା ଦିନରେ ଏକାନଠକେ ଖୋଳନେଇ ଯାଇଥିଲା ।

ରାଜା—ଗୀତ

ଶଶିକଳା ପ୍ରାୟେ ବଢ଼ି, କ୍ଷଣେ କେଣେଗଲା ଉଡ଼ି
ତା ଲାଗି ଏ ପ୍ରାଣ ଛାଡ଼ି ଜୀବ ଗଲା ଯହିଁରେ
ଅମର ଫେରିବ,
(ସତେ) ପିତା ପିତା ବୋଲି କୋଳ ହେବ । ୩ ।
ଆଉ ସତେ ଅମର ଆସି ମୋ କୋଳରେ ପିତାପିତା ବୋଲି କୋଳ ହୋଇ ପଡ଼ିବ ।

ଗୁରୁ—ମଲା ପୁଅର ଗଳା ଗୋଟ, ପ୍ରକୃତ କେଇଟା ଦିନରେ କେତେ ଟୋକାଟାଏ ହୋଇଥିଲା ।

ରାଜା—ବର୍ତ୍ତମାନ କଣ କରିବି, ମୁଁ ଜାଣିଥିଲି ମୋ ତିନିପୁଅ ମଧ୍ୟରେ ଅମର ଉପଯୁକ୍ତ, ସେହି ମୋର ସିଂହାସନରେ ବସିବା ପାଇଁ । ସେ ଏବେ କୁଆଡ଼େ ଗଲା, ଗୁରୁଦେବ ! (ବାହାନ ଓ ତୋଫାନ ପ୍ରତି ) ଏମାନେ ରାଜକାର୍ଯ୍ୟ ଚଳାଇ ପାରିବେ ତ ?

ଗୁରୁ—ଉଁ ହୁଁ ହୁଁ—

ରାଜା—ଗୁରୁଦେବ ! ଏମାନେ ରାଜଗାଦିରେ ବସିବା ଉପଯୁକ୍ତ ହୋଇ ନାହାନ୍ତି । ଏମାନଙ୍କୁ ଗୋଟିଏ ବିଷୟ କହିବି ।

ଗୁରୁ—କହନ୍ତୁ ମହାରାଜ । ପ୍ରକୃତ ଏମାନେ ଉପଯୁକ୍ତ ନୁହନ୍ତି ।

ରାଜା—(ଗୀତ)—

ଯାଆରେ ବେନି କୁମର, କର ବାଣିଜ୍ୟ ବେଭାର
ବାଳକୃଷ୍ଣ ବୋଲେ ମୋର ପରାମର୍ଶେ ରହି ରେ ।
ଧନାଗାରୁ ଧନ,
ନେଇ ବାଣିଜ୍ୟରେ ଦିଅ ମନ ।
ବାହାନ ! ତୋଫାନ ! ତୁମ୍ଭେମାନେ ଭଣ୍ଡାରରୁ ଧନ ନେଇ ବାଣିଜ୍ୟ ବେଭାର କରି ଯାଅ । ସେଥିରେ ତୁମ୍ଭର ବୁଦ୍ଧି ଶୁଦ୍ଧି ହୋଇଗଲେ ରାଜଗାଦିରେ ବସିବ । (ରାଜାଙ୍କ ପ୍ରସ୍ଥାନ)

ବାହାନ—ହେଉ ପିତା ।

ଗୁରୁ—ବାହାନବାବୁ ଟଙ୍କା—

ବାହାନ—କି ଟଙ୍କା ? ପିତାଙ୍କୁ ମାଗ । (ପ୍ରସ୍ଥାନ)

ଗୁରୁ—ଏଗୁଡ଼ାକ କଥାରେ ପଡ଼ି ମଣିଷ ମଲା । (ପ୍ରସ୍ଥାନ)

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ପ୍ରମୋଦ ଉଦ୍ୟାନ )

(ବିଳାସ କୁମାରୀ ଓ ସଖିଗଣ)

ବିଳାସ—ସଖି, ଏ ଜଙ୍ଗଲଟି କିପରି ନାନା ପୁଷ୍ପ ଓ ସୁକୋମଳ ପଲ୍ଲବ ସୁମଣ୍ଡିତ ହୋଇ ଜନମନ ହରଣ କରୁଛି ! ଦେଖିଲ ନାଗେଶ୍ବର, ପଲାଶ, କୁସୁମଅନା, ସୁନାରୀ; ପୁନାଗ ପ୍ରଭୃତି ବୃକ୍ଷରାଜି କିପରି କମନୀୟ ରୂପ ଧାରଣ କରିଛନ୍ତି । ସତେକି ତାଙ୍କର କାନ୍ତ ଆସିବେ ବୋଲି ସେ ଏପରି ବେଶଭୂଷା ହୋଇ ବସିଛନ୍ତି ।

୧ମା ସଖି—ହଁ ହଁ, ଜେମାଦେଈ ! ଏ ଶିମିଳିଗଛଟା ଲଣ୍ଡା ହୋଇ ପଡ଼ିଥିଲା ଦେଖିଲ ଆଜି କେଡ଼େ ସୁନ୍ଦର ଫୁଲଗୁଡ଼ିଏ ଫୁଟିଛି ।

ବିଳାସ— ସଖି ! ଆଉ କଣ କିଛି ପୁଷ୍ପ ନ ଥିଲା ? ଭ୍ରମର ସେହି ଶିମିଳି ଫୁଲରେ ମନଟା ରମିଗଲା କାହିଁକି ?

୧ମା ସଖି—ମଲା, ଶିମିଳି ଫୁଲରେ କଣ ହୋଇଛି କି ? ସେ ତ କେଡ଼େ କେଡ଼େ ନାଲିଆ ଫୁଲଟାମାନ ।

୨ୟ ସଖି—ସଙ୍ଗାତ । ଦେଖିଲ ଏ ବଉଳ ଗଛଟି କିପରି ଫଳରେ ଭାଙ୍ଗି ପଡ଼ୁଛି !

ବିଳାସ—ସଖି ! ମୋର କାହିଁକି ଏ ସୁରମ୍ୟ ସ୍ଥାନରୁ କେଉଁଣେ ଯିବାକୁ ମନଟା ତିଳେ ମାତ୍ର ବଳୁ ନାହିଁ ।

୧ମା ସଖି—ହଁ ହଁ ଜେମାମଣି, ଏହି ବାଟଦେଇ ନିତ ଆମେ ହରସେବା କରିବାକୁ ଯାଉ । ହେଲେ ତ ହେଲେ ଏପରି ଶୋଭା ଦେଖି ନ ଥିଲୁଁ ।

ବିଳାସ—ପ୍ରକୃତ ସଖି, ଆଜି ନିଶ୍ଚୟ କୌଣସି ଦଇବ-ଶକ୍ତି ବଳରୁ ଏ ସ୍ଥାନଟି ଏପରି ଶ୍ରୀ ଧାରଣ କରିଛି । ତା ନ ହେଲେ ହେଲେ ତ କାହିଁ ଏପରି ଅନୁଭବ କରି ନ ଥିଲୁ ।

(ଗୀତ)—

ସଙ୍ଗୀନି ! କୁଞ୍ଜବନ ହେଲେ କେଡ଼େ ମନୋହରା ।
ଫୁଲ ଫୁଟି ନାନା ଜାତି ବାସ ପଡ଼ୁଛି ଚହଟି
ବିରହିଣୀ ମନ ଲୁଟି କରି ନେଉଛି ପରା ।
ମଧୁକର ମଧୁ ଆଶେ ଚୁମ୍ବଇ ଫୁଲ ହରଷେ
ପ୍ରେମିକାର ପ୍ରାଣନାଶେ ରତି ହୃଦୟ୍ସାର ହାରା ।୧।

ସଙ୍ଗିନି ! ନିମିଷକ ପାଇଁ ହେଲେ କାହିଁ ଏ ସ୍ଥାନ ଛାଡ଼ିବାକୁ ମୋ ମନଟା ବଳୁ ନାହିଁ ? ଦେଖ, ଦେଖିଲ ସଖି, ଏ କଣ ଦେଖିଲଣି ।

୧ମା ସଖି—କଣ ମ ?

ବିଳାସ—ଦେଖ ଯେ ଶାଲ୍ମଳୀ ବୃକ୍ଷ ମୂଳେ କେଡ଼େ ସୁନ୍ଦର ପୁରୁଷଟିଏ ଶୋଇଛନ୍ତି ।

୧ମା ସଖି ଆସ୍ତୁ ମାଇପିଟିଏ, ଆପେ ଚମକିବେ ସମସ୍ତଙ୍କୁ ଚମକାଇବେ ।

ବିଳାସ—ସଖି; ଦେଖିଲୁ କି କମନୀୟ ମୁଖକାନ୍ତି ।

ଗୀତ—ତାଳ କଓ୍ୱାଲି

ଆହା କି ସୁନ୍ଦର ଶ୍ରୀମୁଖ ଗୋଟି,
ସଖି ଦେଖିଲୁଟିକି ମନମୋହନ ମୂର୍ତ୍ତି
ଜଣି ନବ ରବିକିରଣି ନେଉଛି ମତିକି । ଘୋଷା ।

ସଖି ଏ ପୁରୁଷଟି କିଏ ? ଧାତା ତାଙ୍କୁ କେତେ-କାଳ ବସି ଗଢ଼ି ନ ଥିଲା, ତାଙ୍କ ମୁଖକମଳ ଜ୍ୟୋତି ଚନ୍ଦ୍ର ସୂର୍ଯ୍ୟଙ୍କୁ ନିନ୍ଦା କରୁଛି ।

ସଖି—ଜେମାଦେଈ । ଏ କି ପୁରୁଷମ ? ଏହାଠାରୁ ବଳି କେଡ଼େ ସୁନ୍ଦର ପୁରୁଷ ଅଛନ୍ତି ।

ବିଳାସ—(ଗୀତ)

ପତିବରତା ହେଲେ ତେଜିବେ ପତି
ଅନୁସରିବେ ତାର ଚରଣେ ଲୋଟି ।
କୋଟି କନ୍ଦର୍ପ ଜ୍ୟୋତି ଆଶିଦଅ ମୋ କତି ।
ସ୍ବା ବିନା ନାହିଁ ବାଳ ପ୍ରାଣ ବଳୁଟି । ୧ ।

ସଖି । ସେ ଲାବଣ୍ୟ ରୂପକୁ ଦେଖି କେଉଁ ରମଣୀ ତାର ପାତିବ୍ରତ୍ୟ ବିସ୍ମୃତ ନ ହୋଇ ତାଙ୍କ ପଦର ଦାସୀ ହେବାକୁ ଇଚ୍ଛା ନ କରିବ । ସଙ୍ଗାତ ! ଏତେ ହେଲେ ମୋର ବ୍ରତଟା ସମ୍ପୂର୍ଣ୍ଣ ହୋଇଛି । ହେ ଗଙ୍ଗାଧର । ଯଦି

ଅଧୀନାରେ କୃପାଦୃଷ୍ଟି ଥାଏ ତ ଏ ମୋର ପତି ହେଉନ୍ତୁ ।

ଦାସୀ—ହଇ ଗୋ ଜେମାଦେଈ ! ତୁମ୍ଭେ କାହାକୁ ପତିରେ ବରଣ କରୁଛ ମ, ସେ କଏନା କଏ ବାଟୋଇ ଜଣେ ବାଟରେ ଶୋଇଛି, ତୁମ୍ଭେ ତାକୁ ପତିରେ ବରଣ କରିସାରିଲଣି ।

ବିଳାସ—ସଖି ! ଆଉ କଏ ବୋଲି କହନା, ମୁଁ ତାଙ୍କୁ ପତିତ୍ୱରେ ବରଣ କରିସାରିଲଣି, ତୁମେ ଯାଅ ତାଙ୍କୁ ଉଠାଇ ପଦେ କଥା ପଚାରିବ ।

୧ମା ସଖି—କାହାକୁ ମ ! ସେ ମରଦ ଜଣେ ଶୋଇଛି, ଆମେ ମାଇପେ ଦଣ୍ଡ କାହିଁକି ତା ନିକଟକୁ ଯିବୁ, ଆମ୍ଭଠୁ କଣ ଲଜ୍ଜାଶରମ ଏକାବେଳକେ ଗୁଚିଗଲା ?

ବିଳାସ—ସଖି ? ମୋ ରାଣଟି, ମୋ ମୁଣ୍ଡ ଖାଅଟି, ଯାଅ ତାଙ୍କୁ ଉଠାଇବ ।

୧ମା ସଖି—ଜେମାଦେଈ ! କଣ କହୁଛ ମ ? ତମର ଖାଲି ସବୁବେଳେ ଏକଜିଦ କଥା । (ସୁନାପ୍ରତି) ହଇଲୋ ସୁନା, ତୁ ଯିବୁଟି ?

ସୁନା—ମୁଁ ଏକା ଯିବି ? ଏହା କେବେ ହେବ ନାହିଁ । ତୁ ଯେବେ ଯିବୁ, ମୁଁ ଯିବି ।

୧ମା ସଖି ହଉ ଚାଲ, ମୁହଁଟାକୁ ପରା ଧାନ ଉଷୁଆଁ ହାଣ୍ଡି ପରି ନିଦଦେଲେଣି ।

(ଅମର ନିକଟ ଯିବା, ମୁର୍ଦ୍ଧାର ଦେଖି ଚମକି ପଡ଼ି) ଇଲୋ ବାପା ଲୋ, ଗୋଟାଏ ମୁର୍ଦ୍ଧାରଟା ! ମଶାଣିରେ ଆସି ପଶିଗଲେଣି, ଚାଲ ଚାଲ ଜେମାକୁ କହିବା ।

ବିଳାସ—ସଖି ! କଣ କହିଲେ, ତୁମ୍ଭେ ଚହଲା ହେଲ ତ ?

୧ମା ସଖି—ମଲା ତମର ପୁଣି ହସ ବାହାରୁଛି ?

ବିଳାସ—କଣ ଗାଳି ଦେଲେ କି ?

୧ମା ସଖି—ହଁ ଗାଳି ଦେଲେ, କି ହୋ, ସେ ପରା ମୁର୍ଦ୍ଧାରଟା ପଡ଼ିଛି । ତା ଦେହ ଅଧେ ହଣା ହୋଇଛି ।

ବିଳାସ—ସଖି । ମିଥ୍ୟା କଥା । ଚାଲିଲ ଦେଖିବା ।



୧ମା ସଖି—ଆଉ ହେବ ନାହିଁ ହେବ ନାହିଁ । କହୋ ମୁର୍ଦ୍ଧାରଟା କତକ କାହିଁକି ଯିବ ? ବେଳ ଆସି ଏତେ ହେଲଣି, ବାପା ତେଣେ ବିରକ୍ତ ହେଉଥିବେ । ଆସିବଟି ଯିବା ।

ବିଳାସ—ମୁଁ ତାଙ୍କୁ ନ ଦେଖିଲେ କୁଆଡ଼କୁ ଯିବି ନାହିଁ ।

୧ମା ସଖି—ଚାଲ ସାଙ୍ଗରେ ତ ଆସିଛୁ ଯାହା କରିବାର କରିଯିବ ।

(ମୁର୍ଦ୍ଧାର ଦେଖି)

ବିଳାସ—ସଖି । କଏ ଏପରି ନିଷ୍ଠୁର କାର୍ଯ୍ୟ କରିଛି ?

୧ମା ସଖି—ମଲା, ଯିଏ ଯାହାର ଦୋଷ କଲା ସେ ତାକୁ ମାଇଲା ହାଣିଲା, ତମକୁ କାହିଁକି ଏତେ ଚିନ୍ତା ଲାଗିଛି ମ ?

ବିଳାସ—ଏ ଦୋଷକଲା ବ୍ୟକ୍ତି ?

୧ମା ସଖି—ଦୋଷକଲା ଲୋକ ଗୋଟିଏ କପାଳରେ ଥାନ୍ତି ପରା ? କହୋ ତୁମ୍ଭେ ମୁର୍ଦ୍ଧାରଟା ପାଖକୁ ଯାଉଛ କାହିଁକି ?

ବିଳାସ—ମୁର୍ଦ୍ଧାର କଏ ସଖି ।

(ଗୀତ)

(କଳା କଳେବର କହ୍ନାଇ—ବୃନ୍ଦେ)

ଏହି ମୋ ପ୍ରାଣଧନ ଗୋ ସେନ ସଦନେ ମୋର
ହର ସେବି ବର ପାଇଛି ଯୋଗ୍ୟ ହେବେ ମୋହର ।
ସଖି ! ମୁଁ ହରଙ୍କୁ ସେବି ବର ପାଇଛି ପରା ?

୧ମା ସଖି—ହରଙ୍କୁ ସେବା କରି ମୁର୍ଦ୍ଧାରଟାଏ ପାଇଲ; ତମର ମତଲବ ଖରାପ ହୋଇଗଲାଣି କି ?

ବିଳାସ— (ଗୀତ)

ସୁରଙ୍ଗ ଅଧରୁ ମଧୁକୁ ପିଇ ବଢ଼ାଇବି ଶାନ୍ତି
ହୃଦପୁଷ୍ପଲଙ୍କେ ଲଗାଇ ରସେ ପୂଜିବି ନିତି । ୨ ।

ସଖି ! ହରଙ୍କୁ ଆଉ ସେବା କରିବି ନାହିଁ । ଯଦି ହରଙ୍କ କୃପାରୁ ଏ ବରଟି ପାଇଛି ତେବେ ଆଜଠାରୁ ଏହାଙ୍କୁ ହିଁ ସେବା କରିବି ।

ସଖି—ହିଁ ହିଁ, ହର କହିଥିଲେ ମୋତେ ସେବା କରିବୁ ଏ ମୁର୍ଦ୍ଧାରଟାକୁ ବର ହେବୁ ।

ବିଳାସ—ସଖି ! ମୁର୍ଦ୍ଧାର କହନା ।

(ଗୀତ)

ସହଚରି ! ତାତେ ଜଣାଇ ବିଭା କରାଅ ମୋତେ,
ସୌଭାଗ୍ୟବଳେ ମୁଁ ପାଇଛି ବାଳା ଥିବ ନିଶ୍ଚିନ୍ତେ ।୩।

ସଖି ! ପିତାଙ୍କୁ ଜଣାଇ ଏ ବରଟିକୁ ମୋତେ ବିବାହ କରାଇ ଦିଅ ।

ସଖି—କହୋ; ତମେ ତ ବେଶ୍ କଥା କହୁଛ । ପିତାଙ୍କୁ କହି ମୁର୍ଦ୍ଦାରଟାକୁ ବିଭା କରାଇବୁ ।

ବିଳାସ—ସଖି ! ଏ ବରକୁ ଧର, ଘରକୁ ନେବା ।

ସଖି—ଆଉ ହବ ନାହିଁ ହବ ନାହିଁ, କାଳ କଣ ଲଟାରେ ପଶିଲା ! ସେଇଟା ସଡ଼ିକରି ଗନ୍ଧେଇଲାଣି, ସେ କି ପାପ କରିଥିଲା କେଜାଣି ତାକୁ କାଉ ଶାଗୁଣା ଛୁଉଁ ନାହାନ୍ତି, ତେମେ ତାକୁ ପୁଣି ଘରକୁ ନେବ ?

ବିଳାସ ଧର ସଖି ! ବିଳମ୍ବ କରୁଛ କାହିଁକି ?

ସଖି—ସ୍ତ୍ରୀ ନା କଣ କଥା । ଏତେବେଳଟାରେ ମୁର୍ଦ୍ଦାରଛୁଆଁ ହେବାକୁ ଯିବୁ । ମୁଣ୍ଡରେ ଟିକିଏ ଲଗାଇବାକୁ ନାହିଁ, ଉକୁଣିଗୁଡ଼ାକ ସଲସଲ କରି ଖାଉଛନ୍ତି, ମୁର୍ଦ୍ଦାର ଛୁଆଁ ହୋଇ ଅଇଛୁକା ପାଣିରେ ବୁଡ଼ିବାକୁ ଯିବୁ ।

ବିଳାସ—ସଖି ! ମୋ କଥା ତେବେ ରଖିବ ନାହିଁ, ତମ ହାତ ଧରୁଛି, ଗୋଡ଼ ଧରୁଛି ।

ସଖି ଏ ତ ଆଚ୍ଛାକଥା ହେଲା, ହଇଲେ ସୁନା ! କଣ କରିବା ।

୨ୟା ସଖି—ମଲା, ଯାଙ୍ଗରେ ଆସିଥାଇ, ଆଉ କଣ ତାଙ୍କୁ ଜଙ୍ଗଲରେ ଛାଡ଼ିଦେଇଯିବା, ସେ ଯାହା କହୁଛନ୍ତି ତା କରିବା ଦରକାର ।

୧ମା—ଠୋକ, ତୋତେଇଁ ସତର ନବରଙ୍ଗ ଅଛି । ଧର, ଅକାଳରେ ତ ପଡ଼ିଥାଇ ।(ପ୍ରସ୍ଥାନ);

---

## ଦ୍ୱିତୀୟ ଦୃଶ୍ୟ

ବୈଠକଖାନା

( ରାଜା ସୁବ୍ରତ ସିଂହ )

୧ମ ଦାସୀ—ମହାରାଜ ! ଜେମାଦେଈ ଜଙ୍ଗଲରୁ ଗୋଟିଏ ବର ଆଣିଛନ୍ତି ।

ରାଜା—ବିଳାସ ! ଗୋଟିଏ ବର ପାଇଛି ? ବଡ଼ ଭାଗ୍ୟର କଥା, ତାର ଉପଯୁକ୍ତ ତ ?

୨ୟା ସଖୀ—ବର କଣ ? ମୁର୍ଦ୍ଦାରଟାଏ ତ ।

ରାଜା—ଦାସୀ, ମୁର୍ଦ୍ଦାର କଣ ?

୧ମା ସଖୀ—ହିଁ ହିଁ, ମୁର୍ଦ୍ଦାରଟିଏ ଆଣିଛନ୍ତି ।

ରାଜା—ମୁର୍ଦ୍ଦାରଟାଏ ଆଣି ବିଭା ହେବାକୁ କହୁଛି ? କି ଆଶ୍ଚର୍ଯ୍ୟ କଥା, ସେ ମୁର୍ଦ୍ଦାର ଅଛି କେଉଁଠି ?

୧ମା ସଖୀ—ମହାରାଜ ! ମୁର୍ଦ୍ଦାର ପଲଙ୍କ ଉପରେ ଶେଯମାଠ ଉପରେ ଶୋଇଛନ୍ତି ।

ରାଜା—ଚାଲ, ଚାଲ ଦେଖିବା ।

---

## ତୃତୀୟ ଦୃଶ୍ୟ

( ଅନ୍ତଃପୁର )

ରାଜା ବିଳାସ ! ଜଙ୍ଗଲକୁ ହରସେବା କରି ଯାଇଥିଲ,
(ରାଜାକୁ ଦେଖି ବିଳାସ ମାନ୍ୟ କରିବା)
ଭଲରେ ଫେରିଆସିଛ ତ ?

ବିଳାସ—ହିଁ ପିତା ! ଭଲରେ ଫେରିଆସିଛି, କିନ୍ତୁ ଆଉ ଗୋଟିଏ କଥା ।

ରାଜା—କି କଥା ।

ବିଳାସ—ପିତା ! ମୋର ଉପଯୁକ୍ତ ଗୋଟିଏ ବର ଜଙ୍ଗଲରୁ ପାଇଛି ।

ରାଜା—ଦାସୀ, କଣ କହୁଥିଲୁ ?

ଦାସୀ—ଆପଣ ଭଲକରି ପଚାରୁ ନାହାନ୍ତି । ଆମ ଉପରକୁ ରାଗୁଛନ୍ତି କାହିଁକି ?

ରାଜା—ବିଳାସ ! ସେ ବରକୁ ଡାକିଲୁ ଦେଖିବା ।

ବିଳାସ—ପିତା ! ତାଙ୍କର ଜୀବନ ନାହିଁ ।

ଦାସୀ—ଆମ କଥାଟା ଗଡ଼ାଉ ଥିଲ ।

ରାଜା—ବିଳାସ ! ଜୀବନ ନାହିଁ ? ସେ କି ପ୍ରୟୋଜନ । ତୋ ବୁଦ୍ଧି ବିଭ୍ରମ ହୋଇଛି କି ?

ଦାସୀ—ମହାରାଜ ! କି ଗନ୍ଧ କଲାଣି । (ନାକରେ ହାତ ଦେବା)

ରାଜା—ଦାସୀ ! ଉଠା, ସେ ମୁର୍ଦ୍ଦାର ଉଠା ।

ଦାସୀ—ମଲ, ଆଣିବାକୁ କିଏ କହୁଥାଏ ପୁଣି ପକାଇ ଦେବାକୁ କିଏ କହୁଥାଏ ?

ରାଜା—ଉଠା ଶୀଘ୍ର ।

ବିଳାସ—ନା ସଖି !

ସଖି—ପିତା ପରା ବିରକ୍ତ ହେଉଛନ୍ତି ।

ବିଳାସ—ନା ନା, ମୁଁ ଛାଡ଼ିବି ନାହିଁ ।

ରାଜା—ବିଳାସ ! ମୋ କଥା ମାନ, ମୁଁ ତୋତେ ସ୍ୱୟମ୍ବର କରି ବିବାହ ଦେବି । ମୋ ମାଆ ପରା, ଦାସୀ ! ଉଠା ଶୀଘ୍ର ।

ଦାସୀ—ଛାଡ଼ିବଟି ଗୋ ।

ବିଳାସ—ନା ସଖି ! ଛାଡ଼ିବି ନାହିଁ ।

ରାଜା—ବିଳାସ ! ତୋତେ କଣ ଭଲ ମଙ୍ଗଳ ଦେଖା ଯାଉନାହିଁ ।

ବିଳାସ—ମୁଁ ଭଲ ମନ୍ଦ ଜାଣେ ନା ।

ରାଜା—ମୁର୍ଦ୍ଦାରଟାକୁ ଫିଙ୍ଗି ଦେ ।

ବିଳାସ—ନା ପିତା ।

ରାଜା— (ସକ୍ରୋଧେ ଗୀତ)

(ସୁଖ ସଂସାରର ବୃତ୍ତେ)

ଧକ୍କା ଦେଇ ଯାକୁ ପଥ ଦେଖାରେ ।
ଏ ରାକ୍ଷସୀକୁ ଦଣ୍ଡେ ନାହିଁ ରଖାରେ । ଘୋଷା ।

ଦୂର—ରାକ୍ଷସୀ ! ତୋର ମୁଖ ଆଉ ଚାହିଁବି ନାହିଁ ।

(ଗୀତ)

ଶବ କେବା ଧବ କରିଛି ମହୀ,
ଦିନେ କର୍ଣ୍ଣେ ଯାହା ଶୁଣୀତ ନାହିଁ ।
ଏ ପାଷାଣୀ ହୁଣ୍ଡି ଚଣ୍ଡୀ କି ରାମଣ୍ଡୀ
ରୁଣ୍ଡେ ନଅ ପିଣ୍ଡେ ହୁଏ ଶଙ୍କାରେ ।

ଲୋ ରାକ୍ଷସି ! ଜଗତରେ କିଏ ମୁର୍ଦ୍ଦାରକୁ ବିଭା ହୋଇଛି ନା ତୁ ବିଭା ହେବୁ ?

( ବିଳାସର ଅଧୋବଦନେ ନିରୁତ୍ତର )

ରାଜା— ( ଗୀତ )

ନିର୍ଲଜ୍ଜୀକୁ ଲଜ୍ଜା ଗଲା କି ଛାଡ଼ି
କି ବେଲଜ୍ଜା କଥା କରିଲା ହୁଡ଼ି ।
ବରିଲା ମୁର୍ଦ୍ଦାର ହୋଇରି ସର୍ଦ୍ଦାର
କଦାକାଳେ ହେଲେ ହେବ ଶଙ୍କାରେ । ୨ ।

ଦାସୀ ! ଏ ନିର୍ଲଜ୍ଜୀକୁ କଣ ଲଜ୍ଜା ସରମ ଛାଡ଼ିଗଲା ? ରାକ୍ଷସୀ, ମଲୁ ନାହିଁ । ଦାସୀ ଯାକୁ ଗୃହରେ ରଖି ମଙ୍ଗଳ ନାହିଁ ।

( ଗୀତ )

ଲକ୍ଷେ ରାଜା ଯାକୁ ଝୁରନ୍ତି ବସି,
ବିଷ ବଢାଇଲୁ ମୁର୍ଦ୍ଦାରେ ରସି ।
ପୋଷି ଆଜନ୍ମରୁ ଅଙ୍ଗେ ଦେଲୁ ଚଡ଼
ବାଳକୃଷ୍ଣ ବୋଲେ ଦଇବ ଲେଖାରେ । ୩ ।

ଦାସୀ, ଯାହାକୁ ଲକ୍ଷେ ରାଜା ବିବାନିଶି ବିବାହ କରିବା ନିମିତ୍ତ ବ୍ୟଗ୍ର ହେଉଛନ୍ତି, ସେ ଗୁାର ମୁର୍ଦ୍ଦାରଟାକୁ ଆଣି ଗୃହରେ ସ୍ୱାମୀରୂପେ ବରଣ କରିଛି । ଯା ରାକ୍ଷସୀ, ତୋର ମୁଖାବଲୋକନ କରିବି ନାହିଁ ।

ବିଳାସ— ( ଗୀତ )

( ରାଧା ଧରି ସଖି କର—ବୃତ୍ତେ )

ଚରଣତଳୁ ପିଅର ଅଧୀନା ସତେ ହେବ ଅନ୍ତର
କି ପିଅର ହେ ।

ପିତଃ ! ଏ ଅଧୀନା ଆପଣଙ୍କ ଚରଣତଳୁ ଅନ୍ତର ହୋଇ ସତେ କଣ ବଞ୍ଚିପାରିବ ?

ରାଜା—ବଞ୍ଚିଲେ କେତେ, ମଲେ କେତେ ।

ବିଳାସ— ( ଗୀତ )

କାନନେ ନେତ୍ରପଥରେ,
ଦେଖି ମୁଁ ବରିଲି ମୋ ମାନସରେ ।
କି ପିଅରେ ହେ ।
ମୃତ ଶବ ମୁଁ ନ ଜାଣି ତାରେ । ୨ ।

ପିତଃ ! ହରପୂଜା ଯିବା ସମୟରେ ଦୂରରୁ ଯାଙ୍କର ରୂପଲାବଣ୍ୟକୁ ଦେଖି ପତିରେ ବରଣ କଲି ।

ରାଜା—ମୃତ କି ଜୀବିତ କିଛି ନ ଦେଖି କପରି ବରଣ କଲୁ ।

ବିଳାସ —　　　　( ଗୀତ )

ଅଷ୍ଟ ଅଳଙ୍କାର ଶୋଭା,
ରତି ଜିଣି ରୂପ ପ୍ରଭାଏ ଆଭା ।
କି ପିଅର ହେ ।
ଦୂରୁ ଦେଖି କଲି ମନଲୋଭା । ୩ ।

ପିତଃ ! ଦୂରରୁ ଦେଖି ତାର ଶୋଭାରେ ବିମୁଗ୍ଧ ହୋଇ ମନେ ମନେ ବରଣ କଲି, ନିକଟକୁ ଯାଇ ଦେଖନ୍ତେ ମୃତ ।

ରାଜା—ଆଃ ! ମୃତ ଦେଖି ପୁନରାୟ ତାର ଅଙ୍ଗ ସ୍ପର୍ଶ କଲୁ କାହିଁକି ?

ବିଳାସ—　　　　( ଗୀତ )

ଚୁମ୍ବକ ଯେସନେ ଲୁହା
ତେସନେ ରମଣୀ ପୁରୁଷମାୟା ।
କି ପିଅର ହେ ।
ଜାଣିଶୁଣି ଦଣ୍ଡୁଅଛ ଏହା । ୪ ।

ପିତଃ ! ଏ ପୁରୁଷ ବ୍ୟତୀତ ଅନ୍ୟ କେଉଁଥିରେ ମୋର ଇଚ୍ଛା ନାହିଁ ।

ରାଜା—ଯା ରାକ୍ଷସୀ—ମୁଁ ତୋର କଥା ଶୁଣିବାକୁ ଚାହେଁନା ।

ବିଳାସ —　　　　( ଗୀତ )

ମୃତ ହେଉ ବା ଜୀବିତ,
ଯେବେ ମୁଁ ବରିଛି ସେ ମୋର କାନ୍ତ ।
କି ପିଅର ହେ ।
ବାଳା ନ ଟାଳିବ ଦୃଢ଼ ବ୍ରତ । ୫ ।

ପିତଃ ! ମୋ ଭାଗ୍ୟକୁ ଯାହା ହେଉ ମୁଁ ସତ୍ୟଭ୍ରଷ୍ଟା ହେବି ନାହିଁ । ଭବିଷ୍ୟତ ଦଶା ପଛେ ମୋର ଯା ହେବ, ଏହି ମୋର ଚିତ୍ତ ।



# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ବନପଥ)

ବିଳାସ　(ସର୍ଦ୍ଦାର ବେଶ ଗୀତ) ।

(ରାଗ—ଜୟନ୍ତୀ । କଳା କାଇଁଚ ବାଣୀ)
ଆହାରେ ମନ୍ଦ ବିଧାତା ଏ କି ଛନ୍ଦ କଲୁ ।
ଅଭାଗିନୀ କୋଳେ ଆଣି ମୃତ ବର ଦେଲୁ
ବିଧାତା ! କି ଯଶ ପାଇଲୁ ! ୧ ।

ହାରେ ବିଧାତା ! ଏ ଅଭାଗିନୀକୁ ଏତେ ହଟହଟା କରିବାକୁ ତୋ ମନରେ ଥିଲା ? ଆଉ କୁଆଡ଼େ ଯିବି ? ପଥ ଦେଖାଯାଉ ନାହିଁ ।

(ଗୀତ) କୋଟି ସହଚରୀ ଯାକୁ ଖଟିଥାନ୍ତି ନିତି
ସେ କନ୍ୟା ବିଜନ ବନେ ହୋଇଲା ଅନାଥୀ ।
ବିଧାତା ! କାହା ରୂପ ଚିନ୍ତ । ୨ ।

ରାଜପୁରେ ଯାହାର ପାଦତଳେ କୋଟି କୋଟି ଦାସଦାସୀ ଖଞ୍ଜା, ସେ ପୁଣି ଏ ବିଜନ କାନନରେ ଆଜି ଏ ଦଶା ଭୋଗ କରୁଛି । ଆଉ କଣ କରିବି ।

(ଗୀତ) ମୃଗତୃଷ୍ଣା ଦେଖି ଭ୍ରମେ ମରଇ ପିପାସେ ।
ଭାଗୀରଥୀ ଗର୍ଭେ ନିଶ୍ଚେ ପାଇବ ସନ୍ତୋଷେ
ଏ ରସେ । ବାଳାମଣି ଭାଷେ । ୩ ।

କହୁ କହୁ ତ ସନ୍ଧ୍ୟା ହେଲା, ସୂର୍ଯ୍ୟଦେବ ଅସ୍ତଗିରି ଚୂଡ଼ା ଚୁମ୍ବିଲେଣି । କ୍ରମେ ଚଉଆଡ଼େ ଅନ୍ଧକାର ଘୋଟି ଆସିଲାଣି । ହା ଦଇବ ! ଏଇଆ ଏ ଅଭାଗିନୀ କର୍ମରେ ଲେଖିଥିଲୁ ? ପିତା ତ ଗୃହରୁ ଅନ୍ତର କରିଦେଲେ, ଏବେ ଏ ଘୋର ଜଙ୍ଗଲରେ କଣ କରିବି ? ହେଇ, ଶିବାଗଣ ମୁଖ ବିଦ୍ରୁତ କରି ମୋ ପଛରେ ଧାଉଁଛନ୍ତି । କଣ କରିବି । ମରୀଚିକାକୁ ଜଳ ମନେକରି ପିଇବାକୁ ଯାଇଥିଲି । କିନ୍ତୁ ଜଳ ନୁହେଁ, ସେ ମାୟା । ହେ ଉମାବଲ୍ଲଭ ପାର୍ବତୀପତି ! ଆପଣଙ୍କୁ ସେବା କରିଥିଲି; ମାତ୍ର ପ୍ରତିଫଳ କଣ ଏହା ? ହୃଦୟରେ ଅନେକ ଆଶା ପୋଷଣ କରିଥିଲି; ମାତ୍ର ଏ ପୋଡ଼ା ହୃଦୟରେ ସେ ଦାରୁଣ ପିପାସା ମେଣ୍ଟିଲା ନାହିଁ । ମା ହରତୋଷିଣୀ ଶଙ୍କରପ୍ରାଣବଲ୍ଲଭ ! ମା ଗଙ୍ଗେ ନିପଥ-

ଗାମିନୀ ! ତୋର ଗର୍ଭରେ ଏ ଦାରୁଣ ପିପାସା ମେଣ୍ଟାଇବି ମା ! ଏ ହତଭାଗିନୀକୁ ଅନନ୍ତ କୋଳରେ ଆଶ୍ରୟ ଦେ ?

(ଅମରକୁ ଗଙ୍ଗାକୁ ଫିଙ୍ଗିଦେଇ ନିଜେ ଝାସ ଦେବାକୁ ଉଦ୍ୟତ, ଗଙ୍ଗାଦେବୀଙ୍କ ଆବିର୍ଭାବ )

ଗଙ୍ଗାଦେବୀ—କ୍ଷାନ୍ତ ହୁଅ ସତୀ ! ଜାଣିଲିଣି ଦୃଢ଼ ବ୍ରତ ତୋର । କିବା ଅଭିଳାଷ ଏକ୍ଷଣି । ମୁହିଁ ଗଙ୍ଗା ଦେବୀ; ଧୈର୍ଯ୍ୟ ନ ପାରୁଛୁ ଧରି ତୋହର ହୃଦୟେ । ଭାଗ୍ୟବତୀ ! କି ଦୁଃଖ ?

ବିଳାସ—ମା ? ନୁହେଁ ମୁହିଁ ଭାଗ୍ୟବତୀ, ଅଭାଗିନୀ ନାରୀ ।

ଗଙ୍ଗା—ବତ୍ସେ, କି ଦୁଃଖ ତୋହର ? ପ୍ରକାଶ ନିର୍ଭର ଅନ୍ତରେ ।

ବିଳାସ—ଗୀତ (କି ଦେଇ ସଜାଇବୁ ବୃତ୍ତେ)

କି ଦୁଃଖ କହିବି ମା ଅଟେ ମୁହିଁ ବଡ଼ ଅଭାଗିନୀ ।
ତୁ ମା ଭାଗୀରଥୀ ଯେନ ମୋ ଆରତି
ପତି ଲାଗି ମୁଁ ତ ପାଗଳିନୀ । ଘୋଷା ।
ମା ! ମୋର ପତିର ଦୁର୍ଦ୍ଦଶାରେ ମୋର ଏ ଦଶା ।

(ଗୀତ)

ହରି ପୂଜା ଯାଉଛି, ଦିନେ
ଏ ବର ଭେଟିଲି ଏ ସ୍ଥାନେ ।
ହରି ସାକ୍ଷୀ ଦେଇ ପାଶେ ଦେଖେ ଯାଇ
ପ୍ରାଣ ତାଙ୍କ ନାହିଁ ଗୋ ଜନନୀ । ୫

ଜଙ୍ଗଲକୁ ହରସେବା କରିବାକୁ ଯାଇଥିଲି । ଏ ବରଙ୍କୁ ଦୂରରୁ ଦେଖି ସ୍ୱାଙ୍କର ରୂପଲାବଣ୍ୟରେ ମୁଗ୍ଧ ହୋଇ ପତିଭାବରେ ବରଣ କଲି । ନିକଟରେ ଦେଖେତ ମୃତ । କଣ କରିବି ମୋର ପିତାଙ୍କ ନିକଟେ ନେଇ କଣ ଗଲି ।

ଗଙ୍ଗା—ତହୁଁ କଣ ହେଲା ?

ବିଳାସ— (ଗୀତ)

ପିତା ମୋର ଦେଖି ଏ ଭାବ
ତାଙ୍କ କୋଳୁ କଲେ ଅଭାବ,
ଯେନ ମୃତ ଶବ ପଶୁଛି ତୋ ଗର୍ଭ
ଆଶ୍ରା ଦେବୁ ଜଗତଜନନୀ । ୧ ।

ପିତା ମୁର୍ଦ୍ଧାର ଦେଖି ମୋତେ ରାଜ୍ୟରୁ ବାହାର କରିଦେଲେ ।

ଗଙ୍ଗା—ପୁଣ୍ୟବତି ! ଅବିଳମ୍ବେ ଭେଟିବୁ ତୋ ପତି ।

ଗୀତ (ହାଇରେ ଦାରୁଣ ବିଧି—ବୃତ୍ତେ)

ପରିହରି ଦୁଃଖ ଦେଖ ଏହି ତୋର କଣ୍ଠମଣି ।
ତୋ ସତୀତ୍ୱବଳେ କୋଳେ ତୋତେ ସମର୍ପିଲି ଆଣି ।।

ପୁଣ୍ୟବତି ! ତୋର ସତୀତ୍ୱରେ ସନ୍ତୁଷ୍ଟ ହୋଇ ତୋର ପତିଙ୍କି ତୋତେ ଅର୍ପଣ କଲି, ନେ ।

(ଗୀତ)

ସୁଖେ ବିହର ଏ ବନେ ଝଟି ତୋ ସ୍ୱାମୀ ଚରଣେ
ଭୋଗିବୁ ଐଶ୍ୱର୍ଯ୍ୟ ଦିନେ ଆସୁଛି ଶୈଳନନ୍ଦିନୀ ।

ଯା ମା ! ତୋର ପତିକୁ ଘେନି ଏ କାନନରେ ମନସୁଖେ ଭ୍ରମଣ କର । ତୋତେ ଯେତେବେଳେ ବିପଦ ପଡ଼ିବ, ତୁ ମୋତେ ସ୍ମରଣ କରିବୁ ।

(ଗୀତ)

ଦଇବ ବିପକ୍ଷ କାଳେ ପ୍ରମାଦ ପଡ଼ଇ ହେଲେ
ସହିବୁ ତାହା ନିଶ୍ଚଳେ ଧ୍ୟାନ ବାଳକୃଷ୍ଣ ଭଣି ।

( ଗଙ୍ଗା ଦେବୀଙ୍କ ତିରୋଭାବ )

ଅମର—(ସ୍ୱଗତ) ମା, ମା, ଏହିକି ଉଚିତ ଅଧମ ସନ୍ତାନେ, ନ ନେଇ ତୋ କୋଳେ ସଲ୍ଲୀଳେ ଲୁଚିଯାଉଛ କିମ୍ପାଇଁ । କି ଆଶ୍ଚର୍ଯ୍ୟ, ମୁଁ କାହିଁ ଥିଲି, କିଏ ଆଣି କଲା ଏ ହୃଦର । ମୁଁ ସୁପ୍ତ ନା ଜାଗ୍ରତ ? ମନେ ହୁଏ ସ୍ୱପ୍ନକଥାପରି । (ବିଳାସକୁ ଗୁହିଁ ପ୍ରକାଶ୍ୟେ) ଏ କିଏ ! ଦେବୀ ନା, ଏ ରୂପ ତ ନୁହେଁ, ଏ ତ ଘୋର ଜଙ୍ଗଲ । ଏଠାରେ ମନୁଷ୍ୟର ପଦଚିହ୍ନ ମାତ୍ର ପରିଲକ୍ଷିତ ହେଉ ନାହିଁ । ହେଇ, କ୍ଷଣେ କ୍ଷଣେ ସେହି ଶୁଭୁଯାଏ ହିଂସ୍ର ଜନ୍ତୁମାନଙ୍କ ଚିତ୍କାର । ତେବେ କିଏ ଏହି, ପଚାରିବି ଥରେ ।

ଗୀତ (ହେ ନୃପସୁତ—ବୃତ୍ତେ)

ରେ ନବ ତରୁଣୀ କାହାର ରମଣୀ
ନାହା କେ ତୋହର ସାହା ଅଛିକି ମାନୁଷ ପ୍ରାଣୀ । ପଦ ।

ସୁନ୍ଦରି ! ତୁମ୍ଭେ କିଏ; ଏ ଘୋର ଅରଣ୍ୟ ମଧ୍ୟରେ ଏକାକିନୀ ହୋଇ ଠିଆହେବାର ଅଭିପ୍ରାୟ କଣ ?

(ଗୀତ)

ଦେବୀ କି ମାନବୀ ତୁ ତ, ଜାଣି ନପାରେ ବୃତ୍ତାନ୍ତ,
ସୁଦୟା ବହି କଥିତ ପ୍ରକାଶ କର ରମଣୀ । ୧

ସୁନ୍ଦରି ! ତୁମ୍ଭେ ଦେବୀ ନା ମାନବୀ ? ମୁଁ ତ କିଛି ବୁଝିପାରୁନାହିଁ । ତୁମ୍ଭ ରୂପ ମନ୍ମଥ ବାମାକୁ ଜିଣି ଶୋଭା ପାଉଅଛି । କୁହ, ତୁମ୍ଭେ କାହାର ମନୋହାରିଣୀ ।

(ଗୀତ)

କାହାର ବାମା କି ଉମା, ଜଣାଅ ରେ ମନୋରମା,
ମାରବେ ରହିଛୁ କିନା, ଶୁଣାଅ ତୋ ବୀଣାବାଣୀ ।

ସୁନ୍ଦରି ! ତୁମ୍ଭେ କାହାର ସ୍ତ୍ରୀ କିମ୍ବା କାହାର ବୋହୂ ? କେଉଁ ଦେବୀ କପଟରେ ଏପରି ମୂର୍ତ୍ତି ଧାରଣ କରିଛ । (ସ୍ୱଗତ) ମୁଁ ତ ସ୍ଥୂଳଚରଣରୁ ଅନୁମାନ କରୁଛି କେହି ରାଜକନ୍ୟା ହେବ ପରା ।)

(ଗୀତ)

ଶିଶୁସଅଙ୍ଗି ନବୀଣ ନ କର ମୋ ପ୍ରାଣ ଭାର
ପରାଣ କର ମୋ ତୋଷ ବାଳକୃଷ୍ଣ ରସେ ଭଣି । ୩

ସୁନ୍ଦରି ! ମୋତେ ପରିଚୟ ଦିଅ । ମୋ ମନରେ ସନ୍ଦେହ ହେଉଛି । କାରଣ ଏ ଘୋର ଜଙ୍ଗଲ; ତହିଁରେ ପୁଣି ତୁମ୍ଭେ ସ୍ତ୍ରୀଲୋକ ଏକୁଟିଆ ।

ବିଳାସ—ମୁଁ ଏକାକିନୀ ନୁହେଁ । ମୋ ନିକଟରେ ଅଛନ୍ତି ମୋ ହୃଦୟେଶ୍ୱର, ମୋ ଆରାଧ୍ୟ ଦେବତା, ମୋ ଆଗରେ ଠିଆ ହୋଇଛନ୍ତି ।

ଅମର—କାହିଁ ତୁମ୍ଭ ଆଗରେ ତ କେହି ନାହାନ୍ତି ?

ବିଳାସ— (ଗୀତ)

(ଯମୁନା ଯିବୁ ନାହିଁ ରାଧେ—ବୃତ୍ତେ)

ଆଜ କାହିଁକି ହରବର ନାଗର ତୁମ୍ଭେ ଗଳାହାର ।
ପାଶେ ଦେଲେ ଆଶ୍ରା କହିବ ଦୁର୍ଦ୍ଦଶା
ଖାସ ନ ମଣିବ ଗିର । ପଦ ।

ନାଥ ! ଅଧୀନାକୁ ଆପଣ ଶ୍ରୀଚରଣରେ ଆଶ୍ରୟ ଦେଲେ ମୁଁ ମୋର ସମସ୍ତ ଦୁଃଖ ପ୍ରକାଶ କରିବ ।

ଅମର—ତୁମ୍ଭ ପରି କନକପ୍ରତିମା ଏ ଅଭାଗା କର୍ମରେ କେବଳ ବାମନ ଚନ୍ଦ୍ର ଧରିବା ନ୍ୟାୟ । ତେବେ କହ, ତୁମ୍ଭେ କାହାର କନ୍ୟା ?

ବିଳାସ— (ଗୀତ)

ସୁରାଟ କନ୍ୟା ମୁଁ ବିଳାସ କୁମାରୀ,
ଯାଇଥିଲି ବନେ ପୂଜି ହର ଗୌରୀ,
ସେ ବନପ୍ରାନ୍ତରେ ଭେଟିଲି
ତୁମ୍ଭ ପ୍ରେମେ ହୋଇଲି ଅଧୀର । ୧ ।

ନାଥ ! ମୁଁ ଜୟପୁରାଧିପତି ସୁରାଟ ସିଂହଙ୍କ କନ୍ୟା, ମୋ ନାମ ବିଳାସକୁମାରୀ । ମୁଁ ପ୍ରତିଦିନ ହରସେବା କରିବାକୁ ଯାଏ । ବନକରେ ଯାଉଛି, ଆପଣଙ୍କୁ ସେ ଜଙ୍ଗଲରେ ଭେଟିଲି ।

ଅମର—ମୁଁ ସେଠାରେ କଣ କରୁଥିଲି ?

ବିଳାସ— (ଗୀତ)

ଧ୍ୟାନେ ଚିନ୍ତ ଗୌରୀପତିରେ ବରି,
ପାଶେ ଯାନ୍ତେ ନାଶ ଦେଖିଲି ତୁମ୍ଭର,
କର୍ମକୁ ସୁମରି ନେଲି ନିଜ ପୁରୀ
ରାଜ୍ୟ ପିତା କଲେ ଦୂର । ୨ ।

ମୁଁ ଆପଣଙ୍କ ଶୋଭା-ସୌନ୍ଦର୍ଯ୍ୟରେ ବିମୁଗ୍ଧା ହୋଇ ହରପ୍ରିୟାଙ୍କୁ ସାକ୍ଷୀ ଦେଇ ପତିଭାବରେ ବରଣ କରି ଯାଇ ନିକଟରେ ଦେଖେତ ମୃତ । କଣ କରିବି ମୋର ଭାଗ୍ୟକୁ ସୁମରି ସଙ୍ଗାଇ ରଖିବା ସକାଶେ ଗୃହକୁ ନେଇ ଗଲି । ପିତା ମୋର ଏ ଭାବ ଦେଖି ମୋତେ ଗୃହରୁ ଅନ୍ତର କରିଦେଲେ ।

ଅମର—ତେବେ ବଞ୍ଚିଲି କିପରି ?

ବିଳାସ— (ଗୀତ)

ଦୁଃଖାନଳେ ଜଳଉଠିଲା ପରାଣ,
କରୁଥିଲି ଜଳେ ଆତ୍ମ ସମର୍ପଣ,
କିବା ଭାଗ୍ୟବଳେ ଭାଗୀରଥୀବଳେ
କଲେ ଏଡ଼େ ସୁବଗୁର । ୩ ।

ନାଥ ! ତୁମ୍ଭଙ୍କୁ ଗଙ୍ଗାକୁ ଫିଙ୍ଗିଦେଇ ମୁଁ ଝାସ ଦେଉଥିବା ସମୟରେ ଭାଗୀରଥୀ ତୁମ୍ଭଙ୍କୁ ବଞ୍ଚାଇଲେ ।

ଅମର—ସଖି ! ଏ ହତଭାଗା ଲାଗି ଏତେ କଷ୍ଟ କଲଣି ।

ବିଳାସ—ନା ନାଥ ! ତୁମକୁ ପାଇଲାବେଳୁ ମୋର ସମସ୍ତ କଷ୍ଟ ଦୂର ହୋଇଗଲାଣି । ଗୋଟିଏ ନିବେଦନ ଶୁଣା କର ।

ଅମର—କି ନିବେଦନ ?
ବିଳାସ— (ଗୀତ)
ବାସେ ଆସି ଦଶା ଫେରିଲା ଆମ୍ଭର,
ମୋ ରାଜ୍ୟରେ ନିଶ୍ଚେ ହେବ ରାଜେଶ୍ୱର,
ବାଳକୃଷ୍ଣ ବୋଲେ ବିଧି ବାମହେଲେ
ପଡ଼େ ସଙ୍କଟ ଅପାର । ୪ ।

ନାଥ ! ମୋର ପିତାଙ୍କର ମୁଁ ଏକମାତ୍ର କନ୍ୟା; ଆଉ ମୋର କେହି ଭ୍ରାତ ନାହାନ୍ତି, ଆପଣ ଚାଲନ୍ତୁ ମୋ ପିତାଙ୍କ ରାଜ୍ୟରେ ରାଜା ହେବେ ।

ଅମର—ପ୍ରିୟେ । ତୁମ୍ଭକଥା ମାନେ ଶତବାର, କିନ୍ତୁ ସେ ବିପଦେ ନ ପକାଅ ମୋତେ ।

ବିଳାସ—କି ବିପଦ ନାଥ ।

ଅମର— (ଗୀତ)
(ଜୀବଗଲେ ଯାଉ ଜବାଧରି—ବୃତ୍ତେ)
ପ୍ରାଣବାନ୍ଧବୀ ସେ ସମ୍ପଦ ଲାଗି
ଯାହା ଭୋଗୁଛି ମନୁ ଯିବ କିରେ ।
ଧନେ ବଢ଼ିବ ମାନ ଧନେ ହରିବ ଜ୍ଞାନ,
ସେ ଧନ ଏ ଜୀବନ ନେବଟିରେ । ଘୋଷା ।

ପ୍ରେୟସି ! ସ୍ଥିର ସେହି ସମ୍ପଦ ଲାଗି ଯାହା କି ଭୋଗ କରିଛି, ତାହା ଏ ଜୀବ ଗଲେ ବା ମନରୁ ଯିବ ।

ବିଳାସ—କିଣ ନାଥ, ସମ୍ପଦ ଲାଗି କି କଷ୍ଟ ଭୋଗ କଲ ?

ଅମର— (ଗୀତ)
ଧନ ଲାଗି ସହୋଦର, ଛୁରିକା ଦେଲେ ଗଳାର,
ଆଉ କି ଧନ ମୋର ହେବଟିରେ
ଦୀନ ଦରିଦ୍ର ହେଲେ ବିପଦ ନାହିଁ କାଳେ,
ଅନ୍ତେ ମିଳିବ କୃଷ୍ଣସେବାଟିରେ । ୨ ।

ପ୍ରିୟେ ! ଆମ୍ଭ ପିତାଙ୍କର ଆମ୍ଭେ ତିନିପୁତ୍ର, ପିତା ସତ୍ୟ କଲେ, ଆମ୍ଭ ତିନିଜଣଙ୍କ ମଧ୍ୟରେ ଯେ କି ଉପଯୁକ୍ତ ହେବ ତାକୁ ରାଜଗାଦିରେ ବସାଇ ସେ ସନ୍ନ୍ୟାସୀ ହୋଇଯିବେ । ସଖି ! ମୁଁ କନିଷ୍ଠପୁତ୍ର; କିନ୍ତୁ ଈଶ୍ୱରଙ୍କ କୃପାରୁ ଅନେକ ଗୁଡ଼ିଏ ବିଦ୍ୟା ପଢ଼ିଥିଲି । ଅନ୍ୟ ଦୁଇଭାଇ ଭାବିଲେ କାଳେ ଅମର ରାଜଗାଦିରେ ବସିବ ସେ ହେତୁ ବିଦ୍ୟାଗୁରୁଙ୍କ ପରାମର୍ଶରେ ମୋତେ ଜଙ୍ଗଲରେ ମାରି ପକାଇଲେ ।

ବିଳାସ—ତୁମର ଭାଇ ତୁମ୍ଭଙ୍କୁ ମାରିଦେଲେ ?

ଅମର— (ଗୀତ)
ରଙ୍କରତନ ଧନ ଧନେ ଯେବେ ତୋ ମନ
ଦିନେ ସେ ଦୀନବନ୍ଧୁ ଦେବେଟିରେ ।
ନ କର ବାଳି ଖେଦ ସମ୍ପଦଟି ଆପଦ
ଯୋଗ୍ୟ ହେଲେ ଭାଗ୍ୟରେ ଥିବଟିରେ ।

ସଖି ! ତୁମ୍ଭର ଯେବେ ଧନରେ ଆଶା ତେବେ ଦିନେ ସେ ଦୀନବନ୍ଧୁ ଦେବେ, ସେଥିପାଇଁ ଭାବନା କରିବା ଆବଶ୍ୟକ କିଣ । ଯଦି ଏ ହତଭାଗା ସଙ୍ଗରେ ବୁଲିବାକୁ କଷ୍ଟ ମନେକର ତେବେ ଚାଲ ତୁମ୍ଭଙ୍କୁ ତୁମ୍ଭ ପିତାଙ୍କ ନିକଟରେ ଛାଡ଼ି ଆସିବି ।

ବିଳାସ—ନାଥ ! ନାରୀର ଶ୍ରେଷ୍ଠ ଉପାସ୍ୟ ଦେବତା ପତି । ପତି ବିନା ନାହିଁ କା ହିଁ ଗତି । ମୋର ପତି ଯେଉଁଠି, ମୋର ରାଜ୍ୟ ସେଇଠି ।

ଅମର—ସଖି ! ତୁମ୍ଭଙ୍କୁ କ୍ଷୁଧା ହେବଣି, ଏଠାରେ ଟିକିଏ ବସ । ମୁଁ କିଛି ଫଳମୂଳ ସଂଗ୍ରହ କରିଆଣେ ଭୋଜନ କରିବ ।

ବିଳାସ—ହେଉ ନାଥ ଆସନ୍ତୁ । ( ଅମର ପ୍ରସ୍ଥାନ )

( ବାହାନ, ତୋଫାନ ଗଙ୍ଗାରେ ବୋଇତ ଯୋଗେ ଯାଉଥିବା ସମୟେ ଉପକୂଳବର୍ତ୍ତୀ ଜଙ୍ଗଲରେ ବିଳାସକୁ ଦେଖିବା )

ବାହାନ—ମାଝି ! ଦେଖିଲୁ ଏ ଘୋର ଜଙ୍ଗଲରେ ଏ ସୁନ୍ଦରୀ କନ୍ୟା କିଏ ବସିଛି ?

ମାଝି—ମହାରାଜ ! କିଏ ନାହିଁ କିଏ ବସିଥିବ, ଆମର ସେଥିରେ କିଣ ଅଛି ।

ବାହାନ—ମାଝି ! ତୋଫାନ ବୋଇତରେ ଥାଉ, ଚାଲ ଆମ୍ଭେ ତା ନିକଟକୁ ଯିବା (ତଥାକରଣ) ମାଝି ! ଏ ଆଖପାଖରେ ତ କେହି ଦେଖାଯାଉ ନାହାନ୍ତି, ସ୍ତ୍ରୀଟି କିଣ ଅନାଥିନୀ ?

ମାଝି—ମହାରାଜ ! କିଏ କେଉଁଠି ଥିବ ଆପଣ ତା ନିକଟକୁ ଯାଆନ୍ତୁ ନାହିଁ ।

ବାହାନ—ଆରେ ପାଗଳ, ଆମ୍ଭର କଏ କଣ କରିବ, ଗୁଲ ତା ନିକଟକୁ, କଣ୍ଟୁ ପଗ୍ଭରିବା ।

ମାଝି—ସାଆନ୍ତେ, ସେ ଗୋଟାଏ ବଣର ଦେଖା ହେବ ପରା । ମୁଁ ତ କେବେ ଯିବ ନାହିଁ । ଯେବେ ଭାଗ୍ୟ ଅବଳରୁ ଭେଟଣାରେ ପଡ଼ଯାଏ ତ ଏକବାର ଦଫା ଶେଷ ।

ବାହାନ– ମାଝି ! ଭୟ କରନା, ମୋ ପଛରେ ଆ ।

( ବିଳାସ ପ୍ରତି ) ହେ ସୁନ୍ଦରୀ, ତୁମ୍ଭେ ଏ କାନନ ମଧରେ ଏକାକିନୀ ହୋଇ ବସିବାର ଅଭିପ୍ରାୟ କଣ ?

ବିଳାସ—ନିରୁତ୍ତର ।

ବାହାନ— (ଗୀତ)

(ଗୁମାନେ ବସନା—ବୃତ୍ତେ)

କହରେ ଛଇଳ କାହାର ଦୁଲାଳୀ
ମୋହୁ ଯଉମତି ଭାଗ୍ୟବନ୍ତୀ
ବନେ କମ୍ପା ଏକା ବସିଛୁ ନାୟିକା'
ଶଙ୍କାନାହିଁ ତୋତେ ବାଙ୍କନେତ୍ରୀ । ଘୋଷା ।
ସୁନ୍ଦର ! ତୁ କାହାର ବୋହୂ, କାହାର କନ୍ୟା ।
ଏ ଜଙ୍ଗଲରେ କାହିଁକି ବସିଛୁ ?

( ଗୀତ )

ଆସରେ ନବୀନା ନ ହୁଅ ବିମନା
କରୁଛୁ ଭାବନା କାହାପ୍ରତି
ନ କର କପଟ କହ ତୁରେ ଝଟ
ଉଚାଟ ହେଉଛୁ ଆମ୍ଭ ମତି । ୧ ।

ସୁନ୍ଦର ! ତୁ କାହାକୁ ଚିନ୍ତା କରି ଏ ଘୋର ଜଙ୍ଗଲରେ ବସିଛୁ ? ତୋର ଦୁର୍ଦ୍ଦଶା ଦେଖି ତୋତେ ଛାଡ଼ିବାକୁ ଆମ୍ଭର ଇଚ୍ଛା ହେଉ ନାହିଁ । ଆମ୍ଭ ସଙ୍ଗରେ ଯିବ ଗୁଲ ।

ବାହାନ—(ମାଝିପ୍ରତି) କରେ ମାଝି ! ପଚେ ତ ହେଲେ ଜବାବ ମିଳୁନାହିଁ, ବୋଧହୁଏ ଲଜ୍ଜା କରୁଛୁ । ସେଟା ସ୍ତ୍ରୀମାନଙ୍କର ସ୍ୱଭାବ, ତୁ ଟିକିଏ ବୁଝାଇଲୁ ?

ମାଝି—ନାହିଁ ସାଆନ୍ତେ, ତା ହେବ ନାହିଁ । ଜାଣୁ ଜାଣୁ ହାଣ-କୁରାଡ଼ୀ ବେକକୁ ଆଣିବ, ତା କେବେ ହେବ ନାହିଁ ।

ବାହାନ —ମାଝି ! ସେ ଦେଖା ନୁହେଁ, ମାନବୀ ।

ମାଝି—ଜାଣିଲେ କପରି ?

ବାହାନ—ଦେବତାମାନଙ୍କର ଛାୟା ନ ଥାଏ, ପୁଣି ମୁଁ କଥା କହିଲା ବେଳକୁ ଅଧୋବଦନା ହେଲା ପରା ।

ମାଝି—(ହେଣ୍ଡିମାରି) ତେବେ ମୁଁ ଗୋଟିଏ ଆମ-ଜାଣିପ୍ଣ୍ଟ ଘୋଡ଼ା ଗୀତ ବୋଲି ମନାଇ ଦେବି ସେ ।

ବାହାନ—ମାଝି, ହେଉ ଯା ।

ମାଝି—ହେଇଁ ହେ ! ଆମ୍ଭ ଯୁବରାଜ ଓଳଏ ହେଲା ପରା ତୁମ୍ଭଠାରୁ ପଦେ ଅଧେ ବଚନ ଶୁଣିବେ ବୋଲି ଠିଆ ହୋଇଛନ୍ତି, ତୁମ୍ଭେ କଣ୍ଟୁ କହୁନାହିଁ ।

ଘୋଡ଼ା—ଗୀତ

ପାଚିଲା ଆମ୍ବ କୋଇଲି (ରାଜଜେମା)
ଆମ୍ଭ ରାଜାଙ୍କୁ ତୁ ହୋଇଲେ ରାଣୀ
ଝଟିବେ ଲକ୍ଷେ ପୋଇଲି ।

ଦେଖ ! ଆମ୍ଭ ରାଜାଙ୍କ ସଙ୍ଗରେ ଗୁଲ, ତୁମ୍ଭର କଣ ମାନ ହାନ ହୋଇଯାଉଛି ।

ବାହାନ—ମାଝି ! କଣ ଉତ୍ତର ମିଳିଲା ?

ମାଝି—ଆପଣ ଏପରି ଉଛନ୍ନ ହେଲେ ହେବ ? ଆପଣ ଏ ବକୁଳ ମୂଳରେ ବସି ଗୋଟିଏ ବଉଳ ଫୁଲରେ ହାର ଗୁନ୍ଥୁଥାନ୍ତୁ । ମୁଁ ଶାଠ ଗୀତରେ ବୁଝାଇ ଦେବି ସେ ।

ମାଝି—(ଗୀତ) ରାଜଜେମା, ମୋତେ ସୁଦୟା କର ।
ଆମ୍ଭ କୁମାରଙ୍କୁ ପତିରେ ବର ।
ହୋଇଲେ ତାଙ୍କର ପାଟମହିଷୀ
ପାଖରେ ଝଟିବେ ବହୁତ ଦାସୀ
ସେ ଗଜଦନ୍ତ ପଲଙ୍କରେ ।
ନ ବସି କାହିଁକି ଏ ଘୋର ଜଙ୍ଗଲରେ (ରାଜଜେମା)
ବସି କାନ୍ଦୁଛ ଏଠାରେ ।

ଦେଖ ! ତୁମ୍ଭର ଏ ଯୌବନଟାକୁ ଜଙ୍ଗଲରେ ବୁଲି ବୁଲି ବୃଥାରେ ନଷ୍ଟ କରୁଛ କାହିଁକି ? ଆସ, ଆମ୍ଭ ରାଜକୁମାରଙ୍କ ସଙ୍ଗରେ ଯିବ ।

ବିଳାସ—ଅତିଥି ! ମୋର କାନ୍ତ ଅଛନ୍ତି, ସେ ଫଳ ମୂଳ ଆହରଣ ନିମିତ୍ତ ଯାଇଛନ୍ତି । ବର୍ତ୍ତମାନ

ଥିବେ । ମୋ ସମ୍ଭବତ ଏତେ ଜଞ୍ଜାଳ କରିବା ଫଳ କ'ଣ ?

ମାଝି—(ଗୀତ) ତୁମର ପତି କେଉଁଣେ ଗଲେଣି
ବ୍ୟାଘ୍ର ବା ସିଂହମୁଖେ ପଡ଼ିଲେଣି
ଧନେ ମାନେ ଜ୍ଞାନେ ଆମ୍ଭ ରାଜନ
ତୁମ୍ଭ ପତିଠାରୁ ସେ ବଳୀୟାନ ସେ
ଅଷ୍ଟ ଅଳଙ୍କାରେ ବେଶ
ହୋଇଥିବ ବାଳ ବୃଦ୍ଧ ମନେ ଭାଳ (ରାଜକେମା)
ଶଙ୍କା ତେଜ ନାବେ ବସ । ୨ ।

ହେଲ ! ତମେ କ'ଣ ଭାବୁଛ ! ତୁମ୍ଭର ସେ ପତି ଅଛନ୍ତି ! ମହାରାଜ ! ସେ ଭଲରେ ଫଳବେ ନାହିଁ ।

ବାହାନ— ( ପିଛିଲ ଗୀତ )
ଧନେ ମାନେ ଆମ୍ଭେ ଯୋଗ୍ୟ ଅତି
ଆସ ନାଗରୀଶ ମୋ କୋଳରେ ବସ
ବାଳାମଣି ତୋର ହେବୁ ପତି । ୩ ।

ବରାନନେ ! ଆମ୍ଭେ ରାଜପୁତ୍ରଙ୍କୁ ତୁମ୍ଭେ ରାଜକନ୍ୟା, କ୍ଷତି କ'ଣ, ଆସିବଟି ମାଝି ଧର ଶୀଘ୍ର ।

ବିଳାସ— ( ଗୀତ )
( ରାଗ—ଶୋକ କାମୋଦୀ )
ହେ ନବଯୁବକ ଏ କେଉଁ ବିବେକ
ମୋ ଦୁଃଖକୁ ହେନ ଦୟାବନ୍ତ
ମୋ କାନ୍ତ ଏ ବନ- ପ୍ରାନ୍ତରେ ଅଛନ୍ତି
ଆସିବେ ମୁଁ ପଥ ଅଛି ଚାହିଁ ।
ଆହେ ଧର୍ମରାଜ;
କମ୍ପାଇ କର ଅଧର୍ମ କାର୍ଯ୍ୟ । ୧ ।

ରାଜନ୍ ! ମୋର କାନ୍ତ ଅଛନ୍ତି, ସେ ଫଳ ପାଇଁ ଯାଇଛନ୍ତି, ବର୍ତ୍ତମାନ ଆସୁଥିବେ । ଆପଣ ବୃଥା ଜଞ୍ଜାଳ କରନ୍ତୁ ନାହିଁ ।

ବାହାନ—ସେ କଥା ଶୁଣା ଯିବ ନାହିଁ ମାଝି ! ଧର ଶୀଘ୍ର ।



ବିଳାସ— (ଗୀତ)
ହାଇରେ କପାଳ ନ ହେଲୁ ହିତାଳ
କଳଙ୍କ କଥାକୁ ଘଟାଇଲୁ ।
ନାହିଁ କେହି ଆଶ୍ରା ସହାୟ ଭରସା
ପତି-ଆଶା ମୋର ତୁଟାଇଲୁ ।
ଆହେ ଦୀନବନ୍ଧୁ !
ଦୁଃଖ ନ ଗଲା କାନ୍ଦୁ କାନ୍ଦୁ । ୧

ହାଇରେ ମନ୍ଦ ବିଧାତା ! ସେ ଯେତେବେଳେ ମୋତେ ଆସି ଖୋଜିବେ ଏବଂ ମୋର ସନ୍ଧାନ ନ ପାଇବେ ତ ସେତେବେଳେ କେତେ ଅଧୈର୍ଯ୍ୟ ନ ହେବେ ? ସେ ସମୟରେ କିଏ ତାଙ୍କୁ ପ୍ରବୋଧ ଦେବ ।

ମାଝି—କିଏ ଖୋଜିବେ ହେ, ଆମ୍ଭ ରାଜାଙ୍କଠାରୁ କ'ଣ ଅଧିକ ବର ତୁମ୍ଭର ହେବ ? ଆସ ଆସ ।

ବିଳାସ— (ଗୀତ)
ଆହେ ବୃକ୍ଷଲତା ମୋର ଦୁଃଖକଥା
କହିବ ମୋ କାନ୍ତ ଆଗେ ଯାଇ,
ବଳେ ଧରି ନେଲେ ମୋତେ ଏ ପାମର,
କାଳେ ହେଲେ ଦେଖା ଦେବେ ଯାଇ ।
ବାଳାମଣି କହି,
ବିଧି ଲେଖା କି ଆନ କରଇ । ୨

ହେ ବୃକ୍ଷଲତା "ହେ ଅନଳ ଅନିଳ, ହେ ଗଗନ" ପର୍ବତ, ତୁମ୍ଭେମାନେ ମୋର ସାକ୍ଷୀ, ମୋ ଗଳା-ରତ୍ନକୁ ପ୍ରବୋଧ ଦେବ, ଅଧୀନା ଯେବେ ପ୍ରାଣରେ ଥାଏ ତ ଦିନେ ହେଲେ ସେ ଚରଣତଳେ ସେବିକା ହେବ ।

ବାହାନ —ଧର ମାଝି ।

ବିଳାସ—କ୍ଷାନ୍ତହୁଅ ନରାଧମ ! କାପୁରୁଷ ଖାଲି ନ ଜାଣୁ କି ନାରୀର ମର୍ଯ୍ୟାଦା ? ଦିନେ ଏହି ସାମାନ୍ୟ ଅବଳାର ମାନହାନି ନିମିତ୍ତ ସ୍ୱର୍ଣ୍ଣମୟୀ ଲଙ୍କାପୁରୀ ହୋଇଲା ଧୂଳିଧୂସରିତ । ପୁଣି କୁରୁବଂଶର ନିଧନ । ତଥାପି ରେ ବର୍ବର, ପତଙ୍ଗ ହୋଇ କି ସାହସେ

ଆସିଛୁ ଅଗ୍ନିରେ ଝାସ ଦେବାପାଇଁ । ପୁଣି ଶ୍ୱାନ ହୋଇ ହବିର୍ଭାଗେ ବଳାଇଛୁ ଆଣି ? ଛି, ଛି, କେ କହେ ତୁମ୍ଭଙ୍କୁ ରାଜପୁତ୍ର । କାପୁରୁଷ ହେନେ ନଷ୍ଟେ ଭୋଗିବ ସ୍ତ୍ରୀ ଫଳ ।

(ବାହାନ ବଳାତ୍କାରପୂର୍ବକ ଧରି ନେଇଯିବା)

---

## ଦ୍ୱିତୀୟ ଦୃଶ୍ୟ

(କାନନ)

( ଅମର ଫଳ ନେଇ ପ୍ରତ୍ୟାବର୍ତ୍ତି )

**ଅମର**– ପ୍ରେୟସି ! ଆସ, ଆସ, ଦେଖିଲ କି ସୁନ୍ଦର ଫଳ ଆଣି ଅଛି । କୁଆଡ଼େ ଅଛ, (ଇତସ୍ତତଃ ନିରୀକ୍ଷଣ କରି ନ ପାଇ) କାହିଁ ମୁଁ କାହାକୁ ଡାକୁଛି, ଏଇଠି ତ ପ୍ରିୟାକୁ ମୋର ବସାଇ ଦେଇ ଗଲି । କୁଆଡ଼େ ଗଲ ପ୍ରିୟେ ! ତୁମ୍ଭଙ୍କୁ ନ ଦେଖି ମୋତେ ସବୁ ଅନ୍ଧକାର ଦେଖା ଯାଉଛି । କ'ଣ କୁଆଡ଼େ ଚାଲିଗଲ ?

(ଗୀତ)

( କୀର୍ତ୍ତନସୁର )

ବନଜ-ନୟନା ବନେ ଲୁଚିଛୁ ତୁ କାହିଁରେ
ତୋ ବିନା ନଗାନ୍ୟା ପ୍ରାଣ ହେଉଅଛି ଦହନରେ ।
କହ କାହିଁ ଅଛୁ,
ଅଭିମାନେ କଥା ନ କହୁଛୁ । ୧

ପ୍ରେୟସି ! କି ନିମିତ୍ତ ଅଭିମାନ କରି ମୋତେ କଥା କହୁନାହଁ, କୁଆଡ଼େ ଅଛୁ ଶୀଘ୍ର ଦେଖା ଦେ ।

(ଗୀତ)

ଶିଖିପୁଅଙ୍ଗୀ ନିରଖି କରୁ କାହିଁ ପାଇଁରେ
ଗିରୀଶ. ଅନ୍ତରେ ତାପ ଦେଉଅଛି ଦହନରେ,
କହ କି କରିବି,
ତୋ ବିରହେ ଆତ୍ମାଘାତୀ ହେବି । ୨

ପ୍ରିୟେ ! କୁଆଡ଼େ ଗଲ, ଏ ହୃଦୟ-କାନନରେ କାମାନଳ ଲଗାଇ ଦେଇ କୁଆଡ଼େ ଚାଲିଗଲ ।

(ଗୀତ)

ବିରାଗୀ କା ସଙ୍ଗେ ପଡ଼ି ଛାଡ଼ିଗଲୁ କାହିଁରେ,
ତୋ ବିନା ଏ ଜୀବ ଯିବ ବାଳାମଣି ଧାଇଁରେ ।
ଆହେ ବୃକ୍ଷଲତା
କେହି କି ଦେଖିଛ ମୋର କାନ୍ତା । ୩ ।

ପ୍ରେୟସି ! ତୁମ୍ଭେ କ'ଣ କାହା ଶିକ୍ଷାରେ ପଡ଼ି କାହିଁ ଚାଲିଗଲ । ନା, ତୁମ୍ଭର ତ ସେ ଭାବ କେବେ ଦେଖି ନ ଥିଲି । ବୋଧହୁଏ କିଏ ତୁମ୍ଭଙ୍କୁ ବଳାତ୍କାରରେ ନେଇ ଗଲା ! ହେ ପାର୍ବତୀପତି ତୁମ୍ଭେ ହିଁ ସାହା ଭରସା ।

ସ୍ତବ

ବଂ ବଂ ହର ପ୍ରଭୁ ମହାଦେବ ।
ନମୋ ନମୋ ମୃତ୍ୟୁଞ୍ଜୟ ପାର୍ବତୀବଲ୍ଲଭ । ପଦ ।
ନମୋ ଶମ୍ଭୁ ନୀଳକଣ୍ଠ ହେ ଚନ୍ଦ୍ରଶେଖର
ନମୋ ଶୂଳୀ ତ୍ରିଅମ୍ବିକ ପଞ୍ଚମୁଖହର । ୧ ।
କେଣେ ଅଛ ଦିଅ ଦେଖା ପିନାକଧାରଣ ।
ନ ଶୁଣେ କି ମୋର ଡାକ ହେ ବିଶ୍ୱକସେନ । ୨ ।
ନମସ୍ତେ ହେ ପଶୁପତି ବିଶ୍ୱରୂପୀ ଈଶ ।
କୃପାକରି ବାରେ ହର ବାଳମଣି କ୍ଳେଶ । ୩ ।

(ସ୍ତବେ ସନ୍ତୁଷ୍ଟ ହୋଇ ଶିବଙ୍କ ଆବିର୍ଭାବ ଓ ବର ପ୍ରଦାନ)

ଶିବ—ଚିରଜୀବୀ ହୁଅ ବତ୍ସ ! ତୋ ଆକୁଳେ ହୋଇ
ମୁଁ ଆକୁଳ, ଆସିଅଛି ଏଠେ ଦେଖ ଚକ୍ଷୁଫେଇ ।
ମୁହିଁ ସେହି ଗଙ୍ଗାଧର, ଯାଙ୍କୁ ଚିନ୍ତ ଅହରହ ।

ଅମର – ( ଚକ୍ଷୁଫେଇ ଶିବଙ୍କୁ ଦେଖି ସାଷ୍ଟାଙ୍ଗେ ପ୍ରଣିପାତ)

ଶିବ—ବତ୍ସ ! ଅବିଳମ୍ବେ ପାଇବୁ ତୋ ପତ୍ନୀ ଓ ଭୋଗିବୁ ତୁ ପିତୃରାଜ୍ୟ ରାଜଗାଦି ନଷ୍ଟେ ।

(ଅନ୍ତର୍ଦ୍ଧାନ)

ଅମର—କାହିଁଗଲେ ପ୍ରଭୁ ଛାଡ଼ି ଏ ଅଧମେ । ଆଉ ଏ ବେଶଭୂଷାରେ ପ୍ରୟୋଜନ କ'ଣ ? ଯାଉଛି ସଙ୍ଗି, ତୋରି ବିଚ୍ଛେଦରେ ସନ୍ନ୍ୟାସୀ ହୋଇ ବୁଲିବି ।

(ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

ଦରବାର

(ରାଜା ସୁରାଟସିଂହ ଓ ମନ୍ତ୍ରୀ)

ରାଜା—ମନ୍ତ୍ରୀ ! ଏ ରାଜଭବନରେ ମୋର କିଛି ପ୍ରୟୋଜନ ନାହିଁ । ତୁମ୍ଭମାନଙ୍କଠାରେ ମୋର ଏଇ ଶେଷ ଦେଖା ।

(ଗୀତ)

(ରଙ୍ଗ ସଜବାଜ ମଉଜ—ବୃତ୍ତେ)

ରାଜଗାଦି ଯାଉଛି ଛାଡ଼ି,
ଅନୁସରି ହରିର ଆଶା ।
ବିପଦର ଧାଡ଼ି ବେଳୁବେଳ ମାଡ଼ି,
ପଡ଼ି ଉଡ଼ି ଛାଡ଼ି ଯାଉଛି ହଂସା ।

ମନ୍ତ୍ରୀ । ବେଳକୁ ବେଳ ମୋର ଦୁର୍ଦ୍ଦଶା ବଳି ପଡ଼ିଲାଣି । ବର୍ତ୍ତମାନ ସିଂହାସନ ତ୍ୟାଗକରି ସେହି ପରମେଶ୍ୱରଙ୍କଠାରେ ଧ୍ୟାନ ରଖିବି ।

ମନ୍ତ୍ରୀ—ତା' ତ ସତ୍ୟ, ମାତ୍ର ରାଜ୍ୟଭାର କିପରି ଓ କାହାଠାରେ ନ୍ୟସ୍ତ ହୋଇ ସୁଚାରୁରୂପେ ନିର୍ବାହ ହେବ ?

ସୁରାଟ— (ଗୀତ)

ପୂର୍ବଜନ୍ମେ କି କଲି ପାପ,
ନ ଦେଖିଲି ପୁତ୍ରର ମୁଖ ।
କନ୍ୟାଠାରେ ଅର୍ପିଲି ଦୁଃଖ
ମନେ ମୋର ବହ୍ନିଣ ରେଷ ।

ମନ୍ତ୍ରି ! ସହଜେ ମୁଁ ଅପୁତ୍ରକ, ପୁଣି ଏକମାତ୍ର କନ୍ୟା ଯେ ଥିଲା ତାକୁ ହରାଇ ବସିଲି । ଆଉ ମୋର ରାଜ୍ୟରେ କି କାର୍ଯ୍ୟ ।

ମନ୍ତ୍ରୀ—ସେ କଥା ଭାବି କି ପ୍ରୟୋଜନ ?

ସୁରାଟ— (ଗୀତ)

ମେଲାଣି ଦେଉଛି ହେ ମନ୍ତ୍ରୀ,
ଲାଗିଲା ଏ ରାଜବିଭୂତି ।
ଦୃଷ୍ଟି ଦେବ ପ୍ରଜାଙ୍କ ପ୍ରତି,
ବାଳକୃଷ୍ଣ ବୋଲେ ଏ ଭାଷା ।;

ଯାଉଛି, ସେହି ଝିଅ ବିଚ୍ଛେଦରେ ସନ୍ନ୍ୟାସୀ ହୋଇ ବୁଲିବି । (ପ୍ରସ୍ଥାନ)

---



# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

(କାରାଗାର)

(ବିଳାସ, ଦୂତ, ବାହାନ, ଦୁଷ୍ମନ୍ତ ସିଂହ)

ବିଳାସ—କ'ଣ କରିବି, ଏ କାରାଗାରରେ ଆଉ କେତେ ଦିନ ରହିବି ? ଏ ଦୁରାଚାରମାନେ ତ ସବୁବେଳେ ମୋ ନିକଟକୁ ଆସି ଅନେକ ପ୍ରକାରେ ପ୍ରଲୋଭନ ଦେଖାଇ ମୋର ସତୀତ୍ୱ ନଷ୍ଟ କରିବାକୁ ବସିଛନ୍ତି, ଉପାୟ କ'ଣ ? ହେ ଭଗବାନ୍ । ହେ କରୁଣା-ବାରିଧି ! ହେ ଅନ୍ତର୍ଯ୍ୟାମୀ ନାଥ ! ତୁମ୍ଭେ ମାତ୍ର ସାହା ।

(ଗୀତ)

(କି ଦଶା ପଡ଼ିଲା-ବୃତ୍ତେ)

କି ବୁଦ୍ଧି କରିବି ଅଞ୍ଚଳନିଧିକି
ସତେ କାଳେ କୋଳେ ଧରିବି । ପଦ
ହାସ୍ୟ ପ୍ରାଣନାଥ । ସତେ ଏ ଦୁଃଖ ଅନ୍ଧାର ଛୁଟିବ !
ଆପଣଙ୍କୁ ଦେଖିବି ?

ଗୀତ

କପଟ ଲମ୍ପଟ ଦୁଷ୍ଟ, ମୋରୂପେ ଛନ୍ତି ଆକୃଷ୍ଟ,
କଲେ ମୋ ସତୀତ୍ୱ ନଷ୍ଟ, ଝୁରି ଝୁରି ମରିବି ।

କ'ଣ କରିବି ? ସେ ଦୁରାଚାରମାନେ ତ ସବୁବେଳେ ମୋ ନିକଟକୁ ଆସୁଛନ୍ତି, ଅନେକ ପ୍ରଲୋଭନ ଦେଖାଇ ମୋର ସତୀତ୍ୱ ନଷ୍ଟ କରିବାକୁ ବସୁଛନ୍ତି ।

(ଗୀତ)

ଦେବା-ଦେବୀ ହୁଅ ସାହା ପ୍ରାଣେ ଥାନ୍ତୁ ପ୍ରାଣନାହା ।
ଆଚରି ତପସୀ ମାୟା କାୟା ମୋର ଉଦ୍ଧାରିବ ।

ହେ ଦେବା-ଦେବୀ । ମୋ ସ୍ୱାମୀଙ୍କୁ ରକ୍ଷାକର; ଯେପରି ସେ ମୋ ବିଚ୍ଛେଦରେ ସନ୍ନ୍ୟାସୀ ନ ହୁଅନ୍ତୁ, ଏଇ ତ ବର୍ବରମାନେ ଆସିଲେ ପରା ?

ବାହାନ—ଦୂତ ! ସେ ସ୍ତ୍ରୀଟା ଏତେଦିନ ହେଲା ଆସିଲାଣି, ଭଲକରି ଦିନେ ଖାଇ ନାହିଁ, ସବୁ-ବେଳେ କାନ୍ଦି କାନ୍ଦି ଦେହଟାକୁ କ୍ଷୀଣ କରି ଦେଲାଣି; କଥା କ'ଣ ?

ଦୂତ—ମହାରାଜ ! ମୁଁ କହିଲେ ଏକା ମୋ କଥାରେ
ପ୍ରତିରିବେ ନାହିଁ ।

ବାହାନ—କଥା କ'ଣ ?

ଦୂତ—ମହାରାଜ ! ବୁଝୁ ନାହାନ୍ତି, ସେ ବାରବୁଲା ଛତରଖାଇ ତାଙ୍କୁ କୋଉଠି ରାଜରୋଗ ଅଛି, ଆପଣ ସେଥିରେ ମାତନ୍ତୁ ନାହିଁ । ଆପଣଙ୍କୁ କୋଉ ଏବେ ମାଇକିନିଆ ମିଳୁ ନାହାନ୍ତି ? ଆପଣ ଖୋସାମତ କଲାରୁ ସେ ବରାବର ଗୋଡ଼ ଲମ୍ବାଇ ଦେଉଛି ।

ବାହାନ—ଦୂତ, ଏପରି କହନା, ସେ ଭାରି ଉତ୍ତମ ଧରଣ ଲୋକ । ଆଚ୍ଛା ତୁ ଥା ମୁଁ ତା ନିକଟରୁ ଆସେ । (ବିଳାସ ପ୍ରତି)

ଗୋ ସୁନ୍ଦରି ! କାହିଁକି ଏପରି ହଟହଟା କରୁଛ ଆସ ।

ବିଳାସ— (ଗୀତ)

ଷିତପତି ହେ, ଏ କି ଅମାତ ବିଗୁର ।
ପରନାରୀ ହରିବାକୁ ଘାବୁଛ ସଦା ମନର । ଘୋଷା ।
ହୋଇ ତୁମ୍ଭେ ରାଜପୁତ୍ର କର ବିଗ୍ଭର ଅସତ୍ୟ,
ଏ ନୁହେଁ ଧର୍ମ୍ମ ଉଚିତ ବାଳାମଣିର ବିଗ୍ଭର !
ତୁମ୍ଭେ ରାଜପୁତ୍ର ହୋଇ ଏପରି ଅନ୍ୟାୟ କରିବା
କ'ଣ ଉଚିତ ?

ବାହାନ—ଆସ ସଖି ! ସେ ଭୁଲାଭୁଲ କଥା ପଚିବ ନାହିଁ ! (ହାତ ଧରିବା ସମୟେ)

ବିଳାସ—ହାଃ, ହାଃ, କାପୁରୁଷ ! ଚିହ୍ନୁ ନାହୁଁ ଯୋଗୀ ସଙ୍ଗେ ମାତିଛୁ ପ୍ରେମରେ, ନ ପାରିଛୁ ଚିହ୍ନି ଯେବେ, ରହ ଆଉ ହନାକେତେ ସର୍ବଂଶେ ଭକ୍ଷିବି, ଏହି ଦୃଢ଼ବ୍ରତ ମୋର । କେ ଅଛି ଶକ୍ତିମାନ୍ ହୁଅ ଅଗ୍ରସର ।

ବାହାନ—ଦୂତ ! ଏଟା କ'ଣ ରାକ୍ଷସୀ ନା ଦେବୀ ? ଏ କ'ଣ ମୋତେ ତ କାମୁଡ଼ିବାକୁ ଗୋଡ଼ାଇ ଆସିଲା ।

ଦୂତ—କ'ଣ ହେଲା, କାମୁଡ଼ିବାକୁ ଗୋଡ଼ାଇ ଆସିଲା । ଆପଣ ତ ମୁହଁ ବଢ଼େଇ ଦେଲେ । ଆଚ୍ଛା ମୁଁ ତାଙ୍କୁ ଦ'ସ୍ୱର କଥା ପଚାରେ ? ମାଇକିନିଆଟାଏ ବଳେଇଯିବ (ବିଳାସପ୍ରତି) ହଇହେ ! ତମ କତିକି ଯେ ଅଇଛିକା ଆସିଥିଲେ ସେ କଏ ଚିହ୍ନିଲଣି ନା ?

ବିଳାସ—ମୁଁ ଜାଣେ ମୂର୍ଖ [ପୂର୍ବବତ୍ କାମୁଡ଼ିବାକୁ]

ଦୂତ—( ଚମକପଡ଼ି ସସବ୍ୟସ୍ତେ ) ଆରେ ବାବାରେ ଏତ ପ୍ରକୃତ ରାକ୍ଷସୀ । ମହାରାଜ ! ଯାଙ୍କୁ ଆଉ ଘରେ ରଖିଲେ ଭଲ ମଙ୍ଗଳ ନାହିଁ ?

ଦୂତ—(ତଥା କରଣ)
ରାଜାଙ୍କ ସମ୍ମୁଖେ ବିଳାସର ରାକ୍ଷସୀ ଭାବ ।

ରାଜା—ବାହାନ ! ଏଟା ନିଶ୍ଚୟ ରାକ୍ଷସୀ ଏଥିରେ କିଛି ସନ୍ଦେହ ନାହିଁ ।

(ଗୀତ)
( କାହାଘରେ—ବୁଝେ )

ନୁହେ ଏ ମାନବୀ ଅଟେ କାନନ-ଦେବକୀ ପରା ।
ମାୟାରୀ କି ଅଭିଳାଷେ ଦେଇଅଛି ଧରା । ଘୋଷା ।
ଅଞ୍ଚଳେ ନ ହଅ ଆଶା ପିଶାଚିନୀ ମଣି ଯୋଷା
କରିଦେବ ଲୋକହସା କଳଙ୍କ ପସରା । ୧ ।

ବାହାନ—ପିତଃ ! ଆଣିବା ସମୟରେ ଏପରି ଭାବ ତା'ର ନ ଥିଲା ।

ରାଜା— (ଗୀତ)

ଚଣ୍ଡୀକି ଚାମୁଣ୍ଡା ଦେବୀ, ହୋଇଛି ଭଣ୍ଡମାନବୀ,
ଚିହ୍ନେ ନ ପାରୁଛ ଭାବ କରିଦେବ ସାରା ।୧।

ବାହାନ ! ଏ ପିଶାଚୀ ମାୟାରେ ଏପରି ସ୍ତ୍ରୀରୂପ ଧାରଣ କରିଛି, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ, ଯାଙ୍କୁ ଶୀଘ୍ର ଗୃହ ମଧ୍ୟରୁ ଅନ୍ତର କର ।

ବାହାନ—ପିତଃ ! ତା'ର ମତି ବିଭ୍ରମ ହୋଇ ଯାଇଛି, କିଛି ଉପାୟ କରନ୍ତୁ, ଯା'ଦ୍ୱାରା ସେ ଆରୋଗ୍ୟ ହେବ ।

ରାଜା— (ଗୀତ)

ଡାଆଣୀ ଭୂତ ପ୍ରେତ, ଗୁଣିକି କରୁ ତଦନ୍ତ,
ବାଳକୃଷ୍ଣର ରଚିତ ନାହିଁ ମୋର ଗୁରା ।୨।

ଦୂତ ! ରାଜ୍ୟରେ ଖବର ଦେ, କେହି ଗୁଣିଆ ଅଛି ଏ କନ୍ୟାକୁ ଭଲ କରି ପାରିବ ?

---

( ଜନୈକ ଗୁଣିଆର ପ୍ରବେଶ ଓ ଝାଡ଼ିବା)

ଗୁଣିଆ—ଗୀତ

ଗୁଣିଆରେ ମୁଁ ଗୁଣିଆ ଅସଲ ଟାଣୁଆ
ନାଁ ହରିଆରେ । ପଦ ।
ଯେବେ ହୋଇଥିବ ଜନ୍ତ୍ରି ଉପାସୁ
ତହିଁ ପ୍ରତିକାର ଶୁଣ ।
ସେ ମନ୍ତ୍ରକୁ ଧରି ଝିଙ୍କିଣ କହୁଁଛି
ଟେଙ୍ଗ ଟେଙ୍ଗ ତା'ର ହାଣ ।୧।
ଯେଉଁ ମନ୍ତ୍ର ଭୂତ ଖେଦାରେ ପଣ୍ଡିତ
ଅଥବା କବିରାଜୁର ।
ସେ ମନ୍ତ୍ରକୁ ପୁଣି ବାଉଁଶ ଟେଙ୍ଗଣି
ଲୁଟିବ ଚେଲଙ୍କ ପାହାର ।
ଯେତେ ବଡ଼ ମନ୍ତ୍ର ହେଉ ସେ ପଛକେ
ମୁଁ ସାଧିବ ମଶାଣିଚଣ୍ଡୀ ।
ବାଳକୃଷ୍ଣ ବୋଲେ ନ ଗଲେ ସେ ଭଲେ
ମୋଡ଼ିବ ତା ମୁଣ୍ଡଗଣ୍ଡି ।୨

ଦୂତ—କିଏ ହରିଆ ଭାଇ କରେ, ଅଇଲୁ ଅଇଲୁ । ଆମ ରାଜାଙ୍କ ଘରେ ଭାରି ବିପଦ ।

ଗୁଣିଆ—କଅଣ ମ ? ହଉ ହଉ ଚାଲ ।

( ପ୍ରଥମେ ଗୁଣିଆର ଦେହବନ୍ଧା ମନ୍ତ୍ର )

ଓଁ ଧୂଳିତ ଧୂଳି ବାମଗୋଡ଼ ଧୂଳି ଆଣିବୁ ତୋଳି । ଯାହାକୁ ଦେବି ତାକୁ ଲାଗ, ସଭାରେ ଲାଗେ, ଗଭାରେ ଲାଗ, ଲାଗ ଲାଗ, ବୋଲି କାହାର ଆଜ୍ଞା କାଉଁରୀ କାମଚଣ୍ଡୀଙ୍କର କୋଟି କୋଟି ଆଜ୍ଞା ।

ଗୁଣିଆର—ମନ୍ତ୍ର

ଓଁ ଚଣ୍ଡୀ ଚଣ୍ଡୀ ମଶାଣୀ ଚଣ୍ଡୀ, ଭୂତବେତାଳ ଲହ ଲହ ତୁଣ୍ଡୀ, କୃଷ୍ଣ ଚନ୍ଦ୍ରକାନ୍ତି ଭୁଷଣ୍ଡୀ, ଛାଡ଼ ନ ଛାଡ଼ ବୋଇଲେ କାହାର ଆଜ୍ଞା, କାଉଁରୀ କାମଚଣ୍ଡୀଙ୍କ କୋଟି କୋଟି ଆଜ୍ଞା ।

ବିଳାସ—(ପୂର୍ବବତ୍ ଅସୁରଭାବ ଧାରଣ ଓ ଗୁଣିଆର ପଳାୟନ)

ରାଜା—ଦୂତ ! କ'ଣ କେହି ପାରିବେ ନାହିଁ ?

## ଦ୍ୱିତୀୟ ଦୃଶ୍ୟ

( ପାନ୍ଥଶାଳା )

ସନ୍ନ୍ୟାସୀବେଶେ ଅମର ଗୀତ

( କର୍ମ ମୋର ଏଡ଼େ ନାରଖାର—ବୃତ୍ତେ )

ଅନିତ୍ୟ ସଂସାରେ ଭାଇ ଏକା ହରିନାମ ସାର,
ହରି ବିନା ନାହିଁ ଭବେ ହରିବାକୁ ଦୁଃଖଘୋର ।
। ଘୋଷା ।
ପିତାମାତା ବନ୍ଧୁ ଭ୍ରାତା ନୁହନ୍ତି ମୋକ୍ଷଦାତା ।
ଏକା ହରି ହର୍ତ୍ତା କର୍ତ୍ତା ହରିବେ ଏ ପାପଭାର । ୧ ।

( ଅନ୍ୟ ଦିଗରୁ ବିଳାସର ପିତା ସୁରାଟ ସିଂହ )

ସୁରାଟ—ଆହା; ହରିଭକ୍ତଟି କିଏ ? ଏ ତ ହରିନାମରେ ବେଶ୍ ମଜିଛି । ବତ୍ସ ! ଏ ଅଧମକୁ ସଙ୍ଗରେ ନେବ କି ?

ଅମର—କିଏ ମହାତ୍ମା, ମୋର ସେ ଭାଗ୍ୟ କାହିଁ । ତେବେ ଆଜଠାରୁ ଆପଣଙ୍କ ଶ୍ରୀଚରଣତଳେ ଶିଷ୍ୟ ହେଲି ।

ଦୂତ—କିଏ ଏ ମହାତ୍ମା, ମୋର ପ୍ରଣାମ ଘେନା କରନ୍ତୁ ।

ଅମର—କିଏ, ତୋର ଅଭିଳାଷ କ'ଣ ?

ଦୂତ—ଆମ୍ଭର ଏ ଯୁବରାଜ ବାଣିଜ୍ୟକୁ ଯାଇଥିଲେ, କେଉଁଠି ଜଙ୍ଗଲରେ ଗୋଟିଏ ସ୍ତ୍ରୀଲୋକ ଦେଖି ତାହାକୁ ଗୃହକୁ ଘେନି ଆସିଥିଲେ । ବର୍ତ୍ତମାନ ସେ ସ୍ତ୍ରୀ ସମସ୍ତଙ୍କୁ କାମୁଡ଼ିବାକୁ ଉଦ୍ୟତ । ଆମ୍ଭେମାନେ ଅନେକ ଗୁଣିଆ ଆଣି ହରଣ ହେଲୁଣି, ଆପଣଙ୍କଦ୍ୱାରା କୌଣସି ଉପକାର ପାଇ ପାରିବୁ କି ?

ସୁରାଟ—ନାରେ ବାପ, ସେ କାର୍ଯ୍ୟରୁ ଆମ୍ଭଙ୍କୁ କ'ଣ ମିଳିବ ?

ଅମର—(ସ୍ୱଗତଃ) ଏ ସ୍ତ୍ରୀର କଥା ଶୁଣି ମୋର ଅନ୍ତରାତ୍ମା କାହିଁକି ଅସ୍ଥିର ହେଉଛି । ଯାହା ମୋ କର୍ମରେ ଘଟିଲେ ଘଟୁ, ଥରେ ସେ ସ୍ତ୍ରୀକୁ ଦେଖିବି । [ପ୍ରକାଶ୍ୟେ] ଆଚ୍ଛା ଦୂତ ! ଆମ୍ଭେ ଭଲ କରିବା ।

ଦୂତ—ଚାଲନ୍ତୁ ।

## ତୃତୀୟ ଦୃଶ୍ୟ

( କାରାଗାରରେ ବିଳାସର ଗୀତ )

ମନ୍ଦ ଦଇବ !
ଅଭାଗିନୀ ଏ ଦାରୁଣ ଜ୍ୱାଳା କେତେ ସହିବ ।
କାନନେ ହୃଦୟ ଧନ
(ମୋତେ) ନ ପାଇ ହେବେ ଅଜ୍ଞାନ,
କେବା କହି ନିବେଦନ ମୋ
ଦୁଃଖକୁ କହିବ [ଘୋଷା]
କପଟୀ ଲମ୍ପଟୀଙ୍କର କଲେ ଏତେ ହରବର,
କାନ୍ତବିନା ଅଧୀନୀର ମନ କେବା ମୋହିବ । ୧ ।

[ ରାଜାଙ୍କ ଅନୁମତିରେ ଅମର ବିଳାସ ନିକଟକୁ ଯିବା ଓ ବିଳାସ ପୂର୍ବବତ୍ ରାକ୍ଷସୀ ଭାବ ପ୍ରକାଶ ]

ଅମର—ଚିହ୍ନିଲିଣି, ନିଶ୍ଚୟ ଚିହ୍ନିଲିଣି, ନିଶ୍ଚୟ-ଜାଣିଲିଣି ଏହି ସେହି ମୋର ନୟନର ପିତୁଳା ବିଳାସ ।

ଗୀତ ( ବଧୂଲୀ ଅଧରୀ—ବୃତ୍ତେ )
ଯତିମତି-ହରୀ, ଯତି ନୁହେ ଗିରୀ,
ସଖି ମୁ ତୋ ହୃଦ-ହାରରେ ।
ପ୍ରତେ ଯିବୁ ଧନ ତୋ ଲାଗି ଜୀବନ
ବନେ ପାଇଅଛି ପରରେ । ପଦ ।

ସଖି ! କହିବି କ'ଣ ? ମୁଁ ଯୋଗୀ ନୁହେଁ; କିନ୍ତୁ ତୋର ବିଚ୍ଛେଦରେ ଏ ଯୋଗୀବେଶ । ମୋତେ କ'ଣ ଚିହ୍ନି ପାରୁ ନାହୁଁ ।

(ଗୀତ)
ବନପଥେ ରଙ୍ଗି
ବନଫଳ ସଙ୍ଗି, ଆସୁନେ ଗଲ ପରରେ ।
କେ ମୂଢ଼ ପାମର
କଲାଟି ଅନ୍ତର ଆଜ ପଡ଼ିଅଛୁ ଧରାରେ । ୧ ।

ସଖି ମୁଁ ପରା ତୋ ଲାଗି ଅରଣ୍ୟରେ ଜୀବନ ପାଇଥିଲି, ଏକଥା କ'ଣ ମନେ ନାହିଁ ? ମୋତେ ଫଳ-ପାଇଁ ପଠାଇଲ, ତୁମ୍ଭଙ୍କୁ ଏଠାକୁ ଆଣିଲା କିଏ ?

ବିଳାସ—ନାଥ, ନାଥ, ସତେ କ'ଣ ଏ ଅଭାଗିନୀ ଆପଣଙ୍କ ମନରେ ଥିଲା ?

ଅମର— ( ଗୀତ )
ଖଳ ନା ମଣି ତୁ ସଳଙ୍କ ଶୃଙ୍ଗାରେ
ନାହିଁ ମୋର ଏଥି ଗୁରରେ ।
କି ଉପାୟ କରି ତେଜିବା ଏ ପୁରୀ
ବାଲ ନ ହୁଅ ଅଧୀରରେ । ୨ ।

ପ୍ରିୟେ ! ପଛକଥା ପାସୋରି ପକା, ବର୍ତ୍ତମାନ ଏଠାରୁ ଅନ୍ତର ହେବା ବାଟ ସନ୍ଧାନ କର ।

ବିଳାସ— (ଗୀତ)
[ ବିତଳକୁ ଆଲିଙ୍ଗନ—ବୃତ୍ତେ ]
ପରତେ ନ ଥିଲି ମନେ ଦେଖିବି ସତେ ଜୀବନେ
ହେ ଜୀବନେଶ୍ୱର ତୁମ୍ଭ ଚନ୍ଦ୍ରବଦନ ।
ଏ ପାପିଷ୍ଠେ ମୂଢ଼ପଣେ ବନୁ ଆଣିଲେ ସଦନେ
ମଦନ ଆତୁରେ ମୋତେ କରନ୍ତି ଧ୍ୟାନ ।
ଛଦ୍ମମ ମୁଁ କଲି ତାଙ୍କରେ
ରାକ୍ଷସୀ ପରାୟେ ମୋତେ ମଣିଲେ ସାରେ । ୧ ।

ନାଥ ! ସତେ ଆପଣଙ୍କୁ ପାଇବି ବୋଲି ମନରେ ବିଶ୍ୱାସ ନ ଥିଲା । ମୋତେ ଏ ପାଷାଣ୍ଡମାନେ ଯାହାକି କଷ୍ଟ ଦେଲେଣି ସେ କଥା କ'ଣ କହିବି ? କିନ୍ତୁ ସେହି ଜଗତ-ଜନନୀଙ୍କ କୃପାରୁ ଗୋଟିଏ ରାକ୍ଷସୀ ଭାବ ଦେଖାଇ ମୋର ସତୀତ୍ୱ ଏ ପର୍ଯ୍ୟନ୍ତ ବଜାଏ ରଖିଛି ।

(ଗୀତ)
କେତେ ବା କରନ୍ତି ମାୟା ଉଡ଼ି ଯାଉଥିଲା ଯାହା
ତୁମ୍ଭେ ପ୍ରାଣନାହା ମୋତେ ଦେଲ ଦର୍ଶନ ।
ବଳେ କି କୌଶଳେ ମୋତେ ଘେନଯାଅ ଏ ମୂହୂର୍ତ୍ତେ
ବିଅର୍ଥ ହେଲାଣି ମୋର ନବ ଯୌବନ ।
ଆଜଠାରୁ ତୁମ୍ଭର ଦାସୀ,
ବାଲି ବୋଲେ ଚିରକାଳ ତୁମ୍ଭର ଆଶ୍ରା । ୧ ।

ନାଥ ! ଏଠାରୁ ଯିବାର ଉପାୟ କ'ଣ ?

ଅମର—ପ୍ରିୟେ ! ମୁଁ ଯେଉଁ ବାବାଜି ରୂପ ହୋଇଛି ସେହିପରି ରହିବି, ତୁମ୍ଭେ ମୋ ସଙ୍ଗରେ ଆସ; ତୁମ୍ଭେ ମୋ ନିକଟରେ ସରଳ ଓ ରାଜକୁମାର-ମାନଙ୍କ ପ୍ରତି ପୂର୍ବ ଭାବ ଦେଖାଇବ, ତହିଁରେ ଯାହା ହେବ ଦେଖାଯିବ ।

---

## ଚତୁର୍ଥ ଦୃଶ୍ୟ

( ରାଜଦରବାର )

( ରାଜସଭାରେ ବିଳାସର ପୂର୍ବବତ୍ ରାକ୍ଷସୀ
ଭାବ ଓ ଅମର ପଛେ ପଛେ ଯିବା )

ରାଜା—ଏ କ'ଣ ବାବାଜି ! ତୁମ୍ଭ ନିକଟରେ ସରଳ-ପ୍ରକୃତି ଆମ୍ଭ ପିଲାଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି !

ଅମର—ତା ମୁଁ ଜାଣେ ନା, ଆପଣ ସ୍ତ୍ରୀକୁ ରଖନ୍ତୁ ବା ନ ରଖନ୍ତୁ ଆମ୍ଭେମାନେ ମେଲାଣି ନେଉଛୁ ।

ରାଜା—ବିରକ୍ତଭାବେ—

(ଗୀତ)

( କାହାଭବେ-ବୃତ୍ତେ )

ନୁହେ ଏ ବାବାଜି ବଡ଼ ପାଜି ସରଦାର,
ପାପିଷ୍ଠ ପୁଣି ଚାରଜ୍ଞି ଶିଖିଛି ଅପାର । ପଦ ।

ପାପିଷ୍ଠ ! ତୁ କ'ଣ ଭଲ କରୁଥିଲୁ ତୋ ସଙ୍ଗରେ ନେବୁ ବୋଲି ।

( ଗୀତ )

କି ମନ୍ତ୍ରେ ମୋହିଲୁ ମତି        ଅନୁଗାମୀ ହେଲା ସତୀ
ଏଥିକୁ ଉପାୟ ଚିନ୍ତ କର ପ୍ରତିକାର । ୧ ।

ଦୂତ ! ଏ ମୂର୍ଖ କ'ଣ ଏ ସ୍ତ୍ରୀକି ଶିଖାଇ ଦେଲା ସେ ତା'ର ପଛେ ପଛେ ଧାଉଁଛି ।

( ଗୀତ )

ବନ୍ଧନ କରି ଏ ଚୋରେ        ଛେଦନ କର ଯା' ଶିର
ନିଦାନ ହେଲାଣି ଯା'ର ନାହିଁ ଅବସର । ୨ ।

ଦୂତ ! ଶୀଘ୍ର ବନ୍ଧନ କର ଏ ଦୁଇ ବାବାଜିଙ୍କୁ ଶୂଳିଦିଅ ।

[ ବନ୍ଧନ କରିବା ସମୟରେ ସ୍ତ୍ରୀର ରାକ୍ଷସୀ ଭାବ ]

ରାଜା—        (ଗୀତ)

ଦୋଷୀ ଏ ନାସ୍ତିଗୋଷ୍ଠୀ,        ଚୂର୍ଣ୍ଣକର ଯା'ର ମଥା
ବାଳକୃଷ୍ଣ ବୋଲେ ବ୍ୟଥା ଅଙ୍ଗ ହୁଏ ମୋର । ୩ ।

ଦୂତ ! ବିଳମ୍ବ ନ କରି ଶୀଘ୍ର ଘାତୁକଙ୍କୁ ଆଜ୍ଞାଦିଅ ଏ ଭିକାରିଙ୍କି ଶୂଳି ଦେଉ ।

ଅମର—ମହାରାଜ ! ମୋର ଗୋଟିଏ ଆପତ୍ତି ଶୁଣିବାକୁ ହେବ ।

ରାଜା—ଆପତ୍ତି ମୃତ୍ୟୁବେଳକୁ ଥିଲା ?

ଅମର—        ଗୀତ

[ ନୃପସୁତ—ବୃତ୍ତେ ]

ହେ ନୃପମଣି ! ଶୁଣ ମୋ ଦୁଃଖ କାହାଣୀ ।
ଭିକାରୀ ନୁହେ ମୁଁ ନୃପ ଅଟଇ ନିରସ୍ତ ପ୍ରାଣୀ । ପଦ ।
ରାଜନ ! ମୁଁ ଯୋଗୀ ନୁହେ କି ଭିକ୍ଷୁକ ନୁହେ ।

ରାଜା—ମୂର୍ଖ ତୁ ଗୋଟିଏ ପାଜି ।

ଅମର—        (ଗୀତ)

ରାଜକୁଳେ ହୋଇ ଜନ୍ମ;        କର୍ମ କଲା ହୀନମାନ
ସେ କଥା କଲେ ସ୍ମରଣ
ବକ୍ଷ ମୋ ହେଉଛି ହାଣି । ୧ ।

ମହାରାଜ ! ମୋର ରାଜକୁଳରେ ଜନ୍ମ; କିନ୍ତୁ କର୍ମ ବଡ଼ ମନ୍ଦ ।

ରାଜା—କପରି ?

ଅମର—        (ଗୀତ)

ହେଲି ବିଦ୍ୟାରେ ଭୂଷଣ        ପିତା କଲେ ସ୍ନେହଧନ
ସେ ଲଗି ଯାହା କଷଣ
ସହୋଦରେ ଦେଲେ ଆଣି । ୨ ।

ମହାରାଜ ! ଆମ୍ଭ ପିତାଙ୍କର ଆମ୍ଭେ ତିନିପୁଅ, ସେମାନଙ୍କ ମଧ୍ୟରେ ମୁଁ କନିଷ୍ଠ । ପିତା ସତ୍ୟକଲେ ତିନିପୁତ୍ରଙ୍କ ମଧ୍ୟରେ ଯେ ଉପଯୁକ୍ତ ହେବ ତାକୁ ସିଂହାସନ ଦେବେ । ତହୁଁ ଯାହା ହେଲା କହୁଅଛି ।

(ଗୀତ)

ବିଦ୍ୟାଗୁରୁ ପରାମର୍ଶେ,        ଘେନିଗଲେ ବନଦେଶେ
ଛେଦିଲେ ମୋତେ ନିର୍ଦ୍ଦୟେ
ନ ଶୁଣିଲେ ମୋର ବାଣୀ ।

ଭାଇ ଦୁହେଁ ବିଦ୍ୟାଗୁରୁଙ୍କ ପରାମର୍ଶରେ ମୋତେ ଜଙ୍ଗଲକୁ ନେଇ ହାଣି ପକାଇଲେ ।

ରାଜା—(ସ୍ୱଗତଃ) ଯା'ର ପିତାର ଯେଉଁ ଦଶା ମୋର ମଧ୍ୟ ସେହି ଦଶା ଘଟିଲାପରି ଜଣା ଯାଉଛି, (ପ୍ରକାଶ୍ୟେ) କହ କହ ବଞ୍ଚିଲୁ କପରି ?

ଅମର        (ଗୀତ)

ମୃତ୍ୟୁ ନ ଜାଣି ମୋହର        ଏ କନ୍ୟା ବରିଲା ବର
ସତୀତ୍ୱ ବଳେ ଏହାର
ପାଇଲି ଜୀବନ ପୁଣି । ୪ ।

ମହାରାଜ ! ଏ କନ୍ୟା ମୋତେ ଦୂରରୁ ଦେଖି ମୋର ରୂପ-ମାଧୁରୀରେ ମୁଗ୍‌ଧା ହୋଇ ମୋତେ ପତିରୂପରେ ବରଣ କରି ନିକଟରେ ଦେଖେ ଯେ ମୁଁ ମୃତ, କ'ଣ କରିବ ମୋତେ ତା'ର ପିତୃ ଗୃହକୁ ନେଲା, ପିତା ତା'ର ଏ ଭାବ ଦେଖି ରାଜ୍ୟରୁ ଅନ୍ତର କରିଦେଲେ ।

ସୁରାଟ—( ସ୍ୱଗତ ) ଓଃ ହୋ, ଏ କ'ଣ ବିଳାସ ! ମୁଁ ମୂଢ଼ ଏଥିରେ ସମ୍ପୂର୍ଣ୍ଣ ଦୋଷୀ । ଭଗବାନ୍ ! କ'ଣ ଶୁଣିଲି ।

ଅମର—ମହାରାଜ ! ତା'ର ପିତା ତାକୁ ଗୃହରୁ ଅନ୍ତର କରି ଦେଲାରୁ ସେ ଜଙ୍ଗଲରେ ହତାଶ ହୋଇ ମୋତେ ଗଙ୍ଗାକୁ ଫିଙ୍ଗିଦେଇ ଝାସ ଦେବାକୁ ବସିଥିଲା; କିନ୍ତୁ ଭାଗୀରଥୀ ମୋତେ ବଞ୍ଚାଇଲେ ।

ରାଜା—ଏ କନ୍ୟା ଏଠାକୁ ଆସିଲା କିପରି ?

ଅମର— (ଗୀତ)

ଭାଗୀରଥୀ କୂଳେ ବନେ ଗଲି ଆହାର ସନ୍ଧାନେ
ପ୍ରିୟା ମୋ ଥିଲା ସେ ସ୍ଥାନେ
ଏଥେ କେ ରଖିଛୁ ଆଣି । ୫ ।
ବିଶ୍ୱାସ ଯେବେହିଁ ମନେ ଦୟା କର ଏ ଅଧୀନେ,
ମୃତ୍ୟୁ ମୁଁ ଦୁଃଖ ନ ମଣେ
ସମ୍ପଦ ବିପଦ ଜାଣି । । ୬

ମହାରାଜ ! ମୋ କଥା ଯଦି ବିଶ୍ୱାସଯୋଗ୍ୟ ହୁଏ ତେବେ ମୋତେ ଛାଡ଼ି ଦିଅନ୍ତୁ, ନଚେତ୍ ଯେ ଦଣ୍ଡ ଦେବେ ମୁଁ ଅକାତରେ ଭୋଗ କରିବାକୁ ପ୍ରସ୍ତୁତ ।

ରାଜା ଦୂତ ! ଯୁବାର କଥାରେ ମୋର ହୃଦୟ ଅସ୍ଥିର ହୋଇ ପଡ଼ିଲାଣି, ବତ୍ସ ! ତୋର ପିତାର ନାମ, ତୋର ନାମ, ସେ ଦୁଇଭାଇଙ୍କ ନାମ, କନ୍ୟାର ନାମ ପ୍ରକାଶ କର ?

ଅମର — (ଗୀତ)

ଦୁଷ୍ମନ୍ତସିଂହ ମୋ ତାତ ବାହାନ ତୋଫାନ ଭ୍ରାତ
ବିଳାସ କୁମାରୀ ଏ ତ
ମୁଁ ଅମର ବାଳା ଭଣି । ୭ ।

ରାଜା—ଅମର ! ମୋର ହୃଦୟର ଧନ ଅମର !

ଅମର—ପିତା ! ମୋର ଦୋଷ କ୍ଷମା କରିବେ ।
(ପ୍ରଣିପାତ)

ସୁରାଟ—ବିଳାସ ! କ୍ଷମା ଦେ; ମୁଁ ତୋର ପିତା ।

ବିଳାସ—ପିତା ! (ପ୍ରଣିପାତ)

ରାଜା—କହେ ବଡ଼ ବାବାଜି ! ତୁମେ କ'ଣ ଏପରି ?

ସୁରାଟ—ମହାରାଜ ! ଏ ମୋର କନ୍ୟା ।

( ସମୁଦ୍ରଙ୍କ ମିଳନ, ବିଳାସ, ଦୁଷ୍ମନ୍ତଙ୍କୁ ଓ ଅମର ସୁରାଟଙ୍କୁ ପ୍ରଣିପାତ )

ରାଜା ଦୂତ ! ବିଦ୍ୟାଗୁରୁ ପରାମର୍ଶରେ ବାହାନ ତୋଫାନ ମୋର ସ୍ନେହର ଧନ ଅମରକୁ ଏ ଦଶା ଦେଇ ମୋତେ ଭଣ୍ଡାଇ କହିଲେ । ବର୍ତ୍ତମାନ ସେ ଦୋଷୀଙ୍କୁ ଧରିଆଣ ।

ଦୂତ—[ତଥାକରଣ]

ରାଜା—ବାହାନ ! ଅମର କାହିଁ ?

ବାହାନ ସିଂହ ନେଇ ଯାଇଛୁ ।

ରାଜା— (ଗୀତ)

ଏ କୁଳକଳଙ୍କ ମୋତେ ଦେଲେ ଏଡ଼େ ଦଗାରେ
ବିପକ୍ଷ କୁବୁଦ୍ଧି ଏହାଙ୍କୁ କେ ବା ଦେଲା ଶିକ୍ଷାରେ,
ପଣ୍ଡିତ ସହିତେ ଭାଣ୍ଡେ ଖଣ୍ଡା ଦିଅ ଶିରରେ
କେତେ କାଣ୍ଡ କଲେ ହୁଣ୍ଡା ହଣ୍ଡା ମୋର ଥରେରେ ।

ରାଜା—ଅମର ! ଏମାନଙ୍କୁ କି ଶାସ୍ତି ଦେବି ।

ଅମର—ପିତା ! ସେନା କର ବିନତି ମୋହର, ନାହିଁ ତହିଁ ମୋର କ୍ଳେଶ । ବିଦ୍ୟାଗୁରୁ ଓ ଭାଇ ଏମାନେ ମୋର ଆପଣଙ୍କ ପରି ପୂଜ୍ୟ । ସେମାନଙ୍କ ନୃଶଂସ ଭାବହାର ମୋର କିଛି ଅନିଷ୍ଟ ହୋଇ ନାହିଁ । ପିତଃ ! ସେମାନଙ୍କୁ କ୍ଷମା ଦିଅନ୍ତୁ ।

ରାଜା— (ଗୀତ)

ଅମରେ ଅମରାଷରେ ରହୁ ତୋର ଯଶ ।
ବାଳକୃଷ୍ଣ ବୋଲେ ପୂର୍ଣ୍ଣ ହେଲା ଏ ରହସ୍ୟ ।
(ଅମରକୁ ରାଜମୁକୁଟ ପ୍ରଦାନ)

---

# ସୁଦାମା ଦାରିଦ୍ର୍ୟ ଭଞ୍ଜନ

ବା

## ସଖା ପ୍ରେମ ଗୀତାଭିନୟ

# ସୁଦାମା ଦାରିଦ୍ର୍ୟ ଭଞ୍ଜନ

ବା

## ସଖା-ପ୍ରେମ-ଗୀତାଭିନୟ

### ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

ସୁଦାମା ଗୀତ ଗାଇ ଗାଇ ପ୍ରବେଶ
(କହରେ ଜୀଇଁବ ନାହିଁ—କୃତେ)

ହରି ହେ ଅଖିଳ ବ୍ରହ୍ମାଣ୍ଡ ଜୀବନ
ତାରଣ-କାରଣ ଭବଭୟ-ବାରଣ
ମନମୋହନ ଘନଶ୍ୟାମ । ପଦ ।
ହେ ନନ୍ଦ-ନନ୍ଦନ ଯଶୋଦା-ଜୀବନ
କର ତବ ସୁଧା ଦାନ ।
ଭକ୍ତ ଗଣ୍ଠିଧନ ଶ୍ରୀରାଧାରମଣ
ନଟବର ଅଭିରାମ । ୧ ।
ମୁରଲୀ ଅଧର ଶ୍ୟାମ କଳେବର
ପରଂବ୍ରହ୍ମ ଜନାର୍ଦ୍ଦନ ।
ଏ ବାଳ ଅଧମ ଆଶ୍ରେ ତୋ ଚରଣ
ଦିଅ ବାରେ ଦରଶନ ।

ଆହା ହରିନାମଟି କି ମଧୁର, ତୁଣ୍ଡରେ ଥିଲେ କ୍ଷୁଧା, ତୃଷା ଏକାବେଳକେ ଦୂର ହୋଇଯାଏ, ଏକା ନାମ କାହିଁକି ସେ ଲାବଣ୍ୟ ରୂପରେ ମଧ ମାଧୁରୀ ଅଛି, ଗୁଣରେ ମଧ ତତୋଽଧିକ, ସେ ନବନୀରଦ-ନିନ୍ଦିତ କାନ୍ତି, ସେ ତ୍ରିଭଙ୍ଗିମା ଠାଣି ଦେଖି ଭାବୁକ ଭାବରେ, ପ୍ରେମିକ ପ୍ରେମରେ, ଭକ୍ତ ଭକ୍ତିରେ, ବିହ୍ୱଳିତ ହୋଇ ନିଶ୍ଚୟ ଟଳି ପଡ଼ିବ । ଆହା ! ସେ କମନୀୟ କାନ୍ତିରେ କି ମୋହନ ଶକ୍ତି ସନ୍ନିହିତ ଅଛି । ପ୍ରଭୋ ! ସତେ କି'ଣ ଏ ଦାସ ଆଉ ସେ ପଦ-ପଙ୍କଜରେ ଶିର ଲଗାଇବ ।

ଧ୍ୟାନଂ
(ତାଳ ମାର ମାର)

ନବ ନୀରଦ ନିନ୍ଦିତ କାନ୍ତି ବରଂ,
ନବ କିଶୋର ନାଗର ରୂପ ବରଂ,
ନୀଳ ଅମ୍ବୁଜ ବଙ୍କିମ ନେତ୍ର ଯୁଗଂ,
ଭଜ କୃଷ୍ଣ ଗୋବିନ୍ଦ ଶ୍ରୀ ନନ୍ଦସୁତଂ । ୧ ।
ଭ୍ରୂ ଭଙ୍ଗିମ ରଙ୍ଗିମ ଇନ୍ଦ୍ରଧନୁଂ,
ମୁଖଚନ୍ଦ୍ର ବିନିନ୍ଦିତ କୋଟି ବିଧୁଂ,
ମୃଦୁ ହାସ ମାଧୁର୍ଯ୍ୟ ଲାବଣ୍ୟ ଯୁତଂ,
ଭଜ କୃଷ୍ଣ-ଗୋବିନ୍ଦ ଶ୍ରୀ ନନ୍ଦସୁତଂ ।

ସୁମନ୍ତ -ଆହା ହରି ନାମଟି ନେବାକୁ ଏକା ବେଶ୍ ସମୟ ମିଳୁଛି । ଏମିତିଆ କରମକୋଡ଼ି ମଣିଷ ଦୁନିଆରେ ଥାନ୍ତି, ତିନି ଦିନେ ଥରେ ଚୂଲି ଜଳୁ ନାହିଁ ; ଭିତର ଶାଳରେ ହାଣ୍ଡିଗୁଡ଼ାକ ମାଙ୍କଡ଼-ଶିଢ଼ି ମାରୁଛନ୍ତି, ଯାଙ୍କର ପୁଣି ହରି ମନ୍ଦିର ଓଡ଼ା କାଟି ମାଳା ଭଜନ ହେଉଛି । ହଇହେ ! ଭଜନରୁ ଉଠି ଭୋଜନ କି'ଣ ଅଛି ନା ?

ସୁଦାମା—କିଏ ସୁମନ୍ତ ! ଯା'ର ହରିନାମ ଭଜନ ତା'ର ଭୋଜନରେ କି ଲୋଡ଼ା । ମୁଁ ତ ହରିନାମ-ସୁଧା ପିଉଛି, ମୋର କ୍ଷୁଧା ବା ହେବ କାହିଁ ?

ସୁମନ୍ତ—ଏ ତ ସୁଧାପିଆ ନୁହେଁ, ମାଇପ ଠାରୁ ଶୋଧା ଶୁଣିବା କଥା । କହେ ! ଦିନତ ଆସି ପହରେ ପାଞ୍ଚ ଘଡ଼ି ହେଲାଣି, ନାମ ପିଉଛ କି'ଣ ? ଗ୍ରାମକୁ ଭିକ-ମାଗି ଯିବ କେତେବେଳେ ? ପେଟରେ ଓଦାକନା ଦେଇ ନାମ ଜପିଲେ ସେ ନାମରେ ଫଳ କି'ଣ ? କଥାରେ ଅଛି ପରା "ଆତ୍ମା ତୁଷ୍ଟେ ସର୍ବ ସିଦ୍ଧି ।"

ସୁଦାମା—ସୁମନ୍ତ ! ହରିନାମ ସୁଧାର ଯେ ସ୍ୱାଦୁ ଉପଭୋଗ କରିଛି ସେ ଶୋଧା କ୍ଷୁଧାକୁ ଖାତିରି କରେ ନାହିଁ ।

[ଭଜନ]

(ଜୟ ଜୟ ଶ୍ରୀରାଧାରମଣ—ବୃତ୍ତେ)

ଭଜ ଭଜ ମନ ଶ୍ରୀମଧୁସୂଦନ
ଯଶୋଦାନନ୍ଦନ ମୁରଲୀଧାରୀ ।
ଜୟ ଜନାର୍ଦ୍ଦନ ନିତ୍ୟ ନିରଞ୍ଜନ
ଗରବ-ଗଞ୍ଜନ କେଶୀ କଂସାରି । ଭଜ
ଭକତ ରଞ୍ଜନ, ଜଗତ ବନ୍ଦନ
ଦୁଃଖ ନିବାରଣ ବ୍ରଜବିହାରୀ ।
ପତିତ ତାରଣ ଦୁରିତ ବାରଣ
ଆର୍ତ୍ତି ବିନାଶନ ସଙ୍କଟହାରୀ ।
ପାତକ ଧ୍ୱଂସନ, ଗରୁଡ଼ ଆସନ
ଅନଳ ଭକ୍ଷଣ ନିକୁଞ୍ଜଚାରୀ ।
ରାଧା ପ୍ରାଣଧବ, ମୁକୁନ୍ଦ ମାଧବ
ଯୋଗୀନ୍ଦ୍ର ଦୁର୍ଲ୍ଲଭ ଯେ ଦଇତ୍ୟାରି ।
ଯମୁନାକୂଳିଆ ପୀତଦୁକୂଳିଆ
ବରଜଧୂଳିଆ ମାନ ଭିକାରୀ ।
କଦମ୍ବ ମୂଳିଆ, ଶିଖଣ୍ଡ ଚୂଳିଆ
ନନ୍ଦ ଦୁଲାଳିଆ ପ୍ରେମ ବେପାରି ।
ଶରଣ ବତ୍ସଳ, ଅବଳର ବଳ
ଚିକ୍କଣ ଶ୍ୟାମଳ, କାନ୍ତ ମୁରାରି ।
ଗୋବତ୍ସ-ପାଳକ, ଶ୍ରୀବ୍ରଜ ବାଳକ
ସଂସାର ଚାଳକ, ଯଶ ବିସ୍ତାରି ।
ଭଜେ ବାଳକୃଷ୍ଣ ହରେ ରାମକୃଷ୍ଣ
ଖଣ୍ଡିବେ ମୋ କଷ୍ଟ, ଚିତ୍ତେ ବିଚାରି ।
ନାହିଁ ଆନଭାବ ତେବେ ଭବାର୍ଣ୍ଣବ
ଅଥକ୍କ ସେ ଦେବ କରିବେ ପାରି ।

ସୁମନ୍ତ—ଆଚ୍ଛା କହିଲ ଭଲା, କେଉଁ ଶାସ୍ତ୍ରରେ ଅଛି ଘର ଝିଅଟିଏ ବେକରେ ବାନ୍ଧି ପୁଅ ଝିଅ ଗଡ଼େଇ ଦେଇ ହରିନାମ ବସି ଜପିବ, ମୁଁ ତ ଆଉ ଏ କ୍ଷୁଧାର ଜ୍ୱାଳା ସହି ପାରିବି ନାହିଁ ।

ସୁଦାମା—ଉପାୟ କଣ ମୋତେ କହ, ଯେପରି ହରିନାମ ନେବାକୁ ଟିକିଏ ହେଲେ ଫୁରୁସତ ମିଳିବ !

ସୁମନ୍ତ—ଉପାୟ କ'ଣ ମ, ଯାଉନାହଁ ତିନି ଦିନକୁ କମେଇ ଦେଇ ଆଖିବୁଜି ମାଳା ଧରି ବସିଥିବ, ଆଉ ଗୋଟିଏ କଥା କରିବ ?

ସୁଦାମା—କହ ।

ସୁମନ୍ତ— [ଗୀତ]

(ସ୍ୱପନେ ଶ୍ୟା—ବୃତ୍ତେ)

ଦେନ ନାଥ ଦୀନା ନିବେଦନ ।
ଧ୍ୟାନ ତେଜି ଧନ ଆଶେ
ଯାଆନ୍ତୁ ବନ୍ଧୁ ସଦନ । ପଦ ।

ନାଥ ! କିଛିକ୍ଷଣ ପାଇଁ ଧ୍ୟାନରୁ ବଞ୍ଚିତ ହୋଇ ଧନ ଆଶାରେ ଟିକିଏ ବୁଲି ଆସନ୍ତୁ ।

ସୁଦାମା—ସୁମନ୍ତ ! କିଏ ମୋର ବନ୍ଧୁ ଅଛି ? ମୁଁ କାହା ପାଖକୁ ଯିବି ।

ସୁମନ୍ତ— [ଗୀତ]

ଯେ-ଦୀନ ବାନ୍ଧବ ହରି ସେ ପରା ସଖା ତୁମ୍ଭରି
ଜଣାଅ ଦୁଃଖ ଆମ୍ଭରି ହରିବେ କଷଣ ।

ନାଥ ! ଶ୍ରୀକୃଷ୍ଣ ପରା ଆପଣଙ୍କ ପିଲାଦିନର ଅନ୍ତରଙ୍ଗ ସାଙ୍ଗ । ଏକାବେଳେକେ ପ୍ରାଣପର୍ଯ୍ୟନ୍ତ ଦିଆ ଦେଇ । ସେ ତ ବର୍ତ୍ତମାନ ଦ୍ୱାରିକାର ରାଜା, ତାଙ୍କ ନିକଟକୁ ଯାଉ ନାହଁ ।

ସୁଦାମା—ସୁମନ୍ତ ! ସତେ କ'ଣ ତାଙ୍କର ସେକାଳ କଥା ମନେ ପଡ଼ିବ ? ସେ ଗୋଷ୍ଠଜଗା, ବଣଭୋଜି, ସେତେବେଳେ ପଢ଼ୁଆ ସାଙ୍ଗ କଥା ତାଙ୍କର ମନରେ ଥିବ । ସେ ଯେ ବର୍ତ୍ତମାନ ରାଜରାଜେଶ୍ୱର ।

ସୁମନ୍ତ— [ଗୀତ]

ସେ ପରା ଦୀନ-ବାନ୍ଧବ ବୃତ୍ତାନ୍ତ ଦୀନ ଅଭାବ
ନ ଶୁଣିଲେ ତୁମ୍ଭ ଭାବ ଫେରି ଆସିବ ସଦନେ ।

ନାଥ ! ପିଲାଦିନେ ଆମ ଘରକୁ ସବୁବେଳେ ଆସି ସଙ୍ଗି ସଙ୍ଗି କହି କେତେ ଥଟ୍ଟା ମଜା ଲଗାଉଥିଲେ । ଖୁଦଭଜା ଗଣ୍ଡାଏ ହେଲେ ପାଟିକି ଲଗାଇ ଦେଉଥିଲେ । ଆଜି କ'ଣ ସେ ଭାବକୁ ପାସୋରି ଦେଇଥିବେ; ତେମେ ନିଶ୍ଚୟ ଯାଅ ।

ସୁଦାମା—                    (ଗୀତ)

(ଗତ-ସୁର)

ସତେ କି ସତ୍ତ୍ୱରେ ସେହି କୃଷ୍ଣ କଷ୍ଟ ଶୁଣିବ
ସେ ଦିନ ସେ କାଳ କଥା ମନେ ସେ କି ଗୁଣିବ ।ପଦ।
ସେ ଆଜି ଦ୍ୱାରକାନାଥ,                    ମୁଁ ପରା ଦୀନ ଅନାଥ
ଏ କାଙ୍ଗାଳ ରୂପ ଭେକ ଦେଖି ଘୃଣା କରିବ । ୧ ।

ସୁମନ୍ତ ! ସେ ବର୍ତ୍ତମାନ ଦ୍ୱାରକାଧିପତି । ତାଙ୍କୁ ଲକ୍ଷେ ଦାସ ଦାସୀ ପରିବାର ଖଟୁଛନ୍ତି । ରାଜସଭାରେ ମହାନ୍ ମହାନ୍ ରାଜାମାନେ ଆସି ତାଙ୍କ ଚରଣ ସେବା କରିବାକୁ ବେଳ ପାଉ ନାହାନ୍ତି । ଏ କାଙ୍ଗାଳଟା କ'ଣ ସେ ପର୍ଯ୍ୟନ୍ତ ଯାଇ ପାରିବ ? ବୃଥା କାହିଁକି ବଳାଉଛୁ ସଖି ?

ସୁମନ୍ତ—ମଲା, ଏ ଦାଣ୍ଡି-ବାଡ଼ ତ ସବୁଥିକି ଡରିବ !
ସେଠିକି ନ ଯାଉଣୁ ଆଗରୁ ଏତେ ଚିନ୍ତା କାହିଁକି ?
ଯଦି ତୁମକୁ ଦେଖି କୃଷ୍ଣ ନ ଚିହ୍ନିବେ ତ ଫେରି ଆସିବ, ସେଥିପାଇଁ ଚିନ୍ତା କ'ଣ ?

ସୁଦାମା—                    (ଗୀତ)

ଯେବେ ସେହି ପୀତବାସ ଦାସେ କରିବେ ନିରାଶ
ସେ ଅପମାନେ ମୁଁ ବିଷ ଭକ୍ଷିବି ଜାଣିବ । ୨ ।

ସଖି ! ଯଦି ଶ୍ରୀକୃଷ୍ଣ ଏ କାଙ୍ଗାଳକୁ ପଦେ ଅଧେ ନ ପଚାରିବେ ତ ନିଶ୍ଚୟ ଗରଳପାନ କରିବି, ଆଉ ଏ ନିର୍ଲଜ ପ୍ରାଣ ତୋତେ ଦେଖାଇବାକୁ ଆସିବ ନାହିଁ । ଆଚ୍ଛା, ଏ ଛିଣ୍ଡା ନେକଡ଼ା ପିନ୍ଧି ସେଠାକୁ କ'ଣ ଯିବି ?

ସୁମନ୍ତ—ଯିବାର ହେଲେ ଲୁଗା କ'ଣ ମିଳିବ ନାହିଁ ।
ଚକି ଶିଳ ଲାଗି କ'ଣ ବାହାଘର ବନ୍ଦ ହେବ ।
ମୁଁ ଖଣ୍ଡେ ଲୁଗା ଧୋବାଘରେ ପକାଇ ରଖିଛି ।

ସୁଦାମା—ହଉ ତେବେ ବାହାରିବା ।

ସୁମନ୍ତ—ହଇ ହେ ବନ୍ଧୁ ବାନ୍ଧବ ଘରକୁ ଗଲେ କ'ଣ ଖାଲି ହାତରେ ଯାଆନ୍ତି ?

ସୁଦାମା—ଆଉ କ'ଣ ଅଛି ଯେ ନେବି ।

ସୁମନ୍ତ—ସେ ଯେତେବେଳେ ରାଜା, ତାଙ୍କୁ ଦେଖା କରିବାକୁ ଗଲେ, ଫଳେ ପୁଷ୍ପେ ଯେ କିଛି ଗୋଟାଏ ହାତରେ ନ ନେଇଗଲେ ବଡ଼ ଅମର୍ଯ୍ୟାଦା କଥା ।

ସୁଦାମା—ସୁମନ୍ତ ! ତୋ ଆଡ଼ମ୍ବରକୁ କାଢ଼ୁଥା ଗେରସ୍ତ ଟାଏ ଏକା ପାଉଛୁ । ଏ ପେଟରୁ ବଳାଇ କ'ଣ ରଖିଛୁ ?

ସୁମନ୍ତ—ହଁ, ରଖିବି ନାହିଁ ତ କାଲେ କେହି ଅତିଥି ଅଭ୍ୟାଗତ ପହଞ୍ଚିବ ସେ କ'ଣ ନିରାଶ ହେବ ? ଗଣ୍ଡିଏ ଖୁଦ ଅଛି ତାକୁଇ ବାଲିଭଜା କରିଦିଏ, ନେଇ ଯାଅ ତୁମ ସଖାଙ୍କୁ ଦେବ ।

ସୁଦାମା—ସୁମନ୍ତ ! ତୋ ବୁଦ୍ଧିଟା ଷଣ୍ଢ ମେଲାଇଲାଣି, ଆଉ କେତେ ଦିନେ ଗଛ ହୋଇ ଫଳ ଫଳିବ । କି କଥା କହୁଛୁ, ଖୁଦ ଭଜା ନେଇ ଦ୍ୱାରକା ରାଜ-ସଭାକୁ ପୁଣି ଶ୍ରୀକୃଷ୍ଣଙ୍କ ନିକଟକୁ ଯିବି, ଲାଜ ସରମ କ'ଣ ଭଜେଇଗଲୁ ?

ସୁମନ୍ତ—ଲଜ୍ଜା କ'ଣ ? ଧନ କାର, ସମ୍ପଦ କାର, ଖୁଦ କାର, ଯେ ଦେଇଛି ସବୁ ତା'ର ଘରେ, ଖୁଦ କାଞ୍ଜି ଟିକିଏ ବାଢ଼ିଦେଲେ କୃଷ୍ଣକୁ ଆଗେ ଖୋଜା, ମୁଁ କହିଲାବେଳକୁ ପଚାଉଛ ଏ କି ଦଗାବାଜିଆ କଥା, ମୋତେ କ'ଣ ଦେଖାଇ ହବାକୁ ନା ମୋ ମନ ବଢ଼ିବାକୁ କୃଷ୍ଣ କୃଷ୍ଣ ସବୁବେଳେ ହୁଅ ।

ସୁଦାମା—ସୁମନ୍ତ ! ତୁ ମୋର ଶିକ୍ଷାଦାତ୍ରୀ, ତୋ ଆଜ୍ଞା ଅବଜ୍ଞା କରିବା ମୋର ସାଧ୍ୟାତୀତ, ଚାଲ ତେବେ କାହିଁ ଖୁଦ ମୁଠିଖଣ୍ଡିକ ଦେ, ଆଉ ବିଳମ୍ବରେ କାର୍ଯ୍ୟ ନାହିଁ ।

ସୁମନ୍ତ—ନାଥ ! ତୁମ ସଖାଙ୍କୁ ମୋହର ଭକ୍ତି ଭକ୍ତି କରି କହିବ ।

ସୁଦାମା—                    (ଗୀତ)

( କୀର୍ତ୍ତନସୁର—ତାଳ ଝୋପା )

ଦୀନ ଦୟାମୟ                    ଗୋବିନ୍ଦ ହେ ଜୟ
ମାଧବ ଗିରିଧାରୀ ।
ହେ ପରମାନନ୍ଦ                    ଦେବ ଆଦିକନ୍ଦ
ମଧୁସୂଦନ ମୁରାରି । ପଦ ।
ଗଜେନ୍ଦ୍ର ମୋକ୍ଷଣ,                    ଶରଣ ରକ୍ଷଣ
ଅନଳ ଭକ୍ଷଣକାରୀ ।
ରକ୍ଷଣ ମୁରୁଣି ତାରଣ                    ଆର୍ତ୍ତି ନିବାରଣ
ଯମୁନାତଟ ବିହାରୀ । ୧ ।

ଶ୍ରୀନନ୍ଦନନ୍ଦନ ଜଗତ ବନ୍ଦନ,
ଭକ୍ତହୃଦ ଧନ ଆନନ୍ଦ ବର୍ଦ୍ଧନ
ଯାମଳାଭଞ୍ଜନ; କାଳ ବିମର୍ଦ୍ଦନ;
କେଶବ କେଶୀ କଂସାରି । ୨ ।
( ଗାଇ ଗାଇ ପ୍ରସ୍ଥାନ )

---

## ଦ୍ୱିତୀୟ ଦୃଶ୍ୟ

ଶ୍ରୀକୃଷ୍ଣ— (ଗୀତ)
( ପାଣ୍ଡୁଥିଲା ବାଡ-ବୃତ୍ତେ )
ଭକ୍ତ ମୋର ଜୀବନ ଭକ୍ତ ମନ-ମୋହନ । ପଦ ।
ଭକ୍ତ ବିନା ଟି ଆନ ନାହିଁ ମୋ ସୁଖ ସ୍ଥାନ
ଭକ୍ତ ଲାଗି ଜୀବନ ଭକ୍ତ ମୋ ହୃଦଧନ
ଭକ୍ତ ଗଳା ରତନ । ୧ ।
ଭକ୍ତର ଭକ୍ତି ଡୋରେ ବନ୍ଧା ମୁଁ ପ୍ରେମଭରେ
ଭକ୍ତ ଉଦ୍ଧାରିବାରେ ଜନ୍ମୁଛି ଏ ସଂସାରେ
ଭକ୍ତ ହୃଦ ଚନ୍ଦନ । ୨ ।

ସଖା ! ତୁ ଏଡ଼େ ଦରିଦ୍ର ହୋଇ ସୁମନ୍ତଠାରୁ ଏତେ ଅପମାନ ସହ୍ୟ କରି ସୁଦ୍ଧା, ମୋତେ ଲବେ ମାତ୍ର ଭୂଲି ନାହୁଁ, ତୋର କଷ୍ଟରେ ଏ ହୃଦୟ ଅସହ୍ୟ ହେଲାଣି, ସଖା ! ଆଉ ବିଳମ୍ବ ନାହିଁ, ନିଶ୍ଚୟ ତୋର ସେ ଦୁର୍ଦ୍ଦଶା ମେଣ୍ଟିଣ ହେବ ।

ରୁକ୍ମିଣୀ—ନାଥ ! ଆପଣ ଆଜି ଏପରି ଅନ୍ୟମନସ୍କ ହୋଇ କଣ ଭାବୁଛନ୍ତି । ପୁଣି ମୁଖ-କମଳଟି ଏପରି ଶୁଖିଲା ଦିଶୁଛି କାହିଁକି ? ଏହାର କାରଣ କଣ କିଛି ବୁଝି ପାରୁନାହିଁ ।

(ଗୀତ)
( ନାହିଁ ସରସ-ବୃତ୍ତେ )
କିମ୍ପା ବିରସ ବଦନ ହେ ପ୍ରାଣଧନ । ପଦ ।
କ୍ଷଣେ ରୁହୁଁଛ ଏଣେ କ୍ଷଣେ ରୁହୁଁଛ ତେଣେ
କି ଭାବ ପଡ଼ୁଛି କି ମନ । ୧ ।

ନାଥ ! ଏ ଅଧୀନାରେ କପଟ ନ ରଖି ଶୀଘ୍ର ପ୍ରକାଶ କରନ୍ତୁ ।

( ଗୀତ )
ଅବା କେଉଁ ରମଣୀ, ନେଉଛି ମନ କଣି
ମର୍ମେ ବିନ୍ଧ କଟାକ୍ଷ ବାଣ । ୨ ।

ନାଥ ! କେଉଁ ପ୍ରେମିକାର ପ୍ରେମ ଫାନ୍ଦରେ ପଡ଼ି ମନଟା ଚଞ୍ଚଳା ହୋଇ ଯାଇଛି ? କିଏ ସେହି ଭାଗ୍ୟବତୀ ?

ଶ୍ରୀକୃଷ୍ଣ—ପ୍ରେମମୟି ! ତୁମ୍ଭ ବ୍ୟତୀତ ଏ ହୃଦୟରେ ଆଉ କାର ଅଧିକାର ଅଛି ?

ରୁକ୍ମିଣୀ— ତେବେ କହନ୍ତୁ ନାହାନ୍ତି ?

( ଗୀତ )
କେବା ଆତଙ୍କେ ପଡ଼ି ଧାଉଁଛି ପଦଯୋଡ଼ି
ତା ଡାକେ ତେଜିଅଛ କର୍ଣ୍ଣ । ୩ ।

ତେବେ କିଏ କ'ଣ ବିପଦାର୍ଣ୍ଣବରେ ପଡ଼ି ଆପଣଙ୍କ ପଦ ଯୁଗଳ ଚିନ୍ତା କରୁଛି, ସେ କଥା କହନ୍ତୁ କାହାର ଆର୍ତ୍ତନାଦରେ ଏତେ ବ୍ୟଥିତ ?

ଶ୍ରୀକୃଷ୍ଣ—ନା, କିଛି ତ ଭାବୁ ନାହିଁ, ମନଟା କାହିଁକି କ'ଣ ହୋଇଗଲା ତୁମେ ସେଥିରୁ କ'ଣ ପାଇବ ।

ରୁକ୍ମିଣୀ— ( ଗୀତ )
ତୋ ମାୟା ମାୟାଧର, ନ ଜାଣେ ବ୍ରହ୍ମା ହର
ମୁଁ କିବା ବୁଝିବି ସାମାନ୍ୟ । ୪ ।

ପ୍ରଭୋ ! ଆପଣଙ୍କ ମାୟାରେ ତ ବ୍ରହ୍ମା ହର ପଶି ପାରନ୍ତି ନାହିଁ । ମୁଁ ସାମାନ୍ୟ ସ୍ତ୍ରୀଟା ବା କ'ଣ ବୁଝିବି । ତେବେ ଅଧୀନାଠାରେ କପଟ ନ ରଖି କହନ୍ତୁ କି ବିପଦ ପଡ଼ିଛି ?

ଶ୍ରୀକୃଷ୍ଣ—ସଖି ! ବିପଦ ନୁହେଁ ସମ୍ପଦ ।

ରୁକ୍ମିଣୀ—ନାଥ, ଯେବେ ସମ୍ପଦ ତେବେ ଚିନ୍ତା କାହିଁକି ?

ଶ୍ରୀକୃଷ୍ଣ—ସଖି ସେ ତ ଅମୂଲ୍ୟ ସମ୍ପଦ ତାକୁ ସ୍ୱର୍ଗ ମର୍ତ୍ତ୍ୟ ରସାତଳରେ ତୁଳନା ଦେବାକୁ କିଛି ନାହିଁ ।

(ଗୀତ)
ଆଜ ଦଣ୍ଡେ ରହ ରହରେ ସଙ୍ଗାତ
ଦେଖିବୁ ମୋ ସଙ୍ଗୀକୁ ।
ବାଲ୍ୟକାଳ ସଖା ସେ ମୋର ଦେଖିବୁ
ତା, ଭକ୍ତ ଭଙ୍ଗୀକୁ । ପଦ ।

ସଖି ! କ୍ଷଣେ ଅପେକ୍ଷା କର, ମୋର ଜଣେ ବାଲ୍ୟ ସଖା ଆସୁଛି, ଦେଖି ପାରିବୁ ସେ କପରି ଲୋକ ତାହାର ଭାବ ଭଙ୍ଗୀରୁ ବେଶ୍ ଚିହ୍ନି ପାରିବୁ ।

( ଗୀତ )

ସେ ତ ଦୀନ ଦରିଦ୍ର,        ସଦା ଚିନ୍ତେ ମୋ ପଦ
ତେଣୁ ମୁଁ ତା ସ୍ନେହେ ଆବଦ୍ଧ,
ଜାଣିଥାଅ ହେମ ଅଙ୍ଗୀଲୋ । ୧ ।

ସଖି ! ସେ ଅତି ଦୀନ ଦରିଦ୍ର, ତା'ର କେବଳ ହରିନାମ ଭଜନରେ ମୂଳ, ଏଣୁ ତା'ର ଦୁଃଖରେ ମୁଁ ଅଥୟ ହୋଇ ପଡ଼ିଲିଣି; ମୋତେ ଟିକିଏ ଅବସର ଦିଅ ।

ରୁକ୍ମିଣୀ—ନାଥ ! କେଉଁଆଡ଼େ ଯିବ ?

ଶ୍ରୀକୃଷ୍ଣ—            ( ଗୀତ )

ପଥେ ବଢ଼ିଛି ନଦୀ            ସଖା ହେବଣି ଧନ୍ଦ
ପାରି କରିବାକୁ ତା ପାଦେ ଯିବି,
ଦେଇ ମୋର କୃପା ଢଙ୍ଗୀକୁ । ୨ ।

ସଖା ମୋର ଏକାକୀ ଆସୁଛି, ଭୟ ମନେ କରୁଥିବ, ତାକୁ ଟିକିଏ ପଥ ଦେଖାଇବାକୁ ଯିବି; ଆଜ ମଧ୍ୟ ନଦୀଟା ବଢ଼ିଛି, ନାଉରୀ ଯଦି ନ ଥାଏ ଫେରିଯିବ, ତେବେ ଯାଏ ମୁଁ ଟିକିଏ ସତର୍କ ନ ରହିଲେ କିଛି ହୋଇ ପାରିବ ନାହିଁ ।

---

## ତୃତୀୟ ଦୃଶ୍ୟ

ନାରଦ—          ( ଧ୍ୟାନ )

ହରି ନରକରିପୋ
କେଶବ କଳ୍ମଷହରଂ
ମାମନୁକମ୍ପୟ ଦୀନମନାଥଂ
କୁରୁ ଭବ ସାଗର ପାରଂ
ଜୟରାମ ଜୟାସୁର-ସୂଦନ
ଜୟ ମାଧବ ଜୟ ବିଷ୍ଣୋ ।
ଜୟଲକ୍ଷ୍ମୀ ମୁଖକମଳ ମଧୁବ୍ରତ
ଜୟ ଦଶକନ୍ଧର-କଂସାରେ ॥

ଶ୍ରୀକୃଷ୍ଣ—ଦେବର୍ଷେ ! କିବା କାର୍ଯ୍ୟେ ଆଗମନ ଏଥି, ଶୁଭାଶୁଭ ପ୍ରକାଶନ୍ତୁ ଥରେ ।

ନାରଦ—ପ୍ରଭୋ ! ଆପଣଙ୍କ କୃପାରୁ ସମସ୍ତ ମଙ୍ଗଳ, ମୋର ତ୍ରୈଲୋକ୍ୟ ଭ୍ରମଣ କରିବା ତ ପେଶା, ତେବେ ବହୁଦିନରୁ ଆପଣଙ୍କ ସାକ୍ଷାତ ହୋଇ ନ ଥିବାରୁ ଆସିଲି ପୁଣି ମା, ଲକ୍ଷ୍ମୀଙ୍କ ଦର୍ଶନ ମଧ୍ୟ କେଉଁ ଦିନରୁ ହୋଇ ନାହିଁ, ମା ! ଚିରକାଳ କ'ଣ ଏପରି ବାରଦ୍ୱାର ବୁଲାଉଥିବ ।

ରୁକ୍ମିଣୀ—ଖାଲି ବୁଲୁଥିଲେ କଣ ହୁଅନ୍ତାକି, ଯେଉଁଠାକୁ ଯିବ ସେଠି ଗୋଟିଏ କଳି ଆରମ୍ଭ କରି ଦେବ; ସେହି ପାରିଜାତ କଥା ମନେ ଅଛି ତ ?

ଶ୍ରୀକୃଷ୍ଣ—ଦେବର୍ଷେ ! ବହୁ ଦିନରୁ ଆସି ନ ଥିଲେ, କିଛିକାଳ ଏଠାରେ ରହିଯାଅ । ମୋର ଗୁରୁତର କାର୍ଯ୍ୟ ଅଛି, ମୁଁ ଟିକିଏ ଆସୁଛି । ତୁମ୍ଭେ ରହିଲେ ମଧ୍ୟ ସେ ଅପୂର୍ବ ଟି ଦେଖି ପାରିବ ଯାହାକି ସ୍ୱର୍ଗ ମର୍ତ୍ତ୍ୟ ରସାତଳରେ ଦୁର୍ଲ୍ଲଭ ।

ନାରଦ—ହଉ ପ୍ରଭୋ !

---

## ଚତୁର୍ଥ ଦୃଶ୍ୟ

ସୁଦାମା—          (ଗୀତ).

(ରାଗ-ସାରଙ୍ଗ ତାଳ ଆଠତାଳି)

ହେ ଦୀନବନ୍ଧୁ !
ଦୁଃଖ ନାଶନ (ଗରୁଡ଼ାସନ) କୃପାସିନ୍ଧୁ
ଦିନ ନ ସରେ ମୋହର
ଅହର୍ନିଶି କାନ୍ଦୁ କାନ୍ଦୁ । ଘୋଷା ।
ଦଣ୍ଡୀନଦୀ ନାମ କହି            ନିର୍ଦ୍ଦୟ ହୁଅ କମ୍ପାଇଁ
ଆହେ ବୃନ୍ଦାବନ (ଚନ୍ଦ୍ର) ପୂର୍ଣ୍ଣ ଇନ୍ଦୁ !
କାହା ଆଶାରେ ନାଶ କେଉଁ ସମ୍ବନ୍ଧ ?
ତୁମ୍ଭେ ପରା ମୋର ସଖା କମ୍ପା ନରଖ ବନ୍ଧୁ ।୧।
ଦୁର୍ଦ୍ଦଶା ଦିନକୁ ଦିନ            ବଢ଼ୁଛି ହେ ଜନାର୍ଦ୍ଦନ
ଦିଅ ଶ୍ରୀଚରଣ ସୁଧାବିନ୍ଦୁ ।
ଦିକା ମୋ ଚିତ୍ତରୁ ହରି ଗୋଲକ ବିଧୁ,
ହେ ଦୁରିତ ନିବାରଣ ଦଣ୍ଡ କେଉଁ ଅପରାଧୁ ।୧।

ସୁମନ୍ତ ! ତୋ କଥାରେ ମୁଁ ଏତେ ପଥ ଆସିଲି, ମାତ୍ର ଦେଖୁଛି ଏଠାରେ ମୋର ସମସ୍ତ ଆଶା ଭରସା ଲୋପ ପାଇଲା ! ନଦୀ ବର୍ତ୍ତମାନ ପ୍ରବଳ ଭାବରେ

ବଢ଼ୁଛି, ଏଣେ କଳା କଳା ମେଘମାଳା ଆକାଶରେ ଘୋଟି ଦିଗଦିଗ ତମସାଚ୍ଛନ୍ନ କରି ଦେଲାଣି, ବିଜୁଳି ଓ ଘଡ଼ଘଡ଼ିର ସୀମା ନାହିଁ । ଉପାୟ କ'ଣ, ସ୍ତ୍ରୀ ବୁଦ୍ଧିରେ ପଡ଼ି ଏ ଦନ୍ତଗଞ୍ଜ ଭୋଗିବାକୁ ହେଲା । ଭଗବାନ୍ ! ଏ ବିପଦ ସାଗରରେ ତୁମେହିଁ ଏକା ମୋର ଭରସା, ଆଜି କଣ ଗୃହକୁ ଫେରି ଯିବି, କାହିଁ ପଥ ତ ଦିଶୁ ନାହିଁ ।

(ଗୀତ)

(କି ଦଶା ପଡ଼ିଲା—ବୃତ୍ତେ)

ଘାନେ ଦୟା ନାହିଁକି ?
ଦୟାନିଧି ବୋଲି ନାମ ବୋଲାଉଛ କାହିଁକି । ପଦ ।
ଶରଣ ଜନେ କରୁଣା, କହିଁପାଇ କରୁଛ ଜଣା
ଏ ଅଧମ ତବ ଜଣା, ଥରେ ଦିଅ ଶୁଣି କି ।
ଦେଇ ତବ କୃପା ତରୀ, ଏ ବିପଦୁଁ କର ପାର
ଆସିଛି ମୁଁ ଅନୁସରି ତବ ପାଦ ଧ୍ୟାଇକି । ୨ ।

ହେ ଭଗବାନ୍ ! ତୁମ୍ଭେ ମାତ୍ର ସାହା, କାହିଁ ଡଙ୍ଗା ଖଣ୍ଡେ ବୋଲିତ ଖଣ୍ଡେ ଦେଖା ନାହିଁ । ଟିକିଏ ବସେ, କେହି ଯଦି ପାରି ହୁଅନ୍ତି ତ ତେବେ ଯିବି, ଦେଖାଯାଉ ।

(ନାବିକ ବେଶେ ଶ୍ରୀକୃଷ୍ଣଙ୍କ ଗୀତ)

(ଇଙ୍ଗିରିଜ ଆକଟ—ବୃତ୍ତେ)

ଆସ କିଏ ଘରରେ ନାବେ ହୋଇବ ପାରି ।
ହେଳା କରିବାକୁ ବେଳା ଆଉ ନାହିଁ
ଦେଖୁ ଦେଖୁ ବନ୍ୟା ହେଉଛି ଭାରି । ପଦ ।
କଣ୍ଡିଆରେ ଯେତେ ମାଣ୍ଡିଆ ବିଆଳି
ଧୋଇ ଧୋଇ ସବୁ ଦେଲାଣି ଆରି
ଧୋଇଆ ବୃଷୀଙ୍କ ଅବସ୍ଥା ସରିଲା
ପଡ଼ିଲାଣି ହା ହା କାତର ହୁରି । ୧ ।
ବଢ଼ିଗଲେ ଗ୍ରାଡ଼ ଯିବ ପଟ୍ ପଡ଼
ମୁଣ୍ଡ ଟେକି ଯିବେ ସୋଣ୍ଡସ ଭରି ।
ଭେଲୁଆ ବାଇଗଣ କିଏ ପଚ୍ଛରିବ
କଟକ ସେରଟା ପାହିଲା ଗୁରି । ୨ ।
ଚାଟିଆ ଚୁଙ୍ଗୁଡ଼ି ସେର ଦି' ପଇସା
ଜଳଙ୍ଗ ବାଳିଆ ମରିବେ ଭାରି ।
ବନସୀଆଙ୍କର ବେପାର ଖୋଲିଲା
କେବା ପକାଇବେ ଜାଲରେ ଭଉଁରି ।

(ଡଙ୍ଗା ବାହି ଆଣିବା)

ସୁଦାମା—ଆହା ଡଗର ପିଲାଟିର କଣ୍ଠଟି ତ ବେଶ୍, ଗୀତଟା ମୋ କର୍ଣ୍ଣକୁ ବଡ଼ 'ତୃପ୍ତିକର ଜଣା ଯାଉଛି ।

ଡଗର—କିଏ ସେ ପାରିକୁ ଯିବାବାଲା ଅଛ, ଶୀଘ୍ର ଆସ; ନଈ ଭାରି ବଢ଼ୁଛି, ଏଣେ ବି ମେଘ ଘଡ଼-ଘଡ଼ ବିଜୁଳିରେ ଆଉରି ଭୟ ଜଣାଯାଉଛି । ଶୀଘ୍ର ଆସ କିଏ ଅଛ ।

ସୁଦାମା—ଆଉ ତ କେହି ନାହାନ୍ତି, ମୁଁ ଏକା ଏଠି ଅଛି ଟିକିଏ ପାରି କରିଦେବୁ ?

ଡଗର—ଗୋସାଇଁ ! ଦଣ୍ଡବତ । ଟିକିଏ କ'ଣ ? ଗୋଟାପାକ ତ ପାରି କରିଦେବି । ଦିଅ ମାସୁଲ ଦିଅ ।

ସୁଦାମା— ମାହାସୁଲ ନବୁ ? ମୁଁ ଜଣେ ଗରିବ ଦ୍ୱିଜ । ମୋ ନିକଟରେ କିଛି ନାହିଁ ।

ଡଗର—ସେ କଥା ଘଟିବ ନାହିଁ, ଗୋସାଇଁ ! ସେ କଥା ଘଟିବ ନାହିଁ । ଆଜି ଦି' ପଇସା ଦେଲେ ସୁଦ୍ଧା ମୁଁ ଏକୁଟିଆ ବ୍ରାହ୍ମଣ ଏ ଭରା ନଈରେ କଦାପି ପାରି କରି ପାରିବି ନାହିଁ ।

ସୁଦାମା—ବାଇଆ ! ମୁଁ ବ୍ରାହ୍ମଣ, କଲ୍ୟାଣ କରିବି, ଧର୍ମ ହେବ ।

ଡଗର—ହଇହୋ ଗୋସାଇଁ ! ଯଦି କିଛି ହାନି ଲାଭ ହୁଏ ତ କିଏ ଦାୟୀ ।

ସୁଦାମା ବାଇଆ ! ସେଥି ନିମିତ୍ତ ଠାକୁରେ ଅଛନ୍ତି ।

ଡଗର—ଗୋସାଇଁ ! ଠାକୁର କିଏ, କେଉଁଠାରେ ଥାନ୍ତି ? ସେ କ'ଣ ବିପଦ ବେଳେ ଉଦ୍ଧାର କରନ୍ତି ?

ସୁଦାମା ବାଇଆ ! ତୁ ପିଲାଲୋକ ସେ କଥା କ'ଣ ବୁଝିବୁ । ଏଇ ଦେଖ, ମୁଁ ନିର୍ଭର ହୋଇ ଡାକିବାରୁ ସେ ତୋତେ ପଠାଇଲେ । ତୁ ନିଶ୍ଚୟ ମୋତେ ଏ ବିପଦରୁ ଉଦ୍ଧାର କରିବୁ । ତେବେ ତୋତେ ଭଗବାନ ପଠାଇଛନ୍ତି, ସେ ନିତ୍ୟ ନିରଞ୍ଜନ ସବୁଠାରେ ଅଛନ୍ତି, ଯିଏ ଆତଙ୍କବେଳେ ତାଙ୍କୁ ଚିନ୍ତା କରେ ସେ ତା ଡାକ ଶୁଣନ୍ତି ।

ଚଗଲ - ହଉ ତେବେ ଗୋସାଇଁ ଆସ, ଡଙ୍ଗାକୁ ଆସ ।

ସୁଦାମା—(ଡଙ୍ଗାରେ ବସିବା)

ଚଗଲ—( ଡଙ୍ଗା ବାହିବା ସମୟେ ) ଗୋସାଇଁ ତମ ବଟୁଆରେ ପାନ ଅଛି ଟିକିଏ ଦେଲ ।

ସୁଦାମା—ବାଇଆ ! ସେ ବଟୁଆରେ ନାମ ଅଛି, ମାଳା ଅଛି; ମୁଁ ପାନ ଇତ୍ୟାଦି ଖାଏ ନାହିଁ । ସେ ସବୁ ମାଦକ ଦ୍ରବ୍ୟ । ତାକୁ ଖାଇବାଦ୍ୱାରା ଅନେକ ଅନିଷ୍ଟ ଅଛି ?

ଚଗଲ - ଗୋସାଇଁ ଅନିଷ୍ଟ କ'ଣ ?

ସୁଦାମା—ପାନ, ବିଡ଼ି, ଅଫିମ, ଗଞ୍ଜେଇ ଏଥିରେ ଉନ୍ମାଦ ଅଛି, ଶରୀର ହାନି କରି ପକାଏ ।

ଚଗଲ - ନନା, ବୁଡ଼ିଲୁ ବୁଡ଼ିଲୁ ।

ସୁଦାମା—ଏ କ'ଣ ଏ କ'ଣ, ଏ ପାଖ ମଙ୍ଗରେ ତ ପାଣି ପଶିଗଲାଣି, ଉପାୟ କ'ଣ ?

ଚଗଲ—ମୁଁ ପରା ସେଇଥି ଯୋଗୁ ମଙ୍ଗୁ ନ ଥିଲି, କହୁଥିଲି ତମ ଠାକୁରଙ୍କୁ ଏତେବେଳେ ଡାକ, ଅନାଉଛ କ'ଣ ?

ସୁଦାମା— (ଗୀତ)

(ଜୟ ଲୀଳାନନ୍ଦ ହରି-ବୃତ୍ତେ)

ଜୟ ଜାନକୀ ଜୀବନ ହେ ଯାନକଜନ ଗଲୁ ଭସି ।

ଏ ଅଗାଧ ଜଳେ ବୁଡ଼ିଲା ମୋ ଭେଳା

କୂଳେ ଲଗା କୃପାରାଶି । ପଦ ।

ସୁମନ୍ତ ! ଏଇଥର ପ୍ରାଣଗଲା, ଭଗବନ୍ !

ଏ ବିପଦରୁ ଉଦ୍ଧାର କରିବ କେବଳ ତୁମ୍ଭେ ।

(ଗୀତ)

ପାଞ୍ଚାଳୀ ବାଭ୍ରସ୍ତ୍ର କାଳେ ତୁମ୍ଭେ ସାହା

ଗଜ ଉଦ୍ଧାରିଛ ଚକ୍ରେ ଛେଦି ଗ୍ରାହା,

ଆତଙ୍କେ ମୁଗୁଣି ପାଉଥିଲି ବାହା

ତବ ନାମ ହୃଦେ ଘୋଷି । ୧ ।

ଭକ୍ତ ଦାଉ ପ୍ରଭୋ ସାଧୁଙ୍କ କି ପଥେ,

ଭକ୍ତ ମରି ବୋଲି ରଟିବ ଜଗତେ,

ଭାସିଗଲି ତାର ମାର ବା ତୁ ଏଥେ

ତୋ ଚରଣ ସଦା ଆଶି । ୨ ।

ଚଗଲ—ଗୋସାଇଁ ଗୋସାଇଁ, ଏଥର ଟିକିଏ ବାଗକୁ ଆସିଲୁ । ମୁଁ ତମଠାରୁ ମାହାସୁଲ ନେବି ନାହିଁ, ମୋତେ ବେଶି ନାହିଁ ଗୁରି ଛଅଟା ପଇସା ବକ୍‌ସିସ୍ ମିଳୁ ।

ସୁଦାମା – ବାପା ! ମୁଁ ପରା ଆଗରୁ କହିଛି ମୋଠାରେ କିଛି ନାହିଁ । ବ୍ରାହ୍ମଣ ମଣିଷ କଲ୍ୟାଣଟିଏ କରିବି ।

ଚଗଲ—ଆଚ୍ଛା ହେଉ, ତୁମ୍ଭେ ଗୋଟାଏ କଲ୍ୟାଣ କର, ମୁଁ ଗୋଟାଏ କୋଠା ତୋଳାଏ ।

ସୁଦାମା—ହଉ, ଭଗବାନ ନିଶ୍ଚୟ ତୋ ମନ କାମନା ପୂର୍ଣ୍ଣ କରିବେ ।

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ଚୋର ସର୍ଦ୍ଦାର ଓ କାହ୍ନୁଆ)

(ଗୀତ)

(ଅଛ କେ ଜଗତେ-ବୃତ୍ତେ)

ଚୋରିକର ବାବୁଗିରି ହେବା ।

ସ୍ୱାଧୀନ ତା ପର କରି ହରି ଜୁରି

ପରମାଣୁ ଧରି କରି ଯିବା । ପଦ ।

କାହା ଘରୁ ନେବା ଥାଳି ଲୋଟା କଂସା

କାହାଘରୁ ନେବା ରୁପିଆ ପଇସା ।

କାହା ଘରୁ ଗୋରୁ କାହା ଘରୁ ଯୋରୁ

କା ଅମାରୁ ଧାନ ବୋହିନେବା । ୧ ।

ଚୋରି କରି ଯେବେ ନ ପୂରିବ ପେଟ

ତାକୁ ଛାଡ଼ି ବନିଯିବା ଡକାୟତ,

ଜଗି ବାଟ ଘାଟ, ଭେଟିଲେ ପଥିକ

ଚୁଟି କହି ତଣ୍ଟି କାଟିଦେବା । ୨ ।

କହି ଭବେ ଚୋର ଡକାୟତ ପଣେ

କେହି ମଥା ଟେକ ନାହିଁ ଧରାଧାମେ ।

ରେ ମୂର୍ଖ ଅଜ୍ଞାନେ ନ ଯାଅ ସେ କର୍ମେ

ହୃଦେ କର ସଦଗୁରୁ ସେବା । ୩ ।

ସର୍ଦ୍ଦାର—ହାଁରେ କାହ୍ନୁଆ ! ଆଜ୍‌ତ କୋନ ଭଗେଁକା କୁଛ୍‌ଭି ନାଇ ସୁଝ୍‌ତା, ଉସ୍‌କା ମତଲବ କ୍ୟା ଆମ ଲୋକତ ରେହ୍‌ତେମେ ପେଟ୍ ନାଇ ଚୋଷ୍‌ତେନେସେ ଡକାୟତ ବୃତ୍ତି କଏଁ, ତବ୍‌ଭି କୁଛ୍ ନେଇ ମିଲ୍‌ତା ହାଏ ! ଏ କ୍ୟା ଗଜବକି ବାତ୍ !

କାହ୍ନୁଆ—ସର୍ଦ୍ଦାରଜି ! ଏ ସବୁ କୁଛ୍ ଭଗଭଗକା କାମ ହାଇ, ଥୋଡ଼ା ବଖତ୍ ଛୁପ୍‌କେ ରହୋ ଦେଖୋ କ୍ୟା ହୋତି କ୍ୟା ନେଇ ହୋତି ହାଏ।

ସର୍ଦ୍ଦାର—କାହ୍ନୁଆ । ତୁମ୍ ଆଚ୍ଛା ଉପେସେ ଦେଖୋ ତୋ କୋଇ ଏକ ଆଦମି ବହୁତ୍ ଦୂରସେ ଆନେକା ସବ ମାଲୁମ୍ ହୋତା କି ନାଇଁ ।

କାହ୍ନୁଆ—ସର୍ଦ୍ଦାରଜି ! ଠିକ୍ ବାତ୍, ଭଗଓ୍ୱାନ ଆମ୍ ଲୋକୋକା ଦାନା ସୁଝାଦିଆ, ସେଗସେ ଏଇ ସଡ଼କ୍‌କେ ବାଜୁମେ ଛୁପ୍‌କେ ରହୋ ।

( ସୁଦାମାର ପ୍ରବେଶ )

ସୁଦାମା—ଆହା ! ମୁଁ କ'ଣ କଲି, କାହିଁକି ମାଇକିନିଆ କଥାରେ ପଡ଼ି ଘରୁ ଆସିଲି, ଏତିକିବେଳେ ତ ଭୟ ନଗରେ ପ୍ରାଣ ଯାଇଥାନ୍ତା । କେବଳ ସେହି ଦୟାମୟଙ୍କ କୃପାରୁ ଉଦ୍ଧରି ଆସିଲି । ଏବେ କରେ କ'ଣ ? ଏତ ଘୋର ଜଙ୍ଗଲ, ଏଠାରେ ମନୁଷ୍ୟର ପଦ ଚିହ୍ନ ମାତ୍ର ଲକ୍ଷିତ ହୁଏ ନାହିଁ । କେବଳ କ୍ଷଣେ କ୍ଷଣେ ଶୁଭୁଅଛି ସେହି ହିଂସ୍ର ଜନ୍ତୁମାନଙ୍କର ଚିତ୍କାର, କ'ଣ କରିବି; ଏ ଭୟରେ ବାବା ?

ସର୍ଦ୍ଦାର—(ବାହାରିପଡ଼ି) ହେ ଭାୟା ଶୁନୋ ଶୁନୋ, ତୁମ୍ କାହାଁକୁ ଚଲିଯାତା ହାଏ । ହାମ ଲୋକୋଁକୁ ତୁମରି ସାଥ୍‌ମେ ଲେ ଚଲୋ, ତୁମ୍ କ୍ୟା ଲେତା ହାଏ ।

ସୁଦାମା—ନାଇଁରେ ଭାଇ, ମୁଁ ଜଣେ ଗରିବ ବ୍ରାହ୍ମଣ, ଭିକ୍ଷା ନିମନ୍ତେ ଯାଉ ଯାଉ ପଥଭ୍ରଷ୍ଟ ହୋଇ ଏ ବାଟେ ଭୁଲି ଆସିଲି ।

କାହ୍ନୁଆ—ସର୍ଦ୍ଦାର ! ଆଦମ୍ ତୋ ବହୁତ ଚାଲାକ ହାଏ, କୁଛ ମାଲମତା ଉସ୍‌କାନେ ହାଏ, ପକଡ଼ୋ, ଜଲ୍‌ଦି ପକଡ଼ୋ ।

ସୁଦାମା—ହେ ଭାଇମାନେ ! ମୋଠାରେ କଡ଼ାକଉଡ଼ି ଜିନିଷ ନାହିଁ, ବୃଥାଟାରେ କାହିଁକି ମୋ ସହିତ ଗୋଳମାଳ କରୁଛ । ହାୟରେ ବିଧାତା ! ଏମାନଙ୍କୁ ଏଇ ବୁଦ୍ଧି ଦେଇଛୁ ମୋ ଖୁଦ ପୁଡ଼ା ଦେଖି ଏମାନେ ଟଙ୍କା ପଇସା ଲୋଭରେ ହେଣ୍ଡି ମାରୁଛନ୍ତି । ସୁମତି କେତେ ଶ୍ରଦ୍ଧାରେ ସଖାଙ୍କ ପାଇଁ ଏ ଖୁଦ ମୁଠିକ ଗଣ୍ଠି କ ଦେଇଛି । ମୁଁ କ'ଣ ଏହି ଚଣ୍ଡାଳମାନଙ୍କୁ ଦେଇଦିବି ?

ସର୍ଦ୍ଦାର—କାହ୍ନୁଆ ! ଆଓର ଡେରି କରନେକା ମତଲବ କ୍ୟା । ଡେରି ମତ କରୋ, ଲଗାଅ ଦୋ ଚାର ଧକ୍‌କା । ( ଧକ୍‌କା ମାରି ଖୁଦ ପୁଟୁଳା ଛଡ଼ାଇ ନେବା )

ସୁଦାମା—ସୁମତି ! ଏଥର ନିଶ୍ଚିନ୍ତ ହୋ, ମୁଁ ତୋତେ ବଡ଼ ଅଡୁଆ ହୋଇଥିଲି ।

ସର୍ଦ୍ଦାର—କାହ୍ନୁଆ ! କ୍ୟା କ୍ୟା ମାଲ ମତା ହାଏ, ଖୋଲୋ ଆମ ଦେଖେ ଅଓର କୋଇ ଆତା ରହେଗା ।

କାହ୍ନୁଆ—(ଖୋଲି ଦେଖି) ସର୍ଦ୍ଦାରଜି ସର୍ଦ୍ଦାରଜି । ଆମ୍‌ଲୋକ କାଏ ଏ ବସ୍ତୁଗୁ ଏତନା ତକଲିଫ୍ ଦିଏ । ଇସ୍‌ମେ କୁଛ ନେଇ ଖାଲି ଚୁଡ଼ା ଚାଉର ।

ସୁଦାମା—ଭଗବାନ୍ ! ଏହି ଚଣ୍ଡାଳମାନଙ୍କ ହାତରେ କ'ଣ ପ୍ରାଣଟା ଯିବ? ମୋତେ ତ ଯାହା ବାଙ୍କବାର ବାଙ୍କ ଗଲାଣି, ଆଉ କିଛି ଅଛି ବୋଲି ଯଦି ଜାଣନ୍ତି ନଥିବେ ତେବେ କାମ ନଷ୍ଟଭି ।

ସର୍ଦ୍ଦାର—କାହ୍ନୁଆ । କ୍ୟା ଚିଜ ହାଏ ?

କାହ୍ନୁଆ—ଚୁଡ଼ା ଚାଉର, ଚୁଡ଼ା ଚାଉର ।

ସର୍ଦ୍ଦାର—କ୍ୟା ଆମ ଅବ ହାତ ମାରକର ଦେଖ୍‌ଗିଆ କୁଛ ମାଲ ରହିନେ ସବ ମାଲୁମ୍ ହୋତାଥା । ତୁମ ବୋଲତା ଚୁଡ଼ା ଚାଉର । ଆମରି ସାଥ ସାଥ ନକାଲତା ନା କ୍ୟା ?

(ଉଭୟଙ୍କର କଳଗୋଳକରି ଖୁଦ ଫୋପାଡ଼ି ପ୍ରସ୍ଥାନ)

ସୁଦାମା—(ଉଠି ସଚେତ ହୋଇ ଖୁଦପୁଡ଼ା ଧରି) ଭଗବାନ୍ ! ଏମାନଙ୍କୁ ଏଇ ବୁଦ୍ଧି ଦେଇଛ, ଏମାନେ ଏହି ଦସ୍ୟୁବୃତ୍ତିରେ ଜୀବିକା ନିର୍ବାହ କରୁଛନ୍ତି, ପର ମାରି ଘର କରିବା ପ୍ରବୃତ୍ତି ଏଇମାନଙ୍କଠାରେ ଅଛି । ଯାହା ହେଉ ସୁମତି ଦେଇଥିବା ଖୁଦର ମୂଲ୍ୟ ଜାଣି ପାରିଲି, ଯାହାକି ସାମାନ୍ୟ ଦସ୍ୟୁମାନଙ୍କର ମନକୁ ଆସିଲା ନାହିଁ । ମୁଁ ପୁଣି ତାକୁ ନେଇ ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କୁ ଭେଟିବି ମୋଠାରୁ ବଳ ନିର୍ଲ୍ଲଜ ସଂସାରରେ କିଏ ହେବ, ତଥାପି ନେଇଥାଏଁ । ଏ ଦୁଇଜଣଙ୍କର କଳରେ ମୋର ଟିକିଏ ଉପକାର ହେଲା, ନଚେତ୍ ପ୍ରାଣ ବି ନେଇ ଯାଏ ତେବେ ।

(ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

[ସନ୍ନ୍ୟାସୀ ବେଶେ ଶ୍ରୀକୃଷ୍ଣ, କପିଳ ଓ ଶାରଙ୍ଗ ଶିଷ୍ୟ ଦ୍ୱୟ]

ସନ୍ନ୍ୟାସୀ (ଗୀତ)

ଅନିତ୍ୟ ଅସାର ସଂସାରରେ ଭାଇ
ହରିନାମ ସାର ଅଟଇଟି ଏକା । ୦ ।
ହରି ପିତା ମାତା ହରି ବନ୍ଧୁ ଭ୍ରାତା
ହରି ଏ ପିଣ୍ଡର ଉଦ୍ଧାର କରତା ।
ହରିନାମ ବିନେ ନାହିଁ ସୁଖ ଆନେ
ଭଜ ବସି ଏ ଭବ ନଉକା । ୧ ।
ହରିନାମ ସୁଧାପାନେ ହରେ କ୍ଷୁଧା
ହରିନାମ ବଳେ ଯିବ ବାଧା ।
ହରିନାମ ପ୍ରେମେ ମାତି ଜଣି ଜନେ
ତୁଟିଯିବ ଦୁଷ୍ଟ ଶମନର ଧୋକା । ୨ ।

କପିଳ ! ସମିଧପ୍ରଭୃତି ସଂଗ୍ରହ ହୋଇଛି ତ ?

କପିଳ—ଗୁରୁଦେବ ! ଶାରଙ୍ଗ ଫଳ ମୂଳ ନ ଆଣି ଚୁପ୍ କରି ବସି ରହିଛି, ଖାଲି ଖାଇଲା ବେଳକୁ ମଜଭୁତ ।

ସନ୍ନ୍ୟାସୀ—ଥାଉ, ଥାଉ, ଆଉ କଳଗୋଳ କରନା ମୋର ଧ୍ୟାନର ସମୟ ହୋଇଗଲା, ତୁମେମାନେ ନିଜ ନିଜର କାର୍ଯ୍ୟ ଠିକ୍ କରି ନେବ । ଆଚ୍ଛା, ଶାରଙ୍ଗ ଦଶଟି ତୁଳସୀପତ୍ର ଆଣିଲ ।

ଶାରଙ୍ଗ—ଗୁରୁଦେବ ! କେଉଁଠାରେ ଅଛି ମୁଁ ଦେଖି ନାହିଁ ।

କପିଳ—କେଡ଼େ ସିଆଣିଆରେ କଥା କହୁଛୁମ, ଦେଖି ନାହିଁ ମଠ ପଛଆଡ଼େ ଯେଉଁ ଦେବଦାରୁ ଗଛ ଉପରେ କଟେଇଛି, ଚଢ଼ିବାକୁ ପଡ଼ିବ ବୋଲି ମନାକର ।

ସନ୍ନ୍ୟାସୀ—କପିଳ ! ତୁ ବି ମଧ୍ୟ ତୁଳସୀପତ୍ର ଆଜି ପର୍ଯ୍ୟନ୍ତ ଚିହ୍ନି ନାହୁଁ ।

କପିଳ—ହଁ ଗୁରୁଦେବ ! ସେ ତ କଣାରୁ ପତ୍ରପରି ଏଡ଼େ ଏଡ଼େଟାମାନ, ରଙ୍ଗଟିକେ ଲାଲ ଖାପ୍‌ସା ଅଛି, ନୁହେଁ ?

ସନ୍ନ୍ୟାସୀ—ଥାଉ, ଏ ସବୁ ପେଟକାମୀ କଥା, ଏପରି ଅଯଥା ତର୍କ କରିବା କର୍ତ୍ତବ୍ୟ ନୁହେଁ, ଯାଅ ବର୍ତ୍ତମାନ ମୁଁ ଧ୍ୟାନମଗ୍ନ ହେବି ।

ସୁଦାମା—(ପ୍ରବେଶି) ଆଉ କେତେ ବାଟ ଏ ଜଙ୍ଗଲଟି ପଡ଼ିବ କେଉଁଠାରେ ତ ଘର ଗ୍ରାମ ଦେଖାଯାଉ ନାହିଁ, କରେ କ'ଣ; ସୁମତି ! ତୋ କଥାରେ ପଡ଼ି କେତେ ଯେ ହନ୍ତସନ୍ତ ନ ହେଲିଣି, (କର୍ଣ୍ଣଡେରି) ନିକଟରେ ଭୁଟୁ ଭାଟ କ'ଣ ତ ଶୁଭୁଛି ଦେଖେ । ଆହା ଏ ତ ଗୋଟିଏ ଆଶ୍ରମ, ଜଣେ ମହାପୁରୁଷ ପଦ୍ମାସନରେ ବସି ଧ୍ୟାନମଗ୍ନ ଅଛନ୍ତି; ଏହି କାର୍ଯ୍ୟଟି ସଂସାରର ନରକ ଯନ୍ତ୍ରଣାରୁ ଉଦ୍ଧାରିବାର ପଥ । କିଛି ଚିନ୍ତା ନାହିଁ, ଦଇ ନାହିଁ, କେବଳ ହରି ପଦାରବିନ୍ଦରେ ଧ୍ୟାନ । ଏମାନଙ୍କୁ କ୍ଷୁଧା ତୃଷା ପ୍ରାୟ ବାଧେ ନାହିଁ, ହେଲେ ବା ଅଭାବ କ'ଣ ? ଜଙ୍ଗଲରେ ନାନା ସୁସ୍ୱାଦୁ ଫଳ ମୂଳ ଓ ଝରଣାରେ ପବିତ୍ର ଜଳ ଥୁଆ ହୋଇଛି ! କ'ଣ କରିବି, ମୁଁ ମୂର୍ଖ ତ ଏକକାନିଆ ହୋଇ ଆସିଛି, ଋଷିଙ୍କୁ ପ୍ରଣାମ କରିବି କିପରି ? ତା ନ ହେଲେ ନିଶ୍ଚୟ ଅପରାଧୀ ହେବି ଭଗବାନ ! ମୋତେ ଏ ବିଷମ ସମସ୍ୟାରେ କାହିଁକି ପକାଇଲ ।

ଗୀତ

[ପ୍ରାଣରୁ ଅନ୍ତର ସିନା—ବୃତ୍ତେ]

ଏ ଧନ ବେଟଣ କେମନ୍ତେ ପୂଜନ୍ତ ତବ ପଯ୍ୱର ।
ଅପରାଧୀ ଅପରାଧ ବାରେ ପ୍ରଭୁ କ୍ଷମାକର । ପଦ ।
ଆଜନ୍ମ ମୁହିଁ ଦରିଦ୍ର ଭିକ୍ଷାନ୍ନେ ପୋଷେ କୁଟୁମ୍ବ
ହରି ନାମଟି ସମ୍ପଦ ଆନେ ନାହିଁ ମୋ ଆଦର । ୧ ।
ଭକ୍ତିର ନାହିଁ ମୋ କଣେ କେହ୍ନେ ପ୍ରଣମିବି ପଦେ
ଦେଣୁଟି ଅଦୃଷ୍ଟ ନନ୍ଦେ ତବ କଙ୍କର । ୨ ।

ପ୍ରଭୁ ! ମୋର ଅପ୍ରାଧ କ୍ଷମା କର, ମୁଁ ଦରିଦ୍ର ହେତୁ ଏ ଦଶା, ପ୍ରଭୁ ! (ପ୍ରଣାମ କରିବା ସମୟେ ମାୟା ତପସ୍ୱୀ ନାମାବଳ ପକାଇ ଦେଇ ଅନ୍ତର୍ଦ୍ଧାନ । (ଉଠି) ଏ କ'ଣ ସନ୍ନ୍ୟାସୀ କାହାନ୍ତି, ମୋର ଏ ଧାନ ବେଶ ଦେଖି ଘୃଣା କରି କ'ଣ ଉଠିଗଲେ । ହା କପାଳ, ମୁଁ କାହିଁକି ସନ୍ନ୍ୟାସୀଙ୍କ ତପସ୍ୟାରେ ବାଧା ଦେଲି । ଏ ନାମାବଳ କାହୁଁ ଆସିଲା । ବୁଝିଲି, ବୁଝିଲି, ନୋହିଲେ କି ତୁ ଅନ୍ତର୍ଯ୍ୟାମୀ, ନାଥ ବୋଲି ନାମ ବୋଲାଇ ଥାନ୍ତୁ, ମୁଁ ଏକକାନିଆ ହୋଇଥିଲି ବୋଲି ମୋତେ ଏ ଖଣ୍ଡିକ ଦେବାପାଇଁ ଏ ନିର୍ଜନ ସ୍ଥାନରେ ଛଦ୍ମବେଶୀ ସନ୍ନ୍ୟାସୀ ହୋଇଥିଲୁ । ହରି ତୋ ମାୟା କେ ବୁଝି ପାରିବ ?

---

## ତୃତୀୟ ଦୃଶ୍ୟ

(ସନେଇ ସାହୁ ଓ ସଜନୀ ବୋହୂ ପାର୍ଶ୍ୱ)

ପୁରୁଷ—ସଜନୀ ବୋହୂ କୁଆଡ଼େ ଗଲକ ହୋ, ହେ ସଜନୀ ବୋହୂ !

ସ୍ତ୍ରୀ—ମଲି କ'ଣମ, କାହିଁକି ଏତେ ସୁଆଙ୍ଗିଆ ଡାକ ପଡୁଛି । କ'ଣ କଣ୍ଟ ମିଳୁଛି କି ?

ପୁରୁଷ—ଆଲୋ ହଁ ଲୋ ଶୁଣିବୁ ଆ ।

ଗୀତ (ଝୁଲ ଝୁଲ ଏଠୁ—ବୃତ୍ତେ)

ପୁ— ଶୁଣ୍ ଶୁଣ୍ ସଜନୀ ବୋହୂଲୋ
ଆଜ ରଜନୀରେ ଦେଖିଲି ଯାହା,
ସ୍ତ୍ରୀ— କ'ଣ କହୁନା ଭଲ କିବା ମନ୍ଦ
ଶୁଣି ମୋ ସଂଶୟ ଯାଉଛି ନାହା ।
ପୁ— ଧନ ଧାନ ଲାଗି ହେଉଥିଲି ଭାବ
ସେ ଧନ ତ ମୋର ହେଲାଣି ଥୁଆ ।
ସ୍ତ୍ରୀ— କେମନ୍ତେ ମିଳିବ କିଏ ଆଣିଦେବ
କେଉଁ ଦେବ-ଦେବୀ ହେଲେ କି ସାହା ॥
ପୁ— ଦେଖିଲି ସ୍ୱପନେ ବଇରାଗୀ ଜଣେ
ଆସି ମୋ କର୍ଣ୍ଣରେ କହିଲେ ଯାହା ।
ସ୍ତ୍ରୀ— ସ୍ୱପନର କଥା ଅଟଇ ତ ମିଥ୍ୟା
କି କହିଲେ ଭଲି କହନ୍ତୁ ତାହା ।
ପୁ— ହୋଇଲେ ପ୍ରଭାତ ଆସି ଯତି ଏକ
ଦାଣ୍ଡ ଦରଜାରେ ହୋଇବେ ଠିଆ ।
ସ୍ତ୍ରୀ— ଘଣ୍ଡ ପଣ ଏ ତ ଲୁହେ ଟିକେ ସତ
ବସି ବସି କରି ଫାନ୍ଦୁଛ ଫାଆ ॥
ପୁ— ସେ ସନ୍ନ୍ୟାସୀ ପିଣ୍ଟି ଅର୍ଜିବା ସମ୍ପତ୍ତି
ବିପଦ ବେଳକୁ ଦଇବ ସାହା
ସ୍ତ୍ରୀ— ବାହାଦୁରୀ ପଣ କରନ୍ତୁ ଆପଣ
ଏଥେଁ ବାଳକୃଷ୍ଣ ନ ପାଏ ବାହା ॥

ପୁ—ଆଲୋ, ତୁ ଗୋଟାଏ ଠେଙ୍ଗା ଆଣି ଏ କବାଟ କଣରେ ଡେରେ ?

ସ୍ତ୍ରୀ—ସେହି ଠେଙ୍ଗାରେ କ'ଣ ବାବାଜିଙ୍କି ଦେବୁ ପାହାରେ ?

ପୁ—ଆଲୋ ପଗ୍ରୁଛୁ କ'ଣ ରାତି ହେଲା ଶେଷ ?

ସ୍ତ୍ରୀ—ଏଇଠି ତ କାହା ପାଟି ଶୁଭୁଛି, ଏଇଥର ମାମଲତ ହେଲା ଶେଷ ।

ପୁ—ହଇଲୋ କିଏ ?

ସ୍ତ୍ରୀ—ଆସିଲେଣି ଯାହା କହୁଥିଲ ସିଏ ।

(ରାମ ବାଉକ ମୁଠି ହସ୍ତେ ଧରି ପ୍ରବେଶ)

ରାମା—(ସ୍ୱଗତ) ଏ ସିନା ସାଉଟା ଆଜକ ଭିକାରିନ ହେଲା ଟିକିଏ ଖିଅର ହେବ ବୋଲି ମୋ ଘଟିକି ଦଉଡୁଛି । ମୁଁ କ'ଣ କରିବି । ମୋର ତ କରଣ ମହାଲାୟକ ସାଆନ୍ତ ତାଙ୍କ ମରଜି ଜଗୁ ଜଗୁଁ ଦିନ ଆଖର, ତାଙ୍କ ସେବାରେ ତ୍ରୁଟି ହେଲେ ବୁଧା ବୃଦ୍ଧିକ୍ଷା କରଷି ଯିବ । ଯାହା ହେଉ, ଏଇ ଭୋର ଭୋର ଟିକିଏ ଅନ୍ୟାନ୍ୟଙ୍କ ମୁହଁ ନ ଜଗିଲେ ନ ଚଳେ, ଯାଏଁ (ପ୍ରକାଶ୍ୟେ) ହୋ ସାଉସୁଅ !

(ସାଙ୍ଗ କବାଟ ପିଟାଇ ଠେଙ୍ଗା ଧରି ମାରିବାକୁ ଉଦ୍ୟତ)

ରାମ—ହା, କ'ଣ କରିବି, ଥରକୁ ତିନିଥର ସାଇଥିଲି । ମୁଁ ତ ନ ଥିଲି, ମୁଁ ଟିକିଏ ବାରିଧନ୍ଦାକୁ ମଣିଷ ।

ସନା—ଏ କିଏ, ମୁଁ ତ ସାରିଥିଲି ଆରେ, ମୁଁ ଜଣକୁ ପିଟିବାକୁ ଅପେକ୍ଷା କରିଥିଲି ମୋ ମନେ ମନେ ସେହି ।

ରାମ—କାହାକୁ ସାହୁ ପୁଅ ?

ସନା—ତୁ ଟିକିଏ ବସିଯା ଦେଖିବୁ ।

(ରାମ ଖିଅର କରୁଥିବା ସମୟରେ ତପସ୍ୱୀର ପ୍ରବେଶ)

ସନା—ରାମ ! ତୁ ଟିକିଏ ପାଖେଇ ଯା ।

(ସନ୍ନ୍ୟାସୀଙ୍କୁ ପ୍ରହାର ଓ ଧନ ରତ୍ନ ଘରକୁ ବହିବା ?

ରାମା—ଆରେ ମୁଁ ଏତିକ ଓଲୁ, ମୁଠିଟାକୁ ଯେବେ ବାରଦ୍ୱାର ବୁଲି ବୁଲି ପେଟ ପୂରୁ ନାହିଁ, ମାମଲତ ଆସି ଏଥିରେ । ଲୋକେ ଏଇଆ କରି ଧନୀ ମହାଜନ, ଜମିଦାର, ରାଜା ବୋଲାଉଛନ୍ତି ହେ ମୁଠି, ତୋତେ ଆଜିଠାରୁ ବିସର୍ଜନ କଲି (ମୁଠି ଫୋପାଡ଼ ଦେଇ) । ଏଥର ସନ୍ଧିରେ ମଜା, ସେ ସିନା ଗୋଟାଏ ବାଡ଼ି ପିଟିଲା ମୁଁ ତ, ଏକା ଦିନକରେ ଲକ୍ଷେଗଣ୍ଡା ପିଟି ଦେବି, ଆଚ୍ଛା ତେବେ ଧର୍ମଶାଳାକୁ ଯାଏ । ସେଠାରେ ସେମାନଙ୍କୁ ଭୁଲାଇ, କହି ଘରକୁ ଡାକି ନେବି ।

---

## ଚତୁର୍ଥ ଦୃଶ୍ୟ

(ରାମ ଧର୍ମଶାଳାରେ ପ୍ରବେଶ)

ରାମ—ହେ ମହାତ୍ମାମାନେ ? ଏ ଦରିଦ୍ରର ଗୋଟିଏ ନିମନ୍ତ୍ରଣ ରକ୍ଷା କରିବେ ?

ସନ୍ନ୍ୟାସୀ—କି ନିମନ୍ତ୍ରଣ ।

ରାମା—ମୁଁ କାଲି ପ୍ରଭାତରୁ ଗୋଟିଏ ମହୋତ୍ସବ ଦେବି, ଆଜି ଆପଣମାନଙ୍କୁ ଶିକ୍ଷ୍ୟା ଦେବି ।

ସନ୍ନ୍ୟାସୀ—ବହୁତ ଆଚ୍ଛା । ବହୁତ ଆଚ୍ଛା ।

ରାମା—ତେବେ ମୁଁ ଆସୁଛି (ସ୍ୱଗତ) । ଖାଲି ଠେଙ୍ଗା ଦୁଇଖିର ଖଣ୍ଡ ଦରକାର(ଗୃହକୁ ଆସି ପ୍ରକାଶ୍ୟେ) ଇଲୋ ସୁନେଇ ବୋହୂ, ଅଳସୀର ତ ନଦ ଭଙ୍ଗୁ ନାହିଁ ।

ସୁନେଇ ବୋହୂ—ମଲି କାହିଁକି ଡାକୁଛ ମ ! ମୁଁ ପରି ଗାଁକୁ ସାଜୁଛି, ମହାଜନ ଘର ବାହାଘର, ନଖ କଟେଇ ଦେଇ ଅଳତା ନାଇଦେବି ।

ରାମା—ରଖ ତୋ ଅଳତା ଫଳତା (ଟୋକେଇ ଛଡ଼ାଇ ଫୋପାଡ଼ ଦେବା) ମହାଜନ ଘର ବାହାଘର, ଆମ ବାହାଘର କିଏ ଦେଖି ଆସିବ ।

ସୁନେଇ ବୋହୂ—ଏ କ'ଣ ପାଗଳା ହୋଇ ଗଲକି ?

(ବାବାଜିମାନଙ୍କର ପ୍ରବେଶ)

ରାମା—ଏଇତ ଗଣ୍ଡ ଆସିଲେ, ଯା ତୁ ଘରକୁ ଯା । (ଠେଙ୍ଗାରେ ଦୁଇ ଚାରିଜଣଙ୍କୁ ପାହାର ଦେବାରୁ ସମସ୍ତେ ପଳାୟନ)

—*—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ଦ୍ୱାରିକାର ରାଜସଭା, ଶ୍ରୀକୃଷ୍ଣ ସଭାସଦ)

ଶ୍ରୀକୃଷ୍ଣ—ରାଜନ୍ୟବର୍ଗ ! ତୁମ୍ଭମାନଙ୍କର ସମସ୍ତଙ୍କର କୁଶଳ ତ ? ଯାହାର ଯାହା ଆପତ୍ତି ଅଛି ଶୀଘ୍ର ପ୍ରକାଶ କର ।

(ଦୂରରୁ ମରିଗଲୁ ମରିଗଲୁ ଶବ୍ଦ)

ଶ୍ରୀକୃଷ୍ଣ—ଏ କି, କୋଳାହଳ ? କିଏ କାହାକୁ ଏପରି କି ଶାସ୍ତି ଦେଉଛି ? ଦ୍ୱାରିକାରେ ଆଜି ପୁଣି ଏ କି ଶାନ୍ତିଭଙ୍ଗ ? ସାତ୍ୟକି ଶୀଘ୍ର ବୁଝ ।

(ବାବାଜିମାନଙ୍କର ଚିତ୍କାର କରି କରି ପ୍ରବେଶ)

ସାତ୍ୟକି—କିଏ ସେ ମହାତ୍ମାଗଣ ! କେ ଆପଣଙ୍କୁ ଏପରି ଶାସ୍ତି ଦେଇଛି । (ବାବାଜିଙ୍କର ସମସ୍ତ ପ୍ରକାଶ କରିବା)

ସାତ୍ୟକି—ପ୍ରଭୋ ! ରାମା ଭଣ୍ଡାରି ଏମାନଙ୍କୁ ବାଡ଼େଇ ପିଟି ସାର କରି ଦେଇଛି, ଆଉ ମଧ୍ୟ କେତେକଙ୍କ ପ୍ରାଣ ନେଇଛି ।

ଶ୍ରୀକୃଷ୍ଣ—ଦୂତ ଶୀଘ୍ର ସେ ରାମା ଭଣ୍ଡାରିକୁ ବନ୍ଧନ କରି ଆଣ

(ଘମାର ପ୍ରବେଶ)

ଶ୍ରୀକୃଷ୍ଣ— ଗୀତ

(କଦ ଦୂତ ଏକ ଝପସ୍ୱାତ—ବୃତ୍ତେ)

କାଟ ଏ ଭଣ୍ଡ ପାଷାଣ୍ଡ ଦୁର୍ଦ୍ଦଣ୍ଡର ମୁଣ୍ଡରେ ।
ନର୍ଦ୍ଦୋଷୀ ସନ୍ନ୍ୟାସୀଗଣେ ଦେଲ୍
ଏତେ ଦଣ୍ଡରେ
ସ୍ୱର ଏ ଭଣ୍ଡାର ଟୋକା ଟିକେ ନାହିଁ ତାର ଶଙ୍କା
ଦଣ୍ଡେ ନ କରଟି ରକ୍ଷା
କଲା କେତେ କାଣ୍ଡରେ । ୧ ।
ଏ ବ୍ରହ୍ମଦୋଷୀର ମୁଖ ଗୁହିଁଲେ ଲେଖୁଛୁ ପାପ
କ୍ଷୁଣାନେ ସ୍ୱା ପିଣ୍ଡ ରଖ
କର ଖଣ୍ଡ ଖଣ୍ଡରେ । ୨ ।

ସାତ୍ୟକ ! ଶୀଘ୍ର ଘାତକକୁ ଆଜ୍ଞା କର, ଏ ପାଷାଣ୍ଡକୁ ଶୂଳ ଦେଉ ।

ଘମା—ସମସ୍ତେ ବଡ଼ ଲୋକ ହେବେ ଏ ଗରବ ଭଣ୍ଡାରି-ଟୋକା ବଡ଼ ଲୋକ ହେଲାକୁ ଶୂଳ ଦଅ ।

ଶ୍ରୀକୃଷ୍ଣ—ମୂର୍ଖ, ତୁ କ ବଡ଼ ଲୋକ ହେଉଥିଲୁ ?

ଘମା—ପ୍ରଭେ ! ସନେଇ ସାଉ ବଣିଆ ଗୋଟାଏ ବାବାଜ ପିଟି ଯେତେ ଟଙ୍କା ସୁନା ନେଲା ମୁଁ ତା କ'ଣ କହିବ ! ମୁଁ ତ ସେଇଆ ଦେଖି ଏ କଥା କଲି ।

ଶ୍ରୀକୃଷ୍ଣ—ସନେଇ ସାଉକୁ ଡାକ ।

(ସନେଇ ସାଉର ପ୍ରବେଶ)

ଶ୍ରୀକୃଷ୍ଣ—ହଇହେ ସନେଇସାଉ ! ତୁମ୍ଭେ ଗୋଟିଏ ବାବାଜ ପିଟି ବହୁତ ଅର୍ଥ ପାଇଛ ଏ କଥା ସତ ? ଘମା ଦେଖିଛି ବୋଲି କହୁଛି ।

ସାହୁ - ହଁ ପ୍ରଭୋ ! ମୋତେ ସ୍ୱପ୍ନାଦେଶ ହୋଇଥିଲା, ସେ ଯୋଗୁଁ ଏ କାର୍ଯ୍ୟ କରିଥିଲି, ମୋତେ ଯଥେଷ୍ଟ ଅର୍ଥ ମିଳିଥିଲା, ଏକଥା ମିଥ୍ୟା ନୁହେ ।

ଶ୍ରୀକୃଷ୍ଣ—ହଇରେ ଘମା ତୋତେ କାହାର ହୁକୁମ ହୋଇଥିଲା ।

ଘମା—ପ୍ରଭୁ ! ମୁଁ ତ ଦେଖିକରି ଭାବିଲି ବାବାଜ ପିଟିଲେ ଧନ ବାହାରେ । ଏଣୁ ମୋ ମନ ଆଉ ସମ୍ଭାଳି ହେଲା ନାହିଁ ।

ଶ୍ରୀକୃଷ୍ଣ—ମୂର୍ଖ ଏ ପାପର ପ୍ରାୟଶ୍ଚିତ୍ତ ଭୋଗକର ।

ଘମା—ପ୍ରଭୁ ! ମୁଁ ମୂର୍ଖ ବୁଦ୍ଧିରେ ଏସବୁ କାର୍ଯ୍ୟ କଲି, ଆପଣଙ୍କ···

ଶ୍ରୀକୃଷ୍ଣ—ଯା ମୂର୍ଖ ! ଦର୍ଶନରେ ମୋର ପାପ କ୍ଷୟ ହୋଇଗଲାଣି ।

ନାରଦ—ପ୍ରଭୋ ! ଏଇ ଅପୂର୍ବ କଥା ଦେଖାଇବାକୁ ମୋତେ କହିଥିଲେ ।

ଶ୍ରୀକୃଷ୍ଣ—ଦେବର୍ଷେ ! ତୁମ୍ଭେ ସବୁ କଥାରେ ଅଥୟ, ଆଉ କ୍ଷଣେ ଅପେକ୍ଷା କରନ୍ତୁ ।

ସୁଦାମା—(ପ୍ରବେଶି) ଆହା ଏଇ ତ ସଖା ମୋର ରତ୍ନ-ସିଂହାସନ ଉପରେ ବସିକେ କଟିଛନ୍ତି ।

ଗୀତ (କୀର୍ତ୍ତନ ସୁର-ଏକତାଳ)

(ଆରେ ନରାଧମ ନିମକହାରାମ ବୃତ୍ତେ)

ଆହା କି ମୋହନ ମଧୁର ମୂରତି
ଦେଖିଲି ପାପ ନୟନେ ।
ଘାନବନ୍ଧୁ ବୋଲି ଯାକୁ ଭାବୁଥିଲି
ଭଜନେ ଶୟନେ ସ୍ୱପନେ,
ମୋର ପ୍ରାଣର ସଖା ।
ଆଉ ଏତେ ଦିନେ ପାଇବି କି ଦେଖା । ୧ ।
ଏ ଦରିଦ୍ର ବେଶେ କେମନ୍ତେ ତାଙ୍କ ପାଶେ
ଯିବ ବଳୁନାହିଁ ମନ
ଏତିକରେ ଫେରିଯିବି ନିଜପୁରୀ
ହେଲାଣି ତ ପ୍ରଭୁ ଦର୍ଶନ ।
ସଖା ମଧୁର ବାଣୀ,
କର୍ଣ୍ଣେ ଯାହା ନ ପାରିଲି ଶୁଣି ।

ନାହିଁ ଆଉ ତ ଯିବାକୁ ଇଚ୍ଛା ବଳୁନାହିଁ, ଯାଉଥିବ ଯଦି କେହି ନ ଚହ୍ନି ଘାନ ଅରକ୍ଷିତ ବୋଲି ଘୃଣାକରି ତଡ଼ି ଦେବେ ତ ବଡ଼ି ଲଜ୍ଜା ହେବ । ତା ଅପେକ୍ଷା ଫେରିଯିବା ଉଚିତ ।

(ପ୍ରସ୍ଥାନୋଦ୍ୟତ)

ଶ୍ରୀକୃଷ୍ଣ—ସାତ୍ୟକ ! କିଏ ଜଣେ ଲୋକ ଆସୁ ଆସୁ ଦ୍ୱାରଦେଶରୁ ଫେରିଗଲେ କାହିଁକି ଦେଖ ।

ସାତ୍ୟକ—ଯେ ଆଜ୍ଞା, ହଇହେ ଗୋସାଇଁ ।

ସୁଦାମା—ବାବୁ ମୁଁ ଜଣେ ବାଟର ବାଟୋଇ, ଯାଉଥିଲି, ବାଟବଣା ହୋଇ ଚାଲି ଆସିଲି । ଆଉ ଏଣିକେ ଏପରି ଆସିବ ନାହିଁ, ମୋର ଛାଡ଼ିଦିଅ ।

ସାତ୍ୟକ—ତୁମ୍ଭଙ୍କୁ ପ୍ରଭୁଙ୍କର ଆଜ୍ଞା ହୋଇଛି ଆସ ।

ସୁଦାମା—( ସ୍ୱଗତ ) ସୁମତି ତୋହ ଲାଗି ଆଜ ଗିରଫଦାର ହେବାକୁ ପଡ଼ିଲା ( ପ୍ରକାଶ୍ୟେ ) । ତମ ହାତ ଧରୁଛି, ମୋତେ ଛାଡ଼ିଦିଅ, ଆଉ କେବେ ଏପରି ଭୁଲ୍‌କାମ କରିବ ନାହିଁ ।

ଶ୍ରୀକୃଷ୍ଣ—(ସୁଦାମାଙ୍କୁ ଦେଖି ସିଂହାସନ ଛାଡ଼ି ଦୌଡ଼ି ଯାଇ କୋଳ କରି ଆଣି ସିଂହାସନେ ବସାଇ ) ଏ କିଏ, କିଏ ଭାଇ ? ସୁଦାମା ! ମୋର ପ୍ରାଣର ସଖା ସୁଦାମା ଭାଇ ! ମୁଁ କ'ଣ ତୁମ୍ଭଙ୍କୁ ଏତେ ପିତା ଲାଗୁଥିଲି ଯେ ମୋତେ ଦେଖି ଫେରି ଯାଉଥିଲ ?

ସୁଦାମା—( ଢାଳୁଛି ଜନତାର ସନ୍ଧାନ ଅରିବା )

ଶ୍ରୀକୃଷ୍ଣ— (ଗୀତ)

( ଶ୍ରାବନ କୁଞ୍ଜ କୁଟୀର ବୃନ୍ଦେ )

କେମନ୍ତେ ପଡ଼ିଲି ମନେ ସଖା ତୁମ୍ଭର ।
ନ ପାସୋର ମୋତେ
ବଳେ କଲ ମୋ ପୁର । ଘୋଷା ।

ସଖା ! ସତେ କ'ଣ ମୁଁ ତୁମ୍ଭ ମନରେ ଥିବ ବୋଲି ମୋ ମନରେ ପ୍ରତେ ନ ଥିଲା, କିପରି ଏଠାକୁ ବାହାରି ପଡ଼ିଲ ?

ସୁଦାମା—ଆପଣଙ୍କ, ନା, ତୁମ୍ଭଙ୍କ ଦର୍ଶନ ଯୋଗେ ।

ଶ୍ରୀକୃଷ୍ଣ—ଛି ଛି, ସଖା ! ଏ କ'ଣ, ଆପଣଙ୍କ, ତୁମ୍ଭଙ୍କ କାହାକୁ କହୁଛ । ମୁଁ କ'ଣ ସେହି ପୂର୍ବର ସଖା-ପଦବାଚ୍ୟ ନୁହେଁ ।

(ଗୀତ)

କିବା ପଥ ବଣାହୋଇ ଆସିଲ ଏଥେ ଚଳାଇ,
କିବା ସୁଯୋଗରେ ପାଇ ଥିଲଟି ସନ୍ଧାନ ମୋର ।୧।

ସଖା ! କ'ଣ କୁଆଡ଼େ ଯାଉଥିଲ ବାଟ ବଣା ହୋଇ ଏଆଡ଼କୁ ଚାଲି ଆସିଲ ? ଆଜ ମୋର ସୁପ୍ରଭାତ ଯେ, ତୁମ୍ଭ ପରି ସଖାର ମୁଖ-କମଳ ଦର୍ଶନ ଓ ପଦରଜ ପ୍ରାପ୍ତ ହେଲା, ସଖା ଥରୁଛ କାହିଁକି ? ମୋତେ କଅଣ ଏକାବେଳକେ ଭୁଲିଗଲ ।

(ଗୀତ)

ତୁମ ପରି ସଖୀ ମୋତେ ଭୁଲିଛନ୍ତିଟି ନା ସତେ,
ସେ କଥା କହ ତୁରିତେ ସଂଶୟ ଯାଉ ମନର । ୨ ।

ସଖା ! ତୁମ୍ଭ ପରି ତ ସଖୀ ମୋତେ ଭୁଲି ନାହାନ୍ତି ? ମୋ କଥା ତାଙ୍କ ମନେ ପଡ଼େ ?

ସୁଦାମା—ସେହି ସୁମତି ଯୋଗେ ତ ତୁମ୍ଭଙ୍କ ନା ତମ ପାଖକୁ ଆସିଲି ।

ଶ୍ରୀକୃଷ୍ଣ—ସଖୀ ଭଲରେ ଅଛନ୍ତି ତ ? ସାତ୍ୟକ ! ଶୀଘ୍ର ଅନ୍ତଃପୁରରେ ଖବର ଦିଅ, ସୁନା ଝରିରେ ପାଣି ଆଣି ସଖାଙ୍କ ଚର୍ଚ୍ଚା କରନ୍ତୁ !

ସୁଦାମା—( ସ୍ୱଗତ ) ସୁମତି ! ତୁ କି ବିପଦରେ ଆଣି ମୋତେ ପକାଇଲୁ, ଏଠୁ କିପରି ଉଦ୍ଧାର ହେବି ।

ଶ୍ରୀକୃଷ୍ଣ—ପ୍ରିୟେ ! ଯାଙ୍କରି କଥା କହୁଥିଲି, ଶୀଘ୍ର ଚରଣଧୌତ କରିଦିଅ ।

ରୁକ୍ମିଣୀ—ହଉ ନାଥ !

ସୁଦାମା—( ସ୍ୱଗତ ) ସୁମତି, ତୁ ମୁଣ୍ଡଣୀଯୋଗେ ଶ୍ରୀକୃଷ୍ଣଙ୍କ ପାଟ ମହାଦେଈ ଏ କାଙ୍ଗାଳର ପଦ ଧୋଇ ଦେବେ, ମୁଁ କି ଅପରାଧ କମାଇଲି । ଗୋଡ଼ ପୁଣି ମଳ ବସି ଫାଟି ଆଁ କରିଛି । ( ପ୍ରକାଶ୍ୟେ ) ନା କେଭେ ହେବ ନାହିଁ ।

ଶ୍ରୀକୃଷ୍ଣ ସଖା ! ରୁକ୍ମିଣୀ କ'ଣ ତୁମ୍ଭର ସଖୀ ନୁହନ୍ତି ?

ନାରଦ—ପ୍ରଭୋ ! ପୁଣ ଥାଉଁ ଥାଉଁ ମାତା ପଦଧୌତ କାହିଁକି କରିବେ ମୋତେ ଆଦେଶ ହେଉ ।

ରୁକ୍ମିଣୀ—ମୋତେ ହେ ଆଜ୍ଞା ହୋଇଛି ।

ସୁଦାମା -( ସ୍ୱଗତ ) ହା ବିଧାତା । ଜଗତର ମାତ ମୋର ପଦ ଧାରଣ ପୂର୍ବରୁ ଏ ପୋଡ଼ା ପିଣ୍ଡରୁ ପ୍ରାଣବାୟୁ ଉଡ଼ି ନ ଯାଇ କାହିଁକି ରହିଛି ।

( ରୁକ୍ମିଣୀଙ୍କ ପଦ ପ୍ରକ୍ଷାଳନ ଓ ଜାନରେ ପୋଛିବା )

ଶ୍ରୀକୃଷ୍ଣ—ସଖା ! ତୁମ୍ଭେ ଆସିଲ; ସଖୀ ତୁମ୍ଭ ହାତରେ କିଛି ଅପୂର୍ବ ସମ୍ପୂର୍ବ ଜନସଠାଏ ଦେଲେ ନାହିଁ ।

ସୁଦାମା—[ସ୍ୱଗତ] ମଲି ଏଥର, ଏ ତ କ'ଣ ଖୋଜେଣି ହେଲେଣି । ଏ ପ୍ରାଣ ଗଲେ ତ ସେ ଖୁଦଗଣ୍ଠିକ କାଢ଼ିବ ନାହିଁ, (ପ୍ରକାଶ୍ୟେ) ପ୍ରଭୁ ! ମୁଁ କାଙ୍ଗାଳ କ'ଣ ପାଇବ ଯେ ଆଣିବ ।

ଶ୍ରୀକୃଷ୍ଣ—ତା ସତ, ତେବେ ସଖୀଙ୍କ ସ୍ନେହ ତ ଭାର । ସେ ମୋ ପାଇଁ କିଛି ଯଦି ନ ପାଇଲେ ତେବେ ଖୁଦମୁଠାଏ କରି ଦ'ଣ୍ଠା ଭାଜି ଦେଲେ ନାହିଁ, ମୁଁ ପଢ଼ିଲା ସମୟରେ କେତେ ଥର ତାଙ୍କ ହାତରୁ ଖୁଦଭଜା ଖାଇଛି ।

ସୁଦାମା—(ସ୍ୱଗତ) ଭଗବନ୍ ! ଏଇଥର ସରିଲା, ଏଇଥର ମଲି ।

ଶ୍ରୀକୃଷ୍ଣ—ସଖୀ ତୁମ୍ଭେ ହୋଇଛ ଯେ, ବୋଧହୁଏ କିଛି ଆଣିଛ । ମୋତେ ଲୁଚାଉଛ, ତମ ଲୁଗା କାଢ଼ିଲ ? (ଖୁଦଭଜା କାଢ଼ି ନେଇ । ସେଥିରୁ ମୁଠାଏ ଓ ଅନ୍ୟ ମୁଠା ଖାଇବା ସମୟେ ରୁକ୍ମଣୀ ହାତଧରି ପକାଇ)

ରୁକ୍ମଣୀ—ଥାଉ; ଥାଉ, ନାଥ ! ଥାଉ ଏ କ'ଣ କରୁଛନ୍ତି ? ସଖାତ ତୁମ୍ଭର ସେଇ ମୁଠିକରେ ସମସ୍ତ ଦ୍ୱାରକା ସମ୍ପତ୍ତିର ଅଧିକାରୀ, ପୁଣି କ'ଣ ଅଛି ବୋଲି ? ଅବଶିଷ୍ଟ ଯାହା ଖୁଦ ଅଛି ତାହା ମୋର ଭାଗ ଦିଅନ୍ତୁ ।

ଶ୍ରୀକୃଷ୍ଣ— ରାଜନ୍ୟବର୍ଗ ! ଆଜି ଏତିକରେ ସଭା ଭଙ୍ଗ ହେଉ, ସଖା ଚାଲ; ବାଟ ଚାଲି ଆସିଛ ଟିକିଏ ବିଶ୍ରାମ କରିବ ।

---

## ଦ୍ୱିତୀୟ ଦୃଶ୍ୟ

(ରୁକ୍ମଣୀ—ଶ୍ରୀକୃଷ୍ଣ)

ଶ୍ରୀକୃଷ୍ଣ—ପ୍ରିୟେ ! ସଖା ସୁଦାମାର ମୋ ନିକଟ ଆସିବା କାରଣ ବୁଝି ପାରିଲଣି ?

ରୁକ୍ମଣୀ—ବୋଧହୁଏ ସାକ୍ଷାତ କରିବା ଅଭିପ୍ରାୟରେ ଆସିଛନ୍ତି ।

ଶ୍ରୀକୃଷ୍ଣ—ତା ନୁହେଁ, ସଖି ! ସେ ନିତାନ୍ତ ଧନ ହୀନ ଗରିବ । ସୁମନ୍ତ ତାଙ୍କୁ କିଛି ଧନ ଆଶାରେ ଏଠିକି ପଠାଇଛନ୍ତି । କିନ୍ତୁ ସଖା ସେ କଥାକିଛୁ କାହାନ୍ତି, ତାଙ୍କର ଧନରେ ସେତେ ଆଶା ନାହିଁ ।

ରୁକ୍ମଣୀ—ତେବେ ନାଥ, ମୋତେ କଣ କହୁଛନ୍ତି ?

ଶ୍ରୀକୃଷ୍ଣ—ଦେବି ! ମୋର ଇଚ୍ଛା ତୁମ୍ଭେ ପୂରଣ କରିବ ।

ରୁକ୍ମଣୀ—ତେବେ କି ଆଜ୍ଞା ଦେଉଛି ଦେଉ; ତାହା ନିଶ୍ଚୟ ଏ ଅଧୀନା ପ୍ରତିପାଳନ କରିବ ।

ଶ୍ରୀକୃଷ୍ଣ—ପ୍ରିୟେ ! ତୁମ୍ଭେ ଚରାଚରର ପାଳନକର୍ତ୍ତ୍ରୀ; ସ୍ୱୟଂ ଅନ୍ନପୂର୍ଣ୍ଣା, ତୁମ୍ଭେ କିଛିଦିନ ନିମିତ୍ତ ସଖାଙ୍କ ଗୃହରେ ବାସକଲେ ସଖାର ସମସ୍ତ ଅଭାବ ମୋଚନ ହୋଇଯାନ୍ତା ।

ରୁକ୍ମଣୀ—ଏକ୍ଷଣି ଯିବି ?

ଶ୍ରୀକୃଷ୍ଣ—ନା ସଖୀ, ସଖା ବିଦାୟ ହୋଇଗଲେ ପଛରେ ଯିବ । ଏଇତ ସଖା ମ୍ୟାଡ଼ିକୁ ଆସୁଛନ୍ତି ।

ସୁଦାମା—(ସ୍ୱଗତ) ଆହା ସଖାଙ୍କଠାରୁ ଏତେ ଆଦର ଏତେ ସ୍ନେହ ପାଇବି ବୋଲି ମନରେ ବିଶ୍ୱାସ ନ ଥିଲା । ଏ ଦରିଦ୍ରଠାରେ ଏତେ ସ୍ନେହ, ଏତେ ଆଦର ନ ହେଲେ କି ଦୀନବନ୍ଧୁ ନାମ ବୋଲାଇ ଥାନ୍ତେ । ମୋର ତ ସବୁ ସୁଖ ହେଉଛି, ସାଢ଼େ ଯେ ସୁମନ୍ତ କଣ ଅବସ୍ଥା ହେଉଥିବ ସେ କଥା ଭାବିଲା ବେଳକୁ ମନ କଣ ହୋଇ ଯାଉଛି । (ପ୍ରକାଶ୍ୟେ) ସଖା ! ମୋର ଗୋଟିଏ ନିବେଦନ ସେନା କରନ୍ତୁ ।

ଶ୍ରୀକୃଷ୍ଣ—ସଖା କି ନିବେଦନ ।

ସୁଦାମା—ତୁମ୍ଭଙ୍କୁ ଦର୍ଶନ କରିବାକୁ ଆସି କେତେଦିନ ବହୁ ସୁଖରେ ରହିଗଲିଣି, କିନ୍ତୁ ସଖୀ ତୁମ୍ଭର ମୋ ଲାଗି ବଡ଼ ଭାବନାରେ ଥିବେ । ସେଥିଯୋଗୁଁ ବିଦାୟ ନେବାକୁ ଆସିଲି ।

ଶ୍ରୀକୃଷ୍ଣ—ବର୍ତ୍ତମାନ, ଗୋଟାଏ କଥା, କେଇଟାଦିନ ରହିଲ ଯେ, ଆଉ ଚାରିଦିନ ରହିଯା ଯିବ ତ । ଆଉ ପୁଣି ଯାଇ କେବେ ଦେଖା ହେବ, ସଖୀ ଏକା ତୁମ୍ଭ ବିହୀନେ ଦୁଃଖ ପାଉଥିବେ ନାହିଁ । ଯିବାକୁ ଯେତେବେଳେ ବାହାରିଲଣି ଯାଅ, ପୁଣି କେବେ ଆସିବ କହିଲ ?

ସୁଦାମା—ଯେଉଁଦିନ ତମର ଡୋରି ଲାଗିବ ।

ଶ୍ରୀକୃଷ୍ଣ—ସଖୀଙ୍କୁ କହିବ ମୁଁ ତାଙ୍କ ଖୁଦଭଜା ଖାଇ ଧନ୍ୟ ହେଲି ।

ସୁଦାମା—ହଉ ବନ୍ଧୁ ! କହିବ ଆଉ ସଖୀ—

ଶ୍ରୀକୃଷ୍ଣ—ହଁ ସଖୀ ସବୁବେଳେ ଖବର ହେଉଥିବେ ଆଉ ବଳାଇବା ମୋର ଉଚିତ ନୁହେ ।

ସୁଦାମା—(ସ୍ୱଗତ) କ'ଣ କରିବି, ଏ ତ କଥା ବୁଦ୍ଧାଇ ଦେବେ ନାହିଁ । ମୋ ପାଟିରୁ ନ ଶୁଣୁଣୁ ଆଗକରି ମାଡ଼ ବସୁଛନ୍ତି ମୁଁ ଏପରି ସ୍ଥଳେ ଧନ ବା କପରି ମାଗିବି । ନାହିଁ ମାଗିବି ନାହିଁ, (ପ୍ରକାଶ୍ୟେ) ସଖା ! ମୁଁ ଆସୁଛି ।

ଶ୍ରୀକୃଷ୍ଣ—ଯେପରି ଅଳ୍ପଦିନେ ଦେଖାହୁଏ, ତା'ର ଚେଷ୍ଟା କରିବ ।

ସୁଦାମା—ମା ! ତେବେ ମୁଁ ବିଦାୟ ନେଉଛି !

ରୁକ୍ମିଣୀ—ସଖୀଙ୍କୁ କହିବ ତାଙ୍କ ସଖାଙ୍କ ପାଇଁ ଖୁଦଭଜା ଦେଲେ ମୋପାଇଁ କିଛି ଦେଲେ ନାହିଁ, କହିବେ ମୁଁ ବି ସେଥିରୁ ମୁଠାଏ ଖାଇ କୃତାର୍ଥ ହୋଇଛି ।

ସୁଦାମା—(ସ୍ୱଗତ) କହିବି କହିବି କହି ପାରିଲି ନାହିଁ, ମନକଥା ମନରେ ରହିଲା, ଦବାକଥା କାହାରି ତୁଣ୍ଡରେ ତ ନାହିଁ, ନା, ମାଗିବି ନାହିଁ । ପଛେ ବାରଦ୍ୱାର ବୁଲି ଏ ଓଳି ସେ ଓଳି ଭିକ-ମାଗିବି । କେଭେ ମାଗିବି ନାହିଁ । ସୁମତି ପଛେ ଯାହା କହିବାର କହୁ [ପ୍ରକାଶ୍ୟେ] ସଖା ! ମୁଁ ଗଲିଲି ।

ଶ୍ରୀକୃଷ୍ଣ—ସଖା ! ସେ କଥା ତ କେତେଥର କହି ସାରିଲଣି, ଜଣାଗଲା; ଖାଲି କ'ଣ ଯିବ; ଗୋଟାଏ କିଛି ପରିଚୟ ନେଇଯାଅ ସଖୀଙ୍କୁ ଦେବ, (ଗଳାରୁ କୌସ୍ତୁଭମାଳଟି କାଢ଼ି) ନିଅ ଏ ମାଳାଟି ନିଅ ।

ରୁକ୍ମିଣୀ—ଏ ମାଳା ସାମାନ୍ୟ ନୁହେଁ, ଯିଏ ଯାହା କହିବ ତା ଦେବ, କିନ୍ତୁ ସାବଧାନ କରି ରଖିଥିବ ।

ସୁଦାମା – ହଉ ପ୍ରଭୁ ଆସୁଛି, ମର୍କଟକୁ ମୋତିମାଳ !

(ପ୍ରସ୍ଥାନ)

(ଗୀତ)

(କି ଯଶ ପଡ଼ିଲା—ବୃତ୍ତ)

ସଖା ନେଲ ମେଲଣି

ତବ ସ୍ନେହେ ହୋଇ ବନ୍ଧା ଜନ୍ମ ସାର୍ଥ କଲଣି ।
ମୁଁ ମୂଢ଼ ମୂର୍ଖ ଅଜ୍ଞାନୀ, କ୍ଷମା ଦେବ ଜ୍ଞାନମଣି
ତବ ଶ୍ରୀଚରଣେ ଋଣୀ ଆଜି ମୁହିଁ ହେଲଣି । ୧ ।
ହେ ପ୍ରଭୁ କରୁଣାମୟ, ଦାସେ ଥିବେଟି ସଦାୟ
ଏ ନଗରୀରେ ଆଶ୍ରୟ ଦିଅ ଯେବେ ଦେଲଣି । ୨

ପ୍ରଭୁ ! ସଦାହିନେ ଯେପରି ଆପଣଙ୍କ ପଦ୍ମପାଦେ ସ୍ଥାନ ପାଇବି ଏହି ମୋର କାମନା ।

ନାରଦ—ପ୍ରଭୁ ! ମୁନି ଋଷିମାନେ ଜଙ୍ଗଲରେ ଫଳମୂଳ ଖାଇ କେ ଅବା ନିରାହାରରେ ବାୟୁ ସେବନ କରି ଆପଣଙ୍କ ପାଦପଦ୍ମରେ ସ୍ଥାନ ପାଇ ପାରୁ ନାହାନ୍ତି । ଏ ତ ସାମାନ୍ୟ ଗରିବ ବ୍ରାହ୍ମଣ । ଜଗନ୍ନାଥ ସ୍ୱୟଂ ଯାଙ୍କର ପଦଧୌତ କରି ଦେଲେ, ଆଉ ଆପଣଙ୍କ ଶ୍ରୀଅଙ୍ଗ-ମାଳା ତାଙ୍କୁ ପ୍ରଦାନ କଲେ, ବଡ଼ ଆଶ୍ଚର୍ଯ୍ୟର ବିଷୟ ।

ଶ୍ରୀକୃଷ୍ଣ—ଦେବର୍ଷେ ! ସୁଦାମାର ମୋ ନାମ ଛଡ଼ା ଆଉ କାହିଁରେ କାମନା ନାହିଁ । ସେ ମୋତେ ଭକ୍ତିରେ କିଣି ନେଇଛି । ଯଦି ପରୀକ୍ଷା କରିବାକୁ ଇଚ୍ଛାକର ତା'ର ଅନୁଗାମୀ ହୁଅ ।

---

## ତୃତୀୟ ଦୃଶ୍ୟ

( କମଳ ଅପା ଘର୍ )

ପୁରୁଷ—କହ କମଳ ଅପା ଟୋ
କମଳା ଯୋଡ଼ି କେତେ ।
ସ୍ତ୍ରୀ—ନେଲା ମୁହିଁ ବିଶୁ ନାହିଁ
କିଆଁ ପଚାଉଛୁ ମୋତେ । ପଦ ।
ପୁ—ଆଲୋ ନେଲା ଲୋକ କେଉଁ ଭଳି
କହିଲୁ ଭଲ ଛଇଳ ।
ସ୍ତ୍ରୀ—ଶୁଣିବୁରେ ଗାତଚୁଲି
ରସିକ ରସନ୍ତି ଏଥେଁ ।

ପୁ—କମଳାକ୍ଷୀ ଗୋ କମଳା,
କେମନ୍ତେ ସ୍ୱାଦଟି ଭଲ,
ସ୍ତ୍ରୀ—ନଗଦ ପାଚିଲା ତୋଳା
କଣ୍ଟି ଲୁହେଁ ରସ ଯେତେ ।
ପୁ—ସେ ରସ ପିଇବା ପାଇଁ
ମନ ମୋର ହାଇଁପାଇଁ,
ସ୍ତ୍ରୀ—କମରୁ ଟଙ୍କା ଫିଟାଇ
ନଅ ବାଣ୍ଟି ହାତେ ହାତେ ।
ପୁ—ଆଜକ ଦେଇଥା କାଲି,
ଟଙ୍କା ନେବୁ ଆରଓଳି,
ସ୍ତ୍ରୀ—ରଖିଥା ଗୋ ଭଳାଭଳ
ଖାଇଲା ମୁହଁଟି ସତେ ।
ପୁ—ଯେବେ ହେବ ହାତପୂରା
ତନ୍ହିଁକ କସ ଗୋ ଗୁରା,
ସ୍ତ୍ରୀ—ସେ ଆଣ୍ଠୁ ଗୁଣ୍ଡ ଛତରା
ଖଣ୍ଡା କରୁଡ଼ିବ ମାଥେ ।
ପୁ ହଇଲେ ! କମଳ ଅପା ଯେବେ ତୋ ପସରା ମୁଁ ଯବରଦସ୍ତ ଧରିବ ?
ସ୍ତ୍ରୀ—ଜାଣିଥା, ଏ ପିତଳଖଣ୍ଡୁରେ ତୋ ତାଳୁ କଣା କରିବ ।
ପୁ—ମୁଁ ମରଦଟାଏ, ତୁ ମାଇକନିଆଟାଏ, କ'ଣ କଳାଇ ପିବୁ ।
ସ୍ତ୍ରୀ—ଆରେ ଯା ରେ ମୁଁ କେତେ ମରଦ ଦେଖିଛି । ତୁ ଆମ ଗୋଡ଼ ମୋଡ଼ିବୁ ।

---

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

ସୁମନ୍ତ—ହା ଦଇବ । ମୋର ଏ ପୋଡ଼ା କର୍ମରେ ଏଇଆ ଲେଖିଥିଲୁ । ସେ ତ ଜମା ମଙ୍ଗୁ ନ ଥିଲେ କାହିଁକି ବାଧ୍ୟକରି ପଠାଇଲି । ଅଧିକ ଖାଇବାକୁ ମନକରି ଏବେ ଝୁହିଁ ଝୁହିଁ ଆଖିରୁ ପାଣି ମଲ୍ଲଣି ।

(ଗୀତ)
(ପଦ ଆଉ—ବୃତ୍ତେ)
ଝୁହିଁ ଝୁହିଁ ଆଖି ଲୁହ ଆଖି କଣେ ମଲ୍ଲଣି । ପଦ କ ଧନରେ ହୋଇ ବାଇ,
ନାଥଙ୍କୁ ଦେଲି ପଠାଇ
ନ ଫେରିଲେ କାହିଁପାଇଁ,
ଯୁଗ ଗୋଟା ହେଲାଣି । ୧ ।

ମୁଁ ପାପିଷ୍ଠ କ'ଣ କଲି, ତାଙ୍କ ଇଚ୍ଛା ବିରୁଦ୍ଧେ କାହିଁକି ତାଙ୍କୁ ପଠାଇଦେଲି । କ'ଣ ଅଭିମାନ କରି ରହିଲେ ।

( ଗୀତ )
ଅବା ପଥ ବଣା ହୋଇ
କେଣିକି ଗଲେ ଚଳାଇ,
କେଉଁ ପ୍ରେମିକା ବଳାଇ
ବଶ ତାଙ୍କୁ କଲାଣି । ୨ ।

ଆଉ କ'ଣ କେଉଁ ରସିକାର ପ୍ରେମ ଫାନ୍ଦରେ ପଡ଼ି ଏ ଅଭାଗିନୀକୁ ପାସୋରି ଦେଲେଣି । ନା ମନ ତ ମାନୁ ନାହିଁ । ସେ ତ ସେପରି ଲୋକ ନୁହନ୍ତି ।

( ଗୀତ )
କୃଷ୍ଣ ହେ ଜୀବନ ସଖା
ମୋ କାନ୍ତକୁ କର ରକ୍ଷା ।
ସତ୍ୱରେ ପାଇବି ଦେଖା
ହଂସା ଉଡ଼ିଗଲାଣି । ୩ ।

ହେ ହରି ! ହେ କୃଷ୍ଣ ! ହେ ସଖା ! ତୁମ୍ଭେ ମାତ୍ର ମୋହର ସାହା । ମୋର ସ୍ୱାମୀଙ୍କୁ ଶୀଘ୍ର ଫେରାଇ ଆଣନ୍ତୁ ।

ଛଦ୍ମବେଶୀ ସନ୍ନ୍ୟାସିନୀ ଗୀତ ।
( ହାଇରେ ଦାରୁଣ ବିଧି—ବୃତ୍ତେ )
ପୀରତି ବନ୍ଧନ ବଡ଼ ଖାସଣିଟି ଜଗତେ ।
ଅନୁଭବୀ ଜାଣେ ତାହା ଆନ ନ ଯିବେ ପରତେ । ୧ ।
ଯେସନେ ଚୁମ୍ବକେ ଲୁହା,
ତେମନ୍ତେ ନର-ନାରୀ ମାୟା,
ସେ ଭାବେ ବନ୍ଧା ଯା ହିଆ
ଭିଚ୍ଛେଦେ ତା ହୃଦ କରତେ । ୨ ।

ସୁମତି—ଆହା ! ଏ ମାଇପିଟି କିଏ କେଡ଼େ ବକଳରେ ଗୀତ ଗାଇ ଗାଇ ଆସୁଛି । କିଏ ଝିଅ ! କୁଆଡ଼େ ଆସୁଛୁ ?

ସନ୍ନ୍ୟାସିନୀ—ମା, ମୁଁ ଜଣେ ଦରିଦ୍ରା, ମୋତେ ଟିକିଏ ତୋ ଘରେ ଆଜି ସ୍ଥାନ ଦେବୁ, ମୁଁ ସକାଳୁ ଉଠି ଚାଲିଯିବି ।

ସୁମତି – ଝିଅ ତୋ ଘର କେଉଁଠି ?

ସନ୍ନ୍ୟାସିନୀ ମା, ମୋ ଘର ବହୁତ ଦୂର, ପୋଡ଼ା କରମ ତ କ'ଣ କହିବି ?

ସୁମତି—ତମର ଗେରସ୍ତ ଅଛନ୍ତିଟି ?

ସନ୍ନ୍ୟା —ସେ କଥା ତୁଣ୍ଡରେ ଧରନା ମା, ତାଙ୍କର ଜ୍ୱାଳାରେ ଏତେ ସରି ।

ସୁମତି—ତମ ରୂପ ତ ଏପରି, ସେ କାହିଁକି ଅନାଦର କଲେ ।

ସନ୍ନ୍ୟା—ମା' ପୁରୁଷମାନଙ୍କ ସ୍ୱଭାବ ସେଇଆ, ତମର ଗେରସ୍ତ ଅଛନ୍ତି ?

ସୁମତି—ହଁ ଅଛନ୍ତି, ମୁଁ ତାଙ୍କୁ ଦ୍ୱାରକାକୁ ପଠାଇ ବର୍ତ୍ତମାନ ଚାହିଁ ଚାହିଁ ଥକିଲଣି ।

ସନ୍ନ୍ୟା —କିଛି ଚିନ୍ତା ନାହିଁ ମୋତେ ଟିକିଏ ଆଶ୍ରା ଦେ ।

ସୁମତି—(ସ୍ୱଗତ) କ'ଣ କରିବି, ଅତିଥିଙ୍କୁ ଅନାହାରରେ କିପରି ରଖିବି, ପୂର୍ବ ଜନ୍ମରେ କି ପାପ କରିଥିଲି ଏ ଜନ୍ମରେ ଏ କଷ୍ଟ ଭୋଗିବାକୁ ହେଉଛି, ମୁଁ ତ ଦି'ଦିନ ହେଲା ଅନାହାର,ୟାଙ୍କୁ ବା କ'ଣ ଦେବି । (ପ୍ରକାଶ୍ୟେ) ଝିଅ ତମେ ବସ ମୁଁ ଟିକିଏ ଆସେ ।

ସନ୍ନ୍ୟା—ମା ! ଏ ସମୟରେ କୁଆଡ଼େ ଯିବ ?

ସୁମତି—ଘରେ ପାଣି ନାହିଁ, କାଠ ନାହିଁ, ଆଣିବାକୁ ଯିବି ।

ସନ୍ନ୍ୟା—ମୋତେ ଭଣ୍ଡାଇବାକୁ ବସିଛ, ମା, ଯେଉଁଥି ପାଇଁ ମନରେ କଷ୍ଟ ସେ ଆଶା ଭଗବାନ୍ ଅଚିରେ ମେଣ୍ଟାଇ ଦେବେ । ନିଅ ମୋ କାନରେ ମୁଠିଏ ଚାଉଳ ଅଛି ତାକୁ ରାନ୍ଧ ଉଭୟେ ଖାଇବା । ସକାଳେ ଯେଣେ ଇଚ୍ଛା ଯିବି ।

ସୁମତି—ମା, ଏ କ'ଣ, ଏ କ'ଣ ? ମୁଁ ସିନା ତୁମ୍ଭର ଚର୍ଚ୍ଚା କରନ୍ତି, ତୁମ୍ଭେ ଲେଉଟି ମୋତେ ଚର୍ଚ୍ଚା କରୁଛ ।

ସନ୍ନ୍ୟା—ମା ! ଯଦି ସେପରି ଭାବ ମନରେ ଆଣିବ ତ ବର୍ତ୍ତମାନ ମୁଁ ଯାଉଛି ।

ସୁମତି—ନା ମା ! ଆ ଆ, ତୁମ୍ଭର ଇଚ୍ଛାମତେ ନିଶ୍ଚୟ କାର୍ଯ୍ୟ କରିବି ।

—*—

## ଦ୍ୱିତୀୟ ଦୃଶ୍ୟ

( ଇନ୍ଦ୍ରସଭା )

ଇନ୍ଦ୍ର -ଦେବବୃନ୍ଦ ! ଗତରାତ୍ରେ ଶୋଇଛି ମୁଁ ଶୟନ ମନ୍ଦିରେ, ଏକ ଅଦ୍ଭୁତ ସ୍ୱପନ ହେଲା ମୋର ଦୃଷ୍ଟି, ତାହା ଶୁଭ କି ଅଶୁଭ ନ ପାରୁଛି ଜାଣି ।

ଦେବଗଣ—କି ସ୍ୱପନ ଦେବରାଜ ! ପ୍ରକାଶନ୍ତୁ ଥରେ ।

ଇନ୍ଦ୍ର—ମର୍ତ୍ତ୍ୟବାସୀ ଜଣେ ଭକ୍ତିବଳେ କିଣିଅଛି ଶ୍ରୀକୃଷ୍ଣଙ୍କ ମନ, ତେଣୁ ସନ୍ଦେହ ଉପୁଜେ ମୋ ମନେ, ନ ମାଗେ ତ ସେହି ଭକ୍ତ ମମ ଇନ୍ଦ୍ରପଦ ଗୋଟି ପ୍ରଭୁଙ୍କ ନିକଟେ ।

ଅଗ୍ନି—ପୁରନ୍ଦର ! ସ୍ୱପ୍ନ କଥା କେବେ କି ବିଶ୍ୱାସ ଯୋଗ୍ୟ ? ( ନେପଥ୍ୟେ ବୀଣାନାଦ )

ବରୁଣ—ଏହି ତ ଶୁଭେ ବୀଣାନାଦ, ଦେବର୍ଷି ଆସୁଛନ୍ତି ପରା ?

ଅଗ୍ନି—ଆସନ୍ତୁ ବୁଝିବା ସବୁ । ( ନାରଦଙ୍କ ପ୍ରବେଶ )

ଇନ୍ଦ୍ର—ଦେବର୍ଷେ ! ଜାଣ କିଛି ମର୍ତ୍ତ୍ୟର ଖବର, ଶୁଭାଶୁଭ ପ୍ରକାଶନ୍ତୁ ଥରେ ।

ନାରଦ—କି କହିବି ମର୍ତ୍ତ୍ୟପୁର କଥା, ଅବନ୍ତୀର ଜଣେ ଭିକ୍ଷୁକ, ସେ ବ୍ରାହ୍ମଣ-ଥିଲା କେବେ ଶ୍ରୀକୃଷ୍ଣଙ୍କ ବାଲ୍ୟସଖା, ଭକ୍ତିବଳେ ମନାଇ ଶ୍ରୀକୃଷ୍ଣେ ନେଇ ଅଛି ଶ୍ରୀଅଙ୍ଗର ମାଳା ।

ଇନ୍ଦ୍ର—ଯଦି ତେବେ ଅଛି ତହିଁ କିସ ?

ନାରଦ ସେ ମାଳାରେ ଅଦ୍ଭୁତ ଶକ୍ତି ଅଛି, ବର୍ତ୍ତମାନ ଯଦି ବ୍ରାହ୍ମଣ ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, ଯାହା ହେବାକୁ ଇଚ୍ଛା କରିବ ତା ଅନାୟାସେ ହୋଇ ପାରିବ ।

ଇନ୍ଦ୍ର— ଗୀତ

( କି ବୁଦ୍ଧି କରିବା—ବୃନ୍ଦେ )

(ଦେବେ) – ସରିଲା ସମ୍ପଦ ରେ,
ଅକସ୍ମାତ କାହୁଁ ଆସି ପଡ଼ିଲା ବିପଦ ।ଘୋ
ଦେବବୃନ୍ଦ ! ବର୍ତ୍ତମାନ କ'ଣ କରିବ ?

(ଗୀତ)

ଶ୍ରୀକୃଷ୍ଣ ଶ୍ରୀଅଙ୍ଗମାଳା    ଦେଲେ ସୁଦାମାର ଗଳା,
ନଷ୍ଟେ ବୁଡ଼ିଲ ମୋ ଭେଳା
ସନ୍ଦେହ ନୁହେ ହୃଦରେ ।୧।

ଦେବର୍ଷେ ! ତୁମ୍ଭର ମୋର କ'ଣ ଏତକ ? ଆଉ ସ୍ୱର୍ଗ-ସୁଖ ମୋ ଭାଗ୍ୟରେ ନାହିଁ ।

ନାରଦ—ଦେବରାଜ ! ତା'ର ଉପାୟ କରିବ ଯେପରି ବ୍ରାହ୍ମଣଠାରୁ ମାଳାଟି ଅପହରଣ ହୋଇ ଆସିବ ।

ଇନ୍ଦ୍ର—    (ଗୀତ)

କହ ଦେବ କି କରିବି,    କେମନ୍ତ ମାଳା ହରିବି
ହୃଦେ ନ ପାରୁଛି ଭାବି
କହ ମୋତେ ଭେଦରେ । ୨ ।

ଦେବର୍ଷେ ! ଉପାୟ କହ, କି କୌଶଳରେ ବ୍ରାହ୍ମଣଠାରୁ ମାଳା ଆଣି ପାରିବି ।

ନାରଦ—ଦେବରାଜ ! ମାୟା କାମିନୀମାନଙ୍କୁ ପଠାନ୍ତୁ ସେ ବ୍ରାହ୍ମଣଙ୍କୁ ପଥରେ ପ୍ରେମାକାଙ୍କ୍ଷା ଦେଖାଇ ମାଳାଟି ନେଇ ଆସିବେ ।

ଇନ୍ଦ୍ର—ଦେବର୍ଷେ ! ଯଥାର୍ଥ କହିଛନ୍ତି, ବର୍ତ୍ତମାନ ମାୟା କାମିନୀମାନଙ୍କୁ ଡକାଇ ଆଦେଶ ଦେଉଛି, ସେ ଶୀଘ୍ର ତା'ର ପ୍ରତିକାର କରନ୍ତୁ, ଆଜି ଏତିକିରେ ସଭା ଭଙ୍ଗ ହେଉ ।

—o—

## ତୃତୀୟ ଦୃଶ୍ୟ

(ଗୀତ)

( କରେ ଶୁଭ୍ର ନାହିଁକି—ବୃତ୍ତେ )

ମାଳତୀ    କରେ ଗାତ-ପଣାଟି
( ଚୂଲିପଣାଟି ) ମନ୍ତୁ ନାହିଁ ।
ମଧୁ—ନ ବୁଝି ଅବସ୍ଥା    କଅଁ ହେଉ ଖପା
ମୁଁ ଅରଜି ପାରିବି ଅବା କାହିଁ ।
ମାଳତୀ—ଭିକ ମାଗିବାକୁ    ଗଣ୍ଡି ଚକ୍ରୁ ନାହିଁ
ଗୋଟେ ବେକରେ ବାନ୍ଧିଲୁ କାହିଁ ପାଇଁ ।
ମଧୁ—ସେତେବେଳେ ଗୋଡ଼    ଚଳୁଥିଲି ମୋର
ସ୍ୱଚକ୍ଷୁରେ ତୁ କି ଦେଖିନାହୁଁ । ୧ ।
ମାଳତୀ—ନଈଶୁଆ ଯେବେ    ଅଛୁ ଭଲଗଣ୍ଡ,
ବାର ଗାଁ ବୁଲି ଆଣ ଭିକ୍ଷାମୁଷ୍ଟି ।
ମଧୁ—ଯଷ୍ଟି ଧରି ଠିଆ    ହେବା ଶକ୍ତି ନାହିଁ,
ମାରିପକା ହେଲେ ଜୀବ ଯାଉ ।
ମାଳତୀ—ଆଜି ପିଟିପାଟି    ଦେବି ସାରା କରି,
ଲେଢ଼ାନାହିଁ ମୋ ଘଇତା ତୋହପରି ।
ମଧୁ—ହେ ଭଗବାନ    ନିଅ ଏ ପରାଣ
ନ ସହି ପାରିବି ସ୍ତ୍ରୀର ଦାଉ ।

ମାଳତୀ—ହଇରେ ଖଣ୍ଡିଆ, କେଉଁ ଭଗବାନଙ୍କୁ ଡାକୁଛୁ ? ଭଗବାନ୍ ତୋ ବାରିକଳେ ପଡ଼ିଛନ୍ତି କି ? ତୋ କଥା ଶୁଣି ଦଉଡ଼ି ଆସିବେ । ଗାତପଣା ଆଜି ଗାତକୁ ଯା ।

ସୁଦାମା—ହାଁ, ହାଁ, ଏ କ'ଣ ? ମରିଯିବ, ମରିଯିବ ।

ମାଳତୀ—କିଏ ରେ ନଈଶୁଆ, କଜଳପାତିଆ ଭଲଲୋକ ହୋଇ ଆସିଲୁ ।

ସୁଦାମା—ବାପରେ ! ଏତ କାଳଭୈରବୀ, ମୂର୍ତ୍ତିଟି କିଏ, ହିସାବ କରି ମାରୁ ।

ମାଳତୀ—ହିଁ, ମୁଁ ଭୁଲିଛି, ଏକ ଦୁଇ ତିନ ।

ସୁଦାମା—ହାଁ ହାଁ, ଏ ତ ପକ୍କା ମାଇକିନିଆ । କେତେ ମୁଁ କ'ଣ କହିଲି ହିସାବ କରି ଗଣିକରି ମାର, ବିଚରା ମରିଯିବ ।

ମାଳତୀ—ତୁ ଗୋଟାଏ କ'ଣ ବୋକା ନା ତମ ବଂଶରେ କିଏ ବୋକା ଥିଲା ! କରେ ସେ ମଲେ ଭଲ ।

ମଧୁ—ଓହୋ, ଗୋସେଇଁ ! ମୋତେ ମାରି ପକାଇଲା ହୋ ।

ମାଳତୀ—ମଲି ମୋ ସୁଆଗ, ଗୋସେଇଁଙ୍କ ଲାଖରାଜରେ ମୋ ଘର, ମୋତେ ଉଠେଇ ଦେବେ । ମୋତେ ପୁଲିସରେ ଦେବେ । ନଈଶୁଆ ପାଟି ଧରି ବସି ରହିଅଛି ।

ସୁଦାମା—ଥାଉ ଥାଉ, ଯାହା ମାରିବାର ତ ମାରିଲଣି ।

ମାଳତୀ—ଏଇଟା କିଏରେ, ଆମର ଘଇତା ମାଇପ କଥାବାର୍ତ୍ତା ପଡ଼ିଛି, ତୋର ପାଟି ପିଟାଇବାର ଦରକାର କ'ଣ ?

ସୁଦାମା—(ସ୍ୱଗତ) ମୁଁ ତ ଏଭଳି ହେଲିଣି; ସଇତା ମାଇପ ଏପରି ହେବା କେବେ ଦେଖିନାହିଁ, ଧନ୍ୟ ତମ ସଇତା ମାଇପ କଥାବାର୍ତ୍ତା !

ମାଳତୀ—ହଇହେ, ଏ ଖଣ୍ଡିଆକୁ ପସୁର ବାହାହେଲା ବେଳେ ନଣ ଫୁଲାଇ ବେଦ ଉପରେ ବସୁଥିଲ; ଏତେବେଳକୁ ଚୁପ, ପେଟ ତ ପୋଡ଼ି ଯାଉଛି, ମୁଁ କ'ଣ ବୁଝିବି ?

ସୁଦାମା—(ସ୍ୱଗତ) ବାସ୍ତବିକ କଥା, ସୁମନ୍ତ ସିନା ଏଇ ପେଟଲାଗି ମୋତେ ଦ୍ୱାରିକା ପଠାଇଥିଲା। ପେଟ ପୋଡ଼ିଗଲାରୁ ସବୁ ବିଷ, ଆଚ୍ଛା ଶ୍ରୀକୃଷ୍ଣ ଯେଉଁ ମାଳାଟି ଦେଇଥିଲେ ତା'ର ପରୀକ୍ଷା ଅଦ୍ଭୁତ ଶକ୍ତି ? ତେବେ ଏଇଆକୁ ଦେଇ କଷ୍ଟରୁ ମୁକ୍ତ କରାଇବି। ମୁଁ ତ ସବଳ ଅଛି, ପଛେ ଭିକ୍ଷାମାଗି ଉଦର ପୂରଣ କରିବି। ( ମାଳା ପ୍ରଦାନ ଓ ମଧୁ ମାଳ ପାଇ ସୁନ୍ଦରକାୟ ହୋଇ ସୁଦାମାର ଚରଣ ଧରି ସାଷ୍ଟାଙ୍ଗେ ପ୍ରଣିପାତ )

ନାରଦ—( ହଠାତ୍ ପ୍ରବେଶି ହାତଧରି ପକାଇ ) ଏ କ'ଣ, ଏ କ'ଣ, ଦିଅ ନାହିଁ, ଦିଅ ନାହିଁ, ଏହାଦ୍ୱାରା ତୁମ୍ଭେ ଇନ୍ଦ୍ରତ୍ୱ ଭୋଗ କରିବ।

ସୁଦାମା—ସନ୍ନ୍ୟାସୀ ! ତୁମ୍ଭେ ଯା କହିଲ ସତ୍ୟ, କିନ୍ତୁ ତୁମ୍ଭର ଲୋଭ ଛାଡ଼ି ନାହିଁ।

ମାଳତୀ—ଆପଣ କିଏ ? ମୁଁ ପାପିଷ୍ଠା ଅହଙ୍କାରରେ କେତେ ଗାଳି ଦେଲି। ମୋ ଦୋଷ କ୍ଷମା କରନ୍ତୁ। ( ସାଷ୍ଟାଙ୍ଗେ ପାଦଧରି ପ୍ରଣିପାତ )

ନାରଦ—ଧନ୍ୟ ସୁଦାମା ! ତୋ ନିକଟରେ ପରାଜିତ ନିଶ୍ଚୟ ହେଲି। ତୁମ୍ଭେ ହିଁ ପ୍ରକୃତ ପ୍ରଭୁଙ୍କର ଉପଯୁକ୍ତ।

---

## ଚତୁର୍ଥ ଦୃଶ୍ୟ

( ସୁମନ୍ତ ପୋଖରୀକୂଳେ ମାଟିଆ ବେଶେ ଗୀତ )

ଏ ପୋଡ଼ା କରମେ ଥିବି ଏହା ଥିଲୁ ଜମା ଲିହି।
ନ ନେଇ ଅଲୋଡ଼ା ପ୍ରାଣ ହଟାଇଲୁ କାହିଁ ପାଇଁ। ୦।
ଅଚିହ୍ନା ହୋଇ ଛଦ୍ମବେଶ, ରହିଲେ ଯାଇ ବିଦେଶ,
ଲୁହେ ଅତିଥି ପ୍ରବେଶ କେମନ୍ତେ ପୂଜିବି ମୁହିଁ। ୧।
ଆଜି ଏ ନିର୍ଲଜ ପ୍ରାଣ, ରଖିନାହିଁ ପ୍ରୟୋଜନ,
ସାକ୍ଷୀ ତୁହି ନାରାୟଣ ଏ ଜଳେ ଝାସିବି ଯାଇଁ। ୨।

ନାଥ ! କେବଳ ଏହି ଆଶା ରହିଲା। ମରିବା ପୂର୍ବରୁ ଥରେ ଆପଣଙ୍କ ଶ୍ରୀମୁଖ ଦେଖିଥାନ୍ତି। ଯାହା-ହେଉ ପରଜନ୍ମରେ ଆପଣଙ୍କ ପୋଇଲି ହୁଏ, କୃଷ୍ଣ ହେ ! ସ୍ୱାମୀ ମୋର ମଙ୍ଗଳରେ ବାସ କରନ୍ତୁ, ଏଇଥର ବିଦାୟ ନେଲି, (ସଚକିତେ ) ଏ କ'ଣ; କି ଆଶ୍ଚର୍ଯ୍ୟ, ବର୍ତ୍ତମାନ ପୋଖରୀଟା ଜଳପୂର୍ଣ୍ଣ ଥିଲା, କାହିଁ ଟୋପାଏ ତ ପାଣି ନାହିଁ। ଏ ପୋଖରୀ ନା ମୃଗତୃଷ୍ଣା ଏ ଫଟା କପାଳକୁ ସବୁ ବିଡ଼ମ୍ବନା।

[ ଶ୍ରୀକୃଷ୍ଣ ଭାରୁଆବେଶେ ପ୍ରବେଶ ]

ଗୀତ ( ସବୁଦିନେ ବୃନ୍ଦେ )

ମୋ ପ୍ରେମେ ବନ୍ଧା ଯେ ନର,
ମୁହିଁ ତା'ର କିଣା ଗୁକର।
ଭକ୍ତ ମୋର ପ୍ରାଣର ଧନ, ଭକ୍ତ ଲାଗି ସହେ କଷଣ,
ଭକ୍ତ ଦୁଃଖେ ଦୁଃଖୀ ଭକ୍ତ ସୁଖେ ସୁଖୀ
ଭକ୍ତ ଆଗେ ରହି, ଥାଏ ପଛରେ। ୧।

ଜଳେ ମାଉସୀ—ଏତେବେଳେ ଏକୁଟିଆ କେଣ୍ଟି ତ ଗୋଟାଏ ପାଖରେ ନାହାନ୍ତି ଏଠି କ'ଣ କରୁଛୁ ?

ସୁମନ୍ତ—ଆଉ ହବ ନାହିଁ ଏପରି କଥା ତ କେବେ କାହିଁ ଦେଖି ନ ଥିଲି।

ଭାରୁଆ—ମାଉସି ! କ'ଣ ଦେଖି ନାହୁଁ, ଶୁଣି ନାହୁଁ।

ସୁମନ୍ତ—ଯା'ରେ ତୋ ବାଟରେ ତୁ ଯିବୁ ମୋତେ ପଚାରିବା ଆବଶ୍ୟକ କ'ଣ ?

ଭାରୁଆ—ମାଉସି ! କହ ମୋ-ରାଣଟି ?

ସୁମନ୍ତ—ଆରେ ବାଇଆ ! ରକୁଣୀ ବୁଢ଼ି ମରିବାକୁ ଗଲେ ପୋଖରୀକ ପାଣି ଶୁଖିଯାଏ।

ଭାରୁଆ—ହଁ ଲୋ ମାଉସି; ଅଭାଗା ଛୁଇଁ ଦେଲେ ତ ମହା ମହା ସମୁଦ୍ର ଶୁଖିଯାଏ।

ସୁମନ୍ତ—(ସ୍ୱଗତ) ଆହା ପିଲାଟିର ତ ବେଶ୍ ବୁଦ୍ଧି। (ପ୍ରକାଶ୍ୟେ) ହଁ ରେ ବାପ, ଏଡ଼େ ବଡ଼ ବୋଝ ନେଇ କେତେ ଦୂର ଯିବୁ ?

ଭାରୁଆ—ମାଉସି ! ଏ ଗାଁର ସୁଦାମା ଗୋସାଇଁଙ୍କ ଘର କିଏ ?

ସୁମନ୍ତ - ହଇରେ ବାପ ସେ କାହାଁନ୍ତି ?

ଭରୁଆ—ମାଉସି ! ତୁ ତାଙ୍କ ଭୁଆସୁଣୀକି ?

ସୁମନ୍ତ—ହଁ ରେ ବାପ ! ସେ କେଉଁ ବାଟରେ ଅଛନ୍ତି ?

ଭରୁଆ—ଗୋସାଇଁ ଏ ଜିନିଷ ସବୁ ତାଙ୍କ ଘରକୁ ପଠାଇ ଅଛନ୍ତି, ଦେଖିଲାବେଳକୁ ତାଙ୍କ ଘରଣୀ ପୋଖରୀକୂଳେ ଠିଆ। ପୁଣି ଏକୁଟିଆ, ବାଃ ବାଃ ଆଚ୍ଛା ଭୁଆସୁଣୀ ତ।

ସୁମନ୍ତ—ହଁ ରେ କହିବା ବେଳ ପଡ଼ିଛି, କରମ ପଡ଼ିଲା-ବେଳେ କୁକୁର ଗୋଇଠା ମାରେ, ତୁ ତ ମଣିଷ।

ଭରୁଆ—ମାଉସି ! ମୋର ଦୋଷ ମାଫ୍ କର, ମୋର ଭୁଲ ହୋଇଛି। ଆସ ଘରକୁ ଆସ, ତାଲିକା ଦେଖି ତମର ଜିନିଷତକ ରଖ।

ସୁମନ୍ତ ହଉ ଚାଲ ଚାଲ, (ଘରର ସମସ୍ତ ଜିନିଷ ଓ ତାଲିକା ରଖି) ପୁଅ ତୋର କେତେ ମୂଲ ହେଲା ?

ଭରୁଆ—ମାଉସି ! ଗୋସେଇଁଙ୍କଠାରୁ ମୁଁ ଆଗରୁ ଛଡ଼ାଇ ନେଇଛି, ଖାଲି ଜିନିଷ ଦବାତକ, ଏଥର ଚାଲିଲି।

ସୁମନ୍ତ—ପୁଅ ! ତୋ ଘର କେଉଁଠି, ନାମ କ'ଣ, ତୁ କପରି ତାଙ୍କୁ ଚିହ୍ନିଲୁ ?

ଭରୁଆ—ମାଉସି ! ଖୁବ୍ ପିଲାଦିନରୁ ତାଙ୍କ ସହିତ ମୋର ପରିଚୟ ଅଛି। ମୋ ନାଁ କହ୍ନେଇ, ଘର ବୃନ୍ଦାବନ, ଜାତିରେ ଗୋପାଳ, ମାଉସି ! ମୁଁ ଆସୁଛି ମୋତେ ବେଳ ଉଛୁର ହେଉଛି।

---

## ପଞ୍ଚମ ଦୃଶ୍ୟ

ସୁଦାମ – ଗୀତ

( କେତେ ରଙ୍ଗରେ—ବୃତ୍ତେ )

ଏ ଦୁନିଆ କେତେ ସୁନ୍ଦର ମା' !
ତନ ତନ କରି ଖୋଜି ସାରିଲିଣି,
ଗଢ଼ିଛୁ କେତେ ଛନ୍ଦର ମା। ପଦ।
କେ ନିତ ଭୁଞ୍ଜୁଛି ଖିରିସା କାକରା
କାହାରେ ମିଳୁନାହିଁ ଖଦ-ଯାଉ ପୁରା,
କେ ନିଦୁଛି ଖଟ ପଲଙ୍କ ସୁପାତି
କେ ଗଡ଼ୁଛି ଧୂଳିଦାଣ୍ଡରେ ମା'।
କେବା ନିଦୁଅଛି ତେମହଲା କୋଠା,
କେ ପଶ କୁଟୀରେ ହୁଏ ହଟହଟା,
କେବା ନିଦୁଅଛି ପାଟ ଷୀରୋଦରୀ
କେ ମାଗୁଛି ଛିଣ୍ଡା ଗୁଦର ମା'।
କିଏ ଧନୀ ପୁଅ ଧନରେ ଖେଳୁଛି
କିଏ ସାଇଁ ତା'ର ଦୁଆରେ ଗଡ଼ୁଛି,
କା'ର କୋଳେ ଅଛି ପଦ୍ମମା ସୁନ୍ଦରୀ
କେ ମଗୁଲେ ପଦ ଗଣ୍ଡିର ମା'।
କାହାପାଇଁ ଲୋଡ଼ା ଖଟମାଠ ଖେଯ,
କାହାପାଇଁ ଦିନେ ଛ'କାଠିଆସଜ,
ଯା'ର ପାଦେ ଧୂଳି ଦିନେ ଲାଗି ନାହିଁ
ସେ ଦିନେ ଗଡ଼ୁଛି ଦାଣ୍ଡର ମା'।
କେ ପେଟ ପୂରାଇ ହୋଇଛି ମହନ୍ତ,
କିଏ ପେଟଲାଗି ହୁଏ ଛଟପଟ,
ଏ ଦୁନିଆ ହାଟ କି କରୁଛ ମାତ
ବାଳକୃଷ୍ଣ ନମେ ପଦର ମା'।

ଜଗତରେ ସଂସାର ହେବା ବଡ଼ ଭୀଷଣ, କେତେ ଦିନେ ଆଉ ଗୃହରେ ପହଞ୍ଚିବି, ସୁମନ୍ତ ମୋ ଲାଗି ବଡ଼ ବ୍ୟସ୍ତ ହେଉଥିବ, ( ସଚକିତେ ) ଏ କ'ଣ ନିବିଡ଼ ଜଙ୍ଗଲ ପ୍ରାନ୍ତର, ଏଠାରୁ ଏମାନେ କିଏ ଏ ମଧ୍ୟରୁ ଆସିଲେ ?

( ମାୟା-କାମିନୀଗଣଙ୍କ ପ୍ରବେଶ )

ଗୀତ

( ଆହା ଆଜ—ବୃତ୍ତେ )

ଆସ ରସିକରାଜ କୁଞ୍ଜକାନନେ।
ପ୍ରେମେ ମାତି ଆଜି ରାତି କଟାଇବା ଯତନେ। ୦।
ଆମ୍ଭେ ବରହିଣୀ ନାରୀ, ବିରହେ ହେଉଛୁ ଘାରି
ଏ ଦୁଃଖ ମେଣ୍ଟା ଆମ୍ଭର ଛନ୍ଦ ତବ ଚରଣେ। ୧।

ସୁଦାମା—ଛାଡ଼, ଛାଡ଼, ରମଣେ ତୁମ ଭଣ୍ଡ କଥା ଲୁହେଁ
ମୁଁ ଭଣ୍ଡୁଆ ମୋତେ ଜଞ୍ଜାଳିବା ବୃଥା।

ଗୀତ

( ତୋହପଦହରି ଭାଇ—ବୃତ୍ତେ )

କୁ-କଥା ଧରାର ତୁମ୍ଭେ ଇଜତ ହାତୁଛ ଦାଣ୍ଡେ
ଲଜ୍ଜା ତୁମ୍ଭ ନାହିଁ ପିଣ୍ଡେ ଦୁନ୍ଦଣୀ କୁଳଟା। ୧।

ଚଣ୍ଡକାର ପରି ତୁମ୍ଭେ     ଦଣ୍ଡକୁ କଆଁଲେ ଦମ୍ଭେ
ବାରଦାଣ୍ଡ ବୁଲୁ ଆମ୍ଭେ ଦାଣ୍ଡିଜିଆ କୁତା । ୨ ।

ମାୟାକାମିନୀ—     ଗୀତ

କହ ଏ କି ବିପରୀତ     ଇଜର ନୋହିବ ହତ
ଶକ୍ତି କାର ବିଧିଲେଖା ଅନ୍ୟଥାକରଣ । ୩ ।

ବୁଝିଲୁ ବୁଝିଲୁ, ଦ୍ୱିଜ; ନାହିଁ ତୁମ୍ଭ ତହିଁ ଭଲେ ମାତ୍ର ସ୍ୱରୂପର ଚେତ ।

ସୁଦାମା— ଆଲୋ ମାଆମାନେ ! କି ନିମନ୍ତେ ବୃଥାର ଦେଉଅଛ ଏତେ ଲାଜ; ସୁମନ୍ତ ବ୍ୟତୀତ ଆନ କାରେ ମୁଁ ନ ଜାଣେ ।

ମାୟାକାମିନୀ—ଦ୍ୱିଜବର ଯାଆନ୍ତୁ କୁଶଳେ, ଛଳକରି କଳିବାକୁ ଆସିଥିଲୁ ତୁମ୍ଭମନ, ମାତ୍ର ପରାଜିତ ସକଳେ ଆମ୍ଭେ ତୁମ୍ଭ ସମକ୍ଷରେ । ଅଚିରେ ଲଭିବ ତୁମ୍ଭେ ଅକ୍ଷୟ ଧନ-ପୌରୁଷ ।

ସୁଦାମା— ଭଗବନ୍ ! ଏ ପର୍ଯ୍ୟନ୍ତ କି'ଣ ଏ ସୁଦାମାର ଅନ୍ତରର କଥା ଜାଣି ପାର ନାହିଁ । ତହିଁରେ ପୁଣି ଏତେ ପରୀକ୍ଷା, ଲୀଳାମୟର ଲୀଳା ଅଲୌକିକ, ତାକୁ ବୁଝିବା ଶକ୍ତି କା'ର ।

---

## ଷଷ୍ଠ ଦୃଶ୍ୟ

( ସୁମନ୍ତର ଦ୍ୱାରଦେଶରେ ଦୁଇଜଣ ସିପାହୀ )

୧ମ ସିପାହୀ—ହା ରେ ଭୟା, ତୁମ୍ ଲୋକ୍‌କା ପାଶ୍ ଗଞ୍ଜାଭଞ୍ଜା ହୁଏ ଏକ୍ ଚେଲମ ଲଗାଓରେ ?

୨ୟ ସିପାହୀ—ଜି, ଥୋଡ଼ାଭର୍ ହାଏ, ପଇସା ଦେକେ ଏକ୍ ଆଦ୍‌ମି ଭେଜେଥେଁ ଓ ନେଇଁ ଲାୟା, ବୋଲ୍ ଅବକାରିକା ଦାରୋଗା ଆଜ୍ ହୁଆଁକା ଦୋକାନ୍ ଇନସ୍ପେକ୍‌ସନ୍ କରତା ହେଁ ବୋଲ୍‌କେ ମାଲ୍ ମିଲା ନେଇଁ ।

୧ମ ସିପାହୀ—ହୋଏ ଇସିମେ ଅବ କାମ ଇଞ୍ଜାମ କରଲେଙ୍ଗେ, ପିଛେ କୋଇ ଆଦମିକୁ ଏ ବସ୍ତିକୁ ଭେଜେଙ୍ଗେ, ହୁଆ କୋନ ଛୁପାକେ ବିକ୍ରି କରତା ବୋଲ୍‌କେ ଶୁନାଥା ।

୨ୟ ସିପାହୀ—ହାଁ, ଓତ ସଚବାତ୍; ଲେକିନ୍ ଓ ଶାଲ୍‌ବ ପକଡ଼ାଗିଆ ।

୧ମ ସିପାହୀ—କେସା ପକଡ଼ା ହୁଆ ।

୨ୟ ସିପାହୀ—ଯେତ୍‌ନା ଉଅକ୍ତ ଦାରୋଗା ସାହେବ ଦୋକାନ ପର୍ ଉଠେ ଓତ୍‌ନା ବଢ଼ି ଦୋକାନ୍‌ଦାର ନେଇଁଥା, ବାକି ବୁକର୍ ଆଦାୟ କରନେ ବାହାର ଗିଆଥା, ଉସ୍‌କା ନୌକର ଦୋକାନ୍ ପର୍ ଥା ।

୧ମ ସିପାହୀ—ଇସ୍‌କେ ବାଦ୍ କ୍ୟା ହୁଆ ।

୨ୟ ସିପାହୀ—ଦାରୋଗା ସାହେବ ନୌକରକୁ ଧମକ୍ ଚମକ୍ ଦେକେ ପୁଛ୍‌ନେସେ ଓ ବେ ଆଦବ୍ ନୌକର୍ ସବ୍ ସାଫ୍ ସାଫ୍ ବୋଲଦିଆ । ଲେକିନ୍ ଦାରୋଗା ସାହେବ ବହୁତ ଆଛା ମିଜାଜ୍‌କା ଆଦମି ବୋଲକେ ଉନ୍‌ଲୋକୋଁସେ ପାଞ୍ଚ ପାଞ୍ଚ ରୁପେୟା ଜୋରିମାନା ଲେକେ ତାକଦ୍ କର୍‌କେ ଛୋଡ଼୍‌ଦିଆ, ବୋଲା ଫିର୍ ଯବ ଐସ୍ କବ ଏସା ମାମଲତ ଦେଖେଁ ଯା ଶୁନେ ତବ୍ କ୍ୟା ହୋଗା ସମଝ୍ ଲେଗେ ।

୧ମ ସିପାହୀ—ଓତୋ ସରକାର ରୟେତୁକୁ ବଜାୟ କଥା ଏତୋ ଠିକ୍ ବାତ୍ ଲେକିନ୍ କେତେନା ବୁଢ଼ା ଆଦମୀକୁ ତକ୍‌ଲିଫ୍ ଆୟ୍ୟା, ଦୋକାନ ହିଁଆସେ କୋଇ ଏକ ମାଇଲ୍ ତଫାତ୍‌ମେ ।

୨ୟ ସିପାହୀ— କ୍ୟା କର୍‌ନାହେ, କୋଇତରେଁସେ ଗୁଜରାନ୍ ମିଟେଗା ।

ସୁଦାମା —(ସ୍ୱଗତ) ହିଁ, ଏଇ ଗୋଟାକ ତ ମୋର ନିଜର ଗ୍ରାମ । ଏଠାରୁ ପୋଖରୀ ହୁଡ଼ା ଦିଶୁଛି ଓ ମୋର ରୋପିତ ସେହି ମନ୍ଦାର ଓ ବକୁଳ ବୃକ୍ଷ ଦୁଇଟି ମୋ ଘରର ପରିଚୟ ଦେଉଛି । ତେବେ କାହିଁ ମୋର ସୁମନ୍ତ କାହିଁ, ସେ ତ ମୋତେ ଦେଖିଲା-କ୍ଷଣି ଦୌଡ଼ି ଆସନ୍ତାଣି । ଏଠି କୋଠା କାହୁଁ ଆସିଲା । ହଉ ପଚାରିଲେ ଜଣାଯିବ ହେ ଭାଇ ! ଏଠି ସୁଦାମା ବ୍ରାହ୍ମଣର ଘର କିଏ କହି ପାରିବେ କି ?

୨ୟ ସିପାହୀ—କୋନ୍ ଚିଲାତା ହାଏ, କ୍ୟା ଚିଜ, ଅନ୍ଧକୁଛ ନେଇଁ ଚଲେ ।

ସୁଦାମା—ନା ଭାଇ ଏଠି କାହାର ଘର ?

୧ମ ସିପାହୀ—କ୍ୟା, କ୍ୟା, ଭାଡ଼ାଘର ?

୨ୟ ସିପାହୀ—ନେଇ, ନେଇ, ଉସ୍‌କା ଘାଡ଼ାଘର ସେ କ୍ୟା ଜରୁରତ କ୍ୟା ଧରମଶାଲା ? ଏଇ ଗଡ଼ାକମେ ଥୋଡ଼ ଦୂର ବଢ଼ଯାଅ ବାହ୍ୱ ବାଜୁମେ ହାଏ ।

ସୁଦାମା—ନା, ନା, ଭାଇ ! ସୁଦାମା ବ୍ରାହ୍ମଣ ଘର ।

୧ମ ସିପାହୀ—ଓକେ କହାଏଗା, ଲେକନ୍ ହମ୍ ଉନ୍‌କୁ ଜାନ୍‌ତେ ନେହିଁ ।

ସୁଦାମା—ତେବେ ଏ ଘର କାହାର ? ମୋ ଘର ତ ଏଠି ଥିଲା ।

୨ୟ ସିପାହୀ—ହୋ ପାଗଲ ଆଦମୀ, କ୍ୟା ବୋଲତା ହଏ । ଏ ତୁମାରା ଘର ହଏ, ଏତ ଏକ ବଡ଼ା ଶେଠଜୀକା ବନାୟା ହୁଆ ହାଏ, ହୁଁଆପର ଧାନଜୀ ରହତେ ହେଁ, ଓ ବହୁତ କଡ଼ା ମିଜାଜ୍‌କ ଆପ୍ ହୁଁଆପର୍ କୋଇ ତରେଁକା ହଲ୍ଲା ମତ୍ ଲଗାଓ, ଚଲୋ ।

ସୁଦାମା—(ସ୍ୱଗତ) ଏ କ'ଣ ମୁଁ ସୁପ୍ତ ନା ଜାଗ୍ରତ, ତେବେ ଏ କି ପରିବର୍ତ୍ତନ ( ପ୍ରକାଶ୍ୟେ ) ଭାଇ ! ମୁଁ ପାଗଳ ହେଲେ ହେଲି, ତମ ରାଣୀଙ୍କ ନାମ ।

୧ମ ସିପାହୀ— କୈସା ବେଆଦବ ଆଦ୍‌ମୀ ପଣ୍ଡିତଜୀ, ଆପ୍‌କୋ କୁଛ୍ ଲେନେକୋ ଆସ୍ତେ, ଉନ୍‌କା ନାମ୍‌ସେ ଆପ୍‌କା କ୍ୟା ଜରୁରତ୍ ଏସା କରକେ ମତ୍ ବୋଲୋ ।

୨ୟ ସିପାହୀ—ନେଇ ଭାଇ ଓ ପଣ୍ଡିତ ଆଦମ କୋଇ ତରକ ପାଠ ଉଠ ବନକେ କୁଛ ଲେନେକୁ ଆୟା, ଆଛା ପଣ୍ଡିତଜୀ ଆପ୍ କ୍ୟା କ୍ୟା ପୁଛତେ ହେଁ ପୁଛେଁ, ହାମରା ଧନିକକା ନାମ ଶ୍ରୀମନ୍ତ ସୁମନ୍ତ ।

ସୁଦାମା—(ସ୍ୱଗତ) ନାମଟା ମିଳିଲା; ତେବେ ଏଠି କେଉଁ ପୁରୁଷ ନାହାନ୍ତି ।

୨ୟସିପାହୀ—ଓ ଆଦମ ଡରସେ ହୁଆ ରହତେ ନେଇ, କବ କବ ଛୁପ୍‌କେ ଯାନା ଆନା କରତେ ହେଁ ।

ସୁଦାମା—ଆଉ ସନ୍ଦେହର କାରଣ କିଛି ନାହିଁ । ସୁମନ୍ତ କେବଳ ଅର୍ଥଲୋଭରେ ପର ପୁରୁଷର ଆଶ୍ରୟ ଗ୍ରହଣ କରିଛି । ଆଉ ଏ ସ୍ଥାନରେ ରହିବି ନାହିଁ । ଆଛା କେବେ ସେ ପୁରୁଷଙ୍କୁ ଦେଖିଛ କି ?

୧ମା ସିପାହୀ—କଭି ଉନକୁ ଆଁଖପର ଦେଖାଇ, ଲେକନ୍ ଶୁନା ଓ ଆଦମ କାଲା ହୋଇର, ଠାକୁରକି ତୁମ ଘରଗୋ ଘରଗୋ, ଏଇ ଦେଖୋ ଘନଜୀକା ଲେଉଣ୍ଡୀ କାଏ ଇସପର ଆତହାଏ, ଭାଗୋ ।

ସୁଦାମା—ହଁ ଯାଉଛି । (ପ୍ରସ୍ଥାବର୍ତ୍ତନ)

(ସୁମନ୍ତ ଓ ଦାସୀ)

ସୁମନ୍ତ—ଦାସୀ, ନାଥ ଆମ୍ଭର ଘର-ଦ୍ୱାର ଚିହ୍ନି ନ ପାରି ହାଲିଲା ହେଉଛନ୍ତି, ଯିବୁଟି ତାଙ୍କ ଆଣିବୁ ।

(ଦାସୀମାନଙ୍କ ପଥ ଓଗାଳିବା)

ସୁଦାମା—ଏ କ'ଣ ସେହି ଜଙ୍ଗଲର ମାୟା କାମିନୀ ହେବେ କି ? ମୁଁ ତ କିଛି ବୁଝିପାରୁ ନାହିଁ ।

ଦାସୀ—ମଣିମା-ମଣିମା, କ'ଣ ଗୋଟାଏ ଭାବୁଛନ୍ତି, ଆସନ୍ତୁ ଇଆଡ଼କୁ ଆସନ୍ତୁ, ଏ ଯେ ଆପଣଙ୍କ ଘର, କୁଆଡ଼େ ଯାଉଛନ୍ତି ?

ସୁଦାମା—(ସ୍ୱଗତ) ଏ ତ ସୁମନ୍ତ ନୁହେଁ, କି ତା ପାଟି ପରି ଶୁଭୁ ନାହିଁ । ଏ ନିଶ୍ଚୟ ମାୟା । (ପ୍ରକାଶ୍ୟେ) ବରାଙ୍ଗନେ ! କି ନିମନ୍ତେ ଏ ଦରିଦ୍ର ବ୍ରାହ୍ମଣ ସଙ୍ଗରେ ଅଳି ଲଗାଉଛ ? ମୋଠାରୁ କିଛି ପାଇ ପାରିବା ଆଶା ତ୍ୟାଗ କର, ମୁଁ ସେପରି ରସିକ ନୁହେଁ ।

ଦାସୀ—ଏ ତ ଯାଉ ନାହାନ୍ତି ମୁଁ କ'ଣ କରିବି ।

(ସୁମନ୍ତ ସୁଦାମାଙ୍କୁ ଧରି ପକାଇ)

ସୁଦାମା—ରାଣ୍ଡୀ ! ଛୁଇଁ ପକାଇଲୁ, ଆମେ ତ ସେମିତିକିଆ ରସିକ ନୋହୁ ।

ସୁମନ୍ତ—(ପଦ ବନ୍ଦନା କରିବା) ନ ହୋଇଥିଲେ ଆଜ ଟିକିଏ ହୋଇଯିବ ଆସ । ତମପରି ଲୋକ ନ ହେଲେ ପଇସା ଦେବ କିଏ !

ସୁଦାମା—ମଲିରେ ବାପା, ସ୍ତ୍ରୀ ମୁହଁ ତ ଶାଣ୍ଢଆ, ହେ ତମେ ମୋତେ ଛାଡ଼ଦିଅ ।

ଗୀତ
(ପରଜର ରାଜପୁଣ—ଜୁଲ୍ଲେ)

ରେ ବାଳା ନବଛଇଳା
ତୁ ମୋତେ ଆଉ ବଳାନା
କଳକଣ୍ଠୀ ଖଳକଥା
କହି ମୋତେ ଜଳାନା । ୦ ।

ସୁମନ୍ତ ! ମୁଁ ବୁଝିଛି, ବେଶ୍ ବୁଝିଛି, ଆଉ ବୁଝିବାକୁ ନାହିଁ, ତୁ ପର ପୁରୁଷ ଆଶ୍ରୟ ନେଇଛୁ, ଆଉ ମୋତେ କିଛି କହନା ।

ସୁମନ୍ତ—ହିଁ ଯେଉଁ ପୁରୁଷ ଆଶ୍ରୟ ନେଇଛି ସେ ତମକୁ ଡାକୁଛନ୍ତି ଆସ ।

ସୁଦାମା— (ଗୀତ)

ତୁଳମାନ ତୁ ତେଜିଲୁ
ଶଠ ପୁରୁଷେ ମଜ୍ଜିଲୁ
ଧର୍ମାଧର୍ମ ପଚ୍ଛକଥା ନ ହେଜିଲୁ
ମୁଢ଼ା ମୋତେ ଭଳାନା ।

ସୁମନ୍ତ—ସେ ଶଠ ପୁରୁଷଟି ତମେ ପଠାଇଥିଲ ପରା ? ତାଙ୍କୁ ଚିହ୍ନି ନାହିଁ, ଆସ ଦେଖିବ ଭିତରକୁ ଆସ ।

ସୁଦାମା— (ଗୀତ)

କାହିଁ ଗଲା ମୋ କୁଟୀର,
ଏ କୋଠା ଅଟେ କାହାର,
ଅବସନ୍ନ କୁଟୀ ମୋର
ନ ପାଉଛି କଳନା ॥

ଆଚ୍ଛା ସୁମନ୍ତ ! ମୋର ସେହି କୁଡ଼ିଆ କୁଆଡ଼େ ଗଲା, ଏଠି ଏ କୋଠାଟି କାହାର ?

ସୁମନ୍ତ—ନାଥ ! ମିଥ୍ୟା ନୁହେ, ଏ ସବୁ ଆପଣଙ୍କର କୃତ୍ୟ ।

ସୁଦାମା—କ'ଣ କହିଲୁ, ଏ ସବୁ ସଖାଙ୍କ କୃତ୍ୟ, ତେବେ କପଟ ?

ସୁମନ୍ତ—ନାଥ ! ଦିନେ ସନ୍ଧ୍ୟା ସମୟରେ ଅଧୀନା ଆପଣଙ୍କୁ ନ ଦେଖି ପ୍ରାଣ ବିସର୍ଜନ ନିମିତ୍ତ ପୋଖରୀକୂଳରେ ଥିବା ସମୟରେ ଜନ ଚକ୍କଣ ଶ୍ୟାମଳକାନ୍ତି ଏକ ଛକୁଆ ଯୁବକ ନାନାପ୍ରକାର ସରଞ୍ଜାମର ଭାର ଆପଣଙ୍କ ହାତ ଲେଖା ତାଲିକା ସହିତ ଆଣି ଦେଇଗଲେ ଓ ତାହାଁର ପୂର୍ବରୁ ଏକ ସନ୍ନ୍ୟାସିମା ଆସି ରାତିକ ରନ୍ଧା ଯାହା ଦେଇ ଯାଇଅଛନ୍ତି ତାହା ଖାଇଲେ ସରିବ ନାହିଁ ।

ସୁଦାମା ବୁଝିଲି, ଏଥିରେ ଲବେ ମାତ୍ର ସନ୍ଦେହ ନାହିଁ । ଅନ୍ତର୍ଯ୍ୟାମୀ ନାଥ ନ ହେଲେ କି ଅନ୍ତର କଥା ଜାଣନ୍ତେ । ସୁମନ୍ତ ! ତୁ ସେହି ଜଗନ୍ମାତା ଓ ଜଗତ୍ପିତାଙ୍କୁ ପାଇ ଚରଣ ବନ୍ଦନା କରି ପାରିଲୁ ନାହିଁ ।

ସୁମନ୍ତ—ନାଥ ! ମୁଁ ତାଙ୍କୁ ଚିହ୍ନିବା କାହିଁ । ସେ ଭାଗ୍ୟ ଅଧୀନାର କାହିଁ ?

ସୁଦାମା—ତେବେ କ'ଣ ସେ ନାହାନ୍ତି ?

ସୁମନ୍ତ—ହିଁ ନାଥ ! ସେ ଯେ ଆପଣଙ୍କର ଅପେକ୍ଷାରେ ଅଛନ୍ତି ।

ସୁଦାମା—ସୁମନ୍ତ ! ତୁ ବଡ଼ ଭାଗ୍ୟବତୀ, ମୁଁ ଏତେ ପଥଶ୍ରମ କରି ଯାଇ ଦର୍ଶନ ପାଇଲି । ପୁଣି ମୁନି ଋଷିଗଣ ଯୁଗାବଧି ଦର୍ଶନ ନିମିତ୍ତ ତପସ୍ୟା କରି ସୁଦ୍ଧା ଦର୍ଶନ ପାଆନ୍ତି ନାହିଁ । ତୁ ଆଜି ତାଙ୍କୁ ଘରେ ବାନ୍ଧି ରଖିଛୁ । ତୁ ସାମାନ୍ୟ ରମଣୀ ନୋହୁ; ସେ କାହାନ୍ତି ମୋତେ ଦେଖା ।

(ସୁଦାମା ଓ ସୁମନ୍ତ ହାତ ଧରାଧରି ହୋଇ ଶ୍ରୀକୃଷ୍ଣଙ୍କ ନିକଟେ ଯିବା)

ସୁଦାମା—(କୃଷ୍ଣଙ୍କୁ ଅଭିବାଦନ କରି)

ଶ୍ରୀକୃଷ୍ଣ—(କୋଳକରି) ଆସ, ସଖା ଏବେ ତ ମନସ୍କାମନା ପୂର୍ଣ୍ଣ ହେଲା ?

ସୁଦାମା—ପ୍ରଭୋ ! ମୋତେ ତ ବେଶ୍ ଠକାଟାଏ ଠକିଦେଲେ । ଏ ସବୁ ମୋର କଣ ହେବ, ଆପଣ ଫେରାଇ ନିଅନ୍ତୁ, ମୁଁ ଏ ଦ୍ୱନ୍ଦ୍ୱରେ ପଶି ପାରିବି ନାହିଁ ।

ଶ୍ରୀକୃଷ୍ଣ—ସଖା କିଛି ଭୟ କରନା, ଏ ସମ୍ପତ୍ତି ଧନ ଦରିଦ୍ର ଲାଗି । ତୁମେ କେବଳ ଭଣ୍ଡାରଘରିଆ । ଆସ ସଖା, ଏ ସିଂହାସନକୁ ଆସ (ସୁମନ୍ତ ପ୍ରତି) ସଖି ! ଆସ ତୁମ୍ଭ ଦୁହିଁଙ୍କୁ ସିଂହାସନରେ ବସାଇ ଧନ୍ୟ ହେବି ।

ସୁମନ୍ତ —ତୁମ୍ଭ ସଖାଙ୍କୁ ବୁଝାଅ, ତୁମ ସଖାଙ୍କୁ ବସାଅ, ମୋର ସିଂହାସନରେ କି ଲୋଡ଼ା ।

ରୁକ୍ମିଣୀ—ହଇ ହେ ! ମୋତେ ଅତିଥି କରି ଗୃହରେ ରଖି ସେଦିନ ଜଳରେ ଝାମ୍ପ ଦେବାକୁ ଯାଇ-ଥିଲ କାହିଁକି ଭଲା ?

ସୁମନ୍ତ—ଭଣ୍ଡେଇବା କଥା ତ, ଘରେ କଡ଼ାଏ କଉଡ଼ି ନ ଥିଲା । ଅତିଥିଙ୍କୁ ଉପବାସ ରଖାଇବା ଅପେକ୍ଷା ମୃତ୍ୟୁକୁ ଶ୍ରେୟସ୍କର ମନେ କଲା ।

ରୁକ୍ମିଣୀ ତେବେ ଏ ସମ୍ପତ୍ତି ଆଜଠାରୁ ଭୋଗ କର । ତେବେ କେତେବେଳେ ଅତିଥି ନିର୍ବାଣ ହେବାର ଚିନ୍ତା ନ ଥିବ ।

ସୁଦାମା—ସଖା ! ତୁମ୍ଭ କଥାରେ ମୁଁ ଅବାଧ ହେବି ନାହିଁ; କିନ୍ତୁ ଏତିକି ଆଜ୍ଞା ହେଉ ଚିରକାଳ ମୋର ଆପଣଙ୍କ ପ୍ରସାଦ-ପଦ ଭରଷା ।

(ଶ୍ରୀକୃଷ୍ଣ ଓ ରୁକ୍ମିଣୀ, ସୁଦାମା ଓ ସୁମନ୍ତ ସିଂହାସନରେ ବସାଇବା ସମୟରେ ଉପରୁ ପୁଷ୍ପବୃଷ୍ଟି)

(ଯବନିକା ପତନ)

# ବାଣୀ ପରାଜୟ
# ହରିହର ଭେଟ
ବା
## ଉଷା ପରଣୟ ଗୀତାଭିନୟ

# ବାଣା ପରାଜୟ

# ହରିହର ଭେଟ

ବା

## ଉଷା ପରିଣୟ ଗୀତାଭିନୟ

### ପ୍ରଥମ ଅଙ୍କ

#### ପ୍ରଥମ ଦୃଶ୍ୟ

(ଇନ୍ଦ୍ର, ବାଣା, ନାରଦ)

ଇନ୍ଦ୍ର—ଦେବଗଣେ ! ଏଡ଼କ ନବୋଧ ତୁମ୍ଭେ
ଏଡ଼େ ଭୟାତୁର
ସାମାନ୍ୟ ଦୈତ୍ୟର ଭୟେ
ପଳାଇଲ ଛାଡ଼ି ସ୍ୱର୍ଗପୁର
ପଥେ ଯେବେ ବାଣାସୁର ହେବ ତୁମ୍ଭ ଭେଟ
ତହିଁ କି କରିବ ? କେଉଁଣେ ଯିବ
ଭାବୁ ନାହିଁତଳେ
ଯେଉଁ ବଳି ଛଳି ପ୍ରଭୁ ବାମନ ରୂପେଣ
ଯେଉଁ ବଳି ଛଳି ପ୍ରଭୁ ମୋହିନୀର ବେଶେ
ଦେଇଥିଲେ ଦେବଗଣେ ଅମୃତର ଭାଣ୍ଡ
ଏ ତ ସେହି ବଳିପୁତ୍ର
ଭୟ ତାକୁ କମା ଏତେ,
ଥିବେ ଯେବେ ଆମ୍ଭ ସାହା ଲକ୍ଷ୍ମୀନାରାୟଣ
କି କରିବ ଛାର ଦୈତ୍ୟ ଗୋଷ୍ଠୀ ।

ବାଣା –(ପ୍ରବେଶି) ତୁହି ଏକା ଭାବୁଛୁରେ ମୂର୍ଖ,
ତୁହି ଏକା ଜ୍ଞାନୀ ଅଟୁ ଏ ଅମର ପୁରେ
ନବୋଧ ନିର୍ଲ୍ଲଜ !
ଜାଣୁ ବାଣାସୁର ପରାକ୍ରମ କେତେ ।

ଇନ୍ଦ୍ର—ଜାଣିଛିରେ ମୂର୍ଖ !
ତୁ ତ କାଲିକା ମେଣ୍ଢା
ପିତା ତୋର ମୋର ସଙ୍ଗେ କରି ରଣ ଦିନେ ।
କି ଯଶ ଲଭିଛି ମୂର୍ଖ ଜାଣି ନାହୁଁ ତୁହି
ଇଚ୍ଛା ଯେବେ ବୁଝିବାକୁ ତାହା
ଜନନୀକୁ ପୁଚ୍ଛିବୁ ଯା ଘରେ ।

ବାଣା—ବାସବ ! ପୁଚ୍ଛିବାରେ ନାହିଁ ପ୍ରୟୋଜନ
ସତ୍ୟ ଯେବେ ପିତାଙ୍କୁ ମୋ କରିଛୁ ପରାସ୍ତ
ସତ୍ୟ ଯେବେ ବଳଠାରୁ ବଳବାନ ତୁହି
କର ତେବେ ରଣ ମୋର ସଙ୍ଗେ ଆଜ
ବୃଥା କମା ବଖାଣୁ ବଡ଼ିମା
ଶୁଣିବାକୁ ଇଚ୍ଛେ ନାହିଁ ତାହା ।

ଇନ୍ଦ୍ର—ମର୍ମକଥା ଫେଡ଼ିଦେଲେ ଲୋକମାନଙ୍କର
ସମ୍ମୁଖରେ ଯାଆନ୍ତି ଝାଉଁଳି, କିନ୍ତୁ ତୁ ନିର୍ଲ୍ଲଜ,
ଲଜ୍ଜା ଯେବେ ଥାଆନ୍ତାରେ ତୋତେ
ପୁନଃ ଯୁଦ୍ଧେ କରନ୍ତୁ କି ଆଶା ?
ଦୁରାତ୍ମର ପିତାକୁ ତୋ କରି ଖଣ୍ଡ ଖଣ୍ଡ
ନିକ୍ଷେପିଲି କୂପ ମଧ୍ୟେ ଏହି ବାହୁ ଦ୍ୱୟେ
ତୁ କିସ ପ୍ରତିଜ୍ଞା କରୁ ଯୁଝିବୁ ମୋ ସଙ୍ଗେ !

ବାଣା—ଅସହ୍ୟ ତୋ କଥା ରକ୍ଷା ଆଉ ନାହିଁ ତୋତେ
ନିର୍ଲ୍ଲଜ ତୁ ନାରକୀର ହରି ଗୁରୁ ପତ୍ନୀ
କି ଯଶ ଲଭିଛୁ ମୂର୍ଖ ନାହିଁ କି ସ୍ମରଣ
କେ କହେ ତୋତେ ବୀର
କେ ଗଣେ ଯୋଦ୍ଧା ବୋଲି ତୋତେ
ପ୍ରଭଞ୍ଜନେ ପଶି ମାତୃ ଗର୍ଭେ ପଶି
କରିଥିଲୁ ଅଣଚାଶ ଖଣ୍ଡ
ତହିଁରେ ଲଭିଲୁ କି ଯଶ
ଅଛି ତ ସ୍ମରଣ ମୂର୍ଖ ?
ପ୍ରୟୋଜନ ନାହିଁ ବୃଥା ବାକ୍ୟାଳାପେ
ହରଗୌରୀ ପ୍ରସାଦରୁ

ମହା ଶକ୍ତିବାନ ମୁହିଁ
ନାହିଁ ଏ ବିଶ୍ୱ ଭୁବନେ ଜଣେ କେହି ଯୋଦ୍ଧା
ହେବ ମୋର ସମକକ୍ଷ
ତୁ ଛାର ଦର୍ପାନ୍ଧ ଇନ୍ଦ୍ର
କି ଟାଣ ଦେଖାଉ ମୋତେ
ଏକାବାଣେ ଖଣ୍ଡ ଖଣ୍ଡ କରିବି ତୋ ପିଣ୍ଡ
ଧର ଅସ୍ତ୍ର ବିଳମ୍ବରେ ନାହିଁ ପ୍ରୟୋଜନ ।

ଇନ୍ଦ୍ର ପ୍ରସ୍ତୁତ ମୁଁ (ଉଭୟଙ୍କ ଯୁଦ୍ଧରେ ଇନ୍ଦ୍ର ପରାସ୍ତ)

ବାଣା—ଜାନ, ବାସବ ବର୍ତ୍ତମାନ କେଣେ ଯିବୁ, ଦେବାଧମ, ତୋ ପରି ନିକୃଷ୍ଟ ଜୀବକୁ ମାରିବା ମୋର କର୍ତ୍ତବ୍ୟ ନୁହେ । ତୁ ମୋ ହସ୍ତରେ ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇଛୁ । ତେବେ କହ ଏ ବିଶ୍ୱ ଭୁବନେ ମୋ ସମାସ୍କନ୍ଧ ଯୋଦ୍ଧା କିଏ ଅଛି ।

ଇନ୍ଦ୍ର—ଇନ୍ଦ୍ର ତୋ ନିକଟରେ ପରାଜିତ ହୋଇଛି ଏହା କେବେ ନୁହେଁ । ଇନ୍ଦ୍ର ତୋ ପରି ଶତ ଶତ ବୀରଙ୍କ ଦର୍ପ ଚୂର୍ଣ୍ଣ କରିଛି, ତୁ ଥରେ ମାତ୍ର ଯଶସ୍ୱୀ ହୋଇଛୁ ବୋଲି ମନେ ମନେ ବଡ଼ ହୋଇଛୁ, କିନ୍ତୁ ସେ ଧାରଣା ତୋର ବୃଥା ॥

ବାଣା—ଦେବାଧମେ ! ଉପଯୁକ୍ତ ଶାସ୍ତି ହୋଇନାହିଁ ତୋତେ, ଦେଖିଲୁ ଏ କାହାର ତ୍ରିଶୂଳ, ପାରିବୁ କି ବର୍ତ୍ତି ଏହାଠାରୁ ।

ଇନ୍ଦ୍ର—କି ତ୍ରିଶୂଳ ଦେଖାଉଛୁ ମୋତେ ।
ବଜ୍ରାଘାତେ ମୁଣ୍ଡ ତୋର କରିବି ମୁଁ ଚୂର୍ଣ୍ଣ ।

ବାଣା—ଧର ଅସ୍ତ୍ର !

ଇନ୍ଦ୍ର—କର ରଣ (ପୁନଃ ଯୁଦ୍ଧେ ଇନ୍ଦ୍ର ପରାସ୍ତ ହେବାରୁ)

ନାରଦ—(ପ୍ରବେଶ) ଶାନ୍ତହୁଅ ରକ୍ଷ ଶିରୋମଣି
ତୋର ସମ ଯୋଦ୍ଧା
କେହି ନାହିଁ ଏ ସାର ସୃଷ୍ଟିରେ !

ବାଣା—ଦେବର୍ଷି ! କିମ୍ପା ଦିଅ ମୋତେ ବାଧା
ନିଶ୍ଚେ ଆଜି ଇନ୍ଦ୍ର ଦର୍ପ କରିବି ମୁଁ ଚୂର୍ଣ୍ଣ ।

ନାରଦ—ଇନ୍ଦ୍ରଠାରୁ ମହାବଳବାନ ତୁହି
ତାର ସଙ୍ଗେ ଯୁଦ୍ଧ ତୋତେ ନ ସାଜେରେ ବୀର ।
ଅଛି ଯେବେ ପରାକ୍ରମ ତୋର
ଅଛି ଯେବେ ବୀର ତେଜ ହୃଦେ
ଯାଇ ତୁହି ଏକ୍ଷଣି ଦ୍ୱାରିକା
କୃଷ୍ଣ ସଙ୍ଗେ କରରେ ସମର ।

ବାଣା—କୃଷ୍ଣ କଣ ମୋର ସମଯୋଦ୍ଧା ?
ବିଶ୍ୱାସ ମୋ ହେଉନାହିଁ ମନେ
କଂସ ଡରେ ଯେହୁ ନନ୍ଦ ଘରେ ରହି
ଗୋବତ୍ସାଦି ରଖୁଥିଲା ବନେ
ସେ କି ଜାଣେ ଯୁଦ୍ଧର କୌଶଳ ।
ଦେବର୍ଷେ !
କହ କିମ୍ପା ଅସମ୍ଭବ କଥା ।

ନାରଦ—ଯାଅ ଯେବେ କୈଳାସ କନ୍ଦରେ
ପୁଚ୍ଛିବୁ ତୋ ଇଷ୍ଟ ଦେବତାଙ୍କୁ ।

ବାଣା—ମେଲଣି ଦେଉଛି ମୁଁ ! ଏ ମୁହୂର୍ତ୍ତେ ଯିବି କଇଳାସ । (ପ୍ରସ୍ଥାନ)

ଇନ୍ଦ୍ର—ଦେବର୍ଷେ ! କି ଲଜ୍ଜା !! କି ଅପମାନ !!!

ନାରଦ—ଦେବେନ୍ଦ୍ର ! ବାଣାସୁର ମହାଶକ୍ତିବାନ ବିଷ୍ଣୁ ବିନା କେହି ତାକୁ ନ ଜିଣିବେ ଯୁଦ୍ଧେ । ଚାଲ-ଯିବା ସଦନକୁ ଫେରି ।

---

## ଦ୍ୱିତୀୟ ଦୃଶ୍ୟ

(ଶିବ, ପାର୍ବତୀ, ବାଣା)

ଶିବ—ଦୁର୍ବୃତ୍ତ ବାଣାସୁର ତୋର ଏତେ ଆସ୍ପର୍ଦ୍ଧା, ଏତେ ଦର୍ପ, ତୁ ମୋର ବଳରେ ବଳୀୟାନ ହୋଇ ଅହଙ୍କାରେ ଜ୍ଞାନଶୂନ୍ୟ ହୋଇଛୁ । ଆରେରେ ଦର୍ପାନ୍ଧ ମୂଢ଼ ବିଶ୍ୱ ସଂହାରକ, ମହାକାଳ ସହିତ ସଂଗ୍ରାମ ଇଚ୍ଛା କରିଛୁ । ମୂର୍ଖ ! ନିଶ୍ଚେ ତୋର ଗର୍ବ ଚୂର୍ଣ୍ଣ କରିବି । ନିଶ୍ଚେ ତୋର ବଳବୀର୍ଯ୍ୟ ହରଣ କରିବି, ଦେଖିବି କେ ତୋତେ ରକ୍ଷା କରିବ ।

ପାର୍ବତୀ—ଆଶ୍ଚର୍ଯ୍ୟ । ଏ କି ଭୟଙ୍କର ମୂର୍ତ୍ତି ! ନାଥ ! ନାଥ ! କାହାଠାରେ ଏତେ କ୍ରୋଧ !

(ଗୀତ)

ଜୀବେଶ ହେ !
ବହୁତ କାʼଠାରେ ଶ୍ରେଷ୍ଠ । ପଦ ।
କେ ତବ ସଙ୍ଗେ ବାଦ    କଲାକ ଦେବ ଦେବ
କାର ଦେଖିଲ କିବା ଦୋଷ । ୧ ।
ମନ ଫେଡ଼ ମୋ ଆଗେ    କହହେ ନାଥ ବେଗେ
ଶୁଣିଲେ ହୋଇବି ସନ୍ତୋଷ । ୨ ।

ନାଥ ! ଅକସ୍ମାତ ଉଗ୍ରମୂର୍ତ୍ତି ଧାରଣ କରିବାର କାରଣ କଣ ?

ମହାଦେବ—ପ୍ରିୟେ ! କଣ କରିବି ? ସେ ପାପମତି ବାଣାସୁର ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତ୍ରିଭୁବନ ଜୟ କରି ତହିଁରେ ତୃପ୍ତ ନ ହୋଇ ଗୋଲକ ବିହାରି ଶ୍ରୀକୃଷ୍ଣଙ୍କ ସହିତ ସମର କରିବା ଦୃଢ଼ ଅଭିଳାଷ କରିଛି । ମୁଁ ନିଶ୍ଚୟ ଜାଣିଲଣି ମୂର୍ଖର ଅନ୍ତିମ ସମୟ ନିକଟ ହୋଇଗଲାଣି, ଆଜ ତା ସହିତ ମୋର କିଛି ସମ୍ପର୍କ ନାହିଁ !

ଗୌରୀ—ନାଥ ! ସେଟା ତାର ଭ୍ରମ, ତାକୁ କ୍ଷମା ଦିଅନ୍ତୁ । ସନ୍ତାନ ଯେବେ କୌଣସି ଅନୁଚିତ କାର୍ଯ୍ୟ ଭ୍ରମବଶତଃ କରେ ତେବେ ପିତା କ୍ଷମା ଦେବା ଉଚିତ । ନାଥ ମୋର କାର୍ତ୍ତିକ ଓ ଗଣେଶ ଯେପରି ଆଦରର ପାତ୍ର ବାଣା ମଧ ତଦ୍ରୂପ ।

ଶିବ—ଭଦ୍ରେ ! ଗଣେଶ କି କାର୍ତ୍ତିକ ଯଦି ଗୁରୁତର ଅପରାଧ କରନ୍ତି ତେବେ ତାଙ୍କୁ ଶାସନ କରା କଣ ଉଚିତ ନୁହେଁ ?

ଗୌରୀ—ତା ଉଚିତ, କିନ୍ତୁ ବାଣା ମୋର ସ୍ନେହର ଧନ । ଯେପରି ତାର କୌଣସି ଗୁରୁତର ବାଧା ନ ହୁଏ ସେ ପ୍ରତି ଦୃଷ୍ଟି ଦେବେ ।

ଶିବ—ପ୍ରିୟେ ! ତାର ଜୀବନ ଦଣ୍ଡ କରିବି ନାହିଁ, କିନ୍ତୁ ସମ୍ପୂର୍ଣ୍ଣ ରୂପେ ତାର ଗର୍ବ ଖର୍ବ କରିବି ।

ଗୌରୀ—ନାଥ ! ଏ କାର୍ଯ୍ୟ କʼଣ ଭଲ ମନେ କରିଛନ୍ତି, ତାର ଦର୍ପକୁ ଆପଣ ନିଜେ ବର୍ଦ୍ଧିତ କରିଛନ୍ତି, ପୁଣି ନିଜେ ଅପହରଣ କରିବେ ଏହା ଉଚିତ ନୁହେଁ । ଏହିବାର କ୍ଷମା ଦିଅନ୍ତୁ, ସେ ଏଥର ସତର୍କ ହେବ ।

ଶିବ—ଦୁର୍ଗେ ! ତୁମ୍ଭର ଅନୁରୋଧ ରକ୍ଷାକରି ବାଣାକୁ କ୍ଷମା ଦେଲି । ପୁନର୍ବାର ସେ ଯଦି କୌଣସି କୁକାର୍ଯ୍ୟ କରେ ତେବେ ତାର ପରାଭବ ନିଶ୍ଚୟ ହେବ । ତୁମ୍ଭେ ବାଣାକୁ ସତର୍କ କରିଦେବ ଏଇ ତ ସେ ଆସୁଛି ।

ବାଣା—(ପ୍ରବେଶି) ଆହା ମୋର ପ୍ରଭୁ କୈଳାଶ କନ୍ଦରେ ଭଗବତୀ ଉମାଦେବୀଙ୍କ ସହିତ ବିରାଜମାନ ହୋଇଛନ୍ତି ।
ଜୟ ଶିବ ଶମ୍ଭୁ ! ଜୟ ଶିବ ଶମ୍ଭୁ ! ଜୟ ଶିବ ଶମ୍ଭୁ !
(ଆଣ୍ଠୁ ମାଡ଼ି ସ୍ତବ)
ଗଙ୍ଗାଧର ହର ମମ ଦୁର୍ଗତି
ହର ଶିବ ଶିବ ଶଙ୍କର ବଂ ବଂ ଭୋଳା !
ଡବ ଡବ ଡମ୍ବରୁ ଡବ ଡବ ଡମ୍ବରୁ
ଡବ ଡବ ଡମ୍ବରୁ ବାଜେ ତୋ ସାରି ।
କୈଳାସ ଶିଖରେ କର ନିତ ବାସ,
ବୃଷଭ ବାହାନେ ସଦା ତବ ଆସ,
ଭସ୍ମ ବିଭୂଷିତ ଦକ୍ଷ ଦୁଲଣା କାନ୍ତ
ବ୍ୟାଘ୍ର ଛାଲ ପଟ ଗଳେ ହାଡ଼ମାଳା ।

ଦୁର୍ଗା—ବତ୍ସ ! ତ୍ରୈଲୋକ ବିଜୟୀ ହୁଅ ।

ବାଣା—ମା କୃପାମୟୀ ! ମୋତେ ଏପରି ଆଶୀର୍ବାଦ କରିବେ ନାହିଁ । ମୋତେ ବର୍ତ୍ତମାନ କଲ୍ୟାଣ କରନ୍ତୁ ଯେପରି ମୁଁ କୌଣସି ମହାବୀର ଦ୍ୱାରା ପରାଜିତ ହୁଏଁ ।

ଦୁର୍ଗା—ବତ୍ସ ! ଏ କି ଆଶ୍ଚର୍ଯ୍ୟ କଥା, ନିଜ ମୁଖେ ନିଜର ପରାଜୟ ସ୍ୱୀକାର କରିବା ତାତ୍ପର୍ଯ୍ୟ କʼଣ ?

ବାଣା—ନା ମା !

ଶିବ—ବତ୍ସ କେଉଁ ଯୋଦ୍ଧାଦ୍ୱାରା ତୋର ମାନହାନି ହୋଇଛି ?

ବାଣା—ପ୍ରଭୁ ! ଯେତେବେଳେ ଏ ଦାସ ହର ଗୌରୀଙ୍କର ଚରଣାଶ୍ରିତ କିଙ୍କର ତେତେବେଳେ ତାର ମାନହାନି କରିବା ବୀର ଜଗତରେ କେହି ନାହିଁ ।

ଶିବ—ବତ୍ସ ! ପ୍ରକୃତରେ ଏ ତ୍ରିଭୁବନରେ ତୋ ସମ ବୀର କେହି ନାହିଁ ।

ବାଣା—ପ୍ରଭୋ ! ତେବେ ଅକାରଣେ ଏ ବୃଥା ବଳ କାର୍ଯ୍ୟରେ ପ୍ରୟୋଜନ କଣ ?

ଶିବ—ତେବେ ବର୍ତ୍ତମାନ ତୋର କଣ ଇଚ୍ଛା ? ପରାଜୟ ?

ବାଣା—ପ୍ରଭୁ ! ମୋର ଅନ୍ୟ କିଛି ଇଚ୍ଛା ନାହିଁ, କେବଳ ମୋର ସମାସ୍କନ୍ଧଯୋଦ୍ଧା ଦିଅନ୍ତୁ ଯଦ୍ୱାରା ମୋର ମନରସାଧ ମେଣ୍ଟିବ ।

ଶିବ—ବାପା ମୁଁ ଥରେ କହିଲି ତୋ ସମ ଯୋଦ୍ଧା କେହି ନାହିଁ । ତୁ ମୋର ବରରେ ତ୍ରିଭୁବନ ବିଜୟୀ ହୋଇଛୁ !

ବାଣା—ତେବେ, ଏ ଭୃତ୍ୟ ସଙ୍ଗରେ ଆପଣ ନିଜେ ରଣବର୍ତ୍ତୀ ହୁଅନ୍ତୁ !

ଶିବ—ପ୍ରିୟେ,ତମେ ଶୁଣିଲ ତ ବାଣାର ବଚନ ? ମୋର ବର ଦେବାର ବାହାରିଲା ଫଳ । ବାଣା ! ତୁ ମୋର ବରରେ ତ୍ରିଲୋକ ବିଜୟୀ ହେଲୁ, ବର୍ତ୍ତମାନ ମୋ ସହିତ ସଂଗ୍ରାମ କାମନା କରିବା କ'ଣ ନ୍ୟାୟ ସଙ୍ଗତ ?

ବାଣା- ନା, କିଛି ଅନ୍ୟାୟ ନୁହେ । ମୁଁ ଆପଣଙ୍କୁ ଯୁଦ୍ଧରେ ବଳିଲେ ମୋର ଆଉ କାହାରିକୁ ଭୟ ନ ଥିବ, ନଚେତ୍ ପରିଷ୍କାର କୁହନ୍ତୁ ମୋର ସମସ୍କନ୍ଧ ଯୋଦ୍ଧା କିଏ ? ତା ସହିତ ମୁଁ ଯୁଦ୍ଧ କରି ମନର ସାଧ ମେଣ୍ଟାଇବି ।

ଶିବ—ବତ୍ସ ବାଣା ! ଅଚିରେ ତୋର ଅଭିଳାଷ ପୂର୍ଣ୍ଣ ହେବ । ଯା, ଏହି ଅଳ୍ପ ଦିନ ମଧ୍ୟରେ ଶ୍ରୀଗୋଲକ ବିହାରୀ ଶ୍ରୀକୃଷ୍ଣଙ୍କ ସହିତ ତୋର ସମର କାମନା ମେଣ୍ଟିବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ବାଣା—ପ୍ରଭୁ ଉମାକାନ୍ତ ! ମା ଭଗବତୀ ! ଏ ଅଧମ ସନ୍ତାନ ପ୍ରତି ଦୟା ରଖିଥିବ । ଅଧୀନ ମେଲାଣି ଘେନୁଛି ।

(ପ୍ରଣାମାନ୍ତର ପ୍ରସ୍ଥାନ)

ଶିବ ଦେବ ! ତୁମ୍ଭେ ମାୟାକାମିନୀମାନଙ୍କୁ ଆଜ୍ଞା ଦିଅ, ସେମାନେ ପ୍ରଦ୍ୟୁମ୍ନର ପୁତ୍ର ଅନିରୁଦ୍ଧଙ୍କୁ ବାଣାକନ୍ୟା ଉଷା ସହିତ ଗୁପ୍ତ ମିଳନ କରାନ୍ତୁ । ତଦ୍ୱାରା ଶ୍ରୀକୃଷ୍ଣ ସହିତ ବାଣାର ସନ୍ନିକଟରେ ଯୁଦ୍ଧ ହୋଇଯିବ ଓ ତାର ଗର୍ବ ଖର୍ବ ହେବ ।

[ପ୍ରସ୍ଥାନ]

## ତୃତୀୟ ଦୃଶ୍ୟ

ମାୟା କାମିନୀ—ଗୀତ

ମାୟାରେ ମୋହି ପାରୁ ଜଗତ ।
ଦେଖ ମାୟା ବଡ଼ ଅଦ୍ଭୁତ ।
ମାୟାରେ ହସାଉ ମାୟାରେ କନ୍ଦାଉ
ମାୟାରେ ଜନମନ ଇସିତେ ଭୁଲାଉ
ମାୟାରେ କେ ନ ପାଏ ଅନ୍ତ । ୧ ।

(ଦୁର୍ଗାପ୍ରତି) ମା, କି କାର୍ଯ୍ୟ ଆମ୍ଭମାନଙ୍କଦ୍ୱାରା ସାଧିତ ହେବ ସେ କଥା ପ୍ରକାଶ କରନ୍ତୁ ।

ଦୁର୍ଗା—ତୁମ୍ଭେ ବର୍ତ୍ତମାନ ଦ୍ୱାରକାରୁ ପ୍ରଦ୍ୟୁମ୍ନର ପୁତ୍ର ଅନିରୁଦ୍ଧଙ୍କୁ ଆଣି ବାଣା କନ୍ୟା ଉଷା ନିକଟରେ ପହଞ୍ଚାଅ, କିନ୍ତୁ ସାବଧାନ ! ଉଷା ଓ ଅନିରୁଦ୍ଧର ଶୟନାବସ୍ଥାରେ ଏ କାର୍ଯ୍ୟ ସାଧିତ ହେବ ।

ମାୟାକାମିନୀ—ମାତ, ତବ ଆଜ୍ଞା ଶିରୋଧାର୍ଯ୍ୟ ।

## ଚତୁର୍ଥ ଦୃଶ୍ୟ

ଚିତ୍ରରେଖା—ହଇହୋ ଜେମାମଣି ! ତେମେ ଦିନକୁ ଦିନ ଏପରି ଶୁଖିଲାପରି ଦେଖାଯାଉଛ କାହିଁକି ମ ? ଯାହାର ସିନା ଚିନ୍ତା ଅଛି, ଦୁଃଖ ଅଛି, ପ୍ରେମ ଅଛି, ସେ ସିନା ତାର କଥାରେ ମନ ପୂରାଇ ଘାଣ୍ଟି ହୋଇ ମରୁଛି । ତମର ଏବେ କୋଉ କଥାକୁ ଚିନ୍ତା ମ ?

ସରଳା—ଚିତ୍ରରେଖା ! ଚିନ୍ତା ସମସ୍ତଙ୍କୁ ଗ୍ରାସିଛି । କି ଧନୀ କି ଦରିଦ୍ର ସମସ୍ତେ ଚିନ୍ତାର ଅଧୀନ । ପିତାର ପୁତ୍ର ଚିନ୍ତା, ମାତାର କନ୍ୟା ଚିନ୍ତା, ସ୍ତ୍ରୀର ସ୍ୱାମୀ ଚିନ୍ତା ।

ଚିତ୍ରରେଖା—ସରଳା ! କହିଲୁ ଭଲ ଆମ ଜେମାକୁ କୋଉ ଚିନ୍ତା ଗ୍ରାସିଛି ।

ସରଳା—ମୋତେ କାହିଁକି ପଚାରୁଛ ମ ? ଜେମାଦେଈ, ବାସ୍ତବିକ ତୁମ୍ଭେ ଦିନକୁ ଦିନ କ୍ଷୀଣ ହୋଇ ଯାଉଛ । ଏହାର ମତଲବ ଆମ୍ଭେ କିଛି ବୁଝି-ପାରୁ ନାହୁଁ । ଆମ ଆଗରେ ମୁହଁ ଖୋଲି କହିଲେ ଆମ୍ଭେ କଣ ତାର ପ୍ରତିକାର ବାଟ କରନ୍ତୁ ନାହିଁ ?

ଉଷା—କଣ କହିବି ସହି ।

(ଗୀତ)

ମରମର କଥା ମରମେ ମରୁଛି
କହିବି ମୁଁ କାହାରେ । (ଘୋଷା)
ମନ୍ଦ ଅନିଳ ରହିଲାଣି (ପିକ)
ବସନ୍ତ ଆଗମେ କହିଲାଣି
ମଲ୍ଲୀ ଯାଇ ଯୁଇ କେତକୀ ଗୁହିଁ
ଉଡ଼େ ମୋର ସାହାରେ । ୧ ।
ପୋଡ଼ା ପରାଣେ ନାହିଁ ମୋ ଆଶା
ଘୋଟିଲାଣି ଆସି ଘୋର ନିରାଶା ।
ଧିକ ଜନ୍ମ ଯୋଷା ନାହିଁ ଯେବେ ଆଶା
ଉଡ଼େ ମୋର ସାହାରେ । ୨ ।
ସାର ଯୌବନ ଦେଉଛି ଗ୍ଲାର
ମାର ଦହୁଅଛି ବାରମ୍ବାର
ନିଦାରୁଣ ପଣ କଲେ ପିତା ଜାଣ
ନ ପାଏ ମୁଁ କାହାରେ । ୩ ।

ସଖି ! ପିତାଙ୍କ ଦାରୁଣ ପ୍ରତିଜ୍ଞା ଶୁଣିଛ ତ ? ମୁଁ ଆଉ ଅଧିକ କଣ କହିବି, ମୁଁ ରାଜକୁଳରେ ଜନ୍ମ ହୋଇ କେଉଁଠି ହେଲେ ଗେହ୍ଲାରେ ବଢ଼ି ଥିଲି, କିନ୍ତୁ ବିଧାତା, ମୋର ସେ ସୁଖ ବର୍ତ୍ତମାନକୁ ରହିଲା ନାହିଁ ।

ସରଳା—ଚନ୍ଦ୍ରରେଖା ! ଏକା ସତକଥା, ସୁନ୍ଦର ବେଳେ ସିନା ସିନ୍ଦୂର, ଆଉ କୋଉ କାଳେ କିଏ ଆମ ରାଜାଙ୍କୁ ଯୁଦ୍ଧରେ ହଟେଇବ ଜେମାଙ୍କୁ ବାହା ହେବ, "ଆକାଶ କଇଁଆ ଚାଲିକା ମାଛ ।"

ଚନ୍ଦ୍ରରେଖା—ଆଲୋ କଣ୍ଠୁରୀ ନନ୍ଦ ଦିନେ ଭାଗବତ ବୋଲୁଥିଲେ କ'ଣ ଗୋଟିଏ କି ସୁନ୍ଦର ପଦ ପଢ଼ିଲା, ହିଁ, "ଏ ବଡ଼ ଲୋକଙ୍କର ମତ, ଅଳପ ଲୋକେ ହୃପରିତ" । ଏ ତ ରଜାଘର କଥା, ସେଥିରେ ଭଲ ହେଲେ କେତେ ମନ୍ଦ ହେଲେ କେତେ, ଉତ୍ତର ଦେଉଛି କିଏ ? ତ୍ରେତୟା ଯୁଗରେ ଜନକ ପଣ କରିଥିଲେ, ଯିଏ ଶିବଧନୁକୁ ଭାଙ୍ଗିବ ସେ ସୀତାଙ୍କୁ ବିଭା ହେବ । ଦ୍ରୁପଦ ରାଜା ପଣ କରିଥିଲେ ଯିଏ ଜଳପାତ୍ରରେ ମାଛର ଛାଇ ଦେଖି ବାମ ହସ୍ତରେ ମାଛର ଚକ୍ଷୁକୁ ବାଣ ବିନ୍ଧ କରିବ ସେ ଦ୍ରୌପଦୀଙ୍କୁ ବିଭା ହେବ । ଏ ବୋଧହୁଏ ସେହିପରି ପଣ କରିଛନ୍ତି ଯିଏ ଯୁଦ୍ଧରେ ତାଙ୍କୁ ହଟାଇବ ସିଏ ଉଷାଦେବୀଙ୍କୁ ବିଭା ହେବ ।

ସରଳା—ରାଇଜଯାକର ରଜା ତ ଆମ ମହିମାକୁ ପାରିଲେ ନାହିଁ, ପୁଣି ଶିବଙ୍କ ବରରେ ତ ଏ ତ୍ରିପୁର ବିଜୟୀ । ଇନ୍ଦ୍ର ପରା ଛନ୍ଦି ଶରଣ ପଶିଲା, ଆଉ ହବ କଣ, ଜେମାଦେଈଙ୍କ କର୍ମ ।

ଚନ୍ଦ୍ରରେଖା—ଜେମାଙ୍କ କର୍ମ କଣମ, ବଢ଼ିଲା ଝିଅ ଯେବେ ବାପ ଘରେ ବର୍ଷକୁ ପାଞ୍ଚବର୍ଷ ରହିଲା ତେବେ ବାପ ମାଙ୍କୁ ନର୍କରେ ବୁଡ଼ାଇବା କଥା ।

ଉଷା—ସଖି ମୁଁ ଏଡ଼େ ହୀନ କପାଳ ।

(ଗୀତ)

ପ୍ରାଣ ସହି ମହିରେ କି ସୁଖ ମୋର ଆଉ
ଦୁଃଖ ନିଶି ଘୋଟି ଆସିଲାଣି ଗୁହଁ ଗୁହଁ
କି କରିବି ଗୋ
କେମନ୍ତେ ଏ ପ୍ରାଣ ମୁଁ ଧରିବି ଗୋ । ୧ ।
ତରୁ ବିନା ଲତା କାହୁଁ ଆଶ୍ରୟ ପାଇବ
ଭୂମିରେ ଲୋଟି ସାଉଁଟି ସିନାଟି ମରିବ
ପ୍ରିୟ ଆଳି ଗୋ
ଦୁଃଖାନଳେ ପଡ଼ି ମରେ ଜ୍ୱଳି ଗୋ । ୨ ।
ଅଭୟ୍ୟା ଯେବେଟି ମୋତେ କରିବେ ନିର୍ବାଣ
ଜାଣିଥା ସଜନୀ ନଷ୍ଟେ ଭଜିବି ମୁଁ ଶିଷ
ଏହିପରି ଗୋ
ନ ହେବଟି କେବେ ଆଉ ଅନ୍ୟ ଗୋ । ୩ ।

ସଖି ! ଏ ଅଲୋଡ଼ା ଜୀବନରେ କିଛି ପ୍ରୟୋଜନ ନାହିଁ । ନିଶ୍ଚୟ ଜହର ଖାଇ ହୃଦୟ ବେଦନା ନିବାରଣ କରିବି ।

ସଖିମାନେ—କେମାମଣି ! ସ୍ୱାନା କଣ କଥା । ଆମ ଦିଅଁ ଦେବତା ପୂଜିବା କ'ଣ ବୃଆଡ଼େ ଉଭେଇ ଯିବ । ତୁମ୍ଭେ କୌଣସି କଥାକୁ ଭାବନା କର ନାହିଁ । ଇଷ୍ଟଦେବ ନିଶ୍ଚୟ ଏ କଷ୍ଟ ହରଣ କରି-ଦେବେ ।

ଉଷା—ସଖି ! ଇଷ୍ଟଦେବ ମୋର ପିତାଙ୍କୁ ସଦ୍‌ବୁଦ୍ଧି ଦେବେ ଯଦ୍ୱାରା ଭାବୁଥିବ ମୁଁ ପତି ପାଇବା ଲାଗି ଆଉଳ ଝାଉଳ ହେଉଛି କିନ୍ତୁ ତା ନୁହେଁ ମୋର ଯେତେ ଦିନ କୁମାରୀ ବ୍ରତ ଅବଲମ୍ବନ କରିବାକୁ ଥିଲା ସେତେ ଦିନ ଆସି ଭୋଗ ହୋଇ ଗଲାଣି, ବର୍ତ୍ତମାନ ମୁଁ ପ୍ରତିବ୍ରତା ଧର୍ମ ଅବଲମ୍ବନ କରିବି । ସେଥିପାଇଁ ମୋର ପତିଚନ୍ତା ହେଉଛି ବୋଲି ମୁଁ ଲଜ୍ଜା ସଙ୍କୋଚ ତ୍ୟାଗ କରି ତୁମ୍ଭ-ମାନଙ୍କ ଆଗରେ ମନର ଭାବ ପ୍ରକାଶ କରିବି ।

ଚିତ୍ରରେଖା—କେଜାମଣି ! ଆମେ କ'ଣ ତୁମ୍ଭଙ୍କୁ କୋଉ କଥା କହିଲୁ ତୁମେ ଉକାଣି କଣ୍ଠ ବାଡ଼କୁ ଲୁଗା ପକାଉଛ ।

ଉଷା—ନାହିଁ ଲୋ ସଖି ! କାଳେ ତୁମ୍ଭେମାନେ କୋଉ କଥା ଭାବୁଥିବ ବୋଲି ମୁଁ ବୁଝାଇ ଦେଲି; ପ୍ରକୃତରେ ଯୁଗଳ ଅଙ୍ଗ ନ ହେଲେ ଭକ୍ତିର ସାଧନ ହୁଏ ନାହିଁ । ବର୍ତ୍ତମାନ ମୋତେ ନିଦ୍ରା ଆସିଲାଣି ତୁମ୍ଭେମାନେ ପଲଙ୍କ ସଜାଇ ଦିଅ । (ତଥା କରଣ)

(ସଖୀଏ ଅନ୍ତର୍ଦ୍ଧାନ)

[ମାୟା କାମିନୀ ଅନିରୁଦ୍ଧଙ୍କୁ ଉଷା ନିକଟେ ପହଞ୍ଚାଇବା]

(ଅନିରୁଦ୍ଧ ଚକ୍ଷୁ ମଳି ମଳି ଉଠି) ଏ କଣ, ଏ କି ଆଶ୍ଚର୍ଯ୍ୟ ସ୍ୱପ୍ନ ! କିଏ ଗୋଟିଏ ଅକଳଙ୍କ ସୁଧାଂଶୁ ବଦନା ତାର କୋମଳ ବାହୁ ପାଶରେ ମୋତେ ଆବଦ୍ଧ କରି ପୁନଶ୍ଚ ମୋ ନିକଟରୁ ଅପସାରିତ ହୋଇଗଲା । ଆହା ସେ କେଡ଼େ ରୂପବତୀ, ବିଧାତା ତାକୁ କାହାର ଅର୍ଦ୍ଧାଙ୍ଗିନୀ କରିବାକୁ ନିର୍ମାଣ କରିଛି । (ଇତଃସ୍ତତ ଚାହିଁ) କିଏ ଅଛ, ଏଁ ଏଁ କେଉଁସ୍ଥାନ, ଏତ ମୋର ଶୟନ କକ୍ଷ ନୁହେଁ । ଏ ଅପୂର୍ବ ରୂପ ଲାବଣ୍ୟ ସମ୍ପନ୍ନା ରମଣୀ ପୁଣି ଏଠାକୁ କାହିଁ ଆସିଲା । ମୁଁ ତ ଠିକ୍ ଏହି ରମଣୀକୁ ସ୍ୱପ୍ନରେ ଦେଖିଥିଲି । କି ଆଶ୍ଚର୍ଯ୍ୟ, ମୁଁ ନିଦ୍ରିତ ନା ଜାଗ୍ରତ, କିଛି ତ ବୁଝି ପାରୁ ନାହିଁ । ମୋର ମଥା କଣ ବିଭ୍ରମ ହୋଇ ଯାଇଛି; ମୁଁ କଣ ସ୍ୱପ୍ନରେ ଏପରି ରମଣୀୟ ଦୃଶ୍ୟ ଦେଖୁଛି ନା । ମୁଁ ତ ସମ୍ପୂର୍ଣ୍ଣ ଜାଗ୍ରତ, ତେବେ ଏ ରହସ୍ୟ ତ କିଛି ବୁଝି ପାରୁନାହିଁ । ଏହାର ରୂପ ଲାବଣ୍ୟ ମୋର ପ୍ରାଣ କିଣି ନେଲାଣି, ଏ କିଏ ?

ଗୀତ

କାହା ମନୋହରୀ ଏ ମୋ ମନ ମୋହିଲାରେ
ଦେଖି କି ମାନସୀ କଳନା ମୋହର ନୋହିଲାରେ ।
ତିଳ ପୁଷ୍ପ ଜିଣି ନାସା,
ମୃଗାକ୍ଷି ଅପୂର୍ବ ଯୋଷା
ଗୋପନେ ଆସି ମୋ ପାଶେ
ମୋ ହୃଦକୁ ଦହିଲାରେ । ୧ ।
କର ବଦରୀ ଧରା,
ଗଣ୍ଡ କୋକନଦ ଜିଣି
ଧନ୍ୟ ସେ ବିଧାତା କେତେ-
ଦିନେ ଯାକୁ ଗଢ଼ିଲାରେ । ୨ ।
କଟି ତା ଡମ୍ବରୁ ସମ,
ପରୁଶିରୀ ଅନୁପମ
ଦେଖି ମୋ ମତି ବିଭ୍ରମ
ନିଶ୍ଚେ ଆସି ହୋଇଲାରେ । ୩

ସଖି ! ତୋର ଏ ରୂପକୁ ଭୁଲି ପାରିବି ନାହିଁ । ତୋର ରୂପଲାବଣ୍ୟ ମୋର ହୃଦୟକୁ କିଣି ନେଲାଣି, ସଖି ! ମୋତେ ଅନ୍ତର କରିବୁ ନାହିଁ, ମୁଁ ଆଜଠାରୁ ତୋ ନିକଟରେ ଚିର ବନ୍ଧା ରହିଲି । ତୋର ମୋର ଭିନ୍ନା ଭିନ୍ନ ନାହିଁ । ହୃଦୟେଶ୍ୱରି ! ତୁହି ମୋର ଜୀବନ, ତୁହି ମୋର ଜ୍ଞାନ, ତୁହି ମୋର ସକଳ ସମ୍ପଦ । ପ୍ରାଣପ୍ରିୟେ ! ମୋର ତୋହ ପ୍ରତି କେତେଦୂର ସ୍ନେହ ମମତା ଜନ୍ମିଛି ଥରେ ଉଠି ଦେଖ । ନା, ନିଦ୍ରା ଭଙ୍ଗ କରିବି ନାହିଁ । ତେବେ ସ୍ନେହର ନିଦର୍ଶନ ସ୍ୱରୂପ ଏହି ମୁଦି କାଢି ତୋର ହସ୍ତରେ ଅର୍ପଣ କରି ତୋର ନିଦ୍ରା ଭାଙ୍ଗିବା ପର୍ଯ୍ୟନ୍ତ ଏହିଠାରେ ଅପେକ୍ଷା କରି ରହିଲି ।

ଊଷା—(ଉଠି) ଆହା ମୁଁ କେତେ ଗୁଡ଼ାଏ ଶୋଇ ପଡ଼ିଲି । ପ୍ରଭାତ ଆଲୋକରେ ଗୃହ ଯେ ଆଲୋକିତ ହୋଇଗଲାଣି । କାହିଁ ମୋର ସହଚରୀମାନେ କାହାନ୍ତି । କାହିଁ କେହି ତ ଦେଖା ନାହାନ୍ତି । (ଦେଖି ଆଶ୍ଚର୍ଯ୍ୟ) ପୁଣି ଏ ଅପରିଚିତ ଯୁବକଟି କିଏ । ଏ ମୋ ଗୃହରେ ପ୍ରବେଶ କଲେ କିପରି । ଗୃହର ଦ୍ୱାର ତ ରୁଦ୍ଧ ହୋଇଛି, ଏ ଅବା ଆସିଲେ କିପରି ? ତେବେ କଣ କେହି ଦେବ କୁମାର ! ତା ନ ହେଲେ ଦ୍ୱାରରୁଦ୍ଧ ଗୃହରେ ପ୍ରବେଶ କରିବା ତ ସହଜ କଥା ନୁହେଁ, ବଡ଼ ଲଜ୍ଜାର କଥା । ମୁଁ ଯୁବା ନାରୀ ହୋଇ ଅପରିଚିତ ଯୁବକ ନିକଟରେ ଏତେ ସମୟ ନିଦ୍ରା ଯାଇଥିଲି । ଛି, ଛି, ଯଦି ସଖିଗଣେ ଆସି ପହଞ୍ଚି ଯାଆନ୍ତି ମୋତେ ବଡ଼ ନିନ୍ଦା କରିବେ । ନା ବର୍ତ୍ତମାନ ଏ ସ୍ଥାନ ପରିତ୍ୟାଗ କରିବା ଦରକାର । ଆଚ୍ଛା, ଏ ସ୍ଥାନ ପରିତ୍ୟାଗ କରିବି ନିଶ୍ଚୟ ତେବେ ଭଲକରି ଏ ଯୁବକକୁ ଦେଖିଯାଏ । ସେଥିରେ କ୍ଷତି କଣ ଅଛି । ସୁନ୍ଦର ଜିନିଷଟି ଦେଖିବାକୁ ସମସ୍ତଙ୍କର ମଧ୍ୟ ଲାଳସା ବଢ଼େ । (ଦର୍ଶନ) ଆହା କି ରୂପ, କି ତେଜ, ଏପରି ରୂପକୁ ତ ତୁଳନା ନାହିଁ । ମା, ଭଗବତୀ ! ତୁମ୍ଭେ କ'ଣ ମୋର ହୃଦୟ ବେଦନା ବୁଝି ପାରି ଏ ଦୁର୍ଲ୍ଲଭ ଯୁବକଙ୍କୁ ଆଣି ମୋତେ ଦେଇଛ, ତେବେ ଏ ସୁବର୍ଣ୍ଣ ସୁଯୋଗ ଛାଡ଼ିବି କାହିଁକି । ହେ ଯୁବକ, ତୁମ୍ଭ ରୂପରେ ମୁଁ ମୁଗ୍‌ଧ ହୋଇ ମୋର ମନ ପ୍ରାଣ ତୁମ୍ଭ ଶ୍ରୀଚରଣରେ ଅର୍ପଣ କଲି । ଉଠ, ଉଠ ନାଥ !

ଗୀତ--(ହେ ନବଯୁବକ—ବୃତ୍ତେ)

ଉଠ ପ୍ରାଣ ଧନ ମୋ ଜୀବଜୀବନ,
ଉଠ ଦୁଃଖିନୀର କଣ୍ଠମଣି ।
ତବ ଶ୍ରୀଚରଣେ ଆଜଠି ଗୋପନେ
ସମର୍ପିଲି ପ୍ରାଣ ଅଭାଗିନୀ
ଆଶ୍ରା ଦିଅ ବାରେ,
ଯିବ ବନା କେହି ନାହିଁ ଅଧୀନରେ । ୧ ।
କେତେ ଦିଅଁ ପୂଜା ପାଇଛି ମୁଁ ଆଜ
ତବ ପାଦ ଯୁଗ ହେଜାବେଣ
ଥରେ ଆଲିଙ୍ଗନ କଲେ ଜୀବଧନ
ଯିବ ଦୁଃଖିନୀର ହୃଦୁତ୍ରାସ
ଦୟାକର ଥରେ ।
ଅଭାଗିନୀ ପଡ଼ି ମରେ କାମାନଳେ । ୨ ।

ନାଥ ! ଉଠିବ ନାହିଁ, ଥରେ ତୁମ୍ଭର ଦାସୀର ଅନୁରୋଧ ରକ୍ଷା କରିବ ନାହିଁ । ହଉ ଆପଣ ମୋତେ ଆଶ୍ରୟ ନ ଦିଅନ୍ତୁ, କିନ୍ତୁ ମୁଁ ଆଜଠାରୁ ତବ ଶ୍ରୀଚରଣେ ବନ୍ଧା ରହିଲି । (ପଦଧରି ଶୟନ)

(ମାୟାକାମିନୀ ପ୍ରବେଶ)

ଗୀତ—

କେତେରଙ୍ଗେ କେତେ ଭଙ୍ଗେ
ଲାଗିଛି ଏ ଦୁନିଆ ନାଟ
କେ ପ୍ରେମନାରେ ଭାସି ଯାଉଛି
କେ ପ୍ରେମନାରେ ହେଉ ଖେଳୁଛି
କେ ପ୍ରେମେ ହସେ କେ ପ୍ରେମେ କାନ୍ଦେ
କେ ପ୍ରେମେ ଛଟପଟ ।

(ଅନିରୁଦ୍ଧଙ୍କୁ ନେଇଯିବା)

ଊଷା (ହଠାତ୍ ଉଠି) କିଏ, କିଏ, କଣ କଲ, ମୋ ହୃଦୟେଶ୍ୱରଙ୍କୁ କୁଆଡ଼େ ନେଇ ଗଲ । ଦିଅ ! ଦିଅ !

(ପ୍ରସ୍ଥାନ)

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ବାଣ। ମୋର ପ୍ରତିଜ୍ଞାରେ ବାଧା ଦେବା ତୁମ୍ଭର କଣ ଉଚିତ ? ମୋତେ ବାରମ୍ବାର ବିରକ୍ତ କର ନାହିଁ, ମୁଁ କେବେ ଦୁହିତାର ଅମଙ୍ଗଳ ବାଞ୍ଛା କରୁନାହିଁ ।

ମନୋରମା ଆଉ ମଙ୍ଗଳ କେଉଁ କାଳେ ମ, ଝିଅ ତ ବରଯୋଗ୍ୟ ହୋଇ ବର୍ଷକୁ ପାଞ୍ଚବର୍ଷ ଘରେ ରହିଲା, ବାହାର ଲୋକ ଯିଏମାନେ ସିଏ

ବାରକଥା କହୁଛନ୍ତି । ନାଥ ! ଆପଣ ସେ ଦୃଢ଼ ପ୍ରତିଜ୍ଞାରୁ ରହିତ ହୋଇ ଉପଯୁକ୍ତ ପାତ୍ର ହସ୍ତରେ ମୋର ଊଷାଙ୍କୁ ସମର୍ପଣ କରନ୍ତୁ ।

ବାଣ—ମୁଁ ବାହାର ଲୋକଙ୍କ କଥା ଶୁଣିବାକୁ ଚାହେଁନା । ମୁଁ ଯେଉଁ ପ୍ରତିଜ୍ଞାବଦ୍ଧ ହୋଇଛି ତା ଅନ୍ୟଥା ହୋଇ ନ ପାରେ ।

ମନୋରମା— ଗୀତ

ପ୍ରାଣପତି ଏ କେଉଁ ଅଶାନ୍ତ କଥା କର ।
କି ଜଗତେ ତବ ସମ ଅଛି କେହୁ ବୀର ହେ
ପ୍ରାଣନାଥ !
ଜେମାର ସେ ହୋଇବଟି କାନ୍ତ । ୧ ।
ମନକୁ ନ ଆସେ ଯାହା ଶୁଣି ନାହିଁ କର୍ଣ୍ଣ
ଅସମ୍ଭବ କଥା ସିନା କହୁଛ ଆପଣ ହେ ।
ଜୀବଧନ !
ଜେମା ଜନ୍ମ ହେଲା ଅକାରଣ ହେ । ୨ ।
ଶୋଭିବେଳେ ଗଙ୍ଗା ସିନା ବଧିର ଭଆଣ ।
ଅବୁଝା ହେଉଛ ସିନା ନାଥ ଅକାରଣ ହେ ।
କନ୍ୟାଧନ ।
ଗୃହେ ରଖି ବିପଦ କାରଣ ହେ । ୩ ।

ନାଥ ! କନ୍ୟା ବରଯୋଗ୍ୟ ହେଲେ ତାକୁ ଗୃହରେ ରଖିବା ଆମ୍ଭର ଅମଙ୍ଗଳ । ମୋ ସାନକୁହା ମାନ ଜେମା ଲାଗି ଗୋଟିଏ ବରପାତ୍ର ଠିକ୍ କରନ୍ତୁ ।

ବାଣ— ଗୀତ

ମୋତେ ବାର ବାର କରି
କହନା ରେ ବରବରନା ।
(ମୁଁ) ସାର କରିଛି ଯାହା ସ୍ଥିର କରିବ କି,
ନାରୀଙ୍କାର ପଛେ ହେବ ଲଳନା । ପଦ ।

ମୁଁ ମନରେ ଯାହା କଳ୍ପନା କରିଛି ତାହା କେବେ ଅନ୍ୟଥା ହୋଇ ନ ପାରେ, ତୁମ୍ଭେ ମୋତେ ବାରମ୍ବାର ବିରକ୍ତ କର ନାହିଁ ।

ମନୋରମା—ଆପଣ ମୋ କଥାରେ ବିରକ୍ତ ହେଉଛନ୍ତି ସତ୍ୟ, କିନ୍ତୁ ଦୁହିତାର ଶୁଭ ସମୟରେ ପିତା ଶୁଭ କାମନା କରାଇବା ଆବଶ୍ୟକ, କିନ୍ତୁ ତା ଯେ ନ କରେ ସେ ପିତା ନୁହେ ଶତ୍ରୁ ।

ବାଣ— ଗୀତ

କାର ବଳେ ମୋତେ କହୁ ହିଁଙ୍ଗାସି
କାର ଆଶ୍ରା କଲୁଣି କ ରାକ୍ଷସୀ
ଯାର ନାମ ଶୁଣି କମ୍ପୁଛି ମେଦିନୀ
ତାର ବୁଦ୍ଧିକି ତୁ କହୁ କଳନା । ୧ ।

ରାକ୍ଷସି ! କାହା ବଳରେ ଏପରି କୁତ୍ସିତ ବାକ୍ୟ ଦ୍ୱାରା ମୋର ହୃଦୟରେ ଶତବାଣ ବିଦ୍ଧ କରୁଛୁ, ତୁ ଜାଣୁ ମୁଁ କିଏ ?

ମନୋରମା—ବେଶ୍ ଜାଣେ, ନାଥ ! ଯେଉଁ ବୀରକୁ ତ୍ରିଜଗତରେ ନର ଦେବତା ଆଦିକରି ଭୟରେ କରଯୋଡ଼ି ଯୋଡ଼ନ୍ତି, ସେ ବୀରର ରମଣୀ କ'ଣ ଏତେ ମୂଢ଼ା ଯେ ସେ ତାର ସ୍ୱାମୀଙ୍କୁ ଆଜ ପର୍ଯ୍ୟନ୍ତ ଚିହ୍ନି ନାହିଁ । ନାଥ ସେ କଥା କୁହନ୍ତୁ ନାହିଁ ।

ବାଣ—ତେବେ ମୋର ଇଚ୍ଛାରେ ବାଧା ଦେବା କାର ଅଧିକାର ନାହିଁ ।

ଗୀତ

ସଂଗ୍ରାମରେ ଯେହୁ ଜିଣିବ ମୋତେ
କନ୍ୟା ସମର୍ପିବି ମୁଁ ତାର ହସ୍ତେ ।
ଏ ମୋ ଦୃଢ଼ପଣ ନ ହେବ ଖଣ୍ଡନ
ତୁ ଭଣ୍ଡାଭଣ୍ଡି ମୋତେ କରନା । ୨ ।

ଏ ସାରା ସଂସାରେ ଯେ ମୋ ସମ ଯୋଦ୍ଧା ଥିବ ମୁଁ ତାଠାରୁ ଯୁଦ୍ଧରେ ପରାସ୍ତ ହେଲେ ସେହି ବୀରକୁ ମୋର ଊଷାକୁ ବିବାହ ଦେବି ଏହି ମୋ ଦୃଢ଼ ବ୍ରତ ।
(ପ୍ରସ୍ଥାନ)

ମନୋରମା—କାହିଁକି ତୁ ଏପରି ହତଭାଗିନୀ କୋଳରେ ଜନ୍ମହେଲୁ । ତୋ କର୍ମରେ ଏତେ ହୀନଅବସ୍ଥା ଥିଲା, ମୁଁ କଣ କରିବି, କେତେ ପ୍ରକାରେ ତ ବୁଝାଇଲି ଟିକିଏ ତ ମୋ କଥା ରହିଲା ନାହିଁ । ହେ ଶିବଶଙ୍କର, ତୁମ୍ଭେ ମାତ୍ର ଭରସା ।

[ଚିତ୍ରରେଖା ପ୍ରବେଶ]

ଚିତ୍ର—ମା ମଣିମା ! ଟିକିଏ ଆଡ଼କୁ ଆସନ୍ତୁ ଜେମାମଣି କାହିଁ କ'ଣ ହୋଇ ଯାଉଛନ୍ତି, ଆମ୍ଭେ କିଛି ବୁଝି ପାରୁ ନାହିଁ ।

ମନୋରମା—ହଇଲୋ ଚିତ୍ରରେଖା ! କ'ଣ କ'ଣ, ମୋ ଝିଅର କ'ଣ ହେଲା ?

ଚିତ୍ରରେଖା—ଆପଣ ଶୀଘ୍ର ଆସନ୍ତୁ !

ମନୋରମା—ହଉ ଚାଲ ।

---

## ଦ୍ୱିତୀୟ ଦୃଶ୍ୟ

ସରଳା—ଜେମାମଣି ! ଏ କ'ଣ ତୁମ୍ଭେ ଏପରି କାହିଁକି ହେଉଛ ? କାହିଁ କେହି ତ କୁଆଡ଼େ ନାହାନ୍ତି, ତମର ମଥା ବିଭ୍ରମ ହୋଇ ଗଲାଣି, ତେବେ ଟିକିଏ ବସିଯିବଟି, କ'ଣ ଗୁଡ଼ାଏ ଆଡ଼ୁ ସାଡ଼ୁ ହେଉଛ ?

ଉଷା—ସରଳା ! ସେ କୁଆଡ଼େ ଗଲେ ତାଙ୍କୁ ମୋ କୋଳରୁ କିଏ ଛଡ଼ାଇ ନେଲା ।

ସରଳା—ମୁଁ ତ ଏଥିକି ଆଉ ପାରିବି ନାହିଁ, ତୁମ୍ଭର ମୁଣ୍ଡ କ'ଣ ହେଲାକି, ଯାହା କଣ ହେଲା ଭଲା ଟିକିଏ ଥୟ ହୋଇ ବସି ଯାନ୍ତୁ ତା ନାହିଁ, ଖାଲି ହୋଇଗଲା, ଏଇବାଟେ ଗଲା, ଏଇ ଚାଲିଗଲା କହି ମୋତେ ବୁଲେଇ ବୁଲେଇ ମାରିଲଣି, ମୁଁ ତ ତମ ସାଙ୍ଗରେ ଅଧା ବାଇଆଣି ହୋଇଗଲିଣି । ଜେମାମଣି ! ମୋ ସାନ କଥା ମାନ ଟିକେ ବସିଯାଅ, ମୁଁ ଆଉଁସି ଦିଏଁ ।

ଉଷା— ଗୀତ

ସ୍ୱପ୍ନରେ କାହିଁ ଗଲେ ମୋ ମନ ଚୋରି ।
ଅତି ଗୋପନରେ ଆସି ମୋ ପାଖରେ
ଥିଲେ ସେ ପ୍ରେମ-ପସରି ।
ମୁଁ ତାଙ୍କୁ ପରାଣ ବିକିଛି ଗୋ ଜାଣ
ସେହି ମୋ ହୃଦୟ-ହାରି । ୧ ।

ସଖି ! ସେ କୁଆଡ଼େ ଗଲେ, ମୁଁ ତାଙ୍କୁ ଦେଖି ତାଙ୍କର ରୂପ ଲାବଣ୍ୟରେ ବିମୋହିତ ହୋଇ ମୋ ମନ ପ୍ରାଣ ତାଙ୍କ ଶ୍ରୀଚରଣରେ ଅର୍ପଣ କରିଦେଲି, ସେ ମୋତେ ଛାଡ଼ି କୁଆଡ଼େ ଗଲେ ?

ସରଳା—ଆଚ୍ଛା, କହିଲ ଭଲା ଆମେ ତ ପହରେ କି ଛଅଘଡ଼ି ରାତିରେ ତୁମ୍ଭ ପାଖରୁ ଗଲୁ, ତୁମ୍ଭେ ତ କବାଟ ଦେଇ ଶୋଇଲ, ପୁଣି କିଏ ଭଲା ତୁମ୍ଭ ପାଖକୁ କେଉଁ ବାଟେ ଆସିଲା, କହିଲ ଭଲା ଇଏ ସବୁ କ'ଣ କଥା ?

ଉଷା— (ଗୀତ)

କାଲି ନିଶୀଥରେ ଥରେ ଏ ନୟନରେ
ଦେଖିଲି ନୟନ ତାରା ।
ମୃଦୁ ନେତ୍ର,ପଦ- ରୂପରେ ତାଙ୍କର
(ମୋର) ନିଦ୍ରା ଭୁଲାଇଲା ଚୋରା । ୨ ।

ସଖି ! କାଲି ଅର୍ଦ୍ଧରାତ୍ର ସମୟରେ ହଠାତ୍ ମୋର ନିଦ୍ରା ଭାଙ୍ଗିଗଲା । ମୁଁ ଚାହିଁ ଦେଖନ୍ତେ ଗୋଟିଏ ଜ୍ୟୋତିର୍ମୟ ପୁରୁଷ ମୋର ପଲଙ୍କରେ ନିଦ୍ରା ଯାଇ-ଛନ୍ତି । ମୁଁ ତାଙ୍କୁ ଦେଖିଲାକ୍ଷଣି ମୋର କାହିଁକି ହସ୍ତ-ପଦ ସ୍ଥଗିତ ହୋଇଗଲା । ଭାବିଲି, ଏପରି ସୁନ୍ଦର ମୂର୍ତ୍ତି ଜୀବନରେ ଲଭି ତାଙ୍କୁ ଏ ହୃଦୟ ରାଜ୍ୟରେ ଅଧୀଶ୍ୱର ନ କରି ଛାଡ଼ିବି କାହିଁକି । ଆଉ ଏ ସୌଭାଗ୍ୟ ଘଟିବ ନାହିଁ । ଏହା ଭାବି ତାଙ୍କ ଚରଣ ଚୁପି ଚୁପି ମୋତେ ନିଦ୍ରା ଆସିଗଲା ! ସେ କୁଆଡ଼େ ଗଲେ ଆଉ ଦେଖି ନାହିଁ, ସଖି ! କିଏ ତାଙ୍କୁ ଆଣି ମୋତେ ଦେବ ?

ସରଳା—ଜେମାଦେଈ ! ତେବେ ସପନଗୁଡ଼ାଏ କ'ଣ ଆଡ଼ୁସାଡ଼ୁ ଦେଖି ଏପରି ହେଉଛ, ଏଥିରେ ଆଉ କିଛି ନାହିଁ ; ମୁଁ ଗୋଟିଏ କଥା କହୁଛି ଶୁଣ ।

ଗୀତ

ଶଇଳେ କି କେବେ ଫୁଟଇ କଇଁ
ସଲିଳେ କି ଅଗ୍ନି ସଂଯୋଗ ହୋଇ ।
ଅବସନ୍ତେ କି ରାବଇ କୋକିଳ
ସ୍ୱପ୍ନ କଥାରେ ଘଟଇ କି ଫଳ
ଏ ତ ଅସମ୍ଭବ । କେତକୀ ପୁଟେଷ୍ଟ ଚୁମ୍ବଇ କି ଭୃଙ୍ଗ । ୧ ।

ଜେମାମଣି ! ତେମେ ଯେଉଁ କଥାଗୁଡ଼ିକ କହୁଛ, ମତେ ବଡ଼ ଅସମ୍ଭବ ଜଣାଯାଉଛି । ଏଇ ତ ଚିତ୍ରରେଖା ମା-ମହାରାଣୀଙ୍କି ଘେନିକରି ଆସିଲାଣି, ତୁମ୍ଭେ ଆଉ ସାଡ଼ୁ ଗୁଡ଼ାଏ ହୁଅନା ।

ଉଷା – ନାହିଁ ସଖି, କ'ଣ ହେଉଛି କାହିଁ ?

ମନୋରମା ହଇଲୋ ଉଷା ! କାହିଁକି ଏମିତି କ'ଣ ହେଉଛୁ, ମୁଁ ତ ତୋର ଚିନ୍ତାରେ ସରିଗଲିଣି । ତୁ ବାପ ମାର ଝିଅ ହୋଇ ଜନ୍ମ ହୋଇଥିଲୁ,

ତୋ କର୍ମରେ ବିଧାତା ଏଡ଼କ ହୀନଅବସ୍ଥା ଲେଖିଥିଲା । ମା ମୋର, ଲକ୍ଷ୍ମୀ ମୋର, କ'ଣ କହିଲୁ, ତୋର ଦେହ କଣ ଅସୁସ୍ଥ ହୋଇଛି ?

ଊଷା—ନା ମା, ମୋ ଦେହ ଅସୁସ୍ଥ ହୋଇନାହିଁ । କାଲି ରାତିରେ ହଠାତ୍ ମୋର ନିଦ୍ରା ଭାଙ୍ଗିଗଲା, ମୁଁ ଦେଖିଲି ଯେ—

ମନୋରମା—କ'ଣ କଥା କ'ଣ, ହଇଲୋ ଚିତ୍ରରେଖା କଅଣ ?

ଚିତ୍ରରେଖା—ସେ ତ ଯାହା କହୁଛନ୍ତି ଆମେ ଶୁଣି ଆଚମ୍ବିତ ହୋଇଗଲୁଣି ।

ମନୋରମା—କ'ଣ ମୁଁ ଶୁଣେ ?

ଚିତ୍ରରେଖା—ସେ ସରଳା କହୁ ।

ସରଳା—କାହିଁକି ତୁ କହୁ ନାହୁଁ ?

ମନୋରମା—ଆଲୋ କ'ଣ କହ ?

ଚିତ୍ରରେଖା—ସେ କୁଆଡ଼େ ଶୋଇଥିଲେ ତାଙ୍କ ପଲଙ୍କରେ ଗୋଟିଏ—ସେ ସରଳା କହୁ ।

ମନୋରମା—ଆଲୋ କ'ଣ କହ, ମୋତେ କାହିଁକି ଏପରି ଛନଖାଁ କରୁଛ ।

ସରଳା—କହୁ ନାହୁଁ,

ଚିତ୍ରରେଖା – ହଁ !

ମନୋରମା—ତମେ ସବାଖାଇ ବଠା ମୋ ଝିଅକୁ ମାଇଲ ।

ଚିତ୍ରରେଖା—ଆମେ କହୁଥିବୁ, କେମାମଣି ପୁଣି—

ମନୋରମା—ସେଥିରେ ଯାହା ହାନିଲାଭ ମୁଁ ବୁଝିଲେଇବି କହ ?

ଚିତ୍ରରେଖା – ତାଙ୍କ ପଲଙ୍କରେ ଗୋଟିଏ ଜ୍ୟୋତିର୍ମୟ ପୁରୁଷ ଆସି ଶୋଇଥିଲା । ସେ ତାଙ୍କୁ ଦେଖି ଏପରି ହେଉଛନ୍ତି । ପୁଣି ବର୍ତ୍ତମାନ କହନ୍ତି, ସେ ପୁରୁଷକୁ ମୁଁ ବିବାହ ନ ହେଲେ ପ୍ରାଣ ରଖିବି ନାହିଁ ।

ମନୋରମା—(ଊଷାପ୍ରତି) ମା ! କ'ଣ ପାଗଳଣୀ ହୋଇଗଲୁ କି, ନଅର ଚାରିଆଡ଼େ କଂସା କବାଟ; ତହିଁରେ ପୁଣି ଲୁହାର କଳଣୀ, ସାରାରାତି ପହରୀ ବାଲା ପହରା ଦେଉଛନ୍ତି । ଏଥିରେ ତୋ ପିତା ଯେଉଁ ପ୍ରତାପୀ ତା ତ ଜାଣୁ, ତା ଉଆସକୁ ପୁରୁଷଟାଏ ପୁଣି ପଶି ଆସିବ, ଯେଉଁଠି ମାଛି ପଡ଼ିଲେ ନବଖଣ୍ଡ । ଛି ଛି ଲୋକେ ଏ କଥା ଶୁଣିଲେ କ'ଣ କହିବେ; ପୁଣି ତୋ ପିତା ଶୁଣିଲେ କି ରଖାଅଛି । ମା ! ସ୍ୱପ୍ନରେ ଗୁଡ଼ାଏ କ'ଣ ଦେଖିପକାଇ ଏପରି ହେଉଛୁ ।

ଊଷା—ନା ମା ସ୍ୱପ୍ନ ନୁହେଁ ?

ମନୋରମା ତୁ ଜାଣିବା ଶୁଣିବା ପିଲା ହୋଇ ଏମିତି ଅବୁଝା ହେଉଛୁ । ସରଳା ଆସିଲୁ ମୋ ସଙ୍ଗରେ, ଗୋଟିଏ ତେଲ ଦେବି ତାକୁ ଝିଅ ମୁଣ୍ଡରେ ମାଲିସ କରିଦେବୁ ।

ସରଳା—ଆପଣ ଆଗରେ ଚାଲନ୍ତୁ, ମୁଁ ପାଇଟି ସାରିଦେଇ ଯାଉଛି ?

ମନୋରମା—ଆ, (ପ୍ରସ୍ଥାନ)

ଊଷା—ସଖିଏ ! ତୁମ୍ଭର ମୋର ଏଇମାତ୍ର ଶେଷଦେଖା । ଯଦି କୌଣସି କାରଣରୁ ତୁମ୍ଭମାନଙ୍କ ପ୍ରତି କିଛି ମନ୍ଦ ବ୍ୟବହାର କରିଥାଏ ତେବେ ମୋର ଦୋଷ କ୍ଷମା କରିବ । ଊଷାକୁ ଆଜଠାରୁ ମନରୁ ପାଶୋରି ଦେବ । ଦେଖ, ଏଇ ହୀରାମୁଦି ଚୁମ୍ବି (ମୁଦିଦେଖି) ଏ କଣ ! ଏ ମୁଦ୍ରିକାଟି କାହାର । ମୋ ମୁଦି କିଏ ନେଲା । ଏ ତ ଅଷ୍ଟରତ୍ନରେ ବିମଣ୍ଡିତ ହୋଇଛି । ଆଉ ସନ୍ଦେହ ନାହିଁ, ନିଶ୍ଚୟ ଜାଣିଲିଣି ନିଶ୍ଚୟ ବୁଝିଲିଣି ଏ ମୁଦ୍ରିକାଟି ମୋ ହୃଦେୟଶ୍ୱରଙ୍କର । ସଖି ! ମୋ କଥାକୁ ସ୍ୱପ୍ନବୋଲି ଉଡ଼ାଇ ଦେଉଥିଲ, କିନ୍ତୁ ଫଳରେ ଦେଖ ମୁଦ୍ରିକାଟି ମୋ ହସ୍ତକୁ କୁଆଡ଼ୁ ଆସିଲା ?

ଚିତ୍ରରେଖା—କେମାମଣି ! ଦିଅ ସେ ମୁଦ୍ରିକାଟି ଦିଅ ମୁଁ ନିଶ୍ଚୟ ଆଣି ସେ ଚୋରକୁ ତୁମ୍ଭ ନିକଟରେ ପହଞ୍ଚାଇବି । ସଖି, ଦୁର୍ଗାଙ୍କ ପ୍ରସାଦରୁ ଏ ଚିତ୍ରରେଖାକୁ କୌଣସି କଥା ଅଭାବ ପଡ଼ିବ ନାହିଁ । ଆଚ୍ଛା, ଦେଖିଲି ମୁଁ କେତେଗୁଡ଼ିଏ ଚିତ୍ରପଟ ଆଙ୍କିଦେଉଛି. ସେଥିମଧ୍ୟରୁ କେଉଁ ଜଣକ ତୁମ୍ଭର ସ୍ୱାମୀ ।

## ବାଣ ପରାଜୟ

ଊଷା—ସଖି ! ନିଶ୍ଚୟ ଚିହ୍ନିବି, ସେ ରୂପଲାବଣ୍ୟ ମୋ ଚକ୍ଷୁରେ ନାଚୁଛି ।

(ଚିତ୍ରରେଖା ଚିତ୍ର ଆଙ୍କିବା ଓ ଊଷା ନାହିଁ କରୁ କରୁ ତାର ସ୍ୱାମୀର ଫଟ ଚିହ୍ନିବା)

ଊଷା—ସଖି, ଏହି ମୋର ସ୍ୱାମୀ । ଚିତ୍ରରେଖା, ତୁମେ କି'ଣ କେଉଁ ଦେବୀ । ଏଠାରେ କପଟରେ ମୋର ସହଚରୀ ହୋଇ ରହିଛ । ମୁଁ ଏମାନ କିଛି ବୁଝି ପାରୁନାହିଁ ।

ଚିତ୍ରରେଖା—ନାହିଁ ସଖି, ମୋର କିଛି ଶକ୍ତି ନାହିଁ । ଏହା ସବୁ ସେହି ମହାମାୟୀ ଦୁର୍ଗାଙ୍କ ଅନୁଗ୍ରହ ।

ଊଷା—ତେବେ ମୋର ଆଉ ଭାବନା କାହିଁକି । ସଖି ମୁଁ ତୁମ ପରି ଦେବୀରୂପା ସହଚରୀ ପାଇ ମୋର କେଉଁ କଥାକୁ ଚିନ୍ତା । ମୋତେ ଟିକିଏ ମୋର ପ୍ରାଣବନ୍ଧୁଙ୍କୁ ଭେଟାଇ ଦିଅ । ତୁମ ନିକଟରେ ଚିରଋଣୀ ରହିବି ।

ଚିତ୍ରରେଖା— ଗୀତ

ସରାଗରେ ସୁନାଝିଅ ଗୋ (ଶୁକ୍ଳଚନ୍ଦ୍ର ବଦନା)
ଶରଧା ତୁ କଲେ ତୋଳି ଆଣିଦେବି
ନ କହ ତୁ ମନେ ଖେଦ ଗୋ । ୧ ।
ଏହି ଛାର କଥା ପାଇଁ ଗୋ ।
ଏହି ଲାଗେ ଯାଇ ବାନ୍ଧି ଆଣିଦେବି
ଥିବେ ତୋର କାନ୍ତ ଯହିଁ ଗୋ । ୨ ।
ଆଗ ପଛ ଭଲ ମନ୍ଦ ଗୋ
ଘଟିବଟି ଯାହା ସମ୍ଭାଳିବୁ ତାହା
ନ ଜାଣୁଟି ଆମ୍ଭେ ଛନ୍ଦ ଗୋ । ୩ ।

(ସମସ୍ତଙ୍କର ପ୍ରସ୍ଥାନ)

---

### ତୃତୀୟ ଦୃଶ୍ୟ

ଅନିରୁଦ୍ଧ—କେତେ ସ୍ଥାନ ବୁଲି ବୁଲି
କେତେ ବନ ଉପବନ କରିଲି ଦର୍ଶନ
କିନ୍ତୁ, କେଉଁଠାରେ ନ ପାଇଲି ଦେଖା
ହା ପ୍ରିୟେ ! ହା ପ୍ରାଣପ୍ରିୟେ,
ଦେଖା ଦିଅ ଲୁଚିଅଛ କେଣେ
ସୁନ୍ଦରୀ ହା ନବୀନ ଲଳନେ, ଲଭି ମୁହିଁ ତୋତେ
କାହିଁ ପୁଣି ବସିଲି ହରାଇ
ଅହୋ କି କରିବି କେଣେ ଯିବି
କିଏ ମୋତେ ଦେବ ସେହି ସ୍ୱର୍ଗୀୟା ସୁନ୍ଦରୀ ।

ଜୟନ୍ତ—(ପ୍ରବେଶି) ସଖା, ସଦାବେଳେ ଏପରି ବ୍ୟସ୍ତ ହେବାଦ୍ୱାରା ତୁମର ଶରୀର କ୍ଷୀଣ ହୋଇ ପଡ଼ୁଛି । ବାରମ୍ବାର ସେହି କଥାଗୁଡ଼ାକ ମନରେ ପକାନା ।

ଜୟନ୍ତ—ଶାନ୍ତ ସୁସ୍ଥ ହୁଅ ଭାଇ ମନ କର ସ୍ଥିର
ଅସ୍ଥିର ହୋଇଲେ କିଛି ନ ହୋଇବ
ବିଶେଷତଃ, ଗୁପ୍ତକଥା ପ୍ରକାଶିବା ନୁହେଁଟି ଉଚିତ ।
କହିଲେ ଏ କଥା ଯାରେ ତାରେ
ପାଗଳାମୀ ବୋଲି ଭାଷିବେଟି ଜନେ ।

ଅନିରୁଦ୍ଧ—ସ୍ଥିର ହୋଇ ନ ପାରେ ମୁଁ ସଖା !
ଯେଣେ ଚାହେଁ ତେଣେ ଦିଶେ ସେ ଲାବଣ୍ୟରୂପ !
ସଖା ! କେଣେ ଯିବି କେମନ୍ତେ ପାଇବି ।
କିଏ ମୋତେ ଦେବ ସେହି ଧନ
ସଖା ! ଚାଲିଯିବା ଦେଶାନ୍ତରେ;
ରାଜପୁରେ ନାହିଁ ପ୍ରୟୋଜନ ।

ଜୟନ୍ତ—ଏ କି କହ ସଖା, ସାମାନ୍ୟ ନାରୀରୂପରେ ବିମୋହିତ ହୋଇ ପିତା, ମାତା, ଭାଇ, ବନ୍ଧୁ, ଆତ୍ମୀୟସ୍ୱଜନଙ୍କୁ ପରିତ୍ୟାଗ କରିବ ?

ଅନିରୁଦ୍ଧ— (ଗୀତ)

କି ବୁଦ୍ଧି କରିବି ବନ୍ଧୁ କେଣିକି ମୁଁ ଯିବି ।
କେମନ୍ତେ ସେ ସୁକୁମାରୀ ତନୁକୁ ଲଭିବି ।
କହ ସଖା,
ତାର ବିନେ ନାହିଁ ମୋର ରକ୍ଷା । ୧ ।
କେଉଁ କମନୀୟ ରୂପ ସେ ଲାବଣ୍ୟ ନିଧି
ଗଢ଼ିଥିଲା କେତେଦିନେ ବସି ତାକୁ ବିଧି
(ତାର) ରୂପଠାଣି
ନେଇଛି ମୋ ମନ ପ୍ରାଣ କିଣି । ୨ ।
କାମାନଳେ ମୋର ପ୍ରାଣ ଜାଳେ ସେ ଲଳନା ।
ତାର ସଙ୍ଗେ ମହୀରେ ମୁଁ କି ହେବି ତୁଳନା
ଅଟେ ସୁକୁମାରୀ ।
ସ୍ୱର୍ଣ୍ଣଲତା ଝୁରୁ ବିମ୍ବାଧରୀ । ୩ ।

ସଖା ! ସ୍ୱର୍ଗୀୟ ସୁନ୍ଦରୀ ସେହି କନକ ବରନା
ନାହିଁ ତାକୁ ଉପମା ଦେବାକୁ କିଛି
କହ ସଖା ! କେମନ୍ତେ ମୁଁ ପାଇବି ତାହାକୁ ।

ଜୟନ୍ତ—ସଖା ! ଯଦି ବିଧାତା ତୁମରି ଲାଗି ତାକୁ ନିର୍ମାଣ କରିଥିବ ତେବେ ହିନେ ପୁଣି ସେ ତୁମର ଅର୍ଦ୍ଧାଙ୍ଗିନୀ ହୋଇ ବସିବ । ସେଥିଲାଗି ଭାବନା ନିଷ୍ପ୍ରୟୋଜନ । ଦେଖିଲଣି କିଏ ଗୋଟିଏ କି ଉଦ୍ଦେଶ୍ୟରେ ଆମ୍ଭ ଆଡ଼କୁ ଆସୁଛି ।

(ପାଗଳିନୀ ବେଶରେ ଚିତ୍ରରେଖା ଗୀତ ଗାଇ ପ୍ରବେଶ)

ଚିତ୍ରଲେଖା — (ଗୀତ)

ନାରୀ ହୃଦୟ ବେଦନା କେବା ଜାଣିବ ରେ ।
ପୁରୁଷ ସୁଖର ସାଥି ପୁରୁଷ ବିଶ୍ୱାସଘାତୀ,
ପୁରୁଷେ କରି ପୀରତି, ସଦା ଝୁରି ମରିବରେ । ୧ ।

ଅନିରୁଦ୍ଧ—ସଖା ! ଏ ଯେଉଁ ସଙ୍ଗୀତଟି ଗାଇଲା ଏଥିର ଅର୍ଥ କ'ଣ ? ଯେପରି ନିଷ୍ଠୁର ଅନିରୁଦ୍ଧକୁ ଉପହାସ । (ପାଗଳୀପ୍ରତି) ସୁନ୍ଦରୀ ! ତୁମେ କିଏ ?

ପାଗଳୀ—ମୁଁ କିଏ ? ମୋର ପରିଚୟ ତୁମ୍ଭଙ୍କୁ ଦେଲେ ତୁମ୍ଭେ କ'ଣ ବୁଝିବ ।

ଅନିରୁଦ୍ଧ—ବୁଝି ନ ପାରିଲେ ତୁମେ ବୁଝାଇ ଦେବ ।

ପାଗଳୀ—ମୋର ପରିଚୟ ପାଇବା ତୁମ୍ଭର କିଛି ଆବଶ୍ୟକ ନାହିଁ । ମୁଁ କେହି ନୁହେଁ ।

ଅନିରୁଦ୍ଧ—ଛଳନା କରନା, ସତ୍ୟକରି କହ ତୁମେ କିଏ ?

ପାଗଳୀ—ମୁଁ ଜଣେ ପାଗଳୀ ।

ଅନିରୁଦ୍ଧ—ଆଚ୍ଛା, ତୁମେ ଏ ଗୀତଟି କେଉଁଠାରୁ ଶିଖିଲ ?

ପାଗଳୀ କେଉଁ ଗୀତ ?

ଅନିରୁଦ୍ଧ—ବର୍ତ୍ତମାନ ଯେଉଁଟି ଗାଉଥିଲ ।

ପାଗଳୀ—କେଉଁ ଗୀତ ମୋର ତ ମନେ ନାହିଁ ।

ଅନିରୁଦ୍ଧ—ତା କଣ ଏହି ମୁହୂର୍ତ୍ତ ମଧ୍ୟରେ ଭୁଲିଗଲ ।

ପାଗଳୀ—ତେବେ ପାଗଳ ଆଉ ପାଗଳୀର ମତି କ'ଣ ସଦାବେଳେ ସ୍ଥିର ଥାଏ ?

ଅନିରୁଦ୍ଧ—ତୁମ୍ଭେ ପାଗଳୀପରି ତ ଜଣା ଯାଉନାହିଁ । ତୁମ୍ଭ କଥାବାର୍ତ୍ତାରୁ ମୁଁ ଅନୁମାନ କରୁଛି ତୁମ୍ଭେ ଜଣେ ଚତୁରା ରମଣୀ ।

ପାଗଳୀ—ନା ନା; ଏ କଥା କହନା, ମୋ ବଂଶରେ କେହି ଚତୁର ନାହାନ୍ତି । ମୋ ମା ପାଗଳୀ, ବାପ ପାଗଳ, ମୁଁ ମଧ୍ୟ ପାଗଳୀ । ଆଉ ବା ମୋର ଯିଏ ସାଙ୍ଗ ସଖୀ ଅଛନ୍ତି ସେମାନେ ମଧ୍ୟ ପାଗଳୀ ।

ଅନିରୁଦ୍ଧ—ରମଣୀ ! କପଟ କରନା, ଆତ୍ମ ପରିଚୟ ଦିଅ ।

ପାଗଳୀ—ପାଗଳୀର ପୁଣି ଆତ୍ମ ପରିଚୟ କ'ଣ ? ଯେବେ ତୁମ୍ଭର କିଛି ପଚାରିବାର ଉଦ୍ଦେଶ୍ୟ ଥାଏ ତେବେ ପଚାର ।

ଅନିରୁଦ୍ଧ—ଆଚ୍ଛା ଯେଉଁ ଗୀତଟି ଗାଇଲ ତାହା କାହା ଉଦ୍ଦେଶ୍ୟରେ ଗାଇଲ ?

ପାଗଳୀ—କାହାକୁ କାହିଁକି ଉଦ୍ଦେଶ୍ୟ କରି ଗାଇବି, ପାଗଳୀର ମନରେ କେତେବେଳେ କଣ ଆସିଗଲା ।

ଅନିରୁଦ୍ଧ—ନା ମୋର ବିଶ୍ୱାସ ହେଉନାହିଁ, ବୋଧହୁଏ ତୁମ୍ଭେ ମୋତେ ଉଦ୍ଦେଶ୍ୟ କରି ଗୀତଟି ଗାଇଲ ।

ପାଗଳୀ— ମାଲୋ ମା, ସେ କି କଥା, ତୁମ୍ଭେ କିଏ,ତୁମ୍ଭ ଘର କେଉଁଠି, ମୋ ଘର କେଉଁଠି, ମୁଁ ତୁମ୍ଭଙ୍କୁ କାହିଁକି ଉଦ୍ଦେଶ୍ୟ ରଖି ଗୀତ ଗାଇବି ।

ଅନିରୁଦ୍ଧ—ନିଶ୍ଚୟ, ତୁମ୍ଭେ ସଙ୍ଗୀତ ଛଳେ ମୋତେ ଉପହାସ କରୁଛ ।

ପାଗଳୀ—ତେବେ ତୁମ୍ଭେ କ'ଣ କେଉଁ ଅବଳାର ଗଳାରେ ଛୁରୀ ଦେଇଛ ?

ଅନିରୁଦ୍ଧ—ନା ନା, ମୁଁ କାହିଁକି କେଉଁ ଅବଳାର ଗଳାରେ ଛୁରୀ ଦେବି, ବରଂ ମୋ ଗଳାରେ ଗୋଟିଏ ଅବଳା ଛୁରୀ ଦେଇଛି ।

ପାଗଳୀ – ନା ନା, ତୁମ୍ଭର କଥା ବିଶ୍ୱାସ ହେଉନାହିଁ । ପୁରୁଷର ପ୍ରାଣ ଅତି କଠିନ, ସେଥିରେ ଛୁରୀର ଦାଗ ବସିବା ସହଜ ନୁହେଁ ।

ଅନିରୁଦ୍ଧ—ନିଶ୍ଚୟ ଜଣେ ରମଣୀର ବିଷମ ଆଘାତ ଦ୍ୱାରା ମୋର ହୃଦୟ ବ୍ୟଥିତ ହୋଇଯାଇଛି । ବିଦେଶିନି ! ତୁମେ ସେ କାମିନୀର ସମ୍ବାଦ ଜାଣ କି ?

ପାଗଳୀ—ମୁଁ କେମିତି ଜାଣିବି ଲୋ ମା, ସେ କେଉଁଠି, ମୁଁ କେଉଁଠି ।

ଅନିରୁଦ୍ଧ—ତୁମେ ନିଶ୍ଚୟ ଜାଣ, ତୁମର ପାଦ ଧରୁଛି ତୁମେ ସ୍ପଷ୍ଟ କହ ସେ ରମଣୀ କିଏ ?

ପାଗଳୀ—କି ଆଶ୍ଚର୍ଯ୍ୟ କଥା । ମୁଁ ବା ଜାଣିଲି କିପରି ? ତେବେ ଏ ପତ୍ର ଖଣ୍ଡିକ କ'ଣ ବାଟରେ ପଡ଼ିଥିଲା, ଦେଖନ୍ତୁ ତ ଏଥିରେ କ'ଣ ଲେଖା-ଅଛି ।

ଅନିରୁଦ୍ଧ—ଦେଲି ।

ପାଗଳୀ—ନିଅ ତୁମ୍ଭେ ପତ୍ର ପଢ଼, ମୁଁ ଆସୁଛି ।

ଅନିରୁଦ୍ଧ—ନା ନା, ତୁମ୍ଭେ ଯିବ କୁଆଡ଼େ ।

ପାଗଳୀ—ଏଇ ବର୍ତ୍ତମାନ ମୁଁ ଆସୁଛି ।

ଅନିରୁଦ୍ଧ—ନିଶ୍ଚୟ କଥା ତ ?

ପାଗଳୀ—ନିଶ୍ଚୟ । (ପ୍ରସ୍ଥାନ)

ଅନିରୁଦ୍ଧ—ସଖା ! ପଢ଼ ଦେଖି ଏ ପତ୍ରରେ କ'ଣ ଲେଖାଅଛି ।

ଜୟନ୍ତ—ପତ୍ର ପାଠ ।

ସ୍ୱାମିନ୍ ! ନିଶାର୍ଦ୍ଧେ ମୋର ନିର୍ଜନ ଶୟନ କକ୍ଷରେ ଆପଣଙ୍କର ଶ୍ରୀମୁଖ ପଙ୍କଜ ଦର୍ଶନ କରି ହତଭାଗିନୀ କୁଳ ମାନ ଲଜ୍ଜ୍ୟା ପରିତ୍ୟାଗ କରି ଆପଣଙ୍କ ଶ୍ରୀଚରଣରେ ଆଶ୍ରୟ ନେଇଥିଲି । ହୃଦୟେଶ୍ୱର ! ଗୁରୁତର ନିର୍ଦ୍ଦୟ ବ୍ୟବହାର ଦ୍ୱାରା କଙ୍କଣୀର ପ୍ରାଣ ହରଣ କରି ପଳାଇଯିବା କ'ଣ ଆପଣଙ୍କର କର୍ତ୍ତବ୍ୟ ? ଯଦି ନାରୀ ହତ୍ୟାକୁ ମହାପାପ ବୋଲି ମନରେ ଭୟ ଥାଏ; ଯେବେ ପଦାଶ୍ରିତ ଦାସୀ ପ୍ରତି ଅନୁରାଗ ଥାଏ ତେବେ ଶୀଘ୍ର ଦେଖା ଦିଅନ୍ତୁ । ନିବେଦନ ମିତି ।

ଶୈବକୁଳ ଚୂଡ଼ାମଣି ରକ୍ଷ ଶିରୋମଣି
ଶ୍ରୀ ଶ୍ରୀ ରାଜାଧିରାଜ ବାଣାସୁରର ସ୍ନେହ ପାଳିତା
ଉଷା

ଅନିରୁଦ୍ଧ—ସଖା କଣ ଶୁଣିଲି । ଓହୋ, ହୃଦୟ ତୁ ଫାଟି ନ ଯାଇ ରହିଛୁ କିଆଁ ।

ଜୟନ୍ତ—ସଖା ! ଏ କଣ ? ସ୍ଥିର ହୁଅ ।

ଅନିରୁଦ୍ଧ—ଉଷା ! ମୁଁ ପ୍ରକୃତରେ ବିଶ୍ୱାସଘାତକ କାର୍ଯ୍ୟ କରିଛି । ମୁଁ ପ୍ରକୃତରେ ନୃଶଂସ । ମୁଁ ପ୍ରକୃତରେ ନିଷ୍ଠୁର, ମୋତେ କ୍ଷମା ଦେ, ଆଉ ଅଭିମାନ କରନା ।

ଜୟନ୍ତ—ସଖା ଏ କଣ ? (ଆତ୍ମବିସ୍ମୃତ)

ଅନିରୁଦ୍ଧ— ଗୀତ

ଆଉ କାନ୍ଦନାରେ ବିଧୁ ବଦନା
ବିଶ୍ୱାସରେ ବିଷ ଦେଇ ନାହିଁ ମୁଁ ନାରାଣ
(ତୁ ମତେ) ଦୋଷ ଦେଇ କାନ୍ଦନାରେ । ପଦ ।
ଛନ୍ଦ ତୋଠାରେ ମୋର ନାହିଁଟି ତିଳେ ମାତର
ବାନ୍ଧିବୁ ତୁ ମୋ ତୁଚ୍ଛ ବନ୍ଦନା ।
ହୃଦୟ ଚିରି ମୋହର ଦେଖି ପାରିବୁ ଯଦି
ଯିବ ତୋ ମନୁ ଭାବନା । ୧ ।
ଫାନ୍ଦେ ପଡ଼ି ତୋହର ହଜିଛି ଜ୍ଞାନ ମୋହର
ଦେଖା ତୋ ଥରେ ମୁଖ ଚନ୍ଦ୍ରମା ।
ମନ୍ଦ ହରିବ କୃତ ମୁଁ ନୁହେଁ ଦୋଷୀ ମାତ୍ର
(ତୁ) ନିର୍ଦ୍ଦୋଷୀକି ଦଣ୍ଡନା । ୨ ।

ସଖି ! ବାରମ୍ବାର ଅନୁରୋଧ କରୁଛି ମୋତେ କ୍ଷମା ଦେ । ସେ ପାଗଳୀ କାହିଁଗଲା । ସଖା ! କାହିଁ ସେ ଚତୁରୀ ।

ଜୟନ୍ତ—ସଖା ଗୋଟିଏ କଥା ପ୍ରକାଶ କରିବାକୁ ମନସ୍ଥ କରିଛି । କିନ୍ତୁ କୌଣସି କଷ୍ଟ ତୁମ ମନକୁ ଆସିବ ବୋଲି—

ଅନିରୁଦ୍ଧ—ନା, ସଖା ତୁମ୍ଭେ ମୋର ପ୍ରାଣ । ତୁମ୍ଭ କଥାରେ ମୁଁ କି କେବେ ବିରକ୍ତ ହୁଏ, କହ ସଖା କଣ ?

ଜୟନ୍ତ—ରାମକୃଷ୍ଣ ବାଣାସୁରର ଘୋର ଶତ୍ରୁ ବୋଲି ତ୍ରିଲୋକେ ବିଖ୍ୟାତ, ତାର କନ୍ୟା କି ରୂପେ—

ଅନିରୁଦ୍ଧ—କହନା ସଖା, କହନା, ଅନିରୁଦ୍ଧର ଏକ ମାତ୍ର ଜୀବନ ସଙ୍ଗିନୀ ଉଷା; ଉଷା ମୋର ପ୍ରାଣ, ଉଷା ମୋର ଜ୍ଞାନ, ଦିଅ ସଖା ମୋର ପ୍ରିୟତମାର ଶ୍ରୀକର ଲିଖିତ ପତ୍ର ଖଣ୍ଡିକ ଦିଅ । ମୁଁ ହୃଦୟରେ ରଖି ଚାପିକି ହୃଦୟ ଶୀତଳ କରିବି ।

ଜୟନ୍ତ—ସଖା ! ଯଦି ସେ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ତେବେ ପରିଶେଷେ ବିଶେଷ ଦୁର୍ଘଟଣା ଘଟିବ ।

ଅନିରୁଦ୍ଧ—ଯାହା ଘଟିବ ଘଟୁ, ଅନିରୁଦ୍ଧର ହୃଦୟ ରାଜ୍ୟରେ ଅଧିକାରିଣୀ ଏକମାତ୍ର ଉଷା ।

ଜୟନ୍ତ—ସଖା, ତେବେ ସେଠାକୁ କିପରି ଭାବରେ ଯିବ ?

ଅନିରୁଦ୍ଧ—ଛଦ୍ମବେଶେ ଯିବି ।

ଜୟନ୍ତ—ତାକି ହୋଇପାରେ ? ପ୍ରବଳ ଶତ୍ରୁର ପୁରରେ ଏକାକୀ ଛଦ୍ମବେଶେ ଯିବା ଅନୁଚିତ । କିଛି ସୈନ୍ୟ ସଙ୍ଗରେ ନେଇ ଯାଆନ୍ତୁ ।

ଅନିରୁଦ୍ଧ—ଆବଶ୍ୟକ ନାହିଁ ଭାଇ ? ଚିଦାନନ୍ଦ ରାମ କୃଷ୍ଣ ଶ୍ରୀଚରଣ ପ୍ରସାଦେ ଅନିରୁଦ୍ଧ ହୃଦୟରେ ମହାଶକ୍ତି ଜାଗରିତ ଅଛି । ଏଇତ ସେହି ରମଣୀ (ପାଟଳିପ୍ରତି) ସୁନ୍ଦରୀ ! ତୁମ୍ଭେ ବଡ଼ ସୁନ୍ଦରୀ, ଆଉ ମୋତେ ତୁମ୍ଭ ସଖୀ ସହିତ ମିଳାଇ ଦିଅ ।

ପାଟଳୀ—ଆଚ୍ଛା, ମୋର ପୁରସ୍କାର ?

ଅନିରୁଦ୍ଧ—ମିଳନ ପର ।

ପାଟଳୀ—ଏ କି କଥା, ମୁଁ ଯେ ଏତେ ପରିଶ୍ରମ କରି ଆସିଛି ମୁଁ ଆଗେ ପାଇବା ଦରକାର ।

ଅନିରୁଦ୍ଧ—ତୁମ୍ଭେ କ'ଣ ପୁରସ୍କାର ଚାହଁ ।

ପାଟଳୀ—ତୁମ୍ଭେ କ'ଣ ଦେଇ ପାରିବ ?

ଅନିରୁଦ୍ଧ—ସୁନ୍ଦରୀ ! ମୁଁ ତୁମ୍ଭର ଉପକାରରେ ସନ୍ତୁଷ୍ଟ ହୋଇ ମୋର ପ୍ରାଣ ପର୍ଯ୍ୟନ୍ତ ତୁମ୍ଭଙ୍କୁ ଅର୍ପଣ କରିପାରେ ।

ପାଟଳୀ—ତୁମ୍ଭର ପ୍ରାଣରେ କ'ଣ ତୁମ୍ଭର ଅଧିକାର ଅଛି ? ପରା ଜଣକୁ ବିକ୍ରୀ କରି ଦେଇଛ । ଛି ଛି ଅବିଶ୍ୱାସୀ ତୁମ୍ଭେ । ତୁମ୍ଭଙ୍କୁ ମୁଁ ସଙ୍ଗରେ ନେବି ନାହିଁ । ଯାଉଛି ସରଳା ଉଷାକୁ ମନାକରି ଦେବି । ସେ ଆଜି ତୁମ୍ଭ ପରି ନିଷ୍ଠୁର ଦସ୍ତପହାସକୁ ତାର ହୃଦୟ ରାଜ୍ୟରେ ଆଶ୍ରୟ ଦେବ ନାହିଁ ।

ଅନିରୁଦ୍ଧ—କ୍ଷମାକର, ମୁଁ ଅଜ୍ଞାନ ।

ପାଟଳୀ—ସାବଧାନ, ଆଉଦିନେ ଏପରି କଥା କହିବ ନାହିଁ, ଆଉ ଜନମରେ ପ୍ରୟୋଜନ ନାହିଁ ।

ଅନିରୁଦ୍ଧ—ସଖା ! ଘରକୁ ଯାଅ ଏ ଗୁପ୍ତ କଥା କାହା ଆଗେ ପ୍ରକାଶ କରିବ ନାହିଁ ମୁଁ ଆସୁଛି । ଚାଲ ଦେବୀ !

ଜୟନ୍ତ—ହଉ ସଖା ! (ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

ଉଷା—ସରଳା କାହିଁ, ଚିତ୍ରରେଖା ଫେରିଲା ନାହିଁ । କ'ଣ ମୋତେ ଭଣ୍ଡାଇ ଦେଇ ଚାଲିଗଲା । କଣ କରିବି ସଖି !

ସରଳା—ଆଜି ବୋଧହୁଏ ଫେରି ଆସିବ, ତୁମ୍ଭେ ଏତେ ବ୍ୟସ୍ତ ହୁଅନା ।

ଉଷା— ଗୀତ

କେତେ ନବଘନେ ଚାହିଁ ବସିଥିବି
କାହିଁ କି ମୋ ବନ୍ଧୁ ନଇଲେ ଗୋ ।
କେଉଁ ଦୋଷ ଦେଖି ଆବେଶ ମୋଠାରେ
ନିଷ୍ଠୁର ପଣକୁ ବହିଲେ ଗୋ ।
(ମୁଁ) କଣା ଦାସୀ ବୋଲି ଜଣାଇ ଦେଉଛି
ଦେଖିଲି ବେଳୁ ତାଙ୍କୁ ପଚ୍ଛିଲେ ଗୋ । ୧ ।
ଛନ ଛନ ସଦା ହୁଏ ଅପଦନ
ମନ୍ମଥ ବାଣେ ମୋତେ ଦହିଲେ ଗୋ ।
ରମଣୀ ପରାଣି ବନ୍ଧୁ ଅକାରଣ
କରିଛି କି ହେବ କହିଲେ ଗୋ । ୨ ।

ଉଷା—ସଖି ! କଣ କରିବ, ବିଧାତା ନାରୀ ଜନ୍ମ ଦେଇ ପୁଣି ଏତେ କଷଣ ଦେଇଛି ।

ସରଳା—ଜେମାମଣି ! ଶୁଣିଲଣି ଏଇ ସନ୍ନିକଟରେ ଚିତ୍ରରେଖାର କଣ୍ଠ ଶୁଭୁଛି ।

( ଚିତ୍ରରେଖା ଗୀତ ଗାଇ ଗାଇ ପ୍ରବେଶ )

ନିଷ୍ଠୁର କପଟ ଲମ୍ପଟ ସେ ଶଠ
ଚିତ୍ତ ଚୋର କେଉଁଣେ ଗଲାରେ ।
ବିଚ୍ଛେଦ ଅନଳେ ସଙ୍ଗିନୀକୁ ମୋର
ଜଳାଇ ପୋଡ଼ାଇ ଦେଲାରେ । ପଦ ।
ଖୋଜି ଖୋଜି କେତେ ବନେ ଉପବନେ
ନିରାଶେ ଫେରିଲି ବିରସ ବଦନେ ।
ନ ମେଣ୍ଟିଲା ଆଶା ଘଟିଲା ଦୁର୍ଦ୍ଦଶା
ପଡ଼ିଲିଣି ମନ୍ଦ ବେଳାରେ । ୧ ।

ସଖି ! ମୁଁ ଆସିଲିଣି ତୁମ୍ଭଠାରେ ବୁଲି ବୁଲି ଗୋଡ଼ରୁ ପାଣି ମଲା !

ଉଷା—ସଖି ! କଣ ହେଲା ?

ଚନ୍ଦ୍ରରେଖା—ଆଜ ହବ କ'ଣ, ମୁଁ ପରା ହେଲନାହିଁ ବୋଲ କହୁଛି ।

ଊଷା—ସଖି ! ପାଇଲୁ ନାହିଁ ମୋର ପ୍ରାଣ ବନ୍ଧୁଙ୍କୁ, ପାଇଲୁ ନାହିଁ ତେବେ; ଏ ପ୍ରାଣ ଥାଇ କି ପ୍ରୟୋଜନ । ସଖି ! ତାଙ୍କର ଲାଗି ଆଜ ନିଶ୍ଚେ ଆତ୍ମହତ୍ୟା କରିବ ।

ଚନ୍ଦ୍ରରେଖା—ଜେମାମଣି ! ଧୈର୍ଯ୍ୟଧର, ଚନ୍ଦ୍ରରେଖାର କାର୍ଯ୍ୟ ନିଷ୍ଫଳ ହୋଇନାହିଁ ।

ଊଷା—ତେବେ କାହାନ୍ତି ମୋ ବନ୍ଧୁ ?

ଚନ୍ଦ୍ରରେଖା—ଏମିତ ଉଚ୍ଛନ୍ନ ହେଲେ କ'ଣ ହେବ, ଆଗେ ମୋ ପୁରସ୍କାର ଦିଅ ।

ଊଷା—ଚନ୍ଦ୍ରରେଖା ! ତୋତେ ମୁଁ କି ପୁରସ୍କାର ଦେବ । ଏଇ ଚରଣ ଛୁଇଁ କହୁଛି ତୋ ନିକଟରେ ସଦାଦିନ ଋଣୀ ରହିଲି ।

ଚନ୍ଦ୍ରରେଖା—ଆସ ତେବେ ମୋ ସଙ୍ଗରେ ଆସ ।

ଊଷା—ଚାଲ, ମୋ ନୟନ ପିତୁଳାକୁ ଦେଖା । (ପ୍ରସ୍ଥାନ)

—୦—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ଦ୍ୱାରପାଳ ଦୁଇଜଣ )

୧ମ—ଆରେ ହେ ଗୋଟିଏ ମଜାର କଥା ଶୁଣିଲଣି ?

୨ୟ—କ'ଣ କ'ଣ କି କଥା !

୧ମ—ଆରେ ତୁ ଶୁଣିନାହୁଁ ।

୨ୟ—ମୋତେ ମୋ ମଲାବୁଢ଼ିମା ରାଣ, କୋଉ ଅସତ୍ୟ ମିଛ କହୁଛି ।

୧ମ—ଏ ମୋ ସାଙ୍ଗରେ ଗୁଲ୍‌ଗି ଖେଳୁଛୁ ? ହୋଇଲେ ମଲା ବୁଢ଼ୀମାଠେଇଁ ତୋର ଏତେ ସୁଆଗ ।

୨ୟ—ଆଉ କଣ ଗଅଁଲା ମଣିଷ ରାଣ ପକାଇବ । ତୁଇ ତ ଜାଣି ସିଆଣିଆ । ହେ କହ କହ, ମୁଁ ସତରେ କହୁଛି କିଛି ଜାଣେ ନାହିଁ ।

୧ମ—ଆରେ ରାଜଜେମାକୁ ଭୂତ ଧରିଛି, ଶୁଣିଲୁ ?

୨ୟ—ଏ କଣ କହିଲୁ !

୧ମ—ଚୁପ୍ ଚୁପ୍ ।

୨ୟ ଆରେ ସେ ଭୂତ କଥା ଶୁଣି ତ ପିଳେଇ ପାଣି ହୋଇ ଗଲାଣିରେ, ଆରେ ରାଜଜେମା ପାଖକୁ ସେ କେମିନ୍ତି କେଉଁ ବାଟେ ଗଲା ରେ ।

୧ମ—ଆରେ ଏଇବାଟେ ତ ଗଲା, କେଉଁବାଟେ ଯାଇଥାନ୍ତେ ।

୨ୟ—ଆରେ ମୁଁ ତ ବାଟରେ ଥିଲି ମୋତେ କାଳେ ଧରିଥାନ୍ତା ମୁଁ କ'ଣ କରିଥାନ୍ତି ।

୧ମ—ଚୁପ୍ କର, କାନ୍ଥରେ ଯାଇଁ କଣ କଥା ହେଲାଣି ।

୨ୟ—ଆଉ କ'ଣ କଥାରେ ?

୧ମ—ଆରେ ରାଣୀ ମହଲକୁ କିଏ କେଉଁବାଟେ ଯାଇ ଜେମା ସଙ୍ଗରେ ଗୋଟିଏ ଘଟଣା ଘଟାଇ ଦେଇଛି ।

୨ୟ—ସେ କି ଘଟଣା ?

୧ମ—ଆରେ ସେ ବଡ଼ ମୁସ୍କିଲ ଘଟଣା । ତୁ ସେଥିରୁ କଣ ପାଇବୁ ।

୨ୟ—ହେ କଣ ଘଟଣା । କଣ କହ କହ ? ହେଇତ ଭୂତ, ଆରେ ବାବାରେ ମୋତେ ଧରରେ ଖାଇଲାରେ । (୧ମକୁ କରକାଛ ଧରିବା)

୧ମ—ଆରେ ରହ ।

୨ୟ—ଆରେ ରହିବ କଣରେ, ହଟାତ କଳା ମଚ୍ ମଚ୍ ହୋଇ ଆମରି ଆଡ଼କୁ ମାଡ଼ି ଆସୁଛନ୍ତି; ଇଲୋ ବୋଉଲୋ ।

୧ମ—ଆରେ ରହ କେଉଁ ଚୋର କେଉଁ ତସ୍କର, ଆରେ ଦେଖ ।

୨ୟ—ଆଉ ଦେଖିବି କଣରେ, ମୋ ଆଖିରୁ ତ ଜୁଳୁଜୁଳିଆ ପୋକ ବାହାରି ଗଲାଣି ରେ, ମୋ ହାତରେ ଟିକେ ହାତ ପକାରେ ।

୧ମ—ତୁ ତ ଗୋଟାଏ ଛେଳୁଆ ଲୋକଟା, ତୁ ଦରୁଆନ କାର୍ଯ୍ୟ କଣ କରିବୁ ।

୨ୟ—ଆରେ, ମୁଁ ବାପ ମା'ର ଏକଇର ଧନ, ହଣିକେଣେନ । ମୋ ନାଟି ବୃନ୍ଦାବନ, ଆମେ ଦେଖିବାକୁ ସଳଖ ସୁନ୍ଦର କେଣ ଗୁଳଣ, କାର୍ଯ୍ୟ ବେଳକୁ ମଣ୍ଡାବଳଦ ଠାରୁ ହୀନ ।

୧ମ—ଆରେ କିଏ ସେ ତାକୁ ପଚାରିବା, ତୁ ଟିକେ ମୋତେ ଛାଡ଼ିଦେ ।

୨ୟ — କଏ କାହାର ଏ ତ ହଟା ମାଇକିନିଆ ଭୂତରେ, କହିଲୁ ମୋ ଟୋକାଣ୍ଡି ବାପା ।

୧ମ — ଆରେ ରହ (ନେପଥ୍ୟ ଦୃଷ୍ଟି) କଏ ସେ ?

ଚିତ୍ରରେଖା — ଚୋର ନୁହୁଁ ଆମେ ।

୧ମ — ଏ ଆଡ଼କୁ ଆସିବା ଅଭିପ୍ରାୟ କଣ ? ଶୀଘ୍ର ପରିଚୟ ଦିଅ ?

ଚିତ୍ରରେଖା — ମୁଁ ଚିତ୍ରରେଖା ମନ୍ତ୍ରୀକନ୍ୟା, ଏ ଜଣକ ମୋ ସହଚରୀ ।

୧ମ — ଆଚ୍ଛା, ଏତେ ରାତିରେ କି କାର୍ଯ୍ୟରେ କେଉଁଆଡ଼େ ଯାଉଥିଲ ?

ଚିତ୍ରରେଖା — ବେଶି କହିବାର ପ୍ରୟୋଜନ ନାହିଁ, ତୁ ଆମ୍ଭଙ୍କୁ ଛାଡ଼ିଦେ, ନେ ଏତକ ପୁରସ୍କାର ନେ ।

୧ମ — ରାଜାଙ୍କ ହୁକୁମ ମୁଁ ଅମାନ୍ୟ କରିବି ନାହିଁ । ତୁମ୍ଭଙ୍କୁ ଗିରଫ କରି ଗାରଦରେ ରଖିବି ।

୨ୟ —(ପ୍ରଥମକୁ ଆଖିମାରି) ଟଙ୍କାଯାକ ରଖି ଦେ ।

ଚିତ୍ରରେଖା  ତୋର ଚରଣ ଧରୁଛି, ନେ ଏ ପୁରସ୍କାର ନେ ଆମ୍ଭଙ୍କୁ ଛାଡ଼ି ଦେ ।

( ଚିତ୍ରରେଖା ଓ ଅନିରୁଦ୍ଧ ପ୍ରସ୍ଥାନ )

୧ମ — ଆଚ୍ଛା ଯାଅ, କିନ୍ତୁ ସକାଳରେ ଭଲ ବୁଝିବି ।

୨ୟ — ମୋ ଭାଗରେ ଦବୁ, ଦଉ ନାହିଁ ।

୧ମ — ତୋର କ'ଣ ? ମୁଁ ଉପାୟ କଲି ତୋତେ କିଲମୁହାଁ ଦେବି ।

୨ୟ — ମୁଁ ମହାରାଜାଙ୍କୁ କହିଦେବି ।

୧ମ — ଯା କ'ଣ କହିବୁ କହ । ମୁଁ କିଛି ଦେବି ନାହିଁ ।

୨ୟ — ଦବୁତ, ଦବୁ ନାହିଁ କାହିଁକି ?

୧ମ — କିଛି ଦେବି ନାହିଁ ।

୨ୟ — ଅଲବତ୍ ଦବୁ ।

୧ମ — ନାଁ,

୨ୟ — ନାଁ ଆନା, ନା ।

୧ମ — ସେମିତି ହେଦ୍ଦାର କରୁଛୁ ନଦେଲେ ଧରି ହଟା ।

୨ୟ — ନଦେଲେ ନା ନଦେଇବୁ, ମାଇଲୁ
( ପିଠି ଦେଖାଇବା )

୧ମ —( ଢିଧା ପ୍ରଦାନ ) ଏଇ ଦେଖ ନଦେଇଲି ।

୨ୟ — କାହିଁକି ଗୋଟାଏ ସେମିତି ହାତ ହଲାଉଛୁ ବା ଦେ କଣ ଦେ ।

୧ମ — ଅରେ କହିଲି ଦେବି ନାହିଁ ପୁଣି କ'ଣ ମାଡ଼ ମୁଳାଉଛୁ ।

୨ୟ —( ଜୋରରେ ) କଣ କହିଲୁ ମାରିବୁ, ମାଇଲୁ କେମିତି । ( ମାରିବାକୁ ପିଠି ଦେଖାଇବା )

୧ମ — ( ଢିଧା ଦୁଇଟା ପ୍ରଦାନ ) ଦେଖି ମାଇଲି ।

୨ୟ — କେବେ ତ ଛୁଇଁପିରୁ ନାହିଁ ।

୧ମ — ତୁ ଗୋଟାଏ ମାଡ଼ୁଆଟା ପୁଣି ମାଇଲି ।

( ମାଡ଼ ପ୍ରଦାନ )

୨ୟ — ଏ ତୋ ବାପ ଅଜା ଚଉଦ ପୁରୁଷ ମାରିଥିଲେ ?

୧ମ — ଅରେ ମୋ ବାପ ନା ଧରିଲୁ, ଦେଖି ତତେ ଧରମ ଛାଡ଼ିଲି ।

୨ୟ — କଣ ତୁ ମୋ ଦେହରେ ହାତ ନଦେଇବୁ, ଛୁଇଁଲୁ ଭଲ ।

୧ମ —(ନାଚ୍ ନାଚ୍ ଦଶ ପନ୍ଦର ଢିଧା ଦେବାରୁ ୨ୟ ପ୍ରଥମର ଗୋଡ଼କୁ ଧରି ଫୋପାଡ଼ ଦେବା ଓ ପଳାୟନ )

୨ୟ — ନାହିଁ, ଏ ମୂଡ଼ ନଷ୍ଟେ ମହାରାଜାଙ୍କୁ ଏ ଗୁପ୍ତ କଥା କହିଦେବି । ମୁଁ କାହିଁକି ଚିହ୍ନା ପଡ଼ିବି ଯାଉଛି, ସବୁକଥା ପ୍ରକାଶ କରିଦେବି । (ପ୍ରସ୍ଥାନ)

## ଦ୍ୱିତୀୟ ଦୃଶ୍ୟ

( ଅନିରୁଦ୍ଧ ଓ ଉଷା ଏକତ୍ରେ ଆସୀନ )

ଅନିରୁଦ୍ଧ — ହୃଦୟ ତୋଷିଣି ! ଆଜ ହରଗୌରୀଙ୍କ ପ୍ରସାଦରୁ ମନର ବିଷାଦ ଓ ହୃଦୟର ଅନନ୍ତ ଦୁଃଖ ଦୂର ହୋଇ ଯାଉଛି, ସଖି ! ପୁନର୍ବାର ସେ ଚନ୍ଦ୍ରବଦନ ନିରୀକ୍ଷଣ କରିବି ଏ ଆଶା ମନରେ ସ୍ଥାନ ପାଉନାହିଁ । କେଜାଣି କାହାର ଏ ଲୀଳା, କେ ଜାଣେ କାହାର ଏ ଅଦ୍ଭୁତ ଆଶ୍ଚର୍ଯ୍ୟ ଖେଳା, କଏ ଆମ୍ଭଙ୍କୁ ନିଶାର୍ଦ୍ଧରେ ଅପୂର୍ବ ମିଳନ କରାଇଥିଲା, ପୁଣି କାହାଦ୍ୱାରା ଆଜ ଏ ଶୁଭମିଳନ ହେଲା ତା ମୁଁ କିଛି ଭାବି ପାରୁନାହିଁ ! ଏ ସମସ୍ତ ମୋତେ ମାୟା ପରି ଜଣାଯାଉଛି ।

ଉଷା — ନାଥ ! କ୍ଷୀଣବୁଦ୍ଧି ଅବଳାର କି ଶକ୍ତି, କଣ ବୁଝିବ ! ତେବେ ବନା ମହାମାୟାର ଅନୁଗ୍ରହ ନ ହୋଇଥିଲେ ଆମ୍ଭର ଏ ମିଳନ ଘଟି ନ ଥାନ୍ତା !

ଅନିରୁଦ୍ଧ — ମୋର ସେହି ବିଶ୍ୱାସ, ଏ କଏ ନର୍ତ୍ତକୀ ମାନେ ଆସିଲେ ପରା ?

( ନର୍ତ୍ତକୀମାନେ ଗୀତ ଗାଇ ଗାଇ ପ୍ରବେଶ )

ଦେଖ ଦେଖ ସଖି — ଦେଖ ଗୋ ଥରେ ନିରେଖି
ବିଧୁମୁଖୀ ଉଷା କୋଟି ନିଧି ଲଭୁଛି ।
ଆସ ଆସ ସବେ ମିଳି — ଦେଖିବା ଏ ମିଳନ
ନାଗରୀ ନାଗର ସାକ୍ଷାତଟା କେଡ଼େ ଯତନ ।
ଶରଧନ ଏ ପ୍ରେମ — ରତ୍ନ ନୋହୁ ବଞ୍ଚିତ
ପ୍ରେମର ବନ୍ଧନ ସାରା ସଂସାରରେ ଲାଗିଛି ॥

ଚିତ୍ରରେଖା — ଯୁବରାଜ ! ମୋର ଗୋଟିଏ ପ୍ରାର୍ଥନା ଅଛି, ସେ ପ୍ରାର୍ଥନାଟି ଆପଣ ପୂରଣ କରିବେ ।

ଅନିରୁଦ୍ଧ — ଅଧୀନସ୍ଥ ବ୍ୟକ୍ତିକୁ ବିନୟ କରି କହିବାର କିଛି ନାହିଁ । ଯାହା ତୁମ୍ଭର ଇଚ୍ଛା ପ୍ରକାଶ କର ।

ଚିତ୍ରରେଖା — ଆମ୍ଭର ସେ ପୁରସ୍କାର ବାକିଅଛି ।

ଅନିରୁଦ୍ଧ — ଆଚ୍ଛା କଥା, ତୁମ୍ଭେ ବିବେଚନା କରି ମାଗିନିଅ ।

ଚିତ୍ରରେଖା — ଯୁବରାଜ ! ଏ ହତଭାଗିନୀ ସଖିମାନଙ୍କୁ ଆପଣଙ୍କ ମନରୁ ଭୁଲିବେ ନାହିଁ ।

ଅନିରୁଦ୍ଧ — ମୁଁ ତୁମ୍ଭ ନିକଟରେ ସଦା ଋଣୀ ।

( ନେପଥ୍ୟେ ବାଣାସୁର )

ଶୁଣିଲି ଶୁଣିଲି ଯା, ସଙ୍ଗ ଯେବେ ହୋଇଥାଏ ତାହା, ବଧିବି ବଧିବି ନିଶ୍ଚେ ଦୁଷ୍ଟା ଦୁହିତାକୁ ।

( ସମସ୍ତେ ଚକିତ ) ଓଃ, ଚିତ୍ରରେଖା — ସର୍ବନାଶ, ସର୍ବନାଶ, ଦାନବରାଜା କେଉଁଠାରୁ ସନ୍ଧାନ ପାଇ ଏ ସ୍ଥାନକୁ ଆସିଲେ, କଣ ଉପାୟ !

ଉଷା — ସଖି ! ସଖି କଣ କରିବି, ପିତା ମୋର ବଡ଼ ନିର୍ଦ୍ଦୟ, ବଡ଼ ନିଷ୍ଠୁର । ମୋର ପ୍ରାଣ ଯଦି ଯାଏ ତେବେ କିଛି ଭାବନା ନାହିଁ, ତୁମ୍ଭେ ହୃଦୟେଶ୍ୱରଙ୍କୁ ରକ୍ଷାକର ।

ଅନିରୁଦ୍ଧ — ବିଧୁମୁଖି ! ଚିନ୍ତା କରନାହିଁ, ମୁଁ ଆପେ ଆପେ ସତର୍କ ହେବି ।

ବାଣା — ପ୍ରହରି ! ଦେଖ ବେଗେ, କାହିଁ ସେହି କୁଳକଳଙ୍କିନୀ, କାହିଁ ସେହି ଦୁର୍ମତି ତସ୍କର ।

ପ୍ରହରୀ — ମହାରାଜ ! ଏଇ ଦେଖନ୍ତୁ ଚୋରଟାର କପଟ ମୂର୍ତ୍ତିକୁ ତଳକୁ ଦେଇ ନେମେଟେଇ ପଡ଼ିଛି ।

ବାଣା — ପ୍ରହରି ! ଦୁରାତ୍ମାରେ ଶୀଘ୍ର ଲୌହ ଶୃଙ୍ଖଳରେ ବନ୍ଧନକର ।

ଅନିରୁଦ୍ଧ — ଦାନବରାଜ ! ଯଦୁବଂଶୀୟ ବୀର ସାମାନ୍ୟ ପ୍ରହରୀ ହସ୍ତେ ବନ୍ଧନ ହେବା ମିଥ୍ୟା ।

ବାଣା — ଏ, ତୁହି ଯଦୁବଂଶୀୟ ? ଗୋପାଳଭୋଗୀ ରାମକୃଷ୍ଣଙ୍କ ବଂଶଜ ?

ଅନିରୁଦ୍ଧ — ଆର୍ଯ୍ୟ ! ରାମକୃଷ୍ଣଙ୍କରି ପୌତ୍ର ପ୍ରଦ୍ୟୁମ୍ନର ପୁତ୍ର ମୁହିଁ ଅନିରୁଦ୍ଧ ।

ବାଣା — ଆରେ ଚୋରଙ୍କ ସର୍ଦ୍ଦାରର ତୁ ନାତି, ତେବେ ତୋର ଏ ପ୍ରକୃତି ନ ହେବ ବା କାହିଁକି ? ଶୁଣୁଛୁ ପ୍ରହରି ! କୃଷ୍ଣ ଯେ ଲବଣୀ ଚୋର, ବସନ ଚୋର, ମନଚୋର । ଏ ଗୋଟିଏ ତା ବଂଶରେ ମହାଚୋର ! ଆରେରେ ପାଷାଣ୍ଡ ବାଳକ, ତୁ କି ସାହସେ ତ୍ରିଭୁବନ ବିଜୟୀ ବାଣାର ଗୃହରେ ପ୍ରବେଶ କଲୁ, ଜାଣୁ ଦାନବ ରାଜ ମନେକଲେ କ୍ଷୁଦ୍ର ଯଦୁକୁଳ ସମୂଳେ ଉତ୍ପାଟନ କରି ନିମିଷକ ମଧ୍ୟରେ ସାଗର ଗର୍ଭରେ ମାଡ଼ି ଦେଇପାରେ ।

ବାଣା — ( ଗୀତ )

ଆରେରେ ମେଣ୍ଢଡ଼ା — ଖେଚଡ଼ା ପଣଟୋ
ଭାଙ୍ଗି ଦେବି ନିଶ୍ଚେ ଆଜରେ ।
ତୁ କେଉଁ ସାହସେ — ପଶି ମୋର ବାସେ
ବିଷ ଖାଉଛୁ ତୁ ରାଜରେ ॥

ପ୍ରହରୀ ! ତୁ ପାପିନୀ କନ୍ୟା ଓ ଚାର ସହଚରୀମାନଙ୍କୁ ବନ୍ଧନ କରି ଶୀଘ୍ର କାରାଗାରେ ନେଇ ଯା, ମୁଁ ଏ ମୂର୍ଖର କୌତୁକ ଦେଖୁଛି ।

(ପ୍ରହରୀ ବାନ୍ଧିବାକୁ ଉଦ୍ୟମ)

ଅନିରୁଦ୍ଧ — କାର ସାଧ୍ୟ କେ ବନ୍ଧନ କରିବ, ଦେଖେଁ ।

ବାଣା — କି ନରାଧମ ! ତ୍ରିଭୁବନ ବିଜୟୀ ବାଣାର ସମ୍ମୁଖେ ଏତେ ଦୂର ଅହଙ୍କାର କଥା, ଦୁର୍ମତି !

ଆଜ ଦେଖିବି, ତୋର ପାପର ସମୁଚିତ ଦଣ୍ଡ ବିଧାନ କରିବି, କେ ତୋତେ ରକ୍ଷା କରିବ ?

ଅନିରୁଦ୍ଧ—ବୃଥା ବାକ୍‌ଯୁଦ୍ଧରେ ପ୍ରୟୋଜନ କଣ ? ଯେବେ ବୀର ତେଜ ହୃଦୟରେ ଅଛି, ଯେବେ ବି ଜଗତେ ବିଜୟୀ ବୋଲି ମନେ ମନେ ଗର୍ବ କରୁଛୁ ତେବେ ଧର ଅସ୍ତ୍ର, ଫଳାଫଳେ ଦେଖା-ଯିବ ସବୁ ।

ବାଣ—ମେଷଶିଶୁ ଖଡ଼ଣ୍ଡ, ତୁ ଏତେ ଯୁଦ୍ଧ ଜାଣୁ, ଧର ଅସ୍ତ୍ର ।

ଅନିରୁଦ୍ଧ—ପ୍ରସ୍ତୁତ ମୁଁ ।

(ଉଭୟର ଯୁଦ୍ଧ, ବାଣ ହସ୍ତରୁ ତରବାରି ଖସି ପଡ଼ିବାରୁ ବାହୁଯୁଦ୍ଧେ ବାଣର ପତନ)

ଅନିରୁଦ୍ଧ—(ଉଷା ପ୍ରତି) ପ୍ରିୟତମେ ! ତୁ ପିତାର ଶୁଶ୍ରୂଷା କର । [ଘମଦ୍ୱେ ଶୁଶ୍ରୂଷା କରିବା]

ବାଣ—ଉଃହୋ, କି ନିଦାରୁଣ ଯାତନା । ଶରୀର ଅବସନ୍ନ ହୋଇ ଯାଉଛି କଣ ହେଲା, ଉଃ !

ଉଷା—ପିତା ! ପିତା ! ଏପରି ହେଉଛ କାହିଁକି ?

(ଆଉଁଷିବା)

ବାଣ—ଏଁ, କିଏ ପିତା ପିତା ବୋଲି ଡାକିଲା ? ମୋର ଆରାଧ୍ୟ ଦେବୀ ଗୌରୀ, ମା ! ମା ! ! ତୁ ମୋର ମା ହୋଇ ମୋତେ ପିତା ବୋଲି ଡାକିଲୁ କାହିଁକି ? ଅଧମ ସନ୍ତାନକୁ ପିତା ବୋଲି ସମ୍ବୋଧନ କରିବା କ'ଣ ତୋର ଉଚିତ ? ହଉ ହେଲା, ଯେବେ ପିତା ବୋଲି ଡାକିଲୁ ତେବେ ଆଉ ଥରେ ପିତା ପିତା ବୋଲି ଡାକ ?

ଉଷା—ପିତା ! ମୁଁ କୈଳାସବାସିନୀ ଦୁର୍ଗା ନୁହେଁ । ମୁଁ ଆପଣଙ୍କ ହତଭାଗିନୀ କନ୍ୟା ଉଷା । ମୁହିଁ ପିତା ପିତା ବୋଲି ଡାକୁଛି ।

ବାଣ - କିଏ ତୁ, ବାଣ କନ୍ୟା ଉଷା, ନା ବିଶ୍ୱାସ ନୁହେଁ, ତୁ ମୋର ଆରାଧ୍ୟ ଦେବୀ ଦୁର୍ଗା !

ଉଷା ପିତା ! ମୁଁ ଉଷା, ଆପଣଙ୍କ ଦୁଃଖିନୀ କନ୍ୟା ଉଷା !

ବାଣ ତୁ ଉଷା, ଲୋ ପାପିନି ! କି ଲାଗି ମୋ ଅଙ୍ଗ ସ୍ପର୍ଶ କଲୁ । କୁଳକଳଙ୍କିନୀ, ଦୋଷଦୁଷ୍ଟୀ ମୂଢା, କାହିଁକି ମୋର ଅଙ୍ଗରେ ହସ୍ତ ଦେଲୁ । ରାକ୍ଷସୀ ଦୂର ହୁଅ । ପ୍ରହରୀ !

କାହିଁ ଗଲା ସେ ମୂର୍ଖ ଅନିରୁଦ୍ଧ, ଏହିବାର ତାର ସମୁଚିତ ଦଣ୍ଡ ବିଧାନ କରିବି ।

ଅନିରୁଦ୍ଧ—ବୀରବର ! ଏହି ଯେ ତୁମ୍ଭ ସମ୍ମୁଖରେ ବାଣ ବିଜେତା ଅନିରୁଦ୍ଧ ଦଣ୍ଡାୟମାନ ।

ବାଣ—କ'ଣ କହିଲୁ ବାଣବିଜେତା ? ହାଁ ହାଁ, ଉନ୍ମାଦର କଥା, କିଏରେ ଏପରି ବଳବାନ୍, କାହାର ଶକ୍ତି କେ ପାରେ ଜିଣି ମୋତେ ସମ୍ମୁଖ ସମରେ ।

ଅନିରୁଦ୍ଧ—ମୁହିଁ, ମୁହିଁ ଅନ୍ୟ ନାହିଁ ।

ବାଣ—ତୁହି, ତୁହି, ଆରେ ମୂର୍ଖ ! ଶଶକ ଜିଣିବ ରଣେ ମୃଗେନ୍ଦ୍ର କେଶରୀ ? ମୂଷିକ ଟଳାଇ ପାରେ ବିନ୍ଧ୍ୟ ପର୍ବତକୁ ? ଦୁଗ୍ଧପୋଷ୍ୟ ଶିଶୁ ତୁହି, ଅଲୁରି ଗନ୍ଧ ତୋହର ତୁଣ୍ଡ ନାହିଁ ଦେହୁଁ ।

ଅନିରୁଦ୍ଧ—ଶୁଣ ଦୈତ୍ୟବର ! ମୃତ୍ୟୁ ତବ ଆଜ ହସ୍ତେ ମୋର, ତୋତେ ହରାଇଲି ରଣେ, ତେବେ ଯୁଦ୍ଧା ହୋଇ ନାହିଁ ଜ୍ଞାନ, ଏଥରକ ଆଉ ନାହିଁ ପରିତ୍ରାଣ ।

ବାଣ—କି କହିଲୁ ଶିଶୁ ! ସମରେ ତୁ ଜିଣିଅଛୁ ମୋତେ ? ଆଚ୍ଛା ଭଲକଥା, ଏହିବାର ଜୟ ପରାଜୟ ହୋଇବ ନିଶ୍ଚୟ, ଧର ଅସ୍ତ୍ର ।

ଅନିରୁଦ୍ଧ—ପ୍ରସ୍ତୁତ (ଯୁଦ୍ଧରେ ଅନିରୁଦ୍ଧ ପତନ)

ବାଣ - ପାମର ! ଏଥର କେଉଁଣେ ଯିବୁ ? ପ୍ରହରୀ ! ଶୀଘ୍ର ନାଗପାଶରେ ବନ୍ଧନ କର, ଦୁରାତ୍ମାର ! ସେ ପୂର୍ବ-ବଳ ପୂର୍ବତେଜ ନାହିଁ, ଏଇଥର ମୂର୍ଖକୁ ଉପଯୁକ୍ତ ଶାସ୍ତି ପ୍ରଦାନ କରିବି । ନିଅ ଶୀଘ୍ର କାରାଗାରେ !

ପ୍ରହରୀ—ଯେମିତ ଆଜ୍ଞାଧୀନ ସେମିତ ଚଳିବ ।

(ବନ୍ଧନ କରିବା)

ଉଷା—ପ୍ରହରୀ ! ବାନ୍ଧନା ବାନ୍ଧନା, ସୁକୋମଳ ହସ୍ତ-ପଦକୁ ବନ୍ଧନ କରନା !

ବାଣ କି ପାପିନୀ କୁଳକଳଙ୍କିନୀ ! ବାନ୍ଧିବ ନାହିଁ, ପ୍ରହରୀ ବାନ୍ଧ ଶୀଘ୍ର ।

ପ୍ରହରୀ—ଯେ ଆଜ୍ଞା । (ଅନିରୁଦ୍ଧଙ୍କୁ ବାନ୍ଧିବା)

ବାଣ—ପ୍ରହରୀ ! ଶୀଘ୍ର କାରାଗାରରେ ପାଷାଣ୍ଡକୁ ନେଇ ଶୃଙ୍ଖଳିତ କରିଥାଅ ।

(ପ୍ରହରୀ ଅନିରୁଦ୍ଧଙ୍କୁ ନେଇ ପ୍ରସ୍ଥାନ)

ବାଣ—ହତଭାଗିନୀ ! ମୁଁ ଯେବେ ଆଗରୁ ଜାଣିଥାନ୍ତି ତୁ ଦାନବ କୁଳ କଳଙ୍କିନୀ ହେବୁ ତେବେ ତୋତେ ଆଜି ପର୍ଯ୍ୟନ୍ତ ମୋ ଗୃହରେ ଆଶ୍ରୟ ଦେଇ ନ ଥାନ୍ତି ! ଓଃ କି ଲଜ୍ଜାର କଥା, ଦୁହିତା ନହୋଇ ଅନ୍ୟ କେହି ହୋଇଥିଲେ ସ୍ୱହସ୍ତରେ ତୋର ମୁଣ୍ଡ ଖଣ୍ଡ ଖଣ୍ଡ କରିଥାନ୍ତି । ପ୍ରହରୀ ! ଶୀଘ୍ର ଏ ପାଷାଣ୍ଡୀକି ଓ ଦ୍ୱାର ସହଚରୀଗଣଙ୍କୁ ବନ୍ଧନକରି କାରାଗାରକୁ ନିଅ ।

ପ୍ରହରୀ—ଏ ଯେ ଆପଣଙ୍କର କନ୍ୟା ।

ବାଣ—ଚୁପ୍‌କର, ଯା ଆଜ୍ଞାଦେଲି ତା ଶୀଘ୍ର ପ୍ରତିପାଳନ କର ।

(ପ୍ରହରୀ ବାନ୍ଧିବା, ମନୋରମାର ପ୍ରବେଶ)

ମନୋରମା—ମହାରାଜ ! ମହାରାଜ ! ଏ କ'ଣ, ଏ କ'ଣ, କାହାର ବନ୍ଧନ । ଏ ଯେ ମୋର ପ୍ରାଣର ଦୁହିତା ଊଷା !

ବାଣ—କି ପ୍ରିୟେ ! କାହାକୁ କନ୍ୟା ବୋଲି ସମ୍ବୋଧନ କରୁଛ ? ସେ କନ୍ୟା ନୁହେଁ, କାଳ ଭୁଜଙ୍ଗିନୀ ।

ମନୋରମା—ମହାରାଜ ! ସବୁ ଶୁଣିଲିଣି, ସବୁ ଜାଣିଲିଣି ଏଥରବାର କନ୍ୟାକୁ କ୍ଷମା ଦିଅନ୍ତୁ ।

ବାଣ—ସେ ଗୁରୁତର ଅପରାଧ, କ୍ଷମାନାହିଁ ! ପ୍ରହରୀ ? ବିଳମ୍ବ କାହିଁକି ?

ମନୋରମା— ଗୀତ

ନାଥ ହେ କ୍ଷମା ଦିଅ ଏଥର ।

ଦୁହିତା ମୋହର ଅତି ସୁକୁମାର

ତା ପ୍ରତି ହୁଅ ଏଡ଼େ ନିଷ୍ଠୁର । ପଦ ।

ଦୁଃଖିନୀର ଧନ ଅନ୍ଧୁଣୀ ନୟନ

ସେ ମୋ ଊଷାଟିକି ହେ ପ୍ରାଣେଶ୍ୱର ।

ଦେଖି ତା କନ୍ଦଣ ଧରିବ କି ପ୍ରାଣ

ଭସିବଟି ନୟନେ ଆଜ ଜହର । ୧ ।

ନାଥ ! ଅଭାଗିନୀ ଊଷା ପ୍ରତି ଏ ନିଷ୍ଠୁର ଆଜ୍ଞା ଦିଅନା । ତାର ଦୁଃଖ ଦେଖି ମୋର ହୃଦୟ ବିଦୀର୍ଣ୍ଣ ହୋଇ ଯାଉଛି ।

ବାଣ—ସୁନ୍ଦରି ! ସେ ଦୁହିତା ନୁହେଁ, କାଳ ଭୁଜଙ୍ଗିନୀ । ତାକୁ ଚିରଦିନ ସେହି କାରାବାସ ।

ମନୋରମା— ଗୀତ

ହେ ପରାଣ ଧନ ଧରୁଛି ଚରଣ

ମୋ ବଚନଟି ସେନାନ୍ତୁ ଏଥରବାର ।

ଦଣ୍ଡିବାର ଶକ୍ତି ଥାଇ ଯାଉ ତାର

କ୍ଷମା ଦେବାଟି ଉଚିତ ବେଭାର । ୨ ।

ନାଥ ! ଏ ଅଧୀନାର ଅନୁରୋଧ ରକ୍ଷ କରନ୍ତୁ, ଏଥର ସେ ସତର୍କ ହେବ ।

ବାଣ—କିଛି ଶୁଣିବି ନାହିଁ, ଊଷା ମୋର ସର୍ବନାଶ କରିଛି ।

ପ୍ରହରୀ—ହଜୁର, ଚାଲିଲି ।

ମନୋରମା—ମହାରାଜ ! କନ୍ୟାପ୍ରତି ଯେ ଆଦେଶ ଦେଲେ ଏ ଅଭାଗିନୀ ପ୍ରତି ସେଇ ଆଦେଶ ଦିଅନ୍ତୁ ।

ବାଣ—ଆପତ୍ତି ନାହିଁ, ତୁ ମଧ୍ୟ ସେଇ ପାପିନୀର ମାତା, ତୋତେ ତାଠାରୁ କଠିନ ଦଣ୍ଡ ଦେବା ଉଚିତ । ପ୍ରହରୀ ! ଏ ପାଷାଣ୍ଡୀକୁ ବନ୍ଧନ କରି କାରାଗାରେ ନିଅ ।

ଊଷା—ମା ତୁମ୍ଭେ କାହିଁକି ମୋ ଲାଗି ଏତେ ଦୁଃଖ ସହ୍ୟ କରିବ ?

ମନୋରମା—ଊଷା ! ତୁହି ମୋର ପ୍ରାଣ, ପ୍ରାଣ ବିଚ୍ଛିନ୍ନ ହୋଇଗଲେ ମୁଁ କେଉଁଠାରେ ରହିବି ?

ଊଷା—ମା ଦୟାମୟି ! ଦୁର୍ଗତିନାଶିନୀ ଦୁର୍ଗେ ! ମୁଁ କାରାଗାରେ ଚାଲିଲି, କିନ୍ତୁ ଦେଖ ମା ! ମୋ ପ୍ରାଣ ପତିଙ୍କୁ ଆପଣ ରକ୍ଷା କରିବେ, ଏତିକିମାତ୍ର ଭିକ୍ଷା ।

ପ୍ରହରୀ—ମହାରାଜ ? ଦାନବ କୁଳଲକ୍ଷ୍ମୀଙ୍କ ହସ୍ତରେ ଲୌହ ଶିକୁଳି ଦେବା ଅନୁଚିତ ।

ବାଣ—କି ମୋର ମତରେ ବାଧା ।

ମନୋରମା—ମହାରାଜ ! ଆପଣ ଯେତେ କଷ୍ଟ ଦେବେ ତା ନିଶ୍ଚୟ ସହ୍ୟ କରିବି । ପତି ଇଚ୍ଛାକାଳରେ

ଯାତନା ଦେଲେ ପଛେ ପରକାଳର ଯାତନାରୁ ମୁକ୍ତ ହୋଇଯିବ । ଆପଣ କାରାଦଣ୍ଡ ଆଦେଶ ଦେଲେ ତହିଁରେ ମୋର କିଛିମାତ୍ର ଆପତ୍ତି ନାହିଁ । ଏଇଥର ବିଦାୟ ନେଲି ।

ବାଣ—ପ୍ରହରି ! କାଲି ପ୍ରଭାତରୁ ମୂର୍ଖ ଅନିରୁଦ୍ଧକୁ ଦକ୍ଷିଣ ଶ୍ମଶାନରେ ଯେ ଚଣ୍ଡୀଦେବୀ ଅଛନ୍ତି ସେଇଠାକୁ ନେଇଯିବୁ । ମୂର୍ଖକୁ ସେଇଠାରେ ବଳିଦେଇ ଚଣ୍ଡୀଦେବୀଙ୍କ ତୃଷା ନିବାରଣ କରିବ ।

ପ୍ରହରୀ—ଯେ ଆଜ୍ଞା ।

(ଊଷା ଦୂତୀ ଭିନ୍ନ ସମସ୍ତେ ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

( ଗୋବିନ୍ଦ ଦାସ, ବଲ୍ଲଭ ଦାସ, ଅନାଦି ଦାସ ଓ ପରମୁ ଦାସ ଭଜନିଆ ଖଞ୍ଜଣି ଓ ଚିଲମ ହସ୍ତେ )

ଗୋବିନ୍ଦ—ହଇହୋ ପରମୁ ଦାସ ! ରାତି ତ ଆସି ଏତେ ହେଲା ଡମ୍ବରୁ ଦାସ କାହିଁକି ଭିକ୍ଷାରୁ ଫେରି ନାହାନ୍ତି, ଏହାର କିଛି ମତଲବ ଜାଣ ?

ପରମୁ—ଆହେ, ଡମ୍ବରୁ ଦାସ ତ ଗୋଟିଏ ପେଟୁ ଧରିଲେଣି । କେଉଁଠି ମୁଠାଏ ଭୋଜନ ମିଳି ଯାଇଥିବ ସେଇଠି ରହି ଯାଇଥିବେ ।

ଅନାଦି—ପରମୁଦାସେ ଆମ୍ଭର ଏଇଠି ବସି ସବୁ କହି ପକାଉଛନ୍ତି, ଡମ୍ବରୁ ଦାସଙ୍କୁ ହରି କିଛି ବଡ଼ ବିପଦରେ ପକାଇ ଦେଇଛନ୍ତି ।

ଗୋବିନ୍ଦ—କ'ଣ, କଥା କ'ଣ ?

ପରମୁ—ଆହେ ଭଜନ କରି, ଗଞ୍ଜେଇ କରି, ମଣିଷ ବୁଲି ବୁଲି କରି ଆସିଲୁଣି, ଟିକିଏ ପ୍ରଭୁଙ୍କ ନାମ କହିବା କି ଗଞ୍ଜେଇ କରିବା । ତା ନାହିଁ ଖାଲି ଡମ୍ବରୁ ଦାସ କୁଆଡ଼େ ଗଲେ, କହିଲ ଭଲା ଆମ୍ଭର ସେଥିରୁ କଣ ମିଳିବ ? କାହାଠେଇଁ ଟିକେ ଖଣ୍ଡେ ଅଛି ହାତରେ ପକାଇବା ।

ବଲ୍ଲଭ—ତମ ପାଖରେ ନାହିଁ କି ?

ପରମୁ—ଆମ ପାଖରେ ହୁକ୍କା ଅଛି, ଚିଲମ ଅଛି, ଗୁଡ଼ା ବି ତିଆରି ହୋଇଛି, କେବଳ ଗଞ୍ଜେଇ ନାହିଁ । ଭିକ୍ଷାରୁ ଫେରିଲା ବେଳକୁ ଦୋକାନ ବନ୍ଦହୋଇ ଯାଇଥିଲା । ଦେଲୁ ଦେଲୁ ଟିକେ ଖଣ୍ଡେ ହାତରେ ପକାଇବା, ମଣିଷ ପାଣି ହୋଇଗଲା ।

ଗୋବିନ୍ଦ—ଗୋଟାଏ କଥା ପଢ଼ିଥିଲ କଣ ? ଖାଲି ଗଞ୍ଜେଇ, ଗଞ୍ଜେଇ, ଗୋଟାଏ ସେତେବେଳକୁ ହେଉଛି ।

ପରମୁ—ଏ ବଡ଼ ଭଲଲୋକ, "ଆହେ ଗଞ୍ଜେଇ,ମନକୁ ଦେବ ରଞ୍ଜେଇ, ଆଉ ବରାବର ରହିଥିବ ଖଞ୍ଜେଇ ।" ମହାପୁରୁଷମାନେ କହିଛନ୍ତି "ଯିଏ ନ ଖାଏ ଗଞ୍ଜେଇ ଧୂଆଁ ତା ବଂଶ ଘୋଡ଼ାମୁହାଁ ।"

ଗୋବିନ୍ଦ—ତୁ ଗୋଟାଏ ଘୋଡ଼ାମୁହାଁ, କାହିଁକି ଏଠି ବକ୍ ବକ୍ ହଉଛୁ, ତୁ ଗଲୁ ।

ପରମୁ—ଆମେ ନ ଯିବୁ ।

ଅନାଦି—ଅଲବତ ଯିବୁ ।

ପରମୁ—ଦିଅ ଗଞ୍ଜେଇ ଟିକେ ଦିଅ ଆମେ ଚାଲିଯିବୁ ।

ଗୋବିନ୍ଦ—ପରମୁଦାସ ହେ ଟିକିଏ କଣ ଗୋଟାଏ କଥା ପଡ଼ିଛି ଶୁଣ, ଅନାଦି କହିବଟି ସେ ଡମ୍ବରୁ କଥା ।

ପରମୁ—ଡମ୍ବରୁଟି ଆଗା ପିଛୁ ସମାନ ମଝିଟି ସରୁ, ତାଙ୍କ ନାଆଁ ଟି ଡବ ଡବ ଡମ୍ବରୁ ।

ଗୋବିନ୍ଦ—ତୁ ଉଠିଯା ଏଠୁ ଯା ନିକାଲି ।

(ତଡ଼ି ଦେବାରୁ)

ପରମୁ—ଆରେ ରହିଥା, ଆମେ ଏଇଥର ଚୁପ୍ ହୋଇ ବସିଛୁ ।

ଅନାଦି—ପ୍ରଜାପତି ବାଣାସୁରର ହୁକୁମ, ଯେ ହରିନାମ ମୁହଁରେ ଧରିବ ତାକୁ ଛଅମାସ କାରାଦଣ୍ଡ । ବର୍ତ୍ତମାନ ଡମ୍ବରୁ ଦାସ ସେହି ଅପରାଧରେ ବନ୍ଦୀ ।

ପରମୁ—ହିଁ ଡମ୍ବରୁ ଦାସ ଯେ ଆଗା ପିଛୁ ଦି ଆଡ଼େ ବାଜୁଥିବେ !

ଗୋବିନ୍ଦ—ଚୁପ୍ କର, ହଇହୋ ଅନାଦି ଦାସେ । ଏ କଥା କଣ ସତ୍ୟ ?

ପରମୁ—ଅନାଦି ଦାସେ ! ଏ ଚିଲମ ତୁହିଁ ନିସ୍ତମ କରି କହିଲ ।

ବଲ୍ଲଭ—ପରମୁ ! ତୁ ଗୋଟିଏ ମାଡ଼ୁଆଟିଏ ।

ଅନାଦି—ମହାରାଜାଙ୍କର ହୁକୁମ୍, ଏ ସଂସାର୍‌ରେ ଯେତେକ ହରିଭକ୍ତ ଅଛନ୍ତି ସମସ୍ତଙ୍କୁ ବାନ୍ଧିକରି କାରାଦଣ୍ଡ ଦେବେ ।

ପରମୁ—ସତେ ରେ ? ନାହିଁରେ ବାପା ଆମର ସେ ହରିନାମରୁ କ'ଣ ମିଳିବ । ଆମର ବାବାଜି ହେବା ଯେତିକି ହେଲା ସେତିକି ।

ଗୋବିନ୍ଦ—ହଇ ହେ ପରମୁ ଦାସେ ! ତମେ ପରା ହୋର କଉପୁନି ନେଇ ଆମ ବାବାଜି ଗୋଷ୍ଠିରେ ପଶିଛ, ଏବେ ବେକଲୁ ଯା କଣ କହୁଛ ?

ପରମୁ—ଆମେ କଣ ହରିନାମ ନବାକୁ ତମ ଗୋଷ୍ଠିରେ ପଶିଥିଲୁ !

ଅନାଦି—ଆଉ ?

ପରମୁ—ଆହେ ଖାଲି ଗଞ୍ଜେଇ ଉଖୁଡ଼ା ଚୂଡ଼ାଦହି କ୍ଷୀରି ସକାଶେ ପଶିଥିଲୁ, ନାମ କିଏ ? ପୀମ କିଏ ? ଆମର କାମ ଗଞ୍ଜେଇ ମଳିବା ଚିଲମେ ଭରିବା ଗୁଳା ଥୋଇବା ଆଉ ବଂ ବଂ ହର ହର କହି ଦମ୍ ମାରିଦେବା ।

ଗୋବିନ୍ଦ—ପରମୁ, କିଛି ଭୟ କରନା, ହରିନାମ ଯେ ନିଏ ତାର କିଛି କେହି କରି ପାରିବେ ନାହିଁ ।

ପରମୁ—ଆଚ୍ଛା ଡମ୍ବରୁ ଦାସ ! କପରି ତବ ତବ ବାଜିଲେ ତାଙ୍କର ହରି ହରି ବୋଲି ପାଣି ଗଳୁ ନ ଥିଲା ।

ଗୋବିନ୍ଦ—ଆହେ ଈଶ୍ୱର ଯାହା କରନ୍ତି, ପ୍ରାଣୀର ମଙ୍ଗଳ ସକାଶେ କରନ୍ତି । ହଉ ରାତି ବେଶି ହେଲା ଭଜନଟିଏ କର ।

ପରମୁ—ଆଚ୍ଛା ଗଞ୍ଜେଇ ଟିକିଏ କର ।

ଅନାଦି—ଏଇଟା ଗଞ୍ଜେଇ ଗଞ୍ଜେଇ ହୋଇ ମରିଯିବ ।

ପରମୁ—ଆମେ ଗଞ୍ଜେଇ ଗଞ୍ଜେଇ ହୋଇ ମରିଯିବୁ ତମେ ଖାଲି ଭଲଲୋକ । ସେ ଦିନ ଗଞ୍ଜେଇରୁ ଧୂଆଁ ବାହାରିଲା ନାହିଁ ବୋଲି ପରା ଚିଲମଟାକୁ କାମୁଡ଼ି ପକାଉଥିଲ ?

ବଳଭଦ୍ର—ଆଚ୍ଛା, ନାମ କର ।

( ଗୀତ )

ବାଇମନ ! ହରିନାମ କର ଦିବା ନିଶି ଧ୍ୟାନ !
ହରି ନାମ ବିନା — ନାହିଁ ମୋକ୍ଷ କାହିଁ
( ହରି ) ନାମାମୃତ ସଦା କର ପାନ । ପଦ ।

ଯେଉଁ ନାମ ଧରି ଧ୍ରୁବ ପ୍ରହଲ୍ଲାଦ,
ଲଭିଥିଲେ ହରି ପଦ ଅରବିନ୍ଦ;
ସେ ନାମ ମହିମା — କେ କଳିବ ସୀମା
( ସୁଖେ ଦୁଃଖେ ) ହରିନାମ କର ଗାନ ।୧।

ପରମୁ—ଆରେ ଜଣେ କିଏ, ଗୁଳା ଲଗାଅ ।

ଗୋବିନ୍ଦ—ପରମୁଦାସ ତୁ ଗୋଟିଏ ମୂର୍ଖ ।

ପରମୁ—ହେ ମୂର୍ଖ ମୂର୍ଖ ମୋତେ କହୁଛ, ଜାଣିଥା ମୂର୍ଖ କାମ ଦେଖାଇ ଦେବି ।

ଅନାଦି—ହଇରେ, କ'ଣ ମୂର୍ଖ କାମ ଦେଖାଇ ଦେବୁ ।

ପରମୁ—ତୋ ନାକ ଦଣ୍ଡାରେ ବିନ୍ଧେ ଦେବି ।

( ଠିକରା ଖୋଜି ହବା )

ବଳଭଦ୍ର— ଥାଉ, ସେଟା ବାଇଆ, ତୁମ୍ଭେ ନାମ କର ।

( ଗୀତ )

ଯେଉଁ ନାମ ଧରି ସୁଦାମା ଦରିଦ୍ର,
ଲଭିଥିଲା ଦିନେ ଅଭୟ ସମ୍ପଦ ?
ସେହି ବ୍ରହ୍ମପଦ — ଦୃଢ଼ କରି ଭଜ
ମାୟା ସଂସାରୁ ତରି ଯିବୁ ନିଶ୍ଚେ ଜାଣ ।

( ସମସ୍ତେ ହରିବୋଲ )

( ସେନାପତି ବିଦ୍ୟାଧରଙ୍କର ପ୍ରବେଶ )

ସେନାପତି—କିଏ ତୁମ୍ଭେ ପାପୀଗଣେ ! କିମ୍ପା କର ହରିନାମ ଗାନ । ଯଦି ବଞ୍ଚିବାର ଇଚ୍ଛା ଥାଏଟି ଜୀବନେ କର ସଦା ଗାନ ରାଜାଧିରାଜା ବାଣାସୁର ଯଶ କୀର୍ତ୍ତି, ତା ନ ହେଲେ ମୃତ୍ୟୁଭର ଗୃହେ ବସ ଯାଇଁ ।

ଗୋବିନ୍ଦ—ଆରେ ମୂର୍ଖ ? ସୁଧା ପୂର୍ଣ୍ଣ ହରିନାମରେ କି ମହିମା ତୁ ଜାଣୁ ? ଯେତେ ଦିନ ପର୍ଯ୍ୟନ୍ତ ପ୍ରାଣ ପକ୍ଷୀ ଏ ହୃଦୟ ପିଞ୍ଜରରେ ଅଛି ସେତେ ଦିନ ପର୍ଯ୍ୟନ୍ତ ହରିନାମ ଛଡ଼ା ଅନ୍ୟ କାମନା ଆମ୍ଭର ନାହିଁ ।

ସେନାପତି—ତୁମ୍ଭେ ଯେତେ ଅଛ ହରିଭକ୍ତ ଏଥି ବାନ୍ଧିକରି ନେବି, ଏହିକ୍ଷଣି କେଉଁ ହରି ରକ୍ଷିବ ତୁମ୍ଭଙ୍କୁ ?

ପରମୁ—ମୁଁ ହରିଭକ୍ତ ନୁହେଁ ।

ସେନାପତି—ତୁ କିଏ ?

ପରମୁ—ମୁଁ ଗଞ୍ଜେଇ ଭୁଖଣ୍ଡା ଭକ୍ତ ।

ସେନାପତି—ଆଚ୍ଛା, ତୁମ୍ଭେ ବୈଷ୍ଣବ ନୁହେଁ ? ତେବେ ଏ ଗେରୁଆ ବସ୍ତ୍ର ଓ ଘୋଡ଼ୁଡ଼ି ଚଢ଼ାକାଟିବାର ଅଭିପ୍ରାୟ କଣ ?

ପରମୁ—ଏ ବେଶ ଓ ଚଢ଼ା କାଟିବା କେବଳ ବାବାଜମାନଙ୍କ ପାଖରୁ ଗଞ୍ଜେଇ ଓ ଭୁଖଣ୍ଡା ଚୋରାକାଟି ଖାଇବା ଉପାୟ ।

ସେନାପତି—ଅଚ୍ଛା, ତୁମ୍ଭ ଜୀବନରେ କ କ କାର୍ଯ୍ୟ କରିଛ ବା କରୁଛ ।

ପରମୁ—ଦ୍ୱେଷ ନାଶ ଜୀବ ହିଂସା ଏ ମୋ ଜୀବନର ପେଶା ।

ସେନାପତି—ଆଚ୍ଛା ତୁମ୍ଭେ ଏମାନଙ୍କ ଗୋଷ୍ଠିର ନୁହଁ ?

ପରମୁ—ନା, ନା ମୋର ତାଙ୍କର ଜମାନ ଅସମାନ ଫରକ ।

ସେନାପତି—କହ ବୈଷ୍ଣବ ଗଣେ ! ତୁମ୍ଭମାନଙ୍କର ମୃତ୍ୟୁଭୟ ନାହିଁ ।

ଅନାଦି—ମର୍ତ୍ତ୍ୟମଣ୍ଡଳେ ଦେହବନ୍ଧ,
ଦେବତା ହୋଇଲେ ମରଇ ।

ସେନାପତି—ନବୋଧ ବୈଷ୍ଣବ ! ଶୀଘ୍ର ସେ ହରିନାମ ପରିତ୍ୟାଗ କର, ନଚେତ୍ ସନ୍ନିକଟରେ ତୁମ୍ଭର ମୃତ୍ୟୁ ହେବାର ଆଶଙ୍କା ।

ବଳିବ—ଆରେ ଅଜ୍ଞାନ ! ମୃତ୍ୟୁ ଯେବେ ସନ୍ନିକଟ ହେବ ହରିନାମ ତେବେ ଉଚ୍ଚାରଣ କରିବୁ । ଆନନ୍ଦେ ଏକବାର ହରିବୋଲ, ହରିବୋଲ, ହରିବୋଲ । ( ସମସ୍ତେ ଏକ ସ୍ୱରରେ )

ସେନାପତି ମୂର୍ଖ ! ମୋର ସମ୍ମୁଖରେ ବାରବାର ହରିନାମ, ଜାଣୁ ମୂର୍ଖ ମୁଁ କିଏ ?
( ପରମୁ ପ୍ରତି ) ରେ ପାଷାଣ୍ଡ ! ତୁ ପରା ହରିଭକ୍ତ ନୋହୁ ବର୍ତ୍ତମାନ ଏମାନଙ୍କ ସଙ୍ଗରେ ହରିବୋଲ କହିଲୁ କିଆଁ ।

ପରମୁ—ମୁଁ ତ ହରିବୋଲ କହୁନାହିଁ, ସେମାନେ କହିଲେ ହରିବୋଲ ମୁଁ ତାଙ୍କୁ ବୁଝାଇ ଦେଲି ଆରେ ମ଼ାଡ଼ିବ ।

ସେନାପତି—( ବୈଷ୍ଣବଙ୍କ ପ୍ରତି ) ଆରେ ରେ ନବୋଧ ବୈଷ୍ଣବ ! ଯଦି ସେ ହରିନାମ ତ୍ୟାଗ ନ କର ତେବେ ଏ ଶାଣିତ ଖଡ୍ଗରେ ତୁମ୍ଭମାନଙ୍କର ମୁଣ୍ଡ ଖଣ୍ଡ ଖଣ୍ଡ କରିବି ।

ଅନାଦି—ସମସ୍ତ ବିପଦରୁ ସେ ଦୟାମୟ ହରି ଉଦ୍ଧାର କରିବେ ହରି ଦୁର୍ବଳର ବଳ, ହରି ଅନାଥର ନାଥ, ହରିନାମ ବିନା ଏ ସଂସାରରେ କିଛି ନାହିଁ, ଆନନ୍ଦେ ଏକବାର ହରିବୋଲ ।
( ସମସ୍ତେ ଉଚ୍ଚସ୍ୱରରେ )

ସେନାପତି—ପାଷାଣ୍ଡ ଏଇଥର କେଉଁ ହରି ରକ୍ଷା କରିବ ଦେଖିବି ( ତରବାରି ଉଞ୍ଚାଇବା ସମୟରେ ହସ୍ତରେ ଚକ୍ରା ପଶିଯିବା ) । ଓହୋ ଓହୋ ଏ କଣ ହେଲା କଣ ଗୋଟାଏ ଛାତିରେ ପଶିଗଲା, ଓହୋ କି ଯନ୍ତ୍ରଣା, ଧର ମୋର ହସ୍ତ ଧର ।

ପରମୁ—( ଅଙ୍ଗଭଙ୍ଗୀରେ ସେନାପତିଙ୍କୁ ଥଟ୍ଟା ) ମଲ ମଲ ।

ଗୋବିନ୍ଦ—ମୂର୍ଖ ସେଇ ତୋର ଉପଯୁକ୍ତ ଶାସ୍ତି; ହରି-ଭକ୍ତଙ୍କୁ ଦଣ୍ଡ ଦେବାର ଫଳ ଏହି ।

ସେନାପତି—ଦିଅ ଦିଅ କ୍ଷମାଦିଅ, ଏହି ସେ ପ୍ରାଣଗଲା, କ୍ଷମାଦିଅ ।

ଅନାଦି—ଆମ୍ଭମାନଙ୍କୁ କ୍ଷମା ମାଗିବା ଆବଶ୍ୟକ ନାହିଁ । ଯାହାଠାରେ ଦ୍ରୋହୀ ହୋଇଛ ତାଙ୍କୁ କ୍ଷମା ମାଗ । ଡାକ ସେହି ବିପଦ ଭଞ୍ଜନ କରୁଣା ନିଧାନଙ୍କୁ ଡାକ ।

ସେନାପତି—ନା ସେ ନାମ ମୋ ମୁହଁରେ ଆସୁନାହିଁ ।

ଗୋବିନ୍ଦ—ତପରେ ଆସିବ, ତୁ ଯେ ଘୋର ପାପୀ, ଆଚ୍ଛା ଆଉ ଥରେ ଉଚ୍ଚସ୍ୱରରେ ହରିବୋଲ କହ ।

ସେନାପତି—ନା, ସେ ନାମ ମୋ ତୁଣ୍ଡରେ ଆସୁନାହିଁ । ଦୟାକରି ମୋ ପାଇଁ ଥରେ ସେହି ହରି ( କ୍ଲେଶମୁକ୍ତ ) ଏ କଣ ହେଲା ମୋର ସେ କଷ୍ଟ କାହିଁ ଗଲା ! ମୁଁ ଯେ ଅସୀମ ଦୁଃଖରେ ଅସୀମ ! ଯନ୍ତ୍ରଣା ଲଭୁଥିଲି, ସେ କାହିଁ ଗଲା ? କି ଆଶ୍ଚର୍ଯ୍ୟ ସେ ହରିନାମ ତୁଣ୍ଡରେ କହିଲା ମାତ୍ରକେ ଏ ସମସ୍ତ

ବେଦନା ଗୁଲିଗଲା । ଧନ୍ୟ ସେ ନାମ । ବୈଷ୍ଣବ ଗଣେ ଥରେ ଏ ଅପରାଧୀ ଅନୁରୋଧ ରଖାକର ହରିବୋଲ ଉଚ୍ଚସ୍ୱରରେ ମୋ ନିକଟରେ ଡାକ ।

( ବୈଷ୍ଣବଗଣେ ହରିବୋଲ )

ସେନାପତି—କି ଆନନ୍ଦ କି ଅସୀମ ପ୍ରେମ, ମୁଁ ବୃଥା ଅହଂକାରରେ ମତ୍ତ ହୋଇ ଜଘନ୍ୟ ଘୃଣିତ କାର୍ଯ୍ୟରେ ପ୍ରବୃତ୍ତ ହୋଇଛି,ଧିକ୍ ମୋତେ,ଶତଧିକ୍ ମୋର ରାକ୍ଷସ ବୃତ୍ତିରେ ଦାସତ୍ୱ କରିବା । ଆଜି ସେ ଜଘନ୍ୟ ଦାସତ୍ୱ ପରିତ୍ୟାଗ କରି ଶ୍ରୀ ହରିଙ୍କ ପଦ ପଙ୍କଜରେ ମନ ପ୍ରାଣ ଢାଳିଦେବି । ବୈଷ୍ଣବଗଣେ ! ମୁଁ ଅଧମ ଅଜ୍ଞାନବଶତଃ ତୁମ୍ଭମାନଙ୍କଠାରେ ଦ୍ରୋହୀ ହୋଇଛି । ମୋତେ କ୍ଷମାଦିଅ ।

ବୈଷ୍ଣବଗଣେ—ଯାଅ ବାବୁ ହରି ତୋର ମଙ୍ଗଳ କରିବେ ।

ସେନାପତି—ଆପଣମାନେ ଆପଣଙ୍କ କାର୍ଯ୍ୟରେ ଲାଗନ୍ତୁ ମୁଁ ମେଲାଣି ନେଉଛି ।

( ପ୍ରଣାମ କରିଣ ପରମ୍ବ ପ୍ରତି )

ପାଷାଣ୍ଡ ! ବର୍ତ୍ତମାନ ତୁହି ଦୋଷୀ ତୋତେ କାରାରୁଦ୍ଧ କରିବି । ସ୍ଥୂଳ ମୂର୍ଖ, ତୁ ମିଛରେ ବାବାଜୀ ବୋଲାଇ ଦୁନିଆ ଠକାଇ ବୁଲୁଛୁ । (ସୋଷାରିବା)

ପରମ୍ବ—ହେ ମୋତେ କୁଆଡ଼େ ନେଉଛ ? ହେ ଗୋବିନ୍ଦ ଦାସ ! କହ ମୋ ପାଇଁ ଟିକେ କହ ହେ ଅନାଦି ଦାସ ! ( ପ୍ରସ୍ଥାନ )

ବୈଷ୍ଣବମାନେ—ଦେଖ ହରିଙ୍କ କି ଅଦ୍ଭୁତ ଲୀଳା ।

( ସମସ୍ତେ ପ୍ରସ୍ଥାନ )

---

## ଚତୁର୍ଥଦୃଶ୍ୟ

( ଜଣେ ପଣ୍ଡା କାଳୀମୂର୍ତ୍ତି ଧରି ଓ ଅନ୍ୟ ଜଣେ ଘଣ୍ଟ ଓ ଅନ୍ୟ ଜଣେ ମସାଲ ଘେନି ପ୍ରବେଶ କାଳୀ ସ୍ଥାପନ । ପଣ୍ଡା ଆଳତି ଓ ପୂଜା କରଣ ।

୧ମ ପଣ୍ଡା—ମା, ଖଣ୍ଡା ଖର୍ପରଧାରିଣୀ ମା ? ମା ଜଗତ ଜନନୀ ମହିଷାମର୍ଦ୍ଦିନୀ ମା, ଏ ଅଭଳା ପଣ୍ଡା ପଡ଼ିହାରିଙ୍କି ଘଣ୍ଟ ଦେଖାଇ ଯା । ଆଉ ଯେତେ ଅତିଥି ଅଭ୍ୟାଗତ ଆସୁଛନ୍ତି ତାଙ୍କୁ ଗୋଷ୍ଠେଇ କରି ଖା ! ମା ! ( ଦ୍ୱିତୀୟ ପଣ୍ଡା ପ୍ରତି ) ହେ ଆଜି ଦେବୀଙ୍କ ପାଖରେ ନରବଳୀ ଦିଆଯିବ । ମହାରାଜାଙ୍କର ହୁକୁମ ଦେବୀଙ୍କର ସାହାନ ମାର୍ଜନ ଶୀଘ୍ର କରିବା କଥା । ତମେ ବୋଲହୋ ଏତେବେଳ କରିଦେଲ !

୨ୟ—କ'ଣ କରିବି ଗୋଟାଏ କାର୍ଯ୍ୟବଶତଃ ଡେରି ହୋଇଗଲା ।

(ପ୍ରହରୀ ଅନିରୁଦ୍ଧଙ୍କୁ ଘେନି ପ୍ରବେଶ ଓ ପ୍ରଣାମ କରଣ, ପଣ୍ଡା ଫୁଲ ସିନ୍ଦୂର ଦେବା)

ପ୍ରହରୀ—ଏ ସ୍ଥାନ ନାମ ଦକ୍ଷିଣ ଶ୍ମଶାନ, ଏ ଏଠାରେ ଅଧିଷ୍ଠାତ୍ରୀ, ଏହାଙ୍କ ନାମ କାଳୀଦେବୀ ।

ଅନିରୁଦ୍ଧ—ହେ ପ୍ରହରୀ ! ମୋତେ ଏହି କାଳୀଦେବୀଙ୍କ ନିକଟରେ କ'ଣ ବଳିଦେବ ?

ପ୍ରହରୀ ହଁ ବଳି ଦିଆହେବୁ । ମହାରାଜ ସ୍ନାନ କରିବାକୁ ଯାଇଛନ୍ତି, ବର୍ତ୍ତମାନ ଆସିଲେ ତୋତେ ମାଙ୍କ ନିକଟରେ ବଳି ପ୍ରଦାନ କରିବେ ।

ଅନିରୁଦ୍ଧ—ଆହେ ! ମୋର ତେବେ ଆଜି ଶେଷଦିନ, ହା ହତଭାଗା ଅନିରୁଦ୍ଧ, ତୁ ନିଜର ବୁଦ୍ଧିର ଦୋଷେ ଅକାଳେ ପ୍ରାଣ ହାରିଲୁ । ସ୍ତ୍ରୀର ରମଣୀର ରୂପରେ ମୁଗ୍ଧ ହୋଇ ଆତ୍ମୀୟ ବର୍ଗଙ୍କ ସ୍ମୃତି ଶତ୍ରୁ ପୁରରେ ପ୍ରାଣ ହରାଇଲୁ, ହାୟ ହାୟ, ମୁଁ ଯେ ବଂଶେ ଜନ୍ମ ଗ୍ରହଣ କରିଛି ସେ ବଂଶ ଜଗତ ପବିତ୍ରକର, ମୋର ପିତା ତ୍ରିଭୁବନେ ଅଦ୍ୱିତୀୟ ବୀର ଓ ପିତାମହ ତ୍ରିଜଗତେ ଅଦ୍ୱିତୀୟ ପୁରୁଷ । ମୁଁ ସେହି ପରମ ପୁରୁଷର ପୌତ୍ର ହୋଇ ସ୍ତ୍ରୀର ରମଣୀ ଲାଳସାରେ ପଡ଼ି ଚଣ୍ଡୀ ସମ୍ମୁଖରେ ପ୍ରାଣ ହରାଇବ ।

ପ୍ରହରୀ—ବାତୁଳପରି ଗୁଡ଼ାଏ କ'ଣ କହୁଛୁ । ଏଇଦେଖ ମହାରାଜ ଆସିଲେଣି ।

(ବାଣା ପ୍ରବେଶ ପଣ୍ଡା ଧଣ୍ଡା ଇତ୍ୟାଦି ଦେବା)

ବାଣା—ପ୍ରହରୀ ! ଶଳକାଠ କାହିଁ ?

ପ୍ରହରୀ—ଶୂଳକାଠ କି'ଣ ଦରକାର ?

ବାଣ—ବର୍ବର, ଦର୍ପୀର ମୂର୍ଖେ ? ଅଚ୍ଛା କରୁଛୁ ! ଯା ଶୀଘ୍ର ଆଣ ।

ପ୍ରହରୀ—ଯେ ଆଜ୍ଞା, ବର୍ତ୍ତମାନ ଆଣୁଛୁ । (ପ୍ରସ୍ଥାନ)

ବାଣ ଆରେ ହତଭାଗ୍ୟ ଆଜ ତୋର ସୌଭାଗ୍ୟର ଦିନ । ତୋର ଶୋଣିତରେ ଆଜ ହରପ୍ରିୟା କାଳିକାଙ୍କ ତୃପ୍ତି ସାଧନ କରିବ ।

ଅନିରୁଦ୍ଧ—ସେ କଥା ଯଥାର୍ଥ, ଦାନବରାଜ ! ମହାଷ-ମର୍ଦ୍ଦିନୀ ମହେଶମୋହିନୀ ତାର ଆଜ ପୂତ ଶୋଣିତ ପାନ କରିବେ । ବଡ଼ ଭାଗ୍ୟର କଥା ।

ବାଣ—ଅଚ୍ଛା ମୃତ୍ୟୁକୁ ସୁଖ ମନେ କରୁଛୁ । ଏହି ସେ ପ୍ରହରୀ । ପ୍ରହରୀ ! ଶୂଳକାଠ ଯଥାସ୍ଥାନରେ ସ୍ଥାପନ କର (ବ୍ରାହ୍ମଣପ୍ରତି) ବ୍ରାହ୍ମଣ ଫୁଲଚନ୍ଦନ ଇତ୍ୟାଦି ଏ ଯୁବକକୁ ଦିଅ ।

ଅନିରୁଦ୍ଧ—(ସ୍ୱଗତଃ) ନିଶ୍ଚୟ ତେବେ ଆଜ ପ୍ରାଣ-ଦଣ୍ଡର ଦିନ । ନିଶ୍ଚୟ ଆଜ ଅନିରୁଦ୍ଧର ଶେଷ ମୁହୂର୍ତ୍ତ । (ଫୁଲଚନ୍ଦନଦେବା)

(ଗୀତ)

ସରିଲା ସରିଲା ମୋର ଭବରଙ୍ଗ ଖେଳା
ସନ୍ନିକଟ ହେଲା ଆସି ଅନ୍ତିମର ବେଳା
ମୋର ଲୀଳା ଖେଳା
ସରିଗଲା ବୁଡ଼ିଗଲାଟି ଭେଳା । ୧ ।

ନ ଦେଖିଲେ ତାତ ମାତ ବନ୍ଧୁ ସହୋଦରେ
ଗୋପନେ ଶ୍ମଶାନେ ପ୍ରାଣ ହାରିଲି ନଗରେ
ଏ ଦୁର୍ଲଭ ଜନ୍ମ
ହେଲା ସିନା ଅକାରଣ ରେ । ୨ ।

ବାଣ—ବର୍ତ୍ତମାନ ଜ୍ଞାନ ଉଦୟ ହୋଇଛୁ, ମୂର୍ଖର ଅନ୍ତିମ ସମୟକୁ ଜ୍ଞାନ ଉଦୟ ହୋଇଛୁ, ପାଷାଣ୍ଡ ! ପ୍ରସ୍ତୁତ ହୁଅ ।

ଅନିରୁଦ୍ଧ—ଦାନବରାଜ ! ମୁଁ ଶୂଳଯାଇବା ଲାଗି ପ୍ରସ୍ତୁତ, କିନ୍ତୁ ଗୋଟିଏ ଅନୁରୋଧ ମୋର ରକ୍ଷା କରିବାକୁ ହେବ ।

ବାଣ—ମୋ ନିକଟରେ ତୋର କି ଅନୁରୋଧ ? ଅଚ୍ଛା ପ୍ରାଣଦଣ୍ଡରୁ ମୁକ୍ତ ଓ ରକ୍ଷା ଲାଭ ବ୍ୟତୀତ ଅନ୍ୟ ଯା କାମନା ତା ନିଶ୍ଚୟ ପୂରଣ କରିବି । ଶୀଘ୍ର ପ୍ରକାଶ କର ।

ଅନିରୁଦ୍ଧ— (ଗୀତ)

ଆହେ ଦୈତ୍ୟରାଜ ଶୁଣ ମୋ ଅରଜ
ଗରଜ ପଡ଼ିଛୁ ମୋର,
ବରଜବଲ୍ଲଭ ଶ୍ରୀପଦପଙ୍କଜ, ମୋ
ହୃଦେ ଅଙ୍କନ କର ।
ଏହି ଲଲାଟ ପଟେ
ପିତା ମାତା ପଦ ଲେଖ ରଙ୍ଗେ । ୧ ।

ହର ପାର୍ବତୀଙ୍କ ପବିତ୍ର ନାମକୁ
ସର୍ବାଙ୍ଗରେ ଲେଖିଦିଅ
ହରିଯିବ ମୋର ମନର ସାଧଟି
ନ ଥିବ ଶମନ ଭୟ ।
ଅରେ ବନ୍ଧୁ ସୁହୃଦୟ
ମାଗୁଣି ମାଗଇ ମୋର ଏହା । ୨ ।

ଦାନବରାଜ ! ଶୂଳ ଦେବା ପୂର୍ବରୁ ମୋର ହୃଦୟରେ ମୋର ପିତାମହ ଶ୍ରୀଗୋବିନ୍ଦ ପଦାରବିନ୍ଦ ଚନ୍ଦନରେ ଅଙ୍କିତ କର ଓ ଲଲାଟରେ ପିତାମାତାଙ୍କ ପଦ ଓ ସର୍ବାଙ୍ଗରେ ସେହି ହର ପାର୍ବତୀଙ୍କ ନାମ ଲେଖି ଦିଅ, ମୁଁ ଯେପରି ପରକାଳରେ ମୁକ୍ତିଲାଭ କରିବି ।

ବାଣ—ବ୍ରାହ୍ମଣ ! ଶୀଘ୍ର ଏହାର ଉଦ୍ଦେଶ୍ୟ ପୂରଣ କର ।

(ବ୍ରାହ୍ମଣ ତଥା କରଣ)

( ଅନିରୁଦ୍ଧ ଆଣ୍ଠୁ ମାଡ଼ି ବସି ସ୍ତବ )

ନବ ଜଳଦ ବରନ ହେ ।
ଏ ଭବଜଳେ ଗଲି ଭାସି ।
ତୁମ୍ଭେ କର୍ଣ୍ଣଧାର ହେ କରୁଣାକର
କୂଳେ ଲଗା ମୋତେ ଆସି । ପଦ ।

ଅନାଥର ନାଥ ତୁମ୍ଭେ ପାରନାଥ
ଦିନ ଆଉଁ କର୍ତ୍ତା ଗୋଟିଏ ଗତି
ଆସ ଥରେ ଆସ ଏ ତମିର ନାଶ
ଦୂର୍ବାଦଳ ଶ୍ୟାମ ରମାବିଳାସୀ । ୧ ।

ଧୂଳି ଖେଳ ଛଳେ            ଅନ୍ନ ସୁଦାମାରେ
ଚକ୍ଷୁଦାନ ଦେଇଛ ବ୍ରହ୍ମବଶି ।
ମୋତେ ମୋକ୍ଷପଥେ            ଦେଖା ହେ ଅନନ୍ତ
ଜ୍ଞାନ ଚକ୍ଷୁ ମୋର ଉଠୁ ବିକଶି । ୨ ।

ହେ ପିତାମହ; ହେ ଗୋପୀକାକାନ୍ତ, ହେ ଭଗବାନ ! ଆସ ଆସ ଏ ଅନ୍ତିମ ସମୟରେ ଥରେ ମାତ୍ର ଦେଖାଦିଅ !

ବାଣା—ରେ ଅବୋଧ ଶିଶୁ ! ଏଇଥର ଭବାନୀ ପାଦପଦ୍ମ ସ୍ମରଣ କରି ଶୂଳ କାଠରେ ମସ୍ତକ ରଖ ।

ଅନିରୁଦ୍ଧ—କି ଆଶ୍ଚର୍ଯ୍ୟ ? ମନ ମଧ୍ୟରେ ଏତେ ଭୟ ଆସୁଛି କାହିଁକି ? ମା କୃପାମୟୀ ! ହେ ମା ଅଭୟା ! ଯେବେ ମୋ ରୁଧିର ପିଇବାକୁ ଏତେ ଅଭିଳାଷୀ ହୋଇଛୁ ତେବେ ଏ ହୃଦୟରେ ବଳ ଦେ କୃପାମୟି ! ମୋର ମନର ଭୟ ଦୂର କର ମୁଁ ଅଜ୍ଞାନ ଶିଶୁ, ଭକ୍ତି ସ୍ତୁତି କିଛି ଜାଣେ ନାହିଁ, ମୋର ସଦ୍‌ଗତି ବିଧାନ କର ।

(ଆଶୁମାତୃ ସ୍ତବ)

ଦୁର୍ଗେ ଦୁର୍ଗତି ହର            ବିଘ୍ନ ବିନାଶିନୀ
ସଙ୍କଟେ ତାର ଗୋ ଆସି ତାରା ତ୍ରିନୟନା ।
ଘୋର ବିପଦ ସାଗର            କି ଆଉ ଭରସା ସ୍ଥିର
ତୁମ୍ଭେ କୃପା ନ କଲେ ମା ମହିଷାମର୍ଦ୍ଦିନୀ । ୧ ।
ପାଷାଣ ଜନକ ତବ            ତୁମ୍ଭେ କି ପାଷାଣୀ ହେବ
ନାମେ କଳଙ୍କ ରହିବ ବିପଦଭଞ୍ଜନା । ୨ ।

ମା ଦୁର୍ଗତିନାଶିନି ଦୁର୍ଗେ ! ଅନିରୁଦ୍ଧ ତୋର ପାଦପଦ୍ମ ସ୍ମରଣ କରି ବିଦାୟ ନେଲା, ମା ଦୁର୍ବୁଦ୍ଧି କାଳ ଯେପରି ମୋତେ ଆସ୍ପୃଷ୍ଟ ନ କରେ, ଏହି ଶେଷ ଭିକ୍ଷା ।

ବାଣା—ପ୍ରହରୀ ! ଦେଖୁଛୁ କ'ଣ ? ଦେ ଶୂଳକାଠରେ ତାର ମସ୍ତକ ରଖ ।

ପ୍ରହରୀ—(ଅନିରୁଦ୍ଧ ପ୍ରତି) ଆସ ବାଳକ !

ଅନିରୁଦ୍ଧ—ମୁଁ ସ୍ୱଇଚ୍ଛାରେ ମସ୍ତକ ଦେଉଛି ତୁମ୍ଭେ-ମାନେ ମୋର ଅନୁରୋଧ ରକ୍ଷାକରି ଥରେ ଉଚ୍ଚସ୍ୱରେ ଦୁର୍ଗେ ଦୁର୍ଗେ ବୋଲି କହ । (ସମସ୍ତେ ତଥାକରଣ ଓ ଶୂଳକାଠରେ ଅନିରୁଦ୍ଧ ମସ୍ତକ ରଖିବା ।

ବାଣା—ମାତ ରଣଚଣ୍ଡିକେ ! ମୋର ଅରାତି ଏହି ଦୁର୍ମତିକୁ ତୋର ନିକଟରେ ବଳିଦେଲି, ଏ ବଳି ଗ୍ରହଣ କରି ମୋ ପ୍ରତି ସୁପ୍ରସନ୍ନ ହୁଅ, ହଅ ବ୍ରାହ୍ମଣ ଖଣ୍ଡା ଦିଅ ।

(ଖଡ୍‌ଗ ପ୍ରଦାନ ଓ ଘଣ୍ଟାନାଦ, ବାଣା ଖଡ୍‌ଗ ଉତ୍ତୋଳନ କରିବା ସମୟେ ଦୁର୍ଗାଙ୍କ ଆବିର୍ଭାବ)

ଦୁର୍ଗା—କ୍ଷାନ୍ତହୁଅ ବର୍ବର ! କାହାକୁ ତୁ ଦେଉ ଶୂଳଦାନ
ତ୍ରୈଲୋକ୍ୟ ଆରାଧ୍ୟ ହରି ପତିତପାବନ ।
ନାରାୟଣ ନନ୍ଦନ ମାରଦ ଶ୍ୟାମ
ଯୁଜେ ଯାରେ ହରବ୍ରହ୍ମା ଅହର୍ନିଶି ବସି
ଅନିରୁଦ୍ଧ ତାର ପୌତ୍ର ନାହିଁକି ସ୍ମରଣ ମୂର୍ଖ ।
ଫିଙ୍ଗ ଦୂରେ ପାପ ଖଡ୍‌ଗ ମୁକ୍ତ କର ଜ୍ୱଳନ୍ତ
ପାବକେ ।

ବାଣା—ଆଶ୍ଚର୍ଯ୍ୟ ହେଉଛି ମାଗୋ ଶୁଣି ତବ କଥା
ଦ୍ୱାରକାନିବାସୀ କୃଷ୍ଣ ବୈକୁଣ୍ଠ ଈଶ୍ୱର
ନନ୍ଦଘରେ ଲୁଚିଥିଲା ଯେହୁ କଂସ ଡରେ
ଗୋପାଳ ଉଚ୍ଛିଷ୍ଟ ଯେହୁ ଭୁଞ୍ଜୁଥିଲା ଗୋପେ
ସେ କି ଅଟେ ହରି ନାରାୟଣ ?
ଭ୍ରମାଚ୍ଛନ୍ନ ତୁମ୍ଭେ ମାତା ଭ୍ରମବଶେ ମୁଖେ କହ
ଏସନ ବଚନ

ଦୁର୍ଗା—ରେ ଅବୋଧ !
ଭ୍ରମାଚ୍ଛନ୍ନ ନୁହେଁ ଜନନୀ ତୋହର
ଦାରୁଣ ଭ୍ରମେ ପଡ଼ିଛୁ ତୁ ମୂର୍ଖ
ତ୍ରିଲୋକ ଆରାଧ୍ୟ ହରି ପତିତପାବନ
ଦୁଷ୍ଟ ନିବାରିବା ହେତୁ ଅବତୀର୍ଣ୍ଣ ମର୍ତ୍ତ୍ୟେ
କଂସଭୟେ ନନ୍ଦାଳୟେ ନ ଥିଲେ ଶ୍ରୀକୃଷ୍ଣ
ଭକ୍ତର ବାଞ୍ଛା ପୂରଣେ ଗୋକୁଳେ ଉଦୟେ
ଯାକୁ ଭାବୁ ଗୋପାଳ ନନ୍ଦନ ବୋଲି
ସେ କି ଟେକିପାରେ ଗିରି ଗୋବର୍ଦ୍ଧନ
ସେ କି କରିପାରେ ଅନଳ ଭକ୍ଷଣ
ଯେଉଁ କାଳିନ୍ଦୀର ଜଳସ୍ପର୍ଶ ମାତ୍ରେ ନର
ଲଭିବ ଅନ୍ତିମ ଦଶା ସେହି ସ୍ଥାନେ ପଡ଼ି

ସେ ଜଳକୁ ଗୋପାଳ କ କରିଥାନ୍ତେ ପାନ,
ତେଜ ବାପ ମନର ବିକାର
ମୁକ୍ତ କର ଅନିରୁଦ୍ଧ ଏହି ମୁହୂର୍ତ୍ତରେ ।
ବାଣ—ଶୁଣ ମାତ ! ତବ ବାକ୍ୟ ପାଳିବାରେ ସତ୍ୟ
କିନ୍ତୁ ନରଗୌରୀଶ ପାଦ ପଦ୍ମ ସଦା କରେ ଧ୍ୟାନ
ବିଶ୍ୱଜୟୀ ବାଣ ବୋଲି ଉଡ଼େ ଜୟ ଧ୍ୱଜା
କେବା କୃଷ୍ଣ କେବା ବିଷ୍ଣୁ କାହାକୁ ନ ଜାଣେ
ଏକମାତ୍ର ହର ଗୌରୀ ଭରସା ମୋହର
ଦୁର୍ମତି ବାଳକ କରିଛି ମୋ ମାନହାନ
ସେ ଯୋଗୁଁ ତାହାର ପ୍ରାଣ ନେଉଛି ଜନନୀ !
ଶୁଣିଛି ମୁଁ ମାତ ! କପଟୀ ଲମ୍ପଟୀ ସେହି କୃଷ୍ଣ
ଦାନବ ବଳି ପିତାଙ୍କୁ ମୋ ଦେଇଛି ଦୁର୍ଦ୍ଦଶା
ମନେ ମୋର ପଡ଼ିଲେ ସେ କଥା
ଆପାଦ ମସ୍ତକ ମୋର ହେଉଛି କମ୍ପନ
କୃଷ୍ଣ ମୋର ଚିର ଶତ୍ରୁ
ତାର ସଙ୍ଗେ ଯୁଝିବା ମୋ ଅବଶ୍ୟ କର୍ତ୍ତବ୍ୟ
ଦୁର୍ଗା—ଅସ୍ତୁ ହେଉ ତୋର ମନସ୍କାମ
ଅବିଳମ୍ବେ ଭେଟିବୁ ତୁ କୃଷ୍ଣେ
ଆଜଠୁ ଆରମ୍ଭ କରି ସାତଦିନ ଯାଏ
ନ ହୋଇବ ବଳ ହେଜା—ଅଛି ମୋର ବ୍ରତ
ସପ୍ତଦିନ ପରେ ଦେବୁ ମୋତେ ବଳି ।
କାରାଗାରେ ରୁଦ୍ଧକର ଅନିରୁଦ୍ଧେ ନେଇ
ମୋ ବାକ୍ୟ ତୁ କରିଲେ ଅନ୍ୟଥା
ପରି ଶେଷେ ମନ୍ଦଫଳ ଘଟିବ ନିଶ୍ଚୟ ।
( ଦୁର୍ଗାଙ୍କ ପ୍ରସ୍ଥାନ )
ବାଣ ତବ ଆଜ୍ଞା ଶିରୋଧାର୍ଯ୍ୟ ମମ !
( ପ୍ରହରୀ ପ୍ରତି ) ମୁକ୍ତକର ଅନିରୁଦ୍ଧେ ନିଅ
କାରାଗାରେ । ( ସମସ୍ତେ ପ୍ରସ୍ଥାନ )

—*—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

( ବନ୍ଦୀଗଣସହ କୃଷ୍ଣ )

ଦେଖ ଲୋ ଦେଖ ଲୋ ନବ ନୀରଦ ବରନ ଶ୍ୟାମ ।
ଦେବାକୁ ନାହିଁ ଉପମା ଜିଣି ରୂପ କୋଟି କାମ ।ପଦ।
ହୃଦେ ଲମ୍ବେ ବନମାଳ, ଶିରେ ଶୋଭେ ଶିଖିଚୂଳ,
ଦେଖିଲେ ନାରୀଙ୍କ କୁଳ ପ୍ରେମେ ହୋଇବଟି ଭ୍ରମ ।୧।
କୃଷ୍ଣ—ବନ୍ଦୀଗଣେ, ନୃତ୍ୟଗୀତ ଆଜି ଭଲ ଲାଗୁନାହିଁ, ଅନିରୁଦ୍ଧ ସାତଦିନ ହେଲା ମୋତେ ଦୁଃଖ ସାଗରରେ ବୁଡ଼ାଇ ଦେଇ ଯାଇଛି । ତୁମ୍ଭେମାନେ ଯାଅ ପୁତ୍ର ପଦ୍ମନ କେଉଁଠାରେ ଅଛି ଶୀଘ୍ର ମୋ ନିକଟ ପଠାଇଦିଅ । ବର୍ତ୍ତମାନ ଆମୋଦ ପ୍ରମୋଦର ସମୟ ନୁହେଁ । ରୁକ୍ମିଣୀ ମଧ୍ୟ ପୌତ୍ର ବିଚ୍ଛେଦର ଦୁଇଦିନ ହେଲା ଅନ୍ନଜଳ ସ୍ପର୍ଶ କର ନାହାନ୍ତି; ଯାଅ ଶୀଘ୍ର ।
ବନ୍ଦୀଗଣ—ଯେ ଆଜ୍ଞା ପ୍ରଭୋ ! ( ପ୍ରସ୍ଥାନ )

( ପଦ୍ମନର ପ୍ରବେଶ ଓ ପ୍ରଣିପାତ )

କୃଷ୍ଣ—କହ ପୁତ୍ର ପାଇଲକି ଅନିରୁଦ୍ଧ ସମାଚାର କିଛି ?
ପଦ୍ମନ—ପିତଃ ! ନାନା ଦେଶେ ନାନା ସ୍ଥାନେ ଯାଇଛନ୍ତି ଚର କିନ୍ତୁ କେହି ଜଣେ ଆସିନାହିଁ ଫେରି ।
କୃଷ୍ଣ—ଆଶ୍ଚର୍ଯ୍ୟ ଏ କଥା, କେଣେ ଗଲା ପୌତ୍ର ମୋର
କିବା ଅଭିଳାଷେ ଯାଇଛି ବା କାହିଁ
ଆଜ ଯେବେ ସଦନକୁ ନ ଆସିବ ଫେରି
କାଲି ନିଶ୍ଚେ ତା ସନ୍ଧାନେ ଯିବି ସ୍ୱଭାବତଃ ।
ପଦ୍ମନ—ପିତଃ ! ଆଜ୍ଞାଦିଅ ଥରେ
ଏ ଅଧମ ଯିବ ପୁତ୍ର ଲୋଡ଼ି
ଦ୍ୱାରକା ନିବାସୀ ସର୍ବେ କି ଧନୀ ଦରିଦ୍ର,
ଶୋକାକୂଳେ ବୁଡ଼ିଛନ୍ତି ଅନିରୁଦ୍ଧ ପାଇଁ
ଜ୍ୟୋତ୍ସ୍ନାତ ହଳପାଣି ତେଜ ରାଜକାର୍ଯ୍ୟ
ମନ୍ଦିରରେ ବସିଛନ୍ତି ସୁଗୃହରେ ପାଇଁ ।
କୃଷ୍ଣ—ପୁତ୍ର ପଦ୍ମନରେ ! ଅନିରୁଦ୍ଧ ବିନା
ସବୁ ଶୂନ୍ୟ ଦିଶୁଅଛି ମୋତେ

( କର୍ଣ୍ଣ ଡେରି ) ଏ କାହାର ବୀଣା ଧ୍ୱନି !
ଆସିଲେଣି କି ଦେବର୍ଷି ଏ ସ୍ଥାନେ ।

ପ୍ରଦ୍ୟୁମ୍ନ—ଦେବ ପରି ?

ନାରଦ— ଗୀତ

ଅନିତ୍ୟ ଅସାର ସଂସାର ମୋହମାୟା ଅନ୍ଧକାର
ପତିତପାବନ ପିତାମ୍ବର ହରି ହରି ଭବର କର୍ଣ୍ଣଧାର
ହରି ପିତା ହରି ମାତା ହରି ଜ୍ଞାତି ସହୋଦର
ତ୍ରୈଲୋକ୍ୟ ନାୟକ ଭକ୍ତ ମୋକ୍ଷ ହରି କଳୌ ହରିନାମ ସାର ॥

( କୃଷ୍ଣ ଉଠିଯାଇ ଆଲିଙ୍ଗନ ପୂର୍ବକ )
ଆସନ୍ତୁ, ଆସନ୍ତୁ ଦେବର୍ଷେ ! ଆପଣଙ୍କର ସମସ୍ତ ମଙ୍ଗଳତ ?

ନାରଦ—ପ୍ରଭୋ ! ଆପଣଙ୍କର ମଙ୍ଗଳରେ ମୋର ମଙ୍ଗଳ ।

କୃଷ୍ଣ—ଦେବର୍ଷେ ! ଆମ୍ଭର ବର୍ତ୍ତମାନ ବିଶେଷ ଅମଙ୍ଗଳ

ନାରଦ—ପ୍ରଭୋ— ! ବୃକ୍ଷର ମୂଳରେ କୁଠାର ଆଘାତ ହେଲେ ଶାଖା ପ୍ରଶାଖାକୁ କଣ ହୁଏନାହିଁ ?

କୃଷ୍ଣ—ତା ଯଥାର୍ଥ, ଆଚ୍ଛା ଦେବର୍ଷେ । ଆପଣଙ୍କର ତ ତ୍ରୈଲୋକ ଭ୍ରମଣ କରିବାର ପେଶା, ତେବେ କହି ପାରିବେ କି ମୋର ଅନିରୁଦ୍ଧ କେଉଁଠାରେ ?

ନାରଦ—ପ୍ରଭୋ । ଅନିରୁଦ୍ଧଙ୍କୁ ସ୍ୱଚକ୍ଷୁରେ ଦେଖିନାହିଁ, ତେବେ ଜାଣେ ସେ ଯେଉଁ ସ୍ଥାନରେ ଅଛି ।

କୃଷ୍ଣ—କହ ଦେବର୍ଷେ ! ଅନିରୁଦ୍ଧ କେଉଁଠାରେ ? ପ୍ରାୟ ମାସ ଦିନହେଲା ତାର ସନ୍ଧାନ କିଛି ନ ପାଇ ବଡ଼ କଷ୍ଟ କଷ୍ଟ ଭୋଗ କରୁଛୁଁ ।

ନାରଦ—ଶୈଶବ କାଳରେ ପୌତ୍ରଙ୍କୁ ସ୍ନେହବଶତଃ ଶାସନାଧୀନ ନ ରଖିବାର ଫଳ ବର୍ତ୍ତମାନ ବାହାରିଛି । ସ୍ୱେଚ୍ଛାର ନାତି ସ୍ୱେଚ୍ଛା କରୁ କରୁ ଧରା ପଡ଼ିଛି ।

କୃଷ୍ଣ—ଦେବର୍ଷେ ! କଣ ମୁଁ କିଛି ବୁଝି ପାରୁ ନାହିଁ ।

ନାରଦ—କପରି ବୁଝିବେ, ଅନିରୁଦ୍ଧ ଅବରୋଧ ।

କୃଷ୍ଣ—କେଉଁଠାରେ ?

ନାରଦ—ଶୋଣିତ ନଗରେ ବାଣାସୁର କାରାଗାରରେ ।

କୃଷ୍ଣ—କଣ କହିଲ, ଅନିରୁଦ୍ଧ ବାଣା କାରାଗାରରେ ଅବରୋଧ ?

ନାରଦ—ହଁ ପ୍ରଭୋ ! ଅନିରୁଦ୍ଧ ବାଣା କନ୍ୟା ଊଷା ସହିତ ଗୁପ୍ତ ପ୍ରଣୟ ସ୍ଥାପନ କରି ଦୈବବଶତଃ ବାଣାସୁରଦ୍ୱାରା ଧୃତ ହୋଇ ଶ୍ମଶାନକାଳୀ ନିକଟରେ ବଳି ଦାନ ଦେଉଥିଲା, କିନ୍ତୁ କୈଳାସ ବାସିନୀ ଦୁର୍ଗା ଗୋଟିଏ କୃତ୍ରିମ ଉପାୟ ଦ୍ୱାରା ଏକ ସପ୍ତାହ ମାତ୍ର ଅନିରୁଦ୍ଧର ଜୀବନ ଭିକ୍ଷା ମାଗି ନେଇଛନ୍ତି । ଏ ସମ୍ବାଦ ସେହି ଦୟାମୟୀ ଦୁର୍ଗା ମୋତେ ଦେଇ ଆପଣଙ୍କ ନିକଟକୁ ପଠାଇଲେ ।

କୃଷ୍ଣ—ଦେବର୍ଷେ ! ଏତେ ସାହସ ବାଣା କଲେବରେ, ନ ଜାଣେ ସେ ରାମକୃଷ୍ଣ ବଳ ଦୁର୍ବାର । ଅନିରୁଦ୍ଧେ କଲା ଅବରୋଧ । ପ୍ରଦ୍ୟୁମ୍ନ ! ବିଳମ୍ବରେ ନାହିଁ ପ୍ରୟୋଜନ । ଏ ମୁହୂର୍ତ୍ତେ କର ଶୀଘ୍ର ଯୁଦ୍ଧ ଆୟୋଜନ ।

ଗୀତ

ସାଜ ହେ ଯାଦବ ବୀରେ ସାଜ ରଣ ସାଜ ।
ଦର୍ପିଷ୍ଠ ବାଣାର ଗର୍ବ ଖର୍ବ କର ଆଜ । ପଦ ।
ଧର ଧନୁର୍ବାଣ ଅସି ଆତ୍ମୀୟ ସ୍ୱଜନେ ମିଶି
ଦୈତ୍ୟକୁଳ ଶିରେ ନାଶି ଉଡ଼ା ଜୟଧ୍ୱଜ । ୧ ।
ସମ୍ମୁଖ ସଂଗ୍ରାମେ ଦୁଃଷ୍ଟ ହେବଟି ନଷ୍ଟେ ବିନଷ୍ଟ
କୁଳ ଶିରେ ରାଜଥାଉ ପୂର୍ଣ୍ଣକର କାର୍ଯ୍ୟ । ୨ ।
ଆସ ସର୍ବେ ଯଦୁ ବୀରଗଣେ
ଆସ ସର୍ବେ ଦ୍ୱାରକା ନିବାସୀ
ଏ ମୁହୂର୍ତ୍ତେ ବାଣାପୁରେ ଯିବା ଶିରତରେ ।
(ପ୍ରଦ୍ୟୁମ୍ନ ପ୍ରତି) ପ୍ରଦ୍ୟୁମ୍ନ ! ବଳସ୍ତ ଭାଇ ମୋହର
ବଳଦେବ ଠାରେ କହ ଯାଇ ଏସନ ବାରତା,
ଆଜ ନିଷ୍ଟେ ଯୁଦ୍ଧ ହେବ ବାଣା ସହିତରେ ।
ଦେବର୍ଷେ !ଚାଲ ଆମ୍ଭ ସଙ୍ଗେ ।

(ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

( ସୈନ୍ୟଗଣ, କୃଷ୍ଣ, ବଳଦେବ, ପ୍ରଦ୍ୟୁମ୍ନ ଓ ଦୂତ )

ଗୀତ

ଯାଗ ଯାଗ ଯାଗ ହେ ଜାଗ ଜାଗ ଜାଗ ହେ
ସ୍ୱଦେଶ ଗୌରବ ଲାଗି ପ୍ରାଣ କର ତ୍ୟାଗ ହେ । ପଦ

ଧର ଧର ଧର ଧନୁର୍ବାଣ ବାଣ ।
ଧର ଧର ଖରେ ଶାଣିତ କୃପାଣ ।
ଯୌଦ୍ଧାଚ୍ୟୁତ ନୋହୁ ଆଜ ପ୍ରାଣ ପଣେ ଲଗ ହେ ।୧
କୃଷ୍ଣ—ଭ୍ରାତ ! ସୈନ୍ୟଗଣେ ରଖି ଏକସ୍ଥାନେ
ଦୂତ ଜଣେ ବରଗିବା ବାଣାସୁର କତି
ବଳଦେବ—ଯାଉ ଦୂତ ଖରେ, ବଳମ୍ବରେ ନାହିଁ ପ୍ରୟୋଜନ । (ଦୂତପ୍ରତି) ଦୂତବର ! ନିର୍ଭୟରେ
କହିବୁ ବାଣାକୁ
ପ୍ରାଣେ ଆଶା ଯେବେ ଥାଏ ତାର
ଅନିରୁଦ୍ଧ ଦେଇ ଆସୁ ଆମ୍ଭ ପାଶ
ନଚେତ୍ ମୁଣ୍ଡଖାନ ଗଣ୍ଡି ତାର ଲୋଟିବ ଏ ମହୀ ।
ଥିଲ ସବେ ରଣକ୍ଷେତ୍ରେ କରିବା ନିର୍ଣ୍ଣୟ ।
(ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

ବାଣ—(ସ୍ୱଗତ) ମହାମାୟୀଙ୍କ ଆଦେଶ ପାଳନ କରି ଅନିରୁଦ୍ଧଙ୍କୁ ଶୃଙ୍ଖଳରୁ ମୁକ୍ତ କରି ଏକ ସମ୍ପ୍ରାଡ଼ ବାସ ଗୃହରେ ରଖିଲି, ଏଥର ସେ ସମସ୍ତ ଅଗାତ ହୋଇ ଯିବନି । ଆଜ ଆଉ ଅନିରୁଦ୍ଧଙ୍କୁ ରକ୍ଷା ନାହିଁ । ନିଶ୍ଚୟ ଶ୍ମଶାନ କାଳୀ ନିକଟରେ ବଳୀ ଦାନ କରି ମନର ସାଧ ମେଣ୍ଟାଇ କରିବି । ଆଜ ଅନିରୁଦ୍ଧ ରୁଧିରରେ ଚଣ୍ଡୀଦେବୀଙ୍କର ତୃଷା ନିବାରଣ କରିବି ।
(ପ୍ରହରୀ ପ୍ରବେଶ)
ବାଣ ପ୍ରହରୀ ! କି ସମ୍ବାଦ ?
ପ୍ରହରୀ—ମହାରାଜ ! ଦ୍ୱାରଦେଶେ ଜଣେ ଦୂତ ଆପଣଙ୍କ ଦର୍ଶନ ଅଭିଳାଷ କରୁଛି ।
ବାଣ—ଆଚ୍ଛା, ଆସିବାକୁ ଆଜ୍ଞା ଦିଅ ।
(ପ୍ରହରୀ ପ୍ରସ୍ଥାନ)
ବାଣ ଗୀତ (ସ୍ୱଗତ) —
କାହାର ଦୂତ,
କି ଉଦ୍ଦେଶ୍ୟେ ଆସିଲା ମୋ ପାଶେ,
ଆସୁ ଏବେ ମତ ଜଣାଯିବ ସବୁ ।

(ଦୂତ ପ୍ରବେଶ ଓ ଅଭିବାଦନ)
ବାଣ—କିଏ ତୁମ୍ଭେ କିବା କାର୍ଯ୍ୟେ ଆଗମନ ତୋର ?
ଦୂତ—କୃଷ୍ଣ ଦୂତ ମୁହିଁ, ଘର ମୋର ଦ୍ୱାରକା ନଗରେ ।
ବାଣ—ଆସିବା ଉଦ୍ଦେଶ୍ୟ କଣ ?
ଦୂତ—ଶୁଣନ୍ତୁ ପ୍ରଭୋ

ଦୈତ୍ୟ ରାଜ ହେ, ମୋ କଥା ଶ୍ରୁତିରେ ଦେଇ ।
ଦ୍ୱାରକା ରାଜନ     କୃଷ୍ଣ ବଳରାମ
ବରଗିଲେ ମତେ ଆଜ । ପଦ ।
ତାର ଅନିରୁଦ୍ଧ     କମ୍ପା ଅବରୋଧ
କରିଛ ଦାନବ ରାଜ ।
ସେ ପୌତ୍ର କାହାର     ନ ଜାଣିକ ତାର
ଘଟିବ ନିଶ୍ଚେ ଦୁର୍ଯୋଗ । ୧ ।

ଦାନବ ରାଜ ! ଅନିରୁଦ୍ଧ କାହା ପୁତ୍ର ଆପଣ ଜାଣନ୍ତି ତ ? ତାଙ୍କୁ ବନ୍ଦୀରେ ରଖିବାଦ୍ୱାରା ନିଶ୍ଚୟ ଅନର୍ଥ ଘଟିବ ।
ବାଣ—ଅନର୍ଥ ଘଟୁ ଏହି ମୋର ମୂଳ ଉଦ୍ଦେଶ୍ୟ ।
ଦୂତ—     ଗୀତ
କୃଷ୍ଣ ବଳରାମ     ଘେନି ଯଦୁ ସୈନ୍ୟ
ହୋଇଛନ୍ତି ରଣେ ସଜ । ୧ ।
ଶୀଘ୍ର ରଣବର୍ତ୍ତୀ,     ଦୁଷ୍ଟ ଦୈତ୍ୟପତି
ବଳମ୍ବରେ ନାହିଁ କାର୍ଯ୍ୟ । ୨ ।

ଦାନବ ରାଜ । ରାମକୃଷ୍ଣ ଯଦୁ ସେନା ସହ ଏହି ରାଜ୍ୟ ସୀମାରେ ଉପସ୍ଥିତ ହୋଇ ଆପଣଙ୍କ ସହିତ ଯୁଦ୍ଧ ଅଭିଳାଷ କରୁଛନ୍ତି । ଏ ପ୍ରତି ଶୀଘ୍ର ତତ୍ପର ହୁଅନ୍ତୁ, ନଚେତ୍ ଅନିରୁଦ୍ଧଙ୍କୁ ବନ୍ଧନରୁ ମୁକ୍ତ କରି ଶ୍ରୀକୃଷ୍ଣଙ୍କ ନିକଟରେ କ୍ଷମା ଭିକ୍ଷା ମାଗନ୍ତୁ ।
ବାଣ—ଦୂତାଧମ । କେତେ ଦମ୍ଭେ କହୁ ବଡ଼ି କଥା ଜାଣୁ ମୋର ପରାକ୍ରମ କେତେ ?
ବର୍ବର । ମୁଁ ପୁଣି ମାଗିବି କ୍ଷମା ଗୋପାଳ ପିଲାରେ ?
ଦୂତ—ଦୈତ୍ୟରାଜ। ସାମାନ୍ୟ ଗୋପାଳ ବୋଲି ଭାବନ୍ତୁ ଯାହାଙ୍କୁ, ସେହି ନିଶ୍ଚେ ନାରାୟଣ ଦୈତ୍ୟ ସଂହାରକ ।

ପୃଥ୍ୱୀର ପାପଭାର ଭଞ୍ଜାଇବା ଆଶେ
କହ୍ଣା ଅବତାର ହୋଇ ଜନ୍ମିଛନ୍ତି ମର୍ତ୍ତ୍ୟ
ଯେବେ ତୁମ୍ଭ ଅନିରୁଦ୍ଧେ ନ କରିବେ ମୁକ୍ତ
ତେବେ ସ୍ୱର୍ଣ୍ଣମୟ ଦୈତ୍ୟପୁର ହେବ ଛାରଖାର
ଅଟଳ ପ୍ରତିଜ୍ଞା ବଦ୍ଧ ହୋଇଛନ୍ତି ପ୍ରଭୁ ।

ବାଣ—ମୂର୍ଖ ! ଦୁଷ୍ଟ ମୁଖେ କହୁ ବଡ଼ କଥା
କାର ଏପରି ଶକ୍ତି,
କାର ମୃତ୍ୟୁ ଆଜ ହୋଇଛି ଆସନ୍ନ
ବାଣ ସଙ୍ଗେ କରିବ ସେ ଯୁଦ୍ଧ ।
ଯାଅ ଶୀଘ୍ର ଜଣାଅ ସେ କୃଷ୍ଣେ
ବିଳମ୍ବରେ ନାହିଁ ପ୍ରୟୋଜନ ।

(ଦୂତ ପ୍ରସ୍ଥାନ)

(ପ୍ରହରୀ ପ୍ରତି) ପ୍ରହରୀ ! ରାଜ୍ୟ ମଧ୍ୟେ କରାଅ
ଘୋଷଣା ଯୁଦ୍ଧ ଲାଗି ହୁଅନ୍ତୁ ପ୍ରସ୍ତୁତ ସର୍ବେ ।

(ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

(ବଢ଼ଆ ମା ଓ ବଢ଼ଆ)

ବୁଢ଼ୀ—ଇରେ ବଢ଼ଆ, ବଢ଼ଆ ରେ ଏ ଯଦୁ ସେନାପତି ମାନେ ଆସିଲେ, ତୁ କୁଆଡ଼େ ଗଲୁରେ ବଢ଼ଆ ।

ବଢ଼ଆ—ମା ମା ! ମୁଁ ଏଇଠି ଅଛି, ତୁ ରହଲୁ ।

ବୁଢ଼ୀ—ଇରେ ତୁ ପଳାଇ ଆରେ ବଢ଼ଆ, ଆଉ ସାଙ୍ଗକୁ ଯାଆନା, ଆରେ ଅସୁର ଦଳତ ମାନେ ଦଳଦେଇ ଯିବେ ରେ ବଢ଼ଆ !

ବଢ଼ଆ—ମା ବାଣାସୁରର ହୁକୁମ, କି ପିଲା, କି ବୁଢ଼ୀ, କି ମାଇପେ ସମସ୍ତେ ଯୁଦ୍ଧକୁ ଯିବେ । ଯଦି ଏ ହୁକୁମ କିଏ ଅମାନ୍ୟ କରିବ ତା ବଂଶ ଶୂଳରେ ବସିବେ ।

ବୁଢ଼ୀ—ଆରେ ଘରଦ୍ୱାର ସମ୍ପତ୍ତି ପଛେ ପୋଡ଼ ଯାଉ ତୁ ଚାଲ କେଉଁଠିକି ପଳାଇବା । ଏ ଅସୁର କଣ ସତରେ ଯୁଦ୍ଧ କରିବ ? ତୁ ଆ ମାମୁ ଘରକୁ ପଳାଇବା ।

ବଢ଼ଆ—ମା ! ଆମ ରାଜା କ'ଣ କମ ଯୋଦ୍ଧା ବୋଲି ଭାବୁଛୁ ? ଆମ ରାଜା ସମସ୍ତଙ୍କୁ ହଟାଇ ଦେବେ ।

ବୁଢ଼ୀ—ଆରେ ତୁ କାଲିକା ନେହୁଣ୍ଡା ଜାଣିଛୁ କଣ, ମୁଁ ଶୁଣିଛି, କଂସ ପରି ଯୋଦ୍ଧା ସେ ରାମକୃଷ୍ଣଙ୍କୁ ଦେଖି ଦେଖି ମଞ୍ଚରୁ ପଡ଼ି ମଲା । ପୁଣି ଜରାସନ୍ଧ ଭଳିଆ ଯୋଦ୍ଧା ଯେଉଁ ଅବସ୍ଥା ଲଭିଲା, ମୁଁ କଣ କହିବି, ତୁ କଣ ବାଇଆ ହେଲୁ । ଏ ଅସୁର ବଂଶ ନିର୍ବଂଶ ହେବେ; ରକ୍ତ ନଦୀ ବୋହିଯିବ । ତୁ ପଳେଇ ଆ ।

ବଢ଼ଆ—ମା । ଏଗୁଡ଼ାକ କିଏ ଆସୁଛନ୍ତି ?

ବୁଢ଼ୀ—ଇରେ ବଢ଼ଆ, ସେଇରେ, ସେହି ମାନେ ତ ଆସିଲେ । ଇରେ କୁଆଡ଼କୁ ଯିବାରେ ।

---

## ପଞ୍ଚମ ଅଙ୍କ

### ପ୍ରଥମ ଦୃଶ୍ୟ

ବଳରାମ—ଅସୁର ସେନା ତ ସମସ୍ତେ ନିପାତ ହେଲେ, ବାଣ ! ଏଥର ତୋର ନିସ୍ତାର ନାହିଁ । ତୁ ଅହଂକାରେ ମତ୍ତ ହୋଇ ରାମ କୃଷ୍ଣ ସହିତ ସଂଗ୍ରାମ କାମନା କଲୁ । ଏଥର କେ ରକ୍ଷା କରିବ ଦେଖିବି । ଏ କିଏ ଆସିଲା କି ପ୍ରଚଣ୍ଡ ମୂର୍ତ୍ତି, ତୁ ଶରଦ୍ୱାରା ମେଘମାଳ କମ୍ପାଇ ଆସୁଛୁ । କିଏ ଏ, ମୁଁ ତ କିଛି ଠିକ କରିପାରୁନାହିଁ ।

ଶିବଜ୍ୱର—ରେ ପାଷାଣ୍ଡ ମୁହିଁ ଶିବଜ୍ୱର; ପାରିବୁ କି ବର୍ତ୍ତି ମୋହକରୁ ?

ବଳରାମ—ଓହୋ ବାଣ ତେବେ ବର୍ତ୍ତମାନ ଶିବଙ୍କ ଆଶ୍ରୟ ନେଇଛି, ଦେଖାଯାଉ, (ଜ୍ୱରପ୍ରତି) ରେ ଶିବଜ୍ୱର ତୁ ବଳଦେବ ହସ୍ତରେ ନିଶ୍ଚୟ ନିହତ ହେବୁ ।

ଜ୍ୱର—ମୋତେ ମାରିବୁ ! ହୋ, ହୋ, ହୋ, ଆ ଶୀଘ୍ର ଯୁଦ୍ଧକର ।

ବଳରାମ—ଆ ମୂର୍ଖ ! (ଉଭୟ ଯୁଦ୍ଧ କରୁ କରୁ ପ୍ରସ୍ଥାନ) ।

---

## ଦ୍ୱିତୀୟ ଦୃଶ୍ୟ

ପ୍ରଦ୍ୟୁମ୍ନ—କିଏ ଏହି ବୀର ଦେଖୁ ଦେଖୁ ବଳଦେବ କଲା ପରାଜିତ ।

ଶିବଜ୍ୱର—ମୂର୍ଖ ମୂର୍ଖ ଚିହ୍ନିନାହୁଁ ମୋତେ, ମୁହିଁ ଶିବଜ୍ୱର ! ତୁ କିଏ ? ଦେ ପରିଚୟ ଶୀଘ୍ର ।

ପ୍ରଦ୍ୟୁମ୍ନ—ମୁହିଁ କୃଷ୍ଣପୁତ୍ର ପ୍ରଦ୍ୟୁମ୍ନ, ଜାଣୁ ମୋର ପରାକ୍ରମ ମୂର୍ଖ !

ଶିବଜ୍ୱର- ଆ, ଆ, ଦେଖିବି ଦେଖିବି ।
କେତେ ବୀର୍ଯ୍ୟ ତୋର କଳେବରେ ।

ପ୍ରଦ୍ୟୁମ୍ନ ମୋର ହସ୍ତେ ତୋର ମୃତ୍ୟୁ ଜାଣିଥାଅ ମୂର୍ଖ !

ଶିବଜ୍ୱର—ହାଃ ହାଃ ଆ ମୂର୍ଖ ଦେଖିବି ।

ପ୍ରଦ୍ୟୁମ୍ନ—କର ତୋର ଇଷ୍ଟ ସ୍ମରଣ ।
( ଉଭୟଙ୍କ ଯୁଦ୍ଧ ପ୍ରଦ୍ୟୁମ୍ନ ପତନ )

ଶିବଜ୍ୱର—ଏଥର ନିଶ୍ଚିନ୍ତି ହାଃ ହାଃ ହାଃ
(ଶ୍ରୀ କୃଷ୍ଣଙ୍କ ପ୍ରବେଶ ଜ୍ୱର ପ୍ରତି)
କିଏ ତୁରେ ପାଷାଣ୍ଡ !
ମୋର ବିଶ୍ୱଜୟୀ ଭ୍ରାତା ଓ ପୁତ୍ର କଲୁ ପରାସ୍ତ ?

ଜ୍ୱର—ତୁହି କିଏ ?

କୃଷ୍ଣ – ମୋର ନାମ ଜନାର୍ଦ୍ଦନ । ବାଣା ଦର୍ପହାରୀ ମୁହିଁ

ଜ୍ୱର—ହାଃ ହାଃ ହାଃ ତୁହି ବାଣା ଦର୍ପହାରୀ ?
ଆରେ, ତୋତେ ମୁହିଁ ଖୋଜୁଥିଲି ମୂର୍ଖ !
ଆସ ଆସ ଶୀଘ୍ର କର ଯୁଦ୍ଧ ।

କୃଷ୍ଣ—ଦୁରାତ୍ମା ! ମୋ ବିପକ୍ଷେ ତୁ କରିବୁ ରଣ ।
ଦେଖିବି ଏକ୍ଷଣି କେତେ ବଳବୀର୍ଯ୍ୟ ଅଛି ତୋର ଦେହେ ।
( ଉଭୟ ଯୁଦ୍ଧ କୃଷ୍ଣ ବିବ୍ରତ ହୋଇ )

କୃଷ୍ଣ—ଓହୋଃ, କି ଜ୍ୱାଳା ବୁଝିଲି ବୁଝିଲି ଏ ନଷ୍ଟେ ଶିବଜ୍ୱର, ଏହା ହସ୍ତରୁ ମୋର ନିସ୍ତାର ନାହିଁ, ଆଉ ବିଳମ୍ବରେ କାର୍ଯ୍ୟ କିଣ ଏ ମୁହୂର୍ତ୍ତରେ ବିଷ୍ଣୁଜ୍ୱର ସୃଷ୍ଟି କରିବି ।
(ଚତୁର୍ଭୁଜ ଦଣ୍ଡାୟମାନ ବିଷ୍ଣୁଜ୍ୱର ପ୍ରବେଶ, କୃଷ୍ଣ ପ୍ରତି)
ଦୟାମୟ ! କି କାରଣେ ସୃଜିଲେ କିଙ୍କରେ,
କିବା ତବ ଅଭିଳାଷ କରିବି ପୂରଣ ।

ଶ୍ରୀକୃଷ୍ଣ ଶୁଣ ବତ୍ସ ! ଏହି ଶିବଜ୍ୱର
ଆତ୍ମୀୟ ସ୍ୱଜନେ ମୋର ଦେଲା ବହୁ କଷ୍ଟ
ଏକ୍ଷଣେ କରେ ମୋତେ ଆକ୍ରମଣ, କରି ନପାରିଲି
ମୁଁ ଅନ୍ୟ ପ୍ରତିକାର, ସ୍ମରଣ କରିଲି ତୋତେ ।

ବିଷ୍ଣୁଜ୍ୱର—ଏହି ଛାରକଥା, ଏକ୍ଷଣି ମୁଁ ଶିବଜ୍ୱର ଦର୍ପ ଚୂର୍ଣ୍ଣ କରିବି, କାହିଁ ସେ ପାଷାଣ୍ଡ ?

ଶିବଜ୍ୱର – ରେ ଏହି ଶିବଜ୍ୱର !

ବିଷ୍ଣୁଜ୍ୱର—ତୁହି ମୂର୍ଖ ହୁଅରେ ପ୍ରସ୍ତୁତ ରଣେ ।
( ଯୁଦ୍ଧରେ ଶିବଜ୍ୱର ପତନ )

ଶିବଜ୍ୱର—ରକ୍ଷାକର ଜନାର୍ଦ୍ଦନ ! ଚିହ୍ନିଲି ଚିହ୍ନିଲି ପ୍ରଭୁ ନ ଜାଣି ମୁଁ କରିଅଛି ଦୋଷ, କ୍ଷମାକର ପୀତବାସ ମୋତେ ।

କୃଷ୍ଣ—ଛାଡ଼ିଦିଅ ମୂର୍ଖେ !
(ବିଷ୍ଣୁଜ୍ୱର ପ୍ରତି) ଯାଅ ତୋର ନିଜ ସ୍ଥାନେ ମୁଁ ଯାଉଛି ସମସ୍ତଙ୍କୁ ଚେତନା ଦାନ କରିବି ।

ବିଷ୍ଣୁଜ୍ୱର—ହଉ ପ୍ରଭୁ ! [ ପ୍ରସ୍ଥାନ ]

---

## ତୃତୀୟ ଦୃଶ୍ୟ

ବାଣା—ଏ କ'ଣ ହେଲା ! ଦେଖୁ ଦେଖୁ ମୋର ସମସ୍ତ ଯୋଦ୍ଧା ବିନଷ୍ଟ ହୋଇଗଲେ । ଓହୋଃ, ଏତେଦିନେ ମୋର ଗୁରୁଦେବ ସଦାଶିବଙ୍କ କଥା ସ୍ମରଣ ହେଲା । ସେ ମୋତେ କହିଥିଲେ ତୋତେ ଅଳ୍ପଦିନ ମଧ୍ୟରେ ସମାଧାନ ଯୋଦ୍ଧା ମିଳିବ, ବର୍ତ୍ତମାନ ସେହି କଥା ସତ୍ୟ ଘଟିଲା ।

ଶ୍ରୀକୃଷ୍ଣ—ବାଣା ! ଆଜି ତୋର ନିସ୍ତାର ନାହିଁ । ନିଶ୍ଚୟ ତୋର ସହସ୍ର ବାହୁ ଛେଦନ କରି ତୋ ପିଣ୍ଡ ଶ୍ୱାନ ଶୃଗାଳଙ୍କୁ ଭକ୍ଷାଇବି ମୂର୍ଖ ! ଆଜି ଯଦି ସ୍ୱୟଂ ଶିବ ତୋ ସପକ୍ଷରେ ଅସ୍ତ୍ରଧାରଣ କରନ୍ତି ତେବେ ସୁଦ୍ଧା ତୋର ରକ୍ଷା ନାହିଁ ।

ବାଣା— ଗୀତ

ଆରେ ରେ ଅବୁଝା ଗୋପାଳ ନନ୍ଦନ
କପାଳ ତୋ ଫାଟିଲାଣି ଆଜ ।
କାଟିବି ତୋ ଶିର ଲମ୍ପଟ ବର୍ବର
କଲୁଣିଟି ବଡ଼ ମନ୍ଦକାର୍ଯ୍ୟ । ପଦ ।
ଗଉଡୁଣୀ ମାଡ଼— ଖିଆ ତୁ ଧିଙ୍ଗୁଆ
ମୁଖେ ନାହିଁ ତୋର ଟିକେ ଲାଜ ।

ମୋହ କରୁ ବର୍ତ୍ତି— ଯିବୁ କି ଶ୍ରୀପତି
ଦେଖିବ ତୋ ହୃଦେ କେତେ ତେଜ ॥ ୧ ॥

ପାଷାଣ୍ଡ ! ଯଦୁକୁଳ କୁଳାଙ୍ଗାର, ଶୀଘ୍ର ପ୍ରସ୍ତୁତ ହୁଅ ।

କୃଷ୍ଣ—ମୂର୍ଖ ! ପ୍ରସ୍ତୁତ ମୁଁ ।

(ବାଣର ପତନ ଓ ଦୁର୍ଗା ସ୍ମରଣ, ଦୁର୍ଗା ପ୍ରବେଶ)

ଦୁର୍ଗା—ଗୋବିନ୍ଦ ! ରକ୍ଷାକର ମୋର ବରପୁତ୍ରେ ।

କୃଷ୍ଣ—ଜନନି ! କିପାଁ ଦିଅ ମୋତେ ବାଧା, ନଷ୍ଟେ ମୁହିଁ ବାଣ ବଧି ଅନିରୁଦ୍ଧେ କରିବି ଉଦ୍ଧାର ।

ଦୁର୍ଗା—ବାଣ ! ବର୍ତ୍ତମାନ କ୍ଷମା ମାଗ, ଶ୍ରୀକୃଷ୍ଣରେ, ନଚେତ୍ ମନ୍ଦ ଫଳ ଘଟିବ ତୋହର ।

ବାଣ—ମା, ପ୍ରାଣ ଗଲେ ଯାଉ, କ୍ଷମା ନ ମାଗିବି କାରେ ।

ଦୁର୍ଗା—କର ଯୁଦ୍ଧ ଦୁହେଁ ।

(ଉଭୟ ଯୁଦ୍ଧ, ବାଣ ପତନ ଓ କୃଷ୍ଣ ଚକ୍ର ସ୍ମରଣ)

ଦୁର୍ଗା—ବତ୍ସ ଜନାର୍ଦ୍ଦନ ! ଶାନ୍ତ ହୁଅ । ବାଣର ପ୍ରାଣ ବିନାଶ କରନା; ଏତିକି ମାତ୍ର ମୋର ଭିକ୍ଷା ।

ଶ୍ରୀକୃଷ୍ଣ—ମା ! ତୁମ୍ଭର ଅନୁରୋଧ ରକ୍ଷା କରିପାରେ ସତ୍ୟ କିନ୍ତୁ ତାର ସହସ୍ର ବାହୁ ଛେଦନ କରି ସମ୍ପୂର୍ଣ୍ଣ ରୂପେ ଗର୍ବ ଖର୍ବ କରିବି ।

ଦୁର୍ଗା—କେଶବ ! ମୋର ଅନୁରୋଧ, ବାଣର ଦୁଇଗୋଟି ବାହୁ ରଖ । ସେ ପରା ମୋର ବରପୁତ୍ର, ନିଶ୍ଚୟ ସେ ତୋର ଅଧୀନତା ସ୍ୱୀକାର କରିବ ।

କୃଷ୍ଣ—ହଉ ମା । (ତଥାକରଣ)

ବାଣ—ଆହା । ଏହିବାର ବାଣ ଅପଦାର୍ଥ, ଏତେଦିନେ ମୋର ଅହଂକାରର ସମୁଚିତ ଦଣ୍ଡ ଲାଭ କଲି । ମଧୁସୂଦନ ମୋତେ କ୍ଷମା ଦିଅ ।

କୃଷ୍ଣ—(ହସ୍ତ ଧାରଣ କରି) ଉଠ ବୀର ।

ବାଣ—ମା ଦୁର୍ଗେ ! ମୋର ପ୍ରାର୍ଥନା ଶ୍ରୀକୃଷ୍ଣ ଓ ରୁକ୍ମିଣୀ ଆଉ ହରଗୌରୀ ଏକତ୍ର ମିଳନ ଦେଖି ଏ ପାପ ନେତ୍ର ପବିତ୍ର କରିବି ଓ ମୋର ଉଷାକୁ ସେହି ସ୍ଥାନରେ ଅନିରୁଦ୍ଧ ହସ୍ତରେ ଅର୍ପଣ କରିବି ଏକମାତ୍ର କାମନା ।

ଦୁର୍ଗା—କୃଷ୍ଣ ! ଭକ୍ତର ବାଞ୍ଛା ପୂର୍ଣ୍ଣ କର । (ପ୍ରସ୍ଥାନ)

—o—

## ଚତୁର୍ଥ ଦୃଶ୍ୟ

(ଶ୍ରୀକୃଷ୍ଣ, ରୁକ୍ମିଣୀ, ଦୁର୍ଗା, ଶିବ, ବଳରାମ, ବାଣ ଅନିରୁଦ୍ଧ, ଉଷା, ପ୍ରଦ୍ୟୁମ୍ନ ଓ ନର୍ତ୍ତକୀଗଣ)

ଶ୍ରୀକୃଷ୍ଣ—ଦେବ ! ଆଜି ବଡ଼ ଭାଗ୍ୟର ମିଳନ !

ରୁକ୍ମିଣୀ—ନାଥ ! ଆପଣଙ୍କର ମାୟାର ଅନ୍ତ ମୁଁ ସ୍ଥିର କ'ଣ ପାଇବି ?

ଶ୍ରୀକୃଷ୍ଣ—ପ୍ରିୟେ ! ଆଜି ଅପୂର୍ବ ହରିହର ମିଳନରେ ଉଷା ଓ ଅନିରୁଦ୍ଧର ଶୁଭପରିଣୟ ହେବ ।

ରୁକ୍ମିଣୀ—ବଡ଼ ଭାଗ୍ୟର କଥା ।

[ଶିବ ପାର୍ବତୀ ଓ କୃଷ୍ଣ ରୁକ୍ମିଣୀ ପ୍ରବେଶ]

କୃଷ୍ଣ ଶିବଙ୍କୁ କୋଳାଗ୍ରତ କରି<br>ପାର୍ବତୀଙ୍କୁ ରୁକ୍ମିଣୀ ଧରିନେଇ } ଆହା କି ଆନନ୍ଦ ଦିନ

ବାଣ—ଉଷା ଓ ଅନିରୁଦ୍ଧଙ୍କୁ ନେଇ
(ଉଷାକୁ ଧରି) ପ୍ରଭୁ ! ଏ ଦାସର ସମସ୍ତ ତ୍ରୁଟି ମାର୍ଜନା କରନ୍ତୁ । ଆଜି ଏ ଶୁଭମିଳନରେ ମୋର କନ୍ୟା ଉଷାକୁ ଅନିରୁଦ୍ଧ ହସ୍ତରେ ଅର୍ପଣ କଲି । (ଅନିରୁଦ୍ଧ ପ୍ରତି) ବାପ ! ପଛ କଥା ପାସୋରି ପକା । ମୁଁ ଅଜ୍ଞାନ ଅନ୍ଧକାରେ ମୋହି ଥିଲି ।

[ଶିବ ଓ କୃଷ୍ଣଙ୍କର ଧନ୍ୟବାଦ]

# କାଞ୍ଚନବାଲା ଗୀତାଭିନୟ

# କାଞ୍ଚନବାଳା ଗୀତାଭିନୟ

## ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

(କାଦମ୍ବିନୀ, ସାଧୁ ବିଦ୍ୟାଧର)

କାଦମ୍ବିନୀ— ଗୀତ

(ମୋ ଧନ ତ ସରୁ ନାହିଁ-ବୃତ୍ତେ)

ବିଧି କପାଁ ଏ ଦଣ୍ଡ ଦେଲୁ
ହୃଦୟନାଥଙ୍କୁ କାରାରୁଦ୍ଧ କଲୁ । ପଦ ।
ନାହିଁ ମୋ କେହି ଭରସା  ଅଭାଗିନୀ ମୁହିଁ ଯୋଷା
ସୁଦାକାଳେ ଏ ଦୁର୍ଦ୍ଦଶା ଲିହି କି ଥିଲୁ । ୧ ।
ସୁକୁମାର ମୋ ନନ୍ଦନ  ଶୁଣି କି ଧରିବ ପ୍ରାଣ
ଧାତା ମୋ ସୁଖର ଧନ ଛଡ଼ାଇ ନେଲୁ ।

ହା ଦଇବ ରେ ! ସ୍ୱାମୀ ମୋର କାରାରୁଦ୍ଧ ହେଲେ, ମୁଁ ହତଭାଗିନୀ ବଞ୍ଚି ରହି କି ଫଳ ? କଣ କହିବ, ଧନ ମୋର ତ ପଢ଼ିବାକୁ ଯାଇଛି, ଏହିକ୍ଷଣି ଆସୁଥିବ । ଯଦି ପିତାଙ୍କର ଏ ଦୁର୍ଦ୍ଦଶା ଶୁଣେ, ତେବେ ସେ କି ଆଉ ପ୍ରାଣ ଧରିବ ? କଣ କହିବି ତା ଆଗରେ କିପରି ପ୍ରକାଶ କରିବି ?

ବିଦ୍ୟାଧର—(ପ୍ରବେଶ ହୋଇ) ମା, ମା, ସବୁଦିନେ ତ ମୋ ଆସିବା ପଥ ଚାହିଁ ବସିଥାଉ । ଆଜି କାହିଁକି ଦୁଃଖ ମଧ୍ୟରେ ଏପରି ବିମର୍ଷ ଭାବରେ ବସିଛୁ ? କଣ ହେଲା କି ? ମୁଁ ତ ଇସ୍କୁଲକୁ ଗଲାବେଳେ ତୋର ଏ ଭାବ ଦେଖି ନ ଥିଲି । ମୋତେ ବିଦ୍ୟା-ବସ୍ତ୍ରାଦି ଦେଇ ଆନନ୍ଦରେ ବାହେଇ ଦେଇ ଆସିଲୁ, ପୁଣି ଏହି ଟିକିକ ମଧ୍ୟରେ କି ବିପଦ ଘଟିଲା ।

ଗୀତ

କାହିଁପାଇଁ କରୁ ଭାବନା
ଫେଡ଼ି କହ ମୋ ଆଗେ ମା । ଘୋଷା ।
ନୁଆଇଁ ବସିଛୁ ତଳକୁ ମଥା
ମରମରେ କିବା ଲଭୁଛୁ ବ୍ୟଥା ।
ଅଶ୍ରୁ ଜଳ ଜଳ ନୟନ ତୋହର
(ଦେଖି) ଉଡ଼ିଯାଏ ମୋର ସା । ୧ ।
କିଏ ତୋର ସଙ୍ଗେ କଲା କି ବାଦ
କିବା କିସ ଲାଗି ବଳୁଛି ସଧ
ସନ୍ଦେହ ମୋହର କର ମାତ ଦୂର
ଦହିଛି ତୋ କଷ୍ଟ ଯା । ୨ ।
ମୁଁ କି ଅପରାଧୀ ତୋହର ଚରଣେ
ନ କହୁଛୁ କଥା କେଉଁ କାରଣେ
ଦେଖି ତୋ ବିଷାଦ ପୋଡ଼ୁଛି ମୋ ହୃଦ
ଆଉ କଷ୍ଟ ଦିଅନା । ୩ ।

ମା ! କାହିଁକି ଏତେ ଅଧୈର୍ଯ୍ୟ ହେଉଛୁ ? ମୁଁ ତ କିଛି କାରଣ ବୁଝି ପାରୁ ନାହିଁ । ଆଉ କଣ ପିତା କିଛି ଗାଳି-ଗୁଲଜ କରିଛନ୍ତି କି ? ମୋତେ କିଛି ମାତ୍ର ନ କହିଲେ ଜାଣିବି କିପରି ? କାନ୍ଦି କାନ୍ଦି ଆଖି ତୋର ଫୁଲିଲେଣି ! କଣ ମା ! କାରଣ କଣ ? ମୁଁ ଯେବେ କୌଣସି ଅପରାଧ ତୋଠାରେ କରିଛି ମୋତେ କ୍ଷମା ଦେ ।

(ଆଣ୍ଠୁ ମାଡ଼ି ପ୍ରଣାମ କଲା)

କାଦମ୍ବିନୀ— ଗୀତ

(ତୋ ଦମ୍ଭ ଦେଖିବାକୁ ସିନା—ବୃତ୍ତେ)

ଆରେ ଦୁଃଖୀଧନ ! ସବୁ ଦମ୍ଭ ଆଜିଠାରୁ ହେଲା ଚୂର୍ଣ୍ଣ ।
ତୋ ପିତାରେ ଆଜି ନରଈଶ
ରଖାଇଲା ନେଇ କାରାବାସ
ଆଜୁ କର୍ମ ବାମ  ହେଲାଟିରେ ଜାଣ
ସୁଖ ଦିବା ହେଲା ଅବସାନ । ୧ ।

ବାପ ରେ ! ରାଜା ତୋର ପିତାଙ୍କୁ ଗୋଟିଏ ଅସାଧ୍ୟ ସାଧନ ନିମିତ୍ତ ଆଦେଶ ଦେଲେ । ସେଥିରେ ସମ୍ମତ ନ ହେବାରୁ ରାଜା ରୋଷ ହୋଇ ତାଙ୍କୁ ଚିରଦିନ ପାଇଁ କାରାରୁଦ୍ଧ ରଖିଲେ ।

ବିଦ୍ୟାଧର—ମା ! ସେ ଅସାଧ୍ୟ କଥାଟି କ'ଣ, କେଉଁଥି ଲାଗି ପିତାଙ୍କୁ ଆଦେଶ ଦେଇଥିଲେ ?

କାଦ— (ଗୀତ)

ରତ୍ନାବତୀ ପୁରୁ ସ୍ୱର୍ଣ୍ଣକାଣ୍ଡ ଆଣିବା ପାଇଁକି ନୃପସଧ
ଆଗୁ କେତେ ବୀରେ ଯାଇ ନିରାଶରେ
ପ୍ରାଣ ଘେନ ଫେରିଲେ ସଦନ । ୨ ।

ବାପ ରେ ! ରାଜାଙ୍କୁ ସ୍ୱପ୍ନାଦେଶ ହୋଇଛି— "ଯଦି ରତ୍ନାବତୀପୁରରୁ ସୁବର୍ଣ୍ଣକାଣ୍ଡ, ସୁବର୍ଣ୍ଣ-ଆସ୍ଥାନ ଆସି ପ୍ରଭୁ ସତ୍ୟନାରାୟଣଙ୍କ ପୂଜା ହେବ ତେବେ ରାଣୀ ପୁତ୍ରବତୀ ହେବେ ।"

ବିଦ୍ୟାଧର—ମା ! ଏ ସାମାନ୍ୟ କଥାକୁ ପିତା ପଶ୍ଚାତ୍ପଦ ହେଲେ କାହିଁକି ?

କାଦମ୍ବିନୀ - ବାପ ରେ ! କେତେ କେତେ ରଥୀ ମହାରଥୀମାନେ ବହୁ ପ୍ରତିଜ୍ଞା କରି ଯାଇ ନିରାଶରେ ଫେରି ଆସିଛନ୍ତି, ପୁଣି କେତେକ ମଧ୍ୟ ପଥରେ ଯାଉଁ ଯାଉଁ ପ୍ରାଣ ହରାଇଛନ୍ତି ।

ବିଦ୍ୟାଧର ମା ! ରାଜା ପିତାଙ୍କୁ ବନ୍ଦୀକଲେ ସତ୍ୟ, କିନ୍ତୁ ସେ ସ୍ୱର୍ଣ୍ଣ-କାଣ୍ଡ ଓ ସ୍ୱର୍ଣ୍ଣ-ଆସ୍ଥାନ ଲାଗି ଗଲା କିଏ ?

କାଦମ୍ବିନୀ—ଶୁଣୁଛି ସେନାପତିଙ୍କ ପୁତ୍ର ଦୁର୍ବୁଦ୍ଧି ସିଂହ ତାକୁ ଆଣିବାଲାଗି ପ୍ରତିଜ୍ଞାବଦ୍ଧ ହୋଇଛି ।

ବିଦ୍ୟାଧର—ମା ! ମୋତେ ଅନୁମତି ଦିଅ; ମୁଁ ନିଶ୍ଚୟ ଯାଇ ସ୍ୱର୍ଣ୍ଣକାଣ୍ଡ ଓ ଆସ୍ଥାନ ଆଣି ପିତାଙ୍କୁ କାରାମୁକ୍ତ କରିବି ।

କାଦମ୍ବିନୀ—ବାପ ! କ'ଣ ପାଗଳ ହେଲୁ କି ? ସ୍ୱର୍ଣ୍ଣକାଣ୍ଡ ଆଣିବା ସହଜ କଥା ନୁହେଁ । ସେଇଁଠିକି ଶତ ଶତ ବୀରମାନେ ଯାଇ ଯଶସ୍ୱୀ ହୋଇପାରି ନାହାନ୍ତି, ତୁ ପୁଣି ଛୁଆଖଣ୍ଡେ ସେଠିକି ଯିବୁ କୁଆଡ଼େ, ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବା ଅଭିଳାଷ କରୁଛୁ !

ବିଦ୍ୟାଧର –ମା ! ମୋତେ ବାରଣ କରନା, ମୁଁ ନିଶ୍ଚୟ ରାଜାଙ୍କ ଅଭିଳାଷ ପୂର୍ଣ୍ଣ କରି ପିତାଙ୍କୁ କାରାମୁକ୍ତ କରିବି । ମା ! ମୁଁ କ୍ଷତ୍ରିୟ-ସନ୍ତାନ । ଜୀବିତ ଥାଉଁ ଥାଉଁ ପିତା ମୋର କାରାଦଣ୍ଡ ଭୋଗ କରିବେ, ଏହା କଦାପି ହେବ ନାହିଁ । ତୁମ୍ଭେ କୌଣସି ବିଷୟକୁ ଭାବନା କର ନା । ମୁଁ ଯାହାଙ୍କ ଆସ୍ଥାନ ଓ କାଣ୍ଡ ପାଇଁ ଯିବି ସେହି ପ୍ରଭୁ ସତ୍ୟନାରାୟଣ ମୋତେ ସହାୟ ହେବେ । ଯାଉଛି ମୁଁ ବର୍ତ୍ତମାନ ରାଜାଙ୍କଠାରୁ ଅନୁମତି ନେଇ ରତ୍ନାବତୀପୁର ଯିବି ।

କାଦମ୍ବିନୀ—(ସ୍ୱଗତ) ଭଗବାନ୍ ! ପୁଣି ଏ କି ବିପଦ, ମୁଁ କାହିଁକି ବିଦ୍ୟାଧର ଆଗରେ ଏ କଥା ପ୍ରକାଶ କଲି । ସ୍ୱାମୀ କାରାରୁଦ୍ଧ ହେଲେ, ମୋ ଧନମାଣିକି ଦେଖି ସବୁ ଦୁଃଖ ପାସୋରିଥାନ୍ତି । ଏ ତ ଅମାନିଆ, ଏକ ଜିଦ୍ ଧରିଲାଣି । ମୁଁ କ'ଣ କରିବି ? କୁଆଡ଼କୁ ଏକୁଟିଆ ପଠାଇ ଦେଇ ନିଶ୍ଚିନ୍ତ ହୋଇ ବସିବି ।

ବିଦ୍ୟାଧର—ମା ! ତୁନି ହେଲେ କାହିଁକି ? କ'ଣ ଏତେ ଭାବୁଛନ୍ତି ? ଦିଅ, ତୁମ୍ଭ ପଦଧୂଳି ଦେଇ ଏ ଅଭାଗା ସନ୍ତାନକୁ ଆନନ୍ଦରେ ବିଦାୟ ଦିଅ ।

କାଦମ୍ବିନୀ—ବାପ ! ତୁ ଅଜ୍ଞାନ ବାଳକ । ଯେଉଁ କଥାକୁ ପିତା ତୋର ଭୟ କଲେ, ତୁ ସେ କାର୍ଯ୍ୟ ପୂରଣ କରିବାକୁ ସାହସ କରୁଛୁ । ବାପ ! ମୋ ସାନକୁହା ମାନ । ଭଗବାନ୍ ତ ଯାହା ବିପଦ ଦେବାର ଦେଲେଣି, ତୁ ପୁଣି ଛାଡ଼ିଯାଇ ମୋତେ ଆଉ ଦୁଃଖ-ସାଗରରେ ଭସାଇ ଦେ'ନା । ବାପ ! ସେ ବଡ଼ ଅସାଧ୍ୟ କଥା ।

ବିଦ୍ୟାଧର—ମା ! ସାଧ୍ୟ ହେଉ ବା ଅସାଧ୍ୟ ହେଉ, ମୁଁ ମରେ ବା ବଞ୍ଚେ ନିଶ୍ଚୟ ରାଜ-ଅଭିଳାଷ ପୂର୍ଣ୍ଣ କରି ପିତାଙ୍କୁ କାରାମୁକ୍ତ କରିବି । ଦିଅ ଦିଅ, ତୁମ୍ଭ ପଦଧୂଳି ଦେଇ ମୋତେ ଆଶୀର୍ବାଦ କର, ଯେପରି ନିର୍ବିଘ୍ନରେ ସଦନକୁ ଫେରିଆସେ । ଯାଉଛି ମା, ମୋତେ ବାଧା ଦିଅ ନା । (ପ୍ରସ୍ଥାନ)

କାଦମ୍ବିନୀ—ମୁଁ ତ ଆଗୁ କଥା କଲି । ଏ ତ ଏକ କାହିଁ ଧଇଲାଣି । ହେ ଠାକୁରେ ! ମୋ ପୁଅକୁ ମୋଠାରୁ ଅନ୍ତର କରନା । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

( ସନାତନ, ଦୁର୍ବୁଦ୍ଧି ସିଂହ; ବଟୁକ, ସାଧୁ ବିଦ୍ୟାଧର )

ରାଜା—ଦୁର୍ବୁଦ୍ଧି ସିଂହ ! ମୋର ସକଳ ଆଶା ଭରସା ବ୍ୟର୍ଥ ହୋଇଥିଲା । କିନ୍ତୁ ତୁମ୍ଭେ ମୋର ଆଶା ଧାପରେ ଘୃତଧାର ଦେଇ ହୃଦୟରେ ଅସୀମ ଆନନ୍ଦ ଜାଗ୍ରତ କରିଛ । ଯାଅ ନିର୍ବିଘ୍ନରେ କାର୍ଯ୍ୟ ସମ୍ପନ୍ନ କର ।

ଗୀତ

ଯାଅ ଯାଅ କର ଉପକାର
ସୁବର୍ଣ୍ଣ କାଣ୍ଡ ଆସ୍ଥାନ ଆଣ ଚତପର ରେ । ପଦ ।
ବହୁଦିନେ ବହୁଜନେ
ପଠାଇଲି ନାନା ସ୍ଥାନେ
ନ ଫେରିଲେ କେହି ଜଣେ
ନେଇ ସମାଚାର ରେ । ୧ ।
ରତ୍ନାବତୀପୁର ପଥ
ନାହିଁ କେ ଦେଖିଲା ଲୋକ
ସେ ଆଣିଦେବ ସଙ୍କେତ (ତାକୁ)
ଦେବି ରାଜ୍ୟ ଭାର ରେ । ୨ ।
ଅପୁତ୍ରିକ ଲାଗି ସଦା
ହୃଦେ ଲାଗିଲାଣି ବ୍ୟଥା
ନାରାୟଣ ପୂଜା ଶ୍ରଦ୍ଧା
ବଳୁଛି ମୋ ମନରେ । ୩ ।

ବତ୍ସ ! ଅଭ ସଙ୍ଗରେ କିଏ ଯିବ, ଧନ ସମ୍ପଦ କ'ଣ ଲୋଡ଼ା ?

ଦୁର୍ବୁଦ୍ଧି—ମହାରାଜ ! ଅଜଣା ପଥ ବିବେଚନା କରି ଯାହା ଦେବେ । ଆଉ ଅନ୍ୟ ଲୋକ ମୋର ଆବଶ୍ୟକ ନାହିଁ କେବଳ ମୋର ବିଶ୍ୱସ୍ତ ବନ୍ଧୁ ବଟୁକ ସଙ୍ଗରେ ଯିବ ।

ବଟୁକ—ମହାରାଜ ! ଆପଣ ଖାଲି ବୃଥାରେ ଗୁଡ଼ାଏ ଚିଲକଯାନରେ ପଡ଼ିଗଲେ । ଆମ୍ଭଙ୍କୁ ଯଦି ଏ କଥା ଆଗରୁ ଜଣାଥାଆନ୍ତା ତେବେ କ'ଣ ଆଜିଯାଏ ମାମଲତ ଥାଆନ୍ତା କି ?

ରାଜା—ଗତସ୍ୟ ଶୋଚନା ନାସ୍ତି । ବର୍ତ୍ତମାନ ଯା କର୍ତ୍ତବ୍ୟ ତା କର । ତୁମ୍ଭେମାନେ ଏହିଠାରେ ଥାଅ, ମୁଁ ଧନାଗାରରୁ ଧନ ମଗାଇ ଦେଉଛି ।

ବଟୁକ—(ଦୁର୍ବୁଦ୍ଧି ପ୍ରତି) ଆଜ୍ଞା, ଆପଣ କହୁ ନାହାନ୍ତି ଖାଇବା ସରଞ୍ଜାମ ଯାହା ଦେବେତ ଦେବେ, ଭାଙ୍ଗ ଟିକେ ଅନ୍ତତଃ ଗାଡ଼ିଏ ଖଣ୍ଡେ ନବା ଦର୍କାର । ପାହାଡ଼ିଆ ପଥ, ମଣିଷ ଅଣ୍ଟା ହୋଇଯିବ ।

ଦୁର୍ବୁଦ୍ଧି—ଆରେ ଗଡ଼ଜାତରେ ଆଉ ଉକମ ଜିନିଷ ସବୁ ମିଳେ । କିନ୍ତୁ ଅଭାବ ପଡ଼ିବ ନାହିଁ ।

ବଟୁକ— ତା ହେଲେ ଆଉ ପରୁଆ କ'ଣ ? ଖାଲି ତ ମଉଜ, ମଉଜ ଉପରେ ମଉଜ ହେବ । ଆଜ୍ଞା, ମହାରାଜାଙ୍କୁ କହନ୍ତୁ ଆମ୍ଭେ କ'ଣ ପଦବ୍ରଜରେ ଯିବା, କଣ୍ଟା ଝଣ୍ଟାରେ ଗୋଡ଼ ଫୁଟି ରକ୍ତ ଛୁଟିଯିବ ।

ଦୁର୍ବୁଦ୍ଧି—ମହାରାଜ ! ଆମ୍ଭମାନଙ୍କ ପାଇଁ କୌଣସି ଯାନବାହାନର ଆବଶ୍ୟକ ।

ରାଜା—ଅତି ଦୁର୍ଗମ ସେ ପଥ ! ପଦବ୍ରଜ ଛଡ଼ା କୌଣସି ଯାନ ବାହାନରେ ଯିବା ତେତେ ସୁବିଧା-ଜନକ ନୁହେଁ ।

(ଦୂତର ପ୍ରବେଶ ଓ ଅଭିବାଦନ)

ରାଜା – କି ସମ୍ବାଦ ?

ଦୂତ—ମହାରାଜ ! ଦ୍ୱାରଦେଶରେ ମନ୍ତ୍ରୀ ମହାଶୟଙ୍କ ପୁତ୍ର ସାଧୁବିଦ୍ୟାଧର ଦଣ୍ଡାୟମାନ ହୋଇ ଛାମୁଙ୍କ ଦର୍ଶନ ଅପେକ୍ଷା କରୁଛନ୍ତି ।

ରାଜା ଆଚ୍ଛା, ଆସିବାକୁ ଆଜ୍ଞା ଦିଅ ।

ଦୂତ—ଯେ ଆଜ୍ଞା ମହାରାଜ । (ପ୍ରସ୍ଥାନ)

ରାଜା—ସାଧୁବିଦ୍ୟାଧରର ଏଠାକୁ ଆସିବା ଅଭିପ୍ରାୟ କ'ଣ ? ବୋଧହୁଏ ପିତା କାରାରୁଦ୍ଧ ହେବାରୁ କିଛି କହିବାକୁ ଆସିଛି ।

ଦୁର୍ବୁଦ୍ଧି—ଆଜ୍ଞା, ସେଇଆ ସମ୍ଭବ ।

(ସାଧୁ ବିଦ୍ୟାଧର ପ୍ରବେଶି ଅଭିବାଦନ ପୂର୍ବକ)

ରାଜା – ଚିରଜୀବୀ ହୁଅ, ବତ୍ସ ! ଆସିବାର ଉଦ୍ଦେଶ୍ୟ କ'ଣ ?

ବିଦ୍ୟାଧର—ମହାରାଜ ! ସ୍ୱର୍ଣ୍ଣକାଣ୍ଡ, ସ୍ୱର୍ଣ୍ଣ ଆସ୍ଥାନ ଆଣିବାକୁ ମୁଁ ନିଜେ ଯିବି, ଏଥିଯୋଗୁଁ ତୁମ୍ଭଙ୍କ ଅନୁମତି ନେବା ପାଇଁ ଆସିଛି ।

ରାଜା—ଅସମ୍ଭବ, ତୁ ସାମାନ୍ୟ ବାଳକ, ତୋର ଶକ୍ତି କାହିଁ ? ଯେଉଁ କାର୍ଯ୍ୟକୁ ତୋର ପିତା ଅକ୍ଷମ, ତୁ କି ସେ କାର୍ଯ୍ୟ ପୂର୍ଣ୍ଣ କରି ପାରିବୁ ?

ବିଦ୍ୟାଧର- ମହାରାଜାଙ୍କ କୃପା ହେଲେ ନିଶ୍ଚୟ ମୁଁ ପ୍ରାଣପ୍ରଣେ ଚେଷ୍ଟା କରି ଆପଣଙ୍କ ଅଭିଳାଷ ପୂର୍ଣ୍ଣ କରିବି, ଦୟାକରି ମୋତେ ଅନୁମତି ଦିଅନ୍ତୁ ।

ରାଜା— ସାଧୁ ବିଦ୍ୟାଧର ! ତୋର କୋମଳ ପ୍ରାଣରେ ଏତେଦୂର କଷ୍ଟ ଦେବାକୁ ମୋର ଇଚ୍ଛା ନୁହେ । ତୁ ସାମାନ୍ୟ ବାଳକ, ସେ ଗୁରୁତର କାର୍ଯ୍ୟ ତୋଦ୍ୱାରା ସାଧିତ ହେବା କଷ୍ଟକର ।

ବିଦ୍ୟାଧର—ମହାରାଜ ! ପିତା ମୋର କାରାରୁଦ୍ଧ, ମାତା ମୋର ପିତାଙ୍କ ବିଚ୍ଛେଦରେ ପାଗଳପ୍ରାୟ । ଏ କଷ୍ଟ ତ ଏ ଦୁର୍ଭାଗା ଅନୁଭବ କରୁଛି, ଏପରି ସ୍ଥଳେ ମୋର ନିଜ ପ୍ରାଣରେ କିଛି କଷ୍ଟ ସହିବାକୁ ମୁଁ ତିଳେ ମାତ୍ର କୁଣ୍ଠିତ ନୁହେଁ ।

ରାଜା—ବର୍ତ୍ତମାନ ରତ୍ନାବତୀପୁର ଯିବା ଉଦ୍ଦେଶ୍ୟରେ ଦୁର୍ବୁଦ୍ଧିସିଂହ ନିଯୁକ୍ତ ହୋଇସାରିଲେଣି । ତୋର ଯିବାର କୌଣସି ଆବଶ୍ୟକ ପଡ଼ୁନାହିଁ । ତେବେ ତୋତେ କାହିଁକି ବୃଥା କଷ୍ଟ ଦେବି ।

ବିଦ୍ୟାଧର—ମହାରାଜ ! ଯେବେ ଏ ହତଭାଗା ପ୍ରାଣରେ କଷ୍ଟ ଦେବାକୁ ମନ ନ ବଳୁଛି ତେବେ ମୋର ପିତାଙ୍କୁ କାରାମୁକ୍ତ କରନ୍ତୁ ।

ରାଜା – ନା ମୋର ଉଦ୍ଦେଶ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ତା ହୋଇ ନ ପାରେ ।

ବିଦ୍ୟାଧର—ମହାରାଜ ! ସନ୍ତାନ ପିତା ମାତାଙ୍କ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖି ନିଜ ଜୀବନକୁ ନିରାପଦରେ ରଖିବା ଅପେକ୍ଷା ପିତାଙ୍କୁ ଉଦ୍ଧାର କରିବା ପଥରେ ପ୍ରାଣ ବିସର୍ଜନ କରିବା ମଙ୍ଗଳର କାର୍ଯ୍ୟ । ମୁଁ କ୍ଷତ୍ରିୟ ସନ୍ତାନ, ପୁଣି ତୁମ୍ଭଙ୍କ ବଂଶଧର । କ୍ଷତ୍ରିୟର ଉଷ୍ଣ ରକ୍ତ ବହୁଅଛି ଶିରାପ୍ରଶିରାରେ ମୋର । ଯାର ତେଜେ ଗଢ଼ା ଏ ଶରୀର, ସ୍ୱୀୟ ନିଜ ପ୍ରାଣ ଲାଗି ପଶ୍ଚାତପଦ ନୋହିବି ମୁଁ କେବେଁ, ତୁମ୍ଭଙ୍କ ଅନୁମତି ଏକାନ୍ତ ପ୍ରାର୍ଥନା ।

ରାଜା—ଦୁର୍ବୁଦ୍ଧି ! ତୁମ୍ଭଙ୍କୁ ଏକଥା କିପରି ଦେଖାଯାଉଛି ।

ଦୁର୍ବୁଦ୍ଧି—ଅସମ୍ଭବ, "ପାବକେ ପତଙ୍ଗ ପରି" ।

ବଟୁକ—ଆଜ୍ଞା, ମନ୍ତ୍ରୀ ବାବୁଙ୍କ ବନ୍ଦୀ କଥା ଶୁଣି ବଉଁଶଠାପାକ ଏକବାରେ ପାଗଳ ହୋଇ ଗଲେଣି । କ'ଣ କରିବେ, ଅସଲ ତ ପେଟ ଚିନ୍ତା । ମନ୍ତ୍ରୀବାବୁ ବନ୍ଦୀ ହେଲନ୍ତୁ ତ ଦାନା ଉପରେ ଚପଟ ପଡ଼ିଲାଣି । ଏମିତି ଭଲାଭଲ କରି ଖୁସାମତିଆ ଦ'ଗୁଣ କଥା କହି ଖୁବ୍ ଟାଣଟୁଣ ଦେଖାଇ କିଛି ଅର୍ଥ ମାରିନେବା କଥା । ଆପଣ କଣ ବୁଝି ପାରୁନାହାନ୍ତି ? ତୁଆ ବକଟେ "କାଳିକା ନେଣ୍ଡି ଶିର ମେ ଜଟା" ସୁବର୍ଣ୍ଣ କାଣ୍ଡ ଆସ୍ଥାନ ମୁଣ୍ଡେଇ ନେଇ ଆସିବ, ଆପଣ କାହିଁକି ସେକଥା ଶୁଣୁଛନ୍ତି । ବୃଥାରେ ସମୟ ନଷ୍ଟ ହେଉଛି । ଆମ୍ଭେମାନେ ଅନେକ ବାଟ ଚାଲି ଯାଆଁଲୁଣି ।

ବିଦ୍ୟାଧର—ଆପଣମାନେ କାହିଁକି ମୋର କର୍ତ୍ତବ୍ୟ ପଥ ରୁଦ୍ଧ କରୁଛନ୍ତି । ମୁଁ ତ ଆପଣଙ୍କର କିଛି କ୍ଷତି କରୁନାହିଁ ।

ବଟୁକ—ତୁ କଣ କ୍ଷତି କରିବୁ, ତମ ବଉଁଶଙ୍କୁ ମୃତ୍ୟୁ ଯୋଗ ଘଟିଲାଣି । ଏମିତି ଦାନା ଅଭାବରୁ ଘରେ ମରନ୍ତି, ସେମିତି ବଣ ବୁଦାରେ ପଡ଼ି ମରିବ । ଯା'ରେ ବାଇଆ ଯା, ଆମର ଯାଏ କେତେ ଆସେ କେତେ । ଆମ ଉପରକୁ କାହିଁକି ଠଣିକି ଉଠୁଛୁ, ଆମେ ଭଲକୁ କହୁଥିଲୁ ସିନା ।

ରାଜା—ବିଦ୍ୟାଧର ! ଯେବେ ତୋର ପିତାଙ୍କୁ କାରାମୁକ୍ତ କରିବାର ଏକାନ୍ତ ଇଚ୍ଛା ତେବେ ମୋର ଉଦ୍ଦେଶ୍ୟ ପୂରଣ କର, ମୁଁ ଆନନ୍ଦରେ ଅନୁମତି ଦେଉଛି । ଭଗବାନ ତୋତେ ଯଶସ୍ୱୀ କରନ୍ତୁ କିନ୍ତୁ ଦୁର୍ବୁଦ୍ଧିସିଂହ ବ୍ୟତୀତ ଅନ୍ୟ କେହି ଯାତାୟାତ ରାସ୍ତାଖର୍ଚ୍ଚ ପାଇ ପାରିବ ନାହିଁ ।

ବଦ୍ୟାଧର—ମହାରାଜ ! ମୋର ସେ ସବୁ କିଛି ଲୋଡ଼ା ନାହିଁ । କେବଳ ତୁମ୍ଭଙ୍କ ଆଦେଶ ଅପେକ୍ଷା ଥିଲି, ଏଥର ଚାଲିଲି ।

ରାଜା—ଧନ୍ୟ ବତ୍ସ ! ଜଗତରେ ତୁମ୍ଭେ ଏକା ପିତୃଭକ୍ତ । ଭଗବାନ ତୋର ମନକାମନା ପୂର୍ଣ୍ଣ କରନ୍ତୁ ! କିନ୍ତୁ ଛି ! ଆଉ ବିଳମ୍ବ କାହିଁକି ? ଯାଅ, ଯିଏ ସ୍ୱର୍ଣ୍ଣକାଞ୍ଚ ଓ ଆସ୍ଥାନ ଆଣି ମୋ ନିକଟରେ ଦେବ ତାକୁ ଅର୍ଦ୍ଧ ରାଜ୍ୟରେ ଯୁବରାଜ ପଦରେ ଅଭିଷିକ୍ତ କରିବି । ଏହା ମୋର ସତ୍ୟ, ସତ୍ୟ, ସତ୍ୟ ।

( ସମସ୍ତେ ଅଭିବାଦନ କରି ପ୍ରସ୍ଥାନ )

---

## ତୃତୀୟ ଦୃଶ୍ୟ

( ପ୍ରେମଶୀଳା, ଗୋବର୍ଦ୍ଧନ )

ପ୍ରେମଶୀଳା— ( ଚକ୍ରିତ ଭାବେ ) ଗୀତ

( ହାଇରେ ଦାରୁଣ ବିଧି ଏ ଦଣ୍ଡ—ବୃନ୍ଦେ )

ବିପଦ ବାରଣ ହରି ଏ ବିପଦୁ କର ପାରି
ତୁମ୍ଭେ ନ ରଖିଲେ ଧନା,
ନଷ୍ଟ ହୁଏ ଗଲୁଁଟି ସରି । ପଦ ।
ଏ ମୂଢ଼ ଦସ୍ୟୁ ଦୁର୍ଜନ, ହରିବାକୁ ମୋ ସତୀତ୍ୱ
ମାଗିଅଛି ଦିବା ରାତ୍ର ମନେ ବିଚାରି । ୧ ।
ଯେଣେ ଅନାଉଛି ତେଣେ ପଥ ନ ଦିଶଇ କେଣେ
ଆମ୍ଭ କେ ନାହିଁଟି ଜଣେ ଭବେ ମୋହରି । ୨ ।

ଭଗବାନ ! ରାଜ କୁଳରେ ଜନ୍ମ ଦେଇ ଏ ଦସ୍ୟୁ ଆବାସରେ ମୋତେ ରଖିଲ । ସେ ପାଷାଣ୍ଡ ତ ମୋର ଧର୍ମ ନେବାକୁ ବାରମ୍ବାର ନାନା ପ୍ରଲୋଭନ ଦେଖାଉଛି । ମୋତେ ଏଥିରୁ ଉଦ୍ଧାର କର !

ଗୋବର୍ଦ୍ଧନ—( ପ୍ରବେଶି ) ସୁନ୍ଦରି ! କଣ ଏତେ ଭାବ ହେଉଛ । ଆଜ ବହୁଦିନର ଆଶା ପୂର୍ଣ୍ଣ କରିବି ! ( ଜନାନ୍ତିକେ )

ଆହା ! କି ସୁନ୍ଦର ରୂପ !
ଅକଳଙ୍କ ଚନ୍ଦ୍ରକଣା ମୁଖ ପଦ୍ମ ଗୋଟି
ଥରେକି ଦେଖିଲେ ଥରେ ଏ ମନ ଭ୍ରମର
ହୁଏ ଆକୁଳିତ ସଦା ଚୁମ୍ବିବାକୁ ତାକୁ

ସତି ! ଦିଅ ବାରେ ଅନୁମତି ଏ ଦାସରେ ଆଜ
ପଞ୍ଚାରେ ଭୋଗିବି ନିଶ୍ଚେ ସରଗ ସମ୍ପଦ ।

ପ୍ରେମ –କଏରେ ବର୍ବର କୁକ୍କୁର, କି ସାହସେ କହୁ ଏତେ ଜଘନ୍ୟ ! ବାମନ ତୁ କରୁ ଇଚ୍ଛା ଲଙ୍ଘିବାକୁ ସରଗର ଚାନ୍ଦ ? ଦୂର ହୁଅ ।

ଗୋବର୍ଦ୍ଧନ—ସୁନ୍ଦରି ! ବୃଥା ଭୟ ଦେଖାଅ କାହାକୁ ? ଗୋବର୍ଦ୍ଧନ ପ୍ରେମ ଲାଗି ଦେଇପାରେ ପ୍ରାଣ ।

ପ୍ରେମ - ଶୃଗାଳ ତୁ, କୁକୁର ତୁ, ଲଜ୍ଜା ନାହିଁ ତୋତେ ପଙ୍କଜବନ ଭକ୍ଷିବାକୁ ବଳାଇଛୁ ଆଶ !

ଗୋବର୍ଦ୍ଧନ - ସୁନ୍ଦରି ! ଏହି ତୋର ନବୀନ ଯୌବନ ।
ଫୁଟି ଉଠେ ଚୌଦିଗେ ବିସ୍ତାରି
ଚୁମ୍ବିବାକୁ ତୋ ଅଧର ସୁଧା
ଦିଅ ବାରେ ଦାସେ ଅନୁମତି ।

ପ୍ରେମ—(ସ୍ୱଗତ) ହରି ! ତବ ଇଚ୍ଛା
ନାହିଁ କେହି ଭରସା ମୋହରି
କ୍ଷତ୍ରିୟ ଦୁହିତା ମୁହିଁ ରାଜକୁଳେ ଜନ୍ମ
ହେବିନାହିଁ ଦସ୍ୟୁଙ୍କର ଅର୍ଦ୍ଧାଙ୍ଗିନୀ କେବେ
ପ୍ରଭୁ ! କରିଅଛ ଦ୍ରୌପଦୀର ଲଜ୍ଜା ନିବାରଣ
କର ବାରେ ସେହି ଦୟା ଅଧମା ବାଳାରେ ।

ଗୋବର୍ଦ୍ଧନ— ଗୀତ

( କହରେ ଲଳିତ—ବୃନ୍ଦେ )

କାହିଁକି ବିମନା ହେଉଛରେ ନବୀନା
ହସି ପଦେ କଥା କହ ବାରେ ।
ବହୁଦିନୁ ଆଶା କରିଅଛି ଯୋଷା
ଦୟାକରି ମୋତେ ଚାହାଁ ଥରେ । ପଦ ।
ତୋ ପରି ସୁବଦନୀ ହେଲେ ଅଙ୍କଶାୟୀ
ମଣିବ ନିଜକୁ ନିକେ କୋଟିପତି ।
କେତେ ଆଉ ନିତି ପାଉଥିବି କ୍ଷାନ୍ତି
ନିର୍ଦ୍ଦୟ ଆଉ ତୁ ହୁଅନାରେ । ୧ ।
ଆରେ ରସବତୀ କର ତୁ ସୁଦୟା
ଦାସ ପ୍ରତି ଆଉ ନ କରଟି ମାୟା ।
ଗୁଳ ପରି ତୋର ଉଚ୍ଚ ପଚ୍ଚ ଥିବ
ଅଛି ନାହିଁ ତେବେ ଜନ୍ମ ଯୀବରେ । ୨ ।

ସୁନ୍ଦର ! ମନ୍ମଥ ଜ୍ୱାଳାରେ ଏ ପ୍ରାଣ ଅଧୈର୍ଯ୍ୟ ହୋଇ ପଡ଼ିଲାଣି । ଦୟା କରି ଏ ପ୍ରେମ ପିପାସୀକି ତୋ କୋଳରେ ଆଶ୍ରୟ ଦେଇ ଏ ଜୀବନର ଅତୃପ୍ତ ତୃଷ୍ଣା ମେଣ୍ଟାଣ କର ।

ପ୍ରେମ— ଗୀତ

(ଦୟାନିଧି ଦୟାପର ନାହିଁକି— ତୁମ୍ଭେ)

ନାଗରବର ମୋହର ସେନ ଏ ବିନତି,
ଆଉବର୍ଷ ଯାଏ ନ କରିବ ତୁମ୍ଭ ପ୍ରୀତି ।
ପୂର୍ବୁଁ କରିଥିଲି ପଣ,
ବାରବର୍ଷ ବାରଦିନ ହୋଇଛି ଅପୂର୍ଣ୍ଣ । ୧ ।

ନାଗର ! ଆପଣ ମୋତେ ଆଣିବା ପୂର୍ବରୁ ମୁଁ ଗୋଟିଏ ବ୍ରତ ପାଳନ କରିଥିଲି । ସେଥିରେ ବାରବର୍ଷ ବାରଦିନ ପର୍ଯ୍ୟନ୍ତ କୌଣସି ପାପକାର୍ଯ୍ୟ ନ କରି ଦେବ ଉପାସନା କରିବାକୁ ହେବ । ବର୍ତ୍ତମାନ ଏଗାର-ବର୍ଷ ୧୨ ଦିନ ପୂର୍ଣ୍ଣ ହୋଇ ଯାଇଛି । ମୋତେ ଆଉ ଏକ ବର୍ଷ କ୍ଷମା ଦିଅନ୍ତୁ ।

ଗୋବି—ଏକ ବର୍ଷ, ବାରମାସ, ତିନିଶ ପଞ୍ଚଷଠି ଦିନ, ଅସମ୍ଭବ କଥା ।

ପ୍ରେମ— ଗୀତ

ତୁମ୍ଭ ଛଡ଼ା ମୋର ଆଉ କେ ଅଛି ସଂସାରେ ।
ଆଜୀବନ ବନ୍ଧା ମୁହିଁ ତବ ପଦତଳେ ।
ବଳେ ନ ଛୁଅଁ ମୋ ଅଙ୍ଗ ।
କେନସ୍ନେ ହେଲେ ମୋର ବ୍ରତ ହେବ ଭଙ୍ଗ । ୨ ।

ନାଗର ! ତୁମ୍ଭ ଛଡ଼ା ଭଲ ମୋର ଅନ୍ୟ କିଏ ଅଛି ? ତୁମ୍ଭେ ଏପରି ଅସ୍ଥିର କାହିଁକି ହେଉଛ ? ଏ ଦାସୀ ଚିରଦିନ ତୁମ୍ଭର ।

ଗୋବି—ତା ସତ କିନ୍ତୁ ମନତ ବୁଝୁନାହିଁ । ତୋ ଚନ୍ଦ୍ର-ବଦନ ନିରୀକ୍ଷଣ କଲେ ମୁଁ ତ ଧୈର୍ଯ୍ୟ ଧରି ରହିପାରେ ନାହିଁ ।

ପ୍ରେମ— ଗୀତ

ତୁମ୍ଭ ମଙ୍ଗଳ କାମନା ସଦାଟି ମୋହର
ତୁମ୍ଭ ସୁଖେ ସୁଖିନୀ ମୁଁ କି ଜାଣ କି ସାର ।
ସ୍ଥିର କାମ ଆବେଗ ତାହ ।
ଧୂକର୍ମ କଥାକୁ କେବେ ନ ଲାଗଇଟି ଭୟ । ୩ ।

ନାଗର ! ମୋର ଯେ ବ୍ରତ ଅଛି ଆଉ ଯେ ନିତି ଦିଅଁ ଦେବତା ପୂଜା କେବଳ ତୁମ୍ଭର ମଙ୍ଗଳ ଲାଗି । ତୁମ୍ଭେ ଯେବେ ଜାଣୁ ଜାଣୁ ତହିଁରେ ବାଧା ଦେବ ତେବେ ନାଗର । ନିଶ୍ଚୟ ଜାଣ ମୋର ବ୍ରତ ଭଙ୍ଗ ହେଲେ ଏ ପ୍ରାଣ ଆଉ ରହିବ ନାହିଁ ।

ଗୋବି— ଆଚ୍ଛା, ତୁମ୍ଭେ ମନରେ କୌଣସି କଷ୍ଟ ନ କରି ନିଶ୍ଚିନ୍ତରେ ଥାଅ । ତୁମ୍ଭର ବ୍ରତ ଶେଷ ନ ହେବା ପର୍ଯ୍ୟନ୍ତ ମୁଁ ତୁମ୍ଭ ସଙ୍ଗରେ କୌଣସି ଜଞ୍ଜାଳ କରିବ ନାହିଁ । ମୁଁ ଆସୁଛି । ( ପ୍ରସ୍ଥାନ )

ପ୍ରେମ—ଯାହା ହେଉ, ଭଗବାନ ମୋତେ ଏତିକ ବୁଦ୍ଧି ଦବାରୁ ବର୍ତ୍ତମାନ ଏ ପାଷାଣ୍ଡଠାରୁ ରକ୍ଷା ପାଇଲି । ଦୟାମୟ ! କେବେ ମୋର ସ୍ୱାମୀ ଦେବ, କେବେ ମୋର ପିତା ଓ ଭଗ୍ନୀ କାଞ୍ଚନ-ମାଳାର ଦର୍ଶନ ପାଇ ହୃଦୟ ବେଦନା ନିବାରଣ କରିବ । ( ପ୍ରସ୍ଥାନ )

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ଅଜ ସୌଦାଗର, କନକମାଳ ସାଧବାଣୀ, ସୁବଳ, ସୁଦାମ, ଅନିରୁଦ୍ଧ )

ସୌଦାଗର—ନାତୁଣି ! ଆଜି କି ବାର ହେଲା କହିଲୁ ?

କନକ—ଅଜା । ଆଜି ପରା ଖୁଦୁରୁକୁଣୀ ମଙ୍ଗଳବାର । ବାଟ ମଙ୍ଗଳାଙ୍କ ଥାନରେ ସାତବର୍ଣ୍ଣି ପିଠା ପଣା ନାଗି ଦିଆଯିବ । ଘରେ ଏତେ ଆରଡୋଳ ଲାଗିଛି, ତୁ କଣ କିଛି ବୁଝି ପାରୁନାହୁଁ ।

ସୌଦାଗର—କଅଣ, କଅଣ, ଆଜି କଣ ଆରଡୋଳ ଲାଗିଛିଲେ । ଆଜି ତମ ବହିଣିଙ୍କୁ କଣ ବଡପଣ ବୁଦ୍ଧି ଛୋଟିଲାଣି କଲେ ଆଜି ତମକୁ କଣ ଧରମ ଲୁହ ଗଳୁଣିକି କେ । ପିଲାମାନେ ଆଜିକି ସାତଦିନ ହେଲା ନିଜ ନିଜ ବ୍ୟବସାୟ ଉପରକୁ ଗଲେ ତାଙ୍କର ଫେରିବା ଦେଖାନାହିଁ । ଏ ପଞ୍ଚପ୍ରାଣ ପିଲାଙ୍କ ଭାବନାରେ ଚକଟି ମକ୍ଟି ହୋଇ ଯାଉଛି । ତମ ବହିଣୀଙ୍କର ଖୁଦୁରୁକୁଣୀ ମଙ୍ଗଳାର ପୂଜା ହୋଇ

ଜର୍ଦ୍ଦମ ପିଠାପଣାର ଆଉ ଲୁଗିଛୁ। ଆଚ୍ଛା ପିଠାପଣା ହେବାକୁ ଖର୍ଚ୍ଚ ଦେଲୁ କଏ ? ନା ସାଇ ପଡ଼ିଶାରୁ ମାଗି ଯାଚ କରୁଛ।

କନକ—ଅଜା ! ଭଗବାନ ଆମର ହୋଉ କଥାକୁ ଭଣା କରିଛନ୍ତି କି ଆମେ ପୁଣି ପଡ଼ିଶାରୁ ମାଗି ଯାଚ ଆଣି ପୁଣ୍ୟ ପର୍ବ କରିବୁଁ। ଆମ ଦୁଆରେ କଏ କାହିଁ ପଚାରି ଦେଲେ ପୁଳାଏ ନେଇ ଯାଉଛନ୍ତି।

ସୌଦାଗର—ଆଲୋ ହେ, ନମ ବର୍ଣ୍ଣଙ୍କ କଥା ଶୁଣି ତ ମୋ ଅକଲ ଗୁମ୍ ହୋଇ ଗଲାଣି ( ଜନାନ୍ତିକେ ) ଦେଖ, ମୁଁ କେତେ ଫିକର କରି, କେତେ କଷ୍ଟକରି କେତେ ଲୋକଙ୍କ ଚକ୍ଷି ଚପି ଏ ସମ୍ପତ୍ତି ଠୂଳ କରିଛି। ତେମେ ତ ସବୁ ପୋଇ ବୁଦ୍ଧି ଧରିଲଣି ମୋତେ ତ ଖପରରେ ଖୋଇବ। ( ପ୍ରକାଶ୍ୟେ ) ଏଥିର ମୂଳ ଏକ ନମ୍ବର ଦୋଷୀ ତୋ ଆଈ। ତାକୁ ସେ ବୁଡ଼ୀକି, ଆଜ ଧରିକରି ସାଗବନାଇ ଦେବ। କିଛି ନ କହିବାରେ ଆହା ଗିଳୁ ଗିଳୁ ବାହା ଗିଳ ଯାଉଛନ୍ତି। ସା ଅଦ୍ଧ ତାକୁ।

କନକ—ସେ କାମଧନ୍ଦା କରୁଥିବ ଆଉଛୁକା କଣ ଆସିବ।

ସୌଦାଗର—ରଖ ତୋ କାମ, ଅବ ତାକ ଆଣ।

କନକ—ହଉ ଯାଉଛି ( ଜନାନ୍ତିକେ ) ଅଜା ଆମର ମଲା ବେଳକୁ ଏ ଧନ ସମ୍ପତ୍ତି ସବୁ ମୁଣ୍ଡେଇ କରି ନେଇଯିବ। ( ପ୍ରସ୍ଥାନ )

ସୌଦାଗର—ଆଜ ଆଉ ରକ୍ଷା ନାହିଁ, ଆଜ ତାଙ୍କ ସୁହା ତାଙ୍କୁ କରିଦେବ। ଏ ସେରେକେଟି ବୁଡ଼ୀ ନାଟର ଗୋବର୍ଦ୍ଧନ। ସାଗ ବନାଇ ଦେଲେ ସମସ୍ତେ ଜବବ୍। ଏ ଟୋକା ଗଲାନା କେଉଁଠିଛପି ଯାଉଛି। ଗଲ୍ ହଉଲେ ହେ।

ସାଧବାଣୀ—( ପ୍ରବେଶି ) କହୋ ! କାହିଁକି ଏତେ ଡାକରା ପଡ଼ୁଛି କି ? କେଉଁଠି ଟିକିଏ ଉଠେଇ ବସେଇ ହବନାହିଁ। କଣ କହୁଛଟି !

ସୌଦାଗର—କାହିଁକି, କଅଣ ଏମିତ କାମ ବଳେଇ ଯାଉଛି କି ?

ସାଧବାଣୀ—ଆଜ ପରା ମଙ୍ଗଳାଙ୍କ ବ୍ରତ, ପିଠାପଣା ବାର ନଟକୁଟି କାମ, ତମକୁ କଣ ମାଲୁମ ନାହିଁ।

ସୌଦାଗର—ହେ ମୁଁ ଅନ୍ଧ ହେଲି ବୋଲି ମୋତେ ଆଉ ବୁକା ପରି ଭାବ ନା। ମୋତେ ସବୁ ମାଲୁମ ଅଛି, ମୁଁ ସବୁ ଜାଣିଛି। ଆଲୋ, ମୁଁ ଏତେ କଷ୍ଟକରି ଧନ ଅର୍ଜିଛି କଣ ତେମେ ଏପରି ଅସହ୍ୟ ବ୍ୟବହାର କରି ଉଡ଼େଇବ। ମୁଁ ସଫା କହି ଦେଉଛି ଯଦି ତମର ନବାବଗିରିରେ ଚଳିବାକୁ ଇଚ୍ଛା, ତମ ରାସ୍ତା ତେମେ କରି ନିଅ।

ସାଧବାଣୀ—ଆମର ରାସ୍ତା କଣ କରିବୁ, କଣ ପର ଦୁଆରକୁ ମୂଲ ଲାଗିବାକୁ ଯିବୁ।

ସୌଦାଗର—ଆଲୋ ମୂଲ ଲାଗିଲେ କଣ ଅଣେଇ ହୋଇ ପଡ଼ିଲା, ଜଣେ ମାଟି ଖୋଳଲେ ପଇସାଟିଏ ମିଳିବା କଥା କଷ୍ଟ, ତେମେ ଭଲା ଆଜ ମୋ ପାଣ୍ଡିରୁ କେତେ ଖର୍ଚ୍ଚ ପକାଇ ଦେଉଛ।

ସାଧବାଣୀ—କଣ, କେତେ ଖର୍ଚ୍ଚ ହୋଇଛି, କାହିଁ ହେଇ ହେଇ ଗୋଟାଏ ଟଙ୍କା ହେଲେ ଖୁବ୍।

ସୌଦାଗର—( ମୁଣ୍ଡରେ ହାତ ଦେଇ ) କଅଣ, ଗୋଟାଏ ଟଙ୍କା, ଦଇଟା ଅଧୁଲି, ଚାରିଟା ଏଡ଼େ ଏଡ଼େ ସୁକି, ଆଠଟା ଦୋ'ଣି, ଷୋଳଅଣା, ଚଉଷଠି ପଇସା, ଶଏ ଅଠେଇଶି ଅଧଲା, ଏକଶ ଛପନବେ ପାହୁଲା, ଗୋଟାଏ ପାହୁଲାରେ ପାହୁଲାଏ। ତମକୁ ଆଉ ଭଲ ଯୋଗ ନାହିଁରେ ବାବା। ଅନାମତ ଗୋଟାଏ ଟଙ୍କା ଖର୍ଚ୍ଚ କରି ଦେଇଛ।

ତରଶ ବତଶ ପ୍ରାଣୀ କୁଟୁମ୍ବକୁ ଏକାବେଳକେ ଗୋଟାଏ ଟଙ୍କା, ଆଉ ହବ ନାହିଁ, ହବ ନାହିଁ। ତମର ସବ କେମିତ ବଳିଲା; ଏକାବେଳକେ ଗୋଟାଏ ଟଙ୍କା ପିଠାପଣାରେ ଉଡ଼ାଇ ଦେଲ ? ନାଇଁ ନାଇଁ, ତେମେ କମେଇଥିଲେ କଣ ଏଡ଼େ କୋହଳ ମୁଠା କରିଥାଆନ୍ତ କି ? ଏତ ପର ହାଣିବା କୋଡ଼ ବାହାରେ ବାହାରେ ଯାଉଛି। ଧନ କେମିତକା ଜନିଷ, ସେ ମଣିଷ ହାତକୁ କେମିତ ଆସେ ତା ଜାଣ ?

ସାଧବାଣୀ—ତେମେ ସବୁ ଜାଣ କଣ କହିଲ ମୁଁ ଶୁଣେ ।

ସୌଦାଗର— ଗୀତ

ମାୟା ସଂସାରରେ ସାର ଏକା ସମ୍ପଦ
ଥିଲେ ନ ପଡ଼େ ପ୍ରାଣୀଠାରେ ଆପଦ । ପଦ ।
ଧନେ ବଢ଼ଇ ମାନ ଧନେ ବଢ଼ଇ ଜ୍ଞାନ
ଧନେ ଅର୍ଜନ ହୁଏ ଶ୍ରୀପଦ । ୧ ।

ଆଲୋ ! ଭଗବାନଙ୍କ ଶ୍ରୀମୁଖ ବଚନ ଶୁଣ ।

"ଧନ ଅର୍ଜନେ ଧର୍ମ କର
ଧର୍ମେ ପ୍ରାପତ ନରହର ।"

ତୁ ତ ଧନକୁ ସବୁ ମୋର ଏମିତି ଉଡ଼ାଇ ଦବୁ ମୁଁ ଘର କରିବି କ'ଣ ?

ସାଧବାଣୀ—ମୁଁ ଭଲ ଅସତ୍ ଖର୍ଚ୍ଚ କଣ କଲି ? ଓଷା ବ୍ରତ, ପୁଣ୍ୟ ପର୍ବ ହେବନାହିଁ, ଧନକୁ ସାଇତି କରି ରଖିଥିବ, ମଲାବେଳେ ସବୁ ମୁଣ୍ଡେଇ କରି ନେଇଯିବ । ଯେତେଦିନ ପର୍ଯ୍ୟନ୍ତ ଗୋଡ଼ହାତ ଚଳୁଥିବ ଖାଇ ପିଇ ମଉଜ କରିବା ଦରକାର ।

ସୌଦାଗର—ଯା, ଯା, ମୋ ଆଗରେ ଅଣ୍ଡା ହଲେଇ କଥା କହନା, ଧନ ମୋର ଜୀବନ, ଧନ ମୋର ପ୍ରାଣ, ଧନ ମୋର ସତେଇଶ ପୁରୁଷର ପୁଣ୍ୟଫଳ, ତାର ଖର୍ଚ୍ଚ ମୁଁ ଦେଖିବି ନାହିଁ ବରଂ ତାର ବୃଦ୍ଧି ଦେଖିବାକୁ ସବୁବେଳେ କାମନା ।

ସାଧବାଣୀ—ସେଇ ସକାଳେ ଘର ଅନ୍ଧ ହୋଇ ବସିଛ, ଆଉ ଖର୍ଚ୍ଚ ଦେଖିବ କୋଉଠୁ ।

ସୌଦାଗର—ହଇଲୋ ! ତୁ ମତେ କଥାରେ କଥାରେ ଅନ୍ଧ କରି ସାରିଲୁଣି । ଆଲୋ ! ମୁଁ ଅନ୍ଧ ନୁହେଁ; ତୁମ ଢଙ୍ଗଢାଙ୍ଗ ଦେଖି ଅନ୍ଧ ହୋଇଗଲିଣି । ଯା; ଯା, ଆଉଦିନେ ଏପରି ବଦଖର୍ଚ୍ଚ କରିବୁ ନାହିଁ, ଭୋକ ଲାଗିଲାଣି ତ ?

ସାଧବାଣୀ—ସରିନାହିଁ, ଅଇଲୁକା ହବ ।

ସୌଦାଗର—ଭୋକ ହୋଇ ସାରିଲେ ମୋ କନକ ଡେକି ଆସିବୁ । ମୁଁ ପିଲାଙ୍କ ପାଇଁ ଆଉ ମୋ ପାଇଁ ରଖି ତମକୁ ସବୁ ଏଇଠି ବାଣ୍ଟିକୁଣ୍ଡି ଦେବି, ଏକଥା ଯେମିତି ଚାକର ଜାଣିବ ।

ସାଧବାଣୀ—"ଭୁଜଙ୍ଗନ ପଜାଇଲା ବେଳକୁ ତୁଣ୍ଡରେ ଘା କଳଆ କଲାବେଳକୁ ଷୋଳ ପୁଅର ମା ।" ଧନ ଖର୍ଚ୍ଚକୁ ଭାରି କାଇଦା, ଆଉ ଭାଗ ମାଡ଼ି ବସିଲା ବେଳକୁ ସବୁ ମୁଁ, ସ୍ତ୍ରୀର କଥାକୁ ଉଡ଼ି ପଡ଼ୁଛ, ପୁଣ୍ୟ ପର୍ବ ହେଲା, ବାରଲୋକ ଆସି ହାତ ପତେଇବେ, ଦେଲେ ନେଲେ ସିନା ସଂସାରରେ ଭଲ କହିବେ । ମୋର ସ୍ତ୍ରୀ କଥା କଏ ଶୁଣୁଛି, ମା ମଙ୍ଗଳା ମୋର ପିଲାଙ୍କୁ ଆଜ ଆଣି ଘରେ ପହଞ୍ଚାଇବେ କି ? କଥା କହୁଁ କହୁଁ ଦିନ ଯିବ, ଯାଏ ଲୋ ମା, ଅଧାର ହାଣ୍ଡି ଟାକୁ ବସେଇ ଦେଇ ଆସିଥିଲି କ'ଣ ହେଲା ଦେଖେ ।

(ପ୍ରସ୍ଥାନ)

ସୌଦାଗର—ଗୋଟାଏ ଟଙ୍କା ଖର୍ଚ୍ଚରେ ପକାଇ ଦେଲା ଅନାମତ ଟଙ୍କାଟାଏ, ହେ ଧନ, ହେ ଟଙ୍କା ତୁମେ ଯେବେ ଏ ଜୀବ ଥାଉଁଥାଉଁ ଖର୍ଚ୍ଚରେ ପଡ଼ିଯିବ, ଜାଣିବି ମୋ କର୍ମ ବାଙ୍କ ପଡ଼ିଲା ।

କନକ—ଅଜା ! କେତେ ସେତ ଟଙ୍କା ଟଙ୍କା ହଉଛୁ, ତୋତେ ଚଢ଼ ମାରୁନାହିଁ ।

ସୌଦାଗର—ଆଲୋ ! ( ଜଭ କାମୁଡ଼ ପକାଇ )

ପ୍ରଭାତେ ଯଃ ସ୍ମରେନ୍ନିତ୍ୟଂ ଟଙ୍କା ଟଙ୍କାକ୍ଷର ଦ୍ୱୟଂ ।
ଆପଦ ତସ୍ୟ ନଶ୍ୟନ୍ତି ତମଃ ସୂର୍ଯ୍ୟୋଦୟେ ଯଥା ॥

ଏଇଟା କଏ ଅଇଲା କରେ, ପିଲାଏ ଆସିଲେ କି ? ଧନ ଆଗରେ ଅଛି ନା ପଛରେ ।

( ସୁବଳ, ସୁଦାମ, ଅନନ୍ତଙ୍କର ପ୍ରବେଶ ଓ ଅଭିବାଦନ)

ସୌଦାଗର—ବାପରେ ! ତୁମ୍ଭମାନଙ୍କର ଆସିବା ବିଳମ୍ବ ହେଉ ଯେ କି ସନ୍ତାପରେ ପଡ଼ିଥିଲି ତା ଦଶ୍ୱାମସ୍ତଙ୍କୁ ଗୋଚର । ଯାହାହେଉ, ଠାକୁରେ ବଡ଼ ଲୋକ, ତୁମ୍ଭମାନଙ୍କୁ ଖୁସିରେ ଆଣି ଘରେ ପହଞ୍ଚାଇଲେ ଏଇ ଯଥେଷ୍ଟ । ତୁମ୍ଭେମାନେ ଯଦି ଆଜ ନ ଆସିଥାନ୍ତ ତେବେ ଏ ପ୍ରାଣ ଛାଡ଼ି ଯାଇଥାନ୍ତା । କ'ଣ ଧନ କେତେ ପାଇଲ ? ଗାଡ଼ିରେ ଆସୁଛି ନା ହାତେ ହାତେ ଆଣିଛ ? ଭଣ ଝଜ ନା ସୁଦ୍ ଟଙ୍କା ।

ସୁଦାମ—ପିତା ! ଆମ୍ଭେମାନେ ପଥିକମାନଙ୍କୁ ଧରିଆଣି ତାର ପ୍ରାଣ ବିନାଶ କରି ଧନ ସବୁ ଲୁଣ୍ଠନ କରିବାଦ୍ୱାରା ଏକଥା ଚାରିଆଡ଼େ ରାଷ୍ଟ୍ର ହୋଇଗଲାଣି । ଆଉ ପଥିକମାନେ ଏ ବାଟଦେଇ ଆସୁନାହାନ୍ତି ।

ସୌଦାଗର—ନୀରବ

ସୁବଳ—ପିତା ! ଆମ୍ଭେମାନେ ଅନେକ ପରିଶ୍ରମ କରି ବିଫଳ ପ୍ରଯତ୍ନ ହେଲୁ । ଖାଦ୍ୟ ସାମଗ୍ରୀ ଯାହା ନେଇଥିଲୁ ତା ସମସ୍ତ ଶେଷ ହୋଇଯିବାରୁ ଘରକୁ ଫେରି ଆସିଲୁ ।

ସୌଦାଗର—ଧନ ତ ହାତରେ ଟିକିଏ ନ ଥିଲା, ଭୋଜନ ହେଉଥିଲା କିଆଁ ? ସତ୍ତୁ କଣ ବାନ୍ଧିବୁନ୍ଧି ନେଇଥିଲ ବଣରେ ବଣଭୋଜି କରିବ ବୋଲି ?

ଅନିରୁଦ୍ଧ—ନ ଖାଇ ନ ପିଇ କଣ ବଣରେ ବୁଲୁଥାନ୍ତୁ ।

ସୌଦାଗର—ମଣିଷ ଉପାସ ରହି କେଇଟା ମରିଗଲେଣି, ତମେ ମରିଯାଇଥାନ୍ତ । ରାମଚନ୍ଦ୍ର ମହାପ୍ରଭୁ ସେ ଭାଇ ଭାରିଯାକୁ ସଙ୍ଗରେ ନେଇ ଚୌଦବର୍ଷ ବନବାସ କରିଥିଲେ, ତାଙ୍କ ସଙ୍ଗରେ କେତେଯାଏ ଚୂଡ଼ା ଗୁଡ଼ଲ ବନ୍ଧା ହୋଇ ଯାଇଥିଲା । ତେମେ ଏବେ କେଉଁ ନବାବୀ ପିଲା କି ? ବଣରେ କଣ ଫଳମୂଳ ମିଳିଲା ନାହିଁ । ହେ, ତମକୁ ସବୁ ବିପକ୍ଷ ବୁଦ୍ଧି ଘୋଟିଲାଣି କି ? ବ୍ୟବସାୟକୁ ତ ଯାଇଥିଲ କିଛି ଲବ୍ଧ ନାହିଁ, ତେବେ ଏତେ ବେଗରେ ଘରକୁ ଫେରି ଆସୁଥିଲ କାହିଁକି ? କଣ ଭାରିଯାମାନଙ୍କୁ ମୁଖଚନ୍ଦ୍ର ଦେଖାଇବ ବୋଲି । କେତେ ତୋପରେ କହିଦେଲେ (ବ୍ୟଙ୍ଗୋକ୍ତି) ନାହିଁ ନାହିଁ ପାଇଲୁ ନାହିଁ ।

ସୁବଳ—ପାଇଲୁ ତ ନାହିଁ, ଆଉ କଣ କହିଥାଆନ୍ତୁ ।

ସୌଦାଗର—ଚୁପ୍, ଚୁପ୍, ଚୁପ୍ କଥାରେ ଜବାବ ଦେଉଛୁ ।

ଗୀତ

( ମୁଖା ଖାଇଛୁ ଗଞ୍ଜାଇ—ବୃତ୍ତେ )

ଆରେ ହେଲ ଏଡ଼କ ନିବଳା କୁଳକଳଙ୍କା
ନ ଜାଣ କି ଦସ୍ୟୁ ବୃତ୍ତି ଆମ୍ଭର ଜୀବିକା । ପଦ ।
ଉପାୟ ନ କଲେ ଧନ ନିଷେଧ ଏଥି ଭୋଜନ
ନିଷେଧ ପତ୍ନୀ ଦର୍ଶନ ଏହିନ ମହାଶିକ୍ଷା । ୧ ।
ମରି ବଞ୍ଚି ଯାଅ ବନେ ନ ରହିବ ମୋ ସଦନେ
ଫେରିଲେଟି ବିନା ଧନେ ନ ପାଇବ ରକ୍ଷା । ୨ ।

କୁଳାଙ୍ଗାର ! ଯେଉଁବାଟେ ଆସିଥିଲ ସେଇବାଟେ ଫେର ।

ସୁବଳ—ପିତା ! ଆଜ ଅବେଳ ହେଲାଣି, କାଲି ପ୍ରଭାତରୁ ଉଠି ନିଜ ନିଜ କାର୍ଯ୍ୟରେ ଯିବୁ ।

ସୌଦାଗର—ଆଜ କ'ଣ ଭାରିଜାମାନଙ୍କୁ ସନ୍ତୋଷ ଦେବ । ମୁଁ କହୁଛି ମୋ କଥାରେ ପାଟି ଫିଟାନା; ତେମେ ସବୁ ଏଠୁ ଗଲେ ମୁଁ ଜଳଗ୍ରହଣ କରିବି ।

ସୁବଳ—(ସୁଦାମ ପ୍ରତି) ଚାଲ୍, ଆଉ ଭାବିଲେ କ'ଣ ହେବ । ପିତା ! ଆମ୍ଭେମାନେ ଆସୁଛୁ ।

(ପ୍ରଣିପାତ)

ସୌଦାଗର—କ'ଣ, ଏତେବେଳଯାଏ ଯାଇନାହଁ ? ଯା, ଯା, ତୁମ୍ଭମାନଙ୍କର ମୁହଁ ଦେଖିବାର ନାହିଁ ।

(ପୁତ୍ରଗଣଙ୍କ ପ୍ରସ୍ଥାନ)

ସୌଦାଗର—ନାଗୁଣୀ ! କ'ଣ ଏମାନେ ସମସ୍ତେ ଗଲେ ।

କନକ—ତୁ ପିବାକୁ କହିଲୁ ଯାଆନ୍ତେ ନାହିଁ ଥାଆନ୍ତେ ।

ସୌଦାଗର—ଗଣ୍ଡାଏ ଖାଇପିଇ ହେଲେ ଯାଇ ଥାଆନ୍ତେ, ଉପାସଟାରେ ଗଲେ କିଛି ଭଲ ହେଲା ନାହିଁ ।

କନକ—ତେବେ ମୁଁ କ'ଣ ଜାଣିଛି, ପ୍ରାୟ ଅଳ୍ପ ବାଟ ଯାଇଥିବେ ।

ସୌଦାଗର—ନା, ନା, ଆଉ ମନରେ ଭାବିବା ଦରକାର ନାହିଁ । ଏତକୁ କଷ୍ଟ ନ ଆସିଲେ କାର୍ଯ୍ୟରେ ମନ ହେବ ନାହିଁ । ଗୁଲିଗୁଟି ଏମାନଙ୍କ ସାଙ୍ଗରେ କଜର କଜର ହୋଇ ମୋ ହଂସା ଉଡ଼ିଗଲାଣି । ମୋତେ କଂସାଏ ତୋରାଣି ଆଉ ପିଠା-ପିଠା କ'ଣ ଥିବ ଦେ ।

କନକ—ତୋ ଭେଟିଟି ଆଗ । (ପ୍ରସ୍ଥାନ)

## ଦ୍ୱିତୀୟ ଦୃଶ୍ୟ

(ବଟୁକ, ଦୁର୍ବୁଦ୍ଧି, ଗୋବର୍ଦ୍ଧନ)

ଦୁର୍ବୁଦ୍ଧି—ବଟୁକ, ବଟୁକ ।

ବଟୁକ—ଆଜ୍ଞା !

ଦୁର୍ବୁଦ୍ଧି—ଆମ୍ଭେ ସ୍ୱର୍ଣ୍ଣକାଣ୍ଡ, ଆସ୍ଥାନ ଯାହାକି ନିର୍ବିଘ୍ନରେ ଆଣି ରାଜାଙ୍କୁ ଦେଇ ରାଜ୍ୟ ପାଇବାର ଆଶା କରିଥିଲୁ ତା କେତେକ ଅବସନ୍ନ ପଡ଼ିଗଲାଣି, କ'ଣ କରିବା କହିଲୁ ?

ବଟୁକ—ଆଜ୍ଞା, ଅବସନ୍ନ କ'ଣ ? ମୁଁ ତ କିଛି ବୁଝି-ପାରୁ ନାହିଁ ।

ଦୁର୍ବୁଦ୍ଧି—ଆରେ, ଗୋଟାଏ କାର୍ଯ୍ୟକୁ ଯିବା ଆମ୍ଭେ ଦୁଇଜଣ ବନ୍ଦୋବସ୍ତ ହୋଇଥିଲେ । ବର୍ତ୍ତମାନ ଯେ ବିଦ୍ୟାଧର ସେହି କାର୍ଯ୍ୟକୁ ବାହାରିଲାଣି । ଯଦି ସ୍ୱର୍ଗକୁ କାଣ୍ଡ ଆସ୍ଥାନ ତା ହସ୍ତଗତ ହୁଏ ଆମ କଥା ସରିଲା ତ ।

ବଟୁକ—ହିଁ ହିଁ, ତା ନିଶ୍ଚୟ । ଆମ୍ଭେମାନେ ଯେତେ-ଗୁଡ଼ାଏ ଠାଣି ରାଜାଙ୍କ ନିକଟରେ ଦେଖାଇଛୁ ତା ସବୁ ଚୂର୍ଣ୍ଣ ହୋଇଯିବ; ଆଉ ତ ଗ୍ରାମରେ ମୁହଁ ଦେଖାଇବାକୁ ହୋଇ ପାରିବ ନାହିଁ । ଉପାୟ କ'ଣ କରିବା କହନ୍ତୁ ତ ।

ଦୁର୍ବୁଦ୍ଧି—ଉପାୟ କ'ଣ, ବିଦ୍ୟାଧରର ପ୍ରାଣ ବିନାଶ କରିବା ଏକମାତ୍ର ଉପାୟ ।

ବଟୁକ—ଆଜ୍ଞା, ଜଣକ ତଣ୍ଟି ଚିପିଦବାକୁ ଏ ବନ୍ଦା କିଛି ଅକ୍ଷମ ନୁହଁ । ବିଦ୍ୟାଧର ପରି ବିଅଣ୍ଡା ପିଲା ଖାଲି ବିଧା ମାରି ଚୂର୍ଣ୍ଣୀଭୂତ କରିଦେବ । ଆଉ ଭାବନା କାହିଁକି ? ଏଇ ତ ତାର ଆସିବା ପଥ । ଏଇଠି ଟିକିଏ ବସିଗଲେ ମାମଲତ ଫତେ ହୋଇଯିବ । "ମୂଲ୍ଲ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କମ୍ପା କଲି ।"

ଦୁର୍ବୁଦ୍ଧି—( ପିଠିରେ ହାତମାରି ) ନ ହେଲେ କି ବଟୁକ ଭାଇ, ତେବେ ଟିକିଏ ଲୁଚିଯିବା ଦରକାର; ଜାଣିକି ମୂର୍ଖର ଦୃଷ୍ଟି ଆମ୍ଭ ଉପରେ ପଡ଼ିଲେ ପଳାଇଯିବ ।

ବଟୁକ—ଚାଲନ୍ତୁ ନା, ଏ ଗଛ ଆଢୁଆଳରେ ଲୁଚି-ଯିବା । ବୋତଲ ପତ୍ର ଆଣିଥିଲେ ? ବିଅନ୍ତୁ ନା, ଗ୍ଲାସେ ଗ୍ଲାସେ ପକାଇ ଦେଇ ତର ହୋଇଯିବା ।

ଦୁର୍ବୁଦ୍ଧି—ମାଲ ଭରି ଅଛି, ମନଇଚ୍ଛା ପକା ।

( ଗଛ ଆଢୁଆଳରେ ବସି ମଦ୍ୟ ପାନ )

ବଟୁକ—ଆଜ ପାଜିକୁ ସାଗ୍ର ବନେଇ ଦେବା ।

ଦୁର୍ବୁଦ୍ଧି—ହିଁ, ଠିକ୍ କରିଦେବା ବଟୁକ—ଏଇ ଆଇଲା କି ?

ବଟୁକ—କାହିଁ

ଗୋବର୍ଦ୍ଧନ—( ପ୍ରବେଶି—ସ୍ୱଗତ ) ଦୁଇଜଣ ପଥିକ ଏ ବାଟ ଦେଇ ଆସିବାର ଦେଖାଗଲା, ମୁଁ ତ ଅନେକ ଦୂରରୁ ଠିକ୍ ଲକ୍ଷ୍ୟ କରିଥିଲି ଆଉଗଲେ କେଉଁଆଡ଼େ ? ସେମାନଙ୍କ ପାଖରେ ମାମଲତ ଥିବାର ଖୁବ୍ ଅନୁମାନ ହେଉଥିଲା, ମୋତେ ଦେଖି ଏହି ସ୍ଥାନରେ କାହିଁ ଲୁଚିଗଲେ କି ? ଟିକିଏ ସନ୍ଧାନ କରି ଦେଖେଁ ।

ଦୁର୍ବୁଦ୍ଧି—ବଟୁକ ! ଏ ତ ସେ ନୁହେ ରେ, ଆଉ ଗୋଟିଏ କିଏ ? କଣ କରିବା ରେ ।

ବଟୁକ—ଆମେ କ୍ଷତି ପିଲା, ଭୟ କଅଣ ? ଆପଣ ଆଗରେ ବାହାରି ପଡ଼ନ୍ତୁ ନା ।

ଦୁର୍ବୁଦ୍ଧି—ତାକୁ ଦେଖି ମୋ ଗୋଡ଼ ହାତ ଚଳୁନାହିଁ ।

ବଟୁକ—ଆଉ ଗିଲାସେ ପକାଇ ଦିଅନ୍ତୁ, ଭୟ କଣ ? ଓଟିଗଲେ ମୂର୍ଖ ଓଜ ଠଉରାଇ ନେବ ।

( ପ୍ରକାଶ୍ୟେ ଗଳା ଖଙ୍କାରିବା )

ଗୋବର୍ଦ୍ଧନ—ଏଇଠି ତ, କେଉଁଠି ଅଛନ୍ତୁ କିଏ ରେ ମୂର୍ଖ ?

ବଟୁକ—ତୋ ବୋପା—

ଗୋବ—ହିଁ, ଏତେ ସାହସ, ମୋ ରାଜ୍ୟରେ ପଶି ମୋ ସଙ୍ଗେ ଥଟ୍ଟା, ଜାଣୁ ମୂର୍ଖ ମୁଁ କିଏ ?

ବଟୁକ—ଜାଣେମ, ଆମେ କ୍ଷତି ପିଲା, ଆମକୁ ଆଉ କଅଣ କରି ଭାବେ ନା, ଆମେ ତୋତେ ଡରି ପଡ଼ନାହୁଁ ।

ଗୋବ—ଏଡ଼େ ସାହସ !

ବଟୁକ—( ଦୁର୍ବୁଦ୍ଧି ପ୍ରତି ) ଆପଣ ଆସନ୍ତୁ ତ, ମୂର୍ଖ କେଡ଼େ ଦମାକରେ କଥା କହୁଛି । ( ଗୋବର୍ଦ୍ଧନ

ପ୍ରତି ) ଶଠରେ କଅଣ କର ଆମ୍ଭଙ୍କୁ ପାଇଛୁ ଜ,
ଦେଖିବୁ ବର୍ତ୍ତମାନ ।

( ଧଡ଼ାଧଡ଼ ହୋଇ ଉଭୟ ବାହାରିବା । )

ଗୋବର୍ଦ୍ଧନ — ଗୀତ

(ଦେଖ ଏ ଦାନବ କୁଳ ବୃତ୍ତେ)

ଆରେ ରେ ପାଷାଣ୍ଡ ମୂଢ଼ ଏଡ଼େକ ତୁମ୍ଭର କାଢ଼
ମାର ମାଡ଼ ହାଡ ଗୋଡ଼ ଭାଙ୍ଗି ଚୂନା କରିବ ।
ମୋର ରାଜ୍ୟ ପଶି ମୋତେ ନାଶିବା ଆଶେ
ଆକ୍ରମଣ କର ମୂର୍ଖ କେଉଁ ସାହସେ ।
ବଂଶଧର ସଙ୍ଗେ ଚଳ ଯୁଝିବରେ ଅଲଜୁକ
ରଖିବଟି କେଉଁ ବାପ ଧର ହଣ୍ଡା ଫାଟିବ । ୧ ।
ସିଂହ ଗହ୍ୱରରେ ପଶି ଶୃଗାଳ ପଲ
ମନାସିଛ ଖେଳିବାକୁ ଖେଳ ନକଲ
ନଷ୍ଟେ ଆଜ ନିର୍ମୂଳ କରିବ ରେ କୁଳାଙ୍ଗାର
କୁଳ ମଳ ଖୋଜି ଗୋଟି ଗୋଟି କରି ମାରିବ । ୨ ।

ଆସ ମୂର୍ଖ ! ତୁମ୍ଭମାନଙ୍କର ଅନ୍ତିମ ସମୟ ନିକଟ ହେଲାଣି । (ଯୁଦ୍ଧୋଦ୍ୟୋଗ)

ଦୁର୍ବୁଦ୍ଧି—(ବନ୍ଧୁକ ପ୍ରତି) ଧର ମୂର୍ଖକୁ ।

(ଉଭୟ ଯୁଦ୍ଧରେ ଦୁର୍ବୁଦ୍ଧି ଓ ବନ୍ଧୁକ ପରାସ୍ତ ହୋଇ ବନ୍ଧ)

ଗୋବର୍ଦ୍ଧନ—ସ୍ଥୂଳ ମୂର୍ଖ ! ତୁମ୍ଭମାନଙ୍କର କଳା କର୍ମର ସମୁଚିତ ଦଣ୍ଡ ଭୋଗକର ।

---

## ତୃତୀୟ ଦୃଶ୍ୟ

(ସାଧୁ ବିଦ୍ୟାଧର, ପ୍ରେମଶୀଳା, ଗୋବର୍ଦ୍ଧନ)

ବିଦ୍ୟାଧର—ଉଃ, କେଡ଼େ ବଡ଼ ଜଙ୍ଗଲଟାଏ, ଯାକୁ ଅତିକ୍ରମ କରି ପାରିବ ନାହିଁ । ବେଳ ତ ଆସି ଅବସାନ ହେଲା, ଯାଉ ମୁଁ ଯେତେ ଆଗକୁ ଆଗକୁ ଯାଉଛି ଜଙ୍ଗଲ ତ ସେତେ ବେଶି ବେଶି ପର ଜଣାଯାଉଛି, କଅଣ କରିବ, ପଛକୁ ଫେରି ଗଲେ ମଧ୍ୟ ବେଳ ପାଇବ ନାହିଁ, ହେ ଭଗବାନ ! ତୁମ୍ଭେ ହିଁ ଭରସା । ମୋତେ ଏ ସଙ୍କଟରୁ ଉଦ୍ଧାର କର, ମୁଁ ତ ଏ ଜଙ୍ଗଲରେ ପଦାର୍ପଣ କଲି ବେଳଠାରୁ ଜଣେ କେହି ଲୋକଙ୍କୁ ତ ଦେଖିବାକୁ ପାଉନାହିଁ । କଣ କରିବ ? ହେ ହରି !

ଗୀତ

(ପଥ ଦେଖାଇ ଦିଅ ହରି—ବୃତ୍ତେ)

କର ଏ ବିପଦୁ ପାର ହରି
ତୁମ୍ଭେ ଦୀନନାଥ ଅନାଥର ନାଥ
ନ ଶୁଣ ଦୀନ ଗୁହାରି । ପଦ ।
ଅଦେଖା ରାଇଜେ ନାହିଁ କେହି ଚିହ୍ନା,
ବୁଲି ବୁଲି ମୁହିଁ ହେଲି ବାଟ ବଣା,
ବିଷ୍ଣୁ ହେ କରୁଣା ନ କର ହେ ଉଣା
ଦିଅ ବାରେ କୃପାବାରି । ୧ ।
ଅସ୍ତାଚଳେ ଗଲେଣି ତ ଦିନନାଥ
ଅନ୍ଧକାର ଦିଶିଲାଣି ବନପଥ
ନାହିଁ କେହି ଆଶ୍ରା ସଦାୟ ଭରସା
ବୁଡ଼ିଲା ମୋ ଆଶାତରୀ । ୨ ।

ଘୋର ଘୋର ଅନ୍ଧକାର ମାଡ଼ି ଆସିଲାଣି, ଆଉ ଆଗକୁ ପଛକୁ ଖୋଜି ଯିବାର ଶକ୍ତି ମଧ୍ୟ ନାହିଁ । ଚାରିଆଡ଼େ ହିଂସ୍ର ଜନ୍ତୁମାନଙ୍କର କର୍କଶ ଚିତ୍କାର ଶୁଣି ଲୋମ ଟାଙ୍କୁରି ଉଠୁଛି । କଣ କରିବ, କେଉଁଆଡ଼େ ଯିବ ।

ଗୀତ

ଆଠତାଳ—[ପ୍ରାଣଧନ ପ୍ରାଣେ ଆଉ—ବୃତ୍ତେ]

କି ବୁଦ୍ଧି କରିବି ଆଉ କେଣିକି ମୁଁ ଯିବି ।
କେମନ୍ତେ ବିଜନ ବନେ
ପ୍ରାଣ ମୁଁ ଧରିବି (ଆଜ) ।
ଯେଣେ ଚାହେଁ ତେଣେ ଶୂନ୍ୟ
ଦିଶୁଅଛି ତ୍ରିଭୁବନ ।
ସରିଯିବ ମୋର ଦିନ
ଜୀ ଆରେ କହୁଛି (ଏ ଦୁଃଖେ) । ୧ ।
ହରି ହେ ବିପଦ ବନ୍ଧୁ
ଉଦ୍ଧର ଘୋର ବିପଦୁଁ
ନ ଦେଲେଟି କୃପାବିନ୍ଦୁ
ନିଶ୍ଚୟ ମରିବି (ଏ ବନେ) । ୨ ।

ପ୍ରଭୁ ହେ ବିପଦ ଭଞ୍ଜନ ଆରତ ନାଶନ ହରି ! ଦୟାପଦ ନାହିଁକି ତୁମ୍ଭର, ଅଜ୍ଞାନ ମୁଁ ନ ଜାଣଇ ଭକ୍ତି

ସୁତ, କୃପାକର ଘାନ ଅଳଙ୍କନେ । (ସାଶ୍ଚର୍ଯ୍ୟେ) ଏ କ'ଣ ଏ ଆଲୋକ ରେଖାଟି ଦେଖାହେଲା କେଉଁଠି । ଏଠିତ ଘର ଗ୍ରାମ ଲେଶ ମାତ୍ର ଚିହ୍ନ ନ ଥିଲା, ତେବେ କ'ଣ କେହି ପଥିକ ଏ ବାଟଦେଇ ଆସୁଛି, ଆଚ୍ଛା, ଟିକଏ ଆଗକୁ ଯାଏଁ (ଟିକେ ଯାଇ) ନା ଆଲୋକଟିତ ଏକ ସ୍ଥାନରେ ଅଛି, ସେହି ଆଲୋକ ନିକଟକୁ ଯିବି । (କ୍ଷଣ ପରେ) ଏ ତ ଗୋଟିଏ ସୁନ୍ଦର କୋଠାଟିଏ । ଏହାର ସନ୍ନିକର୍ଷରେ ତ ଅନ୍ୟ କୌଣସି ଘର ନାହିଁ । ଭୟାନକ ଜଙ୍ଗଲ ମଧ୍ୟରେ ଏ କାହାର ବାସସ୍ଥାନ ! ଏ ଘରର ଝରକା ବାଟେ ଘର ଭିତରର ଆଲୋକଟି ବାହାରକୁ ଦେଖାଯାଉଛି; ଯାହା ଭାଗ୍ୟରେ ଘଟୁ ପଛେ ଯାଉଛି ଏ ସ୍ଥାନରେ ଡାକିବ (ପ୍ରକାଶ୍ୟେ) କିଏ ଅଛ ?

ନେପଥ୍ୟେ—କିଏ ଡାକୁଛ ?

ବିଦ୍ୟାଧର—ମୁଁ ଜଣେ ପଥଶ୍ରାନ୍ତ ପଥିକ, ଜଙ୍ଗଲ ମଧ୍ୟରେ ଯାଉଁ ଯାଉଁ ରାତି ହୋଇଗଲା, କୌଣସି ଯିବାର ସୁବିଧା ନ ପାଇ ଏ ପର୍ଯ୍ୟନ୍ତ ଧାଇଁ ଆସିଛି । ମୋତେ ଆଜ ରାତିକ ଏ ସ୍ଥାନରେ ରହିବାକୁ ଅନୁମତି ଦିଅ, ମୁଁ ପ୍ରଭାତରୁ ଉଠି ମୋ ନିଜ କାର୍ଯ୍ୟରେ ଚାଲିଯିବି । ଦୟା କରି ଟିକଏ ଦ୍ୱାର ଖୋଲ, ମୋତେ ବଡ଼ ଭୟ ଜଣାଯାଉଛି ।

ପ୍ରେମଶୀଳା—ପଥିକ ! ଏଠାରେ ଆଶ୍ରୟ ନେବା ତେତେ ସୁବିଧା ଜନକ ନୁହେ । ଏ ଗୋଟିଏ ଦସ୍ୟୁର ଗୃହ ବରଂ ମହରଗରୁ ଆସି କାନ୍ତାରରେ ପଡ଼ିବା କଥା । ଦସ୍ୟୁ ବର୍ତ୍ତମାନ ନିଜ କାର୍ଯ୍ୟରେ ବାହାରକୁ ଯାଇଛି ବର୍ତ୍ତମାନ ଫେରି ଆସୁଥିବ । ତୁମେ ତୁମର ଆତ୍ମରକ୍ଷା କରିବାର ଚେଷ୍ଟା ଅନ୍ୟ ସ୍ଥାନରେ କର ।

ବିଦ୍ୟାଧର—ତୁମେ କିଏ ! ଟିକଏ ଦ୍ୱାର ଖୋଲ, ବାହାରେ ହିଂସ୍ର ଜନ୍ତୁମାନଙ୍କ କୋଳାହଳରେ ମୋତେ ଭାରି ଭୟ ହେଉଛି । ମୁଁ ତୁମ କଥାରୁ ଅନୁମାନ କରୁଛି ତୁମେ କୌଣସି ଭଦ୍ର-ଲୋକର କନ୍ୟା, ବୋଧହୁଏ ଆଶ୍ରୟ ଦେବାଦ୍ୱାରା ତୁମର କଷ୍ଟ; ଅନିଷ୍ଟ ଘଟିବ ସନ୍ଦେହ ଆସୁଛି । ତା କେବେ ନୁହେଁ, ମୋର ଜୀବନ ତୁମେ ରକ୍ଷା କଲେ ମୁଁ ତୁମଠାରୁ ଚିର ଋଣୀ ହୋଇ ରହିବ ।

ପ୍ରେମଶୀଳା—( ଦ୍ୱାର ଖୋଲି ବିଦ୍ୟାଧରଙ୍କୁ ଆଡ଼ ହେବା )
( ସ୍ୱଗତ ) ଏ ତ କେହି ରାଜପୁତ୍ର ହେବ ପରା, ଏ ସ୍ଥାନକୁ ଏ ଆସିଲେ କପରି ( ପ୍ରକାଶ୍ୟେ ଲଜ୍ଜ ଲଜ୍ଜ ହୋଇ ) ଏଣେ କି କାର୍ଯ୍ୟରେ କେଉଁଆଡ଼େ ଯାଉଥିଲେ, ଏ ବାଟ ଦେଇ ତ ଦିନରେ କେହି ପଥିକ ଯିବା ଆସିବା କରନ୍ତି ନାହିଁ । ଆପଣ ଏକାକୀ ପୁଣି ଏତେ ରାତିରେ ଏଠାକୁ ଆସିଲେ କପରି ?

ବିଦ୍ୟାଧର—ସୁନ୍ଦରି ! ମୁଁ ସନାତନ ରାଜାଙ୍କ ମନ୍ତ୍ରୀ ପୁତ୍ର ବିଦ୍ୟାଧର, ରାଜାଙ୍କର ଗୋଟିଏ ଉଦ୍ଦେଶ୍ୟ ପୂରଣ କରିବା ଅଭିଳାଷରେ ବିଦେଶ ଆସୁ ଆସୁ ଏହି ଜଙ୍ଗଲ ପଥରେ ସନ୍ଧ୍ୟା ହୋଇଗଲା, ଅନ୍ୟ ଆଡ଼କୁ ଯିବାର କୌଣସି ଉପାୟ ନ ପାଇ ତୁମ ଦ୍ୱାର ପର୍ଯ୍ୟନ୍ତ ଆସିଲି । ଦୟାକରି ଆଜ ରାତିକ କେଉଁଠାରେ ମୋତେ ଆଶ୍ରୟ ଦିଅ । ମୁଁ ବିପଦ ଗ୍ରସ୍ତ ହୋଇ ତୁମର ସାକ୍ଷାତ ପାଇଛି, ମୁଁ ତୁମ ନିକଟରେ ଚିର ଋଣୀ; ମୋତେ ନିରାଶ କରନା ।

ପ୍ରେମ—ବିଦେଶୀ ! ଆପଣଙ୍କୁ ଆଶ୍ରୟ ଦେବାକୁ ମୁଁ କୁଣ୍ଠିତ ନୁହେଁ; କିନ୍ତୁ ଏ ଯେଉଁ ଦସ୍ୟୁର ଗୃହ ସେ ବଡ଼ ମନ୍ଦ ପ୍ରକୃତିର ଲୋକ । ଦୈନିକ କେତେ କେତେ ଲୋକମାନଙ୍କୁ ଆଣି କାରାରୁଦ୍ଧ କରୁଛି । ଆପଣ ଯେବେ ତାର ଦୃଷ୍ଟି ପଥରେ ପଡ଼ନ୍ତି ତେବେ ମୋର ଆଉ ଆପଣଙ୍କର ଦୁର୍ଦ୍ଦଶା କହିଲେ ନ ସରେ । ଶ୍ୱେର ଚଣ୍ଡାଳଠାରୁ ବଳିପଡ଼ିବ !

ବିଦ୍ୟାଧର—ସୁନ୍ଦରି ! ତୁମେ ସେ ଦସ୍ୟୁର କିଏ ହୁଅ ?

ପ୍ରେମ—ମୁଁ ତାର କିଛି ହୁଏ ନାହିଁ । ମୁଁ ଜଣେ ଅନାଥିନୀ ଓ ଅଭାଗିନୀ । ମୋର ଆପଣଙ୍କୁ କିଛି ମନର ଅଭିଳାଷ କହିବାକୁ ଅଛି । ଅନୁମତି ଦେଲେ ପ୍ରକାଶ କରନ୍ତି ।

ବିଦ୍ୟାଧର—ଏ ଅନୁରେ ଜନକୁ ଅନୁମତି ମାଗିବାକୁ କି ପ୍ରୟୋଜନ, ଯାହା ମନର ଅଭିଳାଷ ପ୍ରକାଶକର ।

ପ୍ରେମ— ଗୀତ

( ନାଗର ! କାଲ ମୁଁ ଜାଣିଲି ସିନା—ବୃତ୍ତେ )

ନାଗର ! ମୋ ବିନତି ସେନା କର
ତୁମ୍ଭ ଚନ୍ଦ୍ରମୁଖ ଦେଖି କୋଟି ଦୁଃଖ
ଗଲାଟି ନଶ୍ଚେ ମୋହର । ପଦ ।
ମୁହିଁ ଅତି ଦୀନା ଅନାଥିନୀ ବାମା
ନିଆଶ୍ରୟାଟି ମାତର ।
ତବ ପଦ ଦାସୀ ହେବା ଅଭିଳାଷୀ
ବଳୁଛି ମାନସ ମୋର । ୧ ।
ଏ ନବ ଯୌବନ ହୁଏ ଅକାରଣ
କାରଣ ତୁମେଟି କର ।
ବାରଣ କଲେଟି ଯିବ ପ୍ରାଣ ଛୁଟି
ଶରଣ ନେଲି ତୁମ୍ଭର । ୨ ।

ନାଗର ! ତୁମ୍ଭ ରୂପରେ ମୁଁ ମୁଗ୍ଧା ହୋଇ ତୁମ୍ଭଙ୍କୁ ପତିତ୍ୱରେ ବରଣ କରିବାକୁ ମନ ବଳାଉଛି । ମୋ ପ୍ରତି ପ୍ରସନ୍ନ ହୋଇ ଅନୁମତି ପ୍ରଦାନ କରନ୍ତୁ ।

ବିଦ୍ୟାଧର— ଗୀତ

( ବସନ୍ତେ ଭ୍ରମୁ କାନନ – ବୃତ୍ତେ )

କହରେ ରୂପ ରଙ୍ଗିଣୀ ଅଟୁ କାହାର ନନ୍ଦିନୀ
ସାହା କେ ତୋହର ଏଥି ଘୋର ବନ୍ଦନ ।
ବିଜନ କାନନେ ବାସ କିମ୍ପା କରୁଛୁ ନାଗରି
ସନ୍ଦେହ ମୋ ମନୁ ନାଶ ରମା ରଞ୍ଜନ ।
ନାମ କିସ ପ୍ରକାଶ କର
ଗ୍ରାମ କେଉଁ ଦେଶେ କହ ରସିକାବର । ୧ ।

ପ୍ରେମ—

ଶୁଣ ହେ ନବ ନାଗର ରତ୍ନାବତୀ ଅଧୀଶ୍ୱର
ପିଅର ନାମ ମୋ ଚନ୍ଦ୍ରକାନ୍ତ ସୁଜନ ।
ମୁହିଁ ତ ଜ୍ୟେଷ୍ଠା ଦୁହିତା କଷଣ ଦେଉଛି ଧାତା
କହିଲେ ସେ କଥା ପିଣ୍ଡୁ ଛାଡ଼େ ପରାଣ ।
ନାମ ମୋହର ପ୍ରେମଶୀଳା
ଅବିବାହିତାଟି ମୁହିଁ ଅଧମା ବାଳା । ୨ ।

ନାଗରେ ! ମୋ ପିତାଙ୍କର ନାମ ଚନ୍ଦ୍ରକାନ୍ତ । ଆମ୍ଭ ପିତାଙ୍କର ଆମ୍ଭେ ଦୁଇ କନ୍ୟା । ମୋର ନାମ ପ୍ରେମଶୀଳା ଓ ମୋର କନିଷ୍ଠା ଭଗିନୀର ନାମ କାଞ୍ଚନବାଳା, ଏକ ସମୟରେ ପିତା ଆମ୍ଭ ଦୁଇଜଣଙ୍କୁ ଘେନି ବାରାଣସୀ ତୀର୍ଥକୁ ଯାଉଥିଲେ । ସେଠାରେ ଏହି ଦସ୍ୟୁ ପିତାଙ୍କୁ ଯୁଦ୍ଧରେ ପରାସ୍ତ କରି ଆମ୍ଭ ଦୁଇ ଭଉଣୀଙ୍କୁ ବଳାତ୍କାରେ ଘେନି ଆସିଲା; ଆସିବା ପଥରେ ଆମ୍ଭେମାନେ "ରକ୍ଷାକର, ରକ୍ଷାକର" ବୋଲି ଡାକନ୍ତେ ଅନ୍ୟ ଏକଜଣ ପୁରୁଷ ମୋର କନିଷ୍ଠା ଭଗିନୀ କାଞ୍ଚନବାଳାକୁ ଏଠାରୁ ଛଡ଼ାଇ ନେଇଗଲା, ମାତ୍ର ମୋତେ ଏ ପାଷାଣ୍ଡ ଆଣି ବିବାହ କରିବା ଉଦ୍ଦେଶ୍ୟରେ ଏଠାରେ ରଖିଛି । ନାଗର ! ମୁଁ ମିଥ୍ୟା ଛଳନା ଦେଖାଇ ଆଜି ପର୍ଯ୍ୟନ୍ତ ସେ ପାଷାଣ୍ଡ କବଳରେ ପଡ଼ି ସୁଦ୍ଧା ସତୀତ୍ୱ ହରାଇ ନାହିଁ । ମୋର ଘର ରତ୍ନାବତୀ ପୁର, ଆପଣ କ୍ଷତ୍ରିୟ ସନ୍ତାନ ! ମୁଁ କ୍ଷତ୍ରିୟା କନ୍ୟା । ମୋର ଏ ଦୁର୍ଦ୍ଦଶା ଅବଲୋକନ କରି କଣ ନ୍ୟାୟ ସଙ୍ଗତ ମଣନ୍ତି ? ଏ ଅଭାଗିନୀକୁ ଏ ଦସ୍ୟୁ କବଳରୁ ମୁକ୍ତ କରି ଆପଣଙ୍କ ପଦପଙ୍କଜରେ ସ୍ଥାନ ଦିଅନ୍ତୁ ।

ବିଦ୍ୟାଧର— ଗୀତ

ସଙ୍ଗିନୀ ସେ ଭାଗ୍ୟ କାହିଁ ପାରିବି ଅଙ୍କ ମଣ୍ଡାଇ
ତୋହ ପରି ସୁରୁ ଚନ୍ଦ୍ରବଦନୀ ଧନୀ
ଦୁର୍ଭାଗା ମୁଁ ଅତି ହୀନ ବିହି ହୋଇଛି ମୋ ବାମ
କାମରେ କାମନା ନାହିଁ ମୋର ମାନିନୀ
ଯାମିନୀ ପାହିଲେ ବିଦେଶ
ଉଦ୍ଦେଶ୍ୟ ପୂରଣେ ନଶ୍ଚେ ଯିବି ନାଗରି । ୩ ।

ସୁନ୍ଦରି ! ତୋହ ପରି କନକ ପ୍ରତିମା ଲଭିବା ଏ ପୋଡ଼ା ଭାଗ୍ୟରେ କାହିଁ, ମୁଁ ଯେଉଁ ଉଦ୍ଦେଶ୍ୟରେ ଆସିଛି, ତା ପୂରଣ ନ ହେବା ପର୍ଯ୍ୟନ୍ତ ଅନ୍ୟ କାମନା ନାହିଁ । ସୁନ୍ଦରି ! ତୁମ୍ଭର ନିଜ ବାସସ୍ଥାନ ପ୍ରକୃତ କଣ ରତ୍ନାବତୀପୁର ? ତେବେ କହି ପାରିବ କି ତୁମ୍ଭ ପିତାଙ୍କୁ ନାରାୟଣ ପ୍ରଦତ୍ତ କିଛି ଜିନିଷ ଅଛି କି ? ତୁମ୍ଭେ ଯେବେ ତାଙ୍କ କନ୍ୟା ଅବଶ୍ୟ ତୁମ୍ଭଙ୍କୁ ଜଣାଥିବ ।

ପ୍ରେମ—ମୋର ପିତା ସତ୍ୟନାରାୟଣ ଉପାସକ । ତାଙ୍କୁ ସ୍ୱର୍ଣ୍ଣକାନ୍ତି, ସ୍ୱର୍ଣ୍ଣ ଅସ୍ଥାନ ନାରାୟଣ ଦେଇଛନ୍ତି । ସେହି ପୂଜାରେ ଆମ୍ଭେ ଦୁଇ କନ୍ୟା ପିତାଙ୍କ

କୋଳରେ ଜନ୍ମଗ୍ରହଣ କରିଥିଲି, ଏଥିରେ ଅଣୁ ମାତ୍ର ସନ୍ଦେହ ନାହିଁ ।

ବିଦ୍ୟାଧର - (ସ୍ୱଗତ) ଭଗବାନ୍ ! ମୁଁ କଣ ସତେ ଶୁଭ ସମୟରେ ଗୃହରୁ ଅନୁକୂଳ କରି ଆସିଛି ? ମୋର ଆନ୍ତରିକ ଆଶା ସଫଳ ହେବ ? (ପ୍ରକାଶେ) ସୁନ୍ଦରି ! ମୁଁ ସେହି ସ୍ୱର୍ଣ୍ଣକାଣ୍ଡ, ଆସ୍ଥାନ ପାଇବା ଉଦ୍ଦେଶ୍ୟରେ ପ୍ରତିଜ୍ଞାବଦ୍ଧ ହୋଇଛି, ତୁମେ ମୋର ଆଶା ପୂର୍ଣ୍ଣ କରି ପାରିବ କି ?

ପ୍ରେମ—ଆପଣଙ୍କ ସେ ଆଶା ଅଭାଗିନୀ ପୂର୍ଣ୍ଣ କରି ପାରିବ ତା ନୁହେଁ, କିନ୍ତୁ ଆପଣ ସ୍ୱର୍ଣ୍ଣ କାଣ୍ଡ, ସ୍ୱର୍ଣ୍ଣ ଆସ୍ଥାନ କିପରି ନିର୍ବିଘ୍ନରେ ପାଇ ପାରିବେ ତାର କୌଶଳ ବତାଇଦେବି ।

ବିଦ୍ୟାଧର—ସୁନ୍ଦରି ! ମୁଁ ତୁମଠାରୁ ସେତିକି ଅନୁଗ୍ରହ ଲାଭ କରିବା ଆଶାକରେ ।

ପ୍ରେମ—ନାଗର ! ଆପଣ ମୋର ପିତାଙ୍କର ପ୍ରିୟପୁତ୍ର ହେବା ଏକାନ୍ତ ଆବଶ୍ୟକ ।

ବିଦ୍ୟାଧର—କିପରି ?

ପ୍ରେମ—ଆମ୍ଭ ଦୁଇ ଭଗିନୀଙ୍କୁ ଉଦ୍ଧାର କରି ପିତାଙ୍କ ନିକଟରେ ସାକ୍ଷାତ କରାଇବା କର୍ତ୍ତବ୍ୟ ।

ବିଦ୍ୟାଧର—ମୁଁ କାଞ୍ଚନ ବାଳାର ସାକ୍ଷାତ କିପରି ପାଇବି ?

ପ୍ରେମ—ଯେପରି ମୋତେ ପାଇଲେ । ମୁଁ ଅନୁମାନ କରୁଛି, ଆପଣଙ୍କଠାରେ ଭଗବାନ ସନ୍ତୁଷ୍ଟ ଅଛନ୍ତି, ଆପଣଙ୍କ ଉଦ୍ଦେଶ୍ୟ ନିର୍ବିଘ୍ନରେ ପୂର୍ଣ୍ଣ ହୋଇପାରିବ ।

ବିଦ୍ୟାଧର—ସୁନ୍ଦରି ! ତୁମ୍ଭ କଥାରୁ ମୁଁ ଅନୁମାନ କରୁଛି ତୁମେ କୌଣସି ଦେବୀ, ମୋତେ ମୋର ନିର୍ଦ୍ଦିଷ୍ଟ ପନ୍ଥା ଅବଲୋକନ ନିମିତ୍ତ ନାନା ଉପଦେଶ ଦେବାକୁ ଏଠାରେ ସାକ୍ଷାତ ଦେଇଛ ।

ପ୍ରେମ—ନା, ନା, ମୁଁ ପରି ଆପଣଙ୍କର ଶ୍ରୀଚରଣ ଅଭିଳାଷୀ, ଆଉ ଅନ୍ୟ କଥା ଜାଣିନ୍ତୁ ନାହିଁ । ମୋର ବ୍ରତ ପୂର୍ଣ୍ଣ ହୋଇ ଯାଇଥିବାରୁ ଆପଣଙ୍କ ଦର୍ଶନ ପାଇଛି, ଅନୁମତି ଦିଅନ୍ତୁ ବରମାଳା ଦେଇ ମୋର ଜନ୍ମ ସାର୍ଥକ କରିବି ।

ବିଦ୍ୟାଧର—ମୁଁ ତୁମ୍ଭର ଏ ପ୍ରଶ୍ନରେ ନିରୁତ୍ତର, ଯାହା ଇଚ୍ଛା କର ।

ପ୍ରେମ—ଏଠାରେ ତ ବରମାଳା କିଛି ନାହିଁ (ପୁରୁଷର ଦୁଇହାତ ଧରି) ଏହି ଅମୂଲ୍ୟ ହାର ହବାନଣି ଗଳାରେ ପିନ୍ଧିଥିବି, ଏହି ମାତ୍ର କାମନା ।

ବିଦ୍ୟାଧର—(ମସ୍ତକରେ ଚୁମ୍ବନ ପ୍ରଦାନ) ସଖି ! ଏ ସ୍ଥାନରୁ ଶୀଘ୍ର ଅନ୍ତର ହେବା ଦରକାର ।

ଗୋବର୍ଦ୍ଧନ—(ପ୍ରବେଶି) କେଉଁଣେ ଯିବୁ ଦୁଷ୍ଟ ?
କିଏ ତୁ ଶୃଗାଳ, ସିଂହ ଗୃହେ ପଶି କରୁଅଛୁ ଶଣକଥା ନାଟ ।
ଏଡ଼େ ତୋ ସାହସ,
ପତ୍ନୀ ମୋର ହରିବାକୁ ବଳାଇଛୁ ଆଶ ?

ବିଦ୍ୟାଧର—କିଏ ତୋର ପତ୍ନୀ ?
ନିକୃଷ୍ଟ ଶ୍ୱାନ ତୁ, ପଞ୍ଚହବି ଭକ୍ଷିବାକୁ ବଳାଇଛୁ ଆଶ ।
ଦସ୍ୟୁ ତୁହି ଦୁର୍ବୃତ୍ତ ପାମର
ଗୁପ୍ତେ ଆଣି ରାଜକନ୍ୟା ସଜା ଦେଉ ଏଥି
ମୂର୍ଖ ! ଆଜ ତା'ର ପ୍ରତିଫଳ ଦେବି ମୋର ହାତେ

ଗୋବ—ମେଣ୍ଢା ଖଣ୍ଡେ ତୁ ଏଡ଼େ ତୋ ସାହସ
ଯୁଝିବାକୁ ଇଚ୍ଛା ଆଜ ଗୋବର୍ଦ୍ଧନ ସଙ୍ଗେ ।

ଗୀତ

(କାହିଁ ଯିବୁ ପାଜି ଆଜ ମୋ କରୁ—ବୃତ୍ତେ)
ମେଣ୍ଢା ଖଣ୍ଡେ ତୁ ଏଡ଼େ ଦେଖାଉ ଗୁମର
ଅଖାଡରେ କଥା କହୁ ନାହିଁ ତୋତେ ଡର । ୧ ।
ବାମନ ହୋଇ ତୁ ହସ୍ତ ଚନ୍ଦ୍ରରେ ବଢ଼ାଉ ।
ଶୃଗାଳ ହୋଇ ତୁ ସିଂହେ କରୁଛୁ ଚଢ଼ାଉ । ୨ ।
ଧଣ୍ଡ ହୋଇ ନାଗ ପାଶେ ଦେଖାଉଛୁ ଶଣ୍ଢ ।
ମଥାପିତ୍ତ ଗାଳ ତୋତେ କରିଦେବି ଅଣ୍ଡା । ୩ ।
ଗଣ୍ଡା ଗଣ୍ଡା ତୋହ ପରି କେତେ ମାରି ଧରି ।
ମେଣ୍ଢା ପଶୁ ପରି ଶଣ୍ଢ କାଟିଛି ତାଙ୍କରି । ୪ ।
ଅଣ୍ଡା ଖଣ୍ଡେ ତୁ ମାତର ହଣ୍ଡା ତୋ ଟରିବ ।
ଦଣ୍ଡାରେ ଶ୍ୱାନ ଶୃଗାଳ ଡାକ ଲୁଣ୍ଠାଇବ । ୫ ।
ପିତେ୍ର ଯେବେ ଥାଏ ଆଶା ମାଗରେ ଶରଣ ।
ଭଣ୍ଡପଣ କଲେ ଦୁଷ୍ଟ ଲଭିବୁ ମରଣ । ୬ ।

ବିଦ୍ୟାଧର—ବୃଥା ଦର୍ପ ପ୍ରକାଶର ମୂର୍ଖ !
ଧନ୍ଧ ନୁହେଁ ସାଧୁ ବିଦ୍ୟାଧର
ଜାଣୁରେ ପାଷାଣ୍ଡ କ୍ଷତ୍ରି ସୁତ ମୁହିଁ,
ବୀର ରକ୍ତେ ଗଢ଼ା ଏ ଶରୀର
ବୃଥା ଭୟ ଦେଖାଉ କାହାକୁ
ନାହିଁ ତୋତେ ଭୟ ମୋର ତିଳେ ।
ଗୋବର୍ଦ୍ଧନ—ଆରେ ଅଣ୍ଡା ଖଣ୍ଡେ ତୁହି,
ଏଡ଼େ ଦମ୍ଭ ତୋର ହୁଣ୍ଡା
ଦେଖ ଏହି ଶାଣିତ ଖଡ୍ଗେ
ନଣ୍ଡା ତୋତେ କରିବି ମୁଁ ଆଜ
ପାଷାଣ୍ଡ ଦେଖିବିରେ ତୋତେ
ରକ୍ଷିବନ୍ତି କେଉଁ ବାପ ଆଜ ।

(ତରବାରୀ କାଢ଼ିବା)

ବିଦ୍ୟାଧର—ସାବଧାନ ! (ଉଭୟ ଯୁଦ୍ଧରେ ଗୋବର୍ଦ୍ଧନ ପତନ) ପ୍ରିୟେ ! ଏହାକୁ ଗର୍ତ୍ତ ଖୋଳି ପୋତି ପକାଇବା ଦର୍କାର ।

ପ୍ରେମ—ଯା ଇଚ୍ଛା ଆପଣଙ୍କର କରନ୍ତୁ ।

ବିଦ୍ୟା—ତେବେ ଏ ଶବକୁ କାହାଦ୍ୱାରା ନେବା ?

ପ୍ରେମ—ନାଥ ! ଏ ମୂର୍ଖ ଯେଉଁ ପଥିକମାନଙ୍କ ଧନ ଲୁଣ୍ଠନ କରିଆଣି ସେମାନଙ୍କୁ ବନ୍ଦୀରେ ରଖିଛି ସେହିମାନଙ୍କୁ ମୁକ୍ତ ଦେଲେ ତାଙ୍କ ଦ୍ୱାରା ଏ କାର୍ଯ୍ୟ ସାଧିତ ହେବ । ପୁଣି ତୀର୍ଥ ପର୍ଯ୍ୟଟକମାନେ ଏହି ଦୁର୍ବୃତ୍ତ ଭୟରେ ତୀର୍ଥଯାତ୍ରା ବନ୍ଦ କରି-ଦେଇଥିଲେ ଏମାନଙ୍କ ମୁକ୍ତିରେ ଦସ୍ୟୁର ବିନାଶ ସମ୍ବାଦ ବ୍ୟକ୍ତ ହେଲେ ପଥିକମାନେ ପୂର୍ବବତ୍ ସୁଖ ସ୍ୱଚ୍ଛନ୍ଦରେ ଯାତାୟାତ କରିପାରିବେ ।

ବିଦ୍ୟା—ଭଲ କଥା, ଭୁଲ ସେମାନେ ତ ଆମ୍ଭର କିଛି ଅନିଷ୍ଟ କରି ନାହାନ୍ତି । ବରଂ ସାହାଯ୍ୟ କରିବେ ତେବେ ସେମାନଙ୍କୁ ମୁକ୍ତ କରିବା ।

( ଉଭୟ ପ୍ରସ୍ଥାନ )

[ ବନ୍ଦୀଶାଳାରୁ ବନ୍ଦୀମାନଙ୍କ ସହ ଦୁର୍ବୁଦ୍ଧି ଓ ବଟୁକ ମୁକ୍ତ ]

ବିଦ୍ୟା—ବ ଭଲ ! ତୁମ୍ଭମାନଙ୍କର କାହିଁକି ଏ ଦଶା ?

ଦୁର୍ବୁଦ୍ଧି—ବଟୁକ ଓ ମୁଁ ଆସିବା ପଥରେ ଏ ପାଷାଣ୍ଡ ଦସ୍ୟୁ ଆମ୍ଭମାନଙ୍କ ସର୍ବସ୍ୱ ଲୁଣ୍ଠନକରି ଆମ୍ଭମାନଙ୍କୁ ବଳାତ୍କାରରେ ଧରିଆଣି ବନ୍ଦ କଲା ।

ବିଦ୍ୟା—ଆଉ ଚିନ୍ତା କଣ, ଏବେ ତ ମୁକ୍ତ, ଯାଅ ନିଜ କାର୍ଯ୍ୟରେ ଯାଅ ।

ଦୁର୍ବୁଦ୍ଧି—ବିଦ୍ୟାଧର ! ତୁମ୍ଭେ ଆମର ପ୍ରାଣଦାତା । ଆଜ ତୁମ୍ଭ ଉପକାରରେ କୌଣସି କାର୍ଯ୍ୟକୁ ଯିବୁ ନାହିଁ, ଯାଉଛୁ, ଗୃହକୁ ଫେରିଯିବୁ । ତୁମ୍ଭଦ୍ୱାରା ଆମ୍ଭେମାନେ ଉଦ୍ଧାର ପାଇଲୁ ସେଥିଯୋଗୁ ତୁମ୍ଭ ନିକଟରେ ଚିରଋଣୀ ହୋଇ ରହିଲୁ ।

ବିଦ୍ୟା—ତେବେ ଏ ପାଷାଣ୍ଡର ମୃତ ପିଣ୍ଡକୁ ନେଇ ଗର୍ତ୍ତ ଖୋଳି ପୋତି ପକାଅ ।

ବଟୁକ—ଯେ ଆଜ୍ଞା, ( ମୃତପିଣ୍ଡ ନେଇ ପ୍ରସ୍ଥାନ )

ବିଦ୍ୟା—ପ୍ରିୟେ ! ଗୋଟିଏ କଥା କହିବାକୁ ମନସ୍ଥ କରିଛି ପ୍ରକାଶ କରିବି କି ?

ପ୍ରେମ—ନାଥ ! ଏ ଦାସୀ ନିକଟରେ ପ୍ରକାଶ କରିବାକୁ ଭୟ କାହିଁକି ? ଏ ଦାସୀ କଣ ଆପଣଙ୍କ କଥାରୁ ବାହାର ।

ବିଦ୍ୟା—ବର୍ତ୍ତମାନ କାଞ୍ଚନମାଳା ସନ୍ଧାନରେ ଯିବା ମୋର କର୍ତ୍ତବ୍ୟ, ତୁମ୍ଭଙ୍କୁ ସଙ୍ଗରେ ନେଇ ବୁଲିବା ସେତେ ସୁବିଧାଜନକ ହେଉ ନାହିଁ ।

ପ୍ରେମ—ଆପଣଙ୍କୁ ଯାହା ଭଲ ଦେଖାଯିବ ତା କରିବେ । ଏ ଅଭାଗିନୀର ଆପଣଙ୍କ ଛଡ଼ା ଆଉ କେ ଅଛି । ଯଦି ଏହି ସ୍ଥାନରେ ପକାଇ ଦେଇଯିବେ ତେବେ ଆପଣଙ୍କ ପଥ ଚାହିଁ ପଡ଼ିଥିବି, ନଚେତ୍ ଯେବେ ସଙ୍ଗରେ ନେଇଯିବେ ତେବେ ଆପଣଙ୍କ ସଙ୍ଗେ ସଙ୍ଗେ ବୁଲୁଥିବି ।

ବିଦ୍ୟା—ତୁମ୍ଭପରି କନକ ପ୍ରତିମାକୁ ସାଙ୍ଗରେ ନେଇ ଦେଶ ବିଦେଶ ବୁଲିବାଦ୍ୱାରା ନାନା ବିପଦ ଘଟିବାର ସମ୍ଭାବନା, ତୁମ୍ଭେ ଏହିଠାରେ ଥାଅ । ମୁଁ ମଧ୍ୟେ ମଧ୍ୟେ ତତ୍ତ୍ୱ ନେଉଥିବି ।

ପ୍ରେମ—ନାଥ ! ଆପଣଙ୍କ ଉପଦେଶ ମୋର ଶିରୋଧାର୍ଯ୍ୟ । ତେବେ ଚିର ସ୍ମରଣ ପାଇଁ ଏ ରତ୍ନମାଳାଟି ଆପଣଙ୍କ ଗଳାରେ ଅର୍ପଣ କଲି,

ମନେ ରଖନ୍ତୁ ଏ ମାଳାଦ୍ୱାରା ଆପଣଙ୍କର ମନୋ-ପକାର ସାଧିତ ହେବ । ନାଥ ! ଏ ଅଧୀନାକୁ କେବେହେଁ ମନରୁ ଭୁଲିବେ ନାହିଁ । ଯଦି ଭୁଲନ୍ତି ତେବେ ଘୋର ଅନୁତାପ ଭୋଗ କରିବେ ।

( ମାଳା ପ୍ରଦାନ )

ବିଦ୍ୟା—ପ୍ରିୟେ ! ଆଜୀବନ ମୁଁ ତୁମ୍ଭ ପାଶରେ ବନ୍ଧା ।

ପ୍ରେମ—କିଛି ଧନ ଓ ଖାଦ୍ୟ ଦ୍ରବ୍ୟ ସଙ୍ଗରେ ନେଇ ଯାଆନ୍ତୁ ଖାଲିହାତରେ ବିଦେଶ ବୁଲିବା ସେତେ ସୁବିଧାଜନକ ନୁହେଁ ।

ବିଦ୍ୟା—ଚାଲ, ମୋତେ ବିଦାୟ ଦିଅ, ଯେପରି ସର୍ବ ଶୁଭରେ ତୁମ୍ଭ ନିକଟକୁ ଫେରିଆସେ ।

ପ୍ରେମ—ହଉ ଚାଲନ୍ତୁ । ( ପ୍ରସ୍ଥାନ )

—o—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ସୁଦାମ, ସୁବଳ, ଅନିରୁଦ୍ଧ, ସାଧୁ ବିଦ୍ୟାଧର )

ସୁଦାମ—ସୁବଳ ! ଦେଖିଲୁ, ଦେଖ ଏ ଅନତିଦୂରରେ କିଏ ଜଣେ ପଥିକ କଣ କିଛି ଧନ ରତ୍ନ ନେଇ ଚାଲିଛି । ଭଗବାନ୍ ଏତେ ଦିନେ ଆମ୍ଭମାନଙ୍କର ହୃଦୟ ବେଦନା ବୁଝି ପାରିଛନ୍ତି । ଚାଲ ତାଙ୍କୁ ପଟାପଟି କରି ପିତାଙ୍କ ନିକଟକୁ ନେଇଯିବା ।

ସୁବଳ—ଆଉ ପୁଣି ପଚାରିବାକୁ ଅଛି ? ପିତା ଯେପରି ବିରକ୍ତ ଆମ୍ଭମାନଙ୍କ ଉପରେ ଅଛନ୍ତି ଶୂନ୍ୟ ହସ୍ତରେ ଫେରିବା ଆଉ ଉଚିତରେ ନାହିଁ । ଚାଲନ୍ତୁ ଶୀଘ୍ର ।

ଅନିରୁଦ୍ଧ—ହଉଛି ବଳଦ ଖୋଜିଲୁ ତେଣୁ ଆଉ ଛାଡ଼ିବାକୁ ଅଛି ନା; ଶୀଘ୍ର ତତ୍ପର ହୁଅନ୍ତୁ ।

ସୁଦାମ—ମନେରଖ, ପଥିକ ସଙ୍ଗରେ ଏପରି ବ୍ୟବହାର କରିବ ଯେପରି ସେ ଆମ୍ଭମାନଙ୍କର କୌଣସି ଅସତ୍ ପ୍ରକୃତି ଜାଣି ନ ପାରେ ।

ସୁବଳ—ଭାଇ ସେ ତ ଆସିଗଲା ।

ସୁଦାମ—ଆଗ ତାର ନାମ ଗ୍ରାମ ବୁଝି ତୁମ୍ଭେମାନେ ତାକୁ ପ୍ରଣାମ ହୋଇ ସେ ଆମ୍ଭର ଭଗିନୀ ପତି ବୋଲି ତାକୁ ପରିଚୟ ଦିଅ ।

ଅନିରୁଦ୍ଧ—ସେ କଥା ଶିଖାଇବାକୁ ହେବ ନାହିଁ ।

( ପଥରେ ସାଧୁ ବିଦ୍ୟାଧରକୁ ସୁଦାମ ପ୍ରଭୃତି ଆଗ ଜଗାଇବା )

ସୁବଳ—ବାବୁ ! ଟିକେ ଅପେକ୍ଷା କରନ୍ତୁ ଆପଣ କେଉଁ ପର୍ଯ୍ୟନ୍ତ ଯିବେ ?

ବିଦ୍ୟା—ବହୁତ ଦୂର ଯିବି, ଆପଣମାନେ କେଉଁଠାକୁ ଯିବେ ?

ସୁଦାମ—ନାହିଁ ଆମ୍ଭମାନଙ୍କର ଘର ଏହି ନିକଟରେ । ଗୋଟିଏ ଲୋକର ସନ୍ଧାନରେ ଅନେକ ଦିନ ବୁଲି ବୁଲି ବଡ଼ କଷ୍ଟ ଭୋଗ କଲୁଣି । ଅନୁଗ୍ରହ କରି ଆପଣଙ୍କ ନାମ, ଗ୍ରାମ ଓ ପିତାଙ୍କ ନାମ ପ୍ରକାଶ କରିବେ କି ?

ବିଦ୍ୟା—( ସ୍ୱଗତ ) ମୁଁ ତ ମୋ ବାଟରେ ଯାଉଛି ମୋତେ ଧରି ଏତେ ଜେରା କରିବା ଫଳ କଣ ? ଯାଙ୍କ ଢଙ୍ଗ ଢାଙ୍ଗ କଣ କେମିତି କେମିତି ଜଣା ଯାଉଛି ( ପ୍ରକାଶ୍ୟେ ) ଆମଘର ମଗଧ ଦେଶେ, ମୁଁ ସନାତନ ରାଜାଙ୍କ ମନ୍ତ୍ରୀପୁତ୍ର, ମୋ ନାମ ସାଧୁ ବିଦ୍ୟାଧର ।

ସୁଦାମ—ତୁମ୍ଭର ନାମ ସାଧୁ ବିଦ୍ୟାଧର ( କୋଳାଗ୍ରତ କରି ) କଣ ଚିହ୍ନି ପାରୁନ ? ସୁବଳ; ଅନିରୁଦ୍ଧ ! ସାଧୁ ଏହି !

ସୁବଳ—ଭାଇ ପ୍ରଣାମ ।

ଅନିରୁଦ୍ଧ—ଭାଇ ଅବଧାନ ।

ବିଦ୍ୟା—( ସ୍ୱଗତ ) କି ଆଶ୍ଚର୍ଯ୍ୟ କିଏ ଏମାନେ, ଯାଙ୍କୁତ ମୁଁ କେଉଁଠି କେବେ ଦେଖିନାହିଁ ।

ସୁବଳ—(ସାଧୁ କାନପାଖେ) ହଇହୋ ! ସେ ପରି ବଡ଼ ଭାଇ, ଦଣ୍ଡବତ କରନା ।

ସୁଦାମ—ସେ ପିଲାଲୋକ ଜାଣି ନାହାନ୍ତି, ବିଦ୍ୟାଧର ! ତୁମ୍ଭଲାଗି ଯେ କି କଷ୍ଟ ଆମ୍ଭେମାନେ ଭୋଗ କଲୁଣି ତା ଏ ମନ ଜାଣେ, ତୁମ୍ଭେ କାହିଁକି ଏ ବଉଳିଆ ବୁଦ୍ଧି କରି ବୁଲୁଛ ?

ବିଦ୍ୟା—(ସ୍ୱଗତ) ଏ ସବୁ ମାୟାପରି ଜଣାଯାଉଛି (ପ୍ରକାଶ୍ୟେ) ଭାଇମାନେ ! ଆପଣ କଏ, ମୁଁ ତ ଆପଣଙ୍କୁ କେବେ କେଉଁଠି ଦେଖିଲା ପରି ମନେ ହେଉ ନାହିଁ ।

ସୁଦାମ—ପ୍ରକୃତ, ତୁମ୍ଭେ ଚିହ୍ନି ପାରିବ ନାହିଁ, ତୁମ୍ଭର ଅତି ଶୈଶବ ଅବସ୍ଥାରେ ପିତାଙ୍କ ସାଙ୍ଗରେ ଗୟା ତୀର୍ଥକୁ ଆସିଥିଲ, ସେଠାକୁ ଆମ୍ଭର ପିତା, ମାତା ଓ ଭାଇ ଭଗିନୀମାନେ ଯାଇଥିଲୁ । ସେଠାରେ ଆମ୍ଭର ପିତା ଆଉ ତୁମ୍ଭର ପିତାଙ୍କର ସଖ୍ୟ ହୋଇ ଆମ୍ଭ ଭଗିନୀଟିକୁ ତୁମ୍ଭଙ୍କୁ ସମର୍ପି ଦେଇଥିଲେ । ଅବଶ୍ୟ କୌଣସି କଥା ପ୍ରସଙ୍ଗରେ ଘରେ ତୁମ୍ଭର ପିତା ଏ କଥା ଉଠାଇଥିବେ ।

ବିଦ୍ୟା—ଅସମ୍ଭବ, ମୁଁ ଦିନେ ମାତ୍ର ଏକଥା କାହାଠାରୁ ଶୁଣି ନାହିଁ ।

ସୁବଳ—(ସୁଦାମ ପ୍ରତି) ଭାଇ ଯାଙ୍କ ପିତାଙ୍କର ଯେବେ ସେ କଥା ସ୍ମରଣ ଥାନ୍ତା ତେବେ ଭଗିନୀ ଆମ୍ଭର ଘରଯୋଗ୍ୟା ହୋଇ କି ଘରେ ଅନୁତାପ ଭୋଗ କରୁଥାନ୍ତା ।

ସୁଦାମ—ସୁବଳ ! ପ୍ରକୃତ ସେ କଥା ସେ ବଡ଼ ଲୋକ, ଭଗବାନ ତାଙ୍କୁ କୋଟି ଐଶ୍ୱର୍ଯ୍ୟ ଦେଇଛନ୍ତି । ଆମ୍ଭପରି ଗରିବଙ୍କ କଥା କାହିଁକି ତାଙ୍କ ମନେ ପଡ଼ିବ । ବିଦ୍ୟାଧର ତୁମ୍ଭ ବିଚ୍ଛେଦରେ ବୃଦ୍ଧ ପିତା ଆମ୍ଭର ଦିବା ନିଶି କାନ୍ଦି କାନ୍ଦି ଚକ୍ଷୁହୀନ ହୋଇ ଗଲେଣି । ଆଉ ମାଆଙ୍କ କଥା ତ ଛାଡ଼ । ବର୍ତ୍ତମାନ ସେ କଥା ଭାବିବା ଆବଶ୍ୟକ ନାହିଁ । ଯାହା ବିଧାତାର ବିଡ଼ମ୍ବନା ତା ଘଟି ଯାଉଛି ! ଚାଲ, ଗୃହକୁ ଚାଲ ।

ବିଦ୍ୟା—(ସ୍ୱଗତ) ମୁଁ କ'ଣ ବର୍ତ୍ତମାନ ସ୍ୱପ୍ନ ରାଜ୍ୟରେ ନା କ'ଣ ? ଏ ସବୁ ମୋତେ ତ ମାୟାପରି ଜଣାଯାଉଛି । ନା, ଏମାନଙ୍କ କଥାକୁ ବିଶ୍ୱାସ ନାହିଁ । ଏମାନେ ନିଶ୍ଚୟ ଦସ୍ୟୁ । ପ୍ରେମଶୀଳା ତୁ ମୋତେ କାହିଁକି ଗୁଡ଼ାଏ ଧନ ଦେଇ ବର୍ତ୍ତମାନ ଦସ୍ୟୁ ମୁଖରେ ଦେଲୁ । ସତ ତୋତେ ଧନ ମାଗୁ ନ ଥିଲି, ଏ ଧନ ନ ଥିଲେ ମୋତେ କିଏ କୌଣସି କଥା ପଚାରିବାକୁ ଯାଇଥାନ୍ତା । ( ପ୍ରକାଶ୍ୟେ ) ଭାଇମାନେ ! ଆପଣମାନେ ଭଗ୍ନୀପତି ବୋଲି ମୋତେ ଭାବୁଛନ୍ତି କିନ୍ତୁ ମୁଁ ଭଲକରି ଜାଣେ ମୋତେ ମୋର ପିତା ମାତା ବିବାହ ଦେଇ ନାହାନ୍ତି, ଆପଣ ଆଉ କାହାକୁ ଖୋଜି ମୋତେ ସନ୍ଦେହ କରୁଛନ୍ତି ।

ସୁଦାମ – ବିଦ୍ୟାଧର ! ତୁମ୍ଭେ ସିନା ପିଲା । ଆମ୍ଭେ କଣ ପିଲା ହୋଇଛୁ, ଚାଲ ଚାଲ ଗୃହକୁ ଚାଲ ।

ସୁବଳ—( ହାତଠାରି ) ଆସ ମ, କେତେ ବାମୁଲେଇ ହେଉଛ, ଘରକୁ ଗଲେ ତେଣେ ଶଳାଭାଉଜମାନେ ଚାହିଁ ବସିଛନ୍ତି ଖାଲି ଏ ପିଠିରେ ଗୁଞ୍ଜୁଣିପୂଜା କରିଦେବେ ।

ବିଦ୍ୟା—(ସ୍ୱଗତ) ଏ ଧନ ଏତେକ ମୋ ଜୀବନର ମୁଦେଇ । ଯାହା ହେଉ ଏମାନଙ୍କ ହାତରେ ଏତେକ ଦ୍ରବ୍ୟଦେଇ ଏମାନଙ୍କ ପାଖରୁ ପଳାଇବା ଚେଷ୍ଟା କରିବ । (ପ୍ରକାଶ୍ୟେ) ଭାଇମାନେ ! ମୁଁ ଗୋଟିଏ ଗୁରୁତର କାର୍ଯ୍ୟର ଭାର ନେଇ ଯାଉଛି । ବର୍ତ୍ତମାନ ମୋ ସାଙ୍ଗରେ ଜଞ୍ଜାଳ କରନ୍ତୁ ନାହିଁ । ମୁଁ ନିଶ୍ଚୟ ଫେରିବା ସମୟରେ ଆପଣଙ୍କ ଗୃହକୁ ଯାଇ ସାକ୍ଷାତ ଦେବି ମନରେ କୌଣସି ସନ୍ଦେହ କରନ୍ତୁ ନାହିଁ, ନିଅନ୍ତୁ ଏ ଧନ ରତ୍ନ ସମସ୍ତ ପଚ୍ଛ୍ୟାଗ ପାଇଁ ଜମା ରଖନ୍ତୁ ।

ଅନ—ବିଦ୍ୟାଧର ଭାଇ ! ଧନ କଣ ଆମେ ଲୁଟିବୁ । ଭଗବାନଙ୍କ କୃପାରୁ ଦାନାପାଣି ମୁଠାକ ସୁଖରେ ଚଳୁଛି । ତୁମ୍ଭଙ୍କୁ ଛାଡ଼ିବୁ ନାହିଁ । ବରଂ ତୁମ ସଙ୍ଗରେ ଯାଇ ତୁମର ଅଭିଳାଷ ପୂର୍ଣ୍ଣ କରିବାର ଚେଷ୍ଟା କରିବୁଁ ।

ବିଦ୍ୟା – ଏ ତ ଆଚ୍ଛା ମୁସ୍କିଲ କଥା, କଣ କରିବି ।

ସୁଦାମ—ଆଉ ଭାବୁଛ କଣ, ବିଦ୍ୟାଧର ବର୍ଷାକୁ ଚାତକ ଚାହିଁଲା ପରି ଆମ୍ଭେମାନେ ତୁମ୍ଭଙ୍କୁ ପାଇବା ଲାଗି ନିରନ୍ତର ଭାବୁଛୁ କିନ୍ତୁ ଆଜି ଆମ୍ଭର ସୁପ୍ରଭାତ । ପିତାଙ୍କ ସାକ୍ଷାତ ତୁମ୍ଭଙ୍କୁ ନ କରାଇ ଛାଡ଼ିବୁ ନାହିଁ ଏହା ନିଶ୍ଚୟ ।

ବିଦ୍ୟା—ଭଗବାନ୍ ! ବର୍ତ୍ତମାନ କି ଉପାୟ କରିବି ! ଏମାନେ ନିଷ୍ଠୁର ଦସ୍ୟୁ, ଏମାନଙ୍କ କବଳରୁ ମୁକ୍ତହେବାର ଉପାୟ କିଛି ନାହିଁ ! ପ୍ରେମଶୀଳା ! ତୁ ମତେ ଏ ବିପଦରେ ପକାଇଲୁ !

ସୁବଳ—ଆଉ ଭାବି ହେଉଛ କଣ, ଚାଲିକରି ଶ୍ୱଶୁର ଗୃହକୁ ଯିବାକୁ ଟିକିଏ ସରମ ଆସୁଛି । ଆପଣ ଗ୍ରାମ ନିକଟକୁ ଚାଲନ୍ତୁ ତା ବିଷାଦ କ'ଣ ହେବ ନାହିଁ ।

ଅନ—ଚାଲ, ଚାଲ, ଆଉ ଭୁଲାଭୁଲି କଥା ପଟିବ ନାହିଁ । ( ହାତ ଧରି )

ବିଦ୍ୟା—ଆଉ ଏମାନଙ୍କ କବଳରୁ ଉଦ୍ଧରିବାର ବାଟ ନାହିଁ, ନିଷ୍ଠୁର ପ୍ରାଣଗଲା ।

( ଗୋଟିଏ ଗୋଟିଏ ପଦ ପକାଇବା )

ଅନିରୁଦ୍ଧ—ଭାଇ ! ବରି ଚାଲି ଗାଁ ନିକଟ ହୋଇଯାଉ ଚାଲିବ ।

ବିଦ୍ୟା—( ସ୍ୱଗତ ) ଏମାନେ ନିଷ୍ଠୁର ଏ ଅରଣ୍ୟ ମଧ୍ୟରେ ମୋର ପ୍ରାଣ ନେବେ । ହରି ତୁମେ ହିଁ ଭରସା । ( ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

( ବଟୁକ, ଦୁର୍ବୁଦ୍ଧି ସିଂହ, କେଳା )

ଦୁର୍ବୁଦ୍ଧି—ବଟୁକ ! କେଡ଼େ ବଡ଼ ଫନ୍ଦିପିଲା ହୋଇ କି ଲୋକ ସରମରେ ପଡ଼ିଲେ ?

ବଟୁକ—ଯା କହିବାକୁ ଅଛି, ଯିଏ ଆମର ଚିର ଶତ୍ରୁ ତା ନିକଟରେ ଅଧୀନତା ସ୍ୱୀକାର କରିବାକୁ ପଡ଼ିଲା, ପୁଣି ତା ଆଦେଶରେ ମୁର୍ଦ୍ଦାରଟାକୁ ଉଠେଇବାକୁ ପଡ଼ିଲା, ବର୍ତ୍ତମାନ କରିବା କଅଣ ? ଘରକୁ ତ ଫେରିଗଲେ ଚନ୍ଦ୍ର ଲଜ, ରାଜା ତ ବସୁବାସରେ ରଖିଦେବ ନାହିଁ ।

ଦୁର୍ବୁଦ୍ଧି—ବଟୁକ ! ଆଉ କଣ ଘରକୁ ଫେରିବା, ଚାଲ ଉପାୟ କରୁ କରୁ ଯେଉଁ ପର୍ଯ୍ୟନ୍ତ ଯିବ । ଏଇଟା କିଏ କିରେ ?

ବଟୁକ—ହିଁ କିଏ ଗୋଟାଏ ଆସୁଛି ।

( ଜଣେ ସାପୁଆ କେଳାର ପ୍ରବେଶ ଓ ଅଭିବାଦନ )

ଦୁର୍ବୁଦ୍ଧି—କିଏ ତୁ କୁଆଡ଼େ ଯାଇଥିଲୁ ?

କେଳା—ଆଜ୍ଞା, ହଜୁର, ମୁଁ ଜଣେ ସାପୁଆ କେଳା, ସାପ ଧରିବା ଲାଗି ପାହାଡ଼କୁ ଯାଇଥିଲି ।

ବଟୁକ—ଆଚ୍ଛା, କେମିତିଆ ସାପ ଧରିଛୁ ଟିକିଏ ଖେଳାଇଲୁ ।

କେଳା—ସାଆନ୍ତ, ନଗଦ ଧରା ହୋଇଛି, ବୋଲି ମାନ ନାହିଁ ।

ଦୁର୍ବୁଦ୍ଧି—ହଉ, ବାହାର କର ଟିକିଏ ଦେଖିବା, କିଛି ବକସିସ୍ ପାଇବୁ କଣ ମାଗଣା ଦେଖାଇ ଦେବୁକି ?

କେଳା—ଆଜ୍ଞା, ନୂଆ ଧରା ହୋଇଛି । ଚଗଲା ହେବ, କଣ ଖେଳିବ କି ? ହଉ ବାହାର କରୁଛି, 'ହାଁରେ କାଳିରେ ବନମାଳୀ ତୋ ପଯୁରେ ନ ଲାଗଇ ଧୂଳି ( ଇତ୍ୟାଦି କହି ଡୋରି ପେଡ଼ିରୁ ଫିଟାଇବା ଓ ପେଡ଼ି ମୁହଁରେ ତିନଥର ଫୁଙ୍କି ପେଡ଼ି ଖୋଲି ହାତ ମୁଠା ହଲାଇ ବାରମାସି ବୋଲି ଖେଳାଇବା ଅଭିନୟ ଶେଷରେ ବୁଢ଼ା ତୋ ପାଟି ଦେଖା ଦେଖା ତୋ ବେଙ୍ଗଖିଆ ପାଟି ଦେଖା ଅଭିନୟ କରି ) ହାଁ ହାଁ ମାରି ପାରିବୁ ନାହିଁ ଗଦ ଅଛି ସୁଙ୍ଘେଇ ଦେବି, ତୋ ପାଟି ଦେଖା, ସାଆନ୍ତଙ୍କ ନାଆଁରେ କଚେରି ବାଟରେ ମାଲମୋକଦ୍ଦମାରେ ହାନି ଲାଭରେ ଯିଏ ଖତ ମିଛ କହୁଥିବ ସେ ଅଦଆଁକୁ ଏଇ ପାଟିରେ ଖା । ଭଲିଆ, ଭଲିଆ ବାବୁଙ୍କ ଛାମୁରେ ଏ ବୁଢ଼ା ପାଇଁ ମାଗିଥା ଦିଅଣ୍ଡା ପଇସା, ( ସାପ ବନ୍ଦ କରିବା ) ଥାଆ ଥାଆ ତୋ ବସାରେ ଥାଆ ସାଆନ୍ତେ ଖଣ୍ଡେ ଶିରିପା ଫିରିପା ମିଳିବ ଯେବେ କହନ୍ତ ଗୋଟାଏ କିଛି ରକମ ଦେଇଥିବି ପାଖରେ ରହିଥିଲେ ବେଳେ ଶତ୍ରୁ ହେଲେ ଆପଣଙ୍କ ଗୋଡ଼ତଳେ ଶରଣ ପଶିବ ।

ଦୁର୍ବୁଦ୍ଧି—ଆଚ୍ଛା ଦେଲୁ କଅଣ ।

କେଳା—( ମୁଣିରୁ କାଢ଼ି ) ବାବୁ ! ଏ ଖାଣ୍ଡି ସୁମାରି ଗଦ । ସ୍ୱାକୁ ଶନିବାର ରବିବାର ଗୋଟିଏ ସପ୍ତଧାତୁର ତଉଁରିଆ ବଣିଆ ପାଖରୁ ଗଢ଼ି ତା

ଭିତରେ ପୂର୍ବର ବାନ୍ଧାରେ ବାନ୍ଧ ଦେଇଥିଲେ ଖବର ହେଲେ ଶୁଙ୍ଘିବି । ଆଉ ଏ ଦେଉ ର ଚ ଗୁଣଅଛି । ଯାକୁ ଯାହାକୁ ଶୁଙ୍ଘେଇଦବ ସେ କୋଡଏ ପର ଗୋଟାଏ ଯାଗାରେ ଚନ୍ଦନ ଯାଏ ପଡ଼ିଥିବ ।

ବଟୁକ—ଦେଖେ ଦେଖେ ଏ ତ ଆମର ଖୁବ୍ ଦରକାରକୁ ଆସିବ ।

କେଳା—ଆଜ୍ଞା ବାବୁ ।

ବଟୁକ ଏକ ଗନ୍ଧ, କଣ ଏମିତି ଦେଖାହେଉଛି (ଶୁଙ୍ଘି ଦେଇ ମୂର୍ଚ୍ଛାରେ ଗଁ ଗଁ ହେବା )

ଦୁର୍ବୁଦ୍ଧି ଆରେ ଏ କଅଣ ହେଲା; କଣ ଗୁଡ଼ାଏ ଦେଲୁ ।

କେଳା—ଆଜ୍ଞା, ମୁଁ ତ କହୁଛି ସେ ଗନ୍ଧ ଶୁଙ୍ଘିଦେଲେ କୋଡଏ ପର ପଡ଼ିଯିବ ।

ଦୁର୍ବୁଦ୍ଧି—ବର୍ତ୍ତମାନ କରିବା କଅଣ, ଏ ଭଲ ହେବ କେମିତି ତୁ ଦେଖ ।

କେଳା –( ନିଜ ଡାହାଣ ହାତ ବାହୁକୁ ଧରି ଖୁବ୍ ଯୋରରେ ମନ୍ତ୍ରପଢ଼ି ମୋଡ଼ି ତିନିଥର ଫୁଙ୍କି ) ଆଜ୍ଞା, ମୁଁ ଦେଖିବି କଅଣ, ଆପଣ ଖୁବ୍ କସିକରି ଗୁରିଟି ଗୁପୁଡ଼ା ବ ଗାଲରେ ଲଗାଇ ଦିଅନ୍ତୁ ।

ଦୁର୍ବୁଦ୍ଧି ( ତଥା କରିବ, ବଟୁକର ଚେତା ଆସିବା )

ବଟୁକ– ଓଃ ଏତ ଗୋରଖମାଲ । ଏ ତ ବଡ଼ ଦର୍କାରକୁ ଆସିବ, ଅଚ୍ଛା କେଳା ଆଉ ଭଲ କଅଣ ଅଛି ।

କେଳା—ଆଜ୍ଞା, ଗୋଟାଏ ମଣି ଅଛି ଯାକୁ ଗୋଟାଏ ଜଳ ପାତ୍ରରେ ପକାଇ ଗୁହିଁଲେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରେ ଯେ ଯାହା କରୁଥିବ ତା ଦେଖାଯିବ ।

ଦୁର୍ବୁଦ୍ଧି—ବଟୁକ ! ଏ ତ ଆମର ଖୋଜା, କେଳା ଦେ ସେ ଜିନିଷଟିକୁ ଆମ୍ଭକୁ ଦେ ନେ ତୋ ବକ୍‌ସିସ ନେ ।

( କେଳା ମଣି ଦେବାରୁ ପଇସା ଓଗେର ଦେବା )

କେଳା—ହଜୁର ଇଲମ ଦେଲି କାର୍ଯ୍ୟରେ ଲଗାଇବ, ଏ କେଳା କଥା ମନେ ପକାଉଥିବେ ମୁଁ ଯାଉଛି ଢେର ହେଲାଣି । ( ପ୍ରସ୍ଥାନ )

ଦୁର୍ବୁଦ୍ଧି—ବଟୁକ ! ଏ କେଳା ନୁହେ ସ୍ୱୟଂ ଭଗବାନ୍ ଆମ୍ଭମାନଙ୍କ ଅନ୍ତର ବେଦନା ବୁଝି ପାରି ଆସି ଏ ଇଲମଗୁଡ଼ିକ ଦେଇଗଲେ ।

ବଟୁକ—ଆଜ୍ଞା ଠିକ୍ କଥା ଭଗବାନ୍ କଣ ନିଜେ ଆସନ୍ତି, ମାୟାରେ ସାପ, ବେଙ୍ଗ, କଙ୍କଡ଼ା, ଚମ୍ପାଇ ନେଉଳ, ଭୂତ, ପ୍ରେତ, ଚଣ୍ଡୀ· ଗୁମଣ୍ଡୀ ହୋଇ ଲୋକମାନଙ୍କୁ ଦେଖାଦିଅନ୍ତି ।

ଦୁର୍ବୁଦ୍ଧି—ତେବେ ଚାଲ ଏ ମଣିକୁ ପାଣିରେ ପକାଇ ଦେଖିବା ବିଦ୍ୟାଧର ବର୍ତ୍ତମାନ କେଉଁଠି କଅଣ କରୁଛି ।

ବଟୁକ—ଚାଲନ୍ତୁ, ଏଥରକ ସାହସ ହେଲା ; ଆଉ ଭୟ କଣ, ଆଉ ବୋତଲରେ କଣ ଅଛି କି ?

ଦୁର୍ବୁଦ୍ଧି ନାଇଁ, ଆଗରେ ଚାଲ ଦେଖିବା ।

ବଟୁକ—ଚାଲନ୍ତୁ ଆଜ୍ଞା, ଢେର ବେଳାଏ ହେଲାଣି, କିଛି ଖାଇବା ବିଷୟ କରିବା ଦର୍କାର ।

ଦୁର୍ବୁଦ୍ଧି·—ଆଗକୁ ଚାଲ । ( ପ୍ରସ୍ଥାନ )

---

## ତୃତୀୟ ଦୃଶ୍ୟ

( ସାଧବାଣୀ, ମକର: ସୁବଳ, ସୁଦାମ, ବିଦ୍ୟାଧର, ମନୋରମା, ଜମା, ସାର, ହାର )

ସାଧବ – ହଇରେ ମକର ! ପୁଅମାନଙ୍କୁ ଭଲ କେତେ ବାଟରେ ଦେଖି ଆସିଲ ସାଙ୍ଗରେ ଧନ କେତେ ଅଛି ।

ମକର – ଧନ ଖୁବ୍ ଥିବାର ସମ୍ଭବ । ବାବୁମାନଙ୍କର ମନ ଭାରି ଖୁସ୍ ଅଛି, ସୁଦାମ ବାବୁ ମୋତେ ଯେମିତି ଦେଖା ହେଲେ ସେମିତି କହିଲେ; ଯା ବାପାଙ୍କୁ ଜଣାଇଦେବୁ ମୁଁ ତ ଚଟ୍ କିନା ଚାଲିଆସିଲି ।

ସାଧବ—ପୁଅମାନଙ୍କୁ କାଇଲି ମାକୁଲରେ ପାଞ୍ଚପଦ ଗାଳି ଫଜିତ କରିଥିଲି ବୋଧହୁଏ ମୋ ଉପରେ ଟିକିଏ ବିରକ୍ତ ଥିବେ ।

ମକର – ଆଜ୍ଞା ସେ କଥା ତ କିଛି ଦେଖିଲି ନାହିଁ ।

ସାଧବ—ନାହିଁ କହିବେ କଣ, ତାକ ଲାଭରେ ପାଞ୍ଚପଦ କାଇଦା କଟକଣା କରି ନ କହିଲେ ବଦବର

ସେ ବାବୁ ପାଲଟିଯିବେ । ଆଚ୍ଛା ଧନବାଲ୍ଲ ସାଙ୍ଗରେ ଅଛୁ ତ ?

ମକର—ହଁ, ବଡ ସୁନ୍ଦର ରାଜପୁଅଟିଏ, ବୟସ ପ୍ରାୟ ଷୋଳ ସତର ହେବ, ଏଇତ ଆସିଗଲେ ।

( ସୁଦାମ ପ୍ରଭୃତି ବିଦ୍ୟାଧରଙ୍କୁ ଘେନି ପ୍ରବେଶ ଓ ପିତାଙ୍କୁ ଅଭିବାଦନ )

ସୁବଳ—( ସାଧୁପ୍ରତି ) ଭାଇ ! ଏଇ ତଷ ଶ୍ୱଶୁର; ମାନ୍ୟ ହଉନା ?

ବିଦ୍ୟାଧର—( ସ୍ୱଗତ ) କିଏ ଶ୍ୱଶୁର, କିଏ କଣ, ଯାହାଙ୍କର ହେଉ । ( ପ୍ରଣାମ କରଣ )

ସୁବଳ—ବାପା ! ବିଦ୍ୟାଧର ଭାଇ ପ୍ରଣାମ ହେଉଛନ୍ତି ।

( ପ୍ରସ୍ଥାନ )

ସାଧବ– ବାପା ବୁଢ଼ାଟିଏ ହୋଇଥା', କାହିଁ ଅଇଲ ବାପ ! ତୋ ମନରେ ଏତେ କଥା ଥିଲ୍ଲ ଝିଅଦେଇ ପୁଅ ପାଇଥିଲି ମୋତେ ଏଇ ହୀନ ଅବସ୍ଥା କଲ । ଆ, ଆ, ମୁଁ ଟିକିଏ କୋଳରେ ଧରେ

( କୋଳକୁ ନେବା )

ବିଦ୍ୟାଧର—( ସ୍ୱଗତ ) ଏ ସବୁ ତ ମୋତେ ସ୍ୱପ୍ନପରି ଜଣାଯାଉଛି ।

ସାଧବ—ବାପା ! ଭଲ ଅଛନ୍ତୁତ ?

ବିଦ୍ୟାଧର—ହଁ, ( ସ୍ୱଗତ ) କଣ ଉତ୍ତର ଦେବି, ଏ ସବୁ ଘଟଣା ଦେଖି ମୁଁ ଅବାକ୍ ହୋଇଗଲିଣି ।

ସାଧବ—ମକର, ଯିବୁଟି ଘରଆଡ଼େ ଖବର ଦେଇ ଦବୁ ( ବିଦ୍ୟାଧର ପ୍ରତି ) ଘରୁ କେତେଦିନୁ ଆସିଲଣି ।

ବିଦ୍ୟାଧର—ପ୍ରାୟ ଏକମାସ ହେବ । (ସ୍ୱଗତ) ଏ ପୁଣି କିଏରେ ବାବା ।

( ସାଧବାଣୀ ପ୍ରବେଶ )

ସାଧବ—ମକର ନା କିଏ ଅଇଲେ ?

ମକର—ହଁ ।

ସାଧବ—ହେଇତ ତମ ଶାଶୁ ଅଇଲେଣି ଯାଅ ଦେଖା-କର । ତମ ଲାଗି ତ ସେ ଝିଅ ପିଆ ଏକ ରକମ ଛାଡ଼ ଦେଲେଣି । ମୁଁ ଟିକିଏ ଘର ଖବର ବୁଝେଁ (ସ୍ୱଗତ) ଧନର ଗୋଟାଏ ଏମିତିକିଆ ଶକ୍ତି ଅଛି ସେ ଆସି କତିରେ ପହଞ୍ଚିଗଲେ ମନଟା ଲୁଣେ ମୋଟ ହୋଇଯାଏ । ମକର ! ଆସିବୁଟି; ମୋତେ ଟିକିଏ ସେ ଖଞ୍ଜାକୁ ନେଇ ଯା ।

[ ମକର ଧରି ନେଇଯିବା ]

ବିଦ୍ୟାଧର – [ସ୍ୱଗତ] ମୁଁ ତ ଏମାନ ସବୁ ଦେଖି ମୋର ମଥା ବିଭ୍ରମ ହୋଇଗଲାଣି । କିଏ ଶ୍ୱଶୁର କିଏ ଶାଶୁ, ଏତ ମୋତେ କୁହୁକ ପରି ଜଣା-ଯାଉଛି । ଆଉ ସତେ କ'ଣ ମୋର ପିତା ମୋତେ ବିବାହ ଦେଇଥିଲେ, ନା, କେବେ ନୁହେ । ମୁଁ କାହିଁକି ପୁଣି ବିଭ୍ରମରେ ପଡ଼ୁଛି । ଯଦି ହେଲେ ତ ପିତା କିମ୍ବା ମାତା ଏ ସମ୍ପର୍କ ନେଇ କୁହନ୍ତି ନାହିଁ । ଏମାନେ କେବଳ ଧନ ସେତିକି ହସ୍ତଗତ କରିବେ ବୋଲି ମୋ ସଙ୍ଗରେ ଏତେ ଚକ୍ରାନ୍ତ ଖେଳୁଛନ୍ତି, ଭଗବାନ ତୁମେ ହିଁ ଭରସା ।

[ବୁଢ଼ୀ ଆଡ଼ ହୋଇ ଠିଆହେବା]

ସୁଦାମ—(ପ୍ରବେଶି) ବୋଉ ଆଡ଼ ହେଉଛୁ କାହାକୁ, ମା ପୁଅକୁ କ'ଣ ଆଡ଼ ହୁଅନ୍ତି । [ବିଦ୍ୟାଧର ପ୍ରତି] ବିଦ୍ୟାଧର ! ତୁମ ଶାଶୁ ତଷ ଠିଆ ହୋଇଛନ୍ତି ମାନ୍ୟ ହୁଅ ।

ବିଦ୍ୟାଧର—(ମାନ୍ୟହେବା)

ସାଧବାଣୀ—(ବିଦ୍ୟାଧର ହସ୍ତଧରି ମୋ ବାପ, ମୋ ଧନ ଏତେ ଦିନେ ତୋ ମନେ ପଡ଼ିଲା ହୁଁ ହୁଁ (କ୍ରନ୍ଦନ) ମରିଥିଲେ ଆଣ୍ଟିଏ ପାସ ହୁଅନ୍ତାଣି, ତମ ମନରେ ଏତେ କଥା ଥିଲା ।

[ହୁଁ ହୁଁ କ୍ରନ୍ଦନ]

ସୁଦାମ—ବୋଉ ତୁନ ହୁଅ, କ'ଣ କଥାବାର୍ତ୍ତା ହେଉ-ନାହିଁ ଖାଲି କାନ୍ଦ । [ତୁନ କରିଦେବା]

ସାଧବାଣୀ—(ହାତ ଛଡ଼ାଇ ଦେଇ ବିଦ୍ୟାଧରଙ୍କୁ ଧରି ।

ଗୀତ

[କହ ମୋ କାଳିଆ ହାଣ୍ଡି— ବୃନ୍ଦାବନୀ]

ଆହା ମୋ ଦରିଦ୍ର ଧନ,
କିପାଇଁ କଲୁ ନିଷ୍ଠୁର 'ପଣରେ
ଦୁଃଖି ରତନ,
କାନ୍ଦ କାନ୍ଦ ନ ସରେ ମୋ ଦିନ । ୧ ।

ଗଙ୍ଗାଜଳେ ତୋର ତାତ
ହସ୍ତଧରି ମୋର କରିଲେ ସତ୍ୟରେ
ରଙ୍କୁଣୀ ହୋଇ,
ମୋ ଦୁହିତାର ହେବୁ କାନ୍ତ । ୨ ।
ସୁତେ ନେଲୁ ଆସି କାଳ
ସାକ୍ଷାତ ନ ହେଲେ ତୋର ପିଅରରେ
ରଙ୍କୁଣିଥାଇ,
ନେଇ ବନ୍ଧେ ସଦା ଅଶ୍ରୁଜଳ । ୩ ।
ନବଯୁବା ମୋ ଦୁଲଣୀ
ତୋ ଲାଗି ସଦା କରେ ଝୁରେଣି ରେ
ରଙ୍କୁଣୀ ଥାଇ,
ବତ୍ସ ଆଜ ଦେଖାଇଲୁ ଆଣି । ୪ ।

ବାପରେ ! ଏ ହୃଦୟ ପିଞ୍ଜରାରୁ ପ୍ରାଣ ପକ୍ଷୀ ଉଡ଼ି ଯାଆନ୍ତାଣି, କେବଳ ଧୃବମାନେ ତୋତେ ଆଣି ମୋ ନିକଟ ଭେଟାଇବେ ବୋଲି ନିତି ନିତି ପ୍ରବୋଧ ଦେଉଥାନ୍ତି । ବାପା ମା ଭଲରେ ଅଛନ୍ତି ତ ?

ବିଦ୍ୟାଧର—ହଁ ଭଲରେ ଅଛନ୍ତି (ସ୍ୱଗତ) ଏମାନଙ୍କ ରଙ୍ଗ ଢଙ୍ଗ ଯାହା ଦେଖୁଛି ସେଥିରେ ତ କୌଣସି କଥା ଅବଶ୍ୟ ଆସୁନାହିଁ ! ଆଜ୍ଞା କ'ଣ ପିଲା ସମୟରେ କିଛି ଏ କଥା ହୋଇଥିଲା ?

ନା—ସମ୍ଭବ ହେଉନାହିଁ ।

ସାଧବାଣୀ—ସୁନା ! ଦେଖିବୁଟି ବୋହୂମାନେ ଆସୁଥିଲେ କୁଆଡ଼େ ଗଲେ ।

ବିଦ୍ୟାଧର—(ସ୍ୱଗତ) ବାପରେ ପୁଣି କିଏ ଆସିବେ ! ମୋତେ ଏଠି କେତେ କିଏ ଲୋକ ଦେଲେଣି । ଏ ଫନ୍ଦାର ଭଏରେ ବାବା !

[ବୋହୂମାନେ ପ୍ରବେଶ]

ସାଧବାଣୀ—(ବୋହୂମାନଙ୍କ ପ୍ରତି) ଚାଲି ଆସ ମା, କେତେ ଲାଜ ଲାଜ ହେଉଛ, ମୋ ଜୋଇଁଟି ଚିହ୍ନିଟା । [ବିଦ୍ୟାଧର ପ୍ରତି] ବାପରେ; ଏଇ ଯିଏ ଆଗରେ ଅଛନ୍ତି ସେ ତୋର ବଡ଼ ଶଳାଭାଉଜ ହେବ, ତାଙ୍କୁ ମାନ୍ୟ ହେବୁ ।

ବିଦ୍ୟାଧର—[ସ୍ୱଗତ] ଭଲ ବେଙ୍କୁବରେ ପଡ଼ିଲି ଏତ କ'ଣ ମାଡ଼ ଆସୁଛନ୍ତି ।

ରମା—ଜମା ଦେଖିଲୁଣି ଏଇ ଆମ କାଞ୍ଚନ ବାଳାର ବର ।

ହାର—ଚାଲୁନା, ପାଖକୁ ଯିବା । ତାଙ୍କ ଗାରଡ଼େଇ ଗାରଡ଼େଇ ଆମଆଡ଼କୁ ଅନାଉଛି, ଶ୍ୱେରଟାଏ କି ?

ସାର—ପାଖକୁ ଚାଲ ।

ହାର—ହଁ ଚାରି ପଦ ଭଲକରି ଶୁଣାଇଦେବା ।

ସାଧବାଣୀ—କ'ଣ ସିଆଡ଼େ ଫୁଟ୍ ଫାଟ୍ ହେଉଛ ଆଡ଼କୁ ଆସୁନାହିଁ, ଦେଖିବ, ଦେଖିବ ବୋଲି ପରା ହେଉଥିଲ ଏବେ ଦେଖ । (ବିଦ୍ୟାଧର ପ୍ରତି) ବାପରେ ଆଗରେ ଯେ ଅଛି ତାକୁ ମାନ୍ୟ ହୁଅ ।

ବିଦ୍ୟାଧର—[ସ୍ୱଗତ] ଭଲ ବନ୍ଦଗାଞ୍ଜିରେ ପଡ଼ିଲିରେ ବାବା ! (ପ୍ରଣାମ ହେବା)

ହାର—ଖଣ୍ଡିଆ ସେଇଟି କଅଣ ଗୋଟାଏ ଦଣ୍ଡବତ ହୋଇ ରହିଗଲା, ଆମର ଗୋଡ଼ତଳେ ପଡ଼ୁନାହିଁ ।

ସାର—ଆମେ କ'ଣ କଲ୍ୟାଣ କରିବୁ ନାହିଁ ?

ହାର—ମୋ ହାତରେ ସବୁ କଥା, ଦେଖିଲ କାମ କରିଦେବ ।

ସାଧବାଣୀ—ନାହିଁରେ ବାପ, ତୋ ସାଙ୍ଗରେ ସାଙ୍ଗ ଶଳା ଭାଉଜ ବୋଲି ସେମିତି ଠାପରା କରୁଛନ୍ତି, ତୁ ତାଙ୍କ କଥା କିଛି ଶୁଣୁନା ।

ହାର—ମୋତେ ତ ଭଲ କଲ୍ୟାଣ ଆସେ, ଦଣ୍ଡବତଟାଏ ହୁଅ ଦେଖିବୁ କେମିତି କଲ୍ୟାଣ ଅଜାଡ଼ି ଦେବି ।

ସାଧବାଣୀ—ତେମେ ସାନଗୁଡ଼ାକ ତମକୁ କାହିଁକି ଦଣ୍ଡବତ ହେବ ?

ହାର—କିଓ, ଦଣ୍ଡବତ ନ ହେଲେ ନାହିଁ, ଆମେ ଯେମିତି କଲ୍ୟାଣ କରୁଛୁ, "ସଞ୍ଜେ ଘୁଷି ସକାଳେ ଯା, ଜହ୍ନି ଫୁଲପରି ଅଲିଭ ଯା ।"

ସାଧବାଣୀ—[ବିରକ୍ତେ] ମଲା ଆଗୁ କୁହ ଘର ଝିଅଗୁଡ଼ାକର ଏ କି କଥାମ । କଥା ନାହିଁ ବାର୍ତ୍ତା ନାହିଁ ଖାଲି ଏଇ ଗୁଡ଼ାକ ।

ହାର—ଏତିକି କଅଣ ହେଲୁଣିକି, ପିଠିରୁ ଚମଡ଼ା ଉତୁରିଦେବୁ ।

ସାଧବାଣୀ—ଆଜ କଣ ଖାଲି ପୋଲ ପଡ଼ୁଛି, ଛୁଇଁବତ ନାହିଁ ।

ହାର—ବେଶି ନାହିଁ ସେ ଅନ୍ଧୁଆ ଗୁଣ୍ଡୁଣିରେ ସବୁଆ କରି ଘୂରି ଛଅ ପାହାର ବସାଇ ଦେବୁ !

ସାଧବାଣୀ—ହଁ ତମ ବୋପାର ଏତେ ଖେମତା; ଛୁଇଁଲ ମୋ ଜୋଇଁକି ମୁଁ ଦେଖେ ।

( ୧ମ କୁ ଛାଡ଼ି ସମସ୍ତେ ଗାଲ ତୋଳି ଦବା ଅଭିନୟ କୁଡ଼ୀ ଘେରି ପେର )

ମନୋରମା—ଏ ଆଣ୍ଟୁ କୁଡ଼ ଘରିହିଁ ଅଗ୍ଗୁଡ଼ାଙ୍କୁ ଦେଖିବଟି, ସ୍ନାନ କଥା ନା କଣ, ବଡ଼ବୋଉ ତେମେ ଅଛ ମୁଁ ଦେଖେ ସାଢ଼େ କଅଣ ବରାଦ ହଉଛି, ହେଇତ ଖବରଦାର ଯଦି ପୁଣି ହାତ ଗୀତ ହଲ ହଲ କର ଦେଖିବ । ( ପ୍ରସ୍ଥାନ )

ବିଦ୍ୟାଧର—( ସ୍ୱଗତ ) ବିଷମ ସଙ୍କଟ, କି ଅନୁକୂଳରେ ଘରୁ ଆସିଥିଲି, କଣ କପାଳରେ ଅଛି କେଜାଣି !

ସାର—ମନକୁ ମନକୁ କଅଣ ଭୁଟ୍ ଭାଟ୍ ହେଉଛ ଆମକୁ କଅଣ କହୁନା ?

ଉମା—ଲାଜ ମାଡ଼ୁଛି ?

ହାର—ଯେତେବେଳେ କାହାଟିଏ ହେଉଥିଲ ଲାଜ ମାଡ଼ୁ ନ ଥିଲା ( ବିଦ୍ୟାଧର ପ୍ରତି ) ହଇ ହୋ ! ପାଟିରୁ ଜବାବ ବାହାରୁ ନାହିଁ କି ? ଭଲ ଏଠିକି କାହିଁକି ଆସିଛ କହିଲ ?

ବିଦ୍ୟାଧର ମୁଁ ଜାଣେ ନା !

ଉମା—ଆହା, ହା, ହା, କିଛି ଜାଣନ୍ତି ନାହିଁ ( ମୁହଁ ମୋଡ଼ିଦେବା ) "ଅଇଛୁକା କହିବ ନାହିଁ, କହିଲେ ଏ ଘରେ ରହିବ ନାହିଁ" ।

ବିଦ୍ୟାଧର—ତମ ଅକ୍ତିଆରରେ ପଡ଼ିଛି ଯାହା କହିବ କହି ଯାଅ ।

ହାର—"କଣ୍ଟା ଫିରିକି, ଏତେ କଥା ବୋଲି ଜାଣି
ଥିଲକି ବେଳସୁ ନ କହିଲୁ,
ଫୁଲ ଚରି କରି ଚେକ ଧରିଥିଲୁ କସ୍ୱଡ଼
ପକାଇଲୁ" ( ଉଚ୍ଚ ) ।

ବିଦ୍ୟାଧର—ତୁମ୍ଭେ ତ ସ୍ୱଜନ ମୁଁ ଜଣେ ଏବେ କଅଣ ଉତ୍ତର ଦେବି ।

ହାର—ତମେ ଚଗ କୁଆଡ଼େ ମଇବଣା ଏ ଆଳ ମାଇକିନିଆ ବୁଢ଼ାଙ୍କୁ ଦେଖି ଡର ମାଡ଼ୁଛି, ଖଣ୍ଡିଆ ଗୁଣ୍ଡୁଣି ଖଣ୍ଡେ ବେକରେ ବାନ୍ଧି ଆସିଲ ନାହିଁ । ହେଇତ ଶୁଣ ଯାହା ପଚାରୁଛୁ ।

ଗୀତ

ଏତେ ବଦନେ ବନ୍ଧୁ ପଡ଼ିଲକି ମନେ
ବାନ୍ଧବୀ ଦେଖିବ ବୋଲି ।
କେ ପ୍ରେମ ବନ୍ଧନେ ବାନ୍ଧି ରଖିଥିଲା
ଲଗାଇ ପ୍ରେମର ଡୋରି ।
ତୁମ୍ଭେ ଏଡ଼େ ଶଠ ପୁରୁଷ, ନାହିଁ ତୁମ୍ଭଙ୍କୁ ବିଶ୍ୱାସ ।୧।
ତବ ଲାଗି ନେମା- ମଣିଙ୍କ ଆମ୍ବର
ଖିନ୍ନ ହୋଇଲାଣି ତନୁ ।
ମୀନ ଉରଜା ସେ ବନଜ ନୟନା
କାନ୍ଦି କାନ୍ଦି କେତେ ଦିନୁ ।
ଅହରହ ବିରହା । ସହି କେ ଧରିବ ଦେହ । ୨ ।
ଗ୍ରୀଷ୍ମକ ପଥର କଲି କି ନାଗର
ମନ୍ମଥ ଜ୍ୱାଳାରେ ସହି ।
ଚାହିଁ ଚାହିଁ ତବ ଦରଶନେ ଧନୀ
ବସିଲାଣି ମାନ ବହି ।
( ଏବେ ) କରି ଯାଇ ପ୍ରବୋଧ,
ମେଣ୍ଟାଅ ତା ମନସ୍ତାପ । ୩ ।
କେଳି ସଦନରେ ପ୍ରିୟୁ ଅଛି ତୁମ୍ଭ
ଉଜାଗରେ ଛନ୍ତି ଚାହିଁ ।
ରତି ରସେ ଭଣି କୃପାଅ ହେ ବସି
ବିଳମ୍ବରେ କାର୍ଯ୍ୟ ନାହିଁ ।
( ଏବେ ) ଆସ ହେବ ସୁବେଶ,
ସଜାଇ ଦେବୁ ନାଗେଶ । ୪ ।

ହାର—ଆସ; ଆସ, ଆମ ପାଉଣା କାହିଁ ଦେଲ । ବିନା ପାଉଣାରେ କେବେ ଦେଖିଙ୍କ ପାଖକୁ ଛାଡ଼ିବୁ ନାହିଁ ।

ବିଦ୍ୟାଧର—ବଗ୍ନଙ୍ଗନେ ! ମୋର ସେ ମାନ ଲୋଡ଼ା ନାହିଁ ।

ହାର—ଆହା, ହା, ହା, ଚଳମୁହାଁ ଭାଙ୍କ କିଛି ଜାଣନ୍ତି ନାହିଁ । ( ଗାଲ ଟିପି ଦେବା )

ବିଦ୍ୟାଧର—ହାବୁଡ଼େ ପଡ଼ିଛୁ ଯାହା କରିବ କର । [ସ୍ୱଗତ] ଏ ଗୁଣ୍ଡାଙ୍କର ଭାରି ଗୁଡ଼ି । ବହେକାଳେ ପରିଚୟ ନାହିଁ ଅଛାରେ ଅଛାରେ ମୋତେ ଦରମଣ୍ଡା କରି ସାରିଲେଣି । [ ପ୍ରକାଶ୍ୟେ ] ହେ ତମକୁ ହାତ ଯୋଡ଼ୁଛି ମୋ ସାଙ୍ଗରେ ଏମିତି ଲଗାନା ।

ହାରୁ— ଗୋଡ଼ତଳେ ପଡ଼ୁନାହିଁ ଖାଲି ହାତ ଯୋଡ଼ିଲେ କଣ ହେବ !

ବିଦ୍ୟାଧର—ସେଥିପାଇଁ ନାରାଜ ନୁହେଁ ।

ସମସ୍ତେ—ହଉ ଆସ ହାତଧରି ନେଇଯିବା !

ବିଦ୍ୟାଧର - ଚାଲ, କ'ଣ କରୁଛ କର । (ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

[ କାଞ୍ଚନବାଳା, ଦାସୀ, ବିଦ୍ୟାଧର, ହନ୍ତା ]

କାଞ୍ଚନବାଳା—ସହି ! ମୋ କର୍ମରେ କଣ ବିଧାତା ଏଇଆ ଲେଖିଥିଲା, ଏହିପରି ରାକ୍ଷସୀ ପିଶାଚୀ ବୃତ୍ତି କରି କଅଣ ମୋର ଜୀବନ ଯିବ ? ପିତା ମାତା ଭଗ୍ନୀଙ୍କୁ ହରାଇ ଏଠାରେ ବେଶ୍ କାର୍ଯ୍ୟରେ ନିଯୁକ୍ତ ହୋଇଛି ।

ଦାସୀ—ଜେମାମଣି ! ହଠେ ତ ଏପରି କଥା କୁହ ନାହିଁ ଆଜି କାହିଁକି ଏ ଭାବ ମନେ ପଡ଼ୁଛି ।

କାଞ୍ଚନ— ଗୀତ

( ଆରେ ରମାବର—ବୃନ୍ଦେ )

ଆରେ ସହଚରି !
କେତେ ଦିନ ବଞ୍ଚିବି ମୁଁ ଏହିପରି । ପଦ ।
ହୃଦୟ କାନନେ ବିରହ ଅନଳ;
ଜଳି ସଦା କରେ ପରାଣ ଆକୁଳ,
ଯଉବନ ଭରି   କେ ସହିବ ପରି
ମନ୍ଦିରେ ... ପଥର କରି । ୧ ।
ଛୁଟି ରା'ତ ମାତ ହୋଇଲେ ନିଶ୍ଚିନ୍ତ
ଦସ୍ୟୁ ଗୃହେ ଜନ୍ମ ହେଲା ମୋ ବିଅର୍ଥ,
ଯାଉ ନାହିଁ ଆଶା   ଛୁଟିବ ଦୁର୍ଦ୍ଦଶା
ବିଷାଦରେ ସଦା ଗଲି ସରି । ୨ ।

ସହି ! କାହିଁ ରାଜକୋଳରେ ଜନ୍ମ ହୋଇଥିଲି, କେଉଁଠି ହେଲି ଗୋଷ୍ଠୀରେ ଥାଆନ୍ତି କିନ୍ତୁ ବିଧାତାର ବିଡ଼ମ୍ବନାରୁ ଏ ଦସ୍ୟୁଗୃହରେ ଚିରଦିନ ଅନୁତାପ ଭୋଗ କରିବାକୁ ପଡ଼ୁଛି ।

ଦାସୀ—ଜେମାମଣି ! ଆଜି ଭାବିଲେ କଅଣ ହେବ ।

"ଦଇବ ଦଉଡ଼ି ମନୁଷ୍ୟ ଗାଈ,
ଯେଣିକି ଓଟାରି ତେଣିକି ଯାଇ"
"କାଳଚକ୍ରର ଆବର୍ତ୍ତନେ,
ଭୁଞ୍ଜନ୍ତି ସୁଖ ଦୁଃଖ ଜନେ ।"

ସ୍ଥିର ମନୁଷ୍ୟର କି ଆୟତ୍ତ, ଅସଲ କର୍ମର ଲେଖା । ହେଇଟି ଆଜି ଯେଉଁ ପୁରୁଷଟି ଆସିଛି ସେ ଆସିଲେଣି । ତୁମ୍ଭେ ତୁମ୍ଭ କାର୍ଯ୍ୟରେ ସତର୍କ ହୁଅ । ଯାଅ, ପରେ ଦୁଃଖ ସୁଖ ହେବା ।

କାଞ୍ଚନ—ସହି ! ନାରୀଜନ୍ମଠାରୁ ଆଉ ହୀନଜନ୍ମ ନାହିଁ ପୁଣି ଏ ଯେଉଁ ପିଶାଚୀ କାର୍ଯ୍ୟରେ ଧର୍ମପିତା ପକାଇ ଦେଇଛନ୍ତି ତହିଁକି କି ଘୋର ନର୍କରେ ପଡ଼ିବି କେଜାଣି ଠାକୁର ଭରସା, ମୋର କି ଗତି ଅଛି ( ପଲଙ୍କୋପରେ ଶୟନ ।)

( ବିଦ୍ୟାଧର ପ୍ରବେଶ )

ଦାସୀ—ଇହୋ ! କୁଆଡ଼େ ନସର ପସର ହୋଇ ଧାଉଁଛ କି । ଏଠି କଅଣ ଅଛି କାହିଁକି ଆସିଛ ମ ?

ବିଦ୍ୟାଧର—କିଛି କାର୍ଯ୍ୟ ଅଛି ।

ଦାସୀ—ଆଜଯାଏ କୁଆଡ଼େ ଥିଲ, ଆଜି ମନେ ପଡ଼ିଗଲା କି ?

ବିଦ୍ୟାଧର—ନାହିଁ, ମୁଁ କାର୍ଯ୍ୟବଶତଃ ।

ଦାସୀ—ଦିଅ ଆମ ପୁରସ୍କାର ଦିଅ, ତେବେ ଯାଇଁ ଆମ ସଖୀଙ୍କ ସାକ୍ଷାତ କରିବ ।

ବିଦ୍ୟାଧର—କି ପୁରସ୍କାର ମୁଁ ଜାଣେ ନାହିଁ ।

ଗୀତ

ଆଜି, ମନେ ପଡ଼ିଲୁକି, ହେ ବନ୍ଧୁ ।
କେଉଁ ଦିଗେ ଗ୍ରାମୁ ଉଇଁଲୁ କି । ଘୋଷା ।
କେତେ ନିଶାନ୍ତରେ   ନାଦ ଉନ୍ମାଦରେ
ପିକ ଗଲା ଡାକି ଡାକି ।
ସନ୍ଧ୍ୟା ଭାଲେ ଫୁଟି   ଗଲାଣି ତରାଟି
ଲିଭିଗଲାଣି କାଳିମା କି । ୧ ।

କୁଞ୍ଜରେ କୁଞ୍ଜରେ ହସି ସୁବାସରେ
କେତେ ଫୁଲ ଗଲ ଶୁଖି ।
ନ ହେଲନ୍ତି ତୋଳା ନ ଗୁନ୍ଥିଲି ମାଳା
ଗଳା ଶୋଭା ହେଲା ବାକି । ୨ ।

ଦାସୀ — ଏମିତ ଅଜଣା ଲୋକଙ୍କ ଭଳି କାହିଁକି ଖାଉଛ ମ ? ନ ଜାଣିଥିଲେ ପର କହିଦେଲ ଏବେ ବଣ ବିନା ବଳସିଂହରେ କବାଟ ଫିଟିବ ନାହିଁ ।

ବିଦ୍ୟାଧର — ଆଚ୍ଛା ପରେ ଦେବି ବର୍ତ୍ତମାନ ଏ ମୁଦ୍ରି କାଟି ନିଅ ।

ଦାସୀ — ହଉ ଯାଅ ( ଜନାନ୍ତିକେ ) ଆଉ ଘଣ୍ଟାକେ ମାମଲତ ଶେଷ । ଆହା ! କେତେ ଶୋଭାକାର ପୁରୁଷଟିଏ, ଏହା ଆମ୍ଭ କାଞ୍ଚନବାଳାଙ୍କ ଉପଯୁକ୍ତ ହୋଇଥିଲେ । କଅଣ ହେବ ବିଧାତା କି ଅବସ୍ଥାର ନ କରୁଛି ମୁଁ ଏଠୁଯାଏ ଲୋ ମା ।
( ପ୍ରସ୍ଥାନ )

ବିଦ୍ୟାଧର – (କାଞ୍ଚନବାଳାକୁ ଦେଖି)
ଆହା, କି ସୁନ୍ଦର କନକବରନା
ଉପମା ଦେବାକୁ ନାହିଁ ତ୍ରିଜଗତେ ଯାକୁ
ଏମନ୍ତ ସ୍ୱର୍ଗୀୟ ବାମା ଲଭି ମୁଁ ଜୀବନେ
ମୂର୍ଚ୍ଛାପନେ ହରାଇଣ ଥିଲି
(କାଞ୍ଚନ ପ୍ରତି) ଉଠ ପ୍ରିୟେ ହୃଦୟତୋଷିଣୀ
ଦେଇ ତୋର ସୁଧା ଧନ୍ଦ ମଧୁ
ତୃପ୍ତ କର ଏ ଦଗ୍‌ଧ ପରାଣ ।

ଗୀତ

କେଉଁକାଳେ ବିଧି ମିଳାଇଲା ରେ
ଅକଳଙ୍କ ଚନ୍ଦ୍ର ବଦନା ଏ ବାମା
କାମାନଳେ ମୋତେ ଜଳାଇଲା ରେ । ୧ ।
ସରଗ ସୁନ୍ଦରୀ ସୁରୁଚି ବିମ୍ବାଧରୀ
ଦୂରୁ ଦେଖି ମନ ଭୁଲାଇଲା ରେ
କନକବରନା ନବ ବରଙ୍ଗନା
ଲଭିବାକୁ ବିଧି ଫଳାଇଲା ରେ । ୨ ।

କିଣ ଉଠିବ ନାହିଁ ସଖି ! ମୁଁ ପ୍ରକୃତ ଲମ୍ପଟ ନିର୍ଲଜ୍ଜ ବ୍ୟବହାର କରୁଛି, ମୋତେ କ୍ଷମାଦିଅ । କଅଣ କରିବି, ନାରୀର ତୁଣ୍ଡରୁ ଉତ୍ତର ନ ଶୁଣି ତାର ଅଙ୍ଗ ସ୍ପର୍ଶ କରିବା ନିୟମ ନୁହେଁ, ତେବେ କିଛିଏ ଅପେକ୍ଷା କରିବି ।

(ଦ୍ୱାରଦେଶେ ହନ୍ତା ପ୍ରବେଶି)

ହନ୍ତା — ଦେଇ ! ଦ୍ୱାରଖୋଲ, ରାତ୍ର ଅର୍ଦ୍ଧକରୁ ବଳି-ଗଲାଣି, ମୋ କାର୍ଯ୍ୟ ମୁଁ ଶେଷ କରିବି ।

ବିଦ୍ୟାଧର – (ଆଶ୍ଚର୍ଯ୍ୟଭାବେ ସ୍ୱଗତ) କିଏ କଅଣ କହିଲା, କାର୍ଯ୍ୟଶେଷ କରିବ, ଏଠାରେ କାହାର କି କାର୍ଯ୍ୟ, ଏ ତ ମୋ ପ୍ରିୟାର ଶୟନ କକ୍ଷ, ଏଠାରେ ଅନ୍ୟ ଲୋକର କି କାର୍ଯ୍ୟ ? ବଡ଼ ଆଶ୍ଚର୍ଯ୍ୟ କଥା, ତେବେ ପଚାରେ (ପ୍ରକାଶ୍ୟେ) କିଏ ତୁ ?

ହନ୍ତା — ଦେଇ ! ମୁଁ ହନ୍ତା ଆସିଲିଣି ସମସ୍ତ ବିଳମ୍ବ ନେଇଛି ମୋ କାର୍ଯ୍ୟ ମୁଁ ଶେଷ କରିଯିବି ।

ବିଦ୍ୟାଧର – କି କାର୍ଯ୍ୟ ମୁଁ ବୁଝିପାରୁ ନାହିଁ ।

ହନ୍ତା — ଦେଇ ! ସ୍ତ୍ରୀ ପଚାରିବା ଉଦ୍ଦେଶ୍ୟ କଅଣ, ମୋ କାର୍ଯ୍ୟ କଣ ଆପଣଙ୍କୁ କିଛି ଜଣାନାହିଁ ? ଶୀଘ୍ର ଦ୍ୱାରଖୋଲି ବାହାରି ଯାଆନ୍ତୁ ।

ବିଦ୍ୟାଧର — (ସ୍ୱଗତ) ଓଃ, ଏତେବେଳେ ସ୍ମରଣ ହେଲା, ମୁଁ କାହାର ହନ୍ତା ବୋଲି ପଚାରୁଛି କିଣ, ଏତ ମୋର ହନ୍ତା, ମୁଁ ଏତେ ଭ୍ରମରେ ପଡ଼ିଛି, ଏବେ ବେଶ୍ ଜାଣିଲିଣି, ବେଶ୍ ବୁଝିଲିଣି, ଏ ନାରୀ ନୁହେ ରାକ୍ଷସୀ, ଏ ମୋର ଜୀବନର ମୃତ୍ୟୁଦେଇ, ଏମାନଙ୍କ ପ୍ରତାରଣାରେ ପଡ଼ି ମୁଁ ବୃଥା ଆଶା ମନରେ ଜାଗରିତ କରିଛି । ନାରାୟଣ ! ଏ ଦସ୍ୟୁ ଗୃହରେ ମୋତେ ଆଣି ପକାଇ ମୋର ଜୀବନ ନେଲ ! ଆପଣଙ୍କର ଏ ଅନୁଗ୍ରହ ପ୍ରତି ଏହି ମାତ୍ର ପୁରସ୍କାର ହେଲା ! ଆପଣଙ୍କ କାର୍ଯ୍ୟରେ ଆସି ଦସ୍ୟୁ ଗୃହରେ ପ୍ରାଣ ହରାଇଲି । ମା, ମା, ତୁମ୍ଭ ନିକଟରେ ଯେ ପ୍ରତିଜ୍ଞା ସନ୍ତାନ କରିଥିଲା ତା ଏଠାରେ ପୂର୍ଣ୍ଣହେଲା । ପିତା ! ଆପଣଙ୍କୁ କାରାମୁକ୍ତ କରିବା ଆଶା ପୂର୍ଣ୍ଣହେଲା ବା ନ ହେଲା ମୋର ଚଣ୍ଡାଳ ହସ୍ତରେ ପ୍ରାଣଗଲା (କାଞ୍ଚନବାଳାକୁ ଲକ୍ଷି) ଏ ନାରୀ ନୁହେଁ, ମୋର ଜୀବନର ମୃତ୍ୟୁଦେଇ; ଯାହାର ରୂପଲାବଣ୍ୟରେ ଯେ ମଧୁରତା ଅଛି କେବଳ ପୁରୁଷଙ୍କୁ ଆବଦ୍ଧ କରିବା ମାତ୍ର । ଏ ନାରୀର ଅନ୍ତର ଅତି କୁଟିଳ, ଯାହାର ମୁଖମଣ୍ଡଳରେ

ଭଗବାନ ମଧ୍ୟ ଦେଇ ଅନ୍ତରରେ ବିଷ ଭରି-ଦେଇଛନ୍ତି । ଏବେ ବେଶ୍ ବୁଝି ପାରିଲିଣି କେହି ପୁରୁଷ ପୂର୍ବ ରୂପ ସନ୍ଦର୍ଶନ କରି ପ୍ରେମବିହ୍ୱଳ ହୋଇ ଅଜ୍ଞାନ ହେଲେ ଏ ତାର ଜୀବନ ନଏ । ଆଜ ମୁଁ ମଧ୍ୟ ସେହି ଦଶା ପ୍ରାପ୍ତ । ପ୍ରେମଶୀଳେ ! ମୁଁ ତୋତେ ଦସ୍ୟୁ କବଳରୁ ମୁକ୍ତକରି ତୋ କଥା ନ ମାନି ତୋତେ ସଙ୍ଗରେ ନ ଆଣି ଆଜି ଦସ୍ୟୁପୁରରେ ପ୍ରାଣ ହରାଇଲି । ପ୍ରେମଶୀଳେ ! ଆଜଠାରୁ ତୋର ମୋର ଏତିକି । ତୋଠାରୁ ଚିର ବିଦାୟ ନେଲି, ଆଉ ମୋ ଦୋଷ ବାରିବୁ ନାହିଁ । ଆଉ ମୋ ପଥ ଚାହିଁ ବସିବୁ ନାହିଁ । ମୋତେ ନୃଶଂସ ଘାତୁକ ବୋଲି ଭାବିବୁ ନାହିଁ । ହା ପ୍ରେମଶୀଳେ ! କେଣେ ରହିଲୁ !

କାଞ୍ଚନ—(ଉଠି ଅଳସଭଙ୍ଗି ଆସ୍ତ୍ୟ )

ବିଦ୍ୟାଧର—ସରିଲା ନାରାୟଣ !

କାଞ୍ଚନ—ଏକ ସ୍ୱପ୍ନ, ମୋର କାହାସଙ୍ଗେ ମିଳନ, ପିତା ମାତା ଭଗ୍ନୀ ଓ ସ୍ୱାମୀ ସହିତ ମିଳନ ।

ବିଦ୍ୟାଧର—ଏଇଥର ଶେଷ, ପ୍ରେମଶୀଳେ ! ପ୍ରେମଶୀଳେ !

କାଞ୍ଚନ— କିଏ ? ଏ ନାମ କହିଲ, ଆଉଥରେ ଆଉ-ଥରେ କୁହ । ସେ ନାମ ତୁମକୁ କିଏ କହିଲା, ସେ ଅମୂଲ୍ୟନିଧିର ନାମ କିଏ ତୁମକୁ ଶିଖାଇଲା ?

ବିଦ୍ୟାଧର—ପାଇଥିଲି ସେ ଅମୂଲ୍ୟନିଧି, ପାଇଥିଲି, ଆଉ ନାହିଁ ଆଉ ପାଇବି ନାହିଁ !

କାଞ୍ଚନ— ଗୀତ

( କୀର୍ତ୍ତନ ସୁର )

କହ ହେ ନାଗର ସେ ନାମ ତୁମର
ତୁଣ୍ଡରୁ କାହିଁ ନିଗିଳା !
ଏ ଦଗ୍ଧ ପରାଣେ ପୀୟୂଷର ଧାର
ଶ୍ରବଣେ ମୋର ବହିଲା !
କହ କାହୁଁ ପାଇଲଟି ।
ପ୍ରେମଶୀଳା ବୋଲି ନାମ ଗୋଟି । ୧ ।

କିଏ ପ୍ରେମଶୀଳା କାହାର ସେ ବାଳା
ଅଟେ ସେ ତୁମର କିସ ।
ସଂଶୟ ନ କରି କହ ବାରେ ଫେରି
ଶୁଣିବାକୁ ବଡ଼ ଆଶ ।
ମନ ଆଶା କର ପୂର୍ଣ୍ଣ ।
ପ୍ରେମଶୀଳା ବୋଲି କାହା ନାମ । ୨ ।

ନାଗର ! ପ୍ରେମଶୀଳା କିଏ ? ସେ ତୁମର କଅଣ ହୁଏ, ଦୟାକରି ଟିକିଏ କହନ୍ତୁ । ତୁମ ପଦ ଧରୁଛି, କହନ୍ତୁ ସେ କିଏ ?

ବିଦ୍ୟାଧର -( ଉଠାଇ ଦେଇ )

ଗୀତ

( ପରମ ଆଦରେ ପରାଣ – ବୃତ୍ତ )

ତରୁଣୀ ରତନ ତରଳିଲୁ କିଆଁ
ସେ ନାମ ଶୁଣିଲୁ କେଣିଟି ଗୋ !
ସେ ମୋ ହୃଦହାର ପ୍ରେମର ପସରା
ମୁହିଁ ତାର ମଥାମଣିଟି ଗୋ । ୧ ।
ବିଜନ ବିପିନେ ଭେଟିଲି ମୁଁ ଯେବେ
ସେ ଚନ୍ଦ୍ରବଦନୀ ଧନୀଟି ଗୋ ।
ବଳେ ଧରି କାନ୍ତ କଲି ନାଗରହି
କହି ମୋତେ ମିଠ୍ ବାଣୀଟି ଗୋ । ୨ ।
ରାଜା ଚନ୍ଦ୍ରକାନ୍ତ ଝିଅରି ତାର ତ
ପ୍ରେମଶୀଳା ସେ ତରୁଣୀଟି ଗୋ ।
କାଞ୍ଚନ ସହର ଜନ୍ମ ସ୍ଥାନ ତାର
କାଞ୍ଚନବାଳା ତା ଭଉଣୀଟି ଗୋ । ୩ ।

ସୁନ୍ଦରି ! ରତ୍ନାକରପୁରର ରାଜା ଚନ୍ଦ୍ରକାନ୍ତଙ୍କର ଜ୍ୟେଷ୍ଠା କନ୍ୟା ପ୍ରେମଶୀଳା, ସେ ଗୋଟିଏ ଦସ୍ୟୁ କବଳରେ ପଡ଼ି ବଡ଼ କଷ୍ଟ ଦୁଃଖ ଭୋଗ କରୁଥିଲା । ଦଇବେ ମୁଁ ବିଦେଶ ଆସିବା ପଥରେ ସେ ମୋ ଦୃଷ୍ଟି-ଗୋଚର ହେଲା । ମୁଁ ସେ ସୁନ୍ଦରୀର ଆନ୍ତରିକ ଇଚ୍ଛା ବୁଝିପାରି ଦସ୍ୟୁର ପ୍ରାଣ ବିନାଶ କରନ୍ତେ ସେ ମୋତେ ପତିରୂପେ ବରଣ କଲା । ମୁଁ ସେଥିରେ ସମ୍ମତି ପ୍ରଦାନ କରି ତାକୁ ସେହି ସ୍ଥାନରେ ନିରାପଦରେ ରହିବାର ସୁବିଧା କରିଦେଇ ମୋ ନିଜ କାର୍ଯ୍ୟରେ ଆସିଲି । ବିଧାତା ବିପକ୍ଷକୁ ତୁମ ଚରମାନଙ୍କଦ୍ୱାରା ଧୃତ ହୋଇ ତାଙ୍କ ପ୍ରତାରଣାରେ ପଡ଼ି ତୁମ ନିକଟରେ ଶେଷ ଦଶା ।

କାଞ୍ଚନ—କ'ଣ କହିଲ ନାଗର ! ପ୍ରେମଶୀଳା ଦସ୍ୟୁ କବଳରୁ ମୁକ୍ତହୋଇ ଆପଣଙ୍କ ପଦ-ପଙ୍କଜରେ ଆଶ୍ରୟ ନେଇଛି । ପ୍ରେମଶୀଳା ତା'ର ଜୀବନ ସାର୍ଥକ କରିଛି । ଏ ସ୍ୱର୍ଣ୍ଣାଳଙ୍କୃତୀ, ପିଶାଚମା ବୃତ୍ତି କରି ନରକ ଯନ୍ତ୍ରଣାରେ ଦାଣ୍ଡି ହୋଇ ମରୁଛି, ନାଗର ! ଜାଣ ଏ ଅଭାଗିନୀ କିଏ ?

ବିଦ୍ୟାଧର—କିପରି ଜାଣିବି ? ତେବେ ଘଟଣାସ୍ଥଳେ ଯାହା ଦେଖିଲି ତୁମ୍ଭେ ମୋ ଜୀବନର ମୂଳେଇ ।

କାଞ୍ଚନ—( ପାଦ ଧରି ପକାଇ ) କ୍ଷମା କର ପ୍ରଭୁ ! ଏ ଅଭାଗିନୀ ସେହି ପ୍ରେମଶୀଳାର କନିଷ୍ଠା ଭଗିନୀ । ଏ ପାଷାଣ୍ଡୀର ନାମ କାଞ୍ଚନବାଳା । ପିତା ଆମ୍ଭର ଆମ୍ଭ ଦୁଇ କନ୍ୟାଙ୍କୁ ସଙ୍ଗରେ ନେଇ ତୀର୍ଥ ପର୍ଯ୍ୟଟନ କରିବାକୁ ଯାଉଥିଲେ; ସେଠାରେ ଜଣେ ଦସ୍ୟୁ ଆମ୍ଭ ଦୁଇଜଣଙ୍କୁ ପିତାଙ୍କ ନିକଟରୁ ଛଡ଼ାଇ ନେଇ ଚାଲିଗଲା । ସେଠୁ ଆସିବା ପଥରେ ଆମ୍ଭେ ଦୁହେଁ କାତର ହୋଇ ରକ୍ଷାକର ରକ୍ଷାକର ବୋଲି ଡାକନ୍ତେ ଏଠାର ସାଧବ ସେ କି ମୋର ଧର୍ମପିତା—ମୋତେ କେବଳ ଦସ୍ୟୁ ହସ୍ତରୁ ମୁକ୍ତକଲା; କିନ୍ତୁ ପ୍ରେମଶୀଳା ଉଦ୍ଧାର ହୋଇ ପାରିଲା ନାହିଁ । ବନ୍ଧୁ ! ଆପଣ ପ୍ରେମଶୀଳାକୁ ଆପଣଙ୍କ ପଦପଙ୍କଜରେ ଆଶ୍ରୟ ଦେଇଛନ୍ତି, ଦୟାକରି ଅଭାଗିନୀକୁ ସେ ପଦତଳେ ଆଶ୍ରୟ ଦିଅନ୍ତୁ, ନଚେତ୍ ଆପଣଙ୍କ ନିକଟରେ ଦାସୀ ପ୍ରାଣ ବିସର୍ଜନ କରିବ ।

ବିଦ୍ୟାଧର—( ସ୍ୱଗତ ) ପ୍ରେମଶୀଳାର ଓ ଏହାର ରୂପରେ କଥାରେ କିଛି ପ୍ରଭେଦ ଘଟୁନାହିଁ । ତେବେ ପ୍ରେମଶୀଳା ଅତି ସରଳ ପ୍ରକୃତିର ଲୋକ ! ଏ ତା'ର ଭଗିନୀ ହୋଇ ଏତେ ଦୂର ପୈଶାଚିକ ନରହତ୍ୟା କାର୍ଯ୍ୟରେ ପ୍ରବୃତ୍ତ ହୋଇଛି, ଏତ ବଡ଼ ଆଶ୍ଚର୍ଯ୍ୟ । ତେବେ ଥରେ ପରୀକ୍ଷାରେ [ ପ୍ରକାଶ୍ୟେ ] ସୁନ୍ଦରି ! ତୁମ୍ଭର କଥା ବିଶ୍ୱାସଜନକ; କିନ୍ତୁ ଗୋଟିଏ କଥାକୁ ମନରେ ବଡ଼ କିଛି ସନ୍ଦେହ ଆସୁଛି । ସେ ସନ୍ଦେହ ମୋଚନ କରି ପାରିବ କି ?

କାଞ୍ଚନ—ଦାସୀ ଆପଣଙ୍କ ନିକଟରେ ପ୍ରକାଶ କରିବ ନାହିଁ ତ ଆଉ କାହା ନିକଟରେ ପ୍ରକାଶ କରିବ, କହନ୍ତୁ ପ୍ରଭୁ !

ବିଦ୍ୟାଧର—ମନରେ କୌଣସି କଷ୍ଟ କରିବ ସେଥି ଯୋଗୁଁ ପ୍ରକାଶ କରିବାକୁ ଭୟ ମନେ କରୁଛି ।

କାଞ୍ଚନ—ନା ଆପଣଙ୍କ ନିକଟରେ କୌଣସି କଥା ପ୍ରକାଶ କରିବାକୁ ମୋର ତିଳେମାତ୍ର ଛନ୍ଦ ନାହିଁ ।

ବିଦ୍ୟାଧର—ଆଚ୍ଛା, ତୁମ୍ଭେ ପ୍ରେମଶୀଳାର ଭଗିନୀ ହୋଇ ଏପରି ଜଘନ୍ୟ ନରହତ୍ୟା କାର୍ଯ୍ୟରେ ପ୍ରବୃତ୍ତ ହୋଇଛ କାହିଁକି ?

କାଞ୍ଚନ—ଆପଣ ବିଶ୍ୱାସ ଯାଆନ୍ତୁ ବା ନ ଯାଆନ୍ତୁ ମୁଁ ପ୍ରକୃତ କଥା ପ୍ରକାଶ କରିବ । ଏ ସାଧବର ଡକାୟତି ବୃତ୍ତି । ପଥିକମାନଙ୍କୁ ହତ୍ୟାକରି ଧନ ଉପାର୍ଜନ କରୁଥିଲା; କିନ୍ତୁ ମୁଁ ଆସିଲା ଦିନୁ ସେହି କୁତ୍ସିତ କାର୍ଯ୍ୟଟି ବନ୍ଦ କରିବା ଉଦ୍ଦେଶ୍ୟରେ ଯେଉଁ ଲୋକଟି ଧରାହୋଇ ଆସିବ ମୁଁ ମାରିବି କହି ସାଧବଠାରୁ ମୋ ନିକଟ ନେଇଆସେ ଓ କିପରି ପଥିକଟିକୁ ଧରି ମୋ ପର୍ଯ୍ୟନ୍ତ ଆଣିବ ସେ କୌଶଳ ମଧ୍ୟ ବତାଇ ଦେଇଛି । ପଥିକଟି ମୋ ନିକଟ ଆସିଲେ ତାକୁ ଏ ନିଶାଦ୍ୱାରା ଏ ନିର୍ଜନ ସମୟରେ ବିଦାୟ କରିଦିଏ । ଧନରତ୍ନକୁ ସାଧବ ଆଣିନ୍ତି ନେଇଥାନ୍ତି, ସ୍ତ୍ରୀ ବ୍ୟତୀତ ଅନ୍ୟ କଥା କିଛି ନୁହେଁ । ଏ ଦାସୀର ପ୍ରକୃତି ସେପରି କୁଟିଳା ନୁହେଁ ।

ବିଦ୍ୟାଧର—ସୁନ୍ଦରି ! ମୋର ସମସ୍ତ ବିଶ୍ୱାସ ହେଲା । ଆଚ୍ଛା କହି ପାରିବ କି ? ତୁମ୍ଭ ପିତାଙ୍କ ଗୃହରେ ସତ୍ୟନାରାୟଣଙ୍କ ପ୍ରଦତ୍ତ କିଛି ଦ୍ରବ୍ୟ ଅଛି ? ସେହି ଦ୍ରବ୍ୟ ଆଶାରେ ମୁଁ ଜୀବନ୍ମୃତ ହୋଇଛି ।

କାଞ୍ଚନ—ନାଥ ! ସୁବର୍ଣ୍ଣକାଣ୍ଡ ଆଖ୍ୟାନ ଛଡ଼ା ଆଉ ଅନ୍ୟ କ'ଣ ମୋର ସ୍ମରଣ ହେଉ ନାହିଁ । ଆପଣ ତା ନିର୍ବିଘ୍ନରେ ପାଇପାରିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ; କିନ୍ତୁ ଆପଣ ନାରାୟଣଙ୍କଠାରେ ଏକାନ୍ତ ଭକ୍ତ ଓ ଆମ୍ଭ ଦୁଇ କନ୍ୟାଙ୍କୁ ଉଦ୍ଧାର କରିବା କର୍ତ୍ତବ୍ୟ ।

ବିଦ୍ୟାଧର—ସୁନ୍ଦରି ! ମୁଁ ସେହି ନାଗସୁଣଙ୍କ ଅନୁଗ୍ରହରୁ ପ୍ରଥମେ ପ୍ରେମଶୀଳା ଓ ଦ୍ୱିତୀୟେ ତୁମ୍ଭର ସାକ୍ଷାତ୍ ପାଇଲଣି । ମୋତେ ବୁଦ୍ଧି ଦିଅ, କପରି ମୁଁ ତା ଅନ୍ୱେଷଣରେ ଯାଇପାରିବି ।

କାଞ୍ଚନ - ଆଗେ ଏ ଦାସୀର ଆନ୍ତରିକ ଆଶା ପୂରଣ କରନ୍ତୁ, ଦାସୀକୁ ପଦ-ପଙ୍କଜରେ ଆଶ୍ରୟ ଦିଅନ୍ତୁ ।

ବିଦ୍ୟାଧର—ଏ ହତଭାଗ୍ୟର ସେ ଭାଗ୍ୟ ହେବ ? ତୁମ୍ଭ ଅନୁଗ୍ରହ ।

କାଞ୍ଚନ—ନାଥ ! ଏ ରତ୍ନମାଳାଟି ଆପଣଙ୍କ ଗଳାରେ ଲମ୍ବାଇ ପଦଦାସୀରେ ରହିବି ।

ବିଦ୍ୟାଧର—ଯା ଇଚ୍ଛା କର ।

କାଞ୍ଚନ—( ମାଳା ଦେବା ବିଦ୍ୟାର ଚୁମ୍ବନ ) ନାଥ ! ଏ ମାଳାଟି ଦୁର୍ଗାପ୍ରଦତ୍ତ, ଏହାର ଅଲୌକିକ ଶକ୍ତି, ବିପଦ ଆପଦରେ ସଦ୍ୟ ଫଳ ପ୍ରଦାନ କରିବ ।

ବିଦ୍ୟାଧର—ପ୍ରିୟେ ! ତୁମ୍ଭଙ୍କୁ ଏହି ସ୍ଥାନରେ ରଖି କାଞ୍ଚନ ସହର ପର୍ଯ୍ୟନ୍ତ ଯାଇ ପାରିବି କି ? କାରଣ ତୁମ୍ଭଙ୍କୁ ସଙ୍ଗରେ ନେଇ ବୁଲିବା ସେତେ ସୁବିଧାଜନକ ବୋଧ କରୁ ନାହିଁ ।

କାଞ୍ଚନ—ଦାସୀ ଆପଣଙ୍କ କଥାରୁ ବାହାର ନୁହେଁ; କିନ୍ତୁ ନିର୍ବାଣ କଲେ ମଙ୍ଗଳ ହେବ ।

ବିଦ୍ୟାଧର—ଏ କଥା ସ୍ୱପ୍ନରେ ସୁଦ୍ଧା ଭାବିବି ନାହିଁ । ମୁଁ ତୁମ୍ଭ ଦୁହିଁଙ୍କ ନିକଟରେ ଚିର ଋଣୀ, ପ୍ରିୟେ ! ମୋତେ ମେଲାଣି ଦିଅ ।

କାଞ୍ଚନ— ଗୀତ

( ବାଜବୋଲ ରଜା ବାହାଘର—ବୃନ୍ଦେ )

ପ୍ରାଣଧନ ଭୁଲିବ ନାହିଁ ସୁହାଗିନୀ ତବ ପଦଦାସୀକି
ଆଶା ଦେଇ ଯେବେ ନିରାଶ କରିବ
ଅଶ୍ରୁ ଘରେ ସଦା ଯିବ ଭାସିଯିଟି । ପଦ ।
ଥିଲେ ମୋର କେହ୍ନ ଦୋଷ
କ୍ଷମା ଦେବଟି ହେ ପ୍ରାଣେଶ,
ଧରୁଛୁ ଚରଣ ଏହି ମୋର ପଣ
ନ ଆସିଲେ ପ୍ରାଣ ଦେବି ଝାସିଟି । ୧ ।

ନାଥ ! ଯେବେ ଏ ଅଭାଗିନୀକୁ ମନରୁ ଭୁଲି ଯାଆନ୍ତି ତେବେ ଦାସୀ ନିଶ୍ଚୟ ଆତ୍ମହତ୍ୟା କରିବ, ଆଉ ଆପଣ ଚିର ଅନୁତାପ ଭୋଗ କରିବେ ।

ବିଦ୍ୟାଧର ପ୍ରିୟେ ! ଭଗବାନ୍ ତା ନ କରନ୍ତୁ । ଏ ଅଭାଗାର ତୁମ୍ଭେମାନେ ହିଁ ଏକମାତ୍ର ଭରସା, ମୁଁ ଆସୁଛି ।

କାଞ୍ଚନ—ଚାଲନ୍ତୁ, ମୁଁ ପଥ ଦେଖାଇ ଦେବି । କେ ଅଛୁ ? ( ହନ୍ତାପ୍ରବେଶ )

ହନ୍ତା – ମୁଁ ।

କାଞ୍ଚନ—ଯା, ଆଜ କିଛି କାର୍ଯ୍ୟ ନାହିଁ । ପିତାଙ୍କୁ କହିବୁ ମୁଁ ଆଦେଶ ନ ଦେବା ଯାଏ ଅନ୍ୟ ପଥିକ ଏ ସ୍ଥାନକୁ ଆଣିବେ ନାହିଁ ।

ହନ୍ତା—ଯେ ଆଜ୍ଞା ।

କାଞ୍ଚନ—ଆସନ୍ତୁ ! ରାତ୍ର ଆସି ଶେଷ ହେବାକୁ ହୋଇ ଗଲାଣି । କାଳେ କେହି ଭେଟ ପଡ଼ିପାରେ, ନାଗସୁଣଙ୍କୁ ମନରୁ ଭୁଲିବେ ନାହିଁ, ସେ ସମସ୍ତ ଦୁଃଖ ହରଣ କରିଦେବେ । ( ପ୍ରସ୍ଥାନ )

---

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

(ଦୁର୍ବୁଦ୍ଧି, ବଟୁକ, ଶବସ୍ଥ)

ଦୁର୍ବୁଦ୍ଧି—ବଟୁକ ! ସେ କେଳାଠାରେ କୌଣସି ଐଶ୍ୱରିକ ଶକ୍ତି ଅଛି ଆମେ ବଡ଼ ଭୁଲ୍ କଲେ । ତା'ଠାରୁ ଆଉ ବ ଗୁରୁଠା ଇଲମ ରଖି ପାରିଲୁ ନାହିଁ ।

ବଟୁକ—ଆଜ୍ଞା ଏଇତ ଯଥେଷ୍ଟ, ଆଉ ହବ କ'ଣ, ଆଜ ଦେଖନ୍ତୁ ତ ବିଦ୍ୟାଧର କେଉଁଠି କଅଣ କରୁଛି ?

ଦୁର୍ବୁଦ୍ଧି—ଆଚ୍ଛା ଦେଖିବା ଜଳ ଆଣ ।

ବଟୁକ—(ଜଳ ପାତ୍ରରେ ମଣି ପକାଇ ଦୁହେଁ ଚାହିଁବା) ଏଇ ଦେଖନ୍ତୁ ଗୋଟିଏ ସ୍ତ୍ରୀ ସଙ୍ଗରେ କଅଣ ଗୋଟାଏ ପରାମର୍ଶ କରୁଛି ।

ଦୁର୍ବୁଦ୍ଧି—ଆରେ ଠିକ୍ ତ, ଆଚ୍ଛା ସେ, ଯାହା ଇଚ୍ଛା ତା' କରୁ, କାଲି ଆସ୍ଥାନ ଆଣିଲେ ହେଲେ ଠିକଏ ଜଗିବା ଦର୍କାର ।

ବଟୁକ—ଆଜ୍ଞା ଠିକ୍ ସେଇଆ କଥା । ଦଣ୍ଡ ଗୋଟେଇ-
ବାରେ ଆମ୍ଭର ଦରକାର କ'ଣ ? ଲକ୍ଷ୍ମୀ ଚଞ୍ଚଳ
ହାତରେ ପଡ଼ିଲେ ଗଲା । ମାଛ-ପୋଖରୀଟାକୁ
ପାଣି ବୋହିବ ସେ, ମାଛ ଧରିବା ବେଳକୁ ଆମ୍ଭେ ।
ଆପଣ କିଛି ଭାବନା କରନ୍ତୁ ନାହିଁ; ମନକାମନା
ନିଶ୍ଚେ ଆମ୍ଭର ପୂର୍ଣ୍ଣ ହୋଇଯିବ ।

ଦୁର୍ବୁଦ୍ଧି—ସ୍ୱର୍ଣ୍ଣକାଞ୍ଚ ନିଶ୍ଚୟ ଆମ ହାତରେ ପଡ଼ିବ
ଏହା ସ୍ୱତଃସିଦ୍ଧ । ବଟୁକ ! ଦେଖିଲୁଣି ସ୍ୱାଙ୍ଗୁ
ଦିଟା କିଏ ଲଳ-ଗୋଲାଲ ହୋଇ ଆସୁଛନ୍ତି ।

ବଟୁକ—ହୋସ୍ତ ! ଏତ ଶ୍ରେଷ୍ଠ ତଜା ମାଲ ଦିଟା ।

ଦୁର୍ବୁଦ୍ଧି—ଆରେ ଗୋଟାଏ ମରଦ ଅଛି କି ?

ବଟୁକ—(ନିରେଖି ଚାହିଁ) ନା, ନା, ଦୁଇଟି ଯାକ ତ
ନବ ଛଇଳା ।

ଦୁର୍ବୁଦ୍ଧି—ଆରେ ହିଁ ସେ ଶବରୀ ଦୁଇଜଣ ।

ବଟୁକ—ଏ ମାଇକିନିଆ ଠାଣି ତ ବେଶ୍ ।

ଦୁର୍ବୁଦ୍ଧି—ଶବରୀ ଗୋଟିଏ ଗୋଟିଏ ଭାରି ସୁନ୍ଦରୀ
ଅଛନ୍ତି ।

(ଶବରୀଙ୍କ ପ୍ରବେଶ ଓ ଅଭିବାଦନ)

ଶବରୀ—ଦଣ୍ଡବତ ରଜା ସାଆନ୍ତେ !

ଦୁର୍ବୁଦ୍ଧି—ହଇହେ ତେମେ କୁଆଡ଼େ ଯାଇଥିଲ ।

ଶବରୀ—ହଁତ, ଏବେ ଯାଇଥିଲୁ କୋଳ ଆଣିବା ଲାଗି ।

ବଟୁକ—ଆଚ୍ଛା ତେମେ ଦି'ଜଣ କ'ଣ ହୁଅ ।

ଶବରୀ—ଆପଣଙ୍କୁ କେମିତି ଦିଶୁଛି ସାଆନ୍ତେ, ଆମେ
କହିବେ ପାରିବନା ।

ବଟୁକ—(ଦୁର୍ବୁଦ୍ଧି ପ୍ରତି) ଆଜ୍ଞା ଏ କଅଣ ହୁଅନ୍ତି ?
କହି ପାରିବେ ନାହିଁ ?

ଦୁର୍ବୁଦ୍ଧି—ଆରେ ସେମାନେ ଲଜ୍ଜା କରୁଛନ୍ତି, ବୋଧ-
ହୁଏ ଦି' ଯା ହେବେ ପରା ? ହଇଲେ କଅଣ ?

ଶବରୀ—ଆଜ୍ଞା, କି କହିଲୁ ସାଆନ୍ତେ ।

ବଟୁକ—ତେମେ ଦୁହେଁ ଦୁଇଯାଆ ହୁଅ ?

ଶବରୀ—ହିଁ ସାଆନ୍ତେ ଆମେ ଦୁଇ ଯା ହଉଁ ।

ବଟୁକ—ତେମେ ସବୁ କ'ଣ କର, ତମର ବ୍ୟବସାୟ
କଅଣ ?

ଶବରୀ—ସାଆନ୍ତ ! ଶଙ୍କୁଆ ମାନେ, ବଜାରେ କାଠ
ବିକିକରି ଓ ଧୁଡ଼ୁକି ବଜାଇ ବାଉଁଶରାଣୀ ତାମସା
କରନ୍ତି; କୋଳ ବିକୁ ।

ଦୁର୍ବୁଦ୍ଧି—ଆଚ୍ଛା, କେମିତିଆ କୋଳ ଆଣିଛ
ଦେଖାଇଲ ?

କେଳୁଣୀ— ଗୀତ

(ଆଉ ନ ମାର ରସଛୁରି ବୁକେ)

ଆସ ନିଅ ପାଚିଲା କୋଳ ଆଣିଛୁ ତୋଳି । ଘୋଷା ।
ବେତ ଭଇଞ୍ଚ କ୍ଷୀର ଜାମୁ କଣ୍ଟାଇ ବର
ଖାଇଲେ ମନ ଯିବ ଭୁଲି । ୧ ।
ଲେମ୍ବୁ ନାରଙ୍ଗ ଟଭା ଦିଶୁଛି କେଡ଼େ ଶୋଭା
ଚାଖିଲେ ହେଉଥିବ ଝୁରି । ୨ ।
କେନ୍ଦୁ କଇଥ ବେଲ ପିଆଳ ଜାମୁକୋଳି
ଷଡ଼ରସରେ ଅଛି ପୂରି । ୩ ।
ସାଆନ୍ତେ ! ଏଇ ଏଇ ଫଳମାନ ସବୁ ଅଛି ।

ବଟୁକ—ଆମକୁ କିଛି ଦେ ଆମେ ପଇସା ଦବୁ ।

କେଳୁଣୀ—ସାଆନ୍ତେ ! ଆଗେ ବନ୍ଧନକର, ଆମେ
ପଇସା ପସରାରେ ନ ପକେଇ କୋଳ ଦବୁ ନାହିଁ ।

ବଟୁକ—ଆଚ୍ଛା, ତେମେ ମାଇକିନିଆ ଦି'ଟା, ଆମେ
ଯେବେ କୋଳ ଛଡ଼ାଇ ନେଉ ଭଲା ତେମେ
କଅଣ କରିବ ?

କେଳୁଣୀ—ସାଆନ୍ତ ! ଆପଣଙ୍କ ପରି କେତେ ଅଣ୍ଡିରଙ୍କୁ
ଦେଖି ଆସିଲୁଣି, ଖାଲି ମାଗଣା ପଡ଼ୁଛି ଛଡ଼େଇ
ନବ ।

ଦୁର୍ବୁଦ୍ଧି—ବଟୁକ ! ତାଙ୍କୁ କିଛି ଦେଇ କୋଳ ଆଣ ।
(ଚୁପ୍ ଚୁପ୍ ତାଙ୍କୁ ପଚାରିଲୁ ସେ ବାହା ହୋଇ-
ଛନ୍ତି ? )

ବଟୁକ—ହଇଲେ ! ତେମେ ବାହା ହୋଇଛ ?

କେଳୁଣୀ—ହିଁ ସାଆନ୍ତେ ! ଆମେ ବାହା ହୋଇଛୁ;
ଆମର ଗେରସ୍ତ ଅଛି ।

ବଟୁକ—ଆମକୁ ବାହା ହବ ନାହିଁ ।

କେଳୁଣୀ—(ଅନ୍ୟ ପ୍ରତି) ସଙ୍ଗାତ ! ଏ ସାଆନ୍ତ ଭାରି
ଭାରି କଥା କହୁଛି । ହେ ସାଆନ୍ତ ! ଆମେ ଯିନା
ଛୋଟ ଲୋକ, ଆପଣଙ୍କଠାରୁ ଛୋଟଜାତ; କିନ୍ତୁ

ଆମର ମିଜାଜ ଯେମିତିକିଆ ଫ୍ଲେଟ ନୁହେ । ଦେଖିବୁ କେମିତି ଆମକୁ ବାନ୍ଧି ହବୁ (ଧୂଳିମନ୍ତ୍ର ପକାଇ ଦେଇ) ବସି ଏଇଠି ନସୁଥା ।

(ପ୍ରସ୍ଥାନ)

(ଦୁର୍ବୁଦ୍ଧିପାକ ହସି ହସି ଥୋଇବା)

ବଟୁକ—ଆରେ ଏ ଗୁଣ୍ଡାଙ୍କଠେଇଁ ଏମିତିକିଆ ଯନ୍ତ୍ର ଅଛି ।

ଦୁର୍ବୁଦ୍ଧି—ଜଙ୍ଗଲ ଲୋକମାନଙ୍କଠାରେ ଅନେକ ହିକମତ ଥାଏ, ତୁ ବଗାଡ଼ି ଦେଲୁ ତାଙ୍କୁ ମାଗିଥିଲେ କିଛି ହିକମତ ମିଳିଥାନ୍ତା ।

ବଟୁକ—ମୁଁ କ'ଣ ଜାଣେ କି ? ତାଙ୍କ ରୂପ ତାଙ୍କ ଢଙ୍ଗଢାଙ୍ଗ ଦେଖି ମୋ ମନ କ'ଣ ହୋଇଗଲା । ଚାଲନ୍ତୁ ଏଠାରୁ ପଳାଇବା କାଳେ ପୁଣି କିଏ ଆସିବ ।

ଦୁର୍ବୁଦ୍ଧି—ଚାଲେ । (ପ୍ରସ୍ଥାନ)

## ଦ୍ୱିତୀୟ ଦୃଶ୍ୟ

( ସାଧୁ ବିଦ୍ୟାଧର, ସତ୍ୟନାରାୟଣ )

ବିଦ୍ୟାଧର—ଏ ଡକାୟତଗୁଣ୍ଡାଙ୍କ ପ୍ରତାରଣାରେ ପଡ଼ି ନିଶ୍ଚେ ପ୍ରାଣ ଯାଇଥାନ୍ତା; କିନ୍ତୁ ପ୍ରେମଶୀଳା ! ତୋହରି ନାମ ସ୍ମରଣ କଲାକ୍ଷଣି ରକ୍ଷା ପାଇଲି ଓ ତୋହ ଯୋଗେ କାଙ୍ଗଳବାଳାକୁ ପହଞ୍ଚିରୁଚେ ପାଇଲି, ଯାହା ହେଉ ଭଲରେ ଭଲରେ ଗୋଟାଏ ଘାଟିରୁ ଉଦ୍ଧରିଲି; କିନ୍ତୁ ଯେଉଁ କାର୍ଯ୍ୟରେ ଆସିଥିଲି ସେ କଥା ତ ପୂର୍ଣ୍ଣ ହେଲା ନାହିଁ । କଅଣ କରିବି ମୁଁ କାହିଁକି ରାଜାଙ୍କ ନିକଟରେ ପ୍ରତିଜ୍ଞା କରି ଆସିଲି । ଭଗବନ୍ ! ମୋର ଆସିବା କଥା କ'ଣ ବୃଥା ହୋଇଯିବ । ମୋ ପିତାଙ୍କୁ କାରାମୁକ୍ତ କରି ପାରିବି ନାହିଁ ? ଏ ଜଙ୍ଗଲଟାକୁ ଦେଖି ମୋର ଅକଲ ଗୁମ ହେଲାଣି । ଦୀନବନ୍ଧୁ ! ମୋତେ ଉପାୟ ଦିଅ । ( ଆଣ୍ଠୁମାଡ଼ି ବସି )

ଗୀତ

କଳୋଗ ଝପ୍‌ରେ—ରୂପକ

ଦୀନବନ୍ଧୁ ଦୀନ- ଜନର ଏ ଡାକ
ଶୁଣିବ ନାହିଁକି କର୍ଣ୍ଣେ,
ବିଜନ ବିପିନେ ଗଡ଼ି ମୁଁ ମରୁଛି
ସାହା ନାହିଁ କେହି ଜଣେ ।
ହେ ହରି !
କିଆଁ ନ ଶୁଣ ମୋର ଗୁହାରି ।
ନିଶ୍ଚେ ତବ କୃପା ଗଲା ସରି । ୧ ।
ଅଗାଧ ଜଳରେ ଗଜ ଡାକ ଦେଲା
ତା ଡାକ ଶୁଣିଲ ହେଳେ,
ଚକ୍ର ପେଷି ନକ୍ର ମୁଣ୍ଡକୁ କାଟିଲ
ବନ୍ଧୁ କିଆଁ ମୋର ଭୁଲେ ।
ହେ ହରି !
ବନେ ମୃଗୁଣୀ ଡାକିଲା ପରି,
ହେଳ ମୋ ଆରତ ବଂଶୀଧାରୀ । ୨ ।
ଲୁଚି ସଭାତଳେ ପାଞ୍ଚାଳୀ ଆକୁଳେ
ଡାକ ଥିଲାବେଳେ ତୁମ୍ଭେ,
କୋଟି-ବସ୍ତ୍ର ଦେଇ ଲଜ୍ଜା ନିବାରିଲ
ଭାରତ ରଖିଲ ଭବେ,
ହେ ହରି !
ଆଜ ଏ ବିପଦୁ କର ପାରି,
ଦେଖାଦିଅ ଶଙ୍ଖ-ଚକ୍ରଧାରୀ । ୩ ।

ହେ ଦୀନବନ୍ଧୁ ! ହେ ଅନାଥର ନାଥ ! ହେ ଲଜ୍ଜା-ନିବାରଣ ! ଯଦି ମୋତେ ଦେଖା ନ ଦିଅ ତେବେ ଏଇଠାରେ ଜୀବନ ହରାଇ ଦେବି ।

( ସତ୍ୟନାରାୟଣଙ୍କର ଆବିର୍ଭାବ )

ସତ୍ୟନାରାୟଣ—( ବଂଶୀ ପ୍ରଦାନ କରି ) ବତ୍ସ ! ଅକ୍ଲେଶରେ ତୋର ଅଭିଳାଷ ପୂର୍ଣ୍ଣ ହେବ । ଯାଅ, ଏହି ଅନତିଦୂରରେ ଗୋଟିଏ ଦୁର୍ଗ ଦୃଷ୍ଟିଗୋଚର ହେବ, ସେହିଦୁର୍ଗ ନିକଟରେ ଏହି ବଂଶୀଟି ବଜାଇବ, ଏହି ବଂଶୀର ମୋହନ ଶକ୍ତି ଅଛି, ସେଠାକାର ଲୋକେ ଶୁଣିଲାମାତ୍ରେ ଅଚେତ ହୋଇଯିବେ ଓ ଗଡ଼-ଦ୍ୱାରଟି ଆପେ ଖୋଲିଯିବ, ତୁମ୍ଭେ ଭିତରେ ପ୍ରବେଶ କରି ସ୍ୱର୍ଣ୍ଣକାନ୍ତ ଓ ସ୍ୱର୍ଣ୍ଣ-ଅମ୍ଳାନ ନିର୍ବିଘ୍ନରେ ଫେରି ଆସିବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ( ଅନ୍ତର୍ଦ୍ଧାନ )

ସାଧୁ—ଏଁ, କଏ ମୋତେ ଏ ବଂଶୀଟି ଦେଇ କୁଆଡ଼େ ଗୁହୁଁ ଗୁହୁଁ ଉଭେଇ ଗଲେ, ସେ କେଉଁ ଦେବତା ମୁଁ ତାଙ୍କୁ ଚହ୍ନି ପାରିଲି ନାହିଁ, ତାଙ୍କ ନାମ ପଚାରି ପାରିଲି ନାହିଁ । ଆଜି ମୋର ପଦେଅଧେ ଦୁଃଖ କହି ପାରିଲି ନାହିଁ ।

ନେପଥ୍ୟେ - ବତ୍ସ ! ତୁ ଯାହାର ପୂଜାଲାଗି କାଣ୍ଡ ଆସ୍ଥାନ ପାଇଁ ଯାଉଛୁ ମୁଁ ସେହି ଦେବତା । ମୋର ନାମ ସତ୍ୟନାରାୟଣ । ମନରେ ଅନ୍ୟ କିଛି ଭାବନା କରନା, ସେ ବଂଶୀ ତୋର ସମସ୍ତ ମନର ବାସନା ପୂର୍ଣ୍ଣ କରିଦେବ ।

ବିଦ୍ୟାଧର—ଆହା, କି ସୁନ୍ଦର ବଂଶୀଖଣ୍ଡ । ଏତେ ଦିନେ ଏ ଅଭଗା ଦୁଃଖ ଭଗବାନ୍ ଶୁଣିଛନ୍ତି । ଯାଇ ଦେଖେ ଦୁର୍ଗ ଆଜି କେତେ ବାଟରେ ପଡ଼ିବ ।

( ପ୍ରସ୍ଥାନ )

—*—

## ତୃତୀୟ ଦୃଶ୍ୟ

( ରାଜା ଚନ୍ଦ୍ରକାନ୍ତ, ଡମ୍ବରୁପାଣି, କଣ୍ଡୁରି ହୋତା )

ଡମ୍ବରୁ— ହଇ ହୋ ହୋତାଏ, ଆମ୍ଭେ ପରା କହିଥିଲୁ ରାଜାଙ୍କ ବଜେଦେବା ସମୟ ହୋଇଗଲାଣି, ତୁମ୍ଭେ ଆଗରୁ ଯାଇ କାଣ୍ଡ ଅସ୍ଥାନ ସଜାଇଦେଇ ସଙ୍କଳ୍ପ ଆରମ୍ଭ କରିଦେଇ ଥିବ । ତୁମ୍ଭେ ଆମ୍ଭଙ୍କୁ ଡକେଇଲ କଆଁ, ଆମ୍ଭେ ତ ସବୁ କରିବୁ ତୁମ୍ଭେ କଅଣ ସିରିଣୀ ବାଣ୍ଟିବା ଲାଗି ଆସିଛ ?

କଣ୍ଡୁରି — ପାଣିଏ ! ଏମିତି କଥା କହୁଛ କଆଁ ହେ, ତୁମ୍ଭେ ନ ଆସିବାର ଥିଲେ ଆମ୍ଭେ କ'ଣ କ,ଖ,ଗ କରି କାର୍ଯ୍ୟ ତୁଲାଇ ନପାରନ୍ତୁ ନାହିଁ । ବ୍ରାହ୍ମଣ ପିଲା, ପାଠ ଶାଠ ପଢ଼ିନାହିଁ ବୋଲି କଅଣ "ଓଁ ସ୍ୱସ୍ତି ସ୍ୱସ୍ତି," ସବୁ ମଙ୍ଗଳ ମାଙ୍ଗଲ୍ୟଂ, ଅତଏବ ଗଚ୍ଛ ସ୍ୱାହା ଶିଖି ନାହୁଁ । ଆମ୍ଭେ ଜାଣୁ ପାଣିଏ ପୁରୁଣା ଲୋକ ପୁରାଣ ଶାସ୍ତ୍ରରେ ଖୁବ୍ ଅବଗାହି ତାଙ୍କଦ୍ୱାରା ପୂଜାଟା ହେଲେ ଭଲ ହେବ । ଏଣୁକରି ଆମ୍ଭେ ସିନା ଅପେକ୍ଷା କରି ରହିଗଲୁ ।

ଡମ୍ବରୁ—ହୋତାଏ ! ତୁମ୍ଭେ ଗୋଟାଏ ଖାଲି ଖାଇବା ପେଟ୍ଟୁ; ଆଉ କୌଣସି କାର୍ଯ୍ୟର ନୁହ ।

କଣ୍ଡୁରି —କାହିଁକି ପାଠ ଶାଠ ନ ଅସେ ବୋଲି କଅଣ କଦଳୀ ଚକଟା, ସିରିଣୀ ଖାଇବା କରି ଆସେ ନାହିଁ ନା ଚୂଡ଼ାସସା ଭରି ଆସେ ନାହିଁ । ଆମ୍ଭର ତ ଜାଣିକରି ଟିକଏ ମୂର୍ଖ ଦୋଷ ଅଛି ବୋଲି ତ ଆମ୍ଭେ ବସ୍ତ୍ର, ଶ୍ରାଦ୍ଧ, ମଉଳା ଏମାନଙ୍କୁ ଯାଉ ନାହିଁ କେବଳ ବ୍ରାହ୍ମଣ ଭୋଜନ ଚୂଡ଼ାଦହି ଚକଟାକୁ ସେଇମାନ ଘଟି ପଡ଼ନ୍ତିପାଇଁ ।

ଡମ୍ବରୁ—ଦେଖ ହୋତାଏ ଆମ୍ଭ ଯୋଗେ ତୁମ୍ଭେ ଚଳିଯାଉଛ ଏଥର ଆମ୍ଭେ ଆମ୍ଭ ପ୍ରାପ୍ୟରୁ ତୁମ୍ଭଙ୍କୁ ଆଠପଣ କିସମତ୍ ଦେବୁ ନାହିଁ ।

କଣ୍ଡୁରି—ହଉ ହେଲା, ଆମ୍ଭର ଆଠପଣ କିସମତ ଲୋଡ଼ାନାହିଁ; କିନ୍ତୁ ଏ ଯେଉଁ କଦଳୀ ପଣକ ଗଣେଶ ଭୋଗପାଇଁ ଛଡ଼ା ହୋଇଛି ସେ ସମୁଦାୟ ଆମ୍ଭର ଏଇ ଯଥେଷ୍ଟ !

ଡମ୍ବରୁ—ଜାଣିଲି ତ ସିଆଣୀ, ହେଇତ ମହାରାଜ ଆସିଲେଣି ।

( ଚନ୍ଦ୍ରକାନ୍ତ ପ୍ରବେଶି ପୂଜାସ୍ଥାନେ ନମସ୍କାର କରିବା ବ୍ରାହ୍ମଣ ଚନ୍ଦନ ମାଲ୍ୟ ଦେବା )

ଚନ୍ଦ୍ରକାନ୍ତ—ନାରାୟଣ ! ଏତେଦିନ ପୂଜିଲି ତୁମ୍ଭଙ୍କୁ; କିନ୍ତୁ କନ୍ୟାଦ୍ୱୟେ ନ ପାଇଲି ଦେଖା । ନାହିଁ ଜାୟା, ନାହିଁ ସୁତ, ନାହିଁ ସହୋଦର । କାହାକୁ ମୁଁ ସମର୍ପି ଏ ରାଜ୍ୟ ନିଶ୍ଚିନ୍ତରେ ପଶିବି ବନ୍ୟାଶ୍ରମେ । ଥାନ୍ତେ ଯେବେ କନ୍ୟାଦ୍ୱୟ, ବିଭା ଦେଇ ତାଙ୍କୁ, ଦେଇଥାନ୍ତି ରାଜ୍ୟଭାର ଦେବି ଜାମାତାଙ୍କୁ; କିନ୍ତୁ ନ ହେଲା ସେ କଥା । ନ ପୂରିଲା ମନର ବାସନା, ନାନାସ୍ଥାନେ ନାନାଦେଶ ପଠାଇଲି ଚର. କିନ୍ତୁ କେହି ଜଣେ ନ କହିଲା କନ୍ୟାଙ୍କ ସମ୍ବାଦ । ଜଣେ କେହି ନ ଫେରିଲା ଅବଧି ପର୍ଯ୍ୟନ୍ତ । ନାରାୟଣ ! ସ୍ୱପ୍ନାଦେଶ କରିଥିଲେ ମୋତେ, ଯବ ସ୍ୱର୍ଣ୍ଣକାଣ୍ଡ ସ୍ୱର୍ଣ୍ଣାସ୍ଥାନେ କରିବୁ ମୋ ପୂଜା, ଅଚିରମେ ଭେଟିବୁ ତୋ କନ୍ୟାରତ୍ନ ଦୁଇ । କାହିଁ ନ ହେଲା ତ ଆଶା ପୂର୍ଣ୍ଣ ଯେ ଦିନୁ ବାରଣସୀ କ୍ଷେତ୍ରେ କନ୍ୟାଦ୍ୱୟେ ଦୁଷ୍ଟ ଦସ୍ୟୁ ହରିନେଲେ ବଳେ, ସେଦିନୁ ଶାଖାସ୍ୱନ

ଚକ୍ରନ୍ତୁଲ୍ୟ ପଡ଼ିଛି ଧରିତ୍ରେ । ନାହିଁ କେହି ସହାୟ ଭରସା । ପ୍ରଭୁ ! ଏଡ଼େକ ନିଷ୍ଠୁର, ଆର୍ତ୍ତତ୍ରାଣ ନାମ କମ୍ପା ବହିଛ ଜଗତେ ?

( ଶୂନ୍ୟବାଣୀ ) ରାଜନ୍ ! ତେଜ ଚିନ୍ତା ଚିନ୍ତା, ନ କର ବୃଥା ଭାବନା, ପୂର୍ଣ୍ଣ ହେବ ଅଚିରେ ମନସ୍କାମ ତୋର ।

ଚନ୍ଦ୍ରକାନ୍ତ—( ଚତୁର୍ଦ୍ଦିଗ ନିରୀକ୍ଷଣ କରି ) କଏ କହିଲ କାମନା ପୂର୍ଣ୍ଣ ହେବ ! ସତେ ସତେ, କନ୍ୟାହ୍ୱୟେ ସ୍ୱଚକ୍ଷୁରେ ଦେଖିବି । ବ୍ରାହ୍ମଣଗଣେ ! ବିଧିମତେ ଷୋଡ଼ଶୋପଚାରରେ କର ପୂଜା ନାରାୟଣଙ୍କର, ଦେଇ ଚିତ୍ତ ଆଖଣ୍ଡଳ, ନ ଘଟେ ଯେପରି ଚିତ୍ତ ଅନ୍ୟମନସ୍କ ହେଲା ।

ବ୍ରାହ୍ମଣ – ଆମ୍ଭେମାନେ ପୂଜାରେ କିଛି ମାତ୍ର ତ୍ରୁଟି କରିନୁ ନାହିଁ । ଆଜି ଦେଖନ୍ତୁ କାଣ୍ଡ ଆସ୍ଥାନ କପରି ଉଜ୍ଜ୍ୱଳ ଦେଖାଯାଉଛି । ବୋଧହୁଏ ଆପଣ ଅଳ୍ପଦିନ ମଧ୍ୟରେ ବର ପ୍ରାପ୍ତ ହେବେ; ବର୍ତ୍ତମାନ ପୂଜାଶେଷ ହେଲାଣି ପ୍ରସାଦ ସେବା କରନ୍ତୁ ।

ଚନ୍ଦ୍ରକାନ୍ତ – ହଉ । ( ସମସ୍ତଙ୍କର ପ୍ରସାଦ ସେବା )

---

## ଚତୁର୍ଥ ଦୃଶ୍ୟ

( ସାଧୁ ବିଦ୍ୟାଧର, ଦୁର୍ବୁଦ୍ଧି, ବଟୁକ, ପଙ୍କାର ଚନ୍ଦ୍ରକାନ୍ତ ଓ ପ୍ରହରୀ ଦସ୍ୟୁ )

ବିଦ୍ୟାଧର—ଆଜି ନାରାୟଣଙ୍କ ଅନୁଗ୍ରହରୁ ହୃଦୟରେ ଆଶାଦୀପ ଜାଗରିତ ହୋଇଛି, ମନରେ ଅସୀମ ଆନନ୍ଦ ଉପୁଜୁଛି । ମୁଁ ବୃଥା ଏଣେ ତେଣେ ଭ୍ରମୁଥିଲି ଯଦି ଆଗରୁ ସେହି ନାରାୟଣଙ୍କର ଶରଣାପନ୍ନ ହୋଇଥାନ୍ତି ତେବେ ଅକ୍ଳେଶରେ ମନର ଅଭିଳାଷ ମେଣ୍ଟି ଯାଇଥାନ୍ତା । ଯଦି ଆଜି ସୂର୍ଯ୍ୟକାନ୍ତ ସ୍ୱର୍ଣ୍ଣାପ୍ଲାନ ପ୍ରାପ୍ତ ହୁଏ ତେବେ କାହାକୁ କିଛି ନ କହି, କାହାକୁ ଦେଖା ନ ଦେଇ ସ୍ୱଗୃହକୁ ଫେରିବି । ବାଟରେ ପ୍ରେମଶୀଳା ଅପେକ୍ଷା କରୁଛି, ଯଦି ଭକ୍ତ ଜନପତି ପ୍ରଭୃତି ସେମାନେ ଲୋଭକର ମୋଠାରୁ ନେଇ ମୋତେ ପୁନଶ୍ଚ ନ ଛାଡ଼ନ୍ତି ମୋର ଆସିବା ବୃଥା ହେବ ସିନା, ନା ସେମାନେ ମାୟାବୀ, ବିଶେଷତଃ ଦସ୍ୟୁ ଅଧୀନରେ କାଳାତିପାତ କଲେଣି । ତାଙ୍କ ମତି କେବେ ସରଳ ନୁହେ । ନା, ସେମାନଙ୍କଦ୍ୱାରା କିଛି କାର୍ଯ୍ୟ ନାହିଁ । ତାଙ୍କ ଦୃଷ୍ଟି ପଥରେ ଆଉଥରେ ପଡ଼ିଲେ ଉଦ୍ଧାର ହେବା ସହଜ ନୁହେଁ । ଓଃ ହଠାତ୍ ମଥାଟା ଭ୍ରମିଗଲା କାହିଁକି ? (ମଥାରେ ହାତଦେଇ ବସିଯିବା ) ବୋଧହୁଏ ବୁଲି ବୁଲି ମସ୍ତିଷ୍କଟା ଗରମ ହୋଇଗଲାଣି । ଟିକଏ ଏହି ପୁଷ୍କରିଣୀ ନିକଟରେ ଆରାମ ନିଏ । ( ଶୟନ )

( ଦୁର୍ବୁଦ୍ଧି ଓ ବଟୁକ ପ୍ରବେଶ )

ଦୁର୍ବୁଦ୍ଧି – ବଟୁକ ! ମଣି ସାହାଯ୍ୟରେ ଠିକ୍ ସ୍ଥାନଟା ଦେଖାଯାଉଥିଲା । ଆଉ, ଜଣେ କେହି ଦେବ-ପୁରୁଷ ବିଦ୍ୟାଧରକୁ ଖଣ୍ଡେ ବଂଶୀ ବଢ଼ାଇଦେଇ ଯେତେ ଯାହା କାରଣଗୁଡ଼ିକ କହିଲେ ଆମ୍ଭେମାନେ ତ ସ୍ୱଚକ୍ଷୁରେ ଦେଖିଲାପରି ବୋଧହେଲା । ତେବେ କାହିଁ; ସେ ଗଲା କୁଆଡ଼େ ? ଯଦି ଏ ଘଟଣା ସତ୍ୟ ନ ଘଟେ ସେ ମଣିଦ୍ୱାରା ଆମର କି କାର୍ଯ୍ୟ ? ନିଶ୍ଚୟ କେଜା ଅର୍ଥ ଲୋଭରେ ଆମ୍ଭଙ୍କୁ ଭଣ୍ଡାଇ ଦେଲା ବୋଲି ଜଣାପଡ଼ିବ ।

ବଟୁକ—ନା, ଆଜି କେବେ ମଣିଙ୍କର ଗୁଣ ଭଣ୍ଡା ହେବ ନାହିଁ, ଆପଣ ସନ୍ଧାନ କରନ୍ତୁ ।

ଦୁର୍ବୁଦ୍ଧି - ହଉ ଦେଖ (ଚାରିଆଡ଼େ ଚାହିଁବା)

ବଟୁକ—(ଇଙ୍ଗିତେ) ଇ-ହେଇଟି

ଦୁର୍ବୁଦ୍ଧି—ଠିକ୍ ଠିକ୍ ଚୁପ୍ ଚୁପ୍ (ଆସ୍ତେ ନିକଟକୁ ଯାଇ)

ବଟୁକ—(ଚୁପ୍‌କରି ଇଙ୍ଗିତେ) ଗଦ କ'ଣ କଲେ ବିଅନ୍ତୁ ଶୁଙ୍ଘାଇ ଦେବା ।

ଦୁର୍ବୁଦ୍ଧି—(ପକେଟରୁ ଗଦ କାଢ଼ି) ନେ

ବଟୁକ । (ଗଦ ଶୁଙ୍ଘାଇବା ଓ ବଂଶୀଟି ହସ୍ତରୁ ନେଇ ଆସିବା)

ଦୁର୍ବୁଦ୍ଧି—ଦେଖେ, ଦେଖେ, [ବଂଶୀନେଇ] ବାଃ ;ବାଃ

[ବଂଶୀଧରି ଉଭୟଙ୍କର ନୃତ୍ୟ]

ଗୀତ

[ଆହାରେ ମଜା, ବାହାରେ ମଜା—ଜୁରଣ୍ଡି]

କି ମଜାରେ ଆଜ ହେଲେ ରାଜାରେ
ବାଃ ମଜାରେ ଅରେ ବଂଶୀ ବଜାରେ (ନୃତ୍ୟ)

ବଟୁକ ! ଆଉ ଭାବନା କ'ଣ, ଜନଷଣ୍ଡି ଚାଇବାର ବନ୍ଦୋବସ୍ତ କରିବା ଚାଲ, ଏ ବଦମାସ୍ ଏଣ୍ଠାରେ ପଡ଼ିଥାଉ ।

ବଟୁକ—ଚାଲନ୍ତୁ, ସେ ଏବେ ଉଠୁଛି ନା ଫୁଟୁଛି ।
[ସାଧୁକୁ ଗଡ଼ାଇବା]

ଦୁର୍ବୁଦ୍ଧି—ଆ ଚାଲଆ ସେମିତି ହଲାହଲ କରନା, ଆମ କାର୍ଯ୍ୟରେ ଯିବା ।

ବଟୁକ—ଚାଲନ୍ତୁ ଆଉ ଡେରି ଅଛି ।
(ବେଗ ବେଗ ହୋଇ ପ୍ରସ୍ଥାନ)

(ଫକୀରବେଶେ ସ୍ୱୟଂ ନାରାୟଣ)

ବିଦ୍ୟାଧର ! ତୋର ଉଦ୍ଦେଶ୍ୟ ମହତ୍ ଯଶ ତୋର ଭାଗ୍ୟରେ, ମାତ୍ର ତୁ ନିଜର ବୁଦ୍ଧିଦୋଷେ ମୋର ପ୍ରଦତ୍ତ ବଂଶୀଟି ହରାଇ ବସିଲୁ । ବର୍ତ୍ତମାନ ମୋର ରଣ୍ଡ୍ରୀକଠାରୁ ତୋର ଦଶା ବଳି ପଡ଼ିବ । ତୁ ବିଶ୍ୱାସ-ଘାତକ କାର୍ଯ୍ୟ କରିଛୁ । ମୋର ଭକ୍ତର କନ୍ୟା କାଞ୍ଚନବାଳା ଓ ପ୍ରେମଶୀଳାଙ୍କୁ ମନରୁ ଘାସୋଉ ଦେଇଛୁ । ଆଉ ବାରମ୍ବାର ମନରେ ଗର୍ବ ପ୍ରକାଶ କରିଛୁ । ବିଦ୍ୟାଧର ! ମୁଁ ସବୁ ସହ୍ୟ କରିପାରେ ମାତ୍ର ଭକ୍ତର ନିନ୍ଦା ମୋ ପକ୍ଷରେ ଅସହ୍ୟ, ତଥାପି ଭକ୍ତର କନ୍ୟା ଦ୍ୱୟ ତୋର ଆଶ୍ରୟ ନେଇ ଥିବାରୁ ଯିବା ତୋ ପ୍ରତି ଦୟା । ସେ ଯାହା ହେଉ, ବର୍ତ୍ତମାନ ତୋ'କଲା କର୍ମର ଫଳ ଭୁଞ୍ଜ । ସେ ପର୍ଯ୍ୟନ୍ତ ତୁ ତୋର ନିଜର ଦୋଷ ନିଜେ ନ ଜାଣିପାରିବୁ ସେ ପର୍ଯ୍ୟନ୍ତ ମୁଁ ତୋ ବିପକ୍ଷ । (ପ୍ରସ୍ଥାନ)

[କାଣ୍ଡ ଆସ୍ଥାନ ଘେନି ଦୁର୍ବୁଦ୍ଧି ଓ ବଟୁକ ହର୍ଷମନେ ପ୍ରବେଶ]

ଦୁର୍ବୁଦ୍ଧି—ବଟୁକ ! ଏ ବଂଶୀ ଖଣ୍ଡକର ଏତେ ଗୁଣ । କ୍ଷଣକ ମାତ୍ରେ କ'ଣ ଦେଖାଇ ଦେଲା, ଏଥର ବନ୍ଧାଉ ବନ୍ଧା ।

ବଟୁକ—ଆଜ୍ଞା, ଆମ୍ଭମାନଙ୍କ ଭାଗ୍ୟରେ ଯାହା ଅଛି ତା କିଏ ଭଗ୍ନ କରିବ । ଆଜ୍ଞା, ଦେଖନ୍ତୁ ତ ଉପରେ ଏକା ଖଞ୍ଜିକେ ପଡ଼ି ରହିଛି, ଏତେବେଳ ସୁଦ୍ଧା ଚେତ୍ ହୋଇ ନାହିଁ ।

ଦୁର୍ବୁଦ୍ଧି—ମୂର୍ଖ ସେଇଠି ପଡ଼ିଥାଉ, ଆମ୍ଭେମାନେ ସୂର୍ଯ୍ୟକାନ୍ତ ନେବାର କିଛି ଚିନ୍ତା ଏହା ନିକଟରେ ପକାଇ ଦେଇଯିବା ଦରକାର ।

ବଟୁକ—ବେଶ୍ କଥା କହିଲ ଆଜ୍ଞା, ଏ ଫୁଲରୁ ଦୁଇ ଚାରି ହାର ଏଠି ପଡ଼ିଥାଉ ।

ଦୁର୍ବୁଦ୍ଧି—ଆମ୍ଭର ଏ ସ୍ଥାନରେ ରହିବା କିଛି ପ୍ରୟୋଜନ ନାହିଁ । ଚାଲ ଶୀଘ୍ର ପଳାଇବା, କଥାରେ ଅଛି ଜସ୍ୱ ସ୍ଥାନରେ ଦଣ୍ଡେ ରହିବା ଆବଶ୍ୟକ ନାହିଁ ।

ବଟୁକ—ଚାଲନ୍ତୁ, କେତେବେଳେ କେଉଁ କଥା (ସାଧୁ ପ୍ରତି) ଯିଲଟା କେଉଁଠେ ଚଳିକ ରେ, କାଣ୍ଡ ଆସ୍ଥାନ ପାଇଁ ବାହାରି ପଡ଼ିଥିଲୁ, ଘା, ଘା, ଏଥର ଘା ।

ଦୁର୍ବୁଦ୍ଧି—ଆରେ ଓସ୍ତାଦ୍‌ଜୀଙ୍କ ଘର-ବାଟଦେଇ ଚାଲ, ତାଙ୍କୁ ସଙ୍ଗରେ ନେବା ଏକାନ୍ତ ଆବଶ୍ୟକ ।
[ପ୍ରସ୍ଥାନ]

---

## ଦ୍ୱୋଡ଼ ଦୃଶ୍ୟ

ଚନ୍ଦ୍ରକାନ୍ତ—ଆରେ ନବୋଧ ପ୍ରହରୀଗଣେ ! ଦେଖ ବେଗେ କାହିଁ ଗଲା ସେ୍ୱର ।

୧ମ ପ୍ରହରୀ—ଆଜ୍ଞା, ଏହିବାଟେ ଗଲାପରି ଜଣାଯାଉଛି । ହେଇତ ଦେଖନ୍ତୁ ଦୁଇ ତିନି ଜଣଙ୍କର ପାଦଚିହ୍ନ ଏହି ବାଲିରେ ପଡ଼ିଛି ।

ଚନ୍ଦ୍ରକାନ୍ତ—ପଦଚିହ୍ନରୁ କ'ଣ ମିଳିବ, ଆସାମୀ କୁଆଡ଼େ ଗଲା ସନ୍ଧାନ କର ।

୨ୟ ପ୍ରହରୀ - ମହାରାଜ ! ହେଇ, ହେଇ, ମୂର୍ଖ ଏଇଠି ଶୋଇ ଯାଇଛି । କାଣ୍ଡ ଆସ୍ଥାନ କେଉଁଠାରେ ଲୁଚାଇ ଦେଇଛି । କାଣ୍ଡ ଆଣିବାର ସଙ୍କେତ ସବୁ ସ୍ପଷ୍ଟ ନିକଟରେ ଦେଖାଯାଉଛି ।

୧ମ—ପ୍ରକୃତ ସତ, ଏଇ ମୂର୍ଖ ଆଣିଛି ।

ଚନ୍ଦ୍ରକାନ୍ତ—ବୃଦ୍ଧ ଡାହାକୁ, ମୂର୍ଖକୁ ଶୀଘ୍ର ବନ୍ଦ କର ।

୧ମ—( ବାଡ଼ ଧକ୍କା ମାରି ଉଠାଇବା )

ବିଦ୍ୟାଧର — ଏ କ'ଣ ? ତୁମ୍ଭେ କିଏ ? କାହିଁକି ମୋତେ ବନ୍ଧନ କରୁଛ ? ମୋ ବଂଶୀଖଣ୍ଡିକ କ'ଣ କଲ ?

୨ୟ—ଝିଙ୍କେ ରହ ବଂଶୀ ଦଉଛୁ, କହ କାଣ୍ଡ ଆସ୍ଥାନ କେଉଁଠି ରଖିଛୁ ।

୧ମ—ବତା, କାଣ୍ଡ ଆସ୍ଥାନ କାହିଁ ?

ବିଦ୍ୟାଧର—କି ଆଶ୍ଚର୍ଯ୍ୟ କଥା, କି କାଣ୍ଡ ଆସ୍ଥାନ ମୁଁ ଜାଣେନା କାହିଁକି ମୋତେ ଏପରି କରୁଛ ।

୨ୟ – ଜାଣୁ ନାହିଁ, ଆ, ଆ, ବନେ ଜାଣିପିବୁ ସେ ।

ବିଦ୍ୟାଧର—କାହିଁକି ଏପରି ଠଣା ଓଠଗ କରୁଛ ମୁଁ କୁଆଡ଼େ ଯିବି ନାହିଁ ।

(ଘୁଞ୍ଚିଦେବାରୁ ଜଭସ୍ପେ ପଡ଼ିଗଲେ)

ଜଭସ୍ପେ—ମହାରାଜ ! ପଳାଇଲା, ପଳାଇଲା, ଏଇ ନସ୍ତେ ଚୋର ।

ଚନ୍ଦ୍ରକାନ୍ତ—କିଏରେ ମୂର୍ଖ, କି ସାହସେ କଲୁ ଏଡ଼େ କର୍ମ ନ ଜାଣି ମୂଷିକ ଭୁଠା ମାର୍ଜାର ସଙ୍ଗରେ ଦେଖା-ଉଛୁ ବାହାଦୁର । ଏଡ଼େ ତୋ କ୍ଷମତା, କହ ମୂର୍ଖ କାଣ୍ଡ ସ୍ଥାନ ହରିଲୁ ତୁ କିଆଁ ?

ବିଦ୍ୟାଧର – ନା ପ୍ରଭୁ ! ନ ଜାଣେ ମୁଁ କାଣ୍ଡାସ୍ଥାନ-କଥା, ବୃଥା କିମ୍ପା ସଜାଉଅ ନିର୍ଦ୍ଦୋଷ ପ୍ରାଣୀରେ ।

ଚନ୍ଦ୍ରକାନ୍ତ -- ଗୀତ

(ଆରେରେ ମେଣ୍ଢା ଖେଚଡ଼—ବୃତ୍ତେ)

ଆରେରେ ପାଷାଣ୍ଡ କଲୁ କେଡ଼େ କାଣ୍ଡ
ଦଣ୍ଡ ଖଣ୍ଡେ ତୋର ଏଡ଼େ ଗ୍ଲତି ।
ମୋ କାଣ୍ଡ ଆସ୍ଥାନ ହରିଲୁ ଅଜ୍ଞାନ
ବରିଲୁ ମୃତ୍ୟୁକୁ ମୂଢ଼ମତି । ପଦ ।
ଧୂର୍ତ୍ତପଣ ତୋର ଛଡ଼ାଇବି ଆଜ
ପୂର୍ବ ବାଜ ପଡ଼ିଛୁ ତୁ ମୂର୍ଖ ପାଜ
ଭାଜିବ ତୋ ଆୟୁ କହର ତୁ ଦୁଷ୍ଟ
ଖଣ୍ଡ ଖଣ୍ଡ କଲୁ ମୋର ଜିତ । ୧ ।
ଜଲ୍ଲାଦ ଆସି ହାଣି ତୋ ଗଣ୍ଡି କାଟିବ
ଦଣ୍ଡାରେ ତୋ ମୁଣ୍ଡ ଆଜି ଗଡ଼ାଇବ
ଦଣ୍ଡଧର ପାଞ୍ଜି ଖୋଲୁଛନ୍ତି ଆଜି
ପାପ ତୋର ଦେଖି ମନମତି । ୨ ।

ଦୂତଗଣେ ! ମୂର୍ଖକୁ ବନ୍ଧକରି ନିଅ । କାଲି ଶ୍ମଶାନରେ ଶୂଳରେ ବସାଇବ, ଆଜି ପଞ୍ଜୁରି ଯଦି ମୋର ସ୍ୱର୍ଣ୍ଣକାଣ୍ଡ ଓ ଆସ୍ଥାନ ଦେଇଦିଏ, ତେବେ ଅନ୍ୟ ବିଚାର କରିବ ।

୧ମ—କହ ମୂର୍ଖ ! କାଣ୍ଡ ଆସ୍ଥାନ କେଉଁଠି ରଖିଛୁ ?

ବିଦ୍ୟାଧର — ମହାରାଜ ! ମୁଁ ଦୋଷୀ ନୁହେ, କାହିଁକି ମୋ ପ୍ରତି ଏପରି ଆଦେଶ ହେଉଛି, ମୁଁ ଏଠା-ଠାରେ ଶୋଇଛି, କେବେ ଆପଣଙ୍କ ଉଆସ ଆଡ଼କୁ ଯାଇ ନାହିଁ ।

ଚନ୍ଦ୍ରକାନ୍ତ — ଚୁପ୍ କର ମୂର୍ଖ ! ତୋ କଥା କିଛି ଶୁଣିବି ନାହିଁ ।

ବିଦ୍ୟାଧର – ମହାରାଜ ! ଅନ୍ୟାୟ ଅବିଚାର ହେଉଛି, ମୁଁ କେବେ ଦୋଷୀ ନୁହେଁ ।

ଚନ୍ଦ୍ରକାନ୍ତ – ତୁ ପାଷାଣ୍ଡ ନିଶ୍ଚୟ ଦୋଷୀ । ପ୍ରହରୀ ! ଦେଖୁଛ କଅଣ ଶୀଘ୍ର ଏ ପାଷାଣ୍ଡକୁ ନେଇ ଆଜି କାରାଗୃହରେ ରଖ, କାଲି ପ୍ରଭାତରୁ ଶ୍ମଶାନରେ ଶୂଳରେ ଚଢ଼ାଇବ ।

୧ମ – ଯେ ଆଜ୍ଞା ମହାରାଜ ? (ବନ୍ଧନକରି ନେବା)

---

# ପଞ୍ଚମ ଅଙ୍କ

## ପ୍ରଥମ ଦୃଶ୍ୟ

(ଦୁର୍ବୁଦ୍ଧି, ବଟୁକ ଓ କେଳା)

ଦୁର୍ବୁଦ୍ଧି – ବଟୁକ ! ସ୍ୱାଙ୍କଦ୍ୱାରା ଆମ୍ଭର ମହୋପକାର ସାଧିତ ସ୍ୱାଙ୍କୁ ନିଜଦେଶ ପର୍ଯ୍ୟନ୍ତ ନେଇ ରାଜା ସାହେବଙ୍କ ମୁଲାକାତ କରାଇବା, ଏ ଆମ୍ଭର ପରମ ବାଞ୍ଛା ।

ବଟୁକ – ବେଶ୍ କଥା, ଓସ୍ତାଦଜି ! ଚାଲନ୍ତୁ ଆମ୍ଭ ସାଙ୍ଗରେ ଯିବ । ତୁମ୍ଭ ଉପକାରରେ ଆମ୍ଭେମାନେ ବଡ଼ ପ୍ରୀତି ଲାଭ କରିଛୁ । ଆଉ ଆମ୍ଭ ରାଜା ତୁମ୍ଭର ବିଦ୍ୟାବୁଦ୍ଧିର ପରିଚୟ ପାଇଲେ ତୁମ୍ଭ ପ୍ରତି କୌଣସି ସୁବନ୍ଦୋବସ୍ତ କରିଦେବେ ।

ଦୁର୍ବୁଦ୍ଧି—ଓସ୍ତାଦ୍‌ଜୀ ! ରାଜା ତୁମ୍ଭ ପ୍ରତି କୌଣସି ସୁବନ୍ଦୋବସ୍ତ ନ କଲେ ସୁଦ୍ଧା ଆମ୍ଭର ପ୍ରାପ୍ୟରୁ ଅଧିକ ଦେଇ ଖୁସି କରାଇବୁ ।

କେଳା—ଖୁଲନ୍ତୁ ସାଆନ୍ତେ, ଏ କେଳା ଖୁବ୍ ବଡ଼ ବଡ଼ ରାଜା ସାହେବମାନଙ୍କୁ ଅନେକ ହୁକମତ ଦେଇଛି । ତୁମ୍ଭ ରାଜାଙ୍କୁ ମଧ୍ୟ କିଛି ଇଲମ ଦେବା । ରାଜା କ’ଣ ଚିହ୍ନିବେ ନାହିଁ ।

ଦୁର୍ବୁଦ୍ଧି—ମୁଁ ଯାଉଛି ରାଜାଙ୍କୁ ଆଗେ ଖବର କରିବି, ତୁମ୍ଭେ ପଛରେ କାଣ୍ଡ ଆସ୍ଥାନ ନେଇ ପହଞ୍ଚିବ ।

ବଟୁକ—ଯେ ଆଜ୍ଞା ।

---

## ଦ୍ୱିତୀୟ ଦୃଶ୍ୟ

[ରାଜା, ପ୍ରହରୀ, ବିଦ୍ୟାଧର, ହନ୍ତା, କାଞ୍ଚନବାଳା, ପ୍ରେମଶୀଳା]

ଚନ୍ଦ୍ରକାନ୍ତ—(ସାଧୁ ପ୍ରତି) ରେ ପାଷାଣ୍ଡ ! ଏହି ତୋର ଶେଷ ମୁହୂର୍ତ୍ତ, କାଣ୍ଡ ଆସ୍ଥାନ କେଉଁଠାରେ ରଖିଛୁ ପ୍ରକାଶ କର, ନିଶ୍ଚୟ ତୋତେ କୌଣସି ଦଣ୍ଡ ନ ଦେଇ ମୁକ୍ତ ଦେବ ।

ବିଦ୍ୟାଧର—ନା ମହାରାଜ ! ଜାଣେ ନାହିଁ ।

ଚନ୍ଦ୍ରକାନ୍ତ—ଦେଖୁଛୁ କ’ଣ ଘାତୁକ, ଶୀଘ୍ର ତୋର କାର୍ଯ୍ୟ ସମାପ୍ତ କର ।

ଘାତୁକ—ମହାରାଜ ପ୍ରସ୍ତୁତ (ଶୂଳ କାଠକୁ ନେବା ସମୟରେ) ମୂର୍ଖ ତୋର ଇଷ୍ଟ ସ୍ମରଣ କର ।

ବିଦ୍ୟାଧର— ଗୀତ

(ଦୟାମୟ ହେ ହେଲ କି—ଦୁଃଖେ)

ଦୟାମୟ ହେ !
ନିର୍ଦ୍ଦୟ ହେଲ କାହିଁକି ?
ଭଲ କି ଅଜ୍ଞାନେ ଦୋଷ
କରିଲି ମୋଠାରେ ରୋଷ
ନଶ୍ଚେ ଦାସ ହେଲ ନାଶ
ଦେଖାଦେବ ନାହିଁ କି । ୧ ।
ଭଲ କି ମନ୍ଦ କରମ
ହୁଡ଼ି ଗଲି କି ଧରମ
ତୁଟାଅ ମୋର ଭରମ
ଥରେ ଦୟା କରି କି । ୨ ।

ପ୍ରଭୁ ! ଥରେ ବାରେ ଦେଖା, ରକ୍ଷା ମୋର ନାହିଁ ଏ ସଙ୍କଟୁ । ନାରାୟଣ ତବ କୃପାବଳେ, ଘଟିଥାନ୍ତା ସୌଭାଗ୍ୟ ମୋହର; କିନ୍ତୁ ନିଜ ବୁଦ୍ଧି ଦୋଷେ ହରାଇଲି ସୁବର୍ଣ୍ଣ ସୁଯୋଗ ।

ଘାତୁକ—ଆସ ବେଗେ, ବୃଥା ପ୍ରଳାପ କରିବାକୁ ସମୟ ନାହିଁ ।

ବିଦ୍ୟାଧର -(ଶୂଳରେ ମସ୍ତକ ଥୋଇ) ମା, କରିଥିଲି ପ୍ରତିଜ୍ଞା ବହୁତ, ଉଦ୍ଧାରିବି କାରାଗାରୁ ପିତାଙ୍କୁ ମୋହର; କିନ୍ତୁ ନିଜ ବୁଦ୍ଧି ଦୋଷେ ହରାଇଲି ସବୁ, ଲଭିଥିଲି ଦୁଇ ମନୋହାରୀ, କନକବରନୀ ସେ ମୋର କରିଥିଲେ କେତେ ଉପକାର । ମୁହିଁ ବଡ଼ ଅବିଶ୍ୱାସୀ, ତାଙ୍କୁ ଯେଣୁ ପାସୋରିଲି ମନୁ, ସବୁ ଆଶା ହେଲା ମୋର ଚୂର୍ଣ୍ଣ । ହା ପ୍ରେମଶୀଳା, ହା କାଞ୍ଚନବାଳା; ଏ ହତଭାଗା ନୁହେ ତବ ଯୋଗ୍ୟ । ନାରାୟଣ ! ମେଲାଣି ନେଉଛି ତବ ପଦୁ । ଘାତୁକ ! କର ତୋର କାର୍ଯ୍ୟ ।

[ନଇଁ ପଡ଼ିଲା ସମୟରେ ରତ୍ନହାର ଝୁଲିପଡ଼ିବା]

ରେ ରତ୍ନହାର ! ହୁଅ ମୋର ଗଳାରୁ ଅନ୍ତର,
ମୁଁ ସିନା ପାତକୀ ମୂଢ଼ ଯିବ ପ୍ରେତପୁର,
ମୋ ଅଙ୍ଗେ ଲାଗିବ ସିନା ଚଣ୍ଡାଳର ଖଡ୍ଗ,
ତୁମ୍ଭେ କିମ୍ପା ହେବୁ ତହିଁ ଭାଗୀ ।
ତୋତେ କିମ୍ପା ମୋହ ଯୋଗୁଁ ଛୁଇଁବ ଚଣ୍ଡାଳ,
ପୁଣି ଆଉ ଖଡ୍ଗ ବାଜିବ ତୋଠାରେ,
(କାଞ୍ଚନ ଓ ପ୍ରେମ) ଅର୍ଦ୍ଧାଙ୍ଗିନୀ ଯେଣୁ କିମ୍ପା ଭାଗୀ
ନ ହେବ ତହିଁର ।

ବିଦ୍ୟାଧର—କ୍ଷମା କର, କ୍ଷମା କର । ପାତକୀ ମୁଁ ନୁହେଁ ତବ ଯୋଗ୍ୟ ।

କାଞ୍ଚନ—କ୍ଷାନ୍ତ ହୁଅ ଘାତୁକ, (ପିତା ପ୍ରତି) ପିତା ! କାହାର ଏ ଶୂଳ ? ଏ ଯେ ଆମ୍ଭର ହୃଦୟ ରତନ, ଦସ୍ୟୁ କବଳୁ ଉଦ୍ଧାରି ଆମ୍ଭଙ୍କୁ ଆସିଥିଲେ ତବ ଚରଣେ । ଅନ୍ୟ ଏକ ବିଦ୍ରୋହୀ ପ୍ରାଙ୍କର, ହରିଲନ୍ତି ସ୍ୱର୍ଣ୍ଣ-କାଣ୍ଡାସ୍ଥାନ ବିନା ଦୋଷେ କିମ୍ପା ଦଣ୍ଡ ପ୍ରାଙ୍କୁ ।

ଚନ୍ଦ୍ରକାନ୍ତ—କିଏ ତୁମ୍ଭେ ପ୍ରେମଶୀଳା ! ମୋର ନୟନ-ପିତୁଳି କାଞ୍ଚନବାଳା ! ତୁମ୍ଭେ କାହିଁ ଆସିଲ ଏ

ସ୍ଥାନେ । ଏ କି ହେଲା; ଅକସ୍ମାତ୍ ଏ କି ଦୃଶ୍ୟ !
ନାରାୟଣ ନାରାୟଣ, ଧନ୍ୟ ତୁମ୍ଭର ଲୀଳା,
ଏତେ ଦିନେ ପୂରିଲା ମୋ ମନର ବାସନା ।
(ବିଦ୍ୟାଧରଙ୍କୁ ଉଠାଇ ନେଇ) ବତ୍ସ ! କ୍ଷମା କର
ପାତକୀ ପିତାଙ୍କୁ । ନ ଜାଣି ମୁଁ କରୁଥିଲି ବିନାଶ
ତୋହର । ମା, ଭଗବତୀଙ୍କ ପ୍ରସାଦରୁ ଓ ପ୍ରଭୁ
ନାରାୟଣଙ୍କ କୃପାରୁ ବଞ୍ଚିଲୁ ପରାଣେ । ପାଇଲି ମୁଁ
କନ୍ୟାରତ୍ନ ଦ୍ୱୟେ । ଆସ କାଞ୍ଚନବାଳା, ଆସ
ପ୍ରେମଶୀଳା । ବ୍ରତ ମୋର ଏତେ ଦିନେ ହେବ
ଫଳବାନ୍, ତବ ଦୁହିଁଙ୍କୁ ଅର୍ପିଣ ସାଧୁ ବିଦ୍ୟାଧର
କରେ, ଯୁବରାଜ ପଦେ ଅଭିଷିକ୍ତ କରିଣ ତାହାଙ୍କୁ
ବନ୍ୟାଶ୍ରମେ ଯିବି ଏହିକ୍ଷଣି ।

ପ୍ରେମଶୀଳା—ପିତା ! ଅନ୍ୟ ଜଣେ ନେଇ ସ୍ୱର୍ଣ୍ଣକାନ୍ତା-
ସ୍ଥାନ ଭେଟିବ ସେ ସନାତନ ନୃପେ ।

ରାଜା—କାହିଁକି ?

ପ୍ରେମ—ଏହି ଯେ ସାଧୁ ବିଦ୍ୟାଧର ମନ୍ତ୍ରୀପୁତ୍ର ସନାତନ-
ଙ୍କର । ଦିନେ ରାଜା ଆଦେଶିଲେ ପିତାଙ୍କୁ ସ୍ୱାଙ୍କର,
ଆଣ ଯାଇ ସ୍ୱର୍ଣ୍ଣକାନ୍ତ କାଞ୍ଚନ ନଗରୁ; କିନ୍ତୁ ପିତା
ସ୍ୱାଙ୍କ ଅସମ୍ମତ ହୋଇବାରୁ ନୃପ ବାନ୍ଧି ତାଙ୍କୁ
କାରାଗାରେ ରଖିଲେ ଜବତେ । ପୁଣ ସେନାପତି
ପୁତ୍ରେ ପଠାଇଲେ କାନ୍ତାସ୍ଥାନ ଲାଗି ।

ଚନ୍ଦ୍ରକାନ୍ତ—ତହୁଁ ହେଲା କିସ ?

କାଞ୍ଚନ—ପିତଃ ! ପିତୃଭକ୍ତ ଏହି ସାଧୁ ବିଦ୍ୟାଧର,
ପିତାଙ୍କ ଉଦ୍ଧାର ଯୋଗେ ଆସିଲେ ଏ ପଥେ ।
ଆଦ୍ୟେ ଉଦ୍ଧରିଣ ପ୍ରେମଶୀଳା ଦସ୍ୟୁର କବଳୁ;
ଦ୍ୱିତୀୟେ ମୋତେ ଆସି ଭେଟିଲେ ସଉର; ମୁଁ
ତାଙ୍କୁ ଦେଖିଁଲାକ୍ଷଣି ପତିପଣେ ବରି; ପଠାଇଲି
ତୁମ୍ଭସ୍ଥାନେ କାନ୍ତାସ୍ଥାନ ଲାଗି । ବିଦ୍ୟାଧର ନାରା-
ୟଣ ଭକ୍ତ; ସାମାନ୍ୟ ମାନବ ବୋଲି ନ ଭାବ
ତାହାଙ୍କୁ । ନାରାୟଣ ପଥେ ତାଙ୍କୁ ଦେଖାଦେଇ
ଦିନେ ବଂଶୀଖଣ୍ଡେ ଦେଇଗଲେ ହସ୍ତରେ
ସ୍ୱାଙ୍କର; ସେହି ବଂଶୀବଳେ ନେଇଥାନ୍ତେ ସ୍ୱର୍ଣ୍ଣ
କାନ୍ତାସ୍ଥାନ; କିନ୍ତୁ ଦଇବ ଦୁର୍ଯୋଗେ ବିପକ୍ଷ
ସ୍ୱାଙ୍କର; ସେନାପତି-ପୁତ୍ର ହରିନେଇ କାନ୍ତାସ୍ଥାନ
ଘେନିଗଲା ଏଥୁ ।

ଚନ୍ଦ୍ରକାନ୍ତ—ଛାଡ଼ ପଛକଥା, ନ କର ଭାବନା ବୃଥା ।
କାନ୍ତାସ୍ଥାନ ଲାଗି । ଏହିକ୍ଷଣି ସୈନ୍ୟଗଣେ ସାଜି
କାନ୍ତାସ୍ଥାନ ଶତ୍ରୁ କରୁ ଆଣିବି ଛଡ଼ାଇ । ବିଦ୍ୟାଧର !
ନିଅ ଏ କନକ-ପ୍ରତିମାଦ୍ୱୟେ ଆଶ୍ରା ଦିଅ କୋଳରେ
ତୋହର ।

ବିଦ୍ୟାଧର—ଯେ ଇଚ୍ଛା ତୁମ୍ଭଙ୍କ, ପିତଃ ସ୍ୱର୍ଣ୍ଣକାନ୍ତ
ସ୍ୱର୍ଣ୍ଣାସ୍ଥାନ ନ ପାଇଲେ ମୁହିଁ, ପିତା ମୋର
କାରାଗୃହେ ଲଭିବେ ସନ୍ତାପ ।

ରାଜା—ନା, ଏହିକ୍ଷଣି ଚାଲ ଶତ୍ରୁପାଶେ, ଯୁଦ୍ଧକରି
କାନ୍ତାସ୍ଥାନ ଆଣିବା ଛଡ଼ାଇ । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

( ଦୁର୍ବୁଦ୍ଧି, ବଟୁକ; ରାଜା, ବିଦ୍ୟାଧର,
ପ୍ରେମଶୀଳା, କାଞ୍ଚନବାଳା )

ଦୁର୍ବୁଦ୍ଧି—ଦେଖ ବଟୁକ, ମୁଁ ରାଜାଙ୍କ ନିକଟ ଯାଇ
ଖବର ଦେଇ ଆସିଲିଣି, ତେଣେ ରାଜା ପାରିଷଦ-
ବର୍ଗ ନେଇ ସିଂହାସନରେ ଉପସ୍ଥିତ ହେଲେଣି ।
ବର୍ତ୍ତମାନ ସ୍ୱର୍ଣ୍ଣକାନ୍ତ ଓ ଆସ୍ଥାନ ଛାମୁରେ ଭେଟିବା
କଥା । ତୁମ୍ଭେ ପଛରେ ଘେନିକରି ଆସ, ମୁଁ
ଆଗରେ ଯାଉଛି । ( ପ୍ରସ୍ଥାନ )

ବଟୁକ—ଓସ୍ତାହଜ ? ଆଜ ବଡ଼ ଆନନ୍ଦର ଦିନ,
ଦୁର୍ବୁଦ୍ଧି ଯେବେ ରାଜଗାଦି ପାଆନ୍ତି, ତେବେ
ଆମ୍ଭେ ତ ମନ୍ତ୍ରୀପଦରେ ନିଯୁକ୍ତ ହେବୁ । ଆଉ
ତୁମ୍ଭେ ତ ଗୁରୁଜୀପଦରେ ରହିବ । ଆଉ ହେଲେ
କ'ଣ ହେଲା ଓସ୍ତାହଜ ? ହୀରାମଣି ବାଈକି ମୁଁ
କେଭେ ନ ଛାଡ଼େ । କେତେଦିନ ହେଲା ତା'ର
ସେହି ଅକଳଙ୍କ ସୁଧାଂଶୁ-ବଦନଟି ଦେଖିନାହିଁ,
ବର୍ତ୍ତମାନ ତାଙ୍କୁ ଡକାଇ ତା' ଠାରୁ ପଦେ ଅଧେ
ସୁଧାମିଶା କଥା ନ ଶୁଣିଲେ କି ମୁଁ ଜିଏ ?

( ହୀରାମଣିବାଈ ପ୍ରବେଶି ନାଚ ଓ ଗୀତ ବୋଲିବା
ଉଭୟେ ଉହିଁରେ ତନ୍ମୟ ହୋଇ ତାହାର ତାଳରେ
ନାଚୁଥିବା ସମୟେ ସାଧୁ ବିଦ୍ୟାଧରପ୍ରମୁଖ ଉପସ୍ଥିତ

ବାଗରୁ ଆସି ସ୍ୱର୍ଣ୍ଣକାଣ୍ଡ ଓ ଆସ୍ଥାନ ବଖଲକରି ଗୋଟିଏ ଖଟୁଲିରେ ଝାଡୁପୋଛ ବଟୁକକୁ ଭେଟ ମାଡ଼ଦେବା )

ବିଦ୍ୟାଧର—କେଉଁଣେ ସିବୁ ମୂର୍ଖ ? ରଖ ତୋର ବାହାଦୁରୀ ପଣ, କରିଅଛ ଯେତେ ଯେତେ କାଣ୍ଡ, ଆଜ ଆଜ ଭୁଞ୍ଜାଇବି ତା'ର ପ୍ରତିଫଳ; କହ କେଉଁଣେ ଅଛି ସେ ଦୁର୍ବୁଦ୍ଧି ପାଜି ।

ବଟୁକ—ମୋତେ କ୍ଷମା ବୃଥା ଦଣ୍ଡ ଦିଅ ବିଦ୍ୟାଧର, ନୁହେ ମୁଁ ତୋ ଅରି, ଅରି ତୋର ଯାଇଅଛି ରାଜ ଦରବାରେ ।

ବିଦ୍ୟା— ଗୀତ

( କେତେକାଣ୍ଡ କଲୁ ଭଣ୍ଡ ପାଜି—ବୃନ୍ଦେ )

ବେଡ଼ି ମାର ଏ ସ୍ୱେରଙ୍କୁ ଆଜି ରେ ।

ଭଣ୍ଡପଣ କରିଛନ୍ତି ପାଜି ରେ ॥

କଲଠା ଶୃଗାଳ-କୁଳ ସିଂହ ସଙ୍ଗେ କଲେ ଗୋଳ

ସବୁ ଗେଲ୍ ଆଜ ଦିଅ ଭାଜି ରେ ।୧।

କାଣ୍ଡ ଆସ୍ଥାନ ଛଡ଼ାଇ ଝାଡୁ ମୁଣ୍ଡେ ଦିଅ ନେଇ

ମୂର୍ଖ ସବୁ ମଜା ସିବେ ବୁଝିରେ ।୨।

ମୂର୍ଖ ! ତୁ ତେବେ ଏଠି ବସି କ'ଣ କରୁଛୁ ?

ବଟୁକ—ନାଇଁ, ବର୍ତ୍ତମାନ ଏକୁ ନେଇ ଦରବାରକୁ ଯାଉଥାନ୍ତି ।

ବିଦ୍ୟାଧର—ଠିକ୍‌କଥା, ମୁ ବି ସେଇକଥା କହୁଛି, ଉଠ ଏ ଝାଡୁ ଖଟୁଲିଟି ଉଠା, ଯଦି ତୋର ଜୀବନ ପ୍ରତି ତିଳେମାତ୍ର ଆଶା ଓ ଭରସା ଥାଏ ତ ଶୀଘ୍ର ସ୍ୱାଙ୍କୁ ନେଇ ରାଜଦରବାରରେ ଉପସ୍ଥାପିତ କର ନଚେତ୍ ଦେଖିବୁ ।

( କଣ୍ଠ ପ୍ରହାରଦେବା ବଟୁକ ସଙ୍ଗକୁ ନେବା )

—*—

## ଚତୁର୍ଥ ଦୃଶ୍ୟ

(ସନାତନ ରଜା, ପାରିଷଦବର୍ଗ, ଦୁର୍ବୁଦ୍ଧି, ସାଧୁ ବିଦ୍ୟାଧର, ବଟୁକ, କେଳା, କାଞ୍ଚନବାଳା, ପ୍ରେମଶୀଳା, ପ୍ରଜାବାଳ)

ଦୁର୍ବୁଦ୍ଧି—ମହାରାଜ ! ବହୁ କଷ୍ଟେ ବହୁ ଯତ୍ନେ ଆଣିଲି ମୁଁ ସ୍ୱର୍ଣ୍ଣକାଣ୍ଡ ଓ ଆସ୍ଥାନ କାଞ୍ଚନ ସହରୁ ।

ସନାତନ—ପାରିଷଦବର୍ଗ ! ଏତେଦିନେ ଏତେକାଳ ଗଲା ବହି, କେହି ଜଣେ ନ ପାରିଲା ଆଣି ସ୍ୱର୍ଣ୍ଣକାଣ୍ଡାସ୍ଥାନ, ତହୁଁ ପ୍ରତିଜ୍ଞା ମୁଁ କଲି, ଯେ ଆଣିଦେବ ମୋତେ ସ୍ୱର୍ଣ୍ଣକାଣ୍ଡାସ୍ଥାନ ଅର୍ଦ୍ଧ ରାଜ୍ୟେ ଅଭିଷିକ୍ତ କରିବି ତାହାକୁ । ଆଜିରେ ସେନାପତି-ପଦ ଉତ୍ତୀର୍ଣ୍ଣ ହୋଇଅଛି, ସେହି ପଣ ପୂରଣରେ ଏଣୁ ସର୍ବ ସମକ୍ଷରେ ପ୍ରତିଜ୍ଞା ମୋ ପୂରଣ କରୁଛି ।

(ଦୁର୍ବୁଦ୍ଧି ପ୍ରତି) ବତ୍ସ ! ତୁହି ଏକା ସାରପଣେ ଉଡ଼ାଇଲୁ ଧ୍ୱଜା, ତୁହି ଏକା ଉପକାରୀ ବାନ୍ଧବ ମୋହର; ଦେବକାର୍ଯ୍ୟେ ହୋଇଲୁ ତୁ ସାହା, ଆଜ ଏଣୁ ଅର୍ଦ୍ଧରାଜ୍ୟ ଦେବି ତୋତ କରେ, କାହିଁ ସେହି ସ୍ୱର୍ଣ୍ଣକାଣ୍ଡା ସ୍ଥାନ ।

ଦୁର୍ବୁଦ୍ଧି—ମହାରାଜ ! ଆସିଲି ମୁଁ ଭୃଲି ତୁମ୍ଭଙ୍କ ଦର୍ଶନ-ନିମିତ୍ତ, ଆଣୁଛନ୍ତି ପଛେ ତାହା ବଟୁକ ବିଶ୍ୱସ୍ତ ।

[ବିଦ୍ୟାଧର ପ୍ରଭୃତି ବଟୁକ ଓ କେଳାଙ୍କୁ ମାରି ମାରି ଝାଡୁ ମୁଣ୍ଡେରେ ସଭାକୁ ପଠାଇବା, ବଟୁକ ସଭାରେ ଥୋଇ ଦେଇ ମୌନଭାବେ ଦଣ୍ଡାୟମାନ)

ଦୁର୍ବୁଦ୍ଧି—ଏହି ଦେଖନ୍ତୁ ପ୍ରଭୁ ଏହି ସ୍ୱର୍ଣ୍ଣକାଣ୍ଡାସ୍ଥାନ, ଯାହା ଲାଗି ଲଭିଲି ମୁଁ ଗୁରୁତର କଷ୍ଟ ବିଦେଶ ଭ୍ରମଣେ ।

[କହି ବସନ ଉନ୍ମୋଚନ କରି ଦେଖି ସ୍ତମ୍ଭୀଭୂତ ହେବା]

ସନାତନ—ଏ କ'ଣ, ଏହି କି ସ୍ୱର୍ଣ୍ଣକାଣ୍ଡା ସ୍ଥାନ, ଝାଡୁ ଗୋଟା ଆଣି ଦେଖାଉଛୁ ବାହାଦୁରୀ ପଣ । କେ ଅଛ ଏ ପାଷଣ୍ଡ ଦୁର୍ବୁଦ୍ଧିକୁ ନେଇ ଶୂଳରେ ବସାଅ । ଆସିଅଛି ମୋହ ସଙ୍ଗେ ଖେଳିବାକୁ ଠାଟ୍ଟା ।

ଦୁର୍ବୁଦ୍ଧି—(ବଟୁକକୁ ମାରି) କରେ, ଏ କି କାଣ୍ଡ ?

ବିଦ୍ୟାଧର—( ପ୍ରବେଶି ) ଯେଉଁପରି କାଣ୍ଡ କରିଥିଲୁ ମୋହ ପ୍ରତି ପୂର୍ବେ । ଏ ସେହି କାଣ୍ଡର ପ୍ରତିଶୋଧ ମାତ୍ର । ( ସମସ୍ତେ ଚମତ୍କୃତ, କାଞ୍ଚନବାଳା ଓ ପ୍ରେମଶୀଳା ସ୍ୱର୍ଣ୍ଣକାଣ୍ଡା ସ୍ଥାନ ଦେଇ ସଭାରେ ପ୍ରବେଶ )

ପାରିଷଦବର୍ଗ—ସାଧୁ ସାଧୁ ବିଦ୍ୟାଧର, ତୁହି ଏକା ସାରପଣେ ଉଡ଼ାଇଲୁ ଧ୍ୱଜା ଏ ରାଜ୍ୟ ମଧ୍ୟରେ,

ଚୋଦ୍ଦ ପର ବାରପଣେ ନାହିଁ କେହି ନ ଥିବେରେ
ଜଣେ, ତା ନ ହେଲେ କରେ ଏ ବାଳୁତ ବୟସେ
ସାଧିଥାନ୍ତି ଏଡ଼େ ଗୁରୁତର କାର୍ଯ୍ୟ ?

ବିଦ୍ୟାଧର—ମହାରାଜ ! ତବ ଅନୁଗ୍ରହେ ଅଣିଛି ଏହି
ଧୂର୍ତ୍ତକାଣ୍ଡାଗ୍ଭାନ । ମୁକ୍ତ କରିଅ ପିତାଙ୍କୁ ମୋହର ।

ସନାତନ—ଜିଏ ବିଦ୍ୟାଧର ! ଧନ୍ୟ ବତ୍ସ ପୂରିଲା ମୋ
ମନର ବାସନା, ଘୁଚେ ମୋର ନାହିଁ ପ୍ରୟୋଜନ ।
ଆଜ ତୋତେ ଯୌବରାଜ୍ୟେ ଅଭିଷିକ୍ତ କରି ଯିବ
ବନ୍ୟାଶ୍ରମେ, ଏ ପାଷଣ୍ଡ ଦୁର୍ବୁଦ୍ଧି ସିଂହ, ଦେଲା
ଘୋର ଅପମାନ; ଦିଅ ଦଣ୍ଡ ଯାହା ମନ ଇଛା ।

ସଭା                    ଗୀତ

( ଯେ ଜାତିରେ ଜାତ ସଯାଞ୍ଚ ମର୍କଟ—ବୃତ୍ତେ )

ଜୟ ଜୟ ରେ ସୁନ୍ଦର
ଗୁଣ-ସାଗର ଦୁଃଖହାରୀ
ଧନ୍ୟ ସାଧୁ ବିଦ୍ୟାଧର
ବିଜୟ ପତାକାଧାରୀ । ଘୋଷା ।
ରହିଅଛ ଯେଉଁ ଭାରତ ଧାମେ,
ଯୁଗେ ଯୁଗେ ନାହିଁ ନ ଥିବ ଉପମା ।
( ଧନ୍ୟ ) ବଂଶ-ତିଳକ କୁଳଚନ୍ଦ୍ରମା
ଅସାଧ୍ୟ ସାଧନାକାରୀ । ୧ ।
ହିମାଚଳ ସମ ଅଟଳ ଅଚଳ,
ଅଗ୍ନି ସମାନ ପାବକ ଉଜ୍ଜ୍ୱଳ
ଧନ୍ୟ ଧନ୍ୟ ପିତୃବତ୍ସଳ
ଗାଏ କୋଟି ନରନାରୀ । ୨ ।
ପିତୃଭକ୍ତ-ମନ୍ତ୍ରେ ଆଜ,
ଜାଗ ହେ ସରବେ ଅଳସତା ତେଜ,
ଲଭିଯାଉ ପାପ କଳୁଷରାଜି
ହସି ଉଠୁ ବସୁନ୍ଧରୀ । ୩ ।

ରାଜା—( ପ୍ରହରୀ ପ୍ରତି );
ଯେନଆସ ମନ୍ତ୍ରୀଙ୍କୁ ମୋହର
ଆଣି ଯାଇ ମନ୍ତ୍ରୀଜାୟା ଏଥି ।

ବିଦ୍ୟାଧର—ମହାରାଜ ! କ୍ଷମା ଦିଅନ୍ତୁ ଏ ଅଭାଗା
ସନ୍ତାନେ ଜଣକର ପକ୍ଷେ ଅସମ୍ଭବ ଦ୍ୱିଦଣ୍ଡ ଧାରଣ,
ଏହି ଦୁଇ ଅବଳାଙ୍କ ସହାୟତା ବଳେ ପାଇଛି ମୁଁ
ରତ୍ନାବଶ ରାଜସିଂହାସନ । ଏଣୁ ଅକ୍ଷମ ମୁଁ ଏ
ଭାର ଗ୍ରହଣେ ।

ସନାତନ—ତେବେ ମନ୍ତ୍ରୀ ମହାଶୟଙ୍କୁ ଆଜ ସିଂହାସନ
ଦେଇ ମୁଁ ବନ୍ୟାଶ୍ରମ ଗ୍ରହଣ କରିବି । (ରାଜମୁକୁଟ
ମନ୍ତ୍ରୀଙ୍କୁ ଦେବା ) ଆସ ଆଜ ଏ ଶୁଭଦିନରେ
ନାରାୟଣଙ୍କ ପୂଜା କରି ଆନନ୍ଦରେ ମାତ ସର୍ବଜନେ;
ପାଷାଣ୍ଡ ଦୁର୍ବୁଦ୍ଧିକୁ ଦିଅ ତା'ର ସମୁଚିତ ଶାସ୍ତି ।

( ରଥାକରଣ; ପାଲବାଲଙ୍କ ପାଲ ପୂଜା )



# ଦାନବୀର

# ରାଜା ହରିଶ୍ଚନ୍ଦ୍ର

ବା

## ଧର୍ମ ବିଶ୍ୱାମିତ୍ର କଳି ଗୀତାଭିନୟ

ଦାନବୀର

# ରାଜା ହରିଶ୍ଚନ୍ଦ୍ର

ବା

## ଧର୍ମ ବିଶ୍ୱାମିତ୍ର କଳି ଗୀତାଭିନୟ

### ପ୍ରସ୍ତାବନା

ନଟ—ଆହା ! ଜଗତରେ କେତେ ଆଶ୍ଚର୍ଯ୍ୟକର ଘଟଣା ଘଟିଗଲାଣି, ପୁରାଣ ପାଠ କଲେ ଏକ ଏକ ମହାତ୍ମାଙ୍କର ଚରିତ ଭାବି ହୃଦୟ ଏକାବେଳକେ ଦୁଃଖ ଓ ସୁଖ-ସାଗରରେ ଭାସିଯାଏ । ଚିନ୍ତା, ବୁଦ୍ଧି, କର୍ତ୍ତବ୍ୟ ସମସ୍ତ ରୁଦ୍ଧ ହୋଇ ଜଡ଼ପରି ସ୍ତବ୍ଧ ହେବାକୁ ପଡ଼େ । ପରିଶେଷରେ ନିଜର ଜୀବନକୁ ଅସାର ମଣି ଆତ୍ମାକୁ ଧିକ୍କାର ସଂସାରରେ ଜନ୍ମହେବା ଅକାରଣ ବୋଲି କହିବାକୁ ପଡ଼େ ।

ନଟୀ—ନାଥ ! ଏ କି ଚଞ୍ଚଳ ଭାବ । ଆଜ ଏଡ଼େ ବଡ଼ ମହୋତ୍ସବରେ କୌଣସି ପୁଣ୍ୟ କାବ୍ୟର ଅଭିନୟ ସନ୍ଦର୍ଶନ ନିମିତ୍ତ ସମାଗତ ଭଦ୍ରମଣ୍ଡଳୀ ଉପବିଷ୍ଟ ।

ନଟ—ପ୍ରିୟେ ! ସଂସାରର ଅନିତ୍ୟତା ସମ୍ବନ୍ଧେ ଭାବୁ ଭାବୁ ଭାବନା-ସମୁଦ୍ରରେ ମଗ୍ନ ହୋଇଥିଲି, ତେବେ ବର୍ତ୍ତମାନ ଏହି ସଭା ସମକ୍ଷରେ କେଉଁ ଚରିତ ଆଲୋଚନା କଲେ ଭଲ ହେବ ?

ନଟୀ—ନାଥ ! ଆପଣ ଗତ ଥରରେ ଯେଉଁ ଦେବେନ୍ଦ୍ରଙ୍କ ଶାପପ୍ରାପ୍ତ ଅପ୍ସରମାନଙ୍କର ମୁକ୍ତିଦାତା ଅଯୋଧ୍ୟା-ପତି ସତ୍ୟସନ୍ଧ ଦାନବୀର ରାଜା ହରିଶ୍ଚନ୍ଦ୍ର ଗୀତ-ନାଟ୍ୟଟି ପାଠ କରି ଶୁଣାଇଥିଲେ ଆଜ ସେହି ଚରିତ ଅଭିନୟ କରି ସଭ୍ୟଗଣଙ୍କୁ ସନ୍ତୁଷ୍ଟ କରନ୍ତୁ ।

ନଟ—ହଉ, ଆଜିକା ଉତ୍ସବକୁ ଲକ୍ଷ୍ୟ କରି ଗୋଟିଏ ସଙ୍ଗୀତ ଗାନ କରି ସେମାନଙ୍କର ନୀରସ ହୃଦୟକୁ ସରସ କର । ମୁଁ ଯାଇ ନାଟ୍ୟଶାଳାର କାର୍ଯ୍ୟ ଶେଷ କରେ ।

ନଟୀ— ଗୀତ

ବୃନ୍ଦାଲେ ସଜନୀ ଏ ସୁଖ ରଜନୀ
କି ଆନନ୍ଦେ ଆଜ ମାତି ଉଠୁଛି ଧରା
ମଦନ-ମୋହନ ଶୋଭା ମଣି ସମାନ
ଚନ୍ଦନ ଯାଉଛି ଆଜ ହୋଇ ବିଭୋର ।
ତ୍ରିଭଙ୍ଗୀ ଛନ୍ଦେ ଉଭା କୋଟି କନ୍ଦର୍ପ ଆଭା
ଅଷ୍ଟରଙ୍ଗ ଶୋଭା ରବି ଗଞ୍ଜୁଛି ଛବି
ପ୍ରେମୀଜନ ମନଲୋଭା ପ୍ରେମପସରା ।
ମୁରଲୀ ଅଧରେ ଗୋଚରଣ ପରେ
ଗଗନ ବାଳକୃଷ୍ଣ ହୁଏ ଅଧୀରା ।

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

ନାରଦ—(ବୀଣାବାଦନପୂର୍ବକ ପ୍ରବେଶ) ଭଜ ଗୋବିନ୍ଦଂ ମୁର ଗୋବିନ୍ଦଂ ଗୋବିନ୍ଦଂ ଭଜ ମୂଢ଼ମତେ !

ଇନ୍ଦ୍ର—(ଉପବେଶନ ଓ ସମ୍ମୁଖରେ ଅପ୍ସରମାନଙ୍କର କରଯୋଡ଼ ଆଜ୍ଞା ମାଡ଼ ବସିବା ।)

(ସ୍ୱଗତ) ଆହା ! କି ମଧୁର ବୀଣାର ସ୍ୱର, ତହିଁରେ ସେହି ହରି-ଗୁଣାବଳି କୀର୍ତ୍ତନ ଶୁଣା ଯାଉଛି । ବୋଧହୁଏ ମହର୍ଷି ନାରଦ ଆସୁଛନ୍ତି ପରା ! (ସଭାକୁ ଚାହିଁ ପ୍ରକାଶ୍ୟେ) ସମସ୍ତେ ସାବଧାନ ଥାଅ, ଯେପରି ମହର୍ଷିଙ୍କର କୌଣସି ଅବମାନନା ନ ଘଟେ ।

ନାରଦ—(ପ୍ରବେଶି ଆଶୀର୍ବାଦ ପୂର୍ବକ ଉପବେଶନ)

ଇନ୍ଦ୍ର—ମହାମୁନେ ! ଆଜ ସୁଧର୍ମା ଭାଗ୍ୟବଶ; କପରେ ଏ ଅଧୀନ ମନେ ପଡ଼ିଲା !

ନାରଦ—ଦେବେନ୍ଦ୍ର ! ବର୍ତ୍ତମାନ ତୁମ୍ଭର ଦାନବ ଭୟ ଘଟି ନାହିଁ ତ ?

ଇନ୍ଦ୍ର—ନା ନା, ଆପଣଙ୍କ ଶୁଭାଶୀର୍ବାଦ ଓ ମୋ କନିଷ୍ଠ ଉପେନ୍ଦ୍ରଙ୍କ ବାହୁବଳ ଅମରାବତୀକୁ ନିଶ୍ଚିନ୍ତ ରଖିଛି ।

ନାରଦ—ତେବେ ସଭା ନୃତ୍ୟଗୀତାଦି ଶୂନ୍ୟ କାହିଁକି ?

ଇନ୍ଦ୍ର—ମହର୍ଷେ ! ପାପିଷ୍ଠା-ଗଣଙ୍କର ଚରିତ୍ର ବଡ଼ କଳୁଷିତ ହୋଇଗଲାଣି । ଏଣୁ ଅପ୍ସରା ଦେବ-ସଭାର ଅନୁପଯୁକ୍ତା । ଏମାନେ ମର୍ତ୍ତ୍ୟରେ ପାପ-ହୃଦୟକୁ ଚରିତାର୍ଥ କରିବା ନିମିତ୍ତ ଅଭିଶପ୍ତା ।

ଅପ୍ସରାଗଣ—(କୃତାଞ୍ଜଳିପୁଟେ) ସୁରରାଜ ! କ୍ଷମ ଅଧୀନା ଅନାଥା ଅବଳାଙ୍କ ଦୋଷ, ଧରୁଅଛୁ ଶ୍ରୀଚରଣ କର ଆମ୍ଭଙ୍କୁ ତାରଣ ।

ଇନ୍ଦ୍ର—ନା ନା, ତୁମ୍ଭମାନଙ୍କୁ କ୍ଷମା ଦିଆଯିବ ନାହିଁ । ତେବେ ଏତିକି କହୁଛି ମହାତପା ବିଶ୍ୱାମିତ୍ରଙ୍କ ତପୋବନରେ ରବିକୁଳ-ଜାତ ଶରଣପଞ୍ଜର ସତ୍ୟବାନ୍ ହରିଶ୍ଚନ୍ଦ୍ରଙ୍କ ଦର୍ଶନ ବ୍ୟତୀତ ତୁମ୍ଭ-ମାନଙ୍କର ମୁକ୍ତିଲାଭ ନାହିଁ ।

ନାରଦ—ଦେବେନ୍ଦ୍ର ! ମୁଁ ମଧ୍ୟ ଏହିଥି ନିମିତ୍ତ ଏଠାକୁ ଆସିଥିଲି । ରାଜା ହରିଶ୍ଚନ୍ଦ୍ର ବଡ଼ ଧାର୍ମିକ ! ବିଶ୍ୱାମିତ୍ର କପଟରେ ତାଙ୍କୁ ରାଜ୍ୟଚ୍ୟୁତ କରାଇ ତାଙ୍କର ଆତ୍ମ ବିକ୍ରୟ ପର୍ଯ୍ୟନ୍ତ କରାଇବ, ଯଦି ତହିଁରେ ସେ ଲାଞ୍ଛିତ ହୁଏ ତ ଆଉ ଆଶା ବଞ୍ଚାଇବା ନାହିଁ ।

ଇନ୍ଦ୍ର—ତେବେ ବର୍ତ୍ତମାନ କ'ଣ କରଣୀୟ ।

ନାରଦ—ବୈଶ୍ୱାନର ! ତୁମ୍ଭେ ଧର୍ମୀର ଧର୍ମ ଜାଜ୍ୱଲ୍ୟ-ମାନ କରିବା ନିମିତ୍ତ କାଶୀ ନଗରୀରେ ମାଧବ ଶର୍ମା ନାମ ଧାରଣ କର । ରାଜା ହରିଶ୍ଚନ୍ଦ୍ରଙ୍କର ସ୍ତ୍ରୀ ଓ ପୁତ୍ର ଆପଣଙ୍କଠାରେ ଆଶ୍ରୟ ଗ୍ରହଣ କରିବେ ।

ଇନ୍ଦ୍ର—ତେବେ ରାଜା ହରିଶ୍ଚନ୍ଦ୍ରଙ୍କ ଅବସ୍ଥା କ'ଣ ହେବ ?

ନାରଦ—ସ୍ୱୟଂ ଧର୍ମଦେବ ଯାଇ କାଶୀ ନଗରୀରେ ଶ୍ମଶାନରକ୍ଷକ ହାଡ଼ିରୂପରେ ଅବତୀର୍ଣ୍ଣ ହୁଅନ୍ତୁ ! ସେ ରାଜାଙ୍କ ଆଶ୍ରୟ ଦାତା ହେବେ ! ତହିଁ ବିଶ୍ୱାମିତ୍ର ପରାଜୟ ସ୍ୱୀକାର କରିବେ ।

ଇନ୍ଦ୍ର—ତେବେ ଆଜ ଏତିକିରେ ସଭା ଭଙ୍ଗ ହେଉ ।

---

## ଦ୍ୱିତୀୟ ଦୃଶ୍ୟ

ବିଶ୍ୱାମିତ୍ର—ଦେବତାମାନଙ୍କର ଏଡ଼େ ଆସ୍ପର୍ଦ୍ଧା, ଏଡ଼େ ଅହଙ୍କାର, ଏଡ଼େ ଦର୍ପ କାହିଁକି ? ଚଣ୍ଡାଳ ପକ୍ଷ କଲ୍ଲ ତ କଲ, ତୁମ୍ଭମାନଙ୍କର କ'ଣ ଚଲ୍ଲ । ମୋର ଯେଉଁଠାରେ ଉପସ୍ଥିତ ସେଠାକୁ ତୁମ୍ଭେମାନେ ଗଲେ ଅପମାନ । ମୁଁ କିଏସେ ତୁମ୍ଭେମାନେ ଜାଣ ନାହିଁ । କ୍ଷତ୍ରିୟ ବଂଶରେ ଜନ୍ମଗ୍ରହଣ କରି ଆପଣା ତପୋବଳଦ୍ୱାରା ସ୍ୱୟଂ ବ୍ରାହ୍ମଣ ହେଲି । ମୋର ତପ-ପ୍ରଭାବଦ୍ୱାରା ତ୍ରିଶଙ୍କୁଙ୍କୁ ସଶରୀରରେ ବଳ ପୂର୍ବକ ସ୍ୱର୍ଗକୁ ପଠାଇଲି । ସେହି ତପ ପ୍ରଭାବରୁ ବଶିଷ୍ଠଙ୍କ ଶତପୁତ୍ର ଯମପୁରକୁ ଗଲେ— ଆଚ୍ଛା, ଥାଉ ସବୁ କଥା ବୁଝିବା । ବ୍ରହ୍ମା, ବିଷ୍ଣୁ, ଶିବଙ୍କ କଥା ତ ତପସ୍ୟା ବଳରେ କ'ଣ ନ ହୁଏ । ବ୍ରହ୍ମା ତ କେବଳ ସୃଷ୍ଟି କରନ୍ତି, ବିଷ୍ଣୁ ପାଳନ

କରନ୍ତି, ଶିବ ଲୟ କରନ୍ତି । ମୁଁ ଏଥର ମହା-ତପସ୍ୟା କରି ସିଦ୍ଧବିଦ୍ୟା ସାଧନ କରିବି । ଏକାକୀ ସୃଷ୍ଟି, ସ୍ଥିତି, ଲୟ କରିବି, ଧର୍ମ କାହିଁ ଧର୍ମର ମର୍ଯ୍ୟାଦା ବା କାହିଁ, ଧାର୍ମିକର ଅଗ୍ରଗଣ୍ୟ ସେ ଚଣ୍ଡାଳ ମୋପରି ହୋତାଦ୍ୱାରା ଯଜ୍ଞ କରାଇଲା, ଧର୍ମର ପୁଣି ଏତେ ପ୍ରଭାବ ଯେ ତାହାର ଯଜ୍ଞ ପୂର୍ଣ୍ଣ ହେଲା ନାହିଁ, ଧର୍ମ ନାହିଁ, ଧର୍ମ ନାହିଁ, ଧର୍ମ ମିଥ୍ୟା ।

ଧର୍ମ—କିଏ କହିଲା ଧର୍ମ ନାହିଁ ।

ବିଶ୍ୱା—ମୁଁ କହୁଛି ମୋତେ ଚିହ୍ନି ନାହଁ ।

ଧର୍ମ—ବେଶ୍ ଚିହ୍ନେ ! ଚିହ୍ନେ ବୋଲି ତ ଆସିଲି । ଆପଣ ମୁହଁରେ ଆପଣା ଗୁଣ କୀର୍ତ୍ତନ କଲେ ମୋ ପ୍ରାଣରେ ବଡ଼ ଆଘାତ ଲାଗେ । ସେଥିଲାଗି ସାବଧାନ କରିଦେବାକୁ ଆସିଲି । ଆଜଯାଏ ତୁମ୍ଭେ ଧର୍ମ ପ୍ରଭାବ ଜାଣି ପାରିନାହଁ, ଧର୍ମ ପ୍ରଭାବ ନଥିଲେ ତୁମ୍ଭେ କ୍ଷତ୍ରିୟ କୁଳରେ ଜନ୍ମହୋଇ କଣ ବ୍ରାହ୍ମଣ ହୋଇ ପାରିଥାନ୍ତ ନା ବଶିଷ୍ଠଙ୍କ ଶତ ପୁତ୍ରଙ୍କୁ ବିନାଶ କରି ପାରିଥାନ୍ତ ।

ବିଶ୍ୱା—ନା ଚଣ୍ଡାଳ ଯଜ୍ଞ ପଣ୍ଡକରି ପାରିଥାନ୍ତ ନା ତ୍ରିଶଙ୍କୁକୁ ଅଧା ସ୍ୱର୍ଗରେ ରଖାଇଥାନ୍ତ—କହ କହ ।

ଧର୍ମ—ଧର୍ମ ଥିଲା ବୋଲି ଚଣ୍ଡାଳ ଯଜ୍ଞ କରି ପାରିଲା ନାହିଁ ! ତ୍ରିଶଙ୍କୁ ବି ସ୍ୱର୍ଗକୁ ଯାଇ ପାରିଲା ନାହିଁ ।

ବିଶ୍ୱା—ଭଲ କଥା ପୁରୁଷର ପ୍ରଧାନ ଧର୍ମ ଦାନ, ସ୍ତ୍ରୀ-ମାନଙ୍କର ପ୍ରଧାନ ଧର୍ମ ସତୀତ୍ୱ ଏ କଥା ତ ସ୍ୱୀକାର କର । ତୁମ୍ଭର ଏପରି ମହିମା ଯେ ଯେଉଁ ବଳିରାଜା ସର୍ବସ୍ୱ ଦାନ କଲା ସେ ଗଲା ପାତାଳକୁ । ଲୁଚକ ମୁନି କେବେ ମୁଠାଏ କୁଣ୍ଡୁଆ ଦାନ କରିଥିଲା ବୋଲି ସେ ପାଇଁ ଅକ୍ଷୟ ସ୍ୱର୍ଗବାସ ଲାଭକଲା ।

ଧର୍ମ—କୌଶିକ ! କ୍ରୋଧ ସଂଯତ କର, କ୍ରୋଧ ତପସ୍ୱୀ-ମାନଙ୍କର ଭୂଷଣ ନୁହେଁ । ମୁଁ ଦେଖୁଛି, କ୍ରୋଧ ହେତୁ ତୁମ୍ଭେ ହିତାହିତ ଜ୍ଞାନଶୂନ୍ୟ, ଟିକିଏ ବୁଝ ।

ବିଶ୍ୱା—ଥାଉ ସେ କଥା, ଆଉ ବୁଝିବା ଆବଶ୍ୟକ ନାହିଁ ।

ଧର୍ମ—ଆଚ୍ଛା ଅଚିରେ ବୁଝାଇ ଦେବି, ମୋର ଅସ୍ତିତ୍ୱ ତୁମ୍ଭଦ୍ୱାରା ପ୍ରମାଣିତ ହେବ । ନିଶ୍ଚୟ ଜାଣ, ସୂର୍ଯ୍ୟ ଯେତେଦିନ ପୂର୍ବାକାଶରେ ଉଦିତ ହେଉଥିବେ ସୁମେରୁ ପର୍ବତରେ ଦେବତାମାନେ ଯେତେକାଳ ପର୍ଯ୍ୟନ୍ତ ବାସ କରୁଥିବେ ଜଗତପ୍ରାଣ ସମୀରଣ ଯେତେକାଳ ଯାଏ ଧରାଧାମରେ ସଞ୍ଚରିତ ହେଉଥିବ, ତେତେଦିନ ମୋର ଅସ୍ତିତ୍ୱ ଲୋପ ପାଇବ ନାହିଁ । ଜଗତରେ ମୋର ଅସ୍ତିତ୍ୱ ମୋର ପ୍ରଭାବ ତୁମ୍ଭେ ଅଚିରେ ମର୍ମେ ମର୍ମେ ବୁଝିପାରିବ ।

ବିଶ୍ୱା—ଆଉ ବୁଝିବା ଆବଶ୍ୟକ ନାହିଁ । ସିଦ୍ଧବିଦ୍ୟା-ସାଧନ ଏକମାତ୍ର ଉପାୟ ।

—*—

## ତୃତୀୟ ଦୃଶ୍ୟ

( ହରିଶ୍ଚନ୍ଦ୍ର, ବିଦୂଷକ, ନର୍ତ୍ତକୀ । )

ରାଜା—ଆଜ ରାଣୀଙ୍କର ଦେଖୁଛୁ, ଦୁର୍ଜ୍ଜୟମାନ, ଏକେତ ରାଣୀ ମାନିନୀ ପୁଣି କାଲି ରାତରେ ଖବର ପର୍ଯ୍ୟନ୍ତ ଦିଆ ଯାଇନାହିଁ । ଆଜ ଆଉ ରକ୍ଷା ନାହିଁ, ଦେଖୁଛି କଥାର ସୂତ୍ରପାତ ଶୁଣିଲଣି ବୟସ୍ୟ ! ଚାଲ ଉଆସ ଆଡ଼କୁ ଯିବା, କାଲି ରାତିରେ ରାଣୀ ବାସକସଜ୍ଜା କରିଥିଲେ । ମୁଁ ଉଆସ ଆଡ଼କୁ ଯାଇ ପାରି ନ ଥିଲି, କଣ କପାଳରେ ଅଛି କେଜାଣି । ବୋଧହୁଏ ଘୋର ଅଭିମାନରେ ଥିବେ ।

ବିଦୂ—ଏକେତ ନିଆଁ, ତହିଁ ସଙ୍ଗରେ ପୁଣି ଲୁଲୁ-ଲୁଲିଆ ବାଆ, ମହାରାଜ ! ଆଉ ବିଳମ୍ବ କାହିଁକି ? ଚାଲନ୍ତୁ ଆପଣଙ୍କର ଯିବାଦ୍ୱାରା ମୋର ମଧ୍ୟ ଉଦ୍ଧାର, ତେବେ ଆମର ପେଶା ଦାସ୍ୟ ପ୍ରେମ, ଆଉ ଆପଣଙ୍କ ପେଶା ସଜ୍ଜନ ପ୍ରେମ, ମନଟା ମଧ୍ୟ ସଜ୍ଜନ । ମୁଁ କାଲି ଯାଇଁ ଦେଖେଁ ଯେ ମୁହଁଟା ଯେପରି ଧାନକୁଟୁଆ ହାଣ୍ଡି । ଆପଣ ଯାଇ ଦେଖିବେ ମୁହଁଟା ଯେପରି କମଳକଳି, ମୋ ଉପରେ ହେଲା ଦଣ୍ଡଛଡ଼ ପ୍ରହାର, ଆପଣଙ୍କ ଉପରେ ହେବ ଫୁଲଛଡ଼ ପ୍ରହାର; କିନ୍ତୁ ଦଣ୍ଡ

ଦୁର୍ଗ୍ଗଙ୍କର ସମାନ । ଯାହା ହେଉ ମୁଁ ଏକପ୍ରକାର ଅଣ୍ଡାକରି ଆଣିଛି, ଏ ଏକ ?

( ଦୂତ ପ୍ରବେଶ )

ରାଜା — କି ସମ୍ବାଦ ?

ଦୂତ ବନଚର ରାଜା ବାଣଭଦ୍ର ସେ ଆପଣଙ୍କ ଚରଣ ଦର୍ଶନ ପ୍ରାର୍ଥନା କରୁଛନ୍ତି ।

ରାଜା—ଆଚ୍ଛା, ତାଙ୍କ ଏଠାକୁ ଆସିବାକୁ କହ ।

ବିଦୂ – ମହାରାଜ ! ନାଁ ଟା ଶୁଣୁ ଶୁଣୁ ଛାତିଟା ଦାଉକରା ହେଲା ।

ରାଜା — ନାମଟି ତ ବେଶ୍ ବାଣଭଦ୍ର ।

ବିଦୂ — ନା ମହାରାଜ ! ସେଟା ନାମରେ ଭଦ୍ର; କିନ୍ତୁ କାର୍ଯ୍ୟବେଳେ ମଙ୍ଗଳବାର ।

ରାଜା — ମଙ୍ଗଳବାର କପରି ?

ବିଦୂ — ମଙ୍ଗଳବାର,ନାମଟି ଉତ୍ତମ; କିନ୍ତୁ ଏହି ବାରରେ ସବୁ ଅମଙ୍ଗଳଯାକ ଘଟେ । ଏ ମଙ୍ଗଳବାରରେ ମଲେ ଏକ ପାଦ ଦୋଷ । ମଙ୍ଗଳବାର ଯାତ୍ରା ନିଷେଧ, ଗୃହ ପ୍ରବେଶ ନିଷେଧ ।

ବାଣଭଦ୍ର—ମହାରାଜ ଅବଧାନ ।

ରାଜା — ଆପଣଙ୍କର ସମସ୍ତ ମଙ୍ଗଳ ତ ?

ବାଣଭଦ୍ର — ଆରେ ନାହିଁରେ ରାଜା; ଆରେ ଗୋଟାଏ ବୋଘ ଆସିଛି; ତାକୁ କେହି ନାଶ କରି ପାରୁ ନାହିଁ, ଗାଁକୁ ଗାଁ ନାଶ କରୁଛି । ତୁ ଗଲେ ତାକୁ ଜଲଦ ମାରିଦେ, ଆଜି ତୁ ଚାଲ, ମୁଁ ତୋତେ ସାଥିରେ ନେଇ ଯିବାକୁ ଆସିଛି । ଘୋର ବୋଘ ମହାରାଜ । ତା' ଠାରୁ ଅଜ ଯିଇ ଫାଟି ବାହାରୁଛି, ତୋର ଦଣଟା ବାପର ସିଦ୍ଧ ହେବ ।

ରାଜା—ବୟସ୍ୟ ! ଦେଖିଲ ଆଉ ଏକ ବ୍ୟାଘାତ ଉପସ୍ଥିତ । ମହାରାଣୀ ସାବିତ୍ରୀ ବ୍ରତ ଉଦ୍ଯାପନରେ କାଳଯାପନ କରିଛନ୍ତି, ଆଜି ସକାଳେ ତାଙ୍କର ମଦନ ପୂଜା । ଦେଖନ୍ତୁ, ମୁଁ ଉପସ୍ଥିତ ରହି ପାରିବି ନାହିଁ । ପ୍ରଜା ଉପଦ୍ରବ ଅଜ୍ଞାତ, ମୁଁ କୌଣସି-ମତେ ରହି ପାରିବି ନାହିଁ ।

ବିଦୂ ଆପଣ ନିଜେ ନ ଗଲେ ଚଳେ, ନୌକରମାନଙ୍କୁ ପଠାଇ ଦିଅନ୍ତୁ ।

ବାଣଭଦ୍ର—ଆରେ ସେ ବୋଘ ନାରେ ଏତେ ବଡ଼ା ଦାନ୍ତ ଆଉ କେହି ପାରିବେ ନାହିଁ । ତୁ ଚାଲରେ ରାଜା ଚାଲେ ।

ରାଜା—ଆଚ୍ଛା, ତୁମ୍ଭେ ଚାଲ ମୋର ରଥ ସଜତ କରି-ବାକୁ କହ ।

ବାଣଭଦ୍ର — ଭଲ ତୁ ଆ ।

ରାଜା—ବୟସ୍ୟ ! ତୁମ୍ଭେ ମଧ୍ୟ ସଙ୍ଗରେ ଯିବାକୁ ପଡ଼ିବ ।

ବିଦୂ -- ଆରେ ବାପ ଲୋ, ଏ ପୁଣି କଣ ? ମୁଁ ପୁଣି କାହିଁକି ଯିବି ? ବ୍ରାହ୍ମଣ ପିଲା, ଦିନରାତି ବିଦ୍ୟା ଅବିଦ୍ୟା ଚର୍ଚ୍ଚା କରୁଛି । ଭୋଜନ କରି ଲୋକ-ମାନଙ୍କର ପେଟର ପୁରୁଷ ଉଦ୍ଧାର କରୁଛି, ଆଉ ଅସ୍ତ୍ର ଶିକ୍ଷା ତ କେବେ କରି ନାହିଁ ।

ରାଜା — ଆଉ ନାହିଁ ହେ, ତୁମ୍ଭଙ୍କୁ ଅସ୍ତ୍ର ଧରିବାକୁ ପଡ଼ିବ ନାହିଁ ।

ବିଦୂ — ମହାରାଜ ! ଖାଇବା କଥା ?

ରାଜା — ଖାଦ୍ୟ ସାମଗ୍ରୀ ଆମ୍ଭ ସଙ୍ଗରେ ଯିବ, ଆଉ ତ ବନରେ ଯଥେଷ୍ଟ ଫଳ ମୂଳ ଅଛି ।

ବିଦୂ --ବଣରେ !

ରାଜା — ମୃଗୟା କଣ ପ୍ରମୋଦକାନନରେ ହେବ କି ? ନା ଅନ୍ତଃପୁର ମଧ୍ୟରେ ହେବ ।

—*—

## ଚତୁର୍ଥ ଦୃଶ୍ୟ

(ଶୈବ୍ୟା ଓ ସଖୀଗଣ)

ଶୈବ୍ୟା—(ଗୀତ) — କାହିଁକରେ ସଖି, ଧନ୍ଦି ଦେଲୁ ନାରୀ ଜନମ, ଆନ ସଙ୍ଗେ ଖଞ୍ଜି ରଙ୍ଗେ ଭୋଗାଉଛୁ କଷଣ ।

୧ମ ସଖୀ—ତରୁ ନ ଥିଲେ ଲତା ଶୋଭା କି ପାଆନ୍ତା ।

୨ୟ—ଶୁଣାଉ ଅଛୁ ସଖି ଏ କେଉଁ ନୂଆକଥା

୨ୟ—ଘଟିଲ କିବା କଥା ଫେଡ଼ି କହ ମରମ ।

ଶୈବ୍ୟା—ସଖି ! ଦୁନିଆରେ ନାରୀ ଜନ୍ମଠାରୁ ଆଉ ହୀନଜନ୍ମ ନାହିଁ । ବିଧାତା କାହିଁକି ଜନ୍ମ ଦେଇ-

ଥିଲି ଯେବେ ଜନ୍ମ ହେଲି ତେବେ ପୁରୁଷ ସଙ୍ଗରେ ସମ୍ପର୍କ ରଖିଲି କାହିଁକି ?

୧ମ ସଖୀ—ସଖି ! ଦେଖିଲୁ ଏ ମାଧବୀ ଲତାଟି ତରୁ-ଲାଗି ଯିବା ଏତେ ଶୋଭା ଦେଖାଯାଉଛି । ତରୁ ନ ଥିଲେ ଲତା କାହାଠାରେ ଆଶ୍ରୟ ନଅନ୍ତା ।

ଶୈବ୍ୟା—ସଖି ! ଯେବେ ପୁରୁଷ ସ୍ତ୍ରୀର ଆଶ୍ରୟଦାତା ତେବେ ଯୋଗାଡ଼ ହଏ କାହିଁକି ? କାଲି ଯେଉଁ ମର୍ମାହତ ଯନ୍ତ୍ରଣା ଭୋଗ କରିଛି ତୁମ୍ଭେମାନେ ଜାଣ ତ—

୧ମ—ହଁ ଜାଣିଛୁ, ସଖି ଆଉ ଗୋଟିଏ କଥା

ଗୀତ

୧ମ—ପୁରୁଷ ଭାବ ଅଳି ଜାଣରେ ପ୍ରିୟ ଆଳି

୨ୟ—ନୂଆ ନୂଆରେ ଭଲ ପୁରୁଣା ଯାନ୍ତି ଭୁଲି ।

୩ୟ—ନ ହୁଅ ମନେ ଖାଲି ବାଳୀ ଯୋଡ଼ା କରମ ।

୧ମ—ସଖି ! ନୂଆ ନୂଆ ବେଳେ କଥା ଅଲଗା ପୁରୁଣା ହେଲେ ସେକଥା ଥାଏ କି ।

(ସଖିମାନେ ପ୍ରସ୍ଥାନ)

(ରୋହିତ ପ୍ରବେଶ)

ରୋହିତ—ମା, ଆଚାର୍ଯ୍ୟଙ୍କଠାରୁ ଚମତ୍କାର କଥା ଶୁଣି ଆସିଲି

ଶୈବ୍ୟା—କି କଥା ବାବୁ !

ରୋହିତ—ପରଶୁରାମ ବୋଲି ଜଣେ ବ୍ରାହ୍ମଣ ସମସ୍ତ ପୃଥିବୀ ଜୟକରି କଶ୍ୟପ ଋଷିଙ୍କୁ ଦାନ କରିଥିଲେ ।

ଶୈବ୍ୟା—ବାପ ! ଦାନଠୁ ବଳି ଶ୍ରେଷ୍ଠଧର୍ମ ଏ ଜଗତରେ ଆଉ କିଛି ନାହିଁ ।

ରୋହିତ—ଆଚ୍ଛା ମା ! ସବୁ ପୃଥିବୀଟି ତ ଦାନ କଲେ, ରହିଲେ କେଉଁଠି ?

ଶୈବ୍ୟା—ଧନୁର ଅଗ୍ରଭାଗଦ୍ୱାରା ଦକ୍ଷିଣ ସମୁଦ୍ରକୁ ଘୁଞ୍ଚାଇ ଦେଇ ସେଇଠି କୁଟୀର ନିର୍ମାଣ କରି ରହିଥିଲେ ।

ରୋହିତ—ମା, ଯେ ଆଚ୍ଛା ଲୋକ, ତେବେ ବାପା କାହିଁକି ସେପରି ସବୁ ପୃଥିବୀ ଦାନ କରୁନାହାନ୍ତି, ମୁଁ ବାଣମାରି ସମୁଦ୍ରକୁ ଘୁଞ୍ଚାଇ ଦେବି । ଆର୍ଯ୍ୟ ପରଶୁରାମଙ୍କ କଥା ଶୁଣିଲାବେଳଠୁ ମୋ ମନରେ କପରି ହିଂସା ହେଉଛି, ସେ ବ୍ରାହ୍ମଣ ହୋଇ ସର୍ବସ୍ୱ ଦାନ କଲେ, ଆମେ ପାରିବା ନାହିଁ । ଆମେ ତ କ୍ଷତ୍ରିୟ ।

ଶୈବ୍ୟା—ହଁ ବାପ, ଦାନ କରିବୁ (ସ୍ୱଗତ) ଆହା ଏତେ ବୟସରୁ ଏପରି ଧର୍ମର ପ୍ରବୃତ୍ତି, ଜଗଦୀଶ୍ୱର ପୂର୍ବ ଜନ୍ମର କେତେ ପୁଣ୍ୟବଳରୁ ମୋତେ ଏ ଅକଳଙ୍କ ଚନ୍ଦ୍ରମାଟି ଦେଇଛନ୍ତି । ପ୍ରଭୁ, ଆପଦ ବିପଦରେ ମୋର ପୁତ୍ରକୁ ରକ୍ଷା କରନ୍ତୁ, ଚାଲ ବାପ ଭୋଜନ କରିବୁ ଚାଲେ ।

—*—

# ଦ୍ୱିତୀୟ ଅଭିନୟ

## ପ୍ରଥମ ଦୃଶ୍ୟ

କାମାନ୍ଧକ—ଶିବ ତପସ୍ୟାବେଳେ ନନ୍ଦି ଭୃଙ୍ଗୀ ଦୁଇ ଜଣ ପହରା ଦେଉଥିଲେ । ପ୍ରଭୁଙ୍କ ତପସ୍ୟାବେଳେ ମୁଁ ଏକାକେ ଦୁଇଜଣ ଚୁପ୍ ଚୁପ୍ ହେ ଗଛ ହୋହଲୁ ଛୁ କଅଁ, ହେ ହରିଣ ଆସ୍ତେ ଆସ୍ତେ ଯା । ବାବାଜୀ ଗୋଟିଏ ଅଦ୍ଭୁତ ବ୍ୟାପାର ନ କରି ଛାଡ଼ିବ ନାହିଁ, ବାବାଜୀର ଇଚ୍ଛା ଏକାକେ ବ୍ରହ୍ମା, ବିଷ୍ଣୁ, ଶିବ ହେବେ, ମନ୍ତ୍ରବଳରେ ତିନୋଟା ଚଣ୍ଡୀ କି ରୂମଣ୍ଡୀ ପାଖକୁ ଆସିଛନ୍ତି, ଆଉଦିନେ ହ'ଦିନ ଯେବେ ଭଲରେ ଯାଏ ତେବେ ସିଦ୍ଧି, ଆଚ୍ଛା ମୁଁ ଯେ ତା'ର କାମ କରୁଛି ମୋ କଥା କଣ କିଛି ବିଚାର କରିବେ ନାହିଁ । ସତେ କିଛି ନାହିଁ କିଛି ଗୋଟିଏ ବିଚାର କରିଦେବେ—କଣ ହେବି,ସୂର୍ଯ୍ୟ ନାହିଁଲୋ ବାପ, ସାରାଦିନ ବୁଲିବି, ସ୍ତ୍ରୀ ତ ହେବ-ନାହିଁ । ଆଚ୍ଛା ଇନ୍ଦ୍ର ହେବା, ଉର୍ବଶୀ ପ୍ରେମୋଣରେ ପାରିଜାତ ଗଳାରେ ଲମ୍ବିବ ଐରାବତ ଚଢ଼ି ବୁଲି-ବାକୁ ହେବ, ନନ୍ଦନ କାନନରେ ସୁରଭି ସେବାଳ ଦଳ ଉପରେ ଲମ୍ବହୋଇ ଶୋଇ ପଡ଼ିବି । ପୁଣି ଅପ୍ସରମାନଙ୍କର ଗୀତ ଶୁଣିବି କିନ୍ତୁ ଗୋଟିଏ ବ୍ୟାଘାତ ଅଛି, ସହସ୍ର ଲୋଚନଟି ବାଦ୍ ଦେଇ ଇନ୍ଦ୍ର ହେବାକୁ ହେବ, ବ୍ରାହ୍ମଣ କପାଳ ତ କୁଆଡ଼େ ଯିବ ନାହିଁ ଏ କିଏ ଆସୁଛି—ଆସୁ

ସାରଥି—ପ୍ରଣାମ ।

କାମ—ଚୂପ୍ ଚୂପ୍ ଆଶୀର୍ବାଦ ସର୍ବନାଶଂ ।

ସାରଥି—ଚମତ୍କାର, ଆଶୀର୍ବାଦ, ଆଚ୍ଛା କହିପାରିବେ ଆମ୍ଭର ମହାରାଜ ଏଣିକି ଆସିଛନ୍ତି କି ?

କାମ—ତୁମ୍ଭ ମହାରାଜ କିଏ ?

ସାରଥି—ଆପଣ ଆମ୍ଭ ମହାରାଜାଙ୍କୁ ଚିହ୍ନନ୍ତି ନାହିଁ ?

କାମ—କଣ କହିବି ବାବା ସେ ମୋ ଦୁର୍ଭାଗ୍ୟ ।

ସାରଥି—ଦୁର୍ଭାଗ୍ୟ, ସେଥିରେ ଆଉ ସନ୍ଦେହ କଣ ?

କାମ—କଣ କହିଲୁ ମୁଁ ଦୁର୍ଭାଗ୍ୟ । ତୁ ବଣରେ ବୁଲି ବୁଲି ମରୁଛୁ, ତୁ ଭାଗ୍ୟବାନ୍ ।

ସାରଥି—ମହାଶୟ ! କ୍ରୋଧ ହେଉଛନ୍ତି କାହିଁକି ?

କାମ—ଏହିଲାଗି କଣ ରାଗ ଦେଖାଉଛୁ, ମୁଁ ଇଚ୍ଛାକଲେ ତୋତେ ଭସ୍ମ କରିଦେବି ।

ସାରଥି—ତୁମ୍ଭେ ଆମ୍ଭ ରାଜାଙ୍କୁ ତେବେ ଦେଖି ନାହିଁ ।

କାମ—ନା, ଆଉ କ୍ଷମା ନାହିଁ, ଠିଆହୁଅ ତୋତେ ଭସ୍ମକରିଦେଉଛି, କଣ ଆଖି ପୋଡୁଛି, ମୁଣ୍ଡ ଘୂରାଉଛି ।

ସାରଥି—ତେବେ ହରିଶ୍ଚନ୍ଦ୍ରଙ୍କୁ ଦେଖି ନାହାନ୍ତି ? ମୁଁ ଯାଉଛି ।

କାମ—ଆରେ କେତେ ଇନ୍ଦ୍ର, ଚନ୍ଦ୍ର, ଏଠି ଉଆଁସ ହେଉଛନ୍ତି । ତୁ କହୁଛୁ ହରିଶ୍ଚନ୍ଦ୍ର, ବେଅକଲ ।

ବିଶ୍ୱାମିତ୍ର—କାମାନଳ ଅପରାଧୀମାନଙ୍କୁ ଘେନିଆ ।

କାମାନଳ—ଯେ ଆଜ୍ଞା ।

ବିଶ୍ୱାମିତ୍ର—ଏହି ତ ନିର୍ଜନ ସ୍ଥାନ, ଏଠାରେ ତପସ୍ୟା ଆରମ୍ଭ କରି ଦେବଗଣ, ତୁମ୍ଭମାନଙ୍କର ଦର୍ପ ଚୂର୍ଣ୍ଣ କରିବ ।

ଅଗ୍ନିଜାଳ ( ତ୍ରିବିଦ୍ୟା )

ଏଥର ଶେଷ ଆହୁତି ଅଗ୍ନିମିଳେ ପ୍ରବେଶ୍ୟତମ୍ ।

ତ୍ରିବିଦ୍ୟା—ରକ୍ଷାକର ରକ୍ଷାକର କେ ଅଛ କେଉଁଠି ।

ବିପଦରେ ପଡ଼ିଛନ୍ତି ଅବଳା ତିନୋଟି ।

କେହି କି ପୁରୁଷ ନାହିଁ ବିଶାଳ ଧରାରେ ।

ଏ ତିନୋଟି ଅବଳାଙ୍କୁ ଉଦ୍ଧାର ସତ୍ୱରେ ।

କେଉଁଠାରେ ଅଛ ରକ୍ଷାକର ରକ୍ଷାକର ।

ହରିଶ୍ଚନ୍ଦ୍ର—ଭୟ ନାହିଁ ୨! ଆରେ ଭଣ୍ଡ ତପସ୍ୱୀ ତୋର କଣ କାର୍ଯ୍ୟ ଏହି; ପବିତ୍ର ତାପସ ବେଶ ପରିଗ୍ରହ କରି ଦୂଷିତ ଜଘନ୍ୟ ପୈଶାଚିକ କାର୍ଯ୍ୟରେ ପ୍ରବୃତ୍ତ ଅଛୁ । ଇନ୍ଦ୍ର, ଚନ୍ଦ୍ର, ବାୟୁ, ବରୁଣ, ତୁ ଯେ ହୁଅ ଆଜ ମୋଠାରୁ ନିସ୍ତାର ନାହିଁ । ସୂର୍ଯ୍ୟବଂଶ ରାଜାଙ୍କ ରାଜ୍ୟ ମଧ୍ୟରେ ସ୍ତ୍ରୀ ଜାତି ପ୍ରତି ଅତ୍ୟାଚାର, ବର୍ବର ! ବ୍ରାହ୍ମଣବେଶଧାରୀ ବର୍ତ୍ତମାନ ତୋ ଅପରାଧର ସମୁଚିତ ଦଣ୍ଡ ବିଧାନ କରିବି ।

ବିଶ୍ୱାମିତ୍ର—କା'ର ଆସ୍ପର୍ଦ୍ଧା, ମୋ ପ୍ରତି କଟୂକ୍ତି, ମୋ ଯଜ୍ଞରେ ବ୍ୟାଘାତ ।

ତ୍ରିବିଦ୍ୟା—ହାଃ ହାଃ ହାଃ ହେଲା ନାହିଁ । ମନୁଷ୍ୟ ଆସିଲା କ୍ରୋଧ ହେଲା ବିଘ୍ନ ହେଲା ସିଦ୍ଧି ହେଲା ନାହିଁ ହାଃ ହାଃ ହାଃ ।

ରାଜା—ଏ କଣ ସତ୍ୟ ତପସ୍ୱୀ, କିଏ ସେ ମୁଁ ତ ଚିହ୍ନିପାରୁ ନାହିଁ ।

ବିଶ୍ୱାମିତ୍ର—ସସାଗରଧରା ଦଣ୍ଡ-ଧାରଣକର ବିଶ୍ୱାମିତ୍ରଙ୍କୁ ଚିହ୍ନିପାରୁ ନାହଁ, ଅତରେ ଚିହ୍ନାଇ ଦେବି ।

ରାଜା—ସର୍ବନାଶ, ବିଶ୍ୱାମିତ୍ର ରାଜର୍ଷି, ବିଶ୍ୱାମିତ୍ର ! କାହାକୁ କଣ କହିଲି, ମହର୍ଷେ କ୍ଷମା କରନ୍ତୁ ।

( ଗୀତ )

( ଦେବ ) କ୍ଷମ ଅପରାଧ ମୋହର ।
ଅଜ୍ଞାନେ ମୁଁ ଦ୍ରୋହୀ ହେଲି ତୋର ।

ବିଶ୍ୱାମିତ୍ର— ଗୀତ

ଧାର୍ମିକ ରାଜନ, ବୋଲୁ ନରାଧମ
ଐଶ୍ୱର୍ଯ୍ୟ ଗର୍ବରେ ମତି ତୋ ବିଭ୍ରମ
ନ ଜାଣୁ ତୁ ବିଶ୍ୱାମିତ୍ର ଦର୍ପାନ୍ଧ ପାମର ।

ହରି—ତପୋଧନ ! ନାରୀ ଆର୍ତ୍ତନାଦ ଶୁଣି ମୁଁ ବ୍ୟଥିତ ହୋଇଥିଲି, କର୍ତ୍ତବ୍ୟ ତାଡ଼ନା ହେତୁ ପ୍ରକୃତି ସ୍ଥିର ରଖି ପାରିଲି ନାହିଁ । ସ୍ୱଧର୍ମ ପାଳନ କରିବା ଉଦ୍ଦେଶ୍ୟରେ ଶାସନ ବାକ୍ୟ ପ୍ରୟୋଗ କରିଅଛି, କ୍ଷମାକର ।

ବିଶ୍ୱା—ସ୍ୱଧର୍ମ ପାଳନ, ବ୍ରାହ୍ମଣପ୍ରତି, ତପସ୍ୱୀ ପ୍ରତି କଟୂକ୍ତି କଣ କ୍ଷତ୍ରିୟର ଧର୍ମ ? ସ୍ୱଧର୍ମ, କଣ୍ଟେଧର୍ମଃ ?

ରାଜା—ଦାତବ୍ୟଂ ରକ୍ଷିତବ୍ୟଞ୍ଚ ଯୋଦ୍ଧବ୍ୟଂ କ୍ଷତ୍ରିୟୈସ୍ତ୍ରି ସଦା ।

ବିଶ୍ବା—ଆଜ୍ଞା,କାହାକୁ ଦାନ ଦିଆଯାଏ, କାହାକୁ ରକ୍ଷା କରିବାକୁ ହୁଏ ଆଉ କାହା ସାଙ୍ଗରେ ଯୁଦ୍ଧ କରିବାକୁ ହୁଏ ।

ହରି—ଗୁଣବାନ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ, ଭୟା-ତୁରଙ୍କୁ ରକ୍ଷା କରିବାକୁ ହୁଏ ଆଉ ଶତ୍ରୁ ସଙ୍ଗରେ ଯୁଦ୍ଧ କରିବାକୁ ହୁଏ ।

ବିଶ୍ବା—ଉତ୍ତମ, ଉତ୍ତମ । ମୁଁ କଣ ତୁମ୍ଭ ମତ ଅନୁସାରେ ଦାନର ପାତ୍ର, ମୁଁ କଣ ତୁମ୍ଭ ନିକଟରେ ଗୁଣବାନ ବୋଲି ବିବେଚିତ ।

ରାଜା—କଣ କହୁଛନ୍ତି ତପୋଧନ; ମୁଁ ଆପଣଙ୍କ ପରି ଗୁଣବାନ, ଆପଣଙ୍କ ପରି ଦାନର ପାତ୍ର ଆଉ କେଉଁଠୁ ପାଇବି ? ମୁଁ ଏପରି କଣ ପୁଣ୍ୟ କରିଛି ଯେ ଆପଣ ମୋଠାରୁ ଦାନ ଗ୍ରହଣ କରିବେ ।

ବିଶ୍ବା—ଆଚ୍ଛା, ମୋର ବିଦ୍ୟା ଓ ତପସ୍ୟା ଅନୁରୂପ କିଛି ଦାନ କର ?

ହରି— ଗୀତ

ସଉଭାଗ୍ୟ ରବି ଉଇଁବକି ମୋର,

ଉନ୍ମିଷିବ ଆଜି ଅଜ୍ଞାନ ତିମିର ।

ବିଶ୍ବା— ଗୀତ

ବୃଥା ବାକ୍ୟ ପରିହର, ନାହିଁ ଅବସର ।

ବାକ୍ୟ ଛଟାରେ ଆଉ ପ୍ରୟୋଜନ କଣ ? ଦାନ କରିବ ତ ଶୀଘ୍ର କର ।

ହରି— ଗୀତ

ଦୟାକରି ନେଇ ଏ ରାଜ୍ୟ ସମ୍ପଦ,

ପୁତ୍ର ପତ୍ନୀ ବିନା ଅର୍ପିଲି ମୁଁ ସବ ।

ବିଶ୍ବା— ଗୀତ

ଦକ୍ଷିଣା ବିହୁନେ ଦାନ ହେବଟି ନିଷ୍ଫଳ ।

ହରି—ମୋର ସର୍ବସ୍ବ ଆପଣଙ୍କୁ ଦାନ ଦେଲି ।

ବିଶ୍ବା—ସ୍ବସ୍ତି ! ସ୍ବସ୍ତି ! ତୁମ୍ଭେ ପ୍ରକୃତ ଦାତା, କିନ୍ତୁ ଦକ୍ଷିଣା ସହକାରେ ଦେବା ଆବଶ୍ୟକ । ନଚେତ୍ ଦାନ ନିଷ୍ଫଳ ହେବ ।

ରାଜା—ସହସ୍ର ସ୍ବର୍ଣ୍ଣ ମୁଦ୍ରା ଦେବି ।

ବିଶ୍ବା—ଉତ୍ତମ କଥା । ଗୀତ

ଏହି ରାଜ୍ୟ ସମ୍ପଦ ହେଲା ମୋର ଆଜିଠୁ ।

ନାହିଁ ଟି ତୋର ସାଧ୍ୟ ହରି ନେବୁ ତୋଳି ।

ହରି— ଗୀତ

ନ ହୁଅନ୍ତୁ ତପି କ୍ଷୁବ୍ଧ ଯେ ଆଜ୍ଞା ତୁମର ।

ବିଶ୍ବା—କିନ୍ତୁ ସାବଧାନ ଯେପରି ଦତ୍ତାପହାରୀ ନ ହୁଅ । ସମସ୍ତ ପୃଥିବୀ ମୋର ତା' ତ ଜାଣ । ତୁମ୍ଭ ନିଜ ଦେହ ପୁତ୍ର ପତ୍ନୀ ଭିନ୍ନ ଆଉ ତୁମ୍ଭର କିଛି ନୁହେଁ; ରାଜଭଣ୍ଡାରରେ ଯେ ସବୁ ଧନରତ୍ନ ଆଦି ଅଛି ସେ ସବୁ ମୋର ପ୍ରଜାବର୍ଗଙ୍କର, ଯେ ସବୁ ସମ୍ପତ୍ତି ଅଛି ସେଥିରେ ତୁମ୍ଭର କିଛି ମାତ୍ର ଅଧିକାର ନାହିଁ

ରାଜା—ମୋତେ ଏକମାସ ଅବସର ଦିଅନ୍ତୁ ।

ବିଶ୍ବା—କିନ୍ତୁ ମନେରଖ ମୋ ରାଜ୍ୟରେ ତୁମ୍ଭେ ବାସ କରି ପାରିବ ନାହିଁ, ମୁଁ ଆସୁଛି ?

ହରି—ଭଗବତୀ ପୃଥିବୀ, ବୈବସ୍ବତ ମନୁଙ୍କଠାରୁ ଆରମ୍ଭ କରି ସକଳ ସୂର୍ଯ୍ୟବଂଶୀୟ ରାଜାମାନେ ତୋତେ ପାଳନ କରି ସୁଯଶ ଭୂଷିତ ହୋଇ-ଅଛନ୍ତି,କିନ୍ତୁ କାହାରି ଭାଗ୍ୟରେ ଏପରି ସୌଭାଗ୍ୟ ଘଟି ନାହିଁ, ମୁଁ ନିଜେ ସମ୍ବରଣ କରି ନ ପାରି ତୋତେ ପରମ ଗୁଣବାନ ତପସ୍ବୀ-କୁଳଗୌରବ ବିଶ୍ବାମିତ୍ରଙ୍କ ଚରଣରେ ଅର୍ପଣ କଲି । ବସୁମତୀ, ମୋ ଅପରାଧ କ୍ଷମାକର, ତୁମ୍ଭ ଶ୍ରୀଚରଣରେ କୋଟି କୋଟି ପ୍ରଣାମ ।

---

## ଦ୍ବିତୀୟ ଦୃଶ୍ୟ

( ଶୈବ୍ୟା ସଖୀସହ )

ଶୈବ୍ୟା—ନାଥ ମୃଗୟା କରିବାକୁ ଯାଇଥିଲେ ଏତେ ବିଳମ୍ବ ହେଲା କାହିଁକି ? କଣ କିଛି ବାଧାବିଘ୍ନ ଘଟିଲା, ତାଙ୍କ ଦେହମନ ଜଗତରେ କାହାରିକୁ ଅବିଦିତ ନାହିଁ । ମୁଁ କଣ ଏକା ତାଙ୍କ ଗୁଣର ପ୍ରତିପାଳୀ । ସକଳ ଲୋକେ ତାଙ୍କର ଗୁଣ ଆଉ ବିକ୍ରମକଥା କହି ଧନ୍ୟ ଧନ୍ୟ କରନ୍ତି । ତେବେ ବୃଥା ଆଶଙ୍କା କରୁଛି କାହିଁକି ? କଣ ଯେପରି

ଅସୁସ୍ଥ ହେଲ । ତାହା ହେଲେ ତ ଫେରି ଆସିଥାନ୍ତେ, ତେବେ ମୁଁ କାହିଁକି ଏତେ କାତର ହେଉଛି ! ନା ନା, ଅମଙ୍ଗଳ କଥା ଚିନ୍ତା କରିବି ନାହିଁ, ଇଷ୍ଟଦେବ ତାଙ୍କୁ ସବୁଠି ରକ୍ଷାକରିବେ ।

୧ମ ସଖୀ—ମହାରାଣୀ ! ଦୁଃଖ କରୁଛ କାହିଁକି ? ଏ କିଏ ଦେଖିଲଣି ।

ରାଣୀ—ସଖି ! ଏ କଣ ? ନାଥଙ୍କ ମୁଖ ଏପରି ବିରସ ଦେଖାହେଉଛି କାହିଁକି ?

ସଖୀ—ହିଁ, ସତେ ତ ! ରାଜମୁକୁଟ ନାହିଁ । ଦେହଟା କଳାକାଠ ପଡ଼ି ଯାଇଛି । ଶୀଘ୍ର ବୁଝ ।

(ରାଜା ପ୍ରବେଶ)

ଶୈବ୍ୟା—ପ୍ରାଣେଶ୍ୱର ! ଆପଣଙ୍କର ମୁଖ-କମଳ ମ୍ଳାନ ଦେଖା ଯାଉଛି କାହିଁକି ? ମୁଁ ତ କିଛି ବୁଝି ପାରୁନାହିଁ, କଣ କଥା କଣ ?

(ଗୀତ)

କହ ଜୀବଧନ କିଆଁ କାହିଁକି ମନ
ଶ୍ରୀଅଙ୍ଗ ନାହିଁ ଭରସା । କଣ ଦାସୀରେ
ରୋଷ କରିଛ କି ଆବେଶ ଜାଣି ନ ପାରେ
ହୃଦ ଦ୍ରୁଏ କରଷ ।

ରାଜା— ଗୀତ

ସାଧାବନା ମୋର ଅର୍ଜିଲା କର୍ମଫଳ
ବର୍ଜିଛି ସୁଖ ଭୋଗ ଗ୍ରାସିଛି ଦୁଃଖାନଳ
କ୍ଷଣ କ୍ଷଣ ହୃଦୟ କରେ ସଦା ଆକୁଳ
ରକ୍ଷା ନାହିଁରେ ଆଜ ଚିତ୍ତ ମଥ ମୋରଟି ।୧।

କଣ ଏପରି ବିପଦ ଘଟିଲା ଶୀଘ୍ର କୁହନ୍ତୁ ନାଥ ।

ରାଜା—ସଖି ! ବିଶ୍ୱାମିତ୍ରଙ୍କ ନାମ ଅବଶ୍ୟ ଶୁଣିଥିବ ?

ରାଣୀ—ବିଶ୍ୱାମିତ୍ର ଯେଉଁ କ୍ଷତ୍ରିୟ ତପସ୍ୱୀ ?

ରାଜା—ବର୍ତ୍ତମାନ ସେ ତପସ୍ୟାବଳରେ ବ୍ରାହ୍ମଣ ରାଜର୍ଷି ବିଶ୍ୱାମିତ୍ର ।

ରାଣୀ—କଣ ହେଲା ? କଣ ହେଲା ? ଆପଣ ତାଙ୍କ କୋପାନଳରେ ପଡ଼ିଛନ୍ତି, ହାୟ !

(ଗୀତ)

ଆହର ବିଧାତା    ତୋର ଏକ୍ଷଣ ସୁବିଚାର
ଅନଳଙ୍କି ବଂଶରେ ହେଲୁ କଳଙ୍କି ଗାର ।

ରାଜା— (ଗୀତ)

ନକର ତୁ ସନ୍ତାପ, ଲଭନାହିଁ ମୁଁ ଶାପ
ଦର୍ପାନ୍ଧ ମୁନିକରେ ଅର୍ପିଛି ମୋ ମୁକୁଟ ।
କଣ୍ଠ ହେଲଣି ମୋର ଦାନ ଦକ୍ଷିଣାତକ
ଆଉମୋ ଗଲା ସବ ନାହିଁ ଏଥୁ ବିରତ । ୨ ।

ଶୈବ୍ୟା—ହାୟ ? ଧରଣୀ-ପାଳକ ବ୍ରାହ୍ମଣ-ରକ୍ଷକ ପୁଣ୍ୟମୟ ସୂର୍ଯ୍ୟବଂଶ କଣ ବ୍ରାହ୍ମଣ ଶାପ ପ୍ରଦାନର ଉପଯୁକ୍ତ କ୍ଷେତ୍ର ।

ରାଜା—ଦେବି ! ଶାପ ନୁହେ ମୁଁ ତାଙ୍କର ଅନୁଗ୍ରହ ଲାଭ କରିଛି । ସେ କୃପାକରି ମୋଠାରୁ ପୃଥିବୀ ଦାନ ଗ୍ରହଣ କରିଛନ୍ତି, କିନ୍ତୁ ଦାନକୁ ଦକ୍ଷିଣା ବଳି ପଡ଼ିଛି ।

ଶୈବ୍ୟା—କେତେ ଦକ୍ଷିଣା ନାଥ !

ରାଜା—ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ।

ଶୈବ୍ୟା—ଆମ୍ଭର ଭଣ୍ଡାରରେ କଣ ନାହିଁ ?

ରାଜା—ମୋର ଭଣ୍ଡାରରେ କି ଅଧିକାର ଅଛି ? ସବୁ ଋଷିଙ୍କର ।

ରାଣୀ—ତେବେ ଋଷିଙ୍କର ଦକ୍ଷିଣା କିପରି ପରିଶୋଧ ହେବ ନାଥ !

ରାଜା—ଦେବି ! ତୁମ୍ଭକୁ ଓ ରୋହିତକୁ ତୁମ୍ଭର ପିତା ଗୃହରେ ଛାଡ଼ି କାଶୀ ଧାମରେ ମୋର ଆତ୍ମ ବିକ୍ରୟ କରି ଋଷିଙ୍କର ଦକ୍ଷିଣା ପରିଶୋଧ କରିବି ।

ଶୈବ୍ୟା—ପୃଥିବୀନାଥ, ଆପଣ ତ ବ୍ରାହ୍ମଣଙ୍କୁ ସନ୍ତୋଷ କରିବା ଲାଗି ପୃଥିବୀ ଦାନ କଲେ, ଆଉ କାହାକୁ ସନ୍ତୋଷ କରିବାକୁ ଧର୍ମପତ୍ନୀ ତ୍ୟାଗ କରିବେ ?

ରାଜା—ଅଭିମାନିନି ! ମୁଁ କଣ ତୁମ୍ଭକୁ ପରିତ୍ୟାଗ କରୁଛି ! ପ୍ରିୟେ ଭିକ୍ଷୁକ ସାଥିରେ କେଉଁଆଡ଼େ ଯିବ ?

ରାଣୀ— ଗୀତ

ଯତ୍ର ହେଲେଟି ପତି ନେବ ମୁଁ ଭିକ୍ଷାପାତ୍ରୀ
ପତି ବିନା ମୋରଟି ନାହିଁ ଏ ଭବେ ଶାନ୍ତି ।

ରାଜା— (ଗୀତ)

କନକକେଳି ପଥେ ସ୍ଖଳିବୁ ତୁ କେମନ୍ତେ
ଦୁର୍ଗମ ପଥେ ଯିବା ଶୋଭିବ ନାହିଁ ତୋତେ
ତରୁଣୀ ତରୁତଳେ ଆଶ୍ରା କରିବୁ ନଚେତ୍
ଭରସା ନାହିଁ ମୋର ଦୁର୍ଦ୍ଦଶା ଅଛି ଘଟି । ୩ ।

ରାଣୀ—ନାଥ ! ମୋର ପତି ପୁତ୍ର ଯେଉଁଠି ମୋର ରାଜ୍ୟ ସେଇଠି, ଆଜ ଆପଣ ଯେବେ ଇନ୍ଦ୍ର ହୋଇଥାନ୍ତେ, ମୁଁ ପାରିଜାତ ହାର ଗଳାରେ ପକାଇ ଆପଣଙ୍କ ବାମ ପାର୍ଶ୍ୱରେ ଶଚୀ ହୋଇ ବସିଥାନ୍ତି ! ବିଧାତା ନିୟମରୁ ଯେବେ ଆପଣଙ୍କୁ ଭିକ୍ଷା ମାଗିବାକୁ ହେଲା, ତେବେ ମୁଁ ମଧ୍ୟ ଆପଣଙ୍କ ସହଚରୀ ହୋଇ କରଙ୍କ ବନ୍ଧନ କରି ବୁଲିବି । ହିମାଳୟ-ନନ୍ଦିନୀ ଜଗତ-ଜନନୀ ପତି ସଙ୍ଗେ ଯୋଗୀ ସାଜ କାଞ୍ଚନ ଦେହକୁ ଭସ୍ମ ଭୂଷିତା କରିଥିଲେ, ମୁଁ ମଧ୍ୟ ସେହି ମହାଶକ୍ତି ଅଂଶେ ଜନ୍ମ । ମହାରାଜ ପୁରୁଷର ବଳ ତାର ହୃଦୟରେ ।

ରାଜା—କାହିଁଗଲ ବିଶ୍ୱାମିତ୍ର, ଆସି ଦେଖ ତୁମ୍ଭେ ଘର କି ସାମାନ୍ୟ ଐଶ୍ୱର୍ଯ୍ୟ ନେଇଛ, ଆସି ଦେଖ, ଦେଖିଯାଅ ତୁମ୍ଭେ, ହରିଶ୍ଚନ୍ଦ୍ରକୁ କାଙ୍ଗାଳ କରିପାରି ନାହିଁ,ଥରେ ଆସି ଦେଖିଯାଅ ବିଶ୍ୱାମିତ୍ର, ହରିଶ୍ଚନ୍ଦ୍ର ବକ୍ଷରେ କି କୌସ୍ତୁଭ ଲକ୍ଷ୍ମୀରତ୍ନ ଶୋଭା ପାଉଅଛି, କି କମଳା ତାର ହୃଦୟ-ସାଗର ଆଲୋକିତ କରୁଅଛି, କି ତ୍ରିଲୋକ ଦୁର୍ଲଭ କି ଅସୀମ ପ୍ରେମରାଜ୍ୟ ସଙ୍ଗେ ନେଇ ତୁମ୍ଭଙ୍କୁ ଘର ମୃତ୍ତିକା ପୃଥିବୀ ତ୍ୟାଗକରି ଯାଉଛି । ଯେତେ କିଛି ସୁଖ ଅଛି ଏହି ଧରାତଳେ, ସକଳ ସୁଖର ସୁଖ ପତ୍ନୀ । ଚାଲ ପ୍ରିୟେ ଶୀଘ୍ରତର ଗୃହତ୍ୟାଗ କରିବା । ଏ ବେଶ ଭୂଷାରେ ଆଉ କିଛି ପ୍ରୟୋଜନ ନାହିଁ ।

ରାଣୀ—ବୁଝିଛି ମହାରାଜ ! ଏ ରତ୍ନ ଅଳଙ୍କାର ତ ମୋର ନୁହେ ।

ରାଜା—ପ୍ରିୟତମେ ! ତୁମ୍ଭେ ମୋର ସର୍ବସ୍ୱ । ତୁମ୍ଭଙ୍କୁ ଭୂଷଣହୀନା କପରି ଦେଖିବି ।

ରାଣୀ—ଏହି ଅମୂଲ୍ୟ ରତ୍ନହାର ଆଜଠାରୁ ମୁଁ ହିରା କଣ୍ଠି ଗଳାରେ ପିନ୍ଧିଥିବି । ଆସ ନାଥ ପିନ୍ଧାଇଦିଅ ।

ରାଜା—ଦୁଃଖର ଏତେ ପୁରସ୍କାର; ଜଗଦୀଶ୍ୱର ! ସ୍ନେହ ପାରିଜାତ ଦେଖାଇବା ଲାଗି ସହାନୁଭୂତି ଅମୃତ ପାନ କରାଇବା ଲାଗି କଣ ତୁମ୍ଭେ ଦୁଃଖ ସୃଷ୍ଟି କରିଅଛ ।

ରାଣୀ ଚାଲ ରୋହିତକୁ ସଙ୍ଗରେ ନେଇଯିବା ।

---

## ଷଷ୍ଠ ଦୃଶ୍ୟ

( ସଖୀବୃନ୍ଦ ଗୀତ )

ଆସ ଆସ ସହି ବେଳ ଆଉ ନାହିଁ
ଦୁଃଖ-ନିଶି ଘୋଟି ଆସିଲା,
ଅଯୋଧ୍ୟାର ଚନ୍ଦ୍ର ଦାତା ହରିଶ୍ଚନ୍ଦ୍ର
କାଳରାହୁ ଆସି ଗ୍ରାସିଲା ।
ନାହିଁ ଏ ଭବନେ ସୁଖ ଶାନ୍ତି ଆଉ
ହଟିଆ ବିଧାତା ସାଧିଲାଣି ଦାଉ
ଧରମ କରମ ସବୁ କ୍ରୂର କାଳ ଶୋଷିଲା ।

ବିଶ୍ୱାମିତ୍ର—ଏ କି କୋଳାହଳ, ବୋଧହୁଏ ଦାତା ହରିଶ୍ଚନ୍ଦ୍ର ବିଚ୍ଛେଦରେ ଅଯୋଧ୍ୟାବାସୀମାନେ ରାଜ୍ୟ ଛାଡ଼ି ପଳାଉଛନ୍ତି । ତେବେ ମୁଁ କାହାକୁ ଘେନି ରାଜ୍ୟ ଚଳାଇବି, ଏ କିଏ ?

( ସେନାପତି ପ୍ରବେଶ )

ବିଶ୍ୱାମିତ୍ର—ତୁମ୍ଭେ କିଏ, ତୁମେ କଣ ମନେ କରି ଆସିଲ ?

ସେନାପତି—ମହାରାଜ ହରିଶ୍ଚନ୍ଦ୍ର ମୋର ଅନ୍ନଦାତା । ତାଙ୍କ ଅନୁସନ୍ଧାନରେ ଯିବିବୋଲି ମନ୍ତ୍ରୀଙ୍କଠାରୁ ଅନୁମତି ନେବାକୁ ଆସିଅଛି ।

ବିଶ୍ୱାମିତ୍ର—ମନ୍ତ୍ରୀ ମହାଶୟଙ୍କ ଅନୁମତି ? ତେବେ ମୁଁ କଣ କେହି ନୁହେଁ ? ତୁମ୍ଭେ ଜାଣ, ତୁମ୍ଭର ରାଜା ମୋତେ ସର୍ବସ୍ୱ ଦାନ କରିଛନ୍ତି । ଏ ରାଜ୍ୟ ମୋର । ତୁମ୍ଭେମାନେ ମୋର ଅଧୀନ ପ୍ରଜା । ଆପଣା ଇଚ୍ଛାନୁସାରେ କାର୍ଯ୍ୟ କରିବା ତୁମ୍ଭମାନଙ୍କର ଅଧିକାର ନାହିଁ ।

ସେନା—ମହାରାଜ ହରିଶ୍ଚନ୍ଦ୍ର ଆପଣଙ୍କୁ ସର୍ବସ୍ୱ ଦାନ କରିଛନ୍ତି ସତ୍ୟ, ଏ ରାଜ୍ୟ ଆପଣଙ୍କର ଏକଥା ସତ୍ୟ;କିନ୍ତୁ ପ୍ରଜାଙ୍କର ଇଚ୍ଛା ଉପରେ ତାଙ୍କର କିଛି ଅଧିକାର ନଥିଲା କି ପ୍ରଜା ଇଚ୍ଛାକୁ ସେ ଦାନ କରି ପାରନ୍ତି ନାହିଁ । ପ୍ରଜାଙ୍କ ଇଚ୍ଛା ନ ଥିଲେ ସେ କଣ ବଳପୂର୍ବକ ରାଜ୍ୟରେ ବାସ କରାଇ ପାରିବେ ।

ବଶିଷ୍ଠ—ତୁମ୍ଭେ କଣ କହିବାକୁ ଚାହୁଁଛ ? ମନେରଖ, ଏ ଅଙ୍ଗୁଳିଚୟ ଆଜ ଫୁଲମାଳ ଧରିଛି ବୋଲି ଧନୁ ଗୁଣ ଟାଣିବା ପୂର୍ବସଂସ୍କାର ଭୁଲି ଯାଇନାହିଁ ?

ଜଳଧର—ଆପଣଙ୍କର ପୂର୍ବସଂସ୍କାର ଥାଇପାରେ, କିନ୍ତୁ ଜଟା ବଲ୍କଳ ଧାରଣକରି ରଣକ୍ଷେତ୍ର କରିବା କ୍ଷତ୍ରିୟର ଧର୍ମ ନୁହେଁ ।

ବଶିଷ୍ଠ—ତୁମ୍ଭର କଥା ବିଦ୍ରୋହ-ଉତ୍ତେଜକ । ବିଦ୍ରୋହୀର ଶାସ୍ତି ପ୍ରାଣଦଣ୍ଡ ।

ଜଳଧର—କେ କହେ ବଶିଷ୍ଠମିତ୍ର ହୃଦୟରେ ଦୟା ନାହିଁ । ଦୟାମୟ ଶୀଘ୍ର ସେକଥା କରନ୍ତୁ, ଶୀଘ୍ର ପ୍ରାଣଦଣ୍ଡ ଆଜ୍ଞା ଦିଅନ୍ତୁ । ସେତିକି ହେଲେ ଏ ଦଗ୍ଧ ନୟନ ରାଜଚକ୍ରବର୍ତ୍ତୀ ହରିଶ୍ଚନ୍ଦ୍ରଙ୍କୁ ଆଉ ଭିକାରି ବେଶରେ ଦେଖିବ ନାହିଁ । ରାଜର୍ଷି ! ପ୍ରକୃତରେ ମୁଁ ବିଦ୍ରୋହୀ । ଯମାଳୟ ମୋର ଉପଯୁକ୍ତ ସ୍ଥାନ ।

ବଶିଷ୍ଠ—ତୁମ୍ଭେ ପ୍ରାଣଭୟ କର ନାହିଁ, ଆଚ୍ଛା ତୁମ୍ଭେ ଯାଅ ।

---

# ଷଷ୍ଠ ଅଭିନୟ

## ପ୍ରଥମ ଦୃଶ୍ୟ

( ହରିଶ୍ଚନ୍ଦ୍ର, ଶୈବ୍ୟା ଓ ରୋହିତ )

ରୋହିତ—ମା,ମା, ମୁଁ ଆଉ ଚାଲିପାରିବି ନାହିଁ । ମୋର ଗୋଡ଼ କଟା ହୋଇ ଯାଉଛି ।

ଶୈବ୍ୟା—ବାପରେ, ଆଉ ଅଳ୍ପବାଟ ଚାଲ, ଆଗରେ ଗ୍ରାମ ପଡ଼ିବ । ସେଇଠାରେ ବିଶ୍ରାମ ନେବା ।

ରୋହିତ—ନା ମା, ମୁଁ ଆଉ ଦଣ୍ଡେ ଚାଲିପାରିବି ନାହିଁ ।

( କ୍ରନ୍ଦନ ଗୀତ )

ପାଦ ଆଉ ଚଳୁନାହିଁ ଶୁଖିଲାଣି କଣ୍ଠ ମା,
ଆଣିଦିଅ ମୋତେ ଅନ୍ନ ଭୁଞ୍ଜିବି କରି ଯତନ
ହେବ ଏ କ୍ଷୁଧା ମେଣ୍ଟଣ ଯିବି ଚାଲି ଝଟ ମା ।

ମୋତେ ଟିକିଏ ଅନ୍ନ ଦିଅ, ମୁଁ ଖାଇଲେ ବଞ୍ଚିବି ନଚେତ୍ ମୋର ପ୍ରାଣ ଗଲା ।

ଶୈବ୍ୟା—ହା ଦଇବରେ, ଯାହାକୁ ଘରେ ଖୀର ପୁଷ ରୁଚେ ନାହିଁ, ସେ ଆଜ ସାମାନ୍ୟ ଭାତମୁଠାକ ପାଇଁ ଏତେ ଆତୁର, ନାଥ କଣ କରିବି ।

ରାଜା—ପ୍ରିୟେ ମୋର ବୁଦ୍ଧି କଣ ।

ରୋହିତ— (ଗୀତ)

ଚରଣ ଚାଲୁ ନାହିଁ ଘର ପ୍ରଜ୍ୱଳିତ ହୁଏ ମୋହର
କ୍ଷୁଧାନଳ ଦିଏ ଘାର ସହିନୁହେ କଷ୍ଟ ମା ॥
ମା ଏଇଥର ପ୍ରାଣଗଲା ।

ଶୈବ୍ୟା—ନାଥ ! କଣ କରିବି ? କେଉଁଠାରୁ ଅନ୍ନ ପାଇବି । ଆପଣ ହେଲେ ଯାଆନ୍ତୁ କେଉଁଠାରୁ ଅନ୍ନଟିକିଏ ମାଗି ଆଣିବେ ।

ରାଜା—କେଉଁଠାକୁ ଯିବି, କଣ କହି ମାଗିବି ।

ଶୈବ୍ୟା—ନାଥ । ଲଜ୍ଜା କରୁଛନ୍ତି ?

ରାଜା—ପ୍ରିୟେ ! କି କଥା କହୁଛ, ରୋହିତ କ୍ଷୁଧାରେ ଆତୁର, ହେଉଛି, ମୋତେ ଲଜ୍ଜା ହେଉଛି ? ତେବେ ସନ୍ଧାନ କରେ ।

ରାଣୀ—ହା ଦଇବ ! ତୋର ଏହି ବିବେକ, ତୋହର ଏହି ବିଚାର । ଯାହାର ଅନ୍ନରେ ଅଯୋଧ୍ୟାବାସୀ ପ୍ରତିପାଳିତ, ସେ ଆଜ ପଥର ଭିକାରି ।

(ଗୀତ) ଉଚ୍ଚ କି ନ କଲରେ ଏ ଦଣ୍ଡ ଦେଲୁ ।
ଦଣ୍ଡ-ଛଳଧାରି ଅନ୍ନ ଛଡ଼ା ନେଇଗଲୁ ।

ଯାର ପାଦତଳେ କୋଟି କୋଟି ଦାସ ଦାସୀ, ଯାର ଭଣ୍ଡାର କୁବେରର ଭଣ୍ଡାର ପରି, ଯାର ଲକ୍ଷ ଲକ୍ଷ ଲୋକଙ୍କୁ ଦୈନିକ ପଡ଼ ଖଞ୍ଜା, ସେ ପୁଣି ଆଜ ଘନ ଅରକ୍ଷ ।

(ଗୀତ)

ଯେ ଦାନ ପଣରେ ଶ୍ରେଷ୍ଠ
ଯା ନାମ ଘୋଷେ ଜଗତ ।
ସେ ଆଜ ଘନ ଅରକ୍ଷ
କହିଲ ବଡ଼େ ଭିକ୍ଷା ମାଗିଲୁ ।

ଦଇବରେ ! ତୁ କ୍ଷଣକେ ମାନବକୁ ହସାଇ ଦେଇ ପାରୁ, କ୍ଷଣକେ କନ୍ଦାଇ ପାରୁ, ତୋର ଲୀଳା କେ ବୁଝିବ । କାହିଁ ରାଜରାଜେଶ୍ୱର, କାହିଁ ପଥର ଭିକାରି । ଏଇ ଆସିଲେ ପରା, ବାପ ! ଉଠୁ ।

ହରି — ପ୍ରିୟେ ! ମୁଠିଏ ଭାତ ବୋହରିଣି ମିଳିଲା, କୌଣସି ପାତ୍ର ନ ପାଇ ଏ ଖପରା ଖଣ୍ଡିକରେ ଆଣିଲି । ମନରେ କୌଣସି କଷ୍ଟ ଆଣିବ ନାହିଁ । ରୋହିତକୁ ଉଠାଅ ( ରୋହିତ ଉଠି )

ରୋହିତ—ମା ମୁଁ କଣ ଏକା ଖାଇବି ? ବାବାତ କାଲିଠାରୁ କିଛି ଖାଇନାହାନ୍ତି, ତୁମେ ବି ଉପବାସରେ ଅଛ । ଆସ ସମସ୍ତେ ବାଣ୍ଟିକରି ଖାଇବା ।

ରାଜା —ଆଚ୍ଛା ତୁ ଖାଇସାର, ଆମ୍ଭେମାନେ ପଛରେ ଖାଇବୁ ।

ରୋହିତ — ନାହିଁ ନାହିଁ , ତୁମ୍ଭେ ଆଗ ନିଅ ।

(ତଥାକରଣ)

ଭିକ୍ଷୁକମାନେ—ହେ ବାବା, ହେ ମା, ଈଶ୍ୱର ତୁମ୍ଭର ମଙ୍ଗଳ କରିବେ, ଆମ୍ଭମାନଙ୍କୁ ଗଣ୍ଡିଏ ଦେ, ହେ ମା, ହେ ବାବା !

ଗୀତ—

ଦେ ଦେ ଦେରେ ବାବା ଭିକାରୀକୁ ମୁଠାଏ ଦେ ।
ସରିଯିବ ନାହିଁ ଟି ତୋର
ହରି ତୋର ବଢ଼ାଇ ଦେବେ ।
ପରପେଟ ଚିହ୍ନିଲେ ତୁହି ।
ତୋର ପେଟ ଜାଣିବ କେହି ।
ଦୟା ପଦ ଯା ଠାରେ ନାହିଁ
ଧିକ ଜନ୍ମ ତାର ଏ ଭବେ
ହେ ମା ମୁଠାଏ ଦେ ।

ହରି—ଆରେ ଭାଇ, ଆମ୍ଭେମାନେ ତୁମଠାରୁ କାଙ୍ଗାଳ । ବର୍ତ୍ତମାନ ମୁଠିଏ ଏ ଗ୍ରାମରୁ ମାଗି ଆଣି ତିନପ୍ରାଣୀ ଘେରି ବସିଛୁଁ ।

ଭିକ୍ଷୁ—ଆରେ ସେଇଥିରୁ ମୁଠାଏ ଦେ ।

ରୋହିତ- ବାବା ! ମୁଁ ଖାଇବି ନାହିଁ । ମୋର କ୍ଷୁଧା ତୃଷା ଏମାନଙ୍କୁ ଦେଖି ପଳେଇଗଲାଣି, ତୁମ୍ଭେ ଖାଇବତ ଖାଅ, ମୋ ଭାଗ ଏ କାଙ୍ଗାଳମାନଙ୍କୁ ଦେବି ।

ହରି- ରୋହିତ, ତୁ ଅବୁଝା ହେବାରୁ ଆମ୍ଭେମାନେ ବସିଥିଲୁ ସିନା ହେ ତୋର ଇଚ୍ଛା, ପାଆ କାଙ୍ଗାଳମାନଙ୍କୁ ଦେ । ( ଭିକାରୀଙ୍କୁ ଦେବା )

ଶୈବ୍ୟା—ଚାଲ ନାଥ କୌଣସି ଗ୍ରାମ ନିକଟକୁ ଯିବା ।

ରାଜା—ଚାଲ ତେବେ ।

---

## ଦ୍ୱିତୀୟ ଦୃଶ୍ୟ

( ବ୍ରାହ୍ମଣ ଦୁଇଜଣ )

୧ମ—ଭାଇନା, ଆମ୍ଭଠାରୁ କପାଳିଆ ଏ ଦୁନିଆରେ କେହି ନାହାନ୍ତି, କହନ୍ତି ବ୍ରାହ୍ମଣ କାଙ୍ଗାଳ, ଏଣୁ ଦାତା ହରିଶ୍ଚନ୍ଦ୍ର ଯୋଗୁ ଆମ୍ଭମାନଙ୍କ କାଙ୍ଗାଳପଣିଆଟା ଛାଡ଼ିଯାଇଛି । କଣ ଖାଇବ ? ପୁରି ଲଡ଼ୁ ଛଡ଼ା ତ ଚଡ଼ା ଦୁଡ଼ୁମ ପତରରେ ପଡ଼େନାହିଁ । ବସାଦରି ତୁଣ୍ଡରେ କଣ୍ଟାହୋଇ ବଢ଼ିଆସେ । ଆଉ ପ୍ରତିଦିନ ଦାନ ନେଇ ନେଇ କୋଠାବାଡ଼ି କରିଗଲୁଣି । ଆଉ ଏପରି ରାଜା କେବେ ଏ ଦେଶ ଦେଖି ନ ଥିଲୁ ।

୨ୟ—ଗୋବର୍ଦ୍ଧନ ! କୋଠାବାଡ଼ି ତ ହେଲାଣି । ଆଉ ଦରଉଣ୍ଡୁ କଥା ।

୧ମ—ଭାଇନା, ତୁଣ୍ଡିନାକ ପ୍ରକୃତଃ ନୈବମୂର୍ଣ୍ଣ୍ୟରେ । ଠିକି ପଦ ସ୍ୱର୍ଗକୁ ଯାଏ, ଧାନ ଚୁଟାରୁ ବ ରହିତ ହେବ, ସେଟା ଆମ୍ଭ ପିତୃ-ପିତାମହଙ୍କ ବେଉସା ।

୨ୟ—ଚାଲ ଦାନ ସମୟ ହୋଇଗଲାଣି, କଥା କହୁ କହୁ ଦିନ ଯିବ ।

(ଜୟ ଦାତା ହରିଶ୍ଚନ୍ଦ୍ରଙ୍କର ଜୟ)

( ଦୂତର ପ୍ରବେଶ )

କାହାର କଣ ହେଲାଣି ଏଗୁଡ଼ାଙ୍କର ଖାଲି ପେଟଚିନ୍ତା ।

୧ମ—କିରେ ଦୂତ, ଆଜ କଣ ଦାନ ସରିଗଲାଣି କି ?

ଦୂତ—ହିଁ, ଦାନ ସରିଗଲାଣି, ବ୍ରାହ୍ମଣମାନେ ଭୋଜନରେ ବସିଛନ୍ତି ।

୧ମ—ଭାଇନା, ଯେଉଁଠି ଥିବ ଟୋ କନ୍ଧ କନ୍ଧ ଦିନ ଯିବ, ଏବେ ସଇଲ । ହେ ଦୂତ ! କହ ବେଶୀ ନାହାନ୍ତି ଦୁଇଜଣ ବ୍ରାହ୍ମଣ ଉପବାସରେ ରହିଯାଉଛନ୍ତି ।

ଦୂତ—ନା ନା, ସେ କଥା ହେବନାହିଁ ।

ବ୍ରାହ୍ମଣ ମହାରାଜ ! ଦୁଇଜଣ ଗରିବ ବ୍ରାହ୍ମଣ ଉପବାସରେ ମଲେ, ଭୋଜନ ମୁଠିଏ ମିଳୁ ।

ଦୂତ—ମଲେରେ ଏଗୁଡ଼ାକ । ହେ ଗୋସାଇଁ ! ଆଜ ହରିର ହୋଇଥିଲା ସେଉଁମାନେ ଫଙ୍ଗତପରେ ଆସିବେ ସେମାନେ ଫେରିଯିବେ; ଯଦି ବିଶେଷ ଜଞ୍ଜାଳ କରନ୍ତି ତେବେ ମୁଠାଏ ମିଳିବ, କିନ୍ତୁ ଗୋଟିଏ କାର୍ଯ୍ୟ କରିବାକୁ ହେବ ।

୧ମ—କି କାର୍ଯ୍ୟ କୁହ ଆମ୍ଭେ ପ୍ରସ୍ତୁତ ।

ଦୂତ—ତୁମ୍ଭେମାନେ କାନ ନାକ ଧରି କୋଡ଼ିଏ ଥର ଉଠ୍ ବସ ହୁଅ, ତା ପରେ ମିଳିବ ।

(ବ୍ରାହ୍ମଣ ତଥା କରଣ)

ଦୂତ—ଥାଉ ଥାଉ, କାହାର କଣ ହେଲାଣି ସ୍ୱାଙ୍ଗ ନବ ଭାଙ୍ଗିନାହିଁ ।

(ଗୀତ)

ନନା, ଯାଉଲାଣି ଦୟା ଧରମରେ ପୋଡ଼ା କରମ
ଏ ଅଯୋଧ୍ୟାଧାମ ହେଲା ଆଜି
ଶୂନ୍ୟ ଦଇବର ଦୁର୍ଘଟଣ
ନନା ! ସବୁ ସରିଗଲାଣି ସବୁ ସରିଗଲାଣି
ଏ ଅଯୋଧ୍ୟାଶିରୀ ବୁଲି ଗଲାଣି !

୧ମ—କଣ କଥା କଣ ?

ଦୂତ— (ଗୀତ)

ବିଶ୍ୱାମିତ୍ରେ ଦାନ ଦେଲେଣି ରାଜନ
ଏ ପୁଣ୍ୟ ଅଯୋଧ୍ୟା ଧାମ ।

ନନା ! ଏ ରାଜସିଂହାସନ ରାଜା ଆମ୍ଭର ବିଶ୍ୱାମିତ୍ରଙ୍କୁ ଦାନକରି ଏଠାରୁ କାଶୀ ଗଲେ ।

୧ମ—ହେଉଛି ଜଣ କହୁଛୁ, ସତ କଥା, ଆଜ୍ଞା କାହିଁକି କାଶୀ ଗଲେ ।

ଦୂତ— (ଗୀତ)

ଦାନର ଦକ୍ଷିଣା ଦେବେ ଠିକଣା
ଆତ୍ମାବିକ ତନିକରି ।

ନନା ! ରାଜା ଆମ୍ଭର ପ୍ରାର୍ଥନା ଦାନକର ଦକ୍ଷିଣା ନ ପାଇବାରୁ କାଶୀ କ୍ଷେତ୍ରକୁ ଗଲେ । ସେଠାରେ ଆତ୍ମ-ବିକ୍ରୟ କରି ଋଷିଙ୍କ ଦକ୍ଷିଣା ଦେବେ ।

ଦୂତ— (ଗୀତ)

ବାଳକୃଷ୍ଣ ବୋଲେ କି ହେବ ଭାବିଲେ
ଝୁରି ଝୁରି ଯିବ ଦିନରେ

ନନା ! ସବୁ ସରି ଗଲାଣି, ଯାଅ, ଆଉ କାହିଁକି ବ୍ୟସ୍ତ ହେଉଛ ।

୧ମ ଭାଇନା ! ଆଜି ଯେଉଁ ବଡମଙ୍ଗଳ ମୁହଁ ଗୁହିଁ ଘରୁ ବାହାରିଥିଲେ କେଡ଼େ ବଡ଼ କଥାଟାଏ ଶୁଣିଲେ, ଚାଲ ଗୋଡ଼ାଇ ଗୋଡ଼ାଇ ଯିବା, ଟିକିଏ ଦେଖାକରି ଆସିବା ।

---

## ତୃତୀୟ ଦୃଶ୍ୟ

ରାଜା-ରାଣୀ-ରୋହିତ ।

ରାଜା—ପ୍ରିୟେ ! ତୁମ୍ଭଙ୍କୁ ବହୁତ କଷ୍ଟ ହେବଣି, ମୋତେ ଦିଅ ମୁଁ କିଛି ପଥ କୋଳକରି ନେଇ ଯାଏ, ଆ ! ବାପ ମୋ କୋଳକୁ ଆ' ( କୋଳ କରି ) କାଶୀହାଟ ଆଉ କେତେ ବାଟ ପଡ଼ିବ କେହି ଲୋକ ଦେଖା ହେଲେ ପଚାରନ୍ତେ, ଏମାନେ କିଏ ।

୨ୟ ବ୍ରାହ୍ମଣ—ଗୋବର୍ଦ୍ଧନ ଦେଖିଲୁଣି କିଏ ଦୁଇ ତିନିଜଣ ଯାଉଛନ୍ତି ।

୧ମ—ଭାଇନା ! ତମ ଆଡିରେ କଣ ପରଳ ମାଡ଼ିଗଲାଣି କି, ଏଗୁଡ଼ାକ କିଏ କାଙ୍ଗାଳ ଯାଉଛନ୍ତି, ଆଜ୍ଞା ଏହାଙ୍କଠାରୁ ସନ୍ଧାନ ବୁଝିବା । ହଇହେ ! ଏବାଟେ ଅନ୍ନ ମହାରାଜ ଗଲେ କି ?

ହରି—ତୁମ୍ଭ ମହାରାଜ କିଏ, ଆମ୍ଭେତ ଚିହ୍ନିନାହୁଁ ।

୧ମ—ତୁ ଚିହ୍ନିନାହୁଁ, ଦାତା ହରିଶ୍ଚନ୍ଦ୍ରଙ୍କୁ ଚିହ୍ନିନାହୁଁ ।

ହରି—ସେ କେବେ ଦାତା ଥିଲେ ବର୍ତ୍ତମାନ ପଥର ଭିକାରି । ବ୍ରାହ୍ମଣମାନେ ! ଏ ହତଭାଗା ସେହି ହରିଶ୍ଚନ୍ଦ୍ର ।

( ପ୍ରଣାମ କରଣ )

୧ମ—ହା ବିଧାତାରେ ! ରାଜଚକ୍ରବର୍ତ୍ତୀଙ୍କର ଏହି ଦଶା, ମହାରାଜ ଅଜଣାରେ କଣ କହି ପକାଇଲୁ !

ହରି—କିଛି ଚିନ୍ତା ନାହିଁ, ତୁମ୍ଭେମାନେ କୁଆଡ଼େ ଆସିଲ ।

୧ମ—ମହାରାଜ ! ଆମ୍ଭେମାନେ ତୁମ୍ଭର ଅନ୍ନରେ ପ୍ରତିପାଳିତ, ଆଜି ରାଜନବରକୁ ଦାନ ଆଶାରେ ସାଇଁ ଆପଣଙ୍କ ଅବସ୍ଥା ଶୁଣି ସାକ୍ଷାତ ନିମନ୍ତେ ଆସିଲୁ ।

ରାଜା—ଗୋସାଇଁ ! ହରିଶ୍ଚନ୍ଦ୍ରଙ୍କର ଆଉ ରାଜ୍ୟ ନାହିଁ, ହରିଶ୍ଚନ୍ଦ୍ର ଘୋର ଭିକାରୀ !

ରୋହିତ—ପିତା ମୋର ଗଳାରେ ଏ ଯେଉଁ ରତ୍ନ ହାରଟି ଅଛି ତାକୁ ଏ ବ୍ରାହ୍ମଣମାନଙ୍କୁ ଦେଇ ଜୀବନ ଧନ୍ୟ କରନ୍ତୁ ।

ବିଶ୍ୱାମିତ୍ର—ଜୀବନ ଧନ୍ୟ କରିବ ସତ୍ୟ, କହ ବତ୍ସ ! ଏ ହାର ତୋର ପିତା ଦେଇଥିଲେ ନା କୁବେର ଭଣ୍ଡାରରୁ ଜୟ କରି ଆଣିଥିଲୁ ।

(ଗୀତ)

କହ ରାଜସୁତ କାହାର ଏ ବିତ୍ତ
ଅର୍ପୁଛୁ ବ୍ରାହ୍ମଣ କରେ ।
ପୈତୃକ ସମ୍ପତ୍ତି, ପିତା ତୋର ଅର୍ପି,
ଦେଇଛନ୍ତି ମୋହ କରେ ।
ତୁ କି ନ ଜାଣୁ ଧନ,
(ଆଜି) ବ୍ରାହ୍ମଣ ହରଣେ ଦେଉ ମନ ॥

ମହାରାଜ ! ପୁତ୍ରକୁ ବେଶ୍ ଶିକ୍ଷା ଦେଉଛନ୍ତି, ବତ୍ସ ! କା'ର ଧନ ଏଠାରେ ଦାନ କରୁଅଛ ?

(ଗୀତ)

ଅଙ୍ଗ ଅଳଙ୍କାର          କାଢ଼ିରେ କୁମର
କୁଣ୍ଠିତ ନ ହୁଅ ମନେ ।
ତୋ ନିଜ ଅର୍ଜନ          କରି ପାରୁ ଦାନ,
ଡକାଇ ଯୋଗ୍ୟ ବ୍ରାହ୍ମଣେ;
ନହିଁ ନାହିଁ ତୋହ୍ରା ।
ଦାନପଟେ ହୁଅ ସାମରଥା ।୨।

ବତ୍ସ ! ତୋର ନିଜ କମେଇବାର ଯାହା ଦାନ କରିବୁ ତହିଁରେ ମୋର କିଛିମାତ୍ର ଦାବୀ ନାହିଁ, ଏ ପଦାର୍ଥ ମୋର ତେଣୁ କାଢ଼ି ଦେ (ଓହ୍ଲାଇ ନେବା) ବ୍ରାହ୍ମଣେ ଧିକ୍ ଧିକ୍ ଧିକ୍ !

ବିଶ୍ୱା—ଚୂପ୍‌କର ବ୍ରାହ୍ମଣେ, ମୋତେ ଚିହ୍ନି ନାହିଁ ?

ବ୍ରାହ୍ମଣେ—ରାଜର୍ଷି ! ବେଶ ଚିହ୍ନୁ, କଅଁଳା ପିଲା ତଣ୍ଟିରୁ ପି ଧନ ନେବା ବୃତ୍ତିକୁ କିଏ ନ ଚିହ୍ନିବ, ମହାରାଜ ! ଦୟାକରି ଅନୁମତି ଦିଅନ୍ତୁ ଏ ଋଷିଙ୍କର ଯାହା ପ୍ରାପ୍ୟ ଆମ୍ଭେମାନେ ଦେଇ ଆପଣଙ୍କୁ ଋଣମୁକ୍ତ କରାଇବୁ ।

ରାଜା—(ସ୍ୱଗତ) ବିଶ୍ୱନାଥ ! କିଏ କହିବ ତୋ ଜଗତରେ ଦୟା ନାହିଁ, ସୁହୃଦୟତା ନାହିଁ; ପରଦୁଃଖ କାତରତା ନାହିଁ, ଦାନପ୍ରାର୍ଥୀ ଭିକ୍ଷୁକ ବ୍ରାହ୍ମଣ ମୋଠୁ କିଛି ପାଇବା ଆଶାରେ ଆସିଥିଲେ, ସେମାନେ ପୁଣି ତାଙ୍କର ବହୁ ଦୁଃଖ କଷ୍ଟାର୍ଜିତ ଧନ ଦେଇ ମୋତେ ଏ ବିପଦରୁ ଉଦ୍ଧାର କରିବାକୁ ଉଦ୍ୟତ ।

ବିଶ୍ୱା—ମହାରାଜ ! କ'ଣ ଭାବୁଛନ୍ତି ? ଆପଣଙ୍କ ପୁଣ୍ୟ ବଳରୁ ଏ ଭିକାରୀ ବ୍ରାହ୍ମଣ ବି ଦାତା, ଏବେ ବ୍ରହ୍ମସ୍ୱ ହରଣ କରି ବ୍ରାହ୍ମଣ ଋଣ ପରିଶୋଧ କରନ୍ତୁ ।

ରାଜା—ବ୍ରାହ୍ମଣମାନେ; ତୁମ୍ଭଠାରୁ ଆଶୀର୍ବାଦ ଛଡ଼ା ଅନ୍ୟ କିଛି ଗ୍ରହଣ କରିବା କ୍ଷତ୍ରିୟର ନିୟମ ନୁହେଁ; ଋଷିବର ! ମୋତେ ଉପାୟ କହନ୍ତୁ କିପରି ଋଣମୁକ୍ତ ହେବି ।

ବିଶ୍ୱା—ବିପ୍ରଙ୍କୁ ସେବା କରି କି କର ପାରେ ତ ।

ହରି—ତେବେ ଆପଣଙ୍କ ସେବକରେ ରଖନ୍ତୁ ।

ବିଶ୍ୱା—ମୋର ଆବଶ୍ୟକ ନାହିଁ, ଅନ୍ୟଠାରେ ସନ୍ଧାନ କର, ସମୟ ଅତୀତ ହେଉଛି ! ମୁଁ ଆସେ !

ହରି—ଗୋସାଇଁ ! ଟିକିଏ କାଶୀ ହାଟକୁ ବାଟ ଦେଖାଇ ଦିଅନ୍ତୁ । (ପ୍ରସ୍ଥାନ)

---

# ୪ର୍ଥ ଅଭିନୟ

## ପ୍ରଥମ ଦୃଶ୍ୟ

(ମାଧବଶର୍ମା ଜଟାଧାରୀଙ୍କର ପ୍ରବେଶ)

ମାଧବ—          ଗୀତ

ଭଣଜାରେ ! ଲୋଡ଼ ନିଜ ନିଜ ବାହାରେ ।

ଏ ଯେ କଳିକାଳ ହରିବ ବୁଦ୍ଧିବଳ
ମଜିବ ଖଳ କଥା ଯାହାରେ ॥

ଭଣଜା ! ଏ ଯେଉଁ ସମସ୍ତ ପଢ଼ୁଛୁ ହାତେ ମାପ ବୃଖଣ୍ଡିକରେ ଝୁଲିବ ?

ଜଟା—ମାମୁଁ ଆଉ କ'ଣ ?

ମାଧବ— ଗୀତ

ଅନ୍ନବୀର୍ଯ୍ୟା ହେଲ ପୃଥ୍ୱୀ ମାନବ ଆୟୁ ତୁଟି
ଭାସିଲେ ପାପବୋଝେ ନାହାରେ ।

ଭଣଜା ଆଜକାଲି ଲୋକେ ପାପକଥାରେ ରତ ହେବାରୁ ଭୂମି ହାନି, ମନୁଷ୍ୟ ହାନି; ସବୁଥିରେ ହାନି ପଡ଼ିଗଲା ।

ଜଟା—ମାମୁଁ ଏତେ କଥା ତୁମ୍ଭେ ଜାଣ, ତେବେ ବୁଢ଼ାଦିନେ ଗୋଟିଏ ଛଡ଼ ହେଉଥିଲ କାହିଁକି ?

ମାଧବ— ଗୀତ

ମାଈପେ ହେଲେ ଷଣ୍ଢ ସ୍ୱାମୀରେ ଦେଲେ ଦଣ୍ଡ
ଘଣ୍ଟେ ଏ କାଳେ ହେଲେ ଯାହାରେ ॥

ଆରେ ଭଣଜା ଏ ମାଈପଙ୍କୁ ବଳ ନାହିଁ । ତାଙ୍କ କଥା ନ ଜଗି ଚଳିଲେ ଘୁଞ୍ଚୁଣି ପାହାର ଥୁଆ । ହଇରେ ଭଣଜା । ତୋ ମାଈଁ ମୋତେ ରଖିଦେଲା ନାହିଁ, ସେ ଟିକିଏ କୋମଳାଙ୍ଗୀ । କାର୍ଯ୍ୟ ଧନ୍ଦା ପାରେ ନାହିଁ, ସେଥିଯୋଗୁ ଗୋଟିଏ ଚାକରାଣୀ ଦରକାର, କ'ଣ କରିବା କହିଲୁ ? ସେ ତ ରଖିଥୋଇ ଦେଲା ନାହିଁ ।

ଜଟା—ମାମୁଁ, ତେମେ ପାରୁ ନାହିଁ । ମାଈ ଯେବେ ମୋ ହାବୁଡ଼େ ପଡ଼ନ୍ତା ?

ମାଧବ—ପାଜିଟୋକା ! ହଇରେ ଟୋକା ! ମାଈଁ ତୋ ହାବୁଡ଼େ କ'ଣ ପଡ଼ନ୍ତା ? ବଗୁଲିଆକାନ୍ଦା—

ଜଟା—ତେବେ ମୁଁ ଯାଉଛି ।

ମାଧବ—ଆରେ ଆ, ଆରେ ଆ, ମୋର ସେଥିରେ କାଇଲି, ହଇରେ ଯେଉଁ ସକାଳେ ଆଇଲେ ସେ କଥା ଟିକିଏ ବୁଝ ।

ମାମୁଁ—ଦେଖିଲୁ ଏ କିଏ ଦୁଇଜଣ ଆସୁଛନ୍ତି ।

(ଶୈବ୍ୟା ଓ ରୋହିତର ଗୀତ)

ହେ କାଶୀବାସୀ କା'ର ଦାସ ଦାସୀ
ଲୋଡ଼ା ଅଛି କି ଆସ ଆସ ହେ ।
ଚିରକାଳ ଆଶ୍ରି ହୋଇବୁ ବିଶ୍ୱାସୀ
ନିଆଶ୍ରିରେ ଦିଅ ବାସ ହେ ।

ହେ କାଶୀବାସୀ କା'ର ଦାସ ଦାସୀ ଲୋଡ଼ା ଅଛି କି ? କିଏ ନିଆଶ୍ରି ମାନଙ୍କୁ ମୂଲ୍ୟ ଦେଇ ଖରିଦ କରିବ ।

ଜଟା—ମାମୁଁ ! ଗାଈ ବାଛୁରୀ ହେଲେ ?

ମାଧବ—ଚୁପ୍ କହ ! ଆଲୋ ମା ? ତୋର ମୂଲ୍ୟ କେତେ, ତୁମ୍ଭି ବିକିଯିବ ହେବୁ ?

ଶୈବ୍ୟା—ଗୋସାଇଁ ! ଏକା ମୋର ?

ଜଟା—ନା, ତୋ ଘର ହାଣ୍ଡି ମାଠିଆ, ଚୁଲିବାଉଁଶିଆ ପର୍ଯ୍ୟନ୍ତ ।

ରୋହିତ— ଗୋସାଇଁ ! ଥଟା କରିବା ଆବଶ୍ୟକ କ'ଣ ?

ଜଟା—ତୋତେ ଦେଖିକରି ? ମାରିବ ଏକ ଚୁପୁଡ଼ା ଯେ,—

(ଚୁପଡ଼ା ଧାଡ଼ ମାଧବ ପଡ଼ିଯାଇ)

ମାଧବ—ଆରେ ଜଟା ମାରି ପକାଇଲୁରେ, ଓହୋ;

ଜଟା—ମାମୁଁ ! ମୁଁ କ'ଣ ତମକୁ ମାରୁଥିଲି ।

ମାଧବ—ସେ ପିଲାଟେଇଁ ଯଦି ଏ ଚୁପୁଡ଼ା ବାଜିଥାନ୍ତା ସେ କି ପ୍ରାଣ ପାଇଥାନ୍ତା । ଜଟା ! ତୋର ଭଲ ଲୋକ ମନ୍ଦ ଲୋକ ବିଚାର ନାହିଁ ।

ଜଟା—ଓହୋ ଭଦର ଲୋକ, ମାମୁଁ ? ବିକିସୁ ହେବ କିପରି ?

ମାଧବ—ହଉଲୋ ମା, ମୂଲ୍ୟ କହିଲୁ ଶୁଣିବା ।

(ଶୈବ୍ୟା ଗୀତ)

ସହସ୍ରେକ ସ୍ୱର୍ଣ୍ଣ ପ୍ରୟୋଜନ ମମ
ଏ ଜୀବନ କାଳ-ପାଶ ହେ ।
ହେବ କି କଲ୍ୟାଣ କରିବେ ଗ୍ରହଣ
ଦେଇ ଧନ କରି ତୋଷ ହେ ।

ଗୋସାଇଁ ! ମୋର ସହସ୍ର ସ୍ୱର୍ଣ୍ଣମୁଦ୍ରା ଆବଶ୍ୟକ ?

ଜଟା—ମାମୁଁ, ମୂଲ୍ୟଟା ତ ଖୁବ୍ ଲମ୍ବା ଚଉଡ଼ା ଦେଖୁଛି, ଘରକୁ ଗଲେ ସୁନା ଲଣ୍ଡ ହଟିବ କି ?

ମାଧବ—ଆଲୋ ମା, ଏତେ ମୂଲ୍ୟ ତ ମୁଁ ଦେଇ ପାରିବି ନାହିଁ । ଅନୁମତି ହଉଛୁ ।

ମାଧବ—ଭଲ ହେଲା !

ଜଟା – ମାମୁ, ବାଘଛାଲ ଖଣ୍ଡେ ପିଠିରେ ବାନ୍ଧିଥା !

ବିଶ୍ୱାମିତ୍ର – ଏଇ ଯେ ମା ଲକ୍ଷ୍ମୀ ଏଇଠି ଅଛନ୍ତି, ତୁମର ସ୍ୱାମୀ କାହାନ୍ତି ? ମୋ ଦକ୍ଷିଣା ପ୍ରସ୍ତୁତ ହେଲାଣି ତ ?

ଶୈବ୍ୟା – ଦେବ ! ଆପଣଙ୍କ ଆଶୀର୍ବାଦରୁ ଅର୍ଦ୍ଧେକ ପାଇଅଛୁ !

ବିଶ୍ବା – ଅର୍ଦ୍ଧେକ, ପୁଣି ଆଉ ଅର୍ଦ୍ଧେକ ? ସୂର୍ଯ୍ୟ ଅସ୍ତ-ମିତ ପ୍ରାୟ ଜାଣ ?

ଶୈବ୍ୟା – ପ୍ରଭୁ ! ମୋର ସାଧ୍ୟରେ ଏହାଠୁ ଅଧିକ ହେଲା ନାହିଁ ! ( ବ୍ରାହ୍ମଣପ୍ରତି ) ପିତଃ ! ଆପଣ କୃପାକରି ସେହି ସୁବର୍ଣ୍ଣ ଦେବେ ଏହି ଋଷିବରଙ୍କୁ ପ୍ରଦାନ କରନ୍ତୁ !

ମାଧବ – ( ତଥାକରଣ )

ଜଟା – ଆରେ ବାପରେ, ଏଇ ତୋର ମହାଜନ ? ଋଷି ବର କହିଲୁ କଅଁ ?

ବିଶ୍ବା – କଏରେ ମୂର୍ଖ !

ଜଟା – ନାହିଁ, ନାହିଁ ହେ ଗୋସାଇଁ ! ମୁଁ ତୁମର ଖାତକ ନୁହେଁ ! ଗେରୁଆ ଲୁଗା ପିନ୍ଧି ରୁଦ୍ରାକ୍ଷ ମାଳା ପକାଇ ଏବଂ ଜଟା ବେଶ ଭୂଷା କରିଛୁ, ସୁଧ କାରବାରଟା ବେଶ ଚାଲିଛି, ମାମୁଁ ଚାଲ ଯିବା !

ବିଶ୍ବା – ମା' ଲକ୍ଷ୍ମୀ ! କ'ଣ ଆତ୍ମବିକ୍ରୟ କରି ଏ ଅର୍ଥ ସଂଗ୍ରହ କଲ ? ତୁମେ ହିଁ ସତୀ, ମୋ ଆଶୀର୍ବାଦରୁ ଅମରତ୍ୱ ଲାଭକର !

ଶୈବ୍ୟା – ଦେବ ! ମୋତେ ଆଉ ଏ ଆଶୀର୍ବାଦ କରନ୍ତୁ ନାହିଁ; ମୋତେ କଲ୍ୟାଣ କରନ୍ତୁ ମୁଁ ଶୀଘ୍ର ଏ ଦୁଃଖ ବୋଝ ବାବା ବିଶ୍ୱନାଥଙ୍କ ଶ୍ରୀଚରଣରେ ଖଲାସ କରେ ଆର୍ଯ୍ୟ !

(ବ୍ରାହ୍ମଣଙ୍କ ପ୍ରତି)

—ଠାକୁରେ ! ମୁଁ ବର୍ତ୍ତମାନ ଯାହାର ଦାସୀ ସେ ମୋତେ ବିନାମୂଲ୍ୟରେ ଖରିଦ୍ କରିଥିଲେ, ମୋ ଶରୀର ଯେ କଡ଼ାଏ କଉଡ଼ି ର ଯୋଗ୍ୟ ନୁହେଁ ତା ମୁଁ ଭଲକରି ଜାଣିପାରୁଛି; କିନ୍ତୁ ମୋର ଦୁଃଖ, ଜଣେ ବ୍ରାହ୍ମଣ ନିକଟରେ ସହସ୍ର ସ୍ୱର୍ଣ୍ଣମୁଦ୍ରା ଲାଗି ଋଣୀ, ତାଙ୍କ ସେହି ଋଣ ପରିଶୋଧ କରିବା ଲାଗି ଆତ୍ମ-ବିକ୍ରୟ କରୁଛି !

ମାଧବ – ମୁଁ ଜଣେ ଗରିବ ବ୍ରାହ୍ମଣ । ମୁଁ ପଞ୍ଚଶତ ସ୍ୱର୍ଣ୍ଣ ମୁଦ୍ରାରୁ ବେଶି ଦେଇ ପାରିବି ନାହିଁ ? ଏଣିକି ତୋ ଇଚ୍ଛା ।

ଶୈବ୍ୟା – ସେଇଆ ହଉନ୍ତୁ, ମୁଁ ଯଥେଷ୍ଟ ଅନୁଗୃହୀତା ହେଲି ।

ରୋହିତ – ଗୋସାଇଁ ମୋ ପାଇଁ କେତେ ଦେବ ?

ମାଧବ – ତୋଠାରେ ତ ମୋର ପ୍ରୟୋଜନ ନାହିଁ ।

ରୋହିତ – ଗୋସାଇଁ ମୁଁ ସବୁ କାମ କରିବି, ତମଗୋଡ଼ ତଳେ ପଡ଼ୁଛି ମୁଁ ମା'ଙ୍କୁ ଛାଡ଼ି ରହି ପାରିବି ନାହିଁ ।

ଶୈବ୍ୟା—ପିତଃ ! ଯେବେ ଦୁଃଖିନୀ କନ୍ୟାର ଭାର ଗ୍ରହଣ କଲେ ତେବେ ତା'ର ଅବୋଧ ଶିଶୁକୁ ତା ପାଖରେ ରହିବାକୁ ଅନୁମତି ଦିଅନ୍ତୁ । ପୁତ୍ରଙ୍କ କୋଳରେ ଗଙ୍ଗା ଜଳରେ ଜୀବନ ତ୍ୟାଗ କରିବି, ଅମରତ୍ୱ ମୋ ପକ୍ଷରେ ଶୁଭ ଆଶୀର୍ବାଦ ନୁହେଁ ।

ବିଶ୍ବା—ବତ୍ସେ ! ମୁଁ ତୁମର ଅମରତ୍ୱ ବର ପ୍ରଦାନ କରି ନାହିଁ, ସେପରି ଅମରତ୍ୱ ପୃଥିବୀର ଅନନ୍ତ ଯାତନାର ସନ୍ଧାନ ମାତ୍ର, ଯେତେଦିନ ପର୍ଯ୍ୟନ୍ତ ଜଗତ୍‌ପ୍ରାଣ ସମୀରଣ ସଞ୍ଚାରିତ ହେଉଥିବ, ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ଜୀବର ବାସ ଥିବ, ତେତେଦିନ ପର୍ଯ୍ୟନ୍ତ ତୁମର ପିତୃଭକ୍ତି ଆଦର୍ଶ ଦାମ୍ପତ୍ୟଦାୟିତ୍ୱ, ନିଷ୍କାମ, ଆତ୍ମ ସର୍ଜନ ଜଗତରେ କୀର୍ତ୍ତିତ ହେଉଥିବ । ରମଣୀକୁଳ-ଶିରୋମଣି ଶୈବ୍ୟାଙ୍କର ନାମ ଜଗତରେ ଅମର ହୋଇଥିବ । ତୁମର ସ୍ୱାମୀ କାହାନ୍ତି ?

ଶୈବ୍ୟା—ଦେବ ! ସେ ଏଇଠି ନିକଟରେ କେଉଁଠି ଥିବେ, ମୁଁ ସ୍ନାନ କରିବାକୁ ଆସି ଗୋପନରେ ଆତ୍ମବିକ୍ରୟ କଲି, ତାଙ୍କ ଶ୍ରୀଚରଣରୁ ଅନୁମତି ନେଇ ପାରିଲେ ନାହିଁ । ସେ ଏ କଥା ଶୁଣିଲେ ସେ କଣ ହେବେ ଏ କଥା ଭାବି ହୃଦୟ କମ୍ପିତ ହେଉଛି । ତାଙ୍କ ଧର୍ମ ତାଙ୍କୁ ରକ୍ଷା କରିବ, ମୁଁ ଚନ୍ଦ୍ର, ସୂର୍ଯ୍ୟ, ଭାଗୀରଥି ପୁଣ୍ୟଭୂମି ବାରଣସୀ ଏମାନଙ୍କୁ ସାକ୍ଷୀ ଦେଇ ତାଙ୍କ ଶ୍ରୀ ଚରଣରୁ ବିଦାୟ ନେଲି ! ଆପଣ ପ୍ରବୋଧ ଦେବେ ( ବ୍ରାହ୍ମଣ ପ୍ରତି ) ପିତା ଚାଲନ୍ତୁ ।

ରୋହିତ—ବାବା କାହାନ୍ତି ?

ଶୈବ୍ୟା—ଦେଶାନ୍ତରୁ ଫେରିଲେ ।

ବିଶ୍ୱାମିତ୍ର – ପୂର୍ଣ୍ଣ ଚନ୍ଦ୍ରାନନ, ଆତ୍ମ ସଂଯମ ବିଷୟରେ ମହାବୀର, ଯୋଗୀ ଋଷିଙ୍କୁ ପରେ ଜଗତରେ କେଉଁ ମନୁଷ୍ୟ ଜାତିରେ ହେବେ ସେ ଏହି ରମଣୀ । ( ପ୍ରସ୍ଥାନ )

---

## ଦ୍ୱିତୀୟ ଦୃଶ୍ୟ

ଅନ୍ତଃପୁର ସେବକ—ଗୀତ

ଶୁଣ ରେ ! ଜ୍ୱାଳା ! ଏତେ ଦାରୁଣରେ
ଏଥିରେ ଜଳୁଛି ଅଙ୍ଗନା—
କେଉଁମନ ବୁଝି ଜଳ ମତ ଭ୍ରମ
ଧରମ କରମ ସବୁଙ୍କୁ ଦେମା ଠାଣ ।

କି' ଅମରେ ପଡ଼ିଲି, କାହୁଁ ଆଣି ଋଷିଙ୍କର ଦେଣା ପରିଶୋଧ କରିବି, ମୁଁ ତ ବର୍ତ୍ତମାନ କଉଡ଼ିଏ କଉଡ଼ିର ଯୋଗ୍ୟ ନୁହେଁ ।

ଗୀତ

ଶୁଣ ଶୁଣି ବୁଝି କରୁଛି ଦଗ୍ଧ
ଶୀତଳ ଜୀବନ କରା ପ୍ରୟୋଜନ ।

ଋଣ ଦେବାର ଜ୍ୱାଳା ଏତେଦୂର ଯେ ତୋତେ ହୃଦୟରେ ରଖେ ମାତ୍ର ଅଗ୍ନି ହୁଏ, ଛୁ ତା'ର ଯନ୍ତ୍ରଣା କରୁଛି । ମୁଁ କି ବୁଝି ଜଳ ନଜର ଦଗ୍ଧା ନ ବୁଝି ଜାଣିକି ଋଣ କଲି । ମା ! ବସୁମତି, ତୋ ତେଜ ସତ୍ୟ ଜ୍ଞାନିଙ୍କୁ ଅର୍ପଣ କଲି, ମା ଦୟା କର ଯୋଗେ ଅର୍ଣ୍ଣଙ୍କୁ ଦିଅ । କୁଆଡ଼େ ଗଲେ ତ୍ରିଦେବ ତୁମ୍ଭଙ୍କୁ ନ ଦେଖି ମୋତେ ଯେ ପୃଥିବୀ ଅନ୍ଧକାର ଦିଶୁଛି । କୁଆଡ଼େ ଗଲି, ସ୍ୱାମୀ ନେବାକୁ ଗଲେ ଆଉ ତ ଫେରି ନାହିଁ, ଅନ୍ଧକାର ଦିଶୁଛି ମୋ ପ୍ରାଣ ନାଶ । ଏଥିରେ ଆଗ୍ରହେ ନେବା ଜାଣିବ କି'ଣ ମୋର ସତ୍ୟ ହରଣ କଲ ? ତାଃ ସତ୍ୟଗ୍ରାସୀ ମୋ ଭଗବାନ ବୁଝ ତୋ ଦେହ କି'ଣ ସମ୍ଭବ ନାହିଁ ।

( ବିଶ୍ୱାମିତ୍ର ପ୍ରବେଶ )

ବିଶ୍ୱା—ରାଜାଙ୍କ ପରି କି'ଣ ଦେଖିବ, ଏଣିକି ବୁଦ୍ଧି ଦେଖି ଦୁଃଖିତ ପ୍ରାପ୍ତ ଅନୁଚିତ ।

ରାଜା—ମୋ ଶୈବ୍ୟାକୁ ଦେଖିଛନ୍ତି, ସେମାନେ କେଉଁଠି ?

ବିଶ୍ୱା—ମୁଁ ତ ତୁମ୍ଭର ଦୂତ ନୁହେ ଯେ ଆଜ୍ଞାମାତ୍ରକେ ତୁମ୍ଭଙ୍କୁ ଖବର ଦେବି । ପରିଷ୍କାର କହ, ମୋର ଦକ୍ଷିଣା ଦେବ କି ନାହିଁ ?

ରାଜା—ଦେବ, ଦେଶକୁ ବଳ ସତ୍ୟଦ୍ୱାରା ମୁଁ ଆବଦ୍ଧ । କେବେ ଦେବ ନାହିଁ ବୋଲି କହିବି; କିନ୍ତୁ ଉପାୟ କି'ଣ ? ଆତ୍ମ-ବିକ୍ରୟ କରିବାକୁ ବଜାରକୁ ଆସିଥିଲି; କିନ୍ତୁ ମୋ ମନ ଗ୍ରାହକୁ କେହି ଗ୍ରାହକ ନାହାନ୍ତି ।

ବିଶ୍ୱା—ଗ୍ରାହକ ନାହିଁ ? ମିଥ୍ୟା କଥା, ତୁମ୍ଭେ ଚିର ଦାସତ୍ୱ କରିବାକୁ ବସିଲେ ଆଜ ପଞ୍ଚଶତ ମୁଦ୍ରା ଅଭାବ ପଡ଼ିବ ନାହିଁ ।

ରାଜା – ପଞ୍ଚଶତ କି'ଣ ? ମୁଁ ତ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦେବାକୁ ସତ୍ୟ କରିଛି ।

ବିଶ୍ୱା – ତୋର ବୁଦ୍ଧିମତୀ ସହଧର୍ମିଣୀ ଆତ୍ମ ବିକ୍ରୟ କରି ଅର୍ଦ୍ଧେକ ପରିଶୋଧ କରିଛି ।

ରାଜା – ଶୈବ୍ୟା ଆତ୍ମବିକ୍ରୟ କରି ଋଣ ପରିଶୋଧ କରିଛି, ତେବେ ଶୈବ୍ୟା ଦାସୀ, ରୋହିତ ଦାସୀପୁତ୍ର, ହା ବିଧାତା !

ଗୀତ

ଦାଇରେ କପାଳ ତୁ ଯା ଦ୍ୱିପାଳ ନ ନେଲୁ,
ଅକଳଙ୍କ ସୂର୍ଯ୍ୟବଂଶେ କାଳିମା ଲେପିଲୁ ।
ଧିକ ଧିକ ଦଇବ
ମୋ କରମେ ଏହା ଥିଲୁ ଲିଖି । ୧ ।

ଫାଟ କପାଳ ତୁ ଫାଟି ନ ଯାଉ ରହିଛୁ କାହିଁ ଶୈବ୍ୟା ଦାସୀ, ରୋହିତ ଦାସୀପୁତ୍ର ହା ବିଧାତା ।

ଗୀତ

ଶତ ଦାସୀ ତାକୁ ଲୋଡ଼ା, ଦାସୀରେ ଖଞ୍ଜିଲୁରେ
ମୋର ଏ ଅଭେଡ଼ା ପ୍ରାଣ ନ ନେଇ ରଖିଲୁରେ
ମଲି ନାହିଁ ମୁହିଁ,
ଦଗ୍ଧଦେହା ଦୁଏ କାହିଁ ପାଇଁ । ୨ ।

ଯେଉଁ ଶୈବ୍ୟାକୁ ରାଜ ଅନ୍ତଃପୁରରେ ଶତ ଶତ ଦାସଦାସୀ ଖଟୁଥିଲେ ସେ ପୁଣି ଆଜ ପରପଦ ମଣ୍ଡାଳ ପରିଲୁ ସେବା କରିବ । ହା ଦଇବ !

ବଶ୍ୱା ମହାରାଜ ! ମୁଁ ଭରତାଶ୍ରମରେ ଅନେକ ନାଟକାଭିନୟ ଦେଖିଛି । ଆପଣଙ୍କର ଏହି ଅପୂର୍ବ ଅଭିନୟ ସୁନ୍ଦର ହେଲେ ମଧ ମୋର ଦେଖିବାକୁ ଇଚ୍ଛା ନାହିଁ ।

ରାଜା—ଋଷିବର ! ଆପଣଙ୍କ ବାକ୍ୟରେ ବକ୍ର ଅଛି • ଦଗ୍ଧ କରୁ ନାହିଁ କାହିଁକି ?

ବଶ୍ୱା—ଦଗ୍ଧ ହେବାକୁ କଣ ଇଚ୍ଛା ଅଛି ? କାମନା ନଷ୍ଟ ହେବ, ବିଳମ୍ବ ନାହିଁ ସୂର୍ଯ୍ୟ ଅସ୍ତହେବା ପୂର୍ବରୁ ଋଣ ପରିଶୋଧ ନ କଲେ ତୁମ୍ଭର ସତ୍ତ୍ୱ-ପୁରୁଷ ଧର୍ମ କର୍ମ ସମସ୍ତ ଧ୍ୱଂସ ହେବ ।

ରାଜା – ତେଜସ୍ୱୀ ! ରକ୍ଷା କରନ୍ତୁ, କ୍ରୋଧ ସମ୍ବରଣ କରନ୍ତୁ, ମୁଁ ଆଚଣ୍ଡାଳ ସେବା କରିବାକୁ ପ୍ରସ୍ତୁତ ।

ବଶ୍ୱା—ଏଥର ସୁବୁଦ୍ଧି ହେଲା; ଯାଅ ଆଗେ ଅନୁସନ୍ଧାନ କର ! ( ପ୍ରସ୍ଥାନ )

ରାଜା—ଚାଲନ୍ତୁ ।

—*—

## ତୃତୀୟ ଦୃଶ୍ୟ

### ଚଣ୍ଡାଳଦଳ

ସର୍ଦ୍ଦାର—ଝୀମନ ।

ଝୀମନ—କ ସର୍ଦ୍ଦାର ।

ସର୍ଦ୍ଦାର—ଶୀତ କଟିବା ଲାଗି ଗୋଟେ ନରକର ଧୂଣି ଧୂଣି ଥକଲେଣି କାହିଁ ନାହିଁ ସୁଟୁଡ ।

ଝୀମନ—ସରଦାରଜ, ଆଜକାଲ ନୌକର ମୁଟିବା ବଡ଼ ମୁସ୍କିଲକା ବାତ; ହାମକ ଜଆଦା ଲଗୁଛି । ଚଲ କାଶୀ ହାଟକୁ ଯିବା ।

ସର୍ଦ୍ଦାର—ଚଲ ଝୀମନ ଚଲ ।

ଝୀମନ—ଏ ଦେଖ ସର୍ଦ୍ଦାର, କେ ଏକେଲକଟା ଆସୁଛି । ( ହରିଶ୍ଚନ୍ଦ୍ର ପ୍ରବେଶ )

ହର—କେହିଁଠି କେ କାଶୀବାସୀ ଆସ, ଆସ ଦାସ କ୍ରୟକର, ଭାର ଦାସ ଲୋଡ଼ା ଅଛି, କାହାର ଜଳଭାର ବହନ କରିବାକୁ ହେବ କଏ ଗାଈ ଚରେଇବାକୁ ଚାକର ନେବ ଆସ ଆସ କଣ ।

ଝୀମନ—କଏ ତୁ ବନ୍ଦୀ ହେବୁରେ ?

ରାଜା—ବାପ ତୁମ୍ଭେମାନେ କଏ ।

ଝୀମନ—ତୁ ଚହ୍ନୁ ନାହିଁ ? ଠିକାଦାରକୁ ଚହ୍ନୁନାହିଁ, ହାମେ ଶ୍ମଶାନ ରକ୍ଷକ ଚଣ୍ଡାଳ ଅଛୁ, ନଉକର ଖୋଜୁଛୁ ତୁ କଣ ବନ୍ଦୀ ହେବୁ, ତୋର ଦାମ୍ କେତେ ତୋର ମୂରବି କେ ଅଛି ।

ହରି—ମୋତେ କ କାର୍ଯ୍ୟରେ ନିଯୁକ୍ତ କରାଇବେ ।

ଝୀମନ—ଆରେ ହନକମାମ ଯୁଷ୍ଟୁରି ଚରାଇବୁ, ବେଳକୁ ଶ୍ମଶାନରେ ପହରା ଦବୁ । ଯେ ସବୁ ମୁର୍ଦ୍ଦାର ପୋତା ପୋଡ଼ା ହେବାକୁ ଆସିବେ ତାଙ୍କଠାରୁ ପାଞ୍ଚ ମହାସୁଲ ନେଇ ପୋଡ଼ା ପୋତା କରିବାକୁ ପାରିବୁ ତ ?

ହରି—(ସ୍ୱଗତ) ହା ବିଧାତା ! କାହିଁ ରାଜ-ରାଜେଶ୍ୱର କାହିଁ ଚଣ୍ଡାଳଘରେ ଶୂକର ଚାରଣ, ଦଇବ ! ତୋର ଏ ଛଳନା, ବିଶ୍ୱାମିତ୍ର ! ତୁମ୍ଭର—

(ବିଶ୍ୱାମିତ୍ର ପ୍ରବେଶ)

ବଶ୍ୱା—ମୋର କାହିଁକି, କ୍ଷଣେ ଅପେକ୍ଷା କର ବୁଝାଇ ଦେଉଛି ।

ଗୀତ

ଯେଉଁ ଧର୍ମ ନୃପ କରୁଥିଲ୍ ଜପ
ସେହି ଧର୍ମ କର୍ମ ଏହି ଥରେ ଗୃହ ରେ ।
ମୋର କାହିଁକି ? ଯାର ତରେ ଆରାଧନା କରୁଥିଲ
ତୁମ୍ଭର ସେହି ଧର୍ମରାଜଙ୍କର ଧର୍ମ-ପ୍ରତାପ ।

ଗୀତ

ବିପଦ ବେଳରେ ଧର୍ମ କେଉଁଣେ ଗଲେ
କ ସାଧ ତାଙ୍କର କାହିଁ ।
ସମ୍ପଦର ବେଳେ ପାଶେ ଥାନ୍ତି ଭଲେ
ବିପଦ ବେଳରେ ନାହିଁ ।
ଜାଣୁ ନୃପ ! "ସମ୍ପଦ ବେଳେ ସର୍ବେ ସଖା
ବିପଦେ ନ ବଅନ୍ତି ଦେଖା ।"

ହରି—ଋଷିବର ! ଚଣ୍ଡାଳ ଘରେ ଦାସତ୍ୱ କରିବ ?

ବଶ୍ୱା— ଗୀତ

ଦେଇ ମୋ ଦକ୍ଷିଣା କରୁଥା ଭାବନା
ଏହିକ୍ଷଣି ସେ ଭାବ ନାହିଁ ।
ଭବେ ବାକବୃତ୍ତ ହେଲଣି ପଥେଷ୍ଟ
ଆମ୍ଭ ଭବ ସବୁ ତହିଁ ।

ରାଜନ୍ ! ଆଜି ଏକମାସ ପୂର୍ଣ୍ଣ ହୋଇଗଲା । ପଶ୍ଚିମ ଆକାଶକୁ ଚାହଁ ସୂର୍ଯ୍ୟଦେବ ପ୍ରାୟ ଅସ୍ତମିତ । ଭାବୁଛ କ'ଣ ?

ରାଜା—ଠିକ୍ କଥା କହିଲ ! ଆରେ ଚଣ୍ଡାଳ ଏହି ମସ୍ତକରେ ଚିର ରଖି ମୋର ଦାସ ହେଲି, ନେ, ମୋତେ ଋଣ ମୁକ୍ତ କର । ସାମନ୍ତ ସ୍ୱର୍ଣ୍ଣମୁଦ୍ରା ଏହି ଋଷିବରଙ୍କୁ ଦିଅ ।

ସର୍ଦ୍ଦାର—ପାଆଁଣ ।

ଜୀପନ—ସର୍ଦ୍ଦାରଜି ! ଗାଳି କରନ୍ତୁ ମତ୍; ବଡ଼ା ଖେତ୍ରା ଲଲ ଆଦମ୍ ଏସା ମାଲୁମ୍ ହୋତା; ଆଛା ତୋ ନାମଟା କ'ଣ ଥିବାର ଅଛି ।

ହରି—ମୋ ନା ହରି ।

ସର୍ଦ୍ଦାର—ହରିଆ ବାଃ ବାଃ ଖାସା ନା; ଲେ ଠାକୁର ବାବା ! ଏଣିକରି ଲେ; ଆଉ ଯଦି ଆଦମ ମିଳିବ ହାମକୁ କହିବୁ, ବାବାଜି ବେଶ୍ ବେପାର ଲଟେଇଛି, ଖାସା କାମ କରୁଛୁ, ଚଲ ହରି, ଏ ବେଶ ଆଉ ଚଳିବ ନାହିଁ । ଆମ ବେଶ ପିନ୍ଧେଇ ଦବ ।

(ବେଶ ପିନ୍ଧାଇ ପ୍ରସ୍ଥାନ)

ଋଷି—ଧନ୍ୟ ହରିଶ୍ଚନ୍ଦ୍ର ! ଧନ୍ୟ ଶୈବ୍ୟା, ଧନ୍ୟରେ ରୋହିତ !

—*—

# ୫ମ ଅଭିନୟ

## ୧ମ ଦୃଶ୍ୟ

(ଶୈବ୍ୟା ଚୀର ଜାଳି ଗାଇ ପ୍ରବେଶ)

ହାଲରେ ଡାକୁନ ଉନ୍ନ ଏଣ ଥିଲା ତୋର ମନେ
ନ ମେଲ ଅନ୍ତିମ ପ୍ରାଣ ଯାଉଥିବ ବ କାରଣେ ।
ଆ ହେବ । କେଶ ଏ ଅନ୍ୟ ଜନ୍ମରେ ଲେଖି ଥିଲୁ ।

ଗୀତ

ଚନ୍ଦ୍ରାନନୀ କାର୍ଯ୍ୟ ଖଟି ଯନ୍ତ୍ର ନ ପାଉଛି ଶାନ୍ତି
ବ୍ରାହ୍ମଣୀ ନାଦ ଅଶାନ୍ତ ମୋ ଶିଶୁ ନ ଦେଖି ଦନେ ।

କଥନ୍ତ କରିବ । ସଦାବେଳେ କାର୍ଯ୍ୟ କରି କରି ମରୁଛୁ । କାଲି ଦିନେ ବ୍ରାହ୍ମଣୀଠାରୁ ସୋଡା ଗାଳି ମାଡ଼ କହୁଣିରୁ ରକ୍ଷା ପାଇଲି ନାହିଁ । ଏତେ ପାଟି ଶୁଭୁଛି ଆସିଲି ପରା, ଦଉଡ଼ିଟା ଅଧାବଳା କରିଛୁ ଯାଉଛି ବଳାଇଦିଏ ।

କଦମ୍ବା—ଭଲେ, ଏଠି ନାହିରେ ତେଲ ପକାଇ ଦଉଡ଼ି ବଳୁଛୁ ଆଉ କିଛି କାମ ନାହିଁ କଲେ ?

ଶୈବ୍ୟା—ଆପଣ ପରା କହିଥିଲେ କୂଅ ଦଉଡ଼ିଟା ପୁରୁଣା ହୋଇ ଯାଇଛି ।

କଦମ୍ବା—ମୁଁ କଣ କହିଥିଲି ଦଉଡ଼ିଟାକୁ ବେଳ ଅମଙ୍ଗେ-ଯାକେ ବସି ବଳୁଥିବୁ । ଏମିତିଆ ଠାପେଇ ତ ମୋ ବୋପା ଦେଖି ନ ଥିଲା ।

ଶୈବ୍ୟା—ମା ଆପଣ ପରା ହୁକୁମ ଦେଇଥିଲେ ?

କଦମ୍ବା—ଭଲେ ଘାଡ଼ ଉପରମୁଣ୍ଡ ହୋଇଗଲୁଣି ।

(ଗୀତ) ବା ସୁଲୁ ସୁଲୁ ବହିଲା,
ଠାକୁଆ ଗାଲରେ ଟିକୁଲି ଲଗାଇ
ଟୋକାଙ୍କୁ ଅନାଇ ମୋହିଲା ।

ଭଲେ କାମ ପାଇଁଟି କରିବୁ ନାହିଁ ବାଉଳୁଇ ହୋଇ ବସିବୁ ।

ଶୈବ୍ୟା—ଏହା ମୋ କପାଳ ଗୁଣୋଉଛି ।

କଦମ୍ବା— (ଗୀତ)

"ଆଲୋ ଅନନ୍ତ ମଞ୍ଜିଆ ଚାଳ,
ଜାଣିଥିଲୁ ଯେବେ ପଟା କପାଳ
କିଆଁ ପାଟୁଥିଲୁ ଥାଳ ।"

ଯାହାର ଏତେ ସଉକ ଥିଲା, ସେ ଘରଦ୍ୱାରେ ମୁଣ୍ଡ ପିଟୁଥିଲା କାହିଁକି ନ ।

ଶୈବ୍ୟା—ମା ଏପରି କଟୁ କଥା କହିବା ଆପଣଙ୍କ ଈଶ୍ୱରରେ କଣ ଭଲ ମନେ କରୁଛନ୍ତି ।

କଦମ୍ବା—ଭଲେ, "ଏଡ଼େ ସୁଆଗ, ପଖାଳଘରରେ ନସିଚିଆଣି ଗଲେଇ ଉଠିଲା, ସୋଲଇଁ ଜାତକ ସରମ ନାହିଁ; ମୋ ପାଟିରୁ ଆଉ କଣ ବାହାରୁଥିଲା ।

ଶୈବ୍ୟା—ମା ଯେତେବେଳେ ସୋଲଇଁ କାର୍ଯ୍ୟ କରୁଛୁ ସେତେବେଳେ ସୋଲଇଁ ବୁଝେ ଜଣେ ସାମାନ୍ତାଣୀ ।

କଦମ୍ବା—"ବାଳିଆ ବାହୁଁଣି କଣି, ଖବୁଥିଲ ଚୋକ ହେବ ଘରଣୀ ବୁଢ଼ା ବ୍ରାହ୍ମଣଙ୍କୁ ଯେନ ।

ଶୈବ୍ୟା—( କ୍ରନ୍ଦନ )

କଦମ୍ବା— ଗୀତ

କାନ୍ଦଲେ ସକେଇ କାନ୍ଦ ପୋଡ଼ାମୁହିଁ
ପୁଅ ତୋ ଯାଇଛି କାହିଁ;

ଶୈବ୍ୟା— ଗୀତ

କରୁଥିଲି ଭୋକ ହୋଇଲି
ଅଦୃଷ୍ଟ ଦାଣ୍ଡକୁ ଦେଲ ପଠାଇ ।

କଦମ୍ବା— ଗୀତ

କଲେ ଖାଇବାରେ ଏତେ ଟକଳା ।

ଶୈବ୍ୟା— ଗୀତ

ପେଟ ଆଗୁରେ ହୋଇଛି ଢକଳା ।

କଦମ୍ବା— ଗୀତ

ହଇଲେ କୁଣ୍ଡ ପେଟିଏ ଠୁଙ୍କି,
କନ୍ଥ ଲାଙ୍ଗୁର ଡାଳଇ ॥

ହଇଲେ ଖାଇପିଇ ମୋ କଡରେ ବେମାନ ହେଉଛୁ !

ରୋହିତ—ମା, ମୁଁ ମରିଗଲି ମରିଗଲି ତମ ଗୋଡ଼ତଳେ ପଡ଼ୁଛି । ତମେ ମୋତେ ମା ପାଖରେ ମାରନାହିଁ, ମା କାନ୍ଦବେ ।

ଜଟା—ତେବେ ମଜାହେବ କଣରେ ଟୋକା; ତୁ ବୋପା ଲେ ମାଆଲେ ଡକା ପକାଉଥିବୁ, ମା ପଛରେ ଠିଆ ହୋଇଥିବ ତେବେ ସିନା ମାଡ଼ ଖାଇଲେ ମଜାହେବ ।

କଦମ୍ବା—କଣ କରେ ଜଟା କଅଣ ମ ? ପିଲାଟାକୁ ମାରୁଛୁ କାହିଁକି ?

ଜଟା—ମାରିବ ନାହିଁ ? ଗୋଟାଏ ଜାଙ୍ଗୁଡ଼ାକ ଛୁନ-ଛୁଟର ହୋଇ ସ୍ତ୍ରୀ ବାର ତା ବାଡ଼ରେ ପଶୁଛନ୍ତି, ମାରିବ ନାହିଁ ?

କଦମ୍ବା—ମା' ଆଡ଼େ କିଏ ଯିବ, ଚିଲାମାଡ଼ ଖାଇବ ଏପରି ବୋଲଣା କାମ କରିବ କାହିଁକି ?

ଶୈବ୍ୟା—ମା, ଏଥର କ୍ଷମା କରନ୍ତୁ, ସେ ଆଉଟୋରୁ ସାବଧାନ ହୋଇ କାମ କରିବ, ଆହା ! ପୁଅର ମୋର କୋମଳ ଦେହଟି ବେଖାଘାତରେ କ୍ଷତ ବିକ୍ଷତ ହୋଇଯିବ ।

କଦମ୍ବା—କୁଆଡ଼େ ଯିବ ଲେ ମା, କାଳ କଣ ଲେଉଟି ପଡ଼ିଲା, ନା ପୃଥିବୀରେ ଆଉ ଧର୍ମ ନାହିଁ । ଗାବ-ଥିଲେ କେତେ କଥା ଦେଖାଯାଏ, ଏଁରେ ଜଟା ! ଏ କଣ କହୁଛି ଶୁଣିଲୁ, ଗରିବପିଲା ଦେହ ପୁଣି ନବନୀପରି କୋମଳ, ରୁକ୍ମିଣୀ ପରି ମାଆଙ୍କର ଗୋଲ ବୋହିଯାଉଛି ଦେଖ, ତାର ଭଲଲୋକ ପିଲାପରି କଷ୍ଟହେବ । ଆଲେ ମା, ଯାଉ ଏତେ ସୁଆଗ ସେ ପର ଘରକୁ ଗୁଳକଷ୍ଟ କରି ଆସିବା ଉଚିତ ନୁହେଁ ! ହଇରେ ଖଣ୍ଡିଆ ଟୋକା! କୁଆଡ଼େ ଯାଇଥିଲୁ କହ ? ( ମାରିବା )

ମାଧବ—ରହ, ରହ, ରହ, ଏ କଣ ପିଲାଟାକୁ କାହିଁକି ମାରୁଛ ?

କଦମ୍ବା—ତମକୁ କିଏ ଡାକିଲା ଏଠାକୁ ଆସିବାକୁ । ପୋଇଲା ସୁଆଗ ଦେଖାଇ ହେଉଚ ! ତମର ଗୋଟି ଫିଟାଇବାର ଦରକାର ନାହିଁ । ଭଲ ପଣ ଯେବେ ପାଖେଇ ଯା ।

ଶୈବ୍ୟା—ପିତା ମୋ ପୁଅକୁ ରକ୍ଷା କରନ୍ତୁ ।

କଦମ୍ବା—( ପ୍ରହାର କରି ) ତୋତେ କ'ଣ କହୁଁ ତୋ ପିତାକୁ କ'ଣ କହୁଁ । (ଝାଡ଼ୁଣି ପୋପାଡ଼ ଦେଇ) ଯା ଖଣ୍ଡିଆ ଖେଣ୍ଡା । ବୁଢ଼ା ପୋଇଲା ମାଇପକୁ ଯେନକରି ରହ, ମୁଁ ଯାଉଛି ।

ମାଧବ—(ଉଠି) ଆସନ୍ତୁ, ଲକ୍ଷ୍ମୀ ସାଆନ୍ତାଣୀ । ତମ ଗୋଡ଼ତଳେ ପଡ଼ୁଛି ଫେରି ଆସନ୍ତୁ, ଝାଡ଼ୁଣି ପ୍ରହାର ଦେଇ ମୋ ଚଉଦ ପୁରୁଷ ପିତୃ-ପିତା-ମହଙ୍କୁ ଉଦ୍ଧାର କରନ୍ତୁ, ମୁଁ ଯାଉଛି । [ପ୍ରସ୍ଥାନ]

କଦମ୍ବା—ଦେଖିଲୁ ଜଟା ମାଡ଼ ସବୁ ଜାଣେ ; ହଇରେ ଖଣ୍ଡିଆ କୁଆଡ଼େ ଯାଇଥିଲୁ କହ ।

(ରୋହିତ ଗୀତ)

ମା ସତ କହୁଛି ମୁଁ ଯାଇ ନ ଥିଲି କେଉଣେ
ଥିଲି ସଦନେ,
ତୁମ ତୁଣ୍ଡ କଥା ଶୁଣିଲାକ୍ଷଣି ମୁଁ ଉଦ୍ଭ ମଣି,
ଗଲି ଗୋପନେ

ମା ସତ କହୁଛି, ମୁଁ କୁଆଡ଼େ ଯାଇ ନ ଥିଲି ଏଇଠି ଥିଲି ।

ଜଦମ୍ବା—ମୋତେ ଦେଖି ଠାକର ପଳାଇଲୁ, ମୋତେ ଜଣ ଡାଆଣୀ କରି ପକାଇଲୁ କହ । ଆଜ ଠକେ ପିବୁ ନାହିଁ ।

ରୋହିତ— ଗୀତ

ନାହିଁ ପିବ ନାହିଁ ମୁଁ ଦନେ ବନ୍ଧାଥିବ ଶ୍ରୀଚରଣେ,
ଯା କହୁଛ ଆଜ୍ଞା ହେବ ପାଳିବ ମୁଁ ଅନୁକ୍ଷଣେ ସେ ।
ମା ତୁମ୍ଭଙ୍କୁ ନ କହି କୁଆଡ଼େ ପିବ ନାହିଁ ମା
ତୁମ୍ଭେ କୁହ ।

ଶୈବ୍ୟା—ବାପରେ ! ସନ୍ତାନର ନିରାପଦ ସ୍ଥାନ ମା କୋଳ; କିନ୍ତୁ ସେତେକ ତୋତେ ଦେବା ପାଇଁ ମୋର ସ୍ୱାଧୀନତା ନାହିଁ । ଅନାଥ ନାଥ ଦୀନବନ୍ଧୁଙ୍କୁ ଡାକ, ମୁଁ ଯୋଡ଼ାମୁଣ୍ଡି ଏଠୁ ଯାଉଛି ।

ଜଦମ୍ବା—ପିବୁ କୁଆଡ଼େ ମ ମୋତେ ଆଜ୍ଞା ନ କହି ଭୁଲିଯାଉଛୁ ଜାଣିଛୁଟିକ ମୁଁ ସାଆନ୍ତାଣୀ ବୋଲି ଗୋଟିଏ ।

ଶୈବ୍ୟା—ମା ମୁଁ ଜାଣେ, ଆଜ୍ଞାକର ତୁମ୍ଭଙ୍କୁ ଜାଣେ । ଦାସୀ ଯେଉଁଦିନୁ ତୁମ୍ଭର ଦାସତ୍ୱ ସ୍ୱୀକାର କରିଛି ଯେଉଁଦିନୁ ସ୍ୱାଧୀନତା ବିକି କରିଛି, ସେ ଦିନୁ ମୋ ଇହ ସଂସାରର ସର୍ବସ୍ୱ ତୁମ୍ଭ ଶ୍ରୀଚରଣରେ ଅର୍ପଣ କରିଛି, ମା ମୁଁ ଜାଣେ କେବଳ ଏ ଦେହ ତୁମ୍ଭର ଦାସୀ ନୁହେଁ, ମୋ ମନ ପ୍ରାଣ ତୁମ୍ଭର ଦାସୀ; ଚିନ୍ତା ଅନୁଭବ ତୁମ୍ଭ ଦାସୀ, ସ୍ନେହ ସୁଖ ଶାନ୍ତି ବାତ୍ସଲ୍ୟ ତୁମ୍ଭର ଦାସୀ, ମୋର ନିଜର କିଛି ସୁଖ ଦୁଃଖ ନାହିଁ । ସବୁ ମା ତୁମ୍ଭର, ମା ମୁଁ ଜାଣେ ଯେବେ ଏ ରକ୍ତପ୍ରାଣ ଦେବା ପାଇଁ ଦେଖିଲେ ଫାଟିଯାଏ, ତେବେ ତୁମ୍ଭେ ଅନୁମତି ଦେଲେ ହସିବାକୁ ହେବ । ମା ମୁଁ ଜାଣେ ତେବେ ଧୂଳି ମୁଣ୍ଡ ତୁମ୍ଭର ଜଳେ ଏ ଦେହ ! ମୁଁ ... ହୋଇ ଦସ ଆସେ ତେବେ ତୁମ୍ଭ ଅନୁମତି ବିନା ସେ ହସକୁ ଲୁଚାଇବାକୁ ହେବ ।

ଜଦମ୍ବା—ସବୁ ଜାଣୁ ତ ଯେବେ ଆଉ ଦନେ ମୋତେ ନ କହି କୁଆଡ଼େ ପିବୁ ନାହିଁ ।

ରୋହିତ— ଗୀତ

ଧରୁଛି ମା ତୋ ଚରଣ କ୍ଷମା କର ଆଜ ଦନ
ଏ ଜୀବନ ଆଜୀବନ ଥିବ ସଦା ଜାଗରଣେ ॥
ମା, ଆଜ ଦନେ କୁଆଡ଼େ ପିବ ନାହିଁ । ଗଲେ
କୋଡ଼ିଏ ପାହାର ଖାଇବ ।

ଜଠା—ମାଈଁ, ମାଈଁ ଅଚ୍ଛୁକା ଦଶ ପାହାର ଦେ ।

ଶୈବ୍ୟା—ଗୋସାଇଁ ତୁମ୍ଭର କଣ ଦୟା ନାହିଁ ତୁମ୍ଭର କି ଏତିକି ବିବେକ ।

ଜଠା—ମତେ ଜବାବ ଦେଉଛୁ ଦେଖ କଣ କରୁଛି ।
(ରୋହିତକୁ ଧରି)

ଶୈବ୍ୟା—କଅଣ କରିବ ବ୍ରାହ୍ମଣ, କଣ ଦେ ଖାଇବ, ଏ ପାଷାଣ ହୃଦୟ ଆଉ କେତେ ସହି ପାରିବ ! ତାହା ଦେଖାଇବ, ବ୍ରାହ୍ମଣ, ତୁମ୍ଭେ ଜାଣ ମୁଁ କଣ ଦେଖିଛି ? ତୁମ୍ଭେ ଜାଣ ମୁଁ କଣ ସହିଛି ? ଜାଣିକି ବ୍ରାହ୍ମଣ ସହସା, ପଲ୍ଲବିତ ଶାଖାପ୍ରଶାଖା ପ୍ରସାରିତ ବଟ ବୃକ୍ଷ ବଜ୍ରାଘାତରେ ଦଗ୍ଧ ହେବାର ଦେଖିଛି; ଅନନ୍ତ ଅତଳ ସ୍ୱର୍ଣ୍ଣ ମହାସାଗର ଶୁଷ୍କ ହୋଇଛି ତାହା ଦେଖିଛି, ଜାଣ ବ୍ରାହ୍ମଣ ତୁମ୍ଭେ କାହା ହାତ ଧରି ପ୍ରହାର କରୁଛ, ମୁଁ ଠିଆ ହୋଇ ଦେଖୁଛି ।

ଜଠା—ଏଟା କଣ ରାକ୍ଷସୀ ନା ପିଶାଚୀ; ଆଜ୍ଞା ଦାସୀ ତ ମାମୁ ଆଣିଛି ? ନେ ନେ ତୋ ପୁଅକୁ ନେ ।
(ପ୍ରସ୍ଥାନ)

ଜଦମ୍ବା—ଆରେ ଜଠା ଗଲୁ କୁଆଡ଼େ ମ [ପ୍ରସ୍ଥାନ]

ରୋହିତ—ମା, ମା

ଶୈବ୍ୟା—ମୋ ଦୁଃଖିଧନ ଅଞ୍ଚଳନିଧି ।
(କୋଳେ ନେଇ ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

[ଫର୍ଦ୍ଦା ସହିତ ନାଗରିକର ପ୍ରବେଶ]

ନାଗରିକ—ମୁଁ ବୁଲିଲି, ଏ ଶାଢ଼ୀ ପାଖରେ ଆଉ ରହି ହେବ ନାହିଁ ।

ଫର୍ଦ୍ଦୀ—ଚାଲରେ ଝିଣ୍ଟିଆ, ଜଣେ ପଟ ନେଇ ଚୋଉ ମାଇପ ପାଖକୁ ଯାଉଛି ।

ନାଗରିକ—ମୋ ଇଚ୍ଛା ସୁଆଡ଼କୁ ହେବ ସିଆଡ଼େ ଯିବି ।

ପତ୍ନୀ— ଗୀତ

ହା ସାପଡିଆ ମଲୁ ନାହିଁ
ଯମ ଡାକୁଥିଲା ଗଲୁ ନାହିଁ
ଘରଦ୍ୱାର ମୋର କରୁ ହୁରୁ ଜୁରୁ
ଅକର୍ମା ଖଣ୍ଡିଆ ଥିଲୁ କାହିଁ ।୧।

ଯମ ଏତେ ଲୋକଙ୍କୁ ନେଉଛି ଏ ଖଣ୍ଡିଆକୁ ନେବାକୁ କଣ ଡରୁଛି, ହଇରେ ଖଣ୍ଡିଆ କୁଆଡ଼କୁ ବାହାରିଛୁ ?

ପୁ—ତୋ ସାଙ୍ଗରେ ମୋର ଚଳିବ ନାହିଁ, ତୋ ମୁହଁ ଗୃହିଁକରେ ନାହିଁ । ଯାଉଛି କୋଉଠି ଗୋଟାଏ ଘଣ୍ଟି ରଖି ରହିବ । ଯାହା ଟଙ୍କା ପଇସା ତାକୁ ଦେବ ।

ସ୍ତ୍ରୀ— (ଗୀତ)

ଘଣ୍ଟିଘରେ କେଉଁ ଗୁଣରେ
ଯାଉଅଛୁ ଖଣ୍ଡ ଆଖୁରେ
ଦାଣ୍ଡରୁ ଆଣିଲେ ହାଣ୍ଡିରେ ପକାଇ
କ ଦୁଣ୍ଡି ରଖିଛୁ ଦେବୁଟୁ ନେଇ ।୧।
ଘଣ୍ଟିଘରେ ମାଗଣା ପଶିବୁ ?

(ବିଶ୍ୱାମିତ୍ର ପ୍ରବେଶ)

ବିଶ୍ୱା—ତୁ କଏରେ ବାବା ?

ନାଗରିକ—ଦେଖିଲ ଗୋସାଇଁ ଯେହା ଯେଉଁଠୁ ଆଣି ସ୍ତ୍ରୀକୁ ଦେଲି ସବୁ ତା ବୋପା ଘରକୁ ପଠାଇ ଦେଲା. ଯାଉଛି ଗୋଟାଏ ଘଣ୍ଟି ଉଦ ହୋଇ ମୋ ବାଟ ମୁଁ କରିବି ।

ବିଶ୍ୱା—ସେ ତୋର କ'ଣ ହୁଏ ?

ନାଗ ସେ କଏ ବୁଝିପାରୁନାହିଁ, କ ଆପଣଙ୍କର କଣ ନାହିଁକି ? ହାତରୁ ତ ଏପର୍ଯ୍ୟନ୍ତ ପାଣି ମରେନାହିଁ ।

ବିଶ୍ୱା—କଣ କହୁଛୁ ମୁଁ ବୁଝି ପାରୁ ନାହିଁ ।

ନାଗ—ବୁଝିପାରୁନାହିଁ ; ଏତେ ଦାନମୀ ଆଉ କାହାର ହୁଅନ୍ତା ତୃତୀୟ ପକ୍ଷ, ତୃତୀୟ ପକ୍ଷ ।

ବିଶ୍ୱା—ତୃତୀୟ ପକ୍ଷ କଣ ? ଏ ବାଳକାଟି ତୋର ଝିଅ ।

ନାଗ—ମହାତ୍ମା ମଠ ଅନୁମାନ କରି ନାହାନ୍ତି, ବୟସ ଆଉ ହାତମିରେ କନ୍ୟା କନ୍ତୁ ସମ୍ପର୍କରେ ଭାର୍ଯ୍ୟା ।

ବିଶ୍ୱା—ଭାର୍ଯ୍ୟା ? ତୋ ସହଧର୍ମିଣୀ, ଏତ ବାଳକା ।

ନାଗ—ଆଜ୍ଞା ଇହାକୁ ସହଧର୍ମିଣୀ କହନ୍ତୁ, ଏହା ପୂର୍ବ ଦୁଇଟିଙ୍କୁ ବିଶ୍ୱାମିତ୍ରଙ୍କୁ ଦେଇଛି ।

ବିଶ୍ୱା—ବିଶ୍ୱାମିତ୍ରଙ୍କୁ କଣ ଦେଇଛୁରେ ।

ନାଗ—ଆଜ୍ଞେ ଯମକୁ ଦେଇଛି ଦୁହେଁ ତ ସର୍ବଗ୍ରାସୀ, ସେଥିଲାଗି କହିଲି ବିଶ୍ୱାମିତ୍ରଙ୍କୁ ଦେଇଛି ।

ବିଶ୍ୱା—ବାଃ ବାଃ, ମୋ ଇଚ୍ଛାଭିଳାଷିତା ପୂର୍ଣ୍ଣ ହେଲା, ଦେଖୁଛି ଯଦି ସୁ ଥିଲି ଋଷି ହେଲି ଏବେ ଦେବ ଉପାଧି ଲଭିକଲି । କିନ୍ତୁ ଲୋକ ଚକ୍ଷୁରେ ଯମ ହୋଇ ସାରିଲିଣି ।

ନାଗ—ଯମକୃପି ମୋର ଆଉ କୁଆଡ଼କୁ ଯିବାର ଦରକାର ନାହିଁ । ଆପଣ ଦୟାକରି ଏ ଘଣ୍ଟିକା ପଦ ଦାନ ନେଇ ଦକ୍ଷିଣା ବାବଦକୁ ଏ ତୃତୀୟ ପକ୍ଷଟିକୁ ନିଅନ୍ତୁ ।

ସ୍ତ୍ରୀ—ବାଡ଼ପଶା ମୋତେ ଦକ୍ଷିଣାକୁ ଦେବୁ ଦାନ୍ତ ଝାଡ଼ ଦେବିଟି ବୁଲେ ଖଣ୍ଡିଆ ।

ବିଶ୍ୱା—ବିଦ୍ୱଦ୍ୟା ସାଧନ କରି ଯେଉଁ ଇଚ୍ଛାଭିଳାଷ କରିଥିଲି ତା ପୂର୍ଣ୍ଣ ହେଲା । ଏବେ ନଗରରୁ ନଗରକୁ ଆସିବାକୁ ପଡ଼ିଲା, ଦେଖାଯାଉ ।

(ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

(ରୋହିତ ଓ ସଙ୍ଗୀ ପିଲାମାନେ)

(ଗୀତ)

ଦେଖ ଏ ଚମ୍ପା ବଉଳ ଫୁଟିଛି ଭଳକ ଭଳ
ଯାଏ ମାନସ ଭୁଲି ।
ଅଶୋକ ମଲ୍ଲୀ ମନ୍ଦାର ଫୁଲ ସେବତୀ ଟଗର
ବଣେ କେତେ ମନୋହର ପବନେ ଯାଆନ୍ତି ଝୁଲି ।
କୁନ୍ଦ ମୁଚୁକୁନ୍ଦ ସାରୁ, କୁସୁମନା ନାଗେଶ୍ୱର,
କରି ଗୁଣୁ ଗୁଣୁ ସ୍ୱର ଭ୍ରମର କରଇ କେଳି ।।

ରୋହିତ—ଭାଇ ଦେଖିଲ କି ସୁନ୍ଦର ଫୁଲଗୁଡ଼ାଏ ଫୁଟିଛି ।

୧ମ—ହିଁ, ଆଜ ଉଦ୍ୟାନଟି ବଡ଼ ସୁନ୍ଦର ଦେଖାଯାଉଛି ବଡ଼ ଫୁଲଗୁଡ଼ାଏ ଫୁଟିଛି ।

ରୋହିତ—ଭାଇ ଆମର ଯେଉଁ ବଗିଚା ଅଛି ସେଥିରେ ସୁଆଠାରୁ ଭଲ ଭଲ ଫୁଲ ଫୁଟେ ।

୨ୟ—ହଇରେ ତୁ ନ ଗୋଟାଏ ଗୋଲାପ ମାଗୁଥ ଥୋଇଲ ତୁଆ ତୋର ଗୋଟାଏ ବଗିଚା କୁଆଡ଼ୁ ଆସିଲା ମ ?

ରୋହିତ—ହଁ ଭାଇ ମୁଁ ଗଛକୁ ପଚାରୁ ମୁଁ ଗୋଲାପ ତୁଆ ମନଟା ଏମ ହୋଇଗଲା କଣଗୁଡ଼ାଏ କହି ପକାଇଲି ।

୧ମ—ଆଚ୍ଛା ତୁ ବେଲପତ୍ର ତୋଳ ଆମ୍ଭେମାନେ ଅନ୍ୟ ଫୁଲ ତୋଳୁଛୁ ।

(ରୋହିତ ଫୁଲ ତୋଳୁ ତୋଳୁ ପଡ଼ିଯାଇ)

ଭାଇ ଭାଇ, ଏ କଣ ମୋତେ କଣଟାଏ କାମୁଡ଼ି ଦେଲା ।

ସମସ୍ତେ—ଆରେ ସାପଟାଏରେ (ପଳାୟନ)

ରୋହିତ—ଭାଇମାନେ କୁଆଡ଼େ ପଳାଇଗଲ, ଓହୋ କ'ଣ କରିବି ।

ଗୀତ

କାହିଁ ଛାଡ଼ିଗଲ ଭାଇ ଛାଡ଼ିଗଲା ଜୀବ,
ନ ଦେଖିଲେ କେହି ମୋର ସାହା ।
ଭାଇ କୁଆଡ଼େ ଗଲ, ଆସ ଥରେ ଏ ବିପଦ
ବେଳେ ଟିକିଏ ପଚାରୁ ନାହିଁ ?

ସଖାମାନେ—ରୋହିତ, କଣ ହେଲା କଣ ହେଲା ।

ରୋହିତ— ଗୀତ

ପାଦରେ ଭୁଜଙ୍ଗ ଦଂଶି ଜଳେ ପିଣ୍ଡ
ଅନ୍ଧକାର ଦିଶେ ଏ ସାରା ବ୍ରହ୍ମାଣ୍ଡ ।
ମୁଣ୍ଡେ ପାଣି ଭାଇ କହ ମୋହ ପାଇଁ
ଦେଖି ଥରେ ଆସି ମାଆ ।
ଭାଇ ! କହ ମୋ ମା-ଦେ-

ସଖାମାନେ—ହେ ସ୍ୱାମୀ ତ ପ୍ରାଣ ଛାଡ଼ିଗଲା । କଣ କରିବା; ଭାଇ ତା ମାଙ୍କୁ ଜଣାଇଦେବା ।

ଅନ୍ୟ—ନାହିଁ ନାହିଁ ଶୁଖୁ ଶୁଖୁ ହେଉଛି, ସେପାଖ ଦେଇଯିବା; ନା ଭାଇ ଟେକ ନେଇଯିବା, ତେଣିକି ଯାହା ହେଉ । ( ତଥାକରଣ )

---

## ୨ୟ ଅଭିନୟ

### ୧ମ ଦୃଶ୍ୟ—

( ଶ୍ମଶାନ )

ହରିଶ୍ଚନ୍ଦ୍ର—କି ଭୟଙ୍କର ରଜନୀ; ଆଜି କଣ ପ୍ରଳୟ ଅନ୍ଧାରଦ୍ୱାରା ରଜନୀ ଆବୃତ୍ତ; ପ୍ରଳୟ ହେଉ ସୃଷ୍ଟି ରସାତଳକୁ ଯାଉ ମୋର କଣ ଅଛି ? ଆକାଶ ତୁ ହରିଶ୍ଚନ୍ଦ୍ର ହୃଦୟ ଛବି ପ୍ରତିଫଳିତ କରୁଛୁ ! ମାତ୍ର ଏ ହୃଦୟରୁ ସମସ୍ତ ଆଲୋକ ନିର୍ବାପିତ ହୋଇଛି । ସ୍ନେହ ନାହିଁ, ମାୟା ନାହିଁ, ମମତା ନାହିଁ, ସହାନୁଭୂତି ନାହିଁ । ସକାଳଠାରୁ ସନ୍ଧ୍ୟାଯାଏ ପୁଣି ସନ୍ଧ୍ୟାଠାରୁ ସକାଳଯାଏ ଦେଖୁଛି, ଅନେକ ମୃତଦେହ ସତ୍କାର ପ୍ରଜ୍ୱଳିତ ଯୁଇଗାତ ପାଖେ ବାସ ଏବଂ ଅନେକ ଶବପରେ ଶବର ବିକୃତ ମୁଖ ଦର୍ଶନ, ବାଳକ ଯୁବକ ବୃଦ୍ଧମାନଙ୍କ ରୋଦନ ଶୁଣିବା ମୋର ନିତ୍ୟ ବ୍ରତ । ବିଧବାର ଆର୍ତ୍ତନାଦଦ୍ୱାରା ମୋ ହୃଦୟ ଆଉ ଚମକିତ ହେଉନାହିଁ । ପୁତ୍ରହୀନା ଜନନୀ ବକ୍ଷରେ କରାଘାତ କଲେ ମୋ ପ୍ରାଣରେ ଆଉ ବ୍ୟଥା ଲାଗୁନାହିଁ । ବ୍ୟଥା, ବ୍ୟଥା କାହା ଲାଗି ? ଜୀବନ ସଖା ମୋ ଶୈବ୍ୟା କାହିଁ ? ଆହା, ଆହା, ସେ କଣ ଆଉ ଅଛି । ଆହା ! ମୋର ସୁକୁମାର ନୟନ ପିତୁଳା ରୋହିତାଶ୍ୱ ଭଲରେ ଅଛି । ଦେଖିବି ? ନା, ସେ ଭାଗ୍ୟ ନାହିଁ । ଏ ପୁଣି କଣ ? କେଉଁ ଅଭାଗିନୀର ସର୍ବନାଶ ।

( ଶୈବ୍ୟା ପୁତ୍ର କୋଳେ ଗୀତ ଗାଇ ଗାଇ ପ୍ରବେଶ )

( ଗୀତ )

କେଉଁଣେ ଗଲୁ ଛାଡ଼ି, ଅନ୍ତର କରିଡ଼
ଦୁଃଖିନୀର ଦୁଃଖ ରତନ,
ରେ ମନ୍ଦ ବିଧାତା ଏବେ ତୋ କପଟ
ଗୁପ୍ତ କଲୁ ଚନ୍ଦ୍ର ବଦନ ।

ମୋ ବାପ ଧନରେ ମୋତେ କୁଆଡ଼େ ଛାଡ଼ିଗଲୁ, ଏବେ ତୋତେ କୁଆଡ଼େ ହରିନେଲା, ଏ ଦୁଃଖିନୀ ଭାଗ୍ୟହୀନୀକୁ ଛାଡ଼ି କୁଆଡ଼େ ଚାଲିଗଲୁରେ । ହା ବିଧାତା !

ଅଖିଳ ଧନକୁ ଅନକେ ଦେଇ,
କପଟ ବାନ୍ଧବ କା ମୁଖ ଚାହିଁ ।
ପୁଚ୍ଛିଲେ ଗାବଣେ କାହିଁ ରୋହିତାଶ୍ୱ,
କି କହିବ ତାଙ୍କୁ ବଚନ ॥

ମୋ ବାପାଲେ, ତୋ ସୁନା ଦେହକୁ କପଟ ନିଆଁରେ ପକାଇଚ । ଏଇଲାଗେ ପରା ଶୁଦ୍‌ଯାଇ ଟିକିଏ ଖାଇ ଫୁଲ ତୋଳିବାକୁ ଗଲୁ, ଚନ୍ଦ୍ରବଦନ କଣ ନାହିଁ, ନା, ମୋର ଭ୍ରମ ହୋଇଛି, ମୋ ପୁଅ ଶୋଇଛି । କିଠିବ ମୋ ଦେହ ଧୂଳି ଲାଗି ହୋଇ ପଡ଼ିବ ।

ହରିଶ୍ଚନ୍ଦ୍ର— ପାଗଳଣି; ଶୋଇଛି ସତ ଏ ବଡ଼ ମଜାର ଶୁଆ ! ଏ ନିଦ ହଠାତ୍ ଆସେ । ସବୁ ଦିନ ଏପରି ନିଦ ହୁଏନାହିଁ, ସମସ୍ତେ ଚେଇଁଥାନ୍ତି କିନ୍ତୁ କେଜାଣି କାହିଁକି ଜଣେ ଜଣେ ଏପରି ଶୁଆ ଶୋଇପଡ଼ନ୍ତି ।

ଶୈବ୍ୟା—ବିଶ୍ୱନାଥ ! ଦୁଧଖିଆ ପିଲା ମୋର ଭୂଇଁ ଦେଲଗଛ, ମୂଳରେ କି ଅପ୍ରାଧ କଲା ସେ ପ୍ରଭୁ ସେଇଠି ତାକୁ —

ହରି— ସର୍ପଘାତ, ଯମରାଜ୍ୟରେ ପ୍ରବେଶ କରିବା ଲାଗି ଯମର ଅସଂଖ୍ୟ ଦ୍ୱାର ଅଛି । ଲୋକେ କହନ୍ତି ବ୍ରହ୍ମ-ଶାପ ନ ହେଲେ ସର୍ପଘାତ ହୁଏ ନାହିଁ । କିନ୍ତୁ ଏହି ସୁକୁମାର ଶିଶୁକୁ କାହିଁକି ସର୍ପଘାତ ହେଲା ? କର୍ମଫଳ; ନିଶ୍ଚୟ କର୍ମ ଫଳ ।

ଶୈବ୍ୟା— ଓହୋ ! ହେ, କେବେ କେତେବେଳେ ଦେଖାହେବ । ଯେବେ କେତେବେଳେ ଆସି ପୁଅକୁ ମାଗିବେ କଅଣ ତାଙ୍କ କୋଳରେ ଦେବି ।

ହରି— ଆହା, ଏ ଅଭାଗିନୀଟି କିଏ ସେ । ଏ କଣ ସ୍ୱାମୀ ପରିତ୍ୟକ୍ତା ! ଆହା, ମୋର ଗୋଟିଏ ଲକ୍ଷିତ ଧନ ଜଣଙ୍କ ଜିମାରେ ଅଛି, ଜଗଦୀଶ ଏ କାତର କାମିନୀ କ୍ରନ୍ଦନ ଶୁଣି ମୋ ହୃଦୟ ଥରକର ହେଉଅଛି କାହିଁକି ?

ଶୈବ୍ୟା— ଓହୋ ! କି ଭୀଷଣ କି ଘୋର ଅନ୍ଧକାର ରଜନୀ । ହେ ବିଧାତା, ତୁ ଆଉ ମୋତେ କଣ ଦେଖାଇବୁ ? ଜଗତକୁ ପଥ ତ ଢେର ଦେଖା-ଇଲୁ । ଏହି ଆକାଶରେ ସୁଧାମୟ ଜ୍ୟୋତ୍ସ୍ନା କରଣ ଲହରୀ ଦେଖନ୍ତି । ଆଉ ପୁଣି କପାଳ କଷଣ ହୃଦୟ ଦାନବର ଅନକାରପ୍ରକାର ଦେଖୁଛି ।

ଆଉ କଣ ଦେଖାଇବୁ ଯେ ଆଜି ଠାଉକେଇ ସହସ୍ର ଦାସ ଦାସୀ ।

ରାଜା—ଏ କିଏ, ଏ କିଏ ସେ, ଜଗତରେ କଣ ଆଉ ହରିଶ୍ଚନ୍ଦ୍ର ଅଛନ୍ତି; ଶୈବ୍ୟା ଅଛି, ରୋହିତାଶ୍ୱ ଅଛି । ଅଦୃଷ୍ଟ ଏକ ନାବରେ କେତେ ରାଜା ରାଣୀଙ୍କୁ ଭସାଇଛୁ ?

ଗୀତ

ହା ବିଧାତା ଏ କେଉଁ କଥା
ଦୁନିଆଁଟା ବସାଇଛୁ ଏକ ନରକ।
କାଳ ତୋ ପାଲୁ ଭିତରେ ଅଛି କେ ଧଇର୍ଯ୍ୟ ଧରି
ହେଲେ ତୁ ବିନାଶ କରି ବୁଝାଇ ତା ଗଡେ ॥

ଓହୋ, ମୋର ହୃଦୟଟା ଏପରି ଅସ୍ଥିର ହେଉଛି କାହିଁକି, ଥାଉ ହୃଦୟ ତୋର କର୍ତ୍ତବ୍ୟ ପାଳନ କର ଅଭାଗିନୀ ! ମୋ ପଇସା ଦିଅ, ତୁମ୍ଭେ ସଅ ମୁଁ ମୋର କାର୍ଯ୍ୟ କରିବ ।

ଶୈବ୍ୟା ଚଣ୍ଡାଳ ମୋର ଗୋଟିଏ ନିବେଦନ ଶୋଜା କର ।

ଗୀତ

ଅଭାଗିନୀ ନାରୀ ମୁଁ ସ୍ୱାନକର୍ମ,
ହାରିଛି ମୋ କୋଳ କୁଳ ଚନ୍ଦ୍ରମା ।
ମୁଁ କ୍ଷତ୍ରିୟ ବାମା କରନ୍ତୁ କରୁଣା
ନ ଛୁଅନ୍ତୁ ମୋର ନନ୍ଦନ ॥

ଚଣ୍ଡାଳ ଏ କ୍ଷତ୍ରିୟ ସନ୍ତାନକୁ ଚଣ୍ଡାଳକୁ ଛୁଇଁବାକୁ ଦେବ ନାହିଁ ।

ହରି—କ୍ଷତ୍ରିୟ ! ସ୍ୱାର ପିତା ଗାହେ ନା—

ଶୈବ୍ୟା— ଗୀତ

କହନା କହନା ତୁରେ ଚଣ୍ଡାଳ,
ସେତେକ ଅଛି ମୋ ମଥା ସିନ୍ଦୁର,
ବିଧାତା ହୃଦର ହେଲା ନାରଖାର
ସହିବାକୁ ଅଛି କଷଣ ॥

କେବଳ ମଥାରେ ସିନ୍ଦୁର ଟୋପାଏ ଅଛି ।

ରାଜା— ସେ ଗାହେ, ଏହି ସମୟରେ ସବୁ ତ୍ୟାଗ କରି ଚଣ୍ଡାଳକୁ ଦେଇତ ଆସୁ ନାହିଁ, କଟର ପିତା ସେ ଆଜି ସ୍ୱାମୀ ତ ସେ ।

ଶୈବ୍ୟା—ରକ୍ଷ ! ମୃତପ୍ରାୟ ହୋଇ ନିର୍ଦ୍ଦୟ ହେଉଛ କାହିଁକି, ପୁତ୍ରହରା କାଙ୍ଗାଳିନୀର ଏତେ ନିନ୍ଦା ଶୁଣାଉଛ କାହିଁକି ?

ରାଜା—[illegible], ମୋର ଅପରାଧ କ୍ଷମାକର, ଗୋଟାଏ ପୁରୁଣା କଥା ମନେ ପଡ଼ିବାରୁ ମୋ' ମନ ଠିକ୍ ନ ଥିଲା ।

ଶୈବ୍ୟା—ଚଣ୍ଡାଳ ତୁମ୍ଭ ଜାତିର ଲୋକେ ଘାଉଡ଼ ଖାଡ଼ ଜାଣନ୍ତି ! ଦୟାକର ହେଉଁଲ କାଳେ ଶବକ କେଉଁଠି ଅଟକଥିବ ! ମୁଁ ମୃତଦେହରୁ ଲୁଗା କାଢ଼ି ଦେଉଛି ।

ହରି—ଏ କ'ଣ ଏ କ'ଣ ? ନା ନା, ନିକ୍ତିର ଆଉଥରେ ଦେଖେଁ ଆଉଥରେ ! ଭଗବାନ ମୋର ତ ସର୍ବସ୍ୱ ଯାଇଛି ମୋର ପର ଲୋକ ନିଅ ଯାହା ଭାବୁଛି ଯେବେ ତାହା ହୋଇଥାଏ ତେବେ ମସ୍ତକରେ ବଜ୍ରାଘାତ କର ।

ଶୈବ୍ୟା—ତୁମ୍ଭେ କିଏ ତୁମ୍ଭେ କାହିଁକି ଏପରି ହେଲ ।

ରାଜା—ତୁମ୍ଭେ କିଏ, ମୁଁ ତ ଦେଖିଲେ ପରି ଜଣାପଡ଼ୁଛି, କହ ତୁମ୍ଭେ ପ୍ରକୃତରେ କିଏ । କହିଲଲୋ ତୁମ୍ଭନାମ ଶୈବ୍ୟା ନୁହେଁ ତ ? କହିଲ ଲୋ ହରିଶ୍ଚନ୍ଦ୍ର ବୋଲି କାହାକୁ ଜାଣ, କି ନାହିଁ ? ତୁମ୍ଭର ରୋହିତ ବୋଲି ପୁତ୍ର ଥିଲା କି ନାହିଁ ।

ଶୈବ୍ୟା—ଥିଲା, ଥିଲା, ଆଉ ନାହିଁ । ତୁମ୍ଭେ କିଏ ସେହି ମହାରାଜ, ମୋର ହୃଦୟ ଈଶ୍ୱର ।

ରାଜା—ଛୁଅଁ ନା ଛୁଅଁ ନା ! ସ୍ତ୍ରୀ ପୁତ୍ର ବିକ୍ରୟକାରୀ ଚଣ୍ଡାଳକୁ ଛୁଅଁ ନା ବଶୁମିତ୍ର, ବିଶ୍ୱାମିତ୍ର, କ୍ଷତିପୂ ତ୍ୟାଗ କ୍ଷତିପୂ ବ୍ରାହ୍ମଣ, ଆଜ୍ଞାର ଦକ୍ଷିଣା ବାକି ଅଛି ଭଗୀରଥି ଜଳରେ ଅନ୍ୱେଷଣ କର, ଫଳବୁ ।

ଶୈବ୍ୟା—ନାଥ ଏ କ'ଣ କରୁଛ, ଶୈବ୍ୟାର କ'ଣ ଶେଷ ବୈଧବ୍ୟ ଘଟାଇବ ! ମୁଁ ପୁତ୍ରକୁ ନେଇ ଆଗ କେଉଁ ପଡ଼ୁଛି ! [illegible] ପାଳନ କର ।

ହରି—ତୁମ୍ଭେ ତୁମ୍ଭର ସ୍ୱାମୀଙ୍କର ଅନୁମତି ପାଇଛ ।

ଶୈବ୍ୟା—ତୁମ୍ଭେ ପାଇଛ ?

ହରି—ମରିବା ହେଲ ନାହିଁ, ଛାତି ଫାଟିଗଲା, କ'ଣ କରିବ କହ, ଶୈବ୍ୟା ପୁଣି ପ୍ରଭାତ ଆଲୋକ ଆସୁଛି ସଂସାରକୁ ଦେଖିବାକୁ ପଡ଼ିବ ।

ବିଶ୍ୱାମିତ୍ର—ଅବଶ୍ୟ ଦେଖିବ, ସଂସାର ଘୋର ଘଟନାବୃତ୍ତି ଦେଖିଲ କୌମୁଦୀ ହାସ୍ୟରାଶି ଭୂଷିତ ପୂର୍ଣ୍ଣିମା ଦେଖିବ ନାହିଁ ? ପୁତ୍ର ମୁଖ ଚୁମ୍ବନ ନୁହେଁ ।

ରାଜା—ଋଷି ବନ୍ଧୁ ପର ସମସ୍ତ ନୁହେଁ ।

(ବ୍ରାହ୍ମଣ ବେଶେ ଧର୍ମଙ୍କ ପ୍ରବେଶ)

ଧଃବ୍ରା—(ସ୍ୱଗତଃ) ଯାଏଁ ରାଜା ହରିଶ୍ଚନ୍ଦ୍ର ତ ମୋ ଠାରେ ନିର୍ଭର ରଖି ଏତେ ସହ୍ୟ ହେଲା, ଶେଷରେ ପୁଣି ପୁତ୍ରହରା ହେବାଟା ମୋତେ ବଡ଼ ବାଧୁଛି । ବର୍ତ୍ତମାନ ଯାଇଁ ତାର ପୁତ୍ର ରୋହିତାଶ୍ୱକୁ ବଞ୍ଚାଇ ଆସିବ ! (ନିକଟକୁ ଯାଇଁ) କହେ ଭାଇ ! ତୁମ୍ଭେମାନେ ଏଠାରେ କ'ଣ କରୁଛ !

ହରି—ଆପଣ କିଏ, କି ନିମିତ୍ତ ଏ ତମସାଚ୍ଛନ୍ନ ଘୋର ଗମ୍ଭୀର ନିଶାରେ ଏଠାରେ ଉପସ୍ଥିତ ?

ଧଃବ୍ରା—ଆମ୍ଭେ ଜଣେ ଗରିବ ଭିକ୍ଷୁକ ବ୍ରାହ୍ମଣ । କିଛି ପାଇବା ଆଶାରେ ଆସିଥିଲୁଁ କିଛି ଦେଇ ପାରିବ କି ?

ହରି—ଆମ୍ଭଠାରେ କଣ ବା ଅଛି ଯେ ଆପଣଙ୍କୁ ଦେବୁ, ନିଜସ୍ୱ କିଛି ହିଁ ନାହିଁ ।

ଧଃବ୍ରା—ନିଷ୍ଠୁର କରନା, ଏ ଗରିବ ବ୍ରାହ୍ମଣ ଦିନେଦିନର ଉପବାସ କିଛି ନ ଦେଲେ ନିଶ୍ଚୟ ପ୍ରାଣ ବାୟୁ ବାହାରିଯିବ ।

ହରି—ନିରୁପାୟ ବ୍ରାହ୍ମଣ ।

ଧଃବ୍ରା—ନିରୁପାୟ ? ମିଥ୍ୟା ଛଳନା ମାତ୍ର, ଥିଲେ କଣ ହେବ ଦେବାକୁ ଇଚ୍ଛା ନାହିଁ ।

ହରି—ପଟ୍ଟୀବାରର ମାହାସୁଲ ସ୍ୱରୂପ ବାହାଣ କହଡ଼, କିନ୍ତୁ ସେ ତ ମୋର ନୁହେଁ ।

ଧଃବ୍ରା—ତୁମ୍ଭ ପାଖରେ ଥିବାଠାରୁ ତୁମ୍ଭର, ସଂସାରରେ ସ୍ଥିର ହୋଇ ଗୋଟାଏ କାହାର କିଛି ନ ଥାଏ । ଯେତେବେଳେ ଯାହା ପାଖରେ ଥାଏ ସେ ତାର । ଥାଉ ଥାଉ ନାହିଁ କରୁଛ ଏ କି ଅଦ୍ଭୁତ କଥା ?

ହରି—ପର ଧନରେ ଧର୍ମ କରିବା ଉଚିତ କି ?

ଧର୍ମ୍ମ—ଦେବ, ଦଆଇବ, ବୁଝିଥିରେ ପୂର୍ଣ୍ଣ ଶାସ୍ତ୍ର ସମ୍ମତ । ତୁମ୍ଭେ ତା ପରଧନ ବୋଲି ଅପବ୍ୟୟ କରୁନାହଁ, ସଦ୍‌ବ୍ୟୟରେ ଲଗାଇଲେ ଉଭୟ ଧର୍ମ ।

ହରି—ଯଦି ଆପଣଙ୍କ ବିଚାରରେ ପାପ ନ ହେବ ତେବେ ଆବଶ୍ୟକ ମୋତେ ଦଅନ୍ତୁ ମୁଁ ଧନ ସ୍ୱାମୀଙ୍କି ଜଣାଇବି, ଯାହା ବିଚାର କରିବେ ।

ଧର୍ମ୍ମ—ଆଚ୍ଛା, ଏ ପିଲାଟି କିଏ ? ଏଠାରେ ଶୋଇଛି କାହିଁକି ?

ହରି—ପୁତ୍ର ରୂପେ ଜନ୍ମ ହୋଇଥିଲା, ବର୍ତ୍ତମାନ କେହି ନୁହେଁ, ଶୋଇ ନାହିଁ ଏ ସଂସାରର ଲୀଳା ତ୍ୟାଗ କରିଛି ।

ଧର୍ମ୍ମ—ତେବେ କିପରି ମଲା ?

ହରି—ସର୍ପାଘାତରେ ।

ଧର୍ମ୍ମ—ତେବେ ତୁମ୍ଭମାନଙ୍କର ମୃତକାଶୌଚ, ତୁମ୍ଭଠାରୁ କିପରି ଦାନ ଗ୍ରହଣ କରିବା ।

ହରି—ସେ କଥା ଆପଣ ଜାଣନ୍ତି ?

ଧର୍ମ୍ମ—ଆମ୍ଭେ ଗୋଟିଏ ମନ୍ତ୍ର ଜାଣୁ ଚେଷ୍ଟା କରିବା ବାଳେ ବଞ୍ଚିପାରେ ।

( ଝାଡ଼ିବାରୁ ରୋହିତ ଉଠିଥାନ ଧର୍ମର ଅନ୍ତର୍ଦ୍ଧାନ )

ମାଧବ—( ନେପଥ୍ୟେ ) ଏତେ ବେଳଯାଏ କୁଆଡ଼େ ଗଲୁ କହୁ ତ ଥିଲି ପୁଅ ସଙ୍ଗରେ ପ୍ରାଣ ହରାଇ ଦେବ ବୋଲି ସେଇଆ କଲୁକି ? ମୋର ଟଙ୍କା ଗୁଡ଼ାକ ପାଣିରେ ପଡ଼ିଲା କି ! ଯାଏଁ ଶ୍ମଶାନ ଦେଖେ ।

( ଶ୍ମଶାନରେ ପ୍ରବେଶ )

ରୋହିତ୍ୟା ମରିଲୁ ! ହେଲା ରୋହିତ୍ୟା ମା !

ଶୈବ୍ୟା—ଆସ ମହାପ୍ରଭୁ !

ମାଧବ—( ସ୍ୱଗତଃ ) ଆରେ ବାପ, ମହାଜନ ବ୍ରାହ୍ମଣ କଉଡ଼ି କି ବୁଝିବ ? କୋଉଁଠି ପଡ଼ିବ ମୋଠୁ ମୁଁ ମାଗି ଦେଇକରି ଉଠିବ । ରୋହିତଆ ମା ପୁଅ ତ ତୋର କଣ ଉଠା ବସା ହେଲା । ( ବିଶ୍ୱାମିତ୍ର ପ୍ରତି ) କାହିଁ ରେବାଡ଼ ମହାରାଜ, ଆପଣ ଏଠାରେ କି ନିମନ୍ତେ ଉପସ୍ଥିତ ? ଆଉ ଏ ପୁଣି କିଏ ?

ଶୈବ୍ୟା—ଏ ମୋର ସ୍ୱାମୀ ଓ ରଘୁବଂଶ ଧର୍ମର୍ଷି ।

( ବ୍ରହ୍ମ ପ୍ରବେଶ )

ବ୍ରହ୍ମା—ହରିଶ୍ଚନ୍ଦ୍ର, ମୁଁ ବର୍ତ୍ତମାନ ତପାନ୍ତସ୍ତ ପୁରସ୍କାର କରିବାକୁ ଆସିଛି, ଯଦି ମୋର ଉପରେ କିଛି ମନ୍ତ୍ରଣା ଥାଏ, ତୁମ୍ଭେ ପୁତ୍ର ମସ୍ତକରେ ରାଜ ମୁକୁଟ ଦେଇ ମୃତଶରୀରରେ ସ୍ୱର୍ଗକୁ ଯାଅ ।

ହରି—ଶୈବ୍ୟା—( ପ୍ରଣିପାତ )

( ବ୍ରହ୍ମ ଧର୍ମରୂପ ଓ ମାଧବ ଅଗ୍ନିରୂପ ଧାରଣ )

ବଶିଷ୍ଠ—କି ଦେବ ! ଆଶୀର୍ବାଦ କରିବାକୁ ଆସିଲି, ଆପଣଙ୍କ ବ୍ୟବହାରରେ କି ଦୁର୍ଦ୍ଦଶା ଭୋଗ କଲେ ?

ଧର୍ମ—ପୁଣି ବର୍ତ୍ତମାନ କଣ ହେଲା, ସ୍ୱ-ଶରୀରରେ ସ୍ୱର୍ଗଲାଭ, ମୃତ ପୁତ୍ରର ଜୀବନ ଦାନ କାହା ପ୍ରଭାବରୁ ?

ବଶିଷ୍ଠ—ଜନ୍ମସ୍ଥ ଦାତା ହରିଶ୍ଚନ୍ଦ୍ର ଆଜି ଧର୍ମ ବଳରେ ମୋତେ ପରାଜିତ କରିଛି ।

ଜୟ ଦାନବୀର ରଜା ହରିଶ୍ଚନ୍ଦ୍ରଙ୍କର ଜୟ ।

( ଯତୋ ଧର୍ମସ୍ତତୋ ଜୟ )

# ସୁଶୀଳ ମାଳତୀ ଗୀତାଭିନୟ

# ସୁଶୀଳ ମାଳତୀ

## ଗୀତାଭିନୟ

### ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

ରାଜା—ମନ୍ତ୍ରିନ୍ ! ମୁଁ ଏ ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇ ବହୁକାଳ ସୁଖରେ କାଳାତିପାତ କଲି, ମାତ୍ର ଆଉ ଏଣିକି ଏ ବୟୋବସରେ ବାଣ୍ଡି ହେବାକୁ ଇଚ୍ଛା ନାହିଁ । ବର୍ତ୍ତମାନ ମୋର ଚତୁର୍ଥାବସ୍ଥା ! ଏ ସମୟରେ ସାଂସାରିକ ବନ୍ଧନ ପ୍ରବୃତ୍ତିରେ ଲିପ୍ତ ନ ହୋଇ ସନ୍ନ୍ୟାସଧର୍ମ ଗ୍ରହଣ କରି ସେହି ପରତ୍ପର ପରମେଶ୍ୱରଙ୍କର ପାଦପଦ୍ମରେ ଧ୍ୟାନ ରହିବି ।

ମନ୍ତ୍ରୀ—ମହାରାଜ ! ଯାହା କହିଲେ ତାହା ଯଥାର୍ଥ । ଏ ବୟସରେ ବନ୍ୟାଶ୍ରମ ଧର୍ମ ଗ୍ରହଣ କରିବା ଆପଣଙ୍କର ଉଚିତ । ମାତ୍ର ତତ୍ପୂର୍ବରୁ ରାଜ୍ୟଟି ଯେପରି ଅରାଜକ ହୋଇ ରାଜ୍ୟରେ ବିଶୃଙ୍ଖଳା ନ ହେବ, ତାହାର କିଛି ପ୍ରତିକାର କରିବା ଆବଶ୍ୟକ ।

ରାଜା—ହଁ, ସେ ତ ଗୋଟିଏ ବିଷମ ସମସ୍ୟା ।

ମନ୍ତ୍ରୀ—କିପରି ?

ରାଜା—ବର୍ତ୍ତମାନ ଦୁଇ ରାଣୀଙ୍କ ଦୁଇପୁତ୍ର ବିଦ୍ୟମାନ, ସେମାନଙ୍କ ମଧ୍ୟରୁ କାହା ହସ୍ତେ ଏ ରାଜ୍ୟ ଭାର ନ୍ୟସ୍ତ କରିବି ?

ମନ୍ତ୍ରୀ—ରାଜନ୍ ! ଉଚିତ ବିଚାରରେ ଯେ ଯୋଗ୍ୟ ସେ ଯାହାର ହନ ଜାନ ସେହି ଏକା ରାଜଗାଦ ଚଳାଇବ । ( ପଣ୍ଡିତ ପ୍ରତି ) ଭଲହେ ପଣ୍ଡିତେ ! ତୁମର ଏଥିରେ କି ମତ ?

ପଣ୍ଡିତ—ମନ୍ତ୍ରୀବାବୁ ! ଆମର ମତ କ'ଣ ପଚାରୁଛନ୍ତି ? ଯେ କେହି ଗାଦିରେ ବସୁ ନା କାହିଁକି, କିନ୍ତୁ ଅନେକ ଦାନ ଧ୍ୟାନ ହେବ, ଖାଇବା ଆୟୋଜନ ହେବ, ପୁରି, ଖିରି, ପିଠା, ଲଡ଼ୁ ଏ ସବୁ ତିଆର ହେବ, ପଣ୍ଡିତ କଥା ତ ଜାଣନ୍ତି । ଯ୍ଵା ପୁଣି ପଚାରିବାକୁ ଅଛି ନା ? କରନ୍ତୁ କରନ୍ତୁ ଶୀଘ୍ର ବନ୍ଦୋବସ୍ତ କରନ୍ତୁ । ଅନହୋଳ ସରଞ୍ଜାମ କେଉଁ ଭଣ୍ଡାରରେ ରହିବ ସେଥିରେ ଭଣ୍ଡାରଘରିଆ ହେବୁ ଏକା ଆମ୍ଭେ ।

ମନ୍ତ୍ରୀ—କାହାର କେଉଁ କଥା ପଣ୍ଡିତଙ୍କର ଖାଇବା କଥା ହିଁ ମୂଳ ।

ପଣ୍ଡିତ—ମନ୍ତ୍ରୀବାବୁ ! ଆପଣ ତ ପବନ ଆହାରୀ ହୋଇଥିବେ ପରା ? କାହିଁ ସେଇ ଯେ ବୃଖଣ୍ଡକ ପାଇଁ ତ ଏତେ ନାଟ । ସେହି ବୃଖଣ୍ଡକ ନ ଥିଲେ ବା ଖାଇବା ଚିନ୍ତା ନ ଥିଲେ ସମସ୍ତେ ଯେଝାଁ ଗୁଏଁ ଘରେ ବସି ରହିଥାନ୍ତେ ଏଠି ଏତେ ଆଡ଼ମ୍ବର ବା ଲାଗନ୍ତା କାହିଁକି ?

ରାଜା—ବୟସ୍ୟ ! ସବୁବେଳେ ଆପଣଙ୍କର ଏ ଥଟ୍ଟା ମଜା ଭଲ ଲାଗେ ନାହିଁ ।

ଗୀତ

( ସଖି ତୁ ସା—ବୃତ୍ତେ )

ହେ ମନ୍ତ୍ରି ! ହେଉ ଏ ବିଷମ ସନ୍ଧ ।
ଯତେ କି ନିର୍ବିଘ୍ନେ କାର୍ଯ୍ୟ ହେବ ମୋ ସିଦ୍ଧି ।

ମନ୍ତ୍ରୀନ୍ ! କାର୍ଯ୍ୟଟି କପରି ସୁବୁଦ୍ଧିରୂପେ ନିର୍ବାହିତ ହେବ, ସେହିପାଇଁ ମୋ ମନରେ ଭାରି ଚିନ୍ତା ।

ମନ୍ତ୍ରୀ—ମହାରାଜ ! ଏ ବିଷୟରେ ଏତେ ଚିନ୍ତିତ ହେବାର କାରଣ କଣ ?

ରାଜା—    (ଗୀତ)

ଜ୍ୟେଷ୍ଠ ରାଣୀର ସୁତ    ସୁଧୀର ବୟୋଜ୍ୟେଷ୍ଠ
ଅଧିକାର ତାର ସିନା ଏ ରାଜଗାଦି । ୧ ।

ମନ୍ତ୍ରୀ ବଡ଼ରାଣୀ ପୁଅ ହେଉଛନ୍ତି ସୁଧୀର ଏବଂ ବୟସରେ ମଧ୍ୟ ବଡ଼ ତେବେ ଏ ସମ୍ପତ୍ତିର ସେତ ଅଧିକାରୀ ମାତ୍ର ।

ମନ୍ତ୍ରୀ—ମାତ୍ର ପୁଣି କଣ ଜ୍ୟେଷ୍ଠର ତ ସମ୍ପୂର୍ଣ୍ଣ ଅଧିକାର [ ପଣ୍ଡିତ ପ୍ରତି ] ତୁଇ ହେ ପଣ୍ଡିତେ ! ତୁମର ଏଥିରେ କି ମତ ?

ପଣ୍ଡିତ—ସ୍ୱା ପୁଣି ପଚାରିବାକୁ ଅଛି ନା, ବଡ଼ ରାଣୀଙ୍କ ପୁଅ ପୁଣି ବୟସରେ ସେମିତି—ତାଙ୍କ କାମ-ଗୁଡ଼ିକ ମଧ୍ୟ ସେମିତି । ତେବେ ସେ ରାଜା ନ ହେବ କାହିଁକି ?

ରାଜା—ତାର କାରଣ

(ଗୀତ)

କନିଷ୍ଠା ରାଣୀ ପ୍ରେମେ    ବନ୍ଧା ମୁଁ ନିଶିଦିନେ
ତା ସୁତ ସଙ୍ଗେ କେଉଁକେ ହେବ ବିବାଦ । ୨ ।

ମନ୍ତ୍ରୀନ୍—ମୁଁ ସଦା ସର୍ବଦା ଛୋଟ ରାଣୀ ସ୍ନେହ ଓ ପ୍ରେମ ରଜ୍ଜୁରେ ଆବଦ୍ଧ, ଯଦି ତାଙ୍କ ପୁତ୍ର ସୁଶୀଳର ପରିବର୍ତ୍ତେ ସୁଧୀର ରାଜା ହୁଏ ତାଙ୍କ ମନରେ ନିଶ୍ଚୟ କଷ୍ଟ ଆସିବ ।

ମନ୍ତ୍ରୀ—ତା ହୋଇପାରେ ମାତ୍ର ସେଇଟା ତ ଅଯୁକ୍ତିକ । ବିଚାର କର, ବିଚାରରେ ଯେଉଁଟି ଉଚିତ ନ୍ୟାୟସଙ୍ଗତ ତାହାହିଁ କରଣୀୟ ।

ପଣ୍ଡିତ—[ ଇଷତ୍ ମୁଣ୍ଡ ହଲାଇ ] କଥାଟା ସତ୍ୟ ମାତ୍ର ମୋର ଏଇ ସାମାନ୍ୟ ମସ୍ତିଷ୍କ ବୁଝନ୍ତାର ଜାଣି-ପାରୁଛି ସାନରାଣୀଙ୍କ ପୁଅ ରାଜା ହେଲେ ଭଲ ହୁଅନ୍ତା । କାହିଁକି ନା ଯେତେବେଳେ ରାଣୀମା ସୁଧୀର ରାଜା ହେବା କଥା ଶୁଣିବେ ସେ କି ଆଉ ପ୍ରାଣ ଧରି ଥୟ ହୋଇପାରିବେ, ନିଶ୍ଚୟ ନା ନିଶ୍ଚୟ ଯେ କୌଣସି ମତରେ ଉଲ୍ଟାକଥା ବୁଝାଇ ଦେବେ, ଏଇଥିପାଇଁ କଥାରେ ଅଛି ପରା ।

"ବୁଝି ସମସ୍ତି କାର୍ଯ୍ୟ କଲେ
ପ୍ରମାଦ ନ ପଡ଼ଇ ଭଲେ ।"

ରାଜା—    ଗୀତ

ଏଥିକୁ କି ବିଚାର    କହ ହେ ମନ୍ତ୍ରୀବର
କେ ରାଜ୍ୟ ନେବ ମୋର ନ ଦିଶେ ବୁଦ୍ଧି ।

ମନ୍ତ୍ରୀନ୍ ! ଏପରି ଗୋଟିଏ ଉପାୟ ଉଦ୍ଭାବନ କର ଯାହାଦ୍ୱାରା କି କୌଣସି ବାଧାବିଘ୍ନ ନ ଘଟି ସୁରୁଖୁରୁରେ କାର୍ଯ୍ୟଟି ନିର୍ବାହ ହୋଇଯିବ ।

ମନ୍ତ୍ରୀ—ମହାରାଜ ! ତେବେ ଦୂତ ପଠାଇ ଦୁଇ ପୁତ୍ରଙ୍କୁ ଡକାଇ ଆଣି ସେମାନଙ୍କ ମତ ନେଲେ ଭଲ ହୁଅନ୍ତା ।

ରାଜା—ହେଉ ତେବେ ଅତି ଶୀଘ୍ର କର ତାର ଆୟୋ-ଜନ । କାହିଁ ଦୂତ ଡକାଅ ବହନ ।

ମନ୍ତ୍ରୀ—ଦୂତ ! ଦୂତ ! ଦୂତ !    (ଦୂତର ପ୍ରବେଶ)

ଦୂତ—    ଗୀତ

(ରାଜରାଣୀ ଛାଡ଼-ବୃତ୍ତେ)

ଗଲା ତ ଦିନ ଭାଇ କାହିଁକି
ବସିଛ ହୋଇ ବିମନ ।
ଓଡ଼ିଆଣି ଓଡ଼ିଆ ଖୋସା
ଛାଡ଼ ବଙ୍ଗାଳୁଣିରେ ଆଣ ।
ହାଟକୁ ପଠାଇ ପାଞ୍ଚଟା ପଇସା
କିଣ ପାଉଡ଼ର ତ ନୂଆ ଫେସନ ।
ନାକେ ଥିଲା ଗୁଣା ବସଣୀ
କାଢ଼ି କଲେ ଲବଙ୍ଗ ବେନ ।
ହାତ ଖଡ଼ୁ ବନ୍ଧ ବାଲା ଗଢ଼ାଇଲେ
ଶଙ୍ଖା ଛାଡ଼ ପାଣି କାଚରେ ମନ
ଆଜିକାଲି ନବ୍ୟ ଫେସନ
ଦେଖି ଗ୍ରହିଁ ନ ଭୁଲୁ ମନ ।
ବାଳବୃଦ୍ଧ ବୋଲେ ବୁଝି ଦେଖ ଭଲେ
କାଳେ ମରହଟି ନ ହେବ ସାନ ।

(ଅଭିବାଦନ ପୂର୍ବକ) ପ୍ରକାଶନ୍ତୁ ମହାରାଜ ! କି ନିମନ୍ତେ ଅଧୀନରେ ଡକାଇଲେ ଏଥେ ?

ରାଜା—ଦୂତବର ! ଯାଅ ଶୀଘ୍ର ଡାକ ଆଣ ବେନ କୁମରେ ମୋହର ।

ଦୂତ—ଯଥାଜ୍ଞା ମହାରାଜ ।

(ଅଭିବାଦନ ପୂର୍ବକ ପ୍ରସ୍ଥାନ)

ସୁଧୀର ସୁଶୀଳର ପ୍ରବେଶ ଓ ଅଭିବାଦନ ।

ପିତଃ ! କି ନିମନ୍ତେ ଡକାଇଲେ ଅଧୀନେ ଏଠାରେ

ରାଜା—ବାପରେ ! ମୋର ଗୋଟିଏ ଅଭିଳାଷ ପୂର୍ଣ୍ଣ କରି ପାରିବ ତ ?

ସୁଧୀର—କିବା ଅଭିଳାଷ ତାତ ଦୟାକରି ପ୍ରକାଶ ଆଜ୍ଞାରେ ।

ରାଜା— ଗୀତ

(ଘନନାଦ-କୃତେ)

ଯୁବାରେ ସମ୍ଭାଳି ଏ ରାଜ ବହୁତ

ବାନପ୍ରସ୍ଥ ନିବାକୁ ମୋ ବଳୁଛି ମତ ।

ବାପରେ ! ମୋର ବର୍ତ୍ତମାନ ବାନପ୍ରସ୍ଥ ଧର୍ମ ଗ୍ରହଣ କରିବାର ଇଚ୍ଛା, ସେଥିଯୋଗୁଁ ତୁମ୍ଭମାନଙ୍କୁ ଡକାଇଲି । ନିଅ ଏ ରାଜ୍ୟ ଭାର ଗ୍ରହଣ କର ।

ସୁଧୀର—ତାତ ଆମ୍ଭମାନଙ୍କର ସେ ଶକ୍ତି କଣ ହେଲଣି ?

ରାଜା— ଗୀତ

ହେଲା ଚତୁର୍ଥ ସମୟ ବଡ ଲାଗୁଛି ଭୟ

ପରମେଶ୍ୱର ଆଶ୍ରୟ ନେବା ମୋ ବ୍ରତ ।୨।

ବାପରେ ! ବର୍ତ୍ତମାନ ମୋର ଚତୁର୍ଥ ସମୟ । ଏ ସମୟରେ ସମସ୍ତ ମାୟା ବନ୍ଧନ ତ୍ୟାଗ କରି ସନ୍ନ୍ୟାସୀ ଧର୍ମ ଗ୍ରହଣ କରିବା କର୍ତ୍ତବ୍ୟ । ଭୟ ମନରେ ପଡ଼େ ଯେ କି ନିଶ୍ଚିତ ଭବାର୍ଣ୍ଣବ ପାରକୁ ନ ପାଇଲେ ମୁକ୍ତିର ପନ୍ଥା ଆଉଟି ନାହିଁ । ଯଦି ଏ ସମୟରେ ତାର ପ୍ରତିକାର ନ କରିବ ତ ଆଉ ମୋକ୍ଷ ନାହିଁ ।

ସୁଧୀର—ତାତ ! ଆପଣଙ୍କ ଇଚ୍ଛାରେ ବାଧା ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ । ତେବେ ଯେଉଁ ଉପଦେଶ ଦେବେ ସେହି ଅନୁସାରେ କାର୍ଯ୍ୟ କରିବୁ ।

ରାଜା— ଗୀତ

ଜ୍ୟେଷ୍ଠ ନନ୍ଦନ ସୁଧୀର, ରାଜ୍ୟ ନେଇ ରାଜା ହେବେ

ଅବଶିଷ୍ଟ ସବୁ ମୋତେ ଭୂପତି ହେବେ । ୩ ।

ବସ୍ତରେ ! ଦୁଇଜଣଙ୍କ ମଧ୍ୟରୁ କିଏ ରାଜଗାଦିରେ ବସିବ, ଆଉ କିଏ ଅନ୍ୟାନ୍ୟ କାର୍ଯ୍ୟରେ ତତ୍ତ୍ୱାବଧାନ ହେବ ?

ସୁଧୀର—ତାତ ! ସୁଶୀଳ ରାଜଗାଦିରେ ବସୁ । ମୁଁ ଅନ୍ୟାନ୍ୟ କାର୍ଯ୍ୟର ତତ୍ତ୍ୱ ନେବି ।

ସୁଶୀଳ—(ନତ ମସ୍ତକେ) ଭାଇ ! ଏ କି ଅନ୍ୟାୟ ବିଚାର । ଆପଣ ଜ୍ୟେଷ୍ଠ ଭ୍ରାତା ପିତୃତୁଲ୍ୟ ବିଦ୍ୟମାନ । ଆପଣ ସିଂହାସନରେ ନ ବସି ମୁଁ ବସିବି କିପରି ?

ସୁଧୀର—ସୁଶୀଳ ! ସାନ ମାଆଙ୍କ ମନରେ କୌଣସି କଷ୍ଟ ଆସିବ, ସେଥିଯୋଗୁଁ କହୁଛି ତୁ ସିଂହାସନରେ ବସିବାଦ୍ୱାରା ମୋର ମନରେ କୌଣସି କଷ୍ଟ ଆସିବ ନାହିଁ ।

ସୁଶୀଳ— ଗୀତ

(ଭାଲ ମୁହିଁ—କୃତେ)

ଭ୍ରାତ ଏ କି ଅସାର ବିଚାର

ଅନୁଗତ ଜନେ କ୍ଷମା ଦିଅ ଏହି ଗୁରୁ ଭାର । ଦୋଷ ନା ଭାଇ ! ମୁଁ ଆପଣଙ୍କର ଶ୍ରୀଚରଣେ ଦାସାନୁଦାସ, ମୋତେ କାହିଁକି ଏ ବିପଦରେ ପକାଉଛନ୍ତି । ଆପଣ ଥାଇଁ ଥାଇଁ ସିଂହାସନରେ ବସିବି, ବଡ଼ ଅନ୍ୟାୟ କଥା ନା ଭାଇ ! ମୋତେ ବୋଧହୁଏ ପରପରି ଭାବୁଛନ୍ତି ।

ସୁଧୀର—ସୁଶୀଳ ! ଏ କଥା କାହିଁକି କହୁଛୁ ।

ସୁଶୀଳ— ଗୀତ

ମୁଁ ବୈମାତ୍ରୀ ସୁତ ଯେଣୁ

ଘୃଣା ମୋତେ କର ତେଣୁ

ଠେଲୁଛ ତୁମ୍ଭ ଚରଣୁ

ପ୍ରାଣ (ମୋ) ହେଉଛି ଅସ୍ଥିର ।

ଭାଇ ! ମୁଁ ବୈମାତ୍ରୀପୁତ୍ର ବୋଲି ମୋତେ ଘୃଣା କରି ଚରଣରୁ କୌଣସି ବିପଦ ଆଶଙ୍କା କରି ସିଂହାସନ ଇଚ୍ଛା କରୁ ନାହାନ୍ତି ।

ସୁଧୀର—ସୁଶୀଳ ! ବାସ୍ତବିକ କଥା, ସାନ ମାଆଙ୍କ ମନରେ ଯାହାକି କୌଣସି କଷ୍ଟ ଆସିବ ସେଥି ଯୋଗୁଁ ତୋତେ ସିଂହାସନରେ ବସାଇବାକୁ କହୁଥିଲି । ତୋର ମୋର କଣ ଭିନ୍ନ ଭିନ୍ନ ଅଛୁ ।

ସୁଶୀଳ— ( ଗୀତ )

ମାତ ଯେବେ କହ୍ନ ବେଷ ତୁମ୍ଭରେ ଦେବେଟି ଦୋଷ
ମୁଁ ତାହା କରିବ ହ୍ରାସ,
ଏହି ପ୍ରତିଜ୍ଞା ମୋହର । ୨ ।

ରାଜ ! ମା ଯଦି କୌଣସି ଦୁଃଖ ଲଗାନ୍ତି ତେବେ ମୁଁ ତାର ପ୍ରତିକାର କରିବି, ଆପଣ ସିଂହାସନରେ ବସନ୍ତୁ ।

ପିତଃ ! ଏ ସିଂହାସନରେ ଭାଇଙ୍କର ହକ ଦାବି, ତାଙ୍କୁ ସିଂହାସନ ଦିଅନ୍ତୁ ମୁଁ ତାଙ୍କ ଉପଦେଶାନୁସାରେ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ନିର୍ବାହ କରିବି ।

ରାଜା—ଧନ୍ୟ ବତ୍ସ ! ମନ୍ତ୍ରିନ୍, ବର୍ତ୍ତମାନ ରାଜ୍ୟରେ ଘୋଷଣା କରିଅ ଯେ କାଲି ସୁଧୀର ଯୌବରାଜ୍ୟରେ ଅଭିଷିକ୍ତ ହେବ ; ସମସ୍ତେ ଯେ ଯାହାର ଦ୍ୱାର-ଦେଶରେ ପୂର୍ଣ୍ଣକୁମ୍ଭ ଓ ରମ୍ଭାତରୁମାନ ସ୍ଥାପନ କରି ଚନ୍ଦ୍ରାତପମାନ ଲଟକାଇ ଯଥାବିଧି ଅଭିଷେକ ଉତ୍ସବରେ ଲିପ୍ତ ହେବେ, ଆଜ ଏଥିକରେ ସଭା ଭଙ୍ଗ ହେଉ ।

—*—

## ଦ୍ୱିତୀୟ ଦୃଶ୍ୟ

ପଣ୍ଡିତ ଏତ ବଡ଼ ମୁସ୍କିଲ କଥା ହେଲା, ରାଣୀ ମୋତେ ଭାରି ଭଲ ପାଆନ୍ତି ; ଅପୂର୍ବ ସପୂର୍ବ ଜିନିଷଟାଏ ହେଲେ ମୋ ପାଇଁ ଆସେ ; ରାଜା ଯଦି ସୁଧୀରକୁ ସିଂହାସନ ଦେଇ ବନଗାମୀ ହୁଅନ୍ତି ତେବେ ନିଶ୍ଚୟ ରାଣୀମା'ଙ୍କ ମନରେ କଷ୍ଟ ହେବ ; କଣ କରିବି ? ତାଙ୍କ ପୁଅ ତ ରାଜା ହେଉନାହାନ୍ତି, ଏକ ଉପାୟ କରିବା ଦେଖାଯାଉ ; ରାଣୀମାଆଙ୍କ ନିକଟକୁ ଯିବା ନିତାନ୍ତ ଦରକାର ।

ରାଣୀ ଓ ଦାସୀ

ରାଣୀ—ଦାସୀ ! ରାଜା ଏବା ମୋତେ ଭାରି ଭଲପାଆନ୍ତି ମୁଁ ଯେତେବେଳେ ଯାହା କହେ ସେ କୌଣସି-ମତେ ମୋର କଥା ଏଡ଼ାନ୍ତି ନାହିଁ ।

ଦାସୀ—ମଲୋ, ଏ କଣ ନୂଆ କଥାଟାଏ ନା କଣ ? ଜନଆମାଇଙ୍କ ଠେଇଁ ସମସ୍ତଙ୍କର ସ୍ନେହ, ଧଇଲେ ମହାଦେଇ ! ରାଜା ଆମ୍ଭର କୁଆଡ଼େ ସନ୍ନ୍ୟାସୀ ହୋଇ ଯାଉଛନ୍ତି ।

ରାଣୀ—କେଜାଣି ମୁଁ ତ ତୋହରିଠାରୁ ଶୁଣୁଛି । ଯଦି ସନ୍ନ୍ୟାସୀ ହୋଇଯିବେ ତେବେ ସିଂହାସନ କାହାକୁ ଦେଇଯିବେ ?

ଦାସୀ—ତୁମେ ଯେଉଁଠି ମୁଁ ବି ସେଇଠି, ଜାଣିଲି କେମିତି ? ଶୁଣାଶୁଣିରେ କୁଆଡ଼େ ସୁଧୀରବାବୁ ରାଜା ହେବେ ।

ରାଣୀ—ଦାସୀ ! କଣ ସତ କହୁଛୁ ?

ଗୀତ

( ଆଶା ମେଘ୍ଲାର—ତୁଭେ )

ଦାସୀ ନ ଭାଷ ସେ କଥା ଲୋ,
ହୃଦେ ଲାଗେ ମୋର ବ୍ୟଥା ।
ଜ୍ୟେଷ୍ଠ ପୁତେ ରାଜ୍ୟ କେ ଦେବ
ଲୋ ଆଜ ଅଛି କେବା ସାମରଥା ।

ଦାସୀ ! ଏମନ୍ତ ନ୍ୟାୟପର ଓ ଶକ୍ତିମାନ୍ କେ ଅଛି ଏ ଭବେ ଯେ ମୋ ପୁତ୍ରକୁ ରାଜ୍ୟ ନ ଦେଇ ସୁଧୀରକୁ ରାଜ୍ୟ ଦେବ ।

ଦାସୀ—ମୁଁ ଏବେ ଜାଣିଲି କେମନ୍ତେ ମ ।

ରାଣୀ— ( ଗୀତ )

ମନାଇ ମୁଁ କାନ୍ତେ ମାଗିଛି ବର,
ମୋର ପୁତେ ଦେବେ ରାଜ୍ୟାଧିକାର,
ଆଜ କମ୍ପା ପର ହେଲା ମୋ କୁମର
ଅସ୍ଥିର କଲିଣି ମଥା ।୧।

ଦାସୀ ! ମୋର ବିବାହପରେ ଯେତେବେଳେ ପ୍ରାଣନାଥଙ୍କ ସହ ପ୍ରେମାଳାପ ହେଲା ସେତେବେଳେ ରାଜାଙ୍କୁ ବହୁତ ଅନୁନୟ କରି କହିଥିଲି, ଯଦି ମୋର ଗର୍ଭରୁ ସନ୍ତାନ ଜନ୍ମଗ୍ରହଣ କରେ ତେବେ ସେହି ଏକା ରାଜପାଟ ଭୋଗ କରିବ, ସେଥିରେ ସେ ସମ୍ମତି ପ୍ରଦାନ କରିଥିଲେ, ମାତ୍ର ଆଜ କାହିଁକି ଏ କଥା କହୁଛନ୍ତି ।

( ଗୀତ )

କହ ସଖି କି କରିବି ଏବେଣି,
କେଉଁରୁ ରାଜା ହେବ ମୋ ପୁତ୍ରମଣି,
ଧାତା ମୋତେ ଆଣିଦେଲେ ଏ
ବିପଦେ ବାନ୍ଧିଲେ ପଦ୍ମାକୁ ଲୋ ।

ସଖି ! ବର୍ତ୍ତମାନ ଉପାୟ କଣ ? ସୁଧୀର ଯେବେ ରାଜଗାଦିରେ ବସେ ତେବେ ମୁଁ ତ ସାତ ଘୋଇଲଠାରୁ ବଳି ପଡ଼ିବ ।

ଦାସୀ ଏଇ ତ ପଣ୍ଡିତେ ଜାଣିବେ ଧରାଇଛନ୍ତି ।

ରାଣୀ—ପଣ୍ଡିତେ ତୁମ୍ଭେ ଆସିଲେ, ଆଜ ସଭାର ଖବର କଣ ?

ପଣ୍ଡିତ – ମା ! ତୁମ୍ଭ ମନରେ ଜାଣେ କଷ୍ଟ ହେବ ସେଥିପାଇଁ କହିବାକୁ ଭୟ ହେଉଛି ।

ରାଣୀ—ଭୟ କଣ ? କୁହନ୍ତୁ ।

ପଣ୍ଡିତ— ମହାରାଜା ଆଜ ସଭାରେ ପ୍ରକାଶ କଲେ ଯେ ଦୁଇପୁତ୍ର ମଧ୍ୟରୁ କେ ଯୁବରାଜ ପଦରେ ଅଭିଷିକ୍ତ ହେବ । ଆମ୍ଭେମାନେ କହିଲୁ ସୁଶୀଳ ଉପଯୁକ୍ତ ବିଶେଷତଃ ରାଣୀମା’ ପୁତ୍ର ମସ୍ତକରେ ରାଜମୁକୁଟ ଦେଖିବେ ଏଇଟା ଭଲ ହେବ ।

ରାଣୀ—ତହୁଁ ରାଜା କ’ଣ କହିଲେ ?

ପଣ୍ଡିତ—ରାଜା କହିଲେ ପାଟରାଣୀର ପୁତ୍ର ରାଜା ନ ହୋଇ ସାନରାଣୀର ପୁତ୍ର ରାଜା ହେବା ଉଚିତ ନୁହେଁ, ତହୁଁ ଆମ୍ଭେମାନେ ନିରୁତ୍ତର ହେଲୁ, ଆସନ୍ତା କାଲି ସୁଧୀର ଯୁବରାଜ ହେବା ଠିକ୍ ହୋଇଛି ।

ରାଣୀ – ରାଜା ! ତୋର ଏତେ ଛନ୍ଦ, ତୋର ଅନ୍ତରରେ ଗରଳ, ମୁଖରେ ମଧୁ । ମୋତେ ଖାଲି ଉପର ମନରେ ଏତେ ସ୍ନେହ ଦେଖାଉ ଥାଉ ।

(ଗୀତ)

ଦୁଃଖ ଭୂଷ ବଦନ

କେମନ୍ତେ ବଶ୍ୟ ହୋଇବ ନୃପତି ପଣ । ଘୋଷା ।

ଦ୍ୱିଜବର ! କହନ୍ତୁ ବର୍ତ୍ତମାନ କି ଉପାୟ କଲେ ରାଜାଙ୍କର ପ୍ରତିଜ୍ଞା ନଷ୍ଟ ହୋଇଯିବ ।

ଯେବେ ମୋ ପୁତ୍ରକୁ ରାଜ୍ୟ ନ ଦେଲେଟି ନୃପ ଆଜ,

ତେବେ ମୁଁ କି କରି କାର୍ଯ୍ୟ ରଖିବି ଟାଣ । ୨ ।

ରାଜା ଯେବେ ମୋ ପୁତ୍ରକୁ ସିଂହାସନ ନ ଦେଲେ ତେବେ ମୁଁ ତାଙ୍କର କଣ ସେ ମୋର କଣ ?

(ଗୀତ)

ଦେଖାଅ ଛଳ କୌଶଳ ଯେମନ୍ତେ ଭ୍ରମେ ଭୂପାଳ

ରାଜ୍ୟ ପାଇବ ସୁଶୀଳ ଥିବ ମୋ ମନ । ୨ ।

ଦ୍ୱିଜବର ! ଉପାୟ କହନ୍ତୁ, ରାଜା ଯେପରି ବଳେ ବଳେ ସୁଶୀଳକୁ ରାଜ୍ୟ ଦେବ ଏବଂ ସୁଧୀରକୁ ରାଜ୍ୟରୁ ତଡ଼ିଦେବ ।

ପଣ୍ଡିତ—ରାଣୀମା ! କିଛି ଚିନ୍ତା ନାହିଁ, ମୋର ଯାଉଣାଟା କଣ ମିଳିବ କହନ୍ତୁ ।

ରାଣୀ ଦ୍ୱିଜବର ! ଯାହା ମାଗିବ କିଛି ଚିନ୍ତା କର- ନାହିଁ, ପ୍ରାଣ ପର୍ଯ୍ୟନ୍ତ ଅର୍ପଣ କରିପାରେ ।

ପଣ୍ଡିତ—ପିଠା ଯୋଡ଼େ ଆଉ ଟଙ୍କା ତୋଡ଼ାଏ । ରାଣୀମା ଆଜ ଯେତେବେଳେ ରାଜା ତୁମ୍ଭ ନିକଟ ଆସିବେ ତୁମେ ଦୁଃଖିତ ଭାବେ କହିବ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଛି ।

ରାଣୀ – କି ସ୍ୱପ୍ନ ଦେଖିଛି ବୋଲି କହିବ ?

ପଣ୍ଡିତ—ତୁମ୍ଭେ କହିବ, କିଏ ତୁମ୍ଭଙ୍କୁ ଅସ୍ତ୍ରଶସ୍ତ୍ର ନେଇ ମାରିବାକୁ ଗୋଡ଼ାଉଛି । ସ୍ୱପ୍ନ କଥା କେତେକ ଫଳବତୀ ହୋଇଥାଏ । ଏଣୁ ଆପଣ ଆଜ ରାତିଟା ଜାଗ୍ରତ ରହନ୍ତୁ ।

ରାଣୀ—ତହୁଁ କଣ ହେବ ?

ପଣ୍ଡିତ—ମୁଁ ଯାଉଛି ସୁଧୀରକୁ କହିବି ଆଜ ରାତି ପ୍ରଥମ ପ୍ରହରରେ ତୁମ୍ଭର ପିତାଙ୍କୁ ଦେଖି ଶଯ୍ୟା ପାଶି ନିକଟ କରିବେ ଏହା ଗଣନାଦ୍ୱାରା ଠିକ୍ ହୋଇଛି, ଯେବେ ତୁମ୍ଭେ ପିତାଙ୍କ ଶୟନକକ୍ଷର ଚତୁଃପାର୍ଶ୍ୱରେ ପହରା ଦିଅ, ଯଦି କୌଣସି ବିପଦ ଉପସ୍ଥିତ ହୁଏ ତେବେ ଶତ୍ରୁହସ୍ତରୁ ପିତାଙ୍କୁ ରକ୍ଷା କରିବ ।

ରାଣୀ—ତହୁଁ କଣ ହେବ ?

ପଣ୍ଡିତ—ଯେତେବେଳେ ସୁଧୀର ଶୟନକକ୍ଷ ନିକଟରେ ପହଞ୍ଚିବେ ତେତେବେଳେ ତୁମ୍ଭେ ବୃଥା ଛଳନା କରି ସର୍ବନାଶ ବୋଲି ଚିତ୍କାର କରି ଉଠିବ, ସୁଧୀର ସେହି ମୁହୂର୍ତ୍ତରେ ଗୃହମଧ୍ୟକୁ ପ୍ରବେଶ କଲମାତ୍ରେ ତୁମ୍ଭେ ତାର ଚନ୍ଦ୍ରହାର ଧରି ଏ କି ଅନ୍ୟାୟ କରୁଛୁ ବୋଲି କହିବ । ସେଥିରେ ସୁଧୀର ଦଶା କଷ୍ଟପ୍ରଦ ମନ୍ଦ ଘଟିବ ।

ରାଣୀ—ଦ୍ୱିଜବର ! ଠିକ୍ କଥା, ତୁମ୍ଭେ ଯାଅ ସୁଧୀରକୁ ଏ କଥା କହିବ, ସେ ଯଥାବିହିତ ନ ହେଉ ।

(ପ୍ରସ୍ଥାନ)

## ତୃତୀୟ ଦୃଶ୍ୟ

(ମାଙ୍ଗଳିକ କାର୍ଯ୍ୟରେ ପଣ୍ଡିତଗଣ, ସୁଧୀର )
(ବ୍ରାହ୍ମଣ ଗ୍ରହବିପ୍ର ପ୍ରଭୃତିଙ୍କ ମନ୍ତ୍ର ପଠନ ।)

ଶ୍ରୀମତ୍ପଙ୍କଜ ବିଷ୍ଟରୋ ହରିହରୌ ବାୟୁ-ର୍ମହେନ୍ଦ୍ରାନଳଶ୍ଚନ୍ଦ୍ରୋ । ଭାସ୍କର ବିତ୍ତପାଳ ବରୁଣୌ ଧର୍ମାଧିପାଦ୍ୟୋ ଗ୍ରହାଃ । ପ୍ରଦ୍ୟୁମ୍ନୋ ନଳକୂବରୌ ସୁରଗଜ ଶ୍ଚିନ୍ତାମଣିଃ କୌସ୍ତୁଭଃ ସ୍ୱାମୀ ଶକ୍ତିଧରଶ୍ଚ ଲାଙ୍ଗଳଧରଃ କୁର୍ବନ୍ତୁ ତେ ମଙ୍ଗଳଂ । ୧ ।

(ଅଥ କର୍ମାରମ୍ଭଃ) ଦକ୍ଷିଣତୋ ବ୍ରହ୍ମାସନଂ ଉତ୍ତରେ ପ୍ରଣୀତା-ପ୍ରଣୟନ ପ୍ରଭୃତ୍ୟାଦ ଚତୁର୍ଦ୍ଦିକ୍ଷୁ ପରିସ୍ତରଣଂ । [ ଇତ୍ୟାଦ ]

ପଣ୍ଡିତ—ହାରେ କପାଳ ! ରଜା ତ ଆମ୍ଭର କାହାରି ଦୋଷରେ ନ ଥାନ୍ତି ତାଙ୍କୁ ପୁଣି କାହିଁକି ଏ ଦଣ୍ଡ ।

ସୁଧୀର—କି କଥା ଗୋସାଇଁ ?

ଗୀତ

କହ ଦ୍ୱିଜ, କି ଲାଗି ହେଉଛ ଅଧୈର୍ଯ୍ୟ ।
କି ବିଷାଦ ଘୋଟିଛି ତୁମ୍ଭ ମୁଖାମ୍ବୁଜ ।

ଦ୍ୱିଜବର ! ତୁମ୍ଭର ମୁଖକମଳ ଏପରି ମ୍ଳାନ ଦେଖାଯାଉଛି କାହିଁକି, ମୁଁ ତ କିଛି ବୁଝିପାରୁ ନାହିଁ ।

ଗୀତ

ଉନ୍ମାଦେ ପରି ଦେହ      କମ୍ପୁଅଛି ଥରହର
ହୁଏ ମୋ ମନେ ସନ୍ଦେହ କି ଘଟିଛି ଆଜ । ୧

ଦ୍ୱିଜବର ! ତୁମ୍ଭର ଦେହ ଏପରି ଥରୁଛି କାହିଁକି ? ବୋଧହୁଏ କୌଣସି ଭୟ ହୋଇଛି । କହନ୍ତୁ କି ଭୟ ? ଯଦି ମୋହାର ସାଧ୍ୟ ହୋଇପାରେ ଚେଷ୍ଟା କରିବି ।

ଗୀତ

କେବା ତବ ହୋଇ ଅରି      ନାଶୁଅଛି ସୁଖଶିରି
କହ ସଂଶୟ ନ କରି ଦେନ ମୋ ଅରଜ ।

ଦ୍ୱିଜବର ! ମୋର ମନ କେତେଆଡ଼କୁ ଯାଉଛି । କି କଥା ପ୍ରକାଶ କରନ୍ତୁ, ମୁଁ ପରର ଦୁଃଖ ଦେଖି ଧୈର୍ଯ୍ୟଧରି ରହିପାରେ ନାହିଁ, ଆଉ ବି ସମସ୍ତ ଅଧୀର ହୋଇ ଯାଉଛି ।

ପଣ୍ଡିତ—ଆମ୍ଭପରି ଗରିବଟାକୁ ବିପଦ ପଡ଼ିଲେ ଜଣ ଜଣାଯାଆନ୍ତା, ସେ ଦଶାର ଛିଦ୍ର କହିବା କାହାକୁ ।

ସୁଧୀର—କହ କହ କହୁନା କାହିଁକି ?

ପଣ୍ଡିତ—ଆଜ ଗଣନାହାର ଦେଖିଲୁ ତୁମ୍ଭ ପିତାଙ୍କୁ ଶତ୍ରୁଘାତ ହେବ । ହା କପାଳ, କେଡ଼େ ନ୍ୟାୟ-ବାନ୍ ରଜା, କେତେ ଧାର୍ମିକ ରଜା, ଉହୋ ! ଉହୋ !

ସୁଧୀର—ଦ୍ୱିଜବର ! ବ୍ୟସ୍ତ ହେବାକୁ ସମୟ ନାହିଁ ତାର ପ୍ରତିକାରର ବାଟ କହନ୍ତୁ । ଯଦ୍ଦ୍ୱାରା ପିତା ଶତ୍ରୁ ହସ୍ତରୁ ମୁକ୍ତ ହେବେ ।

ପଣ୍ଡିତ—ଉପାୟ କଣ, ଆଉ କେହି ତାଙ୍କ ନିକଟ ଯିବେ ନାହିଁ । ଯିଏ ବା ଅପର ଲୋକ ଯିବ ସେ କଣ ଶତ୍ରୁ ନୁହେଁ, ମୁଁ ମଧ୍ୟ ରାଣୀମାଙ୍କୁ ଏ ବିଷୟ କହି ଆସିଛି । ରାତରେ ଟିକିଏ ହୁସିଆର ରହିବେ, ଦେଖାଯିବ ଯାହା ହେବ ।

ସୁଧୀର—ମୋ ହାରା କଣ କିଛି ହୋଇ ପାରିବ ନାହିଁ ?

ପଣ୍ଡିତ—ଏତ ଅତି ଆନନ୍ଦର କଥା, ତେବେ ଶୁଣ । ଯେତେଣେ ଚୋର ବାଘ ମା ଅଛନ୍ତି, ଘର ଭିତରେ ରହି ନ ପାର; ତେବେ ବାହାରରେ ତୁମ୍ଭେ ହୁସିଆରରେ ରହିବ; ଶତ୍ରୁ ଆସିଲେ ବା ବିପଦ ପଡ଼ିଲେ ହଠାତ୍ ପ୍ରତିକାର କରିବ; ତୁମ୍ଭେ ଯାଅ ସଙ୍ଗରେ ମଧ୍ୟ ସୁଶୀଳକୁ ନେଇଯାଅ ।

ସୁଧୀର—ସୁଶୀଳ ପିଲାଲୋକ, ସେ ଭୟ କରିବ ।

ପଣ୍ଡିତ—ତା ତା ସତ; ତେବେ ତାକୁ କହିବା ଦରକାର ନାହିଁ । ଆସୁଛି, ରାତି ପ୍ରଥମ ପ୍ରହରକୁ ବିଶେଷ ସତର୍କ ଥିବ ।

ସୁଧୀର—ପୂଜ୍ୟବର ! ବର୍ତ୍ତମାନ ଆପଣଙ୍କର ମାଙ୍ଗଳିକ କାର୍ଯ୍ୟ ଶାନ୍ତ ଥାଉ, ମୁଁ ପିତାଙ୍କୁ ଶତ୍ରୁ କବଳରୁ ରକ୍ଷା କରିବି । ପରେ ମୋର ସେ ଭାଗ୍ୟ ହେବ । ଓଃ ଭଗବାନ୍ ! ଯଦି ଏ ବିପଦ ବେଳେ ମୁଁ ପରିତ୍ରାଣ ନ କରିଏ ତେବେ ମୋର ଜନ୍ମ ସାର୍ଥକ ହେବ ।

## ଚତୁର୍ଥ ଦୃଶ୍ୟ

ରାଣୀ—ଏବେ ତ ରାଜାଙ୍କ ଆସିବା ସମୟ ହୋଇଗଲା, ମୋତେ ବ୍ରାହ୍ମଣ ଯେଉଁ ଉପଦେଶ ଦେଇଯାଇଛନ୍ତି ରାଜାଙ୍କ ନିକଟ ପ୍ରକାଶ କରିବି । ଦେଖିବି ନାରୀର ମାୟା ବେଶି କି ନରର ମାୟା ବେଶି !

ଗୀତ

(ଏକ୍ଷିକ ବଧିର ବସୁର—ଭୃଙ୍ଗରେ)

ହେ ରାଜା ! ମନ ତୋ ବସ୍ୱର ।
ଜଗତେ ଅଛି କେତେ ନାରୀଙ୍କାର । ଦେଖା ।
ପୁତ୍ର ସୁଧାରିବୁ    ତୁ ରାଜ୍ୟ ଦେବାକୁ
ରାଖିଥିଲୁ କନ୍ୟା କୁପରାମର୍ଶକୁ
ନ ଜାଣିଛୁ ଜୀତଦାସ ହୋଇଛୁ କାହାର । ୧

ରାଜନ୍ ! ତୁ ମୋତେ ନ ପଚାରି ମୋହଠାରୁ ନ ବୁଝି ତୋ ମନକୁ ସୁଧାରିବୁ ସିଂହାସନରେ ବସାଇବୁ । ତୋ ଲେଖାରେ ମୁଁ କଣ ଚୋରିକି ?

ଜୁଲେଇ ମୁଁ ତୋ ଦାସୀ    ଜୀବନର ଫାଶି,
ଅଛି ରାଜ୍ୟ ପଣି ପ୍ରେମର ପିଶାଚୀ ।
ରକ୍ଷା ଆଉ ନାହିଁ ତୋତେ ଆଜ ହେଲୁ ପର । ୨

ରାଜା ! ତୁ ମନେ ଭାବୁଛୁ ମୁଁ ତୋର ପ୍ରେୟସୀ, ନା, ମୁଁ ତୋର କାଳଦଣ୍ଡ ଫାଶୀ—ତୋ ଜୀବନର କଣ୍ଟକ । ହେଲା ଏ ଆସିଲେ ପରା ?

ରାଜା—(ପ୍ରବେଶି) ପ୍ରେୟସୀ ! ଏପରି ବ୍ୟସ୍ତ ଭାବରେ ବସିଛ କାହିଁକି ? ମୁଁ ତ କିଛି ବୁଝି ପାରୁନାହିଁ, ଆସ ନାଥ ! ତୁମର ବ୍ୟସ୍ତରେ ଏ ହୃଦୟ ଅଧୀର ହେଲାଣି ।

ଗୀତ

(ଜଦନୋ ମୁନ୍ଦା ବୃନ୍ଦେ)

ଯେତିକ ଭାବ ଚନ୍ଦ୍ରମୁଖୀ ତୋର ମନ କଥା
ଜାଣିଲି ପଡ଼ୁଛି ଜନ୍ମା ଏ ମନକଳନା
ବ୍ୟଥା ହୃଦ ମନ ମୋର
ମଥା ହେଲ ଶୁଣିଁ ଥରେ ମନ ଜଳାଇ ଦାଉ । ୧ ।

ପ୍ରିୟେ ! ତୋହର ଏ ଚନ୍ଦ୍ରମା ମୁଖ କାହିଁକି କାଳିମା ପଡ଼ିଯାଇଛି । କେଉଁ କଥା ଲାଗି ଏତେ ଚିନ୍ତାକୁଳ କିମ୍ବା ।

ଗୀତ

ବନଜନମୂନା ମୋର, ଅରଜକୁ ଘେନ
ହଜିଥିଲେ ଖୋଜି ଦେବି କେତେ ଜସ ଧନ
ଭାଙ୍ଗିଥିଲେ ଦେବି ଗଢ଼ି
ତୋ ବିଷାଦେ ଛିଣ୍ଡି ପ୍ରାଣ ଯାଉଅଛି ଗୁଡ଼ି । ୨ ।

ପ୍ରିୟେ ! କହ କେଉଁ ଦ୍ରବ୍ୟ ପ୍ରତି ଆଶା ବଳିଛି ? ବର୍ତ୍ତମାନ କହିଲେ ଅଣାଇ ଦେବି । କଣ, କିଛି କହିବ ନାହିଁ, ନିରୁତ୍ତର ହେଲ ।

ଗୀତ

ଚନ୍ଦ୍ରମୁଖି ! ମୁଁ ତୋର କଷ୍ଟ ନ ପାରୁଛି ସହି
ଲକ୍ଷ୍ମଣ ମୋତେ ଅନ୍ଧକାର ଦିଶେ ମହୀ ।
ମିଷ୍ଟ କଥା ପଦେ ଭାଷ
ତୁଷ୍ଟ ହେବ ବାଳକୃଷ୍ଣ ମନ୍ଦ ଯିବ ତ୍ରାସ । ୩ ।

ପ୍ରିୟେ ! ମୁଁ ମୋର ଇଷ୍ଟଦେବ ଚକାଉ କହୁଛି ଯଦି ମୋତେ କିଛି ନ କହି ରହିବ ଏକ୍ଷଣି ରାଜଭବ ପରିତ୍ୟାଗ କରିବି ।

ରାଣୀ—ନାଥ ! ଆପଣ ଏପରି ବ୍ୟସ୍ତ ହେଉଛ କାହିଁକି ? ମୁଁ ଗୋଟିଏ ଅସାର ସ୍ୱପ୍ନ ଦେ ମୋର ମନଟା ଖରାପ ହୋଇଯାଇଛି ।

ରାଜା—କାହାକୁ ଖରାପ ସ୍ୱପ୍ନ ଦେଖିଛ ?

ରାଣୀ—ନାଥ ! କି କହିବି ସେ ସ୍ୱପ୍ନ ବାରତା; ଥରେ ଥରେ ଚମକି ଉଠେ ମୋର ବୁକୁ !

ଗୀତ

(ଚରଣ ଚଞ୍ଚୁ—ବୃନ୍ଦେ)

କି କହିବି ପ୍ରାଣନାଥ ।
ଅସାର ସ୍ୱପ୍ନ ମୁଁ ଦେଖିଲି ଯାହା
ହେ ପ୍ରାଣନାଥ ।
ମୋର ଉଡ଼ ଯାଉଅଛି ସାହା ହେ । ୧ ।

ନାଥ ! ଯେଉଁ ଅଦ୍ଭୁତ ସ୍ୱପ୍ନ ଦେଖିଲି ତା କହିଲାବେଳକୁ ଏ ହୃଦୟ ଶତଧା ବିଦୀର୍ଣ୍ଣ ହୋ ଯାଉଛି । କଣ କହିବି ନାଥ !

ରାଜା—ନ କହିଲେ ବା ଜାଣିବି କିପରି ?

ରାଣୀ— ଗୀତ

ଆଜ୍ଞା ଏକ ସ୍ୱପ୍ନ
ତୁମ୍ଭଙ୍କୁ ସମୁଖେ କଲି ବିନାଶ
ହେ ପ୍ରାଣନାଥ,
ମୂର୍ଚ୍ଛି ମୁଁ ଥାଇ କବା ଯଶ । ୨ ।

ନାଥ ! ଜଣେ ଯୁବା ପୁରୁଷ ଅସ୍ତ୍ରଶସ୍ତ୍ର ଦେଇ ଜବରଦସ୍ତ ଦ୍ୱାର ଭାଙ୍ଗିଦେଇ ଆପଣଙ୍କୁ ହାଣି ପକାଉଛି, ମୁଁ ସେ କଥା ଦେଖିଲବେଳରୁ ଆଜ କେଉଁଥିରେ ମନ ଲାଗୁନାହିଁ ।

ରାଜା—ପ୍ରିୟେ ! ତୁମ୍ଭେ କଣ ପାଗଳମା ହେଲ କି ? ସ୍ୱପ୍ନକଥା ବିଶ୍ୱାସଯୋଗ୍ୟ ହେଲେ ଯଦି ଦୁର୍ଯୋଗ ଘଟିବାର ଥାଏ ତେବେ ଭୟ କଣ ?

"ମର୍ତ୍ତ୍ୟମଣ୍ଡଳେ ଦେହ ବହି,
ଦେବତା ହୋଇଲେ ମରଇ"

ତେବେ ମରିବାକୁ ଗୋଟାଏ ଭୟ କଣ ?

ରାଣୀ— ଗୀତ

ତୁମ୍ଭ ଦଶା ହେଲେ ଏମା,
ଆଉ କେ ମୋହ ହୋଇବ ସାହା
ହେ ପ୍ରାଣନାଥ !
ବାନାମଣି ନ ପାଉଛି ରାହା । ୩ ।

ନାଥ ! ଅନେକ ସମୟରେ ସ୍ୱପ୍ନ କଥା ଫଳବତୀ ହୋଇଥାଏ । ଯଦି ଆପଣଙ୍କର ଏ ଦୁର୍ଦ୍ଦଶା ଘଟେ ମୋର ଆଉ କି ଗତି ଅଛି ?

ରାଜା—ପ୍ରିୟେ ! ତୁମ୍ଭେ ଏ କଥା ପ୍ରକାଶ କଲାବେଳ-ଠାରୁ ମୋର ମନରେ ମଧ୍ୟ ଭୟ ଆସୁଛି । ପ୍ରକୃତ ଘଟିଥିବା ପର୍ଯ୍ୟନ୍ତ ଲେଖା ଅଛି—ତେବେ ଉପାୟ କଣ ?

ରାଣୀ—ନାଥ ! ଆଜି ସାରା ରାତି ଜାଗି ରହିବାକୁ ପଡ଼ିବ ।

ରାଜା—ତୁମ୍ଭ ମଧ୍ୟ ମୋ ସହିତ ଜାଗ୍ରତ ହେବାକୁ ପଡ଼ିବ ।

ରାଣୀ—ମୁଁ ପୁଣି ଶୋଇବାକୁ ଅଛି ନାଥ ! ଆପଣ ବିଶ୍ୱାସ ଯିବେ ନାହିଁ, ଏ ସ୍ୱପ୍ନଟା ଦେଖିଲା ବେଳଠାରୁ ଉପର ଘଟଣା ଘଟିବ ଭାବି ମୋତେ ନିଦ ନାହିଁ କି ଭୋକ ଶୋଷ ନାହିଁ ।

ରାଜା—ପ୍ରିୟେ ! ହରିନାମ ଭଜନରେ ବିପଦ ଦୂର ହୋଇଯାଏ, ତେବେ ଖାଲି ବସିବା ଅପେକ୍ଷା କୌଣସି ଭଗବତ୍ ଚର୍ଚ୍ଚା କରିବା, ଯାଅ ମୋର ଗୀତା ଖଣ୍ଡି ଆଣିଲ ।

ରାଣୀ—ହଉ ନାଥ ! ଆସେ ( ବାହାରକୁ ଯାଇ ) ଏଇ ତ ମହାରାଜ ସର୍ବନାଶ ?

ସୁଧୀର—(ପ୍ରବେଶି ସ୍ୱଗତ) ପଣ୍ଡିତେ ଯାହା କହିଥିଲେ ଏହି ଠିକ୍ ସେ ସମୟ । ଏଠାରେ ବିଶେଷ ସତର୍କ ରହିବା ଦରକାର (କଣ୍ଠଚ୍ଛେଦ) ଆଃ କି ଆର୍ତ୍ତନାଦ (ପ୍ରକାଶ୍ୟ) ରହ ମୂର୍ଖ !

ରାଣୀ—ଏ କଣ, ଏ କଣ, ସୁଧୀର ! ଏ କି ଅନ୍ୟାୟ ! ତୁ ପୁତ୍ର ହୋଇ ପିତାଠାରେ ହିଂସା କରୁଛୁ, ତୋରେ କଣ ଧର୍ମ ଛାଡ଼ୁଛି ! ନାଥ ! ଏ ଅସୁରଟିକୁ ଛଡ଼ାଇ ନିଅନ୍ତୁ ।

ରାଜା—କିଏ ସୁଧୀର ! ତୁ କୁଳାଙ୍ଗାର ରାଜଦ୍ରୋହୀ ! କିଏ ଅଛ ଶୀଘ୍ର ବନ୍ଦୀ କର ! ପ୍ରିୟେ ! ତୁମ୍ଭେ ନ ଥିଲେ ପ୍ରାଣ ପାଇ ନ ଥାନ୍ତି । ଧନ୍ୟ ତୁମ୍ଭ ସାହସ, ଏ ସଂସାରରେ ତୁମ୍ଭେ ହିଁ ସାର ସ୍ତ୍ରୀ ! କହ ପ୍ରିୟେ ! ଉପକାରର କି ପୁରସ୍କାର ନେବାକୁ ଚାହଁ ?

ରାଣୀ—ନା ନାଥ ! ମୋର କି ଆସୁଅଛି, ଆପଣଙ୍କୁ ସେହି ଧର୍ମ ସହାୟ ହେଲେ, ଏ ପୁତ୍ର ହୋଇ ଏହେ ଅଧର୍ମ ! ବସୁଧା ତୁ ଫାଟିଯାଅ ।

ରାଜା—କିଏ ପୁତ୍ର ନାରକୀ, ମୋର ଜୀବନର ଶତ୍ରୁ ।

ସୁଧୀର—ପିତା ! ନ ବୁଝି ନ ସୁଝି ଏତେ ବିରକ୍ତ ହେଲେ ନାହିଁର ।

ରାଜା—ପାଷଣ୍ଡ ବୁଝିବି ?

ଗୀତ

(ଆଉଳ ଦୁଃଖ—ଦୁରେ)

ଆରେ ନରାଧମ ପାଷଣ୍ଡ ଅଜ୍ଞାନ
କମା କଲୁ ଏହେ କର୍ମ ।
କେଉଁ ମନ୍ଦବୁଦ୍ଧି ଦେଲା ଏ ଦୁର୍ବୁଦ୍ଧି
ଛାଡ଼ିଲା କି ତୋତେ ଧର୍ମ ।
କାହିଁ ଥିଲୁ ଅକୁଳା,
ଜନ୍ମଦାତା ମାରୁଛୁ ଜଳଜଳା ।୧।

କୁଳାଙ୍ଗାର ମଲୁ ନାହିଁ, ତୋତେ କିଏ ଜନ୍ମ କରିଥିଲା ମୋର ଶତ୍ରୁ ହେବୁ ବୋଲି ?

ଗୀତ

ହେଜଯାଅ ଦୂତ ଏ ପାଷଣ୍ଡ ସୁତ
ମୁଣ୍ଡକୁ କରିବ ଚୂର୍ଣ୍ଣ,
ଦେଖିଲେ ମୁଁ ଏ ରକ୍ତ ହେବି ମୁଁ ନିଶ୍ଚିନ୍ତ
କୁହି ବଇଠି ଯାଇ ଅନ୍ନ
ଭଲକୋ ନାହିଁ କାର୍ଯ୍ୟ ।
ମୂର୍ଖ ପାମର ପୁଅ ଶାସ୍ତି ଭୋଗୁ ଆଜ ॥୧॥

ଦୂତ ! ଶୀଘ୍ର ଘାତକଙ୍କୁ ଆଜ୍ଞା ଦିଅ, ଏ ପାଷଣ୍ଡକୁ ନେଇଯାଉ ।

ଦୂତ—ଯେ ଆଜ୍ଞା ମହାରାଜ ! (ପ୍ରଣିପାତପୂର୍ବକ ପ୍ରସ୍ଥାନ)

ସୁଧୀର— ଗୀତ

( ଭେଙ୍ଗ ଭଟା ନ ପଲ - କୁରଙ୍ଗେ )
ହେ ତାତ ! ବୃଥା କମ୍ପା ହୁଅ ଏ ଦଣ୍ଡ ।
ଅନ୍ତରେ ନାହିଁ ମୋର ଭଲେ ଏ ଛନ୍ଦ । ଘୋଷା ।
ତାତ ! କାହିଁକି ବୃଥା ଏ ଦଣ୍ଡ ଦେଉଛନ୍ତି ।
ମୁଁ ଏଥିରେ ତିଳେମାତ୍ର ଦୋଷୀ ନୁହେଁ ।

ରାଜା—ମୂର୍ଖ ! ଏମନ୍ତ ପଦ ସାହସ କରି ନ ଥାନ୍ତେ ତେବେ ମୁଁ ପ୍ରାଣ ପାଇ ନ ଥାନ୍ତି ।

ସୁଧୀର— ଗୀତ

ପଣ୍ଡିତ ମୋତେ ଡାକି ଏଥେଁ
କପଟ କରି ନଷ୍ଟ କଲେ ଏ କାଣ୍ଡ ॥୧॥

ପିତା ! ପଣ୍ଡିତେ ମୋତେ କହିଲେ ତୋର ପିତାଙ୍କୁ ସୁତର ପ୍ରଥମ ପ୍ରହରରେ ଶତ୍ରୁଘାତ ହେବ, ତୁ ଯାଇ ଜଗି କରିବୁ । ମୁଁ ସେଥିପାଇଁ ଆସିଥିଲି ।

ରାଜା—ଆଚ୍ଛା, ମୋର କନ୍ଥ ଦେଖା ପାଇଥିଲୁ ? ମୂର୍ଖ ପାଇ ଜାଣିଛୁ । ମୁଁ କିଛି ଶୁଣିବି ନାହିଁ । ଦୂତ ! ଘାତକ ଆସିଲେ; ଦୂର ହୋ ପାଷଣ୍ଡ ଷଡ଼ିପୁ କୁଳକଳଙ୍କ ।

ସୁଧୀର— ଗୀତ

ମୁଁ କିଛି ତାତ ନ ବୁଝୁ ବ୍ୟସ୍ତ
ମଢ଼ ବିଧାତା ଆଜ କଲା ଏ ଛନ୍ଦ । ୨ ।

ପିତଃ ! ମେଲାଣି ଦେଉଛି ଶ୍ରୀପଦରେ ଟିକିଏ ଅନୁମତି ଦିଅନ୍ତୁ, ମୋର ପ୍ରାଣର ଭାଇ ସୁଶୀଳକୁ ଥରେ ଦେଖିବି ।

ରାଜା—ମୂର୍ଖ, ସୁଶୀଳ କିଏ ମୋର ପ୍ରତିଜ୍ଞାରେ ବାଧା ଦେବ ? ତୁ ପିତୃଦ୍ରୋହୀ, ତୋ ମୁଖ ଦର୍ଶନରେ ତାର ପାପ ଘଟିବ । ଘାତକ ! ଏ ପାଷଣ୍ଡକୁ ମାରି ତାର ରକ୍ତ ଆଣିଦେଲେ ଭୋଜନ କରିବି ।

ସୁଧୀର—(ସ୍ୱଗତ) ସୁଶୀଳ ! ତୋର ଚନ୍ଦ୍ରମୁଖ ଟିକିଏ ଦେଖିଲେ ଦେହ ମୃତ୍ୟୁକଷ୍ଟ ପାସୋରିଥାନ୍ତି ।

ଘାତକ—ସ୍ୱଲ (ସ୍ୱଗତ) ଭଗବନ୍ ! ଏଇ ତ ମୋର ବ୍ୟବସାୟ ମାତ୍ର ନ୍ୟାୟ ଅନ୍ୟାୟ ସବୁ ଆପଣଙ୍କ ଠାରେ ।

(ହାତୀ, ହାତୀଆଳ)

ଖୁଲ ଖୁଲ ଭୁଲ ଭୁଲ ପାଦ ଥକିଗଲାରେ ।
ବିଜୟ ଗଡ଼ର ରାଜା- କନ୍ୟା ଲାଗି ବର ଖୋଜା
ଯେ ହୋଇବ ବର (ରାଜ୍ୟ) ତାର ହେଲାରେ ।

କିଏ କରିବ, ଅନେକ ଦେଶ ତ ବୁଲିଲିଣି, କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିଲା ନାହିଁ । ଆମ ଜେମା ଯୋଗ୍ୟ ବର କିଏ କେଉଁଠାରେ ନାହାନ୍ତି । ଭାରି ତ ବ୍ୟସ୍ତ ଲାଗିଲାଣି । ଏଇଠି ଟିକିଏ ବସିବା ଦେଖିବା ସେ ଆଡ଼୍ ଦି'ଜଣ କିଏ ଆସୁଛନ୍ତି ।

[ସୁଧୀର ମୁଣ୍ଡରେ ହାତୀ ସୁନା କଳଶ ଢାଳିବା ଅଭିନୟ]

ହାତୀଆଳ—ଆସ ବାବୁ ! ଆମ ଦେଶରେ ରାଜା ହେବ ।

ଘାତକ—ରାଜା ହେବା ଯୋଗ୍ୟ କିଏ, ସେ ଯେଉଁପରି ଗୁରୁତର ଦୋଷ କରିଥିବାରୁ ମୁଁ ଧରିକି ନେଉଛି ।

ହାତୀଆଳ—ଆରେ ସେକଥା କହନା, କଥାରେ ଅଛି ଧର୍ମର ଜୟ ପାପର କ୍ଷୟ, ଅନେକାନେକ ଦେଶ ବୁଲିଲିଣି, କାହିଁ ହାତୀ କାହାର ମୁଣ୍ଡରେ କଳଶ ଢାଳିଲା ନାହିଁ । ଏ ପ୍ରକୃତ ନରପତି । ଛାଡ଼ି ଦେବୁ କାହାକୁ ! ରଖ ତୋ ଛୁରି ।

(ଘାତକଠାରୁ ସୁଧୀରକୁ ଛଡ଼ାଇ ନେଇ ହାତୀ ପିଠିରେ ବସାଇ ହାତୀଆଳର ପ୍ରସ୍ଥାନ)

ଯାତ୍ରୁକ—ଧନ୍ୟ ରାଜପୁତ୍ର ! ତୁ ପ୍ରକୃତ ନର୍କୋଷୀ ବୋଲି ବର୍ତ୍ତମାନ ଧର୍ମ ତୋହର ସହାୟ ହେଲ । ତେବେ ମୁଁ ରାଜା ନିକଟ ଏ କଥା କହିବ ନାହିଁ ଯାଉଛି ଗୋଟିଏ ପକ୍ଷୀ ମାରି ରାଜାଙ୍କୁ ରକ୍ତ ଦେଖାଇବି ।

---

## ଦ୍ୱିତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

ସୁଶୀଳ—ଏ କଣ, ଆଶ୍ଚର୍ଯ୍ୟ କଥା, ମୋ ବାମ ଚକ୍ଷୁଟା ଏପରି ବାରମ୍ବାର ସ୍ପନ୍ଦୁଛି କାହିଁକି ? ଏ ତ ବଡ଼ ଅମଙ୍ଗଳର କାରଣ । ନା, କାହିଁକି ମୁଁ ମନ୍ଦକଥାକୁ ମୋ ମନରେ ସ୍ଥାନ ଦେବି, ମୋ ଭାଇ ତ ଆଜି ଯୁବରାଜ ପଦରେ ଅଭିଷିକ୍ତ ହେବେ । ଯାଏଁ ଦେଖେ ଏ ଉତ୍ସବରେ ନଗରବାସୀଗଣ କିପରି ଉନ୍ମତ୍ତ ।

(ଜନୈକ ବୃଦ୍ଧାର ପ୍ରବେଶ)

ଆରେ ବାପରେ ବାପ, ଏକାଳ ଟୋକାଙ୍କୁ ଆଉ ବିଶ୍ୱାସ ନାହିଁରେ ବିଶ୍ୱାସ ନାହିଁ ; ପୁଅ ଜନ୍ମ କରିଥାଇ ମଲେ ପିଣ୍ଡ ମୁଠାଏ ପକାଇବେ । ଆରେ ଯୋଗଣ୍ଡିଆ ଗାଙ୍ଗୁଡ଼ା ପିଣ୍ଡ ପକାଇ ଦେଉଛନ୍ତିରେ ପକାଇ ଦେଉଛନ୍ତି, କଣ କରିବି । ରାଜାପୁଅ ରାଜାକୁ ମାରିବାକୁ ଗଲା, ମୋ ପୁଅ ମୋତେ ନ ମାରିବ ଅବା କାହିଁକି ?

ସୁଶୀଳ—ବଡ଼ୋ ଜଜ୍ଜ ବୋଉ ! କଥା କଣ, ଏପରି ବ୍ୟସ୍ତ ହେଉଛ କାହିଁକି ?

ବୃଦ୍ଧା—ବାବୁ, ଆଜକାଲି କାଳର ଗତିକୁ ଭାବି ମନ ବ୍ୟସ୍ତ ହେଉଛି ।

ସୁଶୀଳ—କଣ, କହନା ।

ବୃଦ୍ଧା—ଦେଖି ବୁଢ଼ିଆ ଗଡ଼ ପୁଅମାନେ ସମାଜ୍ଞିବାର ଜାତକ କରି ଦେଲ, ପୁଅ ଯାହା ବର୍ତ୍ତମାନ କରୁଛି କଣ କହିବି ।

ସୁଶୀଳ—ଆଜ୍ଞା ତୁମ ପୁଅ କଣ କରୁଛନ୍ତି ।

ବୃଦ୍ଧା—ବାପରେ ! ଶ୍ୱଶୁର ନାଁରେ ସମାଜ୍ଞିପାକ ଲେଖି ଦେଇ ତୁଳି ବୃଦ୍ଧା ଭଣ୍ଡି ପୁଅଙ୍କ ସାଙ୍ଗରେ ମାତ ଆଖଡ଼ା ଜମାଇଛି । ମୋତେ ଟିକିଏ ହେଲେ ପଚାରୁନାହିଁ । ଘରେ ଯେଉଁ ବୋହୂ ସେ ତ ଖଣ୍ଡେ ଭଣାକପାଣ୍ଡି । ବାପରେ ! କାଳେ ତୋ ମଣିଷପାକ ସମ୍ପତ୍ତିର ହୋଇ ମୋତେ ହାଣି ଦେବେ । ସେ ଯୋଗୁଁ ଘରଛାଡ଼ି ପଳାଉଛି ।

ସୁଶୀଳ—ଜଗୁବୋଉ ! ଏଥିପାଇଁ ଘରଛାଡ଼ି ପଳାଉଛ, ମାରି ଦବାଟା କଣ ମୁହଁରେ ପଡ଼ୁଛି ?

ବୃଦ୍ଧା—ବାପ ! ତମ ଭାଇ ଏବେ କଣ କଲେ, ତମ ମା ପିତା ବୁଢ଼ିଆ ପଡ଼ିଲେ ବୋଲି ବାପା ଉଦ୍ଧରିଗଲେ ।

ସୁଶୀଳ—କଣ, କାହା ଭାଇ କଣ ହେଲ ?

ବୃଦ୍ଧା—ବାପା; ଶୁଣିନାହଁ କାଲି ରାତି ଅଧରେ ସୁଧୀର ଯାଇ ତୁମ୍ଭ ବାପାଙ୍କୁ ହାଣିବାକୁ ଅନ୍ତଃପୁର ମଧ୍ୟରେ ପଶିଥିଲେ । ସେ ଯୋଗୁ ଦଣ୍ଡ ଆପି ତାଙ୍କୁ ଶୂଳ ଦେବାକୁ ନେଲଣି ।

ସୁଶୀଳ—କଣ କହୁଛ । ଏ କଣ ପ୍ରକୃତ କଥା (ସ୍ୱଗତ) କଣ କରିବି ମୋ ପାଦ ତ ଆଉ ଟିକେ ଚଳୁନାହିଁ, ବୁଝିଲି, ତାଙ୍କର ସିଂହାସନାରୋହଣ ବାର୍ତ୍ତାରେ ପାପିୟସୀ ରୁଷ୍ଟା ହୋଇ ମୋ ସ୍ନେହର ଦେବୋପମ ଭାଇଙ୍କୁ ବୃଥା ଛଳନାରେ ଦଣ୍ଡିତ କରାଉଛି; ହା ଦଇବ ରେ ! ଏକ୍ଷଣ ତୋର ବୁଝାମଣା ।

ଗୀତ

( ନ କାନ୍ଦ—ବୃନ୍ଦେ )

ଆହା ରେ ମନ୍ଦ ଦଇବ କଲୁ ଏକ ଛନ୍ଦରେ !
ନର୍କୋଷୀ ଭାଇରେ ମୋର ଦେଲୁ ଏତେ ଦଣ୍ଡରେ ।
ଆରେ ମନ୍ଦ ଧାତା ।
କମ୍ପା କଲୁ ଭାଇରେ ଅହନ୍ତା ।

ହା ବିଧାତା ! ତୁ କଣ କଲୁ ? ଭାଇ ପିତାଙ୍କୁ ମାରିବାକୁ ଯାଇଥିଲେ ଏ କଥା ବିଶ୍ୱାସଯୋଗ୍ୟ ନୁହେଁ ।

(ଗୀତ)

ଜାଣିଲି ଜନନୀ ତୁହି କଲୁ ଏତେ କାଣ୍ଡରେ ।
ହାଣିଲୁ ଚଣ୍ଡାଳ ହସ୍ତେ ମୋ ଭାଇର ମୁଣ୍ଡରେ ।
ଲଭିଲୁ କି ପଣ,
ଜାଣୁ ଜାଣୁ ବଂଶ କଲୁ ଧ୍ୱଂସ । ୨ ।

ଆଉ ସନ୍ଦେହର କାରଣ ନାହିଁ, ବୃଥା କାହିଁକି ବିଧାତାର ଦୋଷ ବାଢୁଛି । ମୋର ଜନନୀର କୁପଥ୍ୟ ଭାଇଙ୍କୁ ରାଜ୍ୟାସନରୁ ବସିବାର ଶୁଣି ପାଣ୍ଡବେ ବୃଥା ଶୀତରେ ପକାଇ ମୋର ହୃଦୟର ଭାଇଙ୍କୁ ମରାଇ ଦେଲା । ନାରଦ ! ମୋର ପ୍ରାଣର ଭାଇଙ୍କୁ ମରାଇଛି ଆଉ କଣ ମୋ ଆଶା ପାଇବୁ ? ନା ଏହା କେବେ ନୁହେ ଜନ୍ମଜନ୍ମ ଯାଏ ଆଶ୍ରୁ କୁଡ଼ି ହୋଇ ବୁଲୁଥିବୁ ।

(ଗୀତ)

ପରକର ଭାଇ ମୋତେ ନ ନେଲୁ ସଙ୍ଗତରେ
ହରାଇବ ଏ ଯନ୍ତ୍ରଣା ନେଉଛ ତୋ ପଥରେ ।
ବାରେ ନାହିଁ ଆଶା
ଭାଇ, ତୋ ପାଦପଦ୍ମରେ ବଶ ଆଶା । ୩ ।

ଆଉ ହୃଦୟକୁ ପୋଡ଼ିବ ବା କାହିଁକି ! କାହା ମୁଖ ଗୁହିଁବାକୁ ମିଳ । ଜନନୀ ତୁ ଏଥର ନିଶ୍ଚିନ୍ତରେ ଥା, ଆନନ୍ଦରେ ଏକାଧିପତ୍ୟ ହୋଇ ମେବାର ଗଡ଼ର ସାମ୍ରାଜ୍ଞୀ ହୋଇଥା । ପିତଃ ! ତୁମ୍ଭେ ବି ମଧ ସେ କୁହୁକିନୀର ମୋହନ ମାୟାଜାଲରେ ପଡ଼ି ବାତ୍ସଲ୍ୟପ୍ରେମ ଏକାବେଳେ ବିସ୍ମୃତ ହୋଇ ନିର୍ଦ୍ଦୋଷରେ ଦଣ୍ଡବିଧାନ କଲ । ଆଉ ଏ ତୁଚ୍ଛ ଜୀବନରେ କି ପ୍ରୟୋଜନ । ମୋ ଭାଇ ଯେଉଁଆଡ଼େ ଯାଇଛନ୍ତି ମୁଁ ମଧ ସେହି ପଥ ଅନ୍ୱେଷଣରେ ଚାଲିଲି (ଅଗ୍ରସର ହୋଇ ଗତିକରେ) ଏ କଣ ଏ କଏ ଘାତୁକ ! ତୁମ୍ଭେ ଏବେ ଅଧୀନ ! ତୁମର କଣ ସନ୍ତାନ ନାହିଁ, ତୁମ୍ଭେ କାହିଁକି କପଟ ଭାବରେ ଭାଇ, ପିତା କୋଳରୁ ସୁନ୍ଦର ବିଚ୍ଛେଦ ସାଧନ କଲ । ସତ କହ ଘାତୁକ ! ଭାଇ ଆଉ ମୋର ଜୀବନରେ ନାହିଁ !

ଘାତୁକ—(ସ୍ୱଗତ) କଣ କରିବ ଏ ତ ବାଳକ ଅବୋଧମତି, ପୁଣି ଭ୍ରାତୃବିଚ୍ଛେଦରେ ପାଗଳ, ଏହାଙ୍କୁ କଣ ପ୍ରବୋଧ କରିବ ସତ ପ୍ରକୃତ କଥା କହିବ ତେବେ କି ଆଉ ପ୍ରାଣ ରହିବ ?

ସୁଶୀଳ—ଘାତୁକ ! ଏତେ ବିଳମ୍ବ କାହିଁକି ହେଲୁ । ପିତା ସିନା ପିଶାଚିନୀ କୁହୁକିନୀର କଥାରେ ପଡ଼ି ମୋ ଭାଇଙ୍କୁ ତୋତେ ସମର୍ପି ଦେଲେ । ତୁ କି ସେହି ଅବସ୍ଥାର କାର୍ଯ୍ୟ କଲୁ । ଯେବେ ଅବସ୍ଥାର କାର୍ଯ୍ୟ କରିଛୁ ତେବେ ତୋର ହାତ ଧରୁଛି, ତୋର ପାଦତଳେ ପଡ଼ୁଛି, ତୋର ସେହି ରକ୍ତ ରଞ୍ଜିତ ଶାଣିତ ଖଡ୍ଗରେ ଏ ଭ୍ରାତୃହୀନ ପାଷାଣର ପ୍ରାଣ ନେ ?

ଘାତୁକ—( ସ୍ୱଗତ) ଏ ତ ବଡ଼ ମୁସ୍କିଲ କଥା ହେଲା ।

ସୁଶୀଳ—ଘାତୁକ ! ଭୟ କରୁଛ, ତେବେ ଦିଅ ଅସ୍ତ୍ର ମୋତେ ଦିଅ, ମୁଁ ନିଜେ କାର୍ଯ୍ୟ ସିଦ୍ଧି କରିବି ।

ଘାତୁକ ( ହସ୍ତ ଧାରଣ ) ଏ କଣ ଯୁବରାଜ । ଆପଣ କଣ ବାତୁଳ ହେଲେ, ସେ ଯେପରି କଲେ ସେପରି ଭୋଗିଲେ ଆପଣ ଏପରି କାହିଁକି ହେଉଛନ୍ତି ?

ସୁଶୀଳ— ଗୀତ

ହାତ ଛାଡ଼ି ଦେ ରେ ହନ୍ତା,
ଦୟାକରି ଦେଖିଯିବି ଭାଇ ।
ତାଙ୍କ ବିନେ ଶୂନ୍ୟ ଦିଶେ ତ୍ରିଭୁବନ,
କିବା ପ୍ରୟୋଜନ ମୁହିଁ ରହି ।

ଘାତୁକ ! ମୋତେ ଛାଡ଼ିଦେ ମୋର ଭାଇର ସାକ୍ଷାତ କରିବି । ତାଙ୍କ ବିନା ସ୍ୱର୍ଗ, ମର୍ତ୍ତ୍ୟ, ରସାତଳ ଯେଉଁଣେ ଅନାଉଛି ସେଉଁଣେ ଅନ୍ଧାର ଦିଶୁଛି । ମୋତେ ଛାଡ଼ି ଦେ ।

ଘାତୁକ—ଯୁବରାଜ ! ତୁମ୍ଭେ ପ୍ରାଣ ହରାଇଲେ ଯୁବା ଭାଇ କଣ ଆଉ ଲେଉଟି ଆସିବେ ।

ସୁଶୀଳ— ( ଗୀତ )

ଘର କର ଭାଇ ଯାଇଛି ପଳାଇ
ବଳାଇ ମୁଁ ପଛେ ଯିବି ଧାଇଁ । ୨ ।

ଭାଇ ସିନା ସଙ୍ଗରେ ନେଲେ ନାହିଁ, ମୁଁ ବନେ ବନେ ତାଙ୍କ ଅନୁଗାମୀ ହେବି, ତୁ ଛାଡ଼ି ଦେ ।

ଘାତୁକ—( ସ୍ୱଗତ ) ଭଗବାନ ! ବର୍ତ୍ତମାନ ଉପାୟ କଣ ଏ ତ ନିଶ୍ଚୟ ଭାଇ ବିଚ୍ଛେଦରେ ପ୍ରାଣ ହରାଇ ଦେବେ ? ଯାହା ମୋ ଭାଗ୍ୟରେ ଘଟିଲେ ଘଟୁ; ପ୍ରକୃତ କଥା ପ୍ରକାଶ କରିବି । ( ପ୍ରକାଶ୍ୟେ ) ଯୁବରାଜ ! ଏ ପାଷାଣ ତାର କର୍ତ୍ତବ୍ୟରେ ତ୍ରୁଟି କରିଛି ।

ସୁଶୀଳ—କଣ ତ୍ରୁଟି ଘାତୁକ ।

ଯାଜୁକ—ଯୁବରାଜ ! ଭାଇଙ୍କୁ ଶୂଳକୁ ଆଣିବା ସମୟରେ ଗୋଟିଏ ହସ୍ତୀ ସୁନାକଳଶ ତାଙ୍କ ମୁଣ୍ଡରେ ଢାଳଦେଲା, ତହୁଁ ହସ୍ତୀ ସଙ୍ଗରେ ଥିବା ଲୋକ ତୁମ୍ଭ ଭାଇଙ୍କୁ ହସ୍ତୀରେ ବସାଇ ନେଇ ଚାଲିଗଲେ ।

ସୁଶୀଳ— ଗୀତ

ଭଣ୍ଡାଉଛୁ ମୋତେ ଯିବ କି ପରତେ
ମରତେ କି ଭାଇ ଅଛୁ ରହି । ୩ ।

ଯାଜୁକ ! ମୋତେ ବୃଥା ଭଣ୍ଡାଉଛୁ କାହିଁକି ? ଯଦି ତୁ ମୋର ଭାଇଙ୍କୁ ନ ମାରୁଛୁ ତୋର ଏ ତରବାରି ଓ ହସ୍ତ ରକ୍ତରେ ଜର୍ଜରିତ ହୋଇଛି କାହିଁକି ?

ଯାଜୁକ—ଯୁବରାଜ ! କେବଳ ରାଜାଙ୍କ ପ୍ରତ୍ୟୟ ନିମନ୍ତେ ଗୋଟିଏ ପକ୍ଷୀ ମାରି ରୁଧିର ଆଣିଛି, ଏଥିରେ ଅଣୁମାତ୍ର କପଟ ନାହିଁ ।

ସୁଶୀଳ – ଭ୍ରାତା ତେବେ ମୋର ପ୍ରାଣରେ ଅଛନ୍ତି, ମୋର ଭାଇଙ୍କୁ ଧର୍ମ ସହାୟ ହୋଇଛି, ଏ କ'ଣ ସତ କଥା ?

ଯାଜୁକ – ଯୁବରାଜ ! ସେ ନିଶ୍ଚୟ ଜୀବନରେ ଅଛନ୍ତି, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ସୁଶୀଳ—ଯାଜୁକ ! ମୁଁ ଯାଉଛି ଭାଇଙ୍କ ସନ୍ଧାନରେ ଯିବି, ତୁ ପିତାଙ୍କୁ ଏ ବିଷୟ କହିବୁ ନାହିଁ । ପିତା ବିଷୟୀ ଜୀବନରେ ପଡ଼ିଛନ୍ତି, କେବେ ଅବସ୍ଥା ଭୋଗ କରିବେ ମୁଁ ବିଦାୟ ନେଲି ।

---

## ଦ୍ୱିତୀୟ ଦୃଶ୍ୟ

## ବନଦେଶରେ ଶବର ଓ ଶବରୀ

ଶବରୀ—ଓହୋ ଶବର ! ଆଜ ତୋତେ ଗୋଟେ କଥା ପଚାରିବାର ଅଛି ଏଠା ।

ଶବର—ହେ ହେଲା, ଶବରୀ କି କଥା ପଚାରୁ ଜଲଦି ପଚାରେ ବେଳ ଗଡ଼ି ଯାଉଛି, ଶିକାର କିଛି ନାହିଁ ହେଲା ।

ଶବରୀ— ଗୀତ

( ଚରଣଚନ୍ଦ୍ର—ବୃନ୍ଦେ )

କହ ଆରେ ଜୀବଧନ !
ସରିଲାଣି ଆମ୍ଭ ନବଯୌବନ,
କି ଶବର ରେ,
କୋଳେ ଧରି ନାହୁଁ ତ ସନ୍ତାନ । ୧ ।

ହାଁରେ ଶବର ! ଆସି ତ ବୟସ ଗଲା ବୁଢ଼ା ବୁଢ଼ୀ ହେଲେ ଗୋଟେ ବୋଲି ପୁଅ ତ ଏ ନେତ୍ରେ ନାହିଁ ଦେଖିଲି ।

ଶବର – ଓହୋ ଶବରୀ ! ବୁଢ଼ାଦିନେ ପୁଅ କାହୁଁ ଆସିବ, ଯଦି ପୁଅ ହୁଏ ତ ସେ କି ଦରକାରକୁ ଲାଗିବାର ଅଛି ।

ଶବରୀ – କାହିଁକି ?

ଶବର – ଗୀତ

ଆହାରେ ରମଣୀମଣି;
ବୃଦ୍ଧକାଳେ ପୁତ୍ର ମୁହେଁ ନ ଚାହିଁ କି ଶବରୀଲୋ ।
ବୃଥା କାମନା କରୁଛୁ ଭଲେଣି ।

ବୁଝିଲୁ ନା ଶବରୀ ! ଆମେ ମଲେ ଯୁଗବୁଢ଼ା, ବୁଢ଼ାକାଳେ ପୁଅ ହୋଇ କଷ୍ଟ କରିବ । ଆମକୁ ପୁଅ କା ଦେବ କଏ ?

ଶବରୀ— ଗୀତ

ଦେବୀଙ୍କୁ ଆଶ୍ରୟ କର,
ଛୁଟିଯିବ ବନ୍ଧ୍ୟାଦୋଷ ଆମ୍ଭର,
କି ଶବରରେ ।
କୁଳେ କଳଙ୍କ ନ ଥିବ ମୋର । ୨ ।

ଓହୋ ଶବର ! ଯଦି ପୁଅଟିଏ ହେବ ଆମ୍ଭେ ଏ ଅପୁତ୍ରିକ ଦୋଷରୁ ମୁକ୍ତ ପାଇଯିବା ।

ଗୀତ

ଚାଲ ସାଥି ହୋଇଯିବା,
ବନେ ବନଦୁର୍ଗା ପାଦ ସେବିବା
କି ଶବରରେ,
ମନ ମନାଇଁ ପୁତ୍ର ମାଗିବା । ୪ ।

ଓହୋ ଶବର ! ଆଜ ଶିକାର କରାଯାଉ ନାହିଁ ହବ, ଚାଲ ବନଦେବୀଙ୍କ ପାଖକୁ ଯାଇ ଆମ୍ଭ

ଦୁଃଖ କଥା ଜଣାଇବା ।

ସୁଶୀଳ— (ସ୍ୱଗତ) ଏ ଜଙ୍ଗଲଟା ଆଉ କେତେ ବାଟ ପଡ଼ିବ, କେଉଁଠି ତ ଘର ଗ୍ରାମ ଦେଖାଯାଉ ନାହିଁ ; ଏଣେ ତ ସୂର୍ଯ୍ୟଦେବ ଅସ୍ତାଚଳ ଚୂଡ଼ି ମାଳୁଚଳାଙ୍କୁ ଆଶ୍ରାୟାର୍ଥେ ଯାଉଥିବାରୁ ସ୍ୱଭାବତଃ ଅନ୍ଧକାରାଚ୍ଛନ୍ନ ହୋଇ ଆସିଲା । ପଶୁପକ୍ଷୀ, ତରୁଲତା, କୀଟପତଙ୍ଗାଦି ସମସ୍ତେ ସ୍ୱଭାବଧର୍ମବଶରେ ନିଜ ନିଜ ବସାମାନଙ୍କରେ ଆଶ୍ରୟ ନେଲେଣି । ବର୍ତ୍ତମାନ ମୋର ଆଶ୍ରା କଏ ? ରାତିରେ ହିଂସ୍ରଜନ୍ତୁମାନେ ମୋତେ ନେଇ ଯିବେ । ବର୍ତ୍ତମାନ କି ଉପାୟ କରିବି, ଏ ବିପଦ ସମୟରେ କିଏବା ମୋତେ ଆଶ୍ରୟ ଦେବ । ଭଗବାନ୍ ! ତୁମ୍ଭେ ହିଁ ମୋର ଏକମାତ୍ର ଭରସା ।

ଗୀତ

(ଦୟାନିଧି—ବୃତ୍ତେ)

ଦୟାକର ଦୀନବନ୍ଧୁ ଏ ଦୀନଜନରେ ।
ବିପଦାର୍ଣ୍ଣବରେ ପଡ଼ି ମରେ ମୁଁ ବନରେ,
କର୍ଣ୍ଣେ ଶୁଣି ମୋର ଡାକ
କର୍ଣ୍ଣଧାର ହୁଏ ନାବେ ହେବ ହେ ରକ୍ଷକ । ୧

ପ୍ରଭୁ ହେ ଦୀନବାନ୍ଧବ, ଏ ବିପଦରୁ ଉଦ୍ଧାର କରିବ କେବଳ ତୁମ୍ଭେ, ତୁମ୍ଭ ବିନା ଆଉ କେହି ଉଦ୍ଧାର କରିପାରିବେ ନାହିଁ ।

ଗୀତ

ସ୍ୱପନ ଯୋଗରେ ଗଜ ଡାକିଥିଲା ଯେବେ !
ରଥ ପେଷି ନକ୍ରମୁଣ୍ଡ କାଟିଲଟି ହେବେ ।
ବଳ ମୋ ହେବକୁ କଏ
ତକା ଆଜି ମୋତାରେ କି ହୋଇଅଛ ଖପା । ୨ ।

କୃପାନିଧି ! କୃପା କର ଥରେ; କେହି ନାହିଁ ଭରସା ମୋହର ।

ଶବର—(ନେପଥ୍ୟରେ) ପ୍ରେତୋ ଶବରୀ, ଶୁଣିଲୁ ତ କଏ ଗୋଟେ ଜଙ୍ଗଲ ଭିତରେ କେମିତି କାନ୍ଦୁଛି, ଚାଲିଲୁ ତାକୁ ପଚାରିବା ।

ଶବରୀ—ହଁ’ରେ ଶବର, ସେତ ଗୋଟେ ପିଲାକଣ୍ଠପରି ଶୁଣାଯାଉଛି ।

ଶବର—(ପ୍ରବେଶି) ଗୀତ

କହ ବାପଧନ କମ୍ପା,
ଏ ଘୋର ବନସ୍ତେ କାନ୍ଦୁଛ ଏକା
କୁମରରେ ।
ଲାଗୁନାହିଁ ତୋର ମନେ ଶଙ୍କା ।

ସୁଶୀଳ— ଗୀତ

କି କହିବିରେ ଶବର,
ଭ୍ରାତା ଗଲେ ମୋର କରିଣ ପର,
କି ଶବରରେ
ଲୋଡ଼ୁଅଛି, ପଥ ତାହାଙ୍କର ।

ଶବର ! ମୋର ଭାଇଙ୍କୁ କିଏ ନେଇଯାଇଛି, ମୁଁ ତାଙ୍କର ସନ୍ଧାନରେ ଆସୁ ଆସୁ ଏଠାରେ ସନ୍ଧ୍ୟା ହୋଇଯିବାରୁ ନିଃସହାୟ ହୋଇ ଭଗବାନଙ୍କୁ ଚିନ୍ତା କରୁଛି ।

ଶବର— ଗୀତ

ଆସ ବାପଧନ ମୋର;
ନିଶ୍ଚିନ୍ତେ ରହିବୁ ମୋର ପଲ୍ଲୀର;
କି କୁମରରେ । କାଲି ଯିବୁ ଯେଉଣେ ଇଚ୍ଛା ତୋର ।

---

## ତୃତୀୟ ଦୃଶ୍ୟ

(କର୍ଣ୍ଣାଟ ରାଜା ଦୂତର ପ୍ରବେଶ ଗୀତ)

ରଜ ସଜବାଜ ମଣ୍ଡଳକୁ
ଝିଟିଝିଟି ବର୍ଷା ସାର ଦେଲାରେ ।
ଶରତ ବଉଳ ହରଡ଼ ନଡ଼ିତା
ଗ୍ରୀଷ୍ମ ସନ୍ତାପରୁ ତାର ଦେଲରେ ।
ନବବର୍ଷା ଆରମ୍ଭ ଦେଖି
ଜଳଜର ଲଡ଼ିଲା ପକ୍ଷୀ
ଶୂନ୍ୟ ମାର୍ଗ ଦେଖି ଉଡ଼ିଗଲେ ଶିଖୀ
ଭାଉ ତାଙ୍କୁ ଦେଖି ମାର ନେଲାରେ ।୨।
ବେଙ୍ଗଙ୍କର ଗର୍ଜିଲା ନାଦ
ବଜାଇଲେ ବିବିଧ ବାଦ୍ୟ
ଦୀନ ବାଳକୃଷ୍ଣ ରଚେ ଏହି ପଦ
ବସି ବାଞ୍ଛାନିଧି ବାବୁ ମେଳାରେ । ୨ ।

(ସ୍ୱଗତ) ବଣ ଜଙ୍ଗଲ ବୁଲି ବୁଲି ତ ପାଦ ଥକି ଗଲାଣି ! କେତେ କେତେ ଜଙ୍ଗଲ ତ ବୁଲିଲଣି, କାହିଁ ଜେମାଙ୍କ ସନ୍ଧାନ କରି ପାଇଲି ନାହିଁ । ଏ ଲୋକ ଗୋଟିଏ ଆସୁଛି, ଏହାଠାରୁ ଟିକେ ସନ୍ଧାନ ବୁଝିଲେ ହେବ । (ପ୍ରକାଶ୍ୟେ) ହେ ଭାଇ, ହେ ଭାଇ, ଶୁଣ ଶୁଣ !

ଜଙ୍ଗଲ—କଥା କହୁଛୁରେ, ତୁ କେଣେ ଡାକୁଛୁ ବୋ ।

ଦୂତ—ହେ ଭାଇ, ଆମ୍ଭର କର୍ଣ୍ଣାଟ ରାଜାଙ୍କ କନ୍ୟା ସଖିମାନଙ୍କ ସଙ୍ଗ ବର ଅନୁସନ୍ଧାନରେ ଆସିଥିଲେ, ମୁଁ ଅନେକ ଜାଗା ଖୋଜି ଆସିଲିଣି, କାହିଁ, କେଉଁଠାରେ ଭେଟ ପାଉନାହିଁ । ତୁମ୍ଭେମାନେ କେହି ଦେଖିଛ କି ?

ଜଙ୍ଗଲ—ହେଇଟିକି ଏ ଜଙ୍ଗଲଟା ଯିବ, ଆଉ ଗୋଟେ ଜଙ୍ଗଲ ପୁଣି ଗୋଟେ ଜଙ୍ଗଲ ପଡ଼ିବ, ସେଇଠି ଟୋ ରାଜଜେମା ତମ୍ବୁ ପକାଇ ରହିଛି ।

ଦୂତ—ଯାହା ହେଉ; ଏତେବେଳେ ମନଟାରେ ଯାଇଁ ଟିକିଏ ଶାନ୍ତି ଆସିଲା; ଯାଏଁ ତେବେ କେତେ ବାଟ ପଡ଼ୁଛି ।

—*—

## ଚତୁର୍ଥ ଦୃଶ୍ୟ

( ମାଳତୀ ଓ ଦାସୀଗଣ )

ଦାସୀ—ଜେମାଦେଈ ! ଦେଖିଲଣି; ଏ ଜଙ୍ଗଲଟା କେଡ଼େ ସୁନ୍ଦର ଦେଖାଯାଉଛି । ଏ ଜଙ୍ଗଲକୁ ଆମ୍ଭେମାନେ ନ ଆସିଥିଲେ ଏହା ସବୁ କେଉଁଠୁ ଦେଖିବାକୁ ପାଇଥାନ୍ତେ । ଦେଖିଲ କେଡ଼େ ସୁନ୍ଦର ଫୁଲଗୁଡ଼ିଏ ଫୁଟିଛି, ଭ୍ରମରମାନେ କିପରି ଗୁନ୍ ଗୁନ୍ ହୋଇ ଫୁଲମାନଙ୍କରୁ ମଧୁ ଚୁମ୍ବି ନେଉଛନ୍ତି ।

ମାଳତୀ—ସଖି ! ସେ କଥା କହନା, ମୋତେ ସେ ସବୁ ବିଷ ପ୍ରାୟ ଜଣାଯାଉଛି ।

ଦାସୀ—ହଁ ତା ତ ସତ, ଯେଉଁ କଥା ଲାଗି ଘରଦ୍ୱାର ଛାଡ଼ି ଦେଶ ଦେଶ ବୁଲିଲେ ସେ କଥା ତ ଘଟୁ ନାହିଁ କଣ କରିବା !

ମାଳତୀ— ଗୀତ

( ଆଜ ଯିବ—ବୃଜେ )

ପ୍ରାଣସଖି ରେ ବିଧି ଏଡ଼େକି ଦାରୁଣ,
ନର ଗୋଠା ସଙ୍ଗେ କମା
ଖଞ୍ଜିଲା ରମଣୀ ପୁଣ । ଦୋଷା !

ସଖି ଗୋ ! ବିଧାତା ପୁରୁଷ ସଙ୍ଗତ ଦାନ୍ଦିକ ନାରୀକୁ ଛାଡ଼ିଲା ।

ଦାସୀ—ଜେମାଦେଈ ! ତା ଯେବେ ନ ହୋଇଥାନ୍ତା ସଂସାର ଚଳନ୍ତା କିପରି ।

ମାଳତୀ— ଗୀତ

ନର ପ୍ରେମେ ଆଶେ ନାରୀ, ସଦା ମରୁଥାନ୍ତି ଝୁରି,
ସେ ନର କିଏ ପାସୋରି
ଭ୍ରମର ପ୍ରାପ୍ତେ ତା ଗୁଣ ।

ସଖି ! ନାରୀମାନଙ୍କର ପ୍ରକୃତଠାରେ ଯେତେ ସ୍ନେହ ପୁରୁଷଙ୍କର ସେ ଭାବ ନ ଥାଏ ।

ଦାସୀ—ଜେମାଦେଈ ! ସେ କଥା ମନ ଭରନ୍ତ ହେବାରୁ କହୁଛ କିନା । ଭଲ କହିଲ, ବୃକ୍ଷ ନ ଥିଲେ ଲତାଗୁଡ଼ା କାହାଠାରେ ଆଶ୍ରୟ ନିଅନ୍ତେ, ଦେଖିଲ ମାଧବୀ ଲତାଟି କିପରି ଶୋଭା ଦେଖାଯାଉଛି, କାହା ସେନ ଭଲ ?

ମାଳତୀ— ଗୀତ

ଯାହାଲାଗି ତେଜି ବାସ, ଆସିଥିଲି ବନଦେଶ
ମେଣ୍ଟିଲା ନାହିଁ ସେ ଆଶ,
ବିଫଳରେ ଚତୁର୍ଗୁଣ ।

ସଖି ! ଯେଉଁଥିଲାଗି ଏତେ ଶ୍ରମ ସ୍ୱୀକାର କରି ଏ ଗହନ କାନନ ମଧ୍ୟରେ ପଶିଲି, ସେ ଆଶା ତ ମେଣ୍ଟିଲା ନାହିଁ ।

ଦାସୀ—ମଲି ଯାହାକୁ ତ ଦେଖିଲ ତାହାଁରେ ମନ ମାନିଲା ନାହିଁ ( ଦୃଷ୍ଟି ଫେରାଇ ) ଏ କିଏ ଜଣେ ଏଆଡ଼େ ଭାରି ବେଗରେ ଆସୁଛି ।

[ଦୂତ ପ୍ରବେଶି ପ୍ରଣିପାତ]

ମାଳତୀ—କିଏ ଦୂତ ! କି ନିମନ୍ତେ ଏତେ ତରତର ହୋଇ ଆସୁଛ ?

ଦୂତ—ଜେମାମଣି ! ଆପଣଙ୍କ ପିତାଙ୍କ ନିକଟରୁ ଖବର ନେଇ ଆସିଛି ।

ମାଳତୀ—କି ଖବର ? ଯୁଦ୍ଧର ମଙ୍ଗଳ ତ ?

ଦୂତ—ହଁ ସବୁ ମଙ୍ଗଳ, ଜେମାମଣି ! ଆପଣ ତ ଅନେକ ଦିନ ହେଲା ବର ଅନୁସନ୍ଧାନରେ ଆସିନଲଣି, ତେଣେ ରାଜା ବଡ଼ ବ୍ୟଗ୍ର ହେଉ-ଛନ୍ତି । ସେ ଆପଣଙ୍କର ବିବାହ କାର୍ଯ୍ୟ ଶେଷ କରି ସନ୍ନ୍ୟାସୀ ହୋଇଯିବେ ।

ମାଳତୀ—ସଖି ! ଆଉ କଣ ବୋଲି ଏ ନିର୍ଲଜ୍ଜମୁଖ ପିତାଙ୍କ ନିକଟ ଦେଖାଇବାକୁ ଯିବି ।

ଦାସୀ—ପିତା ସନ୍ନ୍ୟାସୀ ହେଉଥିବେ ପରା, ସ୍ୱା ନା ଗୋଟାଏ କଥା ନା କ'ଣ ?

ମାଳତୀ—ସଖି ! ଆଜି ଏହି ମୋର ଶେଷ ଉପାୟଟି କରିବି । ଯଦି ତହିଁର ନିରସ୍ତ ହୁଏ ତ କର୍ମ ଆଦରି ରହିବି ।

ଦାସୀ—କି କଥା ଜେମାମଣି ?

ମାଳତୀ—ତୁମେ ଯାଅ, ମୋର ଚିତ୍ରପଟକୁ ଏ ଚତୁମ୍ପଥାଣି ରାସ୍ତା ମଧ୍ୟରେ ରଖିବ, ଜାତି-ନିର୍ବିଶେଷରେ ଯେ ଏହା ସ୍ପର୍ଶ କରିବ, ମୁଁ ତାକୁ ବରି ହେବି, ଏହି ମୋର ଅଟଳ ଓ ଶେଷପଣ !

ଦାସୀ—ହାଇ ହୋ ଜେମାମଣି ! ଯଦି କେହି ଅଜବ ଜାତିଟାଏ ଛୁଇଁ ପକାଇବେ ?

ମାଳତୀ—ସେଥିରେ କୌଣସି ଦୋଷ ନାହିଁ ।

ଦାସୀ—ଏତେଦିନ ତ ଗଲାଣି, ଆଉ ଦିନେ ରହ ଯା, ପ୍ରହରୀମାନଙ୍କୁ କହି ଜେମାଙ୍କର ଚିତ୍ରପଟଟି ରାସ୍ତା ମଝିରେ ରଖି ସମସ୍ତେ ଗୁପ୍ତଭାବରେ ପହରା ଦିଅ । ଯେ ଯେ ପଟ ଧରିବ ତାକୁ ଜେମାଙ୍କ ନିକଟକୁ ନେଇ ଆସିବ ।

(ଦୂତ ତଥାକରଣ)

(ମୃଗଭାର କନ୍ଧେ ସୁଶୀଳ ପ୍ରବେଶ)

ସୁଶୀଳ—(ସ୍ୱଗତ) ଆଜିକୁ କେତେଦିନ ହେଲା ଶବର ପଲ୍ଲୀରେ ବଡ଼ସୁଖରେ କାଳ କଟାଇ ଯାଉଥିଲି; କିନ୍ତୁ ଆଜି ଯେ କଷ୍ଟ ଭୋଗ କଲଣି ତହିଁରେ ଆଉ ସେସ୍ଥାନକୁ ଯିବାକୁ ଆଦୌ ଇଚ୍ଛା ହେଉ ନାହିଁ । ଶବରର ପେଶା ମୃଗ ବଧ ଆଉ ଶିକାର କରିବା ଓ ତାକୁ ନେଇ ହାଟ ବିକ୍ରୟଲବ୍ଧ ଧନରେ ଜୀବିକା ନିର୍ବାହ କରିବା । ମୁଁ ତ ଏମାନ କରି ପାରିବ ନାହିଁ । ଆଜି ଏବେ ବାଧ୍ୟ କରି ଏ ଭାରଟି ମୋ କାନ୍ଧରେ ଲଦି ଦେଲେ, ମୁଁ ଏହାକୁ କେଉଁଠି ବିକ୍ରୟ କରିବି ! ଯଦି ଗ୍ରାହକ ନ ପାଏ ତେବେ ମୃଗକୁ ଫିଙ୍ଗି ଦେଇ ଭାଇଙ୍କ ସନ୍ଧାନରେ ପଳାଇବି । (ପାଉଁ ପାଉଁ ବାଟରେ) ଏ କ'ଣ ? କେଡ଼େ ସୁନ୍ଦର ଚିତ୍ରପଟଟିଏ କିଏ ପକାଇ ଦେଇ ଯାଇଛି । ଦେଖେ, ଓହୋ, ଏତ କୌଣସି ଗୋଟିଏ ରାଜକନ୍ୟାର ପଟ ହେବ ପରା । ଏହାର ରୂପଲାବଣ୍ୟ କୋଟିମନ୍ମଥ-ବାମାଙ୍କୁ ନିନ୍ଦା କରୁଛି । ଆହା; କେଡ଼େ ରୂପବତୀ, ବିଧାତା ଏହାକୁ କେତେକାଳ ବସି ଗଢ଼ି ନ ଥିବ; କିଏ ପକାଇ ଦେଇଗଲା ଯାଉଛି ନେଇଯିବି ।

ପ୍ରହରୀ—ରହ, ଏ ଚିତ୍ରପଟ କୁଆଡ଼େ ନେଇ ଯାଉଛୁ !

ସୁଶୀଳ—ନା ଭାଇ ! ମୁଁ ଜାଣେ ନାହିଁ, କେବଳ ସୁନ୍ଦରପଣଟି ଦେଖି ଉଠାଇଥିଲି, ନିଅ ନିଅ ତୁମ ଚିତ୍ରପଟ ।

ଗୀତ

(କହରେ ନାଗର—ବୃନ୍ଦେ)

ରହରେ ଶବର ରଖ ମୃଗଭାର
ଆରେ ନିଶାଚର ଯିବୁ କାହିଁ,
ଜେମାଙ୍କର ପଟ ଛୁଇଁଲୁ ପାପିଷ୍ଠ
ନଷ୍ଟ ହେବା ବୁଦ୍ଧି କଲୁ ତୁହି ।

ସୁଶୀଳ—ରାସ୍ତାରେ ପଡ଼ିଥିଲା ମୁଁ ତ ଚୋରି କରି ନାହିଁ । ମୋତେ କ'ଣ କଷ୍ଟ କର ?

ପ୍ରହରୀ— ଗୀତ

ହୋଇଛି ଆକଟ ଯେ ଧରିବ ପଟ
ଜେମାଙ୍କ ନିକଟ କରିବୁ ଭେଟ ।
ସେ ତୋତେ ଇଚ୍ଛାରୁ ରଖୁ ଅବା ମାରୁ
ଆମ୍ଭଠାରୁ ଯିବା ସାଧ୍ୟ ନାହିଁ । ୨ ।

ଆମ୍ଭ ଜେମାଙ୍କ ଆକଟ ହୋଇଛି ଯେ ଏ ପଟ ଛୁଇଁବ ତାକୁ ତାଙ୍କ ନିକଟକୁ ନେଇଯିବୁ, ତେଣିକି ଯାହା ହେଉ ।

ସୁଶୀଳ—ହେ ଭାଇ ! ମିଛଟି ପଛେ ନିଅ ମୋତେ ଛାଡ଼ି ଦିଅ ।

ପ୍ରହରୀ— ଗୀତ

ପ୍ରାଣେ ଯେବେ ଆଶ ସ୍ଥଳରେ ନୃଶଂସ
ଜେମା ତୋର ଦୋଷ କ୍ଷମିବେ ଅବଶ୍ୟ।
ଆମ୍ଭ ସଙ୍ଗେ ତର୍କ କଲେଟିରେ ମୂର୍ଖ
ଖେଳିଯିବୁ ବେଗେ ଧକ୍କା ଦେଇ। ଆ।

ଶବର ! ଯଦି ଭଲ ଚାହୁଁ ଅଛୁ ତ ଆମ୍ଭ ସଙ୍ଗରେ ଚାଲ।

ସୁଶୀଳ—(ସ୍ୱଗତ) ଭଗବାନ୍ ! ଶବର ମୋତେ ପୁତ୍ରଠାରୁ ବଳି ଅଧିକ ସ୍ନେହ କରୁଥିଲା, ମୁଁ ମୂର୍ଖ ତା'ଠାରେ କୃତଘ୍ନତା ବୁଦ୍ଧି କଲି, ଏବେ ତା'ର ପ୍ରତିଫଳ ଭୋଗ କରିବାକୁ ହେବ। (ପ୍ରକାଶ୍ୟେ) ହେଉ ଚାଲ, କୁଆଡ଼େ ଯାଉଛ ଦେଖାଯିବ।

(ପ୍ରହରୀ ପଟେ୍ଟା ହସ୍ତେ ସୁଶୀଳକୁ ହାଜର କରାଇବା)

ଦାସୀ—ଜେମାଦେଈ ! ଦେଖିଲଣି କପାଳ କଥା ମୁଁ କ'ଣ କରିବ।

ମାଳତୀ—ସଖି କ'ଣମ?

ଦାସୀ—ଜେମାଦେଈ ! ଗୋଟିଏ ଶବର ତୁମ୍ଭ ପଟେ୍ଟାକୁ ଚୁରିଥିବାରୁ ପ୍ରହରୀମାନେ ତାକୁ ଧରି ଆଣିଛନ୍ତି। ହେଲେ ବରଷିଏ ପାଇଛ, ଦେଖିଲଣି ନା କେଡ଼େ ବଡ଼ ମନ୍ଦ ମିହିରଟାଏ କାହରେ ପକାଇଛୁ।

ମାଳତୀ - ତାକୁ ପ୍ରାଣକୁ ଡାକିଲ, ସତ କହୁଛ ?

ସୁଶୀଳ—ବାବୁ, ତୁମ୍ଭେ ତ ହାକିମହୁକୁମା ଲୋକ ଧମକାଇଁ ଚମକାଇ ଖୁବ୍ ପାର। କବ୍ଜିଆ ଛୋଟ ଲୋକଠାରୁ ଖୁବ୍ ନେଇପାର, ଏ ମୁଗକୁ ଦେଖି ତୁମ୍ଭମାନଙ୍କର ଲୋଭ ହେଲାଣି, ନବ ପର ନଅ, ତୁଅ। ମୋତେ ଓଁଟାଇଁକା କରୁଛ କାହିଁକି ?

ଦାସୀ—ତୁମ୍ଭେ ଜେମାଙ୍କ ପାଖକୁ ଚାଲ ସବୁ ବୁଝିବ।

ସୁଶୀଳ—ଜେମା କିଏ, ତୁମ୍ଭର ରାଜା।

ଦାସୀ—ହଇରେ ଦୂତ ! ଜେମାଟା ଆମର ଏଡ଼େ ଗୁଣଗ୍ରାହୀ, ଏଥିରୁ ଗୋଟିଏ ଛନ୍ଦ ହୋଇ ସେ କଅଣ କରିବେ। ତାକୁ ନେଇ ଚାଲ।

ସୁଶୀଳ—ହେ ମୋତେ ନେଉଛ ସତ, ତୁମ୍ଭ ଜେମାକୁ କହିବ ମାନ୍ୟ ଦେଇ ମୋତେ ଶିଖାଇ ଦିଅ।

ଦୂତ—ଆରେ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯିବୁ।

ସୁଶୀଳ—ପ୍ୟା ଛଡ଼ା ଆଉ କିଛି ଅଛୁ ?

ଦୂତ—ନା ଆଉ କିଛି ନାହିଁ, କି ଆମ୍ଭ ଜେମାକୁ କେହି ଦଣ୍ଡବତ ତୁଅନ୍ତି ନାହିଁ।

ଦାସୀ—ଜେମାଦେଈ ! ଦେଖନ୍ତୁ।

ମାଳତୀ—ହା'ରେ କପାଳ, ମୋ କର୍ମରେ କଣ ଏହା ଥିଲା !

ଗୀତ

[ଆଜ ଭେଟା-ତୁଙ୍ଗେ]

ସଖି କି ବୁଦ୍ଧି କରିବି ଗୋ
ହତଦଶୀ କର୍ମଟି ମୋର।
ପାତଥିଲି ଫାଶ କେଶରୀର ଶିଶ୍ୟ
ନ ପଡ଼ ଶୃଗାଳ ହେଲଟି ନଜର।

ମୁଁ ସିନା ଫାଶ ବସାଇଥିଲି ସିଂହଶାବକ ଧରିବାକୁ; କିନ୍ତୁ ଏ ପୋଡ଼ା କର୍ମକୁ ଶୃଗାଳ ଆସି ପଡ଼ିଲା।

ସୁଶୀଳ—[ସ୍ୱଗତ] କର୍ମଫଳରୁ ଆଜ ପୁଣି ଢଲୁଆ ହେବାକୁ ପଡ଼ିଲା।

ମାଳତୀ ସଖି ! ଆଉ ଭାବିଲେ କ'ଣ ହେବ, ମୁଁ ତ ନିଜେ ନିଜେ ଏହା ଭିଆଇଛି।

(ଗୀତ)

ଆସ ଆସରେ ଶବରବର,
ମୋର ଏ ଐଶ୍ୱର୍ଯ୍ୟ ଭୋଗକର,

ସୁଶୀଳ— (ଗୀତ)

ନାହିଁ ଦରକାର ମୁଁ ଶବର ଗ୍ରାର
ବୁଲି ଏ ବନରେ କରିବି ଶିକାର।

ମାଳତୀ—ହେ ଶବର ! ଆଜଠାରୁ ମୋତେ ବାହାହୋଇ ମୋର ଐଶ୍ୱର୍ଯ୍ୟ ଭୋଗକର।

ସୁଶୀଳ—ସୁନ୍ଦରି ! ତୁମ୍ଭେ ରାଜକନ୍ୟା, ମୁଁ ସାମାନ୍ୟ ଶବରଟାଏ ମତେ ଏପରି କାହିଁକି କହୁଛ, ମୁଁ ଧନୁଶର ଧରି ଶିକାର କଲେ ପେଟ ପୋଷିବି, ମୋର ସମ୍ପତ୍ତିରେ କି ଲୋଡ଼ା ?

ମାଳତୀ— (ଗୀତ)

ମନାକଲେ ଯେତେ ନାଗର,
ନ ଛାଡ଼ିବି ତୋର ପ୍ରେମ।

ସୁଶୀଳ— (ଗୀତ)

ବଜାଇପୁ ବର ବାଦ୍ୟ ତୋହର,
ଅନ୍ୟାୟ ବଧୁର ନଷ୍ଟେ ଶମାବର ।

ମାଳଶ୍ରୀ—ସଖି ! ତୁମ୍ଭେମାନେ ଶବର ବୋଲି କହୁଛ ସିନା, କିନ୍ତୁ ମୋର ତାହାଙ୍କ ସନ୍ଦେହ ହେଉଛି ।

ଦାସୀ—ଏ କଥା ବାଣ୍ଟି ! କେଉଁ ଚାଲିକରେ କହୁଛ ଦେଖନ୍ତାନି ! ସୁବକ ! ତୁମ୍ଭେ କି ପ୍ରକୃତ ଶବର ? ଯେବେ ଶବର ତେବେ ମୋର କେତୋଟି ପ୍ରଶ୍ନର ଉତ୍ତର କହ ।

ସୁଶୀଳ—(ସ୍ୱଗତ) ଏଠାରେ ପରୀକ୍ଷା ଦେବାକୁ ପଡ଼ିଲା ଏହ କ'ଣ ହେଉଛି ହୋଇପାରୁ ।

ମାଳଶ୍ରୀ— ଗୀତ

[ଅପୂର୍ବଲତା—ବୃତ୍ତେ]

କହ ଶବର କି ନାମ ତୋର
ତନୟ ଅଟୁ କି କା'ର ।
ନୋହୁ କପଟ କହ ଭୁ ସ୍ଫୁଟ
ସଂଶୟ ମୋ ଚିତ୍ତୁ ହର; ନାଗର !
ଶବର ! ତୋ ପିତାର ନାମ କ'ଣ,
ତୋ ନାମ କ'ଣ ?

ସୁଶୀଳ—(ସ୍ୱଗତ) ଏ କଣ ପିଣ୍ଡ ପକାଇବ କି ?
(ପ୍ରକାଶ୍ୟେ) ଆଜ୍ଞା ଆଉ କଣ ପଚାରୁ ପାଅ ।

ମାଳଶ୍ରୀ— (ଗୀତ)

କେ ତୋତେ ଜାତ କଲା
ଏ ମର୍ତ୍ତ୍ୟ ନାମ କେ ଦେଲା ତୋହର ।
କି ନାମ ଧରି ଧନୁ ଟଙ୍କାରି
ମାରୁଛୁ ମୃଗ ଶୂକର କାନନେ । ୨ ।

ସୁଶୀଳ—(ସ୍ୱଗତ) ମରିଲେ ବାବା, ଆଉ ଉପାୟ ନାହିଁ; ଏ ଯୋଗ୍ୟତାବେଳେ ସତ୍ୟ କହିଲେ ନଷ୍ଟେ ଭାଙ୍ଗିହେବ; ତେବେ ନିଜର ମର୍ଯ୍ୟାଦା ଲୋପ କରିବ ନାହିଁ । [ପ୍ରକାଶ୍ୟେ]
ସୁନ୍ଦରି ! ତୋହର ଏ ପ୍ରଶ୍ନର ଉତ୍ତର ଦେବାକୁ ମୋର ଶକ୍ତି ନାହିଁ, ମୁଁ ଶବର ବୃତ୍ତି କରୁଛି ସତ୍ୟ ମୁଁ ଶବର ନୁହେଁ ।

ମାଳଶ୍ରୀ—ତେବେ !

ସୁଶୀଳ— ଗୀତ

ତାଳ—କଓ୍ୱାଲି [ ଶାବରଗଲେ ଯାଉ-ବୃତ୍ତେ ]

ରମାମଣି ହେଉ କହିବାକୁ ଲାଜ,
ସରମ କଥାଟି ଶୁଣେ କହି ।
ବୀରସିଂହ-ରାଜ କନିଷ୍ଠ ତନୁଜ,
ମୋ ନାମ ସୁଶୀଳ ମିଥ୍ୟା ନୋହି ।

ସୁନ୍ଦରି ! କହିବାକୁ ଲଜ୍ଜା ବୋଧ ହେଉଛି, ମୁଁ ବୀରସିଂହ-ରାଜାଙ୍କ କନିଷ୍ଠ ପୁତ୍ର, ମୋ ନାମ ସୁଶୀଳ ।

ମାଳଶ୍ରୀ—ଆଚ୍ଛା, ଏ ସ୍ଥାନକୁ ଆସିଲ କିପରି ?

ସୁଶୀଳ— ଗୀତ

ମାତା ବୃଥାନ୍ତରେ, ଜ୍ୟେଷ୍ଠ ସହୋଦରେ,
ଅର୍ପିଲେ ଘାତୁକେ ଦ୍ୱେଷ ବହି ।
ସେ ଘାତୁକ ପଥେ ନଅନ୍ତେ ମୋ ଭ୍ରାତେ
ହସ୍ତୀ ନେଲା ସ୍ୱର୍ଣ୍ଣ-କୁମ୍ଭ ଦେଇ ।

ସୁନ୍ଦରି ! ମୋର ଜ୍ୟେଷ୍ଠ ଭାଇଙ୍କୁ ମା କପଟରେ ମାରିବାକୁ ପଠାଇଲେ; କିନ୍ତୁ ଦଳବଳରୁ ଘାତୁକ ପଥରେ ନେବା ସମୟରେ ଅନ୍ୟ ଏକ ଦେଶର ହସ୍ତୀ ସୁନାକଳସ ଭାଇଙ୍କ ମୁଣ୍ଡରେ ଦେଲା, ତହୁଁ ହସ୍ତୀ ସଙ୍ଗରେ ଥିବା ଲୋକେ ତାଙ୍କୁ ଘାତୁକଠାରୁ ଛଡ଼ାଇ ନେଇଗଲେ ।

ମାଳଶ୍ରୀ—ତହୁଁ କ'ଣ ହେଲା ?

ସୁଶୀଳ— ଗୀତ

କନ୍ୟାଠାରୁ ଶୁଣି ଭାଇଙ୍କ କାହାଣୀ,
ସେ ସନ୍ଧାନେ ଆସୁଥିଲି ମୁହିଁ,
ପଥେ ହେଲା ସନ୍ଧ୍ୟା ଲାଗିଲାଟି ବାଧା,
ଗୁମ୍ଫାରେ ଶବର ଗଲା ନେଇ ।

ଭାଇ ମୋର ପ୍ରାଣର ସଖା, ତାଙ୍କ ଅନୁସନ୍ଧାନରେ ଆସୁ ଆସୁ ବାଟରେ ସନ୍ଧ୍ୟା ହେଲା, ଈଶ୍ୱରଙ୍କ କୃପାରୁ ମୋତେ ଗୋଟିଏ ଶବର ରକ୍ଷା କଲା ।

ଗୀତ

ଯେ ଶବର ମୋତେ, ରଖିଅଛି ସ୍ନେହେ,
ସନ୍ତାନ ପ୍ରାୟେକ ସ୍ନେହ ବହି ।
ଅତେ। ଗଜଗମା ଦିଅ ମୋତେ କ୍ଷମା;
ତୋର ପତି ତୁଲ୍ୟ ମୁଁ ନୁହଁଇ । ୩ ।

ସୁନ୍ଦର ! ମୋତେ କ୍ଷମା ଦିଅ, ଶବର ତେଣେ ରହିଁଥିବ ।

ମାଳତୀ—ସଖି ! ସବୁ ଶୁଣିଲୁଟି ?

ଦାସୀ—ସ୍ୱାମୀଙ୍କଠାରେ ପୁଣି ଏମିତି ଲଜ୍ଜା ଅଛି, ଅଜଣାରେ ଯାହା ଦୋଷ କରିଛୁ କ୍ଷମା ଦିଅ ।

ମାଳତୀ— ଗୀତ

( ଏ କାହା ମୂରତି—ରୂପକ )

କାହିଁକି ଭମନ ହେ ମୋର ଜୀବନ ଜୀବନ
କେତେ ଅନୁସରି ଆସି ମୁଁ ଶଙ୍କରୀ
ତୋତେ ବର ବରି କାମନା ମୋ ପୂର୍ଣ୍ଣ । ୧ ।

ନାଥ ! ମୁଁ ହରଙ୍କ କୃପାରୁ ଆପଣଙ୍କୁ ପାଇଛି; ମୋତେ ଛାଡ଼ିଯିବ କାହିଁକି ?

ଗୀତ

ଭୁଲାଇଲେ ସତେ ଯିବକି ପରତେ
ମନ ଅନାସୃଷ୍ଟ ରହନ୍ତ ମୋ ସେନ । ୨ ।

ଚାଲନ୍ତୁ ନାଥ ! ଆଉ କ'ଣ ମୁଁ ସତେ ଛାଡ଼ିବି ।

ସୁଶୀଳ— ଗୀତ

ବାନ୍ଧବ ! ଯାହ ଜରି ଛନ୍ଦିଲୁ ପ୍ରେମଡୋରି,
ନାହିଁ ସାଧ ଆଉ ତୋ ପାଲଟୁ ଉଭରି । ଯୋଷା ।

ସଖି ! ତୋର ନିକଟରୁ ଯିବାକୁ ମୋର ଆଉ ସାଧ ନାହିଁ । ତେବେ ମୋ ଲାଗି ବହୁ କଷ୍ଟ ଭୋଗିବାକୁ ହେବ । ମୁଁ ନିଷ୍ଠୁର ଭାଇଙ୍କ ସନ୍ଧାନରେ ବୁଲିବି ।

ମାଳତୀ—ଦାସୀ କ'ଣ ସେ କାର୍ଯ୍ୟ କରିବାକୁ ଅସମର୍ଥ ହେବ ।

ସୁଶୀଳ— ଗୀତ

କାହାକାରି ଜନ୍ମ ବନେ ବନେ,
ତେଜିବୁ ସୁଖଶିରୀ କହ ଜନ୍ମ-ଅଧର ।

ସଖି ! ତେବେ ମୋହଲାଗି କାଙ୍ଗାଳୁଣୀ ହୋଇ ବୁଲିବୁ ।

ମାଳତୀ—ସେଥିରେ ଶତ ଗୁଣ, ପଡୋଛୁ ସମ୍ପତ୍ତି ଗୁଣ ଅଧିକ ।

ସୁଶୀଳ— ଗୀତ

କେତେ କ୍ଳେଶ ସହିବୁରେ ସୁନ୍ଦରୀ ।
ଭ୍ରାତା ମୋ ଅନୁସରି ଯିବ ବନେ ବନେ । ୨ ।

କୁଆଡ଼େ ନେଉଛ ଚାଲ, ଏ କଥା ମନେ ରଖ, ବିବାହର ପର ଦିବସରେ ମୁଁ ନିଷ୍ଠୁର ଭାଇଙ୍କୁ ଖୋଜିବାକୁ ଯିବି ।

ମାଳତୀ—ହଉ ଚାଲନ୍ତୁ ।

---

## ପଞ୍ଚମ ଦୃଶ୍ୟ

ରାଜା—ମନ୍ତ୍ରି ! ଆଜ ବଡ଼ ଭାଗ୍ୟର ବିଷୟ, କେମା ଆମ୍ଭର ଜଙ୍ଗଲକୁ ଗା'ଧ ଉପଯୁକ୍ତ ବର ଅନ୍ୱେଷଣରେ ପାଇଥିଲୁ । ବର୍ତ୍ତମାନ ସ୍ୱୀୟ ମନୋମତ ବର ଦେଖ ଫେରି ଆସିଛି । ତେବେ ଶୀଘ୍ର ବିବାହର ଆୟୋଜନ କର ।

ମନ୍ତ୍ରୀ—ହେଉ ମହାରାଜ ! ବ୍ରାହ୍ମଣ, ଜ୍ୟୋତିଷ, ବାଦକ ଏମାନଙ୍କୁ ଦୂତ ଖବର ଦେଉ ।

ରାଜା—ଦୂତ ! ଆମ୍ଭର କୁଳ-ପୁରୋହିତ ଓ ଜ୍ୟୋତିଷଙ୍କୁ ଡାକ ।

[ ବ୍ରାହ୍ମଣ ଦୁଇଜଣ ପ୍ରବେଶ ]

୧ମ ବ୍ରାହ୍ମଣ—ହଇ ହେ ଜଗନ୍ନାଥେ ! ଆଜ ରାଜ କେମାଙ୍କର ବିଭାଘର, ତୁମ୍ଭେ ଯିବ ନାହିଁ କି ହୋ ?

୨ୟ ବ୍ରାହ୍ମଣ—ଆହେ ଲୋକାନନ୍ଦ ! ଆମେ ଯଦି ନ ଯିବୁ ସେଇଁ ଅନ୍ନହୋଳ ସରଞ୍ଜାମ କାଲିଠାରୁ ତିଆରି ହେଉଛି ତାକୁ ଖାଇବ କିଏ ?

୧ମ ବ୍ରାହ୍ମଣ—ନନ୍ଦେ ! ତମେ ଗୋଟିଏ ବଡ଼ଖିଆଟିଏ ।

୨ୟ ବ୍ରାହ୍ମଣ—ଆହେ ଖାଇ ମରିବ ନା ନ ଖାଇ ମରିବ ହେ ? ଆମ୍ଭର ପେଟ୍ଟପଟ୍ଟ ହଜମଶକ୍ତି ଅଛି ।
( ବେଶ ଉପରକୁ ବରକନ୍ୟା ମଣ୍ଡପ ହୋଇ ଆସିବା ସମୟେ ଭଜଣମଣ୍ଡଳେ ବାଦକ ଆଗରେ ଶଙ୍ଖୁଆ ଶଙ୍ଖ ବଜାଇ ବଜାଇ ଆସିବା ଓ ଜ୍ୟୋତିଷଙ୍କ ବାକ୍ୟ ପାଠ )

ଜ୍ୟୋତିଷ—ମଙ୍ଗଳଂ ଭଗବାନ୍ ବିଷ୍ଣୁଃ ମଙ୍ଗଳଂ ମଧୁସୂଦନଃ
ମଙ୍ଗଳଂ ପୁଣ୍ଡରୀକାକ୍ଷଃ ମଙ୍ଗଳଂ ଗରୁଡ଼ଧ୍ୱଜଃ । ୧ ।
ମାଧବୋ-ମାଧବୋ ବାଚ୍ୟଂ ମାଧବୋ-ମାଧବୋ ହରିଃ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବକାର୍ଯ୍ୟେଷୁ ମାଧବଂ ॥
ଗଙ୍ଗା‌ସିନ୍ଧୁ ସରସ୍ୱତୀ ଚ ଯମୁନା ଗୋଦାବରୀ ନର୍ମଦା ।

ଭାବେଶ୍ୱ ସରସ୍ୱ ମହେନ୍ଦ୍ରତନୟା ତର୍ପୈଶ୍ୱଷ୍ଣ ରେଣୁକା
ପୁଣ୍ୟା ପୁଣ୍ୟଜଳା ସମୁଦ୍ର ସହିତା କୁର୍ବନ୍ତୁ ତେ ମଙ୍ଗଳଂ ॥

ବ୍ରାହ୍ମଣ – ( ଘଟସ୍ଥାପନ ବିଧି ଆଚରଣ ) ଓଁ ସର୍ବମଙ୍ଗଳ ମାଙ୍ଗଲ୍ୟଂ ବରେଣ୍ୟଂ ବରଦଂ ଶୁଭଂ । ନାରାୟଣଂ ନମସ୍କୃତ୍ୟ ସର୍ବକର୍ମାଣି କାରୟେତ୍ ।

୨ୟ ବ୍ରାହ୍ମଣ—ଓଁ ଅଭୀପ୍ସିତାର୍ଥସିଦ୍ଧ୍ୟର୍ଥଂ ପୂଜିତୋ ଯଃ ସୁରାସୁରୈଃ । ସର୍ବବିଘ୍ନହରସ୍ତସ୍ମୈ ଗଣାଧିପତୟେ ନମଃ ।

୧ମ ବ୍ରାହ୍ମଣ – ( ଘଟପୂଜା ) ଓଁ ଆକୃଷ୍ଣେନରଜସା ବର୍ତ୍ତମାନେ । ନିବେଶୟନ୍ନମୃତଂ ମର୍ତ୍ତ୍ୟଂ ଚ । ହିରଣ୍ମୟେନ ସବିତାରଥେନ ଦେବୋ ଯାତି ଭୁବନାନି ପଶ୍ୟନ୍ । ଭରେ, ଗାମୁଛାଖଣ୍ଡିକ ତ ଚୋଟ କରି ଆଣିଲୁ, ନୈବ ! ଖୁଞ୍ଜିଲ ପଡ଼ କାହିଁରେ ନେବୁ ?

୨ୟ ବ୍ରାହ୍ମଣ—ଭରେ ପୂରିଆ ପାଟିଡ଼ା ଆଣିନାହୁଁ ?

ପୁରିଆ ନା ଜଜେଇ ମୁଁ ଆଣିନାହିଁ ।

୨ୟ ବ୍ରାହ୍ମଣ—ଆରେ ଆଣିନାହୁଁ ; ଅନାଉଛୁ କଣ ବା ଦଉଡ଼ ଯା, ଭରେ ଘଣ୍ଟାଧର କାମ କଣ ମାଗ କରେଇ ।

ପୁରିଆ – ଜଜେଇ ତୁମ୍ଭେ କର୍ମ କରୁଥାଅ ମୁଁ ନେଇ ଆସୁଛି ।

୨ୟ ବ୍ରାହ୍ମଣ—ଓଁ ଅତସୀକୁସୁମଶ୍ୟାମଂ ଉଦ୍ଭାସଂ ପୀତବାସସଂ । କଦମ୍ବମାଳିନଂ କୃଷ୍ଣଂ ଧ୍ୟାୟନ୍ତି ନାସ୍ତି ଦୁର୍ଗତି ।

୧ମ ବ୍ରାହ୍ମଣ – ହଇରେ କଣ୍ଢିଆ, ଶ୍ରୁବ କାହିଁ ?

କଣ୍ଢିଆ ନା ମୁଁ ତ ଆଣି ନାହିଁ ।

୧ମ ବ୍ରାହ୍ମଣ—କଣ ଶ୍ରୁବ ଆଣିନାହୁଁ ? ଭରେ ବ୍ରାହ୍ମଣ ପିଲା ହୋଇଛୁ କାହିଁକି, ଖାଲି ଚୂଡ଼ା-ଦହି ଚକଟିବାକୁ ଆସିଛୁ ନା କଣ ? ଆମେ ସିନା ଅତିଥିଙ୍କର ଉଦ୍ଧାର କଲା ଶୁଣି ଶୀଘ୍ର ଚାଲି ଆସିଲୁ, ତମେ ତ କାଣ୍ଡବା ଖାଲି ଆସିଥିଲ କାହିଁକି ? ଭରେ ପଇଡ଼ ନା କଣ ?

କଣ୍ଢିଆ—ହଉ ଯାଉ ଏକଲଗେ ନେଇ ଆସୁଛି ।

ଦୂତ ଧଇଦେ ସୁଦେହିତ । ତେମେ କଣ ସାଙ୍ଗତା ଅମିଠ ଖୁଡ଼ା ପଡ଼ି ହେଇଛ ।

୧ମ ବ୍ରାହ୍ମଣ—ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜଂ, କଦମ୍ବମାଳିନଂ କୃଷ୍ଣଂ ଧ୍ୟାୟନ୍ତି ନାସ୍ତି ଦୁର୍ଗତି ॥

ପୁରିଆ—କଣ୍ଡା ସବୁ ତ ଫାଟିଯିବ, ଘୃତପାକ ନଷ୍ଟହେବ ।

୨ୟ ବ୍ରାହ୍ମଣ—ଯଥା ରାବଣସ୍ୟ ମନ୍ଦୋଦରୀ ।

କଣ୍ଢିଆ— ତୋ ବାପ ଗଣ୍ଡିରୁ ଯିବନାହିଁ ସର ।

୨ୟ ବ୍ରାହ୍ମଣ – ଯଥା ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ ।

ପୁରିଆ ତୁ ମୋ ବାପ ନା ଧରିଲୁ ; ଭାଙ୍ଗିଦେବି ତୋ ମଥା । ( ବିଧା ପ୍ରହାର )

ଦୂତ—ଭଟ୍ଟୋ ଏ କ'ଣ ?

୨ୟ ବ୍ରାହ୍ମଣ ଆଜ୍ଞେ, ସେ ଆମ ଜାତିର ଗୋଟାଏ ଗୁଣ । ବିଭାଘର ତ ସରିଲା, ଏବେ ଯୁଝିବାଙ୍କୁ ନେଇଯା ।

---

## ତୃତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

ସୁଶୀଳ ପ୍ରେୟସୀ ! ତୁମ୍ଭେ ଥାଅ ମୁଁ ଆସୁଛି ।

ମାଳତୀ କେଉଁଠାକୁ ନାଥ !

ସୁଶୀଳ—ମୁଁ ପୂର୍ବ ଆଜ୍ଞାରୁ ତୁମ୍ଭଙ୍କୁ କହିଛି ଭାଇଙ୍କୁ ସାକ୍ଷାତ ନ କରିବା ପର୍ଯ୍ୟନ୍ତ ମୋର ମନଟା ସ୍ଥିର ନାହିଁ ।

ମାଳତୀ—ନାଥ ! ଭାବନା କାହିଁକି ; ମୁଁ ବର୍ତ୍ତମାନ ସ୍ୱରପୋଇ ତୁମ ଭାଇଙ୍କର ସନ୍ଧାନ ନେଇଆସିବି ।

ସୁଶୀଳ—ସେ କଥା ନୁହେଁ ; ତୁମର ପିତା ତୁମକୁ ବଳଗାଦି ଦେଇ ସନ୍ନ୍ୟାସୀ ହୋଇଗଲେଣି । ତୁମେ ଥାଅ, ମୁଁ ଅଳ୍ପଦିନେ ଫେରିଆସିବି ।

ମାଳତୀ – ଗୀତ

( ଜନସ୍ୱରେ ଛନ୍ଦ – ତ୍ରିତାଳ )

ହେ ଗୋପେଶ୍ୱର, ଏ କେଉଁ ରୀତ ତୁମ୍ଭର ।
ଦାସୀ ବନାଣେ ମାନସ ବଳାଇଛ ନାଗର । ଘୋଷା ।
ଯେବେ ଯିବ ପ୍ରାଣନାଥ ଅନୁସରିବ ମୁଁ ପଥ
ନ କର ମୋତେ ଅନାଥ ଧରୁଛି ମୁଁ ପୟର ।୧।

ନାଥ ! ଆପଣ ଯେବେ ଯିବେ ଅଭାଗିନୀକୁ ସଙ୍ଗତେ ନେଇ ଯାଆନ୍ତୁ ।

ସୁଶୀଳ— ଗୀତ

( ଆଶା ମେଣ୍ଟାଇ ବୃନ୍ଦେ )

ଏ କି ଅଘଟଣା କଥାରେ ବାରିଜାକ୍ଷି ତମ୍ବାଧରୀ ।
ତେଜି ସୁଖଶିରୀ କାନନେ ବିହରି
କ୍ଲେଶ ଲଭିବୁ ସୁନ୍ଦରୀ । ଘୋଷା ।

ପ୍ରେୟସି ! କି ଅନ୍ୟାୟ କଥା, ଏ ରାଜ-ଐଶ୍ୱର୍ଯ୍ୟ ତୁଚ୍ଛ କରି ମୋ ସଙ୍ଗରେ ବନବାସିନୀ ହେବୁ ।

ମାଳଶ୍ରୀ – ମୋର ପ୍ରାଣନାଥ ଯେଉଁଠି ମୋର ଐଶ୍ୱର୍ଯ୍ୟ ମଧ୍ୟ ସେଇଠି ।

ସୁଶୀଳ— ଗୀତ

ବେଆଇନ୍ କଥା କହ କାହିଁ କି
ବନବାସୀ ହେବା ଶୋଭା ପାଏକି ?
ପାଦେ ଲାଗି କଣ୍ଟା ହେବ ହଟହଟା
କମ୍ବୁଗମନା ଗୋରୀ । ୧ ।

ସୁନ୍ଦରି ! ଜଙ୍ଗଲରେ ବହୁ କଷ୍ଟ ସହିବାକୁ ପଡ଼ିବ, ମୋ ମନା ମାନ, ସେ କଥାରେ ଆଉ ମନ ବଳାନା ।

ମାଳଶ୍ରୀ— ଗୀତ

ବେଆଇନ୍ ଏ ନୁହେଁ ତ, ଶୁଣିନୁ ଶାସ୍ତ୍ରୀମୁଖେ
ରାମ ହେଲେ ନିର୍ବାସିତ
ସୀତା ଥିଲେ ସଙ୍ଗର ।

ନାଥ ! ମୋ କଥାଟା ଆଇନ୍ ସଙ୍ଗତ ହେଲା ନାହିଁ । ରାମଚନ୍ଦ୍ର କିପରି ସୀତାଙ୍କୁ ସଙ୍ଗରେ ନେଇ ବନବାସ କରି ପାରିଥିଲେ ?

ସୁଶୀଳ— ଗୀତ

ରାମଚନ୍ଦ୍ର ସ୍ୱୟଂ ପରମବ୍ରହ୍ମ,
ପରଲୋକ କର୍ମା କର ତୁଳନା ।
ଚ୍ଛାଡ଼ି ପୂର୍ବକଥା ହୃଦେ ଲାଗେ ବ୍ୟଥା
ଶାନ୍ତ ହୁଅ ସୁକୁମାରୀ । ୧ ।

ପ୍ରିୟେ ! ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁ ଅବତାର, ତାଙ୍କ ସହିତ ମୋତେ ତୁଳନା କରିବା ଉଚିତ ନୁହେଁ । ଆମ୍ଭ କ୍ଷତ୍ରିୟ କୁଳରେ କିଏ ଏପରି କାର୍ଯ୍ୟ କରିଛି ?

ମାଳଶ୍ରୀ— ( ଗୀତ )

ନଳ ହରିଶ୍ଚନ୍ଦ୍ର ନୃପ
କ୍ଷତ୍ରିୟ କୁଳେ ସମ୍ଭୂତ,
ବନବାସେ ଅତି କ୍ଲେଶେ
ଥିଲେ ସଙ୍ଗର । ୩ ।

ନାଥ ! ନଳରାଜା, ହରିଶ୍ଚନ୍ଦ୍ର ଏମାନେ ତ ଆମ୍ଭର କୁଳ ସମ୍ଭୂତ । ତାଙ୍କ ସଙ୍ଗରେ କିପରି ତାଙ୍କ ପତ୍ନୀ ଯାଇଥିଲେ ?

ସୁଶୀଳ— (ଗୀତ)

ନଳ ପଶାଖେଳ ପଣ କରିଥିଲେ,
ପୁଷ୍କରକୁ ରାଜ୍ୟ ହରାଇ ଦେଲେ ।
ରାଜା ହରିଶ୍ଚନ୍ଦ୍ର ଦାନ ଦେଇ ସବୁ
ହୋଇଥିଲେ ତ ପଥର ଭିକାରୀ । ୩ ।

ପ୍ରିୟେ ! ନଳରାଜା ପଶା ଖେଳେ ରାଜ୍ୟ ସମ୍ପଦ ସବୁ ହାରି ଦେଇଥିଲେ ଓ ହରିଶ୍ଚନ୍ଦ୍ର ମଧ୍ୟ ବିଶ୍ୱାମିତ୍ରଙ୍କୁ ସମ୍ପତ୍ତି ଦାନ ଦେଇଥିଲେ । ତାଙ୍କର ତ ରାଜ୍ୟ ନ ଥିଲା, ସେ ପତ୍ନୀଙ୍କ ସଙ୍ଗରେ ନ ନେଇ ଯାନ୍ତେ କୁଆଡ଼େ । ତୁମ୍ଭର ତ ସମ୍ପଦ ଅଛି ତେଣୁ କ'ଣ ?

ମାଳଶ୍ରୀ— (ଗୀତ)

ପିତୃ ଅର୍ଜିତ ସମ୍ପତ୍ତି ବିଭବେକୁ ଗଲା ଛୁଟି
ବାଳାମଣିର ଏତିକି ପ୍ରାର୍ଥନା ଦେନା କର ।

ନାଥ ! ସମ୍ପଦ କାହିଁ, ବର୍ତ୍ତମାନ ପିତୃସମ୍ପତ୍ତିରେ ମୋର ଅଧିକାର କଣ ? ଯେତେବେଳଠାରୁ ଆପଣଙ୍କ ଗଳାରେ ବରମାଲ୍ୟ ଦେଲିଣି ସେତେବେଳୁ ମୁଁ ଆପଣଙ୍କର, କହିଲ ଭଲ, ଆଉ କି ସମ୍ପଦ ଅଛି ଭୋଗ କରିବି ?

ସୁଶୀଳ— (ଗୀତ)

କି କରିବି ହେ ଭଗବାନ,
ନାରୀ କେନେ କେତେ ବୁଝିବ ବନ ।
ବାଳାମଣି ଜାଣ ହଉଛି ଜାଣି
କର ଯା ଇଚ୍ଛା ତୁମ୍ଭର ।

ଭଗବନ୍ ! କି ବୁଦ୍ଧି କରିବି, ଅର୍ଜିଲା କର୍ମ ନିଶ୍ଚୟ ଭୋଗ କରିବି, ପ୍ରିୟେ ଚାଲ ।

ମାଳତୀ—ପିତା ମୋର ତୁମ୍ଭ ଆମ୍ଭର ପରିଣୟ ପରେ ସନ୍ନ୍ୟାସୀ ହୋଇ ଯାଇଛନ୍ତି, ଈଶ୍ବରଙ୍କ କୃପାରୁ ଯେପରି ଶୀଘ୍ର ଫେରି ଆସିବା ।

———

## ଦ୍ବିତୀୟ ଦୃଶ୍ୟ

( ଦୁଇଜଣ ନାବିକଙ୍କ ପ୍ରବେଶ )

ଗୀତ

(ଫାଟିଲା ଆମ୍ବ କୋଇଲି ବୃତ୍ତେ)

ଉଠାଇ ଆସୁଛି କଳା ବଉଦ ଲୋ
ପୂରୁବୁଁ ଉଠିବ ପାଣି ।
ଆଗ ମଙ୍ଗ ଗୋଟି ଭାଙ୍ଗିଗଲାଣି
ସୁକନା ଧରିଥା ଆଦୁଲା ଫେଲୁଥା
କୂଳେ ଲାଗିଯାଉ ପୁଣି । ୧ ।

୧ମ ନାବିକ—ହଇରେ ଆଜ ତ ନଈଟା ଭାରି ବଢ଼ିଛି, କେହି ଗୋଟିଏ ଆସାମୀ ପାରି ହେବାକୁ ତ ଆସୁ ନାହାନ୍ତି ? କଣ କରିବା ?

୨ୟ ନାବିକ—ମାଧିଆ ! ଦେଖିଲୁ ଖୁବ୍ ଦୂରରେ ଦୁଇଜଣ କିଏ ଆସୁଛନ୍ତି; ସେପାରି ଯିବେ କି କଣ ? ଟିକେ ବସ ।

ସୁଶୀଳ—ପ୍ରିୟେ ! ଦେଖିଲ, ଏ ନଈ ତ ପ୍ରବଳ ଭାବରେ ବଢ଼ିଛି । ସ୍ରୋତ ବେଗ ସମୁଦ୍ର ଲହରୀ ପରି କୂଳରେ ପିଟି ହେଉଛି । ଏ ଭୀଷଣ ଦୃଶ୍ୟ ଦେଖି ମୋ ମନରେ ବଡ଼ ଭୟ ଆସୁଛି । ତୁମ୍ଭେ ତ ସ୍ତ୍ରୀ ଲୋକ, ତୁମ୍ଭର ମନ କଣ ହେଉଛି କେଜାଣି ।

ମାଳତୀ—ନାଥ ! ଯାହା ଆମ୍ଭ ଭାଗ୍ୟରେ ଥିବ ।

ସୁଶୀଳ—ହେ ମାଝି ! ଟିକିଏ ଡଙ୍ଗା ଆଣ, ଆମ୍ଭେ-ମାନେ ଆରପାରିକୁ ଯିବୁ ।

ଗୀତ

ଘାଟ କୂଳେ ଟୋକା ଟୋକି ଦୁଇଟାରେ
ଜଳେଣି ବଡ଼ ଜଞ୍ଜାଳ ।
ବଢ଼ିଲା ନଈକୁ ପାରି କରିବାକୁ,
ଭୋଟାକୁ ଦୁଇଟଙ୍କାଟି ନେଇ
ନାବେ ବସାଇବା ପୁଣ ।

ଦେଖିଲୁ ମାଧିଆ ! କେଡ଼େ ସୁନ୍ଦରୀ ମାଇ-କିନିଆଟିଏ ।

୨ୟ ଧୀବର—ମାଧିଆ, ବେଶ୍ ମାଇକିନିଆଟିଏ ।

୧ମ ଧୀବର—ମାଧିଆ ! ଶଳାକୁ ଧରି ପେଲି ଦେବା, କିଏ ଅଛି ଯେ କଣ କରି ପକାଇବ । ହେ ଭାଇ ! ଏ ମାଇକିନିଆ କେଉଁଠୁ ଆଣିଲୁ ?

ସୁଶୀଳ—ମୋ ସ୍ତ୍ରୀ, ଆଣିବି କେଉଁଠ ?

ଧୀବର— ଗୀତ

(ଶୁଣି ପାଣିଆଣ୍ଡ ବୃତ୍ତେ)

କହରେ ବିଦେଶୀ କାହିଁକା ଚୋର
କାହା ମନୋହାରୀ ନେଉ ସଙ୍ଗର ।
ଅଧାର୍ମିକ ଜନ ଅଟୁରେ ତୁହି
ଧର୍ମ ନୌକା ଚୋର ଯୋଗ୍ୟ ନୁହଇରେ ।
ତୋ ଯୋଗୁ ବୁଡ଼ିବ ବେଳାରେ
ପ୍ରାଣେ ଯେବେ ଆଶା ଅଛିରେ ନୃଶଂସ
ମୋ ନାବୁଁ ତଳଇ ଓହ୍ଲାରେ । ୧ ।

ହଇରେ ହେ, ତୁ ଏ ମାଇକିନିଆ କେଉଁଠୁ ଚୋରାଇ ଆଣିଛୁ ? ବଡ଼ ପାପୀଲୋକ । ତୋ ଯୋଗୁଁ କଣ ଆମ ଡଙ୍ଗାଟା ବୁଡ଼ିବ ? ଓହ୍ଲା, ଓହ୍ଲା ।

ସୁଶୀଳ— ଗୀତ

ହେ କୈବର୍ତ୍ତ ମୋର କର୍ତ୍ତବ୍ୟ ନାହିଁ
ହଟହଟା କମା କର ରେ ଭାଇ ।
ଏ କନ୍ୟା କର୍ଣ୍ଣାଟ-ରାଜ ଦୁହିତା
ମୁଁ ତାଙ୍କ ଜାମାତା ମିଥ୍ୟା ନୁହେଁଟି ରେ ।
ବୀରସେନ ପିତା ନାମରେ
ସୂର୍ଯ୍ୟବଂଶେ ଜନ୍ମ ସୁଶୀଳ ମୋ ନାମ
ଦଣ୍ଡ କମା ଅକାରଣରେ ।

ହେ ମାଝି ! ମୁଁ ଚୋର ନୁହେଁ । ମୁଁ ବୀରସେନ ରାଜାଙ୍କ ପୁତ୍ର, ଏ କର୍ଣ୍ଣାଟ-ରାଜାଙ୍କର କନ୍ୟା, ସ୍ତ୍ରୀଙ୍କର ମୋର ପରିଣୟ ହୋଇଛି, ମୁଁ ଚୋର ନୁହେଁ ।

ଧୀବର— (ଗୀତ)

ଭଣ୍ଡାଭଣ୍ଡି କଥା ଛାଡ଼ରେ ଭାଇ
ମେଣ୍ଢାପରି ତଣ୍ଟା ମୋଡ଼ିବୁ ନେଇ,

ମଣ୍ଡାଇ ରଙ୍ଗାକୁ ହଣ୍ଡାରେ ଥୋଇ
ଧଣ୍ଡାମାଳ ଦେଇଁ ସୁଢବୁ ନେଇରେ
ଚଣ୍ଡାଳ ବୁଦ୍ଧି ଆମ୍ଭରରେ ।
ଖଣ୍ଡାଇତ ଟୋକା ଥିଲେ ମନେ ଶଙ୍କା
ନାବରୁ ଓହ୍ଲା ଆମ୍ଭରରେ ।

ସୁଶୀଳ—କି ବୁଦ୍ଧି କରିବି ଭଗବାନ୍ ! ଏ ବିପଦରେ ମୋତେ କାହିଁକି ପକାଇଲ । ପ୍ରିୟେ ! ତୁମ୍ଭ ଲାଗି ପ୍ରାଣ ଗଲା । ହେ ଦଇବ ! ମୋର ଦୁଃଖ ଟିକିଏ ଶୁଣ ।

(ଗୀତ)
(ପ୍ରାଣସଙ୍ଗି ମୁଁ—ବୃତ୍ତେ)
ହେ ଦଇବ !
(ମୁଁ) ଏତେ ଛନ୍ଦ ଜାଣେ ନାହିଁ ।
ବୃଥା ଅପବାଦେ ବୋଝ କର କାହିଁ ପାଇଁରେ । ଦୋଷ
ନାଅ ଏ ସବୁ ସମ୍ପତ୍ତି ଫେରାଇ ଦିଅ ମାଳତୀ
ତା ବିନା ଏ ପ୍ରାଣ ଛୁଟି ଯାଏ ଭାଇରେ । ୧

ଧୀବର—ମାଧିଆ, କାତଡିଆ ବଡା ଲଗା, ଆଉ ଉପାୟ ନାହିଁ ।

ସୁଶୀଳ— (ଗୀତ)
ସୁହୃଦ ଭାବ କମ୍ପା ଘୃଣ୍ଡ ହେଉଛି ଖଟା
ଶୋକାକୁଳେ ମୋ ନାସ୍ତିକା ସବୁ ଗଲାଣିରେ । ୨ ।
ଦଇବ ! ତୁମ୍ଭମାନଙ୍କର ନୃଶଂସ ଭାବ ଦେଖି ପ୍ରିୟା ମୋର କଳା ପଡ଼ିଗଲାଣି ।

(ଗୀତ)
ପଦ ଧରୁଛି ତବ ଶେବାକର ମୋ ସ୍ତବ
ନସ୍ତବ୍ଧ ହେଲ କି ସବେ ବାଜମଣି ଧାସ୍ତିରେ ॥
ହେ ମାଝି ! ତୁମ୍ଭ ପଦତଳେ ପଡ଼ୁଛି ଏପରି ହଟହଟା କର ନାହିଁ ।
(କୈବର୍ତ୍ତ ସୁଶୀଳକୁ ଠେଲିଦେବା ସମୟେ)

ମାଳତୀ— ଗୀତ
[ହେ ନବଯୁବକ ଏ କେଉଁ-ବୃତ୍ତେ]
କେଣେ ଯାଅ ନାଥ କରିଣ ଅନାଥ
ନଷ୍ଟିନ୍ତ ହେଲ କି ମୋତପାଇଁ,
ଦେଖି କେଉଁ ଦୋଷ କରୁଛ ନିରାଶ
ନୃଶଂସ ନାବିକେ ଯିବେ ନେଇ
ପ୍ରାଣ ଯିବଟି ଛାଡ଼ ।
କାହୁଁ ମାଡ଼ ଆସିଲା ବିପଦଧାଡ଼ ।୧।
ନାଥ ! ମୁଁ ଚଣ୍ଡାଳୁଣୀ କାହିଁକି ତୁମ୍ଭ କଥା ନ ମାନି ସଙ୍ଗରେ ଆସିଲି । ମୋ ଯୋଗେ ସିନା ଆପଣଙ୍କ ପ୍ରାଣ ଯିବ ।
ହେ ନାବିକ, ମୋତେ ଛାଡ଼ିଦିଅ ।

ଗୀତ
ନ ମାନି ମୁଁ ମନା ବଳେ ଆସି ସିନା
ଗଳାମାଳାକୁ ଦେଲି ହରାଇ ।
ରେ ମୂର୍ଖ ନାବିକ ମୂଢ଼ ଅବିବେକ
ଧର୍ମାଧର୍ମ କି ବିଚାର ନାହିଁ ।
ପ୍ରାଣେ ନ ମାର କାନ୍ତ ।
ତାଙ୍କ ବିନା ଶୂନ୍ୟ ଦିଶେ ଏ ଜଗତ ।୨।
ହେ ନାବିକେ ! ତୁମ୍ଭ ପାଦତଳେ ପଡ଼ୁଛି ମୋ ସ୍ୱାମୀକୁ ମାରନା । ନାଥ ! କଣ କରିବ ?

ମାଝି—ହଇରେ ମାଧିଆ, ତା ଦାନ୍ତଟାକୁ ଛଡ଼ାଇ ଦେଇପାରୁନୁ !

ସୁଶୀଳ— ଗୀତ
ଯୋଗୀ-ଯୋଗଭଞ୍ଜନା ମୋ ଯୋଗେ
ଅଯୋଗୀ ହେଲୁରେ
ମାନିନା ମୋ କଥା ନ ମାନି
ଏ ଦଣ୍ଡ ଭୋଗିଲୁରେ ।
ପ୍ରିୟେ ! ମୁଁ ବାରମ୍ବାର ମନା କରୁଥିଲି, ତୁମ୍ଭେ ବଳାଇ ଆସିବା ପ୍ରତିଫଳ ଏହି ।

ଗୀତ
ମୁହିଁ ମୂଢ଼ ହୀନକର୍ମା ଘୋର କି କରିବ ବାମା
ସୁହାଗୀ ତୁ ସଜନେମା ( ମୋତେ )
କପାଇଁ ଭଜିଲୁ ରେ ॥
ପ୍ରିୟେ ! ଏ ଅଭଗାକୁ ପତିରୂପେ ବରଣ କରିବାର ପ୍ରତିଫଳ ଏହି । ଗୀତ
ତାତ ମାତ ମୋ ଭଗାରି ଭ୍ରାତା ଗଲେ ଘର କରି
ବାନାମଣି ଭାବ କରି ଅଭାବେ ପଡ଼ିଲୁ ରେ । ୨ ।
ପ୍ରିୟେ ! ଏହି ମୋର ଶେଷ ଦେଖା (ଲମ୍ଫିପିବା)

ନାୟକ—ଏତା ପାହାଡରେ ମ; ଅନାଉଛୁ କଣ ।

( ଦୂରକୁ ଠେଲିଦେବା )

ସାଧୁଆ—ମୁଁ ନ ଥିଲେ କଣ ପାରିଥାନ୍ତୁ ।

ମାଧିଆ—ଉଃ, ମୁଁ ନ ଥିଲେ କଣ କରି ପକେଇଥାନ୍ତୁ ।

ସାଧିଆ—କିରେ କହିଲୁ ଏ ମାଇକିନିଆଟି କିଏ କିଏ ?

ମାଧିଆ—ଆରେ ପଚାରୁଛୁ କଣ, ସେତ ଆମରି ମୋ ସକାଶେ ଆସିଛି ।

ସାଧିଆ—ଚୁପ୍ ମୋ ପୋଇଁ ତ ଆସିଛି ।

( ଉଭୟଙ୍କ ମଧ୍ୟରେ କଳହଗୋଳ )

ମାଧିଆ—ହଉ, ଏଥିରେ କାହାରି କିଛି ନାହିଁ । ଚାଲ, ଆମ ଦେଶ ରାଜାଙ୍କୁ ଦେଇ କିଛି ଧନ ଆଣି ବାଣ୍ଟିକରି ନବା । କଳି କରିବା ଦରକାର କଣ ?

( ମାଲ୍ୟାଣୀ ଗୀତ )

ଆସ କେ ନେବ ଫୁଲହାର ଗୋ,
ନବ ନାଗରବର ।
କୁନ୍ଦ ମଲ୍ଲି ମଲ୍ଲୀ ଚମ୍ପକ କୁସୁମବେଲି,
ଜାଇ ବକୁଳ ନାଗେଶ୍ୱର
ମୋ ଫୁଲ ନାଇ ଖୋପା ହେବେ କାମିନୀଙ୍କା,
ବୁଢ଼ାଙ୍କୁ କରିଦେବ ମାର ଗୋ । ୨ ।

ମଲା ମୋର, ଟାଁହାପାକ ବୁଲିଲି କେହି ହାରେ ଫୁଲ ନେଲେ ନାହିଁ । ହିଁ ମ, ସବୁଦିନେ ହଉଛି ଦିନେ ଏବେ ନ ହେଲା ନାହିଁ । ଆରେ ନିଆଁଲଗା ମନ ଭୁ ମୋଡ଼ପା । କାଲି ତୋଳିଥିଲି ଚମ୍ପାଟିକ ଲିଭିଗଲାଥିଲା ଆଜ ତା ମୁହେଁ ପାଣି ଦେଇ ନାହିଁ । ଯାଉଛି ନଈରୁ ମଠିଆଏ ପାଣି ଆଣି ଦେଇଆସିବି ।

( ସୁଶୀଳ କଟିଆସି ମାଲ୍ୟାଣୀ କୂଠରେ ଲାଗିବା )

(ମାଲ୍ୟାଣୀ ଦେଖି) ଇସ୍ଲେ ବାପାରେ ମସ୍ତବାର-ଟାଏ ଆସି ମୋ ବାଟରେ ଲାଗିଲା । ଏ ତ କଣ ଛଟପଟ ହେଉଛି, କେଜାଣି ମୁର୍ଛା ଆ ଖୋକାଟାଏ । ଯାଉଛି ସାଷ୍ଟାମ କରିବ, ଯାହାହେଉ ହେବହେବା ଏତେଦିନକେ ମୋହନ ସୁଷମାଟା କାନରେ ପକାଇଲେ । ମୋର ପୁଅ ନ ଥିଲା, ଏହିଟିକୁ ଧର୍ମପୁଅ କରି ରଖିବ ।

( ମାଲ୍ୟାଣୀ ସୁଶୀଳକୁ ସଚେତ କରାଇ ନିଜ ଗୃହକୁ ନେଇଯିବା )

---

## ତୃତୀୟ ଦୃଶ୍ୟ

ମାଳତୀ—ହା ବିଧାତା ! ମୋ କର୍ମରେ କଣ ଏଇ ଅବସ୍ଥା ଭୋଗିବାକୁ ଲେଖିଲୁ; ପାଷଣ୍ଡ କୈବର୍ତ୍ତ-ମାନେ ତ ମୋ ସ୍ୱାମୀଙ୍କୁ ଫିଙ୍ଗିଦେଇ ମୋତେ ଆଣି ଏ ରାଜାଙ୍କ ନିକଟରେ ଦେଲେ; ମୁଁ କରିବି କଣ ? ରାଜା ମୋତେ ବିବାହ କରିବାକୁ ମନସ୍ଥ କରିଛି । ହା ନିର୍ଲଜ ଜୀବନ ! ତୁ ନ ଯାଇ ରହିଛୁ କାହିଁକି ?

ଗୀତ

( ମଥ ଗୁଣ୍ଡ ଦେ ରେ—ବୃତ୍ତେ )

କଉ କାହିଁ ପାଇଁ ମୋ କର୍ମେ ଥିଲୁ ଲିଖି,
(ଏହା) ଆରେ ମନ ବନ୍ଧୁ ।
କେଉଁ ଯଶ ଅର୍ଜିବୁ ମୋତେ ଦୁଃଖ ଦେଇ । ଦୋଷ ।
ନ ମାନି ମୁଁ ମନା ସ୍ୱାମୀଙ୍କର
ବନେ ଆସି ହେଲି ନାରଖାର,
ଚରଣପତିଙ୍କୁ ପ୍ରାଣରୁ ସାରିଲି
ଏ ପୋଡ଼ା ଜୀବନ ଯାଉନାହିଁ । ୧ ।

ମୁଁ କାହିଁକି ତାଙ୍କ କଥା ମାନିଲି ନାହିଁ, ସେ କେତେ ସୁଖରେ ଥାନ୍ତେ; ମୁଁ ତାଙ୍କୁ ନଈରେ ବୁଡ଼ାଇ ମାରିବି ବୋଲି କ'ଣ ବିବାହ ହୋଇଥିଲି ।

ଗୀତ

ବନେ କରି ନାହିଁ ଭାନ୍ତ ସଙ୍ଗ
ତଳିବ ଲ ନିଲି ଏ ତରଙ୍ଗ,
କି ଉପାୟ କରି କି ବୁଦ୍ଧି କରିବି,
ଏ ନୃପ ରହିଛି ମୋତେ ଘେରି ।

କଣ କରିବି ଏ ରାଜା ତ ମୋ ନିକଟକୁ ଆସି ଅନେକ ପ୍ରଲୋଭନ ଦେଖାଇ ମୋତେ ବିବାହ କରିବାକୁ ଉଦ୍ଯୋଗ କରୁଛି । କେବଳ ଭଗବାନଙ୍କ କୃପାରୁ ମୁଁ ସ୍ୱୀକୃତ ନ ହେବା ଯୋଗୁଁ ସେ ଧର୍ମକୁ ଭୟ କରି ଫେରି ଯାଉଛି । ଏଇ ତ କିଏ ଆସୁଛନ୍ତି ପର ?

ସୁଧୀର—ଦୂତ ! କୈବର୍ତ୍ତମାନେ ଯେଉଁ ସ୍ତ୍ରୀଟିକୁ ମୋ ନିକଟରେ ଦେଇ ଯାଇଥିଲେ ମୁଁ ତାକୁ ଦେଖିଲା ଦିନଠାରୁ କେଉଁଥିରେ ଆଉ ମନ ଲାଗୁନାହିଁ ! ଚାଲ ତେବେ ତା ନିକଟକୁ ଯିବା । ସୁନ୍ଦରି ! ମୁଁ ତୁମ୍ଭର ପରିଚୟ ନିମିତ୍ତ ଅନେକଥର ଆସିଲିଣି; କିନ୍ତୁ ତୁମଠାରୁ ପଦେମାତ୍ର କଥା ନ ଶୁଣି ନିରାଶ-ଭାବରେ ଫେରିଯାଉଛି, କିମ୍ପା ତୁମେ କହ ?

ଗୀତ

( କହରେ ନାଗରୀ—ବୃନ୍ଦେ )

କିମ୍ପା ରସବତୀ କାହାର ଯୁବତୀ
ମୃଗନେତ୍ରୀ ମାଳକୁନ୍ତଳା ।
ଗୃହୁ ବିମ୍ବାଧରୀ ଯୋଗୀ ମନୋହାରୀ
ଆହାରେ ଉତ୍ତୁ ମଞ୍ଜୁଳା

ସୁନ୍ଦରି ! ତୁମେ କାହାର ସ୍ତ୍ରୀ ବା କାହାର କନ୍ୟା କପଟ ନ କରି ପ୍ରକାଶ କର ।

ଗୀତ

ରେ ରସରଙ୍ଗିଣୀ ତୁ କୁନ୍ଦହାସିନୀ,
ଇନ୍ଦୁପ୍ରାପ୍ତ ମୁଖ ଶୋଭା ତୋର ଜିଣି ।
ଧନ୍ୟରେ ରମଣୀ ନେଲୁ ମନ କିଣି
କାମୁକର ମନ ଭୁଲ । ୧ ।

ହେ ସୁନ୍ଦରି ! ମୋର ସମସ୍ତ ରାଣୀଙ୍କ ଉପରେ ତୁମ୍ଭକୁ ପାଟରାଣୀ କରିବି, ପଦେ ଅଧେ ଉତ୍ତର ଦିଅ ।

ଗୀତ

ଆସରେ ବିରହୀ ହେବୁ ପ୍ରାଣସଙ୍ଗୀ,
ଏ ସମ୍ପଦ ଭୋଗୀ ହୁଅରେ ସୁଭାଗୀ ।
ତ୍ରାହି ମତେ ନେଇ ରେ ରାଜଦୁହିତା
ନ କର ତୁ ଅବହେଳା । ୨ ।

ସୁନ୍ଦରି ! କାହିଁକି କହୁ ନାହଁ ।

ଗୀତ

ବସାଇ ମୋ କୋଳେ ଚୁମ୍ବନ୍ତି ଚନ୍ଦ୍ର ବଦନେ ।
ନବ୍ୟୁନ ଲଭିବା ନୂତନ ଛବି ଭୁଜେ ।
ଥାଅରେ ପାମରୀ ଝୁଲଝୁଲ କରି
ଯେମନ୍ତେ ମଙ୍ଗଳ ବାଳା । ୩ ।

ଦୂତ ଭକ୍ତ ନ ଜାଣିବ ସୁଶୀଳ ନାହିଁ । ସ୍ତ୍ରୀଠାରୁ ଉତ୍ତର ନ ପାଇ ତାହାର ଅଙ୍ଗ ସ୍ପର୍ଶ କରିବା ଉଚିତ ନିୟମ ନୁହେଁ ! ନଚେତ୍ ବଳାତ୍ ପାପନାହିଁ ! ଦେଖାଯାଉ କେତେଦିନ କଣ ହେଉଛି, ଆଜ ଜଗିବା ପାଳି କାହାର ?

ଦୂତ—ମହାରାଜ ! ଆଜ ମାଲ୍ୟାଣୀ ଓ ଗୃହଆର ପାଳି ।

ରାଜା—ମୁଁ ଉଆସକୁ ଯାଉଛି, ଶୀଘ୍ର ଜଗୁଆଳକୁ ଡକାଇ ଦେ ।

ଦୂତ—ଯେ ଆଜ୍ଞା ମହାରାଜ !

—*—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

ଦୂତ—ହେ ମାଲ୍ୟାଣୀ ମାଉସି !

ମାଲ୍ୟାଣୀ—କଣ କରେ ବାପ ! ତୁ ଆଜ କୁଆଡ଼େ ?

ଦୂତ—ତୋର ଆଜ ନୂଆମହଲ ଜଗିବା ପାଳି, ଡାକ ଆସିଲା ।

ମାଲ୍ୟାଣୀ—ଏଁ, ମୋର ଜ୍ୱର ଅଛି ମ, ମୁଁ ମାଇପିଟାଏ କଣ ପାଳରେ ପହରା ଦେବାକୁ ଯିବି ।

ଦୂତ—ଆଲୋ ତୁ ପରା ଗୋଟିଏ ଧର୍ମପୁଅ କରିଛୁ, ସେ ଯିବ ନାହିଁ ।

ମାଲ୍ୟାଣୀ—ରଜାଙ୍କର ତାଠାରେ ତ ଆଖି ପଡ଼ିଲାଣି, ବାଡ଼ରେ କଦଳୀ କାନ୍ଦିଏ ପଡ଼ିଲା ସେଥିରେ ଆଖି, ଗଛରେ ଶାଗକେରିଏ ହେଲେ, ଲଙ୍କା-ମରିଚ ଗଛଟିଏ ହେଲେ ସେଥିରେ ଆଖି, କେଉଁଦିନ ପୁଅଟିଏ ଆଣିଲି ଯେ ସେଥିରେ ମଧ୍ୟ ଆଖି, ହଉ ତାକୁ ପଠେରେ, ହଉରେ ସୁଶୀଳ ।

ଦୂତ—ପଠେଇବୁ କଣ, ପାଳ କରିବାକୁ ତ ହେବ, ତୁ ଘରେ ପଠା ମୁଁ ଆସୁଛି ।

ସୁଶୀଳ—ମାଉସି ! କଣ ?

ମାଲ୍ୟାଣୀ—ସୁଶୀଳ ! ରଜାଘର ଗୋଟିଏ ମାଇକିନିଆ ନୂଆ ଆଣିଛନ୍ତି ଯେ ଘରରେ ସେ ଗୋଟିଏ ଭଳି ପଡ଼ି ରହି ଚାଲି ପଡ଼ୁଛି । ତାକୁ ସବୁ ଗାଁବାଲାଯାକ ଜଗିବାକୁ ପାଳକରି ଯାଉଛନ୍ତି, ଆଜ ଆମ ପାଳି ପଡ଼ୁଛି, ତୁ ଯିବୁ ।

ସୁଶୀଳ—ମାଉସି, ଆଉ କିଏ ଯିବ ?

ମାଲ୍ୟାଣୀ—ରାମା ଗୁଡ଼ଆ ଭୁ ଦୁର୍ଦ୍ଦଂସାଳ ଯିବ ?

ସୁଶୀଳ—ହଉ ଯିବ, ମହେନ୍ଦ୍ର ! ତେବେ ଯିବା ଚାଲ ।

ମାଲ୍ୟାଣୀ—ବାପରେ ଶୋଇବ ନାହିଁ; ନେ ଭୁଜା ଖଣ୍ଡିଏ ନେ, ଦୁର୍ଜନଙ୍କୋଳ ପାଟିକୁ ପକାଇଥିବ ନଧ ଆଉ ହେବ ନାହିଁ, ହଉ ଯା ।

( ଉଭୟେଁ ପ୍ରସ୍ଥାନ )

## ଦ୍ୱିତୀୟ ଦୃଶ୍ୟ

( ପର୍ବତ ସ୍ଥାନରେ କେତେବେଳ ବସିବାପରେ ନିଦ୍ରାର ଆକ୍ରମଣ )

ସୁଶୀଳ— ମହେନ୍ଦ୍ର ! ନିଦ ତ ଘାଟ ଜୋର ଆସିଲା ।

ରାମା ମହେନ୍ଦ୍ର ! ଗୋଟାଏ କଥା କହ ଆଉ ନିଦ ଆସିବ ନାହିଁ ।

ସୁଶୀଳ— ମହେନ୍ଦ୍ର ! ମୋତେ କାହୁଁ ଆସିବ ନାହିଁ, ମୋ ଅବସ୍ଥା କାହୁ ବସିଲେ ପାରବାଉ ଅଣ୍ଟିବ ନାହିଁ, ସେଥିରେ ମୋର ଅବସର କାହିଁ ଯେ କଥା ଶୁଣାଇବି ।

ରାମା କହ; କହ, କଣ ? ତୋ କଥା ଦୁଃଖ ନା ସୁଖ ?

ସୁଶୀଳ— ଗୀତ

ମୁଁ କି ଦୁଃଖ କହିବରେ ସତ ମଣିବୁ କି ମହେନ୍ଦ୍ର
କହିଲା ବେଳକୁ ଫାଟିଯାଏ ବୁକୁ
ନେନ୍ ବୁଏ ଅଶ୍ରୁଧାର ! ପଦ ।

ମହେନ୍ଦ୍ର ! ମୁଁ ଯେଉଁକି ଦୁଃଖ ଭୋଗ କରୁଛି ସେ କଥା କହିଲାବେଳକୁ ଏ ହୃଦୟ ବଡ଼ ଅସ୍ଥିର ହେଉଛି ।

ଗୀତ

ଦୁଇରାଣୀ ଥିଲେ ହୋଇଥିଲେ ତାତ
ଦୁଇ ପୁତ୍ର ଆମ୍ଭେ ହୋଇଲୁ ସମ୍ଭୂତ ।
ମୁଁ ଅଟଇ କନିଷ୍ଠ ଜ୍ୟେଷ୍ଠ ରାଣୀ ସୁତ,
ମୋ ମାତା ସ୍ୱଭାବ ଦୁଷ୍ଟ । ୧ ।

ମହେନ୍ଦ୍ର ! ମୋ ପିତାଙ୍କ ଦୁଇରାଣୀଙ୍କ ଉଦରରୁ ଆମ୍ଭେ ଦୁଇ-ପୁତ୍ର ଜନ୍ମ ହୋଇଥିଲୁ । ମୁଁ କନିଷ୍ଠ ରାଣୀଙ୍କ ପୁତ୍ର, ମୋର ମାଆ ବଡ଼ ଦୁଷ୍ଟ ।

ଗୀତ

ମୋ ଭାଇରେ ପିତା ଜ୍ୟେଷ୍ଠ ସହୋଦରେ,
ରାଜ୍ୟ ଦେବାପାଇଁ ବୋଇଲେ ସାଦରେ ।
ତେଣୁ ମାତା ରୋଷେ ଭ୍ରାତ-ନାଶ, ଆଶେ
ରଚିଲେ କୂଟକପଟ ॥

ପିତା ଆମ୍ଭ ଦୁଇ ଭାଇଙ୍କୁ ଡକାଇ ଆମ୍ଭମାନଙ୍କର ମତାମତ ନେଇ ବଡ଼ଭାଇଙ୍କୁ ସିଂହାସନ ଦେବାକୁ ସ୍ଥିର କଲେ, ତେଣୁ ମୋର ମା କପଟରେ ଭାଇଙ୍କ ମୃତ୍ୟୁବାଟ ଖୋଜିଲେ । ଗୀତ

ଭ୍ରାତାଙ୍କୁ ନିଧନ କରିବାର ପାଇଁ,
ନେଇଥିଲା ହନ୍ତା ଶମଶାନ ଭୂଇଁ ।
ଧର୍ମ ସାହା ହୋଇ ଉଦ୍ଧରିଲ ଭାଇ
ତହୁଁ ଶୁଣ ଯା ବୃତ୍ତାନ୍ତ । ୩ ।

ମହେନ୍ଦ୍ର ! ମାତା ମୋର ଗୋଟିଏ ଚକ୍ରାନ୍ତ କରି ଭାଇଙ୍କୁ ଘାତୁକ ହସ୍ତରେ ଶ୍ମଶାନକୁ ମାରିବା ନିମିତ୍ତ ପଠାଇଦେଲେ । କିନ୍ତୁ ଦଇବ ବଳରୁ ଭାଇ ତହିଁରୁ ଉଦ୍ଧରିଲେ; ଶୁଣ—

ଗୀତ

ହସ୍ତୀ କରେ ଧରି ସୁବର୍ଣ୍ଣ-କଳଶ
ବୁଲୁଥିଲା ଲୋଡ଼ି ଯୋଗ୍ୟ ରାଜଶିଷ୍ୟ ।
ଦେଖିଲା ମୋ ଭ୍ରାତ ଅଛି ଯୋଗ୍ୟପାତ୍ର
ମୁଣ୍ଡରେ ନେଲା ଲଦିତ ॥

ଏକ ଦେଶର ରାଜାଙ୍କର ହସ୍ତୀ ଭାଇଙ୍କର ମସ୍ତକରେ ସୁବର୍ଣ୍ଣ-କଳଶ ଦେଇ ହନ୍ତାଠାରୁ ଛଡ଼ାଇ ନେଇଗଲା ।

ଗୀତ

ଏସନ ବାରତା ହନ୍ତାମୁଖୁ ଶୁଣି
ଭ୍ରାତାଙ୍କ ପଛରେ ହେଲି ଅନୁଗାମୀ ।
ପଥେ ହେଲି ନଷ୍ଟ ଲୋଡ଼ିଲି ମୁଁ ଆସ୍ତା
ଭେଟିଲି ଶବର ଏକ ॥

ଭ୍ରାତାଙ୍କୁ ଖୋଜିବା ଲାଗି ଅନେକ ପଥ ଆସି ଭ୍ରଷ୍ଟ ହୋଇଯିବାରୁ ଶବର-ଶବରୀଙ୍କ କଲ୍ୟାଣରୁ ତାଙ୍କର ପଲ୍ଲୀରେ କିଛିଦିନ ସୁଖରେ ରହିଲି ।

ଗୀତ

ସେ ଶବର ମୋତେ ପୁତ୍ରପ୍ରାୟେ ରଖି,
ବନେ ପଠାଇଲା ମୃଗ ମାଂସ ଭକ୍ଷି ।
ମୋତେ ଏକ ନାରୀ କହୁ ନେଲା ହରି
ବନେ ବଣ କଲା କାନ୍ତ । ୪ ।

ମଇତ୍ର ! ତେବେ ସେ ଶବର ଗୋଟିଏ ମୃଗ ଶିକାର ଦେଇ ମୋତେ ବିଦାୟ କରିବାକୁ ପଠାଇଲା, ମୁଁ ଆସିବା ପଥରେ ଗୋଟିଏ ରାଜକନ୍ୟାର ଚକ୍ଷାନ୍ତରେ ପଡ଼ି ତାଙ୍କୁ ବନ୍ଧୁ ହେଲି ।

ଗୀତ

ସେ କନ୍ୟା କର୍ଣ୍ଣାଟ ରାଜାଙ୍କ ଦୁହିତା,
ମାଳତୀ ତା ନାମ ସଚ୍ଚରିତା ଅଟେ ।
ମୁଁ ଭ୍ରାତା ଛଦ୍ମବେଶେ  ଆସନ୍ତେ ଏ ଦେଶେ
ସେ ଆସିଲା ମୋ ସଙ୍ଗତେ ।

ମଇତ୍ର ! ସେ ସ୍ତ୍ରୀର ନାମ ମାଳତୀ । ତାର ପିତାର ନାମ କର୍ଣ୍ଣାଟ-କେଶରୀ, ମୁଁ ଭାଇଙ୍କ ସନ୍ଧାନରେ ଆସନ୍ତେ ସେ ମୋ ସଙ୍ଗରେ ଆସିଲା ।

ଗୀତ

ପଥେ ନଦୀ ଏକ ପାରହେଲୁ ବେଳେ,
କୈବର୍ତ୍ତେ ହରିଲେ ମୋ ନାୟିକା ବଳେ ।
ମୋତେ ବେଶ ବନ୍ଧି  ଜଳେ ଦେଲେ ପେଲି
ଧର୍ମ ହେଲା ସାହାପକ୍ଷ ।

ମଇତ୍ର ! ଆଗରୁ ସେ କଥା କହିଲା ବେଳରୁ ମୋର ପ୍ରାଣ ଛିଡ଼ି ଯାଉଛି ।

ମାଳତୀ—( ସ୍ୱଗତ ) ବିଧାତା ! ମୋ ପରି କିଏ ଅଭାଗିନୀ ଅଛି ! ମୁଁ ଜଣା ଶୁଣିଲି ମୋର କାନ୍ତ ଜଣ ସତେ ଜୀବନରେ ଅଛନ୍ତି ! ତାଙ୍କର କଥା କିଏ କହୁଛି, କିଏ କର୍ଣ୍ଣରେ ଏ ବାଣୀ ଶୁଣାଇ ମୋର ହୃଦୟକୁ ଅଥୟ କରିଦେଲାଣି ! ( ପ୍ରକାଶେ ) କିଏ ତୁମ୍ଭେ ଆଉଥରେ ସେ କଥା କହ ?

ଗୀତ

(ପର କଲେଣି—ବୃତ୍ତେ)

କହ ତୁ କେଉଁ ଦେବତା ଆସି କପଟେ
ମୋ ସ୍ୱାମୀ ବାରତା ଦେଉ ମୋର ନିକଟେ । ଘୋଷା

କହ, ତୁମ୍ଭେ କେଉଁ ଦେବତା ଆସି ମୋ ସ୍ୱାମୀର ବାରତା ଦେଉଛ ?

(ଗୀତ)

କହୁଛନ୍ତି ସତେ ପ୍ରାଣେ, ଦେଖା ଦେବେ ଏ ଅଧୀନେ
କହୁଛନ୍ତି ଅନୁକ୍ଷଣେ ନାହିଁ ପରତେ । ୧ ।

ସେ ଜଣ ସତେ ପ୍ରାଣରେ ଅଛନ୍ତି, କାହିଁ ମୋର ତ ବିଶ୍ୱାସ ହେଉ ନାହିଁ । ତେବେ ବର୍ତ୍ତମାନ ତାଙ୍କ କଥା କିଏ କହୁଥିଲା ! (ପ୍ରକାଶେ) କିଏ ଅଛ ମୋତେ ଦେଖାଦିଅ ।

(ଗୀତ)

ଫେଡ଼ୁଛି ଗବାକ୍ଷ ଯୁଡ଼ା  ଦେଖା ତୋ ଚନ୍ଦ୍ରମୁଖଡ଼ା
କରିଛ ଚରଣ ଛଡ଼ା ଦେଇ କୈବର୍ତ୍ତେ ॥

ନାଥ ! ତୁମ୍ଭେ କଣ ସତେ ଅଭାଗିନୀର ଦୁର୍ଦ୍ଦଶା ମୋଚନ କରିବାକୁ ଆସିଛ ? ତେବେ ମୁଁ ଝରକାଟି ଫିଟାଇ ଦେଉଛି ମୋତେ ଥରେ ଦେଖାଦିଅ ।

(ଗୀତ)

ସୁଖେ ନିଶି ପାହାଇବ,  ସତେ ଦୁର୍ଦ୍ଦଶା ମେଣ୍ଟିବ
ବାଳାମଣି ସତ ସ୍ୱଭାବ ଥିବ ଯୁଗତେ ।

(କିଏ ଅଛ ଦେଖା ଦିଅ)

ସୁଶୀଳ—ମଇତ୍ର ! ଏ ଘରେ କିଏ ସ୍ତ୍ରୀ ଲୋକଟି ଡାକୁଛି (ସ୍ୱଗତ) ଓହୋ ! ଏ ତ ତାର କଣ୍ଠ ପରି ଶୁଣା ଯାଉଛି । ସେ ପତି ବିଚ୍ଛେଦରେ ଦୁଃଖିନୀ ଥିଲାପରି ଜଣାଯାଉଛି । ତେବେ ଦେଖିବି କିଏ । (ପ୍ରକାଶେ) ମଇତ୍ର ! ତୁମ୍ଭେ ଶୁଣ, କାହିଁକି କିଏ ଡାକୁଛି ।

ରାମ – ନା ମଇତ୍ର, ତୁମ୍ଭେ ଯାଅ ।

ମାଳତୀ— ଗୀତ

(ହେ ନବଯୁବକ - ବୃତ୍ତେ)

ନିକଟରେ ଥାଇ  ନ ଆସ କମାଇଁ
ଦୂରେ ଥିଲା ପରି ହୁଏ ମନେ ।
ପ୍ରାଣେ ଥାଇ ଦେଖା  ନ ଦେଲେ ନାୟିକା
କେତେ ସହିବ ଏ ନବଘନେ ।
ଆହେ ପ୍ରାଣବନ୍ଧୁ !
ଦୁଃଖିନୀ ହୃଦକୁମୁଦ-ଇନ୍ଦୁ । ୧ ।
ଜଳି ଜଳି ନିତି  ଭାବେ ଦୁଃଖେ ଅତି
ଝରା ସ୍ରୋତ ଜଳ ଛୁଟେ ସ୍ରୋତ,
ତବ ସୁଧାପୂର୍ଣ୍ଣ  ଶ୍ରୀମୁଖ ଲାବଣ୍ୟ
ନ ଦେଖିଣ ହୁଏ ମହାକ୍ଳାନ୍ତ ।
ଆହେ ପ୍ରାଣବନ୍ଧୁ !
ତନ ନ ସହୁଛି କାନ୍ଦୁ କାନ୍ଦ । ୨ ।

ଆସ ଆସ ମୋର ହେ ପ୍ରାଣ-ଈଶ୍ୱର
ଆସ ଅଭାଗିନୀ କଣ୍ଠମଣି ।
ଲୁଣ୍ଠି ନ ଲୁଣ୍ଠିଲେ ପାଇ ହରାଇଲେ
ସଂସିବ ତବ ସୁହାଗିନୀ ।
ଆହେ ପ୍ରାଣବନ୍ଧୁ !
ଦେଖାଅ ତବ ଶ୍ରୀମୁଖଇନ୍ଦୁ । ୩ ।
ମୁଁ ହତଭାଗିନୀ ଜନମ ଦୁଃଖିନୀ
ତବ ପ୍ରେମେ ଅଟେ ଗୃତକନା ।
ଦିଅ ଦିଅ ଦେଖା ଆହେ ପ୍ରାଣସଖା
ଭାବ ନ ଥିଲା ହବା ରଜନୀ !
ଆହେ ପ୍ରାଣବନ୍ଧୁ !
ବାଳାର ହୃଦ କୁମୁଦବନ୍ଧୁ । ୪ ।

ସୁଶୀଳ—ତୁ କି ସେହି ମୋର ନୟନପ୍ରତିମା ମାଳତୀ ! ହା ବିଧାତା ।

ମାଳତୀ—ନାଥ, ନାଥ, ସତେ ଆଜି ଆପଣଙ୍କର ଶ୍ରୀପଦ ରାଜୀବରେ ଏ ଅଧୀନା ସ୍ଥାନ ପାଇବ ? ଆଶା ନ ଥିଲା, ଅଧୀନାକୁ ଭୁଲି ନାହାନ୍ତି ତ ?

ସୁଶୀଳ—

ଗୀତ

(ସାରସାକ୍ଷୀ ବୃତ୍ତେ)

ପ୍ରାଣେ ଅଛୁ ପ୍ରାଣ-ବାନ୍ଧବୀରେ
ମରିନାହିଁ ତୋ କଲ୍ୟାଣେ । ପଦ ।
ପଡ଼ି ଘରେ ତୋ ଗୁଣ ଗୁଣି ନିତି
ମୋ ଛାତି ଭରିତ ଦିଏଟିରେ ସତୀ । ୧

ପ୍ରିୟେ ! ତୋର କଥା ଭାବି ଏ ଶରୀର କ୍ଷୀଣ ହୋଇଗଲାଣି । ତୋତେ ଦେଖିଲି ଏହି ବଡ଼ ଭାଗ୍ୟର କଥା ।

ଗୀତ

ପ୍ରାଣ ଗଲେ ଯିବ ନ ଯିବ ତୋ ଭାବ ।
ଉଭବ ଅଭାବ କଲ୍ୟାଣି ମୋ ଲାଭ । ୨

ପ୍ରିୟେ ! ଏ ପ୍ରାଣ ଅବା ଗଲେ ଯିବ; କିନ୍ତୁ ତୁମର ଭାବଲହରୀ କେବେହେଁ ମନରୁ ଯିବ ନାହିଁ । ତୁମେ ଏପରି ଅଧୈର୍ଯ୍ୟ ହେଉଛ କାହିଁକି ?

ଦୂତ—ଏ କି ଗୋଳମାଳ ଶୁଭୁଛି, ସେ ସ୍ତ୍ରୀଟା କାହିଁକି କାନ୍ଦିଲା, କାରଣ କଣ ? ଯାଏଁ ତେବେ ଏ ବିଷୟରେ ରାଜାଙ୍କୁ ଜଣାଏ ।

(ପ୍ରସ୍ଥାନ)

ସୁଶୀଳ—ମଇତ୍ର ! ସକାଳ ତ ହେଲା, ଆଉ ବିଳମ୍ବ କାହିଁକି ଚାଲ ।

ରମା—ହଁ ଚାଲ ।

(ଉଭୟେ ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

ରାଜା—କହ ଦୂତ, କିବା କାର୍ଯ୍ୟେ ଆସିଲୁ ତୁ ଏ ପ୍ରାତଃ ସମୟେ ?

ଦୂତ—ମହାରାଜ ! କହିବାକୁ ଲାଗେ ଶଙ୍କା, ନୂତନ ମହଲେ କାଲି ରାତ୍ରେ ପାଳଥିଲା ମାଲ୍ୟାଣୀ ପୁତ୍ର ଓ ରମା ଗୃହଆଉ । ପାଳ ସାରି ଗଲେ ସେହି ସେ ଯାହାର ବାସେ, ମାତ୍ର କି ନିମନ୍ତେ ଶୁଭେ ତହିଁ ଦନ ସନ କନ୍ଦନର ରୋଳ ।

ରାଜା- ଡକାଇ ଆଣ ସେ ଶବର ପାଷାଣ୍ଡେ, ବୁଝି ନିବ ସବୁକଥା ତାହାଙ୍କର ତହିଁ ।

(ଦୂତ, ରମା ଓ ସୁଶୀଳଙ୍କୁ ଘେନି ପ୍ରବେଶ)

ରାଜା—କହ ଦୁଷ୍ଟେ, କି କଟୂବାକ୍ୟ ପ୍ରୟୋଗ କଲ ତୁମ୍ଭେମାନେ କାଲି ଏ ସ୍ଥାନରେ ।

ରମା—ନା ମହାରାଜ ! ମୁଁ କିଛି ଜାଣେ ନା, ମଇତ୍ର ଯଦି କିଛି କହିଲେ କହିଥିବେ ।

ରାଜା- (ସୁଶୀଳ ପ୍ରତି) କହ ବର୍ବର, ସେ ସ୍ତ୍ରୀକୁ କଣ କହିଲୁ ଯେ ସେ କାନ୍ଦୁଛି !

ସୁଶୀଳ—ମହାରାଜ ! ମୁଁ କିଛି କହି ନାହିଁ, କାଲି ପହର ଦେବା ସମୟରେ ନବ ଆଗମନ କରିବାରୁ ରମା ମୋତେ ଗୋଟିଏ କାହାଣୀ କହିବାକୁ ଅନୁରୋଧ କଲା, ମାତ୍ର ମୁଁ କେବଳ ମୋର ଦୁଃଖ ହାଲତକ ତା ପାଖରେ କହୁଥିଲି । ଏପରି ସମୟରେ ସେ ମୋତେ ଡାକିଲା, ସେଥିରେ ମୋର ଦୋଷ କଣ ?

ରାଜା— ଗୀତ

(ରୁଷନା ରୁଷନା—ବୃତ୍ତେ)

ଗଣ୍ଡି ପୁଅ ଖଣ୍ଡେ କେତେ ଦମ୍ଭେ କହୁ କଥାରେ
ଏକ ଚପଟେ ଛିଣ୍ଡାଇବି ତୋର ମଥାରେ । ଘୋଷା
ମାଳଘରେ ଖାଇ ହୁଣ୍ଡା ଟେକ ଯାଇଛି ତୋ ଷଣ୍ଢ
ଆଜ ମୁଁ କରି ଥଣ୍ଡା ନ ଛାଡ଼ିବୁ ପଥରେ । ୧

ମୂର୍ଖ ! ମାଳ ଘରେ ଗ୍ରାସ ଚଢ଼ାଇ ଦମାକଟା ବେଶୀ ହୋଇଯାଇଛୁ ।

(ଗୀତ)

ଦଣ୍ଡୁଆସି ଡାକ ଖଣ୍ଡେ ବେଗେ ଶୂଳ ଦିଅ ଭଣ୍ଡେ
ଏ ମେଣ୍ଢ଼ା ଟୋକା ଖଣ୍ଡେ ହୃଦେ ଦେଲା ବ୍ୟଥାରେ ।

ଦୂତ ! ବେଗେ ଘାତୁକକୁ ଡାକ ଏ ପାଷାଣ୍ଡକୁ ଶୂଳ ଦିଅ ।

ସୁଶୀଳ—ହେ ନୃପ ! କେଭେ ମୁହିଁ ଦୋଷୀ ମୁଁ ଏଥିରେ ।

ଗୀତ

(ପ୍ରାଣରୁ ଅନ୍ତର—ବୃତ୍ତେ)

ହେ ନରେଶ ! ବୃଥା ରାଗ କର କାହିଁ ପାଇଁ ।
ଅଣୁମାତ୍ର ଦୋଷ ଏଥି କରିନାହିଁ ମୁହିଁ । ଘୋଷା ।

ମହାରାଜ ! ଦୋଷ ନ ବୁଝି ମୋ ଉପରେ ବୃଥା ରାଗୁଛନ୍ତି କାହିଁକି ?

ସୁଧୀର ମୂର୍ଖ ! ତୁ ବଡ଼ ମନ୍ଦପ୍ରକୃତିର ଲୋକ, ତୋତେ ଆଉ ନିସ୍ତାର ନାହିଁ ।

ସୁଶୀଳ - ଗୀତ

ମରଣ ଥରକୁ ଡର,
ନାହିଁଟି ଜନେ ମୋହର
ମୃତ୍ୟୁ ମୁଖୁଁ ତିନିବାର ଉଦ୍ଧରିଛି, ନଷ୍ଟେ ମୁହିଁ ।୧।

ମହାରାଜ ! ମୁଁ ମରିବାକୁ ଭୟ କରୁନାହିଁ, କାରଣ ତିନିଥର ମୃତ୍ୟୁମୁଖରୁ ଉଦ୍ଧରିଛି,ଏ ଅଲୋଡ଼ା ଜୀବନ ଗଲେ ମଙ୍ଗଳ ।

ଗୀତ

ରାଜକୁଳେ ମୋର ଜନ୍ମ
କର୍ମ ଦେଉଛି ଜଣାଣ
ପ୍ରାଣେ ନାହିଁ ପ୍ରୟୋଜନ ହାରିଛି ପ୍ରାଣର ଭାଇ ।

ମହାରାଜ ! ମୋର ରାଜକୁଳରେ ଜନ୍ମ;କିନ୍ତୁ ମୋର କର୍ମହିଁ ଖରାପ । କଣ କହିବି, ଭାଇ ଲାଗି ମୋର ଏ ଦୁର୍ଦ୍ଦଶା ।

ସୁଧୀର—ତୁ ରାଜପୁତ୍ର ! ତେବେ ତୋ ଭାଇର କଣ ହେଲା ?

ସୁଶୀଳ— ଗୀତ

ମାତା ମୋର କୂଟ କରି,
ଭ୍ରାତେ ଦେଉଥିଲେ ଶୂଳ
ଧର୍ମ ବଳରୁ ଉଦ୍ଧରି
ରାଜା ହେଲେ କାଞ୍ଚି ଯାଇଁ । ୩ ।

ମୋର ମାତା ଜ୍ୟେଷ୍ଠ ଭ୍ରାତାଙ୍କ ଶିଖ ନ ଦେଖି ଗୋଟିଏ ଷଡ଼ଯନ୍ତ୍ର କରି ଘାତୁକ ହସ୍ତରେ ଶୂଳ ଦେବାକୁ ପଠାଇଲା । କିନ୍ତୁ ଦଇବ ବଳରୁ ତାଙ୍କୁ ହସ୍ତୀ ସୁନା-କଳସ ଦେଇ ରାଜପଦରେ ବରଣ କରିନେଲା ।

ସୁଧୀର—ତୁ ଏ ଖବର କାହାଠାରୁ ପାଇଲୁ ?

ସୁଶୀଳ— ଗୀତ

ଭାଇ ଲାଗି ମୋର ପ୍ରାଣ
କରୁଥିଲା ବିସର୍ଜ୍ଜନ
ଘାତୁକ ଦୟା ବଚନେ
ସବୁ ମୋତେ ଦେଲା କହି । ୪ ।

ମହାରାଜ ! ଭାଇଙ୍କର ଏ ଦୁର୍ଦ୍ଦଶା ଶୁଣି ଘାତୁକଠାରୁ କରବାଳ ନେଇ ସ୍ୱହସ୍ତେ ପ୍ରାଣ ହରୁଥିବାରୁ ଘାତୁକ ମୋତେ ସମସ୍ତ କହିଦେଲା ।

ସୁଧୀର—କହ ତେବେ ତୁହି କଣ ହେଲୁ ?

ସୁଶୀଳ— ଗୀତ

ସେ ଭ୍ରାତେ ସନ୍ଧାନ କରି
ବନେ ହେଲି ବନବାସୀ
ପଥେ ହୋଇଲି ଉଦାସୀ
ଶବର ରଖିଲା ନେଇ । ୫ ।

ମହାରାଜ ! ସେ ଭାଇଙ୍କ ସନ୍ଧାନରେ ବୁଲୁଛି, ପଥରେ ରାତ ହୋଇଗଲା । କୌଣସି ଆଶାଭରସା ନ ପାଇ ଭଗବାନଙ୍କୁ ଚିନ୍ତା କରୁଛି; ଏପରି ସମୟରେ ଶବରଶବରୀ ଦୁଇଜଣ ମୋର ଭେଟ ହେଲେ ।

ସେମାନେ ମୋତେ ନେଇ ପୁତ୍ରପରି ଲାଳନ ପାଳନ କଲେ ।

ସୁଧୀର (ସ୍ୱଗତ) ଆହା, ମୁଁ ତ ମୋର ଗୋଟିଏ ପ୍ରାଣର ଭାଇକୁ ହରାଇ ଦେଇ ଆସିଛି । ସ୍ନାକର ଭାଇକୁ ଯେ ଦଶା ଘଟିଛି ମୋର ମଧ୍ୟ ସେହି ଦଶା ଘଟିଛି । ବିଧାତା କଅଣ ଗୋଟିଏ ଢାଞ୍ଚାରେ ସମସ୍ତଙ୍କୁ ବସାଇଛୁ ? [ପ୍ରକାଶ୍ୟେ] ତହୁଁ କଣ ହେଲା ?

ସୁଶୀଳ— ଗୀତ

ଦିନେ ଶବର ମୋ କରେ
ଦେଲା ମୃଗ ଧରିବାରେ
ଆସନ୍ତେ ମୁହିଁ ପଥରେ
ଏ କନ୍ୟା ନେଲା ବନ୍ଧାଇ ।

ଦିନେ ଶବର ମୋତେ ଶିକାର ଦେଇ ଧରିବାକୁ ପଠାଇଥିଲା । ମୁଁ ଶିକାର ନେଇ ଆସିବା ସମୟରେ ପଥରୁ ଏ କନ୍ୟା ମୋତେ ଧରି ନେଇଗଲା ।

ଗୀତ

ପରିଣୟ ତାର ମୋର,
ହେଲା ତା ପିତା ଘରର
ମୁଁ ଆସନ୍ତେ ଦେଶାନ୍ତର
ସେ ମୋ ସଙ୍ଗେ ନହେଲା ଯାଇ ।

ମହାରାଜ ! ତାହା ପିତା ନିକଟରେ ତାର ମୋର ପରିଣୟ ହେଲା, ତହୁଁ ମୁଁ ବିଦେଶ ଆସିଲି, ସେ ମଧ୍ୟ ମୋ ସଙ୍ଗରେ ଥିଲା ।

ସୁଧୀର—ସେ ଏଠାକୁ ଆସିଲେ କିପରି ?

ସୁଶୀଳ— ଗୀତ

ପଥେ ନଈ ପାରି ହେଲେ
କୈବର୍ତ୍ତେ ଲଗାଇ ହେଲେ
ମୋ ନାଆ ବଳେ ହରିଲେ
ମୋତେ ଜଳ ଫିଙ୍ଗି ଦେଇ ॥

ବାଟରେ ନଈ ପାରି ହେଲାବେଳେ କୈବର୍ତ୍ତମାନେ ତା ରୂପରେ ମୁଗ୍ଧ ହୋଇ ମୋତେ ଜଳକୁ ଫିଙ୍ଗି ଦେଇ ମୋର ସ୍ତ୍ରୀକୁ ନେଇଗଲେ, ମୋର ଭାଗ୍ୟବଳରୁ ଭାସିଆସି ଆପଣଙ୍କ ମାଳୁଣୀ ଘାଟରେ ଲାଗିଥିଲି । ସେ ମୋତେ ଦେଖି ସଚେତ କରାଇ ପୁତ୍ରବତ୍ ଲାଳନ-ପାଳନ କରିଛନ୍ତି । ମହାରାଜ ! ଏତେ ଏତେ କଷ୍ଟରୁ ମୁଁ ଉଦ୍ଧରିଛି, ମରିବାକୁ ତିଳେମାତ୍ର ଭୟ ନାହିଁ ।

ସୁଧୀର—( ସ୍ୱଗତ ) କି ଆଶ୍ଚର୍ଯ୍ୟ ! ଏହାର କଥାରେ ମୋର ଆପାଦ ମସ୍ତକ କମ୍ପି ଉଠିଲା କାହିଁକି ? ( ପ୍ରକାଶ୍ୟେ ) ଦୂତ ! ଫେଇଦିଅ ବନ୍ଧନ ଏହାର, ବସିବାକୁ ଦିଅ ଆସନ ମୋ ପାଶେ (ସୁଶୀଳପ୍ରତି) କହ ବତ୍ସ ! ତୋର ପିତାଙ୍କ ନାମ କଣ, ତୋର ନାମ କଣ ଏ କନ୍ୟାର ନାମ ଓ ତୋର ଭାଇଙ୍କର ନାମ ପ୍ରକାଶ କର ।

ସୁଶୀଳ— ଗୀତ

ବୀରସେନ ମୋର ତାତ ମାଳତୀ ତାର ନାମ ତ
ସୁଶୀଳ ମୁଁ ବୁଝ ନୃପ ସୁଧୀର ଅଟେ ମୋ ଭାଇ ॥

ମହାରାଜ ! ମୋ ପିତାଙ୍କ ନାମ ବୀରସେନ୍ ଏ କନ୍ୟାର ନାମ ମାଳତୀ । ଏ ହତଭାଗାର ନାମ ସୁଶୀଳ । ସୁଧୀର ମୋର ବୟୋଜ୍ୟେଷ୍ଠ ଅଟନ୍ତି ।

ସୁଧୀର—( ସୁଶୀଳକୁ କୋଳାଗ୍ରତ କରି ) ସୁଶୀଳ; ମୋର ପ୍ରାଣର ଭାଇ ସୁଶୀଳ । ମୁଁ ନ ଜାଣି ତୋଠାରେ ଏତେ ଦ୍ୱେଷ ବହିଲି । ଭାଇ ତୋର ଏ ସେହି ଜ୍ୟେଷ୍ଠ ଭାଇର ଦୋଷ କ୍ଷମା ଦେ ।

ଗୀତ

ଭାଇରେ ମୋ ଲାଗି କେତେ ସହିଲୁ କଷଣ ।
ଧନ୍ୟ ତୋର ଭ୍ରାତୃଭକ୍ତି, ଧନ୍ୟ ତୋ ଜୀବନରେ । ୧ ।
ସୌଭାଗ୍ୟ ଚନ୍ଦ୍ର ମୋ ଉଇଁଅଛି ଏତେଦିନେ ।
ଆନନ୍ଦ କରେ ବତ୍ସ ବାଳକୃଷ୍ଣ ଭଣେ । ୨ ।

ବତ୍ସ ! ଚାଲ, ଦୂତ ! ବଧୂଙ୍କୁ ମୋ ନେଇଯାଅ ଅନ୍ତଃପୁର ମଧ୍ୟେ ।

ସୁଶୀଳ ଭାଇ ! ତୁମ୍ଭଙ୍କୁ ଏ ଦଶା କିଏ ଦେଲା, କିପରି କଣ ହେଲା ମୋତେ କହନ୍ତୁ ।

ସୁଧୀର—ସୁଶୀଳରେ ! ପଣ୍ଡିତେ ମୋତେ କହିଲେ, ଆଜ ରାତ୍ର ପ୍ରଥମ ପ୍ରହରରେ ପିତାଙ୍କୁ ସର୍ପାଘାତ ହେବ, ତୁମ୍ଭେ ଏ ସମୟରେ ତତ୍ପର ହୁଅ । ଏ କଥା ଶୁଣି ଅଚଳମ୍ବେ ସଶସ୍ତ୍ରେ ପିତାଙ୍କ ଶୟନ ମନ୍ଦିରର ଚତୁଃପାର୍ଶ୍ୱ ରକ୍ଷାକରି ବୁଲୁଛି ।

ହଠାତ୍ ଜନନୀ ସର୍ବନାଶ ବୋଲି ଚତ୍କାର କରି ଉଠିଲେ। ତହୁଁ ମୁଁ ଶତ୍ରୁ ଆଶଙ୍କାରେ ଉନ୍ମୁକ୍ତ କରବାଳହସ୍ତେ କକ୍ଷମଧ୍ୟକୁ ପ୍ରବେଶ କରନ୍ତେ ଜନନୀ ମୋତେ ଦୋଷୀରେ ସାବ୍ୟସ୍ତ କରାଇ ଶୂଳି ନିମିତ୍ତ ଘାତୁକ ହସ୍ତେ ପିତାଙ୍କ ପରାମର୍ଶରେ ପଠାଇଲେ।

ସୁଶୀଳ—ଭାଇ ! ଆଉ ବୁଝିବାକୁ ଯିବା କଣ ? ପିତାଙ୍କର ଏଥିରେ ଅଣୁମାତ୍ର ଦୋଷ ନାହିଁ। ପଣ୍ଡିତ ଓ ଜନନୀଙ୍କଦ୍ୱାରା ଏ ଚକ୍ରାନ୍ତ ହୋଇଛି। ତେବେ ଗୁପ୍ତଭାବରେ ରାଜ୍ୟକୁ ଯାଇ ପିତାଙ୍କ ସନ୍ଦେଶ ବୁଝିବା ଦରକାର।

ସୁଧୀର—ହଁ, ଦୂତ ଯେଉଁ କୈବର୍ତ୍ତମାନେ ଏ ସ୍ତ୍ରୀକୁ ମୋତେ ଭେଟି ଦେଇଥିଲେ ସେମାନଙ୍କୁ ଡାକ। ସେମାନେ ସେମାନଙ୍କର ପୁରସ୍କାର ନେଇଯିବେ।

କୈବର୍ତ୍ତ—ମହାରାଜ ! ଯୁହାର, ଯୁହାର। ଆମ୍ଭର ବକସିସ୍ ମିଳଯାଉ।

ସୁଧୀର—ଭଣ୍ଡେ ଚଣ୍ଡାଳ ଏ କଏ, ଯେଉଁପରି ଆଣିଥିଲ ଏ କନ୍ୟାକୁ କାହିଁ; କଳ୍ପକର୍ମ ସମୁଚିତ ପ୍ରତିଫଳ ଭୋଗିବ ଏକ୍ଷଣି।

ଗୀତ

ଆରେ ରେ ମୂଢ଼ କୈବର୍ତ୍ତେ
ଭଲ କେଢ଼େ କାଣ୍ଡରେ,
ନିର୍ଦ୍ଦୋଷୀ ଭାଇରେ ମୋର
ଦେଲ ଏଡ଼େ ଦଣ୍ଡରେ। ଘୋଷା।
ବିଶ୍ୱାସଘାତକ କାର୍ଯ୍ୟ କରିଅଛରେ ନିର୍ଲଜ୍ଜ।
ଶ୍ମଶାନଭୂମିରେ ଆଜ ହେବ ଖଣ୍ଡ ଖଣ୍ଡରେ।୧।

ମୂର୍ଖ ! ତୁମ୍ଭେ ବିଶ୍ୱାସଘାତକ ହୋଇଛ, ତୁମ୍ଭକୁ ଶୂଳରେ ବସାଇବ।

କୈବର୍ତ୍ତେ—ମହାରାଜ ! ଆଉ ଏପରି କାର୍ଯ୍ୟ କେବେ କରିବୁ ନାହିଁ। ଆପଣ ମା ବାପ, ରକ୍ଷା କରନ୍ତୁ।

ସୁଧୀର— ଗୀତ

ତ ତ ମାସ କାରବାସ ଭୋଗ ପାପରେ ନୃଶଂସ,
ଅର୍ଜିଅଛ ମହାଦୋଷ ତୁମ୍ଭେ ତ ପାଷାଣ୍ଡରେ।୨।

ପାଷାଣ୍ଡେ ! ତୁମ୍ଭେମାନେ ତ ତ ମାସ ଲେଖାଏଁ କାରାଦଣ୍ଡ ଭୋଗ କରିବ।

---

## ଚତୁର୍ଥ ଦୃଶ୍ୟ

ରାଣୀ—(ସ୍ୱଗତ) ସୁଧୀର ତ ମୋତେ ମାତାଠାରୁ ଅଧିକ ଭକ୍ତି ଓ ସ୍ନେହ କରୁଥିଲା। ମୁଁ ପାପାଣ୍ଡୀ ତାଠାରେ ବୃଥା ହିଂସା କରି କପଟରେ ମରାଇଦେଲି ସତ, କିନ୍ତୁ ମୋର ଇଚ୍ଛା ତ ପୂରଣ ହେଲା ନାହିଁ। ମୋର ପୁତ୍ର ସିଂହାସନରେ ବସିବା ଦୂରେଥାଉ, ଆଖି ବୁଜି କରି ପାରୁନ। ମୁଁ ସିନା ପିଶାଚୀ, କିନ୍ତୁ ସୁଶୀଳ ମୋର ପୁତ୍ର ହେଲେ କଣ ହେଲା ସେ ପ୍ରକୃତରେ ସତ୍ ଓ ସରଳ ପ୍ରକୃତିର ବାଳକ। ତାର ଭାଇ ସୁଧୀରଠାରେ ଖୁବ ଭକ୍ତି। ସେ ଭାଇର ବିଚ୍ଛେଦ ସମ୍ବାଦ ଶୁଣି ରାଜ୍ୟ ତ୍ୟାଗ କରି କୁଆଡ଼େ ପଳାଇଗଲା। ମୁଁ ଏବେ କଣ କରିବି ? ରାଜା ତ ପୁତ୍ର ବିଚ୍ଛେଦରେ ପାଗଳ। ତହିଁରେ ଏ ଚତୁର୍ଥାବସ୍ଥା। ତେବେ ମୋର ଭବିଷ୍ୟତ୍ ଜୀବନଟା କିପରି କଟାଇବି ?

ଗୀତ

(କି ଦଶା ପଡ଼ିଲା ବୁଝେ)
କି ବୁଦ୍ଧି ମୁଁ କଲରେ କି ବୁଦ୍ଧି ମୁଁ କଲି।
ସାବତ ପୁଅ ମାରିଲି କି ଯଶ ଲଭିଲରେ। ପଦ।
ମୋର ପୁତ୍ରପାଇଁ ରାଜ୍ୟ ନେବାକୁ ହେଲି ଅଧୈର୍ଯ୍ୟ
ପୂର୍ଣ୍ଣ ନ ହେଲା ମୋ କାର୍ଯ୍ୟ
(ଶେଷେ) ମୋ ପୁତ୍ର ହାରିଲିରେ।
ଧିକ ମୋ ଅବଳା ଜନ୍ମ ନ ଜାଣିଲି ଧର୍ମାଧର୍ମ
ଶେଷେ ହେଲା କର୍ମ ବାମ ମରମେ ମରିଲିରେ।୧।

ମୁଁ ପାପାଣ୍ଡୀ ନାରୀ ହୋଇ ଏଡ଼େ ମନ୍ଦ କର୍ମ କଲି। ରାଜା ! ତୁମ୍ଭ ମୋର ବୁଦ୍ଧିରେ ପଡ଼ି କପଟ ରାକ୍ଷସବୃତ୍ତି ଆଚରଣ କଲ। ତୁ ରମଣୀର କଥାରେ ବିଶ୍ୱାସ କରି ତୋର ସ୍ନେହର ପୁତ୍ରକୁ ମରାଇ ଦେଲୁ। ତୁ ସୁକ୍ଷ୍ମ ହୋଇ ଏଡ଼େ ନିର୍ବୋଧ ହେଲୁ।

ରାଜା—ରାକ୍ଷସି ! ଏତେବାର ବୁଦ୍ଧି ହୋଇଛୁ । ତେବେ ସୁଧୀର ପ୍ରକୃତରେ ନିରପରାଧୀ ? କହ ପାଷାଣ୍ଡି ! ମୋର ପୁତ୍ରକୁ କାହିଁକି ମରାଇଲୁ ?

ରାଣୀ—ମୁଁ ମରାଇ ଦେଲି ନା ତୁମ୍ଭେ ମରାଇ ଦେଲ ? ତୁମ୍ଭେ ପିତା ହୋଇ ନାରୀର ଚକ୍ରାନ୍ତରେ ପଡ଼ି ଧର୍ମକର୍ମାଦି ବିବର୍ଜିତ ହୋଇ ନ ବୁଝି ନ ଶୁଝି ନିର୍ଦ୍ଦୋଷରେ ଦଣ୍ଡବିଧାନ କରିଛ ।

ରାଜା— ଗୀତ

( ଏ କୁଳ-କଳଙ୍କୀ—ବୃତ୍ତେ )

ଆରେ ଲେ ରାକ୍ଷସି । ମୋର ବଂଶ କଲୁ ଧ୍ୱଂସ ଲେ ।
ଆଜ ମୁଁ ସ୍ୱହସ୍ତେ ତୋତେ କରିବି ବିନାଶ ଲେ ।
ରାଜରାଣୀ ହୋଇ ମୂଢ଼ୀ (ହେଲୁ) ଏଡ଼େ ଅଲକ୍ଷଣୀ ଲେ ।
କେମନ୍ତେ ଆଶ୍ରା ଦେଉଛୁ, ତୋତେ ଏ ଧରଣୀ ଲେ ॥
କହ ପାଷାଣ୍ଡୀ ! କିଏ ପ୍ରକୃତ ଦୋଷୀ ?

ରାଣୀ—ମୁଁ ଏକା ନୁହେଁ; ତୁମ୍ଭେ ଓ ପଣ୍ଡିତ ।

ରାଜା—କିପରି ?

ରାଣୀ—ପଣ୍ଡିତ ଶିକ୍ଷାରେ ମୁଁ ପଡ଼ିଲି ଓ ମୋ ଶିକ୍ଷାରେ ତୁମ୍ଭେ ପଡ଼ିଲ ।

ରାଜା— ଦୂତ ! ଆଜ୍ଞା ଦିଅ ଘାତୁକେ ଆସି ତତକ୍ଷଣେ ଦେଇ ଆଜ୍ଞା ଶୁଣି ।

ଦୂତ—ଯେ ଆଜ୍ଞା ମହାରାଜ ! [ଦୂତର ପ୍ରସ୍ଥାନ]

---

## ପଞ୍ଚମ ଦୃଶ୍ୟ

( ଗ୍ରାମ )

ପ୍ରଥମ—କେଉଁ ମାଆଲୋ ! ଆମ ଗାଁ ଖବର ତୁ ଶୁଣ ।

ସ୍ତ୍ରୀ—କହନ୍ତି ଭଲ କିପ ହୋଇଛି, ନଗରେ ଲାଗିଛି ଧୂମ ॥

ପ୍ରଥମ—ରାଣୀ କପଟେ ପୁଅ ମାରିଛି, ରଜା ଆଜି ସେ କଥାକୁ ଧରିଛି ।

ସ୍ତ୍ରୀ—ଗଳ୍ପକଥା ତ ସେହିକି ଚଳିଣି ଆଜି କିଆଁ ରାଜା ଶୁଣ ॥

ପ୍ରଥମ—ଆରେ ଶେଷର ଯେବେ ଧରା ପଡ଼ିବ, ତାକୁ ଶାସ୍ତି କେ ନ ଦେଇ ଛାଡ଼ିବ ।

ସ୍ତ୍ରୀ—ହେଲେହିଁ ଶାସ୍ତି କି ନ ହେବହିଁ ବସୁଧାରା ଝୁମୁ ଝୁମୁ । ୧ ।

ପ୍ରଥମ—ତୁ ରାଣୀଙ୍କ ତରଫ ଧରୁଛୁ ଶାଳୀ ( ମୋ ) ସଙ୍ଗେ ଜୁଆଲ ସୁଆଲ କରୁଛୁ ।

ସ୍ତ୍ରୀ—ମୁହିଁ ତୁଣ୍ଡରୁ ଥଟ୍ଟା କରୁଛୁ ବସାଇବି ଦୁମ୍‌ଦୁମ୍ ।୨।

---

## ଷଷ୍ଠ ଦୃଶ୍ୟ

ରାଜା—ପଣ୍ଡିତ ! ତୁହି ମୋର ବଂଶ ଧ୍ୱଂସ କଲୁ ।

ପଣ୍ଡିତ—ଆଜ୍ଞା ନା, ମୁଁ ନୁହେଁ ।

ରାଜା—ତୁ ରାଣୀକୁ କୁମନ୍ତ୍ରଣା ଦେଇ ମୋର ପୁତ୍ରକୁ ମରାଇ ଦେଲୁ ଘାତୁକ ! ପଣ୍ଡିତଙ୍କୁ ଆଗେ ଶୂଳ ଦେବୁ, ତହିଁପରେ ରାଣୀଙ୍କୁ ଓ ଶେଷରେ ମୋତେ ଶୂଳ ଦେବୁ ।

ଘାତୁକ—କ୍ଷମା କର ମହାରାଜ ! ଅକଣ୍ଟକଜନେ କି ନିମିତ୍ତ କଠୋର ଆଦେଶ । ସତ୍ୟ ସତ୍ୟ ଏହି ଗିର ନ ମାରି ମୁଁ ସୁଧୀର କୁମରେ, ଦେଖାଇଛୁ ଆଣି ମୃଗ ପକ୍ଷୀର ରୁଧିର ।

ରାଜା—କାହିଁ ତେବେ ସୁଶୀଳ ମୋହର ?

ଘାତୁକ—ଯାଇଛନ୍ତି କାହିଁ ଭ୍ରାତା ଅନ୍ୱେଷଣେ ।

ରାଜା—ଘାତୁକ ! ତୁ କଣ ମୋତେ ଏଡ଼େ ପାଗଳ ବୋଲି ଜ୍ଞାନ କଲୁ ? କଥାରେ ଭୁଲାଇବାକୁ ବସିଛୁ । ଛାଡ଼ ସେ ସବୁ । ଶୀଘ୍ର ସ୍ୱକାର୍ଯ୍ୟ ତୁଅରେ ପ୍ରବୃତ୍ତ । (ଘାତୁକ ପଣ୍ଡିତଙ୍କୁ ଧରିବାରୁ ପଣ୍ଡିତ ଥରହରେ ଚିତ୍କାର । ସୁଧୀର ଓ ସୁଶୀଳର ପ୍ରବେଶ)

ସୁଧୀର—କ୍ଷାନ୍ତ ହୁଅ ଘାତୁକ ! ବ୍ରାହ୍ମଣରେ କିମ୍ପା ଦେଉ ଏଡ଼େ ଦଣ୍ଡ, କାହାର ଆଦେଶେ ନରହତ୍ୟା କରୁରେ ପାଷଣ୍ଡ ?

ଘାତୁକ—ମୋର ପ୍ରଭୁର ଆଦେଶେ ।

ସୁଧୀର—କାହାନ୍ତି—ସେ ପ୍ରଭୁ କେଉଁଠାରେ ?

ଘାତୁକ—ଉପସ୍ଥିତ ତୁମ୍ଭ ସମ୍ମୁଖେ ମୋହର ?

ସୁଧୀର—(ଦେଖିପଡ଼ି) କିଏ ଏହି ତୋର ପ୍ରଭୁ; ମହାରାଜ ! ଆସ୍ତ ବାକ୍ୟେ କ୍ଷମାଦିଅ ବ୍ରାହ୍ମଣକୁ ଆଜ । ପ୍ରାଣଦଣ୍ଡ ବିନା ଅନ୍ୟ ଶାସ୍ତି ଦେଇପାର ତୁମ୍ଭେ ।

ରାଜା—ଅନ୍ୟ ଶାସ୍ତି, ପାଷାଣ୍ଡେ କିଏ ତୁମ୍ଭେ ? ମୋର ରାଜ୍ୟେ ପଶି ମୋ ଆଦେଶେ ବାଧା । ଘାତୁକ ! କର ସ୍ୱକାର୍ଯ୍ୟ ସାଧନ ।

ସୁଧୀର—ସାବଧାନ ଘାତୁକ ! ସାବଧାନ ! ଅଧର୍ମୀ
ତୋ ରଜା, ବୃଦ୍ଧବୟସେ କରୁଅଛୁ ବ୍ରହ୍ମହତ୍ୟା
ପାପ । ଆଉ କଣ ଶାସ୍ତି କ ନ ମିଳଲା ତାଙ୍କୁ ।

ରଜା—ଘାତୁକ ! ଦିଅ ତୋର ତରବାରି, ନିଜେ
ନିଜେ କରିବି ସେ କାର୍ଯ୍ୟ ସମାଧାନ । କିଏ ଦେବ
ବାଧା ଦେଖିବି ଏକ୍ଷଣି ।
(ଘାତୁକ ତରବାରି ଦେବା ସମୟରେ ସୁଧୀର
ତରବାରି ଛଡ଼ାଇ ନେବା)

ସୁଧୀର—ନା, ବ୍ରାହ୍ମଣଙ୍କୁ ଶୂଳି ଦେଇ ନ ପାର ।

ରଜା— ଗୀତ
(ନୃତ୍ୟେ ଏ ମାନସ—ବୃତ୍ତି)

ମେଞ୍ଚଡ଼ ଟୋକା ଦଣ୍ଡ
କର କେତେ କାଣ୍ଡରେ
ମୋର ପ୍ରତିଜ୍ଞାରେ ବାଧା
ଦେଉଛ ପାଷାଣ୍ଡରେ ।୧।
ମୋର ବଂଶ ଏ ବ୍ରାହ୍ମଣ
କରିଅଛି ବିନାଶନ
ସେ ଲାଗି ଆଜ ମୁଁ ଜାଣ
କାଟୁଛି ତା ମୁଣ୍ଡରେ । ୨ ।
ବ୍ରାହ୍ମଣ ପକ୍ଷେ ମୋ ରାଣୀ
ପକାଇବ ଏବେ ହାଣି
ଏ ପାଷାଣ୍ଡୀ ଅଲକ୍ଷଣୀ
ଅର୍ଜିଛି ସେ ଦଣ୍ଡରେ । ୩ ।
ସବୁ ଶେଷେ ମୋର ପ୍ରାଣ
କରିବି ମୁଁ ବିସର୍ଜନ
ଶୀଘ୍ର ଦିଅ ମୋ କୃପାଣ
ହୁରିସ୍କର ଖଣ୍ଡରେ । ୪ ।

ଶୀଘ୍ର ତରବାରି ମୂର୍ଖ । ଏ ପାଷଣ୍ଡ ପାଷାଣ୍ଡୀଙ୍କ
ଯୋଗୁଁ ବୀରସେନ ରଜପୁତ ଆଜ ଶ୍ମଶାନରେ ପରିଣତ
ହୋଇଅଛି ?

ସୁଧୀର - ତେବେ କି ନିମିତ୍ତ ଆପଣ ନିଜ ପ୍ରାଣ ନାଶ
କରିବେ ?

ରଜା—ଏହି ପଣ୍ଡିତ ପ୍ରବଞ୍ଚନାରେ ଏ ପାଷଣ୍ଡୀ
ତାହାର ମୋହନୀ ମାୟାଜାଲରେ ମୋତେ ଭୁଲାଇ
ମୋଦ୍ୱାରା ଜ୍ୟେଷ୍ଠପୁତ୍ର ସୁଧୀରର ବିନାଶ ସାଧନ
କରାଇଛି । ପୁଣି କନିଷ୍ଠ ସୁଶୀଳ ବାଳକ ହେଲେ
କଣ ହେବ ସେ ବି ମଧ୍ୟ ମୋର ଅବିଚାରର
ସହ୍ୟ କରି ନ ପାରି ଭ୍ରାତାନ୍ୱେଷଣେ ଯାଇଛି ।
ଆଉ କି ନିମିତ୍ତ ଏ ପୋଡ଼ାପ୍ରାଣ ରଖିବି ? ମୋର
ଜ୍ୟେଷ୍ଠ ସୁଧୀର ଯାଇଛି, କନିଷ୍ଠ ସୁଶୀଳ ଯାଇଛି,
ଆଜ ମୁଁ ବି ମଧ୍ୟ ଯିବି । ମୋତେ ବାଧା ଦିଅନା !
(ସୁଧୀର ଓ ସୁଶୀଳ ପଦତଳେ ପଡ଼ି) ପିତଃ,
କ୍ଷମାକର ଅଧମ ସନ୍ତାନେ ତବ, କୃପାଶିଷ ଦେଇ
ନ ମରି ବଞ୍ଚିଲୁ ଭାବନେ ।

(ଗୀତ)
( ଭାଇ ମୁହିଁ ମରିନାହିଁ ପ୍ରାଣେ – ବୃତ୍ତି)

କ୍ଷମାକର ଘୋର ଅପରାଧ
ଅତିସୁଖେ ଗଲା ଦିନ କାଟିଛୁ ଦିବା ରଜନୀ
ନ କର ବୃଥା ଗ୍ଲାନି କେଣି ହେବ ହେବେ ପ୍ରମାଦ ।୧।
କର୍ମର ଲେଖା ଆମର କେ ଖଣ୍ଡିବ ସାଧ୍ୟ କାର
ସୁଖ ଦୁଃଖ ପରେ ହରି ବାଳକବୃନ୍ଦ ଯୋଡ଼େ ପଦ ।

ପିତଃ ! ଆମର କିଛି ଅନିଷ୍ଟ ଘଟି ନାହିଁ, ଯାହା
ଦୁଃଖ ସହ୍ୟ କରିବାକୁ ଥିଲା ତାହା ଶେଷ ହୋଇ
ଯାଇଛି । ମୁଁ ବର୍ତ୍ତମାନ ବିଜୟଗଡ଼ର ଅଧୀଶ୍ୱର ।
ଆପଣ ସୁଶୀଳଙ୍କୁ ସିଂହାସନ ଦେଇ ଆପଣଙ୍କ ମନୋବାଞ୍ଛା
ପୂର୍ଣ୍ଣ କରନ୍ତୁ । (ମାତାପ୍ରତି) ଜନନୀ ! ଚିନ୍ତା ଶୋଚନା
ନାସ୍ତି । ପୂର୍ବ କଥା ଆଉ ମନରେ ଧରନ୍ତୁ ନାହିଁ, ତାହା
ଦୈବଲୀଳା ମାତ୍ର ।

( ପଣ୍ଡିତ ପ୍ରତି ) ପଣ୍ଡିତେ ! ସେଥିରେ କୌଣସି
ଚିନ୍ତା ନାହିଁ । ତାହା ଆମ୍ଭମାନଙ୍କର ଅଦୃଷ୍ଟର ଲେଖା ।

ରଜା—ସୁଧୀର ! ସୁଶୀଳ ! ଏହା ମୋ ଭାଗ୍ୟରେ
ଘଟିବ ବୋଲି ମୁଁ ବିଶ୍ୱାସ କରି ନ ଥିଲି । ଚାଲ,
ଚାଲ ବତ୍ସ !

# ବସନ୍ତ ମଲ୍ଲୀକା ଗୀତାଭିନୟ

# ବସନ୍ତ–ମଲ୍ଲୀକା

## ଗୀତାଭିନୟ

### ପ୍ରଥମ ଅଭିନୟ

#### ପ୍ରଥମ ଦୃଶ୍ୟ

(ଦୁର୍ଜ୍ଜୟ ସିଂହ, ଗଫୁର ଖାଁ, କରିମ ଖାଁ, ଦୂତ
(ସଭାବର୍ଗ ଓ ବାଦ୍ୟବନ୍ତ)

ଦୁର୍ଜ୍ଜୟ—ଗଫୁର ଖାଁ, ପ୍ରତାପ ସିଂହ ତାର ପ୍ରିୟପତ୍ନୀଙ୍କୁ ଘେନି ରାଜଗଡ଼ ପରିତ୍ୟାଗ କରିଅଛି, ଯଦି ଅନ୍ୟ କୌଣସି ସ୍ଥାନର ସାହାଯ୍ୟ ନେଇ ପୁନର୍ବ୍ବାର ମୋ ସହିତ ଯୁଦ୍ଧୋଦ୍ୟୋଗ କରେ ତେବେ ମୋର ଗତି କଣ ?

ଗଫୁର—ହଜୁର ଖୋଦାବନ୍ଦ ! ଆପ୍ ଏସା ହୋନେକା ଖବର କ୍ୟା ଆପ୍‌କୋ ସମଝେ ହୋ ଯୋ ପ୍ରତାପ ସିଂହ ଫିରକେ ଆକର ଆପକା ସାଥ୍ ଲଢ଼ାଇ କରେଗା ହାତ ସେ ବାଦଶାହ୍ ଛୁଟ୍‌ଗୟା ଉସ ଲଡ଼ାଇର ଜନଦଗୀ ବରବାଦ କରଦିଆ । ହୋଗା ମାଲୁମ ଲେକିନ ଲଡ଼ାଇ କର ନେଇ କରେଗା ଆପ୍‌କେ ଫୌଜର ସନ୍ଧ ଏ । ବୋଲତାହେ ଜା ଆପଦ ପଡ଼ନେ ସେ ବନ୍ଧା ତୟାର ହଏ । ଗଫୁର ଖାଁକୁ ଏସା ନବାବ କରକେ ନ ସମଝନା । ବନ୍ଦା ଆପକା ହୁକୁମସେ ପ୍ରତାପ ସିଂହ ଜୈସା ଲଡ଼କା ଆଉର ଜନାନକା ଶିର କାଟକେ ଆପକା କଦମମେ ଚଢ଼ା ଦେନେ ଶକତ ହଏ ।

ଦୁର୍ଜ୍ଜୟ—ଗଫୁର ଖାଁ ! ତୁମ୍ଭେ ମୋର ଦକ୍ଷିଣ ହସ୍ତ ଓ କରିମ ଖାଁ ବାମହସ୍ତ । ତୁମ୍ଭମାନଙ୍କ ପ୍ରସାଦରୁ ଆଜ ପ୍ରତାପସିଂହଙ୍କୁ ତଡ଼ି ଜୟଗଡ଼ ରାଜସିଂହାସନାଧିକାରୀ ହୋଇଛି । ତୁମ୍ଭମାନଙ୍କର ଉପକାର ପ୍ରତିକାର ମୁଁ କଣ୍ଟ କରିପାରିବ ନାହିଁ । ଆସ ଗଫୁର ଖାଁ ତୁମ୍ଭ ହସ୍ତରେ ଏ ତରବାରି ଅର୍ପଣ କରି ଆଜି ସେନାପତି ପଦରେ ନିଯୁକ୍ତ କଲି, ଆଉ କରିମ ଖାଁକୁ ମଧ୍ୟ ତୁମ୍ଭର ସହକାରୀ ସେନାପତିରେ ନିଯୁକ୍ତ କଲି ।

(ତରବାରି ପ୍ରଦାନ, ଗଫୁର ଖାଁ ଓ କରିମ ଖାଁ ନତ ମସ୍ତକରେ ତରବାରି ଗ୍ରହଣ କରି ।)

ସଭାସ୍ଥେ—ଜୟ ମହାରାଜ ଶ୍ରୀ ଦୁର୍ଜ୍ଜୟ ସିଂହ କି ଜୟ ।

ଦୁର୍ଜ୍ଜୟ—ଆଜ୍ଞା ସେନାପତେ ! ମୁଁ ସିଂହାସନ ଅଧିକାର କରିବା ଦ୍ୱାରା ପ୍ରଜାମାନଙ୍କର ମତାମତ କଣ ?

କରିମ—ଜନ ଲୋଗୋସେ ବାତ୍ କ୍ୟା ଆପକୋ ଜିସ୍‌କୁ ରଜା ବୋଲକେ ସ୍ୱୀକାର କରଲେଙ୍ଗେ ଜନ ଲୋକ ଯୋ ଇସ୍‌କୁ ନାହିଁ ଇନ୍ତଯାର କରେଙ୍ଗେ ଉନକା ଦମାକ ଦେଖନା ।

ଗଫୁର—ଯାହାଁପନା । ସବତୋର ଆପକା ଇନ୍ତଯାରକୁ ବେଗାର କରେ ତୋ ଉନକୁ ସାଫ ବନାଏଙ୍ଗେ ।

କରିମ—ହାଁ ହଜରତ ! ଯୋ ତୋର ବେଇମାନ ଆଉର ବଦମାସ ନକାଲେଗା ଉନ ଲୋକକୁ ଥୋଡ଼ା କଡ଼ିତ ଦେଖରସେ ଅନ୍ତାବନା ଦେଗା ।

(ଦୂତର ପ୍ରବେଶ ଓ ଅଭିବାଦନ)

ଦୁର୍ଜ୍ଜୟ—କହ ଦୂତ ! ଯାଇଥିଲୁ ନଗ୍ର ପର୍ଯ୍ୟଟନେ, କି ସନ୍ଦେଶ ପାଇଅଛୁ ପ୍ରଜାଙ୍କର ତହିଁ ?

ଦୂତ—ମହାବାହୁ ! ତୁମ ମନ୍ତ୍ରୀ ବଦ୍ୟାବନ୍ତଙ୍କ ଉତ୍ତେଜନାରେ ପ୍ରଜାମାନେ ରାଜ୍ୟ ଛାଡ଼ି ସ୍ଥାନାନ୍ତରକୁ ପଳାଇ ଯାଉଛନ୍ତି ।

ଦୁର୍ଜୟ—ମନ୍ତ୍ରୀଙ୍କ ଉତ୍ତେଜନା । ସେନାପତେ, ତେବେ ମୁଁ ଜଣ ପ୍ରଜାଶୂନ୍ୟ ରାଜ୍ୟ ଅଧିକାର କଲି ।

ଗଫୁର—ଆପ ସବର୍ କି ଯିଏ । ହାମ୍ ଉସ୍‌କା ବନ୍ଦୋବସ୍ତ କର ଦେତେ । ଆଇଏ କରିମ ଖାଁ, ମେରସାଥ ଚଲିଏ ।

(ପ୍ରସ୍ଥାନ)

ଦୁର୍ଜୟ—(ସ୍ୱଗତ) ପୁଣି ଏକ ବ୍ୟାଘାତ ଉପସ୍ଥିତ, ଦେଖାଯାଉ ଯେଉଁ ଦୁର୍ଜୟ ସିଂହ ପ୍ରତାପ ସିଂହଙ୍କୁ ଏକ ମୁହୂର୍ତ୍ତ ମଧ୍ୟରେ ସିଂହାସନରୁ ଚ୍ୟୁତ କରାଇ ଦେଇଛି, ଯେଉଁ ଦୁର୍ଜୟ ସିଂହର ଗଫୁର, କରିମ, ଦୁଇ ବଶମ୍ବଦ ସେନାପତି ବିଦ୍ୟମାନ, ତାର କବଳରୁ ସେ ଶୁଷ୍କଚର୍ମ, ଗଳିତ ବୃଦ୍ଧମନ୍ତ୍ରୀ ଜଣକ ବଞ୍ଚାଇଯିବ, ଅସମ୍ଭବ ।

(ନେପଥ୍ୟକୁ ଚାହିଁ) ହେଇ ଗଫୁର ଖାଁ ପେଁଚିଲି ପରି ।

(ମନ୍ତ୍ରୀ ଇତ୍ୟାଦି ପ୍ରଜାଗଣଙ୍କୁ ବନ୍ଧନ କରି ଗଫୁର କରିମ ଖାଁ ପ୍ରବେଶ)

ଦୁର୍ଜୟ—କି ମନ୍ତ୍ରୀ ମହାଶୟ ! ପ୍ରଜାମାନଙ୍କୁ ରାଜ୍ୟର ବିପକ୍ଷରେ କୁମନ୍ତ୍ରଣା ଦେଇ ଉତ୍ତେଜିତ କରିବା ବିଦ୍ରୋହୀର ଚିହ୍ନ, ତେବେ ତୁମ୍ଭ ଭଳି ବୟୋବୃଦ୍ଧ ଓ ବିଜ୍ଞଲୋକ ପକ୍ଷରେ ଏପରି ରାଜବିଦ୍ରୋହାଚରଣର ଉଦ୍ଦେଶ୍ୟ ?

ବିଦ୍ୟାବନ୍ତ—ଦୁର୍ଜୟସିଂହ ! ତୁମ୍ଭରେ ଯେଉଁ କଥା ସ୍ୱତଃ ଉଚ୍ଚାରିତ କଲ୍ ସେଥିରେ ଉଦ୍ଭାବନ କର୍ତ୍ତା କିଏ ? ମୁଁ ନା ତୁ ?

ଦୁର୍ଜୟ—ମୁଁ ରାଜବିଦ୍ରୋହୀ କିପରି ?

ବିଦ୍ୟାବନ୍ତ—ଯେଉଁ ଧାର୍ମିକପ୍ରବର ରାଜଚକ୍ରବର୍ତ୍ତୀଙ୍କ ଅନ୍ନରେ ତୁମ୍ଭର ସପ୍ତ ପୁରୁଷ ଓ ପିତୃପିତାମହ ପ୍ରତିପାଳିତ, ଯେଉଁ ନ୍ୟାୟପରାୟଣ ପ୍ରଜାବତ୍ସଳ ରାଜାଙ୍କ ଅମଳରେ ଦୈନିକ ଲକ୍ଷ ଲକ୍ଷ ଅତିଥି ଅଭ୍ୟାଗତଙ୍କୁ ଅନ୍ନବସ୍ତ୍ର ଦାନ ହେଉଥିଲା, ଯେଉଁ ଭକ୍ତିଚନ୍ଦ୍ରଙ୍କ ରାଜ୍ୟରେ ବିନା ଜୁଲମରେ ପ୍ରଜାମାନେ ସ୍ୱୀୟ ରାଜସ୍ୱ ଯଥାସମୟରେ ଦେବାକୁ କୁଣ୍ଠାବୋଧ କରୁ ନ ଥିଲେ, ତୁ ସେହି ପୁଣ୍ୟାତ୍ମା ପ୍ରତାପ ସିଂହଙ୍କୁ ରାଜ୍ୟଚ୍ୟୁତ କରାଇ ଅରାଷ୍ଟ କରି ରାଜଗଡ଼ରୁ ବିତାଡ଼ିତ କରିଦେଇଛୁ । ଅନୁମାନ କର, ପ୍ରକୃତ କିଏ ବିଦ୍ରୋହୀ, କିଏ ନୃଶଂସ, କିଏ ନିମକହାରାମ ।

ଦୁର୍ଜୟ—ମନ୍ତ୍ରୀ ! ଆଉ ସେଦିନର କଥା । ବା, ସେ ଅଧିକାର ନାହିଁ ବର୍ତ୍ତମାନ ତୁମ୍ଭେ ମୋ ବନ୍ଦୀ । ପୁଣି ମୁଁ ରାଜେନ୍ଦ୍ରାସନରେ ତୁମ୍ଭେ କେଉଁ ବଳରେ ଓ କି ସାହସରେ ଏପରି ତାଚ୍ଛଲ୍ୟ ବାକ୍ୟ ପ୍ରୟୋଗ କରୁଛ ?

ବିଦ୍ୟାବନ୍ତ—ଆଉ କାହା ବଳରେ, ତୁହି ନାହିଁ ସେନାପତେ । ଯାହା ବଳରେ, ଯାହା ଅନ୍ନରେ ସାମାନ୍ୟ ଶୃଗାଳ କେଶରୀ ଶିଖାର ସିଂହାସନରେ ଉପବିଷ୍ଟ; ଯାହା ଉଚ୍ଛିଷ୍ଟ ଦ୍ୱାରା ପ୍ରତିପାଳିତ କୁକୁର ବର୍ତ୍ତମାନ ପ୍ରଭୁତାରେ ବେମାନ ପ୍ରକୃତ ଦୁର୍ଜୟ ସିଂହ । ସେହି ଅନ୍ନ ବଳରେ ଆଜ ମନ୍ତ୍ରୀ ବିଦ୍ୟାବନ୍ତର ଏ ସାହସ ।

ଦୁର୍ଜୟ—ସାବଧାନ ବିଦ୍ୟାବନ୍ତ ସାବଧାନ ! ମୋତେ କଣ କରି ମନେକରିଛ, ଇଚ୍ଛା କଲେ ଇଙ୍ଗିତେ ତୁମ୍ଭପରି ସହସ୍ର, ସହସ୍ର ଲୋକଙ୍କ ମସ୍ତକରେ ପଦାଘାତ କରିପାରେ ।

ବିଦ୍ୟାବନ୍ତ—ଦୁର୍ଜୟ ସିଂହ । ତା କରିପାରୁ, ତହିଁରେ ମୋର ତିଳେମାତ୍ର ଆପତ୍ତି ନାହିଁ ।

ଦୁର୍ଜୟ—ତୁମ୍ଭର ଏ ସାହସ, ତୁମ୍ଭର ଏ ଦାମ୍ଭିକପଣିଆ ଅଚିରେ ଚୂର୍ଣ୍ଣ କରିଦେବି । ଗଫୁର ଖାଁ, ଏ ମୂର୍ଖର ପ୍ରବଞ୍ଚନାରେ ରାଜ୍ୟ ଶାସନରେ ନିଶ୍ଚୟ ବିଶୃଙ୍ଖଳା ଘଟି ପାରିବ ! ନିଅ ଏ ପାଷାଣ୍ଡକୁ କାରାଗାରରେ ରଖ । ଆଉ ସନ୍ଧାନ କର ପ୍ରତାପ ସିଂହ ତାର ସ୍ତ୍ରୀ ପୁଅଙ୍କୁ ଘେନି କେଉଁଆଡ଼େ ଯାଇଛି ଖବର ପଠାଇ ସେମାନଙ୍କୁ; ଗିରଫ କର ।

ଗଫୁର—ଜି; ଖୋଦାବନ୍ଦ ! (କରିମ ଖାଁ ପ୍ରତି) କରିମ ଖାଁ ! ଏ ପ୍ରଜାଲୋକୋକା ମିଜାଜ ଠିକ୍ କରଲେ । ହାମ୍ ଇସ୍‌କୁ ଲେକର ଯାତା ହୁଁ ।

(ମନ୍ତ୍ରୀଙ୍କୁ ଘେନି ପ୍ରସ୍ଥାନ)

(ପ୍ରଜାଗଣଙ୍କୁ ଛେଡ଼ିଯାଇ)

କରିମ୍—କେଉଁଠିରେ ବଦମାସ । କ୍ୟା ଶୋରଚଡ ହୋ ।
(ପ୍ରହାର)

ପ୍ରଜାଗଣ—ହଜୁର୍ ମା ବାପ ।

ଦୁର୍ଜୟ—କରିମ ଖାଁ । ଇନ୍ ଲୋକକୁ ଛୋଡ଼ ଦୋ । ଫିରଭି ଯବ ଏସି କାମ କରଙ୍ଗେ ତବ ଦେଖ-ଲେଗା, ତୁମଲୋକ ଯାକେ ପ୍ରତାପ ସିଂହକା ଖବର ଲେ ।

କରିମ—ହଜୁର୍ ଜାହାପନା ।

---

## ଦ୍ୱିତୀୟ ଦୃଶ୍ୟ

(ପ୍ରତାପସିଂହ, ଅନ୍ନପୂର୍ଣ୍ଣା ଓ ବସନ୍ତ)

ଅନ୍ନପୂର୍ଣ୍ଣା—ବାପରେ ! ଆମ୍ଭମାନଙ୍କ ପରି ହତଭାଗ୍ୟ କୋଳରେ ତୋତେ ବିଧାତା କାହିଁକି ଜନ୍ମ ଦେଇଥିଲା । ଦୁଇଦିନ ଉପବାସ, ତହିଁରେ ପୁଣି ପଥଶ୍ରାନ୍ତ ବାଧା ବାପ ! ତୋର ଏ କୋମଳ ପଦ ବ୍ୟଥା କରୁଥିବଣି ।

ବସନ୍ତ—ମା ! ମୋର ତ ପିଲା ବୟସ ମୋତେ କିଛି ବାଧା ଲାଗୁ ନାହିଁ । କିନ୍ତୁ ତୁମ୍ଭର ଓ ପିତାଙ୍କର ବିଷଣ୍ଣ ବଦନ ଦେଖି ମୋ ପ୍ରାଣ ଅଧୈର୍ଯ୍ୟ ହୋଇପଡ଼ୁଛି । ମା ! ମୋତେ ଅନୁମତି ଦିଅ ମୁଁ ଏହି ଜଙ୍ଗଲରୁ କିଛି ଖାଦ୍ୟ ଦ୍ରବ୍ୟ ସଂଗ୍ରହ କରି ଆଣିବି ।

ପ୍ରତାପ ବାପରେ ! ତୋତେ ଦେଖି ଆମ୍ଭର ସମସ୍ତ କ୍ଷୁଧା ବାଧା ହରଣ ହୋଇଯାଉଛି, ତୋତେ ଏକାକୀ କେଉଁଠାକୁ ଛାଡ଼ିଦେଇ ନିଶ୍ଚିନ୍ତ ହୋଇ ବସିବୁ, ତୁ ହେଲେ ମାଆଙ୍କ ନିକଟରେ ଥା ମୁଁ ଅନୁସନ୍ଧାନ କରେ । କେଉଁଠି କାଳେ କିଛି ମିଳିବ ।

ବସନ୍ତ—ନା ପିତା ! ଆପଣଙ୍କର ଖୋଜି ବୁଲିବାର ଶକ୍ତି ନାହିଁ । ରାତିସାରା ବସି ବସି ଆସୁଛନ୍ତି, ତାପରେ ପୁଣି ପଦ୍ଭ୍ରମ୍ନ, ଆପଣ ଯାଇ ପାରିବେ ନାହିଁ । ମୁଁ ଏହି ସନ୍ନିକଟରେ ଦେଖେ କେଉଁଠି କାଳେ ଗାଁ ଗ୍ରାମ ଥିବ, ଯାଇ କିଛି ମାଗି ଯାଚି ଆଣିବି । ମୋତେ ଅନୁମତି ଦିଅ ।

ଅନ୍ନପୂର୍ଣ୍ଣା— ଗୀତ

(ଧୀରେ ବେନ ଏ ଉତ୍ତରରେ—ବୃତ୍ତେ)

ଆହାରେ ଦରିଦ୍ର ଧନ
କେମନ୍ତେ ତୋତେ ମୁଁ ପେଷିବି ବନ
ରଙ୍କ ନନ୍ଦରେ
ମନ ହୁଏ ମୋର ଛନ ଛନ । ୧ ।
ଗଲେ ତୁ ଜଙ୍ଘା-ଭଜନ
ଦକ ଦକ ସଦା ହୁଏ ମୋ ମନ
ରଙ୍କ ନନ୍ଦରେ ।
ପିଣ୍ଡେ ନ ଥାଏ ମୋର ଜୀବନ । ୨ ।
ଫଟା କପାଳକୁ ଜାଣ,
ଦଇଁ ଦେବତା ହେଲେଣି ପାଷାଣ
ରଙ୍କ ନନ୍ଦରେ ।
ସାହା ନାହିଁ ଏକଇ ଜଣେ ଆନ । ୩ ।
ଯୋଡ଼ିଯାଉ ଆମ୍ଭ ପେଟ
ତୋର ଆଗେ ଛୁଟି ଯାଉ ଏ ଘଟ
ରଙ୍କ ନନ୍ଦରେ !
ଆଜ ପବନ କରନ୍ତୁ ନେଶ ।

ବାପରେ ! ଧନରେ । କ୍ଷୁଧାରେ ପଡ଼ିଛ ପ୍ରାଣ ବାହାରି ଯିବ କିନ୍ତୁ ତୋତେ ଏ ଘୋର ଜଙ୍ଗଲକୁ ଛାଡ଼ି କପରି ପ୍ରାଣ ଧରି ରହିବି ।

ବସନ୍ତ— ଗୀତ

(ଭୂଇରେ କାହିଁକି ମୋର ଲାଗି—ବୃତ୍ତେ)

ଆଉ କାନ୍ଦିବ ନାହିଁ କର ମୋତେ ମନ୍ଦା
ଯାହାଥିବ କର୍ମେ     ଭୋଗିବଃ ଦନେ
(ତାକୁ ) ଭଜିବା ସାଧ ଅଛୁଟି କାହା । ୧ ।
ବିପଦେ କାତର     ହେବା ଅସୁନ୍ଦର
ପ୍ରାଣ ପଣେ ଆନେ୍ନ ଲୋଡ଼ିବା ସ୍ୱିହା । ୨ ।
ନ କର ଭାବେଣି     ଆସିବ ଏବେଣି
(ମୋର) ଜନନୀଣ ନଷ୍ଟେ ହୋଇବେ ସାହା । ୩ ।

ମା ! ବୁଲନ୍ତୁ, ଆପଣ ଏହି ପଲ୍ଲବର ତର ବୃକ୍ଷ ମୂଳରେ ଟିକିଏ ବସିବେ, ମୁଁ ଏହି ଅଳ୍ପ ସମୟ ମଧ୍ୟରେ ଫେରି ଆସିବି ।

ଅନ୍ନପୂର୍ଣ୍ଣା ଯାଅ ବାପ ! ଖାଦ୍ୟ ଦ୍ରବ୍ୟ ପାଅ ବା ନ ପାଅ ଏହି ଜଙ୍ଗଲ ମଧ୍ୟରେ ଫେରି ଆସିବୁ । ଚାଲ ନାଥ ! ଏହି ବୃକ୍ଷ ମୂଳରେ ଟିକିଏ ବିଶ୍ରାମ ନେବା ।

( ପ୍ରସ୍ଥାନ )

—*—

## ତୃତୀୟ ଦୃଶ୍ୟ

( କମଳା ଓ ମାୟା ତପସ୍ୱୀ )

କମଳା (ସ୍ୱଗତ) ଦୁର୍ଜ୍ଜୟ ସିଂହ । ତୁ କି ସାହସରେ ଏପରି ଲେଖିଛୁ ତୋର ମତି କିଣ ଏତେ ବିଭ୍ରମ ହୋଇଯାଇଛି । ତୁ ଶୈଶବକାଳରୁ ପିତୃ, ମାତୃହୀନ ହୋଇ କାହିଁ ଅରକ୍ଷ ହୋଇ ବୁଲୁଥାଉ, କାହିଁ ଭିକ୍ଷା ଅନ୍ନରେ ଜୀବନଯାପନ କରୁଥାଉ କିନ୍ତୁ ମୋର ସ୍ୱାମୀଙ୍କ ଯୋଗେ ଜନ ସମାଜରେ ତୁ ମନୁଷ୍ୟ ପଦବାଚ୍ୟ ହେଲୁ । ମୋ ସ୍ୱାମୀଙ୍କ ସାହାଯ୍ୟରେ ପ୍ରତାପ ସିଂହଙ୍କ ଦରବାରରେ ସେନାପତି କାର୍ଯ୍ୟରେ ନିଯୁକ୍ତ ହେଲୁ । ବର୍ତ୍ତମାନ ତୋତେ କି ବିପକ୍ଷ ବୁଦ୍ଧି ଘଟିଲା, ତୁ ତୋର ଅନ୍ନଦାତା ରାଜା ପ୍ରତାପସିଂହଙ୍କ ସଙ୍ଗେ ଯୁଦ୍ଧକରି ତାଙ୍କୁ ରାଜ୍ୟଚ୍ୟୁତ କରିଲୁ । ମୋର ସ୍ୱାମୀଙ୍କୁ ବିନା ଅପରାଧରେ କାରାଦଣ୍ଡ ଦେଲୁ, ପୁଣି ନାନା ପ୍ରଲୋଭନ ଦେଖାଇ ମୋର ସତୀତ୍ୱ ନଷ୍ଟ କରିବାକୁ ଏ ପତ୍ର ଲେଖିଛୁ । ମୂର୍ଖ ! ଯେ ତୋତେ ପୁତ୍ରଠାରୁ ଅଧିକ ସ୍ନେହ କରି ତୋର ବାଲ୍ୟ ଜୀବନ ଗଢ଼ିଥିଲା ବର୍ତ୍ତମାନ ତୁ ତା ନିକଟରୁ ପତ୍ନୀର ପ୍ରେମ ଭିକ୍ଷା କରୁଛୁ । ହା ପ୍ରଭୁ ! ତୋର ସ୍ୱଭାବ ବୁଝେ, ଏତ ବର୍ତ୍ତମାନ ଯୁଗର ନ୍ୟାୟ; ଦେଖାଯାଉ ଭଣ ଦେଉଛି ଭଗବାନ । ମୋତେ କାହିଁକି ଏ ବିପଦଜାଲରେ ପକାଇ ହରବର କରୁଛନ୍ତି । ସ୍ୱାମୀ କାରାଦଣ୍ଡ ଭୋଗ କଲେ ମୁଁ ପାଷାଣ୍ଡ କଣ ଏ ଜଘନ୍ୟ ନର ପିଶାଚର କବଳରେ ପଡ଼ିବି ? ଦୁଇଦିନ ହେଲା ଉପବାସ, ଦ୍ୱାରଦେଖାଇ ବାହାରକୁ ଯିବାକୁ ସାହସ ହେଉ-

ନାହିଁ ପାଖରେ ମଧ୍ୟ ଭରସା ଜଣେ କେହି ନାହିଁ, କଣ କରିବି, ହା ହରିବି ।

ଗୀତ

(ଆସ ଭଏ ହୋଇବ ପାର—ଭୁପାଳି)

ମୋ ଦିନ ସନ୍ତୁ ତ ନାହିଁ
ଧାନବନ୍ଧୁ ଏ ଧାନାରେ ହଟା କର କାହି ପାଇଁ ।
ଗୃହ ମୋତେ ଜୀବଧନ
ରହିଲେ କାରା ଭବନ ।
ମୁଁ ଭୋଗୁଛି ଏ କଷ୍ଟଣ ଏକାକୀ ଥାଇ । ୧ ।
ବିଧି ! ତୁ ଏତେ ଦାରୁଣ
କୋଳେ ନ ଦେଲୁ ସନ୍ତାନ
ଧିକ ମୋ ଅବଳା ଜନ୍ମ ସାହା କେ ନାହିଁ । ୨ ।
ସ୍ୱାମୀ ଅଛି ମୁହିଁ ଯେଣେ
ଶତ୍ରୁ ବସିଅଛି ତେଣେ
କୃପାମୟ କୃପାମୟ କୃପାମନେ ଦିଅ ହେ ସ୍ୱାମୀ । ୩ ।

ଭଗବାନ; ତୁମେହିଁ ଭରସା, ନାହିଁ କେହି ଆଶ୍ରା ମୋର ଏଥି,

ନେପଥ୍ୟେ—ଧର୍ମିକାର ମା, ଭିଏ ଅଛୁ ଏ ନିରାଶ୍ରୟକୁ ଆଶ୍ରୟ ଦେ ମା ।

କମଳା—(ସ୍ୱଗତ) ଭିଏ କେଉଁଠାରେ କାହାକୁ ଡାକୁଛି ଟିକେ ଶୁଣେ ।

ନେପଥ୍ୟେ—ମା ଭିଏ ଅଛୁ, ଏ ନିରାଶ୍ରୟକୁ କଣ ଆଶ୍ରୟ ଦେବୁ ନାହିଁ । ଏ ଗରିବର ଡାକ କଣ ତୋର କର୍ଣ୍ଣକୁ ଶୁଭୁ ନାହିଁ ।

କମଳା—ଭିଏ ତୁମେ; କାହାକୁ ଡାକୁଛ ?

ମାଃ ତପସ୍ୱୀ—ମୁଁ ଜଣେ ଅତିଥି, କେଉଁଠାରେ ଆଶ୍ରୟ ନପାଇ ତୋ ଦ୍ୱାର ପର୍ଯ୍ୟନ୍ତ ଆସିଛି, ମୋତେ ଦୟାକରି ଆଶ୍ରୟ ଦେ ମା ।

କମଳା—ଆପଣ ଅତିଥି, ତେବେ ଯାଆନ୍ତୁ ଏହି ଅନତିଦୂରରେ ପାନ୍ଥଶାଳା ପଡ଼ିବ ସେହିଠାରେ ଆଶ୍ରୟ ନେବେ ।

ମାଃ ତପସ୍ୱୀ—କେଉଁ ପାନ୍ଥଶାଳାକୁ ଯିବି, ଦେଖ ଭଣ ଆଉ ନାହିଁ କି ସେ କଥା ମୁହଁରେ ଧରନା । ଯେଉଁଦିନୁ ରାଜା ପ୍ରତାପ ସିଂହ ରାଜ୍ୟଚ୍ୟୁତ ହୋଇ

ରାଜଗଡ଼ ପରିତ୍ୟାଗ କରିଗଲେଣି ଯେଉଁଦିନୁ ମନ୍ତ୍ରୀ ବିଦ୍ୟାବନ୍ତ କାରାଦଣ୍ଡ ଭୋଗକଲେଣି ସେହିଦିନୁ ଜୟଗଡ଼ରୁ ସମସ୍ତ ପ୍ରକାର ଦାନ, ଅତିଥି, ଅଭ୍ୟାଗତ ପାନ୍ଥଶାଳା ସବୁ ଗଲାଣି । ମୋତେ ସେ କଥା ଆଉ କହନା । ମୁଁ କି ଅନୁକୂଳରେ ଆଜ ମଠରୁ ବାହାରିଥିଲି କେଜାଣି ମୁଠାଏ ଭିକ କେଉଁଠି ମିଳିଲା ନାହିଁ କି ଅନ୍ନଜଳ ଟିକେ ମୁହଁରେ ଦେବାକୁ ମିଳିଲା ନାହିଁ । କ୍ଷୁଧାରେ ମୋର ଜଠରାଗ୍ନି ଜଳୁଛି । ତୋ ବ୍ୟତୀତ ଆଉ କିଏ ଅତିଥି ଅଭ୍ୟାଗତଙ୍କୁ ଚାହିଁବ । ଯଦି ଏ ପ୍ରାଣ ରଖିବୁ ତେବେ ଦ୍ୱାର ଖୋଲ ମୁଁ ଟିକିଏ ବିଶ୍ରାମ ନିଏ । ଈଶ୍ୱର ତୋର ମଙ୍ଗଳ କରିବେ ।

କମଳା—(ସ୍ୱଗତ) କଣ କରିବି; ଦୁର୍ଜୟ ସିଂହଙ୍କ ଭୟରେ ତ ଦୁଇଦିନ ହେଲା ଦ୍ୱାର ଖୋଲୁ ନାହିଁ । ବର୍ତ୍ତମାନ ଗୁଣି ମୋ ମନରେ ତ ବାରିଆଡୁ ପାପ ଛୁଉଁଛି । କଣ କରିବି; ପୂର୍ବ ଜନ୍ମରେ କି ପାପ କରିଥିଲି କେଜାଣି ସହଜେ ଅପୁତ୍ରିକ । ପୁଣି ମୋର ଯୌବନ ଅବସ୍ଥାରେ ସ୍ୱାମୀ କାରାବାସ ଭୋଗ କଲେ ଆଜ ଯଦି ଅତିଥିଙ୍କୁ ନିରାଶ କରେ ତେବେ ମୋର ଭବିଷ୍ୟତ ଭଲ କଣ ହେବ । ହେ ଭଗବାନ ! ମୋତେ କି ପରୀକ୍ଷାରେ ପକାଉଛନ୍ତ ।

ମାଃ ତପସ୍ୱୀ—ମା ! କଣ ଆଉ ଭାବୁଛୁ । ମୁଁ ଜାଣି ପାରୁଛି, ବୋଧହୁଏ ତୁ ଏକାକିନୀ । ମୋ ପ୍ରତି ତୋ ମନରେ କୌଣସି ସନ୍ଦେହ ଆସୁଛି । ନା ମା । ସେ ତୋର ଭୁଲ ଧାରଣା, ମୁଁ ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ । ମୋତେ ଆଶ୍ରୟ ଦେବାଦ୍ୱାରା ତୋର ଭଗବାନ ନିଶ୍ଚୟ ମଙ୍ଗଳ କରିବେ । ମୁଁ ତୋ ସଙ୍ଗରେ ବେଶି କିଛି କଥାବାର୍ତ୍ତା କରି ପାରୁନାହିଁ । କ୍ଷୁଧାରେ ମୋର ପେଟ ଜଳିଯାଉଛି । ଅନ୍ତି ନାଡ଼ି ଦୁଇଟିରୁ ଯେଉଁଟି କହୁଛୁ ଶୀଘ୍ର କହ, ତେଣିକି ମୁଁ କର୍ମ ଆଦର ରହିବ ।

କମଳା—ନା; ଯାହା ଭାଗ୍ୟରେ ଥିବ ଘଟିଲେ ବଟେ, ଅତିଥିଙ୍କୁ ନିରାଶ କରିବି ନାହିଁ ।

( ଦ୍ୱାର ଖୋଲି ସନ୍ନ୍ୟାସୀଙ୍କୁ ପ୍ରଣିପାତ )

ମାଃ ସନ୍ନ୍ୟାସୀ—ମା ! ଜନ୍ମ ସୁଲକ୍ଷଣୀ ହୁଅ ।

କମଳା ଆପଣ ଏହି ସ୍ଥାନରେ ବସନ୍ତୁ ମୁଁ ଜଳ ଆଣେ ପାଦଧୌତ କରିଦେବି ।

ମାଃ ସନ୍ନ୍ୟାସୀ – ମା ! ମୁଁ ପାଦଧୌତ କରୁଛି, ମୋର କ୍ଷୁଧାରେ ପେଟ ଜଳି ଯାଉଛି ମୋର ଖାଇବା ଖବର କିଛି ଶୀଘ୍ର ବୁଝ ।

କମଳା —ମୁଁ ତ ଦୁଇଦିନ ହେଲା ରନ୍ଧା ବଢ଼ା କରିନାହିଁ କିଛିଟି ଜଳଖିଆ ଅଛି ଆଣେ, ଆପଣ ଟିକିଏ ଅପେକ୍ଷା କରନ୍ତୁ । ( ପ୍ରସ୍ଥାନ )

ମାଃ ସନ୍ନ୍ୟାସୀ—ହଉ ଆଣ ( ସ୍ୱଗତ ) ଆଜ ଦୁର୍ଜୟ ସିଂହର ପରିଶ୍ରମ ସଫଳ ହୋଇଛି; କମଳା ଦେବୀର କକ୍ଷରେ ନିର୍ଭୟରେ ପ୍ରବେଶ କରିଛି । କମଳା ! ତୁ ଏଥର ଦୁର୍ଜୟସିଂହର କବଳରୁ ମୁକ୍ତ ହୋଇ ପାରିବୁ ନାହିଁ, ନିଶ୍ଚୟ ମୋର ଆଶା ପୂର୍ଣ୍ଣ କରିବାକୁ ହେବ ।

କମଳା—(ଖାଦ୍ୟ ପାତ୍ର ନେଇ) ଆସ ଯେତେ ଯାହା ଅଛି ଦୁଃଖେ ସୁଖେ କରନ୍ତୁ ଭୋଜନ ।

(ଦୁର୍ଜୟ ଉଠି କମଳାର କର ଧାରଣ କରିବା)

କମଳା—କିଏ ତୁମ୍ଭେ ଯତି, ହସ୍ତ ମୋର ଧରୁଛ କମ୍ପାଇ ।

ଦୁର୍ଜୟ—କମଳେ ! ଚିହ୍ନି ପାରୁ ନାହିଁ । (ସ୍ୱପ୍ନ ପରିଚ୍ଛଦ ଉନ୍ମୋଚନକରଣ) ଦେଖ, ଦେଖଅଛି ପରିଚୟ ମମ ।

( କମଳା ଥକା ହୋଇ ଦଣ୍ଡାୟମାନ )

ଦୁର୍ଜୟ— ଗୀତ

( ଆରେ ଘନ-ଜଘନା—ବୃତ୍ତେ )

ଯତି ମୋହନା ତୁ ଭ୍ରାନ୍ତ କରନା ।
ପ୍ରେମ-ଯତି ମୁହିଁ ବର ବରନା ॥
ଦେଇ ସୁରତି ଦାନ ତୋଷ କର ଏ ପ୍ରାଣ
ଅନ୍ନ ଜଳ ପାନେ ମୋର ନାହିଁ କାମନା ।୧।
କାମ ଅନଳେ ପଡ଼ି ସହି ପାରୁଛି [illegible]
ଶ୍ଳେଷ ଆସିଛି ତୋ ପଥ ଚନ୍ଦ୍ରବଦନା ।୨।
ଗର୍ବୀ ଅରଜ ସତ୍ତ୍ୱ, ପ୍ରୀତି-ରସ ରସାଇ,
ଆଶା ଆଶାଥୀ ମେଣ୍ଟାଅ ଖଣ୍ଡବଦନା ।୩।

ପ୍ରେମ ସନ୍ନ୍ୟାସୀର ବେଶେ ଆସିଛି ତୋ ଦ୍ୱାରେ ପ୍ରେମ ଭିକ୍ଷା ମାଗିବାକୁ ସତ୍ୟ । ନିର୍ଦ୍ଦୟ ହୋଇ ତୁ ମୋଠାରେ ସଦୟ ଭାବରେ ମନୋବାଞ୍ଛା କର ମୋର ପୂର୍ଣ୍ଣ । ଆନ ଭିକ୍ଷାରେ ମୋ ନାହିଁ କିଛି ପ୍ରୟୋଜନ ।

କମଳା—ଦୁର୍ଜ୍ଜୟ ସିଂହ ! ଜଣାଯାଏ ମତି ତୋର ହୋଇଛି ବିଭ୍ରମ । କି ସାହସେ ପଶି ପରଘରେ ପର ସ୍ତ୍ରୀ ଠାରେ କରୁ ପାପ ଆଶା ।

ଦୁର୍ଜ୍ଜୟ—କିଏ ପର ସଖି । ପର ବୋଲି ତୁମ୍ଭେ ଥିବ ଭାବି କିନ୍ତୁ ତୁମ୍ଭେ ପର ନାହିଁ ମୋ ହୃଦୟର । ପରାଣ-ପ୍ରତିମା ପଦେ ବହୁ ମୁଁ ତୁମ୍ଭକୁ ପ୍ରାଣ ମୋର ତବ ପଦେ କରୁଛି ଅର୍ପଣ । ଗୃହ ବରାଙ୍ଗନେ ! ଜୟନ୍ତ ସିଂହାସନେ ବସିବ ଆନନ୍ଦେ, ପାଟରାଣୀ ହୋଇ ।

କମଳା—ଦୁର୍ଜ୍ଜୟସିଂହ ! କି କହୁଛ ତୋତେ, କହିବାକୁ ଚିହ୍ନୁ ନାହିଁ ତୁଷ୍ଟ ଅବଳା, ମୁଁ ଦୁର୍ବଳାଟି ଅତି ପୁଣି ଏକାକିନୀ ଅନାଥିନୀ ରମଣୀ, ତୋର ସଙ୍ଗେ ଯୁଦ୍ଧ ନାହିଁ ମୋର ସାଧ୍ୟ । ଏ କି ଅସାର କଥା କହୁଛୁ ତୁ ମୂର୍ଖ, ଶୁଣ ଥରେ ବଚନ ମୋହର !

ଦୁର୍ଜ୍ଜୟ—କି କଥା ?

କମଳା— ଗୀତ

( ହେ ଗୋବର୍ଦ୍ଧନ ଏ ବନ ବନକେ—ଢ଼ଙ୍ଗେ )

ଶୁଣ ବୀର ! ଏ ବଚନ ଅମୃତ ତୋହର ।

ପର ନାରୀରେ ତୁ ବଳାତ୍କାରେ
ପ୍ରେମାଳାପ ନ କର । ୧ ।

ଧର୍ମ-ବିରୋଧୀ ହେବା ଅବଧି
ନ ଜାଣୁ ତୁ କି ପାମର । ୨ ।

ମୂର୍ଖ ଅବଳା ଅତି ଦୁର୍ବଳା
ନ ବଳାଅ ତୁ ନିକର । ୩ ।

ଦୁର୍ଜ୍ଜୟସିଂହ ! ପର ସ୍ତ୍ରୀରେ ନ ବଳାଅ ମନ । ପରନାରୀ, ପରଧନ ଯେ କରେ ଲୁଣ୍ଠନ, ସତ, ଶାନ୍ତ, ଦୟା, କ୍ଷମା ନାହିଁ ଯାହାଠାରେ, ମନୁଷ୍ୟ ବୋଲି ତାହାକୁ ନ ଗଣନ୍ତି କେହି; ଜନମିଛୁ ନର ଏହି ବସୁଧାର ଲୋକେ କରିବାକୁ କିଛି ମହତ୍ତର କାର୍ଯ୍ୟ । ଯାହା ବଳେ ଦୁର୍ଲଭ ନଶ୍ୱର ଏ ମାନବ ଜନମ ସ୍ୱର୍ଗଲୋକ ପାଇବାକୁ ସଦା ଲାଳାୟିତ ? ଦୁର୍ଜ୍ଜୟ ତୁ ସେହି ନରଦେହ ବହି ଜଘନ୍ୟ ପୈଶାଚିକ କାର୍ଯ୍ୟେ ହେଉଛୁ ପ୍ରବୃତ୍ତ । ତୁ ଜାଣୁକି ପରନାରୀ ମାତୃପଦବାଚ୍ୟ । ମାତା ପାଶେ ପୁତ୍ର କେବେ ମାଗେ ପ୍ରେମାଳାପ ? ଦେଖାନାହିଁ ଶୁଣାନାହିଁ ଦୁନିଆରେ ଯାହା, ନ କର ସେ କଥା ତୁହି ଲୋଡ଼ ତୋର ଶ୍ରଦ୍ଧା ।

ଦୁର୍ଜ୍ଜୟ—ବରାଙ୍ଗନେ ! ମନ୍ତ୍ରୀ ଜାୟା ତୁମ୍ଭେ; ଅସାଧ୍ୟ ତୁମ୍ଭଙ୍କୁ ନୁହେଁ ମନ୍ତ୍ରଣା ଦେବାଟା ଦେଖି ନାହିଁ । ମାରଭାବେ କି ଯନ୍ତ୍ରଣା ଭୋଗୁଅଛି ମୁହିଁ । ପ୍ରେମମନ୍ତ୍ର ନ ଦେଇ ମୋ କର୍ଣ୍ଣେ ଭଣ୍ଡାଭଣ୍ଡି କଥା କମ୍ପା କହୁଛୁ ମୋ ଆଗେ ।

କମଳା—ଦୁର୍ଜ୍ଜୟ ! କ୍ଷମାକର ।

ଦୁର୍ଜ୍ଜୟ—କି କ୍ଷମା ?

ଗୀତ

( କହରେ ଛଇଳ—ଢ଼ଙ୍ଗେ )

ଖଣ୍ଡ-ବଚନା ତୁ ଭଣ୍ଡାଭଣ୍ଡି କଥା କହି
ମୋ ହୃଦକୁ ଦହନାରେ ।

କାମ କୋଦଣ୍ଡେ ପିଣ୍ଡ ହେଉଛି ଖଣ୍ଡ ଖଣ୍ଡ
ତୁ ଜାଣ ଆଉ ମୋଠାରେ ବହନାରେ । ପଦ ।

ଯତି-ମତି-ହତ ନ ହୁଅ ଅଧୀର
ପଡି ମୁଁ ତୋର ମତମୋହନାରେ ।

ସୁରତି ଦାନ ଦେଇ ବିରତି ରଖ ସଙ୍ଗ
ନାହିଁ ପଦ ତୁ ଆଉ କହନାରେ । ୧ ।

କେବେ ଛଳାଇ କହି ଭୁଲାଇ ଦେଉ ସହି
ପଳାଇ କହାଁଢ଼େ ତୁ ରହନାରେ ।

ବଳାଇ ହସ୍ତେ ଅଜି ହରଷରେ ହେମାଙ୍ଗି
ଲଗାଇ ମୋର ସଙ୍ଗେ ହୁଅନାରେ । ୨ ।

ବରାଙ୍ଗନେ ! ଉଦ୍ବେଗ ଭାବ ଛାଡ଼ିଦିଅ ଏବେ । ସ୍ୱଇଚ୍ଛାରେ ମୋ ପାଖକୁ ଆସି ରସ ରଙ୍ଗ କର ମୋର ସଙ୍ଗେ । ଜାଣିଛି ମୁଁ ନାରୀ ଜାତି ବଡ଼ ଲଜ୍ଜାଶୀଳା ଭଳାଭଳି କଥା କହି ଖେଳନ୍ତି ସେ କେତେ । ଆସ, ଆସ, ବିଳମ୍ବରେ ନାହିଁ ପ୍ରୟୋଜନ ।

( ଧରିବାକୁ ଯାଆନ୍ତେ )

କମଳା — ସାବଧାନ ଦୁର୍ଜୟ ପାଷାଣ୍ଡ । ସ୍ୱଭାବତଃ ଅବଳା ଦୁର୍ବଳା ବଳାତ୍କାରରେ ସମର୍ଥ ମୋ କରିଦେବୁ ନଷ୍ଟ ନା ମୂର୍ଖ । କ୍ଷତ୍ରିୟ ରମଣୀ ମୁହିଁ କ୍ଷତ୍ରିୟ ଦୁହିତା,କ୍ଷତ୍ରିୟର ଉଷ୍ଣ ରକ୍ତ ବହେ ଏ ଶରୀରେ । ଯେଉଁ ବଂଶେ ଜାତ ଦୁର୍ଗାବତୀ, ପଦ୍ମିନୀ; ସାବିତ୍ରୀ ଅଦ୍ୟାପି ଯାହାଙ୍କ ନାମ ଅମର ଅକ୍ଷରେ ରଞ୍ଜିତ ହୋଇଅଛି ଏହି ନଶ୍ୱର ଭାରତେ, ଜାଣ ମୃତ ମୂର୍ଖ ସେହି ଅଂଶେ ଜନ୍ମ, ଉପଭୋଗ୍ୟ ବୋଲି ନ ଭାବ ତୁ ମୋତେ । (ଅଣ୍ଟାରୁ ଛୁରୀ କାଢ଼ି) ଦେଖ ଅରେ ଏହି ସେହି ଶାଣିତ ଛୁରିକା ସଜେ ମୋ ହସ୍ତେ ପୁନଃ ଯେବେ ସ୍ପର୍ଶ କରୁ ଅଙ୍ଗକୁ ମୋହର ପ୍ରାଣ ଯାଉ, ଅବା ରହୁ ମୋର ଦସ୍ୟୁ ତୋ ପ୍ରାଣ ଆଗେ ନେବିରେ ନୃଶଂସ ( କହି ଛୁରିକା ଉତ୍ତୋଳନ କରି ଗୋଡ଼ାଇବା )

ଦୁର୍ଜୟ—କାହିଁ । ( ଅସ୍ତ୍ର ନ ପାଇ ପ୍ରାଣ ଭୟରେ ପଳାୟନ । )

---

## ଚତୁର୍ଥ ଦୃଶ୍ୟ

ବସନ୍ତ— ଗୀତ

(ଆସ ବୃନ୍ଦାବନେ ବନେ—ବୃତ୍ତେ)

ଦେଖନ୍ତ ସୁମଧୁର ଫଳ (ଆଜ)
ଆଣିଛି ମୁଁ ଖୋଜ କରୁ
ଆସ ବାବା ଆସ ମା ମା ଚନ୍ଦ୍ରାଚେଛ ମନୁ ।
ସୁସ୍ୱାଦୁ ଫଳ ପାଚିଲା
ନାରଙ୍ଗୀ ଲେମ୍ବୁ ରସାଳ
ବଦରି ଦ୍ରାକ୍ଷା ଡମ୍ବାଳ ତୋଳିଛି ମୁଁ ଝଡ଼ ଧରୁ ।
ଡାକି ଡାକି କଣ୍ଠ ମୋର
ଶୁଖିଗଲା ହେ ପିଅର
କି ଦୋଷ ଦେଖି ମୋହର ଲୁଚିଲଛ ତୁମ୍ଭ ତନୁ !

ଆସ ମା ! ଆସ ବାବା ! କାହିଁଅଛ, କି ସୁନ୍ଦର ଫଳ ଆଣିଛି, ଦେଖିଲ, କପରି ପାଚି ଟହ ଟହ ହୋଇଛି । ନିଅ, ନିଅ, ତୁମ୍ଭର କ୍ଷୁଧା ମେଣ୍ଟାଅ । କାହିଁ, ମୁଁ କାହାକୁ ଡାକ ଦେଉଛି । ପିତା ମାତାଙ୍କୁ ତ ଏହି ବୃକ୍ଷ ମୂଳରେ ବସାଇ ଦେଇ ଯାଇଥିଲି । ତାଙ୍କର ଖୋଜେ ଆଗକୁ ଚାଲି ଯିବାର ଶକ୍ତି ନ ଥିଲା, ତେବେ ସେ ଗଲେ କୁଆଡ଼େ ମୁଁ କଣ କରିବ । ମୋର ଆଡ଼ ଆଉ ତତ୍ତ୍ୱ ନାହିଁ । ପିତା ! ପିତା ! ମା ! ମା ! ତୁମ୍ଭେ-ମାନେ କୁଆଡ଼େ ଗଲ । ଏ ଅଭାଗା ସନ୍ତାନକୁ ଛାଡ଼ି କୁଆଡ଼େ ଗଲ ।

ଗୀତ

(ଦୟା କର ଦୀନବନ୍ଧୁ—ବୃତ୍ତେ)

କେଉଁଣେ ଛାଡ଼ିଗଲ ତାତ ମାତ
ମୋତେ ପର କରି ।
ତବ ବିନା ଭାସିଲି ମୁଁ
ଏ ଦୁଃଖ ସାଗରେ ପଡ଼ି । କୋଷା !
ଏ ଘୋର ଅରଣ୍ୟ ବନେ
କାହିଁ ଗଲ ଦେଉଁମାନେ
ଏକାକୀ ମୁହିଁ ବିଜନେ
ପ୍ରାଣ ଧରିବ କପରି । ୧ ।
ବିଳମ୍ବ ଦେଖି ମୋହର
ଶ୍ରେଷ କଲେ କି ପିଅର
ମୋଠାରେ ହେଲେ ନିଷ୍ଠୁର
ଗଲ ମୁଁ ସଂସାରୁ ସରି । ୨ ।

ମୋତେ ତ ମା ବାରମ୍ବାର ମନା କରୁଥିଲେ, ମୁଁ ଚଣ୍ଡାଳ କାହିଁକି ଛାଡ଼ିକରି ଗଲି । ସେ ତ କ୍ଷୁଧାରେ ଆକୁଳ ହୋଇ ପଡ଼ିଥିଲେ । ଖୋଜେ ବୋଲି ବାଟେ ଯିବାକୁ ଶକ୍ତି ନ ଥିଲା । ସେ କଣ ଆଉ କୁଆଡ଼େ ଯାଇଥାନ୍ତେ ନା କେବେ ବିଶ୍ୱାସ ହୁଏ । ମୋତେ ଛାଡ଼ି କେଉଁଣେ ଯାଇ ନ ପାରନ୍ତେ ଆଉ କଣ ମୋର ବିଳମ୍ବ ଦେଖି ମୋର ପଥ ଅନୁସରି କୁଆଡ଼େ ଗଲେ, କିଛି ତ ବୁଝିପାରୁ ନାହିଁ । ହେ ହରି ! ଘନ ବନ୍ୟାମୟ ବିପଦ-କାଣ୍ଡାରି, ଯଦି ପିତାଙ୍କ ସନ୍ଧାନ ନ ପାଏ ତ ଏହିଠାରେ ପ୍ରାଣ ହରାଇ ଦେବି; ଯାଏ । ଟିକିଏ ଖୁଣ୍ଡିଆଡ଼ ଖୋଜିଆସେ ।

---

## ପଞ୍ଚମ ଦୃଶ୍ୟ

(ଗଫୁର ଖାଁ, କରିମ, ଖାଁ, ପ୍ରତାପ ସିଂହ, ଅନ୍ନପୂର୍ଣ୍ଣା ନବାବ ଖାଁ ଓ ସୈନ୍ୟଗଣ)

(ଗଫୁର ଓ କରିମ, ଅନ୍ନପୂର୍ଣ୍ଣା ଓ ପ୍ରତାପସିଂହଙ୍କୁ ବନ୍ଧନ କରି ନେବା ସମୟରେ)

ଗଫୁର—ଓ ବାତ୍ ଛୋଡ଼ ଦୋ ହାମକୁ ଯେସି ମାଫିକ ଅର୍ଡ୍ଡର ମିଲ୍ଲ ଏସି ମାଫିକ କାମ କରଲେଙ୍ଗେ । ତୁମ ଲୋଗୋକା ହୁକ୍‌ମେ ଯାନ୍ ଛୁଟ୍ ଯାନେଦୁ ହାମକୁ କ୍ୟା ଥୋଡ଼େ ତକଲଫି ଲଗତା ।

ପ୍ରତାପ—ରେ ନୃଶଂସ । ଆମ୍ଭେମାନେ ଦୁଇଦିନ ହେଲା ଉପବାସୀ କ୍ଷୁଧାରେ ଆମ୍ଭ ପେଟ ଜଳି ଯାଉଛି, ତୁ ଟିକିଏ ଦୟାକରି ନଦୀରେ କୌଣସି ଝରଣା ବା ପୁଷ୍କରିଣୀ ନିକଟକୁ ନେ ଆମ୍ଭେମାନେ ଜଳ ଟିକିଏ ଦେଲେ ମୁହଁରେ ମାରିବୁ ।

କରିମ—ଗଫୁର ଭାଇ । ବୁଡ୍ଢା କ୍ୟା ବାତ୍ କରତା ତୁମ୍ ସମଜଲିଆ ।

ଗଫୁର—ହିଁ । ଭାଇ ଥୋଡ଼େ ବହୁତ ସମଜଲିଆ, ଲେକିନ ହାମକୁ ନୌକରି ସମଯାତାଏ । ଚେଲତା ଚଲ୍‌ଓ ପର ଚଲେ ଝରନା, ପର ଚଲେ, ନଦୀକା କିନାରେ ଚଲେ । ଦେଖୋଦେ ହାମକୁ ଭୁଲ ବନାଦିଆ । ହାଁରେ ବୁଡ୍ଢା ପାନି ମାଗତା ଠଇରେ ଭୁଆ ଅବ ତୁମସେ କେତେନା ପାନି ଦିଏ ଦେଖଲେ ଦେଗା ।

ପ୍ରତାପ—ଦଳରେ କେଉଁଠୁ ପାଣି ଦେଖାଇବ ?

ଗଫୁର—ଠଇରେ । କରିମ ! ଇନ ଲୋକୋକୁ ଭଗାଓତ ଦୋଷୁର ଘୁଷି (ପ୍ରହାର) ।

ପ୍ରତାପ—ଅରେ ଚାଣ୍ଡାଳ ରହ ରହ ।

କରିମ–ରହ ରହ କ୍ୟା, ଅଭି ଦେଖ ଆଁଖମେ ଯେତନା ପାନି ହୁଏ ଓ ବଦନମେ ଯେତେଯାହୁଏ ଓ, ଆଉର ଦେହଲମେ ଯେତନା ପାନିହୁଏ ଓ ସ ନିକଲ ଯାଏଗା ତୁମ କେତେନା ପାନି ଚାହତା ହାଏ ।

ପ୍ରତାପ— ଗୀତ

(ଆସ ଆସ କ୍ଷମା ମୋର—ତୃତୀୟ)

ଏଡ଼ିକ ପାଷାଣ୍ଡ ତୁମେ ହେଉଛ ନୃଶଂସ ।
ଆମ୍ଭଙ୍କୁ ମାରି ବ୍ରହ୍ମାଣ୍ଡେ ଲଭିବ କି ଯଶ ।
ରେ ନୃଶଂସ ! ହେଲେ ଏ ପାପରୁ ମୁକ୍ତ ହେବ ଧ୍ୱଂସ ।

ଗଫୁର—କରିମ ! ବୁଡ୍ଢା ଗାଲଲଗି କବତା ।

ପ୍ରତାପ— ଗୀତ

କେତେଦିନ ପାଇଁ ଭାଇ ଜନମିଛ ମର୍ତ୍ତ୍ୟ ।
କିଏ ବା ସଂସାରୁ କିଛି ନେଇଯିବ ନାହିଁ ।
ଭଲ ମନ୍ଦ, ଦୁଇ କଥାରୁ ରହିବ ଏକ ପଦ ।୨।

କରିମ—ହିଁ ହିଁ ଭାଇ ! ଦେଖୋ କେତନା ବଡ଼ା ତମାଶ ।

ପ୍ରତାପ— ଗୀତ

ମୋକ୍ଷ ପଦ ଲକ୍ଷ୍ୟ ରଖି ନ କଲେଟି କର୍ମ,
ଅନ୍ତିମ କାଳକୁ ନିଶ୍ଚେ ଦଣ୍ଡିବ ଶମନ
ନାମ ତତ୍ତ୍ୱ,
ଯେତୁ ଆଳି ସେତୁ କୃଷ୍ଣ ନୋହେ ଭିନ୍ନ । ୩ ।

ଗଫୁର—ବୁଡ୍ଢା ଏସ ସବ ବକ୍ ବକ୍ ହୋଗା ତବ ଦେଖାଲେଗା ତଲେ ତୁପ ସେ ଧୂପଆନେସେ ବଡ଼ା ତକଲଫି ହୋଗା ।

ପ୍ରତାପ—ଟିକିଏ ଆସ୍ତେ ଆସ୍ତେ ଚାଲ, ସେ ସ୍ତ୍ରୀ ଲୋକ ଜମା ଚାଲି ପାରୁ ନାହାନ୍ତି ।

ଅନ୍ନପୂର୍ଣ୍ଣା—ନାଥ ! ମୋ ପୁଅ ଜୁଆଡ଼େ ଗଲା; ଆପଣଙ୍କର ବସନ୍ତ କଥା କଣ ମନେ ପଡ଼ୁ ନାହିଁ ।

ପ୍ରତାପ ପ୍ରିୟେ ! କହନା କହନା, ଏ ଚଣ୍ଡାଳଙ୍କ ଆଗରେ ତା କଥା କହନା, ସେ ତା କର୍ମ ଭୁଞ୍ଜୁ ।

ଅନ୍ନ—ନାଥ ! ପୁଅ ମୋର ଯେବେ ଆମ୍ଭମାନଙ୍କୁ ଖୋଜି ନ ପାଇବ କିଏ ତାକୁ ପ୍ରବୋଧ ଦେବ ।

ପ୍ରତାପ –ପ୍ରିୟେ ! ଆଉ କିଏ, ସେହି ଧର୍ମ ଦେବତାଇ ସାହା ଆମ୍ଭମାନଙ୍କର କିଛି ଅସୁଖ ନାହିଁ ବସନ୍ତକୁ ଏ ପାପ ଚକ୍ଷୁରେ ଦେଖିବା ଆମ୍ଭମାନଙ୍କର ଭାଗ୍ୟ କପାଳରେ ନାହିଁ ।

ଅନ୍ନ—ନାଥ ! ପୁଅକୁ ଆଉ ଦେଖିବ ନାହିଁ ହା ବିଧାତା

ପ୍ରତାପ—ଦେଖିବ, ଅସ୍ତ୍ର ଧର ।
ଗପୁର—ଫିନ ବୁଢ଼ୀ ଏକଟୋ ତମାସା ମସ୍ଖରା ।
ପ୍ରତାପ—ପ୍ରିୟେ ଉଠ ବ୍ୟସ୍ତ ହେଲେ କଣ ହେବ ।
ଅନ୍ନା— ଗୀତ
(ନନ୍ଦ ମନ୍ଦିରେ ନାଥ – ବୃତ୍ତେ)
କେବେ ନ ଦେଖି ନାଥ ମୋ ରଙ୍କନିଧି
କାନ୍ଦି କାନ୍ଦି ମରିବି ମୁଁ ନିରବଧି ହେ
ଜୀବ ଜୀବନ ।
ଏ ଅଲୋଡ଼ା ଜୀବନେ କି ପ୍ରୟୋଜନ ହେ ।
ପ୍ରତାପ—ପ୍ରିୟେ ! ସେ ଆମ୍ଭର ଅଦୃଷ୍ଟର ଲେଖା ।
କାହାରଦୋଷ ବାରିବା ବିଧାତା ବିଡ଼ମ୍ବନାକୁ
ମଣିଷର ଆୟତ୍ତ କଣ ?
ଅନ୍ନା— ଗୀତ
ଆରେ ବିଧାତା ତୁହି ଏଡ଼େ ଦାରୁଣ
ଦେଖାଇ ନବଇଛୁ ଏ କେଉଁ ପଣରେ;
ମନ ଦହିବ ।
ତୋର ଦାରୁଣ ଜ୍ୱାଳା କିଏ ସହିବରେ । ୨ ।
ଗପୁର—(ଠଗଠର ହୋଇ) କରିମ ! କେଗର ଲଠି
ସେ ବୁଢ଼ୀ ନାହିଁ ହୋଗା ।
ଅନ୍ନା— ଗୀତ
କେବ ପୁରୁଷ ଥରେ କେବ ସମ୍ପତ୍ତି
ଦେଖିଥାନ୍ତି ମୋର ଜନାମାନଙ୍କ ହେ,
ପ୍ରଭଣ ଝଣ,
ଅକାର ବଢ଼ିଲୁଣି ଏ ଦଣ୍ଡ ଦଣ୍ଡ ହେ । ୩ ।
ନାଥ ! ମୋର ଅନ୍ତର ଲଗିବ; ଦରିଦ୍ରର
ରତ୍ନଧନକୁ ଥରେ କେବ ଦେଖାଇ ଦେଇଥାନ୍ତି । ପୁଅ
ମୋର କେଉଁଠି କଣ କରୁଥିବ ।
ଗପୁର—କରିମ । ଇନଲୋକ ଯୋ ବାତ୍ ବତଲୋତ-
ହୁଏ ଜସସେ ବୁଢ଼୍ ସମଜମେ ଆତା ।
କରିମ—ହିଁ, ଜେସ ସମଝଲିଆ ଲେକିନ କ୍ୟା ପୁଅ
ପୁଅ ହୋତା ।
ଗପୁର—ହାମଇ ଉଲକାତ ସମଝଲିଆ, ହାଲ ବୁଢ଼ା
ତୁମ ଅଭି ବୋଲତାଥା ବେଟା ହାମସେ ସାଲେକେଇ
ଆୟା ହାଏ । ବୁଢ଼ୀ ଅବ କ୍ୟା ବୋଲତାଥା,
ବଟଲଓ ଓ ବେଟା କାହା ହଏଗା ।

ପ୍ରତାପ—ପାଷାଣ୍ଡେ ! ତବେ ସେ ତୁମ୍ଭେମାନେ ମୋର
ଅନ୍ନରେ ପ୍ରତିପାଳିତ ହୋଇଥିଲ ସେ କଥା
ଟିକିଏ ମନରେ ଭାବୁ ନାହିଁ । କେଉଁ ସାହସ ଓ
ଦାମ୍ଭିକତା ବଳେ ଅନ୍ନଦାତା ପ୍ରତି ଏ ଭାବ କରୁଛ ?
କରିମ—ଉଚ ସବବାତ୍ ! କ୍ୟା କହୁ କହାପାତ ନାଇ
ଗସ୍ତାଓ୍ୟକ୍ତ ଆଉର ହାତ ଆତା ନାହିଁ ଆରେ
ଅବ ତୁମ ଲୋକତ ରଜା ନେଇ ଲେଉକା
ମାଫିକ ପକଡ଼ା ଗିଆ ହୁଆ, ହାସ୍ମୀ ତୋ ସାତ
ଲେକଯାଦ ଓ ବଢ଼ନାହିଁ । ବଟଲଓ, ବେଟାକୁ
କାହିଁ ପର ଛୁପାୟା ହୁଏ ।
ପ୍ରତାପ—ନା, ଜାଣୁ ନାହିଁ ସେ କେଉଁଆଡ଼େ ଅଛି ।
ଗପୁର—କରିମ ! ଇନ୍‌ଲୋକ ଏସା ସଲେଲେ ନାହିଁ,
କେଗର ଲଠି ସେ କୋଇତରେକା କାମ କର
ଇଜାମ ନାହିଁହୋତ ହାଏ (ପ୍ରହାର)
ପ୍ରତାପ— ଗୀତ
( ଜନଗଣମନ ଗାନ – ବୃତ୍ତେ )
ଆଉ ମାରନା ମାରନା ଦୁଷ୍ଟରେ ।
କଷ୍ଟ ଲଭିଲୁଣିତ ଅପାର ।
ଘୁଞ୍ଚ ରାଜ ଦଣ୍ଡ, ଦେବ ଦାସବୃତ,
ପଶିଲି ଅରଣ୍ୟ ଗିରି ।
ତୁମ୍ଭେରେ ପାଷାଣ୍ଡ, କମା ଦଣ ଦଣ୍ଡ,
ଲଭିବ କି କାହାଦୂର ।
ଏତ ତୁଟେ ବହୁପଣ;
ନ ସହିବ ତୁମକୁ ଧରମ ।୧।
ଗପୁର—ଅବ ତ ତୁର ହୁଆକାଇ । ତୁମାସ ବେଟାକୁ
କାହା ଛୁପାୟା ହୁଆ । ନାହିଁ ବୋଲନେସେ ତୁମ
ଲେକୋଭା ଖୁନ ପିଏଗା ।
ପ୍ରତାପ— ଗୀତ
ଦୟାମୟ ହରି, ଏ ଦିନ ସ୍ୱଦାର
ଶୁଣୁନାହିଁ ତୁମ କର୍ଣ୍ଣେ ।
ଏ ମୂଢ଼ ଯବନ ନେଉଛି ପରାଣ
ବଳାତ୍କାରେ ଏ ବନରେ
ନାହିଁ ଆଶ୍ରା ଜେ ମୋହର,
ଧନଜନକୁ ମୋ ଦୁର୍ଗତି କର ।୨।

ହେ ଭଗବାନ ! ହେ କରୁଣାସାଗର, ହେ ଦୀନ ବାନ୍ଧବ ହେ ଆର୍ତ୍ତନାଶନ, ଏ ଯବନ କବଳରୁ ରକ୍ଷାକର ।

( ହଠାତ୍ ନବାବ ଖାଁଙ୍କ ପ୍ରବେଶ )

ନବାବ—ଖବର ଜରେ ! ତୁମଲୋକ କୋନ୍‌ହାଏ । କିସ୍‌ୱାସ୍ତେ ଇନଲୋକକୁ ଏସା ତକଲିଫ ଦେତା ହୋ ।

ଗପୁର—ଆପକୋନ୍ ହାଏ ।

ନବାବ—ହାମସ୍ ପଇଚ୍ଛାନ ମାଗିତହୋ, ଥୋଡ଼ା ସବର କ ଯିଏ ବତଲାଏଗା ଲେକନ ବତଲାଓ କ୍ୟା ସବକଦେଇନ୍ ଲୋକକୁ ଏତନା ତକଲିଫ ଦେତହୋ ।

ଜବ୍ରମ—ହାମଲୋକକା ଖୁସି ଉପର, ଆପକା କ୍ୟା ହୁଏ । ଆପତ ସଉଦାଗିର ଆଦମ ଆପକା ରସ୍ତା ପକଡ଼ଏ ।

ନବାବ—କ୍ୟା ତୁମଲୋକକା ଇରଦା । ନବାବ ଖାଁକା ଆଁ ଖପର ଏସା ବେଆଦବ ଅତ୍ୟାଚାର ଜୁଲୁମ୍-ଦେତହେ ଠଇରେ (ପ୍ରତାପ ପ୍ରତି) ମହାଶୟ ! କଏ ତୁମ୍ଭେମାନେ କ ଯୋଗେ ଏମାନଙ୍କ ହାତ ଧରା ହୋଇଛନ୍ତି ।

ପ୍ରତାପ—ବନ୍ଧୁ ! କି କହିବି ତବଆଗେ ମୋ ଦୁଃଖ କାହାଣୀ, କହିଲେ ଦେହକୁ ଦେଉଅଛି ହୃଦ ଫାଟି । କମ୍ବୁପଟ୍ଟନେ ମୁହିଁ ସୂର୍ଯ୍ୟବଂଶେ ଜନ୍ମ ନାମ ମୋ ପ୍ରତାପସିଂହ ଭାର୍ଯ୍ୟା ଅନ୍ନପୂର୍ଣ୍ଣା ବନ୍ଧୁ ଜାଣ ଧର ପତ୍ନୀ ବାସନ୍ତୀ ଦେବୀଙ୍କୁ ତାଙ୍କ ଅନୁଗ୍ରହେ ବୃଦ୍ଧ ବୟସେ ଏକମାତ୍ର ପୁତ୍ର ଲଭିଲି ମୁଁ କୋଳେ । ଚତୁର୍ଦ୍ଦଶ ବର୍ଷ ତାକୁ ନାମ ତା ବସନ୍ତ । ଥିଲା ଆମ୍ଭପାଖେ ଏ ମୂର୍ଖଙ୍କ ଯୋଗେ ତାକୁ ହରାଉଛୁ ଆଜ ।

ଗପୁର—ତୁମ୍ଭକର ବଦମାସ ।

ନବାବ—ଖବରଦାର ! ଅଚ୍ଛା ତେବେ ଆପଣମାନେ ଏ ଜଙ୍ଗଲ ମଧ୍ୟକୁ ଆସିଥିଲେ କାହିଁକି ।

ପ୍ରତାପ—ବସନ୍ତକୁ ହେଲା ଯହୁଁ ଚତୁର୍ଦ୍ଦଶ ବର୍ଷ ବୋଇଲି ମୁଁ ବିହାସନେ ବସାଇବି ତାକୁ । ପ୍ରଜାବର୍ଗ ପାତ୍ର ମନ୍ତ୍ରୀ ଶୁଣନ୍ତେ ମୋ କଥା, ମତ ଦେଲେ ସର୍ବେ ମିଳି ଯେ କାର୍ଯ୍ୟ ସାଧନେ । ଦୁର୍ଜ୍ଜୟସିଂହ ମୋହର ଖୁଲ୍ଲ-ତାତପୁତ୍ର ସେନାପତି କାର୍ଯ୍ୟେ ଥିଲା ମୋ ପାଶରେ ବହୁଦିନୁ । ବସନ୍ତର ଯୌବରାଜ୍ୟା-ଭିଷେକ କଥା ଶୁଣିଲା ଯେମନ୍ତେ ସେହୁ ଦର୍ପିଷ୍ଠ ପାମର । ଆରମ୍ଭିଲା କୁଟ ଦ୍ୱନ୍ଦ୍ୱ ମୋର ସଙ୍ଗେ ବାରମ୍ବାର । ଶେଷେ ମୁଁ ପରାସ୍ତ ହୋଇ ପୁତ୍ର ପତ୍ନୀ ହେନି ପ୍ରାଣ ଭୟେ ପଶିଥିଲି ବିଜନ କାନନେ । ତହିଁରେ ତା ଆଶା କରୁ ହୋଇନାହିଁ ପୂର୍ଣ୍ଣ । ପଠାଇଲା ଏ ପାଷାଣ୍ଡେ ଆମ୍ଭର ସନ୍ଧାନେ । କ୍ଷୁଧାବାଧା ପାଇ ଆମ୍ଭେ ବୁଲଲେ କାନନେ ବସନ୍ତ ମନା ନ ମାନି ଗଲା ଫଳ ପାଇଁ । ଧନ ମୋର ନ ଫେରନ୍ତୁ ଏ ପାଷାଣ୍ଡେ ଆସି ବଳାତ୍କାରେ ନେଉଛନ୍ତି ଗଳା ଧକ୍କା ଦେଇ । ପୁଣି ବୋଲନ୍ତି ଆମ୍ଭଙ୍କୁ କାହିଁ ଗଲା ପୁତ୍ର ତୋର ନ କହିଲେ ଗଣ୍ଡି ମୁଣ୍ଡ କରିଦେବୁ ତୋର ।

ନବାବ—( ଗପୁର ଜବ୍ରମ ପ୍ରତି ) ଆରେ ଉଲୁ, ଏ ନାଦାନୋକୁ ଦଣ୍ଡ ଦେନା ମତଲବ ଅଚ୍ଛା ସେ ବୋଲତାହୁଁ ଇନଲୋକେକୁ ଛୋଡ଼ ଦେ, ଉନକା କୋଇ ତକସେସ କସୁର ନାହି ।

ଗପୁର—ତୁମ ମୁସାଫିର ଆଦମ, ତୁମାର ଇନ୍-ଲୋକୋସେ କ୍ୟା ହୁଏ । ହମ୍ଲୋ ଆମ ଲୋକୋକା ସାତ ଏସା ବେଆଦବ ହିଁଙ୍ଗଟ ମତ୍ ଲଗାନା ।

ନବାବ—ଆମକୋନ ହାଏ ଅବ୍ତକ ପଇଚ୍ଛାନ କଥାନେହି । ବେ ଆଦବ ନବାବଖାଁକେ ଏତନା ତକବ ପଇଚ୍ଛାନକଆ ନେହି ।

ଜବ୍ରମ—ଚଲ, ଚଲ ତୁମାର ଏସା କେତନା କେତନା ନବାବଖାଁକୁ ଦେଖ ଦେଖକେ ଆସ୍ୟାହୁ ।

ନବାବ—ଖବର ଜରେ, ନବାବଖାଁକୁ ତୁମାର ଏସା କାଫେର ନ ସମଜନା; ନବାବ ଖାଁ । ମୁସଲମାନ ସେ ପଇଦା ହୋ କର ଇସଲମକେ ନାମପର ଧରମ ରଖକେ ନବାବ ବନାହୁଁ । ଆପଲୋକକା ଏସା କାମ ଦେଖ କହିଁହୁ ଯବ ଆପ ଇସଲମ ଧରମକୁ ମାନନେହି ଆଉର କୋଇ ମୁସଲମାନ

ସେ ପରଦା ହୁଆ ଏ ତବ ଆଲ୍ଲା ରସୁଲ କେ ନାମାପର ଇନ୍‌ସାଫ୍ ଇନ୍ ଲୋକକୁ ଛୋଡ଼ ଦେ !

ଗଫୁର — କବ ନାହିଁ ଛୋଡ଼େଙ୍ଗେ , ତୋମାର ବାତସେ ଛୋଡ଼େଙ୍ଗା ନା କ୍ୟା !

ନବାବ — ଆମାର ବାତ୍‌ପର ନ ନେହି ଅବ ଦେଖଲି ଦେତହେ, ଦେଖୋ !

( ସିଟି ମାରିବାରୁ ସୈନିକଗଣଙ୍କ ପ୍ରବେଶ )

ସୈନିକ — ହଜୁର ! କ୍ୟା ଏସା ଜରୁରତ !

ନବାବ — ଏ ଦୋନୋ କାଫେରକା ବହୁତ ଦିମାକ ହୋଚୁକାହି, ଇନ ଲୋକକୁ ଗିରଫ କରୋ ।

( ସୈନ୍ୟଗଣ ବେଷ୍ଟିତ ହୋଇ ଗିରଫ କଲେ )

ଗଫୁର, କରିମ — ହଜୁର ଔର ଏସିକାମ ନେହିଁ କରେଙ୍ଗୀ, ମାଫ କିଜିଏ ଜନାବ୍ ।

ନବାବ — (କରିମ, ଗଫୁର ପ୍ରତି) ବେ ଆଦବକାବଖର୍ ଯେସାକୁ ତେସା ହୋଚୁକା, ଚଲୋ । ତୁମାର ସଜାକୁ ଖବର କରେଗେ (ପ୍ରତାପ ପ୍ରତି) ମହାଶୟ ! ମୋର ଗୋଟିଏ ନିବେଦନ ଶୁଣିବା ପରେ ଯେବେ ମୋର ଦେହେକ ଦୁଃଖ ପ୍ରକାଶ କରିବ ।

ପ୍ରତାପ — କିଏ ତୁମ୍ଭେ ପ୍ରାଣ ଦାତା ଆମ୍ଭ, କହିଲ ସେ ଉପକାର ଯୁଗେ ଯୁଗେ କଭା ଆମ୍ଭେ ଭୁଲିଣ ଯିବା ପାଶେ । ପ୍ରକାଶନ୍ତୁ କିବା ତବ ମନୋଗତ ଭାବ, ସାଧିବି ମୁଁ ପ୍ରାଣ ପଣେ ପ୍ରାଣେ ସକଳମସେ ।

ନବାବ — ମହାଶୟ ! ମୁଁ ଉତ୍କଳ ନରେଶଙ୍କ ସେନାପତି, ମୋ ନାମ ନବାବଖାଁ, ଜାତିରେ ଯବନ । ସେ ରାଜା ଅପୁତ୍ରିକ ଥିଲେ କେବଳ ମଲ୍ଲୀକା ନାମ୍ନୀ ଗୋଟିଏ କନ୍ୟାଥିଲା, ତାର ବୟସ ବର୍ତ୍ତମାନ ୧୨ ବର୍ଷ । ରାଜା ଓ ରାଣୀ ଉଭୟେ ପରଲୋକ ଗମନ କରିଲା ବେଳେ ମୋତେ ସେ କନ୍ୟାଟି ସମର୍ପି ଦେଇଗଲେ । ମୁଁ ସେହିଦିନୁ କନ୍ୟାଟିକୁ ସେହି ଗଡ଼ ମଧ୍ୟରେ ଦାସଦାସୀଙ୍କଦ୍ୱାରା ଲାଳନ ପାଳନ କରି ଆସୁଛି । ଉତ୍କଳନରେଶ ଆପଣଙ୍କର ସେହି ପୂର୍ବୋକ୍ତ ସମ୍ଭୃତ । କନ୍ୟାଟି ମଧ୍ୟ ଅତ୍ୟନ୍ତ ରୂପବତୀ, ଧର୍ମପରାୟଣା । ମୋର କାମନା ଥିଲା କୌଣସି ଉପଯୁକ୍ତ ରାଜପୁତ୍ର ହସ୍ତରେ ସେ କନ୍ୟାଟି ପ୍ରଦାନ କରି ମୋର ଅଭିଳାଷ ପୂର୍ଣ୍ଣ କରିବି । କିନ୍ତୁ ଆଜି ସେ ସୌଭାଗ୍ୟ ଘଟିଛି । ଅନୁମତି ଦିଅନ୍ତୁ ମୁଁ ଆପଣଙ୍କ ବସନ୍ତ ହସ୍ତରେ ସେ କନ୍ୟା-ରତ୍ନଟି ପ୍ରଦାନ କରିବି ।

ପ୍ରତାପ — ସେଥିରେ ମୋର କିଛି ଆପତ୍ତି ନାହିଁ । କିନ୍ତୁ ନବାବ ମୋର ପୁତ୍ର ନାହିଁ । ସତେ କଣ ମୁଁ ତାକୁ ପାଇ ପାରିବି ।

ନବାବ — ନିଶ୍ଚୟ ପାଇ ପାରିବେ । ଶୁଣନ୍ତୁ ମୁଁ ମୋର ପ୍ରାଣପଣେ ଯଥାସାଧ୍ୟ ଚେଷ୍ଟା କରି ସେହି ଦୁର୍ଦ୍ଦାନ୍ତ ଦୁର୍ଜ୍ଜୟସିଂହର ଦର୍ପ ଚୂର୍ଣ୍ଣ କରି ବସନ୍ତଙ୍କ ସହିତ ମଲ୍ଲୀକାର ଶୁଭ ପରିଣୟ ସମାପ୍ତ କରାଇବି, ଏହା ସୁନିଶ୍ଚିତ ।

ପ୍ରତାପ — କେତେବାଟ ଯିବାକୁ ପଡ଼ିବ । ଆମ୍ଭମାନଙ୍କର ଖୋଜେ ଯିବାର ଶକ୍ତି ନାହିଁ ।

ନବାବ — ଏଇ ଅନତିଦୂରରେ ।

ଗଫୁର, କରିମ — ହାମଲୋକକୁ ମାଫ ଦିଜିଏ ।

ନବାବ — ଅବ ପଲଟନ ମେ ଆସୁାଗେ ।

ଉଭୟେ — ଜି, ମାଲୁମ ହୁଆ ।

ନବାବ — ବେଆଦବ୍ ! ତୁମଲୋକ ଯୋନ କାମକିଆ ଏସା କୋଇ ଇସଲାମିଓକା କାମ ନେଇ, ଉଚିତ୍‌କି ସଚ୍ଚୁଭିମେ ତୁମ ତୁମାର ଆଜବ ଖାସିଦୋକୁ ନାଇ ପଲଟନମେ ଲାବା ନ ସକସେ ତୁମ ଲୋକୋକୁ ବହୁତ ତକଲିଫ ଉଠାନେ ହୋଏଗା । ସମଝଲେ, ଯୋ କୋଇ କାମ, କରନେ ଉଁକୁ ଆଦମି କୋଇକ ପର ବିଶ୍ୱାସ ରଖକର ଯେସା ମାଲିକ କ କୋଇ ହରଜା ନା ହୋଏ ଉସେଇ କାମ କରନା ଦରକାର ଖବରଦାର । ଏସା ବେଆଦବ କାମ ଯେସା ଔର ମେର ଆଖ ପର ନା ଆଏ ।

( ବନ୍ଧନ ମୋଚନ ଉଭୟଙ୍କ ପଳାୟନ )

---

# ଦ୍ୱିତୀୟ ଅଭିନୟ

## ପ୍ରଥମ ଦୃଶ୍ୟ

( ବସନ୍ତ ମାୟା ତପସ୍ୱିନୀ )

ବସନ୍ତ– କାହିଁ କେତେ ଆଉ ତ ଖୋଜିଲି ତାଙ୍କର କିଛି ସନ୍ଧାନ ପାଇଲି ନାହିଁ । ମା, ମା, ତୁମ୍ଭେ କୁଆଡ଼େ ଗଲ, ଏ ଅଭାଗା ସନ୍ତାନକୁ ଛାଡ଼ି କୁଆଡ଼େ ମୁହଁ ଲୁଚାଇ ଦେଲ ।

ଗୀତ

( ଦୟାକର ଘନବନ୍ଧୁ–ଢଙ୍ଗେ )

କେଉଁଣେ ଛାଡ଼ିଗଲ ତାତ ମାତ ମୋତେ ପରିହରି ।
ତବ ବିନା ଭାସିଲି ମୁଁ ଏ ଦୁଃଖ ସାଗରେ ପଡ଼ି । ପଦ ।
ଏ ଘୋର ଅରଣ୍ୟ ବନେ   କାହିଁଗଲ କେଉଁ ମନେ
ଏକାକି ମୁହିଁ ବିଜନେ ପ୍ରାଣ କି ଧରି । ୧ ।
ଜନମ ଦେଇ ମୋହର   ସ୍ନେହ କଲେ କି ପିଅର
ମୋଠାରେ ହେଲ ନିଷ୍ଠୁର ଗଲ ମୁଁ ସରି । ୨ ।
କିବା ଶତ୍ରୁ ହସ୍ତଗତ   ହେଲ ତୁମ୍ଭେ ତାତ ମାତ
ଜନନୀ ନ ପାଏ ମୁଁ ତ ଭରଷା ହରି । ୩ ।

ମା ! ବାବା ! ତେବେ ଆପଣମାନେ କି ଶତ୍ରୁ ହସ୍ତରେ ପତିତ ହେଲେ, ନା ହିଂସ୍ରଜନ୍ତୁଙ୍କ ମୁଖରେ ପ୍ରାଣ ହରାଇଲେ, ମୁଁ ତ କିଛି ବୁଝି ପାରୁନାହିଁ । ତୁମ୍ଭମାନଙ୍କୁ ହରାଇ ମୋର ଆଉ ସୁଖ ନାହିଁ । ପିତା ପିତା କାହିଁ ଗଲେ ଛାଡ଼ି ଏ ଅଧମେ ।

ନେପଥ୍ୟେ—ଧୈର୍ଯ୍ୟଧର, ଧୈର୍ଯ୍ୟଧର ।

ବସନ୍ତ—( ଚକିତରେ ଏଣେ ତେଣେ ଚାହିଁ ) କିଏ, କିଏ କେଉଁଠାରେ କଣ କହିଲା, ଏ କଣ ବିଜନତାର ପ୍ରତିଧ୍ୱନି । ନା, ମନୁଷ୍ୟର କଣ୍ଠ ଭଳି ତ ଶୁଭିଲା, ଦେଖେ ଦେଖେ, ଏଠାରେ କିଛିକ୍ଷଣ ଅପେକ୍ଷା କରେ ।

କମଳା–( ପ୍ରବେଶି ଦୂରରୁ ଦେଖି ସ୍ୱଗତ ) ଏ ତ ବସନ୍ତ ମୁଁ ଏପରି କି ସୁଯୋଗରେ ଆସୁ ବାହାରି ଆସିଥିଲି, କେଜାଣି ମୋର ଅଭିଳାଷ ଅଚିରେ ପୂର୍ଣ୍ଣ ହୋଇଗଲା । ତେବେ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ପଚାରେ ( ପ୍ରକାଶ୍ୟେ ) ବାପ ! ବାପ ଉଠ, ଉଠ ।

ବସନ୍ତ–କିଏ ତୁମ୍ଭେ ଜନନୀ ।

କମଳା–ନା ବାପ ମୁଁ ତୋର ଜନନୀ ନୁହେଁ, ଜଣେକ ସାମାନ୍ୟ ପରିବ୍ରାଜିକା ମାତ୍ର, ପରେ ଜାଣି ପାରିବୁ ।

ବସନ୍ତ– ଯଦି ତୁମ୍ଭେ ମୋର ମା ନୁହଁ ତେବେ କାହିଁକି ମୋତେ ଉଠାଇଲ ?

କମଳା–   ଗୀତ

କାହା ଲାଗି ବସି କାନ୍ଦୁଛୁ,
   ବିଜନେ କହ ବାପ ଧନରେ
ସରସ ବଦନ ବିରସ ଦିଶୁଛି
   ସୁଖ ନାହିଁ ମନରେ ।
କେ ଅବା ଉଗାର ହୋଇ ତୋର
   ଶିର କଳଙ୍କ ହରଣରେ ।
ଯେବା ମନୋଦୁଃଖ ନ ହୋଇ ବିମୁଖ
   ଶୁଣି ମୋର କର୍ଣ୍ଣରେ ।

ବାପା ! କହ କହ କେଉଁ କଥା ମନରେ ଭାବି ଏତେ ଅଧୈର୍ଯ୍ୟ ହେଉଛୁ । ଏ ତ ଘୋର ଜଙ୍ଗଲ, ତୁ କା ଏଠାକୁ କିପରି ବା କାହିଁକି ଆସିଲୁ ସେ ସବୁ କଥା ଖୋଲି କହ ।

ବସନ୍ତ–ତୁମେ କିଏ ମୋତେ ପରିଚୟ ଦିଅ ।

କମଳା–ମୁଁ ପରେ ପରିଚୟ ଦେବି । ତୋ ମନ ଚିନ୍ତାଭ ଆଗେ ମୋତେ କହିସାର ।

ବସନ୍ତ–   ଗୀତ

( ଆଉ ଏ ବେଶ ସହିବ–ଢଙ୍ଗେ )

କି ଦୁଃଖ କହିବି ମାଆ, କହିଲେ ଛୁଟୁଛି ସାହା ।
ଯାହା କରମ ଲେଖନ ଲେଖୁଛି ନ ଯାଇ ସହା ।
ଅଗ୍ରେ ଭରେ ପିଅର, ମାତାଙ୍କୁ ମୋତେ ସଙ୍ଗର
ବେନି ଆସନ୍ତେ ବନର ବଞ୍ଚିଛୁ ଶୁଣନ୍ତୁ ଯାହା ।
ଆହାର ଅନୁସନ୍ଧାନେ, ମୁଁ ଗଲି ଘୋର ଅରଣ୍ୟେ
ସେ ତେଜ ଗଲେଟି କେଉଁଣେ
   ( ମୋତେ ) ବସାଇ ଏ ଦୁଃଖଜାହା ।

କି କହିବି ମାତ ! ଭଦ୍ରପଡ଼ ଅଧିଶ୍ୱର ଅଟନ୍ତି ମୋ ତାତ । ମାତା ମୋର ଅନ୍ନପୂର୍ଣ୍ଣା, ମୋ ନାମ ବସନ୍ତ ।

ଶତ୍ରୁ ଭୟରେ ତେଜ ଆମ୍ଭେ ରାଜ ସିଂହାସନ ପ୍ରାଣ ନେଇ ପଶିଥିଲୁ ଏ ଘୋର କାନନେ । ତାଙ୍କ ମାତ କ୍ଷୁଧାବଶେ ନ ପାରନ୍ତେ ରହି ଫଳାନ୍ୱେଷଣେ ମୁଁ ଗଲି ତାଙ୍କୁ ବସାଇ ଏ ସ୍ଥାନେ । ଓହୋଃ, କି କହିବି ତାହା । ଫଳ ନେଇ ଫେରିଲି ବେଳକୁ ନ ପାଉଛି ଆଉ ତାଙ୍କ ଦରଶନ । କହ ମାତା ! କିଏ ତୁମ୍ଭେ ଦେବୀ ନା ମାନବୀ । ଏ ଅଭାଗା ଆର୍ତ୍ତନାଦ ଶୁଣି କୃପାକରି ଆସିଲେ ଏ ସ୍ଥାନେ । ମୋର ଏ ବିପଦବେଳେ ଯେବେ ହେଲ ଦେଖା, ଦୟାକରି ପ୍ରକାଶ ମୋ ଆଗେ ତାତ ମାତ ମୋର ଗଲେ କାହିଁ ?

ବିମଳା—ବତ୍ସ ! ନୁହେଁ ମୁହିଁ ଦେବୀ କି କିନ୍ନରୀ, ମାନବୀ ମୁଁ ଅତି ଅଭାଗିନୀ ପୁଣି ମୋ ଭଳି ନ ଥିବେ ଜଣେ ସଂସାରରେ କେହି ।

ବସନ୍ତ—ତୁମ୍ଭେ ମାନବୀ ! ଏ ଘୋର ବିଜନ ବନ ମହା ଭୟଙ୍କର ଶ୍ୱାପଦ ସଙ୍କୁଳ ହିଂସ୍ର ଜନ୍ତୁ ଭିଡ଼ା ସର୍ବି କାହିଁ ମନୁଷ୍ୟର ବାସ କହ ତେବେ କି ଉଦ୍ଦେଶ୍ୟେ ଆସିଛନ୍ତି ଏଥି ?

ବିମଳା—ବାପ ! ଆଉ ଜାଣିବ କିଏ, ସେହି କର୍ମ ଜାଣିଛି । ତୁମ୍ଭମାନଙ୍କୁ ସିଏ ଏ ବିପଦରେ ପକାଇଛି ମୋତେ ମଧ୍ୟ ସିଏ ଦୁଃଖ ଦେଉଛି । ତୁ ତୋର ପିତା ମାତାଙ୍କଠାରୁ ବିଚ୍ଛିନ୍ନ ହୋଇ ଯେ ଦୁଃଖ ଭୋଗ କରୁଛୁ, ମୁଁ ମଧ୍ୟ ମୋର ସ୍ୱାମୀଙ୍କ ସୁଖରୁ ବଞ୍ଚିତ ହୋଇ ସେହି ମର୍ମନ୍ତୁଦ ବେଦନା ଉପଭୋଗ କରୁଛି । ଏ ଅସତ୍ୟ ଅସାର ସଂସାରରେ ଦୁଷ୍ଟ ଲୋକମାନଙ୍କର ଅତ୍ୟାଚାର ସହ୍ୟ କରି ନ ପାରି ଏଠାକୁ ଆସିଅଛି !

ବସନ୍ତ—ତେବେ କିଏ ତୁମ୍ଭେ ପରିଚୟ ଦେଉନା କାହିଁକି ।

ବିମଳା—ଜଣା ଚିହ୍ନି ପାରୁନା ଯୁବରାଜ । ବୋଧହୁଏ ଏ ଚେହେରା ତେ, ଏ ଦଶାବସ୍ଥା ତୁମରେ ପକାଇ ଦେଇଛି । ଆଜ୍ଞା ନକଲ ବେଶ ଦେଖାଇ ଦେଉଛି ।

ବସନ୍ତ—ମା ! ମା ! ଏପରି କାହିଁକି ?

ବିମଳା—ବାପରେ ! ଦୁର୍ଜୟ ସିଂହ ମୋର ସ୍ୱାମୀଙ୍କୁ ବନ୍ଦୀକରି ମୋ ନିକଟରେ ଛଦ୍ମବେଶରେ ଆସି ପ୍ରେମଭିକ୍ଷା କରୁଥିଲା, କିନ୍ତୁ ମୁଁ ମୋର କୌଶଳ ଦ୍ୱାରା ତା ହାତରୁ ମୁକ୍ତ ହୋଇ ତୁମ୍ଭମାନଙ୍କ ଅନୁସନ୍ଧାନରେ ଚାଲି ଆସିଲି । ମୁଁ ରାଜ୍ୟରେ ଶୁଣିଥିଲି ଦୁର୍ଜୟ ତୁମ୍ଭମାନଙ୍କୁ ଗିରଫ କରିବା ଲାଗି ଆଗରୁ ଅନୁଚର ପଠାଇ ଥିଲା, ଏଥିରୁ ସ୍ପଷ୍ଟ ଜଣା ପଡ଼ୁଛି ମହାରାଜ ଓ ରାଣୀ ନିଶ୍ଚୟ ସେହି ଦୁଷ୍ଟମାନଙ୍କ ଆୟତ୍ତରେ ପଡ଼ିଛନ୍ତି । ଚାଲ, ତାର ସନ୍ଧାନ କରିବା ।

ବସନ୍ତ—ମା ! ମୁଁ କଣ କରିବି, ମୋର ପଦ ତ ଆଉ ଚଳୁନାହିଁ ।

ବିମଳା—ନା ବାପ ! ଏପରି କାତର ହୁଅ ନା, ସମ୍ପଦେ ସ୍ୱତର ବିପଦେ କାତର ନୁହେ କ୍ଷତ୍ରିୟୋଚିତକର୍ମ । କ୍ଷତ୍ରିୟ ସନ୍ତାନ ହୋଇ କାତର ହେବା ନିନ୍ଦାର ବିଷୟ । ଚାଲ ବାପ ତାର ପ୍ରତିକାର ଚେଷ୍ଟା କରିବା ।

---

## ଦ୍ୱିତୀୟ ଦୃଶ୍ୟ

(ଦୁର୍ଜୟ ସିଂହ, ରଘୁର, ଦୂତ)

ଦୁର୍ଜୟ—ତୁମ୍ଭେମାନେ ପ୍ରତାପ ସିଂହ ଓ ତାର ସ୍ତ୍ରୀଙ୍କୁ ଗିରଫ କଲ ମାତ୍ରେ ସେହିଠାରେ ହତ୍ୟା ନ କରି ମୋ ନିକଟ ଆଣିଥିଲ କାହିଁ, ଏବେ ହେଲା କଣ । ନବାବ ଖାଁ ଯେବେ ସେମାନଙ୍କୁ ସାହାଯ୍ୟ ଦେଇ ଯୁଦ୍ଧ ଘୋଷଣା କରେ ତେବେ ମୋର ଗତି କଣ ହେବ ?

ରଘୁର—ଜି, ମହାରାଜ ! ନବାବ ଖାଁ ଉନଲୋକକୁ ମଦଦଗିରଣ ହୋନେ ଶକତ ହଏ, ଲେକନ ବସନ୍ତକୁ ବାନ୍ଧ ପାନେକା ତକ୍ତ କଭ ଲଡ଼ାଇ ନାଇ ମଙ୍ଗୁଏଗା ।

ଦୁର୍ଜୟ—ଆଚ୍ଛା, ବସନ୍ତ କଣ ତାର ମାତାପିତାଙ୍କଠାରୁ ବିଚ୍ଛିନ୍ନ ହୋଇଯାଇଛି ।

ରଘୁର—ଆମଲୋକ ଯେତନା ଉକ୍ତ ରାଜା ଓ ରାଣୀଙ୍କୁ ଗିରଫ କଲା ଉତନା ଉକ୍ତରୁ ବସନ୍ତ ଖାନେ-କାଲିଏ ଜଙ୍ଗଲକୁ ଫଲ ଢୁଣ୍ଢନେକା ବାସ୍ତେ ଗୟା ଥା ହୁଆ, ସେ ଫିର କରବାଗ ମାଲୁନାଇ

ପାସ୍କାରହେଗା । ଓଇସବସେ ଇସକାଦିଲକୁ ସୋ ଆସ୍କା ରହେଗା ଓଇ କରଲସ୍କା ରହେଗା ଲେକନ ନବାବ ଖା ଉନକା ଠିକର ପ ନା ଠିକ୍‌ନାହିଁ ।

ଦୂତ—ମହାରାଜ ! ତୁଆ ବଡକଟେ, ସେ ଭସ୍ନଙ୍କର ଅରଣ୍ୟ ମଧ୍ୟରେ ଏକାକୀ ପ୍ରାଣ ପାଇବା ସହଜ କଥା ନୁହେ । ଆଉ ପ୍ରାଣରେ ଥାଇ ମଧ୍ୟ ପଥ ଅନୁସରି କେଉଁଆଡ଼େ ଆସିବ ଏହା ସହଜ ନୁହେ । ତୁଲ୍ଲ, ସେ କଥା କିଛି ନୁହେଁ ।

ଦୁର୍ଜ୍ଜୟ—ସେନାପତେ ! ନବାବ ଖାଁ ତ ବର୍ତ୍ତମାନ ବସନ୍ତର ଅନୁସନ୍ଧାନରେ ଯାଇଥିବ । ଏହି ସୁଯୋଗରେ ତାର ସେହି ପ୍ରତିପାଳିତା କନ୍ୟା ମଲ୍ଲୀକାକୁ ଅପହରଣ କରି ଆମ୍ଭେ ବିବାହ ହୋଇ ପାରିଲେ ଭଲ ହୁଅନ୍ତା

ଗଫୁର—ଏ କ୍ୟା ପୁଛନେକା ବାତ୍ । ନବାବଖାଁ ଯେତନା ଓଁକୁ ଏବାତ ଶୁନେଗା ବହୁତସା ଗୋସ୍ସା ହୋଏଗା, କବୁଲ ଲେକନ ଯେତନା ଓଁକୁ ଶୁନେଗାକି ଲଡ଼କୀକା ଆପକା ସାତ୍ ଶାଦି ହୋଚୁକାହ ଓତନେ ଓଁକୁ ସବୁକୁଛ ଭୁଗ ହୋକରର ଦୋସ୍ତି ଗାଣ୍ଡୁଲେଗା ।

ଦୂତ—ସେ କଥା ସତ, କିନ୍ତୁ ବାଳିକାଠାରୁ ଆଉ କଥା କଣ ଅଛି ।

କରିମ—ଈ ଖୋଦାବନ୍ଦ ! ଓ ଲଡ଼କୀ କା ନାମ, କସ୍ମତ ଅଓର ସୁରତକି ବାତ ଯୋ କୁଛ ଶୁନେହେଁଓ ଆପକା ଯୋଡ଼େକି ଲାଏକ ହୁଏ । ଉନକା ନାମ ଯେସା ସୁରତ ଭି ଓସେଇ ତମେଲ୍ଲିକେ ସର !

ଦୁର୍ଜ୍ଜୟ ଗୀତ

(ଏ ପାପ ନସ୍ୱନ—କୁରଙ୍ଗେ)

ଜୟ ସେନାପତେ ! ଆଜ ମୁଁ କେମନ୍ତେ
ସେ ନବ ମଲ୍ଲୀକା ପାଇବିରେ,
ଶୁଣି ତାର ନାମ ରୂପ ଗୁଣ ଧାମ
ଧୈର୍ଯ୍ୟ ଧରି (ନ) ଆଉ ରହିବିରେ । ପଦ
ପ୍ରେମ ରଜ୍ଜୁରେ ମୁଁ ଗୁନ୍ଥି କରି ମାଳା,
ସେ ମଲ୍ଲୀକା କଣ୍ଠେ ଲମ୍ବାଇବି ଗଳା,
କଏ ମୋତେ ଆଣି ଦେବ ସେ ତରୁଣୀ
ତ ଗୁଣକୁ ସଦା ଗାଇବିରେ । ୧ ।

ରାଜ୍ୟରେ ମୋ ଆଜ କରାଅ ଘୋଷଣ
କଏ ବା ଏଥିରେ କରିବ ବାରଣ ।
ବାରଣ ଗମନା ନ ପାଇଲେ ପିନା
ପବନ ଆଉକି ଧରିବିରେ । ୨ ।

ଯାଅ ସେନାପତେ ! ରାଜ୍ୟ ମଧ୍ୟେ କରାଅ ଘୋଷଣା ଯିଏଆଣିସେ କନ୍ୟାକୁ ଦେବ ମୋ ହାତରେ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ଦେବି ତାର କରେ ।

ଦୂତ—ତମେ ତ ଯିବ ଆଉ କଏ ?

ଗଫୁର—କରିମ ଖାଁ ଗିଆ ।

---

## ତୃତୀୟ ଦୃଶ୍ୟ

[ ମଲ୍ଲୀକା, କୁନ୍ଦଲତା, ସେବନ୍ତି, ପଦ୍ମା, ମାଳତି ]

କୁନ୍ଦଲତା—ହଇଗୋ କେମିତିକି ଦୁଇଦିନ ହେଲା କାହିଁକି ମନଟା ତମର ବିରସ ଥିବାର ଦେଖା-ଯାଉଛି; କଣ, କଥା କଣ, ଆମ୍ଭମାନଙ୍କ ଆଗରେ ମନ ଖୋଲି ନ କହିଲେ ଆମ୍ଭେମାନେ ଜାଣିବୁ କିପରି ?

ମଲ୍ଲୀକା—ନାହିଁ ସଖି କିଛି ନାହିଁ ।

ସେବନ୍ତି—ନାହିଁ କିଛି ନାହିଁ (ମୁଖଭଙ୍ଗି) ଅଉଛୁକା କହିବ ନାହିଁ, କହିଲେ ଏ ଘରେ ରହିବ ନାହିଁ ।

ପଦ୍ମା—କଣ ସେବନ୍ତି କଣ, କହ କହ, ଆମେ ସକାଳ ପହରୁ ଉଦଣ୍ଡାମାଇଲେ ଥକି ଗଲୁଣି ପଦେ କିଛି ଜବାବ ମିଳୁ ନାହିଁ ।

ସେବନ୍ତି—ନବାବ ସାଆନ୍ତେ କୁଆଡ଼କୁ ଯାଇଛନ୍ତି ତେମେ ଭଲ ଜାଣ ।

ମାଳତି—ତାଙ୍କର କେତେଆଡ଼େ କେତେ ମାମଲତ, କୁଆଡ଼େ ଯାଇଛନ୍ତି ବୋଲି କଣ ଠିକ ଅଛି ।

ସେବନ୍ତି—ତେମେତୁହାକ ଖାଲି ଖାଇକରି ଦମାଲ୍ ପରି ହୋଇଛ ତମକୁ ହାନ ଲାଭ ନଫା କଣ କିଛି ଖବର ନାହିଁ ।

କୁନ୍ଦଲତା—ତୁ ତ ବଡ଼ ଜାଣିଲୀଟିଏ ଅଛୁ ସବୁ ଜାଣୁ କଣ କହୁ ନାହୁଁ ।

ସେବକ— ଯାଆନ୍ତେ ଯଦି ଗୋଟିଏ କେମାଙ୍କ ଲାଗି ବରପାତ୍ର ପାଇଛନ୍ତି ତାଙ୍କୁ ଆଣିଲେ ବାହାଘର ହେବ । ତେମେ ଆଉ କଣ ବୁଝିଛ କି ?

କୁନ୍ଦଲତା— ସେ କଥାରେ ତ ମନ ଆନନ୍ଦ ହେବା କଥା । କେମାମଣି ତାଙ୍କ ମୁହଁ ଧାନ କସୁଆଁ ହାଣ୍ଡିପରି କରି ଦେଇଛନ୍ତି ।

ସେବକ— ଆଲୋ ସ୍ତ୍ରୀଅମାନଙ୍କର ଘରବର ଠିକ୍ ହୋଇଗଲେ ଉପର ମନରେ ଟିକିଏ ବିରସ ପଣିଆ ଦେଖାଇଥାଆନ୍ତି ।

ମଲ୍ଲୀକା— କଣ ଗୁଡ଼ାଏ ଏଣୁ ତେଣୁ କହୁଛୁ । ସେ କଥା କହୁ ନୁହେଁ ମୁଁ ତାଙ୍କ ଦୁଇଦିନ ହେଲା ବସିଲା ଠେଇଁ, ଉଠିଲା ଠେଇଁ ଖାଲି ଅମଙ୍ଗଳ ସୂଚକ ଦେଖୁଛି । ସେଇଥି ପାଇଁ ମୋତେ କିଛି ଭଲ ଲାଗୁ ନାହିଁ, ମୁଁ ଆଜନ୍ମ ଦୁଃଖିନୀ ସତ, କିନ୍ତୁ ପୁଣି କି ବିପଦରେ ଭଗବାନେ ମୋତେ ପକାଇବେ କେଜାଣି ।

କୁନ୍ଦଲତା— କଣ ଅମଙ୍ଗଳ ଲକ୍ଷଣ ଦେଖୁଛ କହିଲ—

ମଲ୍ଲୀକା— ଗୀତ

[ ଶ୍ରୀରାଧା ବାଉଳି – ବୃତ୍ତେ ]

ସଜନୀ ଦକ୍ଷିଣ ନୟନ କମ୍ପାଇ
ସ୍ଫୁରୁଅଛି ମୋର ଘନ ଘନ
ଅପଘନ ସଦା ଚମକି ଉଠୁଛି
ହେଉଅଛି ମନ ଛନ୍ ଛନ
ପ୍ରିୟ ସଜନୀ ଗୋ ।
ଅନ୍ଧକାର ଦିଶେ ତ୍ରିଭୁବନ ।୧।
ଆଜନ୍ମ ଦୁଃଖିନୀ ମୁହିଁ ଅଭାଗିନୀ
ହୋଇଛି ଯେଣୁ ତାତମାତ
ଆହୁରି ସନ୍ତାପ ଦେବ ଗୋ ବିଧାତା
ଜଣା ନ ଯାଏ ମୁହିଁ ମାତ
ପ୍ରିୟ ସଜନୀ ଗୋ,
କବ (କବ) ନ ଅଣ୍ଟୁଛି ଦେବା ପାଇଁ ।୨।

ସଖି ଗୋ ! ମୋର ଦକ୍ଷିଣ ନେତ୍ର ଦକ୍ଷିଣ ବାହୁ ବାରମ୍ବାର କମ୍ପୁଛି, ଏତ ବଡ଼ ଅମଙ୍ଗଳର କାରଣ । ବିଧାତା ମୋତେ ରାଜକୁଳରେ ଜନ୍ମ ଦେଇ ବାଲ୍ୟକାଳରୁ ପିତାମାତାଙ୍କ ସ୍ନେହରୁ ବଞ୍ଚିତ କରିଛନ୍ତି । ଆଉ ଅଭାଗିନୀଠାରେ କି ଦାଉ ସାଧିବାକୁ ତା ମନରେ ଅଛି ।

ସଖିଗଣ— ଗୀତ

( ବୈକୁଣ୍ଠ ଉଦାସ – ବୃତ୍ତେ )

ଆଗୋ କେମାମଣି ନ କର ଭାଳେଣି
ସୁମରି ପୂର୍ବର କଥା ଗୋ ।
ବିଧାତା ବିପକ୍ଷ ହେଲାବେଳେ ସଖି
ଘଟିଥାଏ ନାନା ବ୍ୟଥା ଗୋ ।
ଆଉ ଭାବିଲେ କି ହେବ ।
କର୍ମଲେଖା କେ ଆନ କରିବ ଗୋ ।୧।

କୁନ୍ଦଲତା— କେମାମଣି ! ଆଉ ପଛ କଥାସବୁ କାହିଁକି ମନରେ ଭାବି ଏତେ ଅଧୈର୍ଯ୍ୟ ହେଉଛନ୍ତି; ଯାହା କର୍ମରେ ଥିଲା ତା ତ ହୋଇସାରିଛି । ବିଧାତାର ଲିଖନକୁ ମନୁଷ୍ୟର ଆୟତ୍ତ କଣ ।

ମଲ୍ଲୀକା— ସଖି ! ଗଲା କଥାକୁ ମୁଁ ଭାବୁ ନାହିଁ । ବର୍ତ୍ତମାନ ମୋର ମନ କାହିଁକି ଏତେ ଅଧୈର୍ଯ୍ୟ ହେଉଛି । ଆଉ କେତେଗୁଡ଼ିଏ ଅଶୁଭ ଲକ୍ଷଣ ଦେଖି ପାରୁଛି । ସେଥିରୁ ଅନୁମାନ କରୁଛି ସଖି ! ଆଉ କଣ୍ଟକ ନାହିଁ କି ?

ସଖିଗଣ— ଗୀତ

ଆଗୋ ପ୍ରାଣମିତ ଏ କି ଅପଚିତ
କଥା କହୁଅଛ ତୁଣ୍ଡେ ଗୋ ।
ତୋର ଏ ଦୁର୍ଦ୍ଦଶା ନୋହୁଟିରେ ଯୋଷା
ବଜ୍ର ପଡୁ ଆମ ମୁଣ୍ଡେ ଗୋ।
ସଖି ତୁ ଆମର ପ୍ରାଣ ।
ତୋର ସୁଖେ ଆମ୍ଭେ ସୁଖୀଜନ ଗୋ ।୨।

ରତ୍ନା— କେମାମଣି ! ତେମେ କାହିଁକି ହେଲଣି କଣ ଆଉ ସାଉ ଗୁଡ଼ାଏ କହୁଛ, ତମ କଥା ଶୁଣି ଆମେ ତ କାଠ ପାଷାଣ ହୋଇ ଗଲୁଣି ।

ମଲ୍ଲୀକା— ସଖି ! ମୋ ମନଟା କାହିଁକି ସେଇଥିରେ ଘୋଳେଇ ଘାଣ୍ଟି ହେଉଛି । ତୁମ୍ଭେମାନେ କାହିଁକି ବ୍ୟସ୍ତ ହେଉଛ ।

ସଖିଗଣ— ଗୀତ

ଆରେ ସାବଧାନ ତୋହ ଲଗି ଧ୍ୟାନ
କରୁଛୁ ବଣ ଦେବତା ଗୋ ।
ତୋର ଯେତେ ବଳ ଛୁଟିଯିବ ଜାଣ
ପଡ଼େ ନ ବନ୍ଧୁବ କଣ୍ଟା ଗୋ
ଆସ ରହିବ ଆମ୍ଭର
ହବ ହବବେ ଦୁର୍ଗତି ତୋର ଗୋ ।୩।

କୁନ୍ଦଲତା — ହେମାମଣି ! ତମ ଆଗ ଗୋଡ଼ରେ କଣ୍ଟା ବାଜିବ ନାହିଁ ! କାହିଁକି ଏତେ ବ୍ୟସ୍ତ ହେଉଛ ! ଆମେ ଏତେ ବଣ ଦେବତା ପୂଜୁଛୁ, ସେ କଣ କୁଆଡ଼େ ଉଡ଼ିଭଳି ଯିବ ।

ମଲ୍ଲୀକା — ସଖୀଏ ଚାଲ ଟିକଏ ବସିକି ଘାଟ ଆଡ଼କୁ ଯିବା ।

ସେବନ୍ତୀ — ଚାଲୁନା, ହେମାଦେଈ ! ଆଉ ଗୋଟିଏ କଥା, ମଙ୍ଗଳ ବଟ ଗୋସାଇଁଙ୍କର ଖାଉ ପ୍ରତଳା; ସେଇଠି ବଟାଫଳସାରେ ଗଡ଼େଇ ଆଉ ଟିକିଏ ଭୋଗ ହେଲେ ସବୁ ବଳ ଛୁଟିଯିବ ।

ଚମ୍ପା — ତୋର ଖାଲି ଖାଇବା କଥା ।

ମଲ୍ଲୀକା — ହଉ ଚାଲ । [ ପ୍ରସ୍ଥାନ ]

---

## ଚତୁର୍ଥ ଦୃଶ୍ୟ

(ଶଙ୍କର ନାଏକ ଓ ମକର ସେନା)

ଶଙ୍କର—ମକ ହୋ, ମକର ସେନା, କଣ କାହା ସଙ୍ଗରେ ବକର ବକର ହେଉଥିଲ କି ?

ମକର—ଆହେ ଶଙ୍କର ନାଏକ ! ଏ ଚକର ଭେଜିଣ୍ଡା କଥାକୁ ମୋର ଆଉ ଭଲ ନାହିଁ ।

ଶଙ୍କର—କଣ କଣ କଥା କହ !

ମକର - ଆହେ ଦେଖୁଛଟି ଗୋଟାଏ ଘର ଉଜ୍ଜଳ ଆଉ ପୁଣି ଗୋଟାଏ ଝଙ୍କର ଝଙ୍କର କରିଗଲାଣି, ଆଉ କାହା ମୁଣ୍ଡରେ ପୁଣି ନାଚ କୋଳା ହେବ । ଏମିତ ଘରପୋଡ଼ିଆ ଲୋକ ପୃଥି ଦୁନିଆରେ ଅଛନ୍ତି ।

ଶଙ୍କର—ଆରେ ଉଜ୍ଜଳ କଏ ହେଲା ।

ମକର—ଆହେ ରାଜା ଘର ତ ଉଜ୍ଜଳ, ମନ୍ତ୍ରୀ ଘର ତ ଉଜ୍ଜଳ, ମଣିଷ ବୁଝିବୋଲୁ ଯେଉଁ ଚଳିବା ମହାନ ବିପଦରେ ପଡ଼ିଲାଣି ।

ଶଙ୍କର—କଏ ।

ମକର—ଆରେ ସେଇ, ଆଉ କଏ, ବୁଝି ନାହିଁ ଆଉ ଏମନ୍ତ ପୁରୁଷ ସିଂହ କଏ ଅଛି ।

ଶଙ୍କର — କଏ ରାଜାଙ୍କ କଥା କି ?

ମକର — ଅବଧାନେ, ରଜା କାହାକୁ କହୁଛ ହୋ । ରଜା କଣ ସବୁ ଘର ଘର ଘଣ୍ଟା ଗୁଡ଼ି ଗୁମି ବୁଦ୍ଧି କରନ୍ତି । ଏ ତ ଗୋଟାଏ ଅଇଁଠା ଚଟା କୁକୁର । କାହାକୁ ଏବେ କଣ କହିବା ! ଦେଖୁଛ ରଜା ବଡ଼ିଶକୁ ମୂଳପୋଛ କଲା, ପୁଣି ମନ୍ତ୍ରୀଟାକୁ କଏଦ ରଖିଲା । ଆଉ ସେ ମନ୍ତ୍ରୀ ଘରଣୀଟାକୁ ଛାଡ଼ ସେ କଥା ।

ଶଙ୍କର—କଣ କଣ, କଥା କଣ ।

ମକର — ମନ୍ତ୍ରୀଙ୍କ ସ୍ତ୍ରୀଟା ଭାରି ସୁନ୍ଦରୀ ଆଉ ଭଦ୍ର ଲୋକର ଝିଅ । ତାର ଉପରେ ଏ କୁକୁର ଯାଇଁ କଣ କଲା କେଜାଣି, ସେ ମାଇକିନିଆ ଖଣ୍ଡେ ଚିଠି ମନ୍ତ୍ରୀଙ୍କ ପାଖକୁ ଲେଖି ଦେଇ କୁଆଡ଼େ ଚାଲିଗଲା, ତାର ପତା ମିଳୁ ନାହିଁ । ଆଜି ଏକ ଘୋଷଣାର ଦଣ୍ଡ ହେଉଛି । କୋଉଠି ଗୋଟାଏ ରାଜକନ୍ୟା ଅଛି ତାକୁ ଯିଏ ଖୋଜି କରି ଆଣି ଦେବ ସେ ପାଞ୍ଚଶ ସ୍ୱର୍ଣ୍ଣମୁଦ୍ରା ପାଇବ ।

ଶଙ୍କର—ଆଚ୍ଛା କଏ ଭଲ ପାଉଛି !

ମକର — ଆହେ ଯିଏ ମାଡ଼ କହୁଣୀକୁ ମିଠେଇ ରସଗୋଲା ମନେ କରିଥିବ ସେଇ ଯିବ । ମୁଁ ଯାଉଛି ଅବଧାନେ । ମୋର ଟିକଏ କାମ ଅଛି ।

ଶଙ୍କର — ଆସ୍ତେ ଯାଅ (ସ୍ୱଗତ) କଣ ଏଠା କହୁଛି । ସତନା ମିଳୁ, ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା; ଏକ ଦୁଇ ନୁହେଁ ୧୦୦ ପୁଣି ଶହ ଶହ କରି ପାଞ୍ଚ ଶତ । ଏ ସୁଯୋଗ ଛାଡ଼ିବାର ନୁହେଁ । ଯିବା ତ ହିଁ ଭଲବା, ଚେଷ୍ଟା କରିବା ଦେଖାଯିବ । ଓହୋ ପାଞ୍ଚଶ ଏକା ଦେଲେ, ବଡ଼ଲୋକ । ଯିବା ଯିବା ଦେରି କରିବା ଆଉ ପ୍ରୟୋଜନ ନାହିଁ ।

---

## ପଞ୍ଚମ ଦୃଶ୍ୟ

(ପାଲଟରେ, ଶଙ୍କର ନାୟକ, ଦୂତ, ଦୁର୍ଜୟସିଂହ)

ଝିଙ୍କେ ଶୁଣିଯା କଳକାଳ ଗଣ୍ଡକରେ ।
ଝାଙ୍କ ବସିଛୁ କାଳ ତୋର ଚୋଟିକରେ ।
ଫେଣା ହେଲଣିଟି ନଣା ଯୋଷା ଦୁହିଁକରେ
ହଂସାକର ଭୂଷା ହେଲେ ବାଘ ଭାଲୁକରେ ॥
ସାର ବନ୍ଧୁ ମଙ୍ଗଳା ତର୍କି କଲେଣି ହେଳା
ଶଳା ଶାଳୀରେ ଭାବ ପ୍ରୀତିକରେ । ୧ ।
ପାପ ପଙ୍କେ ବୁଡ଼ାଇଲେ ସାଙ୍ଗ ଖାତ୍ରିଙ୍କ ରେ
ଧୋଇ ମନ୍ଦୁଡ଼ ବଡ଼ି ଅକାଳ ମୃତ୍ୟୁ ବାଢ଼
ଯୋଡ଼ିଲ ବାଳବୃଦ୍ଧ ମସ୍ତକରେ । ୨ ।

(ଜ୍ୟୋତିଷଙ୍କ ପ୍ରବେଶ)

ଦୂତ—ଅବଧାନେ ଛାମୁ !

ଶଙ୍କର—ମନ କାମନା ସିଦ୍ଧି ରହୁ, ନବଗ୍ରହ ଏକାଦଶସ୍ଥ ଫଳ ପ୍ରଦାନ କରନ୍ତୁ ।

ଦୂତ—ଅବଧାନେ ! କୁଆଡ଼େ ଆସିଲେ କଣ କଥା କଣ ?

ଶଙ୍କର—ଆରେ ସେହି ଧେଣ୍ଡୁରା ଘଟଣା ଶୁଣି ସ୍ୱୟଂ ଆସିଲୁ, କଣ କେହି ଲୋକ ସଫଳ ହୋଇ ଗଲେଣି ।

ଦୂତ—ନାହିଁ, କେହି ଠିକ୍ ହୋଇ ନାହାନ୍ତି । ଆପଣ କଣ ସେ କାର୍ଯ୍ୟ କରି ପାରିବେ ?

ଶଙ୍କର—ହଁ ଚେଷ୍ଟା କରିବା, ତୁ ଯା, ସାଆନ୍ତଙ୍କୁ ଆମ କଥା କହ ।

ଦୂତ—ଆଜ୍ଞା ମୁଁ ଡାକି ଦେଉଛି । ଆପଣ ଏଇଠାରେ ଥାଆନ୍ତୁ । [ପ୍ରସ୍ଥାନ]

ଶଙ୍କର—(ସ୍ୱଗତ) ଓହୋ ! ପାଞ୍ଚଶ ସ୍ୱର୍ଣ୍ଣମୁଦ୍ରା ଏକାବେଳକେ କୁବେର ହୋଇଯିବା ।

ଦୁର୍ଜୟ—(ପ୍ରଣାମ କରଣ) ଜ୍ୟୋତିଷେ କୁଆଡ଼େ ଆସିଲ ।

ଜ୍ୟୋତିଷେ—ଆଜ୍ଞା ସେହି ଧେଣ୍ଡୁରା ଘଟଣା ଶୁଣି ତ ଧାଇଁ ଆସିଲୁ ।

ଦୁର୍ଜୟ—ଆପଣ ସେ କାର୍ଯ୍ୟ କରି ପାରିବେ ?

ଶଙ୍କର—କଣ ସମୁଦାୟ କଥାଟା ପ୍ରକାଶ କରନ୍ତୁ, ଆମ୍ଭେ ଗଣତନ୍ତ୍ର ସ୍ଥିର କରିବା ।

ଦୁର୍ଜୟ—ସିଂହାପୁର ରାଜା ବସନ୍ତ କେଶରୀଙ୍କ କନ୍ୟା ନାମ ମଲ୍ଲୀକା । ରାଜା ରାଣୀ ଉଭୟେ ମରିଯିବାରୁ କନ୍ୟାଟି ଜଣେ ନବାବ ଖାଁ ନାମକ ସେନାପତି ସାହାଯ୍ୟରେ ପ୍ରତିପାଳିତା ହେଉଅଛି । ବର୍ତ୍ତମାନ ଆମ୍ଭର ଜ୍ୟେଷ୍ଠ ପୂଜ୍ୟତାତ ପ୍ରତାପ ସିଂହଙ୍କ ପୁତ୍ର ବସନ୍ତ ସହିତ ସେ କନ୍ୟାଟିର ଶୁଭପରିଣୟ ହେବାର ସ୍ଥିରୀକୃତ ହୋଇଅଛି । ମାତ୍ର ବସନ୍ତ ତାର ପିତାମାତାଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇ ଥିବାରୁ ନବାବ ଖାଁ ପ୍ରତାପ ସିଂହ ଓ ରାଣୀ ଅନ୍ନପୂର୍ଣ୍ଣାଙ୍କୁ ସିଂହାପୁର ରାଜଗଡ଼ରେ ରଖି ବସନ୍ତ ଅନୁସନ୍ଧାନରେ ଯାଇଛି । ସଙ୍ଗରେ ସୈନ୍ୟସାମନ୍ତ ସମସ୍ତେ ଯାଇଛନ୍ତି । ଇତ୍ୟବସରରେ କେହି ସେ କନ୍ୟାଟିକୁ ଚୋରାଇ ଆଣି ଆମ୍ଭଙ୍କୁ ଦେଲେ ଆମ୍ଭେ ତାକୁ ବିବାହ କରିବୁ, ଆଉ ଯେଉଁ ଲୋକ ଆଣି ଦେବ ତାକୁ ୫୦୦ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବୁ ।

ଶଙ୍କର—ଏଇ ସାମାନ୍ୟ କଥା ତ, ଆମ୍ଭେ ତାର ବାଟ କରିଦେବୁ । କିନ୍ତୁ ଆମ୍ଭ ସଙ୍ଗରେ କେହି ସେପରି ହିମ୍ମତଦାର ଲୋକ ନ ହେଲେ ଆମ୍ଭେ ଏତେ ପଥ ସେ କନ୍ୟାଟିକୁ ଆଣିବୁ କିପରି !

ଦୁର୍ଜୟ—ଯେ ଲୋକ ଯିବ ସେ ରହିବ କେଉଁଠି ?

ଶଙ୍କର—ସେହି ରାଜ୍ୟରେ ବାହାରେ କୌଣସି ଦେବ ମନ୍ଦିର ନିକଟରେ ଛଦ୍ମ ଭାବରେ ରହିଥିବେ । ଆମ୍ଭେ ସେ କନ୍ୟା ନିକଟକୁ ଯାଇ ତାକୁ ଯେନ ତେନୋପାୟେ ସେହି ମନ୍ଦିର ପର୍ଯ୍ୟନ୍ତ ପଠାଇ ଦେବୁ; ମାତ୍ର ତେଣିକି ତାକୁ ଆଣିବାର ବନ୍ଦୋବସ୍ତ, ହେଲେତ ହେଲା ।

ଦୁର୍ଜୟ—ଧନ୍ୟ ଜ୍ୟୋତିଷେ, ଧନ୍ୟ ତୁମର ବୁଦ୍ଧିର ଚାତୁର୍ଯ୍ୟ ।

ଶଙ୍କର—ଆମ୍ଭ ସଙ୍ଗରେ ଆଉ ଯିବ କିଏ ।

ଦୁର୍ଜୟ—ମୁଁ ନିଜେ ଯିବି, ସଙ୍ଗରେ ସେନାପତି ଗଫୁର ଓ କରିମ୍ ମଧ୍ୟ ଯିବେ ।

ଶଙ୍କର — ହଁ, ମାତ୍ର ଗଡ଼ପୁର ଓ କଟକ୍ ସେ ମୁସଲମାନ ।
ଦେବ ମନ୍ଦିର ମଧ୍ୟକୁ ଯାଇ ପାରିବେ ନାହିଁ ।
ଦୁର୍ଜ୍ଜୟ — ଠିକ୍ କହିଛ, ସେମାନେ ସନ୍ନିକଟରେ ଯାନ ବାହାନ ସହିତ ସୁସଜ୍ଜିତ ଥିବେ । ମନ୍ଦିର ମଧ୍ୟରେ ମୁଁ ନଜେ ଥାଇ ଇଙ୍ଗିତ ଦେଲା ମାତ୍ରେ ସେମାନେ ଆସିଲେ ତାକୁ ନେବାର ବନ୍ଦୋବସ୍ତ କରିବା ।

ଗୀତ

( କାହା ଭବେ ବୃତ୍ତେ )

ଧନ୍ୟ ହେ ଜ୍ୟୋତିଷେ ଧନ୍ୟ ତୁମ୍ଭର ସାହସ
ଏ କାର୍ଯ୍ୟ ସାଧନେ ନିଶ୍ଚେ ଲଭିବ ପୌରୁଷ ।
ଶୀଘ୍ର ମଲ୍ଲିକା ଆଣି ମୋ ପାଣରେ ଦେଲେ
ପଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ନେବ ଅବହେଳେ
ସେ ବରବରନା ମୋର ଅର୍ଦ୍ଧାଙ୍ଗିନୀ ଯୋଗ୍ୟ
ଲଗ୍ନ ଧରି ବିଭା ହୋଇ କରିବି ମୁଁ ଭୋଗ୍ୟ ।

ଜ୍ୟୋତିଷ ! ଆଉ ବିଳମ୍ବରେ କାର୍ଯ୍ୟ ନାହିଁ, ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ ।
ଶଙ୍କର — ଆଜ୍ଞା; ଟିକେ ବୃହସ୍ପତି ମେଳଣି ଯୋଗ ଆସେ । ଠିକା ଅଛି ।
ଦୁର୍ଜ୍ଜୟ — ବହୁତ ଭଲ, ପରେ ସମସ୍ତ ବୁଝି ପାଇବେ ।

---

# ତୃତୀୟ ଅଭିନୟ

## ପ୍ରଥମ ଦୃଶ୍ୟ

( କାରାଗାରରେ ଯଶୋବନ୍ତ )

ଯଶୋବନ୍ତ—(ସ୍ୱଗତ) ଦୁର୍ଜ୍ଜୟ ସିଂହ ! ମୋତେ କାରାଗାରରେ ରଖି ମୋର ସ୍ତ୍ରୀର ସତୀତ୍ୱ ନଷ୍ଟ କରିବାକୁ ଯାଇଥିଲୁ, ମୂର୍ଖ ତୁ ଏଡ଼େ କୁଳାଙ୍ଗାର, ରାଜବଂଶରେ ଜନ୍ମ ହୋଇଥିଲୁ, ତୋର ପିତା ବିକ୍ରମ ସିଂହ ଏବଂ ପ୍ରତାପସିଂହଙ୍କ ସେନାପତି କାର୍ଯ୍ୟରେ ଯେ କୀର୍ତ୍ତି ଉପାର୍ଜନ କରି ଯାଇଛନ୍ତି ତାହା ବର୍ଣ୍ଣନାତୀତ । ତୁ ମୂଢ଼ ସେହି ଅକଳଙ୍କ ଚନ୍ଦ୍ର ଭିତରୁ ଯୋଡ଼ାମୁହାଁ ପୁତ ଜନ୍ମ ହୋଇଛୁ । ଚନ୍ଦ୍ରିକା ! ତୁମେ ଦୁର୍ଜ୍ଜୟ ସିଂହର ଅତ୍ୟାଚାର ସହ୍ୟ କରି ନ ପାରି ମୋ ନିକଟ ଏ ପତ୍ରିଟି ପ୍ରେରଣ କରି ସ୍ୱୀୟ ଗୃହ ଚାଲିଗଲ, ମୋତେ ଟିକିଏ ମାତ୍ର ଦେଖା କରି ଗଲନାହିଁ । ମୁଁ ସତେ ଆଉ ଏ ନର ପିଶାଚ କବଳରୁ ମୁକ୍ତ ହୋଇ ତୁମ୍ଭଙ୍କୁ ଦେଖିବି, ବିଶ୍ୱାସ ନୁହେ ! ହେ ଭଗବାନ ! ମୁଁ ତ ଦୁର୍ଜ୍ଜୟ ସିଂହର କେତେ ଉପକାର କରିଥିଲି ତାର ପ୍ରତିଫଳ କଣ ଏଇଆ ପାଇଲି, ହା ଦଇବ !

ଗୀତ

( ଜୟ ଲୀଳାନନ୍ଦ ହରି — ବୃତ୍ତେ )

ନବ ନୀରଦବରନ ହେ ତବ
ଦୟା ଏ ଘନେ କାହିଁକି ।
ଶରଣାଗତ ଜନର ଏ ଆରତ
ନ ଶୁଣ କର୍ଣ୍ଣେ କାହିଁକି ॥
କୁରୁସଭା ତଳେ ଦ୍ରୌପଦୀ ଚଞ୍ଚଳ
କୋଟି ବସ୍ତ୍ର ପ୍ରଭୁ ତାକୁ ଦେଇଛ
ଲଜ୍ଜାରୁ ମୁକତ କଲ ଗୋପୀନାଥ
ଏ ଅନାଥେ କାହେ ବସି ସୁହିଁଛ
ଏ ପାଷଣ୍ଡ ଦୁଷ୍ଟ ଦିଏ ମୋତେ କଷ୍ଟ
(ତାକୁ) ନଷ୍ଟ କର କୃଷ୍ଣ ଦୟାବନ୍ତ
ତୋହ ବିନା ନାହିଁ ଇଷ୍ଟ ମୋର କେହି
କୃପା ଦୃଷ୍ଟି ଦିଅ ମୋହ ପାଇଁକ

---

## ଦ୍ୱିତୀୟ ଦୃଶ୍ୟ

( ଶଙ୍କର ନାୟକ, ମଲ୍ଲିକା ସନ୍ଦେଶ ବୃନ୍ଦ )

ଶଙ୍କର—(ସ୍ୱଗତ) ଦୁର୍ଜ୍ଜୟ ସିଂହ ପ୍ରଭୃତିଙ୍କୁ ନଗର ବାହାରେ ରଖି ଏ ନଗର ମଧ୍ୟରେ ପ୍ରବେଶ କଲି, ମାତ୍ର କାହିଁକି ଏତେବେଳ ପର୍ଯ୍ୟନ୍ତ କୌଣସି ଗୋଟିଏ ଲୋକର ସାକ୍ଷାତ ପାଇଲି ନାହିଁ, କଣ କରିବି । ମଲ୍ଲିକା କେଉଁଠାରେ ଅଛି କପରି ତାର ସାକ୍ଷାତ କରିବି ! ଆଚ୍ଛା ଏଇଠାରେ ଡାକିଲେ ସମସ୍ତ ଜଣା ପଡ଼ିବ ।
ମହାରାଜାଙ୍କର ଅଧିକରୁ ଅଧିକ ନେଇ, ଭୂଷଣ ବର୍ଜ୍ଜିତ ହେଇ, ଏ ଗଳିର ଜ୍ୟୋତିଷଙ୍କୁ ଗଣ୍ଡେ ଭିକ୍ଷା ମିଳୁ ।

( ସେବତୀ ହାତ ଦେଖାଇ ଜ୍ୟୋତିଷକୁ ଦେବା )

ଶଙ୍କର—ମା ? ମୁଁ ଜଣେ ବିଦେଶୀ ଜ୍ୟୋତିଷ । ମୋତେ ଦକ୍ଷିଣା ଭୋଜନ ମୁତାବକ ଗୋଟିଏ ସିଧା ମିଳୁ, ମୁଠାଏ ଚାଉଳ କଣ ହେବ ? ଯାଅ ତୁମର ମାଲିକଙ୍କୁ ଜଣା, ଜଣେ ଭୂତ ଭବିଷ୍ୟତ-ଜ୍ଞାତା ବୃଦ୍ଧ ଜ୍ୟୋତିଷ ବିଦେଶରୁ ଆସିଛନ୍ତି । କୋଷ୍ଠୀପତ୍ର ଦେଖିପାରନ୍ତି । ଯଦି କାହାରି କିଛି ବୁଝିବାକୁ ଥାଏ, ତେବେ ଆସି ପଚାରନ୍ତୁ । ଆମେ କିଛି ମାଗଣା ମାଗୁନାହିଁ ।

ସେବତୀ—ଅବଧାନେ ! ମୋ ହାତ ଟିକଏ ଦେଖିଲ—

ଶଙ୍କର—ବାଃ, ବାଃ, ଖାସା ହାତଟିଏ, ଛନ୍ଦ କପଟ କିଛି ନାହିଁ । ୧୨୦ ବର୍ଷ ପରମାୟୁ । ଆଚ୍ଛା, ତୁମର ମନେ ଅଛି, ତୁମକୁ ବ ୮ ର୍ଷ ମା ୯ ସ ଠେଇଁ ଜଳଭୟ କିଛି ହୋଇଥିଲା ?

ସେବତୀ—ସତ, ସତ, ମୁଁ ପଗ ଗାଧୋଇ ଗାଧୋଇ ବୁଡ଼ି ଯାଉଥିଲି ! ତେବେ ତେମେ ଏଇଠି ଥାଅ, ମୁଁ ଏ ସବୁ ଭିତରୁ ଯାଇ ଜେମାଙ୍କୁ କହିବି, ତାଙ୍କର ଗୋଟିଏ କଥାରୁ ପଚାରିବାକୁ ଥିଲା ।

( ପ୍ରସ୍ଥାନ )

ଶଙ୍କର—(ସ୍ୱଗତ) ଦେଖାଯାଉ, ଚେଷ୍ଟା କରୁ କରୁ ଯେଉଁ ପର୍ଯ୍ୟନ୍ତ ଯିବ । ପୁଣି ପାଉଟା ଠିକ୍ ଥିଲା ଭରି ଜଣା ପଡ଼ୁଛି । ଏଇ ଆସିଲେ ସେ !

( ସମସ୍ତେ ଆସି ଜ୍ୟୋତିଷଙ୍କୁ ପ୍ରଣାମ କରଣ )

ଶଙ୍କର—ମା, ଅଛି ସୁଲକ୍ଷଣୀ ହୁଅ; ଧନଜନ ଗୋପ-ଲକ୍ଷ୍ମୀ ମାଡ଼ଯାଉ । ନବଗ୍ରହ ଏକାଦଶସ୍ଥା ଶୁଭଫଳ ପ୍ରଦାନ କରନ୍ତୁ ।

କୁନ୍ଦଲତା—ଭଲ ହେ ଅବଧାନେ, ଚମକୁ ପଣା ସାଧି ଆସେ ।

ସେବତୀ—ତେଣିକି ଆସେ ବୋଲି କଣ ପଚାରୁଛ-ମ, ମୋ ହାତକୁ ଭଗ ଖାଲି ଦେଖି ଦେଖି ସବୁ ଯାହା ମୋ ପିଲାଟି ବେଳୁ ଘଟିଥିଲା ଠିକଣା କହିଗଲେ ।

କୁନ୍ଦଲତା—ଜେମାମଣି, କଣ ପଚାରିବ ପଚାରୁ ନା !

ଶଙ୍କର—ମା ! ପୁରୋହିତ, ବୈଦ୍ୟ ଜ୍ୟୋତିଷ ଏ-ମାନଙ୍କୁ ଲଜ୍ଜା କରିବାର ନୁହେଁ । ଯାହା ମନର କଥା ତା ପ୍ରକାଶ କରନ୍ତୁ ।

ମଲ୍ଲିକା - ଗୀତ

( ବଙ୍କ୍ରର ନଶ୍ଟେ ମରିବ – ଝୁମ୍ପେ )

କହ ହେ ଜ୍ୟୋତିଷ ମୋର ପଡ଼ିଛି କି ଦଶା ।
ଅଙ୍ଗରେ କୁଲକ୍ଷଣ ଦେଖି ଉଡ଼େ ହଂସା
ହେ ଜ୍ୟୋତିଷେ । ପଦ ।
ଦକ୍ଷ ନେତ୍ର ଦକ୍ଷବାହୁ କମ୍ପୁଅଛି ମୁହୁର୍ମୁହୁ ।
ଜଣାଯାଏ ପ୍ରାଣେ ଆଉ ନାହିଁ ମୋ ଭରସା ।
ଦିବସେ ପେଚକ ରଡ଼ି, ଶୁଭୁଅଛି ଘଡ଼ି ଘଡ଼ି,
କି ବିପଦ ମୋତେ ମାଡ଼ି ଆସିବ ସହସା ।
କୁହୁଡ଼ି ଘୋଟିଲା ପରି, ଦିଗ ଦିଶେ ହତଶିରି
କହ, ସଂଶୟ ନ କରି କି ହେବ ଦଶା ହେ ।

ଜ୍ୟୋତିଷେ ! କହନ୍ତୁ ଏ ସବୁ ଘଟିବାହାରୁ ମୋର ଭବିଷ୍ୟତ ଗତି କଣ ହେବ ? ଏଇ ନିଅନ୍ତୁ ମୋ ଜନ୍ମ-ପତ୍ରିକାଟି ଦେଖନ୍ତୁ ।

ଶଙ୍କର—ଜନ୍ମ ପତ୍ରିକା କଣ ଦେଖିବା, ତୁମେ ଯେତେ-ଗୁଡ଼ିଏ କୁଲକ୍ଷଣ କହିଗଲଣି, ସେଥିରେ ତୁମର ଭାରି କିଛି ଅନିଷ୍ଟ ହେବାର କଥା । ତୁମେ ଏଥିକି ସଦ୍ୟ ପ୍ରତିକାର କରିବା ଦରକାର । ତୁମର ମିଥୁନ ରାଶିକୁ ବର୍ତ୍ତମାନ ବୃହସ୍ପତି ଅଷ୍ଟମ । ତୁମେ ଅବିବାହିତା, ନଚେତ୍ ତୁମର ଏଠି ବୈଧବ୍ୟ ଯୋଗ ଘଟିବାର କଥା ।

ସେବତୀ—ଆଚ୍ଛା ଅବଧାନେ, କହିଲ ଭଲା, ଜେମାଙ୍କର ଶୁଭପରିଣୟ କେବେ ହେବ ?

ଜ୍ୟୋତିଷ—ଏଇ ତିନିମାସ ମଧ୍ୟରେ ହେବାର କଥା ।

କୁନ୍ଦଲତା—ଆଚ୍ଛା କେଉଁଠି ହେବ ?

ଜ୍ୟୋତିଷ—ଜେମାଙ୍କ ସମ୍ବନ୍ଧରେ ଗୋଟିଏ ପାତ୍ର ବୋଧହୁଏ ଠିକ୍ ହୋଇଥିଲା; କିନ୍ତୁ ସେ ପାତ୍ରଟି ଯୋଗ୍ୟ, ଖୁବ୍ ସମ୍ଭ୍ରାନ୍ତ ବଂଶୀୟ, ଆଉ ହେଲେ କଣ ହେଲା, ଏଇ ତିନିଦିନ ମଧ୍ୟରେ ତାଙ୍କୁ ମାର୍କ । ସେଥିଯୋଗୁ ଜେମାଙ୍କୁ ଏପରି ସବୁ କୁଲକ୍ଷଣ ଦେଖାଯାଉଛି ।

ସେବତୀ—ସତ୍ୟ ! ଆଉ ସନ୍ଦେହ ରହିଛି କଣ ? ସେ କଥାକୁ ଏ କଥା ତ ଠିକ୍ ଘଟିଲା । ଭଲ ହୋ ଅବଧାନେ ! ଏଥିକି କିଛି ପ୍ରତିକାର ବାଟ ନାହିଁ ।

ଜ୍ୟୋତିଷ— ତାଙ୍କ କଣ ଟିକିଏ ବିଳମ୍ବ ପଡ଼ିବ, କହୁଛନ୍ତି କିଏ ?

ମଲ୍ଲିକା— ମଣି ଗୋ ! ମୁଁ ଆଗରୁ ଯାହା ଅନୁମାନ କରୁଥିଲି, ଏବେ ସେଇଆ ଘଟିଲା । ଜ୍ୟୋତିଷେ ! ମୋତେ ତାର ପ୍ରତିକାରର ବାଟ କହନ୍ତୁ ।

ଜ୍ୟୋତିଷ— ଆଚ୍ଛା, ତୁମ୍ଭର ଗଡ଼ର ବାହାରେ କୌଣସି ଶିବମନ୍ଦିର ଅଛି କି ?

କୁନ୍ଦଲତା— ହଁ ଅଛି ।

ଜ୍ୟୋତିଷ— କେଉଁଠି ?

ସେବତୀ— ନଈ ଘାଟ ପାଖରେ ତ, ଆମ୍ଭେମାନେ ନିତି ଯିବା ଆସିବା କରୁ । କଣ ହବ କହିଲ—

ଶଙ୍କର— ବର୍ତ୍ତମାନ ଅଠେଇ ଦିନ ପର୍ଯ୍ୟନ୍ତ ସେ ଶିବ ମନ୍ଦିରରେ ଜେମା ନିଜେ ସନ୍ଧ୍ୟା ଛଅଟାଠାରୁ ସାତ ଟା ପର୍ଯ୍ୟନ୍ତ ଯେବେ ଗୋଟିଏ ମନ୍ତ୍ର ଜପ କରିବେ, ତେବେ ସବୁ ବିଘ୍ନ ଛୁଟି ଯିବ । ସେ ମନ୍ତ୍ରଟି ଆମ୍ଭେ ଲେଖିଦେବା ।

କୁନ୍ଦଲତା— ସେ କଣ ଏକା ଏ କାର୍ଯ୍ୟ କରିବାକୁ ଯିବେ ? ତା ତ ହେବ ନାହିଁ !

ଶଙ୍କର— ତୁମ୍ଭେମାନେ ସମସ୍ତେ ଯାଇପାର, କିନ୍ତୁ ପୁରୁଷର ଛାଇ ସେଠାରେ ପଡ଼ିବ ନାହିଁ । ମୋତେ ବିଳମ୍ବ ହେଲାଣି । କଣ ହୁକୁମ ହେଉଛି ହୋଇ ଯାଉ । ମୁଁ ଯାହା କହିଲିଣି ତୁମ୍ଭେ ଶୀଘ୍ର ତାର ବନ୍ଦୋବସ୍ତ କରିବଅ, ସବୁ ବିଘ୍ନ ଛୁଟିବ ।

ମଲ୍ଲିକା— ଯଦି ! କଣ କରିବ, ତୁମ୍ଭେମାନେ ମୋତେ ସାହାଯ୍ୟ ହେବ ।

କୁନ୍ଦଲତା— ସ୍ୱାମୀ କଥା ନା କଣ ? ପ୍ରାଣ ମାଗିଲେ ଦେଇ ପାରୁ, ଏତ କି କଥା !

ମଲ୍ଲିକା— ଜ୍ୟୋତିଷେ ! କହନ୍ତୁ ସ୍ୱାମୀ କେବେ ଆସିବେ ?

ଶଙ୍କର— ଆଜି ହେଲା ମଙ୍ଗଳବାର, ଆଜିର ବାର ଦିନ୍ ଆଠଦିନ ଆସି ପହଞ୍ଚିବେ । ଏଇ ସେ ଜପମନ୍ତ୍ରଟି ।

(ଏହା କହି ପ୍ରଦାନ)

ମଲ୍ଲିକା— ଚାଲ ମଣି, ମୋ ମନ ଆଉ କେଉଁଠି ଲାଗୁ ନାହିଁ । (ପ୍ରସ୍ଥାନ)

ଶଙ୍କର—(ସ୍ୱଗତ) ଗାଞ୍ଜଣର ପୁଷ୍ଟିମୁଦ୍ରା, ବାଃ ବାଃ ଏକାବେଳକେ ପାଞ୍ଚଶ । ଏ ଅରକ୍ଷିତ ଦଶା କଟିଗଲା । ଯିବା ଦୁର୍ଜ୍ଜୟ ସିଂହଙ୍କୁ ସେ ଶିବମନ୍ଦିର ନିକଟରେ ପହଞ୍ଚାଇବା । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

(ଦୁର୍ଜ୍ଜୟ ସିଂହ, ଗଫୁର ଖାଁ, ଶଙ୍କର ନାଏକ, ଦୂତ, ମଲ୍ଲିକା ଓ ସହଚରୀବୃନ୍ଦ ।)

ଦୁର୍ଜ୍ଜୟ— ଜ୍ୟୋତିଷେ ! ଆମ୍ଭେମାନେ କେଉଁଠାରେ ଅପେକ୍ଷା କରିବା, ତାଙ୍କ ଆସିବା ଆଉ କେତେ ବିଳମ୍ବ ପଡ଼ିବ ।

ଜ୍ୟୋତିଷେ— ଆମ୍ଭେମାନେ ଏହି ମନ୍ଦିରର ପଛ ପାଖ ସେ ଗଛ ଉହାଡ଼ରେ ବସିବା । ଯେପରି କନ୍ୟାର ଦୃଷ୍ଟି ଆମ୍ଭମାନଙ୍କଠାରେ ନ ପଡ଼େ, ସେ ତ ବର୍ତ୍ତମାନ ପ୍ରାୟ ଆସିଯିବେ ।

ଦୂତ— ଅବଧାନେ ! ଏଇ ତ କେତେଗୁଡ଼ିଏ ମାଇପେ କାହିଁକି ଏ ଆଡ଼କୁ ବାଟେଇଛନ୍ତି ।

ଶଙ୍କର— ମହାରାଜ ! ଲୁଚିଯାନ୍ତୁ, ଏ ତ ସେଇମାନେ ଆସିଲେ ପରା ।

ଜେମା ଓ ସଖିଗଣଙ୍କ ଗୀତ—

( ମଦ ନଶାଟା କେତେ—ବୁଝେ )

ପ୍ରିୟ ସଜନି ଗୋ ଦେଖ ସଞ୍ଜ ହେଲଣି
ଖରକୂଳ ରବି ନଭେ ପଡ଼ିଗଲଣି,
ନିଶାମଣି ହରଷେ
ଉଇଁଲେଣି ଗଗନ ଅକାଶେ
ସୁହାସିନୀ କୁମୁଦିନୀ ବିକଶିଲଣି
ବନେ ନାନା କୁସୁମ
ଫୁଟି ଦିଶୁଛି ଦେଖ କି ମନୋରମ
ଦକ୍ଷିଣେ ପବନେ ବାସ ବହିଲଣି ।

କୁନ୍ଦଲତା— ସ୍ୱାମୀ ତ ଆସିବ, ଏମିତ ଗୋଡ଼ ନଟେଇ ନଟେଇ ପକାଉଛ କଣ ମ ?

ସେବତୀ— ତେବେ ଲୋ ଭଉଣୀ ଖାଇ ପିଇ ଭରି ମୁହଁରେ ଫିକା ହୋଇଛ ଯେ, ତମକୁ କିଛି ବାଧୁ

ନାହିଁ । ମୁଁ ତ ଜର ଶରଦରେ ସଢ଼ ପଡଯାଉଛି,
ମୋର ବଳ କୋଉଠୁ ଆସିବ ଲୋ ମା' ।
ମଲ୍ଲିକା—ସଖି ! ସବୁ ଦିନେ ତ ବାପାଙ୍କ ପାଖକୁ ଆସୁଥାଇ,
କେଡ଼େ ଭଲ ଲାଗେ, ଆଜି କାହିଁକି ଏ
ସ୍ଥାନଟା ଏପରି ମାଡ଼ ମାଡ଼ ପଡ଼ୁଛି !
ବସନ୍ତ—ହିଁ, ହିଁ, ଖାଲି ସାହିଁ ସାହିଁ ଶବ୍ଦ
ହେଲାପରି ଲାଗୁଛି ଜେମାଦେଈ ! ତମ କାର୍ଯ୍ୟ
ବଢ଼ାଅ ଚଞ୍ଚଳ ଫେରିଯିବା ।
( ଜେମାର ହରଙ୍କ ନିକଟରେ ସ୍ତୁତି )
ହର ହେ ମୋର ହର ଦୁର୍ଦ୍ଦଶା ।
ହେ ଚନ୍ଦ୍ରଶେଖର ଭୋଳା ମହେଶ୍ୱର
ଶ୍ମଶାନବାସୀ ବିଭୂତି ଭୂଷା ।
କଇଳାସପତି ପ୍ରଭୁ ଉମାପତି
ଘୋଟିଛି ମୋତେ ଏ ଘୋର ବିବଶା ।
ଆହେ ତ୍ରିଲୋଚନ ମୋ ଦୁଃଖ ଖଣ୍ଡନ
ନ କଲେ ନିଷ୍ଟୟ ଉତ୍ତଳ ହିଂସା । ୧ ।
ଦେବ ଦେବ ମହା- ଦେବ ରୁଦ୍ର ଶିବ
ଶମ୍ଭୁ ଶୁଣ ମୋର ଶୁଣ ଦୁର୍ଦ୍ଦଶା ।
ହେ ଚନ୍ଦ୍ରମଉଳ ବାମଦେବ ଶୂଳ
ଏ ବାମାର ବାରେ ତୁମ୍ଭ ଭରସା ।
(ଇତ୍ୟବସରରେ ଦୁର୍ଜ୍ଜୟ ସିଂହ ପ୍ରବେଶି ମଲ୍ଲିକାକୁ
ଧରନ୍ତେ । )
ଦାସୀଗଣ—କିଏ ତୁମ୍ଭେ, ଆମ୍ଭ ଜେମାମଣିକ କେଉଁଠି କି
ନେଉଛ କହ, କହ ।
ମଲ୍ଲିକା—ସଖିଏ ! ମୋତେ ଧର ।
ଦାସୀଗଣ - ହେ, ଆମ ଜେମାକୁ ଛାଡ଼ିଦିଅ ।
ଦୁର୍ଜ୍ଜୟ—( ଠେଲି ଦେଇ ପ୍ରସ୍ଥାନ )
ମଲ୍ଲିକା—ସଖି ଟେ' ।
ଦାସୀଗଣ— (ଗୀତ)
( ଆଜ ଦେଖିଲି ବନମାଳୀ କି—ବୃତ୍ତେ )
ପ୍ରିୟ ସଜନୀ ଗୋ,
ଆମ୍ଭରେ ଛାଡ଼ିଲେ କେଣିକି ।
ହରିଲା ଚୋରେ ଧନ ନ ରହେ ପିଣ୍ଡେ ପ୍ରାଣ
ଅନ୍ଧାର ଦିଶେ ସବୁ ଯେଣିକି !
କି ହେଲା ବୋଲି ଘରେ କିସ କହିବୁ ତାଙ୍କରେ
ଦଶ ଭଗିବୁ ନିଶ୍ଚେ ଏଣିକି ।
ଏ ଅଲେଢ଼ା ଘଟଣ ଆଉ କି ପ୍ରୟୋଜନ
ଝାସ ଦେବା ଗୋ ଗୁଲ ପାଣିକି । (ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

( ପ୍ରତାପ ସିଂହ, ଅନ୍ନପୂର୍ଣ୍ଣା ଓ ସହଚରୀ )

ପ୍ରତାପ—ଦେବି ! ଆମ୍ଭମାନଙ୍କ ଏ ପୋଡ଼ାକପାଳକୁ ସବୁ ଅମଙ୍ଗଳ ଆସି ଘଟୁଛି । ପୁତ୍ରଜନ୍ମ ଦିନ ଯେତେବେଳେ ପୁତ୍ରର ଶୁଭ କାର୍ଯ୍ୟମାନ ଦେଖି ଏ ନେତ୍ର ସଫଳ କରିଥାଆନ୍ତେ, ସେତେବେଳେ ପୁତ୍ରକୁ ହରାଇବସିଲୁ । ପୁଣି ଏଠାରେ ପାପ ପଲ୍ଲୀମାନେ ଏ କନ୍ୟାଟିକୁ କିଏ ନେଇଗଲେଣି । କଣ କରିବା, ନବାବ ଖାଁଙ୍କୁ କଣ ବୋଲି କହିବା । ସେ ବସନ୍ତର ସନ୍ଧାନକୁ ଗଲାବେଳେ ମୋତେ ବାରମ୍ବାର ଭଲ କନ୍ୟାଟିର ଚଳୁ ନେବାକୁ କହିଯାଇଥିଲେ । ମୁଁ ମୂର୍ଖ କଣ କଲି ! ଏବେ କଣ କରିବା । ହେ ଭଗବାନ, ଆମ୍ଭମାନଙ୍କ ପ୍ରାଣ ଛାଡ଼ିଯାନ୍ତା ହେଲେ, ଭଲ ହୁଅନ୍ତା । ନବାବ ଖାଁ ସହାଇଠାରୁ ଫେରିଆସି ମଲ୍ଲିକାର ଦୁର୍ଦ୍ଦଶା ଶୁଣି ଅବାକ୍ ହୋଇ ବସିଛନ୍ତି ।
ଅନ୍ନପୂର୍ଣ୍ଣା—ନାଥ ! ନବାବ ବୋଧହୁଏ ଆମ୍ଭମାନଙ୍କ ଠାରେ ବିରକ୍ତ ହୋଇ ଆଉ ଆମ୍ଭ ନିକଟକୁ ଆସୁନାହାନ୍ତି । କଣ କରିବା । ନାଥ ! ମୁଁ ବସନ୍ତକୁ ହରାଇଥିଲି, ପୁଣି ପର ଝିଅଟିର ଆଶ୍ରୟରେ ରହି ତାକୁ ମଧ୍ୟ ହରାଇଲି । ସ୍ୱଳ ନାଥ, ଆମ୍ଭମାନଙ୍କ ଗ୍ରହ ତ ଖରାପ, ଆମ୍ଭେ ଯେଉଁଠି ପାଦଦେବା ସେ ସ୍ଥାନର ଶିରୀ ଯିବ । ମୃତ୍ୟୁ ଆମ୍ଭମାନଙ୍କର ଶ୍ରେୟସ୍କର ।
ନବାବ (ପ୍ରବେଶ) ବନ୍ଧୁ ! ବୃଥା ଭାବନା ଆଉ କରନାହିଁ । ମୁଁ ଦାସୀମାନଙ୍କଠାରୁ ସେ ସବୁ ବିଷୟ ଭଲକରି ଶୁଣିଲଣି । ସେଥିରୁ ସ୍ପଷ୍ଟ ଜଣାପଡୁଛି, ଦୁର୍ଜ୍ଜୟ ସିଂହ କୁକର୍ମ କରି ମଲ୍ଲିକାକୁ ମୋର

ଅପହରଣ କରି ନେଇଛି । ବର୍ତ୍ତମାନ ସଦ୍ୟ ପ୍ରତିକାର
କରିବା ଧର୍ମ । ମୋ ସଙ୍ଗରେ ଚାଲନ୍ତୁ ।
ପ୍ରତାପ —ଚାଲନ୍ତୁ !

—*—

## ପଞ୍ଚମ ଦୃଶ୍ୟ

( ଦୁର୍ଜୟସିଂହ, ଗଫୁର ଖାଁ, ଶଙ୍କର ନାୟକ,
ଦୂତ, ମଲ୍ଲିକା, କମଳା ଓ ଜ୍ୟୋତି )

ମଲ୍ଲିକା —ହେ ଯୁବକ ! ମୋତେ କ୍ଷମାକର, ମୁଁ ତୁମର
କିଛି ଦୋଷ କରି ନାହିଁ । ମୋତେ କାହିଁକି ଏତେ
ଯନ୍ତ୍ରଣା ଦେଉଛ ?

ଦୁର୍ଜୟ —ତୁମେ ରାଜକନ୍ୟା, ତେବେ କୌଣସି ରାଜପୁତ୍ରର
ସହଧର୍ମିଣୀ ହୋଇଥାନ୍ତ । ତେବେ ଆମ୍ଭକୁ ପତିରେ
ବରଣ କରିବାରେ ଆପତ୍ତି କଣ ? ଆମ୍ଭେ କଣ ଉପଯୁକ୍ତ
ନୋହୁ ।

ଦୂତ—ହଇ ହେ ରାଜକେମା ! ଆମ ରାଜାଙ୍କ ରୂପକୁ
ଆପଣଙ୍କ ରୂପ ବ ଠିକ । ଆମ ରାଜାଙ୍କର ପାଟରାଣୀ
ହୋଇ ବସିବ । ଆଉ ମନରେ ଏତେ ଦୁଃଖ
କାହିଁକି କରୁଛ ?

ମଲ୍ଲିକା— ଗୀତ

( ଏ ଦୁଷ୍ଟି କରବ କେଣିକ—ତ୍ରିତାଳ )

ନରପତି ହୋଇ କର ଅନ୍ୟାୟ
ପର ନାରୀରେ ବଳାଉଛ ମତି
କ୍ଷତ୍ରିରେ ଅକାର୍ଯ୍ୟ ଦେବନି ଜାଣ
ଶୌର୍ଯ୍ୟ କୁଳକୁ ବଡ଼ ଦୂଷଣ
ଅଟନ୍ତି ଧାର୍ମିକ ରାଜା
ଅଧର୍ମ କଥା ନ କରନ୍ତି ଆଜ ।

ହେ ବୀର ! ତୁମ୍ଭେ ରାଜପୁତ୍ର ହୋଇ ଏପରି
ଅନ୍ୟାୟ କାର୍ଯ୍ୟ କରିବା କଣ ଉଚିତ ମନେ କରୁଛ ?

ଦୁର୍ଜୟ—କିଛି କ୍ଷତି ନାହିଁ, ଆମ୍ଭେ ରାଜା, ତୁମ୍ଭେ ରାଜ-
କନ୍ୟା । ଏଥିରେ ଅନ୍ୟାୟ କଣ ହେଉଛି । ସେ
ସବୁ ଛାଡ଼ିଦିଅ ।

ମଲ୍ଲିକା — ଗୀତ

ଯେତେବେଳେ ଯାକୁ ବରିଛି ମୁହିଁ
ତାଙ୍କ ବିନା ଅନ୍ୟ କେ ମୋର ନାହିଁ
କାହିଁକି ମୋତେ କର ହରବର
ପତିବ୍ରତା ଧର୍ମ ନ ତୁଟିବ ମୋର
ଆହେ ନରପତି
ପର ପୁରୁଷେ ନାହିଁ ମୋର ମତି ।

ହେ ଯୁବକ ! ମୋର ଧର୍ମପିତା ମୋ ନିମିତ୍ତ ପତି
ଅନ୍ୱେଷଣେ ଯାଇଛନ୍ତି, ପ୍ରାୟ ଏହି ଦୁଇଦିନ ମଧ୍ୟରେ
ଫେରି ଆସିବେ । ତୁମ୍ଭେ ମୋତେ ଛାଡ଼ିଦିଅ, ମୁଁ ପିତାଙ୍କ
ଠାରୁ ଯାହାଙ୍କ ନାମ ଶୁଣିଛି, ତାଙ୍କୁ ସେହି ମୁହୂର୍ତ୍ତରେ
ପତିରୂପରେ ବରଣ କରିଛି । ମୋତେ କ୍ଷମାଦିଅ, ମୋର
ପତିବ୍ରତା ଧର୍ମରେ ବାଧା ଦିଅନା ।

ଦୁର୍ଜୟ—ସୁନ୍ଦରୀ ! ସେ ଉପଦେଶରୁ କଣ ମିଳିବ !
ମୁଁ ସେ ସବୁ କିଛି ଶୁଣିବି ନାହିଁ । ଜ୍ୟୋତିଷେ !
ଆମ ସୁନ୍ଦରୀ ମଣିଙ୍କୁ ଧରେଇ ଦେଲଣି, କପରି
କବା କହିଲ ?

ଜ୍ୟୋତିଷ—ଦୂତ ଟିକିଏ କାନ୍ଧକରି ନେଇ ଯାଉ ।

ଦୂତ—କାହିଁକି, ଆପଣ ନେଇ ନାହାନ୍ତି ? ମୁଁ ଅଣ୍ଡିରି
ପୁଅଟାଏ ମାଇକିନିଆଟାକୁ କାନ୍ଧରେ ବସାଇକରି
ନେବି । ନା, ନା, ମୁଁ ପାରିବି ନାହିଁ ।

ଗଫୁର—ଇନ୍ସର କେନେକୋ ହୋଗା ।

ଦୂତ—ଆରେ ଯା ହୋ, ମୋତେ ଗୋଲ୍ଲ ଦେଖିଲ ନା
କଣ ? ଯେଉଁ ଜାତିକୁ ସେ ଟାଣ, ତେମେ ସିନା
ସୁରି ଦଉଡ଼କଟା ଲଙ୍କା ପଙ୍ଗାର । ନହୁନା
ତେମେ ।

ଗଫୁର—ହାମ ଲେଜକା ମୁସଲମାନ ଧରମ୍‌ମେ ଏସା
କାମ ନେହିଁ ।

ଦୂତ—ତେବେ ଅମର ଧର୍ମରେ ଅଛି ମାଇକିନିଆ
ମୁଣ୍ଡେଇ କରି ଯିବୁ ।

ଜ୍ୟୋତିଷ—ମହାରାଜ, ଏତେ ଲୋକଙ୍କୁ ଖୋସାମତି
କାହିଁକି ? ଆମେ ଧରିବୁଁ ।

ମଲ୍ଲିକା—ଓହୋ ! କାହିଁକି ମୋତେ କୁଆଡ଼େ ନେଇ
ଯାଉଛ ? କିଏ କେଉଁଠାରେ ଅଛ ମୋତେ ଏ
ବିପଦରୁ ରକ୍ଷାକର ।

ଗୀତ

ଆହେ ଦେବାଦେବ କେ କେଉଁଣେ ଅଛ
ଏ ଅଭାଗିନୀ ଦୁଃଖ ଦେଖି ନ ଆସ
ନିସ୍ତାରି କଲେ ମୁଁ ଗଲାଣି ସର
ମଲି ଏ ନୃଶଂସ କବଳେ ପଡ଼ି
ଆହେ ଧର୍ମ ଦେବ
ତୁମ୍ଭ ବିନା ସାହା କେ ମୋର ହେବ । ୩ ।

ହେ ଦଣ୍ଡଦାତାଗଣ ! ହେ ଦେବାଦେବୀଗଣ ! କେ କେଉଁଠାରେ ଅଛ, ରକ୍ଷାକର, ରକ୍ଷାକର !

(ନେପଥ୍ୟେ) ଭୟନାହିଁ ଧୈର୍ଯ୍ୟ ଧର । (ପ୍ରବେଶି)

ବସନ୍ତ— ତୁଷ୍ଟ କରେ ସେହି ଶତ୍ରୁ କୁଳାନ୍ତକ ଦୁର୍ଜ୍ଜୟ ସିଂହ ।
କହ ଏ କାହାର କନ୍ୟା,
ବଳେ ବଳେ କରୁଛୁ ହରଣ ? ମୂର୍ଖ କ୍ଷତ୍ରି ପୁତ୍ର ହୋଇ ,
କି କୁକର୍ମ୍ମ କାର୍ଯ୍ୟେ ହୋଇଛୁ ପ୍ରବୃତ୍ତ ।

ଗୀତ
(ଆଲେ ହୁବସ୍ସ୍ଗ—ରୁଦ୍ରେ)

କହ ରେ ବର୍ବର ଏ କନ୍ୟା କାହାର
ଶେଷରି ନେଉଛୁ ବଳେ
ଦେଖୁନାହୁଁ ଯୋଷା ଲଭୁଛି କି ଦଶା
ତୋ ପଦ ତଳେ ଆକୁଳେ
ମୁକ୍ତି ନ ଦେଲ ବାରେ
ଦୁର୍ଗତି ବାନ୍ଧ ହେନଯାଇ ଅଛୁ ରେ ତାରେ । ୧ ।

ମୂର୍ଖ, ସେ କନ୍ୟାର ବିକଳ ଦେଖି ତୁମ୍ଭମାନଙ୍କ ମନରେ ଦୟା ଆସୁନାହିଁ । ନିର୍ବୋଧ ! ଶୀଘ୍ର ତାକୁ ବନ୍ଧନରୁ ମୁକ୍ତ କର, ନଚେତ୍ ଦେଖିବୁ ।

ଦୁର୍ଜ୍ଜୟ—(ସହାସ୍ୟେ) ଅଜ୍ଞା, ଆଜ୍ଞା ।

ବସନ୍ତ— ଗୀତ

ଆରେ ନରାଧମ କରୁ ମନ୍ଦ କର୍ମ
ସତ୍ତ୍ୱକ ନାହିଁକି ଧର୍ମ
କେତେ ଦିନ ପାଇଁ ଜନ୍ମିଛୁ ତୁ ମର୍ତ୍ତ୍ୟ
ଧରି ଏ ମାନବ ଜନ୍ମ
ଲଭ ମୋକ୍ଷ ନ କଲେ
ମୂର୍ଖ ପଡ଼ିବ ନିଶ୍ଚେ ଯମର କବଳେ । ୨ ।

ମୂର୍ଖ ! ତୁ ଯେଉଁ ନୃଶଂସ କାର୍ଯ୍ୟରେ ପ୍ରବୃତ୍ତ ହେଉଛୁ, ନିଶ୍ଚେ ତାର ଫଳ ଅଚିରେ ଭୋଗ କରିବୁ । ଯେବେ ଭଲ ଚାହୁଁ ଅଛୁ, ଏ କନ୍ୟାକୁ ମୋକ୍ଷ ଦେ ।

ଦୁର୍ଜ୍ଜୟ—କିଏ ତୁରେ ଶିଶୁ,
କାହାବଳେ ଏତେ ଦମ୍ଭେ କହୁ ମତେ କଥା ।

ବସନ୍ତ—ମୂର୍ଖ ! ଚିହ୍ନି ପାରୁନାହୁଁ ?

ଦୂତ—ସେନାପତେ ! ଏ ତ ସେହି ।

ଦୁର୍ଜ୍ଜୟ— ଗୀତ

ଆରେ ଆରେ ଛୋଟା ଏଡ଼େକ ନଲଠା
ଉଚ୍ଚା ଉପହାସ କରୁଛୁ ମତେ
ଗୋଲଠା ମାଡ଼ରେ ତୋ ପିଠି ଭାଙ୍ଗିବ
ହଣ୍ଟହଟା ବଡ଼ କଲୁଣି ମୋତେ ।
କଥାରେ କଥାରେ ଯାଉ ତୁ ବଳି
ମଥା ପିଠି ତୋର ଦେବ ହୁଗାଳି
ସ୍ମଦନଶିଖୀ ତୋରେ ଧରନ କରମ
ଭସିପିବୁ ମୂର୍ଖ ଏକାଳ-ସ୍ରୋତେ ।
ଧର୍ମ୍ମଧାମେ ତୋତେ ନ ଦେବ ବାସ,
ଧରା ପଡ଼ିଛୁ ତୁ ଆରେ ନୃଶଂସ,
ଅଂଶ ବଂଶ ତୋର ଖୋଜି ମୁଁ ମାରିବି,
ଧ୍ୱଂସ ହେବା ଯୋଗ ପଡ଼ିଛୁ ଏବେ ।
ମୂର୍ଖ ! ରକ୍ଷା ଆଉ ନାହିଁ ତୋତେ,
ଖଣ୍ଡ ଖଣ୍ଡ କରି ଗଣ୍ଡି ମୁଣ୍ଡ ଆଗେ
ନିଶ୍ଚେ ମୁଁ ଭୁଞ୍ଜାଇବି ଶୃଗାଳ କୁକୁରେ ।
ଦେଖିବ,
ତୋ କେଉଁ ବୋଷା ଆସି ପଡ଼ିବ ପିଠିରେ ।

ବସନ୍ତ—ମୂର୍ଖ ! ଦଳବଳ ଅଛନ୍ତି ତୋ ସଙ୍ଗେ,
ନଚେତ୍ ଏକାକୀ ତୁ ଥିଲେ,
ଏ ବାର୍ତ୍ତିକ ଙ୍କଣ ତୋର ଦନ୍ତ ଭଙ୍ଗାଇ ।

ଦୁର୍ଜ୍ଜୟ—ମେଣ୍ଢା ଖଣ୍ଡେ
ତୁ କସ ଜାଣୁ ଯୁଦ୍ଧ ।
ଏକା ସ୍ୱସ୍ତ୍ରାରେ କାଢ଼ିଦେବି
ଜନ୍ମ ଦୁଧ ତୋର,

ଏକାକୀ ସୃଷ୍ଟିବୁ ପଥ
ଆସ ମୋର ସଙ୍ଗେ,
ଦେଖିବ ତୋ ଶରୀରର ବଳିମା ।
(ଉଭୟ ମଲ୍ଲ କ୍ରୀଡ଼ାରେ ଦୁର୍ଜୟ ପରାସ୍ତ ହେବାରୁ ତରବାରି ହସ୍ତେ ଯୁଦ୍ଧୋଦ୍ୟତ)

ଦୁର୍ଜୟ—ଆସ ମୂର୍ଖ ! ଅସି କ୍ରୀଡ଼ାରେ ହୁଅ ଉନ୍ମତ୍ତ ।

ବସନ୍ତ - ଅସମ୍ଭବ କହୁଅଛ ତୁମ୍ଭେ ।
ନିରସ୍ତ୍ର ମୁଁ,
ନାହିଁ ଅସ୍ତ୍ର କରେ ! (ନେପଥ୍ୟେ) ଭୟ ନାହିଁ,
ହୁଅ ଅଗ୍ରସର,
ପ୍ରତିଜ୍ଞାଭଙ୍ଗ କ୍ଷତ୍ରୀ ପକ୍ଷେ ନୁହଇ ଶୋଭନ ।

ବସନ୍ତ – (ସ୍ୱଗତ) ଅବଶ୍ୟ
ପ୍ରତିଜ୍ଞାଭଙ୍ଗ ମନପକ୍ଷେ ନୁହଇ ଶୋଭନ ।
ଭଗବାନ !
ତୁମେ ମୋର ଅଗତିର ଗତି, ଦୁର୍ବଳର ବଳ !
ଏ ସମୟରେ ଏ ଅଧୀନକୁ ସାହାଯ୍ୟ ପ୍ରଦାନ କରି
ଅକ୍ଷୟ କୀର୍ତ୍ତି ରଖନ୍ତୁ ।
(ପ୍ରକାଶ୍ୟେ) ଦଅ ତେବେ ଖଣ୍ଡେ ଅସ୍ତ୍ର ?

ଦୁର୍ଜୟ—(ସହାସ୍ୟେ) ଅସ୍ତ୍ର ! ଅସ୍ତ୍ର ନ ପାଇ ବୁଝି ଯୁଦ୍ଧୋଦ୍ୟୋଗ ।
(ନେପଥ୍ୟରୁ କମଳା ଆସି ଅସି ଦେବା)

କମଳା—ନିଅ ବତ୍ସ ! ଧର ଅସ୍ତ୍ର ହୁଅ ଅଗ୍ରସର । ଯୁଦ୍ଧେ ଜୟୀ ହୋଇ ରଖ ଅକ୍ଷୟ କୀରତି ଏ ଭବେ ।
(ଉଭୟଙ୍କ ଯୁଦ୍ଧରେ ଦୁର୍ଜୟ ପରାସ୍ତ ହେବାରୁ)

ଦୁର୍ଜୟ—(ସ୍ୱଗତ) କିଏ ଏହି ମୁକ୍ତକୁନ୍ତଳକେଶା, ପୃଷ୍ଠି କଟୀ ବସ୍ତ୍ର ପରିହିତା ଉଗ୍ରଚଣ୍ଡୀ ମୂର୍ତ୍ତି ! କନ୍ୟାପ୍ରାୟ ଆସିଣ ହଠବେ, ଅସ୍ତ୍ର ଦେଇ ହୁଏ ଅନ୍ତର୍ହିତା ! ଜଣାଯାଏ ଦୈବବଳେ ବଳୀୟାର ଏହି । ପାପମତି ନ୍ୟାୟଯୁଦ୍ଧେ ଅଜେୟ ସେ ମନଶ୍ରେଷ୍ଠ । (ପ୍ରକାଶ୍ୟେ) କିଏ ଅଛ, ଗପୁର ! କରିମ ! ବେଢ଼ି ମାର ସବେ ଏ ଦୁଷ୍ଟ ବାଳକେ ( ସମସ୍ତେ ଘେର ନିବାରୁ ଅଲକ୍ଷିତେ କମଳା ଅସି ହସ୍ତେ ଯୁଦ୍ଧେ ପ୍ରବୃତ୍ତ)

ବସନ୍ତ—ଅନ୍ୟାୟ ଯୁଦ୍ଧ, ଏ ନୁହେ କ୍ଷତ୍ରୀ ପକ୍ଷେ ଶୋଭା ।

ଦୁର୍ଜୟ—ବନ୍ଦୀକର ମୂର୍ଖେ ! ମଲ୍ଲିକା ସହିତ ମୋର ବିବାହ ଆଗରୁ ଏ ପାଷଣ୍ଡର ରକ୍ତରେ ସ୍ନାନ କଲେ ବୈର ନିର୍ଯ୍ୟାତନା ଶେଷ ହେଲାବୋଲି ସମସ୍ତ ଆଶା ସଫଳ ହେବ । ଗପୁର , ଏ ପାଷାଣ୍ଡି ସେହି ମନ୍ତ୍ରୀପତ୍ନୀ କମଳା । କି ଦୁଃସାହସ ! ବର୍ତ୍ତମାନ ସିଏ କେଉଁଆଡ଼େ ? ଚାଲ, ଦେଖିବ କିପରି ରହସ୍ୟ ହେବ ରାଜଗଡ଼ ମଧ୍ୟେ ! (ପ୍ରସ୍ଥାନ)

---

# ଚତୁର୍ଥ ଅଭିନୟ

## ପ୍ରଥମ ଦୃଶ୍ୟ

(ନବାବ ଖାଁ, ପ୍ରତାପ ସିଂହ, ଅନ୍ନପୂର୍ଣ୍ଣା ଓ ସହଚରୀବୃନ୍ଦ)

ପ୍ରତାପ—ନବାବ ! କଣ ସନ୍ଧାନ ପାଇଲ, ସତେ କଣ ଆମ୍ଭମାନଙ୍କର ଭାଗ୍ୟର ପରିବର୍ତ୍ତନ ଘଟିବ ?

ନବାବ—ଆଜି ରାଜଗଡ଼ରେ ଆନନ୍ଦ ଉତ୍ସବ ଲାଗିଛି; କିନ୍ତୁ ପ୍ରଜାମାନଙ୍କ ମନରେ କୌଣସି ଶାନ୍ତିର ଚିହ୍ନ ନାହିଁ । ଅନୁସନ୍ଧାନ ଦ୍ୱାରା ବୁଝିଲି, ଦୁର୍ଜୟ ସିଂହ ମଲ୍ଲିକାକୁ ନେବା ପଥରେ ବସନ୍ତ ଓ ବୃଦ୍ଧ ମନ୍ତ୍ରୀ ବିଦ୍ୟାବନ୍ତଙ୍କ ସ୍ତ୍ରୀ ତାଙ୍କର ହସ୍ତଗତ ହୋଇଛନ୍ତି ।

ପ୍ରତାପ—ଏ କଣ ପ୍ରକୃତ କଥା ନବାବ ! ମୋର ହସ୍ତ ପଦ ଆଉ ଚଳୁ ନାହିଁ । ମୁଁ କଣ କରିବ, ମୋର ବସନ୍ତର ଦଶା କଣ ହେବ ।

ନବାବ—ଧୈର୍ଯ୍ୟ ଧରନ୍ତୁ ! ଆପଣ ଯେପରି ପୁତ୍ର ନିମିତ୍ତ ଅଧୀର, ମୁଁ ମଧ୍ୟ ମୋର ସେହି ପାଳିତା ମଲ୍ଲିକା ନିମିତ୍ତ ଅଧୀର ।

ପ୍ରତାପ— ଗୀତ

(ଜୟ ଯୁକ୍ତ ଜୟ—ଝୁଲେ)
କହ କହ ରେ ଜଗତ କେଉଁଠି ମୁଁ ଯିବି
ଦୁର୍ଜୟ କବଳୁ କେମନ୍ତେ ବସନ୍ତ ଲଭିବ ।
ବତ୍ସ ! ହୁଅ ଆଗ
ମୋର ତୁମ୍ଭ ବିନା କେହି ନାହିଁ ଭରସା ।

ଅତର୍କି ବଳସ୍ତୁ ଦୁଷ୍ଟ ଅଟେ ସେ ଦୁର୍ଜୟ
ମୋ ପୁତ୍ର ପରାଣ ଆଜ ନେବ ସେ ନିଶ୍ଚୟ ।
କର ପ୍ରତିକାର ।
(ବନ୍ଧୁ) କେମନ୍ତେ ଲଭିବ ମୋ କୁମର । ୨ ।

ସେ ପାଷଣ୍ଡ ଦୁର୍ଜୟ ସିଂହ ନିଶ୍ଚୟ ମୋର ପୁତ୍ରକୁ ମାରି ପକାଇବ । ଯଦି ସତ୍ୱର ପ୍ରତିକାର ନ କର, ତେବେ ମୋର ସବୁ ସରିଗଲା ।

ନବାବ—ବନ୍ଧୁ ! ଭାବନା କରିବା ଆବଶ୍ୟକ ନାହିଁ । ମୁଁ ତାର ପ୍ରତିକାରର ବାଟ ଦେଖୁଛି । ଆସ, ସୈନ୍ୟମାନଙ୍କୁ ଏ ସମସ୍ତ ବିଷୟରେ ସାବଧାନ କରାଇ ଦେବା । (ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

(ଦୂତ, ବିଦ୍ୟାବନ୍ତ, ପ୍ରଭୃତି)

ବିଦ୍ୟାବନ୍ତ—କଣ କାରଣ କିଛି କହୁନାହୁଁ, ମୋତେ କୁଆଡ଼େ ନେଇ ଯାଉଛୁ !

ଦୂତ—ବାହାଘର ଦେଖିବେ ଆସନ୍ତୁ, ରାଜାଙ୍କର ନିମନ୍ତ୍ରଣ ହୋଇଛି ।

ବିଦ୍ୟାବନ୍ତ—କେଉଁ ରାଜାର ବାହାଘର, ବସନ୍ତର ?

ଦୂତ—ହଁ, ବସନ୍ତର ଶୂଳ, ତୁମ୍ଭ ସ୍ତ୍ରୀଙ୍କର ସତୀତ୍ୱ ନଷ୍ଟ, ଆଉ ଦୁର୍ଜୟସିଂହଙ୍କର ମଲ୍ଲିକା ସହିତ ଶୁଭ ପରିଣୟ । ଏକାଥରକେ ତିନିଗୋଟି କାର୍ଯ୍ୟ ନିମିତ୍ତ ନିମନ୍ତ୍ରଣ, ଚାଲନ୍ତୁ ।

ବିଦ୍ୟାବନ୍ତ—କଣ ହେଲା, ବସନ୍ତର ଶୂଳ, ମୋ ସ୍ତ୍ରୀ ! ଏଡ଼େ ଚମତ୍କାର ପାତିବ୍ରତ୍ୟ ନଷ୍ଟ ହେବ, ଏ କଣ ସତ ? ତେବେ କଣ ମୋତେ ଏହି ଦୃଶ୍ୟ ଦେଖାଇବାକୁ ଡାକି ନେଉଛୁ, ହା ବିଧାତା !

ଦୂତ—ମୋତେ ହୁକୁମ ହୋଇଛି, ଯେତେବେଳେ ନବାବ ବେଦୀରେ ବରକନ୍ୟା ବସିବେଣି । ଆପଣ ପହଞ୍ଚିଲେ ପ୍ରଥମ ଦୁଇକାର୍ଯ୍ୟ ସମାପନାନ୍ତେ ବୈବାହିକ ମଙ୍ଗଳ କାର୍ଯ୍ୟ ଆରମ୍ଭ ହେବ ।

ବିଦ୍ୟାବନ୍ତ—ଦୂତ ! ସତ କି ଏ ଘଟଣା ? ମୁଁ କଣ ସ୍ୱଚକ୍ଷୁରେ ଏହା ଦର୍ଶନ କରିବ ! ନା, ନା ମୋତେ ଛାଡ଼ିଦେ । ମୋର ପ୍ରାଣ ଏହି କାରାଗାରରେ ଯାଉ ବରଂ, ମୁଁ ଏ ସବୁ କଦାପି ସନ୍ଦର୍ଶନ କରିବ ନାହିଁ ।

ଦୂତ—ମୋତେ ଯାହା ହୁକୁମ ହୋଇଛି, ତା ମୁଁ ନିଶ୍ଚୟ କରିବ । ଚାଲ ଶୀଘ୍ର । (ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

(ବାଳକ ବାଳିକାଣୀ)

ଗୀତ

ବାବୁ ହୋ ! ଆମ୍ଭେ ଭଣ୍ଡାର ଜାତ
ବାଳକ ସାଆନ୍ତ ଅମ୍ଭ ପଣ୍ଡିତ
ଖୁରୁ ମୁଠି ଖଣ୍ଡେ କାଖରେ ରଖିଲେ
ପାଖକୁ ଆସିବେ ବହୁତ ବ୍ୟକ୍ତି
କି ଧନୀ ଦରିଦ୍ର, ରାଜା ପ୍ରଜା ହେଉ
ନେଉଛୁ ପଇସା ଓଟାରି ଭୂଟି ।

ପୁ—ଆ ଆ ମୋ ଗୁଡଆ ମା
ଅକରା ଉପସ୍ତ ହେଇ
ସ୍ତ୍ରୀ—କେଉଁଆଡ଼େ ଯିବ ଜପ କରିକ
ଖଣ୍ଡିଆ ମୋତେ କହିକ ।
ପୁ—ରାଜାଘର ହେବ ବାହାଘର
ଖିରିପିଠା ଖାଇ ହେବା ଭେକ
ସ୍ତ୍ରୀ—ଶୂଳରେ ବସିଛୁ ରାଜାପୁଅ ଆସି
ଏ କଥା ଅଛୁଟି ଜାଣି ।
ପୁ—ଶୂଳରେ ଆମ୍ଭର ହୋଇବ ଜପ
ଖାଇ ପିଇ କରି ଦେଉଁବା ଆସ ।
ସ୍ତ୍ରୀ—ସଙ୍ଗିବ ଜପ ଜାଣୁ ଭବଷ୍ୟ
ପରଜା ହେଲେଣି ଖୁସି ।
ପୁ—ଆଲେ ପ୍ରଜା ହୋଇବେ ଜାହିଁକ ଖୁସି
ସ୍ତ୍ରୀ—ଆରେ ବାଟ ଘାଟରେ ଚହଳ
ଲଗିଛୁ ଖଣ୍ଡିଆ ପାଇ ଖୁସି ।
ପୁ—ଆଲେ, ଆଉ ରଜାପୁଅ କୁଆଡ଼େ ଅଛି ।
ସ୍ତ୍ରୀ—ସେଇଥି ଲାଗି ଏତେ କାଣ୍ଡ ଲଗିଛି ।

---

## ଚତୁର୍ଥ ଦୃଶ୍ୟ

(ଦୁର୍ଜ୍ଜୟ ସିଂହ, ବିଦ୍ୟାବନ୍ତ, ଗଫୁର ଖାଁ, କରିମ ଖାଁ, ଶଙ୍କର ନାୟକ, ଦୂତ, ମଲ୍ଲିକା, ପୁରୋହିତଗଣ, ବସନ୍ତ, କମଳା, ନବାବ ଖାଁ, ପ୍ରତାପ ସିଂହ, ଅନ୍ନପୂର୍ଣ୍ଣା, ବାଦ୍ୟକାର ଇତ୍ୟାଦି)

ଦୁର୍ଜ୍ଜୟ—ସେନାପତେ ! ଆଜ ବିଳମ୍ବ କରିବାର ଆବଶ୍ୟକ କଣ, ଶୀଘ୍ର ଘାତକଙ୍କୁ ଆଜ୍ଞାଦିଅ । ବସନ୍ତର ଶିର ଛେଦନ କରୁ ? (ସମସ୍ତେ ନୀରବ ହେଲେ) ଯଦି କେହି ବସନ୍ତ ବକ୍ଷରେ ଖଡ୍ଗ ଉତ୍ତୋଳନ କରିବାକୁ ଅସ୍ୱୀକୃତ, ତା ହେଲେ ମୁଁ ନିଜେ ନିଜେ ସେ କାର୍ଯ୍ୟ ସାଧନ କରିବି । ଦିଅ ଖଡ୍ଗ ।

ଗଫୁର—ମହାରାଜ ! ଏ ଦାସକୁ ଅନୁମତି ଦିଅନ୍ତୁ । ଆପଣ କାହିଁକି ଏ ଘୃଣ୍ୟ କାର୍ଯ୍ୟଟା କରିବେ !

ଦୁର୍ଜ୍ଜୟ—ଗଫୁର ଖାଁ, ଯଦି ମୋର ସଂସାରରେ କେହି ବିଶ୍ୱାସୀ ଥାଏ, ତେବେ ତୁମେ । ଆଜଠାରୁ ତୁମକୁ ଖାଁ ବାହାଦୁର ପଦ ଦିଆଗଲା ।

ଗଫୁର—(ଅବନତ ମସ୍ତକେ) ଜି, ଖୋଦାବନ୍ଦ୍ ।

ଦୁର୍ଜ୍ଜୟ— ଗୀତ

(ରସ ମାନସ ସ୍ଥାୟୀବେଶ—ବୃତ୍ତେ)

କର ଖଣ୍ଡ ଖଣ୍ଡ କାଟ ଏ ଦୁର୍ଜ୍ଜୟ
ଭଣ୍ଡ ପାଷଣ୍ଡର ମୁଣ୍ଡରେ ।
ଅସ୍ତ୍ରା ତୋଳି ଖଣ୍ଡେ କାଣ୍ଡ କର କେତେ
ଲୋଟ ନର ରୁଣ୍ଡ ମୁଣ୍ଡରେ ।
ଦଣ୍ଡଧର ବଂଶ କରିବ ମୁଁ ଲଣ୍ଡା
କାଳକୁ ମୋହର ନଥିବଟି ଧନ୍ଦା
ପ୍ରଚଣ୍ଡ ସ୍ୱାକୁ ଧରି କାଟ ମେଣ୍ଢାପରି
ରକ୍ତ ଭସାନ୍ତୁ ସେ କୁଣ୍ଡରେ ।

ବିଦ୍ୟାବନ୍ତ—ରେ ନୃଶଂସ ! ଏପରି ଅନ୍ୟାୟ ପୈଶାଚିକ କାର୍ଯ୍ୟ କର ନା, ତୋର ଭଗବାନ କେବେ ମଙ୍ଗଳ କରିବେ ନାହିଁ ।

ଦୁର୍ଜ୍ଜୟ—ବୃଦ୍ଧ ! ଆଜ ଦଣ୍ଡ ରହ, ବର୍ତ୍ତମାନ ତୋର ଶିର ଦଶା କିପରି କୌତୁକମୟ ହେବ ଦେଖିବୁ । ଗଫୁର ! ବିଳମ୍ବ କାହିଁକି ?

ଗଫୁର— ହଜୁର ପ୍ରସ୍ତୁତ ।

କମଳା— ଗୀତ

( ରେ ବଧି ଅଞ୍ଚଳ ନିଧି—ବୃତ୍ତେ )

ହେ ସାର ଦେନ ମୋର ବିନୟ ବାଣୀ
କ ଯଶ ଲଭିବୁ ତୁ ଏହାକୁ ହାଣି
ସୁଦୟା କର
ଏ ପଣ୍ଡ ହେବ ତୋର ଭ୍ରାତା କୁମର ରେ ॥

ଦୁର୍ଜ୍ଜୟ—ତୁ କାହାପାଇଁ ଆପତ୍ତି କରୁଛୁ, ପୁଣି ତୋ ପାଇଁ ମଧ୍ୟ କଏ ଆପତ୍ତି କରିବ, ଏପରି ଦୁନିଆ ଲାଗିଛି । ଯା ପାଷାଣ୍ଡି, ତୋ କଥା ଶୁଣିବାକୁ ସ୍ପୃହା ନାହିଁ ।

କମଳା— (ଗୀତ)

ପାଷାଣୁ କଠିଣ କି ହୃଦୟ ତୋର
ପାଷଣ୍ଡ ବୃତ୍ତି ଆଚରିଲୁ ପାମର ରେ
ଭୋଗେ ଏ ଫଳ
ନିଶ୍ଚେ ଭୋଗିବୁ ମୂଢ଼ ଶତ୍ରେ ସମରରେ ॥

ଦୁର୍ଜ୍ଜୟ—ପାଷାଣ୍ଡି !

ଏତେ ତୋ ଆସ୍ପର୍ଦ୍ଧା,
ସମ୍ମୁଖରେ ଲଜ୍ଜାଦେଉ ମୋତେ ।

ଗଫୁର—ଅପେକ୍ଷା କାହିଁକି,
ବିଳମ୍ବରେ ନାହିଁ ପ୍ରୟୋଜନ ।
ବୃଦ୍ଧ ସୁକାର୍ଯ୍ୟେ ତତ୍ପର ।

କମଳା—ବାପଧନ ରେ ! ତୋର ମରଣ ଏ ପାପ ନୟନରେ ଦେଖି କିପରି ଧୈର୍ଯ୍ୟଧରି ରହିବି । ବାପ ! ତୁ ଆଜି ଛାଡ଼ି ଚାଲିଗଲୁ !

ବସନ୍ତ— ଗୀତ

( ସୁଜ ମନ—ବୃତ୍ତେ)

ମା ! କାନ୍ଦନା କାନ୍ଦନା
ଧର୍ମେ ଭେଟିବାକୁ ଅଛି ଘୋର ଯାତନା ॥
ବଳିବ ବଣ୍ଡିଛି ଯାହା, କେ ଖଣ୍ଡିପାରିବ ତାହା,
ନାହିଁ ଆନ କେହି ସାହା ଜଗତେ ସିନା ॥

ଗଫୁର—ଆଉ, ତୁମ୍ଭେ କେତନା ବକ ବକ ହୋତା ।

(ଗୁଳିରେ ବସାଇ ତରବାରି ଉଠାଇବା ବେଳେ ନେପଥ୍ୟରୁ ତୋପର ଆବାଜ, ଗଫୁରର ପତନ, ସମସ୍ତେ ଚକିତ । ନବାବ ପ୍ରଭୃତିଙ୍କ ପ୍ରବେଶ । ଦୂତେ ସମସ୍ତଙ୍କୁ ପରାସ୍ତ କରିବା ।)

ନବାବ—ବନ୍ଦୀକର ମୂର୍ଖଙ୍କୁ, ଦାସୀମାନେ ସେ ଜ୍ୟୋତିଷ କିଏ ?

ଗୀତ

ଧର ଧର ଦୂତେ ଧର ଏ ସ୍ୱୈରଙ୍କୁ
ମାର ମାର ବେଢ଼ି ମାର ରେ ।
ଏ ମୂର୍ଖ ପାଷଣ୍ଡ କଲେ ଯେତେ କାଣ୍ଡ
ଦଣ୍ଡ ଅନ୍ତରେ ମୋର ରେ ।୧।
ହସ୍ତ ପଦ ବାନ୍ଧ ପକା ଏ ନୃଶଂସ
ଚନ୍ଦନ ପାଇ ଦଅ କାରାବାସ ।
ଏ ଜ୍ୟୋତିଷେ ମୂଢ଼ ପାଣରୁ ନ ଛାଡ଼
କଲ ବନ୍ଧ ଦରବାର ରେ ।

ା (ଜ୍ୟୋତିଷଙ୍କୁ ଚଲାଇବା)
ାତିଷ—ନା—ମୁଁ—ମୁହେଁ ।
ପ—ବସନ୍ତ ! ତୋତେ କିଏ ରକ୍ଷାକଲା ?

ନ୍ତ—(ପ୍ରଣାମାନନ୍ତର) ପିତା ! ଏହି ମାତା କମଳା ଦେବୀଙ୍କ ପ୍ରସାଦରୁ ମୁଁ ଅରଣ୍ୟରେ ପ୍ରାଣ ପାଇଲି । ଦୁର୍ବୃତ୍ତ ମନ୍ତ୍ରୀଙ୍କୁ ବନ୍ଦୀକରି ତାଙ୍କ ସଙ୍ଗୀଙ୍କୁ ନଷ୍ଟ କରିବାକୁ ବସିଥିଲେ ସେ ବୃଦ୍ଧଯୋଗୀ ହୋଇ ମୋତେ ଭେଟିଲେ ।

—ନବାବ, ମୁଁ ବୃଦ୍ଧ ମନ୍ତ୍ରୀ ଅଦ୍ୟାବଧିଙ୍କୁ ଏହିଠାରେ ରାଜପଦରେ ବରଣ କରି ସନ୍ନ୍ୟାସ ଧର୍ମ ଅବଲମ୍ବନ କରିବି । ତୁମ୍ଭେ ବସନ୍ତକୁ ନେଇଯାଅ । ମଲ୍ଲିକା ସଙ୍ଗରେ ଶୁଭପରିଣୟ କରାଇ ତୁମ୍ଭର ଇଚ୍ଛା ପୂରଣ କରିବ ।

ନବାବ ମହାଶୟ, ମୋର ଅଭିଳାଷ ବସନ୍ତ ଓ ମଲ୍ଲିକାର ଶୁଭପରିଣୟ ପରେ ଯା ଇଚ୍ଛା ତା କରି ପାରନ୍ତି ।
ରାଜା—ହଉ ନବାବ । (ପ୍ରସ୍ଥାନ)

---

## ପଞ୍ଚମ ଦୃଶ୍ୟ

( ବସନ୍ତ, ମଲ୍ଲିକା, ନବାବ ଖାଁ, ପ୍ରତାପ ସିଂହ, ବ୍ରାହ୍ମଣ, ଶଙ୍ଖୁଆ, ବାଜାବାଲା ଓ ସଖିବୃନ୍ଦ)
(ବସନ୍ତ ମଲ୍ଲିକା ଏକତ୍ରେ ଆସୀନ, ନବାବ, ରାଜା, ମନ୍ତ୍ରୀ ପ୍ରଭୃତି ଉପସ୍ଥିତରେ ମଲ୍ଲିକାର ସଖୀମାନଙ୍କ ସହ ବରଣମାଳା ବସନ୍ତଙ୍କୁ ପ୍ରଦାନ)

ଗୀତ

(ଫୁଲବୋଲା—ଢୁଙ୍ଗେ)

ଆସ ଆସ ନବବାଳ
କରେ ଘେନ ସର୍ବେ ଅରଘଥାଳ ଗୋ
ଆଜ ବନ୍ଦିବା ରାଜଦୁଲାଳ ।
ହଦାଦ ଉଛବ ଆଜ,
କେତେ ଦାନ ଧ୍ୟାନ ଅନ୍ତର ଲାଗି
କସ ଉପାସ୍ୟ ଦେବା ଗୋ ସବ ।
ରମ୍ଭାତରୁ ମାଳ ମାଳ,
ପୂର୍ଣ୍ଣ କୁମ୍ଭେ ଶୋଭା ଚମ୍ପକ ଡାଳ
ସରସିଆ ଦଣେ ରସାତଳ ।
କେତେ ମଙ୍ଗଳ ଦ୍ରବ୍ୟ,
ହୋଇଛନ୍ତି ଏହି ଉତ୍ସବେ ଏକ
ପୂର ଶୋଭାପ୍ରାପ୍ୟେ ଶୋଭା ଦେଖ ।
ଇଷ୍ଟ ଦେବତାଙ୍କୁ ଜଣା
ବର କନ୍ୟାରେ କରନ୍ତୁ କରୁଣା
ନାମେ ଉଭବ ବଜାଅ ବାନା ।

# ଇରାକ୍‌ର ରାଣୀ

# ଇରାନ୍‌ର ରାଣୀ

## ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

ଦ୍ରାକ୍ଷାକ୍ଷେତ

( ଗୋଟିଏ ପଞ୍ଚଦଶ ବର୍ଷୀୟ ସୁନ୍ଦର ଯୁବକ ଖଣ୍ଡିଏ ପତ୍ର ପଢ଼ୁ ପଢ଼ୁ ଉପସ୍ଥିତ ହେଲା )

ଦାରା—( ଚିଠିଟି ପକେଟରେ ରଖି ଦେଇ ) ଏମାନେ ମୋର କେହି ନୁହନ୍ତି, ଅଥଚ ମୋତେ ପ୍ରାଣ ଅପେକ୍ଷା ଭଲପାନ୍ତି । ନାସିରଙ୍କ ଅପତ୍ୟସ୍ନେହ ମୋର ମନ ପ୍ରାଣକୁ ବାନ୍ଧି ଦେଇଛି । ସୁଲବ ଅପ୍ରାପ୍ତ ବୟସ୍କା ବାଳିକା ହେଲେ ସୁଦ୍ଧା ସେ ମୋର ଜୀବନସଙ୍ଗିନୀ ପରି ନାନା କ୍ରୀଡ଼ା କୌତୁକରେ ମୋତେ ମତାଇ ରଖିଛି । କିନ୍ତୁ ଏ ପର୍ଯ୍ୟନ୍ତ ମୁଁ ଜାଣି ନ ଥିଲି ଯେ, ମୁଁ କିଏ ? କିପରି ଏଠାରେ ଏମାନଙ୍କ ସ୍ନେହାଧୀନ । ଏ ପତ୍ରଖଣ୍ଡିକ ଆଜି ମନରେ ଜୀବନର ଅତୀତ କାହାଣୀ ଜଗାଇ ଦେଉଛି; କିନ୍ତୁ ପରିଷ୍କାର ତ ଲେଖିଲେ ନାହିଁ ! କହନ୍ତି ସାକ୍ଷାତରେ ସମସ୍ତ କଥାବାର୍ତ୍ତା । କାଲି ତାଙ୍କ ନିକଟ ଯିବାକୁ ହେବ । ନିର୍ଦ୍ଦିଷ୍ଟ ସମୟରେ ସେ ମୋତେ ଅପେକ୍ଷା କରି ରହିଥିବେ । ପୁଣି ଲେଖିଛନ୍ତି, ତୁମେ ତୁମର ଜୀବନ କାହାଣୀ ଶୁଣିଲେ, ତୁମର ସମସ୍ତ ମାୟା ମମତା ସବୁଆଡ଼ୁ ଭୁଲିଯାଇ ଆତ୍ମବିସ୍ମୃତ ହୋଇଯିବ । ତାହାହେଲେ ସୁଲବକୁ ସେ ମୁଁ (ବେଦୀ ଉପରେ ବସି ପଡ଼ିଲେ ଚିନ୍ତିତ ଭାବେ, ପଛଆଡ଼ୁ ଚୁପି ଚୁପି ଧୀରେ ସୁଲବ ଆସି ଦାରାର ଆଖି ଦୁଇଟି ବୁଜି ଧରିଲା । ଦାରା ଚିହ୍ନିପାରିଲା ନାହିଁ । ସୁଲବ ତହୁଁ ହାତ ଛାଡ଼ିଦେଇ ଦାରା ମୁହଁକୁ ଚାହିଁ ହସିଦେଲା । )

(ଗୀତାନ୍ତେ ଦାରା ବସି ପଡ଼ିଲା, କୋଳରେ ସୁଲବ ବସି ପଡ଼ିଲାବେଳକୁ ଗୋଟିଏ ସର୍ପକୁ ଦେଖି ଦାରା କହିଲା 'ଓଃ ସାପ' ସୁଲବ ତୁରନ୍ତରେ ସାପଟାକୁ ହାଣିଦେଲା )।

ଦାରା—ସୁଲବ, ତୁମେ ମୋତେ ବଞ୍ଚାଇ ଦେଲ ! ତୁମର ଏ ଉପକାର ଭୁଲିପାରିବି ନାହିଁ । କିନ୍ତୁ ଆଜି ସେ ମୁଁ ତୁମଠାରୁ ବିଚ୍ଛିନ୍ନ ହୋଇଯାଉଛି ।

ସୁଲବ—କେଉଁଠାକୁ ?

ଦାରା—ସେ କଥା କହିବାକୁ ମନା ଅଛି । ଯଦି ଭଲରେ ଫେରେ ତେବେ ଦେଖା, ନଚେତ୍—

ସୁଲବ—ତେବେ ଏତେ ବଡ଼ ଜୀବନଟା ତ ରଖିଲ, ପୁରସ୍କାର ତ କିଛି ପାଇଲି ନାହିଁ !

ଦାରା—କାହିଁକି, ମୁଁ ତ ପୁରସ୍କାର ଦେଇ ।

ସୁଲବ—କାହିଁ ?

ଦାରା—ମୋର ପ୍ରାଣ ସେ !

ସୁଲବ—ହଉ ବୁଝିଲି, ଚାଲ ସଞ୍ଜ ହୋଇ ଆସିଲାଣି ଘରକୁ ଯିବା ।

ଦାଉ—( ମନ ଦୁଃଖରେ ) ଗୁଲ୍‌ଜର୍, ମୋତେ ଆଜି କାହିଁକି କିଛି ଭଲ ଲାଗୁନାହିଁ । ମୋର ମନ କେମିତି କେମିତି ଜଣାଯାଉଛି ।

ଗୁଲ୍‌ଜର—ନିଜ ଘରକୁ ଯାଅ, ତମ ମୁଣ୍ଡରେ ଟିକିଏ ଥଣ୍ଡା ତେଲ ମାଲିସ କରାଇଦେବ, ସବୁ ଭଲ ହୋଇଯିବ ଯେ । ( ଉଭୟଙ୍କ ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

## କୁଟୀର

( ନାସିର ଖାଁ ଏକ ଖଟିଆ ଉପରେ ଉପବିଷ୍ଟ )

ନାସିର୍—ହା ଖୋଦା, ତୁମ୍ଭର ଲୀଳା ବୁଝିବା ବଡ଼ କଠିନ । କି ଦୋଷରେ ଏତେ ବଡ଼ ରାଜ୍ୟଟା ଛାରଖାର ହୋଇଗଲା ! ସମ୍ରାଟ ଜାଫର ସାହଙ୍କ ମୃତ୍ୟୁରେ ଏ ରାଜ୍ୟର ମେରୁଦଣ୍ଡ ଭାଙ୍ଗିଯାଇଛି । ପୁଣି କ'ଣ ରାଜ୍ୟ ଗଠନ ହେବ ? ନବୀନ ସମ୍ରାଟଙ୍କ ସୁଶାସନରେ ପ୍ରଜାମାନେ ଆନନ୍ଦରେ ରହିବେ । ଏହି ଦାଉ, ସରଳ ବାଳକଟି ସଂସାରର କଥା କିଛି ଜାଣେ ନାହିଁ ? ଏ ପର୍ଯ୍ୟନ୍ତ ନିଜର ବଂଶର ପରିଚୟ ମଧ୍ୟ ପାଇନାହିଁ, ବାପ ମା'ଙ୍କର ନାମ ପର୍ଯ୍ୟନ୍ତ ଜାଣେନା, କଅଣ ବା ଜାଣିବ ? କିନ୍ତୁ ପରେ ପରେ ତ ଅଦ୍ଭୁତ ଘଟଣା ! ଏଇ ବାଳକ କ'ଣ ସତେ ରାଜ୍ୟ ଫେରିପାଇ ପାଳନ କରିବ, ପ୍ରଜାମାନଙ୍କର ମଙ୍ଗଳାମଙ୍ଗଳ ବୁଝିବ ? ସମ୍ଭବ ନୁହେ । ଆହା, ପ୍ରଭୁଭକ୍ତ ମୋବାରକ, ରାଜ୍ୟର ଶେଷ ସୁଯୋଗଟି ମୋ ଘରେ ଛାଡ଼ି ଦେଇ କେଉଁଠି ରହିଲ । ଆଜକୁ ପ୍ରାୟ ପନ୍ଦର ବର୍ଷ ତଳର କଥା । ସ୍ୱପ୍ନ ସ୍ୱପ୍ନ ଦିନ ଗଡ଼ିଗଲା । ସେ ତ କାହାକୁ ଅପେକ୍ଷା କରେ ନାହିଁ ! ଏ ସବୁ କଥା ମନେପଡ଼ିଲେ ପ୍ରାଣ କାନ୍ଦିଉଠେ, କିନ୍ତୁ ମୋ-ପରି ଲୋକଦ୍ୱାରା ବା କଅଣ ହୋଇପାରେ !

ଗୁଲ୍‌ଜର—( ବାପକୁ କୁଣ୍ଢାଇ ପକାଇ ) ଚାଚା ଚାଚା ! ତୁମେ ଏଠାରେ, ମୁଁ ତୁମକୁ କେତେ ଖୋଜି ଖୋଜି ଆସିଲିଣି ଗୋଟିଏ କଥା କହିବ ବୋଲି ।

ନସିର—କି କଥା ଲୋ ମା !

ଗୁଲ୍‌ଜର—ଦାଉଙ୍କ ମୁହଁ କାହିଁକି ଶୁଖି ଯାଇଛି ? କାରଣ କଣ ? ମୁଁ ତାଙ୍କୁ ଯେତେ ପଚାରିଲି ଏହାର କାରଣ କ'ଣ, ସେ ମୋତେ କହିଲେ ଏହାର ମୂଳ ମର୍ମକୁ କିଛି ବୁଝିପାରୁନାହିଁ । ତୁମେ ଯାଅ, ଚାଚା ତାଙ୍କୁ ବୁଝାଇ ସୁଝାଇ ଦିଅ । ସେ କଣ ଏତେ ଭାବୁଛନ୍ତି; ନଚେତ୍ ତମର ଘରକୁ ଯିବାର ଯଦି ଡେରି ଅଛି, ମୁଁ ତାଙ୍କୁ ଏଇଠାକୁ ଡାକି ଆଣୁଛି । ( ପ୍ରସ୍ଥାନ )

ନସିର୍—ହଁ, ଖୋଦା ! କାହାକୁ ବୁଝାଇବି, ଆଉ କଅଣ କହି ବୁଝାଇବି ! ସେ କି କଅଁଳଆ ଶେଯରେ ଶୋଉଥାନ୍ତେ, ତାଙ୍କୁ କଦା ମୁଁ ଧୂଳିରେ ଶୁଆଇଛି, ଯେ ରାଜପ୍ରାସାଦରେ ବାସ କରୁଥାନ୍ତେ, ତାଙ୍କୁ ମୁଁ ଭଙ୍ଗା କୁଡ଼ିଆରେ ରଖିଛି । ମୁଁ ସେ ଐଶ୍ୱର୍ଯ୍ୟ ବା କାହୁଁ ପାଇବି ! ମୋବାରକ ସାହା ମୋତେ କାହିଁକି ଏ ଗୁରୁ ଦାୟିତ୍ୱ ଦେଇଗଲେ ? ମୁଁ ଗରିବ ଲୋକ, ମୋର ଶକ୍ତି କେତେ ?

( ଦାଉ ଶୀଘ୍ର ପ୍ରବେଶ କଲେ )

ଦାଉ—ଚାଚା, ଚାଚା ! ଆଉ ତୁମମାନଙ୍କୁ ମୋ ପାଇଁ କଷ୍ଟ ସହିବାକୁ ହେବନାହିଁ । ଆଜି ସକାଳେ ଘୋଡ଼ା ପିଠିରେ ଚଢ଼ି କିଏ ଗୋଟିଏ ଯୁବକ ମୋତେ ଏ ପତ୍ରଖଣ୍ଡିକ ଦେଇ ଯାଇଛନ୍ତି । ସେହି ମୁହୂର୍ତ୍ତରୁ ମୋ ମନ ଅନ୍ୟ ରକମ ହୋଇଯାଇଛି । ଏ ପତ୍ରର ପ୍ରତି ଅକ୍ଷର ମୋର ସମସ୍ତ ଶକ୍ତିକୁ ଏକତ୍ରିତ କରି ଜଗାଇ ଦେଇଛି ! ମୁଁ ଆଜି ସବୁ ବୁଝି ପାରିଛି । ସେଥିଲାଗି ତୁମ ପାଖରୁ ବିଦାୟ ନେବାକୁ ଆସିଛି । କାଲି ସକାଳ ୧୨ଘଣ୍ଟା ପୂର୍ବରୁ ମୋତେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାକୁ ହେବ ।

ନସିର୍—କାହିଁ ପତ୍ର, ଦେଖେଁ ? (ଦାଉଠାରୁ ପତ୍ର ନେଇ ପଢ଼ିସାରି) ହଁ, ଏବେ ମୁଁ ସବୁ ବୁଝିଲି । ଏ ଘଟଣା ଦିନେ ଘଟିବ ବୋଲି ମୁଁ ଭଲ କରି ଜାଣେ । କିନ୍ତୁ ସାବଧାନ ! ଏ କଥା କାହାରି ପାଖରେ କହିବ ନାହିଁ, ଏହା ଅତି ଗୋପନୀୟ ପତ୍ର ।

ମୋତେ ନିଷେଧ ଥିବାରୁ ମୁଁ ତୁମକୁ ଏ ପର୍ଯ୍ୟନ୍ତ କହି ନ ଥିଲି । ପ୍ରକୃତରେ ଏ ପତ୍ରର ସାର ମର୍ମ ଖୁବ୍ ସତ୍ୟ ।

ଦାଉ—ଚାଚା, ଚାଚା ! ମୋତେ ବୁଝାଇ ଦିଅ । କଅଣ ମୋ ଜନ୍ମ ବୃତ୍ତାନ୍ତ, ଆଉ ମୋର ପିତା ମାତାଙ୍କର ନାମ କ'ଣ ? କେଉଁ ବଂଶଧର ମୁହିଁ ?

ନସିର—କହିପାରେ ନା, ସେ ଶକ୍ତି ମୋର ନାହିଁ । ଇଉସୁଫ୍‌କୁ ସଙ୍ଗରେ ନେଇ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଅ । ସେଇଠାରୁ ସମସ୍ତ ବୁଝି ପାରିବ; କିନ୍ତୁ ଏଇ ବଡ଼ ଦୁଃଖ ଯେ, ମୋର ବୁଲବୁଲର ଦଶା କଣ ହେବ ? ସେ ତ ଦଣ୍ଡେ ତୁମକୁ ନ ଦେଖିଲେ ସ୍ଥିର ହୋଇ ରହିପାରିବ ନାହିଁ ? ତାକୁ ଏବେ କ'ଣ କହି ବୁଝାଉଛି, ସେ ତ ଏ କଥା ଶୁଣିଲେ ଜୀବନ ହରାଇଦେବ । (ସ୍ୱଗତଃ) ଚନ୍ଦ୍ରମାକୁ ଏତେ-ଦିନ ଘରେ ବାନ୍ଧି ରଖିଥିଲି, ଆଜି ମୋର ଘର ଅନ୍ଧାର କରି ଚାଲିଯିବ । ଧନ୍ୟ ମୋବାରକ ସାହା, ତୁମେ କେବଳ ବୀର ନୁହଁ, ପ୍ରଭୁଭକ୍ତ, ଚତୁର, ସାହସୀ । ତୁମକୁ ଖୋଦା ବଞ୍ଚାଇ ରଖନ୍ତୁ । ଯା ହେଉ ଖୋରସାନ ଅରାଜକ ହୋଇ ପଡ଼ିଥିଲା, ପୁଣି ନୂତନ ରାଜାଙ୍କ ଶାସନରେ ଶାସିତ ହେବ ।

ଦାଉ—ସମସ୍ତଙ୍କଠୁଁ ବିଦାୟ ନେଇ ଆସିଲିଣି, କେବଳ ତୁମଠୁଁ ବିଦାୟ ନେବାକୁ ଆସିଛି ।

ନସିର—ବୁଲବୁଲ କ'ଣ ଜାଣେ ?

ଦାଉ—ନା ଜାଣେନା, ତା ସାଙ୍ଗରେ ଦେଖା ହେଲେ ତ ଯାଇପାରିବି ନାହିଁ । ମୁଁ ରାତି ଥାଉଁ ଉଠି ଚାଲିଯିବି, ସଲାମ ।

ନସିର—ଆଚ୍ଛା ଯାଅ ବେଟା (ମୁଣ୍ଡରେ ହାତ ବୁଲାଇ ଦେବା )

ଦାଉ—ଆସୁଛି । (ପ୍ରସ୍ଥାନ)

ନସିର—(ଦୁଃଖରେ) ଦାଉ, ନା ଥାଉ, ଘର ଅନ୍ଧାର କରି ଚାଲିଗଲ ! (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

( ପ୍ରମୋଦ ଉଦ୍ୟାନରେ ଇରାନର ରାଣୀ ସଙ୍ଗରେ କେତୋଟି ପରିଚାରିକା, ନର୍ତ୍ତକୀଟିଏ ଗୀତଗାଇ ନାଚୁଛନ୍ତି)

(ଗୀତ) ସବୁସାତ

କୁହୁ କୁହୁ କୋଇଲି ଡାକଦେଲୁ ତାନେ ।
ଉଜାଗରେ ଜାଗିଲୁ      ସାରା ନିଶି ତ ତୁ
ଘୂର୍ଣ୍ଣିଲୁ ମନ ମୋରେ      ହସେ ଯାହାକୁ ଭାବ
ମଧୁପ କୁ ବଗାବାର ଦେଲୁ କାହା ପ୍ରେମେ ।୧।
ଗନ୍ଧ ବହ ସମୀର      ପରଶେ ଅଙ୍ଗ ମୋର
ଖାଇଲି ଫୁଲ ଗନ୍ଧେ      ସୁବାସ ଚହୁଁପାଶ
ବାସି ଦେଖେ ମନ ଲୋଭେ ବସିଲି ମୁଁ ଅଭିମାନେ ।୨।

୧ମ ପରିଚାରିକା—ସାମ୍ରାଜ୍ଞୀ, ଆପଣଙ୍କର କେଉଁ କଥା ଅଭାବ ଯେ, ଆପଣ ସଦାବେଳେ ଆଉଁଷି ଲୁହ ଝରାଉଛନ୍ତି ! ଆପଣ ଯାହା ଖାଇକରି ବା ବ୍ୟବହାର କରି ଫିଙ୍ଗି ଦେଉଛନ୍ତି, ତାହା ଅନ୍ୟ ଅନ୍ୟ ଲୋକ ପାଇ ନ ଥିବେ । ଆପଣଙ୍କର ଗୋଟାଏ ଦୁଃଖ କଣ ।

ରାଣୀ—କେବଳ ଖାଇବା ପିନ୍ଧିବା ଜୀବନର ଏକମାତ୍ର ସୁଖ ନା, ନାରୀ ଜନ୍ମରେ ଅନ୍ୟ କିଛି ସୁଖ ନାହିଁ ।

୨ୟ—ଆମର ପେଟକୁ ମୁଠାଏ ଖାଇବା, ଦେହକୁ ଖଣ୍ଡେ ପିନ୍ଧିବା, ଏତିକ ହେଲେ ଆଉ କୋଉ କଥାକୁ ଚିନ୍ତା ନାହିଁ ମ ।

୧ମ—ନାହିଁ ଲୋ, ଆଉ କିଛି ଭିତର କଥା ଅଛି । ବାହାର କଥା ପିନା ସମସ୍ତେ ଜାଣିବେ, ଅନ୍ତର କଥା କିଏ ଜାଣିବ ! ବିବାହ ହେବାର ବେଳ ବର୍ଷେ ପୂରିଗଲା, ସନ୍ତାନଟିଏ ।

ରାଣୀ—ଦୂର୍ କର ।

୨ୟ—ନାହିଁ ସନ୍ତାନଟିଏ ହେଲେ ଭଲ ହୁଅନ୍ତା ।

ରାଣୀ- ତୋ: ମୁଣ୍ଡପଣ୍ଡି, ଏଠୁ ଯା ଚାଲିଯା । ପେଟ ମୁଠାକ ପାଇଁ ଚାକରୀ କରୁଛ, ସେତିକ ପାଇଲେ ତୁମର ହେଲା, ଅନ୍ୟ କାହାର କେଉଁ କଥା ତୁମେ କଅଣ ଜାଣିବ ?

୧ମ—ଜାଣୁଛୁ, ସବୁ ଜାଣୁଛୁ, ଘ'ଣ ଟିକିକୁ ଭରସେ ରଖି ସବୁ କଥା ଅଗ କରନ୍ତୁ ଲୋକଟି ପାଉଛୁ ।

୨ୟ—ଦେଖନ୍ତୁ ଲୋ, ବାଦସାହା ଏଣେ ଆସୁ-
ଛନ୍ତି । ଏ ସମୟରେ ଦାଉଦ୍ ସାହା ପ୍ରବେଶ
କଲେ । ପରିଚାରିକାମାନେ ସମ୍ମାନ ଜଣାଇ
ଚାଲିଗଲେ ।

ଦାଉଦ୍ ସାହ— ସାମ୍ରାଜ୍ଞୀ, ତୁମର ରୂପର ଶିଖା ଏ ଅନ୍ତରର
ଅନ୍ଧକାର ଗୁହାକୁ ଆଲୋକିତ କରି ପକାଉଛି ।

ରାଣୀ—ତେବେ ଖୋଲି ରଖି ଦେଲେ ଭଲ ହୁଅନ୍ତା ।

ଦାଉଦ୍ ସାହା—ତା ଅର୍ଥ, ମୁଁ କଅଣ ତୁମକୁ ଭୂଷଣ-
ହୀନା ଦେଖିବାକୁ କହୁଛି ।

ରାଣୀ—ହଁ ବୁଝିଛି, ମୋର ରୂପର ପ୍ରଶଂସା କରୁଛ ।
ସେ ପ୍ରଶଂସା ଶୁଣିବାକୁ ମୁଁ ଆକାଂକ୍ଷିତ ନୁହେଁ ।

ଦାଉଦ୍—କିନ୍ତୁ ମୁଁ ଯେ ତୁମକୁ ପାଇ ଧନ୍ୟ ହୋଇଛି ।
ତୁମର ସ୍ପର୍ଶରେ ମୋର ଏ ବାର୍ଦ୍ଧକ୍ୟଗ୍ରସ୍ତ ଅଙ୍ଗ
ପ୍ରତ୍ୟଙ୍ଗ ଉଲ୍ଲସିତ ହୋଇଉଠୁଛି । ତୁମେ ମୋର
ଶେଷ ଜୀବନର ଶାନ୍ତିଦାୟିନୀ ଦର୍ଶନୀୟ ମୂର୍ତ୍ତି ।
ତୁମର ସେବା ପୂଜାରେ, ତୁମର ରୂପର ସ୍ରୋତରେ
ମୋର ଜୀବନ ତରଣୀକୁ ବାହିନେବି । ତୁମର
ରୂପର ତୁଳନାରେ ରାଜ୍ୟ, ଐଶ୍ୱର୍ଯ୍ୟ ସବୁ ତୁଚ୍ଛ ।
ତୁମର ଦର୍ଶନରେ ମୁଁ ସ୍ୱର୍ଗସୁଖ ଅନୁଭବ କରୁଛି ।

ରାଣୀ—ଏତେକରେ ମୁଁ ତୃପ୍ତ, ଏବେ ମୋଠାରୁ
ଶୁଣିବାକୁ ଚାହାନ୍ତି କି ?

ଦାଉଦ୍—ହଁ ଏହି ଅମୃତବୋଳା ମିଠା ବଚନ ପଦକ ।
କେଉଁ ସୌଭାଗ୍ୟ ବଳରୁ ମୁଁ ତୁମକୁ ପ୍ରାଣ ପ୍ରିୟା
ରୂପେ ପାଇଛି ! ତୁମେ ମୋର ମରୁ ହୃଦୟ
କାନନରେ ପୂତ ମନ୍ଦାକିନୀ ଧାରା । ତୁମେ ମୋର
ଭଙ୍ଗା ମନ ମନ୍ଦିରରେ କମନୀୟା ଦେବୀ, ମହା
ମହିମାମୟୀ ବାଦ୍‌ସାହ୍ନା । ତୁମେ ଏ ଭବନର ରାଜ-
ସିଂହାସନ ମଣ୍ଡନ କରି ଧନ୍ୟ ହୁଅ । ମୁଁ ତୁମର
ଅନୁରକ୍ତ ସେବକ ପ୍ରାୟ ପାଦେ ପାଦେ ଥିବି ।
ଆସ ବିଶ୍ରାମାଗାରକୁ ଆସ, ମୁଁ ଟିକିଏ ତୁମ
କୋଳରେ ମସ୍ତକ ରଖି ବିଶ୍ରାମ କରିବି ।
( ରାଣୀକୁ ନେଇ ଚାଲିଗଲେ )

—*—

## ଚତୁର୍ଥ ଦୃଶ୍ୟ

### ମସ୍‌ଜିଦ୍

(ଚକ୍ ବଜାର ସମ୍ମୁଖ ଦଗିର୍ ସମ୍ମୁଖରେ ମସ୍‌ଜିଦ,
ଦାଗୁ ଓ ଇଉସୁଫ୍ ପ୍ରବେଶ )

ଇଉସୁଫ୍—ଦାଗୁ ! ମୁଁ ଟିକିଏ ପାଣି ନ ପିଇଲେ
ପାଦେ ଆଗକୁ ଯାଇପାରିବି ନାହିଁ । ମୁଁ ବଡ଼
କ୍ଲାନ୍ତ ଅନୁଭବ କରୁଛି । ତୁମର ମତଲବ କଅଣ
ମୁଁ ତ କିଛି ବୁଝି ପାରୁନାହିଁ । ଗୋଟାଏ ମୂର୍ଖ
ଅପରିଚିତ ଲୋକ, କଏ ବୋଲି କଏ, ତା କଥାରେ
ବିଶ୍ୱାସ କରି ତୁମେ ଏତେ ଦୂର ଆସିଲ !

ଦାଗୁ—ନା, ନା ଇଉସୁଫ୍ ତା ନୁହେଁ ତୁମେ ଜାଣନା,
ବୋଧହୁଏ ଏ ସେହି ସଙ୍କେତ ସ୍ଥାନ । ତୁମକୁ ଆଉ
ଚାଲିବାକୁ ପଡ଼ିବ ନାହିଁ । ଏହି ଦେଖ କିଏ ଜଣେ
ଆସୁଛି । ତାକୁ ପଚାରିଲେ ସବୁ ଜଣାପଡ଼ିବ ।
(ଲୋକଟିଏ ପଥରେ ଚାଲିଯାଉଥିଲା) ହେ ବାବୁଜି,
ଶୁଣନ୍ତୁ ଶୁଣନ୍ତୁ ।

ନାଗରିକ—କଅଣ ପଚାରୁଛ ?

ଦାଗୁ—ଏ କଅଣ ଭବନର ସେହି ସର୍ବୋତ୍କୃଷ୍ଟ କୀର୍ତ୍ତି-
ସ୍ତମ୍ଭ ? ଏ କଅଣ ସେହି ଭୁବନବିଦିତ ମସ୍‌ଜିଦ୍‌ର
ଦ୍ୱାରଦେଶ ?

ନାଗରିକ—ହଁ ହଁ, ଏ ସେହି ସ୍ଥାନ (ଚାଲି ଚାଲିଗଲା)

ଦାଗୁ—( ଅଙ୍ଗ ଭିତରୁ ପତ୍ରଟି କାଢ଼ି ) ଏବେ ଏକ୍ଷଣି ଠିକ୍
ବାରଘଣ୍ଟା । ବର୍ତ୍ତମାନ ମୁଁ ଇରାନ୍ ସହରର ଚକ୍
ବଜାର ସାମନା ସେହି ତୋରଣ ଦ୍ୱାରରେ
ଉପସ୍ଥିତ । ପୁଣି ଆଜି ତ ଶୁକ୍ରବାର ।

ଇଉସୁଫ୍—ଆଚ୍ଛା ଦାଗୁ, ତୁମେ ସେ ଲୋକକୁ ଦେଖିଲେ
ଠିକ୍ ଚିହ୍ନି ପାରିବ ତ ?

ଦାଗୁ—( ପତ୍ର ପାଠକରି ) ହଁ, ପତ୍ରରେ ଲେଖା ଅଛି,
ମୋର ପରିଧେୟର ଚିହ୍ନ ଏହି ଯେ, ବାଇଗଣି
ରଙ୍ଗର ପୋଷାକ, ମସ୍ତକରେ ଓମରାହୋ ପରିଧେୟ
ମଣି ଖଚିତ ମୁକୁଟ ।

ଇଉସୁଫ୍—ବାଃ ବାଃ ! ଏକାଥରକେ କି ଭାଗ୍ୟ ଉଦର
ବର । ଆଚ୍ଛା ଦାଗୁ ! ସେଇ ମହାଶୟ ତୁମର ଜନ୍ମ
ଓ ବଂଶର ପରିଚୟ ଦେବ ନା ? ବାଃ ବାଃ ।

ଦାଉଦ—ଶୁଣ ଭାଇ ଇଉସୁଫ୍, ମୁଁ ଅଙ୍ଗୁର କ୍ଷେତରେ କାର୍ଯ୍ୟ କରୁଥିଲି । ଏହିପରି ସମୟରେ ଘୋଡ଼ା ପିଠିରେ ଚଢ଼ି ଜଣେ ଲୋକ ମୋ ନିକଟରେ ପହଞ୍ଚି ମୋତେ ପଚାରିଲେ, ତୁମର ନାମ କଅଣ ଦାଉଦ ? ମୁଁ ଉତ୍ତର ଦେଲି ହଁ । ଏତିକି ମାତ୍ର ଶୁଣି ମୋ ହାତରେ ଖଣ୍ଡେପତ୍ର ଦେଇ କହିଲେ, ଯଦି ତୁମେ ତୁମର ଜନ୍ମବୃତ୍ତାନ୍ତ ଜାଣିବାକୁ ଇଚ୍ଛାକର, ତା ହେଲେ କାଲି ଶୁକ୍ରବାର ଦିବା ଘ° ୧୨ଟା ସମୟରେ ଇସ୍ପାନ୍ ସହରର ଚକ୍ ବଜାର ସାମନା ମସ୍‌ଜିଦ ଫାଟକ ନିକଟରେ ଉପସ୍ଥିତ ଥିବ । ବର୍ତ୍ତମାନ ଯେଉଁ ନାସିର ସାହେବଙ୍କ ପାଖରେ ଅଛ, ସେ ତୁମର କେହି ନୁହଁନ୍ତି; କେବଳ ତୁମକୁ ପାଳନ କରୁଛନ୍ତି ମାତ୍ର । ତୁମର ଜନ୍ମରହସ୍ୟ ଅଦ୍ଭୁତ ।

ଇଉସୁଫ୍—ନାସିର ସାହେବ ତେବେ ପ୍ରକୃତରେ ତୁମର ଚଚା ନୁହନ୍ତି ! ଆଚ୍ଛା, ତୁମେ କଅଣ ତୁମର ପିତାଙ୍କ ନାମ ଏ ପର୍ଯ୍ୟନ୍ତ ଜାଣନା ?

ଦାଉଦ—ନା (ଏ ସମୟରେ ଘଣ୍ଟାରେ ଠନ୍ ଠନ୍ ହୋଇ ୧୨ଟା ବାଜିଲା)

ଇଉସୁଫ୍—ଏଇ ଶୁଣ, ବାରଟା ତ ବାଜିଗଲା, କାହିଁ ତୁମର ହିତୈଷୀ ଦେଖାକୁ କେହି ତ ଏ ପର୍ଯ୍ୟନ୍ତ ଆସିଲେ ନାହିଁ ? ତୁମେ ଯେଉଁଭଳି ଲୋକ ନା !

ଦାଉଦ—ଏଇ ତ ଠିକ୍ ସେହି ସମୟ ହେଲା (ଦୂରକୁ ଚାହିଁ) ଏଇ ତ ଉଏ ଉଏ ଜଣେ ଆସୁଛନ୍ତି (ନାଦେର ପ୍ରବେଶ)

ନାଦେର—ତୁମର ନାମ ଦାଉଦ ନା ?

ଦାଉଦ—ଜି-ହାଁ ।

ନାଦେର୍—ଯା ହେଉ, ଠିକ୍ ସମୟରେ ଆସି ଉପସ୍ଥିତ ହୋଇଛ ।

ଦାଉଦ—ମୋର ପିତା କଅଣ ଅଛନ୍ତି ?

ନାଦେର୍—ଠିକ୍ ତୁମର ଆକୃତି, ସେଇପରି ଗଠନ । ମୋର ମନେହୁଏ, ତୁମର ଆଉ ତୁମର ପିତାଙ୍କର ଏକା ଆକୃତି । ସେହି କାନ୍ତି, ସେହି ରୂପ । ମନେ କରୁଛି, ଆକୃତିସହିତ ପ୍ରକୃତି ମଧ୍ୟ ସମାନ ଥିବ । ତାଙ୍କର ଅନ୍ତର ଯେପରି ଥିଲା, ତୁମର ଅନ୍ତର ମଧ୍ୟ ସେହିପରି ହୋଇଥିବ ।

ଦାଉଦ—ମୋର ପିତାଙ୍କର କଥା କୁହନ୍ତୁ ।

ନାଦେର୍—ସେ କଥା ତୁମ ଛଡ଼ା ଆଉ କେହି ଜାଣିବେ ନାହିଁ । (ଇଉସୁଫ୍‌କୁ ଦେଖାଇ ତାଙ୍କୁ କିଛି ସମୟ ଅନ୍ୟଠାରେ ଅପେକ୍ଷା କରନ୍ତୁ ।

ଦାଉଦ—ସେ ମୋର ଅନ୍ତରଙ୍ଗ ବନ୍ଧୁ । ସେ ମୋର ଭାଇ କହିଲେ ଚଳେ । ଆମର ଉଭୟଙ୍କର ମଧ୍ୟରେ କୌଣସି କଥା ଗୋପନ ନାହିଁ ।

ନାଦେର୍—କିନ୍ତୁ ମୋର କଥା ଅତି ଗୋପନୀୟ । ତୁମ ଛଡ଼ା ଅନ୍ୟକୁ ପ୍ରକାଶ କରିବାକୁ ଖୋଦାଙ୍କର ମନା ।

ଇଉସୁଫ୍—ଦାଉଦ, ମୁଁ ଏ ସ୍ଥାନରୁ କିଛିଦୂର ଚାଲିଯାଉଛି, ତୁମେ କଥାବାର୍ତ୍ତା ହୁଅ । ମୋ ମନରେ କିଛି କଷ୍ଟ ନାହିଁ ।

ଦାଉଦ—ହଁ ଭାଇ, ଯାଇଥାଅ । (ଇଉସୁଫ୍ ଚାଲିଗଲା) ଏଇଥର କୁହନ୍ତୁ, ମୋର ପିତା କିଏ ? ସେ କଅଣ ଖୁବ୍ ବଡ଼ଲୋକ ଥିଲେ ? ସେ କଅଣ କୌଣସି ଦେଶର ରଜା ଥିଲେ, ଯେପରି ମନେହୁଏ ଯେ, ମୁଁ ଜଣେ ରାଜପୁତ୍ର ।

ନାଦେର୍—ନିଶ୍ଚୟ ସେ ଜଣେ ରଜା ଥିଲେ । ଶୁଣ ଦାଉଦ ! ଏଠାରେ ବର୍ତ୍ତମାନ ମୁଁ ସରକାର୍ ନାଦେର ନାମରେ ପରିଚିତ; କିନ୍ତୁ ଦିନେ ମୁଁ ଖୋରାସାନର କର୍ଣ୍ଣେଲ ଥିଲି । ଆଉ ସମସ୍ତ ଅପେକ୍ଷା ମୋର ଅଧିକ ପରିଚୟ ଥିଲା, ତୁମର ପିତାଙ୍କର ଅକୃତ୍ରିମ ବନ୍ଧୁ ମୋବାରକ୍ ସାହା ।

ଦାଉଦ—ମୋର ପିତା କଅଣ ଜୀବିତ ନାହାନ୍ତି ?

ନାଦେର୍—ଶୁଣ, ତୁମର ପିତା ଥିଲେ ଖୋରାସାନର ଅଧିପତି । ତାଙ୍କର ନାମ ଥିଲା ଜାଫର ସାହା । କେତେ ଥର ଯେ ତାଙ୍କର ଶାଣିତ ତରବାରୀ ଶତ୍ରୁ ସେନାଙ୍କ ରକ୍ତରେ ରଞ୍ଜିତ ହୋଇଛି, ତାର ଗଣନା ନାହିଁ । ସେଇ ଯୁଦ୍ଧରେ ଖୋରାସାନର ଜୟ ପତାକା ମୋ ନିଜ ହାତରେ···

ଦାଉଦ—ଥାଉ, ଥାଉ । ତାଙ୍କର ମୃତ୍ୟୁ କଥା କୁହନ୍ତୁ, ସେ କଥା ଶୁଣି ମୋର ନୟନ ଅଶ୍ରୁ ବର୍ଷଣ କରୁ ।

ଅନୁମାନ ହେଲା, ମୋର ପିତା ରଣକ୍ଷେତ୍ରରୁ ଥିଲେ। ସେହି ରଣରେ ପ୍ରାଣ ହରାଇଛନ୍ତି। ହା ପିତା ! (ଅସ୍ଥିର ହେବା )

ନାଦେର୍—ଶୁଣ ଶୁଣ, ଅସ୍ଥିର ହୁଅନା। ଧୈର୍ଯ୍ୟଧର, ମନଦେଇ ଶୁଣ। ଗ୍ରୀକ୍‌ମାନଙ୍କ ସଙ୍ଗରେ ଯେତେବେଳେ ତୁମ ପିତାଙ୍କର ଯୁଦ୍ଧହୁଏ, ସେତେବେଳେ ଗୋଟାଏ ବିଶ୍ୱାସଘାତକ କୌଶଳରେ ତୁମ ପିତାଙ୍କ ଅନୁଧାବନ କରୁଥିଲା। ଯେତେବେଳେ ଗ୍ରୀକ୍‌ମାନଙ୍କୁ ପରାସ୍ତକରି ତୁମର ପିତା କ୍ଳାନ୍ତ ଓ ଅବସନ୍ନ, ସେହି ସୁଯୋଗରେ ସେହି ବିଶ୍ୱାସଘାତକ ପାପିଷ୍ଠ ତୁମର ପିତାଙ୍କୁ ବନ୍ଦୀ କରି ଖୋରସାନ ଅଧିକାର କଲା। ତା ପରେ ଯେପରି ହୀନ ପଶୁମାନେ ଲୌହ ଶୃଙ୍ଖଳରେ ଆବଦ୍ଧ ହୋଇ ବନ୍ଦସ୍ଥାର୍ଥେ ଆନୀତ ହୁଅନ୍ତି, କି କହିବି ଦାଗ ! ସେହିପରି ତୁମର ପିତାଙ୍କୁ, ଖୋରସାନର ଅଧିପତି ଜାଫର୍ ସାହାଙ୍କୁ ଏହି ଇସ୍ତାହାନର ହାଟ ମଧ୍ୟରେ ଶୃଙ୍ଖଳାବଦ୍ଧ ସିଂହକୁ,ଘାତକର ଖଡ୍ଗର ମୁଖକୁ ସହାସ୍ୟ ବଦନରେ ଠେଲିଦେଇଛି, ଓଃ, ଅକୃତଜ୍ଞ ସସ୍ତାନ୍ !

ଦାଗ—କିଏ ସେ ? ସେ କଅଣ ଅଦ୍ୟାପି ଜୀବିତ ଅଛି ?

ନାଦେର—ହଁ, ନରାଧମ ଅଦ୍ୟାପି ଜୀବିତ ଅଛି, ମୁଁ ତୁମକୁ ତାହାର ନିକଟକୁ ନେଇଯିବି।

ଦାଗ—(ବ୍ୟଗ୍ର ହୋଇପଡ଼ି) ଚାଲନ୍ତୁ, ମୋର ସୁତୀକ୍ଷ୍ଣ ଶାଣିତ ତରବାରୀ ତାର କଣ୍ଠରେ ବସାଇ ଦେଇ ମୋର ପିତୃ ପ୍ରତିହିଂସା ସାଧନ କରିବି ! ଏତେବଡ଼ ବିଶ୍ୱାସଘାତକକୁ ପୃଥ୍ୱୀ କିପରି ବହନ କରୁଛି, ମୋର ପିତାଙ୍କୁ ହତ୍ୟାକରି ସେ ନରାଧମ କଅଣ ପାଇଛି ?

ନାଦେର—କଅଣ ଆଉ ନ ପାଇଛି ? ସମ୍ରାଟଙ୍କର ଅତ୍ୟଧିକ ଆନୁକୂଲ୍ୟ ପାଇଛି, ସମସ୍ତ ଖୋରସାନ ରାଜ୍ୟ ପାଇଛି,ଏହାଠାରୁ ଅଧିକ ଆଉ କଅଣ ପାଆନ୍ତା ?

ଦାଗ—ତାର ସେହି ସମସ୍ତ ସାମ୍ରାଜ୍ୟ ମଧ୍ୟରେ କେବଳ ହାତ ମାପ ଭୂମି ତାର ଅନ୍ତିମର ସ୍ଥାନ ହେବ। ସେ ନରାଧମ କାହିଁ, କାହିଁ ସେ ନରପ୍ରେତ ? ତାକୁ ଥରେମାତ୍ର ମୋତେ ଦେଖାଇଦିଅନ୍ତୁ ! ସେ ଯଦି ଲୌହ ବର୍ମରେ ଆପାଦମସ୍ତକ ଆବୃତ କରି ରଖେ, ସହସ୍ର ସହସ୍ର ଶାଣିତ କୃପାଣ ଯଦି ତାର ପ୍ରାଣ ରକ୍ଷାର୍ଥେ କୋଷମୁକ୍ତ ହୁଏ, ତଥାପି ଏହି ତରବାରୀ ଦ୍ୱାରା ତାର ହୃତ୍‌ପିଣ୍ଡକୁ ଟାଣି ଆଣି ପଦାଘାତରେ ଖଣ୍ଡ ଖଣ୍ଡ କରି ଏହି ଇସ୍ତାହାନର ପ୍ରତ୍ୟେକ ନର ନାରୀଙ୍କ ସମ୍ମୁଖରେ ତାର ଘୃଣ୍ୟ ଶରୀରକୁ ଶୃଗାଳ କୁକୁର ସମ୍ମୁଖରେ ନିକ୍ଷେପ କରିବି।

ନାଦେର୍—ନିର୍ବୋଧ ! ସେଥିରେ କଅଣ ପ୍ରତିଶୋଧ ପୂର୍ଣ୍ଣ ହେବ ! ପିଏ ଜନ୍ମ ହୋଇଛି, ସେ ତ ଦିନେ ହେଲେ ମରିବ। ଏପରି ହଠାତ୍ ମୃତ୍ୟୁ, ସେତ ସମସ୍ତଙ୍କର ବାଞ୍ଛନୀୟ ! ତୁମର ପିତା ବିଶ୍ୱାସଘାତକଙ୍କ ଦ୍ୱାରା ପ୍ରତାରିତ ହୋଇଥିଲେ, ସେଇ ବିଶ୍ୱାସଘାତକ ତୁମର ପିତାଙ୍କୁ ବନ୍ଦୀ କରି ହତ୍ୟା କରିଥିଲା, ମନେରଖ ! ତୁମକୁ ମଧ୍ୟ ସେଇ କାର୍ଯ୍ୟ କରିବାକୁ ହେବ। ମୁଁ ତୁମକୁ ସେହି କୃତଘ୍ନ ସଙ୍ଗେ ପରିଚୟ କରାଇଦେବି। ତୁମେ ତା ଘରେ ରହିବ; ବିଶ୍ୱାସୀ ଅନୁଚର ପରି ସଙ୍ଗେ ସଙ୍ଗେ ଥିବ। ଏକ ସଙ୍ଗେ ଆହାର ବିହାର ମଧ୍ୟ କରିବ।

ଦାଗ—ଆପଣ କଅଣ କହୁଛନ୍ତି ମୁଁ ସେହି ପିତୃହନ୍ତାର ଅଧୀନ ହେବି, ଆଉ ସେହି ଦସ୍ୟୁ ଅନ୍ନ ଭୋଜନ କରିବି ?

ନାଦେର୍—କିନ୍ତୁ ଉପକରଣ ଅତି ଉପାଦେୟ। ପ୍ରତିହିଂସା ସେ କଟୁ ଭୋଜନକୁ ସୁମିଷ୍ଟ କରିବ, ତୁମେ ତା ସଙ୍ଗେ ଭଲ ରକମ ମିଶିଯିବ। ସେ ହସିବାକୁ କହିଲେ ହସିବ, ଆଉ କାନ୍ଦିବାକୁ କହିଲେ କାନ୍ଦିବ। ତାକୁ ଚିନ୍ତିତ ହେବାର ଦେଖିଲେ ତୁମେ ଚିନ୍ତିତ ହେବ। ତାପରେ ଯେଉଁ ଦିନ ଠିକ୍ ସମୟ ଆସିବ (ଦାଗ ଉତ୍ତେଜିତ ହୋଇଉଠିଲା)

ଦାଗ—କହନ୍ତୁ କହନ୍ତୁ, ଦୟାକରି ମୋତେ ଥରେ ସେଇ ପାପିଷ୍ଠ ସଙ୍ଗେ ସାକ୍ଷାତ କରାଇ ଦିଅନ୍ତୁ।

ନାଦେର୍—ସ୍ଥିର ହୁଅ। ତାପରେ ଯେଉଁଦିନ ଠିକ୍ ସମୟ ଆସିବ, ନରାଧମ ଯେତେବେଳେ ତୁମକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରିବ, ସେଇ ସମୟରେ (ଦାଗ

ତରବାରୀ କଟିରୁ ଖୋଲିବାକୁ ଉଦ୍ୟତ) ନା, ନା, ଏବେ ଦୂର ଅଗ୍ରସର ହେବାର ବର୍ତ୍ତମାନ ସମୟ ଆସି ନାହିଁ । ତରବାରୀ କୋଷବଦ୍ଧ କର । ଏପରି ବିଚଳିତ ହେଲେ ପ୍ରତିଶୋଧ ନେଇପାରିବ ନାହିଁ । ଦେଖ, ଏହା ବାଳକର କ୍ରୀଡ଼ା ନୁହେଁ, ପିତୃହତ୍ୟାର ପ୍ରତିଶୋଧ । ବୁଝି କାର୍ଯ୍ୟକର । ଶୁଣ, ମୁଁ ସେହି ସମୟରେ ଗୁପ୍ତଚର ଦ୍ୱାରା ସମ୍ବାଦ ଦେବି ।

ଦାରା—ତା ହେଲେ କୁହନ୍ତୁ, କି ଉପାୟରେ ମୁଁ ତାକୁ ହତ୍ୟା କରିବି ?

ନାଦେର—ତୁମେ ତାର ଶୟନ ମନ୍ଦିରକୁ ଯିବ, ଯଦି ଦେଖିବ ସେ ଶୋଇଥାଏ, ତେବେ ତାକୁ ଉଠାଇ ତୁମର ବଂଶ ପରିଚୟ ଦେବ, ଖୁବ୍ ଗୋପନରେ ଏବଂ ସାବଧାନରେ ଏ କାର୍ଯ୍ୟ କରିବାକୁ ହେବ ।

ଦାରା—ହଁ କୁହନ୍ତୁ (ଉଦ୍‌ବେଗ)

ନାଦେର—ମନେ ଥାଏ ଯେପରି, ସେହି ଦିନ ରାତରେ ସେ ଜାଣିପାରିବ, ତାହାର ରକ୍ତ ତୁମ ଧମନୀରେ ପ୍ରବାହିତ ହେଉଛି, ଆଉ ତୁମେ କିଏ ଓ କାହିଁକି ଏଠାକୁ ଆସି ତାର ଦାସତ୍ୱ ସ୍ୱୀକାର କରିଥିଲ । ସେ ପ୍ରଥମେ ଶିହରି ଉଠିବ, ତୁମକୁ ହୁଏତ ତାର ପ୍ରାଣ ବଦଳରେ ପ୍ରଚୁର ଅର୍ଥ ଦେବାକୁ ଚାହିଁବ; ତାର ଯଥାସର୍ବସ୍ୱ ଦେଇ ମଧ୍ୟ ଶରଣ ପ୍ରାର୍ଥନା କରିବ; କିନ୍ତୁ ତୁମେ ସେ ସମସ୍ତ ପ୍ରତ୍ୟାଖ୍ୟାନ କରିବ । ତୁମେ ଯୁବକ, ସେ ବୃଦ୍ଧ, ଭୟର କିଛି କାରଣ ନାହିଁ; ମାତ୍ର ସତର୍କତା ଆବଶ୍ୟକ, ଖୁବ୍ ଧୈର୍ଯ୍ୟ ସହିତ ତାକୁ ଜାହାନ୍ନମକୁ ପଠାଇବ । ପ୍ରତିଜ୍ଞା କର, ମୋର କୌଣସି ସଙ୍କେତ ବା ଆଦେଶ ନ ପାଇବା ପର୍ଯ୍ୟନ୍ତ ତାକୁ ତୁମେ ହତ୍ୟା କରିବ ନାହିଁ ।

ଦା.ର—କଦାପି ନୁହେଁ ?

ନାଦେର୍—ବିଶ୍ୱାସ କଅଣ ?

ଦାରା—ମୋର ପିତାଙ୍କର ତରବାରୀକୁ ସ୍ପର୍ଶ କରି ପ୍ରତିଜ୍ଞା କରୁଛି ।

ନାଦେର୍—ଏହି ତୁମର ପିତାଙ୍କର ତରବାରୀ ଦାରା ?

ଦାରା—ତେବେ ମୋର ପିତାଙ୍କର କବରର ଶପଥ କରି କହୁଛି ।

ନାଦେର୍—କବର ! କାହାର କବର ? ତୁମର ପିତାଙ୍କର ? କିଏ ତାଙ୍କର କବର ଦେଲା ? ମୁଁ ସ୍ୱଚକ୍ଷୁରେ ଦେଖିଛି ସେହି ମହାତ୍ମାଙ୍କର ଦେହ ଖଣ୍ଡ ଖଣ୍ଡ କରି ପଦାଘାତରେ ଧୂଳି ସହିତ ମିଶାଇ ଦିଆ ହୋଇଛି । ତାଙ୍କର ସେହି ଗର୍ବୋନ୍ନତ ଶିର ବର୍ଚ୍ଛାର ଅଗ୍ରରେ ବନ୍ଧ କରି ଏଇ ଇସ୍ପାହାନର ପ୍ରତ୍ୟେକ ବଜାରରେ ବୁଲି ହୋଇଛି ।

ଦାରା—ପିତା ! ପିତା ! ତୁମର ପବିତ୍ର ନାମ ସ୍ମରଣ କରି ମୁଁ ପ୍ରତିଜ୍ଞା କରୁଛି, ତୁମର ନିଷ୍ଠୁର ହତ୍ୟାର ବିଭୀଷିକା ମୋର ସମ୍ମୁଖରେ ସ୍ଥାପନ କରି ପ୍ରତିଜ୍ଞା କରୁଛି, ସେହି ପାପିଷ୍ଠକୁ ସବଂଶେ ହତ୍ୟାକରି ପ୍ରାଣର ଜ୍ୱାଳା ଶୀତଳ କରିବି । ଏହା ନିଶ୍ଚୟ । ମହାଶୟ ! ଆପଣଙ୍କର ଆଜ୍ଞା ବା କୌଣସି ସଙ୍କେତ ନ ପାଇବା ପର୍ଯ୍ୟନ୍ତ ମୁଁ ସ୍ଥିର ହୋଇ ରହିବି, କିନ୍ତୁ ଆପଣଙ୍କର ସଙ୍କେତ କଅଣ ? ଉଃ, ଆଉ କିଛି ଶୁଣି ପାରୁ ନାହିଁ । କର୍ଣ୍ଣ ରୁଦ୍ଧ ହୋଇ ଯାଉଛି, ପ୍ରାଣ ଛଟପଟ କରୁଛି । ଆଃ, ପୁଣି ଏ କି ସ୍ପନ୍ଦନ ଅନୁଭବ କରୁଛି !

ନାଦେର—ଧୈର୍ଯ୍ୟ ଧର, ଅଧୀର ହୁଅନା, (ନିଜର ଅଙ୍ଗ ଭିତରୁ ଖଣ୍ଡେ ଛୁରୀ କାଢ଼ିଲେ) ଏହି ଛୁରୀ, ଏହାହିଁ ତୁମର ପିତାଙ୍କର କଟୀ ଦେଶରେ ଶୋଭା ପାଉଥିଲା ।

ଦାରା—ଏହି ମୋର ସ୍ୱର୍ଗୀୟ ପିତାଙ୍କର ଛୁରୀ, ମୋ ପ୍ରତି କଅଣ ପିତାଙ୍କର କିଛି ଆଦେଶ ନ ଥିଲା ? ସେ କଅଣ ମୋତେ ଦେଖି ନାହାନ୍ତି ?

ନାଦେର—ନା, କିପରି ବା ଦେଖିଲେ । ବିଶ୍ୱାସଘାତକ ଜର୍ଜିକ ଯେତେବେଳେ ସେ ବନ୍ଦୀ ହେଲେ, ତାଙ୍କ ଅନୁଚରମାନଙ୍କ ମଧ୍ୟରୁ ମୁଁ କେବଳ ଆତ୍ମଗୋପନ କରି ପାରିଥିଲି, ମୁଁ ଯେତେବେଳେ ଏ ସମ୍ବାଦ ତୁମର ମାତାଙ୍କୁ କହେ—

ଦାରା—ମୋର ମା ! କାହାନ୍ତି ସେ ?

ନାଦେର—ଆହା ! ସତୀ ସାଧ୍ୱୀ ଶିରୋମଣି ସେହି ଦୁଃସମ୍ବାଦ ପାଇଲା ମାତ୍ରେ ମୂର୍ଚ୍ଛିତା ହୋଇ ପଡ଼ିଲେ । ସେହି ଅବସ୍ଥାରେ ତୁମେ ମାତା ଗର୍ଭରୁ ଭୂମିଷ୍ଠ

ହେଲା । କିନ୍ତୁ ତୁମ ଜନନୀଙ୍କର ଆଉ ସେ ମୂର୍ତ୍ତି ରହିନାହିଁ ।

ବାସ — ବିଶ୍ୱାସଘାତକ କଳିଙ୍ଗ ପ୍ରଜାଙ୍କର ହତ୍ୟା, ମାତାଙ୍କର ଶୋଚନୀୟ ମୃତ୍ୟୁ । ଉଃ ! ମୋତେ ନିଶ୍ୱାସ ନେବାକୁ ସମୟ ଦିଅନ୍ତୁ । ଉଃ; କି କରୁଣ କାହାଣୀ ।

ନାଗେଶ — ଲୋକମାନଙ୍କ ସମ୍ମୁଖରେ ତୁମର ମାତାଙ୍କ ମୃତ୍ୟୁ ପରେ ମୁଁ ରାଜ୍ୟ ମଧ୍ୟରେ ଘୋଷଣା କଲି ଯେ, ସେ ଗୋଟିଏ ମୃତ ସନ୍ତାନ ପ୍ରସବ କରି ଦେହତ୍ୟାଗ କରିଛନ୍ତି । ତାପରେ ମୋର ଲୋକମାନେ ଅନ୍ଧାରରେ ଗୁପ୍ତଭାବେ ନଦୀର କୂଳରେ ତୁମକୁ ରଖିଦେଲେ । ଆଉ ତାକୁ ଏସବୁ ପ୍ରକାଶ କରିବାକୁ ନିଷେଧ କଲି । ତାପରେ ତୁମ ପିତାଙ୍କ ନିକଟକୁ ଗଲି ।

ବାସ — ପିତା ସେତେବେଳେ କେଉଁଠାରେ ? ଆପଣ ଆଉ କହନ୍ତୁ ।

ନାଗେଶ — ରାଜଗୃହରେ ରକ୍ଷୀମାନଙ୍କୁ ଉତ୍କୋଚ ଦ୍ୱାରା ବଶୀଭୂତ କରି ତୁମ ପିତାଙ୍କ ସଙ୍ଗେ ସାକ୍ଷାତ କଲି, ଆଉ ତୁମର ଜନ୍ମ ବୃତ୍ତାନ୍ତ କହିଲି । ତୁମର ଜନ୍ମ କଥା ଶୁଣି ତାଙ୍କର ମୁଖମଣ୍ଡଳରୁ ଏକ ଅପୂର୍ବ ଦିବ୍ୟ ତେଜ ବାହାରିପଡ଼ିଲା । ଅନ୍ତରରେ ମୋର ହସ୍ତ ଧରି ଏହି ଛୁରୀ ଦେଇ କହିଲେ, ଭାଇ ! ପୁତ୍ର ଯଦି ଜୀବିତ ଥିବ, ତା'ହେଲେ ଏହି ଛୁରୀ ଦେଇ ମୋର ହତ୍ୟାର ପ୍ରତିଶୋଧ ନେବାକୁ କହିବ । ଆଉ କହିପାରିଲେ ନାହିଁ, ବାକ୍ ହରାଇଲେ ।

ବାସ — (ଛୁରୀକୁ ଦେଖି) ଆପଣ ମୋର ପିତାଙ୍କର ପରମବନ୍ଧୁ, ଆପଣଙ୍କ ଋଣ ମୁଁ ଏ ଜନ୍ମରେ ଶୁଝି ପାରିବି ନାହିଁ । ଆପଣଙ୍କୁ ମୋର କୋଟି କୋଟି ପ୍ରଣାମ । ବର୍ତ୍ତମାନ ମୋର ପିତାଙ୍କର ଶତ୍ରୁର ନାମ ପ୍ରକାଶ କରି ମୋର ଉତ୍କଣ୍ଠା ଦୂର କରନ୍ତୁ, ଆଉ ମୋତେ ତା ନିକଟ ନେଇ ଚାଲନ୍ତୁ । ଅଧିକ [illegible], ମୋତେ ଅଧିକ [illegible] ।

ନାଗେଶ — ତେବେ ଆସ, ଆଜି ରାତି ମୋ ସଙ୍ଗରେ ରାଜଧାନୀ ମାର୍ଗରେ ଅଗ୍ରସର ହେବା ।

ବାସ — ଉତ୍ତମ୍, ଚାଲ ।

ନାଗେଶ — ହଁ, ତାଙ୍କୁ ମଧ୍ୟ ସଙ୍ଗରେ ଡାକି ନେବା (ଉଭୟ ଚାଲିଗଲେ)

---

## ପଞ୍ଚମ ଦୃଶ୍ୟ

### (ରାଜପଥ)

( ଗୋଟିଏ ଅନ୍ଧକୁ ଜଣେ ୧୩ ବର୍ଷିୟା ବାଳିକା ପଥ କଢ଼ାଇ ଆଣୁଥାଏ । ବାଳିକାଟି ଖୁବ୍ ସୁନ୍ଦରୀ । ଉଭୟେ ମିଶି ଗୀତଟିଏ ଗାଇ ଆସୁଥାନ୍ତି ।)

ଗୀତ

ଦାତା ଦେବେ ଦୟାଳୁ
ହିଁରେ ସାଇଁ ଦେବେ ଦୟାଳୁ
ଦେହକୁ ଝିଲ୍ଲଦ ଦାତା
ନଚ୍ଛେ କେ ପଦ୍ମ ସେ ।
ଦେହ ଦେଇଛି ଦେଖ ଦାତା
ମଙ୍ଗଳ ଦେବେ ଦୟାଳୁ ।

ଜଣେ ନାଗରିକ — (ଉଭୟଙ୍କୁ ନିରୀକ୍ଷଣ କରି) ସ୍ତ୍ରୀଟିର ଅଙ୍ଗାଭରଣ ପରିଚ୍ଛଦ ମଳିନ; ତଥାପି ରୂପଟି ତ ଦେଖ ଗୋଟିଏ ସୁନ୍ଦରର ଗଢ଼ା ! ଏହାର ଲାବଣ୍ୟ, ସ୍ୱର ମାଧୁରୀ ଏବଂ ଅଙ୍ଗ ଭାବ ହିଁ ମନ ମୋହିନେବ । ସୌନ୍ଦର୍ଯ୍ୟବନ୍ତ ପୁରୁଷର ଅର୍ଦ୍ଧାଙ୍ଗିନୀ ଯୋଗ୍ୟ ସ୍ତ୍ରୀଟି ଗୋଟିଏ ଦୁର୍ବିତ ଅନ୍ଧକୁ ନେଇ ବୁଲୁଛି । (ଅନ୍ଧପ୍ରତି) ହଇ ହୋ ! ତୁମ ଦୁହିଁଙ୍କ ମଧ୍ୟରେ ସମ୍ବନ୍ଧ କଅଣ ?

ଅନ୍ଧ — ବାବୁ ! ତୁମର ଘରର ନାଁ କଅଣ ? ଅବସ୍ଥାରୁ ଅନୁମାନ କରିପାରୁନା ଯେ… ।

ନାଗରିକ — ଏ ବାଳିକାଟି ତୁମର କନ୍ୟା ?

ଅନ୍ଧ — ହଁ ।

ନାଗରିକ — ଆଉ କଅଣ ତୁମେ ଦୁହେଁ ଭିକ ମାଗ ?

ଅନ୍ଧ — ନାଁ, ବାବୁ, ତୁମର ଘରର ନାଁ କଅଣ ? ତୁମେ ତୁମ ଘରେ ବୁଲିପାରୁ ।

ନାଗରିକ — କିଛି ଲୋଡ଼ା ନାହିଁ ସତ; କିନ୍ତୁ ତୁମର ଅବସ୍ଥାକୁ ଲକ୍ଷ୍ୟ କରି ମନରେ କଷ୍ଟ ଆସୁଛି, ଦେଖୁ…

ଅନ୍ଧ — ପରଦୁଃଖ ଦେଖିଲେ ଯା ହୃଦୟ କାନ୍ଦେ, ତାଙ୍କର ଶୋଭା ମଙ୍ଗଳ କରନ୍ତୁ । ଆପଣଙ୍କର ଅଧିକରୁ

ଅଧିକ ହେଲ, ଧନ ଜନ ସ୍ରୋତ ଲକ୍ଷ୍ମୀ ମାନ୍ତୁ-ଯାଉଛି ।

ନାଗବକ—(ସ୍ୱଗତ) ଧନ ଜନ ସବୁଥିରେ ଭଗବାନ ଭରପୂର ରଖିଛନ୍ତି, କିନ୍ତୁ ଏଠାରେ ଲକ୍ଷ୍ମୀଟିଏ ନିତାନ୍ତ ଅଭାବ । (ପ୍ରକାଶ୍ୟେ) ଏ ବାଳକାଟି ତୁମର କେତେଦିନରୁ ସଙ୍ଗ ସଙ୍ଗିନୀ ।

ଅଲି—ଆବାଲ୍ୟରୁ···

ନାଗବକ—ଏଁ ଆବାଲ୍ୟରୁ ସମ୍ବନ୍ଧଟା ଉଭୟଙ୍କ ମଧ୍ୟରେ କଅଣ, କହିଲେ କିଛି କ୍ଷତି ଅଛି ?

ଅଲି—କ୍ଷତି ନାହିଁ କିମ୍ବା ଲାଭ ବି ନାହିଁ, ଆମେ ଦୁହେଁ ଭାଇ ଭଉଣୀ ।

ନାଗବକ—ବାଳକାଟି ତ ଯୌବନରେ ପଦାର୍ପଣ କଲାଣି, ଏପର୍ଯ୍ୟନ୍ତ ବିବାହ ନ ଦେଲ କିଆଁ ?

ଅଲି—ତା'ର ଅନିଚ୍ଛା ସତ୍ତ୍ୱେ ।

ନାଗବକ—ନା, ତୁମର ଅନିଚ୍ଛା ସତ୍ତ୍ୱେ ବୋଧହୁଏ । ବାଳକାଟି ଅନ୍ତର ହୋଇଗଲେ ଅନ୍ତର ଚଳାଚଳ ପକ୍ଷେ ଅସୁବିଧା ଘଟିବ, ତେଣୁ···

ଅଲି—ସେ ଯା ହେଉ, ଆମ୍ଭଙ୍କୁ ଲଘୁଧାନ ବଜାରକୁ ବାଟ କଢ଼ାଇଅନ୍ତୁ, ବାରମ୍ବାର ଜିଜ୍ଞାସା ବାରମ୍ବାର ହେବୁ ।

ନାଗବକ—ଏ କନ୍ୟାଟିର ପିଏ ପାଣିଗ୍ରହଣ କରିବ, ସେ ତ ତୁମର ଦୁଃଖ ଦୁର୍ଦ୍ଦଶା ସବୁ ମୋଚନ କରି-ଦେବ । କେହି ଐଶ୍ୱର୍ଯ୍ୟଶାଳୀ ଲୋକ ନିଶ୍ଚୟ ବାଳକାଟିକୁ ପସନ୍ଦ କରିବ ।

ଅଲି—ଦିନେ ମଧ୍ୟ ଆମର ଖୁବ୍ ସମ୍ପଦ ଥିଲା । କୋଠା-ବାଡ଼ ଥିଲା । କିନ୍ତୁ ସେ ସବୁ ଭାଗ୍ୟଦୋଷରେ ଧୂଳିସାତ ହୋଇଯାଇଛି । ଆମେ ଦୁହେଁ ମୁକ୍ତ ପକ୍ଷୀ ପରି ଖୁବ୍ ଆନନ୍ଦରେ ବୁଲୁଛୁ ।

ନାଗବକ—ସ୍ୱଦେଶରେ ଗ୍ରାମ କେଉଁଠି ?

ଅଲି—ପାନ୍ଥଶାଳା ।

ନାଗବକ—ତୁମେ ଆଜି କେବେ ଲଘୁଧାନ ସହରକୁ ଆସିଥିଲ, ନା ଏଇ ପ୍ରଥମ ?

ଅଲି—ଆସିଥିଲୁ, ମନେ ନାହିଁ ! ଆମକୁ ଟିକେ ନାଦେର ସାହାଙ୍କ ଦେଖିବୁ, ବାଟ କହି ଦେବେ କି ?

ନାଗବକ—ନାଦେର ସାହା ! ତାଙ୍କ ସଙ୍ଗରେ ତୁମର ସମ୍ବନ୍ଧ କଅଣ ?

ଅଲି—ସମ୍ବନ୍ଧ କିଛି ନାହିଁ; ତଥାପି ଆମ ଦୁଃଖରେ ତାଙ୍କର ସହାନୁଭୂତି ଅଛି ।

ନାଗବକ—(ସ୍ୱଗତ) ଆରେ ବା, ବା, ନାଦେର ସାହାଙ୍କ ଜଣାଶୁଣା ଲୋକ, ମୁଁ ତ ଜାଣୁ ଜାଣୁ କିଆଁରେ ଗୋଡ଼ ପୂରାଇଥିଲି ରେ । (ପ୍ରକାଶ୍ୟେ) ଠିକ୍ ମୁହିଁ ସଳଖ ବୁଲିଯା, ବଡ଼ ମସ୍‌ଜିଦର ପୂର୍ବପଟେ ତାଙ୍କର ଘର ।

ଅଲି—ହଉ ବାବା, ଈଶ୍ୱର ତୁମର ମଙ୍ଗଳ କରନ୍ତୁ । (ଉଭୟ ପ୍ରସ୍ଥାନ)

ନାଗବକ—ଶିକାରଟା ଜୁଟିଥିଲା; କିନ୍ତୁ ଦେଇଟା ନୁହେଁ, ଖସିଗଲା । ଓଃ, ବାଳକାଟା ପାଇଁକୁ ଜଣର ପଦେ ମିଳିଲା ନାହିଁ, ନାଦେର୍ ସାହା ନାଁଟା ଶୁଣି ମନଟା ଦବିଗଲା । ଦେଖାଯାଉ, ହାତରେ ତ କିଛି ନ ଥିଲା । କେତେକ ପ୍ରଲୋଭନ ଦେଖାଇ ଖାଦ୍ୟ ପିଆ ଦେଇ ଅଭ୍ୟାସ କରି ପାରିଥାନ୍ତି । ଅଚ୍ଛା, ଦେଖାଯାଉ ଦିନେ ଦି'ଦିନ ଏଠି ରହିବ ତ ! ଆଜ ବେକାଟା ଖରାପ ।

(ପ୍ରସ୍ଥାନ)

—*—

## ଷଷ୍ଠ ଦୃଶ୍ୟ

## ରାଜସଭା

(ମସ୍‌ହଦ୍ ନଗର, ନାଦେର, ଦାଉ ଓ ଇଜୁସୁଫ୍ ପ୍ରବେଶ କଲେ । ଅଦୂରରେ ଇରାନ ସମ୍ରାଟ ଆସୁଥିବାର ଦେଖି)

ନାଦେର୍—ଇଜୁସୁଫ୍, ତୁମେ ଟିକେ ଦୂରରେ ଅପେକ୍ଷା କର । (ଦାଉଙ୍କୁ) ଏଇ ସେ ଇରାନ ସମ୍ରାଟ ଆସୁଛନ୍ତି । ହିଁ, ମନେରଖ, ମୁଁ ଯାହାର ସମ୍ମୁଖରେ ନତଜାନୁ ହେବି, ସେହି ତୁମର ପିତୃହନ୍ତା । ମନେରଖ (ପିତାକୁ ଉଦ୍ୟତ ହେବା ସମୟରେ ଦାଉ ତରବାରୀ ଖୋଲିବାକୁ ଉଦ୍ୟତ) ଏତେ ଶୀଘ୍ର ଭୁଲିଗଲ ! ତରବାରୀ କୋଷବଦ୍ଧ କର ।

(ସମ୍ରାଟ ପ୍ରବେଶ କଲେ)
(ଅଶ୍ୱାରୋହଣ ପୂର୍ବକ ଆସନ୍ତି ସମ୍ରାଟ୍)

ସମ୍ରାଟ—ଜୟ ନାଦେର୍ ଖାଁ ! ସର୍ଦ୍ଦାର ନାଦେର, ତୁମର କଲ୍ୟାଣକୁ ସେଦିନ ଶିକାର କରିବାକୁ ଯାଇଥିଲି, ସେହିଦିନଠାରୁ ତୁମର ଆଉ ମୋ ସହିତ ଦେଖା ହୋଇନାହିଁ ! ଏତେଦିନ ଘରେ ବସି କଣ କରୁଥିଲ ? (ଦାଉଦ୍‌କୁ ଦେଖି) ଏ କିଏ ?

ନାଦେର—ଜାହାଁପନା ! ସେ ମୋର ଭଣଜା ।

ସମ୍ରାଟ - ଏହାର ନାମ କଅଣ ?

ନାଦେର—ଏହାର ନାମ ଦାଉଦ ପୋଦେସ୍ଥାର !

ସମ୍ରାଟ - ଘର କେଉଁଠି ?

ନାଦେର୍ - ଖୋରାସାନ ।

ସମ୍ରାଟ—ଓ, ଖୋରାସାନ ?

(ଦାଉଦ୍‌କୁ ଲକ୍ଷ୍ୟ କରି) ତୁମେ କି ଅସ୍ତ୍ରାଭ୍ୟାସରେ ପୋକ୍ତ ଅଛ ? ତୁମେ କି କାର୍ଯ୍ୟ କରିପାରିବ ?

ଦାଉଦ—ଜାହାଁପନା ! ଯାହା ଆପଣଙ୍କର ଆଦେଶ ହେବ, ତା ଏ ଦାସ ପାଳନ କରିବାକୁ ପ୍ରସ୍ତୁତ ଅଛି ।

ସମ୍ରାଟ—ତୁମର ବଳବୃଦ୍ଧି, ତୁମେ ଯୁଦ୍ଧ କରିପାରିବ । ଯଦି ଯୁଦ୍ଧ ଜାଣ ତାହାହେଲେ ବୁଝ ମୁଁ ତୁମକୁ ସେନାପତି ପଦରେ ନିଯୁକ୍ତ କରିବ ।

ଦାଉଦ—ଜାହାଁପନା, ଏ ଅତି ସୌଭାଗ୍ୟର କଥା !

ସମ୍ରାଟ—ବେଶ୍, ତା'ହେଲେ ତୁମେ ମୋର ସେନାପତି ।

(ଦାଉଦ୍ ଯାଇ ତାଙ୍କର ମସ୍ତକ ସ୍ପର୍ଶ କରିବାକୁ ଇତସ୍ତତ କରୁଥିଲେ, କିନ୍ତୁ ନାଦେର୍ ଖାଁଙ୍କ ଇଙ୍ଗିତରେ ନତମସ୍ତକ ହେଲେ, ଦାଉଦ୍ ଯାଇ ମସ୍ତକ ସ୍ପର୍ଶ କଲେ)

ଦାଉଦ—ଜାହାଁପନାଙ୍କର ଜୟ ହେଉ ।

ସମ୍ରାଟ—ଅଚ୍ଛା ନାଦେର, ସମୟରେ ତୁମେ ମୋ ସହିତ ଦେଖା କରିବ !

(କଥା କହୁ କହୁ ଚାଲିଗଲେ)

ଦାଉଦ—ଏତେ ଇରାନ ଅଧିପତି, ମୋର ପିତୃହନ୍ତା, ମୁଁ ଏହାଙ୍କୁ ସଲାମ କଲି ? (ଅବଶୋଷ କରିବା)

ନାଦେର୍—ଏହିପରି ଅନେକ ବାର କରିବାକୁ ପଡ଼ିବ ।

ଦାଉଦ—ଅନେକ ଥର !

ନାଦେର୍—ହିଁ ଭୁଲ ଯାଅନା, କଣ ପ୍ରତିଜ୍ଞା କରିଛ ?

ଦାଉଦ—ଏହି ପ୍ରତିଜ୍ଞା ହିଁ ମୋତେ ପାଷାଣ କରିଦେବ ।

ନାଦେର୍—(ଇଉସୁଫ୍‌କୁ ଅଦୂରରେ ଦେଖି) ଯାଅ ତୁମର ବନ୍ଧୁଙ୍କଠାରୁ ବିଦାୟ ନେଇ ମୋତେ ତମ୍ବୁରେ ଦେଖା କରିବ । ମୁଁ ଏହିଠାରୁ ଆସୁଛି । ମନେରଖ, ଆଜିଠାରୁ ଜଗତରେ ତୁମର ଆପଣାର ବନ୍ଧୁ ବୋଲି କେହି ନାହିଁ, ଏକମାତ୍ର ବନ୍ଧୁ ପ୍ରତିହିଂସା । (ପ୍ରସ୍ଥାନ)

(ଦାଉଦ ଇଉସୁଫ୍‌କୁ ଡାକିବାରୁ ଇଉସୁଫ୍ ଆସିଲେ)

ଇଉସୁଫ୍—କି ଭଲ ଦାଉ, କଣ ପଦବୀ ପାଇଲ ?

ଦାଉଦ—ଇଉସୁଫ୍, ଆଜିଠାରୁ ତୁମର ମୋର କୌଣସି ସମ୍ପର୍କ ନାହିଁ ।

ଇଉସୁଫ୍—ଏଁ ଏସବୁ କଅଣ କହୁଛ ଦାଉ ? ତୁମର ମୁଖ ଏପରି ବିମର୍ଷ ଦେଖାଯାଉଛି କାହିଁକି ? ଘଟଣା କଅଣ କହ ଭଲ ? ଏପରି ପରିହାସ କରୁଛ କାହିଁକି ?

ଦାଉଦ—ନା ଇଉସୁଫ୍, ପରିହାସ ନୁହେଁ ସତ୍ୟ, ଯାହା ସତ୍ୟ ତାହାହିଁ କହୁଛି । ଯାଅ ଇଉସୁଫ୍, ତୁମେ ଖୋରାସାନ ଫେରିଯାଅ; ମୁଁ ମୋର କର୍ତ୍ତବ୍ୟ ପଥ ଅନୁସରଣ କରେ ।

ଇଉସୁଫ୍—ତୁମର ଏତେ କଥା ବୁଝିବାକୁ କିଛି କହିବାର ନାହିଁ ?

ଦାଉଦ—କିଛି ନାହିଁ । ମୋର ଅନ୍ତରର ଯାହାକିଛି ଥିଲା, ସେ ସମସ୍ତ ରକ୍ତର ଜୁଆରରେ ଲହରି ଦେଉଛି ! ଆଉ ମୋ ପୂର୍ବ ସ୍ମୃତି ନାହିଁ, ଦୟା ନାହିଁ, ଗୁରୁଜନ ନାହିଁ, ଏପରି କି ତୁମେ ମଧ୍ୟ ନାହିଁ । ବର୍ତ୍ତମାନ ମୁଁ ମୋର ସଙ୍ଗୀ, ମୁଁ ମୋର ବନ୍ଧୁ । ଏକ ସ୍ମୃତି ଅଛନ୍ତି ଜନକଙ୍କ ରକ୍ତଧାର । ବିଦାୟ ଦିଅ ଇଉସୁଫ୍ ଭାଇ ।

ଇଉସୁଫ୍—(ଇତସ୍ତତଃ ହୋଇ) ଦାଉ ଭାଇ ଯାଉଛନ୍ତି, କିନ୍ତୁ ମନେ ରଖିଥିବ, ସାଙ୍ଗ ହୋଇ ଅନେକ ଅପରାଧ କରିଛୁ, କ୍ଷମା କରିବ। (ସ୍ୱଗତ) ବଡ଼ ଅଦ୍ଭୁତ ଘଟଣା, ସାଙ୍ଗେ ସାଙ୍ଗେ ଅନ୍ୟ ରକମ। ସାଥି ହୋଇ ଫୁର୍ତ୍ତିରେ ଆସିଥିଲି, ଏକୁଟିଆ ଯିବି! (ପ୍ରକାଶ୍ୟେ) ବଡ଼ ଦୁଃଖ ଲାଗୁଛି, କେତେ ଖେଳ, କେତେ କଥା, ସବୁ ପାଶୋରିବାକୁ ହେବ ? ହା ଖୋଦା! ହଁ, ଯିବାବେଳେ ଗୋଟାଏ କଥା କହି ଯାଏ, ସମ୍ପଦରେ ନ ପାରିଲେ ନାହିଁ ଭାଇ, ବିପଦରେ ଶୀଘ୍ର ଜଣାଇବୁ। ଏତିକି ଅନୁରୋଧ ଭାଇ, ଆସେ ତେବେ, ସଲାମ।

( ସଲାମ କରି ଇଉସୁଫ୍ ପ୍ରସ୍ଥାନ )

ହାଫିଜ—ସଲାମ ( ଉଭୟ ଉଭୟଙ୍କୁ ଦେଖି, ଇଉସୁଫ୍ ପ୍ରସ୍ଥାନ ) ହେ ଖୋଦା, ହେ ଅନନ୍ତ ଶକ୍ତିର ଆଧାର! ଯେବେ ଏ ହୃଦୟର ନିଭୃତ କୋଣରେ ସ୍ନେହ ମମତା, ତଥା ମାୟାର ବନ୍ଧନ ସ୍ପର୍ଶ ମାତ୍ର ଥାଏ, ତୁମେ ସେ ସମସ୍ତ ଧ୍ୱଂସ କର। ଏହି ହୃଦୟ ଆଜିଠାରୁ ପାଷାଣରେ ପରିଣତ ହେଉ, ଶୋଣିତରେ ଅଗ୍ନିର ପ୍ରବାହ ପ୍ରବାହିତ ହେଉ, ପ୍ରତି ମାଂସ ପେଶୀ ବଜ୍ରଭୂମି କଠିନ ହେଉ। ଆଜିଠାରୁ ଆହାରରେ ବିହାରରେ, ଶୟନେ ସ୍ୱପନେ ଏକମାତ୍ର ବନ୍ଧୁ ପ୍ରତିହିଂସା, ଏକମାତ୍ର ଆତ୍ମୀୟ ପ୍ରତିହିଂସା, ଏକମାତ୍ର ସଙ୍ଗୀ ପ୍ରତିହିଂସା। ଆଜିଠାରୁ ଏହି ପ୍ରତିହିଂସା ଛାୟାପରି ମୋର ଅନୁସରଣ କରିବ। ମୁଁ ତା ସଙ୍ଗେ କଥା କହିବି, ଗୀତ ଗାଇବି, ମାନସ କୁସୁମରେ ହାରଗୁନ୍ଥି ତା ଗଳାରେ ପିନ୍ଧାଇ ଦେବି। ମୋତେ ତୃଷା ହେଲେ ପ୍ରତିହିଂସା ଶୀତଳ ପାନୀୟ ଦେବ, କ୍ଷୁଧା ହେଲେ ଅନ୍ନ ଦେବ। ମୁଁ ଅବସନ୍ନ ହୋଇପଡ଼ିଲେ ଅତି ଯତ୍ନରେ ମୋର ଶଯ୍ୟା ରଚନା କରିଦେବ। ମୁଁ ନିଦ୍ରାଗଲେ ମୋର କର୍ଣ୍ଣରେ ମୃଦୁ ତାଳରେ କହିବ ପ୍ରତିହିଂସା, ପ୍ରତିହିଂସା, ପ୍ରତିହିଂସା (ତରବାରି ଖୋଲି) ରେ ନରାଧମ ଦୁର୍ବୃତ୍ତ! ଶାନ୍ତି, ଭାଲାନ୍ତକ ପ୍ରତିହିଂସା ଶବ୍ଦଟି ଅଗ୍ନି ଅକ୍ଷରରେ ଲେଖା ଥାଉ। ଏହି ମୁହୂର୍ତ୍ତଠାରୁ ଯେତେ ଦିନ ପର୍ଯ୍ୟନ୍ତ ମୋର ପିତାଙ୍କର ସ୍ନେହ ହତ୍ୟାର ପ୍ରତିଶୋଧ ନ ନେଉଛି, ତେତେ ଦିନ ପର୍ଯ୍ୟନ୍ତ ମୁଁ ପ୍ରତିଜ୍ଞା କରୁଛି, ମୋର ଅନ୍ୟ ଚିନ୍ତା ନାହିଁ, ଅନ୍ୟ ବୃତ୍ତି ନାହିଁ, ଅନ୍ୟ କାର୍ଯ୍ୟ ନାହିଁ। ବନ୍ଧୁର ବନ୍ଧନ, ରମଣୀର ପ୍ରେମ, ସୌନ୍ଦର୍ଯ୍ୟର ଆକର୍ଷଣ ( କେତେକ ଦାସୀ ସହ ମସ୍‌ଜିଦ୍‌କୁ ବାହାରିଗଲେ, ପଛରେ ସଖୀମାନେ ଯାଉଥିଲେ। ହାଫିଜ ଦେଖି ପଚାରିଲେ) ଏ କିଏ ?

ରକ୍ଷୀ—ଇରାନ୍‌ର ରାଣୀ!

ହାଫିଜ—ଇରାନ୍‌ର ରାଣୀ ( ହାତରୁ ତୁରବାରି ଖସିପଡ଼ିଲା ) ଆହା କି ରୂପବତୀ, କିନ୍ତୁ ଏତେ ବିରସ କାହିଁକି ? ଯେପରି ଦୁଃଖ ଚିନ୍ତାର ରେଖା ତାର ମୁଖ ମଣ୍ଡଳରେ ଫୁଟି ଉଠୁଛି। ରେ ହୃଦୟ, ଏହା କି ଦୁର୍ବଳତା! ଦୃଢ଼ ହୁଅ, ଧୈର୍ଯ୍ୟଧର, ପ୍ରତିହିଂସା! ପ୍ରତିହିଂସା!! ପ୍ରତିହିଂସା!!! (ବ୍ୟଗ୍ରେ ପ୍ରସ୍ଥାନ)

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

### ଦ୍ରାକ୍ଷାକ୍ଷେତ୍ର

(ଦ୍ରାକ୍ଷାକ୍ଷେତ୍ରରେ ଗୋଟିଏ ବଡ଼ ଗଛରେ ଦୋଳଟିଏ ଲାଗିଥିଲା)

ବୁଲବୁଲ—(ଖୋଜି ଖୋଜି ଉତଲା ହେଲାପରି) ହାଫିଜ! ହାଫିଜ! କାହିଁ, ଏଠାରେ ତ ମଧ୍ୟ ନାହିଁ। ନାଁ, ବୋଧହୁଏ ଭୁଆଡ଼େ ଚାଲିଯାଇଛି। ମୋତେ ନ କହି ଚାଲିଗଲା, ତାର ମନ ଟିକେ ଚଳଚଳ ହେଲାନାହିଁ! ଏତେ ସ୍ନେହ, ଏତେ ମମତା, ସବୁ ଭୁଲିଗଲା! ହାଫିଜ! ହାଫିଜ!

ନସିରୁ—(ପ୍ରବେଶ) ବାଃ, ହାଫିଜ କାହିଁକି ଖୋଜୁଛ ବୁଲବୁଲ ? ହାଫିଜ ପାଇଁ ଏତେ ଉତଳା କାହିଁକି ? ସେ ବିଦେଶ ଯିବା କାମରେ ଯାଉଛି, ତା ସଙ୍ଗରେ ଇଉସୁଫ୍ ମଧ୍ୟ ଯାଇଛି। ଖୁବ୍ ଅଳ୍ପ ସମୟ ମଧ୍ୟରେ ଫେରିଆସିବ। ମନରେ ଦୁଃଖ କରିବାର କିଛି ନାହିଁ।

ଗୁଲ୍ଲିବ—ଚଳ ! ଚଳ ! ସତେ ସେ ଫେରିଆସିବ ? ଫେରି ଆସିବ, ସତ କହ ଚଳ ।

ନସିର—ହଁ ଝିଅ, ଫେରିଆସିବ, ତୁ ଏଇଠି ଖେଳୁଥା, ସେ ଆସିଲାପରି ! (ଧୀରେ ପ୍ରସ୍ଥାନ)

ଗୁଲ୍ଲିବ—(ଦୋଳିରେ ବସି ଗୀତଟିଏ ଗାଇଲା)

(ଗୀତାନ୍ତେ ଇଉସୁଫ ପ୍ରବେଶ କଲା, ଗୁଲ୍ଲିବ ଦେଖି ଦୋଳିରୁ ଓହ୍ଲାଇ ଆସିଲା)

ଗୁଲ୍ଲିବ—ଇଉସୁଫ ଭାଇ ! ଇଉସୁଫ ଭାଇ ! ବାପା କାହିଁ ?

(ଇଉସୁଫ ମୁଣ୍ଡରେ ହାତ ଦେଇ ବସିପଡ଼ିଲା)

ଏଁ, ତୁମେ କିଛି କହୁନା ଯେ ସତ କୁହ, ସତକୁହ ଭାଇ, ବାପା କାହିଁ ?

ଇଉସୁଫ—ସେ ଆଜି ଆସିବ ନାହିଁ ।

ଗୁଲ୍ଲିବ—କଅଣ କହୁଛ, ଆସିବ ନାହିଁ କାହିଁକି ?

ଇଉସୁଫ—ତା ଜାଣେନା, କିନ୍ତୁ ବର୍ତ୍ତମାନ ମତଲବ ଭିନ୍ନ କି କଅଣ ?

ଗୁଲ୍ଲିବ—ସେ କଅଣ କହିଲା ?

ଇଉସୁଫ—ଦିନେ କେହି ଜଣେ ଲୋକ ତା ନିକଟକୁ ଖଣ୍ଡେ ପତ୍ର ଦେଇଥିଲା, ସେଥିରେ ସେ ଅନୁରୋଧ କରିଥିଲା ଯେ, ଇସ୍ପାହାନ ସହରର ଚକ୍ ବଜାରରେ ଶୁକ୍ରବାର ଦିନ କାରଘଣ୍ଟା ସମୟରେ ସାକ୍ଷାତ କରିବାକୁ । ସିବା ସମୟରେ ଆମେ ସେ ଲୋକର ସାକ୍ଷାତ କଲୁ । ମୋତେ ଅନ୍ୟମାନଙ୍କୁ ପଠାଇ ଦେଇ ସେମାନେ ଅନେକ ସମୟ କଅଣ କଥାବାର୍ତ୍ତା କଲେ । ପରେ ମୁଁ ଆସି ଦେଖିଲି ଯେ, ବାପାର ମତଲବ ଅନ୍ୟ ରକମ । ସେ ଆଜି ଆମ୍ଭମାନଙ୍କୁ ଗ୍ରହେଁ ନାହିଁ ।

ଗୁଲ୍ଲିବ—ସେ କଅଣ ମୋତେ ମଧ୍ୟ ଭୁଲିଗଲା ?

ଇଉସୁଫ—ଅବୋଧ ବାଳିକା, ତୋତେ କଣ ସେ ଆଜି ପଚାରିବ ?

ଗୁଲ୍ଲିବ—ସେଠାକୁ ଗଲେ କଅଣ ଦେଖା ପାଇବି ନାହିଁ ? ଏ କଅଣ ହେଲା ! ଏତେ ସ୍ନେହ, ଏତେ ମମତା, ଇଉସୁଫ ଭାଇ ! ଦେଖା କଅଣ ଆଜି ହେବ ନାହିଁ ?

ଇଉସୁଫ—ଆଜି ଦେଖା ହେବ ନାହିଁ । ଦେଖାହେଲେ ମଧ୍ୟ ତାର କୌଣସି ମୂଲ୍ୟ ନାହିଁ । ମୁଁ ଅନୁମାନରେ କହୁଛି, ସେ ବର୍ତ୍ତମାନ ବଡ଼ଲୋକ । ତୁ ତାକୁ ଭୁଲିଯା, ଭୁଲିଯା, ଭୁଲିଯା । (ପ୍ରସ୍ଥାନ)

ଗୁଲ୍ଲିବ—ଏ କିପରି କଥା ? ନା ମୁଁ ଯେପରି ହେଉ ଯିବି, ନିଶ୍ଚୟ ଯିବି । ସେ ମୋତେ ଭୁଲିଗଲା ସତ; କିନ୍ତୁ ମୁଁ ତ ତାକୁ ଭୁଲି ପାରିବି ନାହିଁ । ଧାଇଁ, ବାପା, ତୋର ଯେ ପଥ, ମୋର ମଧ୍ୟ ସେଇ ପଥ । (ଚାଲିଗଲା)

—*—

## ଦ୍ୱିତୀୟ ଦୃଶ୍ୟ

### ପଥ

(ପୂର୍ବ ବାଳିକାଟି ଅନ୍ଧକୁ ଘେନି ଆସୁଥାଏ, ଅନ୍ଧ ଗାଉଥାଏ ଗୋଟିଏ ଗୀତ, ବାଳିକା ମଧ୍ୟ ସାଥିରେ ଗାଉଥାଏ । )

( ଗୀତାନ୍ତେ ପୂର୍ବ ନାଗରିକ ଜଣକ ଗୋଟିଏ ଠୁଙ୍ଗାରେ କେତେକ ଖାଦ୍ୟସାମଗ୍ରୀ ଧରି ପ୍ରବେଶ କଲା । )

ନାଗରିକ—ତୁମ ପାଇଁ କିଛି ଖାନା ଆଣିଛି ନିଅ ।

ବାଳିକା—(ତାର ମୁଖକୁ ଚାହିଁ ନେଇ ନ ଥାଏ, ମୁଖ ଫେରାଇ ନେଲା)

ନାଗରିକ—ମୁଁ ବଜାରରୁ ବର୍ତ୍ତମାନ ତାଜା ମାଲ ଖରିଦ କରି ଆଣିଛି, ନିଅ ତୁମ୍ଭ ଦୁଃଖରେ ମୋର ସହାନୁଭୂତି ଅଛି ।

ଅନ୍ଧ—ବାବୁ କଅଣ ଦେଉଛନ୍ତି ରଖ ।

ବାଳିକା—(ମୁହଁକୁ ନ ଚାହିଁ ଟୁଲି ବଢ଼ାଇ ଦେଲା । ନାଗରିକ ପୋଲଟି ଝୋଲିରେ ଦେଲା । ପକେଟରୁ ଗୋଟିଏ ପାଞ୍ଚଟଙ୍କିଆ ନୋଟ ବାହାର କରି ଆଖିଠାରି ମାରି କହିଲା । )

ନାଗରିକ—ଏ ଦୋପେଯା ପାଞ୍ଚଟୋ ଲେ ।

ବାଳିକା—ଉଁ ହୁଁ ।

ନାଗରିକ—(ଠାରଠୁର କରି ପୁଣି ଯାଚିଲା)

ବାଳିକା—ନେହିଁ ।

ଅନ୍ଧ—କ୍ୟା ହୁଆ ?

ବାଳକା — ଏ ମୋତେ (କିଛି କହନ୍ତା ବୋଲି ନାଗରିକ ବାଧା ଦେବା ସତ୍ତ୍ୱେ ବାଳକା କହିଲା) ଏ ମୋତେ ପାଞ୍ଚଟଙ୍କା ମାଗୁଛନ୍ତି ।

ଅନ୍ଧ—ବାବୁ ସାହା ଦେଲେ ଆମେ ସେଥିରେ ତୃପ୍ତ, ଆମର ଟଙ୍କା ପଇସା କଅଣ ହେବ ? ତାକୁ ବା ନେଇ କେଉଁଠି ରଖିବୁ, ମାଫ୍ କର ।

ନାଗରିକ—ମୋର ତୁମ ପ୍ରତି ବଡ଼ ଶ୍ରଦ୍ଧା ଆସୁଛି, ମୁଁ ଇଚ୍ଛାକଲେ ତୁମର...

ଅନ୍ଧ—ଖୋଦାଙ୍କ ଇଚ୍ଛାରେ ଆମେ ଧନ ହୀନ କାଙ୍ଗାଳ, ପୁଣି ତୁମ ଇଚ୍ଛା, ତୁମେ ଖୋଦାଙ୍କ ଉପରେ ଆଉ କିଏ ?

ନାଗରିକ—ନାହିଁ, ଅନ୍ଧ ମ୍ଲେଚ୍ଛ ଗରିବ ଏମାନଙ୍କୁ ଦେଖିଲେ ମୋର ହୃଦୟରେ ଦୟା ଆସେ, ବିଶେଷତଃ ଏ ବାଳକାଟି ପ୍ରତି—

ଅନ୍ଧ—କିନ୍ତୁ ଅନ୍ଧ ପ୍ରତି ନୁହେଁ; ବାଳକା ହିଁ ଆପଣଙ୍କର ହୃଦୟରେ ଦୟାର ଭାବ ସଞ୍ଚାର କରିଦେଇଛି । ଦୁନିଆରେ ଆପଣଙ୍କ ପରି କେତେକଙ୍କୁ ଆମେ ଦେଖି ଆସିଲୁଣି, ଆଖି ନ ଥିଲେ ସୁଦ୍ଧା ମୋର ଅନ୍ତର ଆତ୍ମା ସବୁ ଜାଣୁଛି, ଶୁଣୁଛି । ଯାଅ ବାବୁ, ତୁମ ପଥରେ ତୁମେ ଯାଅ । ଆମେ ଆମ ପଥରେ ଯାଉଛୁ । (ପୂର୍ବ ଗୀତ ଗାଇ ଗାଇ ଚାଲିଗଲା)

ନାଗରିକ—ଆଚ୍ଛା ମ୍ଲେଚ୍ଛୀ, ଦେଖ୍ ଲେଙ୍ଗେ । କୈସା ସଖ୍ତ ହେ ।  (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

## ଦରବାର

(ଇରାନ୍ ଦରବାର ସିଂହାସନରେ ସମ୍ରାଟ ଆସୀନ, ପାରିଷଦମାନେ ଉପବିଷ୍ଟ )

( ନର୍ତ୍ତକୀମାନଙ୍କ—ଗୀତ )

(ଟେବୁଲ ଉପରେ ମଦ୍ୟପାନ ଇତ୍ୟାଦି, ଫୁଲତୋଡ଼ା ସଜ୍ଜିତ ଥିଲା)

ଦାଉଦ୍ ସାହା—ଏ କଉନ ହେ ! ସିରାଜୀ —( ଜଣେ ନର୍ତ୍ତକୀ ସିରାଜୀ ବଢ଼ାଇ ଦେଲା) କଅଣ ହେଉଛି, ଗିଲାସ ପୂରୁ ନାହିଁ ।

( ଆଉ ଦେଲା, ସୁରା ପାନ କର )

ଗାଅ, ନାଚ, ମୁଁ ସମ୍ରାଟ ନା ?

୧ମ ପାରିଷଦ—ହଜୁର୍ ଆପଣ ସମ୍ରାଟ୍ ।

ଦାଉଦ୍ ସାହା—ମୋ ମସ୍ତକ ଉପରେ ରାଜଛତ୍ର ଅଛି ତ ?

୨ୟ ପାରିଷଦ—ହଜୁର୍, ନିଶ୍ଚୟ ଅଛି ।

ଦାଉଦ୍—ବର୍ତ୍ତମାନ ସୁରା-ସ୍ରୋତରେ ମୋର ତରଣୀ ଚଳାଇ ନେବି, ଯେତେଦୂର ଯାଉ ଚିନ୍ତା କରନା । (ଦାରାର ପ୍ରବେଶ) କିଏ ଆସିଲେ ?

୧ମ ପାରିଷଦ—ନୂଆ ସେନାପତି ।

ଦାଉଦ୍—ସେନାପତି ? ଆସ ଆସ ଏହି ନିଅ (ମଦ୍ୟ ପାତ୍ର ବଢ଼ାଇବା )

ଦାରା—ମାର୍ଜ୍ଜନା କରିବେ ସମ୍ରାଟ !

ଦାଉଦ୍—ଓ, ଖାଅନା । କାହିଁକି ? କଅଣ ସତୀତ୍ୱ ନଷ୍ଟ ହୋଇଯିବ ?

ଦାରା—(ସ୍ୱଗତ) ଖୋଦା, ଖୋଦା, ନରାଧମ ଶାସ୍ତି ଆଉ ପାଉନାହିଁ ।

ଦାଉଦ୍—କଅଣ ଭାବୁଛ ଦାରା ! ଖାଇବ ? ଖାଅ ଟିକିଏ ? ଓ ଖାଅନା ପରା, ହଁ ଦେଖ, ତୁମେ ମୋର ସେନାପତି । ତୁମ୍ଭର କର୍ତ୍ତବ୍ୟ ବର୍ତ୍ତମାନ ଏହି ଯେ, ବିଦେଶୀ ଆକ୍ରମଣରୁ ଦେଶକୁ ରକ୍ଷା କରିବା । ଆଉ ପ୍ରଜାମାନେ ଯେପରି ଶାନ୍ତିରେ ବାସ କରନ୍ତି, ତହିଁ ପ୍ରତି ସର୍ବଦା ଦୃଷ୍ଟିଦେବ, ବୁଝିଲ ?

ଦାରା—ଜୀ ହାଁ ।

ଦାଉଦ୍—ହଁ ବସ ।

ପାରିଷଦ—ଆଉ ଖଣ୍ଡେ ରଙ୍ଗ ରଙ୍ଗିଆ ଗୀତ ହେଉ ।

ଦାଉଦ୍—ହଁ ! ଠିକ୍ କଥା, ଏ ନାଚଓ୍ୱାଲୀ ।

(ପୁନଶ୍ଚ ନର୍ତ୍ତକୀ ମାନଙ୍କ ଗୀତ)

ଦାଉଦ୍—ବାଃ ବାଃ, ବେଶ୍ ବେଶ୍ । ( ପ୍ରହରୀ ପ୍ରବେଶ କଲେ )

ପ୍ରହରୀ—ମହାରାଜ ! ସର୍ବନାଶ ଉପସ୍ଥିତ । ମହାରାଣୀ ଧନାଗାର ଖୋଲି ଦେଇଛନ୍ତି, ପ୍ରଜାମାନେ ଧନସମ୍ପତ୍ତି

ବୋଲି ନେଇ ଯାଉଛନ୍ତି । ଆମ୍ଭେମାନେ କହିବାରୁ କହିଲେ ଯାଅ 'ଧର୍ମକାର୍ଯ୍ୟରେ ବାଧା ଦିଅନା ।

ଦାଉଦ୍ – ବ୍ୟସ୍ତ ହୋଇପଡ଼ି) ଆରେ ଆରେ, ନାହାନ୍ତି କି ପ୍ରାଣମନ୍ତ୍ରୀ ମୋର । ଏତେଜଣ କେଉଁଆଡ଼େ ଗଲେ ? ଯାଅ ସେନାପତେ, ଅନ୍ତଃପୁର ଦ୍ୱାରେ ତୁମ୍ଭେ ଜାଗ୍ରତ ହୋଇ ସତର୍କ ଭାବେ ଦୃଷ୍ଟିଦିଅ ।

ଦାସ – ଯୋ ହୁକୁମ ଖୋଦାବନ୍ଦ ( ପ୍ରହରୀ ଓ ଦାସ ପ୍ରସ୍ଥାନ )

ଦାଉଦ୍—ଧର୍ମ ଅଧର୍ମ କଅଣ ? ପାପ ପୁଣ୍ୟ କଅଣ ? ଏସବୁ କିଛି ନୁହେଁ । ମନର ବିକାର ମାତ୍ର । ରାଣୀ ଦୁଷ୍ଟା, ମୋର ମହିଷୀ ହୋଇ ମୋର ବିନା ଆଦେଶରେ ଏତେ ସ୍ପର୍ଦ୍ଧା ଯେ ? ମୁଁ ଯେ ପର୍ଯ୍ୟନ୍ତ ବଞ୍ଚିଥିବି, ସେ ପର୍ଯ୍ୟନ୍ତ ସୁରାସ୍ରୋତରେ ଭାସି ବୁଲିବି । ଓଃ, ଆଉ ବସି ପାରୁନାହିଁ । ସୁରାର ମାଦକତା ବଢ଼ି ଯାଉଛି । ଦେହ ଅଶକ୍ତ କରି ଦେଉଛି । ଅଙ୍ଗ ପ୍ରତ୍ୟଙ୍ଗ ବିବ୍ରତ ହୋଇ ପଡ଼ୁଛନ୍ତି । ଯାଏଁ ବିଶ୍ରାମ କିଏ । (ଟଳ ଟଳ ହୋଇ ପ୍ରସ୍ଥାନ କଲେ)

---

## ଚତୁର୍ଥ ଦୃଶ୍ୟ

### ରାଜପଥ

(ଜଣେ ନାଗରିକ ବହୁତ ଗୁଡ଼ାଏ ଅଖା ଟୋକେଇ ସଂଗ୍ରହ କରି ଆସୁଥିବା ପୂର୍ବରୁ ଆଗୁଁ ଅନ୍ୟ ଜଣେ ଲୋକ ଜ୍ୱରରେ କମ୍ପି କମ୍ପି ରାସ୍ତାରେ ବସିପଡ଼ିଲା)

୧ମ ନାଗରିକ – ଏହି ତ ଜଗିଲା, ଆଜ ନଲୋଡ଼୍ ବନ୍ଧା ।

୨ୟ ନାଗରିକ – (ଅଖା ଟୋକେଇ ସେହି ଉପରମୁହାଁ ହୋଇ ବେଟେ ଆସି ଲୋକକୁ ଝୁଣ୍ଟି ପଡ଼ିଗଲା)

୧ମ ନାଗରିକ – ଓଃ, ମାରି ପକାଇଲା, ଶଳା ଅନ୍ଧ ନା କଅଣ ?

୨ୟ – (ପଡ଼ିଉଠି) ଶଳା ଅନ୍ଧଟାଏ ନା କଅଣ, ବାଟଟାରେ ବସି ମାରି ପକାଇଲା ମଣିଷକୁ ।

୧ ମ—ମୁଁ ଅନ୍ଧ ନା ତୁ ଅନ୍ଧ । ମଣିଷଟାକୁ ମାଡ଼ି ଚାଲି ଯାଉଛୁ, ଏତେ ବଡ଼ ସ୍ଥଳଟା ବାଲଟାଏ ତୁ ? ଆଖି କଅଣ ଗୁଳରେ ଖୋସି ବୁଲୁଥିଲୁ ? ଦେଖିଲୁ ଏ ଗିଠି କଅଣ ହେଲା ?

୨ୟ – ମୋର ତ ଆଣ୍ଠୁ ଗଣ୍ଠି ଛିଡ଼ିଗଲା, ବାଟଟାରେ ବସି ଆହୁରି ଦମାକ୍ କାଢ଼ୁଛି ।

୧ମ—(ଧରି ପକାଇ) ଆଇଲୁ ଗୋଟାଏ ଭଲ ଲୋକକୁ ପଛୁରିବା, ଏଥିରେ କାହାର କାଇଲ୍ ।

୨ୟ—ଆରେ ଛାଡ଼ ସେ କାଇଲ୍, ପଛେ ବୁଝିବୁ ( ନେପଥ୍ୟକୁ ) ଗଲା ରେ ଗଲା ରେ ଗୋଟାଏ ତୋଡ଼ା ଗଲା (ବ୍ୟସ୍ତ ହୋଇ ପଡ଼ିବା) ।

୧ମ—କି ତୋଡ଼ା ରେ ?

୨ୟ – ଯାଇଲା ତ ସବୁ, ଆରେ ଛାଡ଼ ଗଲା ଗଲା । ଆଉ ଗୋଟାଏ ତୋଡ଼ା ଗଲା (ନେପଥ୍ୟକୁ ଚାହିଁବା) ।

୧ମ—ଆରେ କି ତୋଡ଼ା ନ କହିଲେ ଛାଡ଼ିବି ନାହିଁ । ମୁଁ ଦରୁଆନ ମଣିଷଟା, ମୋତେ ଦରମଦ୍ଦ କରି ଦେଇ ତୋଡ଼ା, ଆରେ କୁଆଡ଼େ ଯାଉଛୁ କହ ?

୨ୟ—ଜାହାନ୍ନମକୁ ଯାଉଛି, କଥା କହି ମୋ କାମ ଭଣ୍ଡୁର କରନା କହୁଛି । ଗଲା ରେ ତୋଡ଼ା ଗଲା ଓଃ ।

୧ମ—ତୋଡ଼ା ତୋଡ଼ା କଅଣ କହୁଛୁ, ମୁଁ ବୁଝିପାରୁ ନାହିଁ ।

୨ୟ – ଏକ୍ଷଣି କହିବାକୁ ଫୁରୁସତ ନାହିଁ, ଫେରିଲେ କହିବି । ଯେତେବେଳେ ସୁନାର ଅଲମଗିରା ହକାରେ ବନାରସି ଗୁଡ଼ାଖୁ ଭର୍ତ୍ତି ହୋଇଥିବ ।

୧ମ—ନ କହିଲେ ତ ଛାଡ଼ିବି ନାହିଁ, କଥାଟା କହିବାକୁ ପଡ଼ିବ ।

୨ୟ—ଆଚ୍ଛା ବାପଦ, (ନେପଥ୍ୟକୁ ଚାହିଁ) ଏହି ଗଲା; ତିନ ତୋଡ଼ା ଗଲା । ଶୁଣିବୁ ଯେବେ ଶୁଣୁଥିବୁ ସଂକ୍ଷେପରେ ଆମ୍ଭ ବାଦ୍‌ସାହା ଆଜ ରାଜକୋଷ ଖୋଲି ଦେଇଛନ୍ତି । ବିଲ୍‌କୁଲ ସାହାଣ ମେଲା, ଯେ ଯେତେ ପାରିବ ବୋହିନିଅ, ଦିଲ୍‌ଦରିଆ ।

୧ମ—କଅଣ କହୁଛୁ, ବିଶ୍ୱାସ ହେଉନାହିଁ କାହିଁକି ମ ?

୨ୟ—ସେ କଥା କିଏ କହିବ ? ଆମର ପିଠା ଖାଇବା କଥା, ବିନ୍ଧ ଗଣିବାରେ ପ୍ରୟୋଜନ କଅଣ ? ଆଣିବାକୁ ଇଚ୍ଛା ଅଛି ତ ମୋ ସାଙ୍ଗରେ

ଆ । ଅଣ୍ଟାରେ, ପକେଟରେ, ହାତ ମୁଠାରେ ଯେତେ ଯେତେ ଆଣି ପାରବୁ । ଆ ।

୧ମ - ଖାଲି ପଇସା ନା ଟଙ୍କା । ନା ଆଉ—

୨ୟ—ଆଜ ତୋ ମୁଣ୍ଡ ଗଣ୍ଡି । ଛାଡ଼ ଗଲା ରେ, ଗଲା ରେ, ସୁବର୍ଣ୍ଣଚୋଡ଼ା ଗଲା ।

୧ମ—କହ ଟଙ୍କା କି ପଇସା, ନୋହିଲେ ତ ଛାଡ଼ିବି ନାହିଁ ।

୨ୟ—ଆରେ ଟଙ୍କା ନୁହେଁ କି ପଇସା ନୁହେଁ । ସୁନ୍ଦ୍ ନଗୋଳ ଅସରଫି, ଚକ୍ ଚକ୍ ଝଣ୍ ଝଣ୍ ।

୧ମ—ଓ୍ଁ, ତୁମେ ସେଇଥିପାଇଁ ଏତେ ଥଳୀ ମୁଣି ବୋଝ ଟୋକେଇ ସେନ ବୁଲୁଛ, ନା ? ତମଠୁ ବଳବ ଯେ ଆଉ ଅନ୍ୟ କିଏ ପାଇବ ।

୨ୟ—ଆରେ ଓଲୁ, ରାଜଭଣ୍ଡାର ଯେ ଅସରନ୍ତି । ଛାଡ଼ ଗଲା, ଏଇ ପାଞ୍ଚଚୋଡ଼ା ଗଲା । ମନ ଅଛି ତ ଆ । ( ଛୁଟି ହୋଇ ଚାଲିଗଲା )

୧ମ—ହଉ ମୁଁ ଏଇଠି ବସିରହିଲି । ତୁ ଯା, ଏଇ ବାଟେ ତ ଆସିବୁ, ମୋର କଅଣ ଧନକୁ ଅପେକ୍ଷା ଅଛି । ସେହିନ ଯେଉଁ ସୁରତ ଓ୍ୟାଲି ସ୍ତ୍ରୀ, କାଞ୍ଚନ ତ ଯଥେଷ୍ଟ ଅଛି ପୁଣି ବି ମିଳିବ । କିନ୍ତୁ ଅଭାବ ସେମିତିକିଆ କାମିନୀଟିଏ ( ଦୂରରୁ ଗୀତ ଶୁଣିଲା ) ଏଇ ଆସିଲା ତ ( ବସିପଡ଼ିଲା ) ।

ଗୁଲ୍ଜାର—( ଗୀତ ଗାଇ ପ୍ରବେଶିଲା )

ଗୀତ

ପ୍ରିୟ ସାଥି ପ୍ରାଣ ସାଥି ମୋର ସାଥି ।
କେଉଁଣେ ଗଲ ପ୍ରିୟସାଥି ତୁମ ଅଦର୍ଶନେ ଥୟ ନୁହେଁ ମନ ।
ଦକ ଦକ ହୁଏ ଛାତି । ପଦ ।
ତବ ସ୍ନେହବୋଳା ଅମୃତ ବଚନ ।
ଜଗାଇଛି ହୃଦେ କି ଅମିୟ ପ୍ରେମ (ଆଜ)
ବିଚ୍ଛେଦେ ମୁଁ ସହିଗଲି ସିନା ମରି
ଝୁରି ଝୁରି ଦିନରାତି । ୧ ।

ନାଗରିକ—ବାଃ ବାଃ, ଏକଲା ଏକଲା, ଆଜ ଅନୁକୂଳଟା ଠିକ୍ ।

ଗୁଲ୍ଜାର—ମହାଶୟ, ରାଜଭବନକୁ ବାଟ ଏଇ ତ ?

ନାଗରିକ—ତମ ସାଥି ଅନ୍ଧ ହୋଇଛିକି କୋଉଠି ଛାଡ଼ି ଆସିଲ କି ?

ଗୁଲ୍ଜାର—ସେଇ ଅନ୍ଧ ନୁହେଁ, ମୋତେ ଅନ୍ଧ କରି ସେଇ ମୋର କୁଆଡ଼େ ଚାଲି ଆସିଛି ।

ନାଗରିକ—ତମର ତ ଆଖି ଦୁଇଟି ଜୁଳୁ ଜୁଳୁ ଦିଶୁଛି । ଅନ୍ଧ କେମିତି କହୁଛ ବା । ମୋତେ ଚିହ୍ନି-ପାରୁଛ, ମୁଁ ସେହି ।

ଗୁଲ୍ଜାର—ମୁଁ ତ କେବେ ତୁମକୁ ଦେଖି ନାହିଁ ! ମୋର ତ ଏ ସ୍ଥାନକୁ ଆସିବା ନୂଆ । ମୁଁ ବିଦେଶିନୀ । ଘର ଖୋରସାନ । ଭୃତ୍ୟ ହେବାକୁ ଆସିଛି ।

ନାଗରିକ—ତୁମେ ତ ଖୋରସାନ୍ ! ଖୋରସାନ୍‌ରେ ଖୁବ୍‌ସୁରତ୍ ସ୍ତ୍ରୀ ଅଛନ୍ତି, ନା ? ଭୃତ୍ୟ ହେବା-ବାକୁ ଆସିଛ, କଅଣ ବାନ୍ଦୀ ? ବେଶ୍ ମୁଁ କିଛି କମ୍ ନୁହେଁ, ବଡ଼ଲୋକ ବୋଲି ସାହାକୁ କହନ୍ତି । ଆହୁରି ତ ଉଦବୀତ ଆଶା ଖୁବ୍, ଆମ ଘରେ ରହିବାକୁ ଆପତ୍ତି କଅଣ । ( ରୁମାଲ କାଢ଼ି ହଠାତ୍ ବାବୁ ଗାଲଟି ଗଲେ ଅର୍ଥାତ୍ ଚଷମା ଲଗାଇ ପିଠ୍ ଫାଟ )

ଗୁଲ୍ଜାର—ମୁଁ ରାଣୀଙ୍କ ଠେଇଁ ପ୍ରାର୍ଥୀ ହୋଇଛି ।

ନାଗରିକ—ରାଣୀ ସାହେବାଙ୍କ ପାଖରେ ସେପରି କେତେ ଅଛନ୍ତି, ତୁମେ ସେଠି ବେଶି କିଛି ମାନ ମର୍ଯ୍ୟାଦା ପାଇବ ନାହିଁ । ମୋ ପାଖରେ ବିଲକୁଲ୍ ରାଣୀ ହୋଇଯିବ । ସ୍ନୋ, ସାବୁନ, ତେଲ, ଅତର, ଖଟ ପଲଙ୍କ ଇତ୍ୟାଦି ।

ଗୁଲ୍ଜାର—ରାଣୀ ସାହେବା ମୋତେ ମେହେରବାନୀ କରି ଦାନା ଦେବେ ବୋଲି କହି ମସ୍‌ଜିଦ୍ ପାଖରୁ ନଅରକୁ ପଠାଇଛନ୍ତି । ତାଙ୍କୁ କହି—

ନାଗରିକ—ଆରେ ବାପରେ, ନିଜେ ବାଦ୍‌ସାହା-ଖାଁଙ୍କର ଖାସ ବାନ୍ଦୀ ! ସଲାମ୍, ସଲାମ୍, ବେଆଦବ ମାଫ କରିବେ ।

ଗୁଲ୍ଜାର—ମୁଁ ତୁର ବାଳକାଟାଏ । ଆପଣ ମୋ କସୁର ମାଫ କରିବେ । ବାଟ ଚିହ୍ନି ନ ପାରି ପଚାରୁଥିଲି ।

ନାଗରିକ—ଆଜ୍ଞା, ଏଇ ବାଟ ଠିକ୍ ସିଧା । ସାଙ୍ଗରେ ଯାଇ ଦେଖାଇ ଦେଇ ଆସିବି କି ?

ଗୁଲ୍ଲବ—କିଛି ଦରକାର ନାହିଁ । ମୁଁ ଆପେ ଚାଲି ଯାଉଛି ।

ନାଗରିକ—ଯୋ ହୁକୁମ । ତେବେ ମୋ ନାଁଟା ଟିକେ ମନେ ରଖିଥିବେ, କାଳେ କେତେବେଳେ କିଛି ଦରକାର ପଡ଼ିପାରେ । ଏ ଗୋଲାମର ନାମ ହୋସେନ୍, ମନୋହାରୀ ଦୋକାନ ଚକ୍ ବଜାର, ବୁଝିଲେ ?

ଗୁଲ୍ଲବ—ଆଚ୍ଛା ବେଶ୍ । (ପ୍ରସ୍ଥାନ)

ନାଗରିକ—ବହୁତ ବହୁତ ସଲାମ । ଦୁନିଆରେ ଏତେ ଏତେ ସୁନ୍ଦରୀ ଅଛନ୍ତି, ମୋ ଭାଗ୍ୟକୁ ଗୋଟାଏ ମର୍କଟମୁଖୀ, ପେଟକନାଙ୍ଗୀ, ବିପଣ୍ଡ କାଳୀ କୋଚରୀ, ମୁଣ୍ଡଦାନ୍ତୁରୀ, ନା, ସେ ଅନ୍ଧ କୁଆଡେ ଗଲା ! ମନଟା ଚାଁଉଠି । (ପ୍ରସ୍ଥାନ)

—*—

## ପଞ୍ଚମ ଦୃଶ୍ୟ

## ଅନ୍ତଃପୁର

(ଦାଉଦ୍ ସାହା ଅନ୍ତଃପୁରରେ ପ୍ରବେଶି କାହାକୁ ନ ଦେଖି)

ଦାଉଦ୍ ସାହା—କାହିଁ କେହି ସେ ନାହାନ୍ତି ! ଅନ୍ତଃପୁର ଛାଡ଼ି ଏଣେ ତେଣେ ହେବା ଜଣେ ସାମ୍ରାଜ୍ଞୀର ନିତାନ୍ତ ଉଚିତ ନୁହେଁ । ବିଶେଷ ଆଦର ଗୌରବ କରିବାଦ୍ୱାରା ଏହାହିଁ ଘଟିଛି । ଏଣିକି ଟିକେ କଡ଼ା ନଜର ନ ଦେଲେ ନ ଚଳେ । ସେନାପତିଙ୍କୁ ଡାକି, ଏ ବିଷୟରେ ଖୁବ୍ ତାଗିଦ କରିଦେବି ।

(ରାଣୀଙ୍କ ପ୍ରବେଶ)

ଦାଉଦ୍—ମୃଗୟାକୁ ଯିବି ବୋଲି ପ୍ରାୟ ତୁମ ମହଲରେ ଆସି ଏକ ଘଣ୍ଟା ହେବ ଅପେକ୍ଷା କଲିଣି, ଆଜି ତୁମେ ମନ ଇଚ୍ଛା କେଉଁଠାରେ ପରିଭ୍ରମଣ କରୁଛ । ତୁମର ଉଚିତ ଥିଲା, ମୋର ଆସିବା ପୂର୍ବରୁ ତୁମର ମହଲରେ ଥାଇ ମୋର ଅପେକ୍ଷା କରିବା । ଏହି କଅଣ ସ୍ତ୍ରୀର ଯୋଗ୍ୟ ବ୍ୟବହାର ?

ରାଣୀ—ଆପଣ ମୋ ପ୍ରତି ଯେପରି ବ୍ୟବହାର କରନ୍ତି, ତା କଣ ଠିକ୍ ?

ଦାଉଦ୍—ସେ କୈଫିୟତ ଦେବାପାଇଁ ଇରାନ୍ ସମ୍ରାଟ ତାଙ୍କ ସ୍ତ୍ରୀଙ୍କ ନିକଟରେ ବାଧ୍ୟ ନୁହନ୍ତି । ତୁମ୍ଭଙ୍କୁ ଅନୁଗ୍ରହ କରି ବିବାହ କରିଥିଲି, ସେଇଟା ତୁମର ପରମ ସୌଭାଗ୍ୟ ।

ରାଣୀ—ସେ ଅନୁଗ୍ରହଟା ନ କରିଥିଲେ ତ ଭଲ ହୋଇଥାନ୍ତା !

ଦାଉଦ୍—ମୋ କଥା ଉପରେ କଥା କହିବାକୁ ଲଜ୍ଜା ବୋଧ ହୁଏନା ? ତୁମେ ଜାଣ ? ତୁମ୍ଭଙ୍କୁ ବଶ୍ୟ କରିବାକୁ ଯାଇ ମୋର କେତେ ଅର୍ଥ ବ୍ୟୟ ହୋଇଛି, ତୁମ୍ଭ ପିତାଙ୍କୁ ମୁଁ କେତେ ବଡ ବଡ ଜମିଦାରୀ ଦେଇଛି ?

ରାଣୀ—କଥାଟା ତ ନିତାନ୍ତ ସତ୍ୟ ନୁହେଁ, ଦେବାପାଇଁ କହିଥିଲେ, କିନ୍ତୁ ଦେଇ ନାହାନ୍ତି ।

ଦାଉଦ୍—ତାର ଅନ୍ୟ କାରଣ ଅଛି । ସେ ଯାହେଉ, ମୁଁ ବର୍ତ୍ତମାନ ମୃଗୟାକୁ ଯାଉଛି । ତୁମେ ତୁମର ମହଲରେ ଥାଇ ମୋର ଆଗମନ ପ୍ରତୀକ୍ଷା କରୁଥିବ । ଆଜି ଦେଖ, ପ୍ରଜାଙ୍କୁ ଧନରତ୍ନ ଦେବାର ଅଧିକାର ତୁମର ନାହିଁ, ଯେ ପର୍ଯ୍ୟନ୍ତ ମୁଁ ଅଛି । ମୁଁ ସେଥିପାଇଁ ମୋର ପ୍ରଧାନ ସେନାପତିଙ୍କୁ ତୁମର ମହଲ ଦ୍ୱାରରେ ଜଗାଇ ଦେଇ ଯାଉଛି । ସାବଧାନ, ବାହାରକୁ ଯାଇପାରିବ ନାହିଁ ! (ପ୍ରସ୍ଥାନ)

ରାଣୀ—ହେ କରୁଣାମୟ, ଏ ପାପ ସଂସାରରୁ ମୋତେ ଶୀଘ୍ର ଉଦ୍ଧାର କର ।

(ଏ ସମୟେ ଗୁଲ୍ଲବ ପ୍ରବେଶ କଲା)

ଗୁଲ୍ଲବ—(ଫୁଲ ହାରଟି ଦେଖାଇ) ଏ ଫୁଲ ହାରଟି ମୁଁ ନିଜେ ଗୁନ୍ଥିଛି ।

ରାଣୀ—ଫୁଲହାର······ହଁ ବେଶ୍ ସୁନ୍ଦର ହୋଇଛି । ତୁମେ ସବୁଦିନ ଫୁଲ ଗୁନ୍ଥିବ, ତୁମଠାରେ ଅନ୍ୟ କାର୍ଯ୍ୟ କିଛି ନିର୍ଭର କରିପିବ ନାହିଁ ।

ଗୁଲ୍ନାର—ଯୋ ହୁକୁମ ସାମ୍ରାଜ୍ଞୀ ।

ରାଣୀ - ତୁମର ତ ବୟସ ଅଳ୍ପ, ଦେଖିବାକୁ ସୁନ୍ଦରୀ, ତୁମେ ବିବାହିତା ନା ଅବିବାହିତା ?

ଗୁଲ୍ନାର - ନା ମା ! ମୁଁ ବିବାହ କରିନାହିଁ ।

ରାଣୀ—ତୁମର କଅଣ ଆଉ କେହି ନାହାନ୍ତି ।

ଗୁଲ୍ନାର—ନା !

ରାଣୀ—ବୁଝିଲି ଅଭାଗିନୀ ! ସେଥି ପାଇଁ ଆତ୍ମବିକ୍ରୟ କରିଛ । ଯଦି ବାପ ମା ଥାନ୍ତେ, ତେବେ ସେମାନେ ମଧ୍ୟ ବିକ୍ରୟ କରିଥାନ୍ତେ, କିନ୍ତୁ ସେ ବିକ୍ରୟ ହୋଇଥାନ୍ତା ମହାସମାରୋହରେ, ସେତେବେଳେ ସମସ୍ତେ କହନ୍ତେ ବିବାହ ।

ଗୁଲ୍ନାର—ତା ତ ମୁଁ ଜାଣେନା ।

ରାଣୀ—ଜାଣ ନା ? ବୟସ ହୋଇଛି, ବିବାହ କଅଣ ଜାଣ ନା ? ସମସ୍ତ ପୃଥିବୀରେ ସମସ୍ତ ସମାଜରେ ଏହି କ୍ରୟ ବିକ୍ରୟ ତ ଲାଗି ରହିଛି । ଯେ କିଣେ, ତାର ନାମ ସ୍ୱାମୀ । ଯେ ବିକି ହୁଏ ତାର ନାମ ସ୍ତ୍ରୀ । ସେ ହୁଏ ଦାସୀ । ଅଚ୍ଛା, ଥାଉ ସେ ସବୁ । ତୁମେ ଗୀତ ଗାଇ ଜାଣ ?

ଗୁଲ୍ନାର—ନା ! ଗରିବର କନ୍ୟା ଗୀତ କାହୁଁ ଜାଣିବ ? ଯାହାଁ ବା ଜାଣେ, ତାହା ଆପଣଙ୍କୁ ଶୁଣାଇବାର ଉପଯୁକ୍ତ ନୁହେଁ, ପୁଣି ଆପଣଙ୍କର ସହଚରୀମାନେ ତ ବେଶ୍ ସୁଗାୟିକା ।

ରାଣୀ—ତଥାପି ମୋର ଗୀତପ୍ରତି ଆଦର ବେଶ୍, ତୁମେ ଯାହା ଜାଣ ଗାଅ ।

ଗୁଲ୍ନାର—ଆପଣଙ୍କ ହୁକୁମ ଅମାନ୍ୟ କରିବା ମୋର ଉଚିତ ନୁହେଁ ।

ରାଣୀ - ନା, ନା, ମୋର ହୁକୁମ ନୁହେଁ, ଯଦି ଇଚ୍ଛା ହୁଏ, ଗାଅ ।

ଗୁଲ୍ନାର—ଦାସୀକୁ ମାଫ୍ କର ସାମ୍ରାଜ୍ଞୀ ! ମୁଁ ଯାହା ଜାଣେ ତାହା ଗାଉଛି ।

ଗୀତ

ନାରୀର ମରମ ବ୍ୟଥା କିଏ ସେ ବୁଝେ ଗୋ ଥରେ,
ନର ଆନେ ଆନେ ଭ୍ରମେ ନିଜ ସ୍ୱାର୍ଥପରତାରେ ।
ପୁ ଲୁବ୍ଧ ଭୃଙ୍ଗ ସୁଲଭ ନାନା ଫୁଲେ କରେ ରବ,
ଦହିଦିଏ ଖାଲି ହୃଦ ଶେଷେଟି କନ୍ଦାଇ ମାରେ ।
ଦେଇ ମନେ ଉଚ୍ଚ ଆଶା କରେ କେତେ ଲୋକହସା
ଅବଶେଷକୁ ନିରାଶା ସାଗରେ ବୁଡ଼ାଇ ମାରେ ।

ରାଣୀ—ତୁମେ ତ ବେଶ୍ ଗାଇ ଜାଣ, କିନ୍ତୁ ଏ ଅଳ୍ପ ବୟସରେ ଏପରି ଦୁଃଖର ଗୀତ ଗାଇଲ କାହିଁକି ? ତୁମ ଉପରେ କି କେହି ଅତ୍ୟାଚାର କରିଛି ?

ଗୁଲ୍ନାର—କିଏ ଅତ୍ୟାଚାର କରିବ ?

ରାଣୀ—କିମ୍ବା କାହା ପ୍ରେମ ପାଶରେ ଆବଦ୍ଧ ଥିଲ କି ? ଅଜଣାରେ ଦୁଇ ଧାର ଅଶ୍ରୁ ଯେ ତୁମର ଗଣ୍ଡଦେଶ ସିକ୍ତ କଲାଣି !

ଗୁଲ୍ନାର—ନା ସାମ୍ରାଜ୍ଞୀ, ପ୍ରେମ କଣ ମୁଁ ଜାଣେ ନା ।

ରାଣୀ—ସେ ବଳେ ବଳେ ଆସେ । ତାକୁ କିଏ ଶିଖାଇ ଦିଏ ନା । ଆଜିଠାରୁ ତୁମେ ମୋ ଦାସୀ ନୁହଁ, ସହଚରୀ । ଚାଲ ମୁଁ ଟିକେ ବିଶ୍ରାମ କରିବି ।

( ଉଭୟ ପ୍ରସ୍ଥାନ )

—*—

## ଷଷ୍ଠ ଦୃଶ୍ୟ

### ମସ୍‌ଜିଦ୍

( ନସିର୍ ଓ ଇଉସୁଫ୍ ପ୍ରବେଶ )

ଇଉସୁଫ୍—ତାଇ ! ଏଇ ମସ୍‌ଜିଦ୍ ତୋରଣ ଦେଶ ନିକଟରେ ତାରଠାରୁ ବିଦାୟ ନେଇ ଯାଇଥିଲି । କାଲି ଦିନ ସାରା ସନ୍ଧାନ କଲି, କିନ୍ତୁ ତାର ଏଠାରେ ରହିବା କଥା କେହି କହୁ ନାହାନ୍ତି । ନାଦେର୍ ସାହା, ଯେ କି ଆମ ଦୁହିଙ୍କୁ ପ୍ରଥମେ ତାଙ୍କ ଗୃହରେ ଆଶ୍ରୟ ଦେଇଥିଲେ, ସେ ମଧ୍ୟ ଦେଖା ପଡ଼ିଲେ ନାହିଁ । ତାଙ୍କର ଦ୍ୱାର ତାଲା ଗୃହ ବନ୍ଦ ।

ନସିର୍—ତାର ଯେଉଁ କାରଣରେ ଯେଉଁଠିକି ଗଲା ତା ମୁଁ ଜାଣୁଛି, କିନ୍ତୁ ଗୁଲ୍ନାର ଯେ ପାଗଳିନୀ ପରି ତାହାର ପଥ ଅନୁସରଣ କରି ଧାଇଁଆସିଛି । ତାର ଗତି ଯେ କଣ ହେଲା ! ମୋର ଅନ୍ତର ଲଜ୍ଜିତ, ଦୁଃଖୀର ଷସର, ତାକୁ ନ ଦେଖିଲେ ଯେ ମୋର ହଂସା ଉଡ଼ିଯାଉଛି । ଅବୋଧ ବାଳିକା ଜାଣେ ନାହିଁ

ଯେ, ଦାରା ଆମର କେବଳ ନୁହେଁ ! ତାର ଆମର ସ୍ୱର୍ଗ ମର୍ତ୍ତ୍ୟ ପ୍ରଭେଦ ! ଇଉସୁଫ୍ ! ଗୁଲ୍ଲରା ଆଉ ଜୀବନରେ ବଞ୍ଚିଛି ! ଦାରା ବିଚ୍ଛେଦରେ ସେ ପ୍ରାଣ ହରାଇ ଦେଇ ନ ଥିବ !

ଇଉସୁଫ୍—ଚଚା ! ସେ କଥା ଭାବନ୍ତୁ ନାହିଁ । ଗୁଲ୍ଲରା ବାଳିକା ହେଲେ ମଧ ତାର ଆତ୍ମଜ୍ଞାନ ଯଥେଷ୍ଟ ଅଛି । ସେ ଦାରାଠାରେ ସ୍ନେହରେ ହେଉ ବା ପ୍ରେମରେ ହେଉ ତା'ର ଆତ୍ମସମର୍ପଣ କରିଦେଇ ଥିଲା; କିନ୍ତୁ ତା ବିଚ୍ଛେଦରେ ସେ ଅଧୈର୍ଯ୍ୟ ହୋଇପଡ଼ି ନିଶ୍ଚୟ ଅନୁସନ୍ଧାନରେ ଆସିଛି । ସେ ଦାରାକୁ ନ ପାଇବା ପର୍ଯ୍ୟନ୍ତ ଗୃହକୁ ଫେରିବ ନାହିଁ କିମ୍ବା ଆତ୍ମହତ୍ୟା କରିବ ନାହିଁ । ସେ ଆମ ଗରିବ ଘରର କନ୍ୟା ହେଲେ ମଧ ତାର ବୁଦ୍ଧିଶୁଦ୍ଧି ଯଥେଷ୍ଟ ଅଛି ।

ନାସିର୍—ତା ଜାଣେ, କିନ୍ତୁ ସେ ଯେ ବାଳିକା । ପ୍ରଥମ ଯୌବନରେ ପଦାର୍ପଣ କରିଛି । ତା ପ୍ରତି କେବଳ ଆକୃଷ୍ଟ ହୋଇ ତାର ସର୍ବନାଶ କରନ୍ତି ନାହିଁ ବଡ଼ ।

ଇଉସୁଫ୍—ନା ଚଚା ! ଗୁଲ୍ଲରାକୁ କରଗତ କରିବା କିମ୍ବା ତାକୁ କେବଳ କୌଣସି ପ୍ରକାରେ ବଶୀଭୂତ କରିବା ଆଦୌ ସୁସାଧ୍ୟ ନୁହେଁ । ଗୁଲ୍ଲରାର ବୁଦ୍ଧି ବିଦ୍ୟା ଯେପରି, ତାର ଅସ୍ତ୍ର ଚାଳନା ତତୋଽଧିକ ! (ଏ ସମୟରେ ଦୃଷ୍ଟ ନାଟକର ହୋସେନ୍ ଅନ୍ଧ ସଙ୍ଗେ ଥିବା ବାଳିକାଟିକୁ ଟାଣି ପକାଇ ଆସୁଥାଏ, ବାଳିକା ଛାଡ଼ ଛାଡ଼ ବୋଲି ଚିତ୍କାର କରୁଥାଏ) ।

ନାସିର୍—ଇଉସୁଫ୍ ଏଇ ଏଇ, ଏଇ ତ ଗୁଲ୍ଲରାର କଣ୍ଠସ୍ୱର । କିଏ ତାକୁ (ଇଉସୁଫ୍ ଚମକିତ ହୋଇପଡ଼ିବା)

ଇଉସୁଫ୍—ଠେରି ।

ହୋସେନ୍—(ବାଳିକାଟିକୁ ଟେକିଧରି ଥାଏ, ଅନ୍ଧ ପଛେ ପଛେ ପଡ଼ଉଠି ଧାଇଁଥାଏ) ଆରେ ଚଲ୍ ।

ନାସିର୍—ବେଟେଯୋଇ ବାଳିକାଟିକୁ ଧରିପକାଇ ମୋ ଗୁଲ୍ଲରା ।

ଅନ୍ଧ—ମେରି ବଚ୍ଚି (ହୋସେନକୁ ଜଗାଇବାକୁ ହୋସେନ୍ ଯୋର୍‌ରେ ଅନ୍ଧ ଓ ନାସିର୍‌କୁ ଫୋପାଡ଼ି ଦେଲା, ଇଉସୁଫ୍ ହୋସେନ୍‌ର ଚଣ୍ଡିକୁ ମାଡ଼ି ବସିଲା । ଦୁହେଁ ଧରାଧରି ହେବା ସମୟରେ—)

ରାଜକର୍ମଚାରୀ—ହୁସିଆର, (ଦୁହିଁଙ୍କୁ ଦୁଇ ଧକ୍କାରେ ଛଡ଼ାଇ ଦେଲା) କୋଇ ହୈ । (ଅନ୍ୟ ସିପାହୀ ଦୁଇଟି ପହଞ୍ଚିଲେ । ଅନ୍ଧ ଓ ନାସିର୍‌କୁ ଦେଖାଇ) ଏମାନଙ୍କୁ ଚିକିତ୍ସାଳୟକୁ ନେଇ ଚାଲ । ଆଉ ଏ ଦୁହିଁଙ୍କୁ ଥାନାକୁ ନେଇ ଚାଲ । (ତାହାହିଁ କଲେ) ।

ବାଳିକା—ମେରେ ଭଇୟା ।

ପୁଲିସ—ଚାଲ ବାଳିକା, କୌଣସି ଭୟ ନାହିଁ ।

(ପ୍ରସ୍ଥାନ)

—*—

## ତୃତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

### ପଥ

ଦାରା ଧୀରେ ପ୍ରବେଶି— ନା, କୌଣସି ଉପାୟରେ ମନ ସ୍ଥିର କରିପାରୁ ନାହିଁ । ଯାହା କପାଳରେ ଥାଉ, ଥରେ ମାତ୍ର କଥା କହିବି । ସେଥିରେ ଦୋଷ କଅଣ ? ଏହି ତ ତାଙ୍କର ଆସିବାପଥ । ଏଇଠାରେ ଅପେକ୍ଷା କରିବି । ସେ ଏ ପଥରେ ଯିବା ଆସିବା କଲାବେଳେ ଅନେକ ଥର ମୋ ଆଡ଼କୁ ଫେରି ଚାହାନ୍ତି । ସତେ କି ତାଙ୍କର କୌଣସି ଉଦ୍ଦେଶ୍ୟ ମୋତେ କହିବାର ଅଛି, ଅଥଚ (ଏ ସମୟରେ ରାଣୀ ଏକାକୀ ପହଞ୍ଚିଲେ । ଉଭୟ ଉଭୟଙ୍କୁ ଅତିକ୍ରମ କରି ଗଲାବେଳେ ଉଭୟ ଚାହିଁଚାହିଁ) ଆପଣ ସର୍ବଦା ବିମର୍ଷ କାହିଁକି ?

ରାଣୀ—ତୁମେ ବାଦ୍‌ସାହଙ୍କ ପାର୍ଶ୍ୱରକ୍ଷକ ଭାବେ ଥାଅ ନା । ସେ କଅଣ ମୋ ନିକଟକୁ କିଛି ସମ୍ବାଦ ଦେଇ ପଠାଇଛନ୍ତି କି ?

ଦାରା—ନା, ସେ ମୋତେ କିଛି ସମ୍ବାଦ ଦେଇ ନାହାନ୍ତି । କେବଳ କହିଗଲେ ଯେ, ରାଣୀ ମହଲରେ ସର୍ବଦା ସତର୍କ ହୋଇ—

ରାଣୀ—ତେବେ ମୁଁ ଏ ରାଜପ୍ରାସାଦରେ ବନ୍ଦିନୀ, ଆଜ ତୁମେ ପ୍ରହରୀ ?

ଦାରା—ସମ୍ରାଟଙ୍କର ସେହିପରି ଆଦେଶ; କିନ୍ତୁ ଏ ଅଧୀନ ଆପଣଙ୍କର ଭୃତ୍ୟ ।

ରାଣୀ—ତମର କଥା ସତ୍ୟ ନା, ପ୍ରତାରଣା !

ଦାରା—ନା, କେବେହେଁ ପ୍ରତାରଣା ନୁହେଁ । ଆପଣଙ୍କ ଆଦେଶ ପାଳନ କରିବାକୁ ଯାଇ ଯଦି ମୋର ପ୍ରାଣ ଯାଏ, ତାହା ମୋର ପରମ ସୌଭାଗ୍ୟ !

ରାଣୀ—ତୁମେ ବୀର, କଟି ଦେଶରେ ତୁମର ଶାଣିତ କୃପାଣ । ସେହି ଦାରୁଣ କୃପାଣଦ୍ୱାରା ମୋତେ ଏ ପାପ ସଂସାରରୁ ମୁକ୍ତ କରିଦିଅ ।

ଦାରା—ସେ ମହିମାମୟୀ ରାଣୀ, ଇରାନ୍‌ର ସାମ୍ରାଜ୍ଞୀ, ଇରାନ୍‌ର ପାଳୟିତ୍ରୀ, ଶତ ଶତ ନର ନାରୀଙ୍କର ଜନନୀ, ସେହି ଦେବୀଙ୍କୁ ହତ୍ୟା କରିବାକୁ କିପରି ସାହସୀ ହେବ ? ଆପଣ ସଙ୍ଗେ କଥୋପକଥନ ହେବାଦ୍ୱାରା ମୁଁ ଜ୍ଞାନଶୂନ୍ୟ ହୋଇଛି, ଉନ୍ମତ୍ତ ହୋଇଛି । ମୋତେ କ୍ଷମା କରନ୍ତୁ ।

ରାଣୀ—କ୍ଷମା ! ମୁଁ ନାରୀ ହୋଇ ତୁମ୍ଭଙ୍କୁ କି କ୍ଷମା ଦେବି । ( ସ୍ୱଗତ ) ଏ ଯୁବକ କଥାରେ ମୋର ହୃଦୟ ତରଳିଯାଉଛି । ଶିରା ପ୍ରଶିରାରେ ଆନନ୍ଦର ସ୍ରୋତ ଉଚ୍ଛୁଳି ପଡ଼ୁଛି । ଆହା କିଏ ଏହି ଅପରି-ଚିତ ଯୁବକ ? ମନେ ହେଉଛି, ହୃଦୟେ ହୃଦୟ ମିଶିଯାଏ, ନୟନେ ନୟନ ମିଳିଯାଏ, (ପ୍ରକାଶ୍ୟ) ତୁମେ କହିପାରିବ, ଜଗତରେ ସୁଖ କାହାକୁ କହନ୍ତି ?

ଦାରା—ଜଗତରେ ସୁଖ କଅଣ ତା ମୁଁ ଜାଣେ ନା । ହୃଦୟର କ୍ଷଣିକ ଦୁର୍ବଳତା ହେତୁ ମୁଁ ଆପଣଙ୍କ ମର୍ଯ୍ୟାଦା ନଷ୍ଟ କରିଛି, ମୁଁ ଯାଏଁ ।

( ଗମନୋଦ୍ୟତ )

ରାଣୀ—ନା, ନା, ଯାଅ ନାହିଁ । ଶୁଣ ଶୁଣ । ଏକ'ଣ ! ଏପରି ବ୍ୟସ୍ତ ହେଉଛ କାହିଁକି ? ମୋର ଆଖି ପେବେ (ନାଦେର୍ ଖାଁ ଅଲକ୍ଷିତଭାବରେ ଚାଲି-ଗଲେ) କିଏ ?

ଦାରା—କଅଣ ?

ରାଣୀ—କିଏ ଆସି ପୁଣି ଚାଲିଗଲା ।

ଦାରା—କାହିଁ ? ମୁଁ ତ ଦେଖି ନାହିଁ ! ଦେଖେ (ଯିବାକୁ ଉଦ୍ୟତ ହେବାରୁ) ।

ରାଣୀ—ତୁମର ନାମ କଅଣ ?

ଦାରା—ଦାରା ସୁବେଦାର, ମୁଁ ଦେଖେଁ ।

ରାଣୀ—ଦାରା ସୁବେଦାର, କି ସୁନ୍ଦର, କି ମଧୁର ନାମ ! ବଡ଼ ଇଚ୍ଛା ହୁଏ ମନେ, ସତେ କ'ଣ ?

( ପ୍ରସ୍ଥାନ )

(ଦାରା ଓ ଗୁଲ୍‌ଜାର ପ୍ରବେଶ କିନ୍ତୁ ରାଣୀଙ୍କ ଅଦର୍ଶନରେ)

ଦାରା - ଗୁଲ୍‌ଜାର ! ତୁମେ ଏଠାକୁ କିପରି ? ଏ ଖଟି ତୁମକୁ କିଏ ଦେଲା ?

ଗୁଲ୍‌ଜାର – ନାଦେର୍ ସାହା ନାମକ ଜଣେ ରାଜକର୍ମଚାରୀ ସେ କି ତୁମକୁ ଏଠାକୁ—

ଦାରା—ହଁ ବୁଝିଲି, ଯାଅ ଗୁଲ୍‌ଜାର (ଗୁଲ୍‌ଜାର ପ୍ରସ୍ଥାନ) ଓଃ, ମୁଁ କଅଣ କରୁଛି, କେଉଁଠାରେ କି ସାହସରେ ଛିଡ଼ା ହୋଇଛି । (ରାଣୀଙ୍କ ନିକଟ ଯାଇ) ମୋତେ କ୍ଷମାକର ଦେବୀ, ଆଉ ନା ଆଉ ନା, ଅଭିବାଦନ ସାମ୍ରାଜ୍ଞୀ ( ସତ୍ୱରେ ପ୍ରସ୍ଥାନ ) ।

ରାଣୀ—ଏଁ, ଏ କ'ଣ ହେଲା ? ଛିଃ, ହା ଅଦୃଷ୍ଟ ! ରାଜରାଣୀ ହୋଇ ସାମାନ୍ୟ କର୍ମଚାରୀ ନିକଟରେ ନତମସ୍ତକ ହେଲି । ନା, ତା ହେଉ । ଯେପରି ଭାବେ ତାଙ୍କର ଦ୍ୱାରା ମୋର ଏ ଅତୃପ୍ତ ବାସନା ପୂର୍ଣ୍ଣ କରିବି ! ଦାରା ! ଦାରା ! ଅଭାଗିନୀ ରହିଲା ପଶ୍ଚାତେ ତୁମର । ( ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

### ଚକ୍ ବଜାର

ନାଦେର ଖାଁ (ପ୍ରବେଶି)—ତେବେ କ'ଣ ମୋର ସମସ୍ତ ଉଦ୍ଦେଶ୍ୟ ବ୍ୟର୍ଥ ହେଲା ? ଦେଖିଲି ତ ରାଣୀଙ୍କ ସଙ୍ଗେ କଥାବାର୍ତ୍ତା କରୁଛି । ସ୍ତ୍ରୀଲୋକ ସଙ୍ଗେ ତାର କଥାବାର୍ତ୍ତା କଅଣ ? କି ଆଶ୍ଚର୍ଯ୍ୟ ! ମୁଁ ତ କିଛି ବୁଝିପାରୁନାହିଁ ! ଥରେ ଯଦି ଦେଖା ହୁଅନ୍ତା

ତେବେ ବଡ଼ ଭଲ ହୁଅନ୍ତା ; କିନ୍ତୁ କାହିଁ ? ଏ ପର୍ଯ୍ୟନ୍ତ ଦେଖା ହେଲା ନାହିଁ । ପତ୍ର ଖଣ୍ଡିକ ବୋଧହୁଏ ତାହାର ହସ୍ତଗତ ହୋଇଥିବ, ଏଥିରେ କୌଣସି ସନ୍ଦେହ ନାହିଁ । ବାଳକାଟି ଠିକ୍ ସମୟରେ ଦେଇଥିବ ତ ? କେଜାଣି— (ଦୂରରୁ ଗୁଲ୍‌ଜରକୁ ଦେଖି ) ଏଇ ଯେ ଏଣେ ଆସୁଛି, (ଗୁଲ୍‌ଜରକୁ) ଲେଖା ଦେଇଛ ତ ।

ଗୁଲ୍‌ଜର—ହିଁ ।

ନାଦେର୍—ତୁମର ମୁଖ ଏପରି ମଳିନ ହୋଇଛି କାହିଁକି ?

ଗୁଲ୍‌ଜର—(ସଂଯତ ହୋଇ) କାହିଁକି, ନା ।

ନାଦେର୍—(ସ୍ୱଗତ) ଏଇ ବାଳକାଟି ନିକଟରୁ ହୁଏ ତ ସନ୍ଧାନ ମିଳିପାରେ । ସ୍ତ୍ରୀଲୋକ, ପୁଣି ରାଣୀଙ୍କର ଦାସୀ । ସ୍ତ୍ରୀମାନେ ମୁହଁ ଦେଖିଲେ ଜାଣି ପାରନ୍ତି, କିଏ କାହାକୁ ଭଲ ପାଏ । ( ପ୍ରକାଶ୍ୟେ ) ଆଚ୍ଛା ବାଳକା, ଗୋଟିଏ ଗୁପ୍ତ ବିଷୟ ପଚାରିବି ।

ଗୁଲ୍‌ଜର—ତୁମେ ସେହି ଚକ୍ ବଜାର ହୋସେନ୍ ନୁହଁ ତ ।

ନାଦେର୍—ଏ କଥା କାହିଁକି କହିଲ, ବାଳକା ! ହୋସେନ୍ ସହିତ କେବେ କି ତୁମର—

ଗୁଲ୍‌ଜର—ସାକ୍ଷାତ ହୋଇଥିଲା । ମୁଁ ତାକୁ ନଅରକୁ ବାଟ ପଚାରିଥିଲି, ପ୍ରଥମେ ମୋର ଏଠାକୁ ଆସିବା ସମୟରେ ।

ନାଦେର୍—ବାଳକା, ମୁଁ ହୋସେନ୍ ନୁହେଁ । ପରେ ମୋର ପରିଚୟ ପାଇବ । କହ ଦେଖି, ହୋସେନ୍ ତୁମପ୍ରତି କି କୌଣସି ମନ୍ଦ ବ୍ୟବହାର କରିଥିଲା ?

ଗୁଲ୍‌ଜର—ମୋତେ ନାନା ପ୍ରଲୋଭନ ଦେଖାଇ ତାର ସ୍ତ୍ରୀ କରିବାକୁ ବାଧ୍ୟ କରୁଥିଲା ; କିନ୍ତୁ ମୁଁ ରାଣୀମାଙ୍କ ଦାସୀ—ଏକଥା କହିବାରେ ସେ ତହିଁରୁ ବିରତ ହୋଇ ଛାଡ଼ିଦେଲା । ପୁନଶ୍ଚ ପଛରେ ଡାକି କହିଥିଲା ମୋ ନାଁଟା ଟିକେ ମନେ-ରଖିଥିବ । ଏ ଗୋଲାମ୍ ନାମ୍ ହୋସେନ୍ । ଚକ୍ ବଜାର ମନୋହାରୀ ଦୋକାନ ।

ନାଦେର୍—( ସ୍ୱଗତ ) ଏଠାରୁ ଗୋଟିଏ ପ୍ରତ୍ୟକ୍ଷ ପ୍ରମାଣ ମିଳିବ । (ପ୍ରକାଶ୍ୟେ) ବାଳକା ! ଆବଶ୍ୟକ ପଡ଼ିଲେ ସେହି ହୋସେନ୍ ସମ୍ବନ୍ଧେ ତୁମକୁ ଗୋଟିଏ ସାକ୍ଷ ଦେବାକୁ ପଡ଼ିବ । ଆଚ୍ଛା, ବର୍ତ୍ତମାନ ସେ କଥା ଥାଉ । ଆଚ୍ଛା କହିପାରିବ, ତୁମେ ଯାହାକୁ ପତ୍ରଖଣ୍ଡ ଦେଲ, ସେ ଯୁବକ ସହିତ ରାଣୀଙ୍କ ବ୍ୟବହାର କିପରି ?

ଗୁଲ୍‌ଜର—ରାଣୀ ତାଙ୍କୁ ଭଲ ପାଆନ୍ତି ।

ନାଦେର୍—ଆଉ ସେ ?

ଗୁଲ୍‌ଜର – ଆପଣ ମୂର୍ଖ ।

ନାଦେର୍—ଠିକ୍ କହିଛ ମୁଁ ମୂର୍ଖ । (ସ୍ୱଗତ) ରମଣୀ ସୁବର୍ଣ୍ଣା, ଐଶ୍ୱର୍ଯ୍ୟଶାଳିନୀ । ଆଉ ଏହି ବାଳକା ପଲ୍ଲୀ ଜୀବନରେ ଅଭ୍ୟସ୍ତ, ସଂସାରରେ ସଂପୂର୍ଣ୍ଣ ଅନଭିଜ୍ଞ, କିନ୍ତୁ ମୁଁ ତ ଆଉ ନିଶ୍ଚିନ୍ତ ହୋଇ ପାରୁନାହିଁ । (ପ୍ରକାଶ୍ୟେ) ବାଳକା, ତାହେଲେ ମୁଁ ଆସୁଛି ।

( ପ୍ରସ୍ଥାନ ଉଦ୍ୟତ )

ଗୁଲ୍‌ଜର—ମହାଶୟ, ମୋତେ ଯେ କହିଲ ସାକ୍ଷ ଦେବାକୁ ହେବ ପଡ଼ିବ, ଅନୁଗ୍ରହ କରି କୁହ, କାହିଁକି ?

ନାଦେର୍—ଗୋଟିଏ ନାରୀ ହରଣ ମୋକଦ୍ଦମାରେ ଅଭିଯୁକ୍ତ ହୋଇ ହୋସେନ୍ ଓ ଖୋଦାସାନ୍‌ର ଆଉ ଗୋଟିଏ ଯୁବକ ଆସାମୀ ରୂପରେ ଧରା ହୋଇ ଆସିଥିବାର ମୁଁ ଶୁଣି ପାଇଛି ।

ଗୁଲ୍‌ଜର—(ଚମକି ପଡ଼ି) ଖୋଦାସାନ୍ !

ନାଦେର୍—ବାଳକା, ତୁମେ କି ଖୋଦାସାନୀ ।

ଗୁଲ୍‌ଜର—ନିରୁତ୍ତର ।

ନାଦେର୍—ଜଣାଗଲା ତୁମେ ଖୋଦାସାନୀ ।

ଗୁଲ୍‌ଜର—ମହାଭାଗ ! ଦୟା କରି କୁହନ୍ତୁ, ଉକ୍ତ ମୋକଦ୍ଦମା ବିଷୟ ଶୁଣିବାକୁ ମୋର ବଡ଼ ଆଗ୍ରହ ହେଉଛି ।

ନାଦେର୍ - ଘଟଣା ସ୍ଥଳରେ ମୁଁ ନ ଥିଲି କିମ୍ବା ଆସାମୀମାନଙ୍କୁ ସ୍ୱଚକ୍ଷୁରେ ଦେଖିନାହିଁ ; କିନ୍ତୁ ଶୁଣିଛି ଯେ, ହୋସେନ୍ ଓ ଖୋଦାସାନ୍‌ର ଗୋଟିଏ ଯୁବକ ଏମାନଙ୍କ ମଧ୍ୟରୁ କାହାହାରି ଗୋଟିଏ ପଞ୍ଚଦଶ ବର୍ଷିୟା ବାଳକା ଅପହରଣ ହେଉଥିବା ଅବସ୍ଥାରେ ଜଣେ ସତୁରି ବର୍ଷର ବୃଦ୍ଧ ଏବଂ ଅଉ ଜଣେ ଅନ୍ଧ ତହିଁରେ ବାଧା ଦେବାରୁ ଆସାମୀମାନଙ୍କ ମଧ୍ୟରୁ କାହାହାରି ଦୁହେଁ ଆହତ

ହୋଇ ଚିକିତ୍ସାଳୟରେ ଅଛନ୍ତି । ବୃଦ୍ଧଟି କନ୍ୟା ବିଚ୍ଛେଦରେ ପାଗଳପରି । ଅନ୍ୟଟି ଭଗ୍ନୀ ବିଚ୍ଛେଦରେ ଉନ୍ମତ୍ତ । ବାଳକଟି ନଗରପଦରେ ଉଦ୍ଧାର ହୋଇ-ପାରିଛି, ମୋକଦ୍ଦମା ବିଚାରାଧୀନ ।

ଗୁଲ୍‌ନର – (ଅଧୀର ହୋଇପଡ଼ି) ମୁଁ ସେ ବୃଦ୍ଧଙ୍କ ସାକ୍ଷାତ୍ କରିବାକୁ ଚାହେଁ । ଆପଣ ଅନୁଗ୍ରହ କରି ତାଙ୍କୁ ସାକ୍ଷାତ୍ କରାଇଦେଇ ପାରିବେ କି ?

ନାଦେର୍—ବ୍ୟସ୍ତ ହୁଅନା, ମୁଁ ତୁମ୍ଭଙ୍କୁ ସଠିକ କାରଣ ଶୁଣାଇ ସେଠାକୁ ନେଇଯିବି । ବର୍ତ୍ତମାନ ମୁଁ ଆସୁଛି । (ପ୍ରସ୍ଥାନ)

ଗୁଲ୍‌ନର—ଆଉ ସନ୍ଦେହ ନାହିଁ, ପିତା ମୋ ବିଚ୍ଛେଦରେ ପାଗଳ ହୋଇ ଏଠାକୁ ଧାଇଁ ଆସିଛନ୍ତି । ଏଣେ ଦାଉଦର ଅବସ୍ଥା ଅନ୍ୟ ରକମ । ମୋର ଉପାୟ ଯେ କ'ଣ-ସ୍ୱାମୀ ଖୋଦା ! (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

### ପଥ

(ଜଣେ ବୃଦ୍ଧା, ବୟସ ପ୍ରାୟ ଅଶୀରୁ ଊର୍ଦ୍ଧ୍ୱ, ଗୃହ-କରଣା କେତେଗୁଡ଼ିଏ ଜିନିଷ ନେଇ ପଳାଇଯିବା ଉଦ୍ଦେଶ୍ୟରେ ଚାଲିଥାଏ । ନ.ତ ଦ୍ୱାଦଶବର୍ଷୀୟ ବାଳକ ପଛରେ ବାଧା ଦେଉଥାଏ । )

ବୃଦ୍ଧା—ନାହିଁରେ, ଆଉ ଏ ସ୍ଥାନରେ ରହି ହେବ ନାହିଁ । ରାଜା ଅନୁଗତ ଧର୍ମ । ଜୁଆଡ଼େ ଶୁଣୁଛି ନାରୀ ହରଣ, ନାରୀ ହରଣ । ରାଜା ତ ପ୍ରଥମେ ସେ କଥାଟି ଆଗ ଉଠାଇଲେ, ପ୍ରଜାଏ ତା ନ କରିବେ କାହିଁକି ? ଜୋର ଜବରଦସ୍ତି କାଳ, ବୋଧହୁଏ ଭୂଆସୁଣୀ ହୁଅପିଲା ସେନ ଚଳବା ମୁସ୍କିଲ ହୋଇ ପଡ଼ିଲାଣି । ମୋ ଗୁଡ଼ ତ କାଲଠୁ ଦାହିଁ ଦାହିଁ ପଡ଼ୁଛି ।

ନାତି—ଆଈ, ତୁ କାହିଁକି ଘୁନଅଁ ହୋଇପଡ଼ୁଛୁ । ତୋର କଅଣ ଅଛି ବୟସ, ନା ଅଛି ରୂପ, ତୋତେ କିଏ ହରଣ କରି ନେଉଛି !

ବୃଦ୍ଧା—ବୟସ, କି ରୂପ ନ ଥିଲେ କ'ଣ ହେଲା, ବୁଝିଲେ ମୁଁ ତ ଗୋଟିଏ ନାରୀ । ମୋର ଯନ୍ଦ ଗିରସ୍ତ ଥାଆନ୍ତା, ତେବେ ମୁଁ ପୁଣି ତ ପାଞ୍ଚ ଟଙ୍କ ପାଞ୍ଚ ଦରବ ନାଇ ଅଣ୍ଡଅ ମୁଣ୍ଡାରେ ବସି-ଥାଆନ୍ତି ! ମୋ ବୟସର ଲୋକଙ୍କର ପିଲା ପିଲି ହେଇ ନାହାନ୍ତି ।

ନାତି – ତା ହେଲେ ଆଈ, ତୋ କଥାରୁ ଜଣା ଯାଉଛି ତୋର ବିଭା ହେବାରେ ମନଟା ଷୋଳ-ପଣ ଅଛି । ଏମିତି ଦାଣ୍ଡ ଘାଟରେ ପାଟି କରି ବୁଲିଲେ ତୋଶପରି କିଏ ବୁଢ଼ା ଧୋକଡ଼ା, ସ୍ତ୍ରୀ ଲମ୍ପଟି ହୋଇଥିବ, ତୋତେ ଦେଖିଲେ ଆଗ ନେଇଯିବ ।

ବୃଦ୍ଧା—ବୁଢ଼ା ଧୋକଡ଼ା କାହିଁକି ରେ, ଶୁଣିଛୁ ପରି କାଲି ସକାଳେ ଧରା ପଡ଼ିଛନ୍ତି ଜଣ ପଚିଶି ବର୍ଷର ଟଗର ଟୋକା ଦଣ୍ଟା ।

ନାଣି – ତାହାହିଁ ଭାବ ମନ ଆଖିରେ ଧାଇଁଛୁ ଟୋକା ବରଟିଏ ତୋତେ ନେଇଯିବ, ଆଉ ମୁଁ କଅଣ—

ବୃଦ୍ଧା – ତୁ ମଣିଷ ପଣିଆ କଲା ବେଳକୁ ମୁଁ ଗାତରେ । ନାତି, ସତେ ବା ମୋତେ ଗୁଡ଼ାଏ ବେଶୀ ସେମିତି ବଅସ ହୋଇଛି କି ?

ନାତି – ଆଉ କେତେ, ମନେ ଅଛି ?

ବୃଦ୍ଧା – ହଁ ବା, ଅଗ ଜଭରେ ଥିଲା । ହଁ ଦକୋଡ଼ି ଦଶ, ଆଉ ପାଞ୍ଚ ।

ନାତି – ଦକୋଡ଼ି ହେଲା ଚାଳିଶ, ଦଶ ପଚାଶ, ଆଉ ପାଞ୍ଚ ପଞ୍ଚାବନ ।

ବୃଦ୍ଧା—ତୋ ଅଜା ମଲା ବେଳକୁ ଯେଉଁ ହିସାବ ହୋଇଥିଲା ଷାଠିଏ ବର୍ଷକୁ ଆଉ କେତେ ଗୁଡ଼ାଏ ବର୍ଷ ଉଣା ଅଛି !

ନାତି – ହଁ ପାଞ୍ଚ ବର୍ଷ କଅଣ କମ୍, ବାଳଗୁଡ଼ାକ ଖୋଟପରି ଫର୍ ଫର୍ ଉଡ଼ିଲାଣି, ଟିକେ କଳା ବୋଲି ଦେଲୁ ନାହିଁ । ଲୋକେ ଦେଖିଲେ ତ ବୁଢ଼ୀ ବୋଲି ଚିହ୍ନି ଦେବେ !

ବୃଦ୍ଧା—ନାଇରେ, ବାତରୁ ସେମିତି ହୋଇଗଲା ।

ନାତି—ଆଉ ଦାନ୍ତ ଗୁଡ଼ାକ ?

ବୃଦ୍ଧା—ବରଷ ଗୋଟାଏ ରୋଗରେ ପଡ଼ିଲା ସେଇଥିରେ ତ ଏ ଅବସ୍ଥା ।

ନାଣ୍ଡ—ଆଣ୍ଣ ହେଇ ତ କଏ ଆସିଲା । (ବୁଢ଼ୀ ଚମକି ପଡ଼ି ସଶୁଣାରେ ଗତି ହାବ ଭାବ ଦେଖାଇବା, ନାଗରିକ ଜଣେ ଯୁବକ ଫିଟ୍‌ଫାଟ୍ ହୋଇ ପହଞ୍ଚ ପଚାରିଲେ )

ନାଗରିକ ରାଜବାଟୀକୁ ବାଟ କହିଦେବ କି ?

ବୁଢ଼ୀ—(ଏ କଥା ସେ କଥା ଲଜ୍ଜାଶୀଳା ଭାବ ଦେଖାଉଥାଏ, ସତେ କି ତାକୁ କଏ ନେଇ ପଳାଇବ । ଏଣେ ନାଣ୍ଡକ କହୁଥ ଏ) ତୁ ଏଠୁ ଚାଲି ଯାଉନାହୁଁ ।

ନାଗରିକ—ଏପରି କାହିଁକି ହେଉଛ, କଣ ଭୟ ହେଉଛି ।

ବୁଢ଼ୀ—(ନାଣ୍ଡକ ଜବରଦସ୍ତି କହୁଥାଏ) ତୁ ଏଠୁ ଚାଲି ଯା । ଭୟର କଥା ନୁହେଁ, ମୁଁ ଘର ଲୋକ ତମେ ପୁରୁଷ, ଘର୍ ଦାଣ୍ଡଟାରେ ।

ନାଗରିକ—ହଁ, ମୁଁ ପୁରୁଷ ହେଲେହେଁ ବୟସ ସାମଞ୍ଜସ୍ୟରେ ତୁମେ ମୋର ଗୋସ ମା ପରି । ତୁମର ପୁଣି ଆମକୁ ଲଜ୍ଜା କଅଣ ?

ବୁଢ଼ୀ—(ନିଜ ନାଣ୍ଡ ପ୍ରତି) ଦେଖିଲୁ ନାଣ୍ଡ, ମନା କରୁଥିଲୁ ପରା, ଏ ବୁଢ଼ୀଠେଇଁ ଆଖି ପାହାର ପଡ଼ିବ ସେ··· ଦେଖିଲୁ ଆଇ ନାଣ୍ଡ ଭାବ କେମିତି ଲଗେଇ ଦେଲେଣି, କଥା ମରମ ଭିତରେ ପଶୁଛି ନା ।

ନାଗରିକ—କ'ଣ କହୁଛ, ମୁଁ ବୁଝି ପାରୁନାହିଁ ।

ବୁଢ଼ୀ ବଡ଼ ପିଆଣିଆ ଚତୁର ।

ନାଗରିକ—ମୋର କଅଣ ଅପରାଧ ହୋଇଛି, ମୋତେ କ୍ଷମାକର । (ବୁଢ଼ୀ ନିକଟ କ୍ଷମା ଭିକ୍ଷା ମାଗିବାକୁ ଚାଲିଛି )

ବୁଢ଼ୀ—ପାଟିକରି ଉଠି ନାଣ୍ଡ ତୋ ବାଟ ତୁ ଧରି ପଳା, ମୋର କଥା ସରିଲା, ମୋ କଥା ସରିଲା । (ପଡ଼ ଗଡ଼ିଲା)

ନାଗରିକ —ଆଶ୍ଚର୍ଯ୍ୟ ! ମୋର ପଥ ପଚାରିବାଟା ଏତେ ଭୁଲ ! (ଚାଲିଗଲା)

ବୁଢ଼ୀ—ଉଠି ବସି, (ନାଣ୍ଡପ୍ରତି) ତୁ ଗାଡ଼ ଶୁଆଣ୍ଟା ସେଇଁଠି ଥିବୁ ନା, ମୁଁ କହୁଛି ମୋ ପାଖରୁ ଯା ।

ନାଣ୍ଡ—ଆଈ, ତୋତେ ବାହାଘର ଜୋର୍ ସୋର୍ ଚାଲିପ ଦେଲୁଣି । ମୁଁ ତୋପାଇଁ ବର ଘରଟିଏ ଠିକ୍ କରି ଦେଉଛି ।

ବୁଢ଼ୀ—ଛେନା କରିବୁ, କେଡ଼େ ବଡ଼ ସୁନାର ସଂସାରଟା ଭାଙ୍ଗିଦେଲୁ, ଦେଖୁଛୁନା !

(ପ୍ରସ୍ଥାନ) (ଜନାନ୍ତିକେ)

—*—

## ଚତୁର୍ଥ ଦୃଶ୍ୟ

ଦାସ—(ଏକାକୀ ପ୍ରବେଶି) ଏ କଣ, ଗୁଲ୍ଲବ ଏଠାକୁ କପରି ଆସିଲା ! ନାଦେର୍ ଖାଁ ଗୁଲ୍ଲବ ହାତରେ ଚିଠି ପଠାଇଛନ୍ତି ! ବୁଝି ପାରୁ ନାହିଁ । କି ରହସ୍ୟର ମଧ୍ୟ ସ୍ଥଳରେ ମୁଁ ଅଛି, ଅନୁସନ୍ଧାନ କରିବାର ସମୟ ନାହିଁ । ପିତୃପଦ ଆସି ଯେତେବେଳୁ ମୋର କରଗତ ହୋଇଛି, କଦାପି ମୋର ପ୍ରତିଜ୍ଞା ବଦଳ ହେବନାହିଁ । ମେରୁ ବରଂ ଟଳିପାରେ, ମୋର ପ୍ରତିଜ୍ଞା ଅଟଳ, ଅଚଳ । ଓଃ, ରମଣୀର ପ୍ରେମ—ତାର ସୌନ୍ଦର୍ଯ୍ୟ ମୋତେ ଉନ୍ମତ୍ତ କରି ଦେଇଥିଲା । ମୁଁ ଭୁଲି ଯାଇଥିଲି ଯେ, ମୋର ଲକ୍ଷ୍ୟ କଅଣ ? ମୁଁ କି କୃତଘ୍ନ ! ପିତାଙ୍କର ମୃତ୍ୟୁ କଥା ଭୁଲି ଯାଇଥିଲି । ନା, ଆଉ ଭୁଲ୍ ହୋଇପାରେ ନା । ପ୍ରଣୟ, ହତ୍ୟାକାରୀର ହୃଦୟରେ ତୋର ସ୍ଥାନ ନାହିଁ ।

(ପଶ୍ଚାତରୁ ରାଣୀ ପ୍ରବେଶ)

ରାଣୀ—ଦାସ ! ତୁମ୍ଭେ ଏପରି ହଠାତ୍ ଚାଲି ଆସିଲ କାହିଁକି ?

ଦାସ—କି କୁକ୍ଷଣରେ ଆପଣଙ୍କ ସହିତ ମୋର ସାକ୍ଷାତ ହୋଇଥିଲା, ମୁଁ ଭୁଲି ଯାଇଥିଲି ସେ ମୋର ଲକ୍ଷ୍ୟ କଅଣ ? ଆଉ ଆପଣ ମୋର ନାମ ଧରନ୍ତୁ ନାହିଁ, ମୋତେ ଭୁଲିଯାନ୍ତୁ । ଆପଣଙ୍କ ସଙ୍ଗେ ଯେ କେବେ ମୋର ସାକ୍ଷାତ ହୋଇଥିଲା, ସେ କଥା ମଧ୍ୟ ଭୁଲିଯାନ୍ତୁ ।

ରାଣୀ—ଦାସ ! ଏଥି ମଧ୍ୟରେ ତୁମର ଏପରି ପରିବର୍ତ୍ତନ କାହିଁକି ?

( ନିକଟକୁ ଅଗ୍ରସର ହେବା )

ଦାସ—(ଟିକେ ଘୁଞ୍ଚିଯାଇ) ଆପଣ ମୋ ନିକଟକୁ ଆସନ୍ତୁ ନାହିଁ । ଆପଣ ଆଉ ମୋ ମଧ୍ୟରେ

ହିମାଚଳ ବ୍ୟବଧାନ । ସେ ବ୍ୟବଧାନ ଅତିକ୍ରମ କରିବା ସାଧ୍ୟାତୀତ ।

ରାଣୀ—କୁହ ଦାରା, ସେ ବ୍ୟବଧାନ କଅଣ ? ତୁମ୍ଭର ଯାହା ଅସାଧ୍ୟ, ତାହା ମୁଁ ନିଜେ ସାଧନ କରିବି ।

ଦାରା—ଆପଣ ତାହା ପାରିବେ ନାହିଁ । ଆପଣ ଯେଉଁ ପବନରେ ନିଃଶ୍ୱାସ ଗ୍ରହଣ କରନ୍ତି, ସେ ବାୟୁ ସେବନ କରିବାର ମୋର ଅଧିକାର ନାହିଁ । ଆପଣଙ୍କ ସଙ୍ଗେ କଥା କହିବା ମଧ୍ୟ ମୋର ଅନୁଚିତ । ଆପଣଙ୍କ ସମ୍ମୁଖରେ ଛିଡ଼ା ହେବା ଠାରୁ ଚାଲିଯିବା ବରଂ ଶ୍ରେୟସ୍କର ।
(ପ୍ରସ୍ଥାନୋଦ୍ୟତ)

ରାଣୀ—ଦାରା, ଦାରା ! ଶୁଣ, ଶୁଣ ! ତୁମେ ରମଣୀର ହୃଦୟ ଜାଣି ନା । ରମଣୀର ପ୍ରେମ ଚିହ୍ନି ନା । ସେଥିପାଇଁ ଏପରି କହୁଛ । ଅଶ୍ରୁଧାର ବିନ୍ଦୁ ବିନ୍ଦୁ ହୋଇ ଭୂମିରେ ପତିତହେଲେ ଜଗତରେ କାହାର ସାଧ୍ୟ ନାହିଁ ଯେ, ପୁଣି ସେ ଅଶ୍ରୁଧାରକୁ ନେଇ ଚକ୍ଷୁରେ ରଖିବ । ମୁଁ ଜୀବନରେ ଏଇ ପ୍ରଥମ ପ୍ରେମଭିକାରୁଣୀ । ତୁମ୍ଭେ ଜାଣ ନା, ସ୍ୱାମୀଙ୍କ ସହିତ ମୋର କି ସମ୍ବନ୍ଧ ? ଏ ବୃଦ୍ଧ ରାଜା ମୋତେ ପିତାମାତାଙ୍କ ନିକଟରୁ ଛଡ଼ାଇ ଆଣି ଜୋର୍ କରି ବିବାହ କରିଥିଲେ । ଦାରା ! ପ୍ରଣୟ କି ଏତେ ନୀଚ ଯେ, ସେ ଅର୍ଥର ବଶୀଭୂତ ହେବ ? ପ୍ରେମ କି ଧନ ସମ୍ପତ୍ତି, ଆଉ ଅଳଙ୍କାରରେ ବଶୀଭୂତ ହେବ ? ନା, ତା ନୁହେଁ । ତୁମେ କୁହ, କି ପ୍ରତିବନ୍ଧକ ? ପୃଥିବୀରେ ଏପରି କି ପଦାର୍ଥ ଅଛି ଯେ, ତା ପ୍ରେମ ସ୍ରୋତରେ ପ୍ରତିବନ୍ଧକ ହୋଇପାରେ ? ଉନ୍ମାଦିନୀ ସ୍ରୋତସ୍ୱିନୀର ପ୍ରଖର ଗତିର ଅବରୋଧ କରିବା କାହାର ସାଧ୍ୟ ଦାରା ? ମୁଁ ଏ ତୁଚ୍ଛ ରାଜ ଐଶ୍ୱର୍ଯ୍ୟ ପରିତ୍ୟାଗ କରି ଭିକାରୁଣୀ ବେଶରେ ପୃଥିବୀର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ତୁମର ଅନୁଗାମିନୀ ହୋଇପାରେ । ପ୍ରେମ କଅଣ, ଯେ ଅନୁଭବୀ ତା ଜାଣେ ଦାରା !

ଦାରା—ଏ ପୃଥିବୀ ଅତି ସଂକୀର୍ଣ୍ଣ ସାମ୍ରାଜ୍ଞୀ ! ଏ ସଂସାରରେ ଆମର ସ୍ଥାନ ନାହିଁ । ମୋତେ ବିଦାୟ ଦିଅନ୍ତୁ । (ପ୍ରସ୍ଥାନୋଦ୍ୟତ)

ରାଣୀ—ତେବେ କାହିଁକି ମୋର ଜୀବନର ମଧ୍ୟସ୍ଥଳରେ ଆସି ଛିଡ଼ା ହେଲ ? ମୋର ହୃଦୟ ମରୁଭୂମିଠାରୁ ଆହୁରି ଶୁଷ୍କ ଥିଲା । ବୃଥାରେ କାହିଁକି ସେ ସ୍ଥାନରେ ସ୍ନେହବାରି ସେଚନ କଲ ?

ଦାରା—ଖୋଦା ! ଖୋଦା ! ମୋତେ କି ବିପଦରେ ଆଣି ପକାଇଲ ?

ରାଣୀ—ମୋତେ କାହିଁକି ଏପରି ପ୍ରତାରଣା କରୁଛ ଦାରା ? ମୋର ଅତୃପ୍ତ ହୃଦୟରେ ଆଶା ଜଗାଇ ଦେଇ, ପୁଣି କାହିଁକି ନିରାଶ କରୁଛ ? ଦାରା ! ଦାରା ! ଶୁଣ, ଆଜି ପର୍ଯ୍ୟନ୍ତ ଯାହା ମୁଁ କେବେ କାହାକୁ କହି ନ ଥିଲି । ଦାରା ! ଆଜି ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି, ତୁମେ ମୋର । ଦାରା ! ମୁଁ ତୁମକୁ ଭଲପାଏ । ତାହା ଶୁଣି ସୁଦ୍ଧା ତୁମ୍ଭେ ମାରିବ । ଦାରା ! ମୁଁ ତୁମ୍ଭ ନିକଟରେ ପ୍ରେମ ଭିକାରୁଣୀ । ଆଜି ତୁମ୍ଭେ ସେ ଭିକ୍ଷା ଦାନରେ··· ।

ଦାରା—ଅସମର୍ଥ । ନିତାନ୍ତ ଅସମର୍ଥ, ସାମ୍ରାଜ୍ଞୀ ! ଏ ସଂସାରରେ ମୋର ଯାହା କିଛି ଥିଲା, ସେ ସମସ୍ତ ଆଜି ଅନନ୍ତ ଆକାଶରେ ଲୀନ ହୋଇଯାଇଛି । ଅଛି କେବଳ ଗୋଟାଏ ପଦାର୍ଥ, ଯାହା ମୋତେ ଦିବାନିଶି ଆହାରେ, ବିହାରେ, ନିଦ୍ରାରେ, ଜାଗରଣରେ ସତର୍କ କରାଇ ଦେଉଛି । ମୋତେ ବିଦାୟ ଦିଅନ୍ତୁ, ଏହି ଶେଷ କଥା । (ପ୍ରସ୍ଥାନ)

ରାଣୀ—ଚାଲିଗଲେ, ମୋର କୌଣସି କଥା ନ ଶୁଣି ଚାଲିଗଲେ । ସେ କଅଣ ମୋତେ ଭଲ ପାଆନ୍ତି ନାହିଁ । କିନ୍ତୁ ମୁଁ ସେ ଭଲ ପାଏ । ପ୍ରତିବନ୍ଧକ । କଅଣ ସେ ପ୍ରତିବନ୍ଧକ ? ଯଦି ସ୍ଥିର କରି ନ ପାରେ, ତେବେ ଆତ୍ମହତ୍ୟା ଏକମାତ୍ର ଉପାୟ । କାହିଁପାଇଁ ଆଉ ଏ ଜୀବନ ଧାରଣ କରିବି, କିଛିପାଇଁ ? ନା, କି ସମ୍ବନ୍ଧ ତାଠାରେ ମୋର । ହେ ମୃତ୍ୟୁ ଦେବତା ! ଯେତେବେଳେ ମୁଁ କୌଣସି ଉପାୟ ନ ପାଇ ତୁମ୍ଭ ନିକଟକୁ ଦଉଡ଼ି ଯିବି, ସେତେବେଳେ ତୁମ୍ଭର ସହଚରୀ ନିଶିଥିନୀକୁ ସଙ୍ଗରେ ନେଇ ରସାତଳର ଅନ୍ଧକାର ଭେଦ କରି ମୋତେ ଗ୍ରାସ କରିବାକୁ ଦଉଡ଼ି

ଆସିବ । ମିଳନର ମଙ୍ଗଳ ବାଦ୍ୟ ନୁହେଁ, ସ୍ୱର୍ଣ୍ଣପୁର କୁସୁମ ହାର ନୁହେଁ, ଖାଲି ପେଚକର ଅମଙ୍ଗଳ ସ୍ୱରରେ, ବାୟୁସର କର୍କଶ କଣ୍ଠରେ, ତୁମର ଗୀତ୍ର କଣ୍ଠ ମିଶାଇ ମରଣର ସଙ୍ଗୀତରେ ଚରାଚର ଆଚ୍ଛନ୍ନ କରି ଏଇ ନାସ୍ତ ଜୀବନର ଲାଞ୍ଛନାରୁ ଚିରଦିନ ପାଇଁ ମୋତେ ମୁକ୍ତି ଦେବ । ମୃତ୍ୟୁ ଦେବତା ! ଏଇ ମୋର ଶେଷ ନିବେଦନ ।

(ପ୍ରସ୍ଥାନ)

---

## ପଞ୍ଚମ ଦୃଶ୍ୟ

ନସିର୍—(ମୁଣ୍ଡରେ ପଟି ବନ୍ଧାହୋଇଥାଏ, ପ୍ରବେଶ କଲେ ଧୀରେ ଧୀରେ) କିଏ ଭଦ୍ରଲୋକ, ମୋତେ ଅପେକ୍ଷା କରୁଥିଲେ ! ମୋର ବା ଏ ଜଗତରେ ଆଉ କିଏ ଅଛି ! ଗୋଟିଏ ଚିରପାଳିତ ନସ୍ୱନ ପିତୁଳା ହରାଇ ଯାହା କିଛି ମର୍ମନ୍ତୁଦ ବେଦନା ଅନୁଭବ କରୁଥିଲି, ଶେଷକୁ ଶାନ୍ତିଦାୟିନୀ ମୋର ଅନ୍ତର ଲଜଡ଼ ଗୁଲ୍ଲିବ୍, କେଉଁଆଡ଼େ କିଏ ତାକୁ କେଉଁ ମୁହୂର୍ତ୍ତରେ ଉଡ଼ାଇ ନେଇଗଲା ! ମୃତ୍ୟୁ ଦେବତା ! ତୁମେ ଏ ଜରାଜୀର୍ଣ୍ଣ କୁତ୍ସିତ ଅବସ୍ଥା ଦେଖି କଅଣ ଘୃଣା କରି ଚାଲିଗଲ ? ମୋତେ ତୁମର କୋଳକୁ ଆହ୍ୱାନ କରି ନେଇ ପୁଣି ଫିଙ୍ଗିଦେଇ ଗଲ, ଆସ ଆସ ।

ନାଦେର୍—(ପ୍ରବେଶି) କିଏ ନସିର୍ ଖାଁ, ତୁମ୍ଭେ !

(ଧରି ପକାଇଲେ)

ନସିର୍—ସଲାମ୍ ସଲାମ୍, ମୋବାରକ୍ ସାନା, କଅଣ ଦେଖିବାକୁ ଆସିଲ । ନାଇଁ, ମୃତ୍ୟୁ ଦେବତା ମୋତେ ଭୟ କରି ପଳାଇଛି । ମୋର କୁତ୍ସିତ ହୀନ ହୀନ ଅବସ୍ଥା ଦେଖି ପଳାଇଛି ।

ନାଦେର୍—ନସିର୍ ଖାଁ, ତୁମ୍ଭର ଏଠାକୁ ଆସିବା ନିତାନ୍ତ ଉଚିତ ନ ଥିଲା । ତୁମ୍ଭେ କଅଣ ମୋତେ ଚିହ୍ନି ନାହିଁ ? ମୁଁ ଯେଉଁ ଉଦ୍ଦେଶ୍ୟରେ ତାକୁ ଏଠାକୁ ଆଣିଛି, ତୁମ୍ଭର ଅଜଣା କିଛି ନୁହେଁ ।

ନସିର୍—ବନ୍ଧୁ ! ମୁଁ ତାଙ୍କ ବିରହରେ ପ୍ରାଣରେ ବେଦନା ଅନୁଭବ କରୁଥିଲେ ସୁଦ୍ଧା ତୁମ୍ଭର ମହତ୍ ଉଦ୍ଦେଶ୍ୟର ଲକ୍ଷ୍ୟ ସ୍ଥଳରେ ତାକୁ ପହଞ୍ଚିଛି । ଏଥିରେ ଗର୍ବିତ ଥିଲି, ମାତ୍ର ମାତୃହୀନା ବାଳିକା ଗୁଲ୍ଲିବଟି ମୋର ଆଖି ଦୁଇଟି ଫୁଟାଇ ଦେଇ ତାର ବିଚ୍ଛେଦରେ କେଉଁଆଡ଼େ ଚାଲି ଆସିଛି । ତାକୁ ହରାଇ ଆଉ ସ୍ଥିର ହୋଇ ରହି ପାରିଲି ନାହିଁ । ଇଉସୁଫ୍‌କୁ ଯେପରି ତାର ପଥ ଅନୁସରଣ କରୁ କରୁ ଏକ ଜୀବନ ମରଣ ସମସ୍ୟାର ସମ୍ମୁଖୀନ ହେଲି ।

ନାଦେର୍—ଗୁଲ୍ଲିବ ? ସେ କି ତୁମର କନ୍ୟା ? ହଁ, ଆସିବା ପରେ କଅଣ ହେଲା ?

ନସିର୍—କନ୍ୟା ବିଚ୍ଛେଦରେ ମୁଁ ପାଗଳ । ଦୂରରୁ ଶୁଣିଲି "ରକ୍ଷାକର ରକ୍ଷାକର ।" ଠିକ୍ ଯେପରି କି ଗୁଲ୍ଲିବର ସେହି ମଧୁ କଣ୍ଠସ୍ୱର । ଭାବିଲି, ମା ମୋର କେଉଁ ପାଷଣ୍ଡର କବଳରେ ପଡ଼ି କାତର ଚିତ୍କାର କରୁଛି । ନିମିଷେ ଯାଇନାହିଁ, ଗୋଟିଏ ଯୁବକ ବାଳିକାଟିର ଅନିଚ୍ଛା ସତ୍ତ୍ୱେ ଯୋର୍ କରି ତାକୁ ବହିନେବାକୁ ବସିଛି ଦେଖିଲି । ଇଉସୁଫ୍ ଯୁବକକୁ ବାଧା ଦେଲା, ତାହିଁ ପଛେ ପଛେ ଗୋଟିଏ ଅନ୍ଧ । ମୋର ଭଉଣୀ, ମୋର ଭଉଣୀ କହି ପଡ଼ୁଉଠି ସେ ଆତତାୟୀକୁ ଧରି ପକାଇଲା । ମୁଁ ମଧ୍ୟ ଅଧୀର ହୋଇ ପଡ଼ି ମୋର ଗୁଲ୍ଲିବ ବୋଲି ଧରି ପକାଇଲି । ଆତତାୟୀ ଆମ ଦୁହିଁଙ୍କୁ ମାରି ଫିଙ୍ଗିଦେଲା, କିନ୍ତୁ ଇଉସୁଫ୍ ସେ ଉଦ୍ଧତ ଯୁବକକୁ ଧରି ପକାଇଲାବେଳେ ରାଜ-କର୍ମଚାରୀ ଓ ସିପାହୀଙ୍କଦ୍ୱାରା ବାଳିକାଟିର ଉଦ୍ଧାର ହେଲା । ଆଉ ଇଉସୁଫ୍ ଓ ସେ ଉଦ୍ଧତ ଯୁବକ ଉକ୍ତ ଅଭିଯୋଗରେ ବନ୍ଦୀ ହେବା କଥା ସବୁ ସଂଜ୍ଞାଲାଭ କଲାରୁ ଶୁଣିଲି । ସେ ଅନ୍ଧ ଓ ମୁଁ ସେଇଦିନଠାରୁ ଏହି ଚିକିତ୍ସାଳୟରେ । ଇଉସୁଫ୍ ବି ମୁକ୍ତିଲାଭ କରିନାହିଁ ।

ନାଦେର୍—ହଁ, ଏହି ମୋକଦ୍ଦମା ବିଚାରାଧୀନ ନସିର୍ ଖାଁ । ଏଠାରେ ରହିବାକୁ ମୋର ବେଶି କିଛି ସମୟ ନାହିଁ । ସଂକ୍ଷେପରେ କେତେଟା କଥା କହିଯାଉଛି । ମୁଁ ଯେଉଁ କାର୍ଯ୍ୟର ଅବଲମ୍ବନରେ ତାକୁ ଆଣି ଛିଡ଼ା କରିଛି, ତହିଁରେ ନାନାବି

ବାଧାବିଘ୍ନ ଘଟିବା ସମ୍ଭାବନା ଦେଖି ମୁଁ ବିଚଳିତ ହୋଇଯାଇଛି । ଗୁଲ୍ଲିର ତୁମର ନିରାପଦରେ ଅଛି । ସେ ବର୍ତ୍ତମାନ ମୋର ଷଡ଼ଯନ୍ତ୍ରରେ ସହାୟକାରୀ । ତୁମ୍ଭେ ଥାଅ, ଏ ମୋକଦ୍ଦମା ମୁଁ ସ୍ଥଗିତ ରଖି ଦେଉଛି । କାରଣ ଆଲୋଚନାରେ ଆମକୁ ବିପଦ ସମ୍ଭବିବା ବିଚିତ୍ର ନୁହେଁ । ସାବଧାନ, କାହା ଆଗେ କୌଣସି କଥା ପ୍ରକାଶ କର ନାହିଁ । ଚାଲ, ମୁଁ ତୁମ୍ଭକୁ ଶଯ୍ୟା ନିକଟକୁ ନେଇଯାଉଛି । ( ସେନ ପ୍ରସ୍ଥାନ )

—*—

## ଷଷ୍ଠ ଦୃଶ୍ୟ

( ଦାରା ଓ ଗୁଲ୍ଲିର ପ୍ରବେଶ )

ଦାରା—ମୁଁ ଆଶ୍ଚର୍ଯ୍ୟ ହେଉଛି ଗୁଲ୍ଲିର ! ତୁମ୍ଭେ ଏଠାକୁ କିପରି ଆସିଲ ?

ଗୁଲ୍ଲିର—ଯେପରି ହେଉ, ମୁଁ ଆସିଛି । ସେଥିରେ ଆଶ୍ଚର୍ଯ୍ୟ ହେବାର କାରଣ କିଛି ନାହିଁ । ( ଦୁଃଖରେ ) ତୁମେ ମୋତେ ଭୁଲିଗଲ, କିନ୍ତୁ ମୁଁ ତୁମ୍ଭକୁ ଭୁଲି ରହିପାରିଲି ନାହିଁ । ଇଉସୁଫ୍ ଭାଇ ନିକଟରୁ ତୁମର ସବୁ କଥା ଶୁଣି କାହାକୁ କିଛି ନ କହି ଚାଲିଆସିଲି ।

ଦାରା—ତେବେ ସେ ତୁମ୍ଭ ଲାଗି—

ଗୁଲ୍ଲିର—ସେ କଥା ଆଉ ପରେ । ସେ ଅନେକ କଥା । ତୁମ୍ଭେ ଏଠାକୁ ଆସିବାଦ୍ୱାରା ଭଲ ହୋଇଛି କି ମନ୍ଦ ହୋଇଛି ଜାଣେ ନା, କିନ୍ତୁ ମୋ ମତରେ ତୁମ୍ଭର ଏଠାକୁ ଆସିବା ଆଦୌ ଭଲ ହୋଇ ନାହିଁ ।

ଦାରା—ଗୁଲ୍ଲିର ! ବୃଥାରେ ତୁମେ ମୋ ପାଇଁ ଏତେ କଷ୍ଟ ସହ୍ୟ କରୁଛ କାହିଁକି ? ଭଲ ମନ୍ଦ ବିବେଚନା କରିବାର କ୍ଷମତା ମୋର ନାହିଁ । ମୁଁ ଏକ ପୈଶାଚିକ ମୋହରେ ଆଚ୍ଛନ୍ନ । ତୁମେ ହିଁ ମୋତେ ସେ ଦିନ ପତ୍ର ଖଣ୍ଡିଏ ଦେଇଥିଲ ନା ? ସେଥିରେ କଅଣ ଲେଖାଥିଲା ଜାଣ ?

ଗୁଲ୍ଲିର—ମୁଁ ପଢ଼ିବାଲୋକା, ପତ୍ରର ମର୍ମ ମୁଁ ବା ଜାଣିବି କିପରି ?

ଦାରା—ସେଥିରେ ଲେଖାଅଛି, "ତୁମେ ତୁମ୍ଭର ପିତାଙ୍କୁ ସ୍ମରଣ କର ଉଦ୍ଦେଶ୍ୟ ଭୁଲିଯାଅ ନା ।" ଭଲ ମନ୍ଦ ବିଚାର କରିବାର ଶକ୍ତି ମୋର ନାହିଁ ଗୁଲ୍ଲିର ।

ଗୁଲ୍ଲିର—ତୁମେ ମୋର ଗୋଟିଏ କଥା ରଖିବ କି ?

ଦାରା - କଅଣ କୁହ ।

ଗୁଲ୍ଲିର—ମୁଁ ଜାଣେ ନା ତୁମ୍ଭର ଉଦ୍ଦେଶ୍ୟ ବା କାର୍ଯ୍ୟ କଅଣ ? କିନ୍ତୁ ଯେପରି ମୋତେ ଜଣା ପଡ଼ୁ ଦେଉଛି, ଦାରା ! ତୁମ୍ଭର ଏଠାକୁ ଆସିବା ନିତାନ୍ତ ଅନୁଚିତ ହୋଇଛି । ମୁଁ ଏଇ କେତେ ଦିନ ହେଲା ମାତ୍ର ଏଠାକୁ ଆସିଛି । ଆସି ଦେଖୁଛି ଯେ, ନରକର ତୀବ୍ର ଗନ୍ଧ ଏହି ପ୍ରାସାଦର ପ୍ରତ୍ୟେକ କକ୍ଷରେ ପୂର୍ଣ୍ଣ ହୋଇଛି । ଦାରା ! ଥରେ ଦର୍ପଣରେ ନିଜର ମୁଖ ଛବି ଦେଖିଲେ ବୁଝିପାରିବ ଯେ, ଏଇ ଐଶ୍ୱର୍ଯ୍ୟ ମଧ୍ୟକୁ ଆସି ତୁମ୍ଭର ମୁଖଶ୍ରୀ କିପରି ମଳିନ ହୋଇଯାଇଛି । ଦୁଶ୍ଚିନ୍ତାର ରେଖା କିପରି ତୁମ୍ଭର ସରଳ ମୁଖ ମଣ୍ଡଳରେ ଫୁଟି ଉଠୁଛି ।

ଦାରା—ଗୁଲ୍ଲିର ! ତୁମର କହିବା ଯଥାର୍ଥ, କିନ୍ତୁ ମୁଁ ଆତ୍ମବିକ୍ରୟ କରିଛି । ଜାଣେ ନା ତାହା ଶଇତାନ ନିକଟରେ ବା ଦେବତା ସମୀପରେ । କିନ୍ତୁ ପ୍ରତ୍ୟାବର୍ତ୍ତନର ଆଶା ଖୁବ୍ କମ୍ ।

ଗୁଲ୍ଲିର—ତୁମର ଉଦ୍ଦେଶ୍ୟ କଅଣ ମୋତେ କହିଲ ? ମୁଁ ତୁମ କଥା କିଛି ବୁଝି ପାରୁ ନାହିଁ ।

ଦାରା— ଗୁଲ୍ଲିର କ୍ଷମା କର, ମୁଁ କିଛି କହିବ ନାହିଁ । ସେ କଥା ଅତି ଗୋପନୀୟ ।

ଗୁଲ୍ଲିର—ଗୋପନୀୟ ! ତା ହେଲେ ଉଦ୍ଦେଶ୍ୟ ନିଶ୍ଚୟ ମନ୍ଦ । ତୁମେ ମୋ ନିକଟରେ ଲୁଚାଉଛ ଦାରା ! ଜ୍ଞାନ ହେବାଠାରୁ ମୁଁ ତୁମ୍ଭକୁ ଦେଖି ଆସୁଛି । ଦାରା ! ତୁମ୍ଭର ଚେଷ୍ଟା ଦେଖି ମୁଁ ତୁମର ମନଭାବ ବୁଝିପାରେ । ଆସ ଦାରା ! ଫେରି ଆସ । ଆମର ସେହି ସୁନ୍ଦର ପଲ୍ଲୀ କୁଟୀରକୁ । ସେଇ ଦ୍ରାକ୍ଷା କ୍ଷେତ୍ର, ସେହି ପାହାଡ଼ ତଳ, ସେଇ ଇଉସୁଫ୍ ଭାଇ, ତୁମେ ଆଉ ମୁଁ । (କ୍ରନ୍ଦନ)

ଦାଗ—କାନ୍ଦନା ଗୁଲ୍ଲର ! ସ୍ୱେଚ୍ଛାରେ ଯେଉଁ ଲୌହ ଶୃଙ୍ଖଳରେ ଆବଦ୍ଧ ହୋଇଛି, ସେ ଶୃଙ୍ଖଳ ଛିନ୍ନ କରି ଯିବାର ଉପାୟ ନାହିଁ । ତୁମେ କି ଜାଣିବ, କି ବୁଝିବ, ଗୁଲ୍ଲର ! ମୁଁ ଗୋଟାଏ କଠୋର ନିୟମବଦ୍ଧ ରାଜ୍ୟରେ ବିଚରଣ କରିବା ସଙ୍ଗେ ସଙ୍ଗେ ମଧ୍ୟ ଗୋଟାଏ ସ୍ୱର୍ଗୀୟ ପ୍ରେମ ରାଜ୍ୟରେ ବିଚରଣ କରୁଛି ।

ଗୁଲ୍ଲର—ମୁଁ ବୁଝୁଛି, ଦେଖୁଛି, ପ୍ରେମ ମୁଖକୁ ମଳିନ କରନା, ବକ୍ଷରେ ପାଷାଣର ଭୟଙ୍କର ଗୁରୁଭାର ଆଣନା, ସେ ସ୍ୱର୍ଗର ଜ୍ୟୋତି, ପୃଥିବୀର ଯାହା କିଛି ମଳିନତା ତାକୁ ଉଜ୍ଜଳ କରେ, କୁତ୍ସିତକୁ ସୁନ୍ଦର କରେ, ପ୍ରେମ ସ୍ୱର୍ଗୀୟ ମନ୍ଦାକିନୀ ଧାରା । ଦାଗ ! ଅନୁରୋଧ କରୁଛି, ନିଜେ ନିଜର ସର୍ବନାଶ କରନା ।

ଦାଗ—ଯାହା ସର୍ବନାଶ ହେବାର ହୋଇଛି । ଯେଉଁ ଦାଗକୁ ତୁମେ ଚିହ୍ନିଥିଲ, ସେ ଦାଗ ମରିଯାଇଛି । ତୁମ୍ଭେମାନେ ମୋତେ ଭୁଲିଯାଅ ।

ଗୁଲ୍ଲର—ଦସ୍ତପହାସ୍ୟ ନିଷ୍ଠୁର ! ତୁମେ ମରିଛ ? ତା ଅର୍ଥ ତୁମେ ଅପର କାହାଠାରେ ପ୍ରାଣ ସମର୍ପଣ କରି ଦେଇଛ, କିନ୍ତୁ ମନେକର, ଯେଉଁ ଦିନ ଦ୍ରାକ୍ଷା କ୍ଷେତ୍ରରେ ବିଷଧର ସର୍ପ ତୁମ୍ଭକୁ ଦଂଶନ କରିବାକୁ ଆସିଥିଲା, ତହିଁରେ ମୁଁ ତୁମ୍ଭର ସହାୟିନୀ ହୋଇ ତୁମ୍ଭକୁ ବଞ୍ଚାଇଥିଲି ! ତୁମ୍ଭେ ସେ ଦିନ କହିଲ ନା, ଗୁଲ୍ଲର ! ଏ ପ୍ରାଣ ତୁମର । ଆଜି ପୁଣି ଅନ୍ୟ କାହାଠାରେ ! (କ୍ରନ୍ଦନ)

ଦାଗ—ଗୁଲ୍ଲର, ତୁମେ ମୋ ପାଇଁ ଯାହା କରିଛ, ତାହା କୌଣସି ସ୍ତ୍ରୀ ତାର ସ୍ୱାମୀ ପ୍ରତି ବା କୌଣସି ଜନନୀ ତାର ଛୁଆ ପ୍ରତି କରିବ ନାହିଁ । ମୁଁ ତୁମ୍ଭଠାରେ ଋଣୀ, କିନ୍ତୁ ବର୍ତ୍ତମାନ ମୁଁ କଠୋର, ନିର୍ମମ ଶୟତାନ । ପ୍ରତିହିଂସା ମୋର ଏକ ଲକ୍ଷ୍ୟ । ତୁମେ କ୍ଷମା ଆଜି କିଏ ମୋର କେହି ନୁହନ୍ତି । (ପ୍ରସ୍ଥାନ)

ଗୁଲ୍ଲର—ଦାଗ ! ଦାଗ ! (କହି ପଶ୍ଚାତେ ଧାବନ)

— * —

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

(ଘୋର ଅନ୍ଧକାର ରାତ୍ର, କୃଷ୍ଣ ବସ୍ତ୍ର ଆଚ୍ଛାଦନ କରି ନାଦେର୍ ଖାଁ ଦ୍ୱାର ଦେଶରେ ବସିଥିଲେ । ବର୍ଷା ତୋଫାନ ଆସନ୍ନ ।)

ଦାଗ—ରାତ୍ରି କି ଭୀଷଣ ! ପ୍ରବଳ ତୋଫାନ ବର୍ଷା । ଘଡ଼ଘଡ଼ି, ବିଜୁଳି ଚମକରେ ପ୍ରାଣ ଭୟବିହ୍ୱଳ ହୋଇ ଉଠୁଛି । ପ୍ରଳୟର ଆବାହନ ହେଲାପରି—

ନାଦେର୍—ପ୍ରଳୟର ଆବାହନ ।

ଦାଗ—(ଚମକି ପଡ଼ି) କିଏ ? କିଏ ତୁମେ; କୃଷ୍ଣବର୍ଣ୍ଣ ଆବରଣରେ ଆଚ୍ଛାଦିତ ହୋଇ ମୃତ୍ୟୁ ଦେବତା କଅଣ ଏ ସ୍ଥାନରେ ବସିଛ ? ତୁମେ କି ବାକ୍‌ଶକ୍ତିହୀନ, ତେବେ କିଏ କହିଲା ? ପ୍ରଳୟ ।

ନାଦେର୍—(ଧୀରେ ଉଠି) ମୁଁ କହୁଛି, ଦାଗ ସୁବେଦାର ! ଆଜି ତୁମ୍ଭର ମୃତ ପିତାଙ୍କର ଆତ୍ମା ଆନନ୍ଦରେ ହସୁଛି, ଚିହ୍ନି ପାରୁଛ ।

(ଆବରଣ ବସ୍ତ୍ର ଖୋଲି ଦେଲେ)

ଦାଗ—କିଏ ? ଆପଣ !

ନାଦେର୍—ତୁମର ପାଇଁ ଏଠାରେ ଅପେକ୍ଷା କରିଛି ।

ଦାଗ—ମନେ କରି ନ ଥିଲି ଯେ, ଆଜି ଏପରି ଅବସ୍ଥାରେ ଆପଣଙ୍କ ସହିତ ମୋର ସାକ୍ଷାତ୍ ହେବ ? ଖୁବ୍ ଭଲ ହେଲା । ତେବେ ଆଜି ରାତ୍ରର ପ୍ରସ୍ତାବ ଶୁଣନ୍ତୁ ।

ନାଦେର୍—ତା ପୂର୍ବରୁ ମୁଁ କଅଣ ବନ୍ଦୋବସ୍ତ କରିଛି ଶୁଣ । ଏହି ଫାଟକର ଦ୍ୱାର ଦେଶରେ ଦୁଇ ଗୋଟି ଦ୍ରୁତଗାମୀ ଅଶ୍ୱ ରଖିଆସିଛି । ପବନ ପରି ସେମାନଙ୍କ ଗତି । ତୁମ୍ଭେ ଶୀଘ୍ର କାର୍ଯ୍ୟ ଶେଷ କରି ସେଇଠାକୁ ଆସିବ । ମୋର ଆଶା, ଅଶ୍ୱ ଯେବେ ପଥରେ ବିଶ୍ରାମ ନ ନିଏ, ତେବେ ଦଶ ବାର ଘଣ୍ଟା ମଧ୍ୟରେ ଆମ୍ଭେମାନେ ନିଶ୍ଚୟ ଖୋରାସାନରେ ପହଞ୍ଚି ପାରିବା । ମୁଁ ସେଠାରେ ବଡ଼ ବଡ଼ ଓମରାହମାନଙ୍କୁ ପୂର୍ବରୁ ପ୍ରସ୍ତୁତ ଥିବା ନିମନ୍ତେ ଆଦେଶ ଦେଇଛି । ତୁମ୍ଭେ

ସେଠାରେ ପହଞ୍ଚିବା ମାତ୍ରେ ପିତୃ ସିଂହାସନ ଆରୋହଣ କରିବ । ଆଉ, ତୁମ୍ଭେ ରାଜା ହେବା ମାତ୍ରେ ସେମାନେ ବାଦଶାହାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବେ ।

ଦାରା—ଅସମ୍ଭବ ।

ନାଦେର୍—ଅସମ୍ଭବ ନୁହେ ଦାରା ! ବିଂଶ ବର୍ଷର ପରିଶ୍ରମ ମୋର ବୃଥା ହେବ ନାହିଁ । ଏତେ ଦିନେ ବନ୍ଧୁ ହତ୍ୟାର ପ୍ରତିଶୋଧ ନେଇପାରିବି ।

ଦାରା—କିନ୍ତୁ ମହାଶୟ, ମୁଁ ତ ସେ ବୃଦ୍ଧକୁ ହତ୍ୟା କରିବି ନାହିଁ !

ନାଦେର୍—ବୃଦ୍ଧ ହୋଇଛି ବୋଲି କଣ ମୁଁ ମୋର ଶ୍ରବଣ ଶକ୍ତି ହରାଇଛି । ସେହି ଛୁରୀ ସ୍ପର୍ଶ କରି କଅଣ ପ୍ରତିଜ୍ଞା କରିଥିଲ ? ତା କି ମନେ ନାହିଁ ?

ଦାରା—ସେ ଯାହାହେଉ, ମୁଁ ସେ ବୃଦ୍ଧକୁ ଆଉ ହତ୍ୟା କରିବି ନାହିଁ ?

ନାଦେର୍—ପ୍ରତିଜ୍ଞା ପାଳନ କରିବ ନାହିଁ ।

ଦାରା—ନା !

ନାଦେର୍—ତୁମର ପିତୃହତ୍ୟାର ପ୍ରତିଶୋଧ ?

ଦାରା—ଆପଣ କଅଣ ମନେ କରନ୍ତି ଯେ; ଏଇ ବୃଦ୍ଧ ସମ୍ରାଟର ଉତ୍ତପ୍ତ ଶୋଣିତରେ ମୋର ହସ୍ତ ରଞ୍ଜିତ ହେଲେ ସ୍ୱର୍ଗୀୟ ପିତା ଆନନ୍ଦିତ ହେବେ ?

ନାଦେର୍—ଏଥିରେ କୌଣସି ସନ୍ଦେହ ନାହିଁ ।

ଦାରା—ମୋର କିନ୍ତୁ ସନ୍ଦେହ ହେଉଛି । ଶାନ୍ତିଦାତା ଖୋଦା ! ତୁମ୍ଭେ ଆଉ ମୁଁ କିଏ ?

ନାଦେର୍—ଯେବେ ହତ୍ୟା ନ କରିବ, ତେବେ ଏଠାକୁ ଆସିଛ କାହିଁକି ?

ଦାରା—ପ୍ରତିଶୋଧ ନେବାକୁ । କିନ୍ତୁ ସେହି ଦୁର୍ବଳ ବୃଦ୍ଧକୁ ହତ୍ୟା କରି ନୁହେଁ । ମୁଁ ତାର ଶୟନ କକ୍ଷକୁ ଯିବି, ଯାଇ ଦେଖିବି ଯେତେବେଳେ ସେ ଶୋଇଛି, ତାର ବକ୍ଷ ଉପରେ ଏଇ ଛୁରୀ ଆଉ ଏଇ ପତ୍ର ଖଣ୍ଡିକ ରଖିଦେଇ ଚାଲିଆସିବି । ଯେତେବେଳେ ବୃଦ୍ଧର ନିଦ୍ରାଭଙ୍ଗ ହେବ, ସେ ଛୁରୀ ଦେଖିବ ଓ ପତ୍ର ପଢ଼ିବ । ସେତେବେଳେ ସେ ବୁଝିପାରିବ ଆଉ ଉତ୍ତମ ଜାଣିବ, ମୁଁ ଇଚ୍ଛା କରିଥିଲେ ତାକୁ ହତ୍ୟା କରିପାରିଥାନ୍ତି । ମାତ୍ର ଦୟାକରି ଛାଡ଼ି ଦେଇଛି । ସେତେବେଳେ ଅବଶ୍ୟ ତାର ଭ୍ରମ ସେ ବୁଝିବ । ଏହି ପ୍ରତିଶୋଧ ବ୍ୟତୀତ ଅନ୍ୟ ଉପାୟ ପାଇଁ ମୁଁ ପ୍ରସ୍ତୁତ ନୁହେଁ ।

ନାଦେର୍—ତୁମେ ତାକୁ ହତ୍ୟା କରିବ ନାହିଁ ?

ଦାରା—କେବେହେଁ ନୁହେଁ ।

ନାଦେର୍—(ବିରକ୍ତ ହୋଇ) ବୀର ପିତାର କାପୁରୁଷ ପୁତ୍ର ତୁମ୍ଭେ । ଏଇ ବୃଦ୍ଧ, ଯେ କି ତୁମର ପିତାଙ୍କୁ ନିଷ୍ଠୁର ନିର୍ମମ ଭାବେ ହତ୍ୟା···ଓଃ (ବାକ୍ ରୁଦ୍ଧ) ।

ଦାରା—ମୁଁ ଯେଉଁ ମୁହୂର୍ତ୍ତରେ ପ୍ରଥମେ ତାଙ୍କୁ ଦେଖେଁ, ସେହି ସମୟରେ ତ ହତ୍ୟା କରିବାକୁ ବସିଥିଲି । ଆପଣ ମୋତେ ବାରଣ କଲେ କାହିଁକି ?

ନାଦେର୍—ସେତେବେଳେ ସମୟ ହୋଇ ନ ଥିଲା, କିନ୍ତୁ ବର୍ତ୍ତମାନ ଯେତେବେଳେ ସମୟ ଉପସ୍ଥିତ, କାପୁରୁଷ ପରି ହୀନ ଶ୍ୱାନ ସଦୃଶ ପଶ୍ଚାତ୍‌ପଦ ହେଉଛ ଦାରା ! ମନକୁ ଦୃଢ଼ କରି କଟିଦେଶରୁ ଛୁରିକା ବାହାର କର, ଏହି ନିକଟ ଗୃହରେ ତୁମର ପିତୃହନ୍ତା ଶାୟିତ । ସେଇ ପିତୃଦତ୍ତ ଅଣୀ ତାର ବକ୍ଷସ୍ଥଳରେ ବିଦ୍ଧ କରିଦେଇ ଆସ ।

ଦାରା—ଆପଣ ମୋର ପିତାଙ୍କର ବନ୍ଧୁ ! ଆପଣ ମୋର ପିତୃସ୍ଥାନୀୟ । ଆପଣ ନିଜେ ହିଁ ଥରେ ଭାବି ଦେଖନ୍ତୁ । ମୋର ପିତା ଯଦି ବର୍ତ୍ତମାନ ଜୀବିତ ଥାନ୍ତେ, ମୋର ସେହି ମହତ୍ ଉଦାର ହୃଦୟ ପିତା ସାମାନ୍ୟ ଗୋଟିଏ ସ୍ୱେଚ୍ଛାପରି ଏପରି ନୃଶଂସ କାର୍ଯ୍ୟରେ ପ୍ରବୃତ୍ତ କରାନ୍ତେ !

ନାଦେର୍—ତୁମ୍ଭେ ପ୍ରତିଜ୍ଞା କରି ତାହା ପାଳନ କରିବାକୁ ଅସମର୍ଥ । ଦୁର୍ବଳମନା ତୁମ୍ଭେ । ମନେ କରିଛ, ମୁଁ କିଛି ଜାଣେନା । ତୁମେ ଗୋଟାଏ କୃତ୍ରିମକପୀର ପ୍ରଣୟରେ ମୁଗ୍ଧ ହୋଇ ନିଜର ବୀରତ୍ୱ, ଗୌରବ, ଆତ୍ମଜ୍ଞାନ ସମସ୍ତ ଜଳାଞ୍ଜଳି ଦେଇଛ । ହାୟରେ ଅକୃତଜ୍ଞ ପୁତ୍ର ! ଆଜି ଖୋଦାଙ୍କୁ ଧନ୍ୟବାଦ ଦେଉଛି ଯେ, ମୋର ପୁତ୍ର ନାହିଁ ।

ଦାରା—ମହାଶୟ ! ମୋତେ କ୍ଷମା କର । ଯାହା ମନୁଷ୍ୟୋଚିତ ନୁହେ, ତାହା ମୁଁ କଦାପି କରି ପାରିବି ନାହିଁ । (ନେପଥ୍ୟରୁ ବାଦଶାହଙ୍କ ଆର୍ତ୍ତଧ୍ୱନି

ଶୁଭିଲା । ଚମକି ପଡ଼ି) ଏ କଣ ? ଆପଣ କଣ ଶୁଣି ପାରୁଛନ୍ତି ?

ନାଦେର୍—ନା, ଆଚ୍ଛା, ତାହେଲେ ତୁମ୍ଭେ କଅଣ କରିବ ?

ଦାଗ—ଆପଣଙ୍କୁ ଯାହାହିଁ କହୁଛି ତାହା କରିବି । ଏ ପୁଣି ଆଉ ଏ ତୁର୍ଯ୍ୟ···(ପୁନଶ୍ଚ ଆର୍ତ୍ତନାଦ) ଏ କଣ? କିଏ କାହା ଆଘାତରେ ଦଣ୍ଡିତ । ଆପଣ କଣ ଏଥର ମଧ୍ୟ ଶୁଣି ପାରୁ ନାହାନ୍ତି ।

ନାଦେର୍—ନା, ମୋର କର୍ଣ୍ଣରେ କେବଳ ଅବିରତ ଝଙ୍କାର ଉଠୁଛି ପ୍ରତିଶୋଧ । ଏହିକ୍ଷଣି ପ୍ରଭାତ ହୋଇଯିବ, ଏହା ଶେଷଥର ମୁଁ ପଚାରେ, ତୁମେ ହତ୍ୟା କରିବ କି ନା ।

ଦାଗ—ନା, ନା, ନା ।

ନାଦେର୍—ଅକୃତଜ୍ଞ ପୁତ୍ର ! ପିତୃ ଶୋଣିତର ଅବମାନନାକାରୀ !

ଦାଗ—ଯେଉଁ ଜୀବନ ମୁଁ ଦାନ କରିବାରେ ଅସମର୍ଥ, ସେ ମୂଲ୍ୟବାନ ଜୀବନ କଦାପି ନଷ୍ଟ କରିବି ନାହିଁ ।

ନାଦେର୍—ବେଶ୍, ତାହାହେଲେ ତୁମେ ତୁମର ପଥ ଅନୁସରଣ କର ।

ଦାଗ—ମହାନୁଭବ ! ଏବେ ଆପଣ ବୁଝି ପାରିବେ ଯେ, ମୁଁ ଯେଉଁ ପ୍ରତିଶୋଧ ନେବାକୁ ଯାଉଛି ତାଠାରୁ ବଡ଼ ପ୍ରତିଶୋଧ ଆଉ ନାହିଁ ।

ନାଦେର୍—ଯାଅ, କାପୁରୁଷ (ପ୍ରସ୍ଥାନ)

ଦାଗ—(ନତଜାନୁ ହୋଇ) ପିତା ! ପିତା ! ଜୀବନରେ ଥରେ ହେଲେ ମୁଁ ତୁମକୁ ଦେଖିନାହିଁ । କେବଳ ଅନୁରୋଧ କରେ, ଥରେ ମାତ୍ର ପ୍ରେତ ଆତ୍ମାରେ ମୋ ସମ୍ମୁଖରେ ଆସି ଠିଆହୁଅ । ଥରେ ମାତ୍ର କଥା କୁହ ଯେ—ମୁଁ ଯେଉଁ ପ୍ରତିଶୋଧ ନେବାକୁ ଯାଉଛି, ତାହା ତୁମର ଅଭିପ୍ରେତ କି ନା । ମୃତ୍ୟୁର ଲୌହଦ୍ୱାର ଉନ୍ମୋଚନ କରି ଥରେ ମାତ୍ର ସ୍ୱର୍ଗରୁ ଓହ୍ଲାଇ ଆସ । ମୁଁ ତୁମର ପବିତ୍ରଚରଣ ହସ୍ତ ସ୍ପର୍ଶ କରି ପ୍ରତିଶୋଧ ନେବାକୁ ଅଗ୍ରସର ହୁଏ । ଆଉ ବିଳମ୍ବରେ ଲାଭ କଅଣ ? ଶୀଘ୍ର କାର୍ଯ୍ୟ ଶେଷ କରିବାହିଁ ଉଚିତ ।

ରାଣୀ—(ଦୂରରୁ ଶୁଭିଲା) କାର୍ଯ୍ୟ ଶେଷ ।

ଦାଗ—ଏଁ କିଏ, କିଏ କହିଲା କାର୍ଯ୍ୟ ଶେଷ । ଏଁ ।

ରାଣୀ—ମୁଁ କହୁଛି ଦାଗ ! ତୁମ୍ଭେ ଏଇଠି । ଆଜିଠାରୁ ତୁମର ଆଉ ମୋର ପ୍ରଣୟ ମଧ୍ୟରେ କୌଣସି ପ୍ରତିବନ୍ଧକ ନାହିଁ । ଏବେ ଆସ ନିର୍ଭୟରେ ଚାଲିଯିବା ।

ଦାଗ—ନା, ଆଉ ପ୍ରତିବନ୍ଧକ ନାହିଁ । ବର୍ତ୍ତମାନ ମୁଁ ମୁକ୍ତ, କିନ୍ତୁ ଗୋଟିଏ କାର୍ଯ୍ୟ ଆଉ ବାକି ଅଛି । ଥରେ ବାଦସାହାଙ୍କ ନିକଟକୁ ଯିବି । ଏଇ ପତ୍ର ଆଜି ଏହା ତୁର ତାଙ୍କ ନିକଟରେ ରଖି ଆସିବି । ଯେତେବେଳେ ତାଙ୍କର ନିଦ୍ରାଭଙ୍ଗ ହେବ—

ରାଣୀ—କାହାର ନିଦ୍ରା ଭଙ୍ଗ ହେବ ?

ଦାଗ—ବୃଦ୍ଧ ବାଦସାହାଙ୍କର ।

ରାଣୀ—ବୃଦ୍ଧ ବାଦସାହାଙ୍କର ଆଉ ନିଦ୍ରା ଭଙ୍ଗ ହେବ ନାହିଁ ଦାଗ ।

ଦାଗ—କାହିଁକି ?

ରାଣୀ—ସେ ଆଉ ଇହଲୋକରେ ନାହାନ୍ତି ।

ଦାଗ—ଏ କି ଅଭାବନୀୟ ବ୍ୟାପାର ? ଖୋଦା କଅଣ ଆଜି ହିଁ ତାଙ୍କର ମୃତ୍ୟୁ ବିଧାନ କଲେ ?

ରାଣୀ—ଖୋଦା ନୁହନ୍ତି, ମୁଁ ନିଜେ ତାଙ୍କୁ ହତ୍ୟା କରିଛି ।

ଦାଗ—ଉଃ !

ରାଣୀ—ତୁମେ ମୋତେ ଯେ ଦିନୁ ଛାଡ଼ି ଚାଲି ଆସିଲ, ମୁଁ ମନେ ମନେ ଆତ୍ମହତ୍ୟା କରିବାକୁ ସ୍ଥିର କଲି । ଦେଖ ଦାଗ ! ମୋ ଜୀବନରେ କୌଣସି ସୁଖ ନାହିଁ । ପ୍ରେମ କଅଣ ମୁଁ ଜାଣେ ନା । ତୁମକୁ ଦେଖି ତୁମ ରୂପରେ ମୁଗ୍ଧ ହୋଇ ଭାବିଥିଲି ସୁଖୀ ହେବି, କିନ୍ତୁ ଯେତେବେଳେ ତୁମେ କହିଲ ଯେ ଆମର ପ୍ରଣୟ ମଧ୍ୟରେ ବ୍ୟବଧାନ ଅଛି, ଆଉ ସେ ବ୍ୟବଧାନ ଅତିକ୍ରମ କରିବା ତୁମର ସାଧ୍ୟାତୀତ, ସେତେବେଳେ ଜୀବନ ଧାରଣର ଆଉ ଉପାୟ ନ ଦେଖି ଆତ୍ମହତ୍ୟା ଏକମାତ୍ର ପନ୍ଥା

ମନେ କର ଛୁରିକା ସଂଗ୍ରହ କରି ରଖିଥିଲି । ଭାବିଥିଲି, ବୃଦ୍ଧ ବାଦସାହାଙ୍କ ନିକଟରେ ସେହି ପଲଙ୍କ ନିମ୍ନ ଦେଶରେ ମୋର ବକ୍ଷ ସ୍ଥଳରେ ବିଦ୍ଧ କରିବି । ଆଜିହିଁ ସେ ସୁଯୋଗ ଆସିଛି । ବୃଦ୍ଧ ଘୋର ନିଦ୍ରାରେ ଶାୟିତ । ତାଙ୍କର ଓଷ୍ଠରେ ବିଦ୍ରୂପର ହାସ୍ୟ । ଯେତେବେଳେ ହଠାତ୍ ତୁମ୍ଭର ମୁଖଶ୍ରୀ ମୋର ଚକ୍ଷୁ ସମ୍ମୁଖରେ ନାଚି ଉଠିଲା, ସେତେବେଳେ ମନେ କଲି ଏହି ବୃଦ୍ଧ ତ ପ୍ରଣୟର ପ୍ରତିବନ୍ଧକ ! ତା ପରେ ଯେଉଁ ଛୁରିକା ନିଜେ ଆତ୍ମହତ୍ୟା କରିବାକୁ ହସ୍ତରେ ନେଇଥିଲି, ତା ଅଜାଣତରେ ବୃଦ୍ଧର ବକ୍ଷସ୍ଥଳରେ ଆମୂଳ ବିଦ୍ଧ କଲି ।

ଦାରା — ଉଃ, କି —

ରାଣୀ — ଦେଖ, ତୁମପାଇଁ ମୁଁ କି ପୈଶାଚିକ କାର୍ଯ୍ୟ କରିଆସିଛି । ଦାରା ! ଆସ, ଆଜ ପ୍ରେମର ଉଜ୍ଜ୍ୱଳ ତରଙ୍ଗରେ ଆମେ ଦୁଇ ପ୍ରେମିକ-ପ୍ରେମିକା ଆନନ୍ଦରେ ଭାସି ବୁଲିବା । ପ୍ରେମର ଗଭୀର ସାଗରରେ ଆନନ୍ଦରେ ଝାସ ଦେବା । ଆଉ କାହିଁକି ଲଜ୍ଜା କରୁଛ ଦାରା !

( ରାଣୀ ଦାରାର ହାତକୁ ଧରିବାକୁ ଗଲେ )

ଦାରା — ଅପବିତ୍ରା ନାରୀ ! ମୋତେ ସ୍ପର୍ଶ କର ନା । କୁଳ କଳଙ୍କିନୀ ! ନରକର କେଉଁ ପ୍ରେତ ତୁମକୁ ଏଇ ଘୃଣିତ କାର୍ଯ୍ୟ କରିବାକୁ ଉତ୍ତେଜିତ କରିଥିଲା ? ନାରୀ ! କହିଲ କଅଣ ? ରମଣୀର ପୂଜ୍ୟ ଦେବତା, ଜୀବନ ମରଣର ଦେବତା ସ୍ୱାମୀ, ତାଙ୍କୁ କି ନା ତୁମେ ପରପୁରୁଷ ଆଶାରେ ସ୍ୱହସ୍ତରେ ହତ୍ୟା କରିଛ ? କେବଳ ସ୍ୱାମୀଙ୍କୁ ନୁହେଁ, ତୁମ୍ଭର ନାରୀତ୍ୱ, ତୁମର ନାରୀ ହୃଦୟର ସୁଲଭ, ସୁକୁମାର ବୃତ୍ତି ସମସ୍ତ ଆଜ ଏହି ବୃଦ୍ଧର ରକ୍ତଧାରରେ କଳଙ୍କିତ କରିଛ ।

ରାଣୀ — ତୁମରି ପାଇଁ ଦାରା, ତୁମରି ପାଇଁ ଏ ଅମାନୁଷିକ କାର୍ଯ୍ୟ ମୁଁ କରିଛି । ସ୍ୱାର୍ଥପର ପୁରୁଷ ଜାଣ ନା, ପ୍ରେମପାଇଁ ନାରୀ କଅଣ କରି ନ ପାରେ ? ମୁଁ ମୋର ଇହକାଳ, ପରକାଳ, ନାରୀତ୍ୱ, ସତୀତ୍ୱ ସମସ୍ତ ବୃଦ୍ଧର ରକ୍ତରେ ଭସାଇ ଦେଇଛି । କେବଳ ତୁମରି ପାଇଁ । ଧର ଦାରା ! ମୋର ହସ୍ତ ଧାରଣ କର । ( ଅଗ୍ରସର ହେବା )

ଦାରା — ଶୂନ୍ୟ ଯାଅ କୁଳଟା ! ଦାରା ଏତେ ହୀନ ନୁହେ ଯେ, ସେ ଜଣେ ନରହନ୍ତ୍ରୀର ପ୍ରଣୟପ୍ରାର୍ଥୀ ହେବ । ତା ସମ୍ପୂର୍ଣ୍ଣ ଅସମ୍ଭବ । ଯଦି ଏହି ଧାରଣା ମନରେ ଥାଏ, ତାକୁ ପାଶୋରି ପକାଅ । ରାକ୍ଷସୀ, ମରଣରେ ସୁଦ୍ଧା ତୁମ୍ଭର ମୁକ୍ତି ନାହିଁ, ତୁମ୍ଭ ମୁଖ ଦର୍ଶନ ମଧ୍ୟ ମହାପାପ ।

ରାଣୀ — (ହତାଶ ଭାବେ) ଦାରା ! ମୋତେ ଦୟା କର, ତୁମ୍ଭେ ଯେଉଁ ବ୍ୟବଧାନକୁ ଭୟ କରୁଥିଲ, ମୁଁ ତାହା ଦୂର କରି ଦେଇଛି ।

ଦାରା — ନାରୀ; ଭୁଲ ବୁଝିଛ । ଆମ୍ଭମାନଙ୍କ ମଧ୍ୟରେ ବ୍ୟବଧାନ ଥିଲା ପାପ । ଆଜ ତୁମ୍ଭେ ସେହି ପାପକୁ ମହାପାପରେ ପରିଣତ କରିଛ । ପ୍ରଣୟ ତାର ଶୁଭ୍ର ଜ୍ୟୋତିରେ ହୃଦୟର ମଳିନତାକୁ ଉଜ୍ଜ୍ୱଳ କରେ । ମନରେ ସମୃଦ୍ଧି ଆଣେ । ସଂକୀର୍ଣ୍ଣତାକୁ ଉଦାରତାରେ ପରିଣତ କରେ । ଦୁନିଆରେ ଯେତେ କିଛି ଦୁର୍ନୀତି ଅତ୍ୟାଚାର, ପ୍ରଣୟର ଯାଦୁ ମନ୍ତ୍ରରେ ବାଷ୍ପ ଆକାରରେ ପରିଣତ ହୋଇ ଆକାଶରେ ବିଲୀନ ହୋଇଯାଏ, ଯେଉଁ ପ୍ରଣୟର ଏପରି ସ୍ୱର୍ଗୀୟ ଶକ୍ତି, ସେ କଦାପି ତୁମ୍ଭଙ୍କୁ ଏ ନିଷ୍ଠୁର ହତ୍ୟାକାଣ୍ଡରେ ନିୟୋଜିତ କରି ନ ଥାନ୍ତା ।

ରାଣୀ — ଦାରା !

ଦାରା — ନାରୀ, ସେଇ ଘୃଣିତ ଅପବିତ୍ର ମୁଖରେ ମୋର ନାମ ଧର ନାହିଁ, ଦୂର ହୁଅ ।

ରାଣୀ — ( ନତଜାନୁ ହୋଇ ) ଦାରା ! ମୋତେ ଘୃଣା କରନାହିଁ, ଯଦି ମୋତେ ଘୃଣାକଲ ତେବେ ଏହି ଛୁରିକା ମୋର ବକ୍ଷରେ ବିଦ୍ଧ କର ! ମୋତେ ହତ୍ୟା କର ଦାରା ! ଏ ବକ୍ଷକୁ ଛିନ୍ନକରି ଦେଖ, ତୁମରି ମୂର୍ତ୍ତି ସେଠାରେ ଅଙ୍କିତ ଅଛି କି ନା ? ଦାରା ଛୁରୀ ନିଅ, ହତ୍ୟାକର !

ଦାରା — ( ରାଣୀ ହାତରୁ ଛୁରୀ କାଢ଼ି ନେଇ ) ଆତ୍ମହତ୍ୟା କରିବାରେ କାହାରି ଅଧିକାର ନାହିଁ । ଉଃ, ତୁମ୍ଭର

ହସ୍ତରେ ବର୍ତ୍ତମାନ ସୁଦ୍ଧା ରକ୍ତର ଚିହ୍ନ । ଯାଅ ନାସ୍ତି, ମୃତ ସ୍ୱାମୀର ଶଯ୍ୟା ପାର୍ଶ୍ୱରେ ବସି ଅଶ୍ରୁନୀରରେ ସେହି ରକ୍ତର ଦାଗ ଧୌତ କରିଦିଅ, ଯାଅ । ( ଠେଲିଦେବା )

ରାଣୀ—( ସକ୍ରୋଧେ ) ପୁରୁଷ ଅତ୍ୟାଚାରୀ ନୁହେଁ, କେବଳ ନାରୀ ? ତୁମ୍ଭେ ହିଁ ନାରୀକୁ ପ୍ରଲୁବ୍ଧ କର, ତୁମ୍ଭେହିଁ ପ୍ରେମ ଗୀତ ଗାଇ ତାକୁ ଉନ୍ମାଦିନୀ କର । କିନ୍ତୁ ପରେ ଘୃଣା କର । ମନେ ରଖ ଦାସ ! ଏ ହତ୍ୟା ପାଇଁ ତୁମ୍ଭେ ମଧ୍ୟ ଦାୟୀ, କଏ ଅଛୁ ? ( ଚମକି ଚାଲିଗଲେ )

ଦାସ—କଅଣ ହେଲା ? ପ୍ରକୃତରେ କଅଣ ଏ ହତ୍ୟା ପାଇଁ ମୁଁ ଦାୟୀ ? ମୋତେ କଅଣ ଏ ହତ୍ୟାରେ ଭାଗୀ ହେବାକୁ ପଡ଼ିବ ? ସେ ମୋ ନିକଟରେ ଶରଣପ୍ରାର୍ଥୀ ହେଉଥିଲା, ମୁଁ ତାକୁ ରକ୍ଷା କରି ପାରିଲି ନାହିଁ । ରାଣୀ ! ଫେରି ଆସ, ଉଃ, ମୁଁ କଅଣ କଲି ? ( ରାଣୀ ପ୍ରହରୀ ସହ ପ୍ରବେଶ )

ରାଣୀ – ବନ୍ଦୀକର, ଏ ପାପିଷ୍ଠ ସମ୍ରାଟଙ୍କୁ ହତ୍ୟା କରିଛି । ( ଦାସକୁ ବନ୍ଧନ କରି ନେଇଗଲେ )

—*

## ଦ୍ୱିତୀୟ ଦୃଶ୍ୟ

୧ମ ନାଗରିକ—ଆରେ ଭାଇ ! କାଲି ଯାଇଁ ଲଙ୍କାରେ ପଡ଼ିଲାଣି । ଖୋଦ ରାଜାଙ୍କ ଶୋଇବା ଘରେ ପଶି ଏକଦମ୍ ଛାତିରେ ଛୁରୀ ଚଳେଇ ଦେଇଛି !

୨ୟ ଆରେ ଛାତିରେ ନୁହେଁ, ଗଳାରେ !

୧ମ—ଏଃ, ଦେଖିଲ ଭଲଆ କହୁଛି ଗଳାରେ ।

୨ୟ—ଆଚ୍ଛା ବାଜି ରଖ ! ( ହାତ ଦେଖାଇଲା )

୧ମ—ଆରେ ଖୁବ୍ କାରଖାନା କଥା, ଟିକେ ଆସ୍ତେ ଆସ୍ତେ କହ ।

୨ୟ—ଆଚ୍ଛା ଭାଇ, ଆଗେ ଫାଶୀ ହେବ ନା, ଆଗେ ବିଚାର ହେବ ?

୧ମ—ନାହିଁରେ ଆଗେ ଫାଶୀ ହେବ, ତା ପରେ ବିଚାର।

୨ୟ—ଓଲୁ କହିଁକା, ସ୍ୱା କେଉଁଠି ହୁଏ ?

୧ମ—ଆରେ ଓଲୁ, କଥାଟା ଫାଙ୍କି ଦେବାର ନୁହେଁ । ମୁଁ ଯାହା କହୁଛି ଆଗେ ଫାଶୀ ତା ପରେ ବିଚାର ।

୨ୟ—ଫାଶୀଟା ନିଶ୍ଚୟ ହେବ, ନା କଅଣ ?

୧ମ—କେତେ ଫାଟେଇ ହେଉଛୁ ବା, ଏତ ଯାହାକୁ ତାହାକୁ ଖୁନ୍ ନୁହେଁ, ଖୋଦ ବାଦସାହାଙ୍କର । ଆରେ ବଡ଼ ଲୋକଙ୍କର ବଡ଼ କାରଖାନା, କେତେ ବଡ଼ ବଡ଼ କାଜି ଆସିବେ, ବିଚାର ହେବ !

୨ୟ—ଆଚ୍ଛା ଭାଇ, ବଡ଼ ଲୋକଙ୍କ ରକ୍ତରେ ଆଉ ଆମ ରକ୍ତରେ କଅଣ ପ୍ରଭେଦ ଅଛି ? ଆମ ବାଦ୍‌ସାହାଙ୍କ ରକ୍ତ କଅଣ ଏକଦମ୍ ଲାଲ୍ ।

୧ମ ନାଗରିକ—ନା, ନା, ଲାଲ୍ କୁଆଡ଼ୁ ହେବ, ସୁଦ୍ କଳା, ସୁଦ୍ କଳା । ଆଲକାତରାଠୁଁ କଳା । ବୁଝୁ ନାହୁଁ, ଏମିତି ଅତ୍ୟାଚାରୀ ରାଜାର ରକ୍ତ କଅଣ ଲାଲ୍ ହୁଏ ? ( ଦୂରକୁ ଚାହିଁ ) ଆରେ ଭାଇ, ଦେଇଟି ତ ବାଦସାହାଙ୍କ ବୁଢ଼ୀ ଦାସୀ ଆସୁଛି ।

୨ୟ - ଆରେ ହଁ ଦେଇତ ତା ଦାଢ଼ି ଗୁଡ଼ାକ ଦିଶୁଛି ।

୧ମ—ତୁ ଗୋଟାଏ ନିହାତି ଓଲୁଙ୍କ ବୁଲୁବୁ ବୁଦ୍ଧା । ଆରେ ବୁଢ଼ୀର ଦାଢ଼ି କୁଆଡ଼ୁ ଆସିବ ?

୨ୟ—କଅଣ ଦାଢ଼ି ନାହିଁ ? ବାଜି ରଖ ।

୧ମ—ଦେଇଛି, ଏ ଆସିଲାଣି । ଏତେ ବାଡ଼ଆ ପିଠା ଖାଇଁକି ? ( ବୁଢ଼ୀ ଦାସୀର ପ୍ରବେଶ, ତାକୁ ନିରେଖି ଚାହିଁ ) କରେ ଦାଢ଼ି କାହିଁ ?

୨ୟ – ଖିଅରି ହୋଇଛି, ପଚାର ।

୧ମ – ମାଉସୀ ! ଖବର କଅଣ ?

୨ୟ – ମାଉସୀ ! ଖୁନ୍ କେତେବେଳେ ହେଲା ।

୧ମ – ଆଚ୍ଛା ମାଉସୀ, ଧରା ପଡ଼ିଲା କେମିତି ?

୨ୟ – ଆଚ୍ଛା ମାଉସୀ, ରାତି କେତେ ହୋଇଥିଲା ।

୧ମ – ଧଇଲା କଏ ମାଉସୀ ।

୨ୟ – ବାଦସାହଙ୍କ ରକ୍ତ ଲାଲ୍, ନା କଳା ?

ବୁଢ଼ିଦାସୀ – ମଲା ନିଆଁ ଲଗାଗୁଡ଼ାକ କେତେ କଥା ପଚାରୁଛନ୍ତି । ତେଣେ ଘର ବୁଡ଼ ପାଣି ଆଣି ଏ ହେଲାଣି, ଏମାନଙ୍କର ଥଟ୍ଟା ତାମସା ଲାଗିଛି । ମୋ କାଟରେ ମୁଁ ଯାଉଛି, ତମର ମୋତେ ଧରି ପଚାରିବା ଲାଭ କଅଣ ? ଆହା ସ୍ୱାମୀ ପରି ରାଜାଟାକୁ ଲୋ – ( ବାକ୍‌ରୁଦ୍ଧରେ ଚାଲିଗଲେ )

ନାଦେର୍—( ପ୍ରବେଶି ) ପ୍ରକୃତରେ କ ବାଦ୍‌ସାହା ମୃତ ?

୧ମ—ସେ କଥା ଠିକ୍ ଜଣା ଯାଉନାହିଁ, ତେବେ ଖୁନ୍ ହୋଇଛନ୍ତି ।

ନାଦେର୍—ଖୁନ୍ କିଏ କରିଛି ?

୨ୟ—ଯିଏ ଧରା ପଡ଼ିଛି ।

ନାଦେର୍—କିଏ ସେ ?

୨ୟ—ସେ ହତ୍ୟାକାରୀ ।

୧ମ—ଓଲୁ ସେ ଯରୁ ଛନ୍ତି କଅଣ ଆଉ ତୁ କହୁଛୁ କଅଣ ?

୨ୟ ମୁଁ ବୁଝିନାହିଁ ? ବାଜ ରଖିଲୁ ?

ନାଦେର୍ ସେ ଧରାପଡ଼ିଛି, ତାର ନାମ କଅଣ ?

୧ମ—ଆମେ ଜାଣୁ ନାହିଁ ।

୨ୟ—ଆରେ ମୁଁ ଜାଣେ ଆଜ୍ଞା, ଡାଲୁ ।

(ନେପଥ୍ୟେ ତୂରୀ ଶବ୍ଦ ଶୁଭିଲା)

୧ମ—(ବ୍ୟଗ୍ର ହୋଇପଡ଼ି) ଆରେ ତେଣେ ଦରବାର ବସିଲାଣି ଚାଲ, ଚାଲ । (ଉଭୟ ପ୍ରସ୍ଥାନ)

(ବିପରୀତ ଦିଗରୁ ଗୁଲ୍‌ବର ପ୍ରବେଶ)

ନାଦେର—(ଗୁଲ୍‌ବର ପ୍ରତି) ତୁମେ ଜାଣ ? ବାଦ୍‌ସାହାଙ୍କୁ କିଏ ହତ୍ୟା କରିଛି ।

ଗୁଲ୍‌ବର—ଆପଣ ନାଦେର୍ ଖାଁ ନା ?

ନାଦେର୍—ଚୁପ୍, ଚୁପ୍ ।

ଗୁଲ୍‌ବର—ମହାଶୟ ସର୍ବନାଶ ହୋଇଛି, ଦାରା ଧରାପଡ଼ିଛି ।

ନାଦେର୍—ଦାରା ? ଠିକ୍ ଜାଣ ?

ଗୁଲ୍‌ବର—ହଁ ।

ନାଦେର୍—ବିଷମ ସମସ୍ୟା, କିଛି ବୁଝିହେଉ ନାହିଁ । ଅଚ୍ଛା, ତୁମେ ଆସ ଥରେ ଚେଷ୍ଟା କରି ଦେଖିବା ଦାରା ଯେପରି ମୃତ୍ୟୁଦଣ୍ଡରେ ଦଣ୍ଡିତ ନ ହୁଏ । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

### ଇଜଲାସ୍

(କେତେଜଣ ଟେବୁଲ ଚଉକି ସଜାଇ ଦେଲେ, କାଜମାନେ ଆସିବା ସମୟେ)

୧ମ ପ୍ରହରୀ—ଅଏ, ଶଲ୍ଲାଓ ମରୁ ।

୨ୟ ପ୍ରହରୀ—ତୁମେ ତ ନିଜେ ପାଟି କରୁଛ, କହୁଛ କାହାକୁ ? ଆରେ ଛାଇ ଜହ୍ଲାଦକୁ ଦେଖ୍ ।

(ଦୂରକୁ ଦେଖାଇ କହିଲା)

୧ମ—ଦୂର୍ ବୋକା, ସେ ପରା କାଜି (କାଜି ପ୍ରବେଶ କଲେ । ପଛେ ପଛେ ଦାରାକୁ ବନ୍ଧନ କରି ପ୍ରହରୀ ଦୁଇଜଣ ଆଣି ପହଞ୍ଚାଇ ଦେଲେ) ଦେଖ ରେ, ଏଇ ଗୋଟାକ ଆସାମୀ ।

୨ୟ—(ଚୁପ୍ ଚୁପ୍ କରି) ଲୋକଟା ତ ଖୁବ୍ ଭଲ ମଣିଷ ପରି ଦେଖାଯାଉଛି !

୧ମ—ତା ତ ଜଣା ପଡ଼ିବଇ ପଡ଼ିବ । ସେଇ ତ ବଦ୍‌ମାସିଆଙ୍କ ଲକ୍ଷଣ । ( ତୂରୀ ଶବ୍ଦ ହେଲା ) (ଚମକି ପଡ଼ି) ଏଇ ସାହାନ୍‌ସାହା ଇରାନ୍ ସାମ୍ରାଜ୍ଞୀ ବିଜେ ହେଲେ ।

(ରାଣୀ ସିଂହାସନରେ ବସିଲେ, ଅନ୍ୟ କର୍ମଚାରୀମାନେ ନିଜ ନିଜ ଆସନରେ ବସିଲେ)

କାଜି—(ଛିଡ଼ାହୋଇ) ମହାମାନ୍ୟା ଇରାନ୍ ଅଧୀଶ୍ୱରୀ ! ଆପଣଙ୍କ ଆଦେଶ ହେଲେ ଏହି ରାଜଦ୍ରୋହୀର ବିଚାର ଆରମ୍ଭ ହେବ ।

ରାଣୀ—(ନତ ମୁଖରେ) ହଉ ।

କାଜି—ଅପରାଧି ! ତୁମର ନାମ କଅଣ ?

ଦାରା—ହଜରତ୍ କର୍ମଚାରୀରେ ନିଯୁକ୍ତ ହେଲାବେଳୁ ସେ କଥା ଜଣାଇଦେଇଛି ।

କାଜି—ତୁମେ ଖୋଦାସାମ, ଏଠାରେ ଦାରା ସ୍ୱବେଦ୍ୟାର ନାମରେ ପରିଚିତ ?

ଦାରା—ଯେଉଁ ନାମ ହେଉନା କାହିଁକି ମୃତ୍ୟୁ ସମୟରେ ତାର କି ପ୍ରୟୋଜନ ?

କାଜି—ତୁମେ ଜାଣ, ତୁମେ କି ଗୁରୁତର ଅପରାଧରେ ଅଭିଯୁକ୍ତ ? ତୁମେ ସାହାନସାହା ଇରାନର

ମହାମାନ୍ୟ ବାଦଶାହଙ୍କୁ ହତ୍ୟା କରିଥିବା ଯୋଗୁଁ ଇରାନର ଆଇନ ଅନୁଯାୟୀ ଅପରାଧୀ । ଏ ବିଷୟରେ ତୁମର କିଛି କହିବାର ଅଛି ?

ତାଗ—କିଛି ନାହିଁ ।

କାଜ—କିଛି ନାହିଁ ?

ତାଗ—ନା ।

କାଜ—(ଆସନରୁ ଉଠି) ତାଗ ସୁବେଦାର ! ତୁମ୍ଭଙ୍କୁ ଇରାନ୍‌ର ଆଇନ ଅନୁଯାୟୀ (ସହସା ନାଦେର୍ ପ୍ରବେଶ କରି)

ନାଦେର୍—ହଜରତ୍ ! ଅନୁଗ୍ରହ କରି ଟିକେ ବିଳମ୍ବ କରନ୍ତୁ ।

କାଜ—କିଏ ତୁମ୍ଭେ ?

ଜନୈକ ସଭାସଦ୍—ସେ ଜଣେ ଅମିର, ବାଦଶାହଙ୍କ ବନ୍ଧୁ ।

କାଜ—ମହାଶୟ ! ଏହି ବ୍ୟକ୍ତି ଆପଣଙ୍କର ବନ୍ଧୁ ବାଦଶାହଙ୍କୁ ହତ୍ୟା କରିଛି ।

ନାଦେର୍—ପ୍ରମାଣ କିଛି ଅଛି ?

କାଜ—ପ୍ରଥମ ପ୍ରମାଣ, ଅପରାଧୀ ନିଜ ଦୋଷପାଇଁ ନିରୁତ୍ତର । ଦ୍ୱିତୀୟ ପ୍ରମାଣ, ଅପରାଧୀ ହସ୍ତରୁ ରକ୍ତରଞ୍ଜିତ ଛୁରିକା ପ୍ରାପ୍ତି ।

ନାଦେର୍—ହଜୁର, ମୁଁ ସେ ଛୁରି ଦେଖିପାରେ କି !

କାଜ—ଆପତ୍ତି ନାହିଁ, ଦେଖି ପାରନ୍ତି ।

(ଛୁରି ଦେଖାଇଲେ)

ନାଦେର୍—ହଜରତ୍ ! ମୁଁ ପଚାରେ ଏ ଛୁରି ମହାରାଣୀଙ୍କର ନା ? ରାଣୀ ଚମକି ପଡ଼ିଲେ । ଆପଣଙ୍କ ଅନୁମତି ନେଇ ମୁଁ ଆସାମୀକୁ କିଛି ପଚାରିପାରେ କି ।

କାଜ—ନିଶ୍ଚୟ, ସେଥିରେ ଆପତ୍ତି କଅଣ ।

ରାଣୀ—ନା, ଦୋଷୀ ଦୋଷ ସ୍ୱୀକାର କରିସାରିଛି, ଆଉ କିଛି ପଚାରିବା ନିଷ୍ପ୍ରୟୋଜନ ।

ନାଦେର୍—(କାଜିପ୍ରତି) ହଜରତ୍, ଯୁବକର ମୁଖମଣ୍ଡଳକୁ ଦେଖି ମୁଁ ଅନୁମାନ କରୁଛି, ଏ ନାରକୀୟ କାର୍ଯ୍ୟ ସ୍ୱାଭାବିକ ସାଧିତ ହୋଇନାହିଁ । ଗୁପ୍ତ ହତ୍ୟାର ରହସ୍ୟ କିଛି ଅଛି । କିନ୍ତୁ ଆସାମୀ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛି । ମୁଁ ଏ ଛୁରିରୁ ଭିନ୍ନ ରକମ ଉଦ୍ଦେଶ୍ୟ ଠଉରାଇ ନେଇଛି । ତାଗ ! ତୁମ୍ଭେ ପ୍ରକୃତ କାରଣ ବ୍ୟକ୍ତ କର ।

ରାଣୀ—ନା, ଅପରାଧୀ ଗୋଟିଏ ମାତ୍ର କଥା କହିପାରିବ ନାହିଁ । ଆଉ ପ୍ରମାଣ ନିଷ୍ପ୍ରୟୋଜନ । କିମ୍ବା ତା ପକ୍ଷ କେହି ସମର୍ଥନ କରିପାରିବେ ନାହିଁ ।

କାଜ—(ରାଣୀଙ୍କୁ ଆଇନ ପୁସ୍ତକ ଦେଖାଇ) ମହାରାଣୀ ! ଆପଣ ନିଜେହିଁ ଇରାନ୍‌ର ଆଇନ ଦେଖନ୍ତୁ, ହତ୍ୟା ଅଭିଯୋଗରେ ଆସାମୀ ପକ୍ଷରୁ ପ୍ରମାଣ ତନ୍ନ ତନ୍ନ କରି ନ ଜାଣି କୌଣସି ଦଣ୍ଡ ଆଦେଶ ଅବିଧେୟ ।

ରାଣୀ—(ପୁସ୍ତକ ଫିଙ୍ଗି ଦେଇ) ହଜରତ୍ ! ଏହା କି ସମ୍ଭବ ନୁହେଁ ଯେ ଏଇ ଅପରାଧୀ ମୋର ସ୍ୱର୍ଗଗତ ସ୍ୱାମୀଙ୍କ ବିରୁଦ୍ଧରେ କହିପାରେ, ଏପରି କି ମୋ ବିରୁଦ୍ଧରେ ନାନାବିଧ କୁତ୍ସିତ କଥା ଦର୍ଶାଇପାରେ ।

କାଜ—ମାର୍ଜନା ! ଆଇନ ଅମାନ୍ୟ କରିବା ଅଧିକାର ଆମର ନାହିଁ ।

ରାଣୀ—ମୋ ମତରେ ଅପରାଧୀକୁ ବିନା ବିଚାରରେ ଶୂଳ ଦିଅ ।

କାଜ—ମହିମାମୟୀ ଇରାନ୍ ଅଧୀଶ୍ୱରୀ ! ଆପଣ ଯାହା କହୁଛନ୍ତି, ତା କରିବା ସମ୍ପୂର୍ଣ୍ଣ ଅସମ୍ଭବ ।

୧ମ ପ୍ରହରୀ—(ଚୁପ୍ ଚୁପ୍ କରି) ଆରେ ଭାଇ, କାଜି ବୋଧହୁଏ କିଛି ରିସଓତ୍ ପକାଇ ଦେଲଣି ।

୨ୟ—ଆରେ ଚୁପ୍ !

ରାଣୀ—ହଜରତ୍ ! ସାଧାରଣ ହତ୍ୟାକାରୀ ପକ୍ଷେ କଥା କହିବାର ଅଧିକାର ଅଛି, କିନ୍ତୁ ଏ ରାଜଦ୍ରୋହୀ ରାଜ୍ୟର ଅଧୀଶ୍ୱରଙ୍କୁ ହତ୍ୟା କରିଛି । ଆଜି ରାଜା ବିହନେ ରାଜ୍ୟ ଅରାଜକ । ପ୍ରତ୍ୟେକ ରମଣୀ ଆଜି ବିଧବା । ପ୍ରତ୍ୟେକ ବାଳକ ଆଜି ପିତୃହୀନ । ପ୍ରତ୍ୟେକ ପ୍ରଜା ଆଜି ରକ୍ଷକ ଶୂନ୍ୟ । ଏପରି ଶତ୍ରୁକୁ କେଉଁ ଆଇନ ଅନୁସାରେ କଥା କହିବାକୁ ଆଦେଶ କରୁଛନ୍ତି ?

କାଜ—ମହାମାନ୍ୟା ଇରାନ୍ ଅଧୀଶ୍ୱର ! ଆହୁରି ମଧ୍ୟ ଇରାନ୍‌ର ଆଇନ କହେ ଯେ, ଯେବେ ଆତତାୟୀ ଇରାନୀ ହୋଇଥାଏ, ତା ହେଲେ ରାଜ ମସ୍ତକ ଛେଦନ ଅପରାଧରେ ଶୂଳୀ ଦିଆଯିବ ।

ରାଣୀ—ଚମତ୍କାର ! ଆମ୍ଭେ ସେହି ଆଇନ ମାନି ଚଳିବାକୁ ବାଧ୍ୟ । ତେବେ ଶୀଘ୍ର ଶୂଳୀ ଦିଅ ।

କାଜ—ହଜରତ୍ ! ଏ ବ୍ୟକ୍ତି ଯେ ଇରାନ୍‌ର ଲୁହେଁ ଖୋରାସାନୀ । ତେଣୁ ଏମାନଙ୍କ ସପକ୍ଷରେ କଥା କହିବାର ଅଧିକାର ଅଛି । ପରେ ପ୍ରମାଣରୁ ଯାହା ଦୋଷାଦୋଷ ବିଚାର କରି ଦଣ୍ଡ ଦିଆଯିବ ।

ରାଣୀ—ମୋ ସ୍ୱାମୀଙ୍କ ନିକଟରେ ଯିଏ ଦାସତ୍ୱ କରୁଥିଲା, ସେ କଅଣ ବିଦେଶୀ ବୋଲି ଗଣ୍ୟ ହେବ ।

କାଜ—ସାତ ବର୍ଷରୁ ଉର୍ଦ୍ଧ୍ୱ ନ ହେଲେ ସେ ଇରାନୀ ବୋଲି ଗଣ୍ୟ ହେବ ନାହିଁ ।

ନାଦେର୍—ଚମତ୍କାର ଆଇନ ! ଏ ଆଇନର ମର୍ଯ୍ୟାଦା ରକ୍ଷିବାକୁ ଆମ୍ଭେମାନେ ବାଧ୍ୟ ।

ରାଣୀ—( କଅଣ ଭାବି ) ମୁଁ ଇଚ୍ଛା କଲେ କି ଏଇ ମୋକଦ୍ଦମା ମହଲର୍ ରଖି ନ ପାରେ ।

କାଜ—ନା, ଏ ରାଜହତ୍ୟାର ବିଚାର ଏହିକ୍ଷଣି ଶେଷ କରିବାକୁ ହେବ ।

ରାଣୀ—ଏ ହୀନ ବ୍ୟକ୍ତି ହୁଏ ତ ନିଜର ପ୍ରାଣ ରକ୍ଷା କରିବାକୁ ଯାଇ ଅନେକ ମିଥ୍ୟା କଥା କହିବ । ମୁଁ ସେ ସବୁ କଥା କିଛି ଶୁଣିବି ନାହିଁ । ରକ୍ଷୀ ଅଗ୍ରସର ହୁଅ । ( ଯିବାକୁ ବାହାରିଲେ )

କାଜ—କେ ଅଛି, ଦ୍ୱାର ବନ୍ଦ କର !

( ଦ୍ୱାର କିଳାଗଲେ, ରାଣୀ ତରବାରି ଖୋଲି ପ୍ରହରୀକୁ ମାରିବାକୁ ଉଠାଇଲେ ) ।

କାଜ—ସାବଧାନ, ସାମାନ୍ୟ ପ୍ରହରୀ ପ୍ରତି ଅସ୍ତ୍ର ଉତ୍ତୋଳନ କଲେ ପ୍ରାଣଦଣ୍ଡ । ତରବାରି କୋଷ-ବଦ୍ଧ କରନ୍ତୁ ।

ରାଣୀ—( ଚୌକିରେ ବସିପଡ଼ି ) ଓଃ, କି ଅପମାନ, ମୋର ସଭା ମଧ୍ୟରେ ଏପରି କେହି ଜଣେ ନାହିଁ, ଯେ ମୋତେ ଏହି ଅପମାନରୁ ରକ୍ଷା କରିବ !

( ଚଞ୍ଚଳ ହେଲେ )

କାଜ—ଦାସ ଯୁବେଫ୍ଖାର, ଏଇ ଟେବୁଲ ଉପରେ ସଛିଦ୍ର ପାଣି ପାତ୍ର ରଖାଗଲା ! ଏ ପାଣି ପାତ୍ରରୁ ପାଣି ସମ୍ପୂର୍ଣ୍ଣ ନିର୍ଗତ ହେବାପୂର୍ବରୁ ତୁମର ବକ୍ତବ୍ୟ ଶେଷ କରିବାକୁ ହେବ !

( ପାଣି ପାତ୍ର ରଖାଗଲେ )

ଦାସ—ଇରାନ୍‌ର ମହାମାନ୍ୟ ବିଚାରପତିଗଣ ! ମୁଁ ଜାଣେ ନା ମୋର ଜୀବନର କାହାଣୀ । କେଉଁଠାରୁ ଯେ ଆରମ୍ଭ କରିବି । ଖୋରାସାନ୍‌ର ଭୂତପୂର୍ବ ଯୀପର୍ ସାହାଙ୍କୁ ମଧ୍ୟ ଆପଣମାନେ ଜାଣିଥିବେ । ଏ ହତଭାଗ୍ୟ ତାଙ୍କର ସନ୍ତାନ । ଏହି ବିଶ୍ୱାସଘାତକ ନରପଶୁ ନାଦିର୍‌ସାହା ।

କାଜ—ସାବଧାନ ! ମୃତ ସମ୍ରାଟଙ୍କୁ ଅବମାନନା କର ନାହିଁ । ଶୀଘ୍ର ଶୀଘ୍ର ଯା କହିବାର କହ । ଜଳ ପାତ୍ରରେ ଜଳ ଆଉ ଖୁବ୍ କମ୍ ପରିମାଣରେ ଅଛି ।

ଦାସ—ମୁଁ ସ୍ୱୀକାର କରୁଛି, ମୋର ମହାନୁଭବ ପିତାଙ୍କ ହୀନ ମୃତ୍ୟୁର ପ୍ରତିଶୋଧ ମୁଁ ନିଜେ ନେଇଛି ।

କାଜ—( କିଛିରେ କଣ ଲେଖି ଶୁଣାଇଲେ ) ଦାସ ଯୁବେଫ୍ଖାର ତୁମର ଶାସ୍ତି ପ୍ରାଣଦଣ୍ଡ । କାଲି ସୂର୍ଯ୍ୟୋଦୟ ପୂର୍ବରୁ ତୁମ୍ଭର ଛିନ୍ନ ମସ୍ତକ ବଧ-ଭୂମି ସ୍ପର୍ଶ କରିବ । ପ୍ରହରୀ ! ଅପରାଧୀକୁ କାରାଗୃହକୁ ନେଇଯାଅ । (ପ୍ରସ୍ଥାନ)

ନାଦେର୍—( ଦାସକୁ ଚାହିଁ ଶୋକ ଗଦ୍‌ଗଦହୋଇ ଫେରିଲେ, ଦାସକୁ ପ୍ରହରୀ ନେଇଗଲେ)

ରାଣୀ—ଦାସ, ଦାସ, ଓଃ ଏ କଣ ହେଲା ! ମୋର ସମ୍ମାନ ରକ୍ଷିବା ଲାଗି ଆତ୍ମବଳି ଅକାତରେ ଦେଲା । ଓଃ ! (ପ୍ରସ୍ଥାନ)

—*—

## ଚତୁର୍ଥ ଦୃଶ୍ୟ

### କାରାଗୃହ

୧ମ ପ୍ରହରୀ—ଆରେ ଗୋଟାଏ ରାତ ଖାଡ଼ା ଖାଡ଼ା ପାହିବ । ତୁ ତାଆସ ଫାଆସ ମୁଠାଏ ଆଣିଲୁ ନାହିଁ । ବସି ଯାଇଥାନ୍ତେ ।

୨ୟ—ତାଆସ ନାହିଁ, ପଲ୍ଲ ମୁଠାକ ଅଛି । ତୋତେ ପାଲି ଖେଳଆସେ ।

୧ମ—ଆରେ ଆସୁ ନ ଆସୁ ଗଡ଼େଇବା ଆଣେ । ମୋର ମୁଁ କତେବାର ତୋତେ ତିନ ପଚଶ ।

୨ୟ—ପଚଶ, ଉଠ୍‌ବ ସେ କଉଡ଼ି ଖେଳ ।

୧ମ—ତୁ ପିଠା (ପାଲି ପିଠାଇ ବସିଲେ) ।

୨ୟ—(କାଠିଧରି) ଛ ତିନ ଗଡ଼ାଇ ଦେଲି ।

୧ମ—ମୋର (କାଠିଧରି) ନଅ ତିନ ।

୨ୟ—ଉଠୁ ବେ ତୋତେ କାଠି ଧରି ଆସେ ନାହିଁ ।

୧ମ—ତୋତେ ଖାଲି କାଠିଧରି ଆସେ । ସେମିତ ରଗ ଚଢ଼ାଉଛୁ ଧର—(ତେବେଣେ କବାଟରେ ଆଘାତ ଶୁଭିଲା) ଆରେ ଖାଇ କଏ !

୨ୟ—ସକାଳ ହେଲା କିରେ !

୧ମ—ଆରେ ଯାଃ ! ଏଇନ୍ତ ବାରଟା ବାଜିଲା ।

(ପୁନଶ୍ଚ ଦ୍ୱାରରେ ଧକ୍କା ହେଲା)

୨ୟ—ହେଇ ଶୁଣ !

୧ମ—ଆଚ୍ଛା, ମୁଁ ଦେଖିଆସେଁ (ଚାଲିଯାଇ ଫେରି ଆସିଲା) ହେ ଗୋଟାଏ ଇସ୍ତ୍ରୀ ।

୨ୟ—ଇସ୍ତ୍ରୀ କଅଣ ବେ ।

୧ମ—ମାଇକିନିଆ ।

୨ୟ—ଦେଖିବାକୁ କେମିତ ।

୧ମ—ମୁଁ ଦେଖିଲି କେମିତ, ମୁହଁ ତ ଘୋଡ଼ାଇଛି ।

୨ୟ—ତା ହେଲେ ନିଶ୍ଚୟ ଖୁବ୍ ସୁନ୍ଦରୀ; ନ ହେଲେ ଖୁବ୍ ଅସୁନ୍ଦରୀ । ଏ ଦୁଇ ରକମ ମାଇକିନିଆ ମୁହଁ ଢୋଡ଼ାନ୍ତି । ଯା ଦ୍ୱାର ଖୋଲି ଦେ ।

୧ମ—(ଦ୍ୱାର ଖୋଲି ଦେବାରୁ ଆବରଣ ଢାଙ୍କି ଇନ୍ଦ୍ରାଣୀ ପ୍ରବେଶ କଲେ)

୨ୟ—କଅଣ କରିବା ହେଉଛନ୍ତି, ଆମଠାରେ କି କାର୍ଯ୍ୟ ।

ରାଣୀ—ଏ କାରାଗାରର ଅଧ୍ୟକ୍ଷ କିଏ ?

୧ମ—ମୁଁ ।

୨ୟ—ନାହିଁ, ମୁଁ ।

୧ମ—ଚୁପ୍, ମୋତେ ଜୁଝନ୍ତି ।

୨ୟ—ନାହିଁ, ମୋତେ ଜୁଝନ୍ତି ।

ରାଣୀ—ଯିଏ ହୁଅ, ଆସାମୀ ସଙ୍ଗେ ମୁଁ ଦେଖା କରିବାକୁ ଚାହେଁ ।

୧ମ—ତା ହେବ ନାହିଁ ।

ରାଣୀ—ଜାଣ ମୁଁ କିଏ ? (ମୁଦ୍ରିକା ଦେଖାଇଲେ)

୨ୟ—(ଚମକି ପଡ଼ି) ଆରେ ରାଣୀ ସାହେବା ! ପଳେଇଆ, ପଳେଇଆ ।

(ଦୁହେଁ ଯିବାକୁ ଉଦ୍ୟତ)

ରାଣୀ—ଶୁଣ, ଆସାମୀ କେତେବେଳେ ବଧ ଭୂମିକୁ ଯିବ ।

୧ମ—ରାତି ଭିନଘଣ୍ଟା । ମୋର ମନେ ହୁଏ, ସେ ବିଷ ଖାଇ ମରିବଣି ।

ରାଣୀ—ବିଷ ! ବିଷ କାହୁଁ ଆସିଲା ।

୧ମ—ସେଇ ଘରେ ଥାଏ । ଶୂଳୀ ଦଆହେବା ଆସାମୀ ଯେଉଁ ଘରେ ବନ୍ଦଥାଏ, ତା ନିକଟରେ ବିଷ ମଧ୍ୟ ରଖାଯାଇ ଥାଏ । ଯଦି ଆସାମୀ ବିଷ ଖାଇ ପ୍ରାଣ ହରାଏ, ତେବେ ଆଉ ବଧଭୂମି ପର୍ଯ୍ୟନ୍ତ ଯାଏ ନାହିଁ ।

ରାଣୀ—ଆଚ୍ଛା, ତୁମ୍ଭେମାନେ ଯାଅ (କହି ରାଣୀ ଭିତରକୁ ଗଲେ) ।

୧ମ—ଭାଇ ଚନ୍ଦ୍ର ହେଲନାହିଁ; ହାତ ଦୁଇଟି ବେଶ୍ ଗୋଲଗାଲ ହୋଇଛି ।

୨ୟ—ମୋତେ ଜଣାଯାଉଛି କୌଣସି ଦାସୀ ତା ସଙ୍ଗରେ ପ୍ରେମରେ ପଡ଼ିଥିଲା, ସେଥିପାଇଁ ଶେଷ ଦେଖା କରିବାକୁ ଆସିଛି । ବାପ ରେ ମରିଲା ବେଳେ ମଧ୍ୟ ପ୍ରେମ । ଧନ୍ୟ ତୁମ ପ୍ରେମ ।

(ଉଭୟେ ପ୍ରସ୍ଥାନ)

ରାଣୀ—(ବିଷପାତ୍ର ଘେନି ପ୍ରବେଶି) ଏଇ ବିଷ (ଶୁଙ୍ଘି) କି ଉଗ୍ର ଗନ୍ଧ । ଏଇ ସାମାନ୍ୟ ପଦାର୍ଥଟିର କି ଅଦ୍ଭୁତ ଶକ୍ତି । ଖାଇଲେ ଆଉ କିଛି ଯନ୍ତ୍ରଣା ରହିବ ନାହିଁ । ଶୋଣିତର ଦ୍ରୁତ ଗତି, ହୃଦୟର କମ୍ପନ, ଏବଂ ନିଃଶ୍ୱାସ ପ୍ରଶ୍ୱାସ କିଛି ରହିବ ନାହିଁ । ମୁଁ ମରିଯିବି, ମୋର ଶରୀରକୁ ଫିଙ୍ଗି ଦେବେ । ଏଇ ସୁନ୍ଦର କମନୀୟ ଦେହ, ଯାହାକୁ କି ମୁଁ ଏତେ ଯତ୍ନ କରି ସଜାଇଛି । ଯାହାକୁ ଦେଖି ଦାସ

ଭଲ ପାଉଛୁ । ନା, ନା, ଭଲ ତ ପାଉନାହିଁ, ବରଂ ଘୃଣା କରୁଛୁ । ସେଇ ଦେହ ମାଟିରେ ପଡ଼ି ସଢ଼ିବ, ସେଥିରେ ପୋକ ହେବ । ଉଃ, ମୋର ଆତ୍ମାର କି ଗତି ହେବ (ଠନ୍ ଠନ୍ ଘଣ୍ଟା ଦୁଇଟା ବାଜିଲା) ଏଇ ସମୟର ଗତି କେହି ରୋଧକରି ପାରିବେ ନାହିଁ । ଏଇଥର ତ ସେଇ ଶେଷ ମୁହୂର୍ତ୍ତ ଆସିବ । ତେବେ ଆଉ ବିଳମ୍ବ କାହିଁକି ? (ବିଷପାତ୍ରକୁ ଚାହିଁ) ଏଇ ଟିକକ ଖାଇଲେ ତ ସମସ୍ତ ଶେଷ ହୋଇଯିବ । ଯେଉଁ ପାପ କରିଛୁ ତା'ର ତ ଉପଯୁକ୍ତ ଶାସ୍ତି ଆଉ କିଛି ନାହିଁ । ଉଃ, ସେ ମୋ ପାଇଁ ମୃତ୍ୟୁକୁ ଆଲିଙ୍ଗନ କଲେ, ଆଉ ମୁଁ ପାରିବି ନାହିଁ !

(ବିଷପାନ କଲେ; ଏବଂ ଶେଷରେ ପାତ୍ର ଫିଙ୍ଗି ଦେବା ଶବ୍ଦରେ ଦାରା ଉଠିଆସିଲା)

ଦାରା—କିଏ ?

(ଉଭୟ ଉଭୟକୁ କିଛି ସମୟ ଚାହିଁ ରହିଲେ)

ରାଣୀ—ଦାରା ! ମୁଁ ତୁମ୍ଭକୁ କ୍ଷମା ଭିକ୍ଷାମାଗିବାକୁ ଆସି-ନାହିଁ । ମୁଁ ଜାଣେ, ମୁଁ କ୍ଷମାର ମଧ୍ୟ ଅଯୋଗ୍ୟ । ମୋପରି ପାପୀୟସୀ, ପିଶାଚୀ ପାଇଁ କ୍ଷମା ନାହିଁ (ନିଜର ଅଳଙ୍କାରଣ କାଢ଼ି) । ଯାଅ ଦାରା, ଏଇ ଅଳଙ୍କାରଣ, ଏଇ ମୁଦ୍ରିକା ନେଇ ଚାଲିଯାଅ । ଦ୍ୱାରଦେଶରେ ଦ୍ରୁତଗାମୀ ଅଶ୍ୱ ସଜ୍ଜିତ ଅଛି । ନିଅ ମୁଦ୍ରା, ଯାଅ ଚାଲିଯାଅ ।

ଦାରା—ଏ କି କଥା !

ରାଣୀ—ବିଳମ୍ବ କରନା, ନିଅ ଚାଲିଯାଅ । ଖୋଦା ତମକୁ ନିରାପଦରେ ରଖନ୍ତୁ ।

ଦାରା—(ସ୍ୱଗତଃ) ଜୀବନ ଯେ ଏତେ ମଧୁର, ତା ମୁଁ ଜାଣି ନ ଥିଲି ।

ରାଣୀ—ଯାଅ ଦାରା ସମୟ ହେଲାଣି, ଏହିକ୍ଷଣି ଜଲ୍ଲାଦ୍ ଆସିବ ।

ଦାରା—ଜଲ୍ଲାଦ ଆସୁ ।

ରାଣୀ—ଆଉ ମୋତେ ବିଶେଷ ଲଜ୍ଜା ଦିଅନା, ଯାଅ ଚାଲିଯାଅ । (ବ୍ୟସ୍ତ ହେଉଥାନ୍ତି)

ଦାରା—ଆଉ ତୁମେ ।

ରାଣୀ—ମୁଁ ତ ଯିବି, ମୋତେ ଆଉ କେହି ରକ୍ଷା କରି ପାରିବେ ନାହିଁ । ଶୁଣ ଦାରା ! (କ୍ରନ୍ଦନ କରି) ମୁଁ ବିଷ ଖାଇଦେଇଛୁ । ତୁମେ ପଳାଅ । ଏଇ ସମୟ ହେଲା, ଜଲ୍ଲାଦ ଆସିବ । ଶତ୍ରୁରପକ୍ଷ ଆସିବେ । ଆଉ କେହି ତୁମ୍ଭକୁ ରକ୍ଷା କରି ପାରିବେ ନାହିଁ ।

ଦାରା—କଅଣ କହିଲ, ତୁମେ ବିଷ ଖାଇଛ !

ରାଣୀ—ଖାଇବି ନାହିଁ, ପୁରୁଷ ହୋଇ ତୁମେ ମରିବାକୁ ଜାଣ, ଆଉ ମୁଁ ନାରୀ ହୋଇ ତା ପାରିବି ନାହିଁ ?

ଦାରା—କଅଣ କଲ ନାରୀ !

ରାଣୀ—ଯାହା ମୋପରି ପାପିନୀର କରିବା ଉଚିତ, ତାହାହିଁ କରିଛୁ । ଏମାନେ କାରାଗାରରେ ତୁମ ପାଇଁ ବିଷ ରଖିଥିଲେ ; କିନ୍ତୁ ସେମାନଙ୍କର ଭ୍ରମ ସେମାନେ ଜାଣି ନ ଥିଲେ ଯେ ଅପରାଧୀ କିଏ । ଯାଅ, ମୁଁ ମୋର କାର୍ଯ୍ୟ କରିଛୁ, ତୁମେ ପଳାଅ ।

ଦାରା—ଭ୍ରମ ନୁହେଁ, ସେମାନେ ଠିକ୍ ବିଚାର କରିଛନ୍ତି । ଶାସ୍ତିର ଯୋଗ୍ୟ ତୁମ୍ଭେ ନୁହଁ । ମୁଁ ଜାଣେ ପ୍ରଲୋଭନର କି ମୋହନ ଶକ୍ତି । ପ୍ରେମ ଲୋକର ଉନ୍ମାଦ କରେ । ତୁମ୍ଭେ ତୁମ୍ଭର ସ୍ୱାମୀକୁ ହତ୍ୟା କରିଛ, ତାର କାରଣ ତ ମୁଁ । ଯଦି ହତ୍ୟାର ଶାସ୍ତି ହୁଏ ମୃତ୍ୟୁ, ତା ହେଲେ ମୋର କଣ୍ଠ ରହିବାର ମଧ୍ୟ କୌଣସି ଆବଶ୍ୟକ ନାହିଁ । ମନୁଷ୍ୟର ବିଚାରରେ ଯାହା ହେଉ ଖୋଦାଙ୍କର ବିଚାର ଅନୁସାରେ ତୁମ ପାପ ଅପେକ୍ଷା ମୋର ପାପ ଗୁରୁତର, କିନ୍ତୁ ମୁଁ ପୁରୁଷ । ମୋର ଦୃଢ଼ ହେବାର ଉଚିତ ଥିଲା, ତୁମର ଦୋଷ କଅଣ ?

ରାଣୀ—ତୁମେ ତା ହେଲେ ଯିବନାହିଁ ? ମୋର ସମସ୍ତ ଚେଷ୍ଟା ତେବେ ବ୍ୟର୍ଥ ହେଲା ? ମୃତ୍ୟୁକାଳରେ ମଧ୍ୟ ମୋର କପାଳରେ ଟିକିଏ ଶାନ୍ତି ନାହିଁ ! ଉଃ, କି ପାପିୟସୀ ମୁଁ । (ବିଷ ଜ୍ୱାଳାରେ ଅସ୍ଥିର ହୋଇ ବସି ପଡ଼ିଲେ) ଦାରା, ଦାରା ! ପଳାଅ । ମୋର କଥା ରକ୍ଷାକର । ଏଇ ନରକ ମୋତେ ଗ୍ରାସ କରିବାକୁ ଧାଇଁ ଆସୁଛି । ଏଇ ରକ୍ତର ତେଜ,

ଉଃ, ନିଃଶ୍ୱାସରୁଦ୍ଧ ହୋଇଗଲା । କଣ୍ଠ ଶୁଷ୍କ । ଦାସ ! ଦାସ ! (ମୃତ୍ୟୁ) ।

ଦାସ—ଯା, ସବୁ ଶେଷ ! ଅଭାଗିନୀ ନାରୀ ! ତୁମେ ଦେଶୀ ହୋଇ ପାରିଥାନ୍ତ । କେବଳ ପୁରୁଷର ଅତ୍ୟାଚାରରେ, ଉତ୍ପୀଡ଼ନରେ, ଲାଞ୍ଛନାରେ, ତୁମର ଏହି ଶୋଚନୀୟ ପରିଣାମ । ରାଣୀ ! ତୁମେ ମରିଗଲ କିନ୍ତୁ ସେ ଅପରାଧ ପାଇଁ ଦାୟୀ ମୁଁ (ବାହାରେ ଶବ୍ଦ ଶୁଣି) ! ଏକି ଶବ୍ଦ ଶୁଭୁଛି, ବୋଧହୁଏ ଜଲ୍ଲାଦ ଆସୁଛି, କିନ୍ତୁ ଜଲ୍ଲାଦ ହସ୍ତରେ ଆଉ ନୁହ ! (ରାଣୀଙ୍କ ହସ୍ତରୁ ଛୁରୀ ନେଇ) ଏଇ ତ ଉପାୟ । ରାଣୀ, ତୁମେ ମରିବାକୁ ଜାଣ, ଆଉ ମୁଁ ଜାଣେ ନା ! ତୁମେ କେବଳ ନରହନ୍ତା କିନ୍ତୁ ନରହନ୍ତା ନାରୀହନ୍ତା ଦୁଇଟିର ମୁଁ ଆଜି ଏ ପ୍ରାଣ… …, (ଛୁରୀ କଣ୍ଠରେ ଲଗାଇଲା ବେଳେ)

ଗୁଲ୍ଲର—(ହଠାତ୍ ପ୍ରବେଶି, ଛୁରୀ ଧରି ପକାଇ; ଛଡ଼ାଇ ଆଣି) ଦସ୍ୟୁପଦାସ, ବିଶ୍ୱାସଘାତକ, ତୁମର ପ୍ରାଣରେ ତୁମର କି ଅଧିକାର ? ସେ କଥା ସ୍ମରଣ କର ।

ଦାସ—ଗୁଲ୍ଲର !

ଗୁଲ୍ଲର—ହଁ ଗୁଲ୍ଲର, ଥରେ ସେହି ବାଲ୍ୟ ଜୀବନ କଥା ମନେକର । ଥରେ ସେହି ଦ୍ରାକ୍ଷା କ୍ଷେତ୍ରକଥା ସ୍ମରଣକର । ସେହି ତକ୍ଷଧର ସର୍ପ କଥା ।

ଦାସ—ହଁ, ତୁମେ ବଞ୍ଚାଇଥିଲ ।

ଗୁଲ୍ଲର—ସେଇ ଉପକାର ବିନିମୟରେ ତୁମେ ତୁମର ପ୍ରାଣ ମୋତେ ସମର୍ପି ଦେଇଥିଲ ।

ଦାସ—କିନ୍ତୁ ଗୁଲ୍ଲର, ପ୍ରାୟଶ୍ଚିତ୍ତ ଯେ ପ୍ରୟୋଜନ । ଏହି ନାରୀ ନିଷ୍ପାପ, ନିଷ୍କଳଙ୍କ । ଏହାଙ୍କୁ ମୁଁ ନରହନ୍ତା କରିଛି (ଟନ୍ ଟନ୍ ଘଣ୍ଟା ବାଜିଲା ।) ଏଇ ଶୁଣ, ମୋର ମୃତ୍ୟୁର ଆହ୍ୱାନ । ତେବେ ଜଲ୍ଲାଦ ଆସିଲା ।

ଗୁଲ୍ଲର—ସେଥିପାଇଁ ଏତ ଆଉ ସମୟ ନୁହ, ଦାସ ! ତୁମେ ମୋତେ ପାଶୋରି ଦେଇଛ; କିନ୍ତୁ ତୁମର ଦଣ୍ଡାଦେଶ ଶୁଣି ମୁଁ ନାଦେର୍ ଖାଁଙ୍କୁ ଦେଖାକଲି, ସେ ତୁମର ରକ୍ଷା ପାଇବାର ଉପାୟ ଅବଲମ୍ବନ କରି ନାନା କଳ୍ପନା ଜଳ୍ପନା କରୁଥିଲେ । ମୁଁ ରାଣୀଙ୍କୁ ତାଙ୍କର ପାପ ସମ୍ବନ୍ଧେ ନାନା କଥା କହି ତାଙ୍କର ମନ ଏପରି ପରିବର୍ତ୍ତନ କରାଇ ଦେଲି ଯେ, ସେ ଆସିଥିଲେ କେବଳ ମୁକ୍ତି ଦେବା ପାଇଁ, କିନ୍ତୁ ଜାଣେ ନା ସେ ବିଷ ଖାଇ ଆତ୍ମହତ୍ୟା କରିବେ । ଆଜି ମଧ୍ୟ ନାଦେର୍ ଖାଁଙ୍କ ଇଙ୍ଗିତରେ ଖୋରାସାନ୍‌ର ଯୋଦ୍ଧାମାନେ ପ୍ରସ୍ତୁତ ଥିଲେ ଯେ କୌଣସି ମତେ ତୁମ୍ଭଙ୍କୁ ଶୂଳିରୁ ମୁକ୍ତ କରି ନେଇଥାନ୍ତେ ।

ଦାସ— ଗୁଲ୍ଲର ! (ଛାତିକୁ ନେଲେ)

(ଏ ସମୟରେ ରାଜା, ନାଦେର୍ ଖାଁ
ରକ୍ଷୀ, ଜଲ୍ଲାଦ ପ୍ରବେଶ)

ରାଜା—ଏ କଣ, ଏ କି ଘଟଣା, ଏ ତ ଇରାନ୍‌ର ରାଣୀ !

ନାଦେର୍—ସେ କଣ ?

ରାଜା—(ରାଣୀଙ୍କୁ ଦେଖି) ରାଣୀ ମୃତା । ବିଷମ ସମସ୍ୟା, ଏ ଦାସୀ କିଏ ? ନାଦେର୍ ଖାଁ ! ତୁମ୍ଭେ ଏ ଗୁପ୍ତ ରହସ୍ୟ କଥା କିଛି ଜାଣ ?

ନାଦେର୍—ନା ।

ରାଜା—(ଗୁଲ୍ଲର ପ୍ରତି) ତୁମେ କିଏ ? ତୁମେ ଏଠାରେ କାହିଁକି ?

ଗୁଲ୍ଲର—ମୁଁ ରାଣୀଙ୍କର ନୂତନ ଦାସୀ ! ରାଣୀ କାରାଗାରରେ ପ୍ରବେଶ କରି ମୋତେ ଦ୍ୱାର ଦେଶରେ ରହିବାକୁ ଆଦେଶ ଦେଲେ । ଆଉ ଏହି ବାକ୍ସଟି ମୋତେ ଦେଇ କହିଲେ, ଯଦି ରାଜା ଆସନ୍ତି, ତେବେ ତାଙ୍କୁ ଏ ବାକ୍ସଟି ଦେଇଦେବ । ରାଣୀଙ୍କର ଫେରିବା ବିଳମ୍ବ ଦେଖି ମୁଁ ଏଠାରେ ପ୍ରବେଶ କରି ଦେଖେ ଯେ ରାଣୀ ମୃତା । —

ରାଜା—(ବାକ୍ସ ଖୋଲି ଖଣ୍ଡେ ପତ୍ର ପାଇ ତାକୁ ପାଠ କଲେ, ମନେ ମନେ ପାଠ କରିସାରି) ଜାଣିଲଣି ନାଦେର୍ ଖାଁ ? ଦାସର କୌଣସି ଅପରାଧ ନାହିଁ । ଅପରାଧିନୀ ମୁଁ । ସ୍ୱାମୀଙ୍କୁ ହତ୍ୟା କରିଛି, ମୋର ଅନ୍ତିମ ଇଚ୍ଛା, ଦାସଙ୍କର ମୁକ୍ତି ଓ ରାଣୀ ରାଜ୍ୟର ଅଧିନାୟକତ୍ୱ । (ଦାସ ପ୍ରତି) ଦାସ ସୁବେଦାର, ତୁମ୍ଭେ ନିର୍ଦ୍ଦୋଷରେ ମୁକ୍ତ ଓ ଏବେ ଇରାନ୍‌ର ରକ୍ଷା

ସମ୍ରାଟ । ଗ୍ଭଲ ନାଦେର୍, ତାଙ୍କର ଅଭିଷେକ ଉତ୍ସବର ଆୟୋଜନ କରିବା, ଆଉ ରାଜା ଓ ରାଣୀଙ୍କର ସମାଧି ପ୍ରତିଷ୍ଠା କରିବା ।

ନାଦେର୍—ତାପରେ ଦାରା ଖୋରାସାନର ପିତୃ ସିଂହାସନ ଆରୋହଣ କରିବ । ଆପଣଙ୍କୁ ମଧ୍ୟ ଏ ଉତ୍ସବରେ ଯୋଗ ଦେବାକୁ ପଡ଼ିବ ।

( ସମସ୍ତେ ପ୍ରସ୍ଥାନ )

(ଦାରା, ଗୁଲ୍‌ଜାର, କାଜ, ନାଦେର୍ ସାହା ଓ ପାରିଷଦବର୍ଗ)

କାଜ—ଆଜ ସ୍ୱର୍ଗତ ସାମ୍ରାଜ୍ଞୀଙ୍କ ଆଦେଶ ଅନୁସାରେ ଦାରା ସୁବେଦ୍ୟାରଙ୍କୁ ଇରାନ୍‌ର ସମ୍ରାଟ ରୂପେ ଅଭିଷିକ୍ତ କଲୁ ।

(ଦାରାଙ୍କୁ ବସାଇଲେ, ସମସ୍ତେ କରତାଳି ଦେଲେ)

ଦାରା - ଆପଣମାନଙ୍କ ଦୟାରେ ମୁଁ ଚିରଋଣୀ । ମୋର ଅନୁରୋଧ ମୁଁ ମୋର ମୃତ ପିତୃସିଂହାସନ ଖୋରାସାନ୍ ଅଧିକାର କରିବି । ତେଣୁ ମୋର ଅନୁପସ୍ଥିତରେ ମୋର ପିତୃ ତୁଲ୍ୟ ନାଦେର୍ ଖାଁ ଏଠାକାର ସମସ୍ତ କାର୍ଯ୍ୟ ନିର୍ବାହ କରିବେ ।

(ପାରିଷଦ ୨ କାଜ ତାଳିଦେଲେ )

ନାଦେର୍—ଏ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ମୁଁ ନିତାନ୍ତ ଅକ୍ଷମ । ତଥାପି ରାଜାଦେଶ ପାଳନ କରିବାକୁ ବାଧ୍ୟ । ମୋର ଆଦେଶ ଆଜ ଇରାନ୍‌ବାସୀ ସ୍ୱର୍ଗତଃ ରାଜା ଓ ରାଣୀଙ୍କ ସଦ୍‌ଗତି ବିଧାନପାଇଁ ପ୍ରାର୍ଥନା କରନ୍ତୁ । ନୂତନ ରାଜାଙ୍କ ଆନୁକୂଲ୍ୟରେ ନୂତନ ପାନ୍ଥଶାଳା, ପୁଷ୍କରିଣୀ ପ୍ରତିଷ୍ଠା ହେଉ । ପ୍ରଜାମାନଙ୍କୁ ରାଜସ୍ୱ ଏକ ବର୍ଷ ପାଇଁ ଛାଡ଼ ଦିଆଯାଉ । କାରାରୁଦ୍ଧ ବ୍ୟକ୍ତିମାନଙ୍କୁ ମୁକ୍ତ ଦିଆଯାଉ । ଗୁଣୀ ଜ୍ଞାନୀ ବ୍ୟକ୍ତିମାନଙ୍କୁ ଅଲଙ୍କୃତ କରାଯାଉ । ଆଉ ବିଚାରାଧୀନ ଥିବା ମୋକଦ୍ଦମାର ଆସାମୀମାନଙ୍କୁ ଏଠାକୁ ଅଣାଯାଇ ଦୋଷୀ କ୍ଷମା ପ୍ରାର୍ଥନା କରି ଏଠାରୁ ବିଦାୟ ନେଉ ।

( ଅନ୍ଧ ଓ ବାଳିକା ପ୍ରବେଶ କଲେ ତତ୍‌ପଶ୍ଚାତ୍ ଇଉସୁଫ୍ ଓ ହୋସେନ୍ ବନ୍ଦୀହୋଇ ପହଞ୍ଚିଲେ )

ଦାରା - ଇଉସୁଫ୍ ତୁମେ (ଇଉସୁଫ୍ ମୁଣ୍ଡ ପୋତାଇଲେ)

ନାଦେର୍—ସେ ସମସ୍ତ ଘଟଣା ମୁଁ ଆଦ୍ୟ ପ୍ରାନ୍ତ ସମସ୍ତ ପରେ ଶୁଣାଇବି । ଆଚ୍ଛା, ବାଳିକା, ପ୍ରକୃତ ସତ୍ୟ କୁହ । ତୁମକୁ ପ୍ରକୃତ ଆକ୍ରମଣ କରିଥିଲେ କିଏ ଓ ଉଦ୍ଧାରକର୍ତ୍ତା କିଏ ।

ବାଳିକା—(ହୋସେନ୍‌କୁ ଦେଖାଇ) ଏଇ ଯୁବକ ଆକ୍ରମଣକାରୀ ଓ ଇଉସୁଫ୍‌କୁ ଦେଖାଇ) ଏ ଯୁବକ ମୋର ଉଦ୍ଧାର କର୍ତ୍ତା ।

ନାଦେର୍—ଆଉ ବେଶି କିଛି ପ୍ରମାଣ ଆବଶ୍ୟକ ନାହିଁ । ହୋସେନ୍, ତୁମେ ପ୍ରକୃତରେ ଘୋର ଦୋଷୀ, କ୍ଷମା ପ୍ରାର୍ଥନା କର, ଏ ଶୁଭମୁହୂର୍ତ୍ତରେ ।

ହୋସେନ୍—ମୁଁ ଅପରାଧୀ, କ୍ଷମା ମୁଁ ଚାହେଁ ।

ନାଦେର୍—ଯାଅ ବାଳିକା ତୁମେ ତୁମର ଅନ୍ଧ ଭାଇଟିକୁ ନେଇ ବିଦାୟ ହୁଅ ।

ଅନ୍ଧ—ହଜରତ୍, ମୋର ବଡ଼ ସୌଭାଗ୍ୟ । ଅସହାୟା ରମଣୀର ଯେ ସାହାଯ୍ୟକର୍ତ୍ତା ତାଙ୍କୁ ମୁଁ ଏ ରାଜଦରବାରର ସର୍ବସମକ୍ଷରେ ମୋର ଭଗ୍ନୀଟି ଅର୍ପଣ କଲି । (ସମସ୍ତେ କରତାଳି ଦେଲେ, ଇଉସୁଫ୍‌କୁ ଅନ୍ଧ ବାଳିକାଟିକୁ ସମର୍ପି ଦେଲେ ।)

ନସିର୍—ବେଗେ ପ୍ରବେଶ ଦାରା ମୋର ସିଂହାସନ ଅଧିକାର କରିଛି, ମୁଁ ଟିକେ ଦେଖି ମୋର ନୟନ ସାର୍ଥକ କରେ ।

ଦାରା—ଚୌକିରୁ ଓହ୍ଲାଇ ଆସି (ତାତା, ତାତା, ହାତ ଧରି ଉଠାଇ ନେଲେ) ତାତା, ତାତା, ଏଇ ଯେ ଇଉସୁଫ୍ ଭାଇ, ନୂଆ ଭାଉଜ ତାଙ୍କ ସଙ୍ଗରେ ।

ନସିର୍—ମୋ ଗୁଲ୍‌ଜାର ?

ନାଦେର୍ - ନାସିର୍ ଖାଁ, ଏଇ ତୁମ ଗୁଲ୍‌ଜାର ସର୍ବ ସୁଲକ୍ଷଣୀ, ବୁଦ୍ଧି ବିଚକ୍ଷଣା, ସୁଗୁଣ ସମ୍ପନ୍ନା କନ୍ୟାକୁ ଆଜ ଦାରା ସୁବେଦ୍ୟାରଙ୍କ ହସ୍ତରେ ଅର୍ପଣ କଲି ।

ସମସ୍ତେ—ତାଳି ଦେଲେ ।

ନସିର – ମୋବାରକ୍ ସାହେବ; ଯେ ଗୁଣୀ ସେ କେବେହେଁ ନିଜର ପ୍ରଶଂସା କରେ ନାହିଁ । ତୁମେ ଯେଉଁ ସମ୍ମାନ ପ୍ରଦର୍ଶନ କଲ, ଯେଉଁ ଗୁଣାଳଙ୍କାରରେ ଭୂଷିତ କଲ ତେତେ ଦୂର ଯୋଗ୍ୟ ମୁଁ ନୁହେଁ । ମୁଁ ଦରିଦ୍ର, ମୋର କି ସାଧ୍ୟ; ସମସ୍ତ ତୁମର ଯୋଗୁଁ । ଆଜ ଇରାନ ସଙ୍ଗେ ଖୋରାସାନ ଗଗନରେ ନବୀନ ସୂର୍ଯ୍ୟର ଉଦୟ ହେଲା । ନବୀନ ସମ୍ରାଟଙ୍କ ଜୟ ଘୋଷଣା କରି ଆସ କୃତାର୍ଥ ଲଭିବା ।

(ସମସ୍ତେ ହାଫ୍ ସୁବେଦାରଙ୍କ ଜୟ)

(କରତାଳି ଦେଲେ)

( ଯବନିକା ପତନ )



# ରୁକ୍ମିଣୀ ପରିଣୟ

ବା

ଶିଶୁପାଳ ଦର୍ପ ଚୂର୍ଣ୍ଣ

# ରୁକ୍ମିଣୀ ପରିଣୟ

## ବା

# ଶିଶୁପାଳ ଦର୍ପଚୂର୍ଣ୍ଣ

## ଗୀତାଭିନୟ

### ପ୍ରଥମ ଅଙ୍କ

#### ପ୍ରଥମ ଦୃଶ୍ୟ

#### ରାଜା ଓ ରାଣୀ

ରାଜା—ପ୍ରିୟେ ! ମୁଁ ରୁକ୍ମିଣୀ ଲାଗି ସ୍ୱୟଂବର କରିବାକୁ ଦୃଢ଼ ଅଭିଳାଷ କରିଥିଲି, କିନ୍ତୁ ତୁମର ଲାଗି ତାହିଁରୁ ବିରତ ହେଲି । ଏବେ କହ ଦେଖି, ରୁକ୍ମିଣୀର ଉପଯୁକ୍ତ ବର କିଏ ? ତୁମ୍ଭେ କାହାକୁ ସ୍ଥିର କରିଛ ? ତାଙ୍କ ମୁଁ ବିବାହର ଆୟୋଜନ କରିବି । ପ୍ରକୃତରେ କନ୍ୟା ବୟସପ୍ରାପ୍ତ ହୋଇ ପିତା ଗୃହରେ ରହିବା ଆମ୍ଭର କୁଳର ହାନି । ଆଉ ସତ୍ତ୍ୱସ୍ଥିତ ନର୍କବାସ, ଏହା ଜାଣୁ ଜାଣୁ ନିଶ୍ଚିନ୍ତ ହୋଇ ବସିବା ଅନ୍ୟାୟ ।

ରାଣୀ—ନାଥ ! ରୁକ୍ମିଣୀ ପରି ରୂପଲାବଣ୍ୟ ସମ୍ପନ୍ନା ଗୁଣବତୀ କନ୍ୟାର ସ୍ୱାମୀ ଶ୍ରୀକୃଷ୍ଣଚନ୍ଦ୍ର ବ୍ୟତୀତ ଆଉ କିଏ ହୋଇପାରେ କି ? ସାଗର ଗର୍ଭ ସମ୍ଭୂତା କମଳାରୂପା କନ୍ୟା ମୋର ସେହି ନାରାୟଣଙ୍କ ଉପଯୁକ୍ତା । ଆପଣ ତାଙ୍କୁ ବିବାହ ଦେବା ସ୍ଥିର କରନ୍ତୁ । ଅନ୍ୟ କେଉଁଆଡ଼େ ସନ୍ଧାନ କରିବା କିଛୁ ପ୍ରୟୋଜନ ନାହିଁ ।

ରାଜା—ମୋର ତହିଁରେ ଏକମତ । ପ୍ରକୃତ ରୁକ୍ମିଣୀର ଉପଯୁକ୍ତ ବର ଶ୍ରୀକୃଷ୍ଣ । ତେବେ ରୁକ୍ମିଣୀକୁ ବର୍ତ୍ତମାନ ଦ୍ୱାରକା ପଠାଇ ସେ ସବୁ ବିଷୟ ସ୍ଥିର କରିବା । ଦୂତ କାହିଁଗଲା, ଯାଇ ରୁକ୍ମିଣୀକୁ ଏ ସମ୍ବାଦ ଦେବ । ତୁମ୍ଭେ ଯାଅ ମୁଁ ରୁକ୍ମିଣୀକୁ ଦ୍ୱାରକା ପଠାଇବାର ବନ୍ଦୋବସ୍ତ କରୁଛି ।

(ପ୍ରସ୍ଥାନ)

ରାଣୀ—ହଉ ନାଥ ।

ରାଜା—(ସ୍ୱଗତ) ବାସ୍ତବିକ କନ୍ୟା ବରଯୋଗ୍ୟା ହୋଇ ଗୃହରେ ରହିବା ବଡ଼ ନିନ୍ଦାର ବିଷୟ । ତାର ଯେତେଦିନ ଆମ୍ଭମାନଙ୍କ ନିକଟରେ ରହିବାର ଥିଲା ବର୍ତ୍ତମାନକୁ ସେ ସମସ୍ତ ଅତୀତ ହୋଇଯାଇଛି । ଏଣିକି ପରଗୋତ୍ରୀ ହୋଇ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସେବାରେ ନିଯୁକ୍ତ ହେବା କର୍ତ୍ତବ୍ୟ । କାହିଁଗଲି ଦୂତ ? (ପ୍ରକାଶ୍ୟେ) କିଏ ଅଛ, ରୁକ୍ମିଣୀକୁ ଏ ସ୍ଥାନକୁ ଡାକିଦିଅ ।

(ରୁକ୍ମିଣୀ ପ୍ରବେଶ)

ରୁକ୍ମିଣୀ—ପିତା ! କି ନିମନ୍ତେ ଡକାଇଲେ ମୋତେ, ଶୁଭାଶୁଭ ପ୍ରକାଶନ୍ତୁ ଥରେ ।

ରାଜା—ବାପ ! ଅଶୁଭ କାରଣ କିଛି ନାହିଁ । ବର୍ତ୍ତମାନ ରୁକ୍ମିଣୀ ବୟସ ପ୍ରାପ୍ତ ହୋଇଛି । ତାର

ଉପଯୁକ୍ତ ବରଘର ସ୍ଥିର କରି ଆସନ୍ତା ମାସରେ ବିବାହ ଦେବାକୁ ହେବ । ଏ ସ୍ଥଳେ ତୋତେ ଡକାଇଲି ଶୀଘ୍ର ସତ୍ପରାମର୍ଶ ଦିଅ ।

ରୁକ୍ମଣ—ପିତଃ ! ସେ ବିଷୟରେ ମୁଁ ଆଗରୁ ସତର୍କ ଅଛି । କେବଳ ଆପଣଙ୍କ ଆଦେଶକୁ ଅପେକ୍ଷା ଥିଲି । ରୁକ୍ମିଣୀର ଉପଯୁକ୍ତ ଘର, ବର ଠିକ୍ ହୋଇଛି, କେବଳ ବିବାହ ଲଗ୍ନ ସ୍ଥିର କରିବା ଦରକାର ।

ରାଜା—କେଉଁଠାରେ, କାହାକୁ ? (ସ୍ୱଗତ) ଏ କି କାଣ୍ଡ, କଅଣ କିଛି ମତଭେଦ ଘଟିବ କି ? ରାଣୀ କଅଣ ରୁକ୍ମଣକୁ ଏ ସମ୍ବନ୍ଧ ନେଇ କିଛି କହିଛନ୍ତି କି ?

ରୁକ୍ମଣ—ପିତଃ ! ଭୁନ ହେଲେ କାହିଁକି ? କଅଣ ଭାବୁଛନ୍ତି ।

ରାଜା—ନା, ଅନ୍ୟ କିଛି କଥା ନୁହେଁ, ଆଚ୍ଛା ରାଣୀଙ୍କର ଓ ତୋର କେବେ ରୁକ୍ମିଣୀର ବିବାହ ସମ୍ବନ୍ଧ ନେଇ ପ୍ରସ୍ତାବ ହୋଇଥିଲା କି ?

ରୁକ୍ମଣ—ନା, ମାଆ ତ ମୋତେ ସେ ସମ୍ବନ୍ଧ ନେଇ ଥରେ ମାତ୍ର କୌଣସି କଥା କହି ନାହାନ୍ତି, ତେବେ ମା କଅଣ କାହାକୁ ରୁକ୍ମିଣୀକୁ ବିବାହ ଦେବାକୁ ମନୋନୀତ କରିଛନ୍ତି କି ?

ରାଜା—ହିଁ, ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କୁ କନ୍ୟା ପ୍ରଦାନ କରିବାକୁ ରାଣୀଙ୍କର ମନ ବଳିଛି । ସେଥିରେ ତୋର ମତାମତ କଣ ?

ରୁକ୍ମଣ—ମୋ ମତରେ କଣ ଅଛି, ପିତା ମାତାଙ୍କ ମତରେ ବାଧା ଦେବା ସନ୍ତାନର କଣ କର୍ତ୍ତବ୍ୟ ? ପିତା ! ଆପଣ ସେଥିରେ ସମ୍ମତି ପ୍ରଦାନ କରିଛନ୍ତି ତ ?

ରାଜା—ହିଁ, ମୋ ମନକୁ ଏକପ୍ରକାର ଭଲ ଆସିଲା । ଶ୍ରୀକୃଷ୍ଣ ସ୍ୱୟଂ ବିଷ୍ଣୁ ଅବତାର । ମୋର ଲକ୍ଷ୍ମୀରୂପା ରୁକ୍ମିଣୀ ତାଙ୍କର ଅର୍ଦ୍ଧାଙ୍ଗିନୀ ହେବା ମଙ୍ଗଳର କଥା । ଆଚ୍ଛା, ତୁ ବାପ କାହାକଥା କହୁଥିଲୁ ?

ରୁକ୍ମଣ—ଆଉ ସେଥିରେ ପ୍ରୟୋଜନ କଅଣ ? ଆପଣେ ତ ସ୍ଥିର କରିଛନ୍ତି । ବୃଥା ଆନ୍ଦୋଳନରେ କି ଫଳ ? କିନ୍ତୁ ମୋ—

ରାଜା—ବାପ ! ତୋ ମନରେ କଷ୍ଟ ଦେଇ ମୋ ମନଇଚ୍ଛା କାର୍ଯ୍ୟ କରିବା ବିଧେୟ ନୁହେଁ ? ତୋର ସମ୍ପୂର୍ଣ୍ଣ ମନର ଭାବ ପ୍ରକାଶ କର ।

ରୁକ୍ମଣ— ଗୀତ

ହେ ଗୃହଦେବ—ରୂପକ)

ହେ ତାତ ! ନ କର ଏତେ ଅଘାତ ।

ଦେବକୀସୁତରେ ନ ବଳାଅ ମତି । ଦୋଷୀ ।

ଯାଦବ କୁଳ କଳଙ୍କ ନାହିଁଟି ତାର ବିବେକ

ମୋ ଭଗ୍ନୀର ଉପଯୁକ୍ତ ନୁହେଁଟି ଶ୍ରୀପତି । ୧ ।

ପିତଃ ! ନୁହେଁ ସେହି ବିଷ୍ଣୁ ଅବତାର,

ଯଦୁକୁଳ କଳଙ୍କ ସେ ମୂଢ଼,

ଗୋପାଳନନ୍ଦନ ସେହି କପଟି ମୂର୍ଖଠା

ମୋ ଭଗ୍ନୀର ଉପଯୁକ୍ତ ନ ମଣେ ମୁଁ ତାକୁ ।

ରାଜା—ବାପ ! ନୁହେଁ ସେହି ଗୋପାଳ ନନ୍ଦନ ?

ଦେବକୀ ଅଷ୍ଟମ ଗର୍ଭେ ତାର ଅବତାର ।

ରୁକ୍ମଣ— ଗୀତ

ଗଉଡ଼ ଘରରେ ବଢ଼ି ଗାଈକି ଜାଣେ ଗଉଡ଼

ଗୋଗୋଷ୍ଠରେ ଥାଏ ପଡ଼ି, ନାହିଁ ଜାତି ପତି ।୨।

ଗୃହାଙ୍ଗଣେ ନନ୍ଦଙ୍କରେ ବଢ଼ିଥିଲା ହୁଣ୍ଡା

ନବେଷ୍ଟିତ ବସ୍ତ୍ରା ନେଇ ବୁଲୁଥାଏ ଦଣ୍ଡା,

କ୍ଷତ୍ରିୟ କୁଳରେ ଆମ୍ଭେ ହୋଇଛୁ ସମ୍ଭୂତ

ଅରକ୍ଷ ଗଉଡ଼େ କପାଁ ବାନ୍ଧିବା କନ୍ୟାଭ୍ର ।

ରାଜା—ବାପ ! ସାମାନ୍ୟ ମାନବ ବୋଲି ନ ଭାବ କୃଷ୍ଣଙ୍କୁ !

ଭକ୍ତର ବାଞ୍ଛା ପୂରଣେ ଗୋକୁଳେ ଉଦୟ,

ହୋଇଥାନ୍ତା ଯେବେ ସେହି ଗୋପାଳନନ୍ଦନ

କେହି କି ଧାରନ୍ତା ଏକାକରେ ଗୋବର୍ଦ୍ଧନ ଗିରି ?

ରୁକ୍ମଣ— ଗୀତ

ଗୋପାଳୁଣୀ ମୋହ ଜାଳ ଶିଖାଇ ବଅନ୍ତି ଜ୍ଞାନ,

ନାହିଁ ତାର କାଣ୍ଡଜ୍ଞାନ, ଅଯୋଗ୍ୟଟି ଅତି ।୩।

ମାମୁଁଙ୍କେ ବିଦ୍ରୋହ ହୋଇ ହାରିଲା ଜୀବନ

ତାକୁ କପାଁ କହ ତାତ ସ୍ୱୟଂ ନାରାୟଣ,

କ୍ଷତ୍ରିୟ କୁଳକୁ ସିନା କ୍ଷତ୍ରିୟ କନ୍ୟା

ସ୍ଥାପନ କରିବା ଅଟେ ବିଧିର ବିଧାନ !

ସେ ବର୍ବର ନ କରିଣ ତାତ !

ଅରକ୍ଷ ଗରଡ଼ଝୀକୁ ଦେବେ କନ୍ୟା ଦାନ ?
ଯା ରୂପକୁ ଝୁରୁଛନ୍ତି ଲକ୍ଷେ ନୃପଗଣ
ସେ ପୁଣି ହୋଇବ ଗ୍ୱାଳ ଗୋପାଳର ଦାସୀ ।

ରାଜା – ଶ୍ରୀକୃଷ୍ଣଙ୍କ ନିନ୍ଦା କରିବା ଆମ୍ଭର କଅଣ ଅଛି ? ତେବେ ତୋ ବିଚାରରେ କହ କିଏ ଆମ୍ଭ ରୁକ୍ମଣୀର ଉପଯୁକ୍ତ ବର ? ପିତା, ମାତା, ଭାଇ, ଖୁଡ଼ୁତା ଏମାନଙ୍କର କର୍ତ୍ତବ୍ୟ, ଏପରି ସ୍ଥାନରେ ଝିଅଟିକୁ ବିଭା ଦେବେ, ସେ ଯେପରି ଜୀବନ ପ୍ରାନ୍ତିରେ ସୁଖୀହେବ । କହ ଦେଖି ତୁ କାହାକୁ ସ୍ଥିର କରିଛୁ ?

ରୁକ୍ମଣୀ— ପିତଃ ! ଦମଘୋଷଙ୍କ ଜ୍ୟେଷ୍ଠପୁତ୍ର ଶିଶୁପାଳକୁ ଅବଶ୍ୟ ଜାଣିଥିବେ । ଯେପରି ବିଦ୍ୟାବୁଦ୍ଧି, ସେହିପରି ରୂପଲାବଣ୍ୟ ସମ୍ପନ୍ନ ଓ ସେହିପରି ସମ୍ଭ୍ରାନ୍ତ ବଂଶୀୟ । ସେ ଆମ୍ଭ ରୁକ୍ମଣୀର ଉପଯୁକ୍ତ ବର । ଆଉ ମଧ୍ୟ ତାଙ୍କ ସଙ୍ଗରେ ବନ୍ଧୁତା ସ୍ଥାପନ କରିବାଦ୍ୱାରା ଆମ୍ଭର ମହୋପକାର ସାଧିତ ହେବ ।

ରାଜା—ଅଚ୍ଛା କଥା, ମୋର ତହିଁରେ ଏକମତ, ତୋର ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବା ମୋର ଉଚିତ ନୁହେଁ । ଶୀଘ୍ର ଏ ପ୍ରତି ଯତ୍ନବାନ୍ ହୁଅ ।

ରୁକ୍ମଣ—ବର୍ତ୍ତମାନ ସବୁ ସ୍ଥିର କରି ଦେଇଛି, କେବଳ ଆପଣଙ୍କ ଆଦେଶକୁ ଅପେକ୍ଷା ଥିଲା ।

(ଉଭୟେ ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

(୧ମ-ସୁରମା, ୨ୟ ଚପଳା, ୩ୟ-ରଞ୍ଜନା, ୪ର୍ଥ-ରମ୍ଭା)

ରୁକ୍ମଣୀ—ସଖି ! କାଲି ଯେଉଁକଥା କହୁଥିଲ ଆଜି ତାଙ୍କ ବିଷୟରେ ଆଉ କେତେକ କଥା ପଚାରିବାକୁ ମୋର ମନ ବଳୁଛି, ମୋ ଆଶା ପୂରଣ କରିବ ତ ?

୧ମ—କେଉଁ କଥା ? ମୋର ତ ମନେ ପଡ଼ୁନାହିଁ ।

(ସରିବା)

୨ୟ—ସେ ବୁଢ଼ୀ ଅସୁରୁଣୀ କଥାଟି ? ଅସୁରୁଣୀ ବନଟିଯାକ ଘରଘରରେ ମାଠଟି ଯୋଡ଼ି ହୋଇ କାଠଟିପରି ପଡ଼ିଥାଏ । ପୁଣି ରାତି ଯେମିତି ହୁଏ ଯେଉଁ ମୂଲକକୁ ଯିବାର ଥାଏ ସିଆଡ଼େ ଯାଏ । ( ରୁକ୍ମଣୀପ୍ରତି ) ତେମେ ହୁଁ ମାରୁନା, କଥା କହିବାକୁ ସୁନ୍ଦର ଲାଗିବ କି ?

ରୁକ୍ମଣୀ—ତୋ ମୁଣ୍ଡରଣ୍ଡି ହୁଁ ମାରିବ । ମୁଁ ତୋତେ କଅଣ ସେଇକଥା ପଚାରୁଛି ?

୨ୟ—ଆଉ କୋଉ କଥା ? (ଭାବିବା)

୩ୟ—ସୁନାଫୁଲ କଥା କି ?

ରୁକ୍ମଣୀ – ଛେନା ଗୁଡ଼ କଥା । (ବିରକ୍ତେ)

୪ର୍ଥ – କଣ ତେମେ କହୁନା, ଆମ ମନେ ପଡ଼ୁନାହିଁ ।

ରୁକ୍ମଣୀ—ନାହିଁ କହୁ ନାହିଁ ଯା, କାଲି ରାତିରେ ଶୋଇଲାବେଳେ କାହା କଥା ପଡ଼ିଥିଲା ?

୧ମ – ଓ ସେ କଥା । ଆଚ୍ଛା କୋଉଠି ବାକି ଥିଲାଟି ?

ରୁକ୍ମଣୀ—ଶାନ୍ତିପନ ମୁନିଙ୍କ ଆଶ୍ରମଠାରୁ ।

୧ମ—ମଲି ଯା, ମୋର କଅଣ ଏ କଥା ମନେ ଥିଲା କି ? ନଅଁଲଗା ମନ ତୁ ଯୋଡ଼ଯା । ହିଁ, ସେଠାରେ କୃଷ୍ଣ ରାମ ଦୁହେଁ ବିଦ୍ୟାଶିକ୍ଷା ସାରି ଗୁରୁ ଦକ୍ଷିଣାକୁ ଗୁରୁଙ୍କ ମୃତ୍ୟୁ ପୁତ୍ରକୁ ଯମପୁରରୁ ଆଣି ଦେଇଥିଲେ ।

ରୁକ୍ମଣୀ—ଆଚ୍ଛା, ସେ କଥା ସେଇଠି ଥାଉ, ମୁଁ ଯାହା ପଚାରୁଛି ତାର ଉତ୍ତର ଦେ ।

୨ୟ – ଆଉ କେଇଟା ଦିନରେ ତ କୃଷ୍ଣଙ୍କର ଅର୍ଦ୍ଧାଙ୍ଗିନୀ ହୋଇ ବସିବ, ସେଇଠି ସବୁ ବୁଝିଯିବ ଯେ ।

ରୁକ୍ମଣୀ—(ବିରକ୍ତେ) ମୁଁ ତୋତେ କହୁ ପାରୁ ନାହିଁ ଯା, ତୁ ଏଠୁ ଗଲୁ !

୨ୟ—ମୋର ଏଥିରେ ଦୋଷକଅଣ ଜାଣିଲି । ତୁମ୍ଭେ ଯାହା ପଚାରିବାର ପଚାର । ମୁଁ ନାକର କଥା କଅଣ କହିଲି ! ଦେବର୍ଷି ନାରଦ ତୁମକୁ କୃଷ୍ଣଙ୍କ କଥା ତ ସବୁ କହିଛନ୍ତି, ଆଉ ଆମେ କଣ ଅଧିକା କହିବୁ ।

ରୁକ୍ମିଣୀ— ଗୀତ

( କହ ମୋ ଜୀବନ ଧନ—ବୃତ୍ତେ )

କହ ପ୍ରିୟ ସଙ୍ଗ ମୋତେ,
ଶ୍ରୀକୃଷ୍ଣଚନ୍ଦ୍ରଙ୍କୁ ବୟସ କେତେ । ମିତଣି ଗୋ ।
ଜଣାଅଛୁ ନାହିଁଟି କି ତୋତେ । ୧ ।

ସଖୀଏ — ଶୁଣ ଗୋ ରସିକାବର,
ବୟସ ସମ୍ଭବ ହେବ ପନ୍ଦର । ସଜନି ଗୋ ।
ଏକା ତୁମ୍ଭ ଲାଗି ସିନା ବର । ୨ ।

ରୁକ୍ମିଣୀ— ହେବେ ଅତି କାହାଭଳି,
ସ୍ୱରୂପ କହ ମୋତେ ସଖୀ ଆଳି । ମିତଣି ରେ ।
ନେତ୍ରେ ଦେଖିଛୁ କି ବନମାଳୀ । ୩ ।

ସଖୀ— ତାଙ୍କ ସୁରଙ୍ଗ ଅଧର,
ତୁଳିବଟି ତବ ମଧୁରାଧର । ସଙ୍ଗିନି ଗୋ ।
ଏଥୁ ଅତି ଯେତେ ହେଉ କର । ୪ ।

ରୁକ୍ମିଣୀ— କେଡ଼େ ରୂପବାନ ସେହୁ,
ବର୍ଣ୍ଣି ଚନ୍ଦ୍ରି ମୋତେ ବଖାଣି କହ । ମିତଣି ରେ ।
ମନ ବଳୁଛୁ ଶୁଣିବା ପାଇଁ । ୫ ।

ସଖୀ— ଭୁବନ ମୋହନ ଠାଣି,
ପଦ୍ମ ମଣ୍ଡଳୁଁ ବାଙ୍କ ଚାହାଣି । ସଜନି ଗୋ ।
ନବ ଜଳଦ ବରନ ଜଣି । ୬ ।

ସଖୀଏ—ସତି ସେ ରୂପକୁ ତୁଳନା ନାହିଁ ।

ଗୀତ

ସହି କି ଦେବୁ ତୁଳନା ।
କଳାରୂପକୁ ତ ନାହିଁ କଳନା ଗୋ । ପଦ ।
ନବଘନ କାନ୍ତି ନବୀନ ମୂରତି
ନାଗର ନବ କିଶୋର ।
ତ୍ରିଭଙ୍ଗିମା ଠାଣି ସେ ବାଙ୍କ ଚାହାଣି
ଦେଖିଲେ ହେବ ବିହ୍ୱଳ । ୧ ।
କଟିତଟେ ପୀତ ପଟ ଆଭରଣ
ଶିରେ ଶୋଭେ ଶିଖିଚୂଳ ।
ମକର କୁଣ୍ଡଳ କର୍ଣ୍ଣରେ ଝଳଇ
ଗଳେ ଗଜ ମୋତିହାର ଗୋ । ୨ ।
କୋଟି କାମଦର୍ପ ସେ ରୂପ ମାଧୁରୀ
ବିଧି ଜିଣି ମୁଗ୍ଧ ତାର ।
କେଉଁ ବିଧି ତାକୁ ଗଢ଼ିଛି କି ଭାବେ
କୋଟି ଲାବଣ୍ୟ ସୁନ୍ଦର । ୩ ।

ସେ ଶ୍ରୀକୃଷ୍ଣଙ୍କଠାରେ ସବୁ ଗୁଣ ପୂର୍ଣ୍ଣ ଭାବରେ ଅଛି । ବର୍ତ୍ତମାନ ଆମ୍ଭ କଥା କେତେକ ବିଶ୍ୱାସ ହେଉଥିବ କି ନ ହେଉଥିବ, କିନ୍ତୁ ଆଜି କେଇଟା ଦିନରେ ତ ପ୍ରାଣରେ ପ୍ରାଣ ମିଶାମିଶି ହୋଇଯିବ, ସେତେବେଳେ ଆମ କଥା ସତ ମିଛ ଜଣା ପଡ଼ିଯିବ ଯେ ।

ରୁକ୍ମିଣୀ—ଏ ପାତକମା ସେ ପଦ ପଙ୍କଜରେ ଶିର ନୁଆଁଇବ । ସେ ସୁଧା ପୂର୍ଣ୍ଣଚନ୍ଦ୍ର ମୁଖରୁ ଅମୃତ ବଚନ ପଦେ ଶୁଣିବ, କେ ଜାଣି ମୋତେ ସ୍ୱପ୍ନପରି ଜଣାଯାଉଛି ।

୧ମ—ଶ୍ରୀକୃଷ୍ଣଙ୍କୁ ତ ତମକୁ ବିଭା ଦେବେ ବୋଲି ବାପା ମା ସ୍ୱୟଂ ବର କରିବାକୁ ମନ ବଳାଇଥିଲେ, ତା କଲେ ନାହିଁ । ଦିନେ କଥା ପ୍ରସଙ୍ଗରେ ମା ମହିମା କହୁଥିଲେ ମୋ ଝିଅକୁ ଜଣଙ୍କୁ ବିଭା ଦେବାର ସ୍ଥିର ହୋଇଛି, ଏତେ ରାଜାଙ୍କୁ ନିମନ୍ତ୍ରଣ କରି ସ୍ୱୟମ୍ବର କରିବା ଫଳ କଅଣ ?

୨ୟ—ସ୍ୱଜନ ଆସି ଠିକି ମୁଣ୍ଡରେ ହେଲାଣି, ଏତେ ଭାବେଣି ପଡ଼ୁଛୁ କାହିଁକି ? ଚାଲ ମଣୋହିକି ଯିବା । ମା ମହିମା—ତେଣେ ବ୍ୟସ୍ତ ହେଉଥିବେ ।

୩ୟ—ଏକା ସତକଥା, ତମ ପାଖରେ ତ ଗପିବସିଲେ ମହିମାର କୋଉଁ କଥା ମନେ ପଡ଼ିବ ନାହିଁ, ଚାଲନ୍ତୁ ଯିବା ।

ରୁକ୍ମିଣୀ—ହଉ ଚାଲ । (ଉଠିଯାଇ) ସହି, ମୋ ଦକ୍ଷିଣ ନୟନ ସ୍ଫୁରିଲା କାହିଁକି ମ ? ସ୍ତ୍ରୀ ଅଙ୍ଗରେ ଦକ୍ଷିଣ ନୟନ ସ୍ଫୁରିବା ବଡ଼ ଅମଙ୍ଗଳ ।

୧ମ—ଏ ଲୁଅଡ଼ୁ କଅଣ ଟିକିଏ ହୋଇଗଲା, ଏତେ ଟିକି ଘୁରି ବାରିବାକୁ କିଏ ବାଜୁଡି ? ଚାଲ ପଞ୍ଚାମୃତକରି ଠାକୁରାଣୀଙ୍କୁ ଗାଧୋଇଦେବା ।

ରୁକ୍ମିଣୀ—ହଉ ଚାଲ, ବେଳକୁ ବେଳ ବେଶି ହେଣି କମି ଆସୁଛି । ( ପ୍ରସ୍ଥାନ )

## ତୃତୀୟ ଦୃଶ୍ୟ

### ଶିଶୁପାଳ ଓ ବକଃ

ଶିଶୁପାଳ—ସଖା ! ଦେଖିଲ ଦେଖି, ଏ ପତ୍ରଟିରେ କଅଣ ଲେଖାଅଛି ? କୁଣ୍ଡିନ କଟକାଧୀଶ୍ୱର ଭୀଷ୍ମ ରାଜାଙ୍କ ପୁତ୍ର ରୁକ୍ମଣ ଦେଇଛନ୍ତି ବୋଲି ଦୂତ ମୁଖରୁ ପ୍ରକାଶ । ଦେଖ ସଖା ! ପତ୍ର ପଠାଇବାର ଉଦ୍ଦେଶ୍ୟ କଅଣ, ମୋ ମନରେ ବାରଆଡ଼ୁ ସନ୍ଦେହ ଜନ୍ମୁଛି । ସେଥିର କାରଣ ହେଉ କାଳେ ପତ୍ରଟି ନ ପଢ଼ି ତୁମ୍ଭର ଅପେକ୍ଷାରେ ଥିଲି ।

ବକଃ—ଉଅନ୍ତୁ ବନ୍ଧୁ ! ପତ୍ରପାଠକଲାଠାରୁ ସମସ୍ତ ଜଣାପଡ଼ିବ । ପୃଷ୍ଠଭାଗ ତ ଆମ୍ଭର ବନ୍ଧୁପ୍ରୀତି ମୂର୍ତ୍ତି, ବୋଧହୁଏ କୌଣସି ମଙ୍ଗଳର କଥା ।

( ପତ୍ରପାଠ )

ପରମ କଲ୍ୟାଣୀୟ ଶ୍ରୀମାନ ଚେଦୀଶ ଯୁବରାଜ ! ଯେହେତୁ ଆମ୍ଭର କନିଷ୍ଠା ଭଗ୍ନୀ ଶ୍ରୀମତୀ ରୁକ୍ମଣୀ ଦେବୀଙ୍କୁ ପିତା ଆମ୍ଭର ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କୁ ବିବାହ ଦେବାକୁ ସ୍ଥିର କରିଥିଲେ, କିନ୍ତୁ ଆମ୍ଭର ଚିନ୍ତାରେ ମତଭେଦ ଘଟିବାରୁ ଆମ୍ଭେ ତୁମ୍ଭଙ୍କୁ ଆମ୍ଭ ଭଗିନୀର ଉପଯୁକ୍ତ ବର ଭାବ ଏବଂ ଆମ୍ଭ ପିତାଙ୍କୁ ସେଥିରେ ପ୍ରବର୍ତ୍ତାଇ ତୁମ୍ଭ ନିକଟ ପତ୍ର ଦେଲୁଁ, ଆସନ୍ତା ଫାଲ୍‌ଗୁନ ୨୭ ଦିନ ସୋମବାର ବିବାହ ଲଗ୍ନ ସ୍ଥିର ହୋଇଛି । ଏ ପ୍ରତି ଯତ୍ନବାନ ହୋଇ ପତ୍ରବାହକ ହସ୍ତରେ ଉତ୍ତର ଦିଅ । ଇତି ।

ପ୍ରକାଶ ଥାଉ—ଶ୍ରୀକୃଷ୍ଣଙ୍କୁ ବଡ଼ ଅପମାନିତ ହେବାକୁ ହୋଇଛି । ଏଥିରେ ବିବାହ ଦିନକୁ କୌଣସି ବାଧା ବିଘ୍ନ ଜନ୍ମାଇ ପାରନ୍ତି । ଏ ପ୍ରତି ସସୈନ୍ୟ ଯାଦବମାନଙ୍କରେ ଉପସ୍ଥିତ ବାଞ୍ଛନୀୟ ।

ଶୁଭାକାଂକ୍ଷୀ ରୁକ୍ମଣ —

ଶିଶୁପାଳ—ସଖା ! ଏହା କଣ ସତ୍ୟ ? ଏ ପତ୍ରଟି ଶୁଣିଲାକ୍ଷଣି ମନରେ ଅସୀମ ଆନନ୍ଦ ଜାଗରିତ ହୋଇ ଉଠୁଛି, ସଖା ! ଏଥିରେ ତୁମ୍ଭର ମତାମତ କଅଣ ?

ବକଃ—ସଖା, ଏ କଥା ଭାବିବାକୁ ଅଛି । ରୁକ୍ମଣୀର ରୂପ ଆଉ ଗୁଣ ଅତୁଳନୀୟ । ଅନେକାନେକ ରାଜା ମହାରାଜାମାନଙ୍କ ମଧ୍ୟ ଆଗରୁ ରୁକ୍ମଣୀକୁ ବିବାହ କରିବାଲାଗି ଚେଷ୍ଟା କରି ବିଫଳ ମନୋରଥ ହୋଇଛନ୍ତି । ଆପଣଙ୍କୁ ତାର ପିତା ବଳେ ବଳେ ବିବାହ ଦେବ, ବଡ଼ ଭାଗ୍ୟର ବିଷୟ । ଶୀଘ୍ର ଏ ପ୍ରତି ଯତ୍ନବାନ ହୁଅନ୍ତୁ । ଏପରି ସୁବର୍ଣ୍ଣ ସୁଯୋଗ ହରାଇଲେ କାଳକୁ ପସ୍ତାଇ ହେଉଥିବେ ।

ଶିଶୁପାଳ—ତେବେ ଆଜ ରାଜ୍ୟରେ ଘୋଷଣା କର, ନିର୍ଦ୍ଦିଷ୍ଟ ଦିନକୁ ସମସ୍ତେ ଯେ ଯାହାର କର୍ତ୍ତବ୍ୟ କାର୍ଯ୍ୟରେ ନିଯୁକ୍ତ ହୁଅନ୍ତୁ । ଆଉ ରୁକ୍ମଣୀର ଶ୍ରୀକୃଷ୍ଣଙ୍କୁ ବିବାହ ପ୍ରସ୍ତାବ ଆଗରୁ ହୋଇଥିଲା, ସେଥିରେ ମତଭେଦ ଘଟିଛି । ଯୁଦ୍ଧଘଟିବାର ଖୁବ୍ ସମ୍ଭାବନା । ସୈନ୍ୟ କିଛି ସଙ୍ଗରେ ନେବା ଦରକାର, ଚାଲ ଏ ବିଷୟ ପିତାଙ୍କୁ ଜଣାଇବା ।

( ପ୍ରସ୍ଥାନ )

—*—

## ଦ୍ୱିତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

( ପ୍ରଥମ ଓ ଦ୍ୱିତୀୟ ସଖୀ )

ରୁକ୍ମଣୀ—( ବ୍ୟସ୍ତ ଭାବରେ ବସିବା )

୧ମ—ଜେମାଦେଈ ! ଏ ତ ପ୍ରକାଶିତ ସର୍ବଦା କଥା, ମନୁଷ୍ୟ ହାତରେ କଅଣ ଅଛି ? ଯାହା ଯୋଗ ନ ଥାଉଛି, ବେଧ ଉପରୁ ତ ବର ନେଇଟି ଯାଉଛି । ଆଉ ଦୁଃଖିତ ହେଲେ କଅଣ ହେବ ।

ରୁକ୍ମଣୀ—ସଖି ଗୋ ! ମୋ କର୍ମରେ ବିଧାତା ଏପରି ଲେଖିଥିଲା । ମୁଁ ଗୋବିନ୍ଦଙ୍କୁ ନ ମିଳି ଯା ବଞ୍ଚିଲି, ଏଥିପାଇଁ ମନରେ ଦାରୁଣ ଯନ୍ତ୍ରଣା ଅନୁଭବ କରୁଛି ।

୨ୟ—ଜେମାଦେଈ ! ବ୍ୟସ୍ତହେଲେ କଅଣ ହେବ ? ସେ ନିଜ କର୍ମଦୋଷ । ବିଧାତାର ବଳକୁ ମନୁଷ୍ୟର କି ଆୟତ !

ରୁକ୍ମିଣୀ— ଗୀତ

( ଆସ କେ ନେବ ମାଛ କଣି ଗୋ—ବୃତ୍ତେ )

ଛଳ କଥା କଲ ମନ ରନ୍ଧ୍ରରେ, ପ୍ରିୟସଖି !
ଯାକୁ କରିଥିଲି ଆଶା ସେ ମୋ କର୍ମେ ନାହିଁ । ପଦ ।

ଭ୍ରାତା ମୋ ହେଲେ ଭଗାରି, ବୁଡ଼ାଇଲେ ଆଶା ତରି !
ଆଉ କି ଏ ପ୍ରାଣ ଧରି କା ମୁଖକୁ ଚାହିଁ ରେ ।୧।

ସଖି ! ନିଜର ସହୋଦର ଏତେ ଦୁଷ୍ଟତା କଲେ କଅଣ କରିବି ସଖି ?

୧ମ—ହଁ ହଁ, ସେ କଥା ଠିକ୍ । ମନ ଯାହିଁ କାହିଁରେ ଲାଗିଥିଲା, ପୁଣି ଯାଇ କଣ୍ଟାରେ ପଡ଼ିବ ! ସତେ କଅଣ ଶିଶୁପାଳଙ୍କ କଥା ଠିକ୍ ହୋଇଗଲାଣି ! ଏଇଆ ଟିକିଏ ତମ ଲାଗି ସେ ନୁହେଁ ।

ରୁକ୍ମିଣୀ— ଗୀତ

ଶରଣ ବତ୍ସଳ ବାନା ମୋପରେ କାହିଁକି ଉଣା
ଆଉ କି ପରମ ସୁନା ଏ ଜୀବନେ ପାଇ ରେ ।୧।

ସଖି ! ସତେ ଏ ପୋଡ଼ା କରମରେ ସେ କାଳିଆ ସୁନାକୁ ପାଇବି ନାହିଁ । ସେ ମନମୋହନ ପାଦ ପଦ୍ମରେ ମୋର ଶିର ଲାଗିବା ଉପଯୁକ୍ତ ହେଲା ନାହିଁ । ତେବେ ଏ କଳଙ୍କି ପ୍ରାଣ ଥାଇ ବା କି ପ୍ରୟୋଜନ ? ( ବ୍ୟସ୍ତହେବା )

୨ୟ—ଓଃ ! ଏମିତ କାହିଁକି ହଉଛ, ଟିକିଏ ଡମ୍ଫକର !

ରୁକ୍ମିଣୀ— ଗୀତ ।

ସେ ମନ ମୋହନ ଲାଗି କେତେ ଦମ୍ଭ ଥିଲା ଭାବ,
ଆଉ କାହାର ବା ଲାଗି, ଥିପୁ ବୋହେ ଦେହ ରେ ।୩

ସଖି ! ଆଉ କାହିଁକି ପ୍ରାଣ ରଖିବି ? ତୁମ୍ଭେମାନେ ମୋ ନିକଟରୁ ଯାଅ । ସେହି ସୁଧା ମୋହନ ରୂପକୁ ହୃଦୟରେ ଭାବ ଛୁରିଦ୍ୱାରେ ( ଛୁରୀକାଢ଼ି ) ଆତ୍ମ ହତ୍ୟା କରିବି ।

୧ମ—( ଛୁରୀ ଧରିପକାଇ ) ଏ କଅଣ କେମାଦେଇ ! ସ୍ୱୀକା କଅଣ କଥା ?

ରୁକ୍ମିଣୀ—ସଖି ! ମୋତେ ଛାଡ଼ିଦିଅ, କାହିଁକି ବାଧା ଦେଉଛ ।

ସଖିଏ — ଗୀତ ।

( କି ଦଶା ପଡ଼ିଲା ବୃତ୍ତେ )

ସଜନି ରେ ଛାଡ଼ ଗୁମାନ ।
ଏ ଛାର କଥାକୁ କିଆଁ ଚିନ୍ତୁଛୁ ଧନ ।
ତୋର ସୁଖେ ଥିବା ସୁଖୀ,
ତୋର ଦୁଃଖେ ସଦା ଦୁଃଖୀ
ତୁ ଆମ୍ଭର ପ୍ରାଣସଖୀ,
ଆମ୍ଭେ ତୋ ପ୍ରାଣ । ୧ ।

୧ମ— କେମାମଣି ! ତୁମ୍ଭର ଯେବେ ଏ ଦଶା ହେବ ଆମ୍ଭମାନଙ୍କର ଆଉ ସୁଖ କାହିଁ ? ସଖି ! ତୁମ୍ଭେ ଧୈର୍ଯ୍ୟଧର ।

ସଖୀଏ— ଗୀତ ।

ସେ ମନ୍ଦରଧର ଲାଗି, ଚନ୍ଦ୍ରମୁଖୀ ତୁହି ଭାବ,
ଉପାୟ ଜାଣୁ ହେମାଙ୍ଗୀ ଦେବୁ ମୋହନ ।୨

୨ୟ— ସଖି ! ସେ ବଂଶୀବଦନ ଲାଗି ଏତେ ଭାବନ ହୁଅନା । ଆମ୍ଭେ ନିଶ୍ଚୟ ପ୍ରେମପିତୁଳାକୁ ତୋର ବର କରିଦେବୁ । ତୁମେ ଗୋଟିଏ ଉପାୟ କରିବ କି ?

ରୁକ୍ମିଣୀ— କି କଥା ସଖି ? ମୋର ବୁଦ୍ଧି ବିଭ୍ରମ ହୋଇଗଲାଣି, କି ଉପାୟ କହୁଛ କହ ।

ସଖିଏ— ଗୀତ ।

ତୁମ୍ଭ ଅନ୍ତର ବେଦନା, ପତ୍ରରେ ଉଲ୍ଲେଖି ଜଣା,
ଜାଣିବେ ଜଗମୋହନ , ନିଶ୍ଚେ ଏମାନ ।୩।

ସଖି ! ଶ୍ରୀକୃଷ୍ଣଙ୍କ ନିକଟକୁ ଖଣ୍ଡେ ପତ୍ରଲେଖି ଗୁପ୍ତଭାବରେ ପଠାଇବା, ସେ ଅନ୍ତର୍ଯାମୀଙ୍କର ତୁମ୍ଭଠାରେ ସ୍ନେହଥିଲେ ନିଶ୍ଚେ ସେ ପ୍ରତୀକାର କରିବେ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ରୁକ୍ମିଣୀ— ସଖି ! ମିଛରେ ଭଣ୍ଡାଉଛ କାହିଁକି ? ତାଙ୍କ ନିକଟରେ ମୋର ଦୁଃଖ କିଏ ଜଣାଇବ ? ଭଲ ପତ୍ରିକା ନେବ କିଏ ?

୧ମ—ଆମ୍ଭର ସେହି ବିଶ୍ୱସ୍ତଭାବ ସୁଦେବ ବ୍ରାହ୍ମଣ ହାତରେ ପଠାଇବା ।

ରୁକ୍ମିଣୀ—ସତେ ସେ ଭାଗ୍ୟହେବ ? ମୋର ଦୁଃଖର କାହାଣୀ ସେ ମୁରଲୀଧରଙ୍କ ନିକଟରେ କିଏ ଯାଇ ଶୁଣାଇବ ? ତେବେ ଡାକ କିଏ ଯିବ ।

୧ମ—ତୁମେ ଚାଲ, ମୁଁ ଯାଇ ବ୍ରାହ୍ମଣ ଜଣେ ଡାକିଆଣି ତୁମ ନିକଟରେ ପହଁଚାଇବି । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

( ଦୁଇଜଣ ଚକୁଳିଆପଣ୍ଡା ପିଠିଳ ଓ ଚାଳପତ୍ର ଛତା ହସ୍ତେ ପ୍ରବେଶ )

୧ମ—ଆହେ କେଉଁ ପୁଣ୍ୟବାନ ଦାତାମାନେ ଥିବ, ବୈଶାଖ ମାସରେ ଦାଣ୍ଡେ ଡାକ ହାକ ବ୍ରାହ୍ମଣ ତୁଣ୍ଡରେ ଅନ୍ନଜଳ ଦେଇ ଧର୍ମ କରିବ ହେ ।

୨ୟ—ଆହେ କର୍ଣ୍ଣ ସମାନେ ଦାତାଥିବ, ବଳୀ ସମାନେ ଦାନଥିବ, ମାନଧାତା ସମାନେ ମାନ ଥିବ, ବ୍ରାହ୍ମଣ କରେ ଅନ୍ନ ଜଳ ଦାନ କରିବ ହେ ।

୧ମ—ଆହେ ଅନ୍ନଦାନ ଦେଲେ ବୈକୁଣ୍ଠେ ସ୍ଥାନ, ଜଳଦାନ ଦେଲେ ତୃଷା ନିବାରଣ, ଛତ୍ରଦାନ ଦେଲେ ପିଣ୍ଡକୁ କାରଣ ହେ ।

୨ୟ—ଆହେ ଅନ୍ନ ସଙ୍ଗେ ଡାଲିପରିବା ଆଉ ବାଇଗଣ ବଡ଼ ଅଳ୍ପ ଖରଚି କୋଶଳା ଶାଗ କିଞ୍ଚିତ ପ୍ରମାଣ ହେ ।

୧ମ—ତା ସଙ୍ଗକୁ କିଛି ଜାଳେଣି କାଠ କିମ୍ବା ଖଣ୍ଡିଏପତ୍ର ଜାଣ, ହଳଦି ଲୁଣ ପୂର୍ଣ୍ଣ ଘାର ଲଙ୍କା ସୋରିଷ-ତେଲ ଅଳ୍ପ ପ୍ରମାଣ । ( ୨ୟ ୧ମ ପ୍ରତି ) ହଇଏ ପଣ୍ଡେ, ଗ୍ରାମ ଗୋଟାକେତ ବୁଲିଲେ ସେଉ ପ୍ରବୃତ୍ତିନାହିଁ । ସେଥିକି ପୁଣି ଦୁଇ ଦୁଇ ଜଣ ଲେଖାଁ ଦଳହୁଏ ଯାଉଛ କିଆଁ ? ଯାହାର ମୁଠିଏ ଦବାର ଇଚ୍ଛାଥିବ ସେ ତ ଦୁଇଜଣ ବ୍ରାହ୍ମଣ ତୁଣ୍ଡ ଶୁଣିଲେ ଚୁପ୍ କିନା ଘରେ ବସିବ, ଗୋଟିଏ ଗ୍ରାମରେ ଦୁଇଜଣ ଲେଖାଁ ବୁଲିହେବା କି ଫଳ ।

୧ମ—ଆମ୍ଭେ ତ ଯାହା କହୁ ଏ ଖରି ମୁଠା ପାଉଥାନ୍ତୁ ତୁମ୍ଭେ ଆସିଲଠୁଁ ତ ସବୁ ବନ୍ଦ, ଆମ୍ଭେ ତ ଏ ଗ୍ରାମକୁ ଆଗେ ଆସିଥିଲୁଁ ।

୨ୟ—ଆମ୍ଭେ ତ ଆଗେ ଆସିଛୁଁ ।

୧ମ – ବୃଥାରେ କଳି କରିବା ଫଳ କଅଣ ? ଉଭୟତ ନିରାଶ ହେଲେ, ଏଥର ଆଉ ଗୋଟିଏ ଗ୍ରାମକୁ ଦୁଇ ଜଣ ଯିବା ନାହିଁ ।

୧ମ ସଖୀ ସୁରମା—ହୋ ଦଦା ! ଟିକିଏ ଆଡ଼କୁ ଆସିବ କି ?

୧ମ – ହଉ ଚାଲନ୍ତୁ ।

୨ୟ—ହଉ ଚାଲନ୍ତୁ ।

ସୁରମା—ନାହିଁ ନାହିଁ ଜଣେ କେହି ଆସନ୍ତୁ ।

୧ମ - ହଉ ତେବେ ଆମ୍ଭେ ଯାଉଛୁ ।

୨ୟ—ନାହିଁ ନାହିଁ ଆମ୍ଭେ ଯାଉଛୁଁ ।

୧ମ—ରହ ହେ ସେ ଆମ୍ଭକୁ ଡାକୁଛନ୍ତି ଆମ୍ଭେ ଯିବୁ ।

୨ୟ—ନାହିଁ ହେ, ସେ ଆମ୍ଭକୁ ଡାକୁଛନ୍ତି ଆମ୍ଭେ ଯିବୁଁ ।

ସୁରମା—କଳି କରିବା କିଛି ଆବଶ୍ୟକ ନାହିଁ । ଆମ୍ଭର ଜଣକଠାରେ କିଛି କାର୍ଯ୍ୟ ଅଛି ।

୧ମ—ତେବେ ଆମ୍ଭେ ସେ କାର୍ଯ୍ୟ କରିବୁଁ ।

୨ୟ—ଅଚ୍ଛା ତୁମ୍ଭେ ଯେବେ ସେ କାର୍ଯ୍ୟ କରିବ ଯାହା ପାଇବ ଆମ୍ଭକୁ ଅଧେ ଦବାକୁ ପଡ଼ିବ ।

୧ମ—ଭଲକଥା, ଆମ୍ଭେ ଯାହା ପାଇବୁ ତୁମ୍ଭକୁ ଆଗେ ଅଧେ ଦବୁ ଆଉ ଅର୍ଦ୍ଧେକ ଆମ୍ଭେ ନବୁ । ମା ! ଯେଉଁକାର୍ଯ୍ୟ ଆମ୍ଭଦ୍ୱାରା ସାଧିତ ହେବ ସେଥିର ପାରିଶ୍ରମିକ ମୁଣ୍ଡ କୋଡ଼ିଏ ବାଧା ଚାଟକଣା ଆମ୍ଭକୁ ଦବାକୁ ପଡ଼ିବ । ଆଉ ଆମ୍ଭ ଭଗିବାରକୁ ତହିଁରୁ ଅର୍ଦ୍ଧେକ ଦେଇ ଦଅନ୍ତୁ ।

୨ୟ—ନାହିଁରେ ବାପ ! ଆମ୍ଭର କିଛି ଆବଶ୍ୟକ ନାହିଁ ତୁମ୍ଭେ ଯାଅ, ଆମ୍ଭେ ଗଲୁଁ ।

୧ମ—କି ଗିବ ଭୁଆଡ଼େ, ଅଧେ ନବ ତ ?

୨ୟ—ନାନା ଆମ୍ଭର ଦର୍କାର ନାହିଁ । (ପ୍ରସ୍ଥାନ)

୧ମ—ମା ! କି କାର୍ଯ୍ୟ କୁହନ୍ତୁ ।

ସୁରମା—ଗୋସାଇଁ ! ଆମ୍ଭ ରାଜମାମଣି ରୁକ୍ମିଣୀ ଦେବୀ ଗୋଟିଏ ଖବର ଶ୍ରୀକୃଷ୍ଣଙ୍କ ନିକଟକୁ ଦେବେ । ଆପଣ ସେ କାର୍ଯ୍ୟକୁ ସମର୍ଥ ହେବେ ତ ?

୧ମ—ହଁ ସମର୍ଥ ହେବା, ପାଉଣା କଅଣ ମିଳିବ ?

ସୁରମା—ପାଞ୍ଚ ଯୋଡ଼ା ଟଙ୍କା ପାଇବ, ଆଉ କଅଣ ?

୧ମ—ହଉ ଚାଲନ୍ତୁ ମା ! ଶ୍ରୀକୃଷ୍ଣଙ୍କୁ ଦର୍ଶନ ତ ହେବ ଆଉ ମିଳିବା ନ ମିଳିବାରେ ଅଛି କଣ ?

(ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

ରୁକ୍ମିଣୀ—ସଖି ! ସୁରମା କାହିଁକି ଏତେବେଳ ଯାଏ ଫେରିଲା ନାହିଁ କଅଣ କାହାକୁ ପାଇଲା ନାହିଁ ?

୨ୟ—ହଁ ବର୍ତ୍ତମାନ ଆସି ପହଞ୍ଚିବ ତୁମ୍ଭେ ଆଉ (ଉତଳା) ବ୍ୟସ୍ତ ହୁଅନା । ଉତ୍ତମା ! ଟିକିଏ ଅପେକ୍ଷା କରନ୍ତୁଟି ।

ଉତ୍ତମା—ହେଲା ପରା ଫେରିଲାଣି ସାଙ୍ଗରେ କାହାକୁ ଜଣେ ଆଣିଛି ।

ରୁକ୍ମିଣୀ—ଆସିଲାଣି କାହିଁ ?

( ସୁରମା ବ୍ରାହ୍ମଣ ସହ ପ୍ରବେଶ )

ସୁରମା—ରାଜମାଦେଈ ! ଏହି ବ୍ରାହ୍ମଣଙ୍କ ହସ୍ତରେ ଯାହା ମନର କଥା ଶ୍ରୀକୃଷ୍ଣଙ୍କ ନିକଟକୁ ଖବର ଦିଅନ୍ତୁ । ଇଏ ବଡ଼ ଉତ୍ତମ ଲୋକ, ମୋ କଥା ଶୁଣିଲା ମାତ୍ରକେ ସୁଦ୍ଧା ଆସିଲେ ।

ରୁକ୍ମିଣୀ—( ଦ୍ୱିଜଙ୍କୁ ପ୍ରଣାମ କରି ) ଦ୍ୱିଜବର ! ମୋର କିଛି ଉପକାର କରି ପାରିବ ?

ବ୍ରାହ୍ମଣ—ହଁ ମା ! ଆମ୍ଭେ ସମସ୍ତ ବିଷୟ ଶୁଣି ପାରିଲୁଁ । ତେବେ କେତେକ କଥାରେ ଅବସର ଅଛି, କି ନା ଅଗ୍ରେ ପ୍ରକାଶ କରନ୍ତୁ, ଆଉ ଆମ୍ଭ ପାଉଣାଟା କଥା ତ ସା —

ସୁରମା—ହଇ ହୋ ତୁମ୍ଭଙ୍କୁ ଏବେ ମୁଁ ପାଉଣା କଥା କହିଛି ତମର କଅଣ ବିଶ୍ୱାସ ଆଉ ନାହିଁ ।

ବ୍ରାହ୍ମଣ—ହଉ ମା କହ ।

ରୁକ୍ମିଣୀ— ଗୀତ

( ନଳ୍‌ଜାକୁ ଯାଯା ବୋଲି— ବୃତ୍ତେ )

ଯା ଦ୍ୱିଜ ! ମୋହନେ କହିବ ଯା,
ସେ ମନମୋହନ ମୂର୍ତ୍ତି ନ ଦେଖିଲେ ପଲ ସଖି
ଫାଟି ଦେବ କଲଜା । ପଦ ।

ଦ୍ୱିଜବର ! ଏ ପତ୍ରିକା ଶ୍ରୀକୃଷ୍ଣଙ୍କୁ ଦେଇ କହିବ ଯଦି ଅଧୀନୀକୁ ସେ ଚରଣରୁ ବଞ୍ଚିତ କରିବେ ତେବେ ଅଭାଗିନୀ ତାଙ୍କ ବିନା ନିଶ୍ଚେ ଜୀବନ ହରାଇବେକ ।

ବ୍ରାହ୍ମଣ—କାହିଁକି ମା ?

ରୁକ୍ମିଣୀ— ଗୀତ

ବାଳକାଳୁ ଅନୁସରି ଥିଲି ସେ ମୋହନେ ବରି
ସହୋଦର ହୋଇ ଅରି, କରିଲେଣି ଅନ୍ୟ ରାଜା ।୧।

ଦ୍ୱିଜବର ! ପିଲାଦିନୁ ଦେବର୍ଷି ନାରଦଙ୍କଠାରୁ ଶ୍ରୀକୃଷ୍ଣଙ୍କ ଗୁଣାବଳୀ ଶୁଣି ମନେ ମନେ ପତିରୂପରେ ବରଣ କରିଥିଲି, କିନ୍ତୁ ବର୍ତ୍ତମାନ ମୋର ଭାଇ ସେ ମନମୋହନଙ୍କୁ ନିନ୍ଦାକରି ଦମଘୋଷଙ୍କ ପୁତ୍ର ଶିଶୁପାଳଙ୍କୁ ମୋତେ ବିବାହ ଦେବେ । ମୁଁ ଯେ ଆବାଲ୍ୟରୁ ତାଙ୍କ ପଦରେ ମୋର ସମସ୍ତ ସ୍ନେହ ଜଳାଞ୍ଜଳି ଦେଇ ସାରିଛି—ଏ ଲଜ୍ଜାକଥା ତାଙ୍କୁ ହେବ ନାହିଁ ?

ଗୀତ

ଯେବେ ସେ କରୁଣାମୟ ଦାସୀରେ ଦେବେ ଆଶ୍ରୟ
ନାଶିବେ ଅଧୀନୀ ଭୟ, ବାଳୀର ଯିବଟି ଲଜ୍ଜା ।୨।

ଦ୍ୱିଜବର ! ଶୀଘ୍ର ଯାଆନ୍ତୁ, ଏ ପତ୍ରିକା ଦେବେ ଏବଂ ମୌଖିକ ସମସ୍ତ ମୋର ଦୁଃଖ କହିବେ । ଯଦି ମୋତେ ନ ବରଣ କରିବେ ତେବେ ତାଙ୍କ ଲାଗି ଆତ୍ମଘାତୀ ହେବି ।

ବ୍ରାହ୍ମଣ—ମା ! ଆମ୍ଭ ପାଉଣାଟା ଆଗେ ନ ହେଲେ ଭଲଲୋକ କଥା ପଟିବ ନାହିଁ । କାରଣ ମଧ୍ୟସ୍ଥି ହେଲେ କେତେବେଳେ ବ ଶୋଧା କେତେବେଳେ ବ ବଧା ମିଳିବ । ଦଣ୍ଡବତ ଆଉ ବିସ୍ତର ଏତ ବାଦ ମାମଲତ କୁହେଁ ।

ରୁକ୍ମିଣୀ—ହଉ ଚାଲନ୍ତୁ, ବର୍ତ୍ତମାନ ସୁରମା ଯାହା ଜବାବ କରିଛି ଦେବ, ପରେ କାର୍ଯ୍ୟ ଶେଷରେ ଯାହା ମାଗିବ ତା ଦେବ ।

ବ୍ରାହ୍ମଣ—ହଉ, ଯାଆନ୍ତୁ । (ପ୍ରସ୍ଥାନୋଦ୍ୟତ) ଆମ୍ଭେ ତ ଏମିତ ଅର୍ଦ୍ଧଭେକ ହୋଇଛୁଁ, ଦ୍ୱାରକା ଯିବାକୁ ହେଲେ ଟିକିଏ ସୁଫାସୁରୁସ ହୋଇ ଯିବା ଦରକାର ।

ସୁରମା—ହଉ, ଯାଅ । (ପ୍ରସ୍ଥାନ)

---

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ଦ୍ୱାରକା ରାଜସଭା ରାଜବେଶେ ଶ୍ରୀକୃଷ୍ଣ ]

( ବନ୍ଦୀଗଣ )

ଗୀତ

ଫୁଟିଛୁ ନଳିନ ଜଳେ କି ସୁନ୍ଦର ।
ସରସୀର ଶୋଭା କିବା ତରେ ମୃଦୁମନ୍ଦର । ପଦ ।
ସୁବାସ ଅଙ୍ଗେ ବୋଳ   ପ୍ରେମେ ଉନ୍ମତ୍ତ ଅଳି
ପଙ୍କଜମାରେ ଗାଇ କିବା ଆଦର । ୧ ।
ପ୍ରଣୟ ଉଦବାସେ   ରଜନୀ ସ୍ୱର୍ଣ୍ଣେ ହର୍ଷେ
ଧନ୍ୟ ବିଧାତା ଧନ୍ୟ ତୋର ସୁନ୍ଦର । ୨ ।

ଦୂତ—ମହାବାହୁ ! ଦ୍ୱାରଦେଶରେ ଜଣେ ବ୍ରାହ୍ମଣ ତୁମ୍ଭଙ୍କ ଦର୍ଶନ ଅପେକ୍ଷା କରୁଛି ।

ଶ୍ରୀକୃଷ୍ଣ—ଜଣେ ବ୍ରାହ୍ମଣ ! ତେବେ ଆସିବାକୁ ଆଦେଶ ଦିଅ । (ସ୍ୱଗତ) ଜଣେ ବ୍ରାହ୍ମଣ ଆସିବାର ଉଦ୍ଦେଶ୍ୟ କଅଣ ! ଅଚ୍ଛା, ସାକ୍ଷାତରେ ସମସ୍ତ ଜଣାପଡ଼ିବ ।

( ବ୍ରାହ୍ମଣ ପ୍ରବେଶ )

ଶ୍ରୀକୃଷ୍ଣ—( ଉଠି ) ଆସ ଦ୍ୱିଜ ! ମୋର ପ୍ରଣାମ ଗ୍ରହଣ କରି ମୋତେ ଆଶୀର୍ବାଦ କର ।

ବ୍ରାହ୍ମଣ—( ତଥାସ୍ତୁ ) ଆଜ୍ଞା ନା—ମୁଁ—

ଶ୍ରୀକୃଷ୍ଣ—ଲଜ୍ଜା କରୁଛ କାହିଁକି ? ( ଆସନରେ ବସାଇ )

ଗୀତ

କହ ଦ୍ୱିଜ କେଉଁ କାର୍ଯ୍ୟେ ତବ,
ଆଗମନ ମୋ ପୁର । ଘୋଷା ।
ବଡ଼ ଭାଗ୍ୟେ ପାଇଥିଲି ଦୃଷ୍ଟି ଦେଖିଲି ଯା ତୁମ୍ଭ ମୁଖଶଶୀ,
ବସି ଏ ପଲଙ୍କେ ସୁଖେ ସନ୍ତାପକୁ ହର । ୧ ।

ଦ୍ୱିଜବର, ଅନେକ ପଥରୁ ବୋଧହୁଏ ଆସିଲେଣି, ଆପଣ ବଡ଼ କ୍ଲାନ୍ତହୋଇ ପଡ଼ିଛନ୍ତି, ଦୟାକରି ଅନୁମତି ଦିଅନ୍ତୁ, ମୁଁ ଟିକିଏ ପଦସେବା କରିଦିଏଁ ।

ବ୍ରାହ୍ମଣ—ନା ପ୍ରଭୁ, ମୋତେ କିଛି ବାଧା ହୋଇନାହିଁ, କ୍ଷମା କରନ୍ତୁ ।

ଶ୍ରୀକୃଷ୍ଣ—ନା, ନା, ଲଜ୍ଜା ନା କଅଣ କଥା ? ଆପଣଙ୍କ ପଦ ଲାଗି ମୋର ପୁରୀ ସାର୍ଥକ ହୋଇଛି ।

( ଜଳଦ୍ୱାରା ପଦସେବା )

ଗୀତ

ତୁମ୍ଭ ଘର ଗ୍ରାମ କେଉଁ ଦେଶ
ପ୍ରକାଶନ୍ତୁ କିବା ଅଭିଳାଷ
ଶୁଭ କି ଅଶୁଭ ଭାଷ ସନ୍ଦେହ ମୋହର । ୨ ।

ଦ୍ୱିଜବର ! କି କାରଣରେ ମୋ ପୁରକୁ ଆପଣଙ୍କର ପାଦ ପଡ଼ିଲା, ଦୟାକରି ପ୍ରକାଶ କରନ୍ତୁ । ସବୁ ଭଲ କଥା ତ ? ମୋ ମନରେ କାହିଁକି ବାର ଅଡ଼କୁ ସନ୍ଦେହ ଆସୁଛି ।

ବ୍ରାହ୍ମଣ—ନା-ପ୍ରଭୁ ! ସବୁ ଭଲ ।

ଶ୍ରୀକୃଷ୍ଣ—

ଗୀତ

କେବା ଖଳ ପାଡ଼ୁଅଛି ମୋତେ
ଦୟା କରି ପ୍ରକାଶ କହୁତେ
(ମୋର) ସନ୍ଦେହ ଜନ୍ମୁଛି ଚିତ୍ତେ,
କପଟ ନ କର । ୩ ।

ଲଜ୍ଜା କାହିଁ କରୁଛ ବ୍ରାହ୍ମଣ ! ହେଲା କି କେଉଁ ଶତ୍ରୁ ମୋର ରାଜ୍ୟ ଉପଗତ ?

ଦ୍ୱିଜ—ନା ପ୍ରଭୁ !

ଗୀତ

ଦୀନବାନ୍ଧବ ହେ,
ଶୋଭନ ଘନଜନ ବଦନ । ଘୋଷା ।
ବ୍ରହ୍ମା ହର ଯାଙ୍କ   ପଦ ସେବିବାକୁ
ଜପୁଥାନ୍ତି ନିତ ପ୍ରତ ।
ମୁଁ ସାମାନ୍ୟ ଦ୍ୱିଜ   ଏବେ ମୋର ଭାଗ୍ୟ
ଦେଖିଲି ଶ୍ରୀମୁଖ ଜ୍ୟୋତି । ୧ ।

ବିଦର୍ଭ ଦେଶରେ ଘର ମୋ ଠାକୁରେ
ଜୀବନ ମୋ ଭିକ୍ଷା-ପାଇଁ,
ଭୀଷ୍ମକ ଦୁଲଣୀ ସତୀ ରୁକ୍ମିଣୀ
(ମୋତେ) ବରଗିଲେ ତୁମ୍ଭ ଜଡ଼ । ୨ ।
ତୁମ୍ଭ ବିନୁ ଆନ ନ ଜାଣେ ସେ ଜାଣ
ମନେ ବରିଥିଲା ପତି,
(ତାର) ଭ୍ରାତା ହୋଇ ଅରି ଶିଶୁପାଳେ ବରି
ବିବାହ ଦେବ ସଂପ୍ରତି । ୩ ।
ବଳେ ବା କୌଶଳେ ଆଣି କନ୍ୟା କୋଳେ
କ୍ଷିତିରେ ନୋହୁ ଅକୀର୍ତ୍ତି ।
ତୁମ୍ଭେ କଲେ ଆନ ତେଜିବ ଜୀବନ
ବାଳାମଣିର ଭାରତୀ । ୪ ।

ପ୍ରଭୁ ! ଏ ଲେଖା ପଢ଼ି ପ୍ରକୃତ ତାର ମନର ଭାବ ବୁଝିଲୁ, ମୁଁ ସ୍ୱଚକ୍ଷୁରେ ଯାହା ଦେଖିଲି ବା ତାର ମନର ଭାବ ଯାହା ଶୁଣିଲି, ଆପଣ ଯେବେ ତାର ମନୋରଥ ପୂର୍ଣ୍ଣ ନ କରନ୍ତି, ତେବେ ସେ ନିଶ୍ଚୟ ଜୀବନ ହରାଇ ଦେବ ।

ଶ୍ରୀକୃଷ୍ଣ—( ପତ୍ର ପଢ଼ି ) ଗୀତ

ପ୍ରାଣବାଞ୍ଛିତା ରେ କିମ୍ପା କରୁ ମନେ ଶଙ୍କା ।
ମୁଁ ତୋ ଜୀବନର ଜୀବନ ତୁହି ମୋର ନାୟିକା । ପଦ ।
ତୋହର ମୋହର ଭାବ ଯେବା କରିବ ଅଭାବ
ଲଭିବ ତା ମନ୍ତ୍ରୀଗେ କେବେହିଁ କେ ରକ୍ଷା । ୧ ।

ବୃଥାରେ ଭାବନା କିମ୍ପା କରୁଅଛ, ପ୍ରିୟେ !
ପ୍ରାଣପଣେ ଚେଷ୍ଟା ତୋହଲାଗି ସଖି !
କିଏ ମୂଢ଼ କରୁଅଛି କୃଷ୍ଣ ଅନଳେ ହସ୍ତକ୍ଷେପ ?
ପତଙ୍ଗ ପରିପ୍ରାୟେ ହେବ ତାର ଅଧୋଗତି ନିଶ୍ଚେ ।

ଗୀତ

କାମରୂପୀ ନାୟିକେ ତୁମ୍ଭକୁ କି ଭାବ ଦେଇ
କେବା ଜନ୍ମିଛୁ ଅନ୍ୟ ନେବ ତୋ ପ୍ରାଣସଖା । ୨ ।

(ସ୍ୱଗତ) ତୁମ୍ଭକୁ କିପାଇଁ ସବୁ ପଢ଼ ମାୟା ମୋହେ ?
ସାଗରେ ମନ୍ଥନରୁ ଯେବେଁ ଲକ୍ଷ୍ମୀ ଆବିର୍ଭୂତା
ମର୍ତ୍ତ୍ୟଲୋକ ଜନ୍ମ ଏବା କନ୍ୟାରେ ଭୋଗ
ଯେ ଯାହାର ସେ ତାହାର
ବିଧିର ବିଧାନ
କେଉଁ ମୂର୍ଖ ବଳେ ତାହା କରିଦେବ ଆନ ?

ଗୀତ

ପଙ୍କଜନୟନ ପନେ ରବ ତେଜିବକି ରେ ବାନ୍ଧବୀ
ସଙ୍ଗିନୀ ତେ ହେବ ଭାବ ଲଗିଲାଣି ଚାଟକା । ୫ ।

(ସ୍ୱଗତ) ପ୍ରେୟସି ! ନ ହୁଅ ଅଧୈର୍ଯ୍ୟ ବୃଥା,
ବଳେ ବା କୌଶଳେ ଆଣିବି ମୁଁ ତୋତେ
(ପ୍ରକାଶ୍ୟେ) କିନ୍ତୁ ଦ୍ୱିଜ ବଡ଼ ଦୁଃସାଧ୍ୟର କଥା,
କି ଉପାୟେ କେଉଁବଳେ ଆଣିବି ମୁଁ ତାକୁ,
ବଡ଼ ଭୟ ହୁଏ ମୋର ମନେ,
ଶିଶୁପାଳ ବଡ଼ ପ୍ରତାପୀ ଦାନବ;
ପୁଣି ରୁକ୍ମିଣ ଅଛି ତାର ସାହା ।
ନିଶ୍ଚେ ହେବ ଅପମାନ,
ପ୍ରୟୋଜନ ନାହିଁ ଯିବ ମୋର ।
ଦ୍ୱିଜବର ! ଅନ୍ୟଠାରେ କରନ୍ତୁ ସନ୍ଧାନ
ନଚେତ୍ ବିଅନ୍ତୁ ଉପାୟ
କି ରୂପେ ମୁଁ ହରିବି ସେ କନ୍ୟା ?

ବ୍ରାହ୍ମଣ—ନଟବର ! ହଠର ସାଗର ତୁମ୍ଭେ
ମୁଁ ସାମାନ୍ୟ ମାନବ ବୁଝିବି ବା କାହିଁ !
ତେବେ ଯାହା କିଛି ପରାମର୍ଶ ମାଗୁଛନ୍ତି ମୋତେ
ଜାଣେ ଯାହା କହିବି ଅବଶ୍ୟ !
ପ୍ରଭୁ ! କୁଳାଚାର ବିଧିମତେ ଦେବୀପୂଜନେ
କନ୍ୟାସହ ସଖୀଗଣେ ଆସିବେ ଅବଶ୍ୟ,
ସେହିକାଳେ ଅନ୍ତରାଳେ ଲୁଚିରହି ପ୍ରଭୁ !
ହରିନେଲେ କିଛି ବାଧା ନ ଥିବ ତୁମ୍ଭଙ୍କୁ ।

ଶ୍ରୀକୃଷ୍ଣ—ଅଚ୍ଛା, ତେବେ ଯାଆନ୍ତୁ, ଏ ବିଷୟରେ ରୁକ୍ମିଣୀଙ୍କୁ ସତର୍କ କରିଦେବେ ।

ବ୍ରାହ୍ମଣ—ମେଲାଣି ନେଉଛି, ପ୍ରଭୁ ! ( ପ୍ରସ୍ଥାନ )

ଶ୍ରୀକୃଷ୍ଣ— ଦୂତବର ! ଯାଅ ରାଜ୍ୟରେ ଘୋଷଣା କର, ଯଦୁବଳମାନେ ସମସ୍ତେ ଯେ ଯାହାର ସତର୍କରେ ରହିବେ, ଆଉ ବଳଙ୍କୁ ଏ ଲେଖା ନେଇ ଦେବ ।

ଦୂତ—ଯେ ଆଜ୍ଞା ! ( ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

(ଦୁଇଜଣ ସଖୀ ଓ ରାଜା ଭୀଷ୍ମକ ପ୍ରବେଶ)

ଗୀତ

ଆହା କି ଅପୂର୍ବ ଶୋଭା କରେ ଜନମନ ଲୋଭା
ଶୋଭୁଛରେ କିଣେ ମଧୁରା ସଭା ।
ହୀରା ମୁକ୍ତାମଣି ସ୍ଫଟିକ ଦିଶେ କେଡ଼େ ଝକମକ
ଶତକୋଟି ଚନ୍ଦ୍ର ଜିଣି ଆଭା । ୧ ।
ଦ୍ୱାରେ ରମ୍ଭା ବୃକ୍ଷମାନ ସୁବର୍ଣ୍ଣ ବେଦୀ ସ୍ଥାପନ
ଦିଶେ ସୁପଞ୍ଚ ଦ୍ରବ୍ୟ ତୋରଣା ।
ସଜ୍ଜେ ଚାମର ଆଲଟ ଟଣାଅଛି ଚନ୍ଦ୍ରାତପ
ବାଜୁଅଛି ବିବିଧ ବାଜଣା । ୨ ।
ପାଠ ଜ୍ୟୋତିଷ ବ୍ରାହ୍ମଣ ଛନ୍ତି ନିଜ ନିଯୋଗେଣ
ସଭା ଶୋଭା ନ ହୁଏ କଳନା ।
ନିଯୋଗୀ ଗଡ଼ବେଷ୍ଟିତ ଗଗନେ କି ତାରାଯୂଥ
ଧନ୍ୟ ଧନ୍ୟ କହୁଛି ଘଟଣା । ୩ ।

ରାଜା—ମନ୍ତ୍ରିବର ! ଆଜ ସଭାଟି ସାଜ ସଜ୍ଜାରେ ବଡ଼ ଚମତ୍କାର ହୋଇଛି, କାହିଁ ! ବ୍ରାହ୍ମଣ, ଜ୍ୟୋତିଷ ଏ ପର୍ଯ୍ୟନ୍ତ ତ ଦେଖାନାହାନ୍ତି !

( ଦୂତ ପ୍ରବେଶ )

ଭଲ, ବାହାଘର ଯେଉଁ ନାଆଁଟି
କାନରେ ପଡ଼ିଲେ ପ୍ରାଣ ହଲୁଛି
ପେଟ ଖାଲିହୁଏ ଯାଣି ତକଟି । ପଦ ।
ଗଜା ପୁରି ଲଡ଼ୁ ମିଠାଇ,
କେତେ ଖାଇ ଯିବେ ମୁଠାଇ
ମୁଁ ସିଂହ ଦରଜା ପହର ବଜାଇ
ଜଳ ଜଳ କରି ରହିଁଥିବଟି । ୧ ।
ବାହାଘର ଭଳିଆ ଦିନ;
ଖଟି ଖଟି ଯିବ ଜୀବନ ।
ଖାଇବା ପିଇବା ହୋଇବ ଭୁଜନ
ଖାଲି ଉଦରରେ ଯିବଟି କଟି । ୨ ।
ମୋହଠାରୁ ଯେ ସାନ ଟୁଆ,
ହେଲେଣିଟି ଭଳିଆ ବାହା ।
ମୋର ବାପ ମାଆ ଏତେ ପଥରଆ
ପିଲୁ ବୋଲି ମୋତେ ନ ଦେଲେ ଦୃଷ୍ଟି । ୩ ।

ବାହାଘର ବୋଲି ଯେଉଁ ସ୍ୱରଟା ଅକ୍ଷର ସେଥିରେ କି ପୁରି ଲଡ଼ୁ ମିଠାଇ ଜିଲବି ଭରି ପାଟିରେ ପଡ଼ିଲେ ପେଟ ପୂରି ଉଠୁଛି । କାହାଣ କହିବି ? ବାହାଟିଏ ଭଲ କେମନ୍ତ ହୁଅନ୍ତୁ ! ଏମନ୍ତ କଥା କହୁ କହୁ ଦିନ ଯିବ, ମୋ କାମରୁ ଆସେଁ ।

( ରଜାଙ୍କୁ ଅଭିବାଦନ )

ରାଜା—ଦୂତ ! ଏତେ ବିଳମ୍ବ କାହିଁକି ? ତୋ ଅପେକ୍ଷାରେ କେତେ କାର୍ଯ୍ୟ ନଷ୍ଟ ହେଲାଣି ।

( ଗୀତ )

(ଏ ଭୂଜକଳଙ୍କ—ବୃନ୍ଦେ )

ଯାଅ ଦୂତ ରାଜ୍ୟ ମଧ୍ୟେ କରାଅ ଘୋଷଣା ରେ ।
ଉଲ୍ଲାସିତ ହୋନ୍ତୁ ସର୍ବେ ଏ ମଙ୍ଗଳ ଦିନରେ । ୧ ।
ବଜାଇ ବିବିଧ ବାଦ୍ୟ ଚମକା ଗଗନରେ
ଯାନ ବାହନରେ ବର ନିମନ୍ତ୍ରିଣ ଆଣରେ । ୨ ।
ନାନା ବେଶ ଭୂଷା କରି ଅଣାଅ ଦୂତିକାରେ ।
ରୁକ୍ମାବୀର ମନେ ଦେଖା ମନ୍ଦିରକୁ ପଠାରେ । ୩ ।
ପାଠଜ୍ୟୋତିଷ ବ୍ରାହ୍ମଣ ବେଦ ଅଧ୍ୟାପିଣ ରେ ।
ବିଧି ବିଧାନରେ କାର୍ଯ୍ୟ କରନ୍ତୁ ସମ୍ପୂର୍ଣ୍ଣ ରେ । ୪ ।

ଯାଅ, ବର୍ତ୍ତମାନ ସମସ୍ତେ ଆୟୋଜନ କରି ଯାନ ବାହନ ନେଇ ବର ଆଣିବାର ବନ୍ଦୋବସ୍ତ କର ।

ଦୂତ—ଯେ ଆଜ୍ଞା ! ବର୍ତ୍ତମାନ ତତ୍ପର ହେଉଛି ।

( ଦୂରରୁ ଗୋଟିଏ ସ୍ତ୍ରୀର ଆଗମନ ଦେଖି )

ଗୀତ

ଧୀରେ ଧୀରେ ସରସୁ ଭାସି ଆସୁଛି ରେ । ଘୋଷା ।
ମନ୍ଦହାସୀ ମଦାଳସୀ କୁନ୍ଦରଦନା ସୁକେଶୀ
ମଦନ ତା ସଙ୍ଗେ ଆସି ମିଶୁଛି ରେ । ୧ ।
ଦେବ ପନ୍ଦର ବୟସୀ ମନ୍ଦର ତା ନାହିଁ ଶଶୀ
ସୁନ୍ଦର ଚାହିଁ ତା ମନ ରସୁଛି ରେ । ୨ ।
ତା ନେତ୍ର ବାଙ୍କ ଚାହାଣି. ଜନ ମନ ନିଏ କିଣି
ମୋ ପଞ୍ଚ ପରାଣ କାମେ ଭସୁଛି ରେ । ୩ ।

ଆହା ! କେଡ଼େ ସୁନ୍ଦର କନକ ପ୍ରତିମାଟିଏ ମୋର ଆଡ଼କୁ ଗଡ଼ିଆସୁଛି ! ଆଜ୍ଞା ଆସୁ ଆସୁ ।

( ଦାସୀ ପ୍ରବେଶ )

ଦୂତ—( ଗଳା ସ୍ୱର ଧରି ) ହେ କିଏ ? କୁଆଡ଼େ ନାହିଁ, ବୋଲି ନାହିଁ କୁଆଡ଼େ ମାଡ଼ିପାଉଛୁ ?

ଦାସୀ—ମୁଁ ମହାରାଜାଙ୍କ ସାକ୍ଷାତକୁ ଯାଉଛି ।

ଦୂତ—ସେଇଠି ରହ, ମହାରାଜାଙ୍କୁ ମୁଁ ଜଣାଏ, ତେବେ ଯାଇଁ ଯିବାକୁ ହେବ । ମୋ ପାଉଣା କଅଣ ଦେଲ, ମୁଁ ଜଣାଉଛି ।

ଦାସୀ - ତୋତେ କ ପାଉଣା ଦେବି ? ମୁଁ ନଅର ମା ମଣିମାଙ୍କ ଦାସୀ । ଯା, ରାଜାଙ୍କୁ ଜଣାଇ ଦେ ଯା ।

ଦୂତ—ବାହ୍ଲିକ ଏଡ଼େ ତୋଡ଼ ? ତୁ ଯିବା ମା ମଣିମାଙ୍କ ଦାସୀ, ମୁଁ ତ ବା ମଣିମାଙ୍କ ଦାସ । ତୁ ମୋତେ ଡରଉଛୁ କଅଣ ? ଅଚ୍ଛା, ଜଣାଇ ଦଉଛି—( ରାଜାଙ୍କୁ ଜଣାଇବା ) ମହାରାଜ ! ଦ୍ୱାରରେ ଭଅଁସର ଜଣେ ଦାସୀ ତୁମ୍ଭଙ୍କ ସାକ୍ଷାତ ଅପେକ୍ଷା କରୁଛି ।

ରାଜା—ଆଜ୍ଞାଦଅ ।

ଦୂତ - ଯେ ଆଜ୍ଞା; (ଦାସୀକୁ ରାଜାଙ୍କ ନିକଟ ପଠାଇବା)

ରାଜା—ଦାସି ! କ ସମ୍ବାଦ ?

ଦାସୀ—ମା ମଣିମାଙ୍କର ଶରୀର ଅସୁସ୍ଥ, ଆପଣଙ୍କ ଦର୍ଶନ ଅପେକ୍ଷା କରୁଛନ୍ତି ।

ରାଜା—ତେବେ ଚାଲ, ମୁଁ ଯାଉଛି । ( ସ୍ୱଗତ ) ବୋଧହୁଏ ରୁକ୍ମିଣୀର ଓ ରାଣୀଙ୍କର ମତଭେଦରେ ରାଣୀଙ୍କର ଦୁର୍ଜ୍ଞୟମାନ ଘଟିଛି, ଚାଲ ମନ୍ତ୍ରି !

—*—

## ତୃତୀୟ ଦୃଶ୍ୟ

( ରୁକ୍ମିଣୀ ଦାସୀ ସହ )

ରୁକ୍ମିଣୀ—ସଖି ! ବ୍ରାହ୍ମଣ ଯାହା କହିଲେ, ତୋ ମନକୁ କେମିତି ଆସିଲା ? ସତେ କଅଣ ସେ ଆସିବେ, କାହିଁ ମୋତେ ତ ବିଶ୍ୱାସ ହେଉ ନାହିଁ ।

ସୁରମ—ସଖି ! ନିଶ୍ଚୟ, ଆସିବେ ତେମେ ଆଉ ବ୍ୟସ୍ତ ହୁଅ ନା !

ରୁକ୍ମିଣୀ— ଗୀତ

ସ୍ୱପନ ଘରସ୍ତେ ବସୁଛି ମୋ ସଖ
ପ୍ରିୟତମ ମୋର ଆସିବେ କି ?
ଅଙ୍କରିପ କର ଧରି ପୀତାମ୍ବର
କୋଟି ଜନ୍ମ ଦୁଃଖ ନାଶିବେ କି ।
ଘୁଞ୍ଚିଯିବ ମୋର ଅମା ଅନ୍ଧକାର
ପୂର୍ଣ୍ଣଶଶୀ ଆସି ହସିବେ କି ?
(ମୂର୍ଚ୍ଛା) ମୋର ଗୀର୍ବସମେ ବସନ୍ତ ବହିବ
କୋକିଳ ଆନନ୍ଦେ ଗାଇବ କି ।

( ରାଣୀଙ୍କର ପ୍ରବେଶ )

ସୁରମା—କେମା ! ଦେଖିଲ, ମା ମଣିମା ଏଣେ ଆସିଲେଣି ! ତମ ଲାଗି ତାଙ୍କର ତ ଖିଆ ପିଆ ଏକରକମ ବନ୍ଦ ହୋଇଗଲାଣି ।

ରାଣୀ—( ପ୍ରକାଶ୍ୟେ ) ମା' ମ ! ତୁ ସଦାବେଳେ ଯେଉଁଠି ମନ ସେଠି ବସି ଲୁହ ଗଡ଼ାଇଲୁ । ତୁ ଏମିତି ହେଲେ ତ ତୋ ମଣିଷପଣିଆ ଶେଷ ହୋଇଯିବ । ଧନ ମୋର ! ଲକ୍ଷ୍ମୀ ମୋର ! ଆଉ ମନଟାକୁ ଏତେ ଅଧୈର୍ଯ୍ୟ କରନା ।

( ସୁରମା ପ୍ରତି )

ସୁରମା ! ଝିଅକୁ ମୋର ବଗିଚା ଆଡ଼େ ବୁଲେଇ ଆଣିବୁଟି । ମହାରାଜ ଏଠିକି ଆସିବେ, ଏଠୁ ତୁମେ ଟିକିଏ ଯାଅ ।

ସୁରମା—ହଉ ଯାଉଛୁଁ । କେମାମଣି ! ଚାଲ, ଟିକିଏ ବଗିଚା ଆଡ଼େ ବୁଲି ଆସିବା । ( ପ୍ରସ୍ଥାନ )

ରାଣୀ—( ସ୍ୱଗତ ) ମୁଁ କଅଣ କରିବ, ରାଜାଙ୍କୁ ଭଲ ରୁକ୍ମିଣୀର ଦୁଃଖ କଥା କହନ୍ତୁ । କିନ୍ତୁ କହିଲେ କଅଣ ହେବ । ରୁକ୍ମିଣ ତ ଦୁଷ୍ଟଲୋକ, ସେ ତ ସବୁ ବାଧା ଜନ୍ମାଉଛି । ଏ କଅଣ ନାରାଜ ଥିଲେ ? ଆଜ ଆଉ ଥରେ କହିବ । ରୁକ୍ମିଣୀ ! ତୋ କପାଳ କଥା । ଏଇ ତ ଆସିଲେଣି ।

( ରାଜା ପ୍ରବେଶ ) ( ରାଣୀ ଘାରବେ ବସିବା )

ରାଜା—ପ୍ରେୟସି ! ତୁମର ଶରୀର କଅଣ ଅସୁସ୍ଥ ହୋଇଛି ? ଆଜ ଏପରି ଆନନ୍ଦ ଦିନରେ ତୁମର ଏପରି ବିରସ ବଦନରେ ବସିବା କଅଣ ଭଲ ମନେ କରୁଛ ? କଅଣ କହିବଟି ? ପିତା ମାତା ଭାବରେ କନ୍ୟାଟିକୁ ସାନ୍ତ୍ୱନା ଦେଇ ବିବାହ ଦେବା କର୍ତ୍ତବ୍ୟ । ତୁମ୍ଭେ ତ ଏପରି ହେବ, କନ୍ୟାକୁ ପ୍ରବୋଧ ଦେବ କିଏ ? ନା, ଅନ୍ୟ

କୌଣସି କଥାରେ ବ୍ୟଥିତ ଅଛ, ମୋତେ ନ କହିଲେ ମୁଁ ଜାଣିବ କପରି ?

ଗୀତ

ଆହା ରେ କନକକେଶୀ
ବାରେ କହନ ମୋ କାନ୍ତ
ଶୀନ-ଭରକା ତୋ ବଦନେ
ନାହିଁ ମୋର ଅନ୍ୟ ଗତି । ୧ ।
କାଣାକଣା ତୋର ବାଣୀ
ଶୁଣାଅ ଗୋ ରମାମଣି
ଧରୁଅଛୁ ତୋର ପାଣି
ହାଣିହୁଏ ହୃଦୟଟି । ୨ ।
ମତ୍ତ-କରିଣୀ ଗମନା
କାହିଁକି ହେଉ ବିମନା
ମୁଁ ପରା ତୋହର କଣା
କଲ ନ ପାରେ ତୋ ମତି । ୩ ।

ପ୍ରେୟସି ! ଆଉ କେଉଁ କଥା ପ୍ରକାଶ କର । ତୁମ୍ଭେ କିଛି ନ କହିଲେ ମୁଁ ଜାଣିବ କପରି ?

ରାଣୀ—ନାଥ ! ରୁକ୍ମିଣୀର ଶୋକାକୁଳ ନୟନ ଦେଖିଲେ କେଉଁ ପାଷାଣର ହୃଦୟ ବିଦୀର୍ଣ୍ଣ ହୋଇ ନ ଯିବ ? ବିବାହ ଉତ୍ସବରେ କିଏ କେବେ ଆନନ୍ଦ ଉପଭୋଗ କରୁନାହିଁ; କିନ୍ତୁ ମୋ କନ୍ୟାର ଅବସ୍ଥା ଆଉ କିଛି ଦେଖୁନାହିଁ । ଆପଣ ବର୍ତ୍ତମାନ ତାକୁ ବିବାହ ଦିଅନ୍ତୁ ନାହିଁ ।

ରାଜା—କି ଅସମ୍ଭବ କଥା । ସେ ପିଲା ବୋଲି ତୁମ୍ଭେ କି ସେହିପରି କଥା କହୁଛ ! ବିବାହ ଦିନ କି ବନ୍ଦ ହୋଇପାରେ ? ଯେଉଁଦିନ ହେଲେ ତ ସେ ଆମ୍ଭମାନଙ୍କ କୋଳରୁ ଅନ୍ତର ହେବ । ଝିଅ, ଝିଅ, ଏ କଉଣ ସାଇତିବା ଧନ କି ? ସେ ପ୍ରଜାପତ ସର୍ଜନାସ୍ତ କଥା, ଆମ୍ଭର ଅଭ୍ୟାର କିଛି ନାହିଁ । ଆମ୍ଭେ ପିତା ଜନ୍ମ ଦେଇଛୁ, କିନ୍ତୁ କର୍ମ ତ ଦେଇନାହୁଁ । ତୁମ୍ଭେ ବୃଥାରେ ଅନ୍ୟ ଆଶା ମନରେ ଜାଗରିତ କରନା । ହେଲେଣି ବାଦ୍ୟ ଶୁଭିଲଣି । ତୁମ୍ଭେ କନ୍ୟାକୁ ବୁଝାସୁଝା କରି ଦେବୀମନ୍ଦିରକୁ ଓ ମଙ୍ଗଳାକୁ ପଠାଅ । ଆସ, ଆଉ କେତେକ ବିଷୟ ପଚାରିବାକୁ ଅଛି ।

—*—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

( ଶିଶୁପାଳ ବର ବେଶେ ସେବକ ସହ ଯାଜ-ସମକରେ ପ୍ରବେଶିବା ଓ ରାଜପୁରୋହିତ ବାଟ-ବରଣି କରି ନେଇଯିବା । )

( ନେପଥ୍ୟେ ଶଙ୍ଖ ଡାକ )

ରାଜା—ଦୂତ ! ଯା, ଅନ୍ତଃପୁରେ ଖବର ଦେ, ଶୀଘ୍ର ଶୀଘ୍ର କନ୍ୟାକୁ ଦେବୀ ମନ୍ଦିରକୁ ପଠାନ୍ତୁ । ବରକୁ ନୂଆ ଉଆସରେ ରଖାଅ । ଆଉ ଯିଏ ଯିଏ ରାଜାମାନେ ଆସୁଛନ୍ତି, ସେମାନଙ୍କୁ ସମ୍ମାନ ଦେଇ ରଖାଅ ।

ରୁକ୍ମ—ପିତା ! ବିବାହ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବା ଦରକାର । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

( ରୁକ୍ମିଣୀର ସଖୀସହ ଦେବୀ ମନ୍ଦିରକୁ ଗମନ, ଶଙ୍ଖ ହୁଳହୁଳି ଇତ୍ୟାଦି )

୧ମ ସଖୀ—ତେମେ ଏମିତି ହେଲେ ହେବ ? ପିତା ପରା ରାଗ ହେଉଛନ୍ତି ! ଉଃ, ଟିକିଏ ଚାଲିଆସ ।

ରୁକ୍ମିଣୀ—ନାହିଁ ସଖି ! ଯିବି ନାହିଁ । ମୋତେ ବ୍ୟସ୍ତ କର ନା, ଗୁହରିପ ।

୨ୟ ସଖୀ—ଯା ନା କଉଣ କଥା ! ତେମେ ପିଲା ନୁହଁ, ବୁଢ଼ୀ ନୁହଁ, ଏମିତି ଅବୁଝା କଉଣ ହେଉଛ ?

୩ୟ ସଖୀ—ନଅଁନଗା ବ୍ରାହ୍ମଣଟା ଭଲ ଥାଆନ୍ତା, ପୁଣି ଥରେ ହେଲେ ବୁଲିକି ଯାଆନ୍ତା । ଯୋଗିଯାଗିଆ ଭଳି ଯାଇ ସବୁରେ ବସି ରହିଲା, ଏଣେ ଯାଙ୍କ ଭଳ ଏମିତି । କେମିତେକି ! ତେମେ ଭଲ ଗୁରୁ ।

ରୁକ୍ମିଣୀ— ଗୀତ

କାହିଁକି ରେ ସଖି ମୋତେ ବଳାଅ ପରା । ପଦ ।
କାହିଁ ସେ ଲାବଣ୍ୟ ମୂର୍ତ୍ତି  କାହିଁ ସେ ଶ୍ରୀମୁଖ ଜ୍ୟୋତି,
କାହିଁ ସେ ପ୍ରାଣ ବନ୍ଧୁଟି ହୃଦୟହାର । ୧ ।
ସଖି ! ସେ ଲାବଣ୍ୟ ପ୍ରତିମା ମୋର ନୟନ ପାଶୁଳା କାହାନ୍ତି ?

୨ୟ ସଖୀ— ବ୍ୟସ୍ତ ହେଉଛ କାହିଁକି ? ସେ ଅନ୍ତର୍ଯ୍ୟାମୀ, ନିଶ୍ଚେ ତୁମ୍ଭର ଅନ୍ତରବେଦନା ଜାଣିଛନ୍ତି । ସେ ତାର ପ୍ରତିକାର କରିବେ ।

ରୁକ୍ମିଣୀ— ଗୀତ

କାହିଁ ସେ ମନମୋହନ ?  କାହିଁ ସେ ବଂଶୀବଦନ,
କାହିଁ ସେ କାଳିଆସୁନା ପ୍ରେମ ପସରା । ୨ ।
ସଖି, ସତେ ଆସିବେ ନାହିଁ ! ସତେ ମୋତେ ଦେଖାଦେବେ ନାହିଁ ?

୩ୟ ସଖୀ—ହଁ ଆସିବେ, ତେମେ ତ ବେଶ୍ ଆମକୁ ଧକାଧକାଳ କରି ସାରିଲଣି ।

ରୁକ୍ମିଣୀ— ଗୀତ

କାହିଁ ଶ୍ରୀଖଣ୍ଡଚୂଳିଆ  କାହିଁ ସେ ବନମାଳିଆ
କାହିଁ ସେ ଘନକାଳିଆ ମୋ ମନଚୋରା । ୩ ।
କାହିଁ ସୁଘଟ ନାଗର  କାହିଁ ସେ ମୁରଲୀଧର,
କାହିଁକି ହେଲେ ନିଠୁର ବାଳି ଅଧୀରା । ୪ ।

(ଦୁର୍ଗାଙ୍କ ନିକଟେ ସ୍ତବ)

ମା ଭଗବତି ! ପତି ମୋର ସେ କାଳିଆ ସୁନା ।
ତାର ବିନା ଅନ୍ୟ ମୋର ନାହିଁଟି ଭାବନା ।
ମହିଷାମର୍ଦ୍ଦିନୀ ମାତ ଦୁର୍ଗତି-ନାଶିନି ! ଏ ସଙ୍କଟୁ ଉଦ୍ଧାରକୁ କରୁଣାଦାୟିନି !  (ଶୂନ୍ୟବାଣୀ)

କୃଷ୍ଣ—ଭାଗ୍ୟବତି ! ଅଚିରମେ, ଭେଟିବୁ ତୁ ମୋତେ
ହେବେ ମୁହିଁ ବନ୍ଧା ଏ ଜଗତେ
ଭକ୍ତଙ୍କ ହୃଦରେ ମୋର ନାମ ଭଗବାନ,
ଭକ୍ତର କଷଣ ସହି ! ସହେ ମୁଁ କଷଣ,
ନିଶ୍ଚୟ ବରଙ୍ଗୀ ଆଜି ହେବୁ ପ୍ରାଣସଙ୍ଗୀ
ବୃଥା କମ୍ପା ଏଣେ ତେଣେ ହେଉଅଛୁ ଧନ୍ଦ ?

ରୁକ୍ମିଣୀ—( ଆଶ୍ଚର୍ଯ୍ୟ ହୋଇ ) କିଏ କେଉଁଠାରେ ଏ ଅମୃତ ବାଣୀ ଶୁଣାଇଲା ! ସତେ ମୋ ବନ୍ଧୁ ଆସିବେ ?

ସଖୀଏ—ହଁ ଆସିଲେ ପରା ? ଊର୍ଦ୍ଧ୍ୱକୁ ଚାହିଁ) ଜେମା ଦେଇ, ଦେଖିଲ, ଆକାଶ ମାର୍ଗରେ ଏ କାହାର ରଥ ? ଆମ୍ଭେ ନିଶ୍ଚୟ ଜାଣିଲୁଣି, ଏ ସେହି ନଟବର ନାଗର ଶ୍ରୀକୃଷ୍ଣ । ତାଙ୍କ ଛଡ଼ା ଆଉ କେହି ନୁହେ । ଭଲକରି ଟିକଏ ଉପରକୁ ଚାହିଁଲ ।

ସଖୀଏ— ଗୀତ

ଏହି ପରା ସେହି ଯାହା ଲାଗି ହେଉ ବାଇ ଗୋ ।
ପଥ ଜଗି ବସିଅଛୁ ତୋ ଆସିବା ଚାହିଁ । ପଦ ।
ତୋର ଅନ୍ତର ବେଦନା  ଜାଣେ ସେ ମନମୋହନା,
ନ କର ଆଉ ଭାବନା ହେବୁ ତାଙ୍କ ସହି ଗୋ ।୧।

ଶ୍ରୀକୃଷ୍ଣ— ଗୀତ

ଘନକେଶି ! ଶୂନ୍ୟମାର୍ଗେ ବସି,
ତୋତେ ଚାହିଁଅଛୁ ପରାରେ
ପୀନସ୍ତନୀ ନୁହ ଭାବ,
ଏ ଜୀବନ ତୋହ ଲାଗି !
ମୀନ କି ସଲିଳ ମୁହଁଛି ବାନ୍ଧବ
ତୁ ମୋ ହୃଦହାର ରେ ।୧।

ପ୍ରେୟସି ! ତୁହି ମୋର ଗଳାର ରତନ, ତୋହ-ବିନା ଏ ଜଗତେ ନାହିଁ ସୁଖ ଅନ୍ୟ, ପରାଣ ପର୍ଯ୍ୟନ୍ତ ପଣ ତୋହଲାଗି ସତି ! ବିଷଣ୍ଣ ନ ହୋଇ ଆସ ପଥ ମୁଁ ଚାହିଁଛି ।

ଗୀତ—

ଶରଦ ଚନ୍ଦ୍ରବଦନା, କାହିଁକି ହେଉ ବିମନା
ତୋ ହୃଦ ପଲଙ୍କେ  ବିହରିବି ସୁଖେ
ଖେଦ ତେଜ ଧୀରା ରେ ।୨।

ପ୍ରେୟସି ! କର ହସ୍ତ ଉତ୍ତୋଳନ ଶୂନ୍ୟମାର୍ଗେ । ନେବି ନନ୍ଦଘୋଷେ ।

ଦାସୀମାନେ— ଦେଖୁଛ କଣ ବା ଚାଲୁନା, ଜେମାଦେଈ, ଆମ୍ଭମାନଙ୍କୁ ଏକା ମନେ ପକାଉଥିବଟି ? କେହି କୁଆଡ଼େ ନାହାନ୍ତି, ଆଉ କାହିଁ ଦୂରକୁ ଚାଲ ।

(ପ୍ରସ୍ଥାନ)

———

## ତୃତୀୟ ଦୃଶ୍ୟ

(ରାଜା, ପୁରୋହିତ ଦୁଇଜଣ, ଜ୍ୟୋତିଷ, ବାଳକ ଓ ବାଦ୍ୟକାର ଓଗେର)

ରାଜା—ପୁରୋହିତେ ! ତୁମ୍ଭର ବେଶୀ ଉପରେ ସମସ୍ତ କାର୍ଯ୍ୟ ପ୍ରସ୍ତୁତ କରି ରଖ, ଯେପରି ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ।

ବ୍ରାହ୍ମଣ—ମହାରାଜ ! ସବୁ ପ୍ରସ୍ତୁତ, ବାଳକ ଯାଇଁ ବର ଘେନିଆସୁ ! ବାହୁଅ କାର୍ଯ୍ୟ ହୋଇଯିବ ।

ରାଜା—ହଉ ଯାଉ,(ବାଳକପ୍ରତି) ଯାଅ ବର ଘେନିଆ ।

(ବ୍ରାହ୍ମଣମାନଙ୍କର କର୍ମ ଆରମ୍ଭ)

(ବର ଅଞ୍ଜଳି ଘେନି ପ୍ରବେଶ)

ବାହୁଅ ସୂତା ଧରିବା ସମୟେ ନେଲା ନେଲା ଗୋଳ ଦୂରରେ ହେବା)

ରାଜା—ଏ କି ଶବ୍ଦ ? କିଏ କାହାକୁ ନେଲା ନେଲା ଡାକ ପଡୁଛି ?

ବ୍ରାହ୍ମଣ—କେ ଜାଣି ମହାରାଜ ! ( ସମସ୍ତେ ଉଠିଲେ )

ଦୂତ—( ବେଗେ ପ୍ରବେଶି ) ମହାରାଜ ! ସର୍ବନାଶ ! ଦେବୀ ମନ୍ଦିରରୁ କନ୍ୟାମଣି ଆସିବା ସମୟେ କିଏ କନ୍ୟାମଣିଙ୍କୁ ଧରି ନେଇ କୁଆଡ଼େ ଗ୍ଲଲଗଲା !

ରାଜା—ଆରେ, ନେଲା କିଏ ?

ଦୂତ—ମହାରାଜ ! ଚୋର !

ରାଜା— ଗୀତ

(ନିର୍ଲଜ୍ଜ ତୋ ମୁଖରେ ଲଜ୍ଜା—ବୃନ୍ଦେ)

ବେଢ଼ି ମାରି ଚୋର କେଣେ ଗଲା ରେ
ବାହୁଅ କନ୍ୟା ବରଣ କାଳେ ମୂଢ଼ ଅଜ୍ଞାନ
ଅନ୍ତରାଳେ ରହି ଏଡ଼ା କଲା ରେ
ନେଲାରେ, କାହା ସଙ୍ଗରେ । ପଦ ।

କାର ଏ ଆସ୍ପର୍ଦ୍ଧା ? ମୋର କନ୍ୟାକୁ ବଳାତ୍କାରରେ ଦେବୀ ମନ୍ଦିରରୁ ହରଣ କରି ନେଇଗଲା ।

ଗୀତ

ଭେକ ଭୁଜଙ୍ଗ ଗହ୍ଵରେ ପଶିଛି କି ଯୁକ୍ତି କାଟରେ
ବୁଝିଲ ନା କର୍ମ ବାମ ହେଲା ରେ । ୧ ।
ସିଂହ ମୁଖରେ ଶୃଗାଳ ଘୁରି କେତେକ ମାତର
କାଳକୃଷ୍ଣ କୋଳେ ଶୋକ ଦେଲାରେ । ୨ ।

ଦୂତପ୍ରତି—କହ ଦୂତ ! ସୈନ୍ୟଗଣେ ଯୁଦ୍ଧ ଲାଗି ହୁଅନ୍ତୁ ପ୍ରସ୍ତୁତ ସର୍ବେ । ଛାର ଚୋର ଗୋଟା କିଏ ବଳାତ୍କାରେ କନ୍ୟାକୁ ମୋ କରିଲା ହରଣ । ନଷ୍ଟେ ଆଜ ଧରି ପାଷଣ୍ଡକୁ, ଦମାଇ ତା ବୁଝିବି କେଯାଏ ।

( ରୁକ୍ମଣ ପ୍ରବେଶ )

ରୁକ୍ମଣ—(ପିତା ପ୍ରତି) ଧୈର୍ଯ୍ୟଧର ତାତ !

ଏ ସନ୍ତାନ ଥାଉଁ ଥାଉଁ, ଆପଣ କାହିଁକି ଯୁଦ୍ଧକୁ ଅଗ୍ରସର ହେବେ ? ମୁଁ ବର୍ତ୍ତମାନ ସେ ପାଷଣ୍ଡର ଦମାକଥା ବୁଝିବି । ଚାଲ ଦୂତ, ଚାଲନ୍ତୁ ପିତା ।

( ପ୍ରସ୍ଥାନ )

ବାଳକ—ନନା, ଆମେ କଅଣ କରିବା ।

୧ମ ବ୍ରାହ୍ମଣ—ଆରେ ନଢ଼େଇ ତ ଲାଗିଲା, ଆମେ ଏଠି ବସି ରହି କି ଫଳ ? ତୁ ବର ନେଇ ଯା, ଆମ୍ଭେ ଚାଲିଲୁ । ମିଛରେ ଏଠି ବସି କଅଣ ହାଣରେ ଯିବା ?

ବାଳକ—ବରକୁ କୋଉଠିକି ନେବି ?

୨ୟ—ଆମେ ଜାଣୁ ? ନନା ଚାଲ, ଏଠି ଆଉ ଦଣ୍ଡେ ରହି ଭଲ ନାହିଁ । ଏ ସରଞ୍ଜାମ ଗୁଡ଼ା ବାନ୍ଧିନେଇ ଯିବା, ଛାଡ଼ିବା କାହିଁକି ? ଆମର ଯେତିକି ହେଲା ସେତିକି ।

( ଗୋଟେଇ ଗାଟେଇ ଘେନି ପ୍ରସ୍ଥାନ)

ବାଳକ—(ଶିଶୁପାଳ ପ୍ରତି) ଆଉ ଆପଣ ବସିଛନ୍ତି କାହିଁକି ? ପ୍ରାଣ ରଖିବା ଭାବନା ପଡ଼ିଲାଣି, ଚାଲି ଆସନ୍ତୁ । (ପ୍ରସ୍ଥାନ)

---

# ପଞ୍ଚମ ଅଙ୍କ

## ପ୍ରଥମ ଦୃଶ୍ୟ

(ରୁକ୍ମଣ ସୈନ୍ୟ ସହ ପ୍ରବେଶ)

ରୁକ୍ମଣ—ଗଲା କାହିଁ ମୂର୍ଖ ?

ଦୂତ—ଯୁବରାଜ ! ଏଇ ଦେଖନ୍ତୁ ତ ଶୂନ୍ୟମାର୍ଗରେ ଗୋଟାଏ ରଥ କାହାର ଦେଖାଯାଉଛି ।

ରୁକ୍ମଣ—ହଁ, ଠିକ୍ ଏହି ।

ଗୀତ

କାହିଁ ଯିବ ପାଜ ଆଜ ମୋ କରୁ ବରତ ।
ପାଞ୍ଚି ପୋଟୁଳିଣି ଯମ ନାହିଁ ଭଲ ଗତ । ୧ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ନାହିଁ ତାର ବାସ ।
ଝିପୁର ଖୋଜ ମାରିବ ଯିବ ଏ କଳୁଷ । ୨ ।
ଦେବତା ହେଲେ ତା ମଥା କରିବି ମୁଁ ଚୂନା ।
ରାକ୍ଷସ ହେଲେ ମୁଁ ଧ୍ୱଂସ କରିପାରେ ସିନା । ୩ ।
ରଣେ ନ ଜିଣିଲେ କୁଣ୍ଡିନଗ୍ରେ ନ ପଶିବ ।
ଏ ମୋର ଦୃଢ଼ ପ୍ରତିଜ୍ଞା ଭାବୁଅଛୁ କବ । ୪ ।

ଶୁଣ ସୈନ୍ୟଗଣେ !
ଯେବେ ଆଜ ନ ଜଣେ ସେ ପାଷଣ୍ଡ ସ୍ୱୈରକୁ
ଯେବେ ଭଗ୍ନୀ ମୋର ନ ଆଣେ ତା କରୁ
ନ ପଶିବ କୁଣ୍ଡିନଗ୍ରେ ଏହି ଦୃଢ଼ବ୍ରତ ।

ଦୂତ – ମହାରାଜ ! ଏହି ଏହି—

ରୁକ୍ମ—ହିଁ ଏହି ତ, ରେ ରେ ପାଷଣ୍ଡ ପଳାଉଛୁ କାହିଁ ?
ଆଉ ଦଣ୍ଡେ ମାତ୍ର ରହ ସେହି ସ୍ଥାନେ,
ପାଷଣ୍ଡ ବର୍ବର ! ଏବେ ତୋ ଜମାନ,
ମୋ ଭଗ୍ନୀକୁ ହରିବାକୁ ବଳାଇଲୁ ଆଶା,
ରେ ଲମ୍ପଟି ନାଶ ସ୍ୱୈର ! ଚହ୍ନିଲିଣି ତୋତେ
ଏ ମୁହୂର୍ତ୍ତେ ଖଣ୍ଡ ଖଣ୍ଡ କରିବ ତୋ ମୁଣ୍ଡ ।
(ଦଳହ ପ୍ରସ୍ଥାନ)

———

## ଦ୍ୱିତୀୟ ଦୃଶ୍ୟ

(ଶ୍ରୀକୃଷ୍ଣ, ଯଦୁସୈନ୍ୟ, ବଳଦେବ, ରୁକ୍ମିଣୀ)

ଶ୍ରୀକୃଷ୍ଣ—ଭାଇ ! ରୁକ୍ମ ଯୁଦ୍ଧ ଲାଗି ଧାଇଁଛି । ସୈନ୍ୟମାନଙ୍କୁ ସତର୍କ କରିଦିଅନ୍ତୁ ।

ବଳଦେବ – ଏଇ ତ ସେ ଆସିଗଲା ପରା ? ଯାଦବ, ପ୍ରସ୍ତୁତ ହୁଅ ।

ଶ୍ରୀକୃଷ୍ଣ—ଭାଇ ! ମୁଁ ଟିକିଏ ଅନ୍ତରାଳରେ ରହୁଛି ।

ବଳଦେବ—ଯାଅ (କୃଷ୍ଣ ଓ ରୁକ୍ମିଣୀ ପ୍ରସ୍ଥାନ)

ରୁକ୍ମ—(ପ୍ରବେଶ)
ଆରେ ରେ ପାଷଣ୍ଡ ଯଦୁବୀର
ଗୋଟି ଗୋଟି ବିନାଶି ତୁମ୍ଭଙ୍କୁ
ଅଯାଦବ କରିବ ଏ ମହୀ ।
(ଯାଦବଙ୍କ ସଙ୍ଗେ ରୁକ୍ମ ଯୁଦ୍ଧ କରୁ କରୁ ପ୍ରସ୍ଥାନ)

———

## ତୃତୀୟ ଦୃଶ୍ୟ

ଶ୍ରୀକୃଷ୍ଣ - ପ୍ରିୟେ ! ଏପରି ଥରୁଛ କାହିଁକି ? ତୁମ୍ଭ ମନରେ କଅଣ କିଛି ଭୟ ଆସୁଛି ? ନା, ଭୟର କାରଣ କିଛି ନାହିଁ । ତୁମ୍ଭେ ମୋ ନିକଟରେ ଅଛ; ଭୟ କାହାକୁ ।

ରୁକ୍ମିଣୀ—ନାଥ ! ଅଭାଗିନୀ ଯୋଗୁଁ ଆପଣଙ୍କୁ କେତେ କଷ୍ଟ ସହ୍ୟ କରିବାକୁ ପଡୁଛି ।

ଶ୍ରୀକୃଷ୍ଣ—ନା ନା, କଷ୍ଟ କଅଣ ? ତୁମ୍ଭେ ମୋ ହୃଦୟନିଧି । ତୁମ୍ଭେ ମୋ ନୟନତାରା । ତୁମ୍ଭ ଲାଗି ପ୍ରାଣ ମଧ୍ୟ ପଡ଼ିଲେ ଦେଇପାରେ । ଏଇ କିଏ ଆସିଲା ?

(ରୁକ୍ମ ପ୍ରବେଶ)

ପାଷଣ୍ଡ ! ଏବେ ତୋ ଆସ୍ପର୍ଦ୍ଧା
ମୋର ଭଗ୍ନୀ ବଳେ ଆଣି ରଖିଛୁ ପାଷଣ୍ଡ,
ମୂର୍ଖ, ଅଛି ଯେବେ ପ୍ରାଣେ ଆଶା
ରୁକ୍ମିଣୀକୁ ଦେଇ
ଶତେବାର କ୍ଷମା ମାଗ ମୋତେ
ନଚେତ୍ ମୁଣ୍ଡସ୍ଥଳ ଗଣ୍ଡି ତୋର ଲୋଟିବ ଏ ମହୀ ।

ଶ୍ରୀକୃଷ୍ଣ—ନିର୍ଲଜ୍ଜ ତୁ, ଭଉଣୀ ସାଙ୍ଗରେ ଆସି ଯୁଦ୍ଧ ଲଗାଉଛୁ ?

ରୁକ୍ମ— ଗୀତ

(ହେ ଗୁରୁଦେବ—ବୃନ୍ଦେ)

ମୂଷା ଖାଉଛୁ ଗଞ୍ଜାଇ ରେ ଯିବୁ କାହିଁ । ଘୋଷା ।
ମାର୍ଜାର କରନ୍ତୁ ଖଣ୍ଡ
ଯିବୁ କାହିଁ ରେ ପାଷଣ୍ଡ ।
ସଚରାଚର ବ୍ରହ୍ମାଣ୍ଡେ ତୋର ସ୍ଥାନ ନାହିଁ । ୧ ।

ଶିକାଳୁଣ୍ଡା ଜୁଆଗ୍ୟେର
ଖଞ୍ଜଟୁ କ ସେହ୍ବପର ।
ମୋ ଭଗ୍ନୀକୁ ନେବୁ ହରି ଅଛୁ ମନେ ଧାସି । ୨ ।
ଲୁହେ ଏ ଗଞ୍ଜଡ଼ି ଗୋଠ
ନଞ୍ଜଢ଼ି ଖେଳ ପାପିଷ୍ଟ ।
ଏକ୍ଷଣି ହେବୁ ବିନଷ୍ଟ ଇଷ୍ଟ ସ୍ମର ତୁହି । ୩ ।
ପ୍ରାଣେ ଯେବେ ଲୋଡ଼ୁ ଆଶ
ଶରଣ ମାଗ ନୃଶଂସ ।
ନୋହିଲେ ହେବୁଟି ଧ୍ୱଂସ ମନ୍ଦ ହେଲା ବୁଦ୍ଧି । ୪ ।
ଦୁରାତ୍ମର ! ସମ୍ଭାଳ ତୋ ମଥା
ପାଷଣ୍ଡ ! ବଳେବଳେ ମୃତ୍ୟୁକୁ ତୁ କଲୁ ନିମନ୍ତ୍ରଣ,
ନିଦାନ ପୂରିଲା ତୋର ଜାଣିଥା ପାପିଷ୍ଟ !
ଆସ କର ଯୁଦ୍ଧ ମୋର ତୁଲେ
ଦେଖାଯିବ ବାହାଦୁରୀ ପଣ !

ଶ୍ରୀକୃଷ୍ଣ— ଗୀତ

ଯା ଯା ରେ ନିର୍ଲଜ୍ଜା ଯା
ଲାଜ ମାଡ଼େ ଯୁଝିବାକୁ ରେ
ଜ୍ୟେଷ୍ଠ ଶଳା ମୋର ନ ହେଲେ ପାମର
କାଟିଥାନ୍ତି କୁକୁ ରେ । ପଦ ।
ଚକ୍ରଧର କହୁ ଆଜ ରେ,
ବର୍ଦ୍ଧ ନ ହେବୁ ତୁ ପାଜରେ ।
ଦଣ୍ଡ ପ୍ରାୟେ ଖଣ୍ଡ କରି ଖଣ୍ଡ ଖଣ୍ଡ
ଭୁଞ୍ଜାଇବ କୁକୁରେ । ୧ ।
ଗର୍ବଗଞ୍ଜନ ବାନା ମୋର
ଗର୍ବ ଚୂରିବ ରେ ତୋର ।
ବଡ଼ର ତୁ ଦୁଷ୍ଟ ହେବୁ ରେ ବିନଷ୍ଟ
ଡାକ ତୋର ଠାକୁରେ । ୨ ।
ଆସି କେ ସମ୍ଭାଳୁ ତୋତେ ରେ,
ନାଗ ସ୍ୱର୍ଗ ମର୍ତ୍ତ୍ୟ ଲୋକରେ ।
ଆରେ ମୂଢ଼ ଦୁଷ୍ଟ ଛାଡ଼ି ଦେ ତୋ ଆଶା
ମୃତ୍ୟୁ କମ୍ପା ଡାକୁ ରେ । ୩ ।
ରେ ନିର୍ଲଜ୍ଜ ! ଜ୍ୟେଷ୍ଠଶଳା ତୁହି
ଭଉଣୀର ସଙ୍ଗରେ କେମନ୍ତେ କରିବୁ ଲଢ଼ାଇ ।

ରୁକ୍ମଣ —ବୃଥା ବାକ୍ୟେ ନାହିଁ ପ୍ରୟୋଜନ,
ଯୁଦ୍ଧ ଲାଗି ହୁଅରେ ପ୍ରସ୍ତୁତ ।
(ଉଭୟ ଯୁଦ୍ଧରେ ରୁକ୍ମଣର ପତନ, ଶ୍ରୀକୃଷ୍ଣ ମାଡ଼ି ବସିବା)

ଶ୍ରୀକୃଷ୍ଣ—ଏଥର ଯିବୁ କେଉଁଣେ ଦୁଷ୍ଟ !
ଡାକ କିଏ ଅଛି ରକ୍ଷାକରୁ ଏଥି
ମୂର୍ଖ! ଅନ୍ତ ତୋର ଚରି, ପଇତା ମୁଁ କରିବ ନିଷ୍ପ୍ରଯୁ

ରୁକ୍ମଣୀ—ନାଥ, ନାଥ ! କ୍ଷମାକର ।

ଶ୍ରୀକୃଷ୍ଣ—ନା ପ୍ରିୟେ ! ମୂର୍ଖକୁ କ୍ଷମା ନାହିଁ ।

ରୁକ୍ମଣୀ— ଗୀତ

ମାରନା ମାରନା ପ୍ରଭୁ, ମାରନା ମୋ ସହୋଦର,
ଏ ଦାରୁଣ ପଣ ଦେଖି କମ୍ପୁଛି ହୃଦ ପଞ୍ଜର । ପଦ ।
ଦଣ୍ଡିବା ଶକ୍ତି ତୁମ୍ଭର
ମୂର୍ଖଙ୍କୁ ନାହିଁ ଗୋଚର,
ଏ ଅପ୍ରାଧ କ୍ଷମାକର
ବାନ୍ଧବ ପଣ ତୁମ୍ଭର । ୧ ।
ଅର୍ଜିଲା କରମ ତାର
ଭୋଗିଲାଣି ଚକ୍ରଧର,
ମରଣ କେତେ ମାତର
ଲଜ୍ଜା ହେଲାଣି ଅପାର । ୨ ।
କରୁଣା ସିନ୍ଧୁ କରୁଣା
ନ କର ମୋଠାରେ ଊଣା,
ବାଳାମଣି ତୋଷ କଣା
କ୍ଷଣେ ମୋ ସନ୍ତାପ ହର । ୩ ।
ନାଥ ! ଦିଅ, କ୍ଷମା ଦିଅ ! ମୋର ଭାଇ ପଣ !
ଭାଇର ପ୍ରାଣରେ ଆଘାତ ହେଲେ ଭଗ୍ନୀର କି ଦଶା, ତା କଅଣ ଆପଣଙ୍କୁ ଅଜ୍ଞାତ ?

( ବଳଦେବ ପ୍ରବେଶ )

କୃଷ୍ଣ ! କ୍ଷମା ଦିଅ । ତାକୁ ସପ୍ତ ବେଣ୍ଟିକର ଜାନୁତଳେ ଗଳାଇ ଛାଡ଼ିଦିଅ । ନିଜର ଶଳା, ବନ୍ଧୁ ତ, ସେତିକି ଯଥେଷ୍ଟ ହେବ ।

( ତଥାକରଣ )

( ଶ୍ରୀକୃଷ୍ଣ, ରୁକ୍ମିଣୀ ମିଳନ, ସଖୀମାନଙ୍କ ଗାନ )

# ଘଟୋତ୍କଚ

## ବିବାହ ବିଭ୍ରାଟ

# ଘଟୋତ୍କଚ

## ବିବାହ ବିଭ୍ରାଟ

### ପ୍ରଥମ ଅଙ୍କ

### ପ୍ରଥମ—ଦୃଶ୍ୟ

### ଦ୍ୱାରକା ରାଜଅନ୍ତଃପୁର

( ବଳଦେବ, ରେବତୀ ସହ ପ୍ରବେଶ )

ରେବତୀ—ଏମିତିଆ ବସ୍ତୁନ୍ଧୁଆ ମଣିଷ ପ୍ରାୟ ପୃଥିବୀରେ ମିଳିବା ବିରଳ । କେଉଁ କଥାକୁ ହୋଲ୍ ନାହିଁ କି ଡୋଲ୍ ନାହିଁ । ମୋତେ ଏ ସବୁ ଭଲ ଲାଗୁନାହିଁ । ଲୋକ ଅପବାଦକୁ ତମର ଟିକିଏ ହେଲେ ତ ଭ୍ରୂକ୍ଷେପ ନାହିଁ ?

ବଳଦେବ—ଲୋକ ଅପବାଦ ! କାହିଁକି ? ଏପରି କି କଥା ଘଟିଛି କି ?

ରେବତୀ—ତୁମେ ଜାଣିବ କାହିଁକି ? ଦାଣ୍ଡରେ ଘାଟରେ, ହାଟରେ ବାଟରେ ସବୁଠି ପଡ଼ିଛି ସେଇ କଥା । କାନରେ କଣ ପଥର ପଡ଼ିଛି ?

ବଳଦେବ—ଓଃ ! କଥାଟା କଣ କହୁନାହଁ । ଏଣୁ ତେଣୁ ଗୁଡ଼ିଏ କହିଯାଉଛ ଯେ !

ରେବତୀ—ମୋ କହିବାଟା ଖଟା ଲାଗୁଛି । ଏଥର ଦାଣ୍ଡର ଲୋକଭଣ୍ଡାରି କି କହିବେ । ରାଜା ହେଲ ବୋଲି, ବଡ଼ଲୋକ ହେଲ ବୋଲି, ସମୟ ଅସମୟ, କଥା ଅକଥା, ଭଲ ମନ୍ଦ ବିଚାର ଟିକିଏ ନାହିଁ ? ତୁମେ ପରା ଜଗତକୁ ଆଦର୍ଶ ଦେଖାଇବ ? ତୁମେ ରାଜା, ରାଜା ଅନୁଗତ ଧର୍ମ । କିନ୍ତୁ ତୁମେ ଯାହା କରୁଛ ତାହା ସାମାନ୍ୟଙ୍କୁ ସାମାନ୍ୟ ଠାରେ ମଧ୍ୟ ଦେଖିବାକୁ ମିଳେନା ।

ବଳଦେବ—ମୁଁ କେବେ ଅନ୍ୟାୟର ପକ୍ଷପାତୀ ନୁହେଁ । କହୁନା ଏପରି କି କଥା ଘଟିଛି, ଯଦ୍ଦ୍ୱାରା ତୁମ ପ୍ରାଣରେ ଦାରୁଣ ଆଘାତ ଲାଗିଛି ? ମୁନିରପି ମତିଭ୍ରମ । ମୁଁ ତ ତହିଁରୁ ବାହାର ନୁହେଁ । ଭ୍ରମ ବଶତଃ ଯଦି କୌଣସି କାର୍ଯ୍ୟ ଘଟିଯାଇଥାଏ, ତେବେ ମୁଁ ସାବଧାନ ହୋଇଯିବି । ଅନେକ ସ୍ଥଳରେ ପୁରୁଷର ବୁଦ୍ଧି ବିଭ୍ରମ ଘଟିଲେ ସ୍ତ୍ରୀମାନେ ସାବଧାନ କରିଦିଅନ୍ତି, ଆଉ ପଥଭ୍ରଷ୍ଟ ସ୍ୱାମୀକୁ ସୁପଥକୁ ଟାଣି ଆଣନ୍ତି । କହ ରେବତି ! ମୁଁ ଏପରି କି ଭୁଲ କାର୍ଯ୍ୟ କରିଛି ?

ରେବତୀ—ତୁମେ କାହିଁକି ଭୁଲ କରିବ ? ତୁମେ ରାଜା, ପ୍ରଜାପାଳକ । ଦେଶର ହିତାହିତ ଭଲମନ୍ଦ ତମଠାରେ ନ୍ୟସ୍ତ । ବରଂ ସେ ଭୁଲଟା ମୋର ! ମୁଁ ଗୋଟିଏ ଦୁଃଖିନୀ କନ୍ୟାର ମା ହୋଇ !

ବଳଦେବ—ଆଉ, ଆଉ, ଆଉ କହିବା ଆବଶ୍ୟକ ନାହିଁ । ମୁଁ ପରିଷ୍କାର ବୁଝି ସାରିଲିଣି, ଶଶୀରେଖାର ବିବାହ କଥା । ଭଲ କୁଳ ଘର, ସୁଯୋଗ୍ୟ ପାତ୍ରଟିଏ ଖୋଜି ଖୋଜି ସମୟ ବିଳମ୍ବ ହୋଇଯାଇଛି । ଏବେ ମନୋମତ ଯାହାକୁ କରିଛି, ସେ ମୋର ମନକୁ ଖୁବ୍ ଆସିଛି । ଯେପରି ରୂପ, ସେପରି ଗୁଣ, ମଧ୍ୟ ସମ୍ଭ୍ରାନ୍ତ ବଂଶଜ ।

( ଏହି ସମୟରେ ଗୋଟିଏ ଦାସୀ ପ୍ରବେଶି ଟିକେ ଅଡ଼ ହୋଇଗଲା )

କିଏ ? ଖବର କିଛି ଅଛି କି ?

ଦାସୀ— ଦେବର୍ଷି ନାରଦ ଆପଣଙ୍କ ସାକ୍ଷାତ ଅପେକ୍ଷା କରୁଛନ୍ତି ।

ବଳଦେବ – ଦେବର୍ଷି ନାରଦ ! ତାଙ୍କୁ କଣ ଆସିବାକୁ ଏ ସ୍ଥାନକୁ ମନା ଅଛି ? ଯାଅ ଦେଖ ! ତାଙ୍କୁ ପାଛୋଟି ଆଣ । ଚାଲ, ମୁଁ ମଧ୍ୟ ସଙ୍ଗରେ ଯାଉଛି । ମୋର ବଡ଼ ଶୁଭ ସମୟ ଉପସ୍ଥିତ । ତାଙ୍କଦ୍ୱାରା ଏ କାର୍ଯ୍ୟ ଅନେକାଂଶରେ ସମାଧାନ ହୋଇ ପାରେ । ( ଉଭୟ ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

## ନାରଦ ପ୍ରବେଶ

( ନାରଦ ବୀଣାଧରି ଗୀତଟିଏ ଗାଇ ଗାଇ ଆସିଲେ )

ମନୁଆଁ ହରି ନାମ ହିଁ ସୁଖଧାମ ।
ଜୀବନ ଯୌବନ ବ୍ୟର୍ଥ ସବୁ କାମ
ସାର ହରେକୃଷ୍ଣ ରାମ । ପଦ ।
ମାଟିର ଏ ଘଟ, ଏ ମାୟା ପଟ,
ନମିଷେ ହେବ ଅବସାନ ।
ମୋହର ମୁଁ ଡାର ଆତ୍ମାର ବିକାର,
ଲାଗିଛି ଫାଙ୍କା ଲମ୍ଫଯାନ । ୧ ।
କେ ପିତା କେ ମାତା କେ ବନ୍ଧୁ କେ ଭ୍ରାତା,
ବୃଥା ଭବୁଛ ଅବସାନ,
ତୋ ଜୀବନ ସାଥି, ତୋ ଗତି ତୋ ମୁକ୍ତି,
ଶ୍ରୀ ରାଧା ବଲ୍ଲଭ ଶ୍ୟାମ । ୨ ।
ହରି ବୋଲ ! ହରି ବୋଲ !! ହରି ବୋଲ !!!

( ବଳଦେବ ଓ ରେବତୀ ପ୍ରବେଶି ନାରଦଙ୍କୁ ପ୍ରଣାମ କରି ଆସନରେ ବସାଇଲେ )

ବଳଦେବ—ହାଲ ଦେଶରେ ଅନୁମତି ଅପେକ୍ଷା କରୁଥିଲେ ? ଆପଣଙ୍କ କଣ ଏ ସ୍ଥାନକୁ ଆସିବାକୁ ନିଷେଧ ଅଛି ?

ନାରଦ—ନିଷେଧ ନାହିଁ ସିନା, ଆପଣ ଯୋଗୀ ମା କ'ଣ ଦୁଃଖ ସୁଖ ହେଉଛନ୍ତି ଶୁଣି ହେଲେ କଣ ହେବ ? ଟିକଏ ସଙ୍କୋଚ ଲାଗେ ତ ?

ବଳଦେବ—ଓ, ଭଲକଥା । ହଁ, ଆମର ଦୁଃଖ ହାଲ ତ କିଛି ବୁଝୁ ନାହିଁ ।

ନାରଦ—ଆପଣଙ୍କର ପୁଣି ଦୁଃଖ ? ଯେ ଦୁଃଖ ସୁଖର ନିୟନ୍ତା, ତାଙ୍କର ପୁଣି ଦୁଃଖ ! ଏ ତ ଏକ ବିଚିତ୍ର କଥା !

ବଳଦେବ—ଜନ୍ମ ହେଲେ ତ ପ୍ରତ୍ୟେକ କର୍ମରେ ବନ୍ଧ । ଆମେ କ ତହିଁରୁ ବାହାର ? ବର୍ତ୍ତମାନ ଗୋଟିଏ ବିଷୟରେ ବଡ଼ ଦୁଃଖିତ ।

ନାରଦ – ତା ତ ଆମେ ଜାଣୁ ।

ବଳଦେବ – ଜାଣ ? କହ ଦେଖି ଭୂତ ଭବିଷ୍ୟ, ସବୁ ତ ତମକୁ ମାଲୁମ ଥାଏ ।

ନାରଦ – ଏକ ସନ୍ତାନ ସନ୍ତତିଟିଏ ଲାଗି ବୋଧହୁଏ ମା'ଙ୍କ ମନରେ ଦୁଃଖ ।

ବଳଦେବ—ଆମର କଣ ପୁତ୍ର ନାହାନ୍ତି ? ପୁଣି ଭାଇର ପରା ଶତ ଶତ ସନ୍ତାନ । ସେ କ ଆମର ନୁହନ୍ତି ? ସେ ଚିନ୍ତା ଆମର ନାହିଁ । କେବଳ ଶଶୀରେଖା ବିବାହ କଥା, ଏକ ଗୁରୁତର ସମସ୍ୟା ହୋଇ ପଡ଼ିଛି । ତୁମେ ଟିକଏ ହେଲେ ଏ କଥା କେବେ ହେଲେ ବୁଝୁଛ ?

ନାରଦ—ଆମେ ବୁଝି ସାରିଛୁ, ନା ଆଉ ବୁଝିବାକୁ ଅଛି ?

ବଳଦେବ—କେଉଁଠାରେ ? କିପରି ଯୋଗ୍ୟପାତ୍ର ?

ନାରଦ—କେଉଁଠାରେ ବଳେ ବୁଝି ପାରିବେ ନାହିଁ, ଯେପରି ଯୋଗ୍ୟ, ସେପରି ରୂପବାନ, ସେପରି ସମ୍ଭ୍ରାନ୍ତ ବଂଶଜ । ଆଉ କିଛି ବୁଝିବାକୁ ହେବନାହିଁ । ଏକାବେଳକେ ନିର୍ଦ୍ଦୋଷ ।

ବଳଦେବ—କିଏ ? କାହାର ପୁତ୍ର ?

ନାରଦ—ବୀରର ପୁତ୍ର ମହାବୀର । ସର୍ବ ଗୁଣାଳଂକୃତ ତରୁଣ ବୟସ । ଶ୍ରେଷ୍ଠ ସ୍ଥିର ତ । ଆମ ଶଶୀରେଖାର ଠିକ୍ ଅର୍ଦ୍ଧଅଙ୍ଗ ଯୋଗ୍ୟ ।

ବଳଦେବ—କିଏ ସେ କହୁନା କାହିଁକି ? ତୁମର ନିର୍ବାଚନ ଅବଶ୍ୟ ଯୁକ୍ତିଯୁକ୍ତ, ତା ଆମେ ସ୍ୱୀକାର କରୁଛୁ ।

ନାରଦ—ନିଶ୍ଚେ ସ୍ୱୀକାର କରିବେ । ଆମେ କଅଣ ଚଳିତ ଭଳି କୌଣସି କାର୍ଯ୍ୟ କରୁ ? ଆମ ମନକୁ

ଯେ ଆସିଛନ୍ତି, ତା ସାରା ଜଗତର ମନକୁ ଆସିବ ।

ବଳଦେବ—ହଉ, କୁହ ଦେଖି, ସେ କିଏ ?

ନାରଦ - ଜଗତ୍ ବିଜୟୀ ମଧ୍ୟମ ପାଣ୍ଡବଙ୍କ ପୁତ୍ର ବୀର ଅଭିମନ୍ୟୁ ।

ବଳଦେବ—ଦେବର୍ଷେ ! ତୁମେ ତ ଗୋଟିଏ ଲଙ୍ଗଳା ଲୋକ । ତୁମର କାର୍ଯ୍ୟଗୁଡ଼ିକ ମଧ୍ୟ ଲଙ୍ଗଳା, ଆଗ ପଛ, ଭଲ ମନ୍ଦ କେଉଁ ଦିଗକୁ ଲକ୍ଷ୍ୟ ନ ରଖି କଥାଟାମାନ କହିଦିଅ ।

ନାରଦ—ଆମେ ତ ବାସ୍ତବିକ ଲଙ୍ଗଳା । ଆମର ବେଶ ଭୂଷଣ କିଛି ନାହିଁ । ନିଜେ ସଫା, କାର୍ଯ୍ୟଗୁଡ଼ିକ ମଧ୍ୟ ସଫା । ଟିକିଏ ଗ୍ଲାନି ଥାଏନା ।

ବଳରାମ—ଅର୍ଜୁନ ଆମର ସମ୍ବନ୍ଧି ହେବାର ଉପଯୁକ୍ତ ? ଯେଉଁମାନେ କି କୁରୁଙ୍କ ତାଡ଼ନାରେ ବନବାସରେ ରହିବା ଦୁସ୍ତର ପଡ଼ୁଛି ! ମୁଁ ଗୋଟିଏ ପାତ୍ର ନିର୍ବାଚନ କରିଛି ଶୁଣିବ ?

ନାରଦ—କୁହନ୍ତୁ, କୁହନ୍ତୁ । ଆପଣ କନ୍ୟାଦାତା, କନ୍ୟାର ହିତାହିତ, ଭଲ ମନ୍ଦ, ଚଳାଚଳ, ସୁବିଧା ଦେଖି ନିଶ୍ଚୟ ଠିକ୍ କରିଥିବେ । ମୁଁ କେବେଁ ସେ କଥା ଅସ୍ୱୀକାର କରୁନାହିଁ । ତାହା କଥା ଶୁଣିବାକୁ ଆକାଙ୍କ୍ଷା ଜନ୍ମୁଛି ।

ବଳଦେବ—ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣ କୁମର ।

ନାରଦ— ସବୁ ଠିକ୍ଠାକ୍ କରି ମୋତେ କଣ ପରୀକ୍ଷା କରୁଥିଲେ ? (ରେବତୀଙ୍କ ପ୍ରତି) ମା ! କଥାଟା ଏକା ମନକୁ ପାଇଲା, ସମାନ୍ତକୁ ସମାନ୍ତ । ସ୍ୱାକୁ ବଧିର ବସ୍ତୁର ବୋଲି କହିବାକୁ ହେବ ।

ରେବତୀ—ଲକ୍ଷ୍ମଣ କୁମର ଶଶୀରେଖାର ଉପଯୁକ୍ତ ବର ବୋଲି ତୁମେ ସ୍ୱୀକାର କର ?

ନାରଦ—ସବୁପ୍ରକାର ସ୍ୱୀକାର କରିବାକୁ ହେବ । ମା ! ଏକା ସମ୍ରାଟଟାଏ, ଏକଛତ୍ର ଅଧିପତି । ସାରା ବ୍ରହ୍ମାଣ୍ଡରେ ଆଉ ଦୁର୍ଯ୍ୟୋଧନଙ୍କୁ ବଳି କିଏ ଅଛି ?

ରେବତୀ—ସମୁଦିକୁ କଅଣ ଆମେ ଖୋଜିବୁ, ତାଙ୍କ ପୁଅଟି କିପରି ? ଆମ ଝିଅ ଲାଗି ତ ?

ନାରଦ—ଯେମିତି ବୁଝିଲେ ତ ଶଶୀରେଖାର ରୂପକୁ ଦେବରାଜ ଇନ୍ଦ୍ର ବି ଲକ୍ଷ୍ୟ ହେବେ ନାହିଁ, ତେବେ !

ବଳଦେବ—ତେବେ ଆଉ କଣ ଲକ୍ଷ୍ମଣକୁମର ରୂପର ବା ଗୁଣର ନୁହେଁ ?

ନାରଦ—ନିଶ୍ଚେ ନିଶ୍ଚେ । ଘଟଘର ପୁଅ ଘଟ, ଖଟ-ଘର ପୁଅ ଖଟ । ଯାହା ବାପ ଚଢ଼େ ଘୋଡ଼ା, ତା ପୁଅ ଥୋଡ଼ା ଥୋଡ଼ା । ମୋଟ ଉପରେ ଦାନାଦନା ମୁଠାକରେ ତ ସୁଷ୍ଠୁ ଅଛି । କଥାରେ ଅଛି ଘର ଦେଖ, ନାହିଁ ତ ବର ଦେଖ । ବାପାଙ୍କ ଯୋଗାଡ଼ଟା ଯାହା ହୋଇଛି, ସେଥିରେ ଆଉ ପାଟି ଫିଟେଇ-ବାକୁ ନାହିଁ । ଏମିତି ଏବେ—

ବଳଦେବ—ଏମିତି ଏବେ କଅଣ ? କହିଲ ଦେଖି କୋଉ କଥାଟା ଅଭାବ ଅଛି ।

ନାରଦ—ସବୁ ଉପଯୁକ୍ତ । ଦୁନିଆଁରେ ତ ପାଞ୍ଚ ଆଙ୍ଗୁଠି ସମାନ ନ ଥାଏ ।

ରେବତୀ—ନାରଦ ! ତମ୍ଭମାନଙ୍କୁ ବୋଧହୁଏ ପାଉନାହିଁ ?

ନାରଦ—ନିଶ୍ଚେ ନିଶ୍ଚେ, ବଡ଼ବାପା ଯାହା କରିଛନ୍ତି ସେଥିରେ ମଳଧୂଳି ନାହିଁ । ସବୁ ଆନନ୍ଦ ବାପା ! କେବେ ତିଥିଧାର୍ଯ୍ୟ ହୋଇଛି ?

ବଳଦେବ—ଏଇ ନିକଟରେ ହେବ । ତୁମକୁ କଣ ଅଜଣା ରହିବ ? ତୁମେ ନ ଆସି କି କାର୍ଯ୍ୟ ହୋଇପାରେ ?

ନାରଦ—ହଉ ବାପା ! ଆସୁଛି । ଗରିବ ସନ୍ତାନଟିକୁ ଭୁଲିବେ ନାହିଁ ।

ରେବତୀ—କିଛି ଜଳପାନ ନ କରି ଚାଲିଯିବେ ନା କଣ ?

ବଳଦେବ—ପଚାରୁଛ କଣ ? ଚାଲ, ଆଜ ଦୁର୍ଯ୍ୟୋ-ଧନଙ୍କ ନିକଟ ପତ୍ର ଲେଖି ତାଙ୍କର ମତାମତ ନେବା । ( ସମସ୍ତେ ଚାଲିଗଲେ )

ନେପଥ୍ୟ ଗୀତ

ସବୁ ବିଦ୍ୟାରତ୍ନ    ଦଇବ ବିସ୍ତର
କିଏ ବା କରିବ ଯନ୍ତ୍ର,
ପୁଣି ଜଟିଆ ନାରଦ    ପଟ ଧରେଣି
କରିଦେବ ଲଣ୍ଡଭଣ୍ଡ ।

ଯେ ତ ହର୍ତ୍ତାକର୍ତ୍ତା　　　　ହରିବ ବାଧାତ
ସେ ତ ପାଣ୍ଡବଙ୍କ ପିଣ୍ଡ,
କୁରୁ କ ଗାରବ　　　　ଧ୍ୱଜା ଉଡ଼ାଇବେ
ସବୁ ହେବ ଖଣ୍ଡଖଣ୍ଡ ।

—*—

## ତୃତୀୟ ଦୃଶ୍ୟ

## ସଖିଗଣ

( ସଖିମାନେ ଗୀତ ଗାଉଥିଲେ )

ବସନ୍ତ ଆସେ ହସେ ବସୁଧା ସୁହାଗିନୀ
ନାଲି ହଳଦିଆ ପିନ୍ଧେ ଚରୁ ନବ ସଜାଣି । ପଦ ।
ଶାନ୍ତକି ନାଲି ଛତା　　　　ଟେକି ବସିଛି ମଥା
ସରସୀ ଘାଟରେ ଶୋଭା ବଢ଼ିଲାଣି ସରସିଜିନୀ ॥
ପିକ ପଞ୍ଚମ ତାନେ　　　　ଗାଏ କୁଞ୍ଜ କାନନେ
ଭରଙ୍ଗକୁଳ ଏବେ ଆକୁଳେ ହସିଲେଣି ॥

୧ମ ନର୍ମଦା – ନବ ବସନ୍ତ ଆଗମରେ ମଳୟ ପବନ ବାଜି ଲତାମାନ ସବୁ କଅଁଳ ଉଠି ଉପବନର ଶୋଭା ଦ୍ୱିଗୁଣ ବଢ଼ିଯାଇଛି । କିନ୍ତୁ ଆମ ସଖୀଙ୍କ ଦେହ ଦିନକୁ ଦିନ କ୍ଷୀଣ ହେଲାପରି ଦେଖାଯାଉଛି ।

୨ୟ ଭଦ୍ରା—ହେବ ହେବାର କଥା । କଥାରେ ଅଛି ଲୁଣ ଖାଏ ଧାଣ୍ଡି, ଟୋପା ଖାଏ ଗଣ୍ଡି ।

୩ୟ ମଲ୍ଲିକା — ତାଙ୍କର କେଉଁ କଥାକୁ ଚିନ୍ତା ମ । ଖାଇବା ପିଇବା ନା ପିନ୍ଧିବା ନାଇବା ।

୪ର୍ଥ ଚମ୍ପା — ନାରୀ ଜୀବନରେ ସ୍ୱାମୀ ଛଡ଼ା ଅନ୍ୟ ଅଭାବ କଣ ଅଛି ନାହିଁ ? ଦେଖିଲ, ଏ ମାଳତୀ ଲତାଟି ଚନ୍ଦ୍ରାଟିଏ ନ ପାଇଥିଲେ କେତେ ସରଗରେ ମୁଣ୍ଡ ଟେକି ଉଠିଥାନ୍ତା ! କିନ୍ତୁ ସେତିକି ନ ପାଇ ତଳେ ନଇଁପଡ଼ି ଲୋଟିଲାଣି । ଆମ ସଖୀଙ୍କ ଅବସ୍ଥା ସେହିପରି ଜାଣ, ବୁଝିଲ ? କଥାରେ ଅଛି— ବିନା ଆଶ୍ରୟ ନ ବଢ଼ନ୍ତି କବିତା, ବନିତା, ଲତା ।

ଶଶୀରେଖା—(ପ୍ରବେଶି) ଚମ୍ପା ! ତୁ କଣ ଭଲ କବିତା କହିଲୁ ? ତୁ ଗୋଟାଏ ଏବେ ବଡ଼ ପଣ୍ଡିତ ପାଲଟିଗଲୁଣି ।

୪ର୍ଥ ଚମ୍ପା—ପଣ୍ଡିତ କଣ ଆଉ ଗଛରେ ଫଳନ୍ତି କି ? ଏମିତି ହଉ ହଉ ହୁଅନ୍ତି ନା ।

ଶଶୀରେଖା—କାହା କଥା ସବୁ ପକାଇଥିଲ ?

୪ର୍ଥ ଚମ୍ପା – ଆଉ କାହା କଥା ? ଯାହାଙ୍କ ଅନ୍ନରେ ପ୍ରତିପାଳିତ, ଯାହାଙ୍କ ସେବା ଆମର ନିତ୍ୟ ବ୍ରତ, ତାଙ୍କର କଥା ଛଡ଼ା ଅନ୍ୟ କି ଚିନ୍ତା ?

ଶଶୀରେଖା—ମୋର କଣ ହୋଇଛି କି ?

୪ର୍ଥ ସଖୀ—କାହାର ବ୍ୟାଧି ହେଲେ ସମସ୍ତେ ଚିହ୍ନି ପକାନ୍ତେ, ଏ ତ ଅନ୍ତର ବ୍ୟାଧି । ଅନ୍ତରଙ୍ଗ ଛଡ଼ା ଆଉ ବୁଝିବ କିଏ ?

ଶଶୀରେଖା—ଚମ୍ପା ! ତୁ ମଧ୍ୟ ଗୋଟାଏ କବିରାଜ ପାଲଟିଗଲୁଣି । ନାଡ଼ିକା ନ ଦେଖୁଣୁ ବ୍ୟାଧି ଚିହ୍ନି ପକାଉଛୁ । ଆଚ୍ଛା, କହ ତ ସେ କି ବ୍ୟାଧି ?

୪ର୍ଥ ସଖୀ – ଔଷଧ ଦେବାର ମୋର ତ ଶକ୍ତି ନାହିଁ, ଚିହ୍ନାଇ ଦେଲେ ଲାଭ କଣ !

ଶଶୀରେଖା—ତେବେ କହିଲୁ କାହିଁକି ?

୪ର୍ଥ ସଖୀ – କହିଲି ବୋଲି କଣ ଅଣ୍ଡାରେ ହାତ ଚୂରିଲା । ସମସ୍ତେ ପୁହ୍ପାସ ହେଉଥିଲେ, ମୁଁ ଟିକିଏ ବଢ଼ପାଟି କରି କହିଦେଲି ବୋଲି ମୋତେଇଁ ଦଣ୍ଡ ଲାଗିଗଲା । କହେ ! କହୁନା ସଖୀଙ୍କ ଅବସ୍ଥା ଏପରି କାହିଁକି ?

୧ମ ସଖୀ—ଆମେ କହିବୁ କଣ, ଭୋକବେଳେ ଖାଇବା ନ ହେଲେ ପେଟ ସୁଦୁ ହୁଏ । ଏ ତ ସେ ଭୋକ ନୁହେ ପ୍ରେମକ୍ଷୁଧା ।

୨ୟ ସଖୀ—ପ୍ରେମ କ୍ଷୁଧା କିପରି ମେଣ୍ଟେ ?

୩ୟ ସଖୀ—ପ୍ରେମିକା ପ୍ରେମିକ ମିଳନରେ ।

ଶଶୀରେଖା—ତମ ମୁହଁରୁ ସବୁ ଲଜ୍ଜା ସରମ ଛାଡ଼ିଗଲା ।

୪ର୍ଥ ସଖୀ— ମୁହଁଟା ପିନ୍ଧା ଲୁଚାଇଦେବୁ, ଦେହ ମୁଣ୍ଡ ତ ଚିହ୍ନାଇ ଦେଉଛି । ତାକୁ ଯେତେ ଘୋଡ଼ାଇଲେ—

ଶଶୀରେଖା ନିଆ ମୁଣ୍ଡ ଖଣ୍ଡି । ତମ ସାଙ୍ଗରେ ସାଙ୍ଗ ହେଲେ କେବଳ ମନ୍ଦ ଯିବ ।

୪ର୍ଥ ସଖୀ—ଆମ ସାଙ୍ଗ ଆଉ ବେଶୀ ଦିନ ନୁହେ ଯେ ! ତମକୁ ଏଭଳି ସାଙ୍ଗ ମିଳିବ ଆମେ ପିନା କଥାରେ କଥାରେ ଇଙ୍ଗିତ ମଧୁର ସାହା ଦେଉଛୁ, ସେ ତ କଥାରେ ନୁହେଁ—

ଶଶୀରେଖା—ଥାଉ ଥାଉ ତୋ ବାକ୍ୟଭୂଷା ପଣ । ଆଚ୍ଛା କହିଲ, ଏ ମାଧବୀ ଫୁଲ ସ୍ତବକ ପାଖରେ ଭ୍ରମର ଗୁଣୁ ଗୁଣୁ ହୋଇ କଣ କହୁଛି ।

୪ର୍ଥ ସଖୀ—( ଅନ୍ୟମାନଙ୍କ ପ୍ରତି ) କହିଲେ କହୁନା ଭ୍ରମର କଣ କହୁଚି ?

୧ମ ସଖୀ—ତୁ କହୁ ନାହୁଁ । ତୁ ପରା ଆମ ଭିତରେ ପଣ୍ଡିତା ।

୪ର୍ଥ ସଖୀ—ମୋ କଥାଗୁଡ଼ାକ ସଖୀଙ୍କୁ ଖଟା, ତମ କଥାଗୁଡ଼ାକ ଗୁଡ଼ ଗୋଳା ହୋଇଛି ।

ଶଶୀରେଖା—ଚମ୍ପା ! ମନେ ମନେ ଘର ବସିଗଲୁଣି । ନାଁ, ଏ ଉତ୍ତର ତୋତେ ଦେବାକୁ ହେବ ।

( ସଖୀମାନଙ୍କ ଗୀତ )

ଫୁଲ ମନ ଜାଣିବାକୁ ମଧୁପ
ଗୁଣୁ ଗୁଣୁ ଗାଏ ମଧୁ ସଙ୍ଗୀତ ।୦।
ସାଥି ପାଇ ସ୍ମିତ ଦେବ ମିଳାଇ
କଥା ଅସ୍ଫୁଟେ କହୁଛି ଗେହ୍ଲାଇ
ପ୍ରେମ ମଧୁ ଚୁମ୍ବିବାକୁ ବ୍ୟଥିତ ।୧।
ସ୍ନିଗ୍ଧ ପାହାନ୍ତି ପବନେ ଜବା ସଞ୍ଜ ସମୀରଣେ
ଝୁଲି ଝୁଲି ଫୁଲେ ଫୁଲେ ପାଇଁ ଅତଥ ।

( ଗୀତାନ୍ତେ ଦେବର୍ଷିଙ୍କ ପ୍ରବେଶ ଓ ସମସ୍ତେ ମାନ୍ୟ କଲେ )

ନାରଦ—ହରିବୋଲ, ହରିବୋଲ, ଏଇଠି ତ ମା-ମାନଙ୍କର ମଉଜ ମଜଲିସ ଲାଗିଛି । ବନ୍ଦ ହେଲା କାହିଁକି ? ଗାଅ ଗାଅ ମନ ପୂର୍ତ୍ତି କର ।

୧ମ ସଖୀ—ସେ ଶୁଣିଲ ମଜଲିସ ।

ନାରଦ—ନା ନା, ବଡ଼ ଆନନ୍ଦ ।

୨ୟ ସଖୀ—ସବୁ ଆନନ୍ଦ ନିରାନନ୍ଦରେ ପରିଣତ ହୋଇଯାଉଛି ।

ନାରଦ—କାହିଁକି ମା ! ରଜାଘର କେଉଁ କଥାକୁ ଭଣା ?

୩ୟ ସଖୀ—କଣ ଭଣା, ଆପଣ କଣ ଜାଣି ପାରୁ ନାହାନ୍ତି ?

ନାରଦ—ଆମେ ସବୁ ଜାଣିପାରୁଛୁ ଯେ, ମୁଖ ନ ଫିଟିଲେ ଦୁଃଖ ଯାଏ ?

୪ର୍ଥ ସଖୀ—ଏ ବାବାଜୀ ଏକା ଗୋଟିଏ କଥା କହନ୍ତି । ବାହା ହୋଇନା ବୋଲି କଣ ବର ସାଜିବାରେ କ ଯାଇନାହିଁ । ଝିଅମାନେ ସବୁ ବାପ ମାଙ୍କ ଆଗରେ ବାହା ହେବେ ବୋଲି କହୁ ହୁଅନ୍ତି ? ସଖୀଙ୍କ ଅବସ୍ଥା ଦେଖୁଛ ତ ? ଆଉ କେଇଦିନ ...

ଶଶୀରେଖା—(ଆଙ୍ଗି ଦେଖାଇ) ବିରକ୍ତ ଭାବେ ଚୁପ୍ ।

ନାରଦ—ଚଳଚ୍ଚୁଳ ହୁଅ ନାହିଁ, କମ ନଗଦା ନଗଦ ଉପରେ ।

୪ର୍ଥ ସଖୀ—ପାତ୍ରଟି କେମିତି ? ଆମ ସଖୀ ଲାଖି ତ ?

ନାରଦ—ଆଖି ଦେଖିବ, ମନ ଲାଖିବ । ତେବେ ଯାଇ ସିନା କାମ ।

୧ମ ସଖୀ—କଣ କେଉଁଠି ଠିକ୍ କରିଛ ?

ନାରଦ—ଏ ଝୋଲାରେ ସବୁ ଅଛି, ଯାହାକୁ ପସନ୍ଦ ହେବ ତାକୁ ଠିକ୍ କରିଦେବୁ ।

୨ୟ ସଖୀ—କାହିଁ ଦେଖାଇଲ ?

ନାରଦ—ଆଚ୍ଛା, ତୁମେମାନେ ଟିକେ ଆଡ଼ ହୋଇଗଲ । ଶଶୀ ମା ସାଙ୍ଗରେ ଦି ଚାରି ପଦ କଥାବାର୍ତ୍ତା କରୁଁ ।

୩ୟ ସଖୀ—ହଉ, ଆସ ଗୋ !

୪ର୍ଥ ସଖୀ—ନ ଦେଖିଲ ଓଉ ଛପର । ଏ ଝୋଲାରେ ପାତ୍ର ପୂରାଇ ଆଣିଛନ୍ତି, ସେମାନଙ୍କୁ ଖୋଲି ଦେଖାଇବେ । ଆମେ ଦେଖିବୁ, ତେମେ ସବୁ ଗଲେ ଯା, ମୁଁ ଜମା ଯିବି ନାହିଁ ।

ନାରଦ—ଶଶୀ ମା ! ତୋର ଏ ସଖୀଟା ବଡ଼ ମୁଖରା । ହଉ ରହ ମା ! ତୋର ଚିନ୍ତାରେ ଆମେ ତ ସରି ଗଲୁଣି । ତୁ ଯେଉଁ ରୂପ ପାଇଛୁ, ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ ବି ସେ ତୁଳନାରେ ଆସିବେ ନାହିଁ ।

୪ର୍ଥ ସଖୀ—ଇନ୍ଦ୍ରାଣୀ ହେଲେ ତ ସ୍ବର୍ଗର ଅଧିଶ୍ବରୀ ହୋଇ ବସିବେ, ଅଘଟଣ ହେଉଛି କଣ ?

ନାରଦ—ଇନ୍ଦ୍ରପଦଟି ଭଲ । ସ୍ବର୍ଗଲୋକ । ସବୁଥିରେ ପରିପୂର୍ଣ୍ଣ । କିନ୍ତୁ ସହସ୍ର ଆଖି ନେଇବା ଘାଣି ସାରା ଦେହଯାକ । ମା ସେ ସବୁକୁ ଅସୁଖ ଲାଗିବ ।

୪ର୍ଥ ସଖୀ—ଚନ୍ଦ୍ର ?

ନାରଦ—ଦେଖୁନା, ପକ୍ଷେ ଛିଡ଼ୁଛି ପକ୍ଷେ ବଢ଼ୁଛି ।

୪ର୍ଥ ସଖୀ—ସୂର୍ଯ୍ୟ ?

ନାରଦ—ସ୍ୱୟଂ ? ରୂପ ଗୁଣ ସବୁ ଭଲ । ସେଥିରେ କୌଣସି ତ୍ରୁଟି ନାହିଁ । କିନ୍ତୁ ସାଧାରଣ ଘର ଝିଅ । ବସିବା ଉଠିବାକୁ ମଧ୍ୟ ଟିକିଏ ବି ସୁନ୍ଦର ନାହିଁ, ପୁଣି ସେଇଁ ତେଜ ଲେ ମା ଆମର ଶଶୀମା କମଳ ଅଙ୍ଗ ତା ପାଖରେ ଝାଉଁଳି ପଡ଼ିବ । ତା ମଣିଷ ପଣିଆ ରହିବ ନା ?

୪ର୍ଥ ସଖୀ—ତେବେ ?

ନାରଦ—ଏ ବ୍ରହ୍ମାଣ୍ଡରେ ବହୁ ବଡ଼ ବହୁ ବଡ଼ ରାଜପୁତ୍ରମାନେ ଅଛନ୍ତି । ମା ! ପସନ୍ଦକରୁ, ତା ମନ ଯାହାକୁ ଖୋଜିଦେବ, ତାକୁ ହିଁ ଆମେ ଠିକ୍‌ଠାକ୍ କରିଦେବୁ । ହେ ମା ! ଏ ପ୍ରତିକୃତି ସବୁ ଦେଖିଲୁ ।

(ଝୋଲାରୁ କେତେଗୁଡ଼ିଏ ଫଟୋ ବାହାର କରିଦେବା )

୪ର୍ଥ ସଖୀ—ଆମେ ଦେଖିବୁ ନାହିଁ ?

ଶଶୀରେଖା—କାହିଁକି ସେମିତି ସବୁବେଳେ ଘାଣ୍ଟକି ପଡ଼ ହେଉଛ ? ତମକୁ ପରା କହିଲେ ସ୍ୱାମୀଙ୍କୁ ଟିକେ ଯା ବୋଲି ।

୪ର୍ଥ ସଖୀ—ଯାଉଛୁ । (ସଖୀଙ୍କ ପ୍ରତି) ଚାଲ ଗୋ ! ସେ ଏକାନ୍ତରେ ଭାଲ ନିର୍ଣ୍ଣୟ କରିବେ ।

( ସମସ୍ତେ କିଛି ଦୂର ଗଲେ )

ଶଶୀରେଖା—(ପ୍ରତିକୃତି ସବୁ ଦେଖି ଦେଖି ଦୁଇ ବାହାର କରି ନାରଦଙ୍କୁ ଦେଖାଇଲେ ) ଏ ଦୁଇ ରାଜପୁତ୍ର କିଏ ? ଏ ଦୁହିଁଙ୍କ ମଧ୍ୟରୁ ଆପଣ କାହାକୁ ପସନ୍ଦ କରନ୍ତି ?

ନାରଦ—ଗୋଟିଏ ଦେଖାଉ, ଏଇଟି ଲକ୍ଷଣ କୁମାର । ଏଇଟି ଅଭିମନ୍ୟୁ ଆମ ପସନ୍ଦରେ ଲକ୍ଷଣକୁମାର ମାନଚକ୍ରବର୍ତ୍ତୀର ପୁଅ । ଦୁର୍ଯ୍ୟୋଧନଠୁ ବଳି ଧନଶାଳୀ ରଜା ପୃଥିବୀରେ ବିରଳ । ତାର ବୋହୂ ହେଲେ ଆଉ ଅଭାବ କଅଣ ? ଲକ୍ଷଣକୁମାର ବି ଉପଯୁକ୍ତ ପାତ୍ର ।

ଶଶୀରେଖା—(ଅଭିମନ୍ୟୁ ଫଟୋ ଦେଖାଇ) ଏ କାହାର ପ୍ରତିକୃତି ।

ନାରଦ—(ସ୍ୱଗତଃ) ନଜର ସେଥିରୁ ଯାଇ ଏଥିରେ ପଡ଼ିଲାଣି । ଅଚ୍ଛା, (ପ୍ରକାଶ୍ୟେ) ଏ ବି ଜଣେ କ୍ଷତ୍ରିୟ ସନ୍ତାନ, ମହା ଯୋଦ୍ଧା । ରୂପ ଗୁଣ ସବୁଥିରେ ପରିପୂର୍ଣ୍ଣ ।

ଶଶୀରେଖା—କାହାର ପୁତ୍ର ?

ନାରଦ—ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ । ଅବଶ୍ୟ ନାମ ଶୁଣିଥିବ ।

ଶଶୀରେଖା—ସେ କି ମୋତେ ···?

ନାରଦ—ପସନ୍ଦ କରିବା କଥା କହୁଛ ମା ? ମା ! ତୋ ତେଜେଶ୍ୱରୀଖଣ୍ଡ ବି ଯାହା ଆଖିରେ ପଡ଼ିବ, ସେ ପାଗଳ ହୋଇଯିବ । ସେ ହେବା ନ ହେବା ବରଂ ଆମ ହାତରେ । ମା'ର ଯହିଁକି ରାଜି, ଆମେ ଯେ କୌଣସି କୌଶଳରେ ଘଟାଇ ଦେବୁ ନଧାର୍ଯ୍ୟ କାହାକୁ ପସନ୍ଦ କଲୁ, ମା !

ଶଶୀରେଖା—( ସବୁ ଫଟ ଫେରାଇଦେଇ ଅଭିମନ୍ୟୁ ଫଟଟି ରଖିଲେ । )

ନାରଦ—ତେବେ ସେହି ଅଭିମନ୍ୟୁ କଥା ହେଲା । ଆମେ ଆଗୁଁ ସେଇଆ ପସନ୍ଦ କରିଥିଲୁ । ପୁଣି ଭାବିଲୁ ଲକ୍ଷଣକୁମାର ରାଜଚକ୍ରବର୍ତ୍ତୀ ପୁଅ, ଆଉ ଧନାଢ଼୍ୟ ବ୍ୟକ୍ତି, ଦାନାପାଣି ମୁଠାକରେ ସୁସ୍ଥ ।

ଶଶୀରେଖା—ଯିଏ ଜନ୍ମ ଦେଇଛି ସେ କଣ ଖାଇବାର ବ୍ୟବସ୍ଥା ଦେବ ନାହିଁ ? ଧନୀ କଣ ଦରିଦ୍ର ହେଉନାହିଁ, ନା ଦରିଦ୍ର ଧନବାନ ହେଉନାହିଁ ।

ନାରଦ—ମଧ୍ୟମ ପାଣ୍ଡବ ଅର୍ଜୁନ ମହାଯୋଦ୍ଧା, କିନ୍ତୁ ବାସ କେଉଁଥିରେ କ'ଣ ଭଣା ଅଛି ମା ! ଏକା ସମ୍ବନ୍ଧକୁ ସମ୍ବନ୍ଧ ଭଲ ହୋଇଥାନ୍ତା । ଦୁର୍ଯ୍ୟୋଧନକୁ ଆମ ବଡ଼ ବାଧ ।

ଶଶୀରେଖା—ଥାଉ ସେ ସବୁ କଥା, ଅଭାଗିନୀ (ଫଟୋ ଦେଖାଇ) ଏ ଚରଣ ଛଡ଼ା ଅନ୍ୟ ଆଶ୍ରା ଖୋଜିବ ନାହିଁ । ସତ୍ୟ, ଯେବେ ସେ ରାଜି ନ ହୁଅନ୍ତି, ତେବେ ଚିର ବ୍ରହ୍ମଚାରିଣୀ ହୋଇ ରହିବ ।

ନାରଦ—ସେ ସବୁ ରାଜକନ୍ୟା ଭାର ଆମଠେଇଁ । ମା ମୁହଁରୁ ପଦେ ଶୁଣିବାକୁ ଥିଲୁ । ଏବେ ଆମ କାର୍ଯ୍ୟରେ ଆମେ ଚାଲିଲୁ ।

ଶଶୀରେଖା—ମୋର ପ୍ରଣାମ ନେଉନ୍ତୁ (ପ୍ରଣାମ କଲେ) ଆଉ କେବେ ଏ ଶୁଭ ସମ୍ବାଦ ମିଳିବ ?

ନାରଦ—ତୁ ତାର, ସେ ତୋର ଏକଥା ନିଧାର୍ଯ୍ୟ, ନିଧାର୍ଯ୍ୟ । ନୋହିଲେ ଏ ଜଟା କାଟି ପୋଡ଼ି ଦେବୁ । ତୁ ନିଶ୍ଚିନ୍ତ ହୋଇ ବସ । ବାପା ମା, ତାଙ୍କ ମନ ଅନ୍ୟ ଆଡ଼େ ଟଳିଯାଇ ପାରେ । କିନ୍ତୁ ଯେତେ ବାଧାବିଘ୍ନ ପଡ଼ିଲେ ବି ଆମେ ଏଇ ଅଭିମନ୍ୟୁ ହାତରେ ତୋତେ ସମର୍ପି ଦେବୁ । ବଳେ କଳେ କୌଶଳେ, ଥା ମା, ( ପ୍ରସ୍ଥାନ ) ।

ଶଶୀରେଖା – ( ସଖୀମାନଙ୍କ ପ୍ରତି ) ତେଣେ ଯାଇ ବସିଥିବ ନା କଣ, ବେଳ କେତେ ହେଲାଣି ! ମା, ତେଣେ ବିରକ୍ତ ହେଉଥିବେ ।

( ସମସ୍ତେ ଫେରିଲେ )

୪ର୍ଥ ସଖୀ – ଆମେ ଗଣ୍ଡାକ ପଞ୍ଚ ଡାଆଣୀ ? କାଳେ ନଜର ପଡ଼ିଯିବ, ସେଥିଯୋଗୁ ଆମକୁ ଲୁଚିକି କଥାବାର୍ତ୍ତା ହେଲା । ସଖୀ ! ଏକା ଚୁପ୍‌ଚୁପ୍‌ରେ ସବୁ ବ୍ୟବସ୍ଥା କଲେ ଯେମିତି କାମ ହାସଲ ବେଳକୁ ଭାରି ବିଭ୍ରାଟ ହେବ; କିନ୍ତୁ କାର୍ଯ୍ୟସିଦ୍ଧି, ଏ ପଟ୍ ହେଲାଣି ଗୁପ୍ ଚୁପ୍, ସେପଟକୁ ରହିଲା ଗୋଳମାଳ । ସଖୀ ! କହିବ ନାହିଁ ? ଦେବର୍ଷି କାହା କଥା କହୁଥିଲେ ?

ଶଶୀରେଖା – ତୁମେ ମୋର ପ୍ରାଣ । ତୁମକୁ ନିଶ୍ଚୟ କହିବ । ଯଦି କାର୍ଯ୍ୟଟି ଉଜ୍ଜ୍ୱଳ ହୁଏ; କିନ୍ତୁ ଏସବୁ କଥା ଯେପରି କେହି ନ ଜାଣନ୍ତି ।

୪ର୍ଥ ସଖୀ – ଆମର କି ଗରଜ ପଡ଼ିଛି ? ଚାଲ, ଚାଲ ମା, ଖୋଜିବେଣି । ( ସମସ୍ତେ ଚାଲିଗଲେ )

---

## ଚତୁର୍ଥ ଦୃଶ୍ୟ
## ନାଗରିକ ବ୍ରାହ୍ମଣ

( ନାଗରିକ ବ୍ରାହ୍ମଣ ଓ ବ୍ରାହ୍ମଣୀ ଦୁଇଜଣ ପ୍ରବେଶ )

ବ୍ରାହ୍ମଣ—ହୋଇଥିଲି ଝିଅ ଟିକିଏ ହେଲେ କଣ ହେଲା ? ଆମେ ଝିଅକୁ ଜନ୍ମ କରିଛୁ ନା ଝିଅ ଆମକୁ ଜନ୍ମ କରିଛି ? ଆମେ ଯାହା କହିବୁ ଝିଅର ପୁଣି ଅଙ୍କ, 'କନ୍ୟା ବରୟତେ ରୂପଂ' ଏଇ କଥାଟା ତାର, କାଳେ ରହିବ । ଆଉ 'ମାତା ବିତ୍ତଂ ପିତା ଶ୍ରୁତଂ' ଆମ ଦୁଇଜଣଙ୍କ କଥା କୁଆଡ଼େ ଉଡ଼ିଯିବ । ତାଭ ଖାଲି ରୂପ । ଆମେ କଣ ରୂପକୁ ଚାଟିବୁ ? ହାତେ ପାଣି ମୁଠାକରେ ଯେବେ ସୁବିଧା ନାହିଁ, ସେଠି ଝିଅକୁ ଦେଇ ଲାଭ କ'ଣ ? ଦେଖୁଛୁ ତ ନଗଦ ପାଞ୍ଚଶ ମୁଦ୍ରା, ପୁଣି ବାହାଘର ଆଦି ବିଧି ଯେତେ ଖର୍ଚ୍ଚ ପଡ଼ିବ ସେ ସହିବ ।

ବ୍ରାହ୍ମଣୀ—ପାଞ୍ଚଟିର ବୟସ ଗଲାଣି, ତା ବାଣିରେ ମାଇକିନିଆଁ ଉଧୋଉ ନାହାନ୍ତି ।

ବ୍ରାହ୍ମଣ—ସେଗୁଡ଼ାକ ବାଜେ କଥା । ନାହାକ ପଣ୍ଡିତଙ୍କ କଥା ସବୁ ସତ ହୋଇଯାଏ ? ହଁ, ମୋର ଯେଉଁ ସ୍ନାପରେ ଦି'ଦଟା ମାଇକିନିଆ ମଲେ, ତାଙ୍କୁ କଣ ଯମ ନେଲା ?

ବ୍ରାହ୍ମଣୀ—ଯମ ନେଲା ନାହିଁ ଆଉ କିଏ ନେଲା ?

ବ୍ରାହ୍ମଣ—ଗୋଟାଏ ଫାଶ ଦଉଡ଼ି ଲଗାଇ ମଲା, ଆଉ ଗୋଟାଏ ପାଣିରେ ବୁଡ଼ିମଲା । ଏଗୁଡ଼ିକ ଡାଆଣୀ ହୋଇ ବଣରେ ବୁଦାରେ ରହିଲେ । ନା, ଯମର ଭେଳ ସତ୍ତ୍ୱ ନ ଥିଲା ଏଇ ଅଲକ୍ଷଣୀଗୁଡ଼ାଙ୍କୁ ଆସି ନେଉଥିଲା ।

ବ୍ରାହ୍ମଣୀ—ତମର ଯେଉଁ କ୍ଷମତା, ମୁଁ ବିଷ ଜହର ଖାଇ ମରନ୍ତିଣି; କିନ୍ତୁ ଖାଲି ଝିଆପିଲା ଦି'ଟାଙ୍କ ମୁହଁକୁ ଅନାଇ ପଡ଼ିରହିଛି ।

ବ୍ରାହ୍ମଣ—ଝିଆପିଲାଙ୍କ ମୁଣ୍ଡକୁ ତ ହାତ ପାଇଲାଣି, ଏଥର ମରୁନାହୁଁ । ମୁଁ ପୁଣି ବିବ୍ୟ ସୁନ୍ଦର ଝିଅଟିଏ ସେନ ଆସିବ ।

ବ୍ରାହ୍ମଣୀ—ତମକୁ ଖାଲି ଝିଅ ଦେବାକୁ ଅନାଇ ବସିଛନ୍ତି !

ବ୍ରାହ୍ମଣ – ଯେମିତି ନ ଦେଲେ ତ ବଦଳରେ ଦେବେ ?

ବ୍ରାହ୍ମଣୀ—ବଦଳରେ କାହାକୁ ଦେବେ ?

ବ୍ରାହ୍ମଣ—ଝିଅଟୁ ଗୋଟିଏ ।

ବ୍ରାହ୍ମଣୀ—ତୁମଠାରୁ ପାପୀ ଦୁନିଆଁରେ କେହି ନାହାନ୍ତି ।

ବ୍ରାହ୍ମଣ—ଅଜାମିଳଠାରୁ ତ ବେଶି ନୁହେଁ ?

ବ୍ରାହ୍ମଣୀ—ବଡ଼ ବୁଦ୍ଧିମାନ, ମୁଁ ଝିଅକୁ ଘରେ ବାନ୍ଧିଅ ରଖିବି, ସେ ବୁଢ଼ାଟାକୁ ବାହା ଦେବିନାହିଁ । ଜାଣୁ ଜାଣୁ ଅଥବା ଝିଅଟାକୁ ବେକରେ ବାନ୍ଧିବ ?

ବ୍ରାହ୍ମଣ—କେଉଁଥିରେ ବାନ୍ଧିବୁ କାହିଁକି ? ଆଲୋ ଭାତ ଖଣ୍ଡେ ଖାଇବା ପାଇଁ ଆଉ ଜାଗାକୁ ଉଠେଇ ଦେବ । ସୁଗ୍ରଧର୍ମ ତ ବୁଝିଲୁ ନାହିଁ, 'ସଧବା ବିଧବା ନାସ୍ତି, ନାସ୍ତି ନାସ୍ତି ପତିବ୍ରତା', ବଅସ ଥିବା ପର୍ଯ୍ୟନ୍ତ ଯେତେଟା ସ୍ୱାମୀ ଧରିପାରିବ, ସେଥିରେ ବାପ ମା'ଙ୍କର ସୁବିଧା ଓ ଅର୍ଥଲାଭ । ଜାଣୁ ଜାଣୁ ଗୋଟିଏ ସୂଚକ ହାତରେ ଧରାଇ ଦେଇ କାଳକ ପାଟିଭୁଣ୍ଡ ବୁଝି ବସିଥିବ ? ମାଇ ଝିଅ ଏ ଗୋଟିଏ ଖଣ୍ଡରେ ବନ୍ଧା ହୁଅନ୍ତି ନାହିଁ; ବୁଝିଲୁ !

ବ୍ରାହ୍ମଣୀ—ତମକୁ ଯାହା ସୁନ୍ଦର ଦିଶିବ ତୁମେ କରିବ, ମୋତେ କହୁଛ କାହିଁକି ?

ବ୍ରାହ୍ମଣ—ମୋତେ ଯାହା ସୁନ୍ଦର ତା ସଂସାରକୁ ସୁନ୍ଦର, ମୁଁ ଯାହା କରିବି ତା ଜଗତ କରିବ । ଉଦ୍ଧନ୍ନ ଛିଣ୍ଡା ବଢ଼ାଇବା ମହତଙ୍କ ଉଦ୍ଦେଶ୍ୟ, ଗୋଟିଏ କ୍ଷେତ ଫସଲ ମାଙ୍କଡ଼ ଖାଇଗଲା ବୋଲି କଣ ଜମି ପଡ଼ିଆ ପକାଇ ରଖିବା । ସେହିପରି ସବୁକଥା ।.

ବ୍ରାହ୍ମଣୀ—ସୁନା ପରି ଝିଅକୁ ମାଟିରେ ପକାଇବ, ଗାଁବାଲାଙ୍କର ଆଦୌ ଏଥିରେ ମତ ନାହିଁ ।

ବ୍ରାହ୍ମଣ—ତୁ ତ କମା ବୁଝୁ ନାହୁଁ, ଗାଁବାଲା ଆଡପାଖରେ ଘର ପାଉଛନ୍ତି । ମୁଁ ଝିଅକୁ ଏଠି ସେଠି ଦେଇ ଯେବେ ହଜାରେ ହଜାରେ ମାରିଆଣେ ତେବେ ଟାଁରେ ଧଣୀ ହୋଇ ବସିବି । ମୁଁ ବର୍ତ୍ତମାନ ତାଙ୍କ ହାରକୁ ହଳ ମୁଠାଏ ଦେଉଁ ପାଉଛି, ପୁଣି ଦିନ ଆସିବ ରଜ ପାହୁଲ ବେଳକୁ ଦେଖିବି, ନେବାକୁ କରଜ ନେବାକୁ ଏ ଗାଁ କଣ ନଜରେ କେତେ ଗାଁର ଲୋକେ ଆସି ମୋ ପିଣ୍ଡାତଳେ ବସିବେ । ଏଇ ସବୁ କଥାକୁ ଭାବି ଗାଁବାଲା ଭିତରେ ଭିତରେ ଭଙ୍ଗୁଣିଆ ପଡ଼ୁଛନ୍ତି । ଦେଖିବୁ ଦେଖିବୁ ଖାଲି ଦଶହଟା ଟଙ୍କା ବଜା ପଡ଼ିଯାଉ ସବୁ ମିଳାଇଯିବ । ଆଲୋ ! ପିଲାଙ୍କୁ କେତେ କଷ୍ଟ ଜାଣୁ ତ ? ପଦ ବିପକ୍ଷୀ ପାଣିଙ୍କର ଯେଥିକୁ ନ ହେଲା ତେବେ ପିଲାଙ୍କୁ ଭଦ ଲାଭ କଅଣ ? ତୁ ଚୁପ ହୋଇ ବସ ।

ଭଗବାନ ଆମକୁ ଝିଅ ଦଉଛନ୍ତି ଦେଇ ନାହାନ୍ତି ଯେ ହୀରା ଦକ୍ଷିଣି, ଖାଲି ବେଉଷ୍ଠ ପାରିଲେ ହେଲା । ଶୁଣ ଶୁଣ, ଲୋକଙ୍କ କଥା ଶୁଣୁନା, କ ଝିଅଙ୍କ କଥା କହୁ ଶୁଣୁନା । ମୁଁ ଯାହା ଠିକ୍ କରୁଛି ସବୁ ଠିକ୍ । ଆମେ ଆଦର୍ଶ ଦେଖାଉଛୁ । ସେହି ଆଦର୍ଶ ଜଗତ ଶିଖିବ । ବ୍ରାହ୍ମଣ ମୁଖେ ବେଦ ସାର, ଶୁଣିନାହୁଁ ? ଶୁଣ । (ଉଭୟେ ପ୍ରସ୍ଥାନ)

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ରାଜସଭା)

ଦୁର୍ଯ୍ୟୋଧନ ରାଜସଭା

(ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି ଓ ଜୟଦ୍ରଥ ଆସୀନ)

( ନର୍ତ୍ତକୀମାନଙ୍କ ଗୀତ )

ଗାଅ ଗୋ ଆନନ୍ଦେ ସୁଲଳିତ ଛନ୍ଦେ
ଗାଅ ରାଜେଶ୍ୱର ଜୟଗାନ ।
ବୀଣାକଣ୍ଠ ନାଦେ ପ୍ରେମ ଗଦ ଗଦେ
ପୂରି ଉଠୁ ଏ ସଭା ଭୁବନ । ଘୋ ।
ସିଂହାସନେ ବସେ ହସ୍ତିନାରାଜ ।
ବେଢ଼ି ରହିଛନ୍ତି ଗୁଣି ସମାଜ ।
ଏ ସଭା ସୁଷମା ନାହିଁ ଗୋ ଉପମା
ବଳିଛି କି ଇନ୍ଦ୍ର ଭୁବନ ।

(ନର୍ତ୍ତକୀମାନଙ୍କ ପ୍ରସ୍ଥାନ)

ଦୁର୍ଯ୍ୟୋଧନ—ସଭାସଦ୍ ବର୍ଗ ! ଗୋଟିଏ ବିଷୟରେ ତୁମ୍ଭମାନଙ୍କର ମତାମତ ନେବା ନିତାନ୍ତ ପ୍ରୟୋଜନ ହୋଇ ପଡ଼ିଛି । କାଲି ଦ୍ୱାରକାରୁ ଗୋଟିଏ ସୁସମ୍ବାଦ ଆସିଛି ।

ଶକୁନି—ଶୁଭ ସମ୍ବାଦ ! ଆଉ ମତାମତର ପ୍ରୟୋଜନ କି ଲୋଡ଼ା ?

ଦୁର୍ଯ୍ୟୋଧନ—ଆପଣମାନଙ୍କ ବିନା ପରାମର୍ଶରେ କୌଣସି କାର୍ଯ୍ୟକୁ ଅଗ୍ରସର ହେବା ଦୁର୍ଯ୍ୟୋଧନର ଇଚ୍ଛା ନୁହେ । ଭଲମନ୍ଦ, ନ୍ୟାୟ ଅନ୍ୟାୟ, ଏ ସମସ୍ତ ଆପଣମାନଙ୍କଠାରେ ନିର୍ଭର । ମୁଁ ଏକା

ଚକ୍ରବର୍ତ୍ତୀ ହୋଇ ସେ ହସ୍ତିନା ସିଂହାସନ ଆରୋହଣ କରିଛୁ ତାହା କେବଳ ଆପଣମାନଙ୍କ ଦୟା ଓ ଆପଣମାନଙ୍କ ଆଶୀର୍ବାଦ ଛଡ଼ା କିଛି ନୁହେଁ ।

ଶକୁନି—ଗୁଣବାନ ଓ ଯୋଗ୍ୟବାନ ବ୍ୟକ୍ତି ତାଙ୍କର ନିଜ ଉଦାରତା ଗୁଣରେ ସମସ୍ତଙ୍କର ଭକ୍ତି ଓ ସ୍ନେହ ଭାଜନ ହୁଅନ୍ତି । ତେବେ ପ୍ରସ୍ତାବ କଣ ଆଗତ କରନ୍ତୁ ।

ଦୁର୍ଯ୍ୟୋଧନ ବଳରାମଙ୍କ ପ୍ରେରିତ ପତ୍ରରୁ ପ୍ରକାଶ, ସେ ତାଙ୍କର କନ୍ୟା ଶଶୀରେଖାକୁ ଆମ୍ଭର ପୁତ୍ର ଲକ୍ଷ୍ମଣ କୁମର ହସ୍ତରେ ପ୍ରଦାନ କରିବେ । ପ୍ରତି ଉତ୍ତରରେ ଆମ୍ଭର ମତାମତ ସେ ଚାହାନ୍ତି । ତାଙ୍କର କନ୍ୟା ସୁଗୁଣସମ୍ପନ୍ନା ଏକଥା ମୁଁ ଅନେକଙ୍କଠାରୁ ଶୁଣିଛୁ ।

ଦୁଃଶାସନ—ସୁଗୁଣସମ୍ପନ୍ନା ସତ୍ୟ; କିନ୍ତୁ କେଉଁ କୁଳୋଦ୍ଭବା ସେ ବିଷୟ ବିଶେଷତଃ ବିବାହ କାର୍ଯ୍ୟରେ ଆବଶ୍ୟକ ପଡ଼େ ।

ଜୟଦ୍ରଥ—ତା ଯଥାର୍ଥ । ରୂପ ଗୁଣ ଛଡ଼ା ସ୍ୱକୁଳକ ବୁଝିବା ରାଜରାଜେଶ୍ୱରଙ୍କର କର୍ତ୍ତବ୍ୟ । ମାନ— ଚକ୍ରବର୍ତ୍ତୀଙ୍କ ସମାଯ୍ତକ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି କି ବଳରାମ ? ତା ସ୍ୱର୍ଗ ମର୍ତ୍ତ୍ୟ ପ୍ରଭେଦ । ଲକ୍ଷ୍ମଣକୁମରଙ୍କୁ ଦେବରାଜ ଇନ୍ଦ୍ର ମଧ୍ୟ କନ୍ୟା ଦେବାକୁ ଲାଳାୟିତ ଥିବେ ।

ଦୁଃଶାସନ—ତା ଅସମ୍ଭବ ନୁହେ । ନବ ଲକ୍ଷେ ରାଜାର ମହିମଣ୍ଡି, ତାର ପୁତ୍ରକୁ କି କନ୍ୟା ଅଭାବ ପଡ଼ିବ ! ଜାଣୁ ଜାଣୁ ଗୋଟିଏ ଗୋପାଳ ସଙ୍ଗେ ବନ୍ଧୁତା ସ୍ଥାପନ କରିବା ନିତାନ୍ତ ଅଯୁକ୍ତ ସଙ୍ଗତ ।

ଶକୁନି—ଏ ତୁମ୍ଭର ଭୁଲ ଧାରଣା । ବଳରାମ କେବେଁ ଗୋପାଙ୍ଗନୀ ଗର୍ଭ ସମ୍ଭୂତ ନୁହନ୍ତି । ସେମାନେ ଦେବଅଂଶୀ । ସେ ବସୁଦେବର ପୁତ୍ର । ଏ ଆମ୍ଭର ଜଣା ଶୁଣା କଥା । ବଳଦେବ ମହାତେଜସ୍ୱୀ, ଦ୍ୱିତୀୟ ଶଙ୍କର୍ଷଣ ।

ଜୟଦ୍ରଥ—ହେଲେ ମଧ୍ୟ ସେମାନେ ପାଣ୍ଡବଙ୍କ ସପକ୍ଷ । ଏଣୁ ତାଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରିବା ଅବିଧେୟ ।

ଶକୁନି—ସେହି କାରଣରୁ ମୁଁ କହେଁ, ଯଦି ସେ ଆମ୍ଭ ସଙ୍ଗେ ବନ୍ଧୁତା ସ୍ଥାପନ କରନ୍ତି, ତେବେ ପାଣ୍ଡବଙ୍କ ସବୁ ଆଶା ଭରସା ବ୍ୟର୍ଥ ହୋଇଯିବ । ଅବଶେଷରେ ଆମ୍ଭେମାନେ ଅକ୍ଲେଶରେ ଜୟ ଲାଭ କରିବା । କୁରୁ ପାଣ୍ଡବ ଯୁଦ୍ଧ ସେ ବେଶି ବିଳମ୍ବ ନୁହେଁ । ଏ ବନ୍ଧୁତା ସ୍ଥାପନକୁ ଗୋଟିଏ ସୁବର୍ଣ୍ଣ ସୁଯୋଗ ବୋଲି ମନେ କରିବାକୁ ହେବ । କଣ କହୁଛନ୍ତି ?

ଜୟଦ୍ରଥ—କୁରୁ ବଂଶର ହିତାହିତ ସବୁ ଆପଣଙ୍କଠାରେ ନିର୍ଭର । ବିଶେଷତଃ ଆପଣ ବୟୋଜ୍ୟେଷ୍ଠ, ଆପଣଙ୍କ ମତରେ ଆମ୍ଭମାନଙ୍କର ଏକମତ ।

ଦୁଃଶାସନ—ବିବାହ କାର୍ଯ୍ୟରେ ଗଲେ ସୁଦ୍ଧା ସସୈନ୍ୟ ସେଠାକୁ ଯିବାକୁ ହେବ ।

ଶକୁନି—ସ୍ୱା ହୁଅନ୍ତା ନାହିଁ କି ? ବିବାହ ଉତ୍ସବରେ ବର ନେଇଯିବା ବା ଯୁଦ୍ଧ ଯାତ୍ରା କରିବା ଏଥିରେ ପାର୍ଥକ୍ୟ ବେଶି କିଛି ନାହିଁ । ଗୁଳିଗୁଳା ବାଣ ନିଶାଣ ସବୁ ଆବଶ୍ୟକ ପଡ଼ିବ ।

ଦୁଃଶାସନ—ଗୁଳିଗୁଳା ବାଣରେ ଦ୍ୱାରକାକୁ ଜଳାଇ ଦେବାକୁ ହେବ । ଆଉ ସହସ୍ରାଧିକ ଅଶ୍ୱାରୋହୀ, ଗଜାରୋହୀ, ପଦାତିକ ସୈନ୍ୟ ଓ ସହସ୍ରାଧିକ ବରଯାତ୍ରୀ ମହାସମାରୋହରେ ସେଠାକୁ ଯିବେ । ଦ୍ୱାରକାବାସୀ ଦେଖନ୍ତୁ, ହସ୍ତିନା ରାଜାର ଆଡ଼ମ୍ବର କେତେ । ଆଉ ସେମାନେ ଯେପରି ତର୍କାତର୍କି କରିବାରେ ଅକ୍ଷମ ହୋଇ ପଡ଼ନ୍ତି ।

ଶକୁନି—ସେ ସବୁ କରିବ ଅନୁସାରେ ତୁମ୍ଭେ କରିବ । ଆଉ କହୁଚ କାହାକୁ ? ମାନଗୋବିନ୍ଦ ସ୍ୱୀକୃତ ହୁଅ । ଏଥିରେ ଆମ୍ଭମାନଙ୍କର କୌଣସି ଆପତ୍ତି ନାହିଁ ?

ଦୁର୍ଯ୍ୟୋଧନ—ବିବାହ ଲଗ୍ନ କେବକୁ ଧାର୍ଯ୍ୟ କରିଯିବ ।

ଶକୁନି—ସେଠା କନ୍ୟା ପକ୍ଷିକୁ ଯେଉଁ ତିଥି ଯୋଗାଇବ । ତା ସେମାନେ ସ୍ଥିର କରି ସମ୍ବାଦ ଦେବେ । ଆମେ ଅଙ୍ଗୀକାର କଲୁ ଏହିମାତ୍ର ପତ୍ରୋତ୍ତର ଦେବାକୁ ପଡ଼ିବ ।

ଦୁର୍ଯ୍ୟୋଧନ ତେବେ ଏଣତରେ ସଭା ଭଙ୍ଗ ହେଉ ।

( ସମସ୍ତେ ପ୍ରସ୍ଥାନ )

---

## ଦ୍ୱିତୀୟ ଦୃଶ୍ୟ

( ପୂର୍ବ ନାଟକସ୍ଥ ବ୍ରାହ୍ମଣ ଓ ଅଗାଧୁ ପଣ୍ଡିତ ପ୍ରବେଶ )

ଅଗାଧୁ—ଆଶ୍ଚର୍ଯ୍ୟ ମହାଶୟେ ! ଦାନ୍ତ ପଡ଼ିଗଲେ ବା ବାଳ ପାଚିଗଲେ ଲୋକ ବୁଢ଼ା ହୁଅନ୍ତି ନାହିଁ । ବୟସ ଉପରେ ସବୁ ନିର୍ଭର କରେ । ଆପଣ କୋଷ୍ଠି ଦେଖନ୍ତୁ ଅଷ୍ଟୋତ୍ତର ଶଏ ବର୍ଷ ପରମାୟୁରୁ ଜମା ନିର୍ଗତ ହୋଇଛି ବାଅଠି ବର୍ଷ । ଆଜି ତ ଛୟାଳିଶ ବର୍ଷ । ତମ ଝିଅ କେତେ ବର୍ଷ ଭୋଗ କରୁଛି କହ ।

ବ୍ରାହ୍ମଣ—ତା ମୋ ତ ଜମା ମନେ ନାହିଁ । ମୁଁ ପନ୍ଦର ଦିନ ହେଲା କନ୍ ବୁଝାଇଲିଣି ! ତାକୁ କଏ କହି ଦେଇଛି, ଆଶ୍ଚର୍ଯ୍ୟଙ୍କ ରାଶିରେ ମାଇକିନିଆଁ ଉପଯୋଗ ନାହାନ୍ତି । ତିନି ତିନିଟା ମାଇକିନିଆଁ ବଣ୍ଡାକୁ ଗଲେ । ମୁଁ ଏହା ଜାଣୁ ଜାଣୁ ଝିଅକୁ କେମିତି ବିବାହ ଦେବି ?

ଅଗାଧୁ—ତା ଯଥାର୍ଥ, ମୋର ଆୟୁଷ ରେଖାଟା ବଡ଼ ଦୀର୍ଘ, ପରମାୟୁ ମଧ୍ୟ ଜୋର । ତେଣୁ ଅଳ୍ପାୟୁଷ ମାଇକିନିଆଁ ଏଠି ଠାକୁ ନାହାନ୍ତି । ମୁଁ ଭଲକରି ଦେଖିଛି ତମ କନ୍ୟାର ରାଶିଟା ବ ଠାଣ ଅଛି । ଆଉ ମଧ୍ୟ ରାଜଯୋଟକ, ମଣ୍ଡଳ ଶୁଦ୍ଧି । ଆଉ କିଛି କହିବାକୁ ନାହିଁ । ମୋତେ କଣ କନ୍ୟା ଦେବାକୁ ଲୋକେ ନାରାଜ । ଦଶ ପାଞ୍ଚଟା ଏକାବେଳେକେ ବସିଲେ ଛିଡ଼ା ହୋଇ ପଡ଼ନ୍ତି । ନା, ଦେଖିଲି ଗରିବ ଘରୁ ପାଏଟିଏ ନେଲେ ଭଲ । ମୋ ହାତ ତାଙ୍କର ମଧ୍ୟ ଅନେକଟା ଅଭାବ ପୂର୍ଣ୍ଣ ହେବ । ଆଶ୍ଚର୍ଯ୍ୟ ! ଶ୍ରବନ୍ତୁ, ଆପଣଙ୍କି ସୌଭାଗ୍ୟର ଉଦୟ ବୋଲି ଜାଣିବେ ।

ବ୍ରାହ୍ମଣ—ମୁଁ କଣ ବୁଝୁ ନାହିଁକି । ମାଇକିନିଆଁଟା ମନେ ନାହିଁ । ଭାବିଲି ବ ଏଥିରେ ଜେଜିଆ ପଡ଼ିଯିବ ।

ଅଗାଧୁ—ବୁଝ, ବୁଝ ଆଶ୍ଚର୍ଯ୍ୟ ! ଗାଁବାଲା ତମର ମଙ୍ଗଳ ଚାହୁଁଛନ୍ତି କି ଅମଙ୍ଗଳ ଚାହୁଁଛନ୍ତି । ତୁମେ କାଳକ ଭିକାରି ହୋଇ ତାଙ୍କ ଦୁଆରେ ହାତ ପତାଇବ । ମାଇକିନିଆ ତମର ଗାଁବାଲାଙ୍କ ଘାର ଝିଙ୍ଗମନ କରି ଢୋପେ ମଦେ ପାଣି ଆଣିବ । ଏଟା ତମକୁ ଭଲ; କିନ୍ତୁ ମୋ ଆଖିକୁ ସବୁ ଅସହ୍ୟ । ମୁଁ ତମକୁ ଜମିଦାର କରାଇ ଦେବି । ଆଶ୍ଚର୍ଯ୍ୟ, ତମ ସ୍ତ୍ରୀ ଜମିଦାରିଆଣୀ ହୋଇ ବସିବ । ଗାଁବାଲାଙ୍କ ମୁହଁ ସାରୁ ଖାଇଲା ପରି ହୋଇଯିବ । ନିଅ ଏ ହାରଟି ( ହାର ବାହାର କରିଦେବା ) ତମ ଭୂଆସୁଣୀ ବେକରେ ଦେବ । ଏ ତ ସାମାନ୍ୟ ଟଙ୍କା, ଦୁଇଶ ତିନିଶ କଥା । ଅଷ୍ଟ ଅଳଙ୍କାରରେ ମଣ୍ଡିଦେବି । ଆହେ ଯଦି ଝିଅଟିଏ ଜନ୍ମ କରି ଜୀବନ ସାର୍ଥକ ନ ହେଲା, ସେପରି ଝିଅ ଜନ୍ମ କରି କେତେ, ନ କରି କେତେ ।

ବ୍ରାହ୍ମଣ—ଦାନା ଅଭାବରେ ପେଟରେ ଓଦା କନା ଦିଆହେଉଛି, ହାର ନେଇ ପିନ୍ଧିଲେ କି ପେଟ ପୂରିବ ?

ଅଗାଧୁ—ତୁମେ ଯାଅ, ମୁଁ ଗାଡ଼ିଏ ଧାନ ସହିତ ଆଉ କିଛି ଟଙ୍କା ପଇସା ପଠାଇ ଦେଉଛି । ତୁମେ ଆଉ ପର ଦୁଆରକୁ ମୁଣ୍ଡ ନୋଇଁବାକୁ ଯିବ ନାହିଁ, ଯିବ ନାହିଁ, ଏକଥା ସୁନିଶ୍ଚିତ । ଏଇ ଆସନ୍ତା ତିଥିରେ ବିଭାଘରଟା ଯେପରି ହୋଇଯାଏ ।

ବ୍ରାହ୍ମଣ—ମୁଁ କଣ ଅମତ । ଖାଲି ମାଇକିନିଆଁଟା ବୁଝିଲେ ହେଲା ।

ଅଗାଧୁ—ଧନ ସବୁ ମନ ଭୁଲାଇ ଦେବ । ଯାଅ ସବୁ, ଅଭାବ ଅସୁବିଧା ମୋତେ ମଝେ ମଝେ ଖବର କହୁଥିବ । ଆଉ, ଆଉ ଗୋଟିଏ କଥା । ପାତ୍ରୀଟି ସାଙ୍ଗରେ ଥରେ ଦେଖା ସାକ୍ଷାତ ହେଲେ ମୁଁ ସବୁ ଠିକ୍ ଠାକ୍ କରିଦିଅନ୍ତି ।

ବ୍ରାହ୍ମଣ—ସ୍କୁଲ୍ ନାହାନ୍ତି । ସେ ତ ଆମ ଗାଁ ଆଶ୍ରମରେ ପାଠ ପଢ଼ା କରିବାକୁ ଆସିଥିବ ।

ଅଗାଧୁ—ପାଠ ପଢ଼ୁଛି ? ତା ତ କହୁନାହଁ । କଏ ଟୋକାଟାଙ୍କଆ ତାକୁ ଫସାଇ ଦେଉଛନ୍ତି । ତମେ ପାଠରୁ କଣ ପାଇବ ମ କଣ ସୁବିଧା କରିବ ! ମୋ ଘରେ ତ ଛ ଛଟା ସୁମାସ୍ତା

ଖଟିରହନ୍ତି । ତମ ଝିଅ ଜମା ଖଟନ୍ତୁ ଓହ୍ଲାଇବ ନାହିଁ, ବୁଝିଲ । ପଢ଼ା ବନ୍ଦ କରି ଦିଅ । ପାଠ ପଢ଼ି ବୁଦ୍ଧି ହୁଏ, ପୁଣି ପାଠ ପଢ଼ି ମଧ୍ୟ ବୁଦ୍ଧି ଭ୍ରଷ୍ଟ ହୁଏ । ଆଚ୍ଛା, ବେଳ ଦେଖି ତମ ଘରଆଡ଼େ ଯିବି । ତୁମେ ଯାଅ ନମସ୍କାର । (ବ୍ରାହ୍ମଣ କିଛିଦୂର ଯିବା ପରେ) ହଁ ଶୁଣ, ଶାଶୁଙ୍କୁ ମୋର ନମସ୍କାର ଜଣାଇ ଦେବ । ( ବ୍ରାହ୍ମଣ ପ୍ରସ୍ଥାନ ) 'ସୁନ୍ଦର ଗୋଲ ସୁଗୋଲ କଳେବର । ଠକା ଏ ସବୁ ମୁଣ୍ଡ ଖାଇଦେବ ବଙ୍କା ।' କାମଟା ହାସଲ ହୋଇଯାଆନ୍ତାଣି, ଏ ଗାଁ ଯୁବକ କେଇଟା ଗୋଟାଏ ସମିତି କରି ସବୁ ବିଭ୍ରାଟ ଲଗାଇଛନ୍ତି । ଆଚ୍ଛା, ଦେଖାଯାଉ । ( ପ୍ରସ୍ଥାନ )

—*—

## ତୃତୀୟ ଦୃଶ୍ୟ

( ଅଭିମନ୍ୟୁ ଓ ନାରଦ ପ୍ରବେଶ )

ଅଭିମନ୍ୟୁ—ଉତ୍ତରା ଅପେକ୍ଷା କଣ ସୁନ୍ଦରୀ ?

ନାରଦ—ସୁନ୍ଦରୀ ବୋଲି ପଚାରିବାକୁ ଅଛି, ଦେବକନ୍ୟା ଆଉ ମାନବୀ ଏଥିରେ ଢେର ପାର୍ଥକ୍ୟ ।

ଅଭିମନ୍ୟୁ—କଣ ଆଉ ପାର୍ଥକ୍ୟ ?

ନାରଦ—ତୁ କଥଣ ବାବୁ ବୁଝି ନାହୁଁ, ଆହୁରି ମତେ ପଚାରିବାକୁ ହେଉଛୁ ? ଦେବକନ୍ୟାମାନେ ଚିର ଯୌବନାଙ୍ଗୀ, କିନ୍ତୁ ମାନବୀଙ୍କଠାରେ ତା ନାହିଁ ସମ୍ଭବ ପାରିବ ।

ଅଭିମନ୍ୟୁ—ଦେବକନ୍ୟା ଦେବ ଉପଯୁକ୍ତା । ମୁଁ ମାନବଟା କିପରି ତାର ଅର୍ଦ୍ଧାଙ୍ଗ ହେବି ।

ନାରଦ—ତୁ ସେ ଦେବଅଂଶୀ ପିଲା । ସେ ବିଷୟ ଆମେ ସବୁ ଜାଣି ଠିକ୍ କରିଛୁ ନା ।

ଅଭିମନ୍ୟୁ—ଏ ବିବାହର ସୂତ୍ରପାତ କଲା କିଏ !

ନାରଦ—ଆମେ । କନ୍ୟାଟାରି ଭାବ ଭକ୍ତି ଆମଠାରେ ବହୁତ ।

ଅଭିମନ୍ୟୁ—ତାଙ୍କର ପିତାମାତା ମୋତେ କି ମନୋନୀତ କରନ୍ତି ।

ନାରଦ—ମାଆଙ୍କର ସୋଳଅଣା ଉପରେ ଅଠରଅଣା, କିନ୍ତୁ ପିତାଙ୍କର ।

ଅଭିମନ୍ୟୁ—ପିତାଙ୍କର ଇଚ୍ଛା ବିରୁଦ୍ଧରେ ବିଶେଷତଃ ବିବାହ କାର୍ଯ୍ୟ ସଂଗଠନ ହେବା ଦୁସ୍ତର ।

ନାରଦ—କାହିଁକି ନ ହେବ ? ଏହିପରି ଦୁନିଆଁରେ ଅନେକଟା ହୋଇ ଆସୁଛି ନା । ଏଇଠି ଏବେ ଦେଖ ରୁକ୍ମିଣୀ ଦେବୀ ଶିଶୁପାଳକୁ ବିବାହ ହେବା ଠିକ୍ ହୋଇ ବିବାହର ସବୁ ଆୟୋଜନ ହୋଇ ସାରିଥିଲା । ଦେବୀ ମନ୍ଦିରରୁ କନ୍ୟା ଫେରିଥିଲେ ପାଣି ଗ୍ରହଣ ହୋଇଥାନ୍ତା; କିନ୍ତୁ ତମ ମାତୁଳ କୃଷ୍ଣ ରୁକ୍ମିଣୀଙ୍କୁ ଘେନ ଚମ୍ପଟ ।

ଅଭିମନ୍ୟୁ—ମୁଁ କଣ ଏମିତି ଚୋରବୃତ୍ତି କରି କନ୍ୟା ଆଣିବି ? ମୁଁ ସେ କ୍ଷତ୍ରିୟ ସନ୍ତାନ ।

ନାରଦ—ଚୋରି କରି ଆଣ ବା ଯୁଦ୍ଧ କରି ଆଣ, ସେଥିରେ ଆମର କୌଣସି ଆପତ୍ତି ନାହିଁ । କିନ୍ତୁ କନ୍ୟାକୁ ତମେ ଯଦି ବିବାହ ନ କରିଅ ତେବେ ତୁମକୁ ଗୋଟିଏ ନାରୀହତ୍ୟା ପାତକରେ ଲାଗି ହେବାକୁ ପଡ଼ିବ । ଆଉ ଆମକୁ ମଧ୍ୟ ଗୁରୁତର ଅପମାନ ହେବ ।

ଅଭିମନ୍ୟୁ—ଆପଣଙ୍କୁ କାହିଁକି ଅପମାନ ହେବ ?

ନାରଦ—ଅପମାନ ବୋଲି ଅପମାନ ! ଲକ୍ଷ୍ମଣ ତୁମର ତୋ ତୁଳନାରେ ଯେଉଁ ଯୋଗ୍ୟବାନ ନା ଗୁଣବାନ ନା ରୂପବାନ ସେ—ତାର ପ୍ରଶଂସା ଆଉ ତୋର ନିନ୍ଦା, ତୋ ପିତାର ନିନ୍ଦା ।

ଅଭିମନ୍ୟୁ—ମୋର ନିନ୍ଦା, ସେଥିରେ ଯାଏ ଆସେ କେତେ ? ପିତାଙ୍କର ନିନ୍ଦା !

ନାରଦ—ଏକା ପିତା କଣ ? ପାଣ୍ଡବମାନଙ୍କର ନିନ୍ଦା, ଆଉ କୁରୁବଂଶର ପ୍ରଶଂସା । ଦୁର୍ଯ୍ୟୋଧନ ମାନବଚକ୍ରବର୍ତ୍ତୀ । ଲକ୍ଷେ ରାଜାର ମଣ୍ଡଳମଣି ।

ଅଭିମନ୍ୟୁ—କିଏ ଏ ନିନ୍ଦା କରୁଥିଲେ ?

ନାରଦ—ଆଉ କେବେ କିଏ ? ତମ ବଡ଼ ମାମୁଁ ।

ଅଭିମନ୍ୟୁ—ସାନ ମାମୁଁ ?

ନାରଦ—ସାନ ମାମୁଁ ? ପାଣ୍ଡବ ତାଙ୍କର ଜୀବନ ପ୍ରାଣ । ତୋ ପିତା ଅତି ଆତ୍ମୀୟ ବନ୍ଧୁ ତାଙ୍କ । ତୋ

ମା ସୁଭଦ୍ରାଙ୍କୁ ଦୁର୍ଯ୍ୟୋଧନକୁ ବିବାହ ଦେବାକୁ ବଳଦେବଙ୍କର ମତ ଥିଲା । କିନ୍ତୁ ଶ୍ରୀକୃଷ୍ଣ ବଳ ପୂର୍ବକ ତୋର ପିତାଙ୍କୁ ବିବାହ କରାଇ ଦେଲେ । ସେଇ କଥା ତ ।

ଅଭିମନ୍ୟୁ—ତାହେଲେ ମୋତେ କଣ କହିବାକୁ କହୁଛନ୍ତି ?

ନାରଦ—ଲକ୍ଷ୍ମଣକୁମର ଯେପରି ଶିଶୁପାଳ ଅବସ୍ଥାପ୍ରାପ୍ତ ହୁଏ, ଦୁର୍ଯ୍ୟୋଧନ ଅପମାନିତ ହୁଏ । କୁରୁଆଟ ମୁହଁରେ ଯେପରି କାଳି ବୋଳା ହୁଏ । ଆଉ ଶଶୀରେଖା ଯେପରି ତୋର ଅର୍ଦ୍ଧାଙ୍ଗିନୀ ହୁଏ । ଆଉ ଏ ଜଟିଆ ଲଙ୍ଗଳା ବାବାଜିର ଯେପରି ଟାଣ ରହେ ।

ଅଭିମନ୍ୟୁ – ତେବେ ଯାଆନ୍ତୁ ଦେବର୍ଷେ, ମୁଁ ପ୍ରସ୍ତୁତ ରହିଲି । ବିବାହ ଦିନ କେବେ ଧାର୍ଯ୍ୟ ହୋଇଛି ?

ନାରଦ – ଆମେ ସେ ଖବରଟା ଜଣାଇଦେବୁ ଯେ । ତୁ ପ୍ରସ୍ତୁତ ଥା । ଆମେ ଆସୁଛୁ ।

ଅଭିମନ୍ୟୁ—ଶୁଣନ୍ତୁ ମା'ଙ୍କ ଆଗେ କୁହାଯିବେ ନାହିଁ ?

ନାରଦ—ଶୁଣ, କିନ୍ତୁ ତାଙ୍କୁ ମଧ୍ୟ ବର୍ତ୍ତମାନ ଏ କଥା ପ୍ରକାଶ କରିବାକୁ ହେବ ନାହିଁ ।

(ଉଭୟ ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

(ଉଦ୍ୟାନ)

(ଶଶୀରେଖା ଏକାକୀ ଗୀତଟିଏ ଗାଇ ଗାଇ ଆସୁଥାଏ)

ମୋ ସପନ ସୁନ୍ଦର ଦେବତା ।
କେବେ ଆସି ମୋ କାନେ କହିବ କଥା । ପଦ ।
ଦେଖି ତବ ରୂପ ଛବି ଅନ୍ତରେ ହୁଏ ମୁଁ ଧାବ
ଲୁଭ ଆଶା ଫଳ ଲଭି ତୁଟିବ ଚିନ୍ତା ।
ଦିନପରେ ଦିନ ବିତି ଯାଏ ଥୟ ନୁହେ ଚିତ୍ତ
ବସ୍ତ୍ରାର୍ଦ୍ଧ ହୋଇ ମୋ ପ୍ରାଣ ଦେବେ ବାରତା ।

ଶଶୀରେଖା—ସତେ ତାଙ୍କ ଚରଣରେ ମୋତେ ସ୍ଥାନ ଦେବେ ! ବାମନ ଚାନ୍ଦ ଲଭିଲା ପରି ମୁଁ ଯେ ଆକାଶ ସୁମନ ତୋଳିବାକୁ ହାତ ବଢ଼ାଇଛି । ସତେ ଭଗବାନ ! ମୋର ମନ କାମନା ପୂର୍ଣ୍ଣ କରିବେ ।

(୧ମ ଓ ଚତୁର୍ଥ ସଖୀ ପ୍ରବେଶ)

୧ମ ସଖୀ—ମା ଠାକୁରାଣୀ କହିଲେ ସବୁ ଆଡ଼କୁ ଚାଲ ।

ଶଶୀରେଖା—କାହିଁକି ? ମୁଁ ପରା ମାଙ୍କ ପାଖରୁ ବର୍ତ୍ତମାନ ଆସିଲି । କାହିଁ, ମା' ତ କିଛି କହିଲେ ନାହିଁ ।

୪ର୍ଥ ସଖୀ—କାହିଁକି ଡାକୁଛନ୍ତି ସେଠିକି ଗଲେ ବଳେ ବୁଝିବ ନାହିଁକି ? ସାଇପାଖ ମାଇପେ ସବୁ ଅନେଇ ବସିଛନ୍ତି ।

ଶଶୀରେଖା—ସାଇପାଖ ମାଇପେ, କାହିଁକି ଆସିଛନ୍ତି ? କଣ କରିବେ ?

୪ର୍ଥ ସଖୀ—କେତେ ପଚାରୁଛ, ମାଇପେ ଫୁଲ ଚନ୍ଦନ ଲଗାଇ କନିଆଁ କରିବେ ।

ଶଶୀରେଖା—ଯା, ଯା, ମୋତେ ବିରକ୍ତ କରନା । ମୁଁ ବର୍ତ୍ତମାନ ଯାଇ ପାରିବି ନାହିଁ ।

୪ର୍ଥ ସଖୀ—ସବୁ ଝିଅ ଏମିତି କହନ୍ତି, କେତେ ଗୋଡ଼ ଲମ୍ବାନ୍ତି । ମନ ଭିତରେ କେତେ କଣ ଖେଳିଯାଏ । ଗୁଡ଼ି ଦାଉଁ ଦାଉଁ ପଡ଼ିବଣି । ଜେମାମଣି ଆସ, ଉଛୁର ହେଉଛି ପରା ।

ଶଶୀରେଖା—ସେମିତି ମୋତେ ଦିକ୍‌ଦାସ୍ତ କଲେ ଜାଣିଥା, ହଁ !

୧ମ ସଖୀ—ମା ଠାକୁରାଣୀ ଆଉ ଅନ୍ୟମାନେ ସମସ୍ତେ ଏ ଆଡ଼କୁ ଆସିଲେଣି ।

(ରେବତୀ ପ୍ରଭୃତି ପ୍ରବେଶି ଫୁଲ ଚନ୍ଦନ ପିନ୍ଧାଇ ନେଇଗଲେ)

(୨ୟ ସଖୀ ଓ ୩ୟ ସଖୀ ରହିଲେ)

୩ୟ ସଖୀ—ଭଦ୍ରା ! ଜେମାଙ୍କର ଏ ବିବାହ ପ୍ରସ୍ତାବରେ ଆଦୌ ମତ ଥିଲା ପରି ଜଣା ପଡୁନାହିଁ ।

୨ୟ ସଖୀ—ସେଥିରେ ଦୋଷର ମତଲବ ଅଛି ।

୩ୟ ସଖୀ—ଦୋଷର କଣ ? ଜେମାଙ୍କ ଲାଗି ଏ ବର କଣ ହୋଇ ନାହିଁ ।

୨ୟ ସଖୀ—ଜେମାଙ୍କ ଲାଗି ଯେ, ଆଖିପତ୍ର ଦୋହର ଆଡ଼େ ଘୂରୁଛି ।

୩ୟ ସଖୀ—ଭଡ଼ କହ, କୁଆଡ଼େ ?

୨ୟ ସଖୀ—ତମେଣ୍ଡାକ ଭୁଣ୍ଡୁଭୁଇଆ, ତମ ପାଟିରେ କଥା ରହିବ ନାହିଁ ।

୩ୟ ସଖୀ—ମୋତେ ମୋ ରାଣ, ଆଉ ଛୁଉଁଛି, କାହା ଆଗରେ କହିବି ନାହିଁ ।

୨ୟ ସଖୀ—ଆଲୋ ! ଲକ୍ଷ୍ମଣକୁମରଠାରୁ ଆଉ ଗୋଟିଏ ସୁନ୍ଦର ବର ଜେମା ମନୋନୀତ କରିଛନ୍ତି । ରୂପରେ ଯେପରି ଗୁଣରେ ମଧ୍ୟ ତତୋଧିକ ।

୩ୟ ସଖୀ—ତେବେ ଏ ଯେ ନବଙ୍କ ହୋଇଗଲା ।

୨ୟ ସଖୀ—ବେଦୀ ଉପରୁ ବର ତ ଉଠି ଯାଉଛି । ଏ ଏବେ ଜବା କଥା । ଏ ଅବସରରେ ବଡ଼ କିଛି ବିଭ୍ରାଟ ଘଟିବ । ଆ, ତେଣେ ଆମକୁ ଖୋଜୁଥିବେ । (ଉଭୟଙ୍କ ପ୍ରସ୍ଥାନ)

---

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ଘଟୋତ୍କଚର ପ୍ରମୋଦୋଦ୍ୟାନ

(କେତେଗୁଡ଼ିଏ ନର୍ତ୍ତକ ନର୍ତ୍ତକୀ ମାଦଳ ବଜାଇ ନାଚୁଥିଲେ)

ଗୀତ

ଚଇତ ରାତି    ସଞ୍ଜ ପାହାନ୍ତି
ସିଲସିଲିଆ ବାଆ ।
ଚଞ୍ଚଳ ମନ    ଭରା ଯୌବନ
ଜଳିଯାଇ ଏଏ ଦୁଆ । ଘୋ ।
କୋଇଲି ଡାକେ ବନେ    ଭ୍ରମର ଝଙ୍କାର ପଞ୍ଚମତାନେ
ବିରହୀ ପ୍ରାଣେ ଉଚାଟ ଆଣେ ।
ମଦନ ବାଣେ ମରେ ମରମେ,
ଖୋଜ ନ ପାଏ ପଥ । ୧ ।
ମଲ୍ଲୀ ବଉଳ ମାଳେ    ଗଭା ସଜାଇ ଭଲେ
ତା ପରେ କେତକୀ ଗଭା,
ଦୂର ଜଉଳ ରଙ୍ଗେ କି ସୁନ୍ଦର ବାଃ ବାଃ ।
ଆସ ମହୁଆ ପିଇ,    ଗୀତ ଝୁମର ଗାଇ,
ପକା ଖେମଟା ନାଚ,
ଦଶିବ ଜଗ ତା ସାଥେ ମାଦଳ ବା । ୨ ।

ଘଟୋତ୍କଚ—(ଗୀତାନ୍ତେ ତାର ସଙ୍ଗୀଙ୍କୁ କହିଲା) ଗାଅ, ନାଚ, ଫୁର୍ତ୍ତିକର । ମହୁଆ ଖାଇ, ବେହୋସ ବନଯାଅ, ଖୁବ୍ ନାଚ, ଯୋରସେ ନାଚ ।

ଅଙ୍ଗନ—ଗାଅ, ଗାଅ ! ଏକ ମରଦକୁ ଏକ ମାଈ ପିଲା, କେମିତି ମଜା ସଜା କରୁଚେ ଖୁବ୍ ନାଚ ।

*ଅନୁଚର—(ପ୍ରବେଶି କହିଲା) ମା, ଆସୁଛନ୍ତି ।*

ଘଟୋତ୍କଚ—ମା, ! ଏଠାକୁ କାହିଁକି ? କଣ ଏପରି ଘଟିଛି କି ?

(ହିଡ଼ିମ୍ବିକା ପ୍ରବେଶ)

ଘଟୋତ୍କଚ—ମା ! କୁଆଡ଼େ ଆସିଲୁ ? ମୋତେ ଡକାଇ ଥିଲେ ତ ଯାଇଥାନ୍ତି । ତୋର ମତ ଚଳ ଚଳ, ଆଉ ଆରକ୍ତ ନୟନ କେଶ ବସନ ଅସମ୍ଭାଳ, କଣ କିଛି ବିପଦ ଉପସ୍ଥିତ ?

ହିଡ଼ିମ୍ବିକା—କ୍ଷୁଧା ! କ୍ଷୁଧା !!

ଘଟୋତ୍କଚ—କଅଣ ମୋର ଅଭାବ ଅଛି ଯେ ତୋର କ୍ଷୁଧା ମେଣ୍ଟାଇ ପାରୁନାହିଁ । ଏ ସାରା ଜଙ୍ଗଲଠାରେ ମୁଁ ଏକଛତ୍ର ଦଣ୍ଡଧର । ମିରିଗ, ବରାହ, ସମ୍ବର, ଯାହା କହୁଁ, ତାହା ମୁହୂର୍ତ୍ତକେ ଲକ୍ଷ ପ୍ରମାଣେ ତୋ ନିକଟରେ ପହଞ୍ଚାଇ ଦେଇପାରେ ।

ହିଡ଼ିମ୍ବିକା—ସେଥିରେ ତୃପ୍ତି ନାହିଁ, ସେଥିରେ ଶାନ୍ତି ନାହିଁ ।

ଘଟୋତ୍କଚ—ଆଉ କେଉଁଥିରେ ଶାନ୍ତି ତୋର ମା' ? ସାଧ୍ୟାତୀତ ନ ଥିଲେ ନିଶ୍ଚୟ ଯୋଗାଇ ଦେଇ ପାରିବି ।

ହିଡ଼ିମ୍ବିକା—ମୁଁ ଚାହେଁ ନର ମାଂସ, ନର ରକ୍ତ, ନର ମାଂସ ।

ଘଟୋତ୍କଚ—ମା ! ତୁ ନର ମାଂସ ଖାଇବୁ ନିଷେଧ କରିଥିଲୁ, ପୁଣି ଏ କି ପରିବର୍ତ୍ତନ, ନା ପଗଳୀ ?

ହିଡ଼ିମ୍ବିକା—ନା ! ଶୋଷା ବୁଢ଼େଁ ! ସ୍ୱର୍ଣ୍ଣପୁରର ଶଶ୍ୱାସ-ଘାତକ ନର ମୋର ଆହାର୍ଯ୍ୟ ବସ୍ତୁ, ପାରୁତ ଶୀଘ୍ର ଆଣି ମୋର କ୍ଷୁଧା ମେଣ୍ଟାଣ କର ।

ଘଟୋତ୍କଚ—ଯେତେ ଭକ୍ଷିବୁ ତତେ ଯୋଗାଇ ଦେବ ମା ?

ହିଡ଼ୀମ୍ବିକ—ସାଧାରଣ ନର ମାଂସ ମୁଁ ଚାହେଁନା । କେବଳ ବୀର ରକ୍ତ, ବୀର ମାଂସ ।

ଘଟୋତ୍କଚ—ତା ମୁଁ ଆଣି ପାରିବି ନା ?

ହିଡ଼ୀମ୍ବିକ—ନ ପାରିଲେ ଧିକ୍ ତୋତେ, ଧିକ୍ ତୋର ମହାବୀର ଔରସରେ ଜନ୍ମ ।

ଘଟୋତ୍କଚ—ମୁଁ ମହାବୀରର ପୁତ୍ର ? ମୋର ପିତାଙ୍କ ନାମ କଅଣ ? ସେ ବର୍ତ୍ତମାନ କେଉଁଠି ?

ହିଡ଼ୀମ୍ବିକ—ଦ୍ୱିତୀୟ ପାଣ୍ଡବ ! ମହାପରାକ୍ରମଶାଳୀ ଭୀମ ତୋର ପିତା । ସେ ବର୍ତ୍ତମାନ ବାରୁଣୀରେ ।

ଘଟୋତ୍କଚ—ସେ ଏଠାକୁ ଆସୁନାହାନ୍ତି କାହିଁକି ? ମୁଁ ତ ତାଙ୍କୁ କେବେହେଲେ ଦେଖିନାହିଁ । କହ ମା ! ସେ କଣ ଆମ୍ଭମାନଙ୍କୁ ମନରୁ ପାଶୋରି ଦେଇଛନ୍ତି ।

ହିଡ଼ୀମ୍ବିକ—ସେଥିଲାଗି କହୁଛି ମହାବୀର ସ୍ୱାର୍ଥପର ମନୁଷ୍ୟ ରକ୍ତ ମାଂସରେ ମୋର କ୍ଷୁଧା ମେଣ୍ଟାଇବି ।

ଘଟୋତ୍କଚ—ମା ! ସେ ବୋଧହୁଏ ଭୁଲି ଯାଇଛନ୍ତି ! ମୋତେ ଆଦେଶ ଦେ ମା, ମୁଁ ତାଙ୍କୁ ସାକ୍ଷାତ କରି ତାଙ୍କୁ ଏ ସ୍ଥାନକୁ ନେଇ ଆସିବି ।

ହିଡ଼ୀମ୍ବିକ—ଯଦି ତୋତେ ସେ ଚିହ୍ନି ଅପମାନିତ କରନ୍ତି ?

ଘଟୋତ୍କଚ—ତେବେ ତାଙ୍କର ସମ୍ମୁଖରେ ଆତ୍ମହତ୍ୟା କରିବି ।

ହିଡ଼ୀମ୍ବିକ—ତହିଁରେ ଲାଭ କଅଣ ବାପ ! ବରଂ ମୋତେ ବୃନ୍ଦାବନ ଭଳି ଅକ୍ଷୟ ସ୍ୱର୍ଗ ଲାଭ କରିବୁ । ତା ନୁହେଁ, ତୁ ମହାବୀରର ସନ୍ତାନ । ତୋତେ ସବୁ ଶସ୍ତ୍ରରେ ଶିକ୍ଷିତ କରାଇଅଛି । କ୍ଷତ୍ରିୟ ମଧ୍ୟରେ ଏପରି କେହି ଶକ୍ତି ନାହିଁ ଯେ କି ତୋତେ ଯୁଦ୍ଧରେ ହରାଇପାରିବ । ଯା, ଅମର ଏହି ରାଜ୍ୟର ଚତୁର୍ଦ୍ଦିଗରେ ଅନୁସନ୍ଧାନ କର, କିଏ କେଉଁଠି କେଉଁ ମନୁଷ୍ୟ ଆମ୍ଭର ଲୀଳାଭୂମିରେ ବିଚରଣ କରୁଛି ।

ଘଟୋତ୍କଚ—ତେବେ ଯିବି ମା ! କ୍ଷତ୍ରିୟ ସନ୍ତାନ, ମୁଁ ଯୁଦ୍ଧ ଚାହେଁ ।

ହିଡ଼ୀମ୍ବିକ—ହଁ, ମନେରଖ ପୁତ୍ର ! ଆଶ୍ରୟ ପ୍ରାର୍ଥୀକୁ ଆଶ୍ରୟ ଦେବୁ, କ୍ଷମାନୁସରଣ କଲେ କ୍ଷମା ଦେବୁ । ବିପଦଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବୁ । ଶତ୍ରୁକୁ ପରାଜିତ କରିବୁ, ଯା, ଭୋଜନ କରିବୁ । ଯାଲେ, ମୁଁ ଶୁଣିଛି ତୋର ପିତା ବର୍ତ୍ତମାନ କୁରୁଙ୍କ ତାଡ଼ନାରେ ବ୍ୟତିବ୍ୟସ୍ତ । ଏପରି ଦିନ ଆସିବ, ଯେବେ ତୋର ପିତା ତୋତେ ଲୋଡ଼ି ଆସିବେ, ବେଶି ବିଳମ୍ବ ନାହିଁ ଯେ ଆ ।

( ସମସ୍ତେ ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

### ଶଶୀରେଖାର କକ୍ଷ

( ଶଶୀରେଖା ଗୋଟିଏ ମଖୀକୁ ଧରି ଗୀତଟିଏ ଗାଇ ଗାଇ ପ୍ରବେଶ )

ଗୀତ

ଏହା ଥିଲା ମୋ କପାଳେ, ପ୍ରିୟ ସଖି,
ଆଶା ମଙ୍ଗଳଚନ୍ଦ୍ରିକା ଦେଖି ପୋଷି ମୁଁ ମରେ ଆକୁଳେ । ପଦ ।
ସେ ଚନ୍ଦ୍ର ମୁଁ ଚକୋରୀ ମାତ୍ର,
ଲୋକେ ପତାଇଲ ହାତ,
ସରଗ ସୁମନ, ତୋଳିବାକୁ ମନ,
ଲାଳସା ବଢ଼ାଇ ମଲି ହେଳେ । ୧ ।
ଜନ୍ମଦାତା ପିତା ମୋ ଉଦାର,
କା ସଙ୍ଗେ ଯିବି ମୁଁ ବାହାକରି,
ଭକ୍ଷିବ ଜହର, ଶେଷ ପ୍ରତିକାର,
ଲଭି ଏ ଜୀବନେ ନାହିଁ ଭଲେ । ୨ ।

ମରଣ ମୋର ଶ୍ରେୟସ୍କର । ସଖି ! ଜହର ଟିକେ ଆଣି ଦିଅ, ମୋ ଜୀବନର ଅତୃପ୍ତ ପିପାସା ମେଣ୍ଟାଇ ଦେବ । ଏ ଜଗତରେ ମୋର ଦୁଃଖ ଶୁଣିବା ବ୍ୟକ୍ତି କେହି ନାହାନ୍ତି । ପିତାଙ୍କ ଅଜ୍ଞାତ ସାରରେ ମୁଁ ଯାହାକୁ ଜୀବନ ସମର୍ପି ଦେଇଥିଲି ତାଙ୍କୁ ପାଇବା ଦୁର୍ଲଭ ହେଲାଣି । ପିତା ମୋତେ ଅନ୍ୟ ଯୁବକ ହସ୍ତରେ ଅର୍ପଣ କରିବେ । ମା ପିତାଙ୍କ ମତରେ ବଶୀଭୂତା ହେଲେ ଯୁବା ତାଙ୍କର

ପିତାଙ୍କ ଆଦେଶ ଲଙ୍ଘନ କରିବା ସାଧ୍ୟ ନାହିଁ । ଆଉ କଏ ମୋର ଏ ଅନ୍ତର ଉତ୍କଣ୍ଠା ବୁଝିବ ? ରମା ! କ'ଣ ପାଇ ସେଠାରେ ରହିଲଣି ? ବୋଧ-ହୁଏ କଦା ମୋର ଦୁଃଖକୁ କର୍ଣ୍ଣପାତ କଲେ ନାହିଁ ? ସେତ କେବେ ହେଲେ ଭ୍ରାତୃ ଆଦେଶ ଲଙ୍ଘନ କରନ୍ତି ନାହିଁ ? ତାହା ଭାବ ଆସିବାକୁ ଅନିଚ୍ଛୁକ ହୋଇଥିବେ ।

ଭଦ୍ରା—ନ ଆସିବାର ହୋଇଥିଲେ ତ ରମା ଫେରି ଆସନ୍ତାଣି । ତେମେ ଦୁଃଖ କରନା । ସେ ନିଶ୍ଚୟ ଆସିବେ । ତାଙ୍କର ସମସ୍ତ ପୁତ୍ର କନ୍ୟାଙ୍କ ଅପେକ୍ଷା ତୁମଠାରେ ଅଧିକ ସ୍ନେହ । ଭାଗ୍ୟ ଛଡ଼ା ପଥ ନାହିଁ । (ନେପଥ୍ୟକୁ ଚାହିଁ) ଏଇତ ସାନ ମଣିମା ଆସିଲେଣି । ( ଶ୍ରୀକୃଷ୍ଣଙ୍କ ଆସିବା ଦେଖି ଶଶୀ-ରେଖା ଅଧୀର ହୋଇ କାନ୍ଦିବା )

ଶ୍ରୀକୃଷ୍ଣ—( ପ୍ରବେଶି ଶଶୀରେଖାକୁ କୋଳକୁ ନେଇ ) ମା ! ଯେତେ ଦିନ ଆମ୍ଭମାନଙ୍କ ପାଖରେ ଥିଲୁ, ସେ ସମସ୍ତ ଗଡ଼ିଯାଇଛି । ପର ବୋଝ, ଦିନେ ପର ଘରକୁ ଯିବାକୁ ହେବ । ସେଥିଲାଗି ଦୁଃଖ କାହିଁକି ? ମା ! ଆମ୍ଭମାନଙ୍କୁ ଯେଉଁ ଭକ୍ତି ଓ ସ୍ନେହଦୃଷ୍ଟିରେ ଦେଖୁଥିଲୁ, ଏଣିକି ତୋର ଶାଶୂ ଶ୍ୱଶୁରଙ୍କୁ ସେହି ଭକ୍ତି ସେହି ସ୍ନେହ ଦୃଷ୍ଟିରେ ଦେଖିବୁ । ଗୁରୁଜନ-ମାନଙ୍କୁ ମାନ୍ୟ, ଶାଶୂ ଶ୍ୱଶୁରଙ୍କ ସେବା ନିତ୍ୟବ୍ରତ ବୋଲି ଜାଣିବୁ । ହିତ ହେଉ ବା ଅହିତ ହେଉ ସେମାନେ ଯାହା କହିବେ ତା ମୁଣ୍ଡପାତି ସହିବୁ । ନିଜ ବଂଶର ଗୌରବ, ଆତ୍ମଗାରିମା କେବେ ହେଲେ ସେମାନଙ୍କ ନିକଟରେ ପ୍ରକାଶ କରିବୁ ନାହିଁ । ( ଶଶୀରେଖା ବେଶି ବେଶି କାନ୍ଦିଲା ) ଏ କଣ ମା ! ଏତେ ଅଧୈର୍ଯ୍ୟ ହେଉଛୁ କାହିଁକି ? ଭଦ୍ରା ! ତାକୁ ବୁଝାଅ, ତାକୁ ସାନ୍ତ୍ୱନା ଦିଅ ।

ଭଦ୍ରା—ଆମେ ତ ବୁଝାଇ ବୁଝାଇ ହେଲୁ ଥକିଗଲୁଣି, ଖିଆ ନାହିଁ, ପିଆ ନାହିଁ । ଯେଉଁଠି ବସିଲେ ସେଠି । ଲୁହ ଧାରରେ ବସୁଧା ଭିଜାଇ ଦେଉଛନ୍ତି । ବିଭା ହୋଇଗଲେ ଝିଅମାନେ ଦୁଃଖ କରନ୍ତି । କିନ୍ତୁ ଏପରି ତ ନୁହେଁ । ଆମ୍ଭେମାନେ ଅନୁମାନ କରୁଛୁ ତେମାଙ୍କର ମତଲବ ଅନ୍ୟ କିଛି ଅଛି ।

ଶ୍ରୀକୃଷ୍ଣ—ଅନ୍ୟ ମତଲବ କଣ ?

( ଏ ସମୟେ ଦୂରରୁ ଗୀତ ଶୁଭିଲା )

ଅନ୍ତର୍ଯ୍ୟାମୀ ବୋଲି ନାମ ତ ବହିଛ
କଏ ବା ନ ଜାଣେ ଭବେ
ପର କଥା ବୋଲି ଘୋଡ଼ାଇ ଦେଲେଟି
ଲୁଚିବଟି କେବେ କେବେ
ଜଗବନ୍ଧୁ ଜଗତ ନାଥ,
ଜାଣି ଅଜଣା ହେଉଛ ମାତ୍ର ।

ଶ୍ରୀକୃଷ୍ଣ—ଏ ତ ଦେବର୍ଷିଙ୍କ କଣ୍ଠସ୍ୱର । ( ଦାସମାନଙ୍କ ପ୍ରତି ) ଯାଅ ତାଙ୍କୁ ପାଛୋଟି ଆଣ ।

ଗୀତ

ଲକ୍ଷ ଯୋଜନରେ ଗଜ ଡାକଦେଲା
ତା ଡାକ ଶୁଣିଲ କର୍ଣ୍ଣେ
ବନସ୍ତେ ମୃଗୁଣୀ ଚିତ୍କାର କଥାଟି
ପଡ଼ୁନାହିଁ ପ୍ରଭୁ ମନେ
କୃପାସିନ୍ଧୁ ମିଛେ କି ନାମ,
ନାମ ବହିଛ ଆରତତ୍ରାଣ ।

( ନାରଦଙ୍କ ପ୍ରବେଶ )

ଶ୍ରୀକୃଷ୍ଣ—ନାରଦ, ଆସନ୍ତୁ ! କାହା ଆଡ଼ିରେ ଏତେ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି ?

ନାରଦ—ଜଗତଯାକ ଲୋକ ତ ଏ ଜଟିଆ ପଛରେ ଧାଇଁଛନ୍ତି । କାହା କଥା ଏବେ କେତେବେଳେ ବୁଝିବ !

ଶ୍ରୀକୃଷ୍ଣ—କେଉଁ ସକାଶେ ଧାଇଁଛନ୍ତି ?

ନାରଦ—କାହାର ବସ୍ତ୍ର ଅଭାବ, କାହାର ଅନ୍ନ ଅଭାବ, କାହାର ପୁତ୍ର ଅଭାବ, କାହାର କନ୍ୟା ଅଭାବ, କାହାର ସ୍ତ୍ରୀ ଅଭାବ, କାହାର ପୁରୁଷ ଅଭାବ, ଏହିପରି ନାନା କଥାରେ ମୁଣ୍ଡଟା ଘୂରିଯାଉଛି ।

ଶ୍ରୀକୃଷ୍ଣ—ଆଚ୍ଛା, ସମସ୍ତଙ୍କର ଅଭାବ ପୂରଣ କରି ପାରୁଛ ?

ନାରଦ—ଯେତେଟା ପାରୁଛୁ ପୂରାଉଛୁ । ଯେତେଟା ନ ପାରୁଛୁ, ଥାପଡ଼ା ଥାପଡ଼ି କରୁଛୁ ।

ଶ୍ରୀକୃଷ୍ଣ—ବସ୍ତ୍ର ଅଭାବ କାହାର ପୂରଣ କରିଛ ?

ନାରଦ—ଦ୍ରୌପଦୀ ।

ଶ୍ରୀକୃଷ୍ଣ—ଅନ୍ନ ?

ନାରଦ—ସୁଦାମା ।

ଶ୍ରୀକୃଷ୍ଣ—ପୁତ୍ର ?

ନାରଦ—ଶାନ୍ତିପନ ମୁନି ।

ଶ୍ରୀକୃଷ୍ଣ—ଏ ସବୁ ତୁମେ ସ୍ମରଣ କରିଛ ?

ନାରଦ—ଜରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ । ଜରି ନ ଥିଲେ ତ କରାଇଥିବୁ ।

ଶ୍ରୀକୃଷ୍ଣ—ହଉ; ଥାଉ ଥାଉ ତମ ବାହାଦୁରି । ମୁଁ ଶଶୀରେଖାକୁ ବୁଝାଉଥିଲି ସ୍ୱାମୀ ଗୃହରେ କପରି ଚଳିବୁ । କପରି ସେମାନଙ୍କର ସ୍ନେହର ପାତ୍ରୀ ହେବୁ ।

ନାରଦ - ହଁ, ହଁ, ସେସବୁ କଥା ବୁଝାଇ ନ ଦେଲେ ଅପବାଦଗୁଡ଼ାକ ସବୁ ସମ୍ବନ୍ଧ ସମ୍ବନ୍ଧୀଙ୍କ ଉପରେ ଅଜାଡ଼ି ଦେବେ । ପୁଣି ମାନ ମର୍ଯ୍ୟାଦା ଉପରେ ବାଧ ଘଟିବ । ମା ! କକାଙ୍କ ଉପଦେଶ ଶିରୋଧାର୍ଯ୍ୟ କରି ମାନିବାକୁ ହେବ । (ଶଶୀରେଖା କାନ୍ଦି ଉଠିଲା) ମା ! ଏତେ ଅଧୈର୍ଯ୍ୟ କାହିଁକି ? ସାନ ବାପା, ବଡ଼ ବାପାଙ୍କ ଯୋଗାଡ଼ କୌଣସି କଥାରେ ତ ଊଣା ହୋଇ ନାହିଁ !

ଶ୍ରୀକୃଷ୍ଣ—ମୁଁ ତାକୁ ଅନେକବେଳୁଁ ଏ ସବୁକଥା ବୁଝାଇଲଣି, କିନ୍ତୁ ସେ ବେଳକୁ ବେଳ ବେଶି ଅଧୈର୍ଯ୍ୟ ହେଉଛି । ମୁଁ ତ କିଛି ଅନୁମାନ କରି ପାରୁନାହିଁ ।

ନାରଦ—ହଁ, କପରି ଅନୁମାନ କରିବେ ? ଦୂରରେ କିଏ କେଉଁଠି ଡାକଦେଲା ବାପା ସେ ବେଳକୁ ଜାଗତିଆର । ଏ ତ ଘର କଥା; ଡେଇଁ ଶୋଇଥିବ ପିଏ, ତାକୁ ଉଠାଇବ କିଏ ?

ଶ୍ରୀକୃଷ୍ଣ—କଣ, କଥା କଣ ? ଦେବର୍ଷେ ! ମୁଁ ତ କିଛି ଅନୁମାନ କରି ପାରୁନାହିଁ । ତୁମେ କିଛି ଶଶୀ-ରେଖାର ମତଲବ ଜାଣ ? ନିର୍ବାଚିତ ରାଜକୁମାର ଲକ୍ଷ୍ମଣ କୁମର ତ କୌଣସି ବିଷୟରେ ଊଣା ନୁହେଁ ।

ନାରଦ ମହାମାନୀ ଦୁର୍ଯ୍ୟୋଧନ କୌଣସି ବିଷୟରେ ଊଣା ଥିଲେ କି ? କାହିଁକି ତାଙ୍କୁ—

ଶ୍ରୀକୃଷ୍ଣ—କଅଣ ତାଙ୍କୁ !

ନାରଦ—ମାନଗୋବିନ୍ଦଙ୍କୁ ସୁଭଦ୍ରା ବିବାହ ଦେବାକୁ ନାରାଜ ହେଲେ ।

ଶ୍ରୀକୃଷ୍ଣ—ମୁଁ ଭଲକରି ଜାଣିଥିଲି ଯେ ସୁଭଦ୍ରା ଅର୍ଜୁନଙ୍କୁ ଆଗରୁ ମନେ ମନେ ପତିଭାବରେ ବରଣ କରିଥିଲା ।

ନାରଦ - ଆପଣ ନ ଜାଣିଥିଲେ ଆମେ ତ ଜାଣୁ, ଶଶୀ ମା ଆମର ଆଗରୁ ଏକ ଯୋଗ୍ୟବାନ ପାତ୍ର ମନେ ମନେ ବରଣ କରି ନେଇଛି ।

ଶ୍ରୀକୃଷ୍ଣ—କେଉଁଠାରେ ? କାହାକୁ ତୁମେ ଜାଣ ? ଆଗରୁ ଏ କଥା ପ୍ରକାଶ କରିଥିଲେ ତ ଖୁବ୍ ଭଲ ହୋଇଥାନ୍ତା । ବର୍ତ୍ତମାନକୁ··· ।

ନାରଦ—ବର୍ତ୍ତମାନକୁ ବଳାଇ ଯାଉଛି କ'ଣ ? ଆଗରୁ କଥାଟି ପ୍ରକାଶ କରାଇ ଦେଇଥିଲୁ; କିନ୍ତୁ ସେ ମୋ କଥାକୁ କର୍ଣ୍ଣପାତ କଲେ ନାହିଁ, ବରଂ ଅପମାନିତ କରାଇଲେ ।

ଶ୍ରୀକୃଷ୍ଣ—ତୁମକୁ !

ନାରଦ—ମୋତେ ନ ହେଲା ଆପଣଙ୍କୁ । ଆପଣ ଯେ ସୁଭଦ୍ରା ହରଣପୁର ମୂଳସୂତ୍ର ।

ଶ୍ରୀକୃଷ୍ଣ—ଶଶୀରେଖାର ବର ହେବାକୁ କାହାକୁ ନିର୍ବାଚିତ କରିଥିଲ ?

ନାରଦ - ନିର୍ବାଚିତ କରିଥିଲୁ, କରିଛୁ, କରିବୁ । ଆମେ ଜାଣିଛୁ କାଲି କୁରୁକୁଳ ପାଣ୍ଡବମାନଙ୍କ ଧ୍ୱଂସ ଯଜ୍ଞରେ ଦୃତାହୁତ ହେବେ । ପୁଣି ଏଥିରେ ଯଜ୍ଞର ହୋତା ନିଜେ ଯଦୁପତି । ଏ କଥା ଆମେ ଜାଣୁ ଜାଣୁ କନ୍ୟାଟିକୁ ବୁଡ଼ାଇ ମାରିବୁ ? ବରଂ ମା ଆମର ବ୍ରହ୍ମଚାରିଣୀ ହୋଇ ରହିବ ।

ଶ୍ରୀକୃଷ୍ଣ ଅଚ୍ଛା, ତୁମେ କାହାକୁ ଦେବାକୁ ସ୍ଥିର କରିଛ ?

ନାରଦ—ଅଭିମନ୍ୟୁ ।

ଶ୍ରୀକୃଷ୍ଣ—ଭାଇ ଯେତେବେଳେ ସମ୍ମତି ପ୍ରଦାନ କଲେ ନାହିଁ, ତାଙ୍କର ଇଚ୍ଛା ସେ ଲକ୍ଷ୍ମଣକୁମରକୁ ବିବାହ ଦେଇ ସୁଖୀ ହେବେ । ଏଥିରେ ମୋର ମତ ବିରୋଧ ହେବା ଅନ୍ୟାୟ ଓ ଅନର୍ଥର ମୂଳ କାରଣ ।

ନାରଦ—ଅନର୍ଥ ନ ହେଲେ ଅର୍ଥ ବା ମିଳିବ କେଉଁଠୁ ?

ଶ୍ରୀକୃଷ୍ଣ – ଶଶୀରେଖା ମୋର ପ୍ରାଣଠୁ ଅଧିକ, ଏ କଥା ସତ୍ୟ । ତୁମର ନିର୍ବାଚିତ ଶଶୀରେଖାର ବର ଅବଶ୍ୟ ଯୁକ୍ତ ଯୁକ୍ତ ସତ୍ୟ । ତଥାପି ମୁଁ ଭ୍ରାତୃ ଆଜ୍ଞା ଲଙ୍ଘନ କରି ପାରିବି ନାହିଁ । କିମ୍ବା ଭ୍ରାତୃ-ବିବାଦ ଘଟାଇବି ନାହିଁ ।

ନାରଦ – ଆପଣ ନିରପେକ୍ଷ ରହିଲେ ହେଲା । ଆମ କାର୍ଯ୍ୟ ଆମେ କରିଯିବୁ ନା, ଆମେ କଣ କାହାକୁ ଅପେକ୍ଷା ରଖି କାର୍ଯ୍ୟ କରୁଛୁ ?

ଶ୍ରୀକୃଷ୍ଣ – କପରି ଏହା ସମ୍ଭବ ହେବ ?

ନାରଦ—ରୁକ୍ମିଣୀ ଦେବୀ ତ ଜ୍ୱଳନ୍ତ ଉଦାହରଣ ।

ଶ୍ରୀକୃଷ୍ଣ – ଅପରିମିତ କୁରୁଆଠଙ୍କ ନିକଟରେ ତୁମେ ଜୟଯୁକ୍ତ ହୋଇ ପାରିବ ତ ?

ନାରଦ ପାରୁ ବା ନ ପାରୁ ମୁଣ୍ଡ ପଚାଇବୁ । କାଠରେ ପ୍ରଜ୍ୱଳନ କରି ଆଉ ଡାହାଣୀକି ଭୟ ! ଖାଲି ବାପାଙ୍କରଛିକେ ଅଢ଼ଦୃଷ୍ଟି ପଡ଼ିଥିଲେ ହେଲା ।

ଶ୍ରୀକୃଷ୍ଣ – ମୁଁ ଆସୁଛି ଦେବର୍ଷେ ! ଶଶୀରେଖାକୁ ବୁଝାଇ ଦିଅ । ଗତ୍ୟନ୍ତର ପଥ ନାହିଁ ।

ନାରଦ—ଆମେ ବୁଝାଇ ଦେଉଛୁ ନା । ଖାଲି ବାପାଙ୍କ ସାମନାସାମିନିରେ କଥାଟା ପଡ଼ିଗଲା । ଏଣିକି ଜଟିଆ ବାବାଜି ଗ୍ଭିତ ବୁଝିବେ ମେଣ୍ଟ । ଗ୍ଭଲନ୍ତୁ ଗ୍ଭଲନ୍ତୁ, ( ଶ୍ରୀକୃଷ୍ଣଙ୍କୁ କିଛି ଦୂର ବଳାଇ ଦେଇ ଫେରି ଆସି) ଶଶୀ ମା, ତୁ ନିଶ୍ଚିନ୍ତ ଥା । ଆମ ଯୋଗାଡ଼ରେ ଆମେ ଠିକ୍ ଅଛୁ । ଏଣିକି ଆଉ ମୁହାଁମୁହିଁ ନାହିଁ । ଖାଲି ଚିଠିପତ୍ରକୁ ଅପେକ୍ଷା ରଖିଥିବୁ । (ପ୍ରସ୍ଥାନ)

ସଖୀମାନେ—ଗ୍ଭଲ୍ ବଡ଼ା ଭଣ ଖାଇବ । ତମର ଏ ଅବସ୍ଥା ଦେଖି ମା'ଙ୍କର ମଧ୍ୟ ଜିଅ ଡିଆ ନାହିଁ । (ସମସ୍ତଙ୍କ ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

### ପଥ

[ ଅଭିମନ୍ୟୁ ଭାବ ଭାବ ଗ୍ଭଲିଥାଏ ]

ନସ୍ୱଶ—ଗୀତ

ଗ୍ଭହିଁ ଗ୍ଭହିଁ ତୋ ସରଣୀ ଝିନ୍ଧି ହେଲା ସେ ତରୁଣୀ
ତୋର କଥାଁ ପଡ଼ିବ କି ମନେ ।
ଜୀବନ ଯୌବନ ତାର ଅର୍ପିଲା ତୋର ପସ୍ୱର
ତୋ ବିନା ସେ ବଞ୍ଚିବ କି ପ୍ରାଣେ ସେ ।
ଜବାଧସ୍ଥ, ଝୁରି ଝୁରି ହେଲା ହତ ଶିସ୍ଥ ।
ଗଣ୍ଡେ ମୁଣ୍ଡେ ଦେଇ ପାଣି ନେଇ ବୁହାଉଛି ପାଣି
ବୁଝେ କେ ତା ଅନ୍ତର ବେଦନା ।
ପାଇ ତ ର ଯୋଗ୍ୟ ସାଥି ମିଳାଇବ ବୋଲି ଗ୍ଭତି
ସହ୍ନଲଣି ଅଶେଷ ଗଞ୍ଜଣା ସେ ।
ବ୍ରହ୍ମଚାରୀ ! ବସିଅଛୁ ତୋ ପଦକୁ ଆଶ୍ରି । (ପ୍ରସ୍ଥାନ)

ଅଭିମନ୍ୟୁ—ଏ ତ ତାର ଦୁଃଖ ସବୁ କହିଗଲା । ମୁଁ ତ ତାକୁ କେବେହେଁ ମନରୁ ଭୁଲି ନାହିଁ । ଦେବର୍ଷେ ନିର୍ଦ୍ଦିଷ୍ଟ ଦିନ ମୋତେ ଜଣାଇବାକୁ କହି ଯାଇଥିଲେ; ତାଙ୍କର କଣ ମନେ ନାହିଁ ? ମୋତେ ନିଶ୍ଚୟ ଯିବାକୁ ହେବ । ତାର ସନ୍ଧାନ ନେବାକୁ ହେବ । ସେ ଯେ ମୋ ପାଇଁ ପଥ ଗ୍ଭହିଁ ବସିଛି । କପରି ଭାବେ ସେଠାକୁ ଯିବି ? କୌଣସି ନିମନ୍ତ୍ରଣ ପାଇ ନାହିଁ । ହଁ ମାତୁଳାଳୟକୁ ଯିବାକୁ ନିମନ୍ତ୍ରଣର କି ଲୋଡ଼ା ? ଯିବି, ଆଜି ନିଶ୍ଚୟ ଯିବି ।

ସୁଭଦ୍ରା—( ପ୍ରବେଶି ) ବାପ ! ଏଇ କେତେ ଦିନ ହେଲା ତୋର ମନରେ କୌଣସି ଭାବନା ଖେଳିଲା ପରି ଜଣା ପଡ଼ୁଛି । ମୁଁ ତ କିଛି ବୁଝି ପାରୁନାହିଁ ? କେଉଁ କଥାକୁ ଉଦ୍‌ବେଗ ଜନ୍ମିଛି ?

ଅଭିମନ୍ୟୁ ମାତୁଳାଳୟକୁ ଯିବାକୁ ।

ସୁଭଦ୍ରା—କାହିଁକି ? ଉଦ୍ଦେଶ୍ୟ କ'ଣ ? ମୁଁ ଶୁଣିଛି ଶଶୀରେଖାର ବିବାହ ଉତ୍ସବରେ ଦ୍ୱାରକାବାସୀ ସମସ୍ତେ ଉଲ୍ଲସିତ; କିନ୍ତୁ ଭାଇ ଆମ୍ଭଙ୍କୁ ସେ ଉତ୍ସାହରୁ ବଞ୍ଚିତ କରିଛନ୍ତି । ଆମ୍ଭଙ୍କୁ ସେଠାକୁ ଯିବାକୁ ନିମନ୍ତ୍ରଣ ନାହିଁ ।

ଅଭିମନ୍ୟୁ—ନିମନ୍ତ୍ରଣ ନ ଥିଲେ କି ଗଲେ କୌଣସି କ୍ଷତି ଅଛି ?

ସୁଭଦ୍ରା—କ୍ଷତି ଅଛି ପାରେ । ତା ନ ହେଲେ ସଚରାଚର ବ୍ରହ୍ମାଣ୍ଡର ରାଜା ମହାରାଜାମାନଙ୍କୁ ନିମନ୍ତ୍ରଣ କରାଯାଉଛି, କିନ୍ତୁ ଆମକୁ ନାହିଁ । ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି, ଆମଦ୍ୱାରା କୌଣସି ଅନିଷ୍ଟ ଘଟିବାର ସମ୍ଭାବନା ବୋଲି, ଆମକୁ ସେଥିରୁ ବଞ୍ଚିତ କରିଛନ୍ତି । କୌରବ ଓ ପାଣ୍ଡବଙ୍କର ଚିରଦିନ ଶତ୍ରୁତା । ସେ ଯେତେବେଳେ ମାନ-ଗୋବିନ୍ଦର ପୁତ୍ର ଲକ୍ଷ୍ମଣ କୁମରକୁ କନ୍ୟା ପ୍ରଦାନ କରୁଛନ୍ତି, ଆମେ ସେ ସ୍ଥାନରେ ଥିଲେ କୌଣସି ମତଭେଦ ବା ଗଣ୍ଡଗୋଳ ସୃଷ୍ଟି ହୋଇପାରେ, ତେଣୁ ଆମ୍ଭମାନଙ୍କୁ ବନ୍ଧୁ ଗଣରୁ କାଟି ଦେଇଛନ୍ତି ।

ଅଭିମନ୍ୟୁ- ମା ! ଏ ଅପମାନର ମୁଁ ପ୍ରତିଶୋଧ ନେବାକୁ ଚାହେଁ । ଶଶୀରେଖାର ମନୋଭାବ ଦେବର୍ଷିଙ୍କ ଦ୍ୱାରା ମୋ ନିକଟରେ ଜଣାଇଛି । ସେ ଲକ୍ଷଣ କୁମରକୁ ବିବାହ କରିବାକୁ ଇଚ୍ଛା କରୁନାହିଁ । ମୁଁ ଯଦି ତାକୁ ଉଦ୍ଧାର ନ କରେ, ତେବେ ଗୋଟିଏ ନାରୀହତ୍ୟା ପାପରେ ମୋତେ ଭାଗି ହେବାକୁ ପଡ଼ିବ ।

ସୁଭଦ୍ରା—ତୋ ବଡ଼ ମାମୁ ଯେଉଁ ପ୍ରତାପୀ ତା ତ ତୁ ଜାଣୁ । ଏପରି ସ୍ଥଳେ ଗୋଟିଏ ଯୁଦ୍ଧାନଳ ଜଳାଇବା ଉଚିତ ବୋଲି ମୁଁ ମନେ କରୁନାହିଁ । ବାପ ! ଅପ୍ରମିତ କୁରୁସେନାଙ୍କ ବିପକ୍ଷରେ ତୁ ସାମାନ୍ୟ ବାଳକ ମାତ୍ର, ତୋର କି ଶକ୍ତି !

ଅଭିମନ୍ୟୁ—ମା ! ମୁଁ କ୍ଷତ୍ରିୟ ସନ୍ତାନ, ପୁଣି ବିଶ୍ୱ-ବିଜୟୀ ମଧ୍ୟମ ପାଣ୍ଡବ ଅର୍ଜୁନ ମୋର ପିତା । ତାଙ୍କର ରକ୍ତ ପ୍ରବାହିତ ଏହି ଶିରା ପ୍ରଶିରାରେ । ତୁଚ୍ଛ କୌରବଙ୍କୁ କି କରିବି ମୁଁ ଭୟ ? ଦିଅ ପଦଧୂଳି ମାତ ! ନିଶ୍ଚୟ ମୁଁ ଶଶୀରେଖା ଉଦ୍ଧାର କରୁଛି ।

ସୁଭଦ୍ରା—ଏକାକୀ ମୁଁ ନ ପାରିବି ଛାଡ଼ି । ଯେବେ ଯିବୁ ନିଅ ସଙ୍ଗେ ମୋତେ, ଦୁଃଖର ରତନ ମୋର ତନୟ ତପସ୍ୟା । ତୋ ବିହୁନେ ଶୂନ୍ୟ ମୋତେ ଦିଶିବ ଏ ସୃଷ୍ଟି ।

ଅଭିମନ୍ୟୁ—ଭଲ ତେବେ ମା ! ସର୍ବ ମଙ୍ଗଳାଙ୍କୁ ଆମ୍ଭ ଜଣାଇ ଧଇର୍ଯ୍ୟ, କରି ଯିବା ଶୁଭ ଅନୁକୂଳ

( ଉଭୟ ପ୍ରସ୍ଥାନ )

—*—

# ଚତୁର୍ଥ ଦୃଶ୍ୟ
## ପାର୍ଶ୍ୱ

( ନାଟକୀୟ ବ୍ରାହ୍ମଣ ଓ ଦୁଇଗୋଟି ଯୁବକ ବ୍ରାହ୍ମଣ ପ୍ରବେଶ )

୧ମ ଯୁବକ—ଆପଣ ଆପଣଙ୍କର କନ୍ୟାକୁ ଦେଖୁଛନ୍ତି ନା ଧନକୁ ଦେଖୁଛନ୍ତି ?

ବ୍ରାହ୍ମଣ—କନ୍ୟାକୁ ଯେତେଦିନ ଦେଖିବାର ଦେଖିଲୁ । ଏଣିକି ଧନ ଦେଖିବୁ । କନ୍ୟାକୁ ଦେଖିଲେ କଣ ପେଟ ପୂରିବ ? ନା, ଘରେ ରଖିଲେ ଘର ବଢ଼ିବ ? ଯେତେଦିନ ରଖିବାର ଥିଲା, ସେ ସମସ୍ତ ଶେଷ ହୋଇଯାଇଛି । ଏଣିକି ପରଘର ସମ୍ପତ୍ତି ପର ଘରକୁ ଯିବ ।

୨ୟ ଯୁବକ—ତା ଠିକ୍ ! କିନ୍ତୁ କନ୍ୟାର ବୟସ ଅନୁ-ପାତରେ ବରପାତ୍ରଟିଏ ନିର୍ଣ୍ଣୟ କରିବା ଦରକାର । ଆପଣ ଯାହା ସ୍ଥିର କରିଛନ୍ତି ଭବିଷ୍ୟତ ବଡ଼ ଦୁଃଖମୟ ।

ବ୍ରାହ୍ମଣ—ଆମେ କନ୍ୟାର ଭବିଷ୍ୟତ ଚିନ୍ତା କରିବୁ ନା ଆମର ଭବିଷ୍ୟତ ଚିନ୍ତା କରିବୁ ? ଆମର ଧନ ଯେଉଁଠି ହେଲା, ମନ ସେଇଠି ଗଲା ।

୧ମ ଯୁବକ—ଧନ ଲୋଭରେ ଝିଅକୁ ବୁଡ଼ାଇ ମାରିବ କିନା ? ଗୋଟିଏ ସତୁରି ବର୍ଷ ବୃଦ୍ଧକୁ ତେର ବର୍ଷର କନ୍ୟା । ନିତାନ୍ତ ଅସଙ୍ଗତ ପ୍ରଣୟ । ଏ ବିବାହରେ ଆମ୍ଭେମାନେ ସମ୍ପୂର୍ଣ୍ଣ ବିରୋଧୀ ।

ବ୍ରାହ୍ମଣ—ମୁଁ କନ୍ୟାର ଜନ୍ମଦାତା, ପାଳନକର୍ତ୍ତା । ତୁମ୍ଭେମାନେ କଣ ଜନ୍ମ ଦେବାରେ ଭାଗି ହୋଇଥିଲ ନା, ପାଳନ କରିବାରେ ଭାଗି ହୋଇଥିଲ ? ନାହିଁ, ନାହିଁ, ଧନ ମୋ ହାତରେ ଦେଖି ତୁମ ମନ ସମ୍ଭାଳି ହେଉନାହିଁ । ଶାସନଟା ମଧ୍ୟ ମୋ ହାତରେ ଲାଗିଛି ।

୨ୟ ଯୁବକ—ଆଚ୍ଛା ! ଆପଣ ତାଠାରୁ ଯେତେ ଧନ ଆଣିବାର ଆଣନ୍ତୁ; କିନ୍ତୁ ବିବାହ ହେଲା ବେଳକୁ ଆମେ ତାର ବ୍ୟବସ୍ଥା କରିବୁ ।

ବ୍ରାହ୍ମଣ—ତୁମେ କଣ କନ୍ୟାଟିଏ ଦେବ ? ଜଣାଯାଏ ସେ ଧନ ଦେଖି ତମ ପାଟିରୁ ଲାଳ ବୋହିଲାଣି, ତେଣୁ ମୋ ସଙ୍ଗରେ ଭାଗି ହେବାକୁ ବସିଛ ।

୧ମ ଯୁବକ—ଧନ ଆମର ଲୋଡ଼ା ନାହିଁ । ତୁମେ ଯେତେ ପାର ତେତେ ଧନ ତା ଠାରୁ ନେଇଆସ । ବିବାହ ଦେବା ଭାର ଆମ ଉପରେ । ଅଗାଧୁ ପଣ୍ଡିତ ପର ଚଣ୍ଡାଳଟି ବହୁତଧନ ଠୁଳକରିଛି । ଖାତକଙ୍କ ମହାଜନୀ ବ୍ୟବସାୟ କରି କେତେ ଲୋକଙ୍କୁ ଗୃହଶୂନ୍ୟ କରିଛି । କେତେ ଲୋକଙ୍କୁ ଦାଣ୍ଡରେ ଉଲଗ୍ନ କରି ଛାଡ଼ିଛି । ତାକୁ ଆମେ ଉଚିତ ଶିକ୍ଷା ଦେବୁ । ତୁମର କିଛି କ୍ଷତି ହେବ ନାହିଁ ।

ବ୍ରାହ୍ମଣ—ଧନ ଆଣିବାରେ କିଛି ବାଧା ପଡ଼ିବ ନାହିଁ ତ ?

୧ମ ଯୁବକ—ତୁମେ ଯେତେ ପାର ଧନ ବୋହିଆଣ । ଆମର ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ବିବାହ ଲଗ୍ନ ପୂର୍ବରୁ ଆମକୁ ଜଣାଇବାକୁ ହେବ । ଆସ ! ଆଉ ଗୋଟିଏ ବିଷୟରେ ପରାମର୍ଶ କରିବାର ଅଛି ।

( ସମସ୍ତେ ପ୍ରସ୍ଥାନ, ସମସ୍ତେ ଅଗାଧୁ ପଣ୍ଡିତଙ୍କୁ ଦୂରରୁ ଦେଖି ଯୁବକମାନେ ଚାଲିଗଲେ )

ଅଗାଧୁ—ନମସ୍କାର ! କଅଣ ଟୋକାମାନଙ୍କ କବଳରେ ପଡ଼ିଥିଲ କି ?

ବ୍ରାହ୍ମଣ—ଏଇ ବିଭାଘର ଖାଇବା ପିଇବା କଥା ଆଉ କଅଣ ?

ଅଗାଧୁ—ତେବେ ପିଲାମାନେ ଟିକିଏ ମଜିଗଲେଣି ?

ବ୍ରାହ୍ମଣ—କଳା ପଡ଼ିଲେ ସବୁ ଜବତ । ଆଗରୁ ହୋ ହା ହେଉଥିଲେ; କିନ୍ତୁ ଟଙ୍କା ଦଶଟା ପଡ଼ିବାରୁ ଚୁପ୍‌ଚାପ୍ । ବର୍ତ୍ତମାନ ବିବାହ ଯୋଗାଡ଼ରେ ସେ ସାବ ପ୍ରସ୍ତୁତ ।

ଅଗାଧୁ—କିଛି ପରୁଆ ନାହିଁ, ଦରକାର ପଡ଼ିଲେ ଆହୁରି ଟଙ୍କା ଦିଆଯିବ ।

ବ୍ରାହ୍ମଣ—ମୋତେ ନଗଦ କିଛି ଟଙ୍କା ଦେବାକୁ ପଡ଼ିବ, କାରଣ ଲୁଗାପଟା ଗହଣା ଗଣ୍ଠି ସବୁତ ଆଗରୁ ସଜାଡ଼ି କରିବାକୁ ହେବ ।

ଅଗାଧୁ—ଚାଲ ! ମୋ ସଙ୍ଗରେ ଚାଲ, ଦେବି ବୋଲି ଜବାବ୍ କରିଛି, ଆଉ କଥା ଅଛି ନା । ଟିକେ ପାତ୍ରୀ ସଙ୍ଗରେ ସାକ୍ଷାତ କରାଇଦେବ ବୋଲି କହିଥିଲ ।

ବ୍ରାହ୍ମଣ—କହିଥିଲି ଯେ ବ୍ରାହ୍ମଣୀଟା ପରା ଟିକେ ଅବୁଝା ହେଉଛି । ମୁଁ ଧନ ପୁଳାଏ ତାକୁ ଧରାଇ ଦେଲେ ତେଣିକି ତୁମେ ଆମର ଜ୍ୱାଇଁ, ତୁମେ ଆମର ପୁଅ ।

ଅଗାଧୁ—ମୋତେ ସେ କଥା କହନା । ଚାଲ ଚାଲ, ଆଜି ତାର ବ୍ୟବସ୍ଥା କରିଦେଉଛି । ଆଉ ଟୋକାମାନେ କଣ କହୁଛନ୍ତି ?

ବ୍ରାହ୍ମଣ—କହୁଛନ୍ତି ପାଲିକିଚଢ଼ା ବରଘର ହେବ । ସେମାନେ ବରାତ କରିବେ ।

ଅଗାଧୁ—କିଛି ପରୁଆ ନାହିଁ, ଆସ ତମ ଟଙ୍କା କଥା ଆଗେ ବୁଝେଁ । (ଉଭୟ ପ୍ରସ୍ଥାନ)

—*—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

### ସଖୀଗଣ

(ମାୟାକାମିନୀମାନଙ୍କ ଗୀତ)

ଏହି ମାୟାର ପୁରୀ ମାୟା ଅଛି ଘେରି
ମାୟା ପାଲୁ ଉବୁରି ଯିବ କେ ବର୍ତ୍ତି କରି
ମାୟା କୁହୁକ ବଳେ
ପ୍ରାଣୀ ନରକ ହେଲେ ।
ହେଲେ ନରଦେବତା ନାହିଁ ନସ୍ତାର କରି ।

ଅଭିମନ୍ୟୁ—(ଦ୍ରୁତ ବେଗରେ ଧନୁଶର ହସ୍ତେ ପ୍ରବେଶି) କି ଆଶ୍ଚର୍ଯ୍ୟ ବ୍ୟାପାର ! ମୁଁ ଏକଲକ୍ଷ୍ୟରେ ତା' ପଛେ ପଛେ ଧାଇଁଛି । ନିମିଷକ ମଧ୍ୟରେ ଗୋଟିଏ ମୃଗଶିଶୁ ପାଲଟିଗଲା । ମୁଁ ସେହି ମୃଗ ଶିଶୁଟିକୁ ଶରସନ୍ଧାନ କଲାମାତ୍ରେ ଗୋଟାଏ

ଭୟଙ୍କର ଶାର୍ଦ୍ଦୂଳ ହୋଇ ମୋ ଆଡ଼କୁ ଧାଇଁ ଆସିଲା । ପୁଣି ଦେଖେ ତ କେହି ନାହିଁ । ଏ କଣ ମୋର ମସ୍ତିଷ୍କର ବିକୃତି ? ଏତେ ବାଟ ଚାଲି ଚାଲି ଆସିବାଦ୍ୱାରା ଏପରି ଦେଖିବାକୁ ପାଉଛି ? ମା' ମା' ତୁମେ ମୋ ପଛେ ପଛେ ଆସୁଥିଲ, ଆସିବାରେ ଏତେ ବିଳମ୍ବ ହେଲା କାହିଁକି ? (ଅନ୍ୟ ଦିଗକୁ ଚାହିଁ) ଏଁ ! କେତେ ବଡ଼ ଅଜଗର ସର୍ପଟାଏ ଏଣେ ମୋତେ ଧାଇଁଛି । (ଶରସନ୍ଧାନ କରି ବସିଲା) ନାଁ କୋଉଠାଏ ନୁହେଁ । ଏ ଯେ ସହସ୍ର ସହସ୍ର, ତା'ର ଜଙ୍ଗଲଟା ଭରପୁର ହୋଇ ଯାଉଛନ୍ତି । ମୁଁ କେଉଁଠି କାହାକୁ କରିବ ? ଏଠାରୁ ପ୍ରାଣ ନେଇ ଫେରିବା ଦୁଷ୍କର ପଡ଼ିଲାଣି । (ଦୂରରୁ ଅଟ୍ଟହାସ୍ୟ) ଏଁ, ଏ କ'ଣ ! (ପୁନଶ୍ଚ ଅଟ୍ଟହାସ୍ୟ) ଅଟ୍ଟହାସ୍ୟ କରୁଛି । ଜଣାଗଲା କୌଣସି ରାକ୍ଷସର ଏ ଲୀଳାଭୂମି, ଆଉ ଏସବୁ ସେହି ଅସୁରର ଆସୁରିକ ମାୟା ନଇ, କିନ୍ତୁ ରାକ୍ଷସ ତୁ ଯେ ହୁଅ । ମୋର ବାଣରୁ ତୋର ନିସ୍ତାର ନାହିଁ । (ଶର ନିକ୍ଷେପ କଲା ଓ ଦୂରରୁ ଅଟ୍ଟହାସ୍ୟ) ତେବେ ବି ସେହି ଅଟ୍ଟହାସ୍ୟ ? ମୂର୍ଖ ! କେଉଁଠି ଅଲକ୍ଷ୍ୟରେ ରହି ଅଟ୍ଟହାସ୍ୟ କରୁଛୁ ? ଥରେ ସମ୍ମୁଖକୁ ଆ, ତୋର ବୀରତ୍ୱ କେତେ ଦେଖିନେବି ।

ଘଟୋତ୍କଚ—(ପ୍ରବେଶି) ବୀର ସମ୍ମୁଖ ସମରରେ କେବେ ହେଲେ ଡରିଛୁ କାହାକୁ ? ଧନୁର୍ବିଦ୍ୟା କେବଳ ଶିଖିଛୁ ବାବୁ ? ଛୁଇଁନାହିଁ ବାଲ୍ୟ ଚପଳତା, କେଉଁ ହେତୁ ଭୁଜଙ୍ଗ ନିକଟେ ଦେଖାଉଛୁ ସ୍ପର୍ଦ୍ଧା ?

ଅଭିମନ୍ୟୁ—ଜଣାଗଲା ରାକ୍ଷସ ତୁ ଏ ବନସ୍ଥଳରେ ହୋଇଅଛୁ କେନ୍ଦ୍ରବିଧର । ମୂର୍ଖ ! ମାୟାବଳେ ଥିବାକୁ ପଳାଉ ଦେଖୁନେ; କିନ୍ତୁ ଆଜି ତା'ର ପ୍ରାୟଶ୍ଚିତ୍ତ ହେବ ମୋର ହାତେ ।

ଘଟୋତ୍କଚ—ହାଃ-ହାଃ-ହାଃ, ଅପୂର୍ବ ତୋ ମନ କଳ୍ପନା । ଆହାର୍ଯ୍ୟ ପଦାର୍ଥ ହୋଇ ଭକ୍ଷକ ସମ୍ମୁଖେ ଦେଖାଉଛୁ ନିଜର ବଡ଼ିମା । ଜଣାଗଲା; ମୃତ୍ୟୁ ତୋର ହେଲାଣି ଆସନ୍ନ । କେଉଁ ଭ୍ରମବଶତରେ ପଶି ମୋର ଲୀଳାଭୂମେ, ମୋହ ସଙ୍ଗେ କରିଲୁଣି ଯୁଦ୍ଧ ଅଭିଳାଷ ? ଆଚ୍ଛା ଦିଅ ତୋର ଶକ୍ତି ପରିଚୟ । ଦୁଗ୍ଧପୋଷ୍ୟ ଶିଶୁ ବୋଲି ଜନ୍ମିଥିଲା ମାୟା; କିନ୍ତୁ, ମଦଗର୍ବ କ୍ଷୁଦ୍ରବୁଦ୍ଧି ନର, ଉପଯୁକ୍ତ ଶାସ୍ତି ଆଜି ଲଭିବୁ ମୋ କରେ ।

ଅଭିମନ୍ୟୁ—ରକ୍ଷା ତୋର ବକ୍ରବୁଦ୍ଧି ପଣ, ସମ୍ମୁଖ ଏ ଧର୍ମ ବାଣ ମୋର ! (ଉଭୟ ଧନୁର୍ଧର ଯୁଦ୍ଧ କରୁ କରୁ ପ୍ରସ୍ଥାନ)

( ନେପଥ୍ୟ ଗୀତ )

ଆରେ ଦୁର୍ଦ୍ଧର୍ଷ ଦୁର୍ଦ୍ଦାନ୍ତ ମହାବଳୀ ଯୁଦ୍ଧ
ଚାଲିଆ ବାଲିଆ ଦୁଇ ।
ଭାଇ ଭାଇ ମଧ୍ୟେ ତୁମୁଳ ସଂଗ୍ରାମ
ନାହିଁ ନ ଦେଖିଲା କାହିଁରେ ।
ଏ ତ ମଜାର ଯୁଦ୍ଧ, ଦେଖ ଧାଆନ୍ତି ନିଜ ଆୟୁଧ ।୧।
ଉଭୟ ପକ୍ଷରୁ ବାଣ ବରଷଣ
ପଡ଼ୁଏ ଶ୍ରାବଣ ଧାର
ମାତଙ୍ଗେ ମାତଙ୍ଗ ସମର ଲାଗିଛି
କମ୍ପିଉଠେ ବସୁନ୍ଧରା ରେ ।
ଗିରି ଲତା ଗହନ, ଅସ୍ତ୍ରାଘାତେ ହୁଏ ଛିନ୍ନ ଭିନ୍ନ ।୨।
( ଅଭିମନ୍ୟୁ ଓ ଘଟୋତ୍କଚ ତରବାରି ଧରି
ଯୁଦ୍ଧ କରୁ କରୁ ପ୍ରବେଶ )

ଅଭିମନ୍ୟୁ—ରାକ୍ଷସ ! ନାହିଁ ଆଉ ନିସ୍ତାର ଏଥର । ଏ ମୁହୂର୍ତ୍ତେ ପଠାଇବି ଯମପୁର ତୋତେ । ଅଛନ୍ତି କେ ସାଙ୍ଗ ସାଥି ତୋର, ଅଛନ୍ତି ଯେବେବା କେହି ଆତ୍ମୀୟ ସ୍ୱଜନ, ମରିବା ପୂର୍ବରୁ ଡାକ ଥରେ ତାଙ୍କୁ ।

ଘଟୋତ୍କଚ—ଛୋଟମୁଖେ କହୁ ବଡ଼ କଥା, ଆସନ୍ନ ମରଣ ତୋର ହେଲାଣି ଯେଣୁ, ଏ ବୃଥା ପ୍ରଳାପ ଆସି ପଶୁଛି ମନରେ । ଯେବେ ପ୍ରାଣେ ଆଶା, କର ଆତ୍ମ ସମର୍ପଣ ।

ଅଭିମନ୍ୟୁ—ଶତ୍ରୁପକ୍ଷେ ପ୍ରାଣ ଅଟେ ଅତି ମୂଲ୍ୟବାନ ।

ଘଟୋତ୍କଚ—ଆଚ୍ଛା, ଦେଖାଯିବ, କେତେ ଶକ୍ତି ଅଛି ତୋ ବାହୁରେ ।

(ଉଭୟେ ଯୁଦ୍ଧ କରୁ ପ୍ରସ୍ଥାନ)

ସୁଭଦ୍ରା—ଅଭିମନ୍ୟୁ ! ଅଭିମନ୍ୟୁ ! କେବେ ପଥ ଭୁଲିଗଲୁ ବାପ ! ଏ ଅଗନାଗି ବନସ୍ତ, କୁଆ କୋଇଲିର ଟେଁ ଶବ୍ଦ ନାହିଁ । ତୁ ଏକାଙ୍କି କେଉଁଠାକୁ ଫଳପାଇଁ ଗଲୁ ? କିମ୍ବା ଫଳ ନ ପାଇ କ୍ଷୁଧାତୁର ହୋଇ କେଉଁଠି ଶୋଇ ପଡ଼ିଛୁ ? କେହି ହେଲେ ତ ଏ ପଥରେ ଆସୁ ନାହାନ୍ତି । ତୋର ସନ୍ଧାନ ଦେବ କିଏ ? ଅଭି ! ଅଭି ! କେତେ ଦୂରରେ ଅଛୁ ।

(ଡାକି ଡାକି ପ୍ରସ୍ଥାନ)

(ପୁନଶ୍ଚ ଅଭିମନ୍ୟୁ ଓ ଘଟୋତ୍କଚ ବାହୁ ଯୁଦ୍ଧ କରୁ କରୁ ପ୍ରବେଶ)

ଘଟୋତ୍କଚ—ଶିଶୁ ବୋଲି ଜାଣୁଥିଲି ମାତ୍ର, କିନ୍ତୁ ନୋହୁ ତୁ ସାମାନ୍ୟ—ଉପଯୁକ୍ତ ଶାସ୍ତି ଭୋଗରେ ପାମର । (ମୋହ କରି ଉଠାଇ ନେଇ ଚାଲିଗଲା)

ଅଭିମନ୍ୟୁ—ମା ! ମା ! ଚିତ୍କାର କଲା !

ସୁଭଦ୍ରା—(ପ୍ରବେଶି) କେଉଁଠି ଶୁଭିଲା ମା' ମା' ! ଏ ତ ଅଭିର କଣ୍ଠସ୍ୱର । ବାପ କେଉଁଠ ରେ ? (ଅଭିମନ୍ୟୁକୁ ମୂର୍ଚ୍ଛିତ ଦେଖି) ବାପ ! କ'ଣ ହେଲା । ତୋତେ ଏ ଦଶା କିଏ କଲା ? ଅନ୍ଧର ଲଉଡ଼ି ମୋର ଦୁଃଖିର ପସରା ! ମୋତେ କଣ ଏହି ଦୃଶ୍ୟ ଦେଖାଇବୁ ବୋଲି ଏଠାକୁ ଆଣିଥିଲୁ ? ମୁଁ ବାରମ୍ବାର ମନା କରୁଥିଲି । କାହିଁକି ମୋ କଥା ନ ମାନି ଏ ଦଶା ଭୋଗିଲୁ ? ମୋର ଆଉ ଗତି କ'ଣ ? ତୋ ବିନା ମୋର ଆଉ ସହାୟ ଭରସା କିଏ ? କେଉଁ ମୁହଁ ନେଇ ଆଉ ବାହୁଣୀକୁ ଫେରିବି । ମୃତ୍ୟୁହିଁ ମୋର ଶ୍ରେୟସ୍କର । ହେ ବନ ଦେବତା ! ହେ ଗଗନ ପବନ ! ଦେଖ ମୋର ଧନ ବଞ୍ଚିଛି କି ? କାହିଁ ନିଃଶ୍ୱାସ ତ ପାଉନାହିଁ । ଦେହ କଳା କାଠ ପଡ଼ିଗଲାଣି । ଆଉ କଣ ମୋ ଧନ ନାହିଁ । (କାନ୍ଦିବା)

(ହିଡ଼ମ୍ବୀକ ଓ ଘଟୋତ୍କଚ ପ୍ରବେଶ)

ହିଡ଼ମ୍ବୀକ—କାହିଁ ଶିକାର ? କେଉଁ ବୀର ବା କେଉଁ ବୀରର ପୁତ୍ର ?

ଘଟୋତ୍କଚ—ତା ଜାଣେ ନାହିଁ ମା ! ପରିଚୟ ପଚାରି ନାହିଁ; କିନ୍ତୁ ପରୀକ୍ଷା କରି ଦେଖିଛି ବୀର ରକ୍ତେ ଗଢ଼ା ତା ଶରୀର ।

ସୁଭଦ୍ରା—କିଏ ତୁମ୍ଭେ ଦେଖା ଥରେ ପୁତ୍ରକୁ ମୋହର । ମୋ ଅନ୍ଧ ନୟନର ତାରା ଦୁଃଖିନୀ ପସରା ।

(କ୍ରନ୍ଦନ)

ଘଟୋତ୍କଚ—କିଏ ଏହି ନାରୀ ! ଦେଖି ତ ନ ଥିଲି ଏ ସ୍ଥାନରେ ତାକୁ, ଶୋକାକୁଳେ ଅଶ୍ରୁନୀରେ ଭସାଉଛି ଅଙ୍ଗ । ସମ୍ଭବ ଏ ପୁତ୍ର ତା'ର ।

ହିଡ଼ମ୍ବୀକ—(ସୁଭଦ୍ରା ପ୍ରତି) କିଏ ତୁ ଲୋ ନାରୀ ! ଏ ଯୁବକ ସଙ୍ଗେ କି ସମ୍ବନ୍ଧ ତୋର ?

ସୁଭଦ୍ରା—ପୁତ୍ର ମୋର ପନ୍ଥ କରି ମୋତେ, କ୍ଷୁଧା ହେତୁ ଫଳ ଆଣେ ଆସିଥିଲା ଏଥି । କିନ୍ତୁ, କାହାର କବଳେ ପଡ଼ି ଲଭିଲା ଏ ଦଶା । ମା ! ଦୟାକର, ମୋର ପୁତ୍ର କାହିଁକି ଏପରି ହେଲା ?

ହିଡ଼ମ୍ବୀକ—ଦୟା 'କ୍ଷମା' ନାହିଁ ଆମ୍ଭଠାରେ । ନର ମାଂସ ଭୋଜ୍ୟଟି ଆମ୍ଭର । ପୁତ୍ର ମୋର କରିଛି ଶିକାର । ନରମାଂସେ ଥିଲା ମୋ ଲାଳସା ।

ସୁଭଦ୍ରା—ତୁମେ ହତ୍ୟା କରିଛ ? ନରମାଂସ ପାଇଁ ଲାଳସା ବଢ଼ାଇ, ତୁମେ ମୋ ପୁତ୍ରର ଜୀବନ ନେଇଛ ? ତେବେ ମା ! କୃପାକର ଏ ପୁତ୍ରହରା ଅଭାଗିନୀକୁ ତାର ପୁତ୍ର ସଙ୍ଗରେ ଆହାର କର, ମୁଁ ଆଉ ଦ୍ୱାରକୁ ଫେରିବି ନାହିଁ ।

ଘଟୋତ୍କଚ—ଯୁଦ୍ଧ ଜାଣୁ ନାରୀ ? ବିନା ଯୁଦ୍ଧରେ କାହାକୁ ହତ୍ୟା ଆମ୍ଭର ନୀତି ବିରୁଦ୍ଧ ।

ସୁଭଦ୍ରା—ହଁ, ମୁଁ ଯୁଦ୍ଧ କରିଛି । ମୁଁ ବୀରମାତା, ବୀର ରମଣୀ । ଯୁଦ୍ଧ କରି ପାରିବି । ପୁତ୍ର ଶୋକାତୁରା ମୁଁ, ପୁତ୍ର ବିଚ୍ଛେଦରେ ଯୁଦ୍ଧକ୍ଷେତ୍ରେ ରଣଚଣ୍ଡୀ ରୂପ ଧାରଣ କରିବି । ଯୁଦ୍ଧକରି ଶତ୍ରୁ ପରାଜିତ କରିବି କିମ୍ବା ଶତ୍ରୁ ହସ୍ତରେ ପ୍ରାଣ ବିସର୍ଜନ କରିବି, ଆସ କର ଯୁଦ୍ଧ ।

ହିଡ଼ମ୍ବୀକ—କହିଲ ମେ ବୀରମାତା ତୁମ୍ଭେ ବୀରର ରମଣୀ ।

ସୁଭଦ୍ରା—ହିଁ, ବୀର ନୁହେଁ, ମହାବୀରର ରମଣୀ ମୁଁ । ମହାଶକ୍ତି ଅଂଶରେ ମୋର ଜନ୍ମ; କିନ୍ତୁ ସବୁ ସରି ଯାଇଛି, ମୃତ୍ୟୁ ମୋର ଶ୍ରେୟସ୍କର ।

ହିଡ଼ମ୍ବୀ—କିଏ ସେହି ମହାବୀର ?

ସୁଭଦ୍ରା—କି ମିଳିବ ଦେଲେ ପରିଚୟ ? ଥାନ୍ତା ଯେବେ ଅଭିମନ୍ୟୁ ମୋର । (କ୍ରନ୍ଦନ) ।

ହିଡ଼ମ୍ବୀ—ବୀରାଙ୍ଗନା ଯେବେ ନୋହୁ ତୁହି, ତୋର ମାଂସ ନାହିଁ ପ୍ରୟୋଜନ । ଯାଅ ଚାଲି ଏଥୁ, ଅମ୍ଭର ଏକା ବୀର ମାଂସ ।

ସୁଭଦ୍ରା—ମହାବୀର ବନିତା ମୁଁ ପାଣ୍ଡବ ଘରଣୀ, ବସୁଦେବ କନ୍ୟା ମୁହିଁ ଶ୍ରୀକୃଷ୍ଣ ଭଗିନୀ । ଅଭାଗିନୀ ସୁଭଦ୍ରା ମୁଁ ପୁତ୍ର ଅଭିମନ୍ୟୁ, ନାହିଁ ଆଜ ସେ ଇହଧାମରେ । (କ୍ରନ୍ଦନ)

ହିଡ଼ମ୍ବୀ—ଜାଣିଲି ସେ ପାଣ୍ଡବ ଘରଣୀ, ଶୁଣିଛୁ ପଞ୍ଚ ପାଣ୍ଡବେ ହସ୍ତିନାର ଶିରୀ, ତୁମେ କେଉଁ ପାଣ୍ଡବ ବନିତା କହିବ କି ଥରେ ?

ସୁଭଦ୍ରା—କହି ଅବା ଲାଭ ଅଛି କିସ ? ଥାନ୍ତା ଯେବେ ଅଭିମନ୍ୟୁ ଜୀବନେ ମୋହର ।

ହିଡ଼ମ୍ବୀ—କହ ଦେବି ! ଅଭିମନ୍ୟୁ ମାତା ତୁମ୍ଭେ ଅର୍ଜୁନ ବନିତା ?

ସୁଭଦ୍ରା—ପରିଚୟ କିବା ଲୋଡ଼ା ତବ ? ଦୟାକରି ଘେନ ମୋର ପ୍ରାଣ । ମୃତ୍ୟୁବାର୍ତ୍ତା କହ ମୋର ସ୍ୱାମୀ ଅର୍ଜୁନଙ୍କୁ ।

ହିଡ଼ମ୍ବୀ—ପ୍ରାଣର ଭଉଣୀ ସୁଭଦ୍ରା ତୁ ଚିହ୍ନିଲୁ ବା ନେଲେ ତ କାହିଁ ? ହିଡ଼ିମ୍ବକ ମୁହିଁ ସ୍ୱାମୀ ମୋର ଦ୍ୱିତୀୟ ପାଣ୍ଡବ । ଘଟୋତ୍କଚ ! କି ମୁଖେ ବୁଝିବେ, କି ମାଗି ତୁ ପରିଚୟ ଭ୍ରାତାକୁ ତୋ କରିଲୁ ନିଧନ । ଏ ଯେ ସାନ ମା ତୋର । କ୍ଷମାମାଗ ପଦେ, ଯେବେ କି ବଞ୍ଚାଇ ପୁତ୍ରକୁ ମୋହର ଦୂର ନାଶ ହତ୍ୟା ଦୋଷ ଯେନରେ ସନ୍ତାନ ।

ଘଟୋତ୍କଚ—ମରିନାହିଁ ପ୍ରାଣେ, ହୋଇଅଛି ସଂଜ୍ଞାହୀନ ଯୋଦ୍ଧା, ଏ ମୁହୂର୍ତ୍ତେ ଚେତାଇବି ତାକୁ । ଜାଣିଥାନ୍ତି ଯେବେ ଆଗୁଁ ପରିଚୟ, ଏ ଭ୍ରାନ୍ତି କି ଘଟିଥାନ୍ତା କେବେହେଁ । ମା ! ଆଣିବି ମୁଁ ବିଶଲ୍ୟ କରଣୀ, ବଞ୍ଚାଇବି ଭାଇକୁ ମୋହର । (ପ୍ରସ୍ଥାନ)

ହିଡ଼ମ୍ବୀ—ଦୁଃଖ କରନା ଭଉଣୀ, ଏ ମିଳନ ଘଟାଇଛି ବିଧି । ସଂଜ୍ଞାହୀନ ହୋଇଅଛି ପୁତ୍ର ।

( ଘଟୋତ୍କଚ ଔଷଧ ନାକରେ ପକାଇବାରୁ ଅଭିମନ୍ୟୁ ଉଠିବା ଓ ସୁଭଦ୍ରା କୋଳକୁ ନେଲେ)

ଅଭିମନ୍ୟୁ—ମା ! ମା !

ସୁଭଦ୍ରା—ପ୍ରଣିପାତ କର ବଡ଼ ମା'ଙ୍କୁ ତୋର, ଏ ଯେ ତୋର ବଡ଼ଭାଇ ମାଗ କ୍ଷମା ପାଦ ଧରି । ନ ଚିହ୍ନି ତୁ ଯାହାସଙ୍ଗେ କରି ରଣ ହୋଇ ପରାଭବ ଲଭିଥିଲୁ; ଏହି ଏ ଯେ ତୋର ଜ୍ୟେଷ୍ଠ ତାତଙ୍କ ତନୁଜ ।

( ଅଭିମନ୍ୟୁ ନମସ୍କାର କରି । ଘଟୋତ୍କଚକୁ କୋଳାଗ୍ରତ କରି)

ଘଟୋତ୍କଚ—ମା ! ଆସ ଆମ୍ଭ ବାସ ଗୃହେ । ଚାଲି ଚାଲି ପଥଶ୍ରାନ୍ତ ହୋଇଅଛ ତୁମ୍ଭେ ।

( ସମସ୍ତେ କୋଳାକୋଳ ହୋଇ ଚାଲିଗଲେ

---

## ଦ୍ୱିତୀୟ ଦୃଶ୍ୟ

## ହସ୍ତିନା ରାଜସଭା

( ଦୁର୍ଯ୍ୟୋଧନ, ଦୁଃଶାସନ, ଶକୁନି, ଜୟଦ୍ରଥ, ପ୍ରଭୃତି ଆସିନ୍

( ନର୍ତ୍ତକୀମାନଙ୍କ ଗୀତ )

ସାଜନ୍ତି ସଭା ଶୋଭା ମଘବା ସଭାକୁ ଜିଣି ଗୋ ।
ହସ୍ତିନା ଧରଣୀ ହସ୍ତିନାର ସଭା ମଣ୍ଡନି ।
ଧନ୍ୟ କୁରୁ ନୃପତି ମହାମାନ୍ୟ ଚକ୍ରବର୍ତ୍ତୀ
କି ଦେଖିବ ତାଙ୍କ ଠାଣି ମାଣି ଗୋ ।
ହୀରା ଲାଲାରେ ଖଚିତ ସିଂହାସନ ଉଣେ ଯାତ
ତହିଁପରେ ଶୋଭା ମୌଳିମଣି ଗୋ ।
ବେଢ଼ିଛନ୍ତି ପାତ୍ର ମିତ୍ର ସଭାସଦ ଅମାତ୍ୟ
ତାହାଗଣ ମଧ୍ୟେ ନଶୀମଣି ଗୋ, ଧନ୍ୟ କୁରୁ ମଣ୍ଡିମଣି ।
(ପ୍ରସ୍ଥାନ)

ଦୁର୍ଯ୍ୟୋଧନ—ଦିବାହଳଙ୍କ ଆଜ ଦୁଲଭନ ମାତ୍ର ରହିଲା । ଆମ୍ଭେ ଜନକ ଆଗରୁ ସେ ସ୍ଥାନରେ ପ୍ରବେଶ ହେବା ଦରକାର ।

ଶକୁନି—ତା ନିଶ୍ଚୟ ।

ଦୁର୍ଯ୍ୟୋଧନ—ପାଣ୍ଡବମାନେ ବର ଯାତ୍ରୀରେ ଆମ୍ଭମାନଙ୍କ ସଙ୍ଗେ ଯିବେ ତ ?

ଶକୁନି—ନ ନେବ ବା କପରି ନିଜ ଭାଇ ତ ?

ଦୁଃଶାସନ—କି ଭାଇ ! ଆମ୍ଭମାନଙ୍କ ସହିତ ସେମାନଙ୍କର ସମ୍ବନ୍ଧ ? କଣ କୌରବମାନେ କୌଣସି ବିଷୟରେ ଊଣା ନୁହନ୍ତି ଯେ ସେମାନଙ୍କ ସାହାଯ୍ୟ ଏକାନ୍ତ ଲୋଡ଼ା । ବରଂ ସେମାନଙ୍କୁ ନେବା ଆମ୍ଭମାନଙ୍କ ଗୌରବରେ ହାନି ।

ଶକୁନି—ସଙ୍ଗରେ ନ ନେବା ଦ୍ୱାରା ବରଂ ସେମାନଙ୍କ ଈର୍ଷା ବଢ଼ିପାରେ । ବିବାହ କାର୍ଯ୍ୟରେ ଜ୍ଞାତି, କୁଟୁମ୍ବ ସମସ୍ତଙ୍କୁ ଲୋଡ଼ିବାକୁ ପଡ଼େ ।

ଦୁଃଶାସନ ଲୋଡ଼ିବାକୁ ପଡ଼େ ସତ୍ୟ କିନ୍ତୁ ସେମାନେ ଯେ ଶରଣାର୍ଥୀ ।

ଦୁର୍ଯ୍ୟୋଧନ—ତେବେ ଏକା ଧର୍ମରାଜଙ୍କୁ ନେଲେ ଚଳିପାରେ ।

ଦୁଃଶାସନ—ଏକା ଧର୍ମରାଜ କାହିଁକି ? ସମସ୍ତଙ୍କୁ ସଙ୍ଗରେ ନିଅନ୍ତୁ । କିନ୍ତୁ ମୁଁ ଭଲକରି ଜାଣେ, ବଳରାମ ପାଣ୍ଡବମାନଙ୍କୁ ବିବାହ କାର୍ଯ୍ୟରେ ଯୋଗଦେବାକୁ ନିମନ୍ତ୍ରଣ କରି ନାହାନ୍ତି । ତାଙ୍କର ଭିନ୍ନ କିଛି ଉଦ୍ଦେଶ୍ୟ ଅଛି କିମ୍ବା କୌଣସି ମାନ ଅଭିମାନ ଅଛି ଏପରି ସ୍ଥଳେ ଆମ୍ଭେ ସଙ୍ଗରେ ନେଇଯିବା ନିତାନ୍ତ ଅସଙ୍ଗତ । ଶ୍ରୀକୃଷ୍ଣ ପାଣ୍ଡବଙ୍କର ଅତି ପ୍ରିୟ, କିନ୍ତୁ ବଳରାମଙ୍କର ଏ କଥାରେ କୌଣସି ମତ ଭେଦ କରି ନାହାନ୍ତି ।

ଦୁର୍ଯ୍ୟୋଧନ - ତେବେ ବାକ୍ ବିତଣ୍ଡାର କୌଣସି କାର୍ଯ୍ୟ ନାହିଁ । ନିଜ ନିଜ କାର୍ଯ୍ୟରେ ଲାଗିଯାଅ । ଯେପରି କୌଣସି କାର୍ଯ୍ୟରେ ବିଶୃଙ୍ଖଳା ନ ଘଟେ ।

ଦୁଃଶାସନ—ସସୈନ୍ୟେ ସେଠାକୁ ଯିବାକୁ ହେବ ।

ଶକୁନି—କଣ ବିବାହ ଯାତ୍ରା ନା ଯୁଦ୍ଧ ଯାତ୍ରା । ବୃଷ୍ଣିକୁଳ କୌଣସି ବିଷୟରେ ଅକ୍ଷମ ନୁହନ୍ତି ଯେ କୌଣସି କଥା ଆମ୍ଭମାନଙ୍କୁ ବଳାଇ ପଡ଼ିବ ।

ଦୁର୍ଯ୍ୟୋଧନ—ସୈନ୍ୟ ନେବାଦ୍ୱାରା ତାଙ୍କ ମନରେ କୌଣସି ଗ୍ଲାନି ଜନ୍ମିପାରେ । ଆମ୍ଭ ସତର୍କରେ ଆମ୍ଭେ ଥିବା, ଆବଶ୍ୟକ ପଡ଼ିଲେ ଦେଖାଯିବ । ଗୋଟିଏ ମଙ୍ଗଳ କାର୍ଯ୍ୟରେ ଅମଙ୍ଗଳ ସୂଚନା କରିବା ବିଧେୟ ନୁହେ । ଆଜି ଏତିକିରେ ସଭା ଭଙ୍ଗ ହେଉ ।

(ସମସ୍ତଙ୍କର ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

### ଉଦ୍ୟାନ

(ଘଟୋତ୍କଚ ଓ ଅଭିମନ୍ୟୁ ଆସୀନ)

(ନର୍ତ୍ତକୀମାନଙ୍କ ଗୀତ)

ବସନ୍ତ ଋତୁ ଆସେ ଧରା କି ସୁନ୍ଦର ଦିଶେ
ନୀଳ ନିର୍ମଳ ଗଗନରେ ଚନ୍ଦ୍ର ଶୋଭା ବିକାଶେ ।
କୋଇଲି କୁଞ୍ଜକୋଣେ କୁହୁତାନେ ହା-ହା-ହା-ହାଣେ
ବିରହୀ ପ୍ରାଣେ କାମବାଣେ ହା-ହା-ହା ।
ଫୁଲେ ଫୁଲେ ମଧୁପ ବୁଲେ ମଧୁଆଶେ
ନାନା ଫୁଲ ଫୁଟିଲେ ଋତୁ ପାଇ ବନ୍ଧୁ ପରଶେ ।
ମଲ୍ଲୀ ଟଗର ଜୁଇ ହେନା ବକୁଳ ହା-ହା-ହା
ମଳୟ ବାଜି ମେଲିଲେଣି ମୁକୁଳ ହା-ହା-ହା
ପ୍ରେମିକା ପ୍ରେମିକ ଲେ ଡେଇଁଛୁ ପ୍ରେମ ଲାଳସେ
ପ୍ରେମିକା ପ୍ରେମିକ ଲେଙ୍ଗେ କାମଶର ତରାସେ ।

(ପ୍ରସ୍ଥାନ)

(ଘଟୋତ୍କଚଙ୍କ ଅଭିମନ୍ୟୁ ବୁଲୁଥିଲେ, ଅଭିମନ୍ୟୁଙ୍କୁ ଅନ୍ୟମନସ୍କ ଦେଖି)

ଘଟୋତ୍କଚ—ଅଭି ! ତୋର ମନଟା କାହିଁକି ଭଲ ନାହିଁ ? ତୋର ମନରେ ଗୋଟାଏ କିଛି ଭାବନା ଖେଳୁଥିଲା ପରି ଜାଣି ପାରୁଛି ।

ଅଭିମନ୍ୟୁ—କାହିଁ ? ନାହିଁ ତ, ମୁଁ ଖୁବ୍ ଆନନ୍ଦରେ ଅଛି । ଆପଣଙ୍କର ଆଉ ବଡ଼ ମାଙ୍କ ସ୍ନେହରେ ମୁଁ ଘରଦ୍ୱାର ସବୁ ଭୁଲି ଯାଉଛି । ମନେ କରେ ଏଠାରେ ସଦାବେଳେ ରହି କାଳାତିପାତ କରିବି ।

ଘଟୋତ୍କଚ—ମୋର ତୋର କିଛି ପ୍ରଭେଦ ନାହିଁ ଅଭି ? କିନ୍ତୁ ତୋର ମନର କଥାଟା କିଛି ଖୋଲି କହୁନାହୁଁ । ତୋର ଉଦ୍ଦେଶ୍ୟ ଅନ୍ୟ କିଛି

ଅଛି; ମୋ ନିକଟରେ କିଛି ଗୋପନ କରନା ।
ଭାଇ ! ମୁଁ ତୋ ଲାଗି ପ୍ରାଣ ବଳି ଦେଇପାରେ ।
ଅସାଧ୍ୟକୁ ସାଧନ କରିବା ମୋର କ୍ଷମତା ଅଛି ।

ଅଭିମନ୍ୟୁ—ଗୋଟିଏ ସ୍ତ୍ରୀ ମୋତେ ପତିରୂପେ ପାଇବା ଲାଗି ଦୃଢ଼ ସଙ୍କଳ୍ପ କରିବା ସତ୍ତ୍ୱେ ତାର ପିତା ମାତା ତାକୁ ଅନ୍ୟତ୍ର ବିବାହ ଦେବା ସ୍ଥିର କରିଛନ୍ତି । ତଦ୍ଦ୍ୱାରା ସରଳା ଅବଳା ନିଶ୍ଚୟ ଆତ୍ମହତ୍ୟା କରିବ ଏବଂ ମୋତେ ଗୋଟିଏ ନାରୀ ହତ୍ୟା ପାପରେ ଲାଗି ହେବାକୁ ପଡ଼ିବ । ବିବାହ ଲଗ୍ନ କାଲି, କିନ୍ତୁ କଣ କରିବି କିଛି ସ୍ଥିର କରି ପାରୁନାହିଁ, କିନ୍ତୁ ମୁଁ ପ୍ରତିଶ୍ରୁତି ଦେଇଥିଲି ଯେ ନିଶ୍ଚୟ ତୋତେ ବିବାହ କରିବି ।

ଘଟୋତ୍କଚ—ଏହି ସାମାନ୍ୟ କଥାକୁ ଭାବନା କରି ବସିଛୁ ? ଅବ୍ୟାକାଶରେ ଅଶେଷ ବାଧାବିଘ୍ନ ପଡ଼ିଲେ ସୁଦ୍ଧା ମୁଁ ସେ କନ୍ୟାକୁ ଆଣି ତୋତେ ଦେଇପାରେ ।

ଅଭିମନ୍ୟୁ—ସେ ଯେ ବଳରାମଙ୍କ କନ୍ୟା ।

ଘଟୋତ୍କଚ—ଯାହାର କନ୍ୟା ହେଉ । ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଥିଲେ ସୁଦ୍ଧା ତୋ ନିକଟ ପହଞ୍ଚାଇ ଦେବି ।

ଅଭିମନ୍ୟୁ—ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣ କୁମରକୁ ବିବାହ କରିବା ସ୍ଥିର କରାଯାଇଛି । ଅପରିମିତ କୁରୁବଳଙ୍କ ନିକଟରେ ଜୟଯୁକ୍ତ ହେବା ଦୁଃସାଧ୍ୟ ।

ଘଟୋତ୍କଚ—ସେ ଚିନ୍ତା ତୋତେ କରିବାକୁ ପଡ଼ିବ ନାହିଁ । ସାନ ମା ଏଠାରେ ଅଛନ୍ତି, ଚାଲ ବର୍ତ୍ତମାନ ଦ୍ୱାରକା ଅଭିମୁଖେ ଯାତ୍ରା କରିବା ।

(ଉଭୟେ ପ୍ରସ୍ଥାନ)

---

# ପଞ୍ଚମ ଅଙ୍କ

## ପ୍ରଥମ ଦୃଶ୍ୟ

## ବରଯାତ୍ରୀ

(ଦୂରରୁ ବାଦ୍ୟ ବାଜି ଉଠିଲା; ବାଣ କମାଣ ଫୁଟିବା ଶବ୍ଦ ହେଲା ।)

(ବଳଦେବ ଓ ଶ୍ରୀକୃଷ୍ଣ ପ୍ରବେଶ)

ବଳଦେବ—ବରଯାତ୍ରୀମାନଙ୍କୁ ଯଥା ସ୍ଥାନରେ ରଖାଇ ଦିଅ । ଆଉ ବାଟବରଣୀ କରି ବରକୁ ନେଇ ଆସ । କାହିଁ, ସୁବେଶ୍ୱରଙ୍କର ଏ ପର୍ଯ୍ୟନ୍ତ ଦେଖା ନାହିଁ । ମହାମାନ୍ୟ ଦୁର୍ଯ୍ୟୋଧନଙ୍କ ନିକଟରେ ଯେପରି ଆମ୍ଭର କୌଣସି ବିଷୟରେ ଦୁର୍ବଳତା ଦେଖା ନ ଯାଏ । ଶୁଣୁଛି ଶକୁନି ପ୍ରଭୃତି କୁରୁବୀରମାନେ ସମସ୍ତେ ଆସିଛନ୍ତି ।

ଶ୍ରୀକୃଷ୍ଣ—ପାଣ୍ଡବମାନଙ୍କୁ ଏକାବେଳକେ ବନ୍ଧୁ ସମ୍ବନ୍ଧରୁ କାଟିଦେଲେ ସୁଭଦ୍ରା ମନରେ କଷ୍ଟଜାତ ହେଉଥିବ, ତଥା ପାଣ୍ଡବମାନେ ମଧ୍ୟ ।

ବଳରାମ—ନା, ସେ ସବୁ କଥା କିଛି ଭାବିବାକୁ ହେବ ନାହିଁ । ବର୍ତ୍ତମାନ ଉପସ୍ଥିତ କାର୍ଯ୍ୟ ଯାହା ତା କରିଯାଅ । (ଦୁର୍ଯ୍ୟୋଧନ ପ୍ରଭୃତି ଆସୁଥିବା ଦୂରରୁ ଦେଖି) ଏଇତ ମାନଗୋବିନ୍ଦ ପ୍ରଭୃତି ଆସିଗଲେ ।

(ସମସ୍ତେ ପହଞ୍ଚିବାରୁ କୋଳାକୋଳି ହେଲେ)

ବଳରାମ—ଆପଣମାନେ ପଦଧୌତ କଲେଣି ?

ଦୁର୍ଯ୍ୟୋଧନ—ତା ହେବ, ଆପଣ ଆଗେ ବାଟ-ବରଣୀର ବ୍ୟବସ୍ଥା କରନ୍ତୁ ।

ବଳରାମ—ଚାଲନ୍ତୁ, ଚାଲନ୍ତୁ । କୃଷ୍ଣ ଆଉ ସୁହୁଁଛ କଣ, ଦେଖ ସୁବେଶ୍ୱର କେଉଁଠାରେ ?

(ସମସ୍ତେ ପ୍ରସ୍ଥାନ)

(ବ୍ରାହ୍ମଣ ବାଟବରଣ ଡାଲା ହସ୍ତେ ଓ ବାରିକ ନିଦ ମଳ ମଳ ହେଉଥାଏ)

ବ୍ରାହ୍ମଣ—ଆରେ ଘନଆଁ ନିଦ ! ଉଠ ।

ଘନଆଁ—ହିଁ, ସାଙ୍କୁ ଶୋଇନ (ବସି ଘୁମାଇବା)

ବ୍ରାହ୍ମଣ—ଘନଆଁ ! ଆରେ ଉଠ । ଏଠି ବସି ଘୁମାଇଲୁ କଣ ?

ଘନଆଁ—କାହିଁକି ଗୋଟାଏ ସେମିତି ହେଉଛ ? (କାନପାରି ପଡ଼ିଗଲା)

ବ୍ରାହ୍ମଣ—ଆରେ ଘନଆ ! ଶୋଇ ପଡ଼ୁଛୁ କଣ ? ଆରେ ବାଟବରଣ ହେବ । ବର ଆସି ଦଣ୍ଡ ଦୁଆର ମୂର୍ଦ୍ଧରେ, ଆରେ ଉଠ ।

ଘନଆଁ—ସେ ବନୋଦଆ ମା'କୁ ଡାକ ।

ବ୍ରାହ୍ମଣ—ବନୋଦଆ ମା କ'ଣ ବାଟବରଣ କରିବାକୁ ଯିବ ?

ଘନଆଁ—ତେବେ ଚାଲ ।

ବ୍ରାହ୍ମଣ—ଆରେ ମୁଁ ଯିବି କ'ଣ ? ପାଣି ନୋଟାଟା ଧର ।

ଘନଆଁ—କାହିଁକି ଗୋଟାଏ ସେମିତି ହେଉଛ ?

ବ୍ରାହ୍ମଣ—ଏ ମାଡ଼ଖିଆ କଥା । ତୁ ବି ମାଡ଼ ଖାଇବୁ, ଆମକୁ ବି ମାଡ଼ ଖୋଇବୁ । ଆରେ ଉଠ, ଆରେ ବର ଆସିଗଲାଣି, ବାଟବରଣ ହେବ ।

ଘନଆଁ—ମଣିଷକୁ ଟିକଏ ଶୁଆଇ ଦେଲେ ନାହିଁ । (ଉଠି ପୁନରପି ଶୋଇବା) ।

ବ୍ରାହ୍ମଣ—ଆରେ ପୁଣି ଶୋଇଲୁ ? ଆରେ ଉଠ ।

ଘନଆଁ—ମୋ ସାଙ୍ଗରେ ସେମିତି ଲଗାନା କହୁଛି ।

ବ୍ରାହ୍ମଣ—ଆରେ ଟଚା କାନରେ କଣ ପଥର ପଡ଼ିଛି ?

ଘନଆଁ—ଖାଲି ସବୁସାରୁ ବକର ବକର ହେଉଛନ୍ତି । ଟିକଏ ଆଖି କଷା କରି ଦେଲେ ନାହିଁ ।

ବ୍ରାହ୍ମଣ—ମୁଁ ଏବେ କରିବି କଣ ? ଚେତେଣେ ଡାକସ୍ତ ଉପରେ ଡାକସ୍ତ । ଆରେ ଘନଆଁ ! ମୋ ବାପାଟା ପରି ! ଉଠ, ମୋ ଧନଟା ପରି ଉଠ ।

ଘନଆଁ—କାହିଁକି ?

ବ୍ରାହ୍ମଣ—ଆରେ ବାଟବରଣ ହେବ, ବର ପହଞ୍ଚି ଗଲାଣି ।

ଘନଆଁ—(ଉଠି ଅସ୍ତବ୍ୟସ୍ତେ) ମୋ ଗାମୁଛା କାହିଁ ?

ବ୍ରାହ୍ମଣ—ଗାମୁଛା ପଛେ ଖୋଜିବୁ, ଆଗେ ଚାଲେ ।

ଘନଆଁ—ମୋ ବଟୁଆ ହେଲା କଣ ?

ବ୍ରାହ୍ମଣ—ବଟୁଆ ଖୋଜୁଛୁ କ'ଣ ? ଆରେ ଚାଲ, ବଡ଼ ଠାକୁରେ ନିଆଁ ଖପରା ହୋଇଗଲେଣି ।

ଘନଆଁ—ଚାଲୁନା ।

ବ୍ରାହ୍ମଣ—ଆରେ ନୋଟାଟା ଆଣ, ହାତଧୁଆ କୁଣ୍ଡ କାହିଁ ?

ଘନଆଁ—ତେମେ ଆଣିନା ? ଚାଲ ଚାଲ, ମୋତେ ଟିକଏ ଆଗରୁ ଉଠାଇ ଦେଲ ନାହିଁ ।

ବ୍ରାହ୍ମଣ—ତେବେ ତ ପହଡ଼େ ହେଲା ଝୁଙ୍କ ଛଡ଼ାଇ ଦେଲୁଣି, ଚାଲ ଚାଲ । ଉଭୟେ ପ୍ରସ୍ଥାନ)

(ତେଣେ ଶଙ୍ଖ, ହୁଳହୁଳି, ବାଦ୍ୟନାଦ ଶୁଭୁଥାଏ)

—*—

## ଦ୍ୱିତୀୟ ଦୃଶ୍ୟ

## ଲକ୍ଷ୍ମଣ କୁମାର

(ଘଟୋତ୍କଚ ଓ ଅଭିମନ୍ୟୁ ସୌଦାଗର ବେଶରେ)

ଘଟୋତ୍କଚ—ବନାରସୀ ପାଟ ଧୋତି ଓଢ଼ଣୀ ଚାଦର ।

ଅଭିମନ୍ୟୁ—ବନାରସୀ କୋଟ, ପେଣ୍ଟ, ଟପ୍‌କନ୍ କରିବାଲା, ଶପ୍ତାଦର । ତାରକସି ସୁନା ରୂପା ନାନା କିସମ ଗହଣା ।

(ଲକ୍ଷଣ କୁମର ଓ ତା ସାଙ୍ଗ ସାଥିମାନେ ପ୍ରବେଶିଲେ)

ଲକ୍ଷଣ କୁମର—ଆଣ ତ ଦେଖିବା ।

ଘଟୋତ୍କଚ—ବାବୁ ! ନେବେ ଯଦି ଦେଖନ୍ତୁ, ନଚେତ୍ ଆମେ ଅନ୍ୟ ଆଡ଼େ ଯିବୁ ।

ଲକ୍ଷଣ କୁମର—ଖୁବ୍ ଭଲ ଭଲ ରକମ ଅଛି ?

ଅଭିମନ୍ୟୁ—ସବୁ ରାଜାଘର ବରାବ ଜିନିଷ । ଆମ୍ଭମାନଙ୍କ କାରବାର ସବୁ ରାଜାରଜୋଡ଼ାମାନଙ୍କରେ ।

ଲକ୍ଷଣ କୁମର—ଆଚ୍ଛା ! ଆମ୍ଭେମାନେ ଦେଖି, ମନ ମାନିଲେ ରଖିବା ।

ଘଟୋତ୍କଚ—ସବୁ ରକମ ଜିନିଷ ଅଛି, ଆପଣ ପସନ୍ଦ କରନ୍ତୁ ।

(ଟଣ୍ଡିଆ ଫିଟାଇ ସବୁ ଦେଖାଇଲେ)

(ଦୁର୍ଯୋଧନ ଓ ଶକୁନି ପ୍ରବେଶ)

ଦୁର୍ଯୋଧନ—କୋଉଠିକାର ଜିନିସ ଏ ସବୁ ? ତୁମ ଘର କେଉଁଠାରେ ?

ଘଟୋତ୍କଚ—ହାମ୍ ଲୋକ୍‌କା ମକାନ୍ ଖୋଦ୍ ବନାରସ । ଓ ସବ୍ ସଚ୍ଚା ଜରିକା କାମ୍ ।

ବିଲ୍‌କୁଲ ଖାଣ୍ଟି ସୋନା । ରଜା ମହାରଜାକା ମାଥ୍ ପରକା ଟୋପିକେ ସବ୍ ଚିଜ୍ ହଏ । ଔର ସୋନା ଚାନ୍ଦି କାମ୍ ଭି ବହୁତ ହଏ । ଆପ୍ ମେହେରବାନି କରକେ ଦେଖ୍ ଲିଜିଏ ।

ଦୁର୍ଯ୍ୟୋଧନ — ଦରଦାମ କପରି ?

ଘଟୋତ୍କଚ — ଯୈସା ଚିଜ୍ ଐସା ଦାମ୍ । ଦରଦାମ କୁଛ ଚଲେଗା ନେହିଁ । ବଡ଼ା ବଡ଼ା ଅମୀର୍ ଲୋକ୍‌କା ସାଥ୍ ମେ ହାମ୍ କାର୍‌ବାର୍ କର୍‌ତା ହଏ । ଖୁଚୁରା ଚିଜି ବିଲ୍‌କୁଲ ନହିଁ କରତା ହଏ ।

ଦୁର୍ଯ୍ୟୋଧନ — ଅଚ୍ଛା, ଦୁଇ ପେଣ୍ଟିରରେ ଏକେକମ ଜିନିଷ ସବୁ ଅଛି ?

ଘଟୋତ୍କଚ — ଏକଦମ ଚିଜ୍ !

ଦୁର୍ଯ୍ୟୋଧନ — ଏକ ପେଣ୍ଟିରରେ ସମୁଦାୟ କେତେ ଟଙ୍କାର ମାଲ ଅଛି !

ଘଟୋତ୍କଚ — ଦୋ ପେଣ୍ଟିରା ମେ ଦୋ ଲାଖ ରୁପେୟାକା ମାଲ ରଖା ହଏ । ଆପ୍ କା ଜୋ ପସନ୍ଦ ହୋଗା ଉସିକୁ ଲିଜିଏ ।

ଲକ୍ଷଣକୁମର — (ଦୁଇ ପେଣ୍ଟିରକୁ ହଠାତ ବଡ଼ ଦେଖାଯାଉଥିବା ପେଣ୍ଟିରକୁ ପସନ୍ଦ କରିବା) ।

ଦୁର୍ଯ୍ୟୋଧନ — ଏଥିରେ ବଡ଼ସାନ ଅଛି, ଜିନିଷ କି କମ ବେଶୀ ଅଛି ?

ଘଟୋତ୍କଚ — ବିଲ୍‌କୁଲ୍ ନା । ଆପ୍ କା ଯୋ ପସନ୍ଦ ହଏ, ଉସିକୁ ଲିଜିଏ । ଏକ-ଦୋ କା ଟୁକୁରା ମାଲ କମ୍ ବେଶୀ ହୋଗା ।

ଲକ୍ଷଣକୁମର — (ବଡ଼ ପେଣ୍ଟିରକୁ ଦେଖାଇ) ଆମର ଏଇଟାକୁ ରଖିବା ।

ଘଟୋତ୍କଚ — କୁଛ ହରଜ ନେହିଁ ।

ଦୁର୍ଯ୍ୟୋଧନ — ମୂଲ୍ୟରେ କିଛି କମ୍ ବେଶୀ ଅଛି ।

ଘଟୋତ୍କଚ — ବିଲ୍‌କୁଲ୍ ନେହିଁ, ପହେଲେସେ କହାଦିଆ ହମ୍ ଲୋକ ମୁଲ୍‌କକା ଦାମ ବିଲ୍‌କୁଲ୍ ନେହିଁ କହ୍‌ତା ହଏ ।

ଦୁର୍ଯ୍ୟୋଧନ — ଅଚ୍ଛା ! ତୁମର ଦାମ ନିଅ । (ଏକ ଲକ୍ଷ ଟଙ୍କା ଦେବା)

ଲକ୍ଷଣ କୁମର — (ଫିଟାଇବାକୁ ତତ୍ପର)

ଦୁର୍ଯ୍ୟୋଧନ — ନା, ଆମର ସମସ୍ତଙ୍କୁ ଡାକ ସମସ୍ତଙ୍କ ପସନ୍ଦ ଅନୁସାରେ ଜିନିଷମାନ ଦିଆଯିବ ।

ଘଟୋତ୍କଚ — ରାମ ରାମ ମହାରାଜ । ହାମଲୋକ କା ଡେରା ଔର ରାଜ୍ୟକା ସୀମାପର । ଫିନ୍ ଦରକାର ହୋଗା ତୋ ଖବର ଭେଜନେସେ ଔର ମାଲ ପହୁଞ୍ଚା ଦେଗା । ରାମ୍ ରାମ୍ !

(ଉଭୟ ସୌଦାଗରର ପ୍ରସ୍ଥାନ)

ଦୁର୍ଯ୍ୟୋଧନ — ଯାଅ, ସମସ୍ତଙ୍କୁ ଡାକିଆଣ । ହେ ମାତୁଳ ! ଆପଣ ବଳରାମଙ୍କ ନିକଟ ସମ୍ବାଦ ଦିଅନ୍ତୁ, ଦିଅଁ ମଙ୍ଗଳା କାର୍ଯ୍ୟ ସରାଇଲେ ବିବାହ କାର୍ଯ୍ୟ ଆରମ୍ଭ ହେବ ।

ଶକୁନି — ସେ ସମ୍ବାଦ ଦେଇ ସାରିଛି, ପ୍ରାୟ ବେଶୀ ବିଳମ୍ବ ନାହିଁ ।

ଲକ୍ଷଣ କୁମର — ଆମେ ଦେଖିବାକୁ ଯିବା ।

ଶକୁନି — ବତ୍ସ ! ବରପକ୍ଷର ରାଜକନ୍ୟା ମର୍ଯ୍ୟାଦା ରକ୍ଷା କଥାବାର୍ତ୍ତା କରିବା ଏ ସବୁ ଲକ୍ଷଣର ଆଦୌ ନାହିଁ । ଦିଅଁ ମଙ୍ଗଳାକାର୍ଯ୍ୟ ତୁମେ ଦେଖିବ କଣ ? (ଏ ସମୟେ ସମସ୍ତେ ଆସି ପହଞ୍ଚିଲେ) ଅଚ୍ଛା ! ଯାହାକୁ ଯାହା ଦେବାର ସବୁ ବାଣ୍ଟିଦିଅ ।

ଲକ୍ଷଣ — ( ପୋଷାକ ପେଣ୍ଟିର ଖୋଲି ଖୋଲି ) ମୁଁ ଯେଉଁ ପୋଷାକ ଆଜ ହଠାତ୍ ପସନ୍ଦ କରିଛି ତାକୁ ନେବ । ଆଉ ସବୁ ଯିଏ ଯାହା ନିଅନ୍ତୁ । (ଖୋଲି ଦେଖିଲା ବେଳକୁ, ଛିଣ୍ଡା ଅଖା, ମଇଳା ସାଡ଼ି, କେତେକ ଛିଣ୍ଡା କୋଟ୍ କାମିଜ) ଏ ସବୁ କ'ଣ ସେ ପୋଷାକ ନାହିଁ ?

ଦୁର୍ଯ୍ୟୋଧନ — କି ଆଶ୍ଚର୍ଯ୍ୟ ? ଆମ୍ଭମାନଙ୍କୁ କ'ଣ କିଏ ଠକାଇ ଦେଇଗଲା । ସ୍ୱଚକ୍ଷୁରେ ଜିନିଷମାନ ଦେଖିଲୁ, ଏସବୁ କି କଣ୍ଡ । ଦେଖ, ସେ ସୌଦାଗର ଚାଲି କୁଆଡ଼େ । ଯାଅ ଦେଖ । (ଦୁଇ ଚାରିଜଣ ଦୌଡ଼ିଗଲେ ନା, କାହାର ଏ ଷଡ଼ଯନ୍ତ୍ର !

ଶକୁନି — ସେଥିରେ ଆମର ନିଜର ଭୁଲ । ଜିନିଷ ନ ଦେଖି ନ କରି କ୍ରୟ କରିବା ନିର୍ବୋଧତାର କାର୍ଯ୍ୟ ।

ଲକ୍ଷଣ—ଆମେ ଠିକ୍ ଦେଖିଛୁ ଜିନିଷ ସବୁ ଭଲ ଥିଲା ।

ଶକୁନି—ସେ ସୁଆଗ୍ରେର ଯେଉଁ ଗଣ୍ଠିରୁ ଜିନିଷ ଦେଖାଇଲା ସେ ଗଣ୍ଠିର ଏ ନୁହେଁ । ଆମ ଯୁବରାଜ ବଡ଼ ଗଣ୍ଠିରୁ ଦେଖି ଏଇଆକୁ ପସନ୍ଦ କଲେ । ପ୍ରତ୍ୟେକ କାର୍ଯ୍ୟରେ ଅସ୍ଥିରହୋଇ ପଡ଼ିବାର ପରିଣାମ ଏହି ।

ଜଣେ ଭୃତ୍ୟ—(ଫେରିଆସି) ନା, ବହୁ ସ୍ଥାନ, ଅନେକ ପଥ ମଧ୍ୟ ଚଲୁ କିନ୍ତୁ ସୌଦାଗରର କୌଣସି ସନ୍ଧାନ ପାଇଲୁ ନାହିଁ ।

ଦୁର୍ଯ୍ୟୋଧନ—ନା, ଫେରିଗଲା, ମୁଁ ଏଠାରେ ସୁଅଲ୍ପ ବିବାହ ଦେଉନାହିଁ । ନିଶ୍ଚୟ ଦ୍ୱାରକାବାସୀଙ୍କର ଏ ଷଡ଼ଯନ୍ତ୍ର ।

ଦୁଃଶାସନ—ନିଶ୍ଚୟ ଷଡ଼ଯନ୍ତ୍ର, ମୁଁ ଆଗରୁ ମନା କରୁଛି । ଚାଲ, ଏ ସ୍ଥାନରେ ଦଣ୍ଡେ ରହିବା ମଙ୍ଗଳ ନାହିଁ ।

(ସମସ୍ତେ ଯିବାକୁ ଉଦ୍ୟତ)

(ବଳରାମ ଓ ଶ୍ରୀକୃଷ୍ଣ ପ୍ରବେଶ)

ବଳରାମ—(ଅସ୍ଥିର ଭାବେ) କ'ଣ ହେଲା ବନ୍ଧୁ !

ଦୁର୍ଯ୍ୟୋଧନ—କେଣ ହୋଇଛି, ଜଣାଗଲା ଆପଣ-ମାନଙ୍କ ଭଦ୍ରତା ।

ବଳରାମ—କଣ ଭଦ୍ରତା କାହିଁକି ? ମୁଁ ତ କୌଣସି ବିଷୟରେ ତ୍ରୁଟି କରିନାହିଁ ।

ଦୁଃଶାସନ—ଆଉ କି ତ୍ରୁଟି ଘଟିଥାନ୍ତା ! ଦୁଇଟି ସୌଦାଗର ବେଶଧାରୀ ଯୁବକ ଆମ୍ଭର ପିଲା-ମାନଙ୍କୁ କେତେଗୁଡ଼ିଏ ପ୍ରଲୋଭନ ଜିନିଷମାନ ଦେଖାଇ ଲକ୍ଷେ ମୁଦ୍ରା ନେଇ ଅବଶେଷରେ ଗୁଡ଼ିଏ ଛିଣ୍ଡା କପଡ଼ା ଅଖା ଧରାଇଦେଇ ଯାଇଛନ୍ତି ଏ ଷଡ଼ଯନ୍ତ୍ର କାହାର !

ବଳରାମ—ଆପଣ ବିଶ୍ୱାସ କରନ୍ତୁ, ଆମେ ବା ଦ୍ୱାରକାବାସୀ କେହି ଏପରି କାର୍ଯ୍ୟ ଘଟାଇବା ସମ୍ଭବ ନୁହେଁ । ଅନ୍ୟ କାହାର ଏ ଷଡ଼ଯନ୍ତ୍ର ବା ଉଦାସୀନର ନାମ ଶ୍ରୀକୃଷ୍ଣ ! ଦେଖ ସେ ପାଣ୍ଡବ ଚଲ କାହିଁ ? ବାଘ ଘରେ ମିରିଗର ନାଟ । ଆଚ୍ଛା, ସେ କେଉଁଠିକାର ବୋଲି ପରିଚୟ ଦେଇଥିଲା ।

ଶକୁନି—ବନାରସ ବୋଲି କହିଥିଲା ।

ଶ୍ରୀକୃଷ୍ଣ—ତେବେ କେହି ଡକାଏତର କୃତ୍ୟ ଆପଣ-ମାନେ ଆମକୁ ନ ପଚାରି ଏପରି କରିବାଟା ଠିକ୍ ହୋଇନାହିଁ ।

ବଳରାମ—ସେ ଯାହାହେଉ, ମାନଗୋବିନ୍ଦ ମୁଁ କ୍ଷତି ପୂରଣ ଦେବାକୁ ପ୍ରସ୍ତୁତ ଆଉ ଉତ୍ତେଜିତ ହେବାର କାରଣ କିଛି ନାହିଁ । ବିବାହ କାର୍ଯ୍ୟରେ ନାନା ରକମ ଗଣ୍ଡଗୋଳ ଘଟିଥାଏ । ସେସବୁ ଆପଣା ଆପଣା ମଧ୍ୟରେ ମୀମାଂସା ହେବ । ନା ଚାଲନ୍ତୁ ଜଳଯୋଗକୁ ଯିବେ ।

ଦୁଃଶାସନ—ମୁଁ ଆଗରୁ ଏ ବିବାହ ପ୍ରସ୍ତାବକୁ ସମର୍ଥନ ଆଦୌ କରୁ ନ ଥିଲି ।

ବଳରାମ—(ହାତ ଧରି ଟାଣିନେଇ) ବନ୍ଧୁ ! ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ ।

ଶକୁନି—ଗୁଡ଼, ଗତସ୍ୟ ଶୋଚନା ନାସ୍ତି ।

(ସମସ୍ତେ ଚାଲିଗଲେ)

—✱—

## ତୃତୀୟ ଦୃଶ୍ୟ

## ପାର୍ଶ୍ୱ

(ବନୋଦଆ ମା ବାରିକଆଣୀ ପ୍ରବେଶ)

ବାରିକାଣୀ—(ମୁକୁଟ ଟୋକେଇ ଉପରେ କୁଲାରେ ଥାଏ) ଏ କି ହିଁଅ ଲୋ ମା ! ଆମେ ପଡ଼େଡ଼େ ହେଲ ପଞ୍ଚାଏ ମ ଇଚ୍ଛେ ଫାଟି ଫୁଟି ଗଲୁଣି ଘର ଭିତରୁ ହିଁକୁ ନାହାନ୍ତି କ ଚୂଳୁଁ ନାହାନ୍ତି । ଏଣେ ବଡ଼ ଠାକୁରଙ୍କର ବନୋଦଆ ମାଆ ଉପରେ ତୋଡ଼ ଯେ କହିଲେ ନ ସରେ । ତୁଆନା ପିଲା, କାଖେଇ କୁଣ୍ଢେଇ ନେଇଯିବିଟି ବଡ଼ ଘର ପାଇଲା ବଡ଼ ବର ପାଇଲା ଆଉ କେଉଁ କଥାକୁ ଚିନ୍ତା ମ ? ନାହିଁ ନାହିଁ ; ତେଲବଳଦରେ ଫାଟି ପଡ଼ୁଛନ୍ତି ସାଇଟା-ପକ ଏତେ ହିଁଅ ବାନା ହୋଇଗଲେ ଏପିଠି ତ କେଉଁ ହେଲେ ହୋଇ ନ ଥିଲେ ।

ଘନଶ୍ୟାମ—ହେ ବନୋଦଆ ମା ! ତୋତେ କଣ ଆସି ଲାଗିଲାଣି କ ? ହଉ ମହୁଲ ଯିବାକୁ ପଡ଼େଡ଼େ

କେହିଲ ବାହା ନୁହୁ ଦାଣ୍ଡରେ ଥାଟ ପଟାଳ ମଣିଷ ବାଜାବାଲା ବଜାଇ ବଜାଇ ଥକି ଗଲେଣି ।

ବାଉକାଣୀ — ମଲୁ ଆଣ୍ଡୁଆ ମିଣିପିଠା, ଝିଅ ତ ଘରୁ ବାହାରିଲେ ମୁଁ ନେଇଯିବି, ନା ମୁଁ ଏକା ଏକା ବରଁ ମଙ୍ଗୁଳିବାକୁ ଯିବି !

ଘନଆ — ତେଣେ ସେ ସମସ୍ତେ ଜଗୁଛନ୍ତି ବାଉକାଣୀର ଦେଖୁ !

ବାଉକାଣୀ — ମୋତେ ତ ଅପରଣିଆ ଦେଖାଲେ । ରାତି ପାହନ୍ତେ ଆସି ଦିନ ପାହନ୍ତେ ହେଲାଣି । ମୁଁ ତ ଫାଟିଫୁଟି ଗଲିଣି ।

ନାରଦ — (ପ୍ରବେଶି) ହରିବୋଲ ! ହରିବୋଲ ! କ'ଣ ଏମିତି ଭଟ ଭଟ୍ ଲଗାଇଛ ? କେହିଲା କଣ ?

ବାଉକାଣୀ — ଦେଖିବଟି ବାବାଜି ! ଝିଅ ତ ଘରୁ ଗୋଡ଼ କାଢ଼ୁନାହିଁ ମୁଁ ବରଁ ମଙ୍ଗୁଳି ନେବି କେମିତି ? ଏ ମରଦଟା କିଛି ନ ବୁଝି ମୋ ଉପରକୁ ତାନ ବଢାଉଛି ।

ନାରଦ — ଆଚ୍ଛା ବାଉକ ! ତୁ ଏଠୁ ଯା ( ବାଉକ ପ୍ରସ୍ଥାନ ) ହେ ବାଉକାଣି ! ଝିଅକୁ ବୋଧହୁଏ କିଏ କମିଆ କରିଦେଇଛି ।

ବାଉକାଣୀ — ହଁ, ଆମର ଏଠିକା ଗୁଣୀ ଗାରଡ଼ି କମ୍ ଜାଣନ୍ତି ନାହିଁ, ଝିଅକୁ କିଏ ମିଙ୍କାଡ଼ି ଦେଇଛି । ବାବାଜି ! ବହୁତ ଜଡ଼ିବୁଟି ଜାଣ, ଟିକିଏ ଭଲ ଦେଖ !

ନାରଦ — ଆମେ ଦେଖିବୁ କଣ ? ତୁ ନେ ଏ ଜନିଷ ଝିଅକୁ ଏକଲା ଡାକି ଦେଇଦେବୁ ! ତୋର ସାଙ୍ଗେ ସାଙ୍ଗେ ବାହାରି ଆସିବ । ଏଥିରେ ଟିକିଏ ମାତ୍ର ଭୁଲ ନାହିଁ । କିନ୍ତୁ ସାବଧାନ ଅନ୍ୟ କାହାକୁ ଏ କଥା କହିବୁ ନାହିଁ ।

ବାଉକାଣୀ — ଅଚ୍ଛା, ବାବାଜି ! ତୁମ ଗୁଣ ସୁଝୁଣ୍ଡ ନେଇ, ଯାଏଁ ।

( ପ୍ରସ୍ଥାନ )

ନାରଦ — ଗୀତ

ମାନଭଞ୍ଜ ଛୁଡ଼ି ତୋ ମନରୁ ମାନ ।

ତୋତେ ନେବାପାଇଁ ଅଛି ପଥ ଘୃଣିଁ
ସେ ତ ଛଉକା ଛଞ୍ଚାଣ ।୧।

ଯିଏଟି ଯାହାର ବଧିର ଭିଆଣ
ତାକୁ କେ କରିବ ଆନ,
ମର୍କଟ ମାଳା କି ମର୍କଟ ଲଭିବ
ଏ ଯେ ବୃଥା ଅସ୍ଥାଳନ ।୧।
ମାନଧାତା ବୋଲି ହେଉ ନାଲୁଛିଲି
କ୍ଷଣକେ ଯିବ ତୋ ମାନ,
ଜଟିଆ ଫକର ଯା କରେ ଫିକର
( ତୁଅ ) ହେଗିବାକୁ ସାବଧାନ ।୨।

( ପ୍ରସ୍ଥାନ )

—*—

## ଚତୁର୍ଥ ଦୃଶ୍ୟ

## ଶଶୀରେଖାର ହରଣ

( ଅଭିମନ୍ୟୁ ଓ ଶଶୀରେଖା ପ୍ରବେଶ )

( ଶଶୀରେଖା ଭୟାତୁର ହେଲା ପରି ଜଣା ଯାଉଥାଏ )

ଅଭିମନ୍ୟୁ — ଭୟର କାରଣ କିଛି ନାହିଁ । ତୁମେ ସ୍ଥିର ହୁଅ ଭାବୁଛ ଏଠାରୁ କିଏ ତୁମ୍ଭଙ୍କୁ ଛଡ଼ାଇ ନେବାର ଆଶଙ୍କା ଅଛି ? ତା ଅସମ୍ଭବ । ପୂର୍ବ ଗ୍ରହୁ ପଶ୍ଚିମରେ ଯଦି ଉଦୟ ହୁଅନ୍ତି, ତେବେ ସୁଦ୍ଧା ତୁମ୍ଭଙ୍କୁ ସ୍ପର୍ଶ କରିବାର କାହାର ସାଧ୍ୟ ନାହିଁ ।

ଶଶୀରେଖା — ସେ କିଏ, ଯେ ମୋର ବେଶ ଧାରଣ କରି ଗଲେ ।

ଅଭିମନ୍ୟୁ — ସେ ମୋର ଜ୍ୟେଷ୍ଠ ତାତ ଭୀମଙ୍କ ପୁତ୍ର ଘଟୋତ୍କଚ । ତାଙ୍କର ସାହାଯ୍ୟ ମୁଁ ନ ପାଇଥିଲେ ତୁମ୍ଭଙ୍କୁ ଲାଭ କରିବା ବଡ଼ ଦୁସ୍ତର ହୋଇ ପଡ଼ିଥାନ୍ତା ।

ଶଶୀରେଖା — ସେ ସେସ୍ଥାନରୁ ଆସିବେ କପରି !

ଅଭିମନ୍ୟୁ — ସେ ମହା ଯତୀ, ବଡ଼ ମାୟାବୀ । ସେ ଇଚ୍ଛା କଲେ କୁରୁଦଳଙ୍କ ଏକ ମୁହୂର୍ତ୍ତକେ ପଦ-ଦଳିତ କରି ପାରିବେ । ବିବାହ ମଣ୍ଡପରେ ତାହାଙ୍କ ଘଟିବା ବିପଦ ନୁହେଁ ।

ଶଶୀରେଖା — ତାଙ୍କୁ କେବେ ହେଲେ ତ ମୁଁ ଦେଖି ନ ଥିଲି ।

ଅଭିମନ୍ୟୁ — ମୁଁ ମଧ୍ୟ କେବେ ହେଲେ ଦେଖି ନ ଥିଲି । ଏଇ ଆସିବା ପଥରେ ତାଙ୍କର ଭେଟ ହେଲା । ସେ ଅନେକ କଥା, ପରେ ଶୁଣିବ । ଚାଲ ରଥ ଉପରେ ଶୂନ୍ୟ ମାର୍ଗରେ ରଣ୍ଡ ଭାଇଙ୍କୁ ପ୍ରତୀକ୍ଷା କରିବା । ଏ ସ୍ଥାନ ସେପରି ନିରାପଦ ନୁହେଁ ।

ଶଶୀରେଖା — ପିତାଙ୍କ ସାକ୍ଷାତ ଆଉ କଣ ହେବ ନାହିଁ ।

ଅଭିମନ୍ୟୁ — ନିଶ୍ଚୟ ହେବ । ମା' ବର୍ତ୍ତମାନ ହିଡ଼ିମ୍ବିକି ବନରେ ସେଠି ଯାଇ ଘଟୋତ୍କଚଙ୍କ ବାସଭବନରେ । ଚାଲ, ରଥ ଉପରକୁ ଚାଲ ।

( ଉଭୟଙ୍କ ପ୍ରସ୍ଥାନ )

—*—

## ପଞ୍ଚମ ଦୃଶ୍ୟ

## ବିବାହ ବେଦୀ

(ବିବାହର ବାଦ୍ୟ ବାଜୁଥିଲା, ବରପକ୍ଷ ଓ କନ୍ୟାପକ୍ଷ ସମସ୍ତେ ବେଦୀ ଚାରି ପଟେ ଘେରି ବସିଥିଲେ ବ୍ରାହ୍ମଣ ବେଦ ଉଚ୍ଚାରଣ କରୁଥିଲେ ।)

ବ୍ରାହ୍ମଣ—ହେ ବାଳକ ! ଯା ବରକୁ ବେଦୀ ଉପରକୁ ଆଣ ।

( ବର ଅଞ୍ଚଳ ସେନ ବେଦିରେ ପ୍ରବେଶ ଓ ଉପବେଶନ )

ବ୍ରାହ୍ମଣ— ହେ ବାଳକ ! କନ୍ୟାକୁ ଆଣ ।

( କନ୍ୟା ମଧ୍ୟ ଆସି ବେଦୀରେ ବସିଲା ) ବରକନ୍ୟାଙ୍କ ମୁଣ୍ଡରେ ମୁକୁଟ ବନ୍ଧାଗଲା । ତା ମଧ୍ୟେ ମଧ୍ୟେ ଘଟୋତ୍କଚ ବିକୃତ ମୁଖ ଓ ନାନାପ୍ରକାର ରୂପ ଲକ୍ଷଣ କୁମରକୁ ଦେଖାଉଥାଏ । ଲକ୍ଷଣକୁମର ଭୟ ବିହ୍ୱଳ ହେଉଥାଏ । ଶକୁନି ଇତ୍ୟାଦି ଲକ୍ଷଣାକୁ ତାଗଦା କରୁଥାନ୍ତି । ଅବଶେଷରେ ହାତଗଣ୍ଠି ପଡ଼ିଲା ବେଳେ ଲକ୍ଷଣ ନିତାନ୍ତ ନାରାଜ ହେଲା । ବର ତରଫ ଲୋକ ଲକ୍ଷଣକୁ ଆଖି ଦେଖାଉଥାନ୍ତି । ହାତଗଣ୍ଠି ପଡ଼ିଲା ବେଳେ ଘଟୋତ୍କଚ ଏପରି ଜୋରରେ ଲକ୍ଷଣ ହାତଧରିଲା, ଲକ୍ଷଣ ଚିତ୍କାର କରି ଉଠିଲା । ବାଦ୍ୟକର ପୁନଶ୍ଚ ହାତ ଧରାଇବାକୁ ସେମାନଙ୍କ ଚିପିଦେବାକୁ ପାଟିକରି ମରିଗଲି ମରିଗଲି ଡାକିଲା ।

( ସମସ୍ତେ ଏ କଣ, ଏ କଣ, କହିଲେ )

( ଏହି ସମୟେ ଘଟୋତ୍କଚ ନିଜ ରୂପଧରି ସମସ୍ତଙ୍କୁ ଧକଲାଧକଲି କରି )

ଦୁର୍ଯ୍ୟୋଧନ— କିଏ ପାଷାଣ୍ଡ ! ମାର ମାର, ଘେରି ମାର ସବେ ।

( ଘଟୋତ୍କଚ ସଙ୍ଗେ ସମସ୍ତେ ଲଢ଼ିଗଲେ, ସମସ୍ତଙ୍କୁ ପରାସ୍ତ କରି ଘଟୋତ୍କଚ ଚାଲିଗଲା । )

ଦୁର୍ଯ୍ୟୋଧନ—ଆମ୍ଭମାନଙ୍କୁ ଅପମାନିତ କରିବାଲାଗି ଏଠାକୁ ଆଣିଥିଲେ କିନ୍ତୁ ଫଳାଫଳ ଭଲ ନୁହେଁ ।

ବଳରାମ—ଶ୍ରୀକୃଷ୍ଣ ! କିଏ ଏପରି ପାଷାଣ୍ଡ ମାୟାକରି ଏ ବିବାହରେ ବିଭ୍ରାଟ ଲଗାଇଲା ? ଆଜ ପ୍ରଳୟ ହେଉ, ସୃଷ୍ଟି ରସାତଳକୁ ଯାଉ, ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନପୁରରେ ପାଷାଣ୍ଡର ସ୍ଥାନ ନାହିଁ ।

ଦୁଃଶାସନ - ମୁଁ ଆଗୁଁ କହୁଛି, ହୀନକୁଳରେ କନ୍ୟା ସ୍ଥାପନ କରିବାରେ ଏ ହୀନ ବ୍ୟବହାର । ଆଉ ମଧ୍ୟ ସତର୍କ କରାଇ ଦେଉଛି ଯଦୁକୁଳ ଆମ୍ଭମାନଙ୍କର ଚିର ବିଷ, ଅପମାନ ବନ୍ଧୁତାର ପରିଣାମ ଭୋଗ କରନ୍ତୁ ।

ଜଣେ ଚର—(ପ୍ରବେଶି) ଏଣ୍ଡି ଯେ ଶୂନ୍ୟମାର୍ଗରେ କିଏ ରଥ ବାହି ନେଉଛି । ସେ ରଥରେ ଦୁଇଜଣ ପୁରୁଷ ଓ ଜଣେ ନାରୀ ।

ଦୁର୍ଯ୍ୟୋଧନ—ଦେଖ ! ସେ ପାଷାଣ୍ଡ କିଏ ?

ବଳରାମ - ଦେଖ ! ପାଷାଣ୍ଡକୁ ଉଚିତ ଶାସ୍ତି ନ ଦେବା ପର୍ଯ୍ୟନ୍ତ ମୋର ଦ୍ୱାରକା ଫେରିବା ଅସମ୍ଭବ ।

( ଯିବା ସମୟେ )

ଅନ୍ୟ ଜଣେ ଚର—ସେ ରଥରେ ଶଶୀରେଖା ଓ ଅଭିମନ୍ୟୁ, ଅନ୍ୟ ଜଣେ କିଏ ମୁଁ ଚିହ୍ନି ପାରିଲି ନାହିଁ ।

ଦୁର୍ଯ୍ୟୋଧନ— ଜଣାଗଲା (ପାଣ୍ଡବମାନଙ୍କର ଏ ଷଡ଼ଯନ୍ତ୍ର ।

ଶକୁନି—ମୁଁ ସେଥିପାଇଁ ତାଙ୍କୁ ନିମନ୍ତ୍ରଣରେ ଆଣିବାକୁ ବାଧା କରୁଥିଲି, ତା'ର ଫଳାଫଳ ଏହି ।

ବଳରାମ—ପାଣ୍ଡବେ ! ଆଜି ପାଣ୍ଡବ କରିବ ମୁଁ ଶୂନ୍ୟ ।

ଦୁର୍ଯ୍ୟୋଧନ—ଅଭିମନ୍ୟୁ ! ଆଜି କୁରୁ ବୀରମାନଙ୍କୁ ଯେଉଁ ଅପମାନ ଦେଉଛୁ, ତାର ପ୍ରତିଶୋଧ ଏହି ମଧ୍ୟରେ ହେବ । ଚାଲ, ଫେରି ଚାଲ ।

( କୌରବମାନେ ଚାଲିଗଲେ )

ବଳରାମ—ଶ୍ରୀକୃଷ୍ଣ ! ଏତେ ଅପମାନ ମୁଁ ସହ୍ୟକରି ପାରୁ ନାହିଁ । ଏ ଷଡ଼ଯନ୍ତ୍ର କାହା ହାତ ।

ଶ୍ରୀକୃଷ୍ଣ—ଆପଣ ଜାଣନ୍ତି, କୁରୁପାଣ୍ଡବଙ୍କ ମଧ୍ୟରେ ଘୋର ଶତ୍ରୁତା । ଆପଣ ମଧ୍ୟ ପାଣ୍ଡବମାନଙ୍କୁ ନିମନ୍ତ୍ରଣ ନ କରିବାଟା ଅନ୍ୟାୟ । ସେହି ଆକ୍ରୋଶରେ ଏପରି ଘଟିଥିବା ବିଚିତ୍ର ନୁହେଁ । ମୋଟ ଉପରେ ଯାହା ହେଉ, ଆମ କନ୍ୟା, ତା ବ୍ୟବହାର ସଂପୃକ୍ତ । ଆପଣ ନିଜର ଜୋର କରୁଛ ଦେଉଥାନ୍ତି କିନ୍ତୁ ଶଶୀରେଖାର ଯୋଗ୍ୟ ପାତ୍ର ଅଭିମନ୍ୟୁ ।

ବଳରାମ—ଯେବେ ଏପରି ଥିଲା, କୌରବମାନଙ୍କୁ ଅପମାନିତ କରିବା ଉଚିତ ନ ଥିଲା ।

ଶ୍ରୀକୃଷ୍ଣ—ଅପମାନ ସେମାନେ ନିଜେ ନିଜେ କଲେ । ସେମାନଙ୍କର ଉଗ୍ର ସ୍ୱଭାବ ତାଙ୍କୁ ଅପଦସ୍ଥ କରିଛି । ପ୍ରଥମେ ଯେତେବେଳେ ହଠାତ୍ ଦୁର୍ଯ୍ୟୋଧନ ସେମାନଙ୍କୁ ନେଇ ଚାଲିଆସିଲ ମୁଁ ସେହିଦିନଠାରୁ ବୁଝିଛି ସେମାନେ ଆମ୍ଭଙ୍କୁ ନଗଣ୍ୟ ହେୟଜ୍ଞାନ କରି ଆମ୍ଭର କୁଟୁମ୍ବ ହେବେ ଭଲେ । ଅବଶେଷରେ ତାର ପରିଣାମ ସେ ହେଉଛନ୍ତି ନାହିଁ ତ ଆଉ କଏ ଭୋଗିବ । ଦ୍ୱିତୀୟରୁ ଆପଣ ଜାଣୁ ଦେଉଛନ୍ତି ଯାହା କିନ୍ତୁ କାହିଁ ତ ଦେଖନାହୁଁ ? ଆପଣ ଲକ୍ଷଣ କୁମାରକୁ ଦେଖିଲେ ତ ସେ କେଉଁ ଗୁଣରେ ଶଶୀରେଖାର ଉପଯୁକ୍ତ ପାତ୍ର ?

ବଳରାମ—ଶଶୀରେଖା ବଡ଼ କାନ୍ଦୁଥିଲା ରେବତୀ ସେ ଅସ୍ଥିର ହେଉଥିବେ ।

ଶ୍ରୀକୃଷ୍ଣ—ହଁ ନିଶ୍ଚୟ, ବୁଝାଇଦେବ । ଶଶୀରେଖା ତାର ଉପଯୁକ୍ତ ସ୍ଥାନ ପାଇଛି, ମନ ଦେଇ ପୁଣି ମଙ୍ଗଳ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ !

———

## ଷଷ୍ଠ ଦୃଶ୍ୟ

## ପାର୍ଶ

[ ଅଗାଧୁ ପଣ୍ଡିତ ଓ ଛଦ୍ମବେଶୀ ବ୍ରାହ୍ମଣ ଯୁବକ କନ୍ୟାବେଶରେ ]

ଅଗାଧୁ—ମୁଁ ତୁମକୁ ପାଇବା ଟିକେ ମାତ୍ର ଆଶା କରି ନ ଥିଲି । ତୁମ ଗ୍ରାମର ଯୁବକ ସବୁ ମୋ ବିରୁଦ୍ଧରେ ବଗବର ଲାଗିଲେ । ବାବୁ ଟଙ୍କା, ସବୁ କରେ ମୁହଁ ବଙ୍କା, ପୁଲଏ ସେମିତି ଧମକଦେଉଛି ସବୁ ଚୁପ୍‌ଚାପ୍ । ଆସୁନା ମୋ ପାଖକୁ ଆସ । ଏ ଘର ସଂସାର ସବୁ ତୁମର, ନିଅ ଏ ଚାବି ତଲା ଧରୁ ରଖ ଦେଖ ! ଏ ସବୁ ଯେ ବାକ୍‌ସ ରଖାଯାଇଛି, ସବୁଥିରେ ଟଙ୍କା ସୁନା ଭରପୂର । ତୁମର ଯାହା ଇଚ୍ଛା ତା ଖର୍ଚ୍ଚ କରିବ । ଖାଲି ମୋତେ ହୃଷ୍ଟାବଷ୍ଟା ଦେଉଥିବ, ଆସ ମୋ ପାଖକୁ ଆସ ।

ଛଦ୍ମବେଶୀ—ମୋତେ ଛୁଇଁବେ ନାହିଁ ।

ଅଗାଧୁ—କାହିଁକି ? କାହିଁକି ?

ଛଦ୍ମବେଶୀ—ମୋର ଅଙ୍ଗ ଅଶୁର୍ଦ୍ଧ ହୋଇଛି ।

ଅଗାଧୁ—ମଲା ! ମଲା ! ତୁମେ ସେଇଠି ଅଲଗା ବିଛଣା କରି ଶୁଅ, ମୁଁ ଏଇ ଖଟିଆରେ ପଡ଼ୁଛି ।

ଛଦ୍ମବେଶୀ—ଗୋଟିଏ ଘରେ ଶୋଇବା ଅବଧି ।

ଅଗାଧୁ—କିଛି ଚିନ୍ତା ନାହିଁ । ମୁଁ ବାହାର ମେଲାରେ ଶୋଉଛି, ତୁମେ କବାଟ ବନ୍ଦକରି ଏ ଘରେ ଶୁଅ । ମୋର ଧନ ରତ୍ନ ସବୁ ଏ ଘରେ ହୁସିଆର । ବାହାରକୁ ଉଠିଲେ ମୋତେ ଡାକବ, ନଚେତ୍ କୁଣ୍ଡ ଶୁଣାଇବ । ( ପ୍ରସ୍ଥାନୋଦ୍ୟତ ପୁଣି ଫେରଆସି) ହଁ, ଭସ୍ମର କଥିବ ନାହିଁ ।

ଛଦ୍ମବେଶୀ—ନାଁ, ନାଁ, ଭୟ କଣ ?

ଅଗାଧୁ—ଯାହା ହେଉ ମନ ଜାଣି ପିଲାଟାଏ ଏକା ପାଇଲି । ଏ ଶାସନଟାଯାକ ମୋତେ ହଟହଟା କଲେଣି ? ଆରେ ଧନଥିଲେ ବଳେ ବଳେ କନ୍ୟା ଗୁଞ୍ଜିଦେଇ ଯିବେ । ଯାଉଁ ରାତି ବ ବେଶି ହୋଇଗଲାଣି । (ପ୍ରସ୍ଥାନ)

ଛଦ୍ମବେଶୀ—(ଖାତ୍ରୀ ଖୋଲି) ଯେଉଁ ଧନ ବଳରେ ତୁ ଧରାକୁ ଶରା ମନେ କରୁଛୁ ଯେଉଁ ଦୁଃଖି ଦରିଦ୍ରଙ୍କ ତଣ୍ଡି ଚପା ଧନରେ ବଳୀୟାନ ହୋଇଛୁ, ତାର ସଦ୍‌ବ୍ୟବହାର ଏହି ଯୁବକମାନଙ୍କ ହସ୍ତରେ । ଦେଖେଁ କେଉଁଠାରେ କେତେ ଧନରତ୍ନ ଅଛି ।

(ସବୁ ବାକ୍‌ସ ଖୋଲି ଟଙ୍କାପଇସା ଧନରତ୍ନ ନେଇ ଚମ୍ପଟ ଦେଲେ )

ଅଗାଧୁ—( ଧୀରେ ଧୀରେ ପ୍ରବେଶି ) ଭୁଆସୁଣୀ ବୋହୂଟା, ଏକୁଟିଆ ଶୋଇଲା, ଭୟ କରୁଥିବ । ହେଲେବେ ଧନ୍ୟ ତା ସାହସ । ଯଦି ଗୀଇ କରି ରହେ, ଏଇ ଏକା ଘରକରଣୀ କରିବ । (ଦୂରରୁ ଦେଖି) ମଲି ମଲି କବାଟଟା କଣ ଠିଆ ହେଲା ? କଣ ବାହାରକୁ ଯାଇଛି ? ମୋତେ ନ ଡାକି ତୁମେ ଭୁଆସୁଣୀ ନୂଆବୋହୂ ଲୋକ ଏକୁଟିଆ ପଦାକୁ ବାହାରୁଥିଲ କାହିଁକି ? ନଇହେ ! ଆସୁଛ ? (ଟିକିଏ ଦୂରକୁ ଯାଇ) ଏ କଣ ? ସର୍ବନାଶ ଧାନ ଘରଟାରେ କଣ ନିଆଁ ଲାଗିଯାଇଛି ଗଲି ଗଲି ସବୁତ ଗଲା, ଆରେ ନିଆଁ ତ ଅଇଛିକା ମାଡ଼ ଆସିବ । ତୁମେ ଗଲ କୁଆଡ଼େ ? ଏ ଘରୁ ବାକ୍‌ସ ପୀକ୍‌ସଗୁଡ଼ାକ ବାହାରକୁ ନେଇଆସ (ଯାଇ ଦେଖିଲା) ବାକ୍‌ସ କଣ ସବୁ ହେଲା, ସବୁ ଭଙ୍ଗା ହୋଇଛି । କିରେ ଇଏ ମୋତେ କିଏ କଲା ? ଧନଦରବ ଟଙ୍କା ସୁନା ସବୁ ବୋହିନେଲା । ଧାନ ଅମାରରେ ନିଆଁ ଲଗାଇ ମୋତେ ଦାଣ୍ଡର ଫକିର କରି ଛାଡ଼ିଦେଲା । ଯାଉଛି, ସେଇ ନିଆଁକୁ ଡେଇଁ ପଡ଼ିବ । (ପ୍ରସ୍ଥାନ)

ନେପଥ୍ୟ— ଗୀତ

ଯାକୁ ଅସତ ଧନ ଫଳେ ବହୁତ
ଗଲାବେଳେ ଯାଏ ମୂଳ ସହିତ । ଘୋ ।
କେତେ ଦୁଃଖୀ ଦରିଦ୍ରଙ୍କ ତଣ୍ଡି
ଚିପି ଧନ କରିଥିଲୁ ପାଣ୍ଠି ।
ଆଶା କରିଥିଲୁ ନଜେ ଭୋଗିବାକୁ
ଖଣକରେ ସବୁ ହେଲା ଛାପତ । ୧ ।
ଧନ ଦଉଲତ ନୁହେଁଟି ଚିର
ଚିର ନୁହେଁ ଏ ଯେ ଜୀବନ ତୋର ।
ପାଣି ଫୋଟକାଟି ତୋ ଜୀବନ ନାଟୀ ।
ମାଟିକି ଯିବ ଏ ମାଟିର ଘଟ ।

---

## ସପ୍ତମ ଦୃଶ୍ୟ
## ବିବାହ ବେଦୀ

(ଅଭିମନ୍ୟୁ ଓ ଶଶୀରେଖାକୁ ବସାଇଲେ, ବାଦ୍ୟନାଦ୍ୟ ହୁଳହୁଳି ପଡ଼ିଲା)

ସୁଭଦ୍ରା—( ବଳରାମଙ୍କୁ ଧରିଆଣି ) ଭାଇ ! ତୁମେ କ୍ଷମାର ସାଗର, ମୁଁ ଭଉଣୀଟାଏ ତ ! ସେ ସବୁ ଅପରାଧ ମୋର ।

ଶ୍ରୀକୃଷ୍ଣ—( ପ୍ରବେଶ ) (ଶଶୀରେଖା ଓ ଅଭିମନ୍ୟୁ ପଦବନ୍ଦନ କରିବା ) ( ଘଟୋତ୍କଚକୁ ଦେଖାଇ ) ଭାଇ ! ଏ ଯେ ଘଟୋତ୍କଚ, ଭୀମଙ୍କ ପୁତ୍ର । ବୀର ! ଧନ୍ୟ ତୋର ସାହସ । ଆଶୀର୍ବାଦ କରେ ସର୍ବଦା ଜୟଯୁକ୍ତ ହୁଅ ।

ନାରଦ—(ପ୍ରବେଶି) ହରିବୋଲ ! ହରିବୋଲ ! ବଭାଘର ଏଠି, ଆମେ ଦ୍ୱାରକା ରାଜଭବନ ଯାକ ଘଣ୍ଟିବୁଲୁଛୁ । ସେଇ କଥା ହେଲା, ପ୍ରଥମେ ଆମ କଥାଟା ବଡ଼ବାପା ଉଡ଼େଇ ଦେଲେ ।

ବଳରାମ—ଦେବର୍ଷେ ! ଏ ସବୁ ନଟବରଙ୍କ ସବୁ ଷଡ଼ଯନ୍ତ୍ର ତୁମରିଦ୍ୱାରା ।

ନାରଦ—ଦୋଷୀ ପଛେ ହେବି । କିନ୍ତୁ ଆମ ଶଶୀରେଖାର ଉପଯୁକ୍ତ ବର ଲାଭ ହୋଇଛି ଏଥିରେ ଆମେ କେତେ ଖୁସି ।

(ପୁରାଙ୍ଗନାମାନଙ୍କ ଗୀତ)

ଘଟିଛି ଏ ଶୁଭ ମିଳନ, ଦେଇ ହୁଳହୁଳି ଆସି
ବନ୍ଦାଅ ଗୋ ଜଣେ ଜଣ । ପଦ ।
ଜେମା ଲାଗି ଏ ଯୋଗ୍ୟ ବର
ବ୍ରହ୍ମ କାହିଁ ଗଢ଼ି ରଖିଥିଲି ସୁନ୍ଦର ।
ଇନ୍ଦ୍ରପାଶେ ଇନ୍ଦ୍ରାଣୀ ସ୍ୱର୍ଗୀୟ ସୁଷମା ଭଳି
ଧନ୍ୟ ବିଶ୍ୱସ୍ରଷ୍ଟା ତୁମ୍ଭ ମହିମା ଧନ୍ୟ । ୧ ।

# ଖାଣ୍ଡବ ଦହନ

ବା

ନବଗୁଞ୍ଜର ବେଶ

# ଖାଣ୍ଡବ ଦହନ

ବା

## ନବଗୁଞ୍ଜର ଦର୍ଶନ

### ପ୍ରଥମ ଅଙ୍କ

#### ପ୍ରଥମ ଦୃଶ୍ୟ

**ସଭାଗୃହ**

(ଅଗ୍ନି ଓ ଦେବତାଗଣ)

ଅଗ୍ନି—ଦେବବୃନ୍ଦ ! କେହି ମୋର ଦୁଃଖ ନ ଶୁଣିଲ ଯେବେ ନିଶ୍ଚିନ୍ତେ ବସିଲ ସର୍ବେ ବାଦବାଦ କରି ଜଣାଗଲା ବଞ୍ଚିବାରେ ନାହିଁ ଆଉ ପ୍ରୟୋଜନ କିଛି । ତେବେ ଯାଉଛି ମୁଁ ଏ ମୁହୂର୍ତ୍ତେ ଆତ୍ମହତ୍ୟା କରିବା ନିମନ୍ତେ । ଶେଷ ଦେଖା ଏହି ମାତ୍ର ମୋର ।

ଦେବଗଣ—ଶାନ୍ତ ହୁଅ ବୈଶ୍ୱାନର ! ଏ ଅନର୍ଥ କାର୍ଯ୍ୟ କରିବାକୁ ବଳାଇଛ ମନ । ତୁମ୍ଭର କି ଦୁଃଖ, ପ୍ରକାଶ କର । ଆମ୍ଭେ ଯଥା ପରେନାସ୍ତି ଚେଷ୍ଟା କରିବୁ ।

ଅଗ୍ନି— ଗୀତ

(ସ୍ୱପନେ ଯା ଦେଖିଲି—ଢଙ୍ଗେ)

ହେ ଦେବବୃନ୍ଦ !
ହଜୁ ଯେନ ଫାଟିଲା ମୋ ହୃଦ ।
ଟୁଟିଲା ମୋ ଆଶା ଭର୍ଷା ଗଲା ଆମର ସମ୍ପଦ
। ଘୋଷା ।

ଦେବବୃନ୍ଦ ! ମୋର ଯେତେକ ଧନ ପୂର୍ବ ଭୋଗ କରିବାକୁ ଥିଲା ସେତେଦିନ ହୋଇଗଲାଣି । ଏଣିକି ତୁମ୍ଭମାନଙ୍କ ସ୍ନେହକୁ ତୁମ୍ଭେମାନେ ବଞ୍ଚିତ କର ।

ଦେବଗଣ—କିପରି ?

ଅଗ୍ନି— ଗୀତ

ଦେବେ କହିଲ ନିର୍ଦ୍ଦୟା ଉଡ଼ିଯାଉଛି ମୋ ସ୍ୱାହା
କାହା ଆଗେ କହିବି ମୋ ଖେଦ । ୧ ।

ତୁମ୍ଭେମାନେ ତ ମୋର ଦୁଃଖ ଶୁଣିଲ ନାହିଁ, ଆଉ କିଣ ତେବେ ମର୍ତ୍ତ୍ୟବାସୀଙ୍କଦ୍ୱାରା ଦୁର୍ଦ୍ଦଶା ମୋଚନ ହେବ ?

ଦେବଗଣ—ଅଗ୍ନି ! ତୁମ୍ଭକୁ କୌଣସି ବ୍ୟାଧି ଆକ୍ରମିଲା ପରି ତୁମ୍ଭ ରୂପରୁ ଅନୁମାନ । କେବେ କି ବ୍ୟାଧି, ତାହା ପୁଣି କି ଦୋଷରୁ ହେଲା ତାହା ତ ଜାଣୁ ନାହିଁ ।

ଅଗ୍ନି— ଗୀତ

ଶ୍ୱେତକିଜ ଯଜ୍ଞ କାଳେ ହବିଃ ଭକ୍ଷି ଅବହେଳେ
ବଳେ ବ୍ୟାଧି ବଳାଇଲା ପଥ । ୨ ।

ଅମରଗଣ ! ଶ୍ୱେତକୀ ଯଜ୍ଞରେ ହସ୍ତୀ ଶୁଣ୍ଢ ପ୍ରମାଣେ ଘୃତ ଆହୁତି ଦେଲା । ମୁଁ କେଉଁରେ ହବିଃଶେଷ ସ୍ୱାହାଏ ଗ୍ରାସ କରିବାରୁ ଏ ଦଶା ଲଭୁଛି ।

ଗୀତ

କହ କି କରି ଉପାୟ ତୁଟିବ ଏ ବ୍ୟାଧି ଭୟ
ବାଳକୃଷ୍ଣ ଭଣିଲେ ଏ ପଦ । ୩ ।

କହ ଦେବେ ! ନାହିଁ ଆଉ ଅବସର ମୋତେ, ଜଣାଯାଏ ପ୍ରାଣ ବାୟୁ ଉଡ଼ିଗଲା ପରି । ନ ସହେ ଏ କଠୋର ଯନ୍ତ୍ରଣା, ମୃତ୍ୟୁ ବରଂ ଅଟେ ଶ୍ରେୟସ୍କର ।

ଦେବଗଣ—ଧନ୍ୱନ୍ତରି ! କହନ୍ତୁ, ଜାଣନ୍ତି ଯେବେ କିଛି ଏଥି ପ୍ରତିକାର ।

ଧନ୍ୱନ୍ତରି — ଅମରବୃନ୍ଦ ! କି କହିବି ଏ ବ୍ୟାଧିର ଗୁଣ ।
ନାମ ଯାର ଲୁ ଦୁବୁଦୁ ବ୍ୟାଧି । ନ କ୍ଷମିବ ଏହା
ଅମର ଔଷଧି ବଳୁ; କିନ୍ତୁ ଅଛି ତାହା ଇନ୍ଦ୍ର
ଅକ୍ତିଆରେ ।

ଅଗ୍ନି — ତେବେ ଯାଉଛି ମାଗିବି ମୁଁ ଇନ୍ଦ୍ରେ ?

ଧନ୍ୱନ୍ତରି — ନା, ସେ ଔଷଧି ଅଛି ଗୁପ୍ତ ଭାବେ । ଯଦି
କୋନୋପାୟେ ଦହିବ ଖାଣ୍ଡବ, ତେବେ ତବ
ବ୍ୟାଧି ନଷ୍ଟ ହୋଇବ ଆରୋଗ୍ୟ ।

ଦେବଗଣ — ଅସମ୍ଭବ ! କହୁଛ କିପରି, ଅଗ୍ନି ପକ୍ଷେ
ଦହିବା ଖାଣ୍ଡବ ଜ୍ୱନଲ ସମ୍ଭବ ।

ଅଗ୍ନି — କେ ତେବେ ହେବ ସାହାଯ୍ୟ ଏ ଦୁରୂହ
କାର୍ଯ୍ୟେ ମମ, କରନ୍ତୁ ପ୍ରକାଶ ।

ଦେବଗଣ — ଯାଅ ଏବେ ଦ୍ୱିଜବେଶେ ଅର୍ଜୁନ ସମୀପେ ।

ଗୀତ — ( ତାଳ କର୍ତ୍ତାଳ )

ବହ୍ନି ଯାଅ ବାରୁଣାନଗର ହେ ।
ଭ୍ରାନ୍ତ ହରିବ ଇନ୍ଦ୍ର କୁମର ହେ । ଘୋଷା ।
ତୁମ୍ଭେ ବର୍ତ୍ତମାନ ବାରୁଣାକୁ ଯାଅ, ଅର୍ଜୁନ ଦ୍ୱାରା
ତୁମ୍ଭ ଅଭିଳାଷ ପୂର୍ଣ୍ଣହେବ ।

ଅଗ୍ନି — କିପରି ?

ଦେବଗଣ — ଗୀତ

ଖାଣ୍ଡବ ଯେବେ ଦାହ, କରିବ ଧନଞ୍ଜୟ
( ତବ ) ଭୟ ହେବଟି ମନୁ ଦୂର ହେ । ୧ ।

ଖଳପାଣ୍ଡୁ ଅର୍ଜୁନରେ ବନବାସେ ନେଇ, ପଥେ
ସାଧିବଟି ସାହା ମାନସ ତୁମ୍ଭର ।

ଅଗ୍ନି — କିପରି ତାହିତ ହେବେ ଗୃହ ମଧ୍ୟ ପାର୍ଥ ?
ସବିଶେଷ କହ ବସ୍ତାରଣ ।

ଦେବଗଣ — ଗୀତ

ଦ୍ରୌପଦୀ ସଙ୍ଗେ ଧର୍ମ; ରମିଲୁ ନିଶି ଦିନ
ଭ୍ରାତରେ କଲୁ ଅବସ୍ଥର ହେ । ୨ ।

ଦ୍ରୌପଦୀଙ୍କ ସଙ୍ଗରେ ଧର୍ମ ସଦାବେଳେ ରତ
ହୋଇ ଅନ୍ୟ ଭ୍ରାତାମାନଙ୍କୁ ତାଙ୍କ ନିକଟେ ନ ଛାଡ଼ିବାରୁ
ଘୋଟିଏ ପଣ ହୋଇଛି ।

ଅଗ୍ନି — ଆଚ୍ଛା, କଣ ପଣ କରିଛନ୍ତି ।

ଦେବଗଣ — ଗୀତ

ସେ ଯୋଗୁ ପଣ୍ଡୁସୁତ, କରିଲେ ଦୃଢ଼ବ୍ରତ
ଜଣକୁ ଦିନେ ଏ କ୍ରମର ହେ । ୩ ।

ସେହି ଦିନଠାରୁ ପଣ୍ଡୁପୁତ୍ରମାନେ ନିୟମ କଲେ
ଜଣକେ ମାସକୁ ଛ ଦିନ । ଅର୍ଥାତ୍ ଜଣେ ଦିନେ
ରହିବ ଅନ୍ୟ ଦିନେ ଅନ୍ୟ ଜଣେ ଯିବ ।

ଅଗ୍ନି — କେ ଆଇନ କଲେ କି ଶାସ୍ତି ପାଇବ ।

ଦେବଗଣ — ଗୀତ

ଯେବା ବଳିବ ଆଜ୍ଞା, ପ୍ରତିଜ୍ଞା ହେବ ନଷ୍ଟ
ବନବାସ ତା ପ୍ରତିକାର ହେ । ୪ ।

ଯଦି କେହି ନିୟମ ଭ୍ରଷ୍ଟ ହୁଏ ତେବେ ବାରବର୍ଷ
ବନବାସ କରିବ ।

ଗୀତ

କରି କପଟ ବୃତ୍ତି ବନେ ପଠାଅ ପାର୍ଥ
ବାଳକୃଷ୍ଣର କଥର ହେ । ୫ ।

ବୈଶ୍ୱାନର ! ଯାଅ ତେବେ ବାରୁଣାକୁ ଧରି
ଛଦ୍ମବେଶେ, ଥିବେ ଯଦି ଧର୍ମରାଜ କିମ୍ବା ଅନ୍ୟ ଭ୍ରାତା
କେହି ପାଞ୍ଚାଳି ଲୁଆସେ ସେ ସମୟେ କେନୋପାୟେ
ପଠାଅ ସବ୍ୟସାଚୀରେ ସେ ସ୍ଥାନେ । ତେବେ ଯାଇଁ
ପୂର୍ଣ୍ଣହେବ ମନୋରଥ ତବ ।

ଅଗ୍ନି — ଦେବବୃନ୍ଦ ! ଥାଆନ୍ତୁ କୁଶଳେ, ଯାଉଛି ମୁଁ
ମର୍ତ୍ତ୍ୟଧାମେ ତବ ଆଜ୍ଞା ପାଳି । ( ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ
## ( ବାରୁଣା କଟକ )

ଦୂତର ପ୍ରବେଶ

ଗୀତ

ଆସ ଜଏ ରସିକ, ମଞ୍ଜି ଚନ୍ଦନ
ମଜ୍ଜକ ସହରଲ୍ଲରେ । ପଦ ।
ଗଳେ ଫୁଲହାର, କାମିଜା ଅତର
ପିନ୍ଧି ମଲ ମଲ ଥିଲା ବାଳରେ ।
କାମିଜା କୁର୍ତ୍ତା, ଇସ୍ତ୍ରିଙ୍ଗ ଛତା
ଦେଖାଇ ହୋଇବା ତୁଆ ପିଲ୍ଲରେ । ୧ ।

ଗରିବ ଗୁରୁବା,　　　ପିନ୍ଧ ମୋଟା ଲୁଗା
　ଗରିବଙ୍କୁ ମନ୍ଦ ତେଜ ଭଲରେ !
ଭକ୍ତିରେ ଯା ମନ,　ତା ଲୋଡ଼ା ଯେସନ ?
　ଏସନ କଥାକୁ ମନ ଗଳାଏ । ୨ ।
ଏ ଯେ ସ୍ଵର୍ଗକାଳ　　ଯାଉନାହିଁ ବଳ,
　ବେଳକୁ ବେଳ ଏ ଝଳ ହେଲାରେ ॥
କହେ ବାଳକୃଷ୍ଣ　　ଭୁଞ୍ଜ ଶାଗଭାତ
　ଥାଅ ସଦା ରତ କୃଷ୍ଣଲୀଳାରେ । ୩ ।

( ସ୍ଵଗତ ) ଆଚ୍ଛା, ଏଠାରେ ଜଣେ କିଏ ଡାକୁଥିଲା ପରି ଶୁଭିଲା, ବୋଧହୁଏ କେହି ଅଭ୍ୟାଗତ ଦ୍ଵାର ଦେଶରେ ଉପଗତ । ବିଳମ୍ବରେ ପ୍ରୟୋଜନ ନାହିଁ । ଯାଏଁ ତେବେ, ( ପ୍ରକାଶ୍ୟେ ) କିଏ କେଉଁ କାର୍ଯ୍ୟରେ ଡାକୁଥିଲେ ?

ଅଗ୍ନି ( ପ୍ରବେଶ ପୂର୍ବକ )—ଆମ୍ଭେ ଜଣେ ଗରିବ ଦ୍ଵିଜ ।

ଦୂତ—ଦ୍ଵିଜଟିଏ କୁଆଡ଼ୁ ବାହାରି ପଡ଼ିଲ । ବର୍ତ୍ତମାନ ଦାନର ସମୟ ହୋଇନାହିଁ । ପରେ ଆସିବ ଯାଅ ।

ଅଗ୍ନି—ଦୂତ ! ମୁଁ ଦାନାର୍ଥୀ ନୁହେଁ, ବା ଦାନ ଆଶାରେ ଆସିନାହିଁ ଏଥି ।

ଦୂତ—ତେବେ ଆଗମନର କାରଣ ?

ଅଗ୍ନି—ବର୍ତ୍ତମାନ ଧର୍ମରାଜ କେଉଁଠାରେ ?

ଦୂତ—ମହାବାହୁ ବର୍ତ୍ତମାନ ଅନ୍ତଃପୁରରେ ।

ଅଗ୍ନି—( ସ୍ଵଗତ ) ତେବେ ଏହାତ ଠିକ୍ ସମୟ ଏହା; ସମୟରେ ଉପସ୍ଥିତ ନ କଲେ, କ୍ଷୁଧାନଳ ହୋଇ ପାରିବ ନାହିଁ ।

( ପ୍ରକାଶ୍ୟେ ) ଦୂତ ! ମୋର ମଧ୍ୟମ ପାଣ୍ଡବ ଅର୍ଜ୍ଜୁନଙ୍କ ସହିତ କିଛି କାର୍ଯ୍ୟ ଅଛି, ତାଙ୍କୁ ଖବର ଦିଅ ।

ଦୂତ—ତେବେ ବସନ୍ତୁ ଖବର ଦେଉଛି ।

(ଅର୍ଜ୍ଜୁନର ପ୍ରବେଶ)

ଅର୍ଜ୍ଜୁନ—ଦୂତ ! ଖବର କ'ଣ ? ଏତେ ବ୍ୟଗ୍ର କେଉଁଥିପାଇଁ ।

ଦୂତ—ମହାବାହୁ ! ଜଣେ ଦ୍ଵିଜବର ଆପଣଙ୍କ ଦର୍ଶନ ଅପେକ୍ଷାରେ ଦ୍ଵାର ଦେଶରେ ଛିଡ଼ା ହୋଇଛନ୍ତି ।

ଅର୍ଜ୍ଜୁନ—କେଉଁ ବ୍ରାହ୍ମଣ ? କି ଅଭିଳାଷରେ ଆସିଛନ୍ତି, କାରଣ କଣ ଜାଣ ?

ଦୂତ—ମହାବାହୁ ! ବ୍ରାହ୍ମଣ ଭାରି କଡ଼ା ମିଜାସର ଲୋକ । କଥା କହୁ କହୁ ନାଲିହୋଇ ଯାଉଛନ୍ତି । ହୁକୁମ ହେଲେ ଡାକି ଆଣନ୍ତି ।

ଅର୍ଜ୍ଜୁନ—ଡାକି ଦିଅ, (ସ୍ଵଗତ) ଏ କଣ, ଏବେମାତ୍ରେ ମୋର ବାମବାହୁ ଘନ ଘନ ସ୍ପନ୍ଦୁଛି କାହିଁକି ? ଏ ତ ସବୁ ଅମଙ୍ଗଳ ଲକ୍ଷଣ ଦେଖାଯାଉ ଅଛି ।

(ଅଗ୍ନିର ପ୍ରବେଶ ଓ ଅର୍ଜ୍ଜୁନର ପ୍ରଣାମ କରଣ)

ଅର୍ଜ୍ଜୁନ—ଦ୍ଵିଜବର ! ବଡ଼ ଭାଗ୍ୟବାନ ମଣୁଛି ମୁଁ ଆଜ । କହ ବାରେ କିବା ଅଭିଳାଷେ ଆସିଛନ୍ତି ଏଥି ।

ଗୀତ

(ଖେମଟା)

(ଅଳାସୁକ ଦ୍ଵିଜ—ବୁଝେ)

କହ କହ ଦ୍ଵିଜ　　　ଅଛି କିବା କାର୍ଯ୍ୟ
　ଆସିଲ ମୋ ପୁର ହେ । ପଦ ।
ନେତ୍ରେ ଦେଖି ତବ ପଦରାଜ,
　　　　ଜନ୍ମ ସଫଳ ହୋଇଲା ଆଜ
ଶଙ୍କା ମନୁ ତେଜ;　　　ସେବା ମନରାଜ,
　ହେଉ କହ ଗୀର ହେ । ୧ ।

ଦ୍ଵିଜବର ! ସାର୍ଥକ ହୋଇଲା ପୃଥ୍ଵୀ ତବ ପଦଲାଗି କିବା ତବ ମନୋରଥ ପ୍ରକାଶନ୍ତୁ ନିର୍ଭୟ ଅନ୍ତରେ ।

ଅଗ୍ନି—କି କହିବି ଫାଲଗୁନ ! ବଡ଼ ଗୁରୁତର କଥା ।

ଅର୍ଜ୍ଜୁନ—　　　ଗୀତ

କେବା ହୋଇଅଛି ତବ ଅରି
　　　(ଆଜ) ପାଣ୍ଡବେ କରୁ ସଂହାର,
କହ ଦୟାକର　　　ସଂଶୟ ମୋ ହୃଦ
　ଚିନ୍ତାକର ଦୂର ହେ ॥

ଦ୍ଵିଜବର ! ତୁମ୍ଭଙ୍କୁ କଣ ଶତ୍ରୁ ଭୟ ହୋଇଛି କି ? କହ, ଏହିକ୍ଷଣି ତାର ପ୍ରତିକାର କରିବି ।

ଅଗ୍ନି—ଅର୍ଜ୍ଜୁନ ! ମୋର ଆସିବାଟା ନିଷ୍ଫଳ ହେଲାପରି ଜଣାଯାଉଛି ।

ଅର୍ଜୁନ ଗୀତ

ଯେବା ଆଣ କର ହେ ପ୍ରକାଶ
ଶକ୍ତି ଥିଲେ କରିପାରେ ତୋଷ
ବାଳକୃଷ୍ଣ ଭଣେ କଲ ଏ ରହସ୍ୟ
ଦେଖାଦୋଷ ହର ହେ । ୩ ।

ଦ୍ୱିଜବର ! ଯେ କୌଣସି କଥା ମନରେ ଅଛି ପ୍ରକାଶ କରନ୍ତୁ, ମୁଁ ନିଶ୍ଚୟ ଚେଷ୍ଟା କରିବି ।

ଅଗ୍ନି—ଅର୍ଜୁନ ! ତୋହଠାରେ ପ୍ରୟୋଜନ ନାହିଁଟି ମୋହର । କିନ୍ତୁ ସନ୍ତୁଷ୍ଟ ମୁଁ ହେଲି ଆଜ ତୋହର ସମ୍ମାନେ । ଯଶସ୍ୱୀ ହୋଇବୁ ବାବୁ ଯୁଗେ ଯୁଗେ ତୁହି । କହିବାରେ ଧର୍ମସୁତ କାହିଁ ଯହିଁ । ତାଙ୍କୁ ଦିଅ ଏ ବାରତା, ଏ ମୁହୂର୍ତ୍ତେ କରିବେ ସେ ଦେଖା ।

ଅର୍ଜୁନ (ସ୍ୱଗତ) ଭାଇ ତ ବର୍ତ୍ତମାନ ଦ୍ରୌପଦୀଙ୍କ ନିକଟରେ ଅଛନ୍ତି । ଏ ଖବର ତାଙ୍କୁ ଦେବ କିଏ ।

ଦୂତ ଆଜ୍ଞା, ଏ କଣ ଚମତ୍କାର ହୋଇଛନ୍ତି । ଫେରାଇ ଦିଅନ୍ତୁ ।

ଅଗ୍ନି—ଅର୍ଜୁନ ନୀରବ ହେଲେ କିଆଁ, ସମସ୍ୟା ବିଳମ୍ବ ହେଉଛି ।

ଗୀତ

(ଏବେ ନ ଧର ଦୋଷ ମୋହର ଛଳେ—ବୃତ୍ତେ)

ପାର୍ଥ ଜଣାଅ ମୋ ଭ୍ରାତରେ
ହିତାହିତେ ଆସିଛି ମୁଁ ଖିନ୍ନହୃଦ ବ୍ୟର୍ଥରେ । ଘୋଷା ।

ଅର୍ଜୁନ ! ମୁଁ ତୁମ୍ଭମାନଙ୍କର ହିତରେ ଆସିଛି । ଭୟର କାରଣ କିଛି ନାହିଁ ।

ଗୀତ

ଯମରେ ପେଷିଲେ ମୋତେ
ଗୁପତେ ଆସିଛି ଏଥେ
କହିବ ସବୁ ସାକ୍ଷାତେ
ଜାଣିଥା ତୋ ସ୍ୱାର୍ଥରେ । ୧ ।

ଅର୍ଜୁନ ! ମୁଁ ଯେଉଁ ଖବରଟି ଦେବତାମାନଙ୍କ ପାଖୁ ଆଣିଛି, ତାହା ଯୁଧିଷ୍ଠିରଙ୍କ ବ୍ୟତୀତ ଅନ୍ୟ କାହା ଆଗରେ ପ୍ରକାଶ କରିବି ନାହିଁ । ଯେବେ ଏହି ମୁହୂର୍ତ୍ତରେ ଯୁଧିଷ୍ଠିରଙ୍କ ସାକ୍ଷାତ ନ ପାଏ; ତେବେ ଆଉ ତୁମକୁ ଫେରିବି ନାହିଁ ।

ଅର୍ଜୁନ—ଦ୍ୱିଜବର ! କିଛି ସମୟ ଅପେକ୍ଷା କରନ୍ତୁ, ମୁଁ ବର୍ତ୍ତମାନ ଭାଇଙ୍କ ନିକଟକୁ କୌଣସିମତେ ଯାଇପାରିବି ନାହିଁ ।

ଅଗ୍ନି— ଗୀତ

ଅରକ୍ଷ ପ୍ରାପ୍ତେକ ମୂର୍ଖ, ଥିବ ତୋ ଦ୍ୱାରେ ଅନାଇ
ଏକ୍ଷଣି ଜଣାଅ ଯାଇଁ ନ କର ଅନର୍ଥରେ । ୨ ।

ଅର୍ଜୁନ ! ମୁଁ କଣ ଭିକ୍ଷୁକ ଲୋକେ, ଯେ ମୁଠାଏ ପାଇଁ ତୋ ଦୁଆରେ ଅନାଇ ବସିଥିବି । ଯଦି ତୋତେ ଭଲ ଲାଗୁ ଅଛି ତ ମୋତେ ଯୁଧିଷ୍ଠିରଙ୍କ ସାକ୍ଷାତ କରାଇ ଦେ ।

ଅର୍ଜୁନ—ତା କେବେ ହୋଇ ପାରିବ ନାହିଁ ।

ଦୂତ—ଏତେ ଜଗର କାହିଁକି ? ଆମ ଖୁସି ନା ତମ କଥାକୁ ଖାଲି ଅନାଇ ବସିଛୁ ।

ଅଗ୍ନି— ଗୀତ

ଜାଣୁ ଏ ବ୍ରହ୍ମ ପ୍ରାକର୍ମ ଦହିବ ବାରୁଣାଧାମ
ଚଞ୍ଚଳ କର ତୋ କାମ ବାଳକୃଷ୍ଣ କୃତ୍ୟରେ । ୩ ।

(ସକ୍ରୋଧେ) ମୂର୍ଖ ! ବ୍ରହ୍ମଶାପେ ଦହିବ ତୋ ବଂଶ । ଧିକ୍ ! ନିଜ ପ୍ରାଣଲାଗି ବ୍ରାହ୍ମଣର ପ୍ରାଣ ନେବୁ । ଏହିପରି କ୍ଷତ୍ରିୟୋଚିତ ଧର୍ମ, ଅଭିଶାପ ଯେନ ମୋର, ମୂର୍ଖ ଯାଉଛି ମୁଁ ଚଳ ଏ ମୁହୂର୍ତ୍ତେ ।

ଦୂତ—ବାଃ ବାଃ, ବାଃରେ ବାଃ, ଏତ ଉପ୍ୟାନକ ଚରିତ ।

ଅର୍ଜୁନ— ଗୀତ

ତାଳ—ଖେମଟା

(ଯାଅ ଯାଅ ଗଙ୍ଗା-ବୃତ୍ତେ)

ଆଉ ଦଣ୍ଡେ ରହ ରହ ହେ
ଦେବ ଦେବି ମୁଁ ବାରତା ଆଣି
ଯାଜ୍ଞସେନୀ ମନ୍ଦିରେ ଭ୍ରାତା
ଅଛନ୍ତି ମୁଁ ଭଲେ ଜାଣି । ଘୋଷା ।

ଦ୍ୱିଜବର ! ଆଉ କ୍ଷଣେ ଅପେକ୍ଷା କରନ୍ତୁ, ମୁଁ ନିଶ୍ଚୟ ଆଣି ବାରତା ଦେବି । ଭାଇ ଅନ୍ତଃପୁରରେ ନ ଥିଲେ ଆପଣଙ୍କୁ ଏତେ ସମୟ ଅପେକ୍ଷା କରିବାକୁ ହୁଅନ୍ତା ନାହିଁ ।

ଅଗ୍ନି—ଆଚ୍ଛା, ସେ ଅନ୍ତଃପୁରରେ ଥିଲେ ତୁ ନ ଯିବୁ କାହିଁକି ?

ଅର୍ଜୁନ— ଗୀତ

ବୃକୋଦର ଲାଗି ପଣ କରିଅଛୁ ପାଣ୍ଡଜଣ
ଯେ ଯାହାର ପାଳଦିନ ଯିବୁ ପ୍ରିୟା ପାଶେ ମାନ । ୧ ।

ମଧ୍ୟମ ଭ୍ରାତା ଭୀମ, ଦ୍ରୌପଦୀ ସଙ୍ଗରେ ସଦାବେଳେ ରହିଥାଇ ଅନ୍ୟମାନଙ୍କୁ ତାଙ୍କ ନିକଟକୁ ଯିବାକୁ ନ ଦେବାରୁ ଗୋଟିଏ ପଣ ହୋଇଛି, ଜଣକୁ ଜଣେ ଲେଖାଏ ।

ଅଗ୍ନି—ଆଜ୍ଞା, ନିୟମ ଲଙ୍ଘନେ ଦଣ୍ଡ କଣ ?

ଅର୍ଜୁନ— ଗୀତ

ତର୍ଜିବୁ ହେଲେ ନିରତ ନ ଇଚ୍ଛିବ ମୋହ ବ୍ରତ
ହେବୁ ନଷ୍ଟେ ନିର୍ବାସିତ ଯାନ୍ତ ହୁଅ ବ୍ରତେ ମଣି ।

ଯଦି ଅମାନ୍ୟ ହୋଇ କେହି ସେ ସ୍ଥାନକୁ ଯାଏ ତ ବାର ବର୍ଷ ବନବାସ ।

ଅଗ୍ନି—ମିଥ୍ୟା କଥା, ବ୍ରାହ୍ମଣଙ୍କୁ ଭଣ୍ଡାଇବାକୁ ବସିଛୁ । ତେବେ ତୋର ନ ଯିବା କଥା । ମୁଁ ଫେରି ଯାଉଛି, ଭଲ ମନ୍ଦ ଘଟିବ ଯା ପଛେ, ନ ଧରିବୁ ଦୋଷ ମୋର, ଯା ମୂର୍ଖ ।

ଅର୍ଜୁନ—ଦେବ ! ଯାଉଛି ମୁଁ ତବ ବାକ୍ୟ ପାଳିବ ଏକ୍ଷଣି । (ସ୍ୱଗତ) ଭଗବାନ ! ଜନା ମେହେ କର୍ମ ଏ ବଜ୍ରର ପତନ ।

ଗୀତ

ତଳିବ ଦୁର୍ଯୋଗ ଏ ତ,
ପଡ଼ିଲି ନଷ୍ଟେ ବ୍ୟଘାତ
ଦେବ କ୍ଷଣେ ଧର ଶାନ୍ତ
ନାହିଁ ଜପଦେ ଜ୍ୱଳେଣି ।

ଦ୍ୱିଜବର ! ମୁଁ କେବେ ଆପଣଙ୍କର କ ଦୋଷ କରିଥିଲି ଯେ ମୋତେ ଏ ଦ୍ୱନ୍ଦ୍ୱରେ ପକାଇଲ ।

ଅଗ୍ନି—ଫିରୁଚ ଶୀଘ୍ର ଯା, ନଚେତ୍ ଜଳମ୍ବରେ ଘଟିପାରେ ବାଧା ।

ଅର୍ଜୁନ— ଗୀତ

ବଜ୍ର ଯା ନ ତେଜ ମୁଣ୍ଡେ
ବର୍ଜିଲେ ବନେ ପାଷାଣ୍ଡେ,
ଅର୍ଜିଲି କର୍ମ ମୁଁ କନ୍ଦେ
ବାଳକୃଷ୍ଣ ରସେ ଭଣି । ୩ ।

ଦ୍ୱିଜବର ! ଆଉ ତେବେ ଯାଉଅଛି ମୁହିଁ ।

---

## ତୃତୀୟ ଦୃଶ୍ୟ

### ଅନ୍ତଃପୁର

ସଖୀଗଣ— ଗୀତ

( ଦେଶ ବସନ୍ତ—ଝୁଳେ )

ଜକେ ହେବେ ଗୋ ଧର୍ମସୁତ ଆଜ ସଙ୍ଗାତ । ପଦ ।
ତୋଳ ନାନା ସୁମନ ଗୁନ୍ଥିବା କର ଯତ୍ନ,
ସଜାଇ ଦେବ ରତ୍ନ ଖଟ । ୧ ।
ବାସ ଚନ୍ଦନ ଚୂଆ ଅତର ହେନା କଣା,
ଶେଯେ ସିଞ୍ଚିବା କରି ଯତ୍ନ । ୨ ।

୧ମା ସଖି—ହଇ ଗୋ କଉଳ ! ତମେ ଗାନ ଗାଇ ସାରିଛ ।

୨ୟା ସଖି—ମଲ୍ଲ, ତମେ ଫୁଲ ଗୁନ୍ଥା କାମଟି ସାରି ଦେଇଛ, ମୁଁ ଜ ମୋ ପାଇଟି ବାକି ରହିବ ।

୧ମା ସଖି କଉଳ ! ମୋ ଫୁଲରୁ ଗୋଟିଏ ହାର ପ୍ରେମିକ ଗଳାରେ ନାଇଲେ, ପ୍ରେମ ସମ୍ଭାଳି ପାରିବେ ନାହିଁ ।

୨ୟା ସଖି—ମଲ୍ଲ, ମୋ ଗାନରେ ଏମିତି ମଜାଅଛି ଯେ ଅରସିକଟାଏ ହେଲେ ସୁଦ୍ଧା ରସିକ ପଣ ବାହାରି ପଡ଼ିବ ।

୩ୟା ସଖି—ହେଇତମ ଯାଆନ୍ତାଣି ଆସୁଛନ୍ତି ଘାଇଟିର ସକାଳ । ଚାଲ ଅନ୍ୟ ଧନ୍ଦାକୁ ଯିବା ।

( ପ୍ରସ୍ଥାନ )

—*—

## ଚତୁର୍ଥ ଦୃଶ୍ୟ

### କକ୍ଷ

ଦ୍ରୌପଦୀ—(ସ୍ୱଗତ) ଉହୋ, ମନଟା ଏତେର ଗୋଳେଇ ଯାଉଛି ଦେଉଛି କାହିଁକି ! ଜଣନ୍ତି ସ୍ତ୍ରୀମାନଙ୍କର ଦକ୍ଷିଣ ଚକ୍ଷୁ ସ୍ପନ୍ଦନ ହେଲେ ବଡ଼ ମନ୍ଦ । ଏ କଅଁ ଲାଗା ଆଖିଟା ଆଜ ତେଣିଛି କାହିଁକି ମ ! ମୁଁ ତ କିଛି ବୁଝି ପାରୁନାହିଁ । ଭଗବାନ ! ମୋତେ ଜଣ ଶାସ୍ତି ଦେଇନାହିଁ, ପୁଣି ଆଉ କ ଶାସ୍ତି ଦେବାକୁ ଇଚ୍ଛା କରିଛ ।

ଯୁଧିଷ୍ଠିର—(ପ୍ରବେଶ ପୂର୍ବକ) ପ୍ରିୟେ ! ନିତ୍ୟକର୍ମ ସାରି ଆସୁ ଆସୁ ଟିକିଏ ବିଳମ୍ବ ହୋଇଗଲା । ମନଟା ଏପରି ବିରସ ଦେଖାଯାଉଛି କାହିଁକି ? କିସ, କଥା କିଣ, ଆସ ପଲଙ୍କକୁ ଆସ ।

ଗୀତ (କର୍ଫ୍ୟାଲି)

ବସି ଆସ ଶଶୀ ହାସୀ ନବ ଛଇଳା ।
ବସି ନାଶ ଗୀରଣ୍ଡଶ ଅଶର ଜ୍ୱାଳା । ପଦ ।

ପ୍ରିୟେ ! ଆସ, ବର୍ତ୍ତମାନ ଭାବନାର ସମୟ ନୁହେଁ ।

ଗୀତ

ଯବା ଅଧରୁ ଧରି ପିଆଅ ସୁଧାଧର
ଭୁଞ୍ଜ ରଜ ରୂପ ଶ୍ରେଷ୍ଠ ଇଜ ମନ୍ଥଳା । ୧ ।

ପ୍ରିୟେ ! ତୁମ୍ଭ ସୁଧା ଅଧରରୁ ଟିକିଏ ମଧୁ ଚୁମ୍ବିବାକୁ ଏ ମନ ଭ୍ରମର ଅଥୟ ହୋଇ ପଡ଼ିଲାଣି । କିଣ କିଛି କହିବ ନାହିଁ ।

ଗୀତ

ମାରେ ମଦନ ବାଣ ବାରେ କର ତୁ ତାଣ
ତୋଷ ଏ ପଞ୍ଚପ୍ରାଣ ନ କରି ହେଳା । ୨ ।

ସଖି ! ବିରହ ଜ୍ୱାଳାରେ ମୁଁ ଅଥୟ ହୋଇ ପଡ଼ିଲଣି, ମୋ ପ୍ରତି ଦୟାବନ୍ତ ଶୀଘ୍ର ତାର ପ୍ରତିକାର କର ।

ଗୀତ

ମତ ମୋହନା ମତ ବିଚଳିତ ମୋ ଅତି
ଶୁଣାଅ ତୋର ସ୍ୱରସ୍ଥ ମାନସ ବଳା । ୩ ।

ପ୍ରିୟେ ! ଯଦି କିଛି କଥା ମନରେ ଅଛି ପ୍ରକାଶ କର, ବୃଥାରେ କାହିଁକି ଏପରି ଛଟପଟ କରୁଛ ?

ଦ୍ରୌପଦୀ—ନାଥ ! ତୁମ୍ଭଠାରେ ମୋର ଅଭିମାନ ନାହିଁ । କାହିଁକି ମନଟା ଭାରି ବ୍ୟସ୍ତ ହେଉଛି । ମୁଁ କିଛି ବୁଝି ପାରୁନାହିଁ ।

ଯୁଧିଷ୍ଠିର—ପ୍ରିୟେ ! ଶରୀର କିଣ ଅସୁସ୍ଥ ଅଛି ?

ଦ୍ରୌପଦୀ—ନା ନାଥ ! ଦକ୍ଷିଣ ଚକ୍ଷୁଟା ବାରମ୍ବାର ନେଉଁଛି । ସେଥିଯୋଗୁ ମନ କେତେ ଆଡ଼କୁ କେତେ ଖାଉ ଚୁଇଁଛି ।

ଯୁଧିଷ୍ଠିର—ନା, ସଖି ! ସେ କିଛି ନୁହେଁ, ଆସ ପଲଙ୍କକୁ ଆସ । ଯଦି ଦୁର୍ଭୋଗ ଘଟିବାର ଥିବ ନ ଘଟିବ । ତାକୁ ଖଣ୍ଡିବାକୁ କିଣ ମନୁଷ୍ୟର ସାଧ ।

( ଅର୍ଜୁନର ପ୍ରବେଶ )

( ସ୍ୱଗତ ) ଭଗବାନ ! ମୋତେ କି ବିପଦରେ ପକାଇଲେ ? ଏପରି ସମୟରେ ଭାଇଙ୍କ ନିକଟକୁ କିପରି ଯିବି, ଆଉ ତ ପଦ ଚଳୁନାହିଁ ।

ଗୀତ

( କର୍ମ ମୋର ଏଡ଼େ ନାରଖାର—ବୃତ୍ତେ )

କରୁଣା ସିନ୍ଧୁ କରୁଣା, କଲକ ମୋଠାରେ ଲୁଣା
ଏ ବାରୁଣା ସୁଖ ଆଜ, ହୋଇଯିବ ପଶ୍ଚ ଲୁଣା । ଘୋଷା

ଭଗବାନ ! ଆଜି କିଣ ଏ ବାରୁଣାର ସୁଖରୁ ମୋତେ ବଞ୍ଚିତ କରାଇଲ, କିଣ କରିବ ।

ଗୀତ

ମୁଁ କାରେ ପାଞ୍ଚିଲି ମନ୍ଦ, ଧାତା ମୋତେ କଲୁ ଛନ୍ଦ
ଅରଜ ଯାଉଛି ହ୍ୱନ୍ଦ ଜାଣି ହୋଇ ତ ଅଜଣା ।୧।

ହେ ବିଧାତା ! ମୁଁ କାହାକୁ କେଉଁ ଦୁର୍ଦ୍ଦଶାରେ ପକାଇଥିଲି ଯେ ବର୍ତ୍ତମାନ ତାର ଫଳ ଭୋଗ କରିବାକୁ ଯାଉଛି ।

ଗୀତ

ଆଜି ଏ ବିପଦ ଗାଢ଼, ମସ୍ତକେ ଦେଲ ସମ୍ପାଢ଼
ବଢ଼ିଲା ବିପଦ ନଦୀ ବାଳକୃଷ୍ଣର ରଚନା ।୨।

ମେ ର ପକ୍ଷେ ଯଶା ଯାହା ହେଉ, କେଉଁ ବ୍ରହ୍ମ ଶାପରେ ବଂଶଟା ସାରି ଧ୍ୱଂସ କରାଇବ ନାହିଁ ।

( ଅର୍ଜୁନର ଅନ୍ତଃପୁରରେ ପ୍ରବେଶ ଓ ଯୁଧିଷ୍ଠିରଙ୍କୁ ପ୍ରଣିପାତ, ଦ୍ରୌପଦୀ ଲଜ୍ଜାରେ ସଙ୍କୁଚିତ )

ଯୁଧିଷ୍ଠିର—କିଏ, ଅର୍ଜୁନ ! ମୂର୍ଖ ! କି ସାହସେ କଲୁ ଏଡ଼େ କର୍ମ । ନରାଧମ ! ଏହିକି ତୋର ବିବେକ, କହ ମୂର୍ଖ, ଏଡ଼େ ଲଜ୍ଜା ଦେଲୁ କିମ୍ପା ମୋତେ ।

ଗୀତ

( ହେ ଗୁରୁଦେବ—ବୃତ୍ତେ )

କିମ୍ପାଇ କଲୁ ଏ ଅନର୍ଥରେ ଆରେ ପାର୍ଥ
ବୁଡ଼ିଲା କି ବୁଦ୍ଧି ତୋର ଛାଡ଼ିଗଲୁ ବ୍ରତ । ପଦ ।

ମୂର୍ଖ ! ତୋର ଏଡ଼େ ସାହାସ ! ଏଡ଼େ ଦର୍ପ ! କେ କହେ ତୋତେ ଧର୍ମସାର, ଅଧାର୍ମିକ ଅଟୁ ନିଶ୍ଚେ ମୂଢ଼ ।

ଗୀତ

ଛାଡ଼ିଲୁ କି ତୋତେ ଧର୍ମ ଦେଲୁ ମୋତେ ଏଡ଼େ ସର୍ମ
କାହିଁ ଶିଖିଲୁ ଏ କର୍ମ ଲୋଡ଼ିଲୁ ତୋ ସ୍ୱାର୍ଥ । ୧ ।

କହ, କାହା ପରାମର୍ଶରେ ମୋତେ ଏ ଘୋର ଅପମାନ ଦେଲୁ ? ଜ୍ୟେଷ୍ଠଭାଇ ବୋଲି ଏତେ ଭକ୍ତି ଦେଖାଉ, ତାର ଶାସ୍ତି କଣ ଏହି ?

ଗୀତ

ଦ୍ରୌପଦୀ ଯେବେ ତୋ କଣା
ନ ଥିଲା କ ଆଗୁ ଜଣା
ଆଜ ଏ କ ବବେଚନା କରିଲୁ ତୁ ଦୁଷ୍ଟ ।

ଅର୍ଜ୍ଜୁନ ! ଦ୍ରୌପଦୀ ତୋର କଣା ଖରିଦ; କନ୍ତୁ ତୁ ବାଧକର ସମସ୍ତଙ୍କୁ ସେଥିରେ ପକାଇ ଆଜ ଏ ଶାସ୍ତି ଦେବା ତୋର କଣ ଉଚତ ହେଲା ? ଧିକ୍ ତୋର ପ୍ରତିଜ୍ଞା ।

(ଗୀତ)

ଜାଣି ଏ ପାମର ଶାସ୍ତି
କ ସାହସେ ଦେଲୁ ମତ
ରହିଲା ଏ ଅପଖ୍ୟାତ କହେ ବାଳକୃଷ୍ଣ ।
ମୂର୍ଖ ! ଏ ପାପର ଶାସ୍ତି କଣ ଜାଣୁ ତ ।

ଅର୍ଜ୍ଜୁନ— ଗୀତ
(ତାଳ-ଝାମ୍ପ)

ହାଇ ରେ ଦୁର୍ଜ୍ଜଣ୍ଡ ଚନ୍ଦ୍ର କ ଦଣ୍ଡ ଦେଲୁ ସମ୍ପାଦ
ବଜ୍ର ଯା ନ ଦେଇ ମୁଣ୍ଡେ କଲୁ ଭ୍ରାତେ ଅପରାଧୀ ।

ଭଗବାନ୍ ! ମୋର ମସ୍ତକରେ ବଜ୍ରାଘାତ ନ କରି ମୋର ପୂଜ୍ୟାସ୍ପଦ ଭାଇଙ୍କଠାରୁ ଏ କଟୁକଥା ଶୁଣାଇଲୁ । ହୃଦୟ, ତୁ ଫାଟି ନ ଯାଇ ରହିଛୁ କମାଇ !

ଯୁଧିଷ୍ଠିର—ଅର୍ଜ୍ଜୁନ ! ଧୈର୍ଯ୍ୟଧର, ଯାହା ହେବାର ହେଲାଣି, ତୋର ତ ଜନେ ଏପରି ଭାବ ଦେଖି ନ ଥିଲି, କାହା ଫାନ୍ଦରେ ପଡ଼ିତୁ ସତ କହିଲୁ ?

ଅର୍ଜ୍ଜୁନ— ଗୀତ

ଏ ମୋହର ଘୋର୍ହାକର୍ମ ଆଜ୍ ହୋଇଲାଣି ବାମ
ବପକ୍ଷ ହେଲାଣି ଧର୍ମ, କେବା ହେବ ପ୍ରତିବାଦ ।

ଭାଇ ! ସେ ମୋ ର କର୍ମ ଦୋଷ । ଧର୍ମାଧର୍ମ ନାହିଁ ମୋର ଜ୍ଞାନ ।

ଯୁଧିଷ୍ଠିର—ତେବେ ତୋତେ କଣ କଏ ଏଠାକୁ ପଠାଇଲା ?

ଅର୍ଜ୍ଜୁନ— ଗୀତ

ଶମାକର ସହୋଦର, ପେଶିଲେକ ଦ୍ଵିଜବର
ବାଳକୃଷ୍ଣ ବୋଲେ ମୋର, ବଢ଼ିଛି ବପଦ ନଧା !

ଯାଅ ଭାଇ ! ଦ୍ଵାରଦେଶେ ଅପେକ୍ଷା କରିଛନ୍ତି ଦ୍ଵିଜବର ଏକ । ତାଙ୍କ ବାକ୍ୟେ ବାଧ ହୋଇ ଅର୍ଜିଛି ଏ ଦୋଷ । ଯେ ପ୍ରତିଜ୍ଞା କରିଅଛି ପୂର୍ବ୍ବେ ଲଙ୍ଘନ ମୁଁ ନ କରିବ ଲବେ । ଯାଉଛି ମୁଁ ଏ ମୁହୂର୍ତ୍ତେ ବନବାସେ ଚଳି ।

ଯୁଧିଷ୍ଠିର - ଶ୍ରେଷ୍ଠ ହୁଅ ପାର୍ଥ, ଭୁଲ ତେବେ ବ୍ରାହ୍ମଣ ସମୀପେ । (ପ୍ରସ୍ଥାନ)

---

## ପଞ୍ଚମ ଦୃଶ୍ୟ

## ଦ୍ଵାରଦେଶ

ଅଗ୍ନି—ବେଶ୍ ହୋଇଛି, ଏଥର ମନକାମନା ହାସଲ ହେଲା । ଅର୍ଜ୍ଜୁନ ଯୁଧିଷ୍ଠିରଙ୍କୁ ମୋ ସହିତ ସାକ୍ଷାତ କରାଇବାକୁ ଆସୁଛି, ଏତିକବେଳେ ଏଠାରୁ ଅନ୍ତର ହେବା ଦରକାର । ( ପ୍ରସ୍ଥାନୋଦ୍ୟତ )

ଦୂତ—କହେ ଗୋସାଇଁ, ପଳାଉଛ କୁଆଡ଼େ ? ଆଉ ଟିକଏ ରହ ହୋ !

ଅଗ୍ନି—ଆରେ, ମୁଁ ଏଇଲାଗେ ଆସୁଛି ।

ଦୂତ —କ ପୋଖସ୍ତ ତଲବ ଦେଲା କ ? ହଉ ଯଅ ଯାଅ ।

ଯୁଧିଷ୍ଠିର—କାହାନ୍ତି ସେ ଦ୍ଵିଜ ?

ଅର୍ଜ୍ଜୁନ—ଭାଇ, ସେ ତ ଏଇଠି ଥିଲେ । (ଦୂତପ୍ରତି) ଦୂତ ! ସେ ଦ୍ଵିଜ କେଉଁଆଡ଼େ ଗଲେ !

ଦୂତ—ପ୍ରଭୁ ! ଏଇଠି ବସି ପାନବଟୁଆ ଖୋଲି ପାନ ଖାଉଥିଲେ । କେଜାଣି କାହିଁକି ଏଇଲାଗେ ବାହାରକୁ ଗଲେ । ମୁଁ ଯେତେ ଅଟକାଇଲି ଜମା ଶୁଣିଲେ ନାହିଁ ।

ଯୁଧିଷ୍ଠିର—ଅର୍ଜ୍ଜୁନ ! ଆଉ ସନ୍ଦେହର କାରଣ କଛି ନାହିଁ, ନଶ୍ଚେ ଜାଣିଲଣି କେହି ଦେବ କୁଆଡ଼େ ଦଣ୍ଡିଅଛି ତୋତେ । ନାହିଁ ଏଥି ତୋ ର ତିଳେମାତ୍ର ଦୋଷ ।

ଅର୍ଜୁନ—ଭାଇ ! ଆଜ୍ଞାକର ପାଳନ୍ତ ମୁଁ ପୂର୍ବର ପ୍ରତିଜ୍ଞା ।

ଯୁଧିଷ୍ଠିର—ପାଗଳ ହେଲୁ କି ଅର୍ଜୁନ ! ମୁଁ କେଉଁକର ଭୁଝିଲଣି ତୁ ନିର୍ଦୋଷ ।

ଅର୍ଜୁନ—ଭାଇ ! ଫେରଇ କି କେବେ ସିନ୍ଧୁଗାମୀ ସ୍ରୋତ ଅବା ଛୁଟନ୍ତ ଶରର ରଥ ? ମୁଁ କ୍ଷତ୍ରିୟ ସନ୍ତାନ, ନ ଲଙ୍ଘିବ କେବେ ମୋ ନିୟମ । ଦିଅନ୍ତୁ ଶ୍ରୀଚରଣଙ୍କୁ ଅବ୍ୟାହତି ମୋତେ ।

ଗୀତ

(ତାଳ ମଧ୍ୟମାନ)

ଦିଅ ଦେବ ଆଶୀର୍ବାଦ    ପଦ ସ୍ପୃହା ସେବୁଛି ତବ
ଛନ୍ଦ ମୋତେ କଲଣି ଦଇବ ।
ଏ ବାଞ୍ଛଣା ସୁଖ ଭୋଗ    ଆଜୁ ହେଲାଟି ଅଭାବ
ଜାଣିଲ ମୁଁ କର୍ମ ହତଭାଗ୍ୟ ।୧।

ଭାଇ ! ବିଧାତା ମୋତେ ଆପଣମାନଙ୍କ ସଙ୍ଗ ସୁଖରୁ ବଞ୍ଚିତ କଲଣି, ଆଉ ବାଞ୍ଛଣା ମୋ ଭାଗ୍ୟରେ ନାହିଁ ।

ଯୁଧିଷ୍ଠିର—(ସ୍ୱଗତ) ମୁଁ ମୂର୍ଖ କଣ କଲି, କାହିଁକି ନ ବୁଝି ନ ସୁଝି ଗାଳି ଗୁଲଜ କଲି ?

ଅର୍ଜୁନ— ଗୀତ

ପୂର୍ବେ ଯା ହୋଇଛି ପଣ    ପାଳିବ ଆଜ ବଚନ
ବାଞ୍ଛଣାର ନୁହେଁ ମୁହିଁ ଯୋଗ୍ୟ ।
ଦ୍ୱାଦଶ ବରଷ ପୂର୍ତ୍ତି    କରି ଫେରିବ ସଦନ
ବାଳକୃଷ୍ଣ ଭଣିଲା ଏ ପଦ ।୨।

ଭାଇ, ଯଦି ପ୍ରାଣରେ ଥାଏ ତ ବାରବର୍ଷ ଅତିବାହିତ କରି ଫେରିହେଲେ ଶ୍ରୀଚରଣ ବନ୍ଦନା କରିବି, ମେଲାଣି ଦିଅନ୍ତୁ ।

ଯୁଧିଷ୍ଠିର—ଏତ ଆଚ୍ଛା ମୁସ୍କିଲ କଥା ହେଲା । (ଦୂତପ୍ରତି) ଦୂତ ! ତୁ ଶୀଘ୍ର ଦ୍ରୌପଦୀଙ୍କୁ ଖବର ଦେ, ସେ ଆସି ଅର୍ଜୁନଙ୍କୁ ବୁଝାସୁଝା କରନ୍ତୁ । ଅର୍ଜୁନ ! ମୋତେ ଏ ଅପବାଦରୁ ରକ୍ଷାକର । ମୁଁ ଆଉ ବାଞ୍ଛଣାରେ ମୁଣ୍ଡଟେକ ବାଟ ଚାଲିବିଟି ! ଲୋକେ ମୋତେ କଣ କହିବେ ?

ଅର୍ଜୁନ—ଭାଇ ! ମୋ କର୍ମ ଦୋଷରୁ ମୁଁ ଏ ଦଶା ଲଭିଲି ଆପଣଙ୍କର ସେଥିରେ କି ଦୋଷ ?

ଯୁଧିଷ୍ଠିର—(ଦ୍ରୌପଦୀ ପ୍ରତି) ପ୍ରିୟେ ! ଅର୍ଜୁନ ବର୍ତ୍ତମାନ ପୂର୍ବପଣ ଅନୁଯାୟୀ ବନବାସ ଯିବାକୁ ତତ୍ପର, ଯାଅ ତୁମ୍ଭେ ବୁଝାଇ କହିବ ।

ଅର୍ଜୁନ—ପ୍ରିୟେ ! ତୁମ୍ଭ ଆମ୍ଭ ଦେଖା ଏତିକି ।

ଦ୍ରୌପଦୀ—ନାଥ ! ଏ କି କଥା ? ଏ ଅଧୀନାକୁ ଛାଡ଼ି କୁଆଡ଼େ ଯାଉଛନ୍ତି ? ମୁଁ କଣ ଆପଣଙ୍କ ଯୋଗ୍ୟା ହେଲିନାହିଁ ?

ଅର୍ଜୁନ—ନା ସଖି, ମୁଁ ଅଯୋଗ୍ୟ ।

ଦ୍ରୌପଦୀ— ଗୀତ

(ଆହା କି ମୋ ସାରଦିଆ-ବୃତ୍ତେ)

ମୋ ଗୁଣ ଜୀବଣ ଧନ ନ ଯାଅ ବନ
ହରାଇ ବଞ୍ଚିବି କେମନ୍ତେ ତବ ବଦନ । ଘୋଷା ।
ନାଥ ! ଅଧୀନା ଏ ପାଦଯୁଗଳ ହରାଇ ସତେ କଣ ପ୍ରାଣରେ ବଞ୍ଚିରହିବ !

ଅର୍ଜୁନ—ପ୍ରିୟେ, ନିୟତିର ଗତିରୋଧ କରିବାକୁ ଶକ୍ତି କାହାର ?

ଦ୍ରୌପଦୀ— ଗୀତ

ଭବଭଞ୍ଜଣା ମୁଖଚନ୍ଦ୍ର ହରାଇ ସତେ ବଞ୍ଚିବ
ଦବା ନଶି ଭାବି ଭାବି ଯିବ ଜୀବନ ।୧।

ନାଥ ! ଏ ଚନ୍ଦ୍ର ବଦନକୁ ହରାଇ ଆଉ କଣ ଜୀବନରେ ସୁଖ ଅଛି ? ମୋ କଥା ରଖି କେବେଁ ବନକୁ ଯାଆନ୍ତୁ ନାହିଁ ।

ଅର୍ଜୁନ—ନିୟମ ଲଙ୍ଘନ ମହାପାପ, ପୁଣି ଭାବି ଦେଖ । ରାଜାନୁଗତ ଧର୍ମ । ରାଜା ଯେପରି ନିୟମରେ ଚାଲିବେ, ପ୍ରଜାମାନେ ମଧ୍ୟ ସେହି ପନ୍ଥା ଅବଲମ୍ବନ କରିବେ । କାରଣ ତାଙ୍କର ଆଦର୍ଶ ରହିବ, "ମହାଜନୋ ଯେନ ଗତଃ ସ ପନ୍ଥା ।" ଆହୁରି ମଧ୍ୟ ନିୟମ ଯଦି ଉଦ୍‌ବେଳିତ ହୁଏ, ସେତେ କ୍ଷତି ନାହିଁ, ମାତ୍ର ସାଗରୋଦ୍‌ବେଳିତ ହେଲେ ସଚରାଚର ସମସ୍ତ ବିନଷ୍ଟ ହେବାର ଆଶଙ୍କା । ତେବେ ବୃଥାରେ ବଳାଅନା ସଖି ।

ଦ୍ରୌପଦୀ— ଗୀତ

ଦାସୀରେ ହୁଅ ନିର୍ଦ୍ଦୟ    ଉଡ଼ିଯାଉଛି ମୋ ସାହା
ପ୍ରାଣ ରଖ ପ୍ରାଣନାଥ ଦାସୀ ବଚନ । ୨ ।

ନାଥ ! ଯେବେ ଦାସୀକୁ ଅନ୍ତର କରୁଛନ୍ତି, ତେବେ ମୋ ପ୍ରାଣଟା ଆପଣଙ୍କ ହସ୍ତରେ ନେଇ ଯାଆନ୍ତୁ । ଏ ଅଲୋଡ଼ା ଜୀବନ ଥାଇ କି ପ୍ରୟୋଜନ ?

ଅର୍ଜୁନ—ପ୍ରିୟେ ! ବୃଥା ଭାବନା ତବ । ତୁମ୍ଭେ କ୍ଷତ୍ରିୟ ରମଣୀ ହୋଇ ନ ଜାଣ କି କ୍ଷତ୍ରିୟ ହୃଦୟ । ଯାହା କର୍ମରେ ଲେଖା ଅଛି, ତା କିଏ ଅନ୍ୟଥା କରିବ ?

ଗୀତ

( ତାଳ କଓ୍ୱାଲି )

ଭାଗ୍ୟ ଥିଲେ ଜବାଧରୀ ହେବ ଦେଖା ରେ
ଭବ ସୁଖ ଭୋଗିବାକୁ ଦୈବ ଲେଖା ରେ । ଘୋଷା ।

ସଖି ! ଯଦି ପ୍ରାଣରେ ଥାଏ ତ ନିଶ୍ଚୟ ଦେଖା ସାକ୍ଷାତ ହେବ । ମୋର ଯଶା ମୁଁ ଭୋଗ ନ କରିବି ତ ଆଉ କିଏ ଭୋଗ କରିବ ?

ଦ୍ରୌପଦୀ—ନାଥ ! ତୁମ୍ଭେ ବନବାସ କରିଯିବା କଥା ଶୁଣି ସମସ୍ତେ ଅଧୈର୍ଯ୍ୟ ହେଉଛନ୍ତି ।

ଅର୍ଜୁନ— ଗୀତ

ଜାଣି ଜାଣିଛି ଦୋଷ କେବେ କରିବ ହ୍ରାସ
ବାସ ହେଲାଣି ବଶ ନାହିଁ ରକ୍ଷା ରେ । ୧ ।

ପ୍ରିୟେ ! ମୁଁ ଜାଣୁ ଜାଣୁ ଜ୍ୱଳନ୍ତା ଅନଳରେ ହସ୍ତକ୍ଷେପ କରିଛି, ନିଶ୍ଚେ ତାର ପ୍ରତିଫଳ ଭୋଗ କରିବି । ଏହା ଜାଣି ଶୁଣି ଗାପଟାକୁ ଲୁଚାଇବି କାହିଁକି ।

ଦ୍ରୌପଦୀ—ତେବେ ଏ ଅଧୀନାର କଥା କଣ ରହିବ ନାହିଁ ।

ଅର୍ଜୁନ— ଗୀତ

ଆଉ କର୍ମ ଆଦର ମର୍ମେ ନ ଦୁଅ ଘାର
ମୁଁ ଆସିବି ନିଶ୍ଚେ ଫେରି ତେଜ ଶଙ୍କା ରେ । ୨।

ପ୍ରିୟେ ! ବାରବର୍ଷ ପରେ ନିଶ୍ଚୟ ତୁମ୍ଭର ସାକ୍ଷାତ କରିବି, ମୋର ଗୋଟିଏ ନିବେଦନ ରକ୍ଷା କର ।

ଗୀତ

ଭ୍ରାତେ କରଅ ଶାନ୍ତ ତେଜ ତୋ ମନୁ ଭ୍ରାନ୍ତ
ଘେନ ବାଳକୃଷ୍ଣ ଶିଶୁ ଏହି ଭିକ୍ଷା ରେ । ୩।

ପ୍ରିୟେ ! ଭାଇ ଅଧୈର୍ଯ୍ୟ ହେଉଛନ୍ତି, ତାଙ୍କୁ ପ୍ରବୋଧ କର । ମୁଁ ନିଶ୍ଚୟ ପ୍ରତିଜ୍ଞା ପାଳନ କରିବି, ମୋତେ ମେଲାଣି ଦିଅ ?

ଦ୍ରୌପଦୀ— ଗୀତ

( କହ ହେ ବଦେଶୀ—ବୃନ୍ଦେ )

ଏହା ଥିଲା ତୁମ୍ଭ ମନେ ଆଉ କାହା ଆଗେ କହିବି ।
ପ୍ରାଣନାଥ ଛାଡ଼ିଗଲେ ପ୍ରାଣେ ସତେ ରହିବି । ଘୋଷା ।

ନାଥ ! ଆପଣଙ୍କ ମନରେ ଏତେ କଥା ଥିଲା ବୋଲି ମୁଁ ଜାଣି ନ ଥିଲି, ଯଦି ବନକୁ ଯାଅ, ଏ ଅଧୀନାକୁ ସଙ୍ଗରେ ନେଇ ଯାଅ ।

ଅର୍ଜୁନ—ପ୍ରିୟେ ! ତୁମ୍ଭେ ଧୈର୍ଯ୍ୟଧର । କଥାରେ ଅଛି, "ସମ୍ପଦେ ନ ହେବ ଗୃହର, ବିପଦେ ନୋହିବ କାତର ।"

ଦ୍ରୌପଦୀ— ଗୀତ

ଗ୍ରୀଷ୍ମ ବର୍ଷା ଶରତ, ହେମନ୍ତ ଶୀତ ବସନ୍ତ
ଏକାକୀ କୋଳେ କାନ୍ତ ବସି ନିଶି ପାହିବ । ୧ ।

ନାଥ ! ତୁମ୍ଭପରି ମୋର ମନ ଜାଣି ଋତୁ ଅନୁଯାୟୀ କିଏ ଶାନ୍ତି ବିଧାନ କରିବ ?

ଅର୍ଜୁନ—ପ୍ରିୟେ ! ତୁମ୍ଭେ ମୋତେ ଯେଉଁ ଦୃଷ୍ଟିରେ ଦେଖୁଥିଲ, ସେହିପରି ଅନ୍ୟମାନଙ୍କ ମନ ନିଅ । ମୋ ସଙ୍ଗେ ଲାଗିବା ବୃଥା ।

ଦ୍ରୌପଦୀ— ଗୀତ

ବନେ ଗଲେ ଜୀବଧନ ନିଅ ଏ ଅଧୀନା ପ୍ରାଣ
ବାଳିର ଯିବ କଷଣ ଗୁଣ ତବ ଗାଇବି ॥

ନାଥ ! ମୋତେ ସଙ୍ଗରେ ନିଅ, ନୋହିଲେ ପ୍ରାଣ ରହିବ ନାହିଁ ।

ଅର୍ଜୁନ—କି ଆଶ୍ଚର୍ଯ୍ୟ, ତୁମ୍ଭେ ମୋ ବିଚ୍ଛେଦରେ ଯେତେ ଅଧୈର୍ଯ୍ୟ ହେଉଛ, ଏ ହୃଦୟ ତୁମ୍ଭ ବିଚ୍ଛେଦରେ କାନ୍ଦୁଛି କି ନା ତା ପରମେଶ୍ୱରଙ୍କୁ ଗୋଚର ।

ଦ୍ରୌପଦୀ - ନାଥ ! ତେବେ କଣ ନିଶ୍ଚୟ ଯିବ ?

ଅର୍ଜୁନ— ଗୀତ

(ଖେମଟା)

ତୁ କମା ହେଉ ଭବ ରେ ବାଳିକା, କମା ହେଉ ଭବ
ଭୋଗିବାକୁ ଅଛି ଦୁଃଖ କାହା ଆଗେ କହିବ । ଘୋଷା ।

ପ୍ରିୟେ ! ମୋ ଅଦୃଷ୍ଟରେ ଭୋଗାଭୋଗ ଶେଷ ନ ହେବା ପର୍ଯ୍ୟନ୍ତ ତାହା ଖଣ୍ଡନ କରିବ କିଏ ?

ଗୀତ

ଭାବ ତଳେଟି ଯିବ ମନୁ ନ ଯିବ ତୋ ଭାବ
ଛନ୍ଦ କଲାଣି ଦଇବ ମନେ ଦିଶୀ ପୁହାଇବ ।

ସଖି ! ତୁମ୍ଭର ଭାବ ମୁଁ ମଲେ ବା ପାଶୋରି ପାରିବ
ଆଉ ମୋତେ ବୃଥା ବାକ୍ୟ ଶିଳାଘାତ କରନା,
ଏ ପ୍ରାଣ ଅସ୍ଥିର ହେଉଛି ।

(ଗୀତ)

ତୋ ମଧୁର ହାସ୍ୟରେଖା   କାହିଁ ପାଇବି ମୁଁ ଦେଖା
ଏ ମୋର ଅଦୃଷ୍ଟ ଲେଖା ବାଳାମଣି ସହିବି ॥

ସଖି, ତୁମ୍ଭର ଏ ଲାବଣ୍ୟରୂପକୁ ହରାଇ ଆଉ କଣ ଜୀବନରେ ସୁଖ ଅଛି । ସ୍ୱଳ୍ପ ଭାଇମାନଙ୍କୁ ପ୍ରବୋଧ କର, ମୋତେ ବିଳମ୍ବ ହେଉଛି ।

ଦ୍ରୌପଦୀ--ହଉ, ତୁମ୍ଭର ଇଚ୍ଛା ।

—✱—

## ଷଷ୍ଠ ଦୃଶ୍ୟ

### ପଥ

ପୁରୁଷ—ଆ ଆ ତମ୍ଭାବୋଉ ଆରେ,
ସ୍ତ୍ରୀ – କରେ କଅଣ ଝଣ୍ଟିଆ କହ ରେ ॥ ଘୋଷା ॥
ପୁ—ଆମ୍ଭ ବାହ୍ମଣୀର ଶୀର ଗଲା ରେ
ସ୍ତ୍ରୀ—ଖେଣ୍ଡା କାହାର କଣ ହେଲା ରେ,
ପୁ– ବଡ଼ଲ ମୁହିଁ ତୁ ସହଜେ ଖାଇ ବସିଛୁ ଜାଣିବୁ
କଅାଁ ରେ ।
ପୁ – ପାର୍ଥ ଗଲେ ବନବାସ ରେ,
ସ୍ତ୍ରୀ—ତୋ କଥାକୁ ମାଡ଼େ ହସ ରେ,
ପୁ– ନ ବୁଝି ତୁ ଖ୍ୟାସ ନନ୍ଦ ଭଉଣୀ
ଲଢ଼ୁବାଟି ଆଉ କାହାରେ ।
ସ୍ତ୍ରୀ—ପ୍ରେମ ଲଗି ଯେଉଁ ପଣରେ
ପୁ—ତାଙ୍କୁ ଏଡ଼ିଲା କି ଅର୍ଜୁନ ରେ
ସ୍ତ୍ରୀ—ଦଇବ ଘଟଣ ଦେଖିକି ଭଉଣୀ
ଯା କରମେ ଅଛି ଯାହା ରେ ।

---



# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

### କାନନ

ଅର୍ଜୁନ—ଆହା, ଏ ଜଙ୍ଗଲଟି କାହାର ! ସୁସଜ୍ଜିତ ପ୍ରମୋଦୋଦ୍ୟାନ ପରି ଦେଖା ଯାଉଛି । ମୁଁ ତ ଏତେ ପଥ ଆସିଲି, କାହିଁ ଏପରି ସୁରମ୍ୟ ମନୋହର ସ୍ଥାନ ଦେଖି ନ ଥିଲି । ଏହାର ଶୋଭା ସନ୍ଦର୍ଶନେ ମୋର ଦୁଃଖ, କ୍ଳାନ୍ତି ଅପସାରିତ ହୋଇଅଛି । ଏହିଠାରେ ଟିକିଏ ବିଶ୍ରାମ ନେବି । (ବସିବାକୁ ଯାଉଁ ଯାଉଁ) ଏ କଣ, କେହି ହିଂସ୍ରଜନ୍ତୁ ଆସିଲାପରି ଜଣାଯାଉଛି । ଦେଖେ (ଇତସ୍ତତଃ ଚାହିଁ) ହଁ, ବଡ଼ ଭୟଙ୍କର ବିଷୟ, କମିକୁ ଗଣ୍ଡାଟାଏ ଛୁଟିଛି, ଯାହାକୁ ଏହିଠାରେ ଶିକାର କରିବି । (ଶର ସନ୍ଧାନ କରି ପଶ୍ଚାଦ୍ଧାବନ, ବାଣ ନିକ୍ଷେପ, ଗଣ୍ଡାର ମୃତ୍ୟୁ । )

---

## ଦ୍ୱିତୀୟ ଦୃଶ୍ୟ

### କୈଳାଶ

(ହରଗୌରୀ)

ଶିବ—ଦେବୀ, ତୁମ୍ଭଙ୍କୁ ଅନ୍ୟମନସ୍କ ଦେଖୁଛି କାହିଁକି ? କଣ କଷ୍ଟ ଲାଗୁଛି, ପ୍ରକାଶ କର ।

ପାର୍ବତୀ—ନାଥ ! ମନଟା କାହିଁକି ଗୋଳେଇ ଘାଣ୍ଟି ହେଉଛି ! ମିଜାଜ ଠିକ ରହୁନାହିଁ, କାରଣ କଣ କିଛି ଜାଣି ପାରୁନାହିଁ ।

ନନ୍ଦୀ—କି ଆଶ୍ଚର୍ଯ୍ୟ, ଭ୍ରମିଲି ମୁଁ ଏ କାନନ ଗୋଟା, କାହିଁ ନ ପାଇଲି ଦେବୀଙ୍କ ଗଣ୍ଡାଟି । ଗଲା କେଉଁ-ଆଡ଼େ, ଯାଏ ତେବେ ଦେଖେ ଯେଉଁ ସ୍ଥାନେ ନିତେ ଜଳ ପିଇ କରେ ସେ ଶୟନ, କାଳେ ଥିବ ସେହିସ୍ଥାନେ ଶୋଇ । (ଗଣ୍ଡାକୁ ଦେଖି) ଏକି ଅଦ୍ଭୁତ କାଣ୍ଡ ! କିଏ ସେ ପାଷଣ୍ଡ ଚଣ୍ଡପଣ ବଳ ଦେଖେଇ କଲା ଏଡ଼େ କାଣ୍ଡ, ବଧିଲା କି ମୋର ଗଣ୍ଡାଟିକି ଯଷ୍ଟି ଦେହେ ବିନ୍ଧେ ଶର ଛାଡ଼ି ।

କେଉଁ ବର୍ବର ଏହାକୁ କରୁଛି ବିନାଶ ।
କାହାର ମୃତ୍ୟୁ ନିକଟ ହୋଇଛି ? କାହାର ପୃଷ୍ଠି କୃତାନ୍ତ ପାଞ୍ଚି ପୋଛୁଛି । (ଆର୍ତ୍ତନାଦ) ସର୍ବନାଶ ।

ଶିବ—କେ କେଉଁଠାରେ ଆର୍ତ୍ତନାଦ କରୁଛି ?

ପାର୍ବତୀ—ଏଇ ନିକଟରେ ତ ଆମ ପିଲାଙ୍କ ପାଟିପରି ଶୁଣାଯାଉଛି ।

ନନ୍ଦୀ—ବାପା ! ଆମ ଗଣ୍ଡାଟିକୁ କିଏ ମାରିଦେଲା ।

ଶିବ—ତୁମେ ସେତେବେଳେ କୁଆଡ଼େ ଥିଲ ?

ନନ୍ଦୀ, ଭୃଙ୍ଗୀ—ସେତେବେଳେ ଆମ୍ଭେ ପ୍ରସାଦ ପାଇବା ନିମିତ୍ତ ମଠକୁ ଆସିଥିଲୁ ।

ଶିବ—କଣ ହେଲା, ଆରେ କେଉଁ ମୂର୍ଖ କଲା ଏଡ଼େ କର୍ମ ଜାଣୁ ଜାଣୁ କିପରି ସେ ସର୍ପ ବିଳେ ପୂରାଇଲା ହସ୍ତ ?

ପାର୍ବତୀ—ନାଥ ! ମୋର ସବୁ ସରିଲା, କିଏ ମୋ ସନ୍ତାନକୁ ମାରିଲା ? ହାରେ କପାଳ ! (ମୂର୍ଚ୍ଛା)

ଶିବ— ନନ୍ଦୀ ! ମାକୁ ଧର, ଗଣ୍ଡାତ ମଲା ସେଥିଲାଗି ପ୍ରାଣ ଦେଇ ଦେବ କି ? ଦେବି, ତୁମ୍ଭେ କଣ ପାଗଳୀ ହେଲ । ମଲବସ୍ତୁ କି ଫେରି ଆସିବ, ଥୟ ଧର ।

ପାର୍ବତୀ—ନାଥ ! କାର ଏଡ଼େ ସାହସ, ମୋର ଗଣ୍ଡାକୁ ସେ ବିନାଶ କଲା । ତେବେ ମୋତେ ବିନାଶ କରିବାକୁ କେତେ ମାନ । ମୁଁ ଏ ପ୍ରାଣ ରଖିବି ନାହିଁ ।

ଶିବ—ଦେବୀ ତୁମ୍ଭେ ଧୈର୍ଯ୍ୟଧର, ସେ କଥା ବୁଝିବା, ଆମର ଗଣ୍ଡାକୁ ଯେ ମାରିଛି, ଆମେ କଣ ତାକୁ ଛାଡ଼ିଦେବା ? ନନ୍ଦୀ, ତେବେ ତେଣେ କେଉଁଠି ଛାଡ଼ିଥିଲୁ ?

ପାର୍ବତୀ— ଗୀତ

(ନାଗର ହେ ଭାବନା—ବୃତ୍ତି)

ହେ ଗୌରବଧନ, କେ ମୂଢ଼ କଲା ଏଡ଼େ କର୍ମ
ମୋତେ ନ ମାର ପ୍ରାଣେ ମାଲେ ମୋ ସନ୍ତାନେ
ଧିକ ଧିକ ଏ ପୋଡ଼ା ପ୍ରାଣ । ୧ ।

ନାଥ ! କେତେ ସ୍ନେହରେ ସେ ଗଣ୍ଡାଟିକୁ ମୁଁ ପାଳିଥିଲି, ତାର ମୃତ୍ୟୁ ଦେଖି ଧୈର୍ଯ୍ୟଧରି ରହିପାରୁ ନାହିଁ ।

ଶିବ—ଦେବି ! ଅଧୈର୍ଯ୍ୟ ହେଲେ କଣ ହେବ, ଯାହା ହେବାର ତ ହୋଇଗଲାଣି ।

ପାର୍ବତୀ— (ଗୀତ)

ଧଇଲ ଛାଡ଼ ନାଥ ପ୍ରାଣେ ମୁଁ ହେବି ହତ
ଅଧୈର୍ଯ୍ୟ ହେଲାଣି ମୋ ମନ ହେ । ୧ ।

ନାଥ ! ମୋର କାଳ ଛାଡ଼, ମୁଁ ଏ ପ୍ରାଣ ହରାଇ ଦେବି ।

ଶିବ—ନନ୍ଦୀ, ଏତ ବଡ଼ ମୁସ୍କିଲ ହେଲା ! ଦେବି ! ତୁମ୍ଭେ ଶାନ୍ତ ହୁଅ ମୁଁ ତାର ପ୍ରତିକାର କରିବି ।

ପାର୍ବତୀ— ଗୀତ

ସେବଣ ପ୍ରତିକାର, କରିବ ପ୍ରାଣେଶ୍ବର
ବାଳାମଣିର ଯିବ ମାନ ହେ । ୩ ।

ନାଥ ! ସେ ଦୋଷୀକୁ ଯଦି ମାରି ମୋ ନିକଟରେ ପକାଇବ ତ ମୋର ସନ୍ତାନକଷ୍ଟ ମନରୁ ପାଶୋରି ଯିବ ।

ଶିବ— ଗୀତ

( ୧୧ ମଠ )

ଯୋଷାମଣି ତୁଷ୍ଟ କମା ନାଶିବି ସେ ଦୋଷୀକି ରେ
ବାନ୍ଧବ ବସିଥା ବାସେ ନ ଭାସ ଲୁ ବେଣିକରେ । ପଦ ।

ଦେବି ! ସେ ମୂର୍ଖକୁ ବର୍ତ୍ତମାନ ବିନାଶ କରିବି । ଯଦି ସେଥିରେ ପଶ୍ଚାତ୍‌ପଦ ହୁଏ ତ ଏ ନିର୍ଲଜ ମୁଖ ତୋତେ ଦେଖାଇବାକୁ ଆସିବି ନାହିଁ ।

ଗୀତ

ସ୍ଥୂଲ ବଳେ ମୃତ୍ୟୁ ନିମନ୍ତ୍ରଣ କରିଛି ମୂଢ଼ ଅଜ୍ଞାନ
ଜାଣିଲା ତା କର୍ମବାମ ପଡ଼ିଲାଣି ଆସିକ ରେ ।

ଦେବୀ ! ସେ ମୂର୍ଖ ବଳେ ବଳେ ମୃତ୍ୟୁକୁ ନିମନ୍ତ୍ରଣ କରିଛି । ତାକୁ ତ୍ରିଭୁବନରେ ଆଉ ରକ୍ଷା ନାହିଁ ।

ଗୀତ

ଗଣ୍ଡାଟା ପାଇଁଣ ଖଣ୍ଡା କାଟି ମୁଁ କରିବ ଦଣ୍ଡ
ସ୍ପଷ୍ଟି ଭୁ ନ କର ନିନ୍ଦା ଦେବି ମନ ତୋଷିକରେ ।

ଦେବି ! ତୁମ୍ଭର ଗଣ୍ଡା ଲାଗି ସେ ଖଣ୍ଡର ଖଣ୍ଡ୍ୟାକୁ ନିଶ୍ଚୟ ମୋଡ଼ିଦେବି । ଏଥିରେ ଅନୁମାତ୍ର ସନ୍ଦେହ ନାହିଁ ।

ଗୀତ

ହେଲେ ଦେବ ବ୍ରହ୍ମା ହରି ନାଟିବିଟି ସୁଖଶୀଷ
ମୋ ସଙ୍ଗେ ହେଲେ ଲଗାଇ ବାଳକୃଷ୍ଣ ଭଣିକ ରେ ।

ପ୍ରେୟସି ! ନ ହୁଅ ଶଙ୍କିତ ତୁମ୍ଭେ ଏ ମୁହୂର୍ତ୍ତେ, ମାରିବ ପାଷଣ୍ଡେ ସ୍ୱର୍ଗ ମର୍ତ୍ତ୍ୟ ରସାତଳେ ଯେଣେ ସେ ଲୁଚିବ, ପାଷଣ୍ଡକୁ ତେବେ ଖୋଜି କରିବ ବିନାଶ । ସ୍ୱୟଂ ଗୋଲକାଧିପତି ନାରାୟଣ ଯହିଁ ତା ସଙ୍କଟରେ ଚକ୍ର ଧାରଣ କରନ୍ତି ତ ମୁଁ କି ବିଚାର ସତ୍ତା ବହି ଜନ୍ମିଛି, ସେ କେବେ ମୋ ଠାରୁ ପରିତ୍ରାଣ ପାଇବ ନାହିଁ । ନନ୍ଦି, ଦେଖ ଦେଖ ଶୀଘ୍ର, କେ ମୂର୍ଖ କରିଛି ଏ କାଣ୍ଡ ।

ପାର୍ବତୀ—ନାଥ ମୁଁ ! ତେବେ ତୁମ୍ଭ ସଙ୍ଗରେ ଯିବି ।

ଶିବ—ଭଲ, ଚାଲ ନେବେ ।

———

## ତୃତୀୟ ଦୃଶ୍ୟ
## କାନନ

ଅର୍ଜ୍ଜୁନ – ମୋର ଲକ୍ଷ୍ୟ କଣ ଭ୍ରଷ୍ଟ ହୋଇଗଲା, ତେବେ ଶରଟା ତ ଏହି ସ୍ଥାନରେ ପଡ଼ିଥାନ୍ତା । କି ଆଶ୍ଚର୍ଯ୍ୟ, ଯହିଁ ଆଜି ସାମାନ୍ୟ ଗଣ୍ଡାଟା ମୋର ଲକ୍ଷ୍ୟରୁ ବହିର୍ଭୂତ ହେଲା ତ ଏ ଧନୁଶର ଧରିବା ବୃଥା । ଏ କିଏ ଆସୁଛନ୍ତି, ପ୍ରାୟ ପଶ୍ଚରେ । ହେ ପିଲାଏ, ଆଡ଼କୁ ଆସିଲ ।

ନନ୍ଦି – କାହିଁକି ଡାକୁଛ ?

ଅର୍ଜ୍ଜୁନ—ଆରେ, ଦେଖିଲ, ଗୋଟାଏ ଗଣ୍ଡା ମୋ ବାଣ ଆଘାତ ପାଇ କେଉଁଠି ପଡ଼ିଛି । ମୋତେ ଖୋଜିଦେଲେ ପଇସା ଦେବି ।

ନନ୍ଦି – ଆରେ ଏଇଠି ତ ଚୋର, ଆମେ ବାର ଅଡ଼େ ଖୋଜୁଛୁ କଣ । ହଇରେ ଦୁର୍ବୁଦ୍ଧି ପାଷଣ୍ଡ, ତୁ କିମ୍ପା ଆମ୍ଭର ପୋଷା ଗଣ୍ଡାଟି ମାରିଲୁ ?

ଅର୍ଜ୍ଜୁନ—ଆରେ କାହାର ଗଣ୍ଡା, ତୁମ୍ଭେମାନେ କଣ ଯିବ ନାହିଁ ?

ଗୀତ

ଛପକା

ନନ୍ଦି—ମଜା କରିଲୁ ଯିବ ଖୋଜାପଡ଼ିଛି ତୋତେ ।

ଅର୍ଜ୍ଜୁନ—କେ ଏମନ୍ତ ବଳଶାଳୀ ଅଛି ଜଗତେ । ପଦ ।

ନନ୍ଦି—ସେତ ଜଗତମାତାର ଗଣ୍ଡା,

ତୁ କିମ୍ପା ମାରିଲୁ ଦୁଷ୍ଟା ।

ଅର୍ଜ୍ଜୁନ—ଗଣ୍ଡାଗଳା ପରି ତୁମ୍ଭେ ମଣିଛ ମୋତେ ।୧।

ନନ୍ଦି—କାଣ୍ଡିଦେବୁଁ ଚୁଟିଧରି, ବନ୍ଧିକୁ ଗଣ୍ଡା ଆଣ୍ଡିରି ।

ଅର୍ଜ୍ଜୁନ—ରେ ଦୁର୍ଦ୍ଦଣ୍ଡ ବଳସ୍ୱୀ ମୁଁ ଶଙ୍କ କାହୁଁତେ ।୨।

ଦୂର ହୁଅ ପାଷଣ୍ଡ, ଯୁଦ୍ଧପୋଡ଼ା ଗୋଟାକେ ଜନ୍ମଦୁଧ ବାହାରିବ ତୁମ୍ଭ ।

ନନ୍ଦି—ଚାଲ ତେବେ ବାବାଙ୍କୁ କହିବା । ଚୋର, ଉଲଟି ସିମାଜୋର । (ଶିବଙ୍କ ପ୍ରତି) ବାବା ! ଯେ ଗଣ୍ଡାକୁ ମାରିଛି ସେ ଏହି ନିକଟରେ ଭାରି ପ୍ରତାପ ଦେଖାଉଛି ।

ଶିବ—ମୂର୍ଖ, ଏଡ଼େ ତୋର ଆସ୍ପର୍ଦ୍ଧା, ଏଡ଼େ ଦର୍ପ ଭେକ ହୋଇ ଭୁଜଙ୍ଗ ବଳରେ ପୂରାଉଛୁ ଦାନ୍ତ । ଦେଖ ! ଆଉ ବିଳମ୍ବ ନାହିଁ, ମୂର୍ଖର ଅନ୍ତିମ ନିଦ୍ରା ନିକଟ ହୋଇଗଲାଣି ।

ନନ୍ଦି—ଚାଲ ଆଗେ ତମାସ ଦେଖିବ, କେଡ଼େ ଗର୍ବ ହୋଇଛି ତାହାର (ଅର୍ଜ୍ଜୁନକୁ ଲକ୍ଷ୍ୟ କରି ଦେଖାଇ ଦେବା) ଏଇ ଆସୁଛି, ବାପା ।

ଶିବ – ଏଇ ମୂର୍ଖ ! (ଅର୍ଜ୍ଜୁନ ପ୍ରତି) ଆରେ ରେ ପାଷଣ୍ଡ କିମ୍ପା ମୋର ଗଣ୍ଡାକୁ ତୁ କରିଲୁ ବିନାଶ ।

ଅର୍ଜ୍ଜୁନ – ରେ ବଣବୁଲା ଭିକାରି ! କଣା ଗଣ୍ଡା ବୋଲି ତୋର କି ଥିଲା ପ୍ରମାଣ ।

ଶିବ—ଗଣ୍ଡାଟା ପାଇଁ ତୋ ଖଣ୍ଡ ମୋଡ଼ିବି ରେ ଆଜ ।

ଅର୍ଜ୍ଜୁନ ଗଣ୍ଡାଗଳା ପ୍ରାୟ ମୋତେ ମଣିଛୁ କି ପାଜ ।

ଗୀତ

ଶିବ— (ଖେମଟା)

ଏତେ ତୋର ଗୁମର ଆରେ ମୂଢ଼ମତି
କେତେ କଥା ବଢ଼ି ବଢ଼ି ରେ ।
ସିନ୍ଧୁକ ରେ ବର୍ତ୍ତି ପଡ଼ିଲୁ ଦୁର୍ଗତି
ପ୍ରାଣବାୟୁ ଦେବି କାଢ଼ିରେ । ଘୋଷା ।

ମୂର୍ଖ ! ତୋର ଏତେଦୂର ଅସ୍ପର୍ଦ୍ଧା ? ତୋତେ ଦୈବ ବିପକ୍ଷ ହେଲାଣି । ଆଜ କେ ରକ୍ଷାକର୍ତ୍ତା ହେବ ଦେଖିବି ।

ଅର୍ଜ୍ଜୁନ – ଭିକାରି ! ତୋର ସେହି ପୋଷା ଗଣ୍ଡାଟିର ମୂଲ୍ୟ କେତେ କହ । ଦେବାକୁ ମୁଁ ପ୍ରସ୍ତୁତ ।

ଶିବ—ମୂଲ୍ୟ ଦେବୁ ?

ଗୀତ

ଆରେ କଣ ଓଳୁ ମନ୍ଦ କର୍ମକଲୁ
ଯିବ ପିଠିଗଲୁ ଯ୍ଲଢ଼ ରେ ।
ଗଣ୍ଡୀଗାଭ ଷଣ୍ଡ ମୋହର ଦୁର୍ଦ୍ଦଣ୍ଡା
ଦଣ୍ଡାରେ ତୁ ଯିବୁ ଗଢ଼ ରେ ।

ମୂର୍ଖ ! ତୋର ବଢ଼ି ବଢ଼ି କଥାବା ଛଡ଼ାଇ ଦେଉଛି, କ୍ଷଣେ ରହ ।

ଗୀତ

ଧର୍ମଧାମେ ବାସ, ନାହିଁ ରେ ନୃଶଂସ
ଅଂଶ ବଂଶ ଦେବ ପୋଡ଼ ରେ ।
ଭେଟିବୁ ଅଦୃଷ୍ଟ ସ୍ମରୁ ତୋ ଇଷ୍ଟ
ବାଳକୃଷ୍ଣ ପଦ ଯୋଡ଼ରେ ।

ଆରେ ନରାଧମ ! ତୋର ଇଷ୍ଟ ଚିନ୍ତାକର, ଏକ୍ଷଣି ଯିବୁ ଯମନ ସଦନକୁ ।

ଅର୍ଜୁନ— ଗୀତ
(ଖେମଟା)

ଆଜ ଦଣ୍ଡେ ରହ ରହ ରେ
ଖଣ୍ଡ ଖଣ୍ଡ ହେବ ତୋ ମୁଣ୍ଡ ।
ତୁ ପିଶାଚ ଷଣ୍ଡ, ବର୍ବର ପାଷଣ୍ଡ
ଦେଖିବ ରେ ତୋ କାଣ୍ଡ । ଘୋଷା ।

ମୂର୍ଖ ! ତୋର ବୃଥା ବାକ୍ୟାଳାପର ପ୍ରୟୋଜନ କଣ ? ନ ଜାଣେ କେ ଜନ ନାମ ମୋହର ଅର୍ଜୁନ । ଦୁର୍ଜନଦଳନ ବାନା ଉଡ଼େ ଯାର ଏ ତିନ ଭୁବନ ।

ଗୀତ

ଦୁଷ୍ଟଦଣ୍ଡା ତୋ ଷଣ୍ଡା ମୋଡ଼,
ଏ ବ୍ରହ୍ମାଣ୍ଡ ଦେବ ମୁଁ ଛଡ଼ ।
ଆରେ ରେ ବାପୁଡ଼ା ତୁ ଷଣ୍ଡ ଖେଚଡ଼ା
କଲୁଣି ଲଣ୍ଡଭଣ୍ଡ ।

ରହ ମୂର୍ଖ, ବର୍ତ୍ତମାନ ଖଣ୍ଡ ଖଣ୍ଡ କରିବ ତୋ ମୁଣ୍ଡ । କଣ୍ଡାଳାପର ମୋତେ ନ ଲୋଡ଼ ଲଘୁତ, ଗଣ୍ଡ ତୋର ଖଣ୍ଡିବାକୁ ଆସିଛି ମୁଁ ଏଥେଁ ।

ଗୀତ

ଦଣ୍ଡାତୁଲ ତୁ ହୁଣ୍ଡା ସ୍ୱେର
ଗଣ୍ଡି ମୁଣ୍ଡ ହେବ ତେ ଚୂର
କହେ ବାଳକୃଷ୍ଣ ସ୍ମରି ତୋ ଇଷ୍ଟ
ଚଳିବ କଲ ଛନ୍ଦ ।

ମୂଢ଼ ! ଧର ଅସ୍ତ୍ର କର ରଣେ ଜଣାଯିବ ପଣ, ବୃଥା ଉଚ୍ଚବାକ୍ୟେ ନାହିଁ କିଛି ପ୍ରୟୋଜନ ।

ଶିବ—ନରାଧମ ! ହୁଅ ଅଗ୍ରସର । ପୂରାଇବ ଏକ୍ଷଣେ ତୋର ଆଜ ରଣସାଧ ।

ଅର୍ଜୁନ ଆରେ କିରାତ ! ଏବେ ମରିବୁ ପ୍ରସ୍ତୁତ ହୁଅ ।

ଶିବ—ସେ ନିମନ୍ତେ ନାହିଁ ମୋର ଭୟ ?

ଅର୍ଜୁନ - ସମ୍ଭାଳ ଏ ଗଲା ମୋର ଜଳଧାର ଶର ।

ଶିବ – ବାୟୁବାଣ୍ୟେ ଉଡ଼ାଇଲି ଦେଖରେ ବର୍ବର ।

ଅର୍ଜୁନ—ସ୍ୱହିଁ ଦେଖ ପର୍ବତାସ୍ତ୍ରେ କାଟିଲି ତୋ ମୁଣ୍ଡ ।

ଶିବ—ଏହି ଦେଖ ଇଷିତରେ ବ୍ରଜବାଣେ ହେଲା ଖଣ୍ଡ ଖଣ୍ଡ ।

ଅର୍ଜୁନ—ପୁଣି କୁହୁଡ଼ି ବାଣଗଲା ସମ୍ଭାଳ ଶବର ।

ଶିବ - ଛେଦ ପକାଇଲି ଦେଖ ମୋର ଏହି ଅର୍ଦ୍ଧଚନ୍ଦ୍ର ଶର ।

ଅର୍ଜୁନ ସମ୍ଭାଳ ଏ ଗରୁଡ଼ ଶର ରେ ମୂଢ଼ ପାଷଣ୍ଡ ।

ଶିବ—ଏହି ନାଗବୋଡ଼ାସ୍ତ୍ରେ ତୁହି ଏକ୍ଷଣେ ମରିବୁ ଦୁର୍ଦ୍ଦଣ୍ଡ ।

(ଉଭୟଙ୍କ ଯୁଦ୍ଧ ଓ ଶିବଙ୍କର ଶରବ୍ୟର୍ଥ ହେବା ଦେଖି)

ଶିବ—ଶାନ୍ତ ହୁଅ ବୀର ପାର୍ଥ, ଚିହ୍ନିଲି ମୁଁ ତୋତେ । ତୁହି ମହାଶକ୍ତିବାନ । ଅଜ୍ଞାତରେ କଲି ତୋତେ କ୍ରୋଧ, ଏ ଉପଯୁକ୍ତ ଶାସ୍ତି ପାଇଛି ମୁଁ ଅନେ ।

ଅର୍ଜୁନ—କିଏ ତୁମ୍ଭେ ମହାତ୍ମା, ଅଲକ୍ଷିରେ ଯୁଦ୍ଧ କଲି ମୋହର ସହିତେ, ନ ଜାଣି ମୁଁ ଜୁଝିଛି ଅପାର, ଦୋଷାଦୋଷ କ୍ଷମାକରି କହିବେ କି ପରିଚୟ ଗୀର ?

ଶିବ—ବତ୍ସ ! ମୁହିଁ ଏହି ଉଦ୍ୟାନ ଧିକାଶ୍ରୀ କୈଳାସପତି ହର । ବଳୁଥିଲି ଶକ୍ତି ମୁଁ ତୁମ୍ଭର ।

ଅର୍ଜୁନ— ସ୍ୱଗତ) କଣ ଶୁଣିଲି, କି କର୍ମ କଲି ମୁଁ ମୂଢ଼ । ଅଜ୍ଞାନ ପଣରେ ଦର୍ପର ବଶବର୍ତ୍ତୀ ହୋଇ ଦେବ ଦେବ ମହାଦେବଙ୍କୁ କି ପୀଡ଼ା ନ ଦେଲି । ରେ ଚୁଲଣ, ତୁ ମୋର ମସ୍ତକ ଚୂର୍ଣ୍ଣ ନ କରି ରହିଛୁ କାହିଁକି ? (ପ୍ରକାଶ୍ୟେ) ହେ ଦେବ ଦେବ ! ତ୍ରିଲୋଚନ ଉମାପତି ! କ୍ଷମାକର ଦାସ ଦୋଷ, ଅଜ୍ଞାନ ମୁଁ ନ ଜାଣଇ କିଛି ।

(ସାଷ୍ଟାଙ୍ଗେ ପ୍ରଣିପାତ ଓ ପ୍ରାର୍ଥନା)

ଗୀତ

(ଝିଞ୍ଜ ହେ — ରୁଦ୍ରେ)

ହର ହେ ଅପରାଧ ମୋହର
ନ ଜାଣି ମୁଁ ଦୋଷ କଲି କ୍ଷମା କର
କର୍ମ ବାମ ମୋହର । ୧ ।
ତୁମ୍ଭ ଦେବ ଦେବ ପାର୍ବତୀପତି ଗଙ୍ଗାଧର
ରକ୍ଷ ନନ୍ଦନ ପଞ୍ଚାନନ
ଅଧୀନ ଦୁର୍ମତି ହର । ୨ ।

ପ୍ରଭୁ ! କ୍ଷମାକର । ଅଜାଣାରେ କରିଅଛି ଦ୍ରୋହ ଆଚରଣ ।

ଶିବ—ଧନ୍ୟ, ଧନ୍ୟ ଅର୍ଜୁନ ! ତୁ ପରାଜିତ କଲୁ ମୋତେ । ତୋର ବାହୁବଳେ ତୁଷ୍ଟ ହୋଇ ଇଚ୍ଛେ ବର ଦେବାକୁ ତୋହରେ (ପାର୍ବତୀଙ୍କ ପ୍ରବେଶ) ଦେଖ, ଚଣ୍ଡି ଲଣି କଏ ଏହୁ ।

ଅର୍ଜୁନ—( ପାର୍ବତୀଙ୍କୁ ପ୍ରଣିପାତ ) ମା ! ଜଗତ୍‌ଜନନୀ ଅଧମ ତାରିଣି ! ଏ ଦୀନ ଦୋଷ କ୍ଷମାକର ।

ଶିବ—ଦେଖ ! ଅର୍ଜୁନ ଏ ମହାବଳଶାଳୀ ଶ୍ରୀକୃଷ୍ଣଙ୍କ ସଖା, ଆଜ ମୋତେ ଯୁଦ୍ଧରେ ପରାସ୍ତ କରିବାରୁ ମୁଁ ତାଠାରେ ସନ୍ତୁଷ୍ଟ ହୋଇ ଗୋଟିଏ ବର ଦେବାକୁ ଇଚ୍ଛା କରୁଛି ।

ପାର୍ବତୀ—ଆପଣଙ୍କ ଇଚ୍ଛା ।

ଶିବ— ଗୀତ (କର୍ତ୍ତ୍ୟାଲ)

ମାଗିନିଅ ବର କୁମର ଯେ ଇଚ୍ଛା ତୋର ।
ପରାକ୍ରମ ଦେଖି ଦୟା ହେଲା ମୋହର । ଘୋଷା ।

ଅର୍ଜୁନ ! ତୋ ସହିତ ମୋର ସାକ୍ଷାତ ହେଲା ଏ ବଡ଼ ଭାଗ୍ୟର ବିଷୟ ?

ଗୀତ

ବାସବ ତୋହର ତାତ କେଶବ ତୋ ପ୍ରିୟସଖା
ତୋତେ ଜେତା ସମରଥ ଏ ଜଗତର ।୧।

ବତ୍ସ, ଯେବେ ବର ମାଗିବୁ, ମୁଁ ଦେବାକୁ ପ୍ରସ୍ତୁତ । ଇଚ୍ଛା ସୁଖେ ମାଗି ନେଇ ବର ।

ଅର୍ଜୁନ— ଗୀତ

ଯେବେ ଦୟା ପଞ୍ଚାନନ ପ୍ରକାଶେ ମିଳିବ ଅନ୍ନ

ଶିବ— ଗୀତ

ଅସ୍ତୁ ହେଉରେ ଅର୍ଜୁନ କାମନା ତୋର ।

ପାର୍ବତୀ—ଏ କଣ ନାଥ, ଏ କି ଦଗାବାଜି ।

ଶିବ—କଣ ଦଗାବାଜି ?

ପାର୍ବତୀ—ଅଙ୍ଗ ଶୁଦ୍ଧ ନାହିଁ, ଏ ବରର ଫଳ କଣ ହେବ ?

ଶିବ—ଠିକ୍ କହିଲ ଦେବି ! ମୁଁ ଯାଉଛି ସ୍ନାନ ମାର୍ଜନା କରି ଆସେ । ( ପ୍ରସ୍ଥାନ )

ପାର୍ବତୀ—ଅର୍ଜୁନ ! ଏପରି ନିର୍ବୋଧ ତୁମ୍ଭ ଅନ୍ନ ଭିକ୍ଷା ମାଗୁ କିମ୍ପା ହରେ ? ଯଦି ଶିଶୁ ତୁମ୍ଭ, ମାଗ ବର ଯଦ୍ଦ୍ୱାରେ ଲଭିବୁ ପୌରୁଷ ।

ଅର୍ଜୁନ—ମା ଅଜ୍ଞାନ ମୁଁ ନ ଜାଣେଇ କହୁଛି, ଦୟାକରୁ କହିଦିଅ ଅଧମ ସନ୍ତାନେ ।

ପାର୍ବତୀ ମାଗ, ତେବେ ପାଶୁପତ ଅସ୍ତ୍ର ।

ଅର୍ଜୁନ—ହଉ ମା ।

ଶିବ—( ପ୍ରବେଶି ) ବତ୍ସ ! ଇଚ୍ଛା ସୁଖେ ମାଗି ନେଇ ବର, ଯେ ଇଚ୍ଛା ତୋହର ।

ଅର୍ଜୁନ—ପଶୁପତି ! ପାଶୁପତ ଅସ୍ତ୍ର ଅସ୍ତୁ ହେଉ ମୋତେ ।

ଶିବ—( ସ୍ୱଗତ ) କାହୁଁ ଜାଣନ୍ତା ଏ ଗୂଢ଼ ରହସ୍ୟ, ନିଶ୍ଚୟ ଏହା ପାର୍ବତୀ ଫିକର ( ପ୍ରକାଶ୍ୟେ ) ପ୍ରିୟେ ! ଦେଲି ମୁହିଁ ପାଶୁପତ ଅସ୍ତ୍ର ମାଗ ଦଣ୍ଡ କଚ୍ଛି ବର ତୁମ୍ଭେ ପାର୍ଥ ସଂରବରେ ।

ପାର୍ବତୀ ଇଚ୍ଛା ତବ, ଦେବ ନିଶ୍ଚେ ବର ।

ଶିବ—ଦେବି ! ଅଙ୍ଗ ଶୌଚକରି ଆଗେ ଦଣ୍ଡ ପରେ ବର ।

ପାର୍ବତୀ—( ଅଙ୍ଗ ଶୌଚ ନିମିତ୍ତ ପ୍ରସ୍ଥାନ )

ଶିବ—ବତ୍ସ ! ଜାଣୁ କି ତୁ ମାଗିବୁ କି ବର ?

ଅର୍ଜୁନ—କି ଜାଣେ ମୁଁ, ଯାହା ଆଜ୍ଞା ହେବ ତବ ଅନୁଗ୍ରହେ ।

ଶିବ—ମନେରଖ ପାର୍ଥ ! ମାଗିନେବୁ ହେଉଥାଉ ଅକ୍ଷୟ ତୂଣୀର । ଯେଉଁ ଶରେ ନିବାତାସୁର ହୋଇଛୁ ନିଧନ, ମାତ୍ର ବାବୁ ନ ସନ୍ଧାନିବୁ ଏହା ଇତର ପ୍ରାଣୀରେ । କାର୍ଯ୍ୟକାରୀ ହେବ ଏହା ତୋର ଭାରତ ସଂଗ୍ରାମେ ।

ପାର୍ବତୀ—( ପ୍ରବେଶ ) ବତ୍ସ ! କି ମାଗୁଛ ମାଗ ।

ଅର୍ଜ୍ଜୁନ—ଦେବ ! ହୋଇଛନ୍ତି ସନ୍ତୁଷ୍ଟ ଯେବେ ଅଧମ ଭକ୍ତରେ । ଦଅନ୍ତୁ ତେବେ ଅସ୍ତ୍ର ଭୂଷିର, ଏହି ଭିକ୍ଷା ଶ୍ରୀପଦ ଯୁଗଳେ ।

ପାର୍ବତୀ—ତଥାସ୍ତୁ, ( ଶିବଙ୍କ ପ୍ରତି ) ଭୋଳାନାଥ । ଜାଣିଲ କେମନ୍ତେ ପାର୍ଥ ଏ ଗୂଢ଼ ଅଭିସନ୍ଧି କଥା ।

ଶିବ—ଦେବି ! ଜାଣିଲ ଯେମନ୍ତ ମମ ବର ବାର୍ତ୍ତା, ଜାଣିଲ ସେପରି । ( ଅର୍ଜ୍ଜୁନ ପ୍ରତି ) ବତ୍ସ ରେ ଅର୍ଜ୍ଜୁନ ! ଗଲ ଆଜ ଅତିଥ୍ୟ ଗ୍ରହଣ କରିବୁ ଆମ୍ଭର । ମନେରଖ ନ ପ୍ରକାଶିବୁ ଏହା କେବେହେଁ ରୁକ୍ମିଣୀ ନାହାରେ ।

ଅର୍ଜ୍ଜୁନ—ନା ଦେବ ! ମୁଁ ବର୍ତ୍ତମାନ ଗୋଟିଏ ପ୍ରତିଜ୍ଞା ଲଙ୍ଘନ କରିବାରୁ ବାରବର୍ଷ ବନବାସ କରି ଆସିଛି । ଏ ଅଧମ ଦାସଠାରେ ରଖିଥିବେ ଦୟା ।

—*—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ଶ୍ରୀକୃଷ୍ଣ— ଗୀତ

(ଥିଏଟର-ବୃନ୍ଦେ)

ମୁଁ ସବେ ବନ୍ଧା ଜଗତେ
ଥାଏ ଭକତ ହୃଦେ ମରତେ ।
ଭକତ ସୁଖରେ ଥାଏ ମୁଁ ସୁଖୀ
ଭକତ ଦୁଃଖରେ ମୁଁ ସଦା ଦୁଃଖୀ
ଭକ୍ତମାନ ରଖି
ମୋ ମାନ ଉପେକ୍ଷି ଭକତପଛେ ଧାଏଁ ନିରତେ ।

ଆହା ! ଭକ୍ତ ମୋର ପ୍ରାଣର ବାନ୍ଧବ । ଜୀବନରେ ସୁଖଙ୍କି ସେ ଆଜ ଦେବତାମାନଙ୍କ କୁଟିଳ ଚକ୍ରାନ୍ତରେ ପଡ଼ି କେତେ କଷ୍ଟ ସହ୍ୟ କରି ଜଙ୍ଗଲରେ ଅରକ୍ଷ ହୋଇ ବୁଲୁଛି । ଆନ୍ଧାରରେ ଅର୍ଜ୍ଜୁନ ବଚ୍ଛେଦରେ ଯୁଧିଷ୍ଠିରଦି ଅନ୍ୟ ଭ୍ରାତାମାନେ କପରି ଅଛନ୍ତି ଦେଖିବି ( ଦ୍ୱାରଦେଶରେ ପ୍ରବେଶି ପାଣ୍ଡବଙ୍କ ପ୍ରତି ) ତୁମ୍ଭମାନଙ୍କ ମନଟା ଏପରି ନିରସ ଦେଖାଯାଉଛି କାହିଁକି ? ମୁଁ ତ କିଛି ବୁଝି ପାରୁ ନାହିଁ ।

ଗୀତ— ( ହେ ଗୁରୁ ଦେବ-ବୃନ୍ଦେ )

ଦେଖୁଛି ଆଜ ତପସ୍ୱୀତ ହେ ଧର୍ମ ସୁତ । ପଦ ।
କଲି ମୁଁ କିବା ଦୋଷ, ମନେ ବହୁଛ ରୋଷ ।
ପ୍ରକାଶି ହର ମୋ ସନ୍ତାପ । ୧ ।

ହସି କମା ନ କହୁଛ କଥା, କିବା ଦୋଷ କଲି କି ତୁମ୍ଭରେ, ସନ୍ଦେହ ଜନ୍ମୁଛି ବଡ଼ ।

ଗୀତ

କାହିଁ ମୋ ପ୍ରାଣ ସଖା ଅର୍ଜ୍ଜୁନ ନାହିଁ ଦେଖା
ତା ପାଶେ ଦୋଷୀ ନାହିଁ ମୁଁ ତ । ୨ ।

ଅର୍ଜ୍ଜୁନ ତ ମୋର ପ୍ରାଣର ବନ୍ଧୁ । ସେ କାହିଁକି ମୋର ଶୁଭ ଶୁଣି ଦଉଡ଼ି ଆସୁ ନାହିଁ । ମୁଁ କିଛି ଦୋଷ କରିଛି, ସେଥି ଯୋଗୁଁ ମୋର ମୁଖାବଲୋକନ କରୁନାହିଁ ? ଯଦି ସେ କଥା ହୋଇଥାଏ, ତେବେ ମୋତେ କ୍ଷମା ଦିଅନ୍ତୁ । ମୁଁ ତୁମ୍ଭମାନଙ୍କୁ ଘୃଣ୍ୟ ଦଣ୍ଡେ ରହିପାରିବି ନାହିଁ ।

ଯୁଧିଷ୍ଠିର—ଭଗବାନ ! ସେତ ଆମ୍ଭ କର୍ମଦୋଷ ।

ଶ୍ରୀକୃଷ୍ଣ—କଣ, କଥା କଣ ? ମୁ ତ କିଛି ବୁଝିପାରୁ ନାହିଁ ।

ଯୁଧିଷ୍ଠିର - ଅର୍ଜ୍ଜୁନ ଗୋଟିଏ ନିୟମ ଲଙ୍ଘନ କରିବାରୁ ବାରବର୍ଷ ନିର୍ବାସିତ ହେଲା ।

ଶ୍ରୀକୃଷ୍ଣ—କଣ ହେଲା, ଅର୍ଜ୍ଜୁନ ନାହିଁ ? ତୁମ୍ଭମାନଙ୍କ ମନରେ କଣ ଏଇଆ ଥିଲା ।

ଗୀତ

ଅହଲ୍ୟା କରି ପାର୍ଥେ ଚେକଲ ନିର୍ବାସିତେ
ହେଜଲ ନାହିଁ ସ୍ୱଭ୍ରାତ ।

ମୁଁ ନିଶ୍ଚୟ ଜାଣି ପାରୁଛି ତୁମ୍ଭେମାନେ ଅହଲ୍ୟା କରି କପଟରେ ଅର୍ଜ୍ଜୁନକୁ ବନବାସ ପଠାଇଦେଲ ।

ଯୁଧିଷ୍ଠିର—ନା, ପ୍ରଭୁ ଏହା କେବେହେଁ ନୁହେ ।

ଶ୍ରୀକୃଷ୍ଣ— ଗୀତ

ଧିକ ତୁମ୍ଭର ପଣ, ଧିକ ତୁମ୍ଭ ଜୀବନ
କାଳକୃଷ୍ଣର ଏ ଉତ୍ତର । ୪ ।

ଧିକ୍ ତୁମ୍ଭର ପ୍ରତିଜ୍ଞା, ଧିକ୍ ତୁମ୍ଭର ଜୀବନ, ଅର୍ଜ୍ଜୁନ ପ୍ରାୟ ଭାଇକୁ ସା ହରାଇ ବସିଲ ନ ଭଲ୍ଲିର ଆଗପଛ କହୁ (ସ୍ୱଗତ) ତେବେ ସିଦ୍ଧ ନିଶ୍ଚେ ଅର୍ଜ୍ଜୁନ

ସମୀପେ । ଅଦ୍ଭୁତ ରୂପ ଏକ ଦେଖାଇବ ଆଜ । ଶତ୍ରୁ ନୁହଁ ମୋର ପ୍ରାଣର ବାନ୍ଧବ । (ପ୍ରକାଶ୍ୟେ) ଥାଅ ତେବେ ତୁମ୍ଭ ଆମ୍ଭ ଦେଖା ଏଥର ।

—*—

## ଦ୍ୱିତୀୟ ଦୃଶ୍ୟ

ଅର୍ଜୁନ—କି ଆଶ୍ଚର୍ଯ୍ୟ ! ଶ୍ରୀକୃଷ୍ଣଙ୍କ କଥା କିମ୍ପା ମନେ ପଡ଼େ ସଦା ଯେଉଁଣେ ଯୁଦ୍ଧେ କୃଷ୍ଣ ପ୍ରାୟ ଦିଶିଯାଏ ମୋତେ, ନା, ନା, କାତୁର ମନ, ଆଜି କିଣି ତୋ ଭାଗ୍ୟରେ ସେ ଲାବଣ୍ୟ ମାଧୁରି ରୂପ ଅଛି । ଏ କିଏ ? ଏ କି ଶବ୍ଦ ? ସ୍ୱୟଂ, ଜନ୍ତୁ କେହି ଆସିଲ ପରି (ନବ ଗୁଞ୍ଜର ବେଶେ ଶ୍ରୀକୃଷ୍ଣଙ୍କ ପ୍ରବେଶ) ।

ଗୀତ

ରାଗ ରୂପକ

ଏ କେଉଁ ଅଦ୍ଭୁତ (ରୂପ) କାହିଁ ଆସିଲା ରେ ।<br>
ମୋ କଳ ବଳ କୌଶଳ ଧ୍ୱଂସିଲା ରେ । ଘୋଷା ।

ଏ କି ଅଦ୍ଭୁତ ମୂର୍ତ୍ତି ! ଯାହାକୁ ଦେଖି ମୋର ବୁଦ୍ଧି ବିବେକ ସମସ୍ତ ଚୂନା ହୋଇଗଲାଣି ।

ଗୀତ

ମାଥେ କୁକୁଟ ମୁକୁଟ ମୟୂର ପ୍ରାତ୍ୟେକ ଶିଖୀ<br>
ବୃଷଭ ପ୍ରାତ୍ୟେକ ପୁଚ୍ଛ ଦିଶିଲା ରେ । ୧ ।<br>
ବ୍ୟାଘ୍ର, ଅଶ୍ୱ, ହସ୍ତୀ ପଦ ସିଂହକଟୀ ସର୍ପ ଲାଞ୍ଜ<br>
ମନୁଷ୍ୟର କର ଏକ ମିଶିଲା ରେ । ୨ ।

ଆହା ! ଏ ଅଦ୍ଭୁତ ଭାବ ମୁଁ ତ କେବେ ଦେଖି ନାହିଁ । ଯାହାକୁ ଦେଖିଲା ବେଳୁ ମୋ ମନର ଆନନ୍ଦ ଦ୍ୱିଗୁଣିତ ହେଉଛି, ନିଶ୍ଚୟ ଏ ମାୟା ।

ଗୀତ

କିବା ବୃନ୍ଦା ବିପିନରେ କପଟ କଲେ ମୋଠାରେ<br>
ବାଳକୃଷ୍ଣ ବୋଲେ ନିଶ୍ଚେ ଗ୍ରାସିଲା ରେ । ୩ ।

ନିଶ୍ଚୟ ଜାଣିଲଣି, ନିଶ୍ଚୟ ବୁଝିଲଣି, ତୁହେଁ କେବେ ବନଚର ନୁହଁ । ନଟବରକିଆ କିଏ ତୁହି କହ କିସ ବାଞ୍ଛା । ମାଗୁ ଯେବେ ମୋର ପ୍ରାଣ ଅବିଳମ୍ବେ ସମର୍ପିବି ତୋତେ ।

ଶ୍ରୀକୃଷ୍ଣ—ପ୍ରାଣସଖା ତୋ ବଚନେ ଶୂନ୍ୟ ମୋତେ ଦିଶିଲା ଗୋଲୋକ, ବୈକୁଣ୍ଠର ଲୋଡ଼ିଲି ତୋ ପଥେ

ଅର୍ଜୁନ—ଭଗବାନ ! ଏ ଅଭାଗା ସତେ ଆପଣଙ୍କ ମନରେ ପଡ଼ିବ ବୋଲି ମୁଁ ବିଶ୍ୱାସ କରି ନ ଥିଲି । (ଅଗ୍ନି ପ୍ରତି) କିଏ ଏହି ଜୀର୍ଣ୍ଣ ଶୀର୍ଣ୍ଣ ଜରାଗ୍ରସ୍ତ ଲୋକ କିବା ବ୍ୟାଧି ଆକର୍ଷିଛି ତାଙ୍କୁ ଡାକ ପୁଛିବା କାରଣ ।

ଅଗ୍ନି—(ସ୍ୱଗତ) ଏଇଠି ଅର୍ଜୁନ ସଙ୍ଗରେ ଶ୍ରୀକୃଷ୍ଣ ଏତେବେଳେ ମନୋରଥଟା ନିଶ୍ଚୟ ପୂର୍ଣ୍ଣ ହେବ ।

ଅର୍ଜୁନ—ବିପ୍ରବର ! କିବା ତବ ଅଭିଳାଷ, କହ ଶକ୍ତି ଥିଲେ ମେଣ୍ଟାଇବି ଦୁର୍ଦ୍ଦଶା ତୁମ୍ଭର ।

ଅଗ୍ନି—ବାପ, କହ ତେବେ ସତ୍ୟ ?

ଅର୍ଜୁନ—ସତ୍ୟ କିମ୍ପା କରିବି ବ୍ରାହ୍ମଣ, ମୋ ନିଜ ପ୍ରାଣ ଭ୍ରାତୃଦ୍ରୋହୀ, କୃଷ୍ଣ ଦ୍ରୋହୀ, ଏହା ଛଡ଼ା ଯା ମାଗିବ ଦେବି ସତ୍ୟ ସତ୍ୟ ।

ଅଗ୍ନି—ମୁହିଁ ଅଗ୍ନି ! ଗ୍ରାସିଛି ଲୂହବୁହ ବ୍ୟାଧି ମୋହର ଶରୀରେ । ଆସିଛି ମୁଁ ଆଶ୍ରାକରି ତୋତେ ଏହି ସ୍ଥାନେ, ଦହିଣ ଖାଣ୍ଡବ ମୋତେ କରାଇଲୁ ରୋଗମୁକ୍ତ ଯେବେ ଉପଯୁକ୍ତ, ଧର୍ମ କମାଇବୁ ବାବୁ ! କନ୍ତୁ ନ ଛାଡ଼ିବୁ କାଟନ୍ତି ପଳାଇଯାଏ ଏକ ସେ କାନନ ମଧ୍ୟୁ ।

ଅର୍ଜୁନ—ଦେବ ! ଆପଣଙ୍କ କୃପାରୁ ଓ ଭଗବାନଙ୍କ ଦୟାରୁ ମୁଁ ନିଶ୍ଚୟ ଏ ମୁହୂର୍ତ୍ତେ ଖାଣ୍ଡବ ଦହନେ ଆପଣଙ୍କୁ ଯଥାଶକ୍ତି ସାହାଯ୍ୟ କରିବି ।

ଗୀତ

( କୁଞ୍ଜ ନରାଧମ—ବୃତ୍ତେ )

ହୁଅ କିହ୍ନି ଶାନ୍ତ ତୁମ୍ଭ<br>
ମନୋରଥ ପୂର୍ଣ୍ଣ କରିବ ଟି ମୁହିଁ ।<br>
ଦୟାକର ଦେବ ଦହିବ ଖାଣ୍ଡବ<br>
ଲକ୍ଷିବ ନିଶ୍ଚିନ୍ତ ହୋଇ ।<br>
ବେଗେ କିହାଅ ପଥ ।<br>
ପାର୍ଥ ପାଳିବଟି ଆଜ ଦୃଢ଼ବ୍ରତ । ୧ ।

ଦେବ ! ଚାଲନ୍ତୁ ତେବେ, ବିଳମ୍ବରେ ନାହିଁ ଆଉ ପ୍ରୟୋଜନ କିଛି ।

( ଅର୍ଜୁନ ସାହାଯ୍ୟେ ଅଗ୍ନି ଖାଣ୍ଡବବନେ ପ୍ରବେଶ )

ଗନ୍ଧର୍ବ—ବନରେ ମୂର୍ଖ କି ସାହସେ କରୁ ଏହି କର୍ମ ।

୧ମ ଗନ୍ଧର୍ବ—ଖାଇ ସର୍ବନାଶ ହେଲା ।
୨ୟ ଗନ୍ଧର୍ବ—ହଁ, ଅଗ୍ନିର ପ୍ରବଳ ତାପରେ ଲାଗି ଗଲେଣି ଜୀଏ ଏପରି କାଣ୍ଡ କଲା ।
୧ମ—ଆରେ ମଧ୍ୟମ ପାଣ୍ଡବ ଅର୍ଜୁନ ଅଗ୍ନିର ଦୁର୍ଦ୍ଦଶା ହରିବାକୁ ଅଗ୍ନିକୁ ସଙ୍ଗରେ ଆଣି ସବୁ ଭସ୍ମ କରି ଦେଉଛନ୍ତି ।
୨ୟ – ଆମ ଧନୁଷର ଧରିବା ଜଣ ବୃଥା ହୋଇଯିବ ।
୧ମ—ସ୍ଥଳ ସର୍ବେ ଭସ୍ମ ଜଣ । ରେ ମୂର୍ଖ, କ ସାହସେ କରୁ ଏତେ କର୍ମ ।

ଗୀତ
( କର୍ତ୍ତାଲ )

ରହ ରହ ପାର୍ଥ ତୁ ରହ ରହ ରେ
କମ୍ପା ଖାଣ୍ଡବ ବନ କରୁ ଦାହ ରେ । ପଦ ।

ମୂର୍ଖ, କାହା ବଳରେ ସ୍ୱର୍ଗରେ ପଶି ଏତେକାଣ୍ଡ କରୁଛୁ, ତାହାର ସମୁଚିତ ଶାସ୍ତି ବର୍ତ୍ତମାନ ଭୋଗ କରିବୁ ।

ଗୀତ

ସିଂହ ମେଳରେ ଶଶା, ଭଣି ଏତେ ଭରସା
ବଣା ହେଲୁ କ ଘଣା କହ ରେ । ୧ ।

ମୂର୍ଖ ! ବର୍ତ୍ତମାନ ତୋର ମହାନିଦ୍ରାର ସମୟ ଉପଗତ, ଇଷ୍ଟ ସ୍ମରଣା କର ।
ଅର୍ଜୁନ—ପାଷାଣ୍ଡ, ପ୍ରାଣ ନେଇ ପଳାଅ ଏଠାରୁ, ନଚେତ୍ ଖଣ୍ଡ, ଖଣ୍ଡ କରିଦେବ ତୁମ୍ଭ ଗଣ୍ଡି ମୁଣ୍ଡ ।
ଗନ୍ଧର୍ବ— ଗୀତ

ଯମ କ ନିମନ୍ତ୍ରଣ, କରୁଣି ଅଜ୍ଞାନ
ଜଣା ନାହିଁ ସୁଜନ ଦେହରେ । ୨ ।
ପ୍ରାଣେ ଯେବେ ତୋ ଆଶ, ପଳା ଏଥୁଁ ନୃଶଂସ
ବାଳକୃଷ୍ଣର ଆଶ ରହରେ । ୩ ।

ବେଢ଼ିମାର ଗନ୍ଧର୍ବେ ସମସ୍ତେ ଦୁରାତ୍ମାର ଗ୍ରାସଖାର କଲ ଏ ଖାଣ୍ଡବ ।
ଅର୍ଜୁନ—ଆସ ତେବେ ଧର ଅସ୍ତ୍ର କର ରଣ, ଦେଖାଯିବ କାହା ପଥ ପରିଷ୍କାର କଲ୍ୟାଣ ଶମନ, ତୁମ୍ଭ ରେ ବର୍ବରେ, ଏବେ ସ୍କନ୍ଧେ ଝୁଲାଗଲାଣିକ ସେ ଯୁଦ୍ଧର କାହାଣୀ ।
( ଯୁଦ୍ଧ କରୁଁ କରୁ ଗନ୍ଧର୍ବଙ୍କ ଭ୍ରମଭଙ୍ଗ )

ଅର୍ଜୁନ –ପଳାଅ କେଉଁଠି ଦୁଷ୍ଟେ, ପଳାଅ କେଉଁଠି ? ଦୁର୍ବୃତ୍ତ ବର୍ଷ ହସ୍ତର ମର୍ଯ୍ୟାଦା ନଷ୍ଟ କରିବ କେବେଳେ, ଯାଅ ଯାଅ ନିଜ ପ୍ରାଣ ନେଇ; ତୁମ୍ଭର ଏ କାର୍ଯ୍ୟର ପୁରସ୍କାର ଯାହା ଯାହା ଖୁଣ୍ଟ ମୋ ହଠାରୁ । ସ୍ୱହିଁ ଯେବେ ନିଜ ନିଜ ଭଲ, ଅପରାଧ ବିନିମୟେ ମାଗ କ୍ଷମାଭିକ୍ଷା ।

—*—

## ତୃତୀୟ ଦୃଶ୍ୟ

ନାରଦ— ଗୀତ
( ଥିଏଟର-ଢଙ୍ଗେ )

ହରିନାମେ ଆଜ ବାଜ ରେ ବୀଣା ।
ହରି ହରି ବୋଲ ନାଚ ବାହୁ ତୋଳ
ହରିନାମ ସ୍ୱାଦୁ ପାଉ ରସନା
ହରି ନାମ ଅମୂଲ୍ୟ ଧନ ରଖ ବାରେ ପାଗଳ ମନ
ଆଉ ଧନ ଚୋର, ନୁହଇଟି ଚିର
ଅନ୍ତିମ କାଳକୁ କରିବ ବଣା । ୧ ।
ହରିମୟ ଏହି ଜଗତ ପଶୁପକ୍ଷୀ ପତଙ୍ଗ କୀଟ
ଜଳେ ଦେଖ ହରି; ସ୍ଥଳେ ଦେଖ ହରି
ସର୍ବଘଟେ ପୂରି ଅଛନ୍ତି ସିନା । ୨ ।
ହରିନାମେ ବାନ୍ଧରେ ଭେଳା
ହରିନାମେ ଖେଳରେ ଖେଳା
ଆଉ ନାମ ହେଳା, ନ କରରେ ହେଳା
ବାଳକୃଷ୍ଣେ କୃଷ୍ଣ କର କରୁଣା । ୩ ।

ହରିବୋଲ, ହରିବୋଲ ! ( ସ୍ୱଗତ ) ଇନ୍ଦ୍ର ତ ବର୍ତ୍ତମାନ ନୃତ୍ୟଗୀତରେ ବ୍ୟସ୍ତ ହୋଇଛନ୍ତି, ଏଣେ ଅର୍ଜୁନ ସାହାଯ୍ୟରେ ଅଗ୍ନି ତାର ପ୍ରାଣରୁ ଅଧିକ ସୁରକ୍ଷିତ ଖାଣ୍ଡବ ବନ ଦହନ କରିବ ରୁ ଗନ୍ଧର୍ବଗଣ ସର୍ବପ୍ରଯତ୍ନେ ଚେଷ୍ଟାକରି ମଧ୍ୟ କୌଣସିମତେ ରକ୍ଷାକରି ନ ପାରି ନିଜ ନିଜ ପ୍ରାଣ ବଳରେ ଇତସ୍ତତଃ ପଳାୟନ କରିଛନ୍ତି । ଯାଏ, ଏ ବିଷୟ ଇନ୍ଦ୍ରକୁ ଟିକିଏ ଜଣାଇ ନ ଦେଲେ ହେବନାହିଁ । ପୁଣି ଅର୍ଜୁନ ଦେବକୂଟରୁ ବାର ବର୍ଷ ବନବାସ ଆସି ଅନେକାନେକ ଦେବ କାର୍ଯ୍ୟ ସାଧନ କରି ଦେବତାମାନଙ୍କ ଠାରୁ ମହା ମହା

ଶକ୍ତିଶାଳୀ ଅସ୍ତ୍ର ସମ୍ମନ ପାଇ ସାରିଲେଣି, ମାତ୍ର ବାଙ୍କି ଅଛି ଅଗ୍ନିଙ୍କଠାରୁ ଗାଣ୍ଡିବ କାର୍ମୁକ ଓ ଇନ୍ଦ୍ରଠାରୁ କିରୀଟ ଭୂଷଣ। ନେଟଲ ଏମା ତ୍ରିପୁର ବିଜୟୀ ନଷ୍ଟେ ହେବ ଧନଞ୍ଜୟ, ଯାଏ ତେବେ!

— * —

## ଚତୁର୍ଥ ଦୃଶ୍ୟ

(ଇନ୍ଦ୍ରସଭା)

(ଦେବାଙ୍ଗନା ସହ ଇନ୍ଦ୍ର ନୃତ୍ୟ ଗୀତରେ ମତ୍ତ)

ଇନ୍ଦ୍ର—ବରାଙ୍ଗନେ ବନ୍ଦ କଲ କାହିଁକି ? ଗାଅ ପ୍ରେମର ସଂଗୀତ।

ନାରଦ—(ପ୍ରବେଶ ସ୍ୱଗତ) ଏହି ତ ପ୍ରକୃତ ସମୟ ମିଳିଛି। (ପ୍ରକାଶ୍ୟେ) ହରିବୋଲ, ହରିବୋଲ, ହରିବୋଲ!

ଇନ୍ଦ୍ର—ପ୍ରଣତି ଶ୍ରୀପଦେ ଦେବ ବିଧିର ନନ୍ଦନ! ଦେବର୍ଷେ, କିବା ଅଭିଳାଷେ ଅସମୟେ ସମାଗତ ଏଥି, ଉପବିଷ୍ଟ ହୁଅନ୍ତୁ ଏ ଆସ୍ଥାନେ।

ନାରଦ—ଦେବରାଜ ! ସେହିପରି ଅସମୟ ହେଉ ଆସିଲି ବାହାର।

ଗୀତ

(ସ୍ତୁତିଦେବ — ବୃନ୍ଦ)

ଶତପତ୍ର ପଡ଼ିଲା ବଡ଼ ବିପତ୍ତି

ନିଶ୍ଚିନ୍ତେ ବସିଛୁ ବାସେ କୁବେରକର ଗୁପ୍ତ। ପଦ।

ଦେବରାଜ ! ବର୍ତ୍ତମାନ ତୁ ଆମୋଦ ପ୍ରମୋଦରେ ବିହ୍ୱଳ ହୋଇ ନୃତ୍ୟଗୀତରେ ତନ୍ମୟ ରହିଛ, ତେଣେ ଯେ ତୋର ସର୍ବନାଶ ଘଟିଲଣି ସେ ଦୁଃଖ ଗାଥା କିଏ କହିବ।

ଇନ୍ଦ୍ର—ଦେବର୍ଷେ ! କାହାର ସର୍ବନାଶ ?

ନାରଦ— ଗୀତ

ତୋହର ଖାଣ୍ଡବ ବନ, ଅର୍ଜୁନ କଲା ଦହନ

ଅଗ୍ନିରେ ଦେଇଛି ଠାଣି ହଇବ ଦୁର୍ଗତି ।୧।

ଦେବରାଜ ! ଅର୍ଜୁନ କୃଷ୍ଣଙ୍କୁ ବ୍ୟାଧିରୁ ମୁକ୍ତ କରିବାଲାଗି ତୋହର ଖାଣ୍ଡବ ବନରେ ଅଗ୍ନିକୁ ପ୍ରବେଶ କରାଇଛି।

ଇନ୍ଦ୍ର—ଦେବର୍ଷେ ! ଖାଣ୍ଡବ ବନ ଅର୍ଜୁନ ପୋଡ଼ାଇଦେଲା ! ସେ ସମୟରେ ଉଦ୍ୟାନ ରକ୍ଷକ ଗନ୍ଧର୍ବମାନେ କାହିଁଥିଲେ ?

ନାରଦ— ଗୀତ

ସଭୟେ ଗନ୍ଧର୍ବଗଣ, ଛାଡ଼ିଗଲେ ନିଜ ସ୍ଥାନ

ବାମ ହେଲଣି ତୋ କର୍ମ ବାଳକୃଷ୍ଣ ଚିନ୍ତା ।୨।

ଦେବରାଜ ! ସେ ଏପରିଭାବେ ଗନ୍ଧର୍ବଗଣଙ୍କୁ ଆକ୍ରମଣ କରିଛି ଯେ, ସେମାନେ ନିଜ ନିଜ ପ୍ରାଣ ଭୟରେ ଛାଡ଼ି ଇତସ୍ତତଃ ପଳାଇଲେଣି, ପୁଣି ମଧ୍ୟ ଅଗ୍ନିର ଅନୁରୋଧ ମତେ କରିଛି ଆଜ୍ଞା ଯେ, ତହିଁ ବର୍ତ୍ତିବାକୁ ନାହିଁ ତିଳେ କୀଟ ପକ୍ଷୀ, ପତଙ୍ଗାଦିଙ୍କୁ ବାଟ। ମଲେଣି ସମସ୍ତେ, ଯେ ଥିଲେ ଯେଉଁସ୍ଥାନେ ପଡ଼ି ଅଗ୍ନିର କବଳେ, ନ ପାଇଣ ପଥ।

ଇନ୍ଦ୍ର—ଦେବର୍ଷେ ! ସତ୍ୟ ଏ ଘଟଣା ? ଯାଉଛି ମୁଁ ଏହି ମୁହୂର୍ତ୍ତରେ। ବାର୍ତ୍ତାବହ ! ଜଣାଅ ଯାଇଣ ଶୀଘ୍ର ସେନାପତେ ମୋ ଆଦେଶ। ଆସନ୍ତୁ ସସୈନ୍ୟେ ସେନାଗଣେ କରି ସାଜ, ଯାଉଛି ମୁଁ ରଙ୍ଗମହଲକୁ, ଫେରିବି ଏକ୍ଷଣି।

—*—

## ପଞ୍ଚମ ଦୃଶ୍ୟ

### ଅନ୍ତଃପୁର

ଶଚୀଦେବୀ—ଆଜ ଦେବରାଜଙ୍କର ଆସିବାର ଏତେ ବିଳମ୍ବ କାହିଁକି ? ଆଜ ଏମନ୍ତ କି ସମସ୍ୟା ହେଉଛି ଯେ ସୂର୍ଯ୍ୟ ଦେବ ଅସ୍ତାଚଳ ଚୂଡ଼ି ଜନନୀ କୋଳରେ ଆଶ୍ରୟ ନେଲେଣି, କାହିଁ ଏପର୍ଯ୍ୟନ୍ତ ଆସିଲେ ନାହିଁ! ଏ କାହାର ପଦ ଶବ୍ଦ ? ବୋଧହୁଏ ଜୀବିତେଶ ଆସୁଛନ୍ତି ପରା।

ଇନ୍ଦ୍ର—(ପ୍ରବେଶି) କି ପ୍ରିୟେ ! କାହିଁକି ବସିଛ ଏତେ, କି ବସି ଭାବୁଥିଲ ଏକାକୀ ଏଠାରେ ?

ଶଚୀ—ନାଥ ! ଆପଣଙ୍କର ଆଜ ଏତେ ବିଳମ୍ବର କାରଣ କଣ ? ପୁଣି କିମ୍ପା ବ୍ୟସ୍ତ ଏତେ। ଆସ, କ୍ଷଣେ ବସି ଆଶ୍ୱସ୍ତ ହୁଅନ୍ତୁ।

ଇନ୍ଦ୍ର—ନା ପ୍ରିୟେ, ନା, ମୋ ଭାଗ୍ୟରେ ଆଉ ଏ ସୁଖ ସମ୍ଭୋଗ ନାହିଁ । ତୁମ୍ଭ ପ୍ରେମ ରଜ୍ଜୁରେ ବନ୍ଧା ହୋଇ କେଳି କାରାଗାରେ ବନ୍ଦ ହେବା, ସେ ସୁଖ ସ୍ୱପ୍ନ କିଛୁକ୍ଷଣ ନିମିତ୍ତ ପାସୋରି ପକାଅ ସଖି ! କି କହିବି ସେ ଯନ୍ତ୍ରଣାବାର୍ତ୍ତା ! ଶୁଣ, ଆଜି ବିଳମ୍ବ କାରଣ ।

ଶଚୀ—କି କଥା ନାଥ ?

ଇନ୍ଦ୍ର—ପ୍ରିୟମ୍ବଦେ ! ଅଗ୍ନିର ଆଦେଶେ ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଆସି ସୁରପୁରେ, ସେବେଁ ମୁକ୍ତ କରିବାକୁ ତାକୁ ପ୍ରବେଶ କରାଇ ଅଛି ମୋର ଖାଣ୍ଡବ କାନନେ । ଶୁଣି ସେ ଭୀଷଣ ବାର୍ତ୍ତା, ଶତଧା ବିଦୀର୍ଣ୍ଣ ହୁଏ ଅନ୍ତର ମୋହର । ଅଶନେ ବ୍ୟସନେ ମୋ ନାହିଁ ସୁଖ ଶାନ୍ତି ଲବେ । ମେଲାଣି କର ବହନ ଯିବି ମୁଁ ସେଠାକୁ ।

ଶଚୀ—ପ୍ରାଣେଶ୍ୱର ! ଯେଉଁ ରଣରେ ପ୍ରାଣୀର ପ୍ରାଣ ଆଶଙ୍କା ଅନିବାର୍ଯ୍ୟ; ପୁଣି ସେ ଯେବେ ନଟବୁଟିଆ ନନ୍ଦ ଲାଲର ଅନ୍ତରଙ୍ଗ ସଖା, ତହିଁରେ ଏତେ ଆନନ୍ଦ କାହିଁକି ? ନ ଯାଆନ୍ତୁ କେଭେଁ ରଣେ ମାନବ ସହିତ, ଶୁଣି ସେ ବାରତା ପ୍ରାଣ କିମ୍ପା କାନ୍ଦୁଛି ମୋହର ।

ଇନ୍ଦ୍ର—ପ୍ରାଣେଶ୍ୱରି ! ସୁରାଙ୍ଗନା ହୋଇ ତୁମ୍ଭେ ନ ଜାଣ କି ସାର ହୃଦଭାବ ।

ଶଚୀ—ନାଥ ! ବେଶ୍ ଜାଣିଛି, 'ମନେ ନ ପଡ଼େ କି ତବ ଅତୀତ କାହାଣୀ, ତଥାପି ପତି ଅନୁଗତା ପତ୍ନୀ ଅଟେ ସଦାକାଳେ । ପତିବାକ୍ୟ ରକ୍ଷା-କରିବା ସତୀର କର୍ତ୍ତବ୍ୟ । ଆସ ନାଥ, ସାର ସାଜେ ସଜାଇ ଦେଉଛି ତବ (ସଜାଇ ଦେଇ) ନାଥ କର୍ତ୍ତବ୍ୟ ପାଳନେ ।

ଇନ୍ଦ୍ର—ଧନ୍ୟ ଧନ୍ୟ ପତିପରାୟଣା ଗୁଣବତୀ, ନ ଭୁଲିବି ଏହି ଋଣ ତବ କାଳେ କାଳେ । ଯାଏ ତେଣେ ସେନାପତି ସାଜ ସେନାଗଣେ କରିଥିବେ ଅପେକ୍ଷା ମୋହର ।

—*—

## ଷଷ୍ଠ ଦୃଶ୍ୟ

ଅଗ୍ନି—(ସ୍ୱଗତ) ଆଶ୍ୱସ୍ତ ହୋଇଲା ପ୍ରାଣ ଖାଣ୍ଡବ ଦହନେ, ନାହିଁ ମୋର ଲେଶ ମାତ୍ର ବ୍ୟାଧିର ଲକ୍ଷଣ, (ପ୍ରକାଶ୍ୟେ) ଧନ୍ୟ ଧନଞ୍ଜୟ, ତବ ବଳ-ବୀର୍ଯ୍ୟ ଓ ସାହସେ ହେଲି ମୁହିଁ ଏ ରୋଗରୁ ମୁକ୍ତ । ସେଥିଯୋଗୁଁ ପ୍ରୀତ ତୁମ୍ଭଠାରେ । ଇଚ୍ଛା ସୁଖେ ମାଗି ଘେନ ବର ।

ଅର୍ଜ୍ଜୁନ—କି ବର ମାଗିବି ଦେବ, ନ ଜାଣେ ମୁଁ କିଛି, ପ୍ରୀତ ଯଦି ଅଧମ ନିକଟରେ ଅସ୍ତ୍ର ଦେଉ ଗାଣ୍ଡିବ କାର୍ମୁକ ।

ଅଗ୍ନି—ତଥାସ୍ତୁ ( ଅନ୍ତର୍ଦ୍ଧାନ )

ଇନ୍ଦ୍ର—( ପ୍ରବେଶି ) ଆରେରେ ପାଷଣ୍ଡ, ଏତେକ ଆସ୍ପର୍ଦ୍ଧା, ଦେଖିବି ରେ ମୂଢ଼ କେତେ ତୋ ଦମାକ ।

ଗୀତ—( ତାଳ—ରୂପକ )

ପାଣ୍ଡବା ଜାରଜାତକା, କଲୁ ଏଡ଼େ କାଣ୍ଡ ରେ
ଖାଣ୍ଡବ ଦହିଲୁ ମୂର୍ଖ ସମ୍ଭାଳ ତୋ ମୁଣ୍ଡ ରେ । ପଦ ।

ମୂର୍ଖ ! ଜାରଜାତକା ମୋର ଖାଣ୍ଡବ ବନ ଧ୍ୱଂସ କଲୁ, ଏକ୍ଷଣି ତୋର ମୁଣ୍ଡକେ ରଖିବ ଦେଖିବ ।

ଗୀତ

ଭଣ୍ଡ ପିଶାଚ ଅଜ୍ଞାନ ନାହିଁ ତୋର କାଣ୍ଡ ଜ୍ଞାନ ।
ଦଣ୍ଡକେ ନେବି ତୋ ପ୍ରାଣ କରି ଖଣ୍ଡଖଣ୍ଡ ରେ । ୧ ।
ବୃଦ୍ଧ ରେ ପତଙ୍ଗ ପ୍ରାୟ ମାତଙ୍ଗେ କରୁ ସମର,
ବାଳକୃଷ୍ଣର ଭରସା ହେବୁ ଲଣ୍ଡ ଭଣ୍ଡ ରେ । ୨ ।

ନରାଧମ ! ଏତେକ ଆସ୍ପର୍ଦ୍ଧା ତୋର, ସିଂହ ପାଶେ ମୁଖ ଦେଇ ତୁ ହୀନ ଶୃଗାଳ, ରକ୍ଷା ଆଉ ନାହିଁ ତୋତେ ।

ଅର୍ଜ୍ଜୁନ— ଗୀତ

(ତାଳ—ଖେମଟା)

କେତେ ବଢ଼ି କହୁ ରେ ମୂଢ଼
ପାଷଣ୍ଡ ଭୁଲିଲୁଣି ତୋତେ ଧର୍ମ ରେ
କାଢ଼ଅ ପଣ ତୋ ଦେଖାଯିବ ଆଜ
ପାଇ କଲୁ ମନ୍ଦ କର୍ମ ରେ । ପଦ ।

ରେ ମୂଢ଼ ! ଆଜ୍ଞଦଣ୍ଡେ ରହ ଦେଖିବ ତୋ ତମାକ କେପାଏ ।

ଗୀତ

ଦଳ ବଳ ତୋର ହେଲେଣି ନିର୍ମୂଳ
 କ ସାହସେ ଆଉ ଲଗାଉଛୁ ଗୋଳ,
ଡାକନ୍ତିଣି କାଳ ତୋ ମଥା ସମ୍ମାନ
 ଜଳଜଳା ନାହିଁ ମର୍ମରେ ।୧।
ପୁଞ୍ଜା ପୁଞ୍ଜା ଶରଙ୍କର ଦେଖୁ ନାହୁଁ ଦଶା,
ଆଉ ରେ ଅଜ୍ଞାନ ଭରସେ କଳାଉଛୁ ଆଶା ।

ଗୀତ

ହର ଗୃହପତ୍ନୀ ଅର୍ଜିଲୁ ଅକୀର୍ତ୍ତି,
 ନାଶ ହେବୁ ବୋଲି ରଚିଛୁ ଏ ଷିତ୍ତି
ତୁମ୍ଭେ ଦେବଜାତି ଅଟରେ ଭୂଜାନ
 ବାଳକୃଷ୍ଣ ହୃଏ ଭ୍ରମରେ ।୨।

ବୃଥା ଆସ୍ଫାଳନେ ପ୍ରୟୋଜନ କିସ, ଧର ଶସ୍ତ୍ର କର ରଣ ଆରେ ଷଁପୁଷ୍ଟର ।

ଇନ୍ଦ୍ର— (ବଜ୍ର, ହସ୍ତେ ଯୁଦ୍ଧେ ଉଦ୍ୟତ)

ଶ୍ରୀକୃଷ୍ଣ—( ପ୍ରବେଶ ) ଶାନ୍ତହୁଅ ଶଚୀପତି ! ବୃଥା ରଣେ ନାହିଁ ପ୍ରୟୋଜନ । ପୁଣି ପୀରା ପ୍ରବେ ଯୁଦ୍ଧ ନ ଶୋଭେ ପାଣ୍ଡୁଙ୍କୁ । ଦେବଙ୍କରେ ପାର୍ଥ-ସାର କରିଅଛୁ ଏହା । ନୂତର ବଧେସ୍ତୁ ତବ ବଧୂବା ତାହାକୁ ।

ଇନ୍ଦ୍ର—( ଶ୍ରୀକୃଷ୍ଣଙ୍କୁ ପ୍ରଣାମକରଣ )

ଅଗ୍ନି—( ପ୍ରବେଶି ) ହି ସୁବାର ! କ୍ଷମାକର ପାର୍ଥସାରେ । ମମ ମୁଖେ ଗୃହିଁ ନୁହେ ସେଣ୍ଟ ଦୋଷୀ ସବତୋ-ଭାବେ ଦୋଷୀ ମୁଁ ଏଥିରେ ।

ଇନ୍ଦ୍ର—ଧନ୍ୟ, ଧନ୍ୟ ଧନ୍ୟ ରେ ଅର୍ଜୁନ । ସନ୍ତୁଷ୍ଟ ହୋଇଲି ମୁହିଁ ତବ ବଳଶାର୍ଯ୍ୟ ଦେଖି, ଆନନ୍ଦରେ ଯାଚୁଅଛି ଏକବର । ଇଚ୍ଛା ସୁଖେ ମାଗି ନେନ ବର ।

ଅର୍ଜୁନ—କ ବର ମାଗିବ ପିତଃ, ଅଧମ ମୁଁ ଅକଞ୍ଚନ ନର, କ୍ଷମା କର ମମ ଦୋଷ ଅନୁଗ୍ରହ ଦେଇ । ମୋତେ କଣ୍ଠ ଭୂଷଣ ।

ଇନ୍ଦ୍ର—ନିଅ ବତ୍ସ ! ନେନ ଏହା ଶାରଭୂଷା ତୁହେ, ଆଜଠାରୁ କିରୀଟୀ ନାମ ବଦ୍ୟମାନ ରହିଲା ତୋ ଭବେ । ଯଶସ୍ୱୀ ହୋଇବୁ ଭୁତ୍ର ଯୁଗେ ଯୁଗେ କାଳୁ ।



# ଶ୍ରୀରାମ ବନଗମନ

ଗୀତାଭିନୟ

# ଶ୍ରୀରାମ ବନଗମନ

## ଗୀତାଭିନୟ

### ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

### ରାଜସଭା

( ରାଜା ଦଶରଥ, ବଶିଷ୍ଠ, ସୁମନ୍ତ୍ର ଓ ସଭାସଦ୍ ବୃନ୍ଦ )

ଦଶରଥ — ଗୀତ

( କହ ମନ୍ତ୍ରୀବର ବୃନ୍ଦେ )

କି ଆନନ୍ଦେ ମାତିଅଛି
ଏ ପୁଣ୍ୟ ଅଯୋଧ୍ୟା ଧାମ ରେ ।
ଯୌବରାଜ୍ୟେ ଅଭିଷିକ୍ତ ହେବ
ମୋ ଅଲାଳ ରାମ ରେ । ଘୋଷା ।
ସଚରାଚର ବ୍ରହ୍ମାଣ୍ଡ ମଣ୍ଡିତ ହେବେ ଝୁଣ୍ଡ
ଜୟରାମ ଗାଇ ଭୂଖଣ୍ଡେ କରିବେ ଯଶ ଘୋଷଣ । ୧ ।
ବାଳ ବୃଦ୍ଧ ଯୁବା ନାରୀ ନାଚନ୍ତି ରାମ ସୁମରି
ରାଷ୍ଟ୍ର କେବଳ ଉଲ୍ଲାସ ପରବେ ହୋନ୍ତି ନିପୁଣ । ୨ ।
ବ୍ରହ୍ମାଣ୍ଡ ବିଜୟୀ ପୁତ୍ର ହେଉ ରାଜ୍ୟେ ଅଭିଷିକ୍ତ
ହେବ ଏ ଦେହ ପବିତ୍ର ବାଳବୃଦ୍ଧର ବଚନ । ୩ ।

ତବ ଆଶୀର୍ବାଦ ବଳରେ ସବୁସ୍ଥାନେ ସର୍ବଦିଗେ ଉଡ଼ାଇଅଛି ବିଜୟ କେତନ, ବହୁ ବହୁ ଅତୀତ ହୋଇଛି ସେହି କାଳ । ନାହିଁ ମୋ ବୟସ ଆଉ ଚଳାଇବ ରାଜ ସିଂହାସନ । ଖୋଜୁଛି ମୁଁ ଅବସର ନେବାକୁ ମନରେ । ବଡ଼ ଭାଗ୍ୟବାନ ମଣୁଛି ମୁଁ ଆଜ । କୁଳର ପ୍ରଦୀପ ମୋର ରାମଚନ୍ଦ୍ର ହସ୍ତେ ରାଜ୍ୟଭାର କରିଣ ଅର୍ପଣ, ନିଶ୍ଚିନ୍ତ ହୋଇବି ମୁହିଁ ଏ ବୃଦ୍ଧ ବୟସେ । ନ ଲାଗିବ ପ୍ରଜାଜନ ମୋତେ ପବିତ୍ର ହୋଇବ ମୋର ଅଯୋଧ୍ୟା ଭୂଖଣ୍ଡ । ନିଜେ ମଧ୍ୟ ଧନ୍ୟ ହେବି, ହେବେ ସର୍ବପ୍ରଜା ବୃନ୍ଦ ଆବାଳବୃଦ୍ଧବନିତା । ପ୍ରଶଂସନ୍ତି ରାମେ ଶୁଣେ ଅନ୍ତରଙ୍ଗ ରୂପେ, ଗୁଣେ, ବିଦ୍ୟାରେ, ବୁଦ୍ଧିରେ ଯୋଗ୍ୟ ସେହୁ ରାଜ ପଦବାଚ୍ୟେ । ଆପଣଙ୍କ ମନୋଗତ ଭାବ ନ କଲେ ପ୍ରକାଶ, ବୃଥା ହେବ ମୋ କଳ୍ପନା ସବୁ ।

ବଶିଷ୍ଠ—ମହାରାଜ ! ରାମଚନ୍ଦ୍ର ଅଯୋଧ୍ୟାର ଯୌବରାଜ୍ୟେ ହେଲେ ଅଭିଷିକ୍ତ ଝଡ଼ିବ ନନ୍ଦନବନୁଁ ଦିବ୍ୟ ପାରିଜାତ । ବଢ଼ିବ ଦ୍ୱିଗୁଣିତ ହୋଇ ତବ ସୁଖଠାରୁ ଆମ୍ଭ ସୁଖରାଶି ।

ସଭାସଦ୍—ଉତ୍କୃଷ୍ଟ ପ୍ରସ୍ତାବ । ଏ ପ୍ରସ୍ତାବ ଆମ୍ଭମାନଙ୍କ ମନକୁ ଉତ୍ତମ ବୋଧହେଲା ।

ସୁମନ୍ତ୍ର—ତେବେ ଶୁଭକାର୍ଯ୍ୟ ଶୀଘ୍ର ଆୟୋଜନ କରିବା ଦରକାର ।

ବଶିଷ୍ଠ—ଏବେ ଶୁଣନ୍ତୁ ରାଜନ, କାଲି ଶୁକ୍ଳପକ୍ଷ ଗୁରୁବାର ପୌଷ ପୂର୍ଣ୍ଣିମାରେ ଅଭିଷେକ କରାଅ ଶ୍ରୀରାମେ । ପୁଣି ମନ୍ତ୍ରୀରେ ଆଦେଶନ୍ତୁ ନୃପ, ଅଭିଷେକ ସାମଗ୍ରୀ ସକଳ ବିଧିମତେ ଆୟୋଜନ ହେବ ଆଜଠାରୁ । ପରେ ଯାହା ଯାହା ଦ୍ରବ୍ୟ ଲୋଡ଼ା ହେବ କହିବି ସମସ୍ତ ।

ଦଶରଥ—ମନ୍ତ୍ରି ! ଶୁଣିଲ ତ ବଶିଷ୍ଠଙ୍କ କଥା । ସେ ସମ୍ବନ୍ଧେ ଯାହା ଯାହା ଲୋଡ଼ା ବିଧିମତେ କର ଆୟୋଜନ, ପୁଣି ପଠାଇଣ ଦୂତେ ନଗରର ସ୍ଥାନେ ସ୍ଥାନେ ଦିଆଇ ଘୋଷଣା, ଜଣାଇବ ପ୍ରଜାଗଣେ, ମାତନ୍ତୁ ଆନନ୍ଦେ ସର୍ବେ ଅଭିଷେକୋତ୍ସବେ । ନଗର ନଗରେ, ବୁଲି ନିମନ୍ତ୍ରି ଆଣିବ ସର୍ବ ରାଜନ୍ୟମଣ୍ଡଳ ।

ସୁମନ୍ତ୍ର—ମହାରାଜ ! ଯାଉଛି ମୁଁ ଅବିଳମ୍ବେ କରିବ ସମସ୍ତ ଯୋଗାଡ଼ ।

ଦଶରଥ—ମହର୍ଷେ ! ମୁଁ ବର୍ତ୍ତମାନ ଅନ୍ତଃପୁରକୁ ଯାଉଛି, ଆପଣ ଏ ଶୁଭ ସମ୍ବାଦ ରାମଙ୍କୁ ଜଣାଇ ଦିଅନ୍ତୁ ।

ବଶିଷ୍ଠ—କିଛି ଚିନ୍ତା ନାହିଁ ମହାରାଜ !

( ସର୍ବେ ପ୍ରସ୍ଥାନ )

---

## ଦ୍ୱିତୀୟ ଦୃଶ୍ୟ

ଦୂତ— ଗୀତ

ଆସ ଜଣେ ଦେଖିବ ଆସ
ଏ କାଳ ମହଜ ସରିଗଲା ରେ ।
ଭୃଙ୍ଗପୁଞ୍ଜ ଖସି ଚତୁର୍ଥକୁ ଗଲେ
ପଞ୍ଚମ କାଳକୁ ଗଲା ଗଲା ରେ । ପଦ ।
ଆଦ୍ୟେ ମାତ ଗର୍ଭେ ସଞ୍ଚରି
ଜପୁଥିଲୁ ତୁ ହରି ହରି
ସେ ନରକପୁରୀ ହରି କଲେ ପାରି
ପାପ ପଙ୍କେ ଜଡ଼ ହେଲ ଗଲା ରେ । ୧ ।
ମାତୃସ୍ତନ କଲୁ ତୁ ପାନ, ଧୂଳି ଖେଳେ କାଟିଲୁ ଦିନ
ସେ କାଳ କଥାକୁ ନ କଲୁ ସ୍ମରଣ
ବୃଥାପୁରେ ବାପ ବାହା କଲା ରେ । ୨ ।
ମୋହମାୟା ଭ୍ରମରେ ପଡ଼ି କର୍ତ୍ତବ୍ୟକୁ ଗଲୁ ତୁ ଛାଡ଼ି
କାମିନୀ କାଞ୍ଚନେ ବଶ ହୋଇ ତୁହି
କୃଷ୍ଣ ନାମ ଗୋଟି ନ କଲୁ ମାଳା ରେ । ୩ ।
ନବ ଯୌବନ ର କୋଳେ ମଜ୍ଜିଗଲୁ ତୁ ରସ ଖେଳେ
ଚତୁର୍ଥ ପଞ୍ଚମେ ପଡ଼ି ଜରା ଗ୍ରାସେ
ବାଳକୃଷ୍ଣ ବୋଲେ ମଲା ମଲା ରେ । ୪ ।

ମନ୍ତ୍ରୀ—ଦୂତ ! କାର୍ଯ୍ୟଛାଡ଼ି ଯାଇଥିଲୁ କାହିଁ ? ଶୁଣ ଏବେ ରାଜାଙ୍କ ଆଦେଶ । କାଲି ରାମଚନ୍ଦ୍ର ଯୌବରାଜ୍ୟେ ହେବେ ଅଭିଷିକ୍ତ, ସେ ଲାଗି ରାଜ୍ୟରେ ଦିଆଅ ଘୋଷଣା । କାଲି ପ୍ରଭାତରୁ ଯେ ଯାହାର କର୍ତ୍ତବ୍ୟ ସାରି ଅଭିଷେକୋତ୍ସବେ ହୁଅନ୍ତୁ ଉଦ୍ୟୋଗୀ ।

ଦୂତ—ଆରେ ବାଃ, ବାଃ, ଯାଉଛି ଆଜ୍ଞା ।

( ପ୍ରସ୍ଥାନ )

---

## ତୃତୀୟ ଦୃଶ୍ୟ

( ବଶିଷ୍ଠ ସହ ଶ୍ରୀରାମଚନ୍ଦ୍ର )

ରାମ—( ନମସ୍କାର କରି ) କିବା କାର୍ଯ୍ୟେ ଡକାଇଲେ ଗୁରୋ, କି ଆଦେଶ କରନ୍ତୁ ପାଳନ ଆଦେଶକୁ ଅଧମ ସନ୍ତାନେ ।

ବଶିଷ୍ଠ—ବତ୍ସରାମ ! କାଲି ପ୍ରାତେ ତୋ ମସ୍ତକେ ଦେଇ ରାଜ୍ୟଭାର ଅବ୍ୟାହତି ନେବେ ରାଜା ଅଯୋଧ୍ୟା କର୍ତ୍ତାଙ୍କୁ, ସୀତା ସହ ସିଂହାସନେ ଦେଖି ତୋତେ କାଲି କରିବେ ନେତ୍ର ପବିତ୍ର ସମସ୍ତ ପ୍ରଜାଏ ।

ରାମ—ମହର୍ଷେ ! ଶିରୋପରି ଫୁଲ କି କେବେ ସହେ କୁଳିଶ ଆଘାତ ! ଶୁଣି ଏ ବାରତା କସ କହିବେ ପ୍ରଜାଏ । ପିତା ଆଗେ ଦଣ୍ଡ ଛତ୍ର ଧରିବ କେମନ୍ତେ ସୁତ, ଏ କଥା ନୁହେଁ ଶୋଭିତ ଜନ ସମାଜକୁ ।

ବଶିଷ୍ଠ—ସ୍ୱୀକୃତ ମୁହଁ ବତ୍ସ ! କର ତାତ ଆଦେଶ ପାଳନ, ଅସୁନ୍ଦର ନୋହିବ ଦେଶକୁ ।

ରାମ—ତବ ଆଶିଷରୁ ଗୁରୋ ପ୍ରାପ୍ତି ରାଜପଦ, ରାଜପଦ ନୁହେଁ ଅଟେ ସେ ମହାବିପଦ, ରାଜ୍ୟଭାର ବହିବା ଅସିଧାରରେ ଚାଲିବା, ଉଭୟ କଥାରେ କିଛି ନାହିଁଟି ପ୍ରଭେଦ ।

ବଶିଷ୍ଠ—ପ୍ରୀତ ହେଲି ରାମଚନ୍ଦ୍ର, ବହୁକାଳେ ଫଳ ଫଳିଅଛି ଏତେଦିନେ । ମୋ ଆଶା ପାଦପେ, ଜନ୍ମାନ୍ଧ କି ପାଇଛି ତା ଚକ୍ଷୁ, ତବ ହେବୁ ପିତା ରାମ ! ଏତେ ଦିନେ ପୂରିଲା ମୋ ମନର କାମନା । କାଲି ଗୁରୁପୁଷ୍ୟା ନକ୍ଷତ୍ର ସଂଯୋଗେ ଦେଖିଲେ ତବ ଅଭିଷେକ ପବିତ୍ର ହୋଇବ ଆତ୍ମା, ନିଖିଳ ଅନ୍ତର । ବତ୍ସ ! ଯାଅ ଆଜ ସୀତା ସହ ରହ ଉପବାସେ ।

ରାମ—ଯେ ଆଜ୍ଞା । ( ପ୍ରସ୍ଥାନ )

---

## ଚତୁର୍ଥ ଦୃଶ୍ୟ

## ସ୍ୱର୍ଗପୁରୀ

( ଇନ୍ଦ୍ରାଦି ଦେବଗଣଙ୍କ ଉପବେଶନ )

ଇନ୍ଦ୍ର—ଦେବବୃନ୍ଦ ! ଗୋଲୋକ ବିହାରୀ ଶ୍ରୀରାମ ଆମ୍ଭମାନଙ୍କୁ ରାକ୍ଷସ କବଳରୁ ମୁକ୍ତ କରିବା ନିମିତ୍ତ ସ୍ୱୟଂ ମରଲୋକରେ ଅବତୀର୍ଣ୍ଣ ହୋଇଛନ୍ତି । ସେଠାରେ ସେ ରାଜପୁତ୍ର, ରାତି ପାହିଲେ ରାଜ୍ୟରେ ଅଭିଷିକ୍ତ ହେବେ, ତେବେ ଆମ୍ଭମାନଙ୍କ ଦୁଃଖ କଣ ତାଙ୍କୁ ଆଉ ଲାଗିବ ।

ଚନ୍ଦ୍ର—ବାସ୍ତବିକ କଥା, ରାମଚନ୍ଦ୍ର ରାଜା ହେଲେ ଆଉ ଆମ୍ଭମାନଙ୍କର କଥା ତାଙ୍କର ମନେ ପଡ଼ିବ ନାହିଁ ।

ଏଣେ ରାବଣ ସ୍ୱର୍ଗପୁରକୁ ଲୁଟ୍‌ପାଟ କରିବ ।

ବରୁଣ—ଏଥିରେ ପ୍ରତିକାର କଣ କରିବାକୁ ହେବ, ହେଲାକଲେ କଷ୍ଟର ସୀମା ବଢ଼ୁଛି ।

କୁବେର—ଚାଲ ତେବେ ବିଧାତାଙ୍କ ପାଖେ, ପ୍ରତିକାର ବିଧାନ କରିଦେବେ ସେହି ।

ନାରଦ—ଜାଣେ ମୁହିଁ ଯୋଗମାୟାଙ୍କ ବ୍ୟତୀତ ନ ହେବେ କେହି ଏ କାର୍ଯ୍ୟେ ସକ୍ଷମ ।

ସମସ୍ତେ—ତେବେ ତାଙ୍କୁ ସ୍ମରଣ କରାଯାଉ ।

( ଯୋଗମାୟାଙ୍କ ଆବିର୍ଭାବ ଓ ଅଭିବାଦନ )

ଯୋଗମାୟା—କହ ଦେବବୃନ୍ଦ ! କି ନିମନ୍ତେ ହେଉଛ କାତର । କେଉଁ କାର୍ଯ୍ୟ ଯେବେ ମୋତେ ସୁମରିଲେ ଏଥି, କହନ୍ତୁ ତାହା ନିର୍ବିଘ୍ନେ ମୁଁ କରିବି ସାଧନ ।

ଦେବଗଣ—ଜଗତ ଜନନି ! ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ର ଯୌବରାଜ୍ୟ ଅଭିଷିକ୍ତ ହେବାର ସମସ୍ତ ଆୟୋଜନ ସରିଛି । ରାତି ପାହିଲେ ଅଯୋଧ୍ୟାରେ ରାଜା ହେବେ । ସେ ଯେ ନିତ୍ୟ ନିରଞ୍ଜନ ଗୋଲୋକ ବିହାରୀ, ଦେବତାମାନଙ୍କ କଷ୍ଟ ନିବାରଣାର୍ଥେ ମର୍ତ୍ତ୍ୟେ ଉପଗତ ହୋଇଛନ୍ତି । ସେ ଯେପରି ରାଜ୍ୟଭାର ଗ୍ରହଣରୁ ବଞ୍ଚିତ ହୁଅନ୍ତି ତହିଁର ପ୍ରତିକାର କର ।

ଯୋଗମାୟା—ଏତ ଅତି ସାମାନ୍ୟ; ଏଥିପାଇଁ ନ ହୁଅ ଚିନ୍ତିତ । ଯାଉଛି ମୁଁ ପ୍ରବେଶିବି ସର୍ବାଦୌ ମନ୍ଥରା ହୃଦରେ, ତହିଁ ପରେ କୈକେୟୀଙ୍କ କଣ୍ଠତଟେ ବସି ସ୍ମରଣ କରାଇ ଦେବି ସେହି ଦେବାସୁର ଯୁଦ୍ଧର ଅବଶିଷ୍ଟ ଦୁଇଗୋଟି ବର । ପ୍ରଥମ ବରରେ ଭରତ ହେବ ଅଯୋଧ୍ୟାର ରାଜା, ଦ୍ୱିତୀୟରେ ଚୌଦବର୍ଷ ବନବାସ ଯିବେ ରାମଚନ୍ଦ୍ର । ତାହାହେଲେ ମନସ୍କାମ ତବ ହୋଇବ ପୂରଣ ! ଯାଉଛି ମୁଁ । ( ଯାଉ ଯାଉ ପଥେ ) ( ସ୍ୱଗତ ) ଏଇ ତ ମନ୍ଥରାଦାସୀ ଆସୁଛି; ତାହାଠାରେ ମୋର କୌଶଳ ପ୍ରୟୋଗ କରେ । ( ପ୍ରସ୍ଥାନ )

—*—

## ପଞ୍ଚମ ଦୃଶ୍ୟ

ମନ୍ଥରା—ମଲି ମୋର, ରାଇଜ ଯାକ କଣ ତହଲ ପଡ଼ିଛି ଏ ଗୁରୁଙ୍କ ଘରେ କଣ ମଜା ମଚିଛି କି ? ଯାହା ମୁହଁରୁ ଶୁଣୁଛି ରାମ ରାମ । ଭରତର ନାମଟା ଧରିବାକୁ ଜଣଟା ଛିଣ୍ଡି ପଡ଼ୁଛି । ଯାଏ, ମହାଦେଈ ତେଣେ କଣ କରୁଛନ୍ତି ଦେଖେଁ ।

କୈକେୟୀ—ଆହା; ଆଜ କି ଆନନ୍ଦ ଦିନ, ରାତି ପାହିଲେ କାଲି ରାମଚନ୍ଦ୍ର ଅଯୋଧ୍ୟା ଛଟକେ-ଦଣ୍ଡଛତ୍ର ଧରିବ ଅଭିଷେକୋତ୍ସବ ଦେଖି ତାର ପବିତ୍ର ହୋଇବ ନିଶ୍ଚେ ଏ ପାତକୀ ନୟନ । କେତେ ଆଉ ବିଳମ୍ବ ଅଛି, ଏ କିଏ ମନ୍ଥରା ଆସୁଛି ପରା, ତା ମୁହଁ ଏପରି ଶୁଖିଲା ଦେଖାଯାଉଛି କାହିଁକି ?

ମନ୍ଥରା—( ସ୍ୱଗତ ) ସରିଲା, ସରିଲା, ଏତ କଣ ପ୍ରେମରେ ଉନ୍ମତ୍ତ ହେଉଛି କରେ କଣ ?

କୈକେୟୀ—ମନ୍ଥରେ ! ଆଜ ଏତେ ବଡ଼ ଶୁଭଦିନରେ ତୁମର ମନଟା କାହିଁକି ଶୁଖିଲା ଦେଖାଯାଉଛି, କଥା କଣ ।

ମନ୍ଥରା—ଦେବି ! ତୁମର ଅଚିରେ ସୌଭାଗ୍ୟ ନଷ୍ଟ ହେବାର କାଣ୍ଡ ଜାଣିପାରି ମନଦୁଃଖ ମନରେ ମାରିହେଉଛି, କାରଣ ତୁମ ଦୁଃଖରେ ମୋର ଦୁଃଖ, ତୁମ ସୁଖରେ ମୋର ସୁଖ । ତୁମେ ସରଳ ମନରେ

ଜନ୍ମ ହୋଇ ରାଜଧର୍ମର ଉଚ୍ଚଭାବ ନ ବୁଝିପାରି ବୃଥା ପ୍ରଲୋଭନରେ ମାତିଥିବାରୁ ତାହା ଚେତାଇ ଦେବାପାଇଁ ଆସିଛୁ ।

କୈକେୟୀ—ତେବେ ମୋର ଏପରି କି ସମସ୍ୟା ପଡ଼ିଅଛି, ମୁଁ ତ କିଛି ଜାଣି ପାରୁନାହିଁ ।

ମନ୍ଥରା—"ମୁଁ ମରୁଥାଇ ତୋର ପାଇଁ, ତୋ ଚିତ୍ତରେ ଦୟା ଟିକିଏ ନାହିଁ ।" ତୁମ୍ଭ ତେରସ୍ତ ଭରତଙ୍କୁ ମାମୁଁ ଘରକୁ ପଠାଇ ଦେଇ ଏଣେ ରାମଙ୍କୁ କାଲି ନସ୍ତ୍ରଣକ ରାଜ୍ୟରେ ଅଭିଷେକ କରାଇବେ, ଏହା ସବୁ କାହିଁକି ବୁଝିବ ?

କୈକେୟୀ—( ସହର୍ଷ ବଦନେ ) ଆହା, କି ସୁନ୍ଦର କଥା ଦାସି ! ରାମଚନ୍ଦ୍ର ଯୁବରାଜ ହୋଇ ଅଯୋଧ୍ୟା ସିଂହାସନରେ ବସିବ । ଭରତ ମୋର ମାମୁଁ ଘରୁ ଆସି ଭାଇଙ୍କୁ ଚାମର ଢାଳିବ । ଲକ୍ଷ୍ମଣ ଛତ୍ର ଧାରଣ କରି ଠିଆ ହୋଇଥିବ, ପୁଣି ଶତ୍ରୁଘ୍ନ ଆଲଟ ଚଳାଇବ । ଏ ତ ବଡ଼ ଭାଗ୍ୟର କଥା । ଭଗବାନ ତାହାର ମଙ୍ଗଳ କରନ୍ତୁ, ସେ ନିର୍ବିଘ୍ନରେ ରାଜ୍ୟ ସୁଷ୍ଠୁରୂପେ ପରିଚାଳନା କରନ୍ତୁ ।

ମନ୍ଥରା—( ସକ୍ରୋଧେ )ହଁ ଗୋ ମହାଦେଇ ! ଯେତେବେଳେ ବିଧାତା ଦୁନିଆରେ ଦୁଃଖ ସୁଖ ବାଣ୍ଟୁଥିଲା ତମର ଭାଗରେ ସୁଖ ଟୋକାଇଟା ଥୋଇଦେଇ ଯାଇଛି । ସେଥିପାଇଁ ତମ ମୁହଁରୁ ଅଚେନ୍ତା ହସ ବାହାରୁଛି । ମୁଁ ପୋଡ଼ା ମୁହଁ ତମର ଚିନ୍ତାରେ ପଡ଼ି ସଢ଼ି ଯାଉଛି ।

ଗୀତ

ମହାଦେଈ ଗୋ ସରିଲା ତୋର ଗରବ ।
ବୁଡ଼ାଇବା ଫାନ୍ଦେ ପଡ଼ି ହରାଇଲୁ ସବ । ଘୋଷା ।
ସପତ୍ନୀ ପୁତ୍ର ରାଜା,
ଦେଖେ ତୁ ପାଇବୁ ଲଜ୍ଜା,
ଜାଣୁଛି ମୋର କଲିଜା ହେଲାଟି ଦୁର୍ଯୋଗ । ୨ ।

ମହାଦେଇ ! ତେମେ ଏତିକି ଅଯୋଗ୍ୟା, ଶୋକ ସାଗରରେ ବୁଡ଼ିବାକୁ ବସିଲଣି ତେବେ ବି ଚେତୁ ନା । ମୁଁ ଦୁଃଖ କରିବି ନା ତମ କଥା ମନେ କରି ମୋତେ ହସ ମାଡ଼ୁଛି । ଆଗୋ ! କେଉଁ ବୁଦ୍ଧିମନ୍ତ ନାରୀ କାଲିପରି ସଉତୁଣୀ ପୁଅର ସମୃଦ୍ଧିରେ ସୁଖୀ ହୁଏ ! କହନ୍ତି ପରା, "ବା ମୁଠା କଲ ବା ମୁଠାକଲ ବା କ ମୁଠାରେ ରହିବ; ସାତଥର କରି ବୁଝାଇ କହିଲେ ପରକି ଆପଣା ହୋଇବ ।"

କୈକେୟୀ— ଗୀତ

ଦାସୀ ଏପରି ନ ଭାଷ ଲୋ
ନ ପାଇବୁ ପରିତୋଷ
ଏ ସଚରାଚର, ବ୍ରହ୍ମାଣ୍ଡ ଯାହାର
ଗାଉଛନ୍ତି କୀର୍ତ୍ତି ଯଶ । ଘୋଷା ।
ସର୍ବ ଗୁଣାକର ପ୍ରାଣର ରାମ,
ଏ ଐଶ୍ୱର୍ଯ୍ୟ ଭୋଗେ ସିନା ଭଜନ,
ତୁ କାହା ବଶରେ ହୋଇଲୋ ଅଜ୍ଞାନ,
କରୁଛୁ ମନ୍ଦ ସାହସ । ୧ ।

ମନ୍ଥରେ ! ଜ୍ୟେଷ୍ଠ ରାଜକୁମାର ରାମ କୃତଜ୍ଞ, ଗୁଣବାନ, ଶାନ୍ତ,ସତ୍ୟବାଦୀ, ପବିତ୍ର ସ୍ୱଭାବ ଓ ଧର୍ମଜ୍ଞ । ସେହି ଏକା ଏ ବିଶାଳ ସାମ୍ରାଜ୍ୟର ଅଧିକାରୀ ହେବା ଉପଯୁକ୍ତ । ତା ବ୍ୟତୀତ ଅନ୍ୟ କେହି ନୁହେଁ । ସଚରାଚର ବ୍ରହ୍ମାଣ୍ଡ ଯାହାର ନାମ, ରୂପ ଓ ଗୁଣରେ ବିମୋହିତ ତୁ ତାର ବିପକ୍ଷ କଥା ମୋ ନିକଟରେ କହିବା ମୋତେ ବିଷ ପ୍ରାୟ ଜଣାଯାଉଛି ।

ମନ୍ଥରା—ମଲି ମୋର, ( ସ୍ୱଗତ ) ସବୁରେ ପାଣି ପଶି ଆସୁଏ ହେଲାଣି, ଜଣା କହୁଛି ମେଘ ଦୁଲୁକୁଛି । ଏ ତ ଭଣ ବେଳକୁ ବେଳ ବେଶୀ ଭୋଳ ହେଉଛନ୍ତି, ତାଙ୍କର ଏ ବ୍ୟବହାର ଦେଖି ମୋ ହାଡ଼ ଜଳି ଯାଉଛି ।

ଗୀତ

ତୁମ୍ଭ କପାଳଟା ମନ୍ଦ, ଦଇବ କଲଣି ଛନ୍ଦ
ତୁ କସ ମଣନ୍ତୁ ଖଣ୍ଡ କର୍ମ ହତଭାଗ୍ୟ । ୨ ।

ମହାଦେଇ ! ଆଜି ମୋ କଥାଟା କଡ଼ ଖଟା ଲାଗୁଛି, କାଲି ଯେତେବେଳେ ବାଟର ଭିକାରୁଣୀ ହୋଇ ପାତିଆ ଧରି ଦାଣ୍ଡରେ ବୁଲିବ ସେତେବେଳେ ଟିକି ମୋ କଥା ମନେ ପଡ଼ିବ । ଆଜି ପୁଅ ପୁଅ ହୋଇ ଗୋଖାପୁଅ ସୁଖରେ ମାତିଛ ।

କୈକେୟୀ— ଗୀତ

ଏ ଅଯୋଧ୍ୟା ବାସୀ ଯାହାଙ୍କ ନାମେ
ଉଲ୍ଲାସିତ ହୋନ୍ତି ଏ ଶୁଭଦିନେ
ମୁଁ କମ୍ପା ଅଙ୍ଗନେ, ଯିବି ତାର ବନ୍ଦେ
ନ ମେଣ୍ଟିବ ମୋର ଆଶା । ୩ ।

ଦାସି ! ଯାହାର ଅଭିଷେକୋତ୍ସବରେ ସମସ୍ତ ଅଯୋଧ୍ୟାବାସୀ ନିମଗ୍ନ, ମୁଁ ସାମାନ୍ୟ ସ୍ତ୍ରୀଟା କାହିଁକି ବିଘ୍ନ ଘଟାଇବି । ଏ ତ ବଡ଼ ନିନ୍ଦାର କଥା ହେବ । ରାମଚନ୍ଦ୍ର ମୋତେ ମାତାଠାରୁ ଅଧିକ ସ୍ନେହ ଓ ଭକ୍ତି କରେ, ମୁଁ ମଧ୍ୟ ତାକୁ ଭରତଠାରୁ ଅଧିକ ଭଲପାଏ ।

ମନ୍ଥରା— ଗୀତ

ଆଜ ଯାରେ ମଣୁ ସଲ, କାଲି କାଢ଼ି ଦେବ ଗେଲ
ନ ଜାଣୁଛ ଖଳ ଭାବ ନ ପାଇବୁ ଠାବ ।

ମହାଦେଇ ! ଆଜ ଯିନା ରାମରେ ଗେଲ୍ହାକରି ବସିଛ, କାଲି ଯେତେବେଳେ ସେ ରାଜ ସିଂହାସନରେ ବସିବ, ତେବେ ତମର ଆଉ କି ଦାବୀ ରହିବ ? ସେ ରାଜମାତା ସେ, ତୁମ୍ଭେ ପୋଇଲି, ଖାଲି ଉପର ମନରେ ମା ବୋଲି ଗୋଟାଏ ଶୁଖିଲା ଡାକ ଶୁଣିବ । କଥାରେ ଅଛି, "ଘରେ ନ ମାନ ପଲଣାରେ କି ସୁଆଦ" ମହାଦେଇ ! କାଲିଆ କୁକୁର ଜନ ଆଗେ କରିଥିଲି ଜୀବନ ଧନ ଏବେ ଭଲ ସ୍ଥାନମାନ' ମୁଁ ଯାଉଛି ।

କୈକେୟୀ— ଗୀତ

ଜ୍ୟେଷ୍ଠ ଥାଇ କନିଷ୍ଠରେ କେ ରାଜ୍ୟ
ଦେବା ନୁହେଁ ଏହା ଉଚିତ କାର୍ଯ୍ୟ
ଧିକ ସେ ଐଶ୍ୱର୍ଯ୍ୟ, ନ ବଳାଅ ଧୈର୍ଯ୍ୟ,
ରଟିବ ନିନ୍ଦା ଅବର୍ଣ୍ଣ । ୩ ।

ହଇଗୋ ଦାସି ! ଜ୍ୟେଷ୍ଠ ପୁତ୍ର ଥାଉ କନିଷ୍ଠ କା ରାଜା ହେବ କିପରି ? ମୁଁ ନ୍ୟାଯ୍ୟ ଛାଡ଼ି ଅନ୍ୟାୟକୁ ଗଲେ ସୁଦ୍ଧା ନିଷ୍ଫଳ । ତୁ ଯା ବୃଥାଟାରେ କୋଳ୍ହ କଷ୍ଟ ଦେବା କିଛି ଦରକାର ନାହିଁ । ସେ ବି ପୁଅ, ଏ ବି ପୁଅ । ଇହ ସଂସାରରୁ କିଏବା କଣ ନେଇ ଗଲେଣି ବା ନବ । ରହିବ ଭଲ ମନ୍ଦ ଏଥିରୁ ଗୋଟିଏ । ରାଜା ଧନୀଙ୍କ ସମଷ୍ଟିରେ ଅଧିକାଂଶ ହୋଇ ଯେ ଅନ୍ତମାଣରେ ଶାନ୍ତି ଅନୁଭବ ନ କରେ ମୁଇଆ ମୁଲିଲାଗି ତତୋଽଧିକ ଶାନ୍ତି ଅନୁଭବ କରେ । ସେ ତ ଭଲକଥା, ତେବେ ସେ ବୃଥା ସ୍ୱତ୍ତ୍ୱରେ ଫଳ କଣ ?

ମନ୍ଥରା—"ବଡ଼ାନାଣୀ ନଣନ୍ଦ, ତବ ସଙ୍ଗେ ବସି ପେଣ୍ଡି ବଇଲ ମହାଦେଇ ! ଜଣାଉଛି ମୁଁ ହରିଭକ୍ତ ଜାତିକୁଳ ।" (ସ୍ୱଗତ) ହିଁ ଟିକିଏ ବାଗକୁ ଆଇଲେଣି । "କୁହାଯାଉଥାଏ ଯିନା, ତୁହାଇ ତୁହାଇ ପୁଟ ଦେଉଥିଲେ ଲୁହାକ ହୋଇବ ସୁନା" ଲୁହାଟା ପାଖ ଆସିଲାଣି ଏତିକିବେଳେ ବେଣ୍ଟ କଇ ଦି ପାହାର ଦେଲେ ବାଗେଇଯିବ । (ପ୍ରକାଶ୍ୟେ) ମହାଦେଇ ! "କାହା ମନ କେଉଁଠି କେ ଜାଣି ତମ ମନ ଯିନା ଝାଟ ହାଣ୍ଡିରେ । ମୋ ମନ ଲାଗିଛି ସେଇଠି । ଆମ୍ବ ପାଇଗଲା, ଅବାଟେ ପଶିଲି ହଜାଇଲି ଗୋଡ଼ ମୁଣ୍ଡ, ସରୁ ସରୁ କରି ସୂତା କାଟିଥିବ ପାଆନ୍ତାଣିଏ ବୁଣିଦେବି ଜଳା ଖଦି" ଲାଗିଲାନ୍ତି କଣ କିଛି ଉପାୟ ନାହିଁ, "ଝଟକି ଝଟିଆ ଧନା ଖାଉଥିଲୁ କୁଆ ମଇତା ଯିନା ଏବେ ସୁନ୍ଦର କଥାକୁ ଅନା ।"

ଗୀତ

ଦେବାସୁର ରଣେ ଯାହା, ବର ଯାଚିଥିଲେ ନାହା
ସେ ଦୁଇଟି ବର ଏହା କର ମନେ ଦମ୍ଭ ।

ମହାଦେଇ ! "ବାଢ଼ିଆଡ଼େ ମଟ ମଟା, ନ ଖାଇ ନ ପିଇ ପଡ଼ିକୁ ଉଠିଲେ ହେବ ଯିନା ହଟହଟା ।"

(ଗୀତ)

ରାଜା ହୋଇବ ଭରତ, ହେବ ରାମ ବନବାସୀତ
ଚଉଦବର୍ଷ ପୂର୍ଣ୍ଣେ ତ ପାଇବ ସମ୍ପଦ ।

କହନ୍ତି ପରା, "ସାହସେ ମରି ସାହସେ ତରି, ସାହସେ ଘର ଦୁଆର କରି ।" ମହାଦେଇ ! ପଛ ବୁଢ଼ିବୁଢ଼ୀଟା ନ ଥାନ୍ତା କଣ କରନ୍ତେ କେ ଜାଣି, ମନେ ପଡ଼ୁ ନାହିଁ, ମୁଁ ତ ତୁମଠୁ ଶୁଣି ମୋର ମନରେ ଟପ ଟପ ହୋଇ ନାଚୁଛି, ତୁମର ପାଶୋରିଗଲାଣି । ଦେଖ ! ଦେବାସୁର ଯୁଦ୍ଧକୁ ଯାଇଥିବା ସମୟରେ ରାଜା ତୁମ ସେବା ଓ ଶୁଶ୍ରୂଷାରେ ତୃପ୍ତ ହୋଇ ପରେ ତୁମ୍ଭଙ୍କୁ ଦୁଇ ଗୋଟି ବର ଦେବାକୁ ସ୍ୱୀକୃତ ହୋଇଥିଲେ, ତୁମ୍ଭେ ସମୟାନୁଯାୟୀ ମାଗିନେବ ବୋଲି ତାଙ୍କଠାରେ ରଖାଇଛ ।

ତାର ଏହି ପ୍ରକୃଷ୍ଟ ସମୟ । ପ୍ରଥମ ବର ଭରତ ରାଜା ହେଉ, ଦ୍ୱିତୀୟରେ ରାମ ଚଉଦବର୍ଷ ବନବାସ କରିଯାଉ ।

କୈକେୟୀ— ଗୀତ

ସୁତ ପାଇଁ ମିନା ମାଗିବ ରାଜ୍ୟ ।
ଯେମ ବଦନ ହେଶି କେବଣ କାର୍ଯ୍ୟ
ଲୋଡ଼ା ନାହିଁ ରାଜ୍ୟ, ଏ କୁତ୍ସିତ କାର୍ଯ୍ୟ
ନ ଶୋଭିବ ଜାତବଣ । ୪ ।

ମନ୍ଥରେ ! ଭରତ ଲାଗି ମିନା ରାଜ୍ୟ ମାଗିବି, ରାମଙ୍କୁ ଚୌଦବର୍ଷ କାହିଁକି ଅକାରଣେ ବନକୁ ପଠାଇବି ? ରାଜା ଏ ନିଦାରୁଣ କଥା ଶୁଣି ପ୍ରାଣଧରି ରହିବେ କି ? ଦାସି ! ରାମ ପରି ପୁଅକୁ ବନକୁ ପଠାଇ ରାଜ୍ୟ ନେବା ମୋର ଲୋଡ଼ା ନାହିଁ ।

ମନ୍ଥରା—ପୁଣି ତ ବଦଳିଗଲ, ଟିକଏ ବାଟକୁ ଆସିଥିଲ । କହ ଗୋ, ରାମ ଯେଉଁ ସମସ୍ତଙ୍କର ପ୍ରିୟ, ଏ ବୁଢ଼ା ରଜା ଆଉ କେତେଦିନ ବଞ୍ଚିବ । ରଜା ମଲେ ପ୍ରଜାପକ ଭରତଙ୍କୁ ବାହାରକରି ଦେଇ ରାମଙ୍କୁ ରାଜ୍ୟ ଦେବେ । "ମୂଳ ମାରିଲେ ଯିବ ସର ପତ୍ରକୁ ଥିବ କମା କଳ ।" ସେ ତ ରାଜପୁତ, ଜଙ୍ଗଲରେ ଫଳ ମୂଳ ଖାଇ ସେ ଜଣ ବଞ୍ଚି ଚଉଦବର୍ଷ ପରେ ସରେ ଫେରିବ ନା ଭରତଙ୍କୁ ନିଶ୍ଚେ ରଜା ହେବ । ତା ନହେଲେ ଭରତ ନିର୍ବିଘ୍ନରେ ରାଜକାର୍ଯ୍ୟ ଚଳାଇବ ।

ଗୀତ

ଦେବେ ଲେଖି ସୁଖ କିଣ,
ବେଳହୁଁ ଜମ୍ବୁ କର
ବାଳକୃଷ୍ଣ ବୋଲେ ଯାଇଁ
ଦୁର୍ଗାପାଦେ ସେବ । ୬ ।

ରାଜାଙ୍କର ଯେତେକ ଭଲପଣରେ ସ୍ନେହଆନ୍ତା, ତେବେ ଏତେ ବଡ଼ ଜୟକାଣ୍ଡରେ ସେ ବୋମଣ୍ଡିଆ ପାଇଲର କାହାକୁ ମନେ ପଡ଼ୁ ନ ଥାନ୍ତା, ଭରତ ଯାଇ କେଉଁଠି ମାମୁଁଘରେ ପଶିଛି ତାକୁ ଟିକଏ ଖବର ଦେବାକୁ ଜଣ ପାଠି ହେଉନାହିଁ, ଏଇଥିରୁ ତ ଜାଣିବ ?

କୈକେୟୀ—ଦୁର୍ବୁଦ୍ଧେ ! ରାଜାଙ୍କର ଏଥିରେ ପ୍ରକୃତ ଛଳ ଅଛି, ତୁ ନ ଥିଲେ ମୁଁ ଏତେ ବଡ଼ ରହସ୍ୟ କପଟ ଜାଣିଥାନ୍ତି, ଧନ୍ୟ ତୋର ବୁଦ୍ଧି ! ସେହି ବୁଦ୍ଧି ନୁହେଁ ଯେ ବୁଦ୍ଧିର ଜାହାଜ ।

ଗୀତ

ଜଣାଅ ତୁ ନାଥେ ପୀଡ଼ିତା ମୂର୍ତ୍ତି
ତବ ଦରଶନେ ଅନନ୍ତ ସ୍ଫୂର୍ତ୍ତି
ନିର୍ଦ୍ଦୟ ନ ହୋଇ ମୁହୂର୍ତ୍ତିକ
ପାଇଁ ବାଳୀର ହରନ୍ତୁ ପ୍ରାଣ ।

ଦାସି ! ଶୀଘ୍ର ଯାଅ, ରଜାଙ୍କୁ କହିବ ରାଣୀ ବଡ଼ ପୀଡ଼ିତ । ତବ ଦର୍ଶନ ମାତ୍ରଇ ତାଙ୍କର କାମନା ।

ମନ୍ଥରା—ଦେବି ! ତୁମ୍ଭେ ଆଉ ଉଦର ବଞ୍ଚିଥିଲେ ମୋର କେଉଁ ପନ୍ତୁଆ ? ଯାଉଛି ସ୍ୱୈର ଚଳେଇଲ ଘରେ ସୁଖ ଦେଇ କ ହେବ ? ( ସ୍ୱଗତ ) ମାଇକିନିଆଁଙ୍କର କେତେ ବୁଦ୍ଧି କେତେ ମୋଡ଼ ମାଡ଼ ଦେଇଥିଲି, ଏବେ ଯିବ କୁଆଡ଼େ, ଭରତ ରଜା ହେଲେ ଯେଉଁ ପ୍ରଜାଗୁଡ଼ିକ ରାମ ରାମ ହେଉଥିଲେ ତାଙ୍କୁ ମୋଡ଼ମାଡ଼ ଖାଇବ । ମୁଁ ଆସେ ।

—*—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ଦଶରଥ— ଗୀତ

କହରେ ସଜିଗ କମା ତୁ ମାନିନୀ
ଅଭିମାନି ମୃଗଲୋଚନା । ପଦ ।
ଶିରେ ଅଗ୍ନିରେ, ଗିରିକ୍ଷ ଅଟଳ
ପିନ୍ଧିଛୁ ତୋ ଅଙ୍ଗ ... ଛିନ୍ନ ସଖି
ତୋଷ୍ଣ ବାଷ୍ପସାକ୍ଷୀ ସ୍ୱନ୍ତ ଚନ୍ଦ୍ରମୁଖି
ହସି ଭଣ୍ଡ ପିକବଚନା । ୧ ।

ପ୍ରିୟେ ! କ କଷ୍ଟେ ଝାଉଁଳିଛି ତବ ମୁଖ ଶଶୀ । ହସି କମା ନ କହୁଛୁ କଥା । ବ୍ୟଥାଦିଏ ଅଙ୍ଗକୁ ମୋହର ଭାବନା ଦୁଃଖରେ । ମୋ ପକ୍ଷେ ନୁହେ ଶ୍ରେୟସ୍କର ।

ଗୀତ

କବା ଅଧରେ କମା ତୁ ଅଧୀରା,
କବା ଅପରାଧେ ଛନ୍ଦକରୁ ଧୀରା,
ତୁମୋ ହୃଦୟର ପ୍ରେମର ପସରା
ନ ଦିଅ ତୁ ଅଭି ଲାଞ୍ଛନା ॥

ମୁଁ ମୋର ନଜର କର୍ମକୁ ଭାବି ମୋର ହୃଦୟ ଅସହ୍ୟ ହେଉଛି ।

ଗୀତ

ଶୀତଳରଜା ତୁ ନ ବହ ମାନ,
ଭନ୍ନ ନ କର ରେ ବ୍ରମାଭଚନ,
ବାଳାମଣି ଜାନ, ହଜାଉଛି ଜାଣ,
କହ କସ ତୋର ଶୋଚନା ॥

ପ୍ରିୟେ ! କମା ଏତେ ଛନ, ଯାହା ହେଉ ମନୋବାଞ୍ଛା ପ୍ରକାଶ ତୁ ନର୍ଭୟ ଅନ୍ତରେ । ବୃଥା ବାକ୍ୟ ନ କଟାଅ କାଳ ।

କୈକେୟୀ— ଗୀତ

ଜାଣି ତ ନ ଥିଲି ନାଥ,
ଏଡ଼େ ନଷ୍ଠୁର ହୃଦୟ !
ମୁଖରେ ମଧୁର ଭାଷି,
ଅନ୍ତରେ ହୁଅ ନର୍ଦ୍ଦୟ ।
ଭ୍ରମର ପରାୟେ ଭାବ,
କ୍ଷଣେ କର ସୁଖ ଲାଭ ।
ଅନ୍ତର ହେଲେ ମୋ ଠାବ,
ଆନରେ ହେବ ସଦୟ ।

ନାଥ ! ଏ ଅଧୀନାଠାରେ ଆପଣଙ୍କର ଏତେ ଛନବୋଲି ଏତେମାତ୍ର ବିଶ୍ୱାସ କରି ନ ଥିଲି । କନ୍ତୁ ଆଜ ଫଳରେ ଜାଣି ପାରୁଛି; ଆପଣ ଏକା କାହିଁକି ପୁରୁଷ ମାତ୍ରକେ ସମସ୍ତଙ୍କର ଏକଭ ଭାବ ।

ଦଶରଥ—ପ୍ରିୟେ ! ଅନ୍ୟ ରାଣୀମାନଙ୍କ ଅପେକ୍ଷା, ମୁଁ ତ ତୁମ୍ଭକୁ ଅଧିକ ସ୍ନେହ କରେ, ତେବେ ତୁମ୍ଭର ଆଉ କି ଚନ୍ତା ପ୍ରକାଶ କର ?

କୈକେୟୀ— ଗୀତ

ଚେ଼ଁଭୁ ଏ ପୋଡ଼ା କପାଳ,
ଲଭିବା ନାହିଁଟି ଫଳ ।
ଅବିଶ୍ୱାସୀ ନୃପକାଳ,
ଭବନ୍ତି ଜଗତରେ ଜୟ ॥

ଭବଶୋଚ କଥାକୁ ଚନ୍ତାକରି ଏ ଜୀବନରେ କେତେ ଦିନ ଅନୁଶୋଚ କରିବାକୁ ପଡ଼ିବ; ଭାବି ମନଟା ବଡ଼ ବ୍ୟସ୍ତ ହେଉଛି । ତେବେ ଅଧୀନାର ଆପଣଙ୍କ ନକଟରେ କିଛି ମାଗୁଣି ଅଛି । ଏ ଶୁଭ ସମୟରେ କେତେ ବା ଦାନ ଧ୍ୟାନ ହେଉନାହିଁ । ଆଶାକରେ ଏପରି ସମୟରେ ପ୍ରାପ୍ୟ ମୋର ଅବଶ୍ୟ ନିଶ୍ଚୟ ଫଳବତୀ ହୋଇ ପାରିବ ।

ଦଶରଥ – ପ୍ରକାଶ ନ କଲେ ଜାଣିବି କପରି ?

କୈକେୟୀ— ଗୀତ

ଦେବାସୁର ରଣେ ଯାହା,
ଯାଚ ଥିଲେ ପ୍ରାଣନାଥ,
ମାଗୁଣି ମାଗଇ ତାହା;
ଦୟାକର ଦୟାମୟ ॥

ଆପଣ ଦେବାସୁର ଯୁଦ୍ଧ ସମୟରେ ଯେ ଦୁଇଟି ବର ମୋତେ ଦେବା ନମିତ୍ତ ପ୍ରତଶ୍ରୁତ ହୋଇଥିଲେ, ତାହା ମୁଁ ନ ନେଇ ଆପଣଙ୍କଠାରେ ଗଚ୍ଛିତ ରଖାଇ ଥିଲି । ମାତ୍ର ସେ ବର ବର୍ତ୍ତମାନ ଗ୍ରହଣ କାଲ ଦେବାର ଆଉ ଶକ୍ତି ନାହିଁ । କାରଣ ଯେତେବେଳେ ଆପଣଙ୍କ ପୁତ୍ର ମସ୍ତକରେ ରାଜମୁକୁଟ ଅର୍ପଣ କରିବେ ସେତେବେଳେ ଆପଣଙ୍କର ଆଉ ଦାବ କଣ ? ତେବେ ଅଧୀନାକୁ ଆଗରୁ ସେ ବିଷୟ ବୁଝାଇ ଦେବା ଭଲ ।

ଦଶରଥ—ବାସ୍ତବକ କଥା, ମୁଁ ଭୁଲି ଯାଇଥିଲି । ତୁମ୍ଭେ ମଧ୍ୟ ଯାହା କହିଲ ସତ୍ୟ । ତେବେ ଏଥିପାଇଁ ଏତେ ବ୍ୟସ୍ତ କାହିଁକି ? ତୁମ୍ଭ ଲାଗି ଏ ପ୍ରାଣ ପର୍ଯ୍ୟନ୍ତ ବିସର୍ଜନ କରିପାରେ, ତେବେ ପ୍ରକାଶ କର କ ବାଞ୍ଛା ତୁମ୍ଭର ।

କୈକେୟୀ—ନାଥ ! ଯାହା ମୁଁ ମାଗିବି ମୋତେ ଦେବେଟିକି ତାହା ?

ଦଶରଥ—ପ୍ରିୟେ ! ନ ଭାବ ସେ କଥା, ମିଥ୍ୟା ନ କହିବେ କେବେ ଇକ୍ଷ୍ୱାକୁବଂଶୀୟ ଦଣ୍ଡଧର । ସତ୍ୟ, ସତ୍ୟ, ସତ୍ୟ ମୋ ବଚନ, ମନୋଗତ ଯାହା ମାଗ ନେଇ ବର ରେ ଚନ୍ଦ୍ରବଦନ ।

କୈକେୟୀ— ଗୀତ

ସତ୍ୟ ଯେବେ ଅଙ୍ଗୀକାର,
ରାମ ହୋନ୍ତୁ ବନେଶ୍ୱର
ଭରତେ ରାଜନ୍ତୁ କର,
ବାସରେ ଦଶ ଅବଧି ॥

ମହାରାଜ ! ପ୍ରଥମ ବରରେ ମୋର ପୁତ୍ର ଭରତ ରାମ ପରିବର୍ତ୍ତେ କାଲି ପୁଷ୍ୟା ଯୋଗରେ ଯୌବରାଜ୍ୟେ ଅଭିଷିକ୍ତ ହେଉ ।

ଦଶରଥ—ପ୍ରିୟେ ! ଯାହା ଶୋଭିଲା ତୁମ୍ଭଙ୍କୁ, ଅସ୍ତୁ ହେଉ ତାହା ! କାରଣ ରାମ ଭରତର ନାହିଁ ଭିନ୍ନାଭିନ୍ନ । ରାମ ଯେପରି ସ୍ନେହର ପାତ୍ର ଭରତ ମଧ୍ୟ ତଦ୍ରୂପ । ତେବେ ପ୍ରକାଶ ଆନ ବର ଗୋଟି ।

କୈକେୟୀ— ଗୀତ

ଜଟା ବଳକଳ ବସନ ବନବାସେ ଯାଉ ରାମ ।
ଚଉଦ ବର୍ଷ ଅନ୍ତେଣ ଫେରିବ ନିଜ ଆଶ୍ରମ ॥

ରାମଚନ୍ଦ୍ର ଜଟା ବଳ୍କଳ ଧାରଣ କରି ଚଉଦବର୍ଷ କାଳ ବନବାସ କରନ୍ତୁ, ଏହାହିଁ ଇଚ୍ଛା ।

ଦଶରଥ—ପ୍ରିୟତମେ ! କିଏ ତୁମ୍ଭଙ୍କୁ ଏ କପଟ ବୁଦ୍ଧିରେ ପ୍ରବର୍ତ୍ତାଇଲା । ରାମ କି ଏକା ମୋର, ସେ କି ତୋର ନୁହେ । ଧରୁଅଛି ପଦ ତବ ପଶୁଛି ଶରଣ, ପ୍ରିୟତମେ ରାମେ ମୋର ନ ପଠାଅ ବନେ । ଭରତ ପଛେ ରାଜା ହେଉ ଅଯୋଧ୍ୟା କଟକେ, ନାହିଁ ତହିଁ ମୋହର ଶୋଚନା । ମାତ୍ର ରାମ ବନଯିବା କଥା ନ ଧରନ୍ତୁ ତୁମ୍ଭେ । ଏ କି ହେଲା, ହା ରାମ ।

( ଦୀର୍ଘ ନିଶ୍ୱାସ ତ୍ୟାଗ )

କୈକେୟୀ— ଗୀତ

ଛାଡ଼ିଲେ କି ହେବ ଆଉ ନ ଶୁଣିବି ଏହି ବାଣୀ
ଝଟତେ ଏ ଆଶା ହେଉ ବାଳକୃଷ୍ଣ କରେ ଭଣି ।୬।

ନାଥ ! ବୃଥା ଛଳନା କର ଆବଶ୍ୟକ କଣ ? ମୋର ମନୋବାଞ୍ଛା ପୂର୍ଣ୍ଣ କରିବାକୁ ନିଶ୍ଚୟ ହେବ । ନଚେତ୍ ନାସ୍ତି କରନ୍ତୁ, ମୁଁ କର୍ମ ଅଡବ ରହିବ ।

ଦଶରଥ— ଗୀତ

ଆଲୋ ଦୁର୍ବୁଦ୍ଧି ପାପିଷ୍ଠୀ ପାମରି
ଏ କି କାଣ୍ଡ ଆଜ କଲୁ ଲୋ ।
କାହା ପାଠେ ପଡ଼ି ଗଲୁ ବୁଦ୍ଧି ହୁଡ଼ି
ଭଣ୍ଡପଣ ଦେଖାଇଲୁ ଲୋ ।
ଖଣ୍ଡା ଧରି କିମ୍ପା ନ କାଟି ମୋ ଶିର
ଅଣ୍ଡାଠାରେ କି ସାଧିଲୁ ଲୋ
ଭଣ୍ଡାଭଣ୍ଡି କରି ଦେଲୁ ହଣ୍ଡା ଶରି
ମୋ ଗଣ୍ଡାକ ପୁରଇଲୁ ଲୋ ।୧।

ପାଷାଣ୍ଡି ! ତୋର ଏତେ ଛନ୍ଦ, ତୁ ବ୍ରହ୍ମାଣ୍ଡବିଜୟୀ ପୁତ୍ରକୁ ଦଣ୍ଡେ ଦେଖି ପାରିଲୁ ନାହିଁ । ନାରୀହତ୍ୟା ମହାପାପ, ନଚେତ୍ ତୋର ମୁଣ୍ଡ ମୁଁ କ୍ଷଣକ ମଧ୍ୟରେ ଖଣ୍ଡ ଖଣ୍ଡ କରି ପାରନ୍ତି । ଦୁର୍ଦ୍ଧର୍ଷି ! କାହା ଶିକ୍ଷାରେ ପଡ଼ିଛୁ ସତ କହ ?

ମନ୍ଥରା—( ସ୍ୱଗତ ) ମଲା ସିକେଇ ଦଉଥିଲା କିଏ ? ସେ କଣ ଅସୁଆର ହୋଇଛନ୍ତି କି ! ଏତ ଆଚ୍ଛା କଥା ହେଲା, ଏବେତ ଅକଲ ଗୁଡୁ ଗୁଡ଼ିଆ ମାଉଁଡ଼ଉଁଆ ମୋ ନା କାଳେ କହି ନ ଦିଏତ । ( ପ୍ରକାଶ୍ୟେ ) ମହାରାଜ ! କଣ ହେଲାକି ?

ଦଶରଥ—ଦୂର୍‌ କର ପାଷାଣ୍ଡୀ (ଚୁଟିଧରି ଠେଲିଦେବା) ।

ମନ୍ଥରା—ଇଲୋ ମୋ ବୋଉଲୋ; ମୁଁ କାହିଁକି ମିଛଟାରେ ଏ ପରିଭବ ପାଉଛି ! ମୁଁ ଯାଉଛି, ତୁମ୍ଭେ ଦୁହେଁ ଏଥର ଗଡ଼ାପଡ଼ା ହୋଇ ମଲେ କେତେ ଗଲେ କେତେ ?

ଦଶରଥ— ଗୀତ

ଯାର ନାମ ସ୍ମରି ନାଚେ ବସୁନ୍ଧରା
ତୁ କିମ୍ପା ଭଗାରି ହେଲୁ ଲୋ ।
ନାରଖାର କରି ଦେଲୁ ଆଜ ପୁଣି
କି ଗୌରବକୁ ଅର୍ଜିଲୁ ଲୋ ।୨।

ନାରକି ! ଯାର ନାମରେ ଏ ଅଯୋଧ୍ୟାପୁରୀ ପୂର୍ଣ୍ଣିମା ରଜନୀ ପରି ହସି ଉଠୁଥିଲା, ତୁ ପାପିଷ୍ଠୀ ରାହୁ ପ୍ରାୟ ତାକୁ ଅମାବାସ୍ୟାନ୍ଧକାରରେ ପରିଣତ କଲୁ ।

ଗୀତ

ଛି ମମତା ଛାଡ଼ି ଛନ୍ଦକଲୁ
ନୂଆ ମନ୍ଦପଣ ଦେଖାଇଲୁ ଲୋ ।
ବାଳକୃଷ୍ଣ କହି କାଳକଣ୍ଠ ହୁଇ
ଆଶା ମୋର ଭଙ୍ଗାଇଲୁ ଲୋ ॥

ଓହୋ, ଧିକ୍ ମୋର ଜୀବନେ, କଣ କରିବି ? ପାଷାଣ୍ଡୀ କବଳରେ ପଡ଼ି ମୋର ହୃଦୟ ରତନକୁ ବନକୁ ଠେଲିଲି । ପାପିୟସି ! କେମନ୍ତେ ମୁଁ ରାମଚନ୍ଦ୍ରେ ଦେବି ଏ ବାରତା । ପୁଣି ପତିପ୍ରାଣା ଜନକ ତନୟା ଶୁଣିବ

ସ୍ତ୍ରୀ ଯେବେ କି ବୋଲି ବୋଲିବ । ରାକ୍ଷସି ! ରାମ ବନ ଯିବା ପୂର୍ବରୁ ବିଦୀର୍ଣ୍ଣ କରିବୁ ମୋର ନିର୍ଦ୍ଦୟ ହୃଦୟ ।

କୈକେୟୀ—ବୃଥା ଭାବନା କରିବା ପ୍ରୟୋଜନ, ରାମ ବନ ଯିବ ନିଶ୍ଚେ ନ କର ବାରଣ। ଇକ୍ଷ୍ୱାକୁବଂଶଜ ପୁଣି ଅଜରାଜ ସୁତ ନାମ ସତ୍ୟସନ୍ଧ ବୋଲି ବିଦିତ ଜଗତେ, ଛାର ପୁତ୍ର ସ୍ନେହେ କିମ୍ପା ହୁଅ, ହୋଇ ଅନ୍ଧ । ଶ୍ରୀମୁଖର ବର ଯଦି ବ୍ୟର୍ଥ ହୋଇବ, ସ୍ତୁତ ସୂତେ କଳଙ୍କର ପତାକା ଉଡ଼ିବ । ପୁଣି ସୂର୍ଯ୍ୟବଂଶୁ ସତ୍ୟସନ୍ଧ ନାମଟି ବୁଡ଼ିବ ।

—*—

## ଦ୍ୱିତୀୟ ଦୃଶ୍ୟ

ସୁମନ୍ତ୍ର—ଏ କଣ ? ମହାରାଜ ଏ ପର୍ଯ୍ୟନ୍ତ ଅନ୍ତଃପୁରରୁ ବିଜେ ନ କରିବାର ଅଭିପ୍ରାୟ କଣ ? ଅଭିଷେକ ସମୟ ଅତୀତ ହେବା ପ୍ରାୟ । ବୋଧହୁଏ ମହାରାଜ ସାରା ରାତି ଆନନ୍ଦ ସମୁଦ୍ରରେ ଜାଗ୍ରତ ଥାଇ କ୍ଳାନ୍ତ ବଶତଃ ନିଦ୍ରାଭିଭୂତ ଅଛନ୍ତି । ତେଣେ ସେ ଦ୍ୱାର ଦେଶରେ ନିମନ୍ତ୍ରିତ ରାଜାଗଣ । ଭଗବାନ ବଶିଷ୍ଠଙ୍କ ସହ ବ୍ରାହ୍ମଣ ଓ ମୁନି ଋଷିଗଣ ଉପସ୍ଥିତ ହେବେଣି, ଯାଏଁ ଅନ୍ତଃପୁର ମଧ୍ୟ ରାଜାଙ୍କୁ ଏ ସନ୍ଦେଶ ଜଣାଏ ।

( ସୁମନ୍ତ୍ରର କୈକେୟୀଙ୍କ ମନ୍ଦିରରେ ପ୍ରବେଶ )

ସୁମନ୍ତ୍ର—ମହାରାଜ ! ରାତ୍ର ପାହିଲାଣି, ଅଭିଷେକ ସମୟ ଉପସ୍ଥିତ, ଗାତ୍ରୋତ୍ଥାନ କରନ୍ତୁ । ବିଳମ୍ବେ କାର୍ଯ୍ୟର ଫଳ ଅଶୁଭଦାୟକ ହେବ ।

ସୁମନ୍ତ୍ର—ଶ୍ରୀମୁଖର ଏ ଶୁଷ୍କବଦନରେ ଏପରି ବିହ୍ୱଳିତ ହେବାର ଅଭିପ୍ରାୟ କଣ, ଯଦି ଅଧୀନର କୌଣସି ଦୋଷାଦୋଷ ଥାଏ ତ ମାର୍ଜନା କରି ପ୍ରକାଶ କରନ୍ତୁ ?

କୈକେୟୀ—ତୁମର ସେ କଥା ବିଚାର କରିବାର ଆବଶ୍ୟକ ନାହିଁ, ଯାଅ ଶୀଘ୍ର ରାମକୁ ଏଠାକୁ ଡେକିଆଅ ।

ସୁମନ୍ତ୍ର—ସାମ୍ରାଜ୍ଞି ! ମୁଁ ଭୃତ୍ୟ ଅଟେ ମାତ୍ର ରାଜକାର୍ଯ୍ୟ ନିମିତ୍ତ, ପାରିବାରିକ ନିମିତ୍ତ ନୁହେଁ । ଏଣୁ ମହାରାଜଙ୍କ ବିନାନୁମତରେ ଆପଣଙ୍କ ଆଜ୍ଞା ଅବଶ୍ୟ ଯୋଗ୍ୟ ।

କୈକେୟୀ—କି କହିଲ ମନ୍ତ୍ରି ! ମୋର ଆଜ୍ଞା ଅବଶ୍ୟ ଯୋଗ୍ୟ, ଯଦି ସମୟରେ ମୋର ଆଜ୍ଞା ପାଳନ କର ?

ସୁମନ୍ତ୍ର—ଅସମ୍ଭବ, ସମ୍ଭାବ ପାରେ, ଯେ ଦିନ ଆପଣ ସିଂହାସନାଧିରୁଢ଼ା ହେବେ ।

କୈକେୟୀ- ତେବେ, ସେଥି ନିମିତ୍ତ ମୁଁ କହୁଛି ରାଜା ବର୍ତ୍ତମାନ ଚିନ୍ତାଗ୍ରସ୍ତ ଓ ଅସୁସ୍ଥ, ରାମକୁ ଏଠାକୁ ଆସିବାକୁ କହ ?

ସୁମନ୍ତ୍ର—ସାମ୍ରାଜ୍ଞି ! ପୁଣି ସେହି କଥା, ଇକ୍ଷ୍ୱାକୁବଂଶୀୟ ମନ୍ତ୍ରି କି ଏପରି ନିତମନା ଓ ଦୁର୍ବଳ ନୁହେ ଯେ ସେ ରାଜାଙ୍କ ବିଦ୍ୟମାନରେ ସାମାନ୍ୟ ଜଣେ ଅବଳାର ଆଜ୍ଞାକାରୀ ହେବ ।

ଦଶ—(କ୍ଷୀଣସ୍ୱରରେ) ମନ୍ତ୍ରି ! ମୋର ଜୀବନ ଯାଇଥିବା ପ୍ରାୟ, ରାମକୁ ଥରେ ଦେଖନ୍ତି ।

ସୁମନ୍ତ୍ର—(ସ୍ୱଗତ) ଏ ବ୍ୟାପାର ସନ୍ଦର୍ଶନ କରି ମୋ କ୍ଷୁଦ୍ର ବୁଦ୍ଧିରେ କିଛି ସ୍ଥିରତମ୍ଭ ସ୍ଥିର କରିପାରୁ ନାହିଁ । ଅକସ୍ମାତ ଏ କି ବିଭ୍ରାଟର ସମ୍ଭାବନା, ବୋଧହୁଏ ଏଥିରେ କିଛି ଗୂଢ଼ କଥା ସନ୍ନିହିତ । ତଥାପି ରାଜାଜ୍ଞା ଅବଶ୍ୟ ପାଳନୀୟ । (ପ୍ରକାଶ୍ୟେ) ଯଥାଜ୍ଞା ମହାରାଜ । (ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

ସୁମନ୍ତ୍ର—ବାବୁ ରାମଚନ୍ଦ୍ର ! ପିତାଙ୍କ ଆଦେଶ ଶୀଘ୍ର ବିରାଜମାନ ହୁଅନ୍ତୁ ।

ରାମ—ମନ୍ତ୍ରୀବର ! ଉଦୟ ସମୟରୁ ଆହ୍ନିକ କାର୍ଯ୍ୟାଦି ସମାପନାନ୍ତେ ଅଭିଷେକୋତ୍ସବରେ ଯୋଗଦେବା ନିମିତ୍ତ ପିତାଙ୍କର ଆଦେଶ ଥିଲା, କିନ୍ତୁ ବର୍ତ୍ତମାନ ତ ସେ ସମୟ ହୋଇନାହିଁ । ତେବେ କଣ ସମସ୍ତ ଆୟୋଜନ ହୋଇଛି କହନ୍ତୁ, ତେବେ ପିତା କେଉଁଠାରେ ?

ମନ୍ତ୍ରୀ—ଯୁବରାଜ ! ହିତା ବର୍ତ୍ତମାନ ମହିଷୀ ମାଆଙ୍କ
ଭୂଆସରେ କାରଣ କଣ ମୁଁ ତାହା ଜାଣେ ନା ।
ରାମ—ଏତ ମହେନ୍ଦ୍ରର କଥା ଆଚ୍ଛା ଚାଲନ୍ତୁ ।
(ଆସିବା ସମୟେ ସଙ୍ଗେ ଲକ୍ଷ୍ମଣ ମିଳି ଆସିବା)

---

## ଚତୁର୍ଥ ଦୃଶ୍ୟ

ସୁମନ୍ତ୍ର—ମହାରାଜ ! ଆଦେଶ ମତେ ରାମଚନ୍ଦ୍ର ବର୍ତ୍ତମାନ
ଆପଣଙ୍କ ସମୀପରେ ଉପସ୍ଥିତ ।
ଦଶ—କାହିଁ ମୋ ହୃଦୟ ଚନ୍ଦନ (ପୁଣି ମୂର୍ଚ୍ଛାଗତ)
(ରାମ କୈକେୟୀଙ୍କ ଚରଣ ବନ୍ଦନା କରି ପିତାଙ୍କୁ
କୋଳରେ ଧରି ଅଧୀର କଣ୍ଠରେ)
ରାମ—ମା, ମା, ପିତା ଏପରି ଅଧୀର ହେଉଛନ୍ତି
କାହିଁକି ? ମୁଁ କଣ କିଛି ଦୋଷ କରିଛି, ପ୍ରାଣରେ
କି ବାଜୁଣି ଆଘାତ, ପିତା ଏପରି ଅଧୀର ହେବାର
କାରଣ କଣ ?
ଦଶ—(ସଚେତ ହୋଇ ଖେଳୁଦ୍ୟମାନ)
ରାମ—ଜନନି ! ତାତ କିମ୍ପା ଧରଣୀଶାୟୀ, କି ବ୍ୟାଧିରେ
ହୁଅନ୍ତି ଅଧୀର । ଦୟାକରି ପ୍ରକାଶି ଅଧୀନେ
ସନ୍ଦେହ ମୋ କର ବିମୋଚନ ।

ଗୀତ

କିମ୍ପାଇ ତାତ ମୂର୍ଚ୍ଛିତ,
କହିବାରେ ପ୍ରକାଶ ମା । ଶୋଷ ।
ଚନ୍ଦ୍ର ସୁବାସ ବଦନ କିମ୍ପାଇ ହେଲେ ମଳିନ,
ଅଶ୍ରୁପାତ ଅନୁକ୍ଷଣେ କାହିଁକି ପ୍ରକାଶ ମା ।୧।
ନୟନରୁ ଅଶ୍ରୁଧାର ବହି ଅନ୍ତରବାସ ହେଲାଣି ତ
ଆର୍ଦ୍ର, କହ ମାତ କି ଉଦ୍ବେଗେ ଉଚାଇଲେ ମୋତେ,
ତୁମ୍ଭି କିମ୍ପା ପିତା ନ କହନ୍ତି କଥା ।
କୈକେୟୀ—ବାପରେ କହିବାକୁ ଲଜ୍ଜା ହୁଏ ମୋତେ
ମୂର୍ଚ୍ଛା ନୁହେ ବୃଥା ଛଳନା ମାତ୍ରକ ।
ମନ୍ଥରା—ହେଉପଛ ହେଉଛ ।
ରାମ— ଗୀତ
ଜରା ବ୍ୟାଧି ଆଗମନେ ସନ୍ତାପିତ ହୋନ୍ତି ମନେ,
ପ୍ରକାଶକର ଅଧୀନେ ସତ୍ୟ ନୁହେଁ କ୍ଳେଶ ମା ।
ମା ! ଜରା ବ୍ୟାଧି ଆଗମନେ ପାଆନ୍ତି ସେ କ୍ଳେଶ,
ବଡ଼ ସନ୍ଦେହ ଜନ୍ମୁଛି ମୋ ମନେ, ଦୟାକରି ପ୍ରକାଶ
ସକଳ ବୃତ୍ତାନ୍ତ ।

ଗୀତ

ମୁଁ କି ଚରଣେ ବିବାଦ ହୋଇଅଛି ଅପରାଧୀ
ଯେ ଦଣ୍ଡ ଦେବ ସମ୍ବାଦ ଭୋଗିବି ପ୍ରକାଶ ମା ॥
ମା ! ଅଧମ ସନ୍ତାନେ କିମ୍ପା ଦିଅ ଏତେ ବ୍ୟଥା ।
କୈକେୟୀ—ଶଙ୍କା ନ କରିବୁ ବାପ, ଦେବାସୁର ଯୁଦ୍ଧେ
ତୋର ପିତା ଯାଚିଥିଲେ ବର, ମାଗନ୍ତେ ମୁଁ
ତାହା ନାଥ ଆଜ ହୁଅନ୍ତି ଅଧୀର ।
ରାମ—କି ବର ପ୍ରକାଶନ୍ତୁ ?
କୈକେୟୀ ବାପ, ପ୍ରଥମ ବରରେ ମୋର ପୁତ୍ର ଭରତ
ହୋଇ ପଣ୍ଡିତଙ୍କ ଯୌବରାଜ୍ୟେ ଅଭିଷିକ୍ତ ହେବ
ଅଯୋଧ୍ୟା କଟକେ ।
ରାମ— ଗୀତ
ଐଶ୍ୱର୍ଯ୍ୟେ ନାହିଁ ଭାବନା, ସେ ଯୋଗେ କିମ୍ପା ଶୋଚନା
ଅଧୀନେ କର କରୁଣା ଅନ୍ୟ କି ଭରସା ମା ॥
କି ସୁଖ ସମ୍ପଦ, ନୁହେଁ ମୁହିଁ ଐଶ୍ୱର୍ଯ୍ୟ ପ୍ରୟାସୀ ।
ମା, ଦୟାକରି ପ୍ରକାଶ ଅନ୍ୟଟି ।
କୈକେୟୀ—ବଡ଼ ଦୁଃଖର କଥା, କହିବାକୁ ବଡ଼
ଭୟ ଲାଗେ ମୋତେ ।
ରାମ - ଆଉ କିମ୍ପା ଛନ୍ଦ ?
କୈକେୟୀ—ବାପ ! ଦ୍ୱିତୀୟରେ ମାଗିଅଛି ଦୁଃଖର
ବର; ଆଜଠାରୁ ଚୌଦବର୍ଷକାଳ ଜଟା ବଲ୍କଳ
ସାଜି ଯିବୁ ବନବାସେ ।
ରାମ— ଗୀତ
ଏକଥା ଗୁରୁକୁ କନା, ନ ହୁଅ ମାତ ବିମନା
ପୂର୍ଣ୍ଣ କରିବ କାମନା ଲଭିବ ଆଶିଷ ମା ॥
ମା ! ଏ ସାମାନ୍ୟ କଥାରେ ଏତେ କିମ୍ପା କାନ୍ତ ।
ଜଣାଅ ମା ଅଙ୍ଗୀକାର କରୁଣି ସନ୍ତାନ ।

ଗୀତ

ଯାହା ଯା ଲେଖିଛି କର୍ମେ, ସହିବାକୁ ହେବ ମର୍ମେ
ଦୀନ ବାଳକୃଷ୍ଣ ଭଣେ ଭେ କରିବ ତ୍ରାସ ମା ।

ମା ! ବିଧାତା ଯା କପାଳେ ଲେଖିଛି, ତା ନିଶ୍ଚୟ ଭୋଗ କରିବାକୁ ହେବ । ତେବେ ଚିନ୍ତା କଣ ?

କୈକେୟୀ – ନାଥ ! ଉଠିବେ ନାହିଁ କି ? ଦେଖନ୍ତୁ ପୁତ୍ର ତବ ଆଗେ ଉପସ୍ଥିତ ।

ଦଶ—ହଏ-ରାମ-ଓହୋଃ ।

ରାମ—ପିତା, ପିତା—

ଦଶ—କିଏ ପିତା, ନା ଏ ପାତକୀ ତୋର ଜୀବନର ହନ୍ତା । ଏ ପାଷାଣ୍ଡୀ କବଳରେ ପଡ଼ି ତୋତେ—
(ମୂର୍ଚ୍ଛା)

ରାମ—(ପୁନଃ ସଚେତ କରି) ଜାଣିଲିଣି ସମସ୍ତ ବୃତ୍ତାନ୍ତ, ଧୈର୍ଯ୍ୟ ଧର ତାତ ! ସତ୍ୟ ତବ ଯାହା ପାଳିବି ନିଶ୍ଚିତ ।

ଦଶ— ଗୀତ

କେମନ୍ତେ ମୁଞ୍ଚିବି ଧନ ମୋ ପରାଣ ନିଧି ରେ ।
ପାଷାଣ୍ଡୀ କବଳେ ପଡ଼ି ହରାଇଲି ସିଦ୍ଧି ରେ । ଘୋଷା ।
ତୁ ମୋ ଅନ୍ଧର ନୟନ,
କେମନ୍ତେ ତେଜିବି ବନ
ଧିକ ଧିକ ମୋର ପ୍ରାଣ ବାମ ହେଲା ବିଧି ରେ । ୧ ।

ବାପ ! ଏ ପାଷାଣ୍ଡୀ କବଳରେ ପଡ଼ି ଚିରଦିନ ପାଇଁ ତୋତେ କଣ ହରାଇ ବସିବି ? ବାପ ! ମୁଁ ସତ୍ୟ ଭଙ୍ଗ କରିବାର ପ୍ରତିଫଳ ସହି ପାରିବି; କିନ୍ତୁ ଏ ପାପିନୀ କଥାରେ ମୁଁ ତୋତେ କେବେ ବନକୁ ପଠାଇବି ନାହିଁ ।

ଗୀତ

ହେଲି ମୋ ପ୍ରତିଜ୍ଞା ଭ୍ରଷ୍ଟ
ନ ପୂରିବ କୁଳଶ୍ରେଷ୍ଠ
ଧିକ ମୋର ଧର୍ମନଷ୍ଟ ହୁଏ ଅପରାଧୀ ରେ ।

(ବାହୁଡ଼ିକରି) ଯିବ ବାପ ! ଅଭିଷେକ କାର୍ଯ୍ୟ ଆରମ୍ଭ କରିବି ।

ଗୀତ

ହେଲି ନାରୀବଶ୍ୟ ଦୋଷ,
କୈକେୟୀ କରିବ ନାଶ
ଅଜକଙ୍କ ସୂର୍ଯ୍ୟବଂଶେ ହେଲି ପ୍ରତିବାଦ । ୩ ।



ତାହିଁ ଅସ୍ତ୍ର, ପାଷାଣ୍ଡୀର ବିଖଣ୍ଡିତ କରିବ ଏଥିଁ । ପାପ ପୁଣ୍ୟ ନାହିଁ ମୋ ଗୋଚର, ସୂର୍ଯ୍ୟବଂଶ ଉଜଳ ଏ । ମୃତ୍ୟୁର ଉପଯୁକ୍ତ ପ୍ରାୟଶ୍ଚିତ୍ତ ଏହି । ଭଲ ବୁଝିଲେ ମ ବଂଶ ସନ୍ତାନ ।

ରାମ—ପ୍ରତିଜ୍ଞା ରକ୍ଷାର ବାଧା ହେବ ତବ ଶପ୍ତେ, ଅଧୀନର ବାଧା ହେବ କଷ୍ଟେ ତାତ । ସ୍ବଗୁଣର ଅଙ୍ଗୀକାର ରକ୍ଷିବନ୍ତି ଯାହା, ଧୀର ଶତ୍ରେ ପାଳିବ ଅବଶ୍ୟ । ଭୂଷଣକୁ ଭିକ୍ଷା ଦେବ କୋମଳ ବଚନେ, କ୍ରୋଧ ଦୂର ସହିପାରେ କି କ୍ଷୁଦ୍ର ।

ଦଶରଥ— ଗୀତ

ଅନ୍ଧମୁନି ଶାପ ମୋତେ
ଫଳ ହେଲା ଏ ମୁହୂର୍ତ୍ତେ
ଧନ ବାଳକୃଷ୍ଣ ଛନ୍ଦେ
ସେ ହିଁଲା ଏ ବ୍ୟାଧି ରେ । ୪ ।

ମୋର ଅତିଳା କର୍ମ, କେବା କରିବ ଆନ । ପୂର୍ବେ ଅନ୍ଧମୁନି ଦଣ୍ଡ ଦେଇଥିଲେ ମୋତେ, ଅନ୍ୟଥା ହୋଇବ କାହିଁ । ମୃତ୍ୟୁକାଳେ ପୁତ୍ର ମୁଖ ଦେଖା ହେଲା ଶୂନ୍ୟ, ଋଷିବାକ୍ୟ କେ କରେ ଖଣ୍ଡନ ।

ରାମ— ଗୀତ

ଥାଅ ଜନକ ଜନନୀ ହେ
ତବ କୋଳରୁ ହେଲି ମେଲାଣି
ଜନକ ପ୍ରଥମ ଜନକର ଜେମା
ପଦେ ସମ୍ଭାଳିବ ଆଣି । ଘୋଷା ।
ଜନନୀ ! ଦଣ୍ଡରୁ ମେଲାଣି ଅଧୀନେ ।

ଗୀତ

ମାତା ତାତ ତୋତେ ଲାଗିଲେ ମୋହର
ଯେମନ୍ତେ ମୋ ଲାଗି ନ ହେବେ କାତର
ବିଧାତା ହୃଦର କେ କରିବ ଦୂର
ନ କର ବୃଥା ଭାବେଣି । ୧ ।

ମାତ ! ପିତା ମୋ ବଡ଼ କାତର ଦୁଃଖି ଅଧୀର, କରି ତାଙ୍କୁ ପ୍ରବୋଧନା କୋମଳ ବଚନେ ।

ଗୀତ

ବଂଶ ରଘୁରେ ଅଧମ ସନ୍ତାନେ
କ୍ଷମା ଦେବ ଦୋଷୀ ଯେବେ ମୁଁ ଜଣକେ

ବାଳକୃଷ୍ଣ ଭନେ, ଥାଅ ଗୋ ସଦନେ
ସଦାପ୍ତ ମୋତେ ଭବାନୀ ।
ମା ! ଆଶୀର୍ବାଦ ଦଅ ଏ ଅଧମେ, ଯେମନ୍ତେ ମୁଁ ମଙ୍ଗଳରେ ଫେରିବି ସଦନେ ।

କୈକେୟୀ—ଯିବ ବାପ ! କେମନ୍ତେ ଧରିବି ପ୍ରାଣ ନ ଦେଖି ତୋ ମୁଖ ।

( ଅଭିବାଦନାନ୍ତେ ରାମର ପ୍ରସ୍ଥାନ )

—*—

## ପଞ୍ଚମ ଦୃଶ୍ୟ

### ପଥରେ ରାମ ଓ ଲକ୍ଷ୍ମଣ

ରାମ—ବାବୁ ଲକ୍ଷ୍ମଣ ! ଶୁଣିଲ ତ ସବୁ, ଅଧିକରେ ନାହିଁ ପ୍ରୟୋଜନ ! ଯାଉଛି ମୁଁ ଅଗମ୍ୟ ବନସ୍ଥେ, ଫେରିବି ଚୌଦ ବର୍ଷ ଅନ୍ତେ, ସେବୁଥିବୁ ନିରନ୍ତର ମାତା ପିତାଙ୍କ ପଦ୍ମର ।

ଲକ୍ଷ୍ମଣ—କେଉଁଣେ ପ୍ରିୟ ଭ୍ରାତ ! ସଲିଳ ବନ୍ଧନେ ପଦ୍ମ ବଞ୍ଚିବ କପରି ? ପ୍ରାଣ ଯାଉ ଅବା ରହୁ, ରାମ ବିନା ଲକ୍ଷ୍ମଣର ନାହିଁ ଅନ୍ୟ ଗତି ।

ରାମ—ବଡ଼ ବିଷମ କଥା, ତୁ ଏ ବିଜନରେ ସଙ୍ଗରେ ଯାଇ କଣ କରିବୁ ?

ଲକ୍ଷ୍ମଣ— ଗୀତ

ସହୋଦର ଅନାଦର ଆଜ୍ଞା ଜାଣ୍ହି କ
କେମନ୍ତେ ବଞ୍ଚିବ ଜନ ବାଧେ ମୁଖ ଚୁମ୍ବି କ ।
ଏ ଘୋର ବିସ୍ମୟ ନୁହେ ମୋର ଯୋଗ୍ୟ
ଅଯୋଗ୍ୟ ମୁଁ ମନେ ଜାଣ୍ହି କ ।
ଶ୍ରୀପଦ ପଙ୍କଜ ଦେଖି ମୋତେ ଭୋଗ୍ୟ
ସୌଭାଗ୍ୟ ମଣିବ ଦେଖିବ । ୧ ।

ବଳ ! ନାହିଁ ପ୍ରୟୋଜନ ମୋର ଏ ଘୋର ସମ୍ପଦେ । ଆପଣେ ଉଭୟେ ଶ୍ରୀଚରଣ ସେବା ମନେ ମୁହିଁ ଜ୍ଞାନବାନ ।

ଗୀତ

ହେ ଜାନକୀକାନ୍ତ, ନଅଛୁ ସଙ୍ଗତ,
ଅନ୍ତର ଦେଖଛୁ ଦେଖିବ ।
ମୁଁ ତ ଅନୁଗତ କପାଳି କପଟ
ଭନ ବାଳକୃଷ୍ଣ ପଦ ଧ୍ୟାୟିବ । ୨ ।

ଅନୁଗତ ଜନେ କମା ଦିଅ ଏତେ ବ୍ୟଥା, ଅନନ୍ତ ସମ୍ପଦେ ନୁହେଁ ମୁଁ ପ୍ରୟାସୀ, ଭିକ୍ଷା ମୋର ପଦଧୂଳି !

ରାମ—ନ ହୁଅ ଅଧୈର୍ଯ୍ୟ ବାବୁ, ଯାହା ଇଚ୍ଛା କର ତୁହି ସ୍ୱଚ୍ଛେ, କିନ୍ତୁ କାନନରେ ବଡ଼ କ୍ଲେଶ ସହିବୁ ରେ ବାବୁ, ସେଥିଯୋଗୁଁ ଭାଙ୍ଗୁଥିଲି ମୁହିଁ ।

—*—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

### ଦୁଇ ଜଣ ବ୍ରାହ୍ମଣ

ଗୀତ

ଆସ ଭାଏ ଯିବା ଦ୍ୱିଜ
କଲିକତା ଆସ୍ତ ସଙ୍ଗରେ ଯିବ ନିଜ
ଜଜମାନ ବୃତ୍ତି ବଡ଼ ଛଟପଟ
ଘାଟଣାଠେ ଏତେ ଭାଏ ମଜିବ । ଘୋଷା ।
ବଙ୍ଗ ଦେଶ ଶ୍ରୀକ୍ଷେତ୍ର ମହିମା
ଏଥିକି ରେ ମନ ନ ବଳା
କାନେ କର୍ଣ୍ଣାଭରା ଛୁଟିବ ଝଲଳା
ହସ୍ତାକେ ପଡ଼ିବ ନ ଟଙ୍କା ବେଳ । ୧ ।
ତହୁଁ ଯେବେ ଅଧିକ ମନ,
ଦକ୍ଷିଣାରେ ଦେବା ନପୂର୍ଣ
ଡାଲି ସନ୍ଧ ଅନ୍ନ ଭଳ ଅଣ୍ଡାଭଜ,
ଯୋଗାଇ ରଖିବା କଳ କାର୍ଯ୍ୟ । ୨ ।
ଆମ୍ଭେ ଜଣେ ପୁର ବଦେଶୀ,
ବଜାରରେ କଟାଇ ବସି
ଥୋଡ଼ା ଜେ ଲଖି, ବୁଢେ ଥୋଡ଼ା ବେଶି
ଭଡ଼ିଥିଲେ ଭଲ ଘୁଡ଼ ମଜଲ । ୩ ।
ଯେ ବା କରୁଥିବ ଏସନ,
ଦେଖୁ କର ଖଙ୍ଗ ନ ମଣ,
ବିଦ୍ୟା ଅଭ୍ୟାସିଣ ପଣ୍ଡିତରେ ଗଣ୍ୟ
ହୁଅ ଏଣୁ ତହୁଁ ନୁହେ ନାଲଜ । ୪ ।

ନନା ! ମୁଁ ସକାଳୁ ଉଠି ଏ ପଖାଳ ସାରି କଲିକତାକୁ ଯିବା କରୁଥିଲି । କିନ୍ତୁ ବଡ଼ ବୋଧ

ବାପସବୁ ପୁଞ୍ଜିଏ ଶୁଖୁଆ ଆଣି ଦେଖିଲ, ଆଉ ତ ମନଟା ସମ୍ଭାଳି ହେଉ ନାହିଁ । ଖଇ ଖଇ ଗୁଣ୍ଡ ଗୁଣ୍ଡ,
ପାରଆ ମା - ସନ୍ତୁଳିଥିବା ସଜନା ଶାଗ ପୁଣି ଶୁଖୁଆ ।
ଆଃ ! ଏ ମଜଲଟା ଛାଡ଼ି ବଦେଶ କରିଯିବା ଭଲ ନୁହେ ।
ଏହି ଭାବ ସ୍ଥିର କରିଛି, ହଠାତ୍ ଶୁଣିଲି ଯେ ଆଜି ରାମ ଚନ୍ଦ୍ର ଯୁବରାଜ ପଦରେ ଅଭିଷିକ୍ତ ହେଉଛନ୍ତି । ବହୁତ ଧନ ଦାନ କରିବେ, ସେଇଠି ଧାଇଁଲି ।
ଏ ମେଳେଇଆ ଜ୍ୱରରେ କୁଣ୍ଡଟା ବଡ଼ ଅଶୁଚି ହୋଇ ଯାଇଛି, ଖାଲି ଆମ୍ବୁଳଖିଆ ସନ୍ଦେଶ ହାମୁଡ଼ିବ । ବୋଲ, ଜୟ ରାମଚନ୍ଦ୍ରଙ୍କର ଜୟ ।

ଦୂତ—ନଗରବାସୀ ସହିତ ଏ ମାନଙ୍କୁ, କାହାର କଣ ହେଲାଣି, ଏ ବୃଦ୍ଧାଙ୍କର ଖାଲି ପେଟ ଚିନ୍ତା ।

ଗୀତ

ନନା ସବୁଲୋକ ବସି ଧରମ ରେ
ଯୋଡ଼ା କରମ । ଘୋଷା ।

ଏ ଅଯୋଧ୍ୟା ଧାମ ହେଲା ଆଜି ଶୂନ୍ୟ
ହେଲା କି ଦୁର୍ଘଟନ ରେ । ୧ ।

ନାଗ ଯାହେ ପଡ଼ି ରାଜାଗଲେ ବୁଡ଼ି
ରାମେ ଚଉଦବର୍ଷ ବନରେ । ୨ ।

ଯେଉଁ ସତ୍ୟବ୍ରତା ଦୁର୍ଜନ ଜନନୀ
କାହିଁ କରିବ ରୋଦନ ରେ । ୩ ।

କୈକେୟୀ ଜଗାଇ ନ ଦେଖିଲା ଶିଶୁ
ରାମେ ଗଲେ ଦୋଷ ମନରେ । ୪ ।

ଯେଉଁ କଷ୍ଟବନ୍ତ ଅମୂଲ୍ୟ ରାଜ
ପୁରୁଷ ଲଭେ ଅଜଜନରେ । ୫ ।

ପୂର୍ଣ୍ଣିମାର ଶଶୀ ଦେଲା ରାହୁ ଗ୍ରାସି
ଅମାବସ୍ୟାରେ ପରିପୂର୍ଣ୍ଣ ରେ । ୬ ।

ଚଉଦ ବରଷ ଯିବେ ବନବାସ
କେମନ୍ତେ ଧରିବା ପ୍ରାଣ ରେ । ୭ ।

କହେ ବାଳକୃଷ୍ଣ ନେଇବେ ସଙ୍ଗ
ଝୁରୁ ଝୁରୁ ଯିବ ବନରେ । ୮ ।

ନନା ! ତୁମ୍ଭେମାନେ ଯେଉଁଠି ଯାଅ, ରାଜା ତୁମ୍ଭମାନଙ୍କୁ ଦେଖିଲେ ଅଦ୍ଭୁତ ଅପେକ୍ଷା ହେବେ । ନନା ! କଣ କରିବା କହିଲ, ମୋ ବରଷ ଯାକ ଟିକିଏ ଅଇଲା ମଣିଷ, କଛୁ ଅପୂର୍ବ ସପୂର୍ବ ରକମ କଥା ତୁମ୍ଭ ହାତରେ ଦେଇଥାନ୍ତୁ, କଣ ହେବ ! ଆମ କର୍ମ ଖରାପ !

ବ୍ରାହ୍ମଣ—କଣ କହିଲୁ, ସତେ କୈକେୟୀ କୁ ଆମ ଡ଼ାନାରେ ଧୂଳି ଦେଲୁ, ଉତ୍ପାତ କରି ଯା, ହାସ୍ୟରୂପ କୁ ନଅଂଶିଆ ଆମ୍ଭର କେତେ ବଡ଼ ଅଣଟାଏ ହୋଇଗଲା , ତୁ ବେଶ୍ତ ତା ସଙ୍ଗରେ ଭାଗୁ ହୋ ।

ଦୂତ—ଆଜ୍ଞା ବ୍ରାହ୍ମଣ ଏ, ମୁଁ ଏହି କହିବାକୁ ମୋତେ ଅଭିଶାପ ।

— * —

## ଦ୍ୱିତୀୟ ଦୃଶ୍ୟ

କୌଶଲ୍ୟା—ଏ କି ଜଳରବ, କେଉଁ ରାମ ବନକୁ ଯାଉଛି କା ମୁଁ ଭ୍ରମରେ ପଡ଼ିଛି ! ମୋର ପୁଅ ତ ରାଜପଦରେ ବସିବ, ମୁଁ ତାଙ୍କ ମନେ ମନେ ମଙ୍ଗଳ କାମନା କରୁଛି ।

ସୀତା—ମା ! ତୁମ୍ଭଙ୍କୁ ଅନ୍ୟମନସ୍କ ଦେଖୁଛି କାହିଁକି ? କଣ ଏତେ ଭାବୁଛ ?

କୌଶଲ୍ୟା—କେ ଜାଣି ମନଟା କାହିଁକି କଣ ହୋଇଗଲା, ମୁଣ୍ଡଟା ଭ୍ରମିଗଲା ।

ସୀତା—କାଲି ରାତି ଜଗାଗର ହେତୁ ମଥା ଭ୍ରମ ହେଉଛି, ଟିକିଏ ବସି ପଡ଼ନ୍ତୁ, ମୁଁ ପଦସେବା କରିଦିଏ ।

(ରାମ ଲକ୍ଷ୍ମଣଙ୍କ ପ୍ରବେଶ, ସୀତା ଅନ୍ତର୍ଦ୍ଧାନରକୁ ଯିବା ।)

କୌଶଲ୍ୟା - (ଗୀତ)

କହ କହ ବାପଧନ ମନ ଭଙ୍ଗା କାହିଁକି
ଚନ୍ଦ୍ର ଆନନ ଦିଶେ ମଳିନ
ଏ ଯୋଡ଼ା ଚରଣ ଦିଏ କହି
ତୋ ମୁଖ ଶୁଖିଲା କି । ଘୋଷା ।
କଲୁ କାହାରେ ଦ୍ୱନ୍ଦ୍ୱ କେବା ପାଇଲା ମନ .
କାହିଁକି ବଳୁଛି ସ୍ୱଧ ଭଳି ନ ପାରେ ଜାଣି,
ଚିନ୍ତିତ ହେଲ ରେ ତନୁଜ
ସତ୍ୟ କୁହେ ଦେଖୁଛି । ୧ ।

ବାପ ! ଜାଣିମା ପଡ଼ୁଛି କମା ତୋ ମୁଖପଙ୍କଜ ।
କ କାର୍ଯ୍ୟରେ ଯାଉଥିଲୁ କୁ ରେ, ବସି କମା ନ କହୁଛୁ

କଥା, ଏ ବନ୍ଧ୍ୟ ମନ୍ଦ ନଦୀ ତୋ ବିଷାଦ, ମର୍ମାହତ ହେଉଅଛୁ ଆଜି ।

ଗୀତ

ବିଦ୍ୟା ଜ୍ଞାନ ଚାତୁର୍ଯ୍ୟରେ, ତ୍ରୈଲୋକ୍ୟ ଧୈର୍ଯ୍ୟ ରେ
ଗାମ୍ଭୀର୍ଯ୍ୟ ଅର୍କ ରେ, ପୃଥ୍ୱୀ ତେଜ ଧାର୍ଯ୍ୟ ରେ
ଏ ଐଶ୍ୱର୍ଯ୍ୟ ତୋର ଯୋଗ୍ୟ ବାଳାମଣି କହନ୍ତି । ୨ ।

ରାଜନୀତି ଶିକ୍ଷାରେ ଜନ ନିପୁଣ ହୋଇ ନାହୁଁ, ସେଥିନିମିତ୍ତ ଏ ରାଜ୍ୟ ଭାର ଚଳାଇବାକୁ ଭୟ କରୁଛୁ ? ନା ବାପ ! ମନ୍ତ୍ରୀ ତୋର ସମସ୍ତ ଚଳାଇବେ; କିନ୍ତୁ ତୋ ମସ୍ତକରେ ରାଜମୁକୁଟ ଦେଖି ଏ ପ୍ରାଣ ହେବ ସାର୍ଥକ କରିବ । ତେବେ ବାପ ମନ କିଆଁ କାନ୍ଦୁଛି କି ? ଆଜି କେବଳ କୁଣ୍ଠାରେ ଖାଲି ବହୁଳଣି ।

ଗୀତ

ରାମ— (ଅଶ୍ରୁ ଶିକ୍ତ କଣ୍ଠେ)

ଓ କହିବ ଜନନୀ ମୋ, ବିଧି ବାମ ହେଲାଣି ।
ତୋ ଅଳକ ନିଧିକି ଚଞ୍ଚଳ କରି ମେଲାଣି । ଘୋଷା ।
ସ୍ୱର୍ଗେ ନାହିଁଟି ମୋହର, ଭୋଗ ବାହୁଁ ବସୁନ୍ଧରା
ଚେତୁଛି ମା ସୁଖଟିଏ ନ କର ତୁ ଭାବେଣି । ୧ ।

ମା ! ବିଧାତାର ବଳକୁ ମନୁଷ୍ୟର ଅପୂର୍ବ ନାହିଁ । ତେବେ ମୁଁ ବର୍ତ୍ତମାନ ପିତାଙ୍କର ଧର୍ମ ଓ ସତ୍ୟ-ରକ୍ଷାର୍ଥେ, ଏ ରାଜଭବନ ପରିତ୍ୟାଗ କରି ଜଟା କୌପୀନ ଧାରଣ କରିବି ।

କୌଶଲ୍ୟା—ବାପ କି ପାଗଳ ହେଲୁ କି, ଏପରି କାହିଁକି କହୁଛୁ ? ତୋର ପିତା ତୋତେ କଣ କିଛି କହିଲେ କି ? ଯେବେ ଭ୍ରମବଶତଃ କୌଣସି ଆଜ୍ଞା କରିଥାନ୍ତି, ତେବେ ତୋର ଶୁଣ ପରି ବା ଅନ୍ୟ କିଛି ଭଲ ଚିନ୍ତାର ହୋଇଛି ।

ରାମ— ଗୀତ

ଧର୍ମ ବିନା ଏ ଜଗତେ ବନ୍ଧୁ ନାହିଁ ଅନ୍ୟପଥେ
ଖଳ ଫାନ୍ଦିବ କେ ମୋତେ କର୍ମ କଥା ଗଲାଣି । ୨ ।

ମା ! ମୋତେ ଖଳ ନର ଫାନ୍ଦିବ, ଧର୍ମ ମୋତେ ଏ ଖଳ ସୁଖରୁ ବଞ୍ଚିତ କରୁଛି ।

କୌଶଲ୍ୟା—ବାପ ! କଣ ହେଲା ସ୍ପଷ୍ଟ କହ, ମୋ ପ୍ରାଣଟି ।

ରାମ— ଗୀତ

ଭରତରେ ସିଂହାସନ, ଦେଇ ଭୂମିତ ଭାଜନ
ଦ୍ୱିସପ୍ତବର୍ଷ ଅନ୍ତେଣ ହୋଇବ ଏଥି କାରଣି ॥

ମା ! ଭରତରେ ଏ ସିଂହାସନ ଦେଇ ଚୌଦବର୍ଷ ନିମିତ୍ତ ବନକୁ ଯିବ ।

ଗୀତ

ବୈମାତୀ ଦଣ୍ଡିଲେ ଯାହା, କେ ଲୁଚାଇ ପାରେ ତାହା
ବାଳକୃଷ୍ଣ ଭାବେ ଏହା ଯା ନେବାର ହେଲାଣି । ୪ ।

ମା ! ପିତା ଦେବାସୁର ଯୁଦ୍ଧ ସମୟରୁ ଦୁଇଗୋଟି ବର ଦେବେ ବୋଲି ବିମାତାଙ୍କ ନିକଟରେ ପ୍ରତିଶ୍ରୁତ ଥିବାରୁ ଆଜ ଫଳରେ ଏ ଦଶା ଘଟିଲା । ତେବେ ଆପଣ ମୋତେ ଆନନ୍ଦରେ ମେଲାଣି ଦିଅନ୍ତୁ ।

କୌଶଲ୍ୟା— ଗୀତ

ରଙ୍କ ରତନ ମୋ ହାଣ୍ଡିନିଧିରେ,
ଭୁଜ ମୋ ବ୍ୟାଧି ଔଷଧ ।
ତୋ ଚନ୍ଦ୍ରବଦନ ଦେଖିଲେ କେସନେ
ପରାଣ ସତେ ଧରିବ । ଘୋଷା ।

ବାପ ! ତୋର ଏ ଅକଳଙ୍କ ଚନ୍ଦ୍ର ବଦନକୁ ଦେଖି ଆଉ କଣ ସତେ ପ୍ରାଣ ଧରି ରହି ପାରିବି, ବାପ ମୋର ତୁ କୁଆଡ଼େ ଯା ନା ।

ରାମ—ମା ! ଲେଖାଅଛି 'ଯଦ୍ଧାତା ନିଜ ଭାଲପଟେ ଲିଖିତ କର୍ମାନୁସାରେ ଫଳଂ ।' ତେବେ ଯାହା ଭାଗ୍ୟରେ ଥିବ, ତାର ଆନ କରିବା ଶକ୍ତି କାର ।

କୌଶଲ୍ୟା— ଗୀତ

ବଳକ ମୁଖକୁ ବନକୁ ଦେଇ,
କପଟେ କହିବ ଜା ମୁଖ ଘୃଣି,
ଧିକ ମନଚିନ୍ତା ଅନ୍ଧ ପ୍ରାୟ ହୋଇ,
ସାହାକୁ ମୋ ହେଲୁ ଚ୍ଛେଦ ।୧।

ବାପ ! ଯେବେ ବନକୁ ଯାଉଛୁ, ତେବେ ମୋତେ ସଙ୍ଗରେ ନେଇ ଯା ।

ରାମ—ଏ କେଉଁ କଥା, ଆପଣ ଏପରି ଅଧୀର ହେଲେ ପିତାଙ୍କୁ ପ୍ରବୋଧନା କରିବ କିଏ ?

କୌଶଲ୍ୟା — ଗୀତ

ଧିକ ତୁ କୈକେୟୀ ଧିକ ତୋ ବୁଦ୍ଧି,
ମୋ ପୁତ୍ରେ ହରାଇ ଅର୍ଜିଲୁ କି ସିଦ୍ଧି ।
କମ୍ପା ଦାଉସାଧି କଲୁ ଏ ଅବଧି,
ପ୍ରାଣ ଏତେ କଷ୍ଟ ପାଉ । ୨ ।

ରେ ପାପିଷ୍ଠୀ କୈକେୟି ! ତୋର ଏତେଦୂର ଛନ୍ଦ । ମୋର କୁଳଚନ୍ଦ୍ରମାକୁ କୋଳରୁ ଛଡ଼ାଇ ନେଇ କାଳ ମୁଖକୁ ଠେଲିଦେଉଛୁ । ମୁଁ ଭଲା ତୋର କି ଅନିଷ୍ଟ କରିଥିଲି ଯେ, ମୋ ପ୍ରତି ତୋର ଏତେ ବିଡ଼ମ୍ବନା ।

ରାମ—ମା ! ଦଇବ ବଳକୁ ନାହିଁ କାର ବଳ । କିଏ ମାତା କିଏ ପିତା, କିଏ କାର ପୁତ୍ର, ସେ ସମସ୍ତ କାଳର ଅଧୀନ ।

କୌଶଲ୍ୟା — ଗୀତ

ବନବାସେ ଗଲେ ଯିବ ମୋ ଜୀବନ,
ସବୁ ଶୂନ୍ୟ ହେଲେ ତୋ ବିନା ନନ୍ଦନ,
ରେ ଗଜାଗମନ ପୂରିଲା ନିଦାନ,
କାଳୀରେ ନ ହେଲେ ବୁଦ୍ଧି । ୩ ।

ରାମ—ମା ! ଧୈର୍ଯ୍ୟଧର, ବାବୁ ହେ ଲକ୍ଷ୍ମଣ ମାନୁ ପ୍ରବୋଧନା କର । ମୁଁ ଆସୁଛି ।

( ରାମ ସୀତାଙ୍କ ପ୍ରତି )

ରାମ— ଗୀତ

ଶରଦଚନ୍ଦ୍ରବଦନା ! ମୋ ଜଳଦ-କେଶୀ ରେ ।
ଦ୍ୱିରଦରଦ ପଲ୍ୟଙ୍କେ ଦେଖିବ ନାହିଁ,
ରେ ରତ୍ନରଚନ ! କର ଆଲିଙ୍ଗନ,
ତୋ ଅଙ୍ଗ କୁଙ୍କୁମ ଆଉ ମାଖିବ ନାହିଁ । ଘୋଷା ।

ପ୍ରିୟେ ! ତୁମ୍ଭ ଆମ୍ଭର ସୁଖ ଯେତେ ଦିନ ହେବାର ଥିଲା ହୋଇଗଲା, ଏଣିକି ତୁମ୍ଭ ସୁଖକୁ ବିଧାତା ବଞ୍ଚିତ କରିଲେଣି ।

ସୀତା —ନାଥ ! ମୁଁ କଣ ଅଯୋଗ୍ୟା ହେଲି ?

ରାମ—ପ୍ରିୟେ ! ତୁମ୍ଭପରି କନକପ୍ରତିମାକୁ ହରାଇ ଏ ଜୀବନରେ ଯେ ଅନ୍ୟ ସୁଖ ଇଚ୍ଛା କରିଛି, ତାହାକୁ ଧିକ୍ ।

ଗୀତ

ସୀମନ୍ତରତ୍ନ ଶୀତ ବସନ ହେଲୁ ଶୂନ୍ୟ
ପତି ହେବେ ଅଜ୍ଞାନ ଉଷ୍ମ ଭୂତେ ଭଜନ
ସେ କୋଳରୁ ଛଡ଼ିଲ ହେଲ ରେ ସଖି,
ସେ ମନ ଦୁଃଖ ହେଲାଣି ଦ୍ରୋପ୍ତ
ସଖି ତୋ ପ୍ରୀତି ସୁଧା ବୃଥା ନାହିଁ । ୧ ।

ପ୍ରିୟସଖି ! ଏ ଜୀବନରେ ଆଉ ତୋର ସେହି ସଣୀଷଣୀ ଅମୃତମୟ ବାଣୀ ଶୁଣିବାକୁ ଦଣ୍ଡେ ହେଲେ ଅବସର ନାହିଁ ।

ସୀତା—ନାଥ ! ଅବଳା ପ୍ରାଣରେ ଏତେ ଛନ୍ଦ କମ୍ପା, ସନ୍ଦେହ ଜନ୍ମୁଛି ଟିକେ, ପ୍ରକାଶନ୍ତୁ ସମସ୍ତ ବୃତ୍ତାନ୍ତ ।

ରାମ— ଗୀତ

କୈମାନ୍ତି କଲେ ପର ଭରତ ହେଲେ ବର,
ଦ୍ୱିସପ୍ତବର୍ଷ କାଳ ବନବାସ ମୋହର
ସନ୍ନ୍ୟାସୀ ପନ୍ଥରେ ଯାଉଛୁ ମୁହିଁ
ଶୋକ ନ କର ଥାଅ ରେ ସୁଖ,
ବାଳକୃଷ୍ଣ କହଇ ଲେଖିଛି ବିଧି ।

ବିମାତା କୈକେୟୀ ପିତାଙ୍କୁ ସତ୍ୟ କରାଇ ତାଙ୍କ ପୁତ୍ର ଭରତ ନିମିତ୍ତ ରାଜ୍ୟାଧିକାର ନେଇ ମୋତେ-ନବ ପଞ୍ଚବର୍ଷ ନିମିତ୍ତ ନିର୍ବାସିତ କରିଅଛନ୍ତି । ମୁଁ ବର୍ତ୍ତମାନ ସେହି ପିତୃସତ୍ୟ ରକ୍ଷଣାର୍ଥେ ବନଗାମୀ ହେଉଛି । ତୁମ୍ଭେ ଧୈର୍ଯ୍ୟ ସହକାରେ ଶାଶୁ ଶ୍ୱଶୁରଙ୍କୁ ପ୍ରବୋଧ ଦେବ ।

ସୀତା— ଗୀତ

ଦୟାମୟ ଆଜ ନିର୍ଦ୍ଦୟ କିପାଇଁ
ଅଧୀନା ପ୍ରତି କରୁ ବର୍ଣ୍ଣ ।
ଏ ଲାବଣ୍ୟ ମୂର୍ତ୍ତି ବିନା ସୀତାସଖି
ବଞ୍ଚିବ କା ମୁଖ ଚାହିଁ ଧନ ?
ଆହେ ଜୀବଧନ !
ଦୁଃଖିନୀ ଦୁଃଖତଃ ଚନ୍ଦନ । ୧ ।

ପ୍ରାଣନାଥ ! ଏ କି ନିଷ୍ଠୁର ବ୍ୟବହାର ତବ, ଅଧୀନା କି ସେ ଦିନକେ ଦୁଃଖ ସହିତ ଘରେ ରହିବ ?

ରାମ ତେମ ମୋ ଦୁର୍ଭାଗ୍ୟର କଥା ।

ସୀତା — ଗୀତ

ପଙ୍କଜ ସଙ୍ଗେ ନେଉଛ ଉଡ଼ଇ
ସଲିଳ ଛାଡ଼ି ନ ବଞ୍ଚେ ମୀନ ପ୍ରୀତି
ନବ ସୁଖ ଘର୍ଷ ଆମ୍ଭ ଛଳ ନ ଦରଶନ
ଉଛନ୍ତି ନୟନ । ଆହେ ଜୀବଧନ !
ଦୁଃଖିନୀ ଦୁରନ୍ତ ରଜନ ।

ନାଥ ! ଜଳ ବିହୁନେ ମୀନ ବଞ୍ଚିବ କପରି ? ପ୍ରାଣନାଥ, ଆପଣଙ୍କ ଚରଣତଳୁ ଅନ୍ତର ହୋଇ ସୀତେ ଆଉ ପ୍ରାଣ ଧରିବ । ନା ନା ନାଥ, ମୋତେ ଅନ୍ତର କରନା । ତୁମ୍ଭର ଚିର ଅନୁଗତା ଦାସୀ କୁ ଅନ୍ତର କରନା ।

ରାମ—ପ୍ରେମମୟି ! ତୋହଠାରେ ମୋର ସ୍ନେହ ଓ ମମତା ଅଛି ଜନା, ସେତେବ କହନ୍ତୁ ହୃଦୟ ଚିରି ଦେଖାଇ ଦେଇପାରନ୍ତି । ମୋର ଅନ୍ତର ତୋ ବିଚ୍ଛେଦରେ କାନ୍ଦୁଛି କ ନା ତା ଦୟାମୟଙ୍କୁ ଗୋଚର, ବନବାସେ କଷ୍ଟକ୍ଲେଶ ଜନ୍ମିବ । ସେଥି-ପୋଗୁ ତୁମ୍ଭ ଅଭିଳାଷରେ ବାଧା ଦେଉଛି ।

ସୀତା — ଗୀତ

ପତି ହେଲେ ପତ୍ନୀ ହେବ ଭାଗଭାଗୀ
ସଦା ସେବିବ ଶ୍ରୀଚରଣ ।
ତାହାମୟ ଜାଣ ନ କର ଅଭାବ
ଯିବ ପଛେ ଅଧୀନୀ ଜୀବନ ।
ଆହେ ଜୀବଧନ !
ଦୁଃଖିନୀ ଦୁରନ୍ତ ରଜନ । ୩ ।

ପ୍ରାଣପତେ; ଆପଣ ଯୋଗେ ହେଲେ ମୁଁ ଥାଇ ଯେଣେ ବୁଲିବ, ତୁମ୍ଭାକର ନନ୍ଦନ ଜନକଜନମା ପତି ସଙ୍ଗେ ଯୋଗିଣୀ ବେଶ ବାହିନ ଦେବକୁ ଅର୍ଘ୍ୟଭୂତ କରିଥିଲେ ତ, ମହାରାଜ ମୁଁ ମୋକ୍ଷ ଶକ୍ତି ଅଂଶେ ଜନ୍ମ । କ ରାଜ୍ୟ, କି ମୋହ, ମୁଁ ତୁମ୍ଭଛଡ଼ା ଅନ୍ୟ ସୁଖ ସ୍ପୃହେନା ।

ରାମ—ଏଇ ତ ଲକ୍ଷ୍ମଣ ଆସିଲେଣି, ତୁମ୍ଭର ଯଦି ଏକାନ୍ତ ଆନ୍ତରିକ ଇଚ୍ଛା ଯେ ମୋ ସହିତ ବନଗାମୀ ହେବ, ତେବେ ଯାଅ ମାତା ପିତାଙ୍କର ଅନୁମତି ଆଣ ।

(ମନ୍ଥରା ପ୍ରବେଶ)

ମନ୍ଥରା—(ସ୍ୱଗତ) ଠିକ୍ ହୋଇଛି, ଠିକ୍ ହୋଇଛି, ଏଠି କନ୍ଦାକଟା, ସେଠି କନ୍ଦାକଟା, ଏଠି ଭେଁ, ସେଠି ଭେଁ, ଏଠି ଫୁସ୍‌ଫୁସ୍, ସେଠି ଫୁସ୍ ଫୁସ, ମୋ ମନକୁ ବେଶ୍ ଆସିଛି । ଖୁବ ଆସିଛି, ଆଚ୍ଛା ଆସିଛି । କାନ୍ଦଲେଣି କି ଅନ୍ଧାର କାନ୍ଦବେ ଆଉ ଡେଉଁର କାହିଁକି ? "ବାଳଆ ବାଇଁଣ ଅନ ମନ୍ଥରା ଯେବେ ଗାଁରେ ଥିବ, ରାମ ସବୁ ରାଜା ହେବ । କଖାରୁ କାଟିଲେ ତେଜ, ନାହିଁ ନାହିଁ କରୁଥିଲୁଟି ହୋଗା, ମନ୍ଥରା ଦେଲା ସଳଖି, ଏଥର ଭରତ ଆସିଲେ କହିବ ମୋ ପାଇଁ ଗୋଟାଏ ନୂଆ କୋଠା କରିଦେବ, ମୁଁ ଅଲଙ୍କାର ଜଣ କହୁଥିଲି, ହିଁ ଏଇ ଭରତ ଗୁଡ଼ା ମୋର କଣ ହେବେ, ଗୋଟି ଗୋଟି କରି ଗୋଟି ଗୋଟି କରି ଚଣିରେ ହାତ ଦେଇ ନିକାଳି ଦେବ' ଯିବେ ନାହିଁ, ହିଁ, ନା ଯିବେ ନାହିଁ । ତାଙ୍କ ବୋପା, ତାଙ୍କ ଅଜା ତା ଚୌଦପୁରୁଷ କରମୁକଅ ଖଣ୍ଡିଆ ଯୋଗିକଥିଆ କାଉଁଆ ଦଣ୍ଡାଣ୍ଡି ଖପ୍ପା ଯିବେ ନାହିଁ ! ମୁଁ ଟିକିଏ ରାମକୁ ଟେକାଟେକି କରି ନ ଦେଲେ ହେବ ନାହିଁ । ଶୁଣୁଛୁ କୁଆଡ଼େ ରାମ, ଲକ୍ଷ୍ମଣ ସୀତା ବନ ହେଁ ଯାଉଛନ୍ତି, ଗଲେଇ ଭଲ । (ରାମ ପ୍ରତି ପ୍ରକାଶ୍ୟେ) ଆହା ! ଧନ ମୋର ସବୁ ବନକୁ ଯିବୁ, ଏ ଆଖିକୁ ଫୁଟେଇ ଦେଇ-ଯିବୁ ହୁଁ, ହୁଁ (ସୀତାପ୍ରତି) ମା ତୁ ବ ଯାଉଛୁ, ଆଚ୍ଛା କଲୁ, ବେଶ କଲୁ । ଏ କହିଁଣଙ୍କ ମୁହଁ ସୁହିଁ କରି ନାହିଁ, ହଇରେ କଷ୍ଟ ! ତୁ ଯାଉଛୁ, ମୋ କଥା ଆଉ ହୁଁ, ହୁଁ, ହୁଁ, କିଏ ବୁଝିବ । ଯିବତ ଯା, ଶୀଘ୍ର ଗ୍ଲାଇ ଯା, ସେ କୈକେୟୀ ଯେଣ ଏମିତ ହଉଛି, ଗଲେ ବି ନାହିଁ, ଗଲେ ବି ନାହିଁ । ମଲ୍ଲ ରେ ସବା ଖାଉଥା ଜନ୍ମ କରି ଥାନ୍ତା ତ ଏହା କଣ କରନ୍ତା । ତାଙ୍କ, ଉଦ୍ଧୋଃ ତୁ ସମସ୍ତଙ୍କର ପାଟି ଯା । ହଇରେ ବାପ ! ଏ

ପୋଷାକଗୁଡ଼ା କାଢ଼ି ପକା, ଧନ ରତ୍ନ ରାଜ୍ୟର ତ
ଗଲା ଭଏ ଆଉ ପାଣିଦଆ ହବ। ମୁଁ ପାଇଛି
ବାପ, ଆଉ ଏ ଦଶା ଦେଖି ପାରିବ ନାହିଁ।
ଆଉଛୁଡ଼ା ଭଲ ବେଳଟାଏ ଅଛି ଶୀଘ୍ର ଶୀଘ୍ର
ବାହାରି ପଡ଼।

ରାମ— (ଗୀତ)

ଶୁଣ ସଉମିତ୍ରୀ ଜନକ ଦୁହିତା
ପିତାମାତାଙ୍କୁ ବନ୍ଦିବା
ଘେନ ଆଶୀର୍ବାଦ ତେଜିବା ସମ୍ପଦ
ବିଷାଦ ତାଙ୍କର ଛୁଟାଇବା
ବିଳମ୍ବରେଟି କାର୍ଯ୍ୟ।
ନାହିଁ ନ ଯୋଗାଉଛି ସାନୁଜ।୧।

ବାବୁରେ ସୌମିତ୍ରି! ଶୁଣ ଏବେ ଘେନିବା ମେଲାଣି ପିତାମାତାଙ୍କର ଠାରୁଁ।

ସୀତା—ମା! ଅନୁମତି ପ୍ରାର୍ଥନା ମୋହର, ପତି ସଙ୍ଗେ ହେବି ଅନୁଗାମୀ।

କୌଶଲ୍ୟା—ମା! ହୋଇଥାନ୍ତୁ ଅବା ଦୁଃଖ ତୋ ମୁଖକୁ ଚାହିଁ, ସତେ କଣ ଯିବୁ? ତୋ ଇଚ୍ଛାରେ ବାଧା ଦେବା ନୁହେ ମୋ କର୍ତ୍ତବ୍ୟ। କିନ୍ତୁ କେତେ କ୍ଳେଶ ସହିବୁ ବୁ ଅରଣ୍ୟ ମଧ୍ୟରେ। ମା! ତୁଇ ଘରକର କଣ୍ଟ ଅନ୍ତର ନ ହେବୁ ଜାହିଁ। ବାପ ରାମଚନ୍ଦ୍ର, ବାବୁ ଲକ୍ଷ୍ମଣ, ଏ ସାତଙ୍କ ପରାଣ ଥାଇ ଅବା ପ୍ରୟୋଜନ। ଲଗିଲା ଜନକଜେମା ତକାଇବ ଯତ୍ନେ ତାକୁ ତହିଁ।

ରାମ—ମା! ଧୈର୍ଯ୍ୟଧର, କର ଆଶୀର୍ବାଦ, ନିର୍ବିଘ୍ନରେ ଫେରୁ ତବ କୋଳେ।

(ଗୀତ)

ଥାଅ ତାତ ମାତ ଦିଅ ଆଶୀର୍ବାଦ
ନିର୍ବିଘ୍ନେ ଫେରୁ ପୁରେ
ଲକ୍ଷ୍ମଣ ମୈଥିଳୀ ଲଗାଇଲେ ଅଳ
ପାଦରେ ନେଉଛୁ ସଙ୍ଗରେ।
ଆଜ୍ଞା ହେଉ ପିତର।
ବାଳକୃଷ୍ଣ ବୋଲେ ବିଳମ୍ବ ନ କର।୨।

ଦଶରଥ— ଗୀତ

କାହିଁ ଛାଡ଼ିଯିବୁ ଧନ ମୋ ରଙ୍କ ରତନ ଧେ।
ଏ ଅଯୋଧ୍ୟା ପୁରୀ ଆଜଠାରୁ ହେଲା ଶୂନ୍ୟ ରେ।୧।
ଗିରିଗୁହା ଲତାରଣ୍ୟ ନଦୀ ସରୋବର ରେ।
କେମନ୍ତେ ଭ୍ରମିବୁ ବାପ ବାଧା ସଙ୍କଟ ରେ।୨।

ରାମ—ପିତା! ଜାନକୀ ଓ ଲକ୍ଷ୍ମଣ ମୋ ସଙ୍ଗତ ଅତି ଜିଦ୍ଧାନ କରିବାରୁ ତାଙ୍କ କଥାରେ ସମ୍ମତି ପ୍ରଦାନ କରି ସଙ୍ଗରେ ଆଣିଛି।

ରାଜା— ଗୀତ

ଅଭାଗା ମୁଁ ପୂର୍ବଜନ୍ମ ହେଲି ତୁମ୍ଭ ଦ୍ରୋହୀ।
ଶୂନ୍ୟ କରିଗଲୁ କୋଳ ବାଳକୃଷ୍ଣ କହି ରେ।୩।

ଦୂତ! ସୁମନ୍ତ୍ରଙ୍କୁ କହ ସେ ଚୌଦବର୍ଷ ନିମିତ୍ତ ଖାଦ୍ୟ ପଦାର୍ଥେ ସହିତ ରଥରେ ବସାଇ ତମସାରଣ୍ୟରେ ନେଇ ଛାଡ଼ୁ ଭରତକୁ ଅଚିରେ ମାତୁଳ ଗୃହରୁ ଆଣି ତାର ପିଶାଚୀ ମାତା ନିକଟରେ ଦେଉ। ସେ ତାକୁ ନେଇ ସୁଖରେ ଏ ବିପୁଳ ରାଜ୍ୟ ଐଶ୍ୱର୍ଯ୍ୟ ଭୋଗ କରୁ।

( ରାମ, ଲକ୍ଷ୍ମଣ ଓ ସୀତା, ଦଶରଥ, କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କ ଚରଣ ବନ୍ଦନ କରି ଜଟା କୌପୀନ ଧାରଣ କରି ପ୍ରସ୍ଥାନ )

---

## ତୃତୀୟ ଦୃଶ୍ୟ

(ସୁମନ୍ତ୍ର ରଥ ବାହିବା, ରଥରେ ରାମ, ଲକ୍ଷ୍ମଣ ଓ ସୀତା, ଗ୍ରାମବାସୀଗଣ କୋଳାହଳ କରି ପଶ୍ଚାଦ୍ଧାବନ)

ଗ୍ରାମବାସୀ—ଆମମାନେ ଶୁଣ, ଆଉ ଏ ଶ୍ମଶାନ ଅଯୋଧ୍ୟାରେ ରହିବା ଦରକାର କଣ? ଦେଖୁଛ ତ ରକ୍ଷକ ଏବେ ଭକ୍ଷକ ପାଲଟି ଗଲା ସୋଇଲା ମାଇପଟା କଥାରେ ପଡ଼ି ଏପରି ଗୁଣଗ୍ରାମ ପୁଅଟାକୁ ବଣକୁ ପଠାଉଛି।

ଅନ୍ୟ—ହେ ହେ ଭାଇ! ମୋର ସେମିତି ମାଇପଟା ଥାନ୍ତା କି ଠିଆରେ ଛିନ୍ଦନ୍ତି ପରା, ମାଡ଼ ବଜ୍ର ବଜ୍ର ବରର ନ୍ୟାୟ ସେଇଆ।

ସମସ୍ତେ—ହେ ସୁମନ୍ତ୍ର ମନ୍ତ୍ରୀ! ତୁମ୍ଭେ ବି ଏତେ ଅବିବେକ ହେଲ। କଥାରେ ଅଛି ଯେବ 'ଅବୁଝା

ରଜାଙ୍କୁ ଫାଙ୍କଦେଲା ମନ୍ତ୍ରୀ ! ତୁମ୍ଭର କଣ ଏଇ ଅକଲ ! ତୁ ଆଦଙ୍ଗାକୁ ନେଇ ଯାଆନା ! ରଡ଼, ରଡ଼, ରଥ ଧୀର କର, ଆମ୍ଭେମାନେ ଆମ୍ଭ ଦେଶର ପୂର୍ଣ୍ଣ ଶଶିଙ୍କୁ ଦେଖୁ । ଆଉ ଅଯୋଧ୍ୟାକାଶରେ ଶଶଧର ଉଦେ ନାହିଁ, ଚତୁର୍ଦ୍ଦିଗ ତମସାଚ୍ଛନ୍ନ, ଘୋର ଘନଘଟା ଜାଲମାନସୁ ।

( ରଥ ପଛେ ପଛେ ଧାଇଁବା )

ରାମ—ସୀତେ ! ମୋ ପ୍ରତି କର୍ଣ୍ଣପାତ କର, ଦେଖ ବନବାସରେ ଯେତେବେଳେ ଯେପରି ଚଳିବାକୁ ଆଦେଶ ହେବ, ସେହିପରି ଚଳିବାକୁ ପଡ଼ିବ ?

ସୀତା —ନାଥ ! ତେବେ କଣ ପ୍ରତିପାଳିବାକୁ ପଡ଼ିବ ?

ରାମ — ଗୀତ

ବନଜ-ନୟନା ଘନ ଜଘନାରେ
ଗହନ କାନନେ ହେଲ୍ ବାଇ ।
ବନେ ବନଚର ଦେଖି ଭୟଙ୍କର
କାତରେ ଛନକା ହେବୁ ନାହିଁ ।
ବନଜାତ ଦ୍ରବ୍ୟ ନ କରିବୁ ଖର
ବଳାଇ ଅଭାବ ଦେବୁ ନାହିଁ ।

ସତି ! ରାଜ ଅଭିଳାଷ ସବୁ ତାପୋଭି ପଜାଇବାକୁ ପଡ଼ିବ, ପୁଣି ବନରେ ହିଂସ୍ର ଜନ୍ତୁ ଅନନ୍ତ । କୌଣସି ଭୟ କରିବ ନାହିଁ ବା କୌଣସି ଅପୂର୍ବ ଜନଙ୍କୁ ଆଶା ବଳାଇ ଜଞ୍ଜାଳ କରିବ ନାହିଁ ।

( ଗୀତ )

ଦେବ ସହୋଦର ମଧ୍ୟରେ ତୁ କର
ବେଢ଼ାଇ ମୋ ଭର ଥିବୁ ରକ୍ଷି,
ବୃକ୍ଷ ମୂଳେ ବସି ଜଟାଳକୁ ବନ୍ଧି
ଅଦୃଷ୍ଟକି ବାଳକୃଷ୍ଣ ଲକ୍ଷି ।

ବତ୍ସ ! ନାନା କଷ୍ଟ ଧରନ୍ତି ଦେବ ସହୋଦରଙ୍କ ମଧ୍ୟରୁ କେବେ ହେବେ ଅଳଗ ହେବୁନାହିଁ ।

—*—

ତୃତୀୟ ଦୃଶ୍ୟ

(ଜନୈକ ନାଗରିକ ଓ ତାର ପତ୍ନୀର ପ୍ରବେଶ)

(ଓ.ଏ୫)

ପୁ—ଆ ଆ ତମାବୋଲ ଆସର ।
ସ୍ତ୍ରୀ—କରେ କଅଣ ଖଣ୍ଡିଆ କଥା ରେ ।
ପୁ—ଆଲୋ ଦାଣ୍ଡରେ ପଡ଼ିଛୁ ତହଳ ।
ସ୍ତ୍ରୀ—ଓଗ ଅଭ୍ୟେଳ ଲେକ ଗହଳ ।
ପୁ—ବହଳ ମୂର୍ଦ୍ଦ ସଂଗଳେ ଟଇ ବସିଛୁ ଜାଣିବୁ କଅଁରେ ।୧।
ପୁ—ଅଯୋଧ୍ୟାର ଶିଖ ଗଲା ରେ
ସ୍ତ୍ରୀ—କରେ କଅଣ ଖଣ୍ଡିଆ ହେଲା ରେ
ପୁ—ରାମ ଗଲେ ବନବାସ ରେ,
ସ୍ତ୍ରୀ ତୋ କଥାକୁ ମାଡ଼େ (ମୋତେ) ହସ ରେ ।
ପୁ ନୁହେ ଲୋ ଖାସ ମନ ଉଦାସ୍ୟ ଲକ୍ଷ୍ମବାନ୍ତି ଆଜ୍ଞା କାହାରେ ।
ପୁ - ଗୋଡ଼ାଇ ଲକ୍ଷ୍ମଣ ରାମରେ
ସ୍ତ୍ରୀ— କି ହେବ ବଧାତା ବାମରେ,
ପୁ—କି ଯଶ ଲଭିଲା ବିମାତା
ସ୍ତ୍ରୀ—(ଆରେ ସେତ) କଜଆଁ ମାଉସ ଅହନ୍ତା,
ସ୍ତ୍ରୀ—ବାଳର ଚନ୍ତା ଏ ଦୁଃଖ କଥା ଜଗଧାଶ ହେଉ ସାହାରେ । (ସଭ ପ୍ରବେଶ)

ରାମ— ଗୀତ

ଆଶ ହେ ନଗରବାସୀ ହସି ହସି ମେଲାଣି ।
ଧରୁ ସୁଖ ସବୁ ଦୁଃଖ ଯୋଡ଼ ଜାଳ ଦେବାଣି ।୧।

ପ୍ରଜାବୃନ୍ଦ ! ତୁମ୍ଭେମାନେ ଆଉ ଏ ଅବଶ୍ଯ ସହିତ ପଥକଷ୍ଟ କରି କାହିଁକି ଆସି ଦୁଃଖର ସୀମା ବଢ଼ାଉଛ ? ସମସ୍ତେ ଅଧୈର୍ଯ୍ୟ ନ ହୋଇ ଭକ୍ତାସୁଖେ ସ୍ୱ ସ୍ୱ ଗୃହେ ପ୍ରତ୍ୟାବର୍ତ୍ତନ କର ।

ଗୀତ

କରମ କଥାକୁ କେବା କରିପାରେ ଆନ ।
ଦୁଃଖ ସୁଖ ଦୁଇ ମୁଣ୍ଡ ସଂସାର ଜନକ ।୧।

ଆପଣମାନେ ବୃଥାଟାରେ ମହିଁଆ ମା ଓ ପିତାଙ୍କୁ କନ୍ଦା ଦେଉଛ ସିନା, ତାଙ୍କର ଏଥିରେ କବେ ମାତ୍ର ଦୋଷ ନାହିଁ । ଏହା ମୋର କର୍ମ ଦୋଷ ।

ଗୀତ

ଅସାର ସଂସାରେ ସାର ଏକା ହରିନାମ ।
କେବା ମାତା କେବା ପିତା ଆତ୍ମୀୟ ସ୍ୱଜନ ।୩।

ଏ ସଂସାରରେ କେହି କାହାର ନୁହନ୍ତି । ଆସିଛୁ ଏକା, ଯିବ ଏକା । କେହି ଏଠାରୁ କିଛି ନେଇ ନାହିଁ, କି ନେବ ନାହିଁ । ତେବେ ମାୟା, ଯେଉଁ କୃପା-ଟିକ ଆପଣମାନେ ମୋଠାରେ ଅର୍ପଣ କରିଛନ୍ତି, କୃତାଞ୍ଜଳିପୁଟେ ମୁଁ ଭିକ୍ଷା କରୁଛି, ଆପଣମାନେ ଅଯୋଧ୍ୟାରେ ମୋର କନିଷ୍ଠ ଭ୍ରାତା ପ୍ରତି ସେହିଟିକ ପ୍ରଦର୍ଶନ କରନ୍ତୁ, ଏତିକି ପ୍ରାର୍ଥନା ।

ଗ୍ରାମବାସୀ—ରାଜକୁମାର, ଆପଣ ଯେଉଁଠାରେ, ଆମ୍ଭର ଅଯୋଧ୍ୟା ସେହିଠାରେ, ଆପଣଙ୍କୁ ଛାଡ଼ି କୁଆଡ଼େ ଯିବୁ ?

ରାମ – ଗୀତ

କଲ୍ୟାଣ କରନ୍ତୁ ସର୍ବେ ଭକ୍ତ ସଭ୍ୟବୃନ୍ଦ ।
ଯେନ ବାଳକୃଷ୍ଣ ତବ ଲେଢ଼େ ଆଶୀର୍ବାଦ ।୪।

ଭାଇମାନେ ! ତଉ, ତୁମ୍ଭେମାନେ ଆଶୀର୍ବାଦ କର, ମୁଁ ଶୀଘ୍ର ବନରୁ ପ୍ରତ୍ୟାଗମନ କରେ । ବର୍ତ୍ତମାନ ଅଶ୍ରୁ ଏଠାରୁ ଦୂରୀକରଣ କର, ସ୍ୱ ଗୃହକୁ ସମସ୍ତେ ଯିବା ।

ଗ୍ରାମବାସୀ—ବାଃ, ବାଃ ଜୟ ରାମଚନ୍ଦ୍ରଙ୍କର ଜୟ ।
(ନିଜ ନିଜ ଖାଦ୍ୟ ସଂଗ୍ରହ କରି ଶୋଇପଡ଼ିବା)

—*—

## ଚତୁର୍ଥ ଦୃଶ୍ୟ

( ସମସ୍ତଙ୍କୁ ନିଦ୍ରାଭିଭୂତ ଦେଖି ରାମଚନ୍ଦ୍ର ସୁମନ୍ତ୍ରଙ୍କୁ ଉଠାଇ )

ରାମ—ସୁମନ୍ତ୍ର ! ଶୀଘ୍ର ରଥ ବାହିନେଇ ସରଯୂ କୂଳରେ ଆମମାନଙ୍କୁ ଛାଡ଼ିଆସ । ପ୍ରଜାମାନେ ଯେପରି ନ ଜାଣନ୍ତି । ଯଦି ସେମାନେ ଜାଣନ୍ତି, ମୋ ପିତୃ ସତ୍ୟ ପ୍ରତି ବାଧା ଘଟିବ । ଶୀଘ୍ର ଚଳାଅ । ମନ୍ତ୍ରୀନ୍ ! ଆପଣ ଏଠାରୁ ସ୍ୟନ୍ଦନ ଫେରାନ୍ତୁ, ଅମ୍ଭେ ଏଣିକି ପଦଗାମୀ ହୋଇ ନଦୀ ପାରହେବୁ । ଆପଣଙ୍କୁ ଆମ୍ଭର ପ୍ରଣାମ । ପିତା ମାତାଙ୍କ ସମସ୍ତ ଭାର ଆପଣେ ଜାଣନ୍ତି ।

( ଗୁହ୍ୟକ ଶବର ପ୍ରବେଶ )

ଗୁହ୍ୟକ— ଗୀତ

କହ ବାପଧନ କାହାର ନନ୍ଦନ
କପାଇଁ ଭ୍ରମୁ କାନନ
ଦିବ୍ୟ ରମା ପାଶେ ଭ୍ରମୁ କି ଲକ୍ଷ୍ୟେଣେ
ସନ୍ଦେହ କର ମୋଚନ ।
ଦୟା କରି ଏଥର
ନାମ ଗ୍ରାମ ପ୍ରକାଶ ତୋହର ।

ହେଇରେ ବାପ ! ଏ ଘୋର ଜଙ୍ଗଲରେ ତୁଇ ଗୋଟେ ପିଲା ଆଉ ଗୋଟେ ସ୍ତ୍ରୀଧର ଏ ଶାଗୁଆଳରେ କସ କାରଣେ ବୁଲୁଛୁ । ତୁଇ କେ ଅଛୁ, ତୋର ଘର କେଉଁଠି, ତୋର ବାପର ନାମ କଣ ଅଛି । ତୋର ସାଥିରେ ଏମାନେ କେ ଅଛନ୍ତି । ସବୁ କହିବେ ହବ । ତା ନ ହେଲେ ଆମେ ତୋତେ ଏଇ ଶର ମୁନାରେ ନାଛି ଦବାର ଅଛି ।

ରାମ— ଗୀତ

ଶୁଣ ରେ ଶବର ଅଯୋଧ୍ୟା ଦେଶର
ଦଶରଥଙ୍କ ନନ୍ଦନ ।
ରାମଚନ୍ଦ୍ର ନାମ ସାନୁଜ ଲକ୍ଷ୍ମଣ
ଏ ତ ସୀତାଦେବୀ ସଙ୍ଗତର ।
ପିତା ସତ୍ୟ ପାଳଣ ।
ବନବାସେ ଯାଉଅଛୁ ତିନି ଜଣ ।୨।

ଶବର ! ମୁଁ ସତ କହୁଛି, ମୁଁ ଅଯୋଧ୍ୟା ଦେଶ ରାଜା ଦଶରଥଙ୍କର ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର, ଏ ମୋର ସ୍ତ୍ରୀ ଓ କନିଷ୍ଠ ଭାଇ ଲକ୍ଷ୍ମଣ ।

ଗୁହ୍ୟକ—ଆଁ, ଆଁ, ତୁଇ ଦଶରଥ ପୁଅ ରାମ ଅଛୁ । ଏ ମୋର ବୋଉ ଜନକ ରାଜା ଝିଅ ଅଛି । ଆରେ ତୁଇ ତ ବଡ଼ଲୋକ ଅଛୁ ! ଶିକାର ଖେଳିବାକୁ ଆଇଲୁ ତ ଆଇଲୁ, ଏ ପିଲା ମାଇକିନା କେଣେ ଆଣିଲୁ ରେ ?

ରାମ—ଶବର ! ମୁଁ ଶିକାର କରି ଆସି ନାହିଁ । ପିତୃ ସତ୍ୟ ପାଳନ ଚଉଦ ବର୍ଷପାଇଁ ଘର ଦ୍ୱାର ତେଜି ବନବାସ ଆସିଛୁ ।

ଗୁହ୍ୟକ—ବାପା, ତୋର ବାପଠେଇ ସତ୍ୟ କରି
ତୋତେ ବନକୁ ପଠେଇଲା ରେ ।

ରାମ— ଗୀତ

ମାତା କଇକେୟୀ ଜନକେ ମନାଇ
ମାଗି ସେଦିନହିଁ ବର ।
ଭରତ ରଜା ହେଲେ ରାମ ବନେ ଯାଉ
ଏଇ ଇଚ୍ଛା ସେହି ସଙ୍ଗତର ।
ଚୌଦବର୍ଷ ପାଇଁ,
ତେଣୁ ଅଇଲେ ଅଯୋଧ୍ୟା ଭୂଇଁ ।

ଗୁହ୍ୟକ—କଥା କହୁଛୁ ରେ ବାପା ! ଦଶରଥ ବୁଢ଼ା
ନବାବୁ ତାର ମୁଣ୍ଡ ଖାରାପ ଏମିତି ହଇ ଗଲାକି
ଯେ, ମାଇକିନା କଥାରେ ତୋତେ ତଡ଼ିଦେଲା !

ଗୀତ

ମୁଁ ଗୁହ୍ୟ ଶବର ମିତ୍ର ତୋ ପିତାର
ଏ ବନେ ଆଶ୍ରମ ଅଛି ମୋର
କାହୁଁ ପୁଣ୍ୟବଳେ ଭେଟିଲି ତୁମ୍ଭରେ
ପୁନଃ, କରାଇବି ତୋତେ ରାଜ୍ୟେଶ୍ୱର ।
ଅଯୋଧ୍ୟା ମଧ୍ୟର
ହୋଇ ଅଛି ବଡ଼ ଅନ୍ଧକାର । ୪ ।

ବାପ ! ତୋର ବାପର ଏ କଥାର ଠିକ୍ ନାହିଁ ହୋଇଛି । ଚାଲ, ମୁଁ ତୋତେ ଫିନ ସେଇ ଅଯୋଧ୍ୟାର ରଜା କରିବି ।

ରାମ—ଶବର ! ଆମ୍ଭମାନଙ୍କର ପ୍ରଣାମ ଗ୍ରହଣ କରନ୍ତୁ,
ମାତ୍ର ଆମ୍ଭମାନେ କଦାପି ଫେରିବୁଁ ନାହିଁ ।

ଗୁହ୍ୟକ—ଚାଲ, ଚାଲ, ଏ କଥା କହୁଛୁ; ମୁଇଁ ସାଥିରେ
ଯିବି, କଏ କ'ଣ କରିବ ଦେଖିବି ଚାଲ, ଚାଲ ।

ରାମ—ଶବର ! ନ କରାନ୍ତୁ ବୃଥା, ସିନ୍ଧୁଗାମୀ ସ୍ରୋତ
ପଥ ଭଙ୍ଗାଣି କରିବ, ଗୁରୁଜଣୀଦେବଙ୍କ ରଥ ପଥ
ଲେଉଟି ପଡ଼ିବ, ଜନକ ପିତୃ ଆଦେଶ ପାଳନ
ନଷ୍ଟେ ବ୍ୟର୍ଥ ହେବ ।

ଗୁହ୍ୟକ—ହଉ ପଛ ଫିରି ନାଇଁପିରୁ ତ ଚାଲ, ଆଜକେ
ଆମ କୁଡ଼ିଆରେ ରହି ସକାଳକେ ଜେନେ ଇଚ୍ଛା
ତେନେ ଯିବୁ ।

ରାମ—ହଉ ଚାଲନ୍ତୁ ।

( ଗୀତ )

ଯାଅ ହେ ସୁମନ୍ତ୍ର ପ୍ରବୋଧିବ ତାତ
ମାତ ଅଛନ୍ତି ମୂର୍ଚ୍ଛିତ,
ମୋ ଆସିବା ଯାଏ ରାଜ୍ୟ ପରଜାଏ
ଯେମନ୍ତେ ନ ଘଟେ ବାଧାବନ୍ଧ
ବାଳକୃଷ୍ଣ ରଚନ
ପ୍ରାତେ ଗମିଲେ ଭରଦ୍ୱାଜ ଆଶ୍ରମ । ୫ ।

( ସୁମନ୍ତ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ )

ସୁମନ୍ତ୍ର—ମହାରାଜ ! ତବାଦେଶେ ନେଇ ତିନିଜଣେ
ଘୁରାଇଲି ମୁଁ ସରଯୂ ନିକଟେ । ପଥେ ପ୍ରଜାଗଣେ
କଲେ ବହୁ ଅଳି, ନାସ୍ତି କଲା ଅସ୍ତି ତେବେ
ନ ଧରିଲେ ଭୂଣ୍ଡେ । ପୁଣି ତମସା ନିକଟେ
ଭେଟିଲେ ଗୁହ୍ୟକ । ଯଥାସାଧ୍ୟେ ବୁଝାଇଲେ
ଯେତେ, ଅଟଳ ଯେଣୁ ସେ ତବ ସତ୍ୟରକ୍ଷା ଅର୍ଥେ,
ନାସ୍ତି କରି ଗମିଲେଣି ଭରଦ୍ୱାଜ ଆଶ୍ରମକୁ ।
କହିଛନ୍ତି ପ୍ରବୋଧିବ ତାତ ମାତେ, ନ ଗଞ୍ଜିବେ
କଦାପି ସେ ମଝିଆ ମାଆଙ୍କୁ । ନାହିଁ ତାଙ୍କ ଲବେ
ମାତ୍ର ଦୋଷ ଏଥି, ଯେଣୁ ଏହା କର୍ମର ଲିଖନ ।

ଦଶ— ବୁଝିଲିଣି ମନ୍ତ୍ରି ! ଏଇ ଦେଖ ଶୂନ୍ୟ ଆସେ
ପୁଷ୍ପକବିମାନ ନେବାପାଇଁ ମୋତେ, ଅନ୍ଧକମୁନିର
ଶାପେ ନ ପାଇଲି ପୁତ୍ର ମୁଖ ହେରି । ଉଃ, ପ୍ରାଣ-
ଗଲା, ପ୍ରାଣ-ଗଲା । ରା-ମ-ହା-ରାମ ।

( ମୃତ୍ୟୁ, ରାଣୀଗଣଙ୍କର ଶୋକ )

ସୁମନ୍ତ୍ର - ରାଣି ! ଆପଣମାନେ କ୍ରୋଧ ଶାନ୍ତ କରନ୍ତୁ,
ବର୍ତ୍ତମାନ ଶ୍ରୀ ଭରତଙ୍କ ନିକଟ ଯାଉଛି, ଭରତ
ଫେରିଲେ ସତ୍କାରେ କାର୍ଯ୍ୟ ହେବ । ବର୍ତ୍ତମାନ
ରାଜାଙ୍କୁ ତୈଳ ଦ୍ରୋଣୀରେ ରଖାଯାଉ ।

( ତଥାକରଣ )

—*—

## ଷଷ୍ଠ ଦୃଶ୍ୟ

ଭରତ— ସୂତ ! ଶୂନ୍ୟ ଦେଖାଭୂମି ପ୍ରାୟ କଣେ କମା
ଆଜି ଅଯୋଧ୍ୟା ପ୍ରାଙ୍ଗଣ, କି ସମ୍ଭବେ ସମ୍ଭବିତ
ସାଙ୍ଗ ନକ୍ଷତ୍ରପାତ, ପୁଣି ହାହାକାର ରବ ସଙ୍ଗେ
ରୋଦନର ଧ୍ୱନି ।

ଦୂତ—ପ୍ରଭୁ ! ଅଯୋଧ୍ୟାରୁ ଜନକର ନାଥ, ତୁମଜନ୍ମ
ଅନ୍ତର, ଅସ୍ତମିତ ହୋଇଛନ୍ତି ପୂର୍ଣ୍ଣ ଶଶଧର ।
ଏକମାତ୍ର ତାଙ୍କ ଜୀବନ ଦେବାକୁ ଛନ୍ତି ପ୍ରଭୁ
ଅଯୋଧ୍ୟା ଆକାଶେ ।

ଭରତ—କ କହିଲୁ ଦୂତ, ପିତା କଣ ତେବେ ମୃତ ।

ଦୂତ—ଆଜ୍ଞା, ହଁ ।

ଭରତ—ଭ୍ରାତ ତେବେ କଣ ନାହାନ୍ତି ?

ଦୂତ—ନିର୍ବାସିତ ସେହୁ । ଲକ୍ଷ୍ମଣ ଓ ସୀତା ସହିତରେ
ଚତୁର୍ଦ୍ଦଶ ବର୍ଷ ନିମିତ୍ତ ଦଣ୍ଡକ ଅରଣ୍ୟେ ।

ଭରତ—ବାହକ ! ବାହ ଶୀଘ୍ର ରଥ ଦେଖେ
କାହିଁଅଛି ସେହି ପାପିୟସୀ, ଲୁଣ୍ଠ ଜମ୍ବୁକ ପରସ୍ପ
ସିଂହର ଭଣ୍ଡାରେ ।

ଗୀତ

ହାଇରେ ମନ୍ଦ ବଧାତା ! କଣ୍ଟା ଛନ୍ଦ କଲୁ ରେ
ଅକଳଙ୍କ ସୂର୍ଯ୍ୟବଂଶେ କାଳ ଲେପି ଦେଲୁ ରେ । ଘୋଷା

(ପ୍ରବେଶି ଜନନୀର କେଶ ଆକର୍ଷଣ ପୂର୍ବକ)

ଗୀତ

କାଳସର୍ପିଣୀ ଜନନୀ ! ହେଲୁ ତୁ ଏଡ଼େ ଦୁଷ୍ଟମ
ଯା ଲାଗି କାନ୍ଦେ ଅବନୀ ତାରେ ବନ୍ଦ କଲୁ ରେ । ୧ ।

ଲୋ ପାପିୟସି, ଦୁଷ୍ଟା ଦୁରାଶ୍ରମା ନଷ୍ଟା, ଜାଣି-
ଲଣି ଅଟୁ ତୁହି ଦୁର୍ଦ୍ଧ ଘୋର କାଳଭୁଜଙ୍ଗିନୀ । ରଜ୍ଜୁ
ରଜ୍ଜୁ କୋଳେ, ବଂଶି ଲେପିଦେଲୁ ଅକଳଙ୍କ
ସୂର୍ଯ୍ୟବଂଶେ କାଳମାଖରବ । ନୋହୁଥାନ୍ତୁ ଯେବେ,
ଗର୍ଭଧାରିଣୀ ଜନନୀ ମୋହର, ଦେଖନ୍ତୁ କ ଉତ୍ତରକ
ଯାଆନ୍ତୁ ଏକ୍ଷଣି ।

କୈକେୟୀ—ବାପ ! ତୋର ନିମିତ୍ତ ଏ ସମସ୍ତ କାଣ୍ଡ,
ରାମ ବନକୁ ଗଲା, ତୁ ଏବେ ନିଷ୍କଣ୍ଟକ ଅଯୋଧ୍ୟା
କଟକ ଭୋଗକର ।

ଭରତ—କ ସାହସେ କହୁ ଲୋ ପାମରୀ, ନନ୍ଦନରେ
ହେବ ରାଜା ଅଯୋଧ୍ୟା କଟକେ । ହେବୁ ବୋଲ
ରାଜଚୂ କ ରାଜମାତା ତୁହି ? ବୃଥା ଆଶା ତୋର ।
ନୋହି ରାଜମାତା, ହେବୁ କଷ୍ଟେ ପଥ ଭିକାରୁଣୀ ।

ଗୀତ

ନେଲୁ ତୁ ଜନକ ପ୍ରାଣ ଭ୍ରାତାରେ ଦେଲୁ କଷଣ ।
ବାଳକୃଷ୍ଣ ବୋଲେ ଶୂନ୍ୟ ଅଯୋଧ୍ୟା କଲୁ ରେ । ୨ ।

ଲୋ ପାପିଷ୍ଠୀ, ତୋ ଯୋଗେ ମୋର ଦେବୋତ୍ତମ
ଭ୍ରାତା ଓ ମାତାତୁଲ୍ୟା ଭାଉଜଙ୍କୁ ଏବଂ ପରମାରାଧ୍ୟ
ପିତୃଦେବଙ୍କୁ ହରାଇଛି । ତୁ ପାପିଷ୍ଠୀ ଥାଇ କବା
ପ୍ରୟୋଜନ । ମାତ୍ର ତୋତେ ସ୍ୱୟଂ ହସ୍ତେ ପିତୃଶ୍ରାଦ୍ଧ
ଆଚରିବ ତୋର ରକ୍ତେ । ( ମାରିବାକୁ ଉଦ୍ୟତ
ହେବା ସମୟେ କୌଶଲ୍ୟାଙ୍କ ପ୍ରବେଶ, ଭରତର
ଅଭିବାଦନ )

କୌଶଲ୍ୟା—ଏ କ କାଣ୍ଡ ବତ୍ସ ! ନ କର ତୁ ତାହା,
ସର୍ବୋପରି ମାତୃପଦ ସେହୁ, ନ ମଣ ତୁ କଲ୍ୟା-
ଣଲା ତାହା ମୋହ ତନ୍ତ୍ରି । ଧର୍ମର ବଧାନେ
ସେହୁ ପାଇଅଛି ବନେ । ତୁହେ ଏହୁ ଦୋଷୀ,
( କୈକେୟୀକୁ ଛଡ଼ାଇ ନେଇ ନିଜ ଅନ୍ତଃ-
ପୁରରେ ଲୁଚ୍ଚାଇ ରଖିବା । କୌଶଲ୍ୟା ପ୍ରତି ଭରତ )

ଭରତ—ମାତା ! ତୁମ୍ଭଠାରେ ବଦାୟ ମେଲଣି, ଗମିବ
ମୁଁ ଶ୍ରୀରାମ ଉଦ୍ଦେଶ୍ୟେ । ବଳେ ବଳେ ଚରଣରେ
ଯେ କେନେପ୍ରକାରେ ଫେରାଇ ଆଣିବ କଷ୍ଟେ
ଭାଇଙ୍କୁ ବନରୁ । ଦଣ୍ଡଛତ୍ର ଧରାଇବ ତାହାଙ୍କ
ମସ୍ତକେ, ଅନୁବ୍ରତେ ସେବକ ପ୍ରାୟେ ।

କୌଶଲ୍ୟା—[ସ୍ୱଗତ] ଧନ୍ୟବତ୍ସ ! ଧନ୍ୟ ତୋର ପିତା
ମାତା, ଧନ୍ୟ ଭ୍ରାତୃଭକ୍ତି । କଲ୍ୟାଣଲା ରାମର,
ଭରତର ପୁଣି ସୁମିତ୍ରା ନନ୍ଦନେ । ଏତବ୍ଧିକୁ ଚତୁର୍ଦ୍ଦି
ରୂପେ କ ମଣ୍ଡିଅଛ ଅଯୋଧ୍ୟା ଭୂଖଣ୍ଡ । (ପ୍ରକାଶ୍ୟେ)
ଯାଅ ବତ୍ସ ଆଃ ଶୀଘ୍ର, ଫେରାଇ ଆଣ
ରାଘବଙ୍କୁ ବନୁଁ । [ମେଲଣି ନେଇ ପ୍ରସ୍ଥାନ]

—*—

## ସପ୍ତମ ଦୃଶ୍ୟ

( ଚିତ୍ରକୂଟରେ ରାମ, ଲକ୍ଷ୍ମଣ ଓ ସୀତା )

ରାମ—ବାବୁ ସୌମିତ୍ରୀ ଶୃଙ୍ଗୋପରି ଅଛୁ ଏ ଯେଉଁ
ସର୍ବ ଶାଳ ତରୁ, ଚଢ଼ି ତହିଁପରେ ଦେଖ, ଅଦୂରରେ
ଶୁଭେ ଏ କ ଜନ କୋଳାହଳ । କେତେ ଦୂରେ
ଛନ୍ତି ସେହୁ, ପୁଣି କ କାରଣେ, ଗୃହିଁଲେ ବଶିବ
ତହିଁ ଅଯୋଧ୍ୟା ପର୍ଯ୍ୟନ୍ତ ।

ସୀତା— ନାଥ ! ଅନ୍ତରେ ମୋ ମୁହୁର୍ମୁହୁ କାନ୍ଦେ, ଉଠେ କମ୍ପ ! ମୋ ଶାଶୁ ଶ୍ୱଶୁରେ, ଆସନ୍ତି ସାନୁଜ କମ୍ପ ଦେଖ ହୋଇ ପ୍ରଜ୍ୱଳିତ ପ୍ରାୟ ।

ରାମ— ବାବୁ ! କି ଘଟଣା ଦେଖିଲ ନୟନେ ?

ଲକ୍ଷ୍ମଣ—ଅଯୋଧ୍ୟାରେ ହୋଇ ନୃପ, ଆସୁଛି ଦେଖାଇ ଦର୍ପ, ଘେନି ସୈନ୍ୟ ସେନା ସଙ୍ଗରେ, ରାଜ ବ୍ୟବହାରେ, ଆଜ୍ଞାଦେଲେ ପ୍ରଭୁ ଦେଖନ୍ତି କେଯାଏ ବଳ୍ପ ବଢ଼ିଛି ଅଙ୍ଗରେ ।

ରାମ—ଦକ୍ଷ ପ୍ରୀର ନୋଳ ରହ ଭାଇ, କ୍ରୋଧସମ ଶତ୍ରୁ ନାହିଁ ସଂସାରରେ; ଆସୁ ପାଖେ ଜଣାଯିବ ସବୁ ।

ଭରତ—( ଦୂରୁ ଦେଖି ସାଷ୍ଟାଙ୍ଗେ ପ୍ରଣିପାତପୂର୍ବକ )

ଗୀତ

ନାଥ ମନ୍ଦୋଦର, ସେନାନୁ ଦପ୍ତିମ ମୋହର ।
ତବ ବିନେ ଶୂନ୍ୟ ହସେ ଅଯୋଧ୍ୟା ନଗର । ଘୋଷା ।
ମାତା କୋଇଲ୍ ଭରାଇ, ନୁହେ ମୁଁ ଭ୍ରାତ ଅଭର
ଆସନ୍ତୁ ମୋ ସଙ୍ଗେ ଫେର ହେବେ ରାଜ୍ୟେଶ୍ୱର ।୧।

ଭାଇ ! ତବ ବିନେ ଶୂନ୍ୟ ହସେ ଅଯୋଧ୍ୟା କଟକ । ଚାଲ ଫେର, ସିଂହାସନେ ବସିବ ଏକ୍ଷଣି ।

ରାମ—ବାବୁ ରେ ! ନାହିଁ ମୋତେ ବର୍ତ୍ତମାନ, ଅଯୋଧ୍ୟାର ରାଜସିଂହାସନ ଭୋଗଯୋଗ, ଯାଇ ରାଜ୍ୟ ଅଳଙ୍କୃତ କର ସିଂହାସନ, ଚଉଦବର୍ଷ ଅନ୍ତେ ଫେରିବି ମୁଁ ନିଶ୍ଚେ ଅଯୋଧ୍ୟା କଟକେ ।

ଭରତ—ନ ଫେରିବେ ଯେବେ ସୀତାସହ, ନ ମଣ୍ଡିବେ ଅଯୋଧ୍ୟାର ରାଜସିଂହାସନ, ନ ଯିବ ଭରତ ଦେଖ କହେ ସତ୍ୟରେ ପୁଣି ଅଯୋଧ୍ୟା କଟକେ, ଯାଉଦେବ ନିଶ୍ଚେ ଏହି ସ୍ଥଳେ ମଧ୍ୟ ଜୀବନରେ ।

ଗୀତ

କୃଷ୍ଣର ବଳହେତୁ ଟିକଃ; ଗଲେକୁ ହୋଇଲେ ହତ
ମୁଁ ଅବା ଥାଇ ଜୀବନ କାହିଁ ମୋର ସ୍ୱଭାବ । ୨ ।

ପିତା ଆପଣଙ୍କ ବିଚ୍ଛେଦରେ ପରଲୋକ ଗମନ କରିଅଛନ୍ତି, ଅରାଜକ ହୋଇଛି ଅଯୋଧ୍ୟା । ଗତକଥା ନ ଧରିଣ ମନେ, ଚାଲନ୍ତୁ ବହନ ବସି ରାଜସିଂହାସନେ, ଆଜ୍ଞା ଦେଇ ନିବୃତ୍ତି କରାଇବ ସହାର ।

ଚାଲ ମାତ, ଚାଲରେ ଲକ୍ଷ୍ମଣ, ଆସିଛି ମୁଁ ନେବାକୁ ଫେରାଇ ।

ରାମ—ବାବୁ ରେ ! କମ୍ପ ମୋତେ କଳାଉଛୁ ଏବେ, ଜୀବେ ଥିଲେ ମିଳପାରେ ଲକ୍ଷ ଲକ୍ଷ ରାଜ୍ୟ; ମାତ୍ର ନ ମିଳିବ କେବେ ହେଲେ ପିତା କିବା ପିତୃସତ୍ୟ । ସେ ତ ମୋର ଦୁର୍ଭାଗ୍ୟର କଥା, ଯେ ଅନ୍ତିମ କାଳରେ ତାଙ୍କୁ ନ ପାରିଲି ଦେଖି । ଯାଇ ବୁଝ ପ୍ରବୋଧ ମାତାଙ୍କୁ । ପୁଣି ଶୁଣ, ନ ତଞ୍ଜିବୁ କେବେ ହେଲେ ମଝିଆ ମାଆଙ୍କୁ । ଅଳଙ୍କୃତ କରିଥିବୁ ଅଯୋଧ୍ୟାର ଗାଦି ।

ଭରତ—ପ୍ରଭୁ ! ସିଂହର ଆସନେ କେବେ ବସିପାରେ କି ଶୃଗାଳ !

ଗୀତ

ଶ୍ରୀଚରଣେ ମିଳୁ ଆଶ୍ରା ନାହିଁ ମୋ ଆନ ଭରସା ।
ବାଳକୃଷ୍ଣ ବୋଲେ ଆଶା ନ ଭଙ୍ଗନ୍ତୁ ମୋହର । ୩ ।

ଭାଇ ! ଏ ଅଧମକୁ ଆପଣଙ୍କ ଶ୍ରୀଚରଣ ତଳେ ଆଶ୍ରୟ ପ୍ରଦାନ କରନ୍ତୁ, ଏତିକି ଭିକ୍ଷା ।

ରାମ—ଭାଇ ! ମନୋଗତ ଭାବ ତୋର ଜାଣିଅଛି ମୁହିଁ, ଦୈବବଳଠାରୁ ବଳ ନାହିଁ ପୃଥିବୀରେ । କରିପାରେ ଏକା ସେହି ଦଣ୍ଡକରେ ଧନର ନର୍ତ୍ତନ, ପୁଣି ରଜାକୁ ଭିକାରି । ମୁହଁ ତୁ ଦ୍ୟଥିତ ସେଥିପାଇଁ । କହୁଛି ମୁଁ ପୁଣି, ରାଜନୀତି ଧର୍ମେ ମାନଦଣ୍ଡଭେଦେ ସଦା ପାଳୁଥିବୁ ମନ୍ତ୍ର । ଦୋଷୀ ଦଣ୍ଡ ପାଇଁ ଯେବେ କ୍ଷମା ସେ ମାଗିବ ବୁଝି ସୁଝି ସେମାନଙ୍କୁ କ୍ଷମା ଦେଉଥିବୁ ।

( ଏହାକୁ ଆକାଶୁ ଦୈବବାଣୀ )

ଧାର୍ମିକ ଭବେକ ଶାନ୍ତ ଦାନ୍ତ ଶିଖର ଭରତ
ଅଯୋଧ୍ୟାକୁ ଶୀଘ୍ର ଫେର ହେ ନନ୍ଦନ ।
ରାମ ସତ୍ୟ ଲଙ୍ଘିଲେ ରୌରବେ ଯିବେ ରଜା,
ଦୁଷ୍ଟ ନାଶି ସତ୍ତ୍ୱପାଳ ଏହୁ ଉଦ୍ଧାରିବେ କର୍ତ୍ତବ୍ୟକା ।

( ଭରତ ଦୈବବାଣୀ ଶୁଣି ରାମଙ୍କଠାରୁ ରତ୍ନପାଦୁକା ନେଇ ନନ୍ଦିଗ୍ରାମରେ ସ୍ଥାପନ କରି ଚୌଦବର୍ଷ କାଳ ରାମଙ୍କ ଅପେକ୍ଷାରେ ରହି ରାଜ୍ୟଶାସନ କରଣ । )

—*—

# କୁମୁଦ-କେଦାର

# କୁମୁଦ-କେଦାର

## ଗୀତାଭିନୟ

### ପ୍ରଥମ ଅଙ୍କ

#### ପ୍ରଥମ ଦୃଶ୍ୟ

( ରାଜା ବୀର ମହେନ୍ଦ୍ର ଦେବ, ମନ୍ତ୍ରୀ, ସଭାସଦ୍ )

ମନ୍ତ୍ରୀ—ମହାରାଜ ! ରାଣୀମାଙ୍କ ମୃତ୍ୟୁ ଦିବସଠାରୁ ଆପଣ ସଦାବେଳେ ଚିନ୍ତିତ ଥିବାର ଆମ୍ଭେମାନେ ଅନୁମାନ କରୁଛୁ । କୁହନ୍ତୁ, ଯଦି ଦ୍ୱିତୀୟବାର ଦାରପରିଗ୍ରହ କରିବେ, ତେବେ ଆମ୍ଭେମାନେ ସୁବନ୍ଦୋବସ୍ତ କରିଦେବୁ ।

ସଭାସଦ—ମହାରାଜ ! ମନ୍ତ୍ରୀ ମହାଶୟ ଯାହା କହୁଛନ୍ତି ଆପଣ ସେଥିରେ ସମ୍ମତି ପ୍ରଦାନ କରନ୍ତୁ, କିଛି ଅସୁବିଧା ଘଟିବ ନାହିଁ । କୁଳରକ୍ଷା କରିବା ଆପଣଙ୍କର କର୍ତ୍ତବ୍ୟ ।

ରାଜା—ସଭ୍ୟବୃନ୍ଦ ! କି ଅସମ୍ଭବ କଥା, ଆଉ ମୋର କଣ ଦ୍ୱିତୀୟ ଦାର ପରିଗ୍ରହ କରିବାର ସମୟ ଅଛି ? ପ୍ରେୟସୀ ନିଶ୍ଚିନ୍ତରେ ପରଲୋକ ଗମନ କଲେ, କିନ୍ତୁ ମୋତେ ବଡ଼ ଦହଗଞ୍ଜରେ ପକାଇ ଦେଇଗଲେ ।

ମନ୍ତ୍ରୀ—ମହାରାଜ ! ସେଇଥିଲାଗି ତ ଆମ୍ଭେମାନେ ଆପଣଙ୍କୁ ଦ୍ୱିତୀୟ ଦାର ପରିଗ୍ରହ କରିବାକୁ କହୁଅଛୁଁ । ଆପଣ ଅସମ୍ମତ ହେଉଛନ୍ତି କାହିଁକି ? ଯଦି ଅନ୍ୟ କୌଣସି ବିଷୟରେ ମନରେ ଦୁଃଖ ଆସିଛି, ତେବେ ଆମ୍ଭମାନଙ୍କ ନିକଟରେ ପ୍ରକାଶ କରନ୍ତୁ ।

ରାଜା— ଗୀତ

( କର୍ମ ମୋର ଏଡ଼େ ନାରଖାର କଲେ – ଭୃଙ୍ଗ )

ଧାତା କପାଳେ ଏତେ ଦଣ୍ଡ ରେ, କହ ମନ୍ତ୍ରୀ !
ଅପୁତ୍ରିକ ଲାଗି ସଦା ଦୁଃଖିତ ଅବସ୍ଥା । ଘୋଷା ।

ମନ୍ତ୍ରି ! ବିଧାତା ମୋତେ ଏତେ ବଡ଼ ସମ୍ପତ୍ତିର ଅଧିପତି କରି କୋଳରେ ଗୋଟିଏ ମାତ୍ର ସନ୍ତାନ ଦେଲନାହିଁ; ସେଥିଯୋଗୁଁ ମନରେ ଦାରୁଣ ଯନ୍ତ୍ରଣା ଅନୁଭବ କରୁଛି ।

ମନ୍ତ୍ରୀ—ତା ନିଶ୍ଚୟ କଥା ।

ରାଜା— ଗୀତ

ମୋ ଅନ୍ତେ ଏ ରାଜପୁର, ହେବ ନିଶ୍ଚେ ନାରଖାର
ନ ପାଇ ମୁଁ ପ୍ରତିକାର ଗୁମୁରୁଛି ମଥା ରେ । ୧ ।

ମନ୍ତ୍ରି ! ମୋ ଅନ୍ତେ ଏ ରାଜପୁର ନିଶ୍ଚୟ ଶ୍ମଶାନରେ ପରିଣତ ହେବ ।

ମନ୍ତ୍ରୀ—ମହାରାଜ ! ଏକଥା କାହିଁକି କହୁଛନ୍ତି ? ଆପଣଙ୍କର ସନ୍ତାନ ନ ଥିଲେ କଣ ହେଲା, ସନ୍ତତି ଅଛି ତ ।

ରାଜା—କିଏ, ମୋର କନ୍ୟା କୁମୁଦ, ସେ କଣ କରିବ ?

ମନ୍ତ୍ରୀ—ମହାରାଜ ! ଆପଣ ଜେମାଙ୍କୁ ବିବାହ ଦେଇ ଜାମାତାଙ୍କ ମସ୍ତକରେ ରାଜମୁକୁଟ ଅର୍ପଣ କରନ୍ତୁ । ଏହାଦ୍ୱାରା ଜେମାର ପୁତ୍ର ଆପଣଙ୍କର ସିଂହାସନ ଦିନେ ଅଧିକାର କରିବ । ତଦ୍ଦ୍ୱାରା ଆପଣଙ୍କର କୁଳର ଗୌରବ ରହିବ ।

ରାଜା—ହିଁ ମନ୍ତ୍ରି ! କୁମୁଦର ପୁତ୍ରଠାରୁ ଯେତେବେଳେ ପିଣ୍ଡ ପାଣି ମୁଠାଏ ପାଇବି, ସେତେବେଳେ ସେ ମୋ ସମ୍ପତ୍ତିର ସମ୍ପୂର୍ଣ୍ଣ ଅଧିକାରୀ ହେଉ, କିନ୍ତୁ ଛତ

ନାହିଁ ! ମନ୍ତ୍ରୀବର ! ତୁମ୍ଭର ଏ କଥା ମୋ ମନକୁ ନବଣ ଆସିଲା ! କିନ୍ତୁ ଗୋଟିଏ କଥାରୁ ସନ୍ଦେହ ଅଛି ।

ଗୀତ

ଜେମା କର୍ମେ ଯେବେ ସୁତ ଲେଖି ନ ଥିବ ବିଧାତା
ମୁଁ ରାଜ୍ୟ ଦେବା ବ୍ୟର୍ଥ ତହୁଁ ହେଉ କଥା ରେ । ୨ ।

ମନ୍ତ୍ରି ! ମୋ ପରେ ଅପୁତ୍ରକ ଦୋଷ ଯଦି ଜେମାର ଥାଏ, ତେବେ ରାଜ୍ୟ ଜାମାତାକୁ ଦେବା ଅପେକ୍ଷା କୌଣସି ଧର୍ମ କାର୍ଯ୍ୟରେ ଦେବା ଭଲ । କାରଣ ଯଦି ଜେମାର ସନ୍ତାନ ନ ହୁଏ, ଜାମାତା ଅନ୍ୟ ପତ୍ନୀ ଗ୍ରହଣ କରିପାରନ୍ତି, ତେବେ ମୋର ରାଜ୍ୟ ଜାମାତାକୁ ଦେବା ବୃଥା ।

ମନ୍ତ୍ରୀ—ତା ଅବଶ୍ୟ କଥା, ତେବେ ଜ୍ୟୋତିଷ ଡକାଇ ଜେମାଙ୍କ ଜନ୍ମପତ୍ରିକା ବୁଝନ୍ତୁ ।

ରାଜା— ଗୀତ

ଡକାଅ ଯୋଗ୍ୟ ପଣ୍ଡିତ, ବୁଝି ଜେମାର ଜାତକ
ଯିବ ମୋ ମନୁ ସନ୍ତାପ ପାଇବ ମୁଁ ପନ୍ଥା ରେ । ୩ ।

ମନ୍ତ୍ରି ! ଶୀଘ୍ର ଜ୍ୟୋତିଷକୁ ଡକାଅ, ସେ କୁମାରୀର ଜନ୍ମପତ୍ରିକା ବୁଝନ୍ତୁ । ତାର ସନ୍ତାନ ଅଛି କି ନା । ବର୍ତ୍ତମାନ ଏଥିକରେ ସଭା ବନ୍ଦ ଥାଉ ।

(ସମସ୍ତେ ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

( ଗୁଣସାଗର ଓ ଅଜ୍ଞ )

ଗୁଣ—ଅଜ୍ଞ, କାଲି କି ମଦ ଗୁଡ଼ାଏ ଆଣିଲୁ ଜମା କଡ଼ାକର ପାଣିଆ ନାହିଁ । ସୁଦ୍ଧୁ ପାଣି, ସୁଦ୍ଧୁ ପାଣି !

ଅଜ୍ଞ—ନା ମହାରାଜ ! ଅଜ୍ଞ କେବେ ଦୋବରା ମାଲ ଆଣେ ! ଅଚ୍ଛା, କାଲି ତ ସବୁ ସରିନାହିଁ, ଆହୁରି ଥୋଡ଼ା ଅଛି; ଦେଖନ୍ତୁ ନା !

ଗୁଣ—ଆହୁରି ଅଛି, ଦେଖେଁ ଦେଖେଁ (ବୋତଲ ମୁହଁରେ ଲଗାଇ) ଅଜ୍ଞ ଏ ତ ଭାଲ ମାଲ ଲୁଟେ ।

ଅଜ୍ଞ—ଅଜ୍ଞା, ଆପଣଙ୍କ ମୁଣ୍ଡ ଢୁଳି କହୁଛି, ବଡ଼ବଡ଼ ସେହି ।

ଗୁଣ—ଅଜ୍ଞ ! ଦୁନିଆରେ ମୋଠାରୁ କିଏ ବଡ଼ ଅଛି କହିଲୁ ।

ଅଜ୍ଞ—ନା ମହାରାଜ ! ଯାହାର ଆଖି ନ ଥିବ, ସେ ଅବା କହିବ ଗୋଟାଏ କିଏ ବଡ଼ ଅଛି । ମୁଁ ଦେଖିବାରେ ଆପଣଙ୍କଠାରୁ ବଡ଼ କେହି ନାହିଁ ।

ଗୁଣ— ଗୀତ

କହ କହ ଭାଇ ଏ ଦୁନିଆରେ କେହି
ମୋଠାରୁ ବଡ଼ିଆ ରହିଗଲା !
ମୋ ଆଜ୍ଞା ନ ମାନି ହୋଇଛି ବେମାନ
ନରକରେ ଘୁଞ୍ଚି ଦମ୍ଭକଲା । ପଦ ।

ଅଜ୍ଞ ! ଜଗତରେ ମୋର ଆଜ୍ଞା ଅବଜ୍ଞା କରିବା ବ୍ୟକ୍ତି କିଏ ଅଛି କହିଲୁ ।

ଅଜ୍ଞ—ଅଜ୍ଞା ! ଜନ୍ମା ପିମ୍ପୁଡ଼ିଠାରୁ ଆରମ୍ଭ କରି ଛପନକୋଟି ଜୀବଜନ୍ତୁ ପର୍ଯ୍ୟନ୍ତ ଆପଣଙ୍କ ନାମ ଶୁଣୁ ନ ଶୁଣୁ ଥରନ୍ତିର !

ଗୁଣ— ଗୀତ

ମୋଠାରୁ ଅଛି କେ ବଳିଆ,

ଅଜ୍ଞ— ଗୀତ

ଜୁଳର ଚନ୍ଦ୍ରମା ରଜାଙ୍କର ଶଳା ।

ଗୁଣ—ଚୁପ୍ ।

ଅଜ୍ଞ—ନା, ରାଜ ଗଜାମାଳା ।

ଗୁଣ—ମୋର ଯେତେ ଜ୍ଞାନ କେ ହେବ ସମାନ
ପଣ୍ଡିତଙ୍କ ପଣ ନାଶ କଲା । ୧ ।

ଅଜ୍ଞ ! ବୁଦ୍ଧି ଆଉ ବିବେକରେ ମୋରେ ଭଲ କିଏ ବଳେଇଯିବ ।

ଅଜ୍ଞ—କାହିଁ, ମୋ ଆଖିକି ତ କେହି ଦେଖାଯାଉ ନାହାନ୍ତି, ଆପଣ କିଛି ଗୋଟାଏ କାର୍ଯ୍ୟ କରି ପକାନ୍ତୁ ।

ଗୁଣ— ଗୀତ

ସଧବା ବିଧବା ନାସ୍ତି ଏହି ବ୍ରତ ।

ଅଜ୍ଞ— ଗୀତ

ରାମରାଜ୍ୟ ନଷ୍ଟ ହେବ ନରନାଥ

ଗୁଣ—ଏବେଠୁ ନାସ୍ତି ହେବେ ନାରୀ ଜାତି
ମୋ ବେଳକୁ ନୂଆ କଥା ହେଲା । ୨ ।

ଅଜ୍ଞ—ମୋର ଭଣ୍ଡାରୀମାନ ଢୋଲାରେ ଲେଖି ଦିଅ, "ସଧବା ବିଧବା ନାସ୍ତି, ନାସ୍ତି ନାରୀ ପରିଚ୍ଛା ।

ଅଜୁ—ମହାରାଜ ! ରାମରାଜ୍ୟ ତ ହେଲା । ଏଥର କାର୍ତ୍ତି-
ଚନ୍ଦ୍ର କେଉଁ ଏ ବିଶାଳ ସାମ୍ରାଜ୍ୟରେ ଆଜ ପର୍ଯ୍ୟନ୍ତ
ଜନ୍ମ ଗ୍ରହଣ କରିନାହାଁନ୍ତି କି ଜନ୍ମ ଗ୍ରହଣ କରିବେ
ନାହିଁ । ଖାଲି ରାଜଗାଦିଟା ଆପଣଙ୍କ ହାତରେ
ପଡ଼୍ ନାହିଁ ।

ଗୁଣ—ଆରେ ଭଉଣୀ ଥିଲେ ତ ରାଜଗାଦି ପାଇ
ସାରନ୍ତିଣି, ଭଉଣୀ ମରିଗଲା, ସେ ଭାଗଟା
ଛିଡ଼ିଗଲା । ଏଣିକି ରାଜା ମଲେ ବନ୍ଦା ତ
ବନ୍ଦା ଆଉ ଅଛି କିଏ, କଳ୍ପବଣୀର ଯେଉଁ ଝିଅଟି
ଅଛି, ସେ ତ ଆଜ ରାତ୍ରି କାଲି ବିବାହ ହୋଇ-
ଯିବ । ଗାନ୍ଧାରୀର ତ ଆମ୍ଭେ ଖୋଦ ନତେ ।

ଅଜୁ—ଆଜ୍ଞା, ମୁଁ କଣ କରିବି ?

ଗୀତ

ଗୁଣ— ମନ୍ତ୍ରୀଗିରିଟାକୁ ତୋତେ ମୁଁ ଦେବି ।
ଅଜୁ— ପାଇଛି ମୁଁ ବର କେତେ ଖଙ୍ଗ ସେବି ।
ଗୁଣ—ଆରେ ରାଣୀ କିଏ ହେବ ଜାଣୁ ?
ଅଜୁ—ଆଜ୍ଞା କିଏ ?
ଗୁଣ— ଗୀତ

ହାରାମଣି ବାଇ ହେବ ପ୍ରିୟସଖି
ବିଧାତା ଏ ଘଟସୂତ୍ର କଲା । ୩ ।

ଅଜୁ—ରାଜା ମୁଁ, ମନ୍ତ୍ରୀ ତୁ, ରାଣୀ ସେ ହାରାମଣି
ବାଇ, ଭଲ ହେବ ନା ?

ଅଜୁ—ଆରେ ବାଃ ବାଃ, ସ୍ତ୍ରୀ ପୁଣି ଉଗୁଳିବାକୁ ଅଛି ।

ଗୁଣ—ଅଜୁ ! ରାମ ସାହୁ ଚାଲୁକଦାରକୁ ଟଙ୍କା
ସବାଶେ ରଲବ ହୋଇଥିଲା, ବାର୍ହିକ ଟଙ୍କା
ଆଣି ପହଞ୍ଚିଲା ନାହିଁ, କଥା କଣ ?

ଅଜୁ—ତାକୁ ଜର ଲୁହା ହୋଇଥିଲା, ସଡ଼କ ଦେବାକୁ
ଗଛ ମୂଳକୁ ଆସିବ !

ଗୁଣ—ହିଁ, ହିଁ ସେଠିକି କେତେବେଳେ ଯିବା, ଏଇଟା
କିଏ କରେ !

ଅଜୁ—ଏ ତ ମଣିନାୟକ ଲୁଆଡ଼େ ଧପାଇଛି ।

ଗୁଣ—ଡାକ୍ ଡାକ୍ ।

ଅଜୁ—ଅବଧାନେ ଆଡ଼େ ଆସ ।

(ମଣି ଅବଧାନ ପ୍ରବେଶ)

ମଣି—ନାହିଁ ନାହିଁ ଆମ୍ଭର ବିଶେଷ କାର୍ଯ୍ୟ ଅଛି ।

ଅଜୁ—ମହାରାଜ, ଦେଖନ୍ତୁ ଅବଧାନେ ଆସୁନାହାଁନ୍ତି ।

ଗୁଣ—ଆସୁନାହିଁ, ହେ ମଣି କୌଶିକେ, ଆଡ଼କୁ ଆସ ।

ମଣି—ନା ଆଜ୍ଞା, କାମ ଅଛି ।

ଗୁଣ—ହେ ମଣିନାୟକ, ଆଡ଼କୁ ଆ ।

ମଣି—ଜରୁରି କାର୍ଯ୍ୟ ଅଛି ।

ଗୁଣ—ହେ ମଣିଆ ଅବଧାନ ଇଧର ଆଓ ।

ମଣି—ଆଜ୍ଞା ଯାଉଛି, ମହାରାଜାଙ୍କର ଜୟ ହେଉ ।
ନବରତ୍ନ ଶୁଭଫଳ ପ୍ରଦାନ କରନ୍ତୁ । ଆଜ୍ଞା
ଆପଣଙ୍କର କି ରାଶି ?

ଗୁଣ—ଅଜୁ, ରାଶି କଣ ?

ଅଜୁ—କେ ଜାଣି କଣ ଅବଧାନେ !

ମଣି—ଆପଣ ଜଙ୍ଗଲେ କ ସେତେ ବାଟରୁ ଯାଇ-
ନାହାନ୍ତି । ଆଜ ଆପଣଙ୍କର ଯାତଚନ୍ଦ୍ର, ଟିକିଏ ଖରାପ ।

ଗୁଣ—ଯାତଚନ୍ଦ୍ରରେ ଖରାପ କଣ ?

ମଣି—ଆଜ୍ଞା, କିଛି ଗୋଟାଏ ଅନିଷ୍ଟ ଘଟିବ ।

ଗୁଣ—ଅଜୁ ! ଅନିଷ୍ଟ ହାଃ ହାଃ ହାଃ ।

ଅଜୁ—ହିଃ ହିଃ ହିଃ ।

ଗୁଣ—ମଣି ଅବଧାନେ ! କି ଅନିଷ୍ଟ ଘଟିବ ବତା,
ତୁ କୁଆଡ଼େ ଯାଉଛୁ ?

ମଣି—(ସ୍ୱଗତ) ମୁଁ ଏବାଟେ କାହିଁକି ଆସିଲି ! ଏ ତ
ବାଟରେ ଧରି ଆଜ୍ଞା ଜେଲ କଲା । (ପ୍ରକାଶ୍ୟେ)
ମହାରାଜ ଆଜ ଜେମାଙ୍କର ଜନ୍ମ ପତ୍ରିକା ଲୁଟିବେ,
ଯଦି ଜେମାଙ୍କର ସଧବା କୋଷ୍ଠି ଓ ସନ୍ତାନ ସନ୍ତତି
ହେବାର ଦେଖାଯିବ, ତେବେ ଜେମାଙ୍କୁ
ସତ୍ପାତ୍ରରେ ପ୍ରଦାନ କରି ସେହି ଜାମାତାଙ୍କ
ମସ୍ତକରେ ରାଜମୁକୁଟ ପ୍ରଦାନ କରି ରାଜା ବାନପ୍ରସ୍ଥ
ଧର୍ମ ଗ୍ରହଣ କରିବେ ।

ଗୁଣ—ଅଜୁ, ଏ କି କାଣ୍ଡ ! ତୋ ମନକୁ ଏକଥା
କେମିତି ଆସୁଛି ?

ଅଜୁ—ଆଜ୍ଞା, ଜେଜେ ପ୍ରସବ ନ କରୁଣୁ ଦୋବା
ବାଡ଼ିଆ । କୁମୁଦ ବିଭା ହେବ, ତାର ପୁଅ ହେବ,
ସେ ଯାଇ ରାଜଗାଦିରେ ବସିବ ।

ଗୁଣ—ଅବଧାନେ ! ଆଜ୍ଞା ଜେମା କୋଷ୍ଠୀରେ କଣ
ଅଛି ?

ମଣି—ଆଜ୍ଞା, କେମା ରାଜମାତା ହେବ । ତା'ର ପୁଅ ରାଜା ହେବ । ଏହା ଆମ୍ଭ ଗଣନାଦ୍ୱାରା ଘଟୁଛି ।

ଗୁଣ—ଆଚ୍ଛା, ତୁମ୍ଭର ଲାଭ କଣ ହେବ ?

ମଣି—ଆମ୍ଭେ ପାଟଯୋଡ଼ ଆଉ ଟଙ୍କା କିଛି ପୁରସ୍କାର ପାଇବୁ ।

ଗୁଣ—ଆମ୍ଭର ଲାଭ କଣ ?

ମଣି—ଆପଣଙ୍କର ଆଉ ଲାଭ କଣ, ଆପଣ ମଝିଆ ଯୋଡ଼ ପିନ୍ଧିବେ ।

ଗୁଣ—ରଖ ତୋ ମଝିଆ ଯୋଡ଼, କହ ମୁଁ କେମିତି ରାଜା ହେବି ।

ଅକ୍ରୂ—ଠିକ୍ କଥା, ଆପଣ ଉମେଦାରୀ କରି କରି ଲଙ୍ଗ ପାଳଟି ଗଲେଣି, ଆପଣ ରାଜା ନ ହୋଇ ଆଉ କିଏ ରାଜା ହେବ !

ଗୁଣ—ଅବଧ୍ୟ ନେ ! ତମର ହାତରେ ସବୁ ଅଛି ।

ମଣି—ଆଜ୍ଞା ମୋର ହାତରେ କ'ଣ ?

ଗୁଣ—ସେ ଆଜ୍ଞା ଫାଜ୍ଞା ଚଳିବ ନାହିଁ, କହ ମୁଁ କିପରି ରାଜା ହେବି ।

ମଣି—ଆଜ୍ଞା ମୋଠାରେ କଣ ଅଛି ?

ଗୁଣ—ମୁଁ ଭଲରେ କହୁଛି, କଣ ଉପାୟ ଅଛି କହ, ନୋହିଲେ ତୋ ଘରେ ହାଡ଼ ପୂରେଇବି । ତୋ ମୁହଁରେ ଚାଡ଼ ଭାଜିବି, ଆଉ ତୋତେ ଧର୍ କଳାଇରେ ବେକର କରିବି । ଏ କଥା ମୁଁ ଯେବେ ନ କରିବି, ମୋ ନାଁରେ କୁତା ପାଳିବୁ ।

ମଣି—(ସ୍ୱଗତ ମନରେ ବାବା, ଏ ବୁଢ଼ାକ ତ ମହୁଆ, ଯାଙ୍କର ତ ହିତାହିତ ଜ୍ଞାନ ନାହିଁ । ଖାଲି ମଦ ଯୋଗରେ ଏ କଥା କାହାଉଛି । କଣ କରିବ ? (ପ୍ରକାଶ୍ୟେ) ଆଜ୍ଞା, ଆପଣ ଅନ୍ନଦାତା, ଆପଣଙ୍କ ପାଇଁ ଚେଷ୍ଟା କରିବ ।

ଗୁଣ—ଚେଷ୍ଟା କଣ, ଏହିର କଥା ରାଜାକୁ କହିବୁ, ଯେପରି ଏହି ମୁହୂର୍ତ୍ତରେ ରାଜା ଝିଅକୁ ଘରୁ ବାହାର କରିଦେଇ ଆମ୍ଭକୁ ରାଜେଶ୍ୱର କରିବ । ନେ ଶଏଟଙ୍କା ପୁରସ୍କାର ନେ, କାର୍ଯ୍ୟ ଶେଷରେ ଯାହା ମାଗିବୁ ତା ଦେବୁ ।

ମଣି—ହଉ ହେଲା, ଆମ୍ଭେ ଏହି ମୁହୂର୍ତ୍ତରେ ତାର ବାଟ କରିଦେବୁ ?

ଗୁଣ—ଯା, ଆମ୍ଭେ ତୁମ୍ଭ ପଛରେ ଯାଉଛୁ ।

ମଣି—ଆମ୍ଭର ଯାଏ କେତେ, ଆସେ କେତେ ! ବର୍ତ୍ତମାନ ଟଙ୍କା ଯେଉଁଠାରୁ ମିଳିଲା ତା କଥା କରିବା । ଆଜ୍ଞା ମୁଁ ଆସୁଛି । ( ପ୍ରସ୍ଥାନ )

ଗୁଣ—ଅକ୍ରୂ ଅବଧାନ ପଛରେ ଯା, ଆମ୍ଭ ପାଇଁ ସେ କଣ ବାଟ କରୁଛି ଦେଖ ।

ଅକ୍ରୂ—ଆଜ୍ଞା ଚଳିଲି ( ଉଭୟ ପ୍ରସ୍ଥାନ )

—*—

## ତୃତୀୟ ଦୃଶ୍ୟ

( ରଜା, ମନ୍ତ୍ରୀ, ଦୂତ, ଜ୍ୟୋତିଷ ପ୍ରବେଶ )

ଜ୍ୟୋତିଷ—ମହାରାଜାଙ୍କର ଜୟ ହେଉ, ଭୂଜ ବର୍ଦ୍ଧିତ ଥାଉ, ନବଗ୍ରହ ଶୁଭଫଳ ପ୍ରଦାନ କରନ୍ତୁ ।

ରଜା—ଜ୍ୟୋତିଷେ ତୁମ୍ଭ ବାକ୍ୟ ଅନୁସାରେ ଭୂଜ ବେଶ ଉଜ୍ଜ୍ୱଳ ଅଛି, ଆଉ କଲ୍ୟାଣରେ ଆବଶ୍ୟକ ନାହିଁ । ବର୍ତ୍ତମାନ କେମାର ଜନ୍ମ ପତ୍ରିକା ବୁଝି କହ, ତାର ସନ୍ତାନ ସନ୍ତତି ହେବେ କି ନା, ଆଉ ତାର ବିବାହ ଯୋଗ ଘଟିଛି କି ନାହିଁ ।

ମଣି—(କୋଷ୍ଠି ବୁଝି) ମହାରାଜ, କେମା ଖୁବ ଭାଗ୍ୟବତୀ, ଆଉ ତାର ବିବାହ ସ୍ଥିର ପିଟିଛି । କେମାର ସନ୍ତାନ ସନ୍ତତି ଦୀର୍ଘାୟୁ ହେବେ, ଏଥିରେ କୌଣସି ସନ୍ଦେହ ନାହିଁ ।

( ଅକ୍ରୂ ପ୍ରବେଶ ଅବଧାନଙ୍କୁ ମୁଣ୍ଡ ହଲାଇ )

ମଣି—( ଜନାନ୍ତିକେ ) ମୁଁ କଣ କଲି, ସବୁ ତ ସାରିଲି । ଏ ତ ସବୁ ଶୁଣିଲଣି ।

ରଜା—ଜ୍ୟୋତିଷେ କଣ କହୁଛନ୍ତି ?

ମଣି—ଆଜ୍ଞା, କେମାର ଶୁଭ ପରିଣୟରେ ଆପଣଙ୍କୁ ଗୋଟିଏ ବାଧା ଅଛୁଛି ।

ରଜା—କଣ ପ୍ରକାଶ କର ?

ମଣି—କହୁଥିଲୁ ପୁଣି—

ରଜା—ନା, କିଛି ଭୟ ନାହିଁ, ପ୍ରକୃତ କଥା ପ୍ରକାଶ କର ?

ମନ୍ତ୍ରୀ—ମହାରାଜ ! ଜେମାଙ୍କର ଯେ ସନ୍ତାନ ହେବ, ସେ ଆପଣଙ୍କର ଜୀବନର ହନ୍ତା ।

ରାଜା—ଜେମା ମୋ ଜୀବନର କଣ୍ଟକ ! ମନ୍ତ୍ରୀ, ମୋର ସବୁ ଆଶା ଭରସା ବିଫଳ ହେଲା । ମନ୍ତ୍ରୀ, ସେ କନ୍ୟାଠାରେ ମୋର କି ପ୍ରୟୋଜନ ? ଦୂତ ଶୀଘ୍ର ମୋର ଆଦେଶ ପାଳନ କର ।

ଦୂତ—ଆଜ୍ଞା ତବ ଶିରୋଧାର୍ଯ୍ୟ ।

ରାଜା—

ଗୀତ

( ରାଜରାଣ ଯାଉଛୁ ଛାଡ଼ି—ବୃନ୍ଦେ )

ଘେନିଯାଅ ଦୂତ ଦୁହିତା
ଛାଡ଼ିଦେବ ବନ ପଥରେ
ତା ସୁତ ମୋ ହତକୁ ସୃଜି
ଲୁଚିଅଛି ତାର ଅନ୍ତରେ । ପଦ ।

ଦୂତ ! କନ୍ୟାର ଗର୍ଭରେ ମୋର ଶତ୍ରୁ ଅଛି, ସେ ମୋର ଜୀବନର ମୃତ୍ୟୁହେବ । କୁମୁଦର ସନ୍ତାନ ମୋର ଜୀବନର କଣ୍ଟା, ଏପରି ରାକ୍ଷସୀକୁ ଗୃହରେ ରଖିଲେ ମଙ୍ଗଳ ନାହିଁ ।

ଦୂତ—ମହାରାଜ ! ଅବଧାନେ ଯାହା କହିଲେ ତା କଣ ସତ୍ୟ ? ମୋର ତ ଟିକିଏ ବିଶ୍ୱାସ ହେଉ-ନାହିଁ ।

ରାଜା—ନିଶ୍ଚୟ ବିଶ୍ୱାସଯୋଗ୍ୟ । ମୋତେ ଭଗବାନ ଅପୁତ୍ରକ କରିଛନ୍ତି ମୋର ବଂଶ ବୃଦ୍ଧି ହେବାର ମୁଁ ଦେଖିବି ନାହିଁ ବୋଲି । ବିଧାତା ମୋଠାରେ ଛନ୍ଦ କରି କୁମୁଦର ପୁଅ ହେଇଁଲା ମାତ୍ରକେ ମୋର ମୃତ୍ୟୁ ଲେଖିଛନ୍ତି । ଯଦି ମୋର ସେହି କୁଳରକ୍ଷକ ଶିଶୁଟିକୁ ମୁଁ କୋଳରେ ଧରିବି ନାହିଁ, ତାର କୋମଳ ଅଙ୍ଗଟି ମୋର ଏ ସନ୍ତା-ପିତ ଶୁଷ୍କ ହୃଦୟରେ ଆଲିଙ୍ଗନ କରିବି ନାହିଁ, ତେବେ ମୋର ସେ ପୁଅରେ କି ଲୋଡ଼ା ?

ଦୂତ—ତା ନିଶ୍ଚୟ, ତେବେ ଜେମାଙ୍କୁ ବିବାହ ଦେଇ, କିଛି ଦାନ ଯୌତୁକ ଦେଇ ଅନ୍ୟ ରାଜ୍ୟକୁ ବିଦାୟ କରିଦିଅନ୍ତୁ ।

ରାଜା—ତାକୁ ବିବାହ ଦେବି ? ତେବେ ତ ମୋର ଶତ୍ରୁକୁ ଆବାହନ କରିବା କଥା କହୁଛୁ । ନା, ସେ କନ୍ୟାକୁ ବର୍ତ୍ତମାନ ପରିତ୍ୟାଗ କରିବି ।



ଗୀତ

ବେଳୁ ଯେବେ ହେବ ଉପାୟ
ନ ଥିବ ମୋ କାଳକୁ ଭୟ
କାଳସର୍ପେ ଦେବା ଆଶ୍ରୟ
ମୂଢ଼େ ଜ୍ଞାମାଜନ ମତରେ । ୧ ।

ଦୂତ ! କାଳ ସର୍ପକୁ ଆଶ୍ରୟ ଦେବାଦ୍ୱାରା ମୃତ୍ୟୁର ଆଶଙ୍କା । ଏ କଥା ଜାଣୁ ଜାଣୁ କଣ ବିପଦକୁ ମୁଁ ମୁଣ୍ଡ ଉପରେ ରଖିବି ।

ଗୀତ

ନଷ୍ଟ ପଛେ ହେଉ ମୋ ବଂଶ
ପାଷାଣ୍ଡୀରେ ନାହିଁ ମୋ ଆଶ
ବନେ ତାକୁ ଦିଅ କରି ବାସ
ବେତାଳକୁ ଡକାଇ ଝଟେ । ୨ ।

ଦୂତ ! ଯା, ବେତାଳମାନଙ୍କୁ ଡକାଇ ଜେମାର ନିଦ୍ରିତାବସ୍ଥାରେ ତାର ପଲଙ୍କ ସହିତ ଉଠାଇ ନେଇ ନିବିଡ଼ ଅରଣ୍ୟ ମଧ୍ୟରେ ଛାଡ଼ିଦେଇ ଆସ । ଆଉ ଏହି ଲେଖାଟି ନିଅ, ତାର ମସ୍ତକ ଉପରେ ରଖିଦେଇ ଆସିବ । ଯାଅ ଶୀଘ୍ର, ଯାଅ ।

ମନ୍ତ୍ରୀ—ଜ୍ୟୋତିଷେ, ରାଜା ଆମ୍ଭର ବଡ଼ ଧାର୍ମିକ ଓ ନ୍ୟାୟପରାୟଣ ଥିଲେ; କିନ୍ତୁ ଏ କେଇଟା ଦିନ ହେଲା ରାଣୀ ମରିଯିବାରୁ ତାଙ୍କର ମତିଟା ବାତୁଳ ପରି ହୋଇଗଲାଣି । ତୁମ୍ଭେ ଜେମାଙ୍କ ବିପକ୍ଷରେ ଏ ସୂତ୍ରଟିର କଥାଟି ପ୍ରକାଶ ନ କରିଥିଲେ ଖୁବ୍ ଭଲ ହୋଇଥାନ୍ତା !

ଜ୍ୟୋତିଷ—ମନ୍ତ୍ରୀବାବୁ, ଆପଣ କହୁଛନ୍ତି ହିଁ; କିନ୍ତୁ ଆମ୍ଭଙ୍କୁ ଯାହା ଦେଖାଗଲା ତା ନ କହିଥିଲେ ତା ଦ୍ୱାରା ଯେ କ୍ଷତି ଘଟିଥାନ୍ତା, ଆପଣ କଣ ସମ୍ଭାଳି ପାରିଥାନ୍ତେ ? (ସ୍ୱଗତ) ରାଜା ବର୍ଷିଣ ଯେ ଆମ୍ଭଙ୍କୁ ଶହେଟଙ୍କା ଦେଉଛନ୍ତି, ଆମ୍ଭ ତାଙ୍କୁ ପ୍ରିତି ଦେଇଥାନ୍ତେ ।

ମନ୍ତ୍ରୀ—ଭଗବାନ ଯାହା କରନ୍ତି ମଙ୍ଗଳ ନିମନ୍ତେ, ଜେମା ଯଦି ପ୍ରକୃତ ରାଜମାତା ହେବାର ଯୋଗ ଥିବ, ତେବେ ନିଶ୍ଚୟ ଏ ରାଜସିଂହାସନ ତାର ପୁତ୍ର ଅଧିକାର କରିବ । (ପ୍ରସ୍ଥାନ)

— —

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

(ବେତାଳମାନେ କୁମୁଦାଙ୍କୁ ପଲଙ୍କ ସହିତ ଜଙ୍ଗଲରେ ଛାଡ଼ିଦେଇ ଆସିବା ପରେ କୁମୁଦା ନିଦ୍ରାଭଙ୍ଗ ଉଠି)

କୁମୁଦ—ଆହା, କେତେ ଗାଢ଼ ଶୋଇପଡ଼ିଲି ! ପିତା ପ୍ରାୟ ରାଜସଭାରୁ ଫେରି ଆସିବେଣି । ମୁଁ ଅଲକ୍ଷଣୀଟା ତାଙ୍କ ତତ୍ତ୍ୱ ନ ନେଇ ନିଶ୍ଚିନ୍ତ ହୋଇ ଶୋଇଛି ! ଦାସୀ, ଦାସୀ, ପାଣି ଟୋପାଏ ଆଣିବୁଟି, (ଚକ୍ଷୁମେଲି) ଏମିତି ଅନ୍ଧାର ତ କେବେ ମୋର ଶୋଇ ନ ଥିଲି । ଆଜି କଣ କାଳନିଦ ଘୋଟିଯାଇଛି କି, ଆଖିଟା ଫିଟୁ ନାହିଁ କାହିଁକି ମ ? ଦାସୀ, ଆଣିଲୁ ? କାହିଁ, କେହି ତ ନାହାନ୍ତି । ଏ, ଏ କେଉଁ ସ୍ଥାନ, ଏ ତ ମୋର ଶୟନାଗାର ନୁହେ । ବୃକ୍ଷ ଆଡ଼େ ବୃକ୍ଷଲତା, କୁଆ କୋଇଲି ରବ ନାହିଁ । ଏଁ, ମୁଁ କଣ କେଉଁ ବନସ୍ତରେ ପଶିଲାପରି ଜଣାପଡ଼ୁଛି ? କି ଆଶ୍ଚର୍ଯ୍ୟ ! ନା, ମୁଁ ସ୍ୱପ୍ନରେ ଏପରି ଦେଖୁଛି । ଅଚ୍ଛା, ଏତ ମୋର ଶୋଇବା ପଲଙ୍କ ଖଣ୍ଡି ! (ପତ୍ରଦେଖି) ଏ କାଗଜ ଖଣ୍ଡି କଣ ଦେଖେଁ ! (ପତ୍ରପଢ଼ି) ହା ପିତା, ଏ ଅଭାଗିନୀକୁ ଏହି ଯାତନା ଦେବାକୁ ଆପଣଙ୍କ ମନରେ ଥିଲା ? (ମୂର୍ଚ୍ଛା) ।

ଗୀତ

( ନାଗର ନେ ଧରନା ଆଉ ନ କର—ବୃନ୍ଦେ )

ପିଅରେ ହେ, ଏହା ଥିଲା ତୁମ୍ଭ ମନେ
ସ୍ଥାନେ ନ ମାରି କାହିଁ କହିଲ ଏତେ ପର
ଏ ଘୋର ଅରଣ୍ୟ କାନନେ । ଘୋଷା ।

ପିତା ! ଅନ୍ୟଙ୍କ ପୋଷିବା ଲତା ଆପଣ କେବେ ଛେଦନ କରୁଥିଲେ କଏ ବାଧା ଦେଉଥିଲି ? ଆପଣ କାହିଁକି ତା ନ କରି ଏ ଦହରଞ୍ଜ କରି ମାଇଲେ ? ଓହୋ ! ମୁଁ ଭ୍ରମବୁଝିଛି, ଆପେ ପୋଷିବା ଲତା ଆପେ ଛେଦନ କରିବା ଅନ୍ୟାୟ, ତେବେ କାନନରେ ଛାଡ଼ି ଦେଇଯିବା କଣ ନ୍ୟାୟ ମନେକଲେ ? କଣ କରିବି ? କେଉଁ ଆଡ଼େ ତ ପଥ ଦେଖାଯାଉ ନାହିଁ !

ଗୀତ

ତଳଉପର ଅନ୍ଧାର ଝଣେ କି ଭୟଙ୍କର
କର୍କଶ ଶବ୍ଦ ଶୁଭେ କର୍ଣ୍ଣେ । ୧ ।

ବୃକ୍ଷଆଡ଼େ ତ ଅନ୍ଧାର ଘୋଟି ଯାଇଛି । ହିଂସ୍ର ଜନ୍ତୁମାନଙ୍କ ଚିତ୍କାରରେ ହୃଦୟ ଶତଧା ବିଦୀର୍ଣ୍ଣ ହୋଇ ପଡ଼ୁଛି । ମୁଁ କଣ କରିବି ? କେଉଁଠିକି ଅବା ଯିବି ? ନା, ପାଗଳ ମନ ତୁ ପୁଣି କେଉଁଠିକି ଯିବାକୁ ଭାବୁଛୁ, ଯିବାର ପଥ ତୋତେ ମିଳିବ ନାହିଁ । ତୁ ସିଂହ ଶାର୍ଦ୍ଦୂଳ ମୁଖରେ ପଡ଼ିବୁ ବୋଲି ତୋତେ ତୋ ପିତା ଏ ଅଟ୍ଟାଗ୍ନି ବନସ୍ତରେ ଛାଡ଼ିଦେଇ ଯାଇଛନ୍ତି । ଆଉ ମିଛରେ କାହିଁକି ଏତେ ଖାଞ୍ଚ କରୁଛୁ ? ତୋର ଆଶା ଏହି ଚରଣମୂଳେ । ତୁ ଯେଉଁଦିନ ମୁକ୍ତି ପାଇବାର ଥିଲା, ସେହିଦିନ ପାଇ ଯାଇଛୁ । ହା ମନ୍ଦ ବିଧାତା, ସ୍ତ୍ରୀ ଜନ୍ମ ଦେଇ ଯୌବନ ଅବସ୍ଥାରେ ପୁଣି ବିନା ଅପରାଧରେ ଏ ଦଣ୍ଡ !

ଗୀତ

ଅବଳାଠାରେ ଛନ୍ଦ କଲୁ ମନ୍ଦ ଦଇବ
କି ଯଶ ନେବୁ ମୋ କଥନେ । ୨ ।

ହା ରେ ବିଧାତା ! ଏ ଅଭାଗୀଠାରେ ତୋର ଏତେ ଛନ୍ଦ । ପିତା, ମୋର ବାଲ୍ୟ ଅବସ୍ଥାରେ ଏତେ ସ୍ନେହ କରି ମୋତେ ସିଂହାସନରେ ବସାଇବାକୁ କହୁଥିଲ; କିନ୍ତୁ ବର୍ତ୍ତମାନ କଣ ଏହି ସିଂହାସନ ଅର୍ପଣ କଲ ? ମାଗୋ, ଅଭାଗିନୀକୁ ଛାଡ଼ି ସ୍ୱର୍ଗଧାମରେ ନିଶ୍ଚିନ୍ତ ହୋଇରହିଲୁ, ଦେଖ, ସେହି ସ୍ୱର୍ଗଲୋକରେ ଥାଇ ଦେଖ ତୋ କନ୍ୟା କି ଦଶା ଭୋଗ କରୁଛି । ଏ କଏ ! କଣ କହିଲା ପରି ଶୁଣାଗଲା, ଟିକିଏ ଅପେକ୍ଷା କରେଁ ।

( ସାରଦ୍ୱାଜ ପ୍ରବେଶ )

ଗୀତ

ଝମ୍ପତାଳ

ଅନିତ୍ୟ ଅସାର ସଂସାର
ମୋହ ମାୟା ଅନ୍ଧକାର
ପତିତପାବନ ପୀତାମ୍ବର
ହରି ହରି ଭବେ ହେ କର୍ଣ୍ଣଧାର । ପଦ ।

ହରି ପିତା ହରି ମାତା
ହରି ଜ୍ଞାତ ସହୋଦର
ତୈଲୋକ ନାୟକ ରକ୍ଷ ମୋକ୍ଷ
ହରି କଳୌ ହରି ନାମ ସାର ।୧।
ଅରୂପ ଅଚ୍ୟୁତାନନ୍ଦ ଆନନ୍ଦ ଅଣାକାର
ଶ୍ରୀରାଧାରମଣ ନବଘନ ଶ୍ୟାମ
ଭକ୍ତ ହୃଦ କର୍ଣ୍ଣଧାର ।୨।

ହରି ବୋଲ, ହରିବୋଲ, କିଏ ଗୋଟିଏ ଜଙ୍ଗଲ ମଧ୍ୟରେ କ୍ରନ୍ଦନ କରୁଛି ? ଏ ତ ଭୟାନକ ସ୍ଥାନ, କେବଳ ହିଂସ୍ରଜନ୍ତୁମାନଙ୍କର ଆଶ୍ରମ ! ମନୁଷ୍ୟ ଏଠାକୁ ଆସିଲା କାହୁଁ ? ତେବେ ଦେଖେଁ (ନିରୀକ୍ଷଣ) ଓଃ, ଏ ତ ଗୋଟିଏ ସ୍ତ୍ରୀ ଲୋକ ହେବ ପରା, କି ଆଶ୍ଚର୍ଯ୍ୟ ! ଏ ଏଠାକୁ ଆସିଲା କପରି ? ତେବେ ପଚାରେ । ଆଲୋ ମା ! ଏ ଅଗନାଅଗନ ବନସ୍ଥରେ ତୁ କିଏ ଏଠାରେ କାହିଁକି ଏକାକିନୀ ହୋଇ ବସିଛୁ ? ତୋ ପାଖରେ କେହି ନାହାନ୍ତି !

ଗୀତ
( କୀର୍ତ୍ତନ ସ୍ୱର )
କାହାର ଦୁଲଣୀ କେଉଁ କଥା ଲାଗି
ବସିଛୁ ବିଜନେ ଏକା
ପାଶେ କେହି ଆଶ୍ରା ନାହାନ୍ତି ରେ ଯୋଷା
ଲାଗୁନାହିଁ ମନେ ଶଙ୍କା
ଫେଡ଼ କର ବଦନ
ଦେଖି ସଂଶୟ ହେଉଛି ଆମ୍ଭ ମନ ।୧।

ମା ତୁ କିଏ, କାହାର କନ୍ୟା, କାହିଁକି ଏଠାରେ ଏକାକିନୀ ବସିଛୁ ? ତୋତେ ଭୟ ଲାଗୁନାହିଁ ? ଶୀଘ୍ର ଆମ୍ଭ ଆଗରେ ପ୍ରକାଶ କର । ମା, ଲଜ୍ଜା କରୁଛୁ କାହାକୁ ?

ଗୀତ
ଶଶୀ ସ୍ୱର୍ଣ୍ଣମୁଖୀ ମୁହିଁ ଫେଡ଼ ଆଖି
ଆମ୍ଭେ ଋଷି ସାରସ୍ୱତ
ଆମ୍ଭର ଆଶ୍ରମ ଏ ବନ ପ୍ରାନ୍ତେଣ
କହିଁ କରୁ ଏତେ ଲାଜ ?
କନ୍ୟା, ନ କର ଭୟ
ଆମ୍ଭ କଲ୍ୟାଣରୁ ଲଭିବୁ ଅଭୟ । ୨ ।

ମା, ତୋତେ କିଏ ଏ ଦୁଃଖ ଦେଇଛି, ଆମ୍ଭ ଆଗରେ ଶୀଘ୍ର ପ୍ରକାଶ କର । ତୁ ଲଜ୍ଜା କରନା ମା, ତୁ ଆମ୍ଭର ଝିଅ ତୁଲ୍ୟ, ପିତା ନିକଟରେ କନ୍ୟାର କି ଲଜ୍ଜା ?

କୁମୁଦ— ଗୀତ
(ଦ୍ୱିଜ ଋଷ ବଦନ—ବୃତ୍ତେ)
ଋଷି ଋଷିବ କସ ?
ଉପାୟ ଦେଲେ ପିଅର ନ ଦେଇ ବଶ (ମୋ ମୁଖେ)
ମୋ ଗର୍ଭୁ ହେବ ଯେ ବାଳ
ସେ ମୋ ପିତାଙ୍କର କାଳ
କୋଷ୍ଠି ସାଧି ଦେଲା ଫଳ ଖଳ ଜ୍ୟୋତିଷ ହେ । ୧ ।

ଋଷିବର, ପିତା ମୋର ଜ୍ୟୋତିଷଠାରୁ କୋଷ୍ଠି ବୁଝି ଦେଖିଲେ ଯେ, ମୋ ଗର୍ଭରୁ ଯେ ସନ୍ତାନ ଜନ୍ମିବ ହେବ ସେ ତାଙ୍କର ଶତ୍ରୁ; ସେଇଥିଲାଗି ମୋତେ ଏ ଦଣ୍ଡ ଦେଇଛନ୍ତି ।

ଋଷି—ମା, ତୁ କେଉଁ ରାଜାର କନ୍ୟା ? ତୋର ନାମ କଣ, ଶୀଘ୍ର ପ୍ରକାଶ କର ।

କୁମୁଦ— ଗୀତ
ସାର ମହେନ୍ଦ୍ର ଦୁହିତ ମୋ ନାମ କୁମୁଦବତୀ
ଦଇବେ ଘଟିଲା ଅତି ମନ୍ଦ ଭବିଷ୍ୟ । ୨ ।

ଋଷିବର, ମୁଁ ସାର ମହେନ୍ଦ୍ର ଦେବଙ୍କ କନ୍ୟା, ମୋ ନାମ କୁମୁଦବତୀ ।

ଋଷି—ଆଚ୍ଛା, ତୋର ସ୍ୱାମୀ ଅଛନ୍ତି ? ଆଉ ତୁ ଏଠାକୁ ଆସିଲୁ କପରି ?

କୁମୁଦ— ଗୀତ
ପଲଙ୍କେ ଥିଲି ମୁଁ ଶୋଇ କେ ଏଥେ ଆଣିଲା ବହି
ଅବିବାହିତା ଅଟଇ ମୁହିଁ ଘେନା ନାରାୟଣ ହେ । ୩ ।

ଋଷିବର, ମୋର ନିଦ୍ରିତାବସ୍ଥାରେ କିଏ ମୋତେ ପଲଙ୍କ ସହିତ ଉଠାଇ ଆଣି ଏଠାରେ ଛାଡ଼ିଗଲେ । ପିତା, ମୁଁ ବିବାହ କରିନାହିଁ ।

ଋଷି—ଅଚ୍ଛା ମା, ତୋର ପିତା ମୋର ଜଣେ ପରମ ବନ୍ଧୁ । ସେ ଖାଲି ଉତ୍ତମ ଲୋକ । ମୁଁ ବୁଝି ପାରୁଛି, କେହି ଟଳଲୋକ କୁହିମରେ ପଡ଼ି ସେ ତୋତେ ଏ ଦଣ୍ଡ ଦେଇଛନ୍ତି । ଚାଲ ମା, ମୁଁ ତୋ ପିତାଙ୍କୁ ବୁଝାଇ ସୁଝାଇ ତୋତେ ତାଙ୍କ ନିକଟରେ ଛାଡ଼ି ଦେଇ ଆସିବି ।

କୁମୁଦ— ଗୀତ

ଏହି ମୁଁ ପିତା ବଚନ, କପାଇଁ ଯିବ ସଦନ
ଛାଡ଼ିଯାଉ ଚିନ୍ତା, ପ୍ରାଣ ପଡ଼ୁ କୁଳଣ । ୪ ।

ଋଷିବର, ବଜ୍ରାଘାତ ହୋଇ ମୋର ପ୍ରାଣ ଛାଡ଼ିଯାଉ, ଜଙ୍ଗଲରେ ସିଂହ ଶାର୍ଦ୍ଦୁଳଙ୍କ ମୁଖରେ ଏ ପ୍ରାଣ ଯାଉ, ଆଉ ନିଜ ସଦନକୁ ଫେରିବି ନାହିଁ ।

ଋଷି—ମା, ଏହି କଥା ସବୁ ପରିତ୍ୟାଗ କର; ଆମ୍ଭେ ତୋତେ ନିଶ୍ଚୟ କୌଣସି କୁଳୀନ ରାଜପୁତ୍ର ହସ୍ତରେ ସମର୍ପିଦେବା । ବର୍ତ୍ତମାନ ଆମ୍ଭ ସଙ୍ଗରେ ଆମ୍ଭ ମଠକୁ ଚାଲ, ସେଠାରେ ଋଷି କନ୍ୟାମାନଙ୍କ ସଙ୍ଗରେ ଆନନ୍ଦରେ ରହିବୁ ।

କୁମୁଦ—ପିତା, ଏ ଦୁଃଖିନୀକୁ କାହିଁକି ପୁଣି ବନ୍ଧନଗଞ୍ଜରେ ପକାଇବେ ? ମୃତ୍ୟୁ ମୋପକ୍ଷରେ ଶ୍ରେୟସ୍କର ।

ଋଷି—ମା, ଆମ୍ଭେ ତୋର ଦୁର୍ଦ୍ଦଶା ଦେଖି ତୋତେ ଏଠାରେ ଏକାକିନୀ ଛାଡ଼ି ଯିବୁ ନାହିଁ । ତଦ୍ଦ୍ୱାରା ଆମ୍ଭର ଧର୍ମହାନି ହେବ । ନିରାଶ୍ରୀଙ୍କୁ ଆଶ୍ରୟ ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ । ବିପଦଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବା ଆମ୍ଭର ନିତ୍ୟବ୍ରତ । ତହିଁରୁ ଆମ୍ଭେ ବାହାର ହେଲେ ଆମ୍ଭର ତପସ୍ୟାର ଫଳ ନଷ୍ଟ ହେବ । ତୋର ଲକ୍ଷଣଗୁଡ଼ିକରୁ ଆମ୍ଭେ ଅନୁମାନ କରୁଛୁ, ତୁ ନିଶ୍ଚୟ ଐଶ୍ୱର୍ଯ୍ୟଶାଳିନୀ ହୋଇ ରାଜ ମହିଷୀ ହେବୁ । ଚାଲ ଆଶ୍ରମକୁ ଚାଲ ।

କୁମୁଦ—ଚାଲନ୍ତୁ ପିତା । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

ନାଟକୀୟ ଓ ତାର ପତ୍ନୀ ।

ପୁ— ଆଲୋ ବାଳ ବୋଉ, ଗୋଟିଏ କଥା ଶୁଣିଲୁଣି ।

ସ୍ତ୍ରୀ—ଆରେ କଅଣ ?

ପୁ—ଆମ୍ଭ ରଜା ଝିଅକୁ ବିବାହ ଦେଇ ଜୁଆଇଁ ମୁଣ୍ଡରେ ରାଜ୍ୟ ଦେଇ ସନ୍ନ୍ୟାସୀ ହେବେ ବୋଲି କହୁଥିଲେ, ଆଜ ଶୁଣିଲୁଣି କଣ ହେଲାଣି ?

ସ୍ତ୍ରୀ—ନାଇଁ ତ ମୁଁ କିଛି ଶୁଣି ନାହିଁ ।

ପୁ- ଆଲୋ ଶୁଣିବୁ କାହିଁକି, ଖାଲି ଘରେ ବସି ପାଲୁଆ ଗୁଣ୍ଡା ମାରିବୁ ।

ସ୍ତ୍ରୀ—ତୁ ତ ମନ୍ଦିରରେ ବୁଲା ହେଉଛୁ ? କଣ କହ ବା ।

ପୁ— ଆଲୋ ରଜା ବୁଢ଼ା ହେଲେଣି । ଏବେଟା ମାଙ୍କ କନିଆ ବଞ୍ଚିଲେ ନାହିଁ—ମଲେ । ଆଜ ପୁଣି ଶୁଣଯାଉଛି ପୁଣି ଗୋଟାଏ ରଜା ବାହା ହେବ ।

ସ୍ତ୍ରୀ—ଆରେ କଥାଟା ଏକା କହୁଚୁ, କିନ୍ତୁ ମନକୁ ଆସୁନାହିଁ ।

ପୁ— ଆଲୋ ବେଶୀ ଦୂରରେ ନାହିଁ ଲୋ !

ସ୍ତ୍ରୀ ଆଉ କେବେ ?

ପୁରୁଷ— ଗୀତ

( ଟଲୁନାହିଁ ନାଡ—ବୁଢ଼ୀ )

ପୁ—ବାଜବେ ତ ରଜା ବାହାଘର ଦେଖିବାକୁ କାଲି
ଯିବୁ ନାହିଁ କି ?

ସ୍ତ୍ରୀ—ନିଜ ମାଡ଼ୁଅଛି ସୁବସ୍ଥା ଗୋଟାଏ ବୁଢ଼ାଟିଏ ଖୋଜି
ଦେବ କାହିଁକି । ପଦ ।

ପୁ— ରାଣୀ ଲଗି ରଜାଙ୍କ ମନ-ହେଲାଣି ତ ତେଡ଼ ଉଛନ୍ନ ।

ସ୍ତ୍ରୀ—କିଣା ଟଳିଗଲେ ସବୁ ହେବ ବୃଷ୍ଟି ହାଟ ବସିଯିବ
ସାତ ମାଳକୁ । ୧ ।

ପୁ—ଅପ୍ରାକି ଅନନ୍ତ ରଜ ରାଣୀ ଟେର୍ଭ ହେବ ତନୁଜ ।

ସ୍ତ୍ରୀ—ଜସୁନା ଧାନରୁ ଗଜା କି ହୋଇବ ଭଗାର ହସିବା
କଥା ଏହି କି । ୨ ।

ପୁ—ତୋର କୋଳେ ନ ହେଲା ପୁଅ—ମୁଁ ଦେଖିବି
ଦୋସର ବାଟ ।

ସ୍ତ୍ରୀ—ଗାତଟଣା କଏ ଅଟକ କରୁଛି ଯାଆ ମୋତେ ଛାଡ଼
ପତ୍ର ଦେଇକ । ୩ ।

ପୁ—ହଇଲୋ, ମୁଁ ତୋତେ ଛାଡ଼ ପତ୍ର ଲେଖି ଦେଲେ ତୁ ତ ରଣ୍ଡୀ ହୋଇ ବାରଦ୍ୱାର ହେବୁ ।

ସ୍ତ୍ରୀ—ଆରେ ଏହି କଥା ଲାଗି ହଉଛୁ ! କାଣ୍ଡ ଗୋଟ ଦେଇ ସାତ ବାହା ହେବି ଦେଖିବୁ ।

ପୁ—ଆଲୋ, ମୁଁ ତ ତୋତେ ଦେଖୁଛି ତୁ ଜଣେ ସଙ୍ଗ ସାବଟୀ ।

ସ୍ତ୍ରୀ—ଆରେ ହଁ, ମୁଁ ସେହିପରି ଉଲୁଷ୍ଣ ଜାତ ।

ପୁ—ଆଚ୍ଛା କହିଲୁ, ମୋ ଆଗରୁ କିଏ ହୋଇଛୁ କେତେଟା ।

ସ୍ତ୍ରୀ—ଆରେ ତୋତେ ଖାଇଲେ ହୋଇଯିବ ସାତଟା ।

ସୁ - ଆଲେ ମୁଁ ତ ଦିନେ ପୁରାଣରେ ଶୁଣିଥିଲି ।

ଅହଲ୍ୟା ଦ୍ରୌପଦୀ ତାରା
କୁନ୍ତୀ ମନ୍ଦୋଦରୀ ତଥା
ପଞ୍ଚକନ୍ୟା ସ୍ମରେନ୍ନିତ୍ୟଂ
ମହାପାତକ ନାଶନଂ ।

ଆଉ ତୁ ପୁଣି ଏହା ଭିତରେ କୋଉଠି ଥିଲୁ, ଏଥର ସେ ଶ୍ଳୋକରେ ହେଲା ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା, ବାଜମା ସ୍ମରତେ ନିତ୍ୟଂ ମହା ଦୁର୍ଗତି ନାଶନଂ ।

ସ୍ତ୍ରୀ—ଖଣ୍ଡିଆ; ମୋତେ ଥଟ୍ଟା କରୁଛୁ ? ଯା ଯା ମୋପରି ନାଗରୀ ଗୁଣ୍ଡ ତମ୍ପାଖୋରୀ ଦୁନିଆ ଭିତରେ ପାଇବୁ ?

ସୁ—ଆଲେ ପେଚକମୁଖୀ ପିଙ୍ଗାଣିନାକୀ ଯା ଆଉ କାହାଆଗେ କହିବୁ ।

ସ୍ତ୍ରୀ—ତେବେ ମୁଁ ଗଲି । ( ପ୍ରସ୍ଥାନ )

ସୁ—ମୁଁ ତୋ ପଛେ ପଛେ ଗୁଲିଲି ( ଅଣ୍ଟା ହଲାଇ ପ୍ରସ୍ଥାନୋଦ୍ୟତ ) ।

( ଅବଧାନେ ପ୍ରବେଶ—ବାଜବାପ ପ୍ରଭ )

ଅବଧାନେ—କହୋ ଫଲେଇ ପୁଅ ! କୁଆଡ଼େ ଅଣ୍ଟା ହଲେଇ ହଲେଇକା ଯାଉଛ ?

ଫଲେଇ—ଅବଧାନେ, ପ୍ରଣାମ !

ମଣି—ହଉ, ବୁଢ଼ାଟିଏ ହୋଇଥା, ହଇରେ ଫଲେଇ ପୁଅ, ତମର ପରା ଝିଅଟିଏ ହୋଇଥିଲା, ଗଣା ଜୋଗ୍ଣୁଟିଏ କହନ୍ତୁ ।

ଫଲେଇ ଅବଧାନେ ଗଣାଜୋଗ୍ଣୁ କଣ କରିବ, ମୋର ତ ଘରଭଙ୍ଗ ହୋଇଗଲା ।

ମଣି—କଣ ତମ ସ୍ତ୍ରୀଟି ମରିଗଲା ?

ଫଲେଇ—ମଲାଠାରୁ ବଳେ ।

ମଣି—କଣ ?

ଫଲେଇ—ଆହେ, ଗ୍ରୁଡ଼ପତ୍ର ଦେଇଦେଲା ।

ମଣି—ତେବେ ତ ବଡ଼ସର ହେବ । ଆମ୍ଭର ତ ପଥା ଯୋଡ଼ ଥୁଆ ।

ଫଲେଇ—ଆମ୍ଭର ତ ହବା ହେଉଅଛି, ଆଜ୍ଞା ରଜାଙ୍କ ବଡ଼ସର ପରା ଭାଲି ?

ମଣି—ଆରେ କେଡ଼େ ବଡ଼ ମଉଜଟାଏ ଭାଙ୍ଗିଗଲା ! ଆମ୍ଭେମାନେ ସୁଦ୍ଧୁରୀ ସୁନ୍ଦରୀ ଭଳି ବୁଢ଼ା ରଜାଙ୍କୁ ସେଥିରେ ପକାଇ ଦେଉଥିଲୁ; କିନ୍ତୁ ରଜା ଅମଙ୍ଗ ହେବାରୁ ସବୁ ବନ୍ଦବାନ୍ଦ ହୋଇଗଲା । ଷାଠିଏ ବର୍ଷ ବରକୁ ଏବେ ଉଆଁସୀକନ୍ୟା ଛଡ଼ା ଆଉ କୋଉଠୁ ପାତ୍ରଟିଏ ମିଳିବ ?

ଫଲେଇ—ଆରେ, ମୁଁ ତ ସେ ରଜାଘର ବାହାଘର କଥା ଶୁଣି ମୋ ବାଜବୋଉ ସାଙ୍ଗରେ ଟାଟେ କଜିଆ କରି ତାକୁ ଗ୍ରୁଡ଼ପତ୍ର ଦେଇ ନୂଆ ମାଇପଟିଏ କରିବାକୁ ବସିଥିଲି । ଏବେ ମୋ କଥା ସରିଲା ! ହେ, ସେ କୁଆଡ଼େ ଗଲା ମୁଁ ଦେଖେଁ ।

ମଣି—ଆରେ ରହ ହୋ ।

ଫଲେଇ—ଆରେ ରହିବ କଣ ମୋ କଥା ସରିଲା ।

(ପ୍ରସ୍ଥାନ)

ମଣି—ରଜାଘର ବଡ଼ଘରଟାଏ ହୋଇଥିଲେ କିଛି ମିଳିଥାନ୍ତା, ସେ ବନ୍ଦ । ଏଇଟାର ବ ଦୁଇଅ ପୁଭଅ ଘରଟାଏ ହୋଇଥିଲେ କିଛି ମିଳିଥାନ୍ତା-ସବୁ ବନ୍ଦ । ହଉ ଯିବା ଦେଖିବା ! ଅବଧାନ ମଣିଷ ଭିକ୍ଷାକଲେ କଣ ଲାଜ ମାଡ଼ିବ ? ହଉ ଯିବା । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

(କେଦାର ଓ ଶିକାରୀ ବୃନ୍ଦ)

କେଦାର—ଏହି ତ ନିବିଡ଼ ଅରଣ୍ୟ, ଏହିଠାରେ ମୃଗ ବରାହ ଆଦି ଥିବାର ଜଣାଯାଉଛି । ଅଦୂରରେ ଏହି ପାହାଡ଼ର ନିମ୍ନଭାଗରେ ଗୋଟିଏ ସ୍ୱଚ୍ଛ ଝରଣା ଦେଖାଯାଉଛି । ସେହିଠାକୁ ପଶୁମାନେ ଜଳ ପିଇବାକୁ ନିଶ୍ଚୟ ଯିବେ । ତୁ ଶିକାରୀମାନଙ୍କୁ କହ—ଯେ ଯାହାର ସତର୍କରେ ରହନ୍ତୁ । ମୁଁ ଏହି ଝରଣାର ଉତ୍ତର ପାଖରେ ରହୁଛି ।

ଦୂତ—ହଉ ମହାରାଜ !

(ଶିକାରୀମାନେ ଅନ୍ୟଦିଗେ ଗମନ ଓ କେଦାର ଝରଣା ନିକଟରେ ଲକ୍ଷ୍ୟ ଠିକ୍ କରି ପଶୁମାନଙ୍କୁ ଅପେକ୍ଷା କରିବା, କୁମୁଦ କଳସୀ ଧେନି ଝରଣା ନିକଟକୁ ଆସିବା)

କୁମୁଦ—                    ଗୀତ

(ଚକ୍ରବାକ ଫୁଲଝଣି—କୁତ୍ତୋ)

ଆହା କି ସୁନ୍ଦର ଏ ମାଧବୀ ଲତାଟି

ସବଟରେ ମାଡ଼ୁଛି ।

ତରୁବର ଲାଗି ଯିବା ଶୋଭା ତାର ବଢ଼ୁଛି । ପଦ ।

ଅଳି ପ୍ରେମାକୁଳ ହୋଇ

ଫୁଲେ ଫୁଲେ ଗୁଞ୍ଜରଇ

ଧନ୍ୟ ବଳି                    ତାହାପାଇଁ

କି ରଙ୍ଗରେ ନାଚୁଛି । ୧ ।

ଆହା, ଏ ମାଧବୀ ଲତାଟି କେଡ଼େ ସୁନ୍ଦର ଦିଶୁଛି ! ଯଦି ତରୁବର ତାକୁ ଆଶ୍ରୟ ଦେଇ ନ ଥାନ୍ତା, ତେବେ ସେ କି ଏତେ ସୌନ୍ଦର୍ଯ୍ୟଶାଳିନୀ ହୋଇଥାନ୍ତା ? ପୁଣି ଦେଖୁଛି କେତେଗୁଡ଼ିଏ ଲତା ଅନାଶ୍ରିତା ହୋଇ ଭୂମିରେ ଲୋଟୁଛନ୍ତି । ସେମାନଙ୍କୁ ଦେଖି ମୋର ଦଶା ପଡ଼ୁଛି ! ହଁ, ଦୁଃଖ ସୁଖ ଦୁନିଆ ଚଳିଛି, ମୁଁ କେତେବେଳେ ପାଣିଟିଏ ପାଇଁ ଆସିଥିଲି—ଯାଏଁ ଶୀଘ୍ର ଯାଏଁ ।

(ମାଠିଆ ଜଳରେ ବୁଡ଼ାଇବା ସମୟରେ କେଦାରଙ୍କୁ ଦେଖି ସଲଜ୍ଜ ଭାବେ ପଳାୟନ ଓ ପଛକୁ ବୁଲି ବୁଲି ପ୍ରସ୍ଥାନ)

କେଦାର—( କନ୍ୟାଟିକୁ ଆଦ୍ୟନ୍ତ ଶେଷ ପର୍ଯ୍ୟନ୍ତ ଦେଖି ) ଉଃ, କି ଆଶ୍ଚର୍ଯ୍ୟ ! କିଏ ଅତ୍ୟନ୍ତ ରୂପବତୀ ଗୋଟିଏ ଅବଳା ସୁଧାଂଶୁବଦନା ବାହାର ଆସି ଜଳ ନେଉଥିଲା । ମୋଠାରେ ତାର ଚକ୍ଷୁ ପଡ଼ିଲା ମାତ୍ରେ ସଲଜ୍ଜ ବଦନରେ ବୁଲି ବୁଲି ମୃଗ ଶିଶୁ ପରି ପୁଣି ଅରଣ୍ୟରେ ଲୁଚିଗଲା । ଏ କଣ ମାୟା ! ନା ତାର ଗତି ଚାହାଣିରୁ ସେ ଅନାଶ୍ରିତା ବୋଲି ମୁଁ ବେଶ୍ ଅନୁଭବ କରୁଛି । କିଏ ସେହି ? କାହିଁଗଲା ? ଏ ହୃଦୟ କାନନରେ କାମାନଳ ଲଗାଇ ଦେଇ ଲୁଚିଗଲା । ଉହୋ, କଣ କରିବି ? ଆଉ ତ ମୋର ଧୈର୍ଯ୍ୟ ରହୁନାହିଁ ।

(ଅବାକାବା ଓ ମୂର୍ଚ୍ଛା, ଶିକାରୀମାନେ ଓ ଦୂତ ପ୍ରବେଶ )

ଦୂତ—( ଶିକାରୀଙ୍କ ପ୍ରତି ) ତୁମ୍ଭମାନଙ୍କର କିଛି ଶିକାର ମିଳିଲା ?

ଶିକାରୀ—ହଁ ଖଣ୍ଡେ ଖଣ୍ଡେ । ମହାରାଜ କାହାନ୍ତି ?

ଦୂତ—ସେ ଝରଣାର ଉତ୍ତର ପାଖରେ ଥିଲେ, ଚାଲ ଦେଖିବା । (କିଛି ଦୂର ଯାଇ) ଏଇଠି ତ ମହାରାଜ । ବର୍ତ୍ତମାନ ଲକ୍ଷ୍ୟ କରନ୍ତୁ, ଟିକିଏ ଅପେକ୍ଷା କରିବା ।

ଶିକାରୀ—ଦୂତ ଦେଖିଲୁ, ମହାରାଜ ଯେଉଁ ଦିଗକୁ ଲକ୍ଷ୍ୟ ରଖିଛନ୍ତି, ସେ ଦିଗରେ ଝରଣା, କାହିଁ ଜୀବ ଜନ୍ତୁ ତ କିଛି ଦେଖାଯାଉ ନାହାନ୍ତି ।

ଦୂତ—ଆରେ ଝରଣାରେ ଜଳ ପିଇବାକୁ, ହଂସ ବକ, ଆଉ କଇଁଛ କୋଉଠି ଲୁଚିଥିବ ସେଇଆକୁ ଲକ୍ଷ୍ୟ ରଖିଥିବେ ।

ଶିକାରୀ—ହା ରେ ଠିକ୍ କହିଲୁ, ରାଜା କଣ ସେଇଆ ଶିକାର କରନ୍ତି ? ଭଲ ଦେଖିଲୁ ଦେଖି ତାଙ୍କ ହସ୍ତରେ ତ ଧନୁଶର ନାହିଁ ।

ଦୂତ—ଆରେ ଥୋଇ ଦେଇଥିବେ !

ଶିକାରୀ—ନାହିଁ, ନାହିଁ କି ସନ୍ଦେହ ହେଉଛି, ଟିକିଏ ଆଉ ନିକଟକୁ ଯିବା ।

ଦୂତ—ଚାଲୁନା (କିଛି ନିକଟ ଯାଇ )

ଶିକାରୀ—ଦୂତ, ଆମ୍ଭେମାନେ ଏତେ ନିକଟ ହେଲେଣି, ରାଜା କଣ ଆମ୍ଭମାନଙ୍କ ଆସିବା କଥା ଜାଣି ପାରୁ ନାହାନ୍ତି ?

ଦୂତ—ଆରେ ସାଙ୍ଗେ ଯେବେ ମାମଲତରେ ମନ ଲାଗିଥିବ, ଆମ କଥା ପଦ୍ମରେ କିଏ ?

ଶିକାରୀ—ଦୂତ ! ରାଜା କଣ ଆବାକାବା ହୋଇ ବସିଲେ ପରି ଜଣା ଯାଉଛନ୍ତି, ତାଙ୍କର ଶିକାର ପ୍ରତି ଲକ୍ଷ୍ୟ ନାହିଁ ।

ଦୂତ—ଆରେ, ଲକ୍ଷ୍ୟ କାହାକୁ କହନ୍ତି ଅବା କଣ, ମୁଁ କିଛି ବୁଝିପାରୁ ନାହିଁ ।

ଶିକାରୀ—ଆରେ ଚାଲ ରାଜାଙ୍କ ନିକଟ ଚାଲ, କଣ ଘଟଣା ଦେଖିବା (ସମସ୍ତେ ଗମନ ଓ ଡରି ଡରି ରାଜାଙ୍କୁ ଡାକିବା ଓ ଅବଶେଷରେ ରାଜାଙ୍କ ଅଙ୍ଗ ସ୍ପର୍ଶରେ ଦେଖିଲେ ରାଜା ଅଚେତ ହୋଇ ଭୂମିଶାୟୀ । ସମସ୍ତେ କଣ ହେଲା କଣ ହେଲା କହି ଚିତ୍କାର )

ଦୂତ—ଆରେ ଏ କଣ ହେଲା ? ରାଜା କଣ ଏମିତି ହୋଇଗଲେ ?

ଶିକାରୀ—ସର୍ବନାଶ, ସର୍ବନାଶ । ଆରେ ସବୁ ଆଶାଭରସା ଆମର ବୁଡ଼ିଗଲା ।

ଦୂତ—ହେ କଣ କହୁଛୁ, ମୋ ହାତରେ ଔଷଧ ଅଛି, ସେଥିରେ ଔଷଧ ଅଛି ।

ଶିକାରୀ—ରାଜାଙ୍କୁ ଦେବା ଦେଲୁ ।

ଦୂତ—ଆରେ, ତା ନୁହେଁ, ମୋ ହାତରେ ଅଛି । ମୁଁ ଛୁଇଁଲେ କାଳେ ମାରା ହୋଇଯିବ । ମତେ ମୂର୍ଖାର ଛୁଇଁବାକୁ ଅବଧାନ ମନା କରିଛି ।

ଶିକାରୀ—ମୂର୍ଖ, କେତେବେଳେ କେଉଁ କଥା ।

ଦୂତ—ହେ କଣ କରିବା ରେ ? ( ଉଚ୍ଚସ୍ୱରେ ) ଆମ୍ଭ କଥା ସରିଲା ।

ସମସ୍ତେ—( ହାୟ ହାୟ ଶବ୍ଦ )

( ଚିତ୍କାର ଶୁଣି ସାରଦ୍ୱାଜ ପ୍ରବେଶ )

ଋଷି—ହରିବୋଲ ହରିବୋଲ, ଆରେ କଣ କଣ, କଥା କଣ ?

( ସମସ୍ତେ ଋଷିଙ୍କୁ ଦେଖି ବସିଲେ )

ଋଷି—କଣ ହେଲା, ଏପରି କାହିଁକି ହେଉଛ, ଏ ରାଜପୁତ୍ର କାହିଁକି ଏପରି ହେଲେ ?

ଦୂତ—ଆମ୍ଭେମାନେ ଶିକାର କରିବା ନିମନ୍ତେ ଆସିଥିଲୁ, ଆମ୍ଭ ମହାରାଜ ଏହି ଝରଣା ନିକଟରେ ଶିକାର ଉଦ୍ଦେଶ୍ୟରେ ରହିଲେ । ଆମ୍ଭେମାନେ ଅନ୍ୟ ଦିଗକୁ ଗଲୁଁ, ସାଙ୍ଗ ଫେରି ଆସିଲା ବେଳକୁ ରାଜାଙ୍କର ଏ ଦଶା, ଆପଣ ଦେଖନ୍ତୁ କଣ ହେଲା ।

ଋଷି—ଆଚ୍ଛା, ବ୍ୟସ୍ତ ହୁଅନା, ଟିକିଏ ଜଳ ଆଣିଲ ।

( ଜଳ ଆଣି ଋଷି ରାଜା ମୁଖରେ ସେଚନ କରି ଡାକିବା ଓ ରାଜା ନିଦ୍ରାରୁ ଉଠିଲାପରି କାହିଁଗଲା କହି ପୁଣି ମୂର୍ଚ୍ଛା )

ଋଷି—ଉଠ ରାଜପୁତ୍ର !

ରାଜା—କିଏ ? କୁଆଡ଼େ ଗଲା ?

ଋଷି—ରାଜନ୍, ତମର ମତି ବିଭ୍ରମ ହୋଇଯାଇଛି କି ? କାହିଁ କିଏ ?

ରାଜା—ହେଲ ତ କଳସୀ, ଗଲା ।

ଋଷି—ରାଜନ୍ ଏକଣ ! ଏତେ ଉଚ୍ଚକର ଭୂର୍ଖ, ବାତୁଳଙ୍କ ପରି କଣ ହେଉଛ ? ତୁମ୍ଭର ଏପରି ହେବାହାର ତୁମ୍ଭ ସାଙ୍ଗ ଲୋକମାନେ ଚିନ୍ତିତ ହେଉଛନ୍ତି, ଉଠ ।

ରାଜା—( ଉଠି ତପସ୍ୱୀଙ୍କୁ ଉଭି ପ୍ରଣାମ କରିବା )

ଋଷି—ରାଜନ, ଏ କି କଥା ? କାହିଁକି ଏପରି ହେଉଥିଲ ?

କେଦାର—ନା କିଛି ନାହିଁ । ମୁଁ —

ଋଷି—ସ୍ୱପନସ୍ୱ ସେହି କଥା, କଣ ଘଟିଲା ଆମ୍ଭ ଆଗରେ ପ୍ରକାଶ କର ।

କେଦାର—                ଗୀତ

( ନରପତି ହେ ଏ କି ଅନାତ କୁମ୍ଭର—ବୃତ୍ତେ )

ଋଷିବର ହେ, ଶୁଣ ଦୁର୍ଦ୍ଦଶା ମୋହର
ଦେଖି ବିଷମ ସମସ୍ୟା ହେଲି ବଡ଼ ଡରବର । ପଦ ।

ଋଷିବର ଗୋଟିଏ ଅଦ୍ଭୁତ ଘଟଣା ଦେଖି ଏ ହୃଦୟ ଅସ୍ଥିର ହୋଇଯାଇଛି ।

ଋଷି—କି ଘଟଣା

କେଦାର—                ଗୀତ

ମୃଗ ଲକ୍ଷ୍ୟ କଲାବେଳେ,
ମୃଗାକ୍ଷୀପ୍ରେ ଦେଖି ଡୋଳେ
ଜାନ ମୋ ଗଲା ସେକାଳେ
ପଡ଼ି ହୃଦେ କାମ ଶର । ୧ ।

ତପସ୍ୱୀ, ମୁଁ ମୃଗକୁ ଲକ୍ଷ୍ୟ କଲାବେଳେ ଗୋଟିଏ ଅପୂର୍ବ ରମଣୀ ମୋର ଦୃଷ୍ଟିଗୋଚର ହେବାହାର ହୃଦୟ ଅଥୟ ହୋଇପଡ଼ିଛି ।

ଋଷି—ଜଣେ ସ୍ତ୍ରୀ ? ଆଚ୍ଛା ସେଠାରେ ସେ କଣ କରୁଥିଲା ?

ରାଜା—                ଗୀତ

ବନପଥୁ ଧୀରେ ଖସି
(ବନ) ନେଲାବେଳେ ଶୁଭ୍ରକେଶୀ
ମୋଠାରେ ତା ନେତ୍ର ଆସି
ପଡ଼ିଗଲାଟି ନିକର ।

ଋଷିବର ! ସେ ସୁନ୍ଦର ଝରଣାର ଅପର ପାର୍ଶ୍ୱରୁ ବାହାରି ଝରଣା ବିଚରୁ ଜଳନେବା ସମୟରେ ମୁଁ ତାକୁ ଦେଖିଲି ଓ ସେ ସ୍ତ୍ରୀର ମଧ୍ୟ ଦୃଷ୍ଟି ମୋ ଉପରେ ପଡ଼ିଗଲା ।

ଋଷି—ତହିଁ କଣ ହେଲା ?

କେଦାର— ଗୀତ

ନିମିଷେ ଦେଖିଲି ଆଗ
ସୁନ୍ଦ ମୋତେ ଚପଳାକ୍ଷୀ
ବେଗେ ମୋ ପ୍ରାଣ ଉପେକ୍ଷି
ଗଲା ଜନାଲ ଚରଚର । ୩ ।

ତାର ମୋର ଦୃଷ୍ଟି ଚକ୍ଷୁ ହେବା ମାତ୍ରେ ସେ ସେହି ବନ ମଧ୍ୟକୁ ପଳାଇଗଲା ।

ଋଷି—ଆଚ୍ଛା ।

କେଦାର— ଗୀତ

ଅଯତ୍ନରେ ଗଣ୍ଡବେଳେ
(ତାର) ବାସ ଲୋଟୁଥିଲା ତଳେ ।
ଯୌବନ ତା ଦେଖି ହେଲେ,
ନ ଚଳଇ ନେତ୍ର କର । ୪ ।
ଧନ୍ୟ ମୋ ନବ ତରୁଣୀ
(ତାକୁ) ଚିହ୍ନିଛୁ କେଉଁ ରମଣୀ
ଯେ ମୋତେ ଦେବକି ଆଣି
ହେବି ତା ପଦେ କିଙ୍କର । ୫ ।
ସେ କନ୍ଦର୍ପ-ଦର୍ପ-ଦଳା,
ଅଟେ କାହାର ମହିଳା
ଦେବାଙ୍ଗନା କି ବାଳା,
ପ୍ରକାଶି ସନ୍ଦେହ ହର । ୬ ।

ଋଷିବର ! କଏ ସେହି କନକବରନା, କେତେ ଦିନେ ତାକୁ ଯତ୍ନେ ଦେଖିଛ କିଏ । କାହାର ସେ ହୋଇ ଅର୍ଦ୍ଧାଙ୍ଗିନୀ, ସୁବର୍ଣ୍ଣ ଏ ମହୀମଣ୍ଡଳେ । ଋଷିବର କ କରିବ ମୁହିଁ, କେମନ୍ତେ ପାଇବ ତାର ଶୁଭଶୁଭ ବାର୍ତ୍ତା ? ବୁଲିଥିଲି ଜଗତରେ କେତେ କେତେ ଦେଶ, ଦେଖିଛି ଏ ନେତ୍ର କେତେ କେତେ ନାରୀ, କିନ୍ତୁ ଏପରି ସ୍ୱର୍ଗୀୟ ବାମା ଦେଖି ନାହିଁ କାହିଁ ।

ଋଷି- ଠିକ୍ କଥା, ତୁମେ ରାଜପୁତ୍ର, ଅନେକ ଦେଶ ବୁଲିଥିବ ଅନେକ କଥା ଦେଖିଥିବ । ଆଉ ରାଜା ହୋଇ ଲକ୍ଷେ ଏ ଅନେକ ନାରୀ ଦର୍ଶନ ହୋଇଥିବ । କିନ୍ତୁ ମର୍ତ୍ତ୍ୟର ରାଜା ତୁମେ ମର୍ତ୍ତ୍ୟର କଥା ଯାହା ଦେଖିଥିବ ସେତିକି ।

କେଦାର— ଏ ଜଣେ ମର୍ତ୍ତ୍ୟର କନ୍ୟା ନୁହେ ।

ଋଷି— ମର୍ତ୍ତ୍ୟର କନ୍ୟା ହୋଇଥିଲେ ଏପରି ଅଗମ୍ୟ ବନସ୍ଥଳୀକୁ ଆସିଥାନ୍ତା କାହିଁ ? ନିଶ୍ଚୟ ସେ କେହି ଦେବକନ୍ୟା, ତମକୁ ଭଣ୍ଡାଇବାକୁ ଆସିଥିଲା ।

କେଦାର - ଋଷିବର ! ତାକୁ କଣ ପାଇବି ନାହିଁ, ଆଉ ତାର ରୂପ ଲାବଣ୍ୟ ସନ୍ଦର୍ଶନ କରିବି ନାହିଁ ?

ଋଷି— ରାଜନ କ ଭ୍ରମରେ ପଡ଼ିଛ, ଚାଲ ଆମ୍ଭର ଆଶ୍ରମ ଏହି ନିକଟରେ । ସେଠାରେ ଟିକଏ ଶ୍ରମ ହରି ରାଜ୍ୟକୁ ଫେରିଯିବ ।

କେଦାର—ନା ଋଷିବର, ମୁଁ କେଉଁ ଆଡ଼କୁ ଯିବି ନାହିଁ, ମୋର ମନ ଠିକ୍ ନାହିଁ ।

ଋଷି - ରାଜନ ! ତୁମ୍ଭେ ରାଜଦଣ୍ଡ ଧାରଣ କରି କ ଅନ୍ୟାୟ କାର୍ଯ୍ୟରେ ମନ ବଳାଇଛ ? ଭଗବାନ ତୁମ୍ଭଙ୍କୁ କଣ ଏହି ବୁଦ୍ଧି ଦେଇଛନ୍ତି, ତୁମ୍ଭେ ଆଉ ରାଜ୍ୟ ଶାସନ କରିବ କଣ ? ତୁମ୍ଭର ତ ଲମ୍ପଟ ସ୍ୱଭାବ ଛାଡ଼ି ପାରିନାହିଁ, ଚାଲ ଆମ୍ଭ ଆଶ୍ରମକୁ ଚାଲ । ଏ ସବୁ ପିଲା ବୁଦ୍ଧି ଛାଡ଼ । ତୁମ୍ଭର ପିତା କେଡ଼େ ଧର୍ମପରାୟଣ, ତାଙ୍କର କୀର୍ତ୍ତି ଅଦ୍ୟାବଧି ଉଜ୍ଜ୍ୱଳ ଭାବରେ ବିରାଜୁଛି । ତୁମ୍ଭେ ସେହି ମଗଧାଧୀଶ୍ୱରଙ୍କର ପୁତ୍ର ହୋଇ ତୁମ୍ଭର ଏ ପ୍ରାଣ ପ୍ରକୃତି ! ଛି, ଛି, ଲୋକେ ଶୁଣିଲେ କଣ କହିବେ ? ଏ ଜଙ୍ଗଲ, କେଉଁଠି ଡାଆଣୀ, ଭୂତ, ପ୍ରେତ, ରାକ୍ଷସୀ କ କଲକଣ କଣ ଦେଖି ତୁମ୍ଭେ ଜ୍ଞାନଶୂନ୍ୟ ହୋଇ ଯାଉଛ । ଆଉ ବିଳମ୍ବ କରନା, ଆଜି ମୋର କ୍ଷୁଦ୍ର ପର୍ଣ୍ଣ କୁଟିରରେ ଆତିଥ୍ୟ ସ୍ୱୀକାର କରିବାକୁ ହେବ ।

କେଦାର—ହଉ ପ୍ରଭୁ (ଶିକାରୀଙ୍କ ପ୍ରତି) ତୁମ୍ଭେମାନେ ରାଜ୍ୟକୁ ଫେରିଯାଅ । ମୁଁ ଯାଇ ପହଞ୍ଚିବି, ମନ୍ତ୍ରୀ ଆଉ ଦୂତ ଥାନ୍ତୁ ଆମ୍ଭ ସଙ୍ଗରେ ଯିବେ । ଋଷିବର ଚାଲନ୍ତୁ । ଏଠାରୁ କେତେ ବାଟ ପଡ଼ିବ ?

ଋଷି—ଏହି ଅନତି ଦୂରରେ । (ପ୍ରସ୍ଥାନ)

— * —

## ଚତୁର୍ଥ ଦୃଶ୍ୟ

( ଫୁଲ ଗଛରେ ଜଳ ଦେବାବେଳେ
କୁମୁଦ ଗୀତ ଗାଇ ଗାଇ ପ୍ରବେଶ )

କି ମନ ମୋହନ ରୂପ ଦେଖିଲି ଆଜ । ଘୋଷା ।
ବିଧି ବସି କେତେ ଯତନେ
ଗଢ଼ିଛି ତାକୁ ଯତନେ
ମୁଖ କୋଟି ଚନ୍ଦ୍ର
ଜିଣେ ରସିକରାଜ । ୧ ।
କାମ ଫୁଲ ଶର ଜେନି
ଭ୍ରୂଯୁଗ ଜବା ଅବଶ
ବାମାଏ ଦେଖି ତା ଠାଣି
ପାଇବେ ଲାଜ । ୨ ।

ଆହା ! ଏ ପୁରୁଷଟିକୁ ବିଧାତା କେତେ ଯତନେ ଗଢ଼ିଥିଲା, ତାଙ୍କ ମୁଖ ତ ଚନ୍ଦ୍ର ସୂର୍ଯ୍ୟଙ୍କୁ ନିନ୍ଦା କରୁଛି । କିଏ ସେ ? ଏ ମର୍ତ୍ତ୍ୟରେ ସେପରି ଗୁଣବାନ ପୁରୁଷ କିଏ ଅଛନ୍ତି ? ମୁଁ ତାଙ୍କୁ ଦେଖିଲି ବେଳଠାରୁ ମୋ ମନ ଆଉ କେଉଁଥିରେ ଲାଗୁନାହିଁ ! କଣ କରିବି ? ସେ ରୂପ ତ ସବୁବେଳେ ମୋ ନୟନରେ ନାଚୁଛି ? କାହିଁ ଗଲେ, କୁଆଡ଼େ ଆସିଥିଲେ, କିଏ ସେ ?

୧ମ ଋଷିକନ୍ୟା—ସଖି, ଆମକୁ ଲୁଚ଼ ଦେଇ ଆଗରେ ପ୍ରକାଶ ଆସିଲ ନାହିଁତ ? ତମ ମନଟା କାହିଁକି ବ୍ୟସ୍ତ ଥିବାର ଆମ୍ଭେମାନେ ଜାଣି ପାରୁଛୁ । ନାହିଁ, ଏବେ ତ ଏପରି ସବୁ କୁସୁମ ଦେଖାଯାଏ ନାହିଁ, କଣ, କଥା କଣ ?

୨ୟ—ସେ ଦିନ ଆମ୍ଭ ସଙ୍ଗରେ ପାଣି ଆଣିବାକୁ ଯା'ନ୍ତୁ, ଆଜ କାହିଁକି ଏକା ପାଣି ପାଇଁ ଯାଇ ଫେରିଲା ବେଳଠାରୁ ଖାଲି ଭାବ ଗୋଳାଇଲା ମୁଖ ଭାବ ଭିନ ଭିନ ହେଉଛନ୍ତି !

୩ୟ—ସତ କଥା ଏଟା ।

୪ର୍ଥ—ନାହିଁତ, ତାହାର ସେବେ କୌଣସି ଚିନ୍ତାରେ ପଡ଼ୁ ହେଲ, ତେବେ ଆମ୍ଭ ଆଗରେ ପ୍ରକାଶ କରିବେ ନାହିଁ କାହିଁକି ? କୁମୁଦ, ତୁମକୁ ପାଇଲୁ ଠାରୁ ଆମ୍ଭେ ଅମୂଲ୍ୟ ଧନ ପାଇଲୁ ଭଳି ମନେ କରୁଛୁ । ତୁମ୍ଭେ ଯଦି ତୁମ ମନ କଥା ଆମ୍ଭ ପାଖରେ ନ କହିବ, ଆମ୍ଭ ମନରେ କଷ୍ଟ ହେବ ।

କୁମୁଦ—ସଖିଏ ! ତୁମ୍ଭମାନଙ୍କର ମୋ ପ୍ରତି ଯେଉଁ ସ୍ନେହ ଆଦର, ତା ମୁଁ ସାତ ଜନ୍ମରେ ଶୁଝି ପାରିବି ନାହିଁ । ସେତେବେଳେ ମୁଁ ପାଣି କଳସୀ ନେଇ ଫେରିଲା ବେଳକୁ ଗୋଟିଏ ଭ୍ରମର ମୋ ମୁହଁରେ ବାରମ୍ବାର ବସିବାକୁ ଗୋଡ଼ାଇଲା, ମୁଁ ତାକୁ ଉଡ଼ାଇବା କାଳେ ମହାଦେବ ବୋଲି ଜଣେ ପ୍ରକାର ଆସିଲ, ତୁମ୍ଭେମାନେ କଣ ଜାଣିଲ କେଜାଣି !

୧ମ—ଭଅଁର କଟାଏ ଗୋଡ଼ାଉଥିଲା କାହିଁକି ମ ?

୪ର୍ଥ—ଆରେ ! ଆମ କୁମୁଦଙ୍କ ମୁହଁ ତ ଗୋଟିଏ କୁମୁଦ ଫୁଲ, ପୁଣି ପୁଷ୍ପଟି ଫୁଟିଲା ବେଳେ ଯେପରି ସୌରଭ ଦେଖାଯାଏ, ତାଙ୍କ ମୁହଁଟି ସେହିପରି ଦିଶୁଛି । ଭ୍ରମର ଫୁଲ ମନେ କରି ମଧୁ ଲୁଟିବା ଆଶାରେ ଗୋଡ଼ାଉଥିବ !

୨ୟ—ହିଁ, ସେଇଆ ।

୧ମ—ମୁଁ ଅନୁମାନ କରୁଛି, ସଖିଙ୍କର ଆମ୍ଭର ବୋଧହୁଏ ଅଲ୍ପଦିନ ମଧ୍ୟରେ ସ୍ୱାମୀସଙ୍ଗ ହେବ ।

କୁମୁଦ—(ଲଜ୍ଜାରେ ଅବନତ ମସ୍ତକ ହୋଇ) ମୋତେ ସେସବୁଭାବ ଭଲ ନାହିଁ ।

ସଖିଏ— ଗୀତ

କାହିଁକି ଗୋପନୁ ସଖି
ତଳକୁ ମଥା ରେ (ପଦାର)
ଖାଇଁଲ ତନୁ ଲଟା ଚନ୍ଦନକଟା
କହିଲେ ସ୍ୱର୍ଗରୁ ଆମ୍ଭେ
ଚୋଳକୁ ଫୁଲ (ତୋ ପାଇଁ)
ବୈକୁଣ୍ଠ ଭଣ୍ଡାର ଦରଜାରକୁ ଜୁର
ତୁ ଆମ୍ଭର ପ୍ରାଣ ସଖି
ନେବ ଚିହ୍ନ ( ପଦାର ରେ)
ତୁ କହିଲେ ତରେ ଆମ୍ଭେ ମଥାକୁ ଭଲ ।

କୁମୁଦ—ମୁଁ ତୁମ୍ଭମାନଙ୍କ ଭଳି ଦେବଦୂତୀ ସଖୀଗୁଡ଼ିଏ ପାଇ ମୋର ଜୀବନ ସାର୍ଥକ କରିଛି । ମୋର ଆଉ କେଉଁ କଥାକୁ ଚିନ୍ତା ନାହିଁ, ବେଳ ଗତ ଆସିଲେଣି, ଚାଲ ଚାଲ ଆଶ୍ରମରେ ଯିବା ।

୧ମ—ମୋ ପାଉଟି ପଡ଼ୁଛି ।

( ଶାରଦ୍ୱତ ପ୍ରବେଶ )

ଋଷି—( ଋଷିକନ୍ୟାଙ୍କ ପ୍ରତି ) ମା'ମାନେ ଆମ୍ଭର ଆଜ ସୁପ୍ରଭାତ, ମଗଧ ଦେଶ ଅଧୀଶ୍ୱର ଆମ୍ଭର ଏଠାରେ ଆତିଥ୍ୟ ଗ୍ରହଣ କରିବେ, ତୁମ୍ଭେମାନେ ଯାଅ, ଶୀଘ୍ର ଅନ୍ନ ବ୍ୟଞ୍ଜନ ଆଦି ପ୍ରସ୍ତୁତ କର ।

ସଖିଏ—ପିତା, ସମସ୍ତ ପ୍ରସ୍ତୁତ ହୋଇସାରିଛି, କେବଳ ଆପଣଙ୍କ ଅପେକ୍ଷାରେ ଥିଲୁ, ଖାଲି ଠାକୁରଙ୍କୁ ନୈବେଦ୍ୟ ଦେବା ବାକି ଅଛି ।

ଋଷି—ବହୁତ ଆଚ୍ଛା ମା, ହଁ ଆଉ ଗୋଟିଏ କଥା । କୁମୁଦ ଆମର ରାଜକନ୍ୟା, ଅବଶ୍ୟ ରାଜାଙ୍କର ପରିବେଷଣ ଶିଖିଥିବ । ସେ ଅତିଥି ସମ୍ଭ୍ରାନ୍ତ ରାଜପୁତ୍ର, ଯେପରି ରାଜପୁରରେ ମଣୋହି କରି ଖାଇ ସେ ମନେ କରିବେ । ବେଶୀ କହିବା ବାହୁଲ୍ୟ ମାତ୍ର । ଆଉ ପରିବେଷଣ ଭାର କୁମୁଦଠାରେ ନ୍ୟସ୍ତ ରହିଲା । (କୁମୁଦ ପ୍ରତି) ମା ତୋ ମୁହଁଟା କାହିଁକି ଶୁଖିଲା ଦେଖାଯାଉଛି, କେଉଁଠି କିଛି ଭୟ କରୁଛୁ କି, ନା ମନରେ କୌଣସି ବିଷାଦ ପଡ଼ିଛି ?

କୁମୁଦ—ନା ପିତା, ଆପଣଙ୍କ କଲ୍ୟାଣରୁ ଆଉ ସଙ୍ଗୀ ସଖୀମାନଙ୍କ କୃପାରୁ ମୁଁ ବଡ଼ ସୁଖିନୀ ।

ଋଷି—ତେବେ ଯାଅ ମା, ଦେଖ ତ ସ୍ନାନ ମାର୍ଜନା ସାରି ଆସିଲେଣି, ପ୍ରସାଦ ଆଣିବାର ବନ୍ଦୋବସ୍ତ କର ।

( ସଖିଏ ପ୍ରସ୍ଥାନ )

( କେଦାର ପ୍ରବେଶ )

ଋଷି—ରାଜନ୍ ! ରାଜପୁରରେ ନାନା ଭୋଗ ବିଳାସରେ ଦିନ କଟାଉଛ; କିନ୍ତୁ ଋଷିକୁଟୀରରେ ଥରେ ମାତ୍ର ଆତିଥ୍ୟ ଗ୍ରହଣ କର ଯେ କିଛି ତ୍ରୁଟିରେ ଦୁଃଖ ପାଇବ, ତା ମନରେ ଧରିବ ନାହିଁ ।

କେଦାର—ପ୍ରଭୁ ! ମୁଁ ଆଜ ଆପଣଙ୍କୁ ଭଗବାନ ବୋଲି ମନେ ମନେ ଗର୍ବ କରୁଛି, ମୋର ଆଜ ସୁପ୍ରଭାତ, ଜୀବନର ସୁଖର ଦିନ ।

୧ମ ଋଷିକନ୍ୟା—( ଖାଲୁଦେଇ ଯିବା )

୨ୟ—(ଆସନ ଦୁଇଟି ଯଥାସ୍ଥାନେ ସ୍ଥାପନ କରିବା) ।

କେଦାର -(ସ୍ୱଗତ) ଆହା ଏମାନେ କଣ ଋଷିକନ୍ୟା, ତା ନ ହେଲେ କି ଏତେ ଉଦାରମନା ହୋଇଥାନ୍ତେ । ଏମାନେ ବଡ଼ ଭାଗ୍ୟବତୀ ।

୩ୟ— ଜଳପାତ୍ର ଯଥାସ୍ଥାନେ ସ୍ଥାପନ)

୪ର୍ଥ –(ଲବଣ)

କେଦାର—( ସ୍ୱଗତ ) ମୁଁ ଆଜ ସ୍ୱର୍ଗୀୟ ସୁଖ ଅନୁଭବ କରୁଛି, ମୋର ଜୀବନ ଆଜ ଧନ୍ୟ ହେଲା ।

କୁମୁଦ—(ଅନ୍ନଥାଳ ନେଇ ପ୍ରବେଶ, ଋଷିଙ୍କ ନିକଟରେ ଏକ ଥାଳ ଓ ଅନ୍ୟ ଥାଳଟି ରାଜାଙ୍କ ନିକଟରେ ଦେଇ ପ୍ରସ୍ଥାନ କଲାବେଳେ ରାଜା କୁମୁଦକୁ ଚାହିଁବା) ( କୁମୁଦ କିଛି ଦୂରରେ ଠିଆହୋଇ ରହିବ ) ।

ରାଜା—( ସ୍ୱଗତ ) କି ଆଶ୍ଚର୍ଯ୍ୟ, ପୂର୍ବେ ଯେଉଁ ଜନନ ଲଳନାଟି ଦୃଷ୍ଟିଗୋଚର ହେବାହାରୁ ମୋର ହୃଦୟରୁ ଜ୍ଞାନ ଶୂନ୍ୟ ହୋଇଥିଲି, ଏ ତ ସେହି ଅକଳଙ୍କ ଚନ୍ଦ୍ରବଦନା । ମୁଁ ବର୍ତ୍ତମାନ ସ୍ୱପ୍ନ ରାଜ୍ୟରେ ନା କଣ ! ( ଅନ୍ୟମନସ୍କ )

ଋଷି – ବତ୍ସ ! ଭୋଜନ କାହିଁକି ? ପ୍ରସାଦ ସେବା କର ।

କେଦାର—ପ୍ରସାଦ କାହିଁ !

ଋଷି – ତୁମ୍ଭର ସଙ୍କୋଚରେ, ମୁଁ ଜାଣି ପାରୁଛି ବୋଧହୁଏ ତୁମ୍ଭର ପୂର୍ବର ଭ୍ରମଟା ମନରୁ ଦୂରୀଭୂତ ହୋଇନାହିଁ ।

କେଦାର – ହଁ ବସୁଛି ( ଋଷି ପ୍ରସାଦ ସେବା କରିବା, ରାଜା ପ୍ରସାଦରେ ଅନ୍ୟମନସ୍କଭାବେ ହାତ ମାରିବା)

କୁମୁଦ—( ସ୍ୱଗତ ) କଣ କରିବି, ମୋର ଲୋକ ତ ଆଉ ଚଳୁନାହିଁ । ସେ ଝରଣା ନିକଟରେ ଯେଉଁ ଲାବଣ୍ୟ ରୂପକୁ ଦେଖି ସଂସାରକୁ ଭୁଲି ମନେ କରିଥିଲି, ଏତ ସେହି !

ଋଷି - ମା, ଆଉ କିଛି ଆଣିବୁ ନାହିଁ କି ?

କୁମୁଦ (ବ୍ୟସ୍ତରେ ରନ୍ଧନ ପାତ୍ରରୁ ପ୍ରବେଶି ବ୍ୟଞ୍ଜନ ସ୍ଥାନରେ ଅଳ୍ପ ଦେବାର ଅନ୍ତରରୁ, ସଖୀମାନେ ପଶ୍ଚାତେ ଧାବନ ଓ ଏ ଘଟଣା ଦେଖି ଆପଣା ଆପଣା ଭିତରେ ଠାରଠାରି )

ଋଷି—ଏ କଣ କଲୁ ମା, ହଉ ଯା ।

( କୁମୁଦ ପ୍ରସ୍ଥାନ )

ରାଜନ୍ ! ବୋଧହୁଏ ପ୍ରସାଦ ରୁଚିକର ନାହିଁ, କାହିଁ କମା ତ ପାଉନାହିଁ ।

ରାଜା—ହଁ ( ଅନ୍ୟମନସ୍କଭାବେ ) ଖାଉ ଖାଉଛି, ଖୁବ୍ ଆନନ୍ଦ ହୋଉଛି ।

ଋଷି—ଉଠ, ଆଗମନ କର ।

( ଉପବେଶନ )

ଋଷି—(ସ୍ୱଗତ) ଏବେ ବୁଝିଲି, ରାଜା କନ୍ୟା ରୂପରେ ଯେପରି ମୋହିତ, କନ୍ୟା ମଧ୍ୟ ରାଜା ରୂପରେ ସେହିପରି ମୋହିତା । ଆଜ ମୋର ମନର ଅଭିଳାଷ ପୂର୍ଣ୍ଣ ହେବ । ଚୁମ୍ବକକୁ ସତ୍ପାତ୍ରରେ ଦାନ କରିବି । (ପ୍ରକାଶ୍ୟ) ବତ୍ସ, ମୁଁ ତପସ୍ୱୀ, ତୁମ୍ଭେ ରାଜପୁତ୍ର । ମୋର କୁଟୀରରେ ଆଜ ଆତିଥ୍ୟ ଗ୍ରହଣ କଲ ଏ ମୋର ଯୌବନର ଧନ, ଆଉ ମୋର ଗୋଟିଏ ଉପହାର ଗ୍ରହଣ କରିବାକୁ ହେବ ।

ରାଜା—ଋଷିବର, ମୁଁ ଆପଣଙ୍କ ଅଭ୍ୟର୍ଥନାରେ ବଡ଼ ଗୌରବ ଅନୁଭବ କରୁଛି, ଆପଣଙ୍କ ଆଦେଶ ପାଳିବା ମୋର କର୍ତ୍ତବ୍ୟ । ଆପଣଙ୍କ ଆଜ୍ଞା ମୋର ଶିରୋଧାର୍ଯ୍ୟ । ଦୂରଦେଶ ହେଲା ରାଜ୍ୟରୁ ବାହାରି ଆସିଅଛି ମନ ବଡ଼ ଅସ୍ଥିର ହେଉଛି, ମୋତେ ମେଲାଣି ଦେଉନ୍ତୁ ?

ଋଷି—ଆଚ୍ଛା, ଭଲ କଥା । ମୁଁ ଯାଉଛି, ଦୂତକୁ ତୁମର ପଠାଇ ଦେବି । ସେ ତପସ୍ୱୀ ଆସୁ । ଆଉ ତୁମର ଯୋଗ୍ୟ ଉପହାରଟି ମଧ୍ୟ ପଠାଇଦେବି ।

( ପ୍ରସ୍ଥାନ )

କେଦାର—ମୁଁ ଏଠାକୁ ଆତିଥ୍ୟ ଗ୍ରହଣ କରିବାକୁ ଆସି ରାଜା ଓ ଋଷିଙ୍କର ଅନୁରୋଧ ରଖିଲି, ତା ମୋ ଭାଗ୍ୟ ଅବସ୍ଥାରୁ ଆଉ ପ୍ରତୀକ୍ଷା ଯାଇ ନ ଥିଲା । ଏ କଏ ?

( ଦୂତ ତପସ୍ୱୀ ବେଶ ପ୍ରବେଶ )

( କେଦାର ପ୍ରତି ) ମହାରାଜ ଏଠକୁ ଆସି ଦୂର ବନ ହେଲି । କେବଳ ଋଷିଙ୍କରେ ସମସ୍ତେ ବନ୍ଧୁ ହେଉଥିବେ, ଆଉ ଏ ଖାଇବା ପିଇବାରେ ମଣିଷ ବଢ଼ି—( ମୁଣ୍ଡ କୁଣ୍ଡାଇ )

କେଦାର—କଣ ତୁ ଖାଇ ନାହିଁ ?

ଦୂତ—ଖାଇଲି, ଖାଇ ଚୁଲା ।

କେଦାର—ନାହିଁ ତ ? ଅନେକ ପ୍ରକାର ତ ବ୍ୟଞ୍ଜନ ହୋଇଥିଲା, ଆଉ ମିଷ୍ଟାନ୍ନ ସାମଗ୍ରୀ ଅନେକ ହୋଇଥିଲା !

ଦୂତ—ହଁ, ସେ ସବୁ ହୋଇ ନଥିଲା ତ ଆଉ

କେଦାର—ଆଉ ତୁମ୍ଭ କଣ ହେଲା ?

ଦୂତ—ଖାଣ୍ଡି ଟିକିଏ ମାରିଲ ହେଲେ ନାହିଁ ଓ ଶୁଦ୍ଧ ପିଆ ଟିକିଏ ହେଲେ ନାହିଁ ।

କେଦାର—ଦୂର, ଏ କଏ ଆସିଲେ ।

ଦୂତ—ବାବାଜୀ ବେଶ୍ ମଜାରେ ଏକଦମ୍ ଗୋଟ ଗଲେ ରଖିଛୁ ।

କେଦାର—ଚୁପ, ସେମାନେ ଋଷିକନ୍ୟା । ସେମାନଙ୍କ ପ୍ରକୃତ ବଡ଼ ସରଳ ।

ଦୂତ—ତାଙ୍କର ଭାବଭଙ୍ଗୀ ପ୍ରକୃତ ନାହିଁ ?

କେଦାର—ଦୂର କର, ଦେଖ କଏ ?

( ଚୁମ୍ବକକୁ ଋଷି କନ୍ୟାମାନେ ବେଶ ପ୍ରବେଶ, ଚୁମ୍ବକ ଓଢ଼ଣା ଟିକି ଦେବା )

ଦୂତ—ବାବା ରେ, ଏ ତ ଗୋଟାଏ ଖଞ୍ଜ, ହେଉଛି ତ ସଞ୍ଜ, ବୃନ୍ଦାବନ କୁଞ୍ଜ, ନେ ମଜଲ, ବାଃ ମଜଲ ।

(ଚୁମ୍ବକ ହସ୍ତେ ବରଣମାଳା)

ଋଷିକନ୍ୟା— ଗୀତ

( ମିଳନେ ଗୋ ଉପୋଷ୍ଣ ଦାଦ୍ରା—ଦୁନ୍ଦେ )

ନାଗର ହେ ବେନ ଯୋଗ୍ୟ ଉପହାର ।
କୋଳେ ନେଇ ଆଶ୍ରୟ ଦିଅ ଏ ଋଷିବାଳାର । ଘୋ ।
ଗୋଲବସରରେ ଖାଦୁଥିଲ ବନ ଡାଳ ।
ନ ଜାଣିଲ ସଖି ଆମ୍ଭ ସୁରତ ବେଭାର । ୧ ।

( ଜଣେ ରାଜାକୁ ଉଠାଇ ଆଣିବାକୁ ରାଜା ଯାଇ ଯାଉ )

ବଣ ବୋଲି ଜଣା ଆମ୍ଭେ ମାଗୁଛୁ ସତ୍ୱର ।
କଣ୍ଟ କଥା ନ କହିବ ନ କରିବ ଘର । ୨ ।
ଝାଡ଼ି ନେଉଥିଲ ଆମ୍ଭ ରଜା ଉପହାର ।
ତା ବଦଳେ ଦେବ ପୁରୁ ମଲ୍ ଆମ୍ଭେ ସଞ୍ଜିବୁତ । ୩ ।

(ଜୁଳଜୁଳ) (ବରଣମାଳା ରାଜା ଗଳାରେ ଦେଇଦେଲେ ଚୁମ୍ବକ ଲାଜ ଲାଜ, ରାଜା ତନ୍ମୁଗ୍ଧ । ହାତ ଧରୁଥିବା ବେଳେ ଝଣାଝଣି ସମସ୍ତେ ସାରଙ୍ଗଧର ପ୍ରବେଶ)

ସାରଙ୍ଗଧର—ବତ୍ସ, ଜଣ ଏ ଧନର ପ୍ରକୃତିକୁ ଆଶ୍ରୟ ଦିଅ ।

(କୁମୁଦ ଋଷିଙ୍କ ଚରଣ ଧରିବା, କେଦାର ଅଶ୍ରୁ ମାଡ଼ ବଦନ୍ତ ନାଗିବା, ତାଙ୍କ ଉପରକୁ କେଦାର ଉଠିବା, କୁମୁଦକୁ ଧରି ହସ୍ତୀରେ ଚଢ଼ାଇଲା ବେଳେ ଋଷି)

ଋଷି—ମା, କିଛି ଚିନ୍ତା କରନା, ତୁ ସୁଖରେ ଘର କର ।

୧ମ ସଖୀ—ନାଗର, ଆମ୍ଭ ସଖୀ ଲଗିଲା (ଓଷ୍ଠ ଧରି)

୨ୟ ସଖୀ—କୁମୁଦ, ଗୁଡ଼ିଗଲୁ, ମନେ କରିବୁ (ଆଖିରୁ ଲୁହ ପୋଛିବା)

୩ୟ ସଖୀ—ଆମ୍ଭକୁ ଭୁଲିବୁ ନାହିଁ ।

୪ର୍ଥ ସଖୀ—ନାଗର, ଆମ୍ଭ ପ୍ରାଣକୁ କାଢ଼ି ନେଇ କୁମୁଦ ଯାଉଛି (କୁମୁଦ ଲୁହ ପୋଛିବା, ରାଜା ଆଶ୍ୱାସନା ସଖୀମାନଙ୍କୁ ଦେବା, ଦୂତ ହାତୀ ଚଳାଇବା, ସମସ୍ତେ ପଛେ ପଛେ ହାତୀ ଧରି ଗମନ ।)

ଋଷି—ଅହୋ ! ସଂସାରରେ କି ମାୟା ମମତା ଲୀଳାମୟ ଲଗାଇଛନ୍ତି । [ପ୍ରସ୍ଥାନ]

—*—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ସୁଣ—ଅବଧାନେ ଏତେ ଅଳ୍ପ ରହିଲ, କେମିତି ଫିକର ନଦେଇ ଦେଲ ! ଏଥର ବନ୍ଦା ତ ବନ୍ଦା, ଆଣ ମଦ ଆଣ ।

ଅନୁ—ନିଅନ୍ତୁ ମାଲ ଭରି ।

ସୁଣ—ଅନୁ, କଣ ଦେଉଛି, ବେ ଶିଳ୍ପର ପ୍ରଭୁ ନାହିଁ, ବେ ସ୍ୱର୍ଗ ଦ୍ୱାର ଖୋଟାଏ ଦେଲୁ —

ଅନୁ—ଆଜ୍ଞା ଶିଳ୍ପରେ ମନ ନ ମାନିଲେ ବୋତଲ ସୁଦ୍ଧା ମୁହଁରେ ଲଗେଇ ଦିଅନ୍ତୁ [ବୋତଲ ପ୍ରଦାନ, ସୁଣ ଖାଇ]

ସୁଣ—ଆଜ ତାଡ଼ ପୂଲ ପାର୍ଟ୍ଟୀର ।

ଅନୁ—ଆଜ୍ଞା, ଆପଣ ଷ୍ଟେରିଙ୍ଗଟାକୁ ଠିକ୍ କରି ଧରିଥାନ୍ତୁ, ନୋହିଲେ ଗାଡ଼ି ଆକ୍ସିଡେଣ୍ଟ ହୋଇ ଯିବଟି ।

ସୁଣ—ଆରେ ନା ନା, ମୁଁ କଣ ଏବେ ବେହୁସିଆର ହୋଇଛି !

ଅନୁ—ଆଜ୍ଞା, ନିଶା ଖାଇବାକୁ ଲୋକେ ଲୋକ ଘୃଣା କରନ୍ତି ।

ସୁଣ—କାହିଁକି, ନିଶାଟା କଣ ଖରାପ ଜିନିଷ ? ଅନୁ ! ତୁ କଣ ଜାଣୁ, ନିଶା ଯେଉଁ ଜିନିଷ ତାକୁ ବେଦ ସ୍ତୁତି କରିବାକୁ ହେବ । ଲୋକେ ତାର ବ୍ୟବହାର ନ ଜାଣି ଖରାପ ବୋଲି କହନ୍ତି, ନିଶା ଦୁର୍ବଳର ବଳ, ଅନାଥର ନାଥ, ଅସହାୟର ସହାୟ ଦାତା, ରସିକର ହୃଦୟ ନିଧି ।

ଅନୁ—ନା ଠିକ୍, ଆଜ୍ଞା କୋଉ ନିଶାକୁ କୋଉ ସ୍ୱଟ୍ କହନ୍ତୁ ତ ।

ସୁଣ—ବର୍ତ୍ତମାନ ଆମ ଦେଶରେ ଯେ ଚଳୁଛି, ତାର ବ୍ୟବହାର ନିୟମ ଶୁଣ ।

ଆରେ ଗଞ୍ଜକୁ ଚୂଡ଼ାବସା, ଗଞ୍ଜେଇକୁ ଜଖୁଡ଼ା, ମଦକୁ ଶୁଖୁଆ ପୋଡ଼ା, ବ୍ରାଣ୍ଡିକୁ କୁକୁଡ଼ା, ଆରେ ଏଟା କଏ ରେ ।

ଅନୁ—ଆଜ୍ଞା, ଜମିଦାର ତାଲୁକଦାରଙ୍କୁ ଏଇ ସ୍ଥାନକୁ ଆସିବାକୁ ହୁକୁମ ହୋଇଥିଲା, ସେଇ ବୋଧହୁଏ ଟିକେ ସେଇ ଆସିଲେ । ମହାରାଜ ! ମୁଁ ଟିକେ ଗୋଲାପପାଣି ବସିଆସେ ।

ସୁଣ—ଆରେ ଆରେ, ତୁ ଗୋଲାପପାଣି ଦିବୁ କଣରେ, ମୋର ତ ଲୁଗାରେ ଘଟାରେ ପଡ଼ିଲା ପଡ଼ି ଜଣା ଯାଉଛି, କଣ କହିବାରେ ସେ ତ ଆସିଲା ।

ଅନୁ—ଆଜ୍ଞା, ଆପଣ ଚିନ୍ତା କରନ୍ତୁନାହାନ୍ତି; ସେ ଆସିଲେ ସୁରପତ ବଡ଼େଇଦେବେ ।

ସୁଣ—ଆରେ ବଡ଼େଇବ କଣ ରେ, ତାକୁ ଦେଖି ତ ମୋ କଲଜା କାହିଁକି ପାଣି ହୋଇଯାଉଛି ।

(ଥରିବା)

ଅନୁ—ମହାରାଜ, ଏତେ ଭୟ କାହିଁକି ? ଚାଲନ୍ତୁ, ଏ ଗଛରେ ଚଢ଼ିଯିବା ।

ସୁଣ—ଚାଲ ଚାଲ, ତାର ମୁହଁକୁ ଦେଖି ମୋର ପିଲେଇ ପାଣି ହୋଇଗଲାଣି । (ଗଛରେ ଚଢ଼ିବା)

(ଜମିଦାର ପ୍ରବେଶ)

ଜମି—(ଚାରିଆଡ଼କୁ ଚାହିଁ) ଆହାଁ, ତୁଆଡ଼େ ଗଲେ ! ଏ ଘଟା ରାଜାରେ ପଶି ବଡ଼ କଷ୍ଟ ପାଇବ

କହୁଛନ୍ତି । ଆଜ ମୋର ଉପରେ ଚଢ଼ିବାକୁ ! ଗଲେ କୁଆଡ଼େ ? ମୋତେ ତ ଏହି ସ୍ଥାନକୁ ଆସିବାକୁ କହୁଥିଲେ ! ଆଜ ଯାହା ହେବାର ହେବ, ଧରିକରି ଖାଇକୁ ସାବାଡ଼ କରିଦେବି ।

ଅକ୍ରୂ—ଆଜ୍ଞା, ଆପଣ ଓଲଟେଇ ପକ୍ରୂଦାଦାନ୍ତି, ବଦମାସ କେଉଁ ଜୋରରେ କହୁଛି !

କୁଣ—ଆରେ ଅକ୍ରୂ, ମୋତେ ଟିକିଏ ଧର ରେ । ମୋ ଦେହ ଭାରି ଥର ଥର ହୋଇ ଯାଉଛି ରେ ।

[ ଥର ଥର ]

ଅକ୍ରୂ—ଆପଣ ଖଡ଼ି ଧ୍ୱ ପିଲ, ଭୟ କଣ ? ଓଲ୍ଟେଇ ପକ୍ଲୁନା—

ରାମ—ବଦମାସ ଗଲେ କୁଆଡ଼େ, ଏଇଠି ଥିବାର ତ ମୁଁ ସମ୍ବାଦ ପାଇଥିଲି ।

ଅକ୍ରୂ—ମହାରାଜ ! ମାମଲତ ଖଣ୍ଡୁର ହୋଇଯିବ, ଓଲ୍ଟେଇ ପକ୍ଲୁନା ।

କୁଣ—ଆରେ ତୁ ଓଲ୍ଟା ।

ଅକ୍ରୂ—ହଁ, ସେଥିରେ ଖଣ୍ଡା ପଣ୍ଡା ଚୁଲେଇଦେବ, ମୋ ଦେହରେ ବାଜିଯିବ ।

କୁଣ—ଆଜ୍ଞା, ଆପଣଙ୍କଠେଇଁ ବାଜଗଲେ ମୁଁ ମାଈମାକୁ ଖବର ଦେଇଦେବ ।

ଅକ୍ରୂ—ତୁ ତ ଖିଆଲ, ମୁଁ ମରିବ ତୁ ଖବର କରିବୁ କେଉଁଠା ।

କୁଣ—ତେବେ ତୁମେଁ ଯାଇ ଓଲ୍ଟେଇ ଲଢ଼ିବା ।

[ ତଥାକରଣ ]

ରାମ—ଆରେ ଏ ତ ଏଇଠି ।

କୁଣ—ତୋ ନା ରାମସାହୁ ?

ରାମ—ହଁ, ମୋ ନାମ ରାମସାହୁ ।

କୁଣ—ତୁ ମନେ କରୁଥିବୁ ତୋତେ ଦେଖି ଆମ୍ଭେ ଲୁଚିଥିଲୁ । ନାହିଁ ନାହିଁ, ଏ ଘଡ଼ିଆ ତେବେ ମାପୁଥିଲୁ । ଆମ ଟଙ୍କା ଆଣିଛୁ ।

ରାମ—କ ଟଙ୍କା ତଲବ କରିଛ ? ତୁମେ କିଏ ?

କୁଣ—ଆରେ ଆମେ କିଏ ? ଆମକୁ ଚିହ୍ନି ନାହଁ ? ଆରେ ବୁଦ୍ଧା ରଜା, ସାନରାଣୀଙ୍କ ଭଲ ବୁଢ଼ୋମି ଚିହ୍ନି ନାହଁ ।

ଅକ୍ରୂ—ଆରେ ଆମ୍ଭେ ମନ୍ତ୍ରୀ, ଆମକୁ ଜାଣୁ ତ । ତୋ ଟଙ୍କା (ଜୋରରେ) ଆମ ଭଣ୍ଡାର ଟଙ୍କା ରଜା ।

ରାମ—ଆରେ ହେ, ମୁଁ ତୁମଭଳି କେତେକୁ ଦେଖିଛି, ମୋତେ କଣ କରି ପାରିବ ତ ? ମୁଁ ଲକ୍ଷେତ ଟାହିଲ ପୂର୍ବରୁ ରଜସ୍ୱ ଯଥା ସମୟରେ ଦେଇ ଜମିଦାରୀ ଭୋଗକରି ଆସୁଛି ? ମୋତେ ରଜା ଭଲ କରି ଜାଣନ୍ତି । ଆଉ ମୁଁ ମଧ୍ୟ ରଜାଙ୍କୁ ଭଲ କରି ଜାଣେ ।

କୁଣ—କଣ ଭାରି ଜୋରରେ କଥା କହୁଛୁ ? ଦେଖିବୁ ଏଇନାରେ ।

ରାମ—ହଇ ରେ କଣ ଦେଖିବୁ ? ତୁମେ ଦୁଇଟା ଏପରି ରଜ୍ୟରେ ଅନ୍ୟାୟ କରି ଚୋର ଉଦରଦସ୍ତରେ ପ୍ରଜାମାନଙ୍କଠାରୁ ଧନ ନେଇ ମଦ ମାଂସରେ ଉଡ଼ାଉଛ, ମୁଁ କିଏ ଜାଣେ ? ମୋତେ ଆଉ ତାହାପରି ଭବ ନାହିଁ, ଧରି ସାବାଡ଼ କରିଦେବ !

କୁଣ—ହେ ତୁ

ଅକ୍ରୂ—ଆରେ ତୁ

ରାମ—ହିଁ, ମୁଁ

କୁଣ—ତୁ ସାବାଡ଼ କରେଇ ଦେବୁ, ଅକ୍ରୂ ଧର ଧର ।

( ଜଣେ ଉଠିହୋଇ )

ଅକ୍ରୂ—ଧର ଧର ( ଜଣେ ଜଣେ ଉଠି ହୋଇ )

କୁଣ—( ରାମସାହୁ ହାତ ଧରିବାରୁ ରାମ ସଜୋରରେ ମୁଣ୍ଡାଇକ ବଧାଦେଇ ଦୁଇକି ଘୋଷାଡ଼ି ଦେଇ ପଳାଇନ ଓ ତତ୍ପଶ୍ଚାତ୍ ଦୁହେଁ ଧଧା ମସ୍ତକର ଧୂଳି ଝାଡ଼ାଝଡ଼ି, ଦୁହେଁ ଉଠି ଚୁନ୍ଦେଇ ଚୁନ୍ଦେଇ ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

( ରାଣୀ କମଳା ଓ ଦାସୀ ପ୍ରବେଶ )

କମଳା—ସଇ ଲୋ, ଏଥିତା ତାହାକୁ କେତେବେଳେ ଭଣ ନ କରୁଛି !

ଦାସୀ—କଣ ହେଲା ତ ?

କମଳା—ଦାସୀ, ଜାଣି ଅଜଣା ପରି ବ୍ୟବହାର କରୁଛୁ, କାଲି ରାଜରାଣୀ ହୋଇ ବସିଥିଲି, ଆଜି ସାତ ପୋଇଲିରୁ ବଳପଡ଼ିଲିଣି, ଆଉ ଅଛି ? ବିଧାତା ସିନା ଏତେ ହଟହଟା କରୁଛି ! (କ୍ରନ୍ଦନ)

ଦାସୀ—ଦୁଃଖ କଲେ କଣ ହେବ, କର୍ମରେ ବିଧାତା ଯାହା ଲେଖିଛି, ତା ନଷ୍ଟେ ଭୋଗ କରିବାକୁ ପଡ଼ିବ ।

କମଳା— ଗୀତ

( ତାଳ ଖେମଟା )

ପ୍ରାଣ ସଙ୍ଗ ବନ୍ଧୁ ମୋତେ କର୍ପା ହେଲା ଏ ଦଶା ।
କେତ୍କ କେଳ ମାତ୍ର ଆସିଲିଣି ମୋର ବଦଶା ।
ସଖି ଗୋ ! ମୋ ଦୁଃଖ କହିଲେ ନ ସରେ
ନାଥ ଥାଉ ଅନାଥିନୀ ହେଉଛୁ ମୁଁ ଅଭାଗିନୀ
ଆଉ ବଞ୍ଚିବ କ ହେବ ଭାଙ୍ଗିଲା ମୋ ଭରସା ।
ସେତ ମୋତେ ପର କରି ଦେଇ ବସିଲେଣି, ମୁଁ
ଆଉ କାହାର ହେବ ।

ଦାସୀ—କାହିଁକି ? ଏମିତ କଣ କଥା ହେଲା, ମୁଁ ତ ତମ କଥାରୁ କିଛି ଅର୍ଥ ପାଉନାହିଁ ।

କମଳା— ଗୀତ

ନୂଆରାଣୀ ପ୍ରେମେ ନାଥ ରହିଲେଟି ଅବିରତ
ମୋତେ ନ ଦେଖେଲେ ସାକ୍ଷାତ ଉଡ଼ିଯାଏ ମୋ ହଂସା ।
ଦାସି ! ନୂଆରାଣୀ ଆସିଲା ଦିନଠାରୁ ନାଥ ତାଙ୍କ ପ୍ରେମରେ ସଦାବେଳେ ରତହୋଇ ମୋତେ ଆଉ ଚାହୁଁ ନାହାନ୍ତି, ମୁଁ ଏବେ କଅଣ କରିବ ? ଆଉ ଗୋଟିଏ କଥା ସହିଛି ।

ଦାସୀ—କଣମ ?

କମଳା— ଗୀତ

ରାଣୀ ହନ୍ତ ଗର୍ଭବତୀ ହେବ ସନ୍ତାନ ସନ୍ତତ
ଆମ ସୁଖ ଗଲା ଭୁଟି ପଡ଼ିଲାଣି ଦୁର୍ଦ୍ଦଶା ।
ଦାସି ! ରାଣୀ ବର୍ତ୍ତମାନ ଗର୍ଭବତୀ, ଯଦି ତାର ପିଲା ପିଲି ହୁଅନ୍ତି, ତେବେ ଏ ଅଣ୍ଡୁ ବୁଢ଼ୀର କଥା ସରିଲା ।

ଗୀତ

ରାଜା ରାଣୀଙ୍କର ଭାବ କେମନ୍ତେ ହେବ ଅଭାବ
ବାଳକୃଷ୍ଣ ଭଲ ଭାବ ଶୁଣ କହେ ଏ ଭରସା । ୪ ।

ଦାସି ! କଣ କଲେ ରାଜା ନୂଆରାଣୀଙ୍କୁ ମନରୁ ପାଶୋରି ଦେବେ ।

ଦାସୀ—ହଇ ହୋ ମହାଦେଇ ! ନୂଆରାଣୀ ଯେବେ ଗର୍ଭବତୀ ହେଲେଣି, ତେବେ ମୃଦୁସୁଲି ବୁଢ଼ୀ ଠେଇଁ ତ ସବୁକଥା । ତାକୁ ନାଞ୍ଚ ମୁଣ୍ଡା ଦେଲେ ସେ କିଛି ଉପାୟ କରିପାରିବ ନାହିଁ ?

କମଳା—ଠିକ୍ କଥା, ଠିକ୍ କଥା, ମୋର ତ ମନେ ନ ଥିଲା, ତୁ ମୃଦୁସୁଲି ମାଉସୀକୁ ଡାକିଲୁ ।

ଦାସୀ—ମୁଁ ଯାଉଛି, ଏଇକ୍ଷଣି ଡାକିଆଣିବ ।

( ପ୍ରସ୍ଥାନ )

କମଳା—ଯଦି ମୃଦୁସୁଲି ଆସି ନୂଆରାଣୀର ଗର୍ଭଟି ନଷ୍ଟ କରିଦେବାର ବାଟ କରିଦିଏ, ତେବେ ରାଜାଙ୍କ ମନରେ ନିଶ୍ଚୟ ପରିବର୍ତ୍ତନ ଆସିଯିବ ।

( ମୃଦୁସୁଲି ପ୍ରବେଶ )

ମୃଦୁ—ହଇଲେ ନାତୁଣି, କାହିଁକି ଡାକୁଥିଲୁ ମ ।

କମଳା - ମୋ ଦୁଃଖ ତ ଦେଖୁଛୁ, ପଚାରୁଛୁ କଣ ? ଗୋଟିଏ ଉପକାର କରିପାରିବୁ ।

ମୃଦୁ—ତୋର କଥା କହୁନାହୁଁ, ତୋର ଉପକାର କରିବ ନାହିଁ ଆଉ କାହାର କରିବ ବା । ଓଷାରେ ହେଲା ବାରରେ ହେଲା ପୂର୍ଣ୍ଣମୀରେ ହେଲା ପର୍ବରେ ହେଲା କେତେବେଳେ ତାଙ୍କ ଉପାସ ଯାଏ ! ମୋର ବଡ଼ପଣ ତୋର ପାଖରେ ।

କମଳା—ଆଉ ନୂଆରାଣୀ ଗର୍ଭବତୀ ହୋଇଛି । ଯଦି ତାର ପିଲାପିଲି ହୁଅନ୍ତି, ତେବେ ଅଣ୍ଡୁବୁଢ଼ୀର କଥା ସରିଲା । ସହଜେ ତ ସେ ଆସିଲା ଦିନୁ ମୁଁ ସାତ ପୋଇଲିଠାରୁ ବଳିଲିଣି ।

ମୃଦୁ—ବୋଇଦଲୁ ଏତେ କଥା ହେଲାଣି ! କଣ ଏଡ଼େ ନକଟେନାକୁ ସେଇ ଆସିଲା ଦିନ ମୁଁ ଦେଖିଥିଲି, ସେ ଯେବେଣେ ଏମିତ ହୋଇଗଲାଣି ! ଏ କଳିକାଳ ଲୋକଙ୍କି ଆଉ ବଳ ନାହିଁ । ବଡ଼େ ଗୋଡ଼ ମ ଦଇବୁ ପୁଅ । ମଲା, କର୍ତ୍ତେ ବକର୍ତ୍ତ ବୋହୂପଣିଆ କରିଥାନ୍ତେ ସିନା ମୋର କଥା ହୁଅନ୍ତା, ଏ ଗୋଡ଼ ତଳ ନ ବଳଇ ।

ଦାସୀ—ଆଉ ! ଏଡ଼େ ନକଟେ କାହାକୁ କହୁଚୁ ବା, ଖାଇ ପିଇ ସାତ ଶରଧାରେ ରହି କରିବ

ଦରଜର ଚକାଚ୍‌କୋଷ ଏବେ ବଳ ଗଲାଣି, ଆମ ରାଜା ତ ତା ଆଗରେ ଠିଆହେଲେ ରଣ ଛାଡ଼ିବେ ।

କମଳା—ଆଃ ! ମୋ କଥା କଣ ହେବ କହ ।

ମୃତ୍ୟୁଞ୍ଜୟ—ମଲା ଏଇ ଗୁରୁ କଥାକୁ ଶୁଣନା ! ରାଜାଙ୍କର ପ୍ରସ୍ତୁତ ସବୁ ହେଲେ ଶାନ୍ତିଗଣ୍ଡେ ଆଉ ପାଞ୍ଚଟା ଟଙ୍କା ମିଳେ । ତୁ କେତେ ଦେବୁ କହ, ଏମିତ କାମ କରିଦେବ ଯେ, ରାଜା ରାଣୀ ଆଉ ମୁହଁ ଚୂନା ଚୂନି ହେବେ ନାହିଁ ।

କମଳା—ଆଃ ! ତାହାଲେ ଯାବତ ଦେଇପାରେ, ଯେ ବର୍ତ୍ତମାନ ଟଙ୍କାଟା ନେ, ଆଉ କାର୍ଯ୍ୟ ଶେଷରେ ଯାହା ମାଗିବୁ ତା ଦେବି ।

ମୃତ୍ୟୁ—ବାପ୍ପୁ ନାହିଁ, ଏଇଟକରେ ତ କଣ ହୋଇଯିବ ! ବୁଢ଼ୀ ମାଉଷଟାଏ କଣ ଖାଇବ ତ ? ଅନ୍ତତଃ କଣ୍ଠ କରଣୀ ବାଟିବ ନାହିଁ, ପ୍ରସ୍ତୁତ ସବୁ ହେଲକୁ ଅନୁଷ୍ଠାନରେ ମାଗଲତ, ତୁ ଯାଆ ମା ନିଶ୍ଚିନ୍ତ ହୋଇ ଖାଇ ପିଇ ବସି ରହ, ମୁଁ ଯାଉଛି ।

(ପ୍ରସ୍ଥାନ)

କମଳା—ଯାହା ହେଉ, ମନରେ ଟିକିଏ ଶାନ୍ତି ଆସିଲା ! ବାସୀ ଶୁଣୁଛୁଟି । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

(କୁମୁଦ ବାସୀ ସହ ପ୍ରବେଶ)

କୁମୁଦ—ସଖି ମୋର କେତେଟା ଦାହିଁ ତ କଣ ବଢ଼ୁଛି, ଚାହୁଁ ଚାହିଁ ସହୁନାହିଁ । ତୁ ଯାଇ ଟିକିଏ ପ୍ରାଣନାଥଙ୍କୁ ଡାକିଆଣିବୁ !

ବାସୀ—ମୁଁ ରାଜାକୁ କଣ କହିବ ? ସେ ଆସିବେଟି ?

କୁମୁଦ— ଗୀତ

(ଆଶା ଛୁଟ ରେ—ଢଙ୍ଗ)

ଆଡ଼ା ଖେମଟା

ତୁ କହଯାଇ ନାଥକୁ ମୋର ପାଇଁ,<br>
ଅନ୍ତରାଳ ଦହିଯାଏ ମୋତେ ମଧୁ । ସହ ।

ସଖି ଗୋ ! ମୋତେ ଦହନ ଅନ୍ତରାଳ ଦହିଗଲି, ଆଉ ବଞ୍ଚିବ ନ ନାହିଁ ତୁ ଶୀଘ୍ର ଯା ।

ଗୀତ

ଏ ଗର୍ଭ ବେଦନା ଦେବୁ କେଉ<br>
ମାତ୍ର ଆସେ ଯେସନ୍ତେ ବାତାନଳ ।<br>
ନ ପାରୁଛି ସହ ସଖେ ମୁଁ ବହୁତ<br>
ଏ ଦୁଃଖ ପିଞ୍ଜର ଏଠ ତତ୍ତ୍ୱ । ୧ ।

ସଖି ଏ ଗର୍ଭର ବେଦନା ଦେବୁ କେଉ କେମି ହେଉଛି, କଣ କହିବ ତୁ କି ଶକ୍ତୁନାହିଁ ।

ଗୀତ

କେମିତି ନାହିଁ ବନେ ଏ କଷ୍ଟ ।<br>
ଭୟରେ ମନ ହୁଏ ଛନ ଛନ ।<br>
ସତେ ଭଗବାନ ଏ ଦୁଃଖ ମୋଚନ ।<br>
କରିବେ ମୋଠାରେ ଦୟାକରି ।

ସଖି ! ଭଗବାନ ମୋର ଏ ଦୁଃଖ ସତେ ମୋଚନ କରିବେ ! କେ ଜାଣି ! ମୋ ମନରେ ବିଶ୍ୱାସ ହେଉନାହିଁ । ତୁ ଶୀଘ୍ର ଯାଆ, ଆଉ ବିଳମ୍ବ କରିବା ଆବଶ୍ୟକ ନାହିଁ ।

ବାସୀ—ମହାଦେବ, ନାରଦ ଭଗବାନ, ସୂର୍ଯ୍ୟଦେବ ପ୍ରସନ୍ନ ! ଭଲରେ ହେବ କଣ ? ମୁଁ ଯାଉଛି ବର୍ତ୍ତମାନ ରାଜାଙ୍କୁ ନେଇ ଆସିବ । (ପ୍ରସ୍ଥାନ)

କୁମୁଦ—କଥାଟା ନାସ୍ତି ଜଣା ଦେଇ କେତେବେଳେ କଥଣ ଜୀବନରେ ଶେଷ କରିବାକୁ ଲାଗିଛି । ମୋର ଯେ କଷ୍ଟ ପୁଣି ତୁମଠାରୁ ବାହାର ।

(ରାଜା କେଦାର ପ୍ରବେଶ କୁମୁଦ ଉଠିବ ମନରେ ମଥାଗୋଡ଼ ବସିବ ।)

କେଦାର—ପ୍ରିୟେ, ମୋର ତ ଆସିବା ସମୟ ହୋଇ ନ ଥିଲା, ତୁମେ କୁମୁଦ ସହଚରୀକୁ ପଠାଇବାର କାରଣ କଣ ?

ଗୀତ

(ସୁନ୍ଦର ସଖିର—ଢଙ୍ଗ)

କେ ବାଳକ ତ ଲଗି ହେଉଛ ସଖ<br>
ତ ବେଦନା ଦେଇ ଏଠ ଖେଡ଼ ଭବ ପୂଜାରି । ଘେର ।

ସଖି, କଷ୍ଟ ନ କର ପ୍ରକାଶ କର । ଏଠ ତୋତେ ତ ବେଦନାରେ ପକାଉଛି ?

ଗୀତ

କହୁଥିଲ ମୁଁ ସ୍ୱର୍ଗରୁ ଫୁଲ
ତୋଳି ଆଣିଦେବି ତୋ କର
ଯାହା ମାଗ ଶରଧା ତୋର
ତାହା ଦେବ ହେମାଙ୍ଗୀ ।୧।

ପ୍ରିୟେ, କେଉଁ କଥା ଲାଗି ତୁମ୍ଭ ମନ ବଳୁଛ, ସେ କଥା ପ୍ରକାଶ କର, ବର୍ତ୍ତମାନ ଆଣି ଦେଇ ପାରିବି । ତୋର ବିଷଣ୍ଣ ବଦନ ଦେଖି ଏ ପ୍ରାଣ ଅସହ୍ୟ ହେଉଛି ।

ଗୀତ

ଦେଖୁ ତୋର ବହୁଣ ଜଳ
ଭିଜୁଲଣି ବସନାଞ୍ଚଳ
ପ୍ରାଣ ମୋର ହୁଏ ଆକୁଳ
ବାରେ କହ ବରାଙ୍ଗୀ ।୨।

ପ୍ରିୟେ, ନୟନରୁ ତବ ଅଶ୍ରୁଧାର ଗଡ଼ି ଅଙ୍ଗ ବାସ ହେଲାଣି ତ ଆର୍ଦ୍ର, କହ କିବା ତବ ଅଭିଳାଷ ଏ ମୁହୂର୍ତ୍ତେ ଦେଇପାରେ ସଖି ।

କୁମୁଦ— ଗୀତ

(ସ୍ୱସୁର)

ଜୀବଧନ ଜୀବନରେ ବଞ୍ଚିବ ନ ଆଉ
ହଟିଆ ବଧୂ ମୋଠାରେ ସାଧିଲାଣି ଦାଉ
କାହୁଁ ଆସି ହେ
ରହି ରହି କାଳ ଯାଏ ଗ୍ରାସି ହେ ।

ନାଥ ! ଆଉ ଜୀବନରେ ବଞ୍ଚିବ ନାହିଁ, ମୋତେ ଚଉଦିଗ ଅନ୍ଧାର ଦେଖାଗଲାଣି ।

କେଦାର—ପ୍ରିୟେ, ମୁଁ ତ କିଛି ବୁଝି ପାରୁନାହିଁ କାରଣ କଣ !

କୁମୁଦ— ଗୀତ

ଏ ଗର୍ଭ ବେଦନା ବଢ଼ିଲାଣି ବେଳୁ ବେଳ
ତରେ ଏ ବାଧାରେ ନ ପାଉଛି ଥଳ କୂଳ ?
ମୂଳଧନ ହେ ।
ଯାଉ ପଛେ ଫଳ ତୁମ୍ଭେ ଦେଖ ହେ ।୨।

ନାଥ ! ଏ ଗର୍ଭବେଦନା ବେଳକୁ ବେଳ ପ୍ରବଳ ଭାବରେ ବଢ଼ିଲାଣି, ଆଉ ବଞ୍ଚିବ ନାହିଁ । ଯାହା ଉପାୟ କରିବାର ଶୀଘ୍ର କରନ୍ତୁ ।

କେଦାର—ସଖି ! ମୁଁ ତ ଜାଣିପାରି ନ ଥିଲି, ବର୍ତ୍ତମାନ ତାର ବନ୍ଦୋବସ୍ତ କରି ଦେଉଛି । ଦାସୀକୁ ପଠାଇ ମୃଦୁସୁଲ ଓ ବଢ଼ଇଣୀକୁ ତୁମ୍ଭ ନିକଟକୁ ପଠାଇ ଦେଉଛି । ସେ ତୁମ୍ଭର ସେବା ଶୁଶ୍ରୂଷା କରିବେ । ତୁମ୍ଭେ କିଛି ଭାବନା କରନା, ମୁଁ ଆସୁଛି । ( ପ୍ରସ୍ଥାନ )

କୁମୁଦ—( ସ୍ୱଗତ ) ନାଥ ତ ଆଜ୍ଞା ଲୋକଙ୍କୁ ମୋ ତତ୍ତ୍ୱ ନେବାକୁ ବନ୍ଦୋବସ୍ତ କରିବାକୁ ଗଲେ, ବଢ଼ଇଣୀ ତ ମୋର ଶିଶୁ ଦଣ୍ଡେ ଦେଖେ ନାହିଁ, ହରି ଭଗବାନ ଯାହା କରିବେ, ମୋର କିଛି ଆପତ୍ତି ନାହିଁ । ( ପ୍ରସ୍ଥାନ )

—*—

## ଚତୁର୍ଥ ଦୃଶ୍ୟ

[ କମଳା ଓ ଦାସୀ ପ୍ରବେଶ ]

କମଳା—ଦାସୀ ଦେଖିଲୁ, ଆଜ ଅସରଣିଆ ପଡ଼ିଛି ବୋଲି କଡ଼ର ନାଥଙ୍କର ସୁହାଗିଆ ଭାବ ଦେଖାଗଲା ।

ଦାସୀ—ଯେଉଁର ସବୁଦିନେ ସୁହାଗିଆ ଭାବ ହେବ, ମୃଦୁସୁଲ ନାକ ତାର କାଟ କରିଦେବ ସେ ! ଆମର କଳ୍ପନା ସାଢ଼ିକୁ ଯିବା ।

କମଳା—ତାହାହେଲେ ସେ ମାଇକିନିଆ ଖାଲି ବାଟେଇ ଫିଟି ହେଉଛି, ମୋତେ କାହିଁକି ଦେଖି ଡର ମାଡ଼ିଲା । ସେଇ ଯୋଗରୁ ମୁଁ ଏଠିକି ଚାଲି ଆସିଲି । ସେ ମୃଦୁସୁଲ କଣ କରୁଛି କହୁ ।

ଦାସୀ—ହିଁ, ସତେ ସେ ମାଇପିଟା ଏତେ ଲଢ଼ୁ ବସି ହେଉଛି କାହିଁକି ? ତୁଆଟା ଭୋଉଟି ଅଧାନ ଆଗରେ ରହିଯିବ । ମଲା, ଟିକିଏ ସମ୍ଭାଳି ହୋଇ ପାରୁ ନାହିଁ ? ଅଭ ବଢ଼ି ବଢ଼ି ଲୋକର (ମୃଦୁସୁଲ ନୂଆପୁଅ ଦେଇ ପ୍ରବେଶ )

ରାଣୀ, ଦେଖିଲଣି କେଡ଼େ ସୁନ୍ଦରିଆ ପୁଅଟିଏ ।

କମଳା—କି ସତେ କେଡ଼େ ସୁନ୍ଦର ହାତ ଗୋଡ଼ ସୁନ୍ଦର ହୋଇଛି ! ଏକା ସଜଳସି । ତୁ ଆଜି ଆଣିଲୁ କେବେ କେଉଁ ଦେଶି ନାହାନ୍ତି ?

ମୃଦୁସ୍ମୂଳ ଆଜି ଦେଖିବ କଏ ସେ, ଓଲଟା କ ସୁରବାଟ ଲମ୍ବାଇ ପଡ଼ିଛି । ତାର କଣ ଜ୍ଞାନ ଅଛି ! ତେବେ ତାକେ ବିଶ୍ୱାସ ଯିବ ବ ନାହିଁ, ଏଇ ଦେଖ, ତମର ଆଗରେ ଦେଖିଲ ନାମ ଚଳୁଛି ।

କମଳା—ମୃଦୁସ୍ମୂଳ ଆଉ ! ଥାଉ ଥାଉ, ମାରୁ ହେ ନା ! ଗୋଟିଏ ଉପାସ୍ କର, ଗୋଟିଏ ହାଣ୍ଡିରେ ଏ କୁଆଁଟିକ ରଙ୍ଗ ନଈରେ ଭସାଇଦେ । ମାରିବାକୁ ତାଙ୍କ ବ ମୋ ସତ ବଳୁ ନାହିଁ ।

ମୃଦୁ—ହେ, ତୁ ଯାହା କହୁଛୁ ମୁଁ ତା କରିବ । ମୁଁ ଏମିତ କଅଁଳା ପିଲାଙ୍କ ତଣ୍ଟି ଚିପି ଚିପି ଏ ଟିପ ଶକ୍ତି ହୋଇଗଲାଣି । ତୋ କଥାକୁ ଏଡା ସ୍ୱାରୁ ହାଣ୍ଡିରେ ପୂରେଇ ଭସାଇଦେଉଛି; କିନ୍ତୁ ମୋ ପ୍ରାଣରେ ଭଲ ହେବ ନାହିଁ ।

କମଳା—ହେ, ଘରାକୁ କଣ କହିବା, ଉପାସ୍ କଣ କରାଇଲୁ !

ମୃଦୁ—ମୁଁ କଣ ଏତେବେଳ ଯାଏ ସେ କାମ ରଖିଛି ! ଗୋଟିଏ କନାରେ ପୁଅ କରି ସେଥିରେ ନାଇ ରଙ୍ଗ ଲାଲ ରକତ ପିଣ୍ଡୁଳା ଧରି ରାଣୀ କୋଳରେ ଶୁଆଇଦେଇ ଆସିଛି । ଆଉଛୁଡା ଯାଇ ରଜାକୁ ଖବର ଦେବ, ତାଙ୍କ ଦେଲ୍ଲା ରାଣୀ କେମେତା ପୁଅ ଜନ୍ମ କରିଛନ୍ତି ଦେଖିବେ । ତା ପାଇଁ ମୁଁ କରିଦେଇଛି । ସୁଲ, ଟିକିଏ ମୋ ସଙ୍ଗରେ ନଈ-କୂଳକୁ ଯିବଟି ।

କମଳା—କଏ ତାକେ ଆସିବ ! ମୋ ଦେହ ଥରୁଛି ।

ମୃଦୁ - କ୍ଷୋଭର, ତୋ ଡର ନାହିଁ କ ଅଛୁ ? ଆ, ଆ, ଚାଲ ଆ । (ପ୍ରସ୍ଥାନ)

—***—

## ଚତୁର୍ଥ ଅଙ୍କ

### ପ୍ରଥମ ଦୃଶ୍ୟ

କେଦାର—ଦୂତ, ଅନ୍ତଃପୁର ସମ୍ବାଦ କଣ ଜାଣୁ ?

ଦୂତ—ନା ମହାରାଜ ! ମୁଁ ତ ସିଂହଦୁଆରେ ଥିଲି, ମୁଁ କିଛି ବୁଝି ନାହିଁ । ଏଇ ତ ଆହୁଁତ ମୃଦୁସ୍ମୂଳ ନାପ କରକରର ଆସୁଛି ।

(ମୃଦୁସ୍ମୂଳ ପ୍ରବେଶ ବ୍ୟସ୍ତଭାବେ)

ଦୂତ—ହେ ନାକ, କଣ ପୁଅ ନା ଝିଅ ?

ମୃଦୁ—ଆରେ ସୁଲ, ରଜାଙ୍କ ନିକଟକୁ ଯିବି ।

କେଦାର—ମୃଦୁସ୍ମୂଳ, କଣ ଖବର ?

ମୃଦୁ—ମୁଁ ବୁଢ଼ୀ କଥାଟାରେ ଅନ୍ଧାରରେ ପଶିଲି, ଏ ବାଇ କାମ କରି କରି ମୁଣ୍ଡବାଳ ଆସି ପାଚିଲାଣି, ଏମିତ କଥା ତ ମୁଁ କେବେ ଦେଖି ନ ଥିଲି !

କେଦାର—କଣ, କଥା କଣ ? କଣ ଦେଖି ନାହିଁ ?

ମୃଦୁ—ଆପଣ ତ ଆମକୁ ଉଠେଇ ଦେଇ ଆସିଲେ, ତାର ସକାଳେ ଯେ ଘରେ ମୁଁ ଆଉ ବଡ଼ରାଣୀ ବସିଥିଲୁ, ଭଲେ ମୋ ବାପ ଲୋ, ମୋ ଦେହ ଶୀତେଇ ଉଠୁଛି । (ଦେହ କମ୍ପନ)

କେଦାର—କହିଁ କଣ ହେଲା ?

ମୃଦୁ—ମୁଁ କଣ କହିବ, ମୁଁ ତ ମୃଦୁସ୍ମୂଳ କାମ କରି କରି ପାଚିଲାଣି ! ଏମିତ ମୋ ଆଖି ଜନ୍ମରେ ତ କେବେ କେଉଁଠି ଦେଖି ନ ଥିଲି ।

କେଦାର—କଣ ହେଲା ?

ମୃଦୁ—ମହାରାଜ, ପିଲା ଜନମ କରିବାକୁ ଘଡ଼ିଏ ଘଣ୍ଟେ ଅଛି ଖାଲି ଆଖି ବନ୍ଦ କରି ମଣ୍ଟ ମଣ୍ଟ କରି କହୁଥିଲୁ ତ ହାତେ ଘଣ୍ଟେ ବାଡ଼ି ପକାଇଲି, ଭଲେ ମୋ ବୋଉ ଲୋ !

କେଦାର—( ଉଦ୍‌ବେଗେ ) ତାପରେ ?

ମୃଦୁ—ବଡ଼ ରାଣୀ ତ ଭଲେ ବାପା ବୋଲି କେ ଦୁଆର ମୁହଁ ଏ ପାଖରେ ଦୁଲକନା ଲୁହରସ୍ କରଜ୍ଞାଏ ଖାଇଲେ । ମୁଁ କରିବ କଣ ! କାଠ ପାଷାଣ ଧରି ବାଟକୁ ଚାହିଁ ବସିଲି । ଭାବିଲି, ମୁଁ ଯେବେ ଗୁଣିଆ ହେବି, ଏ କାମ କହିବ କଏ ? ତେଣେ ତୋଟା ଭିତରେ ଉପର ମହଲରେ ଯେମିତ କଏ କେଉଁଠି ଦୁଲ୍ ଦୁଲ୍ ଧୁସ୍ ଧୁସ୍ ହେଉଥାନ୍ତି । ମୁଁ ଏବେ କରେ କଣ ? ଟିକିଏ ଗୁଣଟାକୁ ବନ୍ଦ କରି ଘଡ଼ିଏ ବସିଲି । ସେତେ ଥିଲା ଥିଲା ଲୁହକନା ଠିଆ ହୋଇଗଲେ । ମୁଁ ଭାବିଲି, ମୋତେ ଖାଇଲେ । ମୁଁ ଭଲଭୋଟି ଦେଖି ଦେବତା ବୋଲି କହି ତା ମୁହଁକୁ ଚାହିଁ ଦେଲିଟି, ତେବେ ସୁନ୍ଦର ରଙ୍ଗ ଦୁଇ କୁମର ପରି କୁଆଁଟାଏ ।

ମହାରାଜ, ଡାଆଣୀ ପିଶାଚୁଣୀ ରକ୍ଷାସୀ ଅପ୍‌ସରା ଏମାନେ ଏମିତି କେତେ କେତେ ବଣରେ ସବୁ କପଟରେ ଛଦ୍ମ ଭାବରେ ବୁଲୁଛନ୍ତି । ତାଙ୍କ ମାୟାରେ ପଡ଼ିଲେ ମଣିଷର ବୁଦ୍ଧିଜ୍ଞାନ ସବୁ ହୁଆଡ଼େ ଯିବ । ସେ ତ ଏମିତି ରୂପ ଦେଖାଇ ଦେବ ଯେ, ଲୋକ ତାକୁ ନ ପାଇବା ପର୍ଯ୍ୟନ୍ତ ପାଗଳ ହେବ ।

ଦୂତ—ମୃଦୁମୂଳ ମାଉସି ! ତୁ ଯାହା କହୁଛୁ, ତା ଠିକ୍ ସତ । ମୁଁ ମୋର ଆଖିରେ ସବୁ କଥା ଦେଖିଛି । ଆମ ମଣିମାଙ୍କର ଠିକ୍ ସେ ମାଈକନିଆକୁ ଦେଖିଲାବେଳଠାରୁ ମନଟା କୋଉଆଡ଼େ ଆଡ଼କୁ ଧାଇଁଲା ।

ମୃଦୁ—ଆମ ଗାଁରେ ଥରେ ସେମିତି ଗୋଟାଏ ନାରୀ ପଧାନ ପୁଅ ସାଙ୍ଗରେ ଗଡ଼ଜାତଆଣୀ ସାଙ୍ଗେ ସାଙ୍ଗେ ଗୋଡ଼େଇ ଆସିଥିଲା । ଦେଖିଲୁ, କେଉଁଠା ବନରେ ସେ ତ ଘର ଥିଲା ଏକା-ବେଳକେ ମୁକ୍ତିଯୋଗ । ମହାରାଜଙ୍କର ଧର୍ମବଳ ଥିଲା ବୋଲି, ନୋହିଲେ ଡାକିଣୀ ରକତ ଶୋଷି ଖାଇଯାଆନ୍ତାଣି ।

କେଦାର—ମୋର କର୍ମଟା ଖରାପ ।

ମୃଦୁ—କର୍ମ କାହିଁକି ଖରାପ, ଜାଣୁ ଜାଣୁ ଯିଏ ମନ୍ଦକର୍ମ କରିବ, ସେ ପୁଣି ପରକୁ ବଧାତାର ଦୋଷ ବାଢ଼ବ କାହିଁକି ? ସେଗୁଡ଼ା କଣ ମାଈକନିଆ, ତେମେ ଭ୍ରମରେ ପଡ଼ିବ ବୋଲି କଣ ମୁଁ ଭ୍ରମରେ ପଡ଼ିଛି ?

କେଦାର—ଆଉ ସେ କଣ, ଏସବୁ କଥା ମୋତେ ତ ମାୟାପରି ଜଣାଯାଉଛି !

ଦୂତ—ମହାରାଜ ! ଆପଣ ସ୍ୱରଣା ଭାଷାରେ ଯେଉଁଦିନ ଶିକାର କରୁଥିଲେ, ସେଦିନ ତ ବଣ ଏହି ମାଈକନିଆକୁ ଦେଖି ଲବୁଥିଲେ ମନେ କରନ୍ତୁ । ଆମ୍ଭେମାନେ ତ ଆପଣଙ୍କୁ ଆଉ ପାଇବୁ ବୋଲି ଆଶା କରି ନ ଥିଲୁ ?

କେଦାର—ହଁ, ସେଦିନ କଥା ।

ମୃଦୁ—ଗୋଟାଏ ଡେଙ୍ଗା ସେ ମାଈକନିଆ ପାହିରେ ଅଛି, ଆଉ ମୁଣ୍ଡଟା ତଳକୁ ଓହଳିଛି ସେଇଠୁ—

କେଦାର—ଏ ତ ବଡ଼ ଅସମ୍ଭବ କଥା ! ସେ ପିଲା କଣ ବଞ୍ଚି ଥାଏ ?

ମୃଦୁ—ହଁ, ପିଲାଟା ଲୁଆଁ ଲୁଆଁ କରି ଭଲ ଲୁଆପରି ହେଉଥାଏ । ସେଇଠୁ ଥିଲା ଥିଲା ମୁହଁରୁ ଦୂଲକନା ଘୋଷାଡ଼ି ଦେଇ ମୁହଁଟିକି ସୋରେଇ ଗାଠେଇ ଦେଇ ଭଲ ମଣିଷ ପରି ବସିଲା । ସେ ଛୁଆ ଜନ୍ମ ହେଲା କେତେବେଳେ, ଫୁଲ ପଇଲା କେତେବେଳେ ମୁଁ ତ ଦେଖି ନାହିଁ !

କେଦାର—ଏ ତ ବଡ଼ ତାଜବ କଥା ! ଏପରି ଘଟଣା ତ ମୁଁ କେବେ ଶୁଣି ନ ଥିଲି !

ଦୂତ—ଏ ତ ବଡ଼ ଆଶ୍ଚର୍ଯ୍ୟ କଥା ।

ମୃଦୁ—ତେମେ କାଣୁ ଜାଣୁ ଏ କଥା କହୁଛ, କେବେ ଯିନା ଶୁଣି ନ ଥିଲ, ଏବେ ନିଜ ଆଖିରେ ଦେଖ ।

ଦୂତ—ମହାରାଜାଙ୍କର ସେ ପୂର୍ବ ରୂପ, ସେ ବୁଦ୍ଧି ତେବେହେଲେ କାହିଁ ?

କେଦାର—ମୁଁ ତ ଏସବୁ ଘଟଣା ଶୁଣି ଅବାକ୍ ହୋଇଗଲିଣି । ବର୍ତ୍ତମାନ କରିବ କଣ ?

ମୃଦୁ—ସ୍ୱାମୀନ୍ତୁ ଟିକଏ ତାକୁ ଦେଖି ଆସିବେ । ଅଲଛୁଡ଼ା କଣ ଆଉ ସେ ରୂପ ଅଛି କି ? ମୁଁ ତ ଦେଖି ଆସିଛି କଳ୍ପଣାକୁ ଲମ୍ବେଇ ଦେଇ ଭେରଭେରି ହୋଇ ବସିଲାଣି । ଚ ଯୁଦ୍ଧର ଛୁଆଟାକୁ କଣ କରିଛି ଦେଖିବେ ସ୍ୱାମୀନ୍ତୁ ।

କେଦାର—ମୋର ଆଉ ଯିବାର ପ୍ରୟୋଜନ ନାହିଁ । ଦୂତ ଶୀଘ୍ର ମୋ ଆଦେଶ ପାଳନ କର ।

(ଗୀତ)

(କହ ଦୂତ ଏ କି ଅଦ୍ଭୁତ କଥା ହେଲା ଘେ—ବୃନ୍ଦୋ)

ଯାଅ ଦୂତ ରାକ୍ଷସୀକୁ ଦେଖାଇବୁ ପଥ ରେ
ସକଳ ଆଶା ଭରସା କରିଦେଲା ବ୍ୟର୍ଥ ରେ । ଘୋ ।
ଡାଆଣୀ ସେ ପିଶାଚୀ ଆଗୁ ମୁଁ ନ ଥିଲି ଜାଣି
କରି ତାକୁ ପାଟରାଣୀ ଅର୍ଜିଲି ଅନର୍ଥ ରେ । ୧ ।
ଦୂତ ! ସେ ରାକ୍ଷସୀପାଇଁ ଏତେ କଥା ଥିଲା
ବୋଲି ମୁଁ ଆଗରୁ ଜାଣି ନ ଥିଲି ।

ଗୀତ

ଆସେ ଜନ୍ମ କରି ପୁତ୍ର ଗର୍ଭେ ଫେପିଲି ଦେମନ୍ତ
ମଣୁଛି ବଡ଼ ଅଦ୍ଭୁତ ଶୁଣା ନାହିଁ ମର୍ତ୍ତ୍ୟରେ । ୨ ।

ଦୂତ ! ସ୍ତ୍ରୀଟାଏ କେଉଁଠି ପୁତ୍ର ପ୍ରସବ କରି ଆସେ ଗର୍ଭକୁ ଫେପିଛି, ଏହା ଅଦୃଷ୍ଟ ଓ ଅଶ୍ରୁତପୂର୍ବ ଅଟେ । ମୋର କର୍ମରେ ଏଭଳି ଘଟିବାକୁ ଥିଲା !

ମୃଦୁ—ଛି ଛି ଛି, ଲୋକନିନ୍ଦା, ଅଳ ନିନ୍ଦା, କୁଳ ନିନ୍ଦା, ଛି ଛି !

କେଦାର— ଗୀତ

କାଳସର୍ପିଣୀ ସେ ଦୁଷ୍ଟା ମାର୍ଜାର ପ୍ରାୟେ ତା କଥା
ନାହିଁ ତାକୁ ଆଉ ଆସ୍ଥା ବାଳକୃଷ୍ଣ କୃତ୍ୟ ରେ । ୩ ।

ଦୂତ, ମୃଦୁସୁଲ ଯାଅ ଶୀଘ୍ରେ, ସେ ରାକ୍ଷସୀକୁ କୃତପୁ ଅନ୍ତର କରିଦିଅ । ଆଉ ତାର ମୁହଁ ଦେଖିବି ନାହିଁ । (ପ୍ରସ୍ଥାନ)

ମୃଦୁ—ଦୂତ ଆ, ଟିକଏ ମୋ ସଙ୍ଗରେ ଆ, ଛି ଛି ଛି, ଅନ୍ଧ ଏବେ କୋଉ ମାଇକିନିଆ ଅପୂର୍ବ ଥିଲେ । ଛି ଛି, ରାମ ରାମ, ମଣାଣିରୁ ମଣାଣି ଚଣ୍ଡୀ ଘୋଟେଇ କରି ବାହାହୋଇ ଚଳୁଛନ୍ତି ! ଓହୋ ରେ ଲ୍ଲେମ, ମୋ ଲ୍ଲେମ ।

ଦୂତ—ମାଉସୀ ଭଳି ସେଇଆ, ମୋତେ ଟିକଏ ଛୁଟି ଦେ । ମୁଁ ଭୟ କରୁଛି ?

ମୃଦୁ—କୁ ଭରିକୁ କରିକୁ ଯାଆନା ମୋତେ ଏକା ନପାଇ । (ଜନାନ୍ତିକେ) ଭଲଣ ଟଙ୍କା କଢ଼ଉଣୀଠାରୁ ନେବ । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

(ରାଜା ସାର ମହେନ୍ଦ୍ର, ମନ୍ତ୍ରୀ ଓ ଦୂତ)

ରାଜା—ମନ୍ତ୍ରୀ, ଆଜ ମୋର ଭାଗ୍ୟର ପରିବର୍ତ୍ତନ ଘଟିଛି । ଭଗବାନ ଏତେ ଦିନେ ମୋର ଅନ୍ତର ବେଦନା ବୁଝି ସୁଫଳ ପ୍ରଦାନ କରିଛନ୍ତି ।

ମନ୍ତ୍ରୀ—କଣ ମହାରାଜ, ଶୁଣିବାକୁ ବଡ଼ ଇଚ୍ଛା ହେଉଛି । ଶୀଘ୍ର ପ୍ରକାଶ କରନ୍ତୁ ।

ରାଜା— ଗୀତ

(କର୍ମ ମୋର ଏଡ଼େ ନାରଖାର ବୃତ୍ତେ)

ଭାଗ୍ୟ ମୋର ଘଟିଲା ସୁଫଳ ରେ, ମନ୍ତ୍ରିବର
ଅପୁତ୍ରିକ ଚିନ୍ତା ମନୁ ଆଜୁ ହେଲା ଦୂର । ପଦ ।
ସ୍ନାନାନ୍ତେ ମୁଁ ନଦୀଜଳେ ତର୍ପଣ କରୁଥିବେଳେ
ଆସି ଲାଗିଲା ମୋ କୋଳେ ସୁନ୍ଦର କୁମର ।

ମୁଁ ସ୍ନାନ ସାରି ତର୍ପଣ କରିବା ସମୟେ ଗୋଟିଏ ଶିଶୁ ହାଣ୍ଡି ମଧ୍ୟରେ ଥାଇ ଭାସିଭାସି ମୋ ନିକଟରେ ଲାଗିଲା ।

ମନ୍ତ୍ରୀ- କଣ ଜୀବିତ ଶିଶୁ ?

ରାଜା - ଗୀତ

କୋଟି ସୂର୍ଯ୍ୟ ଜିଣି ତେଜ ଦେଖିଲି ତା ମୁଖାମ୍ବୁଜ
ତେଣୁ ଟଳିଲା ମୋ ଧୈର୍ଯ୍ୟ
ହସ୍ତେ ଆଣିଲି ଝଟର । ୧ ।

ମନ୍ତ୍ରୀ, ତା ରୂପ ଦେଖି ମୋର ସବୁ ଦୁଃଖ ମନରେ କ୍ଷମା ଆସିଲା । ତେଣୁ ଗୃହକୁ ନେଇଆସିଲି, କିନ୍ତୁ ଗୋଟିଏ କଥା ଅଭାବ ଲାଗୁଛି ।

ମନ୍ତ୍ରୀ—କଣ ମହାରାଜ ?

ରାଜା— ଗୀତ

କ୍ଷୀର ନ ଖାଇ ଚଞ୍ଚଳ, ହେଉଛି ବଡ଼ ଅଧୈର୍ଯ୍ୟ
କ୍ଷୀର କେ ଦେବଟି ଆଜ
ଶୋକ ଅନୁଭବି ରେ । ୧ ।

ପିଲାଟି କ୍ଷୀର ନ ପାଇବାରୁ ବଡ଼ ଦୁଃଖ ବ୍ୟାକୁଳ ହେଉଛି । ବର୍ତ୍ତମାନ ସ୍ତ୍ରୀର ଉଠାଇ ସନ୍ଧାନ କରି, ସେ ପିଲାଟିକୁ କିଏ କ୍ଷୀର ଦେଇ ବଞ୍ଚାଇପାରିବ ।

(ପ୍ରସ୍ଥାନ)

ମନ୍ତ୍ରୀ—ଦୂତ ! ସନ୍ଧାନରେ ଯା, କେଉଁଠି ପଦ କେଉଁ ସୃଷ୍ଟି ପାଇବେ ।

ଦୂତ—ଆଜ୍ଞା ସ୍ୱାମୀ, ଆଉ କଣମ୍ ଅଛୁ ! ନ ମିଳିଲେ କେଳକୁ ଆସଣ ତାକୁ ସେନ ଆସି ହାବୁଡ଼େଇ ଦେବ ।

ମନ୍ତ୍ରୀ—ହଁଏ, ତୋର ସ୍ତ୍ରୀ ଆସି ନୂଆ ପୁଅକୁ କ୍ଷୀର ଦେବ !

ଦୂତ—ଜାଣିନା ତବ କଣ ? ଆମ ଖାମିଦ ଘର କଥା, ଟଙ୍କା ମିଳବ, ଶାଢ଼ୀ ମିଳବ । ଏ ସୁଯୋଗ ଛାଡ଼ିବାକୁ ଅଛି ! ମୋତେ ମିନା ଦେଖୁଛ ଏମିତି, ମୋର ଧାନ ଖଳଘାଟରେ କଣ ମନ । ଆଜ ମୋ ଚାଲିବାଲ ମୋ ଟୋକି ବନେ । ତାକୁ ଯାହା ଗୋଟିଏ ସମସ୍ତ ବେକେ ମାଗିଦବ, ସେ କାହାରିକୁ କୌଣସି ବିଷୟରେ ମନା କରିବ ନାହିଁ ।

ମନ୍ତ୍ରୀ – ତୋର ଟୋକିପିଲ କଣ ?

ଦୂତ ଭକ୍ତି, ସେତିକରେ ଭଗବାନ ଭଣା କରି-ଦେଇଛନ୍ତି !

ମନ୍ତ୍ରୀ · ଆଜ ରାଜପୁତ୍ରଙ୍କୁ ଶୀର ଦେବ କପଡ଼, ପାଗଳ !

ଦୂତ—ଟିକିଏ ନାହାନ୍ତି ବୋଲି ତ, ସେ ଏବେ କ ହେଲ ନାହିଁ, ସୁଆଙ୍ଗ ଗୋଟିଏ ପିଲ କାଲ ଧରି ଆଣି ଲେ ଚାଲ । —✱— (ପ୍ରସ୍ଥାନ)

## ତୃତୀୟ ଅଧ୍ୟାୟ

କୁମୁଦ— (ଗୀତ)

( ଇମ୍ଫୁଲି )

ଆରେ ଦାରୁଣ ବକ୍ଷ ତୋ ଜ୍ୱାଳା କେତେ ସହିବ ।
ସହିଲଣି ଯାହା କାହା ଆଗେ କହିବ । ପଦ ।

ହା ରେ ଧଇବ ! ଏ ଅଭାଗିନୀ ଜୀବନରେ କେତେ ଆଉ କଷ୍ଟ ସହିବ ? କରେ କଲିକ ମରୁଛନ୍ତି ଏ ଅଲକ୍ଷଣୀ ଜୀବନ ନେବାକୁ କଣ ଯମ ଡରୁଛି ।

( ଗୀତ )

କୁଟ କର ସପତଣୀ କଲ ମୋତେ ଅନାଥିନୀ ।
ଏ ଦେହ ଦୁଃଖ ରହେ କେମନ୍ତେ ମୋ ପାଶ୍ୱବ । ୧ ।

ମାଆ, ମୁଁ ମନା କହୁଥିଲି, ତାଙ୍କ ମୋତେ ସପତଣୀକୁ ସମର୍ପି ଦେଇ ଶେଷରେ ଏ ଦଣ୍ଡ ଦେଲ, ବର୍ତ୍ତମାନ କେଉଁଆଡ଼େ ଗଲ ?

( ଗୀତ )

କଲ୍ୟ ଜନ ପୁତ୍ର ତୋତେ ଦେଖିବି ନାହିଁ ଏ ଲୋକେ
ଆଜ ଏ ପ୍ରାଣ ଅଛି ନଷ୍ଟେ ଦହିବ ।

ହା ରେ ଧଇବା, ଜନମ ଦୁଃଖୀ ଭୋଗି କରି ପୁତ୍ର ହେଲା ଭ ଜନ୍ମ ହେଲ ଟିକିଏ ନେତ୍ରରେ ଦେଖିବାକୁ ପାଇଲି ନାହିଁ ! ଯାଉଛି ଭାଇ ଓହ୍ ଗୋଟାଏ ଆଣି ଏକ୍ଷଠାରେ ଅଗ୍ନି ଲଗାଇ ଝାସ ଦେବ । ହେ ପିତା, ସାରଦ୍ୱାଜ କୁମୁଦର ଯୋଗୁ ଏ ଦଶା ।

( ସାରଦ୍ୱାଜ ପ୍ରବେଶୀ କୁମୁଦ ପ୍ରତି )

ସାରଦ୍ୱାଜ -- ଧୈର୍ଯ୍ୟ ଧର ମା, ତୋର କିଛି ଅନିଷ୍ଟ ହୋଇ ନାହିଁ, ଅମ୍ଭ କଲ୍ୟାଣରୁ ଅଚିରେ ତୁ ପୁତ୍ର ସମ୍ପତ୍ତି ନିଶ୍ଚୟ ଭୋଗ କରିବୁ ।

କୁମୁଦ—ପିତା, ପିତା ! ଅଭାଗିନୀ ଆପଣଙ୍କର କଣ ଅନିଷ୍ଟ କଲା ବୋଲି ଏ କଷଣ ଦେଲେ—

( ଭୂମିରେ ପତନ )

ସାରଦ୍ୱାଜ · ନା ମା ଉଠ, ତୋର କିଛି ଅନିଷ୍ଟ ହୋଇ ନାହିଁ, ତୋର ସନ୍ତାନଟି ବର୍ତ୍ତମାନ ନଗରରେ ଅଛି ।

କୁମୁଦ ପିତା ! ମୁଁ କି ଆପଣଙ୍କର ବଦ୍ରୂପର ଭାଜନ ! ତେବେ ବୃଥାରେ ବଦ୍ରୂପ କରୁଛନ୍ତି କାହିଁକି ?

ସାରଦ୍ୱାଜ—ବଦ୍ରୂପ ନୁହେଁ ମା, ଶୁଣ ।

( ଗୀତ )

( ତାଳ-ରୂପକ )

ଚନ୍ଦନା ତୁ ଯା ତୋର ନିଜ ବାସ ରେ ।
ତୋ ତନୁଜ ଅଛି ତୋର ପିତା ପାଶରେ । ପଦ ।

ମା ! ତୋର ପୁତ୍ର ନିଶ୍ଚେ ତୋର ପିତା ନିକଟରେ ରହିଲଣି । ତୁ କିଛି ଭାବନା ନ କରି ସେଠାକୁ ଚାଲି ଯା ।

କୁମୁଦ ପିତା, ଅଭାଗିନୀକୁ ଭଣ୍ଡାଉଛନ୍ତି କାହିଁକି ? ମୋ ପୁତ୍ର ସେଠାକୁ ଗଲା କିପରି ?

ସାର-- ଗୀତ

ତୋର ଗର୍ଭ ଦେହିକ୍ଷଣେ, କନିଷ୍ଠ କୁମରମଣି
କୂଟ କରି ସପତଣୀ ପକାଇଲା ଜାଣି ରେ । ୧ ।
ମୃଦୁମୃଦୁ ପୁତ୍ର ନେଇ ନଦୀରେ ଦେଲା ଭସାଇ ।
ତାକୁ ତୋ ପିଅର ପାଇ ନେଲା ପୁତ୍ର ଆଣରେ । ୨ ।

କୁମୁଦ, ତୋର ସନ୍ତାନଟି ଯେପରି ଜନ୍ମ ହୋଇ ଛଡ଼ିଲା, ମୃଦୁମୃଦୁ ଗୋଟିଏ ହାଣ୍ଡିରେ ସେ ପିଲାଟିକୁ ରଖି ନଦୀରେ ଭସାଇଦେଲା । ତାପରେ ତୋର ପିତା ସ୍ନାନ ସାରି ତର୍ପଣ କଲାବେଳେ ସେ ହାଣ୍ଡିଟି ତାଙ୍କ ନିକଟରେ ଲାଗିଲା । ତୋ ପିତା ସେ ପିଲାଟିର ସଙ୍ଗେ

ଅବସ୍ଥା ଦେଖି ଆନନ୍ଦରେ ସୁତକୁ ନେଇଯାନ୍ତ; କିନ୍ତୁ ବର୍ତ୍ତମାନ ଗୋଟିଏ କଥା ଲାଗି ତୋର ପିତା ବଡ଼ ବ୍ୟସ୍ତ ।

( ଗୀତ )

ତୁ ସୁତେ ସେ ସ୍ଥାନେ ଯାଇ ପୁତ୍ର ବଞ୍ଚା କ୍ଷୀର ଦେଇ
କର୍ମେ ଯା ଲିଖିଛି କିଏ କେ କରିବ ହ୍ରାସ ରେ । ୩ ।

ମା, ତୁ ଛଦ୍ମ ଭାବରେ ତୋର ପିତା ରାଜ୍ୟକୁ ଯାଇ ସନ୍ତାନଟିକୁ କ୍ଷୀର ଦେବା କାର୍ଯ୍ୟରେ ନିଯୁକ୍ତ ହୁଅ । ଚାଲ, ମୁଁ ତୋତେ ପଥ ଦେଖାଇଦେବି ।

କୁମୁଦ—ପିତା, ଯଦି ମୋର ନୟନ ପିତୁଳା ଜୀବନରେ ଅଛି, ମୁଁ ଦେଖିବି । ଏ ପାପ ଚକ୍ଷୁରେ ସେ ରୂପକୁ ଦେଖିବି ?

ସାର—ମା ! ବ୍ୟସ୍ତ ହୁଅନା, ଚାଲ ପଥ ଦେଖାଇ-ଦେବି ! ( ପ୍ରସ୍ଥାନ )

—:*:—

## ଚତୁର୍ଥ ଦୃଶ୍ୟ

( ରାଜା ଓ ଦୂତ ପଶ୍ଚାତେ କୁମୁଦ ପ୍ରବେଶ )

ରାଜା—ଦୂତ, ସନ୍ତାନଟିକୁ କ୍ଷୀର ଦେବା ଲୋକ କେଉଁ-ଠାରୁ ପାଇଲ ?

ଦୂତ—ଆଜ୍ଞା ଏହି ଲୋକଟି ।

ରାଜା —( କୁମୁଦ ପ୍ରତି ) ହଇଲୋ ଝିଅ, ତୁ କଣ ନେବୁ ?

କୁମୁଦ—ମହାରାଜ, ମୋତେ ବର୍ଷକ ଭାତ ଲୁଗା ଦେଲେ ମୁଁ ଏଠାରେ ଦାସୀ ଭାବରେ ରହି ପିଲାର ସମସ୍ତ ଖବର ବୁଝିବି । କିନ୍ତୁ ମୋର ଆପତ୍ତି, ଜାହା ଘରେ ଖାଇବି ନାହିଁ କି ଅନ୍ୟ ପୁରୁଷ ମୁଖ ଚାହିଁବି ନାହିଁ ।

ରାଜା—ଦୂତ, ଭଗବାନ୍ ମୋର ଅନ୍ତର ବେଦନା ନିଶ୍ଚେ ଜାଣିପାରିଛନ୍ତି । ଆଚ୍ଛା, ( କନ୍ୟାପ୍ରତି ) ତୋର ରହିବାର ସୁବନ୍ଦୋବସ୍ତ କରି ଦେଉଛି ।

ଗୀତ

( ଚନ୍ଦ୍ରକ ତୁ ଯା ତୋର—ଭୁଜେ )

ଦୂତ ଦେଇରେ ସୁତକୁ ଆଣି ଏ ଦାସୀ ସ୍ଥାନ
କ୍ଷୀର ଦେଇ ବଞ୍ଚାଇବ ରଖି ତାର ବାସ । ଘୋଷା ।
ଦୂତ ! ଶୀଘ୍ର ଆଣି ସନ୍ତାନଟିକୁ ଏ ଦାସୀ ଛାମୁରେ ।

ଗୀତ

କୁମୁଦ ଲାଗି ସେ ପୁର ତୋଳା ହୋଇଥିଲା ମୋର
ଏ ଦାସୀ ରହୁ ରତ୍ନରେ ଏ ସୁନାମାସ । ୧ ।
ଯାହା ତା ଦୈନିକ ଖର୍ଚ୍ଚ ଭଣ୍ଡାରୁ ଦେବ ସକାଶ
ଆମ ଶାଗ ଭାତ ଛାଡ଼ି ସେବା ତାର ଆଶ । ୨ ।
ଦୂତ ଶୀଘ୍ର ଯାଇ ସୁତକୁ ଆଣି ଏ ଦାସୀ ସମୀପରେ
ଦେ, ମୁଁ ଆସୁଛି । (ପ୍ରସ୍ଥାନ)

କୁମୁଦ—ବିଧାତା, ଦୁନିଆଁଟା ତୋର ଖେଳ ଘର । ତୁ କେତେବେଳେ କାହାକୁ କଣ ନ କରୁଛୁ । କାହିଁ ରାଜଚକ୍ରବର୍ତ୍ତୀ ହସ୍ତରେ ଭସାଇଦେଲ, ପୁଣି ଯେଉଁ କାଙ୍ଗାଳକୁ ସ୍ୱର୍ଗୀୟ ସମ୍ପଦ, ଧନ୍ୟ ତୋର ଈଶ୍ୱର !

(ଦୂତ ପୁତ୍ର ନେଇ ପ୍ରବେଶ)

ଦୂତ—(ସ୍ୱରରେ ଆଉଜାଇ) "ଧୋରେ ବାଇଆ ଧୋ, ଯେଉଁ କିଆରିରେ ପାକଲା ଧାନ ସେହି କିଆରିରେ ଶୋ । "

(ଧୂଅ ଧୂଅ ଧେଇକି ନାଚ ସ୍ୱର୍ଗିକ ନାଚ ପ୍ରଭୃତି ଶିଶୁଖେଳାଇବା ଅଭିନୟ ଓ କୁମୁଦକୁ ଦେବା ।)

ନେ ନାନ ! ପୁଅ ତ ତୋର, ଭଲ କରି ବଢ଼ାଇ କୁଢ଼ାଇ ଟାଣ ଟାଣା କରିଦେ । ରାଜା ତୋ ଉପରେ ଭାରି ଭଲ ଖୁସ୍ ଅଛନ୍ତି । ଚାଲେ, ନୂଆ ଆବାସରେ ତୋତେ ଛାଡ଼ିଦେଇ ଆସିବି ।

କୁମୁଦ—(ସ୍ୱଗତ) ଭଗବାନ, ଏତେ ଦିନେ ଅଭାଗିନୀର ମନସ୍କାମ ପୂର୍ଣ୍ଣ ହୋଇଛି, ପିତା ସାରଦାଜ ଏ ଅଭାଗିନୀ ଆପଣଙ୍କ ଚରଣ ତଳେ ସର୍ବଦା କାନ୍ଦୁଛି । ମୋ ପୁତ୍ର ଏହିପରି ଦୟା ରଖିଥିବେ, ମୋର ଅନ୍ୟ କେହି ସହାୟ ଭରସା ନାହାନ୍ତି, କେବଳ ତୁମ୍ଭେ । (ପ୍ରସ୍ଥାନ)

—*—

# ପଞ୍ଚମ ଅଙ୍କ

## ପ୍ରଥମ ଦୃଶ୍ୟ

ସାରଦାଜ—ଏହି ତ ରାଜବାଟି, କାହିଁ କାହାର ସାକ୍ଷାତ ତ ନାହିଁ; ଧରେ ଡାକିବ କି ? (ପ୍ରକାଶ୍ୟେ) କିଏ ଅଛ, କିଏ ଅଛ ?

(ଦୂତ ପ୍ରବେଶ)

ଦୂତ—ଆପଣ କିଏ ? କଣ ଆପଣଙ୍କର ଲୋଡ଼ା ?

ସାର—ଆରେ, ତୋର ରାଜା ସହିତ ମୋତେ ଟିକିଏ ସାକ୍ଷାତ କରାଇଦେ। ତାଙ୍କଠାରେ ମୋର ବିଶେଷ କିଛି କାର୍ଯ୍ୟ ଅଛି।

ଦୂତ—ଅଚ୍ଛା, ମୁଁ ଡକାଇ ଦେଉଛି, ଆପଣ ଏଇଠାରେ ଅପେକ୍ଷା କରନ୍ତୁ। ବର୍ତ୍ତମାନ ମଣୋହିକୁ ବିଜେ କରିଛନ୍ତି। (ପ୍ରସ୍ଥାନ)

(ରାଜା ପ୍ରବେଶ, ସାରଦ୍ୱାତଙ୍କୁ ଦେଖି ଅବନତ ମସ୍ତକ ଓ ପ୍ରଣିପାତ)

ସାର—ବାପ ଚିରଞ୍ଜିବୀ ହୁଅ, ଆମ୍ଭଙ୍କୁ ଚିହ୍ନି ପାରୁଛ ତ। ଏପରି ବିମର୍ଷ ଭାବରେ ଠିଆହେବାର କାରଣ କଣ ?

କେଦାର—ଋଷିବର ! ଏ ହତଭାଗା ଦ୍ୱାରରେ ଆପଣଙ୍କ ପଦରେଣୁ ପଡ଼ି ମୋର ପୁଣ୍ୟ ସାର୍ଥକ ହେଲା। ଦୟା କରି ମୋର ଅନୁରୋଧ ରକ୍ଷା କରି ଆଜ ଦିନକ ଏଇଠାରେ ରହିଯାନ୍ତୁ।

ସାର—ହଁ ରାଜା, ତୁ ଆମ୍ଭର ପୁତ୍ରପରି। ତୋର ଆମ୍ଭ ପ୍ରତି ଯେପରି ସ୍ନେହ ମମତା, ଆମ୍ଭର ମଧ୍ୟ ତୋଠାରେ ସେହିପରି। ଯେତେବେଳେ କନ୍ୟାଟିଏ ହେଇ ପୁଅଟିଏ ପାଇଲୁ, ସେତେବେଳେ ଆଉ କଥା ଅଛି ! କଣ ତୁମ୍ଭର ଭଲ ଅଛ ତ ? ତାକୁ ଦେଖିବା ସକାଶେ ଋଷିକନ୍ୟାମାନେ ମୋତେ ବାଧ୍ୟ କରି ପଠାଇଲେ। ଯାଆଁ ଝିଅ, ଟିକିଏ ଆମ୍ଭଙ୍କୁ ସାକ୍ଷାତ କରାଇଦେ।

ଦୂତ—ବାବାଜି କଣ ଖଣ୍ଡିଲବାକୁ ଆସିଛନ୍ତି କି ! ବାବାଜି ମହାତ୍ମା, ଝୁଡ଼ା ଦେବ ତାଙ୍କୁ ?

ସାର—ଅରେ ଆମ୍ଭେ ବୈରାଗୀ ଲୋକ, ଆମ୍ଭେ ସବୁ କେଉଁଠାରୁ ପାଇବୁ ? ଆମ୍ଭେ ଆଶୀର୍ବାଦ ଛଡ଼ା କିଛି ତାହାଙ୍କୁ ଦେଇପାରିବୁ ନାହିଁ।

କେଦାର—(ସ୍ୱଗତ) ଋଷିଙ୍କୁ କଣ ଉତ୍ତର ଦେବି ! ସେ ତାଙ୍କର କନ୍ୟାର ଦୁର୍ଦ୍ଦଶା ଶୁଣିଲେ ଅବା କଣ ଥଯ୍ୟ ହେବେ !

ସାର—ରାଜନ କଣ ମନେ ମନେ ଭାବୁଛ ? ମୁଁ ତୁମ୍ଭର ଅଭ୍ୟର୍ଥନାରେ ବହୁତ ପ୍ରୀତିଲାଭ କଲି; କିନ୍ତୁ ମୋର ବିଶେଷ କାର୍ଯ୍ୟ ଅଛି। ମଠରେ କେହି କାଳେ କୌଣସି ଉପଦ୍ରବ କରେ, ସେଥି ନିମନ୍ତେ ମନ ଛନଛନ ହେଉଛି। ମୋତେ କନ୍ୟା ସହିତ ଦେଖା କରାଇଦେଲେ ମୁଁ କିଛି ଦୁଃଖ ସୁଖ ହୋଇ ବାହାରିଯିବି।

କେଦାର—ମୁଁ କଣ ଉତ୍ତର ଦେବି ?

ସାର—ରାଜନ, କଣ ତୁମ୍ଭର ଶରୀର କିଛି ଅସୁସ୍ଥ ହୋଇଛି ?

କେଦାର—ଋଷିବର, ସେ ସ୍ତ୍ରୀର କଥା କଣ ମୁଁ ପ୍ରକାଶ କରିବି।

ସାର—( ଆଶ୍ଚର୍ଯ୍ୟ ହୋଇ ) କଣ କଣ ?

କେଦାର—ଗୀତ ( ରାମଲୀଳା ସ୍ୱର ଦାଣ୍ଡି )

ହେ ଋଷି, ମୁଁ କି କହିବି ସେ ଯୋଷାର କଥା
କହିଲା ବେଳକୁ ମୋର ଭ୍ରମିଯାଏ ମଥା। ୧।

ଋଷିବର ! ସେ ସ୍ତ୍ରୀଠାରେ ଏତେ ଗୁଣ ଥିଲା ବୋଲି ମୁଁ ଜାଣି ନ ଥିଲି। ଆଉ ଆପଣ ବି ମଧ୍ୟ ଏଣିକି ଜାଣି ପାରି ନ ଥିବେ।

ସାର—କଣ, କଥା କଣ ?

ରାଜା— ଗୀତ

ତାର ମୋର ପରିଣୟ ହେଲା ବର୍ଷେ ପର
ଗର୍ଭବତୀ ହୋଇ ବାମା ବଢ଼ିଲା ସୁନ୍ଦର। ୨।

ସାର—ତହୁଁ କଣ ହେଲା ?

କେଦାର— ଗୀତ

ପାଟରାଣୀ ପଦେ ତାକୁ ବସାଇଲି ଗଢ଼ି
ଅନ୍ତ ଅଳଙ୍କାର ଦେଇ ଭଣ୍ଡାରରୁ କାଢ଼ି। ୩।

ସାର—ବହୁତ ଅଚ୍ଛା, ସେ ପ୍ରକୃତ ପାଟରାଣୀଯୋଗ୍ୟ।

ଦୂତ—ବାବାଜି ମନେ ମନେ ଗୁଡ଼ ଖାଉଛି।

ରାଜା— ଗୀତ

ପୁତ୍ର ଏକ ଜନମିଲା ଗର୍ଭରୁ ତାହାର
ସେ ପୁତ୍ରକୁ ନିଜେ ମୁଢ଼ା କରିଲା ଆହାର। ୪।

ଋଷି—ତହୁଁ କଣ ହେଲା ?

ରାଜା— ଗୀତ

ରାକ୍ଷସୀର ରୂପ ଯହୁଁ ଦେଖିଲି ତାଠାରେ
ବାହୁଡ଼ାଇ ଦେଲି ନେଇ ରାଜ୍ୟର ସୀମାରେ । ୫ ।

ତପସ୍ୱୀ ! ମୁଁ ତାର ଏପରି ରାକ୍ଷସୀ ପ୍ରକୃତି ଦେଖି ତାକୁ ରାଜ୍ୟରୁ ତଡ଼ିଦେଲି ।

ଋଷି—ରାଜନ ! ତୁ ଏଡ଼େ ଅବୋଧ, ଆମ୍ଭେ ତୋର ଉପଯୁକ୍ତ ଯୋଗ୍ୟା କନ୍ୟା ସମର୍ପି ଦେଇଥିଲୁ, ତୁ ବୃଥା ଦୋଷ ଦେଇ ଆଗ ପଛ ନ ବିଚାରି ମୋର ପ୍ରଦତ୍ତ କନ୍ୟାଟିକୁ ଅନାଥିନୀ କରି ଜଙ୍ଗଲରେ ଛାଡ଼ି ଦେଲୁ । କହ ରାଜନ, ସ୍ୱଚକ୍ଷୁରେ ସେ କନ୍ୟାର କିଛି ମନ୍ଦ ପ୍ରକୃତି ଦେଖିଛୁ ?

ରାଜା—ନା, ଦେଖି ନାହିଁ । ଯାହା ଶୁଣିଲି ତାହା ହିଁ ମୋର ମନକୁ ବିଶ୍ୱାସ ଆସିଲା । ଆଉ ତାର ମୁଖ ଦର୍ଶନ କରିବାକୁ ମୋର ମନ ବଳିଲା ନାହିଁ ।

ଋଷି—ରାଜନ, ତୁ ନିର୍ଦ୍ଦୋଷୀ ରାଜକନ୍ୟାକୁ ଗୁରୁତର ଦଣ୍ଡ ଦେଇଛୁ । ଏହାର ଶାସ୍ତି ନିଶ୍ଚେ ଭୋଗ କରିବୁ । ମୁଁ ଯାଉଛି । (ପ୍ରସ୍ଥାନୋଦ୍ୟତ)

ରାଜା—ତପସ୍ୱୀ, କ୍ଷମା କରନ୍ତୁ, କଣ ଏଥିରେ କିଛି ଗୂଢ଼ ମର୍ମ ଅଛି ?

ଋଷି—ନିଶ୍ଚୟ, ତୋର ବଡ଼ରାଣୀ ଓ ମନ୍ତ୍ରୀପୁତ୍ର କୁକର୍ମ କରି ତୋର ପ୍ରିୟାକୁ ତୋ ନିକଟରୁ ବଞ୍ଚିତ କରାଇ ଦେଇଛନ୍ତି । ଯଦି ତୋର ସ୍ତ୍ରୀ ଆଉ ତୋର ସେହି ନବପ୍ରସୂତ ପୁତ୍ରଟିକୁ ଦେଖିବାକୁ ଇଚ୍ଛା, ତେବେ ଆମ୍ଭ ସଙ୍ଗରେ ଆ ।

ରାଜା—ମୁଁ ଅଜ୍ଞାନ, କିଛି ଜାଣେ ନାହିଁ, ମୋର ପୁତ୍ର ଅଛି, ସ୍ତ୍ରୀ ଅଛି !

ଋଷି—ଆମ୍ଭେ କନ୍ୟାର ଦୃଷ୍ଟି ପଥରେ ଯଦି ନ ଥିଲେ କନ୍ୟା ନିଶ୍ଚୟ ପ୍ରାଣ ବିସର୍ଜନ ଦେଇଥାନ୍ତା । ସେ ପୁତ୍ର କନ୍ୟା ଉଭୟ ଆନନ୍ଦରେ ଅଛନ୍ତି, ଥରେ ଯାଇ ଦେଖି ପାରିଲେ ସମସ୍ତ ବିଷୟ ବୁଝିପାରିବୁ ।

କେଦାର—ତପସ୍ୱୀ, ଅଜ୍ଞାନରେ ଆପଣଙ୍କ ନିକଟରେ ଭ୍ରାନ୍ତ ହୋଇଛୁ । ମୋତେ ପଥ ଦେଖାନ୍ତୁ । ମୋ ଧନକୁ ମୁଁ ଦେଖିବ ।

ଋଷି—ଆସ ତେବେ । (ପ୍ରସ୍ଥାନ)

—✻—

( ଦ୍ୱିତୀୟ ଦୃଶ୍ୟ )

( ଗୁଣସାଗର ଓ ଅଜୁ ପ୍ରବେଶ )

ଗୁଣ—ଅଜୁ, ପୁଣି ଗୋଟାଏ ବ୍ୟାପାର ଆସି ଉପସ୍ଥିତ । କଣ କରିବା ରେ ?

ଅଜୁ—ବ୍ୟାପାର କଣ ମୁଁ ତ ଜାଣେ ନାହିଁ !

ଗୁଣ—ରାଜା ଯେଉଁ ପିଲାଟିକୁ ବଣରୁ ପାଳି କରି ଆଣିଥିଲେ, ସେ କେଇଟା ଦିନରେ କଣ ହୋଇଗଲାଣି ରେ । ରାଜା ତାକୁ ଭାରି ପଢ଼ା ଶୁଣା କରାଉଛି, ତାକୁ ବୁଝାକେ ରାଜ୍ୟ ଦେବ ।

ଅଜୁ— ଆଜ୍ଞା, ଆମ୍ଭେ କଣ ଏପରି ଉମେଦାରୀ କରି କରି ଦିନ ଯିବ ।

ଗୁଣ—ଅଜୁ "ଉପାୟ କରି ନାନା ମତେ, ଫଳବ କର୍ମର ଆୟତ୍ତେ" ଚେଷ୍ଟା କରିବା । ଶୁଣିବା କାହିଁକି ? ଆଚ୍ଛା, ସେ ଟୋକା ବିନାଶ ହେବାର ବାଟ କିଛି କରିପାରିବୁ ?

ଅଜୁ—ଆଜ୍ଞା, ମାରିବାକୁ ବସିଲେ ତ ପାଞ୍ଚ ମିନଟକୁ ଅଖଟ, ତେବେ ଗୁପ୍ତ ରୂପରେ ମାମଲତ କଲେ ଭଲ ।

ଗୁଣ—ଆଚ୍ଛା, ସେ ଟୋକା ତ ସେ ଦାସୀ ପାଖରେ ସଦାବେଳେ ରହୁଛି, ସେ ଦାସୀକି କରାଗତ କଲେ ଅକ୍ଳେଶରେ ଆମ୍ଭ ଅଭିଳାଷ ପୂର୍ଣ୍ଣ ହୋଇ ପାରନ୍ତା ।

ଅଜୁ—ମହାରାଜ, ଦାସୀଟା ଭାରି ସୁଆଦ ଅଛି, ବୟସ ପ୍ରାୟ ପଚିଶ ଭିତରେ । ଦାସୀ ହେଲେ କଣ ହେଲା, ତା ରୂପ ଦେଖିଲେ ମୁନି ଋଷି ଟଳିପଡ଼ିବେ ।

ଗୁଣ—ଅଜୁ, ସ୍ତ୍ରୀମାନେ ସ୍ୱଭାବତଃ କାମୀ । ଅମ୍ଭପରି ଜଣେ ରସିକ ରାଜାଙ୍କ ଅନୁରୋଧ ରକ୍ଷା କରିବାକୁ ସେ ପ୍ରାୟ କୁଣ୍ଠିତ ହେବ ନାହିଁ । ଅଜୁ, ତୁ ଭଲ ଏ ବିଷୟ ପର୍ଯ୍ୟନ୍ତ ପଟାପଟି କରି ବେଗ ଆସିବୁ !

ଅଜୁ—ଆଜ୍ଞା, ବୁଝିଲୁ । ଦାସୀ ଜଣେ ସାମାନ୍ୟ ଲୋକଟାଏ, ମୋଠାରୁ କଣ ବଞ୍ଚିଯିବ ?

ଗୁଣ—ତୁ ଯା, ମୁଁ ପୋଖରୀଘାଟରେ ଅପେକ୍ଷା କରି ବସିଛି । ନେ, ଖଣ୍ଡେ ଚିଠି ନେଇ ଯା ।

ଅଳୁ—ଦିଅନ୍ତୁ ।

ଗୁଣ—ଆରେ ତୁ ଲେଖ, ମୁଁ କହୁଛି ।

ଅଳୁ—( କାଗଜ କଲମ ଧରି ) କହନ୍ତୁ ।

ଗୁଣ—ଲେଖ, ଶ୍ରୀ ଶ୍ରୀ ରାଜାଧିରାଜ ଗୁଣସାଗରଙ୍କର ଶ୍ରୀମତୀ ରସିକାବରଙ୍କୁ ପେ ବଧି । ଆମ୍ଭେ ତୁମ୍ଭର ରୂପରେ ମୁଗ୍ଧ ହୋଇ ଆମ୍ଭର ତୁମ୍ଭଙ୍କୁ ଆମ୍ଭ ହୃଦୟ ସିଂହାସନରେ ଅଧିକାରିଣୀ କରିବା ଉଦ୍ଦେଶ୍ୟରେ ମନ ବଳାଇଛୁ ! ତୁମ୍ଭେ ଏ ପତ୍ରବାହକଠାରୁ ସମସ୍ତ ହାଲ ବୁଝି ଅକୁଣ୍ଠିତ ଭାବରେ ଆମ୍ଭର ଅଭିଳାଷ ପୂର୍ଣ୍ଣ କରିବାକୁ ସ୍ୱୀକୃତ ହେବ । ଇତି । ତୁମ୍ଭର ସେବାପ୍ରାର୍ଥୀ ରସିକ ଚୂଡ଼ାମଣି ନୂତନ ରାଜା ଗୁଣସାଗର । ଆଉ ଲେଖ—

ପ୍ରକାଶ ଥାଉ କି ଆମ୍ଭେ ଏହି ପୁଷ୍ପ ଉଦ୍ୟାନ ପୋଖରୀଘାଟରେ ତୁମ୍ଭଙ୍କୁ ଅପେକ୍ଷା କରି ରହିଲୁ । ତୁମ୍ଭେ ଆମ୍ଭର ଅଭିଳାଷ ପୂର୍ଣ୍ଣ କଲେ ଆମ୍ଭେ ତୁମ୍ଭଙ୍କୁ ରାଜରାଣୀ କରିବାର ବନ୍ଦୋବସ୍ତ କରିବୁ । ସମସ୍ତ ଅଭାବ, ସାକ୍ଷାତରେ ସମସ୍ତ କଥାବାର୍ତ୍ତା ।

—*— (ପ୍ରସ୍ଥାନ)

## ତୃତୀୟ ଦୃଶ୍ୟ

କୁମୁଦ—ନା, ମୁଁ କିଛି ଶୁଣିବ ନାହିଁ । ମୋତେ କାହିଁକି ଏପରି ବ୍ୟସ୍ତ କରୁଛ ।

ଅଳୁ—ନା, ମୁଁ ତ କିଛି ବ୍ୟସ୍ତ କରି ନାହିଁ ! ତୁମ୍ଭେ ଏ ପତ୍ର ଖଣ୍ଡିକ ନିଅ । ଆଉ ତାର ଉତ୍ତର କଣ ଦେଇଛ ଦିଅ । ( ପତ୍ର ପ୍ରଦାନ )

କୁମୁଦ—(ପତ୍ରପଢ଼ି) ଭଗବାନ, ଏ କି ପରୀକ୍ଷା । ମୁଁ ତ ଏତେଦିନ ହେଲା ଏହି ସ୍ଥାନରେ ନିରାପଦରେ ରହିଥିଲି, ଆଜି ତ ଏ ପାଷଣ୍ଡମାନେ ମୋର ଜୀବନ ମଦନ ନେବାକୁ ବସିଲେଣି । କଣ କରିବି, ଏ ଅତ୍ୟାଚାରୀ ଯେବେ ବଳାତ୍କାରରେ ମୋତେ ଆକ୍ରମଣ କରନ୍ତି, ମୋର ଗତି କଣ ? ହା ଦଇବ ! ମୋତେ ସ୍ୱାମୀ ସୁଖରୁ ବଞ୍ଚିତ କରାଇ କଣ ଏ ପାଷଣ୍ଡଙ୍କ କବଳରେ ପକାଇବୁ !

ଅଳୁ—କଣ କହୁଛ, ମୁଁ ଯିବି ପରା । ସାହେବ ସେ ପରି ବ୍ୟସ୍ତ ହେଉଥିବେ ।

କୁମୁଦ—କେଉଁଠିକି ଯିବୁ ଅତ୍ୟାଚାରୀ, ମୋତେ କଣ କରି ପାରିଲୁ କି ? ତୁ ଜାଣୁ ମୁଁ କିଏ ? ମୂର୍ଖ, କାହା ଅନୁମତିରେ ଏ ଗୃହରେ ପ୍ରବେଶ କଲୁ ? ଦେଖିବୁ ବର୍ତ୍ତମାନ ?

ଅଳୁ—ବାବା ରେ ! ଏ କଣେ ତ ଚକା, ସୁନ୍ଦରୀ, ସ୍ୱାମୀକୁ ଛିଙ୍କିଏ ଲୁହିଁଲ, ଆମକୁ ସିନା ଭୁଲୁହାଇ ଦେଉଥିଲ, ଦେଖିଲ ଏ କିଏ ? ( ଅଳୁଲ ଦେଖାଇ )

କୁମୁଦ—(ସ୍ୱଗତ) ଆଜ ଏ କି କାଣ୍ଡ, ଚନେ କାକେ ଏକଥା ଘଟି ନ ଥିଲା । ମୁଁ ନିଶ୍ଚୟ ଜାଣିଲି, ଏ ପାଷଣ୍ଡ ମୋ ରୂପରେ ମୁଗ୍ଧ ହୋଇ ମୋର ସତୀତ୍ୱ ନଷ୍ଟ କରିବାକୁ ମନ ବଳାଇଛନ୍ତି । ଭଗବାନ, ହେ ଅନାଥର ନାଥ, ହେ ଦ୍ରୌପଦୀ-ଲଜ୍ଜାନିବାରକ, ମୋର ହୃଦୟରେ ବଳ ଦିଅ ।

ଗୁଣ ସାଗର—ପ୍ରବେଶ, (ଅଳୁ ପ୍ରତି) ହେଲା ।

ଅଳୁ—(ଗୁଣ ନିକଟକୁ ଯାଇ) ମହାରାଜ, ସେ ଯେଉଁ ଢମାକ ଦେଖାଉଛି, କଣ ଶୁଣିବେ !

ଗୁଣ—କଣ ସାମାନ୍ୟ ସ୍ତ୍ରୀଟା ବଢେଇଯିବ ! ଆଉ କିଏ ଅଛି ?

ଅଳୁ—ନାହିଁ, ସେ ଏକା ।

ଗୁଣ—ଚାଲ୍ । (କୁମୁଦ ପ୍ରତି) ହେ ସୁନ୍ଦରି ! କଣ ଆମ କଥା ବିଚାର ହେଉଛି ?

କୁମୁଦ—ମୋଠାରେ କଣ ଅଛି ?

ଗୁଣ—ତୁମ୍ଭଠାରେ କଣ ଅଛି, ତୁମ୍ଭେ ଜାଣି ନାହିଁ ? ତେବେ ଆମ୍ଭର ମାଗୁଣି ଯାହା ଶୁଣ ।

ଗୀତ

( କହ ଗୋ ଲଳନା—ବୃନ୍ଦେ )

ନବ ରସିକା ତୋ ରସେ ରସିକାକୁ

ବହୁ ଆଶା କରିଅଛି ମୁହିଁ

ହସି ପ୍ରବେ ଭଷା କହ ମୋତେ ଯେଷା

ଆହ୍ଲାଦ ସୁଧାକର ଗ୍ରହ ତୁହି ।

ହେ ସୁନ୍ଦରି ! ବହୁଦିନୁ ତୋତେ ଆଶା କରି ବର୍ଷୋକୁ ସ୍ୱତନ୍ତ୍ର ସୁହିଁଲି ପର ଅନାଇ ବସିଛୁ । ଅମ୍ଭେ ସୁବା, ତୁ

ସୁନ୍ଦରୀ, ଆଜି ଲଜ୍ଜା କାହିଁକି ? ଆସ ଏ ହୃଦୟରୁ ପ୍ରେମ ପିପାସା ମେଣ୍ଟଣ କର ।

ଗୀତ

ଆମ୍ଭେ ଏ ରାଜ୍ୟର ଅଟୁଁ ରାଜେଶ୍ୱର

ତୁ ଆମ୍ଭର ହେଲେ ପ୍ରାଣସଖୀ ।

ସୁଖେ ହବା ନଶି କଟାଇବୁ ବସି

ବୃଥା କର୍ମା କରୁ ମାନ ବଳୀ । ୧ ।

ଆମ୍ଭଙ୍କୁ ତୁ ରାଜ ହେଲେ ଏ ବଇଭ ଭୋଗ କରିବୁ ।

ଆରେ ରାମାବର ! ନ କର ଜଳୁଥ

ମାର ଶରେ ମରୁଛି ମୁଁ ସଖୀ,

ତୁ ସୁରତ ଦାନ ଦେଇ ଏ ପରାଣ

ରଖ, ନାହିଁ ପଦ କହ ନାହିଁ ।

ସଖି ! ବଳମ୍ବରେ ପ୍ରୟୋଜନ ନାହିଁ ।

ଅଜୁ—ଆସୁନ, ହଁ ! ମୁଁ କଏ ତୁମ୍ଭଙ୍କୁ ମାଲୁନ ହେଉ ନାହିଁ କି ? ପୋଷଲ ପଣ କରିକ, ଗନ୍ଧାଉଛୁ ?

ଗୁଣ—ଅଜୁ ସେପରି କହନା ମନରେ କୌଣସି କଷ୍ଟ କରିବେ ( ସ୍ୱୀ ପ୍ରତି ) ଆଉ ଅଭିମାନ କରନା ।

କୁମୁଦ—ଲଜ୍ଜା ଗଲା, ମାନ ଗଲା, ମନରୁ ଗଲା ! ଉଃ କି ଦଉଗଞ୍ଜରେ ପଡ଼ିଲି ! ଭଗବାନ ତୁମେ ହିଁ ଭରସା ।

ଗୁଣ—କଣ ଏବେ ଭାବୁଛ ?

କୁମୁଦ—ବର୍ତ୍ତମାନ ସୁରେନ୍ଦ୍ର ଖଡ୍ଗାରୁ ଫେରୁଥିବ ମୋତେ କ୍ଷମାଦଅ, ଅନ୍ୟ ସମୟକୁ ଆସିବ ।

ଗୁଣ—ସ୍ୱାମୀ କଣ କଥା ? ଯାହା ହେବାର ହେଉ ଆମ୍ଭେ ଏ ସୁଯୋଗ ଛାଡ଼ିପାରିବୁ ନାହିଁ ।

କୁମୁଦ—ମୁଁ ତୁମ୍ଭ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କୁ ଗୋଟିଏ କଥା କହିବି ।

ଗୁଣ—କାହାକୁ ?

କୁମୁଦ—କଏ ଜଣେ ମୋ ପାଖରେ ଆସ ।

ଗୁଣ—ମୁଁ ତେବେ ଯାଉଛି, ଗୁଲ କଣ କହିବ ତ ମୋ ଆଗରେ କହିବ ( ଉଠି )

ଅଜୁ—(ଘରେ ହସ୍ତଧରି ବସାଇ) ତୋହିଲେ ମୁଁ ଯାଉଛି ତୁମ୍ଭେ ଥାଅ ।

ଗୁଣ—( ହସ୍ତ ଫୋପାଡ଼ ଦେଇ ) ମୁଁ ଯାଏ ।

ଅଜୁ—ହଁ, ସେମିତି କଥାକୁ କେହି ସିବାନାହିଁ, ସେ ଯାହା କହିବେ ଆମ୍ଭ ଦୁଇଜଣଙ୍କୁ କହନ୍ତୁ । ତାହିଁକି ଗୋଟାଏ ସାମାନ୍ୟ କଥାରେ କପଟ ରହିବ ?

କୁମୁଦ—ଅସମୟଟା—କାଳେ କେହି ଚାଲି ଆସିବ ।

ଗୁଣ—ଆସୁ, କଏ ଆସିବ । କେହି ଗୋଟାଏ ଆମ କଥାରେ ପାଟି ଫିଟାଇବେ ଏମିତ ତା ବାପରେ କ୍ଷମତା ଅଛି ! ଏ ରାଜ୍ୟ ସାରା ଆମ୍ଭକୁ କଏ ନ ଜାଣେ ? ତୁମ୍ଭେ ସେ ସବୁ ବିଷୟକୁ କୌଣସି ଭୟ ରଖନା

କୁମୁଦ—ଏମିତ ତରତର କାହିଁକି ହେଉଁଛନ୍ତି ? ଟିକିଏ ବସିପାରୁ । ମୁଁ ଏ ଲୁଗା ପାଲଟି ପକାଏ । ଆଉ ଅନ୍ୟ ସମୟକୁ ଆସିଥିଲେ ଭଲ ହୋଇ ନ ଥାନ୍ତା ? କାଳେ କଏ ଆସିବ । ମୋ ମନରେ ଭୟ ଆସୁଛି ।

ଗୁଣ—ତେମେ ବାହାର ଦରଜାର କବାଟଟା କଳ ଦଅ, ଯିଏ ଆସିବ ଆସୁଥାଉ ।

କୁମୁଦ—ତୁମ୍ଭ ଦୁହିଁଙ୍କ ଛଡ଼ା ଏ କଥା ଯେପରି କେହି ଲେଶମାତ୍ର ନ ଜାଣିବେ—ନାହିଁ ?

ଗୁଣ—ଆମ୍ଭଙ୍କୁ ଧବଳେଶ୍ୱରଙ୍କ ଦେଖ—ତମଠେଇଁ ଗୋଟାଏ କପଟ ?

କୁମୁଦ—ପୁରୁଷ ସେ ଭ୍ରମର ଜାତ ।

ଅଜୁ—ସେ ଗୋଟାଏ କଥା, ତେମେ କବାଟଟା ଭଲକରି କଳଦଅ ।

କୁମୁଦ—ସେ ଟୋକାଟାକୁ ଡରମାଉଛି, କାଳେ ଆସି ପହଞ୍ଚିଯାଏ । ରାଜାଙ୍କୁ କହି ମୋତେ ଧରା ପକାଇ ଦେବ ।

ଗୁଣ—ନା, ନା, ସେ ସବୁ ବିଷୟରେ ଏତେ ଭୟ କରନା, ଆଉ ଏମିତ କଥା କହୁ କହୁ ବେଳଯିବ । ତେମେ କବାଟଟା ଦେବଟି ?

କୁମୁଦ—ଦଉଛି ତମ ପାଖରେ ପାନ ଅଛି କି ?

ଗୁଣ—ନାହିଁ କି କଣ ? ଏଇ ଗୁଣ୍ଡିଆ ।

କୁମୁଦ—ଉହୁଁ, ମୁଁ ଗୁଣ୍ଡି ଖାଏନାହିଁ ।

ଗୁଣ—ଆଜ୍ଞା  କିଛି ପରୁଆ ନାହିଁ । ଅର୍ଜୁ, ତୁ ଗାଦରେ ଚୂନ ନାଗଉଛୁକି ମୁଁ ଗୁଆ ଗୁଣ୍ଡ କରୁଛି—ପୂର୍ତ୍ତି ହୋଇଯିବ । ତେବେ ଯାଅ କବାଟ ବନ୍ଦ । ଆସିଲ ବେଳକୁ ପାନ ଠିକ୍‌ହୋଇ ଯାଇଥିବ । ଯାଅ । (ପାନ ଭାଙ୍ଗିବା ଅଭିନୟ)

କୁମୁଦ—(ସ୍ୱଗତ) ଚଣ୍ଡିକ ଚଣ୍ଡିକ (ପ୍ରସ୍ଥାନ କବାଟ ବାହାର ପାଖରୁ ଦେବା)

ଗୁଣ—ଅର୍ଜୁ ମାଇକିନିଆଟା ବଡ଼ ସୁନ୍ଦର ଲୋକ, ତା କଥାଗୁଡ଼ାକ କେଡ଼େ ମିଠା ।

ଅର୍ଜୁ—ମହାରାଜ, ମୁଁ ପଡ଼ିଲେ ସେପରି ତା ମିଜାଜ ଦେଖିଥିଲି ମୁଁ ଭାବିଲି ସ୍ତ୍ରୀ ସଙ୍ଗରେ ପଡ଼ିବା ବଡ଼ ଅସମ୍ଭବ, କିନ୍ତୁ ମନକୁ ପୁଣି ଏମିତି ଥିଲି ।

ଗୁଣ—ସ୍ତ୍ରୀମାନଙ୍କର ଯେ ଗୋଟାଏ ସ୍ୱଭାବ !

ଅର୍ଜୁ  ଏଥିର ବନମତି ଏକଟି ଆଡ଼ା ।

ଗୁଣ—ହୁ—ହିଁ (ତେଲା ପକାଇ ଆଣ୍ଠୁ ହଲାଇବା)

ଅର୍ଜୁ—ଏତେବେଳ ଯା ଏକଣ କବାଟ ଦେଉଥିବ କି ?

ଗୁଣ—ଡାକୁନାହିଁ ।

ଅର୍ଜୁ—ଓ, କୁଆଡ଼େ ଗଲ ମ (ନେପଥ୍ୟକୁ ଚାହିଁ) କାହିଁକ ଶୁଣୁନାହିଁ ?

ଗୁଣ—କୁଆଡ଼େ ପଳେଇଲା କି ?

ଅର୍ଜୁ—ମୁଁ ଦେଖେଁ କବାଟଟା କଣ ସେ ପାଖରୁ ବଞ୍ଚଗଲା ପରି ଜଣାଗଲା ।

ଗୁଣ—(ଖେଲିଦେଇ ଦେଖ୍ ବେ

ଅର୍ଜୁ— ଦେଖି) ହେ ସର୍ବନାଶ !

ଗୁଣ—କରେ କଣ ?

ଅର୍ଜୁ—ଆରେ କବାଟ ତୋ ପାଖରୁ ବନ୍ଦ ମଲି ରେ ମଲେ ।

ଗୁଣ—ଆରେ ମାଇକିନିଆ କୁଆଡ଼େ ଗଲା ?

ଅର୍ଜୁ—ମାଇକିନିଆ ଚମଟ ।

ଗୁଣ—ଆଉ କୋଉଠି ଯିବାର ବାଟ ନାହିଁ ?

ଅର୍ଜୁ—ଅଣ୍ଣା, ମଣିଷ ତ ମଣିଷ – କଦା ପିମ୍ପୁଡ଼ି ଚଳିଯିବାର ବାଟ ନାହିଁ । ସେ ତ ରଜାଙ୍କୁ ଏ କଥା କହି ଆମକୁ ଫାଶି ବନେଇ ଦେବ, ସେ ମାଇକିନିଆ ତ ଚଳାଟାଏ ।

ଗୁଣ—(ଭୟରେ) ଆରେ, କରିବା କଣ ରେ ।

ଅର୍ଜୁ—ମଲେ ନ ! କି ଅପମାନରେ ? (ପାଟି ଖନମାର) ଯିବା କୁଆଡ଼େ ?

ଗୁଣ—(ନେପଥ୍ୟେ ପଦଶବ୍ଦ) ହେଇ କିଏ ଆସିଲାଣି ।

ଅର୍ଜୁ—ଚାଲ ଯେ ଖଟତଳେ ପଶିଯିବା ।

( ତଥାକରଣ ଓ ଖଟତଳେ ପଶି ମୁଣ୍ଡ ବାହାରକୁ କାଢ଼ିବା । ବାହାରେ ସୁରେନ୍ଦ୍ର ମା’ ମା’ ଶବ୍ଦ )

ଗୁଣ—ଆରେ, ସେ ଟୋକା ତ ଆସିଲା । ହେ, ଏଠି ତ ଦେଖାଯାଉଛୁ । ଚାଲ ସେ ଚୁଲି ଭିତରକୁ ଯିବା (ତଥାକରଣ) (ବାରମ୍ବାର ଏଠି ସେଠି ହେବା ଅଭିନୟ ।)

( ସୁରେନ୍ଦ୍ର ଦ୍ୱାର ଖୋଲି ଗୃହରେ ପ୍ରବେଶ )

ସୁରେନ୍ଦ୍ର—ମା ! ମା ! କୁଆଡ଼େ ଯାଇଛୁ ? ଏ କଣ ଗୋଟାଏ ଦୁଲକନା ହେଲା (ଜରେଣି ଖୁଣ୍ଟିବା !)

ଗୁଣ—ଅର୍ଜୁ ଏ ତ ଏକା, ଦେଖିଲା ଡାମ କରିଦେବା ( ଠାରେଠାରେ ) ।

ଅର୍ଜୁ—କହୁଛ କଣ ? ଏହି ଟୋକା ଆମର ଚିର ଶତ୍ରୁ । ବର୍ତ୍ତମାନ ଯାହା କରିବାର ଦେଖିଲା କାମ କରିଦେବା । ଆଉ ମାଇକିନିଆର ଆମ ପ୍ରତି ଅସଦ୍ ବ୍ୟବହାରର ପ୍ରତିଶୋଧ ଏହି ଟୋକାଠାରୁ ନେଇ ଯିବା ।

ଗୁଣ—ଧର ଯାହା ହେବାର ହେବ । (ଉଠିବା)

ସୁର—କିଏ, ଏ କିଏ ? ମା’ ମା !

ଅର୍ଜୁ—ଆଉ ମା, ଚୁପ ରେ (କଣ୍ଠ ହସ୍ତ ଧରି ପକାଇ)

ସୁରେନ୍ଦ୍ର—ମା’, ମା’ (ଉଚ୍ଚସ୍ୱରେ) ।

ଗୁଣ—(ପିଠି ମୁହଁକୁ ମାଡ଼ିବସି) ଅର୍ଜୁ,ଏମିତି ଧରି ଟେକି ନେଇ ପଳାଇବା, ଏଠି ଆଉ କିଛି କାମ ନାହିଁ ।

ଅର୍ଜୁ—ହିଁ ଚାଲନ୍ତୁ, ( ପ୍ରସ୍ଥାନ କଲବେଳେ ସୁର—ମା’ ମା’ ଡାକ ଧ୍ୱନିହିଁ ହେବ.)

—*—

## ଚତୁର୍ଥ ଦୃଶ୍ୟ

( ରାଜା, ଦୂତ, କୁମୁଦ )

ରାଜା—କିଏ ? କିଏ ?

କୁମୁଦ—(ସ୍ୱଗତ) ମୁଁ ଦ୍ୱାର ବନ୍ଦ କରି ଯାଇଥିଲି, ଦ୍ୱାର ଖୋଲିଲା କିଏ ? ବୋଧହୁଏ ସୁରେନ୍ଦ୍ର ଆସି ଦ୍ୱାର ଖୋଲିବାରୁ ସ୍ୱେର ବାହାରି ପଳାଇଛି । (ପ୍ରକାଶ୍ୟେ) ମୁଁ ଦ୍ୱାର ବନ୍ଦ କରିଥିଲି ସୁରେନ୍ଦ୍ର ବିଦ୍ୟାଭବନରୁ ଆସି ଦ୍ୱାର ଖୋଲିଛି, ଦେଖ ତ ତାର ବହି ବସ୍ତାନି ସବୁ ଏଇଠି ପଡ଼ିଛି ।

ରାଜା—ସୁରେନ୍ଦ୍ର କାହିଁ ?

କୁମୁଦ—(ଖୋଜିଦେବା) କାହିଁ ? ଏଠାରେ ତ ନାହିଁ ଲୁଆଡ଼େ ଗଲା !

ରାଜା—ଦୂତ, ଦେଖିଲୁ ସୁରେନ୍ଦ୍ର ବାହାରେ ଅଛି କି ?

ଦୂତ—ମହାରାଜ ! ଆମେ ତ ସ୍କୁଲ ବାଟେ ଆସିଲେ । ପିଲାଏ ତ କେତେବେଳରୁ ଛୁଟିହୋଇ ଗଲେଣି, ସ୍କୁଲରେ ସୁଦ୍ଧ ପଢ଼ୁଛି ।

ରାଜା—ଆଉ ପୁଅ କୁଆଡ଼େ ଗଲା ଦେଖ ଶୀଘ୍ର ।

କୁମୁଦ—(ସ୍ୱଗତ) କଣ ହେଲା ? ପୁଅ କଣ ସେ ପାଷାଣ୍ଡଙ୍କ କବଳରେ ପଡ଼ିଲା ?

ରାଜା—କାହିଁ ପୁଅ କାହିଁ, ଆଉ ସେ ସ୍ୱେର କାହାନ୍ତି ?

ଦୂତ—ସ୍ୱେର ତ ଘରେ ଥିଲା, ଏ ତ କବାଟ ବନ୍ଦ କରି ଆପଣଙ୍କ ନିକଟ ଗଲେ, ଏହି ସମୟ ମଧ୍ୟରେ ଯୁବରାଜ ଆସି ଏ ଘର ଖୋଲି ସ୍ୱେରଙ୍କ ହାବୁଡ଼େ ପଡ଼ିଛନ୍ତି । ଏଥିରୁ ଅନୁମାନ କରନ୍ତୁ, ଘଟଣା ଯାହା ହୋଇଥିବ ।

ରାଜା—ନିଶ୍ଚୟ, ମୋ ପୁଅକୁ ସେ ସ୍ୱେର କୁଆଡ଼େ ନେଇ ପଳାଇଛନ୍ତି । ଦୂତ କଣ ହେଲା ?

( ଅଧାହୋଇ ବସିବା )

କୁମୁଦ—( ସ୍ୱଗତ ) ସେ ପାଷାଣ୍ଡ ତ ମୋ ପୁଅକୁ କୁଆଡ଼େ ନେଇଗଲେଣି, ମୁଁ କଣ କରିବି ?

ରାଜା—ଦୂତ, ଆଉ ସନ୍ଦେହ କାହିଁକି ? ସୁରେନ୍ଦ୍ର ନିଶ୍ଚୟ ସେ ଦସ୍ୟୁମାନଙ୍କ ହସ୍ତଗତ ହେଲା । (କୁମୁଦ ପ୍ରତି) ରାକ୍ଷସୀ ! ତୋର ଜୀବନ ରକ୍ଷା କରିବାକୁ ତୁ ମୋର ନିକଟ ଥିଲା, ମୋର ଅମୂଲ୍ୟ ଧନଟିକୁ ଦସ୍ୟୁମାନଙ୍କ କବଳରେ ପକାଇଲୁ । ଦେ ରାକ୍ଷସୀ, ମୋର ପୁଅକୁ ଦେ ।

କୁମୁଦ—(ସ୍ୱଗତ) ମୁଁ ପାଷାଣ୍ଡୀ କଣ କଲି ? ନିଜର ମହତ ରକ୍ଷା କରିବାକୁ ଯାଇ ମୋ ରତ୍ନନିଧିକୁ ହରାଇ ବସିଲି । (ପ୍ରକାଶ୍ୟେ) ମହାରାଜ, ମୁଁ ନିଶ୍ଚୟ ଜାଣି ପାରୁଛି ସୁରେନ୍ଦ୍ରକୁ ସେ ପାଷାଣ୍ଡମାନେ କେଉଁଆଡ଼େ ନେଇଗଲେ ।

ରାଜା—ରାକ୍ଷସୀ, ଖାଇଲୁ ମୋ କୁଳ ଚନ୍ଦ୍ରମାକୁ ଖାଇଲୁ (ଦୂତପ୍ରତି) ଦୂତ, ଦସ୍ୟୁ କଥା ମିଥ୍ୟା, ଏ ରାକ୍ଷସୀ ମୋ ପୁଅକୁ ତାଙ୍କ ହସ୍ତରେ ଦେଇ ମିଥ୍ୟା ଛଳନା କରୁଛି ।

କୁମୁଦ—ନା, ମୁଁ କିଛି ମିଥ୍ୟା କଥା କହୁ ନାହିଁ ।

ରାଜା—କିଛି ଶୁଣିବି ନାହିଁ, ରାକ୍ଷସୀ ! ତୁହି ମୋ ପୁଅକୁ କାହାକୁ ଦେଇଛୁ, ବା କାହା କୁପରାମର୍ଶରେ ତାକୁ ମାରି ମିଥ୍ୟା ଛଳନା ଦେଖାଉଛୁ, ମୋ ପୁଅ ଦେ । ନଚେତ୍ ତୋର ପ୍ରାଣ ମୁଁ ନେବି ।

କୁମୁଦ—ମହାରାଜ ! ତାହାହିଁ କରନ୍ତୁ, ଏ ଅଭାଗିନୀକୁ ପ୍ରାଣଦଣ୍ଡ ଆଜ୍ଞା ଦିଅନ୍ତୁ, ହତଭାଗିନୀ ଆଉ ସୁରେନ୍ଦ୍ର ବିଚ୍ଛେଦରେ ଧୈର୍ଯ୍ୟଧରି ରହି ପାରିବ ନାହିଁ ।

ରାଜା—ଦୂତ, ଶୀଘ୍ର ମୋ ଆଦେଶ ପାଳନ କର ।

ଗୀତ

(କହ ଦୂତ ଏକ ବାଦ୍ୟସହ— କୁମ୍ଭେ)

କାନ୍ଦ ଏ ରାକ୍ଷସୀ ଖରେ       ନିଅ କାରାଗାରେ
ପାଷାଣ୍ଡୀ ମାରିଛି ନଷ୍ଟେ ସୁତକୁ ମୋହର ରେ । ପଦ ।
ମିଥ୍ୟା ଛଳନା ଦେଖାଇ       କଥା କହୁଛି ବଞ୍ଚାଇ
ଆଶା ଭରସା ବୃଥା ଗଲାଟି ମୋହର ରେ । ୧ ।

ପାଷାଣ୍ଡି ! ମୋର ସର୍ବନାଶ କଲୁ, ମୁଁ ସୁରେନ୍ଦ୍ରକୁ ଆଉ କେତେଯତ୍ନରେ ଯତ୍ନ କରିଥିଲି । ମୋ ଧନ କୁଆଡ଼େ ଗଲା । ରାକ୍ଷସୀ କହ ମୋ ପୁଅ କଣ କଲୁ ।

କୁମୁଦ—(ସ୍ୱଗତ) କଣ କହିବି ? ପୁତ୍ର ବିଚ୍ଛେଦରେ ଏ ଅଭାଗିନୀ ହୃଦୟରେ କି ଦାରୁଣ ଯନ୍ତ୍ରଣା ଅନୁଭବ କରୁଛି, ତା ଈଶ୍ୱରଙ୍କୁ ଗୋଚର ।

ରାଜା—ରକ୍ଷୀ, ସେନାପତି ଜଲ୍ଦି ଗତ ଅଛି, କହ ଶୀଘ୍ର ମୋ ପୁତ୍ର କେଉଁଠାରେ ଅଛି ।

କୁମୁଦ—ସେମାନେ ଅନୁମତି ଦିଅ ମୁଁ ସନ୍ଧାନ କରିବି ।

ରାଜା—ରକ୍ଷୀ ! ପ୍ରତିଦେବ ?

ଗୀତ

ଆଜଠାରୁ ଯେତେବେଳେ   ପୁଅ କ ପାଇବି ଟି ସାଧାର
ତୋ ମୁଣ୍ଡକୁ କାଟି ଗ୍ରାମେ ବୁଲାଇବି ଶୂଳିରେ । ୨ ।

ପାଷଣ୍ଡି, ଆଜ ଦିନ ମଧ୍ୟରେ ଯେବେ ମୋ ପୁତ୍ରକୁ ନ ପାଏ କାଲି ନିଶ୍ଚୟ ତୋତେ ଶୂଳରେ ଚଢ଼ାଇବି । ରକ୍ଷୀ ! ତୋର ଏତେ ଫିସାଦ ?

କୁମୁଦ - (ସ୍ୱଗତ) ମୋର ସେଇଆ ଇଚ୍ଛା, ସୁରେନ୍ଦ୍ର ସବେ ଜୀବନରେ ଅଛି ? ଆଜ୍ ମା, ମା ବୋଲି ମୋତେ ଆଉ ଡାକିବୁ ? ଭଗବାନ ତୋର ନେଇ ଗିଭୁକା ଦୁଃଖୀର ଧନକୁ କୁଆଡ଼େ ହରଣ କରି ନେଇଗଲୁ ?

ରାଜା— ଗୀତ

( ଦୂତ ପ୍ରତି )

ଦେଶରେ ଦୂତ ସନ୍ଧାନ   କାହିଁ ଗଲା ପୁତ୍ରମଣି
ଯେ ଦେବ ମୋତେଟି ଆଣି
(ତାକୁ ) ଦେବ ଅର୍ଦ୍ଧ ରାଜ୍ୟରେ । ୩ ।

ଦୂତ ! ରାଜ୍ୟରେ ଘୋଷଣା କର, ଯିଏ ସୁରେନ୍ଦ୍ରକୁ ମୋର ଖୋଜି ଆଣିଦେବ, ତାକୁ ରାଜ୍ୟରୁ ଅଧେ ଦେବି । ନିଅ ଏ ପାଷଣ୍ଡୀକୁ କାରାଗାରେ ରଖ (ପ୍ରସ୍ଥାନ)

ଦୂତ—ଯେ ଆଜ୍ଞା ।

କୁମୁଦ—ବିଧାତା ! ବେଶ ବିଚାର କରିଛୁ ! ଦିନେ ରାଜରାଣୀ, ଦିନେ ଭିକାରୁଣୀ, ପୁଣି ଆଜି ଅପରାଧିନୀ, ଭଲ ଭଲ ! (ପ୍ରସ୍ଥାନ)

—*—

# ଷଷ୍ଠ ଅଙ୍କ

## ପ୍ରଥମ ଦୃଶ୍ୟ

(ଜଙ୍ଗଲ)

ସୁରେନ୍ଦ୍ର—ମାମୁଁ, ମୋତେ ମାରନା । ମା ମୋର କାନ୍ଦିବ ।

ଗୁଣ—ମା କାନ୍ଦିବ ? ମାଆ ନ ଆମକୁ ବାଛିଥିଲା ।

ଅକ୍ରୁ—ଆଉ ବିଳମ୍ବ କାହିଁକି ।

ସୁରେନ୍ଦ୍ର— ଗୀତ

( ଯଦୁନାଥର ଘର କର—ବୁଦ୍ଧେ )

ମାମୁଁ, ମାରନା ମାରନା ।
କାନ୍ଦି କାନ୍ଦି ମରିବ ମୋ ମା ।
ଏ ଶିଶୁ ପରାଣ   ମାର ଅକାରଣ
କି ଯଶ ଲଭିବ   ହେ ମାତୁଳଗଣ
ମୁଁ ତୁମ୍ଭର ଦ୍ରୋହୀ   କେବେ ହୋଇନାହିଁ
ଦୋଷ ମୋଠାରେ କହନା । ୧ ।

ମାମୁଁ, ତୁମ୍ଭ ନିକଟରେ ଦିନେ ମାତ୍ର ଦୋଷୀ ହୋଇନାହିଁ, କାହିଁକି ମୋ ପ୍ରତି ଏ ଅବିଚାର ହେଉଛି ?

ଗୁଣ—ତୁହି ଆମ୍ଭର ଶତ୍ରୁ, ତୋତେ ମାରିଲେ ଆମ୍ଭର ରାଜ ସିଂହାସନ ଦଖଲ ହେବ ।

ସୁରେନ୍ଦ୍ର— ମାମୁଁ, ସାମାନ୍ୟ ଐଶ୍ୱର୍ଯ୍ୟ ଲାଗି ମୋତେ ମାରିଦେବ ?

ଗୁଣ—ଆରେ ହଁ, ଅକ୍ରୁ ! ଏମିତି ତା କଥା ଶୁଣୁ ଶୁଣୁ ବେଳ ଯିବ । ଦେ ଛୁରିକା ଧରି ପେଟେ । ଅନାଇଁଛୁ କଣ ବା ।

ଅକ୍ରୁ—ସେମିତି ଦୟା ନାହିଁ ଧରି କରି ଲମ୍ଫନା ସୁଆର ପଳାଇବା । ଜଣେ ଛୁରିରେ ଆଉ ଜଣେ ଛୁରିରେ ଠିଆ ହୋଇଯିବା ।

ଗୁଣ—ଠିକ ଠିକ୍ ।

ସୁରେ—ମାମୁଁ

ଗୀତ

ପରର ଧନ ପାଇଁ   ଏ ଜୀବନ ନେଇ
କି ଯଶ ଲଭିବ   ସଂସାରରେ ରହି
ନ ସହିବ ଧର୍ମ   କର ମନ୍ଦ କର୍ମ
ଛାଡ଼ ମନ୍ଦ ଧାରଣା । ୨ ।

ମାମୁଁ ! ଏ ସଂସାରରେ କେହି ଚିର ହୋଇ ରହିବ ନାହିଁ । କେବଳ ରହିବ ଭଲ ମନ୍ଦ ଦୁଇ କଥା । ଆପଣଙ୍କ ଭାଗ୍ୟରେ ଯେବେ ରାଜସିଂହାସନ ଥିବ, ମୁଁ କଣ ତାହା ଛଡ଼ାଇ ନେଇ ପାରିବି ? ମାମୁଁ, କର୍ମଲେଖା କାହାର ଅପହରଣ କରି ପାରିବ ନାହିଁ । ମୋତେ କ୍ଷମା ଦିଅ ।

ଗୁଣ—ଅଜୟ, କଣ ଚୈତନ୍ୟ କଥା ଶୁଣୁଛୁ କି ? ଆମର ଆଉ ଜ୍ଞାନ ବୁଦ୍ଧି ନାହିଁ—ଆମକୁ ଜ୍ଞାନ ବୁଝାଉଛି । ଧର ଶୀଘ୍ର । (ସୁରେନ୍ଦ୍ରକୁ ଧରିବା)

ସୁରେନ୍ଦ୍ର— ଗୀତ

(ପ୍ରାଣ ବାନ୍ଧବ ରେ ବନ୍ଧା ମୁଁ ପ୍ରେମେ ତୋହରି-ବୃତ୍ତି)

ଦୀନବନ୍ଧୁ ହେ, ସଂହାର ଦିନ ମୋହର
ତୁମ୍ଭେ ଦୀନନାଥ ଅନାଥର ନାଥ
ମୋ ଆରତ ଶୁଣାକର । ପଦ ।
ଗତି ମୁକ୍ତି ଦାତା ତୁମ୍ଭେ ବିଶ୍ୱକର୍ତ୍ତା
ତୁମ୍ଭେ ଶରଣ-ସୋଦର ।
ମୋତେ ମୋକ୍ଷପଥ ଦେଖା ହେ ଅନନ୍ତ
ଅନ୍ତେ ଲଭେ ତୋ ପୟର । ୨ ।

ହେ ବିପଦଭଞ୍ଜନ, ହେ ଆରତ ନାଶନ, ହେ ଦୀନବନ୍ଧୁ ! ମୋର ସଦ୍‌ଗତି ବିଧାନ କର !

ଗୁଣ—ଚାଲ ତଳେ କେତେ ବେଳ ହଉଛି ?

(ପକାଇ ଉପରେ ଟିଆଦେବା ଅଭିନୟ, କେଦାର ପ୍ରବେଶ)

କେଦାର—ପାଷଣ୍ଡ ! କ୍ଷାନ୍ତହୁଅ, ନିର୍ଦ୍ଦୋଷୀ ଅଜ୍ଞାନ ବାଳକେ କମ୍ପା ଦିଅ ଦଣ୍ଡ ? (ଗୁଣ ଅଜୟ ଡରିଯାଇ ପଳାୟନ)

କେଦାର—ଆହା, କେଡେ ସୁନ୍ଦର ସୁକୁମାର ଶିଶୁଟି । ଏ କଣ ଦୋଷକଲା ? କାହିଁକି ସ୍ୱାର୍ଥ ପ୍ରାଣ ବିନାଶ କଲ ? ମୂର୍ଚ୍ଛା ନା ବଞ୍ଚିଛି ଦେଖେଁ । (ନିଶ୍ୱାସ ବାଣ) ନା ନିଶ୍ୱାସ ବହୁଛି, ତେବେ ଏହି ପୁଷ୍କରଣୀ ନିକଟକୁ ନେଇଯାଏଁ ସେଇଠି ଶୁଶ୍ରୂଷା କରିବି । ପିତା ସାରଦାଜ ! ତୁମ୍ଭେ କେଉଁ ପଥରେ ରହିଲ, ଶୀଘ୍ର ଆସ, ଏ ଶିଶୁଟିର ପ୍ରାଣ ରକ୍ଷାକର । ଏ ସ୍ଥାନ ଶୀଘ୍ର ପରିତ୍ୟାଗ କରିବା ଦରକାର, କାଳେ ପାଷାଣ୍ଡମାନେ ପୁଣି ଆସି ପାରନ୍ତି ।

(କାନ୍ଧରେ ନେଇ ପ୍ରସ୍ଥାନ

—*—

## ଦ୍ୱିତୀୟ ଦୃଶ୍ୟ

( ଭାଇ ଅନା—ବୃତ୍ତି )

ଦୂତ— ଗୀତ

ଭାଇ, ଧର ନୂଆ ପୁଅ ନେଲା କେଉଁ ଚୋର ।
ଜେମା ଉଆସରେ ଦିନ ଦ୍ୱିପ୍ରହରେ
ଦାସୀ ସଙ୍ଗେ କଲା ଠାରଠାର । ୧ ।
ଧରିବ ଯେ ଚୋର ଅଧେ ରାଜ୍ୟଭାର
ରାଜା ଦେବେ ହୋଇଛି ଢିଣ୍ଡୋର । ୨ ।

ହେ ଭାଇ, ରାଜାଙ୍କର ନୂଆ ପୁଅକୁ ଚୋର ନେଇ ଯାଇଛି । ଯିଏ ସେ ଚୋରକୁ ଧରିଆଣି ଦେବ, ରାଜା ତାକୁ ରାଜ୍ୟରୁ ଅଧେ ଦେଇ, ତା ମୁଣ୍ଡରେ ଖୁଆଡ଼ି ବାନ୍ଧିବେ ।

( ଗୁଣ ଓ ଅଜୟ ପ୍ରବେଶ )

ଗୁଣ—କଣ କଣ, କଥା କଣ ?

ଦୂତ—ତେମେ କଣ ଶୁଣିନାହିଁ ।

ଅଜୟ—ନା, ଆମେ ତ କିଛି ଶୁଣି ନାହୁଁ ।

ଦୂତ—ସେ ଯୋଉ ପୁଅ ନୂଆ ଉଆସରେ ସେ ଦାସୀ ଜମା ଥିଲା ସେ ପୁଅକୁ ଖେଳେଇବେଳେ ବଡ଼େ ଚୋରି କିଏ ନେଇ ଯାଇଛି । ଅଲଟିକା ନହର ଯାକ ହଲ ପଡ଼ିଛି, ଯିଏ ସେ ଚୋରକୁ ଧରି ଦେବ ରାଜ୍ୟରୁ ଅଧେ ନବ ।

ଗୁଣ—ଆଚ୍ଛା ସେ ମାଇକିନିଆ କଣ କହୁଛି ?

ଦୂତ—ମାଇକିନିଆଁ କିଛି କହୁ ନାହିଁ, ଆମ୍ଭେ ଜାଣିପାରୁଛୁ ମାଇକିନିଆ ଚୋରଣି ରହିକରି ସେ କାଣ୍ଡ ହୋଇଛି । କାରଣ ମାଇକିନିଆ କଥାରୁ କେତେକ କଥା ତଗଲ ଜଣାଯାଉଛି ।

ଗୁଣ—ଏ କଣ ପ୍ରକୃତ କଥା ?

ଦୂତ—ମୁଁ କଣ ତମ ସାଙ୍ଗରେ ଥଟ୍ଟା କରୁଛି ?

ଗୁଣ  ଆଚ୍ଛା; ରଜା ଆଜି ନୂଆ ସଭଙ୍କ ଆଡକୁ ବୁଲିବାକୁ ଯାଉଛନ୍ତି ।

ଦୂତ – ରଜା, ପୁଅ କଥା ଶୁଣି ତାଙ୍କର ଅକଲ ଗୁମ ହେଲାଣି, ଆଜି ସେ ବୁଲିବାକୁ ଯାଉଥିଲେ ।

ଗୁଣ – ଆଜ୍ଞା, ଠିକ୍ ଆମ ରଜାଙ୍କ ପରି ପୋଷାକ ପୋଷାକ ହୋଇ ଜଣେ କିଏ ଯାଉଛି । ଆମେ ବର୍ତ୍ତମାନ ବାଟରେ ଦେଖି ଆସିଲୁ । ଆମ୍ଭେ ମନେକଲୁ ମହାରାଜ କୁଆଡକୁ ବାହାରି ପଡ଼ିଛନ୍ତି । ଏକା! ଢଗ ଦେଶରେ ନାହାନ୍ତି (ଅଜପ୍ରତି) ବୁଢ ରେ ?

ଅଜ – ହିଁ ହିଁ ।

ଗୁଣ – ଆମ ମନେ ମନେ ରଜା ବୋଲି ଆମେ ବାଟ ଛାଡି ଗୁଳିଆସିଲୁ ।

ଦୂତ – ରଜା ତ ଅନ୍ଦର କୁ ଆଉ ଯାଇ ନାହାନ୍ତି ।

ଅଜ – ତେବେ ( ଅଙ୍ଗରେ ସେହି ତ ।

ଦୂତ – ଆଚ୍ଛା ତେବେ ବାଟରେ ଦେଖିଥିଲ ।

ଗୁଣ – ବାଟ ମାଳଙ୍କ ଭିତରେ ।

ଦୂତ – ଆଉ ତା ସଙ୍ଗରେ କିଏ ଭଲ ଅଛି ?

ଗୁଣ – ଆଉ ସାଙ୍ଗରେ ( ଭାବ ) ଆମେ ଅନେକ ଦୂରରେ ଥିଲୁ – ଭଲକରି କହି ପାରିବୁ ନାହିଁ ।

ଅଜ – କିଏ ଜଣେ ଥିଲା ପରି ?

ଗୁଣ – ଅଜ – ସେଇ ତ ଚୋର, ଚିହ୍ନିଏ ପିବାକ ? ଗୁଲିଲୁ ।

ଦୂତ  ସ୍ୱା ଚୋରିବାକୁ ଅଛ ? ଗୁଲନା ରଜ୍ୟରୁ ଅଧେ ଦେବ ବୋଲି ରଜା ଢେଣ୍ଡେରା କରିଛନ୍ତି, ନ ହେଲ ବେକକୁ ଚୋଟାଏ ମାଁ ରହିବ ।

ଅଜ – ଗୁଲ ଦେଖିବା, ତାର ଏଡ଼େ ସାହସ !
( ପ୍ରସ୍ଥାନ )

— · —

## ତୃତୀୟ ଦୃଶ୍ୟ ।

( କେଦାର ସୁରେନ୍ଦ୍ରକୁ ଧରି )

କେଦାର – କଣ କରିବ, ଠିକ ବର ଜାଣିଁଛନ୍ତି ? ଏ ପିଲାର ତ ଏତେବେଳଯାଏ ଚେତା ଆସିଲା ନାହିଁ ମୁଁ ଅରଣ୍ୟ ମଧ୍ୟରେ କେଉଁଆଡ଼େ ନେଇ କରି ବୁଲିବ ?

( ଗୁଣ, ଅଜ, ଦୂତ ପ୍ରବେଶ )

( ଗୁଣ ଦୂରରେ ରହି ଅଙ୍ଗୁଳିରେ ଠାରିବା ଅଭିନୟ )

ଗୁଣ – ଏଇ ନବ କି ?

ଅଜ – ( ଦଉଡ଼ି ଯାଇ ) ଆରେ ଏଇଟି ତ ପୁଅ ।

ଦୂତ – ଆରେ ହେ ହେ (ଦଉଡ଼ି ଯିବା)

ଗୁଣ – ଆଗେ ପୁଅକୁ ଦେଖ ( ସମସ୍ତେ ବେଢ଼ି ଯିବା )

କେଦାର – ( ସ୍ୱଗତଃ ) ଆଉ ରକ୍ଷା ନାହିଁ । ଏ ପାଷଣ୍ଡ ତ ପୁଣି କପାଳରୁ ଶିଶୁକୁ ସେଇ ମାରି ପକାଇବା ଉଦ୍ଦେଶ୍ୟରେ ଆସିଲେଣି ମୁଁ ତ ଏକା କଣ କରିବି ? (ପ୍ରକାଶ୍ୟେ) ହେ, ତୁମ୍ଭେମାନେ କାହିଁକି ଏପରି ହେଉଛ ? ତୁମ୍ଭର ଏ ଅଜ୍ଞାନ ଶିଶୁ କି ଦୋଷ କଲା ?

ଗୁଣ – ସୁରେନ୍ଦ୍ରକୁ ଦେଖି ( ଦୂତ ପ୍ରତି ) ଦୂତ ପିଲାଟିକୁ ତରମଗ କରି ସାରିଲାଣି ଅମ୍ଭେ ଆଉ ଟିକିଏ ବିଳମ୍ବ କରିଥିଲେ ତ ସବୁ ସାରି ଦେଇଥାନ୍ତା ।

ଦୂତ – ଆଗ ସେ ଚୋରକୁ ଧର, ସମସ୍ତେ ଧରିବାକୁ ଉଦ୍ୟତ ।

ଚୋର – ହେ ମୂର୍ଖ କାହିଁକି ସେପରି ହେଉଛ ଦେଖ ସେ ପିଲାଟିର ଜ୍ଞାନ ଶୂନ୍ୟ ହୋଇଯାଇଛି । ମୁଁ ତାର ଶୁଶ୍ରୂଷା କରୁଛି—ମୋତେ ବାଧା ଦିଅନା !

ଗୁଣ – ( ଦୂତ ପ୍ରତି ) ଯାହା କହନ୍ତି ଚୋରର ମୁଣ୍ଡ ହାଣ, ( କେଦାର ପ୍ରତି ) ରେ ମୂର୍ଖ ! ଶୁଶ୍ରୂଷା କରିବୁ କଣ ? ମିଥ୍ୟା ପିଶାଚ କାଢ଼ୁଛୁ ତୁ କାହିଁକି ? ଏ ଶିଶୁକୁ ଚୋରିକରି ଆଣି ଏ ଅବସ୍ଥା କଲୁ ।

ଦୂତ – କଡ କାହିଁକି ଆଣିଲୁ ?

ଅଜ – କରା ବେ କହୁଁ କି ଆଣିଲୁ ।

କେଦାର – ମୁଁ ଏ ପିଲାଟିକୁ ଦସ୍ୟୁମାନଙ୍କ କବଳରୁ ରକ୍ଷା କରିଛି ।

ଗୁଣ – ପିଶାଚ କାଢ଼ୁଛୁ ? କାହିଁ କାହିଁକି ଏ ପିଲାକୁ ଆଣିଲୁ ।

ଦୂତ – ଗୁଲ ରଜାଙ୍କ ପାଖକୁ ନେଇଯିବା, ପାଷାଣ୍ଡକୁ ବାନ୍ଧ ।

କେଦାର – କାହିଁକି ମୋର କି ଅପରାଧ ?

ଅଜ – ଚୋରଙ୍କର ମୁଣ୍ଡ ହାଣ, ଧର ଶୀଘ୍ର ।

କେଦାର—ମୁଁ କଣ ଚୋର ।
ଗୁଣ—କେଡ଼େ ଦମ୍ଭରେ କଥା କହୁଛି । (ଦୂତ ପ୍ରତି)
ଦୂତ ଦେଖ ତା ଧମକ୍ ।

ଗୀତ—( ଦାଣ୍ଡି )

ଆରେ ରେ ପାଷାଣ୍ଡ ! କଆଁ କଲୁ ଏଡ଼େ କର୍ମ ?
କି ସାହସେ ଏ ପୁଅକୁ କରିଲୁ ହରଣ ? ୧ ।
ଶୃଗାଳ ହୋଇ ତୁ ସିଂହ ଗହ୍ୱରେ ପଶିଲୁ ।
ମୂଷିକ ହୋଇ ମାର୍ଜାର ସଙ୍ଗେ ବାଦ କଲୁ । ୨ ।
ବାମନ ହୋଇ ତୁ ଚନ୍ଦ୍ରେ ବଢ଼ାଇଲୁ ହସ୍ତ ।
ଏକ୍ଷଣି ଏହାର ଶାସ୍ତି ଭୁଞ୍ଜିବୁ ପାପିଷ୍ଠ । ୩ ।
ଦୂତ ! ଆଉ ବିଳମ୍ବ କାହିଁକି, ଶୀଘ୍ର ମୂର୍ଖକୁ ନେଇ ଗଲେ ବନ୍ଧନ କରିବା ।

କେଦାର—ନା, ମୁଁ ନିର୍ଦ୍ଦୋଷୀ, କାହିଁକି ମୋତେ ବନ୍ଧନ କରୁଛ ?
ଗୁଣ—ଚୁପ୍ କର ।
କେଦାର—ପିତା ସାରଦ୍ୱାଜ ମୋତେ ଏଇ ଶାସ୍ତି ଦେବାକୁ କଣ ଆପଣଙ୍କ ମନରେ ଥିଲା ? ଓଃ ବୁଝିଲି ମୁଁ ଆପଣଙ୍କ କନ୍ୟାଟିକୁ ଯେତେ ଦଶା ଦେଇଛି, ତାହାର ପ୍ରତିଶୋଧ ।
ଗୁଣ—ଦୂତ, ପୁଅକୁ ଧ, ଆମ୍ଭେ ଏ ଚୋରକୁ ଧରୁଛୁ ।
( ସେନ ପ୍ରସ୍ଥାନ )

--✱—

## ଚତୁର୍ଥ ଦୃଶ୍ୟ

ରାଜା, ଜ୍ୟୋତିଷ, ମନ୍ତ୍ରୀ

ଦୂତ— ( ସୁରେନ୍ଦ୍ରକୁ ଶୁଆଇ )
ରାଜା—କଅଣ କରିବ, ସୁରେନ୍ଦ୍ରର କପରି ଚେତନା ଲାଭହେବ ? ଧନ ରେ ଉଠ୍ !
ଦୂତ—ତାକୁ ଉପଦ୍ରବ କରିଥିଲା ଆମ୍ଭେ ଯାଇ ପହଞ୍ଚିଲୁ ।
ରାଜା—ସେ ପାଷଣ୍ଡ ଦସ୍ୟୁକୁ ଶୀଘ୍ର, ଏଠାକୁ ନେଇ ଆସ । ଆଉ ସେ ପାଷଣ୍ଡୀକୁ କାରାଗାରକୁ ନେଇ ଆସ ।
ଦୂତ—ଯେ ଆଜ୍ଞା । ( ପ୍ରସ୍ଥାନ )

( କେଦାରକୁ ଧରି ଗୁଣ ଓ ଅନ୍ୟ ପ୍ରବେଶ ).
ରାଜା—ଏହି ପାଷାଣ୍ଡ ? ଜ୍ୟୋତିଷେ ଦେଖନ୍ତୁ, ଏହି ମୂର୍ଖ ମୋର ଶତ୍ରୁ (ପ୍ରକାଶ୍ୟେ) ହେ ବର୍ବର ! କି ସାହସେ ମୋର ଗୃହରେ ପ୍ରବେଶ କରି ମୋର କୁଳଚନ୍ଦ୍ରମାକୁ ଏ ଦଶା ଦେଲୁ ?
କେଦାର—( ସ୍ୱଗତ ) ବିନାମେଘେ ବଜ୍ରର ପତନ ପ୍ରଭୁ !
ଜ୍ୟୋତିଷ—ଆଉ କହିବ କଣ, ସେ ଅଳଙ୍କାର ଅପହରଣ ନେବାକୁ ତ ଏତେ ଫିକର କରୁଛି ।
ଗୁଣ—ଆଉ ସାମାନ୍ୟ ବିଳମ୍ବ ହୋଇଥିଲେ ଏକଦମ ମାରି ଦେଇଥାନ୍ତା ।
କେଦାର—ଦୋଷୀ, ନିର୍ଦ୍ଦୋଷୀ ହେଉଛି କହୁ ମିଥ୍ୟା କଥା ।
ରାଜା—ମୂର୍ଖର ବେଶଭୂଷାରୁ ତ ଅନୁମାନ ହେଉଛି ଜଣେ ସମ୍ଭ୍ରାନ୍ତ ରାଜପୁତ୍ର । (ପ୍ରକାଶ୍ୟେ) ରେ ମୂର୍ଖ । ଏ ଚଣ୍ଡାଳ ବୃତ୍ତିରେ କାହିଁକି ମନ ବଳାଇଲୁ ?
ଜ୍ୟୋତିଷ—ମହାରାଜ ! ସେ ଯେଉଁ ଗ୍ରହରେ ଜନ୍ମ ।
ରାଜା—ଆରେ ମୂର୍ଖ ! ଆଜ ତୋର ପାପର ପ୍ରାୟଶ୍ଚିତ କରିଦେବ ।
କେଦାର—ମୁଁ କଣ ଅନ୍ୟାୟ କରିଛି ମହାରାଜ ।
ରାଜା—ଆହୁରି ଅନ୍ୟାୟ କରିଥାନ୍ତୁ ?

ଗୀତ

( ଆଲେ ଦୂତବୃନ୍ଦ—ଦୃଢ଼େ )

କହ ରେ ବର୍ବର କରି ମୋ କୁମର
ସ୍ୱେଚ୍ଛାର ଗୋପନେ ନେଲୁ ।
ଜାଣୁ ଜାଣୁ ଦୁଷ୍ଟ କୁଳଶ ମସ୍ତକେ
ଆପେ ଆଣି ପକାଇଲୁ ।
ଏଡ଼େ ମନ୍ଦ କରମ
କରିବାକୁ ମୂର୍ଖ ହେଲୁ ମନ ।୧।

ମୂର୍ଖ, କାହିଁକି ବଳେ ବଳେ ମୃତ୍ୟୁକୁ ନିମନ୍ତ୍ରଣ କଲୁ ?

ଗୀତ

ପରର ଧନ ପାଇଁ ମୂର୍ଖ ହୋଇ ବାଳ
କର ନରହତ୍ୟା ପାପ

ଆଜନ୍ମ ରେ ମୂର୍ଖ !  ବୁଝିବୁ ସେ ସୂକ୍ଷ୍ମ
ଲକ୍ଷ୍ମଣଟି କେଉଁ ବାଣ
ଧିକ ଧିକ ତୋ ବୁଦ୍ଧି
କୁଳାଙ୍ଗାର ହେଲୁ ତୋର ବାପ ବଧି । ୨ ।

କୁଳାଙ୍ଗାର ତୋର ପାପର ସମୁଚିତ, ଦଣ୍ଡ ବିଧାନ କରିବି, ଦେଖିବି କେ ରକ୍ଷା କରିବ ।

( ସାରଦ୍ୱାଜ ପ୍ରବେଶ, ବନ୍ଦୀ ହୋଇ ଦଣ୍ଡବୋଲ ଭଙ୍ଗ)

ରାଜା—ଜୟ, ଜୟ ତପସ୍ୱୀ ! ମୋର ପ୍ରଣାମ ଗ୍ରହଣ କରନ୍ତୁ ।

କେଦାର—ପିତା ପିତା ! ମୋତେ ଏହି ଅବସ୍ଥା ଦେଖିବାକୁ ଆପଣଙ୍କ ମନରେ ଥିଲା ?

( ଥକାହୋଇ ବସିପଡିବା )

ସାରଦ୍ୱାଜ—ରାଜନ, ଏ କ କାଣ୍ଡ ? ଏ ପିଲ କାହିଁକି ଏପରି ହୋଇଛି ?

ରାଜା—ତପସ୍ୱୀ କଣ କହିବି, ( କେଦାରକୁ ଦେଖାଇ ) ଏ ପାଷାଣ୍ଡ ମୋ ପୁତ୍ରକୁ ନେଇ ମାରି ଦେଇଥିଲା । ଦଇବ ବଳରୁ ମୋର ଚରମାନଙ୍କ ଦ୍ୱାରା ଧରାହୋଇ ଏ ସ୍ଥାନକୁ ଆସିଛି । ଆଉ ଏ ପିଲାକୁ ଏପରି ଆଘାତ କରିଛି, ଯଦ୍ୱାରା ପୁଅର ବାକ୍‌ଶକ୍ତି ରୁଦ୍ଧ ହୋଇଛି—ଆପଣ ଦେଖନ୍ତୁ । ଅନୁଗ୍ରହ କରି ମୋର ଦୁର୍ଦ୍ଦଶା ମୋଚନ କରନ୍ତୁ ।

ସାରଦ୍ୱାଜ—କିଛି ଭାବନା କରନା, ଏ ସନ୍ତାନଟି ଆପଣଙ୍କର ଜନ୍ମିତ ପୁତ୍ର ? ଏହାର ମାତା ଅଛନ୍ତି ତ ?

ରାଜା—ନା ତପସ୍ୱୀ, ତାର ଜନ୍ମିତ ପିତାମାତା କିଏ ମୁଁ ଜାଣେନାହିଁ । ମୁଁ ଦିନେ ନଦୀରେ ସ୍ନାନ କରୁ କରୁ ଗୋଟିଏ ହାଣ୍ଡିରେ ଥାଇ ଏ ପିଲାଟି ମୋ ନିକଟରେ ଭାସି ଭାସି ଲାଗିଲା । ମୁଁ ତା ରୂପରେ ଓ ତାର ତେଜରେ ମୁଗ୍‌ଧ ହୋଇ ଧର୍ମପୁତ୍ର କରି ରଖିଲି । ସେତେବେଳେ ଶିଶୁଟି ପ୍ରାୟ ଦୁଇ ତିନ ଦିନର ହୋଇଥିବ ।

ସାରଦ୍ୱାଜ—ଆଚ୍ଛା, ଏତେ ଶୈଶବ ଅବସ୍ଥାରୁ ଶିଶୁଟିକୁ ବଞ୍ଚାଇଲେ କିପରି ?

ରାଜା—ଭାଗ୍ୟକୁ ଜଣେ ଦାସୀ ମିଳିଲା ! ତାର ଆଶ୍ରୟରେ ଶିଶୁଟିକୁ ଆଶ୍ରୟ କରି ଦେବାରୁ ସେ କ୍ଷୀର ଦେଇ ତାହାକୁ ବଞ୍ଚାଇଲା ।

ସାରଦ୍ୱଜ—ସେ ସ୍ତ୍ରୀ ଲୋକ କାହିଁ ?

ରାଜା—ତପସ୍ୱୀ ସେ ସ୍ତ୍ରୀ ଲୋକ (କେଦାରକୁ ଦେଖାଇ) ଏ ପାଷାଣ୍ଡର ସଙ୍ଗରେ ପଡ଼ି ପୁତ୍ରଟିକୁ ସ୍ୱାକୁ ଦେଇଦେଲା । ତାର ଆଗରୁ ମନ୍ଦ ପ୍ରକୃତି ନ ଥିଲା । ଏହି ପାଷାଣ୍ଡ ତାକୁ କୌଣସି ପ୍ରଲୋଭନ ଦେଖାଇ ସର୍ବନାଶ କରିଛି ।

କେଦାର—ନା, ମିଥ୍ୟାକଥା ।

ରାଜା—ଚୁପ୍‌କର, ତପସ୍ୱୀ । ପୁତ୍ରଟି କିପରି ଚେତା ପାଇବ ତାହା ବାଟ କରନ୍ତୁ ।

ସାରଦ୍ୱଜ—ଯେଉଁ ସ୍ତ୍ରୀ, ସେ କ ପୁତ୍ରର ପାଳନକର୍ତ୍ତ୍ରୀ; ସେ ନ ଆସିଲେ କୌଣସି ମତରେ ଆରୋଗ୍ୟ ହୋଇ ପାରିବ ନାହିଁ ।

ରାଜା—ବର୍ତ୍ତମାନ ସେ ଆସୁଥିବ, ତାକୁ ମୁଁ ଡାକିଛି କରିଛି ।

ସାରଦ୍ୱାଜ—(ସ୍ୱଗତ) ବେଶ କେଦାର ଲାଗିଛି, ଯେ ଦୋଷୀ ସେ ଭଦ୍ର ଲୋକ, ବର୍ତ୍ତମାନ ନିର୍ଦ୍ଦୋଷୀରେ ଦଣ୍ଡ ।

(କୁମୁଦ ପ୍ରବେଶ, କେଦାର ତାକୁ ଦେଖି)

କେଦାର—ଏ କିଏ ? ଏ କିଏ ? ମୋର ହୃଦୟେଶ୍ୱରୀ କୁମୁଦ ହାଃ ବିଧାତା !

କୁମୁଦ—ପିତା ସାରଦ୍ୱାଜ, ଅଗତିଙ୍କର ଏହି ଦଶା (କେଦାର ପ୍ରତି) ନାଥ ! ନାଥ !

ରାଜା—(ସ୍ୱଗତ) ଏ କ କାଣ୍ଡ !

ସାରଦ୍ୱାଜ—ମା, କିଛି ଭାବନା କରନା । ନେ ତୋ ସନ୍ତାନକୁ ନେ, କୁମୁଦ (ସୁରେନ୍ଦ୍ରକୁ ଦେଖି) ବାପ ବାପ ମୋ ରଙ୍କ ନିଧିରେ (ସୁରେନ୍ଦ୍ର ମୂର୍ଚ୍ଛାରୁ ଉଠି) ମା ମା, ତୁମର ଏ ଦଶା କାହିଁକି ? ତୁମର ହସ୍ତପଦ ବନ୍ଧନ ହୋଇଛି କାହିଁକି ?

( କୁମୁଦ ସଙ୍ଗେ ରହିବା ସୁରେନ୍ଦ୍ର ଜଞ୍ଜିର ଖୋଲିଦେବା ।)

ରଜା—ତପସ୍ୱୀ ! ଏ ଘଟଣାବଳୀ ଦେଖି ମୋର ମତି ବିଭ୍ରମ ହୋଇଗଲାଣି ।

ଭାରଦ୍ୱାଜ—ଆଚ୍ଛା, ରାଜନ୍ ! ତୁମ୍ଭ ପୁତ୍ର ବର୍ତ୍ତମାନ ସଚେତ, ଥରେ ଭଲକରି ପଚାର କିଏ ତାକୁ ଏ ଶାସ୍ତିର ଦଣ୍ଡ ଦେଇଥିଲା ।

ରଜା—ବାପ ସୁରେନ୍ଦ୍ର, ତୋତେ କିଏ ଏ ଦଶା ଦେଲା ?

ସୁରେନ୍ଦ୍ର—ମାମୁଁ ଦୁହେଁ ଆମ ଘରେ ପଶିଥିଲେ । ମୁଁ ସେପଟ ଘରକୁ ଯାଇ ମା, ମା, ଡାକିଲି, ସେ ମୋତେ ଧରିନେଇ ଜଙ୍ଗଲରେ ମାରି ପକାଇଥିଲେ । କିଏ ରକ୍ଷାକଲା ମୁଁ ଜାଣେ ନାହିଁ ।

( କୁମୁଦ ପୂର୍ବ ସ୍ୱର୍ଣ୍ଣାକରଙ୍କ ପତ୍ରଖଣ୍ଡି ପ୍ରଦାନ )

ରଜା—(ପଢ଼ି) ଗୁଣସାଗର, ତୁମ୍ଭ ମୋର ଶତ୍ରୁ ( ଉଠିଯାଇ କେଦାର ହସ୍ତରୁ ସାଙ୍କୋଳ ଫିଟାଇ ) ସାରବର, ମୁଁ ପ୍ରକୃତରେ ତୁମ୍ଭଙ୍କୁ ଦୋଷୀ କରିଛି । ତୁମ୍ଭେ ଦେବତା, ମୋତେ କ୍ଷମାକର !

ଭାରଦ୍ୱାଜ—ରାଜନ୍, ଥରେ ଭଲକରି ଦେଖିଲ୍ ଏ କନ୍ୟା କାହାରି ।

ରଜା—କିଏ, ମୁଁ ଚିହ୍ନିପାରୁ ନାହିଁ !

ଭାରଦ୍ୱାଜ—ଥରେ ତୋର ସ୍ନେହ ବିଗଳିତ ହୃଦୟରେ ଦେଖ, ଏ ତୋହର କନ୍ୟା କୁମୁଦ ନା ?

ରଜା—ମୋର କନ୍ୟା କୁମୁଦ, ମୁଁ ତାକୁ···ନା,···ଏ କିଏ କୁମୁଦ, ମୋର କନ୍ୟା କୁମୁଦ !

କୁମୁଦ—ପିତା ପିତା, ଧୈର୍ଯ୍ୟଧର !

ଭାରଦ୍ୱାଜ—ରାଜନ୍, ତୋର ଜାମାତା ସେହି ମଗଧ ଦେଶ ଅଧୀଶ୍ୱର କେଦାର ସିଂହ ।

ରଜା—ଆସ, ବତ୍ସ !

ଋଷି—କେଦାର ନେ ତୋର ପୁତ୍ରକୁ କୋଳରେ ଧର ।

କେଦାର—(ସୁରେନ୍ଦ୍ରକୁ ଧରି) ବାପରେ !

ରଜା—ଋଷିବର ! ଆପଣ କେଉଁ ଦେବତା, ମୋତେ କ୍ଷଣକ ମଧ୍ୟରେ କଣ ଦେଖାଇଦେଲେ ? ଏ ସମସ୍ତ ଘଟଣା କଣ, କିପରି ହେଲା !

ଭାରଦ୍ୱାଜ—ତୁମ୍ଭ ଜ୍ୟୋତିଷକୁ ପଚାର, ସେ ସମସ୍ତ କହି ପାରିବେ ।

ଜ୍ୟୋତିଷେ—ଆମ୍ଭେ କିଛି ଦୋଷ କରିନାହୁଁ, ଆମ୍ଭକୁ ( ଗୁଣକୁ ଦେଖାଇ ) ଏଇମାନେ କହିଲେ ତୁମ୍ଭେ ରାଜାଙ୍କୁ କହ, କୁମୁଦର ଯେ ସନ୍ତାନ ହେବ ସେ ଆପଣଙ୍କ ଶତ୍ରୁ ।

ରଜା—ସତେ ଋଷିବର ! ସୁରେନ୍ଦ୍ର ନଦୀରେ ଭାସି ଆସିଲା କିପରି ? କୁମୁଦକୁ କିଏ ରକ୍ଷାକଲା ? କୁମୁଦର ଏ ରାଜପୁତ୍ରଙ୍କ ସଙ୍ଗରେ କିଏ ମିଳନ କରାଇଲା ଓ କୁମୁଦକୁ ପୁଣି ବିଚ୍ଛିନ୍ନ କରାଇଲା କିଏ ?

ଭାର—କୁମୁଦ ଆମ୍ଭଦ୍ୱାରା ଉଦ୍ଧାର ହୋଇ କେଦାରର ପାଟମହିଷୀ ହେଲା । ତତ୍ପରେ କେଦାରର ଅନ୍ୟ ରାଣୀମାନଙ୍କଦ୍ୱାରା କୁମୁଦର ଗର୍ଭ ପ୍ରସବ ସମୟରେ ସନ୍ତାନଟି ନଦୀରେ ଭାସିଲା ଓ କୁମୁଦକୁ ବନବାସ ଦଣ୍ଡ ହେଲା । ଆମ୍ଭେ ଏ ସବୁ କଥା ଜାଣିପାରି କୁମୁଦକୁ ଛଦ୍ମବେଶରେ ତୋର ଦେଶକୁ ପଠାଇ ଦେଲୁ । ଏଥିରେ ପ୍ରକୃତ ଦୋଷୀ—୧ମ-ଜ୍ୟୋତିଷ (ଜ୍ୟୋତିଷ ଉପ୍ଦ୍ରେ-ନା), ୨ୟ ଗୁଣସାଗର, ୩ୟ ଅଳୁ, ୪ର୍ଥ କେଦାରର ରାଣୀ କମଳା (କୁମୁଦର ସପତ୍ନୀ), ୫ମରେ ମୃଦୁସ୍ୱିନି, ଏହି ପାଞ୍ଚଜଣଙ୍କ ଦ୍ୱାରା ଏତେ କାଣ୍ଡ ।

ରଜା—କେଦାର, ମୋ ଧନ, ଆସ ଏ ଅଭାଗା ପିତାର ଅନୁରୋଧ ରକ୍ଷାକର । ମୁଁ ଥରେ ତୋତେ କୋଳରେ ଧରେ । ଆ କୁମୁଦ, ତୋର ସ୍ନେହର ଧନ ସୁରେନ୍ଦ୍ରକୁ କୋଳରେ ଘେନିଆ ( ତଥାକରଣ ) । ଋଷିବର ! ଆଜ ମୋର ଜୀବନ ସାର୍ଥକ ହେଲା, ତୁମ୍ଭ ନିକଟରେ ଆମ୍ଭେମାନେ ସଦା ଋଣୀ (ସମସ୍ତଙ୍କର ପ୍ରଣିପାତ)

କେଦାର—( ବୃଦ୍ଧପ୍ରତି ) ବର୍ତ୍ତମାନ ମଗଧ ଯାଇ ସେ ପାଷାଣ୍ଡୀ ଦୁଇଜଣ ଓ ଏ ଅତ୍ୟାଚାରୀ ତିନିଜଣଙ୍କୁ ଯାବତ୍ ଜୀବନ କାରାଗୃହରେ ରଖ ।

ରଜା—(ଋଷିଙ୍କୁ କୋଳାଗ୍ରତ ଓ ସମସ୍ତେ ମିଳନରେ) ମଙ୍ଗଳମୟ ହରି ଯାହା କରନ୍ତି ମଙ୍ଗଳ ପାଇଁ । ହରିବୋଲ, ହରିବୋଲ, ହରିବୋଲ, ବୋଲରାଇ !

# ଗୁପ୍ତମନ୍ତ୍ର

# ଗୁପ୍ତମନ୍ତ୍ର

## ଗୀତିନାଟ୍ୟ

### ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

( କମଳା ରାଧାରମଣଙ୍କ ସେବାରେ ନିଯୁକ୍ତ ଥିବା ସମୟରେ ରାଜା ମୁକ୍ତକାମ ଧୀରେ ଧୀରେ ପ୍ରବେଶ କରିଲେ )

ମୁକ୍ତକାମ—ରାଣୀ !

କମଳା—ମୁଁ ରାଣୀ ? ଆପଣ ସେ ବର୍ତ୍ତମାନ ରାଜା ନୁହନ୍ତି, ସାମାନ୍ୟ ପଥର ଭିକାରୀ ।

ମୁକ୍ତକାମ—ତେବେ କଣ ମୁଁ ମୋର ସର୍ବସ୍ୱ ହରାଇଛି କମଳା ? ନା, ନା, ମୁଁ କିଛି ହରାଇ ନାହିଁ । ତୁମେ ମୋର ରାଜ୍ୟ, ଆଉ ଐଶ୍ୱର୍ଯ୍ୟ ଏହି ରାଧାରମଣ ।

କମଳା—ଐଶ୍ୱର୍ଯ୍ୟ ରାଧାରମଣ ସତ, କିନ୍ତୁ ରାଧାରମଣଙ୍କ ଦୁଃଖରେ ଆପଣ ଦୁଃଖୀ ନୁହନ୍ତି ।

ମୁକ୍ତକାମ—ରାଧାରମଣଙ୍କ ଦୁଃଖ ? ଏ କପରି କଥା ରାଣୀ !

କମଳା—ରାଧାରମଣଙ୍କର ଘୋର ଦୁଃଖ, ମୁଁ କାଲି ରାତରେ ରାଧାରମଣଙ୍କର ଦୁଇ ଚକ୍ଷୁରୁ ଜଳ ଗଡ଼ିବାର ଦେଖିଛି ।

ମୁକ୍ତକାମ—ରାଧାରମଣ ଚକ୍ଷୁରୁ ଜଳ ଗଡ଼ାଇଲେ ! ସେ କପରି କଥା କମଳା ?

କମଳା—ଆପଣ ସେ ଗୋଟାଏ ଗୁରୁତର ଅନ୍ୟାୟ କରିଛନ୍ତି !

ମୁକ୍ତକାମ—ମୁଁ ତ କିଛି ଅନ୍ୟାୟ କରିନାହିଁ, ମୋତେ ସ୍ମରଣ କରାଇ ଦିଅ କମଳା !

କମଳା—ଆପଣଙ୍କ ପିତୃ ରାଜ୍ୟରେ ସେ ଯୁଗଳ ମୂର୍ତ୍ତି ବହୁକାଳ ହେଲା ପ୍ରତିଷ୍ଠିତ ଥିଲେ, ଆପଣ ସେ ସମୟରେ ଶଙ୍ଖଧରଙ୍କୁ ସିଂହାସନ ଦେଇ ଚାଲି ଆସିଲେ, ସେତେବେଳେ ରାଧାରମଣଙ୍କ ବାମରେ ରାଧାରାଣୀଙ୍କୁ ମାଗିବାକୁ ଭୁଲି ଯାଇଥିଲେ ।

ମୁକ୍ତକାମ—ବାସ୍ତବିକ ମୁଁ ଭୁଲିଛି । ରାଧାରାଣୀଙ୍କୁ ମାଗି ପାରିଲି ନାହିଁ । ସେତେବେଳେ ମନ୍ଦିରଟି ଶୂନ୍ୟ କରିବାକୁ ମୋର ମନ ଇଚ୍ଛିକ ହେଲା ନାହିଁ । ଏହି ରାଧାରମଣଙ୍କୁ ଯେନ ଚାଲିଆସିଲି ରାଣୀ ।

କମଳା—ଏ କେବଳ ଆପଣଙ୍କର ସ୍ୱାର୍ଥପର କାର୍ଯ୍ୟ ନୁହେଁ କି ? ଆପଣ କ୍ଷଣକାଳ ପାଇଁ ମୋତେ ଛାଡ଼ି ପାରନ୍ତି ନାହିଁ, କିନ୍ତୁ ଆପଣଙ୍କ ରାଧାରମଣଙ୍କୁ ରାଧାରାଣୀଙ୍କ ନିକଟରୁ ବିଚ୍ଛିନ୍ନ କରି ରଖି ପାରନ୍ତି । ଏହା କଣ ସ୍ୱାର୍ଥପର କାର୍ଯ୍ୟ ନୁହେଁ କି ?

ମୁକ୍ତକାମ—ବାସ୍ତବିକ, ମୁଁ ସ୍ୱାର୍ଥପର କାର୍ଯ୍ୟ କରିଛି । ମୁଁ ଘୋର ଅପରାଧୀ, ମୋତେ ଉପାୟ କହିଦିଅ କମଳା, ଶଙ୍ଖଧର ତ ବର୍ତ୍ତମାନ ମୋର କୌଣସି ଅନୁରୋଧ ରକ୍ଷାକରିବ ନାହିଁ । ଉପାୟ କଅଣ ? ରାଧାରମଣ ! ମୋତେ ବୁଦ୍ଧି ଦିଅ, ମୋତେ ଉପାୟ ଦିଅ ।

( ଏହା କହି ବିଚଳିତ ହୋଇ ଦଉଡ଼ି ଚାଲିଗଲେ )

କମଳା—ହାଃ ଅଦୃଷ୍ଟ ! ଯେ ଦିନେ ବିପୁଳ ସାମ୍ରାଜ୍ୟର ଅଧିକାରୀ, ସେ ଆଜି ପଥର ଭିକାରୀ !

( ଏ ସମୟରେ ଶୁକଦେବ ଗୀତଟିଏ ଗାଇ ଆସିଲେ )

ଗୀତ

ବଂଶୀ ମୋର ବାଜେନା ସଖି,
ବାମେ କରେଣି ନାହିଁ ଶ୍ରୀରାଧା ।
ମୁହିଁ ଏକାକୀ ସଜଳ ଆଖି
ତା ବିଚ୍ଛେଦେ ମୋର ପରାଣେ ବାଧା । ପଦ ।
ଗୃହବନ୍ଧ ମୋତେ ମୁହିଁ ଉଦାସୀ,
ପ୍ରିୟା ହରା ହୋଇ କେମନ୍ତେ ରହି,
ରାଧା ବିନା ମୋର ନାହିଁ ପ୍ରତିକାର
ତା ବିଚ୍ଛେଦେ ମୋର ପରାଣେ ବାଧା ॥

କମଳା—ଶୁକଦେବ !

ଶୁକଦେବ—ମା !

କମଳା—ରାଧାରମଣଙ୍କ ଚକ୍ଷୁରୁ ଜଳ ଗଡ଼ିବା କଥା କିଛି ଜାଣ କି ?

ଶୁକଦେବ—ଜାଣେ ମା !

କମଳା—ତେବେ ଉପାୟ ?

ଶୁକଦେବ—ଶକ୍ତିଧର ନିକଟରୁ ରାଧାରାଣୀଙ୍କୁ ମାଗି ଆଣିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ ମା !

କମଳା—ଶକ୍ତିଧର ଯେବେ ରାଧାରାଣୀଙ୍କୁ ନ ଦିଏ ।

ଶୁକଦେବ—ତା ହେଲେ ରାଧାରମଣଙ୍କ ଚକ୍ଷୁରୁ, ପର୍ବତରୁ ଝର ଗଡ଼ିଲା ପରି ଜଳ ଗଡ଼ିବ । ତାକୁ ନିବାରଣ କରିବାର ଅନ୍ୟ ଉପାୟ ନାହିଁ ମା ! ମୁଁ ଆସୁଛି । ( ପ୍ରସ୍ଥାନ )

କମଳା—ହେ ରାଧାରମଣ, ପ୍ରେମର ଠାକୁର ! ଉପାୟ ଦିଅ । ତୁମ ଚକ୍ଷୁରୁ ଜଳ ଗଡ଼ିବା ଦେଖି ମୁଁ ସେ ସ୍ଥିର ହୋଇ ରହି ପାରୁନାହିଁ ।

( ଏ ସମୟରେ ଶଙ୍ଖନାଦ ଆସି ପହଞ୍ଚି କହିଲା )

ଶଙ୍ଖନାଦ—ମା ! ଏଇ ସେ ଅଜା ମହାଶୟ ଆସିଛନ୍ତି ।

( କମଳା ପିତାଙ୍କ ଚରଣ ବନ୍ଦନା କଲା ପରେ )

ରତ୍ନେଶ୍ୱର—ମୁକ୍ତିରାମ, କେଉଁଠାରେ କମଳା ?

କମଳା—ଏଇ ସେ, ରାଧାରମଣଙ୍କ ଭୋଗ ସେବାରେ ନିଯୁକ୍ତ ଅଛନ୍ତି ।

ରତ୍ନେଶ୍ୱର—ଛି ଛି, ନିର୍ଲଜ କାପୁରୁଷ !

କମଳା—ଏପରି କାହିଁକି କହୁଛନ୍ତି ବାବା !

ରତ୍ନେଶ୍ୱର—ମୁଁ ତାଙ୍କୁ ପଚାରେ, ସେ ହୃତରାଜ୍ୟର ପୁନରୁଦ୍ଧାର କରିବେ ନା ଏହି ରାଜା ରାମଙ୍କ ପଦପ୍ରାନ୍ତେ ପଡ଼ିଥିବେ, ମୁକ୍ତିରାମ ! ମୁକ୍ତିରାମ ! !

( ମୁକ୍ତିରାମ ଧୀରେ ପ୍ରବେଶି ରତ୍ନେଶ୍ୱରଙ୍କ ପଦ ବନ୍ଦନା କଲେ )

ରତ୍ନେଶ୍ୱର—ମୁଁ ତୁମକୁ ଗୋଟାଏ କଥା ପଚାରିବାକୁ ଆସିଛି ମୁକ୍ତିରାମ ! ତୁମେ କି ତୁମର ଏହି ରାଧାରମଣଙ୍କୁ ଚିହ୍ନ ? ସେ ଦିନେ କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କୁ କହିଥିଲେ "କ୍ଳୈବ୍ୟ ମସ୍ମଗମ୍ ପାର୍ଥ !"

ମୁକ୍ତିରାମ—ମୁଁ ସେ କିଛି ବୁଝି ପାରୁନାହିଁ, ମୋର ପ୍ରତିଦୋଷ କଣ ?

ରତ୍ନେଶ୍ୱର—କିପରି ବୁଝିବ ? ତୁମେ ଯେ ସ୍ତ୍ରୈଣ, କାପୁରୁଷ । ଏହି ରାଧାରମଣ ମୂର୍ତ୍ତିକୁ ସେବି ତୁମର ତେଜ ହରାଇ ବସିଲ । ମୁଁ ତୁମକୁ କନ୍ୟାଦାନ କରି ଆଜି ସର୍ବ ସମାଜରେ ମୁଖ ଦେଖାଇ ପାରୁନାହିଁ । କି ଲଜ୍ଜା, କି ଅପମାନ ! ସାମାନ୍ୟ ଗୋଟାଏ ଅଦ୍ଭୁତ ଜନମତରେ ସିଂହାସନ ଦାନ ! ଜଗତ ଇତିହାସରେ ଏ ବୋଧହୁଏ ପ୍ରଥମ ! ଏତେ ବଡ଼ ମୂର୍ଖତା କେହି କେବେ କରି ନାହିଁ । କ୍ଷମା କରିବ ନାହିଁ ।

କମଳା—ପିତା ! ମୁଁ ଆପଣଙ୍କୁ ବୁଝାଇ ଦେଉଛି, ସେ କିଛି ଅନ୍ୟାୟ କରି ନାହାନ୍ତି ।

ରତ୍ନେଶ୍ୱର—ସେ କୌଣସି ଅନ୍ୟାୟ କରି ନାହାନ୍ତି ?

କମଳା—ନା ବାବା, ସେ କୌଣସି ଅନ୍ୟାୟ କରି ନାହାନ୍ତି । ଶକ୍ତିଧରର ପ୍ରାଣରେ ଉଚ୍ଚ ଆକାଂକ୍ଷା ଥିଲା । ସେ ଉଦ୍‌ଯୋଗୀ ଓ ଉଚ୍ଚାଶୀ । ସେ ଏକଦଳ ସୈନ୍ୟ ମଧ୍ୟ ସଂଗ୍ରହ କରିଥିଲା । ଏପରି ସ୍ଥଳେ ଗୋଟାଏ ଗୋଟାଏ ଯୁଦ୍ଧ ଅଦ୍ଭୁତ ଘଟାଇ ବହୁ-ଲୋକ କ୍ଷୟ ହେବା ମନେକରି ଶକ୍ତିଧର ହାତରେ ସିଂହାସନ ଦେଇ ପ୍ରଜାମାନଙ୍କର କଲ୍ୟାଣ ସାଧନ କରିଛନ୍ତି ବାବା !

ରତ୍ନେଶ୍ୱର   ମୂର୍ଖ ତୁଚ୍ଛ, ମନୁଷ୍ୟକୁ ମାରିବାକୁ ନ ଦେଇ ମଙ୍ଗଳ କାମନା କରିବା କି ଉଚିତ ? ଶକ୍ତିଧରର ଅତ୍ୟାଚାରରେ ତୋର ପ୍ରଜାମାନେ ଆକୁଳ ଓ ବିରକ୍ତ । ସେମାନେ ଘୋର ନିର୍ଯାତନା ସହ୍ୟ କରିବା ଅପେକ୍ଷା ଆତ୍ମବଳି ଦେବାକୁ ପ୍ରସ୍ତୁତ ।

ମୁକ୍ତିକାମ—ଏ ଅନର୍ଥ ପାଇଁ ଦାୟୀ ଆପଣଙ୍କ ପୁତ୍ର ବଜ୍ରବାହୁ ।

ରତ୍ନେଶ୍ୱର   ବଜ୍ରବାହୁ !

ମୁକ୍ତିକାମ - ହଁ ।

ରତ୍ନେଶ୍ୱର—ବଜ୍ରବାହୁ ! ବଜ୍ରବାହୁ, ଉପରେ ତୁମ୍ଭେ ଯେ ଅଭିଯୋଗ କରନ୍ତି !

ମୁକ୍ତିକାମ—ସେ ଅତ୍ୟନ୍ତ ମିଥ୍ୟାବାଦୀ, ଶଠ ଓ ପ୍ରବଞ୍ଚକ । ମୁଁ ତା'ର ଉଦ୍ଦେଶ୍ୟରେ ସତ୍ୟତାକୁ ଚିରଦିନ ସନ୍ଦେହ କରେ ।

ବଜ୍ରବାହୁ—(ପ୍ରବେଶି) ପିତା ! ମୁଁ ବହୁ ସଂଖ୍ୟକ ସୈନ୍ୟ ସଂଗ୍ରହ କରିଛି । ବର୍ତ୍ତମାନ ଆଦେଶ ପାଇଲେ ଶକ୍ତିଧରର ରାଜଧାନୀ ଆକ୍ରମଣ କରିବାକୁ ସାହସୀ ହେବି ।

ମୁକ୍ତିକାମ—ତୁମ୍ଭେ କି ଜାଣନା ବଜ୍ରବାହୁ ! ମୁଁ ସ୍ୱଇଚ୍ଛାରେ ଶକ୍ତିଧରକୁ ସିଂହାସନ ଦାନ କରି ଆସିଛି ।

ବଜ୍ରବାହୁ—ପ୍ରଜାମାନେ ଯେ ତୁମକୁ ଚାହାନ୍ତି ।

ମୁକ୍ତିକାମ—ମୁଁ ଚାହେଁ ପ୍ରଜାମାନଙ୍କର କଲ୍ୟାଣ, ମୋର ପ୍ରିୟତମ ପ୍ରଜାମାନଙ୍କ ମୃତଦେହ ସ୍ତୂପାକାର କରି ମୁଁ ମୋର ସିଂହାସନର ସୋପାନ ବନାଇ ପାରିବି ନାହିଁ ବଜ୍ରବାହୁ !

ବଜ୍ରବାହୁ—ତେବେ କେଉଁ ପ୍ରଜାମାନଙ୍କ ଉପରେ ଏହି ଅତ୍ୟାଚାର ଓ ଉତ୍ପୀଡ଼ନ ହେଉଥିବ ?

ମୁକ୍ତିକାମ   ସେ କଥା ତୁମ୍ଭେ ଜାଣ, ତୁମ୍ଭେ ତ ଏବେ ପ୍ରଜାମାନଙ୍କ ମଧ୍ୟରେ ଅଶାନ୍ତି ଓ ଉତ୍ତେଜନା ସୃଷ୍ଟି କରିଛ, ଆଉ ଏକ ଦିଗରେ ଶକ୍ତିଧରକୁ ଅତ୍ୟାଚାରୀ ବୋଲି ପ୍ରକଟ କରାଇ ଦେଉଛ । ଏ ସବୁ ଅଶାନ୍ତି ଲାଗି ଦାୟୀ ତୁମେ ।

ବଜ୍ରବାହୁ—ମୁଁ ?

ମୁକ୍ତିକାମ—ହଁ ତୁମ୍ଭେ; ତୁମ୍ଭର ଉଦ୍ଦେଶ୍ୟ ମୋତେ ସିଂହାସନରେ ବସାଇବା ନୁହେଁ । ଶକ୍ତିଧରକୁ ସିଂହାସନଚ୍ୟୁତ କରିବା !

ରତ୍ନେଶ୍ୱର—ତା ଯଦି ସତ୍ୟ ହୁଏ, ବେଶ୍ ବଜ୍ରବାହୁ ସାହାଯ୍ୟରେ ଶକ୍ତିଧରକୁ ସିଂହାସନଚ୍ୟୁତ କରି ତା ପରେ······

ମୁକ୍ତିକାମ—ତା ପରେ ଆଉ କଅଣ ? ବଜ୍ରବାହୁର ହାତ ଧରି ସିଂହାସନରେ ବସାଇ ଦେବା ଆପଣଙ୍କର ଉଦ୍ଦେଶ୍ୟ, କିନ୍ତୁ କାହିଁକି ଏପରି ପରିବର୍ତ୍ତନର ପ୍ରୟୋଜନ ହେଉଛି; ମୁଁ ସେ କିଛି ବୁଝି ପାରୁ ନାହିଁ ।

ଶଙ୍ଖନାଦ—ଶକ୍ତିଧର ଯେ ଅତ୍ୟାଚାରୀ ପିତା !

ମୁକ୍ତିକାମ—ତୋର ଏ ଯେ ମାମୁଁ, ତା' ଠାରୁ ବଳି ଅତ୍ୟାଚାରୀ ନ ହେବେ କାହିଁକି ? ଏପରି କିଛି ପ୍ରମାଣ ଦେଇ ପାରିବୁ ଶଙ୍ଖନାଦ ! ନା, ତା ଦେଇ ପାରିବୁ ନାହିଁ ! ମୁଁ ମାତ୍ର ଦୁଇଟା ବର୍ଷ ମଧ୍ୟରେ ତୋର ମାମୁଁଙ୍କ ଗୁଣଗ୍ରାମ ବୁଝି ନେଇଛି । ପ୍ରଜାମାନେ ଯେବେ ଶକ୍ତିଧରର ବଶବର୍ତ୍ତୀ ନ ହୋଇ ନାନାଦି ପ୍ରତିବାଦ କରନ୍ତି, ସେ ନଜରେ ନଷ୍ଟ ହେବେ । ଅବଶେଷରେ ରାଜପୁରୀ ଶ୍ମଶାନରେ ପରିଣତ ହେବ ।

ରତ୍ନେଶ୍ୱର—ତୁମ୍ଭେ ଉନ୍ମାଦ, ମୁକ୍ତିକାମ ! ତୁମେ ଉନ୍ମାଦ ।

ବଜ୍ରବାହୁ—ମୁଁ ଗୋଟିଏ ସ୍ପଷ୍ଟକଥା ପଚାରିବାକୁ ଚାହେଁ, ତୁମ୍ଭେ ଶକ୍ତିଧରକୁ ସିଂହାସନଚ୍ୟୁତ କରିବାକୁ କୌଣସି ଚେଷ୍ଟା କରିବ ନାହିଁ ?

ମୁକ୍ତିକାମ—ନା କେବେ ନୁହେଁ । ମୁଁ ସ୍ୱଇଚ୍ଛାରେ ଶକ୍ତିଧରକୁ ସିଂହାସନ ଦାନ କରି ଆସିଛି । ତା ଫେରି ପାଇବାର କିଛି ମାତ୍ର ଚେଷ୍ଟା କରିବି ନାହିଁ ।

ରତ୍ନେଶ୍ୱର—ସେ ଚେଷ୍ଟା ମୁଁ କରିବି । ମୁଁ ଶଙ୍ଖନାଦ ପକ୍ଷରୁ ସୁବିଧା ଅବସର ଦେବି । ମୁଁ ବୃଦ୍ଧ ହୋଇଛି ସତ୍ୟ, ମୁକ୍ତିକାମ ! କିନ୍ତୁ ସୁବିଧା କଥା ମନେ ପଡ଼ିଲେ ମୋର ଶିର ପ୍ରଶିରର ରକ୍ତ ଉତ୍ତେଜିତ ହୋଇଉଠେ । ତୁମେ ଯାଅ ବଜ୍ରବାହୁ, ତୁମେ

ସୈନ୍ୟ ସମାବେଶ କର । ମୁଁ ସତ୍ୟ କହୁଛି, ସେ ଚେଷ୍ଟା ମୁଁ କରିବ । (ପ୍ରସ୍ଥାନ)

ବଜ୍ରବାହୁ—ତେବେ ମୁଁ ଆସେ ।

ରତ୍ନେଶ୍ୱର—ଆଚ୍ଛା ଶଙ୍ଖନାଦ ! ତୁ ବର୍ତ୍ତମାନ ବୟଃପ୍ରାପ୍ତ, ତୋର କି ଏଥି ମତ ?

ଶଙ୍ଖନାଦ—ମା, ବାପା ! ମୋତେ ଅନୁମତି ଦିଅ, ମୁଁ ଯୁଦ୍ଧ କରିବି । ପ୍ରଜାମାନଙ୍କ ଉପରେ ଏତେ ଅତ୍ୟାଚାର ସହ୍ୟ ହୁଏ ନା ମା !

କମଳା—(ରତ୍ନେଶ୍ୱର ପ୍ରତି) ବାପା ! ମୋର ଏକମାତ୍ର ପୁତ୍ରକୁ ଯୁଦ୍ଧାନଳରେ ଆହୁତି ଦିଅନା ।

ମୁକ୍ତାରାମ—ହେ ରାଧାରମଣ ! ତୁମର କି ଇଚ୍ଛା, ତୁମେ ଜାଣ । ମୁଁ ଏ ସମସ୍ତ ଦେଖି ଅବାକ୍ ହୋଇଗଲିଣି । (ପ୍ରସ୍ଥାନ)

ଶଙ୍ଖନାଦ—ମା ! ତୁମେ ଯଦି ଥରେ ବାପାଙ୍କୁ କୁହ, ସେ ଯୁଦ୍ଧଲାଗି ପ୍ରସ୍ତୁତ ହେବେ । ମୁଁ ଶୁଣିଛି, ତାଙ୍କପରି ସାହସୀ ଓ ଯୋଦ୍ଧା ଆଉ କେହି ନାହାନ୍ତି ।

କମଳା—ସେ କଥା ଖୁବ୍ ସତ୍ୟ ଶଙ୍ଖନାଦ ! କିନ୍ତୁ ସେ ରାଧାରମଣଙ୍କ ପଦ ଛୁଇଁ ପ୍ରତିଜ୍ଞା କରିଛନ୍ତି, ଜୀବନରେ କାହା ଅଙ୍ଗରେ ଅସ୍ତ୍ରାଘାତ କରିବେ ନାହିଁ । ବରଂ ପ୍ରୟୋଜନ ହେଲେ ଆତ୍ମହତ୍ୟା କରିବେ ।

ରତ୍ନେଶ୍ୱର—ତା ହେଲେ ଶଙ୍ଖନାଦ, ତୁ ବର୍ତ୍ତମାନ ମୋ ସଙ୍ଗରେ ଯିବୁ କି ନା ।

ଶଙ୍ଖନାଦ—ମା ! ମୋତେ ଅନୁମତି ଦିଅ । ବାପା ଯଦିବେ ଯୁଦ୍ଧ ନ କରିବେ ନ କରନ୍ତୁ, ମୁଁ ଯୁଦ୍ଧକରି ଶତ୍ରୁଧରକୁ ସିଂହାସନରୁ ତଡ଼ି ଦେଇ ମୋର ବାପାଙ୍କୁ ସିଂହାସନରେ ବସାଇବି । ମା ! ତୁମେ ଯେ ରାଜରାଣୀ, ତୁମର ଏ କାଙ୍ଗାଳୁଣୀ ବେଶ ଦେଖିଲେ ମୋର ହୃଦୟ ଫାଟିଯାଏ ମା ।

କମଳା—(ରତ୍ନେଶ୍ୱର ପ୍ରତି) ବାପା ! ମୋତେ ଆଉ ଗୋଟିଏ ଦିନ ଭାବିବାକୁ ଅନୁମତି ଦିଅନ୍ତୁ ।

ରତ୍ନେଶ୍ୱର—ନା ! ମୁଁ ବର୍ତ୍ତମାନ ଶୁଣିବାକୁ ଚାହେଁ, ଶଙ୍ଖନାଦ ମୋ ସଙ୍ଗରେ ଯିବ କି ନାଁ ।

କମଳା—ନା ଯିବ ନାହିଁ । ମୁଁ ତାକୁ ଯୁଦ୍ଧକୁ ଯିବାକୁ ଦେବି ନାହିଁ । ରାଜ୍ୟ ଜୟ କରିବା ଅପେକ୍ଷା ଆତ୍ମଜୟ କରିବା ବେଶି ବଡ଼ କାର୍ଯ୍ୟ ପିତା !

ରତ୍ନେଶ୍ୱର—ହଁ, ସ୍ୱୀକାର କଲି ଖୁବ୍ ଭଲ କାର୍ଯ୍ୟ କିନ୍ତୁ, ତା ଭଜା ବା ରାଜପୁତର କାର୍ଯ୍ୟ ନୁହେଁ । ତା ହେଲେ ଶଙ୍ଖନାଦ, ତୁ ତୋର ବାପାଙ୍କ ପରି ଏଥି ରାଧାରମଣ ମନ୍ଦିରରେ ପଡ଼ିଥା, ପଶ୍ଚାତେ ମୋର କୌଣସି ଦୋଷ ବାରିବୁ ନାହିଁ । ମୁଁ ଆସୁଛି । (ପ୍ରସ୍ଥାନ)

ଶଙ୍ଖନାଦ—ଅଜା ମହାଶୟ ! ଯାଅନା, ଯାଅନା, ଶୁଣ ଶୁଣ । (ପ୍ରସ୍ଥାନ)

କମଳା—ଶଙ୍ଖନାଦ ! ଶଙ୍ଖନାଦ ! ! ହେ ରାଧାରମଣ, ତୁମେ ସତ୍ୟ କି ଯୁଦ୍ଧ ବିଗ୍ରହ ଇଚ୍ଛା କର ?

(ଶୁକଦେବ ପ୍ରବେଶ)

ଗୀତ

ଭୁଲି ହେବନି ଗୋ ଭୁଲି ହେବନି
ପ୍ରିୟାମୁଖ ଚନ୍ଦ୍ର ମାଧୁରୀ
ମନେ ପଡ଼େ ସେହି ବରଜପୁର
ମନେ ପଡ଼େ ସେହି କଦମ୍ବମୂଳ
ଜୀବନେ ମରଣେ ଶୟନେ ସ୍ୱପନେ
ରାଧା ମୋର ଏକା ପରାଣେଶ୍ୱରୀ ।

(ମୁକ୍ତାରାମ ପ୍ରବେଶି)

ରାଣୀ ! ମୁଁ ଆଜ ରାଧାରମଣଙ୍କ ଚକ୍ଷୁରୁ ଜଳ ଗଡ଼ିବାର ପରିଷ୍କାର ଦେଖିବାକୁ ପାଉଛି ।

କମଳା—ତାର ଉପାୟ ?

ମୁକ୍ତାରାମ—ହଁ ଉପାୟ ଅଛି, ଆଜ ମୁଁ ଶତ୍ରୁଧର ନିକଟକୁ ଲୋକ ପଠାଇବି । ସେ ଯେବେ ରାଧାରାଣୀଙ୍କୁ ପଠାଇ ନ ଦିଏ, ତା ହେଲେ ମୁଁ ନିଶ୍ଚୟ ଯୁଦ୍ଧ ଘୋଷଣା କରିବି ।

କମଳା—ଆପଣ ଯେ ରାଧାରମଣଙ୍କ ପଦଯୁଗଳ ଛୁଇଁ ପ୍ରତିଜ୍ଞା କରିଛନ୍ତି, ଜୀବନରେ କାହା ଅଙ୍ଗରେ ଅସ୍ତ୍ରାଘାତ କରିବେ ନାହିଁ !

ମୁକ୍ତାରାମ—ପ୍ରତିଜ୍ଞା କରିଛି ସତ୍ୟ, କିନ୍ତୁ ରାଧାରମଣଙ୍କ ଦୁଇ ଚକ୍ଷୁରୁ ଜଳ ଗଡ଼ିବା ଦେଖି ମୁଁ ଆଉ

ଧୈର୍ଯ୍ୟଧର ରକ୍ତପାତ୍ର ନାହିଁ । ମୋତେ ନିଷ୍ଟୟ ସୁଦ୍ଧ କରିବାକୁ ପଡ଼ିବ । ମୁଁ ମୋର ଶ୍ରୀରାଧାଙ୍କୁ ଚାହେଁ । ଶୁକଦେବ ! ତୁମ୍ଭଦ୍ୱାରା ଗୋଟିଏ କାର୍ଯ୍ୟ ହୋଇପାରିବ କି ?

ଶୁକଦେବ— କି କାର୍ଯ୍ୟ ?

ମୁକ୍ତକାମ—ମୋ ତରଫରୁ ଶଙ୍ଖଧର ନିକଟକୁ ଯାଇ ଶ୍ରୀରାଧା ମୂର୍ତ୍ତିଙ୍କୁ ଆଣିବାକୁ ପ୍ରାର୍ଥନା କରିବ, ଆଉ ବୁଝାଇ କହିବ, ସେ ଯଦି ମୋର ରାଧାରାଣୀଙ୍କୁ ଫେରାଇ ନ ଦିଏ, ତା ହେଲେ ମୁଁ ଅନସନ କରି ପ୍ରାଣତ୍ୟାଗ କରିବି ।

ଶୁକଦେବ—ତାର ସତ୍ତ କଅଣ ହେବ ରାଜା ! ସେ ଯେ ଆନନ୍ଦରେ ନୃତ୍ୟ କରିବ । ସେ ଯେ ଆପଣଙ୍କ ମୃତ୍ୟୁ ଚାହେଁ ।

ମୁକ୍ତକାମ—କଅଣ କହୁଛ ଶୁକଦେବ ! ମୁଁ ତାକୁ ରାଜ୍ୟ ଦେଇଛି, ଐଶ୍ୱର୍ଯ୍ୟ ଦେଇଛି, ତାର ସେଥିରେ ତୃପ୍ତି ନାହିଁ ଯେ—ସେ ମୋର ମୃତ୍ୟୁ ଚାହେଁ ? ଏକଥା ବିଶ୍ୱାସ ହେବା ପୂର୍ବ୍ବ ମୁଁ ଯେପରି ମରିଥାଏ । ରାଧାରମଣ ମୋତେ ମରିବାକୁ ଦିଅ, ମୋତେ ମରିବାକୁ ଦିଅ । (ମନ୍ଦିରକୁ ଚାଲିଗଲେ)

କମଳା—ଶୁକଦେବ ! ତୁମ୍ଭେ ଶଙ୍ଖଧରକୁ କାହିଁକି ଗୋଟାଏ ନରକ ପଶୁ ସଦୃଶ ମନେ କର ? ତୁମ୍ଭେ ଚଦରଟି ନେଇ ଯାଅ, ସେ ନିଶ୍ଚେ ଶ୍ରୀରାଧା ମୂର୍ତ୍ତିଙ୍କୁ ପଠାଇ ଦେବ । ଆସ ମୋ ସାଙ୍ଗରେ ଆସ । ରାଧା-ରମଣ ! ଶଙ୍ଖଧରକୁ ସୁବୁଦ୍ଧି ଦିଅ, ଶଙ୍ଖଧରକୁ ସୁବୁଦ୍ଧି ଦିଅ । (ପ୍ରସ୍ଥାନ)

———

## ଦ୍ୱିତୀୟ ଦୃଶ୍ୟ

( ଜଣେ ବୈଷ୍ଣବ ଗୀତଟିଏ ଗାଇ ପ୍ରବେଶ )

ମିଛ ମାୟାରେ ଭୁଲନା ରେ ପାଗଳା ମନ ।

ଅସାର ସଂସାର — କେହି ନୁହେଁ କାର
ଧନ, ଦାରା, ସୁତ ସବୁ ହିଁ ଅଡର
କ୍ଷଣିକ ବିଳାସ — ନାହିଁ ସୁଖ ଲେଶ
କ୍ଷଣଭଙ୍ଗୁର ଏ ଜୀବନ । ୧ ।

ଆତ୍ମୀୟ ସୋଦର — ଯାକୁ ବୋଲୁ ମୋର
ମଲାବେଳେ କେହି ନ ଯିବେ ସଙ୍ଗର
ତୋ ପିଣ୍ଡ ପାଳନ୍ତି — ଦେବେ ପୋଡ଼ି ପୋତି
ଗଢ଼ୁଥିବ ମୃଣ୍ଡ ଶ୍ମଶାନ । ୨ ।

ସେବେ ଗଣ୍ଠିଧନ — ଭଜୁ ନାମ କୃଷ୍ଣ
ସେହି ତୋ ପିଣ୍ଡକୁ ହୋଇବ କାରଣ
ପିବୁ ସୁଖ ନିଦ୍ରା — ନାହିଁ ଭବବାଧା
ନ ଦଣ୍ଡିବ କାଳ ଶମନ । ୩ ।

( ଏ ସମୟରେ ଶଙ୍ଖଧର ପହଞ୍ଚିଗଲା, ବୈଷ୍ଣବ ନିକଟକୁ ଯାଇ ମାଗିଲା )

ବାବା ! ଗୋଟିଏ ପଇସା ଭିକାରୀକୁ ଦେ ।

ଶଙ୍ଖଧର—ଏ ଭବସଂସାରେ ସାର ବୋଇଲେ କେବଳ ପଇସା, ଆଉ ଅନ୍ୟ କିଛି ନାହିଁ ? ଆଚ୍ଛା, କେତେ ଦିନ ହେବ ବାବାଜୀ ହୋଇଛ ? ବୟସ କେତେ ?

ବୈଷ୍ଣବ—ବାବା ! ବର୍ଷ ଦୁଇ ତିନି ହେବ ଯାଏ ନେଲୁଣି, ବୟସଟା କେତେ ସ୍ମରଣ ହେଉନାହିଁ । ପ୍ରାୟ ଏଇ···ତିରିଶ ଚାଳିଶି ମଧ୍ୟରେ ।

ଶଙ୍ଖଧର—ଆଚ୍ଛା ! ଏତେ କମ୍ ବୟସରେ ବାବାଜୀ ହେବାର ମତଲବ ?

ବୈଷ୍ଣବ— ବାବା, ଦେଖିଲି ଏ ସଂସାରଟା କିଛି ନୁହେଁ । ଖାଲି ମୋହମାୟା, ଅଶାନ୍ତି । ବାବା କିଛି ନୁହେଁ । ଦେ ବାବା, ଗୋଟିଏ ପଇସା ଦେ । ବାରଦ୍ୱାର ଭିକାରୀ, ବାରଦ୍ୱାର ହେବୁ ।

ଶଙ୍ଖଧର— ଆଚ୍ଛା, ବିଭା ହୋଇଥିଲ ?

ବୈଷ୍ଣବ—ବାବା, ସେବୁଡ଼ାକ ଆଉ ବୈଷ୍ଣବ ଲୋକକୁ କଅଣ ପଚାରୁଛ ? ବାବା ସେ ବିଭା ହେବା ନହେବା କିଛି ନୁହେଁ, କିଛି ନୁହେଁ ।

ଶଙ୍ଖଧର —ପିଲାପିଲି କେତୋଟି ?

ବୈଷ୍ଣବ—ବାବା ! ସେଇଥିରେ ତ ଜଞ୍ଜାଳ ଜର୍ଜରିତ ହେବାକୁ ପଡ଼ୁଛି । ପୁଅ ଝିଅ ହୋଇ ଛଅୋଟି ।

ଶଙ୍ଖଧର—ଓଃ-ତା ହେଲେ ତ ତୁମେ ତ୍ୟାଗୀ ବୈଷ୍ଣବ ।

ବୈଷ୍ଣବ—ହିଁ ବାବା ! ଏକ ରକମ ତ୍ୟାଗୀ ।

ଶଙ୍ଖଧର—ଆଚ୍ଛା, ସେମାନଙ୍କର ବ୍ୟବସ୍ଥା ?

ବୈଷ୍ଣବ—ତାଙ୍କ ବ୍ୟବସ୍ଥା ତାଙ୍କର । ବାବା, ଶ୍ରୀମଦ୍ ଭାଗବତରେ ଶୁଣିଥିବେ, ପୁତ୍ର ଜନ୍ମେଇଣି ପତ୍ନୀ ପାଶେ, ଅଥବା ତଳିବ ସନ୍ନ୍ୟାସେ ।

ଶଙ୍ଖଧର – ଓଃ, ଆପଣ ତ ବେଶ ଶାସ୍ତ୍ରଦର୍ଶୀ ।

ବୈଷ୍ଣବ—ବାବା ! ଯାହା ଗୁରୁଙ୍କ ଆଜ୍ଞା ହୋଇଛି ।

ଶଙ୍ଖଧର—ବାବାଜୀ ! ଗୁରୁ କିଏ ?

ବୈଷ୍ଣବ—ବାବା ! ବୁଝିନାହଁ ?

ମନ ମୋହର ନିଜ ଗୁରୁ,

ଉଦ୍ଧବ କେତେବେଳେ ପଗୁରୁ,

ଶଙ୍ଖଧର -- ବାଃ, ମନ କହୁଛି ତୁଅ ପିଲାଙ୍କୁ ଗଢ଼େଇ ମାର ବୈରାଗୀ ସାଜ ବୁଲିବ ?

ବୈଷ୍ଣବ—ନା ବାବା ! ଭିକ୍ଷାପତ୍ର ଯା କିଛି ମିଳେ, ଠାକୁରଙ୍କ ଗଞ୍ଜେଇ ଖିଆଁଟା ଯାଇ ଅବଶିଷ୍ଟ ଘରକୁ ପଠାଇ ଦେବାକୁ ପଡ଼େ ।

ଶଙ୍ଖଧର —ଠାକୁରଙ୍କର ଗଞ୍ଜେଇଟା ବ ଚଳେ ? ଚଲମ ଫିଲମ ଅଛି ନା, ବାହାର କର ତ ?

ବୈଷ୍ଣବ—ବାବା ! ଥାଇପାରେ, ମାଲପାଲ ଅଛି କି ?

( ଚଲମ ଝୁଲିରୁ ଖୋଜ ହୋଇ )

ବାବା ! ଜାଣିକି ପଇନାହଁ, କେଉଁଠି ଗୁଡ଼ଦେଇ ଆସିଲିଣି । ହେ ବାବା ଉତ୍ତୁର ହେଉଛି ଗୋଟିଏ ପଇସା ଦେ ଯିବା ?

ଶଙ୍ଖଧର—ବାବାଜୀ ! ଜାଣ ଏ ଦେଶର ରାଜା କିଏ ?

ବୈଷ୍ଣବ—ରାଜା ! ରାଜା ତ ଥିଲେ ପରମଧାର୍ମିକ ମୁକୁନ୍ଦଦେବ । ଯୋଗୀ ଭିକାରୀ ଦେଖିଲେ କୋଟି ପାଦପୂଜା ବାବା, କୋଟି ପାଦପୂଜା ।

ଶଙ୍ଖଧର—ଓଃ, ସେଇ ସକାଶେ ଶକଳ ଶଚାକାଟି ବାହାର ପଡ଼ିଛି ବାବାଜୀ ! ଅଚ୍ଛା, କାମଧନ୍ଦା କରି ଚଳୁଥିଲେ ତ ବେଶ୍ ସୁବିଧାରେ ଚଳୁଅନ୍ତ ।

ବୈଷ୍ଣବ - ନାହିଁ ବାବା ! ଈଶ୍ୱର ସୁଖେ ଦୁଃଖେ ଯାହା ଦେଉଛନ୍ତି ସେଇ ଯଥେଷ୍ଟ ।

ଶଙ୍ଖଧର—ନିଜର ଜମିବାଡ଼ି କିଛି ଥିଲା ନା ?

ବୈଷ୍ଣବ—ହଁ ବାବା ! ଯାହା ମାଣେ ଦଶ ପା ଥିଲା, ତାକୁ ସବୁ କାଟବାଗ ଲଗାଇ ଦେଇଛୁ, ସେ ସବୁ କିଛି ବୁଝିବାକୁ ପଡ଼େ ନାଁ ।

ଶଙ୍ଖଧର—ହୁ, ତାକୁ ଯେ ଗୁପ୍ତ କରିବାକୁ ପଡ଼ିବ ବାବାଜି ! ହଳକର ଆସେ ?

ବୈଷ୍ଣବ— ବାବା ! ବଡ଼ ପରିଶ୍ରମ କାର୍ଯ୍ୟ, ଆମେ ଟିକେ ପିଲାଦିନୁ କାମ ଧନ୍ଦାକୁ ପାରୁ ନାହିଁ ।

ଶଙ୍ଖଧର—ବେଶ ତ ମୋଟା ମୋଟି ହୋଇଛୁ, କାମ ଧନ୍ଦାକୁ ପାରିବୁ ନାହିଁ କିଆଁ । ବୈରାଗୀ ସାଜ ଭିକ୍ଷା ମାଗିବାଟା ସୁବିଧା ଉପାୟ, ନାଁ ।?

ବୈଷ୍ଣବ - ହଁ ବାବା ! ପଇସାଟିଏ ଦେ ଯିବା ?

ଶଙ୍ଖଧର— ବାବାଜି ! ପଇସାଟି ଗୋଲାକାର

ଦୁଇଅଣାଟି ଚୌକା

ଭବତ ଭବାର୍ଣ୍ଣବ ତରଣେ ନୌକା ।

ପଇସାଟି ପାଇଲେ ହୁଏ ଗଞ୍ଜେଇ ଦଳନ

ପଇସାଟି ଲାଗି ଆଜ ଚାବୁକ ମର୍ଦ୍ଦନ ।

( ନେପଥ୍ୟକୁ ଚାହିଁ ) କିଏ ଅଛି, ଚାବୁକଟା ନେଇ ଆସ ତ !

ବୈଷ୍ଣବ—ଚାବୁକ ! ସେ କଅଣ ହେବ ବାବା ?

ଶଙ୍ଖଧର—ଭିକ୍ଷା ଦିଆହେବ ( ଚାବୁକ ପହଞ୍ଚାଇଲା )

ହେ ପ୍ରଚଣ୍ଡ ଲଗା ଚାବୁକ—

(ଚାବୁକ ପ୍ରହାର ହେଲାରୁ ବୈଷ୍ଣବ ମରିଗଲି, ମରିଗଲି, ମରିଗଲି, ଡାକ ଦେଲା ।)

ଶଙ୍ଖଧର—ଚାକିରି କରିବୁ ?

ବୈଷ୍ଣବ— ହଁ, ବାବା !

ଶଙ୍ଖଧର— (ପ୍ରଚଣ୍ଡ ପ୍ରତି) ନେଇ ଯା ଏହାକୁ କୌଣସି କାର୍ଯ୍ୟରେ ନିଯୁକ୍ତ କରିବା ଲାଗି ମନ୍ତ୍ରୀଙ୍କୁ କହିବ, ଆଉ ମାସିକ ଦଶଟଙ୍କା କରି ବେତନ ତାର ଘରପା ଶିକଟ ପଠାଇଦେବ ।

ବୈଷ୍ଣବ—ଆଜ୍ଞା, ନାଇଁ ।

ଶଙ୍ଖଧର—ସେଇଠାନ !

ବୈଷ୍ଣବ—ହଁ, ଯାଉଛି ବାବା ! (ପ୍ରସ୍ଥାନ)

ଶଙ୍ଖଧର—କାମ ଧନ୍ଦା ଚାକରି ବାକରି ନ କରି ଭିକ୍ଷାହିଁ ଲେଣା ?

(ସୁନନ୍ଦା ଧୀରେ ପ୍ରବେଶ)

ସୁନନ୍ଦା—ବାବା ! ତୁମେ ଯାହାକୁ ମନ ତାକୁ ଚାବୁକ ମାରୁଛ ?

ଶଙ୍ଖଧର — ଏଗୁଡ଼ାକ ଯେ ସୈନ୍ୟଭାବ, ସୁନନ୍ଦା, ଏମାନଙ୍କ ସୁଶିକ୍ଷାର ଏକମାତ୍ର ବାହନ ଚାବୁକ ।

(ଉଗ୍ରସେନ ପ୍ରବେଶ)

ରାଜା ! ଯେ ସମସ୍ତ ପ୍ରଜାମାନଙ୍କର ଘରଦ୍ୱାର ପୋଡ଼ି ଦିଆଯାଇଥିଲା, ସେମାନେ ବର୍ତ୍ତମାନ ବଶ୍ୟତା ସ୍ୱୀକାର କରିଛନ୍ତି ।

ଶଙ୍ଖଧର—ସତେ ନା ? ଆଚ୍ଛା, ସେମାନଙ୍କର ଖୁବ୍ ଭଲ ଘର ମଜ୍‌ବୁତ କରି ତିଆରି କରିଦିଅ, ଯେପରି ସେମାନେ ରହିପାରନ୍ତି ।

(ଉଗ୍ରସେନ ପ୍ରସ୍ଥାନ)

ସୁନନ୍ଦା — ବାବା ! ତୁମେ ପ୍ରଜାମାନଙ୍କ ଉପରେ ଏତେ ଅତ୍ୟାଚାର କର କାହିଁକି ?

ଶଙ୍ଖଧର— ପ୍ରଜାମାନେ ଯେ ମୋ ଉପରେ ଏତେ ଅତ୍ୟାଚାର କରନ୍ତି ? ମୁଁ ରାଜା, ସେ ମୋର ରାଜସ୍ୱ ଦେବେ ନାହିଁ କିମ୍ୱା ରାଜା ବୋଲି ସ୍ୱୀକାର କରିବେ ନାହିଁ ।

(ଦୂରରୁ ଜଣେ ଫେରିବାଲା ଡାକିଲା କଦଳୀ, କଦଳୀ)

ଶଙ୍ଖଧର — ଫେରିବାଲା ! ଆଣ ତ କଦଳୀ ।

(ଫେରିବାଲା ନିକଟକୁ ଆସିଲା)

କଦଳୀ କି ଦରରେ ବିକ୍ରି କରୁଛୁ ?

ଫେରିବାଲା — ବାବୁ, ଗୋଟା ଦି ପଇସା ।

ଶଙ୍ଖଧର — ଆଚ୍ଛା ଫେରିବାଲା ! ଜାଣୁ ଏ ଦେଶର ରାଜା କିଏ ?

ଫେରିବାଲା—ରାଜା ?

ଶଙ୍ଖଧର — ହଁ, ରାଜା ।

ଫେରିବାଲା—ରାଜା ତ ଥିଲେ ସେଇ ପରମଧାର୍ମିକ ମୁକ୍ତିରାମ ।

ଶଙ୍ଖଧର —ଆଉ ଅଧର୍ମୀ ରାଜା କିଏ ତାକୁ ଚିହ୍ନିଛୁ ?

ଫେରିବାଲା —ବାବା ରେ ! ସେ ତୁଆଡ଼େ ଗୋଟାଏ ଡକାୟତ ।

ଶଙ୍ଖଧର – ହଁ, ତୁ ଏ କଦଳୀ ଦାମ ପାଇପାରିବୁ ନାହିଁ ।

ଫେରିବାଲା—କାହିଁକି ଆଜ୍ଞା ?

ଶଙ୍ଖଧର – ( ପଦସ୍ୱବାଲା ପ୍ରତି ) ଲଗା ଚାବୁକ ।

ଫେରିବାଲା—ମରିଗଲି ବାବୁ ! ମରିଗଲି ବାବୁ ! ମୁଁ କଦଳୀ ବିକ୍ରି କରିବିନାହିଁ ।

( ଚୂଡ଼ାମଣି ପ୍ରବେଶ )

ଚୂଡ଼ାମଣି — ହଁ, ବାବୁ ଏ ଘର ଚୋର, ଦେଖେଁ ତୋ କଦଳୀ ! ହଁ ଠିକ୍ ଧରିଛି, ଏ ମୋର ବାରି ଚମ୍ପା-କଦଳୀ, ମୁଁ କହୁଛି କଦଳୀ ନେଲା କିଏ ! ଏ ଚୋରଟାର ମୋର ଦାନା ମାରିଛି ହୋ ।

ଫେରିବାଲା — ଆଜ୍ଞା ! ଗୋସେଇଁ କହୁଛନ୍ତି ତାଙ୍କର ଚମ୍ପାକଦଳୀ, ମୋର ଏସବୁ କାଠିଆ କଦଳୀ ।

ଶଙ୍ଖଧର—ଗୋସେଇଁ ! ତୁମର ଘର ଚମ୍ପାକଦଳୀ ଚୋରି ଯାଇଛି, ଏ କଦଳୀ କିପରି ତୁମର ?

ଚୂଡ଼ାମଣି—ହଁ, ମୋର ଟିକେ ଭ୍ରମ ହୋଇଯାଇଛି। ସେଇ କାଠିଆ କଦଳୀ ହେବ ପରା ! ହଁ, ସେଇ କାଠିଆ କଦଳୀ ମୋର । ( କାନରେ ବାନ୍ଧିବା )

ଶଙ୍ଖଧର—ଏ କିପରି ହେଉଛି, ଗୋସେଇଁ !

ଚୂଡ଼ାମଣି—ଆଜ୍ଞା ! ଶୁଣନ୍ତୁ, ଆପଣ ଜଣେ ବୁଦ୍ଧିଆ ଭଦ୍ରଲୋକ । ବିବେଚନା କରି ଦେଖନ୍ତୁ, ମୋ ବାଡ଼ିରୁ ନଗଦ ଚୋରି ହୋଇଥିବାରୁ କଦଳୀ ଗୁଡ଼ିକ ଅଧେ ଅଧେ ବି କଞ୍ଚା ଅଛି ।

ଶଙ୍ଖଧର—( ହାସ୍ୟକରି ) ହଁ, ତା ତ ସତ ।

ଚୂଡ଼ାମଣି - ହାରାମଯାଦା ! ସେ ଚୋର, ଏ କଥା ଯେତେବେଳେ ଆପଣଙ୍କ ନିକଟରେ ପ୍ରମାଣିତ ହେଲାଣି, ସେତେବେଳେ ଏ କଦଳୀଗୁଡ଼ିକ ଠାକୁରଙ୍କ ଲାଗି ନେଇଯାଉଛି, ପଦସ୍ୱବାଲା ! ମାର ଖୁବ୍ ମାର ।

( କଦଳୀ ବାନ୍ଧି, ନେଇ ଯିବାକୁ ବାହାରିଲେ )

ଫେରିବାଲା—ଗୋସେଇଁ ! ମୋ କଦଳୀ ନିଅନା, ମୁଁ ଏ କଦଳୀ ବିକି ପିଲା କୁଟୁମ୍ବ ପୋଷେ ।

ଚୂଡ଼ାମଣି—( ସକ୍ରୋଧେ ) ଯା ଯା. ଛୋଟଲୋକ ! କଦଳୀ ବିକି ପିଲା କୁଟୁମ୍ବ ପୋଷିବୁ ? ଯା ଯା,

( ପ୍ରସ୍ଥାନୋଦ୍ୟତ )

ଶଙ୍ଖଧର—ଛିଡ଼ା ହୁଅ ଗୋସେଇଁ ! ( ଫେରିବାଲାକୁ ଗୋଟିଏ ଟଙ୍କା ଦେଇ ) ଏ ଫେରିବାଲା, ତୋ କଦଳୀ ଦାମ ନେ ।

ଚୂଡ଼ାମଣି—ଆପଣ ଦାମ୍‌ଟା ଦେଇଦେଲେ, ( ସୁନନ୍ଦାକୁ ଗୋଟିଏ କଦଳୀ ଦେଖାଇ ) ମା, ନେ ଗୋଟିଏ କଦଳୀ ଖା ।

ଫେରିବାଲା—ମୋତେ ଟଙ୍କାଟାଏ ଯେ ଦେଲେ ?

ଶଙ୍ଖଧର— ଚୂଡ଼ାମଣି ପ୍ରତି ) ଗୋସେଇଁ, କହି ପାରିବ ଏ ଦେଶର ରାଜା କିଏ ?

ଚୂଡ଼ାମଣି—ରାଜା ? ରାଜା ତ ଥିଲେ ସେହି ପରମ ଧାର୍ମିକ ମୁକ୍ତକାମ । ତାଙ୍କୁ ତଡ଼ିଦେଇ ବର୍ତ୍ତମାନ ଗୋଟାଏ କିଏ ରାଜା ହୋଇଛି, ଶଙ୍ଖଧର ! ସେ ପାଷଣ୍ଡ, ତା ନାଁ ମୁହଁରେ ଧରି ନାଁ । ତାର ନାଁ ଅଛି ଧର୍ମଜ୍ଞାନ, ନା ଅଛି ଦେବ ଦ୍ୱିଜେ ଭକ୍ତି ? ମୂଢ଼ ଗୋଟାଏ ନରାଧମ ପାଷଣ୍ଡ, ପଶୁଠାରୁ ହୀନ ।

ଶଙ୍ଖଧର—ଆଚ୍ଛା ସେ ପାଷଣ୍ଡ ଶଙ୍ଖଧରକୁ ଚିହ୍ନ ? ତାକୁ କେବେ ଦେଖିଛ ?

ଚୂଡ଼ାମଣି—ସେଠା ପାଖକୁ ଯାଏ କିଏ, ତାର କଅଣ ବଡ଼ ମାନ ଈଶ୍ୱର ଅଛି ? ଯାହାକୁ ଦେଖିକି ବାଟ ଘାଟରେ ବେକତ କରେ । ଆହା ! ରାଜା ତ ଥିଲେ ପରମଧାର୍ମିକ ମୁକ୍ତକାମ । ବ୍ରାହ୍ମଣ ଦେଖିଲେ କୋଟି ପାଦପୂଜା, କୋଟି ପାଦପୂଜା । ଅନ୍ତତଃ ଗୋଟିଏ ଟଙ୍କା ଦକ୍ଷିଣାରୁ କମ୍ ନୁହେଁ ।

ଶଙ୍ଖଧର—( ଫେରିବାଲା ପ୍ରତି ) ହେ ଫେରିବାଲା, କାହିଁକି ଛିଡ଼ାହେଲୁ ?

ଫେରିବାଲା—ଟଙ୍କାଟାଏ ଯେ ଦେଲେ—

ଶଙ୍ଖଧର—ହିଁ, ସେ ତୋର ପୁରସ୍କାର । ଆଜିଠାରୁ ମହାନରକ ଏ ଦେଶର ରାଜା ମୁଁ, ମୋ ନାଁ ଶଙ୍ଖଧର ।

ଫେରିବାଲା—ଆରେ ବାପରେ ! (ଚମକିପଡ଼ି ପ୍ରସ୍ଥାନ )

ଚୂଡ଼ାମଣି—ଦୀର୍ଘଜୀବୀ ହୁଅ ବାବା, ଦୀର୍ଘଜୀବୀ ହୁଅ । ମୋର ମଥାର ଠିକ୍ ନ ଥିଲା, ମୁଁ କଣ ବୋଲି କଅଣ କହି ପକାଉଛି । ମୋତେ ବର୍ତ୍ତମାନ ଉଦ୍ଦରର ଚିନ୍ତା ଦୁଶ୍ଚିନ୍ତା । ସେଥିଲାଗି ଏଇ କଦଳୀ ଫଳକୀ ସଂଗ୍ରହ କରୁଛି ।

ଶଙ୍ଖଧର—ପ୍ରହରୀ ! ଲଗା ଚାବୁକ ।

ପ୍ରହରୀ—ପ୍ରଭୋ ! ଏ ଯେ ବ୍ରାହ୍ମଣ ।

ଶଙ୍ଖଧର—କିଏ ବ୍ରାହ୍ମଣ ? ଏ ଚୋରଟା, ଦେ ଚାବୁକଟା ଦେ, ଚାବୁକଟା ମୋତେ ଦେ, ( ଚାବୁକ ନେଇ ପୁଚାଇ ) କହ ବ୍ରାହ୍ମଣ, କେତେ ପ୍ରହାର ଚାବୁକ ସହି ପାରିବ ?

ଚୂଡ଼ାମଣି—ନାହିଁ ପ୍ରଭୋ ! କେଶାଘାତ କରନା, ମୁଁ ଜଣେ ନିଷ୍ଠାବାନ ତ୍ରିସନ୍ଧ୍ୟାନିଷ୍ଠ ବ୍ରାହ୍ମଣ ।

ଶଙ୍ଖଧର—ତ୍ରିସନ୍ଧ୍ୟା ଆଉ ବ୍ରାହ୍ମଣ ଏ ଦୁଇଟା କଥା ତୁମ୍ଭପରି ଅବ୍ରାହ୍ମଣ ମୁହଁରେ ଧରି ପୂର୍ବ ପୁରୁଷଙ୍କୁ କଳଙ୍କ ଲଗାନା । ସେମାନେ ବହୁ କଷ୍ଟରେ ତା ଉପାର୍ଜନ କରିଥିଲେ ।

ଚୂଡ଼ାମଣି—ତେବେ ତ ମୁଁ ଜଣେ ବ୍ରାହ୍ମଣ ସନ୍ତାନ ?

ଶଙ୍ଖଧର—ବିଶ୍ୱାସ ହୁଏ ନାଁ, ଆଜି ସାମାନ୍ୟ ଫେରିବାଲାଠାରୁ କଦଳୀ ଫାଳିମାତ୍ର ନେଇ ଯିବାକୁ ପ୍ରସ୍ତୁତ । ତୁମ୍ଭର ଏ କୁତ୍ସିତ ବ୍ରାହ୍ମଣର ମର୍ଯ୍ୟାଦା ଓ ବ୍ରାହ୍ମଣର କୃତିତ୍ୱକୁ ନତମସ୍ତକ କରାଉଛି । ତୁମ୍ଭେ ତୁମ୍ଭର ସେହି ପିତୃ ପୁରୁଷଙ୍କ ମୂଳଧନଟି ବିକି ଭାଙ୍ଗି ଖାଇ ସାରିଲେଣି । ଆଉ ତୁମ୍ଭର ସେହି ବ୍ରହ୍ମତ୍ୱ ନାହିଁ । ତୁମ୍ଭେ ଫେରିବାଲାଠାରୁ ହୀନ, ତୁମର ଉପଯୁକ୍ତ ଶାସ୍ତି ଏହି ଚାବୁକ ।

( ମାରିବାକୁ ଉଦ୍ୟତ )

ଚୂଡ଼ାମଣି—ହାଏ ରାଜା ! ମୋତେ କ୍ଷମା କରନ୍ତୁ, ମୁଁ ଆଉ ହେବେ ଏପରି କାର୍ଯ୍ୟ କରିବି ନାହିଁ । ମୋତେ କ୍ଷମା କରନ୍ତୁ ।

ଶଙ୍ଖଧର—କ୍ଷମା ପାଇବାର ଉପଯୁକ୍ତ ତୁମେ ମୂଢ଼ ବ୍ରାହ୍ମଣ ! ଆଚ୍ଛା, କ୍ଷମା ଦେଇପାରେ, ଯଦି ମୋର ଗୋଟିଏ ଉପକାର କର ।

ଚୂଡ଼ାମଣି—କଅଣ ଆଜ୍ଞା, କହନ୍ତୁ ।

ଶଙ୍ଖଧର—ତୁମ୍ଭେ ଜାଣ ମୁଁ କିଏ ହିଁ କ ?

ଚୂଡ଼ାମଣି—ଆଜ୍ଞା !

ଶଙ୍ଖଧର—ପଞ୍ଚବର୍ଷ ହେଲା ମୋର ସ୍ତ୍ରୀର ବିୟୋଗ ଘଟିଛି । ଏକମାତ୍ର କନ୍ୟା ଛଡ଼ା ଆପଣାର ବୋଲିବାକୁ ଆଉ କେହି ନାହିଁ । ଶୈଶବ କାଳରୁ ମୁଁ ଥିଲି ପିତୃମାତୃହୀନ, ପଥର ଭିକାରୀ; କିନ୍ତୁ ଆଜି ପ୍ରକାଣ୍ଡ ରାଜ୍ୟର ରାଜା, ବାହୁବଳେ ଓ ବୁଦ୍ଧିର କୌଶଳେ ।

ଚୂଡ଼ାମଣି—ଆଜ୍ଞା ! ଆପଣ ହେଉଛନ୍ତି ଜଣେ ସୁପ୍ରତିଷ୍ଠ ସ୍ୱନାମଧନ୍ୟ ପୁରୁଷ । ଏଇ ସସାଗରଧରା, ପୃଥ୍ୱୀ···

ଶକ୍ତିଧର — ଥାଉ ଥାଉ, ଆଉ ତୋଷାମୋଦର ପ୍ରୟୋଜନ ନାହିଁ, ମୁଁ ଆଜ ବିବାହ କରିବା ଲାଗି ଇଚ୍ଛୁକ; କିନ୍ତୁ ମନମୁତାବକ ପାତ୍ରୀଟିଏ ପାଇ ପାରୁନାହିଁ !

ଚୂଡ଼ାମଣି — ଆଜ୍ଞା ! କି ରକମ ପାତ୍ରୀ କହନ୍ତୁ । ମୁଁ ଏକାବେଳେ ନିଖୁଣ ସୁନ୍ଦରୀର ସନ୍ଧାନ ଆଣି ଦେଇପାରେ ।

ଶକ୍ତିଧର — ଜାଣ କିନ୍ତୁ ବ୍ରାହ୍ମଣ, ମୁଁ ସୁନ୍ଦରୀ ଚାହେଁନା, ଚାହେଁ ଖୁବ୍ କୁତ୍ସିତା ।

ଚୂଡ଼ାମଣି — ଆଜ୍ଞା ! ମୋତେ କଅଣ ପରିହାସ କରୁଛନ୍ତି ?

ଶକ୍ତିଧର — ପରିହାସ ନୁହେଁ ଗୋସେଇଁ ! କନ୍ୟାଟି ଏପରି କୁତ୍ସିତ ହେବା ଦରକାର, ଯାହାକୁ କି ଥରେ ଦେଖିଲେ ଆଉ ଥରେ ଦେଖିବାକୁ ଇଚ୍ଛା ହେବ ନାହିଁ । ସେ କନ୍ୟାଟିର ନାମ ହୋଇଥିବ ଶ୍ରୀମତୀ ନାଗିନୀ ।

ଚୂଡ଼ାମଣି — ନାଗିନୀ ! ନାଗିନୀ ସେ ମୋର କନ୍ୟାର ନାମ ।

ଶକ୍ତିଧର — ତୁମ୍ଭର କନ୍ୟାର ନାମ ? ଅଚ୍ଛା ! ଦେଖିବାକୁ କିପରି ?

ଚୂଡ଼ାମଣି - ଲୋକେ ତାକୁ କୁତ୍ସିତା ବୋଲି କହନ୍ତି; କିନ୍ତୁ ମୋ ଚକ୍ଷୁରେ ସେତେ … … … ।

ଶକ୍ତିଧର - ହଁ, ତୁମ୍ଭ ଚକ୍ଷୁରେ ସେ ତ କୁତ୍ସିତା ଦେଖା ଯାଏ ନାହିଁ । ଠିକ୍ ସେଇ କନ୍ୟାଟି ମୁଁ ବିବାହ କରିବି । ଅଚ୍ଛା କହ, କେବେ ବିବାହର ଆୟୋଜନ କରି ତୁମ୍ଭ ଘରକୁ ଯିବାକୁ ହେବ ?

ଚୂଡ଼ାମଣି — ଆଜ୍ଞା ! ମୁଁ ଶୁଣିଛି ଆପଣଙ୍କର କୁଆଡ଼େ ଜାତଗୋତ୍ର ଠିକ୍ ନାହିଁ । ମୁକ୍ତିଧାମଙ୍କ ପିତା ଆପଣଙ୍କୁ କେଉଁଠୁ ରାସ୍ତାରୁ ଗୋଟାଇ ଆଣିଥିଲେ ।

ଶକ୍ତିଧର — ଯାହା ଶୁଣିଛ, ତା ଅକ୍ଷରେ ଅକ୍ଷରେ ସତ୍ୟ । ମୋର ବାପ ମା କିଏ ମୁଁ ଜାଣେ ନାଁ, ସେଥିରେ ଅଛି କଅଣ ? ଉପସ୍ଥିତ କ୍ଷେତ୍ରରେ ମୁଁ ରାଜା ।

ଚୂଡ଼ାମଣି - ସମାଜ ଯଦି ମୋତେ ନିର୍ଯାତନ କରେ ।

ଶକ୍ତିଧର — ତୁମେ ସମାଜକୁ ନିର୍ଯାତନ କରିବ । କହିବ, ମୁଁ ଶକ୍ତିଧରର ଶ୍ୱଶୁର, ମୋତେ ସାତଖୁଣ ମାଫ୍ ।

ଚୂଡ଼ାମଣି — ଆଜ୍ଞା ! ମୋର କନ୍ୟାଟି ଅତି କୁତ୍ସିତା । ପିଲାଟି ବେଳୁଁ ତାର ମୁହଁ ପୋଡ଼ି ଯାଇଥିଲା, ସେ ରାଣୀ ହେବାର ଉପଯୁକ୍ତ ନୁହେଁ । ଆପଣ ଇଚ୍ଛା କଲେ ମୁଁ ଖୁବ୍ ନିଖୁଣ ସୁନ୍ଦରୀର ସନ୍ଧାନ ଆଣି ଦେଇପାରେ ।

ଶକ୍ତିଧର — ମୁଁ ସୁନ୍ଦରୀ ସ୍ତ୍ରୀକୁ ଅତ୍ୟନ୍ତ ଘୃଣା କରେ । ଅଚ୍ଛା କହ ଦେଖି, ତୁମ୍ଭର କନ୍ୟାର ବୟସ କେତେ ?

ଚୂଡ଼ାମଣି — ପ୍ରାୟ ପଚିଶ ବର୍ଷ ।

ଶକ୍ତିଧର — ବ୍ରାହ୍ମଣ ଘର ! ଏତେଦିନ ଯାଏ ବିବାହ ନ ଦେଇଛ କିଆଁ ?

ଚୂଡ଼ାମଣି — ଆଜ୍ଞା ! ମୁହଁପୋଡ଼ା କୁତ୍ସିତାଟାକୁ ବିଭା ହେବ କିଏ ? ଅନେକ ଜାଗାରେ ଠିକ୍ କଲି, ଏଇ ଉପରୋକ୍ତ କାରଣରୁ ସବୁ ଭାଙ୍ଗିଭୁଙ୍ଗି ଯାଉଛି ।

ଶକ୍ତିଧର — ଗୋସେଇଁ ! ତୁମ୍ଭ, ତାର ଓ ମୋର ଅବସ୍ଥା ସମାନ, ମୁଁ ଘୃଣିତ, ସେ ଉପେକ୍ଷିତ, ଯାଅ ଶୀଘ୍ର ବିବାହର ଆୟୋଜନ କର, ନୋହିଲେ ଏଣୁ ସ୍ତୁକ ।

(ଚୂଡ଼ାମଣି ଦୁର୍ଗା ଦୁର୍ଗା କହି ପଳାଇଲା)

ଶକ୍ତିଧର — କୁଆଡ଼େ ଗଲୁ ସୁନନ୍ଦା !

ସୁନନ୍ଦା — ମୁଁ କହୁଛି ତୁମକୁ ପାଟି ଫିଟାଇବ ନାହିଁ, ମୁଁ ଫୁଲ ଗୁନ୍ଥୁଛି ।

ଶକ୍ତିଧର - ଉଗ୍ରସେନ !

( ଉଗ୍ରସେନ ପ୍ରବେଶ )

ଉଗ୍ରସେନ ! ମୁକ୍ତିଧାମ ନିକଟରୁ ଯେ ଲୋକଟା ଆସିଥିଲା, ତାକୁ ଏ ଚିଠିଟା ଦେଇ କହିବ ସୁଧା-ରାଣୀ ଆସିବ ନାହିଁ । ହ, ପୁଣି ଶୁଣ, ବର୍ତ୍ତମାନ ସୈନ୍ୟସଂଗ୍ରହ କର ଆବଶ୍ୟକ । ଖୁବ୍ ତୁମୁଳ ସଂଗ୍ରାମ ନିକଟରେ ଘଟିବା ସମ୍ଭବ ।

( ଉଗ୍ରସେନ ପ୍ରସ୍ଥାନ )

ସୁନନ୍ଦା — ବାବା ! ପୁଣି ସେହି ଯୁଦ୍ଧର ଆୟୋଜନ । ତୁମେ କେତେ ଗୁଡ଼ାଏ ଅଜଣା ମନୁଷ୍ୟ କାଟି ମାରି ପକାଇବ !

ଶକ୍ତିଧର — ମୁଁ ତ ନିଜେ ମାରେ ନାହିଁ ସୁନନ୍ଦା !

ସୁନନ୍ଦା — ତୁମେ ମନ୍ଦ ମନୁଷ୍ୟ ବଞ୍ଚାଇପାର ?

ଶକ୍ତିଧର—ସୁନନ୍ଦା ! ତୁ ଜନସ୍ୱତ ସେଇ ଚୋର ମା'ର ମୃତ୍ୟୁ କଥାଟି ସ୍ମରଣ କରାଇ ଦେଉଛୁ, ଦେଖେଁ କ ରକମ ହାରଟି ଗୁନ୍ଥିଛୁ ?

ସୁନନ୍ଦା – ନଁ ! ମୁଁ ଦେଖାଇବି ନାହିଁ । ତୁମେ ଭାରି ଦୁଷ୍ଟ ।

ଶକ୍ତିଧର ରାଜା ହେଲେ ଟିକେ ଦୁଷ୍ଟ ହେବାକୁ ପଡ଼େ ! ରାଜାର କାର୍ଯ୍ୟ ତ ତୋ ପରି ଫୁଲମାଳ ଗୁନ୍ଥିବା ନୁହେଁ ।

ଉଗ୍ରସେନ — (ପ୍ରବେଶ କରିଲା) ସେ ଲୋକଟି ସୁଦ୍‌ ଉଠିବା ନେବାକୁ ନାରାଜ, ଉଗ୍ରଦଣ୍ଡ ସ୍ୱହସ୍ତ ଛୁ । ମୁକ୍ତିକାମ ବର୍ତ୍ତମାନ ଉପବାସୀ ଅଛନ୍ତି ।

ଶକ୍ତିଧର—ଥାଆନ୍ତୁ ଉପବାସୀ, ଏ ଶକ୍ତିଧର ତାଙ୍କୁ କ୍ଷୁଧା ଯନ୍ତ୍ରଣାରେ ଛଟପଟ କରାଇବ । ଯାଅ, ତାଙ୍କୁ ଯିବାକୁ କହ । ଯଦି କିଛି ଆପତ୍ତି କରେ, ନିଅ ବନ୍ଧୁକ ନିଅ, ଦଶ ଘାହାରେ ବନ୍ଧୁକ ଦେଇଦିଅ ।
(ଉଗ୍ରସେନ ପ୍ରସ୍ଥାନ)

ସୁନନ୍ଦା—ବାବା ! ପୁଣି ସେହି ବନ୍ଧୁକ ?

ଶକ୍ତିଧର—କହିଛି ପରା ସୁନନ୍ଦା ! ଏମାନେ ଯେ ବୈତାନ, ଏମାନଙ୍କର ସୁରକ୍ଷାର ଏକମାତ୍ର ବାହନ ବନ୍ଧୁକ । ଆ, ଯିବା ଆ । (ପ୍ରସ୍ଥାନ)

———

## ତୃତୀୟ ଦୃଶ୍ୟ

କମଳା—(ପ୍ରବେଶି) ରାଧାରମଣ ! ଉପାସ୍ୟ ଦେବତା ଶକ୍ତିଧର ଯେପରି ରାଧାରାଣୀଙ୍କୁ ପଠାଇ ଦେବାରେ ତ୍ରୁଟି ନ କରେ ।

ଶଙ୍ଖନାଦ—(ଜଣେ ପ୍ରଜାର ହାତଧରି ଆଣିଲା । ଲୋକଟି କାନ କଟିଯିବା ଯନ୍ତ୍ରଣାରେ କାନ୍ଦି କାନ୍ଦି ଆସିଲା) ମା ! ମା ! ଏଇ ଦେଖନ୍ତୁ ଶକ୍ତିଧରର ଲୋକ, ଆମର ପୁରୁଣା ସ୍ୱକରଟିର କାନକୁ କାଟି ଏଭେ ଅବସ୍ଥା ଦେଇଛି ।

କମଳା – କାହିଁ କି ?

ଲୋକଟି—ଶକ୍ତିଧରର ଲୋକ ମୋତେ ପଚାରିଲେ ତୁ କିଏ ? ମୁଁ କହିଲି, ମୁଁ ରାଜା ମୁକ୍ତିକାମର ପୁରୁଣା ସ୍ୱକର । ସେମାନେ କହିଲେ ଶକ୍ତିଧର ଉପସ୍ଥିତ ରାଜା, ମୁକ୍ତିକାମ କେହି ନୁହେଁ । ତୁ କାହିଁକି ରାଜା ବୋଲି କହିଲୁ ? ଏଣୁ ମୋର କାନ କାଟି ଛାଡ଼ିଦେଲେ ।

ଶଙ୍ଖନାଦ—ମା ! ବର୍ତ୍ତମାନ କି କହିପାରିବ, ଶକ୍ତିଧର ଅତ୍ୟାଚାରୀ ନୁହେଁ ? ମୁଁ ନିଶ୍ଚେ ଯୁଦ୍ଧଯାତ୍ରା କରିବି । ଚାଲ ଭୃତ୍ୟ ! ଏ ଅତ୍ୟାଚାରର ମୁଁ ପ୍ରତିଶୋଧ ନେବି । (ପ୍ରସ୍ଥାନୋଦ୍ୟତ)

କମଳା—କେଉଁଠାକୁ ଯିବୁ ବାପ ! ମୁଁ ତୋତେ ଯୁଦ୍ଧକ୍ଷେତ୍ରକୁ ଯିବାକୁ ଦେବି ନାହିଁ ।

ଶଙ୍ଖନାଦ— ଗୀତ

ବାଧା ଦିଅନା ମା ବାଧା ଦିଅନା
ବାନ୍ଧିଲଣି ପବନେ ।
ସିଂହର ବନେ ଶୃଗାଳ ବନେ
ବସିଛୁ ଉଚ୍ଚ ଆସନେ ।
ମୁଁ ଥାଉଁଥିବେ ଲୁଟିବ କେମନ୍ତେ
କଞ୍ଚ ରହି ଜୀବନେ ।
ଶତ୍ରୁ ରକତ ଯେବେ ରଞ୍ଜିତ
ନ ହେବ ମୋର କୃପାଣେ ।
ହେନ ଜୀବନ ଜବା କାରଣ
ନ ଯାଇ ମୃତ୍ୟୁ ସଦନେ ।

କମଳା—ଆଚ୍ଛା ଭଣ୍ଡା ! ତୁ ତ ଜାଣୁ ତୋର ପ୍ରଭୁ ଶକ୍ତିଧରଙ୍କୁ ସିଂହାସନ ଦାନ କରି ଆସିଛନ୍ତି । ସେ ବର୍ତ୍ତମାନ ରାଜା, ତା ଆଦେଶ ମାନି ଚଳିବା ଆବଶ୍ୟକ । ଯାଅ, ଶକ୍ତିଧର ସଙ୍ଗେ ଏପରି ଅସହଯୋଗିତା କର ନାହିଁ । (ଭଣ୍ଡା ପ୍ରସ୍ଥାନ)

(ଉଦ୍ଦେଶ୍ୱର ପ୍ରବେଶ)

ଉଦ୍ଦେଶ୍ୱର—କମଳା ! ମୁଁ ଏହି କେଉଁଥର ପଚାରିବାକୁ ଆସିଛି, ଶଙ୍ଖନାଦର ଉଦଣ୍ଡତା ଭାରି ତୁ ବନ୍ଦ କରିବୁ, ନା ସେ ଏହି ରାଧାରମଣ ଦେବଙ୍କ ପ୍ରାନ୍ତେ ପଡ଼ି ରହି ତାଳାକଣୋତ ରହିବ ?

କମଳା—ବାବା ! ସିଂହାସନରେ ବସି ନିରୀହ ପ୍ରଜାମାନଙ୍କ ଉପରେ ପ୍ରଭୁତ୍ୱ କରିବା ଅପେକ୍ଷା

ଶ୍ରୀ ଶ୍ରୀ ରାଧାରମଣଙ୍କ ସେବାରେ ନିଯୁକ୍ତ ହେବା ତ କିଛି ମନ୍ଦ କାର୍ଯ୍ୟ ନୁହେଁ, ବାବା !

ରତ୍ନେଶ୍ୱର - ସ୍ୱୀକାର କରେଁ, ଖୁବ୍ ଭଲ କାର୍ଯ୍ୟ; କିନ୍ତୁ ଏହା ରାଜା ବା ରାଜପୁତ୍ରର କାର୍ଯ୍ୟ ନୁହେଁ । ସିଂହାସନରେ ବସି ପ୍ରଭୁତ୍ୱ କରିବାକୁ ଶଙ୍ଖନାଦର ଜନ୍ମ ହୋଇ । ସେ କାହିଁକି ବୈରାଗୀ ପରି ରାଧାରମଣଙ୍କ ମନ୍ଦିରରେ ପଡ଼ି ରହିବ ? ମୋତେ ଉତ୍ତର ଦେ କମଳା !

ଶଙ୍ଖନାଦ—ପ୍ରଜାମାନଙ୍କ ଉପରେ ଯେ ଏତେ ଅତ୍ୟାଚାର ଓ ଉତ୍ପୀଡ଼ନ ହେଉଛି, ସହ୍ୟ କରି ହୁଏ ନା । ଦେଖ ମା, ଶକ୍ତିଧରର ଅତ୍ୟାଚାରରେ ପ୍ରଜାମାନେ କେତେଦୂର କଷ୍ଟ ଭୋଗ ନ କରୁଛନ୍ତି !

କମଳା – ଶକ୍ତିଧର ତ ତୋପରି ରକ୍ତମାଂସରେ ଗଢ଼ା ମନୁଷ୍ୟ । ସେ ପ୍ରଜାମାନଙ୍କ ଉପରେ ଏତେ ଅତ୍ୟାଚାର କରୁଛି, ତାର କିଛି ନା କିଛି ଉଦ୍ଦେଶ୍ୟ ଅଛି ।

ଶଙ୍ଖନାଦ—ମୋର ମନେ ହୁଏ, ତାର ଉଦ୍ଦେଶ୍ୟ କେବଳ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବା !

ରତ୍ନେଶ୍ୱର—(ସକ୍ରୋଧେ) କମଳା !

କମଳା  ବାବା !

ରତ୍ନେଶ୍ୱର—ସେ ନରପଶୁର ପକ୍ଷ ସମର୍ଥନ କରିବା ତୋର ଉଦ୍ଦେଶ୍ୟ ।

କମଳା—ବାବା ! ମୁଁ ଶକ୍ତିଧରକୁ ଚିହ୍ନେ । ସେ ଥିଲା ଦିନେ ପିତୃମାତୃହୀନ ପଥର ଭିକାରୀ । ଏହି ରାଜ ପ୍ରାସାଦରେ ପ୍ରତିପାଳନ କରି ଦେଖିଛି, ତାର ହୃଦୟରେ ଦୟା ଓ ମାୟାର ଅଫୁରନ୍ତ ଉତ୍ସ ଅଛି । ଖୁବ୍ ତା'ର ଚକ୍ଷୁ ଦୁଇଟି ଦେଖିଲେ ମନେ ହୁଏ, ସେ କେତେ ବଡ଼ ମହତ୍ । କେବେ କାହିଁକି ଯେ ସେ ଏତେ ଅତ୍ୟାଚାରୀ ହୋଇଉଠିଛି, ତା ବୁଝି ପାରୁ ନାହିଁ !

ଶଙ୍ଖନାଦ—ମା ! ଦିନେ ଯେ ଦେବତା ଥାଏ, ସେ କ'ଣ ଦାନବ ହୋଇପାରେ ନା ?

କମଳା—କାହିଁକି ନ ହେବ ଶଙ୍ଖନାଦ ! ମନୁଷ୍ୟ ଅବସ୍ଥାର ଦାସ । ମୋର ବିଶ୍ୱାସ, ଶକ୍ତିଧର ଯେ ଏତେ ଅତ୍ୟାଚାରୀ ହୋଇ ଉଠିଛି ତା ମୁଁ ଶୁଣିଛି । ତାର ଏ ଅଧଃପତନ ପାଇଁ ଦାୟୀ ତୋର ବଜ୍ରମାମୁଁ ।

ଶଙ୍ଖନାଦ—ମା, ପ୍ରଜାମାନଙ୍କ ଉପରେ ଏତେ ଅତ୍ୟାଚାର ଓ ଉତ୍ପୀଡ଼ନ ହେଉଛି । ମୁଁ ଚାହେଁ ସୁଶାସନ, ମୁଁ ତ ସିଂହାସନ ଚାହେଁ ନା ।

କମଳା—ସୁଶାସନ ଚାହୁଁ ତ ? ତେବେ ଯାଅ ପ୍ରଜାମାନଙ୍କୁ ସୁଶିକ୍ଷା ଦିଅ । ସେମାନେ ଯେପରି ଶକ୍ତିଧର ସଙ୍ଗେ ଅସହଯୋଗ ନ କରନ୍ତି । ମୁଁ ଶକ୍ତିଧରକୁ ଚିହ୍ନେ, ସେ ହିଂସ୍ର ନୁହେଁ, ସେ ପ୍ରାଣହୀନ ନୁହେଁ, କାହିଁକି ଗୋଟାଏ ଯୁଦ୍ଧ ଅନଳ ଲଗାଇ ପ୍ରଜାକ୍ଷୟ କରିବ ? କେତେ ସ୍ୱାମୀହରା ସତୀ ଲକ୍ଷ୍ମୀ, କେତେ ପୁତ୍ରହରା ଜନନୀ ଜନକ ହୃଦଫଟା ଅଭିଶାପ ଦେବେ ତୋତେ । ଯଦି ସିଂହାସନରେ ଲାଳସା ନାହିଁ, ତେବେ ଯୁଦ୍ଧ ବିଗ୍ରହ ଘଟାଇବା ଆବଶ୍ୟକ କଅଣ ?

ବଜ୍ରବାହୁ (ପ୍ରବେଶି)—ପିତା ! ମୁଁ ଶୁଣିଛି, ଶକ୍ତିଧର ଚୂଡ଼ାମଣି କନ୍ୟାକୁ ଜୋର କରି ବିବାହ କରୁଛି !

ରତ୍ନେଶ୍ୱର – ମୋତେ ଶୁଣାଇବା ଆବଶ୍ୟକ ନାହିଁ, ସେହି କମଳାକୁ ଶୁଣା ।

ମୁକ୍ତିକାମ – ( ପ୍ରବେଶି ) ମୁଁ ସଙ୍କଳ୍ପ କରିଛି କମଳା ! ଶକ୍ତିଧର ଯେବେ ମୋର ଶ୍ରୀରାଧାବିଗ୍ରହ ଫେରାଇ ନ ଦିଏ, ତେବେ ମୁଁ ନିଶ୍ଚୟ ଯୁଦ୍ଧ ଘୋଷଣା କରିବି । ତୁମର କୌଣସି ଆପତ୍ତି ଶୁଣିବି ନାହିଁ ।

କମଳା – ତା ହେଲେ ତୁମେ ତୁମର ପ୍ରତିଜ୍ଞା ଭଙ୍ଗ କରିବ ।

ମୁକ୍ତିକାମ – ହଁ କମଳା ! ମୁଁ ସମ୍ପୂର୍ଣ୍ଣ ନିରସ୍ତ୍ର ଭାବେ ଯୁଦ୍ଧ କରିବି, ବିପକ୍ଷ ପକ୍ଷ ଅସ୍ତ୍ରକୁ ମୁଁ ପିଠି ଦେଖାଇ ଛିଡ଼ା ହେବି ।

କମଳା – ତାର ଅର୍ଥ ତୁମେ ଆତ୍ମହତ୍ୟା କରିବ, ଏହି ତ ?

ବଜ୍ରବାହୁ – ହଁ ! ମୁକ୍ତିକାମକୁ ଯୁଦ୍ଧ କରିବାକୁ ପଡ଼ିବ ନାହିଁ । ସେ କେବଳ ଯୁଦ୍ଧ କ୍ଷେତ୍ରରେ ଛିଡ଼ା

ହୋଇ ବସିବେ ମୁଁ ସିଂହାସନ ଛୁଇଁବି ! ତା ପର ଯାହା କରିବାକୁ ହେବ ମୁଁ କରିବି । (ପ୍ରସ୍ଥାନ)

ରତ୍ନେଶ୍ୱର — ଶୁଣୁଛ ମୁକ୍ତାରାମ ? ଶଙ୍ଖଧର ଗୋଟାଏ ଅପ୍ରାପ୍ତବୟସ୍କ ବ୍ରାହ୍ମଣ କନ୍ୟାକୁ ଜୋର କରି ବିବାହ କରିବ ।

ମୁକ୍ତାରାମ — ଶୁଣିଛି ପିତା !

ରତ୍ନେଶ୍ୱର — ସେ ଗୋଟାଏ ଅଜ୍ଞାତ କୁଳଶୀଳ ଜାରଜ ହୋଇ ଗୋଟାଏ ବ୍ରାହ୍ମଣର ଜାତି ଧ୍ୱଂସ କରିବ ?

କମଳା — ବାବା ! ଶଙ୍ଖଧରର ବଂଶ ପରିଚୟ କେହି ଜାଣନ୍ତି ନାହିଁ, ଏପରି ସ୍ଥଳେ ତାର ଜନ୍ମ ସମ୍ବନ୍ଧେ ଏପରି କୁତ୍ସିତ ଇଙ୍ଗିତ କରୁଛନ୍ତି କାହିଁକି ?

ରତ୍ନେଶ୍ୱର — ସେ ଯେବେ କୌଣସି ସମ୍ଭ୍ରାନ୍ତ ବଂଶଜ ହୋଇଥାନ୍ତା, ତେବେ ଏତେଦିନ ପର୍ଯ୍ୟନ୍ତ ନିଜର ପରିଚୟ ଗୋପନ କରି ରଖି ନ ଥାନ୍ତା । ସେ କେଉଁ କୁଣ୍ଡରେ ସମ୍ଭୂତ ନିଜେ ଜାଣେ ନାଁ ।

( ଶୁକଦେବ ଚିଠି ନେଇ ପ୍ରବେଶ )

ମୁକ୍ତାରାମ — ଏହି ସେ ଶୁକଦେବ, ମୋର ଶ୍ରୀରାଧା କଣ୍ଠହାର କାହାନ୍ତି ? ମୁଁ ତ ଚିଠି ଛୁଇଁବି ନା ।

( ଚିଠି ନେଇ ପାଠକରି ବିଚଳିତ ହୋଇ ପଡ଼ି ଫିଙ୍ଗି ରାଧାରମଣ ! ରାଧାରମଣ ! କହି ପ୍ରସ୍ଥାନ )

ରତ୍ନେଶ୍ୱର — ( ଚିଠି ଚିରି ସକ୍ରୋଧେ ବଜ୍ରବାହୁ ! ବଜ୍ରବାହୁ ! ଡାକି ଡାକି ପ୍ରସ୍ଥାନ )

ଶଙ୍ଖନାଦ — ( ଚିଠି ଧରିଲା )

କମଳା — ଏପରି କି କଥା ଲେଖାଅଛି ଶଙ୍ଖନାଦ, ପଢ଼ଟା ପଢ଼ିଲୁ ।

ଶଙ୍ଖନାଦ — ( ପଢ଼ି ପଢ଼ି ଛିଡ଼ି ଯାଇ ଉତ୍ତେଜିତ ଓ ଲୁଚିକା କମରରୁ ବାହାରି କରି ଆତ୍ମହତ୍ୟା କରିବାକୁ ପ୍ରସ୍ତୁତ )

କମଳା — ( ହାତ ଧରି ପକାଇ ) ଏ କଣ ଶଙ୍ଖନାଦ ?

ଶଙ୍ଖନାଦ — ମା ! ମୋ ହାତ ଛାଡ଼ ଦେ, ମୁଁ ଆଗେ ଆତ୍ମହତ୍ୟା କରେ ତା ପରେ ତୁ ପଢ଼ ପଢ଼ିବୁ ।

କମଳା — ଏପରି କ କଥା ଲେଖି ପାରେ ଶଙ୍ଖଧର ! ମୋତେ ଥରେ ଚିଠିଟା ପଢ଼ିବାକୁ ଦେଲୁ ।

ଶଙ୍ଖନାଦ — ନା, ମୁଁ ଏ ଚିଠି ତୋତେ ପଢ଼ିବାକୁ ଦେବି ନାହିଁ । ଏଥିରେ କେବଳ··· ···।

କମଳା — ଶୁକଦେବ ! କହି ପାରିବ, ଏ ଚିଠିରେ କଅଣ ଲେଖାଅଛି ?

ଶୁକଦେବ — ନାଁ ମା, କିଛି ଜାଣେ ନା । ମୋତେ ଏ ଚିଠି ଓ ମୋ ପିଠିରେ ଦଶଟି ପାହାର ଦେଇଛି ।

କମଳା — କି ଆଶ୍ଚର୍ଯ୍ୟ ! ଶଙ୍ଖନାଦ, ମୋତେ ଯଦି ସେ ଚିଠି ପଢ଼ିବାକୁ ନ ଦେଉ, ତେବେ କହ, ସେଥିରେ କଅଣ ଲେଖାଅଛି ।

ମୁକ୍ତାରାମ — ( ପ୍ରବେଶି ) ମୁଁ କହୁଛି କମଳା, ଶଙ୍ଖଧର ଲେଖିଛି, ରାଧାରମଣ ବିନିମୟେ ସିଂହାସନ ପାଇବ, ମାତ୍ର ରାଧାରାଣୀ ବିନିମୟେ ଚାହେଁ ରାଜଲକ୍ଷ୍ମୀ କମଳା, କମଳା ! ନରପିଶାଚ ତୁମକୁ ଚାହେଁ, ମୁଁ ତାକୁ ··· ··· ···।

ଶଙ୍ଖନାଦ — ଯା, ବାବା । ମୋତେ ପଦଧୂଳି ଦେଇ ବିଦାୟ ଦିଅ । ଯେବେ କହର ଅଶୀର୍ବାଦ ଶଙ୍ଖଧରର ତଲଟା କାଟି ଆଣିପାରେ, ତେବେ ତ ଦେଖା, ନୋହିଲେ ଏଇ ଶେଷ ।

( ପ୍ରସ୍ଥାନ )

କମଳା — ଶଙ୍ଖନାଦ ! ଶଙ୍ଖନାଦ ! ! ( କ୍ରନ୍ଦନ )

ରତ୍ନେଶ୍ୱର — ଚୁପ୍ କର କାନ୍ଦଣା, ତୁ ଏତ ତୋତେ କାଟି ଫିଙ୍ଗିଦେଇ ପାରେ, କହ ମୁକ୍ତାରାମ, ବର୍ତ୍ତମାନ ତୁମେ ଯୁଦ୍ଧ ଲାଗି ପ୍ରସ୍ତୁତ କି ନା ?

ମୁକ୍ତାରାମ — ହଁ ପିତା, ମୁଁ ଯୁଦ୍ଧଲାଗି ପ୍ରସ୍ତୁତ ।

କମଳା — ନାଁ ନାଁ ସ୍ୱାମୀ ! ତୁମେ ଯୁଦ୍ଧକୁ ଯାଇପାରିବ ନାହିଁ । କାହିଁକି ? ମୋ କାରଣେ ତୁମେ ତୁମର ପ୍ରଜାଙ୍କ ଭଙ୍ଗ କରିବ ? ମୁଁ ନିଜେ ଯାଇ ଶଙ୍ଖଧରକୁ ପଚାରିବି, ସେ ମୋତେ କି କାରଣେ ଚାହେଁ ? ଯଦି ଯୁଦ୍ଧ କରିବାକୁ ଚାହେଁ ବାବା, ମୁଁ ନିଜେ ଯୁଦ୍ଧ କରିବି । ମୋ ଲାଗି ସହସ୍ର ସହସ୍ର ପ୍ରଜାଙ୍କ ଜୀବନ ନଷ୍ଟ କରିବାକୁ ଦେବି ନାହିଁ । ମୁଁ ରାଜୀ ହେଉଛି,

ବୀଶ୍ୱସ୍ତ ଗୁଦ୍ଧଚ୍ଛୁ, ଆଜ ସୁଦ୍ଧ କ୍ଷେତ୍ରରେ ସ୍ୱାମୀଙ୍କୁ ହରାଇ ମୋର ସୀମନ୍ତର ସିନ୍ଦୂର ରେଖାଟି ଲିଭାଇବ ! ନାଁ ନାଁ, ସ୍ୱାମୀ, ତା ହେବନାହିଁ, ଯାଅ ଯାଅ, ମୋର ଶଙ୍ଖନାଦକୁ ଫେରାଇ ଆଣ, ଶଙ୍ଖନାଦ ! ଶଙ୍ଖନାଦ ! (ପ୍ରସ୍ଥାନ)

( ମୁକ୍ତକାମ ପଛେ ପଛେ ସମସ୍ତେ ପ୍ରସ୍ଥାନ )

—*—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ଧୂମକେତୁ ପ୍ରବେଶ )

ଧୂମକେତୁ—( କପାଳରେ କର ଦେଇ) ହାୟ ! ହାୟ ! କ ବୁଦ୍ଧି କଲି, କ ଭୁଲ୍ କାର୍ଯ୍ୟ କଲି, ଭଗବାନ ମୋତେ କାହିଁକି ଏପରି କୁତ୍ସିତ ରୂପଟିଏ ଦେଇ ଜନ୍ମ ଦେଲେ, ଯାହା ବା କୁତ୍ସିତ ଥିଲି ଥିଲି ପୁଣି ପୋଡ଼ା ଭାଗ୍ୟକୁ ସୁନ୍ଦରୀ ସ୍ତ୍ରୀଟିଏ ପାଇ ଆହୁରି ଲଜ୍ଜିତ ହେବାକୁ ପଡ଼ୁଛି ।

( ନେପଥ୍ୟରେ ଝଲ୍‌କା ସୁନ୍ଦରୀ ଗୀତଟିଏ ଗାଇ ଆସିଲା )

ଝଲ୍‌କା - ଗୀତ

ଏତେ କି ଭାଗ୍ୟ ମୋ ହେବ କି ହେବ ତୁମ୍ଭର ସେବକା
ପ୍ରେମ ଫଳ ଫଳିବ କି ମୋ ଆଶା ଲତାରେ ।
ମରମ ବେଦନା ମୋର କିଏ କେ ପାରିବ ବୁଝି
ତୁମ୍ଭ ବିନା ଅଭାଗୀର କେ ଅଛି ସଂସାରେ ।
ତୁମ୍ଭର ଲାବଣ୍ୟ ଛବି ଆଉ କି ଭୁଲି ପାରିବି
ଯେବେଣେ ଅନାଇଲେ ବସିଯାଅ ମୋ ନେତ୍ରରେ ।

( ଧୂମକେତୁ ପ୍ରତି ) କି ରେ ! ଏଠି କାହିଁକି ଚୂପ୍ ବିନା ବସିଛୁ ?

ଧୂମକେତୁ—ଆଉ କଅଣ କରିବି ଘର ମେଉଁ ମେଉଁ ହେବ ନାଁ କୁକୁର ପରି ଭେଉ ଭେଉ ହେବ ! କଅଣ କରିବ ମୋତେ କିଛି ଦେଉ ନାହିଁ । କଥା କହିଲେ ତ ରାଗିବୁ, କଥା ନ କହିଲେ ତ ରାଗିବୁ । ତା ହେଲେ ମୋତେ କଅଣ କରିବାକୁ ହେବ ତୁ କହିଦେ ।

ଝଲ୍‌କା—ମୋଟ ଉପରେ ମୁଁ ରାଗିବି, କାଟିବି, ମାରିବି, ମୋର ମନ ଖୁସି ଯାହା ତା କରିବି, ତୁ ହସି ହସି ସବୁ ସହ୍ୟ କରିବୁ । ଆଚ୍ଛା, କାହିଁକି ସହ୍ୟ କରିବୁ ତୁ ଜାଣୁ, ଯେ ହେତୁ ମୁଁ ଅପୂର୍ବ ସୁନ୍ଦରୀ, ତୁ ଅତ୍ୟନ୍ତ କୁତ୍ସିତ । ଆଚ୍ଛା, ସତ କହିଲୁ, ମୋପରି ସୁନ୍ଦରୀ ଭଲ ତୁ କେଉଁଠି ଦେଖିଛୁ ?

ଧୂମକେତୁ—ଆଚ୍ଛା ତୁ ସତ କହିଲୁ, ମୋ ପରି କୁତ୍ସିତ ପିଲା ମଣିଷଟିଏ ତୁ ଭଲ କେଉଁଠି ଦେଖିଛୁ ?

ଝଲ୍‌କା—ତୋ ମୁଣ୍ଡ ପୋଡ଼ୁ ।

ଧୂମ—ତୋ ଗୋଡ଼ ପୋଡ଼ୁ !

ଝଲ୍‌କା—ଏ କଅଣ ଗୋଟାଏ ଗାଳି ?

ଧୂମ—ମୋତେ ତ ଗୋଟାଏ କିଛି କହିବାକୁ ହେବ ? କଥା କହିଲେ ତ ରାଗିବୁ, କଥା ନ କହିଲେ ତ ରାଗିବୁ ।

ଝଲ୍‌କା—ଆଚ୍ଛା ଶୁଣ୍, ମୁଁ ତୋତେ ଗୋଟାଏ କଥା କହିବି, ତୁ ସିନା ଟଙ୍କା ଜୋରରେ ମୋର ସର୍ବନାଶ କରିଛୁ ।

ଧୂମ—ତୁ ଯେ ରୂପ ଜୋରରେ ମୋର ଯଥାସର୍ବସ୍ୱ କାଢ଼ି ନେଇଛୁ ।

ଝଲ୍‌କା—ତୁ ମୋତେ ବିବାହ କଲେ ସୁଦ୍ଧା ତୁ ମୋର ସ୍ୱାମୀ ନୋହୁ । ମୁଁ ସୁନ୍ଦରୀ-ତୁ କୁତ୍ସିତ । ମୁଁ ବିଦୁଷୀ-ତୁ ମୂର୍ଖ, ମୁଁ ଜ୍ୟୋତ୍ସ୍ନା-ତୁ ଅନ୍ଧକାର । ମୁଁ ମନ୍ଦର-ତୁ କୁଡ଼ିଆ, ମୁଁ ନର୍ତ୍ତ-ତୁ ନର୍ଦ୍ଦମା ।

ଧୂମ—ଛି ! ଛି ! ମୁଁ ନର୍ଦ୍ଦମା, ଆଚ୍ଛା, ଆଚ୍ଛା କେଣ୍ କଥା ମୁଁ ପୁରୁଷ-ତୁ ନାରୀ, ମୁଁ ଶିବ-ତୁ ଦୁର୍ଗା । ମୋର ଏ ନଶ ଦାଢ଼ି ଉଠେ କାଲୁ ତୋର ସେତକ ନାହିଁ ।

ଝଲ୍‌କା—ଆଉ—

ଧୂମ - ତୁ ଯାହା କହିଲୁ ମୁଁ ସେଇଆ କହିଲି---ଆଉ !

ଝଲ୍‌କା—ମୋଟ ଉପରେ ମୁଁ ତୋତେ ସ୍ୱାମୀ ବୋଲି ସ୍ୱୀକାର କରିବ ନାହିଁ, ତୋର ମୋର ଆକାଶ ପାତାଳ ପ୍ରଭେଦ ।

ଧୂମ—ତା ହେଲେ ମୋତେ ସ୍ୱାମୀ ବୋଲି ସ୍ୱୀକାର କର, ମୁଁ ଓଢ଼ଣୀ ଦେଇ ବୋହୂ ହେଉଛି । ଜାଣିଛୁ ତ

ଶକ୍ତିଧର ଯେଉଁ ପୋଡ଼ାମୁହିଁ ନାଗିମାକୁ ବିବାହ କରିବାକୁ ସ୍ଥିର କରିଛି, ଆଜି ମୋ ରୂପ ଯେବେ ଆଖିରେ ପଡ଼ିବ ତେବେ ମୋତେ···

ଝଲ୍‌କା—ତୋତେ ? ଶକ୍ତିଧର ପୋଡ଼ାମୁହିଁ ନାଗିମାକୁ କାହିଁକି ବିବାହ କରିବାକୁ ବସିଛି ତା ଜାଣୁ ?

ଧୂମ—ଆଚ୍ଛା, ତୁ କଅଣ ଜାଣୁ କହ ତ ।

ଝଲ୍‌କା—ରାଜା ଶକ୍ତିଧରର ଜାତି ଠିକ୍ ନାହିଁ, ସେଥିଲାଗି ତାକୁ କେହି କନ୍ୟା ଦେବାକୁ ରାଜି ହେଉ ନାହାନ୍ତି । ତେଣୁ ଜୋର କରି ଏହି ପୋଡ଼ାମୁହିଁ ନାଗିମାକୁ ବିବାହ କରୁଛି ।

ଧୂମ—ଆଚ୍ଛା, ଜୋର କରି ଯଦି ବିବାହ କରୁଅଛି, ଚନ୍ଦ୍ରବର୍ମ୍ମଙ୍କ ଝିଅଟି ତ ଭାରି ସୁନ୍ଦରୀ, ତାକୁ କାହିଁକି ଅଗ୍ରାହ୍ୟ କଲା ?

ଝଲ୍‌କା—ଶୁଣିଛି, ଶକ୍ତିଧର ଅତି ସୁପୁରୁଷ । ଚନ୍ଦ୍ରବର୍ମ୍ମର କନ୍ୟାଟି ଅତି ସୁନ୍ଦରୀ ହେଲେ ମଧ୍ୟ ଶକ୍ତିଧରକୁ ସ୍ୱାମୀ ରୂପରେ ବରଣ କରିବ ନାହିଁ । ମୁଁ ଆଜି ଯଦି ଜମାଇ ଥାନ୍ତି·····ତୁ ଠକା ଜୋରରେ ମୋର କି ସର୍ବନାଶ କରିଛୁ ?

ଧୂମ—ତୁ ଯେ ରୂପ ଜୋରରେ ମୋତେ କିଣି କରି ରଖିଛୁ ।

ଝଲ୍‌କା—ଅଚ୍ଛା ଯାଉ, ଥରେ ରାଜବାଟୀକୁ ଯିବା ।

ଧୂମ—ମତଲବ ?

ଝଲ୍‌କା—ମତଲବ୍ ଆଉ କଅଣ ? ସେ ମୋତେ ଦେଖିଲେ, ମୋ ରୂପ ଥରେ ତା ଆଖିରେ ପଡ଼ିଲେ ନିଶ୍ଚୟ ସେ ମୋତେ ବିବାହ କରିବାକୁ ଇଚ୍ଛା କରିବ । ତୋ ସଙ୍ଗେ ମୋର ବିବାହ ହେବାର କୌଣସି ପ୍ରମାଣ ନାହିଁ ।

ଧୂମ—ହାଇ ରେ କପାଳ, କି ଭୁଲ କମ୍ମ କଲି ! ବିବାହ ବେଳେ ଦୁଇ ଡଜନ ଉକିଲ ବସାଇ ରେଜେଷ୍ଟ୍ରୀ ମୋହରଟା ବାଡ଼େଇ ଦେଇଥିଲେ କଥାଟା ପକ୍କା ହୋଇଯାଇଥାନ୍ତା, ମୁଁ ତ ବୁଡ଼ିଛି, ହେଁ ହେଁ ହେଁ ।

ଝଲ୍‌କା—ଚୁପ୍ ଚୁପ୍, ପାଟି କର ନା, ଶୁଣ । ମୁଁ ତୋତେ ଗୋଟାଏ କଥା କହୁଛି, ମୋ ସୁନାଟା ଯାଉ, ମୋ ଧନଟା ଯାଉ; ଯା ଯା, ଘରକୁ ଫେରି ଯା ।

କାହିଁକି ସେପରି ପାଗଳାମି କରୁଛୁ ? ମୁଁ ରାଣୀ ହେଲେ ତୋତେ ଖୁବ୍ ଠକା ପଇସା ସାହାଯ୍ୟ କରିବି । ମୋର ଏ ଗହଣାଗୁଡ଼ାକ ଫେରାଇ ଆଣି ଧନ ଲାଗି ଚଳିବୁ । ତୁ ଏ କଥା ବୁଝୁ ନାହୁଁ କାହିଁକି ?

ଧୂମ—ଆଚ୍ଛା, ତୁ ଯେ ବଳେ ବଳେ ଗୃହିଣୀ ହୋଇ ବିବାହ କରିବୁ, ଲୋକେ ତୋତେ ନିନ୍ଦା କରିବେ ନାହିଁ ?

ଝଲ୍‌କା—ମୁଁ ତ ତୋ ପରି ମୂର୍ଖ ନୁହେଁ । ଶକ୍ତିଧର ଯେତେବେଳେ ପୋଡ଼ାମୁହିଁ ନାଗିମାକୁ ପସନ୍ଦ କରିଛି, ମୋ ରୂପ ଥରେ ତା ଆଖି ଆଗରେ ପଡ଼ିଲେ ସେ ପାଗଳ ହୋଇଯିବ । ଆଉ ମୋତେ ବିବାହ କରିବାକୁ ଜବରଦସ୍ତି କରିବ, ସେତେବେଳେ ମୁଁ କାନ୍ଦି କାନ୍ଦି କହିବି, ମୋର ସ୍ୱାମୀ ଅଛି, ମୋର ସଂସାର ଅଛି ! ମୁଁ ତାକୁ କଅଣ କହିବି ଶୁଣ୍ ।

ଗୀତ

ମୁଁ ସତୀ ପତିବ୍ରତା ନାରୀ

ପତି ମୋ ପରମ ଗୁରୁ ମୁହିଁ ସେବିକା ତାହାରି ।
ପତି ପାଦୋଦକ ବିନା ନାହିଁ ମୋ ଅନ୍ୟ କାମନା
ହେଉ ସେ ଅତି କୁତ୍ସିତ ମୁହିଁ ତାର ପାଦେ ପଡ଼ି ।

ଏ କାନ୍ଦଣା ମୋର ଲୋକେ ଶୁଣିଲେ ଜାଣିବେ ଯେ, ମୋର ଇଚ୍ଛା ଆଦୌ ନାହିଁ, ଅଥଚ ଶକ୍ତିଧର ଯୋର କରି ବିବାହ ହୋଇପଡ଼ୁଛି । ସେଇଠୁ···

ଧୂମ—ସେଇଠୁ—ମୁଁ ରାଜା ମୁଣ୍ଡରେ ଠେଙ୍ଗାଏ ଦେବି ନାହିଁ ?

ଝଲ୍‌କା—ଆହା, ଯେଉଁ ସାହ ତ ? ଚାଲ ଚାଲ ରାଜବାଟୀକି ଯିବା ।

ଧୂମ—ତୁ କଅଣ ମୋତେ ଏ ମଝି ଦରିଆରେ ଭସାଇ ଦେଇ ଯିବୁ ? ନା, ମୁଁ ତୋତେ ଛାଡ଼ିବି ନାହିଁ ।

ଝଲ୍‌କା— ଗୀତ

ଆଉ ଜଳାନା ମୋତେ ତୁ ଚୁଲିପଶା
ଅକାରଣେ ତୋର ହାତଟା ଧରି
ଦାଣ୍ଡରେ ହେଉଛି ଲୋକହସା

ଧୂମ—ମିଛେ ମୋତେ ଦେ-ନା ଗାଳି
ଜଲ୍‌କା—ଲୁଟା ମୋର ଗାତ ନା ତୁଳି
ଧୂମ—କାଇଲି କସୁର ମାଫକର ମୋର
ଗ୍ରହ ଦେ ତୋର ଆଡ଼ୁଆସା ।
ଧୂମ—କବା ଦୋଷେ କରୁଛ ପର
ଜଲ୍‌କା—କରବ ମୁଁ ନୂଆ ସଂସାର
ଧୂମ—ପୁରୁଣା ଖଣ୍ଡିକ ବଢ଼ ମ ଡ଼ୁଷରି ନୂଆରେ ଠକବୁ ନଷ୍ଟେ ଯୋଷା ।
ଧୂମ—ନୂଆ ପ୍ରୀତି ଅଡ଼ାଇ ଦିନ
ଜଲକା—ପୁରୁଣା ପାଲଟା ବସନ
ଧୂମ - ନୂଆରେ କରିବୁ ମୁହିଁ ପୋଛୁ ପୋଛୁ ପୁରୁଣା ହୋଇବ ଗୋଡ଼ୁ ସଷା ।
( ଗୀତାନ୍ତେ ଜଲ୍‌କା ଖୁଲଗଲ୍, ଧୂମକେତୁ ପଶ୍ଚାତେ ଧାବନ )

—*—

## ଦ୍ୱିତୀୟ ଦୃଶ୍ୟ

(ଚୂଡ଼ାମଣି, ତର୍କରତ୍ନ, ନ୍ୟାୟାଳଙ୍କାର, ସ୍ମୃତିଭୂଷଣ)

ତର୍କରତ୍ନ—ନାହିଁ, ନାହିଁ ! ହେ ଚୂଡ଼ାମଣି ତୁମ୍ଭର ଏ ପ୍ରସ୍ତାବ ନିତାନ୍ତ ଅଯୁକ୍ତି ସଙ୍ଗତ ।

ଚୂଡ଼ାମଣି—ବିବେଚନା କରି ଦେଖନ୍ତୁ, ଶଙ୍ଖଧରର ବଂଶ ପରିଚୟ ଯେତେବେଳେ ଆମ୍ଭମାନଙ୍କୁ ଅଜ୍ଞାତ ସେତେବେଳେ ତାକୁ ଅବ୍ରାହ୍ମଣ କହିବା ତ ଠିକ୍ ନୁହେଁ ।

ତର୍କରତ୍ନ—ତେବେ ତାକୁ କଅଣ ବ୍ରାହ୍ମଣ ବୋଲି ସ୍ୱୀକାର କରିବାକୁ ହେବ ?

ନ୍ୟାୟାଳଙ୍କାର—ଆହେ ତର୍କରତ୍ନ ମହାଶୟ, ଶୁଣ, ଚୂଡ଼ାମଣିଙ୍କ ବକ୍ତବ୍ୟଟା ମୁଁ ତୁମ୍ଭକୁ ବୁଝାଇ ଦେଉଛି । ଅଜ୍ଞାତ ପରିଚୟର ଲକ୍ଷଣାଦି ବିଚାର ପୂର୍ବକ ବର୍ଣ୍ଣ ନିରୂପଣ କରିବା ଅସଙ୍ଗତ ଓ ଅସମ୍ଭବ ନୁହେଁ । ଆମ୍ଭମାନଙ୍କ ଧର୍ମଗ୍ରନ୍ଥରେ ଏପରି କେତେକଟା ଦୃଷ୍ଟାନ୍ତ ମଧ୍ୟ ଅଛି ।

ତର୍କରତ୍ନ—ତେବେ ଆପଣ କହିବାକୁ ଚାହାନ୍ତି, ଆମ୍ଭେମାନେ ଶଙ୍ଖଧରକୁ ବ୍ରାହ୍ମଣ ବୋଲି ସ୍ୱୀକାର କରିବୁ ?

ନ୍ୟାୟାଳଙ୍କାର—କ୍ଷତି କଅଣ ? ଶଙ୍ଖଧର ସୁପୁରୁଷ, ତାର ବର୍ଣ୍ଣ ଅତି ଉଜ୍ଜ୍ୱଳ ଗୌର, ଲଲାଟ ପ୍ରଶସ୍ତ, ନାସାଗ୍ରଭାଗ କୁଞ୍ଚିତ, ଏ ସବୁ ଦେଖିଲେ ବୁଝାଯାଏ ସେ କୌଣସି ନୀଚ ବଂଶରେ ଜନ୍ମ ଗ୍ରହଣ କରି ନାହିଁ ବରଂ ଆମ୍ଭ ଚୂଡ଼ାମଣିଙ୍କ କନ୍ୟା ଶ୍ରୀମତୀ ନାଗିନୀ ଯେ କେଉଁ ବର୍ଣ୍ଣର ସମ୍ଭୂତା ତାହା ନିରୂପଣ କରିବା କଠିନ ହୋଇପାରେ । ହେଁ ହେଁ ହେଁ ହେଁ, ଆପଣମାନେ କିଛି ମନେ କରିବେ ନାହିଁ । ଚୂଡ଼ାମଣି ଆମ୍ଭର ସମ୍ବନ୍ଧୀ କି ନା, ସେଥିଲାଗି ପରିହାସରେ ହେଁ ହେଁ ହେଁ ହେଁ !

ସ୍ମୃତିଭୂଷଣ—ମହାଶୟ ! ନାଗିନୀ ଯେ ଚୂଡ଼ାମଣିଙ୍କ କନ୍ୟା ଏ ଘଟନାଟା ଆମ୍ଭର ଦୃଷ୍ଟୀଭୂତ ଓ ପ୍ରକାଶ, ପକ୍ଷାନ୍ତରେ ଶଙ୍ଖଧରର ଜନ୍ମ ବୃତ୍ତାନ୍ତ ଆମ୍ଭମାନଙ୍କୁ ସମ୍ପୂର୍ଣ୍ଣ ଅଜ୍ଞାତ ଓ ଅପ୍ରତ୍ୟକ୍ଷ । ଅତଏବ ତାର ବ୍ରାହ୍ମଣତ୍ୱର ଦାବି ସମ୍ପୂର୍ଣ୍ଣ ଅସମ୍ଭବ ।

ନ୍ୟାୟାଳଙ୍କାର—ଆହେ ସ୍ମୃତିଭୂଷଣ, ତୁମ୍ଭେ ତ ପିଲା ଲୋକ, ଆମ୍ଭପରି ଜଣେ ପ୍ରାଚୀନ ନ୍ୟାୟବାଗୀଶ ସମ୍ମୁଖରେ ପ୍ରତ୍ୟକ୍ଷାପ୍ରତ୍ୟକ୍ଷ ବିଚାର କରିବା ଅତି ସହଜରେ ନିଷ୍ପତ୍ତି ହୋଇପାରେ ନା, ଶ୍ରୀମତୀ ଯେ ଆମ୍ଭର ଚୂଡ଼ାମଣିଙ୍କ ବ୍ରାହ୍ମଣୀଙ୍କ ଗର୍ଭଜାତା ମାତ୍ର ଟିକେ ପ୍ରକାଶ ହୋଇପାରେ କିନ୍ତୁ ତଦୂର୍ଦ୍ଧ୍ୱେ ଆଉ ବେଶି କିଛି······ହେଁ ହେଁ ହଁ ହେଁ

ତର୍କରତ୍ନ—ଶୁଣନ୍ତୁ ଶୁଣନ୍ତୁ, ନ୍ୟାୟାଳଙ୍କାର ମହାଶୟ ! ଆପଣ ପ୍ରାଚୀନ ଓ ବହୁଦର୍ଶୀ । ଏପରି ବିବାହରେ ଆମ୍ଭେମାନେ ସମ୍ମତି ପ୍ରଦାନ କରିବା କି ? ତା କେବେ ନୁହେଁ ।

ନ୍ୟାୟ—ହେଁ ହେଁ ହେଁ ହେଁ, ସମ୍ମତି ପ୍ରଦାନ କରିବ ନାହିଁ, ଏ କଥା ତ ଜାଣୁ, କିନ୍ତୁ ଶଙ୍ଖଧର ଯେ ଆଦାୟ ନ କରି ଛାଡ଼ିବ ଏକଥା ମଧ୍ୟ ଜାଣୁ । ମୋଟ ଉପରେ ଆଦାୟ କରି ନେବାଟା ଯେଉଁ

ପାତ୍ରେ ସୁନିଶ୍ଚିତ, ସେଠାରେ ପ୍ରଦାନ କରିଦେବା ତ ବୁଦ୍ଧିମାନର କାର୍ଯ୍ୟ । କଅଣ କହୁଛନ୍ତି ଚୂଡ଼ାମଣି ?

ତର୍କରତ୍ନ—ମୋ ମତରେ ଚୂଡ଼ାମଣି ତାଙ୍କର କନ୍ୟାକୁ ସ୍ଥାନାନ୍ତରକୁ ପଠାଇଦିଅନ୍ତୁ ।

ନ୍ୟାୟାଳଙ୍କାର—ନାହିଁ ନାହିଁ, ନା ଚୂଡ଼ାମଣି, ତଦ୍ଦ୍ୱାରା ତୁମ୍ଭର ସମୂହ ବିପଦ ଉପସ୍ଥିତ ହୋଇପାରେ । ଶଙ୍ଖଧରକୁ ତ ଜାଣ, ସେ ଯଦି ନାଗିମାକୁ ନ ପାଏ, ତେବେ ଚୂଡ଼ାମଣିଙ୍କ ଗୃହିଣୀଙ୍କୁ ବିବାହ କରିବାକୁ ଜୋର କରିପାରେ । ଅତଏବ ତୁମ୍ଭର ସର୍ବନାଶ ହୋଇ ଯିବ ।

ଚୂଡ଼ାମଣି—ସେ ତ ଆଜି ବିବାହ କରିବାକୁ ଆସିବ, ମୋତେ ଉପାୟ କଅଣ କହନ୍ତୁ ।

( ଛଦ୍ମବେଶୀ ଶଙ୍ଖଧର ପ୍ରବେଶ )

ଆପଣମାନଙ୍କର ଅନୁମତି ହେଲେ ମୁଁ ଗୋଟାଏ ପ୍ରସ୍ତାବ ଆଗତ କରିବାକୁ ଚାହେଁ ।

ନ୍ୟାୟ—କିଏ ଏ ଭଦ୍ରଲୋକ !

ଛଦ୍ମବେଶୀ—ମୁଁ ଜଣେ ଆଗନ୍ତୁକ ଅତିଥି ବ୍ରାହ୍ମଣ ।

ନ୍ୟାୟ—ବସନ୍ତୁ, ବସନ୍ତୁ, ଆପଣଙ୍କ ପ୍ରସ୍ତାବଟା ଆମେ ଶୁଣୁ—

ଛଦ୍ମ—ଏ ସବୁ ଯାହା ଘଟଣା ଘଟିଛି, ଆମ୍ଭେ ସମସ୍ତ ଜାଣିପାରି ଏଠାକୁ ଆସିଛୁ । ପ୍ରଥମେ ପଚାରୁଛି ଏଠାରେ ବିବାହ ଉପଯୁକ୍ତ କେହି ସତ୍ପାତ୍ର ଉପସ୍ଥିତ ଅଛନ୍ତି କି ନା ?

ନ୍ୟାୟ—ହଁ ହଁ ହଁ ନାହାନ୍ତି କଅଣ, ଏହି ତର୍କରତ୍ନଙ୍କ ପୁତ୍ର ସର୍ବେଶ୍ୱର ସୁ ଭୂଷଣ ଏ ଗାଁର ଗୋଟିଏ ଉପଯୁକ୍ତ ପାତ୍ର ।

ଛଦ୍ମ—ତେବେ ବିବାହଟା ଏହି ସୁ ଭୂଷଣଙ୍କ ସଙ୍ଗେ ହେଲେ ତ ।

ନ୍ୟାୟ—ସୁପ୍ରସ୍ତାବ ! ସୁପ୍ରସ୍ତାବ !

ତର୍କରତ୍ନ—କ୍ଷମନ୍ତୁ ନ୍ୟାୟାଳଙ୍କାର ମହାଶୟ ! ନାନା, ଏ ପ୍ରସ୍ତାବଟା ଆଉ ଚଳିବ ନାହିଁ । ଚୂଡ଼ାମଣିଙ୍କ କନ୍ୟା ଚୋରର କବଳ ରୂପା ହୋଇ ଯାଇଛି, ତାକୁ ଆମ୍ଭର ସର୍ବେଶ୍ୱରକୁ ବିବାହ କରି—ନା, ନା, ନା ।

ଛଦ୍ମ—ସୁ ଭୂଷଣ ମହାଶୟ ! ନବ୍ୟଯୁବକ ଜଣେ ବ୍ରାହ୍ମଣର ଜାତି ଧର୍ମ ରକ୍ଷା କରନ୍ତୁ ।

ସୁ ଭୂଷଣ—ଆପଣ କି ରକମ ଭଦ୍ରଲୋକ, ବିବାହ କାର୍ଯ୍ୟରେ ପିତୃ ଆଜ୍ଞା ପାଳନ କରିବା ସନ୍ତାନର କର୍ତ୍ତବ୍ୟ ।

ଛଦ୍ମ—ହଁ, ଏ କ୍ଷେତ୍ରରେ କନ୍ୟାଟି ଯେତେବେଳେ ଅସୁନ୍ଦରୀ, ପିତାଙ୍କ ପାଳନ କରି ବିଧେୟ, କିନ୍ତୁ ସୁନ୍ଦରୀଟିଏ ହୋଇଥିଲେ ପାଳନ କରିବାକୁ ପଡ଼ନ୍ତା କି ନାହିଁ ବିଶେଷତଃ ଏ ଯୁଗପ୍ରଭାବ ।

ନ୍ୟାୟ—ଆପଣ ତ ବେଶ ସୁରସିକ ଦେଖୁଛି (ଏ ସମୟରେ ରାଜା ରତ୍ନେଶ୍ୱର ପହଞ୍ଚିଲେ)

ରତ୍ନେଶ୍ୱର—ଆପଣମାନେ କଅଣ ଠିକ୍ କଲେ ?

ଚୂଡ଼ାମଣି—ଆଉ କଣ ଠିକ୍ କରିବୁ, ଆପଣଙ୍କର ଜାମାତା ମୁକ୍ତିକାମ ଯେତେବେଳେ ରାଜା ଥିଲେ, ସେତେବେଳେ ଦେଶରେ ଶାନ୍ତି ଥିଲା, ବ୍ରାହ୍ମଣର ବ୍ରହ୍ମତ୍ୱ ଥିଲା । ବର୍ତ୍ତମାନ ସେ ରାମ ନାହିଁ କି ସେ ଅଯୋଧ୍ୟା ନାହିଁ ।

ନ୍ୟାୟ—ତା ତ ସତ, ବର୍ତ୍ତମାନ ଯେ ରକ୍ଷକ ସେ ଭକ୍ଷକ ହେଲେଣି, ତେବେ ଏ ବିଦେଶୀ ଭଦ୍ରଲୋକଟି ଗୋଟିଏ ପ୍ରସ୍ତାବ ଆଗତ କରିଛନ୍ତି ।

ତର୍କ—ସେ ସବୁ ବାଜେ ପ୍ରସ୍ତାବ ଥାଉ । ଭାବ ଦେଖ, ନ୍ୟାୟାଳଙ୍କାର ମହାଶୟ ! ଶଙ୍ଖଧର କି ଅତ୍ୟାଚାରୀ !

ରତ୍ନେଶ୍ୱର—ଆଚ୍ଛା ଚୂଡ଼ାମଣି ମହାଶୟ ! ଆପଣଙ୍କ କନ୍ୟାକୁ ଟିକେ ଏଠାକୁ ଡାକି ପାରିବେ କି ? ମୁଁ ତାକୁ ଦିଟା ଗୋଟାଏ କଥା ପଚାରିବି ।

ନ୍ୟାୟ—ଆପଣ ଟିକେ ବସି ଯାଇଥାନ୍ତେ···

ରତ୍ନେଶ୍ୱର—ନା ନା, ମୁଁ ଛିଡ଼ା ଛିଡ଼ା ବୁଲିପିବି, କଅଣ କହୁଛ ଚୂଡ଼ାମଣି ।

ଚୂଡ଼ାମଣି—ଡାକିପାରେ, ଆପଣ ହେଉଛନ୍ତି ବୟୋଜ୍ୟେଷ୍ଠ । ଏମାନେ ତ ହେଉଛନ୍ତି ପଣ୍ଡିତଶିରୋମଣି, କ୍ଷତି କଅଣ ? (ପ୍ରକାଶ୍ୟେ) ଆଇଲୁ ମା ନାଗିମା—

(ନାଗିମା ପ୍ରବେଶ କରଯୋଡ଼ି ଠିଆ ହେଲା)

ରତ୍ନେଶ୍ୱର — ମା' ତୁ ବୋଧହୁଏ ସବୁ ଜାଣୁ। ଆଜ ରାତରେ ଶଙ୍ଖଧର ତୋତେ ଯୋର କରି ରାକ୍ଷସ ମତେ ବିବାହ କରିବ। ତୁ ବ୍ରାହ୍ମଣ କନ୍ୟା, ତୋର ଜାତିକୁଳ ଧ୍ୱଂସ କରିବ। ତୁ ଇଚ୍ଛା କଲେ ତାକୁ ସମୁଚିତ ଶାସ୍ତି ଦେଇପାରୁ।

ନାଗିନୀ — ମୁଁ —

ରତ୍ନେଶ୍ୱର — ହଁ ତୁ, ତୋର ପିତାକୁ ସେ ଅପମାନିତ କରିବ, ତୋର ଜାତି ଧ୍ୱଂସ କରିବ ତୁ ତାକୁ କ୍ଷମା ଦେଇ ପାରୁ ନା —

ନାଗିନୀ — କି ଶାସ୍ତି କପରି ଦେବେ ?

ରତ୍ନେଶ୍ୱର — ନେ ଏ ଛୁରିକା ଖଣ୍ଡ, ତୋ ପାଖରେ ରଖ। ଆଜ ବିବାହବାସରେ ତାର ବକ୍ଷ ସ୍ଥଳରେ ବିଦ୍ଧ କରିବୁ।

ନାଗିନୀ — ମୁଁ ସ୍ତ୍ରୀ ଲୋକ, ମୋ ଦ୍ୱାରା ଗୋଟାଏ ପୈଶାଚିକ ହତ୍ୟାକାଣ୍ଡ ଘଟାଇବାକୁ ଚାହାନ୍ତି କାହିଁକି ? ଆପଣ ରାଜା, ଆପଣ ତାର ପ୍ରତିକାର ବ୍ୟବସ୍ଥା କରନ୍ତୁ।

ରତ୍ନେଶ୍ୱର — ଏତେ ଅଳ୍ପ ସମୟ ମଧ୍ୟରେ ଅନ୍ୟ କୌଣସି ଉପାୟ ନାହିଁ ମା, ସେ ବର୍ତ୍ତମାନ ରାଜା, ତାର ଅର୍ଥବଳ ଓ ଲୋକବଳ ଖୁବ୍ ବେଶି। ସେ ସଦଳବଳେ ଏଠାକୁ ଆସିପାରେ।

ନାଗିନୀ — ସେଥିଲାଗି ମୋ ଦ୍ୱାରା ଗୋଟାଏ ଘାତ ବିଶ୍ୱାସ-ଘାତକ କାର୍ଯ୍ୟ କରିବାକୁ ଚାହାଁନ୍ତି।

ରତ୍ନେଶ୍ୱର — ବୁଝି ଦେଖ ମା, ଏହାଛଡ଼ା ଅନ୍ୟ ଉପାୟ କିଛି ନାହିଁ। ସ୍ତ୍ରୀ ଲୋକ ପକ୍ଷେ ଜାତି ଓ ଧର୍ମ ରକ୍ଷା କରିବା ପାଇଁ ଏ ଭଳି କାର୍ଯ୍ୟକରିବା କିଛି ଅଗୌରବର କଥା ନୁହେଁ।

ନାଗିନୀ — ବେଶ୍, ତା ହେଲେ ଛୁରିଖଣ୍ଡିକ ମୋତେ ଦିଅନ୍ତୁ। ଅନ୍ୟ ଯେବେ କୌଣସି ଉପାୟ ନ ପାଏ, ତେବେ ମୁଁ ନିଜେ ଆତ୍ମହତ୍ୟା କରିବି କିନ୍ତୁ ସେ ଦେବତାର ବକ୍ଷରେ ଛୁରି ମାରିପାରିବି ନାହିଁ।

ରତ୍ନେଶ୍ୱର — କିଏ ଦେବତା ? ଶଙ୍ଖଧର !

ନାଗିନୀ — ସେ ଯେ ଦେବତା ଏଥିରେ କୌଣସି ସନ୍ଦେହ ନାହିଁ। ମୁଁ ପତିତା ଲୁଣ୍ଠିତା ବୋଲି କେହି ମୋତେ ଗ୍ରହଣ କଲେ ନାହିଁ। ଏ ବୟସରେ ମୁଁ ଅବିବାହିତା, ଅନେକ ଶିକ୍ଷିତ ମହାପୁରୁଷ ମୋତେ ବିବାହ କରିବାଲାଗି ଆସିଛନ୍ତି; କିନ୍ତୁ ସୁଦ୍ ଘୃଣାରେ ମୁଖ ଫେରାଇ ଚାଲିଯାଇଛନ୍ତି। ମୁଁ ଲଜ୍ଜାରେ ମାଟି ସହିତ ମିଶି ଯାଇଛି।

ରତ୍ନେଶ୍ୱର — ତୁ କି ମନେକରୁ ନାଗିନୀ, ଶଙ୍ଖଧର ତୋତେ ବିବାହ କରିବ ?

ନାଗିନୀ — ହଁ ବିଶ୍ୱାସ କରେ, କାହିଁକି ଯେ ବିଶ୍ୱାସ କରେ ତାର ଯଥେଷ୍ଟ କାରଣ ଅଛି, ତା ଏଠାରେ ଆଲୋଚନା କଲେ ବ୍ୟକ୍ତିବିଶେଷ ଅପ୍ରିୟ ହେବ।

ରତ୍ନେଶ୍ୱର — ତା ହେଉ, ଆମ୍ଭେମାନେ ଶୁଣିବାକୁ ଚାହୁଁ।

ନାଗିନୀ — ଏଇ ଦେଖନ୍ତୁ, ତର୍କରତ୍ନ ମହାଶୟଙ୍କ ମୁଖ ଶୁଖିଯାଇଛି, ସେ ଶଙ୍ଖଧରକୁ ବ୍ରାହ୍ମଣ ବୋଲି ସ୍ୱୀକାର କରନ୍ତି ନାହିଁ ସତ; କିନ୍ତୁ ଆପଣଙ୍କ କନ୍ୟାଟିକୁ ବିବାହ ଦେବେ ବୋଲି ମଧ୍ୟସ୍ଥି ଦ୍ୱାରା ଉପହାର ପଠାଇଥିଲେ।

ତର୍କରତ୍ନ — କିଏ କହିଲା, କିଏ କହିଲା।

ନାଗିନୀ — ଆପଣଙ୍କ କନ୍ୟା ମୁହଁରୁ ଶୁଣିଛି। ଆଉ ମଧ୍ୟ ଏ କଥା ଶୁଣିଛି ଯେ, ଆପଣଙ୍କ କନ୍ୟାଟି ଅତ୍ୟନ୍ତ ସୁନ୍ଦରୀ ଯୋଗୁଁ ଶଙ୍ଖଧର ବିବାହ କରିବାକୁ ଅସ୍ୱୀକୃତ ହୋଇଛନ୍ତି। ସେ ସୁନ୍ଦରୀର ସ୍ପର୍ଦ୍ଧା ବଢ଼ାଇବାକୁ ଚାହାନ୍ତି ନାହିଁ, କୁରୂପାର ଗ୍ଲାନି ଦୂର କରିବାକୁ ଚାହାନ୍ତି।

ତର୍କରତ୍ନ — ( ସକ୍ରୋଧେ ) ଏ ମାଇକିନିଆଟା ବଡ଼ ମିଥ୍ୟାବାଦୀ ହେ, ଚୂଡ଼ାମଣି କନ୍ୟାର ରୂପଟି ଯେ ରକମ, ଗୁଣ ବି ତତୋଽଧିକ। ଛି ଛି ଛି।

ନାଗିନୀ — ସେଇ ହେତୁରୁ ମୋର ବିଶ୍ୱାସ ଶଙ୍ଖଧର ଦେବତା, ଆପଣଙ୍କ ସୁନ୍ଦରୀ କନ୍ୟାକୁ ଅଗ୍ରାହ୍ୟ କଲେ ଆଉ ମୋ ପରି କୁରୂପ ଘୃଣିତାକୁ ବିବାହ କରିବାକୁ ଚାହାନ୍ତି କାହିଁକି ?

ଚୂଡ଼ାମଣି — କିଏ କହେ ନାଗିନୀ ତୁମେ ରୂପ ଗୁଣ ହୀନା। ତୁମ୍ଭେ ଆଜ ମୋ ଚକ୍ଷୁରେ ଅଦ୍ୱିତୀୟା

ହୋଇଉଠିଛ । ମୁଁ ତୁମ୍ଭକୁ ବିବାହ କରିବାକୁ ଚାହେଁ, ଆଜି ରାଣୀ କରି ସିଂହାସନରେ ବସାଇବାକୁ ଇଚ୍ଛାକରେ ।

ରତ୍ନେଶ୍ୱର— ସକ୍ରୋଧେ) କିଏ ତୁ ।

ଛଦ୍ମବେଶୀ— ମୁଁ ରଜା ଶକ୍ତିଧର ।

ରତ୍ନେଶ୍ୱର—(ତରବାରି ବାହାର କଲା)

ଶକ୍ତିଧର—ସାବଧାନ ଦୁଷ୍ଟ ଜନ, ମୋ ଦେହ ଆକ୍ରମଣ କରିବାକୁ କୌଣସି ସାହସ କର ନାହିଁ । କନ୍ୟା ନାଗିନୀ ମନ୍ତ୍ରୀ କନ୍ୟା ମୋତେ ବିବାହ ହେବାକୁ ଇଚ୍ଛା କଲା । ମୋତେ କି ରାଣୀ ହୋଇ ସିଂହାସନରେ ବସିବାକୁ ଇଚ୍ଛା କରି କହ, କାହାର ଶକ୍ତି ନାହିଁ ଯେ ଏ ବିବାହରେ ବାଧା ଦେଇପାରେ ।

(ସୈନ୍ୟମାନେ ଭୟରେ ଅନ୍ତର୍ହିତ ହେଲେ ରଜା ମଣ୍ଡନ)

ନାଗିନୀ—ଦେବତା ! ମୁଁ ଆପଣଙ୍କ ପଦତଳେ କରଯୋଡ଼ି ପ୍ରାର୍ଥନା କରି କହୁଛି, ଏ ଚରଣଉପେକ୍ଷିତା ନାଗିନୀକୁ ଯେଉଁ ସମ୍ମାନ ଦେବାକୁ ଇଚ୍ଛା କରିଛନ୍ତି, ତହିଁକି ମୁଁ ନିତାନ୍ତ ଅନୁପଯୁକ୍ତା । ତଥାପି ଆପଣଙ୍କ ଦୟାର ନିଦର୍ଶନ ପାଇଁ ଆପଣଙ୍କ ମୂର୍ତ୍ତିକୁ ହୃଦୟରେ ଧରି ପୂଜା କରିବି, କିନ୍ତୁ ଲୌକିକ ବିବାହ କରିବି ନାହିଁ, ମୁଁ ମୋର ପିତାଙ୍କୁ ସମାଜ ନିର୍ଯାତନା ଭୋଗ କରିବାକୁ ଦେବି ନାହିଁ । କରଯୋଡ଼ି ପ୍ରାର୍ଥନା କରୁଛି, ଆପଣ ଏ ସ୍ଥାନରୁ ଯେତେ ଶୀଘ୍ର ନଗଲେ ମୁଁ ଆତ୍ମହତ୍ୟା କରିବି । (ପ୍ରସ୍ଥାନ)

ଶକ୍ତିଧର— ଆଶୀର୍ବାଦ କରେ ନାଗିନୀ, ସୁଖରେ ଥା । (ପ୍ରସ୍ଥାନ)

ନ୍ୟାୟାଳଙ୍କାର—ଯାଉଛି ରେ ବାବା ଏକବାରେ ପିଣ୍ଡଦାନ ନ ମିଳି ଚାଲିଛି ରେ ବାବା ।

ରତ୍ନେଶ୍ୱର— ବୁଝ ମହାଶୟ ନ୍ୟାୟାଳଙ୍କାର ମହାଶୟ କନ୍ୟା ପ୍ରତି ଶକ୍ତିଧରର ଗୋପନ ଆକାଂକ୍ଷା ଅଛି, ଚାଲ ଚାଲ !

ଚୂଡ଼ାମଣି – ସତ୍ୟ କି ଶକ୍ତିଧର ପ୍ରତି ମୋ କନ୍ୟାର ଗୋପନ ଆକାଂକ୍ଷା ଅଛି, ଯଦି ଏକଥା ପ୍ରମାଣ ପାଏ, ଆଜି ମାର ତାକୁ ସାଙ୍ଗ କରିଦେବି । (ପ୍ରସ୍ଥାନ)

ରତ୍ନେଶ୍ୱର—ଶକ୍ତିଧର ଏ ଅପମାନରେ ପ୍ରତିଶୋଧ ନେବି ନେବି ନେବି ।

---

## ତୃତୀୟ ଦୃଶ୍ୟ

( ସୁନନ୍ଦା ଗୀତଟିଏ ଗାଇ ଆସିଲା )

ଏହି ସୁମନମାଳେ, ରାଧାରାଣୀଙ୍କୁ ପୂଜିବି ପ୍ରେମାଦରେ
ଉଲ୍ଲାସ ପ୍ରାଣେ ପୂଜିବି ବସି କାମନା ଅନ୍ତରେ ।
ଚନ୍ଦନ ଚୂଆ କର୍ପୂର ଧୂପ ଘଣ୍ଟ ଧରି କରେ
ଜଗାଗରେ ମୁଁ ପୂଜିବି ଦିବା ରଜନୀ ତୋ ପଦ୍ମରେ
(ଧୀରେ ଆସି ରାଧା ରାଣୀଙ୍କ ସେବାରେ ନିଯୁକ୍ତ ହେଲା)
(କେତେଗୁଡ଼ିଏ କୁମାରୀ ଫୁଲମାଳାଧରି ଗୀତ ଗାଇଆସିଲେ)

(ଗୀତ)

ଏଇ ମାଳା ଯେ ପିନ୍ଧିବେ ଗଳେ
ତାର ଦେଖା ସତ୍ୟ ପାଇ କେସନେ
ନିଦ୍ରା ଲାଗି ନାହିଁ ଆଉ ଲୁହି ତାର
ଜୋଛ୍ନାରାତେ ଫୁଲ ଶୟନେ ।
ଜାଗିବେ କି ସେ ଡାକଲେ ପକ୍ଷି
ଭୋର ହେବାର ଅନେକ ବାକି
ଫୁଲ ଶୁଖିଲା ତେଣୁ ସେ ଭଳା—
ଦାଗ ପଡ଼ିଛି ଚନ୍ଦ୍ରାନନେ ।
ତେବେ କି ଲାଗି ଏ ମାଳାଟିରେ
ବିକାଇ ରଖି ନୟନ ନୀରେ
ହୃଦୟ ଜ୍ୱାଳା ଶୁଖିଲା ମାଳା
ଜଳ ଲୁହି ଆଉ ନାହିଁ ନୟନେ ।
(ପ୍ରସ୍ଥାନ)

ଶକ୍ତିଧର—(ପ୍ରବେଶି) ସୁନନ୍ଦା !

ସୁନନ୍ଦା—ବାବା, ତୁମେ ରାଧ ରାଣୀଙ୍କୁ ସେଠାକୁ ପଠାଇ ଦିଅ ନଚେତ୍ ରାଧାରମଣଙ୍କୁ ଏଠାକୁ ଡେକ ଆସ ।

ଶକ୍ତିଧର—କାହିଁକି ? ତୋ ରାଧାରାଣୀ ରାଧାରମଣଙ୍କ ଲାଗି ଏତେ ବ୍ୟାକୁଳ ହୋଇ ପଡ଼ିଛନ୍ତି ।

ସୁନନ୍ଦା—ମୁଁ ସବୁ ସମୟରେ ଶ୍ରୀରାଧାଙ୍କ କାନ୍ଦଣା ଶୁଣିବାକୁ ପାଉଛି ବାବା ।

ଶଙ୍ଖଧର—ସତେ, ନା ସେ ପିଲ୍ଲକାଟା ଭାବେ ଆଉ ତୁ ସେ କାନ୍ଦଣା ସ୍ୱର ଶୁଣିବାକୁ ପାଉ, କାହିଁ ? ମୁଁ ତ କେବେ ହେଲେ ଶୁଣିବାକୁ ପାଏ ନା ସୁନନ୍ଦା ।

ସୁନନ୍ଦା— ତୁ କାନ ପାରୁ ଯେ, ଶୁଣିବୁ ।

ଶଙ୍ଖଧର – ତୁ କେଉଁଠାରେ କାନ ପାରୁ ? ନିଜ ହୃଦୟରେ ତ ?

[ଶଙ୍ଖନାଦକୁ ବନ୍ଧନ କରି ଉଗ୍ରେସେନ ପ୍ରବେଶ]

ଜୟ ଏହି ସୂଚକ ଶଙ୍ଖନାଦ !

ଉଗ୍ରେସେନ—ଆମ୍ଭର ଶତ୍ରୁଗଣ ପ୍ରଶସ୍ତ ଆହତ, ସ୍ୱାର ଉଦ୍ଦେଶ୍ୟ ଏ ଆପଣଙ୍କୁ ହତ୍ୟା କରିବ ।

ଶଙ୍ଖଧର – କିନ୍ତୁ ଏତେ ଜୋର କାହିଁକି ହେଲା ଶଙ୍ଖନାଦ, ତୁମ୍ଭର ବହୁ ପୂର୍ବ ଆସିବା ଉଚିତ ଥିଲା ! ତୁମ୍ଭର ବାବା କେବେ ଆସିବେ ? ନିମନ୍ତ୍ରଣ ଚିଠିତ ପଠାଇ ଦେଇଛ ।

ଶଙ୍ଖନାଦ –(କ୍ରୋଧେ) ସଇତାନ୍ ! ମୋର ହାତର ବନ୍ଧାଟା ଖୋଲିଦେ ମୁଁ ତୋତେ··· ।

ଶଙ୍ଖଧର—ହାତର ବନ୍ଧାଟା ଖୋଲି ଦେଲେ ମୋ ସହିତ ଲଢ଼ିବୁ ତ ସୂଚକ ? ନିଜର ଅସହାୟ ଅବସ୍ଥା ସ୍ମରଣ କରି ଶାନ୍ତ ହୁଅ, ସ୍ଥିର ହୁଅ ।

ଶଙ୍ଖନାଦ—ନିଶ୍ଚୟ ପାରିବି, ମୁଁ ତୋର ବେକଟା କାଟି ନେବାକୁ ଆସିଛି । ଦେ, ଦେ, ମୋର ହାତର ବନ୍ଧନଟା ଖୋଲି ଦେ !

ଶଙ୍ଖଧର—ପିଲ୍ଲଲୋକ ଜାଣୁନା ଯେ କୋଳି ଉତ୍ତେଜନାରେ କିଛି କାର୍ଯ୍ୟ ହୁଏ ନାହିଁ । ଧୈର୍ଯ୍ୟ ସହ୍ୟ ଆଉ ତା ସଙ୍ଗେ ଧୀର ସ୍ଥିର ବିଚାର ବୁଦ୍ଧି ।

ସୁନନ୍ଦା – ଏ ଜୟ ବାବା !

ଶଙ୍ଖଧର – ମୁକ୍ତିକାମର ପୁତ୍ର ଶଙ୍ଖନାଦ, ତୁ ସ୍ୱାକୁ କେବେ ଦେଖିଛୁ ?

ସୁନନ୍ଦା —ନା, ଆଜ୍ଞା ତା ହାତର ବନ୍ଧାଟା ଖୋଲିଦେଲେ ସେ କ ତୋତେ ମାରିବ ?

ଶଙ୍ଖଧର – ଦେଖୁନାହିଁ ତା-ର କି ଆକ୍ରୋଶ ମୋ ଉପରେ ! ତୁ ତ, ସଙ୍ଗରେ କଥାବାର୍ତ୍ତା କରି ତାର ମନ ପରିବର୍ତ୍ତନ କରାଇ ଦେ, ଭୟ ନାହିଁ ତାର ହାତ ବନ୍ଧା, ଅଛି ଆଉ ତାକୁ ବୁଝାଇ କହ ବେଶି କିଛି ଅସ୍ଥାଳନ କରିଲେ ,ପ୍ରାଣଦଣ୍ଡ ଦିଆଯିବ ।

ସୁନନ୍ଦା – ନା ବାବା ! ପ୍ରାଣଦଣ୍ଡ ଦିଅନା, ମୁଁ ତାଙ୍କୁ ବୁଝାଇଦେଉଛି ।

(ସୁନନ୍ଦା ଶଙ୍ଖ ନିକଟରେ ବସି ପ୍ରବୋଧ ଦେଲେ)

ଶଙ୍ଖଧର – ଆଉ କିଛି ନୂତନ ସମ୍ବାଦ ଅଛି ଉଗ୍ରେସେନ ?

ଉଗ୍ରେସେନ – ଅଛି, ବଜ୍ରବାହୁ ବହୁ ସୈନ୍ୟ ସମାବେଶ କରିଛି ।

ଶଙ୍ଖଧର – କେଉଁଠାରେ ?

ଉଗ୍ରେସେନ – ନଦୀର ସେପାରେ, ଆଜକୁ ତିନିଦିନ ହେଲା ନଦୀ ଉପରେ ଗୋଟାଏ ସେତୁ ନିର୍ମାଣ କରିବା ଲାଗି ବହୁ ଶିଳ୍ପି ନିଯୁକ୍ତ କରିଛି । ସେତୁ ନିର୍ମାଣ କାର୍ଯ୍ୟ ବହୁଦୂର ଅଗ୍ରସର ନ ହେବା ପୂର୍ବରୁ ଆମ୍ଭେମାନେ ବାଧା ଦେବାକୁ ଚାହୁଁ ।

ଶଙ୍ଖଧର – ସେ କି କଥା ଉଗ୍ରେସେନ, ନଦୀ ପାର ହେବା ଲାଗି ଗୋଟାଏ ସେତୁ ନିର୍ମାଣ ହେବ, ତଦ୍ୱାରା ଆମ୍ଭ ରାଜ୍ୟର ଶ୍ରୀବୃଦ୍ଧି ସାଧିତ ହେବ, ତୁମ୍ଭେ ବାଧା ଦେବାକୁ କାହିଁକି ଚାହଁ ।

ଉଗ୍ରେସେନ – ସେତୁର ସାହାଯ୍ୟେ ତାର ସମସ୍ତ ସୈନ୍ୟ ଅକ୍ଳେଶରେ ଏ ପାରିକୁ ଆଣିପାରେ ।

ଶଙ୍ଖଧର – ତା ପୂର୍ବରୁ ତୁମ୍ଭେ ତୁମ୍ଭର ସୈନ୍ୟମାନଙ୍କୁ ସେ ପାରିକୁ ନେଇପାର ।

ଉଗ୍ରେସେନ – ସେତୁଟା ସେ ତାର ।

ଶଙ୍ଖଧର – ହିଁ ସେ ତ କହୁଛି ଏ ରାଜ୍ୟ ଟା ତାର, ଏ ରାଜଧାନୀଟା ମଧ୍ୟ ତାର । ଉଗ୍ରେସେନ ! ଯେ ଯେଉଁ ଜିନିଷଟା ତିଆରି କରେ ସେ ତା'ର ମାଲିକ ନୁହେଁ ମାଲିକ ସେହି ଯେ ଜିନିଷଟା ଅଧିକାର କରେ ଏତେ ବଡ଼ ଗୋଟାଏ ପ୍ରୟୋଜନୀୟ ଜିନିଷ ତିଆରି କରିବାକୁ ନ ଦେଇ ଭାଙ୍ଗି ପକାଇବା ତ ଭଲ ନୁହେଁ । ଅଧିକାର କରିବାଟା ହେଉଛି ବୁଦ୍ଧିମାନର କାର୍ଯ୍ୟ ।

ଉଗ୍ରେସେନ – କେବେ କି ?

ଶଙ୍ଖଧର—ସେତୁ ନିର୍ମାଣ କାର୍ଯ୍ୟରେ କୌଣସି ବାଧା ଦିଅ ନା, କିନ୍ତୁ ତୁମ୍ଭେମାନେ ପ୍ରସ୍ତୁତ ଥାଅ,

ଯେମନ୍ତ ଆମ୍ଭର ଜନପଦ ଅନ୍ୟର ଅଧିକାର ଭୁକ୍ତ ନ ହୁଏ ।

( ଜଣେ ପ୍ରହରୀ କହିଲା ରାଜଲକ୍ଷ୍ମୀ କମଳା ଦେବୀ ଆସିଛନ୍ତି )

ରାଜଲକ୍ଷ୍ମୀ କମଳା ଦେବୀ ! ଯାଅ ! ଉଗ୍ରସେନ ସସମ୍ମାନେ ତାଙ୍କୁ ଏଠାକୁ ଘେନି ଆସ ।

ପ୍ରହରୀ - ତାଙ୍କର ମୂର୍ତ୍ତି ଅତି ଭୟଙ୍କର, ହାତେ ଅଛି ସୁଧାର ଭୃଙ୍ଗାର ।

ଶଙ୍ଖଧର - ଯା ଥାଉ, ଯା ଉଗ୍ରସେନ ତାଙ୍କୁ ସସମ୍ମାନେ ଏଠାରେ ପହଞ୍ଚାଇ ଦିଅ, ମୁଁ ସେ ତାଙ୍କୁ ଚାହିଁଛି । ଏତେ ଶୀଘ୍ର ପାଇବି ଭାବି ନ ଥିଲି ।

( ଉଗ୍ରସେନ ପ୍ରସ୍ଥାନ )

ଶଙ୍ଖଧର ସୁନନ୍ଦା କାନରେ କହିଲା ଫୁଲ କଣ୍ଟି ଘେନିଆ, "ଯା ଶୀଘ୍ର" ସୁନନ୍ଦା ଚାଲିଗଲା ଏ ସମୟେ କମଳା ସମ୍ମୋଧେ ପ୍ରବେଶ ।

ଶଙ୍ଖନାଦ—ମା ! ମା ! ତୁମ୍ଭେ କାହିଁକି ଏ ନରକକୁ ଆସିଲ ?

କମଳା—ଶ୍ରାଦ୍ଧ ସମୟେ ତୁ ମୋତେ ଚାହୁଁ ?

ଶଙ୍ଖଧର - ହଁ ଚାହେଁ ।

କମଳା - ତେବେ ତୃପ୍ତ ହୁଅ, ମୁଁ ତ ଆସିଛି ।

ଶଙ୍ଖଧର—ତୁମ୍ଭେ ଆସିଛ ସୁଧାର ଭୃଙ୍ଗାର ହସ୍ତେ, ମୁଁ ଚାହିଁଛି ଏହି ଅଞ୍ଜଳି ଭରି ଫୁଲ ଦେଇ ମୋର ମାତୃ ପୂଜା କରିବି ।

( ସୁନନ୍ଦା ହସ୍ତୁ ଫୁଲ ନେଇ କମଳା ପଦରେ ଦେଲା )

କମଳା—( ଆଶ୍ଚର୍ଯ୍ୟ ହୋଇ ) ତୁ କି ଶଙ୍ଖଧର ?

ଶଙ୍ଖଧର—ମା ! ମୁଁ ତୋର ସନ୍ତାନ, ଇଚ୍ଛା ହୁଏ ତୁ ମୋତେ ବଧକର । ଏଇ ତୋର ପଦ ଉପରେ ମୋର ମସ୍ତକ ରଖୁଛି, କିନ୍ତୁ ତା ପୂର୍ବରୁ ମୁଁ ଗୋଟାଏ କଥା କହିବାକୁ ଚାହେଁ ।

କମଳା—କି କଥା ?

ଶଙ୍ଖଧର—ତୁମ୍ଭେ ମୋତେ ଯେତେବେଳେ ହତ୍ୟା କରି ତୁମ୍ଭ ସ୍ୱାମୀ ନିକଟ ଯୋଉଥିବ ସେତେବେଳେ ଦେଖିବ ତୁମ୍ଭର ସ୍ୱାମୀଙ୍କର ମଧ୍ୟ ମୃତ୍ୟୁ ହୋଇଥିବ, ତୁମ୍ଭେ ବିଧବା ହୋଇଥିବ ।

କମଳା—ବିଧବା ହୋଇଥିବ ? ମୁଁ ଯେ ତୋ କଥା କିଛି ବୁଝିପାରୁ ନାହିଁ ।

ଶଙ୍ଖଧର—ମୁଁ ତୁମକୁ ବର୍ତ୍ତମାନ କିଛି ବୁଝିବାକୁ ଦେବି ନାହିଁ । ତୁମ୍ଭ ନିକଟରେ ମୋର ଏଇ ଅନୁରୋଧ ଯେବେ ତୁମ୍ଭେ, ତୁମ୍ଭର ସ୍ୱାମୀ ଓ ପୁତ୍ରର ମଙ୍ଗଳ ଚାହଁ ତେବେ ଏକପକ୍ଷ କାଳପାଇଁ ସ୍ୱଇଚ୍ଛାରେ ସ୍ୱଚ୍ଛନ୍ଦ ମନେ ମୋର ଅନ୍ତଃପୁରରେ ବନ୍ଦିନୀ ଥାଅ । ସନ୍ତାନଙ୍କଠାରେ ମୋର କଥାରେ ବା କାର୍ଯ୍ୟରେ କୌଣସି ପ୍ରତିବାଦ କରନା । ବିଶ୍ୱାସ କର ମୁଁ ତୁମ୍ଭର ପରମ ହିତାକାଂକ୍ଷୀ । ମୋର ମୃତ୍ୟୁ ସଙ୍ଗେ ସଙ୍ଗେ ମୁକ୍ତକାମର ମୃତ୍ୟୁ, ତୁମ୍ଭର ବୈଧବ୍ୟର ସୁନିଶ୍ଚିତ ।

କମଳା—ଶଙ୍ଖଧର !

ଶଙ୍ଖଧର—ମା !

କମଳା—ମୁଁ ଚିରଦିନ ତୋତେ ବିଶ୍ୱାସ କରେ, ଆଜି ମଧ୍ୟ ।

ଶଙ୍ଖଧର—ତେବେ ଚାଲ ମା ରାଜଲକ୍ଷ୍ମୀ, ମୋର ମାତୃପୂଜାର ପବିତ୍ର ମନ୍ଦିର ଆଜି ଆଲୋକିତ କରିବେ । ମା ।

( ପଦରେ ପ୍ରଣାମ କରି ଘେନିଗଲେ )

---

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ନାଗିନୀ ଗୀତଟିଏ ଗାଇ ଗାଇ ଆସିଲା )

ନାଗିନୀ— ଗୀତ

ସେ କି ଗୋ ପଥ ଭୁଲି ଆସିଲ ଚାଲି ଚାଲି
ଆଖିଟି ଥିଲା ଖୋଲି ତା ପଛେ ଅନୁସରି ।
ମୁଖରେ ନାହିଁ ଭାଷା ଆଖିଟି କଥା ମିଶା
ଆଶାର ଆଶାମେଘ ତୃଷାର ଦେଲା ଢାଳି ।
ସେ ମୂକ ଥିଲା ତୋଳି ଗୁନ୍ଥିବି ବୋଲି ମାଳି
ସେ ଫୁଲ ହେଲା ବାସି ସେବିକା ପୂଜାଥାଳି ।

ନଆସ୍ତି ମୁଁ ଚକୋରୀ        ଆଶା ସରିଲେ ବୋଲି
ବସିଲି ଅନୁସରି କେ କେଣେ ନେଲା ହରି ।
( ଝଲ୍କା ହସି ହସି ନାଗିନା ନିକଟ ଆସିଲା )

ନାଗିନା – ତୁମେ ଏଠାକୁ କାହିଁକି ଆସିଛ ? ତୁମର ଏଠାରେ କି କାର୍ଯ୍ୟ ?

ଝଲ୍କା—ଦରକାର ନ ଥିଲେ କି ଆସିଥାନ୍ତି, ତୁମକୁ ଗୋଟିଏ କଥା ପଚାରିବି ?

ନାଗିନା—କି କଥା ?

ଝଲ୍କା—ରାଜା ଶକ୍ତିଧରଙ୍କ ସଙ୍ଗେ ତୁମର ବିବାହ ହୋଇଛି ?

ନାଗିନା—କିଏ କହିଲା ? ମୁଁ ତ ତାଙ୍କର ଦାସୀ ହେବାର ଉପଯୁକ୍ତ ନୁହେଁ । ମୋ ପରି କୁତ୍ସିତା କୁତ୍ସିତା ସ୍ତ୍ରୀ ତୁମେ ଭଲା କେଉଁଠି ଦେଖିଛ ?

ଝଲ୍କା—ଅଚ୍ଛା, ତୁମେ ଭଲା ମୋ ପରି ସୁନ୍ଦରୀ ସ୍ତ୍ରୀ କେଉଁଠି ଦେଖିଛ ?

ନାଗିନା —ନା, ବାସ୍ତବିକ ତୁମେ ଖୁବ୍ ସୁନ୍ଦରୀ ।

ଝଲ୍କା—ମୁଁ ରାଣୀ ହେଲେ ମୋତେ ବେଶ୍ ମାନିବ, ନୁହେଁ ?

ନାଗିନା —ହଁ, ନିଶ୍ଚୟ ମାନିବ ।

ଝଲ୍କା—ମୁଁ ରାଜା ଶକ୍ତିଧରଙ୍କୁ ଖୁବ୍ ଭଲ ପାଏଁ, ସେ ଏ କଥା ଶୁଣିଲେ ମୋତେ ଖୁବ୍ ଭଲ ପାଇବେ ?

ନାଗିନା —ହଁ, ନିଶ୍ଚୟ ଭଲ ପାଇବେ ।

ଝଲ୍କା—କାହିଁକି ତୁମେ ମୋ ଉପରେ ରାଗିଲ ନାହିଁ ?

ନାଗିନା   ରାଗିବି କାହିଁକି ? ( ହସିବା )

ଝଲ୍କା—ଲୋକେ କହନ୍ତି, ସେ ତୁମକୁ ବିବାହ କରିବେ ।

ନାଗିନା—କିନ୍ତୁ ମୁଁ ତ ତାଙ୍କୁ ବିବାହ କରିବାକୁ ଚାହେଁ ନା ।

ଝଲ୍କା—ସେ କି କଥା ?

ନାଗିନା—ମୁଁ ଭଲ କରି ଜାଣେ, ମୁଁ ତାଙ୍କର ଦାସୀ ହେବାର ଉପଯୁକ୍ତା ନୁହେଁ । ମୋ ଦୁଃଖରେ ତାଙ୍କର ସହାନୁଭୂତି ଅଛି । ମୋତେ ଅନୁଗ୍ରହ କରିପାରନ୍ତି; କିନ୍ତୁ ଭଲ ପାଇବେ ନାହିଁ । ମୋର ଅଛି ରୂପ, ନା ଅଛି ଗୁଣ ।

ଝଲ୍କା – ମୋତେ ବୋଧ ହୁଏ ଖୁବ୍ ଭଲ ପାଇବେ ? ମୋର ରୂପ ଓ ଗୁଣ ଏ ଦୁଇଟି ପୂର୍ଣ୍ଣମାତ୍ରାରେ ଅଛି ।

ନାଗିନା – ନିଶ୍ଚୟ ।

ଝଲ୍କା – ତୁମେ ମୋ ଉପରେ ରାଗିଲ ନାହିଁ ?

ନାଗିନା – ରାଗିବି କାହିଁକି ? ବାସ୍ତବିକ ତୁମେ ସୁନ୍ଦରୀ, ସେ ତୁମକୁ ଖୁବ୍ ଭଲ ପାଇବେ । ମୁଁ ତା ହେଲେ ଆସୁଛି ।                ( ପ୍ରସ୍ଥାନ )

ଝଲ୍କା – ମାଈକିନିଆଁଟା    ଏକବାର ବରଫ ଭଳି ଥଣ୍ଡା, ଟିକେ ମାତ୍ର ରାଗ କଲା ନାହିଁ । ଲୋକେ ଯେ କହନ୍ତି, ଶକ୍ତିଧରଙ୍କୁ ସେ ବିବାହ କରିବ, ତେବେ ସେ କଥା ମିଥ୍ୟା ।

( ଏ ସମୟରେ କୃଷ୍ଣ ବେଶ ସାଜି ଧୂମକେତୁ ପ୍ରବେଶ )

ଧୂମ – କି ! କାହା ସଙ୍ଗରେ ଗପସପ ଚାଲିଥିଲା କି ? ଦେଖିଲୁ, ମୁଁ କିପରି କୃଷ୍ଣ ସାଜିଛି ।

ଝଲ୍କା –                (ଗୀତ)

ଦୂରେ ଯା ଦୂରେ ଯା ତୋତେ
ଦେଖିଲେ ମୋର ହାଡ଼ ଜଳେ ।

ଧୂମ –   କୃଷ୍ଣ କଳା          ବୋଲି କି ବୃଥା
ଦେବ ମାଳା ବନଭ୍ରମର ଗଳେ ।

ଝଲ୍କା—   ଆରେ  ଖେଣ୍ଡା  କଳା  କୁକୁର
ତୋର ସଙ୍ଗେ ମୋର କି ଦରକାର ?

ଧୂମ –   କରିବା ରାସ            ଏ ମୋହନ ବେଶ
ଯୁଗଳ ସାଜିବା କଦମ୍ବମୂଳେ ।

ଝଲ୍କା –   ପିଟିବା କହୁଛି ମୋତେ ପାଟି
ଭାଙ୍ଗିଦେବି ତୋର ଦାନ୍ତପାଟି ।

ଧୂମ –   ମାନମୟୀ ମୋର        ମାନ ଦୂର କର
ପଡ଼ୁଛି ତୋର ଚରଣତଳେ ।

( ଉଭୟଙ୍କ ପ୍ରସ୍ଥାନ )

—*—

## ଦ୍ୱିତୀୟ ଦୃଶ୍ୟ

( ବଜ୍ରବାହୁ ଏକାକୀ ପ୍ରବେଶ )

ବଜ୍ରବାହୁ—ନା, ଆସିବ ନାହିଁ । ଏତେ ସାହସ ହୋଇପାରେ ? ନା ନା, ଏଇ ଯେ ଆସୁଛି !

( ଶକ୍ତିଧର ପ୍ରବେଶି )

ଶକ୍ତିଧର—ତୁମେ ଇଚ୍ଛା କଲେ ମୋତେ ବଧ କରିପାର । ବଜ୍ରବାହୁ ! ମୁଁ ଆସିଛି, ସମ୍ପୂର୍ଣ୍ଣ ନିରସ୍ତ୍ର ଓ ଅପ୍ରସ୍ତୁତ ଭାବେ; କିନ୍ତୁ ଏ କଥା ନିଶ୍ଚୟ ଜାଣ, ଯଦି ତୁମେ ମୋ ସହିତ ବିଶ୍ୱାସଘାତକତା କାର୍ଯ୍ୟ କର, ତେବେ ତୁମର ସବୁ ଆଶା ଓ ଆକାଂକ୍ଷା ସମୂଳେ ନଷ୍ଟ ହେବ ।

ବଜ୍ରବାହୁ—ମୋର କି ଆଉ ଆଶା-ଆକାଂକ୍ଷା ଅଛି ଶକ୍ତିଧର ? ତୁମେ ଯେଉଁଦିନ ସିଂହାସନ ଅଧିକାର କରିଛ, ସେହିଦିନ ଚୂଡ଼ାନ୍ତ ବିଶ୍ୱାସଘାତକର କାର୍ଯ୍ୟ କରି ନାହିଁ ?

ଶକ୍ତିଧର—ହିଁ, କରିଛି । କାହିଁକି ଯେ କରିଛି, ତା ଆଜି ସମସ୍ତ ଖୋଲି କହିବି । ତୁମ ସୈନ୍ୟମାନଙ୍କ ସାହାଯ୍ୟରେ ମୁଁ ସିଂହାସନ ଅଧିକାର କରିଥିଲି ସତ୍ୟ; କିନ୍ତୁ ତୁମେ ତ ଜାଣ ମୋର ଲକ୍ଷ୍ୟ ଥିଲା ରାଜଲକ୍ଷ୍ମୀ କମଳା ଆଉ ତାର ଦର୍ଶନ ଥିଲା ପ୍ରାଣର ଏକମାତ୍ର ଶାନ୍ତି । ତୁମେ କେତେ ଥର ପରିହାସ କରିଛ ମନେ ପଡ଼େ ?

ବଜ୍ରବାହୁ—ମନେ ପଡ଼େ ।

ଶକ୍ତିଧର—କିନ୍ତୁ ମୁଁ ଜାଣେ କମଳା ତୁମର ସହୋଦର ଭଗ୍ନୀ । ଠିକ୍ ସେହି କାରଣରୁ ମୋର ଧାରଣା ଥିଲା ତୁମେ ଯଦି ସିଂହାସନ ଅଧିକାର କର, ତେବେ କମଳାଲାଭପାଇଁ ମୋତେ କୌଣସି ସାହାଯ୍ୟ କରିବ ନାହିଁ । ସେଥିପାଇଁ ମୁଁ ତୁମକୁ କିଛି ଦିନ ପାଇଁ ସିଂହାସନରୁ ଅପସାରିତ କରିଦେଇ ସିଂହାସନ ଅଧିକାର କରିଛି । ମୁଁ ଆଜି ରାଜଲକ୍ଷ୍ମୀ କମଳା ଦେଖିବାକୁ ପାଇଛି । ମୋର ତ ସିଂହାସନରେ କୌଣସି ପ୍ରୟୋଜନ ନାହିଁ । ବନ୍ଧୁ, ତୁମେ ଯଦି ଚାହଁ, ଆଜି ତୁମକୁ ସିଂହାସନ ଫେରାଇଦେଇପାରେ; କିନ୍ତୁ ମୋତେ ଗୋଟାଏ ପ୍ରତିଶ୍ରୁତି ଦେବାକୁ ପଡ଼ିବ ।

ବଜ୍ରବାହୁ—କି...

ଶକ୍ତିଧର—ମୁକ୍ତିକାମ ଯେପରି କମଳାକୁ ମୋ ନିକଟରୁ ଛଡ଼ାଇ ନେଇ ନ ପାରେ, ମୁଁ ତାକୁ ସମ୍ପୂର୍ଣ୍ଣ ନିଜସ୍ୱ ଭାବେ ଚାହେଁ ।

ବଜ୍ରବାହୁ—ତୁମେ ଜାଣ ନା ଶକ୍ତିଧର, ମୁକ୍ତିକାମ ଆଜି କମଳାକୁ ହରାଇ ଉନ୍ମାଦ ! ତୁମେ ଯଦି କହ, ମୁଁ ତାର ଜୀବନଲୀଳା ଶେଷ କରିଦେଇପାରେ ।

ଶକ୍ତିଧର—ନା ନା, ତୁମେ ତା ସଙ୍ଗେ ସଦ୍‌ଭାବ ରକ୍ଷା କରି ଚାଲ, ସେ କାର୍ଯ୍ୟଟା ମୁଁ କରିବାବେଳେ ସୁବିଧା-ସୁଯୋଗ ଦେଖି, ଉପସ୍ଥିତ ଗୋଟାଏ ବିଷୟରେ ତୁମର ପଥ ପରିଷ୍କାର କରିଦେଇଛି ବନ୍ଧୁ ! ମୁଁ ଯେ ଶଙ୍ଖନାଦକୁ ହତ୍ୟା କରିଛି ।

ବଜ୍ରବାହୁ—ଶଙ୍ଖନାଦକୁ ହତ୍ୟା କରିଛ ?

ଶକ୍ତିଧର—ନିଶ୍ଚୟ ! ହତ୍ୟା କରିଛି, କାରଣ ମୁଁ ଜାଣେ, ଦିନେ ତୁମକୁ ସିଂହାସନଟା ଫେରାଇଦେବାକୁ ପଡ଼ିବ । ଅତଏବ ତା ଯଦି ନିଷ୍କଣ୍ଟକ କରି ନ ଦିଏ, ତେବେ ବନ୍ଧୁର କାର୍ଯ୍ୟ ହେଲା କି ?

ବଜ୍ରବାହୁ—ଏଥର ସତ କହୁଛି ବନ୍ଧୁ, ତୁମଠାରେ ମୋର କୌଣସି ଅବିଶ୍ୱାସ ନାହିଁ । ମୁଁ ଏତେଦିନ ପର୍ଯ୍ୟନ୍ତ ତୁମକୁ ଅବିଶ୍ୱାସ ଚକ୍ଷୁରେ ଦେଖୁଥିଲି; କିନ୍ତୁ ଆଜି ଦେଖୁଛି, ତୁମେ ମୋର ଅକୃତ୍ରିମ ବନ୍ଧୁ ।

ଶକ୍ତିଧର—ମୋର ଉଦ୍ଦେଶ୍ୟ ଯେତେବେଳେ ସିଦ୍ଧ, ସେତେବେଳେ ତୁମେ ଯେ ମୋତେ ଚିରଦିନ ଅବିଶ୍ୱାସ କରିବ, ଏ ଧାରଣା ମୋର ଥିଲା ନାହିଁ ।

ବଜ୍ରବାହୁ—ମୋତେ ବର୍ତ୍ତମାନ କ'ଣ କରିବାକୁ ହେବ ବନ୍ଧୁ ?

ଶକ୍ତିଧର—ସାହା: କହୁଛି, କର; ଆଉ ସେତିକିଟା ଖୁବ୍ ଶୀଘ୍ର ଶୀଘ୍ର ତିଆରିକରିପକା, ଭବିଷ୍ୟତରେ ତୁମର ରାଜ୍ୟର ଗୋଟାଏ ସମ୍ପଦ ହୋଇ ରହିବ, ମୁଁ ତୁମକୁ ଅନେମଣ କରିବ ନାହିଁ କିମ୍ବା ବାଧା ଦେବି ନାହିଁ । ମିଛେ ମିଛେ ରକ୍ତପାତର କଅଣ ପ୍ରୟୋଜନ ଅଛି ବନ୍ଧୁ ? ଆଗାମୀ ପୂର୍ଣ୍ଣିମା ତିଥିରେ ତୁମର ରାଜ୍ୟାଭିଷେକ ଦିନ ଧାର୍ଯ୍ୟ ରହିଲା ।

ବଜ୍ର—ଆଚ୍ଛା, କମଳା କି ତୁମର ବଶତା ସ୍ୱୀକାର କରିଛି ?

ଶକ୍ତି—ନା, ଏବେ ନାହିଁ । ସେଥିଲାଗି ଟିକେ ଅପେକ୍ଷା କରିବାକୁ କହୁଛି ବନ୍ଧୁ ।

ବଜ୍ର—ସେ ଯେପରି ତେଜସ୍ୱିନୀ, ତୁମେ ତାକୁ ସହଜେ ବଶୀଭୂତ କରିପାରିବ, ମୋର ଏକଥା ବିଶ୍ୱାସ ହେଉ ନାହିଁ ।

ଶକ୍ତିଧର—ନିଶ୍ଚୟ ପାରିବି ବନ୍ଧୁ, ଖାଲି ତୁମର ସହ-ଯୋଗ ପାଇଲେ ହେଲା । ଏତେଦିନ ମଧ୍ୟରେ ତୁମକୁ ମୁଁ କୌଣସି କଥା କହିପାରୁ ନ ଥିଲି । ସେପରି ସୁବିଧା ବା ସୁଯୋଗ ଘଟୁ ନ ଥିଲା । ସତ୍ୟ ଯେବେ ମୁଁ ତୁମକୁ ଶତ୍ରୁ ମନେ କରିଥାନ୍ତି, ତେବେ କି ଏଭଳି ଗଭୀର ରାତରେ ଏକାକୀ ଅସହାୟ ଭାବେ ତୁମର ଶିବିର ନିକଟ ଆସିଥାନ୍ତି ?

ବଜ୍ର—ବନ୍ଧୁ ! ମୁଁ ଗୋଟାଏ ବିଷୟ ବୁଝିପାରୁ ନାହିଁ । ମୋର ସୈନ୍ୟମାନଙ୍କୁ କଅଣ ଏଠାରୁ ବିଦାୟ କରିଦେବି ?

ଶକ୍ତି—କାହିଁକି ? କାହିଁକି ?

ବଜ୍ର—ସୈନ୍ୟ ରକ୍ଷା ଓ ସେତୁ ନିର୍ମାଣପାଇଁ ବହୁ ଅର୍ଥବ୍ୟୟ ହୋଇଗଲାଣି । ଏ ପର୍ଯ୍ୟନ୍ତ ପିତା ଅଜାଡ଼ିରେ ଅର୍ଥ ସାହାଯ୍ୟ କରିଆସୁଥିଲେ; କିନ୍ତୁ ବର୍ତ୍ତମାନ ଆଉ ପାରି ଉଠି ହେଉ ନାହିଁ । ଭାବୁଛି, କଅଣ କରିବି ।

ଶକ୍ତି—ତୁମେ ସୈନ୍ୟମାନଙ୍କୁ ବିଦାୟ କରିଦେଲେ ମୁକ୍ତାକାମ ଓ ତୁମର ବାବା ତୁମକୁ ଅବିଶ୍ୱାସ କରିବେ ।

ବଜ୍ର—ହିଁ, ତା'ତ କରିବେ, କିନ୍ତୁ ବ୍ୟୟ ନିର୍ବାହ କରିବି କିପରି ?

ଶକ୍ତି—ସେଥିପାଇଁ ଏତେ ଭାବନା କାହିଁକି ବନ୍ଧୁ ! ରାଜକୋଷ ତ ତୁମର, ଖୁବ୍ ଗୋପନ ଭାବେ ଚିଠି ଲେଖି ମୋତେ ଜଣାଅ, ମୁଁ ତୁମକୁ ଖୁବ୍ ଅର୍ଥ ସାହାଯ୍ୟ କରିବି ।

ବଜ୍ର—ଏଥର ସତ କହୁଛି ବନ୍ଧୁ ! ତୁମେ ମୋତେ ଯାହା କହିବ ମୁଁ ଅକ୍ଷରଶଃ ତାହା ହିଁ କରିବି ।

ଶକ୍ତି—ହିଁ ରାତ ଅଧିକରୁ ବେଶି ହୋଇଗଲାଣି, ମୁଁ ଆସେ । ମଝେ ମଝେ ସାକ୍ଷାତର ବ୍ୟବସ୍ଥା କରିବାକୁ ହେଲେ ନିଶ୍ଚୟ କରିବେ । ମୁଁ ଆସୁଛି···ହିଁ ଆଉ ଗୋଟିଏ କଥା ତୁମେ ମୁକ୍ତାକାମକୁ ଖୁବ୍ ଉତ୍ତେଜିତ କରାଅ, ଯେପରି ସେ ତୁମର ସାହାଯ୍ୟ ନ ନେଇ ମୋତେ ଆକ୍ରମଣ କରିବାକୁ ଆସେ, ତା ହେଲେ ମୁଁ ତାକୁ ହତ୍ୟା କରିବାର ସୁବିଧାଟା ବେଶ୍ ପାଇବି । (ପ୍ରସ୍ଥାନ)

ବଜ୍ର—ଥରେ ସିଂହାସନରେ ବସି ନିଏ ଶକ୍ତିଧର, ତୋତେ ଦେଖିନେବି । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

(ସୁନନ୍ଦା ଫୁଲ ଗୁନ୍ଥୁ ଗୁନ୍ଥୁ ମଝେ ମଝେ ଢୁଳାଇ ପଡ଼ୁଥାଏ—ଏ ସମୟରେ ଶଙ୍ଖନାଦ ପ୍ରବେଶ ।)

ଶଙ୍ଖନାଦ—କାଲି ରାତିସାରା ବୋଧହୁଏ ଶୋଇନାହଁ ସୁନନ୍ଦା ?

ସୁନନ୍ଦା  ଏ କଥା ତୁମେ କିପରି ଜାଣିଲ ରାଜକୁମାର !

ଶଙ୍ଖନାଦ—ମୁଁ କାଲି ରାତରେ ମଧ୍ୟ ଶୋଇନାହିଁ । ଅନେକ ଥର ଝରକା ଫିଟାଇ ଦେଖିଛି, ତୁମେ ମୋ ମା'ଙ୍କ ପଦପ୍ରାନ୍ତରେ ଚୁପ୍ ହୋଇ ବସିଥାଅ । ସତ କି ନା କହ ତ ?

ସୁନନ୍ଦା—(ଅଧୋବଦନରେ ରହିବା)

ଶଙ୍ଖ—କହ କହ !

ସୁନନ୍ଦା—ତୁମେ ଏପରି ଲୁଚି ଛପି ଚାହଁ କାହିଁକି ? ଆଜି ମୁଁ ସବୁ ଝରକା ବନ୍ଦ କରିଦେଇ ଶୋଇବି ।

ଶଙ୍ଖନାଦ - ତୁମେ ଏତେକ୍ଷଣ କାନ୍ଦୁଥିଲ ଯେ !

ସୁନନ୍ଦା—ତା ତୁମେ କିପରି ଜାଣିଲ ?

ଶଙ୍ଖନାଦ—ଏଇ ଯେ ତୁମ ଚକ୍ଷୁରେ ଦୁଇଟୋପା ଲୁହ ଶୁଖି ଲାଗିଛି ।

ସୁନନ୍ଦା—ମୋ ବାବା ଆଜି ଶ୍ରୀସାଧୀଙ୍କୁ ରାଧାରମଣଙ୍କ ନିକଟ ପଠାଇ ଦେବେ, ଆଜି ଏ ମନ୍ଦିର ଶୂନ୍ୟ ହେବ । (ରୋଦନ)

ଶଙ୍ଖ—ସତ୍ୟ, ସୁନନ୍ଦା ତୁମର ବାପା କି ଆଶ୍ଚର୍ଯ୍ୟ ଲୋକ । ତାଙ୍କର କୌଣସି କଥା, କୌଣସି କାର୍ଯ୍ୟ

ବୁଝିବା ବଡ଼ କଠିନ, ତେବେ ମା କହନ୍ତି ସେ ଜଣେ ଦେବତା ।

ସୁନନ୍ଦା—ସତ୍ୟ, ରାଜକୁମାର ସେ ଯେ ଦେବତା–ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଶଙ୍ଖନାଦ—ମୋର କୁଆଡ଼େ ମୃତ୍ୟୁ ହୋଇଛି ?

ସୁନନ୍ଦା—ସେ କି କଥା !

ଶଙ୍ଖ—ଶୁଣ, ଆଉ ଏ କଥା ପ୍ରଚାର ହୋଇଛି ଯେ ତୁମ ବାବା କୁଆଡ଼େ ମୋତେ ହତ୍ୟା କରିଛନ୍ତି । ଏ ମିଥ୍ୟା ପ୍ରଚାରର କୌଣସି ରାଜନୈତିକ ଉଦ୍ଦେଶ୍ୟ ଅଛି ।

ସୁନନ୍ଦା—ଆଚ୍ଛା, ରାଜକୁମାର, ତୁମେ ଏଠାରେ ଆଉ କେତେଦିନ ରହିବ ?

ଶଙ୍ଖନାଦ—ମା'ଙ୍କ ଠାରୁ ଶୁଣିଛି ଆସନ୍ତା ପୂର୍ଣ୍ଣିମା ପର୍ଯ୍ୟନ୍ତ ।

ସୁନନ୍ଦା—ତା'ପର ?

ଶଙ୍ଖନାଦ—ତା'ପର କେଉଁଠାକୁ ଯିବୁ କଅଣ କରିବୁ ସେ କଥା କିଛି କହିପାରୁନାହିଁ । ଆମ୍ଭେମାନେ ଗଲେ ତୁମ ମନରେ କଷ୍ଟ ହେବନାହିଁ ସୁନନ୍ଦା !

ସୁନନ୍ଦା—(କ୍ରନ୍ଦନ)

ଶଙ୍ଖନାଦ—ଏ କଅଣ ? କାନ୍ଦିଲ କାହିଁକି ?

ସୁନନ୍ଦା—ମୋ ବାବା ଆଜ ରାଧାରାଣୀଙ୍କୁ ପଠାଇ ଦେବେ । ଯାଉଛି ତାଙ୍କୁ ଭଲକରି ସଜାଇଦେବି ।

ଶଙ୍ଖନାଦ—ତୁମେ ଓ ତୁମ ବାବାଙ୍କ ପରି···ଆଶ୍ଚର୍ଯ୍ୟ !

( ଶକ୍ତିଧର ପ୍ରବେଶ )

ରାଜକୁମାର ! ମୁଁ ତୁମକୁ ଆଦେଶ କରୁଛି ତୁମେ ରାଜଅନ୍ତଃପୁର ବାହାରକୁ ଆସିବ ନାହିଁ । ତୁମର ମୃତ୍ୟୁ ରଟନାର ଉଦ୍ଦେଶ୍ୟ ଯେପରି ବ୍ୟର୍ଥ ନ ହୁଏ ।

ଶଙ୍ଖନାଦ—ଏ ମନ୍ଦିରକୁ କଅଣ ଆସିବି ନାହିଁ ?

ଶକ୍ତିଧର—ନିଶ୍ଚୟ ନା, ଯାଅ ଅନ୍ତଃପୁରକୁ ଯାଅ ।

(ଶଙ୍ଖନାଦ ପ୍ରସ୍ଥାନ)

ଶକ୍ତିଧର—ସୁନନ୍ଦା ! ତୁ ଗଲୁ ରାଜଲକ୍ଷ୍ମୀ କମଳା-ଦେବୀଙ୍କୁ ଡାକି ଆଣିବୁ···ନା ତୋର ଯିବାର ଆବଶ୍ୟକ ନାହିଁ ! ଏଇ ଯେ ସେ ଆସୁଛନ୍ତି ।

( କମଳା ପ୍ରବେଶ )

କମଳା—ମୁଁ ଜାଣିବାକୁ ଚାହେଁ ଶକ୍ତିଧର ! କୁମାର ଶଙ୍ଖନାଦର ମୃତ୍ୟୁ ରଟନାର ଉଦ୍ଦେଶ୍ୟ କଅଣ ?

ଶକ୍ତିଧର—ଆଜ ଏହି ମନ୍ଦିରରେ ଛିଡ଼ାହୋଇ ମୋର ସମସ୍ତ ଉଦ୍ଦେଶ୍ୟ ଖୋଲି କହିବି । (ସୁନନ୍ଦା ପ୍ରତି) ସୁନନ୍ଦା ତୁ ଏଠାରୁ ଯା । ଶୁଣ ରାଜଲକ୍ଷ୍ମୀ, ଲୋକେ ମୋତେ ଚିହ୍ନନ୍ତି ନାହିଁ, ମୁକ୍ତିକାମ ପିତା ମୋତେ ରାସ୍ତାରୁ ଗୋଟାଇ ଆଣି ମନୁଷ୍ୟ କରିଥିଲେ । ଆଉ ଯୁଦ୍ଧବିଦ୍ୟା ମଧ୍ୟ ଶିଖାଇଥିଲେ । ସେହି ମହା-ପୁରୁଷଙ୍କ ମୃତ୍ୟୁପରେ ମୋର ଜୀବନର ସ୍ମରଣୀୟ ଦିନ ମୁକ୍ତିକାମର ରାଜ୍ୟାଭିଷେକ । ମନେ ପଡ଼େ ମୁଁ ତୁମକୁ ପ୍ରଥମେ ଦେଖିଥିଲି ସେହିଦିନ । ଦେଖିଥିଲି ତୁମର ଚକ୍ଷୁରେ ଓ ମୁଖରେ ଗୋଟାଏ ମହାମହିମ ନାରୀର ଅପୂର୍ବ ଜ୍ୟୋତି, ଯାହା କି କୌଣସିଠାରେ ଦେଖିବାକୁ ପାଇ ନାହିଁ । ସେହି-ଦିନୁ, ସେହି ଶୁଭମୁହୂର୍ତ୍ତରେ ମୋର ତରବାରି ସ୍ପର୍ଶକରି ପ୍ରତିଜ୍ଞା କରିଥିଲି —ଯେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବି, ସେତେଦିନ ପର୍ଯ୍ୟନ୍ତ ତୁମର ଏହି ଆଲୋକପୂର୍ଣ୍ଣ ଚକ୍ଷୁ ଦୁଇଟିକୁ ଚିର ହାସ୍ୟମୟ ରଖିବି । ଦିନେ ହେଲେ କୌଣସି ଘଟଣା ଘଟାଇ ଦେବି ନାହିଁ, ଯହିଁରେ ଏ ସ୍ନିଗ୍ଧ ଚକ୍ଷୁରୁ ଏକବିନ୍ଦୁ ଅଶ୍ରୁ ଗଳିପାରେ ।

କମଳା—ତା ବୋଲି ମୋତେ କନ୍ଦାଉଛ ଶକ୍ତିଧର ?

ଶକ୍ତିଧର—ଦେବି କ୍ଷମାକର । ମୁଁ ତୁମକୁ କନ୍ଦାଉ ନାହିଁ, ତୁମକୁ କନ୍ଦାଉଛି ବଜ୍ରବାହୁ । ସେ ତୁମକୁ ଚିରଦିନ କନ୍ଦାଇବାକୁ ଇଚ୍ଛା କରିଥିଲା, ମୁକ୍ତିକାମକୁ ହତ୍ୟାକରି ସିଂହାସନ ଅଧିକାର କରିବାକୁ ଚେଷ୍ଟା କରିଥିଲା ।

କମଳା—ତା କି ସମ୍ଭବ ହୋଇପାରେ ଶକ୍ତିଧର, ସେ ଯେ ମୋର ଭାଇ । ସେ ସିଂହାସନ ଚାହିଁପାରେ କିନ୍ତୁ ମୋର ବୈଧବ୍ୟ ଘଟାଇପାରେ ନା ।

ଶକ୍ତିଧର—ମୁଁ ଜାଣେ, ତୁମେ ବିଶ୍ୱାସ କରିବ ନାହିଁ । ସେ କଥା ବର୍ତ୍ତମାନ ଥାଉ । ଯଦି କୌଣସି ଦିନ ପ୍ରମାଣ କରିପାରେ ସେ ବଜ୍ରବାହୁ କି ରକମ,

ସ୍ୱେଦନ ବୁଝିବ ତୁମ୍ଭଙ୍କୁ କ'ଣ କହାଉଛି—ବଜ୍ରବାହୁ, କି ମୁଁ ।

କମଳା—ଆଚ୍ଛା ଶଙ୍ଖଧର, ତୁମ୍ଭେ ଯେ ମୋ ଉପରେ ଏତେ ଅନୁରକ୍ତ, ତା ତ ମୁଁ କିଛି ବୁଝି ପାରୁନାହିଁ ।

ଶଙ୍ଖଧର—ନାଁ ତ, ମୁଁ ବୁଝିବାକୁ ଦେଉ ନାହିଁ । ତୁମ୍ଭ ନିକଟରେ ମୋର କି ଅନୁରୋଧ ତା ମୁଁ ଏ ପର୍ଯ୍ୟନ୍ତ ଭାବ ସ୍ଥିର କରି ପାରିନାହିଁ । ବଜ୍ରବାହୁ ମୋ ଉଦ୍ଦେଶ୍ୟ ସମ୍ବନ୍ଧେ ଥରେ କହିଥିଲା—ତା ଅତି ଲୁଚି ତ, ତା'ଠାରୁ ଶୁଣି ମୁଁ ଆଜ ଆଜ ଚକ୍ଷୁର ଜଳରେ ଆବିଷ୍କାର କରୁଛି । ମୋ ପ୍ରାଣରେ ଗୋଟାଏ ଦାରୁଣ କ୍ଷୁଧା ଅଛି—ମୁଁ ଏ ପର୍ଯ୍ୟନ୍ତ ଜନନୀର ମୁଖ ଦେଖି ନାହିଁ । ମୋର କନ୍ୟା ସୁନନ୍ଦା ଯେତେବେଳେ ତାର ମା'ର ସ୍ନେହ କୋଳରେ ଶୋଇ ମା ମା ବୋଲି ଡାକେ, ସେତେବେଳେ ମୋ ହୃଦୟରେ ଗୋଟାଏ ହାହାକାର ଜାଗି ଉଠିଲା—ଆରେ, ମୋର କାହିଁକି ମା ନାହିଁ ?

କମଳା—ଶଙ୍ଖଧର ! ତୁମର ପ୍ରାଣଟା ଯଦି ଏତେ କୋମଳ, ତୁମ୍ଭେ ମନୁଷ୍ୟମାନଙ୍କ ଉପରେ ଏତେ ଅତ୍ୟାଚାର କର କାହିଁକି ?

ଶଙ୍ଖଧର—ଜୀବନର ତିକ୍ତ ଅଭିଜ୍ଞତା, ଶିଖାଇଛି ମନୁଷ୍ୟକୁ ଘୃଣା କରିବା । ମୁଁ ଦେଖିଛି ପରିପୂର୍ଣ୍ଣ ପଶୁତ୍ୱ ହିଁ ଯେପରି ମାନବ ଚରିତ୍ରର ମୌଳିକ ଉପାଦାନ । ମନୁଷ୍ୟର ଶିକ୍ଷା ଓ ସଭ୍ୟତାକୁ ବୁଝିଛି ଗୋଟାଏ ଅବାସ୍ତବ ଭଣ୍ଡାମି ପଣିଆ ଛଡ଼ା ଅନ୍ୟ କିଛି ନୁହେଁ । ସୁଦ୍ଧା ତୁମର ଏଇ ଚକ୍ଷୁ ଦୁଇଟି ଛଡ଼ା ଜଗତରେ ଏପରି କୌଣସି ଜିନିଷ ଦେଖି ନାହିଁ ମା, ଯା ସୁନ୍ଦର, ଯା ପବିତ୍ର, ଯା ସ୍ୱର୍ଗୀୟ, ହୁଏ ତ ମୁଁ ଭୁଲ୍, ହୁଏ ତ ମୁଁ ଗୋଟାଏ ନରକ ଜନ୍ତୁ ଯା ଦେଖିଛି ତା କହୁଛି ମା ।

କମଳା—ଛି ଛି ଶଙ୍ଖଧର, ଏ କି ମୋହ ତୁମର ?

ଶଙ୍ଖଧର—ହୋଇପାରେ, ଏ ମୋର ମୋହ ବା ମନର ବିକାର ଜନ୍ମ ସଜା କହୁଛି ମା, ମୁଁ ଅନେକ ସୁନ୍ଦରୀର ଚକ୍ଷୁ ମୁଖ ଲକ୍ଷ୍ୟ କରି ଦେଖିଛି ସେପରି ପ୍ରଚ୍ଛନ୍ନ କଦର୍ଯ୍ୟତାର ବାହାରର ଆବରଣ ମାତ୍ର । ଅନେକ ଧାର୍ମିକର ବକ୍ଷରେ ଆଘାତ କରି ଦେଖିଛି ସେ ଯେପରି ଅଧର୍ମର ମୂର୍ତ୍ତି ବିଗ୍ରହ, ମାତ୍ର ଗୋଟିଏ ଜିନିଷ ମୋର ଅଭିଜ୍ଞତାର ଅଗୋଚର ଥିଲା । ଯାହାକୁ ମୁଁ ଏ ପର୍ଯ୍ୟନ୍ତ ଆସ୍ୱାଦନ କରି ପାରିନାହିଁ । ସେ ହେଉଛି ମୋର 'ମା', ମୋର ଉପେକ୍ଷିତ ଜୀବନର ସହସ୍ର ବିଭୁଷ୍ଣାର ମଧ୍ୟେ ଏଇ ମାତ୍ର ଆକଣ୍ଠ ତୃଷା ମୋତେ ବଞ୍ଚାଇ ରଖିଛି । ମୁଁ ମୋର ମା'କୁ ଖୋଜେ, ମୁଁ ମୋର ମା'କୁ ଖୋଜେ ।

କମଳା—ମୋର ଅନୁରୋଧ ଶଙ୍ଖଧର, ତୁମ୍ଭେ ପ୍ରଜାମାନଙ୍କ ଉପରେ ଆଉ ଅତ୍ୟାଚାର କର ନାହିଁ ।

ଶଙ୍ଖଧର—ମୁଁ ତ ବୁଝିପାରୁ ନାହିଁ ସେ ମନୁଷ୍ୟ ମୋତେ ଏତେ ଅତ୍ୟାଚାରୀ ବୋଲି କାହିଁକି କହନ୍ତି ? ମୋର ରାଜତ୍ୱ ସମୟରେ ମୁଁ କୌଣସି ଲୋକଙ୍କୁ ପ୍ରାଣଦଣ୍ଡ ଦେଇ ନାହିଁ । ମୋ ସୈନ୍ୟମାନେ ଯୁଦ୍ଧଲାଗି ପ୍ରସ୍ତୁତ ଅଛନ୍ତି ସତ; କିନ୍ତୁ କାହା ଅଙ୍ଗରେ ଏ ପର୍ଯ୍ୟନ୍ତ ଅସ୍ତ୍ରାଘାତ କରି ନାହାନ୍ତି । ମୁଁ ପ୍ରଜାମାନଙ୍କୁ ଅଧୀନସ୍ଥ କରିବା ଲାଗି ସେମାନଙ୍କର ଘରଦ୍ୱାର ପୋଡ଼ି ଦେଇଥିଲି, ପୁଣି ମଧ୍ୟ ଖୁବ୍ ଭଲ ମଜବୁତ ଘର ତିଆରି କରି ଦେଇଛି । ଆଉ ଦିନେ ଗୋଟାଏ ପ୍ରତାରକ ବୈଷ୍ଣବଙ୍କୁ ଦୁଇ ଗୋଡ଼ାଏ ଚାବୁକ ମାରି ତାକୁ ଗୋଟାଏ ଭଲ ସ୍ଥାନରେ ଖଟାଇ ଦେଇଛି, ଏଥିରେ କି ମୁଁ ଅତ୍ୟାଚାରୀ ମା ।

କମଳା—ଶଙ୍ଖଧର, ତୁମ୍ଭଙ୍କୁ ବୁଝିବା ବଡ଼ କଠିନ ।

ଶଙ୍ଖଧର · ସେ କଥା ସ୍ୱୀକାର କରୁଛି ରାଜଲକ୍ଷ୍ମୀ, ଲୋକ ଖୁବ୍ ଭଲ ଭାବେ ବୁଝିପାରେ ରାଜା ମନ୍ତ୍ରୀମାନଙ୍କୁ ତାଙ୍କର ସହାୟତା ଓ ସହୃଦୟତାର ସୁଯୋଗ ନେଇ ଠକାଇ ପାରେ, ଆଉ ମଧ୍ୟ ପ୍ରାଣ ନାଶର ଷଡ଼ଯନ୍ତ୍ର କରି ପାରେ । ସୁଦ୍ଧା ସେଇ କାରଣରୁ ମୁଁ କିଛିଦିନ ପାଇଁ ତାଙ୍କୁ ସିଂହାସନରୁ ତଡ଼ି ଦେଇ ସୁଦ୍ଧା ସ୍ୱବୁଦ୍ଧି ସାହାଯ୍ୟରେ ଶାସନ କରୁଛି ଏ ଦେଶଟା । ମୋର

ଉଦ୍ଦେଶ୍ୟ ପ୍ରନଷ୍ଟ ମୁକ୍ତକାମଙ୍କୁ ସିଂହାସନରେ ବସାଇବ । ନୂତନ କରି ତୁମ୍ଭର ରାଜ୍ୟାଭିଷେକ ଦେଖିବ, ଏ ରାଜ୍ୟରେ ସମ୍ପୂର୍ଣ୍ଣ ନିରୁପଦ୍ରବ ଭାବେ ରାଜତ୍ୱ କରିବେ ରାଜା ମୁକ୍ତକାମ । ମା ମୋର ପ୍ରାର୍ଥନା ପୂର୍ଣ୍ଣ କର, ଆଗାମୀ ପୂର୍ଣ୍ଣିମା ତିଥି ପର୍ଯ୍ୟନ୍ତ ତୁମ୍ଭେ ଏଠାରେ ବନ୍ଦୀ ।

କମଳା—କିନ୍ତୁ ଶକ୍ତିଧର—

ଶକ୍ତିଧର—ନା ନା, କୌଣସି କଥା ଶୁଣିବି ନାହିଁ । ଆଗାମୀ ପୂର୍ଣ୍ଣିମା ତିଥି ମଧ୍ୟରେ ମୁଁ ପ୍ରମାଣ କରାଇ ଦେଖାଇବି, ତୁମ୍ଭର ଏ ଦୁଃଖ ଭୋଗ ଲାଗି ଦାୟୀ କିଏ, ମୁଁ କି ବଜ୍ରବାହୁ ?

କମଳା - ମୁଁ ଥରେ ମାତ୍ର ମୁକ୍ତକାମ ସଙ୍ଗରେ ସାକ୍ଷାତ୍ କରି ଫେରି ଆସିବି ।

ଶକ୍ତି—ନା, ନା, ତା ହୋଇ ପାରିବ ନାହିଁ । ମୁଁ ରାଜା ମୁକ୍ତକାମଙ୍କୁ ଉତ୍ତେଜିତ କରିବି । ପରୀକ୍ଷା କରି ଦେଖିବି ତାଙ୍କର ଧର୍ମବୁଦ୍ଧି କେତେ, ଆଉ ତ୍ୟାଗ ବୁଦ୍ଧି କେତେ । ଲୋକେ କହନ୍ତି, ମୁକ୍ତକାମ ଜଣେ ଦେବତା । ଆଉ ମୁଁ ଗୋଟାଏ ପାଷଣ୍ଡ ପଶୁ । ତେଣୁ ମୁଁ ତାଙ୍କୁ ଗୋଟାଏ ଶ୍ରେଷ୍ଠ ଆଘାତ କରି ଦେଖିବି ସେ ଦେବତାର ବକ୍ଷରେ ମୋ ପରି ପଶୁର ଅଛି କି ନା । ଦେଖ ! ତୁମେ ଜାଣ, ମୋ ସ୍ତ୍ରୀ ବିଷ ଖାଇ ମରିଥିଲା ?

କମଳା—ନାହିଁ କି, କାହିଁକି ?

ଶକ୍ତିଧର - ମୁଁ ଅଜ୍ଞାତ କୁଳଶୀଳ, ସେ ଥିଲା ବ୍ରାହ୍ମଣ କନ୍ୟା । ସମାଜର ଲାଞ୍ଛନା ସହ୍ୟ କରିପାରିଲା ନାହିଁ । ଖାଲି ସେହି କାରଣରୁ ମୁଁ ମନୁଷ୍ୟଙ୍କୁ ଘୃଣା ନ କରି ରହିପାରେ ନା । ମନୁଷ୍ୟ ଜାଣେ ମୁଁ ଗୋଟାଏ ଘୃଣିତ ପଶୁ । ମୁଁ ସେହି କାରଣରୁ ତୁମ୍ଭଙ୍କୁ ଗୋଟାଏ ସପ୍ତାହ ଲାଗି ବନ୍ଦୀ କରି ତୁଳନା କରି ଦେଖାଇବି ମୁକ୍ତକାମର ଦେବତ୍ୱ କେତେ ବଡ଼ ଓ ମନୁଷ୍ୟର ତ୍ୟାଗ ବୁଦ୍ଧି ସୀମା ରେଖା କେଉଁ ପର୍ଯ୍ୟନ୍ତ ।

କମଳା—ସାତଦିନ ତୋ ନିକଟରେ ବନ୍ଦୀ ରହିଲେ—

ଶକ୍ତିଧର—ଲୋକେ ତୁମ୍ଭର ଚରିତ୍ର ସମ୍ବନ୍ଧରେ ନାନାକଥା କହିବେ, ମୁଁ ଜାଣେ । କିନ୍ତୁ ତୁମେ ତ ଜାଣ ତୁମ୍ଭେ ମୋର ମା ଆଉ ମୁଁ ତୁମ୍ଭର ସନ୍ତାନ । ମନୁଷ୍ୟର ବିଷାକ୍ତ ଜିହ୍ୱା ମୁକ୍ତକାମଙ୍କୁ ଦଂଶନ କରିବ । ସେ ବିଷର ପ୍ରଭାବରେ ଯେତେବେଳେ ସେ ଦେବତା ଛଟପଟ ହେବେ, ସେତେବେଳେ ଏ ପଶୁର ମନରେ କି ଆନନ୍ଦ । ମା ! ସନ୍ତାନକୁ ସେ ଆନନ୍ଦରୁ ବଞ୍ଚିତ କର ନା, ମା ।

ଉଗ୍ରସେନ—( ପ୍ରବେଶି ) ଉତ୍କଳ ପତି ରାଜା ରତ୍ନେଶ୍ୱର ଦ୍ୱାର ଦେଶରେ ଛିଡ଼ା ହୋଇ ତାଙ୍କର କନ୍ୟାର ସାକ୍ଷାତ ଚାହୁଁଛନ୍ତି ।

କମଳା—ବାବା ଆସିଛନ୍ତି ?

ଉଗ୍ରସେନ—ହଁ ।

ଶକ୍ତିଧର—ଉଗ୍ରସେନ, ଟିକେ ବାହାରକୁ ଯାଅ, ମୁଁ ଏ ସମ୍ବନ୍ଧେ କର୍ତ୍ତବ୍ୟ ନିର୍ଦ୍ଧାରଣ କରି ତୁମ୍ଭଙ୍କୁ ଡାକିବି ( ଉଗ୍ରସେନ ପ୍ରସ୍ଥାନ ) । ଦେଖ, ତୁମ୍ଭେ ତୁମ୍ଭର ପିତାଙ୍କ ସାକ୍ଷାତ ଚାହଁ ? ତା କରି ପାରିବ କିନ୍ତୁ ମୋତେ ଗୋଟାଏ ପ୍ରତିଶ୍ରୁତି ଦେବାକୁ ହେବ । ମୋର କାର୍ଯ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧେ ଯେପରି କୌଣସି କଥା ତାଙ୍କ ନିକଟରେ ପ୍ରକାଶ କରିବ ନାହିଁ । କୁହ, ସାକ୍ଷାତ କରିବାକୁ ଚାହଁ ?

କମଳା—ହଁ, ପ୍ରତିଶ୍ରୁତି ଦେଉଛି । ତୁମ୍ଭେ ଥରେ ମାତ୍ର ବାବାଙ୍କୁ ଏଠାକୁ ଡାକି ଆଣ ।

ଶକ୍ତିଧର - ଉଗ୍ରସେନ ! ଯାଅ ରାଜା ରତ୍ନେଶ୍ୱରଙ୍କୁ ଖୁବ୍ ଦୃଢ଼ ଭାବେ ଶୃଙ୍ଖଳିତ କରି ଏଠାକୁ ନେଇ ଆସ ।

କମଳା—ଶୃଙ୍ଖଳିତ କରି !

ଶକ୍ତିଧର—ହଁ ହଁ ଶୃଙ୍ଖଳିତ କରି । ନଚେତ୍ ମୋତେ ଆକ୍ରମଣ କରି ପାରନ୍ତି । ତୁମ୍ଭର ଗଳା ଚିପି ମାରି ପାରନ୍ତି । ଯା ଉଗ୍ରସେନ । ଯେପରି କହିଲି ସେପରି କର ।

( ଉଗ୍ରସେନ ପ୍ରସ୍ଥାନ )

କମଳା—ଶକ୍ତିଧର, ତୁମ୍ଭେ ରାଜା ମୁକ୍ତକାମଙ୍କୁ ପରୀକ୍ଷା କରୁଛ ନା ମୋତେ ଭୀଷଣ ପରୀକ୍ଷାରେ ପକାଉଛ ! ବାବା ଯେବେ ମୋତେ—

ଶକ୍ତି—ମା, ମୁଁ ମୋର ସ୍ତ୍ରୀର ମୃତ୍ୟୁଶଯ୍ୟାରେ ଗୋଟିଏ ଚମତ୍କାର ଦୃଶ୍ୟ ଦେଖିଥିଲି, ସେ ତାର କନ୍ୟା ସୁନନ୍ଦାକୁ ବକ୍ଷରେ ଚପି ମରିଥିଲା; କିନ୍ତୁ ମୋତେ ଥରେ ମାତ୍ର ତା ନିକଟକୁ ଡାକି ନ ଥିଲା କମ୍ୱା କିଛି ପଦେ କହି ନ ଥିଲା । ମା ନିକଟରେ ସନ୍ତାନ ଯେ କେତେ ପ୍ରିୟ, ତା ମୁଁ ବୁଝି ନାହିଁ । ଆଜି ବୁଝିଲି ମା, ଆଜି ବୁଝିଲି ।

ରତ୍ନେଶ୍ୱର—( ପ୍ରବେଶି ସମ୍ବୋଧେ ) କମଳା !

କମଳା—ବାବା !

ରତ୍ନେଶ୍ୱର—ଏହି ନର ପିଶାଚ କୁମାର ଶଙ୍ଖନାଦଙ୍କୁ ହତ୍ୟା କରିଛି ।

କମଳା—( ଅଧୋବଦନେ ଦଣ୍ଡାୟମାନ )

ରତ୍ନେଶ୍ୱର—ଆଉ ଯାହା କି ଶୁଣୁଛି ତାହା ସତ୍ୟ ?

କମଳା—କି କଥା ବାବା !

ରତ୍ନେଶ୍ୱର—ତୁ କୁକ୍କୁର ନିକଟରେ ଆତ୍ମସମର୍ପଣ କରିଛୁ । ପାପିଷ୍ଠୀ ! ମଲୁ ନାହିଁ, ଉଗ୍ରସେନ ମୋ ହାତ ଦୁଇଟା ବାନ୍ଧି ପକାଇଛି ନଚେତ୍ ମୁଁ ତୋତେ···( ମାରିବାକୁ ଉଦ୍ୟତ ହେବାରୁ ଶକ୍ତିଧର ବାଧା ଦେଲା ) ।

କମଳା—ଶକ୍ତିଧର ! ମୁଁ ଯେ ସହ୍ୟ କରି ପାରୁ ନାହିଁ ।

ଶକ୍ତିଧର—(ଉଗ୍ରସେନଙ୍କୁ) ରତ୍ନେଶ୍ୱରଙ୍କୁ ନେଇ ଫାଟକ ବାହାରେ ଶୃଙ୍ଖଳା ଖୋଲି ଦେଇ ବିଦାୟ କରିଦିଅ ।

( ଉଗ୍ରସେନ ତାହାହିଁ କଲେ )

କମଳା—(କାନ୍ଦି) ଶକ୍ତିଧର ଏ କି ଭୀଷଣ ପରୀକ୍ଷା ତୋର ?

ଶକ୍ତିଧର—ମା, ପ୍ରୟୋଜନ ହେଲେ ନିଜର ହାତରେ ନିଜର ମୁଣ୍ଡ କାଟି ଏ ଅପରାଧର ପ୍ରାୟଶ୍ଚିତ୍ତ କରିବି ମା ( ନତ ଜାନୁରେ ବସି ପଡ଼ିଲା ) ।

—*—

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

( ଧୂମକେତୁ ଗଞ୍ଜା ଚିଲମ ଧରି ମହାଦେବ ସାଜି ଧ୍ୟାନରେ ବସିଲା ପରି ବସିଥାଏ ଉଲ୍କା ପ୍ରବେଶି )

ଉଲ୍କା—ଖଣ୍ଡିଆ ! ମରଣ ନାହିଁ ? କେତେବେଳେ କୃଷ୍ଣ ଠାକୁର, କେତେବେଳେ ମହାଦେବ ସାଜି ବସିଛୁ ? ତୋର ମତଲବ କଅଣ ଖରାପ ହୋଇ ଗଲାଣି କି ? ଯା ଯା ଘରକୁ ଫେରିଯା ।

ଧୂମ—ଚୂପ୍ ଚୂପ୍, ମୋର ଧ୍ୟାନ ଭଗ୍ନ କରନା । ଏକାବେଳକେ ମଦନ ଭସ୍ମ କରିଦେବି !

ଉଲ୍କା—ଜାଣିଛୁ ଏଟା ରାଜବାଟୀ । ଏଠାକୁ ରାଜା ଶକ୍ତିଧର ଆସିପାରେ ।

ଧୂମ—ଆସୁନା ।

ଗୀତ

ଅଧୋ ନମିଳିତ ଆଖି ପ୍ରଭୁ ପଞ୍ଚାନନ
କରେ ସୁଖେ ପଞ୍ଚମୁଖେ ଗଞ୍ଜିକା ସେବନ
ସେ ପାଞ୍ଚ ପନ୍ଦର ଆଖି ଯେପରି ରକ୍ତ ଜବା
ମଦନ ପୋଡ଼ିଲେ ରତି ହୋଇବ ବିଧବା ।

ଉଲ୍କା—ରତିର ଗତି କି ହେବ ଗୋ,
ଆହେ ପଶୁପତି ରତିର କି ଗତି ହେବ ଗୋ ।
ସୁନାଟା ମୋର ଯା ଯା ଘରକୁ ଫେରିଯା, କାହିଁକି ପାଗଳାମି କରୁଛୁ ? ମୁଁ ରାଣୀ ହେଲେ ତୋତେ ଦରବାରଗିରିଟା ଦେବି । ତୁ ସେଇଠି ବସି ମୋ ମୁହଁକୁ ବଲବଲ କରି ଚାହିଁ ବସିଥିବୁ । ମୁଁ ତୋତେ ପଦସ୍ଥବାଳା ସଜାଇ ରଖିପାରେ କିନ୍ତୁ ସ୍ୱାମୀ ବୋଲି ସ୍ୱୀକାର କରିପାରିବି ନାହିଁ ।

ଧୂମ—ବୁଝୁଛି, ତୋର ମତଲବଟା ଖରାପ ହୋଇଗଲାଣି ।

ଉଲ୍କା—ତୁହି ମୋର ମତଲବଟା ଖରାପ କରିଦେଲୁ !

ଗୀତ

ଧୂମ—ତା ଥେଇ ଥେଇ ନାଚିବି ମୁଁ ସାଜି ଦିଗମ୍ବର
ଉଲ୍କା—ମର ମର ରେ ପୋଡ଼ାମୁହାଁ
ଲଜ୍ଜା ନାହିଁ ତୋ ବର ।

ଧୂମ—ମଦ ଗଞ୍ଜାଇ ଅଫିମ ଖାଇବ,
ଖାଇବ ବଟା ଭଙ୍ଗ

ଲଲ୍କା—ପଞ୍ଚଦଶ ମୂଠାରେ ଜାଣିଥା
ଖଣ୍ଡିଆ କାଢ଼ିଦେବ ସବୁ ରଙ୍ଗ ।

ଧୂମ—ମାନ କରନା ତୁହି ଯେ
ମୋର କଳର ଭଗବତୀ

ଲଲ୍କା—ତା ହେଲେ ମୋର ଚରଣ—
ତଳେ ହେଉ ତୋର ଗତି ।

ଲଲ୍କା—ଏଇ ଦେଖ, ରଜା ଆସୁଛି । ଶୀଘ୍ର ତୁ ଏଠାରୁ ପଳା । ନୋହିଲେ ତୋ କପାଳରେ ଭଲ ନାହିଁ ।

ଧୂମ—ଆଚ୍ଛା, ମୁଁ ଟିକେ ଏ ଅନ୍ତରାଳକୁ ଯାଉଛି । ଶୁଣିବ, ତୁ ରଜାକୁ କଅଣ କହୁଛୁ, ଆଉ ରଜା ତୋତେ କଅଣ କହୁଛି । ଆଉ ଯଦି କିଛି ବେଆଡ଼ା କାମ ଦେଖେଁ ଏ ଶିବ ତ୍ରିନୟନରୁ ଅଗ୍ନି ଜାଳ ଛୁଟିବ । ଏକାବେଳକେ ମଦନ ଭସ୍ମ କରିଦେବ (ପ୍ରସ୍ଥାନ) ।

ଲଲ୍କା—(ଶକ୍ତିଧରଙ୍କୁ ଦୂରରୁ ଦେଖି) ଆହା ରଜାର କି ରୂପ ! ଏ ରୂପକୁ କି ପୋଡ଼ାମୁହିଁ ନାଗିନୀ ସାଜେ ?

ଗୀତ

ଏକ ଅପରୂପ ରୂପ ଦେଖିଲି ଏ ନୟନ
କେଉଁ ସୁଯୋଗେ କେତେ ସୌଭାଗ୍ୟେ
ପାଇଥିଲି ମୋ କଷ୍ଟି କି ଯୋଗେ
ଯାହାକୁ ମନେ ହୃଦ ଆସନେ
ବସାଇବାରେ ଥିଲି ଉଚ୍ଚନ୍ନ ।
ସତେ ସ୍ୱପନ ମେଣ୍ଟିବ ଆଶା
ପାଇବ ଆଜ ପ୍ରେମ ବରଷା
ଚକୋର ଚନ୍ଦ୍ର ଲଭିବ ଆଜ
ରଙ୍କୁଣୀ ପାଇବ କି ରତନ ।

( ଶକ୍ତିଧରଙ୍କୁ ପ୍ରଣାମ କଲା )

ଶକ୍ତିଧର—କିଏ ତୁମ୍ଭେ ?

ଲଲ୍କା—ମୁଁ ଜଣେ ପଥହରା ଅବଳା ।

ଶକ୍ତି—ତୁମ୍ଭର ଏଠାରେ କି କାର୍ଯ୍ୟ ?

ଲଲ୍କା—ଏ ସଂସାରେ ମୋର ଆପଣାର କୋଇଲେ କେହି ନାହିଁ । ସେଥିପାଇଁ ରଜା ଶକ୍ତିଧରଙ୍କ ନିକଟ ଆଶ୍ରୟ ଭିକ୍ଷା କରିବାକୁ ଆସିଛି । ଆପଣ କି ରଜା ଶକ୍ତିଧର ?

ଧୂମ—(ନେପଥ୍ୟେ) ଦଫା ସରିଲା ରେ ବାବା ।

ଶକ୍ତିଧର—ତୁମେ ରଜା ଶକ୍ତିଧରଙ୍କୁ ଚିହ୍ନ ? ତାଙ୍କୁ କେବେ ଦେଖିଛ ?

ଲଲ୍କା—ଦେଖି ନାହିଁ, ତେବେ ଶୁଣିଛି ସେ ଅତି ସଦାଶୟ—ଆଶ୍ରିତ ପ୍ରତିପାଳକ ।

ଶକ୍ତି—ଏତେ ବଡ ମିଥ୍ୟା କଥା କେଉଁଠାରୁ ଶୁଣିଲ ସୁନ୍ଦରୀ ? ମୁଁ ତ ଶୁଣିଛି ସେ ବଡ଼ ଭୟାନକ ଅଧାର୍ମିକ ନାସ୍ତିକ ବ୍ୟଭିଚାରୀ ।

ଲଲ୍କା—ତେବେ ଆପଣ କି ରଜା ଶକ୍ତିଧର ନୁହନ୍ତି ?

ଶକ୍ତି—ତୁମେ କଅଣ ଅନୁମାନ କର ?

ଲଲ୍କା—ମୋର ମନେ ହୁଏ ଆପଣ ।

ଶକ୍ତି—କାରଣ ?

ଲଲ୍କା—ଆପଣ ଅତି ସୁପୁରୁଷ ।

ଶକ୍ତି—ସତେ ? କିନ୍ତୁ ସୁପୁରୁଷ ଶକ୍ତିଧର ନିକଟରେ ତୁମ୍ଭପରି ସୁନ୍ଦରୀ ସ୍ତ୍ରୀ ଆତ୍ମ ସମର୍ପଣ କରିବା ନିତାନ୍ତ ନିରାପଦ ନୁହେଁ । ତୁମ୍ଭେ କି ଶୁଣି ନାହଁ ଶକ୍ତିଧର ଭୟାନକ ଅଧାର୍ମିକ, ପରସ୍ତ୍ରୀପରାୟଣ ଦସ୍ୟୁ ।

ଲଲ୍କା—ମୁଁ ଆପଣଙ୍କ ରୂପ ଦେଖି ମୁଗ୍ଧ ହୋଇଛି । ମୋତେ ଆପଣଙ୍କ ପଦତଳେ ଆଶ୍ରୟ ଦିଅନ୍ତୁ ।

ଶକ୍ତି—ହାଃ ହାଃ ହାଃ ସୁନ୍ଦରୀ, ଏ ଦୁନିଆ ଗୋଟାଏ ତାଜୁଆଟୋକା । ନାଗିନୀ କୁଣ୍ଡଳିତା, ସେ ମୋତେ ଅପବାଦ କରେ । ଆଉ ତୁମ୍ଭେ ସୁନ୍ଦରୀ ମୋତେ ପ୍ରତ୍ୟାଶା କରୁଛ । ବେଶ୍ ବେଶ୍, ମୁଁ ତୁମ୍ଭକୁ ଆଶ୍ରୟ ଦେବି, ବିବାହ କରିବି, ରାଣୀକରି ସିଂହାସନରେ ବସାଇବି । ତା ହେଲେ ତୁମ୍ଭେ ସୁଖୀ ହେବ ତ ?

ଧୂମ—( ନେପଥ୍ୟେ ) ସର୍ବନାଶ ! ଆଉ ଲୁଚିବା କରିବାର ଆବଶ୍ୟକ ନାହିଁ । ବନ୍ଦୋବସ୍ତ ସେ ଏକାବେଳକେ ପକ୍କା ହୋଇଗଲା ।

ଶକ୍ତି—ଆଚ୍ଛା ସୁନ୍ଦରୀ, ତୁମ୍ଭେ ତ ଖୁବ୍ ନାଚ ଗାଇ ଜାଣ । ଗୋଟିଏ ଗୀତ ଗାଅ ତ ଶୁଣିବା ।

ଉଲ୍କା— (ଗୀତ)

ତବ ଚରଣତଳେ ଆଶ୍ରୟ ମୋର
କର ହେ ଦେନା ମୁଁ ଅତି ଦୀନା,
ଧିକ ଜୀବନ ଧିକ ଯୌବନ
ବିରହାନଳେ ମରେ ଆକୁଳେ
ବନ୍ଧୁ ! ଲଗାଅ କୂଳେ,
ହେ ପ୍ରିୟ ମୋର ଜୀବନ-ଈଶ୍ୱର
ପ୍ରେମର ସ୍ରୋତେ ଆସିଛି ବନେ
ବନ୍ଧୁ ଲଗାଅ କୂଳେ ।

( ଏସମୟେ ଧୂମକେତୁ ନାଚି ନାଚି ଭିତ୍ର ଆସିଲା )

ନାଚେରେ ଦେରେ ଦେରେ ତୁମ୍ ଦେରେ
ଦେରେ ଦେରେ ତାଥୁମ୍ ତାଥୁମ୍ ତା ନା ନା ।

( ୨-୩ ଥର ଉଚ୍ଚ ଉଚ୍ଚ ନାଚିଲା )

ଶଙ୍ଖଧର—କହୋ, ତୁମେ ପୁଣି କିଏ ?

ଧୂମ—ହାଃ, ବାବା, ରାବଣ ରାଜା ମୋ ସୀତାଟିକୁ ହରଣ କରି ନାହିଁ; ତା ପଦରେ ମୋର ଯଥାସର୍ବସ୍ୱ ଯାଇଛି । ମୁଁ ଆଜି ପଥର ଫକୀର ହୋଇ ବୁଲୁଛି । ତୁମ୍ଭେ ଯଦି ତାକୁ ଗ୍ରହଣ କର, ତେବେ ତୁମର ରାଜ୍ୟ ଯିବ, ଐଶ୍ୱର୍ଯ୍ୟ ଯିବ । ଅବଶେଷରେ ମୋ ପରି ଫକୀର ହୋଇ ଭେଁ ଭେଁ ହୋଇ ବୁଲିବ ।

ଶଙ୍ଖଧର—ତା ହେଲେ ଏ କି ରହସ୍ୟ ! ସୁନ୍ଦରୀ, ତୁମ୍ଭେ କି ବିବାହିତା ?

ଉଲ୍କା—ଆଜ୍ଞା, ସେହି କାରଣରୁ ତ ଆପଣଙ୍କ ନିକଟକୁ ଆସିଛି, ଆପଣ ରାଜା । ଆପଣ ବିଚାର କରି ଦେଖନ୍ତୁ, ଏଇଟା ବିବାହ ନୁହେଁ ଗୋଟାଏ ଅତ୍ୟାଚାର । ଏପରି ଜଦାକାର କୁତ୍ସିତ ପୁରୁଷ କି ମୋର ସ୍ୱାମୀ ହେବାର ଯୋଗ୍ୟ ? ସ୍ୱାମୀ ହେଲେ ମଧ୍ୟ ମୁଁ ତାକୁ ସ୍ୱାମୀ ବୋଲି ସ୍ୱୀକାର କରିବି ନାହିଁ ।

ଶଙ୍ଖଧର—ତା ତ ସତ, ତୁମେ କିଏ ହୋ ବାବୁ ?

ଧୂମ—ମୁଁ ଶ୍ରୀମତୀ ଉଲ୍କା ସୁନ୍ଦରୀର ସାକ୍ଷାତ୍ ସ୍ୱାମୀ ଶ୍ରୀମାନ୍ ଧୂମକେତୁ । ଉପସ୍ଥିତ କ୍ଷେତ୍ରରେ ମୁଁ ମହାଦେବ ସାଜିଛି ।

ଶଙ୍ଖଧର—କାହିଁକି ?

ଧୂମ—କଅଣ ଆଉ କହିବି କହନ୍ତୁ, ମୋର ଯଥାସର୍ବସ୍ୱ ଦେଇ ମୁଁ ଉଲ୍କା ସୁନ୍ଦରୀର ମନ ତୃପ୍ତି କରି-ପାରିଲି ନାହିଁ । ମୋର ଏହି କଳା ଆଲକାତରା ରଙ୍ଗ ଦେହ ହେଉଛି ଏହାର ଅସହ୍ୟ । ସେଥିପାଇଁ କେତେବେଳେ କୃଷ୍ଣ ଠାକୁର, କେତେବେଳେ ମହାଦେବ ସାଜି ଦେଖୁଛି ଯଦି ଏହାର ମନଟା ମନାଇପାରେ, ତେବେ ଜଗତରେ ଶତ ଯେ ପରମ ସୁଖ, ଏ କଥାଟା ବେଶ୍ ପ୍ରମାଣ କରିଇ-ପାରିବି ।

ଶଙ୍ଖଧର—ଜନ୍ତୁ ଶୁଣ ଧୂମକେତୁ, ତୁମର ଅପରାଧ ଅତି ଗୁରୁତର । ତୁମ୍ଭେ ନିତାନ୍ତ କୁତ୍ସିତ, ଏକଥା ଜାଣି ସୁଦ୍ଧା ଅପୂର୍ବ ସୁନ୍ଦରୀଟିକୁ ଗ୍ରହଣ କରିଛ । ତୁମ୍ଭେ ସ୍ୱାର୍ଥପର ଓ ଅରସିକ, ତେଣୁ ମୁଁ ତୁମ୍ଭକୁ କଠିନ ଶାସ୍ତି ଦେବି ।

ଧୂମ—ଯେ ଆଜ୍ଞା ! ମୋତେ ପ୍ରାଣଦଣ୍ଡ ଦିଅନ୍ତୁ । ଆପଣ ହେଉଛନ୍ତି ରାଜା, ମୁଁ ହେଉଛି ଜଣେ ପଥର ଫକୀର, ଆପଣ ଯେତେବେଳେ ମୋ ସ୍ତ୍ରୀଟିକୁ ନିତାନ୍ତ ପସନ୍ଦ କରି ପକାଇଲେଣି, ସେତେବେଳେ ଆଉ ମୋର ଉପାୟ କଣ ? ଆପଣଙ୍କ ହାତରେ ମୋର ଅଦୃଷ୍ଟକୁ ଯାହା ଘଟିବ, ତା ମୁଁ ବୁଝି-ପାରୁଛି ।

ଶଙ୍ଖ—ଅଚ୍ଛା, ତୁମ୍ଭେ ତୁମର ସ୍ତ୍ରୀକୁ ଖୁବ ଭଲ ପାଅ, ନା ?

ଧୂମ—ଆଜ୍ଞା, ମୁଁ କୁତ୍ସିତ କି ନା, ସେଥିଲାଗି ମୋ ସ୍ତ୍ରୀଟିକୁ ମୋ ପ୍ରାଣ ଅପେକ୍ଷା ଅଧିକ ଭଲ ପାଏ । ଆପଣ ସ୍ତ୍ରୀକୁ ଆପଣଙ୍କ ନିକଟରେ ରଖନ୍ତୁ, ସ୍ତ୍ରୀର ସୌନ୍ଦର୍ଯ୍ୟଦର୍ପଟା ଚୂର୍ଣ୍ଣ ହେଉ ଆଉ ବୁଝୁ, କୁତ୍ସିତ ଅଛି ବୋଲି ସୁନ୍ଦରୀର ଏତେ ଗୌରବ ।

ଶଙ୍ଖ—ବାଃ ବାଃ ତୁମ୍ଭେ ତ ବେଶ୍ ତତ୍ତ୍ୱଜ୍ଞାନ ଲାଭ କରିଛ ଦେଖୁଛି ।

ଧୂମ—ଆଜ୍ଞା, ଦସ୍ୟୁମାନେ ନିତାନ୍ତ ମୂର୍ଖ କି ନା, ସେ ପରା ମାଠାରୁ ବୁଦ୍ଧି ଶିଖନ୍ତି । ଆପଣ ତ ପଣ୍ଡିତ, ଆପଣ କଅଣ ଦେଖି ଶିଖିବେ ? ଆପଣ ଯେ ନାରୀକୁ ଜାଣିକି ବିବାହ କରିବାକୁ ବସିଥିଲେ, ସେ କଥା

ଅନ୍ୟ କଏ ଜାଣୁ ନ ଜାଣୁ ମୁଁ ବେଶ୍ ଜାଣି ନେଇଛି ।

ଶକ୍ତ — ଆଚ୍ଛା, କଅଣ କହ ତ ?

ଧୂମ — ଆପଣ ନେତ୍ରହନ୍ତ ରାଜ, ଆଉ ସୁନ୍ଦର ସୁପୁରୁଷ । ନାଗିଣୀ ଆପଣଙ୍କ ନିକଟରେ ନିତାନ୍ତ ଅଯୋଗ୍ୟା । ଆଜକୁ ପ୍ରାୟ ଏକ ବର୍ଷ ହେଲା ମୁଁ ଉଲ୍କା ସୁନ୍ଦରୀକୁ ବିବାହ କଲିଣି, କହିବାକୁ ଦୁଃଖ ହୁଏ । ପ୍ରଭୋ, କେବଳ ତାର ପଛେ ପଛେ ଗୋଡ଼ାଇଛି, ଏପର୍ଯ୍ୟନ୍ତ ତାର ସୁନ୍ଦର ମୁଖଖଣ୍ଡିକ ଦେଖିପାରି ନାହିଁ । ସେ ମୋତେ ଦେଖିଲେ ମୁହଁ ବୁଲାଇ ପଛ କରି ଛିଡ଼ା ହୁଏ, କଅଣ ଆଉ କରିବି କୁହନ୍ତୁ ?

ଶକ୍ତ — ବାଃ ବାଃ, ତୁମ୍ଭେ ତ ଖୁବ୍ ତତ୍ତ୍ୱଜ୍ଞାନୀ ନୁହଁ; ବେଶ୍ ସୁରସିକ । ଅଚ୍ଛା, ତା ହେଲେ ମୁଁ ତୁମ୍ଭ ସ୍ତ୍ରୀ ମୁହଁରେ ଗୁଡ଼ାଏ ଅଲକାତରା ବୋଳିଦେଉଛି, ସେ ନିଶ୍ଚେ ତୁମ୍ଭ ମୁହଁକୁ ଚାହିଁବ ।

ଧୂମ — ରକ୍ଷା କରନ୍ତୁ, ଆଉ ମୋର ପ୍ରୟୋଜନ ନାହିଁ, ମୋର ମୋହ କଟିଯାଇଛି, ମୁଁ ସୁନ୍ଦର ବା ସୁନ୍ଦରୀର ଚରଣରେ ସାଷ୍ଟାଙ୍ଗେ ପ୍ରଣିପାତ କରୁଛି ।
(ପ୍ରଣାମ କରିବା)

ଶକ୍ତ — ତା ହେଲେ ତୁମ ପ୍ରୀତିକୁ ମୁଁ ଗ୍ରହଣ କରୁଛି ।

ଧୂମ — ଦୟା କରି ତାହା ହିଁ କରନ୍ତୁ । ନାଗିଣୀ ଖୁବ୍ ପିଆଣିଆ ଅବସ୍ଥା ବୁଝି ଭବିଷ୍ୟତ ଚିନ୍ତା କରି ଆପଣଙ୍କ ଗଳାରେ ମାଳା ଦେବାକୁ ରାଜି ହେଲା ନାହିଁ । ଆପଣଙ୍କର ତ ଗୋଟାଏ ସ୍ତ୍ରୀ ଦରକାର, ତେବେ ସ୍ୱାକୁ ହିଁ ଗ୍ରହଣ କରନ୍ତୁ ।

ଶକ୍ତ — ପରର ବିବାହିତା ସ୍ତ୍ରୀକୁ ମୁଁ କପରି ବଳ କରି ବିବାହ କରିବି ?

ଧୂମ — ଆପଣ ନିର୍ବିବାଦେ ତା କରିପାରିବେ । ମୁଁ ନାରାୟଣ ଶିଳା ହାତରେ ଧରି ମୋର ସମସ୍ତ ଦାବି ସ୍ୱାଠାରୁ ପରିତ୍ୟାଗ କରିବି ।

ଶକ୍ତ — ସୁନ୍ଦରୀ, ତୁମ୍ଭର ମତ କଅଣ ? ସତ୍ୟ କି ତୁମ୍ଭେ ରାଣୀ ହେବାଲାଗି ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଛ, ଆଉ ମୋର ରୂପଯୌବନ ଦେଖି ବିବାହ କରିବା ଲାଗି ଇଚ୍ଛୁକ ? କହ, ଲଜ୍ଜା କର ନା ।

ଉଲ୍କା — ଆଜ୍ଞା, କହୁଛି ତ, ସ୍ୱା ସଙ୍ଗେ ସ୍ୱାମୀ-ସ୍ତ୍ରୀଭାବେ ସଂସାର-ଧର୍ମରକ୍ଷାକରିବା ମୋ ପକ୍ଷେ ନିତାନ୍ତ ଅସମ୍ଭବ । ଆପଣ ମୋତେ ···

ଶକ୍ତ — ଗ୍ରହଣ କରନ୍ତୁ, ଏଇଆ ତ କହିବାକୁ ଚାହଁ ? କଏ ଅଛି, ଗୋଟିଏ ତୀକ୍ଷ୍ଣ ଛୁରିକା ନେଇ ଆସ ତ ।

ଉଲ୍କା — ଯା ଯା ଖଣ୍ଡିଆ, ମରୁ ଯା ।

ଧୂମ — ତୀକ୍ଷ୍ଣ ଛୁରିକା କଅଣ ହେବ ରାଜା ?

ଶକ୍ତ — ହିଁ, ବିବାହର ଶୁଭ ଅଧିବାସ ହେବ, ତୁମ୍ଭର ଏ ସ୍ତ୍ରୀର ଚକ୍ଷୁଦ୍ୱୟଟି ନଷ୍ଟ କରିଦିଆଯିବ ।

ଧୂମ — ସେ କଥା କାହିଁକି ?

ଶକ୍ତ — ବୁଝି ଦେଖ, ସେ ବିବାହିତା ନାରୀ ମୋ ରୂପ-ଯୌବନ ଦେଖି ମୁଗ୍ଧ ହୋଇଛି, ତାକୁ ମୁଁ ଯେତେବେଳେ ପତ୍ନୀରୂପେ ଗ୍ରହଣ କରିବି, ତାର ଚକ୍ଷୁଦ୍ୱୟଟି ନଷ୍ଟ ନ କରି ବିବାହ କରିବି କପରି ? ଏ ଜଗତରେ ମୁଁ ଯେ କେବଳ ପରମ ସୁନ୍ଦର ନୁହେଁ, ମୋଠାରୁ ଆହୁରି ସୁନ୍ଦର ଓ ସୁପୁରୁଷ ମଧ୍ୟ ଅଛନ୍ତି । କାଲି ଯଦି ଏ ଅନ୍ୟ କାହାର ରୂପ ଦେଖି ମୁଗ୍ଧ ହୁଏ, ତେବେ ମୋର ଉପାୟ ? ଅତଏବ ମୁଁ ସ୍ୱାକୁ ଗ୍ରହଣ କରିପାରେ; କିନ୍ତୁ ସ୍ୱାର ଚକ୍ଷୁଦ୍ୱୟଟିକୁ ଗ୍ରହଣ କରିପାରେ ନା; କାରଣ, ଏ ଅତ୍ୟନ୍ତ ଅବିଶ୍ୱାସୀ ।

ଉଲ୍କା — (ପଦତଳେ ପଡ଼ି) ହାୟ ରାଜା, ମୁଁ ତୁମ୍ଭର ପଦତଳେ ପଡ଼ୁଛି, ମୋତେ କ୍ଷମା କର, ମୁଁ ରାଣୀ ହେବାକୁ ଚାହେଁ ନା, ମୋର ଚକ୍ଷୁ ଦୁଇଟି ନଷ୍ଟ କର ନା ! ଆଲୋ ମାଲୋ, ମୋର କି ସର୍ବନାଶ !

ଶକ୍ତ — ସେ କଥା କି ଆଉ ଏତେବେଳେ ? ଭାବି ଦେଖ, ମୋର କି ଦୁର୍ଭାଗ୍ୟ ! ମୋତେ କେହି କନ୍ୟାଦାନ କରିବାକୁ ରାଜି ହେଲେ ନାହିଁ, ନାଗିଣୀପରି ବୁଢ଼ୀ ବି ମୋତେ ଅପସନ୍ଦ କରୁଛି । ମୋର ତ ସ୍ତ୍ରୀଟିଏ ଦରକାର, ଅତଏବ ତୁମ୍ଭପରି ସୁନ୍ଦରୀଟିଏ ପାଇ ଛାଡ଼ିଦେବି କପରି ? ମୁଁ ତୁମ୍ଭକୁ ନିଶ୍ଚୟ ବିବାହ କରିବି, ରାଣୀ କରି ସିଂହାସନରେ ବସାଇବି । ତା ପୂର୍ବରୁ ତୁମ୍ଭର ଚକ୍ଷୁଦ୍ୱୟଟି ନଷ୍ଟ କରିବି ।

ଉଲ୍କା—( ଧୂମକେତୁକୁ ଧରି ) ତୁ ଟିକେ ରାଜାଙ୍କୁ ବୁଝାଇଦେଇ କହ, ମୁଁ ତୋତେ ଛାଡ଼ି କୁଆଡ଼େ ଯିବି ନାହିଁ । ମୁଁ ତୋତେ ଖୁବ୍ ଭଲ ପାଇବି, ଖୁବ୍ ଭକ୍ତି କରିବି । ତୋ ଗୋଡ଼ତଳେ ପଡ଼ୁଛି, ତୁ ଟିକେ ରାଜାଙ୍କୁ ବୁଝାଇ କହ, ମୋର ଚକ୍ଷୁ-ଦର୍ପଣଟି ନଷ୍ଟ ନ କରନ୍ତୁ ।

ଧୂମ—( ଶକ୍ତିପ୍ରତି ) ସତରେ କଅଣ ଆପଣ ମୋ ସ୍ତ୍ରୀର ଚକ୍ଷୁଦର୍ପଣଟି ନଷ୍ଟ କରିଦେବେ ?

ଶକ୍ତି—ନିଶ୍ଚୟ, ନତୁବା ବିବାହ କରିବ କିପରି ? ସ୍ତ୍ରୀକୁ ମୁଁ ବିଶ୍ୱାସ କରିପାରେ; କିନ୍ତୁ ସ୍ତ୍ରୀର ଚକ୍ଷୁ-ଦର୍ପଣଟିକୁ ବିଶ୍ୱାସ କରିପାରେ ନା । ଏ ଉଭୟଙ୍କର ଅବିଶ୍ୱାସୀ ।

( ପ୍ରହରୀ ଛୁରିକା ଆଣି ଶକ୍ତିଧରଙ୍କୁ ଦେଲା )

ଏଣିକି ଆସ ସୁନ୍ଦରୀ, ଶୁଭ ବିବାହର ପ୍ରଥମ ସମ୍ଭାଷଣଟା ହୋଇଯାଉ ।

ଧୂମ—ହାଃ ହାଃ, ତୁ କୁଆଡ଼େ ରାଣୀ ହେବୁ ?

(ଗୀତ)

ଏମିତି କଥାକୁ ସେମିତି ଖଞ୍ଜ
କେମିତି ହେଲ କହ ଭଲ ।
ଯେମିତି କରିଛୁ ସେମିତି ପାଆ
କରିଛୁ ମୋତେ ତୁ ବଲବଲ ॥
ତୁ ଯେମିତି କରିଛୁ ମୋତେ,
ତେଣୁ ଦଇବ ଦଣ୍ଡିଲା ତୋତେ,
ବୁଲି ବୁଲି କରି ସେହି ଅଗଣାକୁ
ଉମଣା ଆସିବ ଜଣାଗଲା ॥
ଏ ଦିଅଁ ଖୋସାମଦ କରନ୍ତେ,
ସେ ଦିଅଁ ଗୋଡ଼ ଲମ୍ବାନ୍ତେ,
ମନେ ମନ ନେଇ ଦୁଇ କୁଳଯାକ
ମିଳାଇଦେଲେ ମୋ କାମ ଗଲା ॥

ଉଲ୍କା—ନାଁ ନାଁ, ମୁଁ ରାଣୀ ହେବାକୁ ଚାହେଁ ନା । ମୋର ଚକ୍ଷୁଦର୍ପଣଟି ନଷ୍ଟ କରନା, ମୋର କି ସର୍ବନାଶ ! ( ଧୂମକୁ ଧରିବା )

ଧୂମ—ମୁଁ ଭାବେ, ତୁମ୍ଭେ ଉଦ୍ୟାନର ଅତ୍ୟାଗ୍ରସ୍ତ; ଲୋକେ କୁହନ୍ତି, ତୁମ୍ଭେ ପାଷଣ୍ଡ ଲମ୍ପଟ, କିନ୍ତୁ ଆଜି ମୁଁ ଯାହା ଦେଖୁଛି, ତୁମ୍ଭେ ଅତି ଉଦାରହୃଦୟ ମହାପୁରୁଷ । ତୁମ ପଦ ଧରୁଛି ମୋର ସ୍ତ୍ରୀଟିକୁ କ୍ଷମା ଦିଅନ୍ତୁ । ତୁମ୍ଭେ ଅନ୍ତର ଚକ୍ଷୁ ଫିଟାଇଦେଇ, ତୁମ୍ଭର ଏ ଶାଣିତ ଛୁରିକା ଦେଖି ମୋ ସ୍ତ୍ରୀର ଚକ୍ଷୁ ଫିଟିଯାଇଛି । ତେବେ ଆଉ କାହିଁକି ···?

ଶକ୍ତି—ନାଁ, ଏ ଦୁନିଆରେ ମୋର ଦୁଃଖ ଜାଣିବା ବାଲା କେହି ନାହାନ୍ତି, ଏଥର ଗୋଟିଏ ସୁନ୍ଦରୀ ପାଇ-ପାରିଲି ନାହିଁ, ନାଗିନୀ ମୋତେ ଚାହେଁ ନାଁ, ତେବେ ମୋର ଉପାୟ କଣ ? ସୁନ୍ଦରୀ ! ଟିକେ ତୁହଁ ।

ଉଲ୍କା—ନାଁ, ଆଜିଠାରୁ ମୋର ସ୍ୱାମୀକୁ ଖୁବ୍ ଭଲ ପାଇବି, ଖୁବ୍ ଭକ୍ତି କରିବି, ମୋତେ କ୍ଷମା କରନ୍ତୁ ।

ଶକ୍ତି—ମନୁଷ୍ୟର ତଣ୍ଟା ଚିପିଧରିଲେ ସେ କ୍ଷମା ଚାହେଁ । ମୁଁ ଜୀବନରେ ସମସ୍ତଙ୍କୁ ହିଁ କ୍ଷମା କରିଛି, କ୍ଷମା, କ୍ଷମା, କି ଆଶ୍ଚର୍ଯ୍ୟ ! ତା ହେଲେ ତୁମ୍ଭେ ବିଦାୟ ହୁଅ, ତା ପୂର୍ବରୁ ତୁମ୍ଭର ସ୍ୱାମୀର ପଦ ଧରି କ୍ଷମା ମାଗିନିଅ ।

ଉଲ୍କା—( ସ୍ୱାମୀପଦ ଧରି ) ମୁଁ ତୋତେ ଖୁବ୍ ଭଲ ପାଇବି, କ୍ଷମା ଦେ ।

( ଧୂମକେତୁ ଓ ଉଲ୍କା ଉଭୟେ ରାଜାଙ୍କୁ ପ୍ରଣାମ କରି ଚାଲିଗଲେ )

ଶକ୍ତି—ନାରୀ-ଚରିତରେ ଏକ ଦିଗରେ ନାଗିନୀ, ଅନ୍ୟ ଦିଗରେ ଉଲ୍କା, ନାଗିନୀକୁ ମୁଁ ଭଲ ପାଏ, ଉଲ୍କାକୁ କରେ ଘୃଣା; କିନ୍ତୁ ରାଜଲକ୍ଷ୍ମୀ କମଳାକୁ ଭୟ କରେ, ଭକ୍ତି କରେ, ମାତୃଜ୍ଞାନରେ ପୂଜା କରେ । କେବେ ସେ ପୂଜା ବୃଥା ନୁହନ୍ତି । ରାଜଲକ୍ଷ୍ମୀ, ତୁମ୍ଭର ସେହି ସକରୁଣ ସ୍ନେହଦୃଷ୍ଟି ମୋତେ ବଞ୍ଚାଇ ରଖିଛି । ( ପ୍ରସ୍ଥାନ )

## ଦ୍ୱିତୀୟ ଦୃଶ୍ୟ

( ଗୋଟିଏ ବୃକ୍ଷ ବରକୁ ଘେନି ନ୍ୟାୟାଳଙ୍କାର, ତର୍କରତ୍ନ, ଚୂଡ଼ାମଣି ଆଦିଙ୍କ ପ୍ରବେଶ )

ନ୍ୟାୟ—ତର୍କରତ୍ନ ମହାଶୟ ! ବରପାତ୍ରଟି ଯାହା ଯୋଗାଡ଼ କରିଛନ୍ତି, ଖୁବ୍ ମନ୍ଦ ନୁହେଁ; ବୟସ ଷାଠିଏ ମଧ୍ୟରେ ।

ତର୍କ—ନାଁ, ଏତେ ବେଶି ନୁହେଁ, ଟିକେ ରୋଗାଡାନ୍ତ ଥିବାରୁ ସେତେବେଳେ ଦିଶିଯାଉଛି !

ନ୍ୟାୟ—ହିଁ, ଯେଉଁ ରକମ ଗୋଟାଏ ବ୍ରାହ୍ମଣର ଜାତି-ଧର୍ମ ରକ୍ଷା କରିବା କଥା ତ, କିନ୍ତୁ କନ୍ୟାପାଣି ପ୍ରାପ୍ତ ହେବାର ପରେ ପରେ ବୈଧବ୍ୟବ୍ରତ ପାଳନ କରିବା ଶ୍ରେୟ ।

ତର୍କ—ନାଁ ନାଁ, ଆପଣ କଅଣ କହୁଛନ୍ତି, ଶ୍ୱାସ ରୋଗୀ ଖୁବ୍ ଦୀର୍ଘଜୀବୀ ।

ବର—ବିଭାଘରର ବେଶି ବିଳମ୍ବ କରୁଛନ୍ତି କାହିଁକି ? ମୁଁ ପରା ଟିକେ ବସିପାରୁ ନାହିଁ, ପୁଣି ନାଳବନ୍ତ ଖାଡ଼ାଟା ଏଇ ପେଟ ଗରମରେ ଧରିନେଲେଣି ।

ତର୍କରତ୍ନ—ହଁ, ଶୀଘ୍ର ଯୋଗାଡ଼ ହେଉଛି । ଚୂଡ଼ାମଣି, ଆଉ ଛୁଡ଼ା ହେଲ କାହିଁକି ? ଶୀଘ୍ର କନ୍ୟା ଘେନି ଆସ, ଲୋକେ ଭାରି ବ୍ୟସ୍ତ ହେଉଛନ୍ତି !

ଚୂଡ଼ାମଣି—ମୋତେ ଯେ ନଗଦ ଦୁଇ ଶହ ଟଙ୍କା ଦେବାର ଠିକ୍ ହୋଇଥିଲା, କାହିଁ ଦିଅନ୍ତୁ ।

ନ୍ୟାୟାଳଙ୍କାର—ହିଁ ଦଣ୍ଡବତ, ବସିପଡ଼ ବାବା ଭଦ୍ରେ ନାହିଁ କେ ତର୍କରତ୍ନ ମହାଶୟ, ଟଙ୍କାଟା ଆଦାୟର ବ୍ୟବସ୍ଥା କରିଦିଅନ୍ତୁ ।

ତର୍କରତ୍ନ—ବର ମହାଶୟ, ଟଙ୍କାଟା···

ବର—(କନ୍ୟାର କର୍ତ୍ତାଙ୍କୁ ଡାକି) ଆହେ ଟଙ୍କାଟା ଦେଇ-ଦିଅ, କାମଟା ଶୀଘ୍ର ସରିଯିବ ପରା !

କର୍ତ୍ତା—ନିଅ (ଏକ ଶହ ଟଙ୍କା ଦେଇ), ବର୍ତ୍ତମାନ ଶହେଟଙ୍କା ପୂର୍ଣ୍ଣ କାର୍ଯ୍ୟ ଶେଷରେ ଦିଆଯିବ ।

ଚୂଡ଼ାମଣି—ନାଁ ନାଁ, ମୁଁ ସମୁଦାୟ ହାତରେ ନ ଧରିଲେ କାର୍ଯ୍ୟ କରିପାରିବି ନାହିଁ । ମୋର ଗୋଟିଏ ମାତ୍ର ସନ୍ତାନ, ଖାଲି ଲୁଣ ଥିବାରୁ ଦ୍ୱାରେ ଦେଇ-ଦେଲି ।

ତର୍କରତ୍ନ—ଆହେ ଚୂଡ଼ାମଣି ! ଲୋକଙ୍କି କାମଧେନୁ ପରି, ଦୁହିଁପାରିଲେ ହେଲା, ପରେ ନେଲେ ଯିବ କଅଣ ?

ନ୍ୟାୟାଳଙ୍କାର—ନାହିଁ ହେ, ହେଁକ୍‌ଠୋକ୍ କାମଟା ଭଲ, ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଭୂତ-ଭବିଷ୍ୟତ ଅଛି ।

ତର୍କରତ୍ନ—(କର୍ତ୍ତାପ୍ରତି) ଦିଅ, ଦୁଇପୂର୍ବ ଟଙ୍କାଟା ଦେବ କି ? କାର୍ଯ୍ୟ ସରୁ, ତେଣିକି ଦେଖାଯିବ ।

ବର—(କର୍ତ୍ତାପ୍ରତି) ସବୁ ଟଙ୍କା ମାଗୁଛନ୍ତି ? ଦେଇଦିଅ, ଦେଇଦିଅ । ଖୁବ୍ ଜୋର୍ ପୋଖରୀ ତଳକୁ ଦେଲିଣି ଆଉ ଏତେ ସମୟ ହେବରେ ବସିପାରିବି ନାହିଁ ।

କର୍ତ୍ତା—ନିଅ ଟଙ୍କା, ଚୂଡ଼ାମଣି ! (ଟଙ୍କା ଦେଲେ)

ତର୍କରତ୍ନ—ଯାଅ ଚୂଡ଼ାମଣି, କନ୍ୟାକୁ ଘେନିଆସ ।

( ଚୂଡ଼ାମଣି କନ୍ୟା ଆଣିବାକୁ ଗଲେ)

ନ୍ୟାୟାଳଙ୍କାର—ବରକର୍ତ୍ତା ବରଙ୍କର କଅଣ ହୁଅନ୍ତି ହଇ ହେ କର୍ତ୍ତା ମହାଶୟ ? ଆପଣ ବରଙ୍କର କଅଣ ହୁଅନ୍ତି କି ?

କର୍ତ୍ତା—ବର ମହାଶୟ ଆମର କେଜେବାପା ହୁଅନ୍ତି ।

ନ୍ୟାୟାଳଙ୍କାର—ବାଃ ବାଃ, ବେଶ୍ ତ ! ( ଏ ସମୟରେ ନାଗିଆକୁ ଚୂଡ଼ାମଣି ମାଡ଼ ମାରିକା ଆଣିଲେ )

ନ୍ୟାୟାଳଙ୍କାର—ଥାଉ ଥାଉ ଚୂଡ଼ାମଣି, ମାଡ଼ ଧର କରନା ।

ତର୍କରତ୍ନ—ପଦପ୍ରହାର ତାର ଉପଯୁକ୍ତ ବ୍ୟବସ୍ଥା । ଦୁଇ ଦିନ ହେଲା ମୁଁ କଅଣ କମ୍ ବୁଝାଇଲିଣି ? ( ନାଗିଆପ୍ରତି ) ଆରେ, ପାଷଣ୍ଡ ଶକ୍ତିଧର ତୋତେ ବିବାହ କରିବ, ଏଟା ତୋତେ ଭଲ ହେବ ?

ବର—ଆଉ ମାରନା, ବୁଝାଇ କହ । ମୁଁ ଆଉ କେତେ ଦିନ, ଘରଦ୍ୱାର ସବୁ ତୁମର ।

ନାଗିଆ—ଶକ୍ତିଧର ଅପଣ୍ଡ ନୁହେଁ, ତୁମ୍ଭେମାନେ ପାଷଣ୍ଡ । ଶକ୍ତିଧର ଜଣେ, ଅବଳା ଉପରେ ଏତେ ଅତ୍ୟାଚାର କରି ନ ପାରେ, ଯାହା କି ତୁମ୍ଭେମାନେ କରୁଅଛ ।

ଚୂଡ଼ାମଣି—ମୁହଁ ଲଗାଇଦେବ କି । (ମାଡ଼ ଦେଲେ)

ନାଗିନା —ପିତା, ମୋତେ ମାରୁ ମାରୁ ମାରିଦେବା, ମୁଁ କେବେ ବିବାହ କରିବି ନାହିଁ । ମୋତେ ଗ୍ରହଣ କର ।

ଚର୍କରତ୍ନ—ଲଗାଉନା ମାଡ଼, କଅ, ବାଡ଼ କଅ (ବାଡ଼ ବଢ଼ାଇଦେବା) । ନଚେତ୍ ପଦପ୍ରହାର, ଆଉ ସ୍ବୟଂ ତ କଅଣ ?

(ଚୂଡ଼ାମଣି ପଦ ପ୍ରହାର କରିବାସମୟେ ଶକ୍ତିଧରର ପ୍ରବେଶ)

ଶକ୍ତିଧର—ସାବଧାନ ବ୍ରାହ୍ମଣ ! ( ସମସ୍ତେ ଭୟରେ ଥରହରିଲେ ) ବରଷାଫ ବୋଧ ହୁଏ ବେଶ୍ ଜରାଜୀର୍ଣ୍ଣ ବୃଦ୍ଧ ? କହ ନାଗିନା, ବର୍ତ୍ତମାନ ବିବାହ କରିବାକୁ ତୁମର ମତ କଅଣ ?

ନାଗିନା—ମୁଁ ତ ଆପଣଙ୍କୁ ମନେ ମନେ ବିବାହ କରିଛି, ଆଉ ଲୌକିକ ବିବାହରେ ପ୍ରୟୋଜନ କଅଣ ? ମୋତେ କ୍ଷମା କରନ୍ତୁ ।

ଶକ୍ତିଧର—କିଏ ଅଛ, ଏ ବୃଦ୍ଧକୁ ଚିକିତ୍ସାଳୟକୁ ନେଇଯାଅ । ଆଉ ଚାବୁକଟା ନେଇଆସ ।

(ପ୍ରହରୀ ତାହା ହିଁ କଲା)

ଶକ୍ତିଧର—(ଚାବୁକ ପିଟାଇ) ପ୍ରତ୍ୟେକଙ୍କୁ ପଚଶ ପ୍ରହାର, ଆସ ଜଣେ ଜଣେ ।

ବ୍ରାହ୍ମଣେ—କ୍ଷମା, କ୍ଷମା ।

ନାଗିନା—ଦେବତା, ମୋର ଅନୁରୋଧ, ଏଥର କ୍ଷମା ଦିଅନ୍ତୁ, ମୁଁ ପାଦତଳେ ପଡ଼ୁଛି ।

ଶକ୍ତିଧର—ଯାଅ ପାଷଣ୍ଡେ । (ପ୍ରସ୍ଥାନ)

—*—

## ତୃତୀୟ ଦୃଶ୍ୟ

ରତ୍ନେଶ୍ବର—(ପ୍ରବେଶି) ମୁକ୍ତିକାମ ! ମୁକ୍ତିକାମ ! !

ମୁକ୍ତିକାମ—(ପ୍ରବେଶି) ପିତା !

ରତ୍ନେଶ୍ବର—କଅଣ ଠିକ୍ କଲେ ?

ମୁକ୍ତିକାମ—କଅଣ ଆଉ ଠିକ କରିବ ? ବଜ୍ରବାହୁ ଯେ କାହିଁକି ଏବେ ଉଦ୍ଭ୍ରାନ୍ତ ହୋଇ ବସିଛି, ମୁଁ କିଛି ବୁଝିପାରୁ ନାହିଁ !

ରତ୍ନେଶ୍ବର—ବଜ୍ରବାହୁ ବର୍ତ୍ତମାନ ଆସୁଛି । ମୁଁ ବର୍ତ୍ତମାନ ତୁମ ଦୁଇଜଣଙ୍କ ସମ୍ମୁଖରେ, ତୁମେମାନେ ରକ୍ତ-ମାଂସରେ ଗଢ଼ା ମନୁଷ୍ୟ ନା ଆଉ କିଛି ?

ମୁକ୍ତିକାମ—କୁମାର ଶଙ୍ଖନାଦକୁ ଶକ୍ତିଧର ଯେ ହତ୍ୟା କରିଛି, ଏ କଥା କି ସତ୍ୟ ?

ରତ୍ନେଶ୍ବର—ନିଶ୍ଚୟ ସତ୍ୟ ।

ମୁକ୍ତିକାମ—ଓଃ, କି ପୈଶାଚିକ ପ୍ରବୃତ୍ତି ! କିନ୍ତୁ କମଳା କି ଏପର୍ଯ୍ୟନ୍ତ ଜୀବିତ ଅଛି ?

ବଜ୍ରବାହୁ—(ପ୍ରବେଶି) ହଁ ଅଛି, ଶକ୍ତିଧର ନିକଟରେ ଆତ୍ମସମର୍ପଣ କରି ପରମ ଶାନ୍ତିରେ କାଳାତିପାତ କରୁଛି ।

ରତ୍ନେଶ୍ବର—ଛି, ବଜ୍ରବାହୁ !

ବଜ୍ରବାହୁ—ସତ୍ୟ କଥାକୁ ଏତେ ଗୋପନ କାହିଁକି ?

ମୁକ୍ତିକାମ—ବଜ୍ରବାହୁ, ତୁମେ ମିଥ୍ୟାବାଦୀ ।

ବଜ୍ରବାହୁ—ତୁମେ ତ ମୋତେ ଚିରଦିନ ମିଥ୍ୟାବାଦୀ ବୋଲି ସନ୍ଦେହ କର । ଯେଉଁଦିନ ତୁମକୁ ଶକ୍ତିଧରକୁ ସିଂହାସନଚ୍ୟୁତ କରିବାଲାଗି କହୁଥିଲି, ତୁମେ କହୁଥିଲ, ମୁଁ ସିଂହାସନ ପାଇଁ ଲାଳାୟିତ ହୁଏଁ । ଆଜି କୁମାର ଶଙ୍ଖନାଦ ନିହତ ଆଉ ରାଜଲକ୍ଷ୍ମୀ କମଳା କୁଳଧର୍ମ ତ୍ୟାଗ କରି ସେହି ପାଷଣ୍ଡ ଶକ୍ତିଧରର ଅଙ୍କଶାୟିନୀ । ଛି, କି ଲଜ୍ଜା, କି ଅପମାନ !

ମୁକ୍ତିକାମ—ସାବଧାନ ବଜ୍ରବାହୁ ! ରସନା ସଂଯତ କରି କଥା କହ । ମୁଁ ପୁନଶ୍ଚ କହୁଛି, ତୁମେ ମିଥ୍ୟାବାଦୀ । ମୁଁ ତୁମର କୌଣସି କଥାକୁ ବିଶ୍ବାସ କରେ ନା ।

ବଜ୍ରବାହୁ—ବିଶ୍ବାସ କରିବାରେ କୌଣସି ପ୍ରୟୋଜନ ନାହିଁ । ମୋର ଉଦ୍ଦେଶ୍ୟ ଯେତେବେଳେ ଅସିଦ୍ଧ, ତେତେବେଳେ ମୋର ତୁମ ସଙ୍ଗରେ କୌଣସି ପ୍ରୟୋଜନ ନାହିଁ । ତୁମର ଚିରବିଶ୍ବାସିନୀ ପତ୍ନୀ ଆଜି ବ୍ୟଭିଚାରିଣୀ । ମୋର ସେଥିରେ ଯାଏ-ଆସେ କେତେ ?

ମୁକ୍ତିକାମ—ବଜ୍ରବାହୁ, ତୁମେ ଧୈର୍ଯ୍ୟର, ସୀମା ଟପି ଯାଉଛ ।

ବଜ୍ରବାହୁ —ତୁମ୍ଭେ ମୋର କ'ଣ କରିପାରିବ ? ତୁମ୍ଭର ଏ ରକ୍ତଚକ୍ଷୁକୁ ମୁଁ ଭୟ କରେ ନା ।

ରତ୍ନେଶ୍ୱର—କଅଣ କହୁଛ ବଜ୍ରବାହୁ ! ଅଭାଗିନୀ କମଳାଲାଗି ତୁମ୍ଭେ କି ଲଜ୍ଜିତ ନୁହଁ ?

ବଜ୍ରବାହୁ—କିନ୍ତୁ ଏ ଅପରାଧର ଦାୟୀ କିଏ ? ଶଙ୍ଖନାଦର ମୃତ୍ୟୁ ଆଉ କମଳାର ଏ ଅପକଳଙ୍କ- ଲାଗି ଦାୟିତ୍ୱ କାହାର ? ମୁକ୍ତିକାମ ଯେ ପରମ ଧାର୍ମିକ, ସେ ଆଜ ତାର ପ୍ରତିଜ୍ଞା ଅକ୍ଷୁଣ୍ଣ ରଖିବାକୁ ଚାହେଁ । ତାର ଇଚ୍ଛା, ବଜ୍ରବାହୁ ସିଂହାସନ ଉଦ୍ଧାର କରୁ, ଅବଶେଷରେ ସେ ରାଜପାଦରେ ମାଲିକ ହୋଇ ବସିବ । ଏ ନିର୍ଲଜ୍ଜ ବକଧାର୍ମିକତା ଅସହ୍ୟ ।

ମୁକ୍ତିକାମ—(ସକ୍ରୋଧେ) ବଜ୍ରବାହୁ ! ଏ ମନ୍ଦିର ମୋର, ତୁମ୍ଭେ ବର୍ତ୍ତମାନ ଏ ସ୍ଥାନ ପରିତ୍ୟାଗ କର । ମୁଁ ତୁମ୍ଭର କୌଣସି କଥା ଶୁଣିବାକୁ ଚାହେଁ ନା, ତୁମ୍ଭର ମୁଖଦର୍ଶନରେ ପାପ ।

ରତ୍ନେଶ୍ୱର—ତୁମାର ଶଙ୍ଖନାଦ ନିହତ, ରାଜଲକ୍ଷ୍ମୀ କମଳା ଆଜି ବନ୍ଦିନୀ । ତୁମ୍ଭେ ଦୁଇଜଣ ବ୍ୟକ୍ତି- ଗତ ମର୍ଯ୍ୟାଦାବୋଧର ଆଢ଼ୁକୁ ଯାଇ ଆତ୍ମକଳହ କରିବାକୁ ଉନ୍ମତ୍ତ, ଛି ଛି !

ମୁକ୍ତିକାମ—ନାଃ ପିତା, ବଜ୍ରବାହୁ ମୋର ସାଧୁତା ସମ୍ବନ୍ଧେ ଯେ କଟୋକ୍ତି କରିଛି, ତାର ପ୍ରାୟଶ୍ଚିତ୍ତ ନ କଲେ ମୁଁ ତାର ମୁଖ ଦର୍ଶନ କରିବି ନାହିଁ ।

ବଜ୍ରବାହୁ – ଯାହା ସତ୍ୟ, ଯାହା ପ୍ରତ୍ୟକ୍ଷ, ତା କିଛିମାତ୍ର ଅସ୍ୱୀକାର କରିବି ନାହିଁ, ଆକାଶରେ ଚନ୍ଦ୍ର ସୂର୍ଯ୍ୟ ସତ୍ୟର ମହିମା ପ୍ରଚାର କରୁଛନ୍ତି । ମନୁଷ୍ୟର ଶ୍ୱାସ-ପ୍ରଶ୍ୱାସରେ ମଧ୍ୟ ସତ୍ୟର ମହିମା ବିଦ୍ୟମାନ ଅଛି, ସତ୍ୟ ହିଁ ଏକମାତ୍ର ଧର୍ମ ।

ମୁକ୍ତିକାମ—ଚୁପ୍ କର ଭଣ୍ଡ ମିଥ୍ୟାବାଦୀ ! (ରତ୍ନେଶ୍ୱର ପ୍ରତି ) ପିତା ! ଆପଣ କି…

ରତ୍ନେଶ୍ୱର—ବଜ୍ରବାହୁର ଉକ୍ତି ଅକ୍ଷରେ ଅକ୍ଷରେ ସତ୍ୟ ।

ମୁକ୍ତିକାମ—ପିତା ! ଆପଣ କଅଣ କହୁଛନ୍ତି ? କମଳା କି ଶକ୍ତିଧର ନିକଟରେ ଆତ୍ମସମର୍ପଣ କରିଛି ?

ରତ୍ନେଶ୍ୱର—ହଁ, କମଳା ମୋର ଉଚ୍ଚ ମଥା ନତ କରିଦେଇଛି ।

ମୁକ୍ତିକାମ—ଦାଣ୍ଡପାଟରେ କିଏ କୌଣସି ଗୋଟାଏ କଥା କହିଲେ ତା କି ବିଶ୍ୱାସଯୋଗ୍ୟ ? ଆପଣ କଅଣ ଆପଣଙ୍କ କନ୍ୟାକୁ ଚିହ୍ନି ନାହାନ୍ତି, ସେ ବରଂ ଆତ୍ମହତ୍ୟା କରିପାରେ; କିନ୍ତୁ ଆତ୍ମସମର୍ପଣ କରିପାରେ ନା ।

ରତ୍ନେଶ୍ୱର—ନାଁ, ତା କରିନାହିଁ, ମୁଁ ସ୍ୱଚକ୍ଷୁରେ ଦେଖିବାକୁ ପାଇଛି, ସେ ଦୁଷ୍ଟରତା କୁଳତ୍ୟାଗିନୀ ପ୍ରଫୁଲ୍ଲିତ ଚିତ୍ତରେ ଶକ୍ତିଧର ନିକଟରେ ଛିଡ଼ା- ହୋଇଛି । ଶଙ୍ଖନାଦର ମୃତ୍ୟୁରେ ତାର ମୁଖ- ମଣ୍ଡଳରେ ଟିକେ ମାତ୍ର ବିଷାଦର ଛାୟା ପଡ଼ିନାହିଁ । ସେ କଥା ଭାବିଲେ ମୋର ମଥା ଘୂରିଯାଉଛି, ମୁଁ ଆଉ କିଛି କହିପାରୁ ନାହିଁ । ଉଗ୍ରସେନ ମୋର ହାତ ଦୁଇଟା ବାନ୍ଧିପକାଇଥିଲା ନଚେତ୍ ମୁଁ ତାକୁ…

ମୁକ୍ତିକାମ—ଆପଣଙ୍କର ମସ୍ତିଷ୍କର କଅଣ ବିକୃତି ଘଟିଛି କି ? କମଳା ବର୍ତ୍ତମାନ ଶକ୍ତିଧରର ଅନ୍ତଃପୁରରେ, ଆପଣ ସେଠାକୁ ଗଲେ କିପରି ?

ରତ୍ନେଶ୍ୱର—ସେ କଥା ମଧ୍ୟ କହୁଛି । ବଜ୍ରବାହୁଠାରୁ ଏସମସ୍ତ ଘଟଣା ଶୁଣି ମୁଁ ବିଚଳିତ ହୋଇଉଠିଲି ଓ ନିଜର ଜୀବନକୁ ବିପଦାପନ୍ନ କରି ଶକ୍ତିଧରର ଗଡ଼ଦ୍ୱାରରେ ଉପସ୍ଥିତ ହୋଇ କମଳାର ଦର୍ଶନ ଅପେକ୍ଷା କରିଥିଲି । ଶକ୍ତିଧର ଏ କଥା ଜାଣିପାରି ଉଗ୍ରସେନଦ୍ୱାରା ମୋତେ ଶୃଙ୍ଖଳିତ କରି ରାଜବାଟୀଭିତରକୁ ନେଇଗଲା ।

ମୁକ୍ତିକାମ—କମଳା ସଙ୍ଗେ ଆପଣଙ୍କର କୌଣସି କଥା- ବାର୍ତ୍ତା ହୋଇଛି ?

ରତ୍ନେଶ୍ୱର—ଶଙ୍ଖନାଦର ହତ୍ୟାକାଣ୍ଡଠାରୁ ତାର ଚରିତ୍ର ସମ୍ବନ୍ଧେ ନାନା ପ୍ରଶ୍ନ କରିଥିଲି, କିନ୍ତୁ ସେ ଲଜ୍ଜା ଲଜ୍ଜାରେ ମୁଖାବନତ କରି ଦୁଇ ଟୋପା ଅଶ୍ରୁ ଗଡ଼ାଇ ଚାଲିଯାଇଥିଲା । ମୁଁ କ୍ରୋଧରେ ପ୍ରଜ୍ୱଳିତ ହୋଇ ଉଠିଲି ସେହି ଶୃଙ୍ଖଳିତ ହସ୍ତରେ କମଳାକୁ ମାରିବାକୁ ଅଗ୍ରସର ହେଲି ।

ପଲକରେ ଶକ୍ତିଧର ବାଧା ଦେଇ ମୋର ଶୃଙ୍ଖଳ ଖୋଲି ଦ୍ୱାରଦେଶରେ ବିଦାୟ ଦେଲା ।

ବଜ୍ରବାହୁ — ସ୍ତ୍ରୀ ଜାତିକୁ ବିଶ୍ୱାସ କରଯାଏ ନା ମୁକ୍ତିକାମ, ସେଥିଲାଗି ମୁଁ ଚିରକୁମାର ।

ମୁକ୍ତିକାମ — ତୁମ୍ଭେ ଗୋଟିଏ ପଣ୍ଡିତ ପଶୁ ।

ରତ୍ନେଶ୍ୱର — ମୁକ୍ତିକାମ ! ତୁମର କଅଣ ବର୍ତ୍ତମାନ ବିବାଦ କରିବାର ସମୟ ?

ମୁକ୍ତିକାମ — ଆପଣଙ୍କ କଥା ଯେବେ ସତ୍ୟ ହୁଏ ପିତା, ତେବେ ବୁଝିଲି, ଏ ଜଗତରେ ବିଶ୍ୱାସ ବୋଲି କିଛି ବସ୍ତୁ ନାହିଁ । ପାତିବ୍ରତ୍ୟ ଗୋଟାଏ ଆକାଶ-କୁସୁମ, ସଂସାରର ଧର୍ମ ଗୋଟାଏ ପ୍ରହସନ । ବଜ୍ର-ବାହୁକୁ ମୁଁ ଚିରଦିନ ଅବିଶ୍ୱାସ କରିଆସୁଛି, ଆଜି ଯେବେ ତାର ସହୋଦର ଭଗ୍ନୀକୁ ଅବିଶ୍ୱାସ କରିବାକୁ ହୁଏ, ତେବେ ମୋର କୌଣସି ଦୁଃଖ ନାହିଁ ପିତା; କିନ୍ତୁ କହୁଛି, କାଲି ସୂର୍ଯ୍ୟୋଦୟ ହେବ, ବଜ୍ରବାହୁ ! କାଲି ସୂର୍ଯ୍ୟୋଦୟ ହେବ ।

ରତ୍ନେଶ୍ୱର — ମୁକ୍ତିକାମ ! କର୍ତ୍ତବ୍ୟ ନିର୍ଦ୍ଧାରଣ କର । ବିପଦବେଳେ ଧୈର୍ଯ୍ୟହରା ହୁଅ ନାହିଁ ।

ମୁକ୍ତିକାମ — କର୍ତ୍ତବ୍ୟ ! କାହାର କର୍ତ୍ତବ୍ୟ ? କିଏ ବିପନ୍ନ ? କମଳା ଯଦି ସ୍ୱ-ଇଚ୍ଛାରେ ତାର ପ୍ରବଞ୍ଚନା ନିକଟରେ ଆତ୍ମସମର୍ପଣ କରିଥାଏ, ତେବେ ମୁଁ ମୁକ୍ତ, କିନ୍ତୁ ମୁଁ ଶଙ୍ଖନାଦକୁ ଭୁଲିପାରିବି ନାହିଁ । ମୋର ପ୍ରବଞ୍ଚନାକୁ ମୁଁ କଠିନ ଶାସ୍ତି ଦେବି, ଯାହା ଦେଖି ଜଗତ ସ୍ତମ୍ଭିତ ହୋଇଯିବ ।

(ଜଣେ ଗୁପ୍ତଧାବକର ସେନ ପ୍ରବେଶ)

ପ୍ରହରୀ — ରାଜା ! ଆପଣଙ୍କ ଗୁପ୍ତଧାବକର ଜଣାନ୍ତି । ରାଜା ଶକ୍ତିଧର ରାଜଲକ୍ଷ୍ମୀ କମଳା ଦେବୀଙ୍କୁ ପାଇ ତା'ର ବିନିମୟେ ରାଧାରାଣୀଙ୍କୁ ପଠାଇଦେଇଛନ୍ତି ।

ମୁକ୍ତିକାମ — (ଦୂତକୁ ସାଙ୍ଗରେ ନେଇ ମନ୍ଦିରକୁ ଚାଲିଗଲେ)

ରତ୍ନେଶ୍ୱର — ମୁକ୍ତିକାମ ! ମୁକ୍ତିକାମ ! !

ମୁକ୍ତିକାମ — (ପ୍ରବେଶି) ତୁମ୍ଭେମାନେ ସମସ୍ତେ ଏଠାରୁ ଯାଅ, ମୁଁ ତୁମ୍ଭମାନଙ୍କଠାରୁ କିଛି ଶୁଣିବାକୁ ଚାହେଁ ନା ବିଶ୍ୱାସଘାତକଦଳ । ଏ ମୁହୂର୍ତ୍ତେ ଏଠାରୁ ଅନ୍ତର ହୁଅ । ରାଧାରମଣ ! ରାଧାରମଣ ! ମୋର ପ୍ରାଣାଧିକା ପ୍ରିୟତମାର ବିନିମୟେ ମୋତେ ଆଣି ରାଧାରାଣୀ ଦେଇଛ, ଆଉ ମୋଠାରୁ କଅଣ ଚାହଁ ? ଥାଅ ଥାଅ, ଯୁଗ-ଯୁଗାନ୍ତକାଳ ଏହି ମନ୍ଦିରରେ ପ୍ରତିଷ୍ଠିତ ଥାଅ, କିନ୍ତୁ ତୁମର ଶ୍ରୀରାଧାଙ୍କୁ ବିଶ୍ୱାସ କରିବି ନାହିଁ, ବିଶ୍ୱାସ କରିବି ନାହିଁ ।

(ପ୍ରସ୍ଥାନ)

---

## ପଞ୍ଚମ ଅଙ୍କ

### ପ୍ରଥମ ଦୃଶ୍ୟ

(ଶଙ୍ଖନାଦ ଓ ସୁନନ୍ଦା ଖେଳି ଖେଳି ପ୍ରବେଶ)

ଶଙ୍ଖନାଦ — ସୁନନ୍ଦା ! ସୁନନ୍ଦା ! କୁଆଡ଼େ ଗଲ ସୁନନ୍ଦା ?

ସୁନନ୍ଦା — କାହିଁକି ଡାକୁଛ ରାଜକୁମାର ? ମୁଁ ଯେ ଏଇଠି ଲୁଚିଥିଲି, ରାଜକୁମାର ମୋତେ ଖୋଜି ପାଇବେ କି ନା ?

ଶଙ୍ଖନାଦ — ଦୁଷ୍ଟାମି ଶିଖିଛ ସୁନନ୍ଦା ! ମୁଁ ତୁମକୁ ଗୋଟାଏ କଥା ପଚାରିବି, ଜାଣିଥିଲେ ଏକା ସତ କହିବ ।

ସୁନନ୍ଦା — କି କଥା ?

ଶଙ୍ଖନାଦ — ମୋ ସମ୍ବନ୍ଧେ ତୁମର ବାବା ତୁମକୁ କଅଣ କହୁଥିଲେ ?

ସୁନନ୍ଦା — କହୁଥିଲେ, ତୁ ରାଜକୁମାର ସଙ୍ଗେ ବେଶି ମିଳାମିଶା କରିବୁ ନାହିଁ ।

ଶଙ୍ଖନାଦ — କାହିଁକି ?

ସୁନନ୍ଦା — ତୁମେ ଯେ ରାଜକୁମାର ।

ଶଙ୍ଖନାଦ — ତୁମେ ଯେ ରାଜକୁମାରୀ ।

ସୁନନ୍ଦା — ରାଜକୁମାର, ତୁମେ ଯେ ଭୁଲ ବୁଝିଛ, ମୋର ପିତା ସାମାନ୍ୟ ପଥର ଭିକାରୀ । ଏ ରାଜ୍ୟ ତୁମର, ଆସନ୍ତା ପୂର୍ଣ୍ଣିମା ତିଥିରେ ଆମ୍ଭମାନଙ୍କୁ ତୁମ୍ଭେ ଏଠାରୁ ତଡ଼ିଦେବ ।

ଶଙ୍ଖନାଦ — କିଏ କହିଲା ?

ସୁନନ୍ଦା — ବାବା ।

ଶଙ୍ଖନାଦ — ନା ସୁନନ୍ଦା, ତୁମ୍ଭକୁ ଏଠାରୁ କେହି ତଡ଼ି-
ଦେବେ ନାହିଁ । ତୁମେ ଚିରଦିନ ମୋ ନିକଟରେ
ରହିବ ।

ସୁନନ୍ଦା — ତା କି ହୋଇପାରେ ? ମୋର ବାବା ଚାଲି-
ଗଲେ ମୁଁ କାହା ପାଖରେ ରହିବି ? ମୋର
ବାବାଙ୍କର ଆଉ କିଏ ଅଛି ?

ଶଙ୍ଖନାଦ — କାହିଁକି, ମୋ ନିକଟରେ ରହିବ ନାହିଁ ?
ମୁଁ ତୁମକୁ କେତେ ଭଲ ପାଇବି ।

ସୁନନ୍ଦା — ଛି ରାଜକୁମାର ! ଏ କଥା ମନରେ ଆଣନା,
ମୁଁ ମୋର ବାବାଙ୍କୁ ଛାଡ଼ି କେଉଁଠାରେ ରହି-
ପାରିବି ନାହିଁ ।

ଶଙ୍ଖନାଦ — (ଗୀତ)

ମଧୁବୋଳା ତୋର ବଧୂଲି ଅଧରେ
ସ୍ୱାଦ ଏ କଥାପଦଟି,
ସ୍ୱାଦୁତା ପାଇଁ ବନ୍ଧୁରେ ମୁହିଁ
ବନ୍ଧା ତୋ ପାଶେ ସଦାଟି ।

ସୁନନ୍ଦା — କି ଅଜଣା ମନ୍ତ୍ର ଶୁଣାଅ ମୋ କର୍ଣ୍ଣେ
କର୍ତ୍ତବ୍ୟ ବନ୍ଧ ବାଧାଟି,
ଅବାଧ ଗତିରେ ଗୋଡ଼ ଖସିଗଲେ
କି ଆଘାତ ହୃଦେ ବାଜେଟି ।

ଶଙ୍ଖନାଦ — ହୃଦୟ-କାନନେ କି ଉଚ୍ଚ ଆସନ
ତୋପାଇଁ ବାଛି ରଖିଛି,

ସୁନନ୍ଦା — ଛାଡ଼ ହାତ ମୋର ହେ ରାଜକୁମାର !
ନ ବନ୍ଧ ଆଉ ବାଧାଟି ।

( ସୁନନ୍ଦା ଚାଲିଯିବାକୁ ଉଦ୍ୟତ )

ଶଙ୍ଖନାଦ — ଯାଅନା ଯାଅନା ସୁନନ୍ଦା ! ଗୋଟିଏ
କଥା ଶୁଣ ।

ସୁନନ୍ଦା — କି କଥା ?

ଶଙ୍ଖନାଦ — ମୁଁ ତୁମ୍ଭକୁ ବିବାହ କରିବାକୁ ଚାହେଁ ।

ସୁନନ୍ଦା — ତା କି ହୋଇପାରେ ? ବାବା କହନ୍ତି, ତୁମେ
ଆମର ବଡ଼ ରାଜା । ରାଜା ଭିକାରୁଣୀ କ'ଣ ବିଭା ହୁଏ
ରାଜକୁମାର ? ଏ କଥା ଆଉ ମନରେ ଆଣ ନାହିଁ ।

ଶଙ୍ଖନାଦ — (ସୁନନ୍ଦାର ହାତ ଧରିନେବା)

ସୁନନ୍ଦା — ପୁଣି କାହିଁକି ମୋର ହାତ ଧରିଲ
ରାଜକୁମାର ? ତୁମେ କେବଳ ମୋତେ କନ୍ଦାଇ-
ବାକୁ ଭଲପାଅ ରାଜକୁମାର । (କ୍ରନ୍ଦନ)

ଶକ୍ତିଧର — (ପ୍ରବେଶି) କାହିଁକି କାନ୍ଦୁଛ ସୁନନ୍ଦା ?

ସୁନନ୍ଦା — ମୁଁ କହୁଛି ରାଜା ଭିକାରୁଣୀ ବିବାହ ହୁଏ
ନାହିଁ । ତେବେ ବୁଝା ରାଜକୁମାର ମୋତେ
ବିବାହ କରିବାକୁ ଚାହାନ୍ତି ।

ଶକ୍ତିଧର — ତା ହେଲେ ତ ଭାରି ବିପଦ । ଶଙ୍ଖନାଦ,
ତୁମେ ଜାଣ, ଏ ସୁନନ୍ଦା କିଏ ? ତାର ବାବାର
କୌଣସି ବଂଶପରିଚୟ ନାହିଁ, ତୁମେ ପରମ
ଧାର୍ମିକ ରାଜା ମୁକ୍ତିକାମଙ୍କର ପୁତ୍ର—ଏ କଥାଟା
ଭୁଲି ଯାଅ ନାହିଁ ? (ଶଙ୍ଖନାଦ ଚାଲିଗଲା)

କମଳା — କଅଣ ହୋଇଛି ?

ଶକ୍ତିଧର — ଶଙ୍ଖନାଦ ସୁନନ୍ଦାକୁ ବିବାହ କରିବାକୁ
ଚାହୁଁଛି; ସେଥିପାଇଁ ସୁନନ୍ଦା କାନ୍ଦୁଛି ।

କମଳା — କାନ୍ଦୁଛୁ କାହିଁକି ସୁନନ୍ଦା ? ଶଙ୍ଖନାଦ
ଯେତେବେଳେ ଏ ରାଜ୍ୟରେ ରାଜା ହେବ, ତୁ
ହେବୁ ଏ ରାଜ୍ୟର ରାଣୀ ।

ସୁନନ୍ଦା — ତା ହେବ କିପରି ? ରାଜା ଭିକାରୁଣୀ
କଅଣ ବିଭା ହୁଏ ? ମୁଁ ଶୁଣିଛି, ତୁମେ ମୋ ବାବାଙ୍କୁ
ତଡ଼ିଦେବ । ମୁଁ ବାବାଙ୍କୁ ଛାଡ଼ି କେଉଁଠି ରହି-
ପାରିବି ନାହିଁ । (ପ୍ରସ୍ଥାନ)

କମଳା — ଆହା ! କେଡ଼େ ସୁନ୍ଦର, କେଡ଼େ ମଧୁର
ଯାର ଅନ୍ତରବୃତ୍ତି ! ଶକ୍ତିଧର, ଶଙ୍ଖନାଦ ସଙ୍ଗେ
ଯାକୁ ବିବାହ ଦେବାକୁ ପଡ଼ିବ ।

ଶକ୍ତିଧର — ସେ କଥା ବର୍ତ୍ତମାନ ଥାଉ ରାଜଲକ୍ଷ୍ମୀ, ମୁଁ
ବଜ୍ରବାହୁ ନିକଟକୁ ଲୋକ ପଠାଇଛି, ସେ ବର୍ତ୍ତମାନ
ଆସିବ ତାର ସମସ୍ତ ଇତିକଥା ତୁମ୍ଭଙ୍କୁ ଶୁଣାଇବ,
ତେଣୁ ଗୋପନ ସାକ୍ଷାତର ବ୍ୟବସ୍ଥା କରିଛି ।

କମଳା — ସେ କି ଏଠାକୁ ଆସିବ ?

ଶକ୍ତିଧର — ନିଶ୍ଚୟ ଆସିବ, ସେତୁନିର୍ମାଣ ଓ ସୈନ୍ୟ-
ରକ୍ଷାପାଇଁ ମୁଁ ବହୁତ ଅର୍ଥ ତାକୁ ସାହାଯ୍ୟ କରିଛି ।
ତାର ପୂର୍ଣ୍ଣ ବିଶ୍ୱାସ ମୋଠାରେ ଜନ୍ମିଛି ।

କମଳା—ସେ ଯେ ଏବେ ସ୍ୱପ୍ନ, ଏବେ ସତ, ସେ କଥା ମୁଁ ଭାବିପାରୁ ନାହିଁ ଶଲ୍ୟଧର ।

ଶଲ୍ୟଧର—ସେ କଥା ତ ବହୁବାର ଶୁଣିଛୁ ଦେବି ! ଆଉ ତ ବେଶି ସମୟ ଅପେକ୍ଷା କରିବାକୁ ହେବ ନାହିଁ, ଟିକେ ଆଢୁଆଳରେ ଛିଡ଼ା ହେଲେ ବୁଝିପାରିବ, ବଜ୍ରବାହୁର ସ୍ୱରୂପ କି ରକମ । ସ୍ୱାର୍ଥସିଦ୍ଧି-ଲାଗି ମନୁଷ୍ୟର ପୈଶାଚିକ ପ୍ରବୃତ୍ତି ଯେ କେତେ ପ୍ରବଳ ହୋଇପାରେ, ତା'ର ଜ୍ୱଳନ୍ତ ପ୍ରମାଣ ତୁମକୁ ଆଜି ଦେଖାଇବି ।

କମଳା—ମୁଁ ଯେ ଭାବିପାରୁ ନାହିଁ ଶଲ୍ୟଧର ! ଏହା କି ସମ୍ଭବ ହୋଇପାରେ ? ସେ ଯେ ମୋର ଭାଇ, ସହୋଦର ଭାଇ ।

ଶଲ୍ୟଧର—ସହୋଦର ଭାଇ, ରକ୍ତର ସମ୍ବନ୍ଧ; ଦେବି ! ମୁଁ ସ୍ୱଚକ୍ଷୁରେ ଦେଖିଛି, ମନୁଷ୍ୟର ଦକ୍ଷିଣ ହସ୍ତ ବାମ ହସ୍ତକୁ ମାରୁଛି, ନିଜର ପ୍ରଭୁତ୍ୱ ଓ ପ୍ରାଧାନ୍ୟ ପ୍ରତିଷ୍ଠା କରୁଛି, ମନୁଷ୍ୟର ଦନ୍ତ ଦନ୍ତ ଘାତ ସେ ପ୍ରଥମମୁହୂର୍ତ୍ତରେ ତାର ଜିହ୍ୱାକୁ ଦଂଶନ କରିବାକୁ ଚାହେଁ । ସେ ଜିହ୍ୱା ଅଶେଷ ଶକ୍ତିରେ ବଞ୍ଚିରହିଛି; ସେ ନିଜର ସତର୍କତାରେ ଦନ୍ତର ଅନୁଗ୍ରହରେ ନୁହେଁ ଦେବି ! ଦନ୍ତର ଅନୁଗ୍ରହରେ ନୁହେଁ ।

କମଳା—ଚୁପ୍ କର ଶଲ୍ୟଧର ! ଏସବୁ କଥା ଭାବିଲେ ହୃଦସ୍ପନ୍ଦ-କ୍ରିୟା ଯେପରି ରୁଦ୍ଧ ହୋଇଆସେ, ଆଉ ସଂସାରକୁ ଗୋଟାଏ ଶ୍ମଶାନ ବୋଲି ମନେ କରିବାକୁ ହୁଏ ।

ଶଲ୍ୟଧର—ବଧ କରନ୍ତୁ ବା ହତ୍ୟା କରନ୍ତୁ, ମୁଁ ବଜ୍ରବାହୁକୁ ଶାସ୍ତି ଦେଇପାରନ୍ତି; କିନ୍ତୁ ତା ହୋଇଥିଲେ ମୁଁ ହୋଇଥାନ୍ତି ପୂର୍ଣ୍ଣ ଅବିଶ୍ୱାସୀ । ବଜ୍ରବାହୁ ଯେ ତୁମର ଭାଇ, ମୁଁ ତ କେହି ନୁହେଁ; ମୁଁ ଗୋଟାଏ ପିତୃ-ମାତୃହୀନ ପଥର ଭିକାରି ।

ଉଗ୍ରସେନ—( ପ୍ରବେଶି ) ବଜ୍ରବାହୁ ଆସିଛି ।

ଶଲ୍ୟଧର—ଯାଅ, ଶୀଘ୍ର ଏ ସ୍ଥାନରେ ଲୁଚିଯାଅ । ହଁ, ତୁମେମାନେ ପ୍ରସ୍ତୁତ ଥାଅ, ତାକୁ ବନ୍ଦୀ କରିବା ଆଜି ନିତାନ୍ତ ଆବଶ୍ୟକ । ଯାଅ । ( କମଳାପ୍ରତି ) ଯାଅ ରାଜଲକ୍ଷ୍ମି ! ଟିକେ ଆଢୁଆଳକୁ ଯାଅ । ସେଠାରେ ଛିଡ଼ାହୋଇ ବୁଝିପାରିବ ବଜ୍ରବାହୁର ସ୍ୱରୂପ କି ରକମ । ହଁ, ଆଉଥରେ ଶୁଣ, ଉନ୍ମାଦ ଯେପରି ଏଠାକୁ ନ ଆସେ ।

( କମଳା ପ୍ରସ୍ଥାନ କଲେ, ବଜ୍ରବାହୁକୁ ଘେନିକରି ଉଗ୍ରସେନ ପ୍ରବେଶ )

ଶଲ୍ୟଧର—(ବଜ୍ର ହସ୍ତଧରି) ଆସ ବନ୍ଧୁ, ସମାଚାର ସବୁ ଶୁଭ ତ ?

ବଜ୍ରବାହୁ—ହଁ ଶୁଭ । ମୁକ୍ତିକାମ ଉନ୍ମତ୍ତ ହୋଇ ଧାଇଁଛି, ସେ ନିଜ ହାତରେ ତାର ପ୍ରବଞ୍ଚନାକୁ ଶାସ୍ତି ଦେବ, ଆମ୍ଭମାନଙ୍କର କୌଣସି ସାହାଯ୍ୟ ଚାହେଁ ନା ।

ଶଲ୍ୟଧର—ତା'ପରେ ?

ବଜ୍ରବାହୁ—ତା'ପରେ ଆଉ କଅଣ ? ବର୍ତ୍ତମାନ ନୂତନ କରି ସୈନ୍ୟ ସଂଗ୍ରହ କରିବା ତା'ପକ୍ଷେ ନିତାନ୍ତ ଅସମ୍ଭବ । କେବଳ କେତେଗୁଡ଼ିଏ ମୂର୍ଖ ପ୍ରଜାଙ୍କୁ ସଙ୍ଗରେ ଘେନି ଆସିପାରେ; କିନ୍ତୁ ସେମାନେ କେତେ ପାର ହେବେ କହିବ ? ସେଇଟା ଯେ ମୋର ।

ଶଲ୍ୟଧର—ତେବେ ବର୍ତ୍ତମାନ ମୁକ୍ତିକାମକୁ ହତ୍ୟାକରି ପାରିଲେ ଖୁବ୍ ଭଲ ହୁଅନ୍ତା ।

ବଜ୍ରବାହୁ—ମୁଁ ତ ସେ କଥା ତୁମକୁ ବହୁବାର କହିଛି, ତୁମେ ଯଦି କହ, ମୁଁ ବର୍ତ୍ତମାନ ତାର ଜୀବନଲୀଳା ଶେଷ କରି ଦେଇପାରେ ।

ଶଲ୍ୟଧର—ନା ବଜ୍ରବାହୁ ! ତୁମେ ତା କରନା, ମୁଁ ଏଠାରୁ ନିଜେ ବଧ କରିଆସି ଖୁବ୍ ନୃଶଂସଭାବେ ହତ୍ୟା କରିବ ।

ବଜ୍ରବାହୁ—ସେ ଲଜ୍ଜା ତୁମର ଜାଣେ ବୋଲି ତ ଏ ପର୍ଯ୍ୟନ୍ତ ତାକୁ ବଞ୍ଚାଇ ରଖିଛି । ଆଚ୍ଛା, କମଳା କି ତୁମର କଥାଟା ସ୍ୱୀକାର କରିଛି ?

ଶଲ୍ୟଧର—ଅସ୍ୱୀକାର କରିଛି । ସ୍ତ୍ରୀ ଲୋକ ତ ଆଉ କେତେ ଦିନ ସ୍ଥିରହୋଇ ରହିପାରେ

ବଜ୍ରବାହୁ—ଏଇଥିଲାଗି ସ୍ତ୍ରୀ ଜାତିକୁ ମୁଁ ଅତ୍ୟନ୍ତ ଘୃଣା କରେ । ତେଣୁ ମୁଁ ଅବିବାହିତ ।

କମଳା—(ପ୍ରବେଶି) ତୁ ଚଉ ଦୁମାର ? ସୈରାନ ତୁ ଅତ ଦୁର୍ଗନ୍ଧମୟ ଚଉ ନରକ । ତୁ ଅତ ଘୃଣିତ, ନର ପିଶାଚ । ଶଙ୍ଖଧର ! ତୋର ମାତୃ ଆଦେଶ ପାଳନକର ବର୍ତ୍ତମାନ ଏ ନର ପିଶାଚକୁ ବଧକର ।

ବଜ୍ରବାହୁ—(ବସ୍ମିତହୋଇ) ଏ କଅଣ ଶଙ୍ଖଧର ?

ଶଙ୍ଖଧର ଏଇ ତ ସଂସାର ବନ୍ଧୁ ! ଲୋଭେ ପାପ, ପାପେ ମୃତ୍ୟୁ, ଆପାତତଃ ତୁମ୍ଭେ ମୋର ବନ୍ଦୀ ।

ବଜ୍ରବାହୁ—(କ୍ରୋଧେ) ବିଶ୍ୱାସଘାତକ ।

ଶଙ୍ଖଧର – ବିଶ୍ୱାସ, ହଃ ହଃ ହଃ, ବିଶ୍ୱାସ !

ବଜ୍ରବାହୁ – ପ୍ରସ୍ଥାନର ପଥ ପରିଷ୍କାର ନ କରି ଶତ୍ରୁ ଗୃହରେ ପ୍ରବେଶ କରି ନ ଥାନ୍ତି । ଶଙ୍ଖଧର ! ଏ ରାଜପ୍ରାସାଦରେ ମୋର କିଛୁ ଅପରିଚିତ ନୁହେଁ । ଅନ୍ତଃପୁର ପଛ ପାଚେରି ତେର୍ଲି ପଳାଇବି । ସେଠାରେ ମୋର ଦ୍ରୁତଗାମୀ ଅଶ୍ୱ ବନ୍ଧା ହୋଇଛି । ପାରୁତ ମୋର ଗତି ରୁଦ୍ଧ କର । (ଯିବାବେଳେ ଶଙ୍ଖଧର ତାର ପଗଡ଼ି ଧରିପକାଇ ନିରସ୍ତ୍ର ହେଲା )

ଶଙ୍ଖଧର – ଉଗ୍ରସେନ ! ଉଗ୍ରସେନ,··· !

( ଉଗ୍ରସେନ ପ୍ରବେଶ )

ଅନ୍ତଃପୁର ପଛ ପାଚେରି ଡେଇଁ ପଳାଇଛି । ସେଠାରେ ତାର ଦ୍ରୁତଗାମୀ ଅଶ୍ୱ ବନ୍ଧାଅଛି । ଯାଅ, ଶୀଘ୍ର ଯାଅ, ତାକୁ ବଧ କର ନଚେତ୍ ସବୁ ବ୍ୟର୍ଥ ।

କମଳା – ଶଙ୍ଖଧର ! ମୁଁ ଆଉ କୌଣସି ପ୍ରମାଣ ଲୋଡ଼େଁ ନା । ମୁଁ ବେଶ୍ ବୁଝିପାରୁଛି, ରାଜା ମୁକ୍ତିକାମର ଜୀବନ ଆଉ ବିପନ୍ନ । ସେ ଯେଉଁଠାରେ ଥାନ୍ତୁ, ତାଙ୍କୁ ଖୋଜ ଦେଇଆସ ।

ଶଙ୍ଖଧର – ଯରବ )

କମଳା – ଶଙ୍ଖଧର ! ମୋର କୌଣସି କଥା କ ଶୁଣିପାରୁ ନାହଁ ?

ଶଙ୍ଖଧର –(ଅନ୍ୟମନସ୍କଭାବେ) ହଁ, କଅଣ କହୁଛ ?

କମଳା – ମୁଁ କହୁଛି, ରାଜା ମୁକ୍ତିକାମଙ୍କୁ ଅବିଳମ୍ବେ ଖୋଜ ଆଣ, ତାଙ୍କ ଜୀବନ ଆଉ ବିପନ୍ନ, ବଜ୍ରବାହୁ ତାଙ୍କୁ ହତ୍ୟା କରିପାରେ ।

ଉଗ୍ରସେନ—(ପ୍ରବେଶି) ଅଶ୍ୱ ଉଡ଼ାଇ ବହୁ ଦୂର ଚାଲିଯାଇଛି । ତାର ଗତିରୁଦ୍ଧ କରି ସମ୍ପୂର୍ଣ୍ଣ ଅସମ୍ଭବ ।

ଶଙ୍ଖଧର – ତା'ହେଲେ ଶୀଘ୍ର ଯାଅ, ସୈନ୍ୟମାନଙ୍କୁ ଆଦେଶ ଦିଅ, ଅବିଳମ୍ବେ ସେଭୁଷାକୁ ଅଧିକାର କରନ୍ତୁ ; ବଜ୍ରବାହୁ ଯେପରି ସେଭୁର ଉପର ଦେଇ ସୈନ୍ୟ ଚଳାଇ ଆସି ନ ପାରେ । ଯାଅ, ଶୀଘ୍ର ଯାଅ ।

କମଳା – ଶଙ୍ଖଧର ! ତେବେ ତୋର ମନରେ କୌଣସି ଦୁରଭିସନ୍ଧି ଅଛି ନା କଅଣ ? ଆଜ ମୁଁ ତୁମକୁ ବିଶ୍ୱାସ କରିପାରୁ ନାହିଁ । ମୁଣ୍ଡ ମୋର ଘୂରିଯାଉଛି ।

ଶଙ୍ଖଧର – କାହିଁକି ମା ?

କମଳା – କାହିଁକି ? ତୁମ୍ଭେ ବର୍ତ୍ତମାନ ରାଜା ମୁକ୍ତିକାମର ସନ୍ଧାନରେ ଲୋକ ପଠାଉ ନା କାହିଁକି ? ବଜ୍ରବାହୁ ତାଙ୍କୁ ହତ୍ୟା କରିପାରେ ।

ଶଙ୍ଖଧର—ନା, ତା କରିବ ନାହିଁ । ପଳାଇବା ସଙ୍ଗେ ସଙ୍ଗେ ବଜ୍ରବାହୁର ମତଲବ ବଦଳିଯାଇଛି । ବର୍ତ୍ତମାନ ତାର କାର୍ଯ୍ୟ ହେଉଛି ମୁକ୍ତିକାମ ସହିତ ସଦ୍ଭାବ ସ୍ଥାପନ କରି ; ନଚେତ୍ ତାର ଅନ୍ୟ କୌଣସି ଉପାୟ ନାହିଁ ମା !

କମଳା – ତୁମର କୌଣସି କଥା ମୁଁ ସେପରି ଆଉ ବିଶ୍ୱାସ କରିପାରୁ ନାହିଁ । ମନେ ହୁଏ, ତୁମ୍ଭେ ସମସ୍ତେ ବିଶ୍ୱାସଘାତକ ।

ଶଙ୍ଖଧର – ବିଶ୍ୱାସ କର ମା, ସନ୍ତାନକୁ ବିଶ୍ୱାସ କର । ମୁକ୍ତିକାମର ଜୀବନ ଆଉ ବିପନ୍ନ ନୁହେଁ—ବିପନ୍ନ ତୁମର ଏହି ସନ୍ତାନର ଜୀବନ । ବଜ୍ରବାହୁ ଓ ମୁକ୍ତିକାମ ମଧ୍ୟରେ ଯେ ଭେଦଭାବ ସୃଷ୍ଟି କରାଇ-ଆସିଥିଲି, ତା ଏକବାର ଆଜ ବ୍ୟର୍ଥ ହୋଇ-ଯାଇଛି । ବର୍ତ୍ତମାନ, ବର୍ତ୍ତମାନ ତା'ର ମିଳନ ହେବ । ସେ ମିଳନରେ ଯୋଗଦାନ କରିବେ ରାଜା ଋଦ୍ରେଶ୍ୱର । ଯୁଦ୍ଧ ଅନିବାର୍ଯ୍ୟ, ମୋର ମୃତ୍ୟୁ ଅନିବାର୍ଯ୍ୟ ।

କମଳା – ତେବେ ଶଙ୍ଖନାଦକୁ ତାର ବାବାଙ୍କ ନିକଟକୁ ପଠାଇଦିଅ ।

ଶଲ୍ୟଧର — ନା ନା, ବଜ୍ରବାହୁ ଶଙ୍ଖନାଦକୁ ହତ୍ୟା କରିବ । ଶଙ୍ଖନାଦ ଯେ ବଞ୍ଚିଛି, ସେ ମୁକ୍ତକାମ ଆଗରେ ଏ କଥା ପ୍ରମାଣ କରିଦେବ ନାହିଁ, ହେଇପାରେ ନା ।

କମଳା — ତା'ହେଲେ ଉପାୟ ?

ଶଲ୍ୟଧର — ମୋର ମୃତ୍ୟୁ ହେଲେ ହେଉ ରାଜଲକ୍ଷ୍ମୀ, ତୁମର ସତ୍ୟତା ଓ ପବିତ୍ରତାର ଏକମାତ୍ର ସାକ୍ଷୀ ଶଙ୍ଖନାଦ । ତାକୁ ଖୁବ ସାବଧାନରେ ରଖ, ନୋହିଲେ ତୁମର ଜୀବନ ବିପନ୍ନ, ମୁକ୍ତକାମ ତୁମ୍ଭଙ୍କୁ ଅବିଶ୍ୱାସ କରିବ ।

( ସୁନନ୍ଦା ଶଙ୍ଖନାଦକୁ ଘେନି ପ୍ରବେଶ, ଶଙ୍ଖନାଦ-ମୁଣ୍ଡରୁ ଛୁରିକାଘାତରେ ରକ୍ତ ବାହାରୁଥାଏ । )

କମଳା — ଏ କ'ଣ ଶଙ୍ଖନାଦ ? ଏ କିପରି ହେଲା ?

ଶଙ୍ଖନାଦ — ଅନ୍ତଃପୁର ଦେଇ ବଜ୍ରମାମୁଁ ଚାଲିଯିବା ଦେଖି ମୁଁ ତାଙ୍କ ସମ୍ମୁଖରେ ଛିଡ଼ାହେଲି । ସେ ମୋତେ ହଠାତ୍ ତରବାରିଦ୍ୱାରା ଆଘାତ କଲେ । ମା ! ମୁଁ ପ୍ରସ୍ତୁତ ନ ଥିଲି, ତଥାପି ଆତ୍ମରକ୍ଷା କରିଛି । ଏହାର ଅର୍ଥ କଅଣ ମା ?

ଶଲ୍ୟଧର — ବୁଝିଲ ରାଜଲକ୍ଷ୍ମି ! ବର୍ତ୍ତମାନ ବଜ୍ରବାହୁର ଅନ୍ତରର ଉଦ୍ଦେଶ୍ୟ ।

ଶଙ୍ଖନାଦ — ରକ୍ତସ୍ରାବରେ ଶରୀର ବଡ଼ ଅବଶ ହେଉଛି ମା ! ମୁଁ ତୋ କୋଳରେ ମଥା ରଖି ବିଶ୍ରାମ ନେବି ମା ! (କମଳା କୋଳକୁ ଆଣିଲେ) । ଏ କି ଆଶ୍ଚର୍ଯ୍ୟ ଘଟଣା ମା ? ମୁଁ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ବଜ୍ରମାମୁଁଙ୍କ ନିକଟ ଦଉଡ଼ିଗଲି, ସେ କାହିଁକି ମୋତେ ଏପରି ଆଘାତ କଲେ ?

କମଳା — ( କାନ୍ଦି କାନ୍ଦି ) ଶଙ୍ଖନାଦ ! ତୋର ବଜ୍ରମାମୁଁ ମନୁଷ୍ୟ ନୁହନ୍ତି, ସେ ପଶୁ, ଅତି ଘୃଣିତ ପଶୁ ।

ଶଲ୍ୟଧର — ତକ୍ଷୁଣି ଚାଲ ଖୋଲୁପଡ଼ା ରାଜଲକ୍ଷ୍ମ ! ଆଜି ହେଲା ତ୍ରୟୋଦଶୀ, କାଲି ହେବ ଏ ନାଟକର ଯବନିକାପାତ । କାଲି ସୂର୍ଯ୍ୟୋଦୟ ପୂର୍ବରୁ ଶୁଣି ପାରିବ ମୋର ବା ବଜ୍ରବାହୁର ମୃତ୍ୟୁ ହୋଇଛି । ଆମ୍ଭର ଏହି ଦୁଇ ଜଣଙ୍କ ମୃତ୍ୟୁ ଉପରେ ନିର୍ଭର କରିଛି — ମୁକ୍ତକାମ ସଙ୍ଗରେ ତୁମର ଚିରମିଳନ ବା ଚିରବିଚ୍ଛେଦ । ସୁନନ୍ଦା, ଶଙ୍ଖନାଦକୁ ଅନ୍ତଃପୁରକୁ ନେଇ ଶୁଶ୍ରୂଷା କର ।

( ସୁନନ୍ଦା ଓ ଶଙ୍ଖ ପ୍ରସ୍ଥାନ )

କମଳା — ଏ ଯୁଦ୍ଧର ଫଳ କଅଣ ହେବ ଶଲ୍ୟଧର ?

ଶଲ୍ୟଧର — ହୁଏତ ବଜ୍ରବାହୁର ମୃତ୍ୟୁ, ନ ହୁଏ ତ ମୋର ମୃତ୍ୟୁ । ମୁକ୍ତକାମର ଜୀବନରେ କୌଣସି ଆଶଙ୍କା ନାହିଁ ମା, ତୁମ୍ଭେ ନିଶ୍ଚିନ୍ତ ଥାଅ ।

କମଳା — ଯୁଦ୍ଧର ବର୍ତ୍ତମାନ ଅବସ୍ଥା କଅଣ ?

ଶଲ୍ୟଧର — ପ୍ରକୃତ ଯୁଦ୍ଧ ତ ବର୍ତ୍ତମାନ ହୋଇ ନାହିଁ, ଉଭୟ ପକ୍ଷର ଚେଷ୍ଟା ଚାଲିଛି କିପରି ସେତୁଟା ଅଧିକାର କରିହେବ । ଯେ ପାରିବ, ତାର ଜୟ ଓ ଯେ ନ ପାରିବ, ତାର ପରାଜୟ ସୁନିଶ୍ଚିତ ।

ସାଂବାଦିକ — ରାଜା,ଉଗ୍ରସେନ ଅତି ଅପୂର୍ବ କୌଶଳରେ ସେତୁଦ୍ୱାର ଅବରୋଧ କରି ବସିଛି । ବଜ୍ରବାହୁ ସେତୁ ଉପରେ ସୈନ୍ୟ ଚଳାଇ ଆସିପାରୁ ନାହିଁ । ( ପ୍ରସ୍ଥାନ )

ଶଲ୍ୟଧର — ମା ! ଆଜି ବୋଧ ହୁଏ ମୋର ଜୀବନର ଶେଷଦିନ । ଲୋକେ ଜାଣନ୍ତି ମୁଁ ପାଷଣ୍ଡ, ମୁଁ ନାସ୍ତିକ, ଅତ୍ୟାଚାରୀ । ଲୋକେ ଜାଣନ୍ତି ନାହିଁ ମୋର ଙ୍କଶର ପରିଚୟ, ପ୍ରାଣର ଆକାଂକ୍ଷା ଓ ଅନ୍ତରର ବେଦନା !

ସାଂବାଦିକ — ରାଜା ମୁକ୍ତକାମ ସହସା ଯୁଦ୍ଧକୁ ଅଗ୍ରସର ହୋଇଛନ୍ତି ।

ଶଲ୍ୟଧର — ମା, ମୋର ଡାକ ଆସିଛି, ଆଉ ତ ବେଶି ସମୟ ଅପେକ୍ଷା କରିପାରିବି ନାହିଁ, ସଂକ୍ଷେପେ କେତୋଟି କଥା କହିଯାଉଛି । ଲୋକେ ମୋର ବଂଶପରିଚୟ ଜାଣନ୍ତି ନାହିଁ; କିନ୍ତୁ ମୁଁ ଜାଣେ, କେହି ଜଣେ ମହାପୁରୁଷର ଶୀତଳ ଚରଣରେ ଏକ ବୁନ୍ଦା କାଳ ଲେପନ କରିବି ନାହିଁ ବୋଲି ଏପର୍ଯ୍ୟନ୍ତ ଗୋପନ କରି ରଖିଥିଲି, ମାତ୍ର ଆଜି ଆଉ ପାରିବି ନାହିଁ । ଅନ୍ତତଃ ତୁମ୍ଭ ନିକଟରେ ପ୍ରକାଶ କରିବାଟା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି । ମୋର ସୁନନ୍ଦାକୁ ତୁମ୍ଭ ନିକଟରେ

ରୁହିପାରୁଛୁ; କିନ୍ତୁ ସାବଧାନ, ଶଙ୍ଖନାଦ ସଙ୍ଗରେ ତାର ବିବାଦ ଯେପରି ନ ହୁଏ ।

କମଳା—ସେ କପଟର କଥା, ସେ ସେ ପରସ୍ପର ମଧ୍ୟରେ ଅତ୍ୟନ୍ତ ଭଲ ପାଆନ୍ତି ।

ଶଲ୍ୟଧର—ଏକମାତ୍ର ବିବାଦ ଛଡ଼ା ଭଲପାଇବା ସେଠାର କି ଅନ୍ୟ କୌଣସି ଉପାୟ ନାହିଁ ମା ? ମୋର ମୃତ୍ୟୁପରେ ସେମାନଙ୍କୁ ବୁଝାଇଦିଅ, ସେ ଦୁହେଁ ଭାଇ ଭଉଣୀ, ତାଙ୍କ ମଧ୍ୟରେ ରକ୍ତର ସମ୍ବନ୍ଧ ଅଛି ।

କମଳା—କ'ଣ କହୁଛ ଶଲ୍ୟଧର, ରକ୍ତର ସମ୍ବନ୍ଧ ?

ଶଲ୍ୟଧର—ରକ୍ତର ସମ୍ବନ୍ଧ, ମୁକ୍ତିରାମର ଯେ ପିତା, ମୋର ମଧ୍ୟ ସେ ପିତା । ତୁମ୍ଭେ ମୋର ଜ୍ୟେଷ୍ଠ ଭ୍ରାତୃବଧୂ । ମା ! ଏ ମୁଣ୍ଡରେ ହାତରଖି କୁହ, ଏ ଜନ୍ମକଥା କାହାରି ଆଗରେ ପ୍ରକାଶ କରିବ ନାହିଁ, ଏପରି କି ମୁକ୍ତିରାମ ଆଗରେ ମଧ୍ୟ ନୁହେଁ ।

କମଳା—ଶଲ୍ୟଧର ! ମୁଁ ତୋର ଜ୍ୟେଷ୍ଠଭ୍ରାତୃବଧୂ ? (କ୍ରନ୍ଦନ)

ସାମ୍ବାଦିକ—ରାଜା ! ଶତ୍ରୁସୈନ୍ୟ ଗଡ଼ଭିତରମଧ୍ୟକୁ ପ୍ରବେଶ କରିଆସୁଛନ୍ତି, ଆମ୍ଭର ସୈନ୍ୟ ସବୁ ଓ ହତ ହୋଇପଡ଼ୁଛନ୍ତି । ତେବେ ସୁଦ୍ଧା ଉଗ୍ରସେନ ଅତି କୌଶଳରେ ଯୁଦ୍ଧ କରୁଛନ୍ତି । (ପ୍ରସ୍ଥାନ)

ଶଲ୍ୟଧର—ମା ! ମୋର ଆହ୍ୱାନ ଆସିଛି; ଏ ଆହ୍ୱାନ ଯୁଦ୍ଧର ନୁହେଁ, ମୃତ୍ୟୁର । ଏ ସଂସାରରେ ଗୋଟିଏ ମାତ୍ର ବନ୍ଧନ ଥିଲା, ମୋର କନ୍ୟା ସୁନନ୍ଦା । ତାକୁ ଯିବାବେଳେ ସାକ୍ଷାତ କରିବି ନାହିଁ; ସେ ମୋତେ ଦେଖିଲେ କାନ୍ଦିବ । ମା, ତାକୁ ପ୍ରବୋଧ ଦେବ । ବିଦାୟ ଦିଅ ମା, ପଦଧୂଳି ଦେଇ ବିଦାୟ ଦିଅ ।

(ଯିବା ସମୟରେ ନାଗିନୀ ଧରିଲା)

ନାଗିନୀ—ଦେବତା, ମୁଁ ଯେ ଆସିଛି ତୁମ୍ଭର ପଦଧୂଳି ନେବାପାଇଁ ।

ଶଲ୍ୟଧର—ନାଗିନି ! ଏତେବେଳେ କାହିଁକି ଆସିଲୁ ? ମୁଁ ଯାହା ସୃଷ୍ଟି କରିଛି ସେଇ ପଥେ, ସେ ପଥେ ମନୁଷ୍ୟର ଆଶା-ଆକାଂକ୍ଷା କିଛି ସଙ୍ଗରେ ଯିବ ନାହିଁ । ମୋର କହିବାର ଯା କିଛି, ସବୁ ପଛରେ ପଡ଼ି ରହିଯିବ, ଯିବ ସଙ୍ଗରେ ଏହି ବ୍ୟର୍ଥ ଜୀବନର ପୁଞ୍ଜିଭୂତ ଦୀର୍ଘନିଃଶ୍ୱାସ ।

ନାଗିନୀ—ଆଉ ଗୋଟିଏ ଜିନିଷ ଯିବ ପ୍ରଭୁ, ଏହି ଚିର ଉପେକ୍ଷିତା ନାଗିନୀର ଆତ୍ମା, ନିବେଦିତ ପ୍ରାଣ । ତୁମ୍ଭେ କି ମନେ କର, ନାଗିନୀ ତୁମ୍ଭର ମୃତ୍ୟୁପରେ ଏକଦିନ ବଞ୍ଚିପାରେ ?

ଶଲ୍ୟଧର—ତା' ହେଲେ ନାଗିନି ଅପେକ୍ଷା କର, ଯଥା-ସମୟରେ ମୋର ମୃତ୍ୟୁ-ସମ୍ବାଦ ପାଇବ ।

(ପ୍ରସ୍ଥାନ କଲାବେଳେ ସୁନନ୍ଦା କାନ୍ଦି କାନ୍ଦି ବାବା ବାବା କହି ଧରିପକାଇଲା ଏବଂ ଶଲ୍ୟଧର ସୁନନ୍ଦାକୁ କୋଳ କଲେ ।)

ଶଲ୍ୟଧର—ନାଗିନି ! ଏ ମାତୃହୀନ କନ୍ୟାକୁ ଥରେ କୋଳ କର । ସୁନନ୍ଦା, ତୁ ତୋର ମା'କୁ ଚିହ୍ନିଛୁ ?

ସୁନନ୍ଦା—ମୋର ମା କିଏ ? ମୋର ସେ ମା ଥିଲା, ସେ ଅତି ସୁନ୍ଦର ! ମୋର ମା କାହିଁ ?

ସାମ୍ବାଦିକ—ରାଜା ଉଗ୍ରସେନ ଆହତ ।

ଶଲ୍ୟଧର—(ସତ୍ୱରେ) ଉଗ୍ରସେନ ଆହତ ! ନୀରବ କର୍ମୀ ନିର୍ଲୋଭ ସନ୍ନ୍ୟାସୀ, ମୋର ଜୀବନର ଚିର କୃତଜ୍ଞ ଅଭିନ୍ନହୃଦୟ ବନ୍ଧୁ ଯାଅ ନା, ରହ ରହ, ତୁମର ବନ୍ଧୁ ତୁମ ସଙ୍ଗେ ଯିବ । ନାଗିନି, ମୁଁ ଯେବେ ନ ଫେରେ, ତେବେ ଏ ମାତୃହୀନ କନ୍ୟାର ଭାର ତୋତେ ଦେଲି । (ପ୍ରସ୍ଥାନ)

ସୁନନ୍ଦା—ମୋତେ ଛାଡ଼ିଦିଅ, ମୋ ବାବା ଯେଉଁଆଡ଼େ ଗଲେ, ମୁଁ ସେଣେ ଯିବି । ମୋ ବାବା ଯୁଦ୍ଧକୁ ଗଲେ, କିଏ କାଳେ ତାଙ୍କୁ ମାରି ପକାଇବ ! ମୋତେ ଛାଡ଼ ।

ନାଗିନୀ—ଛି ସୁନନ୍ଦା ! ତୁମର ବାବା ଯେ ବୀର, ତାଙ୍କୁ କି କିଏ ମାରିପାରେ ? ସେ ବର୍ତ୍ତମାନ ଜୟ କରି ଫେରିବେ ।

ସାମ୍ବାଦିକ—ରାଜା ମୁକ୍ତିରାମ ରାଜଗଡ଼କୁ ପଶିଆସୁଛନ୍ତି । ରାଜା ଶଲ୍ୟଧରଙ୍କ ଆଦେଶ, କେହି ତାଙ୍କୁ ବାଧା ଦେବେ ନାହିଁ ।

କମଳା—ଯାଅ, ସିଂହଦ୍ୱାର ବନ୍ଦ କରିଦିଅ । (ପ୍ରସ୍ଥାନ)

—*—

## ଦ୍ୱିତୀୟ ଦୃଶ୍ୟ

(ବଜ୍ରବାହୁ ଓ ଶକ୍ତିଧରଙ୍କ ଯୁଦ୍ଧ, ତରବାରୀ କ୍ରୀଡ଼ା)

—*—

## ତୃତୀୟ ଦୃଶ୍ୟ

(ଶଙ୍ଖନାଦ ଶୃଙ୍ଖଳବଦ୍ଧେ ପ୍ରବେଶ—ତା ପଛେ ପଛେ ସୁନନ୍ଦା)

ସୁନନ୍ଦା - ତୁମେ ଏଠାରେ ଚୁପ୍ ହୋଇ ଛିଡ଼ା ହେଲ ଯେ ?

ଶଙ୍ଖନାଦ—ଆଉ କଅଣ କରିବ ସୁନନ୍ଦା, ମୁଁ ତ ଜୀବନରେ କୌଣସି ଦିନ ମା'ଙ୍କ ଆଦେଶ ଅମାନ୍ୟ କରି ନାହିଁ !

ସୁନନ୍ଦା—ତୁମର ମା'ଙ୍କୁ ଯଦି ତୁମର ବାବା ହତ୍ୟା କରନ୍ତି, ତେବେ··· ?

ଶଙ୍ଖନାଦ—ତା'ହେଲେ ମାତୃହରା ହେବି, ଚକ୍ଷୁର ଜଳରେ ହୃଦୟ ଭସାଇବି ।

( କମଳାଙ୍କୁ ବନ୍ଧନ କରି ମୁକ୍ତକାମ ପ୍ରବେଶ )

ମୁକ୍ତକାମ—(ଶଙ୍ଖନାଦଙ୍କୁ ଦେଖି କମଳାଙ୍କୁ ଛାଡ଼ି ଶଙ୍ଖନାଦଙ୍କୁ କୁଣ୍ଢାଇପକାଇଲେ ) ଶଙ୍ଖନାଦ, ତୁ ବଞ୍ଚିଛୁ ?

ଶଙ୍ଖନାଦ—(କମଳାଙ୍କ ବନ୍ଧନ ଖୋଲି) ବାବା ! କେଉଁ ଅପରାଧରେ ମୋ ମା'ଙ୍କୁ ବନ୍ଧ କରିଛ ?

ମୁକ୍ତକାମ—ଶଙ୍ଖନାଦ ! ତୋର ମା ଯେ ପାପିଷ୍ଠା, ମୁଁ ତାକୁ ଅଗ୍ନିରେ ପୋଡ଼ି ମାରିବି । ଏ ଜୀବନରେ ତାର ମୁଖ ଦର୍ଶନ କରିବି ନାହିଁ ।

ଶଙ୍ଖନାଦ—ବାବା ! ତୁମେ ଭୁଲ ବୁଝିଛ, ପାପିଷ୍ଠା ମୋର ମା ନୁହେଁ, ପାପିଷ୍ଠ ମାମୁଁ ବଜ୍ରବାହୁ । ସେ ମୋତେ ହତ୍ୟା କରିବାକୁ ଚାହିଁଥିଲେ । ଏଇ ଦେଖନ୍ତୁ, ମୋର ମୁଣ୍ଡରେ ଆଘାତ କରିଛନ୍ତି । କେବଳ ଶକ୍ତିଧରର ଦୟାପ୍ରସାଦରେ ଆଶ୍ରୟ ନେଇଥିବାରୁ ତାର ଅନୁଗ୍ରହରୁ ବଞ୍ଚିଛି ।

ମୁକ୍ତକାମ—ସେ ତ କଥା ଶଙ୍ଖନାଦ, ମୁଁ ଯେ କିଛି ବୁଝିପାରୁ ନାହିଁ ।

( କମଳା ଧୀରେ ଧୀରେ ଜ୍ଞାନୋଦୟ । )

ମୁକ୍ତକାମ - କେଉଁଆଡ଼େ ଯାଉ କମଳା ?

କମଳା—ଗୁରୁଦେବେ ! ମୁଁ ବର୍ତ୍ତମାନ ଯେଉଁଆଡ଼େ ଯିବି, ତା'ପରେ ଜଳେ ଅଗ୍ନି ଜାଳି ପୋଡ଼ିମରିବି । ତୁମେ କାହିଁକି ନାରୀହତ୍ୟା କରିବ ବୈଷ୍ଣବ-ଚୂଡ଼ାମଣି ? ଅନେକ ସହି ଅଛି ।

ମୁକ୍ତକାମ—ଗୁରୁଦେବଙ୍କୁ ଯିବାପାଇଁ କାହିଁକି ଚାହଁ ?

କମଳା — ଶକ୍ତିଧରକୁ ବଞ୍ଚାଇବାକୁ ! ସେ ଯେ ତୁମର··· ନାଁ ନାଁ, ସେ ଯେ ତୁମର କେହି ନୁହେଁ, ସେ ଗୋଟାଏ ପିତୃମାତୃହୀନ ପଥର ଭିକାରୀ । ଏ ଜଗତରେ ତା'ର ଆପଣାର କେହି ନାହିଁ । ତେବେ ସୁଦ୍ଧା ତା'ର ମହତ୍ତ୍ୱ ଯେ କେତେ, ତା ତୁମେ ଜାଣ ନା । ବଜ୍ରବାହୁ ଯଦି ତାକୁ ହତ୍ୟା କରେ, ତା ହେଲେ ଦେଶ ପୋଡ଼ି ଭସ୍ମ ହୋଇଯିବ—ଏଠାରେ ପଡ଼ିରହିବ ଗୋଟାଏ ମହା ଶ୍ମଶାନ ।

ଶକ୍ତିଧର—( ରକ୍ତାକ୍ତ ଦେହରେ ) ମା ! ମୁଁ ବଜ୍ରବାହୁକୁ ହତ୍ୟା କରିଛି ! ମୁକ୍ତକାମ ! ତୁମର ରାଜ୍ୟ ଆଜି ନିଷ୍କଣ୍ଟକ ।

ମୁକ୍ତକାମ—(ଆଶ୍ଚର୍ଯ୍ୟ) ଏ କଅଣ କମଳା ?

କମଳା—ମୋର ମୁହଁକୁ ଅନାଇପାରୁଛ, ଲଜ୍ଜା କରୁ ନା ? ତୁମେ ଯେ ପରମ ବୈଷ୍ଣବ, ରାଧାରମଣ ତୁମର ଉପାସ୍ୟ ଦେବତା । ରାଧାରମଣଙ୍କ ପଦ ଛୁଇଁ ପ୍ରତିଜ୍ଞା କରିଥିଲ, ଏ ଜୀବନରେ କାହା ଅଙ୍ଗରେ ଅସ୍ତ୍ରାଘାତ କରିବ ନାହିଁ—ଏହା ହୋଇ ଗୋଟାଏ ଯୁଦ୍ଧାନଳ ଘଟାଇ ସହସ୍ର ସହସ୍ର ପ୍ରଜାଙ୍କ ପ୍ରାଣ ନାଶ କଲ ?

ମୁକ୍ତକାମ—ମୁଁ ଯେ କିଛି ବୁଝିପାରୁ ନାହିଁ ଶକ୍ତିଧର ! ମୋତେ ବୁଝାଇଦିଅ, ଆଉ କଅଣ ଶୁଣିଛୁ—କମଳା ତୁମର ମା !

ଶକ୍ତିଧର—ହଁ ମା', ମୁଁ ଯେ ପଶୁ, ପଶୁର ତ ଗୋଟାଏ ମା' ଥାଏ, ମୋର କାହିଁକି ମା ନାହିଁ ?

କମଳା—କଅଣ ବୁଝିବାକୁ ଚାହଁ ? ମୋ ମନରେ ଅହଙ୍କାର ଥିଲା, ତୁମେ ମୋତେ ଅବିଶ୍ୱାସ କରି-ପାରିବ ନାହିଁ । ତୁମେ ଯିବା ଶକ୍ତିଧରକୁ ଦେଖି ନାଁ, ମୋତେ କଅଣ ଚିହ୍ନି ନାହଁ ? (ରୋଦନ)

( ସହସା ରତ୍ନେଶ୍ୱରଙ୍କ ପ୍ରବେଶ )

ରତ୍ନେଶ୍ୱର—ମୁକ୍ତକାମ ! ଏପର୍ଯ୍ୟନ୍ତ କନକାକୁ ଦେଖା କରୁ ନାହଁ ? ମୁଁ ( ଅସ୍ତ୍ର ଉଞ୍ଚାଇବା ଓ ଶଙ୍ଖଧର ବାଧାଦେବା ) । ଏହାର ଅର୍ଥ ମୁଁ ଯେ କିଛି ବୁଝିପାରୁ ନାହିଁ ।

ମେଘନାଦ—ଅଜା ମହାଶୟ ! ମୁଁ ଆପଣଙ୍କୁ ସବୁ ବୁଝାଇଦେଉଛି । ଶଙ୍ଖଧର ମନୁଷ୍ୟ ନୁହେଁ, ଦେବତା, ମୋର ମା ସ୍ୱର୍ଗୀୟା ଦେବୀ । ବଳନ୍ତୁ, କଳୁଆମୁଁ କେଉଁଠି ଦେଖିବା, ସେ ପାଷଣ୍ଡ ଓ ନରକ ! (ପ୍ରସ୍ଥାନ)

ରତ୍ନେଶ୍ୱର—ସତେ ବଜ୍ରବାହୁ ! (ପ୍ରସ୍ଥାନ)

ମୁକ୍ତକାମ—ଶଙ୍ଖଧର ! ମୋତେ କ୍ଷମା କର ।

ଶଙ୍ଖଧର—ରାଜା ! ତୁମ୍ଭେ ତ ଜାଣ, ମୋର କୌଣସି ବଂଶପରିଚୟ ନାହିଁ; କିନ୍ତୁ ତୁମ୍ଭର ସ୍ୱର୍ଗୀୟ ପିତା ମୃତ୍ୟୁ ସମୟରେ ମୋତେ ତାଙ୍କ ମୃତ୍ୟୁଶଯ୍ୟାରେ ବସାଇ ମୋ କର୍ଣ୍ଣରେ ଗୋଟିଏ ଗୁପ୍ତମନ୍ତ୍ର ଦେଇଥିଲେ, ସେହି ମନ୍ତ୍ରବଳରେ ମୁଁ ଆଜି ମନୁଷ୍ୟ ହୋଇଉଠିଛି । ମୋର ହୃଦୟ-ରକ୍ତରେ ପବିତ୍ରତାର ଆସ୍ୱାଦନ କରୁଛି ! ତୁମ୍ଭେ ତ ଜାଣ ନା ମୁକ୍ତକାମ, ମୋ ପ୍ରାଣରେ ଆଜି କି ଆନନ୍ଦ । ଏ ରାଜ୍ୟ ଆଜିଠାରୁ ତୁମ୍ଭର । ମୁଁ ଆସେ ମା ! ବିଦାୟ, ଆଜି ମୁକ୍ତର ବନ୍ଧନ ଓ ଶକ୍ତର ମୁକ୍ତି !

( ତରବାରି ଫିଙ୍ଗି ସୁନନ୍ଦା ନାଗିଣୀକୁ ଘେନି ପ୍ରସ୍ଥାନ )

# ନିର୍ମଳ-ପ୍ରଭା

# ନିର୍ମଳ-ପ୍ରଭା

## ଗୀତାଭିନୟ

### ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

ନିର୍ମଳ—ମିତ୍ର ! କଥା ଆଜ ବାମଚକ୍ଷୁ ମମ ସ୍ଫୁରେ ଘନ ଘନ । କେ ଜାଣେ କି ଅମଙ୍ଗଳ ଘଟିପାରେ ଅବା ।

ପ୍ରଭାକର—ମିତ୍ର ! କୌଣସି ବିପଦର ଆଶଙ୍କା ।

ନିର୍ମଳ - ନା ବନ୍ଧୁ, ତୁମ୍ଭେ ଯେତେବେଳେ ମୋ ନିକଟରେ ଅଛ, ମୋର କୌଣସି ବିପଦକୁ ଭୟ ନାହିଁ ।

ପ୍ରଭାକର—ବନ୍ଧୁ ! ବାମନୟନ ଅଧୋଭାଗର ଅଧଃସ୍ଥାନ ସ୍ଫୁରିଲେ ଅଙ୍ଗପୀଡ଼ା, ଊର୍ଦ୍ଧ୍ୱସ୍ଥାନ ସ୍ଫୁରିଲେ ମାନହାନି, ନେତ୍ରପ୍ରାନ୍ତେ ଧନହାନି ଓ କୋଣେ ବନ୍ଧୁନାଶ ।

ନିର୍ମଳ - ସେଥିପାଇଁ ଶୋଚନା ନାହିଁ, ଯାହା ଘଟିବାର ଘଟୁ, ଅକାତରେ ସହ୍ୟ କରିବା ।

ପ୍ରଭା—ମିତ୍ର ! ଦେଖିଲଣି ନା, ଏ କିଏ ? ଦୂତ ବାହିନି ଘୋର ବେଗରେ ଆସୁଛି ।

(ଦୂତ ପ୍ରବେଶି ଅଭିବାଦନ)

ନିର୍ମଳ—ଦୂତ ! କିବା କାର୍ଯ୍ୟେ ଆଗମନ ତୋର ! ପ୍ରକାଶ, ସନ୍ଦେହ ହୁଏ ମନରୁ ଆମ୍ଭର, ପିତା ମାତା ଭଲ ତ ଅଛନ୍ତି ?

ଦୂତ—ଯୁବରାଜ ! ସମସ୍ତ ମଙ୍ଗଳ, ତେବେ ଆପଣଙ୍କୁ ରାଜସଭାକୁ ନେବାପାଇଁ ରାଜାଙ୍କର ଅନୁମତି ନେଇ ଆସିଛି ।

ନିର୍ମଳ—ମିତ୍ର ! କିବା ଅଭିଳାଷେ ଡକାଇଲେ ତାତ ପଡ଼ିଲାଣି ସନ୍ଦେହ ମୋ ମନେ, ତୁମ୍ଭ ଆମ୍ଭ ମିତ୍ର ଭାବ ତୁଟାଇବାଆଶେ ଅନୁକ୍ଷଣେ କରୁଛନ୍ତି ଚେଷ୍ଟା । କେଜାଣି କି ବିପଦରେ ଘଟୁଅଛି ଆଜ । ଜାଣ ମିତ୍ର, ଯେ ପର୍ଯ୍ୟନ୍ତ ଅଛି ମୁହିଁ ପ୍ରାଣରେ ଜୀବିତ, ସେ ପର୍ଯ୍ୟନ୍ତ ନ ପାରେ ମୁଁ ତୁମ୍ଭ ସ୍ନେହ ଛାଡ଼ି, ଚାଲ ତେବେ ପିତାଙ୍କ ନିକଟ ।

( ରାଜାଙ୍କ ନିକଟେ ପ୍ରବେଶି ପ୍ରଣିପାତ )

ରାଜା—ବାପ ନିର୍ମଳ ! ମୋର ଏ ବୃଦ୍ଧ ବୟସେ କଥା ଦେଉ ଏତେ ବ୍ୟଥା, ଏ ଜରାଜୀର୍ଣ୍ଣ ଶିରୁ କେବେଶେ ରାଜ ମୁକୁଟ ମଣ୍ଡିତ ହେବା ନ ଶୋଭଇ ଆଉ, କାଲି ପ୍ରାତେଃ ଯୌବରାଜ୍ୟେ ଅଭିଷିକ୍ତ କରାଇବ ତୋତେ, ଇଚ୍ଛା ମାନସେ, ଆଯୁ ବାପ, ବୋଲକୁ ମୋହର ।

ନିର୍ମଳ—ତାତ ! ମୁକୁଟ ମଣ୍ଡିତ ରାଜଶିର ନୋହେ ଶାନ୍ତିର ଆସ୍ପଦ । ସଦାବେଳେ ଚିନ୍ତାକୁଳେ ଦଗ୍ଧଥାଏ ହୃଦ । ସିଂହାସନେ ବସିଲେ ଗର୍ବ ଦମ୍ଭ ଅଭିମାନ ଆକର୍ଷଣେ କରିପାରେ ହୃଦ, ପୁଣି ବାଧାହେବ ବନ୍ଧୁତାରେ ମୋର । ଇଚ୍ଛା ନାହିଁ ତାତ, କର ଅନ୍ୟ ପ୍ରତିକାର ।

ରାଜା—ମୂର୍ଖ ! ଅନ୍ୟ ପ୍ରତିକାର କରିବ । ମୁଁ ପିତା, ତୁ ପୁତ୍ର । ତୁ ମୋର କଥା ଅମାନ୍ୟ କରୁଛୁ ସାମାନ୍ୟ ସାଧବ ପୁତ୍ରର ସଙ୍ଗରେ ପଡ଼ି । ମୋର ଆଜ୍ଞାର ଅବଜ୍ଞା, ଆଜ୍ଞା ତେ ତୋତେ ଦଣ୍ଡ କରିବ ଦେଖିବୁ ।

ଗୀତ

(କହ ଦୂତ ଏ କ ବଟଖେଳ — ବୃତ୍ତେ)

ଝର୍ମିଳ ତୁ କୁଳାଙ୍ଗାର ନ କଲୁ ମୋ କଥା କାନେ ।
ଧିକ ମୋ ବିଧାତା ତୋତେ ଜନ୍ମ ଦେଲା ମୋର କୋଳେ ।

ରେ ମୂର୍ଖ ! ତୋତେ ବିଧାତା ମୋ କୋଳରେ ଜନ୍ମ ଦେଇଥିଲା, ସେ ଏଡ଼େ ଅବିବେକ ।

ଗୀତ

ବେଳକୁ ବେଳ ମୋ ବୁଦ୍ଧି ବିଭ୍ରମ କଲାଣି ବିଧି,
ଦେଖ ମୂଢ଼ ରାଜାଗାର ଭଙ୍ଗିଲି ଅବବେକେ । ୧ ।

କୁଳାଙ୍ଗାର ! ତୋତେ ବିଧାତା ବିପକ୍ଷ ହେଲାଣି; ନଚେତ୍ ଏପରି କୁବୁଦ୍ଧି ଘଟନ୍ତା ନାହିଁ । ରାଜଦ୍ରୋହୀ ହେବାର ଶାସ୍ତି ବର୍ତ୍ତମାନ ଭୋଗକର ।

ଗୀତ

ରାଜ କୁଳର କଳଙ୍କ ଦେଖିବି ନାହିଁ ତୋର ମୁଖ,
ଦୁରାତ୍ମା ତୁ ଅବିବେକ ସୁଖ ନାହିଁ ତୋ କପାଳେ । ୨ ।

ମୂର୍ଖ ! ଏ ରାଜବଂଶରେ ତୁ ଗୋଟିଏ ଅକୁଳା ଜନ୍ମ ହୋଇଥିଲୁ । ଦୁରାତ୍ମା, ତୋର ଆଉ ମୁଖାବଲୋକନ କରିବି ନାହିଁ ! ( ଦୂତ ପ୍ରତି )

ଗୀତ

ବିଳମ୍ବ ନ କରି ଦୂତେ ବୋଇପାଅ ଏ ମୁହୂର୍ତ୍ତେ ।
ଦେଶାନ୍ତରେ ଦିଅ ଦୂତେ ବାଳକୃଷ୍ଣ ସଦା ଭଣେ । ୩ ।

କୁଳାଙ୍ଗାର ! ରାଜଦ୍ରୋହୀ ! ନାହିଁ ତୋତେ ଭଲଗତ ଆଉ । ଦୂତ ! ଅବିଳମ୍ବେ ଦେଶାନ୍ତରେ ଦିଅ ଏ ପାଷଣ୍ଡ, ଅଯୋଗ୍ୟ ଏ, ନୁହଇଟି ରାଜପଦେ ଯୋଗ୍ୟ ।

ଦୂତ — ଯେ ଆଜ୍ଞା ମହାରାଜ ।

ଝର୍ମିଳ — ପିତା ତୋଷେ ଦେଉଛନ୍ତି ଏ ଅଧୀନେ ଦଣ୍ଡ,
ବେଦ ଅରେ ବନତ ମୋହର ।

ଗୀତ

( ପୀତପଟ ଧିଟ — ବୃତ୍ତେ )

କହ କହ (ହେ) ତାତ କି ଦୋଷ,
ମିତ କଲି ତୁମ୍ଭ ଚରଣେ !
ଦେଖ ବିଶ୍ୱତ କାର୍ଯ୍ୟ କରନ,
ବଞ୍ଚିତ ନ ଜୀବନେ । ପଦ ।

ତାତ ! ଆପଣଙ୍କ ଚରଣ ତଳେ ଏ ଅଧୀନ ଅନ୍ତର ହୋଇ ସବେ କଣ ବଞ୍ଚିପାରିବ ।

ରାଜା — ମୂର୍ଖ, କାନ୍ଦିଲେ କେତେ ମଲେ କେତେ, ମୁଁ ତୋର ଅବିନୟ ଦେଖିବାକୁ ଚାହେଁ ନା ।

ଝର୍ମିଳ — ଗୀତ

ପ୍ରାଣ ଅଧିକ କରି ଆଜ ତୁଅ ଭରାଶା ।
ତାତ ନୁହେ ମୁଁ ଅବିଚାର ଶୁଣନ୍ତୁ ଯତନେ ।

ପିତା ! ଏ ସାମାନ୍ୟ କଥାରେ ଏତେ ଗୁରୁତର ଶାସ୍ତି ! ମୁଁ ତ କୌଣସି ଅପରାଧ କରିନାହିଁ । ଯଦି ଭ୍ରମବଶତଃ ସ୍ୱାପ୍ନରେ କୌଣସି ଦୋଷ କରିଥାଏ, ତାହା ବାତ୍ସଲ୍ୟ ପ୍ରେମରେ କ୍ଷମା କରନ୍ତୁ ।

ରାଜା — ଯଦି କ୍ଷମା ଚାହୁଁ, ଗୁରୁ ଆଜ୍ଞାନୁ ସେହି ଶଠ ବଣିକପୁତ୍ର ପ୍ରଭାକର ମଇତ୍ର ସଙ୍ଗ ।

ଝର୍ମିଳ — କହ ପିତଃ, ଛାଡ଼ିବାକୁ ଏଡ଼େ ନିର୍ମଳ ପ୍ରେମ ତବ ଏତେ ଯତ୍ନ କମା ? କରିନାହୁଁ କ କରୁନାହୁଁ ମିଳ ବେଳ ଅନସ୍ଥ କାହାର । କିଷ ତାହା ସୁସ୍ଥ କରିନାହୁ ପ୍ରବଞ୍ଚନା କାହିଁ ସଦା ସୁସ୍ଥ ବ୍ୟବହାର, ଧନ୍ଧୁଛି ଚରଣେ ତାତ ନ କର ବାରଣ ଆଜ ଯାହା ପାଳିବ ନିସ୍ତୃତ ।

ଗୀତ

ମିତ୍ର ଭାବ ଜୀବନ ତ ତେଜ ନାହିଁ ଟି ଆନ ।
ବାଳକୃଷ୍ଣ ଭଣେ ଆଜ୍ଞା ଦିଅ ଯେ ପ୍ରାଣେ । ୨ ।

ମିତ୍ର ବିନା କ୍ଷଣେ ମୁହିଁ ନ ପାରିବି ବଞ୍ଚି, ଜୀବନେ ମରଣେ ଏକା ସେହି ବାନ୍ଧବ ମୋହର ।

ରାଜା — ଦୂତ ! ବେଳସାଥ ଅଙ୍କୁଳାକୁ ସମ୍ମୁଖୁ ମୋହର !

ଦୂତ — ଯେ ଆଜ୍ଞା ମହାରାଜ ।

—*—

## ପାର୍ଶ

( ମାଈଛୁ ବେନୁଅ ମା — ବୃତ୍ତେ )

ପୁରୁଷ — ସୁନା ବୋଉ ଭଉଣୀ କରୁ ମନ ଜାଣିବ ।
ସ୍ତ୍ରୀ — ଟଣାଟଣି ବେଳ ଏ ତ ଜଣା ନାହିଁ କ ?
ସ୍ତ୍ରୀ — ଧାଁ ଧାଁ କେ ଅମିତ କରେଣି ତ କଥା ।
ପୁ — ତୋ ହଂସା ଭଡ଼ୁଛି କହ କାହିଁ ପାରିବ ॥

ସ୍ତ୍ରୀ—ସୁନା ବାପ ମୋହର ନାହାନ୍ତି ତ ଘରେ ।
ସ୍ବା – ତଖଲ ଚାଟ୍ଟ ଦେବ ମୁହିଁ ଉତ୍ତର ॥
ସ୍ତ୍ରୀ—ରେ' ଡଙ୍ଗଲ ମୋତେ କଣ ଲେଖିବ ଅମିନ ।
ସ୍ବା—ଆଇନ ଖଞ୍ଜା ହୋଇଛୁ ଘର ବର୍ତ୍ତିଁ ଣ ॥
ସ୍ତ୍ରୀ – ହଇ ରେ ତୋତେ କଣ ଉଅର ଚଳେ ଲେଖିବ ଅମିନ ?
ସ୍ବା—ଆଲୋ, ମୁଁ ଥାଉ ଥାଉ ତୁ କଣ ହେବୁ ସର୍ବ-ସାଧାରଣ ।
ସ୍ତ୍ରୀ – ସର୍ବସାଧାରଣ ହେଲେ ମୋର କଣ ହେବ ତ୍ରୁଟି ।
ସ୍ବା—ଆଲୋ ଘର ସମ୍ପତ୍ତି କ ଘର ନ ଖାଇବ ଗାଁ ବାଲା ନେବେ ବାଣ୍ଟି ।
ସ୍ତ୍ରୀ – ହଇରେ, ସୁନାବାପ ଯେବେ ଫେରଣେ ତେବେ କଣ ହେବ ।
ସ୍ବା—ଆଲୋ ସେ ଆସୁ, ମୁଁ କଣ ସହଜେ ଛାଡୁଛି । ଆଟେସନ ଖଏ ଖୋଦଲ, ଖଏ ତେଇଶ ନୋହିଲେ ଅଦାଲତ ଯାଏ ଯିବ ।

( ଉଭୟଙ୍କ ପ୍ରସ୍ଥାନ )

—*—

( ଦ୍ୱିତୀୟ ଦୃଶ୍ୟ )

ନର୍ମଦ—ମଲଯ ! ଏବେ ହୋଇଲାଣି ଆସି ଦିବା ଅବସାନ । ଦିନକର ମହାନନ୍ଦେ ଅସ୍ତାଚଳେ କଲେଣି ଗମନ । ସନ୍ଧ୍ୟାଦେବୀ ମନର ଉଲ୍ଲାସେ ପିନ୍ଧି କଳା ଛିଟ ଶାଢ଼ୀ ଧରା କୋଳେ ହେଲେ ଉପସ୍ଥିତ । କୁମୁଦିନୀ ଧନ୍ୟ ସରସୀ ଅଙ୍କରେ ଟେକିଲେଣି ମଥା । ଚନ୍ଦ୍ର ପ୍ରଭ ଆଶେ, କୋଟି କୋଟି ତାରା ସମନ୍ୱିତ ନକ୍ଷତ୍ର ଖଚିତ ଗଗନରେ ହିମାଂଶୁ ଉଦିତ ହେଲେଣି । ଏଣେ ଶର୍ବରୀର ଆଗମନେ ଅରୁଣ ହେଲେଣି ଲତାରଣ୍ୟର । ଚଳ ମିତ୍ର ! କ ଉପାୟ କରିବ ଏଣିକି ।

ଗୀତ

( ରାଗ ପିଲୁ—ତ୍ରିତାଲ )

ଗଲେଣି ଅସ୍ତାଚଳେ ଦେବ ଦିନମଣି ।
ଶିଶିରପ୍ରଦ ଲତାରଣ୍ୟ ଅରୁଣ ହେଲାଣି । ୨ ।

ମଲଯ ! ବର୍ତ୍ତମାନ ନିଶୀଥିନୀର ଆଗମନରେ ଚତୁର୍ଦ୍ଦିଗ ଅନ୍ଧକାରଚ୍ଛନ୍ନ । ଆଉ ତ ପଥ ଦେଖାଯାଉ ନାହିଁ ।
ପ୍ରଭ – ହଁ ମଲଯ, ରାତି ମାଡ଼ ଆସିଲାଣି ।
ନର୍ମଦ — (ଗୀତ)

ନକ୍ଷତ୍ର ମଣ୍ଡିତ ଚନ୍ଦ୍ର ନୀଳ ଗଗନରେ
ହସି ହସି ଚୁମ୍ବିଲେଣି ଧରଣୀ ମଣ୍ଡଳେ । ୧ ।

ମଲଯ ! ଦେଖିଲ, ଏ ସୁନୀଳାକାଶେ ଚନ୍ଦ୍ର ଚନ୍ଦ୍ରିକାରେ ନକ୍ଷତ୍ରମାନେ ମଣ୍ଡିତ ହୋଇଥିବାରୁ ପ୍ରକୃତି ଦେବୀ କପରି ହସିଲାପରି ଦେଖାଯାଉ ଅଛନ୍ତି ।
ପ୍ରଭ—ମଲଯ ! ସେ ଶୋଭାରୁ ଆମ୍ଭମାନଙ୍କୁ କଣ ମିଳିବ !
ନର୍ମଦ — ଗୀତ

ନିଶା ଦେବୀର ଆଗମେ ନିଶାଚରଗଣରେ ।
କୋଳାହଳେ ଯେଝା ବାସୁଁ କଲେଣି ଗମନ ।୨।

ମଲଯ, ଦେଖିଲ ହିଂସ୍ର ଜନ୍ତୁମାନେ କପରି ଚିତ୍କାର କରି ସେ ଯାହାର ବସାମାନଙ୍କରୁ ଖାଦ୍ୟ ଅନ୍ୱେଷଣ କରି ବାହାରିଲେଣି ।
ପ୍ରଭ – ମିତ୍ର, ବର୍ତ୍ତମାନ ଆମ୍ଭେମାନେ କେଉଁଆଡ଼େ ଯିବା ।
ନର୍ମଦ — (ଗୀତ)

ପଥଶ୍ରମ ନିଦ୍ରା, ତନ୍ଦ୍ରା ଲାଗିଲାଣି ମୋତେ ।
କହ କ ଉପାୟ ମିତ୍ର ବାକ୍ୟକଷ୍ଟ ଅନ୍ତେ । ୩ ।

ମଲଯ ! ପଥଶ୍ରମ ବାଧାରେ ମୋହ ଶରୀର ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ିଲାଣି । ମୁଁ ଆଉ ଚାଲିପାରିବ ନାହିଁ । ଏଣେ ବି ଅନ୍ଧାରରେ ପଥ ଆଉ ଦେଖା ଯାଉନାହିଁ । ମୁଁ ଏଠାରେ ବିଶ୍ରାମ କରୁଛି, ତୁମ୍ଭେ ଟିକିଏ ବସ । ପରେ ତୁମ୍ଭେ ବିଶ୍ରାମ ନେବ, ମୁଁ ବସିବି ।
ପ୍ରଭ—ଭଲ ମଲଯ ! ବିଶ୍ରାମ କରନ୍ତୁ ।

(ଗୋଟିଏ ଅପ୍ସରୁଣୀର ପ୍ରବେଶ)

ଅପ୍ସରୁଣୀ—(ସ୍ୱଗତ) ଓହୋ, ଆଉ କେତେଦିନ କଷ୍ଟରେ ମୁଁ ନିର୍ଜନରେ ରହି । ଉପବାସ ହେଲା ପ୍ରାୟ ନ ଖାଇଲି ଆହାର ଗୋଟିଏ । ଆଜ ଦଶ ବର୍ଷରୁ ମୋ କର୍ମେ ଦେବ ! ଯାଉ ! ଏ କଣ, ନରମାଂସ ଗନ୍ଧ କିଏ କାହିଁ ! କେଉଁ କ ପଥିକ ପଥଶ୍ରମେ ରହିଛି ଏ

କରେ । ଯାଇ ଦେଖେଁ (ଇତସ୍ତତଃ ନିରୀକ୍ଷଣ କରି, ଏଇ ତ ମେ ବଟବୃକ୍ଷ ସମୀପରେ ଦୁଇଜଣ । ଜଣେ ନିଦ୍ରାରେ ଅଚେତ ଅନ୍ୟଟି ଜାଗ୍ରତ । ତେବେ ବଡ଼ ସୁଯୋଗ ପଡ଼ିଛି ମୋତେ । ଶ୍ରୁତ ଦେବ ନଷ୍ଟେ ଆଜ ଚାପିବ ପ୍ରାଣ । ତେବେ ଛଦ୍ମ ବେଶେ ଯିବି ତାଙ୍କ ପାଶ ।

(ମାୟାରେ ଷୋଡ଼ଶୀ ଯୁବତୀ ରୂପରେ ଗମନ)

ପ୍ରଭ—(ସ୍ୱଗତ) ଏ କଣ, ଜଙ୍ଗଲଟା ମାଡ଼ମାଡ଼ ହେଉଛି କାହିଁକି । କେହି କିଏ ଜନ୍ତୁ ଆସିଲା ପରି ଅଦୃଶ୍ୟରେ ପତ୍ରବର ମର ମର ଶବ୍ଦ ଶୁଣାଯାଏ । ଦେଖାଯାଉ, ଚନ୍ଦ୍ରାଲୋକତ ପଡ଼ିଛି, ଅବଶ୍ୟ ରୂପରୁ ଦେଖିପାରିବି । ଏଇ ତ ଜଣେ ସୁନ୍ଦରୀ ସ୍ତ୍ରୀ ଦୃଷ୍ଟେ ଆସୁଛି, ଯାର ରୂପଲାବଣ୍ୟ କୋଟି ମନ୍ମଥ ବାମାକୁ ନିନ୍ଦା କରୁଛି । ଏ ଏତେ ସମୟରେ ଏ ଜଙ୍ଗଲ ମଧ୍ୟକୁ ଆସିଲା କିପରି ?

ମା: କାମିନୀ—(ସ୍ୱଗତ) ଏମାନେ କେହି ରାଜପୁତ୍ର ହେବେ ପରା, ଏମାନେ ଯୌବନର ଦ୍ୱାର ଦେଶରେ ଉପଗତ । ଏମାନେ ମୋତେ ଦେଖିଲେ ନିଶ୍ଚୟ ମଦନ ଜ୍ୱାଳାରେ ଅଥୟ ହୋଇ ପଡ଼ିବେ । ଯାଉଛି, କୃତ୍ରିମ ଭାବ ପ୍ରେମର ଆକାଂକ୍ଷା ଦେଖାଇ ସେମାନଙ୍କୁ ଆହାର କରିବି ।

ପ୍ରଭ—କିଏ ତୁମ୍ଭେ ସୁନ୍ଦରି ! ତୁମ୍ଭର ପରିଚୟ ?

ମା: କାମିନୀ—ନାଗର । ମୋର ଘର ଏ ଜଙ୍ଗଲ ମଧ୍ୟରେ, ମୁଁ ଗୋଟିଏ ରାଜକନ୍ୟା । ମୋର ପିତା ମାତା ମରିଯିବାରୁ ଭ୍ରାତାମାନେ ନିର୍ବାସିତ କରି-ଛନ୍ତି । ଏଣୁ ମୁଁ ଏକାକୀ ଏ ନିବିଡ଼ ଜଙ୍ଗଲ ମଧ୍ୟରେ ବାସ କରୁଛି ।

ପ୍ରଭ—ଏତେ ସମୟରେ ଜଙ୍ଗଲରେ ଭ୍ରମଣ କରୁଛ, ତୁମ୍ଭକୁ ଭୟ ଲାଗୁ ନାହିଁ ।

ମା: କାମିନୀ—ଭୟ କଣ, କିମ୍ପା ଆଦର ରହିଛି । ଭୟ ଯେବେ କରିବ ତାକୁ କପରି । ନାଗର, ତୁମ୍ଭଙ୍କୁ ଦେଖି ମୋ ମନରେ ଗୋଟିଏ ଆଶାର ସଞ୍ଚାର ହେବାରୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଇଚ୍ଛା କରେ ।

ପ୍ରଭ—କି ପ୍ରଶ୍ନ ପ୍ରକାଶ କର ।

(ଗୀତ)

(ହେ ଆମା—ତୁଲ୍ୟେ)

ମା: କା:—ହେ ନବନାଗର କିପାଁ ବନରେ
ବସିଛ ଏତେ ନିଶାର

ପ୍ରଭ—ଶୁଣିଲେ ତରୁଣୀ କିସ ତୁ ବଖାଣି କିମ୍ପା
ଆମ୍ଭର ଦାରଖାର ॥

ମା: କା:—ହେ ନାଗର ! ଏତେ ସମୟରେ ଏ ଜଙ୍ଗଲ ମଧ୍ୟରେ ତୁମ୍ଭେ ଏକାକୀ ବସିଛ କାହିଁକି ? ପୁଣି ଏ ଯେ କୋଳରେ ଶୋଇଛନ୍ତି ସେ କିଏ ?

ପ୍ରଭ—ସୁନ୍ଦରୀ ! କିମ୍ପା ଦୋଷରୁ ଏ ଦଶା ଭୋଗ କରିବାକୁ ପଡ଼ୁଛି ।

ମା: କା:— (ଗୀତ)

ରାଜସୁତ ପରାଏ ବେଶ
ବନେ କିମ୍ପା ପାଉଛ କ୍ଲେଶ,

ପ୍ରଭ—ଶୁଣ ରେ ନାରୀଶ ପିତା କରି ରୋଷ
ଦେଇଛନ୍ତି ଦେଶାନ୍ତର ।

ମା: କା:—ନାଗର ! ତୁମ୍ଭମାନଙ୍କ ରୂପରୁ ମୁଁ ଅନୁମାନ କରୁଛି, ତୁମ୍ଭେ ରାଜପୁତ୍ର, ତେବେ ଏ କାନନ ମଧ୍ୟରେ ଏପରି କଷ୍ଟ ଭୋଗ କରୁଛ କାହିଁକି ?

ପ୍ରଭ—ସୁନ୍ଦରୀ ! ପିତାଙ୍କର ଗୋଟିଏ ଆଦେଶ ପାଳନରେ ତ୍ରୁଟି କରିଥିବାରୁ ଏ ଦଣ୍ଡ ଭୋଗ କରୁଛୁଁ ।

ମା: କା:— ଗୀତ

ଭାଗ୍ୟେ ମୋର ହେଲା ସୁଫଳ
ଭେଟିଲି ଯା ପଦ୍ମର,

ପ୍ରଭ—କହ ରମାବର ସଂଶୟ ମୋହର
କିବା ଅଭିଳାଷ ତୋର । ୨ ।

ମା: କା:—ନାଗର ! ଆଜ ରଜନୀ ମୋର ବଡ଼ ସୁଯୋଗରେ ପାଇଥିଲି, ଯାହା ଆପଣଙ୍କୁ ଭେଟିଲି । ଏଇ ମୋର ମହାନନ୍ଦ ଓ ଭାଗ୍ୟର କଥା ।

ପ୍ରଭ—ସୁନ୍ଦରି ! ପ୍ରକାଶ କର ଆମ୍ଭଦ୍ୱାରା ତୁମ୍ଭର କି କାର୍ଯ୍ୟ ସାଧିତ ହୋଇପାରେ ।

ମା: କା:— ଗୀତ

ତରୁଣୀ ମୂର୍ତ୍ତି ଅବଳା,
ତୁଟାନ୍ତୁ ମୋ ବିରହ ଜ୍ୱାଳା ।

ପ୍ରଭା—ହେ ପ୍ରେମଶିଳା ଆଉ ନ ବଳା
ଉଠ୍ ମଳୟ ମୋହର ।

ମା: କା:—ନାଗର ତୁମ୍ଭେ ନବଯୁବା ମୁଁ ନବୀନ ଯୁବତୀ । ଆସନ୍ତୁ ଏ ଜଙ୍ଗଲ ମଧ୍ୟରେ ପ୍ରେମାଳାପ କରି ଜୀବନ ଧନ୍ୟ କରିବା ।

ପ୍ରଭା—ହେ ସୁନ୍ଦରି ! କ୍ଷଣେ ଅପେକ୍ଷା କର, ମଳୟ ଉଠନ୍ତୁ ।

ମା: କା:— ଗୀତ

ପ୍ରୀତି ରସ ପିଆଇ ସ୍ୱସ୍ତ,
ନ ଜାଣ କି କର ପ୍ରକଟ ।

ପ୍ରଭା—ନାହିଁ ଆସୁଛ ମିତ୍ର ବିନା ତ
ନ କରେ ଜଳ ଆହାର । ୪ ।

ମା: କା:—ନାଗର ମୁଁ ସେପରି ବିଳାସୀ ନୁହେଁ । ମୁଁ କେବଳ ଆପଣଙ୍କ ରୂପରେ ମୁଗ୍ଧା । ଏଣୁ ଆପଣଙ୍କ ବାହୁଦ୍ୱାର ଆଲିଙ୍ଗନ କରି ତାରୁ ଯୁଗଳରେ ଆଶ୍ରୟ ଦିଅନ୍ତୁ ।

ପ୍ରଭା—ତା କେବେ ହେଲେ ହୋଇ ନ ପାରେ, ମଳୟ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କର ।

( ମା: କା: ସୁଯୋଗରେ ପ୍ରଭା ହସ୍ତରୁ ମୁଦ୍ରିକା ଛଡ଼ାଇ ଅନ୍ତର୍ହିତ ହେବା )

ପ୍ରଭା—ମଳୟ ! ଉଠନ୍ତୁ ମୋତେ ଜନ୍ତ୍ର ଆକ୍ରୋଶ ଦେଖାଉଲଣି ।

( ଧର୍ମିଳ ଜାଗ୍ରତ ହୋଇ ବସିବା ସମୟେ ପୁନଃ ମା: କା: ଆବିର୍ଭାବ ପୂର୍ବକ ଗୀତ ଗାଇବା )

ଧର୍ମିଳ—କି ଆଶ୍ଚର୍ଯ୍ୟ କଥା, ଏ ସ୍ତ୍ରୀ କଣ ଲଜ୍ଜାକୁ ବିସର୍ଜନ କରିଛି ।

ଗୀତ—( ବନେ ଗାଇ—ଭୁଙ୍ଗେ )

ନବ ଯୁବକ ରେ କହୁ ବଡ଼ ଅସମ୍ଭବ କଥା ।
କାହାର ଦୁଲାଳୀ ବାଳୀ କାହାର ବୁ ନାୟିକା ।୧।

ହେ ସୁନ୍ଦରି ! ତୁମ୍ଭେ କାହାର କନ୍ୟା, କାହାର ସ୍ତ୍ରୀ । ଏପରି କୁତ୍ସିତ କଥା ମୁଖରେ କାହିଁକି ଆଣୁଛ ।

ମା: କା:—ନାଗର ! ସେ ସବୁ ରହସ୍ୟ ତ ମୁଁ ପୂର୍ବରୁ ପ୍ରକାଶ କରିଛି, ବର୍ତ୍ତମାନ ଆପଣଙ୍କୁ ମୋର ମନେ ମନେ ପତିରୂପେ ବରଣ କରି ପ୍ରେମାଭିଳାଷ ପ୍ରକାଶ କରୁଛି ।

ଧର୍ମିଳ— ଗୀତ

ପାପ ପ୍ରଶ୍ରୟରେ ମୋର
ଲେଶ୍ୱା ନାହିଁ ରମାବର,
ପରିଶ୍ରମ ତୋ ବିଫଳ
ମୋ ସଙ୍ଗେ ଲଢ଼ିବା ବୃଥା । ୧ ।

ସୁନ୍ଦରି ! ମୁଁ ଅବିବାହିତ ନୁହେଁ, ମୋର ସ୍ତ୍ରୀ ଅଛି, ମୁଁ ଏକଦାର ବ୍ରତାବଲମ୍ବୀ, ଅନ୍ୟ ସ୍ତ୍ରୀ ଗ୍ରହଣ କରିବ ନାହିଁ ।

ମା: କା:—ଯୁବକ ! ତୁମ୍ଭେ ରାଜପୁତ୍ର ଶତ ଶତ ସ୍ତ୍ରୀର ମହୁଣ୍ଡ ମଣି ହୋଇପାର, ଏଣୁ ବୃଥା ଛଳନା କରୁଛ କାହିଁକି ?

ଧର୍ମିଳ— ଗୀତ

ଅଛି ମୋର ଦୃଢ଼ ବ୍ରତ,
ପ୍ରୀତି କି ନ ଦେବ ଶଙ୍କ ।
ଭଙ୍ଗ କ୍ଷଣେ ଉଠୁ ମିତ୍ର,
କଲେ ସେ କରୁ ରକ୍ଷା । ୨ ।

ସୁନ୍ଦରି ! ମୁଁ ପ୍ରତିଜ୍ଞା କରିଛି ପର ସ୍ତ୍ରୀ ପ୍ରତି ଦୃଷ୍ଟି ଦେବି ନାହିଁ । ସେବେ ଏପରି ବାଧ୍ୟ କର ମଳୟଙ୍କଦ୍ୱାର ତୁମର ଅଭିଳାଷ ପୂର୍ଣ୍ଣ କରାଇବ ।

ମା: କା:—ନାଗର କହିବାକୁ ଲଜ୍ଜା ହେଉଛି ।

ଧର୍ମିଳ—କି କଥା ?

ମା: କା:— ଗୀତ

ମିତ୍ର ସଙ୍ଗେ କରି ପ୍ରୀତି ପାଇବାକୁ ସୁଖ ଶାନ୍ତ ।
ତବରୂପ ହୃଦେ ଜନ୍ମ ଅଧୈର୍ଯ୍ୟ କରୁଛି ମାର ।୩।

ନାଗର ! ଜାତ ପାଇଛି କନ୍ତୁ ପେଟ ପୂରିନାହିଁ । ତୁମ୍ଭ ମଳୟଙ୍କ ସହିତ ପ୍ରଣୟରେ ମୋର ମନର ଅବସାଦ ନ ମେଣ୍ଟି ଥିବାରୁ ତୃପ୍ତି ନ ପାଇ ପୁନଶ୍ଚ ଆପଣଙ୍କୁ ସେ କାର୍ଯ୍ୟରେ ଅନୁରୋଧ କରୁଛି ।

ଧର୍ମିଳ— ଗୀତ

ମିଥ୍ୟା ନ କହ ସୁନ୍ଦରୀ, ମିତ୍ର ମୋ ହୃଦେ ସେପରି
ପ୍ରୀତିକଳ୍ପ ବୃକ୍ଷକରି ଲାଗେ ମନେ ଭାବନା । ୪ ।

ସୁନ୍ଦର "ଅସମ୍ଭବ ନବକ୍ତବ୍ୟଂ ବକ୍ତବ୍ୟଂ ଯଦ ସମ୍ଭବ, ଶିଳା ତରନ୍ତି ପାନୀୟଂ ଗୀତଂ ଗାୟନ୍ତି ବାନରାଃ" ଅର୍ଥାତ୍ ପଥରଟାଏ ପାଣିରେ ଭାସୁଛି ତା' ଉପରେ ମର୍କଟଟାଏ ଗୀତ ଗାଉଛି, ଏଥିପାଇଁ ଅସମ୍ଭବକୁ କଣ ସମ୍ଭବ ବୋଲି କହୁଛ କି ?

ମା: ଭା: — ଗୀତ

ଖ୍ୟାତ ଅଟଇ ଭ୍ରମର ଭ୍ରମନ୍ତି ନାନା ପୁଷ୍ପର
ଅସମ୍ଭବ ଭୁଲେଁ ଗୀତ ଦେଖନ୍ତୁ (ଏ) ମୁଦ୍ରା କାର ! ୫ ।

ନାଗର ! ସମ୍ଭବ କି ଅସମ୍ଭବ ଥରେ ଦେଖି ନିଅନ୍ତୁ, ମଳୟ ତୁମ୍ଭର ମୋ ସଙ୍ଗତ ପ୍ରୀତିକର ନିଦର୍ଶନ ରକ୍ଷିବା ନିମନ୍ତେ ଏହି ମୁଦ୍ରାଟି ମୋତେ ଅର୍ପଣ କରିଅଛନ୍ତି ।

ଗୀତ

ଆସ ଆସ ନୃପବର, ଶୀତଳ କର ପରାଣ
ମରମେ ବାଜେ କାମବାଣ ବାଳାମଣିର ଝୁରେ ।
ଆସ କର ଅସହ୍ୟ ହେଲାଣି ପ୍ରାଣ ।

ନର୍ମିଳ — ନା ମଳୟ, ତୋର ମୋ ଠାରେ ଏତେ ଛଳ,
ସୁନ୍ଦରୀକୁ ସର୍ବନାଶ କଲୁ ।

ଗୀତ

କପଟ କରି ମଳୟ ପାଶ ପ୍ରେମେ ହେଲି ରତ
ନ କଲା ମୋତେ ଲଜ୍ଜିତ ବାନର ଏହି ଭଷା । ୬ ।

ସୁନ୍ଦରୀ ! କ୍ଷମାଦିଅ, ଯା'ହାକୁ ଚିତ୍ତରେ ବରଣ କରିଛ, ପ୍ରାଣ ଅର୍ପଣ କରିଛ, ତାଙ୍କୁ ଚରଣ ନମିଶ ତୁମକୁ ସମର୍ପି ଦେଉଛି, କ୍ଷଣେ ଅପେକ୍ଷା କର । ମଳୟ, ମଳୟ !

(ମା: ଭା: ପ୍ରସ୍ଥାନ)

ସୁନ୍ଦ — ମଳୟ, ସବୁ କଣ ଶେଷ ହୋଇଗଲାଣି !

ନର୍ମିଳ — ନା, ସବୁ ଶେଷ ହୋଇ ନାହିଁ, ମାତ୍ର ତୁମର ଦୁଃଖ ନିଶିଥ ପାହିଗଲାଣି !

ସୁନ୍ଦ — ମଳୟ, ଆଜ ପୁଣି ଏ କି ଭାବ, ମୋର କଣ ଦୁଃଖ ନିଶି ପାହିଛି ।

ନର୍ମିଳ — (ଗୀତ)

[ ଅବଳା ଅଗା ଭୁରେ ]

ହେ ମଳୟ, ହୁଇଲ୍ ସ୍ତୁତ
ତେବେ ମୋହ ଭାବ ଆଜଠାରୁ ଭୁଲିଲି ।
କାମିନୀ କାଞ୍ଚନ ଦେଖି ହେଲି ଭ୍ରମ
କହୁତେ ମୋହ କଥା ନ କଲି ଭଲ ।

ମଳୟ ! ସାମାନ୍ୟ ସ୍ତ୍ରୀର ଚକ୍ରାନ୍ତରେ ପଡ଼ି ମୋତେ ପାଶୋରିଦେଲ ! ମୁଁ ତୋହ ଲାଗି ରାଜସିଂହାସନ ଉପେକ୍ଷା କଲି, ମାତ୍ର ତୁ —

ସୁନ୍ଦ — ମଳୟ ! ଏ କି କଥା ମୋର କଣ ମନ ବାଢ଼ୁଛନ୍ତି ନା ତରହ ପରୀକ୍ଷା କରୁଛନ୍ତି । ଏପରି କଳୁଷିତ କଥା ଭୁଣ୍ଡକୁ ଆଣନ୍ତୁ ନାହିଁ ।

ନର୍ମିଳ — (ଗୀତ)

ତୋହଲାଗି ରାଜଗାଦି ଦେଲି ଶୁଣାଇଲେ ସମ୍ବାଦ,
ପିତାରେ ହେଲି ଅବାଧ୍ୟ ମୋ କର୍ମେ ଥିଲା ।
ବିଧାତାର ହୃଦର ଭୁଲ କରନ୍ତୁ ପର,
ଅଭିଶାପ ପିତାର ମୋତେ ପଡ଼ିଲା ।

ମଳୟ ! ତୁମ୍ଭଲାଗି ପିତା ମାତା ରାଜ୍ୟ ସମ୍ପଦ ଦାସଦାସୀ ସମସ୍ତ ଛାଡ଼ିଲି, ତୁମ୍ଭେ ପୁଣି ଶେଷରେ ମୋ ଗଳାରେ ଛୁରୀ ଦେଲ । କାହାକୁ କହିବି, ସେ ମୋ ନିଜ ଅର୍ଜିଲା କର୍ମ । ଆଉ ବା ପିତାଙ୍କର ଅଭିଶାପ ।

ସୁନ୍ଦ — ମଳୟ ! ମୁଁ ଦୋଷୀ ନୁହେଁ, ବୃଥାରେ କାହିଁକି ଏତେ କଥା କହୁଛ ।

ନର୍ମିଳ — (ଗୀତ)

ବେଶ୍ୟା ପାଦେ ପଡ଼ି ତୁହି ଗଲୁ ମିଶି ଲଭ ଏହି
ଏଣିକି ବୁଝିବରେ ତୋର କର୍ମ ଅର୍ଜିଲା ।
ବାଳକୃଷ୍ଣର ଭକତ ଅନ୍ତର ତୁଅ ମିତ
କାହିଁପାଇଁ ବିଧାତା ମୋତେ ସୃଜିଲା ।୯।

ମଳୟ ! ଦେଖ ଏବେ ନିଜ ପଥ । ଜଣାଗଲା ଏତେଦିନେ ମିତ୍ରତାର ଗୁଣ । ଜାଣ ମିତ, ତୁମ୍ଭ ଲାଗି ଯାହା ଯାହା ସହ୍ୟ କରିଅଛି କଷ୍ଟ, କିନ୍ତୁ ସେ କଥା ନ ଚିନ୍ତିଲ କ୍ଷଣେ । ସ୍ତ୍ରୀର ରମଣୀର ରୂପ କାନ୍ତିରେ ହଜିଗଲ ତବ ବାଳବତା । ଅବିଶ୍ୱାସୀ ତୁମ୍ଭେ, ମହା ପାପ ତବ ମୁଖାବଲୋକନେ ।

ସୁନ୍ଦ — (ଗୀତ)

( ହେ ମାଦ୍ରକ—ତୁଲେ )

ହେ ମଳୟ, ମୁଁ ଏତେ ଛନ୍ଦ ଜାଣେ ନାହିଁଟି
ବୃଥା ଅପବାଦେ କ୍ରୋଧ କର କାହିଁପାଇଁଟି ।୧୦।

ମଳୟ ! ମୋତେ ବୃଥାରେ ଏ ଦଣ୍ଡ ଦେଉଛନ୍ତି । ଜେବେ ମୁହିଁ ଦୋଷୀ ନୁହେଁ ।

ଗୀତ

ଆଜନ୍ମ ମୁଁ ସତତରେ ନ ଜାଣେ କି ମିତ୍ରବର,
ଆଜ କଥା କର ପର ହୃଦ ଭଏ ଦହୁଛି ।୧।

ମହାତ୍ମ ! ମୁଁ ପିଲାଦିନରୁ ଆପଣଙ୍କର ସାଙ୍ଗ, ଆପଣ କଣ ମୋ ଆଚରଣ ଜାଣି ନାହାନ୍ତି ?

ନର୍ମଦ – ଆଚରଣ ଜାଣେ ସତ, କହିଲ ଭଲ ଏ ମୁଦ୍‌ରାଟି ଜାଣ, କେଉଁଠାରୁ ମୋତେ ମିଳିଲା ।

ସୁବଳ – ମହାତ୍ମ ! ମୁଦ୍‌ରାଟି ମୋର, ଆପଣଙ୍କ ଶଯ୍ୟା-କକ୍ଷାରେ ଜଣେ ଉନ୍ମାଦିନୀ ରମଣୀ ଆସି ମୋ ନିକଟରେ ପ୍ରେମଭିକ୍ଷା କରୁଥିଲା । ମୁଁ ତା କଥାରେ ସମ୍ମତ ନ ହେବାରୁ ସେ ମୋର ହସ୍ତଧରି ଟାଣାଟାଣି କଲା । ତହୁଁ ମୁଁ ରାକ୍ଷସୀକୁ ଠେଲି ଦେବା ସମୟରେ ସେ ମୋର ମୁଦ୍‌ରାଟି ନେଇ ଯାଇଛି ।

ନର୍ମଦ – ବେଶ ବୁଝିଲି, ଆଉ ଅଧିକେ ପ୍ରୟୋଜନ ନାହିଁ । ସାମାନ୍ୟ ଅବଳାର ବଳ ପୁଷ୍ଟି ପୁରୁଷ ବଳଠାରୁ ଅଧିକ, ଏତ ବଡ଼ ଆଶ୍ଚର୍ଯ୍ୟର କଥା, ମିଥ୍ୟାବାଦୀ ତୁମ୍ଭେ ।

ସୁବଳ – (ଗୀତ)

ସେ ପାପିଷ୍ଠା ଦୁଷ୍ଟା ଭ୍ରଷ୍ଟା      କରୁଥିଲା ପ୍ରୀତି ଚେଷ୍ଟା
ନ କରିବାରୁ ତା କଥା ଦୋଷୀ ହେଲି ମୁହିଁ ।୨।

ମହାତ୍ମ ! ମୁଁ ସେ ରାକ୍ଷସୀ କଥାରେ ପ୍ରବର୍ତ୍ତିତ ନ ହେବାରୁ ସେ ଆପଣଙ୍କୁ ଏପରି ଲଗାଇ ଦେଇଛି ।

ନର୍ମଦ – ଆଚ୍ଛା, ତୁମର ସେ ସ୍ତ୍ରୀ ସହିତ ଏତେ ଟାଣାଟାଣି ହେଲା, ମୋତେ ନ କହିଲ କାହିଁକି ? ନିଶ୍ଚୟ ତୁମ୍ଭେ ଦୋଷୀ ।

ସୁବଳ – (ଗୀତ)

ନମୁଛି ତବ ପଦରେ      ଦେଖ ନ ଦହ ଦାହରେ
ଦେ ଅବା ରକ୍ଷା ସଖାରେ ବାଳକୃଷ୍ଣ କହେ ।

ଏ କି କଥା ମିତ୍ର ! ସୂର୍ଯ୍ୟଙ୍କ ଉଦୟ ହେବା ପର୍ବତ ଶିଖରେ, ଭାସିଲେ ପୁଷ୍କର ଜଳ ପଶ୍ଚିମ ଆକାଶେ, ସ୍ୱର୍ଗ ମର୍ତ୍ତ୍ୟ ପ୍ରଭେଦ କି ହେଲା ଏ ମୁହୂର୍ତ୍ତେ । ବନ୍ଧୁତ୍ୱ କରି ମମତା ମୋହର, କୋହେ କଲକଥା, ମହାତ୍ମ ! ତୁମର ଏ କଠୋର ବାକ୍ୟ ଶେଲାଘାତ ପ୍ରାୟ ଦହୁଛି ମୋ ହୃଦ । କ୍ଷମାକର ।

ନର୍ମଦ – କେତେ କହିବ ଜଳ୍ପନା । ଦେ ଶଠ ବାକ୍ୟ ମୁହିଁ ନୁହେଁଟି ସନ୍ତୁଷ୍ଟ । ଅବିଶ୍ୱାସୀ ତୁହି, ତୋହ ସ୍ଥାନେ ଅଛୁ ଯାହା ମୁଁ ପ୍ରାଣରେ ଶଙ୍କିତ । କଲବ ସହାୟ ନଷ୍ଟ ହୋଇଛୁ ଦାସରେ । ମିଥ୍ୟାବାଦୀ କାପୁରୁଷ, ଦର୍ଶନେ ତୋ ମହାପାପ, ଦୂରହୁଅ ପାଷଣ୍ଡ, କାଳସର୍ପ ସଙ୍ଗେ ବାସ ମୃତ୍ୟୁର ଆଶଙ୍କା ।

—*      (ପ୍ରସ୍ଥାନ)

ଉଦ୍ୟାନ ଦୃଶ୍ୟ

ସୁବଳ— (ଗୀତ)

( ନ ଜାଣ ଭଲରେ – ଲୁଚୋ )

ଧିକରେ ମହାତ୍ମ ତୋହ ମନେ ଥିଲା ଏହା ରେ ।
ଅଗାଧ ଜଳରେ ବୁଡ଼ାଇଲୁ ଭବ ନାହା ରେ ।
ଆଉ ମିତ୍ର କାହିଁ
ତୋ ବିହୁନେ ମୋର ସୁଖ ନାହିଁ ।୧।

ମହାତ୍ମ ! ତୋତେ ହରାଇ ଆଉ କଣ ଜୀବନରେ ସୁଖ ଅଛି । କଣ କରିବ ? ରାକ୍ଷସୀ ତୁ କଣ ନ କଲୁ ।

(ଗୀତ)

କାଳସର୍ପିଣୀ ପିଶାଚୀ ଛଡ଼ାଇଲୁ ସାହାରେ ।
ଭବ କାରାଗାରେ ମୋତେ ଆଉ ନାହିଁ ସାହାରେ ।
ମିତ୍ର କି କରିବ,
ଗଲା ଜୀବ ତୋ କଥାକୁ ଭାବ ଭାବ ।୨।

ମିତ୍ର, ତୁମ୍ଭ ବିନା ଆଉ ବ୍ରହ୍ମାଣ୍ଡରେ ସ୍ଥାନ ନାହିଁ । ରାକ୍ଷସୀ ତୁ କଣ କପଟରେ ଆମ୍ଭର ମିତ୍ରତା ଭାଙ୍ଗିବା ସକାଶେ ଆସିଥିଲୁ ? ବର୍ତ୍ତମାନ କଣ କରିବ ?

ଗୀତ

ହାତରେ ନ ମାର ମିତ୍ର ହତେ ମାରୁ ଯାହାରେ ।
ବାଳକୃଷ୍ଣ ବୋଲେ ତୁହି ସାକ୍ଷୀ ଚନ୍ଦ୍ରବାହାରେ ।
ଧର୍ମ ସାକ୍ଷୀ ତୁହି ।
ନୁହେଁ କେବେ ମୁହିଁ ମିତ୍ରଦ୍ରୋହୀ ।୩।

ମହାତ୍ମ, ଏ ପ୍ରାଣ ନ ନେଇ ହଟହଟା କଲ କାହିଁକି ? ଭଲ ମିତ୍ର, ତୁମର ପଥ ନିଶ୍ଚୟ ଜାଣିବ । ଆଉ ଏ ବେଶରେ ପ୍ରୟୋଜନ ନାହିଁ । ଛଦ୍ମବେଶେ ସଙ୍ଗେ ସଙ୍ଗେ ଥିବ ।

—*—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ରାଜା ସୁରସେନ—ମନ୍ତ୍ରୀବର୍, ମୋର ଦକ୍ଷିଣ ଚକ୍ଷୁଟା ମୁହୁର୍ମୁହୁ ସ୍ପନ୍ଦିତ ହେଉଛି କାହିଁକି ?

ମନ୍ତ୍ରୀ—ମହାରାଜ ! ଏହା ଗୋଟିଏ ଶୁଭ ସଙ୍କେତ, କାରଣ ଦକ୍ଷିଣାକ୍ଷି ଅଧୋଭାଗେ ସୁଖଲାଭ, ଊର୍ଦ୍ଧ୍ୱେ ସନ୍ନିଷ୍ଟ ଲାଭ, ନେତ୍ରପ୍ରାନ୍ତେ ଧନଲାଭ, କୋଣେ ବନ୍ଧୁଲାଭ ।

ରାଜା—କାହିଁ, ଦୂତ ଏପର୍ଯ୍ୟନ୍ତ ଆସି ନାହିଁ କମା, ମୁର୍ଖ କନକାର୍ଯ୍ୟ ... ଡେରି କରୁଅଛି କାହିଁ ?

ମନ୍ତ୍ରୀ—ଯାଇଛନ୍ତି ସେ ନଗର ଭ୍ରମଣେ, ଫେରିନାହାଁନ୍ତି, ଆସୁଥିବ ।

(ଦୂତ ପ୍ରବେଶ ପୂର୍ବକ ଅଭିବାଦନ)

ରାଜା—କହ ଦୂତ ରାଜ୍ୟର ଖବର, କି ନିମନ୍ତେ ଏତେ ଷଣ ଯାଏ ଯାଇଥିଲ୍ କାହିଁ ।

ଦୂତ—ମହାରାଜ ! ଆପଣଙ୍କର ଜାମାତା ନର୍ମିଳ କୁମାର ଗ୍ରାମ ସୀମାରେ ବସି ଆପଣଙ୍କ ସାକ୍ଷାତ ଅପେକ୍ଷା କରୁଛନ୍ତି ।

ରାଜା—ଦୂତ ! କିଏ ନର୍ମିଳ ? ସେ କପଟ ଆସି ଉପନୀତ ହେଲା, ମନରେ ତାର ସେନ୍ହ ମମତା ଅଛି ନା ?

ଦୂତ—ନା ମହାରାଜ ! ସେ ଯେ ଏକାନ୍ତ ଭଗବଦ୍ଭକ୍ତ ।

ରାଜା—ବୁଝିଲି, ସେ ଯେଉଁ ମଇଁ ନମିତ୍ତ ରାଜ୍ୟ ସମ୍ପଦ ତ୍ୟାଗକରି ଇତସ୍ତତଃ ପରିଭ୍ରମଣ କରୁଥିଲା, ସେହି ମଇଁ ଠାରୁ ବଞ୍ଚିତ ହେବାରୁ ଆମ୍ଭେମାନେ ମନେ ପଡ଼ିଲୁ ।

ଗୀତ—( ଆଜ ଯିବ ଶିକାରକୁ—ବୃତ୍ତେ )

ଏ ଘାତ ନେତ୍ର ପଦ୍ମ ହେଉଛି ମୋହର ।
କନ୍ତୁ ପୁଣ୍ୟ ଥିଲେ କନ୍ଦୁ ପ୍ରବେଶେ ଦୁଆର । ୧ ।

ଦୂତ ! ଏ ଘାତନେତ୍ର କମ୍ପିତ ହେଉଛି, ନର୍ମିଳ ମୋର ଗୃହକୁ ଆସିବ, ଏହା ମୁଁ ସ୍ୱପ୍ନରେ ଭାବି ନ ଥିଲି ।

(ଗୀତ)

ଯାନ ବାହାନେ ବରଣ କରି ଆଣ ଦୂତ ।
କନ୍ତୁ କାନ୍ତୁ ତାର ବନ୍ଧୁ ଥିଲି ମୁଁ ବଞ୍ଚିତ ।୧।

ଦୂତ ! ନର୍ମିଳ ସାଧକ ଦୂତ ପ୍ରଭୁଙ୍କର ସନ୍ନିତ ମିତ୍ରତା ସ୍ଥାପନ କରିବା ନିମନ୍ତେ ସମସ୍ତ ବୈଭବ ତ୍ୟାଗ କରିଥିଲେ, ମାତ୍ର ଆଜ ପୁଣି ତାର ମନ ପରିବର୍ତ୍ତନ ଘଟିଛି । ଏହା ବଡ଼ ଆଶ୍ଚର୍ଯ୍ୟର କଥା ।

(ଗୀତ)

ସ୍ୱାଗ ମଣ୍ଡପରେ ନେଇ ଭକ୍ତରେ ଆସ୍ୱାଦ ।
କାଳ ବୋଲେ ମୋ ଲୀଳାକୁ କର ସମର୍ପଣ ।

ଦୂତବର ! ଅବିଳମ୍ବେ ଅଶ୍ୱ ଗଜ ସାଜ ଜାମାତାଙ୍କୁ ଆଣରେ ବହନ । କନ୍ତୁ କାନ୍ତୁ ବନ୍ଧୁଙ୍କୁ ବଞ୍ଚିତ ଥିଲି ମୁଁ ଅନ୍ତରେ; କିନ୍ତୁ ଆଜ ବଡ଼ ସୌଭାଗ୍ୟ ଦିବସ ଯେ ମୋର ନୟନର ପିତୁଳି ଅଙ୍କିତ ଲୀଳାବତୀ ଦାସୀ ସହ ମହାସମାରୋହେ କନ୍ଦୁ ତାର ପାଦ । ରାଜ୍ୟରେ କର ଘୋଷଣା ଉତ୍ସାହିତ ହୋନ୍ତୁ ସର୍ବେ ଏ ମଙ୍ଗଳ ଦିନେ ।

---

## ଦ୍ୱିତୀୟ ଦୃଶ୍ୟ

( ପ୍ରଭୁ ଯୋଗୀ ବେଶେ ପ୍ରବେଶି ଗୀତ )

( ତୋହର ଲଗିରେ—ବୃତ୍ତେ )

ଭଜ ଜନା ରାମ ନାମ ଭୁଲ ମନ
ଭଜ ଜନା ରାମ ନାମ
ନ ଭଜ ପାରିଲେ ମୂଢ଼ ମାନବରେ
ବାନ୍ଧି ନେବ କାଳ ଯମ ।୧।

ହା ବିଧାତା, ମୋର ଏ ଘଟଣା କପାଳରେ ଏହି ଦୁର୍ଦ୍ଦଶା ଭୋଗ କରିବାକୁ ଲେଖିଥିଲୁ ।

ଗୀତ

ଯାହା ଲାଗି ମନ ପ୍ରାଣ ସମର୍ପିଲି
ସେତ କରିଦେଲା ଆନ
ଏ ଅଭାଗିଆ ପ୍ରାଣେ କିବା ପ୍ରୟୋଜନ
ଧାତା ତୁ ହେଲୁ କଷଣ ।୨।

ହା ବିଧାତା ! ଯାହା ଲାଗି ମନ ପ୍ରାଣ ଅକାତରେ ଦାନ କରିଥିଲି, ସେ ଆଜ ମୋତେ ଏ ଦୁଃଖ ସାଗରରେ ଭସାଇ ଦେଇ ଯାଇଛନ୍ତି ।

ଗୀତ

ତୁ ଛାଣୁ ଅନ୍ତର ଜଳୁ ରେ ମଳୟ
ନ ଜେଲୁ ଯାହା ଜୀବନ,
ଧିକ ସେ ବିଧାତା ଗଢ଼େ ଏତେ ହୃତା
ଧିକ ଏ ଛାର ଯୌବନ । ୩ ।

ତାହାର ଦୋଷ କାହିଁକି ? ବିଧାତା ବିମୁଖ ହେଲେ ସବୁ ଦୁର୍ଯୋଗ ଆସି ଘଟେ ।

ଗୀତ

ତେବେ ବନଖାଇଁ ଆସିଛୁ ରେ ଜୀବ
ତାକୁ ନ କଲୁ ସ୍ମରଣ,
କାଳକୃଷ୍ଣ ବୋଲେ ନ ବୁଝିଲୁ କାଳେ
ମୂଳରୁ କଲୁ କ୍ଷେପଣ । ୪ ।

ମଳୟ ! ତଥାପି ଏ ମନ୍ଦଭାଗ୍ୟରୁ କିଛି ନେଇ-ଗଲୁଣି ବା ନେଇଯିବ ? ତେବେ ଜୀବନ ସମସ୍ତେ ସେହି କାଳମୁଖରେ ଯିବେ । ତୁ କିପରି ମାତ୍ର ସେ କଥା ବୁଝିଲୁ ନାହିଁ ? ଥାଉ ସେ କଥା, ମଳୟର ସନ୍ଧାନ ତ କେଉଁଠାରେ କିଛି ଜାଣିଲି ନାହିଁ । ଏହି ତ ତାର ଶ୍ୱଶୁର-ଘର । ଦେଖାଯାଉ, ଏଠି ତାର ସନ୍ଧାନ ମିଳିଯାଉ । (କିଛି ଦୂର ଯାଇ ଚାହିଁକରି) ଏ କିଏ ଏତେ ରାତିରେ ଏ ଜଙ୍ଗଲର ପାଖରେ କିଏ ? ଏ ତ ଏକା କୁହେଁ, ସଙ୍ଗରେ ଜଣେ ନବ ସପ୍ତଦଶୀ ଯୁବତୀ । ତାର କଥାବାର୍ତ୍ତାରୁ କେଉଁ ଅନୁମାନ ହେଉଛି, କେଉଁ ରାଜକନ୍ୟା ହେବ ଅବା । ପୁରୁଷଟା ତ ଅତି କୁତ୍ସିତ ! ଏ ଘଟଣ ସମସ୍ୟା ବା ଛଦ୍ମାବେଶ ରହସ୍ୟ ବୁଝିବାକୁ ଏଥି ଲାଗି କିଛି କ୍ଷଣ ।

(ଚଲାବାଡ଼ିର ଏକପାଖରେ ବସିବା)

( ଏକ ଦିଗରୁ ଲୀଳା, ଅପର ଦିଗରୁ ଶରତ ଚଣ୍ଡାଳର ପ୍ରବେଶ)

ଶରତ—କିଏ ରେ ଲୀଳା, ଏଠି ତୋତେ କିଏ ବସିବାକୁ କହିଲା ? ଉଠ୍ ।

ଯୋଗୀ···ଏ···ମୁଁ···ନାହିଁ···

ଶରତ—ଲୀଳା, ବୋଲକ୍ରାନ୍ତଏ, ଆଗରେ ଉଠ

ଯୋଗୀ—ଯା···ଯା···ଯା···

ଶରତ—କେମେ ଆସିବନି, ଏ ଲୀଳା ପାଗଳ ହୋଇ ।

ଲୀଳା—ଏଠି କାହିଁକି ସେ ବସିଛି ? ମୋ ମନରେ ଭୟ ଆସୁଛି ।

ଶରତ—ଲୀଳା, ସେଟା କିଛି ଜାଣେ ନାହିଁ, ବୋଲକ୍ରାନ୍ତଏ !

ଲୀଳା—ଶରତ, ତୋ ମନଟା କାହିଁକି ଶୁଖିଲା ଦେଖା-ଯାଉଛି ? ମୁଁ କିଛି ବୁଝିପାରୁ ନାହିଁ ।

ଗୀତ

ଶରତ—(କେତେ ଯାଅ ଯାଅ, ଦୂର ଯାଅ – ବୁଝେ)

ଲୀଳା, ଯେତେ ତୋତ ମୋତ ଭାବ ରେ
ବଣି କରିଦେଲା ଦଇବ
ତୋ କଥାକୁ ଭାବ ଭାବ ରେ ବାଳକ
ଆଉ କି ଥାଇ ରହିବ ରେ ?

ଲୀଳା ! ତୋର ମୋର ଯେତେବୁଝିଏ କଥା ତାକୁ ବିଧାତା ଭାଙ୍ଗିଦେଲା । ଲୀଳା ! ମୁଁ ଚଣ୍ଡାଳ ବୋଲି କହେ; କିନ୍ତୁ ମୁଁ ତୋ ସଙ୍ଗେ ଭଲପାଇ କଲିବଳି···

ଲୀଳା—ଶରତ ! ମୁଁ କଣ ତୋତେ ଚଣ୍ଡାଳ ବୋଲି କହେ ?

ଯୋଗୀ—(ସ୍ୱଗତ) କି ଆଶ୍ଚର୍ଯ୍ୟ କଥା ! ଏ ପୁରୁଷ କେଉଁ ଜାତିର ପୁଣି, ମୁଁ ଜାଣି ପାରୁ ନାହିଁ । ଚଣ୍ଡାଳ ସହିତ ରାଜକେମାର ଭାବ ! ଦେଖାଯାଉ···

ଶରତ—ଏ ଲୀଳା କଣ ପୁନଃ ଏ ଅଟକିଛୁ କି, ତୁ ଉଠ୍, ମୁଁ କହୁଛି ଉଠ୍ ।

ଯୋଗୀ··ମ···ଆ···ଲ···ନ —

ଶରତ— ଗୀତ

କେତେ କଲୁ ସୁଖ କାତର
ଆଜି ଦେଉଥିଲୁ ତୁ ଭାବ
କେତେ କଲୁ କି ଆଉ ଯାଉଛି । ୧ ।

ଲୀଳା ! ଯେଉଁ ଚିତ୍ତଚୋରଣ ତାହାକୁ, ଆମକୁ, ଓଡ଼ିଆ ପୁଣି, ପୁଣି ମଳୟକୁ ଦେଉଥିଲୁ ମୁଁ ଭାବ ମନ ମାଟିରେ ଲାଗିଲେ ଆଉ ଯାଉଯାଉଛି !

ଲୀଳା—ଶରତ, ବର୍ତ୍ତମାନ କଣ ହୋଇଛି କି ? ତୋ ମନ ଭାବ ଆଡ଼କୁ ଯାଉଛି ନାହିଁ କି ମ ?

ପତି— ଗୀତ

ତୋ ପୀରତି ମୋ ହୃଦେ ଚନ୍ଦ୍ର
ବକ୍ଷ ମୋର ଯାଉଛି ଫାଟି
ଏ ଦାରୁଣ ଜ୍ୱାଳା କେ ସହିବରେ । ୨ ।

ଲୀଳା ! ତୁ ଯେଉଁ ପ୍ରେମରେ ମୋତେ ବସାଇ-ଦେଇଛୁ, ମୁଁ ବି ଯେଉଁ ଅପୂର୍ବ କରିଯାଉଛି, ସେ କଥା ଭାବିଲାବେଳକୁ ଏ ପ୍ରାଣଟା କ'ଣ ହୋଇ-ଯାଉଛି ।

ଲୀଳା— ପତିଅ, ସେକଥା ତୁ ଆଜେ ଚାଲି କି ?

ପତି— ଗୀତ

ଆସିଲେଣି ତୋ ପ୍ରାଣେଶ୍ୱର
ତାଙ୍କୁ ଦେଖ କରିବୁ ଦର ।
ବାଳାମଣି, ମନ କେ ମୋହିବ । ୩ ।

ଲୀଳା ! ଆଜ ଯେତେବେଳେ ତୋର ସ୍ୱାମୀ ଆସିଲେଣି ପରେ କ'ଣ ଆଉ ତୁ ଏ ସାମାନ୍ୟ ଚଣ୍ଡାଳକୁ ଚିହ୍ନିବୁ ? ଲୀଳା ! ମୋତେ ଦେଲେ ଟିକିଏ ଜହର ଦେ, ମୁଁ ଖାଇଦେଇ ମରିଯାଏ । ତୋ ସହିତ ପ୍ରେମାଳାପ କରିବା ପ୍ରାୟ ପାଞ୍ଚ ବର୍ଷ ହେଲା । ସେ ଦିନଠାରୁ ମୁଁ ଯାହା କି ସୁଖ ଉପଭୋଗ କରିଯାଉଥିଲି, ଆଜ ବିଧାତା ସେସବୁ ଛଡ଼ିଦେଲା ।

ଲୀଳା— ପତିଅ ! ଯେତେବେଳେ ମୁଁ ବିରହାନଳରେ ଦଗ୍ଧ ହୋଇଯାଉଥିଲି, ସେ ସମୟରେ ତୁ ତୋର ପ୍ରେମବାରି ସେଚନେ ମୋର ତାପିତ ହୃଦୟକୁ ଶୀତଳ କରିଛୁ । ସେ ତ ବାରବର୍ଷ ହେଲା ମୋତେ ପାଶୋରିଦେଇ କୋଉଠିଏ ସାଧୁ ସନ୍ତ ସହିତ ମିଳିତା ପ୍ରାପତ କରି ମୋତେ ଆବୌ ଖବର ନାହାନ୍ତି । ଆଜ ହଠାତ୍ ଆସିଛନ୍ତି ବୋଲି କ'ଣ ମୁଁ ତାଙ୍କର ? ଏହା କେବେ ନୁହେ, ତୁମ୍ଭ କେବଳ ମୋହର ଜୀବନର ଆଶାଭରସା ।

ଯୋଗୀ (ସ୍ୱଗତ) ଆଉ ସନ୍ଦେହର କାରଣ ନାହିଁ, ଏ ନିଶ୍ଚୟ ମଲହର ସ୍ତ୍ରୀ ।

ପତି— ପୁଣି ତ ଶଳା ଜଣେ ବୁଢ଼ାଏ ବଗ ବଗ ହେଉଛି, ଶଳାଟି, ଏ ପେଟାକୁ ଅନେଇଥା ।

ଲୀଳା— ଗୀତ—(ଭକ୍ତ ମୋର ତୁଲ୍ୟେ)

ତୁମ୍ଭ ମୋର ଜୀବନ, ତୁମ୍ଭ ମନ ମୋହନ
ତୋହଠାରୁ ଅଧିକ, କୋହେ ମୋ ପ୍ରାଣାଧିକ
କାହାଁ ତୁ ରେ ବିମୁଖ, ହେଉ ରେ ସ୍ନେହାଧିକ
ତୁମ୍ଭ ହୃଦଚନ୍ଦନ । ୧ ।

ପତିଅ ! ବାରଆଡ଼ୁ ବାର କଥା ମନରେ ଭାବୁଛୁ; କିନ୍ତୁ ତୋହ ଛଡ଼ା ମୋର ଆଉ କେହି ନାହିଁ ।

ପତି - କେ ଜାଣି, ମୋତେ ତ ବିଶ୍ୱାସ ହେଉ ନାହିଁ, କାଲି ଭର୍ମଳ ବାବୁ ପହଞ୍ଚିଲାବେଳକୁ ମୋ ରକ୍ତ ଶୁଖିଯାଉଛି ।

ଲୀଳା— ଗୀତ

ତୋ ବିନୁ ନାହିଁ ଆନ ବି ପତି କିବା ଧନ
ବାନ୍ଧିଛି ତୋହ ପ୍ରେମ ଏ ଜୀବ ଆଜୀବନ
ତୁମ୍ଭ ଗଳାରତନ । ୨ ।

ପତିଅ ! ତୁମ୍ଭ ମୋର ଜୀବନର ସର୍ବସ୍ୱ । ତୋଠାରେ ମୋର କିପରି ସ୍ନେହ, ଯଦି ତୁହନ୍ତୁ, ହୃଦୟ ଚିରି ଦେଖାଇବାର ହୋଇଥିଲେ ଦେଖାଇଦେଇଥାନ୍ତି ।

ଗୀତ

ଅଦ୍ୟା ଆବେଶେ କାନ୍ତ ଶୋଭନ୍ତ ନିଶ୍ଚିନ୍ତ
ସୁଖେ ମୁଁ ପ୍ରାଣେ ହତ କରି ରଖିବି ବ୍ରତ
ନୃପ ତୁ ରେ ଦମନ । ୩ ।

ପତିଅ ! ତୁ ଭାବନା କରିବାର ଆବଶ୍ୟକ କ'ଣ ? ମୁଁ ନିଶ୍ଚୟ ଆଜ ରାତ୍ରମଧ୍ୟରେ ତାଙ୍କର ବିନାଶର ଚେଷ୍ଟା କରିବି ।

ଯୋଗୀ—(ହେ ହୋ କଣ ଶୁଣିଲି, ରାକ୍ଷସୀ କ'ଣ କହୁଛୁ ? ମଲହ, ତୋର ଏହି ଦୁର୍ଦ୍ଦଶା ଦେଖିବାକୁ କ'ଣ ଏଠାକୁ ଆସିଥିଲି ?

ପତିଅ—ଶଳା, କ'ଣ ଦେଉଛି ଦେଉଥା ।

ଲୀଳା— ଗୀତ

ଯାହାଲାଗି ଭାବନା ତାକୁ କରିବି ଚୂନା
ନ କର ତୁ ଭାବନା ପୂର୍ଣ୍ଣ ହେବ କାମନା
ବାଳାମଣିର ବଚନ । ୪ ।

ପ୍ରାଣାଧିକ ଚଣ୍ଡାଳ ! ତୋହ ପ୍ରେମ ବାନ୍ଧିଅଛି ମୋତେ । ଆଜ ପ୍ରାଣନାଥ ଉପସ୍ଥିତ ମଧ୍ୟରେ ମୋର

ଶୁଣ ନାହିଁ ରେ। ପ୍ରେମର କଥା। ଆସିଅଛୁ ସେହି ଅନ୍ୱେଷଣେ, କ ତୁଅ ଅନ୍ତର ବନ୍ଧୁ! ଏହି ଦେଖ, ତୁହିବା ମୋ ହସ୍ତେ। ଅଗ୍ନି କରିବ ନଷ୍ଟେ ଭାନ୍ତ-ବକ୍ଷ ମୋର।

ଚଟୁଆ—ବାଃ ବାଃ, ମୁଁ ତ ସେଇଆ ଭାବେଁ। ମୁଁ ଭାବିଥିଲି ଏ ସ୍ୱାମୀଜି ପାଇ ମୋତେ ଆଉ ପଚାରିବ ନାହିଁ। ମୁଁ ଯେ ଚଣ୍ଡାଳୁଣୀଟାକୁ ତର ଜଦାପ୍ ଦେଉଛୁ, ସେଥିନିମିତ୍ତ ବଡ଼ ଭବନାରେ ପଡ଼ିବାକୁ ପଡ଼ୁଥିଲି। ଏ ମିଠା ଲୁହ ଖଟା ଖାଇବାକୁ ମନଟା ଭଲ ହେଉ ନ ଥିଲା। ଯେ ଆକାଶରୁ ଝଡ଼ ସବୁ ଅନ୍ନମୁଠାକୁ ଖାଇଆସିଛୁ ବା ଲମ୍ବ ସରୁଲୁଗା ଖଣ୍ଡେ ପିନ୍ଧି ଆସିଛୁ, ସେ କ ଆଉ ଏବେ ମୋଟକୁ ଯାଏ। କଥାଟାଏ କହିଲ୍, ଏକା ମନକୁ ପାଇଲି। ଜନ୍ମଭିରେ କଥା, ତୁମ୍ଭେ ଖାଲି ମାମଲତ ଦଲାର କଲେ ଆମେ ଖଲାସ କରିଦେବା। ଏ ଶଳା ଯୋଗୀଟା କାହିଁକି ନଳରଉଳର ହେଉଛି, ନାହିଁ ମ ଶଳାଟି ଭାଲ। ଲୀଳା, ଆଉ ଶୁଣ···

ଲୀଳା—ଚଟୁଆ ବର୍ତ୍ତମାନ ଥିବେ, ଶୁଣ ସେ କଥା ଆଗ ବୁଝିବା।

ଯୋଗୀ- ଧନ୍ୟ ରେ ରମଣୀ! ତୁ ଭାଜପର୍ଣ୍ଣୀ, ଧିକ୍ ତୋର ପ୍ରୀତିର ଲାଳସା। ହୋଇ ରାଜକୁଳବଧୂ ଚଣ୍ଡାଳରେ ହେଲୁ ପ୍ରେମାସକ୍ତ। ପାପିନି! ପ୍ରଥମେ ତୋତେ ଆଜ ସ୍ଥାନେ ହତ କରିବୁ ମନର। ତାପରେ ଦେଖିବ! ତୋର ଜଣ ଏହି ବୁଦ୍ଧିମଣି? ନର୍ତ୍ତକୀରେ ଲକ୍ଷ୍ମୀ ବର୍ଣ୍ଣା ଏବେ ଦଣ୍ଡ। ଉଃ ହୋ! ଅଗ୍ନି କ ହୋଇ ଜଣା ଉନ୍ମତ୍ତ ଚରଣ, ଗୁଣିବୁ କ ମନର ହତ? ଯାଉ ଦେଖେ, କ କରେ ପାଷାଣ୍ଡ!

---

## ତୃତୀୟ ଦୃଶ୍ୟ

ନିର୍ମଳ – ଏହି ଗୋଟାକ ତ ଶୟନାଗାର, କାହିଁ କେହି ତ ଦେଖାନାହାନ୍ତି! ପ୍ରେୟସୀ ପ୍ରାୟ ଅଦ୍ୟାବଧି ଲଗିଥିବେ, କାରଣ, ଚାରି ବର୍ଷ ହେଲା ବିବାହ ହୋଇ ସେ ପାଷାଣ୍ଡ ମନର ସଙ୍ଗ ପାଇ ଏକା-ବେଳେକେ ପାଶୋରିଦେଇଥିଲ। ଆଜ କାହିଁକି ସେହି ପାଷାଣ୍ଡ ମନରର ଭୂତଟା ଲକ୍ଷ୍ମୀ ଆଗରେ ନାଚୁଛି! ଏ କ'ଣ, ହଠାତ୍ ଦେହଟା ଥରିଉଠିଲା କାହିଁକି? କି ଆଶ୍ଚର୍ଯ୍ୟ କଥା! ମନୁଷ୍ୟର ସ୍ୱଭାବ ଦର୍ପଣରେ ଦେଖାଯାଏ, ବର୍ତ୍ତମାନ ସେହିଁ ଘରକୁ ଯାଉଁଛି, ସେଠାରେ ମୋର ମନ ତ କିଛି ସନ୍ଦେହକର ହେଉଛି, ଏ ତ ମୃତ୍ୟୁର ପୂର୍ବ ଲକ୍ଷଣର ଆଭାସ; ନା, ମୁଁ ଭ୍ରମରେ ପଡ଼ୁଛି।

ଯୋଗୀ— ତୁମ ଥିବେ ରାଜପୁତ୍ର, ପ୍ରକୃତ ମୃତ୍ୟୁର ଆଶଙ୍କା। ସାଗ ସବୁ ଜାଗ୍ରତ ହୁଅ। ତତ୍ପର ପଲକରେ ନିଦ୍ରାକୁ ଆଶ୍ରୟ ଦିଅ ନାହିଁ।

ନିର୍ମଳ—ଏ କିଏ, କଣ କହିଲା? ନା, ଏ ଶୂନ୍ୟ ଘରର ପ୍ରତିଧ୍ୱନି! ଅଚ୍ଛା, ଏ ପଲଙ୍କରେ ବିଶ୍ରାମ ନେବ।

ଯୋଗୀ—କ ବିଶ୍ରାମ କରିବ? ମନର ତ ନିଦ୍ରାସକ୍ତ ହେଲେଣି? ବର୍ତ୍ତମାନ ତ ରାକ୍ଷସୀ ଆସି ନିଜ କାର୍ଯ୍ୟ ସାଧନ କରିବ। ଏଇ ଆସିଲା ସବୁ!

(ଲୀଳା ଓ ଚଣ୍ଡାଳର ପ୍ରବେଶ)

ଯୋଗୀ—ଭଗବାନ୍!

ଲୀଳା—ଚଟୁଆ, କିଏ ଗୋଟାଏ?

ଚଟୁଆ—ଅଚ୍ଛା, ମୁଁ ଦେଖେ। ହେ, ତୁ କିଏ?

ଯୋଗୀ—ମୁଁ···ପ୍ର···ଟ···

ଚଟୁଆ—ଲୀଳା! ସେଇ ଶଳାଟି ଦରଜା ପାଖ ପିଣ୍ଡାରେ ଶୋଇଛି।

ଲୀଳା—କିଏ?

ଚଟୁଆ—ସେ ଶଳା ବାଉଟା, ଯାହାକୁ ତମେ ଦେଖି-ଥିଲେ। ତମ କାର୍ଯ୍ୟ ତୁମ୍ଭେ କର, ମୁଁ ବାହାରେ ଜଗୁଛି। ଦରଜାଟା ଖୋଲା ରଖିଥାଅ। ତେମେ ଚେଷ୍ଟ ହେଲେ ଆମେ ଖଲାସ କରିବା କଥା।

ଲୀଳା—ଚଟୁଆ! ମୋତେ କାହିଁକି ସେ ଘରଭିତରକୁ ଯିବାକୁ ଭୟ ଲାଗୁଛି। ତୁ ଟିକିଏ ମୋ ସଙ୍ଗରେ ଚାଲ୍।

ଚଟୁଆ—ମୁଁ ପୁଣି କାହିଁକି ଯିବି? ତୁ ଚାଲ, ହେମନ୍ତ ଦେବ।

(ଶୟନଘରେ ପ୍ରବେଶ)

ଯୋଗୀ—ମନର! ଉଠିଅର।

ଲୀଳା—ଏଁ, କିଏ?

ଚମ୍ପା—ତାହିଁ ? (ଇତସ୍ତତଃ ନିରୀକ୍ଷଣ କରି ) ଲୀଳା ! ଶଳା ଯୋଗୀଟା ପୋଷାକରେ ସେପଟେ ହେଉଛି, ଦେଖେ ଚାଲ ।

ଲୀଳା—ଚମ୍ପା ! ତୁ ଟିକଏ ମୋ ହାତକୁ ଧର । ମୋ ହାତ ଥରୁଛି ।

ଯୋଗୀ—କଣ କରିବ ? ରାକ୍ଷସି ! ଚଣ୍ଡାଳ କଥାରେ ପଡ଼ି ତୋର ସ୍ୱାମୀକୁ ଚିହ୍ନିପାରୁ ନାହିଁ ।

ଲୀଳା—କଏ, କଏ ?

ଚମ୍ପା—ସେଇ ଶଳାଟି ହେ ସେଇ ଶଳାଟି । ତୁମ୍ଭେ ଏପଟେ ହେଲେ ମୁଁ ଯାଉଛି ।

ଲୀଳା—(ଜୁଗ ମାରି କାନ୍ଦୁକାନ୍ଦୁ ସମସ୍ତେ ଯୋଗୀ ଲୀଳା ହସ୍ତକୁ ଧରି) ରାକ୍ଷସୀ, କ'ଣ କଲୁ ?

(ଚମ୍ପାର ପଳାୟନ)

ଯୋଗୀ— ଗୀତ

(ପ୍ରାଣ ଚଲି ରେ—ବୃନ୍ଦେ)

ଆଲୋ ଲୋ ପାପିନ୍ଦୀ ଭ୍ରଷ୍ଟା ଏ କି କାଣ୍ଡ କଲୁ ଲୋ ।
କବା ଦୋଷେ ମୋ ମଇପେ ଏତେ ଦଣ୍ଡ ଦେଲୁ ଲୋ ।

ରାକ୍ଷସୀ ? ତୁ ମୋ ମଇପକୁ ମାରିଦେଲୁ ? ପାଷାଣ୍ଡୀ ! ତୋର ସେ କି ଦୋଷ କରିଥିଲା ?

ଗୀତ

ଦୁର୍ଜ୍ଜଣୀ ପାଷାଣ୍ଡୀ ଚଣ୍ଡାଳରେ ମଜ୍ଜି ହେଲୁ ରେ ।
ବ୍ରହ୍ମାଣ୍ଡବନ୍ଦନୀ ରାଜପୁତେ ନ ବୁଝିଲୁ ରେ । ୧ ।

ପାଷାଣ୍ଡି ! ଚଣ୍ଡାଳ କଥାରେ ପଡ଼ି ତୋର ସ୍ୱାମୀକୁ ନିଧନ କଲୁ ? ହା ମଇପ ! ମୋତେ ଏହି ଦୃଶ୍ୟ ଦେଖାଇବାକୁ କ'ଣ ଏଠାକୁ ଆସିଥିଲୁ ?

ଗୀତ

ହାୟ ରେ ମଇପ ମଲୁ
ମୋତେ ଯା ନ ନେଲୁ ରେ ।
କାକାମଣି ବୋଲେ ପ୍ରାଣ
କାଳହସ୍ତେ ଦେଲୁ ରେ । ୨ ।

ମଇପ ! ତୁ ମଲୁ, ମୋତେ ସଙ୍ଗରେ କ ନେଲୁ ନାହିଁକି ? କ'ଣ କରିବ ?

ଲୀଳା—କଏ ଲେଙ୍ଗଟାକର ଅଙ୍ଗ ରକ୍ଷା କର ରକ୍ଷା କର ।

( ଦ୍ରୁତବେଗରେ ଦୂତର ପ୍ରବେଶ )

ରାଜା—ଦୂତ, ଏ କି ଶବ୍ଦ, ଶୀଘ୍ର ଯାଇ ସନ୍ଧାନ କର କେଉଁ ବିପଦରେ ପଡ଼ି ହେଉଛି ଚୀତ୍କାର ?

( ଦୂତ ଦେଖି ପୁନଃ ପ୍ରବେଶ )

ଦୂତ—ମହାରାଜ, ସର୍ବନାଶ !

ରାଜା—କ'ଣ ସର୍ବନାଶ ।

ଦୂତ—ଶ୍ମଶାନମଣ୍ଡପରେ ରାଜପୁଅଙ୍କୁ କଏ ହାଣି-ଦେଇଛି । ରାଜମାତେଙ୍କି କାନ୍ଦି କାନ୍ଦି ଗଡୁଛନ୍ତି ।

ରାଜା—ଆଁ, ସତ୍ୟ କି ଏ କଥା ? ଚାଲ ବେଗେ, ଦେଖେ କି ଆଶ୍ଚର୍ଯ୍ୟ କଥା !

( ଶ୍ମଶାନମଣ୍ଡପେ ରାଜା ପ୍ରବେଶ )

ଲୀଳା—ପିତା, ପିତା ! ଏ ହତଭାଗିନୀର ଆଶା-ଭରସା ସବୁ ଲୋପ ପାଇଲା ।

ରାଜା—କହ ଲୀଳା ଅଧୈର୍ଯ୍ୟ ହେଉଛୁ କିପାଁ ? ଦୂତ ! ନିର୍ମମ କାହାର କଣ କରିଥିଲା ଯେ, ତାକୁ ଏ ଦଶା କରିଲା ?

ଦୂତ—ଆପଣ ଲୀଳାଙ୍କୁ ପଚାରନ୍ତୁ ।

ଲୀଳା— ଗୀତ

( ଆହା ମୋର ସାରିଆ—ବୃନ୍ଦେ )

କି କହିବି ପିତାଙ୍କ ମୋ କରମ କଥା ।
କହିଲାବେଳକୁ ଭୂମି ପାଉଛି ମଥା । ୦ ।

ପିତା ! ଯେ କଥା କହିଲାବେଳକୁ ମୋର ମସ୍ତକ ଘୂରିଯାଉଛି, ବକ୍ଷ ଶତଧା ବିଦୀର୍ଣ୍ଣ ହେଉଛି । ମୋ କର୍ମରେ କ'ଣ ଧାତା ଏଇଆ ଲେଖିଥିଲା ?

ଗୀତ

ଜନ୍ମକାଳେ ଗଳେ ଛୁରି
ନ ଦେଲ କିଆଁ ପିତାଙ୍କ
କଷ୍ଟେ ମୋତେ ନାରୀକାର ମନ ବିଧାତା । ୧ ।

ପିତା, ଜନ୍ମକାଳରେ ମୋ ଗଳାରେ ଛୁରି ଦେଇଥିଲେ ବର୍ତ୍ତମାନ ଏ ହତଦଶାରେ ପଡ଼ି ନ ଥାନ୍ତି ।

ରାଜା—ଲୀଳା, କହ କଏ ଏପରି କାଣ୍ଡ କଲା ? ଦୂତ ! ନିର୍ମମ କଣ ଏଇ ଦୃଶ୍ୟ ଦେଖାଇବାକୁ ମୋ ବୃଦ୍ଧକୁ ଆସିଥିଲା ? ଲୀଳା, କହ କାହାଦ୍ୱାରା ଏ କାଣ୍ଡ ଘଟିଛି ?

ଗୀତ

କାହୁଁ ଆସି ଏ ନୃଶଂସ  ମୋ କାନ୍ତଙ୍କୁ କଲା ଧ୍ୱଂସ
ଲଭିବ କେଉଁ ପୌରୁଷ ବାଳର ଛଳା । ୨ ।

ପିତା, ଏହି ଦୁର୍ବୃତ୍ତ ଯୋଗୀଟା କାହିଁକି ଦ୍ୱାର-ଦେଶରେ ବସିଥିଲା; ମୁଁ ବାହାରକୁ ଯିବାସମୟରେ ଘରମଧ୍ୟକୁ ପଶି ଆସି ପ୍ରାଣନାଥଙ୍କୁ ମାରି ମୋତେ ନେବାକୁ ବଳାତ୍କାର କରୁଛି ।

ପ୍ରଭା—ମଦନ, ତୁ ସିନା ସଙ୍ଗରେ ନ ନେଇ ଏକା କରି ଚାଲିଗଲୁ, ମାତ୍ର ତୋ ନିକଟ ଯିବାର ବାଟ ଫିଟିଛି ।

ରାଜା—ଲଜ୍ଜା ! ଏହି ମୂର୍ଖ ଘଟାଇଛୁ ଦ୍ୱନ୍ଦ୍ୱ ? ରେ ବର୍ବର ଭଣ୍ଡ ତପସ୍ୱୀ, ତୋର ଏତେ ବଡ଼ ଆସ୍ପର୍ଦ୍ଧା ? ତୁ ଶୃଗାଳ ହୋଇ ସିଂହ-ଗହ୍ୱରରେ ପଶି ଏତେ କାଣ୍ଡ ଲଗାଇଦେଇଛୁ । ଦୂତ, ବାନ୍ଧ ଶୀଘ୍ରେ ଏ ପାଷାଣ୍ଡେ ।

ଗୀତ

( କହ ଦୂତ—ବୁଝେ )

କାହୁଁ ଆସିଲା ଏ ଦୋଷୀ ଭଣ୍ଡ ପାଷାଣ୍ଡଟା ।
ଦଣ୍ଡକ ମାତ୍ରେ ଧ୍ୱଂସିଦେଲା ସ୍ୱାର୍ଥମୁଣ୍ଡଟା । ୧ ।

ଦୂତ, ଏ ମୂର୍ଖ କ୍ଷଣକ ମଧ୍ୟରେ କି କାଣ୍ଡ କରି ନ ଦେଲା !

ଗୀତ

ଦୁର୍ବୃତ୍ତ ପିଣ୍ଡକୁ ନେଇ
ଦଣ୍ଡାରେ ବାନ୍ଧ ଭସାଇ ।
ଦଣ୍ଡା ଅନ୍ତରତେ ମୋର
କଲା କେତେ କାଣ୍ଡଟା । ୨ ।

ଦୂତ, ପାଷାଣ୍ଡକୁ ବର୍ତ୍ତମାନ ଶୂଳ ସ୍ଥାନକୁ ନେଇ ସ୍ୱା ମସ୍ତକ ଛେଦନ କର ।

ପ୍ରଭା—ମହାରାଜ ! ଅବଶ୍ୟରେ ଦେଖନ୍ତୁ ଏ ଅଧୀନେ ଦଣ୍ଡ । ତୁହେ କେବେ ଦୋଷୀ ମୁହିଁ ।

ରାଜା—ପାଷାଣ୍ଡ, ତୋର ଆଉକି ଶୁଣିବାକୁ ସ୍ୱହେନା,

ଗୀତ

ବିଳମ୍ବ ନ କର ଦଣ୍ଡେ
ଦଣ୍ଡଅସି ତାର ସ୍କନ୍ଧେ ।
ବାଳକୃଷ୍ଣ ବୋଲେ ଖଣ୍ଡେ
କାଟିଦିଅ ଖଣ୍ଡାଟା । ୩ ।

ଦୂତ ! ଡାକ ଶୀଘ୍ର ଘାତୁକକୁ, ବିଳମ୍ବ ନ କରି ନେଇ ଶୂଳସ୍ଥାନେ । ଲଜ୍ଜା ! ଯା କୁହ ସରେ, କର୍ମ କଥା କହିବା କାହାକୁ ! ଦୂତ ! ଜାମାତାପିଣ୍ଡକୁ ସୁଗନ୍ଧ ଚନ୍ଦନ ଆଣି ସତ୍କାରର ବ୍ୟବସ୍ଥା ଶୀଘ୍ର କର ।

( ଘାତୁକ ପ୍ରବେଶ )

ରାଜା—ଘାତୁକ, ବଧ୍ୟମଣ୍ଡପକୁ ଏ ପାଷାଣ୍ଡକୁ ନେଇ ଶୂଳ ଦେ ।

ଘାତୁକ—ଯେ ଆଜ୍ଞା ମହାରାଜ ! ଚାଲ ମୂର୍ଖ !

ପ୍ରଭା—ହା ବିଧାତା, ବିନା ମେଘେ ବଜ୍ରର ପତନ । ଭଗବାନ୍ ! ଏ ଅଧମପ୍ରତି ଆପଣଙ୍କର ଟିକିଏ ମାତ୍ର ଦୟା ନାହିଁ ? କଣ କରିବି, ରକ୍ଷା ଆଉ ନାହିଁ ମୋତେ ।

ଗୀତ—ଦୟାମୟ ହେ ବୃଝେ

ହୀନ ବାନ୍ଧବ ହେ ଦୟା ତବ ନାହିଁ କି ଘଟେ ।
ଏ ଭକ୍ତଜନେ ପଡ଼ି ରହି ମରେ କଷ୍ଟଣେ । ୧ ।
କରୁଣାସିନ୍ଧୁ କରୁଣା ମୋତେ କାହିଁକି ଉଣା ।
ସଦାଧୀନ ମୁଁ ତୋ ଭଣା 'ସ୍ଥାନ ଦିଅ ଚରଣେ । ୨ ।

ଦୟାନିଧି, ଦୟାପ୍ରଦ ନାହିଁ କି ତୁମ୍ଭର, ଦୟାନିଧି, ନାମ କଣ ବୃଥାରେ ବହିଛ ? ଏ ଅନ୍ତବେଳେ ଟିକେ ମାତ୍ର ଭରସା ହେଉ ନାହାନ୍ତି !

ଗୀତ

ଭକତ-ବତ୍ସଳ ବାନା ବହୁଛ ଜଗତେ କି ନା ।
ମୋ ବେଳେ ହୁଅ ବିମନା ଦଣ୍ଡିବ କି ଶମନେ । ୩ ।

ଭଗବାନ୍, ମୋ ବେଳକୁ କଣ ନିଷ୍ଠୁର ହୋଇଗଲ, ଏ ଚଣ୍ଡାଳ ହସ୍ତରେ କ'ଣ ଜୀବନ ଯିବ ?

ଗୀତ

ତୁ ଅନାଥ ଆଦବନ୍ଦ ଲୋ କୀର୍ତ୍ତିଘୋଷିବ ଲୋକ ।
ଆଶ୍ରା ଦିଅ ପଦ୍ମପାଦେ ବାଳକୃଷ୍ଣ କରୁଣେ । ୪ ।

ପ୍ରଭୋ ! ମରିବାକୁ କିଛି ଚିନ୍ତା ନାହିଁ; କିନ୍ତୁ ଯେପରି ଶମନ-ଦଣ୍ଡରୁ ରକ୍ଷା ପାଇବି ଏହି ମାତ୍ର ପ୍ରାର୍ଥନା । ଚାଲ ଶାମ୍ବୁକ ।

ଶାମ୍ବୁକ—ଚାଲ ଭଣ୍ଡ ! ତାପସବେଶ ଧାରଣ କରି ଏ ଜଘନ୍ୟ କାର୍ଯ୍ୟ, ତହିଁରେ ପୁଣି ଏତେ ଅବଲମ୍ବ ? ମୂର୍ଖ ! ଏମା କଠୋ ଧନ ନେଇଥିଲୁ, ଏ ବୁଦ୍ଧି ଭଲ ନାହିଁ କି କଲୁ ? ଏବେ ସଇଲୁ, ଚାଲ, ଚାଲ ।

—*—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ଶାମ୍ବୁକ, ଦୂତ, ପ୍ରଜ୍ଞ )

ଶାମ୍ବୁକ—ଦୂତ ! ତୁ ଏଠାରେ ବସ, ମୁଁ ମୋର କାର୍ଯ୍ୟ କରୁଛି । ରେ ମୂର୍ଖ, ମରିବାକୁ ମନେ ଅଗ୍ରସର ହୁଅ ।

ପ୍ରଜ୍ଞ—ଶାମ୍ବୁକ ! ନିଶ୍ଚୟ କ'ଣ ମୋତେ ମାରିବୁ ? ମୁଁ ନିର୍ଦ୍ଦୋଷ ।

ଶାମ୍ବୁକ—ତୁ ନିର୍ଦ୍ଦୋଷ ହୁଅ ବା ଦୋଷୀ ହୁଅ, ସେ ବିଚାର କ'ଣ ମୋଠାରେ ଅଛି ? ମୁଁ ଆଜ୍ଞାଦାସ ଭୃତ୍ୟ ମାତ୍ର, ଯାହା ଆଜ୍ଞା ପାଇବି, ତାହା ନିଶ୍ଚୟ ପାଳନ କରିବି ।

ପ୍ରଜ୍ଞ— ଗୀତ

( ମାଣେସଜିସା—ବୁଲେ )

ଆଜ ଭବରଙ୍ଗ-ଲୀଳା-ଖେଳ ସରିଲା ।
ଭବକର୍ଣ୍ଣଧାର ହେ କରୁଣା କର ।
ଶରଣଜନେ କି ଦୟା ନୋହିଲା ? ୧ ।

ପ୍ରଭୋ ! ଏ ଅଭାଗା ପ୍ରତି ଏକାବେଳକେ ପାଷାଣ ପାଲଟିଗଲ ! ଶାମ୍ବୁକ ! ମୁଁ ଦୋଷୀ ନୁହେଁ । ମୋର ଏତିକି ପ୍ରାର୍ଥନା, ମୋତେ ଟିକିଏ ସମୟ ଦେ । ମୁଁ ମରିବା ପୂର୍ବରୁ ଥରେ ହେଲେ ମୋ ଇଷ୍ଟଙ୍କୁ ସ୍ମରଣ କରିନିଏ ।

ଶାମ୍ବୁକ—ମରଣ କାଳେ ଇଷ୍ଟସ୍ମରଣ ! ହଉ ହେଲା, ସେଥିରେ ମୋର ବା କ୍ଷତି କଣ ? ଟିକିଏ ଡେରି ହେବ, ଯେଥିରେ ମୋର ଯାଏ କେତେ, ଆସେ କେତେ !

ପ୍ରଜ୍ଞ— (ଗୀତ)

ନୀଳାଚଳେ ଅଛଟି ହରି, ଶୁଭୁ ନାହିଁ ଦାସ-ଗୁହାରି
ବିନା ଦୋଷେ ଦଣ୍ଡ ଦେଉଛୁ ପାଷାଣ୍ଡ—
ଚଣ୍ଡାଳଟା ହସ୍ତେ ଜୀବ ଯା ଗଲା । ୨ ।

ପ୍ରଭୋ ! ଆପଣ କ'ଣ ବୈକୁଣ୍ଠ ଛାଡ଼ି ଚାଲିଗଲଣି ନା ଆପଣଙ୍କ କର୍ଣ୍ଣ ବଧିର ହୋଇଗଲାଣି ? ଆପଣ ଯଣ ଅଗାଧ ଜଳରେ ଦ୍ୱିରଦର ଡାକ ଲକ୍ଷ୍ମୀଙ୍କ ସଙ୍ଗରେ ପଶାଖେଳରେ ରତ ଥିବାସମୟରେ ଶୁଣି ତାର ଆତଙ୍କ ମୋଚନ କରିଥିଲେ, ତେବେ ଆଜି କାହିଁକି ଏ ହତଭାଗା ପ୍ରତି ଏ ନିଷ୍ଠୁର ବ୍ୟବହାର ? ମଦନ ! ତୋଯୋଗ୍ୟ ଏ ଦଶା !

ଗୀତ

ପର କରି ଗଲୁ ମଦନ, ଆଜ ତୋର ନେଉଛି ପଥ
ହେଲା ପୂର୍ଣ୍ଣ ବ୍ରତ ଛାଡ଼ିଲା ଜୀବ ତ ।
ଭଣେ ବାଳକୃଷ୍ଣ ଭେଳା ବୁଡ଼ିଲା । ୩ ।

ମଦନ ! ପୂର୍ବରୁ ମୋତେ ଘୃଣା ଚକ୍ଷୁରେ ଚାହୁଁଥିଲ ବୋଲି ମୋତେ ସଙ୍ଗରେ ନ ନେଇ ଏକାକୀ ସ୍ୱଚ୍ଛନ୍ଦରେ ଅକ୍ଷୟ ସ୍ୱର୍ଗବାସ କରିବ ବୋଲି ଚାଲିଗଲ; କିନ୍ତୁ ଦେଖ, ଆଜ ନିଶ୍ଚୟ ଯାଇ ତୁମ୍ଭ ସହିତ ସାକ୍ଷାତ କରିବି । ଶାମ୍ବୁକ ! କର ତୋର ସ୍ୱକାର୍ଯ୍ୟ ସାଧନ । ପ୍ରଭୋ !

( ଶାମ୍ବୁକ ଛୁରି ମାରିବା ସମୟେ ଛୁରି ଖସିଯିବା )

ଶାମ୍ବୁକ—କି ଆଶ୍ଚର୍ଯ୍ୟ ବ୍ୟାପାର ! ଏହି ଛୁରିକା ହାତରେ ଲକ୍ଷ ଲକ୍ଷ ଜୀବଙ୍କର ବିନାଶ ହୋଇଛି, ମାତ୍ର କି ନିମିତ୍ତ ମୋ ହାତରୁ ଖସିଗଲା ? ଦୂତ, ଟିକିଏ ଛୁରିଟି ଆଣି ଦେବୁଟି ।

ଦୂତ—ନାଇଁ ରେ ଭାଇ, ମୋଦ୍ୱାରା ସେ କଥା ଘଟିବ ନାହିଁ । ତୋ କାମ ତୁ କର । ଏବେ ତ ତୋ କାର୍ଯ୍ୟରେ ବ୍ୟାଘାତ ହେବୁ ତୋର ଯାହା ହେବ, ତହିଁରେ ପୁଣି ମତେ ପଠାଉଛୁ ଛୁରିପାଇଁ ! ମୁଁ କଣ ତୋ ଛୁରି ଛୁଇଁ ଜାତିରୁ ଅଟିକ ହୋଇ ଗ୍ରାମଣ୍ଡି ଆ ଟେକିବି ନା କଣ ?

(ଶାମ୍ବୁକ ଛୁରି ଆଣିବାକୁ ଯାଇ ନଇଁପଡ଼ି ଆଣିବା-ସମୟେ ସର୍ପାଘାତରେ ପତନ )

ଶାମ୍ବୁକ—ମଲି ରେ ବାପା, ପ୍ରାଣ ଗଲା, ସର୍ପାଘାତ ।

ଦୂତ —ମନ୍ଦ ରେ ଶଳା, ଏ ମାରବ କଣ, ଆଗେ ଦାନ୍ତ ନକୁଟି ଦେଲଣି । ଯାଉଛି, ମହାରାଜାଙ୍କୁ ଏ ବିଷୟ କହିବି । ମହାରାଜ ସର୍ବନାଶ, ସର୍ବନାଶ !

ରାଜା—କ'ଣ ସର୍ବନାଶ ? ଦୂତ, ଯୋଗୀ ନିସ୍ତରିଛି ?

ଦୂତ —ନା ମହାରାଜ, ଘାତୁକ ନିସ୍ତରିଛି ।

ରାଜା—କାହାଦ୍ୱାରା, କିପରି ?

ଦୂତ—ମହାରାଜ, ଘାତୁକ ଛୁରି ମାରିବା ସମୟରେ ତା ହାତରୁ ଛୁରି ଖସିଯାଇ ଜଙ୍ଗଲରେ ପଡ଼ିଲା । ଘାତୁକ ସେଠାରୁ ଛୁରି ଆଣିବା ସମୟେ ତାକୁ ସର୍ପ ଦଂଶନ କଲା; ସେ ସେଠାରେ ମୃତ ।

ରାଜା – ବଡ଼ ଆଶ୍ଚର୍ଯ୍ୟ କଥା ! ଯୋଗୀ କାହିଁଗଲା ?

ଦୂତ –ଯୋଗୀ ଶୂଳକାଷ୍ଠରେ ।

ରାଜା—ଶୀଘ୍ର ଯୋଗୀକୁ ନେଇଆସ । ଏଥିରେ ନିଶ୍ଚୟ କୌଣସି ମର୍ମ ଅଛି ।

( ଦୂତ ତଥାକରଣ )

ପ୍ରଭା – କି ରେ ଦୂତ, ଆଉ କେଉଁଠିକି ନେଉଛୁ । ହଉ, ତୋ ଇଚ୍ଛା, ଯାହା କରିପାର ।

ରାଜା —ହେ ଯୋଗୀ ! ତୋ ଧର୍ମ ତୋତେ ସହାୟ ପରି ଜଣାଯାଉଛି । ଏଥିର ଗୂଢ଼ମର୍ମ କଣ କହ । ପ୍ରକୃତରେ ଏ ଘଟଣାରେ କିଏ ଦୋଷୀ, ତାହାର ପ୍ରକୃତ କାରଣ କଣ କହିପାରିବୁ କି ?

ଯୋଗୀ — ରାଜନ୍ ! ପ୍ରକୃତ ହେଉ ବା ଅପ୍ରକୃତ ହେଉ ମୋର ମୃତ୍ୟୁ ହିଁ ଶ୍ରେୟ ।

ରାଜା—ପ୍ରକାଶ କର ।

ପ୍ରଭା— ଗୀତ

( ଖଟା କର—ତୁଙ୍ଗେ )

କେତେ ମୁଁ କହିବ ନୃପ ହେ ମୋ କର୍ମ,
ଅବିବେକ ଦୈବ ବିପକ୍ଷ ।

ରାଜନ ! ମୋତେ ବର୍ତ୍ତମାନ ଦଇବ ବିପକ୍ଷ ହୋଇଛି, ମୁଁ ବା କଣ ଦୁଃଖ ପ୍ରକାଶ କରିବି ।

ଗୀତ

ଅବଶ୍ୟମ୍ଭାବୀ ସ୍ୱରୂପ:ନ ଖଣ୍ଡିବା କାହିଁଟି ଫଳ ।
ଧର୍ମାଧର୍ମକୁ ବିଚାର ନ ରହି ଭ୍ରମନ୍ତି ଲୋକ । ୧ ।

ରାଜନ୍ ! "ଧର୍ମ ସଙ୍କୁଚିତଂ ତପୋବଲକ୍ଷୟିତଂ ସତ୍ୟଂ ଚ ଦୂରଂ ଗତଂ । ଲୋକା ଧର୍ମହତା ବିଭାନ୍ତି ଲୁବ୍ଧତା ନାସ୍ତିକଶା ମାନବାଃ, ନବୀର୍ଯ୍ୟା ପୃଥ୍ୱୀ ନରୌଷଧି ରସା ଯାନ୍ତୁ ମହତ୍ତ୍ୱଂ ଗତଃ, ଭୂପାଳା ନିଜଧର୍ମକର୍ମ ରହିତା ବିପ୍ରାଃ କୁମାର୍ଗଗତାଃ ଭାର୍ଯ୍ୟା ଭର୍ତ୍ତୃ ବିରୋଧିନୀ ପରେରତା ପୁତ୍ରା ପିତୃଦ୍ୱେଷିଣୋ, ହା କଷ୍ଟ ଖଳୁ ବର୍ତ୍ତତେ କଳଯୁଗେ ଧନ୍ୟା ନରା ଯେ ମୃତାଃ ।" ଏ ଯୁଗ କାଳରେ କାହାର ଧର୍ମାଧର୍ମ ବା ଆଗ-ପଛ ବିଚାର ନାହିଁ ।

ରାଜା—ନିଶ୍ଚୟ କଥା । ଦୂତ, ପ୍ରକୃତରେ ମୁଁ ସ୍ୱୀୟ ବିଷୟ କୌଣସି ରକମ କିଛି ନ ବୁଝି ଏକ ତରଫା ବିଚାର କରିଥିଲି । ଯୋଗୀ, ସେଠା ମୋର ସମ୍ପୂର୍ଣ୍ଣ ଭ୍ରମ ।

ଯୋଗୀ — ଗୀତ

ଯେ ରମଣୀ ପ୍ରେମାସକ୍ତ,
ସେ ନ ଜାଣେ କାନ୍ତ-ବୋଧ ।
କଣ୍ଠା ମଣଇ ତା କାନ୍ତ,
ଖଣ୍ଡନରେ ସଦା ଲକ୍ଷ୍ୟ । ୨ ।

ରାଜନ ! ଯେ ରମଣୀ ପରପ୍ରେମାସକ୍ତ ଥାଏ, ସେ ନିଜ ସ୍ୱାମୀକୁ ନିଜ ହସ୍ତରେ ଛେଦନ କରିପାରେ ।

ରାଜା—ଦୂତ ! ତେବେ ଏ କାଣ୍ଡ କିଏ କାହାର ଦ୍ୱାରା ଉଦ୍ଭାବିତ ହୋଇଛି । ଯୋଗୀ ! ମୋର ଯେ ସମସ୍ତ ଅବିଚାରଜନିତ ଦୋଷ, ତାହା ନିଜ କ୍ଷମା ଓ ସୌଜନ୍ୟ ଗୁଣରେ କ୍ଷମା ଦେଇ ଆତ୍ମ-ପରିଚୟ ଦେଇ ଏ ଅଧୀନକୁ ଆପ୍ୟାୟିତ କରନ୍ତୁ । ମୁଁ ସମସ୍ତ ବୁଝିସାରିଲଣି, ଆଉ କେଛି କହିବା ପ୍ରୟୋଜନ ନାହିଁ ।

ପ୍ରଭା— ଗୀତ

ମୁହିଁ ଶେଷ ସାଧୁ-ସୁତ
ତୁମ୍ଭ ଜାମାତା-ନର୍ମଦ ।
ତାର ବନ୍ଧେଦେ ହେ ନୃପ;
ହୋଇଛି ଘନ ଅନର୍ଥ । ୩ ।

ରାଜନ୍ ! ମୁଁ ଆପଣଙ୍କ ଜାମାତା ନର୍ମଦ ବାବୁଙ୍କର ମନ୍ଦ ପ୍ରଭାକର । ସେ ସାମାନ୍ୟ କଥାରେ ମୋତେ ତ୍ୟାଗ କରି ଆସି ଏଠାରେ ଆପଣଙ୍କ କନ୍ୟା ଓ ଜଣେ ସାମାନ୍ୟ କୁଣ୍ଡାକଦାରି ନିହତ ହେଲେ ।

ରାଜା—କି କହିଲୁ ବତ୍ସ ! ସତ୍ୟ କିବା ମିଥ୍ୟା ଏହି ଗିର ? ପ୍ରତ୍ୟକ୍ଷ ପ୍ରମାଣ ସ୍ୱୀର ଦେଇ କି ପାରିବୁ ? କି କଲୁ ସେ ପାଷାଣ୍ଡୀ ଚାହା ସଙ୍ଗତରେ, କରେ ସର୍ବଦିନେ ହସ୍ତକ୍ଷେପ, ପୁଣି କୁଞ୍ଚାନୁରେ ବାସ, ପୀୟୂଷ ବୋଲଣ କଣ ଭକ୍ଷିଲ ସେ ବିଷ ?

ପ୍ରଭ—ରାଜନ୍ ! ବୃଥା ବାକ୍ୟାଳାପେ କିବା ପ୍ରୟୋଜନ, ଥାନ୍ତୁ ସତର୍କେ ଅଜ ଶୟନ-ମନ୍ଦିରେ, ଇଙ୍ଗିତ ମାତ୍ରକେ ଦେବ ହୋଇବେ ପ୍ରବେଶ ନଗରର ପୂର୍ବଦିଗେ ତୋରଣଦେଶରେ ।

ରାଜା—ଉତ୍ତ, ଗୁଲ ତେବେ ଥିବା ସତର୍କରେ ।

---

## ଦ୍ୱିତୀୟ ଦୃଶ୍ୟ

ପଦ୍ମିଆ—ରାଣୀ ! କାଲି ଯେଉଁ ମଜଲଟା ହେଲା, ମୁଁ ସ୍ୱପ୍ନରେ କି ଭୁଲିବା ଭାବ ନ ଥିଲି, ଯେ ଏହା କେବେ ମୋ ଭାଗ୍ୟରେ ଘଟିବ । ଯେଉଁ ଦିନ ଜର୍ମିନ ବାବୁ ଆସି ପହଞ୍ଚିଲେ ମୁଁ ଯେତେ ବାଧିଲି, ସେ କଥା କ'ଣ କହିବ ।

ରାଣୀ—ପଦ୍ମିଆ ! ମୋ ମନକଥା ତୁ ବା କ'ଣ ଜାଣିବୁ ।

ପଦ୍ମିଆ—ରାଣୀ ! ବୁଝିଛି, ବେଶ୍ ବୁଝିଛି, ଆଉ ବାକି ନାହିଁ, ମାତ୍ର ମୁଁ ସ୍ୱେଚ୍ଛାରେ କେତେ ଅନୁସରଣ କରି ଏକତ ସେବକ ହୋଇ ବୁଲିବ ? ତୁ ତୋର ପିତାକୁ କହି ଗୋଟିଏ ନୂଆ ଉଆସ ତୋଳା, ତହିଁରେ ମୁଁ ଖାଲି ସର୍ଦ୍ଦାର ହୋଇଥିବ, ଯେତେବେଳେ ଇଚ୍ଛା ସେତେବେଳେ···

( ରାଜାଙ୍କୁ ପ୍ରଭ ଅଲକ୍ଷିତେ ସମସ୍ତ ଘଟଣା ଶୁଣାଇବା )

ରାଜା—କି ମୂର୍ଖ ! ଗୁଲ, ଦେଖାଇଦେଉଛି । ଦୂତ ! ବାନ୍ଧ ଶୀଘ୍ର । ରେ ପାପିଷ୍ଠୀ, ତୋର ଏତେ ଦୂର ଆସ୍ପର୍ଦ୍ଧା ! ଅଲକ୍ଷଣୀ, ଜର୍ମିନକୁ କେ ମାରିଲା ?

ରାଣୀ—ଯୋଗୀ ମାରିଛି ।

ରାଜା—ତେବେ ଅନ୍ତଃପୁର ଗୃହ ଏଠାରେ କ'ଣ ହେଉଥିଲା ? ପଦ୍ମିଆ, ଜର୍ମିନକୁ କେ ମାରିଲା ?

ପଦ୍ମିଆ—ନା···ମୁଁ···ଦେଖି···ନାହିଁ ।

ରାଜା— ଗୀତ

( ଆରେ ଦୁରାଚାର—କୁଞ୍ଜେ )

ନାହିଁ ଥିଲୁ ଦୁଷ୍ଟା ତୁ ମୂଢ଼ା କୁଳଟା
ଜାତି କୁଳ ହରାଇଲୁ,
ରାଜକୁଳବଧୂ ହୋଇ ତୁ ପାପିଷ୍ଠା
କ୍ଷିତିରେ ଅକୀର୍ତ୍ତି କଲୁ ।
ଧିକ ତୋର ଜୀବନ,
ହୀନ ଚଣ୍ଡାଳ ସାଙ୍ଗରେ କଲୁ ପ୍ରେମ । ୧ ।

ରେ ରାକ୍ଷସି ! ମୋର ନଗରରେ କେତେ ବା ନାହାନ୍ତି, ତାଙ୍କମାନଙ୍କ ସଙ୍ଗ ଛାଡ଼ି ପାପିଷ୍ଠା ସାମାନ୍ୟ ଚଣ୍ଡାଳ ସଙ୍ଗତ ପ୍ରେମ କଲୁ ?

ଗୀତ

କଟୁସ୍ପର୍ଶେ ମାତି ତୋ ପଦ୍ମଣପତି
ସୁହସ୍ତେ କଲୁ ନିଧନ,
ଆଜ ତାର ଶାସ୍ତି ଭୁଞ୍ଜିବୁ ପାପିଷ୍ଠି
ଡାକିଲାଣି ତୋତେ ଯମ ।
ରକ୍ଷା ନାହିଁଟି ତୋତେ,
ଆଜ ନେବ ତୋ ପରାଣ ଅସ୍ତ୍ରାଘାତେ । ୨ ।

ମୂଢ଼ା ! ତୋ ସ୍ୱାମୀକୁ ଚିହ୍ନି ପାରିଲୁ ନାହିଁ ? ରାଜ-ସିଂହାସନରେ ରାଜରାଣୀ ହୋଇ ବସିଥାନ୍ତୁ, ବର୍ତ୍ତମାନ ଦେଖ, ଚଣ୍ଡାଳପ୍ରେମରେ କି ଫଳ ଭୁଞ୍ଜିବୁ ? ଦୂତ, ଘାତୁକକୁ ଡାକ ।

( ଘାତୁକ ପ୍ରବେଶ )

ଘାତୁକ ! ଏ ପାଷାଣ୍ଡୀକୁ ଗାତ ଖୋଳି ପୋତି ପକା ।

ଘାତୁକ—ଏହାକୁ କି ଶାସ୍ତି ଦଆଯିବ ମହାରାଜ ?

ରାଜା— ଗୀତ

ଏ ଚଣ୍ଡାଳ ହସ୍ତ- ପଦକୁ ସମସ୍ତ
ଛେଦନକରାଅ ଧୁଆଁରେ,
ଜାରପ୍ରେମ-ସୁଖ ଜାଣିବଟି ମୂର୍ଖ
ଘେନ ବାଳକୃଷ୍ଣ ଭଣେ ।
ଦୂତ ଯାଅ ବହନ,
ଆଉ ବିଳମ୍ବରେ ନାହିଁଟି ପ୍ରୟୋଜନ । ୩ ।

ବାଳୁକ ! ଏ ମୂର୍ଖକୁ ଶ୍ମଶାନକୁ ନେଇ ସ୍ୱାମୀ ହସ୍ତ ପଦ ଛେଦନ କରି ଫିଙ୍ଗି ଆସିବ । (ପ୍ରସ୍ଥାନ) ସାଧୁ ! ସାଧୁ ତୁମ୍ଭେ ସାଧକର ଗୁରୁ ! ସାଧକ ଯା ଚିନ୍ତେ ଅସମୟରେ ତାହା ହେବ ଲଭିବ ।

ଶବ—ମୁଁ ତ ହେଲି ନାହିଁ ମୋତେ । ଦୟାନିଧି ! ଘନଜନେ ହୋଇଅଛ ସାହା ! ତେବେ ନବ ବେଶ କରିବ ଧାରଣ । ମିତ୍ର, ଏତ କରି ଗ୍ରହଣ କଲ ମୋତେ । ଏବେ ତୋ ବନ୍ଧୁ ବେଶ ମୋ ମସ୍ତକେ ବେଷ୍ଟିବ ମୁଁ ଦୁଃଖଭାର ଯାଉ । ନାସ୍ତି ଜାତ ଅବିଶ୍ୱାସୀ ଜନ, ଜାଣେ ତାଙ୍କୁ ନାହିଁଟି ଉଦ୍ଧାର । ସ୍ୱଜନେମା ହୋଇ, ଚଣ୍ଡାଳରେ ହେଲ ପ୍ରେମାସକ୍ତ । ମୁଁ ତ ସାମାନ୍ୟ ସାଧକ, ମୋର ଶକ୍ତି କ ଜଳୁଛି ଜାଣୁ, କେଉଁଠି କେମନ୍ତେ, ଫିଟ ଜନ୍ମେ ଶୁଦ୍ଧ ଆସନ୍ତୁ ।

( ବାଳୁକ ଚଣ୍ଡାଳର ହସ୍ତପଦ ଛେଦ
ଫିଙ୍ଗି ଆସିବା )

---

# ଚତୁର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

( ଧ୍ରୁବ ସଖୀ ସହ ଦେଖା ମନ୍ଦିରକୁ ଗମନ )

(ଗୀତ)

( ବିଳାସ୍ୟା ରାଗିଣୀରେ—ରୂପକ )

କାହିଁ ତ ଧାତା ମୋତେ ଦେଲୁ ଏ ଦଶା,
ଅବଗିଣ ନାଶରେ ଲକ୍ଷ ଅଭନା ରେ
ଧୃବ ତୋ ଗଣ
ପ୍ରାଣେଶ ନ ମାନ ଭମା ତେଲ କଥଣ ରେ । ୧ ।

ସଖି ଗୋ ! ବିଧାତା ମୋ କରମରେ ଏଲେଖା ଲେଖିଥିଲ ! ମୁଁ ତୋହ୍ମାନ୍ଙ୍କୁ ନ ମନ କଣ୍ଟକ କାହିଁ କି ?

ସ୍ୱର୍ଣ୍ଣୀ—ମଲ୍ଲ, ଭଗବାନ୍ଙ୍କୁ ଭଜ ଭାଗ୍ୟବନ୍ତ ସ୍ତ୍ରୀ ଏ ଜଗତରେ ମିଳିବେ, ଜେମେ ଖୁବ୍ ସୁଖୀ ।

ଧୃବ— (ଗୀତ)

ଏ ସ୍ୱଦାକାଲେ କାନ୍ତ କଲେ ଅନ୍ତର,
ଜେ ଜବ ଶିଖାଇଲ ପ୍ରୀତି ମନ୍ତ୍ର ଗୋ ।
ଧୃବ ପାଦନ
କେତେ ସହିବ ଆଉ ମାର କଷଣ । ୨ ।

ସଖି ଗୋ ! ଏ ଯୁବା ସମୟରେ ପ୍ରାଣନାଥ ଯାହା ପ୍ରାଣେଶ୍ୱର ନେଇ ରହିଲେ, ଏ ଦୁର୍ଦ୍ଦଶା ମୁଁ ତାହାକୁ କହିବ, ସେ ମୋ ପୂର୍ବାର୍ଜିତ କର୍ମଦୋଷ ।

(ଗୀତ)

ମାତା ଅଭୟା ମୋତେ କର ସୁଦୟା,
ଦେଖିବ ନେତ୍ରପଥେ ମୋ ପ୍ରାଣନାଥ ଗୋ ।
ଫିଟ କଷଣ
ଶୈଳନନ୍ଦନ ସାହା ତାଳ ଭଜନ ଗୋ ୩ ।

ମା ଅଭୟା ! ଏ ଦନାସ୍ତନା ଅବଳା ପାଇଁ କାହିଁକି ଏତେ ନିର୍ଦ୍ଦୟ ! ସତେ କି ମୋ ଭାଗ୍ୟରେ ଏହି ଅମାବସ୍ୟାର ଅନ୍ଧକାର ଘୋଟି ଥିବ ! ମୋ ଭଗ୍ୟାକାଶରେ ସୌଭାଗ୍ୟ ରବି ଉଦୟ ହେବା ଧାତା ଲେଖି ନାହିଁ ! ତେବେ ପାଦନେ ନ ମାର ଏତେ କଷ୍ଟ ଦେବା ପାଇଁ ରଖିଲେ କାହିଁକି ?

ସଖି—ଛି, ଛି, କ୍ଷେମାଦେଇ ! ଏତେ ଅଧୈର୍ଯ୍ୟ ହୁଅନ୍ତୁ ନା, ମା ଭଗବତୀ ଅବଶ୍ୟ ତୁମର ମନୋବାଞ୍ଛା ପୂରଣ କରିବେ ।

( ଧ୍ରୁବ ସଙ୍ଗେ ସ୍ୱାମୀ ସହ ସଖୀଗଣଙ୍କୁ ଦେଖି
ସଚେତନ ହୋଇ ଭଗ୍ନାବସ୍ଥାକନଚରଣ )

ଧ୍ରୁବ—ଏହି କି ମୋର ଶ୍ୱଶୁର ରାଜ୍ୟ ହେବ ସତେ ! ଏ ଯେ ସୁନ୍ଦରୀ ମଧ୍ୟରେ ଆସୁଛି, ସେ ତ ଚନ୍ଦ୍ରମାର ଭଳି ଯାଉଛି । ହଁ, ଏହି ତ ସେହି ମୋର ସ୍ତ୍ରୀ ହେବ । ଏ ତ ସବୁ ପ୍ରଥମ ଉଦୟ । ଏ ସମୟରେ ସଖୀ ଜଣେ ପୂଜାରେ ଯାଉଛି କେବେଁ, ଏ ଜଣ ସେହି ମିତ୍ର ସ୍ତ୍ରୀ ଘର ହେବ କି ?

( ଧ୍ରୁବଦେବ ବେଶରେ ପ୍ରବେଶ ଜୋଡ଼ିଣ
ଇତ୍ୟବସରେ ପୂଜା କରିବାରେ ଦେବୀଙ୍କ ଆଶୀର୍ବାଦ
ଓ ବର ପ୍ରଦାନ )

ଦେବୀ—ବତ୍ସେ ସ୍ୱସ୍ତିବତ, ସ୍ଥିର ମୂର୍ତ୍ତି ତବ ଭକ୍ତିବଳେ; ଏହା ମୂର୍ତ୍ତି ତୋହର ଜଗତେ । କାଲି ପ୍ରାତେ ଲେଉଟିବୁ ତୋ ସ୍ୱାମୀସହ ଗୃହେ । ପ୍ରମାଦରେ ମୃତ ତାଙ୍କୁ ମୋ ଚଣ୍ଡୀ ଅଧିକ, ପୁଣି ତୋର ସେବା ହେତୁ ତୋତେ ଦେଉଅଛି ବର—ଯାଅ ତୁହି ଦେଉଳ ପଶ୍ଚାତେ, ଅଛି ଯେଉଁ ପାଦୁକର କୁଣ୍ଡ, ହସ୍ତତବ ଭକ୍ତିରୁ ଚଣ୍ଡୀରେ ବାନ୍ଧି ଆଣୁଚିବେ ତୋର ଉଷ୍ଣବ ଅମୃତ, ବାଜଲେ ତୋ ହାତ ମୃତ ଶବ ଘାଲଣ ଉଠିବ । ( ଦେବୀ ଅନ୍ତର୍ଦ୍ଧାନ )

---

## ଦ୍ୱିତୀୟ ଦୃଶ୍ୟ

( ରତ୍ନାକର ସୌଦାଗର, ଗ୍ରାମବାସୀଗଣ )

ରତ୍ନାକର—ବୁଝିଲୁ ନା ନାକୁଣୀ ! ମୁଁ କେତେ ଜାଗା ବୁଲିଲିଣି, କେତେ ବୁଝିଲିଣି, କେତେ ଶିଖିଲିଣି ! ଆଉ ବାକି ନାହିଁ, ଆପେ ମଲେ ସ୍ୱର୍ଗ ବୁଡ଼ି, ହଡ଼ା ଥିବାଟକ ସୁହାଗ, ହଡ଼ା ଗଲେ ଗଲ । ଏ ଦୁନିଆର ଶୋଭା ଟାକଶାଳକୁ ଆଉ ଭାର ହେଲ ନାହିଁ ନାକୁଣୀ, ଭାର ହେଲ ନାହିଁ । ତାଙ୍କୁ ମୁଁ ଯେତେ ବୁଝାଇଲି, ଆରେ ତୁମ୍ଭ ଏକ ପିତୃ-ପିତାମହଙ୍କ ବେଉସା, ସ୍ୱାଙ୍କୁ ଲଭ ବଢ଼ ବେଶ, ଶିଖ । ସେ କାହିଁକି ମନ ଦେବେ ଭଲ, ଜାଣିଲୁ ନାକୁଣି, ତୋର ଆଗରେ ତ କହୁ ଲଜ୍ଜା ନା ଲାଗେ ! ଭଲକର ମୁଠିଏ ପେଟକୁ ଖାଏ ନାହିଁ ତ ଲମ୍ବକର ଖଣ୍ଡେ ପିନ୍ଧେ ନାହିଁ । ମହାଜନ ହେଲ ଅନ୍ନ ଘଟଣା । ସୁଧ ତହିଁରେ ସୁଧ ପୁଣି ତାର ସୁଧର ସୁଧ, ତାହା ପୁଣି ଚକ୍ରବୃଦ୍ଧି ହିସାବ ଲଭା ତ ଅନ୍ୟ ହିସାବରେ ଆଦୌ ଆସେ ନାହିଁ । ଆସିଲେ ଭଲ ହେବ, ଏକ୍ଷୁଣାତ ହେଲେ ନାହିଁ । ତହିଁରେ ପୁଣି ହିସାବକୁ ସେହି ଖର୍ଚ୍ଚ ଲକ୍ଷ୍ୟରେ ବାଳୁତବାଳୁ ଏକ ଦେଇଥିଲ, ମାତ୍ର ଅତଗଲୁ ତାହା ସମ ଘର, ଧର୍ମକୁ ଜର୍ଜ୍ଜରିତ ମଧ୍ୟ ତକ୍ଷ୍ୟ କ୍ରଣୋଷ୍ଟା । ତା ନ ହେଲେ ଏତ ହାର ସ୍ତ୍ରୀ ପୁତ୍ର ସ୍ୱା ଓଳ ତା ଓଳ ହୋଇ ବାରହାର ଶୁଣି ପିନ୍ଧା

ହୋଇ ବୁଲୁଥାନ୍ତି ! ନାକୁଣି, ଏ ସଂସାରଟା ଅନିତ୍ୟ, ଅସାର, ଏଥିରେ କେହି କାହାର ନୁହନ୍ତି । ଏ ସମସ୍ତେ ସୁଖର ସାଥୀ, ଜୀବ ଥିବା ପର୍ଯ୍ୟନ୍ତ ସବୁ ମୋର, ଜୀବ ଗଲେ କେହି କାହାର ନୁହନ୍ତି । ଆଉ ତୋର ଥିରେ ସୁଖ ଶାନ୍ତି ଆସୁନାହିଁ, ଦେଖୁଛୁ କେବଳ ହରି ନାମଟି ସାର, ହରେକୃଷ୍ଣ ! ହରେକୃଷ୍ଣ ! କହିଲେ ନାକୁଣି, ମୁଁ ତ ହେଡ଼ି ମହାଜନ କରୁଛି, କାଲି ରମାକଣ୍ଟର, କଳ୍ପୋଲ ସେଠି, ଲକ୍ଷ୍ମଣ ଜେନ ଓ ଅନେକ ସାମନ୍ତମାନେ ଯେଉଁ ଧାନ ନେଇଗଲେ, ବୁଝାଇବେ ସୁଦ୍ଧ ହିସାବରେ ଦେବେ ।

ଗ୍ରାମବାସିନୀ ନାକୁଣୀ—ହଁ, ତାଙ୍କର ତ ହଳ ଗୌଣିକେ ସାଏ ହେଲା, ଆଉ କେତେ ଦେବେ ?

ରତ୍ନା—କେଉଁଠି ତ ନାକୁଣି, ପୁଅ ମଣିଙ୍କ ଭାଗି ଶୁଣିଲୁ, ମୁଁ ନେଇଥିଲେ ଭଲ ଏକ ହିସାବରେ ନେଇଥାନ୍ତି । ହେଲା, ଆଉ ତାଙ୍କର ବୋଝା ଭଡ଼ରେ ଧାନ ନେଇ ଥିଲେ ! କହେ ହେଡ଼ି ତ ହେଲା, ଗୌଣିକେ ଭଗା', ମଲ ମାଇଲ ଖୋଳରେ ଖଳାଙ୍କ ପାଇଁ ସ୍ୱତ୍ତ୍ୱ ଥିଆ ହୋଇଛୁ । ଅଳ୍ପ ଦେଖୁଛୁ, ଲୁଚ ଜାଗଲ ତ ଅଛୁ, ତାଳ ଭଣ୍ଡ ତ ଯାଉ ନାଇସି ଜହରେଲେ ଦିବେ ବୁଝାଇବେ ।

ନାକୁଣି—ଆଉ ମାଳାଗଡ଼ା ।

ରତ୍ନାକର—( କର୍ଣ୍ଣଦେଇ ) ମୋତେ ଭଏ ଡାକଲା ବୁଝିଲୁ ।

ଗ୍ରାମବାସୀ—ହେ ବୁଡ଼ାବର ! ହେ ବୁଡ଼ାବର !

ରତ୍ନାକର—ତମେ ତ କେଉଁଠି ଶୋଭା ହେଉଛ । ବୁଢ଼ା ଭଣ ଦେ, ଘର ବୁଢ଼ା ନା, ଭଣାକୁ ବୁଢ଼ା !

ଗ୍ରାମବାସୀ—ସେଥିରେ ଆମର ଡାକଇ, ତମର ପାଇଁ ଆସି ଏଠି ଅପେକ୍ଷାରେ ବସିଛନ୍ତି ।

ରତ୍ନା—ମୋ ପାଇଁ ? ଭରେ ଶଳା, ଉଠାଇ କରୁଛ, ଭଙ୍ଗୀ ଦେଖାଉଛ ? ମୁଁ ଭଣ ତମର ଅଣ୍ଟା ?

ଗ୍ରାମ—ତୋ ସଙ୍ଗରେ କଥାବାର୍ତ୍ତା କହିବ ବୋଲି, ତୁ ତ ଉଡ଼ତ ନେବୁ ।

ରତ୍ନା—ଭଲ ସତ କହୁଛ, ଆମ ପାଇଁ ଲୋକେ ଆସିଛନ୍ତି ?

ଗ୍ରାମ—ହଁ, ଦେଖ, ସତ କି ମିଛ !
ଭଦ୍ରା—ଛାଡ଼ ରେ, ସେତ * ବର୍ଷ ହେଲା ଏଣେ ଚୋର
ଠେଲ ଭଳି ହୋଇଯାଇଛି । ମୁଁ ତ ହିଁପରୁ
ବେକରେ ବାନ୍ଧ ବୁଲୁଛୁ, କାହିଁ ଦେଖ ଆସିଲା ।
( ସ୍ୱପନର ପ୍ରବେଶ )
ଗ୍ରାମ—ଅଜା, ଦେଖନ୍ତୁ ଆସିଲେଣି ।
ଭଦ୍ରା—ହଉ, ଟଙ୍କା ସେଇଠି ରଖି ଦଣ୍ଡବତ ହୁଅନ୍ତୁ !
ଗ୍ରାମ—ସ୍ୱପନଙ୍କ ସେଠି ଟଙ୍କା ରଖି ଶ୍ୱଶୁରଙ୍କୁ ମାନ୍ୟ
ହୁଅନ୍ତୁ ।
ସ୍ୱପ—ହେ ଭଲ, ମୋ ନିକଟରେ କିଛି ନାହିଁ ।
ଗ୍ରାମ—ବୁଢ଼ାବାବୁ ! ତୋର୍ଁ ପାଖରେ ତ କିଛି ନାହିଁ
ବୋଲି କହୁଛନ୍ତି ।
ଭଦ୍ରା—କିଛି ନାହିଁ ତ ମୋ ମାନହାନି ଦବ କଏ ? ହଁ
ହଁ, ଅଲବାଲକା ଚୋରାଚୋର ସେଇଆ ହେଲେଣି,
ହଉ ନାକୁଣି, ସବୁକୁ ନେଇ ଯାଅ ।
ନାକୁଣି—ତାଙ୍କୁ ନେବ-ମ ।
ଭଦ୍ରା—ଆଗେ ପିଲାଙ୍କୁ ନେଉ, ତାହାକୁ ! ଯା ନାଗକୁ
ମୋ ପାଖକୁ ଡାକ ଦେ । ( ସ୍ୱପ୍ନର ପ୍ରବେଶ )
ସ୍ୱପ୍ନ ଲେ ! ତୁ ବୁଝାଇଛୁ ମାରିଥିଲୁ କାହିଁ ? ତୋର୍ଁ
ଆସି କାଣ୍ଡ ପିଣ୍ଡାରେ ବସିଲେଣି; ଭଣ୍ଡ
ଭାଠି . ନେଇ ଅଳଙ୍କାର ନାଇ, ଯା ରମ ରମ
ଯୁଦ୍ଧରେ !

---

## ( ତୃତୀୟ ଦୃଶ୍ୟ )

ସ୍ୱପ—ମୁଁ ଯାହାକୁ ଆସିବା ସମୟେ ପଥରେ ଦେଖି-
ଥିଲି ସେଇ, ସେଇ ମୋର ପ୍ରକୃତ ସ୍ତ୍ରୀ, ତାହିଁକ
ଏବେ ବଳନ୍ତି, ଦଉ ହିତଏ ବିଶ୍ରାମ କଏ ।
( ସ୍ୱପ୍ନର ପ୍ରବେଶ )
ସ୍ୱପ—ଏଏ; ଆସ ପ୍ରିୟେ, ଅଦ୍ୟମାନ କାହିଁକି ?
ସ୍ୱପ— ଗୀତ
( ଉଣାଗଲି ହେ ଶ୍ୟାମ—ତୁରେ )
ପ୍ରାଣନାଥ ନ ଛୁଁଇ କରି ମୋତେ ଅନ୍ତର ।
ତେଉଁ ମନ ବସିବା ଜଳ ସ୍ତ୍ରୀତ ମନ୍ତ୍ର । ୧ ।
ନାଥ ! ତାହା କିପାଇଁ ସବୁ ଏ ଅବସିଙ୍କୁ
ସାପୋର କେଉ ଭାବିଲ ?
ସ୍ୱପ—ନା ସଖି ! ଶାପୋର ନାହିଁତ, ଶାପୋର ଥିଲେ
ଆସନ୍ତା କାହିଁକି ?
ସ୍ୱପ— (ଗୀତ)
ଦାସୀରେ କଦା ଦୋଷ, ଦେଖି ହେଲ ଦୃଶ୍ୟ,
ସବୁ ସହ ମୁଁ କ୍ଲେଶ ଥିବୁ ନାହିଁ ରଖରେ ।୨
ନାଥ ! ଅଧୀନାର କ ଅପରାଧ ଦେଖି ଏ ଦୁଃଖ
ସାଗରରେ ମୋତେ ଭସାଇ ଦେଇ ଚାଲି ଯାଇଥିଲେ ।
ସ୍ୱପ—ନା ସଖି, ହେବେ ଭୁଲ ନାହିଁ, ବରଂତ
ତୁମେ ମୋର, ମୁଁ ତୁମର ।
ସ୍ୱପ— (ଗୀତ)
ଯା ଲାଗି ଚାର କଣ ଭୁଲ କରିଲ ନାଥ
ତାହାଙ୍କୁ ସେ ମଇତ ବାଜାଣି କହୁ । ୩ ।
ନାଥ ! ଯେଉଁ ମଇତ ଲାଗି ଏତ ଦାର ଭୁଲ
କରିଥିଲ, ଆପଣଙ୍କର ସେ ମନେ ଭଲରେ ଅଛନ୍ତି ତ ?
ସ୍ୱପ—କହନାହିଁ ସଖି, ସେ ଆଉ ଇହଧାମରେ
ନାହାନ୍ତି । (କ୍ରନ୍ଦନ)
ସ୍ୱପ—ନାଥ ! କାନ୍ଦନ୍ତେ କାହିଁକି କହନ୍ତୁ ।
ସ୍ୱପ— (ଗୀତ)
( ସବୋଳ ଖଲରେ—ତୁରେ )
କହନା କହନା ସଖି ସେ ମଇତ କଥାରେ ।
ଅନ୍ତିମା ମଣ୍ଡପେ ସ୍ଥାନ ଦେଇଛି ବିଧାତା ।୪
ପ୍ରିୟେ ! ସଖା ମୋର ମୋତେ ଛାଡ଼ି ସ୍ୱର୍ଗ
ଧାମରେ ନିଶ୍ଚିନ୍ତରେ ବସିଛନ୍ତି ।
ସ୍ୱପ—କଣ ହେଲା ନାଥ !
ସ୍ୱପ— (ଗୀତ)
ଅନ୍ତିମା କଥ ଶିଅର ଦେବେ ଦେଲେ ଦେଖିଲ
ଦୁଃଖ କଥାରେ ମଇତ-ଭୁଟିଲା ବନ୍ଧୁତା ରେ ।୨
ପ୍ରେୟସି ! ତୁମେ ଯାଉ ଦୂର ଗ୍ରାମ ଗଲାର
ଆସି ପଥରେ ଗୋଟିଏ ସ୍ଥାନରେ ବିଶ୍ରାମ ନେଉଥିଲୁ,
ସେଠାରେ ଗୋଟିଏ ବାଉନାସ ଦ୍ୱାର ଆମ୍ଭମାନଙ୍କ
ବନ୍ଧୁତା ଭାଙ୍ଗିଗଲା ।

ସ୍ୱପ୍ନ— ତହୁଁ ମଦନ ତୁମ୍ଭ ତୁଆଡ଼େ ଗଲେ ।

ପ୍ରଭ— (ଗୀତ)

ଶ୍ୱଶୁର ଆଳୟେ ବାସ କଲେ କେତେକ ଦିବସ
ଘଟିଲା ଯାହା ଉଦନ୍ତୀ ହୁଦେ ଲାଗେ ବାଧା ରେ । ୩ ।

ପ୍ରିୟେ ! ସେ ମୋତେ ସେହି ଜଙ୍ଗଲରେ ପରିତ୍ୟାଗ କରି ଆସି ଶ୍ୱଶୁରାଳୟରେ ଆଶ୍ରୟ ନେଲେ । ମୁଁ ବି ମଧ୍ୟ ତାଙ୍କ ପଦ୍ମାବଲୋକନ କରି ଛଦ୍ମବେଶରେ ସେହି ଗ୍ରାମରେ ରହିଲି । ତହୁଁ ଯାହା ଘଟିଲା, ସେ କଥା କହିବା ବେଳକୁ ହୃଦୟ ବିଦୀର୍ଣ୍ଣ ହୋଇଯାଉଛି ।

ସ୍ୱପ୍ନ— ନାଥ ! କହନ୍ତୁ !

ପ୍ରଭ— (ଗୀତ)

ଚଣ୍ଡାଳ ସଙ୍ଗରେ ପ୍ରୀତି କରିଥିଲା ମିତ୍ରପତ୍ନୀ ।
ପ୍ରଭାତେ ନ ପାଇ ଶାନ୍ତି କାଟିଲା ତା ମଥା ରେ । ୪ ।

ସଖି ! ମଦନ ସ୍ତ୍ରୀ ଗୋଟିଏ ସାମାନ୍ୟ ଚଣ୍ଡାଳ ସହିତ ପଡ଼ି ତାର ପ୍ରରୋଚନାରେ ସ୍ୱାମୀଙ୍କୁ ମାରିଦେଲା ।

(ଗୀତ)

ଲକ୍ଷ୍ମଣେ ଥିଲି ଦ୍ୱାରେ ଦେଖିଲି ତାହା ନେତ୍ରରେ
ଭରିବସି କାନ୍ଦେ ତାରେ ଯେତେ କଲେ ହଟା ରେ ।୫।

ସଖି ! ତାହାର ଏହିପରି ଦୁଷ୍ଟବୁଦ୍ଧି ଦେଖି ମୁଁ ମିତ୍ର ବିଚ୍ଛେଦରେ ଅଧୀର ହୋଇ ଗୃହ ମଧ୍ୟରେ ପ୍ରବେଶ କରନ୍ତେ, ଯେ ଦଶା ଭୋଗ କରିଛି ତାହା ଶୁଣ—

(ଗୀତ)

ପିତାରେ ଜଣାଇ ତାର ମୋତେ ବନ୍ଧାଇଲା ବେଗ ।
ବାଳକୃଷ୍ଣ ବୋଲେ ହର ମୋତେ କଲେ ରକ୍ଷା ରେ ।୬।

ପ୍ରିୟେ ! ମୁଁ ପରଦେଶରେ ଦୋଷୀ ହୋଇ ବନ୍ଦୀ ଭୁକ୍ତିମଣାରେ ତାର ପିତାଙ୍କ ଦ୍ୱାରା ପ୍ରମାଣିତ ହୋଇ ଶୂଳକୁ ପଠାଗଲି । ସେଠାରେ ମୋର ଧର୍ମ ବଳରୁ ଶାଳୁକକୁ ସର୍ପଘାତ ହେଲା । ତହୁଁ ରଜାର ମନରେ ଚୈତନ୍ୟ ଲାଭ ହେବାରୁ ସେ ମୋତେ ପୁନଃ ଡକାଇ ନେଇ ସମସ୍ତ ବିଷୟ ପଚାରିଲେ । ମୋ ପ୍ରମାଣ ଦ୍ୱାରା ସେ କନ୍ୟା ଓ ଚଣ୍ଡାଳର ପ୍ରାଣ ଦଣ୍ଡାଜ୍ଞା ଦେଲେ ।

ସ୍ୱପ୍ନ— ନ ଜାଣି ଅନ୍ତତ ନାଥ ଜାଣେ ମୁଁ କପାଳ, ଅଦୃଷ୍ଟରେ ଘଟାଇବ ମଦନ ତୁମ୍ଭର, କି ହତାଶ

ମୋଠାରେ ବରଣ ସ୍ୱତସ୍ତ୍ର, ହୋଇଛନ୍ତି ସାକ୍ଷୀ । ନର୍ଦ୍ଦିନ୍ତ ହୋଇଣ ବସ ତୁମ୍ଭେ ପ୍ରାଣନାଥ ! ନାଥ ! ତୁମ୍ଭ ମଦନଙ୍କର ଶବ ଜନ୍ମା ଶରୀରକୁ ଆଣି ପାଇବ କି ?

ପ୍ରଭ— ହଁ ସଖି, ସଙ୍ଗେ ସଙ୍ଗେ ଅଛି ନାଥ ।

ସ୍ୱପ୍ନ— ଯଦି କହୁ ପୁଣ୍ୟବଳ ଥାଏ ଅଧୀନାର ମା ଅଭୟା ଅବଳମ୍ବେ କରଗୋ ସ୍ୱତସ୍ତ୍ର, ପୁନଃ ଜନ୍ମ ଲଭୁ ମିତ୍ର ମୃତଦେହ ଦେଖିଣ (ନର୍ମଦାର ଗାବନ ପ୍ରାପ୍ତ)

ନର୍ମଦା— ପାଷଣ୍ଡ ! ଏତେ ଦୂର ଆସ୍ପର୍ଦ୍ଧା, ଅବିଶ୍ୱାସି ପଶିଛୁ ମୋ ଗୃହେ । ତୃଷ୍ଣି କରିବ ତୋ ମଥା କାଟି ଅସ୍ତ୍ର ( ପ୍ରଭାକରକୁ ହାଣି ଦେବା ) ।

ଶ୍ରୀବ— ଜୟ ହେଉ, କଣ କଲ ! ମୋର ପତିକୁ ଦ୍ୱିଖଣ୍ଡ କଲ । ଦେଖ ଅରେ କୁହନ୍ତି ଏ ତବ ଶ୍ୱଶୁର ଆଳୟ । ମୁହିଁ ମୂର୍ଖ ତବ ପତ୍ନୀ ଲୀଳାବତୀ । ନାମ ମୋର ଶ୍ରୀବ । ଉହାଙ୍କର ସୌଦାଗରଙ୍କର ଏହି ପୁର । ନ ବୁଝି ନ ସୁଝି କମ୍ପା ବନା ବୋଲେ ବଧିଲ ପାବଧନେ ମୋର । କଥ ଏହି ଲେଖା କୁହ ଏ ଘଟଣା ।

ନର୍ମଦା— (ସ୍ୱଗତ) ପ୍ରକୃତ, କି ଏ ଘଟଣା, ହ ତା ନ ହେଲେ ବା ମୁଁ ତ ଶ୍ୱଶୁରାଳୟେ ଥିଲି କପଟ ଏଠାକୁ ଆସିଲି ! ଏ ସମସ୍ତେ ମୋର ଭାଗ୍ୟଦୋଷ ଜନ । (ପ୍ରକାଶ୍ୟେ) ମା କ୍ଷମାମୟୀ ତୁମ୍ଭେ ମୋର ପ୍ରାଣଦାୟୀ, ମୁଁ ତ ଅବିଶ୍ୱାସୀ, ଏକ୍ଷି ପାରିଲି ନାହିଁ । ବର୍ତ୍ତମାନ କଣ କରିବ, କଥ ଏହି ଅସ୍ତ୍ର ବର୍ଣ୍ଣିତ କର ଗୋ ମାତ ସ୍ୱହସ୍ତେ ତବ ପାତକଣ୍ଡା ପାତକୀ ପ୍ରତ୍ୟେ ।

ସ୍ୱପ୍ନ— ନ କୁଚ ଚିନ୍ତା କର, ଏ ସାମାନ୍ୟ କଥା ନୁହି, ମନ୍ତ୍ର ନାହାନ୍ତି ମୋ ଧବ ଅନ୍ତୁଣ୍ଡ ପାବନେ । ଉଠିବେ ସେ ଏହିକ୍ଷଣି ବସନ୍ତୁ ମରିବେ । ଯେଉଁ ଧର୍ମବଳେ ଅଧୀନା ବଞ୍ଚାଇଛି ତୁମ୍ଭ ପ୍ରାଣ, ବଞ୍ଚାଇବ ଏଖଣି ସେହି ଧର୍ମବଳେ ପତିଙ୍କ ପରାଣ ।

( ସ୍ୱପ୍ନାଭ ମାରନ୍ତେ ପ୍ରଭର ଗାବନ ପ୍ରାପ୍ତି)

ଊର୍ମିଳ— ଗୀତ

(ମୋ ପ୍ରାଣର ଦ୍ୱାର ଫିଟେ — ଢଙ୍ଗେ)

କ୍ଷମାକର ମଳୟ ମୋ ଅପରାଧକୁ ।
ଭାଗ୍ୟବଶେ ଦେଖିଲି ଯା ତୋ ଶ୍ରୀମୁଖ ଇନ୍ଦୁ ।୧।

କ୍ଷମାକର ମଳୟ, ଅଜ୍ଞାନେ ମୁଁ କରିଅଛି ଗୁରୁତର ଦୋଷ ।

ପ୍ରଭ — ଏ କି କଥା ମଳୟ !

ଊର୍ମିଳ— ଗୀତ

କେତେ କ୍ଲେଶ ସହିଛୁ ଲୋ ଏ ପ୍ରାଣେଶ ପାଇଁ ।
ଶତେ ଜନ୍ମେ କି ଭୁଲିବି ମୋର ସ୍ୱାମୀ ପାଇଁ ।୨।
ମଳୟ ! ଏ ଦୁଃଖିଆ ଲାଗି ଏତେ କଷ୍ଟ ସହିଛୁ ।

ଗୀତ

ଊର୍ମିଳ-ପ୍ରଭ ବନ୍ଧୁତା ହେଉ ଦେବେ ଶାନ୍ତି ।
ଗାଇ କାଳକୃଷ୍ଣ ସଦା କରିବ ଆରତି ।୩।

# ଚତୁରୀ ଚମ୍ପାଫୁଲ

ବା

## ନାରୀ ଚତୁରୀ ଗୀତାଭିନୟ

# ଚତୁରୀ ଚମ୍ପାଫୁଲ

## ବା

## ନାରୀ ଚତୁରୀ ଗୀତାଭିନୟ

### ପ୍ରଥମ ଅଙ୍କ

#### ପ୍ରଥମ ଦୃଶ୍ୟ

(ଦରବାର)

(ରାଜ ବିକ୍ରମଦେବ, ବଲ୍ଲଭପ୍ରାନ୍ତ, ଜ୍ୟୋତିଷ, ବାବାଜୀ, ଦୂତ)

ରାଜା—ସଭାବୃନ୍ଦ ! ଏକ ଅପୂର୍ବ ସମସ୍ୟା ଉଠି ମୋର ମନେ, ଆଲୋଡ଼ିତ କରୁଅଛି ମଥା, ସୃଷ୍ଟିକର୍ତ୍ତା ଭଗବାନ ଭିଆଇ ଏ ସୃଷ୍ଟି, ନାନା ଜୀବଜନ୍ତୁ ତହିଁ କରିଛନ୍ତି ସୃଷ୍ଟି । ତନ୍ମଧ୍ୟରେ ଶ୍ରେଷ୍ଠ ନରନାରୀ । ତେବେ ଚତୁରତା ଗୁଣେ କେ ବେଶୀ ଏ ଦୁହିଁଙ୍କ ମଧ୍ୟେ ।

ଜ୍ୟୋତିଷ—ମହାରାଜ ! ସର୍ବକାଳେ, ସର୍ବସ୍ଥାନେ, ଶ୍ରେଷ୍ଠ ନର ନାରୀଠାରୁ ଚତୁରତା ଗୁଣେ ।

ବାବାଜୀ—ଏକମତ ସେଥି ମୋର ପୂର୍ବବକ୍ତା ମତେ ।

ଦୂତ—ବାବାଜୀ ଯାହା କହିଲେ, ମୋର ମଧ୍ୟ ସେଇଆ ।

ମନ୍ତ୍ରୀ—ମହାରାଜ ! କ୍ଷମ ବାରେ ଅଧୀନ ବକ୍ତବ୍ୟ, ଆବଶ୍ୟ ଅତ୍ୟନ୍ତ ଆବମାନ, ଅନୁରୂପା ନାରୀ, ଶ୍ରୀରାଧିକା ନାମ ଆଗ ତା ପଛେ ମୁରାରି । ପୁଣି ଅଗ୍ରେ ଜନକ ନନ୍ଦିନୀ, ତହିଁ ପଛେ ରଘୁନାଥ । ପୁରାତନ ଇତିବୃତ୍ତେ ରାଣୀ ଦୁର୍ଗାବତୀ, ସତୀ ଅହଲ୍ୟାବାଈ କଥା ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ସେ ସବୁ କଥା, ପୁରୁଷଙ୍କଠାରୁ ନାରୀ ଅତ୍ୟନ୍ତ ଚତୁରୀ, ଦୃଷ୍ଟାନ୍ତ ଦେଖାଇବି ଏବେ ସମକ୍ଷ ନର ନାରୀର ସମକ୍ଷେ ।

ରାଜା—(ସକ୍ରୋଧେ) ନରାଧମ ! ଲଜ୍ଜା ନାହିଁ ମୁଖେ, କି ସାହସେ ନାରୀର ମର୍ଯ୍ୟାଦା ଦେଖାଉ ସଭାରେ ! ଏପରି ନର୍ବୋଧ ତୁହି, କେ ତୋତେ ପ୍ରସ୍ତୁତ କଲା ସୃଜନ ସୃଷ୍ଟିରେ !

ଗୀତ

(ଆଲେ ଦୂରସ୍ଥ — ଦୃଷ୍ଟେ)

ଅରେ ନରାଧମ ଧିକ ତୋର ଜ୍ଞାନ
ଧିକ ତୋ ଜୀବ ଯୌବନ
ମନ୍ତ୍ରୀରୂ ସଜନ ନୋହୁ ରେ ଅଜ୍ଞାନ
ଥିବ ନାରୀରେ (ଦେଇ) ସମ୍ମାନ
ପୁରୁଷଙ୍କ କଳଙ୍କ ।
ମୁଖେ ଲଜ୍ଜାନାହିଁ ତୋର ଅବିବେକ । ୧ ।

କୁଳାଙ୍ଗାର ! ମୋ ପରି ରାଜାର ମନ୍ତ୍ରୀ ହୋଇ ସାମାନ୍ୟ ସ୍ତ୍ରୀ ଜାତିଟାକୁ ଟେକ ଧରୁଛୁ ?

ଗୀତ

ଛାଡ଼ୁ ତୁ ମନର ଯେବେ କୁଳାଙ୍ଗାର
କର ଏଥି ପ୍ରଚାର
ନାରୀର ଚତୁରୀ କେମନ୍ତ ପ୍ରକାର
(ଏହି) ଦୁଇଜନେ କରିବୁ ଗୋଚର
ତେବେ ରହିବ ଟେକ ।
ମୂଢ଼, କମ୍ପା ଅର୍ଜିଲୁ ହେବ ସତ୍ତାର । ୨ ।

ମୂର୍ଖ ! ନାରୀର ଚତୁରୀ ଜଣାଇ ଅଛୁ, ଏହି ଦୁଇଜନ ମଧ୍ୟରେ ବର୍ଣ୍ଣିଲୁ, ନଚେତ୍ ନାରୀକୁ ସମ୍ମାନ ଦେବାର ସମୁଚିତ ଫଳ ଦେଖାଇ ଦେବି ।

ଗୀତ

କର ପ୍ରତିକାର          ଯିବ ଅପରାଧ
ଦେବଇଁ ବହୁ ସମ୍ପଦ ।
ନୋହିଲେ ବିବାଦ          ରହିଲା ମୋ ସାଧ
(ଚୋର) ସର୍ବଶ କରିବ ବଧ
ବାଳକୃଷ୍ଣ ଭଣନ ।
ମନ୍ତ୍ରୀ ଫେଡ଼ିଲ ଗୃହେ (ହୋଇ) ଗମନ । ୩ ।

ନାଗର ଯେବେ ଗୃହକୁଣ୍ଡରେ ମୋଠାରୁ ବଳାଇ ଯାଏ, ତେବେ ତୁମ୍ଭଙ୍କୁ ଅନେକ ପୁରସ୍କାର ଦେବ । ନଚେତ୍ ପୃଷ୍ଠପଟାରୁ ନାଗର ବୁଦ୍ଧି କମ୍ ହେଲେ ସର୍ବଶେ ମୁଣ୍ଡ କାଟି କରିବ, ଯାଅ ମୂର୍ଖ ।

(ମନ୍ତ୍ରୀ ବ୍ୟତୀତ ସମସ୍ତଙ୍କ ପ୍ରସ୍ଥାନ)

ମନ୍ତ୍ରୀ—(ସ୍ୱଗତ) ଉଃ, ଏ କି ବିପଦ, ମୁଁ କାହିଁକି ସ୍ତ୍ରୀର ମର୍ଯ୍ୟାଦା ରାଜା ନିକଟରେ ପ୍ରକାଶ କଲି ! ବର୍ତ୍ତମାନ ଉପାୟ କଣ ? ଭଗବାନ ! ମୋତେ ଏ ବିପଦରେ କାହିଁକି ପକାଇଲେ !

ଗୀତ

(କହ ଗୁରୁ କହ ମୋତେ—ବୃନ୍ଦେ)
ହାଇରେ ଦଇବ କେ ସହିବ ତୋର ଲୀଳା ରେ
କ୍ଷଣକ ମଧ୍ୟରେ ବୁଡ଼ାଇବୁ ସର୍ବ ଭେଳାରେ
କ୍ଷଣେ ଦେଉ ଦୁଃଖ
କ୍ଷଣକେ ମାନବେ ଦେଉ ସୁଖ । ୧ ।

ଭଗବାନ ! ତୁମ୍ଭର କି ବିଚିତ୍ର ଲୀଳା ! ତୁମ୍ଭେ କ୍ଷଣକ ମଧ୍ୟରେ ମାନବକୁ କନ୍ଦାଇ ପାର, ପୁଣି ପର କ୍ଷଣରେ ହସାଇ ପାର ।

ଗୀତ

କ୍ଷଣକେ ବିନାଶ କରୁ ତୋହର ସୃଜନ ରେ
କି ଅପୂର୍ବ ମାନବର ଉଦରକ ଲୀଳାରେ
ଦଇବର ବିଧି ।
ପ୍ରଭୁ ମାନବ ଲଙ୍ଘିବା କିବା ସାଧ । ୨ ।

ଲୀଳାମୟ ! କେତେବେଳେ କାହାକୁ କି ଭବରେ ଚଳାଉଛ ତୁମ୍ଭର ବିଚିତ୍ର ଲୀଳା ବୁଝିବା ଶକ୍ତି କା'ର ?

ଗୀତ

କା ଆଗେ କହିବି ଏହା ମୋ କର୍ମ ଅର୍ଜିଲା ରେ,
ବାଳକୃଷ୍ଣ ବୋଲେ ଜୀବ ଗ୍ରହଯାତ୍ରା ଭଲରେ
ଜୀବ ଆଜ ଯାଉ ।
ନ ସହୁ ପାରିବି ନୃପ ବାଉ । ୩ ।

କିବା ଆଉ ପ୍ରୟୋଜନ ଏ ଘୃଣ ଜୀବନେ । କେଉଁ ମନ୍ଦ ବୁଦ୍ଧି କରି ମୋର ମଥା ଭ୍ରମେ ବତାଇଲି କୃତାନ୍ତ ପୁରକୁ ପଥ ! କା ଆଗେ କହିବି ଏହା; ଦୁହିତା ମୋ "ଚମ୍ପାଫୁଲ" ନୟନପିତୁଳି, ମୋର କନକ ପ୍ରତିମା, ହରାଇଛି ମାତା ଶୈଶବ କାଳରୁ, ଶୁଣିଲେ ଏ ଘଟଣା ବାଳିକା ଅଧୈର୍ଯ୍ୟ ହୋଇବ ନିଶ୍ଚେ । ଯାଏ ତେବେ ଅଛେ ତା ନିକଟ ।

---

## ଦ୍ୱିତୀୟ ଦୃଶ୍ୟ

(ମନ୍ତ୍ରୀ ଗୃହ)

( ଚମ୍ପା ଓ କନକ )

ଚମ୍ପା—ଦାସୀ ! ପିତା ଆଜ ରାଜସଭାରୁ ଫେରିବାକୁ ଏତେ ବିଳମ୍ବ ହେଲା କାହିଁକି ? କଣ କିଛି ବିଘ୍ନ ଘଟିଲା ? ମୋ ମନ କାହିଁକି ବାମ ଆଜି ପାପ ତୁଳିଛି ? ତୁ ଯିବୁଟି ଦାଣ୍ଡରେ ଦେଖିବୁ ।

ଦାସୀ—ହଁ, ବେଳ ତ ଆସି ଏତେ ହେଲାଣି, ରାତ ଘଣ୍ଟା ରାତା ହୋଇ ଖୁଦି ଚଣା ଭୂଜନ ହେଲାଣି, ତାଙ୍କର ମାମଲତ ଏତେବେଳେ ଯାଏ ସରିନାହିଁ, ହେଇ ! ବାଘ ସାଆନ୍ତେ ଗାଡ଼ି ରଖୁଛ ଧରିଲେଣି, ସେଇଁଠି ବସିଥିବେ, ସେଇଠି ପଡ଼ନ୍ତେ । ତେମେ ଖଟ ହଣ୍ଡିଟାକୁ ଗୋଟେଇ ଦେଇ ଚୂଲି ଉପରେ ବସାଇ ଦିଅ, ମୁଁ ଦେଖେ (ସଚକିତେ) ହେଇ ! ହେଇ ଫେରି ଆଇଲେଣି ।

ଚମ୍ପା—(ସ୍ୱଗତ) ପିତାଙ୍କ ମୁହଁଟା କାହିଁକି ଏପରି ବିରସ ଦେଖାଯାଉଛି, ପ୍ରତିଦିନ ତ ବାଣ୍ଡି ଦୁଆର ମୁହଁରେ ଗୋଡ଼ ନ ଦେଉଣୁ ଚମ୍ପା, ଚମ୍ପା ବୋଲି ଡାକ ପକାନ୍ତି, ଆଜ ଏ କି ଭାବ ? (ମନ୍ତ୍ରୀର ଗୃହେ

ପ୍ରବେଶ ଓ ମନ୍ତ୍ରୀଙ୍କ ସ୍ୱଭେ ଉପବେଶନ)
(ପ୍ରକାଶ୍ୟେ) ପିତା ! ଆପଣଙ୍କର ମୁଖକମଳ
ଏପରି ମଳିନ ଦେଖାଯାଉଛି କାହିଁକି ? ମୁଁ ତ
କିଛି ବୁଝି ପାରୁ ନାହିଁ ।

ଗୀତ

(ଏ ବାଟେ ଯାଉଛି ପର—ଭୁଦଙ୍ଗ)

ହେ ତାତ ଚମ୍ପାର ବ୍ୟସ୍ତ
ସନ୍ଦେହ ଭଞ୍ଜ କହନ୍ତୁ ମୋତେ ।
କେ କଲା କି ବିବାଦ ବୃଦ୍ଧ କି ଅପବାଦ
ଘଟିଲା ପରେ । ପଦ ।

ପିତା ! ଦରବାରେ ଆସିଲା ସମୟରେ କେହି କଣ
ଆପଣଙ୍କ ସହିତ କଳହ କଲା କି ?

ଗୀତ

ରାଜା କିବା ଦଣ୍ଡିଛି ଦଣ୍ଡ,
ଘଟିଲା କି ଅଘଟଣ,
ଅଧୈର୍ଯ୍ୟ ହେଉଛି ମୋ ଚିତ୍ତ,
କହ ସୁଚଣ୍ଡେ । ୧ ।

ପିତା ! ରାଜା ଆପଣଙ୍କଠାରେ ବିରକ୍ତ ହୋଇ
କୌଣସି ଦଣ୍ଡ ଦେଲେ କି ? କାହିଁକି, ଆପଣ ତ କିଛି
କହୁ ନାହାନ୍ତି ! ଯଦି ମୁଁ କୌଣସି ଦୋଷ କରିଥାଏ,
ତେବେ ମୋର ଅପରାଧ କ୍ଷମା କରନ୍ତୁ ।

ଗୀତ

ଅଭାଗିନୀ ମୁଁ ମାତୃହରା,
ତୁମ୍ଭେ ତାତ ଶୋକପାଶୋର
ଏ ଦଣ୍ଡ ତ ନୁହଁଇ ସାର
କାଳର ସ୍ରୋତେ । ୨ ।

ପିତା ! ନୟନ ଯୁଗଳରୁ ତବ ଗଡ଼ ଅଶ୍ରୁଧାର,
ପରକାଶ ହେଉଛି ତ ଆର୍ତ୍ତ । କିବା ଅନ୍ଧକାରେ
ଅଧୀନାରେ ଦେଉଛନ୍ତି ବ୍ୟଥା । ତାତ ! ତୁମ୍ଭ ମୁଖ
ଚାହିଁ, ପାଶେ ଅଛି ମାତୃ ବିସ୍ମରି ! ଏ ଦଣ୍ଡ ନୁହଁଇ ସାର
ଅଧୀନା ପରତେ ।

ମନ୍ତ୍ରୀ—ଚମ୍ପା ! ତୋର ଦୁଃଖ କରିବାର କୌଣସି
କାରଣ ନାହିଁ, ସେ ମୋ ନିଜ ଅର୍ଜିଲା କଥା ।

ଚମ୍ପା—ପିତା ! କ କହୁଲେ କାଣିବ କଥର ?

ମନ୍ତ୍ରୀ— ଗୀତ

( ଜୟ ଗୋପାଳନନ୍ଦ ହରି ହେ—ଭୁଦଙ୍ଗ )

ସୁଲକ୍ଷଣୀ ମୋର ଚମ୍ପାରେ, କି କହିବ
ମୋ ଅର୍ଜିଲା କଥା,
ସୃଜନ୍ତି ବ୍ରହ୍ମାଣ୍ଡେ ମୋପରି ପାପାତ୍ମେ
କାହିଁକି ସେ ସୃଷ୍ଟିକର୍ତ୍ତା ।

ଚମ୍ପା ! ବିଧାତା ମୋତେ ଦୁନିଆରେ କାହିଁକି
ଜନ୍ମ ଦେଇଥିଲା, ମୁଁ ଅକର୍ମ କ ମନ କହିଲି କାହିଁକି !

ଚମ୍ପା—ପିତା ! ବ୍ୟସ୍ତ ହେଉଛନ୍ତି କାହିଁକି ?

ମନ୍ତ୍ରୀ— ଗୀତ

ସେ ରାଜ ନନ୍ଦନ ବେଶେ ଦେବ,
ପଚାରିଲା ଏକ ପ୍ରଶ୍ନର ଭାବ,
ଜଗତର ଜୀବଠାରୁ ଶ୍ରେଷ୍ଠ ଜୀବ
ନାରୀ ପୁଂସ ଚତୁରତା । ୧ ।

ରାଜା ଆଜି ସଭାରେ ଜ୍ୟୋତିଷ, ବାବାଜୀ, ଦୂତ ଓ
ମୁଁ ଥାଇ ପ୍ରଶ୍ନ କଲେ, ସ୍ତ୍ରୀର ବୁଦ୍ଧି ବେଶୀ କି ପୁରୁଷର
ବୁଦ୍ଧି ବେଶୀ । ମୋ ବ୍ୟତୀତ ଅନ୍ୟମାନେ ଉତ୍ତର
କଲେ ପୁରୁଷର ବୁଦ୍ଧି ବେଶୀ ।

ଚମ୍ପା—ପିତା ! ତେବେ ଆପଣ କଣ ଉତ୍ତର ଦେଲେ ।

ମନ୍ତ୍ରୀ— ଗୀତ

ନାରୀରେ ପ୍ରଶଂସା କଲି ମୁଁ ଚଣ୍ଡାଳ,
ବୋଇଲା ନୃପତି ଦେଖିବ କୌଶଳ
ଏଥିକୁ ମୁଁ ଭଲ ମଲିଛି ଦୁର୍ବଳ
ଭାଳକୁଣ୍ଡ କରେ ଶଙ୍କା । ୨ ।

ଚମ୍ପା ! ମୁଁ କେବଳ ଗୋଟି ସ୍ତ୍ରୀର ଉପଲକ୍ଷ୍ୟ କରି
ସ୍ତ୍ରୀର ଚତୁରତା ବେଶୀ ବୋଲି କହିଥିଲି । ତହିଁ ରାଜା
ମୋ ଉପରେ ରାଗାନ୍ୱିତ ହୋଇ କହିଲେ, ସ୍ତ୍ରୀର ବୁଦ୍ଧି
ଯଦି ବେଶୀ, ଏହା ଦୁଇଦିନ ମଧ୍ୟରେ ଦେଖାଇ ଦେ,
ନୋହିଲେ ତୋ ସବଂଶେ ମୁଣ୍ଡ କାଟ ହେବ । ଚମ୍ପା !
ମୋର ଭୟ ଅଛି, ତୁହି ଏକା ନୟନ ପିତୁଳି ।

ଚମ୍ପା—ପିତା ! ଏ ସାମାନ୍ୟ କଥାଲାଗି ଏତେ ବ୍ୟସ୍ତ
ହେବା ଉଚିତ୍ ନୁହେଁ । ମୁଁ ଯଦି ପ୍ରକୃତ କ୍ଷତ୍ରିୟ
କନ୍ୟା ହୋଇଥାଏ, ନିଶ୍ଚୟ ଭାଲ ବୁଦ୍ଧି

ଦେଖାଇ, ସ୍ତ୍ରୀଙ୍କୁ ଠକାଇ, ଯୁଗେ ଯୁଗେ ନାରୀର
ମର୍ଯ୍ୟାଦା ବଢ଼ାଇ ରଖିବ ।

ମନ୍ତ୍ରୀ—କି ଉପାୟ ଚମ୍ପା ?

ଚମ୍ପା— ଗୀତ

( ବସନ୍ତ ଭ୍ରମ ତାଳ—ଝୁଲେ )

ଏ ଘୋର କଳିକୁ ଚାହିଁ, ଉପାୟ କର ସନ୍ତାପ
ଉପାୟ ନ ହେବ ଭବ ଘୋର ଜଞ୍ଜାଳ,
ଏକାଳ କାଳରେ ଶାସ୍ତ୍ର ନ ବୁଝନ୍ତି ମୂଢ଼ ଲୋକ
ତର୍କ ବିତର୍କରେ ସଦା ବୁଝନ୍ତି ଭଲ,
ହାସ ପରିହାସ ରସରେ,
ଅନୁରକ୍ତ ଥାନ୍ତି ସଦା ଅଳପ ନରେ । ୧ ।

ପିତା ! ଏ କଳିକାଳରେ ଶାସ୍ତ୍ରୀୟ ଯୁକ୍ତି ପ୍ରାୟ ଅଧିକାଂଶ ଲୋକ ବୁଝନ୍ତି ନାହିଁ । ସେମାନଙ୍କୁ କୌଣସି ହାସ ପରିହାସ କଥାରେ ଠକାଇ ଦେଲେ ସୁଖରେ ବୁଝିପିବେ ।

ମନ୍ତ୍ରୀ—କିପରି ?

ଚମ୍ପା— ଗୀତ

ଦେଖାଇ ନାରୀ କୌଶଳ, ମନାଇବ ମହୀପାଳ,
ସଫଳ ହୋଇବ କଷ୍ଟେ ବାଞ୍ଛା ତୁମ୍ଭର ।
ଆଜ୍ଞା କରନ୍ତୁ ପିତର, କରିବ ସ୍ତ୍ରୀ ପ୍ରତିକାର,
ତଳ କାହିଁ ଦୋହୁଥିବ ଜଡ଼ ସଂସାର ।
ନ ଭାଙ୍ଗନ୍ତୁ ଆଶା ମୋହର,
ଉଦ୍ଧାରତ ହେବ କଷ୍ଟେ ଜନମ ସାର । ୨ ।

ପିତା ! ମୋତେ ଅନୁମତି ଦିଅନ୍ତୁ, ମୁଁ ତାର ଯଥୋଚିତ ପ୍ରତିକାର କରିବ ।

ମନ୍ତ୍ରୀ ମା ! ତୋ ଇଚ୍ଛା, ଉପାୟ କଣ ଶୁଣେ
ତେବେ ।

ଚମ୍ପା— ଗୀତ

ରାଜ୍ୟରେ କର ଘୋଷଣ, ଆସିଛୁ ବେଶ୍ୟା ରତନ
ପୁରମାରେ ଗଣିକା ସେ ସୁବ୍ରତନ ।
ଦର୍ଶନେ ତା ସମ୍ପୂର୍ଣ୍ଣ, ସ୍ପର୍ଶନେ ଲକ୍ଷ ପ୍ରମାଣ
ଉତ୍ତଳକ ନାହିଁ ତାର ପୀତର ଗୁଣ ।
ହେଲେ ମହାଜନ ସଜନ,
ବାଳକୃଷ୍ଣ ବୋଲେ ଏଥି କେବେ ଭଜନ । ୩ ।

ପିତା ! ରାଜ୍ୟରେ ଘୋଷଣା କର, ଜଣେ ବେଶ୍ୟା କାହୁଁ ଆସି ରାଜ୍ୟର ବାହାରେ ଗ୍ରାମଟି ବସାଇଛି । ତାର ମୁଖ ଯେ ଦେଖିବ, ତାକୁ ସେ ସ୍ୱର୍ଣ୍ଣମୁଦ୍ରା ଓ ସ୍ପର୍ଶିଲେ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ଦେବ ।

ମନ୍ତ୍ରୀ—ଚମ୍ପା ! ତୁ କଣ ଶେଷେ ମୋ କୁଳର ମର୍ଯ୍ୟାଦା ନଷ୍ଟ କରିବୁ ?

ଚମ୍ପା—ନା ପିତା ! ତା ଯଦି ହୁଏ, ମୁଁ ନାରୀର ମର୍ଯ୍ୟାଦା କ'ଣ ରଖିଲି ? ମୋହର ଅଙ୍ଗ କେହି ସ୍ପର୍ଶ କରିବେ ନାହିଁ ।

ମନ୍ତ୍ରୀ—ହଉ, ଭଗବାନଙ୍କର ଯେ ଇଚ୍ଛା; ସେ ତୋତେ ବିପତ୍ତିରେ କଲ୍ୟାଣ କରନ୍ତୁ ।

---

## ଚତୁର୍ଥ ଦୃଶ୍ୟ

( ରାଜପଥ )

( ନାଗରିକାନ୍ତ ଚେତନ୍ଦ୍ର ବେଶ ପ୍ରବେଶ )

(ସ୍ୱଗତ) ଦୁନିଆରେ ହାଡ଼ ନାଚଟା ଏବେ ଖଟଣ ତାହିଁ କି ? ଆମେ ତ ସଂସାରଟାର ଗୋଟିଏ ଗୁଣ, ଆମକୁ ଚୁଇଁଲେ ସମସ୍ତେ ଚୁଆଁ ହେବେ, ଯେଉଁଠି ବାବୁ ଭଦ୍ରମାନେ ବସିଥିବେ ଆମେ କି ସେଠା ବାଟ ଆଡ଼େକର ହୋଇଯିବୁ; ଆମେ ତାହାକୁ କିଛି ଦ.ଉ ଉଠାଇ ମାରିଲେ ବେଳ ଲୋକ ପାଞ୍ଚହାତ ଦୂରରୁ ପୋଷାକରେବେ । ଯାହା ହେଉ, ଏଣିକି ଆମେ ଟିକିଏ ବାଗକୁ ଆସିଲୁଣି । ଜନ୍ମରୁ ଟିକିଏ ଉଠକୁ ଉଠିଲୁଣି । ପୂର୍ବେ କେହି ତା ସହିତ ସଙ୍ଗ ସ୍ଥାପନ କରିବାକୁ ଗଲେ ମଧ୍ୟରେ ମହାପ୍ରସାଦ ରଖି ବନ୍ଧୁତା ସୂତ୍ରେ ଆବଦ୍ଧ ହେଉଥିଲେ; ମାତ୍ର ଅଧୁନା ଉକ୍ତ ମଧ୍ୟସ୍ଥିର ମଧ୍ୟ ବର୍ତ୍ତମାନ ଲୋପପାଇ କେବଳ ଚର୍ମର ଆଦ୍ୟ ଓ ଅନ୍ତ୍ୟବର୍ଣ୍ଣ (ଅର୍ଥାତ୍ ମଦ) ଦ୍ୱାରା ସଖ୍ୟ ସ୍ଥାପନ ହେଉଛି । ଭଗବାନଙ୍କ କୃପାରୁ ତାଡ଼ି, ସରପ, ଦୃଷଦ ପ୍ରଭୃତି ନବ୍ୟସଭ୍ୟ ଜଗତର ବିଶେଷ ଆଦରଣୀୟ ହେଲାଣି, ଯଦି ଏହା ଏମନ୍ତ ଚାଲିବ ଦିନରେ, ଆମ୍ଭେ ଦିନେ ସେ ବାବୁମାନଙ୍କ ପାଖ ପାଖରେ ବସିବୁଁ, ଏହା ଜଣାଯିବ ।

( ଢଣ୍ଡାଣୀ-ଢେଙ୍କୁର ପିଟିପିଟି )

ଗୀତ

ଶୁଣ ହୋ; ଜଣେ ଆସିଛି ବେଶ୍ୟା
ଅତି ରୂପବତୀ ଅପୂର୍ବ ଯୋଷା । ପଦ ।
ଚମ୍ପା ଫୁଲ ପରି ସେ ଗୋରୀ,
ବର୍ଣ୍ଣ ତାର ବାଆର ଧରି,
ହରିଯିବ ଦୁଃଖ ଦେଖିଲେ ତା ମୁଖ
ହରିଣନୟନା ସେ ମହାଳସା । ୧ ।
ସ୍ୱର୍ଣ୍ଣମୁଦ୍ରା ହଜାର ଦେଲେ,
ମୁଖ ତାର ଦେଖିବ ଭଲେ,
ପ୍ରୀତ ତାର ଲୁଚେ କରିବାକୁ ଗଲେ,
ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ଖୋଜୁଛି ଖୋସା । ୨ ।

ହେ ସାଆନ୍ତମାନେ ! ସମସ୍ତେ ଶୁଣ, ଏ ରାଜ୍ୟକୁ କାହିଁ ଜଣେ ବେଶ୍ୟା ଆସି ରାଜ୍ୟ ବାହାରେ ଘୋଷଣା କରାଇଛି । ତାର ମୁହଁ ଯେ ଦେଖିବ, ହଜାରେ ସ୍ୱର୍ଣ୍ଣମୁଦ୍ରା ଓ ତା ସଙ୍ଗତ ପ୍ରୀତିକଲେ ଲକ୍ଷେ ସ୍ୱର୍ଣ୍ଣ ମୁଦ୍ରା ଦେବ । ( ପ୍ରସ୍ଥାନ )

---

## ୪ର୍ଥ ଦୃଶ୍ୟ

( କକ୍ଷ )

ରାଜା — ଦୂତ ! ଏପରି ଜଣେ ନଏ ବେଶ୍ୟା ଆସିଛି, ତାର ଘୋଷଣା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ।

ଦୂତ — ଆଜ୍ଞା ମହିମା ! ସେ ସେଥିପାଇଁ ପାଟି ଫିଟେଇ ହାସଲ କରିବାକୁ ଥିବ ।

ରାଜା — ଗୀତ

( କହ ଦୂତ ଏ କି ଚମତ୍କାର — ଦୁଲେ )
କହ ଦୂତ କାହିଁ ଆସିଅଛି -
ସେହି ବେଶ୍ୟାଟା,
ଶୁଣି ତା ଘୋଷଣା କଥା
ହେଉଛି ମୋ ମଥାଟା । ପଦ ।

ଦୂତ ! ସେ ବେଶ୍ୟାର ଘୋଷଣା ଶୁଣିକି ଦେଲୁ ମୋର ମନ ଚଞ୍ଚଳ ହେଉଛି । ମୋ ରାଜ୍ୟକୁ କେବେ ଏପରି ବେଶ୍ୟା ଆସି ନ ଥିଲା ।

ଗୀତ

ଦର୍ଶନେ ତା ସତ୍ତ୍ୱ ସ୍ୱର୍ଣ୍ଣ, ସ୍ପର୍ଶନେ ଲକ୍ଷ ପ୍ରମାଣ
ଶୁଣି ସେ ରମଣୀ ଗୁଣ ସ୍ଥିର ନୁହେଁ ଅନ୍ତଃ । ୧ ।

ଯେଉଁ ବେଶ୍ୟାର ମୁଖ ଦେଖିଲେ ହଜାରେ ସ୍ୱର୍ଣ୍ଣମୁଦ୍ରା ଓ ତା ସଙ୍ଗତ ପ୍ରୀତିକଲେ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା, ତେବେ ସେ କେତେ ରୂପବତୀ ନ ହୋଇଥିବ ? ଦୂତ ! ସେ କେଉଁଠାରୁ ଆସିଛି ?

ଦୂତ — ମହାରାଜ ! ମୁଁ ଜାଣିଲି କିପରି ?

ରାଜା — ଗୀତ

ଅମରାବତୀରୁ ଖସି ଉର୍ବଶୀ କି ଶୁଭ୍ରକେଶୀ
ତା ଅଙ୍ଗ ସ୍ପର୍ଶରେ ବସି ଶିଖିବ ତା ରସଟା । ୨ ।

ଦୂତ ! ସେ ବୋଧହୁଏ ମର୍ତ୍ତ୍ୟର ମାନବୀ ନୁହେଁ, ନିଶ୍ଚୟ ସ୍ୱର୍ଗର ଅପ୍ସରୀ ହୋଇଥିବ !

ଦୂତ — କେ ଜାଣି ମହାରାଜ !

ରାଜା — ଗୀତ

କରିଲ ଦେଇ ତା କର କରିବ ପ୍ରୀତି ସମର
ସମ୍ଭବ ଅଧର ରସ ପାଇବ ଏ ଦୂତଟା । ୩ ।

( ସ୍ୱଗତ ) ଯାହାହେଉ, ଆଜ ନିଶ୍ଚୟ ତା ନିକଟ ଯିବ ।

ଗୀତ

କନ୍ଦର୍ପ ଦର୍ପ ହରାଇ କରିବ ଏକ ରଜନୀ
ବାଳକୃଷ୍ଣର ବାକ୍ୟର ପୂର୍ଣ୍ଣ ଆଶାଇଟା । ୪ ।

ଦୂତ ! ଚାଲ, ଉଆସ ଆଡ଼କୁ ଯିବା । (ପ୍ରସ୍ଥାନ)

---

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

( ରାଜମାର୍ଗ )

କୋଟୱାଳ — ଓହୋ ରେ ବେଶ୍ୟା ! ଯାହାର ମୁଖ ଦେଖିଲେ ହଜାରେ ସ୍ୱର୍ଣ୍ଣମୁଦ୍ରା, ପ୍ରୀତି ପ୍ରୀତିକଲେ ଲକ୍ଷେ ମୁଦ୍ରା । ଏପରି ବେଶ୍ୟା ସଂସାରରେ ଅଲଭ୍ୟ ! ଯାହା ହେଉ, ତାର ଦମ୍ଭ ନିକଟକୁ ଯିବା, ଆମେ ତ ରାଜାର କୋଟୱାଳ, ଭୁଲାଇବାକୁ କରିବା । ଯଦି କିଛି କମ୍ ଦରରେ ଆମକୁ ତା ନିକଟ ଯିବାକୁ

କହେ ତ ସବୁ, ଦ୍ୱାର, କଂସା ଲୋଟା ବଞ୍ଚା-
ପଡ଼ାଇ ଦିବା । ଆଚ୍ଛା ଆଗ ଦର ଦାମ କରିବା ।
( ଚମ୍ପା ନିକଟକୁ ଯିବା )

( ଚମ୍ପା ଓ ଦାସୀ )

ଚମ୍ପା — ଦାସୀ ! କିଏ ଜଣେ ଡାକୁଛି ପରା ?

ଦାସୀ — ହଁ, ହଁ, କିଏ ଡାକୁଛି ।

ଚମ୍ପା — ଗୀତ

( କହ ହେ ବିଦେଶୀ — ତୁଲେ )

ଯାଅ ଲୋ ଯାଅ ଲୋ ଦାସୀ
ଡାକୁଛି କେ ଦାଣ୍ଡେ ଆସି,
ହସି ତୁ କହିବୁ ଯାଇ
ମନଦ୍ୱାସୀ ମଦାଳସୀ । ପଦ ।

ଦାସୀ ! ଯା, କାହିଁକି କେ ଡାକୁଛି ତାଠାରୁ ବୁଝିବୁ, ଲାଜ ଲାଜ ହେବୁ ନାହିଁଟି ।

ଗୀତ

ଦେଖାଇ ଭ୍ରୂଭଙ୍ଗୀ ଠାଣି
ନେବୁ ତାର ମନ କିଣି,
କ ସପେ ତା ବାଣୀ ଶୁଣି
ଜଣ ଏ ପ୍ରହର ନିଶି । ୧ ।

ଦାସୀ ! ତା ସହିତ ହସିକରି କଥାବାର୍ତ୍ତା କରିବୁ । ଯଦି ସେ ମୋ ନିକଟ ଆସିବାକୁ ଇଚ୍ଛୁକ ଥାନ୍ତି ତ ରାତ୍ର ପ୍ରଥମ ପ୍ରହରକୁ ଡକା କରିଦେବୁ ।

ଦାସୀ — ହଉ । ( ପ୍ରସ୍ଥାନ )

ଜ୍ୟୋତିଷ — ( ଦାସୀକୁ ଦେଖି ସ୍ୱଗତ ) ଆହା ଏ କଣ ସେହି ବେଶ୍ୟାରିହ ! ନା, ମୁଁ ତ ମୂର୍ଖ ଦେଖାପିସ୍ ଦେଇ ନାହିଁ, ଏ ତେବେ କାହାର ଆସିଲା ଉପରେ ? ହଉ ବୁଝିବା ।

ଦାସୀ — କିଏ ତୁମ୍ଭେ, କେଉଁ ଅଭିଳାଷେ ଆଗମନ ଏଥି ।

ଜ୍ୟୋତିଷ — ( ସ୍ୱଗତ ) ଆରେ ଏ ତ ବଡ଼ ଇଲିତ ଘରର ପିଲା, ବଡ଼ ସଭ୍ୟତାରେ କଥାବାର୍ତ୍ତା କରୁଛି ! ( ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ପ୍ରକାଶେ ) ହଁ, ଆମ୍ଭେ ଏଠାକୁ ଆସିଛୁ ରାଜ ସାହେବଙ୍କୁ······ ।

ଦାସୀ — ନା, ତେବେ ବର୍ତ୍ତମାନ ନୁହେଁ, ଆସିବାର ହେଲେ ପରରେ ବରଂ ଆସିବେ ।

ଜ୍ୟୋତିଷ — ଦରକାର ଟିକିଏ ଜରୁର ହେବ, ତୁମ୍ଭ ରାଜ ସାହେବଙ୍କୁ କୁହ ସେ ଜଣେ ରାଜସଭାର ଜ୍ୟୋତିଷ ।

ଦାସୀ — ଏ ପଚାରିବା ବାଟ ନୁହେଁ, ପ୍ରେମ ବାଟ । ହଉ, ମୁଁ ଆସେ ।

ଜ୍ୟୋତିଷ — ( ସ୍ୱଗତ ) ଦାସୀର ତ ଏତେ ଛଳ, ବେଶ୍ୟାଟା କା କସର ହୋଇ ନ ଥିବ !

ଦାସୀ — ଦେଈ ! ରାଜସଭାରୁ ଜଣେ ବୁଢ଼ା ଜ୍ୟୋତିଷ ଆସିଛନ୍ତି, ସେ ଏତେ ଦର ଦେବାକୁ ନାରାଜ ।

ଚମ୍ପା — ଦାସି ! ସେ ଜଣେ ମୋ ପିତାଙ୍କର ଶତ୍ରୁ । ସେ ଆସିବା ଦରକାର । କହ ସେ କଣ ଆଣିଛନ୍ତି ଆଣନ୍ତୁ, ଆସିଲେ ବୁଝାହେବ ।

( ଦାସୀ ତଥାକରଣ ଓ ଜ୍ୟୋତିଷର ସାନନ୍ଦେ ଗମନ )

ଚମ୍ପା — ଗୀତ

କଣ୍ଟକର ଖଣ୍ଡ ବୁଣି, କଲେ ଚେତନ ନଷ୍ଟ,
ଯିବ ତାର ମନ୍ତ୍ର ସାତ ସଭାରେ ଅନନ୍ତ ବସି । ୨ ।

ଦାସି ! ଏମାନଙ୍କୁ କଣ୍ଟକର ଖଣ୍ଡ ବୁଣି ନ କଲେ ପିତାଙ୍କର ଅଭିଳାଷ ପୂର୍ଣ୍ଣହେବ ନାହିଁ । ତୁ ଯା, ଦୁଆର ମୁହଁରେ ଥିବୁ । ଯେ ଆସିବ ତାକୁ ଅନ୍ୟ ପ୍ରହରକୁ ଡକା କରିବୁ, ଏହିପରି ସମାଗମରେ ଯଦି ସ୍ୱରାଜଣ ଯୁଟନ୍ତି, ଦ୍ୱିତୀୟ ପ୍ରହରକୁ ଡକା କରିଦେବୁ ।

( ଚମ୍ପାର ପ୍ରସ୍ଥାନ )

( ଦାସୀର ଦ୍ୱାରଦେଶେ ପ୍ରତୀକ୍ଷାକରଣ )

ବାବାଜୀ — ( ସ୍ୱଗତ ) ଆମେ ଜଣେ ପରମ ତ୍ୟାଗୀ ବୈଷ୍ଣବ । ଆମ୍ଭର ଦାଢ଼ି, ଜଟା, କଣ୍ଠରେ ସର୍ଷ-ପରଭା, ଗଳାରେ ରୁଦ୍ରାକ୍ଷର ମାଳା, ନାସାଗ୍ରରୁ ଲେଖି ଶ୍ରୀଚୀନ୍ଦ୍ର ତିଳକ ରେଖା, ହରି ନାମଟା ଏ ସଦାବେଳେ ତୁଣ୍ଡରେ ଥାଏ, ତଥାପି ଯେଉଁ ଦିନଠାରୁ ରାଜା ମଠ ବାଡ଼ ଖଞ୍ଜା ଦେଲେଣି, ସେଦିନୁ ଭାଗବତ ଖଟ ଉପରେ ଗଢ଼ ଗଢ଼ ଗ୍ରୀବା ପାଠ ପଢ଼ିବାକୁ ବଡ଼ ମନ ଲଜ୍ଜା । ତେବେ ଏହି ବେଶ୍ୟାକୁ ସ୍ପଷ୍ଟ ରୂପରେ ବରଣ କଲେ ଭଲ ଦୁଅନ୍ତା ଏକା ! ଯାଏ, ତାର ଭେଟଟା ଦେଇଁଠି !

ଦାସୀ — ଏ ଗୋଟିଏ କିଏ ?

ବାବାଜି — ହରେକୃଷ୍ଣ, ହରେକୃଷ୍ଣ, ହଇଲେ ମା, ତମେ ଏଠି ଗୀତ ଗଢ଼ି କରୁଛ କି ?

ଦାସୀ — ହଁ, ହଁ, ଆପଣ ଖଡ଼ି କରିବେ ?

ବାବାଜି — ଆଲେ ମା, ଆମେ ଟଙ୍କା ସୁନା କେଉଁଠୁ ପାଇବା, ଏମିତ ଏବେ ତୁଳସୀ କଣ୍ଠିମାଏ ଦେଇ ଟିକିଏ ଆଖି ମେଣ୍ଟେଇ ଦେବା ।

ଦାସୀ — ହଉ ତେବେ ବର୍ତ୍ତମାନ ନୁହେଁ, ଯ ଅନ୍ତୁ ସ୍ୱୟ-ମ୍ବରର ଉତ୍ତରେ ଆସିବେ ।

ବାବାଜି — ହଉ, ବନ୍ଧୁର ଆଜ୍ଞା, ସେତେବେଳକୁ ଠାକୁରଙ୍କ ମତ ଏ ବଢ଼ି ଯାଇଥିବ, ତୁମ୍ଭ ବାଇସାହେବଙ୍କୁ କହିବ, ଆଉ କ'ଣ ମୁଠିଏ ପ୍ରସାଦ ତାଙ୍କ ପାଇଁ ଆଣିବା ? (ପ୍ରସ୍ଥାନ)

ଦାସୀ — ମଲା, ଏ ଯୋଗୀନଗିଆ ବାବାଜିଟା ବି ଏଥିରେ ମାତିଛି ।

ଦୂତ — (ସ୍ୱଗତ) ଅରେ ଦୂତପଣ କରିଥାଇଁ ଆମେ, ପଇସା କମେଇଛୁ ଆମେ, ଘରକୁ ମୁହଁକ ଆମେ । ଆମ ଇଚ୍ଛା ହେଲେ ବେଶ୍ୟା ବାଡ଼କୁ ଯିବା । ଆମକୁ କିଏ ମନା କରିବ ? ମନୁଷ୍ୟ ଜନ୍ମ ପାଇଥାଇଁ ସୁଖ କରିବା, ମଉଜ କରିବା । ଏଠି ଅଛି କିଏ ?

ଦାସୀ — ଆପଣ କିଏ ?

ଦୂତ — ଆମେ ଏ ରାଜାଙ୍କର ଦୂତ ।

ଦାସୀ — ତେବେ କୁଆଡ଼େ ଆସିଲ ?

ଦୂତ — ଆମ ଚଳନ୍ତାଙ୍କୁ ଠଉରାଉ ନାହିଁ ଯେ, ଆଉର ପଚାରୁଛ ?

ଦାସୀ — କଣ ଆସିବାକୁ ଇଚ୍ଛା, ତେବେ ଦୁଇ ପ୍ରହର ରାତି ଗତ କରି ଆସିବ ।

ଦୂତ — ବେଶୀ ଉଚ୍ଚୁର ହୋଇ ଯାଉଛି ।

ଦାସୀ — ନା, ସେ ହୁକୁମ ବାଇ ସାହେବଙ୍କର ।

ଦୂତ — ହଉ ହେଲା ।

(ପ୍ରସ୍ଥାନ)

ଦାସୀ — (ସ୍ୱଗତ) କେବଳ ମାତ୍ର ସୁନାରେ ଗହଳ ଘର କଣ ଗଢ଼ ଆସୁଛନ୍ତି !

(ରାଜାଙ୍କ ପ୍ରବେଶ)

ରାଜା — (ସ୍ୱଗତ) ସେ ବେଶ୍ୟାର ଘୋଷଣା ଶୁଣିଲା ବେଳଠାରୁ ମନ ଆଉ କେଉଁଥିରେ ଲାଗୁ ନାହିଁ । ଏଇତ ତାହାର ଘର, ଟିକିଏ ତାହା ସଙ୍ଗତ କଥାବାର୍ତ୍ତା କରିବା (ପ୍ରକାଶ୍ୟେ) ଏଠି ଅଛି କିଏ ?

ଦାସୀ — ମୁଁ ବାଇଙ୍କର ଦାସୀ ।

ରାଜା — ଆମ୍ଭେ ଏ ଦେଶର ରାଜା, ତୁମ୍ଭ ବାଇ ସାହେବଙ୍କ ସାକ୍ଷାତ କରିବ ଏଥ ।

ଦାସୀ — ମହାରାଜ ! ବର୍ତ୍ତମାନ ନୁହେଁ, ସ୍ୱୟମ୍ବର ଶେଷ, ପ୍ରହରକୁ ଆସିଲେ ସବୁ ସୁବିଧା ହେବ । ବର୍ତ୍ତମାନ ତାଙ୍କର ଦେଖା ମିଳିବ ନାହିଁ ।

ରାଜା — ହଉ ହେଲା ।

(ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

(ଜ୍ୟୋତିଷ ଗୃହ)

(ଜ୍ୟୋତିଷ ଘରଦ୍ୱାର ଭାଙ୍ଗି ଚଷା ବାଡ଼ନ କେଉ ପଳାଉ ପଳାଉ )

ଚାଷ — ହଇରେ ଖଣ୍ଡିଆ, ଏ ଘରଦ୍ୱାର ଭାଙ୍ଗି କୁଆଡ଼େ ପଳାଉଛୁ ?

ଜ୍ୟୋତିଷ — ଆଲେ ମୋ ଇଚ୍ଛା ।

ଚାଷ — ଗୀତ

ଅରେ ପାପଗିଆ ମଲୁ ନାହିଁ
ଯମ ଡାକୁଥିଲା ଗଲୁ ନାହିଁ ।
ଘର ଦ୍ୱାର କରୁ ହୁଲକୁର
ଅଟକ ଖଣ୍ଡିଆ ଥିଲୁ କାହିଁ । ପଦ ।

ଖଣ୍ଡିଆ ! ରାଜ୍ୟରେ ଏତେ ଲୋକ ମରୁଛନ୍ତି, ତୋତେ କଣ ଯମ ନେବାକୁ ଡରୁଛି ?

ଜ୍ୟୋତିଷ — ଆଲେ ସମସ୍ତଙ୍କ ମରଣ ତ ଆମ ହାତରେ ।

ଚାଷ — ଗୀତ

ସଣ୍ଢବରେ କେଉଁ ସୁଖକୁ ରେ
ଯାଉଅଛୁ ଖଣ୍ଡିଆ ତୁରେ ।
ବାଣ୍ଡକୁ ଆଣିଲେ ହାଣ୍ଡିରେ ପକାଇ
ତ ଦୁହିଁ ରଖିଛୁ କେବୁ ତୁ ନେଇ ।

ଅରେ ଯୋଗିନଗିଆ, ମୁଁ ଜାଣିଛି । ତୁ ବେଶ୍ୟା ଘରକୁ ଯାଉଛୁ । ହଇରେ ତୋତେଇଁ କଣ ଅଛି ତୁ ଡାକୁ ଦେବୁ ?

ଜ୍ୟୋତିଷ—ଆଲୋ, ଏଇସବୁ ଯାହା ଜିନିଷ ପତ୍ର ଅଛି, ତାକୁ ଦେବ ।

ଦାସୀ— ଗୀତ

ବୁଢ଼ାକାଳେ ପୀରତି ମଜା ମନେ ପଡ଼ୁଛି କି ନାହିଁ ଜା
ଯା ଯା ଫେରିଯା ଦେବିନି ବପୁଜା
ବାଳ ହୋଲେ କେ ନ କର ଭୁଜା । ୨ ।

ସାପଟିଆ ! ଯେତେକ ଭଲ ଦଶା ଅଛି, ଘରକୁ ଫେରିଯିବେ ।

ଜ୍ୟୋତିଷ— ଶାଳୀର ଦେଖ ଦ କଥା ସେ (ସ୍ତ୍ରୀକୁ ମାଡ଼ ଦେଇ ବିଦା କରିବା)

---

## ତୃତୀୟ ଦୃଶ୍ୟ

(ବେଶ୍ୟାର ଗୃହ)

ଚମ୍ପା—ଦାସୀ, ପ୍ରଥମ ପ୍ରହରରେ ଯାହାକୁ ଡାକ ହୋଇ-ଥିଲା, ସେ ବାବୁ କି ଆସିଲେ ନାହିଁ ?

ଜ୍ୟୋତିଷ—ଦ୍ୱାର ପିଠେ ।

ଦାସୀ—ଆଇଲେଣି ତ !

ଚମ୍ପା—ଡାକ ଆଣେ ।

ଜ୍ୟୋତିଷ—(ଜିନିଷ ପତ୍ର ରଖିଦେଇ ବାଈସାହେବଙ୍କୁ ସାଷ୍ଟାଙ୍ଗେ ପ୍ରଣାମ କରିବା)

ଚମ୍ପା—ରସିକ ଶ୍ରେଷ୍ଠ ! ଆସ ପଲଙ୍କକୁ ଆସ ।

ଜ୍ୟୋତିଷ—ଏଇ ତଳ ଆନୁ ଭଲକ (ଅତର ନଦେ ଓ ବେଶ୍ୟାକୁ ସିଞ୍ଚିବା ଅଭିନୟ)

ଚମ୍ପା—ଦାସି ! ଗାନ ଦେ ।

ଗୀତ

(ଆସ ନାଗର—ଦୁଖେ)

ଆସ ରସିକବର   କର ରସ କେଳର
ରଙ୍ଗ ରସେ ଥାଇ ନଶି ଯାଉ
ମାର ପ୍ରତାପ ଦୂରେ   ଏଥ ସନ୍ତାପ ତାର
ତାର ଦୟା କର । ଘୋଷା ।

(ବେଶ୍ୟାର ନୃତ୍ୟ ଓ ମଧ୍ୟେ ମଧ୍ୟେ ଜ୍ୟୋତିଷର ନୃତ୍ୟ)

ଗୀତ

କଷ୍ଟରେ ଚଡ଼େ   ଦୟା କରନ୍ତୁ ମୋତେ
ବଞ୍ଚିତ ହୋଇଛି ମୁଁ ପୀରତି ପଥେ ।
ଖାଇବି କଷ୍ଟ ଦିନେ   ସୁରତି ଦଣ୍ଡ ଥରେ
ତବ ବିନୁଟି ଆନ ନାହିଁ । ୧ ।

(ବାଦ୍ୟ ଶେଷରେ ବାବାଜୀ ଦ୍ୱାର ଦେଶେ ପ୍ରବେଶ ଓ ଡାକିବା)

ବାବାଜୀ—ହଇଲେ ମା, ଦ୍ୱାର ପିଟୁ ।

ଜ୍ୟୋତିଷ—ହେ, କିଏ ଗୋଟାଏ ଡାକିଲାଣି ?

ଚମ୍ପା—ତୁମ୍ଭର କଣ ଗଲା ?

ବାବାଜୀ—କଣ ଦ୍ୱାର ଖୋଲି ଦେଉଛୁ ?

ଜ୍ୟୋତିଷ—ଆରେ ଏତ ସଜନଣ ବାବାଜୀ, ଏ ଯଦି ମୋତେ ଦେଖେ, ଆଉ କଣ ରକ୍ଷା ଅଛି ! ନିଶ୍ଚୟ ରାଜାଙ୍କ ଆଗରେ ପ୍ରକାଶ କରିଦେବ, ମୁଁ ଯିବି ।

ଚମ୍ପା—ଯାଇ ନାହିଁ; ମୁଁ କଣ ବାନ୍ଧି ରଖିଛି ।

ଜ୍ୟୋତିଷ—ଗୋଟିଏ ତ ଦରଜା ସେଠାରେ ବାବାଜୀ ଅଛି, ମୁଁ ଯିବି କେଉଁବାଟେ ! ମୋତେ କୌଣସି ଉପାୟରେ ରଖ, ଯେପରି ମୁଁ ଦେଖା ନ ପଡ଼େ । ହେ ଦାସି, ତୋ ଗୋଡ଼ତଳେ ପଡ଼ୁଛି ।

ଦାସୀ—ମଲା ମୋ ଗୋଡ଼ତଳେ ପଡ଼ୁଛି କାହିଁକି ମ ? ମୁଁ କଣ ଜାଣେ ନାହିଁ, ଦାଣ୍ଡ ଘରେ ବାହାରକା, ବାଇଲୋକ ଯା ଆସ କରନ୍ତି ।

ଜ୍ୟୋତିଷ—ମୋତେ ସେ ଆଉନ ଦେଖାନ୍ତୁ, ଏଥିକି ଉପାୟ କର ।

ଚମ୍ପା—ଦାସି ! ଏହାକୁ ଗୋଟିଏ ଶାଢ଼ୀ ପିନ୍ଧାଇ ମାଇକିନିଆ ବେଶରେ ଚୂଲି ପାଖରେ ବସାଇ ଦେ, ସେ ସେଠି ମୁଗ ଭଜନ୍ତୁ ।

ଜ୍ୟୋତିଷ—ଠିକ୍ କଥା, ସେଇଆ ହଉ (ତଥାକରଣ) ।

ଚମ୍ପା—ଦାସି ଦ୍ୱାର ଖୋଲି ଦେ ।

ବାବାଜୀ—(ମଠ ବାହୁ ସର୍ବ ଠାକୁର ଏକ ମୂର୍ତ୍ତି ଓ ପ୍ରସାଦ ନେଇ ପ୍ରବେଶ) ଆଇଲି ମା, ଏତେ ଡେରି କାହିଁକି ହେଲା ?

ଦାସୀ—ବଞ୍ଚା ଥିଲି ଆଜି ମିଳିଛି ଭାତ ଥିଲି ।

ବାବାଜୀ — ଆମେ ବାବାଜୀ ଲୋକ, କ'ଣ ତା ଜାଣୁ ! ଏ ସୁନା ଠାକୁର ମୂର୍ତ୍ତିଏ ନିଅ, ଆମକଥା ବୁଝିଲେ ଆମେ ଜଣାଇବୁ ।

ଚମ୍ପା — ଗୀତ

( ହେ ଗୋବଧନ — ବୃଙ୍ଗେ )

ନବନାଗର, କହାଁର ଦୁଃଖ ଚରଚର । ଘୋଷା ।
ଭୃଙ୍ଗ ବନ୍ଧୁଆ ଗାନ    କଷ ମଞ୍ଜୁ ବଚନ
ସୁସ୍ୱାଦୁ ପୀରତ ମନ୍ତର । ୧ ।

( ବାବାଜୀର ତନ୍ମୟ ନୃତ୍ୟ )

ଚମ୍ପା — ହଇ ହେ ଭସିଲେ ! ଏପରି ଚରଚର ହେଉଛ କାହିଁ ? ଏ ଚରବରିଆ ଢାମ ଛୁଟେ ।

ଦୂତ — (ପ୍ରବେଶି) କଣ କବାଟ ପିଟୁଛି ?

ବାବାଜୀ — ଦଇ ଲୋ ମା, ଦାଣ୍ଡରେ କିଏ ଡାକୁଛି !

ଚମ୍ପା — ବେଶ୍ୟା ଘରକୁ ବାର ଲୋକ ଆସନ୍ତି,ଆସିବେ, ସେଥିରେ ତୁମର କ'ଣ ଅଛି !

ଦୂତ — ଓହୋ ! ମଶାଗୁଡ଼ାଙ୍କ ଚାମୁଡ଼ ପକାଇଲେ ।

ବାବାଜୀ — (ସ୍ୱଗତ) ଏ ତ ରାଜାଙ୍କ ଦୂତର ପାଟି ପରି ଶୁଣାଯାଉଛି, ଯେବେ ଆମ୍ଭଙ୍କୁ ସେ ଦେଖେ, ଆମ୍ଭ କଥା ଶେଷ । (ପ୍ରକାଶ୍ୟେ) ମା, ଉପାକର ତମ ଦାତ ଧରୁଛି !

ଦାସୀ — ତୁମେ ଯାଉ ନାହଁ ? ସେଇ ବାଟେ ପାଖେଇ ହୋଇ ଖସିଯିବ ।

ବାବାଜୀ — ଆଲୋ ମରିବା କଥା କହୁଛୁ ! ତୋ ଗୋଡ଼ ତଳେ ପଡ଼ୁଛି, ମୋତେ କଳ୍ପ ଉପାୟରେ ଏଠୁ ରକ୍ଷାକର ।

ଦାସୀ — ବାବାଜୀ, ଆଜଯାଏ ତ ବାବାଜୀ ହୋଇଥିଲ, ଆଜ ଏକା ମାତାଜୀ ସାଜିବାକୁ ପଡ଼ିବ ।

ବାବାଜୀ — କିଛି ଆପତ୍ତି ନାହିଁ, ଯାହା କହିପାରିବ ।

ଦାସୀ — ନିଅ, ଏ ଶାଢ଼ୀଟାକୁ ପିନ୍ଧ ସେ ଯେଉଁ ସ୍ତ୍ରୀ ଲୋକଟି ମୁହ ଘୋଡ଼ାଇଛି ତା ନିକଟରେ ବସି ତଳ ପ୍ରକାର ମୁହ ଘୋଡ଼ାଇବ ।

ବାବାଜୀ — ହେଲା ହେଲା, କିଛି ଉଜର ନାହିଁ । ମାଳଜପା ହେଉଥିଲା, ଏବେ ମୁହ ଘୋଡ଼ା ହେବ ସେଥିରେ କଣ ? ( ତଥାକରଣ )

ଦୂତ — ଆଲୋ ଖୋଲିଲୁ ।

ଚମ୍ପା — ଯା ଦାସୀ ! ଡାକ ଆ'ଣେ ।

ଦୂତ — ଓହୋ; ଘଡ଼ିଏ ହେଲା ଆସି ଆମେ ବଡ଼ ବଡ଼ଗଞ୍ଜ ହେଲୁଣି ।

ଚମ୍ପା — ବନ୍ଧୁ, ତୁମ୍ଭେ ଆସିବ ବୋଲି ମୋ ମନରେ କେବେ ବିଶ୍ୱାସ ନ ଥିଲା ।

ଦୂତ — ସ୍ତ୍ରୀ ନା ଗୋଟାଏ କଥା, ଜବାବ୍ ନା ଅଛି ।

ଚମ୍ପା — ଗୀତ

( ହେ ସଙ୍ଗି ମନ ମଜାଇ — ବୃଙ୍ଗେ )

ଘରରେ ନ ଥିଲା ମନେ ସତେ ବନ୍ଧୁ ଆସିବ ବୋଲି,
ମାରଣରେ ମରି    ଗଲିଣି ମୁଁ ସରି
ପ୍ରାଣେଶ୍ୱର ହେଲ ବୋଲି ଥିଲି ମୁଁ ଭଳି । ଘୋ ।
ବନ୍ଧୁ ! ତୁମ୍ଭ ଆସିବା ଖବର ଦେଖି ଯାହାକ
କଷ୍ଟ ଭୋଗିଲିଣି ତା ମୋ ମନ ଜାଣେ ।

ଦୂତ — ( ଲମ୍ବହୋଇ ଗୋଡ଼ତଳେ ପଡ଼ି ) ଅପରାଧ କ୍ଷମା କର, ମୋର ସେଠା ଭୁଲ ।

ଚମ୍ପା — ଗୀତ

ଯା ହେବାର ତ ହେଲାଣି ହେଉ,
ତା ଆଗେ ଭାବିବ ଆଉ
ଯାଉ ଯାଉ ଏ ଜୀବନ ଯାଉ
ପୁରୁଷ ଭ୍ରମର ସ୍ୱଭାବ ନିଷ୍ଠୁର,
କମଠ ପ୍ରବେଶ ତାଙ୍କ ଦାଉ । ୨ ।
ଧିକ ତରୁଣୀ ଜୀବନକୁ, ପୁଣିକରେ ବାତାମଣି
ବ୍ୟଥିତ ଥିଲି । ହଉ ତେବେ ପଲଙ୍କକୁ ଆସ ।

ଦୂତ — ଭଲ, ଭଲ ।

ରାଜା — କିଏ ଅଛି, କବାଟ ଖୋଲ ।

ଦୂତ — ମଲରେ ବାବା, ମହାରାଜ ତ ଆସିଲେଣି ! ମୁଁ କେଣା ଯିବ ଲୁଆଡ଼େ ? ହେ ଦାସୀ ! ମୋତେ କେଉଁବାଟେ ବାହାର କର ।

ଚମ୍ପା — ସେଥିରେ କ'ଣ ଅଛି, ତେମେ ବସୁନାହିଁ ।

ଦୂତ — ଆଲୋ ମୋ ବସିବା ଗୋଡ଼ଥାଉ, ତୁ ମୋତେ ଏଥିରୁ କେମିତି ଉଦ୍ଧାର କର ।

ଚମ୍ପା — ସେ ଦାସୀ ମୁହ ଘୋଡ଼ାଇଛି, ତାକୁ ଗୋଟିଏ ସ୍ତ୍ରୀ କରି ତା ନିକଟେ ବସାଇ ଦେ, ମୁହ ଘୋଡ଼ାଉ ଏ (ତଥାକରଣ)

(ରାଜାଙ୍କୁ ଦେଖି ଚମ୍ପା ଆଡ଼ ଆଡ଼ ହେବା)

ରାଜା — ବାଇସାହେବ, ଆସ ପଲଙ୍କକୁ ଆସ, ଆଡ଼ ଆଡ଼ ହେଉଛ କାହିଁକି ?

ଗୀତ

(ସଜ ସରୋଜ ମୁଖି — ଢଙ୍ଗେ)

ଆସି ଉଲ୍ଲାସ ଲଭି      ସଖି ବାହୁଲାଷିରେ
ଶଙ୍କା ନ କର ଚଖ ପ୍ରୀତିରେ ।
ଉପଲକ୍ଷ୍ୟ ଦେବାକୁ      ଲକ୍ଷ୍ୟ ପାଉ ନାହିଁ
ତୋ ସମ କଷ ନାହିଁ କ୍ଷିତିରେ । ପଦ ।

ହେ ସୁନ୍ଦରି ! ତୋ ପରି ରୂପବତୀ ସ୍ତ୍ରୀ ଏ ଜଗତରେ ମୁଁ ପ୍ରାୟ ଦେଖି ନ ଥିଲି । ଆସ ପଲଙ୍କକୁ ଆସ । ଲାଜ କାହାକୁ କରୁଛ ?

ଗୀତ

ରସରଙ୍ଗିଣୀ ରସରଙ୍ଗ      କର ତୋ ସଙ୍ଗ
ଜରଜର୍ଜ୍ଜେ ତୋ ରୂପେ ମାତି ରେ ।
ମନର ଉରଜା      ତୋ ସୁନ୍ଦର ଅଙ୍ଗେ
ମନ ଭଙ୍ଗ ନ ଦେବୁ ଆଜ ରାତି ରେ ।୧।

ସୁନ୍ଦରି ! ତୋ ରୂପ ଲାବଣ୍ୟ ଦେଖି ମନ୍ମଥ ଜ୍ୱାଳାରେ ଅଧୀର ହୋଇ ପଡ଼ିଲିଣି । ଆଉ କଷ୍ଟ ଦିଅନା, ଓଃ, ମୁଁ ଜ୍ୱଳିଲି ।

ଗୀତ

କୁନ୍ଦରଦନୀ ଧନୀ      ଧନ ଜାଣ ରେ ଗଣି
ବନ୍ଧିନ ତୋର ବେଣୀଗୁମ୍ଫି ରେ ।
ଆସ ମୋ ଅଙ୍କେ ବସ      ଦିଅ ସୁରତରସ
ହେଉ ତୋହର ପ୍ରୀତି ଖ୍ୟାତିରେ ।୨।

ସୁନ୍ଦରି ! ତୋର ପ୍ରକୃତ ପାଇଣା ଗଣିନେ । ଆଉ ବିଳମ୍ବ କରନା ।

ଗୀତ

ଦୁଷ୍ଟ ମାର ପ୍ରତାପ      ଦିଏ ମୋତେ ସନ୍ତାପ
କଣ୍ଠରେ ଟଳ ମୋହ ପ୍ରୀତ ରେ ।
ବ୍ୟସ୍ତ ନ କର ସେତ      ଦିଅ ନାଗରୀ ବର
ବାଳକୃଷ୍ଣ ଏ ରସକୁ ଚିତ୍ତରେ । ୩ ।

ସୁନ୍ଦରି ! ବ୍ୟସ୍ତ କରନା, ଆସ, ମୋତେ ଏ ବିରହ ଜ୍ୱାଳାରୁ ଉଦ୍ଧାର କର ।

ଚମ୍ପା — ମହାରାଜ, ମୋର ଗୋଟିଏ ନିବେଦନ ଶୁଣା କରନ୍ତୁ ।

ରାଜା — ତୁମ୍ଭର କି ନିବେଦନ ?

ଚମ୍ପା — ଗୀତ

(ଆହାରେ ବିଧାତା କି ନ କଲୁ — ଢଙ୍ଗେ)

ହେ ସାର୍ବଭୌମ ନରେଶ
କ୍ଷମା କର ବାରେ ଦାସୀ ଦୋଷ ।
ମୋ କର୍ମ ବିଫଳ      ହେଲା ଅମଙ୍ଗଳ
ଲଜ୍ଜା ହୁଏ କହିବାକୁ ଗିର ।
ଆହେ ମହୀପାଳ,
ବୃଥା ହେଲା (ମୋର) ପରିଶ୍ରମ ଫଳ ।୧।

ମହାରାଜ, ଆପଣଙ୍କ ଆସିବାଟି ବୃଥା ହୋଇଗଲା ।

ରାଜା — କାରଣ କଣ ?

ଚମ୍ପା — ଗୀତ

ଅସ୍ପର୍ଶ ହୋଇଛି ଅଙ୍ଗ ମୋର
ତେଣୁ ସଙ୍ଗ ନ ଲଭେ ନାଗର,
ମୁଁ କୁସୁମବତୀ      ହୋଇଛି ନୃପତି
ତେଣୁ କରେ ଶାନ୍ତ କ୍ଷିଣସ୍ୱର
କର ପ୍ରତୀକାର,
ଅନ୍ୟ ଦିନେ ହେବଟି ପ୍ରୀତି ସମର ।୨।

ମହାରାଜ ! ମୁଁ ଆଜ ପୁଷ୍ପବତୀ ହୋଇଛି । ମୋର ଅଙ୍ଗ ସ୍ପର୍ଶ କରିବା ଆପଣଙ୍କର ଉଚିତ ନୁହେ ।

ରାଜା — ସୁନ୍ଦରି ! ସେ କଥା କୁହନା, ଆସ ପଲଙ୍କକୁ ଆସ (ଛୁଇଁବାକୁ ଉଦ୍ୟତ) ।

ଦାସୀ — ମଲି, ସ୍ତ୍ରୀ ନା ଗୋଟାଏ କଥା, ସେ ସବୁ ଅଲଗା ମଣିଷ ! ତମ ପୁରୁଷମାନଙ୍କର ଟିକିଏ ଧୈର୍ଯ୍ୟ ନାହିଁ । ସେଥିରେ ତୁମର ଲୁଟି ।

ରାଜା — ସୁନ୍ଦରି, ସେ କଥା କହନା, ଶୀଘ୍ର ମୋର ଅଭିଳାଷ ପୂର୍ଣ୍ଣ କରିବାକୁ ହେବ ।

ଚମ୍ପା — ମହାରାଜ ! ଦିନ କେତଟା ଅପେକ୍ଷା କରିବାକୁ ପଡ଼ିବ ।

ରାଜା — ଗୀତ

(କହରେ ଛଇଳ — ଢଙ୍ଗେ)

ନବଛବିଳା ମୋ ପ୍ରେମଶୀଳା
(ମୋତେ) କଳାକଳ କଥା କହନା ରେ ।

କଳାକର ମୁଖ ସ୍ପର୍ଶ ବାଞ୍ଛାକାଂକ୍ଷି
ମୋତେ ଦଉଚ ବାଧାରେ ବଦନା ରେ ।ପଦ।

ସୁନ୍ଦରି ! ସେ କୁଳକୁଳ କଥା ଛାଡ଼ ଏବେ, ଆସ ପଲଙ୍କକୁ ଆସ ।

ଚମ୍ପା—ମହାରାଜ ! ଆପଣ ନ୍ୟାୟପ୍ରଭ ହୋଇ ଅନ୍ୟାୟ କରିବା କଣ ଉଚିତ ହେଉଛି ।

ରାଜା— ଗୀତ

ନବ ନବୀନା ହେଉ ଶୋଭନା
ତୋଡ଼ ଏନା ଆଉ ନାହିଁନା ରେ ।
ଶଶୀହାସୀ ଆସି ମୋ ପଲଙ୍କେ ବସି
ତୋଷ ଶେଷ ଆଉ ବଦନା ରେ ।୧।

ସୁନ୍ଦରି ! ତୋ ନିକଟରୁ ଫେରିଯିବା ପାଇଁ ମନ ହେଉ ନାହିଁ । ମୋତେ ନିରାଶ କରନା ।

ଚମ୍ପା—ମହାରାଜ ! ସେ ମୋ କର୍ମ ଦୋଷ, ଆଉ ସେଥିରେ ମାତନ୍ତୁ ନାହିଁ ।

ରାଜା— ଗୀତ

ନବସନ୍ତ ରୂପସୀ ଦନ୍ଦ ନ କର ବେଶୀ
ମନ ନେଇଛେ ତୁ ଆଉ ସୁହାଁନା ଲେ ।
ବାଳକୃଷ୍ଣ ଭଣି ଆସ ରମାମଣି
ରତିରସେ ମତ ମୋହନା ରେ ।୨।

ସୁନ୍ଦରି ! ଆଉ ହଟହଟା କରନା, ମୋତେ ଆଉ ବୁଝି ବାଟ ଦେଖା ଯାଉ ନାହିଁ ।

ଚମ୍ପା—ମହାରାଜ ! ମୁଁ ଗୋଟିଏ ଉପାୟ ଦେବି ।

ରାଜା—କି ଉପାୟ ।

ଚମ୍ପା—ଦାସୀ ! ତୁ ରାଜାଙ୍କ ଅଭିଳାଷ ପୂର୍ଣ୍ଣ କର ଯା, ମୋ ରାଣୀ ।

ଦାସୀ—ସେଇଆ କହୁନା; ଏନ ଏନ ହେଲି ଜର ସବୁଁରେ ମୋ ଅବସ୍ଥା ଗଲାଣି ଅଧା ତେଣୁ ଠିଆ ହେବାକୁ ବଳ ପାଉ ନାହିଁ, ଚମର ଧରି କରିବ ।

ଚମ୍ପା—( ଜ୍ୟୋତିଷ ଆଦିମାନଙ୍କ ପ୍ରତି; ଲକ୍ଷ୍ୟ କରି ରାଜା ପ୍ରତି ।)

ଗୀତ

ଏ ଯେତେ ମୋହର ସତତେ ମାର
ତାପ ହର ପ୍ରୀତକର,
ଦଇବର ଦଣ୍ଡ ଲାଗିଲା ମୋ ସଖି
ଆହାର ମୁଖେ ଯାହାର ଦେଲି,
ଶମ କରିବାଇଁ ।
ବାଳ ବୋଲେ ସୁଖେ ଏତ ନାଚି ଗ୍ରାହ୍ୟ । ୩ ।

ମହାରାଜ ! ଏ ଯେ ନୂଆ ଦାସୀମାନେ ଅଛନ୍ତି, ଏମାନଙ୍କ ମଧ୍ୟରୁ ଯେ ଆପଣଙ୍କ ମନୋଗତ ହୁଏ ତାର ସହିତ ପ୍ରେମାଳାପ କରି ଆଜ ରାତିଟା ଦୁଃଖେ ସୁଖେ କଟାଇ ଦିଅନ୍ତୁ, ( ଦାସୀ ପ୍ରତି ) ଆସିଲ୍ ।

ରାଜା—(ସୁନ୍ଦରୀଙ୍କ ପ୍ରତି) ଦାସୀଗଣ ! ତୁମମାନଙ୍କ ମଧ୍ୟରୁ ସୁନ୍ଦରୀ ଜଣେ ଶୀଘ୍ର ଉଠି ଆସ ।

( ସମସ୍ତଙ୍କ ଅଣ୍ଟିବା ଅଭିନୟ )

ରାଜା— ଗୀତ

( ତାଳ ରୂପକ )

ଆସ ଆସ ରେ ନାଗରୀବର,
ସର୍ବସ୍ୱ ଆସି ଶେଷ ହୋଇ ଯାଉଛି ସତ୍ୟ । ପଦ ।

ସୁନ୍ଦରି ! ବେଶ୍ୟା ହୋଇ ଲଜ୍ଜା କଣ କରୁଛ । ଆଉ ସମୟ ବେଶି ନାହିଁ ଆସ ଶୀଘ୍ର ଆସ ।

ଗୀତ

କାମ କୋଦଣ୍ଡେ ପିଣ୍ଡ ହେଉଛି ଖଣ୍ଡ ଖଣ୍ଡ;
ସ୍ୱଚ୍ଛନ୍ଦେ ଆସି ମୋ ଗଣ୍ଡେ ଚୁମ୍ବନ ଦିଅ ସତ୍ୟ । ୧ ।

ହେ ସୁନ୍ଦରି ! ତୁମ୍ଭେମାନେ କ'ଣ ବେଶ୍ୟାବୃତ୍ତି କର ନାହିଁ ? ( ରାଜା ଜ୍ୟୋତିଷ ହାତ ଧରି )

ଗୀତ

ପ୍ରିୟ ଭଗିନୀ ମାନ
ନ କର ନାସ୍ତି ବଚନ,
ହଜିଲାଣି ମୋର ଜ୍ଞାନ
କାଳରେ ନାହିଁ ସ୍ୱର । ୨ ।

ଆସ, ଉଠିଆସ । ଭୟ କାହାକୁ ?

ଜ୍ୟୋତିଷ—(ଅପ୍ରସ୍ତୁତ ହୋଇ) ରକ୍ଷାକର ମହାରାଜ ! ମୁଁ ଗୋଟାଏ ଭୁଲ କାମରେ ଲଗି ଯାଉଛି ।

ରାଜା—ଜ୍ୟୋତିଷେ ! ଲଜ୍ଜା ବୋଧ ହେଉ ନାହିଁ, ସ୍ତ୍ରୀ ବୃନ୍ଦାବ ପାଖରେ ବସି କି କାର୍ଯ୍ୟ କରୁଥିଲ ?

ଜ୍ୟୋତିଷ—ମୁରଜ ବଜାଉଥିଲି ।

ରାଜା—ହୁଁ, ହୁଁ, (ବାଦକ ପ୍ରତି) ଆସ ତୁମେ ଆସ ।

(ଏକ ସମୟରେ ଶବଦଳଙ୍କୁ ଉଠାଇବା)

ଏ କ ଅଦ୍ଭୁତ କାଣ୍ଡ, ସେ ସ୍ତ୍ରୀ ଗଲା କୁଆଡ଼େ ?

ଗୀତ — (ଗାଇବ କ ଗାନ — ଦୂତେ)

କେଉଁଣେ ଗଲା ଗୋସ୍ୱା   ସେ ନବ ନାଗରୀ

ସୁଚତୁରୀ ସବାଧାରୀ ରେ । ଗୋସ୍ୱା ।

ଦୂତ — କୋଶଳେଶ ସେ ରମଣୀ କୁଆଡ଼େ ଗଲା ?

ରାଜା — ଗୀତ

ମୃଗତୃଷ୍ଣାକୁ ମୁଁ ମଣିଲି ସଲିଳ

ପ୍ରୀତି ସୁଧା ଭ୍ରମେ ଭକ୍ଷିଲି ଗରଳ,

ଧ୍ରୁବ ନାଶ କାଣ୍ଡ କେଲି ଅଗଣ୍ୟାତ,

ସତ୍ୟ ମୂଢେ ଲଜ୍ଜା ଜାଗେ ରେ । ୧ ।

ଦୂତ ! ମରୀଚିକାକୁ ଜଳ ମଣନ କରି ପିଇବାକୁ ଯାଇ ବର୍ତ୍ତମାନ ଘୋର ବିପଦରେ ପଡ଼ିଲି, (କୋଶଳେଶ ଭୂତ) କୋଶଳେଶ ! ସେ ସ୍ତ୍ରୀ କିଏ, ତାର ବୁଦ୍ଧି ତ ବଡ଼ ସରସ ।

(କୋଶଳେଶ ପ୍ରଭୃତିଙ୍କ ଗୀତ)

କ୍ଷମାକର ମହିମା ବୁଝି

ବଣାଇଲା ଆସି ନାଗରମଣି,

ଜାଣି ନ ଥିଲୁ ତା   ଚତୁରୀ କଥା

ଝୋଟା ଗୁଡ଼ା ଦେଲୁ ଗଣି ।ଶବା

ମହାରାଜ ! କଣ କହିବୁଁ, ଝୋଟାଗୁଡ଼ାକ ଅକାରଣ ଗଣିଦେଲୁ !

ରାଜା — ତୁମ୍ଭେମାନେ ସେହିପରି ଅଜବେକୀ, ନୋହିଲେ କ ଏପରି ଅବସ୍ଥା ହୋଇଥାନ୍ତା !

ସୁମନ୍ତ୍ର — ମହାରାଜ ! କଣ କହିବୁ ?

ଗୀତ

ପ୍ରୀତି ପାଦେ ଗଢ଼ ତ ବୁଢ଼ ମଲୁ

ଆମ୍ଭେ ସୁଧର୍ମୀ ଦୁଢ଼ କ୍ରମ ତାହାର ନ ଜାଣିଲୁ

ଗୀର କଳେ ଗଳେ ଲୁଗ ଦେଲୁ ଯା ଆସି । ୧ ।

ମହାରାଜ ! ଆମ୍ଭେମାନେ ଏତେ ଛନ୍ଦ ଜାଣୁନାହୁଁ । ଆପଣ ଜାଣନ୍ତି, ଏ କାଣ୍ଡ ତାହାହାର ହୋଇଛି ।

ରାଜା — ତାହାହାର ।

ସୁମନ୍ତ୍ର — ଗୀତ

ମନ୍ତ୍ରୀ କରି ଏତେ ଫିକର

ଦେଖାଇଛି ନାରୀ କୌଶଳ

ଭକ୍ଷାକର ଖାଇ   ଶିଖିଲୁ ଏପରି

ବାଜାମଣି ଖୁଣ ଦେଇଛୁ ଝୁରି । ୨ ।

ମହାରାଜ ! ମନ୍ତ୍ରୀ ଅପମାନ ଦେବାକୁ ଏତେ ଫିକର କରିଛି ।

ରାଜା — କୋଶଳେଶ, ମନ୍ତ୍ରୀ ହାରି ଏତେ କାଣ୍ଡ ! ଆଉ ରକ୍ଷା ନାହିଁ ।

ରାଜା — ଗୀତ

ଧରି ମନ୍ତ୍ରୀ ଆଜ ହରିବ ତା ଧନ,

ସାରିବ ଗାରିମା ତେବେ ହୃଦ ଶାନ୍ତ

ଯଶ ଦେଇ ନୋହୁ ସାଧିବଟି କାଜ

ବାଳକୃଷ୍ଣ କହେ ସାରରେ । ୨ ।

ଦୂତ ! ତୁ ଶୀଘ୍ର ଯା ମନ୍ତ୍ରୀକୁ ବେକ ସଙ୍ଗରେ ପଠାଇବୁ, ମୁଁ ମୂର୍ଖର ପାପର ସତକାର ବାଟ ଦେଖିବି ।

( ସମସ୍ତଙ୍କର ପ୍ରସ୍ଥାନ )

---

## ତୃତୀୟ ଅଙ୍କ

### ୧ମ ଦୃଶ୍ୟ

(ରାଜସଭା)

ରାଜା — ମନ୍ତ୍ରୀନ୍ ! ନାରୀର ସ୍ୱରୂପ ଦେଖାଇବା ପାଇଁ ଶୀଘ୍ର ଥିଲୁ ଯେଉଁ ଫାନ୍ଦ ଜାଣିଛୁରେ ମୂର୍ଖ ! ଏଣିକ ମୋ ଆଜ୍ଞା ଯାହା କରି ତୁ ଶ୍ରବଣ, ବାସବୃନ୍ଦ ଏକ ମୋର କରିବୁ ନିର୍ମାଣ । ଭୂମିରୁ ଦ୍ୱାଦଶ ହାତ ହୋଇଥିବ ଉଚ୍ଚା, ଖମ୍ବ କବା ତାହୁ କହିଁ ନ ହେବଟି ବେଢ଼ା । ଦୁଇଦିନ ମଧ୍ୟେ ଏହା କରିବୁ ଗୋଚର, ନୋହିଲେ ସବଂଶେ ତୋତେ କଟାଇବ ଶୂଳେ ।

ମନ୍ତ୍ରୀ — ମହାରାଜ, ଅସମ୍ଭବ ଏହା, କ୍ଷମା କରନ୍ତୁ ଅଧୀନେ ଅସାଧ୍ୟ ଅଟଇ ଏହା ମାନବ ପକ୍ଷରେ ।

ରାଜା — ସେକଥା ଶୁଣିବ ନାହିଁ, ଯା ମୂର୍ଖ ।

( ପ୍ରସ୍ଥାନ )

ମନ୍ତ୍ରୀ — ଭଗବାନ, ପୁଣି ଏ ବିପଦରେ ମୋତେ ଡାକୁ କି ଲଗାଇଲନ୍ତି ? ଏ ଅସମ୍ଭବ କଥା ବା ସମ୍ଭବ

କପଟ, ମୁଁ ରାଜାଙ୍କୁ ଦେଖାଇବି ? ତେବେ ଯାଏ, ସେହି କନ୍ୟାର କପଟ, କଉଶଳରେ ସବୁ କଥା ସ୍ୱାର୍ଥ ପ୍ରକାଶ । ( ପ୍ରସ୍ଥାନ )

---

## ୬ଷ୍ଠ ଦୃଶ୍ୟ

( ମନ୍ତ୍ରୀ ଗୃହ )

( ଚମ୍ପା, ବସୁଘୋଷ ଓ କନକ )

ଚମ୍ପା — ପିତା ! ଆଜ ରାଜା ଦରବାରକୁ ଡକାଇ କଣ କହିଲେ କି ? ମୋ ମନରେ କେତେ ସନ୍ଦେହ ଆସୁଛି ।

ମନ୍ତ୍ରୀ — ଗୀତ

( ଧନା ବେଳ ସ୍ୱାମୀ— ବୃନ୍ଦେ )

ବଧି ଆଜ ବୁଦ୍ଧି କଲାଣି କଣା,
ଅସାଧ୍ୟ କଥାକୁ ସୁଗମ ଦେଖଇ
ସତ୍ୟ ମୂର୍ତ୍ତି ପ୍ରାଣେ ଏଏ ସାଧନା । ଘୋ ।

ଚମ୍ପା ! ରାଜା ଆଜ ଯେଉଁ ଅସାଧ୍ୟ କଥା କହିଛନ୍ତି, ତା ସ୍ମରଣ କଲେ ଦେହକୁ ହୃଦୟ ଥର୍ଥର ହୋଇ ଯାଉଛି ।

ଚମ୍ପା — କି କଥା, ପିତା ?

ମନ୍ତ୍ରୀ — ଗୀତ

ଆଜ୍ଞା କରିଛନ୍ତି ନୃପବର,
ଗୃହ ଏକ ଦେବ ନିର୍ମାଣ
ଏକା ଖାମ୍ବ ସ୍ତମ୍ଭେ ରହିଥିବ ବସ୍ତ୍ର,
ଦ୍ୱାଦଶ ହାତରୁ ନ ହେବ ଉଣା ।୧।

ଚମ୍ପା ! ଗୋଟିଏ ଘର ତିଆରି ହେବ, ସେଥିରେ ତାହାର ତମ୍ଭ ଛୁଇଁ ଲାଗିବ ନାହିଁ, ଘରଟି ବାରହାତ ଉଚ୍ଚରେ ରହିଥିବ ।

ଚମ୍ପା — ପିତା ! ଏଥିପାଇଁ ଲାଗି ଏତେ ଭାବନା !

ମନ୍ତ୍ରୀ — ଗୀତ

ଏଥକୁ ମୁଁ ମନ୍ଦୁଛ ଭଲ,
ଭୂଷ ଦେଲେ ମୋତେ ବୁଲାଇ,
ଥିବି ଜଳିବାକୁ ବଧି ଲେଖିଅଛି
ଘେନ ବାଳବୃଦ୍ଧ କଲ ରଚନା ।୨।

ଚମ୍ପା ! କି ଉପାୟ କରିବ ? ମୋତେ କିଛି ବୁଦ୍ଧି ବାଟ ଦିଶୁ ନାହିଁ ।

ଚମ୍ପା — ନ ଡର ତାତ ତାତ, ଜାଣେ ମୁଁ ଉପାୟ, ବୁଦ୍ଧି ବଳେ ତେତାଇବ ଏସନ ସଙ୍କଟ । ଯାହା ଯାହା ଦ୍ରବ୍ୟ ଲୋଡ଼ା କର ଆୟୋଜନ, ଏ ଘର କଥାକୁ କାହିଁ ଚିନ୍ତନ୍ତୁ କେତେ ?

ମନ୍ତ୍ରୀ — ଚମ୍ପା ! ତେବେ କଣ ଲୋଡ଼ା ?

ଚମ୍ପା — କିଛି ବଢ଼ିମାନ ଦରକାର ।

ମନ୍ତ୍ରୀ — ହଉ, ମୁଁ ବର୍ତ୍ତମାନ କେଉଟମାନଙ୍କୁ ଡାକ ଦେଉଛି, ସେମାନେ ମାଛ ଦେଇ ଯିବେ ।

( ପ୍ରସ୍ଥାନ )

---

## ୭ମ ଦୃଶ୍ୟ

( ଗ୍ରାମ ପଥ )

( ଚମ୍ପା ଓ କନକ କେଉଟୁଣୀ ବେଶେ )

ଗୀତ

( ଖାଣ୍ଡି ମଲହାରୀ—ବୃନ୍ଦେ )

ଉଭୟେ—ଆସ ଦେ ନେବ ମାଛ ଗୋ,
ନବ ନାଗରୀମଣି । ବୋଲା !
ଆସ ଗୋ ଆସ, ଏଏ ମାଛ ନବ ଆସ ।
ଆଜ୍ଞା ସନ ମସ୍ୟ ସନ୍ତୁଳି, ଶୋଲକା,
ଖାଇ ପ୍ରେମିକ ହେବେ ଖୁସି ଗୋ । ୧ ।

ନିଅ ଗୋ, ରେହି ଷସ୍ତର, ଶୋଲକା, ଅଳନ୍ଧିକା ମସ୍ୟ ହୋଇ ଆସିଛି ।

ଗୀତ

ବନ୍ଧୁ ଭୁଞ୍ଜେ ମଜା ଦୁଃଖ ହେବେ ସୁଖ,
ଶୋଭରେ ନାହିଁ ତାଙ୍କ ଭଳି । ୨ ।

ମୋ ମାଛ ଯେଉଁ ପ୍ରେମିକମାନେ ଖାଇବେ, ତାଙ୍କର ପ୍ରେମର ଉଦୟ ହୋଇ ପଡ଼ିବ ।

ଚମ୍ପା — ଭଲରେ କନକ ! ରାଜ୍ୟ ଯାକ ତ ବୁଲିଲେ, ନାହିଁ କେହି ତ ଏ ଉଦ୍ୟୋଗ ବଦଳ କଲେ ନାହିଁ ? ଚାଲ ରାଜାଙ୍କ ଘର ନିକଟକୁ ଯିବା ।

ଦୂତ—( ସ୍ୱଗତ ) ଏ ଉତ୍ତି ସ୍ତ୍ରୀ ଜଏ କଣ କର
ଆସିଛନ୍ତି, ( ପ୍ରକାଶ୍ୟେ ) ହଇ ହେ, ତୁମ୍ଭେମାନେ
କଣ ଆଣିଛ ?

ଚମ୍ପା—ଆପଣ ନେବ କି ? ବଢ଼ିମାଛ ଅଛି । ଭେକ୍ଟି,
ଖଜୁର, ପୋହଳା, ବାଲିଆ ଏଇ ସବୁ ଅଛି ।

ଦୂତ—ଅଛା, ମୁଁ ମହାରାଜାଙ୍କୁ ଖବରେ ।
( ଦୂତ ପ୍ରସ୍ଥାନ ଓ ରାଜାଙ୍କୁ ଅଭିବାଦନ )

ରାଜା—ଦୂତ ! କି ଖବର ?

ଦୂତ—ମହାରାଜ ! ଦୁଇଜଣ କେଉଟୁଣୀ ବଢ଼ି ବଢ଼ି
ମାଛ ଆଣିଛନ୍ତି ।

ରାଜା—ବଢ଼ି ମାଛ ? ଲଇଲ୍ ଦେଖିବା ।

ଚମ୍ପା— ଗୀତ

( ଆଲେ ଦୁରବୃଷ୍ଣ—ବୃଷ୍ଣ )

ଆସ ନୃପମଣି କରନ୍ତୁ ବଦନ, ଜାଣିଣ କରନ୍ତୁ ମୂଲ
ବୁଲି ବୁଲି ମୁଁ ତ ହେଲଣି ଥକତ ବୁଢ଼ି ତ ଗଲଣି ବେଳ
ସବେ ହେବେଣି ଶେଷ,
ଦୟା କରନ୍ତୁ ମୋତେ ନରେଶ । ୧ ।

ମହାରାଜ ! ଭୁଲ୍ ଭଲ ବଢ଼ିମାଛ ଅଛି । ଆପଣଙ୍କ
ହାତ ଲାଗିଲେ ଅନ୍ୟଠାରେ ବିକି କରିବ ନେଇ ।

ରାଜା— ଗୀତ

ରମଣୀ ରଚନ କରରେ ଓଜନ
ବଣା ଭୁ ଯତନେ ଧର
ଅନାଇ ଧର୍ମକୁ କହନ୍ତୁ ମୂଲ୍ୟକୁ,
ଭଲେ କପଟ ନ କର,
ପୃଷ୍ଠି ପଦେ (ପଦେ) କଥାରେ,
ଧନ ଗଣି ନେଇ ମାଛ ଦିଅ ମୋତେ । ୨ ।

ହେ ଚତୁର ବର ଝିଅ ! ସେଥିରୁ ଦୁଇଟା ମାଛ
ଓଜନ କର । ଏ ଦୁହିଁଙ୍କ ଦର କଣ ପଡ଼ିବ ?

ଚମ୍ପା— ଗୀତ

ଶେଷ ବାରଅଣା ଖରଚ ମୋ ଜଣା,
ଅଣାକ ଗାର୍ଦ୍ଧେ ଦେବାର
ସାତଅଣା ନେଇ ଦର ମୁଁ କହୁଛି
କରନ୍ତୁ ସାହା ବଜାର ।

ଆହେ ନୃପ ଶେଖର,
ଦୟାରେ ଦୃଷ୍ଟି ଦିଅ ମୋର । ୩ ।

ମହାରାଜ ! ବାରଅଣା ମୋର ଖରଚ ପଡ଼ିଛି ।
ଆପଣ ବିଚାର କରି ଯାହା ଭଲ ଦେବେ ।

ରାଜା—ଅଚ୍ଛା, ଓଜନ କର ।

ଚମ୍ପା—( ପନ୍ଥିତ କି ଡୋର ନ ଥିବା ଦଣ୍ଡାରେ
ଓଜନ କରିବା) ମହାରାଜ ! ପାଞ୍ଚ ଦଣ୍ଡା ହେଲା ।

ରାଜା— ଗୀତ

ହେଲୁ କି ବାତୁଳୀ କଇବର୍ତ୍ତ ଦୁଲାଳ
ଉଦ୍ଭ୍ରମ କରୁଛୁ କେତେ
ପନ୍ଥିତ କି ଡୋର ନାହିଁ ଏ ଦଣ୍ଡାର
ଓଜନ ହେଲା କେମନ୍ତେ
ଅସମ୍ଭବ କଥାରେ,
ଦେଖା ଶୁଣା ନାହିଁ (ଯାହା) ଦୁନିଆରେ । ୪ ।

ହଇଲୋ ଚତୁର ବର ଝିଅ ! ଏ କି ଅନ୍ୟାୟ କଥା !
ଏ ଦଣ୍ଡାରେ ତ ପନ୍ଥିତ କମ୍ବା ଡୋର ନାହିଁ, ଓଜନ
ହେଉଛି କିପରି ? ଆମ୍ଭକୁ କଣ ଭଣ୍ଡାଉଛୁ ?

ଚମ୍ପା— ଗୀତ

ଧାର୍ମିକ ରାଜନ ତୁମ୍ଭେ ଜ୍ଞାନବାନ
ଜାଣନ୍ତି ଜଗତ ନରେ
ପିଲା ବୋଲି ମୋତେ ଭଣ୍ଡାଉଛ କେତେ
ସଙ୍କେତ କଥନ୍ତୁ ଏବେ,
ବନା ଜାନୁ ସ୍ତମ୍ଭରେ ।
ଦର ହୋଇଲା କେଉଁ ପ୍ରକାରେ । ୫ ।

ମହାରାଜ ! ଆମ୍ଭମାନଙ୍କୁ ପିଲା ଦେଖି ଭୁଲାଇ
ଦେଉଛନ୍ତି ! ଯାହାର ରାଜ୍ୟରେ ବନା ଜାନୁ ଖୁଣ୍ଟରେ
ଦର ଶୁଆଡ଼ ହୋଇଯାଉଛି, ସେ ରାଜ୍ୟରେ ପନ୍ଥିତ
ଦଣ୍ଡାରେ ନ ଥାଇ ଓଜନ ହେବାଟା କଣ ଆଶ୍ଚର୍ଯ୍ୟ ?

ରାଜା—ଦୂତ ! ପ୍ରକୃତ କଥା । ରାଜା ଯାହା କରିବେ
ପ୍ରଜାଏ ତ ଅନୁକରଣ କରିଯାଆନ୍ତି । ତେବେ
କେଉଟୁଣୀ କଥା ଅନୁସାରେ କଣ ଦାମ ଦେଇ ମାଛ
ଖରିଦ କରିବା ? ନା ଏଟା ସମ୍ପୂର୍ଣ୍ଣ ଭୁଲ ।

ଗୀତ

ନଗର ପ୍ରକଟ କୈବର୍ତ୍ତ ଦୁହିତ
ଭଲ୍ ଶିଖାଇଲ ମୋତେ

ଏ କଥାକୁ ଆଉ ନ ଜାଣନ୍ତୁ କେହ
ଲେଖା ମୁଁ ଦେଉଛୁ ତୋତେ
ବାଳକୃଷ୍ଣ ବନ୍ଧୁର,
ନେହା ନାହିଁ ମୋର ଆଉ ଶୂନ୍ୟଘର । ୬ ।

ହେ ଚପଲ ହିଁଅ ! ମୋର ଶୂନ୍ୟଘର ଆଜଠାରୁ ବନ୍ଦ ହେଲା, ତୁ ଆଉ ଅନ୍ୟାୟ ଉକ୍ତି କରନା ।

ଚମ୍ପା—ହଉ, ମହାରାଜ ! (ପ୍ରସ୍ଥାନ)

ରାଜା—ଦୂତ ! ସାମାନ୍ୟ କେଉଟୁଣୀଟାଏ ମୋର କେଡ଼େ ବଡ଼ କଥା ରଦ କରିଦେଲା !

ଦୂତ—ମହାରାଜ ! ସେ କେଉଟୁଣୀ ହେଲେ କଣ ହେଲା, ତାର ବୁଦ୍ଧିଟା ଭାରି ସରସ ।

ରାଜା—ଦୂତ ! ଏ କାଣ୍ଡ ମନ୍ତ୍ରୀ ଦ୍ୱାରା ହୋଇଛି କି ?

ଦୂତ—ହିଁ ମହାରାଜ ! ପ୍ରକୃତ କଥା, ନିଶ୍ଚୟ ମନ୍ତ୍ରୀର ଫିକର ହୋଇଥିବ ।

ରାଜା— ଗୀତ

(କାହାରବେ ମଙ୍ଗି—ରୂପକେ)

ଧନ୍ୟ ସେ ରମଣୀ ଭରସା କଲା ଲୋକହସା,
ହାସ କରି ନାଶ କଲା ମୋର ସବ ଆଶା ।୧।

ଦୂତ ! ମୋର କେତେ ବଡ଼ ପ୍ରଲୋଭା ସାମାନ୍ୟ ସ୍ତ୍ରୀ ଭଳି ଦେଲଗଲା, ବର୍ତ୍ତମାନ ଅନ୍ୟ ଏକ ଉପାୟ କରିବ ।

ଗୀତ

ବାଞ୍ଛାବଡ଼ ବାଞ୍ଛା ମେଲ ଉଣାସ ମନ୍ତ୍ରୀରେ
ଭବ୍ୟ ସରୋବର ଏକ ଖୋଳ୍ଯ ମୋ ରାଜ୍ୟରେ ।୨।

ଦୂତ ! ବର୍ତ୍ତମାନ ମନ୍ତ୍ରୀକୁ କହ ଗୋଟିଏ ସୁନ୍ଦର ପୁଷ୍କରଣୀ ମୋ ରାଜ୍ୟରେ ଖୋଳୁ ।

ଦୂତ—ହଉ ମହାରାଜ !

ରାଜା—କପରି ଖୋଳିବ ଜାଣୁ ?

ଗୀତ

ଜଳ ଅସ୍ତେ ଜଳ ପସ୍ତେ କରିବ ଖନନ,
ବାଳକୃଷ୍ଣ ବୋଲେ ତାର କରିବ ସ୍ନାହାନ ।୩।

ଦୂତ ! ସେ ପୋଖରୀ ଖୋଳାହେବ ରାତିରେ କୌଣସି ପର ବା ମୂଲିଆ ଲଗିବେ ନାହିଁ । ମୁଁ କାଲି ସେ ପୁଷ୍କରଣୀରେ ସ୍ନାହାନ କରିବ । (ପ୍ରସ୍ଥାନ)

---

# ଚତୁର୍ଥ ଅଙ୍କ

## ୧ମ ଦୃଶ୍ୟ

(ମନ୍ତ୍ରୀ ଗୃହ)

ମନ୍ତ୍ରୀ—ଦୂତ ! ତୋର ଏ ଅସମୟରେ ଆସିବା କାରଣ କଣ ?

ଦୂତ—ମହାରାଜାଙ୍କର ଆଦେଶ ହୋଇଛି, ଆଜ ରାତ ମଧ୍ୟରେ ଗୋଟିଏ ପୁଷ୍କରଣୀ ଖୋଳାହେବ, ସେଥିରେ କାଲି ସକାଳୁ ମହାରାଜ ସ୍ନାନ କରିବେ । ସେ ପୁଷ୍କରଣୀ କୌଣସି ମୂଲିଆ ଦ୍ୱାରା ଖୋଳା-ହେବ ନାହିଁ କି ତଉଆରି କରୁ ଲଗିବ ନାହିଁ । ମୁଁ ଆସୁଛି । (ପ୍ରସ୍ଥାନ)

ମନ୍ତ୍ରୀ—ଚମ୍ପା ! ଶୁଣିଲୁ ତ, ଆଉ ବଳ ନାହିଁ, ଏଥର କଥା ସରିଲା ।

ଚମ୍ପା—କିଛି ଭାବନା ନାହିଁ, ମୁଁ ତାର ପ୍ରତିକାର ବାଟ ନିଶ୍ଚୟ କରିବ । (ପ୍ରସ୍ଥାନ)

---

## ୨ୟ ଦୃଶ୍ୟ

(ରାଜପଥ)

ରାଜା—ଦୂତ ! ଚାଲ ସ୍ନାନ କରିବାକୁ ଯିବା, ଏଥର ମନ୍ତ୍ରୀ ନିଶ୍ଚୟ ଠକିଯିବ ।

ଦୂତ—ଆଜ୍ଞା ମହାରାଜ ! ଆଉ ପାରିବେ ନାହିଁ ।

(ଚମ୍ପା ଓ ବୃଦ୍ଧା ବେଶୀ କନକ ଦୂରରେ ଥାଇ, ଥରୁ ଝୁଣ ନିକଟେ ମାଠିଆ ଘେନ)

ଚମ୍ପା—ଓହୋ ! କଣ କରିବ ? ଆଉ କେଉଁଆଡ଼େ ଯିବ ? ବିଧାତା ମୋତେ କାହିଁକି ଏ ବିପଦରେ ପକାଇଲ ?

ବୃଦ୍ଧା—ଆଲୋ, ଧଅଲୋ, ମରିଗଲି ଲୋ, ମୋ ଆଖି ଧ'ର, ଶାଳୀ କୁଆଡ଼େ ଗଲୁ ଲୋ ?

ଚମ୍ପା—ମୁଁ ସବ ଏଇଠି ଅଛି, ଧରିଛି ତ ଆଉ କଣ କରିବ ?

ବୃଦ୍ଧା—ଆଲୋ ବୋପାଲୋ, ଆଲୋ ମାଆଲୋ ମରିଗଲି ଲୋ ।

ରଜା – ଦୂତ, ଦେଖିଲୁ କିଏ ଗୋଟିଏ ଲୋକ ଏପରି
ବ୍ୟସ୍ତ ହେଉଛି କାହିଁକି ?

ଦୂତ – ହଇହେ, ତୁମ୍ଭେ କିଏ ?

ଚମ୍ପା – ତୁମ୍ଭେ କିଏ ବାପା, ଆମକୁ ଟିକିଏ ଭଲ
ଭରସା ଦିଅନ୍ତ ।

ଦୂତ – ମୁଁ ଏ ରାଜ୍ୟର ରାଜାଙ୍କ ଦୂତ ।

ଚମ୍ପା – ବାପା ! ତୁମ୍ଭର ରାଜା କୋଉଠି ଅଛନ୍ତି ?

ଦୂତ – ରଜା ଆମ୍ଭର ଏଠି ନିକଟରେ ଠିଆ ହୋଇଛନ୍ତି ।
ତୁମ୍ଭର କାତର ଡାକ ଶୁଣି ମୋତେ ତୁମ୍ଭ ନିକଟକୁ
ପଠାଇଲେ ।

ଚମ୍ପା – ହେ ବାବୁ ! ତୁମ୍ଭ ରଜାଙ୍କୁ କହ, ମୋତେ ସେ
ଏ ବିପଦରୁ ଉଦ୍ଧାର କରନ୍ତୁ ।

ଦୂତ—ହଉ ମୁଁ କହୁଛି (ରଜାଙ୍କ ନିକଟକୁ ଫେରିଆସି)
ମହାରାଜ ! ଗୋଟିଏ ସ୍ତ୍ରୀ ଓ ଗୋଟିଏ ପୁରୁଷ
କାତରରେ ଆପଣଙ୍କ ସାହାଯ୍ୟ ଲୋଡ଼ୁଛନ୍ତି ।

ରଜା—ହଉ, ଚାଲ, ଦେଖିବା (ରଜାଙ୍କର ପ୍ରବେଶ) ।

ଚମ୍ପା – ମହାରାଜ ! ଅନେକ ଦୂରରୁ ଆପଣଙ୍କ ଖ୍ୟାତି
ଶୁଣି ପ୍ରାଣ ବିକଳରେ ଆସିଛୁ, ଆପଣ ଏ ବିପଦରୁ
ରକ୍ଷା କରନ୍ତୁ !

କନ୍ଦର୍ପ—ଆଲୋ ମଲି ଲୋ, ଶାଳୀ ଗଲୁ କୁଆଡ଼େ,
ଆଲୋ ଧ'ଲୋ ।

ଚମ୍ପା— ଗୀତ

(ଅପୂର୍ବ ଲତା—ବୃନ୍ଦ)

ଶୁଣ ରାଜନ, ମୁଁ ଅତି ଦୀନ,
ଜନତ ମୋହର ହେନ,
ଦୟାସାଗର ମୋ ଦୁଃଖ ହର
ବ୍ୟାକୁଳ ଏ ମୋର ମନ (ରାଜନ) ।୧।

ମହାରାଜ ! ସେ କଥା ମୁଁ କଣ କହିବି, କହିବାକୁ
ବାକ୍ୟ ଫୁଟୁ ନାହିଁ ।

ଗୀତ

କାନ୍ତକୁ ମୋର, ହେବାରୁ ଜ୍ୱର
ଡାକିଲି ଅନେକବାର,
ବୋଇଲେ ବୈଦ୍ୟ ଅତି ଅସାଧ୍ୟ
କହନ୍ତେ ମାଗିଲି ତର ।୨।

ମହାରାଜ ! ମୋ ସ୍ୱାମୀଙ୍କୁ ଜ୍ୱର ହେବାରୁ ବୈଦ୍ୟଙ୍କ
ନିକଟକୁ ଗଲି । ସେ ଯାହା ଅସାଧ୍ୟ ଔଷଧ କହୁଅଛନ୍ତି,
ମୁଁ କଣ କରିବି ?

ରଜା—କି ଅସାଧ୍ୟ ? ପ୍ରକାଶ କର ।

ଚମ୍ପା – ଗୀତ

ବାମିଁରୁ ଯାଇ ନେବ ତୁମ୍ଭର
ନ ପଶି ନ ଦେଇ ଢୋର,
ନୋହିଲେ ଫଳ ହେବ ନିଷ୍ଫଳ
ମରିବ କାନ୍ତ ମୋହର (ରାଜନ) ।୩।

ମହାରାଜ ! ଏ ବାମିଁରୁ ମାଠିଆଏ ପାଣି ଆସିବ,
ସେ ମାଠିଆରେ ହାତ ଲାଗିବ ନାହିଁ କି କେହି
ପଶିକରି କାଢ଼ିବେ ନାହିଁ । ଏପରି ପାଣି ନ ଆସିଲେ
ସ୍ୱାମୀ ମୋର ନିଶ୍ଚୟ ମରିବେ ।

ରଜା – ଗୀତ

(ପ୍ରାଣସଙ୍ଗିନୀ ନ ଯିବ – ବୃନ୍ଦ)

ନବରଙ୍ଗୀ ନବରଙ୍ଗ କଥାରେ
ନବଯୌବ ଶୁଣାଉ ତୁ ଏଠାରେ
ନ ଭଣ ତୁ ଆଉ ବୃଥାରେ । ପଦ ।

ହେ ସୁନ୍ଦରି ! କି ଅସମ୍ଭବ କଥା କହୁଛୁ !

ଗୀତ

ମନ୍ଦହାସୀ ଲୋ ଘନକେଶୀ ଲୋ
ବନ ଆସିବ କି (ତୋହ) ପାଶରେ
ବୈଦ୍ୟ ହାସରେ କହିଛି ତୋତେ ଉପହାସ ବେକାରେ ।
ଯୀନ କରନା ତୁ ଯା ଫେରି ଯା
ଜନ ସମାଜେ ପାଇବୁଟି ଲଜ୍ଜା ।
ହୃଦ ଅବୁଝା, କର୍ମକୁ ବୁଝା
ନ ମେଣ୍ଟିବ ତୋର ବନ୍ଧାରେ । ୧ ।

ସୁନ୍ଦରି ! ଏ ଅସମ୍ଭବ କଥା ଜଗତରେ ଶୁଣାନାହିଁ,
ସେ ବୈଦ୍ୟ ତୋତେ ମିଥ୍ୟାରେ ଏପରି କହିଛି ।

ଚମ୍ପା— ଗୀତ

କର୍ତ୍ତା ନୃପତି କର ବିଚାର,
ସବସୀ ଶୋଭା ସନ୍ଦେଶ
ଶୁଣିଲି ଜନେ ଆସିଛୁ ଏଣେ
ଏ କାର୍ଯ୍ୟ ସେହି ସକ୍ଷମ । ୪ ।

ମହାରାଜ ! ମୋତେ ଅନ୍ୟ ଦେଶର ଲୋକମାନେ କହିଲେ, ରାଜା ଉଦୟଦେବଙ୍କ ଅନେକାନେକ ଆଶ୍ଚର୍ଯ୍ୟ କଥା କହୁଛନ୍ତି । ତୋର ଏ କଥା ଅତି ସାମାନ୍ୟ । ସେ ଅଳ୍ପରୁ ଏହା ସାଧନ କରିପାରିବେ ।

ରାଜା—ନା, ସୁନ୍ଦରି ! ମୁଁ ଏ କାର୍ଯ୍ୟ କରି ପାରିବି ନାହିଁ ।

ଚମ୍ପା—ମହାରାଜ ! ଯାହା ଅଶ୍ୱ ଓ ମାନବରେ ଖୋଜାଖୋଜା ହେଉଛି, ତା ତୁଳନାରେ ମୋ କାର୍ଯ୍ୟ କେତେ ମାତ୍ର ?

ରାଜା—ଏତ ବଡ଼ ମୁସ୍କିଲ କଥା ।

ଚମ୍ପା— ଗୀତ

ନ ତୁଅ ବ୍ୟସ୍ତ, ତୁଅ ସାମର୍ଥ,
ବତାନ୍ତୁ ଜଳ ମୋ ହସ୍ତ
ଉଠିବେ ଦାନ୍ତ ହେବ ଅସ୍ତ୍ର
ବାଳକୃଷ୍ଣର ଉତ୍ତର । ୪ ।

ମହାରାଜ ! ଆଉ ଭାବନା କଣ ? ଶୀଘ୍ର ଜଳ ବତାନ୍ତୁ, ନଚେତ୍ ସ୍ତ୍ରୀହତ୍ୟା ଦୋଷ ଲାଗିବ !

ରାଜା— ଗୀତ

(ତୁ) ଅଦ୍ଭୁତ ରୀତି ରେ ଘାଟ ଘାଟରେ
ମତେ ନ ଦିଅ ତୁ ଅପଖ୍ୟାତିରେ
ଏ ଉପହାସ ଜଗେ ନ ସହ
ଲେଖା ନାହିଁ ମୋ ସକଳିରେ
ମିଥ୍ୟା ଆଉଁ ମୋର କଥାରେ;
ଲୋକେ ଠିକଲେ ପ୍ରାଣାନ୍ତ ଶିକ୍ଷାରେ
(ଏଥୁ) ଯାଅ ଘରକୁ ତୁହି ବ୍ୟସ୍ତ ରେ
ବାଳକୃଷ୍ଣ କହ ବଳ୍ପାରେ । ୨ ।

ସୁନ୍ଦରୀ ! ତୁ ଘରକୁ ଯାଅ, ରାଜା କୌଣସି ଅସମ୍ଭବକୁ ସମ୍ଭବ କରିନପାରନ୍ତି ।

ଚମ୍ପା ଜୟ ମହାରାଜ । (ପ୍ରସ୍ଥାନ)

ରାଜା—ଦୂତ, ଏଏ ସେ ରମଣୀ, ମୋର କେତେ ବଡ଼ ପ୍ରତିଷ୍ଠା ନଷ୍ଟ କରିଦେଲା !

ଦୂତ—ମହାରାଜ, ମୁଁ ସମ୍ଭବ କରେଁ, ମନ୍ତ୍ରୀ ଦ୍ୱାରା ଏ କାଣ୍ଡ ହୋଇଛି ।

ରାଜା— ଗୀତ

(ଆଡ଼ାରେ ଚତୁର—ତୁରଙ୍ଗ)

ସେ ନାରୀବର କେଉଁ କେତେ ଯତ୍ନ
ସତ୍ୟ ସୁଦୃଢ଼ ତାର କଥା ରେ ।
ସୁବୁଦ୍ଧିରେ ବଳ ଗଲା ସେ ଜୟରେ
ଜଳ ନେଲା ମୋର ମଥାରେ । ୧ ।

ଦୂତ ! ସାମାନ୍ୟ ସ୍ତ୍ରୀଟା କେତେ ଅପମାନ କଲା !

ଗୀତ

ଆଣି ମନ୍ତ୍ରୀ ଆଜ ଜଗଇବ ସତ୍ୟ,
ପୁଚ୍ଛିବ ବୁଦ୍ଧି ଯେ ଦେଉଛି ଏମନ୍ତ ।
ପୁରୁଷ କି ନାରୀ ଜାଣ ମୁଁ ସଙ୍କେତ
ଚୂର୍ଣ୍ଣ କରିବ ତା ମଥାରେ । ୧

ଦୂତ ! ମନ୍ତ୍ରୀକୁ ଆଣି ସତ୍ୟ କଥାର ପ୍ରତ୍ୟୟ, ଏଏ ତାକୁ ଏ ବୁଦ୍ଧି ଦେଉଛି । ଯଦି ପୁରୁଷ ଦ୍ୱାରା ଏପରି କାର୍ଯ୍ୟ କରୁଥାଏ, ତେବେ ସେ ପୁରୁଷ ସହିତ ମିତ୍ରତା ସ୍ଥାପନ କରି ତାକୁ ମାରିବି ।

ଦୂତ—ମହାରାଜ ଯେବେ ସେ ସ୍ତ୍ରୀ ହୋଇଥାଏ !

ରାଜା— ଗୀତ

ଘରଣୀକୁ କରି ମାରିବ ମୁଁ ସ୍ତ୍ରୀ ଜଣେ
ତୃପ୍ତ ହେବ ମନ ତା ରୁଧିର ପାନେ
ଯାଅ ଦୂତଗଣେ ଆଣ ମନ୍ତ୍ରୀ ସ୍ଥାନେ
ବାଳକୃଷ୍ଣର ଇଚ୍ଛାରେ ରେ । ୨ ।

ଯଦି ମନ୍ତ୍ରୀ ସ୍ତ୍ରୀ ଦ୍ୱାରା ଏ କୌଶଳ ଦେଖାଉ ଥାଏ, ସେ ସ୍ତ୍ରୀକୁ ବିବାହ କରି ତାକୁ ମାରି ତାର ରୁଧିର ପିଇବି । ଯାଅ ଶୀଘ୍ର, ମନ୍ତ୍ରୀକୁ ଧରିଆଣ ।

(ଦୂତର ପ୍ରସ୍ଥାନ ଓ ମନ୍ତ୍ରୀ ସହ ପୁନଃ ପ୍ରବେଶ)

ରାଜା—ମନ୍ତ୍ରୀବର ! ତୁମ୍ଭର କୌଶଳରେ ଆଜ ପରାଜିତ ହେଲି; କିନ୍ତୁ ଏ କୌଶଳ ପ୍ରକୃତ ସ୍ତ୍ରୀ ଦ୍ୱାରା ସାଧିତ ହୋଇଛି କି ନା ସନ୍ଦେହ କରୁଛି ।

ମନ୍ତ୍ରୀ—ମହାରାଜ ! ପ୍ରକୃତ ସ୍ତ୍ରୀ ଦ୍ୱାରା ।

ରାଜା—ତେବେ ତାର ପରିଚୟ ।

ମନ୍ତ୍ରୀ—ହରିହରଙ୍କ କନ୍ୟା ଚମ୍ପା ।

ରାଜା — ଗୀତ

(କର୍ମମୋର ଏତେ ମାରଣାର—ବୁଝେ)

କହ କହ ଦୁହିତା ତୋହର ହେ ମନ୍ତ୍ରୀବର,
ଯା ଶୋଭା ମୁଁ ଦେଖି ଲୋଭ ବଳୁଛି ମନର ରେ ।ପଦ।

ମନ୍ତ୍ରୀବର, ତୁମ୍ଭର କନ୍ୟା ମୋତେ ବୁଦ୍ଧିବଳରେ ପରାଜିତ କରିଛି, ମୋତେ ତାକୁ ବିବାହ ଦିଅ ।

ରାଜା — ଗୀତ

ସୁଲକ୍ଷଣା ତୋ ଦୁଲଣୀ କରିଛି ମୋ ବୁଦ୍ଧି କଣା,
ହେବ ମୋର ମନୋରମା ଆଣ ମୋ ଛାମୁର ।

ମନ୍ତ୍ରୀ ! ସେ ମୋର ଅର୍ଦ୍ଧାଙ୍ଗିନୀ ହୋଇ ଏ ଐଶ୍ୱର୍ଯ୍ୟ ଭୋଗକରୁ ।

(ଗୀତ)

ବିଳମ୍ବ ନ କର କ୍ଷଣେ ଆଣ କନ୍ୟା ବିଭୂଷଣେ
ବାଳକୃଷ୍ଣ ଅନୁମାନେ ହେବ ଯୋଗ୍ୟ ମୋର ।୧।

ମନ୍ତ୍ରୀବର ! ଶୀଘ୍ର, କନ୍ୟାକୁ ମୋତେ ବିବାହ ଦିଅ । ଦୂତ ! ଶୀଘ୍ର ଯାନବାହନ ନେଇ ମନ୍ତ୍ରୀଙ୍କ କନ୍ୟାକୁ ନେଇଆସ ।

---

## ଷଷ୍ଠ ଦୃଶ୍ୟ

(ମନ୍ତ୍ରୀଗୃହ, ଚମ୍ପା ଓ କନକ)

ଚମ୍ପା — ଦାସୀ ! ପୁଣି ପିତାଙ୍କୁ ଆଜ ରାଜା ଦୂତ ପଠାଇ ଡାକ ନେଇଥିଲେ, ଏତେ ବିଳମ୍ବ ହେଲା କାହିଁକି ? ପିତା ତ ଏ ପର୍ଯ୍ୟନ୍ତ ଫେରିଲେ ନାହିଁ !

ଦାସୀ—ଏଇ ଫେରି ଆସୁଛନ୍ତି, ମୁହଁଟା କାହିଁକି ଶୁଖି ଯାଇଛି, ତେବେ ପଚାର ।

ଚମ୍ପା—ପିତା ! ବ୍ୟସ୍ତ ହେବାର କାରଣ କଣ ?

ମନ୍ତ୍ରୀ — ଗୀତ

( କୀର୍ତ୍ତନ ସୁର )

କେତେ କହିବ ଦୁହିତା ମୋ କର୍ମ କଥାରେ,
ବିପକ୍ଷ ହୋଇ ବିଧାତା କରେ ହଟହଟା ରେ । ପଦ ।

ଚମ୍ପା ! ମୋ ଅର୍ଜିଲା କଥା ତୋତେ କେତେ କହିବ ?

ଗୀତ

ଏ ଅଲେଖା ପିଣ୍ଡେ ମୋର ଗଢ଼ିଣ ଥାଇଲ ଫଳ,
ଅବିରତ ଚିନ୍ତାକୁଳ ବ୍ୟର୍ଥ ଜନ୍ମଟା । ୧ ।

ଚମ୍ପା ! ମୁଁ ନ ମରି ବଞ୍ଚିଛି କାହିଁକି ?

ଚମ୍ପା— ନ ବୁଝନ୍ତି ବ୍ୟସ୍ତ ପିତା କହନ୍ତୁ ସନ୍ଦେଶ ।

ମନ୍ତ୍ରୀ—ରାଜା ମୋତେ ପଚାରିଲେ ଏ ବୁଦ୍ଧି ତୋତେ କିଏ ଦେଇଛି । ମୁଁ ତୋର ନାଁ ପ୍ରକାଶ କରିବାରୁ ରାଜା ମୋତେ ତୋତେ ବିବାହ କରାଇବାକୁ ବାଧ୍ୟ କରୁଛି ।

ଚମ୍ପା—ଆଉ ଭାବିଲେ ହେବ କଣ ?

ମନ୍ତ୍ରୀ— ଗୀତ

ଚାହିଁ ତୋ ମୁଖ କମଳ ବଞ୍ଚାଉଥିଲି ମୁଁ କାଳ
(ତୁ) ଶୂନ୍ୟ କରିଯିବୁ କୋଳ ବାଳକୃଷ୍ଣ ଗୀତରେ ।୨।

ଚମ୍ପା ! ତୋତେ ହରାଇ ମୁଁ କଣ ଘରେ ଆଉ ବଞ୍ଚିବ ?

ଚମ୍ପା — ଗୀତ

( ଜଳସ୍ଥଳେ ଲକ୍ଷ୍ମୀ ସେ—ବୁଝେ )

ହେ ତାତ, କପାଳ କର ସନ୍ତାପ
ଦଇବ ବଳକୁ କାଳେ ନାହିଁ କାର ଆପତ୍ତି । ପଦ ।

ପିତା ! ବିଧାତା ବଳକୁ ମନୁଷ୍ୟର ଆପତ୍ତି ନାହିଁ । ଭାବିଲେ ବା କଣ ହେବ ?

ଗୀତ

ଲେଖି ଯା ଲଲାଟେ କର୍ମେ ସହିବାକୁ ହେବ ମନେ
ଭାବିଲେ କି ହେବ ସେ ଯାହାର ସ୍ୱ ଅର୍ଜିତ । ୧ ।
କରିଛି ଲମ୍ପଟ ନୃପ (ମୋତେ) ସନ୍ତାପ ଦେବ ବହୁତ
ନଷ୍ଟପ୍ରାୟ ମୁଁ ବୁଦ୍ଧିବଳେ ହେବ ତାର ଦର୍ପ ମୁକ୍ତ ।୨।

ପିତା ! ନୃପତି ଅପମାନର ପ୍ରତିଶୋଧ ନେବା ଆଶାରେ ମୋତେ ବିବାହ କରୁଛି, ଦେଖାଯିବ, ଭଗବାନ କଣ କରୁଛନ୍ତି ।

ଗୀତ

ଭାବିଲେ କି ହେବ ଆଉ ସାଧୁଛି ନୃପତି ବାଉ,
ହେଉ ବା ନ ହେଉ ବାଳକୃଷ୍ଣର ଭଣିତ । ୩ ।

ଶୁଣ ତାତ ! ଉପକାର ଉପାୟ ଏବେଣି ମୋ ସଙ୍ଗୀ ସହିମାନେ କରନ୍ତୁ ଅର୍ପଣ । ଲକ୍ଷ ଲହରୀରେ ମଧ୍ୟ

ଅନ୍ତରେ ଭଇଣ ମଲାବେଳେ ମାଂସ ଚର୍ମ ଜଳିବେ ନିର୍ମିଣ, ଏବାବ ଆଉ ମଧୁଗନ୍ଧା ବୃନ୍ତେ ପିବା ଆଜେ ସୁନ୍ଦ୍ର ହେବେ ତେବେ ମୋର ଜରେ ।

---

## ଚତୁର୍ଥ ଦୃଶ୍ୟ

### ମଧୁଗନ୍ଧା ବୃକ୍ଷ

( ଏକାନ୍ତ ସ୍ଥଳ ମଳୟା ପୁଷ୍ପିତ ଚମ୍ପାକୁ ଦେଖା, ଚମ୍ପା ଗଛରେ ପ୍ରଭାତି ଶୁଆଇ ଗଛତଳେ ଲୁଚି ବସିବା )

( ରାଜାଙ୍କ ପ୍ରବେଶ )

ଶୋଇଛ, ଶୋଇଛ ରମଣୀ ! ଉଦ୍ଧ ଷଣେ ଶୁଆଇଛୁ ଚନ୍ଦନ ପାଇଁ ତୋତେ ।

ଗୀତ

ତୁ ପାଷାଣ୍ଡି ନାରୀ ଗୋଟା କଲୁ ଯେତେ ହଠା
ଛଡ଼ାଇବ ତୋ ଗଠନ ଯିବ ଦୁନୁ ଭଳା ! ୧ ।

ପାଷାଣ୍ଡି ! ଆଜ ତୋତେ କେ ରକ୍ଷା କରିବ ଜଣ୍ଟ ଦେଖିବ ।

ଗୀତ

ବେଶ୍ୟା ପରେ ଆସି ମୋ ଦେଶରେ କରି ବସା
ପ୍ରେମାକୁଳ କରି ମୋତେ କଲୁ ନିରାଶା ।୨।

ପାଷାଣ୍ଡି ବେଶ୍ୟା ହୋଇ ମୋତେ କି ଲଜ୍ଜା ନ ଦେଲୁ ।

ଗୀତ

ଅନୁପମ ଲଜ୍ଜା ତୋହର ହୋଇଲା ଜଟ,
ସମ୍ମୁଖରେ ନାରୀ ମଧା ଜଳେ ଜାଳବୃଷ୍ଟ । ୩ ।

( ଶୁଣରେ ଜାଣିପାରି ରକ୍ତ ପିଇବା ସମୟେ ରକ୍ତ ମଧୁର ଲାଗିବାରୁ) ଏ କଣ ? ଏହାର ରୁଧିର କି ସୁମଧୁର, କି ମିଷ୍ଟ, ଓହୋ ! ମୁଁ ମୂଢ଼ କଣ କଲି; ଯେଉଁ ରମଣୀ ରୂପରେ ଗୁଣରେ ମଧୁର ଓ ଶିବ ପ୍ରତିମ୍ବ ପ୍ରବାହିତ ରକ୍ତ ମଧୁର, ମୁ ତାକୁ ଶରୀର ପାଇଁ ହତ୍ୟା କରିଲି ! ଧିକ ମୋର ଏତାଦୃଶ ପ୍ରାଣେ, କଣ ପ୍ରୟୋଜନ ଆଉ, ତେବେ ମୋ କର୍ଣ୍ଣ ପ୍ରାଣେ । (ଛୁରିକା ପ୍ରତି) ହେ ଛୁରିକା ! ତୁ ଯେପରି କୋମଳ ମୃଣାଳବାହୁ କରି ଏହି ପ୍ରତିବୃଷ ରମଣୀର ବକ୍ଷ ଭେଦି କରି ରୁଧିରକ୍ତ ହୋଇଛୁ, ସେହିପରି ମୋ ବକ୍ଷ ଭେଦ କରି ତୋର ସମସ୍ତ ତୃଷ୍ଣା ନିବାରଣ କର ( ସ୍ୱହସ୍ତେ ବକ୍ଷରେ ଛୁରି ମାରିବାକୁ ଉଦ୍ୟତ ) ।

ଚମ୍ପା—( ଗଛରୁ ଆସି ହାତଧରି ) କ୍ଷାନ୍ତ ହୁଅ ନରନାଥ ! ଏ କି ବାତୁଳତା ତବ, ବୁଝିଲ ତ ନାରୀର କୌଶଳ । ନାଥ ! ଯେଉଁ କୌଶଳେ ହରାଇଛି ପିତାଙ୍କ ସନ୍ତାପ, ସେହି କୌଶଳେ ଆଜ ରଖିଛି ଏ ଅଧୀନା ଜୀବନ ।

ରାଜା—ଧନ୍ୟରେ ରମଣୀ ରତନ ! କେ କହେ ନାରୀ ଅବଳା ? ପ୍ରକୃତରେ ପୁରୁଷଠାରୁ ସ୍ତ୍ରୀର ବୁଦ୍ଧି ବେଶୀ ।

( ଯବନିକା ପତନ )

# ପାଣି ଧୋବଣୀ ପାର୍ଣ

ବା

## ଅବର୍ଣ ଶିକ୍ଷା

# ପାଣ୍ଡି ଧୋବଣୀ ପାର୍ଶ୍ୱ

## ବା

## ଆଦର୍ଶ ଶିକ୍ଷା

### ସୂଚୀ ଗାନ

ଦେଖ ହେ ଭାଇ ଏ ଅମଡ଼ା ମଜା ।
ତା ସଙ୍ଗେ ଅଛଇ ଅବୁଝା ବୁଝା ॥
ସଙ୍ଗୀତ ଲୁବ୍ଧ୍ୟକେ ଯେ ଥିଲେ ମାଳ ।
ଭାବସ୍ରୋତେ ସର୍ବେ ଗଲେଣି ଚଳ ॥
ଉଦ୍ୟାନ ହାରଟି ହୋଇଲା ମେଳ ।
ଜଳାତ୍ମକ ତାଙ୍କୁ ଗାଇବ ପିଲ ॥
ଚମ୍ପାଫୁଲ ସିନା ରାଧାଙ୍କ ହାର ।
କେ ଦେଲା ତାହାକୁ ବେଣୀ ଗଜାର ॥
ମଲ୍ଲୀ ଫୁଲ ହାର ଶ୍ୟାମଙ୍କ ଗୋଡ଼ ।
କେ ନେଇ ଖୋସିଲା (କଇ) ରମଣୀ ଗଣ୍ଡ ॥
ଯେଉଁ ରୋଗକୁ ଯେଉଁ ମହୌଷଧ ।
ନ ଜାଣି କହଇ ଔଷଧ ମନ୍ଦ ॥
ଯେ ଯେଉଁ ଗୁଣର ଅଟଇ ଯୋଗ୍ୟ ।
ଭୂଷି ନ ଜାଣି ବୋଇଲା ଅଯୋଗ୍ୟ ॥
ବସିଥି ବ୍ରେବଙ୍କ ବେଶ ପ୍ରୀତାଣି ।
କହୁଲେଣି ଆମ୍ଭେ ଦେଇକୁ ଗ୍ରାଣି ॥
ଅମ୍ଭ ଭଲ ବୋଲ କହିଲେଣି ଗର୍ବ ।
(ତାଙ୍କୁ) ଭବ ନ ଖାଇବେ କୁଷକୁ ଠାବ ॥
ଗାଣି ଭଣ୍ଡ ବୋଲୁ ଗଲେଣି କେତେ ।
ତାଙ୍କ ବାସ ଅଭା ଆଦର ଯେତେ ॥
ଛୁଟିଲେଣି କେତେ ମହତ ମାନ ।
ସେ ଫୁଲକୁ ଆଣୁ ଅଜଣ୍ଡ ବୋଲ ॥
ଶେ ଫୁଲ ଯେଉଁଠି ଖୋଇବ ସ୍ୱପ୍ନା ।
କହୁଛନ୍ତି ବସି କେତେକ ଲଜ୍ଜା ॥
ଆମ ଦେଶରେ ସେ ହେଲେଣି ଭଣ୍ଡା ।
ବୃଜବାସି ଆଉ ମନମୋହନା ॥
ଅମଡ଼ା ହୋଇଛି ଏଇଠି ମଜା ।
ଅବୁଝିଲା ଲୋକମାନଙ୍କୁ ବୁଝା ॥
( ବାଳକୃଷ୍ଣ )

---

## ପ୍ରଥମ ଅଙ୍କ

### ପ୍ରଥମ ଦୃଶ୍ୟ

( ପଥ—ଲୁଗା ଗଣ୍ଠିଲି ନେଇ ଗାଦଗୀ ଓ ରଘୁଆ ନଦୀକୁ ଯାଉଥିଲେ )

ରଘୁଆ—ଜ, ଆଉ ବାଲ ତ ଭାରି ଭଲ !

ଗାଦଗୀ—ଜଙ୍ଗଲିଆ ତୁ ମରୁ ନାହୁଁ ! ଆରେ ଯୋଗିଜ-ଓଆ, ମୋ ଧନରେ ମୁଁ ଭଲ ହେଲି, ମୋ କମେଇରେ ମୁଁ ଭଲ ହେଲି, ତୋ ହାଡ଼ କହୁଛି କଣ ? ମୁଁ ତ ତୋତେ ମାଗିବାକୁ ଯାଉନାହିଁ, ନ ତୁ ମୋତେ ପୁଣି ରଖି ଦେଉଛୁ ବ୍ୟେକର ଆଶୁନାହିଁ ! ମୁଁ ଆଣୁଛି ସା’ଠଉଁ ଭା ଠଉଁ । ମାଗୁଛି ଯାକୁ ତାକୁ, ସା ଜଣଙ୍କରେ ଭଲ ହେଉଛି ତା ଜନସ; ତୁ ଶଳିଆ ତୁ ସବୁ କହୁଛୁ, ତ ଧନ ପାଇଛନ୍ତି ଯେ, ଖାଇ ଚୋରି ବୋଲି ନେଇ ଯାଉଛନ୍ତି । ବୁଝିଲେ, ମୋ ଧନରେ ମାତ୍ରେ ହେଲି ‘ବଡାଇ’ କରୁଛୁ । ଯଦି ମୋ କଥାରେ ରହିବୁ, ମୋ ବୁଦ୍ଧି ଶୁଣ ଗାଳ ଦେବୁ, ତେବେ ତୁ ‘ବଡାଇ’ “ଅମର” ହୋଇଥିବ ।

ରଘୁଆ—ବାପରେ ତୋଡ଼ ! ଆଜ୍ଞା କହିଲୁ, ଏ ଛଇ ଦେବା ଜନସ କାହାଠାରୁ ଆଣିଛୁ ?

ପାଟଣ—ଆରେ ଖଣ୍ଡିଆ, ଚିହ୍ନିଲୁ ନା ନାହିଁ, ଜାଣିଲୁ ନା ନାହିଁ ? ମୁଁ ଘନକୃଷ୍ଣ, ବଳରାମ, ପୀତାମ୍ବର, ଲକ୍ଷ୍ମଣ, ଲଣି, ଘନାମ୍ବର, କଳସୂର୍ଯ୍ୟ, ଅଭ୍ରମଣ୍ଟ, ଉପେନ୍ଦ୍ର ବାବୁ ପ୍ରଭୃତିଙ୍କ ଧନରେ ଛଇ ହୋଇଛି । ଏମାନଙ୍କ ସେବାକରି ତାଙ୍କମାନଙ୍କ ଜନସ ନାଇବାରୁ ପିନା ମୋତେ ହିକଏ ଅନାଗ୍ରହନ୍ତି—

ରଘୁଆ—ହଇଲେ, ମୋ ଜନସ କଣ ଜମା ହିକଏ ନାଇନାହିଁ ?

ପାଟଣ—ହଇରେ, ତୋ ଜନସ କଣ ମ ? ଯାକୁ ଜନଣ ଟଙ୍କା ମିଳେ, ସେ କଣ ଭଲ ପାଢ଼ୁଲି ପାଏ ନାହିଁ ? ଯେ ଛିଣ୍ଡା ପୁଷ୍ଟ ଖାଏ, ତାକୁ କଣ ପଖାଳ ଗଣ୍ଡାଏ ଅଭାବ ଯେ, ସେ ଖାଲି ପର ହାଣ୍ଡି ବରଣ୍ଡ ଥାଏ । ଘାତପଣା, ବୁଝି ପାରୁଛୁ ?

ରଘୁଆ—ତେବେ କଣ ତୁ ମୋର ଜଳ୍ପ ଧାରୁନାହୁଁ ?

ପାଟଣ—ନା, ଜଳ୍ପ ଧାରେ ନାହିଁ । ଯା, ସହରଯାକ ଆଜ୍ଞା ଆଜ୍ଞା ବାବୁ ଭଦ୍ରମାନଙ୍କୁ ଘରକୁ ଆସିଲୁ, ତଏ ତାହାର ଧାରେ । ( ଗମନୋଦ୍ୟତ )

ରଘୁଆ—( ସ୍ୱଗତ ) ଏ ତ ଭାରି ମାଇକିନିଆ, ଦ୍ୱାରେ ଥାଇଁ ଥାଇଁ ଯଦି ବାହାଟା ହୋଇ ଉଡ଼ଥାନ୍ତି ତ, ଅଚ୍ଛୁଆ ମୋତେ ଫାଙ୍କି ମାରି ଯାଉନା ନାହିଁ । କଣ କରିବ ? ଖୋସାମଦ ଚରମର କରି ତାକୁ ନ କଲେ ଆଉ ତ ଉଡ଼ିଯାଇ ହୋଇଯିବ । ( ହାତ ଧରିକି )

ରଘୁଆ— ଗୀତ

(ଧ୍ରୁ) ଛାଡ଼ି ଯାଅନା ମୋ ଦୋଷ ଦେଲେ ଦୋଷ,

ପାଟଣ—( ରୋଷ ) ଉଛୁରୁ ଡାକୁଛୁ କଣ ଭଲ ?

ରଘୁଆ—ନାଇଆସି ମୋତେ ଦେଖା ନାହିଁ ।
ମୁଁ ତ ଆଉଲି ମାଗୁଛି ସୁନ୍ଦରମୂର୍ତ୍ତି !

ପାଟଣ—ଆରେ ଚୂଳପଣ ଛାଡ଼ ଦେ ମୋ ଆଗ
ଯେତେବେଳ ଯାହା (ଶୁଣ) ହୋଇଗଲା ।୧।

ରଘୁଆ—ତୋ ବାଣ ଜଳିଥିଲା ଜଗତ,
ଛାଡ଼ ଦେବାକୁ ତୋ ହାତେ ମୋ ହାତ ।

ପାଟଣ—ସେ କଥାକୁ ଦୂର କରିଲୁ ତ ନାହିଁ
(ତାର) ଶିକ୍ଷାରେ ପଡ଼ିଲୁ ବାଉଳୁଲ ।୨।

ରଘୁଆ—ମୁଁ ପରଶିକ୍ଷା ଖାଇବା କଥା ତୁ କେମନ୍ତେ ଜାଣିଲୁ ?

ପାଟଣ—ଅରେ, ମୁଁ ଉଭୟ ତୋତେ ଏ ସହରରେ ଦେଖି ଆଇଛି ପଢ଼ିଲୁ ।

ରଘୁଆ—ତେବେ ସେଥିରେ ମୋର ଭୁଲ ।

ପାଟଣ—ଛତରଖିଆ ଯା, ତେବେ ଛତରା ହୋଇ ବୁଲ । (ପ୍ରସ୍ଥାନ)

ରଘୁଆ—ମୁଁ ଭାରି ବେକୁବ କଲି । ସବୁ ହରାଇଲି । ସେ ମୋତେ ଜଳ୍ପ କଷ୍ଟ ନ ଥିଲା, ମୁଁ ସେ ସ୍ତ୍ରୀମାନଙ୍କ କୁହାରେ ପଡ଼ି ଗ୍ରାମ ଗ୍ରାମ ତା ସହିତ କଳହୋଳ ଲଗାଇ ବର୍ତ୍ତମାନ ହଇରାଣ ହେଲି । ଏଇଥିପାଇଁ କଥାରେ ଅଛି ସବୁ "ଆପଣା ବୁଦ୍ଧିରେ ବାସ ବାଟିବ ଭଲେ, ପର ବୁଦ୍ଧିରେ ଘୋଡ଼ା ଚଢ଼ିବ ନାହିଁ ।" ଯାଏଁ ଯେବେ, ଅରେ ହେଲେ କୁହାବୋଲ କରିବ । (ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

( ଦୁଃଖୀଶ୍ୟାମ ଓ ଜଗୁରାମ ଗାଣି )

ଦୁଃଖି—ଜଗୋ ଅଭୁ ! ଆଜ କାହିଁକି ଏକଲ ଏକଲ, କାହିଁ ଦୁଆର ଭଲ, ମଧୁଭରି ନାହାନ୍ତି କି ? ଦେଖା ନାହାନ୍ତି ତ !

ଜଗ—ହିଁ, ଆସି ଥାଇ ଏକା, ଯିବା ଏକା ।

ଦୁଃଖି—ହଇ ହେ, ଜମ ମୁହଁଟା କାହିଁକି ଶୁଖିଯାଇଛି ?

ଜଗ—କେତେଆଡ଼ୁ କେତେକଥା ନେଇ ମନଟା ହିକଏ ବାସ୍ତ ଅଛି ।

ଦୁଃଖି—କଣ ସୁଜନ ? ସେ ତ ତାଳ ଗଛ ଛାଇ, ଆଉ ଅଛି ବାଇ ବ ନାହିଁ । ଆସ, ହିକଏ ପାଖେ ଆସ ।

ଜଗ—କୁଆଡ଼େ ?

ଦୁଃଖି—ଆସ, ଏ ସୁନ୍ଦର ବୋତାଳକୁ ଆସ ! ହିକଏ ବସି ତମାଖୁ ଖାଇବା । କେଉଁ କଥାରୁ ତ ଦେଖାସାକ୍ଷାତ ନ ଥିଲା—

ଜଗ — ହଁ, ଭାଲୁକୁ ପିଡ଼ାକୁ ନାଗଜ ଲୁଚେଇଁ, କିନ୍ତୁ ଗୁଡ଼ିଆ ଦୋକାନରେ କଣ ଅଛି, କଣ ଖାଇବା ।

ଦୁଃଖି — ଭଲ ପୁରି, ଲୁଚି, କଚୁରି, ଚମଚାଶ୍ଚ, ଖିରମୋହନ, ରସଗୋଲା, ଖୁବ୍ ବଢ଼ିଆ ବଢ଼ିଆ ଜିନିଷ ଅଛି, ଆସୁନା ।

ଜଗ — ଛକ୍, ସ୍ୱାକୁ କହନ୍ତି ବଢ଼ିଆ ? ଆରେ ଖାଇବାକୁ ଯେବେ ତକୁ ସୁଲ ହୋଟେଲରେ ଚଉକି ପଡ଼ିଛି, ବେଞ୍ଚ ପଡ଼ିଛି, ଟେବୁଲ ସଜା ହୋଇଛି, ବାବୁପରି ବସିବ', ମଜ୍ଜକ କରି ଖାଇବା, ଏ ଗୁଡ଼ିଆ ଦୋକାନରେ ଭଲ ହେବ ନାହିଁ ।

ଦୁଃଖି — ତେବେ, ଏଠୁଁ ଖଇର କଣ ନବା, ସେଠି ଖାଇବା ।

ଜଗ — ସେଠି ତ ଆଲେ ଆଲେ ଜିନିଷ ଅଛି । ଶୁଣ, ପଲାଉ, ମାଉଁସକୁଟି, କଟ୍ଲେଟ, କବାବ, କଟଲେସ, ଚାଖ, ଏଠୁ ନବୁ କଣ ପୁରି ? ଛି, ଛି, ଆରେ ଖାଉଁଛୁଟି କଣ ହେଉଥିବ ସୁରରେ ବୁଝୁଥିବ, ସେ ମଜାକୁ ପୁରି ଲୁଚି କେଉଁ ଗୁଣରେ ସରି ।

ଦୁଃଖି—କଚୁରି ରସଗୋଲା, ଏ କଣ ଖରାପ ?

ଜଗ — ତେମେଗୁଡ଼ାକ କଣ କଚୁରି, ଖିରମୋହନ, ରସଗୋଲା, ଦେଖେଇ ହଉଛି, ଭ୍ରମ ଭ୍ରମ ଭ୍ରମ ଭ୍ରମ ! ଥରେ ଖଣ୍ଡେ କଟ୍ଲେଟ ହେଲେ ଜନୀଶ୍ରୀ କଚୁରିକ ଗୋଡ଼ରେ ମଜ ଫୋପାଡ଼ ଦେବ । ଆଉ ତୋର ବଢ଼ିଆ କଣ ନା ରସଗୋଲା, ଖିରମୋହନ, ଆରେ ଗୋଟାଏ ଅଣ୍ଡାକୁ ସେରେ ରସଗୋଲା ସରି ହେବ ନାହିଁ । ସ୍ୱା ଛଡ଼ା ତ ଆଉ ଆଉ କେତେ ଅଛି, ପଦ କମରରେ ଗଲସା ଅଛି, ଭଲ ସେଥିରୁ ପାଣିଏ ଖଣ୍ଡେ ନେଇ ପିବା, ଏକାଠି ବସି ଖାଇ କରି ଉଠିଲା ବେଳକୁ ଗୋଡ଼ ତଳ ଖାଲରେ ପଡ଼ୁଥିବ । ସେତେବେଳେ ଧସ୍ଟା ସବୁ ଛାଡ଼େ ଉଣ୍ଟୁଥିବ । ଆରେ ମୁଁ ଜାଣେ ସହରରେ ବସା କରିବ ତ କେଉଁଠି ସରେ, ଆଉ ଦେଖାଇ ବାସ କଣ, ସେ ତ ହୋଟେଲରେ ।

ଦୁଃଖି — ( ସ୍ୱଗତ ) ନାହିଁରେ ବାବା, ସ୍ୱା ସବରେ ଗଢ଼ଲେ ଜାତ, କୁଳ, ମାନ, ମର୍ଯ୍ୟାଦା ସବୁ ନଷ୍ଟ, ଶେଷକୁ ପୁଣି ମାହବା କଥା । ଏଇ ବୁଦ୍ଧିରୁ ତ ବାଉସାଗାରୁ ମାଡ଼ ଖାଉଛୁ (ପ୍ରକାଶ୍ୟେ) ଜାଣିଏ ! ମୁ ପରା ଜଗନ୍ନାଥଙ୍କ ଆଶ୍ରିତ ଲୋକ, ସେ କଥା ଗୁଡ଼ାକ କହନା ।

ଜଗ — ଜଗନ୍ନାଥଙ୍କ କଏ, ଜଗନ୍ନାଥ ? ତୁ କଣ ମୋ ଫାର୍ଣ କଥା ସବୁ ଭଡ଼ି ନାହୁଁ କି ? ଆରେ ଜଗନ୍ନାଥଙ୍କୁ ଦେଖିଲେ ଯେଉଁ ପୁଣ୍ୟ, ଗୋଟିଏ ବେଶ୍ୟାଠାରେ ସେତିକି ଲକ୍ଷଣ, ତେବେ ତୁ ମାଳି ଜଗାରୁ କଣ ଖାଇବୁ ?

ଦୁଃଖି—(ସ୍ୱଗତ) ଏତ ଆଚ୍ଛା ଲୋକ ! ଠାକୁର, ଯେ କି ଜଗତର କର୍ତ୍ତା, ତାଙ୍କୁ ପୁଣି ବେଶ୍ୟା ସହିତ ତୁଳନା କରୁଛି ! ଏ କଣ ମଣିଷ ନା ଭୂତ ! (ପ୍ରକାଶ୍ୟେ) ଜାଣିଏ ! ତୁମ୍ଭେ ପର ବ୍ରାହ୍ମଣ, ଦ୍ୱିଜ ଜାତ । ଆମ୍ଭେମାନେ ତୁମ୍ଭଠାରୁ ଉପଦେଶ ପାଇବା ଯୋଗ୍ୟ; ମାତ୍ର ତୁମ୍ଭେ ଯେଉଁ ଉପଦେଶ ଦେଉଛ, ତା ଶୁଣିବା ଗଳଣେ ତୁହେ ରେ ଛକ କଥନରେ ଦୁର୍ଗାଭୂତ । ସ୍ୱା ତ କେତେ ମୋ ଭାଗ୍ୟରେ ଘଟି ନାହିଁ କି ଘଟିବ ନାହିଁ ।

ଜଗ — ଭଲ ତ ଅଡ଼ଲ, ଆମେ ଜଣେ ଜଣ, ଭୁଲା ବନବଡ଼େଇଲା ପରି ଆମ୍ଭେ ଯାତ୍ରା କରିବୁ ତା ବେଦର ଗାଉ । ଚୁଲ, ହୋଟେଲକୁ ଚାଲ ।

ଦୁଃଖି — ଛଣ ତୋ ଜଦଖଣିଆ, ତୋ ସଙ୍ଗେ ରଖିଆ । ମୁଁ ତ ଏମିତି କେତେଙ୍କୁ ଦେଖିଲିଣି ।

ଜଗ — କରେ, ତୋର ତ ଭାରି ଜମାକ ! ବଢ଼ି ବଢ଼ି କଥା ତ କହୁଛୁ ! ତୁ କେତେ ଜାଣିର ମଣିଷ ଯେ, ମୋତେ ପାଠ ଶିଖେଇବୁ ? କରେ ସାତ ଜନ୍ମ ଡ ଗଲେ ତୁ ମୋ ପରି ଲୋକଙ୍କୁ ଶିକ୍ଷା ଦେବୁ ? (ହାତଧରି ହୋଟେଲକୁ ଟାଣିବା)

ଦୁଃଖି —(ଧକ୍କା ଦେଇ ହାତ ଛଡ଼ାଇ ଚାଲିଯିବା)

—*—

### ତୃତୀୟ ଦୃଶ୍ୟ

(ଦୋକାନ ଘଟା ଉପରେ ଜଗଯାଣି ମୁଣ୍ଡରେ ହାତ ଦେଇ ଉପବିଷ୍ଟ)

ମୋହନବାବୁ — ହରିବୋଲ ଜାଣିଏ ! ଆଉ ମନ କଷ୍ଟ କରେ ଫଳ କଣ ? ବେଳ ହୁଁ ତ ସର୍ବ

ହେଲ ନାହିଁ । ଯାହା ହେବାର ତ ହୋଇଗଲାଣି, ଏଣିକି ସେକଥା ଘାଣ୍ଟୋଉଛନ୍ତି ।

ଜଗ—ହଁ ଘାଣ୍ଟୋଉଚି କଥା ତ ! ଆଜ ସକାଳଠାରୁ ମାଡ଼ ଖାଇଲି, ଗଣ୍ଡିଆ ଖାଇଲି, ସେ ଅପମାନର ପ୍ରତିଶୋଧ ହେଲ ଯୋଡ଼େ ଲୁଗା ପାଞ୍ଚଟା ଟଙ୍କା, ଭଲ ତ ସେତିକିରେ ଜଣେ ପାଣ ବା କଣ୍ଡରା ରହି ଧରି ଦଉଡ଼ିଲା ପ୍ରତେଇବେ, ଆପଣଙ୍କ ପାଖରେ ପଚାଶଟା ଟଙ୍କା ଦେଇଯିବେ, ତେବେ ମୋର ଏଇଟା କଣ ରୋଜଗାର ବାଟ ?

ମୋହନ – ଆଚ୍ଛା, ପଅଣ୍ଡିତ ଯେ ପଲଙ୍କଦାସ ହେଲ, ତାର ମୂଳ କାରଣ କଣ ?

ପାଣି—ବାବୁ କହୁ ନାହିଁ, ମୁଁ, ଦୁଆରି ଘର, ମଧୁ, ଦୁଃଖଶ୍ୟାମ ମିଶି ବଜାରରେ ଯାଉଥୁଁ, ଦୁଃଖଶ୍ୟାମ କହିଲ, ଗୁଡ଼ିଆ ଦୋକାନରେ ଜଳଖିଆ ଖାଇବା ! ମୁଁ କହିଲି, ଗୁଡ଼ିଆ ଦୋକାନରେ ବସି ଖୋଟାଏ କଣ ଜଳଖିଆ ଖାଇବା, ଯଦି ଜମିରେ ପଇସା ଅଛି, ହୋଟେଲକୁ ଚାଲ । ସେଠି ଟେବୁଲ ଚେୟାର କେଶ ପଡ଼ିଛି, ବସି ଯାହା ଇଚ୍ଛା ଚଳ୍ ଭରି ଖାଇଦେବା, ଏଇ ନେଇ ତ ଗଣ୍ଡଗୋଳ ।

ମୋହନ—ପାଣିଏ ! ତୁମ୍ଭେ ବ୍ରାହ୍ମଣ କୁଳରେ ଜନ୍ମ ହୋଇ ଯେପରି ଅନ୍ୟାୟ ଓ ଗର୍ହିତ କାର୍ଯ୍ୟମାନ କରୁଛ, ସେଥିପାଇଁ ଶ୍ରେଷ୍ଠ ଲୋକଙ୍କଠାରୁ ଏପରି ଭାବେ ଲାଞ୍ଛିତ ହେବା ତ ଉଚିତ ନୁହେଁ ।

ଜଗ—ନ ଜାଣି ନ ଶୁଣି ଗୁଡ଼୍ ତ କହୁଛନ୍ତି !

ମୋହନ—ବ୍ରାହ୍ମଣର କାର୍ଯ୍ୟ ବେଦାଧ୍ୟୟନ, ବେଦାର୍ଚ୍ଚନ, ଯଜନଯାଜନ । ଏ ସବୁରେ ଯେ ଅପାରଗମ, ସେ କୃଷାଦ୍ୱାରା ଜୀବନ ଧାରଣ କରନ୍ତୁ । ସେଥିରେ କେହି ଦୋଷାରୋପ କରି ନ ପାରେ; ମାତ୍ର ତୁମ୍ଭେ ଏ ପାଖ ନା ସେ ପାଖ କେଉଁଆଡ଼େ ନ ହୋଇ ସେ ସବୁ ଗୁଡ଼ ଚୂନ କାଳ ବୋଲି ହୋଇ ନାଚିଲ, ପୁଣି ଜନାଦେଲେ ଏ ଆଡ଼େ ସେ ଆଡ଼େ ଓସ୍ତାଦ କରି ବୁଲିଲ । ସେଥିରେ ଯେଉଁ ଶୌକିନ୍ତ ଜମାଇଲ, ତା ହାତେ ଜାଣନ୍ତି ତ ନାଥେ ଜାଣନ୍ତି । ଏଇ ବୁଝି କହ ତ ସବୁ ଅନ୍ୟଙ୍କୁ ଦେଖି ଏଣେ ତେଣେ ବୁଲୁଛ । ତମର ଏଇ ସବୁ ଚଖା ଚୁକ୍ଲା ଶିଖିଆ ଯୋଗୁଁ ଧକ୍କା ଖାଇ ଯାଉଛ ପିଲା !

ଜଗ—ହଉ ବାବୁ; ହେଲେ ହେଲ । ଆମ ଜନ୍ମଭୂମି; ଆମ ଭଣ୍ଡାଶିଆ ଆମ ପାଖରେ ଥାଉ, ଆଜିଠାରୁ ଆପଣଙ୍କର ଆମର ଏତିକି ।

ମୋହନ—ନ ରହିପାରି, ସେଥିପାଇଁ ଚିନ୍ତାକର ମୋତେ ।

ଜଗ—ସେଥିରେ କଣ ଅଛି, ବାବୁ ମୋର ଏ ମାସର ଦରମା ଯା ହେଲ ଦେଇ ଦିଅନ୍ତୁ ।

ମୋହନ—କଣ କୁହାକ ପାଇନାହିଁ !

ଜଗ – କେବେ ପାଇଲି ?

ମୋହନ—ଗତ ଏ ମାସ ତା ୨ରିଖ ଦିନ ତମେ ପଚିଶଟଙ୍କା ନେଇ ନାହଁ ?

ଜଗ—ହଁ ନେଇଛି ।

ମୋହନ—ପୁଣି ଯେଉଁଦିନ ମଦ ଖାଇ ମାତାଲ ହୋଇ ବେଶ୍ୟା ଦ୍ୱାରରୁ ଲୋକଙ୍କ ଦ୍ୱାରା ଗିରଫ ହୋଇଥିଲ, ସେ ଦିନ ୫ ଟଙ୍କା ନେଇ ଛାଡ଼ିଥିଲ, ମନେ ପଡ଼ୁଛି ତ ? ଆଉ ତମର ଟଙ୍କା କୁଆଡ଼ୁ ଆସିଲା ?

ଜଗ—ହଉ, ଆମର ଯେତିକି ଚୂନା ସେତିକି ଚିଠା ।

ମୋହନ—ବୁଝିଲଣି ପାଣିଏ, ଆମର ଏଠି ହକ ମଜୁରଦ୍ୱେଷୀ କାମ । ପଇସା ଦେଲେ ଆମକୁ ଚାକର ମିଳିବେ; ମାତ୍ର ତମପରି ଲୋକଙ୍କୁ ରଖି ସମସ୍ତ ବେଳେ ବିପଦରେ ପଡ଼ିବା କଥା ।

ଜଗ —ହେଉ, ହେଉ, ଆମକୁ ବି ଚାକରି ଅଭାବ ନାହିଁ ଯେ । (ପ୍ରସ୍ଥାନ)

---

## ଚତୁର୍ଥ ଦୃଶ୍ୟ

( ମଧୁ ଓ ଦୁଆରିର କଥୋପକଥନ )

ମଧୁ—ଦୁଆରି ଭାଇ, ଶୁଣିଛ କି ନା, ଜଗ ଭାଇ ଯେଉଁଠି କାମ କରୁଥିଲା, ସେ ସେଠାରୁ ଜବାବ ହୋଇ ଗଲାଣି ।

ଦୁଆରି—କାହିଁକି ଯେ ?

ମଧୁ—ତାହା ଏକ କଟ,ଚରଣ ଗୋଷ୍ଠୁ ବରନ୍ତୁ ବହାର-ସ୍ତବେ ।

ସୁଭଦ୍ର—ଓହୋ, ତାଙ୍କୁ ଯେମିତ ଆଉ ସୁବର୍ଣ୍ଣ ମିଳବ ନାହିଁ ! ଯେତେଶ ଅପେକ୍ଷା ରହୁଥିବ ! ସେ ସେବେ ଖାଲି ସମାଜ ଲେଖି ବସିବ, ତ ମାସରେ ଶହ ଶହ ଟଙ୍କା କମେଇବ । କଣ୍ଟା କଣ ସୁଆଙ୍କ କରେ ଭର୍ତ୍ତି-ଲକ୍ଷ୍ମ ବୋଲି ମୋତେ ଏ ଓଠିଟା ଦେଇଛନ୍ତି । ମୁଁ ତାଙ୍କ ଘରୁ ବେଳ ଆସିବ । ଏକଲଣ୍ଟା ପିବାକୁ ଭଲ୍ଲା ହେଉ ନାହିଁ, ସୁଲ ବଜଣାକ ପିବା, ତାଙ୍କ ଗାଁ, ତାଙ୍କ ଘରଦ୍ୱାର କେମନ୍ତ ଦେଖି ଆସିବା । ଗାଡ଼ ଟାଇମ ତ ଆସି ହୋଇଗଲା, ଉଡେଇଛୁ ଗୋଟାଏ ଷ୍ଟେସନ ଯାଇ ଲୁଚିବା ଭଡ଼, ସାଇକେଲଟା ତ ଅଛି, ତୁ ଘରରେ ଛୁଟା ହେବୁ, ସୁଲଗିବା । ଶାନ ପାନ ତ ନାହିଁ, ହୋଟେଳ ଏକଇକମ ବଡ଼, ସୁଲ ଚେତେ ? (ଉଭୟଙ୍କ ପ୍ରସ୍ଥାନ)

---

## ଦ୍ୱିତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

ଜଳଶାଇ - (ସ୍ୱଗତ) କଣ କରିବ ? ସୁବର୍ଣ୍ଣ ପଣ୍ଡିତ ଲଣ୍ଡାପ୍ରୀ ହେଲ ଆସିଲ, ବର୍ତ୍ତମାନ କେବେ ଜଣାଇ ? ଟୈଳକ ଖାଲ ଖର୍ଚ୍ଚ ବଳେଇ ଯାତ୍ରା ନାହିଁ, ସେ କୌଣସି ମତେ ସୁଣ୍ଡାଥିଆ ଲୁଗାଦ୍ର କଲ ଗାଉନ୍ତି; ତାକୁ ହେଇ ଗର୍ଭସ୍ଥିଣୀଟିଏ ମୋତେ ବଡେଇ ସାଉଛି । ଯାହା ହଉ, ଦୁଆର ଖୋଲି ବୋଇଁ ଲଜଗୋଣଟି ହେଉ ଯାଉଛନ୍ତି, ତାକୁଇ ତାଙ୍କରେ ଲଗାଇ ଦେବ । ଏ ଗୋଟିଏ ବଣ ଆସୁଛି ? ଆହା କେଡ଼େ ସୁନ୍ଦର, ଧୋଳା ସ୍ୱାକୁ ଟେଟେରନ ବସି ରହି ନ ଥିବ ।

(ଶାବଣର ପ୍ରବେଶ)

ଜଳ—(ମୃଦୁ ଜୁଣାଇଁ ଜୁଣାଇଁ) ଦଳ ବଡ଼, ତମ ଘର କୋଉଠି ବା ?

ଶାବଣ୍ଣା—ନାହିଁତ; ଆମ ଘରୁ କେମେ ଜଣ ପ୍ରାଇବି ?

ଜଳ—ସ୍ୱା କଣ ଶୁଣୁଛନ୍ତି ନାହିଁ ? ମୁଁ ଏ ସହରରେ ପ୍ରାୟ ପିଲ୍ଟି ଶନୁ ଜାରବାର ଦେଖୁଛି, ତମ ଭଳି ସ୍ତ୍ରୀ ଲୋକଟିଏ ଥରେ ମାତ୍ର ଦେଖି ନ ଥିଲି । ସେଥି ଯୋଗରୁ ନ ଜାଣିବା ରହୁଥାଇଲି ନାହିଁ ।

ଶାବଣ୍ଣା—ତମ ଘର ଏଇ ସହରରେ ?

ଜଳ—ଆମ ଘର କୋଠସାହି । ଏ ସହରରେ ନାଟ ତାମସା କରି ଆଉ କବିତା ବଳ ଅନେକ ଲୋକଙ୍କ ସନ୍ତୋଷ ଲଭଥାଉ କରିଆସିଛି । ତମକୁ ଗୋଟିଏ କଥା କହିବାକୁ ମନଟା ହେଉଛି—

ଶାବଣ୍ଣା—କି କଥା କହିବ ?

ଜଳ—(ସ୍ୱଗତ) ସ୍ୱା ରୂପରୁ ଅନୁମାନ ହେଉଛି, ସ୍ୱା ସୁଲଟଲଣ ଯାହା ଦେଖିଲଣି, ଏ ନଷ୍ଟପୁ ଭଣେ ଭସିବା ?

ଶାବଣ୍ଣା—ମୁଁ ସାଉଛି ସାଆନ୍ତେ; ମୋତେ ଡେରି ହେଉଛି ।

ଜଳ—ପିଲ ତ, ଶୁଣ ଗୋଟାଏ କଥା ଶୁଣ ।

(ଗୀତ)

ଜଳଭେଣୀ ମଳହାସୀ
ହସି ଥରେ କହୁଯାରେ ।ଗ୍ରବା
ତୋ ପ୍ରେମ ନୌକାରେ
ନାହିଁ ମୋତେ ନେଇଯା ରେ ।

ଶାବଣ୍ଣା—(ସ୍ୱଗତ) ଶନ୍ତିଆ ମୋତେ କଣ ଭାଷା ଭଳି ଯାଉଛି କି ? ଦଉ କଣ କହୁଛି କହୁଯାଉ ।

ଜଳ—କଣ ମନେ ପଡ଼ୁଛି କି ?

ଶାବଣ୍ଣା—ମୁଁ ଟିକଏ ଅପେକ୍ଷା କଏ ବୁଝାଇ ଆସୁଥିବ ଭଲ ?

ଜଳ— (ଗୀତ)
ତୋ ସୁଧାଅଧରୁ ସୁଧା,
ଦେଇ ମୋତେ ଭଣ ବଳା,
ସୁଧ ମୁଁ ନ ଦେଲେ ଅବା (ମୋତେ).
ନେଇଯାଉରେ ମୋହ ଯା ରେ । ୧ ।
ବୁଝି ପାରୁଛି ?

ଶାବଣ୍ଣା—ଆହା, ମଣିଷ କୋଉଠି କଥା ଭାବୁଛେଣି ?

ଜଳ— (ଗୀତ)

ତୋ ହୃଦ ରତନ ହାର (ମୋତେ)
ମଣିବୁରେ ବନ୍ଧାଧର;
ହୃଦ କଣ୍ଟିରେ ଧର
ଫରଶି ଲୁ ବୁଲୁ ଯା ରେ ।

ସଖି ! ତୋ ଗଳାରେ ଯେଉଁ ହାରଟି ନାଉଛୁ, ତା ସଙ୍ଗେ ମୋତେ ତୁଳନା କରି ତୋ ହୃଦ କଣ୍ଟିରେ ଲଗାଇଦେ, ମୁଁ କେମିତିଆ ?

ଶାବଣ୍ଣ—(ସ୍ୱଗତ) ଏକ୍ତେ ବଜ୍ରେଇ (ପ୍ରକାଶ୍ୟେ) ସେଇଠୁ ।

ଜଳ— ଗୀତ

ଗ୍ରୀଷ୍ମ ସଙ୍ଗେ କର କୁଳ
ଆଶ୍ର ମୁଁ କଚ୍ଛୁ ମୂଳ
ବାଳକୃଷ୍ଣ ବୋଲେ ଭଲ-
ଲୋକ ଖୋଜା ନାହିଁ ଯା ରେ ।୩

ସଖି ! ତୋ ସୁଧା ଅଧରରୁ ଟିକଏ ମଧୁ ପିଇ-ବାକୁ ଏ ମନ ଭ୍ରମର ବଡ଼ ଅଥୟ ହେଉଛି । ତୁମେ ବା ବିଶ୍ୱାସ ଯିବ ନାହିଁ । ମୁଁ ତୁମକୁ ଦେଖିଲା ଦିନଠାରୁ ମୋ ମନ ପ୍ରାଣ ତୁମର ଶ୍ରୀଚରଣରେ ସେବକ ହେବାକୁ ଲାଳାୟିତ ହୋଇଛି । ତୁମେ କିଏ ? କୁଆଡ଼କୁ ଯାଉଛ ?

ଶାବଣ୍ଣ—ମୁଁ ଧୋବାଘର ଝିଅ, ବଡ଼ ବଡ଼ ବାବୁ ଭଦ୍ର ସାହେବ ସୁବାଙ୍କର ଲୁଗାପଟା କାଚି କୋଟ କୋଟେ । ଗଡ଼ଆ ଗୋଇଠରେ ପାଣି ଶୁଖି ଯାଇଥିବାରୁ ନଈରେ ଟୋପେ ପାଣି ଅଛି ବୋଲି ଲୁଗାପଟା ନେଇ ଯାଉଛି ?

ଜଳ—ଆଜ୍ଞା, ନଈ ପାଣିକି ତ ନିତ ଯାଉଛ, ଗଙ୍ଗାସ୍ନାନ କରୁଛ, ଘେଟ ଘୋଷୁଛ । ଏବେ ଜଳପାଣି ପାଖକୁ ଆସ, ଏମା ଗଙ୍ଗାସ୍ନାନରେ କ ସ୍ୱର୍ଗ ସୁଖ ଲୋଭ କରିବ; ଦେଖିବ ।

ଶାବଣ୍ଣ—(ସ୍ୱଗତ) ଖଣ୍ଡିଆର ତ ଭାରି ଗୁଡ଼ (ପ୍ରକାଶ୍ୟେ) ତେମେ ହେଲ ବ୍ରାହ୍ମଣ, ମୋତେ କଣେ ଛୁଇଁବ ?

ଜଳ—ଆରେ ପ୍ରେମର ସ୍ନାନାସ୍ନାନ, ଖାଦ୍ୟାଖାଦ୍ୟ, ଜାତି ଅଜାତିର ଭେଦାଭେଦ ନାହିଁ । (ସ୍ୱଗତ) ସେ ବାବା, କଦମଗଛମୂଳ, ମୋର ଯାଡ଼ ଏ କାମଟା ପରେ ହେବ, ଟଙ୍କାକର ସିରଣି ପାଇଆ ଦେବ ।

ଶାବଣ୍ଣ—(ସ୍ୱଗତ) ସାପଖିଆ ବ୍ରାହ୍ମଣକୁ ଆଜ୍ଞାକର ଗାଳେ ଅକଲ ଦେବ ଯେ, ତାଇ ତାଳକୁ ବସି ଅଖା ଧୋଉଥିବ, ଗୁଣ ଗାଉଥିବ । (ପ୍ରକାଶ୍ୟେ) ଭାଇ ବସା କୋଉଠି, ମୁଁ କେମିତି ଯିବ ?

ଜଳ—(ହସି ହସି) ଆମ ବସାଟା ଏଇ ନଦୀକୂଳ ପଥର କୋଠା ସାମନା ଚଣ୍ଡୁମୁହାଣି ଛକ ଘଣ୍ଟା ମା ଘର । ଆହା ମୁଁ ତୁମକୁ ସେଠିକି ଯିବାକୁ କହିବି ? ତମ ଘର ମୋତେ ଦେଖାଇ ଦିଅ ଯେ, ମୁଁ ସନ୍ଧ୍ୟାକୁ ହାଜର ହେବ ।

ଶାବଣ୍ଣ—(ଅଙ୍ଗୁଳି ଦେଖାଇ) ଏଇ ମୋର ଘର, ମୋତେ ଡେରି ହେଉଛି, ମୁଁ ଯାଉଛି ।
(ପ୍ରସ୍ଥାନ)

ଜଳ—ଆହା ! ସତେ ମୋର ସେ ଭାଗ୍ୟ ହେବ ? ସତେ ସେ ଚନ୍ଦ୍ରବଦନୀକୁ ଅଙ୍କରେ ବସାଇ ମନଇଚ୍ଛା ଜୁଡ଼ାଇବି । (ପ୍ରସ୍ଥାନ)

---

## ଦ୍ୱିତୀୟ ଦୃଶ୍ୟ

କମଳା—(ଚନ୍ଦ ସେଣ୍ଡୁ ସେଣ୍ଡୁ) ଗୀତ ।

ବରଷ ରେ, ମୋ କପାଳେ ଏହା ଥିଲା । ଘୋଷା ।
କାନ୍ତସୁଖ ବନେ ନ ଲଭି ଯାବନେ
ଅବର୍ଣ୍ଣ ଜଳଟା ଗଲା । ୧ ।
ଧନ ଲୋଭେ ପିତା ଦେଲେ ଏ ଅବସ୍ଥା
(ମୋର) ଏ ବୋଉ-ବେଣିଲେ ଭଲା । ୧ ।

ଏ ଖଣ୍ଡିଆ ତ ୭ ବର୍ଷ ହେଲା ଗଲା । ଏଠିକଟ ଫେଣ୍ଟ ପଠାଇଲା ନାହିଁ, କ ଘର ବୋଲି ମୁହଁରେ ଧରଇ ନାହିଁ । ମୁଁ ଏଥିରେ କରେଁ କଣ ? ଛଅମାସ ତଳେ ଯେଉଁ ନୂଆସ ବାବୁକୁ ମୋ ପାଖକୁ ଖାଇବାକୁ ପାଇଁ ପଠାଇଥିଲା, ସେ ବାବୁ ବଡ଼ ଉତ୍ତମ ଲୋକ । ପୁଣି ତାଙ୍କ ସଙ୍ଗରେ ଯେଉଁ ମଧୁବାବୁଟି ଆସିଥିଲେ, ସେତ ବଳୁଁ ଅଧିକ । ତାଙ୍କ କଥାବୃତ୍ତ ବଡ଼ ମିଠା । ସେ ମୋର ଲଜ୍ଜାବତାକୁ ବଡ଼ କଳପାନ୍ତି । ମୁଁ ମଧ ତାଙ୍କୁ ଦେଖି ତାଙ୍କ ଶ୍ରୀଚରଣରେ ମନ ପ୍ରାଣ ସମର୍ପି ଦେଇଥିଲି ।

ସେ ଦିନରୁ ଆସି ବୃନ୍ଦାବନ ଛାଡ଼ିଗଲେ । ସେଦିନ ଠାରୁ ମୋତେ ମୃତ୍ୟୁଭୟ ଡର ଲାଗିଲା ! ଏ ବୃଦ୍ଧାବସ୍ଥା ଯଦି ନ ଥାନ୍ତା, ତେବେ କିଛି ସୁଖ ଓ ଶାନ୍ତି ଭୋଗ କରନ୍ତି । ଆହା, ତାଙ୍କ କଥା ଜମା ମନରୁ ପାଶୋର ଯାଉ ନାହିଁ ।

ସୁଶୀଳା—(ପ୍ରବେଶ କରି ବୋହୂ ପ୍ରତି) ଆହା ଲୋ, ମୋ ସୁନ୍ଦର ବୋହୂ, କଣ ବସି ଭାବନା କରୁଛୁ କି ? କେତେବାର ପ୍ରିୟ ବୁଝାଇବାକୁ ଆସିଲି ତଥାପି ତୋ ଗୋଡ଼ ତଳେ ଲାଗି ନ ଥିଲା ! ସଂସାର ଅନିତ୍ୟ, ସଂସାର ଅନିତ୍ୟ ବୋଲି ଆଉ ଭୁକ୍ତଦେଇ କର, ଭାଲି ମନ୍ତ୍ରଜପ, ଭାଲି ଏଣ୍ଡୁଅ କର, ଭାଲି ଭାବନା କର, ଆଉ ଗଲ, ଗାଁ ଯାଉ ନ ପ୍ରାଣ ଲାଗିଛି ଶୁଣିବୁ ।

କମଳା— କଣ ପ୍ରାଣ ଲାଗିଛି ମ ?

ସୁଶୀଳା—ଆଜିର ମୃତ ହଲେଇ କଥା କହୁଛୁ ? ଶାସନ ଯାକ କହୁଛନ୍ତି, ସେ ଦୁଆରଟା ତାଙ୍କ ନ ମାଲିପି ସବେ ବୃନ୍ଦାବନ ରହିଲା । ସେ ତ ବାଟର କାଟୋଇ ! ଆସିଲି ଭାଗଲ ସବ ନେଇ ଯାଇଥାନ୍ତା । ଆମର ବ୍ରାହ୍ମଣ ଘର, ସେ କ ଜାତ ନାହିଁ କ ଜାଣ, ସେ ତାଙ୍କ କ ଆମ ଘାଟ ମାଠ ଉପରେ ଶୋଇଲା, ସେଇଥି ଲାଗି ବାଟ ବସିଛୁ ।

କମଳା—ହଉ ହେଲେ ହେଲା ଯା, ଯା ମନ ଖୋଠେଇ ରସିଲା ।

ସୁଶୀଳା—ହଉ ଲୋ ଅଣ୍ଡୁ ବୁଢ଼ୀ ଦର ଝିଅ, ତୋ ମନ ତ ରସିଲା, ମୋ ବର୍ଷଣକୁ ସେ ଉଷାଇ ଦେଲୁ ।

କମଳା—ଓହୋ ରେ ବୃଦ୍ଧର, ଗଣ୍ଡ ଉଠି ଯାଉଛୁ । ତମ ପୁଅ ସେ ବାହାରରେ ରହୁଛି, ତାର ଯାଗାରେ ଶୁଦ୍ଧି ଚିନ୍ତା ହୋଇ ଦେଖିତ ହେଉଛି, ସେ ସବୁ ବ୍ରାହ୍ମଣ କୁଳକୁ ଯାଉ ଛଳ ?

ସୁଶୀଳା—ବହୁକୁ ନାହିଁ ନାହିଁତ, ପୁଅ ଯେବେ ସୁନ୍ଦର ହୋଇଥାନ୍ତା, ମୋତେ କ ଏ ଅବସ୍ଥା ଭୋଗ କରିବାକୁ ପଡ଼ଥାନ୍ତା ।

( ମୁଣ୍ଡରେ ହାତ ଦେଇ କାନ୍ଦୁଣକା )

ହାଁ ମୋ ଲଳନା ମାଲରେ । ତୋର ଯୋଗୁଁ ପିତା ଏ ମୁହାସଖାଣଠାରୁ ଭାଉ କଥା ଶୁଣୁଛି ରେ, ହାଁ ମୋ ଲଳନା ମାଳ ରେ । ଶାସନ ଯାକ ତ ଏ ସବାଖାଇ ଯୋଗୁ ମୋତେ ଦେଖି ଦେଖା କରି ଖାଇ ଯାଉଛନ୍ତି ରେ । ହାଁ ମୋ ଲଳନାମାଳ ରେ ।

କମଳା— ତମର ଏଥିପାଇଁ କ ଦଣ୍ଡ ପଡ଼ୁଛି । ଯା ସବୁ, ସେ ଯାହା ବୁଦ୍ଧାବୁଦ୍ଧି ହେଲେ, ତମକୁ ତ କେହି କହୁ ନାହିଁ । ତମ ଘରେ ତମେ ଭୂପ ହୋଇ ବସ ।

ସୁଶୀଳା - ଆଉ କସିବ କଣ ଲୋ, ହାତ ଗୋଡ଼ଖାଇ, ସେଆଡ଼େ ସେ ଶାସନ ମନା, ତାଙ୍କରେ ପୁଣି ଧୋବା ଭଣ୍ଡାରୀ ଅଟକ । କରିବା କଣ ?

କମଳା—ତମର ତମେ ଯାହା କରିବାର କର, ମୋର ଯଦି ବାପଘର ଗାଁ ମିଶ୍ର ପଣ୍ଡିତ ଘର ଥିବ ତ ମୁଁ ଏ ଶାସନଯାକଙ୍କୁ ମାନେ ନା ।

ସୁଶୀଳା—ସଣ୍ଡର ଝିଅ ମୋ ପୁଅ ଥିଲେ ତୋ ବେକରେ ତଣ୍ଡିଆ ଦେଇ ଜକାଇ ବଅନ୍ତାଣି ।

କମଳା—( ମୁଣ୍ଡରେ ହାତଦେଇ କାନ୍ଦୁଣକା ) ହାଁ ମୋ ବୋଉ, ଏ ଖଣ୍ଡିଆ ହାତ ଧରେଇ ଦେଇ ମୋତେ ମହି ଦଣ୍ଡାରେ ଭସେଇ ଦେଲୁ ଲୋ । ହା ମୋ ବୋଉ ।

ଅଳ୍ପବୟସରେ ମୋ ତଣ୍ଡିରେ ଖୁର ନ ଦେଇ ମୋତେ ଏଡ଼ ସ୍ଥାନ ଅବସ୍ଥା କରିବୁ ବୋଲି ତୋ ମନରେ ଥିଲା ଲୋ, ହାଁ ମୋ ବୋଉ ।

କେଉଁଣି ବୁଢ଼ୀ କୁ ମୋତେ ଭଣ୍ଡ ଦେଇ ବତୁନାହିଁ, ମୁଁ ଯାଉଛି ମୋ ବାଟ ଦେଖିବ । ( ପ୍ରସ୍ଥାନ )

ସୁଶୀଳା—ମଲ, ମଲ, ଏ ଗଲ କୁଆଡ଼େ ? ବୁଢ଼ ଶୋଷଣରେ ତେଣିଁ ମୋତେ ଲଜଲ କରିବ କି, ଯାଏ ଦେଖେଁ । ( ପ୍ରସ୍ଥାନ )

## ତୃତୀୟ ଦୃଶ୍ୟ

( ନଦୀକୂଳ ଶ୍ରାବଣୀର ଦାଣ୍ଡଦ୍ୱାରରେ ଟହଲ ମାରୁ ମାରୁ )

ନଳ—ଏ ଇ ଘର ତ ଦେଖାଇ ଦେଇଥିଲା, କାହିଁ କବାଟ ତ ବନ୍ଦ, କ'ଣ କରିବ ? କାହାକୁ ଡାକିବ [ ଗଳା ଖଙ୍କାରି ମାରି ]।

ରଘୁଆ—ଉଦୋ ବାବୁ ! ଏଠି କାହିଁକି ବୁଲୁଛ ! ମୁଁ ଦେଖୁଛି ତେମେ ପହଢ଼େ ହେଲା ଏ ପାଖ ସେ ପାଖ ହେଉଛ !

ନଳ ନାହିଁ, ହିଁ, ଏଠି ମୋ ଲୁଗା ଖଣ୍ଡେ ଦେଇଥିଲି ନବାକୁ ଆସିଛି।

ରଘୁଆ—କଣ, ଘଡ଼ି ପହଢ଼େ ହେଲାଣି, ଲୁଗା ନବାକୁ ଆସିଛ, ଡାକୁନା !

ନଳ—ମୁଁ ତା ନା ଜାଣେ ନାହିଁ।

ରଘୁଆ—ତା ନା ଶ୍ରାବଣୀ।

ନଳ—ତୁମେ ତାର କିଏ ହ ?

ରଘୁଆ—ମୋର ଭାଇ ପଢ଼େ ନାହିଁ। ତା ବାପ ମୋତେ ତାକୁ ବିବାହ ହେବାକୁ ପ୍ରଥମେ କହୁଁ ତା ବଳେ ରଖିଥିଲା। ମୁଁ ଭଲ କରି ତା ପାଖରୁ ଅଲଗା ହୋଇଯାଉଛି।

ନଳ—ସେ କଣ ବାହା ହୋଇ ନାହିଁ !

ରଘୁଆ—ନା, ନା, ବାହା ହୋଇନାହିଁ। ମୁଁ ଯାଉଛି, ମୋତେ ଦେଖିଲେ କ୍ରୋଧ ପଡ଼ାଇବ। (ପ୍ରସ୍ଥାନ)

ନଳ—( ସ୍ୱଗତ ) ଆରେ ବାଃ, ଶ୍ରାବଣୀ ଅବିବାହିତା, ଓହୋ ମନଟା କଣ ହୋଇ ଯାଉଛି ( ପ୍ରକାଶ୍ୟେ ) ଶ୍ରାବଣ ! ଶ୍ରାବଣ ମ।

ଶ୍ରାବଣୀ—(ଦ୍ୱାର ଖୋଲି ଦେଇ) କିଏ, ତମେ ଆସିଲଣି କି ? ବେଳ ଘଡ଼ି ଠିଆ ହୋଇଛ କାହିଁ ନାହିଁ, ଆସ ଆସ ଘରକୁ ଆସ।

ନଳ—ଶ୍ରାବଣ ! ଆସିଲି ହିଁ, ହେଲେ ଟିକିଏ ତର-ତରିଆ ଅଛି।

ଶ୍ରାବଣୀ—କାହିଁକି ?

ନଳ—ତେଣେ ଗୋଟାଏ ଗାନ୍ ବଜାନ୍ ହେବ, ମୋତେ ନିମନ୍ତ୍ରଣ ଅଛି।

ଶ୍ରାବଣୀ—ହଉ, ବସ, ସେ ମଦବାବୁଙ୍କ ପିଲା ପିଲା ଆଜି ବନ ଗାଡ଼ିରେ ସୁଖ ଗୁଲଗଲେ; ସେ ଆଜି ସ୍ୱଚ୍ଛରେ ଗାଡ଼ିରେ ଯିବେ। ତାଙ୍କର ଏ ସ୍ୱର ଖଣ୍ଡ ଲୁଚା ଭାଗିଛି ଅଛି। ଧୋବ ହୋଇ ଯାଇଛି, ଖାଲି ଟିକିଏ ଇସ୍ତ୍ରୀ ଚଳାଇ ଦେଲେ ସେ ନେଇଯିବେ। ତାଙ୍କର ସ୍ୱରର ବାଦର ସବୁ ସ୍ୱର ଯାଇଛନ୍ତି, ମୋତେ ଯିବାକୁ ପଡ଼ିବ କି କଣ ହେବ। ଦେଖାଯାଉ, ତମେ ଆମ ଗାନ ଖାଇବ ତ।

ନଳ—କାହିଁକି ଖାଇବି ନାହିଁ ? ଏଥି ତମର ହାତରେ ଏଥି, ଖୋଇ ଏଥି, (ପାଟି ଆଁ କରି ଦେଖାଇବା) ଏଥି।

ଶ୍ରାବଣୀ—ହିଁହି, ମୁଁ ଭୁଲିଲି ନାହିଁ, ମଦନ ଲୁଗାଗୁଡ଼ାକ ଖାରି ଦେଇଥିଲି। ତମ ଲୁଗା ଲୁଆଁ। ସେଇଠି ବଟୁଆ ଅଛି ତେଣେ ବଢ଼ି କରି ଖାଅ। ମୁଁ ଲୁଗା ଖଣ୍ଡ ଇସ୍ତ୍ରି କରିଦିଏ। ( ଇସ୍ତ୍ରି କରିବା )

ନଳ—ହଉ ( ବଟୁଆ ଖୋଲି ଗାନ ଖାଇ ଖାଇ )

ଗୀତ

ଘର ଭିତରେ ଅଛି କି ରସ
ରସିକ ନ ହେଲେ କି ଜାଣେ
ଅରସିକ ପାରିବା କେମିତି
କଖାରୁ ଫୁଲଟିକୁ ଜାଣେ
ଘର ଭାର୍ଯ୍ୟା ବଶ ମଣେ, ଘର ଧନ ଭୁଲ ମଣେ
ତାକୁ କି ମନୁଷ୍ୟ ଗଣେ।୧।

ଶ୍ରାବଣୀ—ଉଦୋ ଏଡ଼େ ପାଟି କରୁଛ, କିଏ ଶୁଣିବଟି ! ତମେ କଣ ଖାଇଛ କି ?

ନଳ—ଆରେ ପାଉ ! ମୋ ଖାଇବା କଥା କଣ ଶୁଣିବୁ। ଭୁ ପାଣି ପାଇବୁ ଜଳ ଭଳ ଦୌଡ଼ିଥିଲୁ, ଆଉ ବଳେ ବଳେ ପାଣି ଆସି ତୋ ପାଦତଳେ ଲାଗିଲା। ମନେ ରଖ, ଆଜଠାରୁ ପାଣି ଖୋଜିଲି ଏକାଠି ହେଲେଣି। ଖାଲି ତ ମାଲ ଆସିବ ଟିକି ଟିକି, ଆଉ ବୋତଲ ଆସିଲେ କ ଅଛି। ତେବେ ଖାଅ ନା

ଶ୍ରାବଣୀ—ହିଁ, ହୁଁ।

ନଳ—ଆରେ ବାହ ! ଆଉ କଣ ବଢ଼ିବା ହୋଇଛି ମ।

ଗୀତ

ତୁହିଁ କହୁଁ ସେ ମଦ ମାଂସ ।
ସେ କ ଜାଣେ ଗୀତର ରସ ।
ସେଇଟା ଅଜାତ ପାଷଣ୍ଡ । ୨ ।

ନଟ ମହାନ୍ତି—(ନେପଥ୍ୟେ) ପାରୁ ! ସରିଲା ।

ପାଣ୍ଡା—(ସ୍ୱଗତ) ନଟବାବୁ ତ ନରବଳକୁ ଭୁଲିବାକୁ ଯାଉଥିଲେ, ଏତିକାଟେ ଆସିଗଲେ ଯେ ! ( ଭୁକ୍ତ ଶୁଣାଇ ) ବାବୁ ହେଉଛୁ ।

ନଟ—ଭଗାଟ ପିଟା, ଗାଡ଼ ଟାଇମ ତ ହେଲା, ଆଉ କେତେବେଳେ ଆମ ଲୁଗା ଦବୁ । ବସାରେ ଲେଡ଼ ମାହାନ୍ତ ମୁଁ ଏକାଠେ, ଚଞ୍ଚଳ କର ହେ, ଆସିଥାଉଁ ନେଇଯିବା ।

ପାଣ୍ଡା—ଯାଉଛୁ (ଯିବାକୁ ଉଦ୍ୟତ )

ଭଗ—ହେ ମୁଁ କଣ କରିବି ?

ପାଣ୍ଡା—ତେମେ ବନ୍ଧୁ ହୋଇ ବସୁନାହିଁ ଗଲ୍ପରଲେ କହିବ ମୁଁ ଲୁଗା ଆଣିଁ ଆସିଛୁ ।

ଭଗ—ହେ ମୋତେ ଧରି ଭଗାଇବା କଥା, ମୁଁ କଣ କରିବି କହ ?

ନଟ—ଭଗାଟ ପିଟାବା, ପିଣ୍ଡା ଟିକଏ ତ ବଡ଼କରି ନାହୁଁ, ନେବ ଲଗାଉଛୁ । ମୁଁ ଛଡା ଘଡା ସବୁ ଏକ ଗାଡ଼ରେ ପଠାଇ ଦେଉଛୁ ?

ପାଣ୍ଡା—ଯାଉଛୁ ।

ଭଗ—(ଭୁକ ଭୁକ) ହେ ପାରୁ ! ତୋ ହାତ ଧରୁଛି, ତୋ ଗୋଡ଼ ଧରୁଛି, ମୋତେ କେଉଁଠି ଲୁଚା । ସେ ନଟବର ମହାନ୍ତିଙ୍କୁ ମୁଁ ଭଲ କରି ଜାଣେ, ସେ ଭାରି ଭୟ ମୁହିଁଆ ଲୋକ । ଦେଖିଲେ ବାଜ ଯାଗାରେ ବାଇ କଥା କହୁ ମୋ ଭଗତ ନେବ ।

ପାଣ୍ଡା—(ଭୁକ ଭୁକ) ମୋର ତ ଭରୁ ହୋଇ ଭଲେ, କୋଉଠି ଲୁଚିବ, ଏ ମେଜ ଉପରେ ଶୋଇ ପଡ଼ ମୁଁ ଉପରୁ ଲୁଗା ଘୋଡ଼େଇ ଦଉଛି ।

ଭଗ—(ଭୁକ ଭୁକ) ନାହିଁ, ଧରି ପଡ଼ିବା କଥା । ମୁଁ ବ୍ରାହ୍ମଣ ତୋ ଗୋଡ଼ ଧରଇଛି, ମୋତେ ରକ୍ଷାକର ।

ପାଣ୍ଡା—ଏତେବେଳକୁ ବ୍ରାହ୍ମଣ, ଭଲ କଥା, ତେବେ ଏ କେଉଁ ଥଳା ଭିତରେ ଏଠି ଉଠିଲୁ ସ୍ୱା ଭିତରେ ପଶ ମୁଁ ତା ମୁହଁରେ ଗଣ୍ଠି ପକାଇ ଦେଇ ଦୁଆର ମୁହଁ ତଳ ପିଣ୍ଡାରେ ଥୋଇ ଦେବ ।

ଭଗ—(ଭୁକ ଭୁକ) ନୋହିଲେ ବ ପାରୁ, ମୋର ଭଣ୍ଡିରେ ଶୋଇପଡ଼ି ଥିବ । ଆଜ, ଥଳା ଦେ, ମୁଁ ପଶେ (ଥଳାରେ ପଶୁ ପଶୁ) ମୋ ପ୍ରେମିକ ପଣିଆ ବାହାରିଲା । ଭଲା, ଭଲି ଭଲା ।

*ପାଣ୍ଡା—ଭୁଲିଲ ନା, ବାହାପାଛୁ ଅହଂକାର ଟାଣ (ଗଣ୍ଠି ପକାଇ ପିଣ୍ଡାକୁ ଟେକି ଦେଇ କବାଟ ଖୋଲି) ଆସନ୍ତୁ ବାବୁ !*

ନଟ—ସବୁ ଠିକ ହୋଇ ଯାଇଛି ତ ।

ପାଣ୍ଡା—ଲୁଗା ଜାମ ସରିଛି, ଖାଲି ଜାମିର ୧ ଖଣ୍ଡ ଇସ୍ତ୍ରୀ ତଳେଇ ଦେଲେ ନେଇ ଯିବେ । ଟିକଏ ବସିଯାନ୍ତୁ ।

ନଟ—କେଉଁଠି ବସିବା ?

ପାଣ୍ଡା—ଆଜ୍ଞା, ସେଠି ସେଇଁ ବସ୍ତାଟା ହେଇ ହୋଇଛି ତାରି ଉପରେ ବସିଯାନ୍ତୁ, ସେଥିରେ ଚୁଆଁ ଚୁଡ଼ ଜିନିଷ କିଛି ନାହିଁ ।

ନଟ—(ବସ୍ତାରେ ବସିବା ସମୟେ ହାତ ମାରି) କଲେ ପାରୁ ! କ’ଣ ବୁଢ଼ାଏ ଏଥିରେ ପୂରାଇଛୁ କି ?

ପାଣ୍ଡା ଆଜ୍ଞା ନାହିଁ, ଆପଣ ବସନ୍ତୁ ।

ନଟ—(ବସ୍ତା ଉପରେ ବସି) ଟିକଏ ଚଞ୍ଚଳ ସାରିବେ । (ବସ୍ତା ଟେକିବାକୁ) ପାରୁ, ବସ୍ତା ଭିତରେ କ’ଣ ଗୋଟାଏ ଜନ୍ତୁ ହେଲପରି ଜଣାଯାଉଛି ।

ପାଣ୍ଡା—ନାହିଁ ସାଆନ୍ତେ, ମୂଷାଗାର ୧ ଜଣଟା ସେ ଥଳା ତଳେ ହୋଇଥିବ, ସେ ମୂଷା ଥଳା ଭିତରେ ପଶିଲେଣି ପର, ଏ ମୂଷାଙ୍କ ତାଳରେ କିଛି ଭୁସି ଥୋଇ ହେବ ନାହିଁ । ଆପଣ ବସନ୍ତୁ ।

(ପାଣି "ମଇଳେ ବୋଲି" କହୁ ଥଳା ସମେତ ଗଡ଼ ପଡ଼ିବା । ନଟବର ବାବୁ ଚମକ୍ତ)

ନଟ—ଏ କଣ କଲେ ପାରୁ ! ଥଳାଟା ଭିତରୁ କଏ ଗୋଟାଏ ମଣ ବୋଲି କହୁ ଗଡ଼ ପଡ଼ିଲା ?

ପାଣ୍ଡା—ବାବୁ ! କଣ କହିବ ସେ କଥା; ମୁଁ ଆପଣ ମାନଙ୍କ ଭଳିରେ ପିଇଁ କିଛୁ ଭଲ ଆସିଲାଣି,

ଆପଣମାନେ ଅବଶ୍ୟ ମୋର ଆଚରଣ ବିଷୟ ଜାଣିଥିବେ, ବୁଝିଥିବେ, ଏ ଖାପଖିଆ ବ୍ରାହ୍ମଣଟା ସଞ୍ଜବେଳୁ ଆସି, ମୋ ସାଙ୍ଗରେ ବାରଆଡୁ ବାର କଥା କହି ମୋ ଲକ୍ଷତ ନେବାକୁ ବସିଥିଲା । ମୁଁ ତାକୁ କୌଣସିମତେ ଅଶ୍ରଆର କରିବ ବୋଲି ଭାବୁଛି, ଏହି ସମୟରେ ଆପଣଙ୍କ ପାଟି ବାଣ୍ଡରେ ଶୁଭିଲା, ଆପଣଙ୍କ କବାଟ ପିଟାଇ ବାକୁ ବାହାରିଛି ସେ ମୋ ଗୋଡ଼କୁ ଧରି ଲମ୍ବ ହୋଇ ପଡ଼ି କହିଲା, 'ମୋତେ କୋଉଠି ଲୁଚା !' ମୁଁ ଅପରେ ଦୁଃଖୀ ବୋଲି ମନେକରି ତାକୁ ଏଇ ଅଟାରେ ଗୁପ୍ତରେ ବାନ୍ଧି ଝୁଲାଇଦେଇ ଆପଣଙ୍କୁ ସେଥିରେ ବସିବାକୁ କହିଲି । ଦୋଷ ମାଫ କରିବେ ।

ନଟ—ବେଶ କରିଛୁ, ଆଛା କରିଛୁ । ସେ ବ୍ରାହ୍ମଣ ନାମ କଣ କହୁଥିଲା ? ସେ ଏଠି କେଉଁଠି କଣ କରେ ।

ସାବଣ—ସେ କହୁଥିଲା ତା ନାଁ ଜଗନ୍ନାଥ ବୋଲି । ସେ କୁଆଡ଼େ ଗୋଟାଏ ବଡ଼ କବି ।

ନଟ—ଆରେ ହୋ; ସେ ପାଣି ! ସେଇଟା ତ ଭାରି ଲୁଚୁଗୁଟାଏ । ବାର ଯାଗାରୁ ମାଡ଼ ଖାଇଛି । ହଁ ରେ ସାର ! ଭଲ ନା ବୋଲ ( ଗୋଡ଼ରେ ବସ୍ତା ଗଡ଼ାଇ ଗଡ଼ାଇ ) ଆଗରୁ ବସ୍ତାରେ ପଶୁଥିଲା ଫୁଲ ବୋଲ, ବନ୍ଧା ବୋଲ, ଓଲ ବୋଲ । ଆଜି ତ ବସ୍ତାରେ ଏ ଗୋଟାଏ ପାଣି ବୋଲ ପଶିଛି । ବସ୍ତା ଖୋଲି ଟିକିଏ ଦେଖିଥିବା । ଏ ବୋଲ ଆଗରୁ କେବେ କଟକରେ ଦେଖା ହୋଇ ନ ଥିଲା ।

(ସାର ବସ୍ତା ପିଟାଇବାରୁ ପାଣି ବାହାରି ନଟବାବୁ ଗୋଡ଼ ଧରି ପକାଇ)

ଜଗ—ବାବୁ ମୋତେ ରକ୍ଷା କର ।

(ଜଗକୁ ନଟ ବାବୁଙ୍କ ଚପେଟାଘାତ ଓ ସାରର ଗୁଣ୍ଡି ଲଗାଇ)

ସାର—ଖଣ୍ଡିଆ ! ରସିକ ହୋଇଛୁ ।

ଜଗ—ବାବୁ ମରିଗଲି, ମରିଗଲି ରକ୍ଷାକର ।

ନଟ—ରେ ନିର୍ଲଜ, ବ୍ରାହ୍ମଣ କୁଳକଳଙ୍କ ମଲୁନାହିଁ; ମା ଧରଣୀ ! ତୁ କପରି ଏଭଳି ପାପିଷ୍ଠମାନଙ୍କୁ ତୋର କୋଳରେ ଧାରଣ କରିଛୁ, ରେ ନରାଧମ । ତୁ ପବିତ୍ର ବ୍ରାହ୍ମଣ କୁଳରେ ଜନ୍ମ ହୋଇଛୁ ସତ, ମାତ୍ର ତୁ ଚଣ୍ଡାଳଜନ୍ମା । ତା ନ ହୋଇଥିଲେ କି ଧୋବାଘରେ ଆସି ଅଖାରେ ପଶିଥାନ୍ତୁ । ସାର ! ଶୁଣିଛୁ, ଏ ବଦମାସ ଘରେ ତାର ଷୋଳ ବର୍ଷର ମାଇକିନିଆକୁ ଛାଡ଼ି ପରଘର ପଶା ଖୁଙ୍କ ଘମି ବୁଲି ଛାଡ଼ୁନାହିଁ । ଏଣିକି ସାର୍ ତ ବାର ଜାଗାରୁ ମାଡ଼ ଖାଇ ଖାଇ ମୁଣ୍ଡ ଚନ୍ଦା ହୋଇଗଲାଣି ।

( ପାଣି ମୁଣ୍ଡରେ ସାର ହାତ ମାରି )

ପ.ବଣ—ବାବୁ ! ସବୁ ଜମା ଛୁମ ନାହିଁ । (ପ୍ରହାର)

ଜଗ—ବାବୁ, ରକ୍ଷାକର । କଥାରେ ଅଛି, "ସ୍ନେହ କରିବ, ମହତ ଲୋକଙ୍କ ହାତୁଡ଼େ ପଡ଼ିବ ।"

ନଟ—ଯା ମୂର୍ଖ ! ଆଉ କେବେ ଏପରି କାର୍ଯ୍ୟରେ କେବେ ମନ ବଳାଇବୁ ନାହିଁ ।

ସାବଣ—ଭଲକଥା ସାଆନ୍ତେ, ଭଲକଥା, ତାକୁ କହୁଛନ୍ତି ଟେଙ୍ଗାଟାଏ ନ ଦେଲେ ହବନାହିଁ କି ସେ ତା ଲୁଚୁରି ଛାଡ଼ିବ ନାହିଁ । ତାକୁ ଏପରି ପାନେ ଦେବା ଯେ ଆଉ ଜୀବନରେ ମୁହଁ ଟେକି ବାଟ ଚାଲିବ ନାହିଁ ।

ନଟ—ହଉ, କଣ ପାନେ ଦବୁ ?

ସାବଣ—ସାଆନ୍ତେ ! ଏ ମୋ ଚଉଳ କଣ୍ଢୀକୁ ତା ଗୋଡ଼ ଭଣ୍ଡାରେ ବାନ୍ଧି ଘଣ୍ଟା ଏଠି ଦେଇ ଦେଇଥିବେ ।

ନଟ—ଠିକ୍ କହିଛୁ ସାର, ଠିକ୍ କହିଛୁ । ଏହି ଏହା ପାପର ପ୍ରାୟଶ୍ଚିତ । ସ୍ତ୍ରୀ ଲୋଭରେ ଧୋବାଘରେ ପଶିଥିଲା, କଣ୍ଢୀ ପାଇ ଯାଉ ।

( ସାର ପାଣି ଗୋଡ଼ରେ କଣ୍ଢୀ ମାରିବା )

ଜଗ—(କାନ୍ଦୁକେ) ମରିଗଲି ମରିଗଲି ।

ନଟ—ମୂର୍ଖ ! ଏତେବେଳେ ତୋ ପାପର ପ୍ରାୟଶ୍ଚିତ ହେଲା ନାହିଁ (ସାର ପ୍ରତି) ସାର ! ତୋର ସେ ଗଧ ନାହିଁ ? ଆଣିବୁଟି ସେଥିରେ ବସାଇ ସହର ବୁଲାଇବା ।

( ଜଗ ପାଣିକୁ ଟେକି ଗଧରେ ବସାଇବା ଓ ଗ୍ରାମବାସୀଗଣ ବେଢ଼ି ଗୀତ କରିବା ) ।

ଜଳ—                    ଗୀତ

( ଭାଙ୍ଗାଲବେ ମନ—ଦୁଃଖେ )

ଶିଖିଲ, ଶିଖିଲ ବାବୁ ଶିଖିଲ ଶିଖିଲ
ଶ୍ରେଷ୍ଠ ଦାଣ୍ଡ ଫଳାଫଳ ପ୍ରତ୍ୟକ୍ଷ ଦେଖିଲ । ୧ ।
ତୁମ୍ଭେ ତ କରଣ ମୋତେ କର ହେ କାରଣ ।
ଏଥୁଁ ନ ରଖିଲେ ମୋର ଗଲା ଏ ଜୀବନ । ୨ ।
ଶାପର ଯା ପରମାଦ ଲୁଚିବନ୍ତି ତାହିଁ ।
ଭଣେ ଧନ ବାଳକୃଷ୍ଣ ଏ ରସରେ ଧାଇଁ । ୩ ।

( ପ୍ରସ୍ଥାନ )

---

## ତୃତୀୟ ଅଙ୍କ

### ପ୍ରଥମ ଦୃଶ୍ୟ

ସୁଶୀଳା—କଣ କରିବ, କଉଦ ଘରକୁ ତ ଦଉଡ଼ି ଦଉଡ଼ି ଗୋଡ଼କୁ ପାଣି ମଲାଣି । କେତେ ଔଷଧ ମୌଷଧ ଦେଲଣି, ତାହିଁରେ ତ ଘା'ଟା ମଉନ ପଡ଼ୁନାହିଁ । ଦିନକୁ ଦିନ ମାଡ଼ି ଉଠୁଛି । ପୂଜ ପାଣି ତ ସବୁବେଳେ ବୋହୁଛି, ଗନ୍ଧରେ ନାକ ଦେଇ ହଉନାହିଁ । ଏବେ ମାଇପି ଦ'ଟା କରୁ କ'ଣ ? ବାଞ୍ଛା ପ୍ରଧାନକୁ ପଚାରିଲ, ସେ ମୁଣ୍ଡ ହଲାଇଲେ । ସେ ଗୋଡ଼ା ସାଟା କମେ ବାଟଷ୍ଟ୍ରେଟ ଘରକୁ ଯାଇଲାଣି । ସେଠାରେ କୌଣସି ସୁନ୍ଦରର ପାପ ବୋଝଲୁ ସା ଶୁଣୁନାହିଁ । ଏ ଜଅଁଶିଆଡ ସ୍ଵଭାବର ପାପ ମୁଣ୍ଡରେଲଣି । ଅଳସ ରଖିଛି । ଭଲ ମୋ କଥା ମାନନ୍ତା । ଯାଏ ବୃତ୍ତିଟିଏ କରନ୍ତା, ବାଧାଦା ମୋତେ ମରଣ ଦୁଅନ୍ତା ଭଲ । ମୁଁ ଏସବୁ ଦେଖନ୍ତ ନାହିଁ ।

ଗୋପାଳ—( ପ୍ରବେଶ ) ଆଉ ! ଆଜ ରାଧୋଇ ପିଡୁ ନାହିଁ କି ? ବେଳ ପରେ ଉଠିଲ ହେଲଣି, କଣ ସେକ କରୁନାହିଁ ।

ସୁଶୀଳା—ଗୋଡ଼ ଯାଉ ମୋ ସେକ ସେକ, ଗୋଡ଼ଯାଉ ମୋ ଖିଆ ପିଆ, ଗୋଡ଼ଯାଉ ମୋ ରାଧୁଆ ।



ଗୋପାଳ—କଚେରି ନ ଥିଲାବେଳେ ଆମପିଲ ବାବାଆଦମ୍ କରିଯାଉଥିଲ୍ । ଆଜ କାହିଁକି ଏମିତି କହୁଛୁ, କଣ ହେଲାକି ? ଏବେ କଚେରିଙ୍କର କଣ ହେଉଛି ।

ସୁଶୀଳା—ତୁ କଚେରିକୁ ଦେଖିଲୁଣି; ସେ କ ଅବସ୍ଥା ହୋଇଛି ।

ଗୋପାଳ—ହଁ, ଦାଣ୍ଡ ଗୋଖରା ସାଟରେ ବସି କଣ ଗୋଟାଏ ଲେଖୁଛନ୍ତି ।

ସୁଶୀଳା—ହଁ, ସେଇ ଲେଖାରୁ ତ ଏତେ ସବୁ ହେଉଛି । ଯେତେ ନାଟ ଲେଖିଲ୍, କ ସମାଜ ଲେଖିଲ୍, କିଛିଏ ଆଗ ପଛ ବିଚାର ଲେଖନ୍ତା, ଯାହା ମନକୁ ଆସିଲ ତା ଗୁଡ଼ାଏ ଲେଖିଗଲ । ଏ୍ବା କ'ଣ ମନୁଷ୍ୟର କର୍ତ୍ତବ୍ୟ ନା, କଉ ହେବା ବାହାଦୁର ଏଇଥିରୁ ଜଣା ପଡ଼ିବ । ଏଇଥି ପାଇଁ ପୂର୍ବ ପୁରୁଷମାନେ କହି ଯାଇଛନ୍ତି, କବ ଲୋକଙ୍କ କେବେଁ ଏ ଭବୁ ପାରିନାହିଁ ।

ଗୋପାଳ—ଆଉ, ମୁ ବି କିଛି ଲେଖିବାକୁ ଇଚ୍ଛା କରୁଛି ।

ସୁଶୀଳା—ଲେଖୁନାହୁଁ ! ସମସ୍ତେ ତ ଲେଖି ଲେଖି କରଣ ହୋଇଛନ୍ତି, ହୋଇଲେଣି, ହୋଇବେ, ହେବେ । ତୁ ଏବେ କାହ ରହିବୁ କାହିଁ କି ? ତାଙ୍କ ଗତିର ଫଳାଫଳ ତ ଆଗରେ ଦେଖୁଛୁ ।

ଗୋପାଳ—କରଣ ବୋଲି ଗୋଟିଏ ଜାତି ଅଛନ୍ତି ପରା ?

ସୁଶୀଳା—ଆରେ ସେ ତ ପିଟେଇ ବସିଲେ ଗୋଟିଏ ପାଠ । ସେ କରଣ ଜାତି କଉଁଠୁ ହେଲେ, ତାଙ୍କୁ କରଣ କିଏ କଲା, ତାଙ୍କର ମୂଳ ଉତ୍ପତ୍ତି କେଉଁଠୁ ଜାଣୁ ?

ଗୋପାଳ—ଆଉ ! କହ, କହ ସେ କରଣ କଥା ଶୁଣିବାକୁ ମୋର ବଡ଼ ଇଚ୍ଛା ହେଉଛି ।

ସୁଶୀଳା—ତବେ ତୋ ଅଜା କ ବ୍ରହ୍ମପୁରାଣ ପଢ଼ୁ ପଢ଼ୁ ସେଇ କରଣ କଥା ପଢ଼ିଲେ । ସେ ମୋତେ କେତେକେ କଥା ବୁଝାଇଥିଲେ ଶୁଣ୍ ।

ଗୋପାଳ—କ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ କି ?

ସୁଶୀଳା—ହଁ, ସେଇ ବ୍ରହ୍ମବୈବର୍ତ୍ତ ପୁରାଣ ହବ ଲସ। ଆଜକାଲି ତ ପୁରାଣ ସବୁ ଭଳି ନଏ ଦେଲେ ରକମ ଲେଖିଲେଣି। ସବୁ କଥା କଣ ସବୁଥିରେ ମିଳ ପାରିବ। ଅଷ୍ଟାଦଶ ପୁରାଣମାନଙ୍କରେ ଯେ ସାର ଶ୍ରୀମଦ୍ଭାଗବତ, ତହିଁରୁ ପୁଣି ସୁଆଙ୍ଗ ବନ୍ଧ ପରି ଚୂଡ଼ାନ୍ତରୂପକ କାଢ଼ି ଫକାର ବାର, ତଳର ଫଦରେ ଅଧ୍ୟାୟ ପାଠ କରିଦେଲେ। ଏ ସବୁ ଭୁଲଭୁଲା କଥା। କନ୍ତୁ ବୁଝି ରଖ, ଏପରି ପରଶ୍ରୀ-କାତର ଓ ଗର୍ବିତ କାର୍ଯ୍ୟ କେବେ କରିବୁନାହିଁ। ହଉ, ଯଦି ତୋତେ କୌଣସିଠାରେ ଅବସନ୍ନ ପଡ଼େ, ମୋ ବାପଘର ଗାଁର ପୋଥି ଆଣି ଦେଖାଇ ଦେବି। ମୁଁ ଅଲଛୁଆ କଣ କହୁଥିଲି ? ହଁ; ପ୍ରଥମେ ସୃଷ୍ଟି ସର୍ଜନା କଲାବେଳେ ସମସ୍ତେ ଗୋଟିଏ ଜାତି, ତତ୍ପରେ କାର୍ଯ୍ୟ ନିର୍ବିଶେଷେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଚାରିଜାତି, ପୁଣି ଚଉଷଠି ପାଟକରେ ବିଭକ୍ତ ହେଲେ। ବ୍ରାହ୍ମଣ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, କ୍ଷତ୍ରିୟ ରାଜ୍ୟ ରକ୍ଷଣ ଓ ପାଳନ, ବୈଶ୍ୟ ବାଣିଜ୍ୟ ଓ କୃଷି, ଶୂଦ୍ର ଏମାନଙ୍କର ସେବାରେ ପ୍ରବୃତ୍ତ ହେଲେ। ମାତ୍ର କେହି ଲେଖାଲେଖିରେ ମନ ଦେଲେନାହିଁ। ସେଥିପାଇଁ ବ୍ରହ୍ମା ଭାବିଲେ, ଏ ସୃଷ୍ଟି ଅକାରଣ ହେଲା। ସେଥିପାଇଁ ନିଜ ଲଲାଟ ଅଗ୍ନିରୁ ଏକ ପୁରୁଷ ଜନ୍ମକଲେ। ତାଙ୍କ ନାମ ଶ୍ରୀବ୍ରହ୍ମକରଣ। ତାଙ୍କୁ ଉପଯୁକ୍ତ ଚାରିଜାତିରୁ ଚାରୋଟି କନ୍ୟା ବିଭାଦେଲେ। ଯେ ବ୍ରାହ୍ମଣୀ ଗର୍ଭରୁ ଜନ୍ମ ହେଲା ସେ ମାଢ଼ଳ କରଣ। ତାଙ୍କର ନଅକର୍ମରେ ବ୍ରତ। ଯେ କ୍ଷତ୍ରିୟା ଗର୍ଭରୁ ଜନ୍ମ ସେ କରଣ ଶ୍ରୀକରଣ; ଯେ ବୈଶ୍ୟା ଗର୍ଭରୁ ଜନ୍ମ, ସେ କରଣ ଏ ସମସ୍ତଙ୍କ ଶ୍ରେଷ୍ଠ ମାହାନ୍ତି, ମହାନ୍ତି।

ଗୋପାଳ—ମହାନ୍ତି, ମାହାନ୍ତିର ପ୍ରଭେଦ କଣ ?

ସୁଶୀଳା—ମହାନ୍ତି; ବ୍ରାହ୍ମଣୀ, କ୍ଷତ୍ରିୟା ବୈଶ୍ୟା ଗର୍ଭ ସମ୍ଭୂତ, ମାହାନ୍ତି ଶୂଦ୍ରାଣୀ ସମ୍ଭୂତ। ସେ ତ ଦାସଜାତ, ତାଙ୍କ ଜାତର ଏଥିପାଇଁ ମୁଣ୍ଡ ନାହିଁ। ତାଙ୍କର କ୍ଷମତା, ତାଙ୍କର କାର୍ଯ୍ୟକଳାପ କେତେକ ଲେଖିଛନ୍ତି। କଲମ ଯୋଉଁଠି ଭାଙ୍ଗିଲା ସେଠି ସେ ପଶିପିବେ। ତାଙ୍କ ଜାତରେ ଅବାଡ଼ ନାହିଁ (କରଣ କାରଣଂ କର୍ତ୍ତା)।

ଗୋପାଳ—ଅଚ୍ଛା ସେ କଥା ଛାଡ଼, ମୁଁ ଯେ ସମାଜ ଲେଖିବ, କପରି ଲେଖିଲେ ଜନସାଧାରଣ ମୋତେ ଆଦର କରିବେ।

ସୁଶୀଳା—ତୋର ତ ସେ ସମୟ ଆସିନାହିଁ। ବର୍ତ୍ତମାନ ପ୍ରଥମେ ନାଟିକାରୁ ଆରମ୍ଭ କର, ନାଟକରେ ପରେ ହସ୍ତ ଦେବୁ।

ଗୋପାଳ—ନାଟକ ନାଟିକାର ପ୍ରଭେଦ କଣ ?

ସୁଶୀଳା—ନାଟକ-ନବାଙ୍କ, ତାହା ପୁଣି ନବରସ ଯୁକ୍ତ ହେବା ବାଞ୍ଛନୀୟ କିନ୍ତୁ ନାଟିକା ପଞ୍ଚାଙ୍କ, ଏଥିରେ ଷଡ଼ରସ ଥିବା ଦରକାର। ଏଥିର ପଦ ଗୀତ ବାନ୍ଧିବୁ ନାଟକୀୟ କରିବୁ ତ ନିମ୍ନଲିଖିତ ପାଞ୍ଚ ଗୋଟି କଥା ମନେ ରଖିଥିବୁ। (୧) ଅମଳା ମଳା, (୨) ଅବୁଝା ବୁଝା, (୩) ମାଛର ମାଛର ଝୋଳ; (୪) ସୁବା କ୍ଷୀର ତୋଳ, (୫) ହରିହର ବୋଲ; ବୁଝି-ପାରୁଛୁ !!

ଗୋପାଳ—କଣ କହୁ ନାହୁଁ ?

ସୁଶୀଳା—ଅମଳା ମଳା ଅର୍ଥ ଅମଳାକୁ ଭଲକରି ମାଜ, ଅର୍ଥାତ୍ ପୁରାତନ କବି, ମନୀଷୀମାନେ ଯେଉଁ ଗୀତ, ରାଗରାଗିଣି କରି ଯାଇଛନ୍ତି, ତାକୁ ପୁନରା-ବୃତ୍ତି କର। ସେ ଠିକ୍ କଂସା। ତାର ମୂଲ୍ୟ ସବୁ-ଦିନେ ଠାଣ ଓ ତାର ଆବାଜ ସଦାକାଳେ ଠାଏଁ ଠାଏଁ। ଏ ଗିଲ୍‌ଟି ବାସନର ଯୁଗରେ ମାତନା।

ଗୋପାଳ—ଆଏ ! ଗିଲଟି ବାସନ କଣ ?

ସୁଶୀଳା—ଆଜକାଲିକାର ପ୍ରସିଦ୍ଧ କବିମାନଙ୍କର ଯେଉଁ ସବୁ ନୂଆ ଗୀତ ହେଉଛି, ତା ଗିଲଟି ବାସନ ପରି ହେଉଛି। ଲୁଣ ପଡ଼ିଲେ କଣ, ଅର୍ଥାତ୍ ୪ ମାସରେ ଦୁର୍ଗନ୍ଧ। ଅଧିକଣାକୁ ଯୋଗ୍ୟ ନୁହେଁ। ଦେଖିଲୁ, 'ତଳାକଳେବର ବନ୍ଧାଇ' ସେ ଗୀତ କେତେ କାଳର, ତାର ସୁର, ସେ ଗୀତ କେଉଁ ବେଳର ତ ? ସେ ସବୁବେଳେ ନଆ।

* ସାଲ ବନ୍ଦୋବସ୍ତ ହାକିମଙ୍କ ମେକ୍ସ ସାହେବ

ଅନେକାଂଶ ସେ ତାକୁ ମାନୁଛନ୍ତି, ସେଇ ମତେ ଶେଷ । ତାଠାରୁ ଉପଦେଶ ନେ, ଉତ୍କଳର ପୂର୍ବ ଗୌରବ ବଜାୟ ରଖ ।

ଗୋପାଳ—ତେବେ ଅବୁଝା ବୁଝା କଣ !

ସୁଶୀଳା—ଏତେକ ବୁଝି ପାରୁନାହୁଁ, ବୁଝିଲ ଲୋକ ତ ଶାସ୍ତ୍ର ପୁରାଣ ପଢ଼ି ବୁଝୁଛନ୍ତି, ତାଙ୍କୁ କଣ ବୁଝାଇବୁ ? ଯେଉଁମାନେ ନ ବୁଝୁଛନ୍ତି, ସେମାନଙ୍କ ପାଇଁ ଗୀତ ଗୁଡ଼ିକର ଅର୍ଥ ସରଳ ଭାବରେ ଟିକି ଟିକି କରି ବୁଝାଇ ଏମନ୍ତ ଚେଷ୍ଟିବୁ ନେ ।

ଗୋପାଳ—ଆଚ୍ଛା, ମାଷ୍ଟର ମାତର ଶ୍ଲୋକ କଣ ?

ସୁଶୀଳ—ନିତ୍ୟାନନ୍ଦ ମହାପ୍ରଭୁ କହିଲେ, କଳିଯୁଗରେ ଜୀବର ପରିତ୍ରାଣ ସମ୍ଭବେ ମାତ୍ର ଶ୍ଲୋକ, ସ୍ତ୍ରୀ ଲୋକରେ ମାତୁଛନ୍ତି, ହରିନାମାମୃତ ପାନ କରୁନାହାନ୍ତି । ଏଥିଯୋଗୁଁ ହରିବୋଲ ବୋଲିବା ମୁହଁରୁ ଏ ତିନିଟି ସମସ୍ତଙ୍କ ଦୂରକୁ ଶୀଘ୍ର ଆସିବ । ତା ସଙ୍ଗେ ଲୋକେ ମୁହଁରେ ହରିବୋଲ କହି-ଦେବେ । ଯାହାକର, ଖିଏଚରି କର, ସବୁଥିରେ ଶେଷ କଥା ହରିବୋଲ ଥିବ । ତେବେ ଖାଲି ହରିକଥା ଗାଇଲେ ସମସ୍ତଙ୍କର ତୃପ୍ତି ଆସିବ ନାହିଁ । ଏଥି ନିମିତ୍ତ ମାଷ୍ଟର ମାତ୍ର ଶ୍ଲୋକ ଅର୍ଥାତ୍ ପାର୍ଶ୍ୱ, ନବ ଯୁବା ସ୍ତ୍ରୀ ଲୋକ ଅର୍ଥାତ୍ ଆବରଣର ସମ୍ୟକ୍ ଚର୍ଚ୍ଚା ହେବା ଆବଶ୍ୟକ । ବୁଝିଲୁ ?

ଗୋପାଳ—ଆଉ, ଆଉ ଆଉ ତମମାନଙ୍କର ଶବ୍ଦ ଗୁଡ଼ ମୋ ବକ୍ଷରେ ରହିବ ନାହିଁ ।

ସୁଶୀଳ—ତୋର ଏତେ ତ ଜ୍ଞାନ ହୋଇ ନାହିଁ, ତରେ ତୋ ଗୀତ କଣ ? ସେ କଣ କାହାର କଥା ଶୁଣିବା ଉଣ୍ଡିଧନ କି ? ସେ ତ ଅନନ୍ତ, ତାର ସୀମା ନାହିଁ, ଶ୍ରୁତିଭାଗବତରେ ଅଛି—

"ଅନନ୍ତ ପାରଂ କିଲ ଶବ୍ଦଶାସ୍ତ୍ରଂ
ସ୍ୱଳ୍ପସ୍ତଥାୟୁ ର୍ବହବଶ୍ଚ ବିଘ୍ନାଃ
ସାରଂ ତତୋ ଗ୍ରାହ୍ୟମପାସ୍ୟ ଫଲ୍ଗୁ-
ର୍ହଂସୋ ଯଥା କ୍ଷୀର ମିବାମ୍ବୁମଧ୍ୟାତ୍"

ସାରଟି ମନ୍ଥନ କରି ମହାନ୍ ମହାନ୍ ଜନ, ଭକ୍ତିରମାନେ ସଂସାରରେ ଗୋଟିଏ ସର୍ବୋତ୍ତମ ଭକ୍ତଜନ ଥିବାର ସ୍ଥିର କରିଯାଇଛନ୍ତି । ତତ ଅର୍ଥାତ୍ ମାତାପିତାର ଏବଂ ଆଚାର ଶିକ୍ଷାନୁସାର ଭକ୍ତଜନଙ୍କ ପୂର୍ବ ପୁରୁଷର ଭାବ ସ୍ମୃତି କରୁଛି, ତୁ ବା ଯାଇ ଭକ୍ତଜନଙ୍କ ପୂର୍ବ ପୁରୁଷର ଭାବ ସ୍ମୃତି ତୋର ନ ଥାଇ ଝିଅଙ୍କ ପରି ପୋଷାକ ଆଣି ହାର କରି ଦେବୁ; ତେବେ ଜଳସେଚନ ମାତାପିତାର ସନ୍ତାନ । ଏଥିନିମିତ୍ତ ଭଗବାନ ପରଶ୍ରୀକାତର ହେବୁନାହିଁ । ସେ ସାରା ସଂସାର ପାଇଁ ।

ଗୋପାଳ—ଶୀଘ୍ର ତ ବାଧକ ନଟେଇବ କଅଣ ?

ସୁଶୀଳା—ଜଳର ! ନାଟକ ଗଳ୍ପ ଆଉ ମୂର୍ଖେ, ଉତ୍ସାହ ରଖି ନାଟକ ତ ତେଣିକି ଥାଉ, ଜଗତରେ କିଏ ନ ଜାଣେ, ଯେତେବେଳେ ମନୁଷ୍ୟ ଜନ୍ମ ହୋଇ ଶୈଶବାବସ୍ଥାରେ ଉପଗତ, ସଂସାର କଣ ଜାଣେ ନାହିଁ; ସେତେବେଳେ ମା ପୁଅକୁ ଧରି "ଧେଇକ ନାଚ, ଗୁଇଲ ନାଚ, ତା ଧେଇ ଧେଇ ଧେଇକ ନାଚ" ଶିଖାଇ ଥିଲ କି ନାହିଁ କହିଲୁ ?

ଗୋପାଳ—ଆରେ ! ହେଉଛି ତ ଜନେକ ଆସିଲେଣି, ଗୋଷ୍ଠ ଏତେ ସରି ହୋଇଛୁ ! କାହିଁକି ସେ ସ୍ତ୍ରୀତ୍ରେ ସାଙ୍ଗେ ହେଇଛନ୍ତି ?

ଜନ—(ପ୍ରବେଶି) କିଏ ଗୋପାଳ ! ଏଇଠି ଆସି ବସିଛୁ, ତୋ ନନା ଡାକୁଛି ଯା (ଗୋପାଳର ପ୍ରସ୍ଥାନ) ତୋର ଖଣ୍ଡେ କନା ଦରକାରି ?

ସୁଶୀଳା—ହଉ ଚାଲ ଦଳେ ବନ୍ଧୁ ଯୋଉ ମଲମ ଆଣିଛୁ ଲଗାଇ କନା ଗୁଡ଼ାଇବୁ ଚାଲ ।

(ପ୍ରସ୍ଥାନ)

---

## ୨ୟ ଦୃଶ୍ୟ

(ଚନ୍ଦ୍ରୁ ମିଶ୍ରେ, ଶମ୍ଭୁ ଷଡ଼ଙ୍ଗୀ, ନାରଣ ନନ୍ଦ ଓ ରାମ ବାଗଚ)

ଚନ୍ଦ୍ରୁ ମିଶ୍ରେ—ହଇ ହେ ଶମ୍ଭୁଆ ନନା ! ଆଜି ଗୋଟିଏ କଥା, ତାକୁ ଯେତେ ବୋଲ୍ହାଇଲେ ସେ ନଷ୍ଟସ୍ଥ ପୃଷ୍ଟି ବାହାର ପଡ଼ିବ ।

ଶମ୍ଭୁ—ଭାଇନନା ! ଜଗତରେ ଯେତେ ତାହା ନ ହେଉ-ଥାନ୍ତା, ତେବେ ତ କଣ ନାଇ କଣ କଣ ଯାଉଥାନ୍ତେ ।

ରାମ—ଠିକ୍ ଠିକ୍ ଆଜ୍ଞା ! ଆଉ କେବେ ଲୁଚିବ ନାହିଁ ।

ନାରଣ—ଜଳ ପାଣି ଯୋଗୁ ଲୁଚିଯାଇଥିଲା, ଖାଲି ସେ ବ୍ୟାଧି ଦିନା ତାକୁ ଅକାଳରେ ପକାଇ ଦେଲା ।

ଶମ୍ଭୁ—ହଁ ହେ, ସେ ଲୁଚିଯିବ କଣ ? ମୁଁ ତା ବାପକୁ ଦେଖିଛି, ତା ଅଜାକୁ ଦେଖିଛି, ତାକୁ ଦେଖିଛି । ଯେତେହେଲେ ତ ମଢ଼ିଆ ବ୍ରାହ୍ମଣ । ତା ବାପ ଅଜା ମୃତ୍ୟୁଶଯ୍ୟା ଦାନ ପାଇଁ ଦଶକୋଶ ବାଟ ଯାଉଥିଲେ, ଆଉ କରଣ ମହାଜନଙ୍କ ବଗିଚାରେ ଗିଅଠେଙ୍ଗା ସେବା କରୁଥିଲେ । ଏ ପିଲା ଜଗତ୍ପୁର ଦଳବେହେରା ମହାନ୍ତିଙ୍କ ଆଖଡ଼ାରେ ରଙ୍ଗ ସଙ୍ଗୀତ, ବନ୍ଧ ଶିଖି ନାଚପୋଷାକ ଗୋଟିପୁଅ ବେଶ ହୋଇ ତା ବାପବେଳେ ଗାଁଲୋକଙ୍କ ପାଖରେ ନାଚୁଥିଲା । ସେକଥା କଣ ଏତେ ବେଗି ପାସୋରି ଗଲଣି, ଏବେ ଦୁଇ ଅକ୍ଷର ପଢ଼ି ଅଡ଼ୁସାଡ଼ୁ ଲେଖୁଛି ବୋଲି ନବାବ, ମଣିଷ ଗଣୁ ନାହିଁ ?

ଚନ୍ଦ୍ରୁ—ମୁଁ ଦୁନିଆରେ କେତେ ପାପକଥା ଶୁଣିଛି ଏ କଳିକାଳି ଯେଉଁ ପାପବୁଡ଼ା ପ୍ରକାଶ କଲା, ଓହୋଃ···ଭଗବାନ୍···ଭଦନା !

ରାମ—ନା ନା ! ସେ ତ ପଢ଼ୁକଥା, ସ୍ତ୍ରୀଟାକୁ ଯାହା ଭସାଇଲା ।

ନାରଣ—କଣ ହେବ, ସେ ଏକା ଠିକ୍ ନେଇଯାଉ ଭଗର ଦ୍ୱିପ । ତା ନ ହେଲେ ସ୍ତ୍ରୀର ଚୈତନ ହଉନାହିଁ । ତାର ନିଶ୍ୱାସରୁ ଦିନା ସ୍ତ୍ରୀର ଏତେ ଅବସ୍ଥା, ତୁ ଆଉ କଣ କହୁଛୁ କି ?

ଚନ୍ଦ୍ରୁ—ଶମ୍ଭୁଆ ନନା ! ବେଳ ଅନେକ ହେଲାଣି, ଆଜ ସବୁ ଶେଷ କାମଟା ହେବ । ପଣ୍ଡିତେ କଣ କରିବାକୁ କହୁଛନ୍ତି ?

ଶମ୍ଭୁ—ଭଲ, ଜାଗା ଉପରେ ଦେଖାଯିବ । ରାମା ! ତୋର ସରଞ୍ଜାମ ସବୁ ଠିକ୍ କରି ରଖିଛୁ ତ ?

ରାମ—ହଁ ଆଜ୍ଞା । ( ପ୍ରସ୍ଥାନ )

---

## ତୃତୀୟ ଦୃଶ୍ୟ

ଜଇ—ବୋଉ ମରିଯିବ ।

ସୁଶୀଳା—ମରିବା ଲୁଚି ତ କଲୁ, ମୁଁ କରେ କଣ, ଟିକିଏ ପଣା ଖାଇବୁ ?

ଜଇ—( ମୃଦୁ କରୁଣ ସ୍ୱରେ ) ହଁ, ହୁଁ କିଛି ଖାଇବି ନାହିଁ ।

କମଳା—( ସ୍ୱଗତ ) ଭଗବାନ୍ ! ସଂସାରରେ ନାରୀ-ଜାତିର ଜନ୍ମ ସତ୍ୟ, ଦୁଃଖ କଣ ତାଙ୍କର ପାଇଁ । ମୁଁ ପୂର୍ବଜନ୍ମରେ କି ପାତକ କରିଥିଲି ଯେ ଏ ଜନ୍ମରେ ଏତେ କଷ୍ଟ, ଏତେ ମର୍ମନ୍ତୁଦ ବେଦନା ସହ୍ୟକରି ମୁହଁ ଭଲେମନ୍ଦ ସୁଖଶାନ୍ତି ପାଉନାହିଁ । ସ୍ୱାମୀ ପାଖରେ ନ ଥାଇ ଯେଉଁ ଦୁଃଖ, ପାଖରେ ଥାଇ ମୁହଁ ତତୋଽଧିକ । ( ପ୍ରକାଶ୍ୟ ) ଖାଇବ ନାହିଁ ତ କଣ ଖାଲି ଖାଲି ଉପାସ ରଖାଇଲେ ପାପ ଛୁଟିଯିବ କି ପେଟର ଦହିଯିବ ନା ପ୍ରସନ୍ନ ହେବ । ଯେତେ ବେଳହୁଁ ଜଗି ବୁଝିଁ ଶରୀର ସୀମା ନ ଲଙ୍ଘିଥାନ୍ତ ତ ବର୍ତ୍ତମାନ କାହିଁକି ଏତେ ଦନ୍ଦଗଞ୍ଜ ଓ ସାଙ୍ଗରେ ଆମମାନଙ୍କୁ ଦନ୍ଦଗଞ୍ଜ କରୁଥାନ୍ତ ?

ଜଇ—ନ କରିବୁ ତ ନାହିଁ, ଏତେ କହୁଛୁ କାହିଁକି ? ସେମିତ ହେଲେ ମୋ ଜଲୁ ବାହାର ?

କମଳା—"ଉଠି ନ ପାରେ ବର, ଧରଧରି ବାଜାଇବ" ବୋଲୁଥିବାପାଇଁ ଏତେ ଦୁଃଖ ମ । କାହିଁ ଏତେ-ବେଳେ ସେ ସାଙ୍ଗ ସବୁ ଲୁଚାଇ ଗଲେ, ଆସି ସାହା ହେଉ ନାହାନ୍ତି ? ଏଇଥିପାଇଁ କଥାରେ ଅଛି, "ସମ୍ପଦେ ନୋହିବ ,ବ୍ରତର, ବିପଦେ ନ ହେବ,ଭାତର ।"

( ବ୍ରାହ୍ମଣମାନେ ଚର୍ମରେ ବସି )

ଶମ୍ଭୁ—ଜଗତ ମା, ତୋ ପୁଅକୁ ଓ ସେ ଚାଲିକାଟି ଆଣ, ଆଜ ଶେଷ କାର୍ଯ୍ୟଟା ହୋଇଯିବ ।

ସୁଶୀଳା—( ଚାଲିବା ବେଳେ ) ଆପଣେ ! ପୁଅ ମୋର କରୁଛି ।

ଦାରୁଣ—ସେତେବେଳେ ଖାଉ କରୁଥିଲ, ମିଠା ଲାଗୁଥିଲ ।

କର୍ଣ୍ଣୁସ—ଆଜା ଚାଲିବା ଗଡ଼ ।

ଶମ୍ଭୁ—( ଚାଲିବା ପଢ଼ିବା )

ଦାରୁଣ, କର୍ଣ୍ଣୁସ—ଆଉ ଆଉ । ମନୁ ଚରଣର ମରାଳୁ-ଯାସ୍ତ୍ରୀ ଗାଇବୁ ସାଗୁଣ୍ଡିବ ବୁଲୁ ସ୍ୱଦ୍ରାସ୍ୱଣ ବୁଡ ଓ ପାପୀର ସର୍ବାଙ୍ଗରେ ଘୋଟ ସ୍ୱଦ୍ଧାର ଅଗ୍ନି ସଂଯୋଗ କରିବା ।

ଜଳ—ଓ ହୋଃ, ମରିଯିବ ମରିଯିବ । ଆଉ ଏପରି କାର୍ଯ୍ୟ କେବେ କରିବ ନାହିଁ ।

ସୁଶୀଳା—ମିଶ୍ରେ! ମୁଁ କଣ କରିବ, କେତେ ବୁଝାଇଲି, ଜଳ ତ ସବୁ ବିଷୟରେ ବଳ ଗଢ଼ିଲ । ଅତ ଟା ସବୁଠାରେ ଖଣ୍ଡ ସିନା । ଆଉ ସବୁ କଥା ଯାହା ହେଉ, ଯାହାସବୁ ଖାଇ ବଞ୍ଚୁଥିଲ, ତାହାର ନିନ୍ଦା ଗାଇଲ । ଯାହାର ଖାଇ ତାର ଗାଇ ସିନା, ଯାହାର ଖାଇ ତାର ନିନ୍ଦା ଗାଇଲ । ଏହି ହେତୁ କେତେ କେତେ ଲୋକ ଏହି ମଧ୍ୟରେ ଧକ୍କା ଖାଇ ଯାଉଛନ୍ତି ।

କର୍ଣ୍ଣୁସ—ଛି, ଛି, ଛି, ଏହା ବ୍ରାହ୍ମଣର କାର୍ଯ୍ୟ ନୁହେ । ବ୍ରାହ୍ମଣ ସମସ୍ତଙ୍କୁ ସମାନ ଦେଖେ, ସେହି ହେତୁ ସେ ସବୁଠାରୁ ଶ୍ରେଷ୍ଠ ହୋଇଥାଏ । ଆଜି ଓଡ଼ିଶାରେ ସର୍ବନାଶ ହୋଇଛି ଏଇଥିପାଇଁ । କାହିଁ ଭଞ୍ଜଦେବ, କାହିଁ ରାଜ ବଂଶ, କାହିଁ ସାମନ୍ତ-ସିଂହାର, କାହିଁ ସବୁ ଗଡ଼, କାହିଁ ମେହେର, ମହାନ୍ତି, ଆଜି କେତେକେ ଭାଷାର ଓ ସ୍ୱଦେଶ ପୂଜାର ପାର୍ଶ୍ୱ ଲେଖକ ଜଳ ବାବାଜୀ ଓଡ଼ିଆ ସାହିତ୍ୟରେ ଅବହେଳା କରୁଛନ୍ତି, ତୁମେ ପୁଣି ବ୍ରାହ୍ମଣ । ଏଥିର ଆଉ କଣ କହିବ ଅଛି, ବାବୁ ଗଲା ! ସେ ପୂଜା ଗଲା । ତୁମର ଆଗକୁ ବା ପଛକୁ ଦେଖ ନାହିଁ । ତୁମଠାରୁ ସବୁ ଶେଷ । ସମସ୍ତଙ୍କୁ ଏକ ଭାଇ ଭଗ୍ନୀ ବୋଲି ଦେଖ, କୌଣସି ଭାଇ ଭଗ୍ନୀର ନିନ୍ଦା କରନାହିଁ । ପର ପୁଅକୁ ନିଜର ପରି ଦେଖ, ତହିଁରେ ମୁକ୍ତି ଅଛି । ପର ନିନ୍ଦା ମିଥ୍ୟାରେ ଗାଇବାଟା କେବଳ କାପୁରୁଷର କାର୍ଯ୍ୟ । ଯେତେଦିନ ଯାଏ ତୁମେ ସମସ୍ତଙ୍କୁ ଭାଇ ଭଗ୍ନୀ ବୋଲି ସ୍ନେହ ସମ୍ଭାଷଣ କରିବ ନାହିଁ, ସେ ପର୍ଯ୍ୟନ୍ତ ତୁମେ ମନୁଷ୍ୟ ପଦବାଚ୍ୟ ହୋଇ ପାରିବ ନାହିଁ, ବାବୁ ! ଚରିତ୍ର ଗଠନ କର, ମାତୃଭାଷାର ଉନ୍ନତି କର, ଭାଇ ଭାଇ ମିଶି ମାତୃଭୂମିର ସେବା କର । ଶେଷକୁ ଏହି ପବିତ୍ର ବ୍ରାହ୍ମଣ ଜାତିର ଉନ୍ନତି କର । ତୁମର ଜନ୍ମ ଭୂମି, ଓଡ଼ିଆ ଦେଶ, ଓଡ଼ିଆ ଭାଷା ଏହା ଗୋଟିଏ ଜାତିର ସମଷ୍ଟି । ଯାହାର ଯାହା ଶକ୍ତି ଦେଶ ସେବା କର ଯାଅ, ଜଗନ୍ନାଥ ତୁମର ମଙ୍ଗଳ କରିବେ ।

( ବ୍ରାହ୍ମଣଗଣ ଜଳକୁ ଘୋଟ ସ୍ୱଦ୍ଧାର ଅଗ୍ନି ସଂଯୋଗେ ଉଦ୍ୟତ )

ଜଳ—ଏଇଥର ଶିଖିଲି, ଏଇଥର ଜାଣିଲି, ଏଇଥର ବୁଝିଲି । ମଦ ଖାଇବ ନାହିଁ, ବେଶ୍ୟାରତ ହେବ ନାହିଁ, ଅଭକ୍ଷ ଭକ୍ଷିବ ନାହିଁ, ପରଶ୍ରୀକାତର ହେବ ନାହିଁ ତ ଅର୍ଥ ଲୋଭରେ ପଡ଼ି ଅଜ୍ଞ ସାଜୁ ଯା ଇଚ୍ଛା ତାଇ, ଲେଖି ସଂସାରକୁ ଦୂଷିତ କରି ସାହିତ୍ୟର ଅପମାନ କରିବ ନାହିଁ । ଲୋକ ଆସିଛି ଏକା, ଯିବ ଏକା । ରହିବ କେବଳ ଭଲ ମନ୍ଦ ଦୁଇଟାରୁ ଗୋଟାଏ । ଏ ସଂସାରରୁ କେହି କିଛି ନେଇ ନାହିଁ ତ ନେବ ନାହିଁ । ଈଶ୍ୱର ବୋଲି ଜଣେ ଅଛନ୍ତି, ସେ ଦୁଷ୍ଟ ନିବାରକ, ସଜ୍ଜନ ପାଳକ । ସେ ଉଦ୍ଧାର ପର ଅହଂକାରୀର ଅହଂକାର ଚୂର୍ଣ୍ଣକରି ସଦା ଶାନ୍ତ

ହେଉ ବଥନ୍ତୁ । ସେଥିନିମିତ୍ତ ମୋର ଜନ୍ମ କର୍ମର ପ୍ରଭାବରେ ହେଇ ତୁଳସୀ ସର୍ବ ହେବ, ଶିଷ୍ୟ ସେ ଭକ୍ତଙ୍କ ସାନ୍ତ୍ରେ ବାସନ ଅନ୍ୟ ଭାଙ୍ଗିରେ ମୁକ୍ତ ନାହିଁ । ହରେକୃଷ୍ଣ, ହରେକୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ ।

( ବେଦବ୍ୟାସ କୃଷ୍ଣ ଭକ୍ତ ସାଧନା ସନ୍ଧି ସୁଯୋଗ ଓ ମଙ୍ଗଳ ହେଉ )

( ସମ୍ପୂର୍ଣ୍ଣ ଗ୍ରନ୍ଥ )